# ଚିନ୍ତାମଣି-ଗ୍ରନ୍ଥାବଳୀ

## କବିତା-ବିଭାଗ

( ଦ୍ୱିତୀୟ ଖଣ୍ଡ )

କବିବର ଶ୍ରୀ ଚିନ୍ତାମଣି ମହାନ୍ତି କବିଶେଖର

—ପ୍ରକାଶକ—

ଶ୍ରୀ ଭୂପେନ୍ଦ୍ରପ୍ରସାଦ ମହାନ୍ତି ବି. ଏ., ଡି. ଇଡ୍.

ବାଣୀ-ସାହିତ୍ୟ-ମନ୍ଦିର

ଭଦ୍ରକ

ପ୍ରଥମ ମୁଦ୍ରଣ

୧୯୫୮

ଗ୍ରନ୍ଥାବଳୀର ପୃଷ୍ଠପୋଷକ



ବଦାନ୍ୟଶେଖର, ବହୁଭାଷାବିଶାରଦ, ସାହିତ୍ୟସୁହୃଦ
କାପ୍ଟେନ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ରଗଜପତି ନାରାୟଣ ଦେବ M. L. A.
ଗଜପତି ମହାରାଜା—ପାରଳାଖେମୁଣ୍ଡି

U. S. Press, Cuttack.

# ଭକ୍ତ୍ୟୁପହାର

ଯେଉଁ ପୁଣ୍ୟଶ୍ଳୋକ ଯୋଗଜନ୍ମା ରାଜପୁରୁଷ ପ୍ରାଚୀନ ପ୍ରସିଦ୍ଧ ଗଜପତି ରାଜସିଂହାସନର ମହାର୍ଘ୍ୟ ଜ୍ୟୋତିର୍ମୟ
ଅଳଙ୍କାର, ସ୍ପଷ୍ଟ ସର୍ବାଙ୍ଗରେ ସୁରଜ୍ଞ ବୋଲିହେଲ ପ୍ରାୟ ଯାହାଙ୍କ ମହତ୍ତ୍ୱ ସଦ୍‌ଗୁଣାବଳୀରେ ସମାଚ୍ଛନ୍ନ, ଯେ
ନିଜର ରାଜସିଂହାସନକୁ ପାରସ୍ପତ ଯୋଗବେଦୀରେ ପରିଣତ କରିଅଛନ୍ତି, ଯାହାଙ୍କ ସୁଶାସନ ପ୍ରଣାଳୀ
ଏବଂ ଅନନ୍ୟସୁଲଭ ସଦ୍‌ଗୁଣରେ ମୁଗ୍ଧ ହୋଇ ମହାମହିମ ବ୍ରିଟିଶସମ୍ରାଟ ଯାହାଙ୍କୁ ସମୁଚିତ
ସମ୍ମାନ-ବିଭୂଷିତ କରିଅଛନ୍ତି, ଯାହାଙ୍କ ବିମଳ କୀର୍ତ୍ତିର ସ୍ନିଗ୍ଧ ମଧୁର ସୌରଭ ଉତ୍କଳର
ସୀମାରେ ଆବଦ୍ଧ ନ ରହି ସମଗ୍ର ଭାରତ ଲଙ୍ଘନ କରି ସମୁନ୍ନତ ପାଶ୍ଚାତ୍ୟ ଖଣ୍ଡରେ ମଧ୍ୟ
ପରିବ୍ୟାପ୍ତ ହୋଇଅଛି, ଯାହାଙ୍କ ହୃଦୟ ହିମାଳୟ ପରି ଉନ୍ନତ, ସମୁଦ୍ର ପରି ଗମ୍ଭୀର
ଏବଂ ଶାରଦୀୟ ଆକାଶ ପରି ନିର୍ମଳ ଓ ଉଦାର, କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା,
ସାହିତ୍ୟ ପ୍ରଭୃତି ଉନ୍ନତି ନିମିତ୍ତ ଯାହାଙ୍କର ରାଜକୋଷ ସତତ ଉନ୍ମୁକ୍ତ, ଯେ
ସ୍ୱରାଜ୍ୟସ୍ଥ ସର୍ବୋଚ୍ଚ ଶିକ୍ଷାନୁଷ୍ଠାନକୁ ପ୍ରଥମଶ୍ରେଣୀର ଶିକ୍ଷାଗାରରେ ପରିଣତ କରି
ସାଧାରଣ ଉଚ୍ଚଶିକ୍ଷାର ପଥ ନିରନ୍ତରାୟ କରିଅଛନ୍ତି, ଯାହାଙ୍କ ରାଜହୃଦୟ
ଦୟାଦାକ୍ଷିଣ୍ୟରେ ଆର୍ଦ୍ରୀଭୂତ, ଯାହାଙ୍କର ଅଖଣ୍ଡ କଠୋର ତପସ୍ୟା
ଏବଂ ଅକାତର ଅର୍ଥବ୍ୟୟ ଖଣ୍ଡବିଖଣ୍ଡିତ ଉତ୍କଳକୁ ଏକତ୍ରିତ କରି
ସ୍ୱତନ୍ତ୍ର ପ୍ରଦେଶ କରିଅଛି, ଯେ ଉତ୍କଳର ପ୍ରଥମ ପ୍ରଧାନସଚିବ
ରୂପରେ ଯୋଗ୍ୟତାର ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ଦେଶ
ଏବଂ ଜାତିର ନିତ୍ୟନମସ୍ୟ ହୋଇଅଛନ୍ତି, ଦେଶର
ସର୍ବବିଧ ମହଦନୁଷ୍ଠାନ ଯାହାଙ୍କ ଦାନରେ ପରିପୁଷ୍ଟ,
ଯେ ମୋର ସାହିତ୍ୟସେବାର ପ୍ରଧାନ ପୃଷ୍ଠପୋଷକ,
ଯାହାଙ୍କ ଅସାଧାରଣ ଅନୁଗ୍ରହ ଅଦ୍ୟାପି ମୋର
ସାହିତ୍ୟ ସାଧନାକୁ ଜୀବିତ ରଖିଅଛି,
ଯେ ଏ ଗ୍ରନ୍ଥାବଳୀ ପ୍ରକାଶ ସକାଶେ
ସର୍ବାଗ୍ରେ ଅର୍ଥ ସାହାଯ୍ୟ କରି ମୋତେ
ଜୀବନ୍ତ ଉତ୍ସାହ ପ୍ରଦାନ କରି-
ଅଛନ୍ତି, ସେହି ବହୁଜନ-
ବରେଣ୍ୟ ସୁନାମ ଧୁରନ୍ଧର
ବହୁଭାଷାବିଶାରଦ
ପାରଳାଖେମୁଣ୍ଡିର
ଗଜପତି

**ମହାରାଜା କାପ୍‌ଟେନ୍ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ**

ମହୋଦୟଙ୍କ ଦାନପୂତ ଶ୍ରୀକର କମଳରେ ମୋର ଏହି ଦ୍ୱିତୀୟ ଖଣ୍ଡ ଗ୍ରନ୍ଥାବଳୀ ଭକ୍ତ୍ୟୁପହାର ଅର୍ପିତ ହେଲା । ଏହା ଶ୍ରୀଛାମୁଙ୍କ ସ୍ୱରୋପିତ ଉତ୍ସାହଦ୍ରୁମର ଫଳସ୍ୱରୂପ । ରୋପିତ ବୃକ୍ଷର ଫଳ କ୍ଷୁଦ୍ର ହେଲେ ସୁଦ୍ଧା ରୋପଣକର୍ତ୍ତାଙ୍କ ସମୀପରେ ତାହା ସମାଦୃତ ହୁଏ, ଏହି ବିଶ୍ୱାସରେ ଗ୍ରନ୍ଥକର୍ତ୍ତା ଏ ନଗଣ୍ୟ ଉପହାର ଅର୍ପଣ କରିବାକୁ ସାହସୀ ହୋଇଅଛି ।

ଭଦ୍ରକ
୭ । ୭ । ୧୯୩୮

ଚିରାଶ୍ରିତ
ଶ୍ରୀ ଚିନ୍ତାମଣି ମହାନ୍ତି

# ମେଘାସନ

# ଉପହାର

ଯେଉଁ ମହାତ୍ମା ସ୍ୱକୀୟ ବିରଚିତ ଗ୍ରନ୍ଥରାଶିଦ୍ୱାରା ଉତ୍କଳ-ସାହିତ୍ୟ-ଭଣ୍ଡାରର ପରିପୁଷ୍ଟି ସାଧନ କରୁଅଛନ୍ତି, ଯାହାଙ୍କର କବିତାମାଧୁର୍ଯ୍ୟ ପ୍ରସାଦଗୁଣରେ ଅଦ୍ୱିତୀୟ, ଧର୍ମଚର୍ଚ୍ଚା ଯାହାଙ୍କର ଜୀବନରେ ମୁଖ୍ୟବ୍ରତ, ସେହି ଆବାଲ୍ୟ-ବାର୍ଦ୍ଧକ୍ୟ ସାହିତ୍ୟସେବୀ ମହର୍ଷ୍ୟୁପମ ଉତ୍କଳବ୍ୟାସ ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି ମହୋଦୟଙ୍କ ପବିତ୍ର ଚରଣକମଳରେ ଭକ୍ତିର ନିଦର୍ଶନ-ସ୍ୱରୂପ ଏହି କ୍ଷୁଦ୍ର ପୁସ୍ତକ ଖଣ୍ଡି ଉପହାର ଅର୍ପିତ ହେଲା ।

ମୟୂରଭଞ୍ଜ
୨୫ । ୧ । ୦୮ } ଶ୍ରୀ ଚନ୍ତାମଣି ମହାନ୍ତି

* ଓଁ *

# ବାଣୀ-ପଞ୍ଚକ

ସିତ-ଶତଦଳାସନା ଭବେଶ-ସ୍ତବନା,
ସତୀ ଶକ୍ତି ସନାତନୀ ବାକ୍‌ଶକ୍ତି-ରୂପିଣୀ,
ବାଣୀ ବୀଣାପାଣି ବ୍ରାହ୍ମୀ ବ୍ରହ୍ମାଣ୍ଡ ଉଦରୀ,
କରନ୍ତୁ କରୁଣା ଦେବ ମାତଃ ବାଗୀଶ୍ୱରି । ୧ ।

ସରସ-ହୃଦୟା ଦୟାମୟୀ ସରସ୍ୱତୀ,
ଦୁରାରାଧ୍ୟା ଧ୍ୟାନାସାଧ୍ୟା ଦେବୀ ଭଗବତୀ
ତବ ପୁଣ୍ୟପାଦ ଜ୍ଞାନ-ପାରାବାର-ତରୀ,
କରନ୍ତୁ କରୁଣା ଦେବ ମାତଃ ବାଗୀଶ୍ୱରି ।୨।

ମହାଶ୍ୱେତା ଶ୍ୱେତଭୁଜା ଶୁକ୍ଳେ ଶୁକ୍ଳାମ୍ବରା,
ମହାଭାବମୟୀ ଭଦ୍ରେ ଦେବୀ ପଦ୍ମପ୍ରଭା,
ଦିଅ ବର ବରଦାନି, କରୁଣା ଆକର,
କରନ୍ତୁ କରୁଣା ଦେବ ମାତଃ ବାଗୀଶ୍ୱରି । ୩।

ଜ୍ଞାନଗର୍ଭା ଜ୍ଞାନରୂପା ଶ୍ୱେତ-ହଂସାସୀନା,
ବେଦ-ଶାସ୍ତ୍ର-ପ୍ରସବିନୀ ସଙ୍ଗୀତପ୍ରବୀଣା,
ମୃତେ ସଞ୍ଜୀବିତ କର ବୀଣା ନାଦ କରି,
କରନ୍ତୁ କରୁଣା ଦେବ ମାତଃ ବାଗୀଶ୍ୱରି । ୪ ।

ସ୍ୱଭାବେ ମୁଁ ଅଜ୍ଞ, କିନ୍ତୁ ବାନ୍ଧିଅଛି ଆଶା,
ସେବିବି ତୁମ୍ଭର କୃପାବଳେ ମାତୃଭାଷା,
ଜଣାଉଛି ନତଶିରେ ଟେକୁ ପଦ ଧରି,
କରନ୍ତୁ କରୁଣା ଦେବ ମାତଃ ବାଗୀଶ୍ୱରି । ୫ ।

# ମେଘାସନ

ସଫଳିଲା ଆଶା ଆବାଲ୍ୟ-ପୋଷିତ,
ହେରି ମେଘାସନେ ମେଘ-ମେଦୁରିତ ।
ବୁଝିଲି ଦେଖି ତା ସ୍ୱରୂପ ମହାନ,
ପୃଥିବୀ ମଧ୍ୟରେ ମୁହିଁ କେଡ଼େ ସାନ ।
ଅଭ୍ରଂକଷ-ଚୂଡ଼ ହିମକାନ୍ତ ଗିରି,
ବିସ୍ତାରିଛି ଚାରି ଦିଗେ ଚାରୁ ଶିରୀ ।
ସ୍ତରେ ସ୍ତରେ ଚୂଡ଼ା ରହିଛି ସଜ୍ଜିତ
ସ୍ୱର୍ଗ-ସୋପାନ କି ମାୟାରେ ଗଠିତ ?
ପୋଷିଛି ଶିଖରୀ ପ୍ରାଣୀ ଅଗଣନ,
ମହାଭାର ସିନା ସହେ ମହାଜନ ।
ସୂର୍ଯ୍ୟାସ୍ତେ ଧରଇ ରୂପ ଅତୁଳିତ,
କେତେ-କଣ୍ଠ ବର୍ଣ୍ଣେ ହୋଇ ବିଚ୍ଛୁରିତ ।
ଜନ୍ମଭୂମି ବୋଲି ଗିରିସ୍ଥ ଶିଖଣ୍ଡୀ,
ସ୍ୱୀୟ ଶୋଭାଦାନେ ଶୈଳେ ଛନ୍ତି ମଣ୍ଡି ।
ମାତୃଭୂମି ଅଙ୍ଗ ସୁକୃତୀ ନନ୍ଦନ,
ସ୍ୱଗୁଣେ ମଣ୍ଡନ କରନ୍ତି ଯେସନ ।
ଗିରିଚୂଡ଼େ ରହି ଅସ୍ତଗାମୀ ରବି,
ପ୍ରକାଶନ୍ତି ଲଲ ଟହଟହ ଛବି ।
ବାରୁଣୀ-ରାଣୀ କି ଧରି ସୁନାଥାଳୀ,
ବନ୍ଦାଇ ଦିବସେ ଯେଣ ଯାଏ ଚାଲି ।
ଗିରିଶିରେ ରବି କି ସୁନ୍ଦର ଦିଶେ,
ସେ ହିମେଶ ଶିରେ ବସ୍ତ୍ର ଚନ୍ଦ କି ସେ !
କ୍ରମରେ ଅଦୃଶ୍ୟ ହେଲେକ ତପନ,
ଭବ-ଭଙ୍ଗୁରତା କରି ପ୍ରଦର୍ଶନ ।

ଜନ୍ମର ମରଣ ନୁହଇ ଅନ୍ୟଥା,
ଦେଲେ ଉପଦେଶ ରବି ଏହି କଥା ।
ସନ୍ଧ୍ୟାରାଗରଞ୍ଜି ଜଳଧର ଜୁଟ,
ଗିରିଶିରେ ଯଥା କନକ ମୁକୁଟ ।
କ୍ରମେ ଅନ୍ଧକାର ପ୍ରଭାବ ପ୍ରକାଶେ,
ସୁଖପର୍ଯ୍ୟାୟରେ ଦୁଃଖ ଯଥା ଆସେ ।
ଛାଇଲା ଅନ୍ଧାର କ୍ରମେ ଗିରିଚୟେ,
ତମୋଗୁଣ ଯଥା ତାମସ ହୃଦୟେ ।
ତମେ ଗିରି ମୂର୍ତ୍ତି ଦିଶେ ମନ୍ଦ ମନ୍ଦ,
ଧରଣୀର କି ସେ କୀର୍ତ୍ତି ସୀମାବନ୍ଧ ।
ଗିରି ଶ୍ୟାମଛବି ଅନନ୍ତ ଅନ୍ଧାରେ
ମିଶିଗଲା, ଯଥା ଆତ୍ମା ବିଶ୍ୱାତ୍ମାରେ ।
ତତ୍କ୍ଷଣେ ନଭେ ଦେଖା ଦେଲେ ଶଶୀ,
ସେ ଦିନର ତିଥି କୃଷ୍ଣା ଏକାଦଶୀ ।
ଧୀରେ ଧୀରେ ଉର୍ଦ୍ଧ୍ୱେ ଉଠି ନିଶାମଣି,
ସ୍ୱଚ୍ଛ ଜ୍ୟୋତ୍ସ୍ନାଜଳେ ଧୋଇଲେ ଧରଣୀ ।
ପଳାଇ ଅନ୍ଧାର ତହୁଁ ତରତରେ,
ସଭୟେ ଲୁଚିଲା ପର୍ବତ କନ୍ଦରେ ।
ମୋହାଚ୍ଛନ୍ନ ହୃଦେ ସୁଜ୍ଞାନ-ତପନ,
ଉଇଁଲେ ପଳାଏ ଅଜ୍ଞାନ ଏସନ ।
ନଭେ ଚନ୍ଦ ବଧୂ ଉଜ୍ଜ୍ୱଳେ ଝଟକେ,
ଚନ୍ଦ୍ରାବତଂସ କି ରଜନୀ ଅଳକେ * ।
ମନ୍ଦ ମନ୍ଦ ଗିରିଦେହ ଗଲା ଦେଖା,
ନୈରାଶ୍ୟରେ କି ସେ ଆଶା-ସୂକ୍ଷ୍ମରେଖା ।

* ଅବତଂସ—ମସ୍ତକାଳଙ୍କାରବିଶେଷ

କ୍ଷଣେ ସ୍ପଷ୍ଟ ଦିଶେ ନୀଳ ଅପଘନ,
ବସି ଯାଇଛି କି ତମ ହୋଇ ଘନ ।
ଚନ୍ଦ୍ରକରେ ଗିରି ଅପୂର୍ବ ସୁଷମା,
ଦେଖି ମନେ ଜାତ ଏସନ ଉପମା ।
ସତ୍ତ୍ୱ ଗୁଣ ଅବା ଉଇଁଲା ବଦନେ,
ତମେ ଅନ୍ଧାରିତ ତାମସିକ ମନେ ।
ଅଥବା ଖେଳେ କି ଧୂର୍ଜଟି-ଜଟାରେ,
ମନ୍ଦାକିନୀ-ଶୁଭ୍ର-ଧାର ଶତଧାରେ ।
କି ଅବା ଏସନ ପ୍ରଭେ, ରୂପା-ଯୋଷା,
ମୁକ୍ତାଜାଲି ମଣ୍ଡି ଖୋସିଛି କି ଖୋଷା ।
ସୁଶୁଭ୍ର ଚନ୍ଦ୍ରିକା ବ୍ୟାପେ ଜଳେ ସ୍ଥଳେ,
ସ୍ରୋତସ୍ୱିନୀ କିବା ହସିଲେ ଉଚ୍ଛ୍ୱଳେ ।
ଦିଶିଲେ ତରଳ ତରୁଲତାମାନ,
ରଜତ ସଲିଳେ କରି ଦିବ୍ୟ ସ୍ନାନ ।
ସଦ୍ୟ ପ୍ରସ୍ଫୁଟିତ ପୁଷ୍ପାଞ୍ଜଳି ଧରି,
ଉଭା କି ପୂଜିବା ଇଚ୍ଛାରେ ଶର୍ବରୀ ।
ପାଦପେ ଆଜନ୍ମ ପର ଉପକାରେ
ରତ, ଏଣୁ ଧନ୍ୟ ଅଟନ୍ତି ସଂସାରେ ।
ଅସଂଖ୍ୟ ପ୍ରାଣୀଙ୍କୁ ଖାଦ୍ୟ ବାସସ୍ଥାନ,
ନିତ୍ୟ ନିର୍ବିକାରେ କରନ୍ତି ପ୍ରଦାନ ।
ନିଜ ଦେହ ଦାନେ ପୋଷନ୍ତି ଆନଙ୍କୁ,
ଦାତାପଣେ ସରି କିଏ ଏମାନଙ୍କୁ ?
ବ୍ୟସ୍ତ ସର୍ବେ ଭବେ ଘେନି ନିଜ କଥା,
ଧନ୍ୟ ସେ ଯେ ବୁଝେ ପରହୃଦ ବ୍ୟଥା ।
ତରୁ, ଲତା, ଗୁଳ୍ମ ଧନ୍ୟ ଏ ମହୀରେ,
ପର ପାଇଁ ପ୍ରାଣ ଧରନ୍ତି ଶରୀରେ ।
ନିସ୍ତବ୍ଧ ରଜନୀ ନୀରବ ସଂସାର,
ସଜନ ବିଜନ ସବୁ ଏକାକାର ।
ଗିରି-ନିର୍ଝରିଣୀ ଝଙ୍କାର-ସଙ୍ଗୀତ,
ନୀରବ ବିପିନ କରେ ମୁଖରିତ ।
କରଇ ଭଙ୍ଗ ମହାନୀରବତା,
ନିଶୀଥ ଗର୍ଜ୍ଜନ ଛଳେ ଗୁପ୍ତ କଥା—
କହେ କି ଆକାଶ, ବସୁନ୍ଧରା କର୍ଣ୍ଣେ,
ଅବୋଧ୍ୟ ଭାଷାରେ ଅତି ସଂଗୋପନେ ।
ଅବା ବସୁମତୀ ବସି ନିରୋଳରେ,
ପଢ଼ୁଛନ୍ତି ବେଦ ମନ୍ତ୍ର ତାର ସ୍ୱରେ ।
ତେଜନ୍ତି ପ୍ରଶ୍ୱାସ କମ୍ପା ଧ୍ୱନି-ଶ୍ରେଣୀ,
ଅଥବା ଅସ୍ପଷ୍ଟ ମହାକାଳ ବାଣୀ ।
ମହାଶୂନ୍ୟେ ରହି ଅସଂଖ୍ୟ ତାରକା,
ପାର୍ଥିବ ଘଟନା କରନ୍ତି କି ସଂଖ୍ୟା ?
ବନେ ବ୍ୟାଘ୍ର କରେ ଭୀଷଣ ଗର୍ଜ୍ଜନ,
ଫାଟି ପଡ଼ୁଛି ତ ପର୍ବତ କାନନ ।
କାହିଁ ଶାର୍ଦ୍ଦୂଳର ଗଣ୍ଡବଧି ଲକ୍ଷି,
ଉଡ଼ନ୍ତି ଆକାଶେ ଟେଏଁ ଟେଁୟା ପକ୍ଷୀ,
ରବଚ୍ଛଳେ ଅବା କହନ୍ତି ସେମାନ,
"ଗଲା ମହାବଳ ହୁଅ ସାବଧାନ ।"
କାହିଁ ବା ଭଲ୍ଲୁକ ବୁଲି ଦଳ ଦଳ,
ଖାଉଛନ୍ତି ଖୋଜି ବଣ ମୂଳ ଫଳ ।
ବୁଲୁଛନ୍ତି କେତେ ଜନ୍ତୁ କେତେଠାଇଁ,
ଆକୁଳ ସତେଲେ ସିନା ପେଟ ପାଇଁ ।
କେବଳ ଉଦର ଜୀବର ଉପାସ୍ୟ,
ସେ ନ ଥିଲେ ଦୁଃଖ ନ ଥାନ୍ତା ତାହାର ।
ଲୋଭ, ମୋହ, ଦ୍ୱେଷ, ଅହଙ୍କାର, ରୋଷ,
ଆଦି ରିପୁକୁଳ ପୁଣି ଅସନ୍ତୋଷ,
ସବୁ ଜଞ୍ଜାଳର ପେଟ ଏକା ମୂଳ,
ଘଣ୍ଟବେ ବୁଡ଼ାଏ ପେଟ ଜାତିକୁଳ ।
ପେଟ ଗୃହଖଣ୍ଡିକ ଜାଳୁଅଛି ଚିତା,
ନୋହିଲେ ସଂସାରେ ଥିଲା କେଉଁ ଚିନ୍ତା ?
କାଳହୁତ ଫେରୁ-କଣ୍ଠ-ଭେରୀ ସ୍ୱନ,
ସୂଚିଲା ସଙ୍କେତେ ପ୍ରାତଃ ଆଗମନ ।
ଅରଣ୍ୟ କୁକ୍କୁଟେ ଉଠାଇ କୁହାଟ—
ମାରି, ବସାଇଲେ ବନେ ଶବ୍ଦ-ହାଟ ।
ରଚିଲା ଚକୋରୀ ବିରହ-ବିଧୁରା,
ପୂର୍ବ ଆକାଶରେ ଫାଟିଲା ସିନ୍ଦୂର ।

ଜଙ୍ଗଲପକ୍ଷୀଏ ହୋଇ ଏକତ୍ରିତ,
ଗାଇଲେ ପବିତ୍ର ପ୍ରଭାତୀ ସଙ୍ଗୀତ ।
ପାହାନ୍ତିଆ ତାରା ନଭେ ଝକଝକେ,
ମଣି ପ୍ରାୟେ ପ୍ରାଚୀ-ତରୁଣୀ ଅଳକେ ।
ଫିକା ପଡ଼ିଗଲା ଶଶାଙ୍କ ସର୍ବଥା,
ବଳାତ୍କାର ହ୍ରାସ ଦୀନମୁଖେ ଯଥା ।
ଜୀବନ-ବାନ୍ଧବେ ଦେଖି ଅସ୍ତମିତ,
କୁମୁଦିନୀ ନେତ୍ର ହେଲା ନିମୀଳିତ ।
ଲୁଚିଲେ ବିଳୟ ତାରକା ସମାନେ,
ସ୍ୱାମୀ ସହମୃତା ଯଥା ସତୀମାନେ ।
ପଙ୍କଜ-ପାଟଳା ଉଷା ଆରକ୍ତିମା,
ବ୍ୟାପିଗଲା କ୍ଷଣେ ପୌରନ୍ଦରୀ ସୀମା ।
କାଳିନ୍ଦୀ ସଲିଳେ ଯାଉଛନ୍ତି କି ଭାସି,
କିବା କୋକନଦ ହାର ରାଶି ରାଶି ।
କମ୍ବା ଉଷା-ରାଣୀ ରକ୍ତ ଓଷ୍ଠାଧର,
ପାନବୋଳେ ଅବା ଦିଶେ ସୁନ୍ଦର ।
ଅବା ପ୍ରାଚୀ, ରାତ୍ର ନିଦ୍ରାବାସ ଛାଡ଼ି,
ପାଲଟୁଅଛି କି ରଙ୍ଗ ପାଟଶାଢ଼ୀ ।
କିବା ସରକେମା ଉଷା-ସଖୀ ମେଳେ,
ଏକାନ୍ତରେ ମାତିଛନ୍ତି ଫଗୁଖେଳେ ।
ଧୀରେ ଉଷାରାଗ ଗଲା ଅପସରି,
ଦିଶିଲା ଆକାଶ ନୀଳ ପୂର୍ବ ପରି ।
ରକ୍ତଚ୍ଛବି-ରବି ଉଇଁଲେ ଚଞ୍ଚଳେ,
ରକ୍ତପଦ୍ମ ଥୁଆ କି ତମାଳ-ତଳେ ।
ପକ୍ଷିଗଣ ଦେଖି ଉଦିତ ତପନେ,
ମଙ୍ଗଳ କବିତା ଗାଇଲେ ସଘନେ ।
ତୀର୍ଥଗାମୀ ରଙ୍କା ବାହୁଡ଼ା ବକବୃନ୍ଦ—
ସମୟେ ଗାଆନ୍ତି ଯଥା ବନ୍ଦିବୃନ୍ଦ ।
ଡମ୍ବାଉ କଣ୍ଠ-ତରଙ୍ଗ ବଜାଇ, *
ନୃପ ଆଗମନ ଦିଏ କି ଜଣାଇ ।

ସ୍ୱର୍ଣ୍ଣବର୍ଣ୍ଣ-ଜଳ ବାଳ-ରବିକର,
ଚଞ୍ଚଳେ ଚୁମ୍ବିଲା ଅଚଳ ଶିଖର ।
ନୀହାର କଣିକା ନିଶି-ନିପତିତ,
ବନସ୍ପତି ପତ୍ରେ ଦିଶେ ଭାସ୍ୱତ ।
କରମାଳ-କରେ ପ୍ରକାଶଇ ଜ୍ୟୋତିଃ,
ବହୁପତ୍ରେ କିବା ପଡ଼ିଅଛି ମୋତି ।
ଘନଶ୍ୟାମ ପତ୍ରେ ସୁବର୍ଣ୍ଣ କିରଣ,
ହୁଁଇ ଉପୁଜାଏ ଉତ୍ପ୍ରେକ୍ଷା ଏସନ—
ନିକଷ-ଉରସେ ଶତ ସ୍ୱର୍ଣ୍ଣଧାର,
ଅଙ୍କା ହୋଇ ଅବା ଦିଶଇ ଉଦାର ।
ରବି କରେ ହେଲା ସୃଷ୍ଟି ଆଲୋକିତ,
କିନ୍ତୁ ଗିରିଗୁହା ଘୋର ତମିସ୍ରିତ ।
ଥାଏ ଯହିଁ ମନ୍ଦ ବୁଢ଼ାସନେ ବସି,
ଭଲ ଭାବ ତହିଁ ପାରେ ନାହିଁ ପଶି ।
ତମ ସଦା ତହିଁ କରିଅଛି ଠଣା,
ଦିନ ରାତି କିଛି ଯାଏ ନାହିଁ ଜଣା ।
ନାନାଜାତି ତରୁଲତିକା ସକଳ,
ଶୋଭା ପାଏ ଯଥା ଗିରୀନ୍ଦ୍ର-କୁନ୍ତଳ ।
ପର୍ବତ-କଟକେ କେତେ ମହାଦାରୁ,
କେହି ପତ୍ରେ, କେହି ପୁଷ୍ପେ ଦିଶେ ଚାରୁ ।
ଫଳଭାରେ ନମ୍ର କେତେ ବୃକ୍ଷଗଣ,
ବିନୟେ ବିନମ୍ର ଯଥା ଗୁଣିଜନ ।
ବୃକ୍ଷ-ଗଳଗ୍ରହ ଅଟଇ ମଲଙ୍ଗ,
ସୁନ୍ଦର ବୃକ୍ଷକୁ କରେ ବିକଳାଙ୍ଗ ।
ହୁଅନ୍ତି ଏମାନେ ଯାହାଠାରୁ ଜାତ,
ତାକୁ ଅକାଳରେ କରନ୍ତି ନିପାତ ।
ଶରୀରରୁ ଜାତ ହୋଇ ଯଥା ରୋଗ,
ସେହି ଶରୀରକୁ କରେ ପୁଣି ଭୋଗ ।
ଅବା ଖଳ ଯଥା ଆଶ୍ରି ସାଧୁପଦେ,
ତାହାକୁ ହିଁ ପୁଣି ପକାଏ ବିପଦେ ।

* ଡମ୍ବାଉ—ଡମ୍ବାଡ଼ୁଆ ପକ୍ଷୀ

ଧୂକ ମଲ୍ଲଙ୍କର ଅକୃତଜ୍ଞ କର୍ମ,
ଅତ୍ୟୁତ୍କଟ ପାପ ସତ୍ତ୍ୱେ ନାହିଁ ଧର୍ମ ।
ବୃକ୍ଷେ ମାରି ସେହି ମରେ ବୃକ୍ଷ ସାଥେ,
ପାପ ପ୍ରତ୍ୟକ୍ଷଫଳ ଲଭେ ହାତେ ହାତେ ।
ପର୍ବତ-ନିତମ୍ବ ଘୋଡ଼ଇ ମଞ୍ଜୁଳେ,
ପତ୍ରପୁଷ୍ପେ ହୋଇ ଜୁଣ-ତୃଣ ୧ ଫୁଲେ ।
ହିଲ୍ଲୋଳି ସେ ଫୁଲେ ଧୀର ସମୀରଣ,
କରେ କି ଶଇଳେ ଚାମର ବ୍ୟଜନ ।
ଉଷା, ୨ ଉପଲକ୍ଷେ କମ୍ପା ଦେବୀ ସୃଷ୍ଟି,
ଲେଖିଛନ୍ତି ଶୈଳେ ଧ୍ୟାନଶୀଳା ଝୁଣ୍ଟି ୩ ।
ଧନ୍ୟ ମେଘାସନ ଧନ୍ୟ ତୋ ସୁଷମା,
ତୁହି ସିନା ତୋର ବିଶିଷ୍ଟ ଉପମା ।
ଅମର-ବାଞ୍ଛିତ ତୋର ଅଧିତ୍ୟକା,
ସରି ନୁହେଁ ତାକୁ ସ୍ୱର୍ଗର ଅଳକା ।
ସ୍ନିଗ୍ଧ, ନିର୍ଜନ ପୁଣି ପବିତ୍ର,
ଏଣୁ ଯୋଗିଋଷି ସୁକଣ୍ଠ-ବାଞ୍ଛିତ ।
ଜଡ଼ତାର ରାଶି ରାଶି ଉପାଦାନ,
ରଖିଛୁ ସଂଗ୍ରହି ଦେହେଁ ସାନୁମାନ !
ଝର-ଉପବୀତେ ଶୋଭେ ତୋର ସ୍କନ୍ଧ,
ଧରିତ୍ରୀ ସଙ୍ଗେ ତୋ ମାଂସାସ୍ଥି ସମ୍ବନ୍ଧ ।
ଦେବଧାମ ତୁହି ମହାପୁରାତନ,
କେ କରିବ ତୋର ବୟଃ ନିରୂପଣ ।
ଅନନ୍ତ କାଳରୁ ଠେକିଅଛୁ ମଥା,
ଜାଣୁ ତୁ ବହୁତ ପୁରାତନ କଥା ।
ଦେଖିଲୁଣି କେତେ ଉତ୍ଥାନ ପତନ,
ହର୍ଷବିଷାଦର ଘୋର ସଂଘର୍ଷଣ ।
ଦୁର୍ବଳ ଦୁର୍ଗତି, ପ୍ରବଳ କଟାକ୍ଷ,
ଦେଖିଛୁ ଅସଂଖ୍ୟ ତୁ ଅତୀତ ସାକ୍ଷ୍ୟ ।
ହେଲେଣି ଦରିଦ୍ର କେତେ ଦଣ୍ଡଧାରୀ,
କେତେ ରଜା ହେଲେ ଦାଣ୍ଡର ଭିକାରୀ ।

କେତେ ଦମ୍ଭୀ କେତେ ଦିଗ୍‌ବିଜୟୀ ବୀର,
ଅକାଳେ ଶ୍ମଶାନେ ଲୋଟାଇଲେ ଶିର ।
ହର୍ମ୍ୟେ ପରିଣତ ଶବଦାହ ସ୍ଥାନ,
କେତେ ରମ୍ୟ ହର୍ମ୍ୟ ହୋଇଛି ଶ୍ମଶାନ ।
ପର୍ବତ ସାଗର, ସିନ୍ଧୁ ମହୀଧର—
ହେଲେ, କେତେ ପଣ୍ଡ ଆବର୍ତ୍ତେ କାଳର ।
ମେଘାସନ ! ଯେଣୁ ତୁ ଅତୀତ ସାକ୍ଷୀ,
ଏ ସବୁ ଘଟନା ଦେଖିଛୁ ତୋ ଆଖି ।
ହେଉ ପଛେ ତୋର ଅଣୁ ସ୍ୱଳ୍ପକାୟ,
ଇତିହାସର ସେ ବିରାଟ ଅଧ୍ୟାୟ ।
ଗିରିମାଳେ ଉଡ଼େ ଉଚ୍ଚେ ତୋର ଧ୍ୱଜା,
ପରଜାପାଳନେ ତୁହି ବଡ଼ ରଜା ।
ତୋର ଚୂଡ଼ାଶ୍ରୟୀ ବାରିଦପଟଳ,
ଅକାତରେ ଢାଳି ଶସ୍ୟ-କ୍ଷେତ୍ରେ ଜଳ,
ସାଧନ୍ତି ସୃଷ୍ଟିର ଉପକାର ଅତି,
ତେଣୁ ଶସ୍ୟପୂର୍ଣ୍ଣା ହୁଏ ବସୁମତୀ ।
ପର ଉପକାରେ ତୁ ଯଥା ତତ୍ପର,
ତଥା ତୋ ଅଧୀନ ବାରିଦନିକର,
ପର ଉପକାରେ ନ କରନ୍ତି ହେଳା,
ଗୁରୁ ଗୁଣ ସିନା ଅନୁକରେ ଚେଲା ।
ଉପକଣ୍ଠେ ତୋର କେତେ କ୍ଷୁଦ୍ର କୁଡ଼ି, ୪
ଯାଇଛନ୍ତି ତୋର ଉହାଡ଼ରେ ବୁଡ଼ି ।
ଖଣ୍ଡ ଖଣ୍ଡ ହୋଇ ଇନ୍ଦ୍ରବଜ୍ରାଘାତେ,
ତୋ ପକ୍ଷ ବା ପଣ୍ଡ ରହିଛି ସାକ୍ଷାତେ ୫ ।
ସମ୍ଭ୍ରମ କରି କିବା ସକଳ ଶିଖରୀ,
ସମ୍ଭ୍ରମପଣ୍ଡ ପଦେ ତୋତେ ଛନ୍ତି ବରି ।
ଯେଣୁ ତୁ ମହତ, ତଥା ତୋ ହୃଦୟ,
ସକଳେ ଲୋଡ଼ନ୍ତି ମହତ ଆଶ୍ରୟ ।
ତୋ ନାମେ ଚିହ୍ନିତ ସେହି ଗିରିମାଳ,
ବହନ୍ତି ସେ ଆଖ୍ୟା "ମେଘାସନ ମାଳ" ।

୧—ତୃଣ ବିଶେଷ । ୨—ଉପାସନା । ୩—ଚଟା, ଫାଟ । ୪—କ୍ଷୁଦ୍ର ପର୍ବତ । ୫—ପୂର୍ବେ ପର୍ବତମାନଙ୍କର ପକ୍ଷ ଥିବା ଏବଂ ଇନ୍ଦ୍ର ବଜ୍ରାଘାତରେ ସେହି ପକ୍ଷ ଛେଦନ କରିବା ବୃତ୍ତାନ୍ତ ପୁରାଣରେ ଅନୁସନ୍ଧେୟ ।

ବଂଶେ ଯୋଗ୍ୟ ଜନ ଥିଲେ ଯଥା ଜଣେ,
ତା ନାମେ ଚିହ୍ନିତ ବଂଶଧରଗଣେ ।
ମହିମାର ତୋର ନ ଅଛି ଅବଧି,
ଦୟା ବହି ଦେଇ କେତେ ମହୌଷଧି,
ହରୁଛୁ ରୋଗର ଦୁଃସହ ବେଦନା,
କେ ବୁଝେ ତୋପରି ରୋଗୀର ଯାତନା ?
ନିତମ୍ବେ ତୋହର ଅଛି ଗୋଟା ଗୋଟା,
ସୁବାସ ପୁଷ୍ପର ଠାବେ ଠାବେ ତୋଟା ।
କାହିଁ ନାଗେଶ୍ୱର, କାହିଁ ଚମ୍ପା ଫୁଲ,
ଜୁଈଅନା କାହିଁ, କାହିଁ ବା ବଉଳ ।
ନନ୍ଦନ କାନନ ନୁହେଁ ତାକୁ ସରି,
ଆସଇ ସୁଗନ୍ଧ ପବନେ ପ୍ରସରି ।
ମଧୁବ୍ରତ ମଧୁ ପିଇବା ଲୋଭରେ,
ପୁଷ୍ପୁ ପୁଷ୍ପାନ୍ତରେ ଗମନ୍ତି ପ୍ରଖରେ ।
ଦୁଷ୍ଟ ପୁଂସ ପରି ଏମାନଙ୍କ କ୍ରିୟା,
ଏମାନେ ଅଟନ୍ତି କ୍ଷଣପୀରତିୟା ।
ମଧୁ ସରିଗଲେ ସରିଯାଏ ପ୍ରୀତି,
ଧିକ ଏମାନଙ୍କ ସ୍ୱାର୍ଥପର ନୀତି !
ନାନା ସୁରାତ୍ମକ ପକ୍ଷି-କଳ ଗୀତ,
କରେ ନିରନ୍ତର ଉତ୍ଫୁଲ୍ଲ ତୋ ଚିତ୍ତ ।
ପୁଷ୍ପଗନ୍ଧେ ତୋଟା ଉଠୁଛି ମହକି,
ବସନ୍ତର ସେହୁ ନିତ୍ୟ ନିବାସ କି ?
ଅମର-ବାଞ୍ଛିତ ସ୍ଥାନ ସେହୁ ଭବେ,
ତେଣୁ ପୂର୍ଣ୍ଣ ସଦା ସ୍ୱର୍ଗୀୟ ବିଭବେ ।
ପ୍ରବେଶିଲେ ସେହି ନିକାଞ୍ଚନ ବନେ,
ସ୍ୱର୍ଗୀୟ ସ୍ୱଭାବ ପୂରିଉଠେ ମନେ ।
ମର୍ତ୍ତ୍ୟର କଳୁଷ-କଳଙ୍କିତ ଭାବ,
କ୍ଷଣକାଳ ପାଇଁ ଲଭେ ତିରୋଭାବ ।
ସ୍ରଷ୍ଟା-ସୃଷ୍ଟି-ତତ୍ତ୍ୱେ ଚେତା ଯାଏ ବୁଡି
ମହାତତ୍ତ୍ୱ ଧ୍ୟାନେ ସତ୍ତା ଯାଏ ଜୁଡି ।
ମହାକାଳେ ମନ ବୁଝିଣ ସର୍ବଥା,
ଭୁଲିଯାଏ ଯେତେ ସ୍ୱର୍ଗମର୍ତ୍ତ୍ୟ କଥା ।

ଶ୍ରମ ଶ୍ରମ ଶେଷେ ହୋଇ ଅବସନ୍ନ,
ଖୋଜି ନ ପାଇଣ ବାହୁଡେ ବଦନ ।
ଯେଉଁ ଅନନ୍ତଙ୍କ ଅନନ୍ତ ମହିମା,
ବଳଯାଏ ହରି ବ୍ରହ୍ମା ଶକ୍ତି ସୀମା,
କ୍ଷୁଦ୍ର ନର ଶକ୍ତି ସେ ମହିମା ତତ୍ତ୍ୱ,
କେଉଁପରି ଅବା ହେବ ଅବଗତ !
ମହାସମୁଦ୍ରର ଜଳ କ୍ଷୁଦ୍ର ଝରି,
ଅତି କ୍ଷୁଦ୍ର ଗର୍ଭେ ଧରିବ କପରି ?
ମଧ୍ୟାହ୍ନେ ମାର୍ତ୍ତଣ୍ଡ ପ୍ରଚଣ୍ଡ କିରଣ,
ମୁଣ୍ଡପରେ ଉଠି କଲେକ ବର୍ଷଣ ।
ଘୋଟିଲି ଚୌଦିଗେ ନାନା ବହ୍ନିଶିଖା,
ଦିଗେ ଦିଗେ ଦେଖା ଦେଲା ମରୀଚିକା ।
ଭୁଲାଉଛି ସେହୁ ମୃଗେ ଯୁଗେ ଯୁଗେ,
ଭୁଲାଏ ଯେସନ ମାୟା ମନୋମୃଗେ ।
ପର୍ବତସଞ୍ଚାରୀ ଜନ୍ତୁ ଦଳ ଦଳ,
ଜଳାଶୟେ ଯାନ୍ତି ପିଇବାକୁ ଜଳ ।
ସକରଭ କରି-ଯୂଥେ ଯୂଥନାଥ,
ଶୁଣ୍ଡରେ ଘେନି ଟେକି ଦୀର୍ଘ ଦାନ୍ତ ।
ପର୍ବତ ଶିଖରୁ ଆସନ୍ତି ଓହ୍ଲାଇ,
କାନ ବିଞ୍ଚି ଥୋଇ ହଲଇ ହଲଇ ।
ସମେଳେ ସଭଲେ ଜଳ ପିଇ ସାରି,
ପଶାଇଲେ କ୍ଷଣେ ଅରଣ୍ୟ ଉଦାରି ।
ଓଲଟ କଦଳୀ-ବୃକ୍ଷେ ତାଙ୍କ କରେ,
କିଅନ୍ତ ଉପମା ହୋଇବଦନକରେ,
ଏଣୁ ଅବା ଆନ ଗଛେ ଛାଡି ଆଗେ—
କରନ୍ତି ନିପାତ ତାହାକୁ ବେଗରେ ।
ଘାସ ଖାଇ ଖାଇ ଯାଆନ୍ତି ନିଃଶଙ୍କେ, *
ବୁଲନ୍ତି ଚୌପାଶୁଁ ବେଢ଼ିଣ ଶାବକେ ।
ଖାଦ୍ୟାଶାରେ ଯେଉଁ ହୋଇଯାନ୍ତି ଛଡ଼ା,
ଲାଗିଯାଏ ତହିଁ କରଭଙ୍କ କ୍ରୀଡ଼ା ।
କେ ପଳାଏ, କେହି ଗୋଡ଼ାଏ ପଛରେ,
କେହି ଅବା ପଥ ଲେଉଟଇ ଶଙ୍କେ ।

* ହସ୍ତୀର ଶାବକଙ୍କୁ କରଭ କହନ୍ତି ।

ଦେଖୁ ଝିଙ୍କାଝିଙ୍କି ଦୃଢ଼େ ଶୁଣ୍ଢେ ଶୁଣ୍ଢେ,
କରନ୍ତି ତାଡ଼ନ ଦନ୍ତେ ମୁଣ୍ଡେ ମୁଣ୍ଡେ ।
ହେରି ତାଙ୍କ ଲୀଳା ଆଗ୍ରହେ ଏସନ
ବାଳ-ମାନେ କିବା ଶିଖୁଛନ୍ତି ରଣ ?
ଖେଳରୁ ନିବର୍ତ୍ତି କେହି ବା ବତ୍ସନ,
ଧାଇଁ ଯାଇ ପାନ କରେ ମାତୃସ୍ତନ୍ୟ ।
ଜଳ ପିଇ ଆସି କାହିଁ ମୃଗଦଳେ,
ପାକୁଳ କରନ୍ତି ଶୋଇ ଗଛତଳେ ।
କେବେ ଯଦି ବ୍ୟାଘ୍ର ଆସିଣ ସେଠାକୁ,
ଝାମ୍ପି ପଡ଼ି ମାରି ପକାଏ ଗୋଟାକୁ,
ଭୟେ ଆନ ମୃଗେ ଯାଆନ୍ତି ପଳାଇ,
ଦୂରୁ ଚାହୁଁଥାନ୍ତି ଉହାଡ଼ରେ ଥାଇ ।
ପ୍ରବଳର ଭବେ ଘୋର ଅତ୍ୟାଚାର,
କି କରି ପାରଇ ଦୁର୍ବଳ ତାହାର ।
କଳାପ-ମଣ୍ଡିତ-କଳାପି-କଳାପ,
ଶବ୍ଦେ ପରସ୍ପରେ କରନ୍ତି ଆଳାପ ।
ଉଡ଼ିଯାଉଛନ୍ତି ବନାନ୍ତରେ ବକୁ,
ଅକାଳେ ଆକାଶେ ସୃଜି ଇନ୍ଦ୍ରଧନୁ ।
ବୃକ୍ଷାଗ୍ରେ କୁରରୀ ବସି ଦୁଃଖ ଚିତ୍ତେ,
ମହାଶୋକେ ଗାଏ ପ୍ରାଣସ୍ପର୍ଶୀ ଗୀତେ ।
ପତ୍ର ଅନ୍ତରାଳେ ଲୁଚାଇଛି ମୁଖ,
ଖଣ୍ଡିବାକୁ କେହି ନାହିଁ କି ତା ଦୁଃଖ ?
ଏକାନ୍ତରେ ବସି କରଇ ରୋଦନ,
ଦୁଃଖୀ ପକ୍ଷେ ପ୍ରିୟ ସିନା ନିକାଞ୍ଚନ ।
ତୋହୋ ପରି ଦୁଃଖୀ ମୁହିଁ ଲୋ କୁରରି !
ଝୁରୁଅଛି ଦୁଃଖେ ଦିବସ ଶର୍ବରୀ ।
ନିଦାରୁଣ ଦୁଃଖେ ହୋଇଣ ଯନ୍ତ୍ରିତ,
ହେଲାଣି ମୋ ଦେହ ପାଷାଣେ ପିଷ୍ଟିତ ।
ରୋଗରେ ଶରୀର ପଡ଼ୁଅଛି ଲୁଟି,
ତା ଉପରେ ଭବ ଦେଖାଏ ଭ୍ରୁକୁଟି ।
ମହୀରେ ମୋ ଜନ୍ମ କଷ୍ଟ ଭୋଗ ପାଇଁ
ଜନ୍ମଭୂମି ଋଣ କିଛି ଶୁଝି ନାହିଁ ।

ଦୁଃଖେ ଝୁରି ଝୁରି ସାରିଲି ଆୟୁଷ,
ମାତୃଭୂମିର ମୁଁ ଅଲୋଡ଼ା ପାଉଁଶ ।
ସ୍ୱଦେଶକୁ ଖାଲି ଦେଇଅଛି ଝୁରି,
ସାଧି ନାହିଁ କେବେ କିଛି ଉପକାର ।
ଏହି ଦୁଃଖାନଳ ଦହୁଛି ସଘନେ
ମନର ବାସନା ରହିଗଲା ମନେ ।
ଯେତେ ଦିନ ଯାଏ ଥିବ ଏ ସଂସାରେ,
ଯାପିବ ସମସ୍ତ ଶୁଷ୍କ ହାହାକାରେ ।
କର୍ମଫଳ ନଷ୍ଟେ ଭୁଞ୍ଜିବ ସର୍ବଥା,
ବିଧିର ବିଧାନ ନୋହିବ ଅନ୍ୟଥା ।
 ମେଘର ଆବାସ ଭୂଷି ମେଘାସନ,
ତୋ ଉତ୍ତୁଙ୍ଗ ଶୃଙ୍ଗ ଭ୍ରମର ଆସନ ।
ରୂପଗୁଣ ଦେନି ଏକଇ ଆଧାରେ
ପ୍ରାୟଶଃ ଦୁର୍ଲଭ ଅଟଇ ସଂସାରେ;
ଭୁଲିଣ ସେମାନେ ଚିର ବିସମ୍ବାଦ,
ଆଶ୍ରିଛନ୍ତି କିନ୍ତୁ ଉଭୟେ ତୋ ପାଦ ।
ପ୍ରଣିଧି ତୋହର ବାରିବାହଦଳ,
ବାୟୁ-ବାହନରେ ଭ୍ରମି ନଭସ୍ତଳ,
ଦିଅନ୍ତି କି ତୋତେ ଗମ୍ଭୀର ନିନାଦ—
ଛଳେ, ଜଗତର ଯାବତ ସମ୍ବାଦ ।
ତୋର ନିୟୋଜନେ ତୋର କନ୍ୟାଗଣ,
କରୁଛନ୍ତି ସଦା ଧରଣୀ ପାଳନ ।
ସାଳନ୍ଦୀ ଭଗିନୀ ତୋର ଜ୍ୟେଷ୍ଠା କନ୍ୟା,
ଶୁଭଗୁଣ-ଧନେ ଧରଣୀରେ ଧନ୍ୟା ।
ଲୁଟିଲେ ଚଳେ ତା ସ୍ୱଚ୍ଛ ଜଳଧାର,
ଧରିକଣ୍ଠେ କି ସେ ଶୁଭ୍ର-ହୀର-ହାର ।
ପାନ କଲେ ତହୁଁ ଅଞ୍ଜୁଳାଏ ବାରି,
ଆଜନ୍ମ ଅଜୀର୍ଣ୍ଣ ହୁଏ ପଥଧାରୀ ।
ଗଳକୋଡ଼ ନଦୀ ୧ ପୁଣି କର୍ଣ୍ଣିଆଳୀ, ୨
ବେନିଏ ଅଟନ୍ତି ଯାର ପ୍ରିୟ ଆଳୀ,
ମହା ପୁଷ୍ଟିକର ଯାର ସୁଧା ନୀର,
ଯହିଁରେ ମାନବ ଶରୀରେ ରୁଧିର,

୧।୨—ସାଳନ୍ଦୀର ଉପନଦୀଦ୍ୱୟ

ପରଶି ଯାହାର ସଲିଳ-କଣିକା,
ପ୍ରସବେ ସୁବର୍ଣ୍ଣ ନୀରସ-ମୃତ୍ତିକା,
ମହାପାପହାରୀ ଯେତେ ମହାତୀର୍ଥ,
ଯାର ଗର୍ଭେ ତୀରେ ଅଛି ବସ୍ତିକୃତ,
ସେହି ପୁଣ୍ୟଶ୍ଳୋକା ସାଳନ୍ଦୀ ତଟିନୀ,
ନଦୀକୂଳେଶ୍ୱରୀ କଳନାଦିନୀ,
ଅଟଇ ଗଙ୍ଗାଙ୍କ ରୂପ ଅବତାର,
ଦୂରୁ ଦେଖାଯାଏ ଯଥା ସ୍ୱର୍ଣ୍ଣଗାର ।
ମହାଶାଳବନୁ ଜାତ ସେହି ନଦୀ,
ବୋଲାଉଛି ବୈଷ୍ଣୁ ନାମରେ ସାଳନ୍ଦୀ ।
ସ୍ନିଗ୍ଧତା-ଗୃହ ତା ଘୋର ତମିରତ,
ଦୁଷ୍ଟ ପକ୍ଷୀଏ ପଶିବାକୁ ଭୀତ ।
ପିତୃଗୃହେ ଥିଲା ଅତି ସଙ୍କୁଚିତେ,
ଏବେ ତା ମହିମା ବର୍ଣ୍ଣି ନୁହେଁ ଗୀତେ ।
ଦାନର ପସରା ମେଲିଛି ସତତ,
ନିଃସ୍ୱାର୍ଥର ସିନା ଦାନ ଚିରବ୍ରତ,
କରୁଅଛି ଗତି କାଳ ଗତି ପ୍ରାୟେ,
ପଛଆଡ଼େ ଥରେ ଫେରି ନ ଅନାଏଁ ।
ଜଣାଇଦିଏ କି ଦୃଷ୍ଟାନ୍ତ ଦେଖାଇ,
"ଯେ ଯାଏ, ସେ ଯାଏ ଆଉ ଫେରେ ନାହିଁ ।"
ସାନକେମା ତୋର ଅଟଇ ଗଭୀର,
ଖରସ୍ରୋତସ୍ୱିନୀ ଅତଳ ଗମ୍ଭୀର ।
ଅସାରକୁ ସାରକରଣେ ସୁପଟୁ,
ଧୋଇ ଘେନି ଯାଇ ତୋ ଦେହରୁ ପଟୁ,
ତୀରବର୍ତ୍ତୀ ସ୍ଥାନେ ଦେଉଅଛି ଢାଳି,
ଉର୍ବରଭୂମି * ଯେବେ ତହୁଁ ଶସ୍ୟଶାଳୀ ।
ଜଳଚୁଡ଼ୀ ନାଗ୍ରି ପରି ପ୍ରାବୃଟରେ,
ଜଳ ଜଳ ନାଦେ ଚଳଇ ପ୍ରଖରେ ।
ହୋଇଣ ପ୍ରମତ୍ତା ସଲିଳ-ସମ୍ପଦେ,
କରେ ବନ୍ୟାବୃତ ନାନା ଜନପଦେ ।
ଯେତେ ପ୍ରାଣୀଙ୍କର ନାଶେ ଧନପ୍ରାଣ,
କହୁଁଥି ଖେଳରେ ପ୍ରଭାତେ ଗୁମାନ ।

ଏହି ପରି ଯେତେ ନରକୁଳାଙ୍ଗାର,
ସମ୍ପଦେ କରନ୍ତି ନାନା ଅତ୍ୟାଚାର ।
ପରସ୍ୱ ହରଣ ପର ପ୍ରାଣନାଶ—
ଆଦି ମହାପାପେ ନ କରନ୍ତି ତ୍ରାସ ।
ଆଉ ଆନ କଥା ମହାପ୍ରାଣୀ ପ୍ରାଣ,
କରନ୍ତି ସେମାନେ ଅତି ତୁଚ୍ଛ ଜ୍ଞାନ ।
କ୍ଷଣିକ ସମ୍ପଦ-ନିଶା ଘୋଟେ ଧର୍ମେ,
ବୁଡ଼ିଯାଇ ବୁଡ଼ିଥାଆନ୍ତି ଅଧର୍ମେ ।
ପାଷାଣେ ପିହିତ ଆପଣା ଜୀବନେ—
ମଣନ୍ତି ନିରତ ଜାଗ୍ରତ ସ୍ୱପନେ ।
ଦୁର୍ନିବାର ପାପ ଲାଳସା ସତତ,
ଥାଏ ସଦା ତାଙ୍କ ହୃଦୟେ ଜାଗ୍ରତ ।
କାଳ ତାହାଙ୍କର ଏ ଭାବ ନିରେଖି,
ହସୁଥାଏ ପ୍ରାଣ-ପକ୍ଷିଙ୍କାକୁ ଦେଖି ।
ପଲେ ପଲେ ତହୁଁ ଚିର ପ୍ରତିଦିନ,
କରୁଥାଏ ପାକ୍ଷି କ୍ରମେ ପଦହୀନ ।
ସରିଲେ ସକଳ ପଦ୍ମ ପକ୍ଷିକାରୁ,
ହରଷ ଆସିବ ମହାଦରବାରୁ ।
ନାହିଁ ସେ ସ୍ଥାନରେ ଅନ୍ୟାୟ ଅନୀତି,
ଅଥବା ପାର୍ଥିବ ଅର୍ଥାଶୋଷା ରୀତି ।
ସେହିଠାରେ ହେବ ଦୁଷ୍କର୍ମ ବିଚାର,
ସରିଯିବ ସବୁ ଦ୍ୱେଷ ଅତ୍ୟାଚାର ।
ନାହାନ୍ତି ସେଠାରେ ମୋକ୍ତାର ଓକିଲ,
ସେହି ବିଚାରର ନ ହେବ ଅପିଲ ।
କ୍ଷଣିକ ସମ୍ପଦ ପାଇ ଲୋ ତଟିନି !
କିପାଇଁ ହେଉ ତୁ ଏତେ ଉନ୍ମାଦିନୀ ।
ପଥାପଥ ଭେଦ କାହିଁ ତୋର ନାହିଁ,
ପରିଣାମ ଦଶା ନ ଭାବୁ କିପାଇଁ ?
ଦୁଇ ଦିନ ପାଇଁ ତୋର ଏ ସମ୍ପଦ,
ଅସୁଛି ନିଦାଘ ଘଟିବ ବିପଦ ।
ଛାୟାକୁ ମଣୁଛୁ କିପାଇଁ ସ୍ୱରୂପ
ଶୁଷ୍କ ଖାଲେ ମଣୁ ବାରିପୂର୍ଣ୍ଣ କୂପ ।

* ମସ୍ତୁ ବନ୍ଦର

ଅନନ୍ତ ସଂସାରେ ସକଳ ଅସ୍ଥିର
ସୁଖସମ୍ପଦାଦି କିଛି ନୁହେଁ ଚିର ।
ସୁଖ ମଣୁ ଯାକୁ ଫୁଲ୍ଲଇଣ କାୟା,
ସେ ସିନା ଦୁଃଖର ବିଭୀଷଣ ଛାୟା ।
ସୁଖ ବୋଲି ଯାକୁ ଦେଖୁ ଚିରକାଳ,
ଦୁଃଖସିନ୍ଧୁର ସେ ସିନା ସୁଖ-ଝାଳ ।
ଝାଳ ଛାଡିଗଲେ ସରିଯିବ ସୁଖ,
ରହିଯିବ ଯେଉଁ ଦୁଃଖକୁ ସେ ଦୁଃଖ ।
କାହିଁ ଗଲେ ଭଗିନି ! ପଞ୍ଚ ବୃଥା ଭ୍ରମେ,
ଜନ୍ମୁଥିଲି ସିନା ତୋର ସାଧୁକର୍ମେ ।
ପ୍ଲାବନେ ତୋହର ଅଶେଷ ମଙ୍ଗଳ—
ହୁଏ ବଢେ ତହୁଁ ବସୁମତୀ ବଳ ।
ମହାକାଳ ଦଣ୍ଡ କଠୋର ଆଘାତ
କିନ୍ତୁ ପରିଣାମେ କରେ ସୁଖ ଜାତ ।
ମହାକାଳ ଦଣ୍ଡ ବାଞ୍ଛନ୍ତି ଅମର,
ହୀନ ପୁରସ୍କାର ମହା ଭୟଙ୍କର ।
  ମେଘାସନ ! ତୋର ନୀଳ ରୁଦ୍ର ତନୁ
ଆନ କ୍ଷୁଦ୍ରଭାବେ ତଣ୍ଡେଇ ମନୁ
ଉପୁଜାଏ ପ୍ରୀତି ଅପାର୍ଥିବ-ଭକ୍ତି;
ତେଣୁ ତୋର ସ୍ତବେ ବଳଇ ଆସକ୍ତି ।
କେତେ ରୂପେ ଶୋଭୁ କାମରୂପୀ ଗିରି,
ଗ୍ରୀଷ୍ମ-ରଜନୀରେ ଧରୁ ବୃନ୍ତ ଶିଖି ।
ଉଜ୍ଜ୍ୱଳେ ତୋ ଦେହେଁ ଦାବାନଳ ହସେ
ତାଣ୍ଡବ ଯେସନ ସିନ୍ଧୁ ନୀରୋରସେ ।
ଦୂରୁ ଦେଖି ତାହା ବନ୍ୟ ଜନ୍ତୁକୁଳ,
ପଳାନ୍ତି ଜୀବନ ଆତଙ୍କେ ଆକୁଳ ।
ଠାବେ ଠାବେ ଲାଗି କେନ୍ଦୁ କାଠେ ନିଆଁ,
ଭୁଇଁଚମ୍ପା ୧ ପ୍ରାୟେ ଦିଶେ ବାହାରିଆ ।
ସ୍ୱର୍ଣ୍ଣବର୍ଣ୍ଣ ଫୁଲ ସୃଜି ଆକାଶରେ,
ଚଉପାଶେ ଝଣ୍ଡ ପଡୁଥାଏ ଖରେ ।
ଉତ୍ସବେ ମାଣ୍ଡିଣ ବନ୍ୟ ଦେବତାଏ,
କରନ୍ତି ଘୋଷଣ ଅବା ଠାଏଁ ଠାଏଁ ।

ବଂଶବନେ ନିଆଁ ଲାଗି ଜଳଉଠେ,
ନଳୀ ପ୍ରାୟେ ତାର ଗଣ୍ଠିମାନ ଫୁଟେ ।
ତହୁଁ ନିଆଁ ଯାଏ ଆକାଶେ ଛୁଟିକି,
ହାଉଈ ବାଣ ବା ଉର୍ଦ୍ଧ୍ୱେ ଉଠୁଛି କି ?
ସେ ଆଲୋକ ରକ୍ତ-ପଟେ ପ୍ରତିଫଳି,
ଚନ୍ଦ୍ର ହରିଆର ୨ ଶୋଭା ଦିଏ ଦଳି ।
ବରିଛି କି ଧରି ଆକାଶକୁ ଧବ,
ଲାଗିଅଛି ତାଙ୍କ ବିବାହ ଉତ୍ସବ ।
ପୁଲୋକିତ ତହିଁ ଧୀର ସମୀରଣ,
ସୁ ସୁ ଶବ୍ଦେ କରେ ମନ୍ତ୍ର ଉଚ୍ଚାରଣ ।
ଅଜଳେ ଅନଳ ଡାକେ ସ୍ୱସ୍ତିସ୍ତୋମ,
ବରବଧୂଙ୍କର କି ସେ ଲାଜା-ହୋମ ?
ଚଡ଼ଚଡ଼ ଶବ୍ଦେ ପୋଡିଯାଏ ବନ,
କାଳେ ଜଗଝମ୍ପ ଅବା ଅଗଣନ ।
ନାନା ନିଶାଚର ପଶୁପକ୍ଷୀ ସ୍ୱରେ,
ମୁଖରି ଉଠଇ ବନ ଥରେ ଥରେ ।
ସେ ରବେ ଦିଗନ୍ତ ପଡୁଛି ଉଛୁଳି,
ବିବାହର କି ସେ ଶଙ୍ଖ ହୁଳହୁଳି ?
କୁସୁମ-ଭୂଷଣ ଧରି ନୂଆ ନୂଆ,
ଉଭା କି ପାଦପେ ଦେବେ ମୁହଁ ଚୁହଁ ।।
ଚରିଆସେ ଅଗ୍ନି ପୋଡି ପୋଡି ବନ,
ବନ୍ଧି ଆସୁଛି କି ତରଳ ସୁବର୍ଣ୍ଣ ?
ଅବା ନୀଳମେଘେ ସ୍ଥିର ସୌଦାମିନୀ,
ଖେଳୁଛି କି ଚନ୍ଦ୍ରହାଟକରୂପିଣୀ ?
ଜଣାଏ ତୋ ଦେହୁ ଉଠେ ଘନ ଘନ;
ଘୋର ବହ୍ନିଶିଖା—ଗମ୍ଭୀର ଗର୍ଜ୍ଜନ ।
ବନ୍ଦାବଳ ବନ୍ଦାବଳ ହୋଇ ହିଞ୍ଜ,
କରନ୍ତି ହୁଲର୍ମୀ ବିଭୀଷଣ ଯୁଦ୍ଧ ।
ଦନ୍ତ ସଂଘର୍ଷଣେ ଝଡ଼ି ଅଗ୍ନିକଣ,
ପ୍ରଖର ଗଣ୍ଡରେ ଜଳଉଠେ ବଣ ।
ଉଠେ ମୁହୁର୍ମୁହୁଃ ରୁଦ୍ରରଣରଙ୍ଗ,
ପ୍ରଳୟେ ଯେସନ ଘନ ଘଡ଼ଘଡ଼ି ।

୧—ତୁଟି ନାମକ ବାଣବିଶେଷ । ୨—ଦୀପକ

ପ୍ରଭେ ହୁଏ ଗଲ ଲଙ୍ଘି ତୋ ଶିଖର,
ଅବା ଫାଟିଗଲା ଶତଧା ଅମ୍ବର ।
ଗର୍ଜେ ଯାହିଁ ଦେଖି ଶାର୍ଦ୍ଦୂଳେ ଶାର୍ଦ୍ଦୂଳ,
ବେନି ଶବ୍ଦ ମିଶି ହୁଏ ସୁପ୍ରଥୁଳ ।
କମ୍ପେ ବନସ୍ଥଳ ହୋଇ ଥରହର,
ଝଡ଼ିପଡ଼େ ଭୟେ ପାଦପୁ ପତର ।
ଛାଡ଼ିଯାଏ ଜୀବ ଜୀବନ-ନାଟିକା,
ଶୁଖିଯାଏ ଦେହୁ ରୁଧିର-କଣିକା ।
 ଦିଗନ୍ତବିସ୍ତାରୀ ନୀଳକାନ୍ତ ବନ,
ତା ମଧ୍ୟେ ବିରାଜୁ ତୁହି ମେଘାସନ !
ସମୁଦ୍ର ସଲିଳ-ଶଯ୍ୟାରେ ମାଧବ,
କରନ୍ତି କି ଯୋଗ-ନିଦ୍ରା ଅନୁଭବ ?
ଚୂଡ଼ା ପରେ ଚୂଡ଼ା ସଜାଇ ରୁଚିରେ,
ଅନନ୍ତ ଫଣା କି ଅନନ୍ତଙ୍କ ଶିରେ ?
ପଦପ୍ରାନ୍ତେ ବସି ପ୍ରଭାତୀ-ଅଙ୍ଗନା,
ଲକ୍ଷ୍ମୀ ପ୍ରାୟେ କରେ ଚରଣ ଅର୍ଚ୍ଚନା ।
ଊର୍ଦ୍ଧ୍ୱେ ଥାଇ ଘନ କରେ ଘୋର ରବ,
ନାଭି-ପଦ୍ମେ ବ୍ରହ୍ମା କରନ୍ତି କି ସ୍ତବ ?
ଏସନ ପ୍ରଶାନ୍ତ, ଧନ୍ୟ ତୋ ସୁଷମା,
ସର୍ବାଂଶରେ ଧରୁ ବସ୍ତୁଙ୍କ ଉପମା ।
ଗୁହାମୁଖେ ଗିରି କି ମନ୍ତ୍ର ପ୍ରବୃତ୍ତ,
ବୁଝି ନୋହେ ତାହା ଅସ୍ପଷ୍ଟ ହେବାରୁ ।
ମାତୃଭାଷା ମୋର ଛଣା ସୁଧାକଣା
ଲାଗଇ ମଧୁର ମୋ କାନକୁ ସିନା !
ଆନ ଭାଷା ମୋତେ ଭଲ ଲାଗେ ନାହିଁ,
ସୁଧା ସଙ୍ଗେ ଗୁଡ଼ ସରି ହେବ କାହିଁ !
ନାହିଁ ଏଣୁ ଆନ ଭାଷାରେ ମୋ ଆଶା,
ପୋଷିଅଛି ମୋତେ ମୋର ମାତୃଭାଷା ।
ମାତା ସମ ସେହୁ ଅଟେ ପୂଜନୀୟା,
ଛାଡ଼ି ତାକୁ ଆନେ ପୂଜିବି ମୁଁ କିଆଁ ?
ଭବେ ସ୍ନେହମୟୀ ଜନନୀ ଯେପରି,
ଶତ ମାଉସୀ କି ହେବ ତାର ସରି ?

ତୋ ମାତୃଭାଷାରେ କହୁ ତୁହି କଥା,
ଧନ୍ୟ ତୋର ମାତୃଭାଷାର ମମତା !
ମାତୃଭାଷା ପ୍ରତି ଆଦର ସମ୍ମାନ,
ରଖିଛୁ ଅଟଳ ତୁହି ସାନୁମାନ !
ମାତୃଭାଷା ପ୍ରତି ଯେ ରଖେ ମମତା,
ନର ନୁହେଁ ସେହୁ,—ସ୍ୱର୍ଗର ଦେବତା ।
ମାତା, ମାତୃଭାଷା, ମାତୃଭୂମି ତିନି,
ସ୍ୱର୍ଗୁ ଗରୀୟସୀ ତ୍ରୈବର୍ଗଦାୟିନୀ ।
ରଖେ ତାଙ୍କ ପଦେ ଧ୍ୟାନ ଯେ ସୁମତି,
ପୁଣ୍ୟବନ୍ତ ସେହୁ, ତା ପଦେ ପ୍ରଣତି ।
ମାତୃଭାଷା ସେବି ଭଞ୍ଜବୀରବର,
ହୋଇଛନ୍ତି ସିନା ଉତ୍କଳେ ଅମର !
ବୀଣାପାଣି-ପ୍ରିୟ ଭକ୍ତକବି ରବି,
ଜଗନ୍ନାଥ ବଳରାମ ଭକ୍ତକବି,
ଦେଖାଇଣ ଆସ୍ଥା ମାତୃଭାଷା ପ୍ରତି,
ଯାଇଛନ୍ତି ଧନ୍ୟ କରି ବସୁମତୀ ।
ତାହାଙ୍କ ସୁରସ-କୁଶଳା ଲେଖନୀ,
କାବ୍ୟୋପାଦାନର ସୁବିସ୍ତୃତ ଖଣି ।
ତନେ ପୁଷ୍ଟି କରି ସାହିତ୍ୟ ପଟାକୁ,
ଅଙ୍କି ତହିଁ ନାନା ଚିତ୍ରରୁଚି ଛଟାକୁ ।
ସେ ଅପୂର୍ବ ଦୀପ୍ତ ଚିତ୍ର ଚିତ୍ରଚୟ,
କରୁଛି ସାହିତ୍ୟକ୍ଷେତ୍ରେ ଆଲୋମୟ ।
କି କୌଶଳେ ହୋଇଅଛି ଚିତ୍ରାଙ୍କନ,
ନୁହେଁ ପୁରାତନ, ସର୍ବଦା ନୂତନ ।
ଧନ୍ୟ ଗିରି ତୋର ମାତୃଭାଷା ଭକ୍ତି,
ତାହା ବିନୁ ଆନେ ନାହିଁ ତୋ ଆସକ୍ତି ।
ଧ୍ୟାନ ମୂର୍ତ୍ତି ତୋର ଶୂନ୍ୟ ଆଧିବ୍ୟାଧି,
ତେବେ କିନ୍ତୁ ତାର ହେଲାଣି ସମାଧି ।
ପାର୍ଥିବେ ଆସକ୍ତ ନାହିଁ ତାର ମନ,
କରୁଛି ସେ ଦିବ୍ୟ-ଧାମେ ବିଚରଣ ।
ମୂକବେଶ ଯେଣୁ ମୂକ ବ୍ୟବହାର,
ନିତ୍ୟ ବ୍ରତ ତୋର ପର ଉପକାର ।

ମେଘାସନ ! ତୋର ନାନା ସୃଷ୍ଟି-ରଙ୍ଗ,
ଦେଖି ନେତ୍ର ମୋର ହେଲା ସୁପବିତ୍ର ।
ସ୍ଥଳେ ଜଳସ୍ତମ୍ଭ ତୋ ଦେହେଁ ପ୍ରପାତ,
ଶତହସ୍ତ ଊର୍ଦ୍ଧ୍ୱୁ ହୁଏ ନିମ୍ନେ ପାତ ।
ଲମ୍ବିତ ହୀରକ-ସ୍ତମ୍ଭ ବା ଗୋଟାଏ,
ଜଳବାକୁ ପୃଥ୍ୱୀ-ବ୍ୟାସ ଗଳିଯାଏ ।
ରବିକର ସ୍ପର୍ଶି ସେ ସ୍ତମ୍ଭର ଜଳ,
ସ୍ଥଳେ ଇନ୍ଦ୍ରଧନୁ ବର୍ଣ୍ଣ ଅବିକଳ ।
ଶୋଭା ହେବ ତହିଁ ଉଆସ ତୋହର,
ସେଥିପାଇଁ ଅବା ଆଗୁଁ ଧରାଧର,
ନାନା ସମୁଜ୍ଜ୍ୱଳ ରତନନିର୍ମିତ,
ଶୁଭ୍ରସ୍ତମ୍ଭ ଏକ ହେଉଛି ପ୍ରୋଥିତ ।
ସଜଳ ସରସୀ ରହି ଠାଏ ଠାଏ,
ଶୋଭାପାଏ ତୋର ଦିବ୍ୟ ଚକ୍ଷୁପ୍ରାୟେ ।
ପାତାଳର କି ସେ ସ୍ଫଟିକ କବାଟ,
କିମ୍ବା ଶୁଣୁଅଛି ନୀଳମେଘୀ ପାଟ ।
ହଂସ କାରଣ୍ଡବକୁଳ ପଙ୍‌କ୍ତି ଧରି,
ବୁଲୁଛନ୍ତି ମୁଦେ ଚୌପାଶେ ସନ୍ତରି ।
ସେ ନୀଳ ହ୍ରଦଲେ ରହିଛି କି ଜଡ଼ି
ସୂର୍ଯ୍ୟ-କାନ୍ତଯୁକ୍ତ ସବୁ ଫୁଲ ଧଡ଼ି ।
ସରସୀ ଭୂଷଣ ସରସୀଜ ଫୁଲ,
ସରେ ଫୁଟି ଶୋଭା ପ୍ରକାଶେ ଅତୁଳ ।
ଇନ୍ଦ୍ରନୀଳ ପାତେ ହୋଇଛି କି ଥୁଆ,
ପଦ୍ମରାଗେ ଗଢ଼ା ସିନ୍ଦୂର ଫରୁଆ ।
ସିନ୍ଦୂର ଘେନିବେ ବନଦେବୀଗଣ,
ଏ ସୁରମ୍ୟ ସ୍ଥଳେ ମଣି ନିକାଞ୍ଚନ ।
ସାନ ସାନ ମୀନେ କରି ଲୁଆଚୁଆ,
ସରେ ବୁଡ଼ି ପାଣି ଘାଣ୍ଟେ ପାଣିକୁଆ ।
ଥଣ୍ଟେ ମାଛ ଧରି ଆନନ୍ଦିତ ହୋଇ,
ସ୍ୱନ ସ୍ୱନ ଉଡ଼ିଯାଉଛି ଗାଙ୍ଗୋଇ ।
ଜଳପାନ ଆଶେ ହିଂସ୍ରଜନ୍ତୁଗଣ,
ତଟପାଶୁଁ କଲେ ତଡ଼ାଗେ ବେଷ୍ଟନ ।

ମାନସେ ଯେସନ ହୃଷ୍ଟ ରସୁଦଳେ,
ଆବରିଆଛନ୍ତି ଚୌପାଶୁ ପ୍ରବଳେ ।
ହୃଷ୍ଟ ଜନ୍ତୁକୁଳ ଯେ କାଳେ ବାହାରି,
ସରୋବରେ ଯାନ୍ତି ପିଇବାକୁ ବାରି,
ଲୁଚନ୍ତି ସେକାଳେ ଆନ ଜନ୍ତୁଚୟ,
ଶିଷ୍ଟ ଜନ୍ତୁଶୂନ୍ୟ ହୁଏ ଜଳାଶୟ ।
ଦୁର୍ଜ୍ଜନେ ଯେଠାରେ କରନ୍ତି ବିବାଦ,
ପଡ଼େ ନାହିଁ ତହିଁ ସଜ୍ଜନର ପାଦ ।

ମେଘାସନ ! ତୋର ବୈରାଗ୍ୟ ସଂଯମ,
ଅଟଇ ଆଦର୍ଶ ପୁଣି ଅନୁପମ ।
ହେଲେ ସ୍ୱାଦୁଫଳେ ପୂର୍ଣ୍ଣ ତୋ ଭଣ୍ଡାର,
ନ କରୁ ଗୋଟାଏ ତହିଁରୁ ଆହାର ।
ନାନା ପୁଷ୍ପେ ପୂର୍ଣ୍ଣ ତୋହର ତୋଟାଏ,
ନ କରୁ କେବେ ତୁ ଆଘ୍ରାଣ ଗୋଟାଏ ।
ପଣ ପଣ ହସ୍ତୀ ଅଛନ୍ତି ତୋ ଘରେ,
କେବେ ନ ଆରୋହୁ ତାହାଙ୍କ ଉପରେ ।
ସମଭାବେ ସହୁ ଖରା ବର୍ଷା ଶୀତ,
ଦୁଃଖରେ ନ ହୁଏ ଅଧୀର ତୋ ଚିତ୍ତ ।
ସୁଖେ ସେହିପରି ନ ପ୍ରକାଶୁ ଦମ୍ଭ,
ଧନ୍ୟ ! ଶତ ଧନ୍ୟ ! ! ତୋହର ସଂଯମ ।
ସଂସାର ପ୍ରତି ତୁ ନୋହୁ ଅନୁରାଗୀ,
ମହାମନା ଯେଣୁ ତେଣୁ ମହାତ୍ୟାଗୀ ।
ସଂଯମୀ ଯେପରି ବୈରାଗୀ ସେପରି,
ଭବେ ତୋର ସରି କିଏ ରେ ଶିଖରି !
ବସିଛୁ ସର୍ବଦା ଶ୍ରୀହରିଙ୍କ ଧ୍ୟାନେ,
ନାହିଁ ତୋ ଆସକ୍ତି ତାଙ୍କ ବିନା ଆନେ ।
ଜାଣୁ ତୁ ଏ ମାୟା ସଂସାରର ତଥ୍ୟ,
ସବୁ ମିଥ୍ୟା, ସେହି ସତ୍ୟମୟ ସତ୍ୟ ।
ରଖିଅଛୁ ତେଣୁ ତାଙ୍କ ପଦେ ଲୟ,
ଧନ୍ୟ ତୋ ହୃଦୟ ଜ୍ଞାନାଲୋକମୟ ।
ଶୈଳେନ୍ଦ୍ର ! ତୋହର କାହାଣିକା ଯାଚି,
ନିରେଖି ସଭୟେ ହୃଦ ପଡ଼େ ଫାଟି ।

ବେଣୀ ପାର୍ଶ୍ୱେ ଗିରି–ତୁଙ୍ଗ–ଭୃଗୁମାନ,
ମଧ୍ୟରେ ସଂକୀର୍ଣ୍ଣ ପଥ ବ୍ୟବଧାନ ।
ଦୂରୁ ଲମ୍ବମାନ ନାଳ ପରି ଦିଶେ,
ପାପ–କଣ୍ଟା–ବନେ ଧର୍ମ–କାନ୍ତ କି ସେ ।
ପ୍ରତ୍ୟୁଷ, ପ୍ରଦୋଷ, ମଧ୍ୟାହ୍ନ ସମୟେ,
ପରିପୂର୍ଣ୍ଣ ହୋଇ ଶ୍ୱାପଦନିଚୟେ,
ହୁଅଇ ଅଗମ୍ୟ ଅତି ଭୟଙ୍କର,
ଶୋଷିନେଉଥାଏ ଧୈର୍ଯ୍ୟ ପଥିକର ।
ବନ୍ୟ ଜାତି ତହିଁ ହୁତା ୧ ହାତେ ଧରି,
ଗମନ୍ତି ନିଶାରେ ଭୟ ପରିହରି ।
ପଥେ ଠାବେ ଠାବେ ବିସ୍ତୀର୍ଣ୍ଣ ପତଙ୍ଗୀ ୨
ଦିଶେ ଭୟଙ୍କର ଅତି ବଢ଼ି ପଡ଼ି ।
ସଙ୍କଟ ସେ ପଥେ ଥିବାରୁ ଆଚ୍ଛାଦି,
ଧରିଛି କି "ଗିରି-ସଙ୍କଟ" ଉପାଧି ।
ଧର୍ମପଥ ପରି ନୁହେଁ ସେ ସୁଗମ୍ୟ,
କରେ ଶ୍ରାନ୍ତ ପାନ୍ଥେ ପ୍ରସ୍ତର ବୈଷମ୍ୟ ।
ବୁଝିଲି ଏବେ ମୁଁ ତୁଟିଗଲା ଭ୍ରାନ୍ତି,
ସଙ୍କଟ ମଧ୍ୟରେ ଥାଏ ନାହିଁ ଶାନ୍ତି ।
  ମେଘାସନ ! ତୋର ତଥ୍ୟ ଅତି ଗୂଢ଼,
ପ୍ରସ୍ତର ନୋହୁ ତୁ, ଅଟୁ ରହସ୍ୟନୀଡ଼ ।
ଜନ–ନେତ୍ରେ ସିନା ଆସୁ ପ୍ରସ୍ତର ,
ମାତ୍ର ତୁ ବିବିଧ ରହସ୍ୟ ରୂପାନ୍ତର ।
ତୋଠାରୁ ଆକାଶେ ମସ୍ତକ ଉନ୍ନତ,
ବହୁ ଦୂରବାର୍ତ୍ତା ହେଉ ଅବଗତ ।
ଜାଣୁଅଛୁ ସ୍ୱର୍ଗର ବସତି,
ଅଥବା ନକ୍ଷତ୍ର ଗ୍ରହ ଭାଗ୍ୟଗତି ।
ବହୁଦୂର ଯାଏଁ ଯାଏ ତୋର ଦୃଷ୍ଟି,
ଦେଖୁ ନିତି ନିତି ନବ ନବ ସୃଷ୍ଟି ।
ତଳ–ବନ୍ଧୁରତା ତୋ ନେତ୍ରେ ସମାନ,
ନାହିଁ ବଡ଼ ସାନ ଆତ୍ମପର ଜ୍ଞାନ ।

ମହାଜନ ହୃଦେ ଇତର ବିଶେଷ,
ହୀନ ଭାବ ସ୍ଥାନ ପାଏ ନାହିଁ ଲେଶ ।
ଦେଖନ୍ତି ସେମାନେ ସର୍ବେ ଏକାକାର,
ମଣନ୍ତି ସକଳେ ନିଜ ପରିବାର ।
  ତୋ ଚଟୁଳ ଚୂଡ଼ାନିକର ରେ ଗିରି,
ପ୍ରକାଶୁଅଛନ୍ତି ଆନ ଆନ ଶିରୀ ।
ନିମ୍ନୋନ୍ନତ ଶିଳା ରହି ସ୍ତରେ ସ୍ତରେ,
ଶୋଭେ କେଉଁ ଶୃଙ୍ଗ ଦେଉଳ ରୂପରେ ।
କାହାର ଆକାର ମେହେରବ ପ୍ରାୟେ,
ନିକୋଣାକୃତିରେ କେହି ଶୋଭାପାଏ ।
କେହି ଦୁରାରୋହ ଅତି ଗଡ଼ାଣିଆ,
କାଟିଦେଲା ପ୍ରାୟେ ହୋଇଅଛି ଠିଆ ।
କେହି ଲଗାଲଗି କେହି ଛଡ଼ାଛଡ଼ି,
ଯାଇଛି କେ ଉଭେ ସ୍ତମ୍ଭାକାରେ ବଢ଼ି ।
ରହି ନତଭାବେ କେବଣ ଚୂଡ଼ାଏ,
ଶୋଭେ ଷଣ୍ଢ ଶୃଙ୍ଗ ଗୁହାଁଳ ପରାଏ ।
କାହା ପ୍ରାନ୍ତ ଘନ ବହି ଅନୁରାଗ,
ମସ୍ତକେ ପିନ୍ଧାଇଦିଏ ଗୁଳ୍ମ ପାଗ ।
ଦିଶେ ମେଘକୋଳେ ବିଦ୍ୟୁତ ସଞ୍ଚରି,
ଜଡ଼ିତ ସେ ପାଗେ ଯଥା ସୁନାଜରି ।
କେଉଁ ଚୂଡ଼ା ଦିଶେ ଭଲ୍ଲୁକ ଆକୃତି,
ଧରିଛି କେହି ବା ଘୋଟକର ମୂର୍ତ୍ତି ।
ମାଳ ମାଳ ଶାଳ ପିଆଳ ମେଖଳେ,
ନତ କେହି ଫୁଲେ କେହି ଅବା ଫଳେ ।
କାହିଁ ଅବା ପୁଷ୍ପ–ସ୍ତବକିନୀ ଲତା,
ଇଚ୍ଛାବର ବରି ପ୍ରକାଶି ମମତା,
କରିଛି ପାଦପେ ଦୃଢ଼ ଆଲିଙ୍ଗନ,
ସମର୍ପିଦେଇ ତା ପାଦେ ପ୍ରାଣମନ ।
କାହିଁ ମଖମଲି ୩ ଧରିଣ ଦୋରଙ୍ଗ,
ବିସ୍ତାରି ଲହୁକା ସ୍ଥୂଳ ଦୀର୍ଘ ଅଙ୍ଗ,

୧—ଶାଳଡୋଳନିର୍ମିତ ମଶାଲ । ୨—ଶାଳ ପକ୍ଷସ୍ତମ୍ଭ ବନ । ୩—ଲତାବିଶେଷ

ବୃକ୍ଷୁଁ ବୃକ୍ଷାନ୍ତରେ କରନ୍ତି ଗମନ,
ସୃଜି ଠାବେ ଠାବେ ସୁଗୁରୁ ତୋରଣ ।
ବୁଲୁଛନ୍ତି ଗଣ୍ଡ, ଶବର, ଘାସିଆ,
ସମ୍ବଳ କେବଳ ହସ୍ତରେ ଟାଙ୍ଗିଆ ।
ଖାଲି ବାହୁଙ୍ଗୀରେ ମାଉଁସ ପୁଟେଇ,
ବନ୍ଧା ହୋଇ ପୃଷ୍ଠେ ଝୁଲଇ ଓହଳ ।
କାହାକୁ ତାଙ୍କର ନାହିଁ ଟିକେ ଡର,
କିଙ୍କର ତାଙ୍କର ଶ୍ୱାପଦନିକର ।
କେ କାହିଁ ମୃଗୟାଲବ୍ଧ ମାଂସ ପୋଡ଼ି,
ଖାଏ ଖଣ୍ଡେ ଖଣ୍ଡେ କଣ୍ଟକରେ ଫୋଡ଼ି ।
ବାଟେ ଯାଉଁ ଯାଉଁ ନାନା ଜାତି କୋଳି,
ଭିଲ୍ଲ-ବଧୂଗଣ ଖାଉଛନ୍ତି ତୋଳି ।
କାଠ ଭାଙ୍ଗୁ ଭାଙ୍ଗୁ ବନ୍ୟ-ବାମାଦଳ,
ତୋଳି ନାନାଫୁଲ ମଣ୍ଡନ୍ତି କୁନ୍ତଳ ।
ଗୁଞ୍ଜି, ଗରଗଡ଼େ ସରଳା ଅବଳା,
ମାଳା ରଚି ତହିଁ ମଣ୍ଡୁଛନ୍ତି ଗଳା ।
ସାତ ପାଞ୍ଚ ବାଳେ କାହିଁ ହୋଇ ମେଳ,
ଖେଳନ୍ତି ହରଷେ ଗଛୁକାଳି ଖେଳ ।
ତୋଇଲି ସୂତାରେ ୧ କାହିଁ ଶିଶୁଗଣ,
ଫୁଲ ଗୁନ୍ଥି, ତହିଁ ରଚି ଆଭରଣ,
ମଣ୍ଡନ୍ତି ସର୍ବେ କଟି, କଣ୍ଠ, କର,
ବିମୋହିନୀ ଶକ୍ତି ଧନ୍ୟ କୁସୁମର ।
ଭବେ ସର୍ବପ୍ରିୟ କେ ଅଛି ତା ତୁଲେ,
ସର୍ବନ ଆଦର ଲଭେ ଗୁଣ-ମୂଲେ ।
ଯେ ମୋହି ପାରଇ ସମସ୍ତଙ୍କ ମନ,
ଅଟେ ସିନା ତାର ଆଦର୍ଶ ଜୀବନ ।
ଗିରିପାଦେ ବନ୍ୟ-ଜାତି ପର୍ଣ୍ଣ ପଲ୍ଲୀ,
ଦୂରୁ ଦିଶେ ବନ୍ଧାହେଲା ପ୍ରାୟେ ଖଲି ୨ ।
ଖଡ଼ିଆ, ଭୂମିଜ, କୋଲ, ମୁଣ୍ଡା, ଗଣ୍ଡେ,
ମାରୁଛନ୍ତି ଭୁଇଁ-ପଲ୍ଲୀ ଖଣ୍ଡେ ଖଣ୍ଡେ ।

ମାଣ୍ଡିଛନ୍ତି ବହଳେ ପତ୍ର-ଗୁଳେ ଗୁଞ୍ଜି,
ଆଶ୍ରସର ଦୁସ୍ତ ଯଥା ଲତାକୁଞ୍ଜ ।
ଧନ ସମ୍ପଦରେ ଶୂନ୍ୟ ସେ କୁଡ଼ିଆ
ହାଣ୍ଡି ହାଣ୍ଡି ଖାଲି ବସିଛି ହାଣ୍ଡିଆ ।୩
ବନ ଯେ ତାଙ୍କର ଖାଦ୍ୟର ଭଣ୍ଡାର,
ଆନ ଧନରନେ କେଉଁ ଲୋଡ଼ା ତାର ?
ପୂରନ୍ତି ଉଦର ଅରଣ୍ୟେ ବିଚରି,
ନ ଜାଣନ୍ତି ତେଣୁ ସଞ୍ଚୟ କପରି ।
ନିତି ନିତି ଆଣି ନିତି ନିତି ଖାନ୍ତି,
ଭୁଞ୍ଜନ୍ତି ନିର୍ଭୟେ ସଦା ସୁଖଶାନ୍ତି ।
ଧନହୀନ ହେତୁ ସେଜାତି ସରବ,
ଛୁଏଁ ନାହିଁ ତାଙ୍କୁ ଆପଦୋପଦ୍ରବ ।
ଅର୍ଥ ଏକା ସିନା ଅନର୍ଥର ମୂଳ,
ଯହିଁ ଅର୍ଥ ତହିଁ ସବୁ ଦୁଃଖ ଠୁଳ ।
ଯେ ବସ୍ତୁକି ସୁଖ ଭୁଞ୍ଜନ୍ତି ନିର୍ଦ୍ଧନେ,
ବଞ୍ଚିତ ସେ ସୁଖୁ ଧନୀଏ ସ୍ୱପନେ ।
ଧନୀ ମନେ ଭୀତି, ଆଶଙ୍କା, ବିପତ୍ତି,
କରିଥାଏ ସଦା ନିବଡ଼େ ବସତି ।
ତେଣୁ ଧନୀ ଚିତ୍ତ ସତତ ଅସ୍ଥିର,
ଧନ ତାର ଯଥା ପଦ୍ମ ପତ୍ରେ ନୀର ।
ବନ୍ୟ ଜାତି ନାରୀ ପୁରୁଷ ସମସ୍ତ,
ଅଛନ୍ତି ବିବିଧ ଉତ୍ସବେ ରତ ।
ମତ୍ତ ହୋଇ କେହି ହାଣ୍ଡିଆ ପାନରେ,
ଉଛୁଟେ ତାଣ୍ଡବ ନୃତ୍ୟ ଅନୁକରେ ।
କାହିଁ ବା ତରୁଣେ ମିଳି ସାତ ଆଠ,
ଶୃଙ୍ଗ ବାଦ୍ୟ ବାଇ କରୁଥାନ୍ତି ନାଟ ।
କଣଲୟ-ବେଶେ ରସିକା ରସିକେ,
ମାତିଛନ୍ତି କାହିଁ ମିଳି ତୌର୍ଯ୍ୟତ୍ରିକେ ।
ମଣ୍ଡିତ ସର୍ବାଙ୍ଗ ଫୁଲ, ପତ୍ର, ଡାଳେ,
ନାଚେ ନୃତ୍ୟକାଳେ ତାହା ତାଳେ ତାଳେ ।

୧—ତନ୍ତୁ ବା ବୃକ୍ଷ ଲତାର ସୂକ୍ଷ୍ମତାର ଅଂଶ । ୨—ଶଳାକା-ଗ୍ରଥିତ ଶାଳପତ୍ର । ୩—ମଦ୍ୟବିଶେଷ

ଏହାଙ୍କ ଜୀବନ ସଦା ଶାନ୍ତିମୟ,
ମହାସୁଖେ ମୁଦେ କ୍ଷେପନ୍ତି ସମୟ ।
ସରଳ ହୃଦୟ, ସରଳ ବିଶ୍ୱାସ,
ନ ପଶନ୍ତି ମିଥ୍ୟା, ପ୍ରତାରଣା ପାଶ ।
ବୁଝନ୍ତି, ଏକତା ସ୍ୱରୂପ ମହତ,
ଧରିଥାନ୍ତି ତେଣୁ ତାକୁ ନିତ୍ୟବ୍ରତ ।
ଆନ ବଳ ଯେତେ ଅଛି ଭୂମଣ୍ଡଳେ,
ଏକତାର ବଳ ସବୁଠାରୁ ବଳେ ।
ବୁଝନ୍ତି ଏ କଥା ଅସଭ୍ୟ ବଣୁଆ,
ନ ବୁଝନ୍ତି ହାୟ ! ସୁସଭ୍ୟ ପାଠୁଆ ।
   ରବି ଅସ୍ତକାଳେ ତୋ ବିରାଟ ଛାୟା,
ବିସ୍ତାରିଣ କ୍ରମେ କ୍ରମେ ମହାକାୟା ।
ପ୍ରକୃତିର ହାସ୍ୟେ ପକାଏ ଘୋଡ଼ାଇ,
ଆନନ୍ଦେ ଯେସନ ନିରାନନ୍ଦ ଛାଇ ।
ବୀଜରୁ ସଂଜାତ ହୋଇଣ ବିଟପୀ
ଆକାରେ ସେ ବୀଜେ ଯାଏ ଯଥା ଛପି ।
ତୋ ବିଶାଳ ଛାୟା ସିନା ସେହିଭଳି,
ତୋହଠାରୁ ଜନ୍ମି ଯାଏ ତୋତେ ବଳି ।
ତୋପରି କିନ୍ତୁ ସେ ନୁହେଁ ଗୁଣଶାଳୀ,
ଆନ ସୌମ୍ୟ ମୁଖେ ବୋଳିଦିଏ କାଳୀ ।
ଯଥା ଦେଶଦ୍ରୋହୀ ଆଚରି କୁକାର୍ଯ୍ୟ,
ଲଗାଏ କଳଙ୍କ ସ୍ୱଦେଶେ ସମାଜେ ।
ଜଳ ସ୍ଥଳ ଛାଇ ମାଡ଼ିଯାଏ ଛାଇ,
ପଥାପଥ ଭେଦ କିଛି ବାରେ ନାହିଁ ।
ସ୍ୱଧର୍ମ-ଶୃଙ୍ଖଳ-ବିଚ୍ୟୁତ ଦୁର୍ଜନ,
ଅପଥ ବିପଥ ନ ମାନି ଯେସନ,
ଆଚରି ଅକର୍ମ ବୁଲେ ଯଥା ତଥା,
ପାପେ ନଷ୍ଟ ହୁଏ ଅନ୍ତରେ ସର୍ବଥା ।
ସେହିପରି ଗିରି ! ଘନେ ତୋର ଛାଇ,
ଯାଏ ଶେଷେ ଗାଢ଼ ଅନ୍ଧାରେ ମିଶାଇ ।
ହାତେ ହାତେ ମିଳେ କୃତକର୍ମ ଫଳ,
ଏହା ସନାତନ ନିୟମ କେବଳ ।

   କି ବର୍ଣ୍ଣିବି ଗିରି ! ତୋ ଶୋଭାସମୂଳ
ଲେଖନୀ ମୋହର ନିତାନ୍ତ ଦୁର୍ବଳ ।
ବାରଦାମୀ ଯେତେ ହେଉ ପଛେ ଖାଣ୍ଟି,
ଅନ୍ଧ ସୁନାରିର ହାତେ ହୁଏ ମାଟି ।
ସେହିପରି ତୁହି ମୋହାରି ବିବୃତ—
ହୋଇ ହେଲୁ ସିନା କେବଳ ବିକୃତ ।
ମେଘାସନ ! ତୋର ମହିମା ଅନେକ
ରଖିଅଛୁ ତୁହି ଭଞ୍ଜରାଜ୍ୟ ଏକ ।
ସରସ ତୋ ହୃଦ ଯଥା ପୟଃପେଟୀ,
ନାନା ଦ୍ରବ୍ୟ ଦେଉ ଭଞ୍ଜରାଜେ ଭେଟି ।
ଭଞ୍ଜନୃପ ପୂତ ରବି-ବଂଶଧାରୀ,
ଅଟନ୍ତି ରେ ଗିରି ତୋର ଅଧିକାରୀ ।
ଧରାସୁତା-ସୀତା-ହୃଦୟ-ଚନ୍ଦନ,
ପ୍ରଭୁ ରାମଚନ୍ଦ୍ର ଜଗତ-ବନ୍ଦନ,
ଯେଉଁ ପୂତବଂଶେ ହୋଇ ଅବତଂସ,
ଉଦ୍ଧାରିଲେ ଧରା ନାଶି ରକ୍ଷଃବଂଶ,
ସେ ମହାବଂଶରେ ରାମଚନ୍ଦ୍ର ଭଞ୍ଜ
ମଞ୍ଜୁ-ଭଞ୍ଜରାଜ୍ୟ-ସର-ଫୁଲ୍ଲ-କଞ୍ଜ,
ଯହିଁ ମଣ୍ଡିଛନ୍ତି ସମଗ୍ର ଉତ୍କଳେ,
ନରରୂପଧାରୀ ଦେବ ସେ ଭୂତଳେ ।
ଧନେ, ମାନେ, ଜ୍ଞାନେ, ଶିକ୍ଷା ସଭ୍ୟତାରେ,
ସର୍ବ ସଦ୍‌ଗୁଣେ ସେ ପୂର୍ଣ୍ଣ ଏକାଧାରେ ।
ଉତ୍କଳ ତାହାଙ୍କୁ କରିଛି ଭରସା,
ଫେଡ଼ିବେ ବୋଲି ସେ ତାହାର ଦୁର୍ଦ୍ଦଶା ।
ମଣ୍ଡିଲେ ଯେ ବଂଶ ଦାତା ହରିଶ୍ଚନ୍ଦ୍ର,
ନୃପତି-ତାରକା ମଧ୍ୟେ ପୂର୍ଣ୍ଣଚନ୍ଦ୍ର ।
ରଘୁ ଦଶରଥ ସର୍ବଗୁଣାଧାର,
ଦାନେ ସଦାଶୂନ୍ୟ ଯାହାଙ୍କ ଭଣ୍ଡାର ।
ପ୍ରଭୁ ରାମଚନ୍ଦ୍ର ବୀର ମହେଷ୍ୱାସ,
ବିମାତା ଆଜ୍ଞାରେ ଗଲେ ବନବାସ ।
ଉଦେ ଅତୁଳିତ ସେ ବଂଶଗୌରବ,
ରାମଚନ୍ଦ୍ର ଭଞ୍ଜ ସେ ବଂଶେ ଉଦ୍‌ଭବ—

ହୋଇଛନ୍ତି ଯେଣୁ, ତେଣୁ ନିଃସଂଶୟ,
ମାତୃଭୂମି କଷ୍ଟ ଫେଡିବେ ନିଶ୍ଚୟ ।
ଜନମୀବତ୍ସଳ ସୁପୁତ୍ରେ କେବଳ,
ମାତୃମୁଖ ସିନା କରନ୍ତି ଉଜ୍ଜ୍ୱଳ ।

ମେଘାସନ ! ତୁହି ଗିରିମାଳେ ରଜା,
ଜନ୍ତୁ ଉଦ୍ଭିଦବର୍ଗେ ଅଛି ସ୍ଥାୟୀ ପ୍ରଜା ।
ସେ ପ୍ରଭୂତ ରାଜ୍ୟରେ ତୋହୋପରି ଦେଖି,
ଆନ ପ୍ରଜା କର ନ ପାରନ୍ତି ଦେଇ ।
ଅସଂଖ୍ୟ ପ୍ରାଣୀର ପୁଷ୍ଟି ଜୀବ୍ୟ ଯେଣୁ,
ଉତ୍କଳଭୂମିର ତୁ ଅଟୁ କାମଧେନୁ ।

ତପ୍ତକୁଆ ରେ ଗିରି ! ମହାକାୟ,
ତୋହୋଠାରୁ ଏବେ ମାଗୁଛି ବିଦାୟ ।
ଯାଉଅଛି ଖାଲି ଦେହ ଘେନି କରି,
ମନନେଇବାକୁ ତ ରଖିଲୁ ତୁ ଧରି ।
ରହିଲା ଅଙ୍କିତ ହୋଇ ହୃଦୟରେ,
ତୋ ନୀରବ ବାଣୀ ଅକ୍ଷୟ ଅକ୍ଷରେ ।
ହୃଦୟ-ଆକାଶେ ତୁଅଁ ତାର ପ୍ରାୟେ,
ଫୁଟିଥିବ ସେ ଜୀବ ଥିବାଯାଏଁ ।
ସ୍ନିଗ୍ଧବନମୟ ତୋ ରୂପ ମୋହନ,
ବିସୋରି ନ ଯିବ ମନୁ କଦାଚନ ।
ମେଘାସନ ! ଘେନ ମୋର ଯଥାନ୍ୟାୟ
ବିନୟ ସମ୍ମାନ, ଘେନିଲି ବିଦାୟ ।

# ସପ୍ତରଥୀ

# ଭକ୍ତ୍ୟୁପହାର

ଉତ୍କଳ-ଖଣ୍ଡର ଆଦ୍ୟ ଉନ୍ନତି-ବିଧାତା,
ଜନନୀର ଯୋଗ୍ୟପୁତ୍ର ହେ ଗୌରୀଶଙ୍କର !
ଅଟ ତୁମ୍ଭେ ଯୋଗଜନ୍ମା କର୍ମବୀର, ତେଣୁ
ଉତ୍କଳେ ବିଦ୍ୟାସାଗର ଅଭିଖ୍ୟା ତୁମ୍ଭର
ହୋଇଛି ସାର୍ଥକ, ଆର୍ଯ୍ୟ, ଅକ୍ଷରେ ଅକ୍ଷରେ ।
ନ ମାନି ବିପଦ ବାଧା, ନ ଚାହିଁ ଦେହକୁ,
ଦେଇଅଛ ମନଃପ୍ରାଣ କର୍ତ୍ତବ୍ୟରେ ଢାଳି
ଆବାଲ୍ୟ ବାର୍ଦ୍ଧକ୍ୟେ, ଦେଶ, ଜାତିହିତ ବ୍ରତେ
ଶତହସ୍ତ ତୁମ୍ଭେ, ହେଲେ ସୁଦ୍ଧା ପ୍ରପୀଡ଼ିତ
ସୁକଠୋର ଦଶାଘାତେ କ୍ରୂର ବାର୍ଦ୍ଧକ୍ୟର,
[illegible]ସ ମନ-ବଳେ ପାର ସମୁଦ୍ର ସନ୍ତରି,
ଉତ୍ସାହ, ଉଦ୍ୟମ ପୁଣି କର୍ତ୍ତବ୍ୟନିଷ୍ଠାର
ମୂର୍ତ୍ତିମାନ ସୁଆଦର୍ଶ ତୁମ୍ଭେ, ସେ ତନହେଁ,
ପ୍ରଦାନିଛନ୍ତି ତୁମ୍ଭଙ୍କୁ ବାର୍ଦ୍ଧକ୍ୟେ ଯୁବତା ।
ସାଧିଛ, ସାଧୁଛ ବହୁ କଲ୍ୟାଣ ହେ କୃତି !
ତୁମ୍ଭେ ଉତ୍କଳର, ଋଣୀ ତବ ପାଶେ ସେହୁ,
ଯେ କାଳେ ଉତ୍କଳଭାଷା, ଅସ୍ଥିଚର୍ମସାର,
ପଡ଼ି ସୁବିପୁଳା ବଙ୍ଗ-ଭାଷାର କବଳେ,
( ଭଗିନୀ ତାହାର ) ଦୁଃଖେ ଭୟେ ଛାଡୁଥିଲା
ନାହି ନାହି ଡାକ, ଅହୋ ! ସେ ସଙ୍କଟ କାଳେ
ହୋଇ ତୁମ୍ଭେ ପୂର୍ଣ୍ଣ ସାହା ତାର ସ୍ୱଜନ୍ମାରେ,
ଉଦ୍ଧାରିଲ ତାକୁ ସେହି ଦୁର୍ଭାର ବିପଦୁ ।
ଏତିକରେ ନୋହି କ୍ଷାନ୍ତ, ପୁଣି ସେହିଦିନୁ
ସାଧିଲ ଅକ୍ଲାନ୍ତଭାବେ ତାର ସମୁନ୍ନତି ।
କବି-ଭକ୍ତ ଲୀଳାଭୂମି ଉତ୍କଳ-ମଣ୍ଡଳେ
କେତେ କାବ୍ୟ, ଇତିହାସ, ଧର୍ମଗ୍ରନ୍ଥ ଆଦି
ପ୍ରଚ୍ଛନ୍ନେ, ବିଚ୍ଛିନ୍ନେ ଥିଲା, କୀଟଦଂଷ୍ଟ ହୋଇ,
ସଂଗ୍ରହିଣ ତାହା ତୁମ୍ଭେ ବହୁକଷ୍ଟେ, କଲ
ଘରେ ଘରେ ସୁପ୍ରଚାର ଉତ୍କଳ ଭୁବନେ,
ଖେଳିଲା ନବୀନ ଊର୍ମି ସେ ଦିନୁ କ୍ରମଶଃ
ବହୁକାଳ ନିସ୍ତରଙ୍ଗ ସାହିତ୍ୟ-ସାଗରେ ।
ଆର୍ଯ୍ୟ ! କି ଅଙ୍କିବ ମୁହିଁ ଗୁଣଚିତ୍ର ତବ,
ଅଙ୍କନେ ଅକ୍ଷମ ତା ମୋ ଦୁର୍ବଳ ତୂଳିକା,
ଉତ୍କଳର ଗୁରୁ ତୁମ୍ଭେ, ଶିଖାଇଲ ତାକୁ
ଉନ୍ନତିର ଆଦ୍ୟ ମନ୍ତ୍ର, ତେଣୁ ତୁମ୍ଭପ୍ରତି
ଅଛି ମୋର ଗୁରୁତର କର୍ତ୍ତବ୍ୟ ନିଶ୍ଚୟ,
ଭାବିଣ ଏସନ, ତବ ଶ୍ରୀକର-କମଳେ
ଅର୍ପିଲି ଏ "ସପ୍ତରଥୀ" ଭକ୍ତି-ଉପହାର,
ନୁହେଁ ତବ ଯୋଗ୍ୟ ଏହା, ତଥାପି ବିଶ୍ୱାସ—
ଗ୍ରହିବ ଏ ଉପାୟନ ଭକ୍ତି-ଦତ୍ତ ହେତୁ ।

ଭଦ୍ରଖ
୧୨-୧-୧୧

ବିନୟାବନତ
ଶ୍ରୀ ଚିନ୍ତାମଣି ମହାନ୍ତି

---

# ସପ୍ତରଥୀ

## ପ୍ରଥମ ସର୍ଗ

### ରାମଚନ୍ଦ୍ର

ସ୍ୱନାବେ ନାବିକ ଯଥା ଚଢ଼ାଇ ବଣିକେ
ଘେନିଯାଇ ସିନ୍ଧୁ ମଧ୍ୟେ ଦ୍ୱୀପଦ୍ୱୀପାନ୍ତରେ,
ସଂଗ୍ରହି ତାହାର ମୁକ୍ତା ମାଣିକ୍ୟ ପ୍ରବାଳ
ରତ୍ନ ନାନା, ମଣ୍ଡେ ଆଣି ସ୍ୱଦେଶ ବିପଣୀ,
ତଥା ମାତଃ ବାଗୀଶ୍ୱରି, ସୁକବି-ଜନନୀ,
ବସାଇ ସେବକେ ତବ କୃପା-ତରଣୀରେ,
ଘେନ ଭବିତା-ସାଗରେ, କର୍ଣ୍ଣଧାରରୂପେ,
ସଂଗ୍ରହି ତାହାର ତହିଁ ନବରତ୍ନସଙ୍ଘ,
ମଣ୍ଡାଅ ତହିଁ ଉତ୍କଳ-ସାହିତ୍ୟ-ଆପଣେ,
ନ ହେଲେହେଁ ରୁଚିକର ମଣ୍ଡନପ୍ରଣାଳୀ
ଦାସର, ନବୀନ ରତ୍ନ ଜ୍ଞାନରେ ତାହାକୁ
କରିବେ ଆଦର ଧନ୍ୟ ଉତ୍କଳବଂଶଜେ ।
ଆସ ମାତଃ , ଶରେ ସାଜି କରୁଣା-ତରଣୀ
କଳ୍ପନା ସହିତେ, ଦିବ୍ୟ ଭବ-ବିନୋଦିନୀ,
( ତବ ପ୍ରିୟ ସହଚରୀ ସୁଚରକୁଶଳା )
ଯାହାଙ୍କ ପ୍ରସାଦେ ବହେ ସ୍ୱଚ୍ଛ ତରଙ୍ଗିଣୀ
କର୍କଶ-ଦଗ୍ଧ-ମରୁଭୂମେ, କଳନାଦେ,
ଧରଇ ଶ୍ମଶାନ ପୁଣି ନନ୍ଦନକାନନ
ଶୋଭା, ଫୁଟେ ତହିଁ ଶତ ପାରିଜାତ ଫୁଲ,
ଆକାଶେ ନିର୍ମିତ ପୁଣି ହୁଏ ଅଟ୍ଟାଳିକା
ସ୍ୱପ୍ନର ଭଣ୍ଡାରଗର୍ଭୀ, ସ୍ୱପ୍ନ-ଚାରୁମୟୀ ।

ଯାହାଙ୍କ ପ୍ରସନ୍ନ ଦୃଷ୍ଟି ପରଶ ମାତ୍ରକେ
ବାଜଉଠେ ସପ୍ତସ୍ୱରେ କବିକଣ୍ଠ-ବୀଣା,
ଘେନ ସେ ସଖୀକି, ମାତଃ, ବସ ଶରେ ଆସି
( ମଣିସହ ଜ୍ୟୋତିଃ, ଚନ୍ଦ୍ରସହ ଜ୍ୟୋତ୍ସ୍ନା ଯଥା)
କମଳ ପାଖୁଡ଼ା ସମ କବି-ରସନାରେ,
ବଜାଅ ମା ବୀଣାପାଣି, ବୀଣା ନବତାନେ,
ଯାଚେ ଦାସ ଏହି ଭିକ୍ଷା, ଦିଅ କୃପା ବହି ।
ପ୍ରଣମେ ହୃଦୟେ ତବ ରଘୁକୁଳଚୂଡ଼ା
ରାମ-ଚନ୍ଦ୍ର ରୂପଚନ୍ଦ୍ର ! ବିଷ୍ଣୁ ଅବତାର
ତୁମ୍ଭେ, ତବ ନାମ ଭବେ ତାରକମନ୍ତ୍ର,
କ୍ଷମ ଦେବ, କାହିଁ ମୁହିଁ ମର୍ତ୍ତ୍ୟ-କୃମିପାରେ
ଜଡ଼ବୁଦ୍ଧି, ପାତକୀଜନେ କେମନ୍ତେ ବା
ବର୍ଣ୍ଣିବି ମୁଁ ତୁମ୍ଭ ପୂତ ମହତ ଆଖ୍ୟାନ,—
ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗପ୍ରଦ ?
ପାପୀ ତୁଣ୍ଡ ସଦା ଧର୍ମଶବ୍ଦର ବିରୋଧୀ,
ଏହା ସ୍ୱାଭାବିକ, ତେଣୁ ସିନା ପିତାମହ,
ନୋହିଲେ ସକ୍ଷମ ଶଙ୍କୁ ରତ୍ନାକରମୁଖେ
ଉଚାରିବାକୁ ତୁମ୍ଭର ପାତକହା ନାମେ ।
ତଥାପି ହେ ଦେବ ! ଯେଣୁ ତୁମ୍ଭେ ପାପି-ତ୍ରାତା,
ତେଣୁ ବାନ୍ଧିଅଛି ଆଶା, ସ୍ପର୍ଶେ ତବ ନାମ
ସ୍ଫୁରିବ ଅମଳ ଜ୍ଞାନ ଏ ମୋର ମାନସେ ।

ମେଣ୍ଟିବ କି ସତେ ଆଶା,—ପ୍ରାଣର ପିପାସା,
ଏଭଳି ସୌଭାଗ୍ୟ ପ୍ରଭୋ ! ଅଛି କି ଦାସର !
ସ୍ୱର୍ଗରେ ଅମର ହ୍ରଦେ ଉର୍ମି ନିରନ୍ତରେ
ପ୍ରକାଶିଲ ଯେ ପଦ ଣ—ଅମର-ଧ୍ୱନିର
(ଯେ ଗୁଣେ ମୋହିତ ଅହୋ ବଧିର ତାନରେ)
ପ୍ରତାପେ ଯେ ମହାଶିକ୍ଷା ଲଭେ ମୂର୍ଖ ମୁଖେ,
ପ୍ରତାନନ୍ଦ ପୂର୍ଣ୍ଣ, ଥିବ ଯାବତ ଏ ଭବ ।
ଫୁଟି ତୁମ୍ଭେ ଭୃଗୁ କୁଳ-ନନ୍ଦନ ଭାନରେ
ମାତୃଭାବ ପୁଷ୍ପ ତୁମ୍ଭେ, ସୁଯଶଃ ସୌରଭେ
ପରିପୂର୍ଣ୍ଣ କରିଗଲ ଭୂସ୍ୱର୍ଗ-ଆଗରେ,
(ତବ ପଦରେଣୁ ପୂତ, ତବ ଜନ୍ମଭୂମି) ।
ପୁଣ୍ୟେ ନରଭ ତବ ଶୌର୍ଯ୍ୟର ମହିମା
ଅଭିଧାନ ମହାପାପେ, (ମର୍ଦ୍ଦିତ ଯାହା)
ଉତ୍ପାଦି ଯେ ଗତ, ଗତ କି ଏ ମର୍ମଗ୍ରହେ ।
ଭାଗିରଥି ! ମହାରଥି ତୁମ୍ଭେ, ମହେଷ୍ୱାସ
ସଂହାର ତାଡକା ଦୁଷ୍ଟା ଅସୁର-ଅଭେଦ୍ୟା,
ଅଜାତ-ଯୌବନେ, ନିସ୍ତୁଲ ଧନୋବନେ
ନବାସ୍ତ୍ର ଶର୍ମିକୁଳ ରକ୍ଷୋରାଜ ରଣ,
ଧ୍ୱଂସି ସଂ ଶିଷ୍ଟରକ୍ଷ ତୁମ୍ଭେ ଯୁଗେ ଯୁଗେ ।
ତୁମ୍ଭର ଧାବନ ହାଦ ମାଧବେ ହେ ଦେବ !
ଖରରେ ସ୍ମୃତି ଯତ ଅଦ୍ଭୁତ ଧାମେ
ପତି-ଅଭିଶପ୍ତା, ତେଜି ପାଷାଣ ଶରୀର,
ତାମୁ ଧାରେ ତବ ପୂଜା ପ୍ରସନ୍ନ ଦର୍ଶନେ,
ଅଲୌକିକ ଚରଣ ତବ ଧାରଣ ମନ୍ତ୍ରରେ ।
ଉଦେହ ମନ୍ତ୍ରରେ ଧ୍ୟାନି ହର-ବର-ଧନୁ
ନମୋଦ-ନମ୍ର-ତାଳ-ଭୂତଳ ପଡ଼ିଲ
ତେଜସ୍ୱର-ରତ୍ନାକର, ଅରର ଭାରତ,
(ଜନକ ଜନକ ଯାର) ତପଚାରୁମିର୍ଣ,
ବୃଣିଗଲେ ଯେ ଧନୁରେ ନ ଦାରୁଣ ଚେଷ୍ଟ
ଜିତି-ଉତ୍କଟଧାରୁ ଉଠେ ମହା ଉଠେ,
ସ୍ୱର୍ଗ ହେଲେ ତୁମ୍ଭେ ତାହା, ଦେଖାଇବ ଦେବେ
ଅଲୌକିକ-ଶକ୍ତି ସାର୍କ ଅଦ୍ଭୁତ ପ୍ରତାପ ।

ଅମିତ ପ୍ରତାପୀ ବଂଶ ରଥୀନ୍ଦ୍ର ଭାର୍ଗବ
ପରଶୁରାମ ତେଜସ୍ୱୀ, ଯେହୁ ଏକବିଂଶ ବାର
କଲେ କ୍ଷିତି ନିକ୍ଷତ୍ରିୟ, ସେହୁ ରୁଦ୍ରତେଜା,
(ବୀରେନ୍ଦ୍ର-କ୍ଷତ୍ରିୟ-ହର, ବୀରକୁଳଗୁରୁ)
ହେଲେ ପରାଜିତ, ଅହୋ ତୁମ୍ଭର ସକାଶେ,
ନିବର୍ତ୍ତିଲି ତାଙ୍କ ସ୍ୱର୍ଗ ଗମନ ତନୁଁ ।
ଧନ୍ୟ ତୁମ୍ଭେ ଧନୁର୍ଦ୍ଧର ଜଗଜ୍ଜୟୀ ବୀର !
ଗୁଣାଗ୍ରାମ ! ଖ୍ୟାତ ତୁମ୍ଭେ ସକଳ ସଦ୍‌ଗୁଣେ,
କାନ୍ତ ନୁହଁ କେବେ ଧନ୍ୟ ସଦ୍‌ଗୁଣ ସକାଶେ,
ବରଂ ଆଶ୍ରୟ ତୁମ୍ଭଙ୍କୁ ଯାବତ ସୁଗୁଣେ,
ହୋଇଥିଲେ ଧନ୍ୟ, ମୋର ଆଶ୍ରେ ବଡେ ପିତା
ସ୍ୱଭାବ ଗୌରବ, ମାତ୍ର କି ହୁଏ ମୋହର ?
ହୋଇଥାନ୍ତା ଯେବେ ତୁମ୍ଭେ ତାଲୁ, ମାତ୍ର ଆଜ
ଗଲ ଅହୋ ବନବାସେ, ସାବତ ମାତାର
କୁଚକ୍ରେ, ହେଲେହେଁ କୈକେୟୀ ସର୍ବଗୁଣଯୁକ୍ତା,
ତାହାଙ୍କ ପ୍ରବଳ ଈର୍ଷା, ଦ୍ୱେଷ, ଲବ ପ୍ରଭ
ମନ୍ଥରା-ନନ୍ଦନ ବୋଲି, ହେଲେହେଁ ନାଗୁଣୀ—
ଶିର ମଣିଦୀପ୍ତ ସଦା, ମାତ୍ର ନୁହଇ କି
ତସ୍ୟ ବଧୂ ଧନକ୍ଷମ ଗରଳ ଆଗାର ?
ବୈଦେହୀଶ ! ଧନ୍ୟ ତବ ପିତୃବତ୍ସଳତା,
ମିତ୍ରସତ୍ୟ ପାଳନାର୍ଥେ ତେଜି ରାଜ୍ୟଧନ,
ତୁମ୍ଭେ କାନନେ, ଆହା ହୀନ ଯତିବେଶେ
ଭ୍ରାତା, ପତ୍ନୀ ସହ, ହୋଇ ନୃପତି ନନ୍ଦନ
ଭୁଞ୍ଜି ବନେ ଫଳମୂଳ, ଶୋଇ କୁଶତୃଣେ,
ନ ମଣିଲ କ୍ଳେଶ, ସେହୁ ତଙ୍କର ସତତ
ମହଦ୍ଦୁଃଖ ଶମୋଚନେ, ହୁଅଇ କି ସେହୁ
ଅହଦ୍ଦୁଃଖେ କେତେବେଳେ କାତରେହେଁ ଭାବର ?
ଲଭଲେ ଅତୁଳ ତବ ବୈରାଗ୍ୟ, ସଂଯମ ।
ଧନ୍ୟ ଜଗତ ତୁମ୍ଭଠାରେ ସହିଷ୍ଣୁତା ଗୁଣେ
ସର୍ବଭୂତଧାରୀ ତବ ଶଶ୍ରୁ ସର୍ବଂସହା,
ମାନ ହୁଏ ତ ସମରେ ଧରି ବୈଶ୍ୱାନର—
ମୂର୍ତ୍ତି, ବହ୍ନିଶିଖାମୟୀ—ଶତ୍ରୁବଧ ସିନା ।

ମହାରଥି ! ନୁହଁ ତୁମ୍ଭେ ବଳେ ମହାରଥୀ
ଖାଲି, ମହାରଥୀ ସୁଦ୍ଧା ଯାବତ ସଦ୍‌ଗୁଣେ,
ନ ଥିଲା ଆବୃତ ତବ ଶରୀର ହେ ବୀର,
ଧୀରତ୍ୱ-ବର୍ମରେ, ସତ୍ୟ, ନ୍ୟାୟ, ଧର୍ମବିଷୟେ
ଦୃଢ଼ତ ବର୍ମକ୍ଷ, ଦିବ୍ୟ, ଶିକ୍ଷାଥିଲା ତହିଁ
ବଶ୍ୱଙ୍ଗ ତୁମ୍ଭର, ଦେବ ! ଉପଯୁକ୍ତ ସିନା
ସର୍ବଥା ଏ ଅପାର୍ଥିବ ସେନ୍ଦ୍ରା, ରଘୁରଥି !
ତୁମ୍ଭ ପରି ସତ୍ୟବୀର, ନ୍ୟାୟବୀର, ପୁଣି
ଧର୍ମବୀର ପକ୍ଷେ; ଦୟା କ୍ଷମା ଆଦି ଯେତେ
ସୁବୃତ୍ତିନିଚୟେ, ଛାଡ଼ି ତୁମ୍ଭଙ୍କୁ ରାଘବ !
ପାରୁଥିଲେ ନାହିଁ ତିଷ୍ଠି ମୁହୂର୍ତ୍ତେ ମାତର,
ପିଣ୍ଡଲୁ ଉପେକ୍ଷି ଯଥା ସେ ପିଣ୍ଡର ଛାୟା ।
   ଅଯୋଧ୍ୟା-ନେତ୍ରାଭିରାମ ବିଶ୍ୱପ୍ରାଣାରାମ
ହେ ରାମ, ସ୍ମରି ତବ ବନବାସ କ୍ଳେଶ
ହୁଏ ହୃଦ-ଅନ୍ତସ୍ତଳ ବିଭକ୍ତ ଶତଧା,
ଯେ ଶିର ଭାସ୍ୱର ଆହା କାଞ୍ଚନ କିରୀଟେ,
ସେ ଶିରେ ବାନ୍ଧିଲ ଜଟା, ପିନ୍ଧିଲ ବଲ୍କଳ
ମହାର୍ଘ ଦୁକୂଳ ତେଜ, ଯେ କର ତୁମ୍ଭର
ସତତ ନିଯୁକ୍ତ ଥିଲା ଧନ ବିତରଣେ,
ସେ କରେ ହେ ଦେବ, ତୁମ୍ଭେ ନିୟୋଜିଲ ବନେ
ଫଳମୂଳ ଅନ୍ୱେଷଣେ, ଉଦର ସକାଶେ ।
ସଂସାରର ଦୁଃଖହାରୀ ହୋଇ ସୁଦ୍ଧା ପ୍ରଭୋ !
ଭୁଞ୍ଜିଲ ସଂସାରେ ଆସି ଦୁର୍ବିଷହ ଦୁଃଖ,
କି ସୁଖ ଏଠାରେ ତେବେ ଛାର ମାନବର !
ବୁଝିଲି ଏ ଭବ ନୁହେ ସୁଖର ଆଳୟ,
ଅଟେ ନିଶ୍ଚେ ଏହା ଦୁଃଖ-ଶାର୍ଦ୍ଦୂଳଦଳର
ଶାଶ୍ୱତ ଗହନ-ଗୁହା, ଆବର ବିବିଧ
ଆପଦ-ଆବାସ, ଯଥା ଚନ୍ଦନ ସର୍ପର ।
ଏତେ ଦୁଃଖ ଭୁଞ୍ଜି ସୁଦ୍ଧା ନାହିଁ ଶାନ୍ତ ଭଲେ,
ତା ଉପରେ ଘଟି ନିତ୍ୟ-ନୂତନ-ବିପଦ
ଗଳଗଣ୍ଡେ ବିସ୍ଫୋଟକ ପ୍ରାୟ, କରୁଥିଲା
ଯନ୍ତ୍ରଣା ବର୍ଦ୍ଧିତ । ବନେ ଭ୍ରାତୃ ପତ୍ନୀପ୍ରାୟେ
ବିପଦ ତୁମ୍ଭର ଥିଲା ତୃତୀୟାନୁଚର,
ମୁହୁଃ ରକ୍ଷଃ-ଆକ୍ରମଣ-ବିପଦ-ବିଭାସ,
ନ ପାରିଲା ମଗ୍ନ କରି ତବ ମନଃ-ତରୀ,
ସାହସ-କ୍ଷେପଣୀ ପୁଣି ଧୈର୍ଯ୍ୟ-କର୍ଣ୍ଣଧାରେ,
ରଖିଲ ତାହାକୁ ତୁମ୍ଭେ ସତର୍କେ ସମ୍ଭାଳି ।
ବିପଦେ ନ ମାନି ଯେହ୍ନେ ଯୁଝେ ତାହା ସହ,
ସେ ଏକା ଅପ୍ରତିଯୋଦ୍ଧା ଭବ-ରଙ୍ଗଭୂମେ ।
ବିପଦ, ଶାନ୍ତି-ଶଶୀର ରାହୁଦନ୍ତ ସତ,
ମାତ୍ର ମୂହ୍ୟମାନ ଯେହ୍ନେ ବିଷୟ ବଜାରେ,
ପୁଣି ହୋଇ ନାହିଁ ଯାର ଆତ୍ମଜ୍ଞାନୋଦୟ,
ସେହି କାପୁରୁଷ ହୁଏ ବିପଦେ କାତର
କିନ୍ତୁ ଯେ ମହାପୁରୁଷ ତତ୍ତ୍ୱଜ୍ଞାନ ଯୋଗେ
ଲଭିଛନ୍ତି ବ୍ରହ୍ମପଦେ, ଶାନ୍ତି, ଲଭିଲେହେଁ
ନୁହନ୍ତି ଯେ ମୁଗ୍ଧ କିବା କ୍ଷୁବ୍ଧ, ତାଙ୍କ ପଦେ
ଦୁର୍ଦ୍ଧର ବିପଦ ସୁଦ୍ଧା ମାନେ ପରାଜୟ ।
ଭ୍ରମି ନାନା ବନ, ଗିରି, କାନ୍ତାର, କନ୍ଦର,
ସେବି ନାନା ତୀର୍ଥ, ପୁଣ୍ୟ ତପସ୍ୱୀ ଆଶ୍ରମ,
ନିବସିଲ ଶେଷେ ରାମ ପଞ୍ଚବଟୀ ବନେ,
(ଯେ ବନ ଶୀତଳ ସଦା ଗୋ-ଦା ଗୋଦାବରୀ—
ପୂତ ତରଙ୍ଗ-ଅନିଳେ) ନିର୍ମାଣି ଉଟଜ,
ବନବାସ-ଅବଶେଷ କାଳକ୍ଷେପ ଆଶେ,
ନିତ୍ୟ ତହିଁ ତପିକୁଳ ଶୁଭ ସମାଗମେ,
ସତ୍ସଙ୍ଗରେ ସତ୍‌ପ୍ରସଙ୍ଗେ ରତ ଥିଲ ସୁଖେ,
କିନ୍ତୁ ଆହା ! ହେଲା ସିନା ସେ ସୁଖ ତୁମ୍ଭର
ସୀତାନାଥ ! କ୍ଷଣସ୍ଥାୟୀ ? କ୍ଷଣସ୍ଥାୟୀ ଯଥା,—
ପଦ୍ମପତ୍ର-ଲମ୍ବମାନ-ଶିଶିର-କଣିକା ।
କନ୍ଦର୍ପ-ସୁନ୍ଦର ରୂପ ଦେଖି ତବ ଦୁଷ୍ଟା
କାମ-କୁମ୍ଭୀପାକ କୁଣ୍ଡେ କ୍ରୂର-କୁମ୍ଭୀରିଣୀ
ସୂର୍ପଣଖା, କଲା ତବ କତ କୁପ୍ରସ୍ତାବ,
ମାତ୍ର ଯେଣୁ ଜିତେନ୍ଦ୍ରିୟ ଏକପତ୍ନୀବ୍ରତୀ
ତୁମ୍ଭେ, ତେଣୁ ସେ ପ୍ରସ୍ତାବେ ନୋହିଲ ସମ୍ମତ,
କିଛି କାଳ ନାଦେ ଘଡ଼ା ଲେ ହେଁ ଅହ୍ଲାଦ

କଲ୍ଲୋଳମୀକୁଳ, ତେଜି ଶୂନ୍ୟ ବାରିଦଶା
ହୁଏଁ କି ଗୃହକ ତେବେ ସନ୍ତୁଳ ତାଙ୍କର ?
ହେଲେ ସୁକା ଗୁରୁଶୋଷେ କଣ୍ଠଗତ-ପ୍ରାଣ ।
ଉଚିତ ପାପାଶୟର ଯୋଗ୍ୟ ପ୍ରତ୍ୟବାୟ
ଲଭିଣ କାମୁକୀ, ( ହୋଇ ଛିନ୍ନ-କର୍ଣ୍ଣନାସା )
ଗଲା ଖରେ ଖର ପାଶେ ( ରକ୍ଷି-ରକ୍ଷଃ ତାର )
ଲୁହାଟି ବିକଟେ । ତହୁଁ କର୍ବୁର-ବର୍ବର,
ନ ପାରିଣ ସହି ସ୍ୱସା ଅପମାନ, ଘେନି
ଦୂଷଣ, ତ୍ରିଶିର ସଙ୍ଗେ ସହଚରଦ୍ୱୟେ,
ପୁଣି ବହୁ ରକ୍ଷୋରଥୀ ରଣେ ଅପଳାୟୀ,
ଆସନ୍ତେ ସୁପ୍ରସ୍ତୁ, ହୋଇ, ଦେଲ ତୁମ୍ଭେ ତାର
ଜୀବନ-ପଞ୍ଜିକା ପୋଛି, ପ୍ରପଞ୍ଚ ମଧ୍ୟରୁ,
ଛେଦି ତୁମ୍ଭେ ଖର ଶରେ ଖର ଶିରେ ରାମ !
ସେହି ଆରକ୍ତ-ନଳନେ ରଣଦେବୀ ପଦେ
ଅର୍ପିଲ ବିଜୟ-ପୂଜା, ଘର୍ଘ-ସଙ୍ଘ ସହ
ଉଦ୍‌ଯାପି ସେ ଜୀବ-ଯାଗ ଗଲ ଭବପାରେ ।
ଏତିକିରେ ନୋହି କ୍ଷାନ୍ତ ଦୁରନ୍ତା ଦାନବୀ
ଚଳିଲା ରାବଣ ପାଶେ ସ୍ୱର୍ଣ୍ଣଲଙ୍କା ମୁଖେ,
( ସାଗର-ଲହରୀ-ହାର, ରତ୍ନ-କିରୀଟିନୀ )
ଅନୁଜା କୁପରାମର୍ଶେ ରକ୍ଷ-କୁଳରାଜା
ନୈକଷେୟ, ପରିଗ୍ରହି ଛଦ୍ମଯୋଗୀ ବେଶ,
ହରିଣ ସୀତାଙ୍କୁ ତବ ଅନୁପସ୍ଥିତିରେ
ଘେନିଗଲା ଶଙ୍କା ଲଭି ଲଙ୍କାଧାମେ ତ୍ୱରା,
ରଖିଲା ତାହାଙ୍କୁ ନେଇ ଅଶୋକ-କାନନେ
ଘେରାଇ ଚୌପାଶେ ଦୁଷ୍ଟା ଦୁର୍ମୁଖା ଦାନବୀ ।
ସୀତା ଉଦ୍ଧାରାର୍ଥେ ତୁମ୍ଭେ ସୁଗ୍ରୀବ ସଙ୍ଗତେ
ସଂସ୍ଥାପି ଧର୍ମ୍ମତଃ ମୈତ୍ରୀ, ସହାୟେ ତାହାର
ସଞ୍ଚୟି ଅସଂଖ୍ୟ ଋକ୍ଷ-କପି-ବରୂଥିନୀ ?
ବାନ୍ଧି ସେତୁ ସିନ୍ଧୁବକ୍ଷେ ପାଦପ ପଥରେ
ଘେରିଲ କନକ ଲଙ୍କା ସୁହର୍ମ୍ୟମାଳିନୀ ।
ଚରାଚରବାସୀ ସିନ୍ଧୁ ଅଲଙ୍ଘ୍ୟ ଅଜେୟ,
ଲକ୍ଷଲକ୍ଷ ଯେ ଗ୍ରାସିପାରେ ଭୂଭଙ୍ଗୀ ମାତ୍ରକେ
ବଶ୍ୟେ, ଚଳଗିରି ସମ ତରଳ-କଲ୍ଲୋଳେ,
ମାନିଲା ସେ ପରାଜୟ ତୁମ୍ଭର ପ୍ରତାପେ
ପିନ୍ଧିଲା ଦାସତ୍ୱ ହାର ସେତୁବନ୍ଧରୂପୀ
ନିଜ ଗଳେ, ମହାଭୟେ, ଧନ୍ୟ ଶୌର୍ଯ୍ୟ ତବ !

ରାମଭଦ୍ର ! ଯେଣୁ ତୁମ୍ଭ ସ୍ୱଭାବ-ସୁଲଭ
ସତତ କୋମଳନୀତି, ତେଣୁ ପ୍ରଥମରେ
ମାଗି ପଠାଇଲ ସୀତା ରାବଣେ ସଦ୍ଭାବେ,
ମାତ୍ର କି କୋମଳେ ବଶ ହେବେ ଦୁର୍ବିନୀତ
କଠୋରତା ବିନା ? ହୁଏ ଯଥା ଦୁଗ୍ଧ, ଅହି—
ବିଷବୃଦ୍ଧି ହେତୁ ତଥା ତୁମ୍ଭର ସଂପ୍ରୀତି—
ବଚନ, ହେଲା ଦୁଷ୍ଟର ଦର୍ପ-ସମ୍ବର୍ଦ୍ଧକ,
ପ୍ରଦର୍ଶିଲା ଅବଜ୍ଞା ସେ ତୁମ୍ଭର ବଚନେ ।
ହେଲା ତହୁଁ ବେନି ପକ୍ଷେ ତୁମୁଳ ସମର,
ଋକ୍ଷ ରକ୍ଷଃ କପିବୀରେ ହୋଇ ମିଶାମିଶି
ଚଳେ ଅତୁଳ ସଂଗ୍ରାମ, ବୀର ପଦଭରେ
ଟଳିଲା ପ୍ରବୀର-ପ୍ରସୂ-ଲଙ୍କା ଟଳଟଳେ
ମୁହୁର୍ମୁହୁଃ, ଟଳେ ଯଥା ଜୀବଧାତ୍ରୀ ମହୀ
ଦିଗ୍ଗଜ ଶିରଶ୍ଚାଳନେ ପ୍ରଳୟ ସମୟେ ।
ବଜ୍ରଦୃଢ-ବପୁଃ ଯେତେ ରକ୍ଷୋମହାରଥୀ
ସମରେ ଅମରଜୟୀ, ଗଲେ ଯମାଳୟେ
ଅକାଳେ, ଲଙ୍କେଶ ଦୋଷେ, ପ୍ରବୀର-ପୂରିତା
ଲଙ୍କା, ହେଲା କ୍ରମେ ବୀରଶୂନ୍ୟା, ପରିଶେଷେ
ରାମ, ତବ ଶମ୍ଭୁ ସମ ଶରେ ରଣସ୍ଥଳେ
ଲଭିଲା ଅଭଙ୍ଗ ନିଦ୍ରା ପୌଲସ୍ତ୍ୟ ରାବଣ ।
ରାଜା କରି ତହୁଁ ତୁମ୍ଭେ ସାଧୁ ବିଭୀଷଣେ
( ଧର୍ମ୍ମେ ଏକତାନମତି ଧର୍ମ୍ମରକ୍ଷାବ୍ରତୀ )
ସିନ୍ଧୁ-ବକ୍ଷ କୌସ୍ତୁଭ ଲଙ୍କା କଟକରେ,
ବାହୁଡିଲ ସଙ୍ଗେ ଘେନି ଜାନକୀ ଲକ୍ଷ୍ମଣେ,
ଅଯୋଧ୍ୟା ନଗରେ, ବସି ପୁଷ୍ପକ ବିମାନେ,
ଶାସିଲ ଧର୍ମ୍ମତଃ ଧରା ହୋଇ ଧରାଧୀଶ ।
ତବ ସୁଶାସନେ ରାମ ! ନ ଥିଲା ରାଜ୍ୟରେ
ଦୁର୍ଭିକ୍ଷ, ଅଶାନ୍ତି, ରୋଗ, ଶୋକ, ଅବସାଦ,

ଅକାଳମରଣ ଆଦି ଉତ୍ସ ଉପଦ୍ରବ ।
ଥିଲେ ପ୍ରଜା ସଦାସୁଖୀ ସ୍ୱଧର୍ମନିରତ
ତୁମ୍ଭ ପରି, ରାଜା ଯିବା ଏକା, ପ୍ରଜାକୁଳ
ମହତ ଆଦର୍ଶ, ସେହୁ ଚଳିବେ ଯେ ପଥେ,
ସେହି ପଥ ପ୍ରଜାଙ୍କର ହେବ ଅନୁସୃତ,
"ରାଜା ଅନୁଗତ ଧର୍ମ" ଏହା ସ୍ୱାଭାବିକ ।
ସୁରାରି-ଶାସନ ! ତବ ସୁପାଳନେ ଏହି
ଭାରତ-ଅବନୀ, ହୋଇ ପୂର୍ଣ୍ଣ ଶାନ୍ତି-ସୁଖେ
ଭୂ-ସ୍ୱର୍ଗ ଅଭିଖ୍ୟା ସାର୍ଥ କରିଥିଲା ଧନୀ ।
ଧର୍ମରକ୍ଷା ବ୍ରତେ ତୁମ୍ଭେ ଧର୍ମର ଦାୟାଦ,
ତେଣୁ ଜାତ୍ୟମନୋବାଦ୍ୟ ପାଳୁଥିଲ ସଦା
ତୁମ୍ଭେ ତୁମ୍ଭ ସୃଷ୍ଟ ଧର୍ମେ, ଲୋକଶିକ୍ଷା ପାଇଁ,
ହେଲେ ସୁଦ୍ଧା ଯୁକ୍ତିହୀନ ଅଲୀକ ପ୍ରବାଦ,
ତଥାଚ ତା ଘୋଷାବହି, ସେଥିଯୋଗୁଁ ଯିବା
ଶୁଣି ମିଥ୍ୟା ଅପବାଦେ ତେଜିଲ ଜାନକୀ,
( ସୁସ୍ମିତଚନ୍ଦ୍ରିକା ତବ ହୃଦୟ-ବନ୍ଦିକା )
ଜନାରୋଷେ, ପଞ୍ଚ ମାସ ଗର୍ଭବାସ କାଳେ ।
ସତ୍ୟ ରକ୍ଷା ଅର୍ଥେ ପରେ ବର୍ଜିଲ ଲକ୍ଷ୍ମଣେ,
ପ୍ରାଣର ଦୋସର ଭାଇ,—ଚିରଦାସ ତବ ।
ସତ୍ୟ-ଧର୍ମ-ମର୍ମ ତୁମ୍ଭେ ଯଥା ପରିଜ୍ଞାତ,
ତଥା ପରିଜ୍ଞାତ ସୁଦ୍ଧା ଥିଲ ଦାଶରଥି !
ସମ୍ମାନର ମୂଲ୍ୟ, ତହୁଁ ପ୍ରଦାନ ସମ୍ମାନ
ଅପରେ, ଆଦର୍ଶ ଥିଲ ତାହା ତାହାଠାରୁ,
ସମ୍ମାନ ହିଁ ଯୋଗ୍ୟ ମୂଲ୍ୟ ଯିବା ସମ୍ମାନର ?
ଭକ୍ତିଶରଣ ତୁମ୍ଭର ପ୍ରେମ ଅଲୌକିକ !
ଥିଲା ନାହିଁ ତୁମ୍ଭ ପାଶେ ଭକ୍ତିରେ କଦାପି
ବ୍ରାହ୍ମଣ ଚଣ୍ଡାଳ ଭେଦ, ହୋଇ ଭକ୍ତିବଶ,
ଆଲିଙ୍ଗନ-ଦେଲ, ତୁମ୍ଭେ ଗୁହକ ଚଣ୍ଡାଳେ,
ଶବରୀ ଉଚ୍ଛିଷ୍ଟ ପୁଣି ଭୁଞ୍ଜିଲ ସାଗ୍ରହେ ।
ଅତୀବ ପବିତ୍ର ଭକ୍ତି, ସ୍ୱର୍ଗୀୟ ସମ୍ପଦ,
ନୁହେଁ ଅପବିତ୍ର ତାହା ଇତର ପରଶେ,
ବରଂ ପରଶେ ତାର, ହୁଏ ନିଷ୍କଳୁଷ
ଇତର-ଅଧମ ଜନ, ଆଉଁଷ ହାଣ୍ଡିରେ,
ରହିଲେ ଜାହ୍ନବୀ ଜଳ ହୁଏ କି ଅପୂତ ?
ପ୍ରତ୍ୟୁତ ସେ ହାଣ୍ଡି ହୁଏ ପବିତ୍ର, ପୂଜିତ ।
ସୁପତ୍ନୀ ବର୍ଜ୍ଜନେ, ଦୁଭେ ସୌଭ୍ରାତ୍ର ବର୍ଜନେ,
ଭୁଞ୍ଜିଲ ବୈଦେହୀପତି ! ଦାରୁଣ କଷଣ
ଜୀବନ-ସାୟାହ୍ନେ, ଥିଲ ଉପବିଷ୍ଟ ଯିବା
ରାଜାସନେ, ମାତ୍ର ତୁମ୍ଭ ହୃଦ-ସିଂହାସନେ
କରୁଥିଲେ ରାଜପଣ ବିଷାଦ-ଯନ୍ତ୍ରଣା ।
ଦୁଃଖ-ଘୃଣ-ଦଂଷ୍ଟ୍ର ଯିବା ଉଦେ ଦେହ-ତରୁ,
ମଞ୍ଜରୀ ତାହାର ଚିନ୍ତା, ବହରେ ତହିଁରେ
ଚକ୍ର-ଚଞ୍ଚଳ-ବାନର, କୋଟରେ ତାହାର
ନିବସେ କୃଷ୍ଣା-ପନ୍ନଗୀ, ପୁଣି ସେ ପାଦପେ
ଅହଙ୍କାରରୂପୀ ଗୃଧ୍ର, ଦୁଷ୍ଟ ଦ୍ୱେଷ-କାକ,
ନିଖିଳ ଇନ୍ଦ୍ରିୟରୂପୀ ବିହଙ୍ଗମଚୟ,
ନିର୍ମାଣି କୁଳାୟ, ତହିଁ କରନ୍ତି ବାସ,—
ଆଜନ୍ମ ସେ ତରୁ ସଦା ଶୁଭାଶୁଭ ଫଳେ,
ଥିବାରୁ ବେଷ୍ଟିତ ସେହୁ ନିବିଡ଼ ବେଷ୍ଟନେ
ବାସନା-ଲତିକା ଜାଲେ, ଉଚ୍ଛେଦ ତାହାର
ଦୁଃସାଧ୍ୟ, ଦୁଃସାଧ୍ୟ ଯଥା ସିନ୍ଧୁ ସନ୍ତରଣ ।
ଜାଣି ଏହା, ନ ତେଜୁଣୁ ତୁମ୍ଭଙ୍କୁ ସେ ଦେବ,
ଇଚ୍ଛିଲ ତାହାକୁ ତୁମ୍ଭେ ତେଜିବାକୁ ରାମ !
ତହୁଁ ପୁତ୍ରେ ଅର୍ପି ରାଜ୍ୟ ଯଥାବ୍ୟବହାରେ,
ଭ୍ରାତୃମେଳେ ଝାସି ତନୁ ସରଯୂ-ସଲିଳେ
ଗଲ ନିଜ ପ୍ରିୟଧାମେ—ବୈକୁଣ୍ଠ ଭୁବନେ ।

# ଦ୍ୱିତୀୟ ସର୍ଗ

## ଲକ୍ଷ୍ମଣ

ହେଲୁ ମୁଁ ପବିତ୍ର ଦେବ ସୌମିତ୍ରି ଲକ୍ଷ୍ମଣ !
ଉଚ୍ଚାରଣ ତବ ନାମ, କଳୁଷନାଶନ,
ତୁମ୍ଭ ପରି ଏକନିଷ୍ଠ ଭ୍ରାତୃ-ଉପାସକ
ନାହାନ୍ତି ଆଉ ଏ ମର୍ତ୍ତ୍ୟେ, ଥିବେ ସ୍ୱର୍ଗେ ବୋଲି
କେମନ୍ତେ କହିବି ଅବା ? ଯେଣୁ ସାର ଯାହା
ସ୍ୱର୍ଗେ, ତାର ଉତ୍ପତ୍ତି ଏ ଧରଣୀ-ମଣ୍ଡଳେ,
ପାରିଜାତ, ଐରାବତ, କୌସ୍ତୁଭ, ଅମୃତ,
ଚନ୍ଦ୍ର, ଲକ୍ଷ୍ମୀ ଆଦି ଯାହା ସ୍ୱର୍ଗେ ଶ୍ରେଷ୍ଠତମ,
ନୁହେଁ କି ତା ଏ ଉକ୍ତିର ପ୍ରକୃଷ୍ଟ ପ୍ରମାଣ ?
ଅତଏବ ଦୁର୍ଲ୍ଲଭ ଯା ମର୍ତ୍ତ୍ୟମଣ୍ଡଳରେ,
ହେବ ଅବା ତାହୁଁ ତାହା ତ୍ରିଦିବେ ସୁଲଭ ?
ଭ୍ରାତୃଭକ୍ତି-ତପୋବନେ ଊର୍ମିଳାବିଳାସୀ,
ନିଶ୍ଚୟ ଅଟ ହେ ତୁମ୍ଭେ ତାପସ-ସତ୍ତମ ।
କଠୋର ସାଧନା ତବ ଅନିର୍ବଚନୀୟ,
ବର୍ଣ୍ଣିବେ ଅକ୍ଷମ ତାହା ଜିହ୍ୱା-ସାରସ୍ୱତ ।
ଅନ୍ନମୟ ପିଣ୍ଡ ଧରି ଚୌଦବର୍ଷ କାଳ
କଟାଇଲ ଅନଶନେ ପୁଣି ଅଶୟନେ,
ନ ମଣିଲ କ୍ଲେଶ ଲେଶ, ତରୁଣ ବୟସେ
ତୁମ୍ଭ ପରି ସୁ ସଂଯମୀ କିଏ ରାମାନୁଜ ?
ଦେହ ଭେଦେ ଭିନ୍ନ ସିନା ତୁମ୍ଭେ, ରାବଣାରି,
ମାତ୍ର ପ୍ରାଣେ ଏକ, ଯଥା ଏକଇ ମୃଣାଳେ
ଫୁଟିଥିଲ ତୁମ୍ଭେ ଯୁଗ୍ମ ଅମଳ-ନଳିନ,
କିମ୍ବା ଏକ ଗୁର୍ମୀକର ବେନି ଛାଞ୍ଚେ ଢଳା ।
ଅବା ରାମ ମୂର୍ତ୍ତିମାନ କର୍ତ୍ତବ୍ୟ ଦେବର
କାର୍ଯ୍ୟକାରୀ ଦକ୍ଷହସ୍ତ, ତୁମ୍ଭେ ଦକ୍ଷେତର,
ସୁଖେ, ଦୁଃଖେ, ରୋଗେ, ଶୋକେ,
ସଙ୍କଟେ, ପ୍ରମାଦେ
ଥିଲ ଭ୍ରାତୃସଙ୍ଗୀ ପୁଣି ସମଭାଗୀ ସଦା,
ଯେମନ୍ତ ତୁମ୍ଭର ଜନ୍ମ ରାମ-ସେବାପାଇଁ,
ଜନ୍ମିଥିଲେ ରାମ ତାହା ଘଟଣ ସକାଶେ,
ସଦା ଏହି ଭାବ ତୁମ୍ଭେ ଥିଲ ହୃଦେ ବହି ।
ତୁମ୍ଭେ ବଳ, ରାମ ଶକ୍ତି ଦୁଷ୍ଟଦମନର ।
ଧାର୍ମିକତା ବିବେକତା ପୁଣି ସୁଶୀଳତା
ଏ ତିନିହେଁ, ତୁମ୍ଭ ଦେହେ ବାସ, ପରିଚ୍ଛଦ
ପୁଣି ଦିବ୍ୟ ଶିରସ୍ତ୍ରାଣ ପର୍ଯ୍ୟାୟକ୍ରମରେ,
ଅତୁଳ ଶୂରତ୍ୱ ବକ୍ଷେ ଦେଦୀପ୍ୟ ପଦକ ।
ଏହା ସିନା ଯୋଗ୍ୟଭୂଷା ହେ ସୌଭ୍ରାତୃବର,
ତୁମ୍ଭ ପରି ଲୋକରକ୍ଷି-କ୍ଷତ୍ରିୟ-ବାଞ୍ଛିତ,
ଆନ ଗ୍ରାମ୍ୟ ଅଳଙ୍କାର ଭାରମାତ୍ର ସାର ।
ସର୍ବ ସୁଲକ୍ଷଣବନ୍ତ ତୁମ୍ଭେ ହେ ଲକ୍ଷ୍ମଣ,
କାମଜୟ୍, ତାମଜୟ୍ ଯଥା ମୃତ୍ୟୁଞ୍ଜୟ,
ଯେଣୁ ଊର୍ଦ୍ଧ୍ୱରେତା, ତେଣୁ ଅକ୍ରୋଧୀ ସତତ,
ଅନୀତି ଦମନେ ମାତ୍ର ପ୍ରକାଶ କପଟ—
କ୍ରୋଧ, ତାହା ତତ୍ତ୍ୱଜ୍ଞାନୀ ସାଧୁର ଲକ୍ଷଣ ।
ନ ଜାଣି ତୁମ୍ଭଙ୍କୁ କାମ ସ୍ୱଭାବ ତାପସ,
ପ୍ରୟୋଗିଲା ତୁମ୍ଭ ପ୍ରତି ସୂର୍ପଣଖା-ଶର,
ମାତ୍ର ନ ବାଜୁଣୁ ତୁମ୍ଭ ଦେହେ ସେ ସାୟକ,
ପ୍ରତିବାଣେ ବିକଳାଙ୍ଗ କଲ ତାକୁ ଖରେ ।
ରମଣୀ କାମର ସିନା ଅମୋଘ ଆୟୁଧ,
ସେ ଆୟୁଧ ଯୋଗେ ସେହୁ ତିନି ଭୁବନରେ
ଉଡ଼ାଏ ବିଜୟ-ବାନା, କିନ୍ତୁ ହେ ଲକ୍ଷ୍ମଣ !
ନ ପାରିଲା ବଶ କରି ତୁମ୍ଭଙ୍କୁ ଭଙ୍ଗୀରେ,
ବ୍ୟର୍ଥ ମନୋରଥେ ଦୁଷ୍ଟ ଗଲା ଅପସରି ।
ସୁରଥି ! ଶୂରତ୍ୱ ତବ ବିଶ୍ୱତ୍ରାସପ୍ରଦ,
ଅସୁର-ଶୂର-ଶେଖର, ଅସୁର-ଭରସା,
ଶକ୍ରେ ଜିଣି ବହିଲା ଯେ ଶକ୍ରଜିତ୍ ନାମ,
ସେହି ମେଘନାଦେ, ସୁର-ନାଗ-ନର-ତ୍ରାସ,
ବଧି ତୁମ୍ଭେ ଶୂର-ସିଂହ, ଅର୍ଜିଲ ଅକ୍ଷୟ—

କୀର୍ତ୍ତି, ହେଲ ମୁଖ୍ୟ ଯାହା ଜାନକୀ ଉଦ୍ଧାରେ,
ଜନକ-ଜାମାତା ତବ ଜ୍ୟେଷ୍ଠ ଭ୍ରାତାଙ୍କର ।
ପୁନର୍ ନିଧନେ ବହୁ ଗୁରୁତର ଶେଷ
ବୀରକୁଳ-ଧୂମକେତୁ ବୀରେଶ ରାବଣ,
ଆକ୍ରମିଲ ଭୀମବେଗେ ତୁମ୍ଭଙ୍କୁ ସମରେ
ରକ୍ଷଃ ଅନୀକିନୀ ସହ; ଘେରିଲେ ରାକ୍ଷସ—
ସେନା, ଶତ ବେଢ଼ ଜଳ ବଳୟବେଷ୍ଟନରେ
ଚୌପାଶ୍ୱେଁ ତୁମ୍ଭଙ୍କୁ, ଗର୍ଜି ଭୀମବୀରନାଦେ,
ରାଶି ରାଶି ବାଣ ଆସି ପଶିଲ ଶରୀରେ
ବଲ୍ମୀକେ ଭୁଜଙ୍ଗ ପ୍ରାୟ; ମାତ୍ର ନୋହି ଭୀତ
ତୁମ୍ଭେ ତହିଁ, ଜଳ ଯୁଦ୍ଧ ସାହସେ ନିର୍ଭର ।
ଯଥା ମୃଗପତି ପଡ଼ି ମୃଗୟୁ ବେଷ୍ଟନେ
ବନେ, ହୋଇ ସୁଦ୍ଧା ନାନା ଅସ୍ତ୍ରେ ପ୍ରହାରିତ
ଚୌପାଶ୍ୱେଁ, ନ ହୁଏ ଭୀତ କମ୍ପି ବିଚଳିତ,
ଯେଣୁ ସେହୁ ପଶୁରାଜା ମହାକ୍ଷବିବର,
ନ କରି ଭ୍ରୂକ୍ଷେପ ତେଣୁ ସେ ମହାମାରଣେ,
କମ୍ପା ନ କରି ଅଶଙ୍କା, କରେ ରକ୍ତ-ପ୍ଲୁତ
ତାକୁ, ବିଦାରି ତା ବକ୍ଷ, ତୀକ୍ଷ୍ଣଦନ୍ତ ନଖେ,
ତଥା ହେ ବୀରେନ୍ଦ୍ର ! ତୁମ୍ଭେ ପ୍ରକାଶି ବିକ୍ରମ
ସଂହାରିଲ ଶତ୍ରୁଚମୂ, କରବାଳ ତବ,
(ଦୁର୍ଦ୍ଦାନ୍ତ-ଦଳନ-ଦକ୍ଷ, ରକ୍ଷଃ-କୁଳ-କାଳ)
ବହାଇଲା ରଣସ୍ଥଳେ କୀଲାଳ-ସରିତ ।
ଅମାନୁଷୀ ପରାକ୍ରମ ଦେଖିଣ ତୁମ୍ଭର,
ବହୁଯୁଦ୍ଧେ ସୁପ୍ରବୀଣ ବହୁଯୁଦ୍ଧଜୟୀ—
ଦଶାନନ, ପ୍ରଶଂସିଲା ତୁମ୍ଭଙ୍କୁ ବିସ୍ତର,
ଘୁଞ୍ଚିଲା ତା ବାଳବ୍ୟାଳେ ପାଳରଙ୍କ, ଭ୍ରମ;
ଆର୍ଯ୍ୟରକ୍ତହୀନ ସିନା ଥିଲା ପୌଲସ୍ତ୍ୟେୟ,
ମାତ୍ର ସେ ବୀରତ୍ୱହୀନ ନ ଥିଲା କଦାଚ;
ଗେଣ୍ଡୁକ, ଶମ୍ବୁକାଳୟ ହେଲେହେଁ ସରସୀ,
ନୁହଇ କି ସେହୁ ପୁଣି ସରସୀଜ-ବାସ ?
ପରମ ବିପକ୍ଷ ମୁଖେ ରଟେ ଯା ପ୍ରଶଂସା,
ସେ ଏବା ପ୍ରକୃତ ବୀର ପ୍ରକୃତ କ୍ଷତ୍ରିୟ,

ସୁନଷ୍ଟ ଶତ୍ରୁ ଭାସନ୍ତେ ଯେ ଗ୍ରହେ ସୁଗୁଣ,
ନୁହେ ସେହୁ ଶତ୍ରୁ, ଅଟେ ମିତ୍ର, ଶତ୍ରୁରୂପୀ ।
ଅତଃ ହେ ଲକ୍ଷ୍ମଣ ! ଯୋଗ୍ୟ ପାତ୍ରେ ଘଟିଥିଲା
ଶତ୍ରୁତା ତୁମ୍ଭର, ତୁମ୍ଭେ ଭାଗ୍ୟବାନ ରଥୀ !
ଜାଣିଣ ତୁମ୍ଭଙ୍କୁ ରକ୍ଷଃ ସମରେ ଦୁର୍ଜ୍ଜୟ
ଫିଙ୍ଗିଲା ଅମୋଘ ଶକ୍ତି, ଯମଦଣ୍ଡ ସମ,
କରିପାରେ ଯେ ଶକତି ଅକାଳେ ପ୍ରଳୟ
ସୃଷ୍ଟି, ସମଷ୍ଟି ଯେ ସର୍ବ ଅମର ଶକ୍ତିର,
ସେ ମହାଶକ୍ତି ତୁମ୍ଭଙ୍କୁ ନ ପାରି ନିଧନ
ମୋହ ମାତ୍ର ଜାତ କଲା କେବଳ ଲକ୍ଷ୍ମଣ !
ଧନ୍ୟ ତୁମ୍ଭେ ଶକ୍ତିଧର ଶକ୍ତିଧରୋପମ !
ଶୁଭଗୁଣ-ବିଚକ୍ଷଣ ହେ ଶୂର ଲକ୍ଷ୍ମଣ !
ଅଦ୍ଭୁତ ବିସ୍ମୟୋତ୍ପାଦୀ ଶୂରତ୍ୱ ତୁମ୍ଭର,
ଆକ୍ରମିଲା ଯେବେ ଆସି ବୀର ଅତିକାୟ
(ଅତି ଭୀମ କାୟା ଯାର) ରାମ ମହାଚମୂ
ଦେଖି ତାର ମହାକାୟା, ତେଜି ରଣମାୟା
ପଳାଇଲେ ଇତସ୍ତତଃ ରକ୍ଷକପିବୀରେ
ମହା ଅସ୍ତବ୍ୟସ୍ତେ, ଭୟେ, ନ ଗୁହିଁ ପଛକୁ ।
ଅତୁଳ ପ୍ରତାପୀ ରକ୍ଷଃ, ଭୁବନ-ବିଜୟୀ,
ଥାଉ ଆନ, ଦେଖି ଯାର ବିଭୀଷଣ କାୟା
ହୁଅନ୍ତି ଅମରବୃନ୍ଦ ଆତଙ୍କେ ମୂର୍ଚ୍ଛିତ,
ଚିର ରଣଜୟୀ ସେହି ଦୁର୍ବାର ଦର୍ବୂରେ
ବଧିଣ ଲକ୍ଷ୍ମଣ ତୁମ୍ଭେ ସୁତୀକ୍ଷ୍ଣ ମାର୍ଗଣେ,
ଉପାର୍ଜିଲ ବୀରକୀର୍ତ୍ତି ଚିର ଦୀପ୍ତିଶୀଳା ।
ଇନ୍ଦ୍ରଜିତ ଅତିକାୟ ଏ ବେନିଏଁ ସିନା
ରାବଣ-ମହାବୃକ୍ଷର ଥିଲେ ମହାଶାଖା,
ବିଚ୍ଛେଦିଣ ତୁମ୍ଭେ ତାହା, ଆହେ ଧନୁର୍ବାହା !
ସେ ମହାପାଦପେ କଲ କ୍ଷୀଣାୟୁ, ଦୁର୍ବଳ ।
ତୁମ୍ଭରି ସହାୟେ ରାମ ସଂହାରି ରାବଣେ
ଜିଣିଲେ କନକ ଲଙ୍କା, ଧନ୍ୟ ସୌଭ୍ରାତ୍ରତା
ତବ, ଗଲ ପ୍ରଦର୍ଶାଇ ବୀର, ତୁମ୍ଭେ ଯେଉଁ
ଶୁଭମୟ ମହାଫଳ ଭ୍ରାତୃମିଳନର,

ପରମ ଆଦର୍ଶ ତାହା, ଆର୍ଯ୍ୟ ଗଣ୍ଡି ଧନ ।
କିନ୍ତୁ ଅହୋ ! କି ଦୃଶ୍ୟାଳ ଉପସ୍ଥିତ ଏବେ !
ଦେଖୁଥିଲ ଯେଉଁ ଦେଶ ସ୍ୱର୍ଗ ମୁଖଚ୍ଛବି
ତବ ଚରିତ୍ର-ଦର୍ପଣେ, ଏବେ ସେହି ଦେଶ
ଲିପ୍ତ ଭ୍ରାତୃବିଚ୍ଛେଦର ବିଘୃଣିତ ପାପେ !
ବିପଦେ ସହାୟକର୍ତ୍ତା ତୁମ୍ଭର ଭ୍ରାତା
ବିରଳ ଭାରତେ ଏବେ, ଏକାଳ ସୋଦରେ
ଖାଲି ସମ୍ପଦର ଭାଗୀ, ସମ୍ପତ୍ତି ସକାଶେ
କରନ୍ତି ସେ ମହାଯୁଦ୍ଧ ଗଜ କୂର୍ମ ପ୍ରାୟ ।
ଅର୍କହସ୍ତ ଭୂମି ପାଇଁ କନିଷ୍ଠ ଏକାଳେ
ଲଗାଏ ଅଧିକରଣେ ୧ ବ୍ୟବହାର-ରଣ ୨
ଜ୍ୟେଷ୍ଠ ସହୋଦର ସହ; ଫଳେ ହୋଇ ସେହୁ
ସର୍ବସ୍ୱାନ୍ତ, କରେ ଜ୍ୟେଷ୍ଠେ ସମଦଶାଭାଗୀ;
ଦେଖିଣ ତାଙ୍କର ଏହି ଅଳୀକ ବିବାଦ
ହସିଣ ଧରଣୀ କହେ ଅଲକ୍ଷ୍ୟେ ନୀରବେ —
"ବୃଥା କପାଁ ମର ମୂଢ଼େ ମୋହ ପାଇଁ ଯୁଝି ?
ନୁହେ ମୁଁ କାହାର କେବେ,
ବରଂ ସର୍ବେ ମୋର,
ମୋ ଠାରୁଁ ଉତ୍ପତ୍ତି, ସୃଷ୍ଟି ମୋ ଦେହେଁ ବିଲୟ;
ଅହୋ ! ପୂର୍ବେ ଏହିପରି ବହୁତ ନିର୍ବୋଧେ,
ଆଣିବାକୁ ମୋତେ ବଳେ ସ୍ୱୀୟ ଅଧିକାରେ
ଯୁଝିଲେ ବିସ୍ତର; କିନ୍ତୁ ରହିଲେ କି କେହି ?
ପଡ଼ିଅଛି ଚିରକାଳ ମୋର ହୋଇ ମୁହିଁ ।"
କରୁଥିଲ ଭ୍ରାତାଦେଶେ ଦେବାଦେଶ ପ୍ରାୟ
ହେ ସୌମିତ୍ରି ଶୂର ! ତୁମ୍ଭେ ଶିରୋଧାର୍ଯ୍ୟ ସଦା,
ହେଲେହେଁ ଦୁଷ୍କର ଭ୍ରାତୃଆଜ୍ଞା, ପାଳନେ ତା
ନୋହୁଥିଲ ପଶ୍ଚାତ୍ପଦ କେବେ, କେବେ କି ହେ
ପଶ୍ଚାତ୍ପଦ ହୁଅ-ବ୍ରତୀ ସ୍ୱବ୍ରତ ପାଳନେ ?
ମିଥ୍ୟା ଅପବାଦେ ଡରି ରାମ ରାବଣାରି
ଆଦେଶିଲେ ତୁମ୍ଭ ପ୍ରତି ବୈଦେହୀ ବର୍ଜନେ
ବାଲ୍ମୀକିଙ୍କ ତପୋବନେ, କଠୋର ବଚନେ,
ମହାପୂତା ସୀତାଦେବୀ, ମହାସତୀକୁଳ—
ପରମ ଆରାଧ୍ୟା, ତୀବ୍ର ସତୀତ୍ୱ ବଳରେ
ପାରନ୍ତି ଯେ ଲେଉଟାଇ ସୃଷ୍ଟି ବିଧାତାର,
ଜାଣି ସୁଦ୍ଧା ଏହା ତୁମ୍ଭେ, ଗୁରୁଆଜ୍ଞା ମଣି
ପାଳିଲ ରାମଙ୍କ ସେହି ଅପ୍ରିୟ ଆଦେଶ ।
ଆର୍ଯ୍ୟ ! ଯଥା ରାମଭକ୍ତ ତୁମ୍ଭେ, ଥିଲ ତଥା
ସୀତାଭକ୍ତ, ଅର୍ପୁଥିଲ ତାଙ୍କୁ ଭକ୍ତି-ପୂଜା,
ତବ ମହୀୟସୀ ମାତା ସୁମିତ୍ରା ଜ୍ଞାନରେ ।
"ଅଟନ୍ତି ଅଗ୍ରଜ ଜାୟା ଜନନୀ ସମାନ"
ଏ ସୁନୀତି ନିରୂଢ଼ାର୍ଥ ବୁଝେ ଆର୍ଯ୍ୟ ସିନା ।
ଏକଦା ସୀତେଶ ଥିଲେ ବାକ୍ୟାଳାପେ ରତ
କାଳପୁରୁଷ ସହିତେ, ଅତି ସଂଗୋପନେ,
ସେକାଳେ ଯେ ତାଙ୍କ ପାଶେ କରିବ ଗମନ
ବର୍ଜିବେ ତାହାକୁ ସେହୁ, ଥିଲା ଏହି ପଣ;
ଜଗିଥିଲ ତୁମ୍ଭେ ଦ୍ୱାର ନିଷେଧିବା ପାଇଁ
ଆଗନ୍ତୁକେ, ଦୈବେ ଆସି ଏ କାଳେ ଦୁର୍ବାସା
ହେଲେ ରାଜଦର୍ଶନାର୍ଥୀ, ଜାଣି ଅସମୟ
ତୁମ୍ଭେ, ନିବେଦିଲ ତହୁଁ ତାଙ୍କୁ ସବିନୟେ,
ମୁହୂର୍ତ୍ତେ ମାତ୍ର ଅପେକ୍ଷା କରିବାକୁ ତହିଁ;
ମାତ୍ର ନ ଗ୍ରହିଲେ ସେହୁ ତୁମ୍ଭର ପ୍ରସ୍ତାବ ।
ମହାତପା ମହାକ୍ରୋଧୀ ମହର୍ଷି ଦୁର୍ବାସା,
କେ କରିବ ଶାନ୍ତ ତାଙ୍କୁ, ବରଷିଲ ଯେତେ
ବିନୟ ସଲିଳ ତୁମ୍ଭେ, ବଢ଼ିଲା ସେତିକି
ଅସମ୍ଭାଳ କ୍ରୋଧାନଳ ତାଙ୍କ, ଘୃତ ଯୋଗେ
ଯଜ୍ଞାନଳ ପ୍ରାୟ; "ଭୂପେ ନ ଭେଟିଲେ ରାମେ
ଦହିବେ ଅଯୋଧ୍ୟା ପୁରୀ ତୀବ୍ର ଶାପାନଳେ"
କହିଲେ ଏ କଥା ମୁନି କର୍କଶ ବଚନେ,
ଶୁଣି ଏ ଦାରୁଣ ବାଣୀ ମୁନିମଣିଙ୍କର,
ଉପସ୍ଥିତ ବିପଦରୁ ଅଯୋଧ୍ୟା ରକ୍ଷଣେ

୧—ବିଚାରାଳୟ । ୨—ମକଦ୍ଦମା

ହେବ କି ହେ ପଶ୍ଚାତ୍ପଦ କେବେ ? କୁଅନ୍ତୁ କ
ବୀରେ—ବିଶେଷେ କ୍ଷତ୍ରିୟବୀରେ ପଶ୍ଚାତ୍ପଦ—
କପଦକୁ ଆସ୍ମଦାନେ ଦେବେ ? ବୀରବର !
ଦେଖାଇଣ ବକ୍ଷ ତୁମ୍ଭେ ବିପଦେ ସେ କାଳେ
ଗଲ ସ୍ତମ ପାଶେ, ହେଲ ଫଳେ ବିବର୍ଜିତ;
ଧନ୍ୟ ତବ ବୀରବ୍ରତ ! ବୀର-ଧୈର୍ଯ୍ୟମଣି !
 କି ଗାଇବ ଯଶସ୍ୱି ! ମୁଁ ତୁମ୍ଭ ଯଶୋଗୀତ,

ଗାଇବେ ଅକ୍ଷମ ଟା ମୋ ନୀରସ ରସନା
ଅବନ୍ଧ୍ୟା ବିଶ୍ୱ, ସଦା ଲକ୍ଷ୍ୟସ୍ଥଳ ମୋର
କେବଳ ତୁମ୍ଭ ସୌଭ୍ରାତ୍ର-ଶୁଭ ଆଚରଣ,
ସୁସ୍ୱପ୍ନେ ନବଙ୍କ ତାହା ରହିଛନ୍ତି ଏ କାଳେ ।
କିଅ ଦେବ ! ସେହି ସ୍ନିବ ସ୍ୱର୍ଭର ପ୍ରାଣେ,
ଭୂ-ସ୍ୱର୍ଗ ଅଭେଧା ସାର୍ଥ କରୁ ସେ କାଳରେ,
ଏତିକି ମାଗୁଣି ମୋର କର ଏ କଲ୍ୟାଣ ।

# ତୃତୀୟ ସର୍ଗ

## ଭୀମ

ଘୂର୍ଣ୍ଣିଅ ଘୂର୍ଣ୍ଣିଅ ଗଦା ଘୁରୁଅ ପାବନ
ପବନୁ ପ୍ରଖରେ, ଇଚ୍ଛା ସଂଦର୍ଶନେ ମୋର;
ଦେଖିଥିଲି ପୂର୍ବେ ଯାହା ବର୍ଣ୍ଣମାଳାରୂପେ
ଦ୍ୱୈପାୟନ ଶ୍ରୀବ୍ୟାସଦେବ୍ୟ, ସେହି ଦୃଶ୍ୟ ଆଜି
ଦେଖିବି ପ୍ରତ୍ୟକ୍ଷଭାବେ ଦୃଶ୍ୟ ଅଭିନୟେ
କଳ୍ପନା ପ୍ରସାଦେ; ତେଣୁ ବସିଅଛି ଠାକ।
ପ୍ରବୀର-ପ୍ରବର ! ଖାଲି ଶରୀରେ ସଂସାରେ
ନୁହେ ତୁମ୍ଭ ଛଡ଼ ଛେକ, ସାରଲ୍ୟ, ସାହସ,
ଧାର୍ମିକତା, ବିବେକିତା, ଭ୍ରାତୃବତ୍ସଳତା,
ଆବର ମହାପ୍ରାଣତା ଏ ଆଦି ସକଳେ,
ନିହିଥିଲେ ସଦା ତବ ଛତାତଳେ ମଥା;
ଶୌର୍ଯ୍ୟ ପର କାର୍ଯ୍ୟ ସୁଦ୍ଧା ତବ ଅମାନୁଷ।
ନ ଥିଲି ଔଦ୍ଧତ୍ୟ, ମାତ୍ର ସମ୍ଭବେ ତା ସିନା
ମୂର୍ଖ ହୀନମତି ପକ୍ଷେ, ମାର୍ଜାର ବ୍ୟତୀତ,
ଘୃଣ୍ୟ ପଶୁ ମାତ୍ରେ କିଏ କରେ କି ଆଦର ?
ସଂକଳ୍ପ ସହଜ, ମାତ୍ର ସାଫଲ୍ୟ ତାହାର
ସାଧନା-ସାପେକ୍ଷ, ନିଷ୍ଠେ ଅତୀବ କଠୋର,
ଅସମର୍ଥ ଯେତୁ ନିଜ ପ୍ରତିଜ୍ଞା ରକ୍ଷଣେ,
ଅନର୍ଥ ପ୍ରଳାପ ତାର ଦୃପ୍ତ ବାଗ୍ମିତା;
କିନ୍ତୁ ଯେଉଁ ମହାଜନ ସୁସିଦ୍ଧ କାର୍ଯ୍ୟରେ,
ସେ ନୀରବ କର୍ମବୀର ନମସ୍ୟ ଜଗତେ।
କଥା ପରେ କାର୍ଯ୍ୟ କିମ୍ବା କାର୍ଯ୍ୟ ପରେ କଥା,
ସହଜରେ ହୋଇପାରେ ଏ ପ୍ରଶ୍ନ ମୀମାଂସା,
ଲକ୍ଷ୍ୟ-ବକ୍ଷେ ବାଣ ବିଦ୍ଧ ହେବା ପରେ ସିନା
ଶ୍ରୁତ ହୁଏ ଧାନୁଷ୍କର ଧନୁକ ଟଙ୍କାର;
ଜାଣି ତୁମ୍ଭେ ଏହା, ଆହେ ବୀରକୁଳନାହା
କଥା ଆଗେ କରୁଥିଲ କାର୍ଯ୍ୟ ସମାପନ।
ଯୁଧିଷ୍ଠିର-କନିଷ୍ଠ ! ତୁମ୍ଭେ ସତ୍ୟନିଷ୍ଠ ଯଥା,
ଅଛ ତଥା ଭ୍ରାତୃଭକ୍ତି-ପରାକାଷ୍ଠ, ପୁଣି

ବଳଜ୍ୟେଷ୍ଠ, ଶୂର ! ତୁମ୍ଭେ ଧରିଣ ଶରୀରେ
ଭୀଷ୍ମଧର୍ଷୀ ବଳ, ବଦ୍ଧ ଥିଲ ଧର୍ମାଦେଶେ,
ଉତ୍ତାଳ ଉଦଧି ଯଥା ବଦ୍ଧ ବେଳାଭୂମେ।
ଅଛ ତୁମ୍ଭେ ଯୁଧିଷ୍ଠିର ଅଦୃଷ୍ଟ-ଚକ୍ରାଣି,
କୁରୁକ୍ଷେତ୍ର-କର୍ମଶାଳେ ବିକ୍ରମ-ଯନ୍ତ୍ରରେ
ହୁତ ଶୁଭାଦୃଷ୍ଟ ତାଙ୍କ କଲ ସମୁଦ୍ଧାର,
ହୁଏ ସିନା କର୍ମଯୋଗେ ଅଦୃଷ୍ଟ ଗଠିତ
ନତୁବା ଅଦୃଷ୍ଟ ନୁହେଁ ବସ୍ତୁ ସ୍ୱତନ୍ତ୍ର।
ଅର୍ଜୁନ-ଅଗ୍ରଜ ! ତବ ଜୀବନ-ପଞ୍ଜିକା
ଅତୀବ ବିଚିତ୍ର, ପ୍ରତିପତ୍ର ଶବ୍ଦେ ତାର
ପ୍ରଦର୍ଶନେ ନ ଅର୍ଣ୍ଣିବ ନର ପରମାୟୁ।
ପ୍ରତିଜ୍ଞା-ପନ୍ନଗୀ ତବ ଉତ୍ଫଣା ସତତ,
ନ କରି ସେ ଅରି ନାଶ ନୁହେ ନତଫଣ,
ହୃଦବସ୍ତୁଷ୍ଣନ୍ତ ତୁମ୍ଭେ ଅଶନିସଙ୍କାଶ,
ହେଉ ବୀର ! ବେର ତବ, ବିଶ୍ୱ-ଭୀଷଣ,
ଯମନେତ୍ର ସୁଦ୍ଧା ଭୟେ ହେବ ନିମୀଳିତ,
କ୍ରୋଧେ ବହ୍ନି ତୁମ୍ଭଠାରୁ ବହୁତ ନିଷ୍ପନ।
କୌରବ-ଗୌରବ ଲିପି-ବିଲୋପ-ବିଧାତା
ହେ ଭୀମ ! କି କହିବି ମୁଁ ବାହୁଲ୍ୟ ବା ଆଉ,
ଏକାଦଶ ଅକ୍ଷୌହିଣୀପତି ଦୁର୍ଯ୍ୟୋଧନ,
ଥିଲେ ତୁମ୍ଭ ରୁଦ୍ର ତେଜେ ସତତ ଶଙ୍କିତ,
ନ ପାରନ୍ତି ନିଦ୍ରା ଯାଇ ସ୍ୱପ୍ନେ ତୁମ୍ଭ ଡରେ,
ରଣସ୍ଥଳେ ବୀର, ତୁମ୍ଭେ ବିପକ୍ଷ ହୃଦୟେ
ଆସନ୍ନ ମୃତ୍ୟୁର ଶଙ୍କା ଆଣ ଅନୁକ୍ଷଣ,
ନାହିଁ ଶୂର ତୁମ୍ଭଙ୍କୁ ଯେ ଜିଣିବ ସମରେ—
ଗଦାଯୁଦ୍ଧେ ମଲ୍ଲଯୁଦ୍ଧେ, ଚଣ୍ଡାୟୁଧୀ ଗଦା
ତବ, କରିଦେଲା ଚୋ କୁରୁ-କୁଳ-ବନେ,
ଅସୁର-ମସ୍ତିଷ୍କ-ମେଦା-ପିପାସୁ ସେ ଗଦା,—
ଶୋଭୁଥିଲା ତୁମ୍ଭ କରେ କାଳଦଣ୍ଡ ପ୍ରାୟ,

ଅଥବା କଲ୍ଲୋଳ ଯଥା ଆଖଣ୍ଡଳ ଭରେ ।
ରକ୍ଷିତ ତେଜସ୍ୱୀଙ୍କି ଧରି ତୁମ୍ଭେ ଯେଣୁ,
ତେଣୁ ଅଛ ରକ୍ଷୋକୁଳ-ଭୀମ-ଧୂମକେତୁ,
ବଧିଣ ତୁମ୍ଭେ ହିଡିମ୍ବ, ବକ, କୀର୍ମୀରାଦି
ଅତ୍ୟୁଗ୍ର ପ୍ରତାପୀ ରକ୍ଷେ, ଉଦ୍ଧାରିଲ ସିନା
ପାତକୀର ଗୁରୁଭାର ବସୁନ୍ଧରା ଶିରୁ ?
କେତେ କଣେ ମହାଜନେ ଦାନିଲ ଅଭୟ
ଅତ୍ୟଦ୍ଭୁତ କାର୍ଯ୍ୟାବଳୀ ଅନୁଧ୍ୟାନେ ତବ
ହୋଇଯାଏଁ ଅବା ମୁହିଁ, ମହାବିସ୍ମୟରେ,
ଥିବେ ଅବା ଲୋକରକ୍ଷୀ କ୍ଷତ୍ରିୟ-ଧରମ,
ରୂପମୂର୍ତ୍ତି ଧରି ଜାତ ଭାରତମଣ୍ଡଳେ,—
ବୀରରହସ୍ୟ, ବୀର-ଗୌରବେ ଗର୍ବିତ ।
ତୁମ୍ଭର ଅପ୍ରତିହତ ଅଚିନ୍ତ୍ୟ ପ୍ରଭାବେ
ଭ୍ରାତୃଚତୁଷ୍ଟୟ ତବ ଜନନୀ ସହିତେ,
ପୁଣି ଥରେ ଦ୍ରୁପଦଜା ଦ୍ରୌପଦୀ ଗହଣେ,
ଯାପିଲେ ନିଃଶଙ୍କେ କାଳ ଅଗମ୍ୟ କାନନେ,
ଶ୍ୱାପଦସଙ୍କୁଳ ଘୋର ବନ୍ୟଗିରି-ବାସ ।
ଧର୍ମରକ୍ଷା ସତ୍ୟରକ୍ଷା ତୁମ୍ଭର ହେ ବୀର,
ଥିଲ ବୀରବିଭୂଷଣ-ସୁବୀର-ବାଞ୍ଛିତ ।
ଯୁଧିଷ୍ଠିରଙ୍କର ତୁମ୍ଭେ ହୋଇ ଅନୁଗତ
ପୁଣି ଆଜ୍ଞାବହ, "ଜ୍ୟେଷ୍ଠଭ୍ରାତା ସମଃ ପିତା"
ଏ ନୀତି ବାକ୍ୟର, ପାର୍ଥ ! ରଖିଲ ଗୌରବ ।
ଇଚ୍ଛିଲେ ବ୍ରହ୍ମାଣ୍ଡେ ପାର କରି ଚୂର୍ଣ୍ଣୀଭୂତ
ଭ୍ରୂଭଙ୍ଗୀ ମାତ୍ରକେ, ମାତ୍ର ତଥାପି ପାବନ !
ଯାପିଲ ବର୍ଷେକ ଖଣ୍ଡେ ଅଜ୍ଞାତ ବାସରେ
ସମ୍ବତ୍ସର କାଳ, ସତ୍ୟ-ଧର୍ମ ରକ୍ଷା ହେତୁ
ସୂପକାର ବେଶେ, ଯଥା ଘନ ଆଚ୍ଛାଦନେ
ପ୍ରଚଣ୍ଡ ମାର୍ତ୍ତଣ୍ଡ ଗୁପ୍ତେ ରହେ ନଭୋଦେଶେ ।
ମହାକ୍ଷତ୍ରୀ ଦୁରାଧର୍ଷ କୀଚକ ବର୍ବର
ପାପମତି, ବିରାଟର ସୁପ୍ରିୟ ଶ୍ୟାଳକ,
ଭୁଞ୍ଜି ତାର ବାହୁବଳେ ରାଜ୍ୟଶ୍ରୀ ବିରାଟ
ସୁଖେ ନିଷ୍କଣ୍ଟକେ, ତେଣୁ ଯେ ସ୍ୱେଚ୍ଛା କୀଚକ
ବିଳସଇ ଅବ୍ୟାହତ କ୍ଷମତା ବିସ୍ତାରି,
ଦେଖି ସେ ସୁନ୍ଦରୀବର ଦ୍ରୁପଦତନୟାର
ମଧୁର-ମାଧୁରୀ, ହୋଇ ଆକୃଷ୍ଟ ତହିଁରେ
ଅନଳେ ପତଙ୍ଗ ପ୍ରାୟ, କଲା କୁତ୍ସିତ ମତ
କୁପ୍ରସ୍ତାବ, ମାତ୍ର ଆଶା ବୃଥା, କଲେ ଅଳି
ବନ୍ଧୁ ଅଳି * ରୂପରାଣୀ କେତକୀ ନିକଟେ
ଦନ୍ତେ ସମ୍ଭାଷଣ ପାଇଁ, କେବେ କି କେତକୀ,
( ଫୁଲକୁଳ-ସତୀ ) ଲୁବ୍ଧ ଫୁଲ-ମଧୁ-ଚୋର
ସେ ଲମ୍ପଟବରେ, ଥରେ ଅପାଙ୍ଗ ନୟନେ ?
ଆଶା ବ୍ୟର୍ଥ କୁତ୍ସିତ ମତ ଦେଖି ଦୁଷ୍ଟମତି,—
କଲା ତାଙ୍କ ଅଙ୍ଗେ ଦୂର ଚରଣ ପ୍ରହାର ।
ଧର୍ମପତ୍ନୀ ଅପମାନ ନ ପାରିଣ ସହି
ବଧିଲ ଗୋପନେ ତୁମ୍ଭେ କୁମତି କୀଚକେ,—
କରିଣ ବହୁତ ଅଛ, ରଖିବ ପତ୍ନୀକୁ
ସଙ୍କଟୁ-ଆପଦୁ ସଦା ପତି, ଏହା ସିନା
ଆର୍ଯ୍ୟ ଧର୍ମଶାସ୍ତ୍ରସିଦ୍ଧ ପତିଧର୍ମ, ବୀର !
ପାଳୁଥିଲ ସେ ଧରମେ ତୁମ୍ଭେ ପ୍ରାଣପଣେ ।

କେ ସରି ତୁମ୍ଭଙ୍କୁ ଭବେ ହେ ବୀରକେଶରି !
ବାହୁ ଯୁଦ୍ଧେ ? ତୁମ୍ଭେ ତହିଁ ଅଜିତ ଜଗତେ,
ଅଭ୍ରଂକଷ ଗିରିବେଷ୍ଟୀ-ଗିରିବ୍ରଜ-ରାଜ
ଜରାସନ୍ଧ, ବହୁ ବାହୁଯୁଦ୍ଧସନ୍ଧିବୁଧ,
କଲା ଯେହୁ ଆକ୍ରମଣ ଅଷ୍ଟାଦଶ ବାର
ଭାରତ ବୈକୁଣ୍ଠଧାମ ମଥୁରା ନଗରୀ
କେଶବ-ପାଳିତ, ସ୍ୱୟଂ ସୁଦର୍ଶନପାଣି,
ଆଶଙ୍କିତ ହୋଇ ଯାର ଦୁର୍ଦ୍ଦଣ୍ଡ ପ୍ରତାପେ
ମଥୁରା ଉପେକ୍ଷି କଲେ ଦ୍ୱାରକାବସତି,
ଅରି-କରି-ହରି ସେହି ମଗଧ-ଭୂପାଳେ
ପରାଜୟି ବାହୁଯୁଦ୍ଧେ, କଲ ତାକୁ ହତ,
ଚିରି ଦେଇ ଫାଳେ ତାର ବିଶାଳ ଶରୀର ।
ମହାଶୌର୍ଯ୍ୟଶାଳୀ କ୍ଷତ୍ରି ଜରାସନ୍ଧ ନୃପ,
ବାହୁବଳେ ପରାଜୟି ବହୁ ନୃପକୁଳେ
ରଖିଥିଲ କାରାଗାରେ ଶିରଶ୍ଛେଦ ଆଶେ,

* ବନ୍ଧୁତା ପ୍ରାର୍ଥନା

ବନ୍ଦୀ ଭୂପାଳ ଜଳାପେ କାଟୁଥିଲେ କାଳ
ତହିଁ ଜୀବନ୍ମୃତ ଭାବେ, ତା ତୀବ୍ରଶାସନେ ।
ନିରେଖି ଭୂଦେବକୁଳ ବିପୁଳ ଲାଞ୍ଛନା
କଲ ତାଙ୍କୁ ମୁକ୍ତ, ହୋଇ ତାଙ୍କ ଦୁଃଖେ ଦୁଃଖୀ,
ନିଜ ଦୁଃଖେ ମହାଜନ ନୁହନ୍ତି ଦୁଃଖିତ,
ଦୁଃଖିତ ସେ ପରଦୁଃଖେ ସଦା, କାନ୍ଦେ ଯେହୁ
ଆତ୍ମଦୁଃଖେ,—ଅଜ୍ଞାନ ସେ ପୁଣି ଅଜ୍ଞାତ ସେ
ମହାଭାବ ଆବିର୍ଭାବୀ ନନ୍ଦନ ମହିମା;
ପକ୍ଷାନ୍ତରେ କାନ୍ଦେ ଯେହୁ ତହୁଁ ପରଦୁଃଖେ,
ତାହାର କାନ୍ଦିବା ଏକା ପ୍ରକୃତ କାନ୍ଦଣା,
ତାହାର ବିନ୍ଦୁଏ ଅଶ୍ରୁ ମୂଲ୍ୟ ସହିତରେ
ଜଗତର ମୂଲ୍ୟ ନୁହେଁ ଭଳେ ତୁଳନୀୟ ।
ସଭ୍ରାତୃକ ଆତତାୟୀ କୌରବ ନାହାର
ଥିଲ ତୁମ୍ଭେ ଯମ ସମ, ଅସୀମମହିମ
ହେ ଭୀମ, ବଦଳ ତେଣୁ ସେ ଦୁର୍ବାଦଳେ
ହୀରାପନ୍ତ ସମ, ଦେଲ ଧୂଳିରେ ମିଶାଇ,
କୁରୁକୁଳ ଦୁଃଶାସନ କୌରବ-ପାଂଶୁଳ,
ଗୁରୁ ଆଗେ ସଭାଭାଗେ କରି ବିବସନା
ଦ୍ରୌପଦୀଙ୍କୁ, ପ୍ରଦାନିଲ ଯେ ଭଣ ପାଣ୍ଡବେ
ଉଣ୍ଡମର୍ଦ୍ଦରୂପେ, କଲ ତାହା ପରିଶୋଧ
ତୁମ୍ଭେ କୁରୁକ୍ଷେତ୍ରରଣେ କଳନ୍ତର ସହ,
ବିଦାରିଣ ବକ୍ଷ ତାର ତୀକ୍ଷ୍ଣ ଦଶନେ
ପିଇଲ ରୁଧିର ଅହୋ, ଯଥା ମହାବଳ
ପଶୁକୁଳ-ମହାକ୍ଷର୍ବି, ଧରିଣ କୁରଙ୍ଗେ
କାମୋଡ଼ି ତା କଣ୍ଠନାଳ ପିଏ ତପ୍ତ ଲହୁ
ଢକ ଢକ କରି, ସ୍ୱୀୟ ଉଦର ପୂରାଇ ।
ବୀଭତ୍ସ ରସିକବର ଦୁଷ୍ଟ ଦୁର୍ଯ୍ୟୋଧନ
ଜଘନ୍ୟ ଆଗୁରୀ ପାପୀ, ଦେଖାଇ ଜଘନ
ପାଞ୍ଚାଳଜେମାଙ୍କୁ, କଲ ତୀବ୍ର ଉପହାସ,
ସେକାଳେ ସେ ଅପମାନ ବିରୁଣ୍ଡୀପର୍ବତେ
ବାନ୍ଧିଲ ସହସ୍ର ଶୃଙ୍ଗେ ତବ ମର୍ମସ୍ଥଳେ,
ଉତ୍ତେଜିଲ ବାର ବାର ପ୍ରତିଶୋଧ ତାତ
ବୀର ! ତୁମ୍ଭ ବୀର-ହୃଦେ, କିନ୍ତୁ ହେ କୌନ୍ତେୟ
ବଢ଼ ଯେଣୁ ତୁମ୍ଭେ ସଦା ଜ୍ୟେଷ୍ଠ-ଆଜ୍ଞା ପାଶେ
ତେଣୁ ସଂଲୁକ୍ଷିଲ ଅତି କଷ୍ଟେ ତାହା ବେଗେ,
ସ୍ୱପତ୍ନୀ-ଲାଞ୍ଛନା ଦୃଷ୍ଟେ ବନ୍ଦିପଞ୍ଚ ଯଥା ।
କଲ ଦୁର୍ବାର ପ୍ରତିଜ୍ଞା ନିବାର ଉଗାରି,
ଭଗ୍ନ ଜଙ୍ଘ ଦୁର୍ଯ୍ୟୋଧନେ ବଧିବାକୁ ରଣେ ।
ଯଥାକାଳେ କୁରୁକ୍ଷେତ୍ରେ ଘଟନ୍ତେ ସମର,
ଜନଶତ ଧାର୍ତ୍ତରାଷ୍ଟ୍ରେ ବଧି ତୁମ୍ଭେ ହେଲେ,
ରତ ହେଲ ଗଦାଯୁଦ୍ଧେ କୁରୁନାଥ ସହ
ଦ୍ୱୈପାୟନ-ହ୍ରଦ ତୀରେ, ଲାଗିଲା ସଘନେ
ଦୋନି ବୀରଙ୍କର ତହିଁ ତୁମୁଳ ସମର ।
ଘୂରିଲା ଦୋନିଙ୍କ ଗଦା ସନସନ ସ୍ୱନେ
ଶ୍ୱସନ ନିଃସ୍ୱନୁ ବଳ, ଅଙ୍କିଲ ଆକାଶ—
ଅଙ୍କେ ଅସଂଖ୍ୟ ପରିଧିରେଖା, କ୍ଷଣସ୍ଥାୟୀ,
କ୍ଷଣସ୍ଥାୟୀ ଯଥା ନର-ହୃଦୟ-ଆକାଶେ
ଉଦିତ ଅମିତ ନବ ନବ ଆଶା-ରେଖା,
ଉଦୟ ଅବ୍ୟବହିତେ ଅସ୍ତ ତା ନିଦାନ ।
ସେ ଭୈରବ ଗଦାସ୍ୱନେ ମିଶିଣ ଆବର
ଦୁର୍ନିବାର ରୋଷ ହିଂସା ବୀରଦ୍ୱୟ-ମିଶ୍ରିତ
ପ୍ରଖର ଉଷ୍ଣ ପ୍ରଶ୍ୱାସ, ଦୋନି ବୀରଙ୍କର,
ହେଲା ସ୍ଥୂଳ ଅର୍ଣ୍ଣବ, ଯଥା ବାରିନିଧି
ପୂର୍ଣ୍ଣିମା ନିଶୀଥେ ଗର୍ଜେ ଭୀମ ରୁଦ୍ର ନାଦେ,
ଦୋନି ବୀର ତୁମ୍ଭେ ଘେରି ବୁଲିଲ ସେକାଳେ
କେବେ ବାମାବର୍ତ୍ତେ କେବେ ଦକ୍ଷିଣାବର୍ତ୍ତରେ
ରଙ୍ଗଭୂମେ, ପ୍ରଦର୍ଶିଲ ରଣପେଞ୍ଚ ନାନା,
ସଗର୍ବ ଠାଣିରେ ଚାହିଁ ପରସ୍ପର ପ୍ରତି ।
ପୁଣି ଛାଡ଼ି ହୁହୁଙ୍କାର ନାଦ ଘନ ଘନ,
କେବେ ଅବା ବୀରକେଶ ମୋଡ଼ି ସବ୍ୟକରେ,
ରତ ସଦା ପରସ୍ପର ଛିଦ୍ର ଅନ୍ୱେଷଣେ ।
ଗଦାରେ ଗଦାରେ ଯୁଦ୍ଧ ହେଲା କିଛିକ୍ଷଣ,
ବାଜିଣ ଗଦାରେ ଗଦା-ବକ୍ରେ ବକ୍ରପ୍ରାନ୍ତ
ଛୁଟିଲା ଅଗ୍ନିକଣା, ଛୁଟଇ ଯଥା

କର୍ମବୀର କର୍ମଶାଳେ ହାତୁଡ଼ି ଆଘାତେ
ପ୍ରଜ୍ୱଳିତ ଆୟସ ପିଣ୍ଡୁ ସ୍ଫୁଲିଙ୍ଗ ଆବଳୀ ।
ଉଚ୍ଛୁଳଇ ହିମାଳୟ-ମେଘାସନ ତଳେ
ମତ୍ତ-ମତଙ୍ଗଜପୁଗ ପୁଙ୍ଗବ ଯେସନ
ଆସ୍ଫାଳି ଭୀଷଣ ଶୁଣ୍ଡ, ଭୀମ ଦନ୍ତାଘାତେ,
ତେସନ ଯୁଝିଲ ତୁମ୍ଭେ ବେନି ଗଦାଧର
କତବେଳଯାଏ, ଶେଷେ ତୁମ୍ଭ ଗଦାଘାତେ,
ଭଗ୍ନଊରୁ-କୁରୁନାଥ ପଡ଼ିଲା ମହୀରେ ।
   ଏତେ ଦିନେ ଫଳିଲା ତା ପୂର୍ବ ରୋପିତ
ସତୀପ୍ରତି ଉପହାସରୂପୀ କର୍ମ-ଗଛେ
ବିକଟ ବିଷମ ଫଳ, ଆନ ତରୁ ପ୍ରାୟ
ଯଥାକାଳେ କର୍ମ-ତରୁ ଧରେ ସୁକ୍କା ଫଳ ।
ଅଲକ୍ଷ୍ୟେ ବଢ଼ି ସେ ତରୁ ଅଲକ୍ଷ୍ୟ ପ୍ରଦେଶେ,
ଧରେ ଅଲକ୍ଷ୍ୟରେ ଫଳ, ଅଲକ୍ଷ୍ୟରେ ପୁଣି
ହୁଏ ରୋପକ ସମ୍ଭୋଗ୍ୟ ଦାରୁଣ ସେ ଫଳ ।
ଅନଶ୍ୱର ସେ ପାଦପ, ବିନାଶ ତାହାର
ସାଧନେ ସକ୍ଷମ କେହୁ ନୁହେଁ କାଳେ, ବଳେ,
କି ସୁର ନରଗଣ୍ୟ, ଛାର ନର ମାନବର !
ନ ପାରେ ବିଶ୍ୱସ୍ରଷ୍ଟି ଅହୋ ! ସେ ପାଦପେ ଛେଦେ
ସନାତନ ସର୍ବାଶନ କାଳ ହୁତାଶନ;
ପ୍ରତ୍ୟୁତ ବର୍ତ୍ତେ ତାର ସଦା ଅନୁକୂଳ ।
   ତ୍ରିଜଗତ ବୀର ମଧ୍ୟେ ତୁମ୍ଭେ ବୀରମଣି !
ମଣୁଥିଲ ଆପଣାକୁ ସଦା ବଡ଼ ବୋଲି,
ମିଶିଣ ଦୈବାତ ଯଥା କଣିକାଏ ବିଷ
ସରଃ ସମ ସୁଧା-କୁଣ୍ଡେ, କରେ ବିଷମୟ
ତାକୁ, ତଥା ହେ ପାବନ ! ବିବିଧ ସଦ୍‌ଗୁଣେ
ତବ, ମିଶି ଆତ୍ମଶ୍ଳାଘା, କଲା ପଣ୍ଡ ସବୁ;
ସେହି ଆତ୍ମଶ୍ଳାଘା, ହେଲା ପରିଣାମେ ଅହୋ !
ସ୍ୱର୍ଗପଥର ବିରୋଧୀ, ଅଟେ ଘୃଣ୍ୟ ବଡ଼
ଦର୍ପସୂଚୀ ଆତ୍ମଶ୍ଳାଘା, ସାମ୍ୟ ଐକ୍ୟ ଦ୍ରୋହୀ,
ତେଣୁ ବାସୁଦେବ ପାର୍ଥେ ଉପଦେଶ ଛଳେ
କହିଥିଲେ ଜୟଦ୍ରଥ ନିଧନ ସମୟେ,
"ଜୀବନ୍ତ ମରଣ ସମ ନିଶ୍ଚେ ଆତ୍ମଶ୍ଳାଘା ।"
   ବୃକୋଦର ! ଶୁଭକର୍ମ-ଉଦ୍ୟାନେ ଭବେ
ବିରଚି ହେ ବୀର, ତୁମ୍ଭେ ତୁଙ୍ଗ-କୀର୍ତ୍ତି-ମଠ,
ଏକମାତ୍ର ତୁଚ୍ଛ ଆତ୍ମବଡ଼ିମା ସକାଶୁଁ
ଲଭିଥିଲ ମନସ୍ତାପ ଅନ୍ତମେ ଅପାର ।
ସେହି ପାପଫଳେ ତୁମ୍ଭେ ନ ପାରିଲ ଯାଇ
ସ୍ୱର୍ଗେ, ସଶରୀରେ, ତହୁଁ ମରି ମର୍ତ୍ତ୍ୟଲୋକେ,
ପ୍ରେତରୂପ ଧରି କଲ ତ୍ରିଦିବେ ପ୍ରୟାଣ ।

# ଚତୁର୍ଥ ସର୍ଗ

## ଅର୍ଜୁନ

ଯେ ଅଦ୍ଭୁତ ବିଦ୍ୟାବଳେ ତୁମ୍ଭେ ଧନଞ୍ଜୟ !
ଉତ୍ତର ଗୋଗୃହରଣେ ଦୂରବର୍ତ୍ତୀ ଦ୍ରୋଣେ
ନମସ୍କାର ନିବେଦିଲ ଭକ୍ତି ସମ୍ଭାଷଣ,
ଦିଅ ସେହି ବିଦ୍ୟା ମୋତେ, ସେ ବିଦ୍ୟା ପ୍ରଭାବେ
ପ୍ରଣମି ମୁଁ ତବ ପଦେ ଗାଇବି ବନ୍ଦନା,
ସୁବୈଷ୍ଣବ ହେତୁ ତୁମ୍ଭେ ନମସ୍ୟ, ସଂସ୍ତୁତ ।
"ବିଷ୍ଣୁ ବୈଷ୍ଣବରେ ନାହିଁ କିଛିହିଁ ପ୍ରଭେଦ"
ଏହା ଶାସ୍ତ୍ର ବାକ୍ୟ, ତେଣୁ ବାନ୍ଧିଛି ଭରସା,
ପାର୍ଥିବେ ବୈଷ୍ଣବ ଗୁଣ ପୂତ ହେବ ମୋର
ବୀଭତ୍ସ-ଶାନ୍ତରସ-ଆସ୍ୱାଦୀ ରସନା ।
ବିଜୟ ! ଦୁର୍ଲ୍ଲଭ ସିନା ନିଖିଳ ସଦ୍‌ଗୁଣ
ଏକାଧାରେ ବସୁଧାରେ, କିନ୍ତୁ ହେ ଫାଲ୍‌ଗୁନି !
ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ତୁମ୍ଭେ ଥିଲ ଏ କଥାର,
ହୁଅନ୍ତେ ଶୁଭାବତୀର୍ଣ୍ଣ ତୁମ୍ଭେ ଭୂମଣ୍ଡଳେ
ନର-ନାରାୟଣରୂପେ, ଆଶ୍ରିଲେ ଆସିଣ
ଦଳେ ଦଳେ ତୁମ୍ଭ ତନୁ ସର୍ବ ଶୁଭଗୁଣେ,
ଘେନନ୍ତି ଆଶ୍ରୟ ଯଥା ମହୀରୁହମୂଳେ
ପଥଶ୍ରାନ୍ତ ନିଦାଘାର୍ତ୍ତ ପଥିକମଣ୍ଡଳୀ ।
କିମ୍ବା ଯଥା ସ୍ରୋତସ୍ୱିନୀ ପାରାବାର ପଦେ
ଆଶ୍ରା ଘେନେ ଦଳେ ଦଳେ ମହଦାଶ୍ରା ମଣି ।
ଅବା ଯଥା ଶଶି-ଶୁକ୍ଳ ଗୃହହଂସଦଳ
ଚାହିଁ ଥାନ୍ତି ଇତସ୍ତତଃ ଅଜ୍ଞାତ ପ୍ରଦେଶେ,
ମାତ୍ର ଭେଟେ ଶରଦର ଶୁଭ ସମାଗମେ
ଆସନ୍ତି ଚିଲିକା-ବକ୍ଷ,—ବିଶାଳ, ଉଦାର ।
ପାର୍ଥ ! ତୁମ୍ଭ ଯୋଗେ ସିନା ହେଲ ପ୍ରଚାରିତ
ମୁକ୍ତିତତ୍ତ୍ୱ-ସୁଧାଗର୍ଭ ଭଗବଦ୍‌ଗୀତା,—
ଅବିଦ୍ୟା-ତମିସ୍ରାମୟ ଏହି ମର୍ତ୍ତ୍ୟପୁରେ ।
କୁରୁକ୍ଷେତ୍ର ମହାହବେ କର୍ମ ପରିହରି
ବସିଲ ଯେ କାଳେ ତୁମ୍ଭେ ମୋହ ଆଚ୍ଛାଦନେ
ରଥେ, ସେକାଳେ ତୁମ୍ଭକୁ ଦେଲେ କୃଷ୍ଣ ବନ୍ଧୁ
ଜ୍ଞାନଗୂଢ଼-ଉପଦେଶ, ପ୍ରବର୍ତ୍ତାଇବାକୁ
କାଳୋଚିତ କର୍ମେ, ତହୁଁ ଉତ୍ପତ୍ତି ଗୀତାର ।
ପ୍ରକୃତି ପୁରୁଷ ବେନି ମିଳନରେ ଯଥା
ସୃଷ୍ଟିର ଉତ୍ପତ୍ତି, ତଥା ଜ୍ଞାନ କର୍ମ ବେନି
ଶୁଭ ସମ୍ମିଳନ, ହୁଏ ମୋକ୍ଷର କାରଣ;
ଲଭି ଏହି ଉପଦେଶ ତୁମ୍ଭେ କର୍ମବୀର !
ଗୁନ୍ଥିଲ କର୍ମବିମୁଖ ଜୀବନକୁ ପୁଣି
କର୍ମ-ସୂତ୍ରେ, ତୁଟିଗଲ ମୋହ କୁଜ୍ଝଟିକା ।
ରଥଧ୍ୱଜ ! ତବ ଯେଉଁ ଯଶଃ ପୁଷ୍ପ-ମଧୁ
ହୋଇଅଛି ସୁରକ୍ଷିତ ସୁଦୂର ଅତୀତୁଁ
ଶ୍ରୀମହାଭାରତରୂପୀ ମଧୁଚକ୍ରେ, କରି
ପାନ ତାହା, ମେଣ୍ଟାଉଛି ପ୍ରାଣର ପିପାସା
ତବ ମାତୃଭୂମି ଏହି ଆର୍ଯ୍ୟଧାତ୍ରୀ ମହୀ,
ଯେତେ ପିଇଲେହେଁ ତାହା ନ ଉଣେ ଅଳ୍ପତ,
ବରଂ ଉତ୍ତରୋତ୍ତର ବଢ଼ଇ ପିପାସା ।
ଐକାନ୍ତିକ ଭକ୍ତିପ୍ରୀତି ନିଗୂଢ଼ ବନ୍ଧନେ
ବାନ୍ଧିଥିଲ ଜିଷ୍ଣୁ ! ତୁମ୍ଭେ ହୃଷୀକେଶଙ୍କ ହୃଦେ,
ତହୁଁ ପ୍ରଭୁ ଭାବଗ୍ରାହୀ ଭକତବତ୍ସଳ,
ମିଶାଇଣ ଥିଲେ ତବ ହୃଦୟେ ହୃଦୟ,
ଥିଲ ନାହିଁ ବେନି କୃଷ୍ଣେ ତିଳେହେଁ ପ୍ରଭେଦ
ଏକପ୍ରାଣତାରେ, ଆହା କି ଯୋଗ୍ୟ ସଂଯୋଗ !
ଆକୃତିରେ ଭିନ୍ନ ମାତ୍ର ମନପ୍ରାଣେ ଏକ,
ଯଥା ଏକସୂତ୍ରେ ଗୁନ୍ଥା ଦୁଇ ମହାମଣି,
କିମ୍ବା ବିକଶିତ ଆହା ଏକଇ ମୃଣାଳେ
ଅପୂର୍ବ ମାଧୁରୀମୟ ଯୁଗ୍ମ ଶତଦଳ ।
ଧନ୍ୟ ତୁମ୍ଭେ ଧନୁର୍ଦ୍ଧର, ଶସ୍ତ୍ରେ, ଶାସ୍ତ୍ରେ ପୁଣି.

ସକଳ ବିଦ୍ୟାରେ, ଥିଲ ମହାବିଦ୍ୟା ଯେତେ
ଧନୁର୍ବେଦ ଗନ୍ଥାଗରେ, ଆବର ଭାରତୀ—
ଗୋଚରେ, ସେ ସବ ଆଣି ଧନୁର୍ବେଦ ଦେବ,
ପୁଣି ବାଣୀ–ପ୍ରକାଶିନୀ ଚାରୁରଣୀ ବାଣୀ,
ସନ୍ତୋଷେ ସମର୍ପିଥିଲେ ତୁମ୍ଭଙ୍କୁ କଣ୍ଟି !

ବହୁସ୍ଥାନୁ ବହୁ ବିଦ୍ୟା ସଂଗ୍ରହିଲୁ ଯାହା
ବହୁ ଶ୍ରମେ, ବୀରବର ! ସେ ମହାସଂଗ୍ରହ
ନୁହେ ତୁମ୍ଭ ପାଇଁ ଏକା, ନିଜପାଇଁ ସିନା
ସଂଗ୍ରହେ ମଧୁପ ମଧୁ, ମାତ୍ର କି କେବଳ
ମଧୁମକ୍ଷିର ସଂଗ୍ରହ ଏକା ତାହା ପାଇଁ ?
ଦେଶ ଦେଶାନ୍ତରୁ ଆସି ରାଜପୁତ୍ର କେତେ
ଶିଖିଲେ ସେ ମହାବିଦ୍ୟା ତୁମ୍ଭର ସକାଶୁଁ,
ଶିଷ୍ୟ ଉପଶିଷ୍ୟ ତବ ପୂରିଲ ଧରଣୀ ।

ଜ୍ୟେଷ୍ଠ ଉଦାଜ୍ଞାନୁସାରୀ ହେ ବୀର ଅର୍ଜୁନ !
ପାଣ୍ଡବ ଭରସା–ତରୀ ବଙ୍କ କର୍ଣ୍ଣଧାର,
ଇନ୍ଦ୍ରଅଂଶୁ ଜନ୍ମ ତବ, କି ଦେବ ଅଧିକ
ଶୌର୍ଯ୍ୟ-ପରିଚୟ, ସବ ଧରଣୀର ବୀରେ
ଠିଆହେଲେ ଏକଯୋଟେ ତୁମ୍ଭ ବିରୁଦ୍ଧରେ,
ନ ପାରିବେ ଲଙ୍ଘି ତବ କନିଷ୍ଠା ଅଙ୍ଗୁଳି ।

ମହାବାହୁ ! ଶାସି ତୁମ୍ଭେ ସ୍ୱୀୟ ବାହୁବଳେ
ଧରଣୀ ରାଜନ୍ୟବୃନ୍ଦେ, ବସାଇଲ ନେଇ
ରାଜଲକ୍ଷ୍ମୀ ଯୁଧିଷ୍ଠିର ସ୍କନ୍ଧେ, ତାଙ୍କହାତ
ପୁଣି କରାଇଲ ଅଶ୍ୱମେଧ; ରାଜସୂୟ—
ମହାକର୍ତ୍ତୁ; ମହାପୁଣ୍ୟ—ଚତୁର୍ବର୍ଗପ୍ରସୂ ।

ଯାଜ୍ଞସେନୀ ସ୍ୱୟମ୍ବରେ ପଞ୍ଚାଳ ନଗରେ
ଅବହେଳେ ଭେଦି ଲକ୍ଷ୍ୟ, ଲକ୍ଷସଂଖ୍ୟସେନ—
ଲକ୍ଷ ନରବର ମଧ୍ୟେ ଲଭିଲ ଦ୍ରୌପଦୀ,
ମହିଳାମୁକୁଟ ଏରୀ ତାରି ଧନ୍ୟତଳେ ।

କୃଷ୍ଣ ରାଜଗଣ ସହ ଘଟନ୍ତେ ସମର
ତହିଁ, ନିବାରିଲ ସର୍ବେ ଭ୍ରୁଭଙ୍ଗୀ ମାତ୍ରକେ;
ବାରିଧି ତରଙ୍ଗେ ଯଥା ନିବାରଇ ବେଳା ।

ଫାଲ୍‌ଗୁନ ! ଚରିତ ଚିତ୍ର ଅଙ୍କିଲେ ତୁମ୍ଭର,
ହୃଦୟ-ଗୃହର ଚିତ୍ର-ଭିତ୍ତି ଚିତ୍ରପଟେ,
କେ ନୁହେ ବିସ୍ମିତ କିମ୍ବା ବିମୁଗ୍ଧ ମାନସ ?
ଏକଦା ବ୍ରାହ୍ମଣ ଏକ ଆସି ତୁମ୍ଭ ପାଶେ
ନିବେଦିଲା ସକରୁଣେ,—"ଭାରତ ! ହେରାଇ
ଦସ୍ୟୁଏ ଗୋଧନ ମୋର ସକଳ, ଗଲେକି
ପଳାଇ ଦୂରେ, ସଂହାରି ସେ ଦୁର୍ଜନଦଳେ,
କରିଦିଅ ମୁକ୍ତ, ବୀର, ଗୋଧନ ମୋହର !"
ଦୀନଦ୍ୱିଜ କାକୁବାଣୀ ଶୁଣି ତୁମ୍ଭେ ତହୁଁ,
ଗଲ ଅସ୍ତ୍ରାଗାରେ ଶରେ ଅସ୍ତ୍ର ଆନୟନେ,
ସେକାଳେ ଦ୍ରୌପଦୀ ସହ ପାଣ୍ଡବସମ୍ରାଟ
ଥିଲେ ଅସ୍ତ୍ରଗୃହେ, ଗଲେ ସେକାଳେ ସେଠାକୁ
କରିବାକୁ ହେବ ଭୋଗ ବନବାସ-କ୍ଲେଶ
ପୂର୍ବ ନିବନ୍ଧାନୁସାରେ; ଜାଣି ସୁଦ୍ଧା ଏହା,
ନ କରିଣ ଭାବି ସ୍ୱୀୟ ବିଷମ ବିପଦେ
ବ୍ରାହ୍ମଣ ଗୋଧନ ଗୋଷ୍ଠ ଦେଲ ମୁକୁଳାଇ ।
ହୀରୁ ପ୍ରାଣରଙ୍କ ଯେହୁ, ଆତ୍ମଜ୍ଞାନହୀନ,
ରମଣୀ ପଣନ୍ତ ଯାର ବିପଦସମ୍ବଳ—
ସେହିଁ ହୁଏ ସିନା ସେହୁ ଭୟେ ଆତ୍ମହରା;
ମାତ୍ର କି କାତର ହୁଏ ଅନିବାର୍ଯ୍ୟ ଭୟେ
ଧର୍ମବୀର କର୍ମବୀର ଦୟାବୀର କେବେ ?
ବରଂ ଉହାରେ ତାକୁ ମହାଭୟେ ଭୟ ।

ସବ୍ୟସାଚ ! ଯେବେ ହସ୍ତେ ଶିକ୍ଷା ତବ ସମ,
ଫିଙ୍ଗିଲେ ଆକାଶେ କ୍ଷେପ୍ତ୍ର, ନ ପାରି ସେ ଭଳି
ଆକାଶର ସୀମା ଯଥା, ଫେରେ ପୂର୍ବସ୍ଥାନେ;
ତଥା ହେ ଶତ୍ରୁକେଶ ! ତୁମ୍ଭ ଶୂରତ୍ୱ ମହିମା
ନ ପାରିଣ କଲା କ୍ଷୁଦ୍ର ମାନବ କଳ୍ପନା,
ଫେରି ଆସେ ବୁଲିବୁଲି ମହାଶୂନ୍ୟ ଦେଶେ ।
ଯେ ବିକ୍ରମ ପ୍ରଦର୍ଶିଲ ସୁଭଦ୍ରା ହରଣେ
ଅନିର୍ବଚନୀୟ ତାହା; ଆଜିମି ସେ କାଳେ
ବହୁ ଯଦୁ ଅନୀକିନୀ ତୁମ୍ଭଙ୍କୁ ହୀଷଣେ,
ନ ପାରିଲେ ପରିଭବ; ତୁମ୍ଭେ ଏକେଶ୍ୱର

ହେଲ ସେ ବିରାଟ ବ୍ୟୂହ ଛନ୍ନଭଙ୍ଗ ଦଶ;
ଯେତେବେ ଭୀମ ଘୂର୍ଣ୍ଣିବାତ୍ୟା ସାଗର କଲ୍ଲୋଳେ
ଆନ୍ଦୋଳି ତରଣ୍ଡେ ହେଲେ ଦଳେ ଦେଲ ତୁମେ ।
ଖାଣ୍ଡବ ଦହନ ଅର୍ଥେ ହେ ମଧ୍ୟପାଣ୍ଡବ !
ଅର୍ପିଲେ ତୁମ୍ଭଙ୍କୁ ଅଗ୍ନି ଗାଣ୍ଡୀବ ଧନୁକ,
(ଶ୍ରବଣ ମାତ୍ରକେ ଯାର ବିକଟ ଟଙ୍କାର
ଛୁଟିଯାଏ ଅଧେ ଶକ୍ତି ଅରାତି ଶରୀରୁ )
ଅକ୍ଷୟ ଯୁଗଳ ତୂଣ (ପୂର୍ଣ୍ଣ ସଦା ସେହୁ—
ସୃଷ୍ଟିନାଶୀ କ୍ଷୁରଧାର ମହାଶରଚୟେ)
ଆଉର ସ୍ୟନ୍ଦନବର କପିଧ୍ୱଜ ରଥ ।
ସେ ସକଳ ସହାୟରେ ତୁମ୍ଭେ ମହେଷ୍ୱାସ !
ଦହିଣ ଖାଣ୍ଡବ ବନ, ଆଖଣ୍ଡଳପ୍ରିୟ;
ମୁକ୍ତ କଲ ଅଗ୍ନିଦେବେ ଅଗ୍ନିମାନ୍ଦ୍ୟ ରୋଗୁଁ ।
ବିପଦେ ଲୋଡନ୍ତି ନରେ ଦେବତା ଆଶ୍ରୟ,
ମାତ୍ର କି ଆଶ୍ଚର୍ଯ୍ୟ ! ଦେବେ ବିପଦ କାଳରେ
ଲୋଡ଼ୁଥିଲେ ମହାବାହୁ ! ବାହୁଚ୍ଛାୟା ତବ !
ବିଷମ ସମସ୍ୟାପୂର୍ଣ୍ଣ ତୁମ୍ଭର ଜୀବନୀ ।
ଘଟନ୍ତେ ସମର ତହିଁ ସୁନାସୀର ସହ,
ଜିଣିଲ ତାହାଙ୍କୁ ତୁମ୍ଭେ ଭ୍ରୂଭଙ୍ଗୀ ମାତ୍ରକେ;
ଲଭି ସୁଦ୍ଧା ସହସ୍ରାକ୍ଷ ମହାପରାଜୟ,
ତନୟ ! ତୁମ୍ଭର ପାଶୁଁ, ନ ଘେନିଲେ ମନେ
ଅପମାନ କିଛି, ହୁଏ ସିନା କ୍ଲେଶକର
ଆନଠାରୁ ପରାଜୟ, ମାତ୍ର ପୁତ୍ର କିବା
ପୁତ୍ରତୁଲ୍ୟ ଶିଷ୍ୟଠାରୁ ଯେଉଁ ପରାଜୟ,
( ବୁଦ୍ଧିରେ ବିଦ୍ୟାରେ କିମ୍ବା ଜ୍ଞାନରେ ବଳରେ)
ନୁହେଁ ତାହା ମାନଖର୍ବକାରୀ, ବରଞ୍ଚ ସେ
ବିପୁଳ ସମ୍ମାନ ପୁଣି ଆନନ୍ଦବର୍ଦ୍ଧକ ।
ଧନଞ୍ଜୟ ! ଶତ୍ରୁଞ୍ଜୟ ତୁମ୍ଭେ, ତୁମ୍ଭ କତ
କେତେ କ୍ଷଣ ଈର୍ଷାନ୍ୱିତ ବା ଦର୍ପୀ ଦୁର୍ଯ୍ୟୋଧନ ?
କେତେ କ୍ଷଣ ଅଗ୍ନି ପାଶେ ତିଷ୍ଠେ କି ସଲଭ,
କେତେ କ୍ଷଣ ତୁମ୍ଭଠାରେ ଧାରଣେ ଧଇର
ଅକୌରବା ଆଖ୍ୟା ? କିନ୍ତୁ ଯୁଧିଷ୍ଠିର ହେତୁ
ନ ଦେଖାଇ ନିଜ ରୂପ ତୁମ୍ଭେ କିଛିକାଳ
ପଛକୁ ଘୁଞ୍ଚାଇଦେଇ କୌରବ ମରଣ ।
ହରାଇ କୁରୁପାଂଶୁଳ କପଟ-ଦେବନେ
ଧର୍ମପ୍ରାଣ ଧର୍ମରାଜେ, ପେଷିଲ ସସ୍ତ୍ରୀକ
ପୁଣି ସଭ୍ରାତ୍ର କାନନେ, ରାଜ୍ୟଲଭ ଆଶେ,
ସହନ୍ତା କି କେଉଁକାଳେ ଏ ଘୋର ଅନୀତି
ବୀର ! ତବ ବୀର ହିଆ, ନ ପ୍ରଦାନି ତାର
ସମୁଚିତ ସମୁଚ୍ଛିଷ୍ଟ ସଦ୍ୟ ପ୍ରତିଫଳ ?
ରୋଧିଲ ସେ କାଳେ ସିନା ଅଗ୍ରଜ ନିଷେଧ
ଉଦ୍ଧତ କ୍ରୋଧାବେଗ ତବ, ରୋଧେ ଯଥା
ଖରସ୍ରୋତେ ଅଗ୍ରବର୍ତ୍ତୀ ତୁଙ୍ଗ ଶୈଳମାଳା ।
ସୁଭଦ୍ରେଶ ! ତୋଷି ତୁମ୍ଭେ ବାହୁଯୁଦ୍ଧେ ବନେ
କୈତବ କିରାତରୂପୀ ସୃଷ୍ଟିସଂହାରକ—
ମୃତ୍ୟୁଞ୍ଜୟେ, ପ୍ରାପ୍ତ ହେଲ ଅସ୍ତ୍ର ପାଶୁପତ
ଆଶୁତୋଷ, ବିଷଗ୍ରାସୀ, ପ୍ରଚ୍ଛନ୍ନେ ଯହିଁରେ
ଅଧିଷ୍ଠିତ ମହାରୁଦ୍ର, ମହାରୁଦ୍ର-ତେଜେ ।
ନିବସି ଅମର ସହ ଅମରାବତୀରେ
ଶିଖିଲ ସମରବିଦ୍ୟା ମାନବ-ଦୁର୍ଲ୍ଲଭ
ମହେନ୍ଦ୍ର ସକାଶୁ, ତହିଁ ପାଞ୍ଚବର୍ଷଯାଏ
ଲଭି ସୁଦ୍ଧା ସହବାସ ବାସବ ତୁମ୍ଭର,
ମଣୁଥିଲେ ତୁମ୍ଭଙ୍କୁ ସେ ନିତୀ ନବାଗତ
ପ୍ରାୟ, ଅହୋ କି ଆଶ୍ଚର୍ଯ୍ୟ ! ମହାଶ୍ଚର୍ଯ୍ୟ ଭବେ
ଅପତ୍ୟ ସ୍ନେହର ମାୟା, ଛାଡ଼ି ନାହିଁ ତାହା
କାହାରିକୁ କେବେ, ଥାଉ ଜଙ୍ଗମର କଥା,
ସ୍ଥାବରେ ଅପତ୍ୟ ସ୍ନେହ ବଶୀଭୂତ ସୁଦ୍ଧା;
ସୃଷ୍ଟିକାଳୁ ଦେଖି ଦେଖି ଶଶାଙ୍କେ ସାଗର,
ତଥାପି ତା ଆଶା ତୃପ୍ତ ହେଉ ନାହିଁ କ୍ଷଣେ,
ଦେଖିଲେ ମାତ୍ରକେ ସେହୁ ଚନ୍ଦ୍ରୋଦୟ ନଭେ
ପ୍ରତିଦିନ, ମହାନନ୍ଦେ ହୋଇ ଅସମ୍ଭାଳ,
ବିଶାଳ ତରଙ୍ଗ-କର କରି ପ୍ରସାରଣ
ଡାକେ ତାକୁ ନାଦଛଳେ ଆଲିଙ୍ଗନ ଆଶେ ।
ନର-ନାରାୟଣ ! ଯଥା ତୁମ୍ଭେ ଶାସ୍ତ୍ରେତା,

ତଥା ଊର୍ଦ୍ଧ୍ୱରେତାଃ, ଥିଲ ନତଶିର ସଦା
ତବ ପାଶେ ଝଷକେତୁ ବୀର ପଞ୍ଚଶର।
ଅନନ୍ତଯୌବନା ରମା ସ୍ୱବେଶ୍ୟା ଉର୍ବଶୀ,
କଲ ଆସି ତବ ପାଶେ କୁତ୍ସିତ ପ୍ରସ୍ତାବ,
ମାତ୍ର ହେ ଅର୍ଜୁନ, ତୁମ୍ଭେ ନୁହନ୍ତେ ସମ୍ମତ
ସେ ପାପ ପ୍ରସ୍ତାବେ, ତହିଁ ଶାପ ଦେଲ ଧନୀ,
ଶାପୁଁ ବଳ ପାପେ ଯେଣୁ କଲ ତୁମ୍ଭେ ଭୟ,
ବରେ ପରିଣତ ହେଲା ତେଣୁ ସେହି ଶାପ।
  ନିବାତ କବଚ ଆଦି ଅଭେଦ୍ୟ କବଚୀ
ଦୈତ୍ୟେ, ଅମର ଅବଧ୍ୟ ମହାବଳଆର,
ବଧି ସେ ଦୁର୍ଜ୍ଜୟଚୟେ ତୁମ୍ଭେ ଧନଞ୍ଜୟ!
ଅର୍ପିଲ ଗୁରୁଦକ୍ଷିଣା ତ୍ରିଦିବସମ୍ରାଟ
ଶଚୀବରେ, ପୂର୍ବେ ଯଥା ସମର୍ପିଲ ବୀର!
ବାନ୍ଧିଆଣି ଯଜ୍ଞସେନେ ଦ୍ରୋଣ ଗୁରୁପଦେ।
ଗିରି-ଗର୍ବ ଖର୍ବକାରୀ ବଜ୍ରଧାରୀ ତହୁଁ,
କଲେ ପୁରସ୍କୃତ ଦେଇ ଅଭେଦ୍ୟ କବଚ,
କୁଣ୍ଡଳ, କିରୀଟ, ହାର ଆଦି ବୀରଭୂଷା;
ଦେବ-ବୈରୀ ନାଶେ ଦିବ ହେଲ ନିଷ୍କଣ୍ଟକ।
ଏହିପରି ଥରେ ବୀର ରଘୁକୁଳ ଚୂଡ଼ା—
ଦଶରଥ, ସଂହାରିଣ ସୁରାରି ସମରେ,
କରିଥିଲେ ନିଷ୍କଣ୍ଟକ ଦେବତାରେ ତ୍ରିଦିବେ।
ନର ହୋଇ ଦେବତ୍ରାଣ ନିବାରଣଠାରୁ
କି ଅଛି ବା ବୀରତ୍ୱର ପରିଚୟ ଆଉ?
ନ ଥିଲ ତୁମ୍ଭର ଦୃଷ୍ଟି ନିଜ ମର୍ଯ୍ୟାଦାରେ,
ଥିଲ ବଂଶମର୍ଯ୍ୟାଦାରେ। ଯାଉଥିଲ ଘେନ
ଯେବେ ଦୁର୍ଯ୍ୟୋଧନ ସହ କୁରୁବାଳାକୁଳେ
ବନ୍ଦୀ କରି ଚିତ୍ରସେନ—ଗନ୍ଧର୍ବରାଜନ,
ତେତେବେଳେ ପାର୍ଥ! ତୁମ୍ଭେ ଲଗିବା ଭୟରେ
କୁଳେ କଳଙ୍କ କାଳୀ, ଜିଣି ଚିତ୍ରସେନେ,
ମୁକ୍ତ କଲ ଦୁର୍ଯ୍ୟୋଧନେ କୁରୁବଧୂ ସହ,
ଓଫେରିଲ କଳଙ୍କ ତୁମ୍ଭ ବଂଶକୁ ନ ଛୁଇଁ
ତୁମ୍ଭ କରେ; ଯୋଗ୍ୟ ଶିକ୍ଷା ଦେଲ ଦୁର୍ଯ୍ୟୋଧନେ।

ଏତେ ବଡ଼ ବୀର ହୋଇ କପଟ ହେ ଭଲ
ଲୁଚିଲ ଅଜ୍ଞାତେ ତେଜେ, ରହିଲ ବିରାଟେ
ବର୍ଷେ କାଳ? ପ୍ରଚ୍ଛନ୍ନରେ ବୃହନ୍ନଳାରୂପେ!
ବୁଝିଲି ବୁଝିଲି ଏବେ, ସତ୍ୟରକ୍ଷା ହେତୁ
ସହିଲ ଦୁଃସହ ସେତେ ଆତ୍ମସଂଗୋପନେ;
କେବେ କି ହେ ପଶ୍ଚାତ୍ପଦ ହୁଏ ବୀର କିଆ—
ସତ୍ୟ ଧର୍ମ ନ୍ୟାୟ ନୀତି ମର୍ଯ୍ୟାଦା ରକ୍ଷଣେ?
"ହେଲେ ହେଁ ସତ୍ୟପାଳନ ଆପାତ କଠୋର,
କିନ୍ତୁ ତାର ପରିଣାମ ମହା ଶିବପ୍ରଦ",
ବୁଝିନ୍ତି ଏ ନୀତି ଅର୍ଥ ଅକ୍ଷରେ ଅକ୍ଷରେ
ତୁମ୍ଭ ପରି ସତ୍ୟରକ୍ଷୀ କ୍ଷତ୍ରବୀରେ ସିନା।
  କି କୁକ୍ଷଣେ ଆକ୍ରମିଲ ଦୁଷ୍ଟବୁଦ୍ଧି କୁରୁ
ବିରାଟେର ଗୋରୁଯୂଥେ, ନ ଜାଣି ସେ ଦେଶେ
ଅବସ୍ଥିତ, ଭସ୍ମାବୃତ ପ୍ରଚ୍ଛନ୍ନ ଅଗ୍ନିର!
ତୁଟିଲା ଦୁଷ୍ଟର ତହିଁ ଦୁର୍ବାର ଜିଗୀଷା,
ଅବାଧବର୍ଦ୍ଧିତ ପାପ ଲୋଭର ପିପାସା,
ପୁଣି ଘୋର ଦୁରାକାଂକ୍ଷା, ତହୁଁ ପ୍ରତିକୂଳେ
ଫେରିଲେ ଧେନୁଜିହୀର୍ଷା ହେଲ ଶତଚୂର।
ଆଶା ଅନୁଗତା ତାର ନୁହେଁ କେଉଁକାଳେ,
ପ୍ରତ୍ୟୁତ ତା ଅନୁଗତ ସର୍ବେ, ହୁଏ ପ୍ରାୟ
ବହୁସ୍ଥଳେ ଫଳପ୍ରସୂ ସଦାଶା ଜଗତେ,
ନ ଦେଖେ ଦୁରାଶା ମାତ୍ର ସାଫଲ୍ୟର ମୁଖ।
ବିରାଟେ କୌରବ ବ୍ୟୂହ ବାରିଧି ସଙ୍କାଶ
ଅଭେଦ୍ୟ, ଭେଦିଣ ତୁମ୍ଭେ କପିଧ୍ୱଜ ରଥେ,
(ଯେଉଁ ରଥେ ତୁମ୍ଭେ ରଥୀ, ତୁମ୍ଭେ ହିଁ ସାରଥି)
ବିମନ୍ଥି ସେ ସୈନ୍ୟ-ସିନ୍ଧୁ, ମନ୍ଦର ଯେସନ,
ଲଭିଲ ବିଜୟ-ଲକ୍ଷ୍ମୀ, ଧର୍ମ-ମହାମୃତ,
ଯଶ ପାରିଜାତ ପୁଣି ଆନନ୍ଦ ଚନ୍ଦ୍ରମା।
ପରକାର୍ଯ୍ୟେ ଆତ୍ମବଳ କ୍ଷୟ, ନୁହେ ନ୍ୟାୟ,
ବିଚାରି ଏସନ ତୁମ୍ଭେ ନ ମାରି କୌରବେ,
ଛାଡ଼ିଦେଲ ଦୟା ବଶ ବଳହୀନ କରି।
ଧନ୍ୟ ବିବେକ ତୁମ୍ଭର! ବିକ୍ରମ ଯେସନ,

ଶତେକ ଦୋଷର ମଧ୍ୟ ଥିଲା ତୁମ୍ଭଠାରେ;
ଅପାର୍ଥିବ ଭୂଷା ସିନା ବୀରର ଶତେକ,
ନମ୍ରତା ବୀରତ୍ୱର କଳଙ୍କ କେବଳ ।
ଦ୍ୱିତୀୟ ବାସୁକି ତୁମ୍ଭେ ବାସବ-ଆତ୍ମଜ !
ସ୍ୱଜନସ୍ଥ ମହାରଥ ଆମନ୍ତ୍ରଣେ ଯେବେ
ଆସିଲେ ନୃପତିଗଣ ହସ୍ତିନା ଭୁବନେ,
ଅନୁଷ୍ଠିତରେ ଯାଙ୍କ ହେ ବଳପୁଙ୍ଗବ !
ଧରିଥିଲ ଧନୁଦ୍ଧରେ ସସାଗରା ଧରା
ସପ୍ତଦିବାନିଶି କାଳ, ତୁମ୍ଭେ ଅନଶନେ;
ବନ୍ଧୁ ସୁଦ୍ଧା ଏତେ ବଡ଼ ଗୁରୁତର ଭାର
ନ ମଣିଲ କ୍ଳାନ୍ତ, ଧନ୍ୟ ଅଚିନ୍ତ୍ୟ ବିକ୍ରମ !
ଭାରତ ! ଯେ ଶୁଭକ୍ଷଣେ ପ୍ରସବି ଭାରତ
ତୁମ୍ଭକୁ, ଲଭିଲ ଦେବୀ ବୀରମାତା ଖ୍ୟାତି
ଅଖିଳ କ୍ଷିତି-ମଣ୍ଡଳେ, ନାହିଁ ତୁମ୍ଭେ ଏବେ,
ଯାଇଅଛ ଯଥାକାଳେ, ମାତ୍ର ତୁମ୍ଭ ଯୋଗୁଁ
ଯିବ ନାହିଁ କଦାପି ତା' ବୀରମାତା ନାମ,
ପଣ୍ଡିଲେ ହେଁ ଫଳ ବୃନ୍ତ ବୃକ୍ଷୁଁ କାଳକ୍ରମେ,
କହନ୍ତି କି ସେ ଗଛକୁ ଆନ ଗଛ ବୋଲି ?
ବହୁଥିଲା ରକ୍ତରୂପେ ତୁମ୍ଭ ଧମନୀରେ
ଜ୍ୱଳନ୍ତ ଜ୍ୱଳନ ସମ ମହାତେଜୋରାଶି
ଅତ୍ୟନ୍ତ ବେଗରେ ସଦା, ତଥାପି ହେ ବୀର
ଥିଲ ନତଶିର ତୁମ୍ଭେ ଭ୍ରାତୃ ଉପଦେଶେ—
ଜାଙ୍ଗଳିକ ମହାମନ୍ତ୍ରେ ମହାସର୍ପ ଯଥା ।
ଅଦମ୍ୟ ଅଦ୍ଭୁତ ରୁଦ୍ର ତେଜସ୍ୱିତା ତବ,
କରୁଥିଲା ଗତ ଏତା ହେ ନାଗୁଣୀପତି !
ସଦା ବୀର ଧର୍ମଶାସ୍ତ୍ରପ୍ରଦର୍ଶିତ ପଥେ,
ପଳାୟିତ ହେଲେ ଅରି ଭଙ୍ଗ ଦେଇ ରଣେ,
ନ କର ତା ଅଙ୍ଗେ କେବେ ତୁମ୍ଭେ ଅସ୍ତ୍ରାଘାତ;
ଯଥା ଭୀତ କୁରଙ୍ଗମ ପଳାଇଲେ ଦୈବେ
ଖସି ସିଂହ ଆକ୍ରମଣୁ, ନ ଗୋଡ଼ାଏ ଆଉ
କ୍ରୋଧିତ କେଶରୀ ତାକୁ, ଯେଣୁ ପଶୁରାଜ
ସେହୁ, ଯଦି ବଳବନ୍ତ, ତେଣୁ ପଳାୟିତେ
କ୍ଷମେ ଘୃଣାଭରେ ହେଲେ ଇତର ଜାନରେ ।

ନିରୂପିତ ତେର ବର୍ଷ ବନବାସ ପରେ
ମାଗି ପଠାଇଲେ ନିଜ ନ୍ୟାଯ୍ୟ ରାଜ୍ୟଭାଗ
ଦୁର୍ଯ୍ୟୋଧନେ ଯୁଧିଷ୍ଠିର, ମାତ୍ର ସେ ବର୍ବର
ନ ହୋଇ ସମ୍ମତ ତହିଁ, କଲା ଦୃଢ଼ପଣ
ବିନା ଯୁଦ୍ଧେ ନ ଦେବାକୁ ସୂଚ୍ୟଗ୍ର ମେଦିନୀ;
ହେଲା ତହୁଁ ଯୁଦ୍ଧସଜ୍ଜା ବିପୁଳ ଆଟୋପେ
କୁରୁକ୍ଷେତ୍ରେ, ରୁଣ୍ଡ ହେଲେ ଦଳେ ଦଳେ ତହିଁ
ଅଷ୍ଟାଦଶ ଅକ୍ଷୌହିଣୀ ରଣକାମୀ ବୀରେ,
ଧରିଲା ସମରକ୍ଷେତ୍ର ସାଗର ଆକାର,
ସେ ମହାସାଗର ବକ୍ଷେ ସଗର୍ବେ ସନ୍ତରି
ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ରଥୀ ମହାରଥୀ
ତିମି ତିମିଙ୍ଗିଳରୂପେ, ଗିଳିଲେ ଅତଳ
ସୈନ୍ୟ-ମୀନେ, ମାତ୍ର ତୁମ୍ଭେ ସର୍ବଗିଳରୂପେ
ବଧି ସେ ବିପକ୍ଷ ପକ୍ଷ ମହାକ୍ଷତ୍ରିଚୟେ,
ଉଦ୍ଧାରିଲ ପାଣ୍ଡବର ଲୁପ୍ତ ଭାଗ୍ୟ-ଶଶୀ ।
କିବା ସାଧ୍ୟ ଶିଖଣ୍ଡୀର ବଧନ୍ତା ସେ ରଣେ
ମହାମହିତେଜ ଭୀଷ୍ମ,—ମହାରଥୀବରେ ?
ମାତଙ୍ଗେ ପତଙ୍ଗ କମ୍ପା ଖଦ୍ୟୋତେ ଖଦ୍ୟୋତ
ଅବା ତାଳେ ତଳ ସମ ତୁଳନା ଯାହାର
ଭୀଷ୍ମ ସହ । ରହି ତୁମ୍ଭେ ପ୍ରଚ୍ଛନ୍ନେ ତା ପଛେ,
ବିନ୍ଧିଲ ଗାଙ୍ଗେୟ ଅଙ୍ଗେ ପ୍ରତିଲୋମରୂପେ
ତୀକ୍ଷ୍ଣଧାର ଶରଚୟେ, ତହୁଁ ସେ ରଥୀଶ,
ରଥୁଁ ଖସି ପୟୋଦ୍ଭୂମି ସଙ୍କାସ୍ତ ପର୍ଯ୍ୟସ୍ତେ
ଶୋଇଲେ ସୁବୀର ବାଞ୍ଛି ଶରଶଯ୍ୟୋପରି ।
ବୀରେନ୍ଦ୍ରକେଶରୀ କର୍ଣ୍ଣ କୌରବ-ଭରସା,
ମନାସେ ନିଧନ ପାର୍ଥ ! ସତତ ତୁମ୍ଭର,
ତାହାର ଏ ଆଶା-ଯାଗେ ତାହାର ଜୀବନେ
ଅର୍ପି ପୂର୍ଣ୍ଣାହୁତିରୂପେ କୁରୁକ୍ଷେତ୍ର ରଣେ,
ଭାଙ୍ଗିଦେଲ ଦୁର୍ଯ୍ୟୋଧନ ଜାଗ୍ରତ ସ୍ୱପନ
ଯୁଦ୍ଧ ଜଗୀଷାର, ତାର ସୁହୃତ୍ସର୍ବ ସହ ।
ଥିଲା ବୈକର୍ତ୍ତନ ତାର କୁଶିକ୍ଷାର ଗୁରୁ,
କୁମନ୍ତ୍ରଣା-ମନ୍ତ୍ରୀ, ପୁଣି ହରିଲ ପ୍ରାଣ
ତାହାର ସହାୟେ, କିନ୍ତୁ କି କଲା ତାହାର

ଅଭୂରଙ୍କ ଦୁର୍ଯ୍ୟୋଧନ, ଅନ୍ତିମ ସମୟେ
ହେଲ କି ସହାୟ ତାର ? ଯଥା ବନ-ତଳ
ଚନ୍ଦନ,* ସଙ୍ଗୀତ ଗାଇ ସୁରୁ ସୁରୁ ସ୍ୱରେ
ନମୁଏ ବନ ସୁନ୍ଦର ସୁକୁମାର ଫୁଲେ,
ମାନ ମଣ୍ଡଳେ ପୁଷ୍ପ, ତରେ କି ଆଦର
ତାକୁ ? ବରଂ ନିକ୍ଷେପଇ ଘୃଣାଭରେ ଦୂରେ;
ତଥା ଏ ବେଶ୍ୟାର ପିନା କୁରୁନାୟକର ।

ନ ବନ୍ଧ ରାଜମୁକୁଟ ଶିରେ ତୁମ୍ଭେ ବୀର !
ବହିଲ ବୀର ମୁକୁଟ,—ଅତୁଳ ସୁନ୍ଦର,
କାନ୍ତି ତାର ଶଶ୍ୱଦୀପ୍ତ ଔଜ୍ଜ୍ୱଲ୍ୟ ନିକଟେ
ଥିଲା ହୀନପ୍ରଭ ତେତେ ରାଜନ୍ୟ-ମୁକୁଟ ।
ବାହୁବଳେ ବୈରୀ ମାରି ଲଭି ରାଜ୍ୟଧନ
ହେଲ ଅବା କେତେଁ ସୁଖ ତୁମ୍ଭର ଅର୍ଜ୍ଜୁନ !
ପାରି ହୋଇ ଦୁଃଖ-ସିନ୍ଧୁ ବୁଡିଲ ତଟରେ
ମହାଶୋକ-ଅକୂପାର ଅଗାଧ ସଲିଳେ,
ଅହୋ କି ଦାରୁଣ ଦୁଃଖ ! ସ୍ୱଜିତାଙ୍କୁ ଅସି,
ଦହିହେଲ ଉଗ୍ରଶିଖ ଅଗ୍ନିତାପେ ଯିବା
ପୁତ୍ର ପରିବାର ଜ୍ଞାତି ଆତ୍ମୀୟ ନିଧନେ,
ହେଲା ସେ ବିଜୟ-ସୁଖ ତବ ପରିଣତ
ମହାବିଡ଼ମ୍ବନେ, ତୀବ୍ର ବିଷ-ବିମିଶ୍ରିତ
ସେହି ସୁଖାପେକ୍ଷା, ବରଂ ଶ୍ରେୟଃ ଶତଗୁଣେ
ବିଶୁଦ୍ଧ ଦୁଃଖ ସମ୍ଭୋଗ ଗହନ ବିପିନେ ।
ନୁହଇ କି ତିକ୍ତମିଶା ମଧୁରସଠାରୁ
ବହୁଗୁଣେ ରୁଚିକର ଶୁଦ୍ଧ ତିକ୍ତ ରସ ?
ମହାଶୋକ ମହୈଶ୍ୱର୍ଯ୍ୟ ଏ ବେନି ମଧ୍ୟରେ
ନ ପାଇ ମଧ୍ୟମ ଠାବ କୃଷ୍ଣ ତିଷ୍ଠିବାକୁ,
ଇଚ୍ଛିଲ ସ୍ୱ ହାହାମୟ ଜୀବନ ବର୍ଜନେ
ତୁମ୍ଭେ, ତହୁଁ ଭ୍ରାତା ପୁଣି ବନିତା ଗହଣେ
ଯାଇ ହିମାଳୟ-ଶିଖେ ବାନପ୍ରସ୍ଥ ଆଶେ,
ତେଜି ତହିଁ ଯଥାକାଳେ ମର ନର ଦେହ,
ଅମର ରୂପରେ ଗଲ ଅମର ଆଳୟେ ।

# ପଞ୍ଚମ ସର୍ଗ

## ଭୀଷ୍ମ

ଭରତକୁଳର ଦୀପ ହେ ଭୀଷ୍ମ ଗାଙ୍ଗେୟ,
ଧନ୍ୟ ତବ ଅତ୍ୟଦ୍ଭୁତ ପିତୃଭକ୍ତି, ପୁଣି
ଅଲୌକିକ ମହାତ୍ୟାଗ, ଏହି ଦୁଇ ଯୋଗେ
ଅଦ୍ୟାବଧି ଭବେ ତୁମ୍ଭେ ଆଦର୍ଶ, ଜୀବିତ ।
ପିତା ହିଁ ପରମ ଗୁରୁ ପରମ ଦେବତା,
ଯେ ଦେବତା, ସେ ଗୁରୁଙ୍କ ତୁଷ୍ଟି ସାଧେ ଯେହୁ
ଅର୍ପି ତାଙ୍କ ଶ୍ରୀପଦ୍ମରେ ଭକ୍ତି-ପ୍ରୀତି ରୂପ
କୁସୁମ ଅଞ୍ଜଳି, ସେହି ଏକା ଏ ଜଗତେ
ସୁପୁତ୍ର ଆଖ୍ୟାତ । ଲଭେ ପିତୃଭକ୍ତିରୁ ସେ
ଯେ ପୁଣ୍ୟ, ସେ ପୁଣ୍ୟ ନାହିଁ ବ୍ରତେ, ଯଜ୍ଞେ, ଦାନେ,
ତୀର୍ଥାଟନେ କିମ୍ବା ଆନ ପୁଣ୍ୟ ଅନୁଷ୍ଠାନେ;
ପବିତ୍ର ପିତୃଭକ୍ତିରେ ଠୁଳ ଏକାଧାରେ
ଧର୍ମ-ଅର୍ଥ-କାମ-ମୋକ୍ଷ ଚତୁର୍ବର୍ଗ ଫଳ ।
ଜାଣି ତୁମ୍ଭେ ଏହା ଆହେ ସୁରଥୀ ଶାର୍ଦ୍ଦୂଳ !
ପିତୃତୁଷ୍ଟି ଅର୍ଥେ ରାଜ୍ୟ କାମ୍ୟ ପରିହରି—
ନ କରିବା ପାଇଁ ଦାର ପ୍ରତିଜ୍ଞା କଠୋର,
ଆଚରିଲ ମୁଦେ ଚିର-କୌମାର ସୁବ୍ରତ ।
ସମ୍ପଦ, ଗୌରବ, ସୁଖ, ସ୍ୱାର୍ଥ, ଅଧିକାର,
ମାନବ ମାତ୍ରର ଚିର ଅଭୀପ୍‌ସିତ ଏହା,
ଇଚ୍ଛେ କି ସହଜେ କେହି ତେଜିବାକୁ ତାକୁ ?
ମାତ୍ର ଯେଣୁ ମହାତ୍ୟାଗୀ, ତେଣୁ ଏ ସକଳେ
ମଣି ତୃଣ ସମ ତୁମ୍ଭେ, ତେଜିଲ ଅକ୍ଳେଶେ ।
ହୃଦୟ ତୁମ୍ଭର ଅତି ପବିତ୍ର ନିର୍ମଳ,
ଯଥା ତୁମ୍ଭ ଜନନୀ ଜାହ୍ନବୀର ନୀର ।
ମହାବ୍ରତନିଷ୍ଠ ତୁମ୍ଭେ ମହାଯୋଗିବର,
ମହାଯୋଗିବର ଯଥା ଯୋଗେଶ୍ୱର ହର ।
ଅହୋ କି ଅଦ୍ଭୁତ ଭୀଷ୍ମ ତୁମ୍ଭର କରଣୀ !
ହୋଇଥିଲ ଇଚ୍ଛାମୃତ୍ୟୁ ତୁମ୍ଭେ ଯୋଗବଳେ,
ଚରାଚର ସୃଷ୍ଟି ଯେଉଁ ମୃତ୍ୟୁର ଅଧୀନ,
ସେ ମୃତ୍ୟୁକୁ କରି ତୁମ୍ଭେ ହେଲେ ଆତ୍ମବଶ,
ଧନ୍ୟ ବୀର ଅମାନୁଷୀ ସାଧନା ତୁମ୍ଭର ।
କଠୋର ଅବ୍ୟର୍ଥ ଯଥା ତୁମ୍ଭର ସାଧନା
ମହାଜନୋଚିତ, ତଥା ପ୍ରତିଜ୍ଞା ତୁମ୍ଭର,
ତହିଁ ଅଦ୍ୟାବଧି ଲୋକେ ଦୃଷ୍ଟାନ୍ତ ଛଳରେ
ନିର୍ଦ୍ଦେଶନ୍ତି ଦୃଢ଼ତର କର୍ତ୍ତବ୍ୟ ନିଷ୍ଠାକୁ
"ଭୀଷ୍ମ ପ୍ରତିଜ୍ଞା" ବୋଲିଣ, ପ୍ରତିଜ୍ଞା ଭୀଷଣ
ହେତୁ, ହୋଇଥିଲା ପିତା ଭୀଷ୍ମ ତୁମ୍ଭ ନାମ ।
ଦୃଢ଼ହି ପ୍ରତିଜ୍ଞା ପାଶେ ବଦ୍ଧ ହୋଇ ଯେବେ
ସତ୍ୟବତୀ କନ୍ୟା ଆଣି ଅର୍ପିଲ ଜନକେ,
ସେକାଳେ ସେ ଲୋକାତୀତ ପ୍ରତିଜ୍ଞା ସ୍ମରଣେ
ଦେବ ଋଷିଗଣେ, ଆସି ପ୍ରଶଂସିଲେ ବହୁ
ତୁମ୍ଭଙ୍କୁ ସନ୍ତୋଷେ । ଜାଣିଥିଲ ତୁମ୍ଭେ ଭବେ
ଅଦ୍ୱିତୀୟ ମାୟାବିନୀ ସମ୍ମୋହିନୀ ରମଣୀ,—
ମୋକ୍ଷପଥ-ଅବରୋଧିନୀ, ପଡ଼ିଲେ ହାବୁଡ଼େ
ସେହି ଦୁଇ ଭଗିନୀର, ରକ୍ଷା ନାହିଁ ଆଉ,
ବାନ୍ଧନ୍ତି ସେ ମନୋମୃଗେ ନିବିଡ଼ ବନ୍ଧନେ
ଆତ୍ମବଶ ଅର୍ଥେ, ଦଣ୍ଡେ ନ ଛାଡ଼ନ୍ତି କେଣେ ।
କୈବେ ଯେବେ ହୁଏ କେବେ କିଞ୍ଚିତ ଶିଥିଳ
ସେ ଦୁର୍ମୁକ୍ତ ଫାଶ, ତେବେ ନ ହେବଣୁ ମୃଗ
ପଳାୟନେଚ୍ଛୁକ, ଧାଇଁ ଆସି ସେ ବେନିଏ
ଦିଅନ୍ତି ପୁନଶ୍ଚ କଷି ସେ ଶିଥିଳ ଫାଶେ ।
କୌରବ-ଗୌରବ-ତରୀ-କର୍ଣ୍ଣଧାର
ହେ ଗାଙ୍ଗେୟ, ଅଟ ତୁମ୍ଭେ ଶାପଭ୍ରଷ୍ଟ ଦେବ
ଜାତସ୍ମର, ସ୍ତ୍ରୀସମ୍ମତି ସାଧିଥିଲେ ପତି
ଘୋର ଅଧୋଗତି ତବ, ତହିଁ ତୁମ୍ଭେ ବୀର
ଜନ୍ମିଲ ମାନବକୁଳେ ଦେବତ୍ୱ ହରାଇ,

ଚାହିଁଥିଲ ତୁମ୍ଭେ ନାରୀ ସମ୍ପର୍କି ଭୟରେ
ଅନର୍ଥକାରିଣୀ ବୋଲି, ତେଣୁ ତାଙ୍କ ପାଶୁଁ
ରହିବାକୁ ଦୂର୍ ସ୍ଥାନେ ଖୋଜୁଥିଲ ସଦା
ସୁକୌଶଳ, ଦେବେ ଦାଶରାଜାଙ୍କର ପଣ,
ତୁମ୍ଭଙ୍କୁ ଦେଖାଇଦେଲା ଈପ୍‌ସିତ ସୁପଥ ।
ହେ ଗଙ୍ଗା- ଅଙ୍ଗଜ ! ଅରି-ପ୍ଲବଙ୍ଗ-ଭୁଜଙ୍ଗ
ଥିଲ ତୁମ୍ଭେ କ୍ଷତ୍ରହନ୍ତା ପର୍ଶୁରାମଙ୍କର
ପଟ୍ଟଶିଷ୍ୟ, ଧନୁର୍ବିଦ୍ୟା ଶିଖି ତାଙ୍କ ଠାରୁଁ,
ବଳିଥିଲ ତାଙ୍କୁ ପୁଣି ଶୌର୍ଯ୍ୟ ପ୍ରତିଭାରେ
ବହୁ ଗୁଣ, ବୀର ! "ଶିଷ୍ୟ ଇଚ୍ଛେତ୍ ପରାଜୟମ୍"
ଜୀବନ୍ତ ଦୃଷ୍ଟାନ୍ତ ତୁମ୍ଭେ ଏ ପ୍ରବଚନର ।
ହେଲେ ସ୍ୱୟମ୍ବରା ଯେବେ କାଶୀରାଜ-ସୁତା
ଅମ୍ବା, ଅମ୍ବାଳିକା ପୁଣି ଅମ୍ବିକା ଏ ତିନି,
ସେକାଳେ ସେ କନ୍ୟାତ୍ରୟେ ହେ ଶାନ୍ତନୁସୂନୁ !
ଆଣିଲ ସ୍ୱବଳେ ହରି ଅନୁଜ ସକାଶେ
ସ୍ୱୟମ୍ବର ସଭାମଧ୍ୟୁଁ, ବରବୀର-ଭରା,
ନ ପାରିଣ ସହି ସେହି ମହା ଅପମାନ
କ୍ଷତ୍ରିୟ ଅସହ୍ୟ, ଯେତେ କନ୍ୟାର୍ଥୀ କ୍ଷତ୍ରିୟେ
ଧାଇଁଲେ ପଶ୍ଚାତେ ତବ, ପ୍ରତିଶୋଧ ଆଶେ
ପ୍ରହାରି ସୁତୀକ୍ଷ୍ଣ ଶର, ବାଜନ୍ତେ ସେ ଶର,
ତୁମ୍ଭର ଶରୀରେ ଭୀଷ୍ମ, ଲେଉଟିଲ ଶରେ
ତୁମ୍ଭେ, ଲେଉଟଇ ଯଥା କାଳ ବିଷଧର,
ଫଣୀ ତୋଳି ମହାକ୍ରୋଧେ ଗରଜି ଭୀଷଣେ,
ଦଂଶିତ ମାତ୍ରେ ତା ଲକ୍ଷ୍ୟ ଚିପିଦେଲେ ଦେହ ।
ମୁହୂର୍ତ୍ତମାତ୍ରକେ ତହୁଁ ଅର୍ପି ରଣ-ପୀଠେ
ବଳିରୂପେ ଲକ୍ଷ ଲକ୍ଷ ବୀର ଅହଙ୍କାରେ
ରଣଚଣ୍ଡୀ ପଦେ, ଦେଲ ସର୍ବେ ମହାବ୍ରୀଡ଼ା ।
ଭୀଷ୍ମ ! ତୁମ୍ଭେ ମହାକ୍ଷତ୍ରି ଅମର-ବିକ୍ରମ,
ମାତ୍ର ଥିଲ ବ୍ୟବହାରେ ଏକା ସତ୍ତ୍ୱଗୁଣୀ
ଋଷିକଳ୍ପ, ଯେଣୁ ବ୍ରହ୍ମତତ୍ତ୍ୱଜ୍ଞାନୀ, ତେଣୁ
ମଣୁଥିଲ ଆପଣାକୁ ନିର୍ଜୀବ ସତତ,
ମଣେ ଯେହ୍ନେ ତତ୍ତ୍ୱଜ୍ଞାନେ ନିଜକୁ ନିର୍ଜୀବ,

ତାହାର ଜୀବନ ହୁଏ ପ୍ରକୃତ ଜୀବନ;
ନଚୁ ଅଶ୍ରାନ୍ତ ଯେ ପ୍ରାଣ ସଂସାର ଚିନ୍ତାରେ
ପ୍ରାଣ ନୁହେ ତାହା,—ଅଟେ ଶରୀରର ଭାର ।
ଯେମାନେ ସଂସାରେ ଧନୀ ତତ୍ତ୍ୱଜ୍ଞାନ-ଧନେ,
ଗୋଟାଏ ନିର୍ବାଣ ମୁକ୍ତି ତାଙ୍କ ପକ୍ଷେ ସଦା
ବଳେ ବଳେ, ଯଥା ସିଦ୍ଧି ସାଧନା ପଶ୍ଚାତେ
ଜନ୍ମ ଯଥା ଶିକ୍ଷା ପକ୍ଷେ ଗୋଟାଏ ସଭ୍ୟତା ।
ଭୁଞ୍ଜେ ନାହିଁ ଜନ୍ମାନ୍ତର କ୍ଲେଶ ବାରମ୍ବାର
ତତ୍ତ୍ୱଦର୍ଶୀ ନର ଏହି ମର୍ତ୍ତ୍ୟ-ଭୂମିପାଠେ,
ନାହିଁ ଯାର ଜନ୍ମାନ୍ତର ଏ ଭବମଣ୍ଡଳେ,
ସେହି ସିନା ଏ ଜଗତେ ପ୍ରକୃତ ଜୀବିତ,
ମାତ୍ର ଯେ ଅଜ୍ଞାନାଚ୍ଛନ୍ନ ପଶୁଧର୍ମୀ ନର
ଆହାର ବିହାର ଆଉ ଶ୍ୱାସକ୍ରିୟା ଯୋଗେ
ବୋଲାଏ ଜୀବିତ ଭବେ, ନୁହେ ସେ ଜୀବିତ,
ଅଟେ ଚିରମୃତ, ତାର ସ୍ଥୂଳ ଅବୟବ
ଲଭୁଥିଲେ ହେଁ ବର୍ଦ୍ଧନ, ପୁର୍ବଁ ମୃତ ବୋଲି
କରିବା ନିର୍ଦ୍ଦେଶ ତାକୁ ନୁହେ ଅସଙ୍ଗତ ।
ଭୀଷ୍ମ ! ତୁମ୍ଭେ ଯୋଗାଧ୍ୟାୟୀ ମହାତତ୍ତ୍ୱଜ୍ଞାନୀ,
ତେଣୁ ମରି ଲଭିଅଛ ଚିର ଅମରତା ।
ଗଙ୍ଗାଙ୍ଗଜ ! ଅଙ୍ଗେ ତବ ମର୍ମେ ମର୍ମେ ଭେଦି
ହେମଦୀପ୍ତ ଜ୍ଞାନଗଙ୍ଗା-ଦିବ୍ୟତ ପ୍ରବାହ,
କରିଥିଲା ତୁମ୍ଭଙ୍କୁ ସେ ସଦା ଉମଣ୍ଡିତ
ଅପୂର୍ବ ସ୍ୱର୍ଗୀୟ ତେଜେ, ପ୍ରଜ୍ଞା ଉଦ୍ୟୋତକ ।
ଥାଇ ସଦା ମଗ୍ନ ତୁମ୍ଭେ ଅଧ୍ୟାତ୍ମ ଚିନ୍ତାରେ,
ବୁଝୁଥିଲ ସଂସାରର ଅନିତ୍ୟତା ପୁଣି
ବିଷମ ସମସ୍ୟା, ଯାର ପରିଣାମ କଟୁ,
ଆପାତମଧୁର ବୋଲି ହୁଏ ଅନୁମିତ
ତାହା ଏଁ ଏଠାରେ, ଯାହା ତୀବ୍ର କାଳକୂଟ,
ଜ୍ଞାନ ହୁଏ ତାହା ଏଥି ପୀୟୂଷପ୍ରତିମ ।
ନନ୍ଦନକାନନ ପ୍ରତେ ଏଥି ମରୁଭୂମି,
ମରୁଭୂମି ପ୍ରତେ ହୁଏ ନନ୍ଦନକାନନ ।
ସୁଖ ବୋଲି ଏଥେ ଯାକୁ ବୋଲନ୍ତି ମାନବେ

ମୋହ-ମଦେ ମତ୍ତ, ନୁହେ ସୁଖ କେବେ ତାହା,
ଅଟେ ଖାଲି ସୁଖର ସେ କଳ୍ପନା-ବିଳାସ,
ଆସେ ତାହା ଘେନି ଦୁଃଖ ଉପସର୍ଗରୂପେ ।
ଭ୍ରାନ୍ତ ମାନବେ ଆଶା ସୁଖ ସୌନ୍ଦର୍ଯ୍ୟର,
ମାତ୍ର ବୃଥା ଆଶା, ଏଥି ଏକାନ୍ତ ଅଭାବ
ବାସ୍ତବ ସୌନ୍ଦର୍ଯ୍ୟ ସୁଖ, ଭ୍ରାନ୍ତ ମାନବେ
ସମ୍ପତ୍ତିକୁ ସୁଖ ବୋଲି, ବୃଥା ସେ ଧାରଣା,
ସମ୍ପତ୍ତି ପ୍ରାଣର ବୈରୀ, ସମ୍ପତ୍ତିବାନର
ହୁଏ ନାହିଁ ଘେନେ ନିଦ୍ରା ଚୌର ଖଣ୍ଡ ଭୟେ;
ବଢ଼େ ତୀବ୍ର ଧନ-ନିଶା, ନାହିଁ କ୍ଷୟ ତାର,
ବରଞ୍ଚ ପ୍ରବଳେ ବଢ଼ି ପ୍ରାବୃଟେ ତଟିନୀ
ପ୍ରାୟେ, କିଏ ମାନବର ଚେତନା ବୁଡ଼ାଇ,
ତହିଁ ପରେ ଲୋଭ ମୋହ ଅଭିମାନ ଆଦି
ଆଜନ୍ମି ସେ ଦୁରଦୃଷ୍ଟେ ଘେନିଯାଇ ଟାଣି,
ନିକ୍ଷେପନ୍ତି ଘୋର ପାପ-ତାମସ ଗର୍ଭରେ,
ନଷ୍ଟ କରି ଦୁହେଁ ତାର ଇହ ପରକାଳ ।
ଅତଃ ନାହିଁ ସମ୍ପତ୍ତିରେ ଲେଶମାତ୍ର ସୁଖ,
ପ୍ରତ୍ୟୁତ ସେ ଦୁର୍ବିଷହ ଯନ୍ତ୍ରଣା-ଜଡ଼ିତ ।
ଜଗତ ସୌନ୍ଦର୍ଯ୍ୟ ବଶ, ସୌନ୍ଦର୍ଯ୍ୟସମ୍ପୃକ୍ତ—
ରମଣୀର ରମଣୀୟ ରୂପ ଆକର୍ଷଣେ
କେ ନୁହେ ଆକୃଷ୍ଟ ? ଜୀବା ଦେବ ଜବା ଋଷି ।
କିନ୍ତୁ ସେ ସୌନ୍ଦର୍ଯ୍ୟ ନୁହେଁ ସୌନ୍ଦର୍ଯ୍ୟ ଆଖ୍ୟାତ,
ଯାହା ନିତ୍ୟ—ଯାହା ସତ୍ୟ, ତାହା ତ ସୁନ୍ଦର,
ରାମା ରମ୍ୟରୂପ ଭବେ ସ୍ଥାୟୀ କେତେ କ୍ଷଣ ?
କେତେ କ୍ଷଣ ସ୍ଥାୟୀ ଅବା ସଦ୍ୟ ପ୍ରସ୍ଫୁଟିତ
ପୁଷ୍ପର ସୌରଭ ? ଯାଏ ଘଡ଼ିକେ ମିଳାଇ;
ଭବ-ସିନ୍ଧୁ ମଧ୍ୟେ କାଳ-ବୀଚି ଆନ୍ଦୋଳନେ
ନିମଜ୍ଜି ଘଡ଼ିକେ ରାମା-ରମ୍ୟରୂପ-ତରୀ
ଦେଇଯାଏ ଚିର ଅନୁଶୋଚନା ମାନସେ ।
ଯେ ସୌନ୍ଦର୍ଯ୍ୟ ପରିଣାମ ଏଡ଼େ ଭୟାବହ,
କେଉଁ ଅଜ୍ଞ କହେ ତାକୁ ସୌନ୍ଦର୍ଯ୍ୟ ବୋଲିଣ ?

ଶ୍ଲେଷ୍ମ ଶୋଣିତ ଅସ୍ଥି ସ୍ନାୟୁ କେଶ ମାଂସ
ମଜ୍ଜା ମୂତ୍ର ପୁରୀଷାଦି ଘୃଣ୍ୟ ଉପାଦାନେ
ଗଠିତ ଅଙ୍ଗନା ଅଙ୍ଗ, କି ଆଶ୍ଚର୍ଯ୍ୟ ଅହୋ !
ଯେଉଁ ନାରୀ ଦେହ ଏଡ଼େ ବୀଭତ୍ସ ମନ୍ଦିର
ହୋଇପାରେ ସୁନ୍ଦର କି ତାହା କେତେବେଳେ ?
ଅନିତ୍ୟ ସଂସାର ମଧ୍ୟେ ଅନିତ୍ୟ ସକଳ,
କେବଳ ନିତ୍ୟ ପଦାର୍ଥ,—ଭବଦୁଃଖ ହର
ମୁକ୍ତିର ସୁନ୍ଦର ସେହି ମନ୍ଦର ଧାରଣ;
ଜାଣି ତୁମ୍ଭେ ଏହା ଭୀଷ୍ମ ! ଦିବ୍ୟ ଜ୍ଞାନବଳେ,
ମିଶିଣ ସଂସାରେ ବାହ୍ୟେ, ଜଳେ ପଦ୍ମଦଳ
ପ୍ରାୟେ, ଥିଲ ନିବେଶିଣ ଚିତ୍ତ ହରି-ପଦେ
ସଦା ଦୃଢ଼ତର ନିଷ୍ଠା ସହ, ଯଥା ଋଷି !
ସ୍ୱଧର୍ମ ପାଳନ ପୁଣି ଦୁର୍ନୀତି ଦମନ
ଏ ବେନି ସକାଶୁଁ ତୁମ୍ଭେ ଧରିଥିଲ ଧନୁ ।
ଦେବଦୂତ ସ୍ୱଭାବ ଆହେ ଦେବବ୍ରତ !
ଥିଲ ତୁମ୍ଭେ ସର୍ବପୂଜ୍ୟ,—ସର୍ବଜନ-ପ୍ରିୟ,—
ନିରଭିମାନତା ହେତୁ, ହୋଇନ୍ତେ ଅରାଜକ
ହସ୍ତିନା ନଗରୀ, ଚିର ବୀର-କର୍ଷିତା,
ପାଳିଲ ତାହାକୁ ତୁମ୍ଭେ ପ୍ରତିନିଧିରୂପେ
ଧର୍ମ-ନୀତି ଧରି; ରହି ! ତୁମ୍ଭ ଯୋଗେ ତାକୁ
ନ ପାରିଲ ଅରାଜକ ଉପଦ୍ରବ ଛୁଇଁ ।
ପାଳିଥିଲେ ଏହିପରି ପୂର୍ବେ ତ୍ରେତାଯୁଗେ,
ରାମଜୟୀ * ପ୍ରାଣାରାମ ରାମଙ୍କ ଅଭାବେ
ଶୋଭନା ଅଯୋଧ୍ୟା ଧନ୍ୟ ରାଜର୍ଷି ଭରତ ।
ସମଦର୍ଶିତା ଅସୀମ ତୁମ୍ଭର ଗାଙ୍ଗେୟ !
ହୋଇଲେହେଁ କୌରବଙ୍କର ଅନ୍ନରେ ପାଳିତ,
ଦେଖୁଥିଲ ସମନେତ୍ରେ କୌରବେ ପାଣ୍ଡବେ ।
କୌରବ ନିଷେଧସତ୍ତ୍ୱେ ହେଲା ନାହିଁ ଊଣା
ତୁମ୍ଭର ପାଣ୍ଡବ-ପ୍ରୀତି, ଶତବଜ୍ର ବାଧା
ମାନେ କି ସଜ୍ଜନ ପ୍ରୀତି ? ବରଂ ପାଏ ଯେତେ
ବାଧା, ଲଭେ ପୂର୍ବଠାରୁ ବୃଦ୍ଧି ତେତେ ଗୁଣ,

* ସେ ପରଶୁରାମଙ୍କୁ ଜୟ କରିଥିଲେ ।

ବୁଝାଇଲ ଯେତେ ତୁମ୍ଭେ ହିତ ଉପଦେଶ
କୌରବ-ବର୍ବର କ୍ରୂର ଦୁଷ୍ଟ ଦୁର୍ଯ୍ୟୋଧନେ
ସମୁଚିତ ରାଜ୍ୟଭାଗ ଦେବାକୁ ପାଣ୍ଡବେ,
ମାନି ନେଲା ନ ତାହା ମାନୀ କୁରୁନାଥ,
ଉପେକ୍ଷି ଆସନ୍ନମୃତ୍ୟୁ ରୋଗୀ ଆହା ଯଥା
ସୁବୈଦ୍ୟ-ବ୍ୟବସ୍ଥା, ଭୁଞ୍ଜେ ଅପଥ୍ୟ ସାଗ୍ରହେ
ତଥା ଅବହେଳି ତବ ନ୍ୟାଯ୍ୟ ସୁମନ୍ତ୍ରଣା
ହେୟ ଜ୍ଞାନେ କୁରୁପତି, କଲା ଦୃଢ଼ ପଣ
ନ ଦେବାକୁ ପାଣ୍ଡୁ-ସୁତେ ସୂଚ୍ୟଗ୍ର ଅବନୀ
ବିନା ଯୁଦ୍ଧେ କେବେ, ତହୁଁ ଘଟନ୍ତେ ସମର
କୁରୁକ୍ଷେତ୍ର ପୁଣ୍ୟପୀଠେ ଉଭୟ ପକ୍ଷର,
ହେଲ ତୁମ୍ଭେ କୁରୁପକ୍ଷ ମୁଖ୍ୟ ସେନାପତି ।
ଅହୋ ! ପ୍ରକାଶିଲ ଭୀଷ୍ମ କି ରୁଦ୍ର ବିକ୍ରମ
ବିଶ୍ୱବାସୀ, କ୍ଷତ୍ରତେଜ ଉଠିଣ ପ୍ରଜ୍ୱଳି
ଘୃତାହୁତ ହୁତାଶନ ପ୍ରାୟେ, ହେଲା ଅତି
ଦୁର୍ବାର ଅସହ୍ୟ; ଅହୋ ସେ ତେଜ ନିକଟେ,
ନ ପାରିଲେ ତିଷ୍ଠି କେହି, ଅର୍ଜ୍ଜୁନ ବ୍ୟତୀତ,
ପାଣ୍ଡବ ପକ୍ଷର ଯେତେ ରଥୀ ମହାରଥୀ ।
ଦଶଦିନଯାଏଁ କରି ବିଷମ ସମର,
ବଧି ଲକ୍ଷସଂଖ୍ୟ ରଥୀ, ବିପକ୍ଷ ପକ୍ଷକୁ
କଲ ମହା ଲଣ୍ଡଭଣ୍ଡ, ନିରାଶା-ପୂରିତ ।
ମହାବୀର ! ମହାରଥୀ ତୁମ୍ଭେ ଅଦ୍ୱିତୀୟ,
ଥିଲେ ସଶସ୍ତ୍ର, କାହାର ସାଧ୍ୟ ଜିଣିବ ହେ
ତୁମ୍ଭଙ୍କୁ ସମରେ ନରେ ଅଥବା ଅମରେ ?
କିନ୍ତୁ ପାଣ୍ଡବବତ୍ସଳ ତୁମ୍ଭେ, ଦୟା ବଶି
ତେଣୁ, କହିଦେଲ ନିଜ ମୃତ୍ୟୁର ଉପାୟ
ତାଙ୍କୁ, ଇଚ୍ଛାମୃତ୍ୟୁ ଏବେ ଅଛ ସ୍ୱଭାବରେ,
ଶୋଇଲ ଇଚ୍ଛାରେ ତହୁଁ ଶରଶଯ୍ୟାପରି;
କୌରବ ଜିଗୀଷା-ଦୁର୍ଗ ହେଲା ବିଚୂର୍ଣ୍ଣିତ ।
କୁରୁକ୍ଷେତ୍ର-ରଙ୍ଗାଳୟେ ରଣ-ନାଟକର
ମହାଦୃଶ୍ୟ ଅଭିନୟେ, ହୋଇନ୍ତେ ଯଥାକାଳେ
ଯବନିକାପାତ, ହେଲେ ଜୟ-ଶ୍ରୀମଣ୍ଡିତ
ଧର୍ମରାଜ ଯୁଧିଷ୍ଠିର, କିନ୍ତୁ ସେ ବିଜୟ
ହେଲା ତାଙ୍କ ପକ୍ଷେ ତୀବ୍ର ଯନ୍ତ୍ରଣାବର୍ଦ୍ଧିତ ।
ଗୋତ୍ର ମିତ୍ର ବଧ ପୁଣି ମହାଜନ କ୍ଷୟ,
ଆଚ୍ଛାଦିଲା ହୃଦେ ତାଙ୍କ ଶୋକ-ଆଚ୍ଛାଦନେ,
ଏବେ ସର୍ବଗୁଣୀ, ହୃଦେ ଆଣିଦେଲା ଶୋକ
ବିଷମ ନିର୍ବେଦ, ତହୁଁ ରାଜ୍ୟ ତେଜିବାକୁ
ଇଚ୍ଛିଲେ ନଶ୍ୱର ଗୃହ, ସୁଖ, ସିଂହାସନ ।
ସେ କାଳେ ହେ ଭୀଷ୍ମ ! ତୁମ୍ଭେ ଦେଇ ଯୁଧିଷ୍ଠିରେ
ବେଦସିଦ୍ଧ ରାଜଧର୍ମ ଗୃହସ୍ଥ ଧର୍ମାଦି
ନାନା ଧର୍ମ ଉପଦେଶ, ବିଶେଷେ ବଖାଣି
ଗୃହସ୍ଥ ଧର୍ମ ମାହାତ୍ମ୍ୟ, ଆଣିଲ ଫେରାଇ
ବିଷୟ-ବିମୁଖ ତାଙ୍କ ଉର୍ଦ୍ଧ୍ୱଗ୍ରାହୀ ମନେ
ପୁନଶ୍ଚ ବିଷୟ ପ୍ରତି, ଯଥା ତ୍ରେତାଯୁଗେ
ଜନନ୍ତେ ବିଶ୍ୱ-ବିତୃଷ୍ଣା ରାମଙ୍କ ମାନସେ
ଅକାଳେ, ଭାଙ୍ଗିଣ ତାହା ନାନାତତ୍ତ୍ୱ ବାଦେ
ମହାଯୋଗନିଷ୍ଠ ଶିଷ୍ଟ ବଶିଷ୍ଠ ତାପସ,
ନିୟୋଜିଲେ ତାଙ୍କୁ ପୁଣି ଗୃହସ୍ଥ ଆଶ୍ରମେ ।
ଧନ୍ୟବର ! ଧନ୍ୟ ତୁମ୍ଭେ ମହାତତ୍ତ୍ୱଜ୍ଞାନୀ !
ସଂଶୟଚ୍ଛେଦିନୀ ତବ ଆଧ୍ୟାତ୍ମ୍ୟ ବ୍ୟାଖ୍ୟାରେ
ହୁଅନ୍ତେ ସମୂଳେ କ୍ଷୟ ଯୁଧିଷ୍ଠିରଙ୍କର
ଅସାର ପାର୍ଥିବ ମୋହ, ବସି ସିଂହାସନେ,
ଶାସିଲେ ଧରଣୀ ସେହୁ ଧର୍ମେ ଚିରକାଳ ।
ଆଜନ୍ମ ଅକୃତଦାର ହେ ଭୀଷ୍ମ-ଗାଙ୍ଗେୟ !
ପରମ ବୈଷ୍ଣବ ତୁମ୍ଭେ, ଏହି ଆର୍ଯ୍ୟଭୂମେ,
ସ୍ମରୁଛନ୍ତି ତବ ନାମ ଆର୍ଯ୍ୟସନ୍ତତିଏ
ପ୍ରାତୁଁ ଉଠି, ମୁକ୍ତିମନ୍ତ୍ରରୂପେ, ବୀରବର !
ପଡ଼ି ତୁମ୍ଭେ ଭବ-କର୍ମଶାଳେ, ଶାଣି ହୋଇ
ସୁ-କୃତ-ଶାଣରେ, ତହୁଁ ଛଡ଼ାଇଣ ଦେହୁଁ
ଅଭିଶାପ-ମଳ, ଧରି ଦିବ୍ୟ ରୂପ, ତେଜ,
ଯଥାକାଳେ ଗଲ ଚାଲି ସତ୍ୟ ନିତ୍ୟ ଧାମେ ।

# ଷଷ୍ଠ ସର୍ଗ

## ଦ୍ରୋଣ

ପ୍ରଶ୍ରୁତ-ଗୌରବ ଆଢ୍ୟ କୁରୁ-ଗୁରୁ ଦ୍ୱିଜ
ଦ୍ରୋଣାଚାର୍ଯ୍ୟ, କ୍ଷତ୍ରିୟତ୍ୱ ବିପ୍ରତ୍ୱ, ଏ ଦେହ
ବିରୋଧୀ ଭାବର ଥିଲ ତୁମ୍ଭେ ଏକା ଘର—
ସୁମଧୁର ମିଳନର ମହତ-ମନ୍ଦିର ।
ରୌଦ୍ର ଶାନ୍ତ ଏ ଯୁଗଳ ରସ-ଉପାଦାନେ
ଗଠିତ ଶରୀର ତବ, ଅର୍ଦ୍ଧ ଅର୍ଦ୍ଧ ଭାଗ,
ଅହୋ ! ଶୀତ ଉଷ୍ଣର କି ଅପୂର୍ବ ମିଳନ !
କେ କହିବ ମୋତେ ସ୍ନିଗ୍ଧ ଚନ୍ଦ୍ରିକା ସହିତେ
କେମନ୍ତେ ମିଶିଲା ଆସି ନିଦାଘ ପ୍ରଖର
ରବି-ରଶ୍ମି କିମ୍ବା ଜଳେ ପ୍ରଚଣ୍ଡ ଅନଳ ?
ବେଦାଧ୍ୟାୟୀ ସତ୍ତ୍ୱଗୁଣୀ ବ୍ରାହ୍ମଣ ଦେହରେ
ବ୍ୟକ୍ତିତ୍ୱର କ୍ଷତ୍ରବିଦ୍ୟା, ମାନ୍ୟ ଭରଦ୍ୱାଜ !
ଏ ଉକ୍ତି ପ୍ରଯୋଜ୍ୟ କେବେ ନୁହେଁ ତୁମ୍ଭ ପ୍ରତି;
ପାଳି ତୁମ୍ଭେ ସ୍ୱଧରମେ, ପରଧର୍ମେ ଯେଣୁ
କରୁଥିଲ ଆଲୋଚନା, ତୁମ୍ଭ ପକ୍ଷେ ତାହା
ବୋଲିଯାଇପାରେ କେଣୁ ପାପବୃତ୍ତି ବୋଲି ।
ଅଗ୍ନିଜାତ ଅଗ୍ନିବେଶ ଋଷି ମହାତପା
ଥିଲେ ପିତୃଶିଷ୍ୟ ତବ, ପ୍ରଦାନିଲେ ସେହୁ
ତୁମ୍ଭଙ୍କୁ ଆଗ୍ନେୟ ଅସ୍ତ୍ର ବ୍ରହ୍ମଶିର ନାମେ,
ମେଦିନୀ-ଦହନ-ଦକ୍ଷ, ଅମର-ଦୁର୍ବାର ।
କ୍ଷତ୍ରକୁଳ-ଅମଙ୍ଗଳ ଭୀମ ଧୂମକେତୁ,
କଲ ଯେହୁ କ୍ଷତ୍ରକ୍ଷୟ ଏକବିଂଶ ବାର
ଗର୍ଭସ୍ଥ ବାଳକ ସହ, ଅର୍ପି ଧରଣୀକୁ
ନିକ୍ଷତ୍ରିୟା ଆଖ୍ୟା, କଲେ କ୍ଷତ୍ରିୟ ଶୋଣିତେ
ତର୍ପଣ ପିତୃଗଣର, ସେହି ପର୍ଶୁରାମ,
ଦେଲେ ଦ୍ରୋଣ ତୁମ୍ଭ କରେ ପ୍ରସନ୍ନେ ନିବେଦି
ଧନୁ ସହ ଧନୁର୍ବେଦ, ସେ ବିଦ୍ୟା ପ୍ରଭାବେ
ହେଲ ତୁମ୍ଭେ ଅତିରଥେ ଅଗ୍ରଗଣନୀୟ ।
ବେଦ-ବେଦାନ୍ତ-ବିଦୁଷ ହେ ଯୋଗୀନ୍ଦ୍ର ଦ୍ରୋଣ !
ଅଟ ତୁମ୍ଭେ ତେଜୀୟାନ ଏବେ ବ୍ରହ୍ମତେଜେ,
ଦୁଯେ ମିଶି କ୍ଷତ୍ର ତେଜ ତହିଁ ହୋଇଥିଲା
ଅତୀବ ପ୍ରଚଣ୍ଡ, ଅହୋ ! ରଥୀନ୍ଦ୍ର-ଦୁଃସହ
ତୁମ ଶିକ୍ଷା ପ୍ରଭାବରେ କୌରବ କୁମାରେ,
ଆବର ଅନ୍ଧକ ବୃଷ୍ଣି ବଂଶୀୟ କ୍ଷତ୍ରୟେ,
ହୋଇଥିଲେ ଜଗଜ୍ଜୟୀ ବୀର-କୀର୍ତ୍ତିଶାଳୀ ।
ଧନ୍ୟ ତୁମ୍ଭେ ଶିକ୍ଷାଦାତା, ଶତ ଧନ୍ୟ ତବ
ଶିକ୍ଷାର କୌଶଳ, ତବ ସିଦ୍ଧିପ୍ରଦ ବେତ
ବାଜିଥିଲା ପୃଷ୍ଠେ ଯାର, କାଷ୍ଠ ହେଲେ ସେହୁ
ଯାଇଛନ୍ତି ଦେଖାଇ ଭବେ ବୀରତ୍ୱ ଗରିମା ।
ଅଦ୍ଭୁତ ଆଚାର୍ଯ୍ୟପଣ ତୁମ୍ଭର ହେ ଦ୍ରୋଣ !
ଜପି ତବ ଧନୁର୍ବେଦ-ସିଦ୍ଧିପ୍ରଦ ନାମ,
କରୁଥିଲେ ମନସ୍କାମ ସିଦ୍ଧ ଶିଷ୍ୟଗଣ ।
ଏକଲବ୍ୟ ନାମେ ଏକ କିରାତ ନନ୍ଦନ,
ପ୍ରାର୍ଥିଲା ଶିଷ୍ୟତ୍ୱ ତବ କତି, ମାତ୍ର ଦ୍ରୋଣ
"ଉଚ୍ଚବିଦ୍ୟା ନୀଚେ ଦାନ ନୁହେ ସମୀଚୀନ,
ନୁହେ ସମୀଚୀନ କେବେ ଦେବଭୋଗ ହବି
ଦାନବେ ପ୍ରଦାନ", ଭାଣି ତୁମ୍ଭେ ଏହା, କଲ
ନିରାଶ କରାଇ, ତହୁଁ ଯାଇ ସେ କାନନେ,
ନିର୍ମାଣି ତୁମ୍ଭର ଦିବ୍ୟ ମୂର୍ତ୍ତି ମୃତ୍ତିକାରେ, :
ଏକାନ୍ତେ ଏକଲବ୍ୟ ପୂଜି ସେ ମୂରତି,
ଲଭିଲେକ ସ୍ୱାଭୀପ୍ସିତ ବିଦ୍ୟା ଅବହେଳେ,
ଧନ୍ୟ ତବ ଦ୍ରୋଣାଚାର୍ଯ୍ୟ ନାମର ମହିମା !
କାହାନ୍ତି ଏ କାଳେ ଦ୍ରୋଣ, ତୁମ୍ଭପରି ଗୁରୁ ?
କାହିଁ ଶିଷ୍ୟ ଏକନିଷ୍ଠ ଏକଲବ୍ୟ ପରି ?
ଯାଇଛନ୍ତି ସେ କାଳ, ଏବେ ସେ ସର୍ବଦୁର୍ଲ୍ଲଭ ।
ଦ୍ରୋଣ ! ତୁମ୍ଭେ ମହାସତ୍ତ୍ୱ, ମହାବୀର ପୁଣି
ଅସୀମ ତେଜସ୍ୱୀ, ହାୟ, ତୁମ୍ଭଙ୍କୁ ଦୀନତା,
କଲା ଦୁର୍ଯ୍ୟୋଧନ ହସ୍ତେ କ୍ରୀଡ଼ା-ପୁତ୍ତଳିକା;

କିଂ ନ କରି ପାରେ ଦୈନ୍ୟ କି ଅସାଧ୍ୟ ତାର ?
ତାର ଅତ୍ୟାଗ୍ରହେ ସିନା ବାଧ୍ୟ ହୁଏ ନର
ଅର୍ପିବାକୁ ବଳରୂପେ ଧନୀକ ପଦ୍ମରେ
ସ୍ୱୀୟ ସ୍ୱାଧୀନ ଜୀବନ; ଦରିଦ୍ର ପକ୍ଷରେ
ଚିର ହାହାମୟ ସିନା ଏ ନିଖିଳ ଭବ;
ହେଉପଛେ ସୁପଣ୍ଡିତ ସକଳ ବିଦ୍ୟାରେ
ମାତ୍ର ହେଲେ ଧନହୀନ, କିଏ ବୁଝେ ଗୁଣ
ତାର ? ବରଂ ସମାଜରେ ହୁଏ ଅବଜ୍ଞେୟ
ସେହୁ, ପ୍ରତିଷ୍ଠା, ମହତ୍ତ୍ୱ, ପ୍ରଜ୍ଞା, ଯାହା କିଛି
ନରତ୍ୱ ନରର, ତାକୁ ସତତ ଆଚ୍ଛାଦି
ରଖେ ଦରିଦ୍ରତା-ଘନ ନୀରନ୍ଧ୍ର ବେଷ୍ଟନେ ।
ନାହିଁ ବନ୍ଧୁ, ସାହା ଆହା ନିର୍ଦ୍ଧନ ଲୋକର
ଭବେ, ସେହୁ ସମାଜର ସଦା ଅଚହ୍ନିତ ।
ମିଥ୍ୟା କି ହେ ଏ ବଚନ, ଗୁରୁ ଭାରଦ୍ୱାଜ ?
ଦାରିଦ୍ର୍ୟ କବଳେ ପଡ଼ି ତୁମ୍ଭେ ଯେତେବେଳେ
ଗଲ ଦ୍ରୁପଦ ସକାଶେ, ପୂର୍ବସଖା ତବ,
ଚିହ୍ନିଲେ କି ତୁମ୍ଭକୁ ସେ ? ଦେଲେ ସୁଦ୍ଧା ଦ୍ରୋଣ
ଆତ୍ମପରିଚୟ ତୁମ୍ଭେ, ପ୍ରତ୍ୟୁତ ପ୍ରଦାନ
ଲାଞ୍ଛନା ତଚ୍ଛୋକ୍ତି ବହୁ, ଦେଲେ ଘଉଡ଼ାଇ ।
ପଶ୍ଚାତେ ଅଜାତଶତ୍ରୁ, ଧନଞ୍ଜୟଦ୍ୱାରା
ସମ୍ମାନ ମହୋତ୍ସବରେ ଶିକ୍ଷା ଯଥାତଥ,
ଶୁଣିଲ ସେ ଋଣ ତୁମ୍ଭେ କଳାନ୍ତର ସହ ।
ଅନ୍ନ ବସ୍ତ୍ର ଧନ ଦାନେ ରାଜା ଦୁର୍ଯ୍ୟୋଧନ
କରି ରଖିଥିଲେ ସୁଦ୍ଧା ତୁମ୍ଭଙ୍କୁ ସତତ
ସ୍ୱକୀୟ ମତାନୁବର୍ତ୍ତୀ, ତୁମ୍ଭେ ତଦାଗତ
ଅସାମାନ୍ୟ ତେଜସ୍ୱିତା ସ୍ପଷ୍ଟବାଦିତାର—
ପ୍ରାକୃତିକ ପ୍ରଚୋଦନେ, ଯଥା ପ୍ରତିବାଦ
କରୁଥିଲ ଅନୀତିର, ଜଲେହେଁ ଗୁଣିଆ
ମହାମାନ୍ୟବଳେ ରୁଦ୍ଧ ମହାନାଗ ତେଜ,
ମାତ୍ର ଖେଳାଇବା କାଳେ, ନ ହାଣେ କି ସେହୁ
ଉତ୍କଟ ଜାଙ୍ଗଳିକ ପରେ, ହୀନଫଣେ ଫୁଲାଇ ।
ମାତ୍ର ଦ୍ରୋଣ ! ନୁହେ ଏହା ପ୍ରଶଂସା ବିଷୟ,
ତୁମ୍ଭପରି ସୁଶାସ୍ତ୍ରଜ୍ଞ ଆଶ୍ରୟୀ ପକ୍ଷରେ ।
ସୁଯୁକ୍ତି ଅନୁମୋଦନ ସଦସ୍ୟ-ଲକ୍ଷଣ,
ନ ହେଉ ପଛକେ ତାହା ନୃପତିର ପ୍ରିୟ;
ମାତ୍ର ସଦସ୍ୟର ସତ୍ତ୍ୱ ହେବାର ଚ୍ୟୁତ,
ନୁହଇ ଉଚିତ ଛଳେ, ଧର୍ମଶାସ୍ତ୍ରମତେ ।
ଆଉ ଯେହୁ ମନ ଧରି କହୁଥାଏ କଥା
ନୃପତି ଛାମୁରେ, ତାଙ୍କ ମନସ୍ତୁଷ୍ଟି ଆଶେ,
ଧର୍ମାଧର୍ମ ଭଲମନ୍ଦ ନ କରି ବିଚାର,
ପ୍ରତିଧ୍ୱନି-ଯନ୍ତ୍ର ସେହୁ ନୃପତି କଣ୍ଠର,
ନୃପତି ପାତକ ଲଦା ତାହାରି ମସ୍ତକେ ।
ନ ଘେନେ ସତ୍ପରାମର୍ଶ ଯେ ଅଜ୍ଞ ନୃପତି,
ଥାଇ ତା ସଂସର୍ଗେ, ଇନ୍ଦ୍ରସୁଖ ଭୋଗଠାରୁ
ବରଂ ସହସ୍ର ଗୁଣେ ଶ୍ରେୟ ଭିକ୍ଷାବ୍ରତ ।
ସାଧୁ ଶିଷ୍ଟ ତୁମ୍ଭେ, ମାତ୍ର ଦୁଷ୍ଟ ସହବାସେ
ଫଳିଲା ଯେ ବିଷମୟ ଫଳ, ଭାଗ୍ୟେ ତବ,
ଶତ୍ରୁ ପ୍ରତି ତାହା ସୁଦ୍ଧା ନୁହେ ବାଞ୍ଛନୀୟ ।
ହୋଇ ସୁପୌରୁଷବନ୍ତ, କାହିଁକି ହେ ଭଲ
ନ ପୂଜ ପୂରୁଷକାରେ, ବାଞ୍ଛାବରଦାତା,
ହୋଇ ରହିଥିଲ କୁରୁ-କରୁଣା-ଭିଖାରୀ;
ଚିନ୍ତ ଏ ଚରିତ ଲଭେ ବିସ୍ମୟ ଅପାର ।
ଦୁର୍ଜ୍ଜନର ଅନୁଗ୍ରହ ଭବିଷ୍ୟ ଭୀଷଣ,
ଦଣ୍ଡଠାରୁ ତୀବ୍ର ସିନା ଶତ ଗୁଣେ ତାହା ।
ଦୁର୍ଜ୍ଜନ ସହବାସର ଅସାଧ୍ୟ କି ପାପ ?
ଶାସ୍ତ୍ର କହେ ଦୁଃସଙ୍ଗତ ବର୍ଜିତ ସର୍ବଥା,
ବିଶେଷେ ତେଜିବ ସ୍ଥାନ ଦୁର୍ଜ୍ଜନ ଆଗମେ ।
ଅଗର୍ବିତ ଦ୍ରୋଣ ! ତବ ବିମଳ ସ୍ୱଭାବ,
ସୁବସ୍ତ୍ର-ସୁଲଭ ଅତି ପବନ ମଧୁର,
ଯଥା ଛଣା ପାରପଣା; ମାତ୍ର ମିଶି ତହିଁ
ଦୁଷ୍ଟମତି ଦୁର୍ଯ୍ୟୋଧନ ଚରିତ୍ର-ଗରଳ
କଲା ତାକୁ ବିଷମୟ,—ନିନ୍ଦିତ, ବିକୃତ ।
ଷୋଡ଼ଶ ବର୍ଷର ଶିଶୁ ଅଭିମନ୍ୟୁ ରଥୀ,
ଭେଦିଣ ଦୁର୍ଭେଦ୍ୟ ତବ ଚକ୍ରବ୍ୟୂହ ଯେବେ

ହଲ୍ ପ୍ରଚଣ୍ଡ ସମର୍, ନାଶି ନାନାମତେ
ଅଶ୍ୱ ଗଜ ପଦାତିକ ରଥୀ ମହାରଥୀ
ବିପକ୍ଷ ପକ୍ଷର୍, ତେବେ ହେ ଆଚାର୍ଯ୍ୟ ଦ୍ରୋଣ !
ନ ପାରି ସହି ସେହି ବାଳକ-ବିକ୍ରମ,
ଆଚରିଲ୍ ଅହୋ ତୁମ୍ଭେ କେଡ଼େ ଅମାନୁଷ
ପାପକର୍ମ ! ଶୁଣିଲେ ତା ଶୋଧିବେ ଶ୍ରବଣ,
ଘୃଣା ବ୍ରୀଡ଼ା ବିସ୍ମୟରେ ବୀରଧର୍ମୀ ବୀରେ ।
ମିଳି ତୁମ୍ଭେ ଏକ କାଳେ ସପ୍ତ ମହାରଥୀ,
ପବିତ୍ର ସମର-ଧର୍ମେ ଅର୍ପି ଜଳାଞ୍ଜଳି
ଆକ୍ରମିଲ୍ ଚଉପାଶୁଁ କ୍ଷୁଦ୍ର ଆକ୍ରମଣେ,
ବ୍ୟୂହ ବିମନ୍ଥନରତ ସେ ବୀର ବାଳକେ,
ଦୁର୍ବୃତ୍ତ କିରାତେ ଯଥା ଆକ୍ରମନ୍ତି ବୃକେ
ନଳବନେ ଖେଳେ ରତ ଦନ୍ତାବଳ ବାଳେ ।
ଅସହାୟ ନିରସ୍ତ୍ର ସେ ବିରଥ ବାଳକ,
ହତ ହେଲା ଯେବେ ରଣେ ପଶୁ-ବ୍ୟବହାରେ,
ସେ କାଳେ ପୃଥିବୀ ପାଇ ମହାପାପ ଭାର୍
ଟଳିଲା ସଘନେ, ଦେବେ କଲେ ହାହାକାର୍,
ଦେଖି ଏ ଅପ୍ରାୟଶ୍ଚିତ୍ତ ପାପ-ଅଭିନୟ,
ଉଚାରିଲେ ସ୍ୱସ୍ତିମନ୍ତ୍ର ବ୍ରହ୍ମବାଦୀ ଋଷି,
କାନ୍ଦିଲେ ସକଳ ସୈନ୍ୟେ ମହାଗୁରୁ ଶୋକେ
ଶତ୍ରୁମିତ୍ରନିର୍ବିଶେଷେ, ସେ ଲୋହିତ ଧାର୍,
ପଞ୍ଚଣ ସମରଭୂମେ ମିଶିଣ ଶୋଣିତେ
ବହିଲା ସରସ୍ୱତୀ ସ୍ରୋତସ୍ୱତୀ ତହିଁ;
ସେନାପତି ଥିଲ ଦ୍ରୋଣ ତୁମ୍ଭେ ତ ସେ କାଳେ
କୌରବ ସେନାର୍, ସେହି ବିଶାଳ ବାହିନୀ,
ଚଳୁଥିଲା ତୁମ୍ଭ ହସ୍ତ ଅଙ୍ଗୁଳି ସଙ୍କେତେ ।
ତୁମ୍ଭ ପରି ଲୋକ ହୋଇ କପରି ହେ ଭଲା,
ତେଜି ପାପ-ଭୀତି, ପୁଣି ଲୁଣ୍ଠି ଧର୍ମନୀତି,
ବହିଲ ସମ୍ମତି ଅହୋ ! ଏ ପାପ ପ୍ରସ୍ତାବେ ?
କପରି ହେ ଭଲା ବୋଲ କ୍ଷତ୍ରଧର୍ମେ ଜ୍ଞାନୀ
ବୋଲାଇଲ ସେ ଜ୍ଞାନୀ ପୁଣି ଆପଣା ବଦନେ ?
କୌରବପକ୍ଷର ଛାର ତଣ୍ଡୁଳଖଣ୍ଡା ପାଇଁ,
କଲ କି ହେ ଏଡ଼େ ବଡ଼ ଗୁରୁତର ପାପ ?
କଲ କି ହେ ବିନମୂର୍ତ୍ତି ନିଜ ଇଚ୍ଛା ସୁଖେ
ନିଜ ଅଧୋଗତି ପଥ, ତୁମ୍ଭେ ସ୍ୱହସ୍ତରେ ?
କିନ୍ତୁ ଦ୍ରୋଣ ଶତଧନ୍ୟ ମାୟାବୀର ମାୟା !
ସେ ବିଦ୍ୟାବଳରେ ସିନା ରଖିଲ୍ ବିମୋହି
ତୁମ୍ଭ ପରି ସାଧୁ ଶିଷ୍ଟ ଦ୍ୱିଜାତିଙ୍କ ଜନେ
ଦୁର୍ଯ୍ୟୋଧନ, କି ଅଦ୍ଭୁତ ମାଦକ, ତା ମାୟା,
ନ ଛୁଟିଲା ଆଜୀବନ ତୁମ୍ଭର ସେ ନିଶା ।
 କ୍ଷତ୍ରିୟ-ଅଜ୍ଞାତ ମହାଗୂଢ଼ ଧନୁର୍ବେଦେ
ବିଶାରଦ ତୁମ୍ଭେ ଦ୍ରୋଣ, ଭିନ୍ନ ଲୋକାତୀତ
ସେହି ମହାବିଦ୍ୟାମାନ, ଦେଲ ତୁମ୍ଭେ ଯାଚି
ଅବ୍ୟର୍ଥ-ନାରାଚୀ ଶିଷ୍ୟ ସବ୍ୟସାଚୀ ଶୂରେ,
ଦେଖି ତାଙ୍କ ଗାଢ଼ତର ଅଧ୍ୟୟନ ପ୍ରୀତି ।
ଅର୍ଜୁନଙ୍କ ଗୁରୁଭକ୍ତି-ନିଷ୍ଠା ଅଲୌକିକ,
ମହା ତୁଷ୍ଟ ହୋଇ ତୁମ୍ଭେ ତାହାଙ୍କ ସେବାରେ
କଲ ସତ୍ୟ, ଜୀବନରେ ଅର୍ଜୁନ ବ୍ୟତୀତ
ନ କରିବ ବୋଲି ଆନେ ଶିଷ୍ୟ ପ୍ରିୟତର,
ଥିଲା ତବ ଏ ପ୍ରତିଜ୍ଞା ଅଜନ୍ମ ଅଟଳ ।
ଏତେ ସ୍ନେହ ଯେ ଅର୍ଜୁନେ (ପୁତ୍ରସେହୁଁ ବଳି)
ଆଚାର୍ଯ୍ୟ, ତୁମ୍ଭର୍, ଧରି ଧୈର୍ଯ୍ୟ ବା କପରି
ପ୍ରହାରି ହେ ଦେହେ ତାଙ୍କ ଅସ୍ତ୍ର, ରଣସ୍ଥଳେ ?
ସ୍ନେହ, ଭକ୍ତିପୂର୍ଣ୍ଣ ତୁମ୍ଭ ବେନିଙ୍କ ହୃଦୟ
ଘଟିବେ କପରି ହୁଏ ବୈରିତା-ଆଗାର ?
ଦେବାସନେ ବସେ ଅହୋ ନାସ୍ତିକ ଚଣ୍ଡାଳ,
ନୋହିବ ଆଶ୍ଚର୍ଯ୍ୟ କାଏ ଶୁଣିଲେ ଏ କଥା ?
କିନ୍ତୁ ନୁହ ତୁମ୍ଭେ ବେନି ଦୋଷୀ ସେଥିପାଇଁ,
ଦୋଷୀ ଏକା ସେହି କ୍ରୂର କ୍ଷତ୍ରିୟ ଧରମ;
ଦୟାମାୟାହୀନ ସେହୁ ଅତୀବ କଠୋର ।
ନିତାନ୍ତ, ନିଷ୍ଠୁର ନିନ୍ଦ୍ୟ କ୍ଷତ୍ରିୟ ଆଚାର୍,
ଉଚ୍ଚ ନୀଚ ଆତ୍ମପରଜ୍ଞାନ-ସଂବୁଦ୍ଧକ,
ପ୍ରତ୍ୟୁତ ତାଠାରୁ ଶ୍ରେୟ ଅଗଣିତ ଗୁଣେ
ଇନ୍ଦ୍ରିୟଦମନ, କ୍ଷମା, ବୈରାଗ୍ୟ, ଅହିଂସା,

ସତ୍ୟ, ଶୌଚ, ଅମାତ୍ସର୍ଯ୍ୟ, ଦୟା, ଶାନ୍ତି, ପ୍ରୀତି,
ମୈତ୍ରୀ ଆଦି ବନଗୁରୁ-ସୁଲଭ ଆଗୁରୁ ।
ଭୀଷ୍ମ ଶରଶଯ୍ୟା ଅନ୍ତେ ହେ ଗୁରୁ-ଭାସ୍କର !
ହୋଇ ତୁମ୍ଭେ ଅଭିଷିକ୍ତ ମୁଖ୍ୟ ସେନାପତି
ପଦେ, କୌରବ ପକ୍ଷରୁ, ପ୍ରକାଶିଲ ଅହୋ !
କି ହୁଙ୍କାର ପରାକ୍ରମ, ଭୁବନ-ବକାଶୀ,
ମହାଧନୁର୍ଦ୍ଧାରୀ ତୁମ୍ଭେ, ବୈରି-ହୃଦକାରୁ,
ମହାରଥୀ ଦ୍ରୋଣ ଗୁରୁ ଭୁବନବନ୍ଦିତ,
ଶୌର୍ଯ୍ୟେ ବୀର୍ଯ୍ୟେ ତୁମ୍ଭେ ଏକା ତୁମ୍ଭର ଉପମା;
ଦୁର୍ଦ୍ଧାର ତୁମ୍ଭର ମହାବସ୍ତୁଳ ବିକ୍ରମ,
ବାଧ୍ୟ ହେଲ ରଣସ୍ଥଳେ ଅସତ୍ୟ କଥନେ
ଚିର ଅନୃତ ବିରୋଧୀ ସୁଧୀ ଯୁଧିଷ୍ଠିରେ ।
ଭସ୍ମ-ସୁଧା ଲିପ୍ସାରେ ହେ ଦ୍ରୋଣାଭ ଦ୍ରୋଣ !
ମନ୍ଥିଲ ତୁମ୍ଭେ ପାଣ୍ଡବ-ବାହିନୀ-ବାରିଧି,
ମାତ୍ର ଭାଗ୍ୟଦୋଷେ ତବ, ଜାତ ହେଲା ତହୁଁ
ପ୍ରାଣଘାତୀ ତୀବ୍ରତମ ମହା ହଳାହଳ,
ବଧି ତୁମ୍ଭେ ପାଣ୍ଡୁ ପକ୍ଷ ଲକ୍ଷ ଲକ୍ଷ ସେନା
ଲଭି ହସ୍ତେ, ଅବଶେଷେ ହେଲ ଶିରଶୂନ୍ୟ,
ଧୃଷ୍ଟଦ୍ୟୁମ୍ନ ଧୃଷ୍ଟଦ୍ୟୁମ୍ନ ତୀକ୍ଷ୍ଣ କରବାଳେ,
ପାଞ୍ଚ ଦିନ ଯୁଝି ହେଲ ସ୍ୱପଞ୍ଚୁ ଅନ୍ତର ।

# ସପ୍ତମ ସର୍ଗ

## କର୍ଣ୍ଣ

ଦର୍ପିଚୂଡ଼ାମଣି କର୍ଣ୍ଣ କୌରବ-ଭରସା,
ଆଜନ୍ମ କବଚଧାରୀ କୁଣ୍ଡଳ ଭୂଷଣ,
ବସୁଧା-ବିଶ୍ରୁତ ତବ ଶୂରତ୍ୱ-ଗରିମା,
ଦାନର ମହିମା କିନ୍ତୁ ବଳେ ତାହାଠାରୁ,
ଶୂରତା, ଦାତୃତା ଏହି ଉଭେ ତୁମ୍ଭଠାରେ,
ମିଳିଥିଲେ ମନ୍ଦାକିନୀ କାଳିନ୍ଦୀ ସମାନ ।
ଦାନବୀର ତୁମ୍ଭେ, ଦାନେଚ୍ଛାର ଶୁଭ୍ର-ସ୍ରୋତ,
ବହୁଥିଲା ନିରନ୍ତରେ ଶତ ଶତ ଧାରେ
ହୃଦୟ-କନ୍ଦରେ ତବ, ବୀର ! ଥିଲା ନାହିଁ
"ନାହିଁ" ପଦ ତବ ତୁଣ୍ଡେ କେବେ, ଥିଲ ମେଲି
ଦାନର ପସରା ସଦା, ଯାଚକଗଣର
ଇଷ୍ଟସିଦ୍ଧି ପକ୍ଷେ ଥିଲ କଳ୍ପ-ବାଞ୍ଛାବଟ ।
ଅବାରିତ ତବ ଦ୍ୱାର ଯାଚକ ପକ୍ଷରେ
ଥିଲା ଅହୋରାତ୍ର ସଦା, ପ୍ରାର୍ଥନା ମାତ୍ରକେ
ହେଉଥିଲା ପୂର୍ଣ୍ଣ ଯାର ଯାହା ଅଭିଳାଷ ।
ଭାଗ୍ୟେ କେହି ମାଗିଥିଲା ନାହିଁ ପ୍ରାଣ ଯେଣୁ,
ତେଣୁମାତ୍ର ଥିଲ ତୁମ୍ଭେ ଜୀବିତ ରାଧେୟ !
ପୁରାଣ-ପ୍ରଥିତ ତବ ଦାନର ମହିମା ।
ଥିଲ ରାଜା, ଘେନୁଥିଲ ରାଜକର ଯାହା,
ତାହା ଦାନ ପାଇଁ ଖାଲି, ଦାନ ପାଇଁ ସିନା
ଶୋଷନ୍ତି ସାଗରୁ ଘନ ଦେବ ଦ୍ୱିଷାମ୍ପତି ।
ମହାଜ୍ଞାନୀ ମହାଦାନୀ ତୁମ୍ଭେ, ବୁଝୁଥିଲ
ଶାସ୍ତ୍ରବିଧାନର ଗୂଢ଼ ତତ୍ତ୍ୱ, ବୁଝୁଥିଲ
ମାନବର ଶାଧ୍ୟଦତ୍ତ ଏହି ହସ୍ତ ଦେନ
ନୁହେ ଖାଲି ଖାଦ୍ୟ ପେୟ ସଂଗ୍ରହ ସକାଶେ,
ବରଂ ତାହା ଦାନ,ଯଜ୍ଞ, ସତ୍କାର୍ଯ୍ୟ ନିମନ୍ତେ,
ତହିଁ ନିୟୋଜଣ ଥିଲ ତୁମ୍ଭେ ତାକୁ ଦାନେ ।
ହେ କର୍ଣ୍ଣ କୁମାରୀ କୁନ୍ତୀ କାନୀନକୁମାର !
ଥିଲ ତୁମ୍ଭେ ଯଥା ଧନୀ, କରୁଥିଲ ତଥା
ଧନର ସଦ୍‌ବ୍ୟବହାର, ଅସାର ଭଙ୍ଗୁର
ପାର୍ଥିବ ସମ୍ପତ୍ତି ସିନା, ମାଟିର ସେ ଧନ
ଶେଷେ ମିଶିଯାଏ ତହିଁ, ଜାଣି ତୁମ୍ଭେ ଏହା,
ସେହି ବିନଶ୍ୱର ମାଟିଧନ ବିନିମୟେ
କିଣୁଥିଲ ସାର ସତ୍ୟ ଅନଶ୍ୱର ଧନେ,
ଚିରସଙ୍ଗୀ ଚିରସାହା ମାନବର ଯେହୁ,
ଜୀବନେ ମରଣେ ସଦା ଅଚୌର୍ଯ୍ୟାପହୃତ ।
ସଞ୍ଚେ ଯେଉଁ ଧନୀ ଧନ ଭଣ୍ଡାରସ୍ଥ କରି,
ନ ଖାଇ ନ ଦେଇ, ଧନ ଜଗୁଥାଇ ସେହୁ,
ତାର ସେ ସଞ୍ଚୟ, ନୁହେଁ ସମ୍ପତ୍ତି ସଞ୍ଚୟ,
ଅଟେ ତାହା ପାପ ତାପ ଅନର୍ଥ ସଞ୍ଚୟ ।
ଅଙ୍ଗପତି ! କି ବର୍ଣ୍ଣିବ ତବ ବଦାନ୍ୟତା,
ଅତୁଳ ତା ଧରିତଳେ, ଦାତା କର୍ଣ୍ଣ ନାମ
ତବ, ସ୍ଥାୟୀ ଯୁଗେ ଯୁଗେ ଦୃଷ୍ଟାନ୍ତ ବଚନେ ।
ସତ୍ୟ ଦାନ ନିଷ୍ଠା ତବ ପରୀକ୍ଷା ଆଶୟେ,
କପଟ ବ୍ରାହ୍ମଣରୂପ ଧରି ଅଧୋକ୍ଷଜ,
କଲେକ ପ୍ରାର୍ଥନା ଆସି ତୁମ୍ଭର ସମୀପେ,
ତବ ପୁତ୍ର ବୃଷସେନ ପିଶିତ ଭକ୍ଷଣେ;
ଜାନ୍ତୁ କର୍ଣ୍ଣ ! ଧନ୍ୟ ତବ ଧୈର୍ଯ୍ୟ ସହିଷ୍ଣୁତା,
ନୋହି ଅସମ୍ମତ ଶୁଣି ଛଦ୍ମ ଦ୍ୱିଜଙ୍କର
ମର୍ମାନ୍ତିକ ସେ ପ୍ରସ୍ତାବେ, ଅତି ଅମାନୁଷୀ,
ତାଙ୍କ ପ୍ରାଣାଦପି ପ୍ରିୟପୁତ୍ର ବୃଷସେନେ,
କାଟିଣ ତା ମାଂସ ତୁମ୍ଭେ ସ୍ୱକରେ ଭରିତେ,
କରି ତାହା ପାକ, ଅହୋ ! ନିର୍ବିକାର ହୃଦେ
ନିବେଦିଲ ଅଭ୍ୟାଗତ ବ୍ରାହ୍ମଣ ସକାଶେ,
ସ୍ୱୀକୃତ ପାଳନ ପୁଣି ଧର୍ମରକ୍ଷାପାଇଁ
ପ୍ରାଣପୁତ୍ର ପ୍ରାଣଦାନେ ନୋହିଲ କୁଣ୍ଠିତ,

ଧନ୍ୟ ତୁମ୍ଭେ ଦାତା, ଧନ୍ୟ ତବ ସତ୍ୟବ୍ରତ,
ଦାନେ ଧର୍ମେ ଦେଖି ତବ ନିଷ୍ଠା ଅକୃତ୍ରିମ
ପ୍ରଭୁ ଦେବସ୍ୱାମୀ, ଲଭି ସନ୍ତୋଷ ଅତୀବ,
ଆଶିଦେଲେ ପୁତ୍ରେ ତବ ଅକ୍ଷତ ଶରୀରେ ।
ପୁଣି ଥରେ ଏହିରୂପେ ଦମ୍ଭୋଳି ନିକ୍ଷେପି,
କପଟ ବ୍ରାହ୍ମଣରୂପେ ଆସି ତବ ପାଶେ,
ପ୍ରାର୍ଥିଲେ ତୁମ୍ଭଙ୍କୁ ଦେହଲଗ୍ନ ସହଜାତ
କବଚ କୁଣ୍ଡଳ, ତହୁଁ ହେ ଦାନସାଗର !
ତାକ୍ଷଣ ଅସ୍ତ୍ରେ କାଟି ଅଙ୍ଗ ତୁମ୍ଭେ ସେହିକ୍ଷଣି ,
ସମର୍ପିଲ ଛଦ୍ମଦ୍ୱିଜେ କୁଣ୍ଡଳ ସନ୍ନାହ ।
ତୁଷ୍ଟ ହୋଇ ଇନ୍ଦ୍ର ତହୁଁ ଦେଲେ ବରରୂପେ
ଅବ୍ୟର୍ଥ ଏକଘ୍ନୀ ବାଣ, ଉପବଜ୍ର ସମ ।
ରଖିଥିଲ ତୁମ୍ଭେ ତାହା ପାର୍ଥବଧ ପାଇଁ
ଅତି ସାବଧାନେ; ମାତ୍ର ଯେବେ ଭୀମ ସମ
ଭୀମସୂନୁ-ଘଟୋତ୍କଚ ରଣେ, ତ୍ରସ୍ତ ହୋଇ
କୁରୁନାଥ ତବ ପାଶେ ପଶିଲେ ଶରଣ
କାତରେ ଡାକିଲେ,ଭୟେ,ସେକାଳେ ହେ ବୀର !
ପ୍ରହାରି ସେ ଅସ୍ତ୍ର ତୁମ୍ଭେ, ବଧି ଘଟୋତ୍କଚେ
( ଅମର-ଦୁର୍ବାର-ବୀର୍ଯ୍ୟ, ପରପୁରଞ୍ଜୟୀ )
ରଖିଲ, ଆସନ୍ନମୃତ୍ୟୁ-ମୁଖୁଁ କୁରୁନାଥେ ।
ଗଜଧ୍ୱଜ ! ଯେଉଁ ଦେଶେ ଜନ୍ମି ତୁମ୍ଭପରି
ଦାନଶୌଣ୍ଡେ, ଯାଇଛନ୍ତି ଧନ୍ୟା କରି ଦାନେ
ମାତୃଭୂମେ, ସାଗରାନ୍ତ ଧରଣୀ ମଧ୍ୟରେ,
ଅହୋ ସେ ଭାରତେ ଚିରଦାନ-ବାରିପୂତ
ସେହି ପାପହା ଭାରତେ, ଦେବ-ଅଧ୍ୟୁଷିତ
ସେହି ଭୂସ୍ୱର୍ଗ ଭାରତେ,ଦୁରୁହ ଏକାଳେ
ମୁଷ୍ଟିଭିକ୍ଷା, ନୁହେ କି ହେ ବଚନ ଏ କଥା ?
କାହାନ୍ତି ସେ ଦାନବୀରେ ? କାହିଁ ବା ସେ କାଳ ?
ସେହି ମହାଦାତା ମହାପୁରୁଷ ଆସନେ,
ଉପବିଷ୍ଟ ଏବେ ସ୍ୱାର୍ଥ-ସର୍ବସ୍ୱ ପେଟୁକେ ।
ବସ୍ତୁ ନାହିଁ ଆଉ କାହା ଦେବେଁ ପୂର୍ବପରି
ଏ ଭାରତେ ପ୍ରତିବେଶୀ ଦୁଃଖେ ଅଶ୍ରୁଧାର
ସମବେଦନାବ୍ୟଞ୍ଜକ, ରତ ସର୍ବେ ଏବେ
ଆତ୍ମସୁଖେ, କରେ କାର ଦୁଃସ୍ଥ-ପ୍ରତିବେଶୀ
କରୁଣ-କ୍ଷୀଣ-ଚିତ୍କାର, ଉପବାସ କ୍ଲେଶେ
ଅହର୍ନିଶ, ମାତ୍ର ସେହି ଧନିକ-ନନ୍ଦନ
ସଂକୁଚି ସେ ଦିଗେ କର୍ଣ୍ଣ ଭୁଞ୍ଜେ ମୁଦେ ବସି
ଦେବଭୋଗ୍ୟ ଭୋଜ୍ୟ, ଦିବ୍ୟ ଅଟ୍ଟାଳ ଉପରେ ।
ଗୃହଧର୍ମ ସାର ଯେଉଁ ଅତିଥି ସତ୍କାର,
ଏ କାଳେ ସେ ହୀନପ୍ରଭ, ଅହୋ କି ଦୁର୍ଦ୍ଦିନ !
ଯେ ଦେଶର ନିତ୍ୟବ୍ରତ ପର ଉପକାର,
ଏ କାଳେ ହେଲା ସେ ଦେଶ ଏତେ ଆତ୍ମମ୍ଭରି !
କେଉଁ ପାପେ କାହା ଶାପେ ହେଲା ଏ ଦୁର୍ଗତି,
କେଉଁ ପାପେ ଅବା ହେଲା ଗଙ୍ଗା ତୁଳସୀର
ତେଜୋହୀନ କଳପୂତେ, କେ କହିବ ମୋତେ ?
   ରବିସୁତ ! ତେଜେ ତୁମ୍ଭେ ଉପରବି ପ୍ରାୟ,
ତବ ରୁଦ୍ର ଯାବ ତେଜ ଇଚ୍ଛୁଥିଲା ସଦା
ଇରମ୍ମଦୁ ବଳ, ଥିଲେ ଏକା ପାର୍ଥ ତବ
ପ୍ରତିଯୋଦ୍ଧା, ତେଣୁ ସଦା ତାହାଙ୍କ ସହିତେ
ହୋଇଣ ଯୁଯୁତ୍ସୁ, ତୁମ୍ଭେ, ଥିଲ ସୁପ୍ରସ୍ତୁତ
ଧରଣୀକୁ ଅପାର୍ଥ ବା ଅକର୍ଣ୍ଣ କରଣେ ।
ଅପର ସାହାଯ୍ୟ ତୁମ୍ଭେ ନ କରି ପ୍ରତ୍ୟାଶା
କାର୍ଯ୍ୟକ୍ଷେତ୍ରେ କେବେ, ସ୍ୱୀୟ ପୌରୁଷ ଉପରେ
ରଖୁଥିଲ ସବୁ କାର୍ଯ୍ୟ ଏକାନ୍ତ ନିର୍ଭର ।
ମହାଦର୍ପୀ ଅବନସ୍ତ୍ରୀ ତୁମ୍ଭେ, ଥିଲ ତବ
ଦିବ୍ୟ ଅଭିରୁଚି ସଦା ଆତ୍ମବଳମାରେ;
କହଣୀର ଅନୁରୂପ ଥିଲେ ହେଁ କରଣୀ
ତୁମ୍ଭର, ତଥାପି କର୍ଣ୍ଣ ! ନୁହଇ ଶୋଭନ
ତୁମ୍ଭପରି ବୀର ମୁଖେ ଆତ୍ମସ୍ତୁତି ଗୀତି;
ଆତ୍ମମୁଖେ ଆତ୍ମସ୍ତୁତି ମରଣ ସମାନ ।
କରୁ ନାହିଁ ଏ ସଂସାରେ କାର୍ଯ୍ୟ କେହି କିଛି,
ତେବେ ଯାହା ହେଉଅଛି ଦୃଶ୍ୟ କାର୍ଯ୍ୟରୂପେ,
ସାଧିତ ତା ବିଶ୍ୱପତି ଅସୀମ ଶକ୍ତିରେ,
ଉପଲକ୍ଷ ମାତ୍ର ସିନା ମାନବ କେବଳ,

ନ ହେଲେ ଶକ୍ତି ସେ ପ୍ରଭୁ ମହାଶକ୍ତିଧର,
ନାହିଁ କାର ସାଧ୍ୟ କିଛି, ନରେ ବା ଅମରେ ।
ଜଗତର ସର୍ବକାର୍ଯ୍ୟ ସେ ଅନନ୍ତଙ୍କର
ଅନନ୍ତ ଶକ୍ତିସାପେକ୍ଷ, ଅତଃ ମାନବର
କି ଅଛି ପର ଶକ୍ତିରେ ପୌରୁଷ କାରଣ ?
ମଣେ ଯେଉଁ କାର୍ଯ୍ୟ ନର କର୍ତ୍ତବ୍ୟ ବୋଲିଣ,
କରେ ସେହି କାର୍ଯ୍ୟ ସେହୁ, କର୍ତ୍ତବ୍ୟ ସାଧନେ
ବଖାଣେ ଯେ ଆତ୍ମଶ୍ଲାଘା, ନିରର୍ଥକ ତାହା,
ସୁନ୍ଦର କି ନିଜ ମୁଖେ ନିଜର ବନ୍ଦନା ।
ଦୁର୍ଯ୍ୟୋଧନ-ଆଶାକାଶ-ତୁଙ୍ଗତମ କେତୁ
ହେ କର୍ଣ୍ଣ ! ମାହେନ୍ଦ୍ର ଯୋଗେ ମିଶିଥିଲ ଆସି
କୁରୁଦଳେ ତୁମ୍ଭେ, ପୁଣି ମାହେନ୍ଦ୍ରକ୍ଷଣରେ,
ସ୍ଥାପିଥିଲ ତବ ସହ ସଖ୍ୟ ଜ୍ୟେଷ୍ଠ କୁରୁ ।
ଦେଖି ଦୁର୍ଯ୍ୟୋଧନ ତବ ଅତୁଳ ପ୍ରତାପ,
ଅଦ୍ଭୁତ ଅସ୍ତ୍ରନୈପୁଣ୍ୟ, ସ୍ୱଦଳେ ସାଗ୍ରହେ
ଗ୍ରହି ତୁମ୍ଭଙ୍କୁ ରାଧେୟ ! କଲା ଅଙ୍ଗେ ରାଜା;
ପ୍ରତିଉପକାରରୂପେ ତୁମ୍ଭେ ସୁଝା ବୀର !
ଜିଣି ବାହୁବଳେ ବହୁ ଦେଶ, ବଢାଇଲ
କୌରବ ସାମ୍ରାଜ୍ୟ ସହ ଗୌରବ ତାହାର ।
ତୁମ୍ଭଙ୍କୁ ସହାୟ ଲଭି ହେ ବୀର ଭାସ୍କରି !
ତେଜିଥିଲା ଦୁର୍ଯ୍ୟୋଧନ ପାଣ୍ଡବଙ୍କ ପ୍ରୀତି
ବହୁ ଅଂଶେ, ମନୁ ଅହୋ ଯେ ବିଷମ ଭୟ,
ରହି ସଂଜାତ ଦୁଷ୍ଟ କୁରୁପତି ହୃଦେ
ଦିବାରାତ୍ର କରୁଥିଲା ତାକୁ ତ୍ରସ୍ତ, ପୁଣି
କିଂକର୍ତ୍ତବ୍ୟବିମୋହିତ, ଅଧୈର୍ଯ୍ୟ, ବ୍ୟଥିତ,
ହେଲେହେଁ ତୁମ୍ଭେ ହେ ସୌରି ପାଣ୍ଡବସୋଦର
ମାତ୍ର ତାଙ୍କ ବିରୁଦ୍ଧରେ କ୍ରୂର ଦୁର୍ଯ୍ୟୋଧନେ
କରୁଥିଲ ଉତ୍ତେଜିତ ଅତି ତୀବ୍ର ଭାବେ,
ସ୍ୱଭାବରେ ସୁଯୋଧନ ମହାନାଗ ସମ,
ଈର୍ଷା-ହଳାହଳୋଦ୍ଗାରୀ, ତହିଁ ପରେ ପୁଣି,
ଗୁଞ୍ଜୁଥିଲ ତୁମ୍ଭେ ଦୁଷ୍ଟ ଗୁଣିଆ ସଦୃଶେ
ସଦା ତାକୁ, କୁମନ୍ତ୍ରଣା-ରୂପ କୁମନ୍ତ୍ରରେ;
ବଢୁଥିଲା କ୍ରମେ ତହୁଁ ଔଦ୍ଧତ୍ୟ ତାହାର ।
ଦୁର୍ଯ୍ୟୋଧନ-ବିଜିଗୀଷା-ନଭଃ-ଧ୍ରୁବତାରା
ହେ କର୍ଣ୍ଣ ! ନିଷ୍ପାପ ପଞ୍ଚ ପଣ୍ଡିତ ପାଣ୍ଡବେ,
ହେଲେହେଁ ପ୍ରଚଣ୍ଡ ଗଣ୍ଡ, ମାତ୍ର ସ୍ୱଭାବେ ସେ,
ଶାନ୍ତ, ଦାନ୍ତ, ଧୀର ପୁଣି ଧର୍ମେ ସୁଧାର୍ମିକ,
ନ ଜାଣନ୍ତି ହିଂସା ସେହୁ ତେଣୁ ତାଙ୍କ ପ୍ରତି
ଦେବେ ସୁପ୍ରସନ୍ନ ସଦା; ଗୁଣ-ବିଚକ୍ଷଣ,
ସେହି ସାଧୁ ପାଣ୍ଡୁସୁତେ ବହି ତୁମ୍ଭେ ବୃଥା
ହିଂସା, ଆଣିଲ ହେ ସିନା ବଳେ ବଳେ ଡାକି
ନିଜ ଦୁର୍ଗତିକୁ ନିଜେ, ମହାସମାଦରେ ।
ଭୀଷଣା-ଭୁଜଙ୍ଗୀ-ଈର୍ଷା, ପୋଷିଲେ ତାହାକୁ
ହୃଦୟ-ପେଟିକା ମଧ୍ୟେ, ନିଶ୍ଚେ ଦିନେ ସେହୁ
ଗ୍ରାସକରେ ପୋଷକର ପ୍ରାଣ-ପ୍ଲବଙ୍ଗମେ ।
ଅଭେଦ୍ୟ ଧର୍ମ-ସନ୍ନାହେ ସଂପିହିତ ସଦା
ଧାର୍ମିକ ଶରୀର, ତାକୁ ପାରେ ନାହିଁ ଭେଦି
କେଉଁ କାଳେ ମତ୍ସରୀର ବିଷ-ଦିଗ୍ଧ-ଶର,
ଦେଉଳେ ଫିଙ୍ଗିଲେ ଲୋଷ୍ଟ୍ର କି କ୍ଷତି ତାହାର ?
ପ୍ରତ୍ୟୁତ ସେ ଲୋଷ୍ଟ୍ର ହୁଏ ବିଭକ୍ତ ଶତଧା ।
ଥିଲ ତୁମ୍ଭେ କର୍ଣ୍ଣ ! ବହୁ ସଦ୍‌ଗୁଣ-ମଣ୍ଡିତ,
ମାତ୍ର ତହିଁ ପଶି ଈର୍ଷା, ପୁଷ୍ପେ କୀଟ ପ୍ରାୟ,
କରିଥିଲ ସେ ସଦ୍‌ଗୁଣେ, ଦୂଷିତ, ବିକୃତ;
ବୀଭତ୍ସ-ରସିକବର ପାପୀ ଦୁର୍ଯ୍ୟୋଧନ,
କଲା ଯେବେ ଦ୍ରୌପଦୀଙ୍କୁ ସଭା ତଳେ ଉଲଗ୍ନ
ଅବସ୍ଥା କରିବା ଆଶେ, ଅହୋ ସେ ଦୁଷ୍ଟାକେ
ଲଭୁଥିଲେ ମର୍ମବ୍ୟଥା କେତେ ଯେ ପାଞ୍ଚାଳୀ,
( ସତୀ-ସୀମନ୍ତିନୀ ଦେବୀ ପାଣ୍ଡୁକୁଳବଧୂ )
ଶୁଣିଲେ ସେ ଦୁଃଖ ହେବ ପାଷାଣ ତରଳ !
ଏବେ ବିଲୁଳିତ ବେଶ, ଦୁଯେ ଗୁରୁଜନ
ଆଗେ ଅପମାନ, ସହେ କି ହେ ଏ ଯନ୍ତ୍ରଣା
ଲଜ୍ଜାକୁଳା କୁଳବାଳା ଅବଳା ପତ୍ନୀଏ ?
ତା ଉପରେ କର୍ଣ୍ଣ ତବ ଉପହାସ ବାଣୀ,
କରୁଥିଲା ସତୀ ଅଙ୍ଗେ ଦନା ଅସ୍ତ୍ରେ କ୍ଷତ;

ସ୍ୱଭାବେ ଅବଳା ଜାତ ଅତ୍ୟନ୍ତ ଅବଳା,
ଏଣୁ ସେ ସମସ୍ତଙ୍କର ସଦା ରକ୍ଷଣୀୟା,
ତାଙ୍କ ପ୍ରତି ଅତ୍ୟାଚାର ନୁହଇ ପୌରୁଷ,
ଅଟେ ତା କାପୁରୁଷତା ନିନ୍ଦିତ କୁତ୍ସିତ ।
ସମ୍ମୁଖରେ ଯାଜ୍ଞସେନୀ ଭ୍ରାତୃବଧୂ ତବ,
ତାଙ୍କ ପ୍ରତି ଏ ବେଭାର ହେଲା କି ସୁଧେୟ !
ଉପଯୁକ୍ତ ତବ ? ତାହା ସହିଲେ ଦ୍ରୌପଦୀ,
( କ୍ଷମାବତୀ ମହାସତୀ ମହାସହ୍ୟଶୀଳା )
କିନ୍ତୁ ନ ସହିଲା ଧର୍ମ, ଯେଣୁ ଅଧର୍ମର
ଦଣ୍ଡଦାତା ସେହୁ, ତେଣୁ ଭୁଞ୍ଜାଇଲା ଶେଷେ
ତୁମ୍ଭକୁ ତ କୁକୃତର ସମୁଚିତ ଫଳ ।
ଦୁଷ୍ଟ ସହବାସେ ସିନା ଏହି ଦୁଷ୍ଟ ଗୁଣ
ପ୍ରତିଫଳିଥିଲା କର୍ଣ୍ଣ ! ତବ ଚିତ୍ତ ପୁରେ;
ସହବାସ ହେତୁ ଜନ୍ମେ ଦୋଷ ଗୁଣ ବେନି,
ନାହିଁ ଭବେ ଏ ଉକ୍ତିର ଦୃଷ୍ଟାନ୍ତ ବିରଳ,
ଜଳର ଶୀତଳ ସ୍ୱାଦୁ ମାଟି ଗୁଣେ ସିନା ।
ଦୁଃଅନ୍ତେ ନିହତ ମହାକୁରୁକ୍ଷେତ୍ର ରଣେ
ରଣ-ବିଭୀଷଣ ଦ୍ରୋଣ, ମହାରଥୀଗୁରୁ,
ବୃତ ହୋଇ ତୁମ୍ଭେ କୁରୁସେନାପତି ପଦେ
ଭ୍ରମିଲ ବୈରିବେ ସେହି ରଣ-ମହାବନେ,
ଅସ୍ତ୍ର-କଣ୍ଟକିତ, ଶତ୍ରୁ-ଶ୍ୱାପଦସଙ୍କୁଳ;
ଭ୍ରମିଲେ ଯେସନ ପୂର୍ବେ ନିର୍ଭୟ ହୃଦୟେ
ଦର୍ପିତ-କନ୍ଦର୍ପ ଦେବ ଦେବ ସେନାପତି
କାର୍ତ୍ତିକ, ଭୀଷଣତମ ତାରକା ଆହବେ ।
ମହାଧନୁର୍ଦ୍ଧର ତୁମ୍ଭେ, ବ୍ରହ୍ମାସ୍ତ୍ରନିପୁଣ,
(ବୀରେନ୍ଦ୍ର-ମସ୍ତକଚୂଡ଼ା ମଧ୍ୟମଣି ଯୋଦ୍ଧା)
ଯୁଝି ଅତୁଟ ଉତ୍ସାହେ, ଅତୁଳ ବିକ୍ରମେ
ଅଷ୍ଟ ଦିନ, ନାଶି ବହୁ ଚତୁରଙ୍ଗ ସେନା,
ଜିଣିଲ ଅର୍ଜ୍ଜୁନ ଭିନ୍ନ ଅପର ପାଣ୍ଡବେ,
ମାତ୍ର ସ୍ମରି କୁନ୍ତୀ ସହ ପୂର୍ବ ସତ୍ୟବାଣୀ,
ନ ମାରିଣ ପ୍ରାଣେ ତାଙ୍କୁ ଦେଲ ତହୁଁ ଛାଡ଼ି ।
ଅବଶେଷେ ପାର୍ଥ ସହ (ଚିର ବୈରୀ ତବ)
ଦ୍ୱୈରଥ ସମରେ ଲଭି ମହାପରାଜୟ,
ଅର୍ପି ପୂର୍ଣ୍ଣାହୁତିରୂପେ ସୁନ୍ଦର ସ୍ୱଶିରେ
ଉଦ୍‌ଯାପିଲ ରଣ-ଯଜ୍ଞ ପ୍ରାଣ-ଯଜ୍ଞ ସହ ;
କଥା ରକ୍ଷି ସତ୍ୟ ଘେନି ଗଲ ତୁମ୍ଭେ ଚାଲି ।
ଏଡ଼େ ବଡ଼ ବୀର ତୁମ୍ଭେ, ଧ୍ୱଂସସକ୍ଷମ,
ତେଜିଥିଲେ ତବ ଭୟେ ନିଦ୍ରା ଯୁଧିଷ୍ଠିର
କି ପ୍ରାନ୍ତରେ କି ଆଗାରେ ଲଭି ସୁଖ ସାହା
ମହେନ୍ଦ୍ରପ୍ରତିମ ବଳୀ ଭ୍ରାତୃ-ଚତୁଷ୍ଟୟେ ।
ଜଗଜ୍ଜୟୀ ଧନଞ୍ଜୟେ ନ ବଧିବାଯାଏଁ
ନ ଧୋଇବ ଗୋଡ଼ ବୋଲି ରଖିଥିଲ ପଣ,
ଦୁଃଖ ହେଲେ କର୍ଣ୍ଣ ! ତୁମ୍ଭେ ପାର ଅବହେଳେ
ଘଟାଇ ମୃତ୍ୟୁର ମୃତ୍ୟୁ, ମାତ୍ର ପାରିଲ କି
ଲଙ୍ଘି ପାରେ ନିୟତିର ସୀମା ? ଅଲଙ୍ଘ୍ୟତା
ଚରାଚରେ; ହୋଇ ପଛେ ତେଜସ୍ୱୀ ଯେ ଯେତେ,
ମାତ୍ର ଜଗତିର ସେହୁ ନିୟତି ନିକଟେ;
ତେଜସ୍ୱୀର ତେଜ ସେହୁ ଗିଳେ ଅବହେଳେ,
ଗିଳେ ଯଥା ରତ୍ନାକର ଦୀପ୍ତ ଅଗ୍ନିକଣା ।
ସତତ ମନାସୁଥିଲ ମୃତ୍ୟୁ ଅର୍ଜ୍ଜୁନର,
ମାତ୍ର ତବ ମୃତ୍ୟୁ ତେଣେ ଗଣୁଥିଲା ବସି
ଚିତ୍ରଗୁପ୍ତ, ମୋହେ ଏହା ଯାଉଥିଲ ଭୁଲି;
ଅନ୍ୟର ଅଶିବ ଚିନ୍ତା ପୋଷନ୍ତି ଯା ନରେ
ହୃଦୟ-ଆଗାରେ, ତାର ଜନମଧ୍ୟେ ସିନା
ଘଟନ୍ତି ପ୍ରତ୍ୟାଘାତରେ ସ୍ୱକୀୟ ଦୁର୍ଗତି ।
ପୋଷିଥିଲ ବଡ଼ ଇଚ୍ଛା ବଧିବାକୁ ରଣେ
ସ୍ୱହସ୍ତେ ଅର୍ଜ୍ଜୁନେ, ମାତ୍ର ନିୟତି ନିୟମେ
ବଧ ହେଲ ତୁମ୍ଭେ ଶେଷେ ଅର୍ଜ୍ଜୁନ ହସ୍ତରେ,
ଅହୋ ! ନିୟତିର ଏ କି ଦୁର୍ଜ୍ଜୟ ନିୟମ !

# ଘାଳସୀ

# ଉପହାର

ଉତ୍କଳ-ପ୍ରଥିତଯଶା, ସର୍ବସାହିତ୍ୟାନୁରାଗୀ, ସ୍ୱଦେଶହିତୈଷିପ୍ରବର ମାନନୀୟ
ରାୟ ଶ୍ରୀଯୁକ୍ତ ସୁଦାମଚନ୍ଦ୍ର ନାୟକ ବାହାଦୁର ମହୋଦୟ

କରକମଳେଷୁ

ପରମ ଭକ୍ତିଭାଜନ ଶ୍ରୀମନ୍ମହୋଦୟ,

ଆପଣ ଭଦ୍ରଖର ଉଦୀୟମାନ ଚନ୍ଦ୍ର ଏବଂ ଉତ୍କଳମାତାଙ୍କର ଯୋଗ୍ୟତମ କୃତୀ ସନ୍ତାନ। ଦେଶ, ଜାତି ଏବଂ ସମାଜର ହିତକର ପ୍ରତ୍ୟେକ ଶୁଭାନୁଷ୍ଠାନରେ ଆପଣଙ୍କର ଆନ୍ତରିକ ସହାନୁଭୂତି ଦର୍ଶନ କରି ଆପଣଙ୍କ ପ୍ରତି ମୋର ସ୍ୱାଭାବିକ ଭକ୍ତି ଏବଂ ପ୍ରୀତି ଶତଗୁଣିତ ହୋଇଅଛି। ସେଥିର ନିଦର୍ଶନସ୍ୱରୂପ ମୋର ଏହି "ସାଳନ୍ଦୀ" ପୁସ୍ତିକାଖଣ୍ଡି ଆପଣଙ୍କ ସୁପବିତ୍ର କରକମଳରେ ମୁଁ ଉପହାର ଅର୍ପଣ କଲି। ଏହା ଆପଣଙ୍କର ଉପଯୁକ୍ତ ନ ହେଲେହେଁ ଅନ୍ତଃକରଣର ଅନ୍ତସ୍ତଳନିହିତ ଭକ୍ତିପ୍ରୀତ୍ୟନୁପ୍ରାଣିତ ହେତୁ ଏବଂ ସାଳନ୍ଦୀ ଆପଣଙ୍କ ପୁଣ୍ୟ ଜନ୍ମଭୂମିର ନଦୀ ହେତୁ ଆପଣଙ୍କ ନିକଟରେ ଗୃହୀତ ହେବ।

ଭଦ୍ରଖ

ଆପଣଙ୍କର
ସ୍ନେହସୌଜନ୍ୟମୁଗ୍ଧ
ଶ୍ରୀ ଚିନ୍ତାମଣି ମହାନ୍ତି

# ସାଳନ୍ଦୀ

—ନଷ୍ଟବାଣୀ—

ସ୍ବଚ୍ଛ ଚନ୍ଦବାଳା   ସଦା ମକରନ୍ଦୀ,
ମନ୍ତ୍ରମୟୀ ସ୍ବଚ୍ଛ—   ସଲିଳା ସାଳନ୍ଦୀ !
ଗିରିଚନ୍ଦବର୍ତ୍ତୀ   ମେଘାସନ-କନ୍ୟା,
ତରଙ୍ଗିଣୀ-ରାଣୀ   ରୂପେ ଗୁଣେ ଧନ୍ୟା ।
ସଲିଳ ତୋହର   ଯଥା କାଚଧାର,
ସାଧୁ ମନ ପ୍ରାୟେ   ନିର୍ମଳ ଉଦାର ।
ପିଇଲେ ସେ ସୁଧା—   ସମ ମଧୁପୟ,
ଦୂର ହୁଏ ଦେହୁଁ   ସକଳ ଆମୟ ।
ସ୍ନାନେ ତହିଁ କ୍ଷୟ   ହୁଏ ପାପରାଶି,
ଅଖଣ୍ଡ ସୁକୃତ   ଉଦେ ହୁଏ ଆସି ।
କଲେ ତୋହ ପୂତ   ସଲିଳେ ତର୍ପଣ,
ଲଭନ୍ତି ସନ୍ତୋଷ   ଦେବ-ପିତୃଗଣ ।
କାଳନ୍ଦୀ ସମାନ   ତୁହି ଲୋ ସାଳନ୍ଦି,
ସ୍ବଚ୍ଛ ଅନ୍ତଃସ୍ରୋତା   ଯଥା ଫଲ୍‌ଗୁ ନଦୀ ।
ସ୍ବର୍ଣ୍ଣମଣିକଣା   ନଷ୍ଟେ ତୋର ପାଣି,
ମୂରିବାକୁ ସେତୁ   କରେ ବାରବାମୀ ।
ନୀରନ୍ଧ୍ର ବେଷ୍ଟନେ   ସୁବିଶାଳ ଶାଳେ
ବେଢ଼ି ରହିଛନ୍ତି   ତୋ ଅନ୍ତଃଶାଳେ ।
ମନ୍ଦା ଅନ୍ଧାରିତ   ତୋ କଳ କନ୍ଦର,
ସୂର୍ଯ୍ୟକାନ୍ତି ତହିଁ   ପଶେ ନାହିଁ ଖର ।
ସ୍ବଭାବେ ସେ ସ୍ଥାନ   ପ୍ରାଣୀର ଅଗମ୍ୟ,
ପଶିବାକୁ ତହିଁ   ଭୀତ ହେବ ଯମ ।
ଜାତ ମାତ୍ରେ ତହିଁ   ମୁଦିଣ ନୟନ
ଅତଏବ ତାଜ—   ସୁଲଭ ଶୟନ ।

ତୁଅନ୍ତେ ଏ ସ୍ଥାନେ   ଦେବେ ତାଳ ଗତ,
ନବୀନ ଯୌବନ   ହେଲା ଉପଗତ ।
ଭାଙ୍ଗିଗଲା ତୋର   ନିଦ୍ରାର ଆଳସ୍ୟ
ପଣ୍ଡ ସଙ୍ଗମରେ   ବଳଲା ମାନସ ।
ଶୁଣିଲୁ କି କାହା   ଉଦାତ୍ତ ଆହ୍ବାନ,
ଜନ୍ମିଲା ତୋହର   ହୃଦେ ଦିବ୍ୟ ଜ୍ଞାନ ।
ତେଜି ତହୁଁ ତୁହି   ପ୍ରିୟ ପିତୃଶାଳେ
ବାହାରିଲୁ ଖରେ   ପ୍ରେମ ଅସମ୍ଭାଳେ ।
ଶୁଭ ଆଗମନ   ନିରେଖି ତୋହର
ଉଲ୍ଲାସେ ବନ୍ଦିଲେ   ତୋତେ ଚରାଚର ।
ପକ୍ଷିଗଣ ମିଳି   ଦେଲେ ହୁଳହୁଳି,
ସେ ରବେ ଚୌଦିଗ   ପଡ଼ିଲା ଉଚ୍ଛୁଳି ।
ପର୍ବତ କନ୍ଦର   ମଧ୍ୟରୁ ପବନ
କଲା ଘନ ଘନ   ଶୁଭ ଶଙ୍ଖ ସ୍ବନ ।
ଦିଗ୍‌ଦେବୀମଣ୍ଡଳୀ   ଲଭିଣ ଆହ୍ଲାଦ
ପ୍ରଣବଧ୍ୱନି ବ୍ୟାଜେ   କଲେ ଆଶୀର୍ବାଦ ।
ପୁଷ୍ପାଞ୍ଜଳି ଦେଇ   ଅର୍ଚ୍ଚିଲେ ସେକାଳେ
ବେନି କୂଳବର୍ତ୍ତୀ   ବନସ୍ପତିମାଳେ ।
ତୀରସ୍ଥ ମୃଗ—   ମୃଗୀ କୋଟି କୋଟି
ତୀର ବେଗେ ଧାଇଁ   ଆସିଲେ ପାଛୋଟି ।
ତୀରମଣ୍ଡୀ ତଣ୍ଡି   ଶାଖା ସଞ୍ଚାଳନ—
ଛଳେ କଲେ ପିତ   ଚାମର ବ୍ୟଜନ ।
ଉଗାଳିଣ ବେତେ   ବାଧା ଗଣ୍ଡ ପଥେ
ବାଦ ସାଧିଲେ ସେ   ତୋର ମନୋରଥେ ।

ମାତ୍ର ତୋର ଦୃଢ଼ ସଙ୍କଳ୍ପିତ ମନ
ମାନଲା ନାହିଁ ସେ ବାଧା ନିବାରଣ ।
ଦେଶକାଳପାତ୍ର ନୀତି ଅନୁସରି
ସେ ଋତୁଙ୍କ ତୁହି ଗଲୁ ତୁ ଉତୁରି ।
ଦୁର୍ବଳେ ଲୁଚାଇ ଚଳିଲୁ ସନ୍ତରେ,
ବାଟ ଖୋଜି ଗଲୁ ପ୍ରବଳ ପାଶରେ ।
ଶିଳା ଶେଯେ ଚାଲୁ ଡେଇଁ ଡେଇଁ ଗତି,
କାହିଁ ଉଗ୍ର କାହିଁ ଶୀତଳ ମୂରତି ।
କାହିଁ ଘୁ ଘୁ କାହିଁ ଧୁ ଧୁ ସ୍ୱନେ ସ୍ୱନ
କାହିଁ ଚଳ ଚଳ କଳ କଳ ଧ୍ୱନ ।
କାହିଁ ଜଳସ୍ତମ୍ଭ ସୃଜି ଲୁଚିଗଲେ
ଉର୍ଦ୍ଧ୍ୱେ ଚାଲି ମାରି ପଡ଼ୁ ଆସି ତଳେ ।
ଗର୍ଜି ଉଠେ ଝୁଙ୍କା ନାଗୁଣୀ ସମାନ
ଉଦ୍ଗାରୁ ସବେଗେ ଫେନପୁଞ୍ଜମାନ ।
ବନ୍ଧୁର ପାଷାଣ ଶେଯେ ହୋଇ ପାର,
ଭେଟିଲୁ ଆସି ତୁ ବିସ୍ତୀର୍ଣ୍ଣ କାନ୍ତାର ।
ଜମ୍ବୁକ, ଶ୍ୱାପଦ— ଉଭେ କଣ୍ଟକିତ,
ଗାଏ ବିହଙ୍ଗିକା ନୀରବ ସଙ୍ଗୀତ ।
ନିଃଶଙ୍କେ ଭେଦି ତୁ ସେ ଘୋର କାନନେ,
ହେଲୁ ଅଗ୍ରସର କୁଟିଳ ଗମନେ ।
ହେରି ତୋ ଉଲ୍ଲୋଳ କଲ୍ଲୋଳର ଲୀଳା
ଜଳଜାଳମା ନିର୍ମଳସଲିଳା—
ଗଡ଼ତୋଳ ନଦୀ ପୁଣି କଣ୍ଟିଆଳୀ,
ଆଲିଙ୍ଗିଲେ ତୋତେ ଯଥା ପ୍ରିୟଆଳୀ ।
ନୀର କ୍ଷୀର ପ୍ରାୟେ ହୃଦୟେ ହୃଦୟେ
ମିଶାଇ ଚଳିଲୁ ଘେନି ସଖୀଦ୍ୱୟେ ।
ଦର୍ଶକ ନୟନେ ସେ ଶୁଭମିଳନ
ତ୍ରିବେଣୀର ଚାରୁ କଳକ ଅଙ୍କନ ।
ସ୍ୱଭାବରେ ଯେଣୁ ଗିରି ମେଘାସନ
ଲଭିଛି ଉତ୍କଳେ ହିମାଦ୍ରି ଆସନ ।
ତାହାର ତୁ ଜ୍ୟେଷ୍ଠା କନ୍ୟା ଗୁଣବତୀ,
ତେଣୁ ତୁ ଉତ୍କଳେ ନିଶ୍ଚେ ଭାଗୀରଥୀ ।

ମହତ କୂଳରେ ତୋହର ଉଦ୍ଭବ,
ତେଣୁ ମହାତ୍ମ୍ୟ ତୋଠାରେ ସମ୍ଭବ ।
ଆର୍ତ୍ତିହର ଭାର କରେ ଯେ ବହନ,
ସେ ସିନା ମହତ ନାମକୁ ଭାଜନ ।
ପିତା ତୋର ଅତି ବଦାନ୍ୟ ହୃଦୟ,
ଅସଂଖ୍ୟ ପ୍ରାଣୀର ପରମ ଆଶ୍ରୟ ।
ସେହିପରି ତୁହି ବିତରି ଜୀବନ,
ଅଗଣିତ ଜୀବେ ପ୍ରଦାନୁ ଜୀବନ ।
ବଂଶୀୟ ସଦ୍ଗୁଣ ସିନା ବଳେ ବଳେ,
ସୁସନ୍ତତି-ହୃଦ— ରମ୍ୟେ ପ୍ରତିଫଳେ ।
ସୁନ୍ଦରବାହିନୀ ତୁହି ଲୋ ସାଳନ୍ଦି,
ମଞ୍ଜୁ ଭଞ୍ଜଭୂମେ ବେଢ଼ିଅଛୁ ଛନ୍ଦି ।
ଜନକ ମନ୍ଦିରୁ ବାହାରି ତଟିନି,
ଚଳିଲୁ ହୋଇ ତୁ ପଶ୍ଚିମବାହିନୀ ।
ଖଣ୍ଡେ ଦୂର ଖରେ ଆସି ଏକୁଟିଆ
ଭେଟିଲୁ ସମ୍ମୁଖେ ଗ୍ରାମ ଡଙ୍ଗାଡିହା ।
ନାହିଁ ସେ ଖଣ୍ଡରେ ଆନ ଜଳାଶୟ,
ତୁ ଏକା ସେ ଗ୍ରାମେ ମହତ ଆଶ୍ରୟ ।
ଧୋଇ ପୂର୍ବଘାଟ ଗିରି ପୂତ ପାଦ
ଗମିଲୁ ଦକ୍ଷିଣେ ଲଭି ମହାହ୍ଲାଦ ।
ଭେଟିଲୁ ତୁ ତହୁଁ ଯାଇ ଜଗପଦା,
ଅଧିଷ୍ଠିତ ଯହିଁ ଶୋଭାଦେବୀ ସଦା ।
ଗିରିସ୍ତରେ ମଣ୍ଡି ତୋର ବେନି ତୀର
ଦିଶେ ଯଥା ଦୀର୍ଘ ମର୍କତ ପ୍ରାଚୀର ।
ଗଡ଼ ପ୍ରାୟେ ଶୋଭେ ମଧ୍ୟଖଣ୍ଡ ଧର,
ହିଂସ୍ରଜନ୍ତୁ ସଦା ଦିଅନ୍ତି ପହର ।
ଅତିଥି-ସେବାରେ ଯେଣୁ ସାବଧାନ,
ରଖିଛୁ ଅତିଥି ପୂଜା ଉପାଦାନ ।
ଗର୍ଭରେ ସମାଧି ରଖିଅଛୁ ଜଳ,
ବେନି ତୀରେ ବନ୍ଧୁ ସୁରସାଳ ଫଳ ।
ଚିକ୍କଣ ନିର୍ମଳ ପ୍ରସ୍ତର ଆସନ,
ଅସଂଖ୍ୟ କନ୍ଦର ସୁରମ୍ୟ ସଦନ ।

ତୁଷ୍ଟଅବା ଚମ୍ପା ନାଗେଶ୍ୱର ବନ
ନିନ୍ଦଇ ଅମର ନନ୍ଦନ କାନନ ।
ବିକଟ ସୁନ୍ଦର ଦୃଶ୍ୟ ସେ ସ୍ଥାନର
ଧର୍ଷ ରଟେ ପାନ୍ଥ ନୟନ ଅନ୍ତର ।
ଭେଦି ସାତଭେଡ଼ି ୧ ବାଉଁବାଙ୍କଠାରେ ୨
ସ୍ଥିତ ତୁ ବିଭକ୍ତ ହୋଇ ବହୁଧାରେ ।
ତୁହିଁ କିଶେ ଯଥା ବହୁ ବାଡ଼ାହାସ୍ତି ୩
ଏକ ତହୁଁ ସଙ୍ଗେ ଆସନ୍ତି ବାହାରି ।
ଅବା ବହୁ ବେଣୀ ରୌପ୍ୟ ଚନ୍ଦ୍ରହାର
ଧରଣୀ କଟିରେ ଦିଶଇ ଉଦାର ।
ତେବେ ସ୍ଥାନେ ସ୍ରୋତେ ତୋହର ଭ୍ରମି ପକ୍ଷୀ,
ମାଉଅଛି ସ୍ରୋତେ ବଣମଛି-ବଛି ।
କସ୍ତ ବାଳକେ ବନେ ବୁଲି ବୁଲି
ନସ୍ତି ବହୁତେ ଶାନ୍ତ ବାତୁଳ ।
ଧନୁଶର ଧରି କେ କରେ ପରୀକ୍ଷା
ସ୍ୱକୀୟ ଅଭ୍ୟସ୍ତ ଲକ୍ଷ୍ୟଭେଦ ଶିକ୍ଷା ।
ହସ୍ତଲଘୁତା ବା   କେ ଦେଖାଏ ଶୂଳେ
ପ୍ରଦାନ ବୈଧବ୍ୟ—   ଦୀକ୍ଷା ମୃଗୀକୁଳେ ।
ସାଳନ୍ଦି, ତୋ ନୀରେ   ବନ୍ୟବାଳାକୁଳ
ବିହରନ୍ତି ଜଳ—   କେଳି ହୋଇ ତୁଳ ।
ବୁଡ଼ାଇ ସଲିଳେ   ଆକଣ୍ଠ ଶରୀର
ଟେକିଥାନ୍ତି ମାତ୍ର   ଉପରକୁ ଶିର ।
ତୋ ବକ୍ଷେ କମଳ   ଫୁଟିଲି ପରାଏ
ତାହାଙ୍କ ଅମଳ   ଆସ୍ୟ ଶୋଭାପାଏ ।
ସ୍ନାନାନ୍ତେ ସକଳେ   ଧରି କକ୍ଷେ ଶିରେ—
ଜଳପୂର୍ଣ୍ଣ କୁମ୍ଭ,   ଗମନ୍ତି ସଧୀରେ ।
ସ୍ଥୂଳ ସ୍ଥୂଳ ବାଟେ   ତୋଳି ଯୁଗ ଜଙ୍ଘା
କରନ୍ତି ମନ୍ଥନ   ତୈଳଙ୍ଗୀସ୍ଥ ଗଜା ।
ପଦ୍ମସ୍ୱର ମୋଷ୍ଟ   ଗୁଞ୍ଜା ହେଲ ଭୁଲେ
ଶୋଭେ ତା ଶୋଭାମ୍ବୁ-ଧୌତ ଗଣ୍ଡ ମୂଳେ ।

ନୀର-ଦରପଣେ   ନିରେଖି ସେ ଶୋଭା
ହସନ୍ତି ହରଷେ—   ରସେ ସର୍ବ ଯୋଷା ।
ଅମନ୍ଦଗାମିନୀ   ତୁହି ଲୋ ସାଳନ୍ଦି,
କରୁ ତୁ ସ୍ୱରୂପ   ମନୋହେନ ବନ୍ଦୀ ।
ତୋ ସ୍ରୋତ ତରଳ—   ରଜତର ଧାର,
ଅବନୀ ବକ୍ଷରେ   କିବା ମଣି ହାର !
ମଣିପସି ୪ ରୁଦ୍ର   ଦୃଶ୍ୟ ଆଣେ ସ୍ମିତ,
ଆଜୀବନ ହୁଏ   ନୟନ-ଅତୃପ୍ତ ।
ବିକଟ-ସଙ୍କଟ-   ସଙ୍କୁଚିତ ପଥେ
ଚଳୁ ତହିଁ ତୁହି   ତୁଷ୍ଟ ମନୋରଥେ ।
ଗର୍ଭେ ଠାବେ ଠାବେ   ସୁଗଭୀର କୁଣ୍ଡ,
ତେଣ ପାଶେ ଗିରି   ଟେକିଥାନ୍ତି ମୁଣ୍ଡ ।
ଉର୍ଦ୍ଧ୍ୱୁ ଖସି ଜଳ   ସ୍ଥୂଳ ସ୍ତମ୍ଭାକାରେ
ତୀରବର୍ତ୍ତୀ ଭୂମେ   ସଘନେ ଝଙ୍କାରେ ।
ସ୍ମୃଥିକେ ସେ ଶବ୍ଦେ   ସ୍ୱନେ ଘଣ୍ଟ ଘଣ୍ଟ
ତୀର-ଶୈଳଗୁହା   ମହାବଳ ରଣ୍ଡି ।
ଉଠି ପୂର୍ଣ୍ଣ ତାରି   ଶତ ପ୍ରତିଧ୍ୱାନ
ତହିଁ ମିଶି ତାକୁ   କରଇ ମହାନ ।
ନାଦେ କି ଈଶାନ   ପ୍ରଳୟ ବିଷାଣ,
ଶୁଣି ଥରେ ଭୟେ   ପଥିକର ପ୍ରାଣ ।
ଅତି ଶୀତ ବାତ   ତହିଁ ପ୍ରବାହିତ,
ନିଦାଘ ମଧ୍ୟାହ୍ନେ   କରି ଉଠେ ଶୀତ ।
ବହୁ ଉର୍ଦ୍ଧ୍ୱୁ ଜଳ   ଖସିପଡ଼େ ତଳେ,
ଫାଟିପଡ଼େ ଆଖି   ଚାହିଁଲେ ସେ ସ୍ଥଳେ ।
ସେ ଜଳପ୍ରପାତ   ଦେଖି ଭାବେ କିଏ,
ହିମାଦ୍ରି ଶିଖରୁ   ପଡ଼େ କି ଜାହ୍ନବୀ ?
ଦେବଭୋଗ୍ୟ ଫଳ   ପାତ ବୃନ୍ତ ଝଣ୍ଡ
ତୋହ ଜଳେ ପଡ଼ି   ଯାଉଅଛି ସଡ଼ି ।
ଅପ୍ରସିଦ୍ଧ ଦେଶେ   ଯଥା ମହାଜନ—
ସୁପ୍ରତିଭା ନଷ୍ଟ   ହୁଏ ଅକାରଣ ।

୧—ସ୍ୱନାମପ୍ରସିଦ୍ଧ ପର୍ବତ । ୨—ସ୍ଥାନବିଶେଷ । ୩—ସର୍ପ । ୪—ସ୍ୱନାମପ୍ରସିଦ୍ଧ ଗ୍ରାମବିଶେଷ ।

ନିର୍ଝରରେ ଲଙ୍ଘି  ଗିରି ମସ୍ତକରୁ
ଝରଝରି କେତେ  ଛୁଟୁଥାନ୍ତି ଜଳ ।
ସଙ୍କଟ ପର୍ବତେ  ଭୀଷଣ ଘୂର୍ଣ୍ଣୀରେ
ଘୂରୁଥାନ୍ତି କେତେ  ପୁଚ୍ଛ ଗୁଳ ଧୀରେ ।
ବନ ହସ୍ତୀପଲ  ହୋଇ ଠେଲଠେଲି
ନଦୀଘେ ଚରନ୍ତି  କହିଁ ଜଳକେଳି ।
ଜଳଧାରୁ କେ  ଦେଖାଏ ବା ମୁଣ୍ଡ,
ଖଣ୍ଡ ଖଣ୍ଡ କେତୁ  କରେ ଗିରି ଶୁଣ୍ଡ ।
ଜଳଧାର ସଙ୍ଗେ  କଲେ ଏପରି
ସୁକ୍ଷ୍ମ କରି କରି  ଖେଳନ୍ତି ପହଁରି ।
କାହିଁ ମୃଗକୁଳ  ସହାସ ଚଞ୍ଚଳ—
ଗୃହାଁଣି ପ୍ରକାଶି  ପିଉଥାନ୍ତି ଜଳ ।
କାହିଁ ବା ବରାହ  କାହିଁ ନୀଳଗାଈ
ସଭୟେ ଉତ୍ପୁଚ୍ଛେ  ଯାଆନ୍ତି ପଳାଇ ।
ବଣୁଆ ବାଣୁଆ  ପ୍ରସ୍ତର ଉହାଡ଼େ
ଲୁଚିଥାଏ କାଣ୍ଡ  ଧରି କେଉଁଆଡ଼େ ।
ଚଳଲକ୍ଷ୍ୟଭେଦୀ  ତାହାଙ୍କର ବାଣ,
ନିମିଷେ ନାଶଇ  ଆନ୍ତାନ୍ତର ପ୍ରାଣ ।
ରୁଦ୍ର ମନୋହର  ଆସ୍ତର୍ଣ୍ଣ ଦୃଶ୍ୟରେ
ପୂର୍ଣ୍ଣ ବକ୍ଷ-ତୀର  ତୋର ନିରନ୍ତରେ ।
ଏକାଧାରେ ଠୁଳ  ହସ, କାନ୍ଦ, ରୋଷ,
ଯେ ଆଧାରେ ଗୁଣ  ସେ ଆଧାରେ ଦୋଷ ।
ତହୁଁ କାନ୍ତ ଦୂର  ବହି ବନପଥେ
ଚମ୍ପାପାଳ ଗ୍ରାମ  ଭେଟିଲୁ ପୁରତେ ।
ଉତ୍କଳଭୂମି ସୀମା  ସେହିଠାରୁ ଛାଡ଼ି
ନିମ୍ନଗତି କରୁ  ପଥାପଥ ମାଡ଼ି ।
ଛାଡ଼ି ହଦଗଡ଼  ଜଙ୍ଗଲ ପ୍ରଦେଶ
ମାଗଧ ସୀମାରେ  କଲୁ ତୁ ପ୍ରବେଶ ।
କେତେ ସ୍ଥାନେ ବହୁ  କେତେ ଭଙ୍ଗୀ ଧରି,
କାହିଁ ବଙ୍କଗତି  ଭୁଜଙ୍ଗିନୀ ପରି ।
କାହିଁ ବା ସଙ୍କଟେ  ଯାଉ ଖଣ୍ଡେ ଗୁଳି,
ଗିରିଗର୍ଭେ କାହିଁ  ଖେଳୁ ଲୁଚକାଳି ।

କାହିଁ ବହୁ ଧରି  ବିସ୍ତୀର୍ଣ୍ଣ ଆକାର
କାହିଁ ଅବା କ୍ଷୀଣ  ଯଥା ସରୁ ତାର ।
ଲଙ୍ଘି କେତେ ବନ  ବିଶାଳ ପ୍ରାନ୍ତର,
ଗ୍ରାମ ରାଜଧାନୀ  ଅସଂଖ୍ୟ ନଗର,
ମିଶାଇଲୁ ଅଙ୍ଗ  ମହାସିନ୍ଧୁ ଅଙ୍ଗେ,
ପାତକହାରିଣୀ  ବୈତରଣୀ ସଙ୍ଗେ ।
ସାଲନ୍ଦି, ତୋହର  ବନ୍ୟାରୁଦ୍ର ମୂର୍ତ୍ତି
ନିରେଖି ହୃଦୟେ  ଧରି ନୁହେଁ ଧୃତି ।
ପ୍ରବଳ ବେଗରେ  ମାଡ଼ିଆସେ ଜଳ,
ଧାଏଁ ଖରେ ସ୍ରୋତ  ଗର୍ଜ୍ଜି କଳକଳି ।
ବିସ୍ତୃତ କେତେ  ଭୀଷଣ ଭଉଁରୀ
ଖେଳୁ ପ୍ରିୟ ଖେଳ  ତୁ ଚକାଭଉଁରୀ ।
ଯେ ପଡ଼େ ସେ ଭ୍ରମ  ଭଉଁରୀ ବେଗରେ,
ଘୂରି ଘୂରି ଶେଷେ  ବୁଡ଼ିଯାଏ ଖରେ ।
ଊର୍ମି-ଆବର୍ତ୍ତରେ  ପଡ଼ି ଜୀବ ଯଥା,
ଘୂରି ଜନ୍ମ କାଳ  ହରାଏ ସ୍ୱସତ୍ତା ।
ଭାସିଯାଏ ସ୍ରୋତେ  କେତେ ଆବର୍ଜ୍ଜନା,
ପ୍ରାଣ-ସ୍ରୋତେ ଯଥା  ଅସଂଖ୍ୟ ଘଟଣା ।
ନବନୀତ-ଜାତ  ଶୁଭ୍ର ଫେନରାଶି
ତିଳଭାର ପ୍ରାୟେ  ଆସେ ସ୍ରୋତେ ଭାସି ।
ସୁକବି-କଳ୍ପନା—  ପ୍ରବାହେ ଯେସନ
ଭାସି ଆସେ କ୍ରମେ  ଭାବ ଅଗଣନ ।
ସେ ବିଶାଳ ଫେନ—  ସ୍ତୂପ ଆଶ୍ରା କରି
ଭାସିଯାନ୍ତି ସର୍ପେ  ଭେଳାସେହି ପରି ।
ବନ୍ୟା ଉପଦ୍ରବୁଁ  ବନ୍ୟ ପ୍ରାଣୀଙ୍କର
ଜୀବନ ରକ୍ଷାରେ  ସେ ଫେନନାବର ।
ପିମ୍ପୁଡ଼ି ଉପରେ  ପିମ୍ପୁଡ଼ି ଆରୋହି
ଭାସି ଯାଉଥାନ୍ତି  ମଳା ମଳା ହୋଇ ।
ହେଲେ ହେଁ ସେମାନେ  ଆକୃତିରେ ସାନ,
ନିଶ୍ଚୟ ମନୁଷ୍ୟ—  ଠାରୁ ବୁଦ୍ଧିମାନ ।
ଏକତା ବଳରେ  ପ୍ରବଳ ସବଳେ,
ଅସାଧ୍ୟ ସାଧନ  କରନ୍ତି ସେ ବଳେ ।

ସ୍ରୋତ ଅନୁକୂଳେ ହୋଇ ତୀରଗତା
ଖସେ ଭୀମ ନାଦେ ଭୀଷଣ ଅଭଙ୍ଗା ।
ସେ ଶବଦ ତୀରବାସୀ ସୁପ୍ତଜନେ
ନିସ୍ତବ୍ଧ ନିଶୀଥେ ଜଗାଏ ବହୁଢେ ।
ସାଲନ୍ଦି ! ତୋ ଗର୍ଭେ ଅଛି ଯହିଁ ଗଣ୍ଡ,
ସେହିଠାରେ ତୋର କ୍ଷମତା ପ୍ରଚଣ୍ଡ ।
ତୀବ୍ର ଆନ୍ଦୋଳନେ ଫୁଲିଉଠେ ଜଳ
ସୃଜି ଘୂର୍ଣ୍ଣବେଣୀ ଗର୍ଜ୍ଜି କଳ କଳ ।
ସେ ଜଳତାଣ୍ଡବ ଦେଖି ହୁଏ ଭ୍ରମେ,
ଖୋଲୁଛନ୍ତି ଜଟା ଗଙ୍ଗା ଭଗୀରଥେ ।
ସେ ରୁଦ୍ର ତାଣ୍ଡବ ନାବବାହୀ ମନେ
ନାବମଗ୍ନାଶଙ୍କା ଆଣେ କ୍ଷଣେ କ୍ଷଣେ ।
ଜଳାବର୍ତ୍ତେ ପଡ଼ି ହୋଇଣ ଦୁର୍ବଳ
ଘୂରି ଉଠୁଥାନ୍ତି ରୋହିତ ସକଳ ।
ଖଣ୍ଡାକୃତି ଜନ୍ତୁ ସ୍ରୋତ ପ୍ରତିକୂଳେ
ସନ୍ତରି ନ ପାରି ଭେଇଁ ଭେଇଁ ବୁଲେ ।
ଅଛ ଖରେ ତୋର ବନ୍ୟା ଆସେ ମାଡ଼ି
ତୀରସ୍ଥ ପାଦପେ ସମୂଳେ ଉପାଡ଼ି,
ମୁହୂର୍ତ୍ତେ ପ୍ରାନ୍ତର ବନ ପଥ ସବୁ
ଏକାକାର କରି ସୃଜେ ନବାର୍ଣ୍ଣବ ।
ସେ କାଳେ ତୋ ରୁଦ୍ର ସୁନ୍ଦର ମୂରତି
ବର୍ଣ୍ଣିବାକୁ ନଦି ! କାହିଁ ମୋ ଶକତି ?
ଜେବେ ବା ଗ୍ରୀଷ୍ମକାଳେ ପ୍ରବାହ ପତନ
ସୃଜେ ବକ୍ଷେ ତୋର ଦ୍ୱୀପ ଅଗଣନ ।
ମହୀତୋପେ ଯହିଁ ଗର୍ତ୍ତରୁ ବୈରିବେ,
ସ୍ତୂପୁଳେ ଶ୍ୱସତ ନିଃସ୍ୱନ ସେ ରବେ ।
ତସ୍ବରବାସୀ ସେ ଭୀଷଣ ନାଦ
ଶୁଣି ତୀରବାସୀ ଗଣନ୍ତି ପ୍ରମାଦ ।
ଢେଉ ପଛେ ଢେଉ ଆସିଣ ସର୍ବଥା
ତୀରଭୂମି ପାଦେ ପିଟିଦିଏ ମଥା ।
କମ୍ପିଉଠେ ତେଣୁ ଆଘାତେ ଅବନୀ,
ଶାରସ୍ଥ ଉଦ୍ଦେଶରୁ ଉଠେ ପ୍ରତିଧ୍ୱନି ।

ପ୍ରକୃତି-ରାଣୀ ବା କହନ୍ତି ଏ ରୂପ,—
“ସୁନ୍ଦର ସାଲନ୍ଦି, ଏ ତୋ ଭୀମରୂପ ।”
ଜଳଦେବୀ ବେଳ— ମଣ୍ଡପ ପରଏ
ବସ୍ତିକେ ତୋ ଗର୍ଭେ କୁଦ ଠାଏ ଠାଏ ।
ଗଣ୍ଠାଇଣ ନାବ ରଜନୀ ସମୟେ
ବିଶ୍ରାମନ୍ତି ତହିଁ ନାବକନିଚୟେ ।
ଜଳଚର ପକ୍ଷିକୁଳ ଦଳଗତ—
ଘେନ ବାହାରଇ ସେଠାରେ ମାରୁତ ।
ଚକୋରଦମ୍ପତି ଦିବା ଅନୁସାରି,
ମୃତ ମାନବର ଚରମ ଆଗାର ।
ଉଲ୍କାମୁଖୀ ମୁଖ— ସମ୍ଭୂତ ଆଲୁଏ
ନିଶୀଥେ ସେ ସ୍ଥାନ ଆଲୋକିତ ହୁଏ ।
ଡାଆଣୀ ଆଲୁଅ ମଣି ସେ ଲୋକେ,
ଚମକିଉଠନ୍ତି ଦେଖି ପାନ୍ଥ ଲୋକେ ।
କେଉଁ କୁଦ ଉଚ ଦେହ ଶବାକାର,
ବର୍ତ୍ତୁଳ ତ୍ରିକୋଣ ଆକୃତି କାହାର ।
କେହି ତରୁଶୂନ୍ୟ କେ ତରୁଗହଳ,
କେ ମୃତ୍ତିକା କେହି ବାଲୁକା କେବଳ ।
ଉତ୍କଳାଖ୍ୟ ବୃକ୍ଷ ରହି ପୁଞ୍ଜି ପୁଞ୍ଜି
ରଚନ୍ତି କେଉଁ କୁଦେ ମଞ୍ଜୁ କୁଞ୍ଜ ।
ବସନ୍ତେ ସେ କୁଞ୍ଜୁ ହଳଦୀବସନ୍ତ
ସଙ୍ଗୀତ ଆଳାପ ଉଠଇ ସତତ ।
ପବନ ହିଲ୍ଲୋଳେ ଦୋଳ ନିମ୍ବଡ଼ାଳେ,
କାହିଁ ପିକବଧୂ “କୁହୁ” ମଧୁ ଡାକେ ।
ନିସ୍ତବ୍ଧ ନିଶୀଥେ ଜଳଦେବୀକୁଳ
ବିହରନ୍ତି ଯେଣି ହୋଇ ତହିଁ ଠୁଳ ।
ଦାଉବହୂଳତ ପାକ୍ଷିଦେବଗଣ
କରନ୍ତି ତାହାଙ୍କୁ ଗୁମରେ ବ୍ୟଜନ ।
ନିଶୀଥ ଗର୍ଜ୍ଜନ ବ୍ୟାଜେ ନିସ୍ତବ୍ଧତା
ଜଣାଏ ଦେବୀଙ୍କୁ ସ୍ୱାଗତ ବାରତା ।
ପୂଜନ୍ତି ଦେବୀଙ୍କି ଦ୍ରୁମ ଲତାବଳୀ
ଅର୍ପି ଶ୍ରୀଚରଣେ କୁସୁମ ଅଞ୍ଜଳି ।

ବୃକ୍ଷୁଁ ବୃକ୍ଷାନ୍ତରେ ଛନ୍ଦି ଦେଇ ସୂତା
ନିର୍ମାଣେ ଦେବୀଙ୍କ ଚନ୍ଦ୍ରାତପ ଲୂତା ।
ବିନ୍ଦୁ ବିନ୍ଦୁ ତହିଁ ପଡ଼ିଣ ଶିଶିର
ମୁକ୍ତାଥୋପା ପ୍ରାୟ ଦିଶଇ ରୁଚିର ।
ରଞ୍ଜିବା ପରଶେ ସେହି ଚନ୍ଦ୍ରାତପ
ଆକାଶେ ଔଜ୍ଜ୍ୱଲ୍ୟ ଜ୍ୟୋତି ଧପ ଧପ ।
ନଗଣ୍ୟ କୀଟ ଏ ଲୂତା କ୍ଷୁଦ୍ରକାୟ,
ଜନ୍ତୁ କୀଟଶ୍ରେଣ୍ୟ ଶିଳ୍ପ ତନ୍ତୁବାୟ ।
ଏଇ କଳାବିଦ୍ୟା ମାନବ ଅଜ୍ଞେୟ
ତାହୁଁ ଏ ଶିଖିଲା କୀଟକୁଳଶ୍ରେୟ ।
ଜଗଦ୍ଗୁରୁ ହରି ଜଗତ ଅନ୍ତରେ
ପ୍ରସ୍ତୁରନ୍ତି ଶିକ୍ଷା ଅତି ଗୋପନରେ ।
ସେହି ଶିକ୍ଷା ସିନା ଜୀବର ସମ୍ବଲ,
ଆନ ଶିକ୍ଷା ତାର ସ୍ମରଣ କେବଳ ।
ସୃଷ୍ଟିକାଳୁଁ କୀଟ ! ବଂଶ ଅନୁକ୍ରମେ
ରତ ଅଛୁ ତୁହି ଏକ ଭଳି କର୍ମେ ।
ରଖିଅଛୁ ରୁଚି ସେଥିରେ ସମାନ,
ନ ଶିଖୁ କପାଇଁ ନବ୍ୟ ରୁଚିମାନ ?
ନିତ୍ୟ ପରିବର୍ତ୍ତ— ଶୀଳ ଏହି ଭବେ
ପରିବର୍ତ୍ତନହିଁ କେବଳ ସମ୍ଭବେ ।
ନବୀନ ଯନ୍ତ୍ରର ନିତ୍ୟ ଉଦ୍ଭାବନ
ଦେଖି ନ ତେଜିଲୁ ପ୍ରଥା ପୁରାତନ ।
ନାହିଁ ତୋର ଆନ ସୁରୁଚିରେ ଆଶ,
ମାନବ କେବଳ ସିନା ରୁଚିଦାସ ।
ସୁଖଦ ଶରଦେ ଧନ୍ୟ ଲୋ ସାଳନ୍ଦି !
ରମଣୀୟ ଶୋଭା ଯଥା ବିଷ୍ଣୁପଦୀ ।
ଧରଣୀର ଚୂଳୁ ସୀମନ୍ତ ପରିଏ
ସେ କାଳେ ତୋ ଦିବ୍ୟ ରୂପ ଶୋଭାପାଏ ।
ବର୍ଷା-କଳୁଷିତ ଭାବ ପରିହରି
ସତ୍ତ୍ୱ ଗୁଣ ଧରି ଭସ୍ମ ପୂର୍ବ ପରି ।
ଶୁଭ୍ର ନୀର ତୋର ଯଥା ମାତୃକ୍ଷୀର,
ବଢ଼ାଏ ସ୍ଥାବର ଜଙ୍ଗମ ଶରୀର ।

ଶୁକ୍ତି-ଭାରନତ ଆଳୁବା ପୁଳିନ
ମନୁଷ୍ୟ ଦ୍ରବ ଭାବ କରିଦିଏ ଲୀନ ।
ସୁନ୍ଦରୀ ସ୍ତମ୍ଭରେ ସେ ଶୁକ୍ତି-ସୈକତ
ଶୋଭେ ହୀରଖଣ୍ଡ ମୁକ୍ତାରାଶିବତ ।
ଜଳଦେବୀକୁଳ ଦେଲେ ନିବାଞ୍ଛନ,
ବେଣୁ ଅବା ତୂଳ ହୋଇ ଦେବୀଗଣ,
ତାଣ୍ଡବ ନର୍ତ୍ତନ କରନ୍ତି ଏ ଠାବେ,
ଗମ୍ଭୀର ନିର୍ଘୋଷେ ଭୋଳ ହୋଇ ଭାବେ ।
ସେ ନର୍ତ୍ତନେ ଛିଣ୍ଡି ମୋତି ହୀରା ହାରେ
ଚୂର୍ଣ୍ଣି ହୋଇ ଅବା ପଡ଼ନ୍ତି ଏଠାରେ ।
ସାତ ପାଞ୍ଚ ମାଝି ମିଳି ଏକସଙ୍ଗେ
ବସି ନିଜ ନିଜ ନାବ ପଛ ମଙ୍ଗେ,
କ୍ଷେପଣୀ ନିକ୍ଷେପି ଗୀତ ଗାଇ ଗାଇ
ଧୀର ସ୍ରୋତେ ନାବ ନେଉଥାନ୍ତି ବାହି ।
ଶ୍ରମଅପହାରୀ ସେ ଉମାଳ ସ୍ୱର
ନଦୀବକ୍ଷେ କରେ ନିର୍ଘୋଷେ ମୁଖର ।
ବାହିଁ ମତ୍ସ୍ୟଜୀବୀ ମତ୍ସ୍ୟକୁଳବୃନ୍ଦା
ନଦୀବକ୍ଷେ ନାବେ ଜାଲଦିଏ ଫନ୍ଦା ।
ସେ ଆଲୋକ ନଦୀ-ଜଳେ ପ୍ରତିଫଳି
ତପ୍ତ ହାଟକର ଶୋଭା ଦିଏ ଢାଳି ।
ଦେଖିଣ ସେ ଶୋଭା ହୁଟୁଁ ମୀନକୁଳ,
ହୋଇ ଅତିଶୟ ଆନନ୍ଦେ ଆକୁଳ,
ଦେବସୂତପ୍ରୀତି-ସମ୍ପାଦନ ଆଶେ,
ଆସନ୍ତି ସକଳେ ଧାଇଁ ତାହା ପାଶେ ।
ସେ ଆଲୋକେ ଅଙ୍ଗ ମିଶାଇବା ପାଇଁ
ଡେଇଁପଡ଼ି ନାବେ ପଡ଼ନ୍ତି ସେ ଯାଇ ।
ଗୋଟିଏ ଇନ୍ଦ୍ରିୟ ସେବାରେ ସକଳେ
ପଡ଼ିଲେ ଅକାଳେ ଶମନ କବଳେ ।
ଯେବେ ନର ସଦା ପାଞ୍ଚଟି ଇନ୍ଦ୍ରିୟ,
କି ଗତି ତାହାର ବଳେ ଭାବନୀୟ ।
ସାଳନ୍ଦି, ଶରତେ ଛାଇ ତୋର ବକ୍ଷ
ବସନ୍ତି ଅକାତ କୀଟ ଲକ୍ଷ ଲକ୍ଷ ।

କେଉଣ ଦେଶୁଁ ଏ  ଆସି କାହିଁପାଇଁ
ହସନ୍ତ ଜୀବନ  କେହି ଜାଣେ ନାହିଁ ।
ଖେଳନ୍ତି ତରଙ୍ଗେ  ଶ୍ୱେତହଂସକୁଳ,
ଯେସନ୍ତେ ଜଳଦେବୀ  ବେଣୀଖୋସା ଫୁଲ ।
ତନ୍ତୁଲତାଗୁଳ୍ମ  ସାଳନ୍ଦି, ତୋ ତୀର
ମଣ୍ଡିହୋଇ ଦିଶେ  ଶରତେ ରୁଚିର ।
ଧରିଥାନ୍ତି ଯାହିଁ  କାଶତଣ୍ଡୀପନ୍ତି
ସହସ୍ର ସହସ୍ର  ଶୁକ୍ଳ ବୈଜୟନ୍ତୀ ।
ଯେଣୁ ତୁହି ସଦା  ସତ୍ତ୍ୱଗୁଣମୟୀ,
ତେଣୁ ସେହି ଚିହ୍ନ  ଅଛୁ ଅବା ବହି ।
ତଣ୍ଡୀକୁଞ୍ଜେ ବସି  ବାୟା ଦଳେ ଦଳେ
ରଚି ଥାନ୍ତି ଖେଳ—  କଳ କୋଳାହଳେ ।
ଯାହିଁ ଅଙ୍କୁରନ୍ତି  ଶୋଭେ ଚକ୍ରଫୁଲେ,
ଯାହିଁ ମର୍କରଙ୍ଗା  ମାଣ୍ଡନ୍ତି ମଞ୍ଜୁଳେ ।
ଯାହିଁ ଅବା ଫୁଟି  କହ୍ଲାର ମହକେ,
ପବନ ହିଲ୍ଲୋଳେ  ନାଚ ଫଡଫଡେ ।
ଅଣ୍ଟରେ ଗାଙ୍ଗୋଇ  ଧରି ମାଛଟିଏ
ଗଛଡାଳେ ପିଟି  ତାର ପ୍ରାଣ ନିଏ ।
କିଛି କ୍ଷଣ ସ୍ଥିର  ରହି ଆକାଶରେ,
ଖସିପଡ଼ି ଜଳେ  ମାଛରଙ୍କା ଖରେ ,
ମାଛ ଘେନ ଥଣ୍ଟେ  ଉଡ଼ିଯିବା ବେଳେ,
କ୍ଷଣେ ଇନ୍ଦ୍ରଧନୁ  ଶୋଭା ନଭେ ଖେଳେ ।
ଯାହିଁ ବା ବେଣ୍ଟେଇ  ପକ୍ଷୀ ଦଳେ ଦଳେ,
ଲମ୍ବ କ୍ଷୀଣ ପାଦେ  ପ୍ରଧାଇଁ ଚଞ୍ଚଳେ,
ସଘନେ ସଞ୍ଚାଳି  ପୁଚ୍ଛ କ୍ଷୁଦ୍ର ମୀନେ
ଧରି ଭୁଞ୍ଜୁଥାନ୍ତି  କି ଯତ୍ନ କି ଦିନେ ।
ଜଳ ତଟେ ଯାହିଁ  ବନବେତ ବକ
ବସିଛି ନିଶ୍ଚଳେ  ହୋଇ ସ୍ଥିରଲକ୍ଷ୍ୟ ।
କେବେ ମୀନଟିଏ  ପଡ଼ିଲେ ନୟନେ,
ଗିଳିଦିଏ ଧରି  ତାହାକୁ ବଦନେ ।
ଭ୍ରମୁଁ ଭ୍ରମୁଁ ଦିନେ  ସାଳନ୍ଦି, ତୋ ତୀରେ,
ଦେଖିଲି ପଡ଼ିଛି  କାଠଟିଏ ନୀରେ ।

ମାଛ ଏକ ତାକୁ  ଖୁମ୍ପି ଖାଉଁ ଖାଉଁ
ଝାମ୍ପିନେଲା ଉଡେ଼  ଚିଲ ଆସି କାହୁଁ ।
ଜେତା ଦୁର୍ବଳକୁ  କାଳ ଏହିପରି,
ଅଲକ୍ଷ୍ୟରେ ତାହିଁ  ନେଇଯାଏ ହରି ।
ଏହିପରି ଦ୍ୱେଷ  ଈର୍ଷା ନିରନ୍ତରେ
ଲାଗିଛି ସାଳନ୍ଦି,  ସଦା ତୋ ବକ୍ଷରେ ।
ଜନନେନେ ସଦା  ଜନ୍ତୁ ତୁ ଅଙ୍କର
ପ୍ରବଳ ଦୁର୍ବଳ  ଘୋର ସଙ୍ଘର୍ଷଣ ।
ଈର୍ଷା-ଅଗ୍ନିମୟେ  ପୂର୍ଣ୍ଣ ଏ ଜଗତ,
ଲାଗିଛି ଏ ଲୀଳା  ସର୍ବତ୍ର ସତତ ।
ଏ ମହାଶିକ୍ଷା କି  ପ୍ରତ୍ୟକ୍ଷ ନୀରବେ,
ବୁଝିବେ ତୋ ଜୀବ  ଅବୁଝମାନବେ ।
ହେମନ୍ତେ ତୋ ତୀରେ  ଯେବେ ଶସ୍ୟକ୍ଷେତ୍ର,
ଆକର୍ଷେ ଦୂରୁ ସେ  ଦର୍ଶକର ନେତ୍ର ।
ସର୍ଷପ କେଦାରେ  ଘନେ ଫୁଟି ଫୁଲ,
ଦିଶେ ଶୁଭେ ଯଥା  ତୋ ପୀତ ଦୁକୂଳ ।
ଝଳ କ୍ଷେନେ ବହେ  ସୁନାଖିଡ଼ା ହାଟେ,
ଗଣ ସୌରଭରେ  ପୁରେ ବାଟ ଘାଟେ ।
ଏ କାଳେ ତୋ ତୀର  ଶୋଭାର ଆକର,
ଶସ୍ୟପୂର୍ଣ୍ଣ ଯଥା  ଲକ୍ଷ୍ମୀ ଭଣ୍ଡାଗାର ।
କାର୍ତ୍ତିକବ୍ରତୀଏ  ଶେଷ ରଜନୀରେ
କରନ୍ତି ସ୍ନାନ ତୋ  ସୁପବିତ୍ର ନୀରେ ।
ସେ କାଳରେ ହରି—  ଧ୍ୱନି ହୁଳହୁଳି
ପୁଣ୍ୟ ଶବ୍ଦ ଉଠେ  ତୋ ଗର୍ଭ ଉଛୁଳି ।
କାର୍ତ୍ତିକ ହବିଷ୍ୟ  ଉଦ୍ୟାପନ କାଳେ
ଦୀପ୍ତ ହୁଏ ତୋର  ବକ୍ଷ ଦୀପମାଳେ ।
ରମ୍ଭାପଟେ ରଥ  ନିର୍ମାଣି କୌଶଳେ
ଦୀପ ଜାଳି ତହିଁ  ଭସାନ୍ତି ତୋ ଜଳେ ।
"ଆକାମାଆବଇ"  ଶମାନନ୍ଦକର
ଖୁସି ବକ୍ଷେ ତୋର  ଦିଶେ ସୁନ୍ଦରତର ।
ଯାଏ କେତେ ରଥ  ବହୁ ଦୂରେ ଭାସି,
ଅଟକେ ବା କେତେ  ତୀରେ ଫେରି ଆସି ।

ଖସୁ ଖସୁ କେତେ   ପବନ ବେଗରେ
ଲେଉଟି ପଡ଼ଇ   ଅର୍ଦ୍ଧପଥେ ଖରେ ।
ଏହିପରି ସର୍ବେ   ଭାଗ୍ୟଫଳ ପାଇ
ଜୀବନର ଲୀଳା   ଭିଆନ୍ତି ଦେଖାଇ ।
ଏହିପରି ସିନା   ଭବେ ଜୀବମାନେ
ଆସୁଛନ୍ତି ନିତ୍ୟ   ଯାଧାତା ଯାଧାନେ ।
କେହି ଦୀର୍ଘଜୀବୀ   ସୁକୃତବଶରୁ,
ମୃତ ହୁଏ କେହୁ   ଜନମାଜଠରୁ ।
କେହି ବା ଯୌବନେ   କେହି ବାଲକାଳେ,
ଚଳନ୍ତି ସବଳେ   ପ୍ରେତପଣ୍ଡ-ଆଳେ ।
ଶ୍ରୀନାଶୀ ଶିଶିରେ   ତୋର ରୁକ୍ଷବେଶ
ଦେଖି ଜନେ ଦୁଃଖ   ମାନସେ ଅଶେଷ ।
କ୍ରମେ କୃଶ ହୁଏ   ସ୍ଥୂଳ ଶରୀର,
ବିଶେଷ ପାଣ୍ଡୁରିତ   ତୋର ଦେହ ତୀର ।
ପୂର୍ବେ ଥିଲ ଯେହୁ   କମଳା-ଉଦ୍ୟାନ,
ଏ କାଳରେ ହେଲ   ଭୀଷଣ ଶ୍ମଶାନ ।
ଏ ରୂପେ ନିଯୁକ୍ତ   ସର୍ବଙ୍କ କପାଳେ
ଆଣେ ସୁଖ ଦୁଃଖ   ଭୋଗ ଯଥାକାଳେ ।
ବସନ୍ତେ ତୋହର   ତୀର କୁଞ୍ଜପୁଞ୍ଜ,
ମଳୟ ମାରୁତେ   ହୋଇ ଦେହ ମାଜ,
ପ୍ରକାଶନ୍ତି ସର୍ବେ   ଅପୂର୍ବ ମାଧୁରୀ
ଫଳେ, କିଶଳୟେ,   କୁସୁମେ ପ୍ରପୂରି ।
କାହିଁ ହିଙ୍ଗୁଳିତ   କିଂଶୁକ ସୁମନେ,
ଫଗୁ ଖେଳନ୍ତି କି   ଦିଗଙ୍ଗନାଗଣେ ।
ସ୍ତରେ ସ୍ତରେ କାହିଁ   ଫୁଟିଣ ଅଶୋକ,
ହରେ ମଧୁଲୁବ୍ଧ   ମଧୁପର ଶୋକ ।
ଘନ ତରୁଶାଖୀ   କାହିଁ ତରୁଅନା
ମଧୁବ୍ରତର ଭୃଙ୍ଗେ   କରଇ ବର୍ଦ୍ଧନା ।
କାହିଁ ବା ବସନ୍ତ—   ବାନ୍ଧବୀ ମାଧବୀ
ଗନ୍ଧେ ମତ୍ତକାଏ   ତୋ ତୀର ଅଟବୀ ।
କାହିଁ ଅବା ଫୁଟି   ସୁରଙ୍ଗ ଶାଳ୍ମଳୀ
ରୂପେ ଉଜ୍ଜ୍ୱଳାଏ   ତୀରବନସ୍ଥଳୀ ।

ବହୁ ପକ୍ଷୀ ତହୁଁ   କରି ମଧୁପାନ
ଆନନ୍ଦ ସଙ୍ଗୀତ   କରୁଥାନ୍ତି ଗାନ ।
ଉଡାଉଛି ବୋବାଏ   ଉଦଭ୍ରଦଳଅ,
କାହିଁକି କେଜାଣି   ହୁଏ ସେ ଛାଳଅ ।
ବାରମ୍ବାର ଉଞ୍ଚ   ବସେ ବାରମ୍ବାର
ପକ୍ଷ ଚଳପଟେ   ଭରଣ ବିସ୍ତାର ।
ନିଦାଘେ ଭାସ୍କର   ପ୍ରଖର କିରଣେ,
ତୋ ଜୀବନ କ୍ଷୟ   କରେ ଅନୁକ୍ଷଣ ।
ସେ କାଳେ ତୋ ଅଙ୍କ   ବିଶେଷ ଶୂନ୍ୟାନ୍ୱିତ,
ବାଲିପଦା ପ୍ରାୟ   ହୁଏ ଅନୁମିତ ।
ମଧ୍ୟାହ୍ନେ ସେ ବାଲି   ତାତେ ଅତିଶୟ,
ବିଶେଷ ଭୟଙ୍କର   ମୃଗତୃଷ୍ଣାମୟ ।
ତପ୍ତ ଘୂର୍ଣ୍ଣିବାୟୁ   ବୁଲେ ତହିଁ ଘୂରି
ସୃଜ ଠାବେ ଠାବେ   ବାଲୁକାଭଉଁରୀ ।
ସେ ଭୀଷଣାବର୍ତ୍ତେ   ତପ୍ତ ବାଲି ଉଡ଼ି
ଆଚ୍ଛାଦେ ତୋ ଅଙ୍ଗ   ଯେସନ କୁହୁଡ଼ି ।
କାମ୍ପା ବୋଲାହେଉ   ସର୍ବାଙ୍ଗେ ବିଭୂତି,
ଗ୍ରୀଷ୍ମେ ଧରୁ ଯେଣୁ   ଦିଗମ୍ବର ମୂର୍ତ୍ତି ।
ସାଳନ୍ଧି, ତୋହର   ନିଦାଘ ଦୁର୍ଗତି
କୀର୍ତ୍ତନେ ଅକ୍ଷମ   କବିର ଭାରତୀ ।
ନ ଥାଏ ତୋ ଅଙ୍ଗେ   କାନ୍ତି ଅଳଙ୍କାର,
କିନ୍ତୁ ତହୁଁ ବୃକା   ବିଧବା ପ୍ରକାର ।
ତଟବର୍ତ୍ତୀ ଭୂମି   ପୁରି ଶୁଷ୍କ ଘାସେ
ଅଲକ୍ଷ୍ମୀ ଆବାସ   ପରିଏ ଆଭାସେ ।
ଶିଶିର-ବିଶୀର୍ଣ୍ଣା   ନାଗୁଣୀ ଯେସନ
ବସନ୍ତେ ପ୍ରବଳେ   କରଇ ଗମନ ,
ପ୍ରାବୃଟେ ତେସନ   ହୋଇ ତୁ ପ୍ରବଳା
ଗଣ୍ଡବଳେ ଜଣୁ   ସୁନ୍ଦରୀ ଚପଳା ।
କେତେ ସ୍ଥାନେ ନଦି !   ଅଛି ତୋର ଘାଟ,
ପ୍ରାବୃଟେ ସେ ସ୍ଥାନେ   ବସେ ସଦା ହାଟ ।
ସଂସାରର ଲୀଳା   ତହିଁ ନିତ୍ୟ ନିତ୍ୟ
ପ୍ରକାଶ୍ୟରୂପରେ   ହୁଏ ଅଭିନୀତ ।

ଯେ ଆସେ ଏ ପାର୍ଶ୍ୱ- ଯେ ଯାଏ ସେ ପାର୍ଶ୍ୱ,
ପଣ ନେଲେ ନାବେ ଚଢ଼ାଏ କାଣ୍ଡାରୀ ।
ଆସନ୍ତି ସେଠାକୁ ଯେତେ ଶୂନ୍ୟହସ୍ତେ,
ନଦୀ ପାରି ନୋହି ଫେରନ୍ତି ସମସ୍ତେ ।
ଏହିପରି ପ୍ରଭୁ ସୁଦର୍ଶନଧାରୀ
କରୁଛନ୍ତି ଜୀବେ ଭବ-ନଦୀ ପାରି ।
ଧର୍ମ ଏକା ତାଙ୍କ ନିରୂପିତ ପଣ,
ସେ ପଣେ ହୁଅନ୍ତି ପାରି ଜୀବଗଣ ।
ସେହି ମହାଧନ ନ ଥାଏ ଯାଠାରେ,
ଫେରିଆସେ ସେହୁ ଭବ-କାରାଗାରେ ।
ପୁଣ୍ୟମୟୀ ତୁହି ସାଳନ୍ଦି, ସ୍ୱଭାବେ,
ଧରୁ ବକ୍ଷେ କେତେ ତୀର୍ଥ ଠାବେ ଠାବେ ।
ସାଳନ୍ଦି ! ତୋ ତୀର ଅମରସଙ୍କାଶ,
ଯେଣୁ ଦେବତାଙ୍କ ଅଟେ ପ୍ରିୟବାସ ।
ଅଣିତାଖ୍ୟ ଗ୍ରାମେ ସ୍ୱୟମ୍ଭୁ ଅଣିତ,
ବସନ୍ତି ବିସ୍ତାରି କରୁଣା-କଣିକ ।
ବିପାଶୁ ସେ ଗ୍ରାମେ ସାଳନ୍ଦୀ ତଟିନୀ,
ଆଲିଙ୍ଗିଛୁ ହୋଇ ପ୍ରେମେ ଉନ୍ମାଦିନୀ ।
ଅଧିଷ୍ଠିତ ତହିଁ ଶ୍ରୀ ସିଦ୍ଧେଶ୍ୱର,
ସ୍ୱୟମ୍ଭୁ ଦେବତା ଯୋଗୀଶ୍ୱର ହର ।
ସିଦ୍ଧେଶ୍ୱରଙ୍କ ମହିମା ପ୍ରଭାବେ,
ସର୍ପାଘାତ ଭୟ ଅଜ୍ଞାତ ଏ ଠାବେ ।
ଶତ ଅଷ୍ଟଦଳ କମଳ ଉପରେ,
ବିଜେ ମହାଶମ୍ଭୁ ସ୍ୱୟମ୍ଭୁ ରୂପରେ ।
ଚିରକୁମାର ପୁଣ୍ୟବ୍ରତଧାରୀ,
ଶ୍ରୀ ରାମାନୁଜ ସାଧୁ ବ୍ରହ୍ମଚାରୀ,
ଏ ସ୍ଥାନକୁ ହୋଇ ବିଧାତୃ-ପ୍ରେରିତ,
ସ୍ଥାନୀୟ ମାହାତ୍ମ୍ୟ କଲେ ବିବର୍ଦ୍ଧିତ ।

ଭିକ୍ଷାରେ ସଂଗ୍ରହି କରି ଧନଧାନ,
ବହୁ ଶୁଭକାର୍ଯ୍ୟ କଲେ ଅନୁଷ୍ଠାନ ।
ପଞ୍ଚସ୍ତର ସହ ମୁଦ୍ରା କରି ବ୍ୟୟ,
ନିର୍ମାଣିଲେ ତୁଙ୍ଗ ଶିବ ଦେବାଳୟ ।
ସେବା ନିର୍ବାହାର୍ଥେ ବହୁ ଭୂସମ୍ପତ୍ତି, ୧
ମାଗି, କ୍ରୟ କରି ଖଞ୍ଜି ଦେଲେ ଯତି ।
ସ୍ଥାପି ପାଠଶାଳା— ସଂସ୍କୃତ, ଉତ୍କଳ,
କଲେ ଶିକ୍ଷାପଥ ସୁଗମ୍ୟ ସରଳ ।
ଲଭି ଦୀନ ଛାତ୍ରେ ଅଶନ, ବସନ,
କରନ୍ତି ନିର୍ବିଘ୍ନେ ବିଦ୍ୟା ଅଧ୍ୟୟନ ।
କରି ଦେବ-ସେବା ଜନସେବା ଆଦି,
ସାର୍ଥକିଲେ ସ୍ୱୀୟ ସନ୍ନ୍ୟାସୀ ଉପାଧି ।
ବିଶ୍ୱସେବାରେ ଯେ ସତତ ପ୍ରୟାସୀ,
ସେହି ଧର୍ମଗୁରୁ, ସେ ଏକା ସନ୍ନ୍ୟାସୀ ।
ମର୍ମରନିର୍ମିତ ଶିବଙ୍କ ଶକଟ,
ବଢ଼ୁଛନ୍ତି ଶିବ କହେ କିମ୍ବଦନ୍ତୀ । ୨
ସେହି ମହାଲିଙ୍ଗ ଶାଶ୍ୱତ ବିଗ୍ରହ
ବିଶ୍ୱ-ଇତିହାସ କରନ୍ତି ସଂଗ୍ରହ ।
ତାଙ୍କ ଶଲ୍ୟପଦ୍ମ ପାଦୋଦକ ପାଇ
ଭବ-ବନ୍ଧନରୁ ଲଭେ ଭକ୍ତ ତ୍ରାହି ।
ଶିବରାତ୍ରି ଦିନ ବସେ ତହିଁ ମେଳା,
ଲାଗେ ଭକ୍ତଙ୍କର ଭକ୍ତି-ଲୀଳାଖେଳା ।
ମହିମ୍ନସ୍ତୋତ୍ର କେ ପଢ଼େ ଶୁଦ୍ଧ ସ୍ୱରେ,
କେହି ଅବା ରୁଦ୍ର—ଅଭିଷେକ କରେ ।
କେହି ତାଙ୍କ କହେ ଯୋଡ଼ି ବେନି କର,
"ହର ମୋ ଦୁର୍ଗତି ସ୍ମରହର ହର ।"
ଘୃତେ ନବନୀତେ କେ କରେ ମାର୍ଜ୍ଜନ,
ପୁଷ୍ପ ଚମ୍ପାହାରେ କରେ କେ ଭୂଷଣ ।

୧—ଶିବଙ୍କର ଦେବୋତ୍ତର ସମ୍ପତ୍ତି ୧୮ ଏକର ଥିଲା । ବାବାଜୀଙ୍କ ଯତ୍ନରେ ବର୍ତ୍ତମାନ ୭୦ ମାଣ ହୋଇଅଛି । ୨—ଶିବଙ୍କର ବିଶାଳ ଶକ୍ତି ପାଲମର୍ମର ପ୍ରସ୍ତର ନିର୍ମିତ; ତହିଁର ଓଜନ ୨୭ ମହଣ । ଶିବଙ୍କର ପରିଧି [illegible] ୭ ଅଙ୍ଗୁଳ ।

ସିଂହାର ବେଶ କେ ରଚେ ଶିଳ୍ପ ପଣେ,
କେଉଁ ବା ହାତୁରେ ଭେଟେ ପୁଷ୍ପଛନେ ।*
ଗୈରିକ ବସନ— ପରିହିତ ଯୋଗୀ
ଗଢେନ୍ତି ସେବାରେ ମାନସ ନିଯୋଗି,
ବମ୍ ବମ୍ ଶବ୍ଦେ ଘୋଷେ ଶିଙ୍ଗାଧ୍ୱଜ,
ଶମ୍ଭୁ ଶମ୍ଭୁ ରବେ ଝମ୍ପ ଉଠେ ବାଜ ।
ଝିକ ଝିକ ସ୍ୱରେ ବାଜଇ ଡମ୍ବରୁ,
ଜୟ ଶବ୍ଦ ଉଠେ ଭକତ-କଣ୍ଠରୁ ।
ଜାଗର ରାତ୍ରିରେ ରହି ଉଜାଗର
ଜପୁଥାନ୍ତି ଶିବ— ତାରକ ମନ୍ତ୍ର ।
ଉଠେ ମହାଦୀପ ମହାନିଶାକାଳେ,
ଭକ୍ତ-କଣ୍ଠ-ବାଦ୍ୟ ବାଜେ ତାଳେ ତାଳେ ।
ବରାଭୟଦାତା ଅଟନ୍ତି ସେ ହର
ମହିମା ତାଙ୍କର ଲୋକେ ଅଗୋଚର ।
ନବ ଦିନଯାଏ ବିପଣି-ବୀଥିକା
ବସେ ତହିଁ, ଲାଗେ ସଦା କିଣାବିକା ।
ବିଖ୍ୟାତ ସେ ମେଳା ବହୁଦ୍ରବ୍ୟ ଖଣି,
ମେଳା ନୁହେଁ ତାହା ମହାପ୍ରଦର୍ଶନୀ ।
ବହୁ ଯାତ୍ରୀଙ୍କର ହୁଏ ସମାଗମ,
ଆସେ ନାନା ଦ୍ରବ୍ୟ ଉତ୍ତମ ମଧ୍ୟମ ।
ବିକ୍ରୟାର୍ଥେ ତହିଁ ହୋଇଣ ଆନୀତ,
କୃଷି ଶିଳ୍ପଦ୍ରବ୍ୟ ହୁଏ ପ୍ରଦର୍ଶିତ ।
ସ୍ୱଦେଶୀ ପଦାର୍ଥ ଶୋଭି ଅନୁପମ,
ହୋଇଥାଏ ତହିଁ କେତେ କୃତ୍ରିମ ।
ଦୁହିତା ସୌନ୍ଦର୍ଯ୍ୟ ଏକାଧାରେ ବହି
ପ୍ରତିଯୋଗେ ଆଜେ ଦିଏ ପରିଚୟ ।
ସାଧଇ ଏ ମେଳା ମଙ୍ଗଳ ବିଶେଷ
ନୀରବେ ପ୍ରଦାନ ବହୁ ଉପଦେଶ ।
ଅତୀତ ଗୌରବ କରାଏ ସ୍ମରଣ
ଶିଳ୍ପକଳା ପ୍ରତି ଦିଏ ଟାଣି ମନ ।
ଥିଲେ ଶିଳ୍ପଗୁରୁ ପୂର୍ବେ ଉତ୍କଳୀୟେ,
ଉତ୍କଳ ହିଁ ଆଜ ତାର ସାକ୍ଷୀ ଦିଏ ।

ଏବେ ଉତ୍କଳର ନାହିଁ ସେ ଗୌରବ,
ହୀନ ଶିଳ୍ପକଳା ହୀନ ସେ ବିଭବ ।
କର୍ପୂର ସୁବାସ ଯାଇଅଛି ଉଡ଼ି,
ପଡ଼ିଅଛି ମାତ୍ର କନା ଖଣ୍ଡେ ଖାଲି ।
ସେ କଳାବିଦ୍ୟାର ଘଟି ଅବନତି
ଘୋଟିଲା ଉତ୍କଳେ ଦୁର୍ଭର ଦୁର୍ଗତି ।
ଦେଲେ ଖାଇ ଦେଲେ ଯାଏ ଉପବାସେ,
ତଥାପି ଏ ଦେଶ ରହିଛି ଉଦାସେ ।
ଆତ୍ମଭୁଲି ତାର ଆତ୍ମନିର୍ଭରତା,
ବହୁକାଳୁଁ ସେହୁ ଭୁଲିଛି ଏ କଥା ।
ଶୋଇଅଛି ହୋଇ ମୋହେ ଅଚେତନ,
ନୁହେଁ ଏ କଦାଚ ମଙ୍ଗଳ ଲକ୍ଷଣ ।
କୃଷିର ଦୁର୍ଦ୍ଦଶା ଘଟି ଏଥିପରି
ଦେଲା ଦେଶଭାଗ୍ୟ ଛାରଖାର କରି ।
ଏ କାଳର ନବ୍ୟ ସୁସଭ୍ୟ ଶିକ୍ଷିତ
କୃଷକ ହେବାକୁ ହୁଅନ୍ତି ଲଜ୍ଜିତ ।
କୃଷିକାର୍ଯ୍ୟେ କରି ଘୃଣା ପ୍ରଦର୍ଶନ
ଆଣନ୍ତି ଦୁଃଖକୁ କରି ଆମନ୍ତ୍ରଣ ।
ମାତ୍ର କୃଷିବିଦ୍ୟା ନୁହେଁ ହୀନ କେବେ,
ଆଦିବିଦ୍ୟା ତାହା ସ୍ୱୀକରନ୍ତି ଦେବେ ।
ମହାହିତୈଷିଣୀ କୃଷିବିଦ୍ୟା ପରେ
ମାନବ ଜୀବନ ଏକାନ୍ତ ନିର୍ଭରେ ।
ତାହା ଯୋଗୁଁ ଦେହ ହୁଏ ହୃଷ୍ଟପୁଷ୍ଟ,
ସେ ଯେବେ ନିକୃଷ୍ଟ କେ କେବେ ଉତ୍କୃଷ୍ଟ ?
ଏ ନୀତି ବଚନ ନୁହଇ ଅନ୍ୟଥା,
ଆଗେ ପ୍ରାଣରକ୍ଷା ପଛେ ସବୁ କଥା ।
ସୀତାକୁଣ୍ଡ ତୋର ତୀର୍ଥ ସନାତନ,
ଅମରବାଞ୍ଛିତ ପରମ ପାବନ ।
ବିଶାଳ ଗଭୀର ଶିଳାକୁଣ୍ଡେ ଯହିଁ
ନିବସନ୍ତି ସୀତା— ଦେବୀ ମୂର୍ତ୍ତି ବହି ।
ଝର୍ଝର ଶବଦେ ସଦା ଭୁ ସେ କୁଣ୍ଡେ
ତାଙ୍କୁ ଗଙ୍ଗା ବାରି ସେ ଦେବୀଙ୍କ ମୁଣ୍ଡେ ।

*—ଫୁଲଚଣା ।

ବିଷମ ଅଗମ୍ୟ ଯହିଁ ତୋର ତଟ,
ବିଶାଳ ପର୍ବତ ପାଷାଣେ ପିଚ୍ଛଳ ।
ବର୍ଷାକାଳେ ଯହିଁ ଧରୁ ଲୋ ତଟିନି !
ଉଗ୍ରଚଣ୍ଡୀ ମୂର୍ତ୍ତି ଅତି ଉନ୍ମାଦିନୀ ।
ଚକ୍ରାବର୍ତ୍ତେ ଖରେ ଘୂରି ବୁଲେ ଜଳ
କଳ କଳ ନାଦେ ଗର୍ଜି ଅନର୍ଗଳ ।
ସ୍ତମ୍ଭାକାରେ କାହିଁ ଫୁଲି ସବେଗରେ
କ୍ଷଣେ କ୍ଷଣେ ଭାଙ୍ଗି ପଡ଼େ ସ୍ତରେ ସ୍ତରେ ।
ହେରି ସେ ତାଣ୍ଡବେ ନୌକାଜୀବଗଣ
କରନ୍ତି ଜୀବନ ଆଶା ବିସର୍ଜ୍ଜନ ।
"ଜୟ ମା ସାଲନ୍ଦି" ବୋଲି ଡାକ ଛାଡ଼ି
ଭୟେ ଭୟେ ନାବ ନେଉଥାନ୍ତି ବାହି ।
ମାଘ ମାସ ଶୁକ୍ଳ ଏକାଦଶୀ ତିଥେ
ପଡ଼େ ସ୍ନାନଯୋଗ ସେ ପବିତ୍ର ତୀର୍ଥେ ।
ଦୂର ଦୂରାନ୍ତରୁ ଆସି ଯାତ୍ରୀଦଳ
ଲଭନ୍ତି ସେ ତୀର୍ଥେ ସ୍ନାନ ପୁଣ୍ୟ ଫଳ ।
ବସେ ଯହିଁ ମେଳା ସ୍ନାନ ଉପଲକ୍ଷେ,
ଶୋଭଇ ବିପଣୀ ନଦୀତୀରେ, ବକ୍ଷେ ।
ନିବସନ୍ତି ଯହିଁ ପ୍ରଭୁ ଦିଗମ୍ବର,
ଅତୁଳପ୍ରତାପୀ ଶ୍ରୀ କୁମାରେଶ୍ୱର ।
ସୀତାକୁଣ୍ଡ-ପୂତ— ଜଳେ ଅଭିଷେକ—
ହେତୁ ବଢ଼ିଅଛି ମହିମାର ଟେକ ।
ସ୍ନାନାନ୍ତେ ଯାତ୍ରୀଏ ଉଠି ନଦୀତୀରେ
କରନ୍ତି ଦର୍ଶନ ତାହାଙ୍କୁ ଭକ୍ତିରେ ।
ବମ୍ ବମ୍ ଶବ୍ଦ ଭକ୍ତକଣ୍ଠୋତ୍ଥିତ
ତାଙ୍କ ଆୟତନେ କରେ ମୁଖରିତ ।
ଅଦୂରେ ବସନ୍ତେ ବୀରେନ୍ଦ୍ର-ମଣ୍ଡଳ—
ଭୀମସେନକୃତ ସୁବିଶାଳ ଚୁଲି ।
ଭିନ୍ନ ଗିରି ପ୍ରାନ୍ତେ ଦିଶେ ଭିନ୍ନ ଝିଙ୍କା,
ଉଚ୍ଚ ଚୂଳ ଏକବେ ଭିନ୍ନ ବହ୍ନିଶିଖା ।

ସ୍ରୋତମୁଖେ ରହି ଟେକି ସ୍ତମ୍ଭମାନ
କହୁଛନ୍ତି ନଦୀ ଜଳ ପରିମାଣ ।
ବନ୍ୟାକାଳେ ତାହା ଦିଶଇ ଏମନ୍ତ,
ମନ୍ଥୁଛି କି ସିନ୍ଧୁ ମନ୍ଦର ପର୍ବତ ।
ଅବା ଇନ୍ଦ୍ର-ଭୀତ ମୈନାକ ଅଚଳ
ଟେକିଛି ମସ୍ତକ ଭେଦି ସିନ୍ଧୁଜଳ ।
ଉତ୍ତରେ ବସନ୍ତି ବାଙ୍କେଶ୍ୱର ହର, ୧
ବନଭାବେ ସ୍ଥିତ ମୂର୍ତ୍ତି ତାହାଙ୍କର ।
ଶକ୍ତିରୁ ତାଙ୍କର ବରଷାସୂଚକ
ସତ୍ତ୍ୱରେ ଝରଇ ଅକାଳେ ଉଦକ ।
ଅଦୂରେ ତାହାର ସ୍ଥଳେ ଗୁଞ୍ଜିପଦା, ୨
ନିପତିତ ଯହିଁ ଭୀମ-ଭୀମଗଦା ।
ତେମୁହାଣୀ ନାମେ ଆନ ଏକ ତୀର୍ଥ,
ସାଲନ୍ଦି, ତୋ ଗର୍ଭେ ଅଛି ଲୋ ବିଦିତ ।
ପୂର୍ଣ୍ଣଗର୍ଭା ହୋଇ ଆସୁ ଆସୁ ବହି
ବିରା ନାମେ କନ୍ୟା ପ୍ରସବିଲୁ ତହିଁ ।
ପୂର୍ବ ଦିଗେ ତହୁଁ ପେଷିଣ ତାହାକୁ
ଧରିଲୁ ତୁ ଖରେ ଉତ୍ତର ବାହାକୁ ।
ଗାୟତ୍ରୀ ଛନ୍ଦରେ ବହି ଯାଉ ତହିଁ,
ଘଟେ ଦିଗଭ୍ରମ ପଥିକର ଯହିଁ ।
ଯାମ୍ୟେ ଅସ୍ତରବି ଉତ୍ତରୁ ଉଦିତ—
ହେଲା ପ୍ରାୟ ତହିଁ ହୁଅଇ ପ୍ରତୀତ ।
ସେ ପବିତ୍ର ତୀର୍ଥେ ବାରୁଣୀ ଯୋଗରେ
ଲଭନ୍ତି ସଦ୍ଗତି ସ୍ନାନ କରି ନରେ ।
ଘନ ତଣ୍ଡିବନେ ତହିଁ ଲୋ ତଟିନି !
ଚଳୁ ସଙ୍କୁଚିତେ କଳନାଦିନୀ ।
ଘୁରେ ତଟ ନବ— ପ୍ରସୂତି ହେତୁ କି
ଲଜ୍ଜାଭରେ ଚଳୁ ହୋଇ ବାଙ୍କିଚୁଙ୍କି ।
ବେନି କୂଳବର୍ତ୍ତୀ ତରୁକୁଳେ ତହିଁ
ତୋ ପବିତ୍ର ବକ୍ଷେ ପଡ଼ିଛନ୍ତି ନଇଁ ।

୧—ସ୍ୱନାମପ୍ରସିଦ୍ଧ ଶିବଲିଙ୍ଗ । ବର୍ଷାର ସୂଚନା ହେଲେ ଏହାଙ୍କ ଶକ୍ତି ଜଳପୂର୍ଣ୍ଣ ହୋଇଯାଏ ।୨— ଏହି ଟିଙ୍କିଳ ପ୍ରାନ୍ତରରେ ଭୀମସେନଙ୍କର ବିଶାଳ ପ୍ରସ୍ତର ଗଦା ପତିତ ଅଛି ।

କରୁଛନ୍ତି କି ସେ ତୋତେ ଦଣ୍ଡବତ,
ଯେଣୁ ସର୍ବେ ତୋର ପାଳିତ ଭକତ ।
ନିଦାଘ ମଧ୍ୟାହ୍ନେ ରଖୁଆଳ ବାଳେ
ଡୋଲି ଖେଳନ୍ତି ସେ ଭୂମିଲକ୍ଷ୍ମୀ କୋଳେ ।
ଗାଆନ୍ତି ଉଚ୍ଚରେ ଗ୍ରାମ୍ୟ ଲୀଳାଗୀତ,
କେବେ କୁହାଟନ୍ତି ହୋଇ ହୃଷ୍ଟଚିତ୍ତ ।
ଖଣ୍ଡେ ଦୂର ଯାଇ ଦୁର୍ଗାପୁରଠାରେ,
ହେଲୁ ତୁ ସାଲନ୍ଦି, ବିଭକ୍ତ ଦ୍ୱିଧାରେ ।
ଅବାଧ୍ୟ ବାଳିକା ପରାୟେ "ନାଲିଆ"
କୋଳୁ ଖସି ବୁଲି ହୋଇଣ ହାଲିଆ,
ଫେରିଆସି ମାତୃ- ସ୍ନେହସ୍ପୃଷ୍ଟ କୋଳେ,
ମିଶିଅଛୁ ପୁଣି ତୋ ଶୀତଳ କୋଳେ ।
ମିଶ୍ରିତ ସ୍ଥାନର ତୀରବର୍ତ୍ତୀ ଗ୍ରାମ,
ତଳଗୋପବନ୍ଧା ବହିଅଛି ନାମ ।
ହେଲୁ ତିନଧାର ବାଟେ ଗ୍ରାମ ବାମେ,
ସାଲନ୍ଦୀ, ବାଲୁଙ୍ଗା, ହୀରାଧାଇ ନାମେ ।
ଗେଙ୍ଗୁଟି, କପାଳୀ, ରେବ ନଦୀତ୍ରୟ,
ମିଶାଇଅଛନ୍ତି "କପା"ଠାରେ ପୟ ।
ସେହିଠାରୁ ନାମ ବହିଛି ଗେଙ୍ଗୁଟି,
ଗେଙ୍ଗୁଟିରେ ଯହିଁ ଯାଏ ପାଦ ଫୁଟି ।
ମିଶିଅଛୁ ଯାଇ ଧାଇଁ ଖରେ ଧୀରେ
ପୂର୍ବ ବିବର୍ଣ୍ଣିତ ବାଲୁଙ୍ଗା ନଦୀରେ ।
ମିଶ୍ରଣ ସ୍ଥଳରେ ବସନ୍ତି "ନାୟିକା"
ଭକ୍ତିରେ ନାବିକେ ତାଙ୍କ ପଦେ ଟକା ।
ନଡ଼ିଆ ପଇସା ମାନସିକ କରି
ନିରପଦେ ବାହି ନିଅନ୍ତି ସେ ତରୀ ।
ନାୟିକା ନାୟକ—ବଂଶ ଅଧିଷ୍ଠାତ୍ରୀ, ୧
ପ୍ରତାପୀ ଦେବତା ବରାଭୟଦାତ୍ରୀ ।

ସ୍ତୁତ୍ୟ କାରୁ କର୍ମ— ମଣ୍ଡିତ, ସୁଚାରୁ,
କାଷ୍ଠଶିଳ୍ପେ ଦୀପ୍ତ ତାହାଙ୍କ ମନ୍ଦିର ।
ଧରିଛି ସେ ଶିଳ୍ପ ଲଭି ରୂପପ୍ରାଣ,
ଉତ୍କଳ-ଶିଳ୍ପୀର ଗୌରବ ନିଶାଣ ।୨
କାଠମଣ୍ଡା ହିଜ ଦେବୀଙ୍କ ପୂଜାରୀ,
ବୁଲି ଆସି, ଯାଏ ଫେରି ପୂଜା ସାରି ।
ବନ୍ୟା ସମୟରେ ଦେବୀଙ୍କ କୁମ୍ଭୀର
ସୁଶୀଳ ବାହନ ହୁଏ ପୂଜାରୀର ୩ ।
ଏ ଅଦ୍ଭୁତ କଥା ସ୍ତବ୍ଧରେ ପ୍ରବାଦ,
ସୂଚୁଏ ଦେବୀଙ୍କ ମହିମା ଅଗାଧ ।
ଘରଗ୍ରାମଶୂନ୍ୟ ସେ ବିସ୍ତୃତ ସ୍ଥାନ,
ବର୍ଷାକାଳେ ଦିଶେ ସମୁଦ୍ର ସମାନ ।
ଘୋଟିରହେ ଜଳ ବହୁଦୂର ଯାଏଁ,
ଦେବୀଙ୍କ ମନ୍ଦିର ଦିଶେ ପୋତ ପ୍ରାୟେ ।
ଅଷ୍ଟମାତୃକାର ଅନ୍ୟତମ ଦେବୀ,
ଲଭନ୍ତି ବାଞ୍ଛିତ ଜନେ ତାଙ୍କୁ ସେବି ।
ନାୟକ ବଂଶର ଦତ୍ତ ଭୂସମ୍ପତ୍ତି,
କରିଛି ଦେବୀଙ୍କୁ ବହୁ ବିତ୍ତବତୀ ।
ନାହାକାଣୀ ପାଟଣା ମୌଜା ଆଖ୍ୟାଧାରୀ,
ଅଛି ଦେବୀଙ୍କର ଖଣ୍ଡେ ଜମିଦାରୀ । ୪
ନିମ୍ନରୁ ଗେଙ୍ଗୁଟି କୁମ୍ଭୀର ଭୀଷଣ,
ସନ୍ତରନ୍ତି ବକ୍ଷେ ଶମନ-ବାହନ,
ଯୁହିଁ ଅପଲକେ ଚକିତ ଚାହାଣି,
ତୀରସ୍ଥ ଧୈର୍ଯ୍ୟ ଦେଉଥାନ୍ତି ହାଣି ।
ରୁକ୍ଷ ପାଣ୍ଡୁରିତ ତାହାଙ୍କର କାନ୍ତି,
ଦିପୁଳାଏ ଜଳେ ଗଣ୍ଡଶୈଳ ଭ୍ରାନ୍ତି ।
ନ ଦେଲେ ଦେବୀଙ୍କୁ ନୈବେଦ୍ୟ ସମ୍ଭାର,
ଏ ବେଳ ସଙ୍କଟୁ ନ ମିଳେ ନିସ୍ତାର ।

୧—କାଣ୍ଡିମପୁରର ପ୍ରସିଦ୍ଧ ନାୟକ ବଂଶ । ୨—ଏଭଳି ସୂଚୀସୂକ୍ଷ୍ମ ସୁନ୍ଦର କାଷ୍ଠଶିଳ୍ପ ଅନ୍ୟତ୍ର ଦୁର୍ଲଭ । ୩—ପ୍ରବଳ ବନ୍ୟା ସମୟରେ ଦେବୀଙ୍କର କୁମ୍ଭୀର ଯାଇ ପୂଜକଙ୍କୁ ଘେନିଆସେ ଏବଂ ପୂଜା ଶେଷରେ ନେଇ ପୁଣି ଛାଡ଼ିଆସେ-- ଏହିପରି ସ୍ଥାନୀୟ ଜନବାଦ ଅଛି । ୪—ନାହାକାଣୀ ପାଟଣାରୁ ପ୍ରତ୍ୟହ ଦେବୀଙ୍କର ଭୋଗ ସାମଗ୍ରୀ ଆସେ । ଚୁଡ଼ା, ଗୁଡ଼, ଛେନା, ନଡ଼ିଆ ପ୍ରଧାନ ନୈବେଦ୍ୟ ।

ବିଜନ ଭୀଷଣ ପାଟ ବୃକ୍ଷ ଅଛେ,
ପୂର୍ଣ୍ଣ ବେଣାବନ ମହିଷ ଗର୍ଜୁଅଛେ ।
ବୃଷ୍ଟିରେଖା ତାର ସୀମା ସ୍ପର୍ଶ କରି
ନ ପାରିଣ ଶେଷେ ଆସେ ଅପସରି ।
ଜନପ୍ରାଣିଶୂନ୍ୟ ଦେଖି ମାତ୍ରେ ତ୍ରାସ,
ପ୍ରକୃତିର ଗୁପ୍ତ ବିଶ୍ରାମ ଆବାସ ।
ସେ ମହାବିଜନେ ଶଙ୍କର-ସୁନ୍ଦରୀ
ନବସନ୍ତ ଦିଗ ଆଲୋକିତ କରି ।
ବାତ୍ୟାକବଳରେ ନାବିକ ଯେ କାଳେ
ପଡ଼ି ସିନ୍ଧୁଗର୍ଭେ ଭୟ ଅସମ୍ଭାଳେ,
ତାକେ ମନଃପ୍ରାଣ ସମର୍ପି ପଦ୍ମରେ
"ରଖ ମା ନାୟିକା ଚରଣକଂକରେ ।"
ଭେଟଭେଟକେଳେ ଦେବୀ ଅଭୟ ବାହାକୁ
ଟେକି ସେ ସଙ୍କଟୁଁ ରଖନ୍ତି ତାହାକୁ ।
ଏ ହେତୁ ସର୍ବଥା ନାବିକପୂଜିତା,
ଅର୍ପନ୍ତି ନାବିକେ ତାଙ୍କୁ ସ୍ୱର୍ଣ୍ଣଶତା ।
ଆନ ତୀର୍ଥ ତୋର ପ୍ରୟାଗ ଉପମ,
ପୂତ ବୈତରଣୀ— ଭଗିନୀ ସଙ୍ଗମ ।
ଅଧିଷ୍ଠିତ ଯହିଁ ଯୋଗେଶ୍ୱର ହର,
ଆରଡ଼ୀ ଗ୍ରାମରେ ଆରଡ଼ୀ-ଈଶ୍ୱର ।
ଯାହାଙ୍କ ମହିମା କଳ୍ପନା-ଅତୀତ,
ଦିଗଦିଗନ୍ତରେ ହୁଏ ବିଘୋଷିତ ।
ସର୍ବ୍ବାଙ୍ଗଳଦାତା ପରମ କୃପାଳୁ,
ତାଳୁଛନ୍ତି କୃପା ଅକଳିତ ତାଳୁଁ ।
ଯୋଗମୁକ୍ତି ଆଶେ ଆସି ଯୋଗୀମାନେ
ଧାରଣା ପଢ଼ନ୍ତି ତାଙ୍କ ପୀଠସ୍ଥାନେ ।
ନିତ୍ୟ କେତେ ଯୋଗୀ ହୋଇ ନିର୍ମମ
ଉଚ୍ଚାରନ୍ତି ତାଙ୍କ ନାମେ ଜୟ ଜୟ ।
ତହିଁ ରୁ ସାଳନ୍ଦି, ବୈତରଣୀ ସଙ୍ଗେ
ମିଶାଇ ତରଙ୍ଗ ଖେଳୁ ନାନା ରଙ୍ଗେ ।
ସ୍ରୋତ ପ୍ରତିଘାତେ ଫେରି ଆସି ପାଣି
ତରଙ୍ଗ ଆଘାତେ ବହଇ ଉଜାଣି ।

ପୁଣି ବନସ୍ରୋତେ ଆସି ଖରେ ଘୂରି,
ସ୍ଥଳେ ଭୟଙ୍କର ଭଂଶାଳ ଭଉଁରି ।
ଅଧ ଉର୍ଦ୍ଧ୍ୱ ହୋଇ ଜଳଚକ୍ର ତହିଁ
ଭାଗ୍ୟଚକ୍ର ପ୍ରାୟ ନିୟତ ଘୂରଇ ।
ଧବଳ ତରଙ୍ଗ— କର ପ୍ରସାରଣେ
ରତ ବେନି ନଦୀ ପ୍ରେମ ଆଲିଙ୍ଗନେ ।
ପ୍ରାଣେ ପ୍ରାଣେ ମିଶି ଭେଦ ପରିହରି
ଚଳିଲୁ ପ୍ରବଳେ ଏକ ଆତ୍ମା ଧରି ।
ସଂହତିର ବଳ ଅଟେ ମହୀୟାନ,
ଦେଖାଇଲୁ ତୁମ୍ଭେ ସେଥିର ପ୍ରମାଣ ।
ବେନି ସଖୀଙ୍କର ସେ ଶୁଭ ମିଳନ—
ସ୍ଥାନ ହୋଇଅଛି ତୀର୍ଥ ଚିରନ୍ତନ ।
ସେ ମହାତୀର୍ଥରେ ନରେ କରି ସ୍ନାନ
ଲଭନ୍ତି ଅଗାଧ ପାପୁ ପରିତ୍ରାଣ ।
ବିସ୍ତୃତ ତୋ ତୀରେ କେତେ ମଠ ଗାଦି,
କେତେ ମହାତ୍ମାଙ୍କ ପବିତ୍ର ସମାଧି ।
ସାଧୁ ସତ୍‌ପୁରୁଷ କ୍ଷମାଦୟାବନ୍ତ
ପ୍ରସିଦ୍ଧ ଅସ୍ତଳ ମଠର ମହନ୍ତ ।
ବୈଷ୍ଣବପ୍ରବର ଶ୍ରୀ କ୍ଷମାସାଗର
ଥିଲେ ତୋହ ତୀରେ ଯୋଗରେ ତତ୍ପର ।
ସୁକଠୋର ଯୋଗ ବହୁକାଳ ସାଧି
ନେଲେ ମହାତ୍ମା ଜୀବନ୍ତ ସମାଧି ।
ତେର ଯାତ୍ରା ବାର ପୂର୍ଣ୍ଣିମା ପାଳିତ
ହେଉଥିଲା ତାଙ୍କ ମଠେ ଯଥୋଚିତ ।
ବହୁ ସାଧୁସନ୍ଥ ଦୀନଦୁଃଖୀ ଜନେ
ହେଉଥିଲେ ତୃପ୍ତ ପ୍ରସାଦ ଭୋଜନେ ।
ଆଗନ୍ତୁକ ପାଇଁ ଅବାରିତ ଦ୍ୱାର,
ବଣ୍ଟା ହେଉଥିଲା ସୁଖାଦ୍ୟସମ୍ଭାର ।
କାଳଗର୍ଭେ ଏବେ ଲୁପ୍ତ ସେ ସୁକୀର୍ତ୍ତି,
ଅଛି ଜନ୍ମେ ଚଳେ ଦେବତାଙ୍କ ନୀତି !
ନାହିଁ ସେ ଗୌରବ ନାହିଁ ଅନ୍ନଦାନ,
ତେବ ଆସ୍ଥାନ ହୋଇଛି ଶ୍ମଶାନ ।

ତେବଲ ଦେଉଳେ ଉର୍ଦ୍ଧ୍ୱେ ତୋଳି ମଥା
ଘୋଷନ୍ତ ନୀରବେ ଭୁବନଷ୍ପରତା ।
ଉତ୍ତର ମୁଖରେ ବାଙ୍କ ଭଙ୍ଗି ଯହିଁ ,
କୁଳୁକୁଳୁ ସ୍ୱରେ ଯାଉ ଖରେ ବହି ,
ତହିଁ ପୁରାତନ ଗ୍ରାମ ଅବସ୍ଥିତ ,
କୁଳୁମୁଣ୍ଡୀ ନାମେ ଲୋକେ ଅଭିହିତ ।
ନବସନ୍ତ ତହିଁ ଯୁଗଳ କିଶୋର ,
ତୁଷଅନା ଗନ୍ଧେ ବସନ୍ତେ ବିଭୋର ।
ଏଠାରେ ସାଳନ୍ଦୀ ଉତ୍ତରବାହିନୀ ,
ବଦୁଲ-ଇଟିଲା ଯଥା ତପସ୍ୱିନୀ । ୧
ଅଥଳ ଗମ୍ଭୀର ଏଥି ଗର୍ତ୍ତଜଳ ,
ତୀରସ୍ଥିତ ଗ୍ରାମ ବୋଲାଏ ଅଥଳ । ୨
ଶ୍ରୀଚୈତନ୍ୟ ଦେବ ମଣି ତୀର୍ଥସ୍ଥାନ
ତିନି ଦିନ ଏଥି କରିଥିଲେ ସ୍ନାନ । ୩
ତୀରେ ଉଠି ଯହିଁ କଲେ ସ୍ତବପାଠ,
ବୋଲାଏ ସେ ସ୍ଥାନ ଠାକୁରାଣୀ ଘାଟ ।
"ବୁଢ଼ୀଯାଗୁଲାଈ" "ହରଚଣ୍ଡୀ" ତହିଁ,
ନବସନ୍ତ ଦେନି ଦେବୀ ମୂର୍ତ୍ତି ବହି ।
ଏତେ ପୁଣ୍ୟତୀର୍ଥ ଏବେ କାଳବଶେ.
ଅପ୍ରସିଦ୍ଧ ହୋଇ ରହିଛି ବିରସେ ।
ସୌଭାଗ୍ୟ ସମ୍ପଦ ଯେତେହେ ଗଛ ଛାଇ,
ଆଲୋକରେ ଥାଏ ତମେ ରହେ ନାହିଁ ।
ବସନ୍ତ ତୋ ତୀରେ ସୁପର୍ଣ୍ଣ ଆସନ
ସନ୍ତ ଗ୍ରାମେ ପ୍ରଭୁ ମଦନମୋହନ । ୪
ତାଙ୍କ ପୁଣ୍ୟପୀଠ ମହାପାପହନ୍ତା,
ସୁରକ୍ଷିତ ଯହିଁ ଶ୍ରୀ ଚୈତନ୍ୟ କନ୍ଥା ।
ପ୍ରଭୁର ବୈଷ୍ଣବ— ଧର୍ମ ଶ୍ରୀ ଚୈତନ୍ୟ
କରିଯାଇଛନ୍ତି ଜୀବନକୁ ଧନ୍ୟ ।

ପ୍ରତିବର୍ଷ ତାଙ୍କ ସ୍ମୃତି ଉପଲକ୍ଷେ
ଧରେ ମହୋତ୍ସବ ସେ ନଗରୀ ବକ୍ଷେ ।
ତହିଁ ତୋ ପୁଳିନେ ସାଳନ୍ଦୀ ସୁନ୍ଦରି ,
ମଦନମୋହନ ଖେଳନ୍ତି ଚରିତ୍ରୀ ।
ଚନ୍ଦ୍ରିକା-ରଞ୍ଜିତ ବାଲୁକାରାଶିରେ
ଗୋବିନ୍ଦ ମଦନ ଖେଳନ୍ତି ଅବିରେ ।
ବନ୍ଧୁ ଦର୍ଶକର ହୁଏ ସମାଗମ,
ଧରେ ତୋ ପୁଳିନ ଶୋଭା ଅନୁପମ ।
ଫଗୁ-ହିଙ୍ଗୁଳିତ ବିମାନ ସକଳ
ବାଧୂକର ସ୍ପର୍ଶେ ଦିଶେ ଢଳ ଢଳ ।
ଚଉପାଶେ ଦୀପ ଅପୂର୍ବ ସୁଷମା
ଉପୁଜାଏ ଚିତ୍ତେ ଅଦ୍ଭୁତ ଉପମା ।
ବାଳସଖୀଙ୍କୁ କିବା ତାରାଗଣ
ବସିଛନ୍ତି କରି ଚୌପାଶୁଁ ବେଷ୍ଟନ ?
ଶୁଭ୍ର ବାଲୁକାରେ ମିଶି ଫଗୁକଣା
ମୁକୁତା ପ୍ରବାଳ ପ୍ରାୟେ ଯାଏ ଜଣା ।
କୂଳେ ଯେତେବେଳେ ବାଣବୃକ୍ଷେ ନିଆଁ ,
ଆହା ସେ ମାଧୁରୀ କେତେ ବାହାରିଆ ।
ଅଗ୍ନିମୟ ବୃକ୍ଷେ ଅଗ୍ନିମୟ ଫଳ
ଓହ୍ଲାଇ ପ୍ରାୟେ ଦିଶେ ଅବିକଳ ।
ତାହିଁ ଅବା ଫୁଟି ସ୍ୱର୍ଣ୍ଣବର୍ଣ୍ଣ ଫୁଲ
ବିସ୍ତାରେ କାଳ୍ପନ୍ୟ ସୁଷମା ଅତୁଳ ।
ଶୋଭି-ସ୍ୱର୍ଣ୍ଣ-ଝାଲ ଝରିଲି ପଡ଼ିଏ
ଅଗ୍ନିବିନ୍ଦୁ ତହୁଁ ଝଡ଼ି ଶୋଭାପାଏ ।
ଅଶନି ଗର୍ଜନେ ଫୁଟେ ବାଣରାଶି
ଉଗାରି ଅନଳ ଚମ୍ପକ ବାସି ।
ସନ ସନ ସ୍ୱନେ ହାଉଇ ପ୍ରଖରେ
ଉଠିଯାଇ ଉର୍ଦ୍ଧ୍ୱେ ବିକୁଳି ବେଗରେ,

୧—ବାଦୁଲ—ପାଣିବେତ । ୨—ଅଥଳ ଗ୍ରାମ ଅପଭ୍ରଷ୍ଟ ହୋଇ ଅସ୍ତଳ ହୋଇଅଛି । ୩—ଚୈତନ୍ୟ ଦେବ ପୁରୀ ଯିବା ସମୟରେ ସନ୍ତିଆ ଗ୍ରାମରେ ତିନି ଦିନ ଅବସ୍ଥାନ କରିଥିଲେ । ସେହି ସମୟରେ ସାଳନ୍ଦୀର ଏହି ଉତ୍ତରବାହିନୀ ଘାଟରେ ସ୍ନାନତର୍ପଣାଦି କରିଥିଲେ । ୪—ପ୍ରଚଳିତ ନାମ ସନ୍ତିଆ ।

ପ୍ରକାଶିଣ ଦୀପ୍ତି   କ୍ଷଣେମାତ୍ର ନଭେ
ପ୍ରାଣ-ଦୀପ ପ୍ରାୟେ   ନିର୍ବାପନ ଲଭେ ।
ଘୂରଇ ଘର୍ଘରେ   ଜାହ୍ନି ଚର୍ଖିବାଣ
ଝାଞ୍ଜ ଅଗ୍ନି ଯଥା   କର୍ମକାର ଶାଣ ।
ଏ ଶାଣେ ବା ଶାଣି   ମଦନମୋହନ
କରନ୍ତି ନିର୍ମଳ   ଭକ୍ତମ୍ଳାନ ମନ ।
ସୂକେ ଜାହ୍ନି ଅବା   ଭୂଇଁଚମ୍ପାବାର
ସୁବର୍ଣ୍ଣ ଧାନ୍ୟର   ପ୍ରଶସ୍ତ କେଦାର ।
ଦେଖାଇବାପାଇଁ   ସେ ଦୃଶ୍ୟ ସାକ୍ଷାତେ
ଜାତେ ବୈଜୟନ୍ତୀ   ହାତ ଠାରି ପାନ୍ତେ ।
ସଖାଲର ଛଟା   ଆଢେଣୀ ଚତୁସ
ପ୍ରଦୀପ-ପଞ୍ଜିରୀ   ଶୋଭାର ଆବାସ ।
ଦର୍ଶନେ ଦର୍ଶକ   ମନ ନିଏ ହରି
ଚକ୍ଷୁବିନୋଦନ   ଇନ୍ଦ୍ରଜାଲ ପରି ।
ଜାହ୍ନି ଫୁଲଝାଡ଼   ରହି ଏକାଧାରେ
ନନ୍ଦନକାନନ   ଶୋଭାକୁ ଧିକ୍କାରେ ।
ଅତୁଳ ସେ ଶୋଭା   ସିନା ମହୀତଳେ
ବର୍ଣ୍ଣି ନୁହେଁ ତାହା   ବଚନକୁ ବଳେ ।
ତୋ ଉତ୍ତର ତୀରେ   "ସଦାବ୍ରତ ମଠ,"
ସେ ମଠ ମହନ୍ତ   ଧାର୍ମିକ କର୍ମଠ ।
ମେଳି ବସିଛନ୍ତି   ସଦା ଅନ୍ନଛତ୍ର,
ପଡ଼େ ତହିଁ ସାଧୁ   ସନ୍ନ୍ୟାସୀଙ୍କ ପତ୍ର ।
ଯାମ୍ୟତୀର ସ୍ତୁତ୍ୟ   ଶୋଭାର ନିଧାନ,
ଧୂସା ପହ୍ଲାଣଙ୍କ *   ପବିତ୍ର ଆସ୍ଥାନ ।
ଏକ ପଇସାର ଶିରିଣୀ କେବଳ,
ଦେଲେ ତାଙ୍କୁ ହୁଏ   ଉଦ୍ଦେଶ୍ୟ ସଫଳ ।
ବସନ୍ତ ତୋ ତୀରେ   ଭଦ୍ରଶେ କର୍ତ୍ତାଳୀ
ଚନ୍ଦ୍ରଚୂଡ଼ଜାୟା   ଦେବୀ ଭଦ୍ରକାଳୀ ।
ଧନ୍ୟ ସେ ସ୍ଥାନର   ଅପାର୍ଥିବ ଶକ୍ତି
ସ୍ପର୍ଶମାତ୍ରେ ତାହା   ସ୍ୱତଃ ଜନ୍ମେ ଭକ୍ତି ।
ନାରିକେଳକୁଞ୍ଜେ   ଦିଶେ ବିଚ୍ଛୁରିତ,
ସୁରଙ୍ଗ ମନ୍ଦାରେ   ସଦା ସିନ୍ଦୁରିତ ।

ମୃଣ୍ମୟ ମନ୍ଦିରେ   ଦିବ୍ୟ ସିଂହାସନେ
ବିରାଜନ୍ତି ଦେବୀ   ମୁଦ ବହି ମନେ ।
ଅସିତବରଣା   ଅସିତବସନା
ଅସିହସ୍ତେ ଉଗ୍ରା   କରାଳରସନା ।
ଆରକ୍ତ ଚନ୍ଦନ—   ରଞ୍ଜିତ ମନ୍ଦାର—
ହାର ତାଙ୍କ କଣ୍ଠେ   ଦିଶଇ ଉଦାର ।
ବାହାରୁଣ ଦେହୁଁ   ଜ୍ୟୋତି ରେଖାଚୟ
ଆଲୋକିତ କରେ   ନିବାସ ନିଳୟ ।
ସଙ୍କଟୁଁ ଉଦ୍ଧାର   ପାଇବା ସକାଶେ,
ଅର୍ପନ୍ତି ମାନବେ   ବଳି ତାଙ୍କ ପାଶେ ।
ପରେ ମାରି ଆମ୍ଭ—   ରକ୍ଷା କରିବାର
ଏ ଭୀଷଣ ନୀତି—   ପଦେ ନମସ୍କାର ।
ହାଡ଼ିକାଠେ ଦିଶେ   ଭୀଷଣ ପ୍ରାଙ୍ଗଣ,
ହଣା ହେଉଥାନ୍ତି   ପଶୁ ପଣ ପଣ ।
ଅର୍ଗଳ ସନ୍ଧିରେ   ରଖି ପଶୁବେକ
ଗଳାଇଦିଅନ୍ତି   ତହୁଁ ଖିଲ ଏକ ।
ସେ କାଳେ ସେ ପଶୁ   ମୃତ୍ୟୁ ଯନ୍ତ୍ରଣାରେ
ଛଟପଟ ହୋଇ   କରୁଣେ ଚହ୍ଲାରେ ।
ଧରେ ପୂଜକ ତା   ପଛ ଗୋଡ଼େ ଟାଣି,
କଟୁଆଳ ଦିଏ   ବେକେ ଘେଟେ ହାଣି ।
କଟୁଆଳ ପୁଣି   ସେବକ ବ୍ରାହ୍ମଣ—
ହୃଦୟରେ ନାହିଁ   ଦୟା କଦାଚନ ।
ମୂର୍ତ୍ତିମନ୍ତ ହତ୍ୟା   ନିଷ୍ଠୁରତାଚୟ
କରନ୍ତି ନୃଶଂସ   କାର୍ଯ୍ୟ ଅଭିନୟ ।
ପଚାରେଁ ତୁମ୍ଭଙ୍କୁ   ସେବକ ବ୍ରାହ୍ମଣ,
ଏହି କି ହେ ଭଲ   ବ୍ରାହ୍ମଣ ଲକ୍ଷଣ ?
ଯେଉଁ ହାତେ ହୁଏ   ଜପ ଯଜ୍ଞକର୍ମ,
ସେହି ହାତେ ହତ୍ୟା   ଏହା କି ହେ ଧର୍ମ ?
ଯେ ହସ୍ତ ଜାହ୍ନବୀ—   ପ୍ରବାହେ ପାବନ,
ପାପ-ପଙ୍କ କଲ   ସେ ହସ୍ତେ ଲେପନ ।
ବୃଥାରେ ଭାନ୍ତିକ—   ଧର୍ମେ ଦେଇ ହାଣ୍ଡି
ଜିହ୍ୱା ଛାଣ୍ଡ କର   ଅଜିହ୍ୱା କପାଇଁ ?

*ସାଧୁଙ୍କ ପହେଲମାନ ନାମକ ପୀର ।

ପତିତ ବ୍ରାହ୍ମଣ— କୁଳେ କଳଙ୍କିତ
କରୁଅଛୁ ଯିନା ହୋଇଣ ଦୁର୍ମତି ।
ଚଣ୍ଡୀପାଠ, ହୋମ ଆଦି ସୁବିଧାନ
ଦେବୀ ତୁଷ୍ଟି ଅର୍ଥେ ଥାଉଁ ବିଦ୍ୟମାନ,
ଧର୍ମାଧର୍ମ ଜ୍ଞାନ ନ କରି ନିଶ୍ଚୟ
ଦିଅ କିପାଁ ପଶୁ— ହତ୍ୟାରେ ପ୍ରଶ୍ରୟ ?
ସାଲନ୍ଦି, ତୋହର ସୁଧାଜିତ ନୀର
ପୁଷ୍ଟି କରେ ଯଥା କାମଧେନୁ କ୍ଷୀର ।
ଭଦ୍ରଖ ନଗରୀ କରୁ ତୁ ପାଳନ,
ଭ୍ରମୁ ସଙ୍ଗେ ଘେନି ପୁରକନ୍ୟାଗଣ ।
ତୋହ କୂଳେ ଜନ୍ମି ମହାତ୍ମା ଅନେକ
ଯାଇଛନ୍ତି ସାଧି ଜନ୍ମଭୂମି ଟେକ ।
କେତେ ଥିଲେ ଭକ୍ତ କେତେ ତପସ୍ୱୀକ
କେତେ ଯୋଗୀ କେତେ ଧର୍ମପ୍ରଚାରକ ।
ଜନ୍ମିଥିଲେ କେତେ ବୈଦ୍ୟ ଜ୍ୟୋତିର୍ବେତ୍ତା
ବହୁ ଗାଣିତିକ ବହୁ ଦେଶନେତା ।
ତୋହ ଜଳ ପିଇ ଶ୍ରୀ ବଂଶୀବଲ୍ଲଭ,
ସଞ୍ଚିଲେ ସୁକୀର୍ତ୍ତି ମାନବ-ଦୁର୍ଲ୍ଲଭ ।
କରିଥିଲେ ତାଙ୍କ ଜିହ୍ୱାଗ୍ରେ ବସତି
ବିଦ୍ୟାବିନୋଦିନୀ ଦେବୀ ସରସ୍ୱତୀ ।
ସାରସ୍ୱତ କୃପା ଲଭି ସେ ସାନନ୍ଦେ
ରଚିଲେ ସଙ୍ଗୀତ ସୁମଧୁର ଛନ୍ଦେ ।
ନବରସେ ଯେହୁ ଥିଲେ ସୁପଣ୍ଡିତ,
ଗାଇଲେ ତୋ କୂଳେ 'ଚଇତ ସଙ୍ଗୀତ' ।
ମୋଗଲ ରାଜତ୍ୱେ ସେ କାଳରେ ଦେଶେ
ଥିଲା ପାର୍ଶିଭାଷା ଚଳନ ବିଶେଷେ ।
ପାରଶିରେ ତହୁଁ ବିରଚି ସଙ୍ଗୀତ
ମୋହିଲେ ସ୍ୱଜାତି ବିଜାତିଙ୍କ ଚିତ୍ତ ।
ଅଧିକାଂଶ ଗୀତ ଶାନ୍ତରସାଶ୍ରିତ
ସାକ୍ଷ୍ୟ ତାର 'ଯୋଗୀ— ଫକୀର ସଙ୍ଗୀତ' ।
ଅଦ୍ୟାପି ଭଦ୍ରଖେ ସେ ସଙ୍ଗୀତଚୟ
ଚୈତ୍ର ମାସ ଶେଷେ ହୁଏ ଅଭିନୟ ।

ଧନ୍ୟ କବିଙ୍କର ସମ୍ମୋହନ ଗୀତ
ସମଭାବେ ମୋହେ ସମସ୍ତଙ୍କ ଚିତ୍ତ ।
ରସିକ ପକ୍ଷରେ ତାହା ରସମୟ
ଭାବୁକ ନିକଟେ ଭାବର ଆଳୟ ।
ଧାର୍ମିକ ପକ୍ଷରେ ଧର୍ମଶାସ୍ତ୍ରବତ
ଯୋଗୀ ବୁଝେ ତହୁଁ ମହା ଗୂଢ଼ ତତ୍ତ୍ୱ ।
ପୂର୍ଣ୍ଣ ସବୁଭାବ ତହିଁ ଏକାଧାରେ
ତେଣୁ ସେ ଆଦୃତ ସମସ୍ତଙ୍କଠାରେ ।
ଏକାଧାରେ ତହିଁ ଅଛି କନ୍ଦାହସା
ତାକ ନାମ ତାର 'ଚଇତ ତାମସା' ।
ମେଷ ସଂକ୍ରମଣେ ବହୁଭଣିତ
ମୋଗଲ ରାଜତ୍ୱ ହୁଏ ଅଭିନୀତ ।
ମୋଗଲ ରାଜାଙ୍କ ଅତି ବିଳାସିତା,
ତଥା ଅତ୍ୟାଚାର ଅଦୂରଦର୍ଶିତା,
ଭଗ୍ନ ଭଗ୍ନ କରି ଅଙ୍କିଛନ୍ତି କବି,
ଆଉର ଶାସନ ବିଶୃଙ୍ଖଳ ଛବି ।
ଅଛି ମାତ୍ର କାବ୍ୟ ନାହାନ୍ତି ସେ କବି
ବିଦ୍ୟମାନ ପ୍ରଭା ଅସ୍ତ ଆହା ରବି ।
ବହୁକାଳୁଁ କାଳ ତାଙ୍କ ସୌମ୍ୟ ମୂର୍ତ୍ତି
ଗ୍ରାସିଅଛି, ଏବେ ଅଛି ଖାଲି ସ୍ମୃତି ।
ରହଇ ଜୀବନୀ ନ ରହେ ଜୀବନ,
ଏହା ସିନା ବିଧି— ବିଧି ଚିରନ୍ତନ ।
ତୋହୋ ଜଳେ ତୋର ବୁଦ୍‌ବୁଦ ସମାନ,
ମିଶାଇଲେ ପଞ୍ଚଭୂତେ ପଞ୍ଚପ୍ରାଣ ।
ମନ୍ଦରନନ୍ଦିନୀ ସାଲନ୍ଦି, ତୋ କୂଳେ
ତାହାଙ୍କ ଶ୍ମଶାନ ବିରଜେ ମଞ୍ଜୁଳେ ।
କବିବାସଯୋଗ୍ୟ ନିକାଞ୍ଚନ ସ୍ଥାନ,
ଶୋଭର ନିକୁଞ୍ଜ ସୁରମ୍ୟ ଉଦ୍ୟାନ ।
ତୀକ୍ଷ୍ଣ କଣ୍ଟକିତ ଦୀର୍ଘ ହିମ ଗଦା
ବେଢ଼ିଛି ମର୍କତ ବେଡ଼ା ସମ ସଦା ।
ପତ୍ର-ଭରପର ଧରି ତାହିଁ କିଆ
ଅସ୍ତ୍ରଧାରୀ ପ୍ରାୟ ହୋଇଅଛି ଠିଆ ।

ପଣସ ତମାଳ ନାରିକେଳ ତାଳ
ଏ ଆଦି ପାଦପେ ସେ ବନ ଘଞ୍ଚାଳ ।
ତାହିଁ ପରସ୍ପରେ ମାତୁଳଙ୍ଗ ଆତ
ହୋଇଛନ୍ତି ଉଭା କାନ୍ଧେ ଛନ୍ଦି ହାତ ।
ପତ୍ରେ ପତ୍ର ଛନ୍ଦି ତାହିଁ ବୃକ୍ଷଗଣ
ନବ୍ୟରୁଚିସିଦ୍ଧ କର ମର୍ଦ୍ଦନ—
କରନ୍ତି କି ଆହା ମନେ ବହି ପ୍ରୀତି,
ତାହୁଁ ଏ ଶିଖିଲେ ନବ୍ୟ ସଭ୍ୟ ରୀତି ?
ତାହିଁ ବା ସୁନାରୀ ସୁ-ନାରୀର ଭଳି
ଧବ ପରେ ପ୍ରେମେ ପଡ଼ିଅଛି ଢଳି ।
ଫଳଭରେ ଧାତ୍ରୀ ପୋତିଅଛି ମଥା,
ନର ଭାଗ୍ୟ-ତରୁ କର୍ମ-ଫଳେ ଯଥା ।
ମର୍କଟମହତ୍ତ୍ୱ ଧର ତାହିଁ ତାଳ
ତୁଙ୍ଗେ ନଭେ ଟେକି ମସ୍ତକ ବିଶାଳ ।
ଦେଖି ତାହା ହୁଏ ଏସନ କଳ୍ପନା,
ବହୁଫଣ ଫଣୀ ତୋଳିଛି କି ଫଣା ?
ଜଟିଳ ତପସ୍ୱୀ ପ୍ରାୟେ କାହିଁ ବର
ବିଲମ୍ବାଇ ଜଟା ଓହଳନକର ।
ମାନବ ସଞ୍ଚାର ସେଠାରେ ବିରଳ,
ସ୍ୱଭାବେ ଯେଣୁ ସେ ଶବଦାହୀ ସ୍ଥଳ ।
ବନ୍ୟ ଲତା ବୃକ୍ଷେ ସେ ସ୍ଥାନ ପିହିତ,
ରବି ସଙ୍ଗେ ନାହିଁ ସମ୍ପର୍କ କିଞ୍ଚିତ ।
ଡେଇଁ ଡେଇଁ ବୁଲେ ଲମ୍ବକର୍ଣ୍ଣ ଶଶା,
କୃଷକକୁଳର ବୁଡ଼ାଏ ଭରସା ।
ଝିଲ୍ଲୀଏ ରାବନ୍ତି ବଂଶବନେ ଲୁଚି
ସେ ରବେ ପ୍ରଥୁଳ କରନ୍ତି ଗୁଣ୍ଡୁଚି ।
ପ୍ରାତଃ ବୈତାଳିକ ପିକ, କୁମ୍ଭାଟୁଆ,
କୁକ୍କୁଟ, ପାପିଆ କଟୁରବୀ କୁଆ,
ଚଷାପୁଅ, ଶ୍ୟାମା, ଦୟାଳୁ, ଖଞ୍ଜନ,
ଏ ଆଦି ବିହଙ୍ଗେ ପୂର୍ଣ୍ଣ ସେ କାନନ ।
ନଦୀକୂଳବକ ବସି ନଦୀକୂଳେ
ସୁସ୍ୱର ଲହରୀ ଉଠାଏ ପ୍ରଥୁଳେ ।

ସେ ସ୍ଥାନେ ଯେ ବାୟୁ ହୁଏ ପ୍ରବାହିତ,
ଭବ-ଉତ୍ତାପେ ସେ ନୁହେଁ ଉତ୍ତାପିତ ।
ସ୍ୱଭାବେ ସେ ସ୍ଥାନ ଶବଙ୍କ ଆସ୍ଥାନ,
ଅମର ସଙ୍ଗୀତେ ସଙ୍ଗୀତାୟମାନ ।
ଉପକଣ୍ଠେ ଗାଉ ଥୁ ଲୋ ଗିରିକନ୍ୟା,
କୁଳୁ କୁଳୁ ନାଦେ ନଦୀକୂଳଧନ୍ୟା ।
ସୁକଣ୍ଠ ବିହଙ୍ଗେ ସଦା ମୁଖରିତ
ଗାଏ ନିସ୍ତବ୍ଧତା ନୀରବ ସଙ୍ଗୀତ ।
କୋଳାହଳଦ୍ୱେଷୀ ଶବ-ବାସସ୍ଥଳ,
ପଶେ ନାହିଁ ତହିଁ ଭବ-କୋଳାହଳ ।
ଅନିତ୍ୟତା ଗୀତ ସଦା ସଂକୀର୍ତ୍ତନ
କରିବାକୁ ଏହି ସ୍ଥାନଟି ସୃଜନ ।
ମହାପୁଣ୍ୟମୟ ସ୍ଥାନ ଏ ଶ୍ମଶାନ,
ଜ୍ଞାନୀ ନେତ୍ରେ ତତ୍ତ୍ୱ— ଦୀକ୍ଷାଦାୟୀ ସ୍ଥାନ ।
ଅଜ୍ଞାନ ଚକ୍ଷୁରେ ମହାଭୟଙ୍କର,
ନ ଛୁଏଁ ତେଣୁ ସେ ସୀମା ଏ ସ୍ଥାନର ।
ନ ଉଚ୍ଚାରୁ ପଛେ କେହି ଏହା ନାମ
ମାତ୍ର ଏ ସଭିଙ୍କ ଚରମ ଆଶ୍ରମ ।
ପ୍ରାଣୀ ପ୍ରାଣ-ସ୍ରୋତ ଯଥାସମୟରେ
ବହି ଆସି ପଡ଼େ ଏ ମହାସାଗରେ ।
ଭୁଲିଗଲେ ସୁଦ୍ଧା ଏ ସ୍ଥାନକୁ କେହି
ନ ଭୁଲେ ତାକୁ ଏ ଚାହେଁ ଚାହିଁ ଦେଇ ।
ଦର୍ପି-ଦର୍ପ-ହର ସ୍ଥଳ ଏ ଭୂତଳେ,
ମହିମା ଏହାର ବଚନକୁ ବଳେ ।
କହ ରେ ଶ୍ମଶାନ ନ କରିଣ ମଠ,
କାହା ଶାପେ ତୁହି ଲୋକେ ଅପ୍ରକଟ ।
ମଧୁର ନିସର୍ଗ ସୌନ୍ଦର୍ଯ୍ୟ ତୋହର
ନୁହେଁ କିପାଁ ନର— ନୟନଗୋଚର ।
ମହାସୁପବିତ୍ର ସ୍ଥାନ ତୁ ଭୂତଳେ,
ଅପବିତ୍ର କିପାଁ ବୋଲନ୍ତି ସକଳେ ।
ଶାନ୍ତିମୟ ଧାମ ତୋ ପରି କେ-ଭବେ ?
କିପାଁ ଭୟଙ୍କର ବୋଲନ୍ତି ମାନବେ ?

ତବ ସତ୍‌ପୁରୁଷ ଧରି ସୂତା ଅଙ୍କେ
ଲିପ୍ତ କଲାଁ ଏଡ଼ି ଅପବାଦ–ପଙ୍କେ ।
ଅହୋ ! କେତେ ଭ୍ରାନ୍ତ ଅକୃତଜ୍ଞ ନର,
ଅଜ୍ଞାନେ ନ ବୁଝେ ମହିମା ତୋହର ।
ଆଗରେ ଯେ ତୋହ ପ୍ରତି ଘୃଣା ଭୟ,
ମାତ୍ର ଧନ୍ୟ ତୋର ଉଦାର ହୃଦୟ ।
କ୍ଷମା କରି ତାହା କୃତଦୋଷମାନ,
ପରିଣାମେ ତାଙ୍କୁ ଅଙ୍କେ ଦେଉ ସ୍ଥାନ ।
ମାୟା–କଳୁଷିତ ନୁହେଁ ତୋ ହୃଦୟ,
ଜୀବନାନ୍ତେ ତୁହି କେବଳ ଆଶ୍ରୟ ।
ସାମ୍ୟ ନୀତି ତୋର ପରମ ଆଦର୍ଶ,
ସମାନ ତୋଠାରେ ହରଷ ବରସ ।
ଧାର୍ମିକ ପାମର ତୋ ନେତ୍ରେ ସମାନ,
ସାନ ବଡ଼ ସର୍ବେ କରୁ ସମଜ୍ଞାନ ।
ଅନେକ ସଦ୍‌ଗୁଣ ଅଛି ଯେ ତୋହର,
ନ ଶିଖନ୍ତି ତାହା ଅଜ୍ଞାନାନ୍ଧ ନର ।
କୁସଂସ୍କାରେ କରି ଅମଙ୍ଗଳ ଶଙ୍କା
ନ ଚାହାଁନ୍ତି ତୋତେ ମୁହଁ କରି ବଙ୍କା ।
ରେ ଶ୍ମଶାନ, କେତେ ଅଜାଣିତ ଫୁଲ
କାହୁଁ ଆଣି ଅଙ୍କେ କରିଅଛୁ ଠୁଳ ।
ଅତୁଳ ସୌନ୍ଦର୍ଯ୍ୟ ରଖିଛୁ ସମାଧି,
ବଚ୍ଛିଭଙ୍କର ତୁ ସାରସ୍ୱତ ଗାଦି ।
ଭକ୍ତନେବ ସିନା ସୌନ୍ଦର୍ଯ୍ୟ–ପିପାସୁ,
ଧରି ରଖିଲୁ ତୁ ତାଙ୍କୁ ସେ ସକାଶୁ ।
ପଶୁଛନ୍ତି ତୋତେ ମସ୍ତକ ନୁଆଇଁ,
ସେ କବିଙ୍କୁ କାହିଁ ରଖିଛୁ ଲୁଚାଇ ।
ଖୋଜିଲିଣି କେତେ ତୋ ଅଙ୍କରେ ପଶି,
ମାତ୍ର ନ ଭେଟିଲି କାହିଁ ସେ ଯଶସ୍ୱୀ ।
ବୃକ୍ଷଲତାବ୍ରାତେ ପଚାରିଲି ଯାଇ,
ଶ୍ରୀ ବଂଶୀବଲ୍ଲଭ ଗଲେ ଆହା କାହିଁ ।
ନ ପାଇଲି କିନ୍ତୁ ଉତ୍ତର କାହାରି
ତହୁଁ ପ୍ରତିଧ୍ୱନି ଆକାଶ ଚୁମାରି—

ଉଚ୍ଚାରିଲା ଏହା ମହାଶୂନ୍ୟେ ଥାଇ,
"ଶ୍ରୀ ବଂଶୀବଲ୍ଲଭ ଗଲେ ଆହା କାହିଁ !"
ମୋ ଭବିଷ୍ୟ ବାଣୀ ଶୁଣ ରେ ଶ୍ମଶାନ,
ସତ୍ୟ ସତ୍ୟ ଏହା ନ ମଣ ତୁ ଆନ ।
ଆସୁଛି ସୁ–ଦିନ ତୋର ଏ ଦୁର୍ଦ୍ଦଶା
ବିଭୁ କୃପାବଳେ ଘୁଞ୍ଚିବ ସହସା ।
ଉନ୍ନତିର ସ୍ରୋତ ମାଡ଼ୁଛି ଉଚ୍ଛଳେ,
ଖେଳିବ ତହିଁରେ କଲ୍ଲୋଳ ଚଞ୍ଚଳେ ।
ବୁଝିବ ଉତ୍କଳ କବିର ମହତ୍ତ୍ୱ,
ସେ ଦିନ ହେବୁ ତୁ ତୀର୍ଥ ସାରସ୍ୱତ ।
ଦେଖିବାକୁ ତୋତେ ଆସିବେ ସକଳେ,
ପୂରିବ ତୋ ଅଙ୍ଗ ଜୟ କୋଳାହଳେ ।
କବିଙ୍କ ସକାଶୁଁ ହେବୁ ତୁ ପୂଜିତ,
ସଙ୍ଗ ଗୁଣେ ହେବ ସୌଭାଗ୍ୟ ଉଦିତ ।
ସାଲନ୍ଦି, ତୋହର ପାଳିତ ଭଦ୍ରଖେ,
ପୂର୍ବ ପରି ଶୋଭା ଆଉ ନ ଝଟକେ ।
ନାହିଁ ସେ ଗୌରବ ନାହିଁ ସେ ସୁଖ୍ୟାତି,
ଆଚ୍ଛାଦିଛି ଏବେ ତାକୁ ଦୁଃଖ–ରାତି ।
ଘେରିଛି ଦାରିଦ୍ର୍ୟ ଶତପୁରି କରି,
ବସିଛି ଅଭାଗୀ ଔଦାସ୍ୟ ଆଚରି ।
ଆଳସ୍ୟ–ଅମଳେ ତାରି ସୁତଗଣ
ଘାରିହୋଇ ସର୍ବେ ଛନ୍ତି ଅଚେତନ ।
ମାତୃଭୂମି ଏକ ଅଛି ତାହାଙ୍କର,
ଏ କଥା ଯେପରି ନାହିଁ ଜା ଗୋଚର ।
ମାସେ ଦଶ ଦିନ ରହି ଉପବାସ
ତେବେ ନ ତେଜନ୍ତି ଆଳସ୍ୟ ବିଳାସ ।
କାହିଁକି କେଜାଣି ଘୋଟିଲା ଏ ପାପ,
କେଉଁ ଦେବ ଦେଲେ ନିଦାରୁଣ ଶାପ ।
ବଜା ଲୋ ସାଲନ୍ଦି, ଶୁଭ ଶଙ୍ଖଧ୍ୱନି,
ଶୁଣି ଜାଗୁ ତାହା ଭଦ୍ରଖ ଅବନୀ ।
ସୁପ୍ତ ସୁତେ ତାର ହୋଇ ଜାଗରିତ
ହୁଅନ୍ତୁ ଉନ୍ନତି— ପଥେ ପ୍ରଧାବିତ ।

କୃଷି ଶିଳ୍ପ ଶିକ୍ଷା   ଧର୍ମ ବ୍ୟବସାୟେ,
ସାଧନ୍ତୁ ଉନ୍ନତି   ସୁ-ଅଧ୍ୟବସାୟେ ।
ବର୍ଣ୍ଣନେ ତୋହର   ଗୁଣ ଗଉରବ
ଅକ୍ଷମ ସାଳନ୍ଦି,   ମୁଁ ଛାର ମାନବ ।
ଜନ୍ମଦୁଃଖୀ ମୁହିଁ   ନିତାନ୍ତ ଅଜ୍ଞାନ,
କେମନ୍ତେ କରିବି   ତୋ ମହିମା ଗାନ ।
ଦୁଃଖ ଏକା ମୋର   ବାଲ୍ୟସହଚର,
ଯୌବନରେ ହେଲା   ସଖା ପ୍ରିୟତର ।
ବେଗେ ଶୋକେ   ଦେହ ପଡ଼ୁଅଛି ଥକି,
ଦୁଃଖ-ବଜାରେ ମୁଁ   ପ୍ରଧାନ ଗହକ ।
ଦୁଃଖ-ସିଂହାସନେ   ଚକ୍ରବର୍ତ୍ତୀପଣେ ,
ନ ଥିବ ସୃଷ୍ଟିରେ   ମୋର ପରି ଜଣେ ।
ତୁହି ଏକା ମୋର   ଜୀବନ କାରଣ,
ତୋହ ଜଳ ପିଇ   ଲଭିଲି ବର୍ଦ୍ଧନ ।

ସନ୍ତାପ ନିବୃତ୍ତି   କରେଁ ତୋର ନୀରେ,
ରକ୍ତରୂପେ ତାହା   ବହେ ଧମନୀରେ ।
ତେଣୁ ତୋହ ପ୍ରତି   ଚିର କୃତଜ୍ଞତା—
ପ୍ରଦର୍ଶନ ଅଟେ   ଉଚିତ ସର୍ବଥା ।
ଏସନ ବିଚାରି   ଭକ୍ତିପୂର୍ଣ୍ଣ ଚିତ୍ତେ
ଗାଇଲି ତୋ ଗୁଣ   ଏ ନୀରସ ଗୀତେ ।
ପେଲିଦେଲେ ତୋର   ସଦ୍‌ଗୁଣ ସକଳେ
ଭବଭାବାନନେ   ଧରି ମୋତେ ବଳେ ।
ସେ ଅଗମ୍ୟ ବନେ   ନ ପାରିଣ ପଶି,
ପାଖେଁ ପାଖୁଁ ଫୁଲ   ତୋଳିଲି ମୁଁ ବସି ।
ଶକ୍ତି ଅନୁଯାୟୀ   ଗୁନ୍ଥି ତହିଁ ହାର
ଅର୍ପିଲି ସାଳନ୍ଦି,   ତୋତେ ଉପହାର ।
ଘେନ ମାତଃ, ତାହା   ହୋଇ ହୃଷ୍ଟଚିତ୍ତ,
ଜୁହାର ଜୁହାର   ଶେଷ ମୋ ସଙ୍ଗୀତ ।

# ଯଯୁଯତା

# ଭକ୍ତ୍ୟୁପହାର

ପରମ ମାନନୀୟ

ଉତ୍କଳସାହିତ୍ୟ-ସୁହୃତ୍-ଶେଖର, ନିଖିଳ ସଦ୍‌ଗୁଣନିଧାନ
ତାଳଚେରାଧୀଶ୍ୱର ଶ୍ରୀଲ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର
ବୀରବର ହରିଚନ୍ଦନ ମହୋଦୟସ୍ୟ ମହତ୍ସନ୍ନିଧାନେଷୁ

ଶ୍ରୀମନ୍ମହାରାଜ,

ଶ୍ରୀଛାମୁ ହୀନା ଉତ୍କଳ ଭାଷାର ସମୁନ୍ନତି ସାଧନରେ ସତତ ବଦ୍ଧପରିକର । ସ୍ୱଭାବତଃ 'ତାଳଚେର୍ ଉତ୍କଳର ଉଦ୍ୟାନଗର୍ଭ'; ଅଧିକନ୍ତୁ ଶ୍ରୀଛାମୁଙ୍କ ଶୁଭାବିର୍ଭାବରେ ସମ୍ପ୍ରତି ତାହା ସାରସ୍ୱତ ମହାତୀର୍ଥ ହୋଇଅଛି । ଶ୍ରୀଛାମୁ ସ୍ୱରାଜଧାନୀରେ ସାହିତ୍ୟ ସମାଲୋଚନୀ ସମିତି ସ୍ଥାପନ କରି ମାର୍ଜିତ ରୁଚିସିଦ୍ଧ ସତ୍‌ସାହିତ୍ୟ ଚର୍ଚ୍ଚାର ପଥ ପ୍ରଦର୍ଶିତ କରିଅଛନ୍ତି । ସେଥିସକାଶ ଉତ୍କଳସାହିତ୍ୟ, ତଥା ଉତ୍କଳ ସାହିତ୍ୟସେବୀମାନେ ଶ୍ରୀଛାମୁରେ ଚିରକୃତଜ୍ଞ । ସେହି କୃତଜ୍ଞତାର ନିଦର୍ଶନସ୍ୱରୂପ ମୁଁ ଏହି "ସପ୍ତସତୀ" ପୁସ୍ତିକା ଖଣ୍ଡି ଶ୍ରୀଛାମୁଙ୍କ ଦାନ-ପୂତ କର-କମଳରେ ଅନ୍ତଃକରଣର ଅନ୍ତଃସାରନିହିତ ଭକ୍ତି ସହ ସମର୍ପଣ କଲି । ଏହା ଅକିଞ୍ଚିତ୍‌କର ହେଲେ ମଧ୍ୟ ଭକ୍ତିପ୍ରୀତ୍ୟନୁପ୍ରାଣିତ ହେବାରୁ ଶ୍ରୀଛାମୁରେ ଗୃହୀତ ହେବ ବୋଲି ମୋର ସମ୍ପୂର୍ଣ୍ଣ ଭରସା ।

ଇଚ୍ଛାପୁର
୨୭।୧୨।୨

ଶ୍ରୀଛାମୁଙ୍କର
କୃପାଭିଳାଷୀ
ଶ୍ରୀ ଚିନ୍ତାମଣି ମହାନ୍ତି

# ସପ୍ତସତୀ

## ପ୍ରଥମ ସର୍ଗ

### ଅହଲ୍ୟା

ଶିଖାଅ ମା ମାତୃଭାଷା ଦାସେ କୃପା କରି
ସାରସ୍ୱତ ମହାବୀଣା ମଧୁର ବାଦନ,
ଧରିଛି ସେ ବୀଣା ମୁହିଁ ବାଇବା ଆଶୟେ,
ଦେବ ! ହାତ ଧରି ତୁମ୍ଭେ ନ ଦେଲେ ଶିଖାଇ
କିପରି ବାଇବ ତାହା ଅଧମ ସେବକ ?
ପୂଜିବାକୁ ଇଚ୍ଛା ମୋର ସଦା ତୁମ୍ଭ ପାଦ,
କିନ୍ତୁ ମୁଁ ଅକ୍ଷମ ଦେବ ! ନାହିଁ ଯେଣୁ ମୋର
ତବ ପୂତ ପାଦ-ପୂଜା-ଯୋଗ୍ୟ ଶକ୍ତି, ଦ୍ରବ୍ୟ,
ତେଣୁ କର ଯୋଡ଼ି ମାତଃ ! ମାଗୁଅଛି ପଦେ
ଏ ଭିକ୍ଷା ଭାରତେ, ଦେବ ! ଦିବ୍ୟରତ୍ନମୟୀ,
କି ରତ୍ନ ଅଭାବ ତବ ଅକ୍ଷୟ ଭଣ୍ଡାରେ ?
ପ୍ରଦାନିଲେ କିଛି ତ ମା ସେହି ରତ୍ନ ଦାସେ,
ଜଳିବ ନବାହ୍ନ ତହିଁ ପୂଜା ସେ ତୁମ୍ଭର,
ଲକ୍ଷ୍ମୀଙ୍କି ପୂଜନ୍ତି ଯିହା ଲକ୍ଷ୍ମୀଦତ୍ତ ଧନେ ।
କୁହୁକିନୀ ମାୟା ଯଥା ତ୍ରେତାରେ ଶ୍ରୀରାମେ
ଦେଖାଇଲା ହେମମୃଗୀ, ସତୀ ସଂଶୟରେ,
ତଥା ଗୋ ଜନନି, ଦାସେ ଦେଖାଅ ସତ୍ୱର
ଭବ-ଯବନିକା ପାରେ ସତ୍ୟ ସତୀଲୋକେ,
ନିବସନ୍ତି ଯହିଁ ଆର୍ଯ୍ୟ ପତିବ୍ରତାକୁଳ,
ଭାରତ-ରମଣୀ-ରତ୍ନ-ଗର୍ବ-ଗଣ୍ଠିଧନ,
ବିସ୍ତାରିଣ ସମୁଜ୍ଜ୍ୱଳ ପ୍ରଭା, ଚନ୍ଦ୍ର ଯଥା
ନିଶାକାଳେ ମେଘମୁକ୍ତ ସ୍ୱଚ୍ଛ ନଭସ୍ତଳେ,
ସ୍ଥିର ମାତଃ ସେହି ସ୍ଥାନେ, ସଙ୍ଗେ ଘେନ ଦାସେ,
ଭେଟାଅ ତାହାଙ୍କୁ ନେଇ ସତୀ ପଦତଳେ,
ଗାଇବ ସେ ସତୀଗାଥା କରିଅଛି ସାଧ, *
ମେଣ୍ଟାଅ ସେ ସାଧ ତାର ଏ ଅଳି ଶ୍ରୀପଦେ ।
ପ୍ରଭାତେ ପ୍ରତ୍ୟହ ସ୍ମରେ ତୁମ୍ଭଙ୍କୁ ତାପସୀ
ଅହଲ୍ୟେ, ତପସ୍ୟା ଧନ୍ୟ ତୁମ୍ଭର, ସ୍ୱଗୁଣେ
ଗୋ ସତି ! ବନ୍ଦିତ ତୁମ୍ଭେ ନାକେ, ନାଗେ, ନରେ,
ତୁମ୍ଭର ପାପଘ୍ନ ନାମ ହୋଇଛି ଗ୍ରଥିତ
ପ୍ରାତଃସ୍ମରଣୀୟ ମନ୍ତ୍ରେ, ଆଦ୍ୟେ, ନିତ୍ୟ ନରେ
ପ୍ରାତେ ତାହା ଘୋଷୁଛନ୍ତି ଅକଳଙ୍କ ବାଞ୍ଛି
ମହାପାପ ବିନାଶାର୍ଥେ, କିନ୍ତୁ ଦେବି, ଧିକ୍
ଦେବରାଜ ଶକ୍ରେ, ଧିକ୍ ! ଦେବଦେହ ବହି
ପାଶବ ବେଗରେ ତାଙ୍କ (ଅତି ନିନ୍ଦନୀୟ),
ଗୁରୁପତ୍ନୀ ତୁମ୍ଭେ ତାଙ୍କ ଜନନୀସ୍ଥାନୀୟା,
ନ ବିଚାରି ଏହା, ଅହୋ ! କେଡ଼େ ମହାପାପ
(ଧର୍ମଶାସ୍ତ୍ରେ ନାହିଁ ଯାର ପ୍ରାୟଶ୍ଚିତ୍ତ ବିଧି)
ଆଚରିଲେ ସୁନାସୀର ! ସ୍ମରିଲେ ସେ କଥା
ବିସ୍ମୟେ ଟାଙ୍କୁରି ଉଠେ ଦେହେ ରୋମାବଳୀ ।
ଶୋଭାବତୀପଣେ ତୁମ୍ଭେ ଶୋଭାର ଉପାସ୍ୟା,
ତବ ରୂପ ତୁଳନାରେ, ହେବ ନାହିଁ ରତି
ରତିଏ କଦାପି, ଇନ୍ଦ୍ର ବିମୋହି ସେ ରୂପେ
ଜର ଜର ହେଲେ ତୀକ୍ଷ୍ଣ ଫୁଲଶର ଶରେ ।
ତହୁଁ ଧରି ଗୌତମଙ୍କ ସ୍ୱରୂପ କପଟେ
ମାଗିଲେ ତୁମ୍ଭଙ୍କୁ ଦେହଭିକ୍ଷା, ସ୍ୱଭାବତଃ

* ଇଚ୍ଛା ଶବ୍ଦ ।

ନିଷ୍କପଟା ତୁମ୍ଭେ, ଯେଣୁ ସମର୍ପିଛ ଆଗୁଁ
ପତିରୂପେ ଯଜ୍ଞାନଳେ କପଟ ଲୁବ୍ଧବେ,
ତେଣୁ ନ ପାରିଲ ଭେଦି ଦେବମାୟା, ଭଲ
ତାଙ୍କ ଆଜ୍ଞା ଶିରୋଧାର୍ଯ୍ୟ, ପତି ଆଜ୍ଞା ମଣି ।
ଶୁଣିଲେ ଏ ମହାପାପ, ଥାଉ ଆନ କଥା
ନ ରୋଧିବ କର୍ଣ୍ଣପଥ କେବଣ ନାରୀ ?
ଏଡ଼େ ପାପାଚାରୀ ସତି ! ସତେ କି ଗୋ ଦେବେ ?
ଯେଉଁ ଦେବଙ୍କର ନେତା, ତାଙ୍କ ଏ ଅନୀତି
ସ୍ୱଜାତୀୟ ଉପରୋଧେ କ୍ଷମିଥିବେ ଦେବେ,
ସହିଲ କିରୂପେ ମାତ୍ର ପବିତ୍ରା ଅମର ?
ନିତେ ବୁଝି ସେ ଅଧୌତ କଳଙ୍କ କାଳାରେ
ଦେବକୁଳେ କଳଙ୍କିତ କଲେ ଆଖଣ୍ଡଳ,
ବୋଲିଲେ ସେ ତାଙ୍କୁ ପୁଣି ତୁମ୍ଭର ବଦନେ !
ଏଡ଼େ ବଡ଼ ମହାପାପ କ୍ଷମିଲ ତାଙ୍କର
ତୁମ୍ଭେ, କ୍ଷମାଶୀଳେ, ଧନ୍ୟ କ୍ଷମାଗୁଣ ତବ !
ଇଚ୍ଛି ଥିଲେ ସତି ! ତୁମ୍ଭେ, ତୀବ୍ର ଶାପାନଳେ
ପାରିଥାନ୍ତ ଦହି ଇନ୍ଦ୍ରେ, କିନ୍ତୁ ତପସ୍ୱିନି !
କ୍ଷାନ୍ତ ହେଲ ପୂର୍ବାର୍ଜିତ ତପୋଭଙ୍ଗ ଭୟେ,
ପ୍ରଧାନ ତପସ୍ୟା ସିନା ଶମ, ଦମ, କ୍ଷମା,
ଆଚରିଲ କ୍ଷମା ତୁମ୍ଭେ, ମାତ୍ର ନ କ୍ଷମିଲେ
ଗୌତମ, ( ମହର୍ଷିକୁଳ-ଗୌରବ-କେତନ)
ପତି ତବ, ପ୍ରଦାନିଲେ ସେହୁ ମହାଶାପ
ଇନ୍ଦ୍ରେ, ସେହି ଘୋର ଶାପେ, ବହିଲେ ମଘବା
ଶରୀରେ ବୀଭତ୍ସ ଚିହ୍ନ ନିଜ କର୍ମଦୋଷେ,
ଲଜ୍ଜାଭରେ ହେଲେ ଇନ୍ଦ୍ର ଅବନତ ଶିର ।

ଇନ୍ଦ୍ରେ ଅଭିଶାପି ପୁଣି ଶାପିଲେ ଗୌତମ
ତୁମ୍ଭଙ୍କୁ ଅଦୋଷେ, ଅହୋ କେଡ଼େ ଅବିଚାର !
ସେ ଶାପେ ଅହଲ୍ୟେ! ତୁମ୍ଭେ ହେଲ ଗୋ ପାଷାଣୀ,
ଦଣ୍ଡିଲେ ଅଦୋଷେ ଧବ ତବ, ଛାଡ଼ିଲ ତା
ନୀରବେ ସୁନ୍ଦରି ! ସତି ! ଶିଖିବେ କି ତବ
ଏ ସଦ୍‌ଗୁଣ, ଆଧୁନିକ ଭାରତ-ଲଳନା
ତୁମ୍ଭରି ବଂଶୀୟା ? (ହାୟ, ଏବେ ଅଭାଗିନୀ)
ଦେଖ ଆସି ବାରେ ଦେବ ତ୍ରିଦିବୁ ଓହ୍ଲାଇ,
ତୁମ୍ଭ ଜନ୍ମତୀର୍ଥେ ସେହି ପବିତ୍ର ଭାରତେ,
ତୁମ୍ଭ ପରି ନାରୀରତ୍ନ ନାହାନ୍ତି ଗୋ ଆଉ !
ସେହି ମଣିଖଣି ଏବେ ହୋଇଅଛି ଆହା
ଦେଖ ! ଶ୍ମଶାନର ଚୁଲ୍ଲି, ( ଦୈବଦୁର୍ବିପାକେ )
ରହିଛି ସେ ପୂର୍ଣ୍ଣ ସଦା ପାଉଁଶେ କେବଳ ।
ନାହିଁ ସେ ତିତିକ୍ଷା, ଧୈର୍ଯ୍ୟ, ନାହିଁ ସହିଷ୍ଣୁତା,
ନାହିଁ ସ୍ୱଧର୍ମରେ ନିଷ୍ଠା, ରମଣୀକୁଳର,
ସବୁ ଯାଇଅଛି, ଶୀଳ, ଆହାର, ଶୟନ,
ଗୃହକର୍ମ, ଈର୍ଷା ପୁଣି ଅଳଙ୍କାରସ୍ପୃହା ।
ରହିଛନ୍ତି ସର୍ବେ ସ୍ୱୀୟ ଯୋଗ୍ୟତା ଅଭାବେ
ଜଡ଼ତା-ଜଡ଼ିତ, ଅହୋ ! ଅଭିଶପ୍ତା ପ୍ରାୟ ।
ଅହଲ୍ୟେ ! ଘୁଞ୍ଚିଲା ଯଥା ଜଡ଼ତା ତୁମ୍ଭର
ସ୍ପର୍ଶି ରାମପାଦ, ତଥା ଘୁଞ୍ଚିଯାଉ ଖରେ
ନବଯୁଗୋନ୍ମେଷ ସ୍ପର୍ଶେ ଅଜ୍ଞାନ, ଜଡ଼ତା,
ଅଭାଗିନୀ ଭାରତୀୟ ଲଳନାକୁଳର,
କର ଦେବ ! ଦିବ୍ୟଧାମୁଁ ଏହି ଆଶୀର୍ବାଦ,
ସତୀ ଆଶୀର୍ବାଦ କେବେ ନୋହିବ ବିଫଳ ।

# ଦ୍ୱିତୀୟ ସର୍ଗ

## ଦ୍ରୌପଦୀ

ବିବାର ସ୍ୱାଗତ ଦେବୀ ସତୀକୁଳରାଣୀ
ଯାଜ୍ଞସେନି ! ଧନ୍ୟ ତବ ସତୀତ୍ୱ ମହିମା !
ପୂର୍ବ ଶାପେ ଧରି ସୁଦ୍ଧା ପଞ୍ଚପତି କର,
ବସିଅଛ ଅଧିକାରି ସତୀ-ସିଂହାସନେ ।
ଯଜ୍ଞାନଳଜନ୍ୟେ ! ତବ ସତୀତ୍ୱର ତେଜ
ମନ୍ତ୍ରପୂତ ଯଜ୍ଞାନଳ ପ୍ରାୟ, ପଞ୍ଚ ତହିଁ
କୁରୁନାହା ଦୁର୍ଯ୍ୟୋଧନ ଭ୍ରାତୃମିତ୍ର ସହ
ହେଲେ ଭସ୍ମୀଭୂତ, ଦୁଷ୍ଟ ଅକାଳେ, ସ୍ୱଦୋଷେ ।
ପତିବ୍ରତେ ! ହୋଇ ତୁମ୍ଭେ ପାଣ୍ଡବ-ସମ୍ରାଟ—
ପାଟରାଣୀ, ସହିଲ ଗୋ କେତେ ଯେ ଦାରୁଣ
ଅସହ୍ୟ, ଦାରୁଣ, ଅହୋ ! ଶୁଣିଲେ ସେ କଥା
ହେବ ଦ୍ରବୀଭୂତ ସୁଦ୍ଧା ଅଜୀବ ପାଷାଣ ।
ଯେ କାଳେ କପଟଦ୍ୟୂତେ ହାରି ରାଜ୍ୟ ଧନ
ଧର୍ମରାଜ ଯୁଧିଷ୍ଠିର ଭ୍ରାତୃପତ୍ନୀ ସହ,
ବସିଥିଲେ ସଭାତଳେ କାଙ୍କର ସ୍ୱରୂପେ
ଲଜ୍ଜାଭରେ ମଥା ପୋତି ବିଷଣ୍ଣ ବଦନେ,
ସେ କାଳେ ଗୋ ସତି ! ଥିଲ ତୁମ୍ଭେ ଅନ୍ତଃପୁରେ
ରଜସ୍ୱଳା ହେତୁ ଆହା ଏକବସ୍ତ୍ରା ହୋଇ,
ଧିକ୍ ଧିକ୍ ଦୁଃଶାସନେ ( କୁରୁକୁଳଗ୍ଲାନି )
ଦୁଷ୍ଟଭ୍ରାତୃନିୟୋଜନେ, ମିଳି ତହିଁ ଦୁଷ୍ଟ
ଆଣିଲା ତୁମ୍ଭକୁ ହାୟ ଧରଣି ନାରକୀ
କରଷି କୁନ୍ତଳ ତବ, କର୍କଶ ପାଣିରେ !
ସଭା ମଧ୍ୟେ ବିବସନ କରିବା ଆଶୟେ;
କିନ୍ତୁ ହେଲା ନାହିଁ କୃଷ୍ଣେ ! ଇଷ୍ଟ ସିଦ୍ଧି ତାର,
ମୂର୍ତ୍ତିମନ୍ତ ହୋଇ ତବ ସତୀତ୍ୱ ଧରମ
ସେ କାଳେ, ରଖିଲା ଦେବୀ ତୁମ୍ଭକୁ ସେ ଘୋର
ପ୍ରମାଦୁ, ଲଜ୍ଜାରୁ । ପାପୀ ଓଟାରିଣ ବାସ
ତବ ଅଙ୍ଗ ନ ପାରିଲା ଶେଷ କରି, ଅହୋ
ଖଣ୍ଡିକ ପଛରେ ଖଣ୍ଡେ ରହିଥାଏ ଲାଗି,
ଓଟାରି ଓଟାରି ଦୁଷ୍ଟ ପଡ଼ିଲା ଥକି ।
ସତି, ତୁମ୍ଭ ସତୀତ୍ୱର ଗୁରୁତ୍ୱ ମହିମା,
ବିଲୋକି ସେ କାଳେ ଭୀଷ୍ମ, ଦ୍ରୋଣ, ବିଦୁରାଦି
ସଭାଜନେ, ହେଲେ ସର୍ବେ ବିସ୍ମୟେ ଅବଶ !
ବହିଗଲା ତବ ନାମେ ଧନ୍ୟବାଦ ସ୍ରୋତ ।
ଗୁରୁ ଆଗେ ଜ୍ୟେଷ୍ଠ କୁରୁ ଦେଖାଇଣ ଊରୁ
ତୁମ୍ଭଙ୍କୁ, ନାରକୀ ହେଲା ହତଶ୍ରୀ, ଆବର
କ୍ଷୀଣାୟୁ, ସେକାଳେ ବୀର ପବନ-ନନ୍ଦନ,
( ଅମିତ ତେଜସ୍ୱୀ ଭୀମ, ରଣେ ଶତ୍ରୁଜୟୀ )
ନ ପାରିଣ ସହି ସ୍ତ୍ରୀୟ ପତ୍ନୀର ଲାଞ୍ଛନା,
ଉଠିଲେ ହୁଙ୍କାରି, ଶରେ ବୁଲାଇଣ ଡୋଳା,
ସେ ରୁଦ୍ର ହୁଙ୍କାରେ ଭୟେ ଥରିଲା ଅବନୀ,
ଥରିଲା ହସ୍ତିନାପୁରୀ ଥର ଥର ହୋଇ,
ମହାନାଶେ ସଭାଜନେ ଗଣିଲେ ପ୍ରମାଦ ।
ଜଳଦଗମ୍ଭୀର ସ୍ୱରେ କହିଲେ ପାବନି,—
"ଆରେ କୁରୁକୁଳାଙ୍ଗାର କ୍ରୂର ଦୁର୍ଯ୍ୟୋଧନ
ଘେନିଲି ଏ ଋଣ ତୋର, କାଳାନ୍ତର ସହ
କରିବି ରେ ପରିଶୋଧ ନିଶ୍ଚେ ନିଶ୍ଚେ ପାପି,
ଅଦୂର ଦିବସେ, ନାହିଁ ଅଗ୍ରଜ ଆଦେଶ,
ନତୁବା କରନ୍ତି ଶୋଧ ଏବେ ମୂଳେ ମୂଳେ ।
ଶୁଣ ମୋ ପ୍ରତିଜ୍ଞା ଦୁଷ୍ଟ ! ଗୁରୁ ଗଦାଘାତେ
ତୋର ଏ ସ୍ଥୂଳ ଊରୁ, ଭାଙ୍ଗି ଅବହେଳେ
ପେଷିବି ଦୁରନ୍ତ ତୋତେ କୃତାନ୍ତ ଭବନେ,
ସତ୍ୟ ସତ୍ୟ ସତ୍ୟ ଏହା ସତ୍ୟ ସପ୍ତବାର ।"
ଦେବି ! କୁରୁକ୍ଷେତ୍ର-ରଣେ, ପାଳିଥିଲେ ଭୀମ
ଯଥାକାଳେ ଏ ପ୍ରତିଜ୍ଞା, ଅତୀବ କଠୋର ।
ଏଥିଅନ୍ତେ ଦୁଃଶାସନେ ଗୁହିଁ ବୃକୋଦର

କୋଇଲେ, "ବର୍ବର ! ତୋର ଏତେକ ଗରିମା
ଶ୍ୱାନ ହୋଇ ଆକର୍ଷିଲୁ କେଶରଣୀ କେଶ !
ଯୁଧିଷ୍ଠିର ହେତୁ କ୍ଳୀବ ଏବେ ମୁହିଁ, ନତୁ
ଛିଣ୍ଡାନ୍ତି ତୋ ମୁଣ୍ଡ ଏବ ବ୍ରହ୍ମଗୃପ୍ତୁଦାରେ ।"
କହୁଁ କହୁଁ ଏହା କ୍ରୋଧ ବଢ଼ିଲା ପ୍ରଖରେ
ପ୍ରଳୟ ଅନଳ ପ୍ରାୟ, ହେଲ ବହିର୍ଗତ
ନୟନୁ ସ୍ଫୁଲିଙ୍ଗରାଶି, ନାଶର ଉଚ୍ଛୁଳି
ଲଲାଟେ ତ୍ରିବଳୀ ରେଖା, ଦନ୍ତ କଡ଼ମଡ଼ି
କହିଲେ ଏସନ ବୀର କର୍କଶ ବଚନେ,
"ରହିଲା ପ୍ରତିଜ୍ଞା ମୋର, ରେ ଦୁରନ୍ତ ଦୁଃଶା,
ବିଦାରି ତୋ ବକ୍ଷ ଦଶନଘାତେ, ରଣସ୍ଥଳେ,
କରିବି ରୁଧିର ପାନ, ବାନ୍ଧିବି ରେ ପୁଣି
ସେହି ରକ୍ତଲିପ୍ତ ହସ୍ତେ ଯାଜ୍ଞସେନୀ କେଶ,
ଯାବତ ନୋହିବ ପୂର୍ଣ୍ଣ ଏ ପ୍ରତିଜ୍ଞା ମୋର,
ତାବତ ଦ୍ରୌପଦୀ କେଶ ଥିବ ମୁକୁଳିତ ।"
ଅବ୍ୟର୍ଥ-ପ୍ରତିଜ୍ଞ ଭୀମ, କୁରୁକ୍ଷେତ୍ର ରଣେ
ପୂର୍ଣ୍ଣ କଲେ ଏ ପ୍ରତିଜ୍ଞା ଦୁରୁହ, କଠୋର ।
ବନେ ବନେ ବାର ବର୍ଷ ବୁଲି ଗୋ ପାଞ୍ଚାଳି !
ପଞ୍ଚପତି ସହ, କେତେ ଭୁଞ୍ଜିଲୁ କଷଣ,
ବର୍ଷେ କାଳ ପୁଣି ଆହା ବିରାଟ ନଗରେ
କ୍ଷେପିଲୁ ଅଜ୍ଞାତବାସେ ସୈରିନ୍ଧ୍ରୀ ବେଶରେ,
ହୋଇ ରାଜକନ୍ୟା, ରାଜରାଣୀ (ଅହୋ ! କେତେ
ଦୁର୍ବିପାକ ) ଖଟିଲୁ ଗୋ ସୁଦେଷ୍ଣା ଛାମୁରେ !
ଆହା ! କି ନ କରେ କାଳ ? କିଏ ସୁଖ ସେହୁ,

ପ୍ରତିକୂଳେ ଆଣେ ପୁଣି ଦାରୁଣ କଷଣ,
କାଳର ଅବ୍ୟର୍ଥ ଦାନ ସୁଖଦୁଃଖ ସିନା ।
ବିରାଟ ଶ୍ୟାଳକ ନୀଚ କୀଚକ ଦୁର୍ମତି
କଲା ପରାଭବ ସତି ! ତୁମ୍ଭଙ୍କୁ ସଭାରେ
ସେବିକା ସୈରିନ୍ଧ୍ରୀଜ୍ଞାନେ, ମଣି ଅହୋ ମୂଢ଼
ପ୍ରଚ୍ଛନ୍ନ ପାଣ୍ଡବେ ତୁଚ୍ଛ ଶୀତଳ ପାଉଁଶ,
କଲା ପଦାଘାତ ତହିଁ, ମାତ୍ର ପରକ୍ଷଣେ
ଭୁଞ୍ଜିଲା ଉଚିତ ତାର ଯୋଗ୍ୟ ପ୍ରତିଫଳ ।
ନାରୀ ରୂପ ଧରି ଭୀମ ଶୟନ କକ୍ଷରେ,
ବଧିଲେ ଜୀବନ ତାର ଅତି ସଂଗୋପନେ
ଅସ୍ଥାୟୀରୂପେ ପୁଣି, ଲଭିଲା ପାତକୀ,
ହାତେ ହାତେ ପ୍ରତିଫଳ ସତୀଦ୍ରୋହିତାର ।
ଶୋକକ୍ଳିଷ୍ଟେ ! ଜୀବନରେ ନାହିଁ ତବ ସୁଖ ?
ରାଜପୁତ୍ରୀ, ରାଜବଧୂ, ରାଜପତ୍ନୀ ହୋଇ
କ୍ଷେପିଲ ଗୋ ଆଜୀବନ ଦୁଃଖେ ଶୋକେ କାଳ ।
କୁରୁକ୍ଷେତ୍ର ଯୁଦ୍ଧ ଅନ୍ତେ ବସି ସିଂହାସନେ
ହେଉଥିଲ ଯନ୍ତ୍ରଣାରେ ଛଟପଟ ଦେବି !
ପିତୃ-ଭ୍ରାତୃ-ପୁତ୍ରଶୋକେ ତପ୍ତ ନିରନ୍ତର
ମଣୁଥିଲ ରାଜାସନେ ଅଗ୍ନି-ସିଂହାସନ !
ଥିଲା ନାହିଁ ସ୍ପୃହା ତବ ତୁଚ୍ଛ ଭବସୁଖେ,
ସତି ! ମଣୁଥିଲ ତେଣୁ ବିଷୟ-ବିଭବେ
ତୀବ୍ର ବିଷପ୍ରାୟ, ଥିଲା ଲକ୍ଷ୍ୟ ତବ ସଦା
ପତିସେବା, ଦେବସେବା, ଅତିଥିସତ୍କାର,
ମଣୁଥିଲ ତାହାକୁ ହିଁ ପ୍ରାଣେ ସାର ସୁଖ ।

# ତୃତୀୟ ସର୍ଗ

## କୁନ୍ତୀ

ଯେ ମନ୍ତ୍ର ଶିଖିଲ ତୁମେ ! ଅତିଥିବତ୍ସଳା
କନ୍ୟାକାଳେ ପିତୃଗୃହେ, ସେବି ମୁନିପଦ,
ସେ ମନ୍ତ୍ର ପ୍ରଭାବେ, ସୂର୍ଯ୍ୟେ କରି ଆକର୍ଷଣ,
ପ୍ରସବିଲ ତାଙ୍କ ଅଂଶୁ କାନୀନ କୁମାର—
ଅମୃତକୁଣ୍ଡଳୀ କର୍ଣ୍ଣେ, ଅକ୍ଷୟ କବଚୀ
(ଅର୍ଦ୍ଧ ମହାରଥୀ ଯେହୁ ଧରଣୀ-ମଣ୍ଡଳେ)
ବୀରମାତା ତୁମ୍ଭେ, (ମଣି ମାତା ଯଥା ଖଣି) ।
ପାଣ୍ଡୁ-ପାଟରାଣି ! ମୃଗ ମୁନି ଶାପେ ଯେବେ
ହୋଇଣ ବ୍ୟଥିତ ପତି ତବ, ଗଲେ ବନେ
ହୋଇ ବିରକ୍ତ ବୀତସ୍ପୃହ, ସେ କାଳେ ଗୋ ସତି,
ଗଲ ତୁମ୍ଭେ ସଙ୍ଗେ, ଯେଣୁ ପତିଗତପ୍ରାଣା,
ସମାନଭାଗିନୀ ତେଣୁ ପତି ସୁଖେ ଦୁଃଖେ,
ବିଷୟ ଐଶ୍ୱର୍ଯ୍ୟ, ଭୋଗ, ରାଜରାଣୀ ପଦ,
ନ ହେଲେ ସାହସୀ କେହି ସେ କାଳେ ତୁମ୍ଭର
ଦୃଢ଼ ମନୋରଥ ପଥେ ସାଧିବାକୁ ବାଧ ।
କେ ସମର୍ଥ ରୋଧିବାକୁ ରବିରଥ ଗତି ?
ହୋଇ ରାଜରାଣୀ ଆହା ! କାଙ୍ଗାଳିନୀ ପ୍ରାୟ
ବୁଲି ବନେ ବନେ, କଲ ସେ ଉତ୍କଟ ଶାପୁଁ
ପତି ପ୍ରାଣରକ୍ଷା, ସତି ! ବହୁ ଦିନଯାଏଁ
ସ୍ୱୀୟ ସାଧାରଣାତୀତ ବୁଦ୍ଧି ପ୍ରଭାବରେ ।
ସ୍ୱାମୀ ଆଜ୍ଞା ଶିରେ ଧରି, ବଂଶରକ୍ଷା ହେତୁ
ଜାତ କଲ ତିନି ପୁତ୍ର ତିନି ଦେବ ଅଂଶୁ
ଜପି ଦେବ-ଆକର୍ଷିଣୀ ମନ୍ତ୍ରେ, ଦେଇ ପୁଣି
ସେହି ମନ୍ତ୍ର ମଦ୍ରବାଳେ, (ସପତ୍ନୀ ତୁମ୍ଭର)
କଲ ପରିତ୍ରାଣ ତାଙ୍କୁ ଅପୁତ୍ରକ ଦୋଷୁ,
ଲଭିଲେ ସେ ଦେବ ଅଂଶୁ ଯମଜ ନନ୍ଦନ ।
ପ୍ରଥମ କୁମର ତବ ଜାତ ଧର୍ମ ଅଂଶୁ
ଧର୍ମରାଜ ଯୁଧିଷ୍ଠିର, ଶାନ୍ତ, ଦାନ୍ତ, ଧୀର

ସ୍ୱଧର୍ମେ, ବୈରିରେ ପୁଣି ଦୟା ଦାକ୍ଷିଣ୍ୟରେ
ପଟାନ୍ତର ସେହି ଭବେ ତାଙ୍କୁହିଁ କେବଳ ।
ଲକ୍ଷସଂଖ୍ୟ ନୃପେ ସେହୁ ଶାସି ବାହୁବଳେ,
(ଶ୍ରେଷ୍ଠ ବାହୁବଳ ଯାଙ୍କ ଥିଲ ଭ୍ରାତୃବଳ)
କଲେ ରାଜସୂୟ ଯଜ୍ଞ, ଚକ୍ରବର୍ତ୍ତୀ ପଣେ ।
ଦ୍ୱିତୀୟ କୁମାର ପୃଥେ ! ଭୀମ ପରାକ୍ରମ—
ଭୀମ, ଜାତ ବାୟୁ ଅଂଶୁ, ବହନ୍ତି ଶରୀରେ
ବାୟୁ ସମ ଗତି, ବଳ, ସଂସାରେ ସମରେ
ନ ଅଛନ୍ତି କେହି ତାଙ୍କୁ । ଜାତ ଯବେ ଦେବି !
ତୁମ୍ଭେ ସେ ନନ୍ଦନେ, ଗୁରୁଭାର ନ ପାରିଣ
ସହି, ଦେଲ ଛାଡ଼ି, ଅହୋ ! ବାଳ ଶିଶୁଦେହୁ,
( କି ଅଦ୍ଭୁତ କଥା ) ଗଲ ହୋଇ ଶତଚୂର
ଶତଶୃଙ୍ଗ-ଶୃଙ୍ଗ ! ଧନ୍ୟ ପ୍ରବୀର ପ୍ରସୂତି !
ଅତୁଳ ଯଶସ୍ୱୀ, ଶୂର, ଧାର୍ମିକ, ପଣ୍ଡିତ
ତୃତୀୟ କୁମାର ତବ ଅର୍ଜ୍ଜୁନ, ନବୀର,
ନିର୍ଜିଲେ ନିର୍ଜିତ-ଅରି ନିବାତ କବଚେ,
ପ୍ରଦାନିଲେ ମରି ହୋଇ ଅମରେ ଅଭୟ ।
ଦହିଲେ ଖାଣ୍ଡବ ବନ ବାସବ-ପାଳିତ
ହୁତାଶନ ଅନୁରୋଧେ, କଲେ ନିରାମୟ
ତାଙ୍କୁ ଅନ୍ତଗ୍ରାସ ରୋଗୁଁ, ହୁଅନ୍ତେ ସମର
ତହୁଁ ଅମରଙ୍କ ସହ, ଯୁଝିଲେ ସେ ଧରି
ଅଗ୍ନି ଦତ୍ତ ଧନୁବର ଗାଣ୍ଡୀବ ଆଖ୍ୟାତ,
( ଚରାଚର ମୋହକର ଯାହାର ଟଙ୍କାର)
ଆଣିଲେ ବିଜୟ-ଲକ୍ଷ୍ମୀ ସେ ଭୀଷଣ ରଣେ
କୁନ୍ତି ! ତବ ପ୍ରିୟ ପୁତ୍ର ଅଜେୟ ଅର୍ଜ୍ଜୁନେ ।
ଶୂରସେନ ! କି ବର୍ଣ୍ଣିବି ଅର୍ଜ୍ଜୁନ ମହିମା,
( ନର ନାରାୟଣରୂପେ ଅବତୀର୍ଣ୍ଣ ଯେହୁ )
ବାହୁଯୁଦ୍ଧେ ତୋଷି ପାର୍ଥ କିରାତ ସ୍ୱରୂପୀ—

ସଦାଶିବେ, ପ୍ରାପ୍ତ ହେଲେ ପାଶୁପତ ବାଣ,
( ପ୍ରଚ୍ଛନ୍ନରେ ଅଧିଷ୍ଠିତ ଯହିଁ ସଦାଶିବ ) ।
କୁରୁକ୍ଷେତ୍ର ରଣେ ଜିଣି ଭୀଷ୍ମ କର୍ଣ୍ଣ ଆଦି
ମହାରଥିବରକୁଳେ, ଜଗତେ ଦୁର୍ଜ୍ଜୟ,
ହେଲେ ଜୟୀ ଯୁଧିଷ୍ଠିରେ; ସେ ପୁତ୍ର ସକାଶେ
ତ୍ରିଜଗତେ ଧନ୍ୟ ତୁମ୍ଭେ ବୋଲାଇଲ ପୃଥେ !
ମଦ୍ରରାଜ-ଦୁହିତାଙ୍କ ଯମଜ କୁମାରେ,
ପ୍ରତିପାଳିଥିଲ ତୁମ୍ଭେ ନିଜ ପୁତ୍ର ବଳି,
ସପତ୍ନୀ ନନ୍ଦନ ବୋଲି ନୋହି ପ୍ରତିକୂଳା ।

ଦୁଷ୍ଟ ଦୁର୍ଯ୍ୟୋଧନ ଭୟେ ( କୁରୁକୁଳ-କାଳୀ )
ଶିଶୁ ପୁତ୍ରେ ଘେନି, କେତେ ଲଭିଲ ଗୋ ଦୁଃଖ
ଭ୍ରମି ବନେ ବନେ, ଆହା ! ହୋଇ ରାଜରାଣୀ,
ହେଲ ଭିକାରୁଣୀ, ଧନ୍ୟ ସହ୍ୟଶକ୍ତି ତବ !
ସଂସାରର ଶୀତେ ଉଷ୍ଣେ ମଣୁଥିଲ ସମ !
ସୁଖ ଦୁଃଖ ଆସେ ଯିବା ପ୍ରକୃତି ନିୟମେ ।
ସେଥିରେ ଯାହାର ସତି ! ଥାଏ ସମ ଜ୍ଞାନ,
ସେହି ଏବେ ଜୀବନ୍ମୁକ୍ତ ଭବ-କାରାଗାରୁ,
ଜନ୍ମାନ୍ତେ ତାହାର ଆଉ ନାହିଁ ଜନ୍ମାନ୍ତର ।

# ଚତୁର୍ଥ ସର୍ଗ

## ତାରା

ଆଶ୍ଚର୍ଯ୍ୟ ସତୀତ୍ୱ ତବ ବାଳି-ବିଳାସିନୀ
ତାରା ! ସେ ବଳେ ଗୋ ତୁମ୍ଭେ ପାରୁଥିଲ ଜାଣି
ଭବିଷ୍ୟ,ଭୂତ, ବର୍ତ୍ତମାନ ତିନି କାଳ କଥା,
ମହା ବୁଦ୍ଧିମତୀ ତୁମ୍ଭେ ମନ୍ତ୍ରଣାନିପୁଣା ।
ତୁମ୍ଭ ସୁମନ୍ତ୍ରଣା-ଯନ୍ତ୍ରେ କିଷ୍କିନ୍ଧ୍ୟାଧିପତି
କରୁଥିଲେ ରାଜ୍ୟ-ତରୀ ସୁପରିଚାଳନ
ଦକ୍ଷ ଯନ୍ତ୍ରୀ ପ୍ରାୟେ । ସତି ! ତୁମ୍ଭ ମନ୍ତ୍ରଣାରେ
ଚିରଜୟୀ ହୋଇ ତବ ପତି ତ୍ରିଭୁବନେ,
କରୁଥିଲେ ନିଷ୍କଣ୍ଟକେ ରାଜ୍ୟଶ୍ରୀ ସମ୍ଭୋଗ ।
ମର୍କଟ-ସମ୍ରାଟ-ପାଟରାଣି ! ସତୀଟିକା,
ବୁଝାଇଲ କେତେ ତୁମ୍ଭେ ଧର୍ମଶାସ୍ତ୍ର-ନୀତି,
ପତିଙ୍କୁ ତୁମ୍ଭର ସଦା, ଦେବାକୁ ସୁଗ୍ରୀବେ
ସମୁଚିତ ରାଜ୍ୟାଂଶ, କିନ୍ତୁ ଗୋ ସୁନ୍ଦରି !
ଅବହେଳି ସେ କଥାକୁ ବୀରଦର୍ପେ ସେହୁ,
(ଉପେକ୍ଷେ ମୁମୂର୍ଷୁ ଯଥା ଅମୃତ ଔଷଧେ)
ଛଡ଼ାଇ ସୁଗ୍ରୀବ ସହ କୁକ୍ଷଣେ ସମର
ହାତେ ହାତେ ଲଭିଲେ ସେ ଯୋଗ୍ୟ ପ୍ରତିଫଳ
ସତୀବାକ୍ୟ ଅବହେଳି ସତୀ-ଦ୍ରୋହି-ପତି
ତବ, ଗଲେ ଯମାଳୟେ ରଘୁପତି ବାଣେ
ଅକାଳେ, କିଷ୍କିନ୍ଧ୍ୟା ରାଜ୍ୟେ କରିଣ ବିଧବା ।
ନ ପାଳି ବଚନ ତବ ମହାବଳୀ ବାଳୀ
ଜଳିଥିଲେ ଅନୁତାପେ ଅନ୍ତିମ ସମୟେ ।
ଜଗଜ୍ଜୟୀ ମହା ବାଳୀ, ସମ୍ମୁଖ-ସମରେ
ନ ଜିଣନ୍ତେ ରାଘବରେ କେହି ତାଙ୍କ ପାଶେ,
ବଧନ୍ତେ ତାହାଙ୍କୁ ରାମ ବୃକ୍ଷ ଅନ୍ତରାଳୁ
ମିତ୍ରବର ସୁଗ୍ରୀବର ନିର୍ବନ୍ଧାନୁରୋଧେ,
ଶାପିଲ ତାହାଙ୍କୁ ତୁମ୍ଭେ, କରି ସତୀ ଶାପେ,
ଛାଡ଼ିଲେ ତାହାଙ୍କୁ ରାମ ପରମ ଆଗ୍ରହେ ।
ଭୁଞ୍ଜିଲେ ସେ ଶାପଫଳ ଦ୍ୱାପର ଯୁଗରେ,
ଧରି କୃଷ୍ଣରୂପ ଯେବେ, ଜାଦମ୍ବସ୍ତ୍ରୀ ପାନେ
ମରାଇ ସ୍ୱବଂଶେ ହରି ଥିଲେକ ନିଦ୍ରିତ
ଶିଆଳୀଲତାକୁଞ୍ଜେ, ସେହାଲେ ଅଙ୍ଗଦ,
ବଧିଲେ ତାହାଙ୍କୁ ଜାରା ଶବର ରୂପରେ
ମୃଗଜ୍ଞାନେ, ଫଳିଲା ଗୋ ତୁମ୍ଭ ଦତ୍ତ ଶାପ
ଅବ୍ୟର୍ଥ, (ଅବ୍ୟର୍ଥ ଯଥା କାଳବ୍ୟାଳ ବିଷ) ।
ସତୀତ୍ୱ ମହିମା ଧନ୍ୟ, ସ୍ୱୟଂ ଦାମୋଦର
(ସ୍ରଷ୍ଟା, ପାତା, ନିୟନ୍ତା ଯେ ନିଖିଳ ବିଶ୍ୱର)
ନ ପାରିଲେ ତାହା ତିଳେ ବ୍ୟତିକ୍ରମ କରି ।
ସତୀତ୍ୱ ସ୍ୱର୍ଗର ବଳ, ସ୍ୱର୍ଗର ସମ୍ବଳ,
ଜମ୍ଭା ସେହୁ ବ୍ରହ୍ମଶକ୍ତି, ଜ୍ୱଳେ ଅନୁକ୍ଷଣ
ବିମଳ ମୟୂଖମାଳା ମରୀଚିମାଳୀର,
ନିତ୍ୟେ ମହାନିଧି ସେହୁ, ଅକ୍ଷୟ ଅବ୍ୟୟ ।
ଜଗତେ ଅମୂଲ୍ୟ ଖଣି ପବିତ୍ରତାକୃତ,
ପାତିବ୍ରତ୍ୟ ତହିଁ ମଧ୍ୟେ ମହାମଣି ଏକା,
ସେ ମଣି ଅଧିକାରିଣୀ ଯେ ରମଣୀ-ମଣି,
ସେହି ବିନା ତ୍ରିଜଗତେ ଜୀବନ୍ତ ସ୍ୱରଗ ?
ନତୁ ନାହିଁ ସ୍ୱର୍ଗ ନାମେ ସ୍ୱତନ୍ତ୍ର ପ୍ରଦେଶ ।
ସତୀତ୍ୱ ସମ୍ପଦ ଅଟେ ଦୁର୍ବଳର ବଳ,
ଅସ୍ଥିଚର୍ମସାର ଏହି ଭାରତ ଅବନୀ,
ଅଦ୍ୟାପି ଜୀବିତ ଅଛି ଲଭି ସେ ସମ୍ପଦ ।
ସତୀତ୍ୱର ସ୍ନିଗ୍ଧ ଜ୍ୟୋତି ଥିବ ଯେତେ କାଳ
ଭାରତୀ-ବିକାସ ତୀର୍ଥ ଭାରତମଣ୍ଡଳେ,
ତେତେ ଦିନଯାଏଁ, ଥିବ ନିଶ୍ଚେ ସମଭାବେ
ଭାରତମାତାର ମୁଖ ପ୍ରସନ୍ନ ଉଜ୍ଜ୍ୱଳ,

ନ ହେବ ମଳିନ ତାହା ଶତ ଦୋଷେ ଶୋକେ ।
ବାଳୀ ମୃତ୍ୟୁ ଅନ୍ତେ ତୁମ୍ଭେ ସୁଷେଣ-ଦୁହିତେ,
ହେଲ ସୁଗ୍ରୀବର ଭାର୍ଯ୍ୟା ରାଘବ ଆଦେଶେ,
ତଥାପି ସତୀତ୍ୱ ତବ ରହିଲା ଅକ୍ଷତ ।
ଧନ୍ୟ ତୁମ୍ଭେ ସତି, ଧନ୍ୟ ତୁମ୍ଭ ଶୁଦ୍ଧାନ୍ତର,
ଥିଲ ତୁମ୍ଭେ ନାମେ ସିନା ସୁଗ୍ରୀବ-ଗୃହିଣୀ,
ମାତ୍ର କାର୍ଯ୍ୟେ ତାହାଙ୍କର ମନ୍ତ୍ରଣାଦାୟିନୀ ।
ସୁଭାର୍ଯ୍ୟାର ସୁମନ୍ତ୍ରଣା ଜୟ-ଶ୍ରେୟପ୍ରଦ ।
ମର୍କଟ-ସମ୍ରାଜ୍ଞି, ତୁମ୍ଭେ ଥିଲ ମହାସତୀ,
ସୃଷ୍ଟି ଯାଇଅଛୁ ଧନ ! ସୁଗୁଣେ ଉଜ୍ଜ୍ୱଳ
ବାଲ୍ମୀକି-ସୁବର୍ଣ୍ଣେ, ତବ ସତୀତ୍ୱର ଜ୍ୟୋତି
ଅନଶ୍ୱର ଅନଶ୍ୱର ଚିର ଅନଶ୍ୱର ।

# ପଞ୍ଚମ ସର୍ଗ

## ମନ୍ଦୋଦରୀ

ତୁମ୍ଭ ପରି ଭାଗ୍ୟବତୀ କିଏ ମନ୍ଦୋଦରୀ,
ସ୍ୱର୍ଣ୍ଣଲଙ୍କେଶ୍ୱରୀ, ସତି ! ପତି ପୁନି ତବ
ମସ୍ମର-ଦର୍ପହର ତ୍ରିପୁରବିଜୟୀ,
ସ୍ୱାମୀ ତବ ତ୍ରୈଲୋକ୍ୟେ ଦୁର୍ଜୟ ପ୍ରତାପୀ,
ଖଟାଇଲା ଦେବଗଣେ ଆପଣା ସେବାରେ,
ପୁତ୍ର ବୀର ମେଘନାଦ, ପ୍ରମୀଳା-ବିଳାସୀ,
ଇନ୍ଦ୍ରେ ଜିଣି ବହିଲା ସେ ଇନ୍ଦ୍ରଜିତ ନାମ ।
ମୟତନୟେ ! ଜନ୍ମ ତବ ବୀରବଂଶେ ଥିଲେ,
ବୀରପତ୍ନୀ ବୀରମାତା ତୁମ୍ଭେ, ଲକ୍ଷ୍ମୀବତୀ
ବାହ୍ୟେ, କିନ୍ତୁ ଅନ୍ତରେ ଗୋ ସତି, ସୁଧାର୍ମିକା
ତପସ୍ୱିନୀ । ମଣ୍ଡୁଥିଲ ତୁମ୍ଭେ ଏ ସଂସାରେ
ପଦ୍ମପତ୍ରେ ଜଳବିନ୍ଦୁ ପ୍ରାୟ, ପତିବ୍ରତେ,
ଥିଲ ତୁମ୍ଭେ ମାୟାମୁକ୍ତ ଉଦାସିନୀ ପ୍ରାୟ ।
ଥିଲା ତବ ଗନ୍ତାଘର ପୂର୍ଣ୍ଣ ଅତୁଳବେ
ସଂସାରର ସାର ରତ୍ନେ, ନ ଗୃହିଁଣ ତାକୁ,
ମଣ୍ଡିଲ ବପୁଙ୍ଗେ ତୁମ୍ଭେ ପାତିବ୍ରତ୍ୟ ଭୂଷା ।
କିନ୍ତୁ ଗୋ ସୁନ୍ଦରି ! ଆହା କେଉଁ ପାପେ କହ,
ବହିଥିଲା ତୁମ୍ଭ ଭାଗ୍ୟେ ଦଶାନନ ଭଳି
କୁସ୍ୱଭାବୀ ପାପୀ ପତି, କେଉଁ ପାପେ ଭଲା,
ମିଶିଲା ଦୈବଲ୍ୟ ସହ କୁଷିତ ପିଶିତ ।
ବିଧିର ଏ ଅବିଧି ତ ଅଛି ଚିରକାଳ,
ସେହି ବିଧି ସିନା ସତି, ଛନ୍ଦିଲା ପୂର୍ବେ
ସାଧ୍ୱୀ ମାଧ୍ୱୀ ପୁଷ୍ପ ସୁନ୍ଦରୀକୁ ଆହା
ଲହଟ ସୁସ୍ପୃଲମ୍ପଟ ଷଟ୍‌ପଦ ପଦରେ ।
କେ ସମର୍ଥ ଭେଦିବ ଏ ରହସ୍ୟ ବିଧିର ?
ଜାଣ ବିଶ୍ୱକୁଟ ମାୟା ତାହାକୁହିଁ ଜଣା ।
ବୃନ୍ଦୋଲୁକ-ଚଞ୍ଚଳମୀ ନୃଗ୍ନ ବୃସ୍ତାରିଣୀ
ସୂର୍ପଣଖା ପ୍ରରୋଚନେ, ହରିଲା ରାବଣ
ଜନପପୁତ୍ରୀ ଜାନକୀଙ୍କୁ (କମଳାରୂପିଣୀ)
ରଖିଲା ଲଙ୍କାରେ ନେଇ ଅଶୋକ କାନନେ,
କୁରୂପା ରାକ୍ଷସୀ ଶ୍ରେଣୀ ବେଢ଼ାଇ ଚୌପାଖେ ।
ସୀତା ଉଦ୍ଧାରାର୍ଥେ ସୀତା-ହୃଦୟ-ଚନ୍ଦନ
ଶ୍ରୀରାମ, (ଜଗତଜନ ଅନ୍ତିମ ଆରାମ)
ବେଢ଼ିଣ କନକ ଲଙ୍କା ନବୀନ ବେଷ୍ଟନେ
ଋକ୍ଷ କପି ସୈନ୍ୟସହ, ଆରମ୍ଭିଲେ ରଣ
ଘୋର ଭୟାବହ, ସେହି ଭୀଷଣ ସମରେ
ହୁଅନ୍ତେ କନକ ଲଙ୍କା ବୀରଶୂନ୍ୟ । କ୍ରମେ
ସେକାଳେ ଗୋ ସତି, ତୁମ୍ଭେ ପୌଲସ୍ତ୍ୟ ରାବଣେ
ଭାଷିଲ ଏସନ ଧର୍ମ-ଅର୍ଥଯୁକ୍ତ ବାଣୀ,
"ଲଙ୍କେଶ୍ୱର ! କୁଅ କାହିଁ ବୃଥା ଛନ୍ନମତି ?
ରାମ ବିଷ୍ଣୁ, ସୀତା ଲକ୍ଷ୍ମୀ, ନ ହୁଅ ବିସ୍ମୃତ
ଏହା, ମୋହ-ମଦେ ଘାରି, ଅବତୀର୍ଣ୍ଣ ସେହୁ
ନରରୂପେ ମର୍ତ୍ତ୍ୟେ, ଦୁଷ୍ଟ ବିଦଳନ ପୁଣି
ଶିଷ୍ଟ ସଂପାଳନ ଅର୍ଥେ, ପୂଜନ୍ତି ଅମରେ
ଯେଉଁ ପଦ୍ମାଳୟା-ପାଦପଦ୍ମେ, ସେ କମଳା,
ଲଭୁଛନ୍ତି ତୁମ୍ଭ ଘରେ ଦାରୁଣ କଷଣ ।
କେମନ୍ତେ ସମ୍ଭବ ଭଲା ଧର୍ମ ଏ ଅନୀତି !
ତୁମ୍ଭର ଏ ସ୍ୱର୍ଣ୍ଣଲଙ୍କା କଳ୍ପଦ୍ରୁମ ସମ,
ତୁମ୍ଭେ ତାର ମୂଳ, ଆନେ ଶାଖା ଉପଶାଖା,
କିନ୍ତୁ ନାଥ, ତୁମ୍ଭ ଦୋଷେ ଏବେ ଶାଖାଚ୍ୟୁତ
ସେ ପାଦପ ! କଳ୍ପଜୀବୀ ତୁମ୍ଭେ ଦେବବରେ,
କିନ୍ତୁ ତୁଇଁ ଅବସ୍ଥରେ ସତୀ ଠାକୁରାଣୀ—
ଅଙ୍ଗ, କରି ସିନା ବୃଥା ନିଜ ଆୟୁଃକ୍ଷୟ ?
ଜ୍ୱଳନ୍ତ ଅନଳ ପ୍ରାୟ ସତୀ ଅଭିଶାପ,
କାହିଁ ରହିଁ ପତି ନାଥ, ପତଙ୍ଗ ପରାୟେ
ହେବ ଭସ୍ମୀଭୂତ, ଓହୋ ! ଛାଡ଼ ସେ କୁମତି ।

ଦିଅ ନାଥ ନେଇ ଏବେ ସୀତା ସୀତାନାଥେ,
ଲୋଡ଼ା ନାହିଁ ପୋଡ଼ା ରଣେ ହେଉ ସେ ସ୍ଥଗିତ ।
ପରନାରୀହାରୀ ତୁମ୍ଭେ ପରମନାରକୀ,
ପଶ ଯାଇ ରାମପାଦେ ବିନୟେ ଶରଣ,
ଶରଣବତ୍ସଳ ସେହୁ, ଘେନିବେ ନିଶ୍ଚୟ
ଆରତ ତୁମ୍ଭର, ନାଥ ଦେବେ ପଦଛାୟା,
ଯେଣୁ ପାପିତ୍ରାତା, ତେଣୁ ପାପୀର କ୍ରନ୍ଦନେ
ଟଳିବ ନିଶ୍ଚୟ ତାଙ୍କ କୃପା-ସିଂହାସନ ।
ନୁହନ୍ତି ସାମାନ୍ୟ ନର ରାମଚନ୍ଦ୍ର ତେବେ,
ଜଳେ ଯେହୁ କାଷ୍ଠ-ନାବେ ପଦସ୍ପର୍ଶେ ସୁନା,
ଭାସେ ଶିଳା ସିନ୍ଧୁଜଳେ ଯାହାଙ୍କ ଆଜ୍ଞାରେ,
ନୁହନ୍ତି ସେ ମହାବାହୁ, ଇତର କଦାପି,—
ସମ୍ଭବେ କି ମହାକାର୍ଯ୍ୟ ଇତର ପକ୍ଷରେ ?
କେ କ୍ଷମ ଅଗସ୍ତ୍ୟ ବିନା ସମୁଦ୍ର ଶୋଷଣେ ?
ଯେ ପ୍ରଭୁ ଜଗତସ୍ରଷ୍ଟା, ହୋଇ ତୁମ୍ଭେ ଦ୍ରୋହୀ
ତାଙ୍କ ପଦେ, ତିଷ୍ଠିବ ବା କାହିଁ ତ୍ରିଭୁବନେ ?
ଜାଣୁ ଜାଣୁ କିଏ ନାଥ, କାଳସର୍ପ ମୁଖେ
ପୂରାଏ ସଦର୍ପେ ହସ୍ତ ? ଏଡ଼େ ଦୁଃସାହସ
କରିବ କି କେହି କେବେ ହେଲେହେଁ ବାତୁଳ ?
ଅତଏବ ତେଜ ନାଥ, କୁବୁଦ୍ଧି କୁଭାବ,
ଅର୍ପି ସୀତା ରାମପଦେ, ନିଅ ବେଗେ ମାଗି
ନିଜକୃତ ଅପରାଧ, କ୍ଷମାମୟ ସେହୁ,
ଅର୍ପିବେ ସେ ନିଶ୍ଚେ କ୍ଷମା କ୍ଷମାପାତ୍ର ଜାଣି ।”
ଏସନ ସଦୁପଦେଶ ଦେଇ ତୁମ୍ଭେ ସତି,
ମନ୍ଦୋଦରି ! କିନ୍ତୁ ତାହା ଗଳିତ ମିଳାଇ
ଆକାଶେ, କୁଏ କି କେବେ ଦୁର୍ମତି ନିକଟେ
କାର୍ଯ୍ୟକାରୀ ନୀତିବାଣୀ ? ରାହୁର କି କେବେ,
ସୁପକ୍ୱ କଦଳୀ ତୁଷ୍ଟି ? ତାହା ହେୟ ତାର ।
ପ୍ରଦର୍ଶି ଉପେକ୍ଷା ତବ ଉପଦେଶେ ସତି,
ଲଭିଲା ନିଧନ ଦୁଷ୍ଟ ଲଙ୍କା-ଅଧିକାରୀ ।
ସୁତ, ପୌତ୍ର, ଜ୍ଞାତି, ବନ୍ଧୁ, ଭ୍ରାତୃ, ମିତ୍ର ସହ,
କରିଣ ତୁମ୍ଭଙ୍କୁ ଆହା ଅନାଥିନୀ ଧନ !
ଦୁର୍ଦ୍ଦୈବ କୁଠାରଘାତେ ସୁଖ-ତରୁ ତବ
ହେଲା ଛିନ୍ନଭିନ୍ନ, କିନ୍ତୁ ଧୈର୍ଯ୍ୟ-ତରୁ ସତି,
ରହିଲା ଅକ୍ଷତ, ଯେଣୁ ରଖିଥିଲ ସଦା
ଜ୍ଞାନ-ଗୂଢ଼ ଆବରଣେ ଆବୃତ ତାହାକୁ,
ତେଣୁ ନ ପାରିଲା ତାକୁ ସେ କୁଠାର ଛେଦି ।
ଆଶ୍ରି ସେହି ତରୁ ତୁମ୍ଭେ ହରିପଦ ସହ
ରହିଲ ଅଟଳ ସଦା ସେ ମହା ବିପଦେ ।
ହେଲେହେଁ ଅସୁରୀ ତୁମ୍ଭେ, ଗୁଣରେ ଅମରୀ,
ପଙ୍କେ ଜାତ ପଙ୍କଜିନୀ, ବସେ ଦେବପଦେ
ଗୁଣ ହେତୁ ସିନା, ଗୁଣ ଅମର-ପୂଜିତ,
ଶୁକ୍ତିସୁତା ମୁକ୍ତା ବସେ ରାଜନ୍ୟ ମୁକୁଟେ ।

# ଷଷ୍ଠ ସର୍ଗ

ସୀତା

ଧନ୍ୟ ଗୋ ଜନକଜେମା ରଘୁକୁଳବଧୂ,
ଅବିଜ୍ଞ ଭାବ୍ୟାଶ୍ରମ ପବନକାରିଣୀ,
ଧନ୍ୟ ମହାସତୀ ତୁମ୍ଭେ, ଶତଧନ୍ୟ ତବ
ଆଦର୍ଶ ନାରୀତ୍ୱେ, ଯାହିଁ ନ ଥିଲା, ନ ହେବ
ତୁମ୍ଭ ପରି ଗୁଣ-ଧନ୍ୟା ନାରୀ ଏ ଭାରତେ,
ବଜ୍ରାଘାତ ପୁଷ୍ପାଘାତ ସମ ତୁମ୍ଭଠାରେ,
ଯେଣୁ ସର୍ବସହା-କନ୍ୟା, ତେଣୁ ସହୃପାର
ସବୁ, 'ମାତା ଗୁଣେ କନ୍ୟା' ବୋଲନ୍ତି ଜଗତେ
ସୁଷମା-ସାଗର-ସାରରତ୍ନ ଉପାଦାନେ
ରଚିଲେ ତୁମ୍ଭଙ୍କୁ ବିଧି, ଗୋ ଲାବଣ୍ୟନିଧି,
ଜଗତେ ଦୁର୍ଲଭ ତୁମ୍ଭ ରୂପ-ହେତୁ ରୁଷ୍ଟ
ଦୁଷ୍ଟବୁଦ୍ଧି ଦୁର୍ବୃତ୍ତ ରକ୍ଷଃକୁଳାଙ୍ଗାର
ନୈତବଶେ୍ୟ, ନେଲା ହରି ତୁମ୍ଭଙ୍କୁ ପାତକୀ,
ପାପ ଅଭିପ୍ରାୟେ, କିନ୍ତୁ ହେଲା କି ସଫଳ
ଦୁଷ୍ଟର ସେ ଅଭିପ୍ରାୟ ? ସେ କାଳେ ତୁମ୍ଭର
ସତୀତ୍ୱର ରୁଦ୍ରତେଜ ଉଠନ୍ତେ ପ୍ରଜ୍ୱଳି
ନ ପାରିଲା ଭୟେ ଦୁଷ୍ଟ ଭରସି ପରଶି ।
କେତେ ଛଳେ ପୁଣି ତବ ମନସ୍ତୁଷ୍ଟି ଆଶେ,
ପ୍ରଦର୍ଶିଲା ପ୍ରଲୋଭନ ବିବିଧ ପ୍ରକାରେ,
ମାତ୍ର ବ୍ୟର୍ଥ ସବୁ ଚେଷ୍ଟା, କଲେହେଁ ସମୀର
ସହସ୍ର ସାଧନା, ଅଳି ସହସ୍ର ବିନତି
କଣ୍ଟମୂଳେ ଫୁଟିଉ କି କମଳିନୀ କେବେ
କମଳିନୀ-ପ୍ରାଣଧନ-ରବି-ଅଦର୍ଶନେ ?
ପାର୍ଥିବ ! ପୃଥ୍ୱୀଖ୍ୟାତ ଦୟା କ୍ଷମା ତବ,
ନିଧନ ଯେ କାଳେ ଦୁଷ୍ଟ ଲଙ୍କେଶ ରାବଣେ
ରାବଣାରି, ଉଦ୍ଧାରିଲେ ତୁମ୍ଭଙ୍କୁ, ସେ କାଳେ
ପଶିଲେ ଶରଣ ଆସି ସଭୟେ ଚେଡ଼ୀଏ,
ଦୁରନ୍ତା, ଦୁର୍ମୁଖା, ମାଗି ପ୍ରାଣରକ୍ଷା, ସର୍ବେ
ବେଢ଼ିଣ ତୁମ୍ଭଙ୍କୁ ପୂର୍ବେ ନିର୍ଦ୍ଦୟ ବେଷ୍ଟନେ
ଅଶୋକ କାନନେ, (ଚନ୍ଦ୍ରେ ଘନାବଳୀ ପ୍ରାୟ)
ସତତ ଧରିଥିଲେ ଦନ୍ତ କଡ଼ମଡ଼ି,
କାଳ ପ୍ରତିକ୍ଷଣେ ସେହୁ, ହେଲେ ତୁମ୍ଭ ପାଦେ
ନତେ ନତେ ନତା, ତାହା ଖଳର ସ୍ୱଭାବ,
ସମୟେ ସେ ଉଚ୍ଚଶିର, ଦିଙ୍କେ ମୁଣ୍ଡବାଳ,
ସମୟ ପଡ଼ିଲେ ପୁଣି ଧରେ ଆସି ପାଦ ।
ଜାଣି ସୁଦ୍ଧା ଦୁଷ୍ଟାଙ୍କର ଏହି ପ୍ରବଞ୍ଚନା,
କ୍ଷମିଲ ତାହାଙ୍କୁ ତୁମ୍ଭେ ଚଭେ ଦୟା ବହି,
ଲଭିଲେ ଅଭୟ ସେହୁ ତୁମ୍ଭରି ଆଶ୍ୱାସେ ।
ସୀତେ, ତବ ସତୀତ୍ୱର ପ୍ରଗୌରବ ଗାଥା
କି ଗାଇବ ଗୀତେ ? ତାହା ଅଭୂତ ଅଶ୍ରୁତ,
ଥିବ ଯେତେ ଦିନ ଏହି ଆର୍ଯ୍ୟ ଭୂମଣ୍ଡଳେ
ସତୀତ୍ୱ-ଗୌରବ ପୂଜା, ତେତେ ଦିନ ଯାଏଁ
ସତୀକୁଳ ଆଦ୍ୟାସନ ତୁମ୍ଭ ଅଧିକୃତ ।
ଗୃହସ୍ଥ୍ୟ-ଦେବତେ ! ଧନ୍ୟ ଚରିତ ତୁମ୍ଭର
ଅଲୌକିକ, ସୁପାବନ, ସୁପାବନ ଯଥା
ତବ କୁଳ ଅଧିଦେବୀ ହରମୌଳିମାଳା
ଜାହ୍ନବୀ ସଲିଳଧାର, ସ୍ମୃତି-ଚିତ୍ତା ମୁଗ୍ଧ
ଶୁଣେ ଯେବେ ସତୀ, ତୁମ୍ଭ ଚରିତ କାହାଣୀ,
କେତେ ଯେ ଅନ୍ତରେ ଲଭେଁ ବିସ୍ମୟ, ପୁଲକ,
ଅଙ୍କନେ ଅକ୍ଷମ ତାହା ମୋ କଳ୍ପତୁଳିକା ।
ଧ୍ୱଂସଣେ ସଂହାରି ଦେବ ଅବ୍ୟର୍ଥ ପ୍ରହରୀ
'ରଘୁକୁଳ-ରବି ସ୍ୱମ (ପତିତପାବନ)
ଉଦ୍ଧାରି ତୁମ୍ଭଙ୍କୁ ରକ୍ଷଃପୁର-କାରାଗାରୁ
ମାଗିଲେ ଅଗ୍ନି ପରୀକ୍ଷା, କଠୋର ବଚନେ,
ଉପସ୍ଥିତ ହେଲେ ଆସି ସେ କାଳେ ଲଙ୍କାରେ
ବ୍ରହ୍ମାଦି ଅମରବୃନ୍ଦ, ଦର୍ଶନ ଆଶୟେ
ସେ ପରୀକ୍ଷା, ଘେନି ସଙ୍ଗେ ସ୍ୱର୍ଗିଙ୍କେ, ତୁମ୍ଭର
ସ୍ୱର୍ଗତ ଶ୍ୱଶୁର ଦେବ ଦଶରଥ ଶୂରେ,

(ଦେବଭୂପଧାତ୍ରୀ, ଦେବବିମାନ–ଆରୋହୀ)
ପଶିଲ ଅନଳେ ତୁମ୍ଭେ ସହାସ୍ୟ ବଦନେ
ଶୁଭ୍ରଚନ୍ଦ୍ରନିଭାନନେ, ସ୍ୱାମୀ ଅନୁଜ୍ଞାରେ,
ପରଶିଣ ଚନ୍ଦ୍ରାନନ୍, ସତି, ତୁମ୍ଭ ତନୁ
ଝଟକିଲା ପୂର୍ବାପେକ୍ଷା ଉଜ୍ଜ୍ୱଳ ଦ୍ୱିଗୁଣ,
ହେମକୂଟ–ହେମକାନ୍ତି ରବିକରେ ଯଥା
ଘେନିଣ ତୁମ୍ଭଙ୍କୁ ତହୁଁ ଦେବ ହବ୍ୟବାହ,
ମୂର୍ତ୍ତି ପରିଗ୍ରହି, ଉଠି ଅଗ୍ନିକୁଣ୍ଡୁ, ଦେଲେ
ରାମଙ୍କ ହାମୁରେ ନେଇ ନିବେଦି ଏସନ,—
"ପ୍ରଭୋ ! ମହାପତିବ୍ରତା ଜନକଦୁଲଣୀ,
ସ୍ୱୟଂ ଲକ୍ଷ୍ମୀ ଅବତୀର୍ଣ୍ଣା, (ଜଗତଜନନୀ)
ତୁମ୍ଭେ ସ୍ୱୟଂ ପୂର୍ଣ୍ଣବ୍ରହ୍ମ ବିଷ୍ଣୁ ଅବତାର
ଦେବ, ନରଲୋକେ ଜନ୍ମି ନରଦେହ ଧରି
ବସୋଅଛ ଏହା ତୁମ୍ଭେ ସତୀ ଅଭିଶାପେ ❋
ତେଜସ୍ୱୀ ତୁମ୍ଭର ତେଜେ, ତୁମ୍ଭ ସ୍ପର୍ଶ ମୁହିଁ,
ପରଶେ ପରଖେ ଯେତେ ଗୋପନୀୟ ପାପ,
ପ୍ରଦାନଛ ଏ କ୍ଷମତା ତୁମ୍ଭେହିଁ କେବଳ,
କିନ୍ତୁ ପ୍ରଭୋ ! ଧର୍ମ୍ମତଃ ମୁଁ କହୁଛି ନିଭର,
ନିଷ୍ପାପା ଜନକଜେମା ଜନ୍ମ ଜନ୍ମାନ୍ତରେ ।"
ଶୁଣି ବୈଶ୍ୱାନର ମୁଖୁ ଏସନ ଭାରତୀ
ସମାଗତ ଦେବବୃନ୍ଦ, ପ୍ରଶଂସି ବିଶେଷେ
କଲେ ବହୁ ଆଶୀର୍ବାଦ ତୁମ୍ଭଙ୍କୁ ମୈଥିଳି !
ଅଦ୍ଭୁତ କରଣୀ ତବ ନିରେଖି ପ୍ରତ୍ୟକ୍ଷେ
ରକ୍ଷଃ କପି ସୈନ୍ୟେ, ହେଲେ ବିସ୍ମୟେ ସ୍ତବଧ ।
ଅଗର୍ତ୍ତିକେ, ପତି–ପିତା ଦଶରଥ ତବ
ବୋଇଲେ ସସ୍ନେହ ବାକ୍ୟେ ତୁମ୍ଭଙ୍କୁ ସେ କାଳେ,
"ମାତଃ, ପୂର୍ବ ପୁଣ୍ୟଫଳେ, ପାଇଥିଲି ମୁହିଁ
ପୁତ୍ରରୂପେ ରାମେ, ପୁଣି ତୋତେ ବଧୂରୂପେ,
ଧନ୍ୟଧନ୍ୟା ତୋହ ପରି ସତୀ କନ୍ୟା ଧରି,
ଧନ୍ୟା ପାତିବ୍ରତ୍ୟେ ତୁହି, ହୋଇ ରାଜବାଳା
ପୁଣି ରାଜବଧୂ, ଆହା କେତେ ଯେ ସହିଲୁ
କଷ୍ଟ ପତିପାଇଁ, ତାହା କି କହିବ ମାତଃ,
ତୋହ୍ପରି ପତିପ୍ରାଣା ଦୁର୍ଲଭ ସଂସାରେ;
ପବିତ୍ରିଲୁ ସୁଗୁଣେ ତୁ ସୋମସୂର୍ଯ୍ୟକୁଳେ ।
ଶୁଣିବ ଯେ ନାରୀ ତୋର ପବିତ୍ର ଆଖ୍ୟାନ,
ମର୍ତ୍ତ୍ୟେ ସୁଖୀ ହେବ ସେହୁ ପତିସୁଖ ଘେନି,
ଲଭିବ ପରମ ଗତି ପୁଣି ପରକାଳେ,
ଘେନ ମାତଃ ମୋର ଏହି ଅଯାଚିତ ବର ।
ପତିବ୍ରତେ ! ଦୟା, କ୍ଷମା, ସ୍ନେହ, ପ୍ରୀତି, ନତି,
ସହିଷ୍ଣୁତା, କୋମଳତା ଆଉ ସାରଲ୍ୟର
ସମବାୟ ହାତେ, ଗଢ଼ି ବିଧି ତୁମ୍ଭ ତନୁ,
ଶାଣିଥିଲା ତାକୁ ପୁଣି ପାତିବ୍ରତ୍ୟ ଶାଣେ,
ନିଷେଧିଲେ ରଘୁପତି ତୁମ୍ଭଙ୍କୁ ଯେ କାଳେ
ଯିବାପାଇଁ ସଙ୍ଗେ ବନେ, ଦେଖାଇଣ ହେତେ
କଷ୍ଟଭୋଗ ଭୟ, ମନ ବଞ୍ଚିବା ଆଶୟେ,
ଶୁଣି ତୁମ୍ଭେ ତାହା, ଦେବୀ ସୁକଣ୍ଠି–ସୁଦେହା,
ନିବେଦିଲ ପତିପଦେ ବିନୟେ ଏସନ—
"କରୁଣା–ପାଦପ ତୁମ୍ଭେ, ନାଥ ଏ ସେବିକା
ତବ ପଦାଶ୍ରିତା ଲତା, କହ ନାଥ, ଆହା !
ଆଶ୍ରୟ ପାଦପାଶ୍ରିତେ କେମନ୍ତେ ଛାଡ଼ିବ,
ତୁମ୍ଭ ସ୍ନେହ–ସିକ୍ତା ସେହି କୋମଳ ଲତିକା ?
ଅମୋଘ–ପ୍ରହରୀ, ସ୍ୱାମୀ ଦେବର ଯାହାର
କି ଭୟ ତାହାର ନାଥ ରାକ୍ଷସେ ଶ୍ୱାପଦେ ?
ଭ୍ରମି ବନେ ତବ ସହ, ହେବ ଯେବେ ପାଦେ
କଣ୍ଟକ ସଂବିଦ୍ଧ; ତେବେ ମଣିବି ତାହା ମୁଁ
ପୁଷ୍ପାଘାତ ପ୍ରାୟ, ବାତେ ଉଡ଼ି ଧୂଳି ଯେବେ
ଲାଗିବ ଶରୀରେ, ତୁମ୍ଭେ ସଙ୍ଗେ ଥିଲେ ନାଥ !
ମଣିବ ତାହାକୁ ଦାସୀ, (ତବ ପଦେ ରତା)
ଚନ୍ଦନ କର୍ପୂର ଚୂର୍ଣ୍ଣ ବୋଲିହେଲା ପ୍ରାୟ ।
ଦେବ, ତବ ସହ ବନେ ଭୁଞ୍ଜି ଫଳମୂଳ,
ଲଭିବି ଯେ ତୃପ୍ତି ମୁହିଁ, ଅମୃତ ଭୋଜନେ
ନ ହେବ ସେ ଭଳି ତୃପ୍ତି କଦାପି ମୋହର ।

❋ ସତୀଶାପରେ ରାମଚନ୍ଦ୍ରଙ୍କର ଆତ୍ମବିସ୍ମୃତି କଥା ପୁରାଣରେ ଅନୁସନ୍ଧେୟ

ତେବେ ବା କହିବ ନାଥ, ବାହୁଲ୍ୟ ମୁଁ ଆଜି ?
ନାହିଁ ତ ଅଜ୍ଞାତ ତବ ଦାସୀ ମନୋଭାବ,
ହେ ସୀତା-ହୃଦୟ-ବନ୍ଧୁ ! ତୁମ୍ଭ ସହବାସେ,
ତରୁତଳେ ମଣେ ମୁହିଁ ଅଳକା ସମାନ ।
ଜୀବିତେଶ ! ଏ ଦୁଃଖିନୀ ଜାନକୀ ତୁମ୍ଭର
ଧର୍ମ୍ମତଃ ସହଧର୍ମ୍ମିଣୀ, ଆଚରିବ ଯେବେ
ଯେଉଁ ଧର୍ମ ତୁମ୍ଭେ ,ତେବେ ସେହି ଧର୍ମ ତାର
ହେବ ଅବଲମ୍ବ୍ୟ, ଏହା ଶାସ୍ତ୍ରସିଦ୍ଧ ନ୍ୟାୟ,
ବଲ୍କଳ ପିଧାନ ତୁମ୍ଭେ ଭ୍ରମିବ କାନ୍ତାରେ
ରହିବି ମୁଁ ଘରେ ବସି ସୁଖ-ରଙ୍ଗ ହୋଇ,
ଏହି କି ମୋର ହେବ, ସହଧର୍ମ୍ମିଣୀତା ?
ଧିକ୍ ସେହି ଦରିଧ ସୁଖେ, ଲୋଡ଼ା ନାହିଁ ତାହା ।
ଧନ୍ୟ ମହାସତୀ ସୀତେ, ସିତାଂଶୁବଦନେ,
ପାତିବ୍ରତ୍ୟେ ତୁମ୍ଭେ ଏବା ତୁମ୍ଭରି ଉପମା,
ଭାରତ-ଲଲନା-କୁଳ-ଲଲାମ-କଣ୍ଠେ,
ଯୁଗେ ଯୁଗେ ତୁମ୍ଭେ ମାତଃ ସ୍ୱଗୁଣେ ଅମର ।
କଳକଣ୍ଠୀ ସୀତା ତୁମ୍ଭେ, ଯାପିଲ ଗୋ ଆହା
ଜୀବନର ଅଧିକାଂଶ ସମୟ ଦୁଃଖରେ ।
ଚଉଦ ବରଷ କାଳ ଭ୍ରମି ସ୍ୱାମୀ ସଙ୍ଗେ
ଶ୍ୱାପଦ-ବସତି ବନେ, ଲଭିଣ ଦାରୁଣ
ଦୁଃଖ, (ସୁମରିଲେ ତାହା ବିଦରେ ହୃଦୟ )
ରାକ୍ଷସୀ-ବେଷ୍ଟିତା ହୋଇ ରକ୍ଷୋରାଜପୁରେ
ହେଲ ଜୀବନ୍ମୃତା ଆହା ପଞ୍ଜରସ୍ଥିସାର ।
ଭୁଞ୍ଜିଲେହେଁ ଏତେ ଦୁଃଖ ଶାନ୍ତି ନାହିଁ ତେବେ,
ପୁନଶ୍ଚ ନହିଲା ବହି ଶମନ ଦଶଣ,—
ରମଣୀ-ସୀମନ୍ତ ମଣି, ତୁମ୍ଭର କପାଳେ,
ଅମୂଳକ ଅପବାଦେ କରି ଶ୍ରବଣରି,
ବର୍ଜିଲେ ତୁମ୍ଭକୁ ଦେବ, ଗହନ ବିପିନେ
ପଞ୍ଚମାସ ଗର୍ଭବତୀ କାଳେ, ଅଭାଗ୍ୟରେ,
ଅଦୋଷେ ଦଣ୍ଡିଲେ ସ୍ୱାମୀ, ଜାଣି ସ୍ୱୟଂ ଏହା
ଭୁଞ୍ଜିଲ ସେ ଦଣ୍ଡ ସତି ! ଶିରୋଧାର୍ଯ୍ୟ କରି,
ଧନ୍ୟ ତବ ପତିଭକ୍ତି, ଧନ୍ୟ ସହିଷ୍ଣୁତା,
ଧରଣୀର ଏକ ପ୍ରାନ୍ତୁ ଅନ୍ୟ ପ୍ରାନ୍ତ ଯାଏ,
ଖେଳେ ତବ ଯଶୋଗୀତ ସେ କାଳୁ ଅବଧି,
ଖେଳିବ ଏ କ୍ଷିତି ଥିବ ଯେତେ ଦିନ ପୁଣି ।

# ସପ୍ତମ ସର୍ଗ

## ସାବିତ୍ରୀ

ଯେତେ ଥର ସାବିତ୍ରି ଗୋ ଶୁଣେ ତୁମ୍ଭ କଥା,
ତେତେ ଥର ସ୍ମରି ଚିତ୍ତେ ସତୀତ୍ୱର ବଳ,
ଅତୁଳ ଆନନ୍ଦେ ଲଭେଁ ଅପାର ବିସ୍ମୟ,
ଅଶ୍ରୁପଣ୍ଡସୂତେ, କଲେ ଅନୁଧ୍ୟାନ ତବ
ଅତ୍ୟଦ୍ଭୁତ କୀର୍ତ୍ତିରାଜି, ପ୍ରତେ ହୁଏ ସ୍ୱତଃ
ସତୀର ଅସାଧ୍ୟ କାର୍ଯ୍ୟ ନାହିଁ ତ୍ରିଭୁବନେ।
ପୁଣ୍ୟଶ୍ଳୋକେ, ତବ ପୁଣ୍ୟ ଚରିତ ଆଖ୍ୟାନ,
ବିସ୍ତରି ପୁରାଣବନ୍ଦେ ହିରଣ୍ମୟ ପ୍ରଭା,
କରୁଛି ତା ଭାରତରେ ପବିତ୍ର, ଉଜ୍ଜ୍ୱଳ,
କଳ୍ପଜୀବିନୀ ସେ ପ୍ରଭା, ତର ଅମଳିନା।
"ସତ୍ୟହିଁ କେବଳ ସତ୍ୟ", ବୁଝିଥିଲ ଦେବି,
ଏ ନୀତି ଗୂଢ଼ାର୍ଥ ତୁମ୍ଭେ, ତେଣୁ ସିନା ସତି,
ସତ୍ୟ-ଶୈଳ-ଶିରେ ଥିଲ ସତତ ଅଟଳ।
ଅଳ୍ପାୟୁଷ ଜାଣି ପୁଣି ଇଚ୍ଛିଲ ବରଣେ
ଦ୍ୟୁମତ୍ସେନ ସତ୍ୟବାନେ, ଧର୍ମପତିରୂପେ,
ଦେବର୍ଷି ନାରଦ ପୁଣି (ବ୍ରହ୍ମତତ୍ତ୍ୱବାଦୀ)
ନ ପାରିଲେ ସେ ସଙ୍କଳ୍ପୁ ତୁମ୍ଭଙ୍କୁ ଫେରାଇ,
ଶତ ଧନ୍ୟ ଧନ୍ୟ, ତବ ଧ୍ରୁବ ସତ୍ୟବ୍ରତେ,
ହୋଇ ରାଜକନ୍ୟା, ବଢ଼ି ଅତୁଳ ବିଭବେ,—
କେ ଇଚ୍ଛେ ଧାରଣେ ଦେହେ ବାଟୁଆ ବସ୍ତ୍ର?
କେ ଇଚ୍ଛେ ବା କାଠଦଣ୍ଡ ଜୀର୍ଣ୍ଣ ପର୍ଣ୍ଣକୁଟୀ,—
ଉପେକ୍ଷି ସୁରମ୍ୟ ହର୍ମ୍ୟ, ମଣିମୁକ୍ତାଗାରୀ?
ସ୍ୱର୍ଣ୍ଣପୀଠ-ବିଳାସିନୀ ସୁବସ୍ତ୍ର ଭିତରୀ,
ଇଚ୍ଛଇ କି ସ୍ୱପ୍ନେ କେବେ ଦଦର ପିଞ୍ଜର?
କିନ୍ତୁ ଦେବି, ଧନ୍ୟ ତବ ସୁଖତ୍ୟାଗବ୍ରତ!
ସବୁ ତେଜି ଦୁଃଖେ କଲ ସ୍ନେହେ ଆଲିଙ୍ଗନ।
ସତ୍ୟବାନ-ପ୍ରାଣପ୍ରିୟେ, ସେ ଦୁଃଖ ମଧ୍ୟରୁ
ଗଢ଼ିନେଲ ଜୀବନର ତୁମ୍ଭେ ସାର ସୁଖ,—
ସ୍ୱାମିସେବା, ଶ୍ୱଶ୍ରୂସେବା, ଶ୍ୱଶୁର ଶୁଶ୍ରୂଷା,
ତପଶ୍ଚରଣାଦି, ଧନ୍ୟ ବୁଦ୍ଧିବଳ ତବ।
ଯେ ବଳେ ଆପ୍ୟାୟି ତୁମ୍ଭେ ସୁନୀତ ସମ୍ଭାଷେ
ଶମନେ, (ଧର୍ମାଧର୍ମର ତୁଳାଦଣ୍ଡଧାରୀ)
ନେଲ ଇଷ୍ଟବର ମାଗି, ଯେ ବରେ ସୁନ୍ଦରୀ,
ସ୍ୱଳ୍ପାୟୁଷ ସତ୍ୟବାନ ହେଲେ ଦୀର୍ଘାୟୁଷ,
ସ୍ୱୟଂ ତୁମ୍ଭେ ହେଲ ସତି, ଶତପୁତ୍ରବତୀ।
ଅସାଧ୍ୟ ସାଧନ କରି ଧୈର୍ଯ୍ୟ ପ୍ରତିଭାରେ,
ଉଡ଼ାଇଲ ଯଶୋରାଜ୍ୟେ ଚନ୍ଦ୍ରବର୍ତ୍ତୀ ଧ୍ୱଜା।
ଶ୍ୱଶୁର ତୁମ୍ଭର ସତି, ଦୈବ ଦୁର୍ବିପାକେ,
ଥିଲେ ହୃତରାଜ୍ୟ ପୁଣି ହୃତନେତ୍ର ହୋଇ,
କରୁଣ ତାହାଙ୍କୁ ତୁମ୍ଭେ ପ୍ରେମପୂତବରେ
ରାଜ୍ୟଦାନ, ଚକ୍ଷୁଦାନ, ଉଦ୍ଧାରିଲ ଆହା
ଦୁଃଖ- ଅନ୍ଧକାରମୟ ଦୁର୍ବହ ସଙ୍କଟୁ।
ମନୋଦୁଃଖେ ଯାଉଥିଲେ ଦିବାନିଶି ଆହା
ଅଶ୍ୱପତି ନରନାଥ, ପିତା ତବ, ଦେବି!
ଅପୁତ୍ରକ ହେତୁ, ତବ ଜନନୀ ସହିତେ
ସତୀରାଣି ! ( ଫୁଲ୍ଲରାଣୀ ଯଥା କମଳିନୀ )
ଦେଖାଇଲ ତୁମ୍ଭେ ତାଙ୍କୁ ପୁତ୍ର ସୌମ୍ୟ ମୁଖ
ଅନ୍ତକ ପ୍ରସାଦେ, ଧନ୍ୟ ପିତୃବତ୍ସଳତା !
ସ୍ଥାପିଲ ଶାଶ୍ୱତୀ କୀର୍ତ୍ତି ପତିପିତୃକୁଳେ।
ସେ କୀର୍ତ୍ତି ସୁଗନ୍ଧ ତବ ବନ୍ଧୁ ଗନ୍ଧବହ,
ମହକାଉଅଛି ସଦା ଭାରତ ଅବନୀ।

ସାବିତ୍ରି ! ପବିତ୍ରି ତୁମ୍ଭେ ପତି ପିତୃକୁଳେ
ପୁଣି ଜନ୍ମଭୂମି ମଦ୍ରଦେଶେ, ଗଲ ଚାଲି
ଇହଧାମୁ ଯଥାକାଳେ, ଜନ୍ମିତ ଜନ୍ମେ ମେ,

କିନ୍ତୁ ଯେଉଁ ନାରୀଧର୍ମ ଗଲ ପ୍ରଦର୍ଶିଇ
ଅମାନୁଷୀ, ରକ୍ଷିଲ ତା ଯୁଗେ ଯୁଗେ ଚିର,
କରିବେ ତାହାଙ୍କୁ ଶିକ୍ଷା ଦେବୀ, ତପସ୍ୱିନୀ ।
ମହିମା ତୁମ୍ଭର ଧନ୍ୟ ଦେବ ! କି ବର୍ଣ୍ଣିବ ତାହା
ନିତାନ୍ତ ଦୁର୍ବଳ ମୋର ନଗଣ୍ୟ ଲେଖନୀ,
ବର୍ଣ୍ଣନେ ଅକ୍ଷମ ଯାହା ସାରସ୍ୱତ ବାଣୀ ।

ମହତ୍ତ୍ୱଚୈତନ୍ୟେ, ନୁହଁ ସାମାନ୍ୟ ମାନବୀ
ତୁମ୍ଭେ, ଶାପଭ୍ରଷ୍ଟା ଦେବୀ କମ୍ରା ମୂର୍ତ୍ତିମତୀ
ସାବିତ୍ରୀରୂପିଣୀ, ଧନ୍ୟ ଜନନୀ ତୁମ୍ଭର,
ଗର୍ଭେ ଧରି ତୁମ୍ଭ ପରି ସୁକନ୍ୟା-ରତନେ
ହେଲେ ପୂତ, ପୂତ କଲେ ପୁଣି ଖନିକୁଳ,
ଧନ୍ୟ ତାଙ୍କ ଗର୍ଭ, ତାହା ମହାମଣି-ଖଣି ।

# ଶଶୀପୁଷ୍ପ

# ପ୍ରୀତ୍ୟୁପହାର

ସ୍ୱଦେଶବତ୍ସଳ, ନୀରବ କର୍ମଯୋଗୀ, ସତ୍‌ସାହିତ୍ୟାନୁରାଗୀ
ଶ୍ରୀଯୁକ୍ତ ମାନଧାତା ଗୋବିନ୍ଦ ପଟ୍ଟନାୟକ ବି, ଏଲ୍,
ମହୋଦୟ
ଅତୁଳଶ୍ରଦ୍ଧାସ୍ପଦେଷୁ

ପ୍ରାଣାଧିକ ଭାଇ,

ଆପଣ ଏ ନଗଣ୍ୟ ପ୍ରତି ଯେଉଁ ସ୍ନେହଭକ୍ତି-ସୌଜନ୍ୟାଂଶସୀ ଶିଷ୍ଟାଚାର ପ୍ରଦର୍ଶନ କରନ୍ତି, ସେଥିରେ ମୁଁ ଚିରଲଜ୍ଜିତ ଏବଂ କୃତଜ୍ଞ । ଇଚ୍ଛାପୁର ପ୍ରବେଶର ଅବ୍ୟବହିତ ପରେ ଆପଣ ଏ ଦୀନ କୁଟୀରରେ ପଦାର୍ପଣ କରି ମୋର ସୁଖସୁବିଧାର ତତ୍ତ୍ୱ ଗ୍ରହଣ କରିଥାନ୍ତି । ସେ ଦିନ ପୁଣି କହିଥିଲେ—"ଆପଣଙ୍କ ଅଭାବକୁ ଜାତୀୟ ଅଭାବ ବୋଲି ଜ୍ଞାନ କରିବାକୁ ହେବ ।" ଆପଣଙ୍କର ଉକ୍ତି ମୋର ଯୋଗ୍ୟତାକୁ ବଳିଯାଇଥିଲେ ସୁଦ୍ଧା ତାହା ମଧ୍ୟରେ କି ଗଭୀର ସହାନୁଭୂତି, କି ମର୍ମସ୍ପର୍ଶୀ ଏକ-ପ୍ରାଣତା, କି ଜୀବନ୍ତ ଉତ୍ସାହ ନିହିତ ଅଛି, ତାହା ବର୍ଣ୍ଣନା କରିବାକୁ ମୋର ଦୁର୍ବଳ ଲେଖନୀ ଅକ୍ଷମ । ଆପଣଙ୍କ କର୍ମଜୀବନ ବ୍ୟକ୍ତିଗତ ନୁହେଁ, ତାହା ଜାତୀୟ ସମ୍ପଦ । ଖଣ୍ଡିଏ ଭଲ ପୁସ୍ତକ ଦେଖିଲେ ତାହା କ୍ରୟ କରି ସ୍ୱୟଂ ମୋତେ ଆଣି ଦେଇଯାଆନ୍ତି । ଏହି ସହାନୁଭୂତିଟିକ ଯେ କେତେ ଉପାଦେୟ, ତାହା ମୋର ମନ ଜାଣେ । ଦଶବର୍ଷ ପୂର୍ବରୁ ମୁଁ ଏହିପରି ସହାନୁଭୂତି କାହାରିଠାରୁ ପାଇଥିଲେ ମୋର କର୍ତ୍ତବ୍ୟ ଏତେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନ ଥାନ୍ତା । ଆପଣଙ୍କର ଏହି ସମସ୍ତ ମହୋପକାରର ପବିତ୍ର ସ୍ମୃତି ଚିର ଜାଗରିତ ରଖିବା ଅଭିପ୍ରାୟରେ "ଶଶିପ୍ରଭା" ପୁସ୍ତିକାଖଣ୍ଡି ଆପଣଙ୍କ ଦେଶହିତ-ନିରତ ପବିତ୍ର କର-କମଳରେ ପ୍ରୀତ୍ୟୁପହାର ଅର୍ପଣ କଲି । ଗ୍ରହଣ ବିଷୟରେ ମୁଁ ନିର୍ଭରସା ନୁହେଁ, ପ୍ରତ୍ୟୁତ ନିଃସନ୍ଦିଗ୍ଧ ।

ଇଚ୍ଛାପୁର
୨୦।୧୧।୧୫

ଆପଣଙ୍କର
ସ୍ନେହ-ସୌଜନ୍ୟ-କ୍ରୀତ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ନିବେଦନ

ଏହି ପୁସ୍ତକ ଖଣ୍ଡି ୧୮୯୭ ସାଲରେ ଆଂଶିକ ରଚିତ ହୋଇଥିଲା । ଏହା ପରେ ଅନେକ କାବ୍ୟ ଲିଖିତ ଏବଂ ପ୍ରକାଶିତ ହୋଇଅଛି । ମାତ୍ର ଏହା ଅବଧି ପାଣ୍ଡୁଲିପି ଆକାରରେ ଥିଲା । ୧୮୯୮ ସାଲରେ ଏହାର ରଚନା ସମ୍ପୂର୍ଣ୍ଣ ହେଲା । ତଥାପି କେତେ କାଳ ଗଡ଼ିଗଲା; ମାତ୍ର ଏହାର ଭାଗ୍ୟ ଖୋଲିଲା ନାହିଁ । ସ୍ଥାବରଜଙ୍ଗମ ଦ୍ରବ୍ୟର ଯେ ଭାଗ୍ୟ ଅଛି, ଏ ପୁସ୍ତକ ଖଣ୍ଡି ସେଥିର ଜୀବନ୍ତ ଦୃଷ୍ଟାନ୍ତ । କବିମହୋଦୟଙ୍କର ରଚନାର କ୍ରମବିକାଶ ଦେଖାଇବା ସକାଶେ ଏହାକୁ ଅପରିବର୍ତ୍ତିତ ଭାବରେ ମୁଁ ବର୍ତ୍ତମାନ ଦେଶ-ଭକ୍ତ ମାନନୀୟ ଶ୍ରୀଯୁକ୍ତ ମାନଧାତା ଗୋରଚନ୍ଦ ପଟ୍ଟନାୟକ ବି, ଏ, ବି, ଏଲ ମହୋଦୟଙ୍କ ଆନୁକୂଲ୍ୟରେ ପ୍ରକାଶ କଲି । ଏହିପରି ପ୍ରଥମାବସ୍ଥାରେ ରଚିତ କେତେକ ପାଣ୍ଡୁଲିପି ଅଛି । ତାହା କ୍ରମଶଃ ପ୍ରକାଶ କରିବାକୁ ଯତ୍ନଶୀଳ ହେବି ।

ଶ୍ରୀ ସୋମନାଥ ମହାନ୍ତି

# ଶଶିପ୍ରଭା

## ପ୍ରଥମ ସର୍ଗ

ଅସ୍ତଗିରି ଶୃଙ୍ଗ ଚଢ଼ିଲ ନିଶଙ୍କେ
ଦିନାନ୍ତେ ଅସ୍ତ ଦିନେଶ,
ଶଠେ ସନ୍ଧ୍ୟାଦେବୀ ପରିଧାନ୍ତି ଏବେ
ଅସିତ ବକଟ ବେଶ ।
ନେତ୍ର ନିମୀଲିଲା ଶୋକାଙ୍ଗୀ ନଳିନୀ
ବକ୍ଷ ଦୁଃଖ ଗୁରୁଭାର,
ଚିରକାଳ ଭବେ ଅବିଚ୍ଛିନ୍ନ ସୁଖ
ଘଟିବ ଭାଗ୍ୟେ କାହାର ।
ସନ୍ଧ୍ୟା ଆଗମନ ଦେଖି ବିହଙ୍ଗମ
କୁଲାୟେ ଗଲେ ବହନ,
ଖଳ ଆଗମନ ନିରେଖି ଯେସନ
ସ୍ୱସ୍ଥାନ ତେଜେ ସଜ୍ଜନ ।
ଉପବନେ ଫୁଟି ବିବିଧ କୁସୁମ
ସୁରଭି କଲେ ବିସ୍ତାର,
ନୀରବ କର୍ମୀର ଯଶ ଏହିରୂପେ
ବ୍ୟାପଇ ବିଶ୍ୱ ସଂସାର ।
ନିଶାଚର ପ୍ରାଣୀ ଭ୍ରମିଲେ ଚୌଦିଗେ
ହୋଇ ଅତି ହୃଷ୍ଟମନ,
କୁଟିଳ ମିଳନେ କୁଟିଳର ସିନା
ଉପୁଜେ ତୁଷ୍ଟେ ପୀରତ ।
ସୁରଭିତ ଶୀତ ଧୀର ସମୀରଣେ
ତୁଟିଲା ପ୍ରାଣିସନ୍ତାପ,
ଧର୍ମକୋଣ୍ଡ-ଜଳେ ଧୋଇଯାଏ ଯଥା
ପାତକୀ ଶରୀରୁ ପାପ ।

ସୁବର୍ଣ୍ଣ-ତରଳ— ତାରକାନିକର
ଫୋଟି ଫୋଟି ନଭେ ଉଭେ,
ସ୍ୱାର୍ଥହୀନ ଭାବ ଫୁଟିଉଠିଲୁ କି
ବିଶ୍ୱ ହିତାକାଙ୍କ୍ଷୀ ହୃଦେ ।
ଗୃହୁଁ ଗୃହୁଁ ଆସି ସ୍ଥାବର ଜଙ୍ଗମେ
ଘୋଡ଼ାଇଦେଲା ତିମିର,
ପଥାପଥ ଭେଦ ଥାଏ ନାହିଁ ଯଥା
ଧରମଦ୍ରୋହୀ ପାପୀର ।
ଖିଳ ଭୂତଧାରୀ ଧରିତ୍ରୀ ସଭୟେ
ହେଲକ କ୍ରମେ ନୀରବ,
କୁଳରେ କଳଙ୍କ— କାଳିମା ଘୋଟିଲେ
ଯେସନ ଜ୍ଞାନୀ ମାନବ ।
ଦୀପ୍ତ ହେଲେ ମହୀ କ୍ଷଣକ୍ଷଣେ ଉଇଁ
ଭାସ-କୁମୁଦିନୀ-ବର,
ସୁପୁତ୍ର ଯେସନ ସ୍ୱଗୁଣେ ସ୍ୱକୁଳେ
କରେ ସମୁଜ୍ଜ୍ୱଳତର ।
ଶୋକ-ବସ୍ତ୍ରତରେ ହସିଲା କୈରବ
ନିହାରି ନଭେ ସ୍ୱପତି,
ଦୁଃଖ ଅନ୍ତେ ସୁଖ ଆଣିଦିଏ ସିନା
ଏହି ପ୍ରକାରେ ନିୟତି ।
ନିଶାଚରଙ୍କର ଘଟିଲା ଏ କାଳେ
ଉଦ୍ଦାମ ହର୍ଷେ ବିଷାଦ,
ସୁଖ ପଛେ ଆସେ ଅଲକ୍ଷ୍ୟରେ ଅହା
କେତେ ପ୍ରକାରେ ପ୍ରମାଦ ।

ଚନ୍ଦ୍ର ଅଧୋଦେଶେ ବୃକ୍ଷରେ ଶୋଭେ
ସ୍ୱଚ୍ଛଳ ଧବଳ ଘନ,
ନିଜ ଶୋଭା ନିଜେ ଦେଖେ କି ଚନ୍ଦ୍ରମା
ଅଗ୍ରେ ଥୋଇ ଦର୍ପଣ ।
କେ ବର୍ଣ୍ଣିପାରିବ ଶରତ ରଜନୀ
ଶତଦଳ ଶୋଭା ଭରଣୀ,
ବୃଷ୍ଟି ବାରିଧାର ଗଣିବାକୁ ଅଛି
ଜଗତେ ତାହା ଶକତି ।
ଭ୍ରମିଲି ଏ କାଳେ ଅମନ୍ଦଗାମିନୀ
ସାଲନ୍ଦୀ ତଟିନୀ ତଟେ,
ପବିତ୍ରତା ଗୁଣେ କାଳନ୍ଦୀ ଯାହାକୁ
କେବଳ ଉପମା ଘଟେ ।
କୁଟିଳ ଗତିରେ ଚଞ୍ଚଳ-କଲ୍ଲୋଳା
ପ୍ରଧାବେ ଅତି ବେଗରେ,
ଶିଖୀ ଆନନ୍ଦରୁ ବିମୁକ୍ତ ଫଣୀ କି
ପଳାଏ ବଙ୍କିମେ ଗରେ ।
ସ୍ୱଚ୍ଛଭାରେ ଜିଣି ମାର୍ଜିତ ମୁକୁର
ବିଶେ ସୁନିର୍ମଳ ଜଳ,
ଦେବୋପମ ଶିଷ୍ଟ ମାନବ ମାନସ
ଉପମା ତାର କେବଳ ।
ଜଳେ ନଭ ପ୍ରତି- ବିମ୍ବ ଦୃଶ୍ୟନିଏ
ଶୋଭାରେ ନଯ୍ନ ମନ,
ସେ ଛବି ଦର୍ଶନେ ଭାବୁକ ହୃଦୟେ
ଉପୁଜେ ଭାବ ଏସନ ।
ଜଳଦେବୀଙ୍କର ସଖି-ସଦନ ବା
ରହିଛି ହୋଇ ସଜ୍ଜିତ,
ଉଷାଳକେ, ନୀଳା- ମ୍ବରଣେ ମଣ୍ଡିତ
ସୁରୁ ପୁଷ୍ପେ ସୁଶୋଭିତ ।
ରୌପ୍ୟପତ୍ରନିଭ ସୁକାନ୍ତ ମୀନାଳି
ଖେଳନ୍ତି ନାନାଭଙ୍ଗୀରେ,
ପହଁରୁ ପହଁରୁ ଡେଇଁ ଉଠୁଛନ୍ତି
ରଜ୍ଜିତ ଜାଗରିତ ନୀରେ ।

ଧୀର ସମୀରଣେ ମୃଦୁ ମୃଦୁ ଦୋଳେ
କୁସୁମିତ କାଶପନ୍ତ,
ଉଡ଼ୁଛି କି ଅବା ଜଳଦେବୀଙ୍କର
ବହୁ ଶ୍ୱେତ ବୈଜୟନ୍ତୀ ।
ଜ୍ୟୋତ୍ସ୍ନା ବୋଲହୋଇ ଝୁଲନ୍ତ ସୈକତ
ଧୂଳିରେ ମୁକ୍ତା ସୁଷମା,
ଶୁକ୍ତି ପଙ୍କ୍ତି ଶୋଭା- ସମ୍ପଦକୁ ଏବା
ସଂସାରେ ସେହି ଉପମା ।
ତାହିଁ ଚନ୍ଦ୍ରବାତ ଚନ୍ଦ୍ରବାଣ୍ଡ ଅବା
କରି ଜ୍ୟୋତ୍ସ୍ନାମୃତ ପାନ,
ବେନି ତୀରୁ ବେନି ଦମ୍ପତି ବିରହେ
ଧରନ୍ତି ଶୋକ ଭାନ ।
ନୀରବେ ଅଭଙ୍ଗ ଧ୍ୟାନ ଆଚରୁଛି
ଚାହିଁ ବା ଅନ୍ନାହି ବକ,
ସୁସ୍ତବରେ ଧ୍ୟାନ ନବେଶନ୍ତି ଯଥା
ସୁଶୀଳ ଶିଷ୍ଟ ବାଳକ ।
ତରଙ୍ଗିଣୀ ବକ୍ଷେ ସୁକେ ସମୀରଣ
ଫେନିଲ ତରଙ୍ଗଜାଳ,
କିଶେ ସେ ରୁଚିର ଗୁଳୁଆହେଲ ପ୍ରାୟ
ଦିବ୍ୟଜ୍ୟୋତି ମୋତିମାଳ ।
ଚନ୍ଦ୍ର ପ୍ରତିବିମ୍ବ ହୋଇଛି ତହିଁରେ
ଭାସ୍ୱର ହୀରପଦକ,
ତାହଏ ନର୍ତ୍ତିତ ମଣିଦୀପ ପ୍ରାୟ
ଜଳୁଛନ୍ତି ଜଳ ଜଳ ।
ଗଣ୍ଡଶୈଳ ସମ ନଦୀଗର୍ଭେ ତାହିଁ
ବାଲିଭୂତ ଅଶ୍ମସ୍ତୂପ,
ସାୟାହ୍ନେ କାନ୍ତକେ ତରଣୀ ଗଣ୍ଡାଇ
ଭଜନ୍ତି ତହିଁ ବିଶ୍ରାମ ।
ଉଠଇ ନଶୀଥେ ସଘନେ ତାହାଙ୍କ
ଲଳିତ ତମାଳୀ ସ୍ୱର,
ଖଞ୍ଜଣୀ ଧ୍ୱନି ସେ ମଧୁର ସଙ୍ଗୀତେ
କରେ ସୁମଧୁରତର ।

ଅଗ୍ରେ ବସୁନ୍ଧର    ବିଶାଳ ସୁନ୍ଦର
ବଟତରୁ ନଦୀତଟେ,
ତା ଦେଖି ସ୍ୱଭାବ    ମାନସ-ମନ୍ଦିରେ
ଏସନ ଭାବ ପ୍ରକଟେ ।
ତପବନ୍ତ ଯଥା    ଊର୍ଦ୍ଧ୍ୱବାହୁ ଯତି
ଆବରି ଅଙ୍ଗେ ବଳ୍କଳ,
ଦୀର୍ଘ ଜଟାଜୂଟ    ପଡ଼ିଏ ଲମ୍ବିଛି
ଊର୍ଦ୍ଧ୍ୱରୁ ବକ୍ଷ ଉଜ୍ଜ୍ୱଳ ।
ତାହାଙ୍କ କୁରଙ୍ଗ    ପତ୍ରର ଛାଲି ସେ
ଚନ୍ଦ୍ରିକା-ରଞ୍ଜିତ ଛାୟା,
ନିର୍ଜନରେ ତପ    ସାଧନ୍ତି ସେ ବସି
ଉପେକ୍ଷି ସଂସାର ମାୟା ।
ମହାଶାଖ ଯେହ୍ନେ    ମହୀରୁହ ତଳେ
ଜନୈକ ବୃଦ୍ଧ ତପସ୍ୱୀ,
ସାୟଂସନ୍ଧ୍ୟା ଧ୍ୟାନେ    ନିବଦ୍ଧ ଚିତ୍ତରେ
ଅଛନ୍ତି ଏକାକୀ ବସି ।
ନମନ୍ତେ ମୁଁ ତାଙ୍କୁ    ଭକ୍ତି ମୋ ପ୍ରଣତ
ଈଷତ ଶିର ନମାଇ,
ଆଦେଶିଲେ ଯୋଗୀ    ଅଙ୍ଗୁଳି ନିର୍ଦ୍ଦେଶି
ନିକଟେ ବସିବା ପାଇଁ ।
ସାନ୍ଧ୍ୟକୃତ୍ୟ ସାରି    କୁଶଳ ବାରତା
ପୁଚ୍ଛା କଲେ ଯତି ମତେ,
ବହୁତ କାଳରୁ    ପରିଚୟ ଥିଲା
ଯେସନେ ମୋ ତାଙ୍କ ସଙ୍ଗତେ ।
ଉତ୍ତର ଦେଇ ମୁଁ    ବିନୟେ ପୁଚ୍ଛିଲି
ଊର୍ଦ୍ଧ୍ୱରେଖା ତପିବରେ,
କେଉଁ କେଉଁ ସ୍ଥାନେ    ଭ୍ରମି ବାହୁଡ଼ିଲେ
ପୁଣି ବହୁଦିନ ପରେ ।
ମୋ ବଚନ ଶୁଣି    ସାଗ୍ରହେ ସଧୀରେ
ଉଚ୍ଚରିଲେ ତପୋଧନ,
ମହାଜନ ଭକ୍ତ    ବିପଦେ ପ୍ରାର୍ଥନା
ହୁଏ ଯାହିଁ ସନାତନ ।
କୁପାରୁ ୧ ବଢ଼ୁଧ—    କୀର୍ତ୍ତି ବିମଣ୍ଡିତ
ଯହିଁ କୁପେଶ୍ୱର ହର,
ଜଗଦମ୍ବା ଦୁର୍ଗା    ସଙ୍ଗେ ମଣ୍ଡିଛନ୍ତି
ମେଦୂର ଶୈଳଶିଖର ।
ତାଙ୍କର ମାଗଧ    ସୀମାସ୍ଥଳରୂପେ
ବିସ୍ତୃତ ଜନପଦ ୨
ଯହିଁ ତନ୍ତୁବାୟେ    କୌଷେୟ ବସନ
ଶିଳ୍ପେ ପ୍ରଶସ୍ତି ଅଛି ।
ସାନ ବେଲମଞ୍ଜି    ପ୍ରକୃତି ମାଳଞ୍ଚ
ମେଘାସନ-ସୁଭାଳୂଲେ ୩
ନିବସନ୍ତି ଯହିଁ    ସ୍ୱୟମ୍ଭୂ ଅଶିତ
ଉତ୍ତୁଙ୍ଗ-ଶୃଙ୍ଗ ଦେଉଳେ ।
ଦର୍ଭି-ତଳ୍ପ    ହାମପୁର ଗ୍ରାମ
ସାଳନ୍ଦୀ କୂଳେ ଶୋଭିତ,
ଦ୍ୱିତୀୟ ପାଣ୍ଡବ    ସୁପ୍ରକାଣ୍ଡ କାଣ୍ଡ
ହୋଇଛି ଯହିଁ ରକ୍ଷିତ ।
ଅଦୂରେ ତାହାର    ସୁରଦାରୁକୁଞ୍ଜେ
ସୁଶ୍ୟାମଳ ତାଲପୁର,
ପୁଣ୍ୟ ସୀତାକୁଣ୍ଡେ ୪ ସ୍ନାନ କଲେ ଯହିଁ
ପାପ ହୋଇଯାଏ ଦୂର ।
ନିଦାଘେ ଯେ ଠାବେ    ସାଳନ୍ଦୀ ତଟିନୀ
ପ୍ରବାହିତ ହୁଏ ଖରେ,
କେଉଁ କେଉଁ ଦିନେ    ଘର୍ଘର ନିର୍ଘୋଷେ
ବିଶାଳ ଶିଳା-ଶେଯରେ ।
ଭାରତୀ କମଳା    ପ୍ରିୟ ନିକେତନ
ଉନ୍ନତ ତାଳତରୁର,

୧—ଏହା ଭଦ୍ରଖର ପଶ୍ଚିମରେ । ଏଠାରେ ପ୍ରାଚୀନ ବୌଦ୍ଧକୀର୍ତ୍ତି ଅଛି । ୨—ଅଗରପଡ଼ା ଗ୍ରାମରେ ଉତ୍କୃଷ୍ଟ ମଠା ପ୍ରସ୍ତୁତ ହୁଏ । ୩—ସାଳନ୍ଦୀ କୂଳରେ ଅଶିତ ମହାଦେବଙ୍କର ମନ୍ଦିର ବିଦ୍ୟମାନ । ୪—ସୀତାକୁଣ୍ଡ ତାଲପୁରର ନିକଟବର୍ତ୍ତୀ ସାଳନ୍ଦୀ ନଦୀ ମଧ୍ୟରେ ଅବସ୍ଥିତ ।

ଧନେ ମାନେ ଜ୍ଞାନେ ଶିକ୍ଷା ସଭ୍ୟତାରେ
ପ୍ରଶସ୍ତି ଯାର ପ୍ରଚୁର୍ ।
ବ୍ୟବସ୍ଥା ନଗରୀ ପ୍ରାଚୀନ ସନ୍ଥିଆ
ଧରିଛି ବୈଷ୍ଣବ ପନ୍ଥା,
ସୁରକ୍ଷିତ ଯହିଁ ସୁରକ୍ଷିତ ଅଛି
ଶ୍ରୀଚୈତନ୍ୟଚନ୍ଦ୍ର କନ୍ଥା ୧ ।
କ୍ଷମାମୟ ଯୋଗୀ କ୍ଷମାସାଗରଙ୍କ
ସମାଧି ମନ୍ଦିର୍ ପାଶେ,
ଅତଳତ ତାଳୁଁ ବୃକ୍ଷ ଆମ୍ରତରୁ ୨
ତୋଳଛି ଶିର୍ ଆକାଶେ ।
ବୀରେନ୍ଦ୍ର ମଣ୍ଡଳ— ଦ୍ୱାରେ ଜାଗ୍ରତ
ଉଗ୍ରମୂର୍ତ୍ତି ହନୁମାନ୍, ୩
ବିଘ୍ନହନ୍ତା ଯହିଁ ବାମ ଯାମ୍ୟତରେ
ଘେନ ବେନ ସାନୁମାନ ।
ମନ୍ଥଣ-ନିକଟ ଅସୁର୍ ନଗରୀ
ବେତସ ବନ ଚୁରିତ,
ଅସୁର୍-ଖୋଦିତ ଦୀର୍ଘ ସର୍ ଯହିଁ
ନିତ୍ୟେ ସ୍ମରଣୀତ ।
ଯେ ଗ୍ରାମ ଗୌରବ କବୀନ୍ଦ୍ର ବନ୍ଧ୍ଯ ୪
ନବରସ ଅକୂପାର୍,

ପୁଲ୍ଲକିତେ ଯେଉଁ ବୀଣାପାଣି ପାଦ
କାବ୍ୟ-ଫୁଲେ ରଚି ହାର୍ ।
ଭକ୍ତ-ପ୍ରାଣାରାମ ରାମ ସଂସ୍ଥାପିତ
ଯେ ଗ୍ରାମେ ହିପୁର-ଅରି,
ସାଳନ୍ଦୀ ତଟିନୀ ତଟେ ନିବସନ୍ତି
ରାମେଶ୍ୱର୍ ଆଖ୍ୟା ଧରି ୫ ।
ଅଷ୍ଟ ଶାସନର୍ ଅଧିଷ୍ଠାତାରୂପେ
ଶଙ୍କିତ ବ୍ୟୋମକେଶ ୬
ସ୍ଥାପିଲେ ଯହିଁ ସୌମିତ୍ରି ସୁରଥୀ
ଘେନ ଅଗ୍ରଜ ଆଦେଶ ।
ଚତୁର୍ମୁଖ୍ -ଗୋଷ୍ଠୀ ଜନକ ଦେଉଳେ
ଯହିଁ ବ୍ରହ୍ମା ନିବସନ୍ତି, ୭
ପୂର୍ବେ ସିନ୍ଧୁତଟେ ଥିଲା ବୋଲି ଯାକୁ
ପ୍ରଚୁରଇ କିମ୍ବଦନ୍ତୀ ।
ଅଦୂରେ ଯାହାର୍ ଗୁପ୍ତ ଗଙ୍ଗା ନାମେ
ସ୍ୱତେ ପୁଣ୍ୟତୀର୍ଥ ସ୍ଥଳ,
ମଧୁ ବାରୁଣୀରେ ବିଶୁଷ୍କ ପ୍ରାନ୍ତରୁ
ବାହାରଇ ଯହିଁ ଜଳ ।
ଲୁଣ୍ଠିତ-ଶୋଭା ନଦୀପ୍ରଭା
ମନ୍ତ୍ରେଇ ମହାପଙ୍କିଳା,

୧—ବୈଷ୍ଣବଧର୍ମପ୍ରଚାରକ ଶ୍ରୀଚୈତନ୍ୟ ଦେବ ଭଦ୍ରକର ଅନ୍ତଃପାତୀ ସନ୍ଥିଆ ଗ୍ରାମରେ କେତେକ ଦିନ ଅବସ୍ଥାନ କରି ଧର୍ମପ୍ରଚାର କରିଥିଲେ । ତାହାଙ୍କ କନ୍ଥାଖଣ୍ଡିକ ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ସୁରକ୍ଷିତ ଅଛି ।

୨—ଅସ୍ତଳ ଗ୍ରାମରେ ମହାତ୍ମା କ୍ଷମାସାଗରଙ୍କ ମଠ ଅବସ୍ଥିତ । କଥିତ ଅଛି, ମଠର ମହନ୍ତ କ୍ଷମାସାଗର ଜୀଇଁ ଜୀବନ୍ତ ସମାଧି ଗ୍ରହଣ କଲା ପରେ ବୃନ୍ଦାବନ ପଥରେ ଜଣେ ଭକ୍ତକୁ ସାକ୍ଷାତ ଦେଇ ତାହା ହସ୍ତରେ ଗୋଟିଏ ଆମ୍ବ ପ୍ରଦାନପୂର୍ବକ କହିଲେ, "ଏହାକୁ ଆମ୍ଭ ଚେଲାଙ୍କୁ ଦେବ ଏବଂ କହିବ, ଆମ୍ବଟି ଠାକୁରଙ୍କଠାରେ ନୈବେଦ୍ୟ ଦେଇ ମନ୍ଦିର ସମୀପରେ ଟାକୁଆ ପୋତିଦେବେ ।" ସାଧୁଙ୍କ ଆଦେଶରେ ସେହିରୂପ କରାଯାଇଥିଲା । ସେହି ଆମ୍ବ ବୃକ୍ଷଟି ସେହି ଦିନଠାରୁ ଅବଧି ବିଦ୍ୟମାନ ଅଛି । ୩—ଭଦ୍ରଖ ଅନ୍ତର୍ଗତ ଚରମ୍ପାଗ୍ରାମରେ ହନୁମାନଙ୍କର ମନ୍ଦିର ଅଛି । ୪—ସଙ୍ଗତ ଗ୍ରାମରେ କବି ବଂଶୀବଲ୍ଲଭ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପ୍ରଚଳିତ ନାମ ବନ୍ଧ୍ଯ ଥିଲା । ୫—ହରଶଙ୍କରପୁର ଗ୍ରାମରେ ରାମେଶ୍ୱର ଶିବମନ୍ଦିର ଅବସ୍ଥିତ । ୬—ଗୁଆମାଳ ଅନ୍ତର୍ଗତ ନୂଆଶାସନରେ କୁମାରେଶ୍ୱର ଶିବଲିଙ୍ଗ ପ୍ରତିଷ୍ଠିତ । ୭—ପାଳିଆ ଗ୍ରାମରେ ଚତୁର୍ମୁଖ ବ୍ରହ୍ମାଙ୍କର ମନ୍ଦିର ଅଛି । ପୂର୍ବେ ସେହି ପର୍ଯ୍ୟନ୍ତ ସମୁଦ୍ର ବିସ୍ତୃତ ଥିବାର କିମ୍ବଦନ୍ତୀ ଅଛି ।

ଲୁଟିଲ ଗଗନରେ   ଘୋଷେ ଯେଉଁ ଦେଶେ
ଉତ୍ତାଳ ଲହରୀ-ଲୀଳା ।
ମୃଗେଶ-ବାହିନୀ   ମହେଶ-ଭାବିନୀ
ଚର୍ମ-ଚର୍ମ ଭୂ-କୁଣ୍ଡଳା,
ଚେତନ ଭାବନେ   ଅଧିଷ୍ଠିତ ଯହିଁ
ଦେବୀ ଘାଟଣମଙ୍ଗଳା ।
ଭୀଷଣ-ଦର୍ଶନ—   ମଣ୍ଡପେ ପୂରିତ
ଦେଣାଘାଟେ କ୍ଷୁଦ୍ର ଗ୍ରାମ,—
ଭେଡ଼ା ନାମଧାରୀ   ପ୍ରାକୃତେ ଯାହାକୁ
ସାଗର ଲହରୀ ବାମ ।
ନାରଦ-ପୂଜିତା   ଧାମରା ଦେବୀଙ୍କ
ପାଳିତ ଭୂମି ଧାମରା,
ସିନ୍ଧୁ ଅଙ୍ଗେ ଯହିଁ   ମିଶାନ୍ତି ସଲିଳ
ଏକତ୍ରେ ନଦୀ ପ୍ରଶସ୍ତ ।
ଗୋନାସା ଶିଖରୀ—   ସୁତା ବୈତରଣୀ
ଉତ୍ତାଳ ଲହରୀ-ଭର,
ଆଲିଙ୍ଗନ କରେ   ସାଳନ୍ଦୀ ସଙ୍ଗତେ
ରଙ୍ଗ ଦେଖେ, ପକ୍ଷିକୁଳର । ୧
ନଟାଟିଆ ଘାଟେ   ଯୋଗୀଆଟ ଯେନ
ଭୂମନ୍ତ ଯହିଁ ନାସ୍ତିକା, ୨
ନୃମୁଣ୍ଡକୁଣ୍ଡଳା   ଚର୍ମଶକୁଣ୍ଡଳା
ଚମ୍ପକବେଶୀ ବାଳିକା ।
ଆରଡି ଗ୍ରାମରେ   ବିରାଜନ୍ତି ଯହିଁ
ସ୍ୱୟମ୍ଭୁ ତ୍ରିଶୂଳାୟୁଧ, ୩
ଅପରାଧୀ ବ୍ୟକ୍ତି   ଉଣାପତ୍ରେ ତହିଁ
ଛୁଇଁଲେ ବୃଷ କଲୁଦ ।
ସାଳନ୍ଦୀ ସଲିଳେ   ଅଭିଷିକ୍ତା ଦେବୀ
ଭଦ୍ରକେ ଭଦ୍ରକାଳିକା,

ଜାଦବନ୍ତ 'ଚନ୍ଦ୍ରୀ'   ଖଡ୍ଗଧରେ ଯେଉଁଠି
ମୂର୍ତ୍ତିମନ୍ତ ଅତ୍ୟଶିଳା ।
ଶୋଭାଗ୍ୟ ପ୍ରାନ୍ତରେ   ଉଲ୍ଲଙ୍ଘ୍ୟ ବୀରେ
ଧରଣ ଯହିଁ ଆୟୁଧ,
ଗ୍ରାମ-ପ୍ରାଙ୍ଗଣରେ   ଭକାଗାଦ୍ୱାରର
ସଙ୍ଗେ ହେଲେ ଘୋର ଯୁଦ୍ଧ !
ଉତ୍କଳ ସ୍ୱାଧୀନ   ନରପତି ଆହା
ହେବାରୁ ରଣେ ପତିତ,
ସେଠୁ ଦିନୁ ହେଲା   ଉତ୍କଳ ଜନନୀ
ଭାଗ୍ୟ-ରବି ଅସ୍ତମିତ ।
ଜନ୍ମି ଥିଲେ ଯହିଁ   ମହେନ୍ଦ୍ର କୂର୍ଲିଭ ୪
କାୟସ୍ଥ-କୁଳ-କେତନ,
ଭକ୍ତଦାସ ସୁକେ   ଗ୍ରନ୍ଥିତ ଯାହାଙ୍କ
ସୁରଭି ଯଶ-ସୁମନ ।
ଗହଳ କିଂଶୁକ—   କାନନ-ସଙ୍କୁଳ
ପ୍ରସିଦ୍ଧ ଗ୍ରାମ ନଗୁଆଁ,
ଯହିଁ ନାଗବଲ୍ଲୀ—   ବଢ଼ିଲେ ନିଶୀଥେ
ଡକୁଣେ ଦୂରେ ଚକୁଆ ।
ଏହିପରି କେତେ   ଦିବସ ଅନ୍ତରେ
ଭ୍ରମି ଭ୍ରମି ନାନାସ୍ଥାନେ,
ଉପନୀତ ହେଲୁ   ଯାଇ ଗୁଆମାଳେ
ସପ୍ତକୁଣ୍ଡ ସନ୍ନିଧାନେ ।"
ସଙ୍ଗୀର କାହାଣୀ   ଶୁଣିବାକୁ ମୋର
ଜନ୍ମିଲା ଆଗ୍ରହ ଅତି,
ଧୀର ନମ୍ରଭାବେ   ପଗୁରନ୍ତେ ତହିଁ
ଶବର କହିଲେ ଯତି ।
"ଉତ୍କଳ-ଦେଉଳ—   ଦୀପ୍ତ ସ୍ୱର୍ଣ୍ଣଦୀପ
ମୁକୁନ୍ଦ ହରିଚନ୍ଦନ,

୧—ଏହି ଗ୍ରାମ ନିକଟରେ ସାଳନ୍ଦୀ ବୈତରଣୀ ସହିତ ମିଶିଅଛି । ୨—ଦପା ଗ୍ରାମରେ ନାସ୍ତିକା ଦେବୀଙ୍କର ମନ୍ଦିର ଅଛି । ୩—ଆରଡି ଗ୍ରାମରେ ଆରଡେଶ୍ୱର ଶିବମନ୍ଦିର ଅବସ୍ଥିତ । ୪—ଦେହୁଡ ଆନନ୍ଦପୁର ଗ୍ରାମରେ ବଙ୍ଗର ନବାବ ସିରାଜଦୌଲାଙ୍କ ମନ୍ତ୍ରୀ ମହେନ୍ଦ୍ର କୂର୍ଲିଙ୍କ ବାସସ୍ଥାନ ଥିଲା ।

ତୀର୍ଥଯାତ୍ରା କାଳେ    ଅଷ୍ଟସ୍ଥାନେ ଯହିଁ
ସ୍ଥାପିଲେ ଅଷ୍ଟ ଶାସନ ।
ତହିଁ ମଧ୍ୟେ ଏକ    ଗୁଆମାଳ ନାମେ
ରମଣୀୟ ଜନପଦ,
ନିବସନ୍ତି ଯହିଁ    ସଦାଗ୍ନିହୀ ଦ୍ୱିଜେ
ବେଦଶାସ୍ତ୍ର–ବିଶାରଦ ।
ପୂର୍ବେ ସେହି ରାଜ୍ୟ    ବହୁଳ ଗୁବାକ
ପାଦପେ ଥିଲା ଗହଁଳ,
ସେହି ହେତୁ ସ୍ଥଳୀ    ଅଦ୍ୟାପି ଲୋକରେ
ବୋଲାଉଛି ଗୁଆମାଳ ।
ନାରିକେଳ କୁଞ୍ଜେ    ବଢୁଛି ଏ କାଳେ
ଦୂରରୁ ହରେ ନୟନ,
ଧନ୍ୟ ସେ ନଗରୀ    କାଳେ କାଳେ ଯେଣୁ
ଧରୁଛି ଶୁଭ ଲକ୍ଷଣ ।
ପୂର୍ବେ ସେହି ସ୍ଥଳେ    ନିବିଡ଼ ଅରଣ୍ୟ—
ପ୍ରାଚୀରେ ହୋଇ ବେଷ୍ଟିତ,
ଅଗମ୍ୟ–ଅଜେୟ    ଦୁର୍ଗ ପ୍ରାୟ ଦୃଷ୍ଟ
ହେଉଥିଲା ପ୍ରତୀତ ।
ଛନ୍ଦିଅଛି ପଦେ    ଯାଜନ୍ଦୀ ତଟିନୀ
ନିସର୍ଗ ପରିଖା ଛଳେ,
ଶତ୍ରୁଦୁର୍ଗମ ପ୍ରାୟ    ଦିଅନ୍ତି ପହରୀ
ଚୌପାଶେ ଶ୍ୱାପଦକୁଳେ ।
ଖଡ୍ଗଧାରୀ ସମ    ଫଣଫଣା ତରୁ
ଧରିଥିଲା ଅସିକୋଷ,
ବୀରବୃନ୍ଦ ପ୍ରାୟ    ହିଂସ୍ର ଜନ୍ତୁଙ୍କର
ଗମ୍ଭୀର ଘୋର ନିର୍ଘୋଷ ।
ଶଙ୍ଖଧ୍ୱନି ସମ    ଘନ ଘନ ଶବ୍ଦ
କରୁଥିଲେ ଶିବାଜାଳ,
ଲତାକୁଞ୍ଜେ ବସି    ଉଡ଼ାଏ କଳାପୀ
ସୁନ୍ଦର ଶିଖା-ଚପଳ ।
ହୋଧୂତ ସଜାରୁ    ଦକ୍ଷ ବୀର ପ୍ରାୟ
କ୍ଷେପୁଥାନ୍ତି ପକ୍ଷ-ଶର,
ନାଦନ୍ତେ ପକ୍ଷୀ    ଉଡ଼େ କରୁଥିଲେ
ସଦା ରଣଜୟସ୍ୱର ।
ମାତ୍ର ସର୍ବଲୋପୀ    କାଳଚକ୍ର-ପାଶେ
ହୁଏ ସେ ବୈଭବ ମଥା,
କାଳବଶେ ଲୁପ୍ତ    ଏବେ ସେ କାନ୍ତାର
ଶିଶିରେ କମଳ ଯଥା ।
ନିୟତ ନିୟମେ    ଆଜ ଯେଉଁ ସ୍ଥାନେ
ତୋଳନ୍ତି ଶିର ଶିଖରୀ,
କାଳବଶେ ଦିନେ    ଖେଳିବ ସେ ସ୍ଥାନେ
ଫେନିଳ ଊର୍ମି ଲହରୀ ।
ଆଜ ଯେଉଁ ସ୍ଥାନେ    ଶୋଭେ ରତ୍ନଗତୀ
ସୁରମ୍ୟ ହର୍ମ୍ୟ ଉନ୍ନତ,
କାଲି ସେହି ସ୍ଥାନ    ହେବ ପୁଣି ଅହା
ଶ୍ମଶାନରେ ପରିଣତ ।
ଏବେ ସେହି ସ୍ଥାନ    ପ୍ରକାଶୁଛି ହାସ
ଶ୍ୟାମଳ ଶସ୍ୟସମ୍ଭାରେ,
ଅଲକ୍ଷ୍ମୀ ଆବାସ    ପରିଣତ ଅହା
କମଳା କୋଠ ଭଣ୍ଡାରେ ।

# ଦ୍ୱିତୀୟ ସର୍ଗ

ଗୁଆମାଳ ମଧ୍ୟେ ଶସ୍ତୁ ପୁର୍ ଗ୍ରାମେ
କରନ୍ତି ଦ୍ୱିଜେ ବସତି,
କୁଳେ ଶୀଳେ ମାନେ ଭୂସୁରକୁଳରେ
ଶ୍ରେଷ୍ଠ ଯାହାଙ୍କର ଖ୍ୟାତି ।
ପୀତାମ୍ବର ମିଶ୍ର ନାମେ ଏକ ଦ୍ୱିଜ
କରୁଥିଲେ ତହିଁ ବାସ,
ଆଜୀବନ କଷ୍ଟ ଛୁଇଁଥିଲେ ନାହିଁ
ଅନୀତି ଅଧର୍ମ ପାଶ ।
ଯା ରୂପ ବର୍ଣ୍ଣନା ଅମର ରସନା
ବଳେ, ନର କେଉଁ ଛାର
ରୂପ ତୁଳନାରେ ଅସମ ଯାହାକୁ
ବସନ୍ତ ସୁନ୍ଦର୍‌ସାର୍ ।
ନବଦୂର୍ବାନିଭ ଶ୍ୟାମ କଳେବର
ନବନୀତରୁ କୋମଳ,
ଯୁଗ୍ମନେତ୍ର ଯଥା କାଳନ୍ଦୀ ସଲିଳେ
ଶୋଭେ ବିକଚ କମଳ ।
କେତେ ଶୋଭା ଧରେ କୃଷ୍ଣ କେଶଗୁଚ୍ଛ
ମସ୍ତକେ ଲୁଞ୍ଚିଲୁଞ୍ଚିକା,
ଚକ୍ଷୁକୋଣ ତଟେ ମାଡିଅଛି କିବା
ନୀଳ ଶୈବାଳ ଲତିକା ।
ସୁବିଶାଳ ବକ୍ଷ ଶ୍ରୀବାର୍ଦ୍ଧି ପ୍ରକାର
ମରକତ-ସିଂହାସନ,
ଅସି ଅଗ୍ର ପ୍ରାୟ ନାସିକା, ଶାରଦ—
ପର୍ବେନ୍ଦୁଜିତ ବଦନ ।
ଶାଳ ଶାଖା ଭଳି ସରଳ ସୁଢଳ
ଭୁଜ ଆଜାନୁଲମ୍ବିତ,
ଜ୍ଞାନ-ବିଚକ୍ଷଣ ବିଦ୍ୟା-ଧୁରନ୍ଧର
ସର୍ବଶାସ୍ତ୍ର ସୁପଣ୍ଡିତ ।
ଯେ ଉଷମ କାଳେ ଭୁଲିଯାନ୍ତି ଅନ୍ଧ—
ଜନେ ହିତାହିତ ଜ୍ଞାନ,

ପୀତାମ୍ବର ସେହି ତରୁଣ ବୟସେ
ଥିଲେ ଅତି ସାବଧାନ ।
ଯୌବନେ ଯୁବକେ ସମକ୍ଷରେ ଦେଖି
ପାପପୂର୍ଣ୍ଣ କେବଳ ପଥ,
ସ୍ୱଭାବ ସଂସର୍ଗ— ବଶରୁ ଗମନ୍ତି
ଯାର ଯେଉଁଣେ ମନୋରଥ ।
ପ୍ରଥମ ପଥରେ ଗମିବା ସହଜ
ଦ୍ୱିତୀୟଟି ଅସହଜ,
କୌମାରବ୍ରତ କୁଳେ ଓଗାଳିଅଛନ୍ତି
ଯେଣୁ ତାକୁ ବହୁବ୍ରଜ ।
ପଡ଼ିଲେ କଷଣ ନ ସହିଲେ କାହିଁ
ଘଟିବ ଶେଷେ ମଙ୍ଗଳ,
ସ୍ୱାଦୁ ମିଳେ ଯିନା ହରୀତକୀ ଭୁଞ୍ଜି
ତଦନ୍ତେ ପିଇଲେ ଜଳ ।
ମାତ୍ର ଆଦ୍ୟ ସୁଖ ପରିଣାମ ଦଶା
ଘୋର ଅନର୍ଥକାରିଣୀ,
ଆପାତ ମଧୁର ଲଙ୍କାଆମ୍ର ଯଥା
ଜଳ ହୁଏ ଝିଣିଝିଣି ।
ଇର୍ଷାପଲ୍ଲୀ ସହ ଆରମ୍ଭେ ଯୌବନ
ହୃଦୟ-ବେଦୀରେ ଯାଗ,
ପୁରୋଧା ବରଣେ କାମ, କ୍ରୋଧ ଅଗ୍ନି,
ଧର୍ମ ଯଜ୍ଞପଶୁ ଛାଗ ।
ସଲ୍ଲାର୍ଣ୍ଣି ଆହୁତି, ଲୋଭ ଶ୍ରୁବ ସ୍ରୁଚ,
ଆବର ହୋତା ଅଜ୍ଞାନ,
କଳହ ଉଦ୍ଗାତା ମିଥ୍ୟା ଯଜ୍ଞଯୂପ
ସଭ୍ୟ ସମିଧ ସମାନ ।
ଏହି ଭୟାବହ ଅମଙ୍ଗଳ ଯାଗେ
କାମାଭକ୍ତି-ସୋମରସ,
ଏ ଯଜ୍ଞର ଫଳ ପାପ ଅଧୋଗତି
ଅଲ୍ପାୟୁଷ ଅପଯଶ ।

ଯୌବନ ପ୍ରଭାବେ ଦୁର୍ନିବାର ଗର୍ବ
ଅଜାଣ୍ତେ ଉପସ୍ଥିତ,
କର୍ଣ୍ଣାଉଳୁ ଗ୍ରାସ୍ତ ସ୍ୱଚ୍ଛ ହୃଦୟରେ
କରିଦିଏ କଳୁଷିତ ।
ତାହାଙ୍କ ସଙ୍ଗେ ଆସି ବିଷୟ ବାସନା
ରୋଧି ହିତାହିତ ପଥ,
ନିରଙ୍କୁଶ ଭାବେ ଟାଣି ନେଇଯାଏ
ଦୁଷ୍ଟ ମାର୍ଗେ ମନୋରଥ ।
ଧନ ପଦେ ଲୋଭ ହସ୍ତେ ଧରି ଆସେ
ପଞ୍ଚାଧ୍ୟାୟ ପୂର୍ଣ୍ଣ ଗ୍ରନ୍ଥ, *
ଏହି ଦୁଷ୍ଟ ସିନା ଯୁବକଙ୍କୁ ଦିଏ
ଗୁରୁତ୍ୱ ଯେ ଆଦ୍ୟ ମନ୍ତ୍ର ।
ପୁଣି ଏହି କାଳେ ମିଳେ ଯଦି ଦୈବେ
ପ୍ରଭୁତ୍ୱ ସୁଖ ସମ୍ଭୋଗ,
ଯୋଗିଯାଏ ତେବେ ସୁବର୍ଣ୍ଣେ ସୁହାଗା
ସୌଭାଗ୍ୟ ମାହେନ୍ଦ୍ର ଯୋଗ ।
ଅଳ୍ପ ଯେ ପ୍ରଭୁତ୍ୱ ବିଷମ ବ୍ୟାଧିର
ଔଷଧି ଭବେ ଅଭାବ,
ଭୃତ୍ୟଙ୍କୁ ଅଧିକ ଅଧୀନେ ମଣନ୍ତି
ପ୍ରଭୁଙ୍କର ଏ ସ୍ୱଭାବ ।
କିନ୍ତୁ ଚକ୍ଷୁଷ୍ମାନ ସଦା ଆତ୍ମସୁଖେ
ପରଦୁଃଖେ ଚକ୍ଷୁହୀନ,
ଦୀନ ଦରିଦ୍ରଙ୍କ ପ୍ରତି ହୃଦ ତାଙ୍କ
ଲୁହଣୁଁ ବଳି କଠିନ ।
ଜନମେ ଅଧୀନ ଦୁଃଖ ନିବେଦିଲେ
ଆଉ କହିବାର କଥା,
ଚନ୍ଦା ଦକ୍ଷିଣାରେ ଥରେହେଁ କଦାପି
ଠେକି ନ ଶୁହାନ୍ତି ମଥା ।
ନିରପେକ୍ଷ ଜନ ମୁଖରୁ ଶୁଣିଲେ
ଆତ୍ମମତ ବିପରୀତ,

କ୍ରୁଦ୍ଧ ଅହମିକା— ପ୍ରଚଣ୍ଡ ପାବକେ
ଅପର୍ଯ୍ୟନ୍ତ ଝାସ ଦ୍ରବିତ ।
ଯୌବନ, ସମ୍ପଦ, ପ୍ରଭୁତ୍ୱ ଏକତ୍ରେ
କରନ୍ତି ଦୁଃଖ ସଞ୍ଚାର,
ଏ ଦୁଷ୍ଟଙ୍କ ହସ୍ତୁ ସତ୍ୟଧର୍ମସେବୀ
ଲଭନ୍ତି ଏକା ନିସ୍ତାର ।
ଧନ୍ୟ ଏ ଦୁରନ୍ତ ଜନ ମିତ୍ରଙ୍କର
ଜଘନ୍ୟ ଚରିତ୍ର-ଗ୍ରନ୍ଥି
ପାରିଥିଲା ନାହିଁ ପୀତାମ୍ବର ପ୍ରାଣେ
ବୀଭତ୍ସ ଦୀକ୍ଷା ପ୍ରକାଶି ।
ଲୋଭମୋହ ଆଦି ଦୁଷ୍ଟରିପୁ ତାଙ୍କୁ
ନ ଥିଲେ ମୂଳହୁଁ ଛୁଇଁ,
ହୃଦୟ-ଅମ୍ବରେ ସଦ୍ଭାବ-ଶଶାଙ୍କ
ଥିଲା ଆଜୀବନ ଉଇଁ ।
ପଣ୍ଡିତାଙ୍କ ସୁଖ— ଦୁଃଖେ ଥିଲା ତାଙ୍କ
ଗଭୀର ସହାନୁଭୂତି,
ଭୂପୃଷ୍ଠେ ଲଭ୍ୟ ମର୍ତ୍ତ୍ୟେ ଶାନ୍ତରସ
ଧରି ମନୋମୟ ମୂର୍ତ୍ତି ।
ପିତୃମାତୃପଦେ ଅଚଳା ଭକ୍ତି
ରଖିଥାନ୍ତି ନିରନ୍ତର,
ପିତୃମାତୃଭକ୍ତ ସ୍ୱର୍ଗର ଦେବତା
ନୁହେଁ ସେ ପ୍ରାକୃତ ନର ।
ସେ ଦେଶଙ୍କ ଋଣ ତନୟ ପକ୍ଷରେ
ଯେସନ ଅଗାଧ ସିନ୍ଧୁ,
ଶତକଳ୍ପ ସେବା କଲେ ସେ ଋଣରୁ
ଶୁଝି ନୁହେଁ ଏକ ବିନ୍ଦୁ ।
ତାଙ୍କ ପଦେ ଯେହୁ ଆତ୍ମଗରିମାରେ
ନ କରେ ଭକ୍ତି ପ୍ରଣାମ,
ଧିକ ସେ ମାନବ, ଧିକ ତା ଜନମ,
ଧିକ ତାର ପୁତ୍ର ନାମ ।

* ଅନ୍ୟ ପାଠାନ୍ତର

ଅକାଳେ ତାଙ୍କରୁ ଅଙ୍କିଥିଲେ ଦ୍ୱିଜ
ସୁକୃତ ପଙ୍କଜ ପଥ,
ଭାଗ୍ୟମଣ୍ଡଳୀ ବାଣୀଏ ଗାଇଥିଲେ ସ୍ତୁତି
ଅଭକ୍ଷ୍ୟ ସତ୍ତ୍ୱାଙ୍କ ବ୍ରତ ।
ଧୈର୍ଯ୍ୟ ଶାନ୍ତି କ୍ଷମା ଦୟା ଅସ୍ତ୍ର ଧରି
ମାଡଣ ଧର୍ମ—ସମରେ,
ପାପ ଗଣଙ୍କର ରକ୍ତ କୂଳେ ଦ୍ୱିଜ
ଜଣିଥିଲେ ଅକ୍ଳେଶରେ ।
ଶର୍ମିଷ୍ଠା ନାମେ * ଶଶିମୁଖୀ
ତାଙ୍କର ସହଧର୍ମିଣୀ,
ରୂପେ ଗୁଣେ ବାଳା ଅନୁପମା ଜଗତେ
ମତ୍ତ ମାତଙ୍ଗଗାମିନୀ ।
ଖୋଲୁଥିଲେ ତାଙ୍କେ ଦେଖି ସେ ରୂପସୀ—
ମୌଳିମଣି-ଭୂଷଣ,
ଶୋଭା-ସ୍ୱର୍ଣ୍ଣ ଛାଡେଁ ସଭକ୍ତେ ବରଷି
ଭଡାଗୃହ ଧାଲି ଅବା !
ସୁକୁମାର ବପୁ ଦେବା ସେ ଶିରୀଷ—
କୁସୁମଗାରୀ ଗିରୁଲ,
ବାଳାଙ୍କର ଶୋଭ ପରଶମାତକେ
ସବେ ଧା ଖିବ ଝଉଁଲ ।
ଦେବଗୁରୁ ଭ ସେ ବସିଛନ୍ତି ଆସ୍ୟ—
କଣ୍ଠେ ସୁଗ୍ଧ ଶକ୍ତିଗାଥେ,
ଅଳକା କଳା ସେ ଫୁଲ୍ଲ କମଳକୁ
ବେଢିଛନ୍ତି ମଧୁଲିଟ ।
ଜମ୍ବୁଲି ସୁଜନ ଆରକ୍ତିମ ଭାନ୍ତି
ଅଧର ଲିଅଇ ଦଳ,
ନାସା ସୁଷମାରେ ସ୍ୱର୍ଣ୍ଣ ବଂଶୀ ଧୈର୍ଯ୍ୟ
ଲଜ୍ଜାରେ ଛିଦ୍ର ଜକଲ ।
ଶ୍ୟାମଳୀର ହୃଦେ ଶିନ୍ଦୁରବିନ୍ଦୁ ଟି
ଆସୁଚି ରକ୍ତେ ଚୁମ୍ବର,
ଦେମଗଭ ଦେହି ଉର୍ଦ୍ଧ୍ୱରକ୍ତ ଜନା
ପଞ୍ଚସେ ବାଳ ମିଶ୍ରର ।

ସୁବର୍ଣ୍ଣପ୍ରଗକେ ଗୁଚ୍ଛ ହୀରାଭାଗ
ଦିଶଇ ମଞ୍ଜୁଳ ଅତି,
ମୁକ୍ତା—ଶଶଧରେ ଶୁଦ୍ଧ ଭୂତ୍ୱଶୁଭ
କରନ୍ତି ଛବା ଆଲଭ ।
ବସ୍ତ୍ର ଆବରଣ ଫୁଟି ଝଟକଇ
ମୋହତ୍ୱାର ନେତ୍ରତାସ୍ତ୍ର,
ସ୍ୱଚ୍ଛ ବଳାତ୍ମକ ମଧ୍ୟ ଆସିସେ ତ
ଧାଉଁଏ ଧାଉଁଏ ତାସ୍ତ୍ର ।
ଜଙ୍ଘକୁମଧ୍ୟାର କରପୁଟେ ଶୋଭେ
ସରୁ ଶଙ୍ଖ ଝଞ୍ଜୁଳଭ,
ପଦ୍ମସ୍ୱରଣ୍ଡେ । ଶଇଁବଳା ଜଳ ଜ
ମୃଣାଳେ ଯଥା କଣ୍ଟଳ ।
କାଦମ୍ବିନୀ ରମ୍ଭା ଭୁଲେ ସ୍ୱଚ୍ଛ ଜଙ୍ଘ
ନିତମ୍ବ ଥିଲେ ସ୍ତୁଥିଲ,
ଅବ୍ଭଗନ୍ତ ଭ ଶୋଭା—ସରୋବରରେ
ଫୁଟିଛି କହ୍ଲାର ଫୁଲ ।
ରୂପର ଗୁଣର ଧାଇ ସଙ୍ଗେ ସରସ ଦେହରେ
ଦେବେ ଲୋକମାତ୍ରା ରମା,
ମର୍ତ୍ତ୍ୟଲୋକେ ଏବା ଅଟେ ପ୍ରିୟା ସେହି
ତାହାର ଯୋଗ୍ୟ ଉପମା ।
ଅତ୍ୟଳ୍ପ ଭୂଷଣେ ଭୂଷଣଭୂଷଣା
ଶୋଭେ ଦେହଶ୍ରୀ ଶଶିପ୍ରଭା,
ବହୁ ଅଳଙ୍କାରେ ଲୁବ୍ଧପଡା ଜଡକେ
ହୁଏ କି ସେଭା ସୁଧାବା ।
ପରସ୍ପରକୁ ଅଜ୍ଞଲେଖ ଭାବ
ନ ଭରଇ ଛେଷ୍ଟ ମୁଖ,
ପୁଣ୍ୟ ଶୁଭକର୍ମେ ସଦା ରତ ଥାଏ
ସତ୍ୟେ ମଣେ ମହାସୁଖ ।
ରୂପ ଗୁଣ ଚକୀ ମଧ୍ୟେ ସନ୍ତାନରେ
ଲଭିଥିଲେ ଭାଗ୍ୟବତ,
ଦଣ୍ଡୁ ଭାଗ୍ୟାଡାରେ ସେ ଦେବ ମିଳନ
ଥିଲେ ସାରସ୍ୱତି ଜନ ।

* ଲୋହିତ ବର୍ଣ୍ଣର ଏକ ଜଳଜ ଲତା ।

ଏକଙ୍କୁ ଅନ୍ୟେକ ଯୋଗ୍ୟ ପାତ୍ରରେ
ଥିଲେ ସେ ଦ୍ୱିଜ ଦମ୍ପତି,
ସ୍ୱାମୀ ସେବନକୁ ମଣୁଥିଲା ବାଳା
ମୂରତି ସ୍ୱର୍ଗ ସମ୍ପତ୍ତି ।
ତେଣୁ ସ୍ୱାମୀ ପୁଣ୍ୟ— ସ୍ନେହ-ପାଶରେ
ଅବଳା-ମୁକୁଟ-ରତ୍ନ,
ଦାନ କରିଥିଲା ମନପ୍ରାଣ ଯଥା
ସୁଧାକର ପଦେ ରତ୍ନ ।
ଦୁହିଁ ହୃଦୟସ୍ରୋତେ ଦୁହିଁଏ ଦୁହିଁଙ୍କୁ
କରିଥିଲେ ଅଭିଷେକ
ପ୍ରେମ-ଜଳେ, ତେଣୁ ଦୁହିଁଙ୍କର ଆତ୍ମା
ମିଶି ହୋଇଥିଲା ଏକ ।
ଏକ ପଞ୍ଜୁରୀରେ ଯୁଗ୍ମ ଶୁକ ସାରି
ଅବା ସେ ପୁଂସ ଲଳନା,
ଏକ ବୃନ୍ତେ ଦୁଇ ଫଳ ସେହୁ ଦୁଇ
ଏସନ ହୁଏ କଳ୍ପନା ।
ସାଧୁ ଆତ୍ମା ସିନା ସାଧୁ ଆତ୍ମା ସଙ୍ଗେ
ମିଶିଯାଏ ଅବିକଳ,
ସାର ସୁବର୍ଣ୍ଣରେ ମିଶି ପାରଇ କି
କୃତ୍ରିମ ବେଙ୍ଗି ପିତଳ ।
ଏ ମାୟା ସଂସାରେ ସକଳ ଅସାର
ଧର୍ମ ଏକା ସତ୍ୟ ଧନ,
ନାରୀଧର୍ମ ମଧ୍ୟେ ସାର ସ୍ୱାମିସେବା
ପାତିବ୍ରତ୍ୟ ସଂରକ୍ଷଣ ।
ତେଣୁ ସ୍ୱାମିପଦ ସେବୁଥିଲା ବାଳା
ମଣି ତାକୁ ମୁକ୍ତି ପଥ,
ନ ଛୁଏଁ ସେ ଜଳ ନ କରିବା ଯାଏଁ
ପାଦସ୍ପର୍ଶ ଧର୍ମସକ୍ତୁ ।
ମୂର୍ଖ ନୀଚ ଜନେ ଦେବତା ସମାନ
ତୁଅନ୍ତୁ ଧରମବନ୍ତୁ,
ଧର୍ମହୀନ ଦ୍ୱିଜ କୁଳୀନ ସଙ୍ଗତେ
ତୁଳନା କେବଳ ପଶୁ ।

ଆନ କେ କରିବ ଅଗ୍ନିରେ ସୁବର୍ଣ୍ଣ
ଅୟସ୍କାନ୍ତ ମଣି ବନା,
ସୁକୃତି ଯେସନ ଭରିପାରେ ଏକା
ନୀଚ ଜନେ ଭୂତ ସିନା ।
ସ୍ୱାମୀ ସୁଖେ ଦୁଃଖେ ସମଭାଗୀ ହୋଇ
ଧ୍ୟାଇଣ ପ୍ରାଣାତ୍ମକଙ୍କୁ,
ତାଳ ଅନ୍ତରମି ସାର୍ଥ କରିଥିଲା
ସହଧର୍ମିଣୀ ନାମକୁ ।
ସୁପ୍ରାଣରେ ଲକ୍ଷ୍ମୀ ରତି ସତୀ ଯଥା
ହୋଇଥିଲେ ଆହ୍ଲାଦିନୀ,
ଅଥବା ଯେସନ ସତ୍ୟବାନେ ଲକ୍ଷି
ଅଶ୍ୱପତିଙ୍କ ନନ୍ଦିନୀ ।
କି ଅବା ଯେସନ ବଶିଷ୍ଠ ମହର୍ଷି
ଲଭେ ସତୀ ଅରୁନ୍ଧତୀ,
କିମ୍ବା ଯେହ୍ନେ ପାଇ ପତିରୂପେ ନଳେ
ସ୍ୱକୁଳେମା ଦମୟନ୍ତୀ ।
ଅବା ଦେବଦେବ ଚନ୍ଦ୍ରଚୂଡ଼େ ଲକ୍ଷି
ଯଥା ହିମାଦ୍ରି-ଦୁହିତା,
କିବା ଯଥା ରାମେ ରମକୁଳାକାଶ—
ପ୍ରଭାତତାରକା ସୀତା ।
ତେସନ ଲକ୍ଷଣ ନିଜ ଯୋଗ୍ୟ ପତି
ପୀତାମ୍ବରେ ଶଶିପ୍ରଭା,
ମଣୁଥାଏ ନିତି ସ୍ୱର୍ଗର ନିଶ୍ରେଣୀ
ଜଗତର ହେଲା ଅବା ।
ଦେବତା ଅତିଥି ଗୁରୁ ବୃଦ୍ଧେ ମାନ୍ୟ
ସମର୍ପି ଯଥାବିହିତ,
ବ୍ରତପରାୟଣ ହୋଇ ସେ ଦମ୍ପତି
ସତ୍କାର୍ଯ୍ୟେ ଥିଲେ ନିରତ ।
ଆଳସ୍ୟ ଇନ୍ଦ୍ରିୟ— ସେବା ମିଥ୍ୟାବାଦ
ଏହାଠେ ବହି ନମସ୍କାର,
ପାଳୁଥିଲେ ସୁଦ୍ଧ— ଧର୍ମ ସତ୍ୟ ଦୟା
ସୌଜନ୍ୟ ପରୋପକାର ।

ତାତ, ଶୁଦ୍ଧଦେଶୀ ସମସ୍ତଙ୍କଠାରେ
ଦେଖନ୍ତି ଥିଲା ସଦ୍ଭାବ,
ଏତେ ଧର୍ମପ୍ରାଣ ଯେ ପିତା, ସେ ପୋଷେ
ହୃଦୟେ କୁଟିଳ ଭାବ ।
ଶାସ୍ତ୍ରସାମୃତ ପାନେ ସେ ଦମ୍ପତି
ସୁଖେ କାଟୁଥିଲେ ଦିନ,
ସଂସାର ସହିତେ ବାହ୍ୟେ ମିଶି ପୁଣି
ସଦା ଥିଲେ ଉଦାସୀନ ।
ସର୍ବ ସୁଖେ ସୁଖୀ ହୋଇ ଯେବେଥିଲେ
ଦିନ ସେ ପୁଂସ ଅବଳା,
ସନ୍ତାନ ଅଭାବେ ଜନ୍ମ ସେ ସୁଖରୁ
ଊଣା ଥିଲା ଏକ କଳା ।
ମାନବ ତ ଚିର ଲାଗି ରହିଅଛି
ଅଭାବ ଦେବ-ଜୀବନେ,
ଷୋଡ଼ଶ କଳାରେ ତାରାରମଣ ତ
ଉଇଁଛି କେବେ ଗଗନେ ।
ଏଣୁ ଭୁବନରେ କୁତ୍ରାପି ନୁହେଁ ତ
ସୁଲଭ ବିଶୁଦ୍ଧ ସୁଖ,
ଛାୟା ଛାୟା ପ୍ରାୟ ସୁଖ ସଙ୍ଗେ ସଦା
ପ୍ରଚ୍ଛନ୍ନରେ ଥାଏ ଦୁଃଖ ।
ଧନୀର କୁଟୁମ୍ବ ଅଭାବ, କୁଟୁମ୍ବୀ—
ଜନର ଅଭାବ ଧନ,
ଧନ କୁଟୁମ୍ବରେ ଏଥିପର ସଦା
ଲାଗିଅଛି ବୈରପଣ ।
ଦିନେ ଶଶିପ୍ରଭା ଅଦ୍ଭୁତ ସ୍ୱପନ
ଦେଖିଲା ରଜନୀଶେଷେ,
ଆଚମ୍ବିତେ ଆସି ଆରାଧ୍ୟ ଦେବତା
ଉପଗତ ଦିବ୍ୟବେଶେ ।
ସୁଶ୍ୟାମଳ ରୂପ ଅତସୀ କୁସୁମ—
ଆଭାକୁ ଦିଏ ଧିକ୍କାର,
ଝଲମଲ କଟୀ— ତଟେ ପୀତବାସ
ବାଢ଼େ ତଡ଼ିତ ପ୍ରକାର ।

ନିଶା ଅନ୍ଧକାର ହେଲେ ଭେଦି ଅଛି
ସ୍ଫୁରି ପ୍ରଭା ଅପଘନୁ
ବକ୍ଷ ବିଲମ୍ବିତ ବନମାଳା ଯଥା
ନୀଳ ନଭେ ଇନ୍ଦ୍ରଧନୁ ।
ଶଙ୍ଖ ଚକ୍ର ଗଦା ଶତଦଳ ପଦ୍ମ
ସୁଶୋଭିତ ଚତୁର୍ଭୁଜରେ,
ଶିଖଣ୍ଡ-ମଣ୍ଡିତ କନକ କିରୀଟ
ଝଟକେ ମସ୍ତକୋପରେ ।
ଶ୍ରୁତିପୁଟେ ଦୋଳେ ମକର-କୁଣ୍ଡଳ
ଝଲକି ଝଲକି ଝଟକ,
ବକ୍ଷେ ବିରାଜଇ ଶରଦିନ୍ଦୁଜିତ
କୌସ୍ତୁଭ ମହାପଦକ ।
ଏସନ ବେଶରେ ଅଗ୍ରେ ଉଭା ହୋଇ
ବାଳାକୁ କହିଲେ ତାହା,
"କପାଁ ଦିବାନିଶି ଝୁରୁଛୁ ମାଆ ଲୋ
ଲୋତକେ ପୂରାଇ ଆଖି ।
ଅଚିର ଉଦରେ ଘଟିବ ତୋ ଭାଗ୍ୟେ
ଇଷ୍ଟସିଦ୍ଧି ସୁଖଭୋଗ,
ଶାନ୍ତ ମହୌଷଧି ସେବନେ ତୁ ଏବେ
କର ଦୂର ଚିନ୍ତାରୋଗ ।
ଆବାଲ୍ୟରୁ ସେବ ଭକ୍ତି-ଡୋରରେ ତୁହି
ବାନ୍ଧିଛୁ ମୋର ହୃଦୟ,
ସେହି ପୁଣ୍ୟବଳେ ଅନ୍ତେ ମୋ ସନ୍ନିଧି
ଲଭିବୁ, ନାହିଁ ସଂଶୟ ।
ଦୁଃଖ-ନିଶି ତୋର ପାହିଲାଣି, ଅଛି
ଲଭିବୁ ଦିବ୍ୟ ନନ୍ଦନ,"
ଏତେ କହି ପ୍ରଭୁ ଭକ୍ତଚିନ୍ତାମଣି
ହେଲେ କ୍ଷଣରେ ଅଦର୍ଶନ ।
ଧନ୍ୟ ଧନ୍ୟ ହରି ଦୀନଜନ-ବନ୍ଧୁ
ଅପାର ତୁମ୍ଭ କରୁଣା,
ତୁମ୍ଭ କୃପା ବିନା ଦୁଃଖୀ ଦୁଃଖୀଜନର
କେ ଭରିପାରେ କି ଊଣା ?

ତରେ ସେ ଏକାନ୍ତେ 'ଭବ ପତ୍ନୀତ୍ୱ
କ ଅଭାବ ହେବେ ତାର,
ଲୁହରି ବ ତୃଷା ଦୂର, ଆଶା ବଳେ
ସୁଧାପୂର୍ଣ୍ଣ ଅକୂପାର ।
ନିଦ୍ରାଶେଷେ ବାଳା ସ୍ୱପ୍ନକଥା ହେଜି
ଶଯ୍ୟାରୁ ଉଠି ଚଞ୍ଚଳ,
ସ୍ୱାମୀ ସନ୍ନିଧାନେ ଆମୂଳ ବୃତ୍ତାନ୍ତ
ବର୍ଣ୍ଣିଲି ସୁଖେ ସକଳ ।
ରହିଥିଲେ ମୃତ ପ୍ରାୟ ପୀତାମ୍ବର
ଚନ୍ଦ୍ରା-ଅସ୍ତ ହେବେ ଜାଣି,
ସଞ୍ଜୀବନୀ ମନ୍ତ୍ର ପ୍ରାୟ ହେଲା ତାଙ୍କୁ
ଶଶିପ୍ରଭା ସ୍ୱପ୍ନବାଣୀ ।
ସ୍ୱପ୍ନଲବ୍ଧ ବର ଶୁଣି ପୀତାମ୍ବର
ହେଲେ ଅତି ହୃଷ୍ଟମନ,
ନିଦାଘ ତୃଷାର୍ତ୍ତ ଚାତକ କର୍ଣ୍ଣେ କି
ଶୁଭିଲା ଘନ ଗର୍ଜ୍ଜନ ।
ସେହି ଦିନୁ ଦ୍ୱିଜ ମଣିଲେ ସେ ବାଣୀ
ବିଶ୍ୱାସ ସହ ଆଶ୍ୱାସ,
ମୂଳଦାର୍ଢ୍ୟ ଯିବା ଅଟଇ ବିଶ୍ୱାସ
ଅବିଶ୍ୱାସେ ଦାର୍ଢ୍ୟ ନାଶ ।
ଜାଣିଲେ ଉଇଁବ ଅବିଳମ୍ବେ ଭାଗ୍ୟ
ସୁଖ-ନଳିନୀ-ନାୟକ,
ଫୁଟିଯିବ ଏବେ ଆଶା-ତଡ଼ାଗରେ
ମନୋରଥ ମଣିବକ !
ଧନ୍ୟ ଆଶା ତୋର ଅଦ୍ଭୁତ କ୍ଷମତା
ପଞ୍ଚାନ୍ତର ତାକୁ ଚାହିଁ,
କି ଔଷଧ ବଳେ ଶୁଷ୍କ ପ୍ରାଣକୁ ତୁ
ମୁହୂର୍ତ୍ତେ ଦେଉ ଜିଆଇ ।
ମରୀଚିକା ପ୍ରାୟେ ମନୋମୃଗକୁ ତୁ
ଭୁଲାଉ ଧରି ଛଳନା,
ଶୂନ୍ୟେ ଶୂନ୍ୟେ ଚାହିଁ ଖୋଜ ଯାଇ ପୁଣି
ଶେଷେ ଭଙ୍ଗଦେଉ ଦଶା ।

[illegible] ଏଥରେ ପ୍ରସନ୍ନ ଆଭା
[illegible],
ଅନନ୍ତ ପ୍ରସାଦ [illegible]
ଧାମ ଫେରିଲେ ଅନନ୍ତ ।
[illegible] ଭଲେ ସେ [illegible]
ଆନନ୍ଦ-ଅଶ୍ରୁରେ ସ୍ନାତ,
ଦୁଃଖେ ନିମ୍ନମାଣ [illegible]
ପାଇଲା କି ଜୟଦାନ ।
ଅଥବା ଦରିଦ୍ର ନିଧି ପାଇ ଯଥା
ମନେ ହରଷ ଅହ୍ଲାଦ,
କି ଅବା ଯେସନ ବ୍ରହ୍ମଧ୍ୟାୟୀ ଯୋଗୀ
ଲଭି ବ୍ରହ୍ମ ସୁଖାସ୍ୱାଦ ।
ଶଶିକଳା ବୃଦ୍ଧି ସଙ୍ଗେ ଦିନୁ ଦିନୁ
ଯେସନ ବଢ଼େ ସାଗର,
ତନୟ ବୃଦ୍ଧିରେ ବଢ଼ିଲା ତେସନ
ସ୍ନେହ ପିତାମାତାଙ୍କର ।
ସର୍ବ ସମ୍ପତ୍ତିରୁ ସାର ଅଟେ ଏକା
ଜଗତେ ସୁତ ସମ୍ପତ୍ତି,
ତେଣୁ ରକ୍ଷା ପାଇଁ ଆନ ଧନ, ସୁତ
ଧନେ ନର୍ତ୍ତୁ ଅବ୍ୟାହତ ।
ବଢ଼ିଲା ବାଳକ— ପ୍ରାପ୍ତ ପିତୃସ୍ନେହ
ଅଗାଧ ସିନ୍ଧୁ ସମାନ,
ଜନ୍ମୁ ତାହାଠାରୁ ବଳି ମାତୃସ୍ନେହ
ସହସ୍ର ଗୁଣେ ମହାନ ।
[illegible] ଯଥା ସନ୍ଧିଶାନ୍ତି ବୃକ୍ଷେ
ଧରୁଥାଏ ନିରନ୍ତର,
ଶୟନ ଭୋଜନ କାଳରେ କଦାପି
ନ କରେ ପାଶୁ ଅନ୍ତର ।
ତଥା ଶଶିପ୍ରଭା ପାଶରୁ ଅନ୍ତର
ନ କରେ କୁମରମଣି,
ଭଲେ ଛୁଆ ହେଲେ ଝୁରଇ ଆକୁଳେ
ଯେସନେ ମଣିହରା ଫଣୀ ।

ନବ୍ଧି ଜାବସ୍ଥାରେ      ସ୍ୱପନେ ଯଦ୍ୟପି
    ନ ଦେଖଇ ସୁଖମୁଖ,
ଛଟି ବୟେ ଶରେ      ଶିରେ ବଜ୍ରାଘାତ
    ପ୍ରାପ୍ତ ମଣି ଘୋର ଦୁଃଖ ।
ବୟୋବୃଦ୍ଧ ସଙ୍ଗ      ବଢ଼ିଲା କୁମର
    ଅଭିକ୍ରମି ବାଲ୍ୟସୀମା,
ଛାଡ଼ିଗଲେ କ୍ରମେ      ପିତାମାତା ତୁହୁ
    ଦୁଃଖ-ତିମିର-କାଳିମା ।
ସ୍ୱଳ୍ପକାଳ ମଧ୍ୟେ      ହେବାରୁ ଅନନ୍ତ
    ଭାରତୀୟ ପାଠେ ନିପୁଣ,
ଯଥାକାଳେ ଆସି      ଆଶ୍ରିଲେ ହୃଦୟ
    ବିନୟାଦି ଶୁଭଗୁଣ ।
ଶାସ୍ତ୍ରପାଠେ ସେତୁ      ତୋଷୁଥିଲା ସଦା
    ଜନକଜନନୀ ଚିତ୍ତ,
ଧର୍ମେ ମତି ରଖି      ସାଧୁଥାଏ ପୁଣି
    ପ୍ରାଣପଣେ ପରହିତ ।
ରୂପେ ଗୁଣେ ଶୀଳେ      ହେଲା ସୁବମଣି
    ପିତା ସମ ଅବିକଳ,
ରସାଳ ପାଦପେ      ଫଳିବ ବା କାହିଁ
    କଷାୟ କେନ୍ଦୁ ଫଳ ।
ଧାର୍ମିକ ପଣ୍ଡିତ      ଗୁଣୀ ପତିସୁତେ
    ଲଭି ଶଶିପ୍ରଭା ସତୀ,
ମନୋଲ୍ଲାସେ ମଣୁ—      ଥାଏ ଆପଣାକୁ
    ନାରୀକୁଳେ ଭାଗ୍ୟବତୀ ।
ବଢ଼ି ଆସୁଥିଲା      ହୃଦ-ବନେ ତାର
    ଦିନୁ ଦିନୁ ସୁଖ-ତରୁ,
କେ ଜାଣିଥିଲା ସେ      ଦୁଃଖ-ଝଞ୍ଜାବାତେ
    ଉପୁଡ଼ିଯିବ ମୂଳରୁ ।



# ତୃତୀୟ ସର୍ଗ

ଦିନେ ପୀତାମ୍ବର     ସାନ୍ଧ୍ୟକୃତ୍ୟ ସାରି
    ଜପୁଥିଲେ ବସି ମାଳ,
ନିୟତିବଶରୁ     ଏ କାଳେ ତାହାଙ୍କୁ
    ଆକ୍ରମିଲା ଆସି କାଳ ।
ଶରୀର ଥରିଲା     ରୋମାଞ୍ଚିତ ହେଲା
    ବଦନୁ ବହିଲା ଫାଳ,
ନମ୍ର ହେଲା କ୍ରମେ     ଗ୍ରୀବାଦଣ୍ଡ ଯଥା
    ଅନିଳାଘାତେ ମୃଣାଳ ।
ପରିଜନେ ଯେତେ     ଉପଚାର କଲେ
    ହେଲା ସବୁ ଅକାରଣ,
ଶୃଙ୍ଖଳ ଫିଟିଲେ     ମତ୍ତ ମତଙ୍ଗଜ
    ମାନେ କି ଆଉ ବାରଣ ।
ଗୁହୁଁ ଗୁହୁଁ ଆହା     ଅଲକ୍ଷିତେ ଦେହ-
    ପିଞ୍ଜରୁ ଜୀବନ-ପକ୍ଷୀ,
ଉଡିଗଲା ମାୟା—     ଶିକୁଳି ଛିଣ୍ଡାଇ
    ଆଗତ ସ୍ଥାନକୁ ଲକ୍ଷି ।
ମୁହୂର୍ତ୍ତେ ତନୁ     ଫିକା ପଡିଯାଇ
    ଭଜିଲା ଧରଣୀ ତଳ,
ଶୋଷିନେଇ ଗଂସ     କାଳ-ଗଜ ଫିଙ୍ଗି—
    ଦେଲା କି କଇଥ ଫଳ ।
ଅନ୍ତଃପୁର ମଧ୍ୟୁ     ସଘନେ ଉଠିଲା
    କରୁଣ ବିଳାପ ଧ୍ୱନି,
ଧୈର୍ଯ୍ୟ-ଗଣ୍ଡିଛିଡ଼ା     ସେ ଧ୍ୱନି ଶୁଣିଲେ
    ତରଳିଯିବ ଅଶନି ।
ପତିହୀନା ହୋଇ     ସୁତା ଶଶିପ୍ରଭା
    ବିଳପିଲା ଉଚସ୍ୱରେ,
ହା ହା ପ୍ରାଣନାଥ     କାହିଁ ଗଲ ମୋତେ
    ଭସାଇ ଶୋକ-ସାଗରେ ।

ଚରଣ କି ପ୍ରଭୁ     ଦାସୀ ପ୍ରତି ହେବା
    ଅଦୋଷେ ଏତେ ନିର୍ଦ୍ଦୟ,
ସ୍ୱଚ୍ଛୋଦ କରୁଣା—     ନିର୍ଝରୁ ଝରେ କି
    ନିରାଶ-ଆବିଳ ପୟ ।
ଅନ୍ତିମ ସମୟେ     ଇଷ୍ଟମନ୍ତ୍ର ଭୁଲେ
    ଜପି ଜପି ତୁମ୍ଭ ନାମ,
ପ୍ରାଣ ପରିହରି     ସେ ସୁକୃତି ଫଳେ
    ଲଭିବ କୈବଲ୍ୟ ଧାମ ।
ହୃଦୟ-ଉଦ୍ୟାନେ     ରୋପିଥିଲି ଏହି
    ସୁବର୍ଣ୍ଣ ଆଶା-ବଲ୍ଲରୀ,
କାଟିଦେଲ ଆହା     ସମୂଳେ ତାହାକୁ
    କାଳ ବଲ୍ମୀକି ମସ୍ତରୀ ।
ଏତେ ଦୂରେ ମନେ     ଥାଉଁ କିପାଁ କଲ
    ପ୍ରଣୟ-ଡୋରେ ବନ୍ଧନ,
ଦୁଇ ଦିନ ପାଇଁ     ସମର୍ପିଥିଲି ତ
    ଶ୍ରୀପଦେ ଜୀବନମନ ।
ବୃଥା ମଣୁଥିଲି     ପରେ ଆପଣାର
    ଉଲ୍ଲାସେ ଫୁଲାଇ ଛାତି,
ଦିନ ବୋଲି ଯାକୁ     ସ୍ୱପ୍ନେ ଦେଖୁଥିଲି
    ସେ ସିନା ଉଆଁସ ରାତି ।
ଏହା ଜାଣିଥିଲେ     ହୋଇ ନ ଥାନ୍ତି ମୁ
    ଆଶାର ପରିଚାରିକା,
ଦୂରୁ ଦେଖି ଯାକୁ     ମଣୁଥିଲି ଜଳ
    ସେ ସିନା ମୃଗତୃଷ୍ଣିକା ।
ଧୂଳିଖେଳେ ମାତି     ଭୁଲିଗଲି ଆହା
    ମୂଳ ଦୀକ୍ଷାମନ୍ତ୍ର-ବୀଜ,
ବୃଥାରେ ସିନା ମୁଁ     ଆଚରୁଣଥିଲି
    ଏ ଲଭଶୂନ୍ୟ ବଣିଜ ।

ଜୀବିତ ଜୀବନେ ହେଉଥାନ୍ତା ଯେବେ
ଗର୍ଭାସ୍ଥ ପ୍ରାଣ ସଞ୍ଚାର,
ଅଜାଣତେ ତେବେ ସମର୍ପି ଦିଅନ୍ତି
ମୁହିଁ ଏ ଜୀବନ ଛାର ।
ମୁଁ ମଲେ ମୋ ପରି ତେବେ ପରିବାରୀ
ମିଳନ୍ତେ ପ୍ରଭୁ ସ୍ୱର୍ଗରେ,
ସିନ୍ଧୁ ଅଶ୍ରୁ ସିନା ଲେଉଟନ୍ତି ସତତ
ସନ୍ତାନ ଜନ୍ମାନ୍ତରରେ ।
ହେ ମାତାକ୍ରି-ପଣ ଦୀନ ଜନ ପ୍ରତି
କିପାଇଁ ଏତେ ନିର୍ଦ୍ଦୟ,
ପୂର୍ଣ୍ଣ ନାହିଁ କଲ ତେବେ କିପାଁ ପ୍ରଭୁ
ସୃଷ୍ଟିକୁ ନାଶେ ପ୍ରଳୟ ।
ଅସି ନାହିଁ କିଛି ଏ ସଂସାରେ ମୁହିଁ
ତବ ପଦେ କରି ଅଳି,
ମତେ ଜନନୀ ହୋଇ ଦେବ କିପାଁ
ସହିଲି କଷ୍ଟ ଏଭଳି ।
ଏହି ବିଧି ପରି ସୃଜ ଦୟାନିଧି
ହୋଇଥିବ ଜଗତେ ବିଧି,
ପ୍ରତାରଣା ପାଇଁ ସ୍ୱପ୍ନେ ଅର୍ପି କିପାଁ
ଦରିଦ୍ର ହସ୍ତରେ ନିଧି ।
ଛାର ନାରୀ ହୋଇ କେମନ୍ତେ ବୁଝିବି
ଏ ତୁମ୍ଭ ଗୂଢ଼ କପଟ,
ମତେ ଅଧିକାର ଦେଇ ଶେଷେ ପୁଣି
ଲଗାଅ ଭଗାରି ହଠ ।
ଏଣୁ କେବଳ ଲଭି ସିନା ପ୍ରଭୁ
ଦୀନପ୍ରତି ହୋଇ ବାମ,
ଦୀନବନ୍ଧୁ ଆଖ୍ୟା ବଦଳେ ବହିଲ
ଦୀନ-ପ୍ରପୀଡ଼କ ନାମ ।
ସ୍ୱାମି-ଶଶୀ ଦେଖି କୁମୁଦିନୀ ପ୍ରାୟ
ଯାଉଥିଲି ସୁଖେ ଭାଳି,
କେତେ ବେଗେ ଆହା ଗ୍ରାସିଲା ସେ ସୁଖେ
ଦୁର୍ଭାଗ୍ୟ-ରାହୁ ଚଣ୍ଡାଳ ।

ଏହିପରି କାନ୍ଦି ଲୋଟୁଥିଲା ବାଳା
ଯେସନେ ଲୋଟଣି ପାରି,
ପ୍ରସ୍ରବଣ ପ୍ରାୟ ଝରୁଥାଏ ନେତ୍ର
ଅବିରଳ ଅଶ୍ରୁଧାର ।
କାନ୍ଦୁ କାନ୍ଦୁ ତାର ହୃଦୟ-ସାଗରୁ
ଉଠିଲ ଶୋକ-ଲହରୀ,
ପ୍ରବଳ ବେଗରେ ଛୁଟି ବୁଡ଼ାଇଲା
କଣ୍ଠକେ ଚେତନା-ତରୀ ।
କ୍ରମେ କ୍ରମେ ତହୁଁ ଆହମିଲେ ଆସି
ସାତ୍ତ୍ୱିକ ଶୋକ ସଙ୍ଗାତ ,
ଏହିପରି ସିନା ଦୁର୍ବଳ ପୀଡ଼ନେ
ଦକ୍ଷ ପ୍ରବଳର ହାତ ।
ସାତ୍ତ୍ୱିକ ପରଶେ ସତୀ-ଶିରୋମଣି
ଯୋଡ଼ିଲା ତଳକୁ ମଥା ,
ପ୍ରଭାତେ ମିହିର— କିରଣ ପରଶେ
ସରେ କୁମୁଦିନୀ ଯଥା ।
ଭଞ୍ଜିଦେଲା ସ୍ମୃତି ଘଣ୍ଟିକେ ମୂର୍ଚ୍ଛାର
ମଧୁର ମାଦକ ନିଶା ,
ସ୍ମୃତି, ମୂର୍ଚ୍ଛା ଦେନି ମଧ୍ୟେ ସଦାକାଳେ
ଲାଗିଛି ଭଗାରି ହିଂସା ।
ମୂର୍ଚ୍ଛା ଭୁଲେ ଆହା ଦୁଃଖୀର ସହାୟ
କେ ଅଛି ସଂସାରେ ଆଉ,
କେଉଁ ପଦକୁଷ ଲଭି ଆଣେ ସ୍ମୃତି
ସାଧେ ତାହା ସଙ୍ଗେ ତାଉ ।
ପ୍ରତିବେଶୀ ଜନେ ତୋଳି ଧରି ତଳେ
ସଲିଳ ମୁଖେ ସେଚନ,
ଶୋକକ୍ଷୟ ପାଇଁ ପ୍ରବୋଧି କହିଲେ
ମଧୁରେ ଧୀରେ ଏସନ,—
"କିପାଇଁ ମାଆ ଲୋ ଶୋକେ ଝୁରୁଅଛୁ
ଉପୁଜେ ଶୋକୁଁ ସନ୍ତାପ,
ବିତୋଷ ଶ୍ରେଣୀର ଅନ୍ତର୍ଦାହ ସିନା
ବଢ଼ାଏ ଅନଳତାପ ।

ଯେତେକ ସ୍ମରିବ ତେତେକ ବଢ଼ିବ
ଶୋଚନା, କ୍ରନ୍ଦନ, କଷ୍ଟ,
ମୂର୍ଚ୍ଛାବେଗରେ ଅବା ବିନାଶିବ ତାଙ୍କୁ
ସ୍ମୃତିର ଅମଳ ଚିତ୍ତ ।
ଅନିତ୍ୟ ସଂସାରେ ସକଳ ଅନିତ୍ୟ
ଯଥା ତଡ଼ିତ ଆଲୋକ,
ଏହା ଜାଣି ଶୁଣି କପାଇଁ ହୃଦୟେ
ପୋଷୁଅଛୁ ବୃଥା ଶୋକ ।
ଜନ୍ମିଲେ ମରଣ ନିଶ୍ଚୟ ଘଟିବ
ଏ ଅଟେ ଶାଶ୍ୱତ ପ୍ରଥା,
ଜଗତେ କାହାରି ଶକ୍ତିରେ ସେ ବିଧି
ହେବାର ନୋହେ ଅନ୍ୟଥା ।
ଆଜି ଯେ ବୀରେନ୍ଦ୍ର ବୀର୍ଯ୍ୟ ପ୍ରତାପରେ
ଠେଲମଲ୍ଲପାରେ ସ୍ଥିତ,
ନିୟତି ଶାସନେ ହେଉଛି ସେ କାଲି
ଶମନପୁରେ ଅତିଥି ।
ଯେଉଁଠାରେ ସଂଯୋଗ ସେଉଁଠାରେ ଅଲକ୍ଷ୍ୟେ
ବିୟୋଗ ଅଛି ଅବଶ୍ୟ,
ପାନ୍ଥି ପୁତ୍ରକାର ସମାନ ଯିନା ଏ
ମାୟା ସଂସାର ରହସ୍ୟ ।
ଚିରଜୀବୀ କେହି ନୁହନ୍ତି ଭବେ
କେହିହେଁ ନୁହଇ ଚିର,
ଯଥାକାଳେ ଲୀନ ହୋଇଯିବ ପଞ୍ଚ—
ଭୂତେ ଭୌତିକ ଶରୀର ।
ଯେତେବେଳେ ପ୍ରାଣୀଏ ବିଶ୍ୱାତ୍ମା ସମୀପୁଁ
ଆସିଲେ ଏହି ସଂସାରେ,
ସଂସାରେ ଜନ୍ମେଁ ସେ ଆସିଲେ ସେ କାଳେ
ଶମନର ଅଧିକାରେ ।
ଭବ-ପାରାବାରେ ମାୟା-ଭଉଁରୀରେ
ଘୂରି ଘୂରି କେତେ ଦିନ,
କର୍ମ ଅନୁସାରେ ଫଳ ଭୁଞ୍ଜି ଶେଷେ
କାଳଗର୍ଭେ ହେବେ ଲୀନ ।

ଯକ୍ଷପତି ସମ ସଙ୍ଗତସମ୍ପନ୍ନ
ରହେ ଯା ଅଙ୍ଗ ଭୂଷିତ,
ସମସ୍ତ ଗତରେ ହେବ ସେହି ଦିନେ
କାଳକୁଣ୍ଡେ କବଳିତ ।
ଭିକ୍ଷାନ୍ନ ଲାଗି କାନ୍ଧେ ଘେନି ଯେ ଭିକ୍ଷାଶୀ
ଦ୍ୱାରେ ଦ୍ୱାରେ ବୁଲେ ଯାଇ,
କାଳ ପୂର୍ଣ୍ଣ ହେଲେ ଜୀବନ ତାହାର
ଘେନିଯିବ ପ୍ରେତସାଇଁ ।
ଅନ୍ନବସ୍ତ୍ର ଦାନେ ସତ୍କାରେ ଅତିଥି
ନିତି ନିତି ଯେଉଁ କୃତୀ,
ତା ପୁଣ୍ୟ ଶରୀର ହେବ ଦିନେ ଅହୋ
ଚିତା-କୁଣ୍ଡେ ପୂର୍ଣ୍ଣାହୁତି ।
ଘୂରୁଛି ତରଳ କାଳଚକ୍ର ସଦା
ସମସ୍ତଙ୍କ ଶିରୋପରେ,
ଭବିତବ୍ୟ ଫଳ ନୋହିବ ଅନ୍ୟଥା
କଦାଚ କାହା ବଳରେ ।
ବ୍ୟର୍ଥ ବେଦନାରେ ଘାରିହେଉ କପାଁ
ନ ବୁଝି ସଂସାର ଗତି,
ବସୁର ଦେଖ ତୁ ପିତାମାତା ତବ
କାହିଁ ଛନ୍ତି ଗୁଣବନ୍ତ ?
କାହିଁ ଗଲେ ଆହା ଉତ୍କଳ-ଗୌରବ
କେଶରୀ ବଂଶ-କେଶରୀ,
ଯଯାତି, ଲଲାଟ, ମରକତ ଆଦି
ମାତୃଅଙ୍କ ଶୂନ୍ୟ କରି ।
ପବନ ଜାହ୍ନବୀ— ବଂଶ-ଅବତଂସ
ଗଙ୍ଗେଶ୍ୱର ମହୀପାଳ,
ଗଙ୍ଗା ଗୋଦାବରୀ ମଧ୍ୟେ ଉଡ଼ୁଥିଲା
ଯାହାଙ୍କ ଜୟ-ଅଞ୍ଚଳ ।
ନରେନ୍ଦ୍ର-ବାଞ୍ଛିତ ଗୁଣେ ବିଭୂଷିତ
ନୃପତି ଅନଙ୍ଗଭୀମ,
ନୀଳାଚଳ ଧାମେ ଜଗତେ ଯାହାଙ୍କ
କୀର୍ତ୍ତିଧ୍ୱଜ ଅପ୍ରତିମ ।

ଶତ୍ରୁଦର୍ପହାରୀ ବୀରେନ୍ଦ୍ରମଣ୍ଡଳୀ —
ମୁକୁଟ-ଭୂଷଣ-ହୀର
ନରସିଂହ ଦେବ, ତୋଳାଇଲେ ଯେହୁ
କୋଣାର୍କେ ଅର୍କମନ୍ଦିର ।
ଯହିଁରେ ଉତ୍କଳ— ଶିଳ୍ପୀ ଦେଖାଇଲେ
ଶିଳ୍ପବିଦ୍ୟା ଶ୍ରେଷ୍ଠସୀମା,
ସ୍ମରିତାଳେ ଉଣା ଥିଲା କି ତାହିଁରେ
ଉତ୍କଳମାତା-ମହିମା ।
ଖସିଯାଇଅଛି କାଳସ୍ରୋତେ ବହୁ—
କିନ୍ତୁ ସେ ମନ୍ଦିର ସତ୍ତା,
ଭଗ୍ନ ମୁଖଶାଳା ଦେଖାଉଛି ଏବେ
ପାନ୍ଥେ ଭବ-ନଶ୍ୱରତା ।
ବୈଷ୍ଣବଧର୍ମର ପ୍ରଶ୍ରୟଦାତା
ପ୍ରତାପୀ ପ୍ରତାପରୁଦ୍ର,
ବୈଷ୍ଣବୀ ଭକ୍ତିରେ ସମ ଏତା ଯାଙ୍କୁ
ପରମ ବୈଷ୍ଣବ ରୁଦ୍ର ।
ଯାହାଙ୍କ ଆଜ୍ଞାରେ ବୈତରଣୀ ବକ୍ଷେ
ମନ୍ଦିର ହେଲା ପ୍ରସ୍ତୁତ,
ଯେ ମନ୍ଦିରେ ମୃଦେ ବସନ୍ତ ଅଦ୍ୟାପି
ବସୁହରୂପୀ ଅଚ୍ୟୁତ ।
ଶ୍ରୀମୁକୁନ୍ଦ ଦେବ ଉତ୍କଳ ଖଣ୍ଡର
ଶେଷ ସ୍ୱାଧୀନ ସମ୍ରାଟ,
ବଙ୍ଗେ ଯାହାଙ୍କର ମୂର୍ତ୍ତିମନ୍ତ କୀର୍ତ୍ତି
ବସ୍ତ୍ରକେ ତ୍ରିବେଣୀ ଘାଟ ।
ଏହିପରି କେତେ ମହାତ୍ମାଏ ଗଲେ
କାଳ ତରଙ୍ଗରେ ମିଶି,
ଗତଜୀବ ଲାଗି ବୃଥା କାହିଁ ସତ
ଶୋକ କର ଦିବାନିଶି ।

ସ୍ରୋତେ ବୁଇ ଖଣ୍ଡି କାଷ୍ଠ ଭାସି ଆସି
ମିଶିଯାଏ ଅକସ୍ମାତ,
ମୁହୂର୍ତ୍ତକ ପରେ ଅଲଗା ତାହାକୁ
କରିଦିଏ ପୁଣି ବାତ ।
ଏହିପରି ପିତା ଭ୍ରାତା ବନ୍ଧୁ ସର୍ବ—
ପରିଜନ ସମାଗମ,
ଅହୋ କି ଅଦ୍ଭୁତ ଏହା ଜାଣି ପ୍ରାଣି—
ହୃଦୁ ନ ଛୁଟଇ ଭ୍ରମ ।
ଜନନୀ ପିଅର .ପତ୍ନୀପୁତ୍ର ପୁଣି
ଆଉ ଯେତେ ପରିବାର,
ମନେ ବିଚାରିଣ ଦେଖ ସୁଲୋଚନେ
ନୁହନ୍ତି କେହି ତାହାର ।
କ୍ଷଣିକ ସଂଯୋଗ ସଦା ବିଚ୍ଛିନ୍ନତା
ତାହାକୁ ନାହିଁ ଅଜଣା,
ତଥାପି ମାନବେ ସଂସାର କୁହୁକେ
ପଡ଼ି ହେଉଛନ୍ତି ବଣା ।
କେ ତାହାର ପତି କେ ତାହାର କନ୍ୟା
କେ ପୁଣି ତାହା ତନୟ,
ପଥିକ ପରାଏ ଭବପାନ୍ଥଧାମେ
ପରେ ପରେ ପରିଚୟ ।
ଆପଣା ଶରୀର ରଖିବାକୁ ମଧ୍ୟ
ନାହିଁ ଶକ୍ତି ଆପଣାର,
ପର ଲାଗି କେବେ ଶିରେ ବହ କାହିଁ
ବ୍ୟର୍ଥ ଯନ୍ତ୍ରଣାର ଭାର ।
ଶୋକ ପରିହରି ଧୈର୍ଯ୍ୟ ଅବଲମ୍ବି
ସୁନିଶ୍ଚଳ କର ମତି,
ବୃଥା ଶୋକେ ଆଉ ଗତ ଆତ୍ମା ନାହିଁ
ବାହୁଡ଼ି ଆସିବ ସତି !

# ଚତୁର୍ଥ ସର୍ଗ

ଏହିପରି କେତେ ରୂପେ ପ୍ରବୋଧିଲେ
ଜ୍ଞାତପ୍ରତିବେଶିଗଣ,
କିନ୍ତୁ ସେ ସକଳ ପ୍ରୟାସ ତାଙ୍କର
ହେଲା ମାତ୍ର ଅକାରଣ ।
ଜ୍ଞାନ-ଅସ୍ତ୍ରେ ବାଳା ଭବ-ବନ୍ଧନକୁ
ହେଳେ ପକାଇଲା କାଟି,
ପୂର୍ବେ ସୁନା ବୋଲି ମଣୁଥିଲା ଯାକୁ
ଏବେ ସେ ଦିଶିଲା ମାଟି ।
ଯେ କୁମରେ ଥିଲେ ନ ଦେଖିଲେ ମଣେ
ଦଶଦିଗ ଅନ୍ଧକାର,
ଅଲକ୍ଷ୍ୟେ ତାଠାରୁ ବାତ୍ସଲ୍ୟ ମମତା
କରିନେଲା ପ୍ରତ୍ୟାହାର ।
ସ୍ମୃତି-ମୁକୁରେ ଦେଖିଣ ସମ୍ମୁଖେ
ନଶ୍ୱରତା ପ୍ରତିଚ୍ଛାୟା,
ହୃଦଗତେ ବାଳା ଜାଣିଲା ଏସନ
ଉପେକ୍ଷି ସକଳ ମାୟା ।
ବୃଥା ସିନା ମୁହିଁ ଶୋକେ ଝୁରି ଝୁରି
ବଢ଼ାଉଛି ମୋହଜ୍ୱର,
ଶୋକ-ସ୍ରୋତ ଆସେ ଯେ ତାହିଁ ଭରିଛି
ଭବ-ମହାଅକୂପାର ।
କର୍ମମୟ ଭବ କର୍ମକ୍ଷେତ୍ର ସିନା
ନିଖିଳ ପ୍ରାଣିକୁଳର,
ଚିର ବିଶ୍ରାମର ଆଶ୍ରମ ବୋଲିଣ
ମଣେ ତାକୁ ଭ୍ରାନ୍ତ ନର ।
ସନ୍ତାପିତ ପ୍ରାଣ ଭବ ଉଷ୍ମତରେ
ହେବାର ନୁହେଁ ଶୀତଳ,
ଶମଇ ସିନା ତା ନତ୍ୟଧାମଧର୍ମ—
ଶଶଦ ବାରି କେବଳ ।
ନିରଙ୍କୁଶ ଆଶା— ପିପାସା ତ କେବେ
ନୁହଇ ମନୁ ନିବାରି,
ଯେତେ ନିବାରିଲେ ପଛୁ ଧରି ମାୟା
ଅଲକ୍ଷ୍ୟେ ନଏ ଓଟାରି ।
ଇହପରକାଳେ ପତିପଦସେବା
ନାରୀର ପରମ ଧର୍ମ,
ପତିହୀନା ହୋଇ ବୃଥା ପ୍ରାଣ ଧରି
ଅରଜିବ କେଉଁ କର୍ମ ।
ପତି ମୋର ପ୍ରାଣ ପତି ମୋର ଧ୍ୟାନ
ପତି ମୋ ଜ୍ଞାନ ମୂରତି,
ପତି ଇହକାଳ ପତି ପରକାଳ
ପତି ମୋ ପରମ ଗତି ।
ପତିସେବା ପାଇଁ ଯିବ ପରଲୋକେ
ତାଙ୍କ ପଦ ଅନୁସରି,
ଘଟିଲା ତାହାଙ୍କ ଭାଗ୍ୟେ ଯେଉଁ ଦଶା
ସେ ଦଶା ଧ୍ରୁବ ମୋହରି ।
ଅସାର ସଂସାର ସୁଖ ପ୍ରତି ତିଳେ
ନାହିଁ ଆଉ ମୋର ମାୟା,
ସୁଖ ବୋଲି ଯାକୁ ବୋଲନ୍ତି ସେ ସିନା
ଦୁଃଖର ଦାରୁଣ ଛାୟା ।
ଦୟିତ ହରାଇ ପ୍ରାଣରଙ୍କ ହେବ
ସେ ସୁଖରେ କେଉଁ ଫଳ,
ଘନଧାରାପାୟୀ ଚାତକୀ କେବେ
ଲୋଡ଼େ କି ପଲ୍ୱଳ ଜଳ ।
ଆଜି ମଧ୍ୟାହ୍ନରେ ଖେଳୁଥିଲା ମୋର
ପୁରେ ଆନନ୍ଦ-କଲ୍ଲୋଳ,
ଦିନାନ୍ତେ ସେ ପୁରୁ ଉଠୁଅଛୁ ଆହା
ଶୋକର କରୁଣ ରୋଳ ।
ଏହିପରି ଦଗ୍ଧ କ୍ଷଣସ୍ଥାୟୀ ସୁଖେ
ପରିପୂର୍ଣ୍ଣ ଭୂମଣ୍ଡଳ,
ସୁଧା ବୋଲି ତାକୁ ଭ୍ରମେ ମଣେ ନର
କିନ୍ତୁ ସେ ତୀବ୍ର ଗରଳ ।

ପଣ୍ଡିତମାନେ   ଏ ବିଶ୍ୱ ଭୁବନ
କେବଳ ମିଥ୍ୟା କଳ୍ପନା,
ନାସ୍ତିତ୍ୱେ ଅସ୍ତିତ୍ୱ   ଆରୋପଣ ସିନା
ମାୟାର ଖାଲି ଛଳନା ।
ଆକାଶର ବର୍ଣ୍ଣ   ନ ଥିଲେହେଁ ତାହା
ଦିଶେ ଯଥା ଗାଢ଼ ନୀଳ,
ସେରୂପେ ଅରୂପ   ହୋଇ ରୂପବନ୍ତ
ଦିଶେ ଏ ଭବ ଅଖିଳ ।
ଅନିତ୍ୟ ସଂସାରେ   ନିତ୍ୟସୁଖ ଯେହୁ
କରୁଥାନ୍ତି ଅନ୍ୱେଷଣ,
ଜଳଭ୍ରମେ ସିନା   କରନ୍ତି ସେ ମୂଢ଼
ମୃଗତୃଷ୍ଣାରେ ସନ୍ତରଣ ।
ନାହିଁ ଯେ ସ୍ଥାନରେ ଦ୍ୱେଷ, ହିଂସା, ବ୍ୟାଧି,
ଜରା, ମୃତ୍ୟୁ, ଶୋକ, ଭୟ,
ମାନବାତ୍ମା ତହିଁ   ଲଭଇ ବିଲୟ
ସେହି ସ୍ଥାନ ସୁଖମୟ ।
ଗୃହୁଁ ଗୃହୁଁ ଆସି   ଭୋଗ ହୋଇଗଲା
ଯାମିନୀ ପ୍ରଥମ ଯାମ
ଦିବସ ଚହଳ   ଜନ-କୋଳାହଳ
ଲଭୁଛନ୍ତି କ୍ରମେ ବିରାମ ।
ଶୁଭିଲା ଚୌଦିଗେ   ନିଶି-ଯାମଘୋଷୀ
ଫେରବ ଭୈରବ ରବ,
ଲୁହାଟିଲେ କବା   ରଜନୀ-ରାଣୀଙ୍କ
ପ୍ରହରୀବର୍ଗ ସବ ।
ତରୁଶାଖେ ବସି   ଡେଣା ଝାଡ଼ି ଝାଡ଼ି
ରଡ଼ିଲେ ଉଲୂକ କୌଶିକେ,
ଯାମିନୀ-ଝିଣ୍ଟିଆ   ପର ଝୁଣ୍ଟୁଝୁଣ୍ଟୁ
ନିଃସ୍ୱନେ ସ୍ୱନିଲେ ଝିଙ୍କେ ।
ସଧୀରେ ଶୀତଳ   ସମୀର ସଞ୍ଚରେ
ପୁଷ୍ପ ପରିମଳ ହରି,
ଏହିରୂପେ ବଳେ   ହରଇ ସିନା
ଦୁର୍ବଳ ଜନର ମସ୍ତରୀ ।

ବୃହଦ୍ଦୀପ ପ୍ରାୟେ   ଜଳୁଛନ୍ତି ନଭେ
ତାରକାର ନିକର,
କୋଟି ନେତ୍ର ଫେଡ଼ି   ଦେଖୁଛନ୍ତି ପରା
ଅମରେ ମର୍ତ୍ତ୍ୟ ବେଭାର ।
କେତେ ବୁଡ଼ୁଛନ୍ତି   କେତେ ଉଠୁଛନ୍ତି
ଲଭନ୍ତି କେତେ ବିଲୟ,
ଭବ ହୃଦୟରେ   ଉଠିଥାଏ ଯଥା
ଭାବରାଶି ଅଲକ୍ଷ୍ୟ ।
ନୀରବତା ବୃକ୍ଷି   ସଙ୍ଗେ ସାଇଁ ସାଇଁ
ଗମ୍ଭୀରେ ଡାକେ ଆକାଶ,
ପଦ୍ମ-ତରଙ୍ଗିଣୀ   କମଳିନୀ ଅବା,
ଛାଡ଼େ ଶୋକ ଦୀର୍ଘଶ୍ୱାସ ।
ଗଭୀର ଅନ୍ଧାର   ଗର୍ଭେ ବୁଡ଼ିଗଲା
ଜଳ ସ୍ଥଳ ମହୀରୁହ,
ଥାଉ ଆନ ସେହି   ନିବିଡ଼ ତାମସେ
ନ ଦିଶେ ମୁହଁକୁ ମୁହଁ ।
ଶସ୍ୟ-ସୁଶ୍ୟାମଳା   ଧରଣୀ-ରାଣୀଙ୍କ
ଦିବାକର ଅଦର୍ଶନେ,
ଢାଙ୍କିଛନ୍ତି ଦେହ   ଶୋକଚିହ୍ନବ୍ୟଞ୍ଜୀ
ମଳିନ କୃଷ୍ଣ ବସନେ ।
ଜ୍ୱାଳାମୁଖୀ ଶିବା   ନଦୀକୂଳେ, ବନେ,
ପ୍ରାନ୍ତରେ ଜାଳିଲେ ନିଆଁ,
ଯା ଦେଖି ଡାଆଣୀ   ଆଲୁଅ ଭ୍ରମରେ
ଡରେ ଥରେ ପାଳୁହୁଆ ।
ଖଦ୍ୟୋତପଂକ୍ତି   ଅଙ୍କିଯାଉଛନ୍ତି
ଗଗନେ ଆଲୋକ ରେଖା,
ଘୋର ନିରାଶାରେ   ଭଗ୍ନ ଆଶା ଯଥା
ଦିଏ କ୍ଷଣେ କ୍ଷଣେ ଦେଖା ।
ଆସ୍ଥ ଅନୁକୂଳା   ରଜନୀକୁ ଜାଣି
କବା ସେ ହରଷଭରେ,
ସୁବର୍ଣ୍ଣ ତାଳରେ   ଲେଖନ୍ତି ତା ମହିମା
ନକ୍ଷତ୍ରରୂପୀ ଡାକବରେ ।

ଗୃଧ୍ରସ୍ଥାନ ତେଜି    ବୁଲୁଥିଲେ କ୍ଷୁଧାର୍ତ୍ତ
ସ୍ୱନିଚର ଜୀବଗଣ,
ପ୍ରବଳ ଜନ୍ତୁଏ    ଦୁର୍ବଳେ ଅନ୍ୱେଷି
କଲେ ବ୍ୟଗ୍ରେ ଆକ୍ରମଣ ।
ଦଣ୍ଡେ ଦଣ୍ଡେ    ଆକ୍ରାନ୍ତ ଜୀବର
ଶୁଭେ କରୁଣ ଚିତ୍କାର
ପ୍ରବଳ ଦୁର୍ବଳ    ଘୋର ସଂଘର୍ଷଣେ
ପୂର୍ଣ୍ଣ ଥିଲା ଏ ସଂସାର ।
ଏ କାଳେ କାନ୍ଧଏ    ଆଚ୍ଛାଦିଣ ଶବେ
ଶୁଆଇ କୁଣପ ରଥେ,
କାନ୍ଧେ ଘେନି ତାହା    ହରିଧ୍ୱନି କରି
ଗମିଲେ ଶ୍ମଶାନ ପଥେ ।
ବିହ୍ନିଭ ହସ୍ତରେ    ଘେନିଲେ ଉଣ୍ଡାଏ
ଆଗେ ଆଗେ ତେନି ପାଶେ,
ଅପର କାନ୍ଧଏ    ଘେନିଛନ୍ତି ପଛେ
କାନ୍ଦି କାନ୍ଦି ଶୋକୋଚ୍ଛ୍ୱାସେ ।
କିଛିକ୍ଷଣ ପରେ    ଶବବାହୀ ଜନେ
ଶ୍ମଶାନେ ଶବଶିବିକା,
ଓହ୍ଲାଇ ଥୋଇଲେ    ମହାଶୋକେ ନେତ୍ର
ବରଷି ଅଶ୍ରୁକଣିକା ।
ଜୁଇଗାତ ଖୋଳି    ଚନ୍ଦନାଦି ଗନ୍ଧ
କାଷ୍ଠେ ସଜାଇଲେ ଚିତା,
ସ୍ନାନାନ୍ତେ ଶବକୁ    ପିନ୍ଧାଇଲେ ଆଣି
ନୂତନ ବସ୍ତ୍ର ପଇତା ।
ବର ପ୍ରାୟେ ତାହା    ଶରୀରେ ଚନ୍ଦନ
ବୋଳିଦେଲେ ବହୁଳରେ,
ଶୁଭ୍ର ଉତ୍ତରୀୟ    ଶୁଭ୍ର ପୁଷ୍ପହାର
ଲମ୍ବାଇଲେ ଗଳେ ଖରେ ।
ଝଟକେ ଉଠିଲା    ଗଭୀର ଶରୀର
ଜୀବିତ ଜନ ପ୍ରକାର,
ଛନ୍ତିଯାଇଅଛି    ଖାଲି ଥିଲା ଏକା
କଣ୍ଠ-ବୀଣାବାଦ୍ୟ-ତାର ।

ଅଗ୍ନି ପ୍ରଦକ୍ଷିଣ    କରାଇଣ ଶବେ
ଥୋଇଲେ ଚିତା ଉପରେ,
ଚଡ଼ ଚଡ଼ ଶବ୍ଦ    ସ୍ଫୁଲିଙ୍ଗ ହୁତାଶନ
ଉଠିଲା ଜଳ ପ୍ରଖରେ ।
ଏସନ ସମୟେ    ସତୀ ଶଶିପ୍ରଭା
ହେବାପାଇଁ ସହମୃତା,
ଦ୍ରୁତ ପଦକ୍ଷେପେ    ଶ୍ମଶାନାଭିମୁଖେ
ହେଲା ପ୍ରସ୍ତୁତ ବହିଷ୍କୃତା ।
ଅନ୍ଧକାର ଭେଦି    ସ୍ଥଳି ଅଛି ତାଳ
ସାଧ୍ୱସଶୂନ୍ୟ ଅନ୍ତରେ,
ଉଜ୍ଜ୍ୱଳ ଉଠୁଛି    ଗନ୍ତବ୍ୟ ସରଣୀ
ରୁପ ପ୍ରଭାତଛଟରେ ।
ଖେଳିଯାଉଛି କି    ତପ୍ତ-ଶୋଣିତଣୀ
ଘନଡୋଳେ ଘନଦାସ୍ତ,
ଅବା ବାତ୍ୟନଥି    ମିଳୋରସେ ବହେ
ତାଣ୍ଡବ ଅନଳଧାର୍ ।
ପଣ୍ଡ ସହଗତା    ହେବେ ଶଶିପ୍ରଭା
ଶୁଣି ଏହା ନାଗରିକେ,
ସେ ଅଦ୍ଭୁତ ଦୃଶ୍ୟ    ଦର୍ଶନ ଆଶୟେ
ଧାଇଁଲେ ଶ୍ମଶାନାନ୍ତିକେ ।
ଉଲ୍ଲଣ୍ଠିତ ହୃଦେ    ଧାଇଁଛନ୍ତି ସର୍ବେ
ବାଳବୃଦ୍ଧ ଯୁବାନାରୀ,
ଅନ୍ଧକାରେ ପଥ    ଗୁଳିବାକୁ ଆଜ
ନ ହୁଏ ଭୟ କାହାରି ।
କହୁ କହୁ ଯାନ୍ତି    ବାଷ୍ପାକୁଳ କଣ୍ଠେ
ଆହା ମାତଃ ଶଶିପ୍ରଭେ,
ସତେ ପଣ୍ଡ ସଙ୍ଗେ    ଗୁଳିଯିବ କି ମା
ଛାଡ଼ି ଏ ପଡ଼ୋଶୀସର୍ବେ ।
ଗ୍ରାମଲକ୍ଷ୍ମୀ ତୁମ୍ଭେ    ଥିଲ ଏ ଗ୍ରାମର
ଛାଡ଼ିଯିବ ଯେବେ ମାତଃ,
ଖୋଜି ଖୋଜି କିଏ    ଭୁଞ୍ଜାଇବ ଅନ୍ନ
ଦୀନ ଦରିଦ୍ର ଅନାଥ ।

ଏ ଗ୍ରାମ ଗୋଷ୍ଠୀରେ ଜାଏ ନୁହେଁ ମା ଗୋ
ତୁମ୍ଭ ଗୁଣ-ଧନେ ଋଣୀ,
ଏ ଜନ୍ମରୁଁ ଦେବ ! ହାଣି ହୁଏ ହୃଦ
ତୁମ୍ଭ ମହାଯାତ୍ରା ଶୁଣି ।
ଏସନ ପ୍ରଳପି ଧାଇଁ ଚଳନ୍ତି ସର୍ବେ
ନିର୍ଭୟେ ଶ୍ମଶାନ ଆଡ଼େ,
ଉତ୍କଣ୍ଠା ଯା ହୃଦ ଅଧିକାର କରେ
ଭୟ ତାକୁ ବାଟ ଛାଡ଼େ ।
କିଛିକ୍ଷଣ ପରେ ଶ୍ମଶାନେ ପ୍ରବେଶି
ଶଶିପ୍ରଭା ସୁଲକ୍ଷଣା,
ଦାନଯୋଗ୍ୟ ଦୀନ ଦ୍ୱିଜେ ଦାନ କଲା
ଦେହରୁ ଫେଡ଼ି ଗହଣା ।
ସ୍ୱଚ୍ଛ ପୟସ୍ୱିନୀ ସାଳନ୍ଦୀ ସଲିଳେ
ଅବଗାହି ଆର୍ଦ୍ର ବାସେ,
ଭକ୍ତି ହୋଇ ଯୁକ୍ତ- କରେ ସ୍ତବ କଲା
ଅଗ୍ନିଦେବେ ଚିତା ପାଶେ ।
"ନମୋ ବାୟୁସଖା ପ୍ରଚଣ୍ଡ ତେଜସ୍ୱୀ
ନମସ୍ତେ ଛାଗବାହନ,
ନମୋ ସର୍ବଭକ୍ଷ ନମୋ ଧୂମଧ୍ୱଜ
ନମ ସ୍ୱାହା-ପ୍ରାଣଧନ ।
ତମୋଗୁଣଧାରୀ ଅଟ ଦେବ ତୁମ୍ଭେ
ସର୍ବଦେବତାଙ୍କ ମୁଖ,
ତବ ମୁଖେ ହବି ଦେଲେ ଦେବତାଏ
ଲଭନ୍ତି ପରମ ସୁଖ ।
ସକଳ ପଦାର୍ଥେ ବିଦ୍ୟମାନ ତୁମ୍ଭେ
କି ସ୍ଥାବର କି ଜଙ୍ଗମ,
ତବ ସ୍ପର୍ଶେ ପୂତ ହୁଅନ୍ତି ସକଳେ
ଶକ୍ତି ତବ ଅନୁପମ ।
ଏତିକି ମାଗୁଣି ଶ୍ରୀପଦେ ଦାସୀର
ପ୍ରକାଶି ସୁ-ଅନୁଗ୍ରହ,
ପବିତ୍ର କର ମୋ ଆତ୍ମାକୁ ପାବକ,
ମୋ ବଲ୍ଲଭ ଆତ୍ମା ସହ ।

ବିଶ୍ୱାତ୍ମା ଶ୍ରୀପଦେ ମିଶିଯାଉଁ ଆମ୍ଭ
ଦମ୍ପତି ଆତ୍ମାଯୁଗଳ,
ମିଶିଯାଏ ଯଥା ତୁମ୍ଭ ବିଶ୍ୱରୂପେ
ଅପର ପ୍ରଭା ସକଳ ।"
ଏହିରୂପେ ବାଳା ସ୍ତବି ବୈଶ୍ୱାନରେ
ଗୃହଁ ସମବେତ ଜନେ
ନମସ୍କାର କରି ଭାଷିଲା ଏସନ
ବିନୟମିଶା ବଚନେ,—
"ରଖିଥିବ ମନେ ଦୁଃଖିନୀକୁ ସର୍ବେ
ମାଗୁଛି ଚିର ମେଲାଣି,
ଦୋଷ ଥିଲେ କ୍ଷମା ଆଚରିବ ଚିତ୍ତେ
କ୍ଷମାପାତ୍ରୀ ମୋତେ ଜାଣି ।
ଲାଗିଲା ତୁମ୍ଭଙ୍କୁ ଅନନ୍ତ ମୋହର
ନୟନାନନ୍ଦବର୍ଦ୍ଧନ,
ମୋ ପ୍ରତି ଯେ ସ୍ନେହ ଥିଲା ସେହି ସ୍ନେହେ
କରିବ ତାକୁ ପାଳନ ।"
ଶୁଣିଣ ଅନନ୍ତ ମାତାଙ୍କର ଏହି
ସସ୍ନେହ କରୁଣାବାଣୀ;
ଅସହ୍ୟ ଖେଦରେ ବହାଇଲା ନେତ୍ରୁ
ଦ୍ୱିଗୁଣ ତପତ ପାଣି ।
ଅବିସ୍ମୃତ ମାତୃ— ସ୍ନେହ ଗତ ସ୍ମୃତି
କ୍ଷୁଣ୍ଣାଇଣ ଧୈର୍ଯ୍ୟଶକ୍ତି,
ପ୍ରବଳ ବେଗରେ ହୃଦ-ସରୋବରେ
ପକାଇଲା ତାର ମନ୍ଥି ।
କହିବାକୁ କଷ୍ଟ ଇଚ୍ଛିଲା ଅନନ୍ତ
ମାତ୍ର ନ ପାରିଲା କହି,
ସହସ୍ର ଫଣାରେ ମର୍ମସ୍ଥଳେ ତାର
ଦଂଶିଲାକ ଶୋକ-ଅହି ।
ବିକଳ ଉଦ୍ୟମ ଚୁଳେ ଗଲେ ତାର
ପଡ଼ିଲା ବିଷାଦ ରେଖା,
ବୈଚିତ୍ର୍ୟ-ପିଶାଚ ନୀରବ ଲୁହାଟି
କରିଦେଲା ତାକୁ ଭେକା ।

ଏଣେ ଶଶିପ୍ରଭା ସତୀ-ଶିର-ଗଭା
କରି ଚିତା ପ୍ରଦକ୍ଷିଣ,
ସଚନ୍ଦନ ପୁଷ୍ପ ଅଞ୍ଜଳି ଅଞ୍ଜଳି
ଅନଳେ ଦେଲେ ଅର୍ପିଣ ।
ନମସ୍କାର କରି ନାରାୟଣ ନାମ
ଉଚ୍ଚାରିଣ ବାରମ୍ବାର,
ଚିତା ମଧ୍ୟେ ଯାଇ ସ୍ୱାମି-ପଦପ୍ରାନ୍ତେ
ବସିଲେ ରମଣୀସାର ।
ସମବେତ ଜନେ ଉଚ୍ଚେ ଉଚ୍ଚାରିଲେ
ହରିବୋଲ ହୁଳହୁଳି,
ଦିଗ ବିଦିଗରେ ପ୍ରତିଧ୍ୱନି ତାର
ଉଠିଲା ଘନେ ଉଚ୍ଛୁଳି ।
ଢାଳିଦେଲେ ଘଡ଼ା ଘଡ଼ା ଗବ୍ୟଘୃତ
ଚିତାକୁଣ୍ଡେ ପରିଜନେ,
ପ୍ରଜ୍ୱଳି ଉଠିଲା ପ୍ରଖରେ ଅନଳ
ଗରଜି ଘୋର ଗର୍ଜନେ ।
ଅନଳ ପରଶେ ଉଜ୍ଜ୍ୱଳି ଉଠିଲେ
ସେ ଦେନି ଦମ୍ପତି ତନୁ,
ସୁବର୍ଣ୍ଣ ମଞ୍ଚରେ ବିରାଜନ୍ତି କିବା
ରତି ସଙ୍ଗେ ଫୁଲଧନୁ ।
ଅବା ବସିଛନ୍ତି ହେମ-ବେଦିକାରେ
ବରକନ୍ୟା ଦୁଇ ଜଣ,
ହୋଇ ଅଛି ଅଗ୍ନି— ଶିଖା ଦେନିଙ୍କର
ମୁକୁଟ ଶିରୋଭୂଷଣ ।
ବିବାହ ବନ୍ଦନ ମନ୍ତ୍ର ହେଲା ତହିଁ
ହରିବୋଲ ହୁଳହୁଳି,
ଛାୟାମଣ୍ଡପ ସେ ଚିତା ପରେ ଯେଉଁ
ଧୂମ୍ରେ ପଡ଼ିଥିଲେ ଝୁଲି ।
କର୍ପୂର ଗୁଗ୍ଗୁଳ ଚିତାକୁଣ୍ଡେ ଯାହା
ହେଲା ସପୁଷ୍ପ ଅର୍ପିତ,
ବରକନ୍ୟା ଶିରେ ଦୁର୍ବାକ୍ଷତ ଅବା
ନିକ୍ଷେପନ୍ତି ପୁରୋହିତ ।

ସ୍ୱଭାବେ ଅନଳ ସର୍ବଗ୍ରାସୀ ପୁଣି
ପାଇଣ ଘୃତ ଅଶନ,
ଆଘାତିତ ସର୍ପ ପ୍ରାୟେ ଗର୍ଜିଉଠି
ହେଲା ବେଗରେ ଉର୍ଦ୍ଧ୍ୱ ଫଣ ।
ମନ୍ଦାର-ସିନ୍ଦୂର— ବର୍ଣ୍ଣିକତ ଜିହ୍ୱା
ଲହଲହି ଚିତାନଳ,
ମୁହୂର୍ତ୍ତ ମଧ୍ୟରେ ଭସ୍ମସାତ କଲା
ସେ କାୟାପିଣ୍ଡ ଯୁଗଳ ।
ଘଡ଼ିକ ପୂର୍ବରେ ବପୁଷ୍ମନ୍ତ ଯେହୁ
ଥିଲେ କା ଜାଣି କିଏ ସେ,
ପରିଣତ ହେବ ଏତେ ବେଗେ ସେହୁ
ମୁଠାଏ ପାଉଁଶେ ଶେଷେ ।
କାହିଁ ଶଶିପ୍ରଭା କାହିଁ ପୀତାମ୍ବର
କାହିଁ ଦେହି କେଣେ ନାହିଁ,
କ୍ଷଣକ ମଧ୍ୟରେ ଇନ୍ଦ୍ରଜାଲ ପ୍ରାୟ
ଗଲେ ସେ କାହିଁ ମିଳାଇ ।
ଦେଖଣାହାରିଏ ଦଳ ଦଳ ହୋଇ
ବାହୁଡ଼ିଲେ ଗୃହମୁଖେ ।
ଯାତ୍ରା ଭାଙ୍ଗିଗଲେ ଯାତ୍ରାକାରୀ ଯଥା
ବାହୁଡ଼ନ୍ତି ମନୋଦୁଃଖେ ।
ଚାଲିଛନ୍ତି ସର୍ବେ କହି କହି କଥା
ହୃଦୟରେ ବହି ବ୍ୟଥା,
ସତୀ, ସତୀପତି କଥା ଛାଡ଼ି ନାହିଁ
କାହା ମୁଖେ ଆନ କଥା ।
କେହି କହେ ଧନ୍ୟ ଧନ୍ୟ ସେ ଦମ୍ପତି
ନରକୁଳ-ଅଳଙ୍କାର,
ତାଙ୍କ ପରି ଆଉ ଆଦର୍ଶ ଦମ୍ପତି
ଘଟିବ ଭାଗ୍ୟେ କାହାର ।
କେହି କହେ ଶାପ— ଭ୍ରଷ୍ଟ ଦେବତା ସେ
ଜନ୍ମିଥିଲେ ମହୀଦେଶେ,
ଦେହ ଛାଡ଼ି ସ୍ୱର୍ଗେ ଚାଲିଗଲେ ଦେନି
ଅଭିଶାପ ଭୋଗ ଶେଷେ ।

ତେଣୁ ଅବା ତନ୍ତ୍ରେ ସ୍ୱେ ଦେଶଙ୍କ ଧର୍ମ,
ନଗ୍ରପଦେ ଥିଲା ଗ୍ରାମ,
ଯେତେ ଦିନ ଯାଏଁ ଜୀଇଥିବା ସର୍ବେ
ଘୋଷୁଥିବା ତାଙ୍କ ନାମ ।
ତେଣୁ ତନ୍ତ୍ରେ ତାଙ୍କ ସଦ୍ଗୁଣ ସୁମରି
ଦୁଃଖେ ଫାଟିଯାଏ ଛାତି,
ଧର୍ମମୂର୍ତ୍ତୀ ନର ଜାଣଇ ଏପରି
ଜୀବନ୍ତେ ମୃତେ ସୁଖ୍ୟାତି ।
ଶବଦାହ କ୍ରିୟା ସରିଲା ବେଳକୁ
ପାହି ଆସିଥିଲା ନିଶି,
ପ୍ରାଚୀ-ମଥାମଣି ପ୍ରଭାତ ତାରକା
ଆସିଲା ମଳିନ ଦିଶି ।
ନଭେ କପାଖେଳ ଦୋଳିଲା ପରାଏ
ଲାଗିଅଛି ଜଳଧର,
ସ୍ୱର୍ଗଙ୍ଗା ବନ୍ୟା କି ଛାଡିଯାଇ ବିଶେ
ବନ୍ଧୁର ବାଲୁକାସ୍ତର ।
ଅବା ବସ୍ତ୍ର-ପଙ୍କେ ବସିଯାଇଥିଲା
ସମୁଦ୍ର ଫେନ ବହୁଳେ,
ଚକଟି ଦେଇ ବା ଯାଇଛନ୍ତି ତାକୁ
ଦେବାସୁରୀ ମୃଗଦଳେ ।
ମେଘେ ମେଘ ଯୋଡି ଦେଲେ ହାତୀ ଘୋଡ଼ା
ସୃଜିଅଛି ପବମାନ,
ତାହିଁ ବୃକ୍ଷ, ଲତା, ନର, ପକ୍ଷୀ, ନଦୀ
ତଡ଼ାଗ, ଗୃହ, ବିମାନ ।

ପଲ୍ଲବରେ ଲୁଇଁ ଚେଉଁ ଅନୁଦେଶ୍ୟ
ଦେଶେ ଗମନ୍ତି ସକଳେ,
ଖ୍ରିବଲେ ଏ ତତ୍ତ୍ୱ ମିଳେ ନାହିଁ କିଛି
ଖ୍ରିବନାକୁ ଭାବ୍ନା ବଳେ ।
ଛାଡି ଛାଡି ଯାଏ ଅନ୍ଧାର, ପଡ଼ଇ
ପାଦପ ପତ୍ରୁ ତୁଷାର,
କାନ୍ଦି କାନ୍ଦି ସତେ ପଳାଉଛନ୍ତି କି
ହରାଇ ସ୍ୱ-ଅଧିକାର ।
ନିଶା ଅବସାନେ ଜାଣି ପଲ ପଲ
ସ୍ୱସ୍ଥାନେ ଯାଆନ୍ତି ଉଡି,
ମୃଗେ ନଖେ ଫଳ ସ୍ମୃଦ୍ଧଦେଶେ ପୁଣି
ଶାବକେ ଧରି ବାହୁଡି ।
ଏହି କାଳେ ସିଞ୍ଚି ଗଙ୍ଗୋଦକ ସମ
ସାଲନ୍ଦୀ ଶୀତଳ ଜଳ,
ଶବଦାହୀ ବୃନ୍ଦେ ଅନନ୍ତଙ୍କ ସଙ୍ଗେ
ନିଭାଇଲେ ଚିତାନଳ ।
ବାହୁଡିଲେ ଘେନି ସଭକେ ଅନନ୍ତେ
ଶୋକରେ ନୁଆଇଁ ମଥା,
ବିସର୍ଜନ ଅନ୍ତେ ଜଳଶାୟୀ କରି
ପ୍ରତିମା ପୂଜକ ଯଥା ।
ଅଦ୍ୟାପି ବସ୍ତିକେ ସେହି ଚିତାକୁଣ୍ଡ
ନଦୀତୀରେ ଆମ୍ରବନେ,
ସେହି ଦିନୁ ତାକୁ ସତୀକୁଣ୍ଡ ବୋଲି
କହନ୍ତି ସକଳ ଜନେ ।

# ଆର୍ଯ୍ୟବଲ୍ଲ

# ଭକ୍ତ୍ୟୁପହାର

ପରମସନ୍ତାନାଶ୍ରିତ, ଧାର୍ମିକପ୍ରବର, ସ୍ୱଦେଶହିତୈଷୀ
ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ମହୋଦୟ—
ଉଦାରହୃଦୟେଷୁ ।

ଭକ୍ତିଭାଜନ ମହୋଦୟ,

ଅନିବାର୍ଯ୍ୟ ଧର୍ମ-ପିପାସାରେ ଆପଣ ଯେପରି ବ୍ୟାକୁଳ, ସ୍ୱଦେଶ ଓ ସ୍ୱଜାତିର ଦୁଃଖ-ମୋଚନରେ ସେହିପରି ମୁକ୍ତହସ୍ତ । ଦେବଧନର ସଦ୍‌ବ୍ୟବହାର ଆପଣଙ୍କଠାରେ ସମ୍ପୂର୍ଣ୍ଣ ସମୀଚୀନ ହୋଇଅଛି । ଗତ କେତେକ ବର୍ଷ ହେଲା ଆପଣଙ୍କ ସାଧୁ କାର୍ଯ୍ୟାବଳୀ ସେଥିର ସୁସ୍ପଷ୍ଟ ପ୍ରମାଣ ପ୍ରଦାନ କରିଆସୁଅଛି । ଜାତୀୟସାହିତ୍ୟର ଅଭିବୃଦ୍ଧି ପ୍ରତି ଆପଣଙ୍କର ଅସ୍ଥା ସ୍ୱାଭାବିକୀ । "ଉତ୍କଳ-କମଳା" ପାଠ କରି ଆପଣ ମୋତେ ଯେଉଁ ଉତ୍ସାହବ୍ୟଞ୍ଜକ ଜୀବିତ ପତ୍ର ଖଣ୍ଡି ଲେଖିଥିଲେ, ତାହା ମୋ ହୃଦୟରେ ଆଜୀବନ ମୁଦ୍ରିତ ରହିବ । ବିଶେଷତଃ ଶୀଘ୍ର ମୋଠାରୁ ଅନ୍ୟ ଖଣ୍ଡିଏ ପୁସ୍ତକ ପାଇବାର ଆଶା ରଖିଅଛନ୍ତି ବୋଲି ଉକ୍ତ ପତ୍ରରେ ଲିଖିତ ଥିଲା । ମୁଁ ଆପଣଙ୍କର ସେହି କଲ୍ୟାଣକର ପତ୍ରାଦେଶ ଶିରୋଧାର୍ଯ୍ୟ କରି ଏହି "ଆର୍ଯ୍ୟବାଳା" ଆପଣଙ୍କୁ ଭକ୍ତ୍ୟୁପହାର ଅର୍ପଣ କଲି । ଆଶା କରେଁ, "ଉତ୍କଳ-କମଳା" ପରି ଏହା ସାଦରେ ଗୃହୀତ ହେବ ।

ଭଦ୍ରକ
୨ । ୬ । ୧୯୧୪

ଆପଣଙ୍କର
ଚରଣାଶ୍ରିତ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ଆର୍ଯ୍ୟବାଳା

ଜୟ ମାତଃ ବୀଣାପାଣି ଭାଷାର ଜନନୀ
ଭାଷାସ୍ୱରୂପିଣୀ, ନିତ୍ୟ ନବଭାବମୟୀ,
ତ କୌଶଳେ ଆର୍ଯ୍ୟବାଳା ପଦ୍ମାକ୍ଷି ପଦ୍ମିନୀ
(ଲାବଣ୍ୟ-ଲଲାମ-ଭୂଷା, ସତୀକୁଳଟିକା)
ଉଦ୍ଧାରିଲ ପ୍ରାଣପ୍ରିୟ ପାତିବ୍ରତ୍ୟ ନିଜ
(ସଯତ୍ନ-ରକ୍ଷିତ-ରତ୍ନ ରଙ୍କୁଣୀ-ସଙ୍କାଶ)
ବନ୍ଦୀପଣ ସହ, କ୍ରୂର ଯବନସମ୍ରାଟ
ଦୁରନ୍ତ ଅଲ୍ଲାଉଦ୍ଦିନ ତସ୍କର-କବଳୁ,
ତୋଳିଗଲ ନିଜେ ସତୀ ନିଜ ସ୍ୱର୍ଣ୍ଣ-ସୌଧ।
ଯାହାର ପବିତ୍ର କୀର୍ତ୍ତି-କୁସୁମ-ସୌରଭେ
ଅଦ୍ୟାପି ନିର୍ମଳ ଅଛି ଭାରତୀୟ ବାୟୁ।
ବର୍ଣ୍ଣି ସେହି ପୁଣ୍ୟଗାଥା ପୁରାଣପ୍ରତିମ,
କରନ୍ତୁ କୃତାର୍ଥ ମାତଃ, ଏ ଦୀନା କିଙ୍କରେ ।

ଚିର-ବୀରପ୍ରସବିନୀ ବୀରଯଶେ ଗଡ଼ା
ବିଚିତ୍ର ଚିତୋର ଦୁର୍ଗେ ବସିଅଛି ଆଜ
ବିରାଟ ମନ୍ତ୍ରଣା ସଭା, ପରିପୂର୍ଣ୍ଣ ତହିଁ
ରୁଦ୍ରକାନ୍ତ ରଣରଙ୍ଗୀ ରାଜପୁତ ବୀରେ
ଗାଲମୋଚ୍ଛଧାରୀ, କାନ୍ତି ବପୁଷ୍ଟ ସ୍ଫୁରବେ,
ବିବସକୁମୁଦ କିମ୍ବା ପ୍ରାତଃଇନ୍ଦୁ ଯଥା ।
ଉଚ୍ଚତେକ୍ଷଣ'ପରେ ଉଠେ କହିଲେ ସମ୍ବୋଧି
ଭୀମସିଂହ—ରାଜାଙ୍କର ପିତୃବ୍ୟ ପ୍ରଭୁ, *
"ହେ ବୀରେ, ଭାରତ-ମାତା ଭାଗ୍ୟଲକ୍ଷ୍ମୀ କାଳେ

କୁକ୍ଷଣେ ଆସିଲା ଆଲ୍ଲା—ଦୁର୍ଦ୍ଦାନ୍ତ ନିର୍ମମ,
ଭାରତ-ମହାବୃକ୍ଷର କାଟି ବହୁଶାଖା
କାଠୁରିଆ ପ୍ରାୟ, ଅହୋ ! ଦୁର୍ବାର ଲାଳସା
ମେଣ୍ଟି ନାହିଁ ତାର, ଲଭେ ପ୍ରବୃଦ୍ଧି ପ୍ରଭୂତ
ଲଭେ କି ବ୍ରହ୍ମାଣ୍ଡଗ୍ରାସେ ସଂତୃପ୍ତି ଅନଳ ?
ସତତ ଅପୂର୍ଣ୍ଣମାଣ ମସ୍ତିଷ୍କ ମାନସ
ଯୁବନୀ ସଦୃଶ, କିମ୍ବା ଚପଳ ସ୍ୱଭାବ
ବାନର ଆକାଙ୍କ୍ଷା ଯଥା, ବୁଭୁକ୍ଷା ବହିନେ
କରେ ଅକାରଣେ ସୁଦ୍ଧା ସେ ଫଳ ପ୍ରତ୍ୟାଶା ।
ଶୁଣି ଦୁଷ୍ଟ ପଦ୍ମିନୀର (ରୂପବତ୍ୟଗ୍ରଣୀ)
ଅଲୋକସାମାନ୍ୟ ଦିବ୍ୟ ଲାବଣ୍ୟ ଆଶଂସା,
ଫେରୁ ହୋଇ ବାନ୍ଧି ଆଶା ମେରୁ ଉତ୍ପାଟନେ
ଆକ୍ରମିଛି ଆସି ଏବେ ଚିତୋର ନଗରୀ,
ଆକ୍ରମନ୍ତ ଯଥା ସିଂହଗହ୍ୱର କାସ୍ତେ,
ମାତ୍ର ହୁରୁ ନୋଧେ ଥରୁ ଫୁଲାଇ କେଶର
ଗୁହଁଲେ ଅପାଙ୍ଗେ ଥରେ ଦନ୍ତ କଡ଼ମଡ଼
ପଳାନ୍ତି ସେ କାହିଁ ଭୟେ, ଶୋଇଲେ କେଶରୀ
ଆକ୍ରମନ୍ତ ପୁଣି ଯାଇ ବେଢ଼ିଣ ଚୌପାଶୁ,
ତଥା ଦୁଷ୍ଟ ବୀରମ୍ମନ୍ୟ ଯବନ ସୈନ୍ୟବେ
ଛୁଟନ୍ତି ସମ୍ମୁଖ ଯୁଦ୍ଧେ ଉପେକ୍ଷି ସମର,
ମାତ୍ର ପରକ୍ଷଣେ ରତ ଦୁର୍ଗ ଅବରୋଧେ ।
ବରଗିଛି ଦୂତ ଆଲ୍ଲା—ମାନବ-ପିଶାଚ
ସନ୍ଧିଅର୍ଥେ, ଇଚ୍ଛା ତାର ନିରେଖି ଦର୍ପଣେ

* ରାଣା ଲକ୍ଷ୍ମଣ ସିଂହ ଅପ୍ରାପ୍ତବୟସ୍କ ଥିବା ସମୟରେ ତାହାଙ୍କ ପିତୃବ୍ୟ ଭୀମ ସିଂହ ରାଜକାର୍ଯ୍ୟ ପରିଚାଳନ କରୁଥିଲେ ।

ପ୍ରକୃତରୂପ ପଦ୍ମିନୀର, ବାସ୍ତବ ବେଶେ
ଯବନବାଞ୍ଛନୀ ସହ, ଏଥିରୁ ହେ ବୀରେ,
ତାହାର କି ଅଭିମତ ପ୍ରକାଶ ସତ୍ୱର ।”

ଶୂରସିଂହ ନାମେ ଶୂର ଶୁଣି ଏ ଭାରତୀ
ଭାଷିଲେ ଏସନ—“ଅହୋ, କି ପାପପ୍ରସ୍ତାବ !
ଶୁଣି ଏହା ନ ତରିବ କେବଣ ପାତକୀ
ପ୍ରାୟଶ୍ଚିତ୍ତ, ଏ ଜଘନ୍ୟ ଘୃଣିତ କଥାରେ
ହେବ କେଉଁ ମତିଭ୍ରଷ୍ଟ ପାଷଣ୍ଡ ସମ୍ମତ ?
ସହିବ କି ଯବନର ଏହି ଦର୍ପବାଣୀ
ବରବୀର-ମଣି-ଖଣି ଏ ମିବାର ମହୀ,
ପୁଣି ସହିବ କି ଅହୋ ! ଏ ଘୋର ଲାଞ୍ଛନା
ଯଶୋରଙ୍କ ବୀରପ୍ରାଣ, ବୀରକୁଳ ବନ୍ଧୁ,
ଯାଉ ପ୍ରାଣ ଥାଉ ମାନ ଯାଙ୍କ ଚିରପଣ ।
କିଏ ଅବା ଏତେ ହୀନ ଏତେ କାପୁରୁଷ,
ସମର୍ଥିବ ଲଜ୍ଜାବହ ଏ ହୀନ ପ୍ରସ୍ତାବ !
ହମ୍ମୀର ତ ଦମନେ, ପାପ ପ୍ରତିଫଳ ଦାନେ
କେବେ କି ହେ ପରାଙ୍ମୁଖ ସ୍ୱଜାତ ବାହୁ ?
ଯେ ଜାତି ଧରଣୀ ମଧ୍ୟେ ଅଭ୍ୟସ୍ତ ସତତ
ନାରୀମାନ-ସଂରକ୍ଷଣେ, ସେହି ବୀର ଜାତି
ଅର୍ପିବେ କି କୁଳଲକ୍ଷ୍ମୀ ଯବନ ହସ୍ତରେ
କ୍ଲୀବପ୍ରାୟ ପ୍ରାଣରଙ୍କ ହୋଇ, ଦେଇ ବଳି
କୌଳିକ ଗୌରବ ଯଶେ କଳଙ୍କ ପୀଠରେ ?
ମହାସତୀ ପଦାକଲ୍ପା ପଦ୍ମିନୀ ସୁନ୍ଦରୀ
ଚକୋର-ଚନ୍ଦ୍ରିକା, ଯାଙ୍କ ସଦ୍ଗୁଣଗରିମା
ଉପମାଦି ଉପାଦାନ ଯୋଗାଏ ଭୁବନେ,
ତାଙ୍କ ପୂତ ଦେବୀରୂପ ଦେଖିବ ଯବନ
ପାପ ନେନେ, ଏତେ ବଡ଼ ଦୁରାକାଙ୍କ୍ଷା ତାର,
କିନ୍ତୁ ତାହା ହେବ ପଣ୍ଡ, ହୁଏ ବ୍ୟର୍ଥ ଯଥା
ଧର୍ମଦ୍ରୋହୀ ନାରକୀର ସ୍ୱର୍ଗ ଦର୍ଶନାଶା ।
ରମଣୀ ସୃଷ୍ଟିର ସାରା ପ୍ରକୃତରୂପିଣୀ,
ଜ୍ୱଳନ୍ତ ତେଜସ୍ୱୀ ବୀରେ ଗୌରବ ତାଙ୍କର,
ସୁଲଭ ତାହାଙ୍କଠାରେ ସେ ଗୌରବ ମୂଲ୍ୟ,
ବଳ ବିନା କେ ଜାଣିବ ବଳୁଲ ସମ୍ମାନ ?
କମଳାସ୍ୱରୂପା ସେହି ରମଣୀ ଜାତିର
ନିରେଖି ଲାଞ୍ଛନାଭୋଗ, ରୁଦ୍ର କୋପାନଳେ
ନ ହେବ ଉତ୍ତପ୍ତ କେଉଁ କ୍ଷତ୍ରିୟ ଶୋଣିତ ?
ପଶିପାରେ ନାହିଁ ଭୟ ଭୟେ ଯାଙ୍କ ଚିତ୍ତ,
ଜୁଝିଲେ ମୁହୂର୍ତ୍ତେ ଯେଣୁ ପାରନ୍ତି ଘଟାଇ
ଅନ୍ତକର ମୃତ୍ୟୁ, ରଣେ ଅପ୍ରଧୃଷ୍ୟ ସେହି
ଉଗ୍ରତେଜା ରାଜପୁତ ଜାତିଙ୍କ ସମୀପେ
ଆଲ୍ଲାର ଏ କୁପ୍ରସ୍ତାବ ମରଣର ହେତୁ ।
ନ ପୂରିଲେ ପରମାୟୁ, ଖେଳିବ କି ଫଣୀ
ଫଣା ତୋଳି କ୍ରୁଦ୍ଧର୍ଷିତ ନକୁଳ ସମ୍ମୁଖେ ?
ମୋ ମତରେ ଅର୍ପି ଦୁଷ୍ଟେ ପୂର୍ଣ୍ଣାହୁତିରୂପେ
କରିବା ଉଚିତ ଖରେ ସାଙ୍ଗ ରଣ-ଯାଗ,
ଲଭିବ ବର୍ବର ତେବେ ଯୋଗ୍ୟ ପ୍ରତିଫଳ ।”

ଅନନ୍ତର ରଣଭୀମ ଆଖ୍ୟାତ ସେନାନୀ,
କହିଲେ ଦୃପ୍ତ କଣ୍ଠେ ଗମ୍ଭୀର ବଚନେ,—
“ଯା କହିଲେ ଶୂରସିଂହେ, ସତ୍ୟ ସତ୍ୟ ତାହା ।
ପଦ୍ମିନୀ-ପ୍ରାପ୍ତିମୂଳକ ବତ୍ସଳ ପିପାସା
ଆଣିଛି ଯାହାକୁ ଟାଣି ସମରପ୍ରାଙ୍ଗଣେ,
(ଉପଯମାଳଦ୍ୱ ସମ, ଅସ୍ତ୍ର-କଣ୍ଟକିତ)
ଯବନ-ପାଂଶୁଳ ଦୃଷ୍ଟି ସେ ଆଲ୍ଲାଉଦ୍ଦିନ,
ତୃପ୍ତ ହେବ ଦର୍ପଣର ଛାୟାମାତ୍ର ଦେଖି,
ଆସୁ ନାହିଁ ପ୍ରତେ ଏହା ମନକୁ ମୋହର;
ଅଛି ଗୁପ୍ତ ଅଭିସନ୍ଧି ଏଥି, କ୍ଷୁଧିତ କି
ତୃପ୍ତ ହେବ ଅନ୍ନ ଦେଖି ? ବରଂ ବଢ଼ିବ
ଆକାଙ୍କ୍ଷା ତାହାର, ଦୃଷ୍ଟି ନ ପାଇ ଉପାୟ
ଅଭୀଷ୍ଟ ସିଦ୍ଧିର କିଛି, ବସ୍ତାରିଛି ଶେଷେ
ନିଷ୍ଠୁର ମାୟାବୀ ସ୍ୱୈଣ ଏ ଛଳ * ପେଖନା ।

* ଛଳନା

ହେବନେ ସକ୍ଷମ କିଏ ମାୟାବୀର ମାୟା,
ସାର୍ଥ୍ୟତା ମହାବୁଦ୍ଧି ପର୍ଯ୍ୟନ୍ତ ଯହିଁ ।
ଖଳର ହୃଦୟ ବାକ୍ୟ ଅସଂଲଗ୍ନ ସଦା,
ସ୍ୱଭାବେ ସେ ଜାଲବ୍ୟାଳ, କିନ୍ତୁ ଯଥାକାଳେ
ଧାରଣେ ସାଧୁତା-ଭାନ ନୁହେଁ ସେ କୁଣ୍ଠିତ ।
ବହିଲେହେଁ କ୍ଷୀର ଆଖ୍ୟା ନୀର ଅନ୍ଧଧାନେ,
ଆସେ କି ମିଷ୍ଟତା ତହିଁ ଗୋରସ-ସଦୃଶ ?
ପୂର୍ଣ୍ଣ ହେଲେ ଦୁରାଶାର ଦୁଷ୍ଟ ମନୋରଥ,
ଲଭିବ ପ୍ରଶ୍ରୟ ତାର ଦୌରାତ୍ମ୍ୟ କ୍ରମଶଃ;
ତର ଅସୂର୍ଯ୍ୟଂପଶ୍ୟା ପଦ୍ମିନୀରୂପିଣୀ
ଆର୍ଯ୍ୟକୁଳ-କମଳାଙ୍କୁ ଦେଖାଇ ଯବନେ
କେ ହେବ ସମ୍ମତ ତାଙ୍କୁ ଅପବାଦିବାକୁ ?
ଉଚାରନ୍ତ ଆଜ୍ଞା ଏତେ ଅପମାନ ବାଣୀ,
ଚ୍ଛେଦନର ଯୋଗ୍ୟ ତାର ସେ ପାପ-ରସନା,
ଦେଖାଇ ରମଣୀ ରୂପ, ରମଣୀ ସହାୟେ
ହେବ ବିମୁକ୍ତ ମହା ରାଜପୁତ ଜାତି,
ଏ କଳଙ୍କ ଅପଖ୍ୟାତି ରଖିବାକୁ ତାର
ବୀରକୁଳେ ମିଳବ କି ଠାବ ? ଏତେ କି ହେ
ହୀନବୀର୍ଯ୍ୟ ସେହୁ, ଥାଏ ଯଦି ସତ୍ୟ କେହୁ
ଏ ଭଳି ଭୟାର୍ତ୍ତ, ଧରି ସେ ରମଣୀବେଶ
ରଖୁ ନାରୀପଣେ ଲୁଚ ନିର୍ଲଜ୍ଜ ଜୀବନ !
ମୋ ବକ୍ଷରେ ରାଜପୁତ ସାମନ୍ତ-ଶାର୍ଦ୍ଦୂଳେ
ଉଚାର ଉବରଦେବୀ ୧ ଏକଲିଙ୍ଗ ନାମ ୨
ଉଦ୍‌ଘାଟି ଦୁର୍ଗର ଦ୍ୱାର, ଅମିତ ଉତ୍ସାହେ
କରନ୍ତୁ ନିପାତ ଶତ୍ରୁ, ଦୁଷ୍ଟ ଯବନର
ଉଚ୍ଛୃଙ୍ଖଳ ବେଗର ଏହା ଯୋଗ୍ୟ ମହୌଷଧି ।”

ନୀରବନ୍ତେ ଏହା ଭାଷି ରଣଭୀମ, ତହୁଁ
ବଦନ୍ତିଲେ ବୀରଭାନୁ—ବୀରକୁଳ-କେତୁ,
“ରଣ ପରାମର୍ଶ ଦାନ ନୁହେଁ ଶୁଭଙ୍କର
ଉପସ୍ଥିତ ଦୁଃସମୟେ, ମୋର ଏହି ମତ ;
ବହୁଦିନ ଅବରୋଧେ ଚିତୋର ରାଜ୍ୟର
ଘଟିଅଛି ବଳକ୍ଷୟ, ସଂରୁଦ୍ଧ ସର୍ବଥା
କୃଷି, ଶିଳ୍ପ, ବାଣିଜ୍ୟର ପଥ, ଶୂନ୍ୟପ୍ରାୟ
ରାଜକୋଷ, ଏଣୁ କ୍ରମେ ଆସୁଅଛି ସଙ୍କୋଚ
ସବୁଙ୍କ ଉତ୍ସାହ, ରୌଦ୍ରେ ପଦ୍ମଫୁଲ ଯଥା,
ନୁହେଁ କି ଏକାଳେ ଯୁଦ୍ଧ ସର୍ବନାଶହେତୁ ?
ଅଜିବ ପ୍ରବଳ ଶତ୍ରୁ, ଧରଷିବା ତାକୁ
ନୁହଇ ସହଜସାଧ୍ୟ, କେତେ ଆର୍ଯ୍ୟନୃପେ
ହେବେ ଆମ୍ଭ ପକ୍ଷ ସତ୍ୟ, ମାତ୍ର ତାଙ୍କ ପରେ
ନିର୍ଭର କାଳବା ଉଗ୍ର ରଣ-ହୁତାଶନ
ନୁହଇ ଉଚିତ କେବେଁ, ଥିଲେହେଁ ସହାୟ
ଝଞ୍ଜାନିଳ ଅନଳର, ପାରଇ କି ସେହୁ
ସରସୀ ସଲିଳରାଶି ଉରସି ପରଶି ?
ସାଧିବ ସକଳ କାର୍ଯ୍ୟ ଦେଶ କାଳ ପୁଣି
ପାତ୍ର ଅନୁକୂଳେ, ଏହା ନୀତିଶାସ୍ତ୍ରାଦେଶ ;
ଅରିକରୁ ଆତ୍ମରକ୍ଷା କଲେ କାମ୍ୟା ଛଳେ,
କ୍ଷତ୍ର-ଶାସ୍ତ୍ରଧାରା ଏହା, କ୍ଷତ୍ର-ଅନୁସୃତ ।
ପଦ୍ମିନୀଙ୍କୁ ଦେଖିଲେ ବା କି କ୍ଷତି ତହିଁରେ ?
କେଉଁ ମାନନାଶ ତହିଁ ? ଗଲେ ଯୁଦ୍ଧା ମାନ,
ହେବ ତା ସଂଗ୍ରହ କରି କର୍ମସୂତ୍ରେ ପୁଣି,
ମାତ୍ର ପ୍ରାଣ ଗଲେ ଆଉ ଆସିବ କି ଫେରି ?
ବହୁବାର ଯାଏ ଫଳ ପାଦପୁ ଉଭଜି,
ଗଛ ଥାଏ ବୋଲି ପିନା ଫଳେ ପୁନର୍ବାର ।
କପାଁ ହେବେ ଅପବିତ୍ରା ଚୌହାନ-ଚନ୍ଦ୍ରମା
ଯବନଦର୍ଶନ ମାତ୍ରେ, ହୁଏ କି ଅପୂତା
ପାତକୀ ଦର୍ଶନେ ପୁଣ୍ୟ ଦେବତାପ୍ରତିମା ?
ବରଂ ପାତକୀ ଲଭେ ପାପୁ ପରିତ୍ରାଣ,
ଖ୍ୟାତ ହୁଏ ଶତଗୁଣେ ଦେବତାମହିମା ।
ନୁହେଁ ଯା ସୁସାଧ୍ୟ ବହୁ ନରବଳ ଦାନେ,
ବିନା ରକ୍ତପାତେ ତାହା କରିବା ସାଧନ
ନୁହେଁ କି ପୌରୁଷସୂଚୀ ବାହାଣିଆପଣ ? ୩

୧—ଚିତୋରର ଅଧିଷ୍ଠାତ୍ରୀ ଦେବୀ । ୨—ରାଜପୁତମାନଙ୍କର ପୂଜ୍ୟ ଦେବତା । ୩—ବନ୍ଧୁଙ୍କ ଉକ୍ତି ।

ଆକ୍ରମିବେ ବାରମ୍ବାର ଯବନେ ଚିତୋର
ଏହା ସ୍ବତଃସିଦ୍ଧ କଥା, କୁରଧୀପାବ୍ଧ ଦେଖି
ରକ୍ତପାତେ ମାର୍ଜାର କି ବେତେବେଳେ ସ୍ଥିର ?
ପଦ୍ମିନୀଙ୍କ ଛାୟା ଦେଖି ଯାଉ ଦୁଷ୍ଟ ଫେରି,
ପୁନଶ୍ଚ ଆସିବାଯାଏଁ ଏହି ଅବସରେ
ଭବି ନେଇ ହେବ ଯୁଦ୍ଧ ଅଭାବ ମୋଚନ;
ଅଗ୍ରେ ବର୍ତ୍ତମାନ ରକ୍ଷା, ଭାବୀ ଚିନ୍ତା ପରେ ।”

ଏହିରୂପେ ବହୁକ୍ଷଣ ବାଦ ପ୍ରତିବାଦେ
ସ୍ଥିର ହେଲା ପଦ୍ମିନୀଙ୍କ ରୂପ ପ୍ରଦର୍ଶନ
ଦର୍ପଣର ଅନ୍ତରାଳେ, ତହୁଁ ଭୀମସିଂହ
ଲେଖ ପ୍ରେରି ନିବେଦନ୍ତେ ଯବନସମ୍ରାଟେ
ସ୍ବସମ୍ମତ, ଲଭିଲା ସେ ବିପୁଳ ଆହ୍ଲାଦ,
ମଣିଲା ସ୍ବର୍ଗୀୟ ସୁଖ ସ୍ବୀୟ କରଗତ ।
ନ ଦେଖୁଣୁ ନୟନେ ଦୁଷ୍ଟ ପଦ୍ମିନୀଙ୍କ ରୂପ
ମନକୁ ପେଷିଲା ଆଗେ ଆସିବାକୁ ଦେଖି,
ଦୁର୍ବାର ଦିଦୃକ୍ଷା ଲୋଭ ଆବେଗ ପ୍ରେରଣେ ।
ବୀରଜାତି ରାଜପୁତେ, ସଦା ସତ୍ୟସେବୀ,
ନ କରନ୍ତି ଉଲ୍ଲଙ୍ଘନ କଥିତ ବଚନ
ପ୍ରାଣାନ୍ତରେ କେବେ, ହେଲେ ଶତ୍ରୁ ଆତତାୟୀ
ଅତିଥି ତାଙ୍କର, ପୂଜ୍ୟ ସମ୍ମାନଭାଜନ,
ଦୁର୍ବୃତ୍ତ ସେ ଅବିଶ୍ୱାସୀ ଜନ୍ମ ପ୍ରକୃତିରେ,
ଥିଲା ଯେଣୁ ଏ ବିଶ୍ୱାସ ସଦା ବଦ୍ଧମୂଳ
ଆଲାଉଦ୍ଦିନ୍, ତେଣୁ ଖଳ ନିଃଶଙ୍କ ମନରେ
କତିପୟ ରକ୍ଷୀ ମାତ୍ର ଘେନିଣ ସଙ୍ଗରେ
ଉପସ୍ଥିତ ଯଥାକାଳେ ଚିତୋର ଶିଖରେ,
ଅଗଣନ ଦୁର୍ଦ୍ଧର୍ଷ ସୈନ୍ୟବେଷ୍ଟିତ ।
ରାଣା ଭୀମସିଂହ ସହ ରାଜପୁତ ବୀରେ,
(ଚିର–ଶିଷ୍ଟାଚାରବ୍ରତୀ, ଅଭ୍ୟାଗତ–ପ୍ରାଣ)
ଭବି ତାକୁ ସମ୍ବର୍ଦ୍ଧନା ବସାଇଣ ନେଇ
ମଣିଖଚୀ ଭଦ୍ରାସନେ, ବସିଲେ ସକଳେ
ଅଭିମୁଖେ ପାର୍ଶ୍ୱଭାଗେ ଯଥାଯୋଗ୍ୟ ସ୍ଥାନେ ।
ଏଥୁଅନ୍ତେ କିଛିକ୍ଷଣ ସମ୍ଭାଷଣ ପରେ
ଘେନି ସଙ୍ଗେ ରାଣା ଦୂର ଯବନସମ୍ରାଟେ
ଗମିଲେ ଅଦୂରବର୍ତ୍ତୀ ପଟ୍ଟଗୃହ ପାଶେ,
ଅବସ୍ଥିତ ଯହିଁ ଦେବୀ ଶୋଭାସ୍ୱର୍ଗେଶ୍ୱରୀ
ସାକ୍ଷାତ ପଦ୍ମିନୀରୂପା ସୁନ୍ଦରୀ ପଦ୍ମିନୀ ।
ଉତ୍ତୋଳନ୍ତେ ରାଣା ସ୍ବୟଂ ଚିକ ଯବନିକା,
ଦିଶିଲା ପଦ୍ମିନୀମୂର୍ତ୍ତି ଦର୍ପଣାନ୍ତରାଳେ,
ଘୋର ଘନଘଟାମୁକ୍ତ ଭାଦ୍ରଚାନ୍ଦ୍ର ଯଥା ।
ଭେଦି ତାଙ୍କ ଅପରୂପ ରମ୍ୟ ରୂପପ୍ରଭା
ବିଶାଳ ଦର୍ପଣବକ୍ଷ ଦିଶେ ଦାଉଦାଉ,
ଉଚ୍ଚଲିତ ଶବଳିତ ତରଙ୍ଗ ଆସନେ,
ଇନ୍ଦ୍ରଧନୁ ପୃଷ୍ଠେ କି ସେ ସ୍ଥିର ସୌଦାମିନୀ ।

ପ୍ରଥମେ ମଣିଲା ଆହା ଭଗବତ୍ପ୍ରତିମା,
ମାତ୍ର ସତୀ ନେତ୍ରୋନ୍ମେଷ ଖଣ୍ଡିଲା ସେ ଭ୍ରମ,
ସ୍ବଗତେ ଭାବିଲା ଦୁଷ୍ଟ, ଅହୋ କି ଅଦ୍ଭୁତ !
ଶୋଭାର ପିତୁଳୀ ଗଢ଼ା ଗୋଟିଏ ଗୃହରେ,
ଏହା ଯୋଗେ ଧରେ ମହୀ ବସୁମତୀ ନାମ;
ଦେଖିଛି ଦେହରେ ମୁହିଁ ଯେତେ ରୂପବତୀ,
ନ ହେବେ ସେ ଏ ବାଳାର ଚରଣାଙ୍ଗୁଳି ସରି ।
ଏଭଳି ରମଣୀରତ୍ନ ଅଙ୍କଲକ୍ଷ୍ମୀ ଯାର,
ସେହି ଏକା ଭାଗ୍ୟଧର ନିଶ୍ଚୟ ସଂସାରେ,
ଭାବୁ ଭାବୁ ଏହା ହେଲା ଲୁବ୍ଧବ ଉଦ୍ରେକ,
ବଳବତୀ ଲିପ୍ସା ଜାତ ବଦନ ଦର୍ଶନେ,
ଜଳିଲା ଲାଳସାନଳ ଖରତର ବେଗେ,
ଦହିଲା ପ୍ରଚ୍ଛନ୍ନେ ହୃଦ ଉର୍ଦ୍ଧ୍ବ ନ ଫୁଟି;
ଯଥା ନୋଟାନଳ ଦହେ ଭିତରେ ଭିତରେ,
କିନ୍ତୁ ପାପୀ ଆଚ୍ଛାଦିଣ ସେହି ଅନ୍ତର୍ଦାହେ
ଗୂଢ଼ କୂଟ–ଆବରଣେ, କହିଲା ସମ୍ବୋଧି
ରାଣା ଭୀମସିଂହେ, “ବନ୍ଧୋ, ଅତୁଳ ସମ୍ମାନେ
ତବ ହେଲି ଆପ୍ୟାୟିତ, ମାତ୍ର ଅପରାଧ
କ୍ଷମି ବ ସ୍ବଗୁଣେ, ମୋର ଏତିକି ପ୍ରାର୍ଥନା,
ପତିବ୍ରତା ପଦ୍ମିନୀଙ୍କ ଶାବ୍ଦ ଅପମାନେ

ଅଗ୍ନିଅସ୍ତ୍ର ତବ ମନେ କଷ୍ଟ ସୀମାଗତ,
ହେଲେହେଁ ଅକ୍ଷମଣୀୟ ସେ ଔଦ୍ଧତ୍ୟ ମୋର,
ସ୍ୱକୀୟ ଔଦାର୍ଯ୍ୟେ ତାହା କରିବ ମାର୍ଜ୍ଜନା ।
ସ୍ୱକୃତ ଦୁଷ୍କୃତ ପାଇଁ ଅନୁତପ୍ତ ମୁହିଁ,
ଏ ପାପର ପ୍ରାୟଶ୍ଚିତ୍ତ ଅନୁତାପ ସିନା,
ହେଉଛୁ ବିଦାୟ ଏବେ, ରଖିଥିବ ମନେ,
ରହିଲା ସୌହାର୍ଦ୍ଦ୍ୟ ତବ, ହୃଦୟେ ଅଙ୍କିତ
ଆଜୀବନ, ନାହିଁ ଆନ ପ୍ରତିଦାନ ତାର
ଆତ୍ମସମର୍ପଣ ବିନା, ମଣିବ ଆଜହୁଁ
ମୋହର ହସ୍ତିନାପୁରେ ନିଜ ରାଜ୍ୟ ସମ ।”
ଏହା କହି ପ୍ରତାରକ ଉଠିଣ ଆସନୁ,
ଗମିଲା ସଧୀରେ ସ୍ୱୀୟ ଶିବିରାଭିମୁଖେ ।
ସଙ୍ଗେ ସଙ୍ଗେ ଗଲେ ରାଣା କହି ନାନାକଥା
ଦେବାକୁ ବାଟେଇ, ଦୁର୍ଗ ପାଦଦେଶଯାଏଁ ।
ଘଟିଲା ତହିଁ ଅହୋ ଯେବଣ ଘଟନା,
ଭୟାବହ, ସ୍ମରଣେ ତା' ଟାଙ୍କୁରଇ ଲୋମ,
ଅତର୍କିତେ ବାହାରିଣ ଯବନ ବାହିନୀ
ଗୁପ୍ତସ୍ଥାନୁଁ, କଲେ ଶରେ ବନ୍ଦୀ ଭୀମସିଂହେ ।
ସେହି ମୁହୂର୍ତ୍ତରେ ପୁଣି ହେଲା ପ୍ରଚାରିତ
ଯବନପତିର ଆଜ୍ଞା,—ଭୀଷଣ-କଠୋର—
ନ ପାଇଲେ ପଦ୍ମିନୀଙ୍କୁ ହେବେ ନାହିଁ ରାଣା
କାରାମୁକ୍ତ କେବେ, ଏହା ଅବ୍ୟର୍ଥ ଆଦେଶ ।

ଆକସ୍ମିକ ଦୁଃଖବାର୍ତ୍ତା ଶୁଣି ନାଗରିକେ
ଗଣିଲେ ପ୍ରମାଦ ଘୋର, ଦିଶିଲା ମଳିନ
ଦୁର୍ଗବାସୀ ବୀରମୁଖ, ଆବରିଲେ ଘନ
ଦିନନାଥେ ଦିନ ଯଥା । ସେତୁଭଙ୍ଗ ପରେ
ଛାଡିଗଲେ ଜଳରାଶି ଆଶ୍ରିତ କମଳେ,
ହୁଏ ତାର ଯେଉଁ ଦଶା, ସେହି ଦଶା ମଣି
ସର୍ବେ ହେଲେ ମଗ୍ନ ଘୋର ନିରୁତ୍ସାହ-ନୀରେ ।
ହେଲା ହୃଦ ଶୂନ୍ୟାୟିତ, ପ୍ରାଣ ଭାରଭୂତ,
ହେବ ଜନକର ରେଖା ଲୀଳାୟ ଗୌରବ-
ଛନ୍ଦେ । ତଥାପି ସିନା ରାଜପୁତ ଜାତି
ଜନ୍ମଭୂମି ରକ୍ଷା ଅର୍ଥେ ପ୍ରାଣବିସର୍ଜନେ;
ଦୂରେ ତହିଁ ନୃପତିଙ୍କ କାରାବାସ ହେଲା
ଅନଳେ ଆହୁତି, ମାତ୍ର ସେ ରୁଦ୍ର ଅନଳେ
ନ ପାରି ଅରିଙ୍କୁ ଦହି, ଦହିଦେଲେ ନିଜେ;
ପାରଇ କେଶରୀ ବଧି ମତ୍ତ ଦନ୍ତାବଳେ
ଅବହେଳେ ; ମାତ୍ର ଜାଲ ପ୍ରତିକୂଳତାରେ
ହରାଏ ସେ ପ୍ରାଣ ହେୟ ବରଟ ଦଂଶନେ,
ଜାଣି ଏହା, ନ ଜାଣିଣ ତାଙ୍କ ବୀରହିଆ
କ୍ରୋଧ ଧୈର୍ଯ୍ୟ ମଧ୍ୟେ ହେଲା ଏ ପାଖ ସେ ପାଖ ।
ଶ୍ୱାପଦେ ଅଟଳ ସତ୍ୟ ଯବନବୀର ହୃଦ,
ମାତ୍ର କଲା ବ୍ୟସ୍ତ ତାକୁ ଜାତି-ଅପମାନ,
ସହିଲେହେଁ ବଜ୍ରବୃଷ୍ଟି ଆକାଶରେ ଗିରି,
ନ ହୁଏ କି ଭଲ ସେହୁ ସିକ୍ତ ବର୍ଷାଜଳେ ?
ସମ୍ଭାଳି ନ ପାରି କେହି ତୀବ୍ର ଅନ୍ତର୍ଜ୍ୱାଳା
ଇଚ୍ଛନ୍ତେ ମରଣ, କହିଲା ବିବେକ ତାଙ୍କ,
ହୃଦ ଅନ୍ତସ୍ତଳ ମଧ୍ୟୁ ନୀରବଭାଷାରେ—
“ଲଭିବାକୁ ଚାହୁଁ ଯଦି ମରଣରେ ସୁଖ,
ମର ରଣ ରଚି ଶତ୍ରୁ ସହ, ତାହା ସିନା
ବୀରର ମରଣ, ନତୁ ଇତର ସମାନ
ମରଣରେ କେଉଁ ଫଳ, କେଉଁ ଶୁଭ ଅବା ?
ସୁଲଭ ବିପଦ ସଦା ଶରୀରି-ଶରୀରେ,
ମାତ୍ର ସେ ବିପଦେ ଯେହୁ ନୋହି ବିଚଳିତ
ଅନ୍ୱେଷେ ଉଦ୍ଧାର-ରାହା, - ଧୀରସ୍ଥିରଭାବେ,
ଲଭଇ ସେ ପ୍ରଶଂସିତ ପୁରୁଷ ଅଭିଧା,
ସୁଦୃଢ଼ ସୋପାନ ତାହା ସାଧନା ସିଦ୍ଧିର ।”
କି କୌଶଳେ ଭୀମସିଂହ ଲଭିବେ ଉଦ୍ଧାର,
କି ସାହସେ ଅବା ଏହି ଜଘନ୍ୟ ପ୍ରସ୍ତାବ
ନିବେଦିବ କିଏ ଯାଇ ପଦ୍ମିନୀ ସମୀପେ,
ଭାବି ଏହା, ନ ପାରିଣ ସ୍ଥିର କରି କିଛି,
ବସିଲେ ସକଳେ ହୋଇ ଚିନ୍ତା-ନିମଗନ ।

ଜନଶ୍ରୁତି-ସୂତ୍ରେ ଏଣେ ଏହି ଅବସ୍ଥିତ
ଦାରୁଣ ବିପଦବାର୍ତ୍ତା ପ୍ରବେଶନ୍ତେ ଯାଇ
ପଦ୍ମିନୀ କର୍ଣ୍ଣରେ, ( ଅହୋ ମର୍ମନ୍ତୁଦ ଅତି )
କରି ଦେଲା ଭେଦା ତାଙ୍କୁ ଅତ୍ୟନ୍ତ ବିସ୍ମୟେ,
ଜାଣି ବ୍ୟାଧଜାଲ-ବଦ୍ଧ କେଶରୀକୁ ଯଥା
କେଶରିଣୀ, କିମ୍ବା ଯଥା ତୃଷାକୁଳାମୃଗୀ
ଦୁର୍ଦ୍ଦିନବାରତା ଶୁଣି ସତୀତ୍ୱ-ସୁନ୍ଦରୀ
ହୁଏ ମର୍ମାହତ, ତଥା ହେଲେକ ପଦ୍ମିନୀ,
ବିଷାଦର ମୁଦ୍ରା ହେଲା ବଦନେ ମୁଦ୍ରିତ ।
ଭାଳିଲେ ଏସନ ଦେବୀ, "ଅମଙ୍ଗଳମୟ
ଆଜ ଦିନ, ଶୁଣାଇଲା କଠୋର ସମ୍ବାଦ !
ଶ୍ରବଣ ପୂର୍ବରୁ ଏହା ଘଟିଥାନ୍ତା ଯଦି
ମୃତ୍ୟୁ ମୋର, ଲଭିଥାନ୍ତି ପରମ ନିସ୍ତାର,
ଘଟାଇଲା ଏ ପ୍ରମାଦ ମୋର ରୂପ ଏକା ।
ସାଧ୍ୱୀ ରମଣୀର ରୂପ ନୁହଇ ସମ୍ପଦ,
ପ୍ରଚ୍ଛନ୍ନ ବିପଦ ତାହା, ଏହି ରୂପ ସିନା
ଛଡ଼ାଇ ପବିତ୍ର ବ୍ରତ—ସ୍ୱାମି-ପଦସେବା
ଜନକଜେମାଙ୍କୁ ପୂର୍ବେ ( ସତୀ-ରାଜ୍ୟରାଣୀ )
ଦେଇଥିଲା ଠାବ ନେଇ ସାଗରଗର୍ଭେ ।
ହୁଅନ୍ତା ଯଦ୍ୟପି ଦେଇ ଅପରକୁ ରୂପ,
ଆନନ୍ଦେ କିଅନ୍ତି ମୁହିଁ ସମର୍ପି ତା ପଦେ,
ରୂପଯୋଗେ ଭାଗ୍ୟବତୀ ବୋଲାନ୍ତି ଲଳନା,
ମାତ୍ର ମୋ ବିଚାରେ ସେହି ଗୌରବପଦବୀ,
ଲାଞ୍ଛନାର ପ୍ରତିଧ୍ୱନି, ବହ୍ନିଶିଖାମୟୀ ।
ବର୍ଣ୍ଣିଛନ୍ତି ସୃଷ୍ଟି କବି ରତିରୂପେ ରୂପେ,
କି ଆଶ୍ଚର୍ଯ୍ୟ, ଯେହୁ ଏତେ ଅନର୍ଥର ହେତୁ,
ରତି ଯଦି ତାହା, ତେବେ ଭସ୍ମ ହୁଏ ଆଉ ?
ଦେଖି ମୋର ଶୋଭାଦର୍ଶ ଏ ମହାବିପଦ
ଇଚ୍ଛିବ ସୁନ୍ଦରପଣ କେବଣ ଅଭାଗୀ ?
ତାହିଁ ଧର୍ମଭ୍ରଷ୍ଟ ଗଲେ ମୂଢ଼ ଯବନର,
ମହାଦମ୍ଭେ ଭୁଲିଛି ସେ ତାହା, ସବୁ ତୁଚ୍ଛ
ଧରିଅଛି ପାପମତି ମଦେ ଖାଲି ବୁଡ଼େ,

ଏତେ ମଧୁର କି ସତେ ମଦ, ପର ନାରୀ—
ପର ରାଜ୍ୟ ପ୍ରତି ଯାର ଲାଳସା ଦୁର୍ବାର,
ତାହା ଭାଗ୍ୟେ ରାଜାସନ ସିନା ଅଧିକାର
ଅପାତ୍ରରେ ମହାଦାନ, ତା ରାଜମୁକୁଟ,
ଅଟେ ପାପ ଅଭ୍ୟାସର କଳଙ୍କର ବୋଝ ।
ଶତ ନରବର ବନ୍ଦି ଥିଲେ ଯା ଅନ୍ତରେ,
ଲୋକପିତା ରାଜପଦ ଶୋଭେ କି ତାହାକୁ ?
ମଦାନ୍ଧ ପିଶାଚ ସେହୁ, ନରକୁଳ-କାଳ ।
ଭାଗ୍ୟଦୋଷେ ଗୁରୁ ଗର୍ବ ବହିଛି ମସ୍ତରୀ,
ମାତ୍ର ଜାଣି ନାହିଁ ପରା ଭାଗ୍ୟ-ଲକ୍ଷ୍ମୀ ତାର
ନ୍ୟସ୍ତ ପରହସ୍ତେ, ଅଟେ ଭଙ୍ଗୁର ତା ସ୍ଥିତି ।
ଏହିପରି କେତେ ଦର୍ପୀ,—କୁମ୍ଭୀପାକଘାଟେ,
ଉଡ଼ାଇ ବିଜୟବାନା ସର୍ବ ମଣି ଧରା,
ମାରୁଥିଲେ ମହାଡାକ, ମାତ୍ର ଦୁଇ ଦିନେ
ପଡ଼ିଣ ନ୍ୟାୟଦଣ୍ଡାଘାତେ ଉଡ଼ିଗଲେ ତାହିଁ ,
ତଥା ମିଶିଯିବ ଆହା ଧୂଳିରେ ଦମ୍ଭେ ।"
ମହାଧୈର୍ଯ୍ୟଶୀଳା ସତୀ ସିଂହଳ-କୁମାରୀ,
ଭାଳିଲେ ଏପରି ସତ୍ୟ, ମାତ୍ର ହେଲେ ନାହିଁ
ନାରୀ-ସ୍ୱଭାବ-ସୁଲଭ ଶୋକଭୟାକୁଳା;
କାଳୋଚିତ ଧୈର୍ଯ୍ୟ ତାଙ୍କୁ ରହିଲା ଆବରି,
ଆବରିଛି ଯଥା ଚିରଶୀତ-ବକ୍ଷୋଦିତ
ସିନ୍ଧୁ ତାଙ୍କ ଜନ୍ମଭୂମି ସୁବର୍ଣ୍ଣ ସିଂହଳେ ।
ବାନ୍ଧିଣ ସାହସ ଦେବୀ ଚିନ୍ତିଲେ ଉପାୟ, —
ପତିକାରାମୁକ୍ତି ଆଉ-ସତୀତ୍ୱ ରକ୍ଷାର,
ଗୁପ୍ତ ଭାବେ ଅନ୍ୟକାଳେ ଥିଲେହେଁ ଚପଳା
ମାତ୍ର ନ କରେ କି ଦୀପ୍ତି ପ୍ରାବୃଟେ ପ୍ରକାଶ ?
ଭାବିଲେ ସ୍ୱଗତେ ଏହା,—"ବିସ୍ତାରିଣ ଖଳ
ପ୍ରବଞ୍ଚନା-ଜାଲ, କଲା ଯଥା ବନ୍ଦୀ ଭୂପେ,
ପ୍ରତାରି ତାହାକୁ ତଥା କରିବି ଉଦ୍ଧାର
ଚିତୋର-ନୃପରେ, ଏହା ପ୍ରତିଜ୍ଞା ମୋହର;
ପତି ଏକା ରମଣୀର ଉପାସ୍ୟ ଦେବତା,
ପତି ତୀର୍ଥ, ପତି ଗୁରୁ, ପ୍ରାଣର ଦୋସର,

ପତି ଛାୟାପ୍ରଦ ତରୁ ଭବ-ମରୁସ୍ଥଳେ,
ଯାତନା-ଅଶାନ୍ତି-ରୌଦ୍ରେ ପ୍ରତପ୍ତ ସତତ ।
ଅବଳା ଜୀବନଯାତ୍ରା ବିପଦ-ପିଚ୍ଛିଳ, —
ଅଜ୍ଞାନ ତମିସ୍ରମୟ, ପତି ସିନା ତହିଁ
ପଥଦର୍ଶୀ ଊର୍ଦ୍ଧ୍ୱଶିଖ ଉଜ୍ଜ୍ୱଳ ପ୍ରଦୀପ ।
ପତି ବିନା ନାହିଁ ଗତି ରମଣୀକୁଳର,
ଶରତ ବ୍ୟତୀତ ଆନ କିଏ ବା ସକ୍ଷମ
ଶୋଭାବତୀ ସୁକୁମାରୀ ଶେଫାଳୀ ବିତାନେ ?
ଅଗ୍ରାମ୍ୟ ଭୂଷଣ ସିନା ରମଣୀର ପତି ।
ସତୀତ୍ୱ ଅଦେୟ ରତ୍ନ ପତିବ୍ରତାଙ୍କର
ପ୍ରାଣାପେକ୍ଷା ପ୍ରିୟତର, ଏହା ପତିପାଇଁ
ଅର୍ପଣେ ତା ସୁଖ ମୁହିଁ ଯବନେ ସମ୍ମତ ।
ଆଉ ତାର ଆସ୍ପର୍ଦ୍ଧା ବା ଏତେ, ହରିବ ସେ
ପାତିବ୍ରତ୍ୟ ମୋର, ଦୀପ୍ତ ଯଜ୍ଞାନଳ ସମ;
ଉଦ୍‌ଫଣା ନାଗୁଣୀ ଶିରୁ କାଢ଼ିନେବ ମଣି
ଏଭଳି ସାହସୀ କିଏ ? — ମୃତ୍ୟୁ ଭୟହୀନ,
ବୀରକନ୍ୟା ବୀରପତ୍ନୀ ମୁହିଁ, ଜନ୍ମ ମୋର
ବୀରବଂଶେ, ନ ପାରିଲେ କୌଶଳେ ଉଦ୍ଧାରି
ସ୍ୱାମୀଙ୍କୁ ମୋହର, ପଛେ ଦେଖାଇବି ବଳ,
ଆସ୍ଫାଳି ଉନ୍ମୁକ୍ତ ଅସି ତୀକ୍ଷ୍ଣ କ୍ଷୁରଧାର,
ବିନାଶିବି ମ୍ଳେଚ୍ଛଚମୂ, କିମ୍ବା ଶତ୍ରୁହାତେ
ମରି ମୁଁ ଶୋଇବି ସୁଖେ ସମର-ପ୍ରାଙ୍ଗଣେ,
କି ଭୟ ମରଣେ ରଣେ କ୍ଷତ୍ରିୟ-କନ୍ୟାର ?”
କ୍ଷମାର ଆଧାର ଯଥା ଅଟନ୍ତି ରମଣୀ
କ୍ରୋଧର ଆକର ତଥା, ସୁଲଭ କି ଫୁଲେ
ମଧୁ ଖାଲି, ନ ଥାଏ କି ବିଷାକ୍ତ କୀଟାଣୁ ?
ପତିମୁକ୍ତି ପାଇଁ ରାଣୀ ନୁହନ୍ତି କୁଣ୍ଠିତ
କରିବାକୁ ଆତ୍ମଦାନ ଯବନ ସମ୍ରାଟେ,
ଶୁଣି ନାଗରିକେ ଏହି ଉପଦୁଷ୍ଟ ବାଣୀ
ଚକିତ, ବିସ୍ମିତ ହୋଇ ହେଲେ କୁହାକୁହି
ସର୍ବେ, — “ସତ୍ୟ କି ଏ କଥା, ସତୀଶିରୋମଣି
ପଦ୍ମିନୀ ସୁନ୍ଦରୀ, ଦେବୀ ମହା ସୁଚରିତା,
କରିଆନ୍ତି ଧର୍ମେ ସଦା ଜୀବନ ଜୀବିକା,
କେମନ୍ତେ ସମ୍ମତ ହେଲେ ଘୃଣିତ ପ୍ରସ୍ତାବେ ?
ପବିତ୍ର-ବାରିଦ-ବାରି-ପାୟିନୀ ଚାତକୀ
ଇଚ୍ଛେ କି ଆବିଳ ତୃଷ୍ୟ ପଲ୍ୱଳ ସଲିଳେ ?
ରତ ଥାଏ ସଦା ଯାଙ୍କ ଯେଉଁ ପୂତ କର
ଧନ ବିତରଣେ ଦୁଃଖି ଦେବତା ସେବାରେ,
ପରଶିବେ ସେ କରେ କି ଯବନେ ଆମିଷ,
ଶୁଦ୍ଧ ଶାଳଗ୍ରାମ ପୂଜା ଯାର ନିତ୍ୟ ବ୍ରତ,
ବାଲିଗରଡ଼ା କି ସେହୁ ଛୁଇଁବ ଭ୍ରମରେ ?
ବଡ଼ ଅସମ୍ଭବ ଏହା, ମହାମେଧାବିନୀ
ଚନ୍ଦେଲ-କୁମାରୀ, ଦେବୀ, ଅତି ବିଚକ୍ଷଣା,
ବୁଝି ସେହୁ ନାରୀଧର୍ମେ, ଦେବେ ଜଳାଞ୍ଜଳି
ପାତିବ୍ରତ୍ୟେ, ଆସୁ ନାହିଁ ମନକୁ କଦାପି,
ଅଛି ନିଶ୍ଚେ କିଛି ଗୂଢ଼ ରହସ୍ୟ ଏଥିରେ ।”

ଏଥିଅନ୍ତେ ବେଗେ ହୋଇ ସତ୍ୱରେ ପଦ୍ମିନୀ
ନିଭୃତ ନିଳୟ ମଧ୍ୟେ, ଆହ୍ୱାନିଲେ ପାଶେ
ବୀରମଣି ଗୋରା ଆଉ ବାଦଲ ଉଭୟେ,
ବିଶ୍ୱାସିନୀ ପରିଚାରୀ ମୁଖେ, ଆସନ୍ତେ ସେ,
ଚଳିଲା ଗୁପ୍ତ ମନ୍ତ୍ରଣା ବହୁ କ୍ଷଣଯାଏ ।
କି ଉପାୟେ ଭୀମସିଂହ ଲଭିବେ ଉଦ୍ଧାର
କି ଉପାୟେ ପାତିବ୍ରତ୍ୟ ରକ୍ଷିଣ ଅକ୍ଷତ,
ବାହୁଡ଼ିବେ ନିଜେ ଦେବୀ ଯବନ-ଶିବିରୁ
ନିରାପଦେ, ଲଗିଲା ଏ ସଂଗୁପ୍ତ ମନ୍ତ୍ରଣା;
ତୁଅନ୍ତେ କର୍ତ୍ତବ୍ୟ ସ୍ଥିର ହେଲାକ ପ୍ରେରିତ
ଯବନସମ୍ରାଟ କତି ଏ ମର୍ମେ ସମ୍ବାଦ, —
“ଲକ୍ଷ୍ମଚନ୍ଦ୍ର ରାଜବଂଶେ ଜନମ ପଦ୍ମିନୀ,
ଆବର ସମ୍ରାଜ୍ଞୀ ସେହୁ, ଉଚିତ ତାଙ୍କର
ସସମ୍ମାନେ ପଦାର୍ପଣ ସମ୍ରାଟ ଶିବିରେ,
ଗମିବେ ସହଣେ ତାଙ୍କ ଜୀବନ-ସଙ୍ଗିନୀ
ଚିରସହଚରୀକୁଳ, ଶୁଣି କତିପୟ
ରାଜପୁତ ବଂଶୋଦ୍ଭବା ସମ୍ଭ୍ରାନ୍ତ ମହିଳା,

(ସ୍ନେହ-ସୂତ୍ରେ ଆବଦ୍ଧା ଯେ ପଦ୍ମିନୀଙ୍କ ସଙ୍ଗ)
ଘେନିଣ ତଦାସ୍ତୁ ପୁଣି ପଦ୍ମିନୀ ଛାମୁରୁ
ଆସିବେ ବାହୁଡ଼ି ସର୍ବେ ଚିତୋର ନଗରେ,
ଗଡ଼ପଥେ ଅଭ୍ୟାନ୍ତର ନ ହେବ ଯେପରି
ତାଙ୍କ ପ୍ରତି, ନ ଘଟିବ ତାହାଙ୍କ ସମ୍ମାନେ
ଟଳେ ମାତ୍ର ତ୍ରୁଟି, ଲଙ୍ଘି ମର୍ଯ୍ୟାଦାର ସୀମା
ନ ପାରିବେ ଦେଖି ଯେତେକ ଛୁଇଁ ତାଙ୍କ ପାଶ,
ଉଚିତ ବ୍ୟବସ୍ଥା ଏଥି ହେବ କରିବାକୁ ।
ଉଠାଇଣ ଅବରୋଧ ଫେରାଇ ବାହିନୀ
ସ୍ଥାପିବାକୁ ହେବ ନେଇ ଦୂରେ ସୈନ୍ୟାଶ୍ରୟ,
ଯବନପତିର ଏହି ସତ୍ୟ ଅଙ୍ଗୀକାର,
ଜାଣିଲେ ପଦ୍ମିନୀ ଯିବେ ତାହାଙ୍କ ସକାଶେ ।"

ରାଜପୁତ ଦୂତମୁଖୁଁ ଶୁଣି ଏ ବାରତା
ଦୋଳି ହେଲ ଅହ୍ଲାଦିତ ଆନନ୍ଦ-ଦୋଳରେ
ଅନିର୍ବଚନୀୟ ବେଗେ, ଲଭିଲ ସେ ଚିତ୍ତ
ଯେ ସନ୍ତୋଷ, ଅକଳ୍ପିତପୂର୍ବ, ଜଣିଥିଲେ
ସପ୍ତଦ୍ୱୀପା ସସାଗରା ଧରା ବାହୁଡ଼ିଲେ.
ନ ହୁଅନ୍ତା କେତେବେଳେ ସଂତୃପ୍ତ ଏ ଭଳି ।
ଘୋର ଘନଘଟାଚ୍ଛନ୍ନ ଅନ୍ଧାର ନିଶୀଥେ
ଦେଖି ଅନ୍ତେ କ୍ଷଣିତାର କ୍ଷଣ କ୍ଷଣ ପ୍ରଭା
ପଥଭ୍ରାନ୍ତ ପାନ୍ଥ ଯଥା—ନିରାଶା-ପୀଡ଼ିତ,
ହୁଏ ଆଶାନ୍ୱିତ, ତଥା ହେଲ ଯବନେଶ ।
ଯେତେ ସେ ଢାଳିଲା ଜଳ ଆଶା-ତରୁମୂଳେ,
ତେତିକ ବିସ୍ତାରି ଶାଖାପ୍ରଶାଖା ପଲ୍ଲବ
ଆଚ୍ଛାଦିଲା ହୃଦ ସେତୁ; ନବୀନ ବେଷ୍ଟନେ;
ଅବାଞ୍ଛି ଉତ୍କଣ୍ଠାବଶେ ହୋଇଣ ଚଞ୍ଚଳ
ମଣିଲା ସେ କରଗତ ସ୍ୱର୍ଗର ନିଶୁଣୀ
ଭରି ଦେଲ ସଙ୍କଳ୍ପରେ ସୁଖ-ସ୍ୱର୍ଗ କେତେ;
ନ ଜନ୍ମେ ଭୋଗରେ ସୁଖ, ଜନ୍ମେ ଭୋଗାଶାରେ,
ପର୍ବଦିନ ପୂର୍ବୁ ସିନା ମିଳେ ପର୍ବସୁଖ ।
ଅସମ୍ଭାଳେ ଦୁଷ୍ଟମନେ ବଢ଼ିଲା ଆବେଗ,
ବଢ଼େ ଯଥା ମେଘାସନ୍ନ-ଅଚଳ-ଦୁହିତା
ସ୍ୱଚ୍ଛୋଦା ସାଗରୀ ନଦୀ ପ୍ରାବୃଟ ସମୟେ,
କ୍ରମବର୍ଦ୍ଧିତ ସେହି ଆବେଗ ଆବେଶେ,
ଭବିଷ୍ୟତେ ମଣିଲା ସେ ବର୍ତ୍ତମାନ ପରି ।
ଆଶାନ୍ୱି-ମାନସ ଭ୍ରମି ଆଶା-କାନନରେ
ତୋଳି ତହୁଁ ନିରନ୍ତର ସଙ୍କଳ୍ପ-ସୁମନ,
ରଚି ସଙ୍କଳ୍ପରେ ତହିଁ ମନୋମତ ହାର
ଲମ୍ବାଏ ବକ୍ଷରେ ସିନା ସେହି ସଙ୍କଳ୍ପରେ ।
ନ ପୂରିଲା ମନ ତାହିଁ, ବଢ଼ି କ୍ରମେ କ୍ରମେ
ଉତ୍କଣ୍ଠାର ଆତୁରତା, ବସାଇଲା ନେଇ
ଯବନେଶେ ସଙ୍କଳ୍ପର ଶୂନ୍ୟ ସିଂହାସନେ;
ତୋଳିଲା ସେ ଅନ୍ତରୀକ୍ଷେ କେତେ ଅଟ୍ଟାଳିକା,
ଭୁଞ୍ଜିଲା ସଙ୍କଳ୍ପ-ଲକ୍ଷ୍ମୀ, ମଣି ସଙ୍କଳ୍ପରୁ
ସତ୍ୟକଳ୍ପ । ଗଢ଼ିନେଇ ପଦ୍ମିନୀ ମୂରତି
ସଙ୍କଳ୍ପରେ, ପ୍ରେମ, ମାନ, ବିରହ, ମିଳନ,
କ୍ରୀଡ଼ାଦି ଦାମ୍ପତ୍ୟ ସୁଖ କଲା ଅନୁଭବ ।
ଜାମ୍ବୁବର ଚକ୍ରବର୍ତ୍ତି ପାଇଲେ ପ୍ରଶ୍ରୟ,
ବଢ଼େ ଶତମୁଖୀ ହୋଇ, ଅସମ୍ଭାଳ ବେଗେ;
ଦେଖି ପ୍ରତ୍ୟାଶ୍ୱାସ ଦୁଷ୍ଟ ସ୍ୱାଭୀଷ୍ଟ ସିଦ୍ଧିର
ମଣିଲା ନିଜକୁ ଧନ୍ୟ, ଭାଳିଲା ଏସନ—
ଏତେ ଦିନେ ଆଗମନ ହେଲା ମୋ ସାର୍ଥକ,
ଲଙ୍ଘି ଦୁରାରୋହ ଗିରି ଦୁର୍ଗମ କାନ୍ତାର
ଗଡ଼ପଥେ, ଲଭିଥିଲି ଯେ ଦାରୁଣ କ୍ଳେଶ;
ଭୁଲିଗଲି ଏବେ ତାହା ଦୁଃସ୍ୱପ୍ନ ପରାଏ ।
ରୂପସୀ କେତକୀ ଫୁଲେ ତୋଳିବା ସମୟେ
ହେଲେ କଣ୍ଟକ ସଂବିଦ୍ଧ କରେ, ମଣଇ କି
ବ୍ୟଥା ତାକୁ ଭ୍ରମେ ସୁଦ୍ଧା କେତକୀରସିକ ?
ତୁଚ୍ଛ ରାଜ୍ୟଧନ ମୂଲ୍ୟ ପଦ୍ମିନୀ ନିକଟେ,
ଅଭାବେ ଏଭଳି ନାରୀ ଅସମ୍ପୂର୍ଣ୍ଣ ସିନା
କୁବେର ସମ୍ପତ୍ତି, ଧନ୍ୟ ଭାଗ୍ୟଧର ମୁହିଁ ।
ପଦ୍ମିନୀ ପୟରଘଷା ପଥରକୁ ସରି
ନୁହେଁ ରାଜ-ସିଂହାସନ, ଏହା ଭୃତ୍ୟପଦ

ବଳେ ବକ୍ଷସ୍ଥଳେ ସ୍ୱଜସ୍ୱଦେଶୀ ଗୌରବୁଁ ।
ପରସ୍ୱପ୍ରବଞ୍ଚକ ଶୀଷା ବୁଦ୍ଧି ପରସ୍ପର ,
ଚେଙ୍କ ସ୍ୱତ୍ୱ ଅଧିକାର , ଶଟିଥିବ ସଦା
ପଦ୍ମିନୀ ପଯ୍ୟସ୍ତ ତେନ୍ତ ବ୍ରତ ମୋର ଏହା ;
ଭ୍ରମିବ ତାହାଙ୍କୁ ଘେନି ଚାନନେ ପର୍ବତେ;
ବନଫୁଲେ କାଶକଞ୍ଚେ ରଚ ଅଲଙ୍କାର ,
ମଣ୍ଡି ତହିଁ ଶୋଭା-ଉସ୍ତ-ବର୍ବଙ୍ଗ ତାହାର ,
ଲଭିବ ପରମାନନ୍ଦ ନିତ୍ୟ ନବଭାବେ ,
ନିରେଖି ସେ ସ୍ୱରୂପଶୋଭା—ନେତ୍ରରସାୟନ ,
ମଣିବ ଏ ଚର୍ମନେତ୍ରେ ସାର୍ଥକ ସର୍ବଥା ।
ଭେବେ ଯେ ଅଙ୍କିଲି ଦୂଷ୍ଟ ସ୍ୱପ୍ନ ଜୀବନର
ସୁଖଚିତ୍ର ଏହିପରି କଳ୍ପନା-ତୂଳରେ ,
ହେବ ନାହିଁ ବଥାରେ ତା ଶେଷ କରି ଦେବେ ।
କିନ୍ତୁ ପରକ୍ଷଣେ , ହୋଇ ତରଙ୍ଗିତ ତାର
ଅତୃପ୍ତ-ବାସନା-ସ୍ରୋତ-ଆକୁଳ-ଉଚ୍ଛ୍ୱାସ ,
ଆଣିଲା ଭସାଇ ତାଙ୍କୁ ପ୍ରକୃତିନିଜସ୍ୱମେ
ଜାଗ୍ରତ ସ୍ୱପନସ୍ୱର୍ଗ୍ୟ ବାସ୍ତବ ସ୍ୱର୍ଗ୍ୟକୁ ।
ମନେ ସେ ସଂସାରେ ସାର୍ କାମିନୀକାଞ୍ଚନେ ,
ସେହି ପାପଲିପ୍ସା ତାଙ୍କୁ କଲାଇଲା ଶରେ
ସମ୍ମତ ପୂର୍ବ ପ୍ରସ୍ତାବେ ; ହୁକାରି ସେ ତହୁଁ
ଶ୍ରେଷ୍ଠ ସେନାଧ୍ୟକ୍ଷେ , କଲା ଆଦେଶ ପ୍ରଦାନ
ଉଠାଇ ଛାଉଣି ନେଇ ସ୍ଥାପିବାକୁ ଦୂରେ ।
ତନ୍ମୁହୂର୍ତ୍ତେ ରାଜ-ଆଜ୍ଞା ହେଲା ପ୍ରଚାରିତ
ଯବନ-ବାହିନୀ ମଧ୍ୟେ , କୁଭାଗ୍ୟଦନ୍ୟମ୍ବୀ
ଭୀଷଣ ଭାଷାରେ , କଲ୍ୟ ପ୍ରଭାତ ସମୟେ
କରିବେ ପଦ୍ମିନୀ ଆସେ ସମ୍ରାଟ-ଶିବିରେ
ସେବକା- ସଙ୍ଗିନୀଦଳେ , ସର୍ବେ ସାବଧାନ ,
ତାଙ୍କ ପ୍ରତି କରିବ ଯେ ଅଶିଷ୍ଟ ବେଭାର ,
ହେବ ତାର ଶିରଶ୍ଛେଦ୍ ନିଷ୍ଚୟ ନିଷ୍ଚୟ ,
ଯଥାକାଳେ ଏ ସମ୍ବାଦ ଶୁଣିଲେ ପଦ୍ମିନୀ ।

ବାହୁଡ଼ଲ ବଇବଶୀ ଫାଟିଲା ସିନ୍ଦୂର ,
ବିବଶ-ସୁନ୍ଦରୀ-ଉଷା ରମଣ୍ଡିଲା ପ୍ରାଚୀ
ବିଧୁର ସୁଷମାରାଶି ଢାଳେପି ଶରୀରେ ,
ଢ଼ଳ ଢ଼ଳ ଚନ୍ଦ୍ରିକାରେ ଚଦଲ ହୁଙ୍ଗୁଳ,
ରଚିଛି କି ଧାତା ତନୁ ତାର , ଳଳବଶେ,
ଚଢ଼ାଇଛି ତହିଁ ପୁଣି ଚନ୍ଦ୍ରିକାର ଝାଳ ।
ମନେ ହୁଏ ହେଉ ତାର ଭ୍ରାକଣ୍ଡୁ ଶୋଣିମା *
ଅନ୍ଧକାର ଆଲୋକର ଭୁମୁଲ ସମରେ
ବହୁଛି କି ରଣାଙ୍ଗଣେ ଲୋହିତସରିତ ?
ହାରି ରଣେ ତମଃ, କରି ଅଶ୍ରୁପାତ ଖେଦେ
ଶିଶିରକଣିକା ଛଳେ, ପଳାଏ ସଭୟେ ।
ତଳଘନ ଛାୟାପାତେ ଆଲୋକ-ନନ୍ଦିନୀ
ପ୍ରକାଶେ ନବୀନ ଶୋଭା, ପଣ୍ଡ କବା ଆହା
ଅଯତ୍ନ-ବିନ୍ୟସ୍ତ ସ୍ୱରୂ ଅଳକା ଆବଳୀ
ଅମଳିନ ଉଷା ମୁଖେ, ସମୀରହିଲ୍ଲୋଳେ,
ଶତଗୁଣେ ବଢ଼ାଏ ତା' ଅନିନ୍ଦ୍ୟ ମାଧୁରୀ ।
ବହିଲା ଶୀତଳ ବାୟୁ ସଧୀରେ ସଧୀରେ
ସୁମନ-ସମ୍ପଦଚୋର, ରାବଲେ ପକ୍ଷିଏ,
କୁସୁମସୁରଭିବୋଳା ସେ ସୁସ୍ୱର-ସୁଧା,
ପିଇଲା ଆନନ୍ଦେ ନଭଃ, ପିଇଲା ବସୁଧା ।
ଭୁଟିଥିଲା ଯାଇ ଜ୍ଞାନ-ହୃଦୟେ ଆଲୋକ,
ଶୁଣି ସେ ବିହଗକୁଳ ଅଭୟ ଆହ୍ୱାନ
ଆସିଲାକ ଧାଇଁ, ତହୁଁ ପ୍ରକୃତି-ସୁନ୍ଦରୀ,
ଉନ୍ମୋଚ ଅବଗୁଣ୍ଠନ ଦେଖାଇଲେ ମୁଖ ।
ସଜୀବତା ପ୍ରଫୁଲ୍ଲତା ଅର୍ପି ନଳିନୀଙ୍କୁ,
ବୁଜିଲା ବିଷାଦ ନେତ୍ର ସରେ କୁମୁଦିନୀ ।
କମ୍ପି ତୃଣୋପରି ନିଶି-ପତିତ ତୁଷାର୍
ଚନ୍ଦ୍ରାକରେ, ରଜତାଭ୍ରମୟ, ହୂରେ ମଣ୍ଡ;
ଘେନିଛି କି ଦେହେ ବହୁ ତୀର୍ଥସ୍ଥଳ ଛାପା
ବୈଷ୍ଣବୀ ପ୍ରକୃତି, ଶୁକ୍ଳ ତିଳକ ମାଟିରେ ?

* ଦୀପ୍ତ ଶୀଳ ରକ୍ତିମା ।

ମଧୁର ପ୍ରଭାତ କାଳେ ସର୍ବେ ମଧୁମୟ—
ଜଳସ୍ଥଳ ନଭସ୍ତଳ ପତ୍ରଫୁଲ ଆଦି,
ମଧୁମୟ ମନୁଷ୍ୟର ମନ, ସ୍ୱଚ୍ଛ, ପୂତ ।
ଏ ମଧୁର କାଳେ ଆଜ ଲାଗିଛି ଚିତୋରେ
ସ୍ୱାମୀ ଉଦ୍ଧାର କାର୍ଯ୍ୟର ଗୁପ୍ତ ଆୟୋଜନ,
ହେଉଛି ଶିବିକା ବହୁ ସଂସ୍କୃତ ସଜ୍ଜିତ,
ଶତ ଶତ ଛଦ୍ମବେଶୀ ରାଜପୁତବୀରେ
ହେଉଛନ୍ତି ଜୁଣ୍ଡ ଆସି, ଶସ୍ତ୍ରାସ୍ତ୍ରସଜ୍ଜିତ,
ଚିତୋର ସମ୍ରାଜ୍ଞୀ ସତୀ ପଦ୍ମିନୀ-ଆଦେଶେ ।
ପ୍ରତ୍ୟେକ ଶିବିକା ମଧ୍ୟେ ବସିଲେ ଗୋପନେ
ଜଣେ ଜଣେ ମହାବୀର, ପ୍ରତ୍ୟେକ ଶିବିକା
ବହନେ ନିଯୁକ୍ତ ହେଲେ ଛଅ ଜଣ ଶୂର
ଗୋପବେଶ ଧରି, ଗୁପ୍ତ ଅସ୍ତ୍ରଶସ୍ତ୍ରଧାରୀ ।
ଅନନ୍ତର ସଜେ ହୋଇ ଶୋଭାଙ୍ଗୀ ପଦ୍ମିନୀ
ଏକଲିଙ୍ଗ ଦେବାଳୟେ, କଲେ ଜଣାମଣା
ବିନୟ ଗଦ୍‌ଗଦ କଣ୍ଠେ, କୃତାଞ୍ଜଳିପୁଟେ,
"ସ୍ୱଭାବେ ଅବଳା ମୁହିଁ ପ୍ରଭୋ, ବଳାଇଛି
ଅସାଧ୍ୟ ସାଧନେ ମନ, ତବ ଭରସାରେ,
ହେଉ ବୃଷ୍ଟି କିଙ୍କରୀର ମନୋରଥ ପଥେ
ତୁମ୍ଭ କୃପା-ସୁଧା, ମାଗେ ଏ ଭିକ୍ଷା ପୟରେ ।"
ସାଧ୍ୱୀର ଏ ପ୍ରାଣମୟୀ ପ୍ରାର୍ଥନା ସମୟେ
ଖସିଲା ଦେବ ବିଗ୍ରହ ଦକ୍ଷିଣାଙ୍ଗୁ ଫୁଲ
ତିନି ଥର, ମଣି ତାକୁ ମଙ୍ଗଳ ଶକୁନ,
ନମସ୍କାର ଦେବେ, କଲେ ଶିବିକାରୋହଣ;
ଅର୍ପି ବୀରବର ଗୋରା ବାଦଲ ଉଭୟେ
ଗୁପ୍ତ ବାହିନୀର ଭାର, ଯାତ୍ରା କଲେ ଦେବୀ ।
ବାହାରିଲା ଦୁର୍ଗ ମଧ୍ୟୁଁ ସାତଶ ଶିବିକା—
ରଙ୍ଗ ଘାଟ ଘଣ୍ଟାଟୋପେ ଢଙ୍କା, ପଂକ୍ତିକ୍ରମେ,
ଗିରିବନ ଭେଦି ତାହା ଚାଲିବେଳେ ତଳ,
ଦିଶିଲା ଦୂରରୁ ଶୋଭା କେଡ଼େ ବାହାରିଆ;
ପ୍ରାବୃଟେ ନୀଳିମାମୟ ନବ ଦୂର୍ବାଦଳେ
ସ୍ଖଳନ୍ତ କି ପୁଞ୍ଜି ପୁଞ୍ଜି ଇନ୍ଦ୍ରଗୋପ କୀଟ ?

ଅବା ବପ୍ରପଙ୍କେ ଲତା ସମୁଦ୍ର ବେଳାରେ
କରୁଛନ୍ତି କ୍ରୀଡ଼ା ଶଙ୍ଖ ଲୋହିତ ବର୍ଣ୍ଣଟେ ।
ଶୀତଳ ସୁନ୍ଦର ବାହ୍ୟେ ଆଭାସେ ଶିବିକା
ପ୍ରଦୀପପଙ୍କ୍ତିରି ପ୍ରାୟ; କିନ୍ତୁ ଅନ୍ତସ୍ତଳେ
ଜଳେ ଉଗ୍ର ଅଗ୍ନିଶିଖା ବିଶ୍ୱଦାହେ କ୍ଷମ ।
ନେତ୍ରପ୍ରୀତିପ୍ରଦ ବସ୍ତ୍ରେ ପକ୍ୱ ଲଙ୍କାଫଳ
ମାତ୍ର ନ ଖାଏ କି ତହିଁ ପ୍ରଚ୍ଛନ୍ନ କଣ୍ଟକା ?
ଯଥାକାଳେ ଉପସ୍ଥିତ ହୁଅନ୍ତେ ଶିବିକା
ଯବନ-ଶିବିରେ, ତହୁଁ ପେଷିଲେ ପଦ୍ମିନୀ
ଆଜ୍ଞା କରି ଏ ସମ୍ବାଦ—"ଦେଲେ ଅବସର
ଦଣ୍ଡେ ମାତ୍ର, ଯାଇ ମୁହିଁ ବନ୍ଦୀ ସ୍ୱାମୀ ପାଶେ,
ଆସିବି ଚିର-ବିଦାୟ ଘେନି ତାଙ୍କଠାରୁ ।"
ଶୁଣି ଏହା ଯବନେଶ ହୁଅନ୍ତେ ସମ୍ମତ,
ପ୍ରବେଶି ପଦ୍ମିନୀ ରାଣୀ ଶୀଘ୍ରେ କାରାଗାରେ
ବନ୍ଦି ସ୍ୱାମି-ପାଦ-ପଦ୍ମ ଚିରବନ୍ଦନୀୟ,
ହେଲେ ସତୀ ସୁକ୍ତକରେ କାର୍ଯ୍ୟଧୂରେ ଉଭା ।
ସ୍ୱୀୟ ପାଟେଶ୍ୱରୀ ହେବେ ଯବନମହିଷୀ
ଶୁଣିଥିଲେ ଆଗୁଁ ଏହା ରାଣା, ଦେଖି ଏବେ
ଉପସ୍ଥିତ ତାଙ୍କୁ ସ୍ୱୟଂ ବିପକ୍ଷ ଶିବିରେ,
ଭାଙ୍ଗିଲେ ସନ୍ଦେହେ ଚକ୍ଷୁକର୍ଣ୍ଣର ବିବାଦ ।
କ୍ରୋଧଘୃଣାବ୍ୟଞ୍ଜୀ ତୀବ୍ର କର୍କଶ ବଚନେ
କହିଲେ ଚିତୋର-ପତି, ଦୂର-ହ ଯବନୀ
ଆର୍ଯ୍ୟକୁଳକଳଙ୍କିନୀ, ରମଣୀପାଂଶୁଳା,
ସମର୍ପି ଜଳାଞ୍ଜଳି ପାତିବ୍ରତ୍ୟ ବ୍ରତେ,
ଆଦର କୌଳିକ ଧର୍ମେ, ଇଚ୍ଛିଲୁ ପିଶାଚି
ଯବନପତିର ଅଙ୍କ, ଯବନ ଅଇଁଠା,
ଶୋଇଛନ୍ତି ପଡ଼ି ସର୍ବ ରାଜପୁତବୀରେ
ଅସ୍ତ୍ରବିସ୍ତୃତର କ୍ରୋଡେ, ଦୈବ ଦୁର୍ବିପାକେ,
ତେଣୁ ଏ ଅମାନ୍ତ ତୋର ସହିଲେ ନୀରବେ;
ମାତ୍ର ସହିଲେ କିପରି ଏକଲିଙ୍ଗ ପ୍ରଭୁ !
ଧରିଲେ କିପରି ଅବା ଏ ପାପର ଛାୟା
ରୁଦ୍ରଦାନ୍ତ, ସମୁଜ୍ଜ୍ୱଳ କୁଣ୍ଡବମ୍ଭେ ସେଥୁ,

ସମ୍ଭବନ୍ତ ମୋତେ ଏହା ଅସମ୍ଭବ ଅତି ।
ଯେହ୍ନେ ରାଜପୁତ ଜାତ କୁଳଲକ୍ଷ୍ମୀକୁଳ
ନ ହୋଇ ଜୀବନ୍ତେ କେବେ ବୈରି-ବଶୀଭୂତା,
କଠୋର ଜହର ବ୍ରତ ଆଚରନ୍ତି ମୁଦେ,
ଜାତ କି ସେ କୁଳେ ହାୟ ତୁହି ପାପୀୟସୀ ?
ଏ ବଡ଼ ଅଦ୍ଭୁତ, ଅହୋ, ସୁରପୁନ୍ନାଗରେ
ଫୁଟିଲା ସତଣା ଫୁଲ—* ପୂତିଗନ୍ଧମୟ
କେ ଜାଣିବ ତାହା ଶାପେ ପୁଣ୍ୟ ତୀର୍ଥଜଳେ
ମିଶିଲା ଅମେଧ୍ୟ, ବଡ଼ ମର୍ମନ୍ତୁଦ ଏହା ।
ରାଜହଂସବଂଶୋଦ୍ଭବା ରମ୍ୟା ରାଜହଂସୀ
ବରିଛି ଆମିଷଲୋଭୀ ବକେ ପତି-ପଦେ,
ଶୁଣିଛୁ କି କେବେ କେହି ଏହି ଅଘଟନ ।
ଧିକ ତୋ ତରୁଣୀ ଦୁଷ୍ଟା, ଏକଇ ଜନମେ
ବୋଳିଲୁ କଳଙ୍କ-କାଳୀ ପତି-ପିତୃକୁଳେ,
ମହାପାପ ତୋର ଦଗ୍ଧ ମୁଖାବଲୋକନ ।
ଜନ୍ମ ପରେ ମୃତ୍ୟୁ, ମୃତ୍ୟୁ ପଶ୍ଚାତେ ଜନମ,
ନିୟତିନିର୍ଦ୍ଦିଷ୍ଟ ଏହା, ମୃତ୍ୟୁ ସିନା ଖାଲି
ଅକୃତ-ସୁକୃତ, ଅତଃ କି ଶଙ୍କା ତହିଁରେ ?
ନ ବୁଝିଲୁ ଏ ରହସ୍ୟ ଛାର ମୃତ୍ୟୁଭୟେ,
ରାଜକନ୍ୟା ହୋଇ ହେଲୁ ଯବନରଙ୍ଗିଣୀ;
ଲଗାଇଲୁ ଯେ କାଳି ତୁ ରାଠୋର-ବଦନେ,
ଶତ ଧୌତେ ହେବ ନାହିଁ ବିଲୁପ୍ତ ସେ ଦାଗ,
ଯା ଯା ଏବେ ତୋ ଯବନ ପ୍ରିୟପତି ପାଶ ।"

ଶୁଣି ସ୍ୱାମୀଙ୍କର ଏହି ପରୁଷ ଭର୍ତ୍ସନା,
ନ ହେଲେ ପଦ୍ମିନୀ କ୍ଷୁବ୍ଧା, କୋପେ ବିଚଳିତା
ସତୀ ହୃଦଗୃହ, ଶାନ୍ତି ସଂଯମ ଆଧାର,
ମଣ୍ଡିତ ସେ ଦୟା କ୍ଷମା ଧୈର୍ଯ୍ୟାଦି ରତନେ,
ଧର୍ମ ତାର ଦ୍ୱାରରକ୍ଷୀ—ନ୍ୟାୟ ଅସ୍ତ୍ରଧାରୀ,
କି ରୂପେ ପଶିବ ତହିଁ ପାପାତ୍ମା କ୍ରୋଧ,
କି ରୂପେ ପଶିବ ଅହୋ ଅସ୍ପୃଶ୍ୟ ମାହାର
ମନ୍ଦାରକେ ମାନପଣି ପବିତ୍ର ଦେଉଳେ ?

ଜନ୍ମାଇଲେ ସୁଦ୍ଧା କେହି କ୍ରୋଧର ଉଦ୍ରେକ,
ହୁଏ ନାହିଁ କ୍ଷୁବ୍ଧ ସତୀ ଶୀତଳ ହୃଦୟ,
ଜଳଇ କି ଜଳେ ଦୀପ ଶତ ଚେଷ୍ଟାବଳେ
ତୈଳାଭାବେ, ନୁହେ ତାହା ପ୍ରକୃତି-ନିୟମ ।
ମଧୁରେ ଭାଷିଲେ ରାଣୀ ରାଣା ଭୀମ ସିଂହେ,—
ପଦ୍ମିନୀ-ହୃଦୟ-ବନ୍ଧୁ, ନ ଜାଣ କି ପ୍ରଭୁ,
ତବ ଚିର ପରିଚିତା ପଦ୍ମିନୀ ହୃଦୟ ?
ପେଷ ଯା ଯବନ ଜଣ ଦୁରଦୃଷ୍ଟ ମମ;
ଲଭଇ କି ଶୋଭା ଭାସ୍ୱ ଚନ୍ଦ୍ର ଛନ୍ନ କେବେ
ଅମଙ୍ଗଳ ଧୂମକେତୁ ? ସମ୍ବୋଧିଲ ମୋତେ
ଯବନୀ ବୋଲିଣ, ଯଦି ରାଣା ଭୀମ ସିଂହ
ବନ୍ଦୀ ହୋଇ କାରାଗାରେ ଯବନପତିର
ହୋଇଥାନ୍ତି ଯବନତ୍ୱ ପ୍ରାପ୍ତ, ନିଶ୍ଚେ ତେବେ
ଯବନୀ ପଦ୍ମିନୀରାଣୀ; ଉପାହିତା ସିନା
ପତି ଉପାଧିରେ ପତ୍ନୀ, ଏ ଶାଶ୍ୱତ ଧାରା ।
ନୁହେଁ ମୁଁ ଦୁଃଖିତା ନାଥ ତୁମ୍ଭ ଭର୍ତ୍ସନାରେ,
ହେବାରୁ ମୋ ଭାଗ୍ୟେ ଆଜ ଉପଲବ୍ଧ ତାହା,
ମଣୁଛି ମୁଁ ଆପଣାକୁ ପ୍ରଗୌରବାନ୍ୱିତା;
ହେଉ ପଛେ ଯେତେ କଟୁ ପ୍ରିୟ ତିରସ୍କାର,
ତଥାପି ମଧୁର ତାହା, ଆନ କଣ୍ଠେ ସିନା
କର୍କଶ ବାରିଦ ସ୍ୱର, ମାତ୍ର ନ ମଣେ କି
ମଧୁର ମଧୁରତର ତାହା ଚାତକିନୀ ?
ଏହା ଭାଷି ନିବେଦିଲେ ସତୀ ପତିପଦେ
ସକଳ ବୃତ୍ତାନ୍ତ; ଶୁଣି ଭୀମ ସିଂହ ତାହା,
ହେଲେ ଯଥା ବିମୋହିତ ତଥା ଅପ୍ରତିଭ ।
ତହୁଁ ପ୍ରାଣପ୍ରେୟସୀଙ୍କି ସମ୍ବୋଧି କୋମଳେ
ବୋଇଲେ ଏସନ—"ସତି ! ମହାବୁଦ୍ଧିମତୀ
ତୁମ୍ଭେ, ରଚିଅଛ ମୋର କାରାମୁକ୍ତି ପାଇଁ
ଏ କୌଶଳ, ନ ଜାଣି ଯା ଦୋଷିଲି ବ୍ୟର୍ଥରେ,
ସେଥିଲାଗି କରୁଛି ମୁଁ ଏବେ ଅନୁତାପ,
ଏହି ଏକା ଏ ପାପର ଯୋଗ୍ୟ ପ୍ରାୟଶ୍ଚିତ୍ତ,

* ଛତିଆନା ବା ସପ୍ତପର୍ଣ୍ଣୀ ଫୁଲ

ତୁମ୍ଭର ଏ କୀର୍ତ୍ତିଗାଥା— ବିମଳ ଉଜ୍ଜ୍ୱଳ,
ବିମଳ ଉଜ୍ଜ୍ୱଳ ଯଥା ପାତିବ୍ରତ୍ୟ ତବ,
ଧରିତ ଅମର ବକ୍ଷେ ସଦା ଇତିହାସ,
(ଭୂତସାକ୍ଷୀ ଅତୀତର ଘଟନାପଞ୍ଜିକା)
ଦେବି, ତୁମ୍ଭେ ମହାସତୀ ମହାକ୍ଷମାଶୀଳା,
କ୍ଷମିବ ଏ ଅକିଞ୍ଚନ ପତି ଅପରାଧ
ନିଜ ଗୁଣେ, ଏହି ମାତ୍ର ମାଗୁଣି ମୋହର ।"
ପତ୍ନୀ ପତି ତାକୁ ବାଣୀ ଶୁଣିଣ ପଦ୍ମିନୀ
କହିଲେ ବିନୟେ, "ନାଥ, ଏଭଳି ବଚନ
ନ ଧର ପୁନଶ୍ଚ ମୁଖେ, ତୁମ୍ଭେ ମୋର ଗୁରୁ,
ତୁମ୍ଭେ ପ୍ରଭୁ, ଏ କିଙ୍କରୀ କିଣା ତବ ପାଦେ,
ଦାସୀଠାରେ କ୍ଷମା-ଭିକ୍ଷା ନୁହଇ ବିହିତ,
ଥାଉ ସେ ପ୍ରସଙ୍ଗ, ହମେ ହେଉଛୁ ଉଦ୍ଧୁର,
ଖରେ କାରାଗାରୁ ଏବେ ହେବା ବହିର୍ଗତ ।"
ଶୁଣି ଏହା ଭୀମସିଂହ କହିଲେ ଏସନ,—
"ବୀର ହୋଇ ଚୋର ପରି ଯିବାକୁ ପଳାଇ
ବଳୁ ନାହିଁ ମନ ମୋର, ବରଞ୍ଚ ତାଠାରୁ
ଶ୍ରେୟ ଆଜୀବନ ବାସ ଶତ୍ରୁ କାରାବାସେ,
ଯବନ ପଦାଙ୍କେ ମଣି କପାଳେ ତିଳକ ।
କ୍ଷତ୍ରିୟ ମୁଁ, ଜନ୍ମ ମୋର ମହାକ୍ଷତ୍ରକୁଳେ,
ସିଂହ ହୋଇ ଆଚରିବ ଶୃଗାଳ ଧରମ ?
ଶୁଣି ଏ ଭୀରୁତା ମୋର, ଉଚ୍ଚାରିବେ ବୀରେ
କେତେ ପରିହାସ ବାଣୀ, ଅସହ୍ୟ ଅତୀବ,
ଜନ୍ମାଇବ ହୃଦେ ମୋର ମହାବ୍ୟଥା ସେହୁ
ବଳି ଶତ ବଜ୍ରାଘାତୁଁ, କ୍ଷତ୍ରଧର୍ମ ତେଜି
ହେବି କି କଳଙ୍କହାରେ କପାଳେଁ ଭୂଷିତ ?"
ଉତ୍ତରିଲେ ସତୀ — "ନାଥ, କେଉଁ ନ୍ୟାୟରଣେ
ପରାଜୟ କରି ଅବା ତୁମ୍ଭଙ୍କୁ ଯବନ
ରଖିଅଛି ବନ୍ଦିଶାଳେ, ଅଧର୍ମୀ ସତତ
ବିଧି କି ପାଳିବା ଧର୍ମ, ପାଷଣ୍ଡ ମିଥ୍ୟୁକ
ଯେହୁ, ବିଶ୍ୱାସଘାତକ, ପ୍ରତାରିତ ତାକୁ
କରିବା ତ ନୁହେ ନ୍ୟାୟଧର୍ମବିଗର୍ହିତ ।
ଶତ୍ରୁ ହସ୍ତୁଁ ଆତ୍ମୋଦ୍ଧାର ବଳେ ବା କୌଶଳେ
ଏହା ନୀତିଶାସ୍ତ୍ରାଦେଶ, ନ ଘଟେ ସୁବିଧା
ଯହିଁ ବଳପ୍ରୟୋଗର, କୌଶଳରେ ତହିଁ
କରିବା ଉଚିତ ସିନା କର୍ତ୍ତବ୍ୟ ସାଧନ;
ଲଭିଥିଲେ ରକ୍ଷା ପର କୌଶଳେ ପାଣ୍ଡବେ
କୁଟନି-କୌରବକୃତ ରୁଦ୍ର ଜତୁଗୃହୁ ।
ନୁହେ ଏହା ନିନ୍ଦା କିମ୍ବା କଳଙ୍କର କଥା,
ବରଞ୍ଚ ଚତୁରତାର ଭୂୟସୀ ପ୍ରଶଂସା ।
ନ ଖୋଜ ଉଦ୍ଧାର ସ୍ପୃହା ଭଜିବା ହତାଶା
ନିର୍ଜୀବତା ନିଦର୍ଶନ, ଉଦ୍ୟୋଗ ପଥରେ
ନ ଖଟିଲେ ପୁରୁଷାକାରପଣେ ନିଷ୍ଠା ସହ,
ହୁଏ ନାହିଁ ଇଷ୍ଟସିଦ୍ଧି କାର କେଉଁକାଳେ,
ଭାଗ୍ୟ-ଭଣ୍ଡାରର କଞ୍ଚି ନିଶ୍ଚୟ ଉଦ୍ୟୋଗ ।
ନାରକୀ ବର୍ବର ଆହା ପ୍ରବଞ୍ଚନା-ପଟୁ,
ଜାଣିଣ ତୁମ୍ଭଙ୍କୁ ସାଧୁ ସରଳବିଶ୍ୱାସୀ
କଲା ପ୍ରତାରଣା, ତାକୁ ପ୍ରତି-ପ୍ରତାରଣା
କରିବା ନୁହଇ ପାପ, ଶଠତା-ବ୍ୟାଧିର
ମହୌଷଧି ଶାଠ୍ୟ ସିନା, ବିଷ ବ୍ୟତିରେକେ
କେ ଅବା ପାରିବ କାଟି ବିଷ ବିସର୍ପଣ ।
ଲଭୁ ଦୁଷ୍ଟ ଉପଯୁକ୍ତ ଶିକ୍ଷା, ବୁଝ ପୁଣି—
ଯେ ଖୋଳିବ ଗାତ, ନିଶ୍ଚେ ପଶିବ ସେ ତହିଁ ।
ଏସନ ସୁଯୁକ୍ତି ଯୋଗେ ମଙ୍ଗାଇଣ ଧରେ
ପଦ୍ମିନୀ—ପଦ୍ମିନୀକଳ୍ପା କୋମଳହୃଦୟା,
ଘେନିଗଲେ ବନ୍ଦିବାସ ବହିର୍ଭାଗେ ଦ୍ରୁତ;
ଉଭୟ ଶିବିକା ତହିଁ ଥିଲଟି ରକ୍ଷିତ
ପୂର୍ବୁଁ, ସପତ୍ନୀକ ରାଣା ଭୀମସିଂହଙ୍କର
ଆଗମନ-ପ୍ରତୀକ୍ଷାରେ, ଦମ୍ପତିଯୁଗଳ
ଆରୋହଣ କଲେ ଯାଇ ତହିଁ ସଂଗୋପନେ,
ତହୁଁ ଖରେ ଛଦ୍ମବେଶୀ ଶିବିକା-ବାହକେ
ବହଣ ବିଶାଳ କନ୍ଧେ ସେ ଦେନି ଶିବିକା
ଚଳିଲେ ଚିତୋର-ମୁଖେ, ପଛେ ପଛେ ତାର
ଆବର ଶିବିକା କେତେ ଗଲା ଦ୍ରୁତବେଗେ ।

ନିରେଖି ଦୂରରୁ ତାହା ଯବନ ସମ୍ରାଟ
ଭାବିଲା ସ୍ୱଗତେ ଏହା, ଏହି ଯେ ଶିବିକା
ଗୁଡ଼ିକ ଚିତୋର ଦିଗେ, ଗଲେ ତହିଁ ପଶି
ରାଜପୁତ କୁଳବାଳାକୁଳ, ଘେନ ଚର—
ବଦାୟେ ପଦ୍ମିନୀ ପାର୍ଶ୍ୱେ, ଅବଶିଷ୍ଟ ଯାହା
ରହିଲ, ସେଥିରେ ଛନ୍ତି—ସହଚରୀବାର ।
ବିଳମ୍ବ ତ ନାହିଁ ଆଉ ପଦ୍ମିନୀର ଭେଟ,
ଏକ୍ଷଣି ସେ ଆସି ମୋତେ ଭଜିବ ନିଶ୍ଚୟ,
ମାତ୍ର ମୁଁ କି ଦ୍ରବ୍ୟ ତାକୁ ଦେବି ଉପହାର ?
ରମଣୀଏ ସ୍ପୃହାବତୀ ରତ୍ନ ଅଳଙ୍କାରେ,
ମାତ୍ର ନ ତୁଟିବ ତାହା ମନକୁ ତାହାର,
ସ୍ୱଭାବେ ଅଳଙ୍କାରର ଅଳଙ୍କାର ଯେହୁ,
ଗ୍ରାମ୍ୟ ଅଳଙ୍କାରେ ତାର କେଉଁ ପ୍ରୟୋଜନ ?
ଭାଳି ଭାଳି ଏହା, ସହି ନ ପାରି ଉତ୍ସୁର
ହେଲା ଅତି ଅସମ୍ଭାଳ, ଆଶାର୍ଥୀ ମାନସ
ସତ୍ୱେ କି ବିଳମ୍ବ ଦେବେ, ଅଭୀଷ୍ଟସିଦ୍ଧିରେ
ଘଟଇ ବିଳମ୍ବ ଯେତେ, ବଢ଼ୁଥାଏ ତେତେ
ଆବେଗ ତାହାର ହୃଦେ, ବଢ଼ୁଥାଏ ଯଥା
ମୂଳେ ମିଶି ଜଳନ୍ତର ତରଙ୍ଗବୃଦ୍ଧି କ୍ରମେ ।
ହୁଡାର ପ୍ରଣିଧିବର୍ଗେ ଯବନ-ଅଧିପ
ଆଦେଶିଲା କ୍ରୋଧେ—ଯାଇ ଏହି ମୁହୂର୍ତ୍ତରେ
ଘେନ ଆସ ପଦ୍ମିନୀକୁ ଭୀମ ସିଂହ ପାର୍ଶ୍ୱୁଁ
କାରାଗାରୁ, ଅହୋ କେତେ ଆସ୍ପର୍ଦ୍ଧା ରାଣାର !
କେଉଁ ଅଧିକାର ତାର ପଦ୍ମିନୀ ଉପରେ,
କରୁଅଛି ମନସୁଖେ ଏତେବେଳଯାଏ
ପ୍ରେମାଳାପ, ଶତ ଧିକ ନିର୍ଲଜ୍ଜ ପାମରେ ।
ଶିରୋଧାର୍ଯ୍ୟ କରି ଦୂତେ ସମ୍ରାଟ-ଆଦେଶ
ପଶି ବନ୍ଦିଶାଳା ମଧ୍ୟେ, ହେରିଲେ ବିସ୍ମୟେ
ମହାଶୂନ୍ୟାୟିତ ତାହା, ନାହାନ୍ତି ପଦ୍ମିନୀ
କିମ୍ବା ରାଣା ଭୀମ ସିଂହ, ବାରିଦ ସଙ୍ଗତେ
ଉଭେଇଲା ପ୍ରାୟ ଧନୀ ବାରିଦ ପ୍ରେୟସୀ,
ହୋଇଛନ୍ତି ଅନ୍ତର୍ହିତା ରାଜପୁତ-ରମା ।

ଶୁଣି ଏ ସନ୍ଦେଶ ଆଲ୍ଲା ହେଲା ବ୍ୟାକୁଳିତ
ଆଶାଭ୍ରାନ୍ତ ପାନ୍ଥ ଯଥା ସଂସାର-ମରୁରେ,
ସ୍ୱର୍ଗସ୍ପର୍ଶ ପରକ୍ଷଣେ ମୁମୁକ୍ଷୁ ବ୍ୟକ୍ତିର
ଘଟିଲା କି ଅଧୋଗତି, ଥିଲା ଉଦ୍ଧରିଲ
ଯେ ଲିପ୍ସା ପାପିଷ୍ଠ-ହୃଦେ, ପଡ଼ିଲା ସେ ନଇଁ
ପୂର୍ଣ୍ଣିମା ନିଶାନ୍ତେ ଯେହ୍ନେ ସାଗରେ ଜୁଆର ।
କ୍ରୋଧ ଦୁଃଖ ଅପମାନ ପ୍ରତିଶୋଧ ସହ
ଘାଣ୍ଟିଲେ ଘୁରହେଁ ତାର ପାପପୂର୍ଣ୍ଣ ମନେ;
ଆଲୋଡ଼ନ୍ତି ଗ୍ରୀଷ୍ମେ ଯଥା ଶୂକର ସମୂହେ
କର୍ଦ୍ଦମ-କଳୁଷ-ତୋୟ କ୍ଷୁଦ୍ରିତ-କାସାରେ ।
କ୍ରୋଧାନଳେ ଜଳ ଧୂର୍ତ୍ତ କଲା ଆଜ୍ଞା ଦାନ
ଚମୂଚୟେ, ଶିବିକାର ପଟ୍ଟ ଉନ୍ମୋଚନେ;
ତହୁଁ ସୈନ୍ୟେ ଶିବିକାର ଆବରଣ ଫେଇ,
ଦେଖି ମଧ୍ୟେ ଅବସ୍ଥିତ ସଶସ୍ତ୍ର ସାମନ୍ତ,
ପଡ଼ିଲେ ଚମକି ସର୍ବେ, କାପୁରୁଷ ପ୍ରାୟ,
ଦେଖିବେ ଯେବେ ମିଳ ସେହୁ ବ୍ୟାଘ୍ରବସା ପାଶେ
ନିରେଖଇ ଉନ୍ମୋଚନେ ସୁପ୍ତ ମହାବଳେ ।
ବାହାରି ଶିବିକା ଗର୍ଭୁ ରାଜପୁତ ବୀରେ
ଉଚ୍ଚାରି ଉଚ୍ଚରେ "ଜୟ ଏକଲିଙ୍ଗ ଜୟ"
ମହାସ୍ତୋତ୍ରେ ମହାମନ୍ତ୍ରେ, ଆଉଁଷିଣ ନିଶେ,
ପଡ଼ିଲେ ବିପକ୍ଷ ପରେ ଝାମ୍ପି ଦର୍ପଭରେ,
ଉର୍ଣ୍ଣନାଭ ମକ୍ଷି ପୁଞ୍ଜେ ଯଥା । ଅନନ୍ତର
ଲାଗିଗଲା ବେନ ସେନା ମଧ୍ୟେ ରୁଦ୍ର ରଣ,
ଆସ୍ଫାଳିଲେ ବୀରେ ଅସି, ଏକ କାଳେ ଅବା
କୋଟି ବିଜୁଳିର ଜ୍ୟୋତି ହେଲା ପ୍ରକାଶିତ ।
ବିଜିତର ଆର୍ତ୍ତନାଦେ, ଜେତାର ହୁଙ୍କାରେ,
ଭୀଷଣ କୃପାଣ ସ୍ୱେଟ ଚଟ ଚଟ ସ୍ୱନେ
ହେଲା କ୍ଷେତ୍ର ମୁଖରିତ, ପୂର୍ଣ୍ଣ ହାଟ ଯଥା,
ହୁଏ ଅକସ୍ମାତ ଯଦି ବୃଷ୍ଟିଧାରାପାତ ।
ବାହାରିଣ ଦଳେ ଦଳେ ଶସ୍ତ୍ରୀକ ପଦାତି
ଯବନ ଶିବିର ମଧ୍ୟୁଁ, ଚତୁର୍ମାସ୍ୟା କାଳେ
ବଲ୍ମୀକରୁ ବୃଷ୍ଣିକାଟ ପ୍ରାୟ, ସୃଷ୍ଟି କଲେ

ଆମ୍ଭ ପକ୍ଷ ଆସି, ଦେଖି ରାଜପୁତେ ତାହା
ହେଲେହେଁ ଅପେକ୍ଷାକୃତ ସଂଖ୍ୟାରେ ନଗଣ୍ୟ,
ହେଲେ ନାହିଁ ଭୀତ କମ୍ପ୍ର ବିଚଳିତମତି,
ଆତଙ୍କଇ ଭୟ ସିନା ହୀନସତ୍ତ୍ୱ ଜନେ,
ମାତ୍ର ଯେ ପୌରୁଷ-ବର୍ମେ ସଂପିହିତ ସଦା,
ରଣେ ପୃଷ୍ଠଭଙ୍ଗ ଯାଙ୍କ ମରଣୁ ଅଧିକ,
ତ ଚିତ୍ତ ଭୟର ସେତୁ ପଶିବ ଉଦ୍‌ଘାଟି
ସାହସ-ଅର୍ଗଳ-ବଦ୍ଧ ତାଙ୍କ ହୃତ୍‌କପାଟେ ।
ବଢ଼ିଲା ବେଳକୁ ବେଳ ବିଷମ ସମର,
ଜନମି ସ୍ଫୁଲିଙ୍ଗରାଶି ଶସ୍ତ୍ରସଂଘର୍ଷଣେ
ଉଡ଼ିଲା ଚୌଦିଗରେ, ଯଥା ଅଙ୍ଗାର ଗର୍ତ୍ତରେ
ଉଡ଼ନ୍ତି ଜ୍ୟୋତିରିଙ୍ଗଣେ ପୁଞ୍ଜି ପୁଞ୍ଜି ହୋଇ ।
ଯୁଝନ୍ତି ଉଭୟ ସେନା ଉତ୍ସାହେ ନିର୍ଭର,
ଉଭୟେ ଜିଗୀଷୁ, କେହି ନ କରି ସ୍ୱୀକାର
ପରାଜୟ, ହାଣ ଖାଇ ପରସ୍ପର କରେ
ହେଲେ ରକ୍ତାକ୍ତ, ଯେହ୍ନେ ଦୋଳଯାତ୍ରାକାଳେ
ରଞ୍ଜିତ ଅବିରଜଳେ ଯାତ୍ରାକାରଗଣ ।
ଲାଗିଲାକ ଅହୋ ରଣେ ବିଷମ ମାରୁଣି
ମାର ମାର କାଟ କାଟ ଶବ୍ଦେ, କେହି କାର
ଭୁଷି ଦେଇ ପେଟେ ଭଲ୍ଲ—ସବଳେ, ସବେଗେ
ଆଣିଲା ଓଟାରି ଅନ୍ତ ସହ ପ୍ରାଣବାୟୁ
ତାର, ଛିନ୍ନଶିର ଶତ୍ରୁଶସ୍ତ୍ରେ କେହୁ, କୁଏ
ଗଣ୍ଡି ତାର ଛଟପଟ ରଣାଙ୍ଗନେ ପଡ଼ି ।
କେହି ଅବା ହସ୍ତଶୂନ୍ୟ, ଘୋର ଯନ୍ତ୍ରଣାରେ
ଉଚ୍ଚାରଇ ଆହା ଉହୁ ମଲି ମଲି ବାଣୀ
କାତର୍ଯ୍ୟ କାରୁଣ୍ୟବ୍ୟଞ୍ଜୀ ପ୍ରାଣସ୍ପର୍ଶୀ ସ୍ୱରେ ।
ପଡ଼ିଲେ ବିସ୍ତର ସେନା ଉଭୟ ପକ୍ଷରୁ
ଆଚ୍ଛାଦି ସମରକ୍ଷେତ୍ର; ହୋଇ ମିଶାମିଶି
ଅହିନ୍ଦୁ ହିନ୍ଦୁ, ଧର୍ମର ପାର୍ଥକ୍ୟ ପାସୋରି ।
ନାହିଁ ଜାତୀୟ ଘୃଣା, ପାର୍ଥିବ ଶତ୍ରୁତା,
ବସିଛି ତା ସ୍ଥାନେ ଏବେ ମୈତ୍ରୀ ଅନାବିଳା ।
ମର୍ତ୍ତ୍ୟର ପଦାର୍ଥ ସିନା ଅଟେ ଭେଦନୀତି,
ଥାଏ ମର୍ତ୍ତ୍ୟେ ସେତୁ, ରହେ ମାଟି ସଙ୍ଗେ ମିଶି ।
ଅର୍ପି ଅନ୍ତେ ମୃତ୍ୟୁ ଆଜି ନିର୍ଜୀବ ଶରୀରେ
ଏହି ସାମ୍ୟ-ମନ୍ତ୍ର ଏହି ମହାବିଦ୍ୟା ନବ,
ବଡ଼ ବଡ଼ ମୃତ୍ୟୁ, ସେତୁ କାଟେ ଏକାବେଳେ
ପ୍ରାଣବୃକ୍ଷ, ତଦାଶ୍ରିତା ଭେଦନୀତି-ଲତା ।
ଆତ୍ମପକ୍ଷ ସୈନ୍ୟ କ୍ଷୟ ନ ପାରିଣ ସହି
ରୁଷିଲା ଅରିଷଣ୍ଡଧ୍ୱଂସୀ ରଣସିଂହ ଗୋରା,
ବେନି ହସ୍ତେ ବେନି ଅସି ବୁଲାଇ ବହନ
ପଶିଲା ଯବନବ୍ୟୂହେ କୃତାନ୍ତକ ପ୍ରାୟ,
ଘୂରେ କରବାଳ କରେ ପବନୁ ପ୍ରଖରେ
ସନ ସନ ସ୍ୱନେ, କେବେ କେଉଁ ହସ୍ତ ଘୂରେ
କେଉଁ ଭାବେ, କିଏ ନାହିଁ ଜାଣି ତାହା କିଛି,
ଆଖିସେ କେବଳ ଦୀପ୍ତ କୃପାଣପରିଧି
ବେଢ଼ିଛି ଶରୀରେ ତାର, ଦେବଦେହେ ଯଥା
ଉଜ୍ଜ୍ୱଳ ପ୍ରଭାମଣ୍ଡଳ ଘେରିଥାଏ ସଦା ।
କାଟିଲା ଅସଂଖ୍ୟ ଅରି ବିକ୍ରମ ପ୍ରକାଶି,
ରୋଷ-ରକ୍ତ-ନେତ୍ରେ ଯାଏ ଖେଦି ଯେଉଁ ଦିଗେ
ପଳାନ୍ତି ସେ ଦିଗୁଁ ଭୟେ ଯବନ ସୈନ୍ୟେ
ହୋଇ ଛତ୍ରଭଙ୍ଗ, ଯଥା ମାଲ୍ୟଗିରି ଶିଖୁଁ
ଆସିଲେ ତଳକୁ ଗଣ୍ଡ ଭୀମ ମହାବଳ,
ପଳାନ୍ତି ତ୍ରାସେ ଖରେ ଗୋଯୂଥେ କେ ତାହିଁ ।
ଅଥବା ଲାଗିଲେ ନିଆଁ ବଣବୃକ୍ଷେ ଯଥା
ଲୁଚି ବୃକ୍ଷ ଅନ୍ତରାଳେ ବିବାହୟାନିଏ
ଦେଖନ୍ତି ଅନଳଲୀଳା, ତଥା ପଳାୟନେ
ଲୁଚି ଶବସ୍ତୂପ ପଛେ, ଦେଉଥାନ୍ତି ଗୁହିଁ
ଥରେ ଥରେ ଗୋରାସିଂହ ହୁଙ୍କାରୀ ସମରେ ।
ବହୁକଷ୍ଟେ ଫେରାଇଣ ପଳାୟିତ ଜନେ
ଯବନବାହିନୀପତି, ଶତଦେଢ଼ ଜଣ
ବେଢ଼ାଇଲେ ଗୋରାସିଂହେ, ଉଠିଲା ଉଚ୍ଛୁଳ
ଭୀଷଣ ସମର ସିନ୍ଧୁ, ଆବର୍ତ୍ତିତ ଭାବେ;
ବର୍ଷିଲା ଚୌଦିଗୁ ଅସ୍ତ୍ର, ମାତ୍ର ନୋହି ତହିଁ
ତାତର ବୀରେଶ ଗୋରା ରାଜପୁତ-ରବି

ସଂହାର ସେ ଅସ୍ତ୍ର ଅସ୍ତ୍ରେ, ପ୍ରତିଅସ୍ତ୍ରାଘାତେ
ଭଗ୍ନ ଉତ୍ସାହିତ ବହୁ ଯାବନୀ ପାଇକେ,
ଛାଡ଼ି ଘୋର ହୁହୁଙ୍କାର ବୀରତ୍ୱବ୍ୟଞ୍ଜକ ।
ଶୃଙ୍ଗେ ଯେସନ୍ତେ ଉନ୍ମୂଳନ ମତ୍ତ ମତଙ୍ଗଜ
ଅବହେଳେ, ଦେଖି ତାହା ସେନାସ୍ୱାମିଗଣ
ଫୋପାଡ଼ନ୍ତି ମାଟିଢେଲା, କେହି କେହି ଅବା
ଖୁଣ୍ଟ ଥାନ୍ତି ବଂଶଦଣ୍ଡ ଦୂରେ ରହି ରହି,
ମାତ୍ର ଗଜସ୍କନ୍ଧ ଭଳେ ନ ଗଣି ଅଙ୍କୁଶ
କମ୍ପା ନ କରି ସେ ତୁଚ୍ଛ ପ୍ରହାରେ ଖୁଣ୍ଟନେ,
ରତ ଥାଏ ସୈନ୍ୟ ଜୁଟେ, ଗୁହ୍ଣିଁ ଥରେ ଥରେ
ପ୍ରହାରକେ ତୋଷିଆଇ, ପ୍ରାଣ-ଆକର୍ଷିଣୀ
ସେହି ବଙ୍କିମ ଗୁହାଣି, ନ ପାରିଣ ସହି
ପଳାନ୍ତି ଆତଙ୍କ ଗଣି କୃଷକେ ଚୌଦିଗେ,
ପଳାଇଲେ ତଥା ମ୍ଲେଚ୍ଛେ ପୃଷ୍ଠ ପ୍ରଦର୍ଶନ,
ମଣିଣ ଅସହ୍ୟ ଗୋଷ୍ଠ ଦୁର୍ଜୟ ପ୍ରତାପ ।
ଗୋଡ଼ାଇଲେ ପଛେ ପଛେ ରାଜପୁତବୀରେ
କପୋତକଲାପ ପଛେ ବାଜବୃନ୍ଦ ପ୍ରାୟ
ନିକ୍ଷେପି ସୁତୀକ୍ଷ୍ଣ ଅସ୍ତ୍ର, ଲୋଷ୍ଟ୍ର, ବୃକ୍ଷଶାଖା,
ନିକ୍ଷେପି ବାତୁଳ ଯଥା ନାଗରିକ ଦଳେ
ଘଉଡ଼ାଇ ଘେନଯାନ୍ତି ଦୁର୍ବୃତ୍ତ ବାନରେ
( ମହାଧୂର୍ତ୍ତ ଖଣ୍ଡବୃତ୍ତି ପ୍ରୟୋଗ-ପାରଗ ) ।
ପଳାଇ ପ୍ରାଣ ଭବଲେ ଲୁଚନ୍ତେ ଦୁର୍ଗନେ
ଆସିଲେ ବାହୁଡ଼ି ତହୁଁ ରାଜପୁତ-ସେନା
ନିବର୍ତ୍ତି ଅନୁଧାବନୁ, ଅଧ୍ୟକ୍ଷ ଆଦେଶେ ।
ହୋଇ ଏବେ ଶତ୍ରୁମୁକ୍ତ ଗୋଷ୍ଠ ବୀରମଣି,
ରାହୁମୁକ୍ତ ରବି ପ୍ରାୟ ଦିଶିଲେ ଶୋଭନ ।
ମାତ୍ର ଏ ବିଜୟାନନ୍ଦ ଭରିବାକୁ ଭୋଗ
ନ ଦେଲା ତାହାଙ୍କୁ କାଳ ଦଣ୍ଡେ ଅବସର,
ହୋଇଥିଲେ ବୀର କ୍ଳାନ୍ତ ତୁମୁଳ ସମରେ,
ବହୁଥିଲା କ୍ଷତମୁଖୁଁ ଶୋଣିତ ପ୍ରବାହ
ଅନିବାର୍ଯ୍ୟ ବେଗେ, ଯହ୍ନେ ବୃଷ୍ଟିଧାର ଯଥା
ତୃଷାକ୍ରାନ୍ତ, ହୋଇ ତହୁଁ ଶଯ୍ୟାଗାମୀ ବୀର
ଲଭିଲେ ଶୟନ ଯାଇ, ମାତ୍ର ସେ ଶୟନ
ଅନ୍ତିମ ଶୟନେ ଆହା ହେଲା ପରିଣତ !
ଥିଲା ଯେ ମୁହୂର୍ତ୍ତ ପୂର୍ବେ କୋଟି ଅରିନ୍ଦମ,
ଯୁଝି କୋଟି ବୀର ସହ ଆଣିଥିଲା ଟାଣି
ବିଜୟ-ଲକ୍ଷ୍ମୀଙ୍କୁ ବଳେ, ଏକାକୀ କାଳକୁ
ନ ପାରି ସେ ଜିଣି, ହେଲା ନିଧନ ତା ହାତେ,
କେ ଲଙ୍ଘିବ ଭବେ ହାୟ ପ୍ରାକ୍ତନ ଶାସନ ।
ଗଲା ବୀର ସୁରଧାମେ ବୀରଧର୍ମ ପାଳି,
ଛାଡ଼ି ରଖିଗଲା ଯେଉଁ କୀର୍ତ୍ତି-ମୋତିମାଳା
କର୍ମ-ସୂତ୍ର-ବିଗ୍ରନ୍ଥିତ ଅମାନୁଷୀ ତାହା,
ଅମାନୁଷୀ ଯଥା ସାଧୁ ମହାତ୍ମା କରଣୀ ।
ଥିବ ରାଜପୁତ ଜାତି ଯାବତ ଜଗତେ,
ତାବତ ଶୋଭିବ ତାହା ବକ୍ଷେ ଏହି ମାଳା
ପ୍ରଭାମୟୀ, (ବହ୍ୟ ଯେସନ୍ତେ ଗଡମାଳଗଳେ)
ଅଖିଳ ଜାତୀୟ ଶୌର୍ଯ୍ୟ-ଗୌରବ-ଜ୍ଞାପିନୀ ।
ଯବନିକା ପଡ଼ିଲା ତା ଜୀବନାଭିନୟେ,
ମାତ୍ର ତାଂ ସ୍ମୃତି-ନାଟ୍ୟର ନାହିଁ ସମାପତି,
ତୋଳିଛି ସେ ନିଜେ ନିଜ ସ୍ମୃତି-ଅଟ୍ଟାଳିକା,
ଲାଗିଥିବ ତହିଁ ତାର ଚିର ଅଭିନୟ ।

ଦେଖିଥିଲା ଏଥିପୂର୍ବେ ଯବନସମ୍ରାଟ
ଦ୍ରୁତଗତି ପଦାତିକବୃନ୍ଦେ ଧରିବାକୁ
ସପତ୍ନୀ ହାମସିଂହେ ଗନ୍ତବ୍ୟ ପଥରେ ।
ଧାଇଁଲେ ଯବନେ ଛାଡ଼ି ଧର ଧର ରଡ଼ି
ଗର୍ବଭରନିନ୍ଦୀ ରୁଦ୍ର କଠୋର ଆରବେ,
ଖଣ୍ଡେ ଦୂରୁ ଶୁଣି ତାହା ରାଜପୁତ ଶୂରେ
ଗୁହ୍ଣିଲେ ପଛକୁ ଫେରି, ଆସ୍ଫାଳି ଆୟୁଧ,
ଅରି ପ୍ରତୀକ୍ଷାରେ ସର୍ବେ ହେଲେ ତହିଁ ଉଭା,
ଗତିଶୀଳ ବ୍ୟାଘ୍ର ଯଥା ମୃଗଯୂଥୁହାଟେ
ଗୁହ୍ଣିଁ ପଛେ, ଦନ୍ତ ନଖ ବିକଟେ ପ୍ରକଟି,
ବସିଥାଏ ପଥ ମାଡ଼ି ଲାଙ୍ଗୁଡ଼ କୁଣ୍ଡଳି ।
ଏହି ଅବସରେ ଘଣା ବେଗଗାମୀ ହସ୍ତେ

ଆଦେଶିଲ ବହ୍ନିନେ, ଦେଲେ ଶରେ ଝମ୍ପଦାଇ,
ତାହାର ଅବ୍ୟବହିତ ପରେ ପରିଗଳି
ପଦ୍ମିନୀ ପୁରୁଷମୂର୍ତ୍ତି, ଆନ ତୁରଙ୍ଗମେ
ଚଳିଲେ ଚତୋର ମୁଖେ ଅନଳ୍ପ ଚଞ୍ଚଳେ,
ପହଞ୍ଚିଲେ ଉଭେ ଶୁଭେ ଦୁର୍ଗ ମଧ୍ୟେ ଯାଇ ।
ଘଟିଲା ତୁମୁଳ ରଣ ଏଣେ ବେନି ଦଳେ,
ବେଳୁ ବେଳ ବଢ଼ିଲା ତା ବେଗ ବଢ଼େ ଯଥା
ଘୋର ବନେ ଦାବାନଳ, ଲଭି ସମୁଦ୍ଭବ
ଦନ୍ତାବଳ-ଦନ୍ତବଳ-ଦନ୍ତ ସଂଘର୍ଷଣୁ
ସ୍ଫୁଲିଙ୍ଗ ଆକାରେ । ମୋଡି ବୀରେ ବୀରକେଶେ
ସୁକ ବୀରନୃତ୍ୟ, ରତ ଅରି ମାରଣରେ,
ଆଗେ ଅସ୍ତ୍ରାଅସ୍ତ୍ରି ପୁଣି ଅର୍ଦ୍ଧଯାମଯାଏଁ,
ମାତ୍ର ଭାଙ୍ଗିଯାନ୍ତେ ଅସ୍ତ୍ର ହେଲା ହାତାହାତି;
ବରଷିଲା ରଣସ୍ଥଳେ ଗୋଇଠା ଚାପୁଡ଼ା
ତଥା ଭୁଷା ଗୁନ୍ଦା ଆଦି ଅନର୍ଗଳ, ହେଲା
ପୂର୍ଣ୍ଣ ସେନ ଚଟଚଟ ଧୁଷଧାଷ ସ୍ୱନେ ।
ସଂଖ୍ୟାରେ ଅଧିକ ହେତୁ ଯବନବାହିନୀ;
ନ ପାରିଣ ତାହା ଆଗେ ତିଷ୍ଠି ରାଜପୁତେ
ଦେଲେ ପଛଘୁଞ୍ଚା; ତିନି ପହରନ୍ତ ମାତର,
ଦେଖି ତା ବାଦଲ ବୀର ବୀରେନ୍ଦ୍ରକଣ୍ଠେ
ଭାଷିଲେ ଉତ୍ତେଜନୀ ପ୍ରାଣମୟୀ ଭାଷେ,—
କି ଡର କି ଡର ଶୂରେ, କି କଳଙ୍କ ଅହୋ ।
ଶୋଭଇ କି ଛି-ଛି ଏହି ଘୃଣ୍ୟ ଭୀରୁ ନୀତି,—
କ୍ଷତ୍ରିୟ-ହର୍ଯ୍ୟକ୍ଷ ବାପ୍ପା ରାଓ ବଂଶଧରେ ?
ନଶ୍ୱର ପ୍ରାଣ ଆଶେ ଅନଶ୍ୱର ଯଶେ
ଦେବ କି ହେ ଜଳାଞ୍ଜଳି, ପ୍ରାକୃତ ପରାୟେ ?
ବହିଣ କ୍ଷତ୍ରିୟବାହୁ କ୍ଷତ୍ର ଆଖ୍ୟା ଧରି
ଛାର ଯବନର ଭୟେ ବୋଲାଇବ କି ଡାଳି
ରଣେ ଚିର ଅପଳାୟୀ ରାଜପୁତକୁଳେ,—
ପୁଣି ଭାବୀ ବଂଶଧର ମୁଖେ; କି କହିବେ
ସେମାନେ ବା ଶୁଣି ଏହି ଅଲକ୍ଷଣା ଗୀତ
ତୁମ୍ଭମାନଙ୍କର, ହୀନ ପ୍ରାଣରଙ୍କ ସିନା

ହେବ ତବ ଯୋଗ୍ୟୋପାଧି, ସେ ଆସନ୍ନକାଳେ ।
ଏତେ ଭୟ ମରଣକୁ ଯଦି, ତେବେ କିପାଁ
ଆସିଲ ଏ ତୀର୍ଥେ, ଗୃହକୋଣେ ନ ଲୁଚଣ
ନବବଧୂ ପ୍ରାୟେ ? ମହାତୀର୍ଥ ରଣସ୍ଥଳ
ବୀର-ଆକାଙ୍କ୍ଷିତ, ତହିଁ ଝାସିବାକୁ ଦେହ,
କେବେ କି ହେ ପରାଙ୍ମୁଖ କେଉଁ ବୀର ଜାତି?
ବୀରର ମରଣ ରଣ ଉଭେ ପ୍ରିୟତର ।
କରିଥାଅ ଯଦି ପ୍ରାଣେ ଭୀରୁତା ସମ୍ବଳ,
ତେଜ ତେବେ ଅସ୍ତ୍ର, ଆଉ କି ଲୋଡ଼ା ତହିଁରେ?
ପଳାୟନ ଲୋକହସା ଯୋଗ୍ୟ ଅସ୍ତ୍ର ତବ ।
ଜାଣିଛ ତ ଯବନର ଉଦ୍ଦେଶ୍ୟ ଘୃଣିତ,
ନାହିଁ ତବ ରାଜ୍ୟଧନେ ଲାଳସା ତାହାର,
ଲାଳାୟିତ ଖାଲି ସେହୁ ପଦ୍ମିନୀସହବାସେ,
ଦେବ କି ହେ ଟେକି ଭଲ ଯବନହସ୍ତରେ
କୁଳଲକ୍ଷ୍ମୀ ସହ ସ୍ୱୀୟ ବଂଶୀୟ ମର୍ଯ୍ୟାଦା ?
ନାରୀକୁ ଗୌରବ ଦାନେ ଆଦର୍ଶ ଯେ ଜାତି
ଆର୍ଯ୍ୟର ପବିତ୍ର ତୀର୍ଥ ନିଖିଳ ଭାରତେ,
ଶେଷ କି ହେ ତୁମ୍ଭ ହେତୁ ସେ ଜାତି ଶୋଷିତ?
ତୋଷି ଯବନକୁ ପରି ରମଣୀ-ଉତ୍କୋଚେ
ହେବ ପ୍ରସାଦାର୍ଥୀ, ତାର ପୋଷା ଶ୍ୱାନ ପରି,
ଧିକ୍, ଶତ ଧିକ ତବ ନିର୍ଲଜ୍ଜ ଜୀବନେ,
ଧୋଇବାକୁ ଆତ୍ମକୃତ ଏ କଳଙ୍କରାଶି
ସପ୍ତସାଗରର ବାରି ହେବ ଅନଟନ ।
ବହୁଛ କିପାଇଁ ବୀରେ ଲୌହସାଞ୍ଜୁ ଭାର,
ଭାଙ୍ଗି ତାହା ଗଢ଼ି ତହିଁ ଦାସତ୍ୱ-ଶୃଙ୍ଖଳ
ଯବନର, ପିନ୍ଧ ହସ୍ତେ ପଦେ କଟିଦେଶେ,
ଉଜ୍ଜ୍ୱଳ ଅପବାଦ ଅଳଙ୍କାରରୂପେ ।
ବୀର ପକ୍ଷେ ଅପମାନ ଶାସ୍ତି ଶିରଚ୍ଛେଦ,
ଭୁଲି ଏହା ହେଲ ଅହୋ ସର୍ବେ ଅଭାଜନ;
ଇଚ୍ଛା ଯଦି ଲଭିବାକୁ ମରି ଅମରତା,
ଧରିଣ ସାହସ ତେବେ ଦେଖାଅ ଯବନେ
ରାଜପୁତ ବାହୁବଳ-ଅସିର ପ୍ରଭାବ,

ବୀରର ସାହସ ସିନା ସର୍ବଶ୍ରେଷ୍ଠ ବଳ,
ସେ ବଳେ ବିପକ୍ଷ ଦେହୁ ଉତ୍ପାଟି ଶୋଣିତ
କର ତହିଁ ନିଜକୁଳ କଳଙ୍କ କ୍ଷାଳନ,
ଏହି ମୁହୂର୍ତ୍ତରେ ପୁଣି ହୁଅ ଅଗ୍ରସର ।"
ଦ୍ୱାଦଶ ବର୍ଷୀୟ ଶିଶୁ ବାଦଲ ମୁଖରୁ
ଶୁଣି ଏହି ବୀରୋଚିତ ଜ୍ୱାଳାମୟୀ ବାଣୀ
ହୋଇ ହତପୁଟେ ମୁଗଧ, ବୋଇଲେ ଏସନ,—
"ହେଁ ଶିଶୁ ଲଳିତବପୁ, ନୁହ ତୁମ୍ଭେ ଶିଶୁ,
ଶିଶୁରୂପେ ମୂର୍ତ୍ତିମାନ ଜୀବନ୍ତ ଉତ୍ସାହ,
ଶୁଣି ତବ ବୀରବାଣୀ ମୃତ୍ୟୁସଞ୍ଜୀବନୀ,
ନ ହେବ ବା ପ୍ରବାହିତ ଉଷ୍ଣ ରକ୍ତସ୍ରୋତ
କେଉଁ କ୍ଷତ୍ର ଧମନୀରେ ବିଦ୍ୟୁତବେଗରେ ?
ଶୁଣିଣ ମାଇଣା ବାଦ୍ୟ ଗ୍ରାମ୍ୟଦେବତାର
ତସେ କି ଅଳସଭାବେ କଦାପି କାଳସି
ନ ହୋଇ ଉନ୍ମତ୍ତ ? ଧନ୍ୟ ତୁମ୍ଭେ, ଧନ୍ୟ ତବ
ଜନକ ଜନନୀ ପୁଣି ଧନ୍ୟ ଜନ୍ମଭୂମି !
ତୁମ୍ଭର ଏ କ୍ଷାତ୍ରତର ଉରସ୍ୱରଠାରୁ
ନୁହେଁ ମୃତ୍ୟୁ ଭୟପ୍ରଦ, ହୁଅ ଅଗ୍ରଗାମୀ
ତୁମ୍ଭେ, ଗମିବୁ ସକଳେ ପଶ୍ଚାତେ ତୁମ୍ଭର;"
ଏହା ଭାଷି ଉଚ୍ଚାରିଣ ସର୍ବେ ସମସ୍ୱରେ
"ଜୟ ଏକଲିଙ୍ଗ" ଶବ୍ଦେ, ମାତିଲେ ଆହବେ ।
ବାଳକ ବାଦଲ ବୀରେ ହେରି ରଣୋଦ୍ୟତ
ଯବନବାହିନୀପତି, କରି ଅଟ୍ଟହାସ
ତାଚ୍ଛଲ୍ୟବ୍ୟଞ୍ଜକ, ଉଚ୍ଚେ ବୋଇଲା ଏସନ,—
"ନୁହେଁ ରେ ବାଳକ, ଯୁଦ୍ଧ ପୁତ୍ତଳିକାଖେଳ
ତୋହର ପ୍ରିୟବାଞ୍ଛିତ, କି ସାହସେ ତୁହି
ଆସିଲୁ ଏ ସ୍ଥଳେ, ମୃତ୍ୟୁଭୟ ପରିହରି,
ଯା ଯା ମାତୃ ଅଙ୍କେ ଲୁଚ ଘୋଡି ତା' ଅଞ୍ଚଳ ।"
ନ ପାରି ବାଦଲ ଏହି ପରିହାସ ସହି
ଭାଷିଲା ସକ୍ରୋଧେ, "ଧିକ ନିର୍ବୋଧ ପାମର,
ଶିଶୁ ବୋଲି କରୁଅଛୁ ପରି ପରିହାସ,
କରିପାରୁ ଆଜ ଯଦି ସେହି ଶିଶୁପାଶୁଁ
ଆତ୍ମରକ୍ଷା, ତେବେ ମୂଢ଼ ବହିବୁ ସମ୍ମାନ,
ନ ଜାଣୁ କି କ୍ଷୁଦ୍ର ଉଲ୍କା କରଇ ପ୍ରମାଣ
ମେଘଖଣ୍ଡ ବ୍ୟାପି ପାରେ ଅନନ୍ତ ଆକାଶ;
ନୁହେଁ କି ରେ ମାତୃସ୍ତନ ପାନ ପାପ ତଥ ?
ନୁହେଁ ମୁଁ ଇତର ଶିଶୁ – ସଦା ଭୀତପ୍ରାଣ,
ଅଟେ ସିଂହଶିଶୁ, ନୁହେଁ କି ଦୁର୍ଦ୍ଦମନୀୟ
ଶୈଶବ ସ୍ୱଭାବ ଯୁକ୍ତ ହର୍ଯ୍ୟକ୍ଷ ଶିଶୁର
ସହସ୍ର ଶୃଗାଳପକ୍ଷେ, କି ସମ୍ପର୍କ ଅବା
ବୟଃ ସହ ବୀରତ୍ୱର, ଅତିବୃଦ୍ଧ ଯେତୁ
ଶିଥିଳ ଇନ୍ଦ୍ରିୟ, ଯାର ଉତ୍ଥାନ ଶକତି
ହୋଇଅଛି ଅନ୍ତର୍ହିତ, ସେ କି ତୋ ସଦୃଶରେ
ବଳି ବୀର, ଧିକ୍ ଧିକ୍ ଧିକ୍ ତୋ ଜୀବନ ।
ବୃଥା ବାକ୍ୟବିତଣ୍ଡାରେ କେଉଁ ପ୍ରୟୋଜନ,
ହୁଅ ଶରେ ହୃଷ୍ଟ ଏବେ ପ୍ରବୃତ୍ତ ସମରେ,
ହେବା ଚିହ୍ନାଚିହ୍ନି କିଏ ପ୍ରବୀଣ, କେ ଶିଶୁ,
ନିବର୍ତ୍ତିବ ନିଷ୍ଟେ ତୋର ରଣକ୍ଷେତ୍ରେ ଆଜ ।"
ଏହା ଭାଷି ବେନି ହସ୍ତେ ଧରି ବେନି ଗଦା
ପଶିଲା ବିପକ୍ଷ ମଧ୍ୟେ, ରାଜପୁତ ବୀରେ
ହେଲେ ତାର ଅନୁଗାମୀ ଅନୁବଳ ରଣେ,
ଘନ ରୁଦ୍ର ହୁହୁଙ୍କାର ମାରି ବୀରମଦେ
ବଧିଲା ଯବନସେନା ବୀରେନ୍ଦ୍ର ବାଦଲ
ମୁହୂର୍ତ୍ତକେ ସଂଖ୍ୟାତୀତ, ଗଲା ଭାଙ୍ଗି ତହୁଁ
ଶତ୍ରୁ-ବ୍ୟୂହଶୃଙ୍ଖଳା, ଦଳିଲା ହରଷେ
ଯବନବାହିନୀ, ଦେଲା ଛିନ୍ନଭିନ୍ନ କରି,
ବିମନ୍ଥିଣ ଥିଲେ ଯଥା କୁରୁକ୍ଷେତ୍ର ରଣେ
ଦୁସ୍ତର କୁରୁସାଗରେ ପାବନି ଦ୍ୱାପରେ ।
ପଡିଲେ ସମ୍ମୁଖେ ଯେତେ ଯବନସୈନିକେ,
ନ ଗଲେ ଉବୁରି କେହି, ଆସି ଦଳେ ଦଳେ
ଧାଇଁ, ଯାଉଥାନ୍ତି ପଡି ଗଦାଘାତେ ତଳେ
ବାତ୍ୟାବର୍ତ୍ତେ ଉଡି ଯଥା ଚଳକା-ଲହରୀ

ଗୋଟାଏ ଗୋଟାକ ପଛେ, ଧାଇଁ ଆସି ଖରେ
ଯାଉଥାଏ ସ୍ତରେ ସ୍ତରେ ବେଳାପଦେ ଲେଟି ।
ଯବନ ସେନାନାୟକେ ନିରେଖିଣ ଦୂରେ
ଧାଇଁଲା ତା ପ୍ରତି ବୀର, ଯେସନେ ଉତ୍କେଶର
କେଶରୀ, ସବେଗେ ଧାଏଁ ଭକ୍ଷ୍ୟ ମୃଗ ପ୍ରତି ।
ଆସନ୍ନ ବିପଦ ଦେଖି ସେନାପତିଙ୍କର,
ଧାଇଁ ଆସି ଚଉପାଶୁ ଯବନସୈନିକେ
ବେଢ଼ିଲେ ବାଦଲେ କ୍ଷିପ୍ରେ ନିବିଡ଼ ବେଷ୍ଟନେ,
ବେଢ଼ିଲେ କି ଅହୋ ସପ୍ତ ମହାରଥୀ ସହ
କୁରୁଯୋଧେ, ଗୁରୁବ୍ୟୂହଭେଦୀ ସୌଭଦ୍ରେୟେ ।
ମାତ୍ର ତହୁଁ ନୋହି ଭୀତ ଆର୍ଜି ଶୂରମଣି
କଲା ଅଦ୍ଭୁତ ସମର, ଘୂରାଇଣ ଗଦା
ଅପୂର୍ବ ଶିକ୍ଷାକୌଶଳ ଦେଖାଇ ଅରିକୁ
କଲା ଚକିତ ସ୍ତମ୍ଭିତ । ମଣୁଥିଲା ଯାକୁ
ମାର୍ଜାର ସଦୃଶ ବୈରି, ଅବଲୋକି ତାରେଁ
ଭଗ୍ନ ବ୍ୟାଘ୍ର ପରାକ୍ରମ, ଗଣିଲା ପ୍ରମାଦ ।
ଘୂରିଲା ସେ ମହାଗଦା ପବନୁ ପ୍ରଖରେ
ଗର୍ଜି ସନସନ ସ୍ୱନେ, ମଣ୍ଡଳ ଆକାରେ
ଆଗେ, ପଛେ, ଦେନି ପାର୍ଶ୍ୱେ ଶିରୋପରେ ସଦା,
ପ୍ରକଟାଇ ଅଦୃଶ୍ୟବତ୍ ଦୃଷ୍ଟିନିମୀଳନୀ;
ପ୍ରଭେ ହେଲା କାଳଚକ୍ର ଘୂରିଲା ପରାୟେ
ଚରାଚରବିନାଶପଦ, ଅନର୍ଗଳ ବେଗେ ।
ନିକ୍ଷେପିଲେ ଚଉପାଶୁ ଯବନସୈନିକେ
ବିବିଧ ଆୟୁଧ, ମାତ୍ର ତାକୁ ସେ ସକଳ
ଘୂର୍ଣ୍ଣାୟିତ ଗଦାହସ୍ତେ, ହେଲା ଚୂର୍ଣ୍ଣ ଚେହ୍ନ,
ଚେହ୍ନ ବନ୍ଦମୂଳ, ଦେଖି ପ୍ରତିପକ୍ଷେ ଏହା
ଲକ୍ଷଣ ବିସ୍ମୟ ଅତି ବୋଇଲେ ଏ ଶିଶୁ
ଶିଖିଛି ନିଶ୍ଚୟ ବାଣ-ବାରଣୀ ମନ୍ତ୍ର ।
ଅରି ଅସ୍ତ୍ରେ କରି ପଣ୍ଡ ବୀରଧୁରନ୍ଧର,
ଦ୍ୱିଗୁଣ ସାହସ ବାନ୍ଧି ସଂହାରିଲା ଚମୂ
ଗୁରୁ ଗଦାଘାତେ; ଯାଏ ଧାଇଁ ଯେଉଁଆଡ଼େ
ପଡ଼ିଯାଏ ସୈନ୍ୟାରଣ୍ୟ ମଧ୍ୟେ ସେହି ଦିଗେ

ସୁପ୍ରଶସ୍ତ ପଥ, ଧାଏଁ ରକ୍ତସ୍ରୋତ ପଛେ,
ଅନୁସରେ ରକ୍ତଗଙ୍ଗା ଯଥା ଭଗୀରଥେ ।
ପଡ଼ି ତହୁଁ ଯବନର ଶ୍ମଶ୍ରୁଳ ମସ୍ତକ
ଶୋଭିଲା, ଯେସନ ଶୋଭେ ବ୍ରହ୍ମପୁତ୍ରୀ ଜଳେ
ବିକଚ କମଳପୁଷ୍ପ ସରଘାବେଷ୍ଟିତ ।
ଦିଶିଲା କଚ୍ଛପ ସମ ଚର୍ମର ଫଳକ,
ମୀନ-ଭଗ୍ନକାଣ୍ଡ ଭଗ୍ନଖଡ୍ଗ, ଶଲ୍ୟ-ସାପ,
ଜଙ୍ଗମ-କୁମ୍ଭୀର, ଫେନ — ସୈନିକଉଷ୍ଣୀଷ
ଶ୍ୟାମଳ ଶୈବାଳଦଳ-ଛିନ୍ନ କେଶଶ୍ରେଣି,
ଶବପୁଞ୍ଜନାଭିଦେଶ — ସଲିଳ ଭଉଁରୀ ।
ବହିଲା ସମରସ୍ଥଳୀ ଯଜ୍ଞଭୂମିଭୂତ,
କ୍ରୋଧ ତହୁଁ ଯଜ୍ଞାନଳ, ବାଦଲ ଯେ ହୋତା,
ବରଣୀୟ ଋତ୍ୱିଗଣ ସ୍ୱପକ୍ଷ ସୈନିକେ,
ଗଦା ସ୍ରୁବ, ରକ୍ତ ଆଜ୍ୟ, ସୈନ୍ୟମୁଖରବ
ବେଦମନ୍ତ୍ର, ଚଣ୍ଡ — ଗଦା ନିଃସୃତ ଶୋଣିତ,
ଛିନ୍ନହସ୍ତ ଛିନ୍ନପଦ — ସମିଧ ସଦୃଶ,
ଯଜ୍ଞପଶୁ-ଶତ୍ରୁ ଶବ, ଶତ୍ରୁର ଜୀବନ
ନଷ୍ଟେ ସୋମରସ ଏହି ନରମେଧ ଯାଗେ ।
ସଂହାରିଲା ଅର୍ଦ୍ଧେ ଶତ୍ରୁ ଏକାକୀ ବାଦଲ,
ଏଣେ ବ୍ରଜପୁତ ବୀରେ ଅତୁଳ ସାହସେ
ବଧିଲେ ଅଗଣ୍ୟ ଅରି, ନ ଶକ୍ତି ଯବନେ
ଦୁର୍ଦ୍ଧର୍ଷ ପ୍ରତାପେ ତାଙ୍କ ପଳାଇଲେ ତ୍ରସ୍ତ
ଛତ୍ରଭଙ୍ଗ ହୋଇ, ତହୁଁ ବାଦଲବାହିନୀ
ଧାଇଁ ଖରେ ପଛେ ପଛେ ବହୁଦୂରଯାଏଁ
ବିତାଡ଼ି ଆସିଲେ ତାଙ୍କୁ ରାଜ୍ୟସୀମା ପାରେ ।
ଆସିଥିଲେ ଦୁଷ୍ଟେ ଦେଶେ ଯଶରଙ୍କ ହୋଇ,
ମାତ୍ର ହୋଇ ପ୍ରାଣରଙ୍କ ପଳାଇଲେ ଶେଷେ;
ମନେ କରି ଅତି ହେୟ ଯାହାକୁ ଯବନ
ମହିଳତା ତୁଲ୍ୟ, କ୍ଷୀଣ ନିରୀହ ଦୁର୍ବଳ,
ଆସିଥିଲା ଗ୍ରାସିବାକୁ ପ୍ଲବଙ୍ଗମ ସମ,
ପ୍ରତ୍ୟକ୍ଷେ ଉତ୍ଫଣ ଫଣୀ ଦେଖି ଏବେ ତାକୁ
ହେଲା ଭୀତ ହତୋତ୍ସାହ, ଭୁଲି ଆସ୍ତ୍ରମ;

ଜାଗୁଥିଲା ଯେ ଦୁର୍ଦ୍ଦିନ ଜାତୀୟତା-ବିହଙ୍ଗ,
ହତାଶା ଫୁତ୍କାରେ ତାହା ଗଲା ଯେବେ ନିଭି ।
ଲୁଟିଯାନ୍ତେ ତା ଉଦ୍ଦାମ ଜାତୀୟ ଭରସା
ବାହୁଡ଼ିଲା ଯବନେଶ ସଦଳେ ସ୍ୱଦେଶେ
ମହାଦୁଃଖମନେ, ଯଥା ଦସ୍ୟୁପତି, ଖାଇ
ପ୍ରହାର ପ୍ରହରୀହସ୍ତୁ, ଜରିଇ ପ୍ରହୃତ
ସ୍ୱଗତେ, ଦାରୁଣ ଦୁଃଖେ ଯାଏ ଘରେ ଫେରି
ଶୂନ୍ୟହସ୍ତେ, ଶୂନ୍ୟମନେ, ଦୀର୍ଘଶ୍ୱାସ ତେଜି ।
ଅନନ୍ତର ବାହୁଡ଼ିଲା ଆର୍ଯ୍ୟ ଅନୀକିନୀ
ରାଜପୁତ ରାଜଧାନୀ ଶତୋତ୍ସବମୁଖେ,
ଆଲୋକିଉଠିଲେ ଆଜି ସକଳ ବଦନେ
ଜୟଶ୍ରୀ ଗରିମା ରାଗ, ସୌରକରୋଜ୍ଜ୍ୱଳ,
ଆନନ୍ଦର ଶତମୁଦ୍ରା ମୁଦ୍ରିତ ଲଲାଟେ;
ରାଜପଥେ ବୀରନୃତ୍ୟ ରଚି ତାଳେ ତାଳେ
ଗାଇ ଗାଇ ବୃନ୍ଦଗଣେ ଜାତୀୟ ସଙ୍ଗୀତ
ସ୍ଫୀତବକ୍ଷେ ସ୍ମିତମୁଖେ, ହେଲେ ଅଗ୍ରସର
ସର୍ବେ, ଘେନି ସେନାପତି ବାଦଲେ ପୁରତେ,
ଯଥାକାଳେ ଉପସ୍ଥିତ ଦୁର୍ଗ ସିଂହଦ୍ୱାରେ ।
ଅପେକ୍ଷାରେ ଥିଲେ ତହିଁ ପଦ୍ମିନୀ ସୁନ୍ଦରୀ
ବହୁକ୍ଷଣ ପୂର୍ବୁ, ଆସି ମିଳନ୍ତେ ବାଦଲ,
ବର୍ଷିଲେ ତା ଶିରେ ଅର୍ଘ୍ୟ ସଙ୍ଗିନୀ ଗହଣେ।
ପ୍ରଣମନ୍ତେ ବୀରଚୂଡ଼ା ପିତୃସ୍ୱସା ପଦେ,
ଉଠାଇ ସାଦରେ ତାକୁ, ଚୁମ୍ବି ଗଣ୍ଡ, ଶିର,
ଘେନଗଲେ କୋଳ କରି ନିଜ କକ୍ଷେ ଦେବୀ;
ବୋଇଲେ ସସ୍ନେହେ, "ବତ୍ସ, ତୁଅ ଦୀର୍ଘଜୀବୀ,
ମୃତ୍ୟୁବକ୍ତ୍ର କ୍ଷୁରଧାର ଯେଉଁ ରଣଭୂମି,
ସ୍ୱଚ୍ଛି ତହିଁ ତୁହି, ଅହୋ ଦେଖାଇଲୁ ପୁଣି
ଯେ ଶୌର୍ଯ୍ୟ, ତାହା ଏକା ତୋତେ ପଟାନ୍ତର ।
ଉଦ୍ଧାରି ଯବନ-ରାହୁ-କବଳ କବଳୁ
ଆର୍ଯ୍ୟର ଗୌରବ-ରବି, ଅର୍ଜିଲୁ ଯେ ଯଶ,
ଅମୃତ ଆମୋଦ ତାର, ଏ ରାଜସ୍ଥାନର
ପବନ ମୃତ୍ତିକା ପୁଣି ଶମ୍ଭୁ ବାୟୁର

ପ୍ରତି ପରମାଣୁ ସହ ରହିଥିବ ମିଶି
ରାଜପୁତ ରାଜସ୍ଥାନ ନାମ ଥିବାଯାଏ ।
ତୁହି ଏକା ସାନ୍ତ୍ୱନାରେ ଆର୍ଯ୍ୟକୁଳଶଶୀ
ଗୋରସିଂହ ଅପାସୋର ନିଧନ ଶୋକର ।
କି ଦେଇ ତୋଷିବି ବତ୍ସ, ତୋତେ ଅବା ମୁହିଁ,
ଭବ ଭୂତ ଅଶୋଧିତ ମହୋପକାରର
ଅଛି କିବା ଏ ଜଗତେ ଯୋଗ୍ୟ ପୁରସ୍କାର ?"
ଏହା କହି ଗନ୍ତାଘରୁ ଅଣାଇ ବହନ
ଦିବ୍ୟ ଅସ୍ତ୍ର, ବଜ୍ରବର୍ମ, ଗଣ୍ଡାବର୍ମ ଢାଲ
ବାହିଲେ ପାରିତୋଷିକ ଭ୍ରାତୃପୁତ୍ର ପ୍ରତି,
ବୀରର ବାଞ୍ଛିତ ଯିନା ଏ ମହା ବିଭବ
ଧରିଲା ଉତ୍ଫୁଲ୍ଲ ବେଶ ଚିତୋର ନଗରୀ
ମୁକ୍ତ ହୋଇ ବହୁଦିନ ଶତ୍ରୁ ଅବରୋଧୁ,
ଅନଳ ଦହନୋତ୍ତୀର୍ଣ୍ଣ କୁନ୍ଦନ ଯେସନ ।
ହସିଲା ଆଲୋକମାଳେ ଆର୍ଯ୍ୟ ରାଜଧାନୀ
ରଜନୀକାଳେ, ମିଶି କିବା ସତୀ ମହିମାର
ଦୀପ୍ତରାଗ, ବୀରଦ୍ୱୟର ରୁଦ୍ର ତେଜ ସହ
ଉଠିଛି ପ୍ରଭାରେ ଜଳି, ରାଜ୍ୟ ଦୀପାଲୋକେ,—
ଜନହୃଦ ଆଶାଲୋକେ ଆଲୋକିତ ଅତି ।
ନାହିଁ ତାହିଁ ତିଳେ ସ୍ଥାନ ମୁଣ୍ଡ ଗୁଞ୍ଜିବାକୁ
ଅନ୍ଧାରର, ଭୟେ ସେହୁ ପଳାଇ ସତ୍ୱର
ନିରାନନ୍ଦ ସଙ୍ଗେ, ଯାଇ ପଶିଛି ଶରଣ
ପରାଜୟ ଲଜ୍ଜାମୟ ବିପକ୍ଷ ହୃଦୟେ ।
ଲଗିଛି ସାଟୋପେ ମହା ଜାତୀୟ ଉତ୍ସବ,
ନୃତ୍ୟେ ଗୀତେ ବାଦ୍ୟେ ପୂର୍ଣ୍ଣ ସମସ୍ତ ନଗରୀ,
ଲଭୁଛନ୍ତି ପୁରସ୍କାର ରଣଜୟୀ ଯୋଧେ
ନାନାବିଧ ରତ୍ନ, ଭୂଷା, ଗଜ, ବାଜୀ ଆଦି,
ମୁକ୍ତ ରାଜକୋଷ ଆଜି ଦୁଃଖୀ ରଙ୍କ ପାଇଁ,
ଲଗିଅଛି ପୂଜା ପ୍ରଭୁ ଏକଲିଙ୍ଗ ପୀଠେ,—
ଦେବୀ ଉଭର ମନ୍ଦିରେ, ଷୋଡଶୋପଚାରେ ।
ଉଠୁଅଛି କୋଟିକଣ୍ଠୁ ଜୟ ଜୟ ସ୍ୱର
ପଦ୍ମିନୀଙ୍କ ପୁଣ୍ୟ ନାମେ, ଉତେ ବାରମ୍ବାର,

ଶୁଣି ତାହା ପିଞ୍ଜରସ୍ଥା ଶାରିକାଗଣର
ଘୋଷି ହେଲେ ଘନ ଘନ "ପଦ୍ମିନୀଙ୍କ ଜୟ" ।
ଦେଉଳ ପ୍ରାଚୀର୍ ହର୍ମ୍ୟ ପ୍ରତିଧ୍ୱନି ଛଳେ
ଗାଇଲେ ଅସ୍ପଷ୍ଟ ସ୍ୱରେ "ପଦ୍ମିନୀଙ୍କ ଜୟ" ।
ଧନ୍ୟ ଶତ ଧନ୍ୟ ଦେବି, ଧନ୍ୟ ଗୋ ପଦ୍ମିନି !
ମହାମେଧାବିନୀ, ସତି, ଶତ ଧନ୍ୟ ତବ
ଅଘଟନ ସଂଘଟନ ଶକ୍ତିର ମହିମା ।
ପାତିବ୍ରତ୍ୟ ସଂରକ୍ଷଣେ ପାତିବ୍ରତ୍ୟ ସିନା
ଅମୋଘ ବ୍ରହ୍ମାସ୍ତ୍ର ଏକା—ଚିତୋରବାସୀ ।
ଭଙ୍ଗାଇଲ ପାତିବ୍ରତ୍ୟେ ପାତିବ୍ରତ୍ୟ ବଳେ
ରାଜ୍ୟ ସ୍ୱାମୀ ସହ, ଦେବି, ତୁମ୍ଭେ ଏ ଭାରତେ,--
ସତୀମାତା, ସତୀପୁତ୍ରା, ଏ ପୁଣ୍ୟ ଭାରତେ
ଦ୍ୱିତୀୟ ସାବିତ୍ରୀ ନଷ୍ଟେ, ତବ ଅନଶ୍ୱର ।
ଆପେ ଅଗ୍ନିସତ୍ତା ମଧ୍ୟେ ଯାଇଛ ଯା ରଖି
ସ୍ମୃତିଦେବୀସ୍ୱରୂପିଣୀ, ସେ ଦେବୀମୂରତି,
ସମାଜର ପୁଷ୍ପାଞ୍ଜଳି ଲଭୁଥିବ ସଦା;
ତୁମ୍ଭେ ବିଶ୍ୱପୂଜ୍ୟା, ଏଣୁ କେବଳ ଭାରତେ
ନ ରହିବ ଅବରୁଦ୍ଧ ତବ ପ୍ରୀତିପୂଜା,
ସେହି ମହାପୂଜା ଲଙ୍ଘି ଭାରତର ସୀମା
ବ୍ୟାପ୍ତ ହେବ ବିଶ୍ୱସାରା ସୂର୍ଯ୍ୟାଂଶୁ ସହିତ ।
ଅଛ ଚିରଞ୍ଜୀବ ତୁମ୍ଭେ, ଥିବ ଚିରଞ୍ଜୀବ,
ନ ଭଜିବ ତବ ସତ୍ତା ସଂସାରୁ ବିଲୟ;
ଶତଯୁଗ ମହାଯୁଗ ହୋଇଯିବ ଗତ,
ତଥାପି ନୋହିବ ତବ ମୁଖଶ୍ରୀ ମଳିନ ।



ସମାପ୍ତେଷତ୍ର

# ଭକ୍ତ୍ୟୁପହାର

ପ୍ରାତଃସ୍ମରଣୀୟ ସ୍ୱର୍ଗତ ରାଜବର
ରାୟ ରାଧାନାଥ ରାୟ ବାହାଦୁର
ମହୋଦୟ ପବିତ୍ରକରକମଳେଷୁ ।

ନିତ୍ୟପ୍ରଣମ୍ୟ ଦେବ !

ଜୀବିତାବସ୍ଥାରେ ଆପଣ ମୋର ସାହିତ୍ୟଗୁରୁ ଥିଲେ । କବିତା ରଚନା ସମ୍ବନ୍ଧରେ ମୁଁ ଆପଣଙ୍କଠାରୁ ଯେଉଁରୂପ ଉତ୍ସାହ, ଶିକ୍ଷା ଏବଂ ସହାନୁଭୂତି ଲାଭ କରିଅଛି, ଅନ୍ୟତ୍ର ସେଥିର ଶତାଂଶର ଏକାଂଶ ସୁଦ୍ଧା ସୁଲଭ ନୁହେଁ । ଏହି ମହୋପକାରର କଥଞ୍ଚିତ୍ ପ୍ରତିଦାନସ୍ୱରୂପ ଖଣ୍ଡିଏ ପୁସ୍ତକ ଆପଣଙ୍କ ପବିତ୍ର କର-କମଳରେ ଭକ୍ତ୍ୟୁପହାର ଅର୍ପଣ କରିବାର ମୋର ପୂର୍ଣ୍ଣ ଅଭିଳାଷ ଥିଲା । ମାତ୍ର ଦୁରଦୃଷ୍ଟବଶତଃ ଆପଣଙ୍କ ଜୀବିତାବସ୍ଥାରେ ମୋର ସେ ଉଦ୍ଦେଶ୍ୟ ସିଦ୍ଧ ହୋଇପାରିଲା ନାହିଁ । ସମ୍ପ୍ରତି ଆପଣଙ୍କ ସମାଧିସ୍ତମ୍ଭ ଦର୍ଶନ କରି ସେ ସମ୍ବନ୍ଧରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ଲେଖିଥିଲି, ତାହାହିଁ ଉପହାର ଅର୍ପଣ କଲି । ପାର୍ଥିବ ଅପବିତ୍ର ପଦାର୍ଥ ସ୍ୱର୍ଗବାସୀଙ୍କର ପ୍ରୀତ୍ୟୁତ୍ପାଦନରେ ଅକ୍ଷମ ସତ୍ୟ; ମାତ୍ର ଆପଣ ମୋତେ ଅକୃତ୍ରିମ ସ୍ନେହଚକ୍ଷୁରେ ଦେଖୁଥିଲେ ବୋଲି ସେହି ସ୍ନେହ-ପରତନ୍ତ୍ରତାରୁ ଏ ଅଯୋଗ୍ୟ ଉପହାର ଗ୍ରହଣ କରିବେ, ଏହା ମୋର ପୂର୍ଣ୍ଣ ଭରସା ।

ଭଦ୍ରକ
୨୦।୬।୧୯୧୧

ଆପଣଙ୍କର
କ୍ରୀତ-କିଙ୍କର
ଶ୍ରୀ ଚିନ୍ତାମଣି ମହାନ୍ତି

# ସମାଧକ୍ଷେତ୍ର

ଉତ୍କଳ-ଜାହ୍ନବୀ    ଶତ୍ରୋତ୍ପଳା-କନ୍ୟା,
ପୂତ କାଠଯୋଡ଼ୀ    ନଦୀକୂଳେ ଧନ୍ୟା ।
ହାଟକ-ଘଟକ    କଟକ କଣ୍ଠରେ
ସ୍ଥୂଳ ହୀରହାର    ପ୍ରାୟ ଶୋଭା ଧରେ ।
ଭ୍ରମିଲି ତା ତୀରେ    ପବନ ପ୍ରଭାତେ
ସେବନ ମାନସେ    ଶୁଦ୍ଧ ଶୀତବାତେ ।
ସ୍ତୂପ ସ୍ତୂପେ ରଖି    ହରହର ଘାଟେ
ଗମିଲି ହୃଷ୍ଟରେ    ଶିଳାବନ୍ଧବାଟେ ।
ଧାଡ଼ି ଧାଡ଼ି ହୋଇ    ପ୍ରସ୍ତରସୋପାନ,
ତଟିନୀ ପୁଲିନେ    ରହି ଶୋଭମାନ,
ମାର୍କଣ୍ଡ ଶୈଳ    ସୁଷମା ପ୍ରକାଶେ,
ପାତାଳ ପ୍ରବେଶ    ପାଉଛି ଅବା ସେ ।
ଲମ୍ବା ନଦୀତୀରେ    ଶୁଖୁଅଛି ପତ୍ର
ଜଳଦେବୀ ନୀଳ    ଦୁକୂଳ ସାଗର !
ତହୁଁ କାଠଯୋଡ଼ୀ    ଅତୀବ ଗଭୀର,
ଚାହିଁଲେ ତଳକୁ    ଘୂରିଯାଏ ଶିର ।
ମହାଶାଖ ଶାଖୀ    ବନ୍ଧ ଦେନ ପାଶେ
ଛନ୍ଦାଛନ୍ଦି ହୋଇ    ପ୍ରେମେ ବାହୁପାଶେ
ସୃଜନ୍ତି ପଥେ    ସୁନ୍ଦର ତୋରଣ,
ଲତା ଗହଳେ ବେ    ଟାଣିଛି ଓଢ଼ଣା ।
ପକ୍ୱଫଳେ ନମ୍ର    ତାହିଁ ନମ୍ରଡାଳ,
ପିନ୍ଧି ଗଳେ ସ୍ୱର୍ଣ୍ଣ    ତେଉଁର୍‌ଆମାଳ ।
ତାହିଁ ଅବା ଆତୁ    ସ୍ୱପ୍ନ-ଧନେ ଲବ୍ଧ
କାଣ୍ଡେ ଅବାତରେ    ସ୍ୱର୍ଗୀୟ ସୁରଭି ।

ରଜତ କୁସୁମେ    ଭୂଷିତ କବରୀ
ଉଭା ଜବା ଆହା    ଅମର ନାଗରୀ ।
ବହୁଫଣ-ଫଣୀ    ପ୍ରାୟ ନାଗଫେଣୀ
ବିସ୍ତାରିଛି ଫଣା    ତାହିଁ ଶ୍ରେଣୀ ଶ୍ରେଣୀ ।
ବୃନ୍ତାସନେ ବସି    ତାହିଁ ଅଙ୍କସ୍ତନ୍ତ
ଦେଖାଉଛି ପାନ୍ଥେ    ସ୍ଥୁଳ ତନ କାନ୍ତ ।
ପକ୍ୱ ଫଳ ଧରି    ଭେଜ୍ଜ ବାଇଗଣ
ହୋଇଅଛି ତାହିଁ    ଉଲ୍ଲ ପଣ ପଣ ।
ମର୍କଟ ପାଦପେ    ସ୍ୱର୍ଣ୍ଣମୟ ଫଳ
ଫଳିଲି ପତ୍ରସ୍ତେ    ବିଶେ ଅବିକଳ ।
ଲଜ୍ଜାକାନ୍ତ ହୋଇ    ବହୁ ଅଳଙ୍କାରେ
କେତେ ଅଟ୍ଟାଳିକା    ଶୋଭେ ନଦୀଧାରେ ।
ସ୍ୱର୍ଣ୍ଣଦୀ ତୀରରେ    ଅପ୍ସରୀ ସମାନ
ଦିବ୍ୟ ଶୋଭାମୟୀ    ବିଶନ୍ତ ସେମାନ ।
ତଳେ କଲ୍ଲୋଳିନୀ    ଲୁଟିଲେ ସରଳେ,
ତାହିଁ ଅଚଞ୍ଚଳେ    ତାହିଁ ବା ଚଞ୍ଚଳେ ।
ସ୍ରୋତ ପ୍ରତିକୂଳେ    ବହି ସମୀରଣ
ନୀଳ ଜଳବେଣୀ    ସୃଜେ ଅଗଣନ ।
ଛାଇ ନଦୀବକ୍ଷେ    ବହୁ ଜାଲବ୍ୟାଳ
ଯାଆନ୍ତି କି ଭାସି    ହୋଇ ମାଲ ମାଳ ।
ଶାଣିତ ପାଣିତ    ଅସ୍ତ୍ରଫଳା ପରି
ମୀନାଳିଏ ମୁଦେ    ବୁଲନ୍ତି ସନ୍ତରି ।
କୋଟି ନେତ୍ରେ ଅବା    ତଟିନୀ ସୁନ୍ଦରୀ
ଦେଖେ ଜଳ ଶୋଭା    ବିବସ ଶର୍ବରୀ ।

ମୋଣ୍ଡ-କ୍ଷୋଣ୍ଡ-ଜଡ ଶାଶ୍ୱତ ସୈକତ,
ବକ୍ଷିପ୍ତ ଭଙ୍ଗୀରେ ଗୋଷ୍ଠ ଶତଶତ ।
ଶାଳଗ୍ରାମ ସମ ସେ ଗୋଷ୍ଠ ସୁଷମା,
ଏଣୁ ତାଠଯୋଡ଼ୀ ଗଣ୍ଡକୀ ଉପମା ।
ଉଡ଼ୁ ଉଡ଼ୁ କ୍ଷୁଦ୍ର ପକ୍ଷୀ ରାଶି ରାଶି
ପଡ଼ୁଛନ୍ତି ଶୋଇ ବାଲି ଖୋଳେ ଆସି ।
ଗଡ଼ୁଛନ୍ତି ଥୋକେ ସୈକତ-ଶେଯରେ,
ଶିଶୁପ୍ରାୟ ଖେଳନ୍ତି ଥୋକେ ତାରସ୍ୱରେ ।
ଗୁଡ଼ାବାଗୁଡ଼ି କେ ଖେଳଇ ହରଷେ,
କେହୁ ବା ଉଡ଼ାଣେ ପଡ଼େ ପଡ଼ ଘଷେ ।
ତଳେ ଗଣ୍ଡ ରଚି ଗାୟନ ନର୍ତ୍ତନ
କରନ୍ତି କା ସର୍ବେ ନାମ ସଙ୍କୀର୍ତ୍ତନ ।
କାନ୍ଥ ବା ଗାଙ୍ଗୋଇ ରବି ଉଡ଼ିବୁଲେ,
କାହିଁ ମାଛରଙ୍କା ବଦୁଲେ୧ ବଦୁଲେ ।
ପଠା ଡଣ୍ଡୀବୁଦା ଡାକୁଛନ୍ତି ଗୁମର,
କାହା ଉଦ୍ଦେଶ୍ୟ ତା ତାହାକୁ ଗୋଚର ।
କଣ୍ଟାସନେ ବସି କଣ୍ଟକୀ ସୁମନ ୨
ଦେଖାଏ ଜଗତେ ଅଦ୍ଭୁତ ସାଧନ ।
ଏରୂପର କେତେ ସୌନ୍ଦର୍ଯ୍ୟ ନିକର
ଦେଖି ଦେଖି କ୍ରମେ ହେଲି ଅଗ୍ରସର ।
କିଛି ଦୂରେ ଯାଇ ଦେଖିଲି ଚକିତେ,
ସେ ଭୀଷଣ ଦୃଶ୍ୟ ବର୍ଣ୍ଣି ନୋହେ ଗୀତେ ।
କୋମଳ ବାଲୁକା ଉପରେ କଠୋର –
ଦୃଶ୍ୟ ଦେଖି ଧୃତି ବୁଡ଼ିଗଲା ମୋର ।
ବୁଡ଼ିଯାଏ ଯଥା କାଠଯୋଡ଼ି ନୀରେ
ବନ୍ୟାକାଳେ ଭରି ଭୀମ ଭଉଁରୀରେ ।
ଅଙ୍କୁର ଉଠିଲା ଶରେ ରୋମାବଳୀ
ପ୍ରାବୃଟ-ବାନ୍ଧବ ନୀପ ପୁଷ୍ପ ବଳି ।
ବିକଟ ବପୁଃ ନିର୍ଜନ ଶ୍ମଶାନ
ବାଲୁକାସ୍ତୂପରେ ଅସ୍ଥି ଶବ୍ଦ୍ୟମାନ ।
ମହାରୁଦ୍ରଙ୍କର ଯେଣୁ ସେ ନିଳୟ,
ଧରିଅଛି ତେଣୁ ଦୃଶ୍ୟ ରୁଦ୍ରମୟ ।

ନରାସ୍ଥିକଙ୍କାଳ ତଥାଳମାଳରେ
ବମଣ୍ଡି ଦର୍ଶନେ ଧୃତି ଦୂରେ ଖରେ ।
ବଭୀଷଣ ସ୍ଥଳୀ ବବିଭ ସର୍ବଦ,
ଉଦୟ ତାକୁ ଉଦ୍ୟେ ଯୋଡ଼େ କରପଦ ।
ସ୍ମୃତିସ୍ତମ୍ଭ ସ୍ମୃତି— ମନ୍ଦିର ଅନେକ
ଅତିକ୍ରମି ଗଲି— ପଥେ ଏକ ଏକ
ହେଲି ଯାଇ ଶେଷ ସ୍ମୃତିସ୍ତମ୍ଭ ପାଶେ,
ବନ୍ଦୀ ନେତ୍ରମନ ତା ସୁଷମା-ପାଶେ ।
ସେ ସ୍ଥାନ ପରଶେ ଭୁଲିଲି ସର୍ବଥା
ତୁଚ୍ଛ ଉଦୟ ମୋହ ତୁଚ୍ଛ ପାର୍ଥିବତା ।
ପାହିଗଲା ଖରେ ଅଜ୍ଞାନ ତାମସୀ,
ଉଠିଲବ ବାଜ ପ୍ରାଣେ ଜ୍ଞାନବଂଶୀ ।
ମଣିଲି ମୋହର ଏ ସାର୍ବ୍ବଜନୀନ ଭାବ
ନିଷ୍ଠେ ମହାଜନ— ପୀଠର ପ୍ରଭାବ ।
ଏହି ଭାବ ଦେଇ ସ୍ମୃତି ସ୍ତମ୍ଭେ ଚାହିଁ,
ନ ପାରିଲି ବଳେ ଦୃଷ୍ଟିକି ଫେରାଇ ।
ମର୍ମର ଫଳକେ କଲି ଅବଲୋକ,
ଖୋଦିତ ଭଙ୍ଗୀରେ ଏ ସୁବର୍ଣ୍ଣଶ୍ଳୋକ—
"ବଡ ଦୂର୍ ବାଲ ବଡ ଅବଶ୍ୟାସୀ !
ହାବୋଡ଼ସିବଟି ଆଚମ୍ବିତେ ଆସି,
ଦୁର୍ବର୍ତ୍ତୀ ଜାଣି ବାଳକୁ ଯେ ହସେ,
ହସି ସେ ତା ପଛେ ଆସି ଲୁଚ ବସେ ।"
"ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗତେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ,
ହସି ଖେଳ ସେଥି ଗମନ୍ତି ସମୟ,
ଜୀବନ ମଣନ୍ତି ମହୋତ୍ସବମୟ,
ଛାର ଦୃଶ୍ୟ ମୋର ପିହିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ,
ଚିର ହାହାମୟ ଏ ଛାର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ !

୧—ପାଣିବେତ ଗଛ ।
୨—ହରକଚ ଫୁଲ ।

ଚିରଦିନ ଦୁଃଖ— ପ୍ରହାରେ ଜର୍ଜର,
ପଞ୍ଚଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର,
ଦୁଃଖତତ୍ତ୍ୱଜ୍ଞାନ— ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ,
ସୁଖ ବୋଲି ଯାକୁ ବୋଲଇ ସଂସାର,
କହୁଥାଏଁ ତାକୁ ଦୂରୁ ମୁଁ ଜୁହାର,
ସୁଖରୂପେ ଯାହା ଜନନେତ୍ରେ ଦିଶେ,
ହାତେ ଆସେ, ହାତୁଁ ପଳିବାପାଇଁ ସେ,
ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟ ନାମ ତାର ଆକାଶକୁସୁମ।"
ଏହି ଶୋକ-ଶ୍ଳୋକ ଅକ୍ଷରେ ଅକ୍ଷରେ
ଭେଦିଗଲା ମୋର ଅନ୍ତରେ ଅନ୍ତରେ।
ପଢ଼ିଲି ସ୍ମାରକ ଶେଷେ ସୁଧାନାଥ,
ଅସ୍ମାକେ ନେତ୍ରୁ ହେଲା ଅଶ୍ରୁପାତ।
ବୁଝିଲି ଏବେ ଏ ଚଟ୍ଟଳ-ସମାଧି
କବିବରଙ୍କର ସାରସ୍ୱତ ଗାଦି।
ତପୋଯୋଗ୍ୟ ଏହି ନିକାଞ୍ଚନ ସ୍ଥାନ,
ତାଙ୍କୁ ଦେଇଛନ୍ତି ତତ୍ତ୍ୱ ଜ୍ଞାନଦାନ।
ଅମରଙ୍କ ହାତେ ଅମର ସଙ୍ଗୀତ
ବାରତବେ ଏଥି ହୋଇ ପୁଲକିତ।
ମର୍ତ୍ତ୍ୟବାସୀ କର୍ଣ୍ଣେ ନ ଶୁଭିବ ଯାହା,
ସେ କାବ୍ୟ, ବଜାରେ ନ ମିଳିବ ଆହା।
ସଂସାର ଗହ୍ୱର ହୋଇଣ ଅନ୍ତର
ନିବସନ୍ତି ଏଥେ ମଣି ଶାନ୍ତିଘର।
ସାମ୍ୟ ମୈତ୍ରୀ ପ୍ରୀତି ସମନ୍ୱୟ ସ୍ଥଳ,
ନମେ ଏହା ପଦେ ମର୍ତ୍ତ୍ୟ କୋଳାହଳ।
ପ୍ରଦାନେ ଏ ସ୍ଥାନ ମହାତତ୍ତ୍ୱ ଦୀକ୍ଷା,
ଜନ୍ମ ମୃତ୍ୟୁ ଗୂଢ଼ ଉପଦେଶ ଶିକ୍ଷା।
ଏହି ସ୍ଥାନେ ନର କରେ ଆସି ସାଙ୍ଗ
ବାରମ୍ବାର ନିଜ ଭବଲୀଳା-ଯାଗ।

ଏଠାରୁ ଉତ୍ପନ୍ନ ଶେଷେ ଏଥି ଲୀନ,
କୁଣିଆ କେବଳ ଭବେ ଦୁଇ ଦିନ।
ନାହିଁ ଏ ସ୍ଥାନରେ ଜରା ବ୍ୟାଧି ଖେଦ,
ନାହିଁ ଦୀନ ଧନୀ ଅଙ୍କ ରଙ୍କ ଭେଦ।
ଅଣଉପାଧିଆ ଉପାଧିଆ ବେନି
ଏହି ସାମ୍ୟ ସ୍ଥଳେ ଭୁକ୍ତ ଏକ ଶ୍ରେଣୀ।
ସାଆନ୍ତ ସେବକ ଉଭେ ଏକାସନେ
ବସନ୍ତି ଏ ସ୍ଥାନେ ନିର୍ବିକାର ମନେ।
ମର୍ତ୍ତ୍ୟକଳୁଷିତ ଜୀବାତ୍ମା ଏ ତୀର୍ଥେ
ପରଶି ପବନ ହୋଇ ହୃଷ୍ଟଚିତ୍ତେ
ଗମେ ପୁଣ୍ୟମୟ ସତ୍ୟ-ସୁଧାବାସେ
କୃତକର୍ମ ଫଳ ଭୁଞ୍ଜିବା ସକାଶେ।
ନିବସନ୍ତି ଏଥି ଯେଣୁ କବିବର,
ତେଣୁ ଏ ନିସର୍ଗ ସଙ୍ଗୀତେ ମୁଖର।
ଉପକଣ୍ଠେ ଗାଏ କାଠଯୋଡ଼ୀ ନଦୀ,
ଗାଏ ଚନ୍ଦ୍ରୋପଳା ଉପବସ୍ତ୍ରପ୍ରଦୀ।
କି ଅବୋଧ୍ୟ ଗୀତ ସଦା ଗାଇ ଗାଇ
ଯାମ୍ୟ ଦିଗେ ଖରେ ବହେ କୁଆଖାଇ।
ବସି ଚକ୍ରବାକ କୁଶାବର ୧ ପରେ
ଗାଏ ଗତ ସ୍ମୃତି ସକରୁଣ ସ୍ୱରେ।
କପସ୍ଥିତ ଦିଗୁଁ ତାର ପ୍ରିୟଆଳୀ
ଶୋକଭାବେ ଧରେ ସେ ଗୀତର ପାଳି।
ଆରଣ୍ୟ ୨ ନିକୁଞ୍ଜେ ଝିଲ୍ଲୀପଙ୍କତି
ଝଙ୍କାରେ ସଘନେ କଣ୍ଠ-ବୀଣାତନ୍ତ୍ରୀ।
ଭୁଲି ରେ ଶ୍ମଶାନ ବାହ୍ୟେ ଭୟଙ୍କର,
ମାତ୍ର ଦିବ୍ୟ ଶୋଭା— ପୂର୍ଣ୍ଣ ତା ଅନ୍ତର।
ସେହି ମହାଶୋଭା ଚର୍ମନେତ୍ରାତୀତ,
ଜଡ଼ନେତ୍ର ତହିଁ ହୋଇ ନିପତିତ
ବନ୍ଦୀ ହୋଇ ଆହା ରହିଲା ସେଠାରେ,
ସୌନ୍ଦର୍ଯ୍ୟ-ପିପାସୁ ଯେଣୁ ସେ ସ୍ୱଭାବେ।

୧—କବିବରଙ୍କ ସମାଧି ନିକଟସ୍ଥ ବଟବୃକ୍ଷ। ଏହା କୁଶାନାମକ ଜନୈକ ଲୋକଦ୍ୱାରା ରୋପିତ ହୋଇଥିବାରୁ ଏହାର ନାମ କୁଶାବର ହୋଇଅଛି। ୨—ଆତ ଗଛ।

କଟକ ରେ ଶ୍ମଶାନ   ମୋହନା ସନ୍ନିଧାନେ,
ଅଛନ୍ତି ସେ କବି   କେଉଁ ଗୁପ୍ତସ୍ଥାନେ ।
ଅଛି କାବ୍ୟମାଳା,   ତାହାଁ ଗଲେ କବି
ବର୍ତ୍ତମାନ ପ୍ରଭା,   ଅସ୍ତ ଆହା ରବି !
ରହିଅଛି ତାଙ୍କ   ସ୍ମରଣୀୟ ସ୍ମୃତି,
ତାହିଁ ଅଛି ଆହା   ଦିବ୍ୟ ସୌମ୍ୟମୂର୍ତ୍ତି ।
ଦୁର୍ଲଭ ଜୀବନ   ତେଜିଛନ୍ତି ଅବନୀ,
ରହିଛି ପତନ   ଆଦର୍ଶ ଜୀବନୀ ।
ଆହା ରାଧାନାଥ   ସୁ କବି-ସମ୍ରାଟ,
ବୀଣାପାଣି ଦେବୀ   ପ୍ରିୟତମ ଭାଟ ।
ସାହିତ୍ୟ-ମନ୍ଦିର—   ପ୍ରବୀଣ ବନ୍ଦାଣି
ରଖିଥିଲ ତୁମ୍ଭେ   ଜନ୍ମଭୂମି ଆଣି ।*
ତୁମ୍ଭ ଅଭାବେ ସେ   ହୃଦେ ତାଡ଼ି ହାତ
ଡାକୁଛି କହି   ହା ହା ରାଧାନାଥ !
ଥିଲ ତୁମ୍ଭେ ତାର   ଯୋଗ୍ୟତମ ପୁଅ
ଦେଉଥିଲ ପୋଛି   ତା ନୟନୁ ଲୁହ ।
କରୁଥିଲ ପୁଣି   ଚନ୍ଦ୍ରାସ୍ୟା ଶୁଶ୍ରୂଷା,
ଶମୁଥିଲ ତାର   ସୁଅଭୀଷ୍ଟ ତୃଷା ।
ଅର୍ପିଲ ଯେ ଶୋକ   ତାକୁ କବିନାହା,
ସେ କ୍ଷତ ତାହାର   ନ ଶୁଖିବ ଆହା !
ତୁମ୍ଭ ବିଚ୍ଛେଦରେ   ଉତ୍କଳ-ଭାରତୀ
ହୋଇଛନ୍ତି ଶୋକେ   ଉଦାସୀନ ଅତି ।
ଭକ୍ତି-ବିରଚିତ   ସାରସ୍ୱତ ବୀଣା
ଅର୍ପିଥିଲେ ତୁମ୍ଭ   କରେ ହଂସାସୀନା ।
ନବ ତାର ଖଞ୍ଜି   ତୁମ୍ଭେ ସେ ବୀଣାରେ
ବାଉଥିଲ ନିତ୍ୟ   ନୂତନ ପ୍ରକାରେ ।
ଶୁଣି ସେ ନବୀନ   ସ୍ୱର ନବତାନ
ଘୁଞ୍ଚି ଯାଉଥିଲା   ଉତ୍କଳ ଅଜ୍ଞାନ ।
ସେ ବୀଣାକୁ ଆହା   ତୁମ୍ଭ ଅଭାବରେ
ଧରିଛନ୍ତି ଦେବୀ   ଏବେ ନିଜ କରେ ।
ତୁମ୍ଭ ତତ୍ତ୍ୱାବଧାନେ   କାବ୍ୟାଶ୍ରମ ଯତ !
ହୋଇଛି ସଂସ୍ଥିତ   ସାହିତ୍ୟ ଉନ୍ନତ ।
ହେଲ ଦିନୁ ତୁମ୍ଭେ   ସଂସାରୁ ଅନ୍ତର,
ନିସ୍ତରଙ୍ଗ ଆହା   ସାହିତ୍ୟ-ସାଗର
ଦେବଭୂମି ଏହି   ଉତ୍କଳ ଭୁବନ,
ତହିଁ ସାରସ୍ୱତ   କେଳି ଉପବନ ।
ଫୁଟି ରହିଅଛି   ସେ ବନେ ସୁମନ,
କିଏ ଆଉ ତାହା   କରିବ ଚୟନ ।
ଭୁଲି ରୋଗଶୋକ   ସଦା ହାସ୍ୟମୁଖେ,
ବୀଣାପାଣି ପାଦ   ପୂଜୁଥିଲ ସୁଖେ ।
ରୋଗ-ଭୋଗ ପ୍ରାୟ   ବାଣୀ ଆରାଧନା
ଥିଲା ତବ ପ୍ରାଣେ   ମହତୀ ସାଧନା ।
ଶତ ଧନ୍ୟ ତବ   ସଂଯତ ସ୍ୱଭାବ,
ମଣୁଥିଲ ନାହିଁ   ଅଭାବେ ଅଭାବ ।
ଯା ଲାଗି ଉନ୍ନତ   ଭାରତୀ-ଭଣ୍ଡାର,
କି ଅଭାବ ଭଲ   ଜୀବନେ ତାହାର ।
ଏହା ବୁଝି ନିଷ୍ଠେ   କରୁଥିଲ କାମ,
ଧନ୍ୟ ପୁଣ୍ୟଶ୍ଲୋକ   ଧନ୍ୟ ତବ ନାମ ।
ଥିଲ ଏକ, ଏବେ   ହେବ ଯେ ଅନେକ,
ଭାଗ ହେବ ତବ   ସୁକୃତି ବିବେକ ।
ବହୁ ହୃଦେ ବସି   ତବ ସୁପ୍ରତିଭା
ଦିନେ ଏ ଉତ୍କଳେ   ଖେଳାଇବ ବିଭା ।
ସ୍ୱର୍ଣ୍ଣ-ପ୍ରତିମୂର୍ତ୍ତି   ସେ ଦିନ ତୁମ୍ଭର
ସଂପୂଜିତ ହେବ   ଦେଶେ ପ୍ରତିଘର ।
ମହାତୀର୍ଥ ହେବ   ତବ ଏ ଆସ୍ଥାନ,
ଲଭିବ ଜଗତେ   ଦୁର୍ଲ୍ଲଭ ସମ୍ମାନ ।
ଧନ୍ୟ କବିବର,   ମହା ଭାଗ୍ୟଧର,
କାଠଯୋଡ଼ୀ ତବ   ପଖାଳେ ପୟର ।
ପଶ୍ଚିମେ ଉତ୍ତରେ   ଯେବେ ଶୈଳବ୍ରଜ
ଅର୍ଦ୍ଧଚନ୍ଦ୍ରାକାରେ   ଅଛନ୍ତି ବିରାଜ,

* ଟେକ ।

ଜୀବନେ ଯେ ଋଣୀ   ଥିବାରୁ ସର୍ବଥା, ୧
ପ୍ରକାଶନ୍ତି ଏବେ   ଭକ୍ତି କୃତଜ୍ଞତା ।
ଉନ୍ନତ ଆକୃତି   କାନ୍ଦୁଣୀ ପର୍ବତ
ତୁମ୍ଭ ଉଦ୍ଦେଶ୍ୟରେ   କରେ ଦଣ୍ଡବତ ।
ମେଘମଣ୍ଡି ମଣ୍ଡା ୨   ଟେକି ବର-କର
ତବ ସମ୍ମାନାର୍ଥେ   ଉଚ୍ଚ ନିରନ୍ତର ।
ପାର୍ଶ୍ୱେ ସିଦ୍ଧେଶ୍ୱର   ମହୀଧରବ୍ରଜ
ବୈଦିକକୀର୍ତ୍ତି ପୂତ   ପ୍ରାଚୀନ ନଗବ୍ରଜ ।
ବଡ଼ମ୍ବା ରାଜ୍ୟର   କୁମାରଙ୍ଗ ଗିରି,
ମାରକତ ହର୍ମ୍ୟ   ସମ ଯାର ଶିରୀ ।
ଦେବ-ଅଧ୍ୟାସିତ   ଗିରି ଦେବୀଦ୍ୱାର
ସମସ୍ତବେ ରହି   ଦିଶଇ ଉଦାର ।
ବ୍ୟାପି ସର୍ବେଶ୍ୱର ୩   ବହୁ ଦୂରଯାଏ
ଧନୁକାକୃତିରେ   ଦୂରୁ ଶୋଭାପାଏ ।
ମହାନଦୀ ସହ   ସଦା ସର୍ବେଶ୍ୱରୀ
ଖଟନ୍ତି ତା ପଦେ   ଯେସନ କିଙ୍କରୀ ।
କରିକୁମ୍ଭାକୃତି   ତୁଙ୍ଗ ସପ୍ତଶଯ୍ୟା, ୪
ଯା ଶିଖରେ ମୁଦେ   ସଙ୍ଗେ ଘନ ଶଯ୍ୟା ।
ସରଡ଼ା ପାହାଡ଼   ସରଠ ୫ ପରାୟ
ଟେକନ୍ତି ମସ୍ତକ   ବିସ୍ତାରିଣ କାୟ ।
ପଛୁ ଗୋଡ଼ ଟେକି   ହେଲା ପ୍ରାୟ ଠିଆ,
ଦିଶେ ବହୁଶିର   ହୁକାରମୁଣ୍ଡିଆ ୬

ହରଗୌରୀ ପ୍ରିୟ—   ପୀଠ କପିଳାସ,
ଝର-ଝଙ୍କାରିତ   ଶବର ୭ ଆବାସ ।
ନତଶିରେ ତାହା   ପାଦତଳେ ଶୋଇ
ବସ୍ତ୍ର ପ୍ରାୟ ତାର   ଦିଶେ ଶଙ୍ଖପୋଇ । ୮
ଏ ଆଦି ଯେତେକ   ମହୀଧରଗଣ
ଉଦ୍‌ଗ୍ରୀବେ କରନ୍ତି   ସମାଧି ଦର୍ଶନ ।
ଚିତ୍ରୋତ୍ପଳା-ନୀର—   ଅଭିଷିକ୍ତ ହର,
ଅନନ୍ତପ୍ରତାପୀ   ଶ୍ରୀ ଧବଳେଶ୍ୱର ୯
ମହାନଦୀ ଗର୍ଭେ   ଶୈଳଚୂଳେ ଥାଇ
ସମାଧିକୁ ତବ   ଅଛନ୍ତି ଅନାଇଁ ।
ବର୍ଷୁଛନ୍ତି ତହିଁ   ଆଶୀର୍ବାଦରାଶି
ସଦା ଶିବଦାତା   ଶ୍ମଶାନପ୍ରବାସୀ ।
ଭୁଆସୁଣୀ ପ୍ରାୟ   ଭୁଆସୁଣୀ ତରୁ ୧୦
ନଦୀ ପୂତ ଜଳେ   ସ୍ନାନ ପ୍ରଭାତରୁ
ଦେଖଇ ତୁମ୍ଭଙ୍କୁ   ହୋଇ ଭକ୍ତିରତା,
ନର ନୁହ ତୁମ୍ଭେ   ଥିଲ ଯେ ଦେବତା ।
ମେଘମାନେ ତବ   ଦର୍ଶନ ମନାସି
ସପ୍ତଶଯ୍ୟାଶିଖୁ   ଖରେ ଉଡ଼ି ଆସି
ପାତନ୍ତି ଆସନ   ଶଙ୍ଖପୋଇ ଶିରେ,
କରନ୍ତି ସମ୍ଭାଷ   ନନାଦି ସଧୀରେ ।
ସମାଧି ଦ୍ୱିପାଶେ   ଫୁଲକୁଲଟିକା,
ଉଚ୍ଚ ପତ୍ର-ଛତ୍ର   ଧରି ଶେଫାଳିକା ।

୧—କବିବର ଜୀବିତାବସ୍ଥାରେ ଏହି ପର୍ବତମାନଙ୍କ ବିଷୟ ଖ୍ୟାତଗ୍ରନ୍ଥରେ ଲିପିବଦ୍ଧ କରିଥିଲେ । ଏଣୁ ଏମାନେ ତାହାଙ୍କଠାରେ ଋଣୀ । ୨—ସ୍ୱନାମପ୍ରସିଦ୍ଧ ପର୍ବତ । ଏହି ପର୍ବତଚୂଡ଼ାରେ ଗୋଟିଏ ବୃହତ୍ ବଟବୃକ୍ଷ ଅଛି । ୩—ମହାନଦୀ ଏବଂ ସର୍ବେଶ୍ୱରୀର ସଙ୍ଗମ ସ୍ଥଳରେ ଏହି ପର୍ବତ ଅବସ୍ଥିତ । ୪—ଢେଙ୍କାନାଳାନ୍ତର୍ଗତ ପର୍ବତବିଶେଷ । ଦୂରରୁ ଏହାର ଆକୃତି କରିକୁମ୍ଭ ସଦୃଶ ଦୃଷ୍ଟ ହୁଏ । ବର୍ଣ୍ଣିତ ଗିରିମାଳ ମଧ୍ୟରେ ଏହି ପର୍ବତ ସର୍ବୋଚ୍ଚ । ୫—ଏଣୁଅ । ୬—ଗିରିପୁଞ୍ଜ ବିଶେଷ । ସମ୍ଭବତଃ ଅସଂଖ୍ୟ ଗିରି ପୁଞ୍ଜୀଭୂତ ହୋଇଥିବାରୁ ଏହାର ନାମ ହୁକାରମୁଣ୍ଡିଆ ହୋଇଅଛି । ୭—ଢେଙ୍କାନାଳ ଅନ୍ତର୍ଗତ କପିଳାସ ପର୍ବତରେ ଅନେକ ଶବର ବାସ କରନ୍ତି । ୮—ଆଠଗଡ଼ର ସର୍ବୋଚ୍ଚ ପର୍ବତ । ୯—ମହାନଦୀ ମଧ୍ୟସ୍ଥ ସ୍ୱନାମଖ୍ୟାତ ଶିବଲିଙ୍ଗ । ୧୦—ଏହାର ନାମ ଭୁଆସୁଣୀ ବୃକ୍ଷ ବୋଲି ବହୁକାଳରୁ ପ୍ରବାଦ ଅଛି । ବୃକ୍ଷଟି ଆଠଗଡର ସୀମାରେ ଅବସ୍ଥିତ । ସମ୍ବଲପୁର ଅଞ୍ଚଳରେ ଏହା "ସେନା" ନାମରେ ଅଭିହିତ ।

ଅତୁଳ ଉତ୍ସାହେ      ଧରି ପୁଷ୍ପଭାର
ସେ ଶିଙ୍ଗାରେ ୧      ତବ ରଚିବେ ସିଂହାର, ୨
ଜୀବନରେ ପ୍ରିୟ      ଥିଲେ ସେ ତୁମ୍ଭର,
ଜୀବନାନ୍ତେ ପୁଣି      ହେଲେ ସେହିପର । ୩
ସଜ୍ଜନର ପ୍ରୀତି      ଏହିପରି ଭବେ
ଜୀବନେ ମରଣେ      ନ ତୁଟେ ତା ଲବେ ।
କର୍ମବୀର ତୁମ୍ଭେ      ଥିଲ ତପମଣି !
ଅଚିନ୍ତ୍ୟ ଅଦ୍ଭୁତ      ତୁମ୍ଭର କରଣୀ ।
ନ ଧରିଣ ଚିତ୍ତେ      ସୁଯଶକାମନା
କରୁଥିଲ ବସି      ନୀରବେ ସାଧନା ।
ମାତ୍ର ଅଲକ୍ଷିତେ      ଅଯାଚିତ ଯଶ
କରୁଥିଲ ପଛୁଁ      ତୁମ୍ଭଙ୍କୁ ପରଶ ।
ଶୋଭା ପାଇଁ ବୃକ୍ଷ      ଖୋଜେ ନାହିଁ ଲତା,
ବଳେ ଲୁଏ ସିନା      ସେ ତା ପଦାନତା ।
ପ୍ରକୃତି ଯୋଗାଇ      ଦିଏ ଆଣି ତାହା,
ପ୍ରକୃତି ମହିମା      କେ ବୁଝିବ ଆହା ।
କର୍ମ ସାଧନରେ      ଅଟେ ମହାକୃତୀ,
ସମସ୍ତଙ୍କ କର୍ମ      ଦେଖେ ସେ ପ୍ରକୃତି ।
ଯାଚି ଦିଏ କର୍ମ      ଦେଖି ପୁରସ୍କାର,
ଚିରନ୍ତନ ରୀତି      ଅଟେ ଏ ତାହାର ।
ଗୁଣଗ୍ରାହୀ ପ୍ରଜା      ଗୁଣ ଅନୁଭବି
ଅର୍ପିଲେ ତୁମ୍ଭଙ୍କୁ      ଗୌରବ-ପଦବୀ ।
ଅବଧି ଉତ୍କଳ      ସେ ଗୌରବ-ଧନେ
ସୁଗୌରବାନ୍ୱିତ      ଆପଣାକୁ ମଣେ ।
କି ବର୍ଣ୍ଣିବ ଦେବ !      ତୁମ୍ଭର ମହିମା,
କ୍ଷୁଦ୍ର ଲେଖନୀ କି      କଳିବ ତା ସୀମା ।
ଅସମ୍ପୂର୍ଣ୍ଣ ଥାଏଁ      ପୂର୍ଣ୍ଣ ପ୍ରତିଛବି
ଉଠିବ ବା କାହୁଁ      ହେ ଗୌରବ-ରବି ?
ତୁମ୍ଭର ମହତ୍ତ୍ୱ      କି ବର୍ଣ୍ଣିବ କିଏ,
ତବ କାବ୍ୟମାଳା      ତାର ସାକ୍ଷ୍ୟ ଦିଏ ।

ସ୍ୱର୍ଗ-ଆଶ୍ରମେ      ଥିଲ ତୁମ୍ଭେ ବଟୁ, ୪
କଳ୍ପନା-ସାଗର—      ସନ୍ତରଣ-ପଟୁ ।
ଦେଖାଇଲ ମର୍ତ୍ତ୍ୟେ      ନନ୍ଦନ-କାନନ,
ଫୁଟାଇଲ ତହିଁ      ସୁମନ—ସୁମନ । ୫
କି ଅସାଧ୍ୟ ତବ,      ମହାମନ୍ତ୍ରବଳେ
ବହେ କଲ୍ଲୋଳିନୀ      ତବ ଆଜ୍ଞାବଳେ ।
ମାର୍ଜିତ ରୁଚିରେ      ମାର୍ଜିତ ଭାଷାରେ
ରଚିଲ ସାହିତ୍ୟ      ଶକ୍ତି ଅନୁସାରେ ।
ନବ ଭାବ ତହିଁ      କରି ସଂଯୋଜିତ
ଶିଖାଇଲ ଦେଶେ      ଆଦର୍ଶ ସାହିତ୍ୟ ।
ମଣିମୟ ତବ      ବିରଚିତ ଗ୍ରନ୍ଥ,
ନବ ସାହିତ୍ୟର      ତାହା ଆଦ୍ୟ ପନ୍ଥ ।
ଉତ୍କଳର ଅଙ୍ଗ      ଭିନ୍ନ ଭିନ୍ନ କରି
ଦେଖି ଗ୍ରାମ ନଦୀ      ବନ ଗିରି ଦରୀ,
ଚିତ୍ରିଲ ତାହାକୁ      ନବୀନ ତୂଳିରେ,
ସେ ଶବ୍ଦ ସୁଷମା      ବର୍ଣ୍ଣି ନୁହେଁ ଗିରେ ।
ଜଳେ ପଦ୍ମ ପ୍ରାୟ      ନ ମିଶି ଜଗତେ
ଖେଳୁଥିଲ ସଦା      ପ୍ରକୃତି ସଙ୍ଗତେ ।
ପଙ୍କିଳ ପିଚ୍ଛିଳ      ଏ ସଂସାର ପଥ,
ନ ରୁଚଇ ତହିଁ      ତୁମ୍ଭ ମନୋରଥ ।
ତେଣୁ ଭିନ୍ନ ପଥ      ସୃଜି ନିରାଟିଆ,
ବୁଲୁଥିଲ ତହିଁ      ତୁମ୍ଭେ ଏକାଟିଆ ।
ଜନ୍ମଭୂମି ଦୁଃଖେ      ସଦା ଖିନ୍ନ ମନେ
କନ୍ଦାଉଥିଲ      ନିଜେ କାନ୍ଦି ଅନ୍ୟେ ।
ଥିଲ ତୁମ୍ଭେ ଦେଶ—      ଗୌରବ-କେତନ,
ଉତ୍କଳ-ସାହିତ୍ୟ-      ଗର୍ବ-ଗଣ୍ଠିଧନ ।
ସୌଜନ୍ୟ ତୁମ୍ଭର      ଯେ ଦେଖିଛି ଥରେ,
ନ ହେବ ବିସ୍ମୃତ      କେବେ ଜୀବନରେ ।
ଉତ୍ସାହର ପୁଣି      ଥିଲ ପ୍ରତିମୂର୍ତ୍ତି,
ସ୍ମରଣେ ତା ହୃଦେ      ଧରି ନୁହେଁ ଧୃତି ।

୧—ଶିଙ୍ଗାରହାର ଗଛ । ୨—ସିଂହାର ବେଶ । ୩—ଶିଙ୍ଗାରହାର ଫୁଲକୁ କବିବର ବିଶେଷ ଆଦର କରୁଥିଲେ । ୪—ତପସ୍ୱୀ । ୫—ଦେବପୁଷ୍ପ ଅର୍ଥାତ୍ ପାରିଜାତ ।

ନବୀନ ଲେଖକ— ମାନଙ୍କର ଆଶା
ଥିଲ ତୁମ୍ଭେ ଦେବ! ଏକମାତ୍ର ସାହା ।
ହରାଇ ତୁମ୍ଭଙ୍କୁ ସେମାନେ ଅନାଥ,
କାନ୍ଦୁଛନ୍ତି କହି ହା ହା ପ୍ରାଣନାଥ !
ସାରଲ୍ୟରେ ତୁମ୍ଭେ ସାରଲ୍ୟଦାୟାଦ,
ସିନ୍ଧୁ ସମ ତବ ପାଣ୍ଡିତ୍ୟ ଅଗାଧ ।
ବିବିଧ ଭାଷାରେ ଥିଲ ସୁମଣ୍ଡିତ,
ବିବିଧ ସାହିତ୍ୟ- ଶାସ୍ତ୍ର-ସୁପଣ୍ଡିତ ।
ଧରିଲା ତୁମ୍ଭଙ୍କୁ ଏ ଉତ୍କଳ ଧରା
ଶୁଭକ୍ଷଣେ ବୋଲେ କୀର୍ତ୍ତି-କଳେବରା ।
ମାହେନ୍ଦ୍ର ମୁହୂର୍ତ୍ତେ ଧରିଲ ଲେଖନୀ,
କାବ୍ୟ-ବନ-ପିକ ଆହେ ସୁଧୀମଣି !
ଲଘୁ କଲ ତୁମ୍ଭେ ମାତୃଭାଷା ଦୁଃଖ,
ଉଜ୍ଜ୍ୱଳିଲ ପୁଣି ମାତୃଭୂମି ମୁଖ ।
ମାଗୁଛି ମେଲଣି ଏବେ କବିବର,
କୃପାର ଉଦ୍ଦେଶ୍ୟେ ଯୋଡ଼ି ବେନି କର ।
ଥିଲ ତୁମ୍ଭେ ମର୍ତ୍ତେ ଗୁରୁବ୍ୟଦେବତା,
ସୁକର୍ମେ ଲଭିଛ ମର୍ତ୍ତ୍ୟ ଅମରତା ।
ପାର୍ଥିବ ଶରୀର ହରି ଅଛି କାଳ,
ଯଶ-ଦେହ ତବ ଥିବ ଚିରକାଳ ।
ଯେତେ କାଳ ଥିବ ଏ ଉତ୍କଳଧାମ,
ଯେତେ କାଳ ଥିବ ମାତୃଭାଷା ନାମ,

ରହିବ ତାବତ ତବ ସ୍ୱର୍ଣ୍ଣସ୍ମୃତି,
ମହୋଜ୍ଜ୍ୱଳପ୍ରଭ ଶୁଭ୍ର-କୀର୍ତ୍ତି-ମୂର୍ତ୍ତି ।
ଜରା ତା' ଶରୀର ନ ପାରିବ ସ୍ପର୍ଶି,
କାଳ-କ୍ରୂର କୀଟ ନ ପାରିବ ଦଂଶି ।
କବିତାରୂପିଣୀ କନ୍ୟା ଏ ତୁମ୍ଭର
ଉତ୍କଳ ପ୍ରଦେଶେ ଭ୍ରମି ନିରନ୍ତର,
ତୁମ୍ଭର ମାହାତ୍ମ୍ୟ ଆଦର୍ଶ ଶିଖାଇ
ତବ ଶୁଭ ସ୍ମୃତି ରଖିବେ ଜଗାଇ ।
ରଖିବେ ଜଗାଇ ଯୋଗ୍ୟପୁତ୍ର ଶଶୀ
ତବ ସୁପବିତ୍ର— କୁଳ-ପୂର୍ଣ୍ଣଶଶୀ ।
ଆଦର୍ଶ ତାଙ୍କର ପିତୃଭକ୍ତି ନିଷ୍ଠା,
କରିଛନ୍ତି ଏହି ସମାଧି ପ୍ରତିଷ୍ଠା ।
ପିତା ତାଙ୍କ ଧର୍ମ, ପିତା ତାଙ୍କ ସ୍ୱର୍ଗ,
ପିତା ଜପ ତପ, ପିତା ଅପବର୍ଗ ।
ପିତୃ-ପ୍ରତିମୂର୍ତ୍ତି— ଦର୍ଶନରେ ସଦା
ଦେଖିଛି ତାଙ୍କର ଅସାମାନ୍ୟ ଶ୍ରଦ୍ଧା ।
ପିତୃ ଅସ୍ଥିକୁ ସେ ମହାମଣି ମଣି
ଧରିଛନ୍ତି ବକ୍ଷେ ସୁପୁତ୍ର-ଅଗ୍ରଣୀ ।
ପିତୃଖ୍ୟାତି ବୃଦ୍ଧି ତାଙ୍କ ନିତ୍ୟବ୍ରତ,
ପିତୃପୂଜା-ଯଜ୍ଞେ ଦୀକ୍ଷିତ ସତତ ।
ହୋଇଛି ଆଶ୍ୱସ୍ତ ଦେଖି ତାଙ୍କ କାମ,
ରଖିବେ ସେ ନିତ୍ୟେ ତବ ପୁଣ୍ୟ ନାମ ।

# ଭାରତ-ଲଳନା

# ଉପହାର

ପରମ ସମ୍ମାନାସ୍ପଦ,

ଭାରତୀୟ-ସାହିତ୍ୟ-ସୁହୃଦ, ବହୁଭାଷା-ବିଚକ୍ଷଣ, ଦାନବୀର

ଶ୍ରୀଳ ଶ୍ରୀଯୁକ୍ତ ରାଜା ବିକ୍ରମଦେବ ବର୍ମ୍ମା ମହୋଦୟଙ୍କ ଶ୍ରୀକର-କମଳେଷୁ ।

ଭକ୍ତିଭାଜନ ଶ୍ରୀମନ୍ମହାରାଜ,

ମାତୃଭାଷାନୁରାଗରେ ଶ୍ରୀଛାମୁଙ୍କ ହୃଦୟ ଯେପରି ପରିପୂର୍ଣ୍ଣ, ସୌଜନ୍ୟ, ଶିଷ୍ଟାଚାର ଏବଂ ବଦାନ୍ୟତାର ସମନ୍ୱୟ ତ୍ରିବେଣୀଧାରାରେ ସେହିପରି ଶୀତଳ ଏବଂ ପବିତ୍ର । ଭିନ୍ନଭାଷାଭାଷୀ ପ୍ରଦେଶ ମଧ୍ୟରେ ଅବସ୍ଥାନ କରି ସୁଦ୍ଧା ନାନା ପ୍ରତିବନ୍ଧକ ସତ୍ତ୍ୱେ ଶ୍ରୀଛାମୁ ମାତୃଭୂମି ଏବଂ ମାତୃଭାଷା ପ୍ରତି ଭକ୍ତି ପ୍ରୀତି ଅଟଳ ରଖିଅଛନ୍ତି, ଏହା ଛାମୁଙ୍କ ପକ୍ଷରେ ଏବଂ ଦୁଃଖିନୀ ଉତ୍କଳମାତା ପକ୍ଷରେ ସାମାନ୍ୟ ଗୌରବାବହ ନୁହେଁ । ଖଣ୍ଡିଏ ନୂତନ ଓଡ଼ିଆ ପୁସ୍ତକ ବାହାରିଲେ ମାତ୍ରେ ଶ୍ରୀଛାମୁ ତାହା ଯତ୍ନପୂର୍ବକ ସାଗ୍ରହ ପାଠ କରନ୍ତି । ଅନ୍ୟାନ୍ୟ ସଦ୍‌ଗୁଣର କଥା ଛାଡ଼ିଦେଲେ ମଧ୍ୟ କେବଳ ଏହି ଦେବୋଚିତ ସଦଭ୍ୟାସଟି ଶ୍ରୀଛାମୁଙ୍କ ମହତ୍ତ୍ୱର ପୂର୍ଣ୍ଣ ପରିଚାୟକ । ଶ୍ରୀଛାମୁଙ୍କର ଏହି ଅନନ୍ୟସାଧାରଣ-ସୁଲଭ ପ୍ରଶସ୍ତିରେ ମୁଁ ଯତ୍ପରୋନାସ୍ତି ପ୍ରୀତି ଲାଭ କରିଅଛି । ସେହି ପ୍ରୀତିର ପ୍ରେରଣାରେ ଏହି "ଭାରତ-ଲଳନା କାବ୍ୟ" ଶ୍ରୀଛାମୁଙ୍କ ଦେଶସେବା-ନିରତ ପବିତ୍ର କର-କମଳରେ ଉପହାର ଅର୍ପଣ କଲି । ବନ୍ଧୁରର ଶ୍ରଦ୍ଧାକଣା ତୁଲ୍ୟ ଏହା ସାନନ୍ଦେ ପରିଗୃହୀତ ହେଲେ ନିଜକୁ ଚରିତାର୍ଥ ମଣିବି ।

ଇଚ୍ଛାପୁର, ଗଞ୍ଜାମ
୩ । ୧୨ । ୧୪

ଶ୍ରୀଛାମୁଙ୍କର ସ୍ନେହସଦ୍‌ଗୁଣ-ମୁଗ୍ଧ
ଶ୍ରୀ ଚିନ୍ତାମଣି ମହାନ୍ତି

# ଭାରତ-ଲଳନା

## ପ୍ରଥମ ସର୍ଗ

ସ୍ୱାଗତ କବିତାଦେବୀ କଳ୍ପନା-କନ୍ୟକେ
ଶାନ୍ତମୟୀ, ଭାବପ୍ରାଣା, ବିଶ୍ୱସମ୍ମୋହିନୀ,
ବସ ହୃଦ-ସିଂହାସନେ,-ଭକ୍ତି-ଶଚୀ;
ସଜାଇ ସଯତ୍ନେ ତାହା ପ୍ରୀତି-ପାରିଜାତେ,
ରଖିଅଛୁ ତୁମ୍ଭ ପାଇଁ ଚିର ଅବାରିତ ।
ବୃତ୍ତ ଚିତ୍ରାଙ୍କିବେ, ମାତଃ ଅଙ୍କିବ ଗୋ ମୁହିଁ,
ରାଜପୂତ ନାରୀକୁଳ-ଗୌରବ-ଚନ୍ଦ୍ରିକା—
ପଦ୍ମାବତୀ ପୁଣ୍ୟଚିତ୍ର, ପ୍ରକାଶି କରୁଣା
ତୁମ୍ଭେ ଏ ଲେଖଣୀ-ଲେଖରେ, ଦିଅ ମା ଯୋଗାଇ
ଯୋଗ୍ୟ ରଙ୍ଗ, ଯୋଗ୍ୟ ତୂଳି, ଏତିକି ମାଗୁଣି ।
ରୂପନଗରାଖ୍ୟ ରାଜ୍ୟ ରହେ ରାଜସ୍ଥାନେ
ବିପୁଳ ସମୃଦ୍ଧ, ଯାର ପୃଷ୍ଠ ଅପସର
ଆମ୍ରବଳୀ-ତରୁବଳୀ, ସ୍ନିଗ୍ଧ ଶ୍ୟାମଛବି,
ନଗ୍ନ-ବନ୍ଧୁର-ମରୁ ବ୍ୟାପ୍ତ ତିନ ଆଡ଼େ,
ଏକ ଦିଗେ ତରଙ୍ଗିତ ସୁଷମା-ବାରିଧି,
ଆନେ ମହାଶୂନ୍ୟାସ୍ତୃତ ସୁଷମା-ଶ୍ମଶାନ;
ଶୋଭା ବହ୍ନିଶିଖାର ସେ ସଂଘର୍ଷଣ ସ୍ଥଳ
ଅବା ଆଶା-ନୈରାଶ୍ୟର ମିଳନ ମନ୍ଦିର ।
ଦେବଭକ୍ତ ଶାନ୍ତିପ୍ରିୟ ସେ ରାଜ୍ୟ ନୃପତି
ପରମାର୍ଥପରାୟଣ, ବାହ୍ୟେ ଜିତେନ୍ଦ୍ରିୟ,
ମାତ୍ର ଜିତେନ୍ଦ୍ରିୟ ଋଷିସମ, ଅନ୍ତର୍ଗତେ,
ପ୍ରଜାକୁଳ ଧନଧର୍ମପ୍ରାଣ ରଖୁଆଳ
ମଣନ୍ତି ନିଜକୁ ସିଏ, ତୁଳାଦଣ୍ଡେ ତୁଳି
କରନ୍ତି ପ୍ରକୃତିପୁଞ୍ଜ ଶାସନ ପାଳନ ।
ରାଜ୍ୟ-ସୁହାଗୀରେ ରାଜା ପରମ ଶିକ୍ଷକ,
ପ୍ରଜାଏ ତହିଁରେ ଛାତ୍ର, ରାଜଦଣ୍ଡ ଛାଟ
ସିଂହାସନ ଅଧ୍ୟାପନପିଣ୍ଡି, ରାଜକର—
ଗୁରୁଙ୍କ ଦକ୍ଷିଣା, ଧରି ଏ ଭାବ ସେ ନୃପ,
ଲିପ୍ତ ଥାଇ ରାଜକାର୍ଯ୍ୟେ ଥାଆନ୍ତି ଅଲଗା
ଜଳୋପରି ଭାସମାନ ତୈଳବିନ୍ଦୁ ଯଥା ।
ବେଶଭୂଷା ଆଡ଼ମ୍ବର ଅବା ବିଳାସର
ନ ଥିଲେ ସେ ଦାସ, ଦାସ କେବଳ କର୍ମର;
ନ ଛୁଇଁ ରାଜକୋଷରୁ କଡ଼ାଏ କଉଡ଼ି
ଗ୍ରନ୍ଥ ଲେଖି କରୁଥିଲେ ଜୀବିକା ନିର୍ବାହ ।
ନ ଥିଲା ଅଭାବ ତାଙ୍କ ମନ୍ତ୍ରୀ ପାରିଷଦ,
ମାତ୍ର ସେ ଗ୍ରହନ୍ତି ସଦା ବିବେକ-ମନ୍ତ୍ରଣା,
ଧର୍ମେ ଗୁରୁ, ପାଠମନ୍ତ୍ରୀ ମଣନ୍ତି ବିବେକେ ।
ଗୁଣୀ ଯେଣୁ, ତେଣୁ ଅର୍ପି ଗୁଣୀକୁ ଗୌରବ,
କରୁଥିଲେ ସ୍ୱଗୌରବ ବୃଦ୍ଧି ବହୁଗୁଣ,
ଗୌରବକୁ ଯୋଗ୍ୟମୂଲ୍ୟ ସିନା ଗୌରବର ।
ନ ଥିଲା ତାହାଙ୍କ ହୃଦେ ସଙ୍କୀର୍ଣ୍ଣତା, ଅବା
ପ୍ରାକୃତ ପ୍ରଭୁପଣର ହଳାହଳ ଜ୍ୱାଳା,
ବହୁଥିଲା ପ୍ରବାହିତ ଅବିରତ ତହୁଁ
ସାର୍ବଜନୀନ ଔଦାର୍ଯ୍ୟ, ସମଦର୍ଶିତାର
ସୁଶୀତଳ ସୁଧାସ୍ରୋତ । ତଥା ଅନ୍ତସ୍ତଳେ
ବହୁଥିଲା ଦାନ-ଧର୍ମ-ନ୍ୟାୟ-ସମୀରଣ ।
ନ ଜାଣନ୍ତି ଆତ୍ମଶ୍ଲାଘା ଆତ୍ମଗ୍ଲାନି କଦା,
ନିଜର ସାମାନ୍ୟ ଦୋଷେ ଦେଖନ୍ତି ଅନ୍ୟର—
ଗୁରୁତର ଦୋଷାପେକ୍ଷା ବଳି ଗୁରୁତମ ।
ବଢ଼ାଏ ସ୍ୱଶକ୍ତି ଦାନେ ଶକ୍ତି ସମାଜର

କୃଷୀବଳ, ହେଉ ପଛେ ଶୂନ୍ୟ ୧ ମୂଲ୍ୟହୀନ
ମାତ୍ର ନ କରେ କି ବୃଦ୍ଧି ଆନ ସଂଖ୍ୟା ମୂଲ୍ୟ,
ଜାଣି ଏହା ରତ ସଦା କୃଷକ ରକ୍ଷଣେ,
ଥିଲ ନାହିଁ ତାଙ୍କ ରାଜ୍ୟେ ନିଷ୍କର୍ମା ଜଣେହିଁ,
ଯୋଗାଇ ଜୀବିକା ରାଜ୍ୟେ ସର୍ବେ ଯଥାଯଥ,
ସର୍ବଥା ସାର୍ଥକଥିଲେ "ପ୍ରଜାପିତା" ନାମ ।
ନ ଥିଲ ରାଜାଭିମାନ ଗର୍ବିତ ଗୁମାନ,
ଅଜ୍ଞ ନୃପତି-ସୁଲଭ ପୈଶାଚିକ ଭାବ,
ନିଜେ ସୁନା ଆନ ମାଟି ନ ଥିଲ ଏ ଜ୍ଞାନ,
ମିଶି ନିର୍ବିକାର ମନେ ସାଧାରଣ ସହ
ମଣୁଥିଲେ ଆପଣାକୁ ତାଙ୍କ ମଧ୍ୟେ ଜଣେ ।
ଦେଖି ତାଙ୍କୁ ସ୍ୱକୋଶଳ ନିଖିଳ ସଦ୍ଗୁଣୀ
ବୋଲନ୍ତି ଲୋକେ ଦ୍ୱିତୀୟ ଯୁଧିଷ୍ଠିର ବୋଲି ।
ଥିଲା ତାଙ୍କ କ୍ଷତ୍ରୋଚିତ ବୀର୍ଯ୍ୟ, ପରାକ୍ରମ,
ମାତ୍ର ଥିଲ ନାହିଁ ହୃଦେ ନିର୍ମମ ଆଚାର,
କିମ୍ବା ଅପୂର୍ଣ୍ଣବାସନା ତୀବ୍ର ହାହାକାର,
ନ ଧରନ୍ତି ଲୌହ ଅସି ସୀମାବୃଦ୍ଧି ପାଇଁ,
ଧରି ଜ୍ଞାନ-ଅସି ବୀର, ରତ ଅହରହ
ଷଡ଼୍‌ରିପୁ ସମରେ, ଦୃଢ଼େ, ଅମିତ ଉତ୍ସାହେ ।
ବୋଲନ୍ତି ଶତ୍ରୁ ବୋଲିଣ ଯାହାକୁ ଜଗତେ,
ମଣନ୍ତି ସେ ତାଙ୍କୁ ମିତ୍ର, ଦୋଷଦ୍ରଷ୍ଟା ଛଳେ
ପରମ ସହାୟ ଯେହୁ ଚରିତ୍ର ଗଠନେ,
ସେ ଯଦି ଶତ୍ରୁରେ ଗଣ୍ୟ, ତେବେ ମିତ୍ର କିଏ ?
ନୁହଇ କି ବୈଶ୍ୱାନର ଚାମୀକର ବୈରୀ, ୨
ବରଂ ସେ କରେ ତାକୁ ବିଶୁଦ୍ଧ ନିର୍ମଳ ।
ନ ଲୋଡ଼ନ୍ତି ସୁନାର ସେ ଭୂଷଣ ନିର୍ମାଣେ,
ନିଜେ ରଚି ଯଶୋରତ୍ନେ ନିଜ ସ୍ୱର୍ଣ୍ଣଭୂଷା
ମଣ୍ଡନ୍ତି ଶରୀରେ, ଦିବ୍ୟ ଦ୍ୟୋତମୀ ଶାଶ୍ୱତୀ ।
ବାସ୍ତବେ ଯେ ଉପେକ୍ଷିଣ କୀର୍ତ୍ତି-ଅଳଙ୍କାରେ
ହୁଏ ପାର୍ଥିବେ ସଜ୍ଜିତ, ଅଟେ ସିନା ସେହୁ
ଧାତୁ ଅସ୍ଥି ପାଷାଣାଦି ସ୍ଥାବର ବାହନ;
କୃତ୍ରିମ ସୌନ୍ଦର୍ଯ୍ୟେ ବାଇ ହୋଇ ସେ ନିର୍ବୋଧ,
ଆମନ୍ତ୍ରଣ କରିଆଣେ ସ୍ୱସ୍ନେହେ ଯନ୍ତ୍ରଣା ।
ମୂର୍ଖସହ ସମ୍ପର୍କରେ, ମୂର୍ଖ ସହବାସେ
ପ୍ରବୀଣ ପଣ୍ଡିତ ସୁଦ୍ଧା ଲଭେ ମୂର୍ଖଭାବ,
ଅନ୍ଧକାରେ ଚକ୍ଷୁଷ୍ମାନ ହୁଏ ଅନ୍ଧ ଯଥା,
ଜାଣି ଏହା, କରିଥିଲେ ରାଜ୍ୟ ସନ୍ନିବେଶ
ପ୍ରଜାପୁଞ୍ଜ-ଉପଯୁକ୍ତ-ସୁଶିକ୍ଷାରେ ସଦା ।
ଦେଖୁଥିଲେ ସେ ନୃପତି ପ୍ରତି ପ୍ରଜାପ୍ରାଣେ
ଆତ୍ମପ୍ରାଣ ସତ୍ତା, ପ୍ରତି ପ୍ରଜା କଳେବରେ
ମଣୁଥିଲେ ନିଜ ଅଙ୍ଗପ୍ରତ୍ୟଙ୍ଗ ସଦୃଶ ।
ଏହିରୂପେ ସେ ନରେଶ ହୋଇ ବିମଣ୍ଡିତ
ଆଦର୍ଶ ଆର୍ଯ୍ୟ-କ୍ଷତ୍ରିୟ-ବାଞ୍ଛିତ ସଦ୍ଗୁଣେ,
ଚଳୁଥିଲେ ହାତେ ମାପି ଚଉଗଣ୍ଡକେ ବାଟ,
ଏ ଭବ-ପ୍ରାନ୍ତରେ—ପାପ-ବିପଦ-ପିଚ୍ଛିଳ ।
ପ୍ରଭାବତୀ ନାମେ ତାଙ୍କ ପାଟ ଜେମାଦେଈ
(ସୁଷମା-ଚତୁର-ଭୂଷା-ସୁମନ-ସୌରଭ )
ସ୍ୱହସ୍ତରଚିତ ପିତୁଳୀ, ପ୍ରତେ ହୁଏ ଯଥା,—
ତରଳାଇ ଅବା 'ଧାତା ତାରକାନିଚୟେ,
କିମ୍ବା ଘନ-ବିନୋଦିନୀ-ଚଟୁ-ନୃତ୍ୟଶୀଳା
ଉଜ୍ଜ୍ୱଳ ଶୋଭାଚଞ୍ଚୀ ସୁହାସୀ ତଡ଼ିତେ,
ଛାଞ୍ଚେ ଢାଳି ନିର୍ମାଣିଛି ସେ ସୁତନୁ ତନୁ ।
ଥିଲ ନାହିଁ ଦେଖିବାରେ ତା' ସମ ସୁନ୍ଦରୀ
ରାଜକୁଳେ, ଆହ୍ଲାଦି-କୁମାରୀ ମଣ୍ଡଳେ,
ପ୍ରକୃତ କିମ୍ବା ପ୍ରତିମା ହୁଏ ନାହିଁ ବାସ୍ତ ।
ମାତ୍ର ତା ନୟନଦ୍ୱୟେ ବିମ୍ବିତ ପ୍ରତିମା,
ଭାଙ୍ଗିଦେଉଥିଲ ସେହି ଭ୍ରମ ଦର୍ଶକର ।
କେ କହେ ଏ ଅନିନ୍ଦ୍ୟାଙ୍ଗୀ ନୁହଇ ମାନବୀ,
ନିଶ୍ଚେ ଦେବକନ୍ୟା, ହୋଇ ଶାପଭ୍ରଷ୍ଟା, ଆସି
ମଣ୍ଡିଛି ମେଦିନୀ, ଧରି ଛଦ୍ମ ନାରୀରୂପ,

୧—ଶୂନ୍ୟର କୌଣସି ମୂଲ୍ୟ ନାହିଁ; ମାତ୍ର ଯେଉଁ ସଂଖ୍ୟାରେ ଯୁକ୍ତ ହୁଏ, ତାହାର ମୂଲ୍ୟ ଦଶ ଗୁଣ ବୃଦ୍ଧି କରେ । ୨—ଚାମୀକର-ସ୍ୱର୍ଣ୍ଣ ।

ତେ ବୋଲେ ଏ ରାଜସ୍ଥାନ-ମରୁ-ତରଙ୍ଗିଣୀ—
ମଧ୍ୟରେ ବିକଚ ପଦ୍ମ ଦ୍ୱିତୀୟ ପଦ୍ମିନୀ ।
ରୂପ ଅନୁରୂପ ଗୁଣ ଥିଲା ମଧ୍ୟ ତାର,
ସ୍ନେହ, ଭକ୍ତି, ପ୍ରୀତି, ନୀତି, କ୍ଷମା, ସହିଷ୍ଣୁତା,
ଅନୁକମ୍ପା, ଧୈର୍ଯ୍ୟ, ଲଜ୍ଜା, ମମତା, କରୁଣା,
ସରଳତା, ପ୍ରଫୁଲ୍ଲତା, ପାତିବ୍ରତ୍ୟ ଆଦି
ସୁନାରୀ ସମ୍ପଦେ, ରଚି ଦେବ ସୂତ୍ରଧର
ବ୍ରହ୍ମା ମଧ୍ୟ ଶିଳ୍ପିଗୁରୁ,--ଜେମା ଅବସ୍ଥିତ
ପୁଣି ତା ଉପରେ କି ସେ ଅତି ଅଯତ୍ନରେ
ଦେଇଥିଲା ଶୋଭା-ସ୍ୱର୍ଣ୍ଣ-ଭୂଲତା ବୁଲାଇ ।
ଉପରମା ପ୍ରତ୍ୟୁପମା ମହୀ-ତିଲୋତ୍ତମା
ସେ ରୂପସୀମାର; ଥିଲା ସାହିତ୍ୟେ ସଙ୍ଗୀତେ
ଚିତ୍ରଶିଳ୍ପେ ପଶାଖେଳେ ଅତି ବିଚକ୍ଷଣା,
ସ୍ୱହସ୍ତ ଅଙ୍କିତ ତାର ଗୁରୁ ଚିତ୍ରାବଳୀ,
ଜୀବନ୍ତ ବସ୍ତୁର ଭ୍ରାନ୍ତି ଉପୁଜାଏ ମନେ ।
ପିତୃଭକ୍ତି ଥିଲା ତାର ଅତୀବ ପ୍ରବଳ,
ପିତା ଧର୍ମ, ପିତା ଗୁରୁ, ଜାଗ୍ରତ ଦେବତା,
ଏଣୁ ରତ ଥାଏ ସଦା ପିତୃସେବା-ଯାଗେ,
ପିତୃ-ପଦୋଦକେ ମଣେ ମହାତୀର୍ଥ ବାରି,
ପିତୃ-ପ୍ରସାଦକୁ ପୂତ ନୈବେଦ୍ୟ ଗଣିତା ।
ପ୍ରଭାତେ ଜନକ ପଦେ ନ ବନ୍ଦି ପ୍ରଣତି
କରେ ନାହିଁ ପ୍ରାତଃକୃତ୍ୟ, କଲେ ବିଶ୍ଳେଷଣ
କୁମାରୀ ଜୀବନେ ତାର, ଆନ ଉପାଦାନ
ନ ମିଳିବ କିଛି, ଶୁଦ୍ଧ ପିତୃଭକ୍ତି ବିନା ।
ନ ଗୁହୁଁ ଅବଜ୍ଞା ନେହେ ସେବକ ସମାଜେ,
ପ୍ରକାଶେ ସହାନୁଭୂତି ବରଂ ତାଙ୍କ ପ୍ରତି,
ଦାସୀ ସାଆନ୍ତାଣୀ ସିନା କର୍ମର ପଦବୀ,
ମାତ୍ର ବ୍ୟକ୍ତିଗତ ଭାବେ କି ପାର୍ଥକ୍ୟ ତହିଁ ?
ପ୍ରଭୁରକ୍ତ ଭୃତ୍ୟରକ୍ତ:ଉଭୟେ ଲୋହିତ ।
ଜାଣେ ନାହିଁ ଜେମାମଣି କଟୁ ଭାଷା କହି,
ଅସହ୍ୟ ଅଗ୍ନି ଯନ୍ତ୍ରଣା ସମସ୍ତ ପକ୍ଷରେ
ଲୁଚିଥିବ ଏହା ଯେହୁ, ଖୁଞ୍ଜିବ ସେ କିଶାଁ
ଅନ୍ୟ ଦେହେ ପ୍ରଜ୍ୱଳିତ ଅନଳ-ଶିଖା ।
ଅତିଥି-ବତ୍ସଳା ବାଳା, ଧର୍ମପରାୟଣା,
ଦେଖିଲେ ଅତିଥି, ମଣେ କୋଟିନିଧି ଲାଭ ।
କରୁଥିଲା ନୃପସୁତା ଗୁଣେ ମନୋଜ୍ଜ୍ୱଳ
ରତ୍ନୋଜ୍ଜ୍ୱଳ ରାଜଗୃହେ, ଯଥା ଶକୁନ୍ତଳା,
ସମୁଜ୍ଜ୍ୱଳିଥିଲା ସତ୍ୟେ ସତୀତ୍ୱ ତେଜରେ
କଣ୍ୱ ତପୋପ୍ରଭା-ଦୀପ୍ତ ପାବନ ଆଶ୍ରମେ ।
ଜେମାଗୁଣେ ହୋଇଥିଲା ସ୍ୱର୍ଗ ଅନ୍ତଃପୁର,
ଚିର ଅଭିଷିକ୍ତ ଯେହୁ ଶାନ୍ତି-ଅମୃତରେ,
ବହେ ଯହିଁ ଦୟା-ମୈତ୍ରୀ-ପ୍ରୀତି-ମନ୍ଦାକିନୀ,
ଫୁଟେ ଭକ୍ତି-ପାରିଜାତ, ସ୍ୱର୍ଗ ସିନା ସେହି
ସଦେହେ ଭୁଞ୍ଜନ୍ତି ତହିଁ ନରେ ସ୍ୱର୍ଗ-ସୁଖ ।
ନ ଥିଲେହେଁ ଘାତପଟୁ ସୂପକାରିବ
ପିତୃଗୃହେ, ହୋଇ ଜେମା ଶ୍ରଦ୍ଧାନୁପ୍ରାଣିତା,
ସ୍ୱହସ୍ତେ ପ୍ରସ୍ତୁତ କରି ନାନା ରାଜଭୋଗ,
ଭୁଞ୍ଜାଇ ଜନକେ ତାହା ଲଭୁଥିଲା ମୁଦ ।
ସାଗ୍ରହେ ନୃପତି ତାହା କରନ୍ତେ ଭୋଜନ,
ଅପୂର୍ବ ସନ୍ତୃପ୍ତି ଲଭି ହେଉଥାନ୍ତି ସୁଖୀ,
ଭକ୍ତି-ଦତ୍ତ-ଖାଦ୍ୟ ଲାଗେ ସ୍ୱାଦୁ ଶତଗୁଣ ।
ଗୁରୁଶୀଳା ରୂପଗୁଣ ଉଭୟ, ଉଭୟେ
କରୁଥିଲେ କି ସୁନ୍ଦର, ଜ୍ୟୋତ୍ସ୍ନା ଯୋଗେ ନିଶା,
ପୁଣି ନିଶା ଯୋଗେ ଜ୍ୟୋତ୍ସ୍ନା ଶୋଭାମୟୀ ସିନା ।
ଶୁଭକ୍ଷଣେ ହୋଇଥିଲା ନାମକୃତ୍ୟ ତାର,
ସାର୍ଥକ ସୁଦ୍ଧା ସେ ନାମ, ନିଃସରେ ଯା ଦେହୁ
ରୂପପ୍ରଭା ସଙ୍ଗେ ଗୁଣପ୍ରଭା, ସେହୁ ଦେବୀ,
ପ୍ରଭାବତୀ ନାମ ତାର ସୁସଙ୍ଗତ ସିନା ।
ଜନରବ-ଯାନେ ଚଢ଼ି ପ୍ରଶସ୍ତି ତାହାର
ଖେଳିଲା ଚୌଦିଗେ, ବାତେ ପୁଷ୍ପଗନ୍ଧ ପ୍ରାୟ,
ଦିନେ ଏ ସମ୍ବାଦ ଯାଇ ଛୁଇଁଲା ଶ୍ରବଣେ
କୁଟିଳ ଆରଙ୍ଗଜେବ ଅପବିତ୍ର ଶ୍ରୁତି,
ଶୁଣିଲା ଯବନପତି ଅଛି କନ୍ୟା ଏକ
ରୂପନଗରେଶ ଗୃହେ, ଫୁଟିବ ଯଦ୍ୟପି

ଶୋଭାର୍ ସ୍ୱପ୍ନରେ ଫୁଲ୍, ହେବ ନାହିଁ ସତ୍ୟ
ଜଳାଏ କେବେହେଁ ସେହି ସୁକାନ୍ତ-କାନ୍ତକ ।
ପ୍ରାପ୍ତିମାତ୍ରେ ଏ ସନ୍ଦେଶ, କଲ ଆଲୋଚିତ
ସୁନ୍ଦରୀ ସୌନ୍ଦର୍ଯ୍ୟ ଶ୍ରୁତ ତାର୍, ଅଦୃଷ୍ଟ ସେ,
ମାତ୍ର ପ୍ରତେ ହେଲା ତାଙ୍କୁ ଦୃଷ୍ଟପୂର୍ବ ପରି,
ହେଲ ସେ ଅସ୍ଥିର୍ ତହୁଁ ଲାଳସା ଆବେଗେ,
ମଧୁଲୁବ୍ଧ ଭୃଙ୍ଗ ଯଥା ମଧୁଗନ୍ଧାଘ୍ରାଣେ ।
କରିବାକୁ ହସ୍ତଗତ ସେ କନ୍ୟା-ରତନେ,
ଖୋଜିଣ ଉପାୟ, କଲ ଶେଷେ ଏହା ସ୍ଥିର,—
"ଦେଖାଇ ବିପୁଳ ଅର୍ଥ ସ୍ୱାଧୀନତା ଲୋଭ
କ୍ଷୁଦ୍ର ରୂପନଗରର ସାମନ୍ତ ନରେଶେ,
ହେବି କୃତକାର୍ଯ୍ୟ, କରି ବିବାହ ପ୍ରସ୍ତାବ,
ରାଜଚକ୍ରବର୍ତ୍ତୀ ମୁହିଁ ବିଶାଳ ଭାରତେ,
କେ ଅଜ୍ଞାତ ବିଶ୍ୱଧର୍ଷୀ ପ୍ରତାପ ମୋହର,
ଭ୍ରୂ କୁଟି ନିକ୍ଷେପମାତ୍ରେ ପାରଇ ମୁଁ କରି
ନନ୍ଦନେ ଶ୍ମଶାନ, କିମ୍ବା ଶ୍ମଶାନେ ନନ୍ଦନ,
ଇଚ୍ଛା କଲେ ପାରେ ନଦୀ ବହାଇ ଉଜାଣି,
ଏଣୁ ମୋ ବିଶ୍ୱାସ ନିଶ୍ଚେ ରୂପନଗରେଶ,
ହୋଇବ ସମ୍ମତ ମୋର ପ୍ରେରିତ ପ୍ରସ୍ତାବେ ।
ବିଶେଷତଃ କି ଅସାଧ୍ୟ ଅର୍ଥର ଏ ଭବେ
ଅବହେଳେ ଅର୍ଥବଳ ପାରଇ ଉପାଡି
ଜୀବିତ ସିଂହର ଦନ୍ତ, କେ ନୁହେଁ ସମ୍ମତ
ବଶ, ପୁଣି ନୁହେଁ କାର ପ୍ରିୟ ସ୍ୱାଧୀନତା ?
ଯେ ସୌଭାଗ୍ୟଦ୍ୱାରେ ସର୍ବେ ସତତ ଭିଖାରୀ,
ପାଇଲେ ହସ୍ତରେ ତାହା, କେ ଇଚ୍ଛେ ବର୍ଜନେ ?
ଧନେ ପ୍ରାଣେ ପ୍ରାଧାନ୍ୟରେ କେବା ବୀତସ୍ପୃହ ?
ଏହିପରି ଆପେ ଦୁଷ୍ଟ ଆତ୍ମ-ପ୍ରବୋଧନେ
ହୋଇଣ ଆଶାୟୀ ଅତି, ଲେଖିଲା ସ୍ୱକରେ
ରୂପନଗରାଧିପତି ପ୍ରତି ଏ ଚିଠାଉ—
"ବିହିତ ସମ୍ମାନ ସହ ଏହି ନିବେଦନ,
ରାଣା, ତୁମ୍ଭେ ରାଜନୀତି ମହାଧୁରନ୍ଧର,
ଶାସନ ଶୃଙ୍ଖଳା, ସୂକ୍ଷ୍ମ ବିଚାର ପଦ୍ଧତି,
ପ୍ରଜାପାଳନ ବ୍ୟବସ୍ଥା, ଆଦର୍ଶ ତୁମ୍ଭର ।
ବହୁ ରାଜା ମହାରାଜା ଅଛନ୍ତି ଭାରତେ,
ଶ୍ରେଷ୍ଠ ତୁମ୍ଭଠାରୁ, ଧନେ, ମାନେ, ପ୍ରାଧାନ୍ୟରେ,
ମାତ୍ର ନିତାନ୍ତ ବିରଳ ସିନା ତୁମ୍ଭ ପରି
ଲୋକରକ୍ଷୀ ପ୍ରଜାପିତା, ନାହାନ୍ତି ବା କେତେ
ଗଜଯୂଥ ମହାରଣ୍ୟେ; ମାତ୍ର କି ସୁଲଭ
ସମସ୍ତଙ୍କ ଶିରେ ମୁକ୍ତା,—ମାତଙ୍ଗ-ଗୌରବ ?
ରାଜା,—ଅମରାବତୀର କଳ୍ପତରୁ ଶାଖା,
ରୋପିଛନ୍ତି ବିଧାତା ତାହା ଭୂମଣ୍ଡଳେ ଆଣି
ସ୍ନିଗ୍ଧ ଛାୟା ସୁଧାମୟ ଫଳଦାନ ଆଶେ ।
ରାଜାର କର୍ତ୍ତବ୍ୟ ବ୍ରତ ନୁହେଁ ନିଜ ପାଇଁ,
ନିର୍ଭର ସେ ବ୍ରତେ ହିତ ପ୍ରକୃତିପୁଞ୍ଜର,
ସୁଖାଭିଳାଷୀ ଯେ ନୃପ, ସୁଖର ସେ ଦାସ,
ଅର୍ପେ ଯେ ପ୍ରଜାଙ୍କୁ ସୁଖ, ସେହି ଏକା ସୁଖୀ,
ପ୍ରସନ୍ନ ତା ପ୍ରତି ଦେବେ, ତା କୀର୍ତ୍ତି ସୁଖ,
ଅମୃତରେ ଅଭିଷିକ୍ତ ହୁଏ ନିତି ନିତି,
ମହୀତଳେ ଧନ୍ୟ ତାର ମହୀପାଳ ପଦ ।
ନୁହେଁ ତ ସଙ୍ଗତ ଖାଲି ସିଂହାସନାରୋହୀ—
ରାଜାର ନୃପତି ଆଖ୍ୟା, କରିପାରେ ଯେହୁ
ସର୍ବାଙ୍ଗୀନ ସମୀଚୀନ ଆଦର୍ଶ ଗଠନ,
ଲୁଣ୍ଠିତ ରାଜାଭିମାନ ଚିରବୈରୀ ଯାର,
ତାହାରି ନୃପତିପଦ ସାର, ସ୍ୱାଭାବିକ ।
ଭଙ୍ଗୁର ସିଂହାସନର ଭଙ୍ଗୁର ଗୌରବ—
ମୂଲ୍ୟ, ପରିଜ୍ଞାତ ତୁମ୍ଭେ, ନେଇଛ ନିର୍ମାଣି
ତେଣୁ ସୁକର୍ମ-ସୁବର୍ଣ୍ଣେ ସ୍ୱକୀୟ ଆସନ
ମନୋମତ, ଅନଶ୍ୱର, ଚିର ଉଜ୍ଜ୍ୱଳ ।
ଏହିପରି ରାଣା, ତବ ବହୁ ପ୍ରଶସ୍ତିର
ଶୁଭ ଶଙ୍ଖସ୍ୱନ, ବାଜେ ସଦା କର୍ଣ୍ଣେ ମୋର
ମୃଦୁ ମଧୁଭାବେ, କେତେ ଯେ ମୁଁ ଲଭେ ତହୁଁ
ସୁବିଶୁଦ୍ଧ ପ୍ରୀତି, ନାହିଁ ତାର ପ୍ରକାଶର
ଉପଯୁକ୍ତ ଅର୍ଥପ୍ରାଣ ଭାଷା, ଭାଷାକୋଷେ;
ଇଚ୍ଛା ମୋର,—ତବ ସହ ସମ୍ବନ୍ଧ ବନ୍ଧନେ

ବନ୍ଧୁତ୍ୱ, ଜନ୍ମିବ ସେ ପ୍ରୀତି ଦୃଢ଼ୀଭୂତ,
ଏଣୁ ଏହି ଅନୁରୋଧ, ହେ ଆର୍ଯ୍ୟ-ନୃପତେ,
ନିଜର ଗ୍ରହଣ ମୋତେ ଜାମାତା ରୂପରେ,
କର ମୋର ସେହି ପ୍ରିୟ ବାସନା ପୂରଣ ।
ବିଧର୍ମୀ ବୋଲିଣ ମନେ ନ କରିବ ଦ୍ୱିଧା,
ଅସ୍ତୁ ତୁମ୍ଭ ଆମ୍ଭ ମଧ୍ୟେ ସମ୍ପର୍କ ବୈବାହିକ
ବହୁକାଳୁ, ନୁହେଁ ଏହା ଅବିଦିତ ତବ,
ମୋହର ପ୍ରପିତାମହ, ପୂଜ୍ୟ ପିତାମହ, ୧
କରିଥିଲେ ରାଜପୁତ-କନ୍ୟା ପରିଣୟ ।
ହେଲେ ସମ୍ମତ ତୁମ୍ଭେ, ମୋର ଏ ପ୍ରସ୍ତାବେ,
ଘୁଞ୍ଚିବ ସାମନ୍ତପଦ, ହେବ ହେ ସ୍ୱାଧୀନ,
ଅଧିକନ୍ତୁ ହେବ ତୁମ୍ଭେ ଦ୍ୱିତୀୟ ସମ୍ରାଟ,—
ସୁବିସ୍ତୀର୍ଣ୍ଣ-ଶ୍ରେଷ୍ଠ-ରତ୍ନ-ମୋଗଲ ରାଜ୍ୟରେ ।"

ଲେଖି ସାରି ଯବନେଶ ମୁଦ୍ରି ଜତୁମୁଦେ,
ହକାରିଲେ ସୁଚତୁର ଚମୂପତି ଜଣେ
ଦେଲେ ଏ ଆଦେଶ, "ବୀର, ଏହି ମୁହୂର୍ତ୍ତରେ
କର ତୁମ୍ଭେ ଯାତ୍ରା, ଜୁଟନଗରାଭିମୁଖେ
ଦ୍ୱିସହସ୍ର ଅଶ୍ୱାରୋହୀ ସହ, ଘେନି ଏହି
ବିବାହପ୍ରସଙ୍ଗପତ୍ର, ଅର୍ପିବ ଏହାକୁ
ସେ ରାଜ୍ୟ ନରେଶେ, ଶାନ୍ତଶିଷ୍ଟ ବନ୍ଧୁଭାବେ,
ନ ଦେବ ଯାବତ ସେହୁ ସବର ଉତ୍ତର,
ତାବତ ରହିବ ତହିଁ ଶିବିର ସଂସ୍ଥାପି ।"
ତଥାସ୍ତୁ ଉଚ୍ଚାରି ତହୁଁ ଶୂରଯୁଦ୍ଧଯାତ୍ରୀ [୨]
ଚଳିଲେ ସଦଳେ ମାଗି ଛାମୁରୁ ମେଲାଣି,
ମିଳିଲେ ଯଥାକାଳେ ଯଥାସ୍ଥାନେ ଯାଇ ।

## ଦ୍ୱିତୀୟ ସର୍ଗ

ଅକସ୍ମାତ ନଗରରେ ଦେଖି ଉପସ୍ଥିତ
ସମ୍ରାଟ-ବାହିନୀ, ହୋଇ ଆଚମ୍ବିତ ଅତି,
ଭୟେ ବ୍ୟଗ୍ରେ ସତପାଞ୍ଚ ଗଣିଲେ ସକଳେ ।
କେ କହିଲା କିପାଁ ସେନା ପେଷିଲା ଯବନ,
ନାହିଁ ତ ବୈରିତା ତାର ଆମ୍ଭ ନୃପସହ
କେଉଁ କାଳେ, ବରଂ ଅଛି ସଦ୍ଭାବ, ବନ୍ଧୁତା,
ବୋଇଲା ଅପର ତହୁଁ, ସ୍ଥାୟୀ କେତେ କ୍ଷଣ
ଖଳବକ୍ଷୋଦ୍ଭାସୀ କ୍ରୂର ସର୍ପର ସଂପ୍ରୀତ ?
ବୁଭୁକ୍ଷିତ ମହାବଳ କେବେ ମିତ୍ର କାର ?
କ୍ରମେ ଚର୍ଚ୍ଚାଧିକ୍ୟ ସହ ବଢ଼ିଲାକ ଧୋକା ❋
ବଢ଼େ ରାତ୍ରିବୃଦ୍ଧି ସଙ୍ଗେ ଅନ୍ଧକାର ଯଥା,
ମାତ୍ର ନ ପାରିଲେ କେହି ସ୍ଥଳକୂଳ କିଛି
ଉପସ୍ଥିତ ଚକ୍ରାନ୍ତର, ଅଛି ସାଧ୍ୟ କାର
ଭେଦିବ କୁଚକ୍ରି-ଚକ୍ର, କୁଚକ୍ରୀ ରଚିତ ?
ଭେଦନେ ଅକ୍ଷମ ଯାକୁ କୁଳିଶ, ଅନଳ ।
ଏଣେ ରତ୍ନନଗରେଶ ବସି ସିଂହାସନେ
ରତ ରାଜକାର୍ଯ୍ୟେ, ପାତ୍ର ପାରିଷଦ ସହ,
ଅର୍ଥୀ ପ୍ରତ୍ୟର୍ଥୀଆଦି ଛନ୍ତି ଚଉପାଶେ ଘେରି
“ମାନସେ କାମନା ପ୍ରାପ୍ତ, ମିଳି ଏହି କାଳେ
ଦ୍ୱାରସ୍ଥ ପ୍ରତିହାରୀ, ସମର୍ପି ଛାମୁରେ
ଲେଖ, କଲା ଜଣାମଣା କୃତାଞ୍ଜଳିପୁଟେ,—
“ମଣିମା, ଯବନେଶ୍ୱର ସେନାପତି ଜଣେ
ଉପସ୍ଥିତ ଦ୍ୱିସହସ୍ର ଅଶ୍ୱାରୋହୀ ସହ
ଘେନି ଏ ଚିଠାଉ, ସିଂହଦ୍ୱାର ସମ୍ମୁଖରେ ।
ଦୁର୍ଗ ବହିର୍ଭାଗେ, ସେହୁ ପକାଇ ଛାଉଣି
ସ୍ୱୀୟପଦ ପ୍ରତୀକ୍ଷାରେ ଅବସ୍ଥିତ ତହିଁ ।”

ଶୁଣିଣ ଏ ଆକସ୍ମିକ ଶତ୍ରୁ ବାରତା,
ଚେଣିଲା ସଭାସ୍ଥ ଜନ ଚିତ୍ତରେ ଚକିତା,
ଖେଳିଲା ବିଦ୍ୟୁତ ବେଗେ ହୃଦୟେ ବିସ୍ମୟ,
ଖେଳେ ଯଥା ସିନ୍ଧୁଗର୍ଭେ ଉଲ୍ଲୋଳ କଲ୍ଲୋଳ
ବର୍ଷାକାଳେ, ବିଧ୍ୱଂସୀ ବାତ୍ୟା-ତାଡ଼ନେ ।
କ୍ଷିପ୍ରହସ୍ତେ ଫେଇ ରାଣା ପତ୍ର ଆବରଣ
ପାଠ କଲେ ମନେ ମନେ, ପଢ଼ୁ ପଢ଼ୁ ତାହା,
ହେଲା କ୍ରମେ ଆନନଶ୍ରୀ ପାଣ୍ଡୁର ତାଙ୍କର
କ୍ରୋଧ, ଘୃଣା, ଅପମାନ, ବିଷାଦ ଛାୟାରେ ।
ବିମୁକ୍ତ-ବ୍ୟୋମ-ବିହାରୀ ବିହଙ୍ଗ ସହସା
ହେଲେ ପଞ୍ଜରିକାବଦ୍ଧ, ଘଟେ ଯଥା ତାର
ଶ୍ୱାସରୋଧ ଉପକ୍ରମ, ଆଶୁ, ତଥା ଏହି
ପାର୍ଥିବ-ବୈଭବ-ଆଶା-ପଦ୍ମ, ଦେଲା ପୀଡ଼ା
ରାଣାଙ୍କୁ ବିସ୍ତର, ହେଲେ ନ୍ୟସ୍ତବ୍ୟସ୍ତ ସେ ।
ଚିର-ଭବ-ବିତୃଷ୍ଣ ମୁମୁକ୍ଷୁ ଶ୍ରବଣେ,
ଶୁଭିଲା ଯଥା ଜଘନ୍ୟ ବିଷୟ ଆହ୍ୱାନ ।
ଲଭି ଗୁରୁବ୍ୟଥା ରାଣା ଭାବିଲେ ଏସନ,—
“ଅହୋ କି ଅଶୁଭ ବାର୍ତ୍ତା, କି ଦୁର୍ଦ୍ଦିନ ଆଜ,
କି କୁକ୍ଷଣେ ହୋଇଥିଲା ରଜନୀ ପ୍ରଭାତ ।
ଏ ବୀଭତ୍ସ ପତ୍ରପାଠେ ରସନା ମୋହର
ହେଲା ସିନା ଅପବିତ୍ର, ହା କି ଦୁର୍ବିପାକ !
ପୂତ ଆର୍ଯ୍ୟ ସତୀକୁଳେ ଯେ କନ୍ୟା ସମ୍ଭୂତା,
ପିତୃ ଆଜ୍ଞାକୁ ଯେ ମଣେ କଣ୍ଠର ଭୂଷଣ,
ହସ୍ତଆଭରଣ ଯାର ପିତୃ-ପଦ-ସେବା,
ପିତୃମୂର୍ତ୍ତି ଚିନ୍ତା ପୁଣି ହୃଦୟର ହାର,
ଅର୍ପିବି ତାକୁ ମୁଁ ହାୟ ଯବନର କରେ !”

❋ ସନ୍ଦେହ

କି ବାତୁଳେ ଅରଣ୍ୟରେ ଫିଙ୍ଗିଦେବ ମୋତ,
କେମନ୍ତେ ବା ଟେକିଦେବ ଶ୍ରୀମହାପ୍ରସାଦ
ନାସ୍ତିକ ଚଣ୍ଡାଳ କରେ, ସ୍ପୃଶେ ନାହିଁ ଧାତା
ତ୍ରିଦଶମଞ୍ଜରୀ [୧] କେତେବ ଭୁଞ୍ଜି ପୂଜାପାଇଁ ।
ଭାଗ୍ୟମଦେ ମତ୍ତ ଦୁଷ୍ଟ ପାପିଷ୍ଠ ନାରକୀ,
ମାତ୍ର ବୁଦ୍ଧି ନାହିଁ ପର ଭାଗ୍ୟ ଭଙ୍ଗୁରତା,
ସତତ ପତନୋନ୍ମୁଖ ଭାଗ୍ୟ ଏ ଜଗତେ
ଶ୍ଳଥ-ବୃନ୍ତ-ପକ୍ୱଫଳ ପ୍ରାୟ, ଆଣେ ସେହୁ
ଦର୍ପ ପତ୍ତେ ହୃଷ୍ଟତୁଷ୍ଟ ମାନବ ଜୀବନେ ।
ଚନ୍ଦନ ପାଦପ ଛାୟା ସୁଖଦ ଶୀତଳ,
ଆଶୀବିଷ ବିଷଶ୍ୱାସେ ମାତ୍ର ବିଷମୟ ।
କି କରିବ ଏ ସଙ୍କଟେ ଦିଶୁ ନାହିଁ ବୁଦ୍ଧି,
ନ ଦେଲେ ସେ ନେବ ବଳେ, ପାରିବ କି କରି?
କି ଅସାଧ୍ୟ ତାର ?—ଯେହୁ ଲୁବ୍ଧକ ପ୍ରବଳ
ନ ମଣିଲା ପାପ, ମୂଢ଼ ସୋଦର ନିଧନେ,
ଅଦ୍ୟ ଅଛି ବୃଦ୍ଧତାତେ ଶାସ୍ତି, ବନ୍ଦିଶାଳେ,
ବଳେ କନ୍ୟାହରଣେ ସେ କାହିଁ ହେବ ଭୀତ ?
କେମନ୍ତେ ସହନ୍ତି ଧର୍ମ ତା ଏ ଆଚରଣୀ ?”
ଏହିରୂପେ ବାଳ ଘେଣା ତେଜି ଦୀର୍ଘଶ୍ୱାସ
ନିଦାରୁଣ ଦୁଃଖବ୍ୟଞ୍ଜୀ, ପଡ଼ିଲେ ଶୁଝିଲ
ଯବ, ଶୁଣି ତାହା, ଗଲା ଛୁଟି ସକଳର
ଉଦ୍‌ବେଳ ଉତ୍କଣ୍ଠା, ପ୍ରୌଢ଼େ ଗଣିଲେ ପ୍ରମାଦ,
ମାତ୍ର ମୃତ୍ୟୁହେତୁଭାଗୀ ତରୁଣ କ୍ଷତ୍ରିୟେ
ଉଠିଲେ ଉତ୍ତେଜି କ୍ରୋଧେ, ଖରେ କ୍ଷିପ୍ତପ୍ରାୟ ।
କେ କହିଲା—“ପାମରର ଏଡ଼େକ ସାହସ,
କରିଅଛି ଏଡ଼େ ବଡ଼ ଅଦ୍ଭୁତ ପ୍ରସ୍ତାବ,
ସହିବ କି ଏ ଲାଞ୍ଛନା (ଅନ୍ତର୍ଜ୍ୱାଳାମୟୀ)
ରାଜପୁତ ବୀର ପ୍ରାଣେ, ଚରିତ୍ର ଯାର,
ମରଣ, ଗୌରବ, ରଣ, ସତ୍ୟ, ସ୍ୱାଧୀନତା ।
ରଖଇ କି ରାଜପୁତ ପ୍ରାଣର ମମତା,
ପ୍ରାଣପାଇଁ ଦେବେ, ନୁହେଁ ପ୍ରାଣରଙ୍କ ସେହୁ ।

କ୍ଷଣିକ ସୁଖ ପ୍ରୀତି ଯେହୁ ମଣଇ ମରଣେ;
ସେ କାହିଁ କରିବ ଭୟ ନଗଣ୍ୟ ଯବନେ ?
ମାରିବା ମରିବାଠାରୁ କି ଅଛି ଆମୋଦ,
କ୍ଷିତି ମଧ୍ୟେ କ୍ଷତ୍ରିୟର, ବ୍ରତ ତାର ତାହା ।
କରିବୁଁ ସମର, ହେବ ଧନ୍ୟ ଅଯବନା,
ଅଥବା ଅରାଜପୁତା, ମାତ୍ର ବିନା ରଣେ
ହେବ ନାହିଁ ହେବ ନାହିଁ ଇଷ୍ଟସିଦ୍ଧି ତାର,
ବୋଇଲା ଅପର ବୀର ଯଥାର୍ଥ ଏ କଥା
କ୍ଷତ୍ରୋଚିତ, ମାତ୍ର ନୁହେଁ ଦେବ ଅନୁକୂଳ,
କି ଦୋଷ ବା ଯବନର । ଆମ୍ଭ ପୂର୍ବ ପୁଂସେ
ଯାଇଛନ୍ତି ଅର୍ଜି ଯେଉଁ ଜାତୀୟ ଅଖ୍ୟାତି,
କେ ଲୁଣ୍ଠିବ ତାହା ଆଉ, ତାଙ୍କ ଭାଗ୍ୟହୀନ—
ବଂଶଧର ଆମ୍ଭ ବିନା, ଅତୀତର ସେହି,
ଅମର କଳଙ୍କ ଲିପି, ଧରେ ଇତିହାସ-
ବକ୍ଷେ, ଯାବନ୍ତ ଧରିବ ପୃଥ୍ୱୀ, ନ ଲିଭିବ
ସେହି ଦାଗ ରାଜପୁତ-ଲଲାଟୁ କଦାପି ।
କି ନ କଲେ ବିକାନିର ଅମ୍ବର [୨] ପ୍ରଭୃତି
ରାଜଗଣ, ସ୍ୱାର୍ଥପର, ଭୀରୁ, ଯବନ କି
ହୋଇଥିଲା ପ୍ରାର୍ଥୀ ଯେବେ ତାଙ୍କ ଦ୍ୱାରେ ଆସି ?
ବଳେ ବଳେ ଯାଚି ସ୍ତୁତି କଲେ କନ୍ୟାଦାନ,
ଯବନ ଦତ୍ତ ଉପାଧି, କୃପା ଲାଭ ଲାଗି ।
ଉପାଧି କି ଏଡ଼େ ଶ୍ରେଷ୍ଠ ମନୁଷ୍ୟତାଠାରୁ ?
ନିର୍ବୋଧେ ମଣନ୍ତି ପଛେ ମହା ମୂଲ୍ୟବାନ ,
ମାତ୍ର ତାହା ବ୍ୟାଧି ଭିନ୍ନ ନୁହେଁ ଆନ କିଛି,
ଫିଙ୍ଗିଦେଲେ ଯାଉ, ହୁଏ ପ୍ରାଣ ଶାନ୍ତିମୟ,
ମିଳେ ପରକାଳରୋଧୀ ଜଞ୍ଜାଳରୁ ତ୍ରାହି,
କାହିଁ ସେ ଉପାଧି ପାଇଁ ଏଡ଼େ ବାଇ ନରେ !
ନ ଥିଲେ ସେ କାଳେ ଚଳ ଏହି ବ୍ୟାଧିଗୁର,
ଏହି ଧର୍ମଛଡ଼ା ରୀତି କି ଗୁପ୍ତ ମ୍ଲେଚ୍ଛର ,
ଏଡ଼େ ବଡ଼ ଆସ୍ପର୍ଦ୍ଧା ସେ ଦୁରନ୍ତ ପ୍ରକାଶି,
ଶୁଣନ୍ତା କି କର୍ଣ୍ଣ ଆଜ ଏ ପାପ ପ୍ରସ୍ତାବ ?

[୧] ତୁଳସୀ । [୨] ବିକାନିର, ଅମ୍ବର ପ୍ରଭୃତିର ରାଜପୁତ ରାଜାମାନେ ଆକବର ଏବଂ ତାହାଙ୍କ ପୁତ୍ର ସେଲିମଙ୍କୁ କନ୍ୟାଦାନ କରିଥିଲେ ।

ଯୋଗ୍ୟ ପ୍ରତିପକ୍ଷ ନହେ ଲୁଣ୍ଠନ୍ତା ବର୍ବର,
ଗୁଳିପୂର୍ଣ୍ଣ ତୀକ୍ଷଣ ଅସି ଦୁଅନ୍ତା ଲେଖନୀ,
ମସୀ ଅରିରକ୍ତ, ଅରିହୃଦୟ କାଗଜ ।
ନୁହଇ ଯବନସହ ବୈରିତା ବାଞ୍ଛିତ,
ସମ୍ରାଟ ସେ, ଅମ୍ଭେ ତାର ସାମନ୍ତ କେବଳ,
ଜଳ ମଧ୍ୟେ ବାସ କରି, କୁମ୍ଭୀର ସହିତ
ଶତ୍ରୁତାଚରଣ ନୁହେଁ ବିବେଚିତ କେବେ,
ବିଶେଷତଃ ସମସ୍ତେ ତା ପ୍ରସାଦ-ଭିକାରୀ,
ଆଜ୍ଞା-ପ୍ରତିଧ୍ୱନି, କେବ ଅମ୍ଭ ପକ୍ଷେ ହୁଏ ?
ଇଚ୍ଛା କଲେ ମୁହୂର୍ତ୍ତକେ ସ୍ୱ-ଜଗତେ ସେହୁ,
ସୈନ୍ୟ-ପାରାବାର, ଅମ୍ଭେ ମୁଷ୍ଟିମେୟ ବୀରେ
କି କରି ପାରିବା ସେହି ମହାବାହିନୀର,
ବିଶାଳ ଅନଳ ଯେତେ ଜଳ ସାଏ ତାକୁ
ପାରିବ କି ନେତେ ବେଳେ କରି ନିର୍ବାପନ,
ତାହା ତାରେ ଉଡ଼ିଯିବ ବରଂ ପଞ୍ଚ ତତ୍ତ୍ୱେ ।
ଅତଏବ ପରିହରି ସମର ପ୍ରତ୍ୟାଶା,
ଉଦ୍ଧାରର ଅନ୍ୟୋପାୟ ଖୋଜିବା ଉଚିତ ।"
ଘୋଷିଲେ ଦୁର୍ଗେଶ ତହୁଁ ଗର୍ବସ୍ଫୂର୍ତ୍ତି ସ୍ୱରେ,-
"କିପାଁ ଏତେ ଅସ୍ତବ୍ୟସ୍ତ, କି ଲୋଡ଼ା ସହାୟେ
ତାର, ସତୀତ୍ୱ ରକ୍ଷାର ଉପାୟ କେବଳ
ସତୀତ୍ୱ, ସେ ସଦୁପାୟ ବିଦିତ ସତୀର ।
ସତୀତ୍ୱ ସତୀର ଗାତ୍ରେ କୁଳିଶ କବଚ,
ଭେଦନେ ସକ୍ଷମ କାହା ହୁଏ ଜଗତରେ ?
ସତୀମାତା ବୀରଜାୟା, ସତୀମଣିଖଣି,
ତୀର୍ଥ ସମ ସୁପବିତ୍ର—ସତୀର ନିଃଶ୍ୱାସେ,
ସତୀତ୍ୱେ ଅସ୍ତିତ୍ୱ ଯାର, କି ଯଶ ତାହାର
ସାଧୁପାରେ ଯବନେଶ, ଛାର କୁଟପଟୁ,
ଅଲୌକିକ ଅଦମିତ ସତୀତ୍ୱର ବଳ ।
ମଣିଲେହେଁ ଫଣିମାକୁ ଦୁଷ୍ଟ ଆକ୍ରମଣ
କରନ୍ତି ଲୁବ୍ଧକେ, ମାତ୍ର ବିଷଦନ୍ତ ଭୟେ
ପାରନ୍ତି କି ପଶି କେହି ଉରସି ତା ଜତ୍ତୁ ?
ବ୍ୟର୍ଥ ହୁଏ ଦୁଷ୍ଟଙ୍କର ଶ୍ରମ, ଅସ୍ଫାଳନ ।
କି ଉପାୟ କଲେ ହୁଏ ପଦ୍ମିନୀ ସକାଶେ ?
ପାଣ୍ଡବ୍ରତ୍ୟ ବଳେ ସିନା ଚତୋର-ଚନ୍ଦ୍ରିକା,
ଖୋଜିନେଲେ ନିଜେ ନିଜ ଉଦ୍ଧାରର ପଥ ।
ବିଚକ୍ଷଣା ପ୍ରଜ୍ଞାବତୀ, ସତୀକନ୍ୟା, ସତୀ,
ସାକ୍ଷାତ ଅନଳଶିଖା ସ୍ୱରୂପିଣୀ ତେଜେ,
କରିବେ ନିଶ୍ଚୟ ସେହୁ ଆତ୍ମରକ୍ଷା ଆପେ,
ମୋର ଏ ଭବିଷ୍ୟବାଣୀ ନ ହେବ ବିଫଳ ।"
ଏହିପରି ନାନାକଥା ଚଳଇ ସଭାରେ,
ମାତ୍ର ହେଲ ନାହିଁ କିଛି ସ୍ଥିର ତାହାହାର—
ଉପସ୍ଥିତ ବଟଦର ପ୍ରତିକାରୋପାୟ ।
କିଂକର୍ତ୍ତବ୍ୟ-ବିମୋହିତ ହୋଇ କ୍ଷୁଣ୍ଣ ମନେ
ଉଠିଗଲେ ରାଣା, ସଭା ଭାଙ୍ଗି, ସନ୍ଧ୍ୟା ଜାଣି
କରିବାକୁ ସାୟଂକୃତ୍ୟ, ଉପାସନାଗାରେ ।

## ତୃତୀୟ ସର୍ଗ

ଘଟିଥା ବାରୁଣୀକ୍ଷେତ୍ରେ ଭୀଷମ ସମର
ଦିବାରଜନୀର ଏବେ, ଦିଶିଲା ପିଶୁନ
ରଙ୍ଗସ୍ଥଳୀ, ଧରିଦେଇ ବଳେ ବିଜୟିଣୀ
ଦିବସ-ସମ୍ରାଟେ, କଲା ବନ୍ଦୀ ବନ୍ଦିଶାଳେ;
ନୃପତି ଉପର ହେଉ ତରଙ୍ଗ-ପ୍ରକାଶ
କରୁଣ ତାହାର ଛଳେ ସଘନେ ଉଳପି
ଯେ ଯାହିଁ ଲୁଚିଲେ ଭୟେ, ପଳାଇ ସତ୍ୱରେ ।
ଖେଳିଗଲା ସୃଷ୍ଟିମୁଖେ ଅତସୀ-କୁସୁମ
ଆଭା, ଉଦେ ତାରକା ନଭେ କୋଟି କୋଟି,
ସେ ଭୀଷଣ ରଣେ ଅବା ଛିନ୍ନ ରତ୍ନରାଜ
ନୃପତି-ମୁକୁଟରୁ, ତହିଁ ଦିଶୁଛି ବିକ୍ଷିପ୍ତ ।
ଅଥବା ପ୍ରକୃତିଦେବୀ ଆଗ୍ନେୟ ଅକ୍ଷରେ
ଲେଖିଅଛି ସ୍ୱସ୍ତିପତ୍ର ସୂକ୍ତ ଶ୍ଳୋକାବଳୀ,
ମର୍ତ୍ତ୍ୟ ନୀଳମାନନ୍ଦୀ ଅମ୍ବର-କାଗଜେ ।
ଧରିଲା ବ୍ରଜଭବର ଅପରୂପ ଶୋଭା
ଦୀପାଲୋକେ, ପରିହରି ଅନ୍ଧକାର ଭାର
ପ୍ରିୟବାସ ଦୁଃଖିହୃତ, ପଶିଲା ଶରଣ
ନୃପତି-ହୃଦୟେ, ଆଜି ଏ ଘୋର ସଙ୍କଟେ
କହୁଁଚେ ମିଳିବ ନାହିଁ, କେଉଁରୂପେ ଅବା
ରହିବ ଅକ୍ଷତ ଆର୍ଯ୍ୟକୁଳର ଗୌରବ
କଳଙ୍କ-ପଙ୍କ-ପ୍ରବାହୁ, ଏହି ଚିନ୍ତା, ଭୀତ
ରଖିଥିଲା କରି ତାଙ୍କୁ ହତସଂଜ୍ଞ ପ୍ରାୟ ।
ଏଣେ ହେମାହ୍ନସପୁରେ ପର୍ଯ୍ୟଙ୍କ ଆସନେ
ଉପବିଷ୍ଟା ପ୍ରଭାବତୀ, ଗଣ୍ଡପାଣି ହୋଇ,
ହୋଇଛି ଅନୁରଞ୍ଜିତ ଶୋଭାଙ୍ଗୀ ଶରୀରେ
ପର୍ଯ୍ୟଙ୍କ-ଶିତ-ରୌଦ୍ରତପ୍ତ-ସ୍ୱପ୍ନପାଣ୍ଡୁରମା,
ଦୂର ଚିନ୍ତା-କାନ୍ତ ହାୟ ଦିଶେ ଏ ନଭରେ,
[ ଅସ୍ତାତ, ଅବଶ୍ୟସ୍ୱର୍ଣ୍ଣ, ଭାନ୍ତମୌଳିମଣି ]
ଦେଇଅଛି ଢାଙ୍କି ତାର ଆନନ-କେଶର ।

ଦାରୁଣ ଦୁର୍ବାର୍ତ୍ତା ବାଳା ଶୁଣିଲାବେଳରୁ
ବସିଛି ନିସ୍ତବ୍ଧେ, ହୋଇ ବିସ୍ମୟେ ଅବଶା,
ମହାବାତ୍ୟା ପରେ ଯଥା ପ୍ରଶାନ୍ତ ପ୍ରକୃତି ।
ଲଭୁଛି ସେ କି ଯନ୍ତ୍ରଣା ଅନ୍ତରେ ଅନ୍ତରେ,
ସମଗ୍ର ଶବ୍ଦ-ସମ୍ପଦ କଲେ ସୁଦ୍ଧା ବ୍ୟୟ,
ତେବେ ତା ଆଯତ୍ତ କରି ନ ପାରିବ ଭାଷା,
କେବଳ ନୀରବତାରେ ଉଠୁଛି ତା ସ୍ଫୂର୍ତ୍ତି,
ଭାଷାର ଅସାଧ୍ୟ ଯେଉଁ ଭାବ ଆନୟନ,
କରେ ନୀରବତା ସିନା ଅଭିବ୍ୟକ୍ତି ତାର ।
ହୋଇଣ ଆତ୍ମସଂବୃତା କେତେକ୍ଷଣ ପରେ
ଭାଳିଲା ଗୋପନେ ବାଳା ସ୍ୱଗତେ ଏସନ, —
"କି କଠୋର ଉପହାସ, ଅହୋ, ଅଦୃଷ୍ଟର !
କି ଅସହ୍ୟ ଅପମାନ, ହାୟ ରେ କପାଳ !
ଧିକରେ ହୃଦିଆ, କି ନ କରୁ ଅନୁକୂଳେ,
ପୁଣି କି ନ କରିପାରୁ ପ୍ରତିକୂଳେ ଭଲ !
କାହିଁ ବା ନିନ୍ଦୁଛି ତୋତେ, କି ଦୋଷ ତୋହର
ପୋଡ଼ା ସୌନ୍ଦର୍ଯ୍ୟ ତ ମୋର ଜୀବନ-ଭୁଗାଣୀ ।
ଏତେ ନିଷ୍ଠୁରା ଯଦି ସୌନ୍ଦର୍ଯ୍ୟ ଏ ଭବେ,
କାହିଁ କି ଲୋଡ଼ିବା ତାହା ବାତୁଳାଣୀ ପ୍ରାୟ ?
ଧନ୍ୟ ତେବେ ଏ ଜଗତେ କୁରୂପା ରମଣୀ ।
ସୌନ୍ଦର୍ଯ୍ୟ ଆକୃତିବନ୍ତ ହୋଇଥାନ୍ତା ଯେବେ,
ଏହିକ୍ଷଣି ଫିଙ୍ଗି ତାହା ଦିଅନ୍ତି ଅନଳେ ।
ହଳାହଳ ଜ୍ୱାଳାମୟ ଏ ସୌନ୍ଦର୍ଯ୍ୟଯୋଗେ
ମଣେ ଯେ ସୌଭାଗ୍ୟବତୀ, ସେ ନାରୀପକ୍ଷରେ
ଦୂରୁ ଗଳଲଗ୍ନବାସେ ପରାର୍ଦ୍ଧେ * ଉଦ୍ଧାର,
ସତୀପକ୍ଷେ ସେ ସୌଭାଗ୍ୟ କଲେ ଅଭିଶାପ ।
ପାପ ପରଦାର ଭୟ ନାହିଁ ଯବନର,
ମାତି ବଳଦର୍ପେ ଦୃଷ୍ଟ, ଘାରି ମୋହ-ମଦେ,
ଦୁର୍ବାଞ୍ଛା-ହାନ୍ଦୋଳାରେ ଖେଳୁଛି ଅହୋରାତ୍ର,

* ସଂଖ୍ୟାର ଶେଷ ସୀମା ।

ମାତ୍ର ଯେବେ କାଳ ତାର ପରଖିବ ବଳ,
ସେ ଦିନ ସେ ହେବ ଚୂର୍ଣ୍ଣ ହିନ୍ଦୋଳା ସହିତେ।
ଆଉ ପକ୍ଷେ ବହ୍ନିକଣ ହିଁ ତ ଉତ୍ପାଦକ,
କିନ୍ତୁ ତାହା ତନ୍ତ୍ରବାକ ଗିଳେ ଅବହେଳେ ।
ପୈଶାଚିକ ଅତ୍ୟାଚାରେ ଗଠିତ ଯା ଦେହ,
ଏଭଳି ନାରକୀ ଜନେ ତୁଇଁ ସ୍ୱକଟେ,
ହୁଏ ଘୃଣ୍ୟ, ଅପବିତ୍ର, ଆଦର ବର୍ଜିତ ।
ଯେଉଁ ସିଂହାସନେ ବସି ସୁଧୀ ଆକବର,
[ ଆର୍ଯ୍ୟଭାବପରିପୂର୍ଣ୍ଣ, ଧାର୍ମିକ ସମ୍ରାଟ ]
ଥିଲେ ବିସ୍ତାରିତ ଏକ ବିଶାଳ ଭାରତେ
ଗୌରବ-ଗରିମାଶ୍ରିତ, ସେହି ସିଂହାସନେ
ବସି ଘୋର କଳଙ୍କିତ ଏ କୁଳପାଂଶୁଳ,
କେମନ୍ତେ ସହନ୍ତି ଅବା ସେ ଧର୍ମ-ଆସନ
ପାପିଷ୍ଠର ଏ ଅନୀତି, ନ ହୋଇ ଶତଧା !
ପିତା ମୋ ସାମନ୍ତରାଜ, ନ ହେବେ ସାହସୀ
ସମ୍ରାଟ ବିରୁଦ୍ଧେ ଶସ୍ତ୍ର ଉତ୍ତୋଳନେ କେବେ,
ଏ ସଙ୍କଟକାଳେ ଏବା ହେବ କରିବାକୁ
ମୋତେ ଉଦ୍ଧାରନ, ମୋର ସମ୍ମାନର ପଥ,
କେ ଏବେ ଉଦ୍ଧାରକର୍ତ୍ତା ଏ ଭାଗ୍ୟହୀନାର ?
କେବଳ ସହାୟ ଅବା ମାରବାର ନୃପେ,
ମାତ୍ର ତାହା ଅସମ୍ଭବ, ଯବନପତିର
ଅଟନ୍ତି ବେତନ-ଭୋଗୀ କ୍ରୀତଦାସ ସେହୁ ।
ତେବେ କି ଉପାୟ ନାହିଁ ଆତ୍ମରକ୍ଷଣର ?
ରକ୍ଷିବାକୁ ଆର୍ଯ୍ୟଧର୍ମ ଗୌରବ ଅକ୍ଷତ.
କରିବାକୁ ଆର୍ଯ୍ୟବାଳା ସତୀତ୍ୱରକ୍ଷଣ,
ନ ହେବେ କି ଅଗ୍ରସର କେହି ଆର୍ଯ୍ୟବୀରେ ?
ଏଭଳି ବୀରେନ୍ଦ୍ରସିଂହ ନାହିଁ କି ଭାରତେ ?
ଥିଲା ବୀର-ଲୀଳାଭୂମି ଅଭିଖ୍ୟା ଯାହାର,
ମହୀୟସୀ ମାତା ଯେହୁ ଭୀଷ୍ମ, ଦ୍ରୋଣ, ଭୀମ,
ଅର୍ଜୁନ, ଯୁଧିଷ୍ଠିର ଆଦି ରଥୀନ୍ଦ୍ରକୁଳର,
ସତ୍ୟ ସତ୍ୟ ସେ ଦେଶ କି ବୀରଶୂନ୍ୟ ଏବେ !

ହେଲେ ହେଉ ବଳୀୟ ସେ, କି କ୍ଷତି ତହିଁରେ,
ନାହିଁ କି ଉପାୟ ଆଉ ସତୀତ୍ୱ ରକ୍ଷାର ?
ଜଳମଗ୍ନ, ଉଦ୍‌ବନ୍ଧନ, ଶାଣିତ ଛୁରିକା, ।
ବିଷ, ଏ ଉପାୟମାନ ନୁହେଁ ତ ଦୁର୍ଲଭ,
ଏ ଉଦ୍ଧାରେ ଅଛି ପୁଣି ବୈଦିକ ଅଗ୍ନିର,
ପୂର୍ବ ପିତାମହୀଙ୍କର ପ୍ରିୟ ଅନୁଷ୍ଠିତ
ପବିତ୍ର ଜହରବ୍ରତ, ଶେଷାଶ୍ରୟ ସେହୁ ।
ଏ ସକଳ ସାଧାରଣ ଉପାୟ ସକାଶେ,
ତାହା ଅନୁଗ୍ରହ ଭିକ୍ଷା ନୁହେଁ ଆବଶ୍ୟକ ।"
ଏହିରୂପେ ନାନା ଚିନ୍ତା ଖେଳିଲା ମାନସେ
ବାଳାର, ମାନସେ ଯଥା ମରାଳୀ-ମାଳିକା,
ମାତ୍ର ଯେଣୁ ମନସ୍ୱିନୀ ମହାଧୈର୍ଯ୍ୟବତୀ,
ହେଲା ନାହିଁ ଅଧୀରୀଭୂତା ତେଣୁ ସେ ଚିନ୍ତାରେ,
ବୃଷ୍ଟିଜଳେ ସାନ୍ତ୍ୱନା ପ୍ରାୟ । ହେଲା କ୍ରମେ
ରଜନୀ ଅଧିକ, ଉଠି ଉର୍ଦ୍ଧ୍ୱନଭେ ଶଶୀ
ବରଷିଲା ଜ୍ୟୋତ୍ସ୍ନାମୃତ ସହ ଶୋଭାମୃତ,
ପିଇଲା ପ୍ରମୋଦଭରେ ସେ ମହା ଅମିୟ,
ତରଳ ତାରକାସହ ଦର୍ଶକ-ନୟନ ।
ପ୍ରତେ ହୁଏ ଚନ୍ଦ୍ର ଯେହ୍ନେ ସ୍ଫଟିକ-ବେଦିରେ,
ପୂର୍ଣ୍ଣ ତହିଁ ଦେବଗାଭୀ କାମଧେନୁ କ୍ଷୀର,
ବୈଶାଖ * ଅଙ୍କ କଳଙ୍କ, ତା ତୀବ୍ରମନ୍ଥନେ
ତାର ବ୍ୟସ୍ତେ ଦୁଗ୍ଧଫେନ ପଡ଼ିଛି ଛିଟିକି ।
ସେ କାଳ ନୀଳାକାଶର ମଧୁର ମାଧୁରୀ
ହୋଇଣ ପ୍ରତିବିମ୍ବିତ, ସୁସ୍ୱଚ୍ଛ ସରତଳେ
କାନନ-ନୀଳଦର୍ପଣେ, କେ ନଭ କେ ବନ,
ଛାୟା କେ ଅନୁକରଣ କରିଛି କାହାର,
ନ ପାରିଲେ ବାରି ଭାବ-ତନ୍ମୟ ଭାବୁକେ ।
ଚନ୍ଦ୍ରଶାଳାପୁରେ କେମା ଗବାକ୍ଷପଥରେ
ଦେଖୁଥିଲା, ଶୋଭାପ୍ରସବ ଜ୍ୟୋତ୍ସ୍ନା-ନୃତ୍ୟଶୋଭା
ଇତସ୍ତତଃ ମନେ, ଚିନ୍ତାଯୋଗେ କୃଶ୍ୟ, ପୁଣି
କୃଶ୍ୟଯୋଗେ ଚିନ୍ତା, ଖେଳୁଥାନ୍ତି ଲୁଚକାଳି

* ଖୁଆ ।

ତାହାଙ୍କୁ ମଧ୍ୟସ୍ଥ ପଣେ କରୁ ବୁଦ୍ଧିଆଣୀ ।
ସେ ଉଭୟ ସନ୍ନିସ୍ଥଳେ ରହି ପ୍ରଭାବତୀ,
ଉପଭୋଗ କରୁଁ କରୁଁ ଉଭୟର ଲୀଳା,
ଘାରିଲା ନୟନେ ନିଦ୍ରା, ହୋଇଲେ ସେ ଶାୟିତା ।
କେତେ କ୍ଷଣ ପରେ ବାଳା ଦେଖିଲେ ସ୍ୱପନେ
ଅଷ୍ଟ ଭୁଜା ଜଗଦମ୍ବା, ଜଗନ୍ନିବାସିନୀ,
ଧରି ଭକ୍ତି-ଆକର୍ଷଣୀ ମୂର୍ତ୍ତି, ଶୁଭ୍ରତମା,
ଆହା, ଯେଉଁ ମୂର୍ତ୍ତି ଭକ୍ତ ସ୍ନେହଦୟାଆଦି
ମାତୃଭାବେ, ହେରି ଯାହା କୃତାର୍ଥ ହୁଅନ୍ତ,
ସେହି ସୁଶୀତଳରୂପେ ଦେଖାଦେଲେ ଦେବୀ ।
ରହିଛି ଦକ୍ଷିଣ କର ଚିର-ପ୍ରସାରିତ,
ବାଡ଼ାଇତ ଶତଦଳ ପାଖୁଡ଼ା ପରିଏ
ବରଦାନ ଅର୍ଥେ, ଆଉ, ଆଶ୍ୱାସନା ପାଇଁ ।
କରୁଣା ବାତ୍ସଲ୍ୟମୟ ମଧୁସିକ୍ତ ଗିରେ
ସମ୍ବୋଧି ବାଳାଙ୍କୁ ଦେବୀ, ଭାଷିଲେ ଏସନ,—
"କେମାମଣି, ଚହ୍ନିଲୁଟି ମୋତେ ? ଅଟେ ମୁହିଁ
ରାଜପୁତ ଇଷ୍ଟଦେବୀ, ତୋ ଚିରପୂଜିତା,
ନ ପାରି ତୋ ଦୁଃଖ ସହି, ଆସିଲି ତୋ ପାଶେ,
ଭକ୍ତବ୍ୟଥା ବାଜେ ହୃଦେ କୋଟିବଜ୍ର ବଳ !
ମହିଷ, ନିଶୁମ୍ଭ, ଶୁମ୍ଭ ଆଦି ଦୈତ୍ୟବଧେ,
ଲଭିଥିଲୁ ଯେ କଷ୍ଟ ମୁହିଁ, ତାହା ତୁଳନାରେ
ଭକ୍ତଦୁଃଖ ବିନ୍ଦୁ, ସିନ୍ଧୁ, କଠୋର ଦୁଃସହ ।
ମନାସୁ କପାଇଁ ମା ଲୋ ଆତ୍ମହତ୍ୟା ବୃଥା,
ପାପ ଅମଙ୍ଗଳ ତାହା, ଆତ୍ମରକ୍ଷା ସିନା
ମୁଖ୍ୟ ଧର୍ମରକ୍ଷା, ଧର୍ମ ଆତ୍ମାର ଅସ୍ତିତ ।
ନୁହ ତୁ ହତାଶ ହେବେ, ହରିପାରେ କିଏ
ସତୀର ସତୀତ୍ୱ-ଧନ, କିଏ ଅବା କ୍ଷମ
ହରଣେ ବୈଶ୍ୱାନରର ରୁଦ୍ରଜ୍ୱାଳ ତେଜ,
ଚନ୍ଦ୍ରପାଣି ସତୀତ୍ୱର ପ୍ରବଳ ପ୍ରହରୀ ।
ତେଜ ବତ୍ସ ରାଜବାଳା, ଆଶଙ୍କା, ଭ୍ରାନ୍ତି,
ଅଛି ଲୋ ରକ୍ଷକ ତୋର, ରାଣା ରାଜସିଂହ,
ମିବାର-ଗୌରବ-ରବି, ବୀରଚୂଡ଼ାମଣି,
ଉଦ୍ଧାରିବ ତୋତେ ଏହି ଉପସ୍ଥିତ ଭୟ ।
ଆଣ ତୁ ନମନ୍ତି ତାଙ୍କୁ ବେଗେ ପତ୍ର ପେଷି
ମୋର ଆଜ୍ଞାମତେ, ଜଣି ଶତ୍ରୁ, ରଖିବ ସେ,
ତବ ଉଜ୍ଜ୍ୱଳ ଅମଳିନ କୁଳର ଗୌରବ"
ଏହା ଭାଷି ଅନ୍ତର୍ହିତା ହେଲେ ଭାଗ୍ୟାୟିନୀ ।
ନିଦ୍ରାନାଶେ ସ୍ୱପ୍ନକଥା ହେତୁ କରି ବାଳା,
ବିପୁଳ ଆନନ୍ଦସହ ଲଭିଲା ଆଶ୍ୱାସ,
ଉଦ୍ଦେଶରେ ଦେବୀପଦେ କହିଲା ପ୍ରଣତି ।

## ଚତୁର୍ଥ ସର୍ଗ

ଶେଷ ହେଲା ନିଶୀଥିନୀ, ଆସିଲା ପ୍ରଭାତ,
ଦୈନ୍ୟାନ୍ତେ ସୌଭାଗ୍ୟ ଯଥା, ଦିବସ-ଜଗତ,
ଅବତାର କି ସେ, ବିଧି-ପ୍ରେରିତ ପୁରୁଷ
କଳୁଷ-ଅନ୍ଧାରେ ବ୍ୟାପ୍ତ ଦେଖି ବସୁନ୍ଧରା,
କଲା ବିକିରଣ ଆସି ସତ୍ୟଧର୍ମାଲୋକ ।
ଉଷାବ୍ୟାଜେ ପାଟଶାଢ଼ୀ ପିନ୍ଧି ଗୌରିନ୍ଦିରା,
ବନ୍ଧାଇଣ କାବ୍ୟଭାସ୍-ଦୀପ୍ତ-ରତ୍ନଦୀପେ,
ଷତେ କସୁଇଲା ଧୀରେ ଦିବସ-ସମ୍ରାଟେ,
ବଜାଇଲା ଶଙ୍ଖଚିଲ ମଙ୍ଗଳମନ୍ଥରୀ,
ଦେଲେ ହର୍ଷେ ହୁଳାହୁଳି ଅପର ଗୋଳ,
ଫୁଙ୍କିଲା ଭ୍ରମର ଶଙ୍ଖ, ପ୍ରବୀଣ ଶଙ୍ଖୁଆ ।
ସାଧୁ ହୃଦୁ ଶୀତଳତା ସୌରଭର ବାତ,
ବହିଲା ମୃଦୁମଧୁରେ, ଢାଳିଲେ ଗୁମର
ବୃକ୍ଷେ, ଶାଖାସଞ୍ଚାଳନ ଛଳେ, ଦେଖି ଅବା
ଧରିଲେ ପୁଷ୍ପ ଆଟଢ଼ଣୀ, ସୁସ୍ନିଗ୍ଧ, ବାସ,
ଲୁଣ୍ଠିତ ଗନ୍ଧିକା ବେଗେ ବୁଲିଲେ ଆକାଶେ ।
ପଦ୍ମିନୀକୁ ବିଷାଦିନୀ ହେଉ କୁମୁଦିନୀ,
ରମଣୀଧର୍ମ-ସୁଲଭ ଅନୁକମ୍ପାବଶେ
ଅର୍ପି ତାକୁ ନିଜ ହର୍ଷ, ମୁଦିଲା ନୟନ,
ଦେଖାଇଲା ଜଗତେ ସେ ନୀରବ ସଙ୍କେତେ,
ଅଦ୍ଭୁତ ସ୍ୱାର୍ଥତ୍ୟାଗର ଆଲେଖ୍ୟ ଉଜ୍ଜ୍ୱଳ ।
ଆହା ଯେ ସୁକୃତିବନ୍ତ ଅନ୍ୟ ଆତ୍ମସୁଖେ,
ସୁଖି ପରଦୁଃଖେ ସଦା ଦିବ୍ୟ ଚୈତନ,
ସେହିଁ ମୁକ୍ତ, ଭାଗ୍ୟଧର, ସ୍ୱାର୍ଥଦଗ୍ଧ ଭବେ ।
ତାହାର ଚରଣରେଣୁ ତୀର୍ଥରେଣୁ ପ୍ରାୟ
କରେ ପାପ ନାଶ, କଲେ କପାଳେ ତିଳକ ।
ଉଠିଲେ ମାନବେ ନିଦ୍ରା-ଅସ୍ଥାୟୀ ମରଣୁ,
ଧନ୍ୟ ସେ ମରଣ ସୁଖ, ମହାତୃପ୍ତିପ୍ରଦ,
ମାତ୍ର କି ଆଶ୍ଚର୍ଯ୍ୟ, ଭୁଞ୍ଜି ପ୍ରତ୍ୟହେ ନର
ସେ ମୃତ୍ୟୁରେ ଶାନ୍ତ ସ୍ୱାଦୁ, ତଥାପି ସେ ଜାଣି
ଶୁଣି ମୃତ୍ୟୁ ନାମ ଉଠେ ଚମକି କିପାଇଁ ।
ମୃତ୍ୟୁନିଦ୍ରା ମଧ୍ୟେ ତାଙ୍କ ବିଶେଷ ପ୍ରଭେଦ,
ପ୍ରଭେଦ ଏତିକି, ନିଦ୍ରା ଭାଙ୍ଗିଯାଏ ପ୍ରାତେ,
ମାତ୍ର ମୃତ୍ୟୁ ମହାନିଦ୍ରା ଚିର ଅଭଙ୍ଗୁର ।
ଦେଲେକ ପିନ୍ଧାଇ ରବି କମଳିନୀଗଳେ
କିରଣ-ସୁବର୍ଣ୍ଣହାର, ହେଲା ବେଳକର
ନୀରବ ଉଦ୍‌ବାହ ଶୁଭେ, ଦିଶିଲା ପୀତାଭ
ସୃଷ୍ଟି, ପିନ୍ଧିଛି କି ଧନୀ, ହାରିଦ୍ରବସନ
ରଶ୍ମି-ସୂତ୍ରେ ବୁଣା, ଏହି ବିବାହ ଉତ୍ସବେ ।
ଏ କାଳେ ନରେନ୍ଦ୍ର-ଜେମା ମିଳି ପିତୃପାଶେ,
ପ୍ରଣମି ପଦ୍ମରେ, ସିନ୍ଧୁପଦେ ବୀଚି ପ୍ରାୟ,
( ଅବା ଶାସ୍ତ୍ରପଦେ ନମେ ସୁନୀତି ଯେସନ)
ନିବେଦିଲା ନିଶିଦୃଷ୍ଟ ସ୍ୱପ୍ନ ବିବରଣ ।
ଘୃଣାଙ୍କର ବୁଦ୍ଧିବୃତ୍ତି ଯାଇଥିଲା ଉଡ଼ି
ଶୂନ୍ୟେ ତାହିଁ, ଅନୁଦ୍ଦେଶ୍ୟ କେବଣ ପ୍ରଦେଶେ
କଲଦେଲୁ ପଦାଘାତ ଯବନର, ତାକୁ
ଆଣିଲା ଫେରାଇ ଶରେ ଦୈବବତୀ ବାଣୀ,
ଖେଳିଗଲା ନୈରାଶ୍ୟ-ତମେ ଆଶାର ଖଦ୍ୟୋତ,
ମରୁ-ନଭେ ନବଘନ ପାଇଲା ଆସନ ।
କନ୍ୟାମୁଖୁ ନରପତି ଶୁଣି ଏ ସନ୍ଦେଶ
ଲଭିଲେ ବିସ୍ମୟ, ହର୍ଷ, ଶାନ୍ତି ଯୁଗପତ,
ଶୁଭିଲା କି ଅକସ୍ମାତ ବାର୍ଦ୍ଧକ୍ୟ ଶ୍ରବଣେ,
ସୁଖମୟ ଶୈଶବର ଅମୃତ ଆହ୍ୱାନ,
ଆଶଙ୍କା ଉତ୍ଥାରୁ ଶାନ୍ତି ଆହା କି ମଧୁର !
ପ୍ରାଫୁଲ୍ୟର ପୂର୍ଣ୍ଣଦୀପ୍ତି ହେଉ କନ୍ୟାମୁଖେ,
ଅପତ୍ୟବାତ୍ସଲ୍ୟ ତାଙ୍କ ଉଠିଲା ଉଛୁଳି,
ସ୍ୱର୍ଗୀୟ ଅମୂଲ୍ୟ ନିଧି ନିକ୍ଷେ ପିତୃସ୍ନେହ,
ଜାତ ସେହି ମନ୍ଦାକିନୀ ମଙ୍ଗଳ ଧାରାରୁ,

ଅନ୍ୟଥା କି ହୋଇଥାନ୍ତା ଏତେ ପବିତ୍ରତା,—
କୋମଳତା, ଉଦାରତା,-ମମତାଜଡ଼ିତ ।
ଜନ୍ମ ସେ ସାକ୍ଷାତ ସ୍ୱର୍ଗ, ଜନ୍ମଏ ପତ୍ନଣେ,
ବଷମୟ୍ୟ,ଭକ୍ତିମୟ୍ୟ, ଏ ବଚଃ ଭବେ,—
ବିଶ୍ୱର ଅମୃତ-ସ୍ୱାଦୁ ଉପଲବ୍ଧି ଏକା ।
ଭାଷିଲେ ନୃପତି, "ବତ୍ସେ, ବଞ୍ଚାଇଲୁ ମୋତେ,
ଜୀର୍ଣ୍ଣଶୀର୍ଣ୍ଣକାୟ ମୁହିଁ ତୋହର ଚିନ୍ତାରେ,
ଜନ୍ମଇଲୁ ଠିଆ ମୋତେ ଅଦୃଷ୍ଟ ମୋହର
ଜୀବନର ଏହି ତପ୍ତବୈତରଣୀ ତଟେ,
ନ ପାଇ ମୁଁ କେଉଁଣେ କିଛି ତରିବା ସମ୍ବଳ,
ହୋଇଥିଲି ଜୀବନ୍ମୃତ, ଦେଇ ତୁ ଏ କାଳେ
କର୍ଣ୍ଣେ ସଞ୍ଜୀବନୀ ମନ୍ତ୍ର, ରଖିଲୁ ସଙ୍କଟେ ।
ତୋହୋ ଯୋଗେ ଭାଗ୍ୟଧର, ପିଅର ତୋହର,
ଦେବୀ-କୃପାଲବ୍ଧା ତୁହି, ମୁଁ ତୋର ଜନକ,
ନୁହେଁ କି ମୋ ଭାଗ୍ୟେ ଏହା ଅତୁଳ ଗୌରବ !
ଦେବୀଙ୍କ ସକାଶେ ଠେକ ଯୁଗପୁତ କାନ୍ତି,
ଧନେ ମାନେ ଯଶେ କୀର୍ତ୍ତେ ନିଖିଳ ଭାରତେ,
ଅବ୍ୟର୍ଥ ତାଙ୍କର ବର, ଅବ୍ୟର୍ଥ ଯେସନ
ମୁଗ୍ନପଥରେ ଗାର, ବନ୍ଧାଣୀ-ଅଙ୍କିତ,
କର ତୁ ଯା କାର୍ଯ୍ୟ ବେଗେ ତାଙ୍କ ଆଜ୍ଞାମତେ ।"
କରି ଶିରୋଧାର୍ଯ୍ୟ କେମା ଜନକ ଅଦେଶ,
ବନ୍ଦି ତାଙ୍କ ପାଦପଦ୍ମ, ଶୁଦ୍ଧାନ୍ତେ ବାହୁଡ଼ି,
ଲେଖି ଏ ପ୍ରାର୍ଥନାପତ୍ର ମିବାର ଭୂପାଳେ—
"ଜଣାଏ ପ୍ରଣତି ଦେବେ ରୂପନଗରର
ଷ୍କଜକେମା ପ୍ରଣିପାତ, ଘେନା ହେଉ ଦେବ,
ପଡ଼ିଛି ମୁଁ ଅନାୟତ୍ତେ ବିଷମ ସଙ୍କଟେ,
ଶୁଣିଲେ ମୋ ଦୁଃଖ,ଅହୋ ଥାଉ ଆନ କଥା,
ଜଡ଼,ତରୁଲତା ସୁଦ୍ଧା ତେଜିବେ ଲୋତକ ।
ଲଗିଥାନ୍ତି ଧନ ପଣ ରୂପ ପଛେ ସଦା
ବୈରିଦଳ,ନୁହେଁ ଏହା ଛାମୁରେ ଅଜଣା,
ଯେଉଁ ରୂପ ପ୍ରତି ସ୍ୱତଃ ଆକୃଷ୍ଟ ଜଗତ,
ପାପ ବ୍ୟାଧିଗୁରୁ ଯାର ନିତ୍ୟ ସହଚର,
ସେହି ପୋଡ଼ା ରୂପ ମୋର ହୋଇଛି ଭଗାସ୍ତି,
ଦେହଜାତ ବ୍ୟାଧି ହାୟ ବିପକ୍ଷ ଦେହର ।
ଦୁର୍ଭାଗ୍ୟରୁ ମୋ ରୂପରେ ହୋଇ ବିମୋହିତ
ଯବନ ଆରଙ୍ଗଜେବ, କୁମ୍ଭୀପାକ କୀଟ,
ପଠାଇଛି ପରିଣୟ ପ୍ରସ୍ତାବ ପତ୍ରିକା
ଦ୍ୱିସହସ୍ର ଅଶ୍ୱାରୋହୀ ସହ, ପ୍ରଦର୍ଶାଇ
ଭୟ, ପିତା ମୋର କ୍ଷୁଦ୍ର ସାମନ୍ତ ନୃପତି,
ନୋହିବେ ସକ୍ଷମ କେବେ ତା ସହ ବିବାଦେ,
ନ ପାଇ ଏ ବିପଦର ପ୍ରତିକାରୋପାୟ
ନିନ୍ଦୁଛନ୍ତି ସେହୁ ସ୍ୱୀୟ କ୍ଷତ୍ରିୟତ୍ୱ ଜନ୍ମେ,
ଆପଣା ନିକଟେ ଆପେ ହେବା ଅପ୍ରତିଭ,
ବିଜ୍ଞଜନ ପକ୍ଷେ ଅଟେ ଶାସ୍ତି ସୁକଠୋର,
ମୃତ୍ୟୁ ସମ,ବିଶେଷତଃ ଅପମାନ ସିନା
ମହାମାନୀ କ୍ଷତ୍ରିୟର ଜୀବନ୍ତ ମରଣ ।
ଶରଣପ୍ରାର୍ଥିନୀ ଆଜି ତବ ପାଶେ ନୃପ,
ରୂପନଗରର କେମା, ଦେବୀ ସ୍ୱପ୍ନାଦେଶେ,
ସ୍ୱଧର୍ମ ରକ୍ଷାର୍ଥେ,-ନୁହେଁ ପ୍ରାଣରକ୍ଷାପାଇଁ,
ଧର୍ମ ଏକା ଧରଣୀର ସରଳ ସୁପଥ .
ପୁଣି ସ୍ୱର୍ଗର ଆଲୋକ, ରଖେ ସେ ରକ୍ଷକେ,
ରକ୍ଷାକରି ପାତିବ୍ରତ୍ୟ ଧର୍ମ ଅବଳାର,
କରି ଧର୍ମରକ୍ଷୀ ଆଖ୍ୟା ଗୌରବ ବର୍ଦ୍ଧନ,
ସେ ମହାଗୌରବ-ରତ୍ନେ ରଖ ବିନିର୍ମାଣି
ଅନଶ୍ୱର ଆତ୍ମମୟ ବୈକୁଣ୍ଠ-ବିମାନ ।
ବୀର ତୁମ୍ଭେ, ବୀରଜାତି-ପତି, ମହାମନା,
ଏଣୁ ମୋ ବିଶ୍ୱାସ, କେବେ ନ ପାରିବ ସହି
ଜାତୀୟ ଅବମାନନା, ଏ କୁଳ-ଲାଞ୍ଛନା ।
ହେବ ଆର୍ଯ୍ୟକୁଳବାଳା ଯବନଗୃହିଣୀ,
ସିଂହବାଳା ହେବ ଦୁଷ୍ଟ ଜାକସହଚରୀ,
ଅଥବା ଦଳିବ ପଦେ ଦୁରନ୍ତ ବାନର
କୋମଳାଙ୍ଗୀ ଶେଫାଳିକା, ସହିବ କି ଏହା
ସ୍ୱଜାତିଭକ୍ତିର ପ୍ରାଣେ, ଅସମ୍ଭବ ଅଟେ;
ପଲ୍ଲଜାତ ବୀରେ ସିନା ସତୀତ୍ୱ ସମ୍ମାନ ।

ଜାଣୁଛ ମୁଁ ଏହି ସତ୍ୟ, ଯବନ କବଳୁ
ଉଦ୍ଧାରିଲେ ତୁମ୍ଭେ ମୋର ପାତିବ୍ରତ୍ୟ-ମଣି,
ବରିବ ତୁମ୍ଭଙ୍କୁ ନିଶ୍ଚେ ଧର୍ମପତି ରୂପେ ।
ଶୁଣି ଯଥା ରୁକ୍ମିଣୀଙ୍କ କାତର ପ୍ରାର୍ଥନା
ଯଦୁପତି, ଜଗତର ଅନ୍ତିମ ଶରଣ,
ଉଦ୍ଧାରିଲେ ଆସି ତାଙ୍କୁ ଶିଶୁପାଳ ହାତୁ,
ତଥା ବୀରବର, ତୁମ୍ଭ ତାରି ଏ ସଙ୍କଟୁ,
ସେହି ମୂଲ୍ୟେ କିଣ ମୋତେ ସେବିକାପଣରେ,
ଏତିକି ମାଗୁଛି ମୋର ଚରଣେ କେବଳ ।”

ପେଶିଲା ଏ ପତ୍ର ବାଳା ପୁରୋହିତ ହାତେ
ସଂଗୋପନେ, ମହାବୀର ରାଜସିଂହ ପାଶେ,
ଏହି କାଳେ ମୁହୁର୍ମୁହୁଃ ସ୍ଫୁରିଲା ସଘନେ
ବାମନେତ୍ରା ବାମନେତ୍ର, ଜାଣି ତାକୁ ତେମା
ମଙ୍ଗଳ ଶକୁନ, ହେଲା ହୃଷ୍ଟମତି ଅତି ।

ଏଥୁଅନ୍ତେ ଯଥାକାଳେ ପ୍ରବେଶି ପୁରୋଧା
ମିବାର ନଗରେ, ଭେଟି ରାଣା ରାଜସିଂହେ,
ଅର୍ପିଲା ଚାମ୍ପୁରେ ପତ୍ର, ଧୀରେ ସବିନୟେ ।
ସାଗ୍ରହେ ତା ଆମୂଳାନ୍ତ ପାଠକରି ରାଣା,
ହେଲେ ଉତ୍ତେଜିତ କ୍ରୋଧେ, ମୃଗେନ୍ଦ୍ର ଯେସନ
ଶତ ତୀକ୍ଷ୍ଣ ବାଣବିଦ୍ଧ ହୋଇ ଏକକାଳେ;
ଜାଗିଲା ଜିଘାଂସା, ଘୃଣା, ଜିଗୀଷା ହୃଦୟେ,
ଦୁର୍ବୃତ୍ତ ଯବନପତି ଘୋର ଅତ୍ୟାଚାର
ଦେଲା ବ୍ୟଥା ମର୍ମେ ମର୍ମେ, ଭାଷିଲେ ସେ ତହୁଁ
“ଅହୋ, ବାଢ଼ିଅଛି ଦୁଷ୍ଟ କେଡେ ବଡ ଗାହା,*
ପାପୀ, ଆର୍ଯ୍ୟଧର୍ମଦ୍ୱେଷୀ, ମାନବ-ପିଶାଚ,
ଜଘନ୍ୟ ଜିଜିଆ କର ପୁନଃସଂସ୍ଥାପନେ,
ବଢ଼ିଛି ସାହସ ତାର, ତେଣୁ ସେ ଏଣିକି
ଆର୍ଯ୍ୟଧର୍ମ ନାଶିବାକୁ ବସିଛି ସମୂଳେ ,
ମାତ୍ର ତାର ଦୁରାକାଙ୍କ୍ଷା ନ ହେବ ସଫଳ
ସ୍ୱପ୍ନେ ସୁଦ୍ଧା କେବେ, ଥିବ ଯେତେ ଦିନଯାଏ ,
ରାଜପୁତ ବୀରଦେହେ ବିନ୍ଦୁଏ ଶୋଣିତ ।
ପୂର୍ଣ୍ଣ ଏବେ ଭାଗ୍ୟ ତାର, ତାହାରି ପାତକେ,
ଅବିଳମ୍ବେ ଛାଡ଼ିଯିବ ଭାଗ୍ୟ ଏବେ ତାକୁ,
ପାଚିଲେ ଗଛରୁ ଫଳ ଝଡ଼ିପଡ଼େ ଆପେ ।
ଦୁଷ୍ଟଙ୍କ ଦୌରାତ୍ମ୍ୟ ହେଲା ଅସହ୍ୟ କ୍ରମଶଃ,
ନ ଲଭିଲେ ଯୋଗ୍ୟ ଶାସ୍ତି, ହେବ ନାହିଁ ସ୍ଥିର,
ଖଳ ନିର୍ଯ୍ୟାତନ ସ୍ପୃହା ନ ଦେଖି ଚରମ
ହୁଏ ନାହିଁ ଶାନ୍ତ, ଏହା ନିସର୍ଗ ନିୟମ ।
ସ୍ୱାଧୀନତା ଲୀଳାଭୂମି ମିବାର ଜନନୀ,
ଘୃଣ୍ୟ ଦଣ୍ଡଭୂମି ଆଖ୍ୟା ଲଭିଅଛି ଏବେ,
ଆବର ରମଣୀ ପୀଡ଼ା, ଧର୍ମରେ ଆଘାତ,
କେ ସହିବ ଏହା, ବହି ବୀରରକ୍ତ ମାଂସ ।
ଆମ୍ଭର ପୂର୍ବଜ ପୁରୁଷ ପ୍ରତାପୀ ପ୍ରତାପ,
ପଞ୍ଚବିଂଶ ବର୍ଷ ବ୍ୟାପୀ ଭୀଷଣ ସମରେ
ରତ ହୋଇ ଚକ୍ରବର୍ତ୍ତୀ ଆକବର ସହ,
ଥିଲେ ତାଙ୍କୁ ବ୍ୟତିବ୍ୟସ୍ତ, ଆପେ ଲଭି ଦୁଃଖ,
ରାଜା ହୋଇ ଦୀନପ୍ରାୟ ବୁଲି ଶୈଳେ ବନେ
ସଙ୍କଟମ୍ଭେ ଅହରହ, ମାତ୍ର ସେ ତଥାପି,
ନୋହିଲେ ଜୀବନ୍ତେ କେବେ ଯବନର ବଶ,
ହୋଇ ତାଙ୍କ ବଂଶଧର, ତାଙ୍କ ରକ୍ତ ବହି,
କିପାଁ ଏବେ ଭୟ ଛାର ବିଧର୍ମୀ ଯବନେ !
ଯେ ରମଣୀ ମୂର୍ତ୍ତିମତୀ ପ୍ରକୃତିରୂପିଣୀ,
ସହାୟ ସଂସାରେ ଯେହୁ ମାତା, ସ୍ତ୍ରୀ ଆଦି
ନାନାରୂପେ, ସେ ରମଣୀ ପରିରକ୍ଷା ବ୍ରତେ
ଯେଉଁ ଜାତି ଅସମର୍ଥ, ସେ ଜାତି ରମଣୀ ।
ମାଗିଅଛି ପ୍ରଭାବତୀ ଆମ୍ଭରେ ଶରଣ,
ନ ଶୁଣିଲେ ତା ପ୍ରାର୍ଥନା, ହେବ ମହାପାପ,
ଅତଏବ ଯୁଦ୍ଧ କରି, ନିଶ୍ଚେ ମୁଁ ତାହାକୁ
ଉଦ୍ଧାରିବି ଦୁରାଚାରୀ ଯବନ ପାଶରୁ ।”
କ୍ଷଣିକେ ଏସନ ରାଣା, ପ୍ରଭାବତୀ ପାଶେ

* ସାହସ ।

ଲେଖିଲେ ଅଭୟ ପତ୍ର, ପ୍ରଦାନ ଆଶ୍ୱାସ,—
"ଭୟ ନାହିଁ ଭୟ ନାହିଁ ସତୀ ପ୍ରଭାବତି,
କେ ହରିବ ପାତିବ୍ରତ୍ୟ ତବ, ଥାଉଁ ଥାଉଁ
ରାଣା ରାଜସିଂହ ପ୍ରାଣେ, ନ ହୁଅ ଅଧୀର,—
ଜୀବନର ମଧୁମୟ ବସନ୍ତ ସମୟେ
ହେଉ ବର୍ଷା ଘନଘଟା । ଏ ଅନ୍ତେ ଶରତ
ଉଇଁ ଅଚିର୍ ଉତ୍ସବେ, ବିଭାଣ୍ଡି ତାହାକୁ,
କରିଦେବ ହୃଦ-ନଭେ ସ୍ୱଚ୍ଛ, ସୁନିର୍ମଳ ।
ଶତ୍ରୁରକ୍ତ-ପାନପଟୁ ରଜପୁତ ଅସି
ପିପାସିତ ବହୁଦିନୁ, ତା ଦୁର୍ବାର ତୃଷା
ମେଣ୍ଟାଇ ସେ ଆଶୁ ହେବ ସସମ୍ମାନେ ପୁଣି
କୋଷବଦ୍ଧ, ଉପସ୍ଥିତ ସେହିକାଳ ଆସି ।
ଧନ୍ୟ ତୁମ୍ଭେ ଧନ୍ୟ ତବ ସ୍ୱର୍ଗୀୟ ଗୌରବ,
ଦେଖାଇଲ ଦେବି, ଯେଉଁ ସତୀତ୍ୱ-ଆଲୋକ
ପୁଣ୍ୟ ପ୍ରଭାମୟ, ତାହା ସତ୍ୟ ଅନଶ୍ୱର,
ଉଜ୍ଜ୍ୱଳିବ କାଳେ କାଳେ ତା ମହାମୟୂଖ,—
ତବ ମୁଖ ସହ ଆର୍ଯ୍ୟରମଣୀ ବଦନ ।
ରକ୍ଷିବ ତୁମ୍ଭଙ୍କୁ ତୁମ୍ଭ ସତୀତ୍ୱ ମହିମା,
ହେବ ମୁହିଁ ଉପଲକ୍ଷ୍ୟ ମାତ୍ର, ନିଜ ବଳେ
ସାଧି କାର୍ଯ୍ୟ, ଦେବ ମୋତେ ପୁଣ୍ୟରେ ସୁଖ୍ୟାତି,
ପ୍ରକୃତ ପକ୍ଷଏ, କରେ ନିଜେ ସବୁ ଧର୍ମୀ,
ମାତ୍ର ଆନେ ନିର୍ବିକାରେ ପ୍ରଦାନେ ପ୍ରଶଂସା ।
ଥାଅ ଗୋ ନିଶ୍ଚିନ୍ତେ, ଦେବି, ନ ପାଞ୍ଚିଣ ଦ୍ୱିଧା,
କାଲି ପ୍ରାତେ ସସୈନ୍ୟେ ମୁଁ କରିବ ପ୍ରୟାଣ ।"
ପତ୍ରଦାନେ ପୁରୋହିତେ କରୁଣ ମେଲାଣି
ହର୍ଷ, ଆଦେଶିଲେ ରାଣା ସାଜିବାକୁ ସେନା,
ତତ୍କ୍ଷଣେ ନୃପତି ଆଜ୍ଞା ତୂର୍ଯ୍ୟନ୍ତେ ଘୋଷିତ,
ସାଜ ସାଜ ରବେ ହେଲା ନଗରୀ ମୁଖର,
ବହିଗଲା ଉତ୍ସାହର ତୀବ୍ରପ୍ଲାବୀ ନଦ
ସବ୍ୟଦେରେ, ବାହାରିଲେ ଦାଣ୍ଡେ ଦଳେ ଦଳେ
ସେନା ରଣରଙ୍ଗୀ, ରଣେ ଅପୃଷ୍ଠଦରଶୀ,
ମଣ୍ଡି ଅଙ୍ଗେ ଅସ୍ତ୍ର ଶସ୍ତ୍ର ବୀର-ଅଳଙ୍କାର,
ଉଦାସୀନ ହାସ୍ୟରେଖା ଅଙ୍କିତ ବଦନେ ।
ଲକ୍ଷେ ନିର୍ଭୀକଚିତ୍ତ, ଭ୍ରୂକୁଟି-କୁଟିଳ
ବୀରଗର୍ବଗର୍ବୀ, ଗଢ଼ କଠୋର ଭୀଷଣ,
ହେଲେ ଏକତ୍ରିତ ଯାଇ ରାଜ-ସିଂହଦ୍ୱାରେ ।
ଶୁଣି ବୀର-କୋଳାହଳ ରାଣା ରାଜସିଂହ,
ଆସିଲେ ଆରୋହି ଶିରେ ମହାକାୟ ଗଜେ,
(ରୁଦ୍ରଦଂଷ୍ଟ୍ର, ଗିରିଚୂଡ଼ା-ଗୁମାନ-ବିଧ୍ୱଂସୀ)
ଦେଖି ସର୍ବେ ନରଦେବେ ନମିଲେ ଛାମୁରେ
ବୀର ବ୍ୟବହାରେ, ଟେକି ଅସ୍ତ୍ରଧନକର,
ଜଣାଇଲେ ବୀରୋଚିତ ବିପୁଳ ସମ୍ମାନ ।
"ଜୟ ଜଗଦମ୍ବେ" ରାଣା ନିନାଦ ଉଚାରି
ରୂପନଗରାଭିମୁଖେ କଲେ ଅଭିଯାନ,
ଘେନି ସଙ୍ଗେ ରଜପୁତ ବରିଷ୍ଠ ବାହିନୀ ।

ଏଥିଅନ୍ତେ ଯଥାକାଳେ ମିଳି ପୁରୋହିତ
ପ୍ରଭାବତୀ ପାଶେ, ଦେଇ ପତ୍ର, ଜଣାଇଲେ
ଶୁଭ ଆଗମନ ବାର୍ତ୍ତା ମିବାରେଶଙ୍କର,
ଶୀତକ୍ଳିଷ୍ଟ ପ୍ରକୃତିକୁ ବସନ୍ତ ନୃପତି
ଆସି ନବ ପ୍ରାଣଦାନ କରିବା ପୂର୍ବରୁ,
କଲା କି ଘୋଷଣା ଆହା ଆଗମନୀ ତାର,—
ବସନ୍ତର ଅଗ୍ରଦୂତ ସୁଭାଷୀ କୋକିଳ !
କିମ୍ବା ଭୃଙ୍ଗ ଜଣାଇଲା ରବି ଆଗମନ—
ରବିପ୍ରାଣା ବିଷାଦିନୀ ନଳିନୀ ନିକଟେ ।
ବହୁ ପୁରସ୍କାରେ ତୋଷି ପୁରୋଧାପ୍ରବରେ,
ପଠାଇଲେ ଜେମା ତାଙ୍କୁ ପିତୃସନ୍ନିଧାନେ,
ଦେବାକୁ ଏ ବାର୍ତ୍ତା, ତହୁଁ ଗଲେ ଦ୍ୱିଜମଣି ।

ମୁଦ ଫେଇ ପ୍ରଭାବତୀ କରି ପତ୍ର ପାଠ,
ପୁଲକ-ପ୍ରଫୁଲ୍ଲ ଚିତ୍ତେ ଭାବିଲା ଏସନ,—
"ଅହୋ, କି ସମବେଦନା, କି ଅଭୟ ବାଣୀ,
କେତେ ଉଦାର ସେ ହୃଦ, ଧନ୍ୟ ମହାମତି !
ସତ୍ୟର ସେବକ ଯେହୁ, ଧର୍ମେ ଅଳଙ୍କୃତ,
ନିଶ୍ଚେ ସେ ମହାନୁଭବ ନୃପତିସମାଜେ ।

ଏତେ ବଳବତୀ ଯାଙ୍କ ଜାତୀୟ ମମତା,
ଜାତୀୟ ଦେବତା ଭିନ୍ନ ନୁହନ୍ତି ସେ ଆଜ ।
ଅର୍ପିବ କି ଦ୍ରବ୍ୟ ଆଜ ସେ ମହାପୁରୁଷେ
ଅର୍ଘ୍ୟ, ପୂଜିବ କି ଫୁଲେ, ପାଉ ନାହିଁ ଖୋଜ,
ହୃଦୟର କ୍ଷୁଦ୍ରତମ ସମର୍ପି ଚରଣେ,
ଛାଡ଼ି ନେବ ଗୁଣୀଙ୍କ ଏ ଅଶୋଧିତ ଋଣ ।
ତାଙ୍କ ଯେଉଁ କରୁଣାର ସ୍ନିଗ୍ଧ ସୁଧା-ଧାର,
କଲା ମୋର ସନ୍ତାପିତ ପ୍ରାଣେ ସୁଶୀତଳ,
ସେହି କରୁଣାକୁ କରି ସ୍ମରଣ ସମ୍ବଳ
ଅଜୀବନ, ବନ୍ଦ ହେବ ତାହାଙ୍କ ଶ୍ରୀପଦେ ।”
ଏ କାଳେ ଶୁଭିଲା ଘୋର ସୈନ୍ୟ କଳରବ
ଅସ୍ପଷ୍ଟ ଗମ୍ଭୀର ଯଥା ଦୂର ସିନ୍ଧୁନାଦ,
ଚମକି ଶୁଣିଲା ବାଳା କର୍ଣ୍ଣ ଡେରି ତାହା
ଦେଖାସ୍ଥ ବାଳକ ପ୍ରାୟ, ଲଭି ସେ ବିସ୍ମୟ
ତରଙ୍ଗାଭିଘାତ ଶବ୍ଦେ ଉତ୍କର୍ଣ୍ଣେ ଆବର,
ରହିଥାଏ ସେ ଆହ୍ୱାନ ଶ୍ରବଣ କାରଣ;
ହେଲେହେଁ କ୍ଷଣେ ସେ, ତା ସ୍ମୃତି ସାନ୍ତ୍ୱନ ।
ଜାଣିଣ ଆଗତ, ଜେମା, ମିବାର-ବାହିନୀ,
ମଣିଲା ଆଶାୟୀ ମନେ କୃତାର୍ଥ ନିଜକୁ ।
ପାଇଲେ ଆଶ୍ରୟ ଦୈବେ ଜଳମଗ୍ନ ଜୀବ,
ମଣେ ଯଥା ପୁନର୍ଜନ୍ମ ଲାଭ, ତଥା ବାଳା,
ଉଦ୍ଧାର ସୁପଥ ଦେଖି ହେଲା ଆନନ୍ଦିତା ।
ଚନ୍ଦ୍ରାଶୋକ ସନ୍ଧିସ୍ଥଳେ ହୋଇ ଛଟପଟ
ଜୀବନେ ଅସାର ଯେହୁ କରୁଥିଲା ଜ୍ଞାନ,
ମୁହୂର୍ତ୍ତକ ପରେ, ଅହୋ, ହେଲା ସେ ଆବର
ମୁଦମନା, ନଶ୍ୱରର କି ବିଚିତ୍ର ଲୀଳା !
ମେଘାଚ୍ଛନ୍ନ ନଭ ପୁଣି ଲଭେ ନିର୍ମଳତା,
ହସେ ରାହୁଗ୍ରସ୍ତ ଶଶୀ କ୍ଷଣକ ଉଦ୍ଧାରେ,
ଏହା ଅନୁଭୂତ-ସିଦ୍ଧ, ପ୍ରତ୍ୟକ୍ଷ ଘଟଣା,
ନୁହେଁ କେବେ ସୁଖ ଦୁଃଖ କାହା ଭାଗ୍ୟେ ଚିର,
ଚିର ନୁହେଁ ଯଥା ବାତୀ- ବିକ୍ଷୁବ୍ଧ-ବାରିଧି—
ବେଳାଭୂମି-ବିନିର୍ମିତ ବାଲୁକା ମନ୍ଦିର ।

## ପଞ୍ଚମ ସର୍ଗ

ଲଙ୍ଘି ଆରାବଲୀ ଶୈଳ ଆର୍ଯ୍ୟ-ଅନୀକିନୀ
ଧାଇଁଲା ପ୍ରଖରେ ଘୋଷେ ମାର୍ ମାର୍ ସ୍ୱରେ,
ଉତ୍ତୋଳନ ବାପାରାଓ ଲୋହିତ ପତାକା,
( ବିପକ୍ଷ-ବୀର୍ଯ୍ୟଶୋଷିଣୀ, ସ୍ୱପକ୍ଷ-ବୀର୍ଯ୍ୟଦା )
ଅଙ୍କିଲା ସେ ବୈଜୟନ୍ତୀ ପୁଚ୍ଛ ସଞ୍ଚାଳନେ
ଅତୀତ ଗୌରବ ସ୍ମୃତି-ପଂକ୍ତି, ଶୂନ୍ୟାକ୍ଷରେ ।
ସେ ଅମର ମହାସ୍ମୃତି- ତଡ଼ିତ ପ୍ରବାହ,
ପରଶନ୍ତେ ରାଜପୁତ ବୀରଙ୍କ ଧମନୀ,
ହେଲେ ଉତ୍ତେଜିତ ସର୍ବେ, ପୂର୍ବୁ ଶତଗୁଣ ।
ସ୍ମରି ଖ୍ୟାତ ପ୍ରଭୁପତି ବାପାରାଓଙ୍କର,
ବୀରମଦେ ଲୋମାବଳୀ ଉଠିଲା ଟାଙ୍କୁରି
ସକଳର, ତହୁଁ ଉଠେ ଘୋର ହୁହୁଙ୍କାର
ଆକ୍ରମିଲେ ଭୀମବେଗେ ମୋଗଲ-ଶିବିର ।
ବାଜିଲା ଭୈରବେ ଭେରୀ, ରଣଚଣ୍ଡୀଙ୍କର
କି ସେ ନିମନ୍ତ୍ରଣ ବାଣୀ, କଠୋର ଗର୍ଜନ,
ଶୁଣି ଭାଗ୍ୟପରୀକ୍ଷାର ସେ ମହା ଆହ୍ୱାନ
ଯବନ-ସୈନ୍ୟକେ, ବ୍ୟଗ୍ରେ ଅତର୍କିତ ଭାବେ
ପ୍ରତ୍ୟାହ୍ୱାନ ଛଳେ କରି ପ୍ରଚଣ୍ଡ ଭେରୀ ନାଦ
ହେଲେ ଅଗ୍ରସର ରଣେ, କମ୍ପିଲା ସଘନେ
ବୀରପଦଭରେ ଧରା, ହୁଙ୍କାରେ ଅମ୍ବର ।
ହିଂସାବେଗେ ଉନ୍ମତ୍ତ ହୋଇ ମିବାର-ବାହିନୀ,
ଆକ୍ରମିଲେ ଶତ୍ରୁବ୍ୟୂହ ଅଗ୍ର ପାର୍ଶ୍ୱଭାଗୁ,
କଲେ ଘୋର ଏକ ଦଳେ ସୁପରିଚାଳନ,
ଆଗେ ରଣବୀର ନାମେ ପ୍ରବୀଣ ସର୍ଦ୍ଦାର ।
ଲାଗିଲା ତୁମୁଳ ଯୁଦ୍ଧ, ଛୁଟିଲା ଆୟୁଧ
ବିଦାରି ଆକାଶ-ବକ୍ଷ, ସ୍ୱନ ସନସନେ,
ଘାତୁକର ଗର୍ବ-ଗର୍ଭ ବିକଟ ଚିତ୍କାରେ
ଛନ୍ଦିଦେଲା ଆହତର କରୁଣ ବିଳାପ,
ଜଡ଼ିଲା କି ଆହା, ରୁକ୍ଷ ପାଦପ-ଶରୀରେ
କୋମଳ ଲତିକା, ଦୃଢ଼ ଆଲିଙ୍ଗନ ପାଶେ,
ବୀର କରୁଣର ଏହି ଭୀଷଣ ମିଳନ,
କଲା କଷ୍ଟେ ଘନଘନ କୁଳିଶ ବର୍ଷଣ ।
ବୀରନୃତ୍ୟ ରତ କେତେ ମାତିଲେ ସମରେ,
ସେ ଉତ୍କଟ ନୃତ୍ୟକାଳେ ବାଜି ତାଳେ ତାଳେ
କଟିଲମ୍ବୀ ଅସିକୋଷ, ଆୟସୀ ସନ୍ନାହେ,
ଝାଡ଼ିଦେଲା ଅଗ୍ନିକଣା, ବିଷମ ଝନ୍‌ଝନେ ।
କେ ତାହାର ବକ୍ଷ ଲକ୍ଷି ହାଣନ୍ତେ କୃପାଣ,
ସମ୍ଭାଳି ସେ ଚୋଟ ଶେଷୁ ପିତଳ ଫଳକେ,
ଲଘୁହସ୍ତେ ପ୍ରଚଣ୍ଡ ଚୋଟେ ଛେଦିଲା ତା ଶିର ।
ଭାଙ୍ଗିଗଲା ଅସ୍ତ୍ର କାର, ଶତ୍ରୁ ଅସ୍ତ୍ରାଘାତେ,
ନ ପାଇ ଆତ୍ମରକ୍ଷାର ଅପର ଉପାୟ,
ଗୋଟାଇ ସେ ଛିନ୍ନହସ୍ତ ଛିନ୍ନପଦ, କଲା
ତହୁଁ ରଣ, କେହୁ ଧରି ଶ୍ମଶ୍ରୁଳ ମସ୍ତକ
ଯବନର, ଫିଙ୍ଗନ୍ତେ ତା, ଭାଙ୍ଗିଗଲା କାର
ସପଞ୍ଜରି ଭବଲୀଳା, କାମୋଡ଼ି ସେ ମାଟି,
ଭଜିଲା ଅଭଙ୍ଗ ନିଦ୍ରା ଅନ୍ତିମ ଶୟନେ ।
ମଲ୍ଲଯୁଦ୍ଧେ ରତ ଅବା କାହିଁ ବେନି ବୀରେ,
ହୋଇ ଛନ୍ଦାଛନ୍ଦି ଭୁଜେ ଭୁଜେ ପଦେ ପଦେ
ପିଟାପିଟି ମୁଣ୍ଡେ ମୁଣ୍ଡେ । କେବେ ଅବା ତୋଳି
ବଜ୍ରମୁଷ୍ଟି, ପରସ୍ପରେ ପରଶନ୍ତି ପିଠି ।
ଧରି କେ କାହାର ପଦ, ଦୃଢ଼େ ବେନି କରେ,
ବୁଲାଇ ମସ୍ତକୋପରେ, କଚାଡ଼ିଲା ତଳେ,
ଯଥା କୃଷୀବଳ, ଭାଙ୍ଗି ବଦାଣ୍ଡ ଫଗୁଣେ,
କଚଡ଼େ କରଡ଼ା ବନ୍ଧା ଖଳାଖଣ୍ଡ ପରେ ।
ଗୁରୁ ଗଦାଘାତେ କେହୁ କରି ବେନି ଫାଳ
ଯବନ ଶ୍ମଶ୍ରୁଳ ଶିର, ଶୁଷ୍କ ସବଲ୍କଲ
ନାରିକେଳ ଛଳେ, ଭକ୍ତ ପୂଜାରୀ ପରାଏ
କଲା ରଣଚଣ୍ଡିକାଙ୍କୁ ନୈବେଦ୍ୟ ଅର୍ପଣ ।
ବଢ଼ିଲା ବେଳକୁ ବେଳ ପ୍ରଚଣ୍ଡ ମାରୁଣି,
ଭେଦି ଘୋର ରାଜସିଂହ ହେଲେ ଶତ୍ରୁବ୍ୟୂହ

ଭ୍ରମନ୍ତିଲେ ଅଶ୍ୱାରୋହୀ ସୈନ୍ୟେ, ଭୀମବେଗେ,
ଯେନ ହାତେ ଯେନ ଅସି ବୁଲାଇ ଉଦ୍ଧତ
ଭରତଲେ ଅରିବ୍ୟୂହ, ନୀରନ୍ଧ୍ର, ଅଟଳ,
ଆପଣା ଚୌପାଶେ, ଚଳବର୍ତ୍ତ-ଚନ୍ଦ୍ରହାସ୍ୟ,
ଥାଉ ଆନ, ନ ଭୁଜବ ସେ ବ୍ୟୂହରେ ସ୍ଥିତ।
ଗଡ଼ଭାଳେ ଯେ ପଡ଼ିଲା ସେ ଚକ୍ରର ଦାଢ଼େ,
ହେଲା ଛିନ୍ନଭିନ୍ନ ସେହୁ, ଖଳେ ଖଳେ, ତୁଳା
ଯଥା ନାଟି * ସଞ୍ଚାଳନେ। ତାହାର ଛିଣ୍ଡିଲା
ହସ୍ତ, କାର କଟି, କାର ଅବା ପାଦ, କାହିଁ
ଅଶ୍ୱ ଶବ ହୋଇ ଯେତେ, ପଡ଼ିଲା ଉଭୟରେ
ଜୀବ ଛାଡ଼ି, ପଳାଇଲା ଅଶ୍ୱାରୋହୀ ଭୟେ;
ମାତ୍ର ତାଙ୍କୁ ନ ମାରିଲେ ରଣା, ଯେଣୁ ସେହୁ
ମଣୁଥିଲେ ନିଜ ଧର୍ମେ, ମାରିବା ପୃଷ୍ଠକୁ,
ବୀରପକ୍ଷେ ପୃଷ୍ଠଭଙ୍ଗ ବଳେ ଶିରଚ୍ଛେଦୁଁ।
ଏହିରୂପେ କାଟି କାଟି ହେଲେ ଅଗ୍ରସର,
ଯାଉଁ ଯାଉଁ କାହିଁ ଅବା ଉତ୍ତୁଙ୍ଗି ଉଦୟରେ
ହାଣନ୍ତି ସବଳେ ଚୋଟେ, ସେ ଅବ୍ୟର୍ଥ ଚୋଟେ
ସଜ୍ଜିତ ଅଶ୍ୱ ଗଜ ଅଧଗଣ୍ଡୁ ଖଣ୍ଡ।
ଦେଖୁ ଦେଖ ରାଜସିଂହ ଦିଶିଲେ ଭୀଷଣ,
ଉଲ୍ଲେଖର ହର ପ୍ରାୟ, ଶିବାର ଆନନ୍ଦମୀ।
ଶତ୍ରୁବଧବୃଦ୍ଧି ସଙ୍ଗେ ସେହି ଭୀଷଣତା
ଲଭିଲା କ୍ରମଶଃ ବୃଦ୍ଧି, ହେରି ତାହାଙ୍କର
ମହା ସଂହାର ମୂରତି, କ୍ରୋଧେ ଶତ୍ରୁବୀରେ,
ଘେରିଲେ ତାହାଙ୍କୁ ଆସି ନିକଟେ ଚୌପାର୍ଶ୍ୱେ,
ଏଣେ ରାଜପୁତ ବୀରେ, (ଉଦ୍ୟମ ସମ)
ରାଣାଙ୍କ ସାହାଯ୍ୟ ହେତୁ ମିଳନ୍ତି ସତ୍ୱର,
ଧରିଲା ସମର ଘୋର ବହ୍ନିଶିଖା ଛବି,
ଏ ସମୟେ ଧାଇଁ ଆସି ବେଗେ ରଣବୀର,
( ରଘୁକୁଳ-ଧୂମକେତୁ, ଶୂରବର-ତ୍ରାସ, )
ଏ ସଙ୍କଟେ ଅନୁକୂଳ ହେଲେ ରାଣାଙ୍କର,
ସ୍ୱଭାବତଃ ବୈଶ୍ୱାନର ଉଗ୍ର, ଦୁର୍ନିବାର,
ହୁଏ ସେ ପାଇଲେ ସାହା ରୁଦ୍ର ପ୍ରଭଞ୍ଜନେ,
କିଏ କେତେ କ୍ଷଣ ତାଙ୍କୁ ପ୍ରଳୟ ସହିବା ?
ମହୋତ୍ସାହେ ଯେନ ବୀରେ ନାଶିଲେ ଅସୁର,
ହୋଇଣ ସମରସ୍ଥଳୀ ଶୋଣିତେ ପଙ୍କିଳ,
ଅସିଲା ସଂକୀର୍ଣ୍ଣ ହୋଇ, ଭଗ୍ନ ଅସ୍ତ୍ରେ, ଶବେ,
ମୁମୂର୍ଷୁ ଶରୀରେ, ଚୂର୍ଣ୍ଣ ଫଳକେ, ଉଷ୍ଣୀଷେ ।
ଯବନର ବହୁ ସୈନ୍ୟ ପଡ଼ିଲେ ସମରେ,
ଅବଶିଷ୍ଟ ମୁଷ୍ଟିମେୟ ବୀରେ, ନ ପାରିଣ
ସହି ଦୁର୍ଦ୍ଧର୍ଷ ପ୍ରତାପ ଆର୍ଯ୍ୟରଥୀଙ୍କର,
ଦେଲେ ରଣେ ଭଙ୍ଗ, ମାତ୍ର ନ ଥିଲେ ଅକ୍ଷତ,
କେହି, ଅସିଥିଲେ ମୂଢ଼ ଧନ୍ୟାଲଭ ଆଶେ,
ଯେଣେ ହିତରୂପା ଧନ୍ୟା, କ୍ଷତ, ପରାଜୟ,
ଲାଞ୍ଛନା, ଯନ୍ତ୍ରଣା ଆଦି ଯଥୋଚିତ ସହ,
ପଳାଇଲେ ଊର୍ଦ୍ଧ୍ୱଶ୍ୱାସେ ପଛକୁ ନ ଚାହିଁ,
ଧର ଧର ଶବ୍ଦେ ତାଙ୍କୁ ଘେନିଗଲେ ଖେଦି
ରାଜପୁତ ଯୋଧେ, ଚୋରେ ପ୍ରହରୀ ଯେସନ।
ହୁଅନ୍ତି ଅଦୃଶ୍ୟ ସର୍ବେ, ଲୁଚଣ ସେ କାହିଁ
ପ୍ରାଣଭୟେ, ବାହୁଡ଼ିଲେ ଆର୍ଯ୍ୟେ, ଜୟରବେ
ମୁଖରି ଆକାଶ, ବାଇ ବିଜୟ-ମହୁରୀ,
ଗାଇ ସ୍ୱଦେଶ ସଙ୍ଗୀତ, ଆନନ୍ଦ ତନ୍ମୟେ।
ଘଟି ନାହିଁ ଯାହା ଭାଗ୍ୟେ ରଣେ ବୈରିବଧ,
ହେବାରୁ ନଅଣ୍ଟ ଅରି ହେଲେ ସେ ଦୁଃଖିତ,
ଶୋଣିତ-ନିର୍ଲିପ୍ତ ଅସ୍ତ୍ର ଫେରିବା ସମସ୍ତ
କ୍ଷତ୍ର ବୀରପକ୍ଷେ ସିନା ଅତି ଅସମ୍ମାନ।
ରାଜସିଂହ ବାହୁବଳେ ହେଲା ଯବନର
ଯଶ,ପଦ, ପ୍ରଭୁତ୍ୱର ଚିତ୍ର ଅହମିକା
ଉପହାସ୍ୟ, ଯଥା ଭଣ୍ଡ ପଣ୍ଡ ଆସ୍ଫାଳନ,
ଦିଶିଲେ ମିବାରେଶ୍ୱର ଦିବ୍ୟ ତେଜସ୍କର
ପୁଞ୍ଜ ଜିଣି, ଶାଣୋତ୍ତୀର୍ଣ୍ଣ ମଣିମୁଣ୍ଡା ପ୍ରାୟ,
ଆନନ୍ଦର ସ୍ମିତ ହାସ୍ୟ ଫୁଟିଲା ବଦନେ,
ଉତ୍ସାହର କୋଟିମୁଦ୍ରା ମୁଦ୍ରିତ ଲଲାଟେ,

* ତୁଳା ଭିଣିବାର ଯନ୍ତ୍ର।

ତେଜି ସ୍ୱ ରଣକ୍ଷେତ୍ର, ( ଶ୍ରୀଭଟ୍ଟବୈଶ୍ୟଗ୍ରାମ,
ଔଦାର୍ଯ୍ୟ-ଗାମ୍ଭୀର୍ଯ୍ୟ-ସାମ୍ୟ-ମହାସନ୍ଧିସ୍ଥଳ )
ସୈନ୍ୟ ସଙ୍ଗେ ସେନାଦଳ ଜୟଶ୍ରୀମଣ୍ଡିତ,
ଉଡ଼ାଇ ବିଜୟବାନା ଆସିଲେ ତ୍ୱରିତ ।
ପାବମିବ ସହୁ ଆସି ରୂପନଗରେଶ,
ଘେନଗଲେ ପଥ ମଧ୍ୟୁଁ ତାହାଙ୍କୁ ପାଛୋଟି
ସମାଦରେ, ବସାଇଲେ ରମ୍ୟ-ସିଂହାସନେ
ସଭା ମଧ୍ୟେ, ପାର୍ଶ୍ୱଭାଗେ ବସିଲେ ଆପଣେ ।
ଅନନ୍ତର ମିବାରେଶେ ବାତ୍ସଲ୍ୟ ସମ୍ବୋଧି
ଆନନ୍ଦ-ଗଦ୍‌ଗଦ କଣ୍ଠେ ଭାଷିଲେ ଏସନ,—
"ବାପୁ, ରାଜସିଂହ ନାମ ସାର୍ଥକ ତୁମ୍ଭର,
ଦେଖାଇଲ ରଣେ ଯେଉଁ ସାହସ ବିକ୍ରମ,
ଅଦ୍ଭୁତ ଅନନ୍ୟପୂର୍ବ ଅମାନୁଷୀ ବଳ,
ପଟାନ୍ତର ତୁମ୍ଭକୁହିଁ ତାହା, ବୀରବର,
ତବ ବୀରତ୍ୱମହିମା, ମଣ୍ଡିବ ନିଶ୍ଚୟ
ଇତିହାସ ପୂତପୃଷ୍ଠା, ଗୌରବ ଅଧ୍ୟାୟେ ।
ଉଦ୍ଧାରିଲ ଦୟା ବହି ଅଧଃପତନରୁ
ମୋତେ, ଏ ବିପୁଳ କୁଳମାନ ସହ, ନୃପ,
କି କରିପାରିବି ଅବା ପ୍ରତି ଉପକାର
କ୍ଷୁଦ୍ରପ୍ରାଣେ, କରୁଅଛି ଆଶୀର୍ବାଦ, ହୁଅ
ଦୀର୍ଘଜୀବୀ, ଅର୍ଜ ନିତ୍ୟ ଯଶ ଧର୍ମ ଧନ ।
ସ୍ୱୟମ୍ବର ପରୀକ୍ଷା ଅଗ୍ନି, ବୀରର ସମର,
ହେଲ ପ୍ରତିପନ୍ନ ତୁମ୍ଭେ ବିଶୁଦ୍ଧ କାଞ୍ଚନ,
କଠୋର ପରୀକ୍ଷୋତ୍ତୀର୍ଣ୍ଣ, କରିବି ମୁଁ ଏବେ
ସେ ସ୍ୱର୍ଣ୍ଣେ ବଣିଜରୂପେ କନ୍ୟା-ମଣି ଯୋଗ,
ଏହା ତବ ବୀରତ୍ୱର ଯୋଗ୍ୟ ପୁରସ୍କାର ।"
ଏସନ ଭାଷି ପୁଣି କରନ୍ତେ ସଙ୍କେତ
କେହିଁ ମୃଦୁସୁଲିଗଣେ, ଆଣି ସେ ଜେମାକୁ,
ବସାଇଲେ ଉଭା ନେଇ ରାଜସିଂହ ବାମେ ।
ଆହା ସେ ମାଧୁର୍ଯ୍ୟମୟୀ ମୋହିନୀ ମୂରତି
ଶୋଭିଲା ବସନ୍ତ ପାଶେ ପୁଷ୍ପବନୀ ପ୍ରାୟ,
ଅବା ସିଦ୍ଧ ପୁଂସପାଶେ ଉଭା ସନ୍ତୁଷ୍ଟତା,
ଅଥବା ଲଭିଲା ତୃଷା, ଶୋଭାଭୂତ ଭୂଷା,
ପ୍ରେମମୟ ପ୍ରଭାତର ପବନ ସନ୍ନିଧି ।
ଉଠିଲା ନବାନୁରାଗ ହୃଦେ ଉଛୁଳି
ବାଳାର, ଯେ ଅନୁରାଗ ହୋଇ ଉଦ୍ଦୀପିତ
ଥରେ ଦେବ-ସ୍ୱବାନ୍ଧବା ମାନବୀ ହୃଦ୍‌ଗତ,
ନୁହେଁ ସେ ନବାର କ୍ଷୁଦ୍ର ବାହ୍ୟ ଆବରଣେ,
ମାତ୍ର ତାହା ବ୍ରୀଡ଼ାବତୀ ବ୍ରୀଡ଼ା ଅନ୍ତରାଳେ
ରଖିଲା ସମ୍ଭାଳି, ଲଜ୍ଜା ହୋଇ ଅଧୋମୁଖେ,
ସୁସ୍ପଷ୍ଟରେ ଲଭାପ୍ରାୟ ତରଙ୍ଗୀ-ବନ୍ଦିତା ।
ଉତ୍ତରିଲେ ରାଜସିଂହ ଧୀରେ ସବିନୟେ,—
"ଉଦାରତା ଶତ ଗୁଣା, ତବ ଏ ବେଭାର,
ଏ ଅମୂଲ୍ୟ ଶିଷ୍ଟାଚାର, ଲଜ୍ଜିତ ମୁଁ ତହିଁ,
ଜିଣେ ମହାଜନ ନେନେ ଇତର ମହତ,
ତେଣୁ ତୁମ୍ଭେ ଏ ନଗଣ୍ୟ ଉପକାରେ ମୋର
କରୁଅଛ ପଲ୍ଲବିତ, ସ୍ନେହର ତା ଖ୍ୟାତ,
କରିପାରେ ସ୍ନେହ ଏକା ଗୋଟିକୁ କୋଟିଏ ।
ରଖିଲା ତୁମ୍ଭଙ୍କୁ ଦେବ, ତବ ଧର୍ମବଳ,
ଧର୍ମ-ସଂସାରରେ ଦୁଃଖ ପାଏ ନାହିଁ ସ୍ଥାନ,
ଦୈବେ ଛୁଇଁଲେ ତାହାକୁ, ପଳାଏ ବହନେ,
ପଳାଏ ଯେସନ ପ୍ରେତ ତପୋବନ ଛାଡ଼ି,
ପୂତ ହୋମ-ଧୂମ-ଗନ୍ଧ ନ ପାରିଣ ସହି ।
ତବ ପ୍ରୀତିସାଧନେ ମୁଁ ହୋଇଛି ଯେ କ୍ଷମ
ତା କେବଳ ପୁଣ୍ୟବଳ, ତବ ଆଶୀର୍ବାଦୁଁ ।
ପଠାଇଅଛନ୍ତି ଯାକୁ ଭବେ ଭଗବାନ
ଭାଗ୍ୟବାନ କରି, ତାର ସମ୍ଭବେ କି କ୍ଷତି
ତୁଚ୍ଛ ମସ୍ତ୍ର-ମାସ୍ତ୍ରେଣ୍ଡି, କି ଥିବେ ଭଲ
ତୁମ୍ଭ ଭଳି ଧର୍ମପ୍ରାଣ ସାଧୁ ପୁରୁଷର ?
ସତ୍ୟ ତୁମ୍ଭେ ସତ, ମାତ୍ର ମହା ଉଦାସୀନ;
ନିର୍ବାତ ବାରିଧି ଯଥା ପ୍ରଶାନ୍ତ ଉଦାର,
ନ ଥାଏ ତରଙ୍ଗକୁଳ-ଉଦ୍ଦଣ୍ଡ ତାଣ୍ଡବ,
ନ ଥାଏ ବ୍ରହ୍ମାଣ୍ଡ-ଖଣ୍ଡ-ବିଖଣ୍ଡ ଗର୍ଜନ,
କମ୍ପା ଲମ୍ଫଝମ୍ପ, ଥାଏ ମାତ୍ର ବକ୍ଷସ୍ଫୀତ

ଚନ୍ଦ୍ରିକା-ଜନକ, ତଥା ନାହିଁ ତବ କଣ୍ଠ
ସ୍ଫୁରିତ ରଞ୍ଜନ ବିନା ବାହ୍ୟ ଆଡ଼ମ୍ବର ।
ଅଭେଦ୍ୟ ରକ୍ଷା-କବଚ ଧାର୍ମିକ ଶରୀରେ
ସ୍ୱୟଂ ବସ୍ତୁତନ୍ତ୍ର, ଅତଃ କି କରିବ ତାର
ଛାର କ୍ଷୁଦ୍ରଧୀ ଯବନ, ପାପୀ ନରପଶୁ ।
ମଧୁପାନ ଆଶେ ଆସେ କୁସୁମଲମ୍ପଟ,
କେତକୀ ସକାଶେ, ମାତ୍ର ଲଭି ତୀକ୍ଷ୍ଣମୁଖ
କଣ୍ଟକ ଆଘାତ, ଯାଏ ଯଥା ଭୟେ ଉଡ଼ି,
ନ ଛୁଇଁ ସେ ଫୁଲେ, ତଥା ଜୀବନ ବ୍ୟାକୁଳେ
ଗଲେଣି ପଳାଇ ଦୁଷ୍ଟେ, ନ ଆସିବେ ଆଉ ।
ଆଶାସ୍ତୀ ଅନ୍ତରୁ ତାଙ୍କ ହୋଇଛି ଅନ୍ତର
ଦୁରାଶାର ସମ୍ମୋହନ କଳ୍ପନା-କୁହୁକ ।
ନାହିଁ ଆଉ ଶତ୍ରୁଭୀତି, ଅଶାନ୍ତ୍ୟୁପଦ୍ରବ,
ଘେନୁଛି ବିଦାୟ, ଯିବି ନିଜ ରାଜ୍ୟେ ଏବେ ।”
ଏହା କହି ବୈବାହିକେ ପ୍ରଣମି ବିନୟେ
ହେଲେ ଉକ୍ତ ରାଜସିଂହ, ପ୍ରଭାବତୀ ସହ,
ଭକ୍ତି ପ୍ରୀଣା ଯଥାବିଧି ପ୍ରଦାନ ମେଲେଣି
କନ୍ୟା ଜାମାତାଙ୍କୁ, ଯାଇ ସଙ୍ଗେ ଗଡ଼େ ଦୂର,
ଉଭୟେ ବାଟେଇ ଦେଇ ଆସିଲେ ବାହୁଡ଼ି ।

ଯଥାକାଳେ ମିବାରେଶ ହେଲେ ଉପସ୍ଥିତ
ନବୀନା ମହିଷୀସହ ଚିତୋର ଦୁର୍ଗରେ,
ହୋଇଥିଲା ଏଥିପୂର୍ବ୍ବେ ନଗର ମଣ୍ଡଣୀ,
ପଥପାର୍ଶ୍ୱେ ରମ୍ଭାତରୁ ରୋପିତ ସାରିକେ,
ବଦ୍ଧ ସ୍ୱର୍ଣ୍ଣ ପୁଷ୍ପହାର ବିଲମ୍ବିତ ଶାଖେ,
ଥରୁ ମୃଦୁବାତେ ସେହୁ, କରେ ଅନୁକୃତ
ତ୍ରିଦିବ-ଚନ୍ଦ୍ରିକା ରମ୍ଭା-ସୁରମ୍ୟ ନର୍ତ୍ତନ;
ଟଙ୍ଗା ତହିଁ ରକ୍ତ ପୀତ ଶ୍ୱେତ ନୀଳ ଆଦି
ଶବଳିତ ଓରମାଳମାଳ, ହେରି ତାହା,
ପ୍ରତେ ହୁଏ ବସିଛି କି ମହାପ୍ରଦର୍ଶନୀ,
ଶୋଭାସିନ୍ଧୁ-ଇନ୍ଦ୍ରଧନୁ ବର୍ଣ୍ଣବୈଭବର ।
ହର୍ମ୍ୟ ଦେବାଳୟଚୂଳେ ଉଡ଼େ ଶୁକ୍ଳ ଧ୍ୱଜା
କୁଟିଳ ଗତିରେ, ଆହା, ସନ୍ତରନ୍ତି ଅବା
ପୁଚ୍ଛ ଗୁଳ ମହାମୀନେ ଗଗନ-ସାଗରେ ।
ହୋଇଅଛି ସ୍ଥାନେ ସ୍ଥାନେ ତୋରଣ ରଚନା,
ଲିଖିତ ସ୍ୱାଗତ ଶ୍ଳୋକ ସ୍ୱର୍ଣ୍ଣାକ୍ଷରେ ତହିଁ ।
କାହିଁ ସ୍ତୁତେ ପଢ଼ୁଛନ୍ତି ବିଜୟ ଭଣିତା
ଉତ୍କଳିକ ଉଚ୍ଚସ୍ୱରେ, କାହିଁ ଦେବାଳୟେ
ବସି ତ୍ରିକାଳଜ୍ଞ ଦ୍ୱିଜ, ଦେଉଛନ୍ତି ଢାଳି
ବେଦର ଅମୃତଧାର, ଅପବର୍ଗମୟୀ ।
କାହିଁ ଧରି ଫରି ଖଣ୍ଡା କୁଢେ ଯୋଦ୍ଧବେ,
ଦେଖାନ୍ତି କୃତ୍ରିମ ରଣ, ବୀରନୃତ୍ୟ ରତ,
ଲଗିଅଛି ନୃତ୍ୟଗୀତ କାହିଁ ବା ଆଟୋପେ,
ମଧୁର ବାଦ୍ୟ ସହ, ବସିଛି ବା କାହିଁ
ଦାନର ବିପଣୀଶ୍ରେଣୀ, ଖାଦ୍ୟ, ବସ୍ତ୍ର, ଧନ,
ଯାହାର ଯା ଆବଶ୍ୟକ, ପାଉଛି ସେ ତାହା,
ଠାବେ ଠାବେ ଅନ୍ନସତ୍ର, ପୂର୍ଣ୍ଣ ଚତୁର୍ବିଧ
ଖାଦ୍ୟେ, ଅବାରିତ ଦୀନ ଅକ୍ଷମ ପକ୍ଷରେ,
ନାହିଁ ତହିଁ ଅନ୍ୟ କଥା, ଦିଅ ନିଅ ଛଡ଼ା ।
ବିଜୟ ଉତ୍ସବ ସହ ବିବାହ ଉତ୍ସବ
ମିଶି ମଧୁର ମିଳନେ, ହେଲା ମଧୁତର,
ସ୍ୱଭାବତଃ ଗାଭୀଦୁଗ୍ଧ ସୁରଭି ମଧୁର,
ଆଉର ସେ ହୁଏ ଯଦି ପୀୟୂଷ ପୁଟିତ,
ନ ବଢେ କି ବହୁଗୁଣ ମାଧୁରୀ ତାହାର ?
ଦୀପାଲୋକେ ସ୍ନାନ କରି ରାତ୍ରିରେ ନଗରୀ,
ଶୋଭିଲା ଚନ୍ଦ୍ରିକାଧୌତ ଅମରା ସଙ୍କାଶ,
ଲଗିଲା ସାଟୋପେ ଦାଣ୍ଡେ ବିବିଧ ପ୍ରେଷଣ,
ଗରଜିଲା ବାରୁଦଗୋଳା ଉଗାରି ଅନଳ
ଅଶନି-ନିଃସ୍ୱନେ, ନଭେ ଖେଳିଲା ହାବେଳୀ
[ବିନା ମେଘେ କୋଟି ବିଦ୍ୟୁ ଝଟକ ପ୍ରକାରେ]
ସର ସର ସ୍ୱରେ, ପୁଣି ଭଜିଲା ବିଳୟ
ଉଦୟ ଅବ୍ୟବହିତେ, ଅକ୍ଷମର ଆଶା
ଯଥା, କାହିଁ ଅବା ଚନ୍ଦ୍ରଉଡ଼ିଆ ତେଜରେ,
ହେଲା ନାହିଁ ବାରି ଦିବା କି ରଜନୀ, କିଛି,

ଯାହିଁ ସ୍ତୂପ ଭୂଇଁଚମ୍ପା ଅଶୋକ ପାଦପ,
ଝାଡ଼ିଲ ସ୍ଫୁଲିଙ୍ଗରାଶି, ଉଡ଼ିଲେ କି ଆହା
ଏକକାଳେ ଲକ୍ଷ ଲକ୍ଷ ସୁବର୍ଣ୍ଣ-ଖଦ୍ୟୋତ ।
ଯାହିଁ ଅବା ଚକ୍ରବାଣ ଘୂରିଲ ଘର୍ଘର
ଭୀମବେଗେ, ବହଳାଇ ଜାଳ, ସୌରକର,
ନିର୍ମାଣେ କି ଚିତ୍ରଚକ୍ର, ଶାଣଯନ୍ତ୍ରେ ଶାଣି ।
ଉଠିଲ ଆକାଶେ ବେଗେ ପ୍ରଦୀପବିମାନ, *
ବହୁ ପୁଣ୍ୟଶୀଳ ଆତ୍ମା ତେଜି ଦେହ-ଭାର
ମର୍ତ୍ତ୍ୟେ, ବସି ଜ୍ୟୋତିରୂପେ ଜ୍ୟୋତିର୍ମୟ ରଥେ,
ଗମନ୍ତି କି ମହାଜ୍ୟୋତି ମିଳନାଭିପ୍ରାୟେ ।
ଏରୂପେ ଆମୋଦବନ୍ତ ପ୍ରୀତି-ମହୋତ୍ସବ,
ଧରିଲ ଚକୋର ବକ୍ଷେ ସପ୍ତ ଦିବାନିଶି ।
ସରିଲ ବିବାହ ଶୁଭେ ଗାନ୍ଧର୍ବବିଧାନେ,
ସେ ବିବାହେ ପୁରୋହିତ ଦେବଙ୍କର ଦେବ,
ପରସ୍ପର ସମ୍ଭାଷଣ ବିବାହ ମନ୍ତ୍ର,
ବେଦୀ ହୃଦ, ସତ୍ୟ ମନ୍ତ୍ରପୂତ ଯଜ୍ଞାନଳ,
ଅନୁରାଗ ହସ୍ତଗ୍ରନ୍ଥି, ହାର ବିନିମୟ,—
ହେଲା ତହିଁ ଜୁଅଖେଳ ବରକନ୍ୟାଙ୍କର ।
ପଡ଼ିଗଲେ ପ୍ରଭାବତୀ ଅର୍ପି ପୁଷ୍ପମାଳା,
ଭାଷିଲ ବିନୟେ, "ଦେବ, ଶଳତା ଯେସନ
ଦଗ୍ଧ କରି ଆପଣାକୁ, ପ୍ରଦାନେ ଆଲୋକ
ଆନେ, କିମ୍ବା ଯଥା ଚନ୍ଦ୍ର ସହି ସୌରକର
ସୁପ୍ରଚଣ୍ଡ, ବିତରଇ ଜୀବନତୋଷିଣୀ
ଜ୍ୟୋତ୍ସ୍ନା, ତେସନ ହେ କାନ୍ତ, ସହି ଘୋର କ୍ଲେଶ
ତୁମ୍ଭେ, ଦେଲ ମୋତେ ସୁଖ, ତାର ପ୍ରତିଦାନେ
ଅର୍ପିଲି ନିଜକୁ ମୁହିଁ ତବ ପଦତଳେ;
ଖଟିବି ସେବିକାପଣେ ସଦା ଖଟଣୀରେ ।
ସତୀତ୍ୱ ଅକ୍ଷତ ରଖି ଆର୍ଯ୍ୟ ଅବଳାର
ଜାଳିଲ ଯେ କୀର୍ତ୍ତି-ଦୀପ, ସେ ଦୀପ ଆଲୋକ,
ନ ନିଭିବ, ସ୍ୱଜପୁତ-ହୃଦ-ନିକେତନୁ
ଥିବାଯାଏଁ ବର୍ଷି ସେତୁ, କରି ଦୃଢ଼ତର
ଜୀବନର ଭିତ୍ତିଭୂମି ନିର୍ମାଣିଲ ଯେଉଁ
ଅଭ୍ରଂଲିହ ଯଶ-ହର୍ମ୍ୟ, ତାର ରମ୍ୟ ଚୂଡ଼ା,
ଦିଶିବ ପ୍ରୋଜ୍ଜ୍ୱଳଭାବେ ବହୁ ଦୂରଯାଏଁ ।"
ଏ ବଚନ ଗୁଣାଙ୍କର ଶ୍ରୀମୁଖମଣ୍ଡଳେ
କଲା ବିକଶିତ ଆହା ତତ୍କାଳେ ବିଶେଷେ
ସ୍ୱାଭାବିକ ତେଜସ୍ୱିତା, ଶରଦୀପ୍ତି ସହ
ଅପରୂପ ମାଧୁରୀର ସ୍ନିଗ୍ଧ ସୁଧାସ୍ୱାଦ ।
କରି ସେ ବାହାର ତହୁଁ କଣ୍ଠୁ ରତ୍ନହାର,
ଦେଇ ତାହା କମ୍ବୁକଣ୍ଠୀ କଣ୍ଠରେ ଲମ୍ବାଇ,
କହିଲେ ସମ୍ବୋଧି "ପ୍ରିୟେ ତୁମ୍ଭେ ତ ସେବିକା,
ତେବେ ପାଟରାଣୀ କିଏ ? ଲଭି ତୁମ୍ଭ ପରି
ଗୁଣବତୀ ପତ୍ନୀରତ୍ନ ମଣିଛି ନିଜକୁ
ଭାଗ୍ୟବାନ ମୁହିଁ, ଏହା ସତ୍ୟ ଧ୍ରୁବ ବାଣୀ
ଧନ୍ୟ ତୁମ୍ଭ ପାତିବ୍ରତ୍ୟ ନମସ୍କରଣୀୟ,
କଲ ତୁଚ୍ଛ ଜ୍ଞାନ ଯେହୁ ସମ୍ରାଟ ବିଭବେ
ଘୃଣାଭରେ, ନୁହେଁ ତାହା ସାମାନ୍ୟ ସମ୍ପଦ,
ସେ ମହାସମ୍ପଦ, ଦେବି, ତବ କରଗତ ।
ରମଣୀ ସତୀତ୍ୱ-ନିଧି, ନୁହେଁ କାମୁକର
କ୍ରୀଡ଼ାର ସାମଗ୍ରୀ, କିଏ ହରିପାରେ ତାହା ?
କେଉଁ ଚୋର ଚୋରିକରି ପାରିବ ବିଦ୍ୟାକୁ ?
ଅଚୌର୍ଯ୍ୟାପହାର୍ଯ୍ୟ ତାହା, ଦୁର୍ଲଭୁଁ ଦୁର୍ଲଭ ।
ରଖିଲ ତୁମ୍ଭର ଧୈର୍ଯ୍ୟ ତୁମ୍ଭଙ୍କୁ ସଙ୍କଟେ,
ଧୈର୍ଯ୍ୟଶୀଳେ, ଅଧୀର କି ଲଭିପାରେ କେବେ
ଅଭୀଷ୍ଟ ? ତାହା ତ ତାକୁ ନିଷିଦ୍ଧ ସର୍ବଥା ।
ବୀରନାରୀ ତୁମ୍ଭେ, ତେଣୁ ବିଷମ ବିପଦେ
ଆଚରିଲ ବୀରପଣ୍ଠା, ନ ବହିଲ ଭୀତି,
ହୋଇଣ ଅଧିକାରିଣୀ ମୁକ୍ତା ପତିବ୍ରତେ,
ସ୍ୱଭାବ-ନୈର୍ମଲ୍ୟମୟ ଅଙ୍ଗନା-ହୃଦର,

* ପ୍ରଚଳିତ ନାମ ଫାନସ ।

କଠୋରତା ସହିଷ୍ଣୁତା ଆଦି ନାନାଗୁଣେ
ଅତି ଶିକ୍ଷାସ୍ଥଳ ତୁମ୍ଭେ, ତେଜସ୍ୱୀ ବୀରର ।
ଆର୍ଦ୍ରୀଭୂତ ହୁଅ ତବ ଯେସନ ସତତ
ମଧୁରତା, ସ୍ନିଗ୍ଧତାରେ, ବାମାଙ୍କଉଚିତ,
ତେସନ ଅଟଳ, ଧୈର୍ଯ୍ୟ, ଦୃଢ଼-ସ୍ତବ୍ଧତାରେ,
ତରେ ଯିବା ପ୍ରକୃତିରୁ ସ୍ପଷ୍ଟତା ଉନ୍ନତ ।
ହେଲେହେଁ ଜୀବନ ତବ ଗଢ଼ା ବର୍ତ୍ତନେ,
ସତୀତ୍ୱ-ପୁଣ୍ୟ-ମୟୂଖ-ଅକ୍ଷୟ-ଦୀପ୍ତିରେ,
ତର-ସୁଶୀତଳ ତାହା, ଆଦର୍ଶ, ଶଂସିତ,
ତୁମ୍ଭ ପରି ସୁଧାର୍ମିକା ଜନନ୍ତି ଯେ ଦେଶେ,
ଉଦେ ହୁଏ ସେ ଦେଶରେ ଧର୍ମ ଷୋଳକଳା,
ପ୍ରଜ୍ଞାବନ୍ତ, ଶୋଭାବତୀ, ମହାପ୍ରଜ୍ଞାବତୀ
ତୁମ୍ଭେ,—ଗୁଣବତୀ, ତବ ଭଳି ନାରୀ-ରମା
ଯେ ଗୃହେ ଗୃହିଣୀ, ତାହା ମହାଦେବାଳୟ,
କୋଟି-ସ୍ୱର୍ଗସୁଖୁଁ ବଳେ ସେ ଗୃହର ସୁଖ ।
ବରିଲି ତୁମ୍ଭଙ୍କୁ ମୁହିଁ ଧର୍ମପତ୍ନୀରୂପେ,
ଆଜଠାରୁ ହେଲ ତୁମ୍ଭେ ପାଟେଶ୍ୱରୀ ମୋର,
ଯୋଗ୍ୟ ଜୀବନ-ସଙ୍ଗିନୀ,ସୁଖେ ଦୁଃଖେ ସଦା,”
ଏହା ଭାଷି ରାଣା, ଧରି ପ୍ରଜ୍ଞାବତୀ କର,
ବିଜେ ହେଲେ ଅନ୍ତଃପୁରେ,ଚନ୍ଦ୍ର,ଜ୍ୟୋତ୍ସ୍ନା ପ୍ରାୟ ।

# ଶ୍ରୀକୃଷ୍ଣ-ପ୍ରେମିକା

# ଉପହାର

ଯୋଗଜନ୍ମା ନୀଳମଣି ହେ ଆର୍ଯ୍ୟ-କେଶରୀ,
କେଉଁ ଧନୀ ମହାଧନୀ ତୁମ୍ଭଙ୍କୁ ହେ ସରି !
ସତ ସତ ଅଟ ତୁମ୍ଭେ ଗର୍ବବର ପୁଅ,
ମାତ୍ର ତବ ହୃଦେ ବହେ ଦେଶୋନ୍ନତି ସୁଅ ।
ଧନେ ମାନେ ବଡ଼ଲୋକ ଅଛନ୍ତି ଅନେକ,
କୋଟିକେ ଦୁର୍ଲ୍ଲଭ, ମନେ ବଡ଼ଲୋକ ଏକ ।

ଥାଏ ନାହିଁ ମୁକ୍ତାଫଳ ସବୁ ଗଜଶିରେ,
ନ ମିଳେ କସ୍ତୁରୀ ସର୍ବ କୁରଙ୍ଗ ନାଭିରେ ।
ଉତ୍କଳର ଛିନ୍ନ ଅଙ୍ଗ ସଂଯୋଗକରଣେ,
ନିଯୁକ୍ତ ସତତ ତୁମ୍ଭେ କାଯ୍ୟ-ବାକ୍ୟମନେ ।
ଚାହିଁଛି ଉତ୍କଳ-ମାତା ତୁମ୍ଭର ବଦନ
ତୁମ୍ଭେ ତାର ଅନ୍ୟତମ ଗର୍ବ-ଗଣ୍ଠିଧନ ।

ସାଧୁଅଛ ଦେଶୋନ୍ନତି, କଷ୍ଟ ସହି ଶିରେ,
ହେଉଛି ନିର୍ମିତ ବଜ୍ର ଦଧୀଚି ଅସ୍ଥିରେ ।
ଅଟ ଭାଇ ତୁମ୍ଭେ ମୋର ଉନ୍ନତି କାରଣ,
ତୁମ୍ଭର ଉତ୍ସାହେ ମୋର କବିତା—ସ୍ଫୁରଣ ।
ତେଣୁ ତୁମ୍ଭଠାରେ ଶ୍ରଦ୍ଧା ଭକ୍ତି କୃତଜ୍ଞତା,
ପ୍ରଦର୍ଶନ ଅଟେ ମୋର କର୍ତ୍ତବ୍ୟ ସର୍ବଥା ।

ସେ କର୍ତ୍ତବ୍ୟେ ପ୍ରଣୋଦିତ ହୋଇ ବାରମ୍ବାର,
"ପ୍ରକୃତି-ପେଟିକା" ଦେଲି ପ୍ରୀତି-ଉପହାର ।
ଏ ପ୍ରୀତି-ପଦକ ଭାଇ ଘେନ ହେ ବକ୍ଷରେ,
ଏଥୁଁ ବଳି କି ସମ୍ଭବେ ଅତୁଳ ପକ୍ଷରେ ।

ବୃହତ୍‌ଖେମଣ୍ଡୀ
ଗଞ୍ଜାମ
୨୪।୧୦।୧୦

ଆପଣଙ୍କର
ସ୍ନେହ-ସୌଜନ୍ୟ-ମୁଗ୍ଧ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ପ୍ରକୃତି ପେଟିକା

ବିଦିତ ଖେମଣ୍ଡୀ ରାଜ୍ୟ ପବିତ୍ର ଗଞ୍ଜାମେ,
ସୁରମ୍ୟା ଅମରା ଯଥା ଶୋଭେ ସୁରଧାମେ ।
ଅମରର ଅଳଙ୍କାର ଯେସନ ଇନ୍ଦ୍ରାଣୀ,
ତେସନ ଦିଗପହଣ୍ଡୀ ତାର ରାଜଧାନୀ ।
ଚୌଦିଗେ ସୁନୀଳ ଗିରି-ମେଖଳା ସେ ଧରେ,
କିବା ସେ କନକ ଲଙ୍କା ସାଗର-ବକ୍ଷରେ ।
ଅବା ଶରଦଭ୍ର ଶଶୀ, ସ୍ୱଚ୍ଛ-ଖଦ୍ୟୋତକ,
ଅଥବା ଅନନ୍ତ ବକ୍ଷେ କୌସ୍ତୁଭ ପଦକ ।
ତହିଁରେ ପ୍ରକୃତି-ରାଣୀ ପ୍ରଶାନ୍ତ ପାବନୀ,
ବସାଇଅଛନ୍ତି ବହୁ ଶୋଭାର ବିପଣୀ ।
ମନୋରମା ସେ ସୁଷମା କଳିବ ବା କିଏ,
ଖସିଟଳିଛି କି ସ୍ୱର୍ଗୁ ଦେବକନ୍ୟାଟିଏ ।
ଦେଉଳମାଳିନୀ ସେହୁ ହର୍ମ୍ୟ-କିରୀଟିନୀ,
ନଗରୀ-ସୀମନ୍ତମଣି ଚିର ଯଶସ୍ୱିନୀ ।
ଜାହ୍ନବୀ-ବଂଶୀୟ ନୃପେ ସଦା ସୁପାଳିତ,
ତେଣୁ ସେ ଜାହ୍ନବୀ ସମ ପବିତ୍ର ପୂଜିତ ।
ଦାନର ମହିମା କିଏ କରିବ କଳନା ,
ସେ ମହତ୍ତ୍ୱେ ଆନ ସହ ତୁଳନା ଅଲଣା ।
କମଳା ବିଳାସ ସ୍ଥଳୀ ବାଗ୍‌ଦେବୀ ମଣ୍ଡପ,
ପୁଣ୍ୟ ପୂତତୀର୍ଥ, ଏହା ନୁହେଁ ମିଥ୍ୟା ଗପ ।
କୂର୍ମଉର ମତ ପ୍ରାୟ କୁଟିଳ ଗତିରେ,
ବହେ ଅଶ୍ୱକୁଲ୍ୟା ନଦୀ ଯାମ୍ୟୋତରେ ଧୀରେ ।

କଳ କଳ ଛଳେ ଭବେ କିଏ ତତ୍ତ୍ୱ ବାଣୀ,
ଖେମଣ୍ଡୀ ରାଜ୍ୟର ସେହୁ ନିସର୍ଗ ପରିଖା ।
ସ୍ପର୍ଶମଣି ପ୍ରାୟ ତାର ପାପହର ପାଣି,
ଖେମଣ୍ଡୀ ମୃତ୍ତିକା ତାହା ଯୋଗୁଁ ବାରବାଣୀ ।
ପଶ୍ଚିମେ ଶୃଙ୍ଗଣ୍ଡଦେଈ ଭୀମ ସାନୁମାନ,
ଶୃଙ୍ଗଣ୍ଡଦେଈଙ୍କ ପ୍ରିୟ ଅଧିଷ୍ଠାନ ସ୍ଥାନ ।
ଇନ୍ଦୀବରନନ୍ଦୀ ନୀଳ ଦିଶେ ସୁରୁ ଶିରୀ,
ଦିଶେ ଯଥା ମାରୁତଣ୍ଡ ଶୃଙ୍ଗୁଣ୍ଡ ସେ ଗିରି ।
ସୁବିଶାଳ ଖଣ୍ଡୋପଳେ ବନ୍ଧୁର ସେ ନଗ,
କରନ୍ତି ମୁଖର ତାକୁ ବିବିଧ ବିହଗ ।
ସୃଷ୍ଟିକାନ୍ତି ଉପୁଜାଇ ପବନର ଭ୍ରମ,
ଉଭା ସେ ବିଶାଳ ଶିଳା ଉପଗିରି ସମ ।
ଗାଆନ୍ତି ସତତ ଗୀତ ସେ ପର୍ବତେ ଟିଆ,
ତଦାଗତ ଋକ୍ଷବ୍ୟାଘ୍ର ବୁଲନ୍ତି ଭୁଷିଆ ।
ଝର ଝରେ ଝରେ ତହୁଁ କେତେକ ନିର୍ଝର,
ପ୍ରକ୍ଷାଳି ଶୃଙ୍ଗଣ୍ଡଦେଈ ପଙ୍କଜ-ଚାମ୍ୱର ।
ତଳକୁ ସେ ଝର ଆସେ ସ୍ରୋତରୂପେ ବହି,
ଗିରିଟିଙ୍କ ଓଢ଼ଣୀଏ କି ରୁଦ୍ରବାୟୁ ଅହି ।
ଧରିଛି ଶରୀରେ ବହୁ ଗୁମ୍ଫା ଧରାଧର,
ପ୍ରକୃତି-ରାଣୀର ଏ ସେ ଗୁପ୍ତ ଗର୍ଭାଗାର ।
ଭେଷଜ ପତ୍ରଏ କେତେ କେତେ ମହୌଷଧି,
ସମ୍ଭାରି ରଖିଛି ଦେହେଁ ନାହିଁ ତା ଅବଧି ।

ଚୂଡ଼େ ଶୋଭେ ଦେବାଳୟ ଦିବ୍ୟ ପୁଣ୍ୟପୀଠ,
ପିନ୍ଧିଛୁ କି ଶିରେ ଶୁଭ୍ର ହୀରକ କିରୀଟ ।
ନିର୍ଜନ ପ୍ରଦେଶ ଯୋଗୀ ଭକ୍ତଙ୍କ ବାଞ୍ଛିତ,
ଭବ-କୋଳାହଳ ତହିଁ ନ ପଶେ କିଞ୍ଚିତ ।
ମହାଶାନ୍ତି-ମନ୍ତ୍ର ତହିଁ ସଦା ଝଙ୍କୃତା,
ପ୍ରକୃରେ ଖେଳୁଛ କଣ୍ଠେ ନୀରବେ ସର୍ବଥା ।
ଭୁଲାଏ ଯୋଗୀଙ୍କୁ ଯୋଗ-ସାଗରେ ସେ ସ୍ଥାନ,
ଭକ୍ତଙ୍କୁ କରଏ ଭାବ-ଜଳେ ମଜ୍ଜମାନ ।
ଅତ୍ୟଦ୍ଭୁତ ଅପାର୍ଥିବ ସେ ସ୍ଥାନ ପ୍ରଭାବ,
ଆଣି ମନେ ତତ୍ତ୍ୱଚିନ୍ତା ତତ୍ତ୍ୱ ଦ୍ୱୈଧଭାବ ।
ନିରେଖିଲେ ଅଧୋଦେଶେ ସେ ସ୍ଥାନରେ ଥାଇ,
ତଳ ବସ୍ତୁ ଅସମାନ ଦେଖାଯାଏ ନାହିଁ ।
ସଙ୍କେତେ କି କରେ ସେହୁ ଏ ତତ୍ତ୍ୱ ପ୍ରଚୁର,
ଯାଇଁ ବ୍ରହ୍ମଯାଏଁ ଭବେ ସର୍ବେ ଏକାକାର ।
ଗୁହା ପରେ ଗୁହା ତାହା ପରେ ଗୁହା ପୁଣି,
ଗୁହାମୟ ସେ ପର୍ବତ ସ୍ୱର୍ଗର ନିଶ୍ରେଣି ।
ସେ ଗୁହାରେ ପ୍ରବେଶିଣ ବସନ୍ତ ପବନ,
ଉଠାଏ ପ୍ରଥୁଳତର ଶତ ବଂଶୀ ସ୍ୱନ ।
ଆହା ସେ ମଧୁର ସ୍ୱର ଛଣାସୁଧା ଜଣା,
ସାରସ୍ୱତ କୁଞ୍ଜେ କିବା ବାଜୁଅଛି ବୀଣା;
ଧନ୍ୟ ସେ ଶାଶ୍ୱତ ଗିରି ଶତ ବଦନରେ,
ଗଜପତି ନୃପତିଙ୍କ ଜୟଧ୍ୱନି କରେ ।
ଦେବ-ବାସଯୋଗ୍ୟ ଗିରି ଅତୀବ ପବିତ୍ର
ପବିତ୍ର ଗଞ୍ଜାମ ଧାମେ ଅନ୍ୟତମ ତୀର୍ଥ ।
ଧନ୍ୟ ଗଙ୍ଗବଂଶୀ ରାଜା ଖେମଣ୍ଡି-ମଣ୍ଡନ,
ତାଙ୍କ ରାଜ୍ୟେ ସ୍ଥିତ ଏହି ତୀର୍ଥ ସନାତନ ।
ନ ଥାଉ ପଛକେ ରାଜ୍ୟେ ଶନ୍ୟଗୋବର୍ଦ୍ଧନ,
ନ ଥାଉ ମୈନାକ ଗିରି ଅବା ମେଘାସନ ।
ମାତ୍ର ଅଛୁ ଯେଉଁ କ୍ଷୁଦ୍ର ପର୍ବତଖଣ୍ଡକ,
ନିଶ୍ଚେ ତାହା ଖେମଣ୍ଡିର ଗୌରବ-ପଦକ ।
ଶୁଣ ରେ ଶୃଙ୍ଗୁଣ୍ଡିଗିରି ମୋ ଭବିଷ୍ୟ ବାଣୀ,
ଅବନତି-କାଳ-ସ୍ରୋତ ପାଖ ଆସିଲାଣି ।

ଖେମଣ୍ଡିର ବର୍ତ୍ତମାନ ଯୋଗଜନ୍ମା ରାଜା,
ବାଞ୍ଛୁଛି ଉତ୍କଳେ ଯାଙ୍କ ନାମେ ଉଡ଼େ ବାଜା,
ଭରିଲେଣି ଉନ୍ନତିର ନବରତ୍ନ ସମ,
ଯଥା ହୁଏ ଖେମଣ୍ଡିରୁ ଅବନତି-ତମ ।
ଦେଶବ୍ୟାପୀ ତାହାଙ୍କର ସୁକୀର୍ତ୍ତି ପୌରୁଷ,
ଦାନଜଳେ ଆର୍ଦ୍ର ସଦା ଦକ୍ଷିଣ ଗଣ୍ଡୂଷ ।
ବହୁଦେଶାଗତ ବହୁ ସୁକବି ପଣ୍ଡିତ,
ହେଉଛନ୍ତି ନିତ୍ୟ ତାଙ୍କ ରାଜ୍ୟେ ସୁପୂଜିତ ।
ଗାଇବେ ସେମାନେ ତୋର ଗୁଣଗର୍ବ ଗୀତ,
ଧାଇଁବେ ତା ଶୁଣି ଜନେ ହୋଇ ହୃଷ୍ଟଚିତ୍ତ ।
ପୂଜିବେ ତୋତେ ରେ ଗିରି ମଣି ତୀର୍ଥସାର
ପଡ଼ିବ ପ୍ରସିଦ୍ଧି ଗ୍ରନ୍ଥେ ତୋହ ନାମେ ଗାର ।”
ବକ୍ଷେ ବୈଜୟନ୍ତୀମାଳ ଯାମ୍ୟେ ସ୍ତରେ ସ୍ତରେ,
ତ୍ରିବଳୀ ରଚା କି ତାହା ଦିଗ-ଲଲାଟରେ ।
ପ୍ରାଚୀଦିଗେ ସୁଭା ସେହି ଅଭ୍ରଂକଷ ଗିରି,
ବିସ୍ତାରିଛି ରମଣୀୟ ଭୟଙ୍କର ଶିରୀ ।
ପୌରାଣିକ ପର୍ବତ ସେ ଅମର-ନିବାସ,
ଅଙ୍କିତ ତା ଦେହେ କେତେ ବିଶ୍ୱ-ଇତିହାସ ।
ପଶୁପକ୍ଷି-ମହାବଳ-ଶାର୍ଦ୍ଦୂଳସଙ୍କୁଳ,
ଘନ ବନସ୍ପତିପୂର୍ଣ୍ଣ ସୁନୀଳ ଚଟୁଳ,
ଝିଲ୍ଲି ଝଙ୍କାରିତ ସଦା ଝର-ଝର୍ଝରିତ
ବନବନ୍ୟ-ପକ୍ଷିକୁଳ ଗାବନ୍ତି ସଙ୍ଗୀତ ।
ମାଡ଼ିଅଛି ତରୁଶାଖେ ବିବିଧ ବଲ୍ଲରୀ,
ଫୁଟିଅଛି ନାନାଫୁଲ—କାନନ ସୁନ୍ଦରୀ ।
ହେରିଲେ ସେ ଗିରିବନେ ଶାନ୍ତ ହୁଏ ମନ,
ସତ୍ପ୍ରସଙ୍ଗପରାୟଣ ପୁଣି ସତ୍ପ୍ରବଣ ।
ପୁରାଣ-ପ୍ରଥିତ ଏହି ପୂତ ଗିରିବର,
ତତ୍ତ୍ୱଦର୍ଶୀ ନେତ୍ରେ ମହାତତ୍ତ୍ୱର ଆକର ।
ଅଜ୍ଞାନ ମଣଇ ସିନା କେବଳ ପଥର,
ତେଣୁ ହେୟ ଜ୍ଞାନେ ତାକୁ ନ କରେ ଆଦର ।
ନ କରୁ ଆଦର ପଚ୍ଛେ ହୀନ ଜ୍ଞାନହତ,
ମାତ୍ର ଯେ ମହତ ସେହୁ ସତତ ମହତ ।

କପିଳେନ୍ଦ୍ର ଦେବ ନାମେ ଉତ୍କଳ ସମ୍ରାଟ,
ବସାଇଲେ ଉତ୍କଳରେ ପୁଣ୍ୟକୀର୍ତ୍ତିହାଟ ।
ତାହାଙ୍କର ଅଷ୍ଟାଦଶ ପୁତ୍ର ମଧ୍ୟୁ ଜଣେ,
ବସାଇଲେ ଏ ଖେମଣ୍ଡୀ ରାଜ୍ୟ ଶୁଭକ୍ଷଣେ ।
ଭାଗୀରଥୀ ବଂଶଧର ସେ ନୃପ-ନନ୍ଦନ,
ଗଜପତି ଆଖ୍ୟା ଧରି କଲେ ଭୂ-ପାଳନ ।
ଘେନିଯାନ୍ତେ ଯଥାକାଳେ ସେ ଭୂପାଳେ କାଳ,
ଅଭିଷିକ୍ତ ହେଲେ ରାଜ୍ୟେ ତାହାଙ୍କ ଦୁଲାଳ ।
ଏହି କ୍ରମେ କେତେ ଜଣ କଲେ ରାଜପଣ,
ପରେ ରାଜା ହେଲେ ବୀର ଲକ୍ଷ୍ମୀନାରାୟଣ ।
ପରମ ପଣ୍ଡିତ ସେହୁ ଗୁଣ-ବିଚକ୍ଷଣ,
ନ୍ୟାୟେ ଧର୍ମେ କଲେ ରାଜ୍ୟ ଶାସନ ପାଳନ ।
ପ୍ରଜାସୁଖ-ବର୍ଦ୍ଧକ ସେ ଦାତା ସଦାଶୟ,
ଖୋଳାଇଲେ ସ୍ଥାନେ ସ୍ଥାନେ ରାଜ୍ୟେ ଜଳାଶୟ ।
ତୋଳାଇଲେ ଗୁରୁଦାରୁ-ଶରୀ ଧ୍ୱଜବାନ—
ସୁନ୍ଦର ମନ୍ଦିର କେତେ ମନ୍ଦର ସମାନ ।
ବାହାରେ ନୃପତି ସେହୁ, ବ୍ୟବହାରେ ଯତି,
ସତ୍ୟଶୀଳ ଦୟାଶୀଳ ଦେବଭକ୍ତ ଅତି ।
ଇଷ୍ଟଦେବ ରାଧାକୃଷ୍ଣ ସେବାରେ ସତତ
କାୟମନୋବାକ୍ୟ ସହ ଥିଲେ ସେ ରତ ।
କ୍ଷତ୍ରିୟ-ସୁଲଭ ଶୌର୍ଯ୍ୟ ସତ୍ତ୍ୱେ ସେ ରାଜନ,
କରୁଥିଲେ ମନେ ପ୍ରାଣେ କ୍ଷମା ଆଚରଣ ।
କ୍ଷମା ଥିବା ଈଶ୍ୱରର ପ୍ରଗୌରବ ଭୂଷା,
ପ୍ରାଚୀଦିଗ୍ ଯୋଷାର ଯଥା ଶୋଷା-ଭୂଷା ଊଷା ।
କଲେକ ଅନେକ ସେହୁ ଶାସନ ପ୍ରତିଷ୍ଠା,
ଦେବ ଗୁରୁ ଦ୍ୱିଜେ ତାଙ୍କ ଥିଲା ଭକ୍ତିନିଷ୍ଠା ।
ନ ଥିଲେ ସେ ବଡ଼ ଶାଳି କୁଳେ ମାନେ ଧନେ,
ଥିଲେ ସୁଦ୍ଧା ସେ ମହାତ୍ମା ବଡ଼ ଅତି ମନେ ।
ମନର ମହତ୍ତ୍ୱ, ଏହା ପ୍ରକୃତ ମହତ୍ତ୍ୱ,
ମନସ୍ୱୀ ବ୍ୟତୀତ କିଏ ବୁଝିବ ଏ ତତ୍ତ୍ୱ ।
ଅଶ୍ୱ ଗାଭୀ ରତ୍ନ ଧନ ବସ୍ତ୍ର ଭୂସମ୍ପତ୍ତି,
ଅକାତରେ କରୁଥିଲେ ଦାନ ସେ ନୃପତି ।

କେବଳ ଦାନରେ ସେଏ ଲଭୁଥିଲେ ତୋଷ,
ଦରିଦ୍ରଙ୍କ ପାଇଁ ମୁକ୍ତ ଥିଲା ରାଜକୋଷ ।
ତାଙ୍କ ଦାନଧର୍ମବଳେ ତାଙ୍କ ଅଧିକାରେ,
ରହୁଥିଲେ ନାହିଁ ଦୀନଦୁଃଖୀ ଅନାହାରେ ।
ରାଜନୀତି ଆଦି ସର୍ବ ନୀତି-ସୁନିପୁଣ,
ଆଶ୍ରିଥିଲେ ତାଙ୍କୁ ଦେବ-ଦୁର୍ଲ୍ଲଭ ସଦ୍‌ଗୁଣ ।
କର୍ମବୀର, କର୍ମେ ତାଙ୍କ ନ ଥିଲା ବିଶ୍ରାମ,
ମାତ୍ର ନ ଧରନ୍ତି ମନେ ଅଭିମାନ ନାମ ।
କର୍ମକ୍ଷେତ୍ରେ କରୁଥିଲେ ଯେ କର୍ମ ସାଧନ,
କରୁଥିଲେ ରାଧାକୃଷ୍ଣେ ତାହା ସମର୍ପଣ ।
କୀର୍ତ୍ତି-କଳ୍ପତରୁ ସେହି ନରବରଙ୍କର,
ବେନି ରାଣୀ ଗର୍ଭୁ ଜାତ ଗୁରେଟି କୁମର ।
ଦିବ୍ୟସିଂହ ଦେବ ତାଙ୍କ ପ୍ରଥମ ସନ୍ତତି,
ଭୂସ୍ୱର୍ଗ-ନୀଳାଦ୍ରି ଧାମେ ହେଲେ ଛତ୍ରପତି ।
ଦ୍ୱିତୀୟ ଶ୍ରୀ ରାଧାକୃଷ୍ଣ ସୁନୀତି-ପଣ୍ଡିତ,
ଅକାଳରେ ହେଲେ ଆହା କାଳ-କବଳିତ ।
ଶ୍ରୀ ବ୍ରଜକିଶୋର ଦେବ ତୃତୀୟ କୁମର
ସାନଖେମଣ୍ଡୀମଣ୍ଡଳେ ହେଲେ ଦଣ୍ଡଧର ।
କନିଷ୍ଠ ଶ୍ରୀ ଗଜପତି କୃପାମୟ ଦେବ
ନୁହନ୍ତି ସେ ନର—ନରେ କୃପାମୟ ଦେବ ।
ସମ୍ପ୍ରତି ସେ ପୁଣ୍ୟଶ୍ଳୋକ, ବୃହତ ଖେମଣ୍ଡୀ—
ରାଜସିଂହାସନ ମୁଦେ ଅଛନ୍ତି ବିମଣ୍ଡି ।
ଦୟା-କ୍ଷମା-ପ୍ରୀତି-ନତି-ଶାନ୍ତି-ସୌଜନ୍ୟାଦି,
ଅଗ୍ରାମ୍ୟ ଭୂଷଣେ ଛନ୍ତି ଶ୍ରୀଅଙ୍ଗ ଆଚ୍ଛାଦି ।
ସାହିତ୍ୟପ୍ରେମିକ ଯେଣୁ, ତେଣୁ ନିତ୍ୟ ନିତ୍ୟ
କରୁଛନ୍ତି ଚର୍ଚ୍ଚା ନବ ନବ ସୁସାହିତ୍ୟ ।
ନବୀନ ପ୍ରାଚୀନ ଗ୍ରନ୍ଥ ଆଲୋଚନା ଫଳେ,
ବାମଣ୍ଡା ସମାନ ଦିଗପଦର୍ଶି ଉତ୍କଳେ ।
ସ୍ୱଦେଶୀ ବିଦେଶାଗତ କବିପଣ୍ଡିତରେ,
ରାଜସଭା ପରିପୂର୍ଣ୍ଣ ଥାଏ ନିରନ୍ତରେ ।
ଗୁଣଗ୍ରାହୀ ନରସାଇଁ ବୀର କୃପାମୟ,
କବିପଣ୍ଡିତଙ୍କ ସେହୁ ମହତ ଆଶ୍ରୟ ।

ନିତ୍ୟ କେତେ କେତେ ପ୍ରାଜ୍ଞ କବି-ଗ୍ରନ୍ଥକାର,
ଲଭନ୍ତି ତାହାଙ୍କ ପାଶୁଁ ଯୋଗ୍ୟ ପୁରସ୍କାର ।
କେହି ଲଭେ ପଦ କେହି ଲଭେ ବା ପଦକ
କେହି ପଟ୍ଟବସ୍ତ୍ର, କେହି କନକ-କଟକ । *
"ସଙ୍ଗୀତ-ମକରନ୍ଦ"ର ମକରନ୍ଦ ପାନେ,
ଚହ୍ଲିଲ୍ ସେ କଳକଣ୍ଠ ପିକ କାବ୍ୟୋଦ୍ୟାନେ ।
"ପ୍ରକୃତି-ବିନୋଦ" ଆଖ୍ୟା ସାର୍ଥକ ତାଙ୍କର,
ଗୁରୁଭକ୍ତି ଗୁଣେ ସେହୁ ତାଙ୍କୁ ପଟାନ୍ତର ।
ଧର୍ମ ପାଳନେ ସେ ନୃପ ଧର୍ମର ଦାୟାଦ,
କରନ୍ତି ସତତ ଧ୍ୟାନ ଇଷ୍ଟଦେବ ପାଦ ।
ପାଳନ୍ତି ସେ ଯଥାଶାସ୍ତ୍ର ବ୍ରତ ଉପବାସ,
ସଂସାରରେ ବାହ୍ୟେ ଲିପ୍ତ ଅନ୍ତରେ ଉଦାସ ।
ହୋମଧୂମେ ଆମୋଦିତ ସତତ ନବର,
ମୁଖର ଉତ୍ସର୍ଗ ମନ୍ତ୍ରେ ପ୍ରାଙ୍ଗଣ ତାଙ୍କର ।
ଅନାଥ-ପାଳନ ତାଙ୍କ ଅନ୍ୟତମ ବ୍ରତ,
ପ୍ରଶଂସ୍ୟ ସେ ବ୍ରତ ଅଟେ ପବିତ୍ର ମହତ ।
ଅତିଥି ବ୍ରାହ୍ମଣ ସେବା, ଜପ ହୋମ, ଦାନ,
ଏ ସକଳ ତାହାଙ୍କର ଦୈନିକ ବିଧାନ ।
ସକଳ ଉନ୍ନତି ମୂଳ କୃଷିର ଉନ୍ନତି,
ବୁଝିଛନ୍ତି ହୃଦେ ଏହା ସେ ବିଜ୍ଞ ନୃପତି ।
ରାଜ୍ୟରେ ଆଦର୍ଶ କ୍ଷେତ୍ର ଅଛି କେତେ ସ୍ଥାନେ
ଶିଖନ୍ତି ସହଜେ କୃଷିବିଦ୍ୟା ପ୍ରଜାମାନେ ।
ଅନାବୃଷ୍ଟି ଉପଦ୍ରବୁ ଶସ୍ୟରକ୍ଷା ପାଇଁ
ଖୋଳାଇଲେ ବହୁ ଜଳୀ ରାଜ୍ୟେ ନରସାଇଁ ।
ଅର୍ଥକାରୀ ଶ୍ରମଶିଳ୍ପ ଅନ୍ତବାଣିଜ୍ୟର—
ପ୍ରବୃଦ୍ଧିରେ ଅଛି ତାଙ୍କ ଦୃଷ୍ଟି ନିରନ୍ତର ।
ଶିକ୍ଷାକାର୍ଯ୍ୟେ ମୁକ୍ତହସ୍ତ ଦେବ କୃପାମୟ
କରୁଛନ୍ତି ଛାତ୍ରବୃତ୍ତି ଦାନେ ବହୁ ବ୍ୟୟ ।
ସେ ବୃତ୍ତିବଳରେ କେତେ ଦରିଦ୍ର ସନ୍ତାନ
ହେଉଛନ୍ତି ସୁବିଦ୍ୱାନ ମାନ୍ୟ ଧନବାନ ।

ସ୍ୱରାଜ୍ୟରେ ବହୁ ସ୍ଥାନେ ସ୍ଥାପି ଶିକ୍ଷାଗାର
ଉଦ୍‌ଘାଟିଲେ ପ୍ରଜାଙ୍କର ଉନ୍ନତିର ଦ୍ୱାର ।
ପରମ ଗୌରବମୟୀ ଦେବଭାଷା ପ୍ରତି,
ଅଛି ତାଙ୍କ ସମାଦର ପୁଣି ଆସ୍ଥା ଅତି ।
ରାଜ୍ୟେ ସ୍ଥାପି ଚତୁଷ୍ପାଠୀ ସଂସ୍କୃତ ଶିକ୍ଷାର
ପ୍ରବୃଦ୍ଧିରେ ଅର୍ଥବ୍ୟୟ କରନ୍ତି ଅପାର ।
ସୁନିୟମେ ରାଜ୍ୟ ସ୍ୱୟେ କରନ୍ତି ପାଳନ,
ଘେନିଣ ସୁମନ୍ତ୍ରୀ ମିତ୍ର ପାରିଷଦଗଣ ।
ଆନ ପ୍ରତି ରାଜକାର୍ଯ୍ୟେ ନ କରି ନିର୍ଭର,
ତନ୍ନ ତନ୍ନ କରି ସବୁ ଦେଖନ୍ତି ନୃବର ।
ବୁଝନ୍ତି ସେ ମୂଲ୍ୟବାନ କପର ସମୟ,
ତେଣୁ ନ କରନ୍ତି ଲବେ ତାହାଁ ଅପବ୍ୟୟ ।
କୃପାମୟ କୃପାବଳେ ପୁଣି ସୁପାଳନେ,
କ୍ଷେପୁଛନ୍ତି କାଳ ସୁଖେ ମୁଦେ ପ୍ରଜାଗଣେ ।
କ୍ଷତ୍ରିୟ-ସୁଲଭ ଶୌର୍ଯ୍ୟ ଅତୀବ ପ୍ରଖର,
ମୃଗୟାରେ ଗୁରୁ ସେହୁ ମୃଗୟୁ କୁଳର ।
ଧନୁର୍ବେଦେ ସେହି ଏକା ତାଙ୍କର ସମାନ,
ଚଲଲକ୍ଷ୍ୟ ଭେଦେ ତାଙ୍କ ଅବ୍ୟର୍ଥ ସନ୍ଧାନ ।
ବହୁ ଭୂସମ୍ପତ୍ତି କରି ବିପ୍ରେ ସମର୍ପଣ
ବସାଇଅଛନ୍ତି କେତେ ବ୍ରାହ୍ମଣ ଶାସନ ।
ଭୋଗ-ପୂଜା ନିର୍ବାହାର୍ଥେ ବହୁ ଦେବଙ୍କର,
ଖଞ୍ଜିଛନ୍ତି ସ୍ୱୟେ କେତେ କେତେ ଦେବୋତ୍ତର ।
କରାଇଲେ ରାଜ୍ୟେ କେତେ ଦେଉଳ ନିର୍ମାଣ,
ଜୀର୍ଣ୍ଣ ଦେଉଳର ଯୋଗ୍ୟ ସଂସ୍କାର ସାଧନ ।
ନାନାଭାବେ ସାଧୁଛନ୍ତି ସ୍ୱରାଜ୍ୟ ଉନ୍ନତି,
ସ୍ୱଦେଶ-ବାତ୍ସଲ୍ୟେ ସେହୁ ଆଦର୍ଶ ନୃପତି ।
ତାଙ୍କ ସୁବ୍ୟବସ୍ଥା ଫଳେ ତାଙ୍କ ରାଜଧାନୀ,
ହସୁଅଛି ଦେଖାଇଣ ନବ ଗୁନ୍ଥଠାଣି ।
ଶ୍ରେଣୀବଦ୍ଧ ଭାବେ ଗୃହ ହେବାରୁ ପ୍ରସ୍ତୁତ,
ଗ୍ରାମମାନ ଦିଶେ କେଡ଼େ ସୁନ୍ଦର ସଜ୍ଜିତ ।

* ବଳୟ ବା କଙ୍କଣ

ମଧ୍ୟେ ସୁପ୍ରଶସ୍ତ ପଥ ବେନି ପାଶେ ଗ୍ରାମ,
ମଧ୍ୟେ ମଧ୍ୟେ ଅଛି କେତେ ଦୃଶ୍ୟ ଅନୁପମ ।
ସୁଧାଶୁଭ୍ର ଦେବାଳୟ ଗର୍ବେ ଉଚ୍ଚ ଯାହିଁ,
ଉତ୍କଳ ପ୍ରାଚୀନ ଶିଳ୍ପ ଗରିମା ଦେଖାଇ ।
ଯେଉଁ ଦେଖିଲେ ହୃଦରେ ହୁଏ କଳ୍ପନା ଏରୂପ,
ଖେମଣ୍ଡୀ-ମଣ୍ଡନଙ୍କର କି ସେ କୀର୍ତ୍ତିସ୍ତୂପ ?
ଉଡ଼େ ଅଛି ଦେବାଳୟ-ଚୂଡ଼େ ଶୁଭ୍ରବାନା,
ବାଜୁଅଛି ତୂରୀ ଭେରୀ ଆଦି ବାଦ୍ୟ ନାନା ।
ପ୍ରତି ଦେବାଳୟେ ଏବେ ଦେବ କୃପାମୟ,
ଖଞ୍ଜିଛନ୍ତି ଅତିରିକ୍ତ ପୂଜାଭୋଗଚୟ ।
ପାଇଣ ପ୍ରସାଦ ତହୁଁ ଦୁଃଖିରଙ୍କିଗଣ ।
ଚିରକାଳ ଭୁଞ୍ଜୁଛନ୍ତି ଉଦର ଭରଣ ।
ପଡ଼େ ଏଥି ନିତ୍ୟ କେତେ ଆଗନ୍ତୁକ ଜନ,
ପ୍ରତି ଦେବାଳୟ ଏକ ଏକ ଅନ୍ନଛତ୍ର ।
ଆପଣେ ବିପଣୀଶ୍ରେଣୀ ହୋଇ ସୁସଜ୍ଜିତ
ଲକ୍ଷ୍ମୀ ଗନ୍ତାଘର ପ୍ରାୟ ଦିଶେ ବିଚ୍ଛୁରିତ ।
ଆଲୋକର ସ୍ତମ୍ଭ ଶୋଭା ପ୍ରତି ଶୃଙ୍ଗାଟକେ,
ଯାର ଦୀପାଧାର ତହୁଁ ଉଜ୍ଜ୍ୱଳେ ଝଟକେ ।
ରଜନୀରେ ହୁଏ ସେହୁ ନୟନର ଖାଦ୍ୟ,
ଖସି ଆସୁଛି କି ଊର୍ଦ୍ଧ୍ୱୁ ଜ୍ୟୋତିର୍ମୟୀ ତାସ୍ ।
ଯାହିଁ ଟୈଶବିଦ୍ୟାଳୟ ଯାହିଁ ପାଠାଗାର,
ଯାହିଁ ରଙ୍ଗାଳୟ ଯାହିଁ ପାନ୍ଥାଗାର ଦ୍ୱାର ।
ପ୍ରାନ୍ତେ ସ୍ଥିତ ସ୍ୱଚ୍ଛନୀର ପୁଷ୍କରିଣୀଗଣ,
ଶୋଭେ ଯଥା ନଗରୀର ବିଶାଳ ଦର୍ପଣ ।
ସଂସ୍ଥାପିଣ ରାଜଧାନୀ ମଧ୍ୟେ ମୁଦ୍ରାଯନ୍ତ୍ର,
ଗଞ୍ଜାମେ ପ୍ରଚାରୁଛନ୍ତି ଉନ୍ନତିର ମନ୍ତ୍ର ।
ସେ ଯନ୍ତ୍ରୁ "ଗୁଣଦର୍ପଣ" ହୋଇ ପ୍ରକାଶିତ,
ଘରେ ଘରେ ଗାଉଥିଲେ ଦେଶବାର୍ତ୍ତା-ଗୀତ ।
ବଖାଣୁଅଛି ସେ କେତେ ହିତ ଉପଦେଶ,
ଲକ୍ଷ ହେଉଅଛି ପୁଣି ସଦା ଦେଶ ଦେଶ ।

ଗଞ୍ଜାମର ଏକମାତ୍ର ସେହୁ ଦେଶଭୂତ,
କର୍ତ୍ତବ୍ୟରୁ କଦାଚିତ ନ ହୁଏ ବିଚ୍ୟୁତ ।
ସ୍ପଷ୍ଟବାଦୀ ବିଚକ୍ଷଣ ବିଜ୍ଞ ଦୃଢ଼ବ୍ରତ,
ଆକାରରେ କ୍ଷୁଦ୍ର ସିନା ଗୁଣରେ ମହତ;
ରାଜାଙ୍କର ସୁମନ୍ତ୍ରୀ ସେ ପ୍ରଜାଙ୍କର ମିତ,
ଜୀବନ-ପାଞ୍ଜିରେ ଅଙ୍କା ତାର ପରହିତ ।
ସ୍ୱଦେଶର ସୁଶିକ୍ଷିତ ସାହିତ୍ୟ-ରସିକ,
ଉତ୍କଳ-ଜନନୀ କଣ୍ଠେ ଉତ୍କଳ ମାଣିକ,
ସତ୍ୟଶୀଳ କର୍ମବୀର ଶାନ୍ତ ସଦାଶୟ,
କର୍ମମୟ ଜୀବନଟି ତାର କର୍ମମୟ ।
କି ବର୍ଣ୍ଣିବି ବାହୁଲ୍ୟ ତା ସୁଶ୍ୟାମ୍ଭ ପୌରୁଷ
ହରିପଦେ ଏ ଭିକ୍ଷା ସେ ଲଭୁ ଦୀର୍ଘାୟୁଷ ।
ଉନ୍ନତିଦାୟିନୀ ନାମେ ଅଛି ଏକ ସଭା
ଆଶା ଅଛି ତାକେ ସେହୁ ବଢ଼ାଇବ ପ୍ରଭା ।
କରେ ସେ ସମିତି ଦେଶ ଉନ୍ନତି ବିସ୍ତର,
ଶିକ୍ଷାବୃଦ୍ଧି ଆଲୋଚିତ ସମାଜ-ସଂସ୍କାର ।
ମହାରାଜ କୃପାମୟ, ମୋର ଏ ମିନତି
ସାଧନ୍ତୁ ସେ ସମିତିର ଆଶୁ ସମୁନ୍ନତି ।
ଜାତୀୟତା ଭାବେ ସେହୁ ହେଲେ ସୁଗଠିତ ,
ଗାଇବ ସତତ ଆତ୍ମନିର୍ଭରତା ଗୀତ ।
ଦେଖାଇବ ପ୍ରଜାପୁଞ୍ଜେ ବିବିଧ ସୁପଥ,
ଶିଖାଇବ ସର୍ବବିଧ ଉନ୍ନତିର ପନ୍ଥ ।
ଅନେକ ପ୍ରାଚୀନ ଦୃଶ୍ୟ ଖେମଣ୍ଡୀ ରାଜ୍ୟରେ,
ପ୍ରକୃତି-ଭୂଷଣ-ପେଡ଼ି ପ୍ରାୟ ଶୋଭା ଧରେ ।
ରାଜଦୁର୍ଗ ପଶ୍ଚିମରେ କୁଞ୍ଜିରେଖା * ଗିରି,
ଖଣ୍ଡୋପଳ ସ୍ତୂପ ପ୍ରାୟ ଦିଶେ ତାର ଶିରି ।
ସୁବିଶାଳ ସମତଳ ପିଚ୍ଛିଳ ପାଷାଣ,
ଗିରି-ଉପକଣ୍ଠ-ବନେ ଅଛି ଲମ୍ବମାନ ।
ଆସନରୂପେ ସେ ଟାଣେ କରେ ପରିଚର୍ଯ୍ୟା,
ଜାନକୀ-ସୁନ୍ଦରୀଙ୍କର କି ସେ ସୁଖ-ଶଯ୍ୟା ?

* ସ୍ୱନାମପ୍ରସିଦ୍ଧ ପର୍ବତ

ତହୁପାଶେ ଘୋର ବନ ମଧ୍ୟେ ଗିରିବର,
ନୀଳନଭେ ଶୋଭେ ଯଥା ନୀଳ ନୀରଧର ।
ସେ ଗିରି-ଗର୍ଭେ ଶୋଭେ ହନୁମାନ ଗୁମ୍ଫା,
ମୁଖ ସାନ ପେଟ ବଡ଼ ଯଥା ମାଟିକୁମ୍ଭା ।
ସାନୁମାନେ ହନୁମାନ ଦର୍ଶନ ଆଶୟେ ,
ଉଠିଲି ସେ ଗିରିପରେ ଆନନ୍ଦେ ନିର୍ଭୟେ ।
ନିମ୍ନଦେଶୁ କ୍ରମଉର୍ଦ୍ଧ୍ୱେ ଉଠିବା କାଳରେ ,
ଧରି ଧରି ଉଠୁ ଥିଲି ପାଦପନିକରେ ।
ଆଗନ୍ତୁକ ଜାଣି ମୋତେ ଧରି ମୋର ହାତ,
ଶିଖରାଗ୍ରେ ପାଛୋଟି ବା ନେଲେ ତରୁବ୍ରାତ ।
ଧନ୍ୟ ତାଙ୍କ ହୃଦ ଅତି ପବିତ୍ର ମହତ,
ଧରିଛନ୍ତି ହୃଦେ ସଦା ମହା ସେବାବ୍ରତ ।
ମାଡିଛି ନିବିଡ଼େ କେତେ ଶୈବାଳ-ବଲ୍ଲରୀ ,
ଶୋଭେ ତାହା ଅଚଳର ଲୋମବେଶ ପରି ।
ହସୁଛନ୍ତି ବୃନ୍ତେ ବସି କେତେ ଫୁଲ୍ଲ ଫୁଲ ,
ପରକାଶି ଋଷିମୋହୀ ସୁଷମା ଅତୁଳ ।
ବୃକ୍ଷୁ ବୃକ୍ଷାନ୍ତରେ ଲମ୍ବି ମଖମଲ ଲୁଆଁ ୧
ସୃଜଅଛି ଠାବେ ଠାବେ ନିସର୍ଗ ଗୃନ୍ଦୁଆ ।
ଇଟେଳା ଗୁଳ୍ମ-ରଣିକା ପ୍ରକାଶିଛି ପ୍ରଭା
ଶୋଭାପର୍ଣ୍ଣୀ ଋଚିଛନ୍ତି ତହିଁ କେଳି-ସଭା ।
ହେରିଲେ ସେ ଶୋଭା ହେବ ମୂକ ବାବଦୂକ,
ସନ୍ତରିବ ପ୍ରେମ-ଜଳେ ପ୍ରେମିକ ଭାବୁକ ।
ବିବିଧ ସୁକଣ୍ଠ ପକ୍ଷୀ ସ୍ୱର ନିତି ନିତି ,
ବଳେ ବଳେ ହୁଏ ତହିଁ ଶ୍ରବଣ-ଅତିଥି ।
ଦେଖି ଦେଖି ନାନା ଶୋଭା ହେଲି ଅଗ୍ରସର,
ରୁକ୍ଷ-କଣ୍ଟକିତ ମାର୍ଗେ ତର୍କ୍ଷୁ-ଜର୍ଜର ।
ଧର୍ମପଥେ ବିଘ୍ନ ପ୍ରାୟେ କେତେ ଖଣ୍ଡ ଶିଳା ,
ଗମନ ପଥରେ ମୋର ହେଲେ ବଜ୍ରକୀଳା ।
ବହୁକଷ୍ଟେ ଗୁମ୍ଫାଦ୍ୱାରେ ପ୍ରବେଶିଲି ଯାଇ ,
ମାତ୍ର ଲଭୁ ବାଟେ ଗଲି ଅବସାଦ ନାହିଁ ।

ଉତ୍କଣ୍ଠା ହୃଦୟ-ରାଜ୍ୟ କଲେ ଅଧିକାର ,
ବାଧେ କି ତାହାକୁ କେବେ ପଥକ୍ଲେଶ ଭାର ।
ଅତି ଅପ୍ରଶସ୍ତ ପଥ ଅନ୍ଧକାର ବଢ଼ା ,
ପଶିବାକୁ କେହି ତହିଁ ନ କରେ ଭରସା ।
ଦିଦୃକ୍ଷାର ପ୍ରେରଣାରେ ନିର୍ଭୀକ ମନରେ ,
ପଶିଲି ମୁଁ ସେ ବିକଟ ସଙ୍କଟ ଗହ୍ୱରେ ।
ଚିରଦୀପ୍ତ ଧାମୁ ଆସି ଜୀବାତ୍ମା ଯେରୂପେ
ଶାଶ୍ୱତ ନିୟମେ ପଶେ ଭବ-ଅନ୍ଧକୂପେ ।
ଉର୍ଦ୍ଧ୍ୱେ ମହାଶୈଳ, ବେନି ପାର୍ଶ୍ୱେ ଶିଳାକାନ୍ଥ,
ଅଣ୍ଡାଳି ଅଣ୍ଡାଳି ଗଲି ହୋଇ ପଥଭ୍ରାନ୍ତ ।
ମନେ ମନେ ଭାବିଲି ମୁଁ ଅଟେ କେଡ଼େ ବୀର,
ଗିରି-ଗୁରୁଭାର ଅହୋ ସହିଲି ମୋ ଶିର ।
କେତେ କ୍ଷଣେ ଅତିକ୍ରମି ଅନ୍ଧକାର ସ୍ଥଳୀ ,
ଆଲୋକେ ଦେଖିଲି ଅଗ୍ରେ ପାବଚ୍ଛ-ଆବଳି ।
ଆରୋହଣ ସେ ପାବଚ୍ଛେ ଉଠିଲି ଉପରେ,
ଦେଖିଲି ପ୍ରଶସ୍ତ କ୍ଷେତ୍ର ଦୀପ୍ତ ଆଲୋକରେ ।
ଗିରିଦେବତାଙ୍କ କି ସେ ବିହରଣ-ମେଲି,
ତା ଦର୍ଶନେ ଏ କଳ୍ପନା ମନେ ଜାତ ହେଲି ।
ଅବା ଗିରି-ମନ୍ଦିରର ପୂତ ମଖଶାଳା,
ଅଙ୍କିତ ତା ଦେହେ କେତେ ମେହେରବମାଳା ।
ଖସି ଆସି ଗିରିଶିରୁ ଶିଳା ଭୀମକାୟ,
ହୋଇଛି ସେ ମଖଶାଳା ଚିର ଛାଦି ୨ ପ୍ରାୟ ।
ପାର୍ଶ୍ୱଭାଗେ ଅଛି ତାର କ୍ଷୁଦ୍ର ଏକ ଦ୍ୱାର,
ତହିଁ ପଛେ ଗୁମ୍ଫାରମ୍ୟ ଅଟ୍ଟାଳ ପ୍ରକାର ।
ବାହାରିଛି ଦେହୁଁ ତାର ଉପଗୁମ୍ଫା ଏକ,
ଝୁଲୁଛନ୍ତି ଲମ୍ବି ଚମଣୀ ଅନେକ ।
ଅତିଥିସତ୍କାର ତାଙ୍କ ବଚନକୁ ବଳେ,
ପକ୍ଷବାତେ ଭଜିନ୍ତି ସେ ଶ୍ରାନ୍ତ ପାନ୍ଥଦଳେ ।
ସେ ଗୁମ୍ଫା ମଧ୍ୟରେ ଅଛି ଗମ୍ଭୀର-ଗହ୍ୱର,
ଉଭା ତହିଁ ହନୁମାନ ମହା କପିବର ।

୧—ଚଙ୍କ ୨—ଛାତ

ବେଣୁ କରେ ଶୋଭେ ତାଙ୍କ ବେଣୁ ସାନୁମାନ,
ସ୍ୱରଭଙ୍ଗୀରେ ସେ ଭକ୍ତ ବହଣ ଗୁମାନ ।
ଦିବ୍ୟତ୍ରିଭଙ୍ଗୀଯୁତ ମୂର୍ତ୍ତି ପବିତ୍ର ପ୍ରଶାନ୍ତ,
ଦର୍ଶନ ମାତ୍ରକେ ହୁଏ ହୃଦେ ଭକ୍ତି ଜାତ ।
ପାର୍ଶ୍ୱଭାଗେ ବିରାଜନ୍ତି ଲକ୍ଷ୍ମୀନାରାୟଣ,
ମଧୁର ମୋହନ ମୂର୍ତ୍ତି ନୟନରଞ୍ଜନ ।
ସେ ଗୁମ୍ଫାର ଉର୍ଦ୍ଧ୍ୱ ତଳ ନୀଚ, ଗଡ଼ାଣିଆ,
ଉପାୟ ନାହିଁ ତା ମଧ୍ୟେ ହୋଇବାକୁ ଠିଆ ।
ବସି ବସି ପ୍ରବେଶିଲୁ ଗହ୍ୱର ଭିତରେ,
ପ୍ରଣମିଲୁ ତ୍ରିଦେବତା ପଙ୍କଜ-ପଦରେ ।
ପୂର୍ଣ୍ଣ ସେ ଗହ୍ୱର ଘୃତ ଧୂପ ପୁଷ୍ପ ଗନ୍ଧେ,
ପୂରଏ ଅନ୍ତର ସେଠୁ ଅପୂର୍ବ ଆନନ୍ଦେ ।
ଘୁଞ୍ଚାଇଦେଇ ସେ ମନୁ ପାର୍ଥିବ ବିକାର,
ଅବଲମ୍ବେ କରେ ତାକୁ ଶାନ୍ତିସୁଖାଗାର ।
ତା ଦର୍ଶନେ ମହାଭାବ ହୁଏ ଅଭ୍ୟୁଦୟ,
ଖେମଣ୍ଡି ରାଜ୍ୟର ସେହୁ ଭୂସ୍ୱର୍ଗ ନିଶ୍ଚୟ ।
ଥାଏ ଯହିଁ ଚିର ଶାନ୍ତି ଚିର ପବିତ୍ରତା,
ସେହି ତ ସାକ୍ଷାତ ସ୍ୱର୍ଗ ଅଟଇ ସର୍ବଥା ।
ଗିରିଭାଲେ ଅକ୍ଷର ମୁଁ ଅଙ୍କିଛୁ ଅଙ୍ଗାରେ,
ଲିଭିଯିବ ଅଳ୍ପ ଦିନେ କାକର-ବର୍ଷାରେ;
ମାତ୍ର ଯା ଅଙ୍କିଲା ଗିରି ମୋର ହୃଦପଟେ,
ରହିବ ତା ଯେତେ ଦିନ ପ୍ରାଣ ଥିବ ଘଟେ ।
ଯଥାକାଳେ ଫେରିଲୁ ସେ ଗିରିଶୋଭା ହେରି,
ମାତ୍ର ମନନେତ୍ର ବେନି ନ ଆସିଲେ ଫେରି ।
ଦକ୍ଷିଣ-ପଶ୍ଚିମ କୋଣେ ବିଜୟନଗର,
ପୂର୍ବ ରାଜଧାନୀ ସେହୁ ଖେମଣ୍ଡି ରାଜ୍ୟର ।
ଅଟବୀ-ଶ୍ୟାମଳା ପୁଣି ଅଚଳ-କୁନ୍ତଳା,
ସୌଭାଗ୍ୟ-ସମ୍ପଦେ ପୂର୍ବେ ଥିଲା ସେ ପ୍ରବଳା ।
ଏବେ ତାହା ଭାଗ୍ୟଲକ୍ଷ୍ମୀ ଭାସି କାଳ-ନୀରେ,
ନେଇଛନ୍ତି ଆସ୍ଥା ଯାଇ ଦିଗପହଣ୍ଡିରେ * ।

ଶୋଭାରେ ସେ ଧାମ ଥିଲା ଅଳକା ସଙ୍କାଶ,
ହୋଇଅଛି ଏବେ ବ୍ୟାଘ୍ରଭଲ୍ଲୁକର ବାସ ।
ସେକାଳେ ସେ ଥିଲା ସିନା ବିଜୟନଗର,
ମାତ୍ର ଏବେ ହୋଇଅଛି ବିଜନ-ନଗର ।
ରାଜଦୁର୍ଗ ଭଗ୍ନ ଭିତ୍ତି ରହି ବିଦ୍ୟମାନ,
ଦେଖାଏ ପ୍ରତ୍ୟକ୍ଷେ ଭାଗ୍ୟପର୍ଯ୍ୟାୟ ପ୍ରମାଣ ।
ଝୁଲୁଥିଲା ଯେଉଁ ଦ୍ୱାରେ ରତନର ଝାଲି,
ଛନ୍ଦିଛି ସେ ଦ୍ୱାରେ ଏବେ ଊର୍ଣ୍ଣନାଭ ଜାଲି ।
ସେ ସ୍ଥାନ କୃତ୍ରିମ ଶୋଭା ଯାଇଅଛି ସରି
ଅଛି ଏବେ ନୈସର୍ଗିକ ମାଧୁରୀ ଆବୋରି ।
ପୂର୍ବେ ଉଠୁଥିଲା ଯହିଁ ଗୀତବାଦ୍ୟସ୍ୱର,
ଏବେ ବନଚର ପକ୍ଷିରବରେ ମୁଖର ।
ରାଜପଥ ହୋଇଅଛି କଣ୍ଟକେ ଦୁର୍ଗମ,
ଭଗ୍ନ ଭିତ୍ତିଖଣ୍ଡେ ତାହା ବିକଟ ବିଷମ ।
ଦେବଶୂନ୍ୟ ଦେବାଳୟ ହୋଇଅଛି ହେୟ,
ଜନଶୂନ୍ୟ ଗୃହ ଯଥା ଜୀବଶୂନ୍ୟ ଦେହ ।
ଦିବ୍ୟ ଛବିମୟ ସେହି ଚିତ୍ରଳ ଦେଉଳ,
ହୋଇଛି ପାଷାଣଭେଦୀ ଶୈବାଳ-ସଙ୍କୁଳ ।
ଏ କାଳେ ସେ ରମଣୀଙ୍କ ଚିର-ପ୍ରିୟବାସ,
ଆଚ୍ଛାଦିଛି ସିଂହାସନ ଘନେ ମାଞ୍ଜ ଘାସ ।
ଚିତ୍ରିତ ବିଳାସ-ଗୃହ ନତ କରି ମଥା,
ଶିଖାଏ ନୀରବେ ପାନ୍ଥେ ଭବ-ଭଙ୍ଗୁରତା ।
ଭଗ୍ନଭିତ୍ତି ସୂକ୍ଷ୍ମଶିଳ୍ପ ବିସ୍ମୟୋତ୍ପାଦକ
ହେରିଲେ ତା ନରନେତ୍ର ହେବ ଅପଲକ ।
ଉତ୍କଳ ଦେଶର ପୂର୍ବ ଶିଳ୍ପଗୌରବର,
ମୂକ ସାକ୍ଷୀ ସମ ଆହା ସେ ଶିଳ୍ପନିକର ।
ପ୍ରକାଶଇ କିମ୍ବଦନ୍ତୀ ଚୌହାର-ଶୋଭିତ —
ପ୍ରସ୍ତର ପ୍ରାଚୀରେ ଥିଲା ନଗର ବେଷ୍ଟିତ ।
କିନ୍ତୁ ନାହିଁ ଏବେ ତାହିଁ ସେ ପ୍ରାକାର ଚିହ୍ନ,
କେଉଁ କାଳୁ ହେଲାଣି ସେ କାଳଗର୍ଭେ ଲୀନ ।

* ବର୍ତ୍ତମାନ ରାଜଧାନୀ

ପ୍ରାଚୀର୍ ଚୌପାଶେ ଘେରେ କୁଣ୍ଡାକାରେ ଜଳୀ,
ହେଉଥିଲା ଯାହିଁ ପୂର୍ବେ ଜଳ ତାର୍ ତଳ ।
ଏ କାଳେ ସେ ଆସୁଅଛି ପୋତିହୋଇ କ୍ରମେ,
ସୁରମ୍ୟ ପାହାଚ ଏବେ ପଙ୍କିଳ କର୍ଦ୍ଦମେ ।
ନିର୍ମଳ ସୁନୀଳ ନୀରେ ପୂର୍ଣ୍ଣ ବକ୍ଷ ତାର୍,
ସ୍ୱର୍ଣ୍ଣଦୁର୍ଗ କଣ୍ଠେ କି ସେ ଇନ୍ଦ୍ରନୀଳ ହାର୍ ।
ତହିଁ ପାଶେ କଟକର ଘନ ମଞ୍ଜୁ କୁଞ୍ଜ
ଉଡ଼ୁଥିଲା ତହିଁ ବାସ୍ନାବସା ପୁଞ୍ଜ ପୁଞ୍ଜ ।
ଲତା ଗହଳେ ସେ କୁଞ୍ଜ ନୀରନ୍ଧ୍ର ଦୁସ୍ତର,
ନ ପାରିବ ଭେଦି ତାକୁ କ୍ଷୁରଧାର ଶର୍ ।
ରୁଦ୍ଧ ସେ ଦୁର୍ଭେଦ୍ୟ ଲୌହ ପ୍ରାକାର ସମାନ,
କରୁଥିଲା ବିଚୂର୍ଣ୍ଣିତ ଶତ୍ରୁର ଗୁମାନ ।
ତା ଯୋଗୁ ଅଜେୟ ହୋଇ କଟକନଗର,
ରଖିଥିଲା ଅକ୍ଷୁଣ୍ଣ ସେ ଗୌରବ ନିକର୍ ।
ଉତ୍ତର୍-ପଶ୍ଚିମ ବ୍ୟାପି ବହେ ଅଶ୍ୱକୂଲ୍ୟା,
ପୂତ ପୟସ୍ୱିନୀ ଧନୀ ଗୁଣରେ ଅତୁଲ୍ୟା ।
ପୀୟୂଷପ୍ରତିମ ତାର୍ ନିର୍ମଳ ଜୀବନ,
କୃପାମୟ ସ୍ୱର୍ଗେ କି ସେ କୃପା-ପ୍ରସ୍ରବଣ ।
ତରଳ ରଜତଧାର୍ ଉପମା ସେ ଧରେ,
କିମ୍ବା ମଲ୍ଲିମାଳା ସେହୁ ଖେମଣ୍ଡି-ବକ୍ଷରେ ।
ଅବା କୃପାମୟଙ୍କର ଶୁଭ୍ର ଯଶୋରାଶି
ବହେ ନଦୀରୂପେ ଦିବ୍ୟ ଶୋଭା ପରକାଶି ।
ତେଣୁ ତୀରେ ଶସ୍ୟକ୍ଷେତ୍ର କ୍ଷୁଦ୍ର କ୍ଷୁଦ୍ର ବନ,
ନିସର୍ଗ ଶୋଭାରେ ହରେ ଦର୍ଶକ ନୟନ ।
କାଳଠାରୁ ବଳ ଆଉ ନାହିଁ ମହାବଳୀ,
ଗ୍ରାସଇ ସେ ଲୌହେ ଯଥା ସୁପକ୍ୱ କଦଳୀ ।
ଅନୁକୂଳେ କରେ କାଳ ସକଳ ସୃଜନ,
ପ୍ରତିକୂଳେ କରେ ପୁଣି ତାହାକୁ ଛେଦନ ।
କାଳର୍ ଏ ଲୀଳା କିଏ କରିବ କଳନ,
"କାଳସ୍ୟ କୁଟିଳା ଗତି" ସାର୍ଥ ଏ ବଚନ ।
ସେ ସ୍ଥାନୁ ଦୁରସ୍ଥ ଗିରିମାଳେ ଦେଲେ ଚାହିଁ,
ସହଜରେ ଦୃଷ୍ଟିରେଖା ତହୁଁ ଫେରେ ନାହିଁ ।

ଯେ ଦିଗେ ଚାହିଁଲେ ଦିଶେ ନୀଳ ଗିରିମାଳ,
ତୋଳିଛନ୍ତି ତୁଙ୍ଗଶିର ଭେଦି ଚକ୍ରବାଳ ।
ଧବଳ କୁହୁଡ଼ି ଘନେ ଶୋଭେ ସାନୁଦେଶ,
କିବା ସେ ସ୍ଥବିର ଗିରିଶିରେ ପକ୍ୱକେଶ ।
ଅଦୂରେ ଶିଖରୀ-ଶିଖେ ଦିଶଇ ସୁନ୍ଦର,
ଶ୍ରୀ ଉତ୍କଳେଶ୍ୱରଙ୍କର ଧବଳ ମନ୍ଦିର ।
ମହାପ୍ରତାପୀ ସେ ଶିବ ବାଞ୍ଛାବରଦାତା,
ଭକତବତ୍ସଳ ପ୍ରଭୁ ପାପି-ପରିତ୍ରାତା ।
ଦୂରଦୂରାନ୍ତରୁ ନିତି ଆସି ରୋଗିଗଣେ,
ଧାରଣା ପଡ଼ନ୍ତି ତାଙ୍କ ପୂତ ଆୟତନେ ।
ଶାଇସ୍ତ ନଗର ପୂର୍ବ-ଗୌରବ କାଙ୍କ୍ଷିତ,
ହୋଇଅଛି ସେ ଶିବଙ୍କ ସକାଶୁ ରକ୍ଷିତ ।
ଏହାପର କେତେ ଦୃଶ୍ୟ, ନୃପତଖେମଣ୍ଡି—
ସୁବିଶାଳ କଳେବରେ ଅତ୍ୟନ୍ତ ବିମଣ୍ଡି ।
ବର୍ଣ୍ଣିଲେ ତା ବଢିଯିବ ପୁସ୍ତକ ଆକାରେ,
ତେଣୁ ଜଳାଞ୍ଜଳି ଦେଲି ଦୁଃଖେ ସେ ଆଶାରେ ।
କୃପାମୟ-କୃପାମୟ ହେ ଖେମଣ୍ଡିପତି,
ଘେନାହେଉ ଛାମୁରେ ମୋ ବିନତି ପ୍ରଣତି ।
ଦେଶୋନ୍ନତି ସର୍ବକାର୍ଯ୍ୟେ ପକାଇଛ ହାତ,
ସାମାନ୍ୟ ଗୌରବ କଥା ନୁହଇ ଏହା ତ ।
ଜାତିହିତେ ଅଛି ସଦା ପୂର୍ଣ୍ଣ ଆନୁକୂଲ୍ୟ,
ସୁକୀର୍ତ୍ତି ସଦ୍ଗୁଣ ତବ ଅତୁଲ୍ୟ ଅମୂଲ୍ୟ ।
ଉତ୍କଳର୍ ଆଶାକାଶେ ଶଶାଙ୍କ ପ୍ରକାର୍—
ଉଇଁଅଛ, ହର ଖରେ ଅଜ୍ଞାନ-ଅନ୍ଧାର୍ ।
ଅତି ଦୀନା ହୀନା ଏବେ ଉତ୍କଳଜନନୀ,
ଦୁଃଖ-ଦୁଷ୍ଟ-ରକ୍ତଧାରେ ପୂର୍ଣ୍ଣ ତା ଧମନୀ ।
ରୋଗ, ପୀଡ଼ା, ଅବସାଦ, ଅକାଳମରଣ—
ଆକ୍ରମଣେ ଭୁଞ୍ଜୁଅଛି ଅପାର୍ କଷଣ ।
ବାରମ୍ବାର୍ ଦୁର୍ଭିକ୍ଷର୍ କଠୋର୍ ଶାସନେ,
ଶୋଇଅଛି ଅଭାଗିନୀ ଶୋକେ ଅଚେତନେ ।
ନୈରାଶ୍ୟେ ଆଳସ୍ୟେ ତନୁ ହୋଇଛି ଅସାଡ଼,
ଭେଦିଛି ଜଡ଼ତା ତାର୍ ଚର୍ମ ମାଂସ ହାଡ଼ ।

ଲୋକନେତେ ବାଗ୍ମିତା ଅତୀବ ଅସାର,
ତା ନାମେ ଉନ୍ନତି-ଚିନ୍ତେ ପଡ଼ି ନାହିଁ ଗାର୍ ।
ଜାତୀ ଶିକ୍ଷା କି ପ୍ରାଧାନ୍ୟ ସଭ୍ୟତା ଏକତା,
ସକଳ ବିଷୟେ ସେତୁ ପୋଡିଅଛି ମଥା ।
କୃଷିବାଣିଜ୍ୟରେ ସୁଦ୍ଧା ଏବେ ହୀନବଳା
ପାସୋର୍ ଅସୁ ଛନ୍ତି କ୍ରମେ ଦୂରୁ ଚୀନବାଲା ।
ସମାଜରେ ଘୁଣ୍ଣରୂପେ ପଶି କୁସଂସ୍କାର
କରିଦେଇଅଛି ରୁଦ୍ଧ ଉନ୍ନତିର ଦ୍ୱାର ।
ଗୃହିଁଛି ଉଲ୍ଲଙ୍ଗମାତା ସଜଳ ନୟନରେ,
ଭୀଷଣ ଫେଣ୍ଡବ ବୋଲି ତୁମ୍ଭେ ତାର ଖରେ ।
ଅଟ ତୁମ୍ଭେ ତାହାଙ୍କର ଯୋଗ୍ୟତମ ପୁଅ,
ପୋଛିଦିଅ ନୃପମଣି, ଜନନୀର ଲୁହ ।

କରୁଅଛ ବହୁକାର୍ଯ୍ୟ କର୍ତ୍ତବ୍ୟରସିକ
ତଥାପି କହୁଛି କର ଆହୁରି ଅଧିକ ।
ଦେଲେହେଁ ଚାତକେ ବହୁ ଜଳ ଜଳଧର,
ନ ମାଗେ କି ଅଧିକ ସେ କରି ଉଚ୍ଚସ୍ୱର ?
ଶିକ୍ଷା ଯିନା ମୂଳଭିତ୍ତି ସର୍ବ ଉନ୍ନତିର,
ନାହିଁତ ଅଜଣା ଏହା ତୁମ୍ଭର ହେ ବୀର !
ଉନ୍ନତି ସେ ଭିତ୍ତି ପରେ ପ୍ରତିଷ୍ଠିତ ହେଲେ,
ହସ୍ତପଦ ପ୍ରସାରିଣ ଖେଳେ ଅବହେଳେ ।
ଶିକ୍ଷାକାର୍ଯ୍ୟେ କରୁଅଛ ତୁମ୍ଭେ ବହୁବ୍ୟୟ,
ଆହୁରି ଅଧିକ କର ଦେବ କୃପାମୟ !
ଘେନୁଛି ବଦାନ୍ୟ ଏବେ ଘେନ ମୋ ବଚନ,
ଅନ୍ତରର କୃତଜ୍ଞତା ଭକ୍ତିର ଆଳତି ।

# ପୃଷ୍ଠଲେଖ

# ଉତ୍ସର୍ଗ ପତ୍ର

ଯାହାଙ୍କର କର୍ତ୍ତବ୍ୟକୁଶଳତା ବିପୁଳ ପ୍ରଶସ୍ତିତ,
ପ୍ରଜାପ୍ରୀତି ଅଦ୍ୱିତୀୟ, ଯେ ଜୀବନ-ପ୍ରଭାତରେ
ବାଳସୂର୍ଯ୍ୟ ତୁଲ୍ୟ ପ୍ରକୃତ ସ୍ୱଜମହିମା
ମହୋଜ୍ଜ୍ୱଳ ମଣିମୟୂଖରେ ଉତ୍କଳ-
ସାହିତ୍ୟ-ଗଗନ ଅନୁରଞ୍ଜିତ
କରି ଅଛନ୍ତି, ସେହି ବନ୍ଧୁଜନ-
ବରେଣ୍ୟ ସାହିତ୍ୟ-ସହାୟ
ଲକ୍ଷ୍ମୀଗଡ଼ାଧୀଶ୍ୱର

ଶ୍ରୀଯୁକ୍ତ ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ ମହୋଦୟଙ୍କ ପବିତ୍ର
ନାମରେ ଏହି କ୍ଷୁଦ୍ର "ପ୍ରତିବେଶୀ"
ଉତ୍ସୃଷ୍ଟ ହେଲା ।

ପ୍ରଣେତା

# ନିବେଦନ

କବିବର୍ ୰ରାୟ ରାଧାନାଥ ରାୟ ବାହାଦୁରଙ୍କ ବଙ୍ଗଳା "ଲେଖାବଳୀ" କାବ୍ୟର ଉତ୍ତର୍ ଲେଖିବା ସକାଶ ସାହିତ୍ୟବିନୋଦ ଖଲ୍ଲିକୋଟାଧୀଶ୍ୱର ଶ୍ରୀଯୁକ୍ତ ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ ମହୋଦୟଙ୍କ ଦ୍ୱାରା ମୁଁ ଆଦିଷ୍ଟ ହୋଇଥିଲି । ପୁସ୍ତକ ଲିଖିତ ହେଲେ ରାଜା ମହୋଦୟ ମୁଦ୍ରଣ ବ୍ୟୟ ବହନ କରିବାକୁ ସ୍ୱତଃ ସ୍ୱୀକୃତ ହୋଇଥିଲେ । ମାନନୀୟ ରାଜା ମହୋଦୟ ମୋର ସାହିତ୍ୟ ସେବାର ପ୍ରଧାନ ଉତ୍ସାହଦାତା । ପ୍ରାୟ ଛଶତ ଟଙ୍କା ବ୍ୟୟରେ "ବଙ୍ଗମାଦିତ୍ୟ" ଛପାଇଦେଇ ମୋତେ ଜୀବନ୍ତ ଉତ୍ସାହରେ ଉତ୍ସାହିତ କରିଅଛନ୍ତି । କେବଳ ଏତିକି ନୁହେଁ, ମୋର ଅବସ୍ଥା ଅସ୍ୱଚ୍ଛଳ ଜାଣି ଦୁଇ ବର୍ଷ ହେଲା ମୋତେ ମାସିକ ଅର୍ଥ ସାହାଯ୍ୟ କରି ଆସୁଅଛନ୍ତି । ରାଜା ମହୋଦୟଙ୍କର ଏହି ଅସାଧାରଣ ଅନୁକମ୍ପା ସକାଶ ମୁଁ ସପ୍ତ ଜନ୍ମରେ ସୁଦ୍ଧା ତାହାଙ୍କ ନିକଟରେ ଋଣୀ ରହିବି । କୃତଜ୍ଞତା ଯଦି ସ୍ୱତଆଭରଣ ପଦାର୍ଥବିଶେଷ ହୋଇଥାନ୍ତା ଏବଂ ଅନ୍ୟ ସୁନ୍ଦର ପୃଥିବୀର ସୁନ୍ଦରତମ ମଣିମାଣିକ୍ୟରେ ଖଚିତ ହୋଇଥାନ୍ତା, ତେବେ ତାହା ରାଜାଙ୍କ ଉପକାରର କଥଞ୍ଚିତ ପ୍ରତିଦାନ ହୋଇପାରନ୍ତା । ନଚେତ୍ ଅନ୍ୟ ପ୍ରତିଦାନ ନାହିଁ ।

ଭଦ୍ରକ
୧ । ୬ । ୧୮

ଶ୍ରୀ ଚନ୍ଦ୍ରମଣି ମହାନ୍ତ

# ସୂଚୀ

୧ । ଜାନକୀଙ୍କ ପ୍ରତି ରାମଚନ୍ଦ୍ର

୨ । ସୁଭଦ୍ରାଙ୍କ ପ୍ରତି ଅର୍ଜ୍ଜୁନ

୩ । ଦେବଯାନୀଙ୍କ ପ୍ରତି କଚ

୪ । ମହାଶ୍ୱେତାଙ୍କ ପ୍ରତି ପୁଣ୍ଡରୀକ

୫ । ମାୟାବତୀଙ୍କ ପ୍ରତି ମଦନ

୬ । କମଳକାମିନୀଙ୍କ ପ୍ରତି କୁମାରନାଥ

# ପ୍ରତିଲେଖା

[ କବିବର ରାୟ ରାଧାନାଥ ରାୟ ବାହାଦୁରଙ୍କ ବିରଚିତ "ଲେଖାବଳୀ"ର ଉତ୍ତର ]

## ଜାନକୀଙ୍କ ପ୍ରତି ରାମଚନ୍ଦ୍ର

ଆଜି ଶୁଭଦିନ ସୀତେ ଦୁଃଖି-ରାମ ପକ୍ଷେ
ଭାଗ୍ୟଦେବୀ ଅକସ୍ମାତ ପ୍ରସନ୍ନ ତା ପ୍ରତି
( ହାୟ ଯେଉଁ ଦେବୀ ତାକୁ ଏତେକାଳଯାଏଁ
ଦେଖିଥିଲେ ଘୃଣାଭରେ ତାର କର୍ମଦୋଷେ । )
ତବ କୃପାପତ୍ର ପ୍ରିୟେ, ବୋଲିଦେଲ ଆହା
ବିଷାଦ ବଲ୍ଲମ-କ୍ଷତେ ଅମୃତ ମଲମ ।
କି ଲେଖିବି ପ୍ରତିଲେଖ, କେଉଁ ମୁଖେ ଅବା,
ଦୁଷ୍କୃତିର ଦଗ୍‌ଧ ସ୍ମୃତି ଆଣେ ଘୋର ଲଜ୍ଜା,
ଧିକ୍କାରେ ସୂଚାଏ ସଦା ଆତ୍ମକୃତ ପାପ,
ନିଜକୁ ଚାବୁକାଘାତ କରେ ନିଜ ମନ ।
ଲେଖିବାକୁ ଅଗ୍ରସର ହେଉଛି ଯେତିକି
ଇଚ୍ଛା ମୋର, ତଦ୍‌ଅଣ୍ଟ ତେତିକି ପଛକୁ
କି ଏକ ସଙ୍କୋଚ ଭାବ ପ୍ରବଳେ ତାହାକୁ,
ଯଥା ରାଜଦର୍ଶନାର୍ଥୀ-ଅପରାଧୀ-ଜନେ
ଠେଲିଦିଏ ଦୌବାରିକ ଗଳଥା ପ୍ରଦାନି,
ଅଥବା ସମାଜ ଯଥା ସ୍ୱଦେଶଦ୍ରୋହୀକୁ ।
ତୁମ୍ଭେ ସତୀସେବ୍ୟା ମହାସତୀ, ମୁଁ ତୁମ୍ଭର
ଅକିଞ୍ଚନ, ଅଭାଜନ, ଅତ୍ୟାଚାରୀ ପତି,
ଅଦୋଷେ ପେଷିଲି ବନେ, ଅନାଥିନୀ କରି
ବୁଦ୍ଧିହୀନ ସତ୍ୟ-ଶୂନ୍ୟ ବ୍ୟର୍ଥ ଅପବାଦେ,
ଧିକ୍ ମୁଁ ପାମର, ଯାହା ତୁମ୍ଭଠାରୁ ବଳି
ମଣିଲି ଲୋକାପବାଦ ଭୟେ ମୂଲ୍ୟବାନ,
ସୀତେ, ତୁମ୍ଭେ କ୍ଷମାବତୀ ପୁଣ୍ୟବତୀ ଦେବୀ,
ଏ ଦାରୁଣ ଅପମାନ, ଭୀଷଣ ଦୁର୍ଗତି
ପାସୋରି ଦୁଃସ୍ୱପ୍ନ ପ୍ରାୟ କ୍ଷମିଲ ଗୋ ମୋତେ
ଇଚ୍ଛିଥିଲେ ପାରିଥାନ୍ତ ଉଗ୍ର ଶାପାନଳେ
କରି ମୋତେ ଭସ୍ମୀଭୂତ, ମାତ୍ର ତା ବଦଳେ
ପ୍ରଦର୍ଶିଲ ବହୁଗୁଣ ଭକ୍ତି ପୂର୍ବଠାରୁ,
ସୌଜନ୍ୟଦୈବତେ, ଏହା ନୁହେଁ କି ତୁମ୍ଭର
ଆଦର୍ଶ ଚରିତ୍ର-ଚିତ୍ର-ପବିତ୍ର-ମହିମା ।
ଗାଇଦିଏ ପୁଷ୍ପେ ଅଳି ଗୁଣୁଗୁଣୁ ସ୍ୱରେ,
କରେ ପଦାଘାତ, ଏତେ ଉତ୍ପୀଡ଼ନସତ୍ତ୍ୱେ
ଉତ୍ତରେ ସ୍ୱମଧୁ ଟିକି ତାହାକୁ ସୁମନ ।
ଇକ୍ଷୁଦଣ୍ଡେ ଦନ୍ତମାରେ ପେଷିବ ଯେତିକି,
ତେତିକି ସେ ରସଦାନେ ଶୀତଳିବ ପ୍ରାଣ,
ଢାଳିଦିଏ ପ୍ରଭାକର ତପ୍ତକରଧାର
ପଦ୍ମ ଅଙ୍ଗେ, ତଥାପି ସେ ପ୍ରଭାକର-ପ୍ରାଣା ।
ଅମର-ଅକ୍ଷମ୍ୟ ଯେଉଁ ଗୁରୁତର ପାପ,
କ୍ଷମିଲ ସେ ପାପ ମୋର ତୁମ୍ଭେ ଅବହେଳେ
ଅମର୍ତ୍ତ୍ୟ ଆସନୁ ଉଚ୍ଚ ତୁମ୍ଭର ଆସନ ।
ତାପସ-ତନୟେ, ତୁମ୍ଭେ ସ୍ୱଭାବତାପସୀ,
ଆଜନ୍ମ ସଂଯମବତୀ ମହାଧୈର୍ଯ୍ୟଶୀଳା,
ସର୍ବଂସହା, ଯଥା ତବ ମହୀୟସୀ ମାତା,
ଯେତିକି କୃଷାଣ ତାକୁ କରେ ହଣାମରି
ତେତିକି ପ୍ରଦାନେ ସେହୁ ରତନ କାଞ୍ଚନ ।
ସମ୍ବୋଧିଛ ରାଜା ବୋଲି, ମାତ୍ର ମୋହୋ ପରି

ଅଭୀଷ୍ଟସର୍ବସ୍ୱ ଭାଗ୍ୟେ ରାଜପଦ ସିନା
ସୀତାଙ୍କ କରୁଣାର ଅପବ୍ୟବହାର;
ଭାଗ୍ୟ ଯଦି ନିୟମିତ ହୋଇଥାନ୍ତା ତବେ,
ତେବେ ଯେ ଚଣ୍ଡାଳୁ ଊଣା, ତାହା ଭାଗ୍ୟ ସହ
ବଦଳାଇନଥାନ୍ତା ଏ ଦଗ୍ଧ ଭାଗ୍ୟ ମୋର।
ହୋଇପାର ତୁମ୍ଭେ ମୋର ପ୍ରଜା, ମାତ୍ର ମୋର
କ୍ଷୁଦ୍ର ହୃଦ ନଷ୍ଟେ ତବ ରାଜସିଂହାସନ।

କି ହେବ ଚାହିଁଲେ ଦେବି, ନ ଚାହେଁ କି ହାୟ
ଚନ୍ଦ୍ରିକାକୁ ଚନ୍ଦ୍ର, କମ୍ପା ଶକ୍ତିକୁ ଶରୀର?
ମାତ୍ର ମୋର ଭାଗ୍ୟଦୋଷୁଁ ବଞ୍ଚିତ ମୁଁ ଏବେ—
ମୋର ବୋଲି କହିବାକୁ ତୁମ୍ଭଙ୍କୁ ସୁନ୍ଦରି!
ତଥାପି ତୁମ୍ଭେ ଯା ମୋତେ ମଣୁଛ ଆତ୍ମୀୟ,
ସେ ତୁମ୍ଭର, କୃପାମୟି, କୃପା-ନିଦର୍ଶନ।
ଚକ୍ଷୁ ଥିବେ, ଅନ୍ଧ ହୋଇ ମୁଁ ମୂଢ଼ ପାମର
ନିର୍ମଳ ଚରିତ୍ରେ ତବ କଲି ଦୋଷାରୋପ,
ଏଣୁ ତବ ପୂତ ନାମ ଉଚ୍ଚାରଣେ ସତି,
ଖଣ୍ଡୁ ନାହିଁ ଏ ପାପୀର ତିଳେହେଁ ବଦନ।
ଯେଉଁ ସୁକୃତରୁ ମୁହିଁ ହେଲି ତବ ପତି,
ପୁଣି ଯେଉଁ ଦୁଷ୍କୃତରୁ ହେଲି ଏ ବର୍ବର
ଜାଣି ତୁମ୍ଭେ, ଗୁଣବତି, କେ କହିବ ତାହା?
କି ବସ୍ତୁରେ ବିଷବୃକ୍ଷେ ଛନ୍ଦିଲା ବିଧାତା
ସ୍ୱର୍ଗ ସ୍ୱର୍ଣ୍ଣବଲ୍ଲୀ, ତାହା ତାହାଙ୍କୁ ହିଁ ଜଣା।

ସୀତେ, ତୁମ୍ଭେ ଅଯୋଧ୍ୟାର ରାଜଲକ୍ଷ୍ମୀ, ପୁଣି
ଶୋଭାଲକ୍ଷ୍ମୀ, ସରଃଲକ୍ଷ୍ମୀ ସରୋଜିନୀ ଯଥା,
ତୁମ୍ଭର ଅଭାବେ ଏବେ ଭଜନ୍ତି ଅଭାଗୀ
ହତଶ୍ରୀ ଅବସ୍ଥା। ତାକୁ ଛାଡ଼ିଲ ଯେ କାଳେ
ତୁମ୍ଭେ, ( ମୋର ସୁକଠୋର ନିର୍ମମ ଆଦେଶେ )
ବହିଲା ସେକାଳେ ଘୋର ବିଷାଦ-ଝଟିକା,
ବିସର୍ଜି ଆହାର ପାନ ଝୁରିଲା ନଗରୀ,
ହସ୍ତିଶାଳେ ହସ୍ତିଗଣ କାନ୍ଦିଲେ ବିକଳେ,
ଅଶ୍ୱେ ମନ୍ଦୁରାରେ, ପକ୍ଷୀ ପିଞ୍ଜରେ, ଶାଖାରେ
କାନ୍ଦିଲେ ନୀରବେ ଆହା ଆକାଶ ପାତାଳ,
କାନ୍ଦିଲେ ଭାସ୍କର, ଆମ୍ଭ କୁଳ-ଅଧିଦେବ
ବୃଷ୍ଟିଧାର ବ୍ୟାଜେ, ହାୟ ସୃଷ୍ଟିର ଭିତର
ଧରିଲା ଯେସନେ ଦୀକ୍ଷା ଶୋକ-ଗୁରୁଠାରୁ।
ସକଳେ ମୋ ପ୍ରତି ଯେତେ ପ୍ରକାଶିଲେ ଘୃଣା,
ଢାଳିଲେ ମୋ ଶିରେ ମୌନ ଅଭିଶାପ ଅଗ୍ନି,
ନୀରବ ଭର୍ତ୍ସନା-ବାଣ, ରଚିଲା ସର୍ବସ
ତୁମ୍ଭର ପ୍ରଶଂସା, ଆଉ ମୋର ନିନ୍ଦାବାଦ।
ବହିଲା ସରଯୂ ସ୍ରୋତ ପ୍ରାନ୍ତରେ ଉଛୁଳି,
ତା ସହ ଉଛୁଳି ପୁଣି ବହିଲା କେତେ
ଅତୀତ ସ୍ମୃତିର ସ୍ରୋତ, ଉଠିଲାକ ବାଜି
ଜୀବନ-ଯମୁନା ତୀରେ ବିଷାଦ-ମୁରଲୀ
କୋଟି ରନ୍ଧ୍ରେ, କୋଟି ସ୍ୱରେ, କି କହିବ ତାହା,
ଯେଉଁ ଫଳ ଅବା ଗାଇ ସେ ବିଫଳ ଗୀତ,
ଶୁଣି ତାହା ହେବ ସିନା ଅପବ୍ୟୟ ଖାଲି
ତୁମ୍ଭର ପବିତ୍ର ଅଶ୍ରୁ, ଢାଳିଲେ ଅନଳେ
ଅଧିକ ଉତ୍ତାପ ସିନା ଜାଗିବ ଶରୀରେ।
ସେକାଳେ ଆକୁଳ ଯେତେ ହେଲା ଗୋ ହୃଦୟ
ବର୍ଣ୍ଣିବାକୁ ନାହିଁ ତାର ଜୀବପ୍ରାଣ ଭାଷା?
ଯେଉଁରୂପେ ହୃଦ ଯଦି ହୁଅନ୍ତା ଦେଖାଇ,
ବୁଝନ୍ତ ତା ଦେଖି ତୁମ୍ଭେ ଏ ଦୀନ କଷଣ।
ତୁମ୍ଭଙ୍କୁ ଅନ୍ତର ଦେଖି ବୁଦ୍ଧିବୃତ୍ତି ଆଦି
ତେଜିଲେ ସକଳେ ମୋତେ, ହାୟ ପୂର୍ବେ ଯେବେ
ହରିଲି ବନବାସେ ତୁମ୍ଭଙ୍କୁ ପ୍ରେୟସି,
ସେ କାଳରେ ବଳେ ବଳେ ପାଶେ ଆସି ଆଶା
ଦେଉଥିଲା ମୁହୁର୍ମୁହୁଃ ଅଶେଷ ସାନ୍ତ୍ୱନା,
ମାତ୍ର ଏବେ ସେହୁ ସୁଦ୍ଧା ନ ପଶିଲା କତି,
ତେଜିଲେ ସକଳେ, ମାତ୍ର ନ ତେଜିଲା ଏକା
ଜ୍ୱଳନ୍ତ-ଯନ୍ତ୍ରଣା-ସ୍ମୃତି, ଆସି ଦୁଷ୍ଟା ସଦା
ଦୂତୀରୂପେ, କ୍ଷଣେ କ୍ଷଣେ କହେ ତୁମ୍ଭ କଥା;
ଶୁଣି ତାର ସେ କରୁଣ କଠୋର ବଚନ
ମନ ବନ୍ଧେ, ନ ପାରିଲି ରଖି ଅବ୍ୟାହତ

ଧୈର୍ଯ୍ୟ । ତୁମ୍ଭ ପରେ ଆସି ଅଦ୍ଭୁତ ପାପ—
ଭୀଷଣ ମୂରତି, ରୋଷ-କଷାୟିତ-ନେତ୍ରେ
ଦେଖାଇ ତର୍ଜନୀ ଗର୍ଜି ତର୍ଜିଲା ବଜ୍ରରେ;
ଘାରିଲା ଆଗଣା ଶତ ଆଗଣା ଶତରେ,
ଭାବିଲି ମୋ ପାତକର ଯୋଗ୍ୟ ପ୍ରାୟଶ୍ଚିତ୍ତ
କି ଅଛି ବ୍ୟବସ୍ଥା-ଶାସ୍ତ୍ରେ, ମୃତ୍ୟୁ ଭିନ୍ନ ଆଉ ?
ତେବେ ଯେ ସାଧିଲି ତୁମ୍ଭ ମୃତ୍ୟୁକୁ ହାତରେ
କର ଯୋଡ଼ି, ସବିନୟେ ମାଗିଲି ଶରଣ,
ମାତ୍ର କି କହିବି ଦେବି, ଶୁଣିଲେ ଯା' ନାମ
କମ୍ପିଉଠେ ଉଗ୍ରତର ବକ୍ଷ ଥରହର,
ସେ ମୃତ୍ୟୁ ଡରିଲା ମୋର ସମ୍ମୁଖୁଁ ପାପେ ।
ବିରହ-ବେଦନା ତବ ନ ପାରଣ ସହି
ନିର୍ମାଣିଲି ସ୍ୱହସ୍ତେ ଚିତା, ମାତ୍ର ସେ ଜାଳିଲା
ତୀବ୍ର ଚିତା, ଦହିଲାକ ହୃଦୟ-କାନନେ,
ହୋଇଥିଲା ଦଗ୍ଧ ସେତୁ ନିର୍ମାଣ ସମୟେ
ବଣିଆ ଚୋହିରେ ଯଥା, ଅଗ୍ନିକୁଣ୍ଡେ କୁଣ୍ଡ;
ଫିଟାଇ ସେ ସ୍ମୃତି-ପୋଥି ଗାଇଲା କରୁଣେ
ଶୋକଛନ୍ଦେ ଶୋକ ଅଧ୍ୟା, ମନ୍ଦ୍ର ମୌନସ୍ୱରେ ।
ଥାଉ ସେ ବିଗତ କଥା, କି ଲାଭ ତହିଁରେ,
ବୈଶାଖ ପଞ୍ଜିକା ପୃଷ୍ଠା କୌତୁକେ ଓଲଟାଇ
ମିଳିବ କି ଫଳ, ଖାଲି ବ୍ୟର୍ଥ ଶ୍ରମ ବିନା ।
ନୀରବ ଦୃଷ୍ଟାନ୍ତ ଯାହା ଦେଖାଇଛ ଦେବି,
ନୁହେଁ ତାହା ମନଃପୂତ ମୋର, ଜାଣେ ଘନ
ଏକାନ୍ତ ଆଶ୍ରିତା ତାର ତୃଷାର୍ତ୍ତା ଚାତକୀ,
ତଥାପି ଯଦ୍ୟପି କରେ ତାହାକୁ ନିରାଶ,
ତେବେ କେଉଁ ପ୍ରଭୁପଣ ତାହା ନୀରଦର ?
ସର୍ବାଗ୍ରେ ଶାଖାକୁ ଖାଦ୍ୟ ଯୋଗାଇ ପାଦପ,
ଦେଇ ସିନା ପୁଷ୍ଟ କରେ ଉପବୃକ୍ଷ ଅଙ୍ଗ ।

ବର୍ଜି ନାହିଁ ତୁମ୍ଭକୁ ମୁଁ ଯଶୋଲାଭ ଆଶେ,
ବରଂ ଅର୍ଜିଛି ନିନ୍ଦା, କି କହିବ ହାୟ,
ଦାନବ-ପ୍ରକୃତି ଦୁଷ୍ଟା, ଠେଲିଦେଲା କୁହେ
ମାନବ-ସୁଲଭ ମୋର ହୃଦୟ ମହତ୍ତ୍ୱେ,
ଅନାୟତ୍ତେ, ତେଣୁ ଦ୍ୱିଧେ ତେଜିଲି ତୁମ୍ଭଙ୍କୁ ।
ସେହି ଅତଗ୍ରର ହେତୁ ବ୍ୟାପିଗଲା ଗତେ
ଲୋକ-ନିନ୍ଦା ଅପବାଦ ଚୌଦିଗେ ମୋ ନାମେ,
ବ୍ୟାପେ ଯଥା ଭଗ୍ନବନ୍ଧ ଜଳାଶୟ ଜଳ,
ବର୍ଜି ତୁମ୍ଭଙ୍କୁ କଲି ପ୍ରଜାଙ୍କୁ ସନ୍ତୁଷ୍ଟ,
ନଦୀର ସ୍ୱଭାବ, ସେତୁ ଖାଇ ଏକ କୂଳ
ଦାନେ ଆନ କୂଳ, ଏଥେ କେଉଁ ଯଶ ତାର ।
ସମ୍ମାନର ପୁଷ୍ପାଞ୍ଜଳି ଲଭି ଭଲି ତୁମ୍ଭେ,
ମଣ୍ଡିଲି ମୁଁ ଦର୍ପ ଶିରେ ଅଖ୍ୟାତି-କିରୀଟ ।
ବହାଇଲ ତୁମ୍ଭେ ଯେଉଁ ନବୀନ କୀର୍ତ୍ତିର
ନବ ମନ୍ଦାକିନୀ-ଧାର, ଶୀତଳ ନିର୍ମଳ,
ଦେଖାଇଲ ପୁଣି ଯେଉଁ ନବ ସାହିତ୍ୟର
ସରସ ନବୀନ ଭାବ, ଅନଶ୍ୱର ତାହା ।
ଅମ୍ଳାନ ପାରିଜାତର ଚରିତ ତୁମ୍ଭର,
ବିତରିବ ସୁଗନ୍ଧ ସେ ସଦା ସମଭାବେ ।

ଦେଖିବାକୁ ମୋତେ ତୁମ୍ଭେ ହୀନମନା ସତତ,
କିନ୍ତୁ ଦେଖାଦେଇ ତବ ବିପୁଳ ଧୈର୍ଯ୍ୟର—
ବିଶ୍ୱଜୟୀ ସ୍ୱର୍ଣ୍ଣ-ସୌଧ କରିବାକୁ ଭଗ୍ନ
ଶୋକାର୍ପିତ ଆତ୍ମା ସଦା ଅକ୍ଷମ ମୋହର ।

ଧନେ ଧନେ କେତେ ଦୁଃଖ ଭୁଞ୍ଜିଲ ବୈଦେହି !
ଦାରୁଣ ବିପଦ ମଧ୍ୟେ ତୋଳିଲ ଯେବଣ
ଚରିତ୍ର-କାଞ୍ଚନ-ସୌଧ, ଯଶୋରତ୍ନଚୂଡ଼,
ମୁକ୍ତିର-ମନ୍ଦିର ତାହା ଚିର ଅନଶ୍ୱର ।
ବିପଦ-ଦାରିଦ୍ର୍ୟ ବେନି କରନ୍ତି ମାନବେ
ବିଶୁଦ୍ଧ ଉଜ୍ଜ୍ୱଳ, ଆମ୍ଭ ପୂର୍ବ ପିତାମହୀ
ସାଧ୍ୱୀସେବ୍ୟା ଶୈବ୍ୟା ଦେବୀ, ସହି ବହୁ କ୍ଲେଶ
ସୁଜିଗଲେ ନାରୀକୁଳେ ମହିମା-ମୁକୁଟ
ତେଜସ୍କର, ତେଜସ୍କର ଯଥା ଆମ୍ଭ ବଂଶ—
ଅଧିଦେବ ପ୍ରଭାକର ପ୍ରଭା, ଯେଉଁ କୁଳ
ମଣ୍ଡିଥିଲେ ଶୈବ୍ୟା, ସେହି କୁଳେ କୁଳବଧୂ,

ତୁମ୍ଭେ, ହେଲ ତାହାଙ୍କର କୀର୍ତ୍ତିର ଦାୟାଦ,
ରଘୁବଧୂ ! ରଘୁକୁଳ ଧନ୍ୟ ତବ ଯୋଗେ ।

ପ୍ରଶଂସିଛ ନିଜ ଗୁଣେ ବାହୁବଳେ ମୋର;
ଲଜ୍ଜିତମସ୍ତକେ କିପା ପ୍ରସ୍ତର ମୁକୁଟ ?
ନାହିଁ ଯାର ହୃଦବଳ ନୈତିକ ସାହସ,
ସେ ତ କାପୁରୁଷ, ତାର ବାହୁବଳ ସିନା
କ୍ଲୀବ ଆସ୍ଫାଳନ—ତାହା ବ୍ୟର୍ଥ, ଶୂନ୍ୟଗର୍ଭ ।
ସାଧିତ ରାବଣ-ବଧ ଭ୍ରାତୃବଳେ ପୁଣି
ତୁମ୍ଭର ଶକ୍ତିରେ, ମୁହିଁ ଉପଲକ୍ଷ ମାତ୍ର ।

ନୁହନ୍ତି ଗୋ ତବ ପୁତ୍ରେ କରୁଣା-ଭିଖାରି,
ବୀର ଶିଶୁ, ପ୍ରତିପାଳି ବିବେଚିତ ଧର୍ମ
ଲଭିବନ୍ତି ସମ୍ମାନର ସ୍ୱର୍ଣ୍ଣ-ସିଂହାସନ;
ସତୀ ପୁତ୍ର, ସତୀ ତେଜେ ତେଜସ୍ୱୀ ବିଶେଷେ,
ସତୀର ଦୁର୍ଜ୍ଜୟ ତେଜ ଯାହାଙ୍କ ଶରୀରେ
କୁଳିଶ-କବଚ ପ୍ରାୟ ରଖିଛି ଆବରି,
କାର ସାଧ୍ୟ ତ୍ରିଭୁବନେ ତାହା କଳେବରେ
ଛୁଇଁବ ଅଙ୍ଗୁଳି ଟିପ, କେ ସେ ଦୁଃସାହସୀ,
କା'ର ଶକ୍ତି ସିଂହୀ-ସୁତେ କରିବ ଧର୍ଷଣ ?
ଲଭୁଛି ମୁଁ ତାଙ୍କ ଠାରେ ରଣେ ପରାଜୟ,
ମାତ୍ର ତହିଁ ନାହିଁ ମୋର ଦୁଃଖ ଅବା କ୍ଷୋଭ,
ପ୍ରତ୍ୟୁତ ମୋ ପକ୍ଷେ ତାହା ଚରମ ଆନନ୍ଦ,
ଗୁଣବାନ ପୁତ୍ରଠାରୁ ଯେଉଁ ପରାଜୟ,
ଜୟଠାରୁ ବଳି ସିନା ତାହା ପ୍ରୀତିପ୍ରଦ,
ବୀରର ବାଞ୍ଛିତ ତାହା, ବୀରର ସୌଭାଗ୍ୟ ।
ନାରୀ-ଆଦର୍ଶିକେ, ସୀତେ, ହେଉପଛେ ସ୍ୱମ
ଯେତେ ହୀନ ଅଭାଜନ କିମ୍ବା ଅଭିଶପ୍ତ,
ମାତ୍ର ସେହୁ ବୀର-ପିତା ପୁଣି ସତୀ-ପତି,
ଏ ଗୌରବ କେବେ ତାର ନ ହେବ ମଳିନ ।
ତୁମ୍ଭର ସତୀତ୍ୱ ତେଜେ ମୋର ଏ କଳଙ୍କ
ଭସ୍ମ ହୋଇ ଉଡ଼ିଯିବ ଏହା ମୋ ବିଶ୍ୱାସ;
ତୁମ୍ଭ ପରି ନାରୀରତ୍ନ କୁଳ-ସମୁଜ୍ଜ୍ୱଳା,
ମିଳୁ ମୋତେ ଜନ୍ମେ ଜନ୍ମେ, ମାତ୍ର ତୁମ୍ଭ ଭାଗ୍ୟେ
ମୋ ଭଳି ଅଧମ ପତି ନ ରହୁ ବିଧାତା ।
ତୁମ୍ଭେ ମୋର, କିନ୍ତୁ ସୀତେ, ମୁଁ ତୁମ୍ଭର ବୋଲି
କହିବି ବା କେଉଁ ମୁଖେ, ଲଜ୍ଜା-ମଥା ଖାଇ,
ତୁମ୍ଭ ସେବା ତୁମ୍ଭ ଯତ୍ନ ସ୍ମରିଲେ ସଜନି,
ଦୁର୍ଦ୍ଦମିତ ଶୋକାବେଗ ଉଚ୍ଛୃଙ୍ଖଳ ସ୍ରୋତେ
ହୁଏ ହୃଦ ବିକ୍ଷୋଭିତ, ଆସେ ଅଶ୍ରୁ ନେତ୍ରେ,
ସେ ନିର୍ବାକ ଅଶ୍ରୁ, ପ୍ରିୟେ କହିବ ତୁମ୍ଭକୁ
ଜ୍ୱାଳାମୟ ହୃଦୟର ଭିତର କାହାଣୀ,
ଅକଥିତ ଯେଉଁ ବ୍ୟଥା ସାରସ୍ୱତ ତୁଣ୍ଡେ,
ବିନ୍ଦୁଏ ଅଶ୍ରୁରେ ତାହା ହୁଏ ପ୍ରତିଭାତ ।
କେଉଁ ଉପକାର ତୁମ୍ଭେ ନ ସାଧିଛ ମୋର,
ସେହି ମୁହିଁ ଅକୃତଜ୍ଞ ବର୍ଜିଲି ତୁମ୍ଭକୁ
ଅଦୋଷେ, ଏହି ତ ମୋର ନୈତିକ ବିବେକ,
ଛି-ଛି ଶତ ଧିକ ମୋର ନୃପତି-ଗୌରବେ ।
କାପାଇଁ ଅକାଳ ମୃତ୍ୟୁ ଆଶଙ୍କା ପ୍ରେୟସି,
ରଖିବ ତୁମ୍ଭଙ୍କୁ ତୁମ୍ଭ ଧର୍ମ ଚିରକାଳ ।

ପମ୍ପାସର ପୂର୍ବସ୍ମୃତି ଉଦ୍‌ବୋଧି ମୈଥିଳି,
ଲେଖିଅଛି ଶୋକ-ଲେଖ, କି ଫଳ ତହିଁରେ ?
ଦୁଃଖକାଳେ ସୁଖ-ସ୍ମୃତି ବଜ୍ରବ୍ୟଥା ସିନା ।
ଫୁଙ୍କିଲେ ଅନଳ-ସ୍ତୂପେ, ଲଭିବ ଉତ୍ତାପ
ବହୁଗୁଣେ, ହେବ ତହିଁ ସନ୍ତୁଳ କେବଳ,
କେଉଁ ଫଳ ଦଗ୍ଧ କ୍ଷତେ ଅନଳ ପ୍ରଲେପେ ।
ତୁମ୍ଭ ଯୋଗେ ରଘୁକୁଳେ ଲାଗିଲା କଳଙ୍କ
ଏ ତୁମ୍ଭର ଭ୍ରାନ୍ତ ଉକ୍ତି, ହୋଇଛି ଉଜ୍ଜ୍ୱଳ
ତବ ଯୋଗେ ରଘୁକୁଳ, ପୂତ ପ୍ରଶସ୍ତିତ
କେବଳ ଲେପିଲି ତହିଁ କଳଙ୍କ-କାଳିମା
ଏ ଦୁର୍ଭାଗ୍ୟ, ସେହି ବଂଶ-ଅଯୋଗ୍ୟ-ସନ୍ତାନ,
ଶବ ଦେହେ ଅଳଙ୍କାର ସମ ତା ଉପାଧି ।
ମଣ୍ଡିଲେ ଯେ ସିଂହାସନେ ହରିଶ୍ଚନ୍ଦ୍ର, ରଘୁ

ପୁଣ୍ୟଶ୍ଳୋକ ଦେବକଙ୍କ ନୃପେ, ଏବେ ହାୟ
ଅପବାଦ କଳୁଷିତ ମୋ ପରଶେ ତାହା !
କେବଳ କି ମୁନିଋଷି ଆବାସ ଅରଣ୍ୟ,
ଥାଆନ୍ତି ତହିଁରେ ସୁଦ୍ଧା ବତଧ ସ୍ୱାପଦେ ।

କି ଗୀତ ଗାଇବେ ଶିଶୁ, ମୋ ଅତୀତ-ଗୀତ ?
କ୍ଷମା କର ଦେବ, ଶୁଣି ଆତ୍ମ-ଦୁଷ୍କରଣୀ
ଲଜ୍ଜାରେ ଅଧୋବଦନ ହେବ ସିନା ସତ !
ନ ଭୁଲ ଗୋ ଯେଉଁସୁପୁତ୍ର ସ୍ମୃତି-ଦାଗୁଣୀକି ।
ତପଫଳ ବୈଦେହୀ, ତବ ମୃତ୍ୟୁର ଆଶଙ୍କା,
ଲଭିଲଣି କର୍ମେ ତୁମ୍ଭେ ତାର ଅମରତା,
ଆଦର୍ଶ ସ୍ୱାମୀସ୍ତ ଯେଉଁ ଜନନୀ ଜାତିରେ,
ଆବର ଗୃହିଣୀ-କନ୍ୟା-ଭଗିନୀରୂପରେ,
ଗାଇବ ଯା ଯଶୋଗାଥା ଭବିଷ୍ୟ ପୁରାଣ
ଶତ କଣ୍ଠେ, କୋଟି କଣ୍ଠେ ଗାଇବେ ମାନବେ,
ତାର ପୁଣି କାହିଁ ମୃତ୍ୟୁ, ଛୁଇଁଲେ ସେ ତାକୁ
ସତୀତ୍ୱର ବ୍ରହ୍ମତେଜେ ଯିବ ଦୁଷ୍ଟ ଜଳ ।
ନ ପୋଷ ଗୋ ଚିନ୍ତା ଦେବ, ଶିଶୁଙ୍କ ସକାଶେ
ଜୀବନ-ପ୍ରଭାତେ ଦୁହେଁ ରବିଶଶୀ ରୂପେ
ଉଇଁ ଏ ଅରଣ୍ୟାକାଶେ, ପ୍ରବୀର-ବରେଣ୍ୟ,
ମନୁଷ୍ୟତ୍ୱ ମହିମାର ମାଣିକ୍ୟ-ମୟୂଖେ—
ସ୍ନିଗ୍ଧୋଜ୍ଜ୍ୱଳ, ତପୋବନେ କରନ୍ତି ରଞ୍ଜିତ,
ସ୍ୱଳଚନ୍ଦ୍ରବର୍ତ୍ତୀ ଚକ୍ରେ ଚକ୍ରିତ ଶିଶୁଏ,
ଭବିଷ୍ୟ ଅଦୃଷ୍ଟ ତାଙ୍କ ଉଜ୍ଜ୍ୱଳ ମଙ୍ଗଳ,
ତାଙ୍କ ପାଇଁ ବୃଥା ବ୍ୟଥା ନ ଲଭ ଜାନକି !

ସଦା ଶୋକାତୁର ମାତା କୌଶଲ୍ୟା ସୁମିତ୍ରା
ତୁମ୍ଭ ପାଇଁ, କହ ତାଙ୍କୁ ତୁମ୍ଭର ବାରତା
କରିବାକୁ ଶୋକ ତାଙ୍କ ଦୂରକି ବହୁଗୁଣ
ନ ଘଟେ ସାହସ ମୋର, କ୍ଷମା କର ଦେବ,
ପାଳନେ ଅକ୍ଷମ ମୁହିଁ ସେହି ଅନୁରୋଧ,
କେବଳ କି ମାତୃହୃଦୟ କାନ୍ଦନ୍ତି ସତତ,
କାନ୍ଦୁଛନ୍ତି ତୁମ୍ଭ ପାଇଁ ପ୍ରକୃତି-ସୁନ୍ଦରୀ,
ବହୁଛନ୍ତି ବନଗିରି ପୃଥ୍ୱୀ ତରଙ୍ଗିଣୀ
ବହୁଛନ୍ତି ପୁଣି ଖେଦେ ଆକାଶ ପାତାଳ ।

ଲେଖିଅଛି ଚନ୍ଦ୍ରକେତୁ କଥା ସୁକୁମାର,
ପ୍ରେରିଲି ତାହାକୁ ତବ ଉପରୋଧମତେ,
ଚରିବେ ଦେବତା ଶିଶୁ, ପିତୃଠାରୁ ବଳି
କରେ ମୋତେ ଶ୍ରଦ୍ଧାଭକ୍ତି, ତଥା ତୁମ୍ଭଙ୍କୁ ସେ
ମଣେ ମାତା ତୁଲ୍ୟ, ସ୍ୱୀୟ ମାତାରୁ ଅଧିକ,
ବଞ୍ଚିଥାଉ ବତ୍ସ ବହି କୀରତ-କଣ୍ଠେ;
ସିଞ୍ଚ ଏହି ଆଶୀର୍ବାଦ-ସୁଧା ତାହା ଶିରେ ।
ହେଉଛନ୍ତି ବଦାୟୁ ଏବେ, ଯଜ୍ଞ ସାଙ୍ଗ ପରେ
ଆସି ଏହି ତମୋନାଶି-ପୁଣ୍ୟ-ତପୋବନେ
ମାଗିବ ସ୍ୱ-ଅପରାଧ କ୍ଷମା, ତୁମ୍ଭ କତ,—
ତପୋନିଷ୍ଠ ବାଲ୍ମୀକିଙ୍କ ପଦେ, ମୁନିବରେ
କରିବି ପ୍ରସନ୍ନ, ସତ, ସପୁତ୍ର ତୁମ୍ଭଙ୍କୁ
ମାଗିନେବ ତାଙ୍କଠାରୁ ଦୀନ ଭିକ୍ଷୁ ରୂପେ ।
ଉଭୟେ କ୍ଷମିବ ମୋତେ ଜାଣେ ମୁଁ ନିର୍ଭର,
ସତୀ, ଯତି ଦେନି କ୍ଷମା-କରୁଣା-ନିର୍ଝର ।

## ସୁଭଦ୍ରାଙ୍କ ପ୍ରତି ଅର୍ଜୁନ

ଲେଖ ନା, ଏ ପ୍ରଶ୍ନଟି ସୁଭଦ୍ରେ ତୁମ୍ଭର,
ଅବା ତୁମ୍ଭେ ସ୍ୱୟଂ ଆସି ସମର୍ପୁଛ ମୋତେ
ପ୍ରୀତିର ସଙ୍ଖୋଳା, କିଛି ପାରୁ ନାହିଁ ବୁଝି ।
କିମ୍ବା ଏ ଉନ୍ମତ୍ତ ସ୍ମୃତି-ଫଳକ-ଚିତ୍ରର ?
ଅହୋ କି ଆଶ୍ଚର୍ଯ୍ୟ ପୁଣି, ଏ ଚିଠାଉ ତବ
ଫୁଟାଉଛି ଦେବୀ, ତବ ପ୍ରାଣର ବୈକଲ୍ୟ,
ଅନ୍ତରର ବ୍ୟଥା ତବ ଧରି ଛନ୍ଦ ସ୍ୱର,
ହେଉଛି ଧ୍ୱନିତ ତହିଁ, ମୌନେ ଶୋକଭାବେ ।
ସେ ଦିନୁ ଦେଇଛି ଟେକି ତୁମ୍ଭଙ୍କୁ ହୃଦୟ—
ଯେ ଦିନ ରୈବତ-ଚୂଳେ ବନଦେବୀରୂପେ
ବସି ଗୁନ୍ଥୁଥିଲ ହାର ବନଫୁଲ ତୋଳି,
ସ୍ମିତହାସିନି ଗୋ, ତବ ସ୍ମିତ ହାସ ସହ
ନ ହୋଇ ତୁଲ ସେ ଫୁଲ, ଦିଶୁଥିଲା ମ୍ଲାନ,
ଲାବଣ୍ୟ-ଲଳିତ-ପ୍ରଭା ଉଚ୍ଛୁଥିଲା ଆହା
ତହିଁ ଶରୀରୁ, ଯଥା ପ୍ରଭାତ-ବାନ୍ଧବୀ
ଉଷାଦେହୁ ଉଦ୍ଭାସିତ ଦିବ୍ୟ ସ୍ୱର୍ଗଧାମ,
ଧରିନେଲ ସେହି ଶୋଭା ଚଉଦିଗୁ ମୋହର—
ଦୃଷ୍ଟିମାନେ, ଧରିନାଏ ଯଥା ଅଠାକାଠି
ମୁହୂର୍ତ୍ତେ ବିହଙ୍ଗେ, ତହୁଁ ରହିଲି ମୁଁ ଚାହିଁ
ଶୋକର କାଙ୍ଗାଳୀରୂପେ, ବହୁକ୍ଷଣ ଯାଏ,—
ବହି ଅନବୃତ ଉଗ୍ର ଆକାଙ୍କ୍ଷା ମନରେ ।
କୌମୁଦୀ-ବିଧୌତ ଆସ୍ୟ ଆହା କି ରୁଚିର,
ଖେଳୁଛି ଉପରେ ତାର ଅମରୀ ମହିମା,
ମୁଖ ନୁହେଁ ତାହା, ନିଶ୍ଚେ ଚନ୍ଦ୍ରିକାର ଫୁଲ,
ଅଥବା ଆକାଶ ଧରି ମୁକ୍ତ ଫରୁଆରେ
ରଖିଛି ଅପୂର୍ବ ମଣି,—ବିଚିତ୍ରପ୍ରଭାଭ ।
ଅନବଦ୍ୟ ସେ ମାଧୁରୀ, ଅଯତ୍ନବିନ୍ୟାସ,
ପର୍ଯ୍ୟସ୍ତ ଅନୁଭୂତର ଅନୁଭୂତ ଯହିଁ,
କି ସାଧ୍ୟ ଭାଷାର ତାହା କରିବ ପ୍ରକାଶ ?
ତବ ଅପାର୍ଥିବ ମୂର୍ତ୍ତି ରହିଛି ପ୍ରେୟସି,
ଲାଗି ମୋ ନୟନେ ସଦା, ଜାଗ୍ରତେ ଶୟନେ,
ସୁଷୁପ୍ତି ମଧ୍ୟରେ ଦେଖେ ତୁମ୍ଭଙ୍କୁ ସ୍ୱପନେ ।
ମନସ୍ୱୈରୀ ଅପବାଦ ଅର୍ପିଛ ସୁଭଦ୍ରେ,
ମୋତେ, ତୁମ୍ଭେ ସୁଦ୍ଧା ନୁହ ଊଣା ସେ ବିଦ୍ୟାରେ,
ସ୍ୱୈରି କରି ମନ ମୋର ଗୋ ମନସ୍ୱୈରିଣି,
ଆରୋପିଛ ଦୀନପ୍ରାଣେ ଭଣିତାଏ ଆଶା,
ଜୀବିତ ସେ ଆଶାବଳେ ଅବଧି ଅର୍ଜୁନ ।
ବିଦୁଷୀପ୍ରବରା ତୁମ୍ଭେ କୋମଳପ୍ରକୃତି,
ପୁରୁଷ କଠୋରମତି, ତବ ସହବାସେ
ଶିଖିବ ମୁଁ କୋମଳତା, ଶୁଭଗୁଣଚୟ,
ପୁରୁଷଚରିତ୍ର-ଶୁଦ୍ଧି ନାରୀହାତେ ସିନା ।
ତୁମ୍ଭେ ସତୀ ପୁଣ୍ୟବତୀ ଜାଣିଛି ନିକର
କରିଦେବ ତୁମ୍ଭେ ମୋତେ ନିର୍ଦ୍ଦୋଷ ନିର୍ମଳ ।
ସିନ୍ଧୁଜଳ କଟୁ ହେଉ ତଟିନୀ ରୂପସୀ
ନୁହେଁ ପ୍ରତିକୂଳା ତାର, ପ୍ରତ୍ୟୁତ ସ୍ୱନୀରେ
କରିନାଏ ସଂଶୋଧନ ସିନ୍ଧୁ-ମନ୍ଦଗୁଣ ।
ଯେ ଚିତ୍ର ଚିତ୍ରଣେ ତୁମ୍ଭେ ଅକ୍ଷମ ସର୍ବଥା
କେମନ୍ତେ ଚିତ୍ରିବି ତାହା ମୁଁ ଅଚିତ୍ରକର,
କେବଳ ନୁହଁ ଗୋ ତୁମ୍ଭେ ଚିତ୍ରକଳା-ଶିଳ୍ପୀ
ଭାଷାଶିଳ୍ପେ ୧ ସ୍ୱରଶିଳ୍ପେ ୨ ମହା ଧୁରନ୍ଧରୀ,
ଏତେ ଶିଳ୍ପେ ସୁଦକ୍ଷ ଯେ କେଉଁ ଚିତ୍ର ଅବା
ଅଗୋଚର ତାର, ଧନ, ଭୁକ୍ତଭୋଗୀ ବିନା
କେ ଚିତ୍ରିବ ଅନ୍ତରର ଚିତ୍ର, କେ ବୁଝିବ
ପୀଡ଼ାର ଯନ୍ତ୍ରଣା ହାୟ ପୀଡିତ ବ୍ୟତୀତ ।

୧—କବିତା ୨—ସଙ୍ଗୀତ

ପାରିଧି ଉଦ୍ଦେଶ୍ୟେ ଦିନେ ପ୍ରବେଶି କାନନେ
ଦେଖିଲି କୁରଙ୍ଗୀ ସୁପ୍ତ ବ୍ରତତୀ ନିକୁଞ୍ଜେ,
ଧନୁ ଗୁଣେ ଖର ଶର ଯୋଖି ଖର ଭରେ
ବନ୍ଧିଲି ତାହାକୁ, ଶୁଣି କାର୍ମୁକ ଟଙ୍କାର
ଚାହିଁଲା ମୃଗୁଣୀ ବାସେ ଗ୍ରୀବା ଭଙ୍ଗି ମୋତେ,
ଦେଖି ତା' ଚକିତ ନେତ୍ର, ପଡ଼ିଲାକ ମନେ
ତୁମ୍ଭର ନୟନ-ଶୋଭା, ତହୁଁ ଲକ୍ଷ୍ୟ-ଦକ୍ଷେ
ନ ପଡ଼ୁ ଣୁ ଶର, ପେଷି ଦ୍ୱିତୀୟ ଶାୟକ
ପ୍ରତିସଂହରିଲି ତାହା ନ ପଡ଼ୁ ନିମେଷ ।
ଆଉ ଦିନେ ପ୍ରାଣସଖା ଶ୍ରୀକୃଷ୍ଣ ସହିତେ
ଭ୍ରମୁ ଭ୍ରମୁ ରୈବତକେ, ଦେଖିଲୁଁ ସହସା
ହିଡ୍ମାର ଗହ୍ୱର ମଧ୍ୟେ ଭୀଷଣ କେଶରୀ,
ତହୁଁ ଆକ୍ରମିଲୁଁ ତାକୁ ଦୁହେଁ ବେନି ପାଶୁଁ
ଉଠିଲା ବିକଟେ ଗର୍ଜି ହର୍ଯ୍ୟକ୍ଷପ୍ରବର
ରୋଷକଷାୟିତ ନେତ୍ରେ, ହେଉ ଜଟୀ ତାର,
କୁଣ୍ଡଳି ! ଅବିକଳ ତୁମ୍ଭ ଜଟୀ ଭଳି,
ହେଲାକ ଶିଥିଳ ମୁଷ୍ଟି, ପଡ଼ିଲା ହସ୍ତରୁ
ଧନୁର୍ବାଣ ଖସି, ସିଂହ ପଳାଇଲା ହେଲେ,
ତା ଦେଖି ହସିଲେ ସଖା, ହେଲି ମୁଁ ଲଜ୍ଜିତ ।
କେତେ ବଖାଣିବି ପ୍ରିୟେ, ଜାଣିବ କିପରି
ଅର୍ଜୁନ ତୁମ୍ଭର ଏବେ, ତୁମ୍ଭେ ଅର୍ଜୁନର ।
ଶୌର୍ଯ୍ୟବତୀ ଚିତ୍ରାଙ୍ଗଦା ମଣିପୁର-ମଣି,
ନେଇଥିଲା ଜିଣି ମୋତେ ଶୌର୍ଯ୍ୟ ପ୍ରଭାବରେ,
ମାତ୍ର ତୁମ୍ଭେ ସୌନ୍ଦର୍ଯ୍ୟରେ କିଣିନେଲ ଧନ,
ବାନ୍ଧିଛି ପ୍ରୀତିର ଯେଉଁ ସୁଦୃଢ଼ ବନ୍ଧନେ
ପ୍ରାଣର ବନ୍ଧନ ତାହା, ସ୍ୱଭାବ-ଅଚ୍ଛେଦ୍ୟ
ଆସନ୍ନ ବିବାହୋତ୍ସବେ ସର୍ବେ ମହାସୁଖୀ
କେବଳ ଅସୁଖୀ ତୁମ୍ଭେ, ଏହା ପ୍ରାକୃତିକ,
ନିଶାର ତୁଷାରେ ଫୁଟେ ଆନ ଯେତେ ଫୁଲ,
ମାତ୍ର ସରଃ-ସ୍ୱର୍ଣ୍ଣାଗ୍ରସ୍ତା ସରୋଜା ସୁନ୍ଦରୀ
ବିଷାଦେ ମଉଳେ ସିନା, କିନ୍ତୁ ସେ ବିଷାଦ
ନୁହେଁ ଦୀର୍ଘକାଳସ୍ଥାୟୀ, ଅନନ୍ତର ଉଇଁ
ରବି ଶୂନ୍ୟେ ଉଡ଼ାଇ ସେ ନୀହାରକଣିକା—
ଧୂମେ କରୁ ପରିଣତ, ହସାନ୍ତି ତାହାକୁ ।
କି ଦୁଃଖ ଯାଦବି, ତବ ? ଯାହାର ସୋଦର
ଭବଦୁଃଖହର ତାହା ଭଗିନୀର ଦୁଃଖ !
ବିଷମ ସମସ୍ୟା ଭଳି ହୁଏ ଏହା ପ୍ରତେ ।
ନ ହେବ ଅନ୍ୟଥା କେବେଁ ତବ ମନୋରଥ,
କୋଟି ଅନ୍ତରାୟେ ଦେଶ, ସ୍ରୋତସ୍ୱିନୀ ଗତି
ରୋଧିବାକୁ କେ ସମର୍ଥ ବିଶ୍ୱ ଚରାଚରେ ।
ନ ବର୍ଣ୍ଣୁ ତୁମ୍ଭଙ୍କୁ ମୁଁ ସାରଥି ପଦରେ
ବରିଲେଣି ସତ୍ୟଭାମା, ଶୁଭ ସୂଚନା ସେ
ଭାବୀ ମିଳନର, ଆମ୍ଭ ଉଭୟ ପକ୍ଷରେ,
ଶୁଣିଛି ମୁଁ ସଖାମୁଖେ କେତେ କେତେ ଥର
ତୁମ୍ଭର ସାରଥିତ୍ୱର ବିପୁଳ ପ୍ରଶଂସା,
ତବ ରଥ-ଚାଳନର ଅପୂର୍ବ ହୁନର
ଦେଖି ହେବେ ନଳ ଲଜ୍ଜା, ଲଜ୍ଜେ ଅଧୋମୁଖ,
ଜଗତେ ଯେ ଏକମାତ୍ର ଅଦ୍ଭୁତ ସାରଥି,
ତୁମ୍ଭ ପରି ବୀର-ନାରୀ ଲଭିଲେ ଅର୍ଜୁନ,
ମଣିବ ସେ ଆପଣାକୁ ଧନ୍ୟ ଅଦ୍ୱିତୀୟ ।
ପ୍ରଶଂସିଛ ପ୍ରିୟେ ତୁମ୍ଭେ ବୀରତ୍ୱ ମୋହର
ତୁମ୍ଭେ ଯେ ଅଦ୍ଭୁତ ବୀର,କେ ନ ଜାଣେ ତାହା?
ବାଣର ଅସାଧ୍ୟ ଯାହା, ସାଧିପାର ତାହା
ଦୃଷ୍ଟିରେ ଅକ୍ଳେଶେ ତୁମ୍ଭେ, ଅତ୍ୟୁକ୍ତି କି ଏହା ?
ବୀରର ବିଶିଖୁଁ ତୀକ୍ଷ୍ଣ ଭୀରୁର କଟାକ୍ଷ ।
ଦେଖିଛ ସ୍ୱପନେ ଯାହା ହେବ ତାହା ସତ୍ୟ
ପ୍ରଭାତରେ କାଲି, ସ୍ୱପ୍ନ ନୁହେଁ ତାହା ପ୍ରିୟେ
ପ୍ରକୃତର ଅଗ୍ରବର୍ତ୍ତୀ ଛାୟା-ସଙ୍କେତ ସେ,
ଧରିବି ମୃଗକୁ କେଶ; ମାତ୍ର ଏ ମୃଗୟା
ନୁହେଁ ପଶୁଉଦ୍ଦେଶ୍ୟେ, ଏହା ମାନବ-ପାରିଧି,
ଧରିବି କାନନ ଛାଡ଼ି ଦ୍ୱାରକା ନଗରୀ
ହୋଇ ଅସ୍ତ୍ରେ କଣ୍ଟକିତ, ଶ୍ୱାପଦ ତହିଁରେ
ଲୁଚିଥାଏ, ମୁହିଁ ତାହା ସମୂଳେ ବିନାଶି
କରିବି ନିରୁପଦ୍ରବ କାନନ-ଲକ୍ଷ୍ମୀଙ୍କୁ ।

କିଏ ସେ ଭାରତ-ଲକ୍ଷ୍ମୀ, ପାଣ୍ଡବ କି କହ ?
ନ କହ ପଚ୍ଛତେ, ମାତ୍ର ତୁମ୍ଭେ ସେହି ଦେବୀ ।
ଆସୁ ଦର୍ପୀ ଦୁର୍ଯ୍ୟୋଧନ, ହେବ ହତହତା
ଚେଦୀଶ୍ୱର ପଶୁମତ୍ତ ଶିଶୁପାଳ ପରି ।
କେଶବ ପ୍ରସ୍ତାବେ ହଳୀ ନ ହେଲେ ସମ୍ମତ
କି କ୍ଷତି ତହିଁରେ ଅବା; କଲି ମୁଁ ପ୍ରତିଜ୍ଞା
ବିନାଶି ପ୍ରତିଜ୍ଞା ତାଙ୍କ ରଖିବି ନିକର
ଦେବି, ତବ ଆତ୍ମମାନ, ନ ହେବ ଅନ୍ୟଥା ।

ହେଉନ୍ତୁ ସେ ଅନ୍ତରାୟ, ନୁହେଁ ମୁଁ ଶଙ୍କିତ,
ରୁକ୍ମିଣୀ-ହରଣ-ସ୍ମୃତି-ଉଜ୍ଜ୍ୱଳ ଆଲୋକେ
କରିନେବି କର୍ତ୍ତବ୍ୟର ପଥ ନିରୂପଣ ।
କି ସାନ୍ତ୍ୱନା ଦେବି ଭଦ୍ରେ, ତୁମ୍ଭଙ୍କୁ ଅଧିକ,
ଏ ଗାଣ୍ଡୀବ ଧନୁକର ହେଜ ପରାକ୍ରମ
ରହ ନିର୍ବିକଳ୍ପେ ଦେବି, ଧଇର୍ଯ୍ୟ ସମ୍ଭାଳି,
କାଲି ନିଶ୍ଚେ ପୂର୍ଣ୍ଣ ହେବ ତବ ମନ-ସାଧ,
ସତ୍ୟ ସତ୍ୟ ସତ୍ୟ ଏହା ଧ୍ରୁବ ନିସଂଶୟ ।

# ଦେବଯାନୀଙ୍କ ପ୍ରତି କଚ

ବୁଝିଲି ସଖିଏଁ, ତବ ଗୁପ୍ତ ମନୋଭାବ,
"ଜାହୁଁଙ୍କ ନ ମିଶ ତୁମ୍ଭେ କ ସ୍ୱବ ବରଳେ"
ଦେଇଛ ଏ ଭାବାନ୍ତର ଲଜ୍ଜା ଆଣି ପଥେ
ପ୍ରାଣେ ତବ, ପ୍ରାଣପ୍ରିୟେ, ନବଦୀକ୍ଷାରୂପେ ।
ବୟୋବୃଦ୍ଧି ସହ ବଢେ ବାଲ୍ୟର ପ୍ରଣୟ
ଏହା ପ୍ରଣୟର ଧାରା, ନିତ୍ୟ ପ୍ରତ୍ୟକ୍ଷିତ,
ପ୍ରାତେ ସ୍ନେହନେତ୍ରେ ହେରି ସୂର୍ଯ୍ୟେ ସରୋଜିନୀ
ଲଜ୍ଜାବଶେ ଅଧୋମୁଖୀ ହୁଏ କି ମଧ୍ୟାହ୍ନେ,
ବରଂ ବହୁଗୁଣ ସ୍ନେହେ ନିରେଖେ ପ୍ରିୟରୁ ।
ଯୌବଧର୍ମ ମିଳନର ନୁହେଁ ଅନ୍ତରାୟ,
ପାଦପଲଗ୍ନିତା ଲତା ହେଲେ ପୁଷ୍ପବତୀ
ରହେ କି ପାଦପଠାରୁ ଅନ୍ତର ସେ କାଳେ ?
କେଉଁ କାଳେ ଘନ ସଙ୍ଗ ଛାଡେ କି ବିଜୁଳି ?
କି ସାଧ୍ୟ ଲଜ୍ଜାର, ଦୂଷ୍ଟା କେବଣ ସାହସେ
ଛୁଇଁବ ନିର୍ଦ୍ଦୋଷ ପ୍ରେମ-ପୁଣ୍ୟ ପୂଜା ବେଦୀ
ସ୍ୱର୍ଗର ସମ୍ପଦ ପ୍ରେମ ଦୁର୍ଲ୍ଲଭ ଅକ୍ଷୟ,
ଲୋଡେ ନାହିଁ ସେ ପ୍ରାକୃତ ଲାଳସା-ଭଣ୍ଡାର,
ନାହିଁ ଆନ ପ୍ରତିଦାନ ବିଶୁଦ୍ଧ ପ୍ରେମର,
ସେହି ଏକା ପ୍ରତିଦାନ ତାର ତତ୍ୱତରେ ।
ପ୍ରେମିକପ୍ରେମିକାହୃଦେ କରିଦିଏ ପ୍ରେମ
ଏକୀଭୂତ, ଏକୀଭୂତ କରିଦିଏ ଯଥା
ପବିତ୍ର ପ୍ରୟାଗ ତୀର୍ଥ ଜାହ୍ନବୀ ଯମୁନା,
ହୁଏ ନାହିଁ ବାରି ତହୁଁ କିଏ କାହା ବାରି ।
ପ୍ରେମର ଦୂରତା ନାହିଁ, ଇନ୍ଦୁ ସିନ୍ଧୁ ମଧ୍ୟେ
ବ୍ୟବଧାନ ଦୃଷ୍ଟ୍ୟତୀତ ଅନନ୍ତ ଗଗନ,
ତଥାପି ଅକ୍ଷତ ସଦା ଉଭୟର ପ୍ରେମ ।
ପ୍ରେମ ସାମ୍ୟମୀତ୍ତ, ନାହିଁ ଇତର ବିଶେଷ—
ତାର, ନୁହେଁ ଅବା ଘନ କେତେ ବଡଲୋକ,
ମାତ୍ର ସେ ପ୍ରେମରେ ବଦ୍ଧ,—କ୍ଷୁଦ୍ରାଦପି କ୍ଷୁଦ୍ର
ଜଗଣ୍ୟ ଗୃହକ ସହ—ବନର ବିହଙ୍ଗ ।
ମାତେ ନାହିଁ ପ୍ରେମ ପୁଣି ଜାତିଧର୍ମ ଭେଦ,
ଅନଳ ଅନିଳ ଧର୍ମ ପୂର୍ଣ୍ଣ ବିପରୀତ,
ମାତ୍ର ପରସ୍ପର ମଧ୍ୟେ ପ୍ରୀତି ଗାଢତର ।
ପ୍ରେମିକ ପ୍ରେମିକା ମଧ୍ୟେ ଜଣକ ଭୋଗରେ
ଆନ ଯଦି ଲଭେ ତୃପ୍ତି, ଜଣକ ପୀଡାରେ
ଅପର ଯଦ୍ୟପି ଭୁଞ୍ଜେ ବିଷମ ଯନ୍ତ୍ରଣା,
ତେବେ ସେମାନଙ୍କ ପ୍ରେମ, ବାସ୍ତବିକ ପ୍ରେମ,
ଅମର-ବାଞ୍ଛିତ ତାହା ପରମ ପାବନ ।
ଘୃଣ୍ୟ ସିନା ରଷିକନ୍ୟେ, ନାଗରିକ ପ୍ରେମ,
ତାହା ବ୍ୟଭିଚାର, ଅତଃ ନରକର ଦୂତ;
କାଂସ୍ୟପାତ୍ର ପରଶରେ ବିଷବତ ଯଥା
ନାରିକେଳ ଜଳ, ତଥା ହେୟ ତତ୍ତ୍ୟାଜ୍ୟ
ଗ୍ରାମ୍ୟ ସୁଖମିଶା ପ୍ରେମ, ଇନ୍ଦ୍ରିୟମୂଳକ ।
ପରିଣାମ-ଅଶ୍ରୁବର୍ଷୀ ଆପାତ-ମଧୁର
ବାଲ୍ୟସୁଖ, ସଖି ! ବଡ ଯନ୍ତ୍ରଣାଦାୟକ,
ନ କର ଗୋ ଉଦ୍‌ବୋଧନ ତାର ଦଗ୍ଧ ସ୍ମୃତି,
ହୋଇଛି ନିୟତି ତାହା ଚିରଦିନ ପାଇଁ;
ବଡ ନିଷ୍ଠୁର ସେ, ନାହିଁ ଦୟା ମାୟା ତାର,
ଯାହା ନିଏ ତାହା ଆଉ ନ ଦିଏ ଫେରାଇ ।
ଆହା କେଡେ ସୁମଧୁର ବାଲ୍ୟକାଳ ସମୟ,
ସେ କାଳେ ହୃଦୟ ଥାଏ କୋମଳ ନିର୍ମଳ,
ସଂସାର-ଜଞ୍ଜାଳଶୂନ୍ୟ ପୂତ, ନିର୍ବିକାର,
"ବସୁଧୈବ କୁଟୁମ୍ବକଂ" ସେ କାଳର ଦୀକ୍ଷା ।
ଲାଗେ ନାହିଁ, ସେ କାଳରେ ଭବ-ଉଷ୍ଣ-ବାତ୍ୟା
ଦେହେ, ଦଂଶେ ନାହିଁ ହୃଦେ ଗରଫଣା ତୋଳି
ଦୁଶ୍ଚିନ୍ତା-ଭୁଜଙ୍ଗୀ, ତୀବ୍ର-ଗରଳ-ଭୀଷଣା ।
ହେଉଥାନ୍ତା ସ୍ଥାୟୀ ଯେବେ ମାନବ ଜୀବନେ
ବାଲ୍ୟକାଳ, ତେବେ ଏହି ଧରାପୃଷ୍ଠ ଧନ୍ୟ

ତୁଅନ୍ତା ସ୍ୱର୍ଗର ସ୍ୱର୍ଗ ବିଳ ନବସ୍ୱର୍ଗ ।
ସ୍ମରିଲେ ଅତୀତ ସୁଖ, ଅତୀତ ଘଟଣା,
ଅବସାଦ-ତୀବ୍ର-ଦଂଶେ ହୁଏ ପ୍ରାଣ ଘାରି ।
ବର୍ଣ୍ଣ ନାହିଁ ବାଲ୍ୟସ୍ମୃତି ତୁମ୍ଭଙ୍କୁ ଏକାକୀ
ଏ ଅଭାଗା ଯୁବା ତାର କ୍ରୀଡ଼ା-ପୁତ୍ତଳିକା,
ଦିବସ-ବାର୍ଦ୍ଧକ୍ୟେ ମୁହିଁ ଗୋଧୂଳି ସମୟେ
ଘୋଷୁଥାଏଁ ବେଦ ଯେବେ ବସି ତରୁମୂଳେ
ଶାନ୍ତିମୟୀ ମଧୁମୟୀ ଶୀତଳ ଛାୟାରେ,
ଶୋଇ ମୋର ପଦତଳେ ଅବହିତ ମନେ
ଶୁଣୁଥିଲ ତୁମ୍ଭେ ତାହା, ଶୋଇ ଯଥା ଅହା
କୁନ୍ତନ୍ତ୍ୟତା ଫୁଲଗଣୀ ତରୁ ପଦମୂଳେ
ଶୁଣୁଥାଏ ତାନ ତେଶ ଭ୍ରମର ଝଙ୍କାର ।
ସେକାଳେ ତୁମ୍ଭଙ୍କୁ ଦେଖି ରହସ୍ୟେ ବୟସ୍ୟେ
"ଶ୍ଳୋକ ପଢେ ଟୀକା" ବୋଲି ଖଟାନ୍ତି ଉପମା ।
ସୁନ୍ଦର ଗୋଧୂଳି କାଳ, ପ୍ରବାଳ-ପାଟଳ,
ବିଶ୍ୱକର୍ମା କର୍ମଶାଳୁ ଉଠି ରଜରେଣୁ
ବ୍ୟାପିଛି କି ନଭେ ଘନେ, କିମ୍ବା ବାରୁଣୀର
ଆରକ୍ତ ମନ୍ଦାରମାଳା ଝୁଲେ ଦାଉ ଦାଉ ।
ସେ ସୁନ୍ଦର ପ୍ରଭାସ୍ପର୍ଶେ ତବ ବଦନ
ହସୁଥାଏ କୋଟିଚନ୍ଦ୍ର ଢଳ ଢଳ କାନ୍ତି;
ପଡ଼ୁଛି କି ମନେ ଏବେ ସେ କାଳର କଥା !
ଶୁଣି ଦିନେ ପକ୍ଷୀ-ସ୍ୱର, ପୁଚ୍ଛାକଲ ମୋତେ
ରବକାରୀ ପକ୍ଷୀ-ନାମ, ବୋଇଲି ମୁଁ ତହୁଁ
ପସ୍ତୁର ପକ୍ଷୀକୁ ଦେବ ପ୍ରସ୍ତୁତ ଉତ୍ତର,
ଭାଷିଲ ସସ୍ମିତେ ତୁମ୍ଭେ ମଧୁରଭାଷିଣି,—
"ବୁଝୁଥାନ୍ତା ପକ୍ଷୀ ଯେବେ ମାନବର ଭାଷା
ଅର୍ପନ୍ତି କପାଇଁ କ୍ଲେଶ ତୁମ୍ଭଙ୍କୁ ସେ ଲଗି ।"
ଏହା ଭାଷି ମୁଖେ ମୋର ରହିଲ ଅନାଇଁ
କରୁଣ ମିନତିପୂର୍ଣ୍ଣ ସନ୍ତୃଷ୍ଟ ଦୃଷ୍ଟିରେ,
ସେ ଦୃଷ୍ଟିର ପ୍ରସ୍ତାଘାତେ ହୋଇ ମୁଁ ପ୍ରସ୍ତୁତ
କହିଦେଲି ପକ୍ଷୀ-ନାମ, "ହଳଦୀବସନ୍ତ" ।
କି ହେବ ସେ ସବୁ ଆଉ ଭାବିଲେ ଏ କାଳେ,

ଅତୀତ ସେ, ଯାଇଅଛି ଅତୀତରେ ବୁଡ଼ି,
ଯେ ଗଲା ସେ ଗଲା, ଆଉ ନ ଆସିବ ଫେରି,
ବହିବ କି ସିନ୍ଧୁମୁଖୀ ତଟିନୀ ଉଜାଣି ।
ସ୍ମରିଲେ ସେ କାଳ କଥା, ଟେଉଁବ ପ୍ରଖରେ
ସୁଷୁପ୍ତ ବିକଟ ଶୋକ ଅଦମ୍ୟ ଉତ୍ସାହେ ।
ଆଜୀବନ ତୁମ୍ଭଠାରେ ଋଣୀ ମୁଁ ସୁନ୍ଦରି,
ଧନ୍ୟ ତବ ସ୍ୱାର୍ଥଶୂନ୍ୟ ପରୋପକାରିତା,
ଭାଗ୍ୟଦେବୀ ପରି ଦେବି ! ହେଲ ମୋତେ ସାହା
ପ୍ରବାସେ ସତତ, ମନ ଜାଣି କଲ ସେବା,
ଗୁଣବତି, ମଣୁଛି ମୁଁ ପ୍ରବାସେ ସ୍ୱବାସ
ତୁମ୍ଭ ଯୋଗୁଁ ଏବା, ଅହୋ କି ଅଦ୍ଭୁତ ଦୟା—
କି ଅପଟାନ୍ତର ସ୍ନେହ, ଦେବି, ସେହି ସେବା,
ସେହି ଦୟା, ସେହି ସ୍ନେହ ରଖିଅଛି ସିନା
ତୁମ୍ଭ ଆତ୍ମ ସମ୍ମାନକୁ କରି ଆଚ୍ଛାଦନ ।
ତୁମ୍ଭ ପରି ସଙ୍କଟରେ ସାନ୍ତ୍ୱନାଦାୟିନୀ,
ଶୁଶ୍ରୂଷାକାରିଣୀ ରୋଗେ, ସୁଖରେ ସଙ୍ଗିନୀ,
ମୋହୋ ଦୀନ ଭାଗ୍ୟେ ନଷ୍ଟେ ଦେବ-ଆଶୀର୍ବାଦ;
କି ଦ୍ରବ୍ୟେ ଶୁଝିବ ତବ ଉପକାରସ୍ମୃତି,
ସେପରି ମହାର୍ଘ ଦ୍ରବ୍ୟ କାହିଁ ବା ସଂସାରେ ?
ଆତ୍ମଦାନ ନୁହେଁ ଯାର ଛଳେ ପ୍ରତିଦାନ,
ଅଛି କି ପ୍ରତ୍ୟୁପକାର ସେ ଉପକାରର ?
ଖାଲି କି ଏତିକି, ପୁଣି କଲ ବାରମ୍ବାର
ପ୍ରାଣଦାନ, ପ୍ରାଣସଖି ଦୁର୍ଭର ବିପଦେ ।
ଦୁଷ୍ଟ ଦୈତ୍ୟେ କରି ମୋର ପିଣ୍ଡ ଖଣ୍ଡ ଖଣ୍ଡ
ରାନ୍ଧି ଭୁଞ୍ଜାଇଲେ ଶୁକ୍ରେ, ନ ଦେଖିଣ ମୋତେ
ହେଲ ତୁମ୍ଭେ ଜୀବନ୍ମୃତ ଶୋକରେ ଅଧୀର,
ତହୁଁ ପିତା ତବ ଜାଣିପାରି ଧ୍ୟାନବଳେ
ଦୈତ୍ୟଙ୍କ ଚକ୍ରାନ୍ତ ହୋଇ ଦୁଃଖିତ ବିଶେଷ
ଯୋଗବଳେ ଦେଇ ମୋତେ ପ୍ରାଣ, ଦିବ୍ୟଜ୍ଞାନ,
କହିଲେ ସମ୍ବୋଧି "ବତ୍ସ, ଅର୍ପୁଛି ମୁଁ ତୋତେ
ମୃତ୍ୟୁସଞ୍ଜୀବନୀ ମନ୍ତ୍ର, ଅଭ୍ୟାସି ତୁ ତାହା
ବହିର୍ଗତ ହୋଇ ଖରେ ମୋ ଉଦର ମଧ୍ୟୁଁ

ସେହି ମନ୍ତ୍ରେ ଜୀଆଇବୁ ମୋତେ ସେହି କ୍ଷଣି"
ଶୁଣି ଏ ବଚନ, ଜାଣି ଗୁରୁ-ଆଜ୍ଞାମତେ
କାର୍ଯ୍ୟ, ମୋତେ ଦେଖି ତୁମ୍ଭେ ଲଭିଲ ଆନନ୍ଦ ।
ଆଜୀବନ ଋଣୀ ମୁହିଁ ତବ ଗୁଣଧନେ,
ଉଚିତ କି ଦେବା, ଲଜ୍ଜା, ଜଣାଇବ ପ୍ରୀତି ?
ସମ୍ବୋଧୁଛ କନ୍ୟା ବୋଲି, ମାତ୍ର କିଏ କନ୍ୟା ?
ତୁମ୍ଭେ ଯେ ଅଦ୍ଭୁତ କନ୍ୟା, ବଚନ ତୁମ୍ଭର
ଜୀବନ୍ତ କବିତାମୟ, ଗୃହିଣୀଠାଣିରୁ,
ଅଧର ଅମୃତ ସିକ୍ତ ମଧୁର ହାସ୍ୟରୁ
ଝଡ଼ିପଡ଼େ ପଦ୍ୟ ପଦ୍ୟ କବିତା-ମୁକୁତା,
ତୁମ୍ଭେ ଗୋ ସ୍ୱଭାବକବି ଯେଣୁ କବିକନ୍ୟା;
ପ୍ରତିଅଙ୍ଗେ ଖେଳେ ତବ ସୌନ୍ଦର୍ଯ୍ୟ କବିତା
ପ୍ରକାଶି ମଧୁର ଭାବ, ଗୂଢ଼ ଅର୍ଥଗର୍ଭ,
ତବ ଗୁଣ, ବ୍ୟବହାର, ଆଦର୍ଶ କବିତା ।

କି ହେଉ ମଦନେ ଭସ୍ମ ? ନ ଗଣେ ମୁଁ ତାକୁ,
ହୁଏ ସେହୁ ସତ୍ୟ, ମାତ୍ର ତା ଦୁଷ୍ଟପଣିଆ
ପ୍ରାକୃତ ମାନବଠାରେ, ଯେତୁ ହୀନଚେତା,
କରେ କି ତାହାକୁ ଭଲ ଉର୍ଦ୍ଧ୍ୱରେଖା କେବେ ।
ବ୍ରତ ମୋର ବ୍ରହ୍ମଚର୍ଯ୍ୟ, ବସନ୍ତ ଆଦର
ଶୁକ୍ରଯୋଗୀ ଯୋଗାଶ୍ରମେ, ପଶି ଦୁଷ୍ଟ ଥରେ
ଯୋଗାଶ୍ରମେ, ଲଭିଛି ତ ଉପଯୁକ୍ତ ଶିକ୍ଷା
ଶଙ୍କର ସକାଶୁ, ପୁଣି କେବଣ ସାହସେ
ଛୁଇଁବ ଆଶ୍ରମ ସୀମା, ଡରେ ସେ ତାହାକୁ ।
ଲଭିଲ କି ଦେବ, ତବ ପଦର ଉତ୍ତର ?
ନ ଲଭିଛ ଯେବେ, ତେବେ ପଚାର ମନକୁ
ନିଜର, ଦେବ ସେ ନିଶ୍ଚେ ଯଥାର୍ଥ ଉତ୍ତର ।

ଋଷିବାଳା, ହେଉ ତବ ଜୀବନ ଆଦର୍ଶ
ଜଗତ ବାଳିକାକୁଳେ, ଏହା ମୋ ଆଶିଷ,
ସ୍ନେହର ଦୁଲାଳୀ ତୁମ୍ଭେ ବିଶ୍ୱବନ୍ଦନୀୟ
ଶୁକ୍ରାଚାର୍ଯ୍ୟଙ୍କର, ଜନ୍ମ ପୂତ ଋଷିକୁଳେ,
ଯେଉଁ କୁଳ ମଣ୍ଡି ଗାର୍ଗୀ ଅରୁନ୍ଧତୀ ଆଦି
ସତୀତ୍ୱ-ତପସ୍ୟା-ସଭ୍ୟ-ପୂଜ୍ୟ-ପାତିବ୍ରତ୍ୟ,
ଯାହାଙ୍କର କୀର୍ତ୍ତିକଳା ଉଜ୍ଜ୍ୱଳ ପାବନ
ଯଜ୍ଞାନଳ ଯଥା, ସେହି ପୁଣ୍ୟ ମହାବଂଶେ,—
ସେହି ମର୍ତ୍ତ୍ୟଦେବୀ ବଂଶେ, ଜନମ ତୁମ୍ଭର,
ହୁଅ ତାଙ୍କ ଅନୁରୂପା ଅନୁରୂପ କର୍ମେ ।
ହେଉ ତୁମ୍ଭ ମତି ସଦା ଧର୍ମରେ ଅଚଳା,
ବୃଷ୍ଟି ହେଉ ଶିରେ ତବ ଦେବ ଆଶୀର୍ବାଦ,
ଗ୍ରାମ୍ୟ କଳୁଷିତ ଭାବ ନ ଛୁଉଁ ମାନସ,
ଗୁରୁକନ୍ୟା ତୁମ୍ଭେ ମୋର, ସମ୍ବନ୍ଧେ ଅନୁଜା,
କି ସନ୍ଧ୍ୟାରେ ତୁମ୍ଭ ପ୍ରତି ମୋର ଏ ଆଶିଷ,
ଏଥୁ ବଳି କି ସମ୍ଭବେ ଅଗ୍ରଜ ପକ୍ଷରେ ?

## ମହାଶ୍ୱେତାଙ୍କ ପ୍ରତି ପୁଣ୍ଡରୀକ

ଅର୍ପେ ଆଶୀର୍ବାଦ ଦୀନ ତାପସ-ତନୟ
ପୁଣ୍ଡରୀକ, ନୃପସୁତେ ! ହେଉ ତା ଗୃହୀତ ।
ଆଦରିଣୀ ରାଜକନ୍ୟା ତୁମ୍ଭେ ଜେମାଦେଈ
ପରମ ସୌଭାଗ୍ୟବତୀ, ସ୍ୱୟଂ ପଦ୍ମାଳୟା
ତୁମ୍ଭର ଚରଣାଶ୍ରିଣୀ, ଅପୂର୍ବ ତୁମ୍ଭଙ୍କୁ
ଦେଇଁ ଦ୍ରବ୍ୟ ଭବେ, ତଥାପି ଯା ନିଲ
ମୋର ମନ ଧନେ ଚୋରି, ଆଶ୍ଚର୍ଯ୍ୟ ଏହାହିଁ,
ଏ ବିଦ୍ୟା ଶିଖିଲ କାହୁଁ ରାଜକନ୍ୟା ହୋଇ ?
ସେ ଅପରାଧର ଏବେ ଉପଯୁକ୍ତ ଶାସ୍ତି
ଲଭିବ ସୁନ୍ଦରି ତୁମ୍ଭେ, କରି ଶୃଙ୍ଖଳିତ
ପ୍ରଣୟ-ଶୃଙ୍ଖଳେ ଆଜ, ହୃଦ-କାରାଗାରେ
ରଖିବ ତୁମ୍ଭଙ୍କୁ ଚିର-ବନ୍ଦିନୀ କରିଣ,
ପ୍ରେମ-ରାଜ୍ୟେ ଏହି ଶାସ୍ତି ଶାଶ୍ୱତ ବିଧାନ ।
ନୁହେଁ ସଇସୁନା, ଧନ, ତବ ଚୋରି ଦ୍ରବ୍ୟ,
ସେ ସିନା ପଣ୍ଡଆ ସୁନା, ନୁହେଁ ରାଜଯୋଗ୍ୟ
କି କରିବ ତାହା ନେଇ ପାରୁ ନାହିଁ ବୁଝି ।
ବୈରାଗୀ ମୁଁ, ତ୍ୟାଗୀ, ତ୍ୟାଗ କରିଛି ସକଳ,
ବୃଥା ମନ-ଧନେ ଅବା କି କାର୍ଯ୍ୟ ମୋହର,
କରିଥାଅ ଏ ବିଶ୍ୱରେ ଯଦି ତା ହରଣ,
ତେବେ ଘେନ ଆଶୀର୍ବାଦ, ଅଦୃଷ୍ଟେ ତୁମ୍ଭର
ଘଟୁ ଯତି-ପରିଚର୍ଯ୍ୟା, ମହାବ୍ରତ ସଦା,
ପ୍ରଭୁପଦ-ପୁଣ୍ଡରୀକେ ଲଭ ଗୁଣବତି ! ✻

ଭ୍ରମୁ ଭ୍ରମୁ ବନେ ଆଜ କପିଞ୍ଜଳ ସହ
ମିଳିଲି ଅଚ୍ଛୋଦ ତୀରେ ଅତର୍କିତେ ଆସି ।
ଭେଟାଏ ସଂଯମ ଯଥା ଶାନ୍ତିକୁ ସାଧକ
ସହ, ତଥା ଭେଟାଇଲା, ସୌଭାଗ୍ୟ ମୋହର
ତବ ସହ ମୋତେ, ରହି ଅନ୍ତରାଳେ ତହୁଁ
ଦେଖିଲି ତୁମ୍ଭର ଜଳକେଳି, ବୁଡିଥିଲ
ଶରୀର ସଲିଳେ, ମୁଖ ଯାଇଥିଲା ମିଶି
ଶୋଭାନିଧି ଫୁଲରାଣୀ କମଳିନୀ ସହ ।
ଆହା କି ସୁନ୍ଦର ମୁଖ, ଏକଇ ମୃଣାଳେ
ଫୁଟିଅଛି ଭିନ୍ନ ଜାତି କମଳ କି ବା ସେ,
ସୁବର୍ଣ୍ଣ କମଳ ଛବି ବଦନମଣ୍ଡଳ,
ତହିଁ ମଧ୍ୟେ ଶତଦଳ ନେତ୍ର, ତାହା ମଧ୍ୟେ—
ପୁଣି ଡୋଳା-ଇନ୍ଦୀବର ଦିଶେ ଢଳ ଢଳ,
ହାସ୍ୟେ ଦଶନାଗ୍ର ଫୁଟି ଦିଶି ଅଳ୍ପ ଅଳ୍ପ
ପୁଷ୍ପରପନ୍ତିର ଭ୍ରାନ୍ତି ଆଣିଲକ ମନେ ।
ପ୍ରଥମେ ମଣିଲି ନଷ୍ଟେ ବସନ୍ତ-ଲକ୍ଷ୍ମୀ ଏ,
କରୁଛନ୍ତି ନବାଙ୍ଗନେ ଜଳକେଳି ଏଥି,
କିନ୍ତୁ ପରକ୍ଷଣେ ଭ୍ରମ ଭାଙ୍ଗିଲା ମୋହର
"ଜେମାମଣି" ସମ୍ବୋଧନ ଶୁଣି ତବ ପ୍ରତି
ସଙ୍ଗିନୀ ତରଳିକାର, ମଧୁର ଆହ୍ୱାନ,
ଦେଖାଣି ଜାହ୍ନବି କି ତହୁଁ ଅଚାନକ ପ୍ରୀତିର
ବିଦ୍ୟୁତ ପ୍ରବାହ କାହୁଁ ଆସି ଅକସ୍ମାତ
ସ୍ପର୍ଶିଲା ଅନ୍ତର ଭେଦି ମୋର ମର୍ମସ୍ଥଳ,
ଉଠିଲା ଶୀତେଇ ଦେହ ଅଜ୍ଞାତ ବିକାରେ,
ନିଜ ବଶୁଁ ଖସିଗଲା ମନ ଅଣାୟତେ ।
ଦେଖି ମୋର ଭାବାନ୍ତର, ପୁଚ୍ଛନ୍ତେ କାରଣ
ସଖା, "ଶିରଃପୀଡ଼ା" କହି ଛଳିଲି ତାହାଙ୍କୁ ।
ସ୍ନାନାନ୍ତେ ଉଠିଲ ତୀରେ, ଦେହ-ବିଜଡ଼ିତ—
ଆର୍ଦ୍ର ପଟ୍ଟବାସୁଁ ପଡୁଥାଏ ଜଳଧାର,—
ସୌମ୍ୟ ଶୋଭାଧାର ସହ ତଳକୁ ନିଗିଡ଼ି ।
ଝଟକିଲା ତନୁ ତବ ପୂର୍ବରୁ ଦ୍ୱିଗୁଣ,
ସାରି ସିନ୍ଧୁସ୍ନାନ, ଭେଦି ଉଷା-ଅରୁଣିମା

ଈଶ୍ୱରଙ୍କ ପାଦପଦ୍ମ ଲାଭକର—ଏହା ବାହ୍ୟିକ ଅର୍ଥ ଏବଂ ପ୍ରଭୁପଦ [ବ୍ୟବସାୟ] ଯାହାର, ଅର୍ଥାତ୍ ଈଶ୍ୱରପରାୟଣ ପୁଣ୍ଡରୀକଙ୍କୁ [ମୋତେ] ଲାଭକର, ଏହା ଶ୍ଳେଷାର୍ଥ ।

ଉଠିଲି କି ବାତ୍ୟାହତ, ତରଳ ସ୍ୱର୍ଣ୍ଣାଙ୍ଗୀ,
ଅବା ଫୁଟିଦିଶେ ଶକ୍ର ରଙ୍ଗ ବଳାହକୁ ।
ବାଜି ହରଗୌରୀ ପଦ ଗମିଲି ହରଷେ
'ଜନନୀ ସଜନୀ ମଧ୍ୟେ ନବସ୍ୱଭୂତେଶ,
କରନ୍ତି କି ବଜେ ସତୀ ହିମାଦ୍ରି-ଘରଣୀ
ମେନକା, ତା ପଛେ ଉମା, ତହୁଁ ପଛେ ଜୟା
ଉମା ପ୍ରିୟ ସହଚରୀ, ଗିରି ଅନ୍ତଃପୁରେ ?
ଅବା କ୍ଷମା ପ୍ରୀତି ବେନି, ଦୟାଦେବୀଙ୍କର
କରନ୍ତି ଅନୁଗମନ, କିମ୍ବା ଭକ୍ତି ପଛେ
ଶ୍ରଦ୍ଧା, ତହୁଁ ପଛେ ସେବା ଶୃଙ୍ଖଳିତ କ୍ରମେ,
ଅଥବା ଏସନ ପ୍ରତେ, ପରବ୍ରହ୍ମ ରୂପ
ତ୍ରୟୀ ବୁଦ୍ଧି, ବିହରନ୍ତି ପ୍ରକୃତି ସହିତେ ।
ଶୋଭୁଥିଲ ମଧ୍ୟେ ତୁମ୍ଭେ, ଶୋଭେ ଯଥା ଉଷା
ଶୋଭାଭୂଷା, ପୌରନାରୀ କୁଆଁରୀ ମଧ୍ୟେ ।
ଗତକାଳେ ବାରମ୍ବାର ତୁହୁଁ ଥିଲି ଧନ୍ୟ,
ମୋର କର୍ଣ୍ଣଭୂଷା ରକ୍ତ ମନ୍ଦାର କୋରକେ—
ସଖୀ-ସ୍ନେହଦତ୍ତ, ପୁଣି ସଖୀ-କରଗତ,
ଅସମ୍ଭାଳ ଲୋଭଲିପ୍ତ ଶୀତଳ ଦୃଷ୍ଟିରେ,
ରହିପାରି କେତୋଦିନ, ଅଭୀଷ୍ଟ ତୁମ୍ଭର
ତକ୍ଷଣେ କର୍ଣ୍ଣରୁ ଫେଡ଼ି ସେ ବେନି ମଞ୍ଜରୀ,
ପିନ୍ଧାଇଦେଲି ମୁଁ ତୁମ୍ଭ ଶ୍ରବଣଯୁଗଳେ,
ତହୁଁ ସଙ୍ଗେ ପିନ୍ଧାଇଲି ହୃଦମନପ୍ରାଣ
ଏହି ଭିନ୍ନ ଫୁଲେ ଗୁନ୍ଥି ଗୁଚ୍ଛ, ଶୋଭିଲା ସେ
ମୁଖେନ୍ଦୁ ଦ୍ୱିପାଶେ ଯୁଗ୍ମ କୃତ୍ତିକା ସଙ୍କାଶ ।
ପ୍ରତିଦାନେ ରୂପବତି, ବହିଲ ମୋ ପଦେ
ପ୍ରଣତି,—ଭକତି-ଶ୍ରଦ୍ଧା-କୃତଜ୍ଞତାବ୍ୟଞ୍ଜୀ,
ଆହା କି ଅନନୁଭୂତ ଅମୃତ ପରଶ,
ସୁଖମୟ ସେ ସ୍ପର୍ଶର ସ୍ନିଗ୍ଧ ଶୀତଳତା
ନାହିଁ ଚନ୍ଦ୍ର ଚନ୍ଦ୍ରିକାରେ ଅଥବା ଚନ୍ଦନେ ।
ମାତ୍ର ସେହି ସ୍ପର୍ଶସୁଖ ଗୀର୍ବାଣ-ଲୋଲୁଭ,
ହେଲା ନାହିଁ ସ୍ଥାୟୀ ହାୟ ଦଣ୍ଡେ କି ଘଡ଼ିଏ,
ନିମିଷେ ମୋ ମନ୍ଦଭାଗ୍ୟ ନେଲା ତା ଛଡ଼ାଇ ।
ଅନନ୍ତର ହେଲ ତୁମ୍ଭେ ଦୃଷ୍ଟିରୁ ଅନ୍ତର—
ଛେଦି ମୋର ଧୈର୍ଯ୍ୟ-ତରୁ କଟାକ୍ଷ-କୁଠାରେ,
କି ଭାବିଲା କେଣେ ଗଲା ମନ, ଜାଣେ ତା ସେ ।

କ୍ରମଶଃ ବଢ଼ିଲା ବେଳ, ସଖୀ ଅନୁରୋଧେ
ହୋଇଣ ବାହାର ତହୁଁ ଅରଣ୍ୟ-ବାହାରୁ,
ପ୍ରୀତିର ପ୍ରଥମ କ୍ଷତ ବହି ମର୍ମସ୍ଥଳେ,
ନୈରାଶ୍ୟର ତପ୍ତଶ୍ୱାସ ମିଶାଇ ସମୀରେ
ମିଳିଲି ଆଶ୍ରମେ ଆସି ମଧ୍ୟାହ୍ନ ସମୟେ ।
ପ୍ରୀତି-ସଂସାରରେ ମୁହିଁ ପ୍ରଥମ ପ୍ରବେଶୀ,
ନାହିଁ ଉପଯୁକ୍ତ ସଙ୍ଗୀ, (ତୁମ୍ଭ ବିନା କିଏ)
କର୍ତ୍ତବ୍ୟ ପଠନେ କାହିଁ ନ ଲାଗିଲା ମନ,
ହୃତରତ୍ନ ଦୀନ ପ୍ରାୟ ହେଲି ଛଟପଟ,
ବେଳୁଁ ବେଳ ବୃଦ୍ଧି ଲଭି ବିରହ ସନ୍ତାପ,
ବାକ୍ୟେ ଅର୍ଥ ପ୍ରାୟ ମୋତେ ଧରଇ ଆକଟି,
ଅସହ୍ୟ ସେ ତୀବ୍ରଜ୍ୱାଳା, ନ ପାରି ସମ୍ଭାଳି
ପଶିଲି ସରସୀ ଜଳେ, ଦାହଶାନ୍ତି ଅର୍ଥେ,
ମାତ୍ର ହା ଦୁର୍ଭାଗ୍ୟ, ମୋର ଶରୀର ପରଶେ
ହେଲା ସରଜଳ ଉଷ୍ଣ, ଅଦ୍ଭୁତ ଏ କଥା ।
ତହୁଁ ନବ କିଶଳୟେ ରଚି ଆସ୍ତରଣ
ନିହିଲି ଶରୀର ତହିଁ, ସେ ଶୀତଳଶଯ୍ୟା
ପ୍ରତେ ହେଲା ଅବିକଳ ଅଗ୍ନିଶଯ୍ୟା ପ୍ରାୟ,
ଶମେ ଜଳେ କିଶଳୟେ ବାହ୍ୟିକ ଉତ୍ତାପ,
ଅନ୍ତର୍ଗତେ ପ୍ରଜ୍ୱଳିତ ବିରହ-ଅନଳେ
ଶୀତଳିବ କିଏ, ବିନା ମିଳନ-ସଲିଳ ?
ବିଞ୍ଚିଲେ ବୟସ୍ୟାବର, ସିଞ୍ଚିଲେ ସଲିଳ
ଦେହେଁ, ମାତ୍ର ତାହା ଜଣାଗଲା ମୋତେ ଯେସନେ
ପାବକ ଫୁତ୍କାର ଅବା ପାବକ ପିଚକା ।
ଦୁର୍ବାର ବିରହ ଚିନ୍ତା ଘାରିଲା ଅନ୍ତର;
ତା ଉପରେ ସାଡ଼ମ୍ବରେ ସାତ୍ତ୍ୱିକ ବିକାର
ଆକ୍ରମି ପ୍ରବଳ ବେଗେ, ବୁଡ଼ାଇଲା ଚେତା ।
କଣ୍ଠରୁ ବ୍ୟାଧବାଣକ ଜୀବନକୁ ଯଥା

କରିଦିଏ କାବ୍ୟମୋହ ଅଶକ୍ତ ଦୁର୍ବଳ
ପୁଣି ଅକର୍ମଣ୍ୟ, ତଥା ପ୍ରୀତିମୋହ ଧର୍ମ,
ପ୍ରୀତିର ବନ୍ଧନେ ମନ ନ ମାନେ ପ୍ରବୋଧ ।
ନ ଭଜେ ସୁଶାନ୍ତି, ସଦା ଉଡିବୁଲେ କାହିଁ,
କୋଟି ଉପଦେଶ ଯାଏ ବାୟୁରେ ମିଳାଇ,
ସ୍ୱଭାବ କଠିନ ଶିଳା, ଢାଳିଲେ ସଲିଳ
ଲଭିବ କି କୋମଳତା ତାହା କେଉଁ କାଳେ?
ଯେ ପ୍ରୀତି ପିନ୍ଧାଏ ଗଳେ ସୁଖ-ପୁଷ୍ପମାଳ,
ସେହି ପ୍ରୀତି ପୁଣି ଆହା ନିକ୍ଷେପେ ନେଇଣ
ଯନ୍ତ୍ରଣାର ପ୍ରଜ୍ୱଳିତ ହୁତାଶନ କୁଣ୍ଡେ,
କେବେ ଶାନ୍ତି-ନିର୍ଝରିଣୀ, କେବେ ଅଶାନ୍ତିଦା ।
ଚଞ୍ଚଳ ସେ ପ୍ରୀତି, ପ୍ରିୟେ, ପ୍ରେମଦାନ ଅର୍ଥେ,
ଚଞ୍ଚଳ ଯେସନ ଚନ୍ଦ୍ର, ତାରକାରମଣ,
ଜଗତକୁ ଦେବାପାଇଁ ନିଜସ୍ୱ ଆଲୋକ ।
ମାରିଦିଏ ପ୍ରେମ-ଶଣ୍ଠ କୈତବ ଜୀବନେ,
ଆବର ସେ ଜୀର୍ଣ୍ଣଶୀର୍ଣ୍ଣ ଅସାଡ଼ ହୃଦୟେ
ଉତ୍ସାହ-ଔଜ୍ଜ୍ୱଲ୍ୟ କରେ ପ୍ରଦୀପ୍ତ କ୍ଷଣକେ ।
ଏ ବିଶ୍ୱ ପ୍ରେମର ବଶ, ଗାଏ ସମୀରଣ
ପ୍ରେମର ବନ୍ଦନା ସଦା ସନସନ ସ୍ୱନେ,
ଗାଉଛି ଅମ୍ବୁଧି ଉଠେ ଅମୃତ କବିତା,
ବନଜାତ ପକ୍ଷୀ ଗାଏ ପ୍ରେମ-କାବ୍ୟ ମୋଦେ,
ପ୍ରେମର ଉଲ୍ଲାସ ଗୀତି ଗାଉଛି ବାଳକ,
ଗାଉଛି ଯୁବକ ମୌନେ ଅଧୈର୍ଯ୍ୟ ପ୍ରଳାପେ,
ଗାଏ ବୃଦ୍ଧ ପ୍ରେମଗୀତ ପ୍ରାଣର ଭାଷାରେ,
ସକଳର ଗୁରୁ ପ୍ରେମ, ଦିଏ ସର୍ବେ ଦୀକ୍ଷା ।

ଅନନ୍ତର ମୂର୍ଚ୍ଛା ମଧ୍ୟେ ଦେଖିଲି ସ୍ୱପନେ—
ପଶିଲି କାନନେ ପୁଷ୍ପ-ଆହରଣ ଆଶେ,
ସ୍ୱଭାବେ ବସନ୍ତକାଳ, ହୁଯେ ବନଭୂମି—
ପ୍ରକୃତିର ଉଶୃଙ୍ଖଳ ଉଦ୍ୟାନ ବାଟିକା,
ବସନ୍ତ-ଲକ୍ଷ୍ମୀଙ୍କ ସହ ବନଲକ୍ଷ୍ମୀଙ୍କର
ଶୁଭ ସମ୍ମିଳନ; ମାତ୍ର କିଏ ବା ତାହାକୁ
କରିଛି ସୁନ୍ଦରତର ହେଉ ନାହିଁ ବାରି ।
ଫୁଟିଛି ବିବିଧ ଫୁଲ, କେତେ ତରୁଲତା
ଆପାଦମସ୍ତକ ମଣ୍ଡି କୁସୁମ-ଭୂଷଣେ,
ମୃଦୁ ବାତେ ମୃଦୁ ମୃଦୁ ଦୋହଲି ଦୋହଲି
ଗନ୍ଧର୍ବ ଅପ୍ସରୀ ନୃତ୍ୟ ଅଭ୍ୟାସ ବିସ୍ତାରି,
ବଜାଏ ବେହେଲା ଅଳି କର୍ଣ୍ଣପ୍ରିୟ ସ୍ୱରେ,
ବସନ୍ତ-ବାସବଙ୍କର ମହାସଭା ବନ;
ପୂର୍ଣ୍ଣ ସଦା ତାହା ବହୁ ବଲ୍କଳୀ, ସୁମନେ*
ଦେଖି ଦେଖି ବନଶୋଭା ତୋଳୁଛି କୁସୁମ,
ଏ କାଳେ ପଶ୍ଚାତୁ ତୁମ୍ଭେ ଆସି ଗୋପନରେ
ଢାଙ୍କିଦେଲ ଆଖି ମୋର କୋମଳ ଶ୍ରୀକରେ,
ଧରି ତୁମ୍ଭ କରଯୁଗ ବୋଇଲି ମୁଁ ତହୁଁ,
ମୋର ଆଜ ପଡିଅଛି ଧରା, ଚିହ୍ନିଲି ମୁଁ,
ନିଶ୍ଚେ ଏ ଅମୃତ ସ୍ପର୍ଶ ମନଚୋରିଣୀର,
ଅର୍ପିବି ଉଚିତ ଦଣ୍ଡ ବେଗେ ଏହି ଦଣ୍ଡେ ।
ଏହା କହି ଗୃହଁତାଣୁ ଆହୃତ କୁସୁମେ
ରଚିଲି ତୁମ୍ଭର ବେଶ, ମାତ୍ର ସେ କୁସୁମେ,
ପ୍ରତି ଅଙ୍ଗେ ଦେଖି ତବ ସ୍ପର୍ଦ୍ଧାର ଉପମା
ଧରିଲେ ପାଣ୍ଡୁର ଛବି ମହାଲଜ୍ଜିଣୀରେ;
କିନ୍ତୁ ତବ ଅଙ୍ଗସ୍ପର୍ଶେ ଦିଶିଲେ ସୁନ୍ଦର ।
ସେ କାଳେ ଧରିଲ ତୁମ୍ଭେ ପୁଷ୍ପ-ଟିଭୁକାର
ଛବି ପୁଷ୍ପପରିଚ୍ଛଦା—ପୁଷ୍ପ ଅଳଙ୍କୃତା,
ପିଇଲି ପ୍ରେୟସି, ସେହି ରୂପ-ମଧୁ ତବ
ନେତ୍ର-ଭୃଙ୍ଗେ, ହେଲି ଧନ୍ୟ ପୁଣି ସଫଳାଶ,
ନିକ୍ଷେପି ଅପାଙ୍ଗ ଦୃଷ୍ଟି ତୁମ୍ଭେ ଥରେ ଥରେ
ପରମ କୃତାର୍ଥ ପ୍ରିୟେ କରୁଥିଲ ମୋତେ,
ମାତ୍ର ହୁଅ ଅଧୋମୁଖୀ ମିଳନ ସମୟେ—
ଗୁରୁ ଚକ୍ଷୁ, ଭଜେ ଗଣ୍ଡ ଲଜ୍ଜାରେ ପାଣ୍ଡିମା
ପୁଷ୍ପଲତା ତୁମ୍ଭକୁ ଗୋ ମଣି ପୁଷ୍ପସ୍ତ୍ରୀତେ,
ଗୁହ୍ବାଇ ସନ୍ତୁଷ୍ଟ ନେହେ ମୃଗଟିଏ ଦୂରେ,

*ବଲ୍କଳୀ—ଋଷି ଏବଂ ବୃକ୍ଷ । ସୁମନ—ଦେବତା ଏବଂ ଫୁଲ ।

ଚାହିଁଲି କଟାକ୍ଷେ ତାକୁ, ଦେଖି ଏହା ମୁହିଁ
କୋପିଲି କୁରଙ୍ଗ ପ୍ରତି, ଯେଣୁ ମୋର ପ୍ରାପ୍ୟ
(ସେ କଟାକ୍ଷଟିକ) ନେଲା ସେ ଛଡ଼ାଇ, କହୁଁ
ଭର୍ତ୍ସିଲି ତାହାକୁ, କହି କ୍ରୁଦ୍ଧ ସ୍ୱରେ ଏହା,
"ଯା ରେ ତୋ ମୃଗୁଣୀ କତି, ଏ ମୃଗନୟନା
କାନନ-ନିବାସୀ ଏଣୁ ନୁହଇ ମୃଗର,
ଆସିଛୁ ପ୍ରିୟାକୁ ଛାଡ଼ି, ନିର୍ବୋଧ ପଶୁ ତୁ,
ବୁଝିବୁ କେମନ୍ତେ ଭଲା ପ୍ରୀତିର ମହିମା ।"
ବୁଲି ବୁଲି କ୍ଲାନ୍ତ ହୋଇ କୁଞ୍ଜବିହାରିଣୀ,
ବସିଲେ ବ୍ରତତୀ-କୁଞ୍ଜେ, ବସିଲି ମୁଁ ପାଶେ,
କୁଞ୍ଜ-ଚୂଡ଼େ ବସିଅଛି ପକ୍ଷି-ଦମ୍ପତି,
ଉଠୁଛି ସଘନେ କେତେ ମଧୁବାଦ୍ୟ ସ୍ୱର,
ମଣ୍ଡିହୋଇ ସେ ମଣ୍ଡପ କୁସୁମସମ୍ଭାରେ
ବିବାହ-ବେଦିକା ରୂପ କରିଛି ଧାରଣ ।
ମୋର ପ୍ରୀତି ତୁମ୍ଭ ପ୍ରୀତି ବରକନ୍ୟା ତହିଁ,
ଆମ୍ଭେ ଦୁହେଁ ବରକର୍ତ୍ତା କନ୍ୟାକର୍ତ୍ତା ମାତ୍ର,
ବନବାୟୁ ସ୍ୱନ ଛଳେ କରି ମନ୍ତ୍ରପାଠ
ଅବିଚ୍ଛେଦ ପୁରୋହିତ, ଅନୁରାଗ-ସୂତ୍ରେ
ପକାଇଲା ହାତଗଣ୍ଠି, ବରକନ୍ୟା ବେନି
ମିଶି ହୋଇଗଲେ ଏକ, ଏକ ହୁଏ ଯଥା
ପ୍ରକୃତି ପ୍ରତ୍ୟୟ ମିଶି ଶବ୍ଦ ବ୍ୟାକରଣେ;
ଅର୍ପିହେଲେ ଆମ୍ଭେ ବେନି ଅତୀବ ସନ୍ତୋଷେ
ଯୌତୁକ ସ୍ୱରୂପେ, ସେହି ମଙ୍ଗଳ ବିବାହେ ।
ଭାଙ୍ଗିଲା ଏ କାଳେ ମୂର୍ଚ୍ଛା ବସିଲି ମୁଁ ଉଠି,
ପ୍ରତେ ହେଲି ଯେହ୍ନେ ଖସି ଦେବଣ ସ୍ୱର୍ଗରୁ
ପଡ଼ିଲି ଦୁର୍ଭାଗ୍ୟେ ଆସି ମର୍ତ୍ତ୍ୟେ ଅକସ୍ମାତ ।
ଏମନ୍ତ ସମୟେ ଆସି ସଖା ଉପଞ୍ଜିଲ
ଆଣିଦେଲା ତବ ପତ୍ର, (ପତ୍ର ନୁହେଁ ତାହା,
ବିରହି-ଶବର ଆହା ସଂଜୀବନୀ ମନ୍ତ୍ର)
ଆଣିଦିଏ ଯଥା ବାୟୁ, କୁସୁମ ସୁରଭି
ଅଳି କତି । ଭୂର୍ଜପତ୍ରେ ଅଳକ୍ତକ ଲେଖା,
ଆସିଲା ସେ ବର୍ଣ୍ଣପନ୍ତି, ବର୍ତ୍ତୁଳ ଚଟୁଳ,
ପ୍ରବାଳ ହାରର ସୂତ୍ର, ତବ ବକ୍ଷଶୋଭୀ;
ମୁଦ୍ରେ ପାଇ ମୁଦ ଲଭି କଲି ପତ୍ର ପାଠ ।
ଆସିବ ସାୟାହ୍ନେ ତୁମ୍ଭେ ହେଲି ମୁଁ ଆଶ୍ୱସ୍ତ,
ବସିଅଛି ପଥ ଚାହିଁ, କୁସୁମ-ମଞ୍ଜରୀ—
ପ୍ରତି ଚାହିଁ ରହେ ଚୈତ୍ର ବସନ୍ତ ଯେସନ ।
ସନ୍ଧ୍ୟାସହ ସନ୍ଧ୍ୟାରୂପେ ଆସ ଗୋ ବହନ,
ଦିବାନ୍ଧକୁ ଚକ୍ଷୁଷ୍ମାନ କରିବ ପ୍ରଦୋଷ,
ଚକ୍ଷୁଦାନ ଦେବ ତୁମ୍ଭେ ଏହି ପ୍ରେମାନ୍ଧକୁ,
କରୁଛି ସନ୍ଧ୍ୟାକୁ ସ୍ତୁତି, ଆସିବାକୁ ଖରେ,
କଲେ ସେ ବିଳମ୍ବ, ନିଶ୍ଚେ ଜୀବନେ ମୋହର
ଆସିବ ଅକାଳ ସନ୍ଧ୍ୟା ଥାଉଁ ଥାଉଁ ଦିନ ।

ଆଜି ପୁଣ୍ୟ ଶିବରାତ୍ରି, ଉଜାଗର ରାତ୍ରି,
ରହି ଉଜାଗର ବେନି, ହରଗୌରୀ ପଦେ
ମାଗିନେବା ଇଷ୍ଟବର ତାଙ୍କର ବିଭୂତି *
କରାଇ ପ୍ରସନ୍ନ ତାଙ୍କୁ ଏକାନ୍ତ ଭକ୍ତିରେ ।



* ହରଗୌରୀ ଏକମୂର୍ତ୍ତି; ସୁତରାଂ ବିଚ୍ଛେଦ ନାହିଁ ।

## ମାୟାବତୀଙ୍କ ପ୍ରତି ମଦନ

ପ୍ରିୟେ, ଅଜ ସୌଭାଗ୍ୟର ସୁବର୍ଣ୍ଣ ସୁଦିନ
ବିପନ୍ନ ମଦନ ପକ୍ଷେ, ସୁପ୍ରସନ୍ନ ଆଜ
ଅମରେ ତା ପ୍ରତି, ବର୍ଷି ଶୀତଳ ଆଶିଷ ।
ଚହ୍ନିଲି ଚହ୍ନିଲି ଏବେ ତୁମ୍ଭଙ୍କୁ ଲଲନେ,
ଚହ୍ନି ମୁଁ ଲଜ୍ଜାବନତ, ସ୍ମରି ତୁମ୍ଭ ପ୍ରତି
ପୂର୍ବ ଆଚରଣୀ ମୋର ଘୃଣାପ୍ରଦର୍ଶନ ।
ତହିଁ ପାଇଁ ଅନୁତପ୍ତ ଏବେ, ଏହା ସିନା
ଯୋଗ୍ୟ ପ୍ରାୟଶ୍ଚିତ୍ତ, ଦେବି, ସେ ମହାପାପର,
କ୍ଷମିବ ସ୍ୱଗୁଣେ ତୁମ୍ଭେ ଏତିକି ମାଗୁଣି ।
ବାରମ୍ବାର ହୋଇ ମୋର ବିପଦେ ସହାୟ
ସାଧିଲ ମହୋପକାର କଲ ମୋତେ ଋଣୀ,
ସେ ପୁଣ୍ୟର ଫଳ କି ଗୋ ବିରକ୍ତି ଲାଞ୍ଛନା ।
କି ଗୁପ୍ତ ମୋହର ସତି, ଜନ୍ମ ଜନ୍ମାନ୍ତର
ଦେଇଥିଲ ପୂର୍ବସ୍ମୃତି ସମୂଳେ ନଶାଇ,
ଯେସନ ଶରତ ଆସି ନଶାଏ ସତ୍ୱର
ବର୍ଷାସୃଷ୍ଟ ଇନ୍ଦ୍ରଧନୁ ଶବଳିତ ଶୋଭା ।
ତୁମ୍ଭର ଏ ପତ୍ର ସେହି ସ୍ମୃତିର ଜାତକ,
ଅଥବା ସୁ ତୁଣା ଟୋହି ଯାହୋଗ୍ର ପାଠର,
ପଢ଼ି ତାହା, ଧାଏଁ ହୃଦ ତବ କତି, ଯଥା
ନିଦାଘ-ମଧ୍ୟାହ୍ନ-କ୍ଳାନ୍ତ ଆତୁର ପଥିକ
ଧାବେ ଛାୟା ପାଶେ—ସ୍ନିଗ୍ଧ ବିଶ୍ରାମଦାୟିନୀ ।
ସୁପ୍ତ-ଅଗ୍ନିଶିଖା ଥିଲି ବିସ୍ମୃତି-ପାଉଁଶେ
ଆଚ୍ଛାଦିତ, ତବ ପତ୍ର ପବନ ରୂପରେ
ଦେଲା ତା ଉଡ଼ାଇ; ହେଲି ଅଗ୍ନି ଦାଉ ଦାଉ ।
ପୂର୍ବର ଘଟଣାବଳୀ ଗୋଟି ଗୋଟି ହୋଇ
ପଡ଼ୁଅଛି ମନେ, ଯଥା ସନ୍ଧ୍ୟାଗମେ ନଭେ
ଫୁଟିଉଠେ କୋଟି କୋଟି ଦିବାଲୁପ୍ତ ତାରା ।
ତାରକା-ଦୌରାତ୍ମ୍ୟ ପୁଣି ମହେନ୍ଦ୍ରଦୟିମା
ହେଉଛି ସକଳ ହେତୁ, ଅହୋ, ସେ କାଳର
ସେହି ହରକୋପାନଳ, ଦେହାନ୍ତରେ ସୁଦ୍ଧା
ଦହୁଛି ହୃଦୟ ମୋର, ସ୍ମରି ସେ ସଙ୍କଟ
ଥରିଥରେ ଦେହ, ଯଥା ବର୍ତ୍ତା ପତର ।
ଯେ ସମ୍ପର୍କ ଆଲୋକର ଅନ୍ଧାର ସହିତ,
ତୁମ୍ଭର ଶମ୍ବର ସହ ସେ ସମ୍ପର୍କ ବୋଲି
ଲେଖିଛ ପ୍ରେୟସି ଯାହା, ତାହା ସ୍ୱାଭାବିକ,
ମାନସର-ବିହାରିଣୀ-ରାଜହଂସୀ କେବେ
ଲୋଡ଼େ କି ପଲ୍ୱଳ-ପଙ୍କ ଶୈବାଳ କଳୁଷ !
ଜଡ଼େ ରତ୍ନ କାଞ୍ଚନରେ, ଲୌହେ ନୁହେଁ ଜଡ଼ା,
ସୃଜିଛି ବିଧାତା ସିନା ରସାଳମଞ୍ଜରୀ
ବନଜବ ପିକ ପାଇଁ, ନୁହେଁ କାକ ଲାଗି,
ଛୁଇଁବ ତୁମ୍ଭଙ୍କୁ ଦୁଷ୍ଟ କେବଣ ସାହସେ,
ଆଜ୍ୟ ଅନଳର ଭୋଗ୍ୟ, ନୀଚ ସାରମେୟ,
ଲଭିବ ବା କାହୁଁ ତାହା,—ଅମେଧ୍ୟ-ଆହାରୀ ।
ମୃଗ ବିନା ହିଂସ୍ର ଜନ୍ତୁ ଭାଗ୍ୟରେ କଦାପି
ଘଟେ କି ପବିତ୍ର କୁଶ ଅଙ୍କୁର ଯୂଥିକା ।
ପୁଣ୍ୟ ଭଗବଦଗୀତା ଛୁଇଁଲେ ଚଣ୍ଡାଳ
ମାଂସସିକ୍ତ ହସ୍ତେ, ତାହା ସମ୍ଭବ କି ଭାଳ !
ନିଜର କୃତଜ୍ଞ ଯାହା ବଖାଣିଛ ରତି,
ନୁହେଁ ତା ଅନ୍ୟଥା କିମ୍ବା ନୁହେଁ ତା ଅତ୍ୟୁକ୍ତି;
ବରଂ ତୁମ୍ଭ କୃତଜ୍ଞର ମୂଲ୍ୟ ତୁଳନାରେ
ଊଣା ତବ ଉକ୍ତି, ତୁମ୍ଭ ଗୁଣର ଗରିମା,
କେ ବର୍ଣ୍ଣିବ ଗୁଣବତି, କବିର ଅସାଧ୍ୟ,
ସେ କବିତା ବିରଚନେ ମାତ୍ର ଏକା ଦକ୍ଷ ।
କେ ଲଙ୍ଘିବ ବିସଂସାରେ ତୁମ୍ଭର ଶାସନ
କି ସ୍ଥାବର କି ଜଙ୍ଗମ, କି ଅସାଧ୍ୟ ତବ,
ସନ୍ଧାନିତ ଶର ତବ ଅବ୍ୟର୍ଥ ସର୍ବଥା ।
ତବ ସମ୍ମୋହନ ମନ୍ତ୍ରେ ହୋଇ ସଂଦୀକ୍ଷିତ
ଧାଏଁ ନଦୀ ସିନ୍ଧୁମୁଖେ, ଆକୁଳେ ଆହ୍ୱାନ
ମୃଦୁ କଳ କଳ ସ୍ୱନେ ହୃଦୟ-ବାନ୍ଧବେ ।
ଆଲିଙ୍ଗନ କରେ ଲତା ପାଦପେ ନିବିଡ଼େ,

ଖେଳେ ଘନବକ୍ଷେ ବିଦ୍ୟୁ, ଶୋଭ୍ର-ସ୍ୱର୍ଣ୍ଣଲତା ।
ନବ ବର୍ଷେ ନବ ଦୀକ୍ଷା ଲଭି ତୁମ୍ଭଠାରୁ
ନର୍ତ୍ତକୀ ମଣ୍ଡଳୀ, ଭାନ୍ତେ ଅଶାନ୍ତ ସ୍ୱବଶେ ।
ତୁମ୍ଭେ ଏକା ଜଗତର ପ୍ରେମ-ଶିକ୍ଷୟିତ୍ରୀ
ପ୍ରେମ ତବ କାବ୍ୟ, ଭାବ, ଅର୍ଥ ଅଳଙ୍କାର,
ଶିଷ୍ୟା ତବ ଜଗତର ତରୁଣୀନିକର ।
ବହୁ ତୁମ୍ଭେ ରତି ନାମ, ତନ୍ନାମ ବିଶ୍ୱରେ
ପ୍ରେମ-ହେମ ମୂଲ୍ୟ, ଯାଙ୍କ ପକ୍ଷାନ୍ତରେ ପୁଣି
ଯତିଜନ ଧୈର୍ଯ୍ୟ-ଶୈଳ ଭଗ୍ନ ରତି ରତି ।
ଅନ୍ୟ ନାମ ମାୟାବତୀ, କେ ଭେଦିବ ମାୟା
ତବ, ହେଉ କାୟାଧାରୀ ଅଥବା ଅକାୟ ।
ଜଗଜ୍ଜୟୀ ସିନା ମାର ତୁମ୍ଭର ପ୍ରସାଦେ,
ତୁମ୍ଭର ପ୍ରସାଦେ ନତଶିର ଶତମନ୍ୟୁ
ଫୁଲଧନୁ କର, ଦେବ, ସତ ମୁଁ ଦୁର୍ଜ୍ଜୟ,
ମାତ୍ର ନତ ତବଠାରେ, ଦାରୁଭେଦୀ ଭୃଙ୍ଗ
ନୁହେଁ କି ପରାସ୍ତ ଧନୀ କମଳିନୀ ତଳେ ?
ଦନ୍ତାବଳ-ସଂହାରକ କେଶରୀପ୍ରବର,
ପାର୍ଶ୍ୱରେ ସ୍ୱକମ ପ୍ରିୟା କେଶରିଣୀ ପାଶେ;
ଭୁଜଙ୍ଗ ଦୁର୍ବୃତ୍ତ, ଯଥା ଆସୁପାୟୀ କାଳ,
ମାତ୍ର ସେ ମନ୍ତ୍ରିତ କ୍ଷୁଦ୍ର ଧୂଳିକଣାଠାରେ
ହୀନବୀର୍ଯ୍ୟ, ହୀନବୀର୍ଯ୍ୟ ମହୀଲତା ଯଥା ।
ମନ୍ମଥ ମୁଁ, ମନଃ-ସିନ୍ଧୁ ମନ୍ଥନେ ସକ୍ଷମ,
ତୁମ୍ଭେ ସେ ମନ୍ଥନଦଣ୍ଡ ମୋ ଅମୋଘ ଅସ୍ତ୍ର ।
ଆମନ୍ତ୍ରିଛି ଯେଉଁ ବିଦ୍ୟା ଶିଖାଇବା ଆଶେ,
ସେ ଅଗୁରୁ ବିଦ୍ୟା ତୁମ୍ଭେ ଶିଖାଇବା ଆଗୁଁ
ସାରିଲଣି ଶିଖାଇ ତା ପ୍ରେରିତ ପଦିକା ।
ପାଳିଛୁ ଶମ୍ବର ମୋତେ, ମରିବ ମୋ ହାତେ,
ବୃକ୍ଷର କୋଟରେ ଯଥା ବଢ଼ି ଉପବୃକ୍ଷ,
ଶୋଷି ତହୁଁ ରସ, ଶେଷେ ନାଶି ମୂଳତରୁ
ତରେ ଆତ୍ମପରକାଶ, ତଥା ମୁଁ ତାମସର
ନାଶି ହେଲେ, ହେବ ମୁକ୍ତ, ଭୁଞ୍ଜିବ ଦୁର୍ମତି
ନିଜକୃତ ଦୁଷ୍କୃତର ଯୋଗ୍ୟ ପ୍ରତିଫଳ ।
ଆଜି ନାହିଁ ସେ ସମୟ, ଆସୁଛି ନିଶ୍ଚୟ
ଅଦୂର ଭବିଷ୍ୟେ, ସେହି ପୁଣ୍ୟ ଶୁଭ ଦିନେ
ସାଧିବାକୁ ସ୍ୱକର୍ତ୍ତବ୍ୟ ଅଛି ମୁଁ ପ୍ରସ୍ତୁତ,
ତେଜ ଦେଖି ଦାବାନଳ ଦହେ ସିନା ବନ ।
ସହୁଛି ବସ୍ତ୍ରର ଦୁଃଖ, ତେବେ ସୁଦ୍ଧା ଦେବ,
ଅମର-ମୟୂଖ-ମଖା ଶ୍ରୀମୁଖମଣ୍ଡଳେ
ଦେଖି ନାହିଁ ମ୍ଳାନରେଖା, ପ୍ରସନ୍ନ ସେ ସଦା,
ମହତ ମାହାତ୍ମ୍ୟ ସିନା ଦୁଃଖେ ପରୀକ୍ଷିତ,
ଅନଳେ ସୁବର୍ଣ୍ଣ ଯଥା, ହୀରକ ପ୍ରହାରେ * ।
ଏ ଦୀନ ହୃଦୟକୁଞ୍ଜ ପୁଣ୍ୟ ଦେଉଳର
ଅଧିଷ୍ଠାତ୍ରୀ ଦେବୀ ତୁମ୍ଭେ, ପ୍ରାଣର ମିଳଣି
ମଦନର, କିପାଁ ଅବା ଡକନ୍ତ ଅସୁରେ ।
ମଧୁବ୍ରତ-ପ୍ରଣୟିନୀ କୁସୁମ-ସୁନ୍ଦରୀ
ଇଚ୍ଛେ କି ଗୋ, ମାତ୍ର ସଙ୍ଗ ଭ୍ରମେ ବା ସ୍ୱପନେ ?
ଫୁଟେ ସିନା କମଳିନୀ ରବିକରେ, ମାତ୍ର
ଅନଳେ କମଳ ଫୁଟେ କେ ଦେଖିଛି କାହିଁ ?
ତୁମ୍ଭର ଅବଳା ବଳେ ବଳୀ ଏ ମନ୍ମଥ,
ତୁମ୍ଭର ପ୍ରସାଦେ ମୁହିଁ ଊର୍ଦ୍ଧ୍ୱରେତା ମୁଖୁଁ
ଛଡ଼ାଇଣ ବ୍ରହ୍ମ-ମନ୍ତ୍ର, ଅର୍ପେ କାମମନ୍ତ୍ର ।
ନାରୀ କି ଅବଳା ସତେ, ହେଉ ସେ ପଛକେ
ଦୈହିକ ବଳରେ ଊଣା, ମାତ୍ର ହୃଦବଳେ,
ଧୈର୍ଯ୍ୟ, କ୍ଷମା, ଦୟା, ସ୍ନେହ କୋମଳ ବୃତ୍ତିରେ
ରମଣୀର ସ୍ଥାନ ନିଶ୍ଚେ ପୁରୁଷ ଉପରେ,
ଅନ୍ୟଥା କିପାଇଁ ଜନେ ଉଚାରନ୍ତେ ଭଲ
ଲକ୍ଷ୍ମୀ ପଛେ ନାରାୟଣ, ସୀତା ପଛେ ରାମ ।
ଅର୍ଜ୍ଜିତ ବସ୍ତୁତ ସତ୍ତ୍ୱ ଦେଲ ଗୋ ତେଜାଇ,

* ଯେଉଁ ହୀରକ ପ୍ରହାର ସହିପାରେ, ତାହା ବିଶୁଦ୍ଧ ।

ତେଜାଏ ଯେସନ ଆତ୍ମା ସତ୍ତାକୁ ତୃଷା
ସମୀର୍ ନିଃସ୍ୱନ ଛୁଟେ ସ୍ପର୍ଶି ମୃଦୁ ଭାଷା,
ଅର୍ପିଛି ମୁଁ ଭୂତଳତା ପ୍ରାଣର ଆରତି,
ଘେନ ଗୋ ପ୍ରସନ୍ନେ ତାହା ସୁନ୍ଦରୀ-ବନ୍ଦିତେ !

ଯଥାକାଳେ ଯାଇ ତବ ଅଭିସାର ସ୍ଥଳେ
ଭେଟିଣ ତୁମ୍ଭଙ୍କୁ, ଆଗେ ମାଗିନେବି କ୍ଷମା,
ତହୁଁ ପଛେ ହେବ ଦୁଷ୍ଟ ବିନାଶ ମନ୍ତ୍ରଣା,
ତୁମ୍ଭର ମନ୍ତ୍ରଣା ବଳେ ଜଗଜ୍ଜୟୀ ପିତା
କାମଦେବ, ବାମଦେବ-ଯୋଗଭଙ୍ଗା ଅରି ।
ତୁମ୍ଭଙ୍କୁ ସୁଖାଶ୍ରୁନୀରେ କରି ଅଭିଷିକ୍ତ
ହୃଦ-ସ୍ୱର୍ଣ୍ଣ-ସିଂହାସନେ, ହୃଦ-ରାଜ୍ୟ ଦାନେ
ସ୍ଥାପିବ ସମ୍ରାଜ୍ଞୀରୂପେ, ରହିବ ସେବାରେ ।

## କମଳକାମିନୀଙ୍କ ପ୍ରତି କୁମାରନାଥ

କି ଭାଷାରେ ସମ୍ବୋଧିବି ତୁମ୍ଭଙ୍କୁ କମଳ,
ଯଦି ଦେଇଅଛି ହାୟ ଦଗ୍ଧ ଭାଗ୍ୟ ମୋର
ତୁମ୍ଭଠାରେ ମୋତେ ପର, ଚିରକାଳ ପାଇଁ,
ହୃଦ ଶୁଷ୍କ ନୈରାଶ୍ୟର ଉଚ୍ଚଶିଖ ଅନଳେ,
ଅଙ୍କୁରିବ ଯାହିଁ ପ୍ରେମ-ବୀଜ ସୁକୋମଳ ।
ତାହିଁ ଆଶା, ତାହିଁ ଆଉ ମହାଦରାଦିଆ
ପ୍ରେମର ବାସନା, ସବୁ ହୋଇଛି ଅନ୍ତର,
ଅଛି ଖାଲି ମନେ ପ୍ରାଣେ ଧ୍ୟାନେ ଚତୁର୍ଦ୍ଦିଗେ
ବିକଟ ଶୂନ୍ୟତା, ଭେଦି ତାହା କେବେ କେବେ
ଉଠୁଅଛି ଫୁଟି ପୂର୍ବ ଅସ୍ଫୁଟିତା ସ୍ମୃତି ।
ଏକ ବୃନ୍ତେ ଯୁଗ୍ମ କଢ଼ ଥାଏ ଅବିଚ୍ଛେଦେ,
ଫୁଟିବା ପର୍ଯ୍ୟନ୍ତ, ମାତ୍ର ଫୁଟିଲେ ତା, ତୋଳି-
ନେଇ ଜନେ ସଂଯୋଗନ୍ତି ଦେବଦେବୀ ଦେହେ,
ସେହିଠାରୁ ଭାଙ୍ଗିଯାଏ ଉଭୟର ମେଳ,
ଆମ୍ଭ ଦେନି ଭାଗ୍ୟେ କହି ଘଟିଲା ସେ ଦଶା ।
କେତେ ଆଶା ବାନ୍ଧି ମନେ, କେତେ ଆନନ୍ଦରେ
ଗମେ ଫୁଲ ପାଶେ ଭୃଙ୍ଗ, ନ ଛୁଇଁଣୁ ତାକୁ
କାହୁଁ ଆସି କେତେ ବେଗେ ଅକାଳ ବତାସ,
ଛଣ୍ଡାଇ କୁସୁମେ, କରି ଛିନ୍ନଭିନ୍ନ, ଫିଙ୍ଗେ
ନେଇ ଦୂରେ, ତଥା ଭୃଙ୍ଗେ ଅର୍ପି ଖଣ୍ଡି ଦଶା,
କରିଣ ଦୁର୍ବଳ ତାକୁ ଘେନିଯାଏ କାହିଁ,
ତେସନ ନିୟତି, କ୍ରୂର, ଏକଚୁଡ଼ା ମତି,
କଲା ଆମ୍ଭ ଉଭୟଙ୍କୁ ଦୂରହୃତା ସିନା !
ନିୟତିର ରଥ ହାୟ, ଚଳେ ପ୍ରତିକୂଳେ
ମାନବ ମନୋରଥର, ଭାଙ୍ଗିଦିଏ ବଳେ
ମଧୁର ସମ୍ବନ୍ଧ ପୁଣି ସୁପବିତ୍ର ଭାବ,
ଆବାଲ୍ୟର ଅନୁରାଗ ଆବାଲ୍ୟ ମମତା
ପକାଏ କ୍ଷଣକେ ଛେଦି, ଅମୋଘ ସନ୍ଧାନେ ।
ଶୁଣ ପ୍ରାଣସହି, ମୋର ଦୁର୍ଗତି କାହାଣୀ,
ତୁମ୍ଭେ ମୋର ସମଦୁଃଖୀ, ଅତଃ ତୁମ୍ଭ ପାଶେ
ଗାଇଣ ବେଦନା-ଗୀତି, କରିବି ଲାଘବ
ଦୁଃସହ ହୃଦୟ-ଭାର, ଧରି ଏହି ଆଶା
ଆସିଛି ସୁଦୂର ଏହି ତାଲଚେର ରାଜ୍ୟେ ।
ନ ଜଣାଇ ତୁମ୍ଭଙ୍କୁ ତା ଲଭେଁ ମୃତ୍ୟୁ ଯଦି,
ତେବେ ସେ ମରଣେ ସୁଦ୍ଧା ନାହିଁ ମୋର ଶାନ୍ତି,
ନିବେଦିଲେ ଦୁଃଖିପାଶେ ଦୁଃଖ, ଘୁଞ୍ଚିଯାଏ
କ୍ଷୋଭ, ଏହା ଭିନ୍ନ ନାହିଁ ଅପର ଔଷଧ
ଭୈଷଜ୍ୟ ନିଦାନେ, ଦୁଃଖ-ଦାରୁଣ-ବ୍ୟାଧିର ।
କାହିଁ କାଂସ୍ୟକାର-କୁନ୍ଦ-ମୁଖର ରେମୁଣା,
କାହିଁ ବା ଏ ତାଲଚେର ଜଙ୍ଗଲା-ପାଳିତ,
ଆସିଲି କିରୂପେ ତାହା ନ ଜାଣେ ମୁଁ କିଛି,
ଆଣିଛି ଜଣାଇ ଯେସନେ କେଉଁ ଉପଦେବ,
ସ୍ୱପ୍ନ ପ୍ରାୟ ଲାଗୁଅଛି ମୋତେ ଏ ଘଟଣା ।
ଆଣି ନାହିଁ ବିଧି ମୋତେ ଏ ସ୍ଥଳେ ସଜନି,
ଆଣିଛି ତୁମ୍ଭର ପ୍ରେମ ଗଳଥା ପ୍ରବନ୍ଧ,
ପ୍ରେମର ଅଦ୍ଭୁତ ବଳ, ଅଦ୍ଭୁତ କରଣୀ,
ପାରେ ସେ ପଙ୍ଗୁକୁ ତୁଙ୍ଗ ଶିଖରେ ଲଘାଇ,
ସେହି ପ୍ରେମ କରିଦେଲା ପଥ ଲଘୁ ସଖି,
ଯୋଜନେ ରଖିଲା ଆଣି ମୁହୂର୍ତ୍ତ ମଧ୍ୟରେ,
ସେ ରେମୁଣା, ତାଲଚେର ମିଶି ହେଲା ଏକ,
ଅସାଧ୍ୟ ସାଧନ ଏହା ପ୍ରେମର ଧରମ ।
ବାଧା ପାଇ ମନୋରଥ-ପଥେ ଗୁଣବତି,
ନ କର ଅନୁଶୋଚନା, ଯାଏ ଏକ ଆଡ଼େ
ମନୁଷ୍ୟର ଆଶା, ଅନ୍ୟ ଆଡ଼େ ବିଧିଲିପି,
ଏ ଦେନିଙ୍କ ମଧ୍ୟେ ହାୟ, ଆଶାର୍ଥୀ ଅଦୃଷ୍ଟେ
ନ ମିଳେ ତୃଣାର୍ଦ୍ଧ ଠାବ ଗୁଞ୍ଜିବାକୁ ମଥା,
ଲୁଣ୍ଠିଯାଏ ଆଶା-ଲତା ନୈରାଶ୍ୟ-ବାତାସେ ।
ଶୁଣିଲି ଯେ ଦିନ ତୁମ୍ଭ ବିବାହ-ସମ୍ବାଦ,
ମଣିଲି ସେ ଦିନୁ ରୁଦ୍ଧ ଅଦୃଷ୍ଟର ଦ୍ୱାର
ବଜ୍ର ଜଳଣୀରେ, ହାୟ ଏହି ଜୀବନରେ
ନ ଫିଟିବ ଆଉ ତାହା, ହଜିଲା ମୋ ଜ୍ଞାନ,
ଘୂରିଲା ମସ୍ତକ ଘନେ, ଥରିଲା ଶରୀର,
ଘନ ଘନ ଉଠି ପୁଣି ଘନ ଘନ ବସି
ଶୋଇଲି କମଳ-ଶେଯେ, ବହିଲି ସେ ନିଶି,

ତୁମ୍ଭ ନାମ, ତେଣୁ ଅର୍ପିଥାରେ ଶାନ୍ତି; ମାତ୍ର
ହେଲା ବିପରୀତ, ତୀକ୍ଷ୍ଣ ଦଳଧାରେ ତାର
ସ୍ପୃଷ୍ଟ ହେଲା କଳେବର, ଚିରଗଲା ପ୍ରାୟ ।
କି କରିବି, କେଣେ ଗଲା ମନ, ମୋ ଅଜ୍ଞାତେ
କେଉଁ ଅନୁଦ୍ଦେଶ୍ୟ ଦେଶେ, କିଛି କାଳେ ପୁଣି
ଆସିଲାକ ଫେରି ଦେହେ, ଫେରି ଆସେ ଯଥା
ପୋଷା ପକ୍ଷୀ, ଉଡ଼ିଯାଇ ପଞ୍ଜୁରୀ ମଧ୍ୟରୁ
ଭ୍ରମି ଭ୍ରମି ଇତସ୍ତତଃ ହୋଇ ଅବସନ୍ନ
ପୁଣି ପୂର୍ବସ୍ଥାନେ, କ୍ଷତବିକ୍ଷତ ଶରୀରେ ।
କ୍ଷିପ୍ତ ମାନସର ଶାନ୍ତି ସମ୍ପାଦନ ଆଶେ
ମହୋଦଧି-ସାଗର-ତୀରେ ହେଲି ଉପସ୍ଥିତ,
ମାତ୍ର ହାୟ, ତାହିଁ ଶାନ୍ତ ସାଗର ଦର୍ଶନେ,
ସୁଖର ଅତୀତ ସ୍ମୃତି ଉଠିଲା ଉଛୁଳି ।
ଫୁଟିଛି କମଳ, ତାତେ ବିସ୍ତାରିଛି ଲୀଳା,
ଦେଖି ତା ଭାବିଲି, ହାୟ, ମୋ ପ୍ରାଣ-କମଳ
ରହିଛି ସୁଦୂରେ ଯାଇ, ବିଚ୍ଛେଦ-ଶିଶିର
କରି ଜୀବନ୍ମୃତ ତାକୁ ଦହୁଥିବ ସଦା ।
ଜାଗିଲା ଦାରୁଣା ସ୍ମୃତି, ବସନ୍ତ ମଧ୍ୟାହ୍ନେ
ଦିନେ, ପ୍ରିୟେ, ତବ ସହ ଭ୍ରମି ସେ ସରସୀ—
କୂଳେ, କରୁଥିଲୁ ଶୋଭା ଚଳ-କମଳର,
କହିଲି ସୋହାଗେ ଡାକି, "କମଳକାମିନି,
ଦେଖ ଏ କମଳ ଶୋଭା କେଡ଼େ ରୁଚିକର,"
ସସ୍ମିତେ କହିଲ ତୁମ୍ଭେ, "ସଙ୍ଗେ ଥିଲେ ଅଳି,
କିଶଳୟା ସୁନ୍ଦରତା ଅଧିକେ ସୁନ୍ଦରୀ ।"
ଏହା ଭଣି ଚାହିଁଦେଇ ମୋତେ ସୁବଦନା,
ଢୋଳିଲ ତଳକୁ ମଥା, ସଲଜ୍ଜ ଠାଣିରେ ।
ସେହି ସ୍ମୃତି ସୁହାଣିରେ କି ଗମ୍ଭୀର ଭାବ,
କି ସ୍ନେହ ମମତା ପ୍ରୀତି ପଡ଼ିଲା ଉଛୁଳି
ଜାଣେ ମୋର ମନ ତାହା, ଜାଣ ତୁମ୍ଭେ ଧନି,
ହୋଇଛି ସେ ସ୍ମୃତି ମୋର ଜୀବନ-ସମ୍ବଳ ।
ବସନ୍ତ-ଯୌବନେ ଦିନେ କାନନ ଭ୍ରମଣେ
ଗଲୁ ତବ ଅନୁରୋଧେ ତୁମ୍ଭରି ସହିତେ,
ଚଢ଼ିଲ ଚାନ୍ଦି,କାମଖା ବୃକ୍ଷ ଚଳି ପ୍ରାୟ
ଅକ୍ଳେଶେ କାନନ, ସୌମ୍ୟ ମୌନ ମହିମାରେ ।
ଫୁଟିଛି ବିବିଧ ଫୁଲ, କେତେ ଫୁଲ ପୁଣି
ପଡ଼ିଛି ମୂର୍ଚ୍ଛିତା ହୋଇ ତରୁପଦତଳେ,
ଫୁଙ୍କି ତାହା କର୍ଣ୍ଣେ ଧୀରେ ମଧୁର ସମୀର
କରୁଅଛି ଆକର୍ଷଣ ଚୈତନ୍ୟ ସଞ୍ଚାରେ ।
ପିନ୍ଧାଇଛି ନବ ଭୂଷା ଧବଳ ମାଧବୀ
ପୁଷ୍ପ କିଶଳୟ ଛଳେ, ବସନ୍ତ-ରଚିତ,
ଦେଖାନ୍ତେ ସେ ଶୋଭା ମୁହିଁ ଅଙ୍ଗୁଳି ସଙ୍କେତେ
ତୁମ୍ଭଙ୍କୁ ଗୋ ବର୍ଣ୍ଣନେ, ଭଣିଲ ସସ୍ମିତେ
"ଧବ ବିନା କାହିଁ ଗତି ଧବୀର ଏ ଭବେ,"
ଅବଧି ସେ ମଞ୍ଜୁ ବାଣୀ ପ୍ରତିଧ୍ୱନିରୂପେ
ବାଜୁଅଛି କର୍ଣ୍ଣେ ମୋର, କର୍ଣ୍ଣ-ରସାୟନ,
ରହିଛି ସେ ସ୍ୱର୍ଣ୍ଣ ସ୍ମୃତି ଅଙ୍କିତ ଜୀବନେ ।
ଦେଖାଇବି କେତେ ଆଉ ଶୋକ-ନାଟକର
ଫେଡ଼ି ଅଙ୍କ ଗର୍ଭାଙ୍କର ଅଭିନୟରାଶି,
ମୋ ଦୁଃଖେ ଦୁଃଖିନୀ ତୁମ୍ଭେ, ସେ ଆକୁଳ-ବାଣୀ
ଶୁଣି ସିନା ହେବ ପାରି ପ୍ରତିବେଦନାରେ ।
ନ ଲାଗିଲା ତାହିଁ ମନ, ଭ୍ରମିଲି ଉଦାସେ,
ଆହାର ଶୟନ କିଛି ନ ଲାଗିଲା ସୁଖ,
ଦେଖି ମୋର ଭାବାନ୍ତର ପୂଜ୍ୟ ପିତାମାତା
ଇଚ୍ଛିଲେ ବାନ୍ଧିବେ ମୋତେ ପରିଣୟ-ପାଶେ,
ମାତ୍ର ତାହା କାହା ସହ, କେ ଚକ୍ଷେ ତାହାକୁ ,
ଅନ୍ତରେ କାହିଁ ତୃପ୍ତି, ଭୁଞ୍ଜାଇଲେ ଧରି
ବଳାତ୍କାରେ, ରହିବ କି ସ୍ୱାସ୍ଥ୍ୟ ଅବ୍ୟାହତ ।
ଆଶ୍ରିଲି ମୁଁ ତହୁଁ ଯତିବ୍ରତ, ବାହାରିଲି
ଘରୁ, ଧରି ସ୍ୱାମୀମନ୍ତ୍ର—ନୁହେଁ ପ୍ରେମମନ୍ତ୍ର
ବିରହ-ସନ୍ନ୍ୟାସୀ ହୋଇ ଭ୍ରମିଲି ଏକାକୀ ।
ଦୁରନ୍ତ ସମାଜବାଧା ତଳ ଏତେ ସବୁ,
ପ୍ରଦାନନ୍ତି ନଷ୍ଟେ ତାକୁ ଉପଯୁକ୍ତ ଶିକ୍ଷା,
କି କରିବି ଯତି ମୁହିଁ, ନଷ୍ଟିକ ସର୍ବଥା
ଯତିଧର୍ମେ କ୍ରୋଧ କମ୍ପା ପ୍ରତିଫଳ ଦାନ ।
ଆସିବି ସ୍ନାନାର୍ଥେ ତୁମ୍ଭେ ଜାଣି ଏ ସରତେ
ଅର୍ପିବି ସାକ୍ଷାତେ ତୁମ୍ଭ ପଦର ଉତ୍ତର ।

# ଧଉଲୋଟ-ଦର୍ଶନ

# ଉପହାର

ବହୁମାନାସ୍ପଦ, ନୃପତିପ୍ରବର

ଶ୍ରୀ ଶ୍ରୀ ଶ୍ରୀ ମଦନମୋହନ ସିଂହଦେବ

ମହୋଦୟ ଶ୍ରୀକରକମଳେଷୁ ।

ସବିନୟ ନିବେଦନ ।

ଶ୍ରୀମନ୍ ନରପତେ,

ଶ୍ରୀଛାମୁ ପ୍ରାକୃତିକ ଉତ୍କଳର ଅନ୍ୟତମ ଉଦୀୟମାନ ନରପତି । ଶ୍ରୀଛାମୁଙ୍କ ସାକ୍ଷାତ୍କାର ଲାଭ କରି ମୁଁ ବିଶେଷ ଆନନ୍ଦ ଲାଭ କରିଅଛି । ସେହି ବିମଳ ଆନନ୍ଦ ଚିରସ୍ମରଣୀୟ କରିବା ପ୍ରକାଶ ମୁଁ ମୋହୋର ଅଗ୍ରଜ ମହୋଦୟଙ୍କ ଲିଖିତ "ଧର୍ମକୋଟ-ଦର୍ଶନ" ନାମକ ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି ଶ୍ରୀଛାମୁଙ୍କ ସୁପବିତ୍ର କର-କମଳରେ ଭକ୍ତ୍ୟୁପହାର ଅର୍ପଣ କଲି । ଗ୍ରହଣାନୁମତି ହେଉ, ଏତିକି ମାତ୍ର ପ୍ରାର୍ଥନା ।

ଧର୍ମକୋଟ<br>
୧ । ୧ । ୧୯୦୯

ଶ୍ରୀଛାମୁଙ୍କର<br>
ଚିରାନୁଗୃହୀତ<br>
ଶ୍ରୀ ସୋମନାଥ ମହାନ୍ତି

# ଧର୍‌କୋଟ-ଦର୍ଶନ

—ସ୍ୱମଦେଶୀ—

ଭବସୃଷ୍ଟି-କୁଞ୍ଜ ଗଣ୍ଡାମ—
ମଧ୍ୟେ ସାହ୍ଲଭ୍ୟ ଖଣି,
ମେଲିଅଛୁ ମଞ୍ଜୁ ମାଧୁରୀ
ଧର୍‌କୋଟ ଧରଣୀ ।
ଶାର୍ଦ୍ଦୂଳ-ସଙ୍କୁଳ ସୁବଳ—
ଶୈଳ ୧ ପ୍ରାଚୀର ଯଥା,
ଦକ୍ଷିଣ ଦିଗରେ ଟେକିଛୁ
ରୁଦ୍ର ସୁନ୍ଦର ମଥା ।
ମାନଦଣ୍ଡ କି ସେ ମହୀର
ଅବା ରତନ କୁଢ଼
କିବା ଧର୍‌କୋଟ ଧର୍ମର
ମରକତ ମକୁଟ ।
ଝର୍‌ଝର୍ ରବେ ତା ଦେହୁଁ,
ଝରେ ଶଙ୍କ୍ରି ଝର ୨
ବ୍ୟୋମଦେଶ ଶିରୁ ବହୁଛି,
କିବା ଗଙ୍ଗା ପ୍ରଖର ।
ଚଉକୂଳେ ଶ୍ୱେତ ବାରିଦ
ଶୈଳ ନୀଳାପଘନେ,
ପିଞ୍ଜାତୁଲା ଉଡ଼ିଯାଉଛି
ଯଥା ଖର ପବନେ ।
ତରୁଲତାଗୁଳ୍ମେ ଆବୃତ
ଗିରି ତୋ ଅପଘନ,
ଘେରନ୍ତି ମାନବ ମାନସେ
ଯଥା ଇନ୍ଦ୍ରିୟଗଣ ।
ଧର୍ମପଥେ ବିଘ୍ନ ପରାୟେ
ବହୁ ଖଣ୍ଡ-ଉପଳ,
ଦୁର୍ଭେଦ୍ୟ କରି ରଖିଛୁ
ସଦା ତୋ ଅଙ୍କସ୍ଥଳ ।
ବହୁକାଳୁ ଯୋଗଧ୍ୟାନରେ
ବସିଅଛୁ ରେ ଗିରି,
ଦେଶଶୂନ୍ୟ ଯେଣୁ ବହୁତୁ
ଦେଖୁ ଗିରୀଶ ଶିରୀ ।
ବହୁଦୂରୁଁ ନେତ୍ର ଆକର୍ଷେ
ତୋର ଉନ୍ନତ ଶିର,
ଧର୍‌କୋଟ-ଧର୍ମରାଣୀର
ଶୁଭ୍ର ତୁଙ୍ଗ ମନ୍ଦିର ।
ମଖଶାଳା ପ୍ରାୟେ ଧରଇ
ଦୁଗାଦେଉଳ ଅଟଳ,
ଦୁର୍ଗାଦେବୀଙ୍କର ଯେ ଅଟେ
ପ୍ରିୟ ଆବାସ ସ୍ଥଳ ।
ସ୍ତରେ ସ୍ତରେ ଗଢ଼ା ତୋ ତନୁ
ଶିଳାକୁଳ-ଶିଖଳ,
ଶିଖରସ୍ଥ ତରୁ ଆହା କି
ଗୁଚ୍ଛତର ଚପଳ ।
ବହୁଦୂର ବ୍ୟାପି ଶୋଇଛୁ
ଘନ ବନ ମଧ୍ୟରେ,
ତିମିଙ୍ଗିଳ ଭାସିଉଠିଛି
କିମ୍ବା ନୀଳ-ସାଗରେ ।
ଲମ୍ବମାନ ଗୋଡ଼ ପରାୟେ
କ୍ଷୁଦ୍ର ଗୁଣ୍ଡଆବାସୀ ୩
ନମଉର୍ଦ୍ଧ୍ୱଭାବେ ତୋ ଅଙ୍ଗେ
ମିଶିଯାଇଛି ଆସି ।

୧—ସୁବଳସ୍ଥ ଶବଜ । ସ୍ଥାନୀୟ ନାମ ସୁବଳା ପାହାଡ଼ । ୨—ପ୍ରଚଳିତ ନାମ ଖଜୁରିଖୋଲ । ୩— ସ୍ୱନାମ-ପ୍ରସିଦ୍ଧ ପର୍ବତ ।

ମହୋଦାତ୍ତା ବନା ଚାହିଁନ୍ତି
ଭବେ କ୍ଷୁଦ୍ରର ଗଣ୍ଡ,
ତେଣୁ ଧାଏଁ ନଦୀ ଭେଟିବ
ବୋଲି ସରିତପଣ୍ଡ ।
ପୂର୍ବଦିଗ ଲମ୍ବି ଆସିଣ
ଗିରି 'ମୁଣ୍ଡମୟିର',
ମୁଣ୍ଡ ଟେକି ତୋତେ ଡାକେ କି
ତରିବାକୁ ଲଢାଇ ।
କି ବର୍ଣ୍ଣିବି ଗିରି ତୋ ରୂପ
ଆହା କି ଶୋଭାବନ,
ମନୋହର ତୁହି ଯେସନ
ଭୟଙ୍କର ତେସନ ।
ଭୀଷଣ ଭଲ୍ଲୁକ ବଘ୍ର
ମହାବଳ ଶାର୍ଦ୍ଦୁଳ,
ଏ ଆଦି ଶ୍ୱାପଦସମୂହେ
ତୁହି ସଦା ସଙ୍କୁଳ ।
ଏମାନେ ତୋହର ଦୁର୍ଜ୍ଜନ—
ପ୍ରଜା ରେ ଗିରିରାଜ,
ଶାନ୍ତମୟ ରାଜ୍ୟେ ଘଟାନ୍ତି
ତୋର ଅଶାନ୍ତି ଭାରି ।
ତଥାପି ତୁ ତାଙ୍କୁ ନ ଦଣ୍ଡି
ସଦା ଆଚରୁ କ୍ଷମା,
କ୍ଷମାଗୁଣେ ତୋତେ ରେ ଗିରି
ଭବେ କିଏ ଉପମା ।
ମହତ ଲୋକର ଅଟଇ
ସିନା କ୍ଷମା ଭୂଷଣ,
କ୍ଷୁଦ୍ରମନା କ୍ଷୁଦ୍ର ଦୋଷରେ
ଦିଏ ଘୋର କଷଣ ।
ଶୁଭ୍ର ଝର-ନୀରେ ତୋ ଦେହ
ଦ୍ୱିଖଣ୍ଡିତ ସର୍ବଥା,
ଶରତେ ସୁନୀଳ ଆକାଶ
ଛାୟାପଥରେ ଯଥା ।

ଜଗନ୍ନାଥପୁର ନିକଟେ
ଘନ ତାଳ-ବୋୟଇ,
ଲୌହବାଡ଼ ପ୍ରାୟେ ବାରୁଣୀ—
ଦିଗେ ରହିଛି ଛାଇ ।
ଜଗନ୍ନାଥ ସିଂହ ନାମରେ
ଜଣେ ବଙ୍କ ଭୂପତି,
ପାଳୁଥିଲେ ଧର୍ମକୋଟରେ
ପୂର୍ବେ ପ୍ରଜାପଙ୍କତି ।
ବସାଇଥିଲେ ସେ ଶାସନ
ତାଙ୍କ ନାମାନୁଯାୟୀ
ଜଗନ୍ନାଥପୁର ବୋଲାଏ
ସେହି ବ୍ରାହ୍ମଣ ସାହି ।
ଗୋପୀନାଥରୂପେ ସେଠାରେ
ଜଗନ୍ନାଥ ଆପଣେ,
ଅଧିଷ୍ଠାନ କରିଅଛନ୍ତି
ସୁଧା-ଶୁଭ୍ର ସଦନେ ।
ଦାମୋଦର ପଲ୍ଲି ଉତ୍ତରେ
ଦାମୋଦର-ବାଞ୍ଛିତ
ନାଗବଲ୍ଲୀ ଯହିଁ ଅଗସ୍ତି
ଦ୍ରୁମେ ଗାଢ଼େ ଜଡ଼ିତ ।
ପ୍ରାକୃତିକ ଦୃଶ୍ୟ ତାହାର
ଦୂରୁଁ ଓଟାରେ ନେତ୍ର,
ନନ୍ଦନ-କାନନ ପରାୟେ
ଶୋଭେ ଆଦର୍ଶ କ୍ଷେତ୍ର ।
କୃଷିର ଉନ୍ନତ ପ୍ରଣାଳୀ
ଶିକ୍ଷାଦେବା ମାନସେ,
ସ୍ଥାପିଲେ ନୃପତି ଆଦର୍ଶ—
କୃଷିକ୍ଷେତ୍ର ହରଷେ ।
ଅଟେ ସିନା ସର୍ବ ଉନ୍ନତି—
ମୂଳ କୃଷି ଉନ୍ନତି,
ବୁଝନ୍ତି ଏହା ଯେ ସେ ନିଶ୍ଚେ
ଅଭିଜ୍ଞ ନୃପତି ।

ଦାମୋଦରପଲ୍ଲୀ ଅନ୍ତରେ
ଋଷିକୁଲ୍ୟା ତଟିନୀ,
ଧୋଇ ମୁକ୍ତେଶ୍ୱର ୧ ଚରଣ
ଗମେ କଳନାଦିନୀ ।
ଗଞ୍ଜାମ ଭୂମିର ଧମନୀ
ପ୍ରାୟେ ଗମେ ପ୍ରଖରେ,
ଶିଖି-ମୁଖ-ମୁକ୍ତ ସର୍ପଙ୍କ
ବେଗେ ପଳାଏ ଖରେ ।
ଚନ୍ଦ୍ରବଲେଶ୍ୱର ୨ ସକାଶୁ
ମୁକ୍ତେଶ୍ୱର ସଦନ—
ଯାଏଁ, ବେନି ତୀରେ ଯାହାର
ନବ ବିପ୍ର ଶାସନ ୩
ନିବସନ୍ତି ତହିଁ ଅସଂଖ୍ୟ
ସଦାଚାରୀ ବ୍ରାହ୍ମଣ,
ସଦା ସତ୍‌ପ୍ରସଙ୍ଗ-ନିରତ
ବିପ୍ରକୁଳାଗ୍ରଗଣ୍ୟ ।
ପୂର୍ବ ଦିଗେ ମୁଣ୍ଡମରାଇ ୪
ସଦା ଶସ୍ୟ-ଶ୍ୟାମଳ,
ସ୍ଥାପିତ-କମଳାଦେବୀଙ୍କ
ଦିବ୍ୟ ବିହାର ସ୍ଥଳ ।
ଋଷିକୁଲ୍ୟା ନଦୀ ପ୍ରସାଦେ
ତାର ସୌଭାଗ୍ୟୋଦୟ—
ହୋଇଅଛି, ସେ ଭୂମି ମୃତ୍ତିକା—
ନୁହେଁ, କାଞ୍ଚନମୟ ।
ଧନ୍ୟା ଧରାକୋଟ-ଧରଣୀ
ମହାକବି-ଜନନୀ,
ଲକ୍ଷ୍ମୀ ସରସ୍ୱତୀ ମିଳନ—
ଭୂମି, ଶୋଭା-ବିପଣୀ ।

ସ୍ୱର୍ଗ-ଶୋଭା ତୁ ନଗର,
ପୁଣ୍ୟ-ସୌଭାଗ୍ୟବତୀ,
ଧନ୍ୟା ହେଲୁ ଅଙ୍କେ ଧରିଣ
କୃଷ୍ଣସିଂହ ନୃପତି ।
ତେଜି ସେ ରାଜନ୍ୟ-ବାଞ୍ଛିତ
ସୁଖ ନୃପ ଆସନ,
ବାଗ୍‌ଦେବୀ-ମଣ୍ଡପେ ସତତ
କଲେ ଉପବେଶନ,
ବୀଣାପାଣି ପାଦପୂଜାରେ
ଥାଇ ନିତ୍ୟ ନିରତ,
ରଚିଲେ ପୁରାଣ ଅଠର—
ପର୍ବ ମହାଭାରତ ।
ଉତ୍କଳରେ ପୂଜା ପାଉଛି
ପ୍ରତିଘରେ ସେ ଗ୍ରନ୍ଥ,
ଗୁରୁରୂପେ ପୁଣି ଦେଉଛି
ଧର୍ମଶିକ୍ଷାର ପନ୍ଥ ।
ବୈଷ୍ଣବପ୍ରବର ଶ୍ରୀ ଜୟ—
ସିଂହ ଉତ୍କଳ କବି,
ଗାଇଲେ ମଧୁରେ ଗୀତା ସେ
ଭକ୍ତିରସରେ ଡୁବି ।
କରଣକୁଳର ଚନ୍ଦ୍ରମା
କୃଷ୍ଣ ପଟ୍ଟନାୟକ ୫,
ଭାଗବତ ପୋଥି ଆବର
ରାମାୟଣ-ରଚକ ।
ବହୁତ ସୁକବି ଜନନୀ,
ରସ କାବ୍ୟଭଣ୍ଡାର,
କି ବର୍ଣ୍ଣିବି ଧରାକୋଟ ତୋ
ଗୁଣ, ଶୋଭାସମ୍ଭାର ।

୧—ଋଷିକୁଲ୍ୟା କୂଳସ୍ଥ ଶିବଲିଙ୍ଗ । ୨—ସ୍ୱନାମପ୍ରସିଦ୍ଧ ଶିବଲିଙ୍ଗ । ୩—ଗଙ୍ଗାପୁର, ରାଜେନ୍ଦ୍ରପୁର, ନାରାୟଣପୁର, ଶ୍ୟାମ-ଘନପୁର, ତିଲୋତ୍ତମାଦେଈ ପୁର, ରାମଚନ୍ଦ୍ରପୁର, ଗୋବର୍ଦ୍ଧନ ପୁର, ପଞ୍ଚସିଂହପୁର ଓ ଦାମୋଦର ପୁର । ୪—ଗୋଟିଏ ଗ୍ରାମର ନାମ । ୫—ଏ ଜଣେ ପ୍ରାଚୀନ କବି ଏବଂ କୃଷ୍ଣସିଂହ ମହାଭାରତର ଲେଖକ ଥିଲେ ।

ଦେଖି ତୋର ଉତ୍କଳର
ସ୍ୱଚ୍ଛ ପ୍ରକୃତ ଛବି,
ମଣେ ମୁଁ ଏସନ, ହୋଇବେ
ତହୁଁ ଅଦ୍ଭୁତ ଭବି ।
ଦେଖିବି ଏବେ ମୁଁ ଯାଇଣ
ଥରେ ସ୍ୱଜନବର,
ଚଉଦ କୋଶର ମସ୍ତକ—
ମଣି ଯେ ଦୁର୍ଗବର *
ଚୌଦିଗେ ସ୍ୱଜତ ବିସ୍ତୃତ
ପଥ ଘାଟ ନିର୍ମଳ,
ସୁଧା-ଶୁକ୍ଳ-ସୌଧ ଶୋଭାରେ
ହରେ ନେତ୍ର ଯୁଗଳ ।
ଅଟଳ-ପ୍ରାଚୀର ମଧ୍ୟରେ
ଦେବାଳୟ ବେଷ୍ଟିତ,
ରମ୍ୟା ରାଜପୁରୀ ଦିଶଇ
ଅପରୂପ ଚିତ୍ରିତ ।
ଶାରଦ-ପଦ୍ମ-ଶବାଂଶ
କିବା ବିସ୍ତାରି ପ୍ରଭା,
ତାରାପୁଞ୍ଜ ଯେସନ ଆକାଶେ
କରି ବସିଛି ସଭା ।
ସତ୍‌ପ୍ରସଙ୍ଗଯୁକ୍ତ ସେପୁରୀ
ତେଣୁ ତୀର୍ଥ ସମାନ,
ଗତାଗତ ତୀର୍ଥ ଯାତ୍ରିକ—
ରୂପୀ ପରଜାମାନ ।
ସ୍ତୋତ୍ରରତ ଭକ୍ତେ ମଣ୍ଡିତ
ହୋଇଅଛି ସେ ପୁରୀ,
ଦେବାଳୟେ ସଦା ବାଜୁଛି
ଢେଢେ ତୂରୀ ମହୁରୀ ।
ପତ ପତ ହୋଇ ପତାକା
ଉଡ଼େ ସଉଧଚୂଳେ,
ଅଙ୍ଗୁଳି ସଙ୍କେତ ଛଳେ କି
ଡାକେ ଦର୍ଶକକୁଳେ ।
ଦେଖାଇବ ଶୋଭା ବଢ଼ିମା
ଶିଳ୍ପକଳା ନଗର,
ପୁଣି ହାତୀଘୋଡା ଶାର୍ଦ୍ଦୂଳ
ମୃଗପକ୍ଷିନିକର ।
ପଣ୍ୟଦ୍ରବ୍ୟପୂର୍ଣ୍ଣ ବିପଣୀ
ତହୁଁ ସଜଇ ଥୋକେ,
ବ୍ୟବହାର ଶିଳ୍ପକଳାରେ
ଦକ୍ଷ ନଗର ଲୋକେ ।
କାହିଁ ବିଦ୍ୟାଳୟ ତଡାଗ
କାହିଁ ପାନ୍ଥ ଆଗାର,
କାହିଁ ଦେବାଳୟ ବିଗ୍ରହେ
ନାନା ଶିଳ୍ପ ଭଣ୍ଡାର ।
ହେରିଲେ ସେ ସୂକ୍ଷ୍ମ ସୁଚାରୁ
ଶିଳ୍ପ-କଳାକୌଶଳ,
ଅପଲକ ହୋଇ ରହିବ
ନର ନେତ୍ର ଯୁଗଳ ।
ନାରିକେଳ ବୃକ୍ଷ ଶୋଭଇ
ହୋଇ ଆନତ ଫଳେ,
ତୃଷାର୍ତ୍ତ ପଥିକେ ଡାକେ କି
ଶାଖା ସଞ୍ଚାରି ଛଳେ
ଫଳ ତାର ପୟଃପେଟିକା
ଯଥା ସାଧୁ ହୃଦୟ,
ବାହାର କଠିନ ଭିତର
ତାର ସୁରସମୟ ।
ଗ୍ରାମମଣ୍ଡଳ କି ସୁନ୍ଦର
ମନୋହର ପ୍ରଶସ୍ତ
ଦୁଇ ପାଶେ ଲୋକ-ଆଳୟ
ମଧ୍ୟେ ପ୍ରଶସ୍ତ ପଥ ।

*ଧରାକୋଟ ରାଜ୍ୟ ଆଡ଼ଦୀର୍ଘରେ ଚଉଦକୋଶବିସ୍ତୃତ ଅଟେ ।

ଦୁଇ ଅଢ଼େ ଦୁଇ ତଟ ଘ
ଅଛି ସେ ଜନପଦ,
ମଧ୍ୟେ ବହୁଛଇ ବାହୁଦା—
ପୂର୍ଣ୍ଣ ନିର୍ମଳ ନଦ ।
ସ୍ୱଚ୍ଛ ଶୃଙ୍ଗାଟରେ ଆଲୋକ—
ସ୍ତମ୍ଭ ହୋଇ ଶୋଭିତ,
ସ୍ୱଚ୍ଛବସ୍ତ୍ରଜର ପ୍ରାଚୀର
ଭରେ ଶୋଭା ବର୍ଦ୍ଧିତ ।
ବୀର ଶ୍ରୀ ମଦନମୋହନ
ସିଂହ ଦେବ ସ୍ୱଜନ,
ଧର୍ମ ନିଜ ଧରି କରନ୍ତି
ସେହି ରାଜ୍ୟ ପାଳନ ।
ଅଙ୍ଗ ଆଭରଣ ତାଙ୍କର
ଦୟା, କ୍ଷମା, ବିନୟ,
ନ କରନ୍ତି ଅପବ୍ୟୟ ସେ
ଦଣ୍ଡେ ମାତ୍ର ସମୟ ।
ଜାତୀୟ ମହତ୍ତା ସଙ୍ଗର
ହୋଇ ସେ ସମ୍ପୃକ୍ତ,
ଗଞ୍ଜାମର ଲୁପ୍ତ ଗୌରବ
ଉଦ୍ଧାରିଲେ ନୃପତି ।
ନ୍ୟାୟେ ରାଜକୋଷ ପ୍ରବୃଦ୍ଧି,
ଦୁଷ୍ଟ ଜନ ଦଳନ,
ଅପକ୍ଷପାତତା, ସ୍ୱଧର୍ମ—
ରକ୍ଷା, ଶିଷ୍ଟ ପାଳନ,
ଏହି ପଞ୍ଚ ମହାଯଜ୍ଞର
ଅଟନ୍ତି ସେ ଯାଜ୍ଞିକ,
ପୁଣି ସେ ଅଟନ୍ତି ସାହିତ୍ୟ—
ଭାବ୍ୟ-ରସେ ରସିକ ।
କ୍ଷତ୍ରିୟସୁଲଭ ବୀରତ୍ୱ
ବର୍ତ୍ତିପାରିବ ଦେହ,
ହସ୍ତିପୃଷ୍ଠୁ ହସ୍ତିପୃଷ୍ଠକୁ
ସିଏ ପଡ଼ନ୍ତି ଡେଇଁ ।

ଭୀଷଣ ଶାର୍ଦ୍ଦୂଳ ମର୍ଦ୍ଦନ
ସେହି ନୃପ-ଶାର୍ଦ୍ଦୂଳ,
ଅବ୍ୟର୍ଥ ସନ୍ଧାନେ କେ ସରି
ଆନ ମୃଗୟୁ କୁଳ ।
ନାନାଭାବେ ସାଧୁଅଛନ୍ତି
ନିଜ ରାଜ୍ୟ ଉନ୍ନତି,
ସଦାଶୟଭାବରେ ଅଟନ୍ତି
ଆଦରଶ ନୃପତି ।
ତାଙ୍କର ସୁଗୁଣ ଅଧିକ
କି ବର୍ଣ୍ଣିବି ହେ ରାଜା,
କେ ନ ଜାଣେ ତାହା, ଉତ୍କଳ—
ବକ୍ଷେ ବାଜୁଛି ବାଜା ।
ଯେବେ ମୋ ପ୍ରାଣର ସ୍ୱଜନ
ଦୁରୁ ଆସିଛି ଧାଇଁ,
ଦେଶଦୁଃଖ କହି ତାଙ୍କରେ
ଜଣା କରିବା ପାଇଁ ।
ବୋଲିବ ଆମ୍ଭେ ତ କରୁଛୁଁ
ଦେଶକାର୍ଯ୍ୟ ସର୍ବଥା,
କିନ୍ତୁ ମୁଁ କହୁଛି ନୃପତି
ବୃଥା ରକ୍ଷିଣ ବୃଥା ।
ଉତ୍କଳୀୟର ଏ ତ ସ୍ୱଭାବ
ଯାହା ଦୁଆରୁ ପାଏ,
ତାହା ଦୁଆରକୁ କେବଳ
ବାରମ୍ବାର ସେ ଧାଏଁ ।
କି ଥିଲା ଉତ୍କଳ, କି ହେଲା
ତାର ଦୁର୍ଦ୍ଦଶା ଆସି,
ପଡ଼ାଇଲା ସୁଖ-ସୂର୍ଯ୍ୟକୁ
ଦୁଃଖ-ରାହୁ ଗରାସି ।
ଅନ୍ନପୂର୍ଣ୍ଣାଙ୍କର ଯେ ଦେଶ
ଥିଲା ଅନ୍ନ ଆକର,
ଅନ୍ନ ପାଇଁ ଏବେ ତା ସୁତେ
ଅଣ୍ଟାଜନ୍ତି ଉଦର ।

ଜୀବନ-ନାଟିକା ତାହାର
କ୍ରମେ ଯାଉଛି ଛାଡ଼ି,
ଦୁର୍ଭିକ୍ଷ ପିଶାଚ ଖାଉଛି
ହାଡ଼ ମାଉଁସ ଝାଡ଼ି ।
ଆଳସ୍ୟବଶରୁ ଯାଇଛି
ତନୁ ଅସାଡ଼ ହୋଇ,
ଜଡ଼ତା-ରୂପିଣୀ ନିଦ୍ରାରେ
ଅଛି ଅଭାଗୀ ଶୋଇ ।
ଅପଦସ୍ଥା ଲୋକସମାଜେ
ଉଘୃଣିତା ଲାଞ୍ଛିତା,
ରୋଗ-ଶୋକ ଆଦି ଚିନ୍ତାର
ତାପେ ଘୋର ତାପିତା ।
ଜୀବିତ ବୋଲନ୍ତେ ଯେ ହୁଏ
ଅର୍ଥ, ସର୍ବ ବିଷୟେ,
ପଡ଼ିଛି ପଛରେ ଅଭାଗୀ
ପୀଡ଼ି ଦୁଃଖ ଆମୟେ ।
ଯେ ଶିକ୍ଷା ସଭ୍ୟତା ପ୍ରାଧାନ୍ୟ
ର ଗୌରବ ଏକତା,
ସକଳ ବିଷୟେ ହୋଇଛି
ତାର ତଳକୁ ମଥା ।
ଜନନୀର ତୁମ୍ଭେ ସୁପୁତ୍ର
ଦେଖୁ ତୁମ୍ଭ ବଦନେ,
ଚାହିଁ ଅଛି ମାତା ଆତୁରେ
ଆଶାଯୁକ୍ତ ନୟନେ ।
ତୁମ୍ଭେ ସଦା ସେବାଶୁଶ୍ରୂଷା
କରୁଅଛ ତାହାର,
ଯୋଗ୍ୟପୁତ୍ର କରେ ଶୁଶ୍ରୂଷା
ସିନା ରୁଗ୍‌ଣା ମାତାର ।
କ୍ଷିପ୍ରହସ୍ତ ହୋଇ ଔଷଧ
ନୃପ କର ପ୍ରୟୋଗ,
ଛାଡ଼ିଯାଉ ମାତୃଭୂମିର
ଶରେ ସକଳ ରୋଗ ।

ତୁମ୍ଭ ଯୋଗେ ସେହି ଜୀବନ
ଧଁରି ଅଙ୍କେ ହସ୍ତୁ,
ଦଶ ଜଣ ସଙ୍ଗେ ଗୌରବେ
ଜଣେ ହୋଇଣ ବସ୍ତୁ ।
ଏହି ଇଚ୍ଛା ପଦେ ମାଗୁଛି
ନୃପ ପତାଈ କର,
କୃପା ହେଲେ ଆଶା ସଫଳ
ହେବା କେତେ ମାତର ।
ଲୋକପରମ୍ପରା ପ୍ରମୁଖରେ
ଧର୍ମକୋଟର ଗୁଣୀ,
ପଶୁପକ୍ଷୀ ଯେତେବ୍ୟଥା ସେ
ସୁଦ୍ଧା ପାରନ୍ତି ଜାଣି !
ସତୀ ପତିବ୍ରତା ସାଧ୍ୱୀ
ଜନ୍ମ ସାକ୍ଷାତ ରମା,
ଭାଗ୍ୟବତୀପଣେ ତାହାଙ୍କୁ
ଏକା ସେହି ଉପମା ।
ରାଜକନ୍ୟା ରାଜବନିତା
ପୁଣି ସୁପୁତ୍ରବତୀ,
ଦୁଃଖିଦୁଃଖେ ତାଙ୍କ ହୃଦୟ
ଆର୍ଦ୍ର ହୁଅଇ ଅତି ।
କାସ ନବେଦିବ ଜନନୀ,
ଶ୍ରୁତୁ ନାହିଁ ବଚନ
ବଳପଡ଼ିଲାଣି ଉତ୍କଳ—
ନାରୀକୁଳ ଭୂଷଣ,
ଯୁଗଧର୍ମରେ ସେ ସକଳ—
କର୍ମ ହୋଇ ବର୍ଜିତ,
ସବୁ ଛାଡ଼ି ହୋଇଅଛନ୍ତି
କିମାକାରକାମ୍ପୃତ ।
କ୍ରମେ ନାରୀକୃତ ଶିଳ୍ପ ତ
ଦେଶୁଁ ପାଉଛି ଲୋପ,
ତାହିଁଙ୍କ ଦେଜାଣି ବିଧାତା
କଲେ ଦାରୁଣ କୋପ ।

ସୀତା ସାବିତ୍ରୀଙ୍କ ସ୍ୱର୍ଗରେ
ଆଧୁନିକ ଲଳନା,
ତୁଳନାରେ ସିନା ହୋଇବେ
ଖାଲି ତୁଚ୍ଛା ଅଲଣା ।
ଯେତେ ଦିନ ଥିବେ ନାରୀଏ
ମୋହ-ନିଦ୍ରାରେ ଶୋଇ,
ତେତେ ଦିନଯାଏଁ ପୁରୁଷେ
ଥିବେ ଏକାଙ୍ଗ ହୋଇ ।
ନାରୀଜାତି ଶିକ୍ଷା ଉନ୍ନତି
ବିନା ହେ ଭଗବନ୍ତ,
ଆକାଶ-କୁସୁମ ସମାନ
ହେବ ଜାତି ଉନ୍ନତି ।
ଅତ୍ରେ ପ୍ରୟୋଜନ ଅଟଇ
ଏଣୁ ବାଳିକା ଶିକ୍ଷା,
ହେଉ ସୁବ୍ୟବସ୍ଥା ସେଥିର
ମାତଃ ଏତିକି ଭିକ୍ଷା ।

ସ୍ଥାପନ୍ତୁ ମହିମା ସ୍ୱସ୍ତ୍ୟେ
ତେତେ ବାଳିକା ସ୍କୁଲ,
ଦେଶ-ଉନ୍ନତିର ସେ ସିନା
ଅଟେ ସୋପାନ ମୂଳ ।
ପଣ୍ଡଦେବଙ୍କର ଶ୍ରୀମୁଖୁଁ
ଶୁଣି ଭଗ୍ନୀ କହୁଣି,
ବସୁରଙ୍କୁ ମଣି-ଖଣିରୁ
ସିନା ଉତ୍ପୁଳେ ମଣି ।
ଧର୍ମକୋଟ ଧର୍ମ ମହିମା
ଯେଣୁ ଗଞ୍ଜାମେ ଚୈତ,
ତେଣୁ ଥିବେ ନିଶ୍ଚେ ଏଠାରେ
ବଡ ଲୋକ ଅନେକ ।
ଦେଖିବ ଯାଉଛି ଏବେ ମୁଁ
ତାହା ତାର୍ଥି ମହତ,
ଭିନ୍ନ ଛନ୍ଦେ ହେବ ଏ ପଦ୍ୟେ
ତାହା ପରିଚୟତ ।

## ଭିନ୍ନ ଛନ୍ଦରେ ଲିଖିତ

[ ମଙ୍ଗଳ ]

ପଣ୍ଡିତ କୁଟେମ୍ବ ରାଓ ହେ ସିରସ୍ତାଦାର୍,
ତୁମ୍ଭେ ତ ଦେଖୁଛ ବୁଝ ଏଣୁ ବାଲୁକାର ।
ବେଦକର୍ମନିଷ୍ଠ ଧର୍ମପ୍ରାଣ ଦୟାବନ୍ତ,
ସ୍ୱଜାତୀୟେ ପରତନ୍ତ୍ର ଅଛ ବିଧିମତ ।
'ମୋଟା ବେତନ ତ ଦେଉଛନ୍ତି ମହାରାଜ,
ଦେଖାଅ ଓଜସ୍ୱୀ ହୋଇ ଆପଣାର କାର୍ଯ୍ୟ !
ରାଜା ପ୍ରଜା ସମସ୍ତେ ତ ଏଠାରେ ଓଡ଼ିଆ,
ଓଡ଼ିଆଙ୍କ ଧନେ ସିନା ହୋଇଛ ବଡ଼ିଆ ।
କରିଯାଅ ସେମାନଙ୍କ କିଛି ଉପକାର,
କେବଳ ପ୍ରତ୍ୟୁପକାର ଅଟେ ଶିଷ୍ଟାଚାର ।
ଯେ ରାଜ୍ୟର ଅନ୍ନଜଳେ ତୁମ୍ଭେ ସୁପାଳିତ,
ଶେଷକାଳେ ସେ ରାଜ୍ୟର କର କିଛି ହିତ ।
ଓଡ଼ିଆ ଜାତି ତ ଅଟେ ଏକ ମହାଜାତି
ଓଡ଼ିଆଏ ଶାନ୍ତ ଶିଷ୍ଟ ରାଜଭକ୍ତ ଅତି ।
ହାତେ ମାପି ଗୁଣଶାସ୍ତ୍ରେ ଚାଲନ୍ତି ସେ ବାଟ,
ଜାଣନ୍ତି ଏ କଥା ସୁଦ୍ଧା ଭାରତସମ୍ରାଟ ।
ମଝିରେ କେତେଟା ଦିନ ହୋଇଥିଲେ ହୀନ,
ନୁହନ୍ତି ସେମାନେ ଏଣୁ ଘୃଣ୍ୟ କଦାଚନ ।
ଏହା ଜାଣି ତାଙ୍କ ପାଇଁ କର କିଛି କାମ,
ଚିରସ୍ମରଣୀୟ ହେବ, ଆସ୍ଥା ତୁମ୍ଭ ନାମ ।
ପ୍ରାଇଭେଟ ସେକ୍ରେଟେରୀ ବାସୁଦେବ ଭାଇ,
ଉଚ୍ଚପଦ ଲଭି ତଳେ ଅଭିମାନ ନାହିଁ ।
କରଣ କୁଳର ତୁମ୍ଭେ ଅନ୍ୟତମ ମଣି,
ସାଧୁତା, ବିନୟ ପୁଣି ସୌଜନ୍ୟର ଖଣି ।
ନ ହେଉ ପଛକେ ତୁମ୍ଭ ବୟସ ଅଧିକ,
ଜଣା ନୁହେଁ ମାତ୍ର ତୁମ୍ଭ ପ୍ରବୀଣର ଠିକ ।
କାର୍ଯ୍ୟରୁ ବୁଝିଛି ତୁମ୍ଭେ ଜଣେ ଉଚ୍ଚମନା,
ହରିବାକୁ ବ୍ୟସ୍ତ ସଦା ସ୍ୱଜାତି-ବେଦନା ।
ଅଭିମନ୍ୟୁ ପୃଷ୍ଠ ତୁମ୍ଭେ କହିବ ମୁଁ କିସ,
ଅନୁସରି ଥାଅ ଭାଇ ତାହାଙ୍କ ସୁଯଶ ।
ବାସୁଦେବ ମହାପାତ୍ରେ ତର୍କଅଳଙ୍କାର
ଭାଷାକୁ ପିନ୍ଧାଅ କିଛି ନୂଆ ଅଳଙ୍କାର,
ହୋଇ ଜଣେ ଦେଶକାଳପାତ୍ରଜ୍ଞ ପଣ୍ଡିତ,
ତୁନି ହୋଇ ବସିବାଟା ନୁହଇ ଉଚିତ ।
ଶୋଷିପାଉ ନାହିଁ ଜନା ସେ ତଥାଟା ଛୁ ଛୁ,
ତେଲ ଗଲା ତଇସ ହେ ବାଟ ଗର୍ବ କିଛୁ ।
ହେ ଲକ୍ଷ୍ମୀଶରଣ ଭଞ୍ଜ ଦେଶ-ଅଭିମାନୀ,
ଉତ୍ସାହୀ ପୁରୁଷ କପାଁ ହୋଇଗଲ ତୁନି ।
ଉନ୍ନତମନା ଯୁବକ ଆଉ ତୁମ୍ଭ ପରି,
ଗଞ୍ଜାମରେ ଥିବେ ପ୍ରାପ୍ତ ଜଣ ଦୁଇ ଚାରି ।
ଭଞ୍ଜ ମହାକୁଳେ ହୋଇଅଛ ଆବିର୍ଭାବ,
କିପାଁ ହେବ ତୁମ୍ଭଠାରେ ସଦ୍‌ଗୁଣ ଅଭାବ !
ହୃଦୟ ତୁମ୍ଭର ଅତି ସରସ ଉଦାର,
ବଳେ ବଳେ କର ତେଣୁ ପର-ଉପକାର ।
ଆଉ କିଛି କାର୍ଯ୍ୟ ପଛେ କର ବା ନ କର,
ଜୀବନୀ ପ୍ରକାଶ କର ଭଞ୍ଜ କବିବର ।
ହେ ତାରକାନାଥ ବାବୁ କଟକିଆ ଭାଇ,
ଧରାକୋଟରେ ତ ଦେଲ ଜୀବନ କଟାଇ ।
ଏପରି ସତ୍କାର୍ଯ୍ୟ କିଛି କର ଏ ଦେଶର,
ତୁମ୍ଭ ନାମ ହେବ ଯେତେ ତାରକ ମନ୍ତ୍ରର ।
କେତେ ଜଣ ଧରାକୋଟନିବାସୀଙ୍କୁ ଖାସ୍,
ରଖିଲ କରାଇଦିଅ ସେକେଣ୍ଡରୀ ପାଶ୍ ।
ପାଇଛ ଦୟାନିଧିଙ୍କୁ ତାଙ୍କ ସାହାଯ୍ୟରେ,
କରିଯାଅ କୁଢ଼ାଭାଇ ଦେଶକାମ ଖରେ ।
ଦୟାନିଧି ଦାସଙ୍କୁ ମୁଁ ଭଲରୂପେ ଚିହ୍ନେ,
ବହୁକାଳ ପରେ ଦେଖାହେଲା ଏତେ ଦିନେ ।

ଆଏ ଭାଇ ନମସ୍କାର, ପଚ୍ଛୁରେଁ କୁଶଳ
ଭଲରେ ତ ପିଲାପିଲି ଅଛନ୍ତି ସକଳ ।
ଅନେକ ଇଂରାଜୀ ପଢ଼ା ମୁହିଁ ମୁଁ ଦେଖିଛି,
ମାତ୍ର ତୁମ୍ଭ ତୁଳନାରେ ନୁହନ୍ତି ସେ କିଛି ।
ଖୋଲି ବସିଅଛ ତୁମ୍ଭେ ଶିକ୍ଷାର ଦୋକାନ,
କରିଯା ସ୍କୁଲିଷ ଭାର୍ଣ୍ଣ ହୁଇ ଗୁରୁ ଜଣ ।
ଗଞ୍ଜାମ ଓଡ଼ିଆ ଶାଠ୍ୟ ଅଭାବ ମୋଚନେ,
ସମର୍ଥ ହୋଇବ ତୁମ୍ଭେ ବସ୍ତୁରେ ମୁଁ ମନେ ।
ଅତଏବ ସେହି କାର୍ଯ୍ୟ ଶୀଘ୍ର କର ଭାଇ,
କହୁଛି ତୋ ହାତ ଧରି ମୋ ଗଣ ପକାଇ ।
ଭୁବନେଶ୍ୱର ବାବୁ ତ ନବୀନ ଯୁବକ,
ପଢ଼ାନ୍ତି ସେ ଭଲ, ଜଣେ ଉତ୍ତମ ଶିକ୍ଷକ ।
ଟ୍ରେନିଂ ପାଠ ଶେଷ କରି ଫେରିଆସି ନନା,
ଲେଖ ଖଣ୍ଡେ ପାଠ ପୋଥି ଏହି ମୋ ପ୍ରାର୍ଥନା ।
ନବୀନ ତେଣ୍ଟା ଶିକ୍ଷକ ହେ ଶଙ୍କର ନନା,
ଚତୁର୍ବର୍ଗ ଫଳପ୍ରଦ ଅଟେ ଅଧ୍ୟାପନା ।
ବିନୟୀ, ସଜ୍ଜନ, ଧୀର ରହସ୍ୟ-କୁଶଳ,
ଭଣ୍ଟା ମଧ୍ୟ ନୁହଇ ତ ଶରୀରର ବଳ ।
ଲଗ ଲଗ କାର୍ଯ୍ୟେ ଭାଇ ଭିଡ଼ିଦେଇ ଅଣ୍ଟା,
ଗଞ୍ଜାମୀ ଭାଷାରୁ ନନା ବାଛ କିଛି କଣ୍ଟା ।
ସାବଧାନ ମୋ କଥାକୁ ଦେବୁ ଯଦି ଟାଳି,
କେବଳ ଦକ୍ଷିଣା ନନା ପାଇବୁ ତୁ ଗାଳି ।
ସିଆଣା ମାଷ୍ଟର ଜଣେ ପଦ୍ମନାଭ ପଣ୍ଡା
ଦୁଷ୍ଟ ପ୍ରତି ଦୁଷ୍ଟ ସେକୁ ଥଣ୍ଡା ପ୍ରତି ଥଣ୍ଡା ।
ଜାଣ ପଣ୍ଡେ ଖୁବ କଲପୁଗର ବେଙ୍କର,
ଛୁହା ଚନ୍ଦି ପାଣି ପିନା କିଅଇ କମାର ।
ପୁରୁଣା ମନୁଷ୍ୟ ଜଣେ ମାର୍କଣ୍ଡ ଗୋସାଇଁ ,
ବୁଢ଼ା ହୋଇଗଲେ ପାଠ ପଢ଼ାଇ ପଢ଼ାଇ ।
ଅନେକ ଲୋକଙ୍କୁ ଦେଲେ ଜ୍ଞାନ-ଚକ୍ଷୁ ଦାନ,
ଏ ହେତୁ ମୁଁ କରେଁ ତାଙ୍କୁ ଦେବତୁଲ୍ୟ ଜ୍ଞାନ ।
ବିଦ୍ୟାରତ୍ନ ଉପାଧିକ ହେ ସୂର୍ଯ୍ୟପ୍ରକାଶ,
ରଖିଅଛ ନିଜ ନାମ କିପାଁ ଅପ୍ରକାଶ ?

ଭଲ ଆନ୍ତ୍ର ପୋଥି-ଖଣ୍ଡେ ଓଡ଼ିଆ ଭାଷାରେ,
ଅନୁବାଦ କରିବାକୁ ଚେଷ୍ଟା କର ବାରେ ।
ଓଡ଼ିଆ ସ୍ୱଭାଷା ପଛେ ନ ହେଲା ତ ନାହିଁ,
କର୍ମ କଲେ ଧର୍ମ ତବ ଯିବ ନାହିଁ କାହିଁ ।
ଇଦ୍ଦେ ପୋଷଛନ୍ତି ପିନା ଗୃହସର୍କାର,
କିନ୍ତୁ ପରକାଳ କଥା ଭାବିବା ଦର୍କାର ।
ଆଉ ଯେତେ ଶିକ୍ଷକଙ୍କୁ କହୁଛି ସ୍କୁଲରେ,
ଗୁରୁତର କାର୍ଯ୍ୟ ନ୍ୟସ୍ତ ଅଛି ତୁମ୍ଭ କରେ ।
ପେଣ୍ଡୁଲାଏ ମାଟି ଘେନି ଗଢ଼ିବ ମନୁଷ୍ୟ,
ଏଥି ବଳି ଦାୟିତ୍ୱର କାର୍ଯ୍ୟ ଅଛି କିସ ?
କର୍ତ୍ତବ୍ୟ ଗୁରୁତା ତବ ନିତ୍ୟ ନିତ୍ୟ ସ୍ମର,
ଲୁଷ୍ଟିତରେ ଦେଶନାମ ଯାଅ ସବେଁ କରି ।
ଦୁର୍ଗଚରଣ ଖୁବ ଜଣେ ଚତୁର ସିଆଣା,
କିନ୍ତୁ ବାହାରକୁ ଗୁଣ ପଡ଼େ ନାହିଁ ଜଣା ।
ଗୃହ-ବ୍ୟବହାରୀ ମଧ୍ୟେ ନାରାୟଣ ଚ୍ୟାଉ,
ସମାନ ପ୍ରାଚୀନ ଲୋକ କେହି ନାହିଁ ଆଉ ।
ସେ ତ ମାନ୍ୟ ଲୋକ ଯେଣୁ ବୟସରେ ବଡ଼,
ତେଣୁ ତାଙ୍କୁ କି କହିବା ତାଙ୍କ କଥା ଛାଡ଼ ।
ଦୀନବନ୍ଧୁ ବାବୁ, ତୁମ୍ଭ ମୂର୍ତ୍ତି ମଧୁମୟ,
ଦିଏ ତୁମ୍ଭ ସଦ୍ଗୁଣର ସ୍ପଷ୍ଟ ପରିଚୟ ।
ସୁଶୀଳତା ପ୍ରତିମୂର୍ତ୍ତି ତୁମ୍ଭଙ୍କୁ ମୁଁ ମଣେ,
ଜାଣେ ତୁମ୍ଭେ ରାଜଭକ୍ତ କର୍ମବୃତ୍ତୀ ଜଣେ ।
ଯୋଗ୍ୟପାତ୍ର ତୁମ୍ଭେ, ତେଣୁ କହୁଛି କଥାଏ,
ମାତା ମାତୃଭୂମି ସେବା ସ୍ୱର୍ଗ ବୋଲିଯାଏ ।
ସେ କାର୍ଯ୍ୟରେ ଶକ୍ତିମତ କରୁଥିବ ଦାନ,
ରଖିବେ ଦୀର୍ଘାୟୁ କରି ପ୍ରଭୁ ଭଗବାନ ।
ନୀଳାଦ୍ରି ଭାଇ ତ ହୋଇଛନ୍ତି ହେଡ଼୍‌କିରାଣୀ,
ମୁହଁଟା ଶୁଖାଇଥାନ୍ତି କାହିଁକି କେଜାଣି ।
ବଡ଼ ଭାଇ ମାଜିଷ୍ଟ୍ରେଟ ସାନ ସେନେଟରୀ,
କି କରିବ ପଇସା ଗୁଡ଼ାଏ ଜମା କରି ।
ନିଜ ବଡ଼ଭାଇଙ୍କ ଦିଅ ସ୍ୱଦେଶକୁ,
ଜନନ୍ତର ସହୁ ଭାହ୍ନା ପାଇବ ଶେଷକୁ ।

ଭାଗୀରଥୀ ବେବର୍ତ୍ତାଙ୍କୁ ହରିଡ଼ାଖଣ୍ଡିରୁ,
ନଡ଼ାଇଲେ ଖତ ନହୁ କେତେ ପାଜି ଗୁରୁ ।
ହେଉ ଭାଇ ଧୋବାକୁ ତ — ମିଳଇ ସର୍ବଥା,
ଜଣାଗଲା କୁମ୍ଭୀରର ଅବିଶ୍ୱାସୀ କଥା ।
ଚନ୍ଦ୍ରମଣି ଶ୍ରୀଚରଣେ ବଡ଼ ପଦ ପାଇ,
କାହିଁ ତ ବାଣ୍ଟିଲେ ନାହିଁ ପୁଣ୍ଡାଏ ମିଠାଇ ।
ନ ଦିଅ ପଛକେ ମୋତେ, ଦିଅ ସ୍ୱଦେଶକୁ,
କରିଦିଅ ନାହିଁ ଏତେ ଆଶାଟା ଶେଷକୁ ।
ଗଞ୍ଜାମ-ନକ୍ଷତ୍ର ତୁମ୍ଭ ପିତାମହଙ୍କର,
କୀର୍ତ୍ତି ସ୍ମରି କିଛି ହେଲେ ତୁମ୍ଭେ କାର୍ଯ୍ୟ କର ।
ଥିଲେ ସେ ଗଣେଶ ପରି ଭାରତ-ଲେଖକ,
କୃଷ୍ଣସିଂହ ବେଦବ୍ୟାସ ସମାନ ରଚକ ।
ବନ୍ଧୁ, ବୈଦ୍ୟନାଥ ତୁହେଁ ନବୀନ ଯୁବକ,
ଦେଖାଅ କରଣକୁଳ ମର୍ଯ୍ୟାଦାର ଟେକ ।
ଲାଗିଥାଅ କର୍ତ୍ତବ୍ୟରେ ନ କରି ଆଳସ୍ୟ,
ଗୁଣ ଥିଲେ ପୁରସ୍କାର ମିଳିବ ଅବଶ୍ୟ ।
ସଦା ସହାସ୍ୟବଦନ କ୍ଷେତ୍ରବାସୀ ପାଠୀ,
ଭୁଲୁଥାଅ ଯେନ ସଦା ସର୍ବେ ମାପକାଠି ।
ଚାହୁଁଛି ମୁଁ ଦେଶ-ହିତେ ଥାଏ ତୁମ୍ଭ ମନ,
ମନ ଅନୁରୂପ କିନ୍ତୁ ହାତେ ନାହିଁ ଧନ ।
ମନସ୍ୱୀ ନିର୍ଦ୍ଧନ ହେବେ କଳିର ବେଳରେ,
ସକଳ ଆପଦ ପୁଣି ତାହାଙ୍କ ମଥାରେ ।
ଦେଖିଣ ତୁମ୍ଭଙ୍କୁ ଜାତିହିତ-ବ୍ରତାଗ୍ରୀ,
ବିରକ୍ତ ହେଲେ ଯେ କେତେ ଉଚ୍ଚ ଅଧିକାରୀ ।
ସବୁବେଳେ ଲଗାଇଲେ ଯହୁଁ ଖିଟିମିଟି,
ଛାଡ଼ିଦେଲ ତହୁଁ ନନା ଆସିବା ପାଇଟି ।
ଦେଖାଇଛ ତୁମ୍ଭେ ଯେଉଁ ନୈତିକ ସାହସ,
ସେଥିପାଇଁ କହିବି ମୁଁ ସାବାସ ସାବାସ !
ଅଯୋଧ୍ୟା ଦାସ ବାବାଜି ହେ ବଡ଼ମହନ୍ତ,
ମଠ ହାଲଚାଲ ତୁମ୍ଭେ କରୁଛ ତଦନ୍ତ ।
ସମସ୍ତ ମଠର ଭାର ଅଛି ତୁମ୍ଭ କରେ,
ଚଳାଉଛ ଠିକରୂପେ ଅତି ଜାଗ୍ରତରେ ।
ନ ହେଲେ ଦେବଧନର ଅପବ୍ୟବହାର,
ସେହି ତ ଉନ୍ନତି, ତାହା ତୁମ୍ଭ ପୁରସ୍କାର ।
ଗଉଡ଼ିକିଆ ମଠର କିନ୍ତୁ ଅବନତି,
ଶୁଣି ମୋର ମନେ ଦୁଃଖ ଜାତ ହେଲା ଅତି ।
ତାଲୁକାର ପ୍ରତି ପ୍ରଜା ଗଉଡ଼ିଏ ଧାନ,
ସେ ମଠକୁ କରୁଥିଲେ ବାର୍ଷିକ ପ୍ରଦାନ ।
ଏଥିରେ ସେ ମଠେ ପୁଣି ଏତେ ଅବନତି,
କାହିଁକି ଘଟିଲା ତାହା ଠାକୁରେ ଜାଣନ୍ତି ।
ବିପ୍ର ଗୋପୀନାଥ ମିଶ୍ର ପୁରାଣ-ପାଠକ,
ସଦାଚାରୀ ନିଷ୍ଠାବନ୍ତ ଅତି ଭଦ୍ରଲୋକ ।
ଦେଶୋନ୍ନତି ଗୀତ କିଛି ଗାଅ ମିଶ୍ର ଭାଇ,
ଖୋଲି କୃଷ୍ଣସିଂହ ମହାଭାରତ ଫିଟାଇ ।
ବାଲାଜି ଗନ୍ତାଇତ ତ ମରହଟ୍ଟୀ ଜଣେ,
କେହି ନୁହେଁ ତାଙ୍କ ସରି ନିଷ୍କପଟୀପଣେ ।
ବୁଢ଼ା ହେଲ ପାରତ୍ରିକ ଚିନ୍ତା ଏବେ ନନା,
ଭାଇ ପୁଅ ଯୋଗ୍ୟ ଯାର ତାର କି ଭାବନା ।
କହିବି ତୁମ୍ଭଙ୍କୁ କିସ ହେ ବୈଦ୍ୟଭୂଷଣ,
ବାହାରକୁ ନିଜ ଗୁଣ କର ପ୍ରସାରଣ ।
ଶୁଣିଅଛି ତୁମ୍ଭେ ଜଣେ ଝାଣୁଆ ବଇଦ,
ରୋଗ ତଡ଼ିଦିଅ ଦେଇ ମାତ୍ରାଏ ଔଷଧ ।
ଚିରସ୍ଥାୟୀ କରିବାକୁ ନାମ ଯଦି ଥିବ,
ଲେଖିଯିବ କେତେ ଖଣ୍ଡ ଔଷଧର ଭାବ ।
ଶୁଣେ ଖୁବ୍ ବଡ଼ ଲୋକ ପୁରୁଷୋତ୍ତମ ସ୍ୱାଇଁ,
ଧନରେ କି ମନରେ ତା କିଛି ଜାଣେ ନାହିଁ ।
ଗୋପାଳ ପଟ୍ଟନାୟକେ ନାହିଁ କପାଁ ଦେଖା,
ରଚୁଅଛି ଠିକ ବାଘ ପୁରାଣର ଲେଖା ।
ସେ ଖଣ୍ଡକ ଶେଷ କରି ଲେଖ ଆଉ ଖଣ୍ଡେ,
ଭୁଛାଟାରେ କେବେ ହେଲେ ନ ବସ ହେ ଦଣ୍ଡେ ।
ହେବର୍ତ୍ତୀ ପଟ୍ଟନାୟକେ କହେଁ ତୁମ୍ଭ କଥା,
ଦେଶ ବିଷୟରେ କପାଁ ପୋତିଅଛ ମଥା ।
ତୁମ୍ଭ ପରି ଛାନ୍ଦଗୀତ ଅର୍ଥ ସୁକୁଶଳ,
ଗୀର୍ବାଣୀ, ପଣ୍ଡିତ ପ୍ରାୟ ଗଞ୍ଜାମେ ବିରଳ ।

କର କହୁଛି ନିଜ ଗୁଣ ସ୍ୱଦେଶେ ପ୍ରଚୁର,
ସେପଟେ ଯାଇଥିଲେ ବିଦ୍ୟା କେଉଁ ଉପକାର ?
ବୁଢ଼ା ହେଲ ତୁମ୍ଭେ ଏବେ ଆଚର ଏ ବିଧି,
ସୃଷ୍ଟିରେ ପ୍ରକାଶ କର ପ୍ରେମ-ସୁଧାନିଧି ।
ଅନନ୍ତ ଦାସେ ତ ତୀର୍ଥମାହାତ୍ମ୍ୟ ଦେଖାଇ,
ହାଲିଆରେ ପଡ଼ିଛନ୍ତି ବହୁଦିନୁ ଶୋଇ ।
ଦ୍ୱିଖଣ୍ଡ ମାହାତ୍ମ୍ୟ ଆଉ ଲେଖ ହେ ପଣ୍ଡିତ,
ତେଉଁ ପୁଣି ଶୋଇଲେ କେ କରିବ ଜାଗ୍ରତ ।
ପୁଷ୍ଟି ଗ୍ରାମେ ଛନ୍ତି ଶ୍ୟାମସୁନ୍ଦର ଗୋସ୍ୱାମୀ,
ନାନା ସମ୍ବାଦ ଲେଖକ ଦେଶ-ହିତକାମୀ ।
ପାଠାଗାର କଲ ଶ୍ୟାମ ସମ୍ପାଦି ପୁସ୍ତକ,
ନିଅଣ୍ଟ ତ ହେଉ ନାହିଁ ପଢ଼ିବାକୁ ଲୋକ ।
ରୋପିଲ ତ ମରୁଭୂମି ମଧ୍ୟେ ପୁଷ୍ପତରୁ,
ଭ୍ରମରେ ଆସିବେ ଭଲ ବୋଲି କେଉଁ ଠାରୁ ।
ବନାସ୍ଥଳ ପାଠାଗାର ପିତାମହ ନାମେ,
ସ୍ଥାପିବାରୁ ସନ୍ତୁଷ୍ଟ ମୁଁ ନିଶ୍ଚେ ତୁମ୍ଭ କାମେ ।
ଓଲଟି ଓଲଟି ନନା ସାହିତ୍ୟଭୂଷଣ,
ବୁଝିଲ ତ ନାହିଁ ତୁମ୍ଭେ ଭାଷାର ଲକ୍ଷଣ ।
ଶୁଣେ ବେଳେ ବେଳେ ଲେଖ ସଂସ୍କୃତରେ ଏକା
ବାହାରକୁ ନ ବାହାରେ କପାଁ ସେହି ଲେଖା ।
ସୁପଣ୍ଡିତ ବୋଲି ଖ୍ୟାତି ଅଛ ରାଜଦ୍ୱାରେ,
ତେବେ କପାଁ କହ, ଅଛ ଏତେ ସଙ୍କୋଚରେ ।
କହୁଅଛି କର ଯୋଡ଼ି ହେ ମାନ୍ୟ ପଣ୍ଡିତ,
ଖପା ହୁଅ ପଛେ କିନ୍ତୁ କର ଦେଶହିତ ।
ସ୍ୱାର୍ଥଶୂନ୍ୟ ଅଧ୍ୟାପନା କରିଅଛ ବ୍ରତ,
ଏ ହେତୁ ମୁଁ ଧନ୍ୟବାଦ ଦେଉ ଶତ ଶତ ।
ଜ୍ୟୋତିର୍ବିଦ୍ୟା-ବିଶାରଦ ହେ ପଞ୍ଚଜ୍ୟୋତିଷ
ବେଲ ଗଲ ଗୁହାଁ ବସି ଦେଖୁଅଛ କିସ ?
ସରଳ ଜ୍ୟୋତିଷ ଗ୍ରନ୍ଥ ଦେଶରେ ଅଭାବ,
ତେଣୁ କର ହେ ଭଲ ତୁମ୍ଭେ ଉଦ୍ଭାବ ।
ଦୁର୍ଭିକ୍ଷ ତ ରକ୍ତଶୂନ୍ୟ ହୋଇଲା ଦେଶର,
ସେଥିର କୌଣସି ଯୋଗ୍ୟ ଗ୍ରହପୂଜା କର ।

ଦଣ୍ଡବତ ଲିଙ୍ଗରାଜ ରାଜପୁରୋହିତେ,
ନ ଭାବ ଗୋସାଇଁ କିଛି ଅନ୍ୟ କଥା ଚିତ୍ତେ ।
ଭୁଲକ୍ରମେ ତୁମ୍ଭ କଥା ଯାଇଥିଲି ଛାଡ଼ି,
କ୍ଷମାକର କହୁଅଛି ବେନି କର ଯୋଡ଼ି ।
ବିଦ୍ୟମାନ ତୁମ୍ଭଠାରେ ବ୍ରାହ୍ମଣର ଶକ୍ତି,
ଦେଖିଲା ମାତ୍ରକେ ତେଣୁ ଜାତ ହୁଏ ଭକ୍ତି ।
ଲୋକନାଥ ମିଶ୍ର ଜଣେ ସଂସ୍କୃତ ଶିକ୍ଷିତ,
ପଞ୍ଚଦେବ ଚୌପାଢ଼ୀର ଅଟନ୍ତି ପଣ୍ଡିତ ।
ମରହଟ୍ଟୀ ରୀତି ଛାଡ଼ି ମାର୍ଜିତ ରୀତିରେ,
ଶିକ୍ଷାର ବ୍ୟବସ୍ଥା କର ପ୍ରଚଳନ ଧୀରେ ।
ନତୁବା କି ଫଳ ତୁଚ୍ଛା ରାମାୟଣ ଗାଇ,
ନ ଜାଣିଲେ ଗୃହେ ସୀତା ଅଣ୍ଡିରା କି ମାଈ ।
ଲିଙ୍ଗରାଜ ଶର୍ମା ଏବେ ଲୁଚଛନ୍ତି କାହିଁ,
ତେର ଦିନ ହେଲା ତାଙ୍କ ସଙ୍ଗେ ଦେଖା ନାହିଁ ।
ପୂର୍ବେ କେତେ ଲେଖୁଥିଲେ ବପନ ବ୍ୟବସ୍ଥା,
ଏବେ କପାଁ ଛାଡ଼ିଦେଲେ ଲେଖା ପ୍ରତି ଆସ୍ଥା ।
ମାର ମୂଷା ଖୋଳ ଗିରି କେତେ ଆଡ଼ମ୍ବର,
ଖୋସିଦେଲେ ଏବେ ସବୁ ପାଠକୁ ଗୁଳର ।
ନୀଳକଣ୍ଠ କବିରାଜ ପ୍ରଣାମ ପ୍ରଣାମ,
ବୈଦିକ ପଣ୍ଡିତ ବୋଲି ଖ୍ୟାତ ତୁମ୍ଭ ନାମ ।
ବୁଢ଼ା ହେଲ ଆସୁଅଛି ସର ଭବ-ହାଟ,
କାର୍ଯ୍ୟେ ସୁନିର୍ମଳ କର ପାରବିକ ବାଟ ।
ଆଉ କିଛି କାମ ପଛେ ନ କର ଅଧିକା,
କରିଯାଅ କେତେ ଖଣ୍ଡ ଛାନ୍ଦପୋଥି ଟୀକା ।
ହେ ମାଗୁଣି ରାଜଗୁରୁ ଅଟନ୍ତି ଆପଣେ,
ଧର୍ମର ବ୍ୟବସ୍ଥାଦାତା ସୁପଣ୍ଡିତ ଜଣେ ।
ଅଧିକ ତୁମ୍ଭଙ୍କୁ ଆଉ କହିବି ମୁଁ କିସ,
କରିଯିବ ତୁମ୍ଭ ପରି କେତେ ଜଣ ଶିଷ୍ୟ ।
ରହିଯାଇଥିବେ ପରା ଆଉ କେତେ ଜଣ,
ଜଣାଉଛି ସେମାନଙ୍କୁ ଯଥା ସମ୍ଭାଷଣ ।
ସେମାନଙ୍କ ପ୍ରସଙ୍ଗ ମୁଁ ନ ପାରିଲି କହି,
ବିଷୟ-ବାହୁଲ୍ୟ ହେଲେ ବଢ଼ିଯିବ ବହି ।

ଅନେକ ପ୍ରାଚୀନ ଦୃଶ୍ୟ ଅଛି ଏ ରାଜ୍ୟରେ,
ଯାଉଛୁ ଦେଖିବ କୃଷ୍ଣକାନନ ମୁଁ ଥରେ ।
କୃଷ୍ଣସିଂହ ରାଜାଙ୍କର ସ୍ୱହସ୍ତ-ରୋପିତ,
ଏ ହେତୁ କୃଷ୍ଣକାନନ ନାମେ ଅଭିହିତ ।
ଆମ୍ବ, ନାରିକେଳ, ତାଳ, ଖର୍ଜୁର, ବଉଳ,
କଦମ୍ବ, କେତକୀ ଆଦି ପାଦପ ବହୁଳ—
ଅଛି ସେ କାନନେ, ପୁଣି ମଧ୍ୟେ ସ୍ୱଚ୍ଛତୋୟ,
ଅଛି ଏକ ମନୋହର କ୍ଷୁଦ୍ର ଜଳାଶୟ ।
କାନନ-ସୁନ୍ଦରୀଙ୍କର ଦର୍ପଣ ପରାୟେ,
ସେ ସୁରମ୍ୟ ଜଳାଶୟ ଅତି ଶୋଭାପାଏ ।
ତହୁଁ ଜଳ ନେଇ ଢାଳି କୃଷ୍ଣସିଂହ ନୃପ,
ବଢ଼ାଇଣ ଥିଲେ ଏହି କାନନ ପାଦପ ।
ଶିଶିରେ ପ୍ରକୃତି ବେଶ ଯଥା ଦୀନହୀନ,
କାଳବଶେ ସେ କାନନ ହୋଇଅଛି ଜୀର୍ଣ୍ଣ ।
ବର୍ତ୍ତମାନ ମହାରାଜା ସର୍ବଗୁଣାଧାର,
ଆଶା ଅଛି କରିବେ ସେ କାନନ ସଂସ୍କାର ।
କୃଷ୍ଣସିଂହ କୃତ ମହାଭାରତ ପୁସ୍ତକ,
କରାଉଅଛନ୍ତି ଛାପା ଲଭି ସେ ପୁଲକ ।
ଜନ୍ମିଛି ଧାରଣା ଏହା ଦେଖି ନିଃସଂଶୟ,
କୁଳକୀର୍ତ୍ତି ରକ୍ଷା ରାଜେ କରିବେ ନିଶ୍ଚୟ ।

ସତୀମଠ ବିରାଜିତ ଋଷିକୁଲ୍ୟା ତଟେ,
ଯାଉଛୁ ଦେଖିବ ଏବେ ତାହାର ନିକଟେ ।
ଏଠାରେ ସର୍ଜ୍ଜିତ ହେଲ କୃଷ୍ଣସିଂହ ଚିତା,
ସହମୃତା ହେଲେ ତାଙ୍କ ପତ୍ନୀ ବନିତା ।
ସେହି ଦିନଠାରୁ ଚିତା ହୋଇଛି ରକ୍ଷିତ,
ଚିତାକୁଣ୍ଡ ପରେ ହୋଇ ମଣ୍ଡପ ନିର୍ମିତ ।
ସତୀ-ଶବ-ଦାହୀ ସେହି ପବିତ୍ର ଅନଳ,
ପାଉଛନ୍ତି ପୂଜା ତହିଁ ଏତାବତ କାଳ ।
ହୋଇଅଛି ସେ ମଠର ସତୀମଠ ନାମ,
ପୂତଆତ୍ମା ଅଧିଷ୍ଠିତ ସ୍ଥାନ ପୁଣ୍ୟଧାମ ।
ଅନେକ ପ୍ରକାର କୃଷି ହୁଏ ଏହି ରାଜ୍ୟେ,
ଶିଳ୍ପୀଏ ନିପୁଣ କଂସା ଆଦି ଶିଳ୍ପକାର୍ଯ୍ୟେ ।
ରାଜ୍ୟ ମଧ୍ୟେ ଜଳାଧାର ଅଛି ଠାଏଁ ଠାଏଁ,
ଆବଶ୍ୟକ ବେଳେ ଜଳ ନିଅନ୍ତି ପ୍ରଜାଏ ।
ଅନ୍ତର୍ବାଣିଜ୍ୟର ଗତି ରାଜ୍ୟରେ ପ୍ରବଳ,
ଅବଶ୍ୟ ଏ ସୁପ୍ରଥାଟି ଅତୀବ ମଙ୍ଗଳ ।
ବର୍ତ୍ତମାନ ନରପତି ଚେଷ୍ଟାଶୀଳ ଅତି,
ଶୀଘ୍ରହସ୍ତେ ସାଧୁଛନ୍ତି ରାଜ୍ୟର ଉନ୍ନତି ।
ପ୍ରଜାହିତବ୍ରତ କରିଅଛନ୍ତି ଧାରଣ,
କରନ୍ତୁ ଈଶ୍ୱର ତାଙ୍କ ବାସନା ପୂରଣ ।

# ପତ୍ର-ପୁଷ୍ପ ।

# ଭକ୍ତ୍ୟୁପହାର

ପରମମାନନୀୟ,

ଉତ୍କଳ-ମୌଳିମଣ୍ଡନ, ବହୁଭାଷା-ବିଶାରଦ, ବିଦ୍ୱଜ୍ଜନପ୍ରପୂଜ୍ୟ
ଜାତୀୟ ପୁଣ୍ୟଯଜ୍ଞର ପ୍ରବୀଣ ପୁରୋଧା ପାରଳାଧୀଶ୍ୱର
ଶ୍ରୀଲ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତିନାରାୟଣଦେବ
ମହୋଦୟ-ସମୁଦାରଚରିତେଷୁ ।

ଅତୁଳବନ୍ଦନୀୟ ଶ୍ରୀମନ୍ ଗଜପତି ମହାରାଜ,

ଶ୍ରୀଛାମୁ ସ୍ୱତଃପ୍ରବୃତ୍ତ ହୋଇ ମୋର ଖଣ୍ଡିଏ ପୁସ୍ତକର ମୁଦ୍ରଣ ବ୍ୟୟ ବହନ କରିବାକୁ ମନଃସ୍ଥ କରିଅଛନ୍ତି ବୋଲି ଯେଉଁ ଦିନ ପତ୍ର ପାଇଲି, ସେ ଦିନ ମୋ ଜୀବନର ଗୋଟିଏ ସ୍ମରଣୀୟ ଶୁଭ ସୁଦିନ । ଏରୂପ ସଜୀବ ଉତ୍ସାହ ଏବଂ ସହାନୁଭୂତି ଲାଭ ମୋ ଭାଗ୍ୟରେ ପ୍ରଥମ । ଶ୍ରୀଛାମୁ ବାସ୍ତବରେ ଜଣେ ଯୋଗଜନ୍ମା ଆଦର୍ଶ ନରପତି । ଶ୍ରୀଛାମୁଙ୍କର ଅନନ୍ୟ-ରାଜନ୍ୟସୁଲଭ ସଦ୍‌ଗୁଣାବଳୀ ବ୍ରିଟିଶ ରାଜଦ୍ୱାରରେ ପୁରସ୍କୃତ ଏବଂ ସମ୍ମାନିତ ହୋଇଅଛି ଏବଂ ସେହି ସମ୍ମାନ ହେତୁ ଉତ୍କଳମାତା ନିଜକୁ ସୌଭାଗ୍ୟବତୀ ମଣିଅଛି । ଶ୍ରୀଛାମୁଙ୍କର ବିପୁଳ ପ୍ରଶସ୍ତି ବ୍ୟକ୍ତିଗତ ନୁହେଁ—ତାହା ମହାର୍ଘ ଜାତୀୟ ସମ୍ପତ୍ତି । ସେହି ପ୍ରତିପତ୍ତି ଉତ୍କଳର ବିଶାଳ ସୀମା ଅତିକ୍ରମ କରି ସମ୍ପ୍ରତି ବିଶ୍ୱବ୍ୟାପିନୀ ହୋଇଅଛି । ଯାହାଙ୍କର ରାଜଦତ୍ତ ଦୁର୍ଲଭ ଉପାଧି-କନକକିରୀଟ ଦେଶକୁ ଆଭାମୟ କରିଅଛି ଏବଂ ଯାହାଙ୍କ ରାଜଭଣ୍ଡାର କୋଟିରତ୍ନର କିରଣ-ହାସ୍ୟରେ ସଦା ସମୁଜ୍ଜ୍ୱଳ, ମୁଁ ଶୂନ୍ୟମୟ ଦୀନକୁଟୀରବାସୀ କ୍ଷୁଦ୍ରାଦପିକ୍ଷୁଦ୍ର, ସେହି ପୁଣ୍ୟଶୀଳ ମହାତ୍ମାଙ୍କୁ କେଉଁ ଉପାୟନ ପ୍ରଦାନ କରିବି ! ଅଧିକନ୍ତୁ ଶ୍ରୀଛାମୁଙ୍କର ଯୋଗ୍ୟ ଉପହାର ପ୍ରାକୃତ ପଦାର୍ଥରେ ନାହିଁ; ଅତଃ ଏହି "ପତ୍ରପୁଷ୍ପ" ଗୁଚ୍ଛଟି ଅର୍ପଣ କଲି । ଏହା ଶ୍ରୀଛାମୁଙ୍କର ପୂଜୋପକରଣରୂପେ ପରିଗୃହୀତ ହେଲେ ମୁଁ ନିଜକୁ କୃତାର୍ଥ ମଣିବି । ଶ୍ରୀଛାମୁ ମୋର ଦୁରବସ୍ଥା ପରିଜ୍ଞାତ ହୋଇ ମୋତେ ମାସିକ ଅର୍ଥ ସାହାଯ୍ୟ କରିଆସୁଅଛନ୍ତି । ଶ୍ରୀଛାମୁଙ୍କର ଏହି ସ୍ନେହାନୁକମ୍ପା-ଋଣ ଭାବୀ ଜୀବନରେ ସୁଦ୍ଧା ମୋ ପକ୍ଷରେ ଅପରିଶୋଧ୍ୟ ।

ଭଦ୍ରକ,
୧୭।୨।୧୯୧୮

ଶ୍ରୀ ଛାମୁଙ୍କର
ସ୍ନେହ-ମମତାବଦ୍ଧ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ସୂଚୀପତ୍ର


୧ । ବାଣୀପୂଜା

[କ]ଆବାହନ
[ଖ]ଭାରତୀ ଆରାଧନା
[ଗ]ଅର୍ଚ୍ଚନା
[ଘ]ବସନ୍ତପଞ୍ଚମୀ
[ଙ]ବାଣୀପଞ୍ଚମୀ
[ଚ]ବାଣୀପଦେ ଆତ୍ମ ଜଣାଣ
[ଛ]ପ୍ରାର୍ଥନା

୨ । ମାତୃତୀର୍ଥ

[କ]ପୁରୀ
[ଖ]ଶ୍ରୀମନ୍ଦିର
[ଗ]ନୀଳଚକ୍ର
[ଘ]ଜଗନ୍ନାଥ ଦର୍ଶନ
[ଙ]ଦେବାଳୟର ଅଶ୍ଳୀଳ ଚିତ୍ର
[ଚ]ରଥଯାତ୍ରା
[ଛ] ବାହୁଡ଼ା ଯାତ୍ରା
[ଜ]ମହାପ୍ରସାଦ
[ଝ]ଶରଧାବାଲି
[ଞ]ରାଧାକାନ୍ତ ମଠ
[ଟ]ସ୍ୱର୍ଗଦ୍ୱାର
[ଠ]ସିନ୍ଧୁ

୩। ପ୍ରାକୃତିକୀ

[କ]କଳିଫୁଲ
[ଖ]ଆତୁଫୁଲ
[ଗ]ରସାଳ
[ଘ]ପଣସ
[ଙ]ତାଳପତ୍ର
[ଚ]ଗ୍ରୀଷ୍ମ ବସନ୍ତ
[ଛ]ଗୁଲ୍‌ଚଙ୍କ
[ଜ]କେନ୍ଦ୍ରିମାଳଶିଖରରେ ସୂର୍ଯ୍ୟୋଦୟ
[ଝ]ବକ
[ଞ]ପଢ଼ା ଶୁକ
[ଟ]ବାଲ୍‌ଭୋରେ ଭଉଁରୁଙ୍କା
[ଠ]ଶୁଷ୍କତରୁ
[ଡ]ଇଚ୍ଛାପୁର
[ଢ] ନିଦାଘ ରଜନୀ
[ଣ]କଂସାରୀଲତା
[ତ]ମହାନିଶା
[ଥ]ଲଗାଣବର୍ଷା
[ଦ]ବସନ୍ତ
[ଧ]ବକୁଳ
[ନ]ଇନ୍ଦ୍ରଧନୁ
[ପ]ଆମ୍ବ

୪ । ସାମୟିକୀ

[କ]ବୈଶାଖ
[ଖ]ଜ୍ୟେଷ୍ଠ
[ଗ]ଆଷାଢ଼
[ଘ]ଆଦ୍ୟ ଆଷାଢ଼
[ଙ]ଶ୍ରାବଣ
[ଚ]ସୂର୍ଯ୍ୟାସ୍ତ
[ଛ]ଅଗିସ୍ତ ପୂନେଇ
[ଜ]ମକର ସଂକ୍ରାନ୍ତି
[ଝ]ଦୋଳ

୫ । ଜନ୍ମଭୂମି

[କ] ଉଦ୍‌ବୋଧନ ସଙ୍ଗୀତ
[ଖ] ଜାତୀୟ ସଙ୍ଗୀତ
[ଗ] ସ୍ୱାଗତଗୀତିକା
[ଘ] ମାତୃମହୀ
[ଙ] କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆଗେ
[ଚ] ମାତୃପୂଜା

୬ । ବିଷାଦବୀଣା

[କ] ପୀଡ଼ିତର ପ୍ରାର୍ଥନା
[ଖ] ଆତ୍ମବିଳାପ
[ଗ] ପ୍ରାଣର ଜଣାଣ
[ଘ] ପୀଡ଼ା
[ଙ] ସତେ କି ଅଛୁ ?
[ଚ] ମୋର ଅଭାବ
[ଛ] ମା
[ଜ] ଶୋକତପ୍ତ ମନ ପ୍ରତି
[ଝ] ଈଶ୍ୱରଙ୍କ ପ୍ରତି ଆତ୍ମନିବେଦନ
[ଞ] ହତାଶର ଆଶା
[ଟ] ପ୍ରାଣ–ବୀଣା

୭ । ଶୋକଗାଥା

[କ] ହାହାକାର
[ଖ] ସ୍ୱର୍ଗବାସ
[ଗ]ଶୋକ–ସଙ୍ଗୀତ
[ଘ] ଶୋକୋଚ୍ଛ୍ୱାସ
[ଙ] ବିଷାଦ–ବଂଶୀ
[ଚ] ଶୋକ–ସନ୍ତପ୍ତ
[ଛ] ମହାପ୍ରସ୍ଥାନ
[ଜ] ଅଶ୍ରୁଧାର

୮ । କବିତାଗୁଚ୍ଛ

[କ] ମହେନ୍ଦ୍ର ମେଲ୍ଲଣି
[ଖ] ବିଳାସଗୃହ
[ଗ] ହୁଇ ଖଙ୍ଗଚଲ୍
[ଘ] ହୃଦୟ
[ଙ] ବେହେଲା
[ଚ] ଶ୍ରୀ ଦୁର୍ଗାଶତାଷ୍ଟକ
[ଛ] ମାତୃହୃଦୟ
[ଜ] ସୂକ୍ତିମାଳା
[ଝ] ଅସୁନ୍ଦର
[ଞ] ମୀନ
[ଟ] ବିଶ୍ୱନାଥ
[ଠ] ବିଦାୟ-ଆବାହନ
[ଡ] ପ୍ରେମ
[ଢ] ଗତସ୍ମୃତି
[ଣ] ଶ୍ରୀଯୁକ୍ତ ମଧୁସୂଦନ ଦାସ ସି. ଆଇ. ଇ.
[ତ] ଉପସ୍ଥିତ କର୍ତ୍ତବ୍ୟ
[ଥ] ହିତୈଷିଣୀର ନବବର୍ଷ
[ଦ] ଉଭଟ କବିତା
[ଧ] ପ୍ରଦୀପ
[ନ] ଜୀବହିଂସା
[ପ] ବିଫଳତା
[ଫ] ଅହିଂସା
[ବ] ସ୍ୱନିର୍ବନ୍ଧ
[ଭ] ପଥପାର୍ଶ୍ୱେ ପତିତ ଶବ ପ୍ରତି
[ମ] ବାଲସ୍ୱପ୍ନ
[ଯ] ଦେବତା
[ର] କାହାର ଏ ସୃଷ୍ଟି ?
[ଲ] ବିଜୟ-ଗୀତିକା
[ବ] ବିଜୟୋତ୍ସବ

[ଖ] ବଡ଼ଲୋକ
[ଗ] ଅଦ୍ଭୁତ ସୁଭା
୯। କୌତୁକ-କବିତା
[କ] କୁକୁର
[ଖ] ବଣଓଲ ଓ ବଣସାରୁ
[ଗ] ପଖାଳ
[ଘ] ଢାଞ୍ଚୀ
[ଙ] ତୀର୍ଥ ଭୂମି
[ଚ] ଆଧୁନିକ ଭଗ
[ଛ] ଟଙ୍କାଷ୍ଟ୍ରୋକ
[ଜ] ଗାଲଷ୍ଟ୍ରୋକ୍

# ପତ୍ର-ପୁଷ୍ପ ।

## ବାଣୀ-ପୂଜା

### ଆବାହନ

( ୧୩୨୪ ସାଲ ଶ୍ରୀପଞ୍ଚମୀ ଉପଲକ୍ଷେ ରଚିତ )

—ଶ୍ରେଣୀ—

ଆସ ବାଣି ବୀଣାପାଣି
ଶିଳ୍ପ-ବାଣୀ-ବିଶ୍ୱରାଣୀ
କାବ୍ୟକଳାଠାକୁରାଣୀ ଭବ-ଜନନୀ,
ତବ ନୀରାଜନା ପାଇଁ
ଆଶାଡୋଲା ନେଲେ ଗୁନ୍ଥି—
ଅଛନ୍ତି ବାସନ୍ତୀଲକ୍ଷ୍ମୀ ଫୁଲବରଣୀ
ହର୍ଷେ ଭଙ୍ଗି ବନ-ସୁନ୍ଦରୀ,
ଗୁନ୍ଥୁ ଫୁଲ-ସିଂହାସନ ବକ୍ଷରେ ଧରି । ୧ ।
ମଳୟ-ମାରୁତ-ଭରେ
ଧରି ପଲ୍ଲବ-ଗୁମରେ
ଅଛି ତବ ଅପେକ୍ଷାରେ ଶ୍ରେଣୀ ଅଶେ
ଫୁଲେ ଶୁଭ୍ର ଶଙ୍ଖ ଅଳି
ମହାଭାବେ ଭଳି ଭଳି,
ଗାଏ ଗିତ 'ଆଗମନୀ' କୁଞ୍ଜ-ଆବାସେ,
ଫେଇ ଚୂତ ପର୍ଣ୍ଣସମ୍ପୁଟ
ଟେକିଅଛି ଭେଟିବାକୁ ସ୍ୱର୍ଣ୍ଣମୁକୁଟ । ୨ ।

ଆସ ଦେବି, ଆସ ପ୍ରାଣେ
ଆସ ମା, ଅନ୍ତରେ ଧ୍ୟାନେ,
ମଙ୍ଗଳ ଆକାଙ୍କ୍ଷା ହୃଦେ ଆଣ ସତ୍ୱର,
ଦିଅ ସାଧନାରେ ବଳ
ଉତ୍ସାହ ଶକ୍ତି ପ୍ରବଳ
କର ଆତ୍ମା ସୁନିର୍ମଳ ସତ୍ୟ ସୁନ୍ଦର,
ପଦସେବା ଯୋଗ୍ୟତା ତବ
ପ୍ରଦାନ ଗୋ ଦେବି, ଶ୍ରେୟ ପୁଣ୍ୟ ବିଭବ । ୩ ।
ଆଶୀର୍ବାଦ-ଜ୍ୟୋତିଜାଳେ
ଧୂଅ ଉଜ୍ଜ୍ୱଳ କପାଳେ,
ମହିମା-ମୟୂଖେ ଉଠୁ ହସି ସେ ଶିରେ,
ସ୍ୱର୍ଣ୍ଣମୟୀ ଲେଖନୀରେ
ଲେଖିଦିଅ ତାହା ଶିରେ
"ନବ ଉଜ୍ଜୟିନୀ" ବୋଲି ସ୍ୱର୍ଣ୍ଣ ଅକ୍ଷରେ,
ଘେନ ତା'ର ଭକ୍ତି-ଆରତି
ଗମ୍ଭୀର ଗୋପନ ବ୍ୟଥା ହର ଭାରତି ! ୪ ।

## ଭାରତୀ ଆରାଧନା

—ରସକୁଲ୍ୟା—

ବୀଣାପାଣି ବାଣୀ-ବିଶ୍ୱ-ଜନନୀ
ଅନନ୍ତ-ସୁବିଦ୍ୟା-ସୁବର୍ଣ୍ଣ-ଖଣି,
କବିକଣ୍ଠ-କଞ୍ଜ-କୁଞ୍ଜ-ବାସିନୀ,
ଜଡ଼ତା-ନାଗୁଣୀ-ବିଷନାଶିନୀ,
ମହାଶକ୍ତି ସନାତନୀ ଯେ,
ଅଗାଧ ଅବିଦ୍ୟା— ଅକୂପାରେ ତବ
କରୁଣା ଶୁଭ୍ର-ତରଣୀ ଯେ । ୧ ।

ଧନ୍ୟ ମା ମହିମା ଅମରସ୍ତୁତ,
ଜଗତ ତୋହର କ୍ରୀଡ଼ାସମ୍ଭୂତ,
ସ୍ୱର୍ଗେ ଗଢ଼ିପାରୁ ଇଚ୍ଛା ମାତ୍ରକେ,
ଅଧମେ କୋବିଦ କରୁ ପଲକେ,
କେ ବର୍ଣ୍ଣିବ ତବ ଗୁଣ ଯେ,
ଦେବ-କବିଗୁରୁ· ରସନା କଳ୍ପନା
ତୁଟେ ଯହିଁ ଅନିପୁଣ ଯେ । ୨ ।

ତୋ ପ୍ରସାଦେ ଧରେ କାବ୍ୟ-କମଳ
ଅକବି-କଳୁଷ-ହୃଦ-ପଲ୍ୱଳ,
ମୂଢ଼-ଶୁକ୍ତି ବହେ ପାଣ୍ଡିତ୍ୟ-ମୋତି,
ମ୍ଳାନ ଭାଗ୍ୟ-ଊର୍ମି ପ୍ରକାଶେ ଜ୍ୟୋତି,
ଅଭାବେ ତୋହର ସ୍ନେହ ଯେ
ମହାନୀରବତା ଭଜିବ ଏ ଭବ
ଯେସନ୍ତେ ପ୍ରାଣଶୂନ୍ୟ ଦେହ ଯେ । ୩ ।

ସାହିତ୍ୟ-ପ୍ରସୂତି, ବାଞ୍ଛି କଲ୍ୟାଣ
କୋଟି କଣ୍ଠେ କରୁ ଭାଷା ପ୍ରଦାନ,
ତହୁଁ ଏ ଅଚଳା ସିନା ସଚଳା,
ଦେଇଛୁ ବାନ୍ଧି ତୁ ସୃଷ୍ଟି-ଶୃଙ୍ଖଳା,
ଗୁଲକ ତୋହ କରୁଣା ଯେ,
ମାନବ ଜୀବନ— ଉପରେ ତୋର ମା
କର୍ତ୍ତବ୍ୟ ନୁହଇ ଉଣା ଯେ । ୪ ।

ବାକ୍ୟ ଉଚ୍ଚାରଣ, ଚିନ୍ତା, ଧାରଣା,
ଏ ତ୍ରିବେଣୀ ଧାର ତୋର ସର୍ଜନା,
ପ୍ରାଣବାନ କରି ରଖିଛୁ ପ୍ରାଣେ,
କେତେ ଉଚ୍ଚ ଭାବ ମନେ ସେ ଆଣେ,
ଅମୃତ ବୀଣାଝଙ୍କାର ଯେ
କଳ୍ପନା-ଯନ୍ତ୍ରକୁ କରେ ବିକମ୍ପିତ
ସ୍ପର୍ଶି ତାର ସୂକ୍ଷ୍ମ ତାର ଯେ । ୫ ।

ଚିନ୍ତା-ବାତ୍ୟାଘାତେ ଭାବ-ସାଗର
ହୁଏ ତରଙ୍ଗିତ ସୌମ୍ୟ ସୁନ୍ଦର ,
ସେ ଭାବ ସହିତ ବିଶ୍ୱ-ସାହିତ୍ୟ,
ପ୍ରୟୋଜନ ହୁଏ ମାନବ ହିତେ ,
ସେ ବାତ୍ୟାଶକ୍ତି ମୂଳରେ ଯେ
ପୂର୍ଣ୍ଣ ଅଧିଷ୍ଠାନ ତୋର ସିନା ଦେବି,
ତୁହି ତା ପ୍ରାଣ ସ୍ଥୂଳରେ ଯେ । ୬ ।

ପ୍ରତି ନିଃଶ୍ୱାସରେ ତୋ ଅନୁଗ୍ରହ
ଉଜ୍ଜୁଳନ୍ତି ଭବେ ଜୀବନବହ,
ନରର ଯାବତ ଭରସା ଆଶା,
ଶ୍ରେଷ୍ଠତମ ତହିଁ ମଧ୍ୟରେ ଭାଷା,
ଜନନୀ ତୁହି ତାହାର ଯେ,
ଅଶୋଧ୍ୟ ତୋ ଋଣ ଅୟୁତ ଜନମେ
ଘେନ ମା କୋଟି ଜୁହାର ଯେ ।୭।

## ଅର୍ଚ୍ଚନା

( ୧୩୨୫ ସାଲ୍ ଶ୍ରୀପଞ୍ଚମୀ ଉପଲକ୍ଷେ )

ସ୍ୱାଗତ ସ୍ୱାଗତ ବାଣି, ବାଣୀ-ବିଶ୍ୱଗୁଣି,
ଅନନ୍ତ ପ୍ରଶସ୍ତିମାତା ଦେବୀ ବୀଣାପାଣି ।
ଏ କି ରୂପ, ରୂପେଶ୍ୱରି, ନେତ୍ର-ଶତଦଳେ,
କରୁଣାର ଶତଦଳ ଶୁକ୍ଳିମା ଉଛୁଳେ ।
ଅଧରେ ସାଫଲ୍ୟ ହାସ ଶତଦଳପ୍ରଭ,
ଖେଳେ ଅଙ୍ଗେ ଶତଦଳ ସୁଷମାବିଭବ ।
ଦିଅ ଦାସେ ଏହି ବର ମାଗୁଛି ପଦ୍ମରେ,
ଅସାଡ଼ ଜୀବନ-ଯନ୍ତ୍ର ଖସାଇ ସତ୍ତ୍ୱରେ—
ପ୍ରାଚୀନ ଆଳସ୍ୟ-ଭାର, ଶକ୍ତିଦିଅ ସତ,
ନବ-ଉତ୍ତେଜନା-ଭାର ଅମୃତେ ସିଞ୍ଚିତ ।
କି ଭେଟି ଅର୍ପିବି ମାତଃ କହୁଛି ନିଶ୍ଚୟ,
ହୋଇଥାନ୍ତା ସ୍ୱର୍ଣ୍ଣପିଣ୍ଡ ଯେବେ ଏ ହୃଦୟ—
ଏହିକ୍ଷଣି ତେବେ ତହିଁ ନୂପୁର ଗଢ଼ାଇ—
ଦିଅନ୍ତି ଚରଣେ ତବ ଭକ୍ତିରେ ପିନ୍ଧାଇ ।

---

## ବସନ୍ତ ପଞ୍ଚମୀ

ପୁଣ୍ୟ ଶ୍ରୀପଞ୍ଚମୀ ଆଜି ଶ୍ରୀପଞ୍ଚମୀବାଦିନ,
ସୁଷମା-ତରଙ୍ଗେ ରଙ୍ଗେ ନାଚୁଛି ମେଦିନୀ ।
ଧରା-ଜରା-ହରା ମଧୁ ମଧୁର ଯୌବନ
ଭରିଅଛି ପୁଣି ତାହା ପ୍ରାଣେ ଆନନ୍ଦନ ।
ଢାଙ୍କିଛି ବାସଙ୍ଗ ଅଙ୍ଗ କୁସୁମ ଭୂଷଣ,
ପାଟଳ ଅଞ୍ଚଳ ଶୂନ୍ୟେ ସଞ୍ଚାଳେ ପବନ ।
ପୁଷ୍ପକଣ୍ଠେ ଯେଉଁ ମନ୍ତ୍ର ଫୁଙ୍କନ୍ତି ଭ୍ରମରେ,
ପ୍ରଦାନ ସେ ମନ୍ତ୍ର ମାତଃ ଉତ୍କଳ କଣ୍ଠରେ ।
ଦେବଧାମୀ ଏ ଉତ୍କଳ ଦେବ-ରାଜଧାନୀ,
ଲଭୁ ତବ ଶୁଭାଶିଷ ତା ଅତୀତ ଆଣି ।
କରୁଣା-ଝରଣ-ଧାରା, ବିଶ୍ୱଗୁଣି, ତବ
ସୃଜୁ ନବ ଦିବ୍ୟାଲୋକ ଅନନ୍ତ ଉତ୍ସବ ।

ବଜାଅ ଅମୃତ ବୀଣା, ପଳାଉ ତମସା,
ଜାଗ୍ରତ, ପ୍ରଦୀପ୍ତ ହେଉ ତା ମୌନ ମହିମା ।

---

## ବାଣୀପଞ୍ଚମୀ

—କଳହଂସ କେଦାର—

ପ୍ରବେଶ ପୁଣ୍ୟ ପର୍ବ ବାଣୀ ପଞ୍ଚମୀ,
ଏ ଦିନ ବିଦ୍ୟାଦେବୀ ଥିଲେ ଜନମି ।
ପାଠ କମାଇ ହେଉ ଗୁଟି ପିଲାଏ
ହରଷେ ଖେଳେ ଡେଇଁ ଡେଇଁ ବା ଧାଏଁ ।୧।

ପ୍ରଭାତୁ ଉଠି ସର୍ବେ ଗୁଙ୍ଗୁଣ କରେ
ତୋଳିଲେ ଫୁଲ ପଶି ଫୁଲବନରେ ।
ଗାଇଣ ନାନା ଛନ୍ଦେ ମଧୁର ଗୀତ
କଲେକ ଦୂର ବହୁ କାନନ-ପଥ । ୨ ।

ସ୍ନାନାନ୍ତେ ପୂଜାସଞ୍ଚା ଥାଳୀ ସଜାଡ଼ି
ଥୋଇଲେ ଗୃହାଳୀରେ ଧାଡ଼ିକି ଧାଡ଼ି,
ଆନନ୍ଦ ଉଚ୍ଛ୍ୱସିତ ସବୁରି ମନେ,
ଅର୍ପିବେ ପୁଷ୍ପାଞ୍ଜଳି ଦେବୀ-ଚରଣେ । ୩ ।

ନିରେଖି ଦେବୀମୂର୍ତ୍ତି ପାଠ-ମନ୍ଦିରେ
ନମିଲେ କର ଯୋଡ଼ି ଶ୍ରଦ୍ଧାଭକ୍ତିରେ ।
ଭାରତୀ ଉପବିଷ୍ଟା ହଂସ ଉପରେ,
ସ୍ୱର୍ଣ୍ଣ ବିପଞ୍ଚୀ ଶୋଭେ କମଳ-କରେ ।୪।

ବାହନ ବର୍ଣ୍ଣ ବାସ ଭୂଷା ସକଳ
କୁନ୍ଦ କର୍ପୂର ରୌପ୍ୟ ଜିଣି ଧବଳ ।
ଧବଳ ଶତଦଳ ଲୋଟେ ପଦ୍ମରେ,
ହୃଦୟ ପରିପୂର୍ଣ୍ଣ ଅଭୟ ବରେ । ୫ ।

ମହିମା-ଜ୍ୟୋତି ଜ୍ୱଳେ ନେତ୍ରଯୁଗଳେ,
ଖେଳେ କରୁଣା-ହାସ୍ୟ ଆସ୍ୟମଣ୍ଡଳେ ।
ହେଲେ ନିବଳୀ ଶତା ଦିଶେ ଉଦାର,
ଶାନ୍ତି ପ୍ରୀତି ତୃପ୍ତିର ତ୍ରିବେଣୀ ଧାର ।୬।

ଦୃଷ୍ଟି ପ୍ରସନ୍ନତାକୁ ନାହିଁ ଉପମା,
ଶ୍ରୀଅଙ୍ଗେ ନାଚି ବୁଲେ ସୌମ୍ୟ ସୁଷମା ।
ବରଦା ମୂର୍ତ୍ତି ସ୍ନିଗ୍ଧ ପ୍ରଭା ପ୍ରକାଶେ,
ଉଙ୍କି ବୁଲୁଛି ଶୋଭାରାଶି ଚୌପାଶେ ।୭।

ସମର୍ପି ପୂଜା ଶେଷେ କୁସୁମାଞ୍ଜଳି
ଢଳେ ବାଳକେ ମାତୃଚରଣରେ ଅଳି ।
ମଧୁର ବାଳଭାଷା ଦେବ ଆଦୃତ
ବହାଇଦେଲା ଶତଧାରେ ଅମୃତ ।୮।

ଉତ୍ସବେ ଅବଧାନ ପାଶୁ ମେଲଣି
ଘେନି ସକଳେ ହେଲେ ଗୃହପ୍ରୟାଣୀ ।
ସବାଗ୍ରେ ସେବି ଦେବୀ-ପ୍ରସାଦ-ସୁଧା
ପଶ୍ଚାତେ ଭୁଞ୍ଜି ଅନ୍ନ ଦମିଲେ କ୍ଷୁଧା ।୯।

ପ୍ରଭାତେ ପଶି ସର୍ବେ ତଟିନୀ ଜଳେ
ଖୋଜି ବୁଲିଲେ ଇଷ୍ଟ ଶକୁନ ଫଳେ ।
କେ ପାଏ ବେତ କେବା ଗଞ୍ଜ ନଡ଼ିଆ,
କେ ପାଇ ଗୁଆ ହେଲା କୂଳରେ ଠିଆ ।୧୦।

ପୂର୍ଣ୍ଣିମା ଯାଏଁ କ୍ରୀଡ଼ା ଆହାର ଭୁଲି
ମାଗିଲେ ଗୃହେ ଭିକ୍ଷା ଗ୍ରାମରେ ବୁଲି ।
ସ୍ୱଗୃହେ ବନ୍ଧୁଗୃହେ ଗାଇ ସଙ୍ଗୀତ
ଅର୍ପିଲେ ଗୁରୁପାଶେ ଅର୍ଜିତ ବିତ୍ତ ।୧୧।

ଏରୂପେ କରି ଗୃହେ ଉତ୍ସବ ଶେଷ
ପଠନେ ଲଗେ ପୁଣି ଆସନଦେଶ ।
ଲଭିଲେ ଶିକ୍ଷା ଏଥୁ ଶିଶୁପଙ୍କତି,
ଦେବତା ଭକ୍ତି ସହ ଗୁରୁଭକତି ।୧୨।

## ବାଣୀପଦେ ଆତ୍ମଜଣାଣ

କାହିଁ ମାତଃ ବୀଣାପାଣି ନୀରଜନୟନା,
ଏ କଣା-କଙ୍କର ପକ୍ଷେ ଏତେ ବିଡ଼ମ୍ବନା !
ଭକ୍ତିମାନ ସମର୍ପିବ କରୁଅଛି ସାଧ,
ଦୀନତା-ପାମରତା ତହିଁ ସାଧେ ମହାବାଦ ।
ତାହା ସଙ୍ଗେ ଯୁଝିବାକୁ ଅଣ୍ଟୁ ନାହିଁ ବଳ,
ତୁହି ଏକା ଏ ସଙ୍କଟେ ସହାୟ କେବଳ ।
ତୋ କରୁଣା ଦୃଷ୍ଟିପାତ ହେଲେ ବରଭୁଜା,
ଅର୍ପିବ ଚରଣରେ ତବ ଶ୍ରଦ୍ଧା ଭକ୍ତି ପୂଜା ।
କି ବୃଥା ସଂସାରେ ମୋର, ମୁଁ ଛାର ମାନବ
ବଜାଇଲେ ବାଜୁଥିବି, ଅନ୍ୟଥା ନୀରବ ।

## ପ୍ରାର୍ଥନା

ଜ୍ଞାନ ଦେ ଜ୍ଞାନଦା ଦେବୀ ବୀଣାପାଣି,
ଚହ୍ନିବି ତୋ ତତ୍ତ୍ୱ ଜ୍ଞାନେ ତୋତେ ବାଣୀ ।
ଚଞ୍ଚଳ ପାର୍ଥିବ କ୍ଷୁଦ୍ର କୋଳାହଳ
ବର୍ଷୁଛି ମୋ କର୍ଣ୍ଣେ ପ୍ରଚଣ୍ଡ ଅନଳ ।
କ୍ଷଣେ କ୍ଷଣେ ଲୟ ଦେଉଅଛି ଭଙ୍ଗି,
କରିଦେ ବଧିର ମୋତେ ମା ଶୁଭାଙ୍ଗି !
ସେହି କୋଳାହଳେ ତବ ପୁଣ୍ୟ ପୂଜା
ଯାଉଅଛି ମୁହିଁ ଭୁଲି ବରଭୁଜା ।
ବଧିର ହେଲେ ମୁଁ ଲଭନ୍ତି ନିସ୍ତାର,
କରନ୍ତି ଜୀବନେ ତବ ପୂଜା ସାର ।
ସେ ଦଣ୍ଡକୁ ମୋର ନ ଥିଲା ଶୋଚନା,
ଲଭନ୍ତି ଯଦ୍ୟପି ତବ ପଦାର୍ଚ୍ଚନା ।
ମଣନ୍ତି ତାହାକୁ ଇଷ୍ଟ ପୁରସ୍କାର,
ହୁଅନ୍ତା ସଂସାର ଶାନ୍ତିର ଆଧାର ।
ଗହଳେ ତୋ ଧ୍ୟାନ ହୁଏ ନାହିଁ ସ୍ଥିର,
ଲୋଡ଼େ ତୋହେ ପୂଜା ବିଜନ ମନ୍ଦିର ।

# ମାତୃତୀର୍ଥ

## ପୁରୀ

ପୁରୀ, ତୁହି ସ୍ୱର୍ଣ୍ଣ ସ୍ୱର୍ଗେ ବାରସ୍ୱତୀ ପୁରୀ,
ଆଦର୍ଶେ ଅନ୍ତର ତୋର ଅସ୍ୱପ୍ନ ମାଧୁରୀ ।
ବସ୍ତୁ-ମୋହ-ଗୃହଗର୍ତ୍ତି-ଶକ୍ତବର୍ତ୍ତନ ତୁର,
ହୃଦୟ ଭଣ୍ଡାର କରୁ ଅଲକ୍ଷିତେ ଚୁରି ।
ନିରନ୍ତର ପାରାବାର ପ୍ରେମେ ଝୁରି ଝୁରି
ବ୍ୟସ୍ତ ସ୍ୱରେ ଆଶା ପ୍ରାଣେ କରେ ତୋତେ ହୁରି ।
ଡାକନ୍ତି ତୋ ନାମେ ବିଶ୍ୱେ ମହିମା-ମଧୁରୀ,
ସ୍ୱାର୍ଥ-ପାପ-ଶୋକ-ଶୈଳେ ଦେଉ ହେଲେ ଚୂରି ।
ସମନ୍ୱୟ-ଧର୍ମ-ଧରା ସମ୍ରାଜ୍ଞୀ ତୁ ପୁରି,
ଖିଲ ବିଶ୍ୱ ତୀର୍ଥଗ୍ରଣୀ ତୀର୍ଥେଶ୍ୱରୀ ପୁରୀ ।
ଜ୍ଞାନାଞ୍ଜନ-ବର୍ତ୍ତିକା ତୁ ନୟନେ ସବୁରି,
କୈବଲ୍ୟପସରା ବକ୍ଷେ ବସାଇଛୁ ଭୂରି ।
ମର୍ତ୍ତ୍ୟର ବୈକୁଣ୍ଠଧାମ ଧନ୍ୟ ଧନ୍ୟ ପୁରି,
ବଞ୍ଚାଅ ଏ ମୃତ ପ୍ରାଣେ ସଞ୍ଜୀବନୀ-ଚୂରୀ ।

---

## ଶ୍ରୀ ମନ୍ଦିର

ଏ କି ଦେବାଳୟ, ନା ନା, ପୁଣ୍ୟ ଉତ୍କଳର
ମହିମାର ମାନଦଣ୍ଡ ସୁବିଶାଳତର ।
ଏହାର ପ୍ରତ୍ୟେକ ଶିଳା ପ୍ରତ୍ୟେକ ଇଷ୍ଟକ
ଜାତୀୟ-ଗୌରବ-ଧନ-ମହାର୍ଘ-ହୀରକ ।
ବ୍ୟକ୍ତ କରି ଗତ ସ୍ମୃତି ଅବ୍ୟକ୍ତ ଭାଷାରେ
ବର୍ଷୁଛି ସାନ୍ତ୍ୱନା-ସୁଧା ମୁମୂର୍ଷୁ ଆଶାରେ ।
ବିକ୍ଷିପ୍ତ ବିଗ୍ରହ ଅଙ୍ଗେ କେତେ ଇତିହାସ,
ଆଣେ ପ୍ରାଣେ ଯୁଗପତ ମହୋଲ୍ଲାସ ତ୍ରାସ ।
ଧନ୍ୟ ଶିଳ୍ପୀ, ଦର୍ଶାଇଛୁ ଏଥି ଦେହତନ,
ବାହ୍ୟେ ରକ୍ତ ମାଂସ ଅସ୍ଥି ବୀଭତ୍ସ ଘୃଣିତ ।
ଭିତେ ଆତ୍ମାରୂପୀ ବ୍ରହ୍ମ ମନ୍ଦିର ଭିତରେ,
ଅଙ୍କିତ ଏ ମହାଲେଖ୍ୟ ଜୀବନ୍ତ ସତ୍ୟରେ ।
ସ୍ୱର୍ଗ ମର୍ତ୍ତ୍ୟ ଯୋଗସ୍ତମ୍ଭ ଏ ଦେଉଳବର,
ଜାତୀୟ ଉନ୍ମେଷ ଦିନେ ଆଣିବ ନିକର ।

---

## ନୀଳଚକ୍ର

କି ସିଦ୍ଧ ଜାଉଁଣୀମନ୍ତ୍ର ନୀଳଚକ୍ର ଜାଣେ,
ଗ୍ରହସେ ତାମସେ ନାଶି ସତ୍ତ୍ୱଗୁଣ ଆଣେ ।
ନେଇଛି ସେ ଉଚ୍ଚଗୁଣେ ଗଢ଼ି ଉଚ୍ଚାସନ,
ସ୍ୱକେ ସିନା ନିଜାସନ ନୀଚେ ମହାଜନ ।
ଧର୍ମଦୀପ୍ତ ଦୀପଶିଖା ବହୁଦୂର ଯାଏଁ
ସମଭାବେ କାଳେ କାଳେ ଜଗତେ ଦେଖାଏ ।
ଦୀପି ମହାନୀଳିମାରେ ଅନନ୍ତ ଗଗନ,
ପତିତପାବନ ନାମେ ଉଡ଼ାଏ କେତନ ।
ଏହି ଚକ୍ର ସୁଦର୍ଶନ, ଅନବଦ୍ୟ ଧନ୍ୟ,
ଚ୍ଛେଦି ଜୀବନର ସୁପ୍ତି ଆଣେ ଜାଗରଣ ।
ନୃପତି ଅନଙ୍ଗଭୀମ ମୌନ ମହାସ୍ମୃତି *
ବହିଅଛି କାଳେ କାଳେ ଯଥା ଇଷ୍ଟବୃତ୍ତି ।
ଦ୍ୱାବିଂଶତ ହସ୍ତ ନେମୀ ଦିଶେ କ୍ଷୁଦ୍ରବତ,
ଆପଣାକୁ କ୍ଷୁଦ୍ରରୂପେ ପ୍ରକାଶେ ମହତ ।

---

* ଅନଙ୍ଗଭୀମ ଦେବ ବଡ଼ଦେଉଳନିର୍ମାତା ବୋଲି ଚକରେ ଲିଖିତ ଅଛି ।

## ଜଗନ୍ନାଥ ଦର୍ଶନ

ଜଗନ୍ନାଥ ଜଗନ୍ନାଥ ହେ ଜଗନ୍ନିବାସ,
ମହିମା ଶୁଣିମା ହେଉ ହୁତାଶର ଗ୍ରାସ ।
ଲଭି ତରସନ୍ନିଧି ମୁଁ ହେ କରୁଣାମ୍ବୁଧି,
ମଣେ ଯା ତୁମ୍ଭଙ୍କୁ ଦୂର, ଏ ଅଧମ ବୁଦ୍ଧି !
ଆସିଛି ଦେଉଳ ମଧ୍ୟେ ଦେଖିବାକୁ ଧାଇଁ,
ଅନ୍ତର-ମନ୍ଦିରେ ଯେଣୁ ଦେଖା ଦେଲ ନାହିଁ ।
ଏ କି ଲୀଳା ମହାପ୍ରଭୁ, ପ୍ରତ୍ୟକ୍ଷେ ଶ୍ରୀକରେ
ଅର୍ପୁଛ ପ୍ରସାଦ ସଦା ଅଗଣିତ ନରେ ।
ମହିମା କରୁଣା ସହ ମିଶି ପ୍ରୀତିଧାର
ବହୁଛି ତ୍ରିବେଣୀ ତୀର୍ଥ ପୁରୀଧାମ ସାର ।
ବାଜୁଛି ମୋହନବଂଶୀ ପ୍ରାଣ-ବୃନ୍ଦାବନେ,
ମାନସ-ଗୋପାଳବାଳ ନାଚେ ତା ଶ୍ରବଣେ ।
ଘନଶ୍ୟାମ ସୌମ୍ୟ କାନ୍ତି କରି ସନ୍ଦର୍ଶନ
ପୁଣ୍ୟ ହେଲା ଆତ୍ମା, ଧନ୍ୟ ହେଲା ଏ ନୟନ ।

## ଦେବାଳୟର ଅଶ୍ଳୀଳ ଚିତ୍ର

ଅଶ୍ଳୀଳ ଅଶ୍ଳୀଳ ବୃଥା ପଡ଼ୁଅଛି ହୁରି
କେ ଅଶ୍ଳୀଳ, ଏ ଯେ ଗୂଢ଼ ଜ୍ଞାନର ଚାତୁରୀ ।
ନୀରବେ କହୁଛି ଚିତ୍ର ଶୁଣ ଯାତ୍ରୀଗଣ,
ଇଚ୍ଛା ଯଦି କରିବାକୁ ଦେବତା ଦର୍ଶନ,
ତେଜ ତେବେ ଜ୍ଞାନଦର୍ପ, ଅଭିମାନ ଦୀକ୍ଷା
ଦିଅ ଆଗେ ଏହିଠାରେ ସଂଯମ ପରୀକ୍ଷା ।
ହେବ ଯଦି ଅଧିକାରୀ, ନିର୍ଭୟ ଚିତ୍ତରେ
ପ୍ରବେଶିବ ତେବେ ଯାଇ ମନ୍ଦିର ଭିତରେ ।
ନ ହେଲେ ପବିତ୍ର ଆତ୍ମା, ଇନ୍ଦ୍ରିୟ ଦମନ,
ତେବେ ତାହିଁ ଘଟେ ନାହିଁ ଦେବ ଦରଶନ ।
ଗ୍ରାମ୍ୟ ସୁଖେ ଦେହ ମନ ଯାର କଳୁଷିତ,
ବାହାରେ ନିର୍ମଳ ଯେହୁ ଅନ୍ତରେ କୁତ୍ସିତ,
ବିଷୟ-ପଟଳେ ଯାର ମୁଦ୍ରିତ ନୟନ,
ନୁହେଁ ସେ କଦାପି ଦେବ-ଦର୍ଶନେ ଭାଜନ ।

## ରଥଯାତ୍ରା

ଏ କି ଲୀଳା ଲୀଳାମୟ, ମଣ୍ଡି ନନ୍ଦୀଘୋଷେ
କେଣେ ଚାଳେ କରୁଅଛ ଅଦମ୍ୟ ସନ୍ତୋଷେ ?
ଦେହ-ନନ୍ଦୀଘୋଷ ପରି ତବ ପ୍ରିୟ ଯାନ,
କିପାଁ ଆଜ ମନୋରଥ ରଥ ପ୍ରତି ଆନ ।
ବୁଝିଲି ବୁଝିଲି ପ୍ରଭୁ, ଅଭିନୟ ତବ,
ଅର୍ପୁଅଛ କେତେ ଶିକ୍ଷା ନିତ୍ୟ ନବ ନବ ।
ବାମନ ସ୍ୱରୂପୀ ଆତ୍ମା ଦେହ-ରଥେ ରଥୀ,
ଇନ୍ଦ୍ରିୟ-ଘୋଟକ ତହିଁ, କାମନା-ସାରଥି ।
ନିଜ ମଧ୍ୟେ ପଶି ନିଜେ ଜ୍ଞାନନେତ୍ର ଫେଡ଼ି
ଦେଖେ ଯେ, ସେ ପାରେ ଏକା ପୁନର୍ଜନ୍ମ ଏଡ଼ି ।
ଏହି ତ ତୁମ୍ଭର ସାର ମୌନ ଉପଦେଶ,
ଏହା ହିଁ ତ ରଥଯାତ୍ରା ମୌଳିକ ଉଦ୍ଦେଶ୍ୟ ।
ନୀଳମଣି, ଏ ମିନତି ତବ ପାଦତଳେ,
ଉନ୍ମତ୍ତର ନନ୍ଦୀଘୋଷ ଚଳୁ ଏ ଉତ୍କଳେ ।
କେତେ ଗାଳି କେତେ ମାଡ଼ ଯାଉଛି ବରଷି,
ମାତ୍ର ତୁମ୍ଭେ ହସୁଅଛ ନିର୍ବିକାରେ ବସି ।
ସହୁଅଛ ଅବହେଳେ ଯାତନା ପ୍ରଚୁର,
ଭକ୍ତର ଶାସ୍ତି କି ପ୍ରଭୁ ଏଡ଼େ ସୁମଧୁର !
ସହେ ଯେହୁ ଆଶ୍ରିତର ଲାଞ୍ଛନ ଗଞ୍ଜନ,
ସେହି ଏକା ପ୍ରଭୁପଣେ ସର୍ବାଂଶେ ଭାଜନ ।
କଥାକଥାକେ ଯେ ରୁଷ୍ଟ ବହି ଗୁରୁ ଦର୍ପ,
ପ୍ରଭୁ ନୁହେଁ କେବେହେଁ ସେ ବିଷଧର ସର୍ପ ।

## ବାହୁଡ଼ା ଯାତ୍ରା

ନିସ୍ତରିଲି ନିସ୍ତରିଲି ହେ ଚକାନୟନ,
ଧନ୍ୟ ହେଲା ପ୍ରଭୁ ଆଜ ଦେହ ପ୍ରାଣ ମନ ।
ପୂର୍ଣ୍ଣ ହେଲା ମନୋରଥ ଆବାଲ୍ୟପୋଷିତ,
ଧ୍ୱଂସ ହେଲା ପାପରାଶି ଆଜନ୍ମଅର୍ଜିତ ।
କାହୁଁ ଏ ବାହୁଡ଼ା ଶେଷେ ନବ ଦିନ ଯାତ୍ରା,
ବୃଦ୍ଧି କର ଭକ୍ତ ଜନ ଆନନ୍ଦର ମାତ୍ରା ।

ଏତେ ହୁଣ୍ଡା ଭୁମ୍ଭେ କି ହେ, ଶ୍ରୀଦଧିବାମନେ,
ଶିଖାଇଣ ଦେନଗଲେ ମାଉସୀ ଭୁବନେ ।
ଠକାଇବ କହି ପର୍ ରମାଙ୍କୁ ଏତକ,
କାହୁଁ ଏହି ଠକ ପାଠ ପଢ଼ିଲ ହେ ଠକ !
ଭୁଲିବେ କି ଲକ୍ଷ୍ମୀଦେବୀ ଶୁଣି ଏ ଛଳନା,
ସର୍ବଜ୍ଞା, ସର୍ବଗା, ସତୀ, ସାଗର-ଦୁଲଣା ।
ନ ଘଟିବ ଏଣୁ ମାୟା ମହାମାୟା କତ,
ଦେଲ ଥାଉଁ ଅନ୍ୟୋପାୟ୍ର ରନ୍ତ ବସ୍ଥିପଥ ।

---

## ମହାପ୍ରସାଦ

କି ଆମୋଦ କି ମହିମା ମହାପ୍ରସାଦର,
ଦୃଷ୍ଟିମାତ୍ରେ ପୁଷ୍ଟି ହୁଏ ଭକ୍ତିରେ ଅନ୍ତର ।
ହେଉ ପଛେ ବାସି, ଦ୍ୱିଧା ଆଣେ ନାହିଁ ମନେ,
ପ୍ରାପ୍ତିମାତ୍ରେ ବଳବତୀ ଆକାଙ୍‍କ୍ଷା ସେବନେ ।
ହୁଏ ନାହିଁ ଅପବିତ୍ର ଇତର ପରଶେ,
ଅପବିତ୍ରେ ସୁପବିତ୍ର କରେ ପ୍ରତ୍ୟୁତ ସେ ।
ଜାତିଭେଦ ସଂକୀର୍ଣ୍ଣତା ପରିହରି ନରେ
କରନ୍ତି ଭୋଜନ ଏକ ପାତ୍ରେ ଏକତ୍ରରେ ।
ଅଳ୍ପରେ ସନ୍ତୁଷ୍ଟି ଆହା, କି ମହାପ୍ରଭାବ,
ସ୍ପର୍ଶ ମାତ୍ରେ ଉଦ୍‌ବେଗେ ଜାଗେ ଧର୍ମଭାବ ।
ପାର୍ଥିବ ପ୍ରାକୃତ ଦୋଷ କରି ବିନାଶନ,
ଶାଶ୍ୱତ-ସୁବର୍ଣ୍ଣେ କରେ ହୃଦୟ ମଣ୍ଡନ ।
ମର୍ତ୍ତ୍ୟେ ଯେ ଅମୃତ, ଆଖ୍ୟା କୈବଲ୍ୟ ଯାହାର,
କଳ୍ପନା ଅତୀତ ତାର ମହିମା ଅପାର ।

---

## ଶରଧାବାଲି

ବାଲୁକା ନୁହେଁ ତ ଏହା କୈବଲ୍ୟ-କଣିକା,
ବାହୁନ୍ତି ଅମରେ ଏଥି ଶଳକର ଟିକା ।
ଏଠାରେ ବାମନାଭୁକ ପରି ନିତ୍ୟ ନିତ୍ୟ *
ଗାଏ କୁର ଅତୀତର ସୌଭାଗ୍ୟ ସଙ୍ଗୀତ ।
ତର ଶାନ୍ତ ପ୍ରୀତିମୟ ସୁପାବନ ସ୍ଥାନ,
ନିର୍ବାକ ମାନବ ଭୁଣ୍ଡେ କରେ ଖ୍ରଷାଦାନ ।
ମୃତ୍ୟୁ ଲଭେ ଏ ସ୍ଥଳେ ଯେ, କେତେ ତା ସୁକୃତ
ଲଭୁଥିବ ସିନା ସେହୁ ମୃତ୍ୟୁରୁ ଅମୃତ ।
ତୋହର ଶରଧାବାଲି ନାମ ମଧୁମୟ,
ତହୁଁ ବଳ ମଧୁମୟ ସ୍ପର୍ଶ, ଦୃଶ୍ୟଚୟ ।
ଅବଗାହି ତୋ ଧୂଳିରେ ପ୍ରେମୀ ଭକ୍ତଦଳ
ମଣନ୍ତି ଆତ୍ମାକୁ ଧନ୍ୟ ପବିତ୍ର ଶୀତଳ ।
ଏ ଉତ୍କଳ-ବୃନ୍ଦାବନେ ତୁହି ବ୍ରଜରେଣୁ,
ବାଜୁଛି ତୋ ଗର୍ଭେ ମଧୁ ମିଳନର ବେଣୁ ।

---

## ରାଧାକାନ୍ତ ମଠ

ଶ୍ରୀ ଚୈତନ୍ୟ ପୁଣ୍ୟପୀଠ ରାଧାକାନ୍ତ ମଠ,
ମହନ୍ତମଣ୍ଡଳୀ ଯାର ସାଧୁ ସତ୍କର୍ମଠ ।
ସମ୍ପାଦି ଗୌରାଙ୍ଗସ୍ମୃତି ରଙ୍ଗରଙ୍ଗ ଯଥା,
ମହାଜନ ସ୍ମୃତିପୂଜା ପାଳନ୍ତି ସର୍ବଥା ।
ଆଦର ଉଦ୍‌ଘାଟି ବହୁ ବୈଷ୍ଣବୀୟ ଗ୍ରନ୍ଥ
ପ୍ରଦାନେ ସାଧକଚୟେ ସତ୍ୟ ଶିବ ସନ୍ଥ ।
ଅତିଥି ପଙ୍ଗତ ସ୍ତୋତ୍ରେ ରୁତ ହରଘଣ୍ଟ,
କେତେ ଦୀନଦୁଃଖୀ ନିତି ପାଉଛନ୍ତି ପଣ୍ଡ ।
ସଙ୍କୀର୍ତ୍ତନ ଗଙ୍ଗାଧାର ଯାଉଛି ପ୍ରବାହି,
ଅନୁକ୍ଷଣ ଉଠେ ଶବ୍ଦ ନିମାଇ ନିତାଇ ।
ଏହି ମହାସ୍ମୃତି ମହା-ମନ୍ତ୍ରର ଘୋଷଣା
କରୁଛି ଜୀବନେ ମଠ ଏକାନ୍ତ ସାଧନା ।
ବାହ୍ୟ ଅଭ୍ୟନ୍ତର ତାର ପ୍ରଶାନ୍ତ ନିର୍ମଳ,
ବୈଷ୍ଣବ ଧର୍ମର ଜ୍ୟୋତି ବର୍ତ୍ତିକା ଉଜ୍ଜ୍ୱଳ ।

---

*ଶରଧାବାଲିରେ ନିଃଶବ୍ଦ ନିଶୀଥ ସମୟରେ ବାମନାଭୁକ ଖେଳିବାର ପ୍ରବାଦ ଅଛି ।

## ସ୍ୱର୍ଗଦ୍ୱାର

ଏହି ପଥେ ପର୍ ଦେବେ ଆସନ୍ତି ଓହ୍ଲାଇ
ବିଶ୍ୱେଶ୍ୱର ମହାରଥ ସନ୍ଦର୍ଶନ ପାଇଁ ।
ଉଦାର ଗମ୍ଭୀର କଣ୍ଠେ ମହା ପାରାବାର
ତାଙ୍କ ଆଗମନ-ବାର୍ତ୍ତା କରେ ସୁପ୍ରଚାର !
ସେକାଳେ ମହୀରେ ହୁଏ ଅବତୀର୍ଣ୍ଣ ସ୍ୱର୍ଗ,
ମହୀ ସୁଦ୍ଧା ସ୍ୱର୍ଗ ହୁଏ ଲଭି ତା ସଂସର୍ଗ ।

ନିପଟ ନିର୍ଜନ ବେଳା ଶାନ୍ତିମୟ ସ୍ଥାନ,
ସଂସାରକ୍ଷେତ୍ରରୁ ଦୂରେ କରେ ଅବସ୍ଥାନ ।
ଲଙ୍ଘି ପଡ଼େ ବୀଚିମାଳା ଆସି ସ୍ତରେ ସ୍ତରେ,
ନର-ଭାଗ୍ୟ-ଊର୍ମି ଯଥା ନିୟତ ଦୈବରେ ।
ମହାନନ୍ଦେ ମହାଭାବେ ବୁଡ଼ିମରେ ମନ,
ଉପକଣ୍ଠେ ସିନ୍ଧୁଗର୍ଭେ ତରଣୀ ଯେସନ ।
ତୁଟିଯାଏ ଆତ୍ମସତ୍ତା ଭାବୁକ ମାନବ,
ସେ ସୁଖ ତା ପକ୍ଷେ ସିନା ଅମର ଦୁର୍ଲଭ ।

---

## ସିନ୍ଧୁ

କି ପୁଣ୍ୟ ଅନନ୍ତ ବେଦ ଦୁର୍ବୋଧ୍ୟ ଭାଷାରେ
କରୁଛୁ ଆବୃତ୍ତି ସିନ୍ଧୁ, କେବଣ ଆଶାରେ ?
ତରଙ୍ଗ ଆକାରେ ଭାବ ବୁଲୁଅଛି ଖେଳ,
ଖଣ୍ଡିବୁ ସେ ଭାବେ କାହା ଅଜ୍ଞାନ-କୁହେଳୀ ?
ବିପୁଳ ବକ୍ଷ ତୋର ବୁଡ଼ାଇଛୁ ଆଜି,
ବିଲୋକନମାନେ ପଡ଼େ ନୟନ ପିଚ୍ଛାଡ଼ି ।
ଏହି କି ତୋ ବିଶେଷତ୍ୱ, ପ୍ରଦାନେ ଜଗତେ
ସଂଯମର ମହାଦୀକ୍ଷା ଚିର ଅବିରତେ ।
ଚୁମ୍ବିଲୁ ତୋ ଭାବ, ତୁହି ଅଥୟ ପ୍ରେମରେ,
ଗାଢ଼ ଆଲିଙ୍ଗନ ଆଶେ ଅନନ୍ତ ଅମ୍ବରେ,
ରହିଛୁ ପ୍ରସାରି ବାହୁ ଯୁଗଯୁଗାନ୍ତରୁ,
ଲଭିବୁ ତୁ ମିଳନର ବାଞ୍ଛା-କଳ୍ପତରୁ ।
ଆକାଶର ସମଧର୍ମୀ ତୁ ମହାସାଧକ,
'ଯୋଗ୍ୟେ ଯୋଗ୍ୟ ଚକ୍ଷେ ସିନା', ଏ ବାଣୀ ସାର୍ଥକ ।

---



# ପ୍ରାକୃତିକୀ

## କଇଁ ଫୁଲ

ହସ୍ତ୍ରା—ଜର୍ଜ୍ଜର-ଦେହା ଦାନ୍ତୁଲେଷ୍ଟଗା,
ସୁବର୍ଣ୍ଣ ଦୁର୍ବର୍ଣ୍ଣ ଦିଶେ ରୂପରେ ତୋହର ।
ସନ୍ଧ୍ୟାନିଳେ ଢଳ ଢଳ ହସୁ ତୁ ପ୍ରକାଶ,
ମଧୁର ସୁବାସ ସହ ମଧୁର ସୁହାସ ।
କ୍ଷୀଣାୟୁ ତୁ, ସଞ୍ଜେ ଫୁଟି ମଉଳୁ ସକାଳେ,
ହେଉ ଉଗାରିତ ତେଣୁ ଶାପ ଦାନ କାଳେ । ୧
ସରଳା କୁମାରୀକୁଳ ସରଳ ପ୍ରାର୍ଥନା
ଶାରଦ-ପର୍ବେଶ-ପଦେ କରୁ ଜଣାମଣା । ୨
କୌମୁଦୀପତିର ତୁହି କୌମୁଦୀ ସମାନ
ସତୀ ପତ୍ନୀ, ପତି ସହ ଲଭୁ ଅନ୍ତର୍ଦ୍ଧାନ ।
କେବଣ ଅଜ୍ଞାତ ଦେଶୁ ଆସି ତୁ ତାପସି,
କି କଠୋର ଯୋଗ ସାଧି ସାରା ନିଶି ବସି,
ନିଭିଯାଉ କେଉଁଆଡେ, ଏ ଗୂଢ଼ ରହସ୍ୟ
ଭାବିଲେ ସ୍ତମ୍ଭିତ ହୁଏ ବିସ୍ମୟେ ଅବଶ ।

## ଆଛୁ ଫୁଲ

ଆଛୁ, ତୋର ନାହିଁ କାହିଁ ସମ୍ୟକ ଆଦର,
ବାସେ କି ତୋଠାରୁ ବେଶି ଚମ୍ପା ନାଗେଶ୍ୱର ।
କେତେ ଯତ୍ନେ ଉଦ୍ୟାନରେ ହୁଏ ସେ ପାଳିତ,
ଭଙ୍ଗା ତୋ କପାଳ, ତୁହି ସେ ସୁଖୁ ବଞ୍ଚିତ ।
ତଥାପି ଅସ୍ଥାନେ ବସି କରୁ ବିତରଣ—
ଅନନ୍ତ ସୌରଭ-ରୂପ ଅମୂଲ୍ୟ ରତନ ।
ବନ ତୋର ଜନ୍ମଭୂମି, ଲଗୁ ତା ସେବାରେ,
ଏଥୁ ବଳି କି ସୌଭାଗ୍ୟ ଅଛି ବା ସଂସାରେ !
ତେଣୁ ଉଠେ ତୋ ଦର୍ଶନେ ବାଲ୍ୟ ସୁପ୍ତ ସ୍ମୃତି
ସେ ଅତୀତ ସୁଖ ସ୍ୱପ୍ନ ଫୁଟିଯାଏ ଧୃତି ।
ନିଦାଘ ପ୍ରଦୋଷେ ଗୁନ୍ଥି ତୋହ ଫୁଲେ ହାର,
ପିନ୍ଧି ଗଲେ ଲଭୁଥିଲି ଆନନ୍ଦ ଅପାର ।
ପ୍ରାତେ ମରୁ, ସ୍ନେହେ ରଚ କାଳ ସଙ୍ଗେ ରଣ,
ମାନ ତୋ ମରଣ ନୁହେଁ ବିଫଳ ମରଣ ।

## ରସାଳ

ଆମ୍ର ତୁ ଅମୃତ-ଅଧାମ,
ସାର୍ଥକ ତୋ "ରସାଳ" ନାମ ।
ମର୍ତ୍ତ୍ୟେ ତୋହର ଅଧିଷ୍ଠାନ,
ବିଧିର ଅତିରିକ୍ତ ଦାନ ।
ସୁବର୍ଣ୍ଣେ ଜିଣି ସୁବର୍ଣ୍ଣକୁ,
ସୌରଭେ କିଣି ଭୁବନକୁ ।
ବଳେ ତୋ ମଣ୍ଡନ ମହିମା
ସ୍ରଷ୍ଟାଶିଳ୍ପୀର ଶିଳ୍ପସୀମା ।
ବର୍ଣ୍ଣନେ ଅକ୍ଷମ ସେ ନିତ୍ୟ,
ତୋ ପ୍ରାଣ ମଧୁର ସାହିତ୍ୟ ।
ତୋପାଇଁ ନୁହେଁ ତୋ ଜୀବନ,
ଅଟେ ତା ସାଧାରଣ ଧନ ।
ସତ୍ୟ ସୁନ୍ଦର ତୁହି ଶିବ,
ପରାର୍ଥେ ସୃଷ୍ଟ ତୋର ଜୀବ ।
ସ୍ୱାଦୁ ସୁଗନ୍ଧ କର ଦାନ
ବିମୁଗ୍ଧ କରୁ ଜୀବ ପ୍ରାଣ ।
ସୃଷ୍ଟିରେ ପୁଷ୍ଟିକର ଫଳ
ତୋ ପରି ଅତୀବ ବିରଳ ।
ଫଳ-ରାଜ୍ୟରେ ତୁହି ରାଜା,
ତୋ ନାମେ ବାଜେ ଜୟବାଜା ।

(୧) "ସଞ୍ଜେ ଫୁଟି ସକାଳେ ଯା, କଇଁଫୁଲ ଆୟୁଷ ପା" ଏହି ପ୍ରବାଦ ପ୍ରଚଳିତ ଅଛି । (୨) ଅନୂଢ଼ା ବାଳିକାମାନେ କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଙ୍କୁ କଇଁଫୁଲରେ ପୂଜା କରନ୍ତି ।

## ପଣସ

ପଣସ, ତୁ ପରାଜୟ କରୁ ଖଜା ଗଜା,
ଆକୃତିରେ ପ୍ରକୃତିରେ ଫଳକୁଳେ ରଜା ।
ରଜା ତୁଲ୍ୟ ଅଟୁ ତୁହି ବାହାରେ ନିଷ୍ଠୁର,
ଭିତରେ କୋମଳ ପୁଣି ସରସ ମଧୁର ।
ତୋ ଦର୍ଶନେ ହୁଏ ମୋର ସନ୍ଦିଗ୍ଧ ମାନସ,
ମଧୁଚକ୍ର କିମ୍ବା ତୁହି ଅମୃତ-କଳସ ।
ତୁଷ୍ଟିକର ପୁଷ୍ଟିକର ସୁଗନ୍ଧ ସୁସ୍ୱାଦ,
ହରିନେଉ କ୍ଷୁଧାତୃଷ୍ଣା ସହ ଅବସାଦ ।
ନୁହେଁ ତୋହପାଇଁ ତୋର ପବିତ୍ର ଜୀବନ,
ସ୍ୱାର୍ଥ ତୋର ଆତ୍ମତ୍ୟାଗ—ପରାର୍ଥ ସାଧନ ।
ଦାନଯଜ୍ଞ, ସେବାଯଜ୍ଞ କରି ସମାପନ ,
ନିଜକୁ ଆହୁତିରୂପେ କରୁ ସମର୍ପଣ ।
ଗୁରୁପାକ ବୋଲି ଫଳ, ନୋହୁ ତୁ ନିନ୍ଦିତ,
କିଏ ଅବା ଏ ସଂସାରେ ଦୋଷ-ବିବର୍ଜିତ !

---

## ତାଳପତ୍ର

କେ ବୁଝିବ ତୋହର ଗୁଣ,
କେ ଶୁଝିବ ତୋହର ଋଣ,
ମାନବ କୀର୍ତ୍ତି ରକ୍ଷଣେ ତୁହି ନିପୁଣ । ୧ ।
ଅକଥିତ ତୋହର ମୂଲ୍ୟ,
ସ୍ୱର୍ଣ୍ଣପତ୍ର ନୁହେଁ ତୁଲ୍ୟ,
ମହିମା କଳନା ସିନା ତୋର ବାହୁଲ୍ୟ । ୨ ।
ଉଚ୍ଚ ଚିନ୍ତା ଉଚ୍ଚ ଭାବ
ତୋହର ବକ୍ଷେ ଲଭେ ଠାବ,
ପୁଣ୍ୟ ସ୍ୱର୍ଗ୍ୟ ଧନ୍ୟ ତୋର ମାନ୍ୟ ପ୍ରଭାବ । ୩ ।
ଚିରପୂଜ୍ୟ ଉତ୍କଳେ ତୁ,
ଜ୍ଞାନ ବୈରାଗ୍ୟର ହେତୁ,
ହୋଇଛୁ ଉତ୍କଳେ ତୋର ବିଜୟ-କେତୁ । ୪ ।
କି ସାହିତ୍ୟ କି ଗଣିତ,
ଇତିହାସ ଲେଖଚନ,
ନିଖିଳ ମଙ୍ଗଳବିଦ୍ୟା ତୋର ବିଦିତ । ୫ ।
ଏ ଉତ୍କଳ ନାରୀ ନରେ
କୁଳଙ୍କ ତୋହର ପତ୍ରରେ,
ଅର୍ପୁଛୁ ତାହାଙ୍କୁ ଶିକ୍ଷା ତୁ ନିରନ୍ତରେ । ୬ ।
ଆନ ପତ୍ର ବିଗଣିତ,
ହୁଏ ପଦେ ବଦଳିତ,
ମାତ୍ର ତୁ ଦେବତା ସମ ଚିର ପୂଜିତ । ୭ ।
ଉତ୍କଳ ଧର୍ମ ଶାସ୍ତ୍ରକେ
ଚିରନ୍ତନୀ ତୋହର ପତ୍ରେ,
ତୋ ଯୋଗୁଁ ସେ ଭାଗ୍ୟବତୀ ଗ୍ରନ୍ଥ-ସମ୍ପଦେ । ୮ ।
ମହାତ୍ମା ପ୍ରତିଭାଚୟ
ରଖିଛୁ କରି ସଞ୍ଚୟ,
ବହୁ ବିଦ୍ୟାରେ ତୋ ତନୁ ଆଲୋକମୟ । ୯ ।
ତୋ ସଙ୍ଗେ ଏବେ କାଗଜ
ପ୍ରତିଯୋଗିତାରେ ରତ,
ମାତ୍ର ଉତ୍କଳେ ତୋ ଶକ୍ତି ସଦା ଅକ୍ଷତ । ୧୦ ।

---

## ଶୈତ୍ୟବସନ୍ତ

କ୍ରମେ କ୍ରମେ ଶୀତ ପ୍ରଭାବ
ହୋଇ ଆସୁଛି ଅନ୍ତ,
ମହୀବକ୍ଷେ ବହି ଯାଉଛି
ମୃଦୁ ଶୈତ୍ୟ ବସନ୍ତ ।
କ୍ଷଣେ ଗୁପ୍ତ କ୍ଷଣେ ପ୍ରକାଶ୍ୟ
ଭାଷି ମଧୁର ଭାଷା,
ଖେଳେ ଲୁଚକାଳି ଯେସନ
ଦୀନ ହୃଦୟେ ଆଶା ।
କାହାର କିଛି ନ ଶୈତ୍ରଇ
ବହେ ବୃଥା କଳଙ୍କ,
ମାତ୍ର ତାର ନାହିଁ ତହିଁକି
ତିଳେ ଭ୍ରୂକ୍ଷେପ ବଙ୍କ ।
ପ୍ରତ୍ୟୁତ ସାଧେ ସେ ସୃଷ୍ଟିର
ଶୁଭ ସଦୟ ହୋଇ,

ଅନନ୍ତ ଅନ୍ତର ବେଦନା
ନେଇଯାଏ ସେ ଧୋଇ ।
ନ ଜାଣେ କିଛି ସେ ଅପର
ଆତ୍ମ-ଉତ୍ସର୍ଗ ଛଡ଼ା,
ଦେହ ମନ ପ୍ରାଣ ତାହାର
ଖାଲି ତ୍ୟାଗରେ ଗଢ଼ା ।
ମାତୃଭୂମି ପୁଣ୍ୟ ପୀୟୂଷ
ସ୍ତନ୍ୟଧାର ଯେସନ,
ତେସନ କରେ ସେ କର୍ତ୍ତବ୍ୟ
ପ୍ରାଣିପ୍ରାଣେ ସାଧନ ।
ମଧୁ ସ୍ପର୍ଶେ ତାର ମୁକୁଳେ
ବନସ୍ପତି ସକଳ,
ଶୀତ-ରୁକ୍ଷ-ମ୍ଳାନ ଶରୀର
ଦିଶେ ରମ୍ୟ ଉଜ୍ଜ୍ୱଳ ।
ଝିର ଝିର ସ୍ୱରେ ନିନାଦେ
ମଧୁ ବୀଣା ତାହାର,
ତୋଷେ ପ୍ରାଣ ତାର କବିତା —
ସ୍ନିଗ୍ଧ ସୁଧାଝଙ୍କାର ।
ବିଶ୍ୱ-ସାହିତ୍ୟରୁ ଅଧ୍ୟାତ୍ମେ
ଯାଏ କ୍ଷଣକେ ରଚି,
ବିଶ୍ୱ ନବଭୂଷା ଦେଖାଏ
ମଣିମାଣିକ୍ୟଖଚି ।
ଯୋଗାଏ ଯେ ଭବେ ବିଭବ
ସ୍ୱେର ଅଖ୍ୟାତି ତାର,
ଧିକ ରେ ସଂସାର ଧିକ ତୋ
ବିପରୀତ ବିଚାର !

—o—

## ଗୁଣ୍ଡିକଙ୍କ

ଗୁଣ୍ଡିକଙ୍କ ପଛେ ଧାଏଁ ବେଳାରେ ବାଳକ,
ମନ ପଛେ ପଛେ ଯଥା ଧାଏଁ ମୁଁ ବାଳକ ।
ସରଳ ଏ ତୃଣଫୁଲ ଶୋଭା ଅପରୂପ,
ବେଳା-ପାର୍ଶ୍ୱଦାରେ ଖରେ ଗୁହେ ତ ସୁରୂପ ।
କିମ୍ବା ଏ ତାହାର ଭୂତ ବନ୍ଧୁ କି ଉଦନ୍ତ
ଖୋଜନ୍ତି ତାହାକୁ ବ୍ୟସ୍ତେ ହୋଇ ବ୍ୟସ୍ତବନ୍ତ ।
କିମ୍ବା ବସ୍ତ୍ର-ନଭଶୁଭ୍ର ତାରା-ଶିଶୁଗୁଣ୍ଠ
ହୁଡ଼ ମାରି ଖେଳୁଛନ୍ତି ଦଉଡ଼ା ଦଉଡ଼ି ।
ବାମନ ବୈଷ୍ଣବେ ସିନ୍ଧୁ ସଂକୀର୍ତ୍ତନ ବେଳ
ଶୁଣି କି ଗଡ଼ନ୍ତି ରଙ୍ଗେ ହୋଇ ଭାବେ ଭୋଳ ।
ବହୁଯୁଗ ସାଧନାରେ ନ ମିଳିଲା ଫଳ,
ତଥାପି ସାଧନ୍ତି କରି ଆଶାକୁ ସମ୍ବଳ ।
ଆଶାରେ ମାନବ ବଞ୍ଚେ, ଆଶା ତାର ହିତ,
ରହିଛି ଆଶାରେ ସିନା ଜଗତ ଜୀବିତ ।

---

## କେରାଣ୍ଡିମାଳ ଶିଖରରେ ସୂର୍ଯ୍ୟୋଦୟ

ବୃହତଖେମଣ୍ଡି ପ୍ରକୃତି ସୁଷମା
ସଂଦର୍ଶନ ଅଭିପ୍ରାୟେ
ଭ୍ରମିଲି ଦିନେ ମୁଁ ପର୍ବତ ପ୍ରାନ୍ତେ
ଏକୁଟିଆ ପାନ୍ଥ ପ୍ରାୟେ ।
ପ୍ରାଚୀସୀମାସ୍ତମ୍ଭ କେରାଣ୍ଡିମାଳର
ମୟୂରକଣ୍ଠିଆ ଛବି
ଦେଖୁଁ ଦେଖୁଁ ତାର ସର୍ବୋଚ୍ଚ ଶିଖରେ
ଉଦେ ହେଲେ ବାଳରବି ।
ସେ କାଳର ଶୋଭା ଅନୁଭବଯୋଗ୍ୟ
ଅନୁମାନକୁ ତା ବଳେ,
ଫୁଟିଉଠିଲା କି ପାଟଳ କମଳ
ମାନ-ସରୋବର ଜଳେ !
ଠାବେ ଠାବେ ପଡ଼ି ଗିରି-କଳେବରେ
ପ୍ରଭାତ କିରଣରେଖା
ନିକଷ ପାଷାଣେ କୋଟି ସ୍ୱର୍ଣ୍ଣରେଖା
ଅଙ୍କା ପ୍ରାୟ ଗଲା ଦେଖା ।
ଅବା ଘନ-ଅଙ୍କେ ସ୍ଫୁର୍ତ୍ତ ସୌଦାମିନୀ
ନିଖିଳ-ନୟନକାରୀ,
କିମ୍ବା ନୀଳାମ୍ବର ବକ୍ଷେ ପ୍ରବାହିତ
ବାଡ଼ବ ଅନଳଧାର ।

କିଛି କ୍ଷଣ ପରେ ପୀତ ରଞ୍ଜନରେ
ହେଲା ଗିରି ସ୍ୱର୍ଣ୍ଣମୟ,
ସ୍ୱର୍ଣ୍ଣମୟ ଜଳ ସ୍ୱର୍ଣ୍ଣମୟ ସ୍ଥଳ
ସ୍ୱର୍ଣ୍ଣମୟ ତରୁଚୟ ।
ଏ ମଧୁର କାଳେ ଧଳା ମେଘମାଳେ
ଗିରିଚୂଡ଼େ ସ୍ତରେ ସ୍ତରେ,
ପାତିଲେ ଆସନ ଧୀରେ ଧୀରେ ଆସି
ଖଣ୍ଡିଏ ଖଣ୍ଡିକ ପରେ ।
ତରଳ ସୁବର୍ଣ୍ଣ ବର୍ଣ୍ଣେ ରଞ୍ଜିତ
ହୋଇ ସେ ଜଳଦବୃନ୍ଦ
ବିସ୍ତାରିଲା ସୌମ୍ୟ ସ୍ୱର୍ଣ୍ଣମୟ ପ୍ରଭା
ଯେସନ ସ୍ୱର୍ଣ୍ଣ ସମୁଦ୍ର ।
ଅବା ପ୍ରଭା-ବିଭୁ ପ୍ରଭାକରଙ୍କର
ରମ୍ୟରଥ ହିରଣ୍ମୟ,
କିମ୍ବା ବିଶ୍ୱବନ୍ଦ୍ୟା ଶୋଭାଦେବୀଙ୍କର
ଗୁରୁ କନକ ନିଳୟ ।
କିଛି କ୍ଷଣ ପରେ ସେ ଚଟୁଳ ଘନ
ହୋଇଯାନ୍ତେ ତିରୋହିତ,
ଦିଶିଲା ସେ ଗିରି ଅଭ୍ରଭେଦୀ ଚୂଡ଼ା
କ୍ରମେ କ୍ରମେ ଧୂମାନ୍ୱିତ ।
ମହୀଧର ରୂପ ଅନ୍ଧକାର ସ୍ତୂପେ
ପୋତିବାରୁ ଦିନକର
ଉଠୁଅଛି କିବା କୁହୁଳି କୁହୁଳି
ସେ ସ୍ତୂପୁଁ ଧୂମନିକର ।
ରମ୍ୟ ଗିରିଚୂଡ଼ା ତେଜି ଧୀରେ ଧୀରେ
ଉଡ଼ିଲେ ଉପରେ ହଂସ,
ଯାଉଛନ୍ତି କି ଆହା ବାତସ୍ରୋତେ ଭାସି
ଉଜ୍ଜ୍ୱଳ ଦୀପ-ପଙ୍କ୍ତି ।
ଆକାଶ ସହିତେ ଲାଗି ରହିଅଛି
ତୁଙ୍ଗ ଦୀର୍ଘ ଶୈଳ-କାୟ,
ଦିଶେ ତାହା ନଭ- ଚନ୍ଦ୍ରାତପେ ନୀଳ-
ମେଘୀ ପାଟଝାଲି ପ୍ରାୟ ।

କାହାଁ ଗର୍ବେ ଗିରି ତୋଳୁଛୁ ରେ ଶିର
ଯଥା ଉନ୍ମତ୍ତ ମାତଙ୍ଗ,
କିଛି କାଳେ କାଳ ଗିଳିଦେବ ତୋତେ
ମଣିଣ କ୍ଷୁଦ୍ର ପତଙ୍ଗ ।
ପକ୍ଷଚ୍ଛେଦ ଶାସ୍ତି ନାହିଁ କି ରେ ମନେ
ପୁଣି ଗର୍ବେ ତୋଳୁ ମଥା,
କୁଳିଶ-ନିକ୍ଷେପୀ କୁଳିଶ ନିକ୍ଷେପେ
ସହିଯିବଟି ତୋ ବ୍ୟଥା ।

---

## ବକ

କି ରେ ବକ, ଧ୍ୟାନେ ବସି କି ଭାବୁଛୁ ମନେ,
ଯୋଗୀ ଯଥା ଯୋଗଧ୍ୟାନ-ସ୍ତିମିତ ନୟନେ ।
ନାହିଁ ତୋର ଜ୍ଞାନ ପ୍ରଜ୍ଞା ନାହିଁ କିଛି ଶିକ୍ଷା,
କିଏ ତୋତେ ଦେଲା ପକ୍ଷି, ମହାଯୋଗ ଦୀକ୍ଷା ?
ସକାଳୁ ବୁଡ଼ିଲା ବେଳ, ତୋ ଅଟଳ ଲୟ
ତେବେ ସୁଦ୍ଧା ଭଙ୍ଗ ନାହିଁ ଅହୋ କି ବିସ୍ମୟ !
କେତେ ଥର ଧ୍ୟାନେ ବସି ଦେଖିଛି ନିଶ୍ଚଳେ,
ଭାଙ୍ଗିଯାଏ ଲବେ ଲୟ ଭବ-କୋଳାହଳେ ।
କିରୂପେ ତୁ ରଖୁ ଧ୍ୟାନ ଅତୁଟ ରେ ବକ,
ଧନ୍ୟ ଧନ୍ୟ ଧନ୍ୟ ! ତୁହି ଆଦର୍ଶ ସାଧକ ।
ବୁଝିଛୁ ଏ ଗୂଢ଼ ତତ୍ତ୍ୱ ରେ ଉଚ୍ଚାକାଙ୍କ୍ଷିତା,
"ଆଦ୍ୟ-କ୍ଲେଶ ପରିଣାମ ସୁଖ-ଶାନ୍ତି-ଦାତା ।"
ସାଧନା ସିଦ୍ଧିର ମାତା, ଏହା ନିଃସଂଶୟ,
ସାଧନା ବଳରେ ସିଦ୍ଧି ଲଭିବୁ ନିଶ୍ଚୟ ।
କୌମୁଦୀ ଧାରରେ ସ୍ନାତ ତୋର କଳେବର,
ପ୍ରାତଃକାଳ ମନ ପ୍ରାୟ ବିମଳ ସୁନ୍ଦର ।
ହେ ରେ ପକ୍ଷି, କହରେ ମୋର ପ୍ରଶ୍ନର ଉତ୍ତର,
ସେହିପରି ନିର୍ମଳ କି ତୋହର ଅନ୍ତର ?
ଅଥବା ଦୁଷ୍ଟଚର୍ଯ୍ୟାବନ୍ତ ଅଧମ ଯେସନ,
କିମ୍ବା ବାହ୍ୟେ ଶୋଭା ଯଥା କିଂଶୁକ ସୁମନ ।
ବୁଝିଛି ଉତ୍ତରେ ଆଉ ପ୍ରୟୋଜନ ନାହିଁ
ଧ୍ୟାନର ଛଳନା ତୋର ପୋଡ଼ା ପେଟପାଇଁ ।

ଯାହା ହେଉ ଧନ୍ୟ ତୋର ଏକାଗ୍ରତା ବ୍ରତ,
ଇଷ୍ଟସିଦ୍ଧି ପକ୍ଷେ ଯାହା ସହାୟ ମହତ ।

---

## ପଢ଼ାଶୁଆ

କେ ରଖିଛୁ କଣ୍ଠେ ତୋର ଗ୍ରାମଫୋନ ଯନ୍ତ୍ର,
କା ପାଖୁଁ ଶିଖିଲୁ ପକ୍ଷି, ସୁମଧୁର ମନ୍ତ୍ର ।
କେତେ ହସୁ କେତେ ଗାଉ କହୁ କେତେ କଥା,
କ୍ଷଣେ କାନ୍ଦୁ ମହାକଷ୍ଟେ ମତ୍ତ ଭକ୍ତ ଯଥା ।
ଉଚ୍ଚାରୁ ଯା ତୁଣ୍ଡେ ଅର୍ଥ ବୁଝୁ କି ତାହାର,
ନ ବୁଝି କିପାଇଁ ବହୁ ଦୁରଭ୍ୟାସ ଭାର ।
ଧରୁ ନିଜ 'ବୋଲି' ଛାଡ଼ି ଅପରର ଭାଷା,
ଯା ନିଜସ୍ୱ ମେଣ୍ଟାଏ ତା ପ୍ରାଣର ପିପାସା ।
ବଜାଉଛୁ ପର ବାଦ୍ୟ ବଜାଇ ନ ଜାଣି,
କହୁଛୁ ବିକୃତ ଖାଲି ସହଜାତ ବାଣୀ ।
ଛାଡ଼ି ବହୁରୂପି-ଭାବ, ନ ଭୁଞ୍ଜି ସନ୍ତାପ,
ଅନ୍ୟଥା ଲଭିବୁ ଶେଷେ ଦେବ-ଅଭିଶାପ ।
ଦୁଗ୍ଧ ମଧୁରିମା ତୋତେ କରୁଛି ବାତୁଳ,
ତହୁଁ ବଳି ମଧୁତର ହେଉ ବନଫଳ ।

---

## ବିଲ ଟେକାଣେ ଉଇହୁଙ୍କା

କେଉଁ କାଳୁ ଉଚ୍ଚ ତୁ ରେ କେଦାର-କଣ୍ଠେ,
କେଦାରର ସୀମା ରୂପେ ରହିଛୁ ନିର୍ଦ୍ଦିଷ୍ଟ ।
ଉଇ-ବିଶ୍ୱକର୍ମା ତୋତେ କରିଛି ନିର୍ମାଣ,
ଅଦ୍ଭୁତ ସୁନ୍ଦର ତାର ଅଦ୍ଭୁତ ଉଆଣ ।
ମୃଣ୍ମୟ ଦେଉଳ ତୁହି, ବସି ତୋ ଗର୍ଭେ
ସାଧେ ଯୋଗ ଭୋଗୀ ଯୋଗୀ ନିଭୃତେ ନୀରବେ ।
ତୁହି ଜ୍ଞାନଭୂମି, ଋଷି ରତ୍ନାକର ପ୍ରାଣେ
ଅଚିନ୍ତ୍ୟ ପରିବର୍ତ୍ତନ, ଏହା ସୁପ୍ରମାଣେ ।
ଜୀବନ୍ମୁକ୍ତ ମହାତ୍ମାଙ୍କ ପବିତ୍ର ପ୍ରତିଭା
ବିସ୍ତାରିଛି ତୋ ଶରୀରେ ହିରଣ୍ମୟ ବିଭା ।
କି ସୁନ୍ଦର ତନୁ ତୋର ମୃତ୍ତିକା ପର୍ବତ,
ଧରୁ ସାନୁ ସଚୂଳ ଉନ୍ନତ ଆନତ ।
ସହି ଶରବର୍ଷାଶୀତ ଲୁହୁଣ୍ଡ ବରକା,
ଏତ ଗର୍ବେ ଠିଆ ତୁହି ଖାଇ କାଳଧକା ।

---

## ଶୁଷ୍କତରୁ

ହାୟ ତରୁ ! କାହିଁ ତୋର ପୀନ କଳେବର,
କେ ନେଲା ଛଡ଼ାଇ ଆହା ତୋ ଦିବ୍ୟ ଭୂଷଣ—
ଅନନ୍ତ ନୀଳିମାମୟ ଗୁଚ୍ଛ ପତ୍ରାବଳୀ,
କାହିଁ ତୋର ହୃଦଧନ—କୁସୁମ କଳିକା ?
ଯେ ଧନ ଦେଖାଇ ହରୁ ଭାବୁକ ଅନ୍ତର ।
କାହିଁ ତୋ ଅମୃତମୟ ସୁମଧୁର ଫଳ,
ଯାହା ଲାଗି ଲୋଳ ସଦା ମାନବ-ରସନା ।
ଯେ ରସ-ପିପାସୁ ହୋଇ ବିହଙ୍ଗମଗଣ
ଶାଖେ ବସି ରବ ଛଳେ ଗାବନ୍ତି ତୋ ସ୍ତୁତି ।
ନିଦାଘ ମଧ୍ୟାହ୍ନେ ଯେବେ ପ୍ରଚଣ୍ଡ ମାର୍ତ୍ତଣ୍ଡ
ସନ୍ତାପିତ ଚାଳୁଥିଲେ କରେ ଶର କରେ,
ସେ କାଳେ ଶୀତଳତାକୁ ଦଗ୍ଧ କଳେବର
ଘେନନ୍ତି ସେ ଆଶ୍ରା ଆସି ତୋ ଶୀତଳ ମୂଳେ ।
କେହି ବା ଛାୟାରେ ତୋର ବିରତେ ଶୟନ
ବିଛାଇ ସୁନ୍ଦର ଗୁଚ୍ଛ ଦୁର୍ବାଦଳୋପରି,
ସମୀର ଆଘାତେ ଶାଖା-ପଙ୍ଖା ସଞ୍ଚାଳନେ
ହରନ୍ତି ତାର ପଥଶ୍ରମ ତୁହି ଦୟାଭାବେ ।
ସୁମଧୁର ପକ୍ୱଫଳେ ହୋଇଣ ଲୋଲୁପ
କାଳ ଆବରଣେ ଯେତେ ରଖିଥାନ୍ତି ତୋତେ,
କହ ଏବେ କାହିଁ ଛନ୍ତି ସେ କୃତଘ୍ନ ଜନେ !
ସେ ସମ୍ପଦ କାଳ ତୋର ହରିଅଛି କାଳ,
ତୁମେ ସୁଦ୍ଧା ଅରେ ତୋତେ ନ ଗୁହାନ୍ତି କେହି ।
ଧିକ ସେହି ଅକୃତଜ୍ଞ ପାନ୍ଥ ପକ୍ଷିଗଣ,
ଭୋଗୁଥିଲେ ସେ କାଳେ ସେ ସ୍ୱାର୍ଥଲାଳସାରେ
ସମ୍ପ୍ରତି ଏ ଦଶା ତୋର ନିରେଖି ନୟନେ
"ସମ୍ପଦେ ସକଳେ ସଖା" ଶିଖିଲି ଏ ନୀତି ।

——:*:——

## ଇଚ୍ଛାପୁର

ଇଚ୍ଛାପୁର, ଜୀବନ ମୁଁ ତୋର ଅନୁଗ୍ରହେ,
ଟାଣିନେଲୁ ମାତୃତୁଲ୍ୟ ଅଙ୍କେ ଏ ଆଗ୍ରହେ ।
କି ସୁସ୍ନିଗ୍ଧ ଅଙ୍କ ତୋର ପବନ ଶୀତଳ,
ସଞ୍ଚାରିଲୁ ତହେଁ ମୋର ନବ ଆଶା, ବଳ ।
ପୋଷ୍ୟପୁତ୍ର ମୁଁ ତୋହର ଦୀନ ଅଭାଜନ,
ପାଳିଲୁ ସସ୍ନେହେ ଯଥା ଗର୍ଭଜ ନନ୍ଦନ ।
ତୋହ ପୁଣ୍ୟ ସ୍ପର୍ଶେ ହିତ ଲଭିଲି ମୁଁ ନିତ୍ୟ,
ଆରମ୍ଭିଲି ଜୀବନର ମଧୁର ସାହିତ୍ୟ ;
ମାହ ମୁଁ ସ୍ୱଭାବେ ଯେଣୁ କର୍ମହୀନ, ନରେ,
ଶୂନ୍ୟଗର୍ଭ ସ୍ୱପ୍ନ ତାହା ହେଲା ମୋ ଭାଗ୍ୟରେ ।
ଯାହାକୁ ମୁଁ ମଣୁଥିଲି ଶାନ୍ତିସୁଖସାର,
ସେ ସିନା ନବୀନ ଇଚ୍ଛା ବ୍ୟର୍ଥ ହାହାକାର ।
ଦୀନ ରୁଗ୍ଣ ଅଭିଧାନେ ଏ ଶବ୍ଦ ସୁଲଭ,
ତୋଳିବ କି ବନ୍ଧ୍ୟଶୈଳ ସାମାନ୍ୟ ଶଲଭ ।
ଯେନ ଦେବ, କୃତଜ୍ଞତା ଭକ୍ତି-ବିଦ୍ରାବିତ ,
ରହିଲି ତୋ ସ୍ମୃତି କୀର୍ତ୍ତି ଜୀବନେ ଜଡିତ ।
ହେର ତୋର ପ୍ରାତସ୍ତନ ସ୍ୱର୍ଣ୍ଣିତ ମାଧୁରୀ
କେଉଁ ଶୋଭା-ଶିଷ୍ୟ ହୃଦ ନ ଉଠିବ ପୂରି ।
ବାହୁଡା ବକ୍ଷରେ ତୋର ରମ୍ୟ ରତ୍ନହାର,
ଯା ତଟରେ ବବୁଧେ ମୃଦେ ଉଚ୍ଚନ୍ତ ବହାର ।
ଶିରେ ଶୋହେ ଭାଷାଶିଳ୍ପି-ସୁରଙ୍ଗୀଶ ସଙ୍ଘ,
ବଚନ ଚିହ୍ନିଲ ହର୍ମ୍ୟ ଯଥା ପୁଷ୍ପଗଚ୍ଛ ।
ବସି ତହିଁ ଗ୍ରନ୍ଥଗତ ଏକନିଷ୍ଠମନା
ସାଧନ୍ତି ସାହିତ୍ୟଯୋଗୀ କଠୋର ସାଧନା ।
ବହନ୍ତୁ ତୁ ବକ୍ଷେ ତାଙ୍କ ସୁକୀର୍ତ୍ତି ଅକ୍ଷୟ
ପୁଣ୍ୟ ଦେବାଳୟରୂପୀ ଉଚ୍ଚ ଶିକ୍ଷାଳୟ ।
କମଳା-ଭଣ୍ଡାର ତୁହି ପଣ୍ୟ କେନ୍ଦ୍ରସ୍ଥଳ,
ସୁଧା ସମ ପୁଷ୍ଟିକର ତୋ ଅନିଳ, ଜଳ ।
ସିମଳା ବା ଦାର୍ଜିଲିଙ୍ଗ ଉତ୍କଳମଣ୍ଡଳେ,
ହତାଶ ରୋଗୀଙ୍କ ସିକ୍ତ କରୁ ଆଶା-ଜଳେ ।
ହିମିମତା-ଉଲ୍ଲସିତ ନୁହେଁ ତୋ ସୁଷମା,
ନ ଥିଲେ ନୋହିବ ନାହିଁ ତୋ ଯୋଗ୍ୟ ଉପମା ।
ଘୀର ଗିରି ସୁଚଶୈଳ ତୋଳି ତୁଙ୍ଗ ଶିର
ଉଚ୍ଚ ଯଥା ନୀଳକାନ୍ତ ନିସର୍ଗ ପ୍ରାଚୀର ।
ବସିଛି ପ୍ରକାଶି ଶକ୍ତି ରେବୁଆ ପର୍ବତ,
ଗୈରିକ-ବସନ ଯୋଗୀ କିବା ଯୋଗେ ରତ ।
ଗାହେ ନୀଳପାଟ ପ୍ରାୟ ସଲିଳ-କାନନ *
କରିଅଛି ତୋତେ ସଦା ହୃଦେ ଆଲିଙ୍ଗନ ।
ସେ ଅଖଣ୍ଡ ପ୍ରେମାଶ୍ଳେଷ ନିତ୍ୟ ସତ୍ୟପୂତ,
ମହୀରେ ସେ ମହାଦୃଶ୍ୟ ମଧୁର, ଅଦ୍ଭୁତ ।
ମହିମା ଅନନ୍ତ ତୋର ଅବ୍ୟକ୍ତ ସର୍ବଥା
ଅଙ୍କିତ ତୋ ଅଙ୍କେ କେତେ ଇତିହାସ କଥା ।
କେତେ ଶୂର ଯଶୋବୀର ଭକ୍ତ ସାଧୁ ଯତି,
କେତେ ଦେଶପ୍ରାଣ ନର କେତେ ନରପତି,
ଜାତ କରି ଗର୍ଭେ ଗର୍ବେ ନହିଲୁ ଅନ୍ତମେ,
ସକଳର ଆସ୍ଥା ତୁହି ଜୀବନ-ପଶ୍ଚିମେ ।
ନିପୁଣ ତୁ ଇଚ୍ଛାପୂର୍ତ୍ତି କାର୍ଯ୍ୟେ ଇଚ୍ଛାପୁର,
ଅବହେଳେ କରିପାରୁ ହୁହୁଁ ଭକ୍ତି ଭୂର ।
ଶସ୍ୟେ ସଦା ଶ୍ୟାମାୟିତ ପଣ୍ୟେ ଲକ୍ଷ୍ମୀକୋଷ,
ତୋ ଶିଳ୍ପବୃତ୍ତି ଆଣେ ମାନସେ ସନ୍ତୋଷ ।
ଉତ୍କଳ ନନ୍ଦନବନ-"ଉଦ୍ୟାନଖଣ୍ଡ"ର,
ଦେଖୁଅଛୁ ଦୂରଶୋଭା ତୁହି ନିରନ୍ତର ।
ଭାଗ୍ୟେ ମୁହିଁ ତୀର୍ଥରୂପେ ଲଭି ତୋ ଆଶ୍ରୟ,
ମଣୁଛି ଅର୍ଜିଲି ପ୍ରାଣେ ସୁକୃତି ଅକ୍ଷୟ ।
ଅର୍ପୁଅଛି ହୃଦୟର ଭକ୍ତି କୃତଜ୍ଞତା,
ଯେନ ତାହା ଶଗ୍ରଧ୍ୟ ଜୀବନଦେବତା ।

—❋—

## ନିଦାଘ ରଜନୀ

ନିଦାଘ ସୁନ୍ଦରୀ- ରଜନୀରେ ଦିନେ
ଶୋଭୁଥିଲି ଅଗଣରେ,

* ସମୁଦ୍ର

ଭାଇବେ ଆକାଶ ବିଷୟ ଆସିଣ
ଉଦେ ହେଲା କଳ୍ପନାରେ ।
ଆଖି ପାଉ ନାହିଁ ଦିଗ ଦିଶୁ ନାହିଁ
ବିସ୍ତାର ତାର ମହାନ,
କି ଅବା ଅପର ସିନ୍ଧୁ ରହିଅଛି
ଊର୍ଦ୍ଧ୍ୱ ଦେଶେ ଲମ୍ବମାନ ।
ମହାଶୂନ୍ୟେ ରହି କୁମୁଦ-ବାନ୍ଧବ
ଦିଶଇ ଅତି ଉଜ୍ଜ୍ୱଳ,
ସାଗର-ବକ୍ଷରେ ଜଳଉଠିଛି କି
ପ୍ରଖରେ ବାଡ଼ବାନଳ ।
ସାମୁଦ୍ରିକ ଝଞ୍ଜା— ପବନରେ ଉଡ଼ି
ତା ଦେହୁଁ ସ୍ଫୁଲିଙ୍ଗରାଶି,
ତାରକାବ୍ୟାଜେ କି ସିନ୍ଧୁ କଳେବରେ
ଝମ୍ପି ପଡ଼ୁଛି ଆସି ।
ପଟା ପଟା ହୋଇ ସ୍ତରେ ସ୍ତରେ ତାହିଁ
ଲାଗି ରହିଅଛି ଘନ,
ଖେଳି ଆସୁଅଛି ଉପର୍ଯ୍ୟୁପରି ବା
ବୀଚିମାଳା ଅଗଣନ ।
ପୂର୍ଣ୍ଣ ବାରିଗର୍ଭ ଘନଖଣ୍ଡ ତାହିଁ
ପ୍ରଧାବେ ବାୟୁବେଗରେ,
ପହଁରୁଛନ୍ତି ବା ତିମି ତିମିଙ୍ଗିଳେ
ଅନନ୍ତ ନୀଳ ସାଗରେ ।
କ୍ଷଣେ କ୍ଷଣେ ଲୁପ୍ତ କ୍ଷଣେ କ୍ଷଣେ ମୁକ୍ତ
ମେଘରେ ନକ୍ଷତ୍ରପନ୍ତି,
ଲୁଚ ଲୁଚ ଅବା ବୁଢ଼ିଆଣି ଖେଳ
ମହାନନ୍ଦେ ଖେଳୁଛନ୍ତି ।
କେତେ ଉଠୁଛନ୍ତି କେତେ ବୁଡ଼ୁଛନ୍ତି
ଆକାଶେ ତାରକାଚୟ,
ସଙ୍କେତରେ ମର୍ତ୍ତ୍ୟ— ଜନେ ଦେଖାନ୍ତି କି
ଜନ୍ମ ମୃତ୍ୟୁ ଅଭିନୟ ।
ପୂର୍ବଦିଗୁଁ ଉଇଁ ପଶ୍ଚିମାଭିମୁଖେ
ଚଳୁଛନ୍ତି ସର୍ବେ ଗତ,
ସେ ମହାଗଗନରୁ ବିରତ ହେବାକୁ
କାହାର ନାହିଁ ଶକତି ।
କି ଉଦ୍ଦେଶ୍ୟେ କାହିଁ ଧାଉଁଛନ୍ତି ସର୍ବେ
ଭାବିଲି ବସି ଏ କଥା,
ଭାବି ଭାବି କିନ୍ତୁ ତତ୍ତ୍ୱ ନ ପାଇଲି
ଘୂରିଗଲା ମୋର ମଥା ।
ଧନ୍ୟ ପ୍ରଭୁ ତୁମ୍ଭ ଅଚିନ୍ତ୍ୟ ମହିମା
ଧନ୍ୟ ତୁମ୍ଭର ସର୍ଜନା,
ସେ ମହିମା ତତ୍ତ୍ୱ ବୁଝିବା ମୋ ପକ୍ଷେ
ସିନା ତୁଚ୍ଛା ବିଡମ୍ବନା ।

—*—

## କଂସାରି ଲତା

ହେ କଂସାରି ସୁକୁମାରି, ବେଳା-ସହଚରି,
ମାର୍ଗବର୍ତ୍ତୀ ସତି ବ୍ରତତୀ-ସୁନ୍ଦରି !
କି ଉଦ୍ଦେଶ୍ୟେ ଏ ଅପାନ ଅନଶନ ବ୍ରତ,
ଅନନ୍ତ ଧୈର୍ଯ୍ୟେ ସହି ପାଳୁଛୁ ସତତ ?
ସହି ତୁ ନିଦାଘ-ତର ଦାରୁଣ ବିପଦ,
ରକ୍ଷା କରୁ ତପ୍ତ-ବାଲି-ଦଗ୍ଧ ପାନ୍ଥ ପଦ ।
ନିଜପାଇଁ ଯେ ଜୀବିତ, ଛାର ତା ଜୀବନ,
ନୁହେଁ ଯାହା ବ୍ୟକ୍ତିଗତ, ସେ ଜୀବନ ଧନ୍ୟ ।
କଠୋର ଜୀବନ, ତଥା ତପସ୍ୟା କଠୋର,
ନାରୀଧର୍ମ, ମାତୃଧର୍ମ ଆଦର୍ଶ ତୋହର ।
ସ୍ନିଗ୍ଧ ଶ୍ୟାମ ପତ୍ର ତୋର ମୋହ-ମଣିଘଷା,
ମାନି ବଡ଼ ପିତା, ଯଥା ଅଧମ ପ୍ରଶଂସା ।
ମଧୁରତା ତୋହ ଭାଗ୍ୟେ ହୋଇଥାନ୍ତା ବ୍ୟାଧି,
ଲଭିଲୁଣି କେଉଁ ଦିନୁ ଉଦରେ ସମାଧି ।

—*—

## ମହାନିଶା

(୧-୧୦-୧୫ ତାରିଖ ଭୂତବାହନ ନିଶୀଥ ସଂଘଟିତ
ପ୍ରକୃତିର ବିଷମ ଉତ୍ପାତ ଦର୍ଶନରେ ଲିଖିତ)

ମୂଳାଷ୍ଟମୀ ଅର୍ଦ୍ଧନିଶା ଏବେ, ଅହୋ ସୃଷ୍ଟି
କି ଭୀଷଣ, ଊର୍ଦ୍ଧ୍ୱେ ଖେଳେ ଅନଳ ଦାମିନୀ,

ତଳେ ନାଚେ ବହ୍ନିଶିଖା, ଊର୍ଦ୍ଧ୍ୱେ ଘଡ଼ଘଡ଼,
ତଳେ ଭେକରଡ଼, ବହେ କଠୋର ବତାସ,
ବୋଲ ମୁହୁଃ ସୃଷ୍ଟିଦେହେ ଆତଙ୍କ ଉତ୍ପାତ ।
ସୂଚୀଭେଦ୍ୟ ଅନ୍ଧକାର, ଥାଉ ଆନ କଥା,
ତାହିଁ ଅଛି ନିଜ ଦେହ ଦିଶୁ ନାହିଁ କିଛି ।
ଅନର୍ଗଳ ବର୍ଷା ଢାଳେ ଝାଇଁ ଝାଇଁ ସ୍ୱରେ,
ଅହୋ, ଏ କି ବୃଷ୍ଟି, ନା, ଏ ମହାର୍ଣ୍ଣବ ସୃଷ୍ଟି ?
ଗର୍ଜୁଛନ୍ତି ଦିଗାଲଏ, ଗର୍ଜୁଛି ସାଗର,
ପରିପୂର୍ଣ୍ଣ ସୃଷ୍ଟି ରୁଦ୍ର ତର୍ଜନ ଗର୍ଜନେ ।
ନିସ୍ତରର ଏ ପ୍ରଚଣ୍ଡ ତାଣ୍ଡବ ନୃତ୍ୟରେ,
ଆବର ହୁଦ-ଶବାସ୍ତୀ ବିକଟ ହୁଙ୍କାରେ
ଦୁଲୁକି ଉଠୁଛି ଧରା, ଭୂମିକମ୍ପେ ଯଥା,
ଉହୁଃ, କି ବିପଦହ୍ନିତି, ସତେ ଅବା ଗଲି
ମିଳାଇ ତହିଁରେ ସତ୍ତା ଜଳେ କନ୍ଦ ପ୍ରାୟ,
କିମ୍ବା ଯେହ୍ନେ ପ୍ରାତଃ ସହ ଉଷା-ପାଟଳିମା ।
ମା ଦୁର୍ଗେ, ଆଜି ଗୋ ପରି ଆଗମନୀ ତିଥି
ତୁମ୍ଭର, ମର୍ତ୍ତ୍ୟରେ ହେବ ଅବତୀର୍ଣ୍ଣା ଦେବି ?
ଏ ପୁଣ୍ୟ ମଙ୍ଗଳ ନିଶା ରୁଦ୍ରନିଶା କିପାଁ,
କିପାଁ ଏତେ ଭୀମଭର ସୁନ୍ଦରୀ ପ୍ରକୃତି ?
ତୁମ୍ଭେ ତ ପ୍ରକୃତିରୂପା, ଏ ଉତ୍ପାତ ତବ
ଅନନ୍ତ ଶକ୍ତି-ସିନ୍ଧୁର ଗୋଟିଏ ଲହରୀ ।
କିପାଁ ଆଗମନ ରଣ-ରଙ୍ଗିଣୀ ରୂପରେ,
ଅହୋ କି ଭୀଷଣ ବର୍ତ୍ତି, କି ଭୀଷଣ ହାସ୍ୟ
କି ରୁଦ୍ର ଦନ୍ତ ଘର୍ଷଣ—ବିକଟ ଲୁହାଟ,
ବୁଝିଲି ବୁଝିଲି ଦେବି, ଛୁଟିଲି ମୋ ଧୋକା,
ଗ୍ରାସୁଛି ତୁମ୍ଭର ସୃଷ୍ଟି ଦୁର୍ଭିକ୍ଷ ପିଶାଚ,
ତୁମ୍ଭେ ରକ୍ତବୀଜମର୍ଦ୍ଦିନୀ, ଧ୍ୱଂସିବ ତାହାକୁ,
ତେଣୁ ଉଗ୍ରଚଣ୍ଡୀ ମୂର୍ତ୍ତି, ଜୀବଶିବପ୍ରଦ ।

---

## ଲଗାଣ ବର୍ଷା

ଅଶିଣ ପ୍ରଭାତେ ଅସରେ ଅସରେ
ବରଷି ଯାଉଛି ପାଣି,
ଆର୍ଦ୍ର କେଶବାସେ ଅନନ୍ତ ଉଦାସେ
ଯୋଗସ୍ଥା ପ୍ରକୃତି-ରାଣୀ ।
ଭେକ ବାଦ୍ୟକାରେ ବସାଇ ଅଛନ୍ତି
ସାଡ଼ମ୍ବରେ ନହବତ,
ଶୁଭି ମନ ମନ ଶୁଭୁଛି ସୁଦୂର—
ନିନାଦିତ ବୀଣାବତ ।
ଘଡ଼ିକେ ଇଥର ଘଡ଼ିକେ ଅନ୍ଧାର
ଧରେ ନଭ ରୂପ ଛନ୍ଦ,
ବିଶ୍ୱ-ସରୋବରେ ଫୁଟି ଉଠୁଅଛି
ଧଳା ପଛେ ନୀଳ ପଦ୍ମ ।
ଦଣ୍ଡକେ ପ୍ରକୃତି ହସି ଉଠୁଅଛି,
ଦଣ୍ଡକେ ଲୁଣ୍ଡାମୁହଁ,
ଥରେ ଥରେ ପୁଣି ଢାଳି ଦେଉଅଛି
ଅସମ୍ଭାଳେ ନେତ୍ରୁ ଲୁହ ।
କପାଇଁ ତାହାର ଏ ଖଣ୍ଡବସ୍ଥିତି,
କିଏ ଏ ରହସ୍ୟ ଜାଣେ,
ହାସ୍ୟ ରୋଦନର ଦ୍ୱୈରଥ ସମର
ଲାଗିଛି ତା ପ୍ରାଣେ ପ୍ରାଣେ ।
କାନ୍ଦି କାନ୍ଦି ଚକ୍ଷୁ ମାଳିନ୍ୟ ଭଜୁଛି
ପରଲ ଘୋଟିଲି ପ୍ରାଏ,
ଘନ ଘନ ବକ୍ଷ— ସ୍ପନ୍ଦନ ତାହାର
ମନ୍ଦ ମନ୍ଦ ହୋଇଯାଏ ।
କାହା ଉଦ୍ଦେଶ୍ୟରେ ଢାଳେ ଏତେ ଅଶ୍ରୁ
ପ୍ରେମ ବା ଶୋକସମ୍ଭୂତ,
ଅଥବା ଏ ବେଦନ ମଧ୍ୟରୁ ବାହାର
ସ୍ୱର୍ଗର ଛଣା ଅମୃତ ।
ଶୋକାଶ୍ରୁ ହେଲେ ତ ବ୍ୟଥା-କୀଟଦୁଷ୍ଟ
ହୋଇଥାନ୍ତା ଜ୍ୱାଳାମୟ,

ଶୀତଳ ସ୍ୱଚ୍ଛଳ ପୁଣ୍ୟଶାନ୍ତିଭର
ପ୍ରେମାଶ୍ରୁ ଏଣୁ ନଶ୍ୱର ।
ଅଶ୍ରୁ ରୂପେ ଝରେ ଅଣାକାରଙ୍କର
ଅନନ୍ତ କରୁଣାଧାର,
ଲୁହ ନୁହେଁ ଏହା ଜୀବନ-ପ୍ରବାହ
ଜୀଆଉଛି ବିଶ୍ୱସାର ।
ଗଢ଼ୁଛି ଅଦୃଷ୍ଟ ଜୀବନ-ନାଟିକା
ବାଲ୍ୟ ଯୌବନ,
ଏହା ଯୋଗୁଁ ସିନା ସୃଷ୍ଟିଦେବୀ ଶୋଭା
ଧରନ୍ତି ନିତ୍ୟ ନୂତନ ।

——

## ବସନ୍ତ

ମଧୁ, ତୋର ରୂପଗୁଣ ନାମ ମଧୁମୟ,
ଖିଲ ସୁଷମାର ତୁହି ପରମ ଆଶ୍ରୟ ।
ଫଳେ ଫୁଲେ ଝଳକଇ ତୋ ଆତ୍ମପ୍ରକାଶ,
ପିକସ୍ୱରେ ଫୁଟିଉଠେ ଗରିମା ଆଭାସ ।
ଶୀତଶୀର୍ଣ୍ଣା ଜରାଜୀର୍ଣ୍ଣା ପ୍ରକୃତି ସତୀର
ତୁ ଅଦ୍ଭୁତ ଚନ୍ଦ୍ରହାସ ମହିମା-ମିହିର ।
ଲଗି ତୋ ଅମୃତ ହସ୍ତ ରେ ଅମୃତହସ୍ତା,
ହୁଏ ସେ ଯୁବତୀ, ବର୍ଜି ଛବିର ଅବସ୍ଥା ।
ମ୍ରିୟମାଣ ବିଶ୍ୱପ୍ରାଣେ, ବିଶ୍ୱବାସି-ପ୍ରାଣେ
ସମର୍ଥ ତୁ ନବଶକ୍ତି ନବାନନ୍ଦ ଦାନେ ।
ସୃଷ୍ଟିସୁଖ-ପ୍ରଭଞ୍ଜନଧୂ, ଋତୁରାଜରୂପେ
ଅବତର ତାଙ୍କ ଶାନ୍ତ ସୃଷ୍ଟିଲୋମକୂପେ ।
ଦୁଇ ଦିନ ସୁଖ ଦେଇ ଚାଲିଯାଉ କାହିଁ,
ଜଣାଉ ସଙ୍କେତେ ପର ଚିର ସୁଖ ନାହିଁ ।

——

## ବିଜୁଳି

ଶୂନ୍ୟ ସୁନ୍ଦରୀ ଲୋ ତୁହି ବିଶ୍ୱମନୋରମା,
ସୁବର୍ଣ୍ଣ ସୁଷମା ନୁହେଁ ତୋହୋର ଉପମା ।
ଛନ୍ଦିଚୁ ତୁ ମହାନନ୍ଦେ କୋଟି ହୃଦପାଶେ,
ଆଶା ବିଦ୍ୟୁତ୍‌ରେଖା ଯଥା ହୃଦୟ-ଆକାଶେ ।
ଘନସଖି, ଘନ-ଅଙ୍କ ଅମୃତ ସ୍ପରଶେ
ଦିବ୍ୟ ଅମୃତ ଲଭୁଛି ସତ୍ୟପୁଣ୍ୟରସେ ।
ଲେଖିଛୁ କେବଳ କବି ଗାୟତ୍ରୀ ଛନ୍ଦରେ
କେବଳ ଅସ୍ପଷ୍ଟ ଶ୍ଳୋକ ଅଚିର ଅକ୍ଷରେ ।
ଯେ ସୁଜନ ପଠନେ ତା ବିଶ୍ୱଜନ ଜନା,
ଭେଦନେ ସ୍ୱକୀୟ ଭାବ ସେହି ଶବ୍ଦ ସିନା ।
ନରଦେହ ବହି ଦେହ ତ୍ୟଜିବ ଯଦ୍ୟପି,
ଅମର ପଦବୀ ତାର ଅମର ସେ ତପୀ ।
ଧନ୍ୟ ସେହୁ ମାନ୍ୟଗଣ୍ୟ ବରେଣ୍ୟ ଜଗତେ,
ମହୀରେ ସେ ମହୀୟାନ ସୁସାଧନା-ବ୍ରତେ ।

——

## ଇନ୍ଦ୍ରଧନୁ

ହେ ସୁନ୍ଦରୀ ଏ ଧନୁକ ବିଶ୍ୱନେତ୍ରହାର,
ସୁଷମା-ପୀୟୂଷପୂର୍ଣ୍ଣ ରୂପ-ଗଙ୍ଗାଧାର ।
ଆଶାଗର୍ଭେ ସାଫଲ୍ୟର ଶୁଭ ଚନ୍ଦ୍ର ପ୍ରାୟ-
ଆଭାସୁଛି, ଜନ୍ମ ଖରେ ନିଭିଯିବ ହାୟ ।
କି ସୁନ୍ଦର ତଳ ଡ଼ଳ ବଙ୍କିମ ବିଶାଳ,
ଝିଗବାଙ୍କା ବକ୍ଷେ କି ସେ ବନଫୁଲମାଳ ।
ରଖିଛି ବିବିଧ ଭାବ ଭରି ଆବରଣ,
ଖବଦାତା ରୂପେ କରେ ଭାବ ବିତରଣ ।
ଅତୀତର ମହାସତ୍ୟ ଅରୂପ ଅକ୍ଷରେ
ରହିଛି ଅଙ୍କିତ ତାର ହୃଦୟର ବକ୍ଷରେ ।
ଅତୀତକୁ ଉଦ୍‌ବୋଧନ କରାଇ ସେ ଲଭେ
ବୁଡିଯାଏ ପୁଣି ସେହି ଅତୀତ ଗରଭେ ।
ସ୍ୱଳ୍ପାୟୁ ସେ, ମାତ୍ର ତାର ସ୍ମୃତି ଅନଶ୍ୱର,
ଅମର ଯାହାର ସ୍ମୃତି ସେହି ତ ଅମର ।

—※—

## ଆମ୍ବ

ମର୍ତ୍ତ୍ୟର ଅମୃତ ଫଳ ଚୂତ ତୁ ନଶ୍ୱର,
ରୂପରସଗନ୍ଧ ତୋର ସବୁ ମଧୁମୟ ।
ନ ହେଉନ୍ତୁ ଦେବେ ପଛେ ପରୀକ୍ଷାକାତର,
କେତେଟି କଥାରେ ମାତ୍ର ପୂର୍ଣ୍ଣ ସ୍ୱାର୍ଥପର ।
ପାରିଜାତ କଳ୍ପବଟ ଆଉରି ଅମୃତ
ରହିଲା କେବଳ ହୋଇ ତାଙ୍କ ଅଧିକୃତ ।
ଜାଣି ଏହା ବିଧି ତୋତେ ପେଷିଲେ ଭୂତଳେ
ମର୍ତ୍ତ୍ୟବାସି-ଭୋଗ-ଅର୍ଥେ ପୀୟୂଷ ବଦଳେ ।
ଅଦ୍ଭୁତ କରଣୀ ତୋର ବଚନ ଶୁଆଣ,
କରିପାରୁ ପକ୍ୱ ବୁଢ଼ା ବୃଦ୍ଧକୁ ଯୁଆଣ । *
ଦେହେ କାନ୍ତି ପ୍ରାଣେ ଶାନ୍ତି ସମର୍ପୁ ମାନବେ,
ଅଛି ଅଳ୍ପ ଦିନ ମାତ୍ର କୁଣିଆ ତୁ ଭବେ ।
ନାହିଁ ତର ସ୍ନେହ ପ୍ରୀତି ନିର୍ମମ ସଂସାରେ,
ଅଛି ପରିଚୟେ ଲଭି ଅବଜ୍ଞା ଏଠାରେ ।

* ଏକ ଲକ୍ଷ ପକ୍ୱ ଆମ୍ର ଭକ୍ଷଣ କଲେ ବୃଦ୍ଧ ଯୁବକ ହୋଇ ପାରିବାର ପ୍ରବାଦ ଅଛି ।

# ସାମୟିକୀ

## ବୈଶାଖ

ଆସିଲ୍ ବଶାଖା ସ୍ପର୍ଶେ ଆବୋହି ବୈଶାଖ,
ଦୁରନ୍ତ ନିଦାଘ-ବାଘେ କରି ସ୍ନେହେ ଭାଗ ।
ପ୍ରାଥମିକ ପ୍ରଭିନିଧି ବର୍ଷ-ସମ୍ରାଟର,
ଦୁର୍ଦ୍ଦଣ୍ଡ ପ୍ରତାପଶାଳୀ ତେଜସ୍ୱୀ ପ୍ରଖର ।
ପୁଣ୍ୟପୂତ ସୌମ୍ୟ ଦୃଷ୍ଟି କରି ସଞ୍ଚାଳନ
କଲା ବିଶ୍ୱ-ଗୃହେ ଧର୍ମ ସୁବର୍ଣ୍ଣେ ମଣ୍ଡନ ।
ବସିଲା ଜଳସ ଦ୍ୱାରେ ଜଳଛତ୍ର ଛଳେ,
ଶତଶତେ ଧନୀ ମାନୀ ଯାଚ ଦଳେ ଦଳେ ।
ବାହାରେ କଠୋର ନୀତ ଅନ୍ତରେ କରୁଣା,
ଏ ଭାବ ସଜ୍ଜନ ହୃଦୁ ନୁହେଁ କେବେ ଊଣା ।
ବୈଶାଖ ଦୁଃଖଦ ନୁହେଁ, ସୁଖଦାତା ଭୂପ,
ଦୁଃଖ ଯାକୁ ବୋଲନ୍ତି ସେ ସୁଖ ଉପରୂପ ।
ଶୋଷି ରସ ଶୁଝିଯିବ ସହ୍ୟ ଜଳନ୍ତର,
ଦେବାପାଇଁ ସୁନ୍ଦ୍ରପଣ୍ଡ ନଏ ସିନା କର ।

---

## ଜ୍ୟୈଷ୍ଠ

ଆସିଲା ନିଷ୍ଠୁର ଜ୍ୟୈଷ୍ଠ ଅନଳ-ଆକର,
ହେଲା ରୁଦ୍ର ରୌଦ୍ର ଦନ୍ତ ତୀକ୍ଷ୍ଣୁ ତୀକ୍ଷ୍ଣତର ।
ଦଂଶିଲା ଭୀଷଣେ ଜନ୍ତୁ, ବହିଲା ପ୍ରବଳେ
ମାନବ ଶରୀରୁ ରକ୍ତ ଘର୍ମଧାରା ଛଳେ ।
ସୁହୃଦ୍ଗଣ ବ୍ୟକ୍ଲେଶେ ହେଲେ ସକଳେ ଧଳେଇ,
ପ୍ରତେ ହେଲା ତନୁ ଯେସନ୍ତେ ପଉଳି ମିଳେଇ ।
ଅଟ୍ଟାଳୀରେ ଛଟପଟ ହେଲେ ସ୍ଥୂଳଦେହୀ,
ଝିଟାଳଥା କଣ୍ଠାଗ୍ରାତେଃ ପିତୃଙ୍କୁ କି ଦେହି !
ମଧ୍ୟାହ୍ନର ମହାଜ୍ୱାଳା ନୋହିଲା ସମ୍ଭାଳ,
ବହ୍ନ୍ୟଭାର୍ଗ୍ଗ ଅଶ୍ରି ବାୟୁ ଦେଲା ଦେହେ ଢାଳି ।
ଦେଉ ପଛେ କଷ୍ଟ ଜ୍ୟୈଷ୍ଠ, ନୁହେଁ ସେ ରାକ୍ଷସ,
ପଚୁଇ ପଣସ ଆମ୍ବ ପ୍ରଦାନେ ସୁରସ ।
ଯିବାବେଳେ ଭେଟାଇବ ନବ ଜଳଧର,
ବିଶ୍ୱାସୀ ସନ୍ଦେଶବହ ବିରହୀ-ଯକ୍ଷର ।

---

## ଆଷାଢ଼

—ଜଳଦ୍ଧଂସବେଦାର—

ଆସି ଆସାରଗର୍ଭ ଆଷାଢ଼ ମାସ
ମହିମା ମହୀତଳେ କଲା ପ୍ରକାଶ ।
ବହୁ ଆଶିଷଧାରା ଢାଳେ ଜୀମୂତ,
ବିରହି-ଯକ୍ଷ-ପ୍ରାଣେଶ* ଆଶା- ଅମୃତ । ୧ ।
ନିକ୍ଷେପି ସ୍ନେହସିକ୍ତ କରୁଣା ଦୃଷ୍ଟି
ସାଧିଲା ପରିପୁଷ୍ଟି ସୃଷ୍ଟିର ତୃଷ୍ଟି ।
ଶୀତଳ କଲା ତପ୍ତ ଧରା ଜୀବନ,
ସଂଦଗ୍ଧ ହୃଦେ ଯଥା ସାଧୁ ବଚନ । ୨ ।
ଦୀପ୍ତ ଦାମିନୀ ଫେଣ୍ଟ ଚତୁର ଆସ୍ୟ
ବିସ୍ତାରେ କ୍ଷଣେ କ୍ଷଣେ ଅଚିର ହାସ୍ୟ ।
ପୁଣ୍ୟ ପ୍ରଣବ ମନ୍ତ୍ର ଜପିଲା ଘନ,
ଗମ୍ଭୀରେ ପଢ଼େ ବେଦ ଦ୍ୱିଜ ଯେସନ । ୩ ।
ଭେକ ତାତ୍ପର୍ଯ୍ୟ କଣ୍ଠ ବରଷାରମ୍ଭ
ଆନନ୍ଦେ ମୁଖରିଲେ ଉଦାର ଅଙ୍କ ।
ତେଜିଲେ ମଧୁ ଦୂତ ମଧୁ ସଙ୍ଗୀତ,
ମୂର୍ଖସମାଜେ ମୌନ ଯେସନ୍ତେ ପଣ୍ଡିତ । ୪ ।
ବିସର୍ଜ୍ଜି ରୁକ୍ଷ ରୂପ ଶିଖରୀମାନ
ଦିଶିଲେ ଦିଶେ ଦିଶେ ନୀଳାମ୍ବୁମାନ ।
ସୁନ୍ଦର ଇନ୍ଦ୍ରଗୋପ ସିନ୍ଦୂରକାନ୍ତି
କଳାଏ ପଦ୍ମରାଗ ମାଣିକ୍ୟ ଭ୍ରାନ୍ତି । ୫ ।

* ମେଘଦୂତବର୍ଣ୍ଣିତ ବିରହୀ ନାୟକ ।

ଅସାଢ଼ ଆଷାଢ଼ରେ କଦମ୍ବକୁଳ
ପ୍ରେମ ଉଦ୍‌ଗମ ଛଳେ ଫୁଟାଏ ଫୁଲ ।
ହସି ଉଠିଲେ ଗିରି ବନେ ମାଳତୀ,
ଟେକାଲି ଶଙ୍ଖପୁଷ୍ପୀ୧ ରଜତ ଛଟା । ୬ ।
ଆଷାଢ଼ ମାସ ଘନେ ଅଚ୍ଛାଦି ଆଶା
କୃଷକ କଣ୍ଠେ କହେ ଆଶାର ଭାଷା ।
ଖଣ୍ଡିଲ ଖଣ୍ଡ ବୃଷ୍ଟି ନିଦାଘ ତ୍ରାସ,
ଧ୍ୱଜା ଉପରେ ଧ୍ୱଜା ଆଷାଢ଼ ମାସ । ୭ ।

## ଆଦ୍ୟ ଆଷାଢ଼

ଆଷାଢ଼େ ମେଘ-ମ୍ଳାନ ଦିବସଯାକ,
ଢାଳୁଛି ଘନ ଚକ୍ଷୁ ଆଶିଷଧାର ।
ଗୋଟିଏ କାମଧେନୁ କରି ଦୋହନ
କରେ ପ୍ରକୃତିରାଣୀ ସତ୍ୟ ପାଳନ ।
ଗାଇଲେ ଖଗମାଳେ ସୁଖ ସ୍ତନିତ
ଯକ୍ଷ ବିରହବ୍ୟଥା-ଉଚାଟ ଗୀତ ।
ପ୍ରିୟସନ୍ଦେଶ ଆଣି ତା କାନ୍ତା ପାଶୁ
ଅର୍ପି ଖଣ୍ଡିଲେ ତାର ସନ୍ତାପ ଆଶୁ ।
ଭେକ ଡାହୁକ କଙ୍କ ବକ ଶାମୁକ
ବାରିଦେ ଆମନ୍ତ୍ରିଲେ ହୋଇ ଉତ୍ସୁକ ।
ଗଗନେ ଇନ୍ଦ୍ରଧନୁ କରି ଲୋକନ
ସେ ଶୋଭା କଲା ଶିଖୀ ଅନୁକରଣ ।
ପ୍ରଖରେ ଘନଯୂଥ ହୁଏ ଧାବିତ,
ଉଡେ କି ଶତ ଶତ ଉଡ଼ା-ବୋଇତ ।
ଜନେ ପ୍ରସନ୍ନ ଆଜି ରଙ୍ଗ ଜମାଇ,
ବାଲୁଙ୍ଗଖେଳେ ରଥ ଦାଣ୍ଡା ବଜାଇ ।
ପଲ୍ଲି-ବାଳକାକୁଳ ହୋଇଣ ମେଳ
ଉଲ୍ଲାସେ ଖେଳୁଛନ୍ତି ଚଉଣ୍ଡ ଖେଳ ।
ହେବାରୁ ରଜୋବତୀ ଧରା ଅତୁଆଁ
ମାଣ୍ଡ ଝୁଲନ୍ତି ତେଣୁ ଡାଳ ମଣ୍ଡୁଆ ।
ନିଦାଘମୃତ ମହୀ ହୋଇ ଜୀବିତ
ଦିଶିବ ଫଳେ ଫୁଲେ ପତ୍ରେ ଶୋଭିତ ।
ଆଷାଢ଼ ଆଶାଭ୍ରଷ୍ଟେ ଅର୍ପେ ଆଶ୍ୱାସ,
ସୃଜନକ୍ଷମତା ବହେ ଆଷାଢ଼ ମାସ ।
ମହୀରେ ଯେବେ ବିନ୍ଦୁ ଜଳ ସମ୍ପାତ,
ତେଣିକି ହେବ ଚହୁଁ ମୁକୁତା ଜାତ ।
ଧରଣୀରାଣୀ ଯିବା ଶୁକ୍ତିସଂକାଶ,
ସ୍ୱାତୀ ନକ୍ଷତ୍ର ଏବା ଆଷାଢ଼ ମାସ ୨ ।

—•—

## ଶ୍ରାବଣ

ଢାଳେ ପୟୋଦ ସଦା ପୀୟୂଷଧାର,
ସନ୍ଧ୍ୟା ସମାନ ପ୍ରତେ ଦିବସଯାକ ।
ମଧ୍ୟାହ୍ନେ ଘୋଟିଆସେ ଘୋର ଅନ୍ଧାର,
ଚୌଦିଗେ ଚେଇଁଉଠେ ବାତଙ୍କାର । ୧ ।

ଶୁଭ୍ରାଙ୍ଗୀ ଶେଫାଳିକା ଅଶନି ନାଦେ
ଝଡ଼ି ମୂର୍ଚ୍ଛିତ ହୁଏ ପାଦପ-ପାଦେ ।
ଦେଖାଏ ପାନ୍ଥେ ପଥ ବିଦ୍ୟୁତ୍‌ବିକାଶ,
ଦିଶନ୍ତି ଏକାକାର ମହୀ ଆକାଶ । ୨ ।

ବରଷା ଝୋପା ପଡ଼ି ଖଜୁରୀପତ୍ରେ
ଶବଦ ବାଦ୍ୟନାଦ ସୃଜେ ଏକତ୍ରେ,
କି କର୍ଣ୍ଣରସାୟନ ସେ ମଧୁ ଧ୍ୱନି,
ସ୍ୱର୍ଗ ସମାନ ଦିଶେ ପ୍ରତେ ଅବନୀ । ୩ ।

ବନସ୍ତେ ବନବଧୂ ମୃଗୀ ଭୀତରେ
ଲୁଚଲେ ନେଇ ଭୁଜ ଲତାକୁଞ୍ଜରେ ।

୧—ବନାଫୁଲ । ୨—ସ୍ୱାତୀ ନକ୍ଷତ୍ରରେ ବର୍ଷା ହେଲେ ଶୁକ୍ତି ମୁକ୍ତା ଧାରଣ କରେ ।

ଶ୍ୱାପଦବୃନ୍ଦ ଗୁରୁ କ୍ଷୁଧାରେ ଜଳ,
ହେଲେ ବିଶୀର୍ଣ୍ଣତନୁ ମୁମୂର୍ଷୁ ଭଳ । ୪ ।

ମାତ୍ର ଚାତକ-ବଧୂ ପ୍ରଣୟ-ମଦେ
"ଜଳ ଦେ" ବୋଲି ସଦା ଡାକେ ଜଳଦେ ।
ଯେତେ ପାଇଲେ ତୃଷା ବଢେ ପିପାସା,
ଯଥା କାମନାସେବୀ ଲୁବ୍ଧକ ଆଶା । ୫ ।

ଚକୋର କାନ୍ଦି କହେ ପ୍ରାଣ କାହାଣୀ,
ତା ପ୍ରିୟା ଛୁଟି ହୁଏ ସେ ଶୋକେ ହାଣି ।
ବେଣଏ ବେଣାଙ୍କର ନେଇ ଉହାଡ଼,
ମଧ୍ୟରେ ପ୍ରତିବନ୍ଧ ବିଚ୍ଛେଦ-ବାଡ଼ । ୬ ।

ହସିଲା ଜଳାଶୟେ କଇଁ କହ୍ଲାର,
ଗାଇଲେ ଜଳପକ୍ଷୀ ମେଘ ମହ୍ଲାର ।
ସେ ଶୋଭା ଚକ୍ଷୁ ପରେ ଶୁଭ୍ର ଆସନ,
ବିଛାଏ, କି ମଧୁର ଆହା ସେ ସ୍ୱନ । ୭ ।

ଘଡ଼ିକେ ଘୋଟି ଘନ ବିସ୍ତୃତେ ଅମା,
ଘଡ଼ିକେ ହସିଉଠେ ଶୁଭ୍ର ଚନ୍ଦ୍ରମା ।
ଉସାଏ ଭାବୁକର ଭାବ କଳ୍ପନା,
ସୁପ୍ତି-ମୌନ ପୁର ଜୀର୍ଣ୍ଣ ବାସନା । ୮ ।

ବରହୀ ଚନ୍ଦ୍ରପଟ ବିସ୍ତାରିଦେଲା,
କାନନେ ବସିଗଲା ଲାବଣ୍ୟମେଳା ।
ଲୁଚି ରହିଲେ ଖଗେ ଅଙ୍କାଳ ଗଛେ,
ଯେସନ ବିଫଳତା ଦୁରାଶା ପଛେ । ୯ ।

ବିଜେ କୃପଣ ହେଲେ ଧାରାଶ୍ରାବଣ,
ହୋଇବ କ୍ଷତ ଧାନ୍ୟ ଲକ୍ଷେ ଭରଣ ।
ବୃଷ୍ଟିବିଧାତା ତୁମ୍ଭେ ଶ୍ରାବଣ ମାସ,
ବର୍ଷ ଆଶିଷ-ସୁଧା ତୋଷ ଉଦାସ । ୧୦ ।

—*—

# ସୂର୍ଯ୍ୟସ୍ତୁତି

( ମହାବିଷୁବସଂକ୍ରମଣ ଉପଲକ୍ଷେ ଲିଖିତ )

ସହସ୍ରକିରଣଧାରୀ ଜଗଦ୍ଧ୍ୱାନ୍ତହାରୀ
ଅରବିନ୍ଦବନ୍ଧୁ ଦେବ ଆହେ ପ୍ରଭାବନ୍ତ
ସୂର୍ଯ୍ୟ ! ଅଦ୍ୟ ନବବର୍ଷ ନବ ପ୍ରଭାତରେ
ପ୍ରଣମେ ଏ ମର୍ତ୍ତ୍ୟବାସୀ ଅଷ୍ଟାଙ୍ଗ ଲୋଟାଇ
ଭୂତଳେ, ହେ ହରି ! ତବ ବରାଭୟପ୍ରଦ
ପାଦ-ପଦ୍ମେ ରୋଗ-କ୍ଲେଶ-ପାପନାଶ ପାଇଁ ।
କାଲିଠାରୁ ବର୍ଷ-ଚକ୍ର ଭ୍ରମଣ ତୁମ୍ଭର
ଶେଷ ହେଲା ଏତ, ନବଚକ୍ରେ ପୁଣି ଆଜ
ଆରମ୍ଭିଲ ନବତେଜେ, ବିଶ୍ରାମ ତ କାହିଁ
ତିଳ ନାହିଁ କ୍ଷଣମାତ୍ର, ଦେବ ! ଧନ୍ୟ ତବ
ସୁବ୍ରତପାଳନ ବ୍ରତେ ! ଶତ ଧନ୍ୟ ପୁଣି
ମହାକର୍ତ୍ତବ୍ୟର ମହାନିଷ୍ଠାକୁ ତୁମ୍ଭର !
ବୁଝିଲୁ ବୁଝିଲୁ ଏବେ ଦେବ ! ସାଧୁ ସାଧୁ
ସୃଷ୍ଟିହିତ ଅନ୍ତେ ନାହିଁ ବେଳ ଦେବଙ୍କର,
କାହୁଁ ବା ସେମାନେ ହେବେ ବିଶ୍ରାମପ୍ରୟାସୀ ?
ଲୋଡନ୍ତି ବିଶ୍ରାମ ସିନା ଅଳସୁଆ ନରେ !
ଜୀବ ଜଡ ଉତ୍ପତ୍ତିର, ପୁଣି ପ୍ରବୃତ୍ତିର
ଅଟ ତୁମ୍ଭେ ଯେଣୁ ଭାନୁ ମୂଳୀଭୂତ ହେତୁ,
ତେଣୁ ମହାଗୁରୁ ଭାର ମୁଣ୍ଡାଇଛ ସଦା,
କିପରି ହେବ ବା ତୁମ୍ଭେ କର୍ତ୍ତବ୍ୟେ ଉଦାସ ?
ଗହଳ କୁଟୁମ୍ବୀ ଜନେ ଛାଡ଼ି କୁଟୁମ୍ବର
ଚିନ୍ତା, ରହନ୍ତି କି କେବେ କ୍ଷଣେ ଉଦାସୀନ ?
କେତେ ପୁରା ପଟ ଥୁଆ ତବ ଚିତ୍ରାଘରେ,
ଅଙ୍କିତ ଯହିଁରେ କେତେ ଅସୀମ ବିଶ୍ୱର
ସୁଖାଲେଖ୍ୟ, ପୁଣି କେତେ ଘୋର ଦୁଃଖମୟ
କରୁଣା କାଳିମା ମୂର୍ତ୍ତି, ଦେଖୁଛ ଯା ନିତି
ଉଦେ ତୁମ୍ଭେ, ବିଶ୍ୱଚକ୍ଷୁ ଦେବ ଦିବାକର !
ଲେଖୁଅଛ ବର୍ଷଚକ୍ର-ପଟେ ତୁମ୍ଭେ ତାହା ।

ଦେବ ! ତବ ପ୍ରିୟ ଧାମ ଏ ଉତ୍କଳ ଆଜ
ଅଗ୍ନିଚର୍ମସାର, ଆହା ! ଦୁର୍ଦ୍ଦିନ ପୀଡ଼ନେ,
ପୁଣି ତାର ସନ୍ତତିର ବିବିଧ ରୋଗର
କବଳ କବଳେ, ଦେଖ ପ୍ରଭୁ, ତୁମ୍ଭେ ନେତେ ।
ଯେସନ ନବୀନ ବର୍ଷେ ତୁମ୍ଭେ ନବ ତେଜେ
ଉଇଁଛ ଆକାଶେ, ଦିଅ ତେଜ ସେହିପରି
ମୁମୂର୍ଷୁ ଉତ୍କଳେ, ନାଶି ତାର ରୋଗ ପୀଡ଼ା
ପୋଛିଦିଅ ଭାଗ୍ୟ ତାର ଦୁର୍ଭିକ୍ଷ ମଳିନ,
ହେଉ ସେ ନିର୍ମଳ, ଉଠୁ ନବ ପ୍ରାଣ ଧରି ।
ଏତିକି ମାଗୁଣି ଏହା ତୁମ୍ଭ ପଦେ ଦେବ,
କର ପ୍ରଭୁ ଉତ୍କଳର ବାସନା ପୂରଣ ।

—*—

## ଅଗିରା ପୂନେଇ

ଅଗିରା ପୂନେଇ ପ୍ରବେଶ
ଶୀତ ପଞ୍ଚମୀ ଠେଲି,
ଅଗ୍ନି ସ୍ତୂପ ରଚ କ୍ଷେପିଲେ
ଜନେ ବାର୍ତ୍ତାକୀ ବଳି ।
ବହ୍ନି ଜିହ୍ୱା ଗ୍ରାସ ଗ୍ରସିଲା
ଶୀତେ ଶିଖା-ସମ୍ପତ୍ତି, ୧
ବଦାନ୍ୟ ଆରତି ଅର୍ପିଲେ
ଶୀତେ ଜନପଙ୍କତି ।
ସ୍ୱାର୍ଥିଗଣ ଯେତେ ଖଣ୍ଡ ସେ
ଶୋଭା-ସଭ୍ୟ ଧବର,
କରୁଛୁ ବସନ୍ତ ତାହାର
ଯଥାଯୋଗ୍ୟ ସଂସ୍କାର ।
ଅତୀତ ଗୌରବ ଗୀତିକା
ପୁଣ୍ୟକୀର୍ତ୍ତିଭୂଷିତ,
ବିପଞ୍ଚୀ ପଞ୍ଚମେ ଗାଉଛୁ
ପିକ ହୋଇ ମୋହିତ ।
ମଧୁମୟ ମଧୁ ସମସ୍ତ
ହୃଦେ ମଧୁ ଢୋଳିତା,
ଶୋଭା ମଧୁଗନ୍ଧେ ହୋଇଛି
ମଧୁ ଅଧ୍ୟା ସର୍ଜନା ।
ଅଥବା ମିଶିଛି ହୃଦ୍‌ଧରେ
ମଧୁ ପୁଷ୍ପସମ୍ପଦ,
ମଧୁ ତମସ୍ୱିନୀ ୨ ମାଧୁରୀ
କିବା ଆନନ୍ଦପ୍ରଦ !
ପ୍ରକୃତ ବାଣିଜ୍ୟ ସୌନ୍ଦର୍ଯ୍ୟ
ଏବେ ଆସିଛୁ ଫେରି,
ରୂପ-ଦେବେ ହେବେ ଲଜ୍ଜିତ
ତାହା ମାଧୁରୀ ହେରି ।
ଅଗିର୍ କରଣେ ଯେସନ
ବର୍ଣ୍ଣବତୀ ଉଜ୍ଜ୍ୱଳ,
ଉଜ୍ଜ୍ୱଳ ତେସନ ଉନ୍ନତ—
ଦେବୀ-ମୁଖ କମଳ ।
ସୁଷୁପ୍ତ ମାନବ ଚେଇଁବ
ବାହୁବଳ ଅତୀତ,
ବାହୁବେ ଯେସନେ ବସନ୍ତ
ହେଲେ ଅତୀତ ଶୀତ ।
ଦେଶୋନ୍ନତି-ଯାଗେ ଅର୍ପିବେ
ତୁଚ୍ଛ ସ୍ୱାର୍ଥ ଆହୁତି,
ହସିବ ଉତ୍କଳ-ସୁନ୍ଦରୀ
ଲଭି ପ୍ରଭୁତ ବିଭୂତି ।

—*—

୧—ଅଗ୍ନି । ୨—ରାତ୍ରି

## ମକର ସଙ୍କ୍ରାନ୍ତି

ପୁଣ୍ୟ ଦିନ ଆଜ ବର୍ଜ
ରବି ଦକ୍ଷିଣାୟନ
କରିବେ ଉତ୍ତରପଥରେ
ଅର୍ଦ୍ଧବର୍ଷ ଭ୍ରମଣ ।
ଦକ୍ଷିଣ-ଦିଗ୍‌ବଧୂ ଝୁରିବ
କରି ବିମର୍ଷ ଆସ୍ୟ,
ଅସ୍ତାତେ ମିଳାଇ ଯିବ ତା
ବିଶ୍ୱମୋହନ ହାସ୍ୟ ।
ଆଜଠାରୁ ଦିନ ବଢ଼ିବ
ଟିକେ ଟିକେ ପ୍ରତ୍ୟହ,
ଶୀତ-ବାଘ-ସ୍ୱର ମାଘରେ
ହେବ ସ୍ୱଳ୍ପେ ଦୁଃସହ ।
ଗୃହସ୍ଥେ ଗୋଦୁଗ୍ଧ ଶର୍କରା
ବାସ ତଣ୍ଡୁଳ ଗୋଳି
ଇଷ୍ଟଦେବେ ଭୋଗ ଅର୍ପିବେ
ଆଜି ମକରଭୋଜି ।
ଚୂଡ଼ା ଖଡା ଭାର ବୁଲିବ
ବନ୍ଧୁବାନ୍ଧବ ଘରେ,
ଦ୍ୱାରେ ଦ୍ୱାରେ ମାଗିବୁଲିବେ
ତାହା ଇତର ନରେ ।
ଆନନ୍ଦ ଉତ୍ସବ ଦିବସ
ଆଜ ଆର୍ଯ୍ୟ ଭବନେ,
ଭକ୍ତିଭରେ ଶୁଦ୍ଧ ମନୁଖେ
ମୋଦେ ପୂଜିବେ ଜନେ ।
ଧାର୍ମିକା ରମଣୀମଣ୍ଡଳୀ
ଯାମେ ଥାଉଁଣୁ ଉଠି
ଦାଣ୍ଡ ଖରକାରେ ଲଗିବେ
ଅତି ଆନନ୍ଦେ ମାତି ।
ତଦନ୍ତେ ପ୍ରତ୍ୟୁଷେ ଗମିବେ
ମାଘସ୍ନାନେ ସକଳେ,
ଦୁରନ୍ତ ଶୀତକୁ ନ ମାନି
ପଶିବେ ଜଳେ ।
କଷ୍ଟସହିଷ୍ଣୁତା ଗୁଣରେ
ନାରୀ ନୁହନ୍ତି ଊଣା,
ଆଦର୍ଶ ସଂଯମ ଧଇର୍ଯ୍ୟେ
ପୁଣି ଚିର-ନିପୁଣା ।
ଧର୍ମପାଳନରେ ଅଭ୍ୟସ୍ତା
ବାଳକାଳୁ ସରବେ,
ବଞ୍ଚାଇ ରଖନ୍ତି ଧର୍ମକୁ
ସିନା ନାରୀଏ ଭବେ ।
ଧର୍ମପଦେ ନାରୀ ଅଳୁଣ୍ଟେ
କରେ ପ୍ରାଣ ଉତ୍ସର୍ଗ,
ଉଷା ବାର ବ୍ରତ ପାଳନେ
ମଣେ ପ୍ରାପ୍ତି ସୌବର୍ଗ ।
ପ୍ରକୃତିରୂପିଣୀ ରମଣୀ
ପ୍ରକୃତିର ସେବିକା,
ପ୍ରକୃତି ଅର୍ଚ୍ଚନା ତାହାର
ଜୀବନର ଜୀବିକା ।

---

## ଦୋଳ

ଖେଳ ଖେଳ ଦୋଳି ସୁଖେ ଦୋଳବେଦୀ ପରେ,
ଚନ୍ଦ୍ରକଚୂଳିଆ ଦୋଳଗୋବିନ୍ଦ ସଙ୍ଗରେ ।
ଉଡ଼ାଏ ଫଗୁଣ ଫଗୁ ଆନନ୍ଦେ ଦ୍ୱିଗୁଣ,
ଶାଳୁଣୀ କିଂଶୁକ ହସେ କୁଙ୍କୁମ ଅରୁଣ ।
ଫିଙ୍ଗି ଅନୁରାଗ-ଫଗୁ କୃଷ୍ଣକଳେବର,
ପ୍ରେମ ପିଚକାରୀ ଘାତେ କର ଜରଜର ।
ବନ୍ଧୁ ଫଗୁ-ଫଲ୍‌ଗୁଧାର ନିକୁଞ୍ଜ-ନିଳୟେ ।
ପ୍ରତିଫଳି ଲୁବଳୟ ପ୍ରାଣେ କିଶଳୟେ,
ହୋଇଯାଉ ଫଗୁମୟ ବିଶ୍ୱ-ବୃନ୍ଦାବନ,
ଫଗୁସିକ୍ତ ବଂଶୀ ଧରୁ ସୁଧେ ସୁଧେ ସ୍ୱନ ।
ପ୍ରକୃତି-ରୂପସୀ ଆସ୍ୟ ଲାସ୍ୟ ଫଗୁ-ହାସ
ମିଶି ତବ ହାସେ କରୁ ମାଧୁରୀ ପ୍ରକାଶ ।
ଫିଙ୍ଗ ଫିଙ୍ଗ ରାଧାରାଣୀ କୃଷ୍ଣ ଅଙ୍ଗେ ଫଗୁ,
ବିଚ୍ଛେଦର ଗୁରୁ ଭାର ହୋଇଯାଉ ଲଘୁ ।

---

# ଜନ୍ମଭୂମି

## ଉଦ୍‌ବୋଧନ ସଙ୍ଗୀତ

ରାଗ—କାଫୀ, ତାଳ—ଆଦି

ଆଜି ମାତୃପୂଜା ଉତ୍ସବ,
ଚେତ ଗତ ସ୍ୱର୍ଣ୍ଣସ୍ମୃତି-ପୁଣ୍ୟ-ଗୌରବ । ଘୋ ।
ସ୍ମୃତି-ଭସ୍ମ ଝାଡ଼ିଲେ ବୋଲି
ନାଚ ପ୍ରେମେ ବାହୁ ତୋଳି
ସେହି ଏକା ଜାତୀୟତା ମହାନୁଭବ ।୧।
ନିର୍ବାଣ-ଗୌରବ-ଦୀପେ
ଜାଳି ଜନନୀ ସମୀପେ
ମଙ୍ଗଳ ଆଳତି ଅର୍ପି ଭକ୍ତିରେ ଦ୍ରବ । ୨ ।
ଅନ୍ତରତର ପ୍ରଦେଶେ
ଶ୍ରଦ୍ଧା ପ୍ରୀତି ଭାବାବେଶେ
ଜପ ମୁଖେ ମାତୃମନ୍ତ୍ର ପୂତ ପ୍ରଣବ ।୩।
ଏ ମହା ଜାତୀୟ-ଯାଗେ
ଜାଗ ଜାଗ ଅନୁରାଗେ
ଉଠାଅ ଜାତି-ଉନ୍ନତି ଜୀବନ୍ତ ରବ ।୪।
ହେଜ ଚକ୍ଷେ ତତ୍ତ୍ୱ କଥା
ନ ଥିଲେ ଜାତି ମମତା
ଜାତୀୟ ଜୀବନ ବୃଥା, ସେ ଜାତି ଶବ ।୫।

—*ଃ୦ଃ*—

## ଜାତୀୟ ସଙ୍ଗୀତ

ରାଗ—କେଦାର, ତାଳ—ଆଦି

ଶୁଭେ ଶୁଭ ଶଙ୍ଖସ୍ୱନ ମାତୃଦେବୀ ମନ୍ଦିରେ
ଜୀବନ୍ତ ଉଚ୍ଚାଟମିଶା ମହାସ୍ତୁ ଗମ୍ଭୀରେ । ଘୋଷା ।
ଶୁଣେଁ ଏ ତ ଶଙ୍ଖସ୍ୱନ, ଉନ୍ନତିର ଆମନ୍ତ୍ରଣ,
ଆଣେ ନବ ଜାଗରଣ ପ୍ରାଣେ ନବୀନ ରୀତିରେ ।୧।
ସ୍ନାୟୁରେ ବିଦ୍ୟୁତ୍‌ସ୍ପନ୍ଦନ ସ୍ପର୍ଶେ ଆସି ଘନଘନ,
ବହେ ଉତ୍ସାହ-ପବନ ହୃଦେ ପ୍ରଖର ଗତିରେ ।୨।
ଉଠେ ନବ ସଙ୍ଗୀତର ଓଁକାର ଝଙ୍କାର ସ୍ୱର,
ଫୁଲ୍ଲ ଉଠେ କଳେବର ସୌଭାଗ୍ୟ ଆଶାଗିରେ ।
ସୁପ୍ତିମୌନା ମାତୃମହୀ ଜାଗେ ବ୍ୟଗ୍ରଭାବ ବହି,
ବିଷାଦ ବେଦନା ଦହି ମତ୍ତ ହରଷେ ଅଧୀରେ ।୪।
ବାନ୍ଧ ଭାଇ ପେଞ୍ଚ ଆଜି ମିଳନର ପାଟରକ୍ଷୀ,
ଭର ମାତୃପୀଠେ ସାକ୍ଷୀ ମାତୃମମତା ପ୍ରୀତିରେ ।୫।

———

## ସ୍ୱାଗତଗୀତିକା

ରାଗ—ଶଙ୍କରାଭରଣ, ତାଳ—ରୂପକ

ସ୍ୱାଗତ ସ୍ୱଦେଶଦେବୀ ନିଖିଳବିଶ୍ୱବନ୍ଦିନୀ,
କୋଟିପୁଣ୍ୟତୀର୍ଥମୟୀ ଅମରକୀର୍ତ୍ତିମାଳିନୀ ।ଘୋଷା।
ମାତୃମହୀ ମହାମାତା ବେଦ-ପୁରାଣ-ପ୍ରଖ୍ୟାତା,
ଭାରତ ଗୌରବ-ଖ୍ୟାତା ଚିର ଗୁଣଗରବିଣୀ ।୧।
ଆଜି ମଙ୍ଗଳ ମଧ୍ୟାହ୍ନେ ତୁମ୍ଭର ଦୀନ ସନ୍ତାନେ
ଦେଉନି ଅର୍ଘ୍ୟ ମୁକ୍ତପ୍ରାଣେ ଭକ୍ତି, ରତ୍ନପ୍ରସବିନି !୨।
ବଜାଅ ଜୀବନ-ବୀଣା ନୈରାଶ୍ୟ-ସୁଷୁପ୍ତି ଜଣା
ଏ ଜାତି-ଯାଗେ ଆସୀନା ହୋଇ, ହେମକିରୀଟିନି ।
ଶୁଣି ସେହି ସ୍ୱରବୃତ୍ତି ସୁପ୍ତ ଗୁପ୍ତ ପରସ୍ମୃତି
ଜାଗୁ ଧରି ପ୍ରତିକୃତି, ଘନବନକୁନ୍ତଳିନି ! ୪ ।
ମୌନ-ମହିମା-ମୟୂଖ ଉଠୁ ଗୋ ହୋଇ ଉନ୍ମୁଖ,
ଜାଳିଦେଉ ଶତ ସୁଖ-ସ୍ୱର୍ଣ୍ଣଦୀପ ମନସ୍ୱିନି ! ୫ ।
ଆଶିଷ-ଜାହ୍ନବୀଧାର ବରଷି ପ୍ରଦେଶସାର
ଫେରାଅ ଜାତୀୟ ଧାର, ପୁଣ୍ୟ ପୀୟୂଷବାହିନି !୬।
ଶକ୍ତିରୂପେ ଦେହେ ବସି ଦିଅ ଜ୍ଞାନ ମାଜି ଘଷି,
ଚୋଟି ରନ୍ଧ୍ରେ ପ୍ରାଣବଂଶୀ ବାଜୁ ଉଠେ, ତେଜସ୍ୱିନି ।

———

## ମାତୃମହୀ

କି ଅମୃତେ ଗଢ଼ା ମାତୃମହୀ ଦେହ,
କି ଅମୃତେ ସିକ୍ତ ତା ଦୁର୍ଲଭ ସ୍ନେହ ।
ସ୍ୱର୍ଗ ବସୁନ୍ଧରା ସୃଷ୍ଟି ଅଳଙ୍କାର,
ମୋର ଜନ୍ମଭୂମି ଭୂଷଣ ଧରାର ।
ପାଦପଭୂଷଣ କୁସୁମ ଯେସନ,
କୁସୁମର ପୁଣି ସୁଗନ୍ଧ ଭୂଷଣ ।
ତା ମଧୁର ନାମ ହରେ ତୃଷ୍ଣା କ୍ଷୁଧା,
ଢାଳଦେଇ ପ୍ରାଣେ ଅସ୍ୱର୍ଗୀୟ ସୁଧା ।
ଶ୍ରୋତେ ସେ ନାମେ ଦୁଃଖୀ ଭୁଲେ ଦୁଃଖ,
ଅଶାନ୍ତ ମାନବ ଦେଖେ ଶାନ୍ତିମୁଖ ।
ରୋଗର ଯନ୍ତ୍ରଣା ଭୁଲିଯାଏ ରୋଗୀ,
ହୁଏ ଯୋଗଭଙ୍ଗ ଯୋଗମଗ୍ନ ଯୋଗୀ ।
ମାତୃଭୂମି ତୋଳୁ ହେବ ଯେବେ ଭ୍ରଷ୍ଟ,
ସେ ଦିନୁ ଭୁଞ୍ଜିବ ଘୋର ମାତୃକଷ୍ଟ ।
ଚିରପ୍ରବାସୀ ଯେ ଦକ୍ଷ ଅନୁଭବୀ,
ଏ କଷ୍ଟ-କାବ୍ୟର ସେହି ସିନା କବି ।
ତାହା ବିନା ଆନ ଏ କାବ୍ୟର ଅର୍ଥ
ବୁଝିବାକୁ କେବେ ନୋହିବ ସମର୍ଥ ।
ନ ହେଲେ ଅଭାଗ୍ୟ ଅଭିଶପ୍ତ ଜନ
ମାତୃଭୂମି ତ୍ୟକ୍ତ ନୁହେଁ କଦାଚନ ।
ମୁହିଁ ଏ ଉକ୍ତିର ଉଜ୍ଜ୍ୱଳ ଦୃଷ୍ଟାନ୍ତ,
ମୋ ଅଦୃଷ୍ଟ ଏବେ କୁଗ୍ରହେ ଆକ୍ରାନ୍ତ ।
ଆଜୀବନ ହେବ ପ୍ରବାସେ ସଙ୍କୁଳ,
ଦୁର୍ଲଭ ମୋ ଭଲ ଦୁର୍ଭାଗ୍ୟ-ପିଚ୍ଛୁଳୀ ।
ଜନ୍ମଭୂମି ସୁଖ ଭୋଗ କେଉଁ କାଳେ
ଲେଖି ନାହିଁ ଧାତା ଭ୍ରମେ ମୋ କପାଳେ ।
ଅନୁତାପେ କିବା ଫଳ—ଯା ଅସାର,
ପ୍ରାକ୍ତନ ତ ବଳେ ନୁହେଁ ଫିଙ୍ଗିବାର ।
ଭାଗ୍ୟରେଖା ସୀମା ଲଙ୍ଘି ନୁହେଁ କେବେ,
ଥାଉ ଆନ, ତହିଁ ପରାଭୂତ ଦେବେ ।

---

## କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ?

ମହାତୀର୍ଥ ମହାସ୍ୱର୍ଗ ଉତ୍କଳ ପ୍ରଦେଶ,
ବହୁବନ୍ଦ୍ୟ ସଦା ଯହିଁ ହରି ହୃଷୀକେଶ,
ଜନ୍ମିଲେ ଯା ଅଙ୍କେ ତୁମ୍ଭ ବାପେ ଗୋସବାପେ
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୧ ।
ସୁଧାବତ୍ ପୁଷ୍ଟିକର ଯାର ଜଳବାୟୁ,
ଦୃଢ଼ବର୍ଦ୍ଧନ କରେ ନବ୍ୟ ଜୀବ ପରମାୟୁ,
ଏକାଳେ ସେ ଅବନତ ତୀବ୍ର ବ୍ରହ୍ମଶାପେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୨ ।
ବିଶୁଦ୍ଧ ଓଡ଼ିଆ ପୂର୍ବପୁରୁଷେ ତୁମ୍ଭର,
ଆକୁମାରୀ ହିମାଳୟ ହୋଇ ଥରହର
କମ୍ପି ଉଠୁଥିଲା ଦିନେ ତାହାଙ୍କ ପ୍ରତାପେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୩ ।
ପୁଣ୍ୟପୂତ ଦେବସ୍ତୁତ ସ୍ୱାଧୀନତାଧାରୀ,
ଚିର ରତ୍ନପ୍ରସବିନୀ ରତ୍ନୋଜ୍ଜ୍ୱଳକାରୀ,
ସଙ୍କୁଚିତ ସେହି ଦେଶ ପ୍ରତିବେଶୀଗ୍ରାସେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୪
ଯେ ଦେଶର ଯଶୋଗୀତି ଭାଷା ଅନୁକ୍ରମେ,
ଜଗତ ଯା ପଦମୂଳେ ନମେ ସସମ୍ଭ୍ରମେ,
ଜନ୍ମିଲ ସେ ଦେଶେ ତୁମ୍ଭେ ତାର କେଉଁ ପାପେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୫ ।
ଜ୍ଞାନ ଧର୍ମ ବିତରଣେ ସଦା ଯେ ଅକୁଣ୍ଠ,
ଶାସ୍ତ୍ରୀୟ ଅବଧି ଯାର ମର୍ଯ୍ୟାଦାଲୁଣ୍ଠ,
ସନ୍ତାପିତ ଏବେ ହାୟ ଅଭାବ-ସନ୍ତାପେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୬ ।
ସ୍ୱନାମଧନ୍ୟ ଉତ୍କଳୀୟ ବୀର ଜଣେ ଜଣେ
ନ ଡରନ୍ତି ଭୟ ରଣେ ଅଥବା ମରଣେ,
ନ ମାରୁ ଅରି ଯା ଖଣ୍ଡା ଫେରେ ନାହିଁ ଖାପେ,
କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ? ୭ ।
ବୀରବର ବରଭୂଷା ଯେଉଁ ବୀରମାନେ,
ନ ଥିଲା ଅସାଧ୍ୟ ଶବ୍ଦ ଯାଙ୍କ ଅଭିଧାନେ,

ତାଙ୍କର ବଂଶଜ ମତ୍ତ ଆଳସ୍ୟ ଆଳାପେ,
କିଏ ତୁମ୍ଭେ ଚହ୍ନିବ କି ଆପଣାକୁ ଆପେ ? ୮ ।
ଥିଲେ ଦେଶବାସ ତୁମ୍ଭ ପିତାମହଗଣ,
ମାତ୍ର ତୁମ୍ଭେ ମୋହ-ମଦେ ମୁଦ୍ରିତ ନୟନ,
ତତ୍ତ୍ୱ ତାଙ୍କ ସମଝନ୍ତି ତୁମ୍ଭେ କେଉଁ ମାପେ,
କିଏ ତୁମ୍ଭେ ଚହ୍ନିବ କି ଆପଣାକୁ ଆପେ ? ୯ ।
ତାହାଙ୍କର ରୋଷ-ଦୀପ୍ତ ଆରକ୍ତ ନୟନ
କରୁଥିଲା ଶତ୍ରୁ ପିଣ୍ଡ୍ର ଜୀବନ ଶୋଷଣ,
ମାତିଅଛ ତୁମ୍ଭେ ହାସ୍ୟ ବିଫଳ ପ୍ରଳାପେ,
କିଏ ତୁମ୍ଭେ ଚହ୍ନିବ କି ଆପଣାକୁ ଆପେ ? ୧୦ ।
ମୁଁ କିଏ, ପାସୋର ମତ୍ତ ମୁଁ ତ୍ୱରେ କେବଳ,
କର୍ମ ତେଜି କପାଳକୁ କରନ୍ତି ସମ୍ବଳ,
ଚହ୍ନି ନାହଁ ସ୍ୱ ସ୍ୱ ନିଜ ପଣଗୋସବାପେ,
କାରୁପେ ଚହ୍ନିବ ଭଲ ଆପଣାକୁ ଆପେ ! ୧୧ ।
ନିବନ୍ଧ ସନ୍ଧ୍ୟାକୁ ଭ୍ରମେ ମଣୁଅଛି ଉଷା,
ଅନୁକର ପରଭାଷା ପର ବେଶଭୂଷା,
ମଣୁଅଛି ହାସ୍ୟରୋଳ ବ୍ୟାକୁଳ ବିଳାପେ,
କେମନ୍ତେ ଚହ୍ନିବ ହାୟ ଆପଣାକୁ ଆପେ ! ୧୨ ।

—*—

## ମାତୃପୂଜା

(ବ୍ରହ୍ମପୁର ଅଧିବେଶିତ ଏକାଦଶୀ ସଭା ଉପଲକ୍ଷେ)

ଦାରୁଣ ଚିନ୍ତାରୁ ରଜନୀରେ ଦିନେ
ହେଲା ନାହିଁ ନିଦ୍ରା କ୍ଷଣେ,
ଗୋଟି ଗୋଟି ଆସି ବହୁ ଗତସ୍ମୃତି
ପାଶିଲେ ଆସନ ମନେ ।
ବାଲ୍ୟ ଯୌବନର ସୁଖଦୁଃଖମୟ
କେତେ ସାନ ବଡ଼ କଥା,
ସ୍ମୃତି-ପ୍ରବାହ ପ୍ରତିଲେମେ ଭସି
ଆସିଲା ସ୍ୱତଃ ସର୍ବଥା ।
ଚିନ୍ତା-ଶେଯେ ଶୋଇ କେତେବେଳଯାଏଁ
ନାନା କଥା ଏହିପରି
ଭାଳି ଭାଳି ହେଲି ବିରକ୍ତ, ତଥାପି
ପାହିଲା ନାହିଁ ଶର୍ବରୀ ।
ସୁଖ ପ୍ରାପ୍ତ ସୁଖ— ଯଦି କ୍ଷଣସ୍ଥାୟୀ
ଯାଏ ସେ ସୃନ୍ତେ ପ୍ରଶାନ୍ତି,
ମାତ୍ର ଦୁଃଖ-ସ୍ମୃତି ହୁଏ ସିନା ପ୍ରତେ
ଏକ ସ୍ମୃତି ସାତ ସ୍ମୃତି ।
ନିଶା ଉତ୍ତାପରେ ବ୍ୟତିବ୍ୟସ୍ତ ହୋଇ
ନିଶୀଥେ ପ୍ରାଙ୍ଗଣେ ଆସି
ଶୋଇଲି ସୁଧୀର ଶୀତଳ ସମୀର
ସେବନ ମନେ ମନାସି ।
ସ୍ୱଭାବେ ସୁଖଦ ଶରଦ ସମୟ
ହୁଯେ ଗୁନ୍ଦନୀ ରଜନୀ,
ପାରଦ ସଲିଳେ ସ୍ନାନ କରି ପ୍ରାୟ
ଆଭାସେ ନଭଃ ଅବନୀ ।
ଦକ୍ଷିଣାଶା-ଯୋଷା— ନାସା-ଭୂଷା ମୋତି
ପରଏ ଅଗସ୍ତ୍ୟ ତାରା
ଜଳ ଜଳ ହୋଇ ଭାଲ ଦେଉଅଛି
ସୁଷମା-ପୀୟୂଷଧାରା ।
ଇନ୍ଦୁକରଜାଲେ ନଭେ ହୀନପ୍ରଭ
ବିରଳ ତାରାପଙ୍କତି,
ସୁବର୍ଣ୍ଣ-ସ୍ଥବୀଣ ପ୍ରାନ୍ତ ପାଶେ ଯଥା
ଦରପାଠୁଆଙ୍କ ଗତି ।
ଲୁଣ୍ଠାଳିତା ବର୍ଷା ପ୍ରାୟ ଏବେ ଶୀତ
ତୁଷାରକଣାସମୂହ,
ମନୋଦୁଃଖେ କବା ଛିଣ୍ଡାଇଦିଅନ୍ତି
ବଧୂଦାସ୍ତ-ତାନ୍ତ ଲୁହ ।
ଶରତ ସଂସର୍ଗେ ଶଶାଙ୍କ ନିର୍ମଳ
ନିର୍ମଳ ଧରି ଗଗନ,
ସାଧୁ ସହବାସେ ନିଷ୍କଳୁଷ ଯଥା
ହୁଏ ବାଳ୍ୟ ବୁଦ୍ଧି ମନ ।
କ୍ଷଣେ ଧରି ପରେ ପଡ଼ ଅନ୍ତର୍ହିତ
ହୁଏ ଚଳଘନ ଛାଇ,

ମର୍ତ୍ତ୍ୟ-ଶୋକ-ତାପ— ଛାୟା ଛାମା ମତେ
ହୁଏ ଯଥା କ୍ଷଣସ୍ଥାୟୀ ।
ସ୍ୱଚ୍ଛ ଛାୟାପଥେ ଦିଶେ ବିଖଣ୍ଡିତ
ବିଶାଳ ନୀଳ ଗଗନ,
ଅନଳେନ୍ଦ୍ରକୃତ * ଶିଳା ସେତୁ ଚନ୍ଦ୍ରେ
ନୀଳ ସାଗର ଯେସନ ।
ଏରୂପରି ଦୃଶ୍ୟ ଦେଖୁଁ ଦେଖୁଁ ଆସି
ଘାରିଲା ନିଦ୍ରା ନୟନେ,
ତହୁଁ ସ୍ୱପ୍ନଦେବୀ ପ୍ରସାଦୁ ଦେଖିଲି
ଏ ସୁଖସ୍ୱପ୍ନ ବହନେ ।
ଆରୋହିଛି ମୁହିଁ ଅନତିଉଚ୍ଚ
ଏକ ମହା ଶୈଳଶୀର୍ଷେ,
ତା ସୁବର୍ଣ୍ଣ ଦେହୁ ସ୍ଫୁରି ସ୍ୱର୍ଣ୍ଣପ୍ରଭା
ଚୌଦିଗ ଉଜ୍ଜ୍ୱଳ ଦିଶେ ।
ଦେଉଳର ଦଧି— ନଉଛି ଧରିଏ
ସେ ଗିରିଚୂଡ଼ା ଚହଟିଲ,
ସ୍ୱର୍ଣ୍ଣଲତିକାଏ ଧରିଛନ୍ତି ତହିଁ
ସ୍ୱର୍ଣ୍ଣମୟ ଫଳ ଫୁଲ ।
ସୁବର୍ଣ୍ଣ ହରିଣ ଶମ୍ବର ଶାର୍ଦ୍ଦୂଳ
ବୁଲୁଛନ୍ତି ନିର୍ବିବାଦେ,
ସୁବର୍ଣ୍ଣ ବିହଙ୍ଗେ ସୁବର୍ଣ୍ଣ ପାଦପେ
କ୍ରୀଡ଼ନ୍ତି ମହା ଆହ୍ଲାଦେ ।
ଶାନ୍ତ ପବିତ୍ରତା ନିର୍ଜନତାର ସେ
ଅଟେ ଚିର ପ୍ରିୟବାସ,
ମହକିଉଠୁଛି ଅନୁକ୍ଷଣ ତହିଁ
ଅମର୍ତ୍ତ୍ୟସ୍ନିଗ୍ଧ ସୁବାସ ।
ଗିରିଶୋଭା ହେରି ବୁଲି ବୁଲି ଥକି
ପଡ଼ିଲା ପାଦ ମୋହର,
ମାତ୍ର ନ ଥକିଣ ନୟନ ପ୍ରଲୁବ୍ଧ
ଅଧିକେ ହେଲା ପ୍ରଖର ।

ବୋଇଲା ନୟନ ଭ୍ରାତୃସମ୍ବୋଧନେ,
ଶୁଣ ଶୁଣ ଆରେ ପାଦ,
ଏ ପବିତ୍ର ଦେବ— ଧାମ ପର୍ଯ୍ୟଟନେ
ନ ମଣ ତୁ ଅବସାଦ ।
ତୁଙ୍ଗ ଟିହିମୂଳା ଚାତ୍ରାନ୍ତ ଚନ୍ଦ୍ର
ଭ୍ରମିଅଛୁ କେତେ ସ୍ଥାନେ,
ଏ ସୁରମ୍ୟ ସ୍ଥାନ ଦେଖିବାର ଥାଉ
ଶୁଣିଛୁ କି କେବେ କାନେ !
ଏ ତୀର୍ଥ ଭ୍ରମଣେ ଲଭିବୁ ନିଶ୍ଚୟ
ଧର୍ମ ଅର୍ଥ ମୋକ୍ଷ କାମ,
ସାର୍ଥକ ହୋଇଲା ଏତେ କାଳେ ସିନା
ତୋହର ଚରଣ ନାମ ।
ନେତ୍ର ବଳ ପାଇ ଦୁର୍ବଳ ଚରଣ
ହେଲକ ତହୁଁ ପ୍ରବଳ,
ନିର୍ବିଘ୍ନରେ ବୁଲି ଦେଖିଲି ସେ ଶୈଳେ
ବହୁ ରମଣୀୟ ସ୍ଥଳ ।
ଦେଖିଲି ମୁଁ ଭ୍ରମୁଁ ଭ୍ରମୁଁ ଏକ ସ୍ଥାନେ
ଅପୂର୍ବ ରତ୍ନ ବେଦିକା,
ସେ ବେଦୀ ପ୍ରାନ୍ତରେ ପାର୍ଥିବ ରତନ
ଦିଶିବ ବିଶେଷ ଫିକା ।
ଖଦ୍ୟୋତ ଯେସନେ ଦିଶେ ଦୀପଶିଖା
ସବିତା ପ୍ରଖର କରେ,
ଅଥବା ତାରକା ନଭ-ଅଳଙ୍କାର
ପୂର୍ଣ୍ଣଶଶୀ ସମୀପରେ ।
ଉପବିଷ୍ଟ ତହିଁ ପୀଠେ ପଦ୍ମାସନେ
ଭାସ୍ୱର ପୁରୁଷ ଏକ,
ଅମର ସେ ନିଶ୍ଚେ ମାତ୍ର ଧରିଛନ୍ତି
ଜଟିଳ ସନ୍ନ୍ୟାସୀ ଭେକ ।
ପ୍ରସନ୍ନ ବଦନ ପ୍ରସନ୍ନ ଦର୍ଶନ
ବେଷ୍ଟିତ ମୟୂଖଜାଳେ,

* ନଳ ନାମକ ବାନର

ତ୍ରିବଳୀ ଛଳରେ ଦୟା-କ୍ଷମା-ପ୍ରୀତି—
ମୂର୍ତ୍ତ୍ୟା ମୁକ୍ତି ତ କପାଳେ ।
ଦର୍ଶନମାତ୍ରକେ ଉପୁଜିଲ ଭକ୍ତି,
ପ୍ରଣମି ପୂତ ଚରଣେ
କର ଯୋଡ଼ି ଉଭା ହୋଇ ପୁଚ୍ଛା କଲି
ବିନୟ ଧୀର ବଚନେ !
ହେ ଦେବ ! ଏ କେଉଁ ପୁଣ୍ୟପୀଠ, ଏଥି
ନିବସନ୍ତି ଅବା କିଏ,
ନିଜ ପରିଚୟ ସହଜେ କହନ୍ତୁ
କରୁଣା ବହି ଟିକିଏ ।
ଆଶିଷିଣ ମୋତେ ପାର୍ଶ୍ୱେ ବସିବାକୁ
ଦେଇ ଖରେ ଅନୁମତି,
ସହାସ୍ୟ ବଦନେ ମଧୁର ବଚନେ
ଭାଷିଲେ ଏସନ ଯତି—
ଶୁଣ ବତ୍ସ ! ମୋର ଆତ୍ମପରିଚୟ
ମହେନ୍ଦ୍ରଗିରି ମୋ ନାମ,
ମୋର ଅଧିଷ୍ଠାନ ଏ ଶୈଳ ମହେନ୍ଦ୍ର—
ବାଞ୍ଛିତ ଅମର ଧାମ ।
ଉତ୍କଳମଣ୍ଡଳେ ଗିରିଚକ୍ରବର୍ତ୍ତୀ
ଅଟେ ରେ ବାଳୁତ ମୁହିଁ,
ପୂତ କଲେ ମୋତେ ଜାନକୀ ଶ୍ରୀରାମ
ଲକ୍ଷ୍ମଣ ଚରଣେ ଛୁଇଁ ।
ଭାନୁବଂଶ-ଭାନୁ ପୁରନ୍ଦରଜୟୀ
ରଘୁ ଦିଗ୍‌ବିଜୟ କାଳେ
କରିଥିଲେ ସୈନ୍ୟ ସହ ଅବସ୍ଥାନ
ଦିନକୟ ମୋର ଆଳେ ।
ପାଞ୍ଚାଳୀ ସହିତେ ପାଣ୍ଡବେ ତପସି
ଯାଇଛନ୍ତି ମୋ ଶିଖରେ,
ସବୁ ଯୁଗେ ମୁହିଁ ପାଇଥିଲି ପୂଜା,
ଅପୂର୍ବ୍ୟ କଳିକାଳରେ ।
ସୁବର୍ଣ୍ଣ-ପ୍ରସିଦ୍ଧ ମୋ ନାମ ଏ କଥା
ଅବିଦିତ ନାହିଁ କାର,

ଭାଗ୍ୟ ଅବଳକ୍ଷୁ ଏ କାଳେ ସେ ନାମେ
ପଡ଼ୁ ନାହିଁ ଆହା ଗାର !
ଶିଶୁ-ହିମାଳୟ ସୌମ୍ୟ ମାଲ୍ୟଗିରି
ମେଘାସନ ମେଘାସନ,
ଆଦର ଉତ୍କଳ ଗିରିମାଳେ ମୋର
ଭ୍ରାତୃ ଜ୍ଞାତି ପରିଜନ ।
ଯୁଗଧର୍ମେ ଏବେ ସେମାନଙ୍କ ସହ
ଘଟିଛି ମୋର ବିଚ୍ଛେଦ,
ଦୁରଦୃଷ୍ଟ ହେତୁ ଭୁଞ୍ଜୁଅଛି ମୁହିଁ
ଦାରୁଣ ଶୋକ ନିର୍ବେଦ ।
ମାତ୍ର ଶୁଭଦିନ ଆଜ, ଲାଗିଅଛି
ପୁନର୍ମିଳନ ଉପାୟ,
ନିରାଶା ଅନ୍ଧାରେ ଦିଶୁଅଛି ଆହା
ଆଶାଲୋକ କ୍ଷୀଣକାୟ ।
ଗଞ୍ଜାମ ଉତ୍କଳ ମିଳନାଭିପ୍ରାୟେ
ଗଞ୍ଜାମର ପୁତ୍ରଗଣ
କରୁଛନ୍ତି ସର୍ବେ ରାଜଦ୍ୱାରେ ମିଳି
ସାନୁନୟ ଆବେଦନ ।
ଏବେ କାଳ ପରେ ଗଞ୍ଜାମ ପକ୍ଷରେ
ହେଲେ ବିଧି ଅନୁକୂଳ,
ଫେଡ଼ିବାକୁ ମାତ୍ର— କଷଣ ତା ସୁତେ
ହୋଇଛନ୍ତି ଆଜ ଠୁଳ ।
ତାହାଙ୍କ ଅଭୀଷ୍ଟ ସଫଳ ସକାଶେ
ଆସି ଏ ବିଜନ ସ୍ଥାନେ
କରୁଥିଲି ମୁହିଁ କାତର ପ୍ରାର୍ଥନା
ବିଶ୍ୱଭୂପ ସନ୍ନିଧାନେ ।
ସର୍ବୋଚ୍ଚ ଶୃଙ୍ଗରେ ଲାଗିଅଛି ଆଜ
ମାତୃପୂଜା ସାଡ଼ମ୍ବରେ,
ଦେଖିବାକୁ ବତ୍ସ, ଥିଲେ ଅଭିଳାଷ
ଆସ ମୋ ସଙ୍ଗେ ସତ୍ୱରେ ।
ଏହା ଭାଷି ଗିରି ଉଠିଲେ ଶିଖରେ,
ଧରି ଧରି ଗଛେ ଗଛେ,

ଗୁରୁ ସଙ୍ଗେ ସଙ୍ଗେ ରେଲ୍ ଗ୍ରାମ୍ ମୁହିଁ
ଗୋଡାଇଲି ପଛେ ପଛେ ।
ଗନ୍ତେବ୍ୟର୍ ଯାଇ ମିଳିଲୁଁ ଉଭୟେ
ବିଶାଳ ଅଧିତ୍ୟକାରେ,
ଅସଂଖ୍ୟ ମାନବ ରୁଣ୍ଡ ହୋଇଛନ୍ତି
ସେ ମାନବ-ପାରାବାରେ ।
ମଧ୍ୟସ୍ଥଳେ ତାର ରତ୍ନସିଂହାସନେ
ବସିଛନ୍ତି ଏକ ଦେବୀ,
ମାଗୁଛନ୍ତି ବର ନାନା ଉପଚାରେ
ସକଳେ ତାହାଙ୍କୁ ସେବି ।
ଏ ବଡ଼ ଅଦ୍ଭୁତ ସିଂହାସନ ପରେ
ରହିଛି ଦେବୀଙ୍କ ଶିର,
କେଜାଣି କପାଇଁ ହୋଇଛି ବଚ୍ଛିନ୍ନ
ମସ୍ତକୁଁ ଦିବ୍ୟ ଶରୀର ।
ଛାୟାଗ୍ରସ୍ତ୍ୟ ଡିତ କମଳ ପରାଏ
ଦିଶୁଅଛି ମୁଖ ଫିକା,
ଖଞ୍ଜନ-ଗଞ୍ଜନ ନୟନଯୁଗଳୁ
ଝରୁଛି ଅଶ୍ରୁକଣିକା ।
କହିଲେ ମହେନ୍ଦ୍ର, ଏହି ଦେବୀ ବତ୍ସ,
ଅଟନ୍ତି ଗଞ୍ଜାମମାତା,
ଉପବିଷ୍ଟ ଜନେ କୁମର ତାଙ୍କର
ଏଣୁ ପରସ୍ପରେ ଭ୍ରାତା ।
କୁଅଁତାନରେ ଯେ ପୋଛୁ ଦେଉଛନ୍ତି
ଜନନୀ ନୟନୁ ଲୁହ,
ଅଟନ୍ତି ସେ କୃତୀ ସୁରଙ୍ଗୀନୃପତି
ଜନ୍ମଭୂମି ଯୋଗ୍ୟ ପୁଅ ।
ରକ୍ଷଣଶୀଳତା— ନବଦ୍ଧ ଶୃଙ୍ଖଳ
ଛିନ୍ନ କରି ଅକ୍ଳେଶରେ
ଦେଶ ପାଇଁ ଭ୍ରମି ଅର୍ଜିଛନ୍ତି ଜ୍ଞାନ
ଉନ୍ନତ ସଭ୍ୟ ଦେଶରେ ।
ପାର୍ଶ୍ୱଦେଶେ ବସି କରୁଛନ୍ତି ଯେହୁ
ଆକୁଳେ ବାୟୁ ସେଚନ,
ସେ ପିନା ଅଟନ୍ତି ଗଡପତି ପରାଏ
ଖେମଣ୍ଡି-ଖଣ୍ଡ-ମଣ୍ଡନ ।
ବାମ ପାଶେ ଯେହୁ ପଛଉଆରୀସ୍ତେ
ପୋଛୁ ଦେଉଛନ୍ତି ଝାଳ,
ଋଷିକୁଲ୍ୟା ତୀର— ବଡ଼ାଖି ସେ ବୀର
ଧରାକୋଟ ମହୀପାଳ ।
ତତ୍ତ୍ୱ କୃଷ୍ଣସିଂହ ଯୋଗ୍ୟ ବଂଶଧର
ଗଞ୍ଜାମର ପ୍ରତିନିଧି,
ପ୍ରାଦେଶିକ ସଭା ସଦସ୍ୟରୂପେ ସେ
ଅଛନ୍ତି ଲଭି ପ୍ରସିଦ୍ଧି ।
କୁସୁମ ବ୍ୟଜନେ ବୀଞ୍ଚୁଛନ୍ତି ଯେହୁ
ବସିଣ ଜନନୀ ତଳେ,
ମାତୃଭକ୍ତ ସେହୁ ଅଟନ୍ତିରେ ବତ୍ସ,
ଚିକିଟି-ଧରଣୀପତି ।
ଯୋଡିବା ପାଇଁ ଯେ ପଟି ଧରିଛନ୍ତି
ଜନନୀ ଶରୀରେ ଶିର,
ଅଟନ୍ତି ସେ ବଙ୍କ ବୁଦ୍ଧ ନରପତି
ମଞ୍ଜୁଷା-ନଭଃ-ମିହିର ।
କହୁଛନ୍ତି ମାତୃ— ଦୁଃଖେ ହାହାକାର
ଏହି ଯେଉଁ ସୁବାମଣି,
ମଞ୍ଜୁଷାର ସ୍ୱାମୀ ଭାଗ୍ୟବିଧାତା ସେ
ସୌଜନ୍ୟ-ସଦ୍‌ଗୁଣ-ଖଣି ।
ସ୍ଥବିର ବୟସେ ଆସିଛନ୍ତି ଭକ୍ତେ
ମାତୃ-ପାଦ ପୂଜାପାଇଁ
ଦେଶଦୁଃଖେ ଯାଙ୍କ ହୃଦୟ ତରଳେ
ଏହି ସେ ତରଳାସାଇଁ ।
ସେରଗଡ ପରାଏ ବରଗଡ଼ ପରାଏ
ଆସୀନ ଦେବୀ ସନ୍ନିଧି,
ପୁଣି କେତେ ରାଜା ଆସି ନ ପାରିଣ
ପେଷିଛନ୍ତି ପ୍ରତିନିଧି ।
ଅଦୂର ଭବିଷ୍ୟେ ଉଜ୍ଜ୍ୱଳବେ ଯେହୁ
ପାରଳା-ସ୍ୱର୍ଗ୍ୟ ଆକାଶ,

ସୁଦୂର ପ୍ରବାସେ          ଥାଇ କରୁଛନ୍ତି
ସହାନୁଭୂତି ପ୍ରକାଶ ।
ବାଲ୍ୟ କାଳରୁ          ଗୁପ୍ତ ତାଙ୍କ ହୃଦେ
ସ୍ୱଦେଶପ୍ରୀତି ପ୍ରଭୂତ,
ଦୁଇ ପତ୍ରୁ ବାସେ          ତୁଳସୀ, ଏ ଉକ୍ତି
ଅଲୀକ ନୁହେଁ ରେ ସୁତ ।
କର୍ମସାଧନରେ          ନିଜେ ଯେ ନିଜକୁ
କରେ ନିରନ୍ତର ବାଧ୍ୟ,
କର୍ମ ଉପାସକ          ସେହି ସିନା ପୁଣି
କର୍ମର ଚର ଆରାଧ୍ୟ ।
ଏହି ପୁଣ୍ୟଫଳେ          ହେବେ ଦୀର୍ଘଜୀବୀ
କୃଷ୍ଣଚନ୍ଦ୍ର ଗଜପତି,
ପୂର୍ଣ୍ଣ ହେବ ତାଙ୍କ          ସୁଯଶେ ଅଖିଳ
ଏ ଉତ୍କଳ ବସୁମତୀ ।
ମାତୃମହୀ ସହ          ଦେବତାଏ ତାଙ୍କ
ସଦ୍‌ଗୁଣେ ଲଭି ଆହ୍ଲାଦ
ତ୍ରିସନ୍ଧ୍ୟା କାଳରେ          ଢାଳୁଛନ୍ତି ତାଙ୍କ
ଶିରେ ଶୁଭ ଆଶୀର୍ବାଦ ।
ହେଲେହେଁ ବାଳକ          ଶିକ୍ଷାଧୀନ ସେହୁ
ମାତ୍ର ଜଣେ ମହାସୁଧୀ,
ବଢ଼ୁଛି ପ୍ରାବୃଟ          ନଦୀବନ୍ୟା ପ୍ରାୟ
ତାହାଙ୍କ ପ୍ରତିଭା ବୃଦ୍ଧି ।
ହେବେ ସେ ନିଶ୍ଚୟ          ଉତ୍କଳ-ମଣ୍ଡଳେ
ଆଦର୍ଶ ପ୍ରକୃତିପିତା,
ଗାଇବେ କବିଏ          ପ୍ରାଣମୟୀ ଭାଷେ
ତାହାଙ୍କ କୀର୍ତ୍ତି-କବିତା ।
ଶୋଭା-ଭାବ୍ୟ-ଟୀକା          ଟିକଲି ରାଜ୍ୟର
ନରନାହା ସୁତ ସହ
ପ୍ରଦର୍ଶାଇଛନ୍ତି          ଜନ୍ମଭୂମି ପ୍ରତି
ଅତୁଳ ସ୍ନେହ, ଆଗ୍ରହ ।
ଅପ୍ରାପ୍ତବୟସ୍କ          ଖଲ୍ଲିକୋଟ ନୃପ
ରାମଚନ୍ଦ୍ର ମର୍ଦ୍ଦରାଜ,

ପ୍ରିୟ ଯାହାଙ୍କର          ମାତୃଭୂମି ପୁଣି
ସ୍ୱଜାତି ସ୍ୱୀୟ ସମାଜ ।
ଦେଖାଇଛନ୍ତି ସେ          ଆଶା-ଅନୁକୂଳୀ
ମାତୃପୂଜା ଯଜ୍ଞ ପ୍ରତି,
ବିନୟ ସୌଜନ୍ୟ          ଶିଷ୍ଟାଗ୍ରରେ ସେହୁ
ଯେସନ ବାଳକ ଯତି ।
ଦେଖୁଅଛ ଆଜି          ଯେତେ ଜନସଙ୍ଘ
ସେ ସର୍ବେ ଗଞ୍ଜାମବାସୀ,
ଗଞ୍ଜାମ ଜିଲ୍ଲାର          ପ୍ରତ୍ୟେକ କେନ୍ଦ୍ରରୁ
ଠୁଳ ହୋଇଛନ୍ତି ଆସି ।
କେତେକ ଅଛନ୍ତି          ବିଶ୍ୱବିଦ୍ୟାଳୟ
ଉଚ୍ଚ ଉପାଧିମଣ୍ଡିତ,
କେତେ ଅପାଠୁଆ          ମଧ୍ୟମ ପାଠୁଆ
ବଣିକ ଶିଳ୍ପ ପଣ୍ଡିତ ।
ସଭିଙ୍କ ହୃଦୟେ          ସମାନେ ଭେଦିଛି
ଜନନୀ-ଦୁଃଖ-କୁଠାର,
ତେଣୁ ଏକପ୍ରାଣେ          ଉଭା ହୋଇ ସର୍ବେ
ଲୋଡ଼ୁଛନ୍ତି ପ୍ରତିକାର ।
ଏଥୁ ଅନନ୍ତରେ          ଗଞ୍ଜାମ ଜନନୀ
ମଧୁର ମୃଦୁ ବଚନେ
ସମ୍ବୋଧି କହିଲେ,          ଶୁଣ ଶୁଣ ମୋର
ସୁଜନ୍ୟ କୁମରଗଣେ !
ସେ ସୁଖ ଦିବସ          ନାହିଁ ମୋର ଆହା
ଯାଇଛି ତା ଗୃଲି ସିନା,
ଭଞ୍ଜ କବିସୂର୍ଯ୍ୟ          ବାଉଥିଲେ ଯେବେ
ସାରସ୍ୱତ-କୁଞ୍ଜେ ବୀଣା ।
ସୁକବି-ଜନନୀ          ବୋଲି ଅଦ୍ୟାବଧି
କହୁଛନ୍ତି ସର୍ବେ ମୋତେ,
ପଡ଼ିଛି କୁସୁମ,          ଭାସିଗଲାଣି ତ
ଗନ୍ଧ ତାର କାଳ-ସ୍ରୋତେ ।
ସେ କାଳର ଆଶା          ସେ କାଳର ଭାଷା
ହୋଇଛି ସକଳ ଗତ,

ଏ କାଳେ ମୋ ସଖୀ     ତୁମ୍ଭ ମାତୃଭାଷା
ଶରୀର କ୍ଷତବିକ୍ଷତ ।
ଦେଖୁଛ ତ ସର୍ବେ     ସାକ୍ଷାତେ ମୋହର
ନିଦାରୁଣ ଦୁର୍ବିପାକ,
ଦୁରଦୃଷ୍ଟ ମୋତେ     କରୁଛି ତ ଏବେ
ବିଚ୍ଛେଦ-ଅନଳେ ପାକ ।
ବହୁ ଖଣ୍ଡେ ମୋର     ବିଭକ୍ତ ଶରୀର
କି କାର୍ଯ୍ୟ ପାରିବି କରି,
ଭାଗ୍ୟ ତ ଦୁର୍ଭାଗ୍ୟ     ଦେଲା ମୋତେ ସାରି
ହେବ ବା ଉଦ୍ଧାର କିପରି !
ମୋହଠାରୁ ବଳ     ଛିନ୍ନବିଚ୍ଛିନ୍ନ ମୋର
ତୁମରେ କଷ୍ଟ ଦୁର୍ବାର,
କୌଣସି କାର୍ଯ୍ୟରେ     ନାହିଁ ତାହାଙ୍କର
କିଞ୍ଚିତମାତ୍ର ଅଧିକାର ।
ଯୋଗ୍ୟ ହେଲେ ସୁଦ୍ଧା     ସେମାନଙ୍କ ପାଇଁ
ନ ଫିଟାନ୍ତି କେହି ତୁଣ୍ଡ,
ଅଜ୍ଞାନ ପାଦପ     ତଳେ ଗୁପ୍ତ ଗଣ୍ଠ
କାହୁଁ ବା ଟେକିବ ମୁଣ୍ଡ !
ପାଞ୍ଚ ଜଣ ମଧ୍ୟେ     ଜନଗଣଦ୍ୱାରେ
ହୋଇ ନ ପାରନ୍ତି ଠିଆ,
ଏ ଦୁଃଖ-ଦୁର୍ଦ୍ଦଶ     ବାଜି ସଦା ମୋର
ହେଉଛି ବିଦୀର୍ଣ୍ଣ ହିଆ ।
ଆତ୍ମଦୁଃଖ, ପୁତ୍ର—     ଦୁଃଖ ମୋତେ ସଦା
କରିଅଛି ମ୍ରିୟମାଣ,
ତ୍ରିତାପ, ଅଗ୍ନି—     ତାପ ମଧ୍ୟେ ନାହିଁ
ମୋ ପାଇଁ ତୃତୀୟ ସ୍ଥାନ ।
ତୁମ୍ଭେମାନେ ମୋର     ବିପଦ-ସହାୟ,
ଶୁଣିଁ ଥିଲି ତବ ମୁଖେ,
ସେବାରେ ସକଳେ     ତୁଷ୍ଟ କଲ, ମାତ
ସହିଅଛି ଶୋକେ ଦୁଃଖେ ।
କରୁଛି ଚକାସ୍ଥା     ସତ୍ୟ, ମାତ୍ର ତାହା
କ୍ଷିପ୍ର ହସ୍ତେ ସର୍ବେ କର,
ବିଳମ୍ବ ଘଟିଲେ     ଜୀବନନାଟିକା
ଯିବଟି ଛିଣ୍ଡି ମୋହର ।
ସୁ ସ୍ପଷ୍ଟ ସ୍ୱରରେ     ଜଣାଅ ମୋ ପୀଡ଼ା
ରାଜପ୍ରତିନିଧି କତି,
ସୁବୈଦ୍ୟ ରୂପରେ     କହିବେ ଔଷଧ
ଅବଶ୍ୟ ସେ ମହାମତି ।
ପଣ୍ଡିତ ଜାତିର     ପକ୍ଷପାତୀ ହେବା
ଉନ୍ନତ ଜାତି ଲକ୍ଷଣ,
ଶୁଣିଲେ ମୋ ଦୁଃଖ     ନିଶ୍ଚେ ତାଙ୍କ ହୃଦ
ହେବ କରୁଣା-ପ୍ରବଣ ।
କେବଳ ମୋ ଦୁଃଖ     ରାଜଦ୍ୱାରେ ଗାଇ
ନ ହୁଅ ବାବୁ ନୀରବ,
ପାଳିବାକୁ ଅଛି     ତୁମ୍ଭର ସଦାଶେ
ତୁମ୍ଭର ବହୁ କର୍ତ୍ତବ୍ୟ ।
ଭାଇ ଭାଇ ମନ     ମିଶାଇ ପାରିଲେ
ତେବେ ମିଶିଯିବ ଦେଶ,
ସେଥିଲାଗି ବସି     ଭାବନା ନ କରି
କର୍ତ୍ତବ୍ୟ ଧର ନରେଶ !
ତୁମ୍ଭର ଏକତା     ମାତୃଭକ୍ତି ଦେଖି
ହୋଇଛି ମୁଁ ଆଶାନ୍ୱିତ,
କରୁଥାଅ କାର୍ଯ୍ୟ     ସେ ଭାବକୁ ହୃଦେ
ହୃଦୟେ ରଖି ଜୀବିତ ।
ରଖିଥିବ ମନେ     ସବୁବେଳେ ବାପା,
ସଂହତି କାର୍ଯ୍ୟସାଧିକା,
ସଂହତି-ବଳରେ     ସକଳ ଉନ୍ନତି
ତନା ପଣେ ହୁଏ ତବା ।
ଶିକ୍ଷା ଉନ୍ନତିର     ପ୍ରଧାନ ସହାୟ,
ରଖି ସେଥିପ୍ରତି ଦୃଷ୍ଟି
କୃଷିକ୍ଷେତ୍ର ପରି     ଗ୍ରାମେ ଗ୍ରାମେ କର
ବହୁ ବିଦ୍ୟାଳୟ ସୃଷ୍ଟି ।
ସହସ୍ର ଚେଷ୍ଟାରେ     ଘୁଞ୍ଚି ନ ପାରଇ
ଦେଶର ଯେ କୁସଂସ୍କାର,

ଶିକ୍ଷା ପ୍ରସ୍ତାବରେ କରେ ଯିବା ସେହୁ
ଜଗତୁ ନଜେ ସ୍ୱ ହାର୍ ।
ଜାତୀୟ ସାହିତ୍ୟ ଜାତିର ଜୀବନ
ଗୌରବ ବଳ ସମ୍ପଦ,
ଅବିଦ୍ୟା-ଭୁଜଙ୍ଗୀ କାଳକୂଟରୁ ସେ
ଦରଶ୍ୱ ଭେଦାର୍ ଗଦ ।
ନୈତିକ ସାହସ ଆତ୍ମନିର୍ଭରତା
ସାହିତ୍ୟରୁ ହୁଏ ଜାତ,
ଆବାଲ୍ୟରୁ ପୋଷେ ମାତୃଭାଷା ସେହୁ
ମାନବର ଭାବ ମାତ ।
ମାର୍ଜିତ ରୁଚିରେ ମାର୍ଜିତ ଭାଷାରେ
ଲେଖାଅ ନବ ସାହିତ୍ୟ,
ମୁଦ୍ରିତ କରାଇ କର ପ୍ରଚୁରିତ
ପ୍ରାଚୀନ କାବ୍ୟ ସଙ୍ଗୀତ ।
ସୁପ୍ରତିଭାଶାଳୀ ମୃତ ବ୍ୟକ୍ତିଙ୍କର
ପ୍ରତିଭାକୁ ପୂଜା କର,
ଆନର ପ୍ରତିଭା ପୂଜା କଲେ ଯିବ
ପ୍ରତିଭା ବଢ଼େ ନିଜର ।
କୃଷିଶିଳ୍ପାଦିର ଲୁପ୍ତ ଗଉରବ
ସମୁଦ୍ଧାରେ ହୁଅ ବ୍ରତୀ,
ଅପେ ଆପଣାକୁ କରିବ ପ୍ରସ୍ତୁତ
ଜଣେ ଜଣେ କର୍ମଯତି ।
ତୁମ୍ଭର ପୂର୍ବଜ ପୁରୁଷେ ଚଳାଇ
ସାଗର-ଗର୍ଭେ ସୁଳୁପ *
ବାଣିଜ୍ୟ ଜନିତ ସାଧି ରଚିଥିଲେ
କର୍ମ-ଯାଗେ କୀର୍ତ୍ତି-ଯୂପ ।
ଗ୍ରାମେ ଗ୍ରାମେ ଗ୍ରାମ— ସମିତି ବସାଅ
ଲଗୁ ଅନ୍ୟୋନ୍ୟତି-ଚର୍ଚ୍ଚା,
ବିଦେଶକୁ ଛାତ୍ର ପଠାଇ ପଢ଼ାଅ
ଦେଇ ଯଥାଶକ୍ତି ଖର୍ଚ୍ଚା ।

ମୋ ପାଇଁ କଳ୍ପିତ ସ୍ୱାର୍ଥ ତ୍ୟାଗ କରି
କାର୍ଯ୍ୟରେ ଯଗ ଲଗାଅ,
ପୂର୍ବପୁରୁଷଙ୍କ କୀର୍ତ୍ତି-କର୍ମ-ଗାଥେ
ବିରଚି ସଙ୍ଗୀତ ଗାଅ ।
ଜପ କର ସଦା ଜନ୍ମଭୂମି ନାମ
ତାରକମନ୍ତ୍ର ଜ୍ଞାନେ,
ସେହି ମନ୍ତ୍ର ପୁଣି ଦିଅ ଗୁରୁରୂପେ
ଦେଶବାସୀଙ୍କର କାନେ ।
ଇତର ପକ୍ଷରେ ଅନୁକରଣୀୟ
ପ୍ରଧାନଙ୍କ କାର୍ଯ୍ୟାବଳୀ,
ତୁମ୍ଭ ଦେଖାଦେଖି ଅର୍ପିବେ ସମସ୍ତେ
ମାତୃପୀଠେ ସ୍ୱାର୍ଥବଳି ।
ତୁମ୍ଭେ ଯେଉଁ ପଥେ ଚାଲିବ ସେ ପଥେ
ଚାଲିବେ ନିଶ୍ଚୟ ଜନେ,
ହେ ମୋ ସୁଜସୁତେ, ଏହି କଥା ଏବା
ରଖିଥିବ ସଦା ମନେ ।
ଆନ ସୁତଗଣେ ବୁଝାଇ କହିବ
ମୋହର ଦୁଃଖ ଯନ୍ତ୍ରଣା,
ନିଶ୍ଚୟ ଲଭିବ ସିଦ୍ଧି, ସର୍ବେ ମିଳି
କଲେ କର୍ମ ଉପାସନା ।
ଯେବେ ନିଷ୍ଠା ସହ ଲାଗିଲେ ସକଳେ
ମୋହପାଇଁ ଏକମେଳେ,
ଅଚିର ଭବିଷ୍ୟେ ଶୋକତାପ ମୋର
ଦୂର ହେବ ଅବହେଳେ ।
ଅସାର ସଂସାରେ ମାତୃସେବା ବ୍ରତ
ଅଟଇ ସାର କେବଳ,
ଏକାଧାରେ ତହୁଁ ମିଳେ ସର୍ବ ଯଜ୍ଞ
ସର୍ବ ତପସ୍ୟାର ଫଳ ।
ମାତୃଭୂମି-ସେବା ସଦାଶେ ମାନବ
ହୋଇଛି ମର୍ତ୍ତ୍ୟେ ପ୍ରେରିତ,

* ଗଞ୍ଜାମର କେତେ ଜଣ ପୂର୍ବତନ ରାଜା ଓ ଧନୀ ବ୍ୟକ୍ତିମାନେ ଏକତ୍ରରେ ଜାହାଜ ଚଳାଉଥିଲେ । ସୋନାପୁର ସେ ସମୟରେ ବନ୍ଦର ଥିଲା ।

କପୋଳକଳ୍ପିତ  କଥା ନୁହେ ଏହା
ବେଦ-ଶାସ୍ତ୍ର-ପ୍ରମାଣିତ ।
ମାତୃଭୂମି-ମାତା  କଷ୍ଟ ଫେଡିବାକୁ
ନ ବଳାଏ ଯେଉଁ ମନ,
ସେହି ମୂଢ଼ ପିତା  କରେ ତଷ୍ପିତା
ପବିତ୍ର ଆଜ୍ଞା ଲଙ୍ଘନ ।
ମାତୃଦୁଃଖ ଦେଖି  ନ ଦେଖିଲା ପରି
ରହେ ଯେବଣ ପାଷଣ୍ଡ,
ଇହ ପୂର୍ବଜନ୍ମ  ସୁକୃତ ତାହାର
ହୋଇଯାଏ ସବୁ ପଣ୍ଡ ।
ଥରେ ହେଲେ ସୁଦ୍ଧା  ଜନନୀ-ସେବାରେ
ଲାଗି ନାହିଁ ଯାର ହସ୍ତ,
ହସ୍ତ ନୁହେଁ ତାହା,  ଅସାର ଅସାଢ଼
ଅକଟଣା କାଠ ସତ ।
ମୋ ଅଙ୍ଗ ସଂଯୋଗ  ପାଇଁ ରାଜପଦେ
କର ନମ୍ର ନିବେଦନ,
ଯେବେ ହେଲେ ଦିନେ  ଟଳିବ ତାଙ୍କର
ନିଶ୍ଚେ କୃପା-ସିଂହାସନ ।
ମହୀରେ ଆଦର୍ଶ  ତାଙ୍କ ରାଜନୀତି
ଦୁର୍ବଳର ପକ୍ଷପାତୀ,
ବଙ୍ଗ ସଂଯୋଗରୁ  ଅଧିକେ ବଢ଼ିଛି
ସେ ରାଜନୀତି ସୁଖ୍ୟାତି ।
ଭଗ୍ନୀ ବଙ୍ଗଭୂମି  ସନ୍ତାପ ନାଶିଲେ
ଯେଉଁ କୃପା-ଅକୂପାର,
ସେ ରାଜ-ରାଜେଶ  କରିବେ ଦୁର୍ବାର
ସଙ୍କଟୁ ମୋତେ ଉଦ୍ଧାର

ସେ ଭାଗ୍ୟ-ବନାଶି  ତୋଳିଦେବେ ମୋର
ଶୃଙ୍ଖ୍ବୃଷ୍ଟ ଦେବାଳୟ,
ଦୀନା ଭିଖାରିଣୀ  ପ୍ରତି ଇଷ୍ଟ ଭିକ୍ଷା
ଦେଇବେ ସେହୁ ନିଶ୍ଚୟ ।
ଯେତେ ଦିନଯାଏ  ମୋ ଅଙ୍ଗ ସଂଯୋଗ
ନ ହେବ ହେ ବାପଧନ,
ତଦବଧି ତାଙ୍କ  ପାଶେ କରୁଥାଅ
ସବିନୟ ନିବେଦନ ।
ଆଉର କଥାଏ  ପାଳିବ ମୋହର
କର ସର୍ବେ ଦୃଢ଼ ପଣ,
ଏ ପୁଣ୍ୟ ଦିବସେ  ଠୁଳ ହୋଇ ଏଥି
କରୁଛ ମାତୃ-ପୂଜନ ।
ଏ ଦିନରୁ ସର୍ବେ —  ବିନ ରୂପେ ପାଳି
ପ୍ରତିବର୍ଷ ଉପବାସ
କରୁଥିବ ସର୍ବେ  ଯାବତ ମୋହର
ହୋଇ ନାହିଁ ପୂର୍ଣ୍ଣ ଆଶ ।
ମାତାଙ୍କ ଶ୍ରୀମୁଖୁଁ  ଏ ଆଦେଶ ବାଣୀ
ବାହାରିବା ମାତ୍ରେ ସର୍ବେ
ଉଚାରିଲେ ହର୍ଷ  କରତାଳି ସହ
ତଥାସ୍ତୁ ତଥାସ୍ତୁ ରବେ ।
ଜୟ ଜନ୍ମଭୂମି  ଜୟ ଜନ୍ମଭୂମି
ଭକ୍ତି ଭକ୍ତି ବାରମ୍ବାର,
କି ରାଜା କି ପ୍ରଜା  ମାତୃପାଦପଦ୍ମେ
ସାଷ୍ଟାଙ୍ଗେ କଲେ ଜୁହାର ।
ନଭେ ଥାଇ ଦେବେ  ଦୁନ୍ଦୁଭି ବଜାଇ
କଲେ ପୁଷ୍ପ ବରଷଣ,

ସଭା ଭାଙ୍ଗି ସର୍ବେ  ନିଜ ସ୍ଥାନେ ଗଲେ
ଭାଙ୍ଗିଗଲା ମୋ ସ୍ୱପନ ।

# ବିଷାଦ-ବୀଣା

## ପୀଡ଼ିତର ପ୍ରାର୍ଥନା

ଶୁଣିବ କି ଅନ୍ତର୍ଯ୍ୟାମି ! ଅନ୍ତର ବେଦନା,
ଜନ୍ମଦୁଃସ୍ଥ ପୀଡ଼ିତର କାତର ପ୍ରାର୍ଥନା ।
ମାନବ ଜୀବନେ ବାଲ୍ୟକାଳ ସୁଖମୟ,
ମୋ ପକ୍ଷରେ ବିଷମୟ ହେଲା ସେ ସମୟ ।
କଟାଇଲି ରୋଗ-ଶୋକ-ଦାରିଦ୍ର୍ୟେ ଯୌବନ,
ମୋର ଏ ଜୀବନ ସିନା ଜୀବନ୍ତ ମରଣ ।
କି କରିଛି ଅପରାଧ ପ୍ରଭୁ ମୁଁ ଏଭଳି,
କ୍ଷମାସିନ୍ଧୁ କ୍ଷମାକୁ ସେ ପଡ଼ିଲା କି ବଳି ?
କ୍ରମେ ଅଙ୍ଗପ୍ରତ୍ୟଙ୍ଗର କ୍ଷମତା ହରିଲା,
ଜୀବନ୍ମୃତ କରି ସୁଦ୍ଧା ତୃପ୍ତି ନ ଭଜିଲା ।
ଦହୁ ମର୍ମନ୍ତୁଦ ବ୍ୟଥା ଦେଉଅଛ ଆଣି
ପାଷାଣେ କି ତୁମ୍ଭ ହୃଦ ଗଢ଼ା ଚକ୍ରପାଣି ?
ତୁମ୍ଭ ଦତ୍ତ ଦ୍ରବ୍ୟ ତୁମ୍ଭେ କରୁଛ ହରଣ,
ଏଥିରେ ଦୁଃଖର ମୋର କି ଅଛି କାରଣ ?
ଜୀବନକୁ ଘେନଗଲେ ସରିଯାନ୍ତା ସଲ,
କରୁଛ କିପାଇଁ ଭଲା ଏତେ କଲବଲ ?
ନ ଦେଇଣ ପ୍ରଭୁ, କଷ୍ଟ ସହିବା କ୍ଷମତା,
କ୍ଲେଶଭାର ଲଦିବା କି ଯୁକ୍ତିଯୁକ୍ତ କଥା !
ଆଉ ତାହା ସୃଷ୍ଟିରୁ ତ ମୁହିଁ ଆସି ନାହିଁ,
ତେବେ ମୋହୋ ପ୍ରତି ଏତେ ଅନାସ୍ଥା କିପାଇଁ ?
ଜୁଟୁନ ଦୁଅନ୍ନ ସିନା, ନ ହୁଏ ଲୁ-ପିତା,
ମାତ୍ର ତୁମ୍ଭେ ଜାଳୁଅଛ ହୃଦେ ରୁଦ୍ର ଚିତା ।
ଦିଶୁଛି କି ପ୍ରଭୁ, ଏହା ତୁମ୍ଭଙ୍କୁ ସୁନ୍ଦର,
କିମ୍ବା ଏ ମନ ପରୀକ୍ଷା ଅପୂର୍ବ ଦୁନ୍ଦର ।
ତୁମ୍ଭେ ତ ମୋ ପ୍ରାଣଗୁରୁ ଅଟ ବିଶ୍ୱନାହା,
ନ ଜାଣ କି ପ୍ରଭୁ ତାହା ଶିଖିଛି ମୁଁ ଯାହା ।
ଯାହା ଶିଖିଅଛି ତାହା ତୁମ୍ଭ ଦତ୍ତ ଶିକ୍ଷା,
କି କରିବ ନିଜେ ନିଜ ବିଦ୍ୟାର ପରୀକ୍ଷା ।
ଯାହା ଇଚ୍ଛା କର, କିନ୍ତୁ ଏତିକି ପ୍ରାର୍ଥନା,
ନ ଘଟୁ ମୋ ସଦିଚ୍ଛାରେ ବାଧା ବିଡ଼ମ୍ବନା ।

---

## ଆତ୍ମବିଳାପ

ଆହା ରେ ଦୈନ୍ୟ ମୋତେ କି କଲୁ ତୁହି,
ଶିରୀ ଛୁଟିଲା ଦେହୁଁ ତୋତେ ରେ ଛୁଇଁ ।
ଅଧୋଗତିର ମୂଳ ତୁ ମୋର ସିନା,
କ୍ଷଣେ କି ନ ଛାଡ଼ିବୁ ମୋ ସଙ୍ଗ କିନା !
ସ୍ୱର୍ଗ ଅର୍ପିଥିଲେ କଳ୍ପନା ପାଣି,
ଚରଣତଳେ ତାକୁ କଲି ମୁଁ ମାଟି ।
ସର୍ବଦା ଲଗାଇଲୁ ତୁହି ବିବାଦ,
ପୂଜିବି କେତେବେଳେ କଳ୍ପନାପାଦ ?
ଶୁଦ୍ଧ ସୁବର୍ଣ୍ଣ ବାଣୀ ଦେଲେ ପରଖି,
କଲି ମୁଁ କଳଙ୍କିତ ପକାଇ ରଖି ।
ରେ ଦୈନ୍ୟ, ତୋଷ୍ଟୀରେ ମୋ ତୁ ରନ୍ଧ୍ରଶନ
ସତତ ଦେଖାଉ ତୁ ମୋତେ ତର୍ଜନୀ ।
ଘେନ ଗୋ ବାଗୀଶ୍ୱରି ! ମୋ ପ୍ରଣିପାତ,
ପାଉଁଶେ ଘୃତ କିଆଁ ଢାଳିଲି ମାତ !
ବାନର ଗଳେ କିପା ରତନହାର,
ମର୍ଯ୍ୟାଦା ବୁଝିବଟି ସେହୁ ତାହାର ?
ଭବେ କି ରଖିବାକୁ ନ ଥିଲା ସ୍ଥାନ,
କଲି ଗୋବର ଗାଡ଼େ ରତ୍ନ ନିଧାନ ।
କରିବ କିଏ ତୁମ୍ଭ ମାୟା କଳନା,
କେବଳ ତୁମ୍ଭ ମାୟା ତୁମ୍ଭକୁ ଜଣା ।

---

## ପ୍ରାଣର ଜଣାଣ

ହେ ପ୍ରଭୁ ଦେବ ଭଗବତ,
ବହୁ ତୁ ମହିମା ମହତ ।
ତୋହର ପୁଣ୍ୟ-ପୂତ ଦୃଷ୍ଟି
ପାଇଛି ଏ ବିପୁଳ ସୃଷ୍ଟି ।

ତୁହି ଏ ବିଶ୍ୱ ଚରାଚର,
ତୋହର କଳ୍ପନା ସୁନ୍ଦର ।
ଅମୂର୍ତ୍ତ ନୁହେଁ ସେ କଳ୍ପନା,
ଧରିଛି ମୂର୍ତ୍ତି ଷୋଳଅଣା ।

ଶିଳ୍ପୀର ଅନନ୍ତ ପ୍ରତିଭା
ଏଥିରେ ବିସ୍ତାରିଛି ବିଭା ।
ବିଶ୍ୱ ତୋହର ତୁ ବିଶ୍ୱର,
ପ୍ରକାଶ୍ୟ ଅଦ୍ଭୁତ ସୁନ୍ଦର ।

ଜଳ ଅନଳ ତୋର ଶକ୍ତି
ନୀରବେ କରେ ଅଭିବ୍ୟକ୍ତି ।
କରୁଛୁଁ ନିତ୍ୟ ତୁ ସର୍ଜନା,
ନ ମେଣ୍ଟେ ବିଶ୍ୱେ ବାସନା ।

ଭାସ୍କରଚନ୍ଦ୍ର ତୋ ନୟନ,
ପବନ ଶ୍ୱାସ ସନାତନ ।
ତୁ ମହାସୂକ୍ଷ୍ମ ମହାସ୍ଥୂଳ,
ଶାଶ୍ୱତ କୈବଲ୍ୟର ମୂଳ ।

ଅବର୍ଣ୍ଣ୍ୟା ଶକ୍ତି ବିଶ୍ୱନାହା,
ଦେଖାଅ ସତ୍ୟ ଧ୍ରୁବ ରାହା ।
ବସି ମୋ ପ୍ରାଣେ ନିରନ୍ତର,
ଶିଖାଅ ମଙ୍ଗଳ ମନ୍ତର ।

———

## ପୀଡ଼ା

ପରମ ସହଚରୀ ତୁହି ଲୋ ପୀଡ଼ା,
ଆବାଲ୍ୟ ହୋଇଛୁ ମୋ ହୃଦୟେ କ୍ରୀଡ଼ା ।
ବିଧାତା ମୋ ସହିତେ ତୋତେ ପେଞ୍ଚୁଣି,
କରି ଦେଇଛି ଚିରସଙ୍ଗିନୀ ପୁଣି ।୧।
ଶୋଷିଛୁ ତୁହି ମୋର ଜୀବନ ବଳ,
ଉତ୍ସାହ କ୍ରମେ କ୍ରମେ କରୁ ତରଳ ।
ଦୁଃଖ ଦହନେ ପୁଣି ସଦା ସନ୍ତୁଳ
ରଖିଛୁ କରି ମୋତେ କ୍ରୀଡ଼ାପିତୁଳ ।୨।
ଅସହ୍ୟ ହୁଏ ଯେବେ ତୋ ଆକ୍ରମଣ,
ପଶେ ମୁଁ ମାତୃଭାଷା ପଦେ ଶରଣ ।
ଟାସୋରେ ତୋ ଯନ୍ତ୍ରଣା ଭାଙ୍ଗ ଆଶ୍ୱାସେ,
କିବା ସ୍ୱର୍ଗୁହେ କମ୍ପା ଦୂର ପ୍ରବାସେ !୩।
ଔଷଧ ନ ପାରିଲା ତୋତେ ଶାସନ୍ତ,
ଭବେ ଦୁର୍ଜ୍ଜୟୀ ତୁହି ଯଥା ଅଶାନ୍ତ ।
ପରନ୍ତୁ ଏକା ଭାଷା ଜନନୀ ପାଶେ,
ଦୁର୍ବୃତ୍ତି ତୁଷେ ସିନା କୁଶଳ ଶାସେ ।୪।
ପଞ୍ଚାନ୍ତେ କରୁ ବହୁ ହିତ ମୋହର,
ତୋ ଅଭିଶାପ ହେଲା ମୋ ଭାଗ୍ୟେ ବର ।
ଲଗାଇ ନ ଥିଲେ ତୁ ଚରଣବାଦ,
ଲଭନ୍ତି କାହୁଁ ମୁହିଁ ଭାରତୀ-ପାଦ ।

—*—

## ସତେ କି ଅଛୁ ?

ସତେ କି ବିଧାତା ତୁହି ଅଛୁ ଏ ସଂସାରେ,
ଛଳେ କି ହେ ଦୟା ମାୟା ନାହିଁ ତୋହଠାରେ !
ଦୁଃଖୀକି ଦେଉଛୁ ଦୁଃଖ ଦୁଇ ହାତେ ବାଣ୍ଟି,
ଦୁଃଖ-ଧନେ ରଖିଛୁ ତା ଭଣ୍ଡାର ପୂରାଇ ।
ଧର୍ମଭୀରୁ ନିରୀହ ଯେ ପାପେ ସଦା ଡରେ,
ସବୁ ରୋଗ ଶୋକ କଷ୍ଟ ତାହାରି ଭାଗ୍ୟରେ !
ଶୁଣିବ ଅବାଟେ ଯେତୁ କଠୋର ନିର୍ଦ୍ଦୟ,
ଜଗତେ ସେ ଭାଗ୍ୟଧର ଚିର ନିରାମୟ ।

ଏହା କେଉଁ ପ୍ରଭୁପଣ ଅପକ୍ଷପାତିତା,
ଏ ଜଗତରେ ସର୍ବ ତୁହି ନିଜଗତ ପିତା ।
କପର ତୁ ସବୁ ଦୁଃଖି-ତାପର-ଆରତ,
ଅବା ଧର ଦୁଃଖି-ଦୁଃଖ-ଉପେକ୍ଷା-ଶପଥ ।
ଦୁଃଖୀର ଉତ୍ତପ୍ତ ଅଶ୍ରୁ, ତୋ ପଦ-କମଳ
ସ୍ପର୍ଶିଲେ ଲାଗେ କି ତାହା ଚନ୍ଦନ ଶୀତଳ ?
ଦୁଃଖୀ ତ ସବୁରି ଦୁଃଖ ସହିବ ସମାନ,
ମାତ୍ର କହୁଁ ତୁଟିବ ତୋ କେଉଁ ଅଭିମାନ ?
ଏତେ ଯାର ହୃଦକୂଟ, ଏତେ ଯେ ନିର୍ଦ୍ଦୟ,
ପ୍ରଭୁ ବୋଲି ଡାକିବାକୁ ତାକୁ ଲାଗେ ଭୟ ।
ଥାଆନ୍ତା ଯଦ୍ୟପି କେହି ତୋ ପରେ ମାଲିକ,
ବୁଝନ୍ତା ସେ କେତେ ବଡ଼ ତୁ ଐନ୍ଦ୍ରଜାଲିକ ।

—❋—

## ମୋର ଅଭାବ

ଅଭାବ-ସଙ୍ଗୀତ ଯନ୍ତ୍ରେ ଯେ ଗାଉଛି ପ୍ରାଣେ
ନବୀନ ନୀରବ ଛନ୍ଦେ, ଅଶବ୍ଦ ବାଣୀରେ,
ତାହିଁ, କି ଅଭାବ ମୋର, ମୁହିଁ ତା ନ ଜାଣେ,
ତଥାପି ଉଗାରେ କିଏ "ଅଭାବ" ଅର୍ଥୀରେ ?
ଯତ୍ନ ନାହିଁ ଉପବାସ କେବେ କେଉଁ ଦିନ
ଅନ୍ନାଭାବେ, ବସ୍ତ୍ରାଭାବେ ଉଲଗ୍ନ ଘଟଏ,
ନୁହେଁ ମଧ୍ୟ ଆତ୍ମଜନ ପରିବାରହୀନ,
ତଥାପି କରୁଣ ଶ୍ଳୋକ ଉଗାରୁଛି କିଏ ?
କେଉଁଅଛେ ଅପୂର୍ଣ୍ଣତା ଦେଖୁ ନାହିଁ ତାହିଁ,
ମାତ୍ର ହରି, ଦେଇ ନାହିଁ ତୁମ୍ଭକୁ ତ ମତେ,
ସେହି ତ ଅଭାବ କହୁଁ ବଳ ଆଉ ନାହିଁ,
ନ ପାଇଲେ ତାହା, ତୃପ୍ତି ନାହିଁ କେଉଁ ମତେ ।
ସେହି ମୋର ଜୀବନର ଅତୃପ୍ତ ପିପାସା,
ସେହି ମୋ ଅନ୍ତରତମ ଆକାଙ୍କ୍ଷାର ଆଶା ।

—❋—

## ମା

ପାଷାଣି, କାହିଁରେ ଗଢ଼ା ତୋହର ହୃଦୟ,
କ୍ଷଣକେ ତୁ ଦୟାସିନ୍ଧୁ କ୍ଷଣକେ ନିର୍ଦ୍ଦୟ ।
ମାନବ ଦୁର୍ବଳମତି ସ୍ୱଭାବେ ଉଚ୍ଛ୍ୱାସ,
ଦେଉଛୁ ତୋ ପ୍ରତି ଆଣି ତୁହି ଅବିଶ୍ୱାସ ।
କେତେବେଳେ ଭୁଞ୍ଜାଉଛୁ ଗୋଲ ଛେନାଗୁଡ଼େ,
ଚଢ଼ାଇଦେଉଛୁ କେବେ ଗାଲରେ ଚାପୁଡ଼େ ।
ସ୍ନେହବୋଳା ସେ ଶାସନ ଅହା କି ମଧୁର,
ମାତୃହୃଦ ସୁଧାଭାଣ୍ଡ, କପଟ ନିଷ୍ଠୁର ।
ରୋଗ ଶୋକ ଦାରିଦ୍ର୍ୟକୁ ନାହିଁ ମୋର ଭୀତି,
ଯେବେ ଦେବୁ ଶିରୋଧାର୍ଯ୍ୟ କରୁଥିବ ନିତି ।
ଏତିକି ମାଗୁଣି ମାତ୍ର ତୋ ପାଦକମଳେ,
ନିକ୍ଷେପିବୁ ନାହିଁ ଅତି-ବାସନା-କବଳେ ।
ସତ୍ୟ ସାଧନରୁ ଟଳେ ନ ଟଳିବ ମତି,
କର୍ତ୍ତବ୍ୟ ପୂଜାରେ ଯେମନ୍ତେ ନ ଘଟୁ ବିରତି ।

—❋—

## ଶୋକତପ୍ତ ମନ ପ୍ରତି

କାହିଁପାଇଁ ସଦା
ଘାଣ୍ଟି ହେଉଛୁ ରେ ମନ,
ଏହା ସିନା ତୋର
ବାତୁଳତାର ଲକ୍ଷଣ ।
ପିତା ମାତା ଘେନି
ଚିରକାଳ କେଉଁ ନର,
କେ କାହିଁ ଦେଖିଛି
କରିଛି ସଂସାରେ ଘର ?
କାହାର ତୁ ଭବେ
ତୋହୋର କିଏ ଏ ଭବେ,
ନ ଦେଖୁ କିପାଇଁ
ଜ୍ଞାନ-ଚକ୍ଷୁ ମେଲି ଲବେ ।
ଏ ସଂସାର ସିନା
ମହା ପ୍ରଦର୍ଶନୀ ହାଟ,

ସର୍ବଦା ସର୍ବଲେ
ଆଶ୍ରିବେ ଜନେ ସ୍ୱବାଟ ।
ଏ ଭବେ ସକଳ
ପରିଜନ ସମାଗମ,
ଦିବା ଅବସାନେ
ପାନ୍ଥଧାମେ ପାନ୍ଥସମ ।
କରନ୍ତି ବିଶ୍ରାମ
ଏକତ୍ରେ, ପାହିଲେ ରାତି,
ସର୍ବେ ନିଜ ନିଜ
ଅଭୀଷ୍ଟ ଦିଗେ ଯାଆନ୍ତି ।
ଯାହାକୁ ବୋଲୁ ତୁ
ଜନମ ପୁଣି ମରଣ,
ସେ ସିନା ଆତ୍ମାର
ବସନ ପରିବର୍ତ୍ତନ ।
ଲଙ୍ଘିଦେଇ ଯଥା
ମାନବେ ଜୀର୍ଣ୍ଣମନ୍ଦିରେ
ନବସନ୍ତ ନବ—
ମନ୍ଦିର ଗଢ଼ି ତହିଁରେ ।
ସେହିପରି ଆତ୍ମା
ତୁମେ ଘଟୁଁ ଘଟାନ୍ତର,
ଯୁଗେ ଯୁଗେ ସେହୁ
ଅଜର ଚିର ଅମର ।
ହୋଇଗଲେ ନଷ୍ଟ
ସାପକାଣ୍ଡ ପୁରାତନ,
ତନ୍ମଧ୍ୟସ୍ଥ ସର୍ପ
ନ ହୁଏ ନଷ୍ଟ ଯେସନ,
ତେସନ ଏ ଦେହ
ନଷ୍ଟ ହେଲେ ବାରମ୍ବାର,
ହୁଏ ନାହିଁ ତହିଁ
କାହିଁ କ୍ଷତି ଆତ୍ମାର ।
ଜନ୍ମ ମୃତ୍ୟୁ ଖାଲି
କଳ୍ପନା ରୂପ ଗ୍ରହଣ,
ବିମୋହିତ ହେବା
ତହିଁରେ କେଉଁ କାରଣ ?
ଏହା ଜାଣି ମନୁଁ
ପରିହର ଶୋକ-ପୀଡ଼ା,
ଶୋକ ସିନା ବୋଝ
ଉପରେ ନଳିତାବିଡ଼ା ।
ହରି ପାଦପଦ୍ମେ
କର ଦୃଢ଼ ଚିତ୍ତେ ଲୟ,
ବହିବେ ମଙ୍ଗଳ
ଯେଣୁ ସେ ମଙ୍ଗଳମୟ ।

—o—

## ଈଶ୍ୱରଙ୍କ ପ୍ରତି ଆତ୍ମନିବେଦନ

ଅଧିକ କି ନିବେଦିବି ହେ ଜଗତସ୍ୱାମି,
ତୁମ୍ଭଙ୍କୁ ଅଜଣା କିବା ଅଛି ଅନ୍ତର୍ଯ୍ୟାମୀ ।
ଜାଣ ତ ସକଳ ନାଥ ଅନ୍ତରବେଦନା,
ତେବେ କିପାଁ ଅଜାଡ଼ୁଛ ଦୁର୍ଗର ଯାତନା !
ଜାଣିଥାନ୍ତି ଆଗୁଁ ଯେବେ ମୋ କପାଳ ଫଟା,
ସାଧେ କି ମୁଁ ହୋଇଥାନ୍ତି ଏତେ ହଟହଟା !
ସଂସାରେ ତ କିଛି ମୋର କାର୍ଯ୍ୟ ଥିଲା ନାହିଁ,
ତୁମ୍ଭେ ସିନା ପେଷିଲକୁ ଆସିଥିଲି ଧାଇଁ ।
କାହିଁ ତୁମ୍ଭ ଆଦେଶ ତ ପାଳି ନାହିଁ କିଛି,
ଭୁଲିଯାଇ ସେ ଆଦେଶ ତୁଚ୍ଛାରେ ବସିଛି ।
ପୁଣି ଥରେ ଯେବେ ମୋତେ ନ ଦେଲ ଚେତାଇ,
ତେବେ ମିଛେ ରଖିଅଛ ପ୍ରାଣେ କାହିଁପାଇଁ ?
ଖପା ହୋଇଅଛ ପର ସେବକେ ବିଶେଷ,
ତୁମେ ନ ପାଳିଲି ଯେଣୁ କଲ୍ୟାଣ ଆଦେଶ ।
ଥରେ ଅଧେ ଉପଦେଶ ଭୁଲିଗଲେ ଗୁଡ଼େ,
ଗୁରୁ କି ଶିଖାନ୍ତି ନାହିଁ ପାସୋରିବା ପାଠ ?
ତୁମ୍ଭେ ତ ଜଗତଗୁରୁ ନ ଜାଣ କି ତାହା,
ଆଉ ଥରେ ଭଲ ହୃଦେ ଉଇଁ ଦିଅବାହା,

ଶିଖାଅ ହେ କି ଆଦେଶ ପାଳିବ ତୁମ୍ଭର,
ନ ଦେଖାଅ ପଣ୍ଡିତଙ୍କୁ ଆଉ ଏତେ ଡର ।
ଆଶାର କୁହୁକେ ଭୁଲି ବୁଲି ଏଠି ସେଠି
କେତେ କାଳ ଯାଏ ଆଉ ଖଟିଥିବ ବେଠି ।
ଜଟିଳ କର୍କଶ ପଥେ ପଡ଼ିଲିଣି ଥକି,
ଆଉ ମୋତେ କର ନାହିଁ ଦୁଃଖର ଗହକି ।
ସମଦର୍ଶୀ ବୋଲି ତୁମ୍ଭେ ଜଗତେ ବିଖ୍ୟାତ,
ତେବେ ମୋହ ପକ୍ଷେ କିପାଁ ଏତେ ପକ୍ଷପାତ !
କରୁଣାଭଣ୍ଡାର ପରା ଅକ୍ଷୟ ତୁମ୍ଭର,
ତେବେ କିପାଁ ବାଣ୍ଟିବାରେ ଥରୁଅଛି କର ।
କାହା ପକେ ଦିଅ ମଣ୍ଡା ଗଣ୍ଡା ଗଣ୍ଡା ବାଢ଼ି,
କା ମୁଖେ ମାଣ୍ଡିଆ ଜାଉ ଦେଉଛ ଅଜାଡ଼ି ।
ଦେଖ ପ୍ରଭୁ କାନ୍ଦି କାନ୍ଦି ଫୁଲିଲଣି ଆଖି,
କେଉଁ ପଞ୍ଚରୁଷ ଅବା ନାଶି ନକ୍ଷମାଖି ।
କୃପାସିନ୍ଧୁ ନାମ ତବ ଜଗତେ ବିଦିତ,
କିନ୍ତୁ ମୋହ ପକ୍ଷେ ତାହା ପୂର୍ଣ୍ଣ ବିପରୀତ ।
ଭ୍ରାନ୍ତିର ଯଦ୍ୟପି ଦଣ୍ଡ କଠୋର ଏସନ,
ତେବେ କିପାଁ ଦେଲ ଭୁଲି ଦରଘଞ୍ଜା ମନ ।
ଗନ୍ତାଘରୁ ତାହା କି ମୁଁ ଆଣିଥିଲି ବାଛି,
ତୁମ୍ଭେ ସିନା ବଳେ ବଳେ ଦେଇଥିଲ ଯାଚି ।
ତୁମ୍ଭ ଦତ୍ତ ଦ୍ରବ୍ୟ ଯେବେ ଖାଣ୍ଟି ହେଲା ନାହିଁ,
କେଉଁ ଯୁକ୍ତି ବଳେ ହେବି ଦାୟୀ ସେଥିପାଇଁ ।
ଅକୂଳ ସାଗରେ କେଣେ ଦିଶୁ ନାହିଁ କୂଳ,
ଜୀବନ-ତରଣୀ ତହିଁ ହେଉଛି ଆକୁଳ ।
କାଳବଶ-ଭଉଁରୀ ଦେଖି, ଭାବି ଭବିଷ୍ୟତ,
ଭୀତ ରିପୁ-ତରଙ୍ଗର ଗର୍ଜନେ ସତତ ।
ସୁବୁଦ୍ଧି-ଶାରୀକୁ ମୋର ଦୁରାଶା-ମାର୍ଜାର,
ଲାଙ୍ଗୁଳ ଫୁଲାଇ ଝାମ୍ପୁଅଛି ବାରମ୍ବାର ।
ସଙ୍କଟେ ସହାୟ ହୋଇ ନାଶ କରୁ ଦୁଖ,
ଆର୍ତ୍ତତ୍ରାଣ ନାମ ତବ ହେଉ ହେ ସାର୍ଥକ ।
ଡାକି ଡାକି ତୁମ୍ଭଙ୍କୁ ତ ତଣ୍ଟି ଗଲା ଫାଟି,
ଆଉ ମୁଁ ପାରିବ ନାହିଁ ଏତେ କଷ୍ଟ ଘାଟି ।

ନମ୍ରର ହୁଅନ୍ତି ଯେବେ କି ଥିଲି ଆଉ କି,
ଭରନ୍ତି ଗୁହାରି କିପାଁ କପାଳେ ନ ଠୁଙ୍କି ?
ମାତ୍ର ଦେଖୁଅଛି ତୁମ୍ଭ କରୁଣା ସଂସାରେ,
ବ୍ୟାପି ରହିଅଛି ସଦା ସମୀର ପ୍ରକାରେ ।
ଅନନ୍ତ କରୁଣାମୟ ହେ ଦେବ-ସମ୍ରାଟେ,
ମାତ୍ର ଭାରପାର ଯଥା ତୁମ୍ଭଙ୍କର ଘାଟେ ।
ଅତଏବ ନିର୍ଦ୍ଦୟ ବା ବୋଲିବି କେମନ୍ତେ,
କିଏ ଅବା ମୋ କଥାରେ କରିବ ପରତେ ।
ତୁମ ହେଲ ଏବେ ପ୍ରଭୁ, ଯାହା ଇଚ୍ଛା କର,
ହେଉ ପଛେ ଯେତେ ହାନି ନ ହେବି କାତର ।
କିନ୍ତୁ ଦେବ, ଏକ ଭିକ୍ଷା ମାଗୁଛି ପୟରେ,
ଅଗାଢ଼ ଅଭାବଯାକ ପଛେ ମୋ ଭାଗ୍ୟରେ;
ମାତ୍ର ମିଳୁଥାଉ ତୁମ୍ଭ ପ୍ରେମାମୃତ ପାନ,
ଏହା ବିନା ମାଗୁଣି ମୋ ନାହିଁ କିଛି ଆନ ।

———*———

## ହତାଶର ଆଶା

ସବୁବେଳେ କାର୍ଯ୍ୟବ୍ୟସ୍ତ, ନାହିଁ ଅବକାଶ,
ପେଟପାଇଁ ହୋଇଛି ମୁଁ ଦାସଙ୍କର ଦାସ ।
କୃତକାର୍ଯ୍ୟ ସଂଖ୍ୟା ଯେବେ କରେ ଆପଣାର,
ଚତୁର୍ଦ୍ଦିଗେ ଦେଖେଁ ଖାଲି ଘୋର ଅନ୍ଧକାର ।
ଅପରର କାର୍ଯ୍ୟାବଳୀ ତାରକା ସମାନ,
ମୋ ନେତ୍ର ଅଗ୍ରତେ ଆସି ହୁଏ ଦୀପ୍ତିମାନ ।
ନ ଦେଖିଣ ଆତ୍ମକାର୍ଯ୍ୟ ଦୀର୍ଘଶ୍ୱାସ ଛାଡ଼େଁ,
ଭାବେଁ ମୋର କାର୍ଯ୍ୟଗୁଡ଼ା ଗଲା କେଉଁଆଡ଼େ ।
ଏତେ କରୁଅଛି ନିତ୍ୟ ଗୁଣ୍ଡାଇ ପୁଣ୍ଡାଇ,
କାହିଁ ତାର ସଂଖ୍ୟା କିଛି ଦେଖାଯାଉ ନାହିଁ ।
ବୁଝିଲି ବୁଝିଲି କାର୍ଯ୍ୟ ନ ଯିବ ମୋ ଦେଖା,
ବୃଥା ସିନା ରେଖୁଥିଲି ଆକାଶରେ ରେଖା ।
ପର ପାଇଁ ମହାଜନେ ସଦା ଥାନ୍ତି ଧାଇଁ,
ମୋର ପରିଶ୍ରମ କିନ୍ତୁ ଏକା ନିଜ ପାଇଁ ।

ସ୍ୱାର୍ଥପରାୟଣ ହୋଇ କଟାଇଲି ଦିନ,
ସଂସାରରେ କିନ୍ତୁ ମୋର ନ ରହିଲା ଚିହ୍ନ ।
ଏହି ଅନୁତାପାନଳ ଜଳେ ଶିରେ ସଦା
ହୁତାଶ-ପାଉଁଶେ ପୂର୍ଣ୍ଣ ଭଲ ହୃଦ-ପଦା ।
ମହାଜନ ସଦୁପାୟ ଲଭି ଏ କାଳରେ
ଶୁଷ୍କ ଆଶା-ଲତା ମୋର ଜଅଁଳିଲା ଶିରେ ।
ମନ୍ତ୍ର-ନଭେ ଦେଖାଗଲା ବିଦ୍ୟୁତ ବିଳାସ,
ଜୀଇଲା ମୋ ମୃତପିଣ୍ଡ ଲଭି ଜୀବନ୍ୟାସ ।
ଭାବିଲି ମୁଁ ସତେ କିଛି କରିଛି କି କାମ,
ଚାହିଁ ଦେଖେ କିଛି ନାହିଁ, ଭ୍ରମ ଭ୍ରମ ଭ୍ରମ ।
ତେବେ ଯଦି ନ ଭାଙ୍ଗିଲା ତାହାର ସନ୍ଦେହ,
ଜଳୁଥିବ ଚାହିଁ, ଥିବ ଯେତେ ଦିନ ଦେହ ।

## ପ୍ରାଣ-ବୀଣା

ବାଜ ବାଜ ବୀଣା ବାଜ ଉଚ୍ଚସ୍ୱରେ
ଉଠାଇ ମୂର୍ଚ୍ଛନା ମଧୁରତର,
ତେବେ ମୁଁ ମାଗିବ ପୁରୁଣା ତାରକୁ
ଛିଡ଼ିଯିବ ତାଳେ ମାତୃଭୂ ଡର ।
ନ ବାଜ ଯୌବନେ ବାଜ ରେ ପଞ୍ଚମେ
ଭରି ପରିତୃପ୍ତ ଶ୍ରୋତା-ଶ୍ରବଣ,
ନ ବାଜିବୁ ଯେବେ ଅବାଧ୍ୟପଣରେ
ସହିବୁ ରଞ୍ଜନ ତୀବ୍ର ଘର୍ଷଣ ।
ଛିଡ଼ିଗଲେ ତୋର ଜୀର୍ଣ୍ଣ ଶୀର୍ଣ୍ଣ ତାର
ମାଟିରେ ଯିବ ତୋ ସତ୍ତା ମିଳାଇ,
ସରି ଆସୁଅଛି ପଶ୍ଚିମ ଜୀବନ
ଅନା ଅନା ଥରେ ପଛକୁ ଚାହିଁ ।
ବେଳ ଥାଉଁ ଥାଉଁ ହୁଅ ସଜାଗତ
ନ ମଣ ରେ ଆଉ ହାତକୁ ଦିତା,
ଗାଇ ଯା ଗାଇ ଯା ପ୍ରାଣମନ୍ତ୍ର ସ୍ୱରେ
ଆଜୀବନ ପୋଷା ଆଶା-ଜନ୍ମତା ।
ନଅ ରେ ମେଣ୍ଟାଇ ମନ ଆରମାନ
ଧରି ଜନ-ସେବା ପାବନ ବୃତ୍ତି,
ମିଶିଯିବ ମୁକ୍ତି ମହାକାଳନୀରେ
ଭାସୁଥିବ ସଦା ସୁଗୁଣ ସ୍ମୃତି ।



# ଶୋକ-ଗାଥା

## ହାହାକାର

(ମହାମାନ୍ୟ ସପ୍ତମ ଏଡୋୟାର୍ଡଙ୍କ ମୃତ୍ୟୁପଲକ୍ଷେ)

ମହାଶୋକ-ଭୀମବାତ୍ୟା ସମ୍ରାଟ ମୃତ୍ୟୁର
ବହିଲାଣି ଅକସ୍ମାତ ସର୍ବ ମର୍ତ୍ତ୍ୟପୁର,
କିଛି ପୂର୍ବାଭାସ ନାହିଁ,
ଅକାଳ ତଡ଼ିତ ଥିଲା ପ୍ରଚ୍ଛନ୍ନରେ କାହିଁ । ୧ ।

ଆରମ୍ଭିଲେ ଘୂର୍ଣ୍ଣି କିବା ପଡ଼ିଲା ଆକାଶ,
ବିସର୍ଜେ ଧରଣୀ ଶୋକ-ସନ୍ତପ୍ତ ପ୍ରଶ୍ୱାସ,
ଗ୍ରୀଷ୍ମ ବାତ ଛଳେ ତାହା
ସ୍ଥାବର ଜଙ୍ଗମ ସର୍ବେ ସନ୍ତାପିଲା ଆହା ! ୨ ।

ଧରଣୀର ଏକ ପ୍ରାନ୍ତୁ ଅନ୍ୟ ପ୍ରାନ୍ତଯାଏ
ପ୍ରାର୍ଥନା ନୟନେ ଯାହା ମୁଖେ ଚାହିଁ ଥାଏ,
ଶୁଣି ଆଶ୍ୱାସନା-ବାଣୀ
ଆଶା-ସ୍ୱର୍ଣ୍ଣରେଖା ହୃଦେ ହୋଇଯାଏ ଟାଣି । ୩ ।

କରୁଣା-କୋମଳ ନ୍ୟାୟ ଯାହାଙ୍କ ନିରତେ
ବାନ୍ଧୁଥିଲା ଶାନ୍ତି-ମୈତ୍ରୀ-ସୂତ୍ରେ ଏ ଜଗତେ,
ସେହି ଭାରତ-ଈଶ୍ୱର
ଏଡୋୟାର୍ଡ ତେଜି ଗଲେ ବିଶ୍ୱ ନଶ୍ୱର । ୪ ।

ଆରତେ ଭାରତ ଛାଡ଼େ ଶୋକ ହାହାକାର,
ବେଳାପଟେ ପିଟେ ମଥା ନୀଳ ପାରାବାର,
କିବା ଦିଗଙ୍ଗନାଗଣ
ଶିଶିରାଶ୍ରୁ ମୁଞ୍ଚି ଆହା କରନ୍ତି କ୍ରନ୍ଦନ । ୫ ।

ଉଦୀଚୀ କହିଲା କାନ୍ଦି ଅବାଚୀକୁ ଶରେ,
ନାହାନ୍ତି ସମ୍ରାଟ ଆହା ଆଉ ଲୋ ମର୍ତ୍ତ୍ୟରେ,
ପ୍ରାଚୀଦିଗେ ସେହିପରି
କହିଲା ଦାରୁଣ ଖେଦେ ବାରୁଣୀ ସୁନ୍ଦରୀ । ୬ ।

କୋଟି କୋଟି କଣ୍ଠୁ ଆଜ ହାହାକାର ଧ୍ୱନି,
ଉଠି ରବି-କର ସହ ବ୍ୟାପିଛି ଅବନୀ,
ପଶୁ ବିହଙ୍ଗମକୁଳ,
କ୍ଷୁଧାତୃଷା ତେଜି ସର୍ବେ ବିଷାଦେ ବ୍ୟାକୁଳ । ୭ ।
ନୃପତି-ମୁକୁଟମଣି ବ୍ରିଟିଶ-କେଶରୀ,
ନ୍ୟାୟ ଧର୍ମେ ଥିଲ ତୁମ୍ଭେ ଯୁଧିଷ୍ଠିର ପରି,
ତୁମ୍ଭେ ନ ଦେଇ ଜନମ,
ପାଳୁଥିଲ ପ୍ରଜାପୁଞ୍ଜେ ଜନ୍ମଦାତା ସମ । ୮ ।
ହରାଇ ତୁମ୍ଭଙ୍କୁ ଆଜ ସମଗ୍ର ଧରଣୀ
ଝୁରୁଛି ନିର୍ବେଦେ ଯଥା ମଣିହରା ଫଣୀ,
ସ୍ମରି ସ୍ନେହ କୃପା ତବ,
ଶୋକଜଳେ ପୂରିଉଠେ ହୃଦୟ-ଅର୍ଣ୍ଣବ । ୯ ।
ହରିଲା ତୁମ୍ଭଙ୍କୁ ସିନା କାଳ ସର୍ବହର,
ମାତ୍ର ତୁମ୍ଭ ଗୁଣଖ୍ୟାତି ଚିର-ଅନଶ୍ୱର,
ତାହା ଧରଣୀ ବକ୍ଷରେ,
ରହିଲା ଖୋଦିତ ହୋଇ ଅମର ଅକ୍ଷରେ । ୯ ।

—※—

## ସ୍ୱର୍ଗବାସ

( ମହାମାନ୍ୟ ସପ୍ତମ ଏଡୋୟାର୍ଡଙ୍କ ମୃତ୍ୟୁ-ଉପଲକ୍ଷେ )

କପାଇଁ ସୃଷ୍ଟି ଆଜ ଦିଶେ ମଳିନ,
ମଳିନ ଦିଗଙ୍ଗନା ମୁଖ-ନଳିନ,
ବହୁଛି କପାଁ ଶୋକ-ନିର୍ଘାତ ବାତ,
କି ଦୁର୍ବିପାକ ଆହା ହେଲା ସଞ୍ଜାତ । ୧ ।
ଦିଶେ ଆକାଶ କପାଁ ଏଡେ ଭୀଷଣ,
ନିସ୍ତେଜ ବିନା ମେଘେ ଛାୟାରମଣ,
ନିଶାରେ ଅପ୍ରସନ୍ନ ଚନ୍ଦ୍ରମଣ୍ଡଳ,
ପାଣ୍ଡୁର ଦିଶୁଛନ୍ତି ତାରକାଦଳ । ୨ ।
ସିନ୍ଧୁ-ମେଖଳ ଶ୍ୱେତଦ୍ୱୀପସମ୍ବଳ,
ଦୀନ ଭାରତ ଆଶା-ଭରସା-ସ୍ଥଳ,

ଇଂଲଣ୍ଡ ସାମ୍ରାଜ୍ୟର ସୌଭାଗ୍ୟ-ଶଶୀ,
ବୁଡ଼ିଲେ ମହାମ୍ବୁଧେ ଢାଳିଲେପି ମସୀ । ୩ ।
ସେ ମହାମୃତ୍ୟୁଶୋକ ଭୀମ ଲହରୀ
ସହସା ସୌଦାମିନୀ ବେଗେ ସଞ୍ଚରି ,
ବୁଡ଼ାଇ ଦେଇଅଛି ହର୍ଷ-ତରଣୀ,
ଶୋକେ ବିବଶା ଆହା ଭକ୍ତ ଧରଣୀ ! ୪ ।
କରୁଣ ହାହାକାର ଉଠି କଣ୍ଠରୁ
ଛୁଟି ଝରଏ ନୀର ନେତ୍ର-ନିର୍ଝରୁ ,
ରାଜା, ପରଜା, ଦୀନ, ଭିକାରୀ, ଲାଟ
ସମସ୍ତେ ଆଜି ଏକ ଗୃହାଳୀ ଘାଟ । ୫ ।
ଶୋକ-ଗୁରୁଙ୍କ ଶିଷ୍ୟ ପୃଥିବୀ ନରେ
ପଢନ୍ତି ଶୋକ-ଶ୍ଳୋକ ଶୋକଛନ୍ଦରେ,
କିଏ ସେ ଶୋକ ଧୈର୍ଯ୍ୟ-ବନ୍ଧନୀ କାଟି,
ଦାରୁଣ ଦୁଃଖେ ଯାଏ ହୃଦୟ ଫାଟି । ୬ ।
ବନ୍ଧୁ ସ୍ୱଜନ୍ୟବୃନ୍ଦେ ସଂପୂଜ୍ୟମାନ,
ଭାରତବାଦଳେ ପୂର୍ଣ୍ଣଶଶୀ ସମାନ,
ବର୍ଣ୍ଣିବ କିଏ ତାଙ୍କ ଗୁଣ ବଚନେ,
ଅକ୍ଷମ ସାରସ୍ୱତୀ-ବାଣୀ ବର୍ଣ୍ଣନେ । ୭ ।
ବିଶ୍ୱ-ବିଶ୍ରୁତ ଯାଙ୍କ ପବିତ୍ର ନାମ,
ସ୍ନେହ-କରୁଣା-ପ୍ରୀତି-ତିତିକ୍ଷା-ଧାମ,
ପଦାଙ୍କ ଅନୁସରି ଜନନୀଙ୍କର
ପାଳୁଥିଲେ ଯେ ସୁଖେ ପ୍ରଜାନିକର । ୮ ।
ଧନ୍ୟ ହେ ଏଡୋୟାର୍ଡ଼ ନୃପଭୂଷଣ,
ସୁପୁତ୍ର ସୁମାତାର ଥିଲ ଆପଣ ।
ସୁମାତା-ସୁ ପ୍ରତିଷ୍ଠା-ପ୍ରବୃତ୍ତି ଯାଗେ
ନିଯୁକ୍ତ ଥିଲ ସଦା ସମାନୁରାଗେ । ୯ ।
ଜନନୀ ପ୍ରିୟବାର୍ଦ୍ଧି ଭବେ ସମ୍ପାଦି
ତେଜିଲ ଯଥାକାଳେ ସମ୍ରାଟଗାଦି ।
ଗଲ ମାତାଙ୍କ ପାଶେ ମାତୃ-ଆହ୍ୱାନେ,
ତୋଷିବେ ଅଙ୍କେ ଧରି ଆଶିଷ ଦାନେ । ୧୦ ।

—*—

## ଶୋକ-ସଙ୍ଗୀତ

( ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ମୃତ୍ୟୁ-ଉପଲକ୍ଷେ ଲିଖିତ )

କାହିଁ ଲୁହେଲୀ କାହିଁ ଜଳଦରାଜ,
କପାଁ ଉତ୍କଳ-ନଭ ଅନ୍ଧାର ଆଜ ।
ବ୍ୟାପିଣ ଦିଶେ ଦିଶେ ଶୋକ-କାଳିମା
ଘୋଡ଼ାଇଦିଏ ଆହା ଉତ୍କଳ ସୀମା । ୧ ।
ରମ୍ୟା ନଗରୀ ରମ୍ଭା ରମ୍ଭା ସମାନ,
କାପାଇଁ ମହାଶୋକେ ଆଜ ଅଜ୍ଞାନ ,
କାହାଁ ଟଳିକା ଲଭି ଦାରୁଣ ବ୍ୟଥା,
ଜଟିଆ ଶୈଳପଦେ ପିଟୁଛି ମଥା । ୨ ।
କରୁଣ କଳରବେ "ନିର୍ମଳ-ଝର"
ଡାକେ, "ହା ହରିହର" "ହା ହରିହର,"
ସିଂହାଣ୍ଡ ଦେଇ ଗିରି-ଶୋଯେ ଲୋଟବେ,
ଲୋଟଇ ଅସମ୍ଭାଳେ ବନେ ଭଣ୍ଡବେ । ୩ ।
ଖଲ୍ଲିକୋଟ ନରେଶ ଶ୍ରୀ ହରିହର
ଗଞ୍ଜାମ ଉନ୍ନତିର ମୂଳମନ୍ତ୍ରର,
ଉତ୍କଳ ଜ୍ୟୋତିଷ୍କ ସେ ଉତ୍କଳ-ନଭେ,
ଅକାଳେ ଲୀନ ହେଲେ କାଳଗରଭେ । ୪ ।
ଅଧିକ ଲେଖିବାକୁ କାହିଁ ଶକତି ।
ହୋଇଗଲାଣି ହସ୍ତ ଶିଥିଳ ଅତି,
ଖସିପଡ଼େ ଲେଖନୀ ଥରକୁ ଥର,
ଶୋକେ ସଂରୁଦ୍ଧ ଆହା କଳ୍ପନା-ଝର । ୫ ।
ସୁସ୍ଥିରମାନେ ଯାଅ ହେ ମର୍ଦ୍ଦରାଜ,
ନିତିବେ ଦେବବୃନ୍ଦେ ସୁଖେ ବିରାଜ,
ଯାଇଛ ରଖି ଯେଉଁ କୀର୍ତ୍ତି ଶାଶ୍ୱତ,
ତା ଦେଖେ ଉତ୍କଳବ ଦେଶ ସତତ । ୬ ।

—*—

## ଶୋକୋଚ୍ଛ୍ୱାସ ୧

[ ଭଇହଂସ କେଦାର ]

ଉତ୍ତରାକାଶୁ ଧ୍ରୁବ ପଡ଼ିଛି ଖସି,
ଘୋଟିଛି ଉତ୍କଳରେ ଶୋକ-ତାମସୀ,
ବହେ ନୈରାଶ୍ୟ-ତପ୍ତ ଝଞ୍ଜା ପବନ,
ଶୁଭୁଛି ହାହାକାର ଅଶନି-ସ୍ୱନ । ୧ ।
ଯାହେ ଉତ୍କଳ ହାଣି କପାଳେ ହାତ,
ଗଲେ ବୈକୁଣ୍ଠେ ଚଳି ବୈକୁଣ୍ଠନାଥ,
ତେଜିଲେ କର୍ମବୀର କର୍ମସାଧନା,
ଆଦର ଜନ୍ମଭୂମି ସୁ-ଆରାଧନା । ୨ ।
ଅକାଳେ ମହାରାଜା ମହାପ୍ରୟାଣ
ଭଲ ହେ ଅନୁସର ବିଧିବିଧାନ,
ଅଳ୍ପାୟୁ ଉପକାରୀ ହୁଏ ପ୍ରାୟଶଃ,
ଯଥା ନିଦାଘ ରବି ଶୀତ ଦିବସ । ୩ ।
ହରିଛୁ କାଳ ତବ ମଧୁର ମୂର୍ତ୍ତି,
ରହିଲା ମୂର୍ତ୍ତିମନ୍ତ ପବିତ୍ର ସ୍ମୃତି,
ନାହିଁ ଜୀବନ ମାତ୍ର ଅଛି ଜୀବନୀ,
ଜୀବନୀ ନୁହେଁ ତାହା ସୁଶିକ୍ଷା-ଖଣି । ୪ ।
ଦେବ-ଉପମାନେ ଯାଅ ଦେବ-ସଦନ,
ଲଭିବ ତହିଁ ତୁମ୍ଭେ ଯୋଗ୍ୟ ଆସନ,
ଗ୍ରାହକତାର ମୂଲ୍ୟ ବୁଝନ୍ତି ଦେବେ,
ଯାଚି ସେ ପୁରସ୍କାର ନିଶ୍ଚୟ ଦେବେ । ୫ ।

—*—

## ବିଷାଦ-ବଂଶୀ

ବିପଞ୍ଚୀବାଦିକେ, ନୁହେଁ ବାସନ୍ତୀ ପଞ୍ଚମୀ
ଆଜି, ପୁଣ୍ୟ ଜନ୍ମତିଥି ତବ, ଗତ ସେହୁ,
ତେବେ କିପାଁ ଆବରିତା ଅସମୟେ ଦେବ,
ମହିମା-ମୟୂଖମାଳେ ଉଭାସି ଅମ୍ବର ?
କେ ଏ କାର୍ଯ୍ୟଧର ମାତଃ, ମଣ୍ଡିଛନ୍ତି ମୁଦେ
ତୁମ୍ଭର ଅମୃତ ଅଙ୍କ—ଶାନ୍ତିପ୍ରୀତିମୟ,
ଭାସ୍ୱର କଣ୍ଠଧାରୀ ଭାସ୍ୱର ଶରୀର,
ଦିବ୍ୟ ଦେବରୂପୀ ଯଥା ପ୍ରତିଭା ପ୍ରତିଭୂ ?
ଚହ୍ନିଲି ଚହ୍ନିଲି ଏବେ, ଏ ଯେ ତ୍ରିଭୁବନ
ଉତ୍କଳ-ରଙ୍କୁଣୀ-ଧନ ବାମଣ୍ଡା-ମଣ୍ଡନ,
ହାୟ ଦେବ ! ହାୟ ହାୟ କି କଲ କି କଲ !
ଉନ୍ନତି-ସୂତ୍ରଧାର-ସୁପ୍ତ ଉତ୍କଳର
ମହାର୍ଘ ମୁକୁଟୁ ହରି ବହୁ ଦୀପ୍ତ ମଣି
ହେଲ ନାହିଁ ତୃପ୍ତି ତବ ? ଏ ଆଶା-ମଣିଟି
ରଖିଥିଲା ଧନୀ ଆହା ସଯତ୍ନେ ସାଇତି
ଜୀବନ ସମ୍ବଳରୂପେ, ହରିଲ ତା ଶେଷେ
ମଣ୍ଡିବାକୁ ସାରସ୍ୱତ-ସଂସଦ ୨ ତହିଁରେ,
ଅସମୟେ ଆବରିତା ଏଥିପାଇଁ ପରା ?
କି ଦୋଷେ ମା ଉଚ୍ଛେଦିଲ ସାହିତ୍ୟ-ମାତାର
କର୍ମଦକ୍ଷ ଦକ୍ଷ ହସ୍ତ, ଫାଟିଯାଏ ବକ୍ଷ ।
ଇଚ୍ଛାମୟି, କେ ରୋଧିବ ଇଚ୍ଛା-ପଥ ତବ,
ପୁଣି କେ ବୁଝିବ ମାୟାତତ୍ତ୍ୱ, ଅଜ୍ଞେୟ ତା—
ନିଷ୍ପାପ ନିର୍ବାଣ-ଆତ୍ମା ଗୀର୍ବାଣକୁଳର,
ଛାର ମାନବ ତ ତହିଁ ଆଜୀବନ ବଣା ।
ଜାତୀୟ-ସାହିତ୍ୟ-ରଥ-ପ୍ରବୀଣ-ସାରଥି
ହେ କୃତୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ,
ସାରସ୍ୱତ ନିମନ୍ତ୍ରଣେ ଚଳିଲ ନୃବର
ସ୍ୱର୍ଗ-ସାରସ୍ୱତ ଧାମେ ଅନନ୍ତ ଉତ୍ସବେ,
କିନ୍ତୁ ଦେବ, ତବ ପଦେ ଏତିକି ମାଗୁଣି,
ଜୀବନ୍ତେ ଉତ୍କଳ ପ୍ରାଣେ ଢାଳୁଥିଲ ଯଥା
ସୁକାବ୍ୟ-କୌମୁଦୀଧାର, ତଥା ଦିବ୍ୟଲୋକୁ
ଢାଳିବ ଅମୃତଧାର ଶୁଷ୍କପ୍ରାଣେ ତାର ।
ପୂଜିବ ଅଗ୍ରଣୀ ଆଜି ବାହୁଁରେ ତୁମ୍ଭଙ୍କୁ,
ଜଣେ ନାହିଁ ବ୍ୟଥା-ଭରା ସ୍ମୃତି-ଅଶ୍ରୁ ବିନା ।

—*—

୧—ମହାରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କ ମୃତ୍ୟୁ ଉପଲକ୍ଷେ ଲିଖିତ । ୨—ସଭା

## ଶୋକ-ସପ୍ତକ

( ରାଗ—କଲହଂସକେଦାର )

ଆଦର୍ଶ ଗୃହୀ ଯତି ହେ ଗଣପତି,
ମାତୃ-ମହୀର ଥିଲ ସମାଜପତି,
ଦିଶେ ଉତ୍କଳ-ନଭ ଅନ୍ଧାର ଆଜ,
ଅସ୍ତ ଚନ୍ଦ୍ରମା ତେଜ ତାରକାରାଜ ଯେ । ୧ ।

ତବ ଅଭାବେ କାନ୍ଦେ ପ୍ରକୃତି-ସତୀ,
କାନ୍ଦେ ସାଳନ୍ଦୀ ନଦୀ ପୀୟୂଷବତୀ,
ବହାଇ ଅଶ୍ରୁଧାର ପ୍ରବାହ ଛଳେ,
ଗଡ଼େ ସୈକତେ ଆହା ଶୋକ ବିକଳେ ଯେ ।୨।

କାନ୍ଦନ୍ତି ପଶୁ ପକ୍ଷୀ ପାଦପ ଲତା,
କାନ୍ଦନ୍ତି ନୀରବରେ ଗ୍ରାମ୍ୟ ଦେବତା ।
ଦିଶେ ଶ୍ରୀହୀନ ଆଜ ଉତ୍କଳ ଭୂମି,
ଦାରୁଣ ଶୋକାନଳ ଉଠେ ପ୍ରଧୂମି ଯେ । ୩ ।

କର୍ମ-ମୁକୁରେ ତବ ପବିତ୍ର ସ୍ମୃତି
ଖେଳବୁଲୁଛି ଧରି ଅମର ମୂର୍ତ୍ତି,
ତୁମ୍ଭଙ୍କୁ ତବ ପୁଣ୍ୟ କର୍ତ୍ତବ୍ୟ, ଜ୍ଞାନ,
ଚିହ୍ନିବେ ଅର୍ପିଥିବ ଉଚ୍ଚ ସମ୍ମାନ ଯେ । ୪ ।

ଅଭାଗୀ ଉତ୍କଳର ରକୁଣୀଧନ,
ତୁମ୍ଭଙ୍କୁ ଧରି ହୋଇଥିଲା ସେ ଧନ୍ୟ,
ଏବେ ତା ହାସ୍ୟ-ଦୀପ ଶୋକ-ନିଃଶ୍ୱାସେ,
ନିଭିଯିବାକୁ ଦେଖି ଝୁରେ ନିରାଶେ ଯେ । ୫ ।

ଗତାସୁ ବୋଲି ତୁମ୍ଭେ କହିବ କିଏ,
ଥିଲ ଗୋଟିଏ ଏବେ ହେଲ କୋଟିଏ,
ବହୁଧା ହୋଇ ଏବେ ତବ ପ୍ରକୃତି,
ତୋଳିବ ସ୍ୱଦେଶରେ ଉଜ୍ଜ୍ୱଳ ବାର୍ତ୍ତା ଯେ । ୬ ।

ନିବସ ସୁଧୀବର ସୁଖେ ବୈକୁଣ୍ଠେ,
ଘେନ ମୋ ତପ୍ତ ଅଶ୍ରୁ ଭେଟି ଅକୁଣ୍ଠେ,
ସହୁଛି ମର୍ତ୍ତ୍ୟେ ମୁହିଁ ତୀବ୍ର ଜ୍ୱାଳାରେ,
ତୋଷିବ ଅର୍ପି ଅବା କି ଉପହାରେ । ୭ ।

—ଃ*ଃ—

## ମହାପ୍ରୟାଣ

[ ଉତ୍କଳବ୍ୟାସ କବି ଫକୀରମୋହନଙ୍କ ତିରୋଧାନ ଉପଲକ୍ଷେ ]

ଉତ୍କଳ-ଆକାଶେ କପାଇଁ ଆଜ
ଉଠୁଅଛି ଦେବଦୁନ୍ଦୁଭି ବାଜ,
ଉତ୍କଳ ଭାରତୀ ସ୍ୱର୍ଣ୍ଣକେତନ,
ଶସ୍ତ୍ରାରହୁ ଶୃଙ୍ଗୁ ନବ ନର୍ତ୍ତନ,
ଯେସନ ଖେଳେ ବିଜୁଳି ଯେ,
ଦେବ-ବାଳାକୁଳ ଶଙ୍ଖ ହୁଳାହୁଳି
ଦେଉଛନ୍ତି ହରେ ଉଚ୍ଛୁଳି ଯେ । ୧ ।

ମହାପୁରୁଷଙ୍କ ମହାପ୍ରୟାଣେ—
ତାଇଁ ସୁସଜ୍ଜିତ ପୁଷ୍ପ ବିମାନ,
ଫକୀରମୋହନ ଆରୋହି ତହିଁ
ଗଲେ ବାଣୀସ୍ୱର୍ଗେ ପ୍ରମୋଦ ବହି,
ବାଞ୍ଛି ଶୁଭ ସମ୍ମିଳନ ଯେ,
ପାଛୋଟି ନେବାକୁ ଆସିଛନ୍ତି ସୁଧୀ—
ନାଥ ଶ୍ରୀ ମଧୁସୂଦନ ଯେ । ୨ ।

ଉତ୍ସବତ ଆଜ ସ୍ୱରଗ ସାରା,
ଦେଶେ ବହେ ବ୍ୟଥା ତରଳ ଧାରା,
ଉତ୍କଳ ଅଧରୁ ମଧୁର ହାସ,
ନିଭାଇ ଦେଉଛି ଶୋକ ନିଃଶ୍ୱାସ,
କରି ତା ପଞ୍ଜରା ଭଗ୍ନ ଯେ,
ପର୍ଣ୍ଣକୁଟୀଠାରୁ ସ୍ୱର୍ଣ୍ଣହର୍ମ୍ୟ ଯାଏ
ସର୍ବେ ମହାଦୁଃଖେ ମଗ୍ନ ଯେ । ୩ ।

ଭୁଞ୍ଜି ଭ୍ରଷ୍ଟାଶିଲ୍ପୀ * ଦାରୁଣ କ୍ଲେଶ
ଗଲେ ଧରି ସୌମ୍ୟ ଅମର ବେଶ,
ବାଣୀ-କୁମରଙ୍କ କୁସୁମାଞ୍ଜଳି
ଆବର ଗ୍ରହଣ ସ୍ତୁତି-ଆବଳୀ,
ହେବେ ବୈକୁଣ୍ଠେ ବନ୍ଦିତ ଯେ,
ବାଇ ନବ ବୀଣା ନବ ତାନେ ତହୁଁ
ଗାଇବେ ନବ ସଙ୍ଗୀତ ଯେ । ୪ ।
ଯାଅ ଚନ୍ଦ୍ରମଣି ବିସର୍ଜି ଦୁଃଖ,
ଭୁଞ୍ଜ ଶାନ୍ତିପ୍ରୀତ ଶାଶ୍ୱତ ସୁଖ,
ଜୀବନର ଘୋର ତର ଉଚ୍ଛ୍ୱାସ,
ଶୋକ ଉପହାର ତପ୍ତ ନିଃଶ୍ୱାସ,
ଆକୁଳ ଉତ୍କଳ ଚିତ୍ତ ଯେ,
ଗୋଟିଏ ନିଃଶ୍ୱାସେ କୋଟିଏ ଯନ୍ତ୍ରଣା
ହୁଏ ଆହା ପ୍ରକାଶିତ ଯେ । ୫ ।

---

## ଅଶ୍ରୁଧାରା

ଶଙ୍କରାଭରଣ

ଜୀବନର ପୁଣ୍ୟବ୍ରତ କରି ଉଦ୍‌ଯାପନ
ତ୍ୟଜିଲେ ବିଶ୍ରାମ ଆହା ଉତ୍କଳରତନ,
ସ୍ୱର୍ଗବର ବର ଶିଶୁ,
ଉଭାରିଲେ ଅମୃତ ସେ ଭବ-ବ୍ୟଥା-ବିଷୁ ।୧।
ଗ୍ରାସିଛୁ ମରଣ ତାଙ୍କ ମର କଳେବର,
ମାତ୍ର ସେ ମରଣ ନୁହେଁ ମରଣ ନିଡର,
ଅଟେ ସେ ମହାପ୍ରସ୍ଥାନ,
ସତ୍ୟ ଜୀବନର ମୃତ୍ୟୁ ଅମୃତ-ସୋପାନ । ୨ ।
ସେସେ ଆଜ ଅଶ୍ରୁନୀରେ ଅଭାଗୀ ଉତ୍କଳ,
ବିଷାଦର ତୀବ୍ରତାରେ ବିଶେଷ ଚଞ୍ଚଳ,
ଆଶା କୁଟଚ୍ଛି ନୀରବେ,
ସୁବର୍ଣ୍ଣ ବିଫଳତା ତାଣ୍ଡବେ ଭୈରବେ ।୩।
ସାରସ୍ୱତ ସ୍ୱର୍ଗ୍ୟେ ତୋଳି ସାଧନାର ମଠ,
ମାତୃ-ସାହିତ୍ୟର ଯେହୁ ସ୍ଥାପିଗଲେ ଘଟ,
ସେହି ଫକୀରମୋହନ,
ବାଣୀ ପୁଣ୍ୟ ତପୋବନେ ବିଜ୍ଞ ତପୋଧନ ।୪।
ଉତ୍ସାହ-ଔଜ୍ଜ୍ୱଲ୍ୟେ ଦୀପ୍ତ ପରମ ଉଦାର,
ଉତ୍କଳେ ପିନ୍ଧାଇଥିଲେ ଆଶା-ଅଳଙ୍କାର,
ତାଙ୍କ ବିୟୋଗ-ବିଧୁର
ସ୍ୱଦେଶ ଜନନୀ ଆଜ ମହାଶୋକାତୁର । ୫ ।
ଇଷ୍ଟଦେବତାଙ୍କ ସେହି ଆଶୀର୍ବାଦୀ ଫୁଲ
ମଉଳିଲା, ଉତ୍କଳେ ଯା ଥିଲା ଅପ୍ରତୁଳ,
ତବ ଜନ୍ମଭୂମି ସାର
ଢାଳିଗଲେ ବିଶ୍ୱପ୍ରେମ ମଧୁମୟୀ ଧାର । ୬ ।
ଲଭ କବି-ରବି ଚିର ଶାନ୍ତିମୟ ଧାମ,
କବିତା-କନ୍ୟାଏ ତବ ରଖିବେ ସୁନାମ,
ତବ ବିପୁଳ କରୁଣା
ଉତ୍କଳ ଅଭାଗୀ ଭାଗ୍ୟେ ଛଳେ ନୋହୁ ଊଣା ।୭।

---

* ହର

# କବିତାଗୁଚ୍ଛ

## ମହେନ୍ଦ୍ର ମେଲାଣି *

ମହେନ୍ଦ୍ର, ତୋ ପଦେ ମୋର ଏଣିକି ପ୍ରଣତି,
ଦେଖାଇବୁ ଆଉଁ ଥରେ ତୋ ଦିବ୍ୟ ମୁରତି ।
ତୋହୋ କୋଳ ଛାଡିବାକୁ ବଳୁ ନାହିଁ ମନ,
ନିରେଖି ତୋ ଶୋଭାପାନୁ ନ ହୁଏ ନୟନ ।
ମାତ୍ର କେବା ସ୍ଫୁର୍ତ୍ତି ମୋର ଭାଗ୍ୟ ତ ଉଦାସୀ,
ସେ ଦୁର୍ଭାଗ୍ୟ-ସ୍ରୋତେ ବଳେ ନେଉଛି ଏଠାରୁ ।
ମିଶାଇ ଦୁଃଖାଶ୍ରୁ ତୋର ଝର ଅଶ୍ରୁନୀରେ
ଯାପନ୍ତି ଜୀବନ ସୁଖେ ତୋ ତନୟା ତୀରେ । ୧
ନାହିଁ ସେ ତପସ୍ୟା ମୋର, ବୃଥା ସେ ଦୁରାଶା,
ମେଣ୍ଟିବ ବା କାହୁଁ ସ୍ୱପ୍ନ-ସାଗରେ ପିପାସା ।
ବୋଲିଦେଲି ମୋ ନେତ୍ରେ ତୁ ଅମୃତ ଅଞ୍ଜନ,
ପ୍ରତିଦାନ ସମର୍ପଣେ ନୁହେଁ ମୁଁ ଭାଜନ ।
ଘେନ ଏ ଦୀନର ଗିରି ଦୀନ ଉପହାର,
ବିଷାଦ-ନୈରାଶ୍ୟମୟ ଉଷ୍ଣ ଅଶ୍ରୁଧାର ।

—*—

## ବିଳାସ-ଗୃହ

କି ଦେଖାଉ ରୂପଚ୍ଛଟାରେ ବିଳାସଗୃହ,
ତା ଆଗେ ଦେଖା ଯା, ଯେନ୍ତୁ ତୋର ଦୃଷ୍ଟିସ୍ପୃହ ।
କୃତ୍ରିମତ୍ୱେ କରୁ ଯାହା ହାସ ପରକାଶ,
କରୁ ସିନା ତୋତେ ତୁହି ତୀବ୍ର ଉପହାସ ।
ଭ୍ରାନ୍ତ ବିଳାସୀର ତୁହି ଚିର-ନେତ୍ର-କାରା,
ବନ୍ଦୀ କରୁ ତାକୁ ଯେଣୁ ଜୀବନଟା ସାରା ।
ଦେଖା ଯଦି ଅଛି କିଛି ନିସର୍ଗ ମାଧୁରୀ,
ଯହିଁରେ ଭାବୁକ ମନପ୍ରାଣ ଉଠେ ପୂରି ।
ନାହିଁ ଯଦି ସେ ସମ୍ପଦ ତୁଚ୍ଛାରେ କାହିଁକି,
ହସୁଅଛୁ, ଲଜ୍ଜା ତୋର ବଦନେ ନାହିଁ କି ?
କୃତ୍ରିମ ଶୋଭାକୁ ତୋର ସହସ୍ର ଜୁହାର,
ବିଳାସଗୃହ ତୁ ନୋହୁ, ବୀଭତ୍ସ ଆଗାର ।
ଯା ଯା ତାହା ପାଶେ ତୋତେ କରେ ଯେତୁସ୍ନେହ,
ତୋ ନାମ ଶ୍ରବଣେ ମୋର ଜଳିଉଠେ ଦେହ ।

—*—

## ଦୁଇ ଶଙ୍ଖଚିଲ

ଏକୁଟିଆ ତାଳଗଛେ ନିଛାଟିଆ ସ୍ଥଳେ,
ବାସ କରିଥିଲେ ତହିଁ ଦୁଇ ଶଙ୍ଖଚିଲେ ।
ପରସ୍ପରେ ସଖ୍ୟ ଐକ୍ୟ ଥିଲା ଅତିଶୟ,
କରିଥିଲେ ପରସ୍ପର ଆସ୍ଥା ବିନିମୟ ।
କ୍ଷୁଧା ଆକୁଳରେ ଦିନେ ତହିଁ ମଧ୍ୟୁଁ ଚିଲେ,
ଉଡିଗଲା ଚରିବାକୁ ଦୂର ପାଟ ସ୍ଥଳେ ।
ଗୁରୁ ପାଞ୍ଚ ଦିନଯାଏ ନ ଆସିଲା ଫେରି,
ଅନ୍ୟଟି ବସିଛି ତାର ଗତିପଥ ହେରି ।
ଏକୁଟିଆ ବସିଅଛି ଗଛଟି ଉପରେ,
ଶୁଷ୍କମୁଖେ କେଜାଣି ସେ କି ଭାବନା କରେ ।
ନ ଆଉସେ କିଛି ଭାବ ମୁଖେ ବା ନୟନେ,
ପୁଞ୍ଜିତ ସକଳ ଭାବ ନୀରବ ଶୟନେ ।
ଯନ୍ତ୍ରଣାଦାୟିନୀ ବଣି ନିବାକନୀ ଭାଷା,
କଠୋର ସେ ପୋଡିଦିଏ ସୁଖ ଶାନ୍ତି ଆଶା ।
ନ ଭାବ ନ ଭାବ ପକ୍ଷି, କି ଭାବରେ କିଛି,
ଆଦି ଅନ୍ତ କଥା କପାଁ ନ ଭାବୁ ତୁ ଛି ଛି !
ଆସିଅଛୁ ଏକୁଟିଆ ଯିବୁ ଏକୁଟିଆ,
ଏଥିକୁ କପାଇଁ ଭଲ ହେଉଛୁ ଛାନିଆ ।

* ମହେନ୍ଦ୍ର ଶିଖରରେ ଦୁଇ ଦିନ ଅବସ୍ଥାନ ପରେ ପ୍ରତ୍ୟାବର୍ତ୍ତନ ସମୟରେ ଲିଖିତ
୧—ମହେନ୍ଦ୍ରତନୟା ନାମ୍ନୀ ନଦୀ ।

ନିମେଷେ ତୁ ଏକୁଟିଆ ନୋହୁ ବର୍ତ୍ତମାନ,
ନ ବୁଝିଣ ତତ୍ତ୍ୱ କିପାଁ ଭାବୁ ବୃଥା ଆନ ।
ସର୍ବବ୍ୟାପୀ ଭଗବାନ ଅଛନ୍ତି ତୋ ଦେହେ,
କରୁଛନ୍ତି ସଦା ସେହୁ ରକ୍ଷା ତୋତେ ସ୍ନେହେ ।
ଯାହାଙ୍କ ପ୍ରସାଦ, ଶକ୍ତି ତୋହ କଳେବରେ
ବହୁଛି ରୁଧିର ପୁଣି ନିଃଶ୍ୱାସ ରୂପରେ,
ଦେଖିବୁ ତାହାଙ୍କୁ ଚକ୍ଷୁ କର ରେ ନିର୍ମଳ,
ପାଇଛୁ ତ ସାଧନାର ଉପଯୁକ୍ତ ସ୍ଥଳ ।

——ଃ✻ଃ——

## ହୃଦୟ

ହୃଦୟ, ତୁ ଅଧିଷ୍ଠିତ କେଉଁ ଦେବଲୋକେ,
କେଉଁ ସ୍ୱର୍ଗ ସମୁଜ୍ଜ୍ୱଳ ତୋ ପୁଣ୍ୟ ଆଲୋକେ ?
ନିର୍ମଳ ତୁ, ମାତ୍ର ତୋର ପାର୍ଥିବ ମୂରତି
ମୃତ୍ତିକା ପରଶ ହେତୁ ମଳିନିତ ଅତି ।
ଫୁଟନ୍ତି କାନ୍ତାରେ ବହୁ ସୁକାନ୍ତ-ସୁମନେ,
ଦୁଷ୍ଟ ବିଷକୀଟ ଧରି ଉଦରେ ପ୍ରଚ୍ଛନ୍ନେ ।
ଅଛୁ ତୋର ଦୁଇ ପାଶ ଦର୍ପଣ ସମାନ,
ପାଶେ ଉଠେ ପ୍ରତିବିମ୍ବ, ତମୋମୟ ଆନ ।
ନିଜ ପ୍ରାଣେ କରିପାରେ ଯେ ନିଜେ ପ୍ରବେଶ,
ଦର୍ଶନେ ସକ୍ଷମ ସେ ତୋ ସ୍ୱାଭାବିକ ବେଶ ।
ସ୍ୱଚ୍ଛଭାବେ ଥାଏ ଯେଉଁ ସ୍ୱାର୍ଥାସ୍ତୁ ଉଠିଆ,
କାଳେ ତାହା ହୁଏ ପୁଣି ଦଳୁଆ ଗୋଳିଆ ।
ପ୍ରାଣହୀନ ଏ ଉତ୍କଳ ଏବେ ତୋ ବିହୀନେ,
ଫେରିବୁ ସେ ଦେବଦେହେ ଆଉ କେତେ ଦିନେ ?

—ଃ✻୦✻ଃ—

## ବେହେଲା

ବେହେଲା, ତୁ ବାଦ୍ୟଗୁଣୀ ଜାଣିଲୁ କିପର,
ସମ୍ଭବ କେବଳ ସ୍ୱର ଅପର ବାଦ୍ୟର ।
ଅନୁନାସୀ ସ୍ୱରେ ଭାଷି ସୁକୋମଳ କଥା
କହୁ ତୁ ପ୍ରାଣର ବ୍ୟଥା, ଶିଶୁ ବାକ୍ୟ ଯଥା ।
ସୁଲଳିତ, ସୁଶୀତଳ ସରସ ସଙ୍ଗୀତ
ଗାଇ ଖରେ ଧରିନେଉ ଶ୍ରୋତୃଜନ ଚିତ୍ତ ।
ନିର୍ଜୀବ ତୁ, ମାତ୍ର କରୁ ପର ସ୍ପର୍ଶେ କଥା,
ନିର୍ଜୀବେ ନିହିତ ଥିବ କେତେ ମଧୁରତା ।
ଅତୁଲ୍ୟ ତୋ କଣ୍ଠ, ଆହା ଅମୂଲ୍ୟ ବଚନ,
ବାପଲାଳେ କଥା ପଡ଼େ ଅମୂଲ୍ୟ ଯେସନ ।
ଯହୁଁ ଆବର୍ତ୍ତିବ ତୋର ହୁଏ ତୁର୍ଯ୍ୟତାର ✻
ବହେ ତହିଁ ଶତସ୍ରୋତେ ସ୍ନିଗ୍ଧ ମଧୁଧାର !
ଅସ୍ୱର୍ଗ-ସୁଲଭ ସୁଧା ଗୂଢ଼ ମଧୁରିମା
ବହି ତୁହି ପ୍ରକାଶିଛୁ ମର୍ତ୍ତ୍ୟରେ ମହିମା ।

——✻——

## ଶ୍ରୀ ଦୁର୍ଗା ଶତାଷ୍ଟକ

ନମସ୍ତେ ଶଙ୍କରୀ ସର୍ବଶୁଭଙ୍କରୀ
ଦୁର୍ଗା ଦୁର୍ଗତିନାଶିନୀ,
ଅପର୍ଣ୍ଣା ଅଭୟା ରମା ରଣଜୟା
ନିଶୁମ୍ଭ-ଶୁମ୍ଭ-ଘାତିନୀ ।
ଉଗ୍ରଚଣ୍ଡା ଉମା ଧ୍ୟାନାସାଧ୍ୟା ଧୂମା
ଅନ୍ନପୂର୍ଣ୍ଣା ଅମ୍ବାଳିକା,
ଦେବୀ ଦିଗମ୍ବରୀ ହୈମବତୀ ହରି
କରାଳୀ ଭଦ୍ରକାଳିକା ।
ଭୈରବୀ ଭବାନୀ ଈଶ୍ୱରୀ ଈଶାନୀ
ଭୀମା ଭୁବନ-ଈଶ୍ୱରୀ,
ମହିଷ-ମର୍ଦ୍ଦିନୀ ଶିବ-ସୀମନ୍ତିନୀ
ମହାମାୟା ମହୋଦରୀ ।
ସତୀ ସାରାତ୍ସାରା ଶତାକ୍ଷୀ ସାକାର
କାତ୍ୟାୟନୀ ନିରାକାର,
ଶକ୍ତି ସନାତନୀ ଗଣେଶ-ଜନନୀ
ତ୍ରିଲୋକ-ତାରିଣୀ ତାର ।
ତ୍ରିଶୂଳ-ଧାରିଣୀ ତ୍ରିତାପ-ହାରିଣୀ
ଜଗତଜନନୀ ଜୟା,

✻ ସ୍ୱର ତାର ବଶିଷ୍ଟ ।

ଦନୁଜ-ଦଳନୀ ନୃମୁଣ୍ଡ-ମାଳିନୀ
ଗହ୍ୱରୀ ଗିରି-ତନୟା ।
ବିକଟ-ଦଶନା ବିଲୋଳ-ରସନା
ଯୋଗଯୁକ୍ତା ଯୋଗେଶ୍ୱରୀ,
ନିସ୍ତାର-କାରିଣୀ ନରକ-ବାରିଣୀ
ଶିବା ଶ୍ୟାମା ଶାକମ୍ଭରୀ ।
ଚାମୁଣ୍ଡା ଚଣ୍ଡିକା ଅରୂପା ଅମ୍ବିକା
ଛିନ୍ନମସ୍ତା ମୁକ୍ତକେଶୀ,
ଶ୍ମଶାନ-ବାସିନୀ ଶିବ-ବିଳାସିନୀ
ଭ୍ରମରୀ ଭୈରବବେଶୀ ।
କଲ୍ୟାଣୀ ବଗଳା ମାତଙ୍ଗୀ ମଙ୍ଗଳା
ମହାଯୋଗିନୀ ଯୋଗମାୟା,
କାଳୀ କ୍ଷେମଙ୍କରୀ ଭୁବନେଶ୍ୱରୀ
ତ୍ରିନେତ୍ରୀ ତ୍ରିଶୂଳ-ଜାୟା ।
ସାରଦା ବରଦା ଶୁଭଦା ସୁଖଦା
ପାର୍ବତୀ ପାଣ୍ଡ୍ରାରୂଢ଼ା,
ଭୂବଂଶୀ ଅନ୍ନଦା ଷୋଡ଼ଶୀ ମୋକ୍ଷଦା
ଚଣ୍ଡେଶ୍ୱରୀ ଚନ୍ଦ୍ରଚୂଡ଼ା ।
ସୁରେଶ-ସେବିନୀ ବିରଞ୍ଚି-ବନ୍ଦିନୀ
ଦକ୍ଷବାଳା ଦିଗମ୍ବରୀ,
ଶମନ-ତ୍ରାସିନୀ ଅରିଷ୍ଟ-ନାଶିନୀ
ଦଶଭୁଜା ପଦ୍ମପ୍ରିୟା ।
ଭବେଶ-ଭାବିନୀ ତ୍ରୈଲୋକ୍ୟ-ମୋହିନୀ
କୈଳାସ-ଗିରି-ବାସିନୀ,
ଭକ୍ତ-ମୁକ୍ତି-ଦାତ୍ରୀ ସର୍ବାଣୀ ସୁଗାତ୍ରୀ
ମୃଡ଼ାନୀ ସୃଷ୍ଟି-ପାଳିନୀ ।

## ମାତୃ-ହୃଦୟ

କାହିଁରେ ଗଢ଼ିତ ଆହା ଜନନୀ-ହୃଦୟ
ନାହିଁ କଠିନତା ଲେଶ, କରି ଦ୍ରବମୟ ।
କେବଳ ସେ ସ୍ନେହ ମାୟା ବାତ୍ସଲ୍ୟ ପୂରିତ,
ଲୋତକରୂପରେ ତାହା ହୁଏ ପ୍ରବାହିତ ।
ନୁହେ ଦ୍ୱେଷ-ବିଷ-ଦିଗ୍ଧ ସେ ହୃଦ କେବେହେଁ,
ବିଶୁଦ୍ଧ ଅମୃତ ପୂର୍ଣ୍ଣ ମାତୃପ୍ରାଣେ ଦେହେ ।
ସେ ଅମୃତେ ଭାସିଥିଲେ ସନ୍ତାନ କଲ୍ୟାଣ,
ଦେବ-ଆଶୀର୍ବାଦ ତାହା ବଳ ସୁମହାନ ।
ସେ ମହା ହୃଦୟରତ୍ନ ଅସ୍ୱର୍ଗ-ସୁଲଭ,
ଦୁର୍ଲଭ ଶୀତଳ ସ୍ନିଗ୍ଧ ସମୁଜ୍ଜ୍ୱଳପ୍ରଭ ।
ସେ ମହାମଣିର ଗୁଣ କର୍ମ ଅକଥିତ,
ନିଜଗତ ମୂଲ୍ୟ ନୁହେଁ ତା ସହ ତୁଳିତ ।
ତମୋମୟ ମର୍ତ୍ତ୍ୟପୁର ତା ତେଜେ ଭାସ୍ୱର,
ମର୍ତ୍ତ୍ୟର ମହିମା ସିନା ତହୁଁ ମହତ୍ତର ।

ଃ—✽—ଃ

## ସୂକ୍ତିମାଳା *

ଯୌବନ, ସୌନ୍ଦର୍ଯ୍ୟ ଆଉ ଐଶ୍ୱର୍ଯ୍ୟ ଏ ତ୍ରୟ,
ପ୍ରତ୍ୟେକେ ମାନବ ମନ କରନ୍ତି ଅଥୟ ।
ଏକାଧାରେ ଏ ତିନିଙ୍କ ଯହିଁ ସମାବେଶ,
ନ୍ୟାୟ ଧର୍ମଙ୍କର ତହିଁ ନଥିବ ପ୍ରବେଶ । ୧ ।
ଛୁଇଁଲେ ଚୂଡ଼ାନ୍ତ ସୀମା ସକଳ ଉନ୍ନତ,
କ୍ରମେ କ୍ରମେ ଘଟେ ଆସି ପୁଣି ଅଧୋଗତ ।
ପୂର୍ଣ୍ଣତା ଲଭିଲେ କ୍ଷୟ ହୁଏ ସୁଧାଧାର,
ଭଙ୍ଗା ପଡ଼ିଯାଏ ପୂର୍ଣ୍ଣ ହୋଇଲେ ଜୁଆର । ୨ ।
ଅଳ୍ପଦୁଃଖେ ସଂଜ୍ଞାହୀନ ସଂକୀର୍ଣ୍ଣ ହୃଦୟ,
ଅଳ୍ପତାପେ ଶୁଷ୍କ ଯଥା କ୍ଷୁଦ୍ର ଜଳାଶୟ ।
ମହାଦୁଃଖେ ମହାମନା ନ ହୁଏ ଅଧୀର,
ମହାତାପେ ଶୁଖଇ କି ଜଳ ଜଳଧିର ? ୩ ।

* ଅଧିକାଂଶ ସଂସ୍କୃତ ଶ୍ଳୋକରୁ ଅନୁଦିତ ।

ଭ୍ରମେ ଅବା କୁସଂସ୍କାରେ, ଯାହା ଉପାଦେୟ,
ତେଜନ୍ତି ତାହାକୁ ଲୋକେ ମଣି ଅତି ହେୟ ।
ଅନ୍ଧଗଳେ ଲମ୍ବାଇଲେ ଯଥା ପୁଷ୍ପମାଳ,
ସଭୟେ ନିକ୍ଷେପେ ତଳେ ମଣି ତାକୁ ବ୍ୟାଳ ।୪।
ତାହାଠାରୁ ଅନ୍ୱେଷଣ ନ କରେ ରତନ,
ବରଂଚ କରନ୍ତି ସର୍ବେ ତାକୁ ଅନ୍ୱେଷଣ ।
ଗୁଣର ଆଦର ଖୋଜେ ନାହିଁ ଗୁଣୀ ନର,
ଦଳେ ଦଳେ ଗୁଣ ତାକୁ କରେ ସମାଦର ।୫।
ବୃକ୍ଷର ସ୍ୱଭାବ, ଫଳେ ଲଭେ ସେ ନମନ
ନଇଁଆସେ ଊର୍ଦ୍ଧ୍ୱାକାଶୁ ବାରିଗର୍ଭ ଘନ ।
ଏସନ ସ୍ୱଭାବ ଯିନା ପରୋପକାରୀର,
ବିପୁଳ ଐଶ୍ୱର୍ଯ୍ୟ ଲଭେ ନୁହେଁ ଉଦ୍ଧ୍ୱଶିର ।୬।
ବିବିଧ ସଦ୍‌ଗୁଣେ ହେଲେ ମାନବ ସୁଦକ୍ଷ,
ଏକମାତ୍ର ଦୋଷ ତାର ହୁଏ ନାହିଁ ଲକ୍ଷ୍ୟ ।
ଯେସନ ଉଜ୍ଜ୍ୱଳ ସ୍ନିଗ୍ଧ ଚନ୍ଦ୍ରକରଜାଳେ
ଚନ୍ଦ୍ରର କଳଙ୍କ ମଗ୍ନ ହୋଇଯାଏ ତାଳେ ।୭।
ଥିଲେହେଁ ପ୍ରବଳ ସାହା, ଶତ୍ରୁର ସହିତ
ବିବାଦେ ପ୍ରବୃତ୍ତ ହେବା ନୁହଇ ଉଚିତ ।
ଅନଳର ଚିରସାହା ରୁଦ୍ର ପ୍ରଭଞ୍ଜନ,
ତଥାପି ସେ ଜଳ ପାଶେ ନ କରେ ଗମନ ।୮।
ପ୍ରଭୂତ ଐଶ୍ୱର୍ଯ୍ୟଶାଳୀ ହେଲେ ମହାଜନ,
ଅପଥେ କରନ୍ତି ନାହିଁ କେବେ ପଦାର୍ପଣ ।
ଭୂଆରେ ସାଗରଜଳ ଲଙ୍ଘିଲେ ବର୍ଜ୍ଜନ,
କେବଳ ସେ ନଦୀମୁଖେ କରଇ ଗମନ ।୯।
ହେଲେ ସୁଦ୍ଧା ନିଷ୍କଳଙ୍କ ସକଳ ପ୍ରକାର,
ଜନାପବାଦରୁ କେବେ ନ ମିଳେ ନିସ୍ତାର ।
ପୃଥିବୀ ଛାୟାକୁ ଲୋକ କଳଙ୍କରହିତ—
ଚନ୍ଦ୍ରର କଳଙ୍କରୂପେ କରେ ଆରୋପିତ ।୧୦।
ସମକକ୍ଷ ନୋହିଥିଲେ ଶତ୍ରୁକୁ ଧର୍ଷଣ
ନ କରନ୍ତି ବୀରଧର୍ମୀ ମହାବୀରଗଣ ।
ମହାସପସଂହାରକ ପକ୍ଷୀନ୍ଦ୍ର ଗରୁଡ଼,
ହୁଏ କି ତୁ ଣ୍ଡୁଭ ପୃଷ୍ଠେ କଦାପି ଆରୂଢ଼ ।୧୧।
ଆଘାତ କଠୋର ଦଣ୍ଡ ମହାଜନଙ୍କର,
କିନ୍ତୁ ପରିଣାମେ ତାହା ହୁଏ ଶୁଭକର ।
ଊଷର ଭୂଖଣ୍ଡେ ଅଗ୍ନି କରି ସଂଦହନ
କରେ ତାର ଉର୍ବରତା ଅନ୍ତମେ ବର୍ଦ୍ଧନ ।୧୨।
ହୀନକୁଳେ ଜନ୍ମି ଯେହ୍ନୁ ଲଭେ ରାଜଗାଦି,
ମୂର୍ଖ ପୁନ ପାଏ ଯଦି ପଣ୍ଡିତ ଉପାଧି,
ଭିକ୍ଷୁକ ଯଦ୍ୟପି ଦୈବେ ହୁଏ ଧନବାନ,
ଜଗତକୁ କରନ୍ତି ସେ ତୃଣବତ ଜ୍ଞାନ ।୧୩।
କେବଳ ନୀତିରେ କିମ୍ବା ଶୌର୍ଯ୍ୟରେ ପୁରୁଷ
ପାରେ ନାହିଁ ଲଭି କରି ସୁଖ୍ୟାତି ପୌରୁଷ ।
ଅଟଇ କେବଳ ନୀତି ଭୀରୁତା ଲକ୍ଷଣ,
କେବଳ ଶୂରତା ହିଂସ୍ରଜନ୍ତୁ ଆଚରଣ ।୧୪।

ଃ—*—ଃ

## ଅସୁନ୍ଦର

ଅସୁନ୍ଦର ଏ ସଂସାରେ ମିଳିବା ଦୁର୍ଲଭ,
'ଅସୁନ୍ଦର' ଲୁଚବାସ-ସୃଷ୍ଟ-ବ୍ୟର୍ଥ-ଭାଷା ।
ଅର୍ପିନ୍ତି ଯାହାକୁ ଜନେ ଆଖ୍ୟା ଅସୁନ୍ଦର,
ଦେଖିଛନ୍ତି ତାହାର କି ବିଶ୍ଳେଷି ଅନ୍ତର ?
ଇଚ୍ଛାରେ ତାହାକୁ ସୃଷ୍ଟି କରି ନାହିଁ ବିଧି,
ପ୍ରତ୍ୟେକରେ ବିଶେଷତ୍ୱ ଅଛି କିଛି ନିଧି ।
ସେହି ତ ସୁନ୍ଦର, ଯାର ନାହିଁ ଏ କଳ୍ପନା,
ସୁନ୍ଦର ଶବ୍ଦର ଅର୍ଥ ନାହିଁ ତାକୁ ଜଣା ।
ଅଥବା ସେ ନେତ୍ରହୀନ, ଏହା ସୁନିଶ୍ଚିତ—
ରୂପ ନୁହେଁ, ଗୁଣ କରେ ପ୍ରକୃତ ସୁନ୍ଦର ।
ରୂପକୁ ସୁନ୍ଦର କହି କରେ ଯେ ଚିତ୍କାର,
ଶୋଭାନୁଭୂତିକୁ ତାର କୋଟି ନମସ୍କାର ।
ଯେ ଚିର ସୁନ୍ଦରତର ସୁଗୁଣ-ଅର୍ଣ୍ଣବ,
ତାଙ୍କ ସୃଷ୍ଟେ ଅସୁନ୍ଦର କେବେ କି ସମ୍ଭବ ?

## ମୀନ

ତାହା ଶାପେ ଜନ୍ମ ମୀନ, ମୋର ଏ ଦୁର୍ଗତି,
ନାହିଁ ତାର ଦୟାମାୟା ଜଳେହେଁ ମୋ ପ୍ରତି ।
ବଧିବାକୁ ନେଇ ମୋତେ ନ ମଣନ୍ତି ପାପ,
ପ୍ରତ୍ୟୁତ ନ ମାରି ଟାଣୁ ଗଣନ୍ତି ସନ୍ତାପ ।
ମୋହ ପ୍ରାଣେ ନିଜ ପ୍ରାଣ କରନ୍ତି ପୋଷଣ,
ନରାହ ତୁ ପ୍ରବଳର ବଳରୁ ବା କଣ ।
ଜନ୍ତୁ ମତ୍ସ୍ୟ, ଲକ୍ଷ ଜନ୍ମେ ହେବୁ ତୁହି ନର,
ନର ହେବେ ମତ୍ସ୍ୟ, ମାଂସ ଭୁଞ୍ଜିବୁ ତାଙ୍କର ।
କ୍ଷଣଭଙ୍ଗୁର ଛାର ଜିହ୍ୱାସୁଖ ପାଇଁ
ମହାପାପ ପ୍ରତି କାହିଁ ଭ୍ରୂକ୍ଷେପ ନାହିଁ ।
ମୁଁ ମୂକ ତ ସେ ଦୋଷରୁ ନୁହେଁ ଉଦ୍ବେଳିତ,
ପରେ ଉପଦେଶ ଦେଇ ଦେଖାଏଁ ପାଣ୍ଡିତ୍ୟ ।
ପଣ୍ଡିଆଙ୍କ ବୁଦ୍ଧିକି ମୋ ନାହିଁ ପଟାନ୍ତର,
ଭୋଗୁଛି ମୁଁ ପର ଘର, ସ୍ୱର୍ଗ ନିଜ ଘର ।

—*—

## ବିଶ୍ୱନାଥ

ଜାତୀୟ ସାହିତ୍ୟ-ପୋତ ଶ୍ରେଷ୍ଠ କର୍ଣ୍ଣଧାର,
ମହାପ୍ରାଣ ବିଶ୍ୱନାଥ ମାତୃ-ହୃଦ-ହାର ।
ଦେଖୁଛି ତୁମ୍ଭଙ୍କୁ ଯେତେ ଅଭାବ-ଅନଳ,
ତେତିକି ହେଉଛ ତୁମ୍ଭେ ଉଜ୍ଜ୍ୱଳ ପ୍ରବଳ ।
ସାହିତ୍ୟ-ଭଣ୍ଡାଗାର ତୁମ୍ଭର କୁଟୀର,
ବଢ଼ୁଛି ସାହିତ୍ୟ ଯହିଁ ସୁରୁଚି-ରୁଚିର ।
କର୍ତ୍ତବ୍ୟ-ତତ୍ପରତା ତବ ହେ ସ୍ୱଦେଶରତ୍ନ,
ଧନ୍ୟ ଶତ ଧନ୍ୟ ତବ ଉତ୍ସାହ ପ୍ରଯତ୍ନ ।
ସାହିତ୍ୟ-ଜୀବନ ଧନ ସୁବାଗ୍ମୀ ପ୍ରବର,
ଉପଦେଶେ କିଣିନିଅ ଶ୍ରୋତାର ଅନ୍ତର ।
ତୁମ୍ଭର ଜୀବନ ନୁହେଁ ସ୍ୱକୀୟ ଜୀବନ,
ଦୀନ ଉତ୍କଳର ତାହା ଜାତୀୟ ଜୀବନ ।
ବର୍ତ୍ତମାନ ପୂଜ୍ୟ ତୁମ୍ଭେ ଭବିଷ୍ୟ ସମ୍ବଳ,
ଜାତି-ଇତିହାସ ପୃଷ୍ଠା କରିବ ଉଜ୍ଜ୍ୱଳ ।

—*—

## ବିଦାୟ-ଆବାହନ

ଯାଅ ହେ ପ୍ରାଚୀନ ବର୍ଷ ଅନନ୍ତେ ଅତୀତ,
ସାଥିରେ ଅନେକ ହିତ ଅନେକ ଅହିତ ।
ଭଲ ମନ୍ଦ ଦୁଇ ପିଠି ଜଗତର କଥା,
କେବେ ତୁମ୍ଭ ଜୀବନେ ବା ହେବ ତା ଅନ୍ୟଥା ।
ବୁଡ଼ିଗଲ ମିଶିଗଲ ଅନନ୍ତ ଅନ୍ଧାରେ,
ସୁଖ୍ୟାତି ଅଖ୍ୟାତି ଥାଇ ରହିଲା ସଂସାରେ ।
କେଉଁ ଅନୁଦ୍ଦେଶ୍ୟ ଦେଶେ ଗଲଣି ତ ଚାଲି
ଘେନି ଆସ୍ୱସତ୍ତା, ଆଉ କି ହେବ ତା ଖାଲି ।
ସ୍ୱାଗତ ନବୀନ ବର୍ଷ ନବୀନ ଅତିଥି,
ସୃଷ୍ଟିର ନବୀନ ପୃଷ୍ଠା, ଧରି ଶୁଭ ବୀଥୀ ।
ଢାଳ ଏ ଉତ୍କଳ ପ୍ରାଣେ ସ୍ନେହାଶିଷଧାର,
ହୃତବ୍ରତ ଆଉ ଦେବୀ ତର ଆତ୍ମହାର ।
ହୁଅ ତାର ବର୍ତ୍ତମାନ ମହତ ସମ୍ବଳ,
ଦିଅ ଆଶା ସଦୁତ୍ସାହ ଶକ୍ତି ନବବଳ ।
ମଣ୍ଡିଦିଅ ତାହା ଶିରେ ମହିମା-ମୁକୁଟ,
ରଖ ତାର ଯଶ ଧର୍ମ ଗରିମା ଅଟୁଟ ।

—o—

## ପ୍ରେମ

ମହାବଳୀ ପ୍ରେମ ଜଗଜ୍ଜୟୀ ବୀର,
ହେଳେ ଭେଦ କରେ ସକଳ ଶରୀର ।
ଭୁଲା ହାତେ ପ୍ରେମ ନିଏ ମନ କିଣି,
ଶତ ବାଧାବିଘ୍ନ ଲଙ୍ଘେ ପାରେ ଜିଣି ।
ଥାଉ ଅନ ବାଧା ଜଳେ ବା ଅନଳେ
ନିର୍ଭୟେ ପଶଇ ଅପୂର୍ବ କୌଶଳେ ।
ଅବଲୁପ୍ତ ବିଦ୍ୟା ଜାଣେ ପ୍ରେମଚୋର,
ଅଲକ୍ଷ୍ୟେ ବାନ୍ଧଇ ଗୋଟେ ମାୟା-ଡୋର ।
ଜଳ ପ୍ରଭଞ୍ଜନ ନ ପଶଇ ଯହିଁ,
ପ୍ରେମ ପଶି ତହିଁ ସ୍ୱଜତ୍ୱ କରଇ ।
ବଚନ କରଣୀ ତାର ଅତିଶୟ,
ପଦେ ପଦେ କିଏ କରୁ ପରିଚୟ ।

ନ ଥାଉ ସନ୍ଦେହ ଅରେ ଦେଖାଉଁଛୁ,
ଖଣ୍ଡନ କରୁଇ ପ୍ରେମ ଏକମୁହାଁ ।
ପ୍ରେଗଣଯ୍ୟାଗାମ୍ବୀ ଅତୀବ ଦୁର୍ବଳ,
ପ୍ରେମ ପ୍ରଭାବରେ ହୁଏ ସେ ପ୍ରବଳ ।
ମାନେ ନାହିଁ ପ୍ରେମ ଜାତିକୁଳ ମାନ,
କ୍ଷମା ଲୋକଲଜ୍ଜା ସାଧ୍ବସ ମହାନ ।
ଅସାଧ୍ୟ ସାଧନ ଅଟେ ତା ଧରମ,
ପାଷାଣେ ତରଳକରଣେ ସେ କ୍ଷମ ।
ମାନବ ଦାନବ ଭୂଚର ଖେଚର,
ସର୍ବେ ଗୃହେ ଏତା ପ୍ରେମସ୍ତୁଲଙ୍କର ।
ସର୍ବଶାସ୍ତ୍ରଜ୍ଞାତା ମହାଜ୍ଞାନବାନ
ପ୍ରେମଫାନ୍ଦେ ପଡି ହୁଏ ହତଜ୍ଞାନ ।
ଯେଉଁ ଅଗ୍ନି ସେତୁ ତିଏ ହୁଦେ ଜାଳି,
ସପ୍ତସିନ୍ଧୁ-ନୀରେ ନୁହେଁ ତା ସମ୍ଭାଳି !
ଅମୂଲ୍ୟ ଜୀବନ ପ୍ରେମ-ପାଶେ ଛାର,
ଅଜ୍ଞାତ ଇତର, ନୁହେ ତ୍ରିକାଳର ।
ଏହୁ ପ୍ରେମ ଘେନ ନନ୍ଦିକା ସୁନ୍ଦରୀ,
ସୁର୍ଣ୍ଣ ହେମାଚଳେ ଗୌରୀ କୁଶୋଦରୀ,
ହାରୁ ନାମ ବହି ନ ମାନି ଅନ୍ଧାର,
ନଶା ଅର୍ଦ୍ଧଯାମେ ହୋଇଣ ବାହାର,
ଲଙ୍ଘି କୁଳମାନ — ମର୍ଯ୍ୟାଦା ନଦର
ଜୀବନ ଦେବାକୁ ନୋହିଲେ କାତର ।
ସ୍ୱାର୍ଥପ୍ରେମ ଏହା ନୁହେଁ ବିଶ୍ୱପ୍ରେମ,
ସୃଷ୍ଟି ସଙ୍ଗେ ତାହିଁ ଜୁଳା ଶୁଦ୍ଧ ହେମ !
ଭଗବତ-ପ୍ରେମ ପ୍ରେମ ମଧ୍ୟେ ସାର,
ପ୍ରସ୍ତର ମଧ୍ୟରେ ହୀରକ ପ୍ରକାର ।
ଶ୍ରୀ ଗଙ୍କସ୍ୱାମୀ ଚଇତନ୍ୟ ବୁଦ୍ଧ,
ଧରୁ ଯେଉଁ ପ୍ରେମ ଅମ୍ଳାନ ବିଶୁଦ୍ଧ,
ନଭେ ମାତି ତହିଁ ମତାଇ ଅପରେ
ରଖିଲେ ଅମଳ କୀର୍ତ୍ତି ଜଗତରେ,
ସେହି ପ୍ରେମ ଏତା ମହୀରେ ଅତୁଳ,
ଅନ ପ୍ରେମ ମାୟା ବିପଦର ମୂଳ ।

---

## ଗତସ୍ମୃତି

ଲେଖା ନାହିଁ ଲେଖା ନାହିଁ, ଯା ଲେ ଗତସ୍ମୃତି,
ବଳେ ବଳେ କିପାଁ ଆସୁ ହୋଇ ଶୋକଦୂତୀ ।
ପଡିଛୁ ପ୍ରବାସେ ଆସି, ନାହିଁ ଭ୍ରାତୃ ମିତ,
ଦେଖାଉଛୁ କିପାଁ ତୁହି ନାନା ଗତ ଚିତ ।
ଯାଉ ଗଲ କଥା ସବୁ ଯାଇଛି ତ ସରି,
କିପାଁ ଦେଖାଉଛୁ ତାହା ଗୋଟି ଗୋଟି କରି ।
ନ ଦେଖିବ ବୋଲି ଯାହା କରୁଛି ମୁଁ ମନା,
ବାରମ୍ବାର ଦେଖାଇ ତା ନ ଦେ ଲେ ଯାତନା ।
କହ ପାପିନୀସି, ଏତେ ହୁଏ ତାହିଁପାଇଁ,
ହିସଂସାରେ ଅଭ କ ଲେ ତୋତେ ଠାବ ନାହିଁ ।
ତଣ୍ଡଦେଲେ ସୁଣି ଆସୁ ବଳପଣୀପଣେ,
ତୋ ପରି ନଲଜ୍ଜା ଭବେ ନାହିଁ ଆଉ ଜଣେ ।
ଯା ଯା ଦୂଷ୍ଟା ଦୂରେ ରହ ମହତ୍ତ୍ୱ ସମ୍ଭାଳି,
ଏଥର ଆସିଲେ ଦେବି ଅନର୍ଗଳ ଗାଳି ।

—❋—

## ଶ୍ରୀଯୁକ୍ତ ମଧୁସୂଦନ ଦାସ ସି·ଆଇ·ଇ

ମଧୁଙ୍କର ନାମ, ଧାମ, କଥା ମଧୁମୟ,
ମଧୁମୟ ବ୍ୟବହାର, ସ୍ୱଭାବ, ହୃଦୟ ।
ବହୁଶୀର୍ଷ ମାନବ ସେ ଏକାସ୍ୱ * ଉତ୍କଳେ,
ପ୍ରତି ଶିର ପରିପୂର୍ଣ୍ଣ ମହିମା ମଙ୍ଗଳେ ।
ପରମ ଉତ୍ସାହକାରୀ ସ୍ୱଦେଶର ଆଶା,
କହେ ତାଙ୍କ ନେତ୍ରବୃନ୍ଦ ନବ୍ୟ ନବଭାଷା ।
ମାତୃଭକ୍ତି ସୁଶ୍ରୀବୃନ୍ଦେ ପୂର୍ଣ୍ଣ ଯା ଅନ୍ତର,
ଜନ୍ମଭୂମି ନାମ ଶୁଣି ତାରତମନ୍ତ୍ରର ।
ଉତ୍କଳ ଉନ୍ନତି ଯାରେ ପ୍ରବୀଣ ଅଗ୍ରଣୀ,
କରୁଛନ୍ତି ଉତ୍କଳେ ଧନ୍ୟ ତାଙ୍କ ସାଧୁକାର୍ଯ୍ୟ ।
ଥିଲ ଅବନତି-ତମଃ ସ୍ୱଦେଶେ ଘୋଟାଇ,
ଦେଲେ ତାକୁ ସୁଧୀମଣି ଅତୀତେ ଲୁଚାଇ ।
ବହୁ କଷ୍ଟ ବହୁ କ୍ଷତି ସହି ଅଙ୍ଗବର
ଦେଶ ଲାଗି ହୋଇଛନ୍ତି ସଦା କୋଟିବର ।

---

* ଏକମାତ୍ର ସମର୍ଥ

ବସ୍ତୁତ ସଂସାଧନେ ଜଣକର କ୍ଷତ
କ୍ଷତ ନୁହେଁ ଧର୍ମ ତାହା, ମଣନ୍ତି ସୁମତ ।
ମଧୁବ୍ରତ ମାତୃଭୂମି ତାଙ୍କ ବାକ୍ୟ ମନେ
ବଦ୍ଧ ଚିର କୃତଜ୍ଞତା ଦୁଶ୍ଛେଦ୍ୟ ବନ୍ଧନେ ।
ରାଜଦତ୍ତ ସି. ଆଇ. ଇ. ପ୍ରଶସ୍ତ ପଦକ,
ଉତ୍କଳ ପକ୍ଷରେ ନିଶ୍ଚେ ସମ୍ମାନ-ସମ୍ପତ୍ତି ।
ହୋଇଛନ୍ତି ମଧୁ, ମଧୁ ମାତୃମନ୍ତ୍ରୀ ପ୍ରାଣେ
ମାତୃମନୋଭାବ ସିନା ମାତୃଭକ୍ତ ଜାଣେ ।
ସମ୍ମିଳନୀ ମହାମନ୍ତ୍ର ସଞ୍ଜୀବନୀ ସୁଧା,
ହରିବ ଏ ଉତ୍କଳର ଦୁଃଖ ତୃଷ୍ଣା କ୍ଷୁଧା ।
ଉତ୍କଳ ଭରସା ମଧୁ, ଉତ୍କଳ ଜୀବନ,
ତେଣୁ ସଦା ସ୍ୱର୍ଗରେ ଦେଖି ଶ୍ରୀମଧୁସୂଦନ ।
ହେଉଛି ସଙ୍କଟ ତାର କ୍ରମଶଃ କ୍ଷୟିତ,
ଗାଉଛନ୍ତି ସେ ହାସ୍ୟମୁଖେ ମଙ୍ଗଳ-ସଙ୍ଗୀତ ।
ଯେ ସୁବର୍ଣ୍ଣ ଦୀପ୍ତ ଦୀପ ଜାଳିଛନ୍ତି ମଧୁ,
ଉଜ୍ଜ୍ୱଳିବ ଭୂତଳରେ ସେ ଅତୀତ ମଧୁ ।

---

## ଉପସ୍ଥିତ କର୍ତ୍ତବ୍ୟ

[ ଇଉରୋପୀୟ ମହାଯୁଦ୍ଧୋପଲକ୍ଷେ ]

ହେ ଉତ୍କଳ, ଜଗଜ୍ଜେଠୀ ବୀରବଂଶଧର,
ଦେଖାଅ ଯୋଗ୍ୟତା, ଏହି ଯୋଗ୍ୟ ଅବସର,
ଜନାଅ ଅତୀତେ ଥରେ, ନୁହ ତୁମ୍ଭେ ଖାଲି
ବଳବୀର, ଅଟ ଧର୍ମବୀର, କର୍ମବୀର
ପୁଣି ଭକ୍ତିବୀର, ଏହା ଖ୍ୟାତିତ ଜଗତେ ।
ଚିର ରାଜଭକ୍ତ ତୁମ୍ଭେ, ତବ ଧମନୀରେ
ବହେ ରାଜଭକ୍ତି ଧାରା ରକ୍ତଧାରା ବ୍ୟାଜେ,
ଦେଖାଇ ଦୃଷ୍ଟାନ୍ତ ତାର ରଖ ଜାତି ଟେକ ।
"କଳିଙ୍ଗ ସାହସୀ", ଏହି ମହିମା-ମୁକୁଟ
ଯାଇଛନ୍ତି ରଖି ତବ ଅତୀତ ବଂଶୀୟେ;
ମଣ୍ଡିବାକୁ ଶିରେ ସେହି ଗୌରବଭୂଷଣ
କରିଛନ୍ତି ଆଜ୍ଞା ଦାନ ଭାରତ ସମ୍ରାଟ
ସଦୟେ ତୁମ୍ଭଙ୍କୁ; ଯାହା ବୀରର ବାଞ୍ଛିତ,
ପାଇଛ ସୌଭାଗ୍ୟେ ତାକୁ ବହୁ ଦିନ ପରେ,
ଅଟେ ନିଶ୍ଚେ ଅଯାଚିତ ଦେବବର ତାହା ।
ଧର୍ମଯୁଦ୍ଧେ ରତ ଆଜ ଧାର୍ମିକ ସମ୍ରାଟ
ମାନବର ସ୍ୱାଭାବିକ ସ୍ୱତ୍ୱରକ୍ଷା ପାଇଁ,
ଧନେ ବଳେ ସହାୟତା କରି ତାହାଙ୍କର
ପ୍ରତିପାଳ ରାଜଭକ୍ତ ପ୍ରଜାର କର୍ତ୍ତବ୍ୟ ।
ଦେଖାଅ ଓଡ଼ିଆ ବାହୁ କେଉଁଲି ପ୍ରବଳ,
ଦେଖାଅ ଓଡ଼ିଆ ମଥା କେଉଁଲି ଉର୍ବର
ଜଗାଇ ଓଡ଼ିଆ ଜାତି ପ୍ରସୁପ୍ତ ପ୍ରଭାବ
କରିଦିଅ ଜଗତକୁ ଚକିତ ସ୍ତମ୍ଭିତ ।
ରାଜସେବା, ଦେଶସେବା ନ କରେ ଯେ ନର,
ଅତି ଅପବିତ୍ର ତାହା, ତଥା ଯେଉଁ ଧନ
ଲାଗେ ନାହିଁ ଦେଶକାର୍ଯ୍ୟେ କିମ୍ବା ରାଜକାର୍ଯ୍ୟେ,
ଧନ ନୁହେଁ ତାହା, ଅଟେ ଶଶାନ ଅଙ୍ଗାର ।
"ଭାରତ ସମ୍ରାଟ ଜୟ" ଉଚାର ଉଚ୍ଚରେ
ପ୍ରବେଶି କର୍ତ୍ତବ୍ୟେ, କରି ଧନ ବଳ କ୍ଷୟ
ସାଧି ସମ୍ରାଟଙ୍କ ପ୍ରୀତି ହୁଅ ସର୍ବେ ଧନ୍ୟ ।

—:୦:—

## ହିତୈଷିଣୀର ନବବର୍ଷ

( ସମ୍ପାଦକ ମହୋଦୟଙ୍କ ଅନୁରୋଧମତେ ଲିଖିତ )

ପୂର୍ଣ୍ଣିମା ବିଦାୟ ଆଜି ହିତୈଷିଣୀ ପ୍ରାଣେ,
ଏତ ଆଜି ଅସ୍ତଗତ ପୁରାତନ ରବି,
ଆନେ ସମୁଦିତ ନବ ପୂର୍ଣ୍ଣ ଶଶଧର
ବିସ୍ତାରି ଅନନ୍ତ ଆଶା ଅମୃତ ମୟୂଖ,
ନବ ପୁରାତନର ଏ ପୁଣ୍ୟ ସମ୍ମିଳନ,
ଅନୁପମ ସ୍ୱର୍ଣ୍ଣସୂତ୍ର ତା ଜୀବନପଟେ ।
ହେ ନବୀନ ବର୍ଷ, ବସ୍ତ୍ର ନବୀନ ସୁବେଶା,
ପ୍ରକୃତ-ପ୍ରବାସ ଶେଷ ନବୀନ-ପ୍ରବେଶି,
ଏହି ହିତୈଷିଣୀ, ଚିର ଜନହିତବ୍ରତା,
ବାମଣ୍ଡା, କଟକ, ତୀର୍ଥଦକ୍ଷା ତପସ୍ୱିନୀ,

ସପ୍ତବିଂଶ ବର୍ଷେ ଆଜ ତାର ପଦାର୍ପଣ
ନବ ପାବନ ପରଶେ, ଶୁଭ ଦିନ ଆଜ,
ହେ ପ୍ରକୃତ ନବ ନୃପ, ବାର ମାସ ତାଳ
ହେବ ସେ ଉନ୍ନତ ହାତେ ପାଳିତ ବର୍ଦ୍ଧିତ,
ପ୍ରତି ଦଣ୍ଡ ଲତା ତବ ଆଣୁ ତା ଜୀବନେ—
ତାର ଦୈନିକ ଜୀବନେ, ଚିର ନିରଙ୍କୁଶେ
ଦେଶହିତ-ପୁଣ୍ୟଚନ୍ଦ୍ରା-ବଦ୍ଧ୍ୟିତ-ପ୍ରବାହ;
ବର୍ଷୁ ତାହା ଶିରେ ଦେବ-ଆଶୀର୍ବାଦଧାର ।
ହେ ନବୀନ ବନ୍ଧୁ, ନବ ଅନୁଷ୍ଠ ବନ୍ଧାଣି,
ଆଦର ମାଗୁଣି ଏକ ଅଛି ତବ ତଟ—
ଶୋଭା-ସର-ସରୋଜନୀ ଏ ଉତ୍କଳ ମହୀ
ଦେଶ କ୍ଷତକଳେବର ଦୁର୍ଭିକ୍ଷ ଦଂଶନେ,
ସେ ବିକୃତ କ୍ଷତେ ଲେପି ଅମୃତ ପ୍ରଲେପ
ଅର୍ପ ତାକୁ ନଷ୍ଟ ସ୍ୱାସ୍ଥ୍ୟ, ହେଉ ସେ ସବଳ ।

---

## ଉଦ୍ଭଟ କବିତା

ସଜ୍ଜନ ପଦରେଣୁ ଧନ୍ୟ ମହୀରେ
ହେଉ ମୋ କୁଟୀ ପତ ନିତ୍ୟ ତହିଁରେ ।
ଶତ ସଜ୍ଜନ ପାଇଁ ଯେ ସ୍ଥାନ ଅଣ୍ଟେ,
ଜଣେ ଦୁର୍ଜନ ପକ୍ଷେ ତାହା ନଅଣ୍ଟେ ।

—0*0—

## ପ୍ରଦୀପ

ଅନ୍ଧକାରହାରୀ ତୁହି ଅଟୁ ରେ ପ୍ରଦୀପ
ସଂସାରେ ସକଳ ଲୋକେ ଋଣୀ ତୋ ସମୀପ ।
ଅନ୍ୟର ଗମନ ପଥ କରୁ ତୁ ଉଜ୍ଜ୍ୱଳ,
ମାତ୍ର ଘୋର ଅନ୍ଧକାର ବ୍ୟାପ୍ତ ତୋର ତଳ ।
ସ୍ୱାର୍ଥ ଲେଶ ନାହିଁ ତୋର ଆଦର୍ଶ ଜୀବନେ,
ପାଳୁଛୁ ପ୍ରଭୁଙ୍କ ଆଜ୍ଞା ସଦା ସ୍ଥିର ମନେ ।
ତୋ ଯୋଗୁଁ ଆଲୋକେ ତମଃ ହୁଏ ପରିଣତ,
ପାରିବୁ କି ପୂର୍ଣ୍ଣ କରି ମୋର ମନୋରଥ !
ଭୀଷଣ ତମସାଚ୍ଛନ୍ନ ମୋ ଜୀବନ-ଗୁହା,
ତୋ ଆଲୋକେ ଆଲୋକିତ ହେବ କିରେ ତାହା?
ନାହିଁ ରେ ପ୍ରଦୀପ ତୋର ସେ କ୍ଷମତା ଏତା,
କେବଳ ତହିଁକି କ୍ଷମ ଧର୍ମାଲୋକରେଖା ।
ଶିର ବାତେ କମ୍ପା କର ବଜ୍ରଘାତ ବାତେ
ନିର୍ବାଣ ଅବସ୍ଥା ତୁହି ଭଜୁ ଅବଶ୍ୟତେ ।
ସେହି ପରି ତୋର ଗୂଢ଼ ଉପଦେଶ ସାର,
"ପ୍ରଚ୍ଛନ୍ନେ ନିସୃତ ହୃଦ କରିବ ଅନ୍ଧାର ।"
ଜୀବନ-ପ୍ରଦୀପ ଶିଖା ନିଭିଯିବ ଶରେ,
ଦୂର କାଳ-ରମଣୀର ପକ୍ଷ ଆଘାତରେ ।
ମୋ ଜୀବନେ ପ୍ରତିବିମ୍ବ ତୋ ନିଗୂଢ଼ ନୀତି,
ଜାଗୁ ସଦା ମନେ ଶ୍ରେଷ୍ଠ ଉପକାର ପ୍ରୀତି ।

## ଜୀବହିଂସା

ହିଂସା ଭଳି ବଳ ଗୁରୁତର ପାପ
ନାହିଁ ଅଖିଳ ଜଗତେ,
ଜାଣୁ ଜାଣୁ ନରେ ପଦ ନିକ୍ଷେପନ୍ତି
ଭୀଷଣ ନରକ ପଥେ !
ସର୍ବ ଜୀବ ଦେହେ ନିବସନ୍ତି ସଦ
ଶ୍ରେଷ୍ଠପ୍ରାଣ ସାରତ୍ସାର,
ଜୀବହିଂସା ଛଳେ ହେଉଅଛି ସିନା
ତାଙ୍କ ପ୍ରତି ଅତ୍ୟାଚାର ।
"ଅହିଂସା ପରମ ଧର୍ମ" ଏହି ନୀତି
ସକଳ ଶାସ୍ତ୍ରସମ୍ମତ,
କ୍ରୋଧ ଲୋଭ ହିଂସା ପରିଣାମେ ହୁଏ
ଘୋର ପାପେ ପରିଣତ ।
ହତ୍ୟାକାରୀ ନର ଇହ ପରଲୋକେ
ଲଭେ ନିଦାରୁଣ ଦୁଃଖ,
ଜନ୍ତୁ ତା ସୁକୃତ ଯୋଗ ହତ ଜୀବ
ଭୁଞ୍ଜେ ସ୍ୱର୍ଗେ ଚିର ସୁଖ ।

ଅନ୍ୟାୟ ଅଟଇ    ମାନବ ମାତ୍ରର
ଦ୍ୱିତୀୟ ଶକ୍ତି ନଷ୍ଟ୍ୟ,
ସେ ଶକ୍ତି ବଳରେ    ଦେଉଥାନ୍ତି ହୃଦେ
ନଷ୍ଟ ଜୀବାଳୁ ପ୍ରଶ୍ରୟ ।
ଜୀବନୁ ଅଧିକ    ପ୍ରିୟ ବସ୍ତୁ ଆଉ
କି ଅଛି ଭବେ କାହାର,
ଧୃକ ସେ ନାରକୀ    ଜୀବ ପ୍ରତି ଯାର
ନ ହୁଏ ଦୟା ସଞ୍ଚାର ।
ଆତ୍ମପ୍ରାଣ ତୁଲ୍ୟ    ସର୍ବ ପ୍ରାଣ ଇଷ୍ଟ
ସମସ୍ତଙ୍କୁ ଅଛି ଜଣା,
ତଥାପି ଲାଳସା    ପ୍ରରୋଚନେ ଜନେ
ଗିଳୁଛନ୍ତି ଲୁହା ଚଣା ।
ଭାଗବତ ଗ୍ରନ୍ଥେ    କହିଛନ୍ତି ନିଜେ
ଉଦ୍ଧବଙ୍କୁ ଜନାର୍ଦ୍ଦନ,
ମର୍ତ୍ତ୍ୟରେ ଜନମି    ଭୁଞ୍ଜେ ଯେହୁ ମାଂସ
ସେ ନରେ ମୋତେ ଭୋଜନ ।
ପୁଣି ଏହୁପରି    କହିଛନ୍ତି ଦୁର୍ଗା
ଶିବଙ୍କୁ ପଦ୍ମପୁରାଣେ,
କୋଟି କଳ୍ପ ଭୁଞ୍ଜେ    ନରକ ଯେ ଜନ
ମୋହୋ ପାଇଁ ପଶୁ ହାଣେ ।
ଧର୍ମଜ୍ଞ କେବଳ    ମାନବକୁଳର
ଇହ ପରକାଳ ମିତ୍ର,
ତା ସଙ୍ଗେ ବିଚ୍ଛେଦ    ଜନମାଇ ହିଂସା
ହୃଦ କରେ ଅପବିତ୍ର ।
ଆଦେ ଲୋଭ ତହୁଁ    ପଛେ ହିଂସା ପୁଣି
ତଦନ୍ତେ ହତ୍ୟାର ଗଣ୍ଡ,
ଏ ତିନବଟାରେ    ପ୍ରାଣିପ୍ରାଣ ଆହା
ଧୂଳିଠାରୁ ତୁଚ୍ଛ ଅତି ।
ଇନ୍ଦ୍ରିୟ ଲାଳସା    ଯିଦି ତନା କାଳୁ
ନାହିଁ ଲୋଭ ହିଂସା ଯୋଗେ,
କିନ୍ତୁ ପରିଣାମେ    ପରିଣତ ହୁଏ
ସେହି ଲୋଭ ଭୀଷଣ ରୋଗେ ।

ବନ୍ୟ ଫଳମୂଳ    ଖାଇ ହୁଏ ଯଦି
ଶରୀର-ପୁଷ୍ଟିକାରକ,
ଉଚିତ କି ତେବେ    ଜୀବହିଂସା ମୂଲ୍ୟ
କିଣିବା ଘୋର ପାତକ ?
ଆମିଷ ଭୋଜନେ    ନ ହୁଏ ଦେହର
ତିଳେ ମାତ୍ର ଉପକାର
ବରଂ ଜନମେ    ରୋଗ ପାପ ଆଦି
ମହାଘୋର ଅପକାର ।
ସୁଖତୃଷ୍ଣା ଜିହ୍ୱା    ଭୋଗର ଜନନୀ
ଭୋଗରୁ ଲୋଭ ଉଦୟ,
ଖଣ୍ଡ ସମ ଲୋଭ    ଆପାତ ମଧୁର
ପରିଣାମେ ବିଷମୟ ।
ଭୋଗ ଉପାଦାନେ    ଲାଳସାକୁ କେବେ
କରି ନୁହେଁ ପରିତୃପ୍ତ,
ଅଗ୍ନି ଉଗ୍ର ଶିଖା    ନଇଁବ କି କେବେ
ଲଭିଲେ ଆହୁତି ଘୃତ ?
ଆନ ଜୀବେ ବଧି    ସେ ମାଂସେ ଉଦର
ସୁଖେ ପୋଷୁଥାନ୍ତି ଜନେ,
ନିଜ ଦେହ କିବେ    ଗ୍ରାସିବ ଯେ କାଳ
ନ ଭାବନ୍ତି ଏହା ମନେ ।
ଆପଣା ଶରୀରେ    ନାହିଁ ଆପଣାର
କିଛି ମାତ୍ର ଅଧିକାର,
ଉଚିତ କି ତେବେ    ଆନ ଜୀବ ପ୍ରତି
ଆସୁରିକ ବ୍ୟବହାର ?
ଦିଅ ଏହି ଭିକ୍ଷା    ଜଗତତାରଣ
ହେ ପ୍ରଭୁ କରୁଣାନିଧି,
ଅଖିଳ ଉତ୍କଳୁ    ଉଠିଯାଉ ଏହି
କ୍ରୂର ଦେଶାଚାର ବିଧି ।
ଜୀବେ ଦୟା କରି    ଚାଲନ୍ତୁ ପୁଣ୍ୟର
ପବିତ୍ର ପଥେ ସକଳେ,
ସୁନୀତି ଶାସନେ    ହିଂସା ହତ୍ୟା ଆଦି
ପଳାନ୍ତୁ ଦୂରେ ସତଳେ ।

—o—

## ବିଫଳତା

ନବସ୍ତୁ ଦୁରାଶା ପଛେ ଛୁଟିବା ବିଫଳତା,
ପ୍ରଚ୍ଛନ୍ନରେ ସୁପ୍ତିସ୍ତୂପେ ବସେ ସ୍ୱପ୍ନ ଯଥା ।
ଭବ-ଯାତ୍ରାମଞ୍ଚେ ଛୁଟି ଅଦ୍ଭୁତ ସୁଆଙ୍ଗୀ,
ବ୍ୟର୍ଥ କଳ୍ପନାର ହର୍ମ୍ୟ ଦେଉ ଲଭେ ଭଙ୍ଗି ।
ଦୁରାକାଙ୍କ୍ଷା-ପିଶାଚୀ ଯେ ଘୋଷେ ହୃଦୟରେ,
ଲୋଭ ଧରି ତୋତେ ସେହୁ ଆମନ୍ତ୍ରଣ କରେ ।
ଅନନ୍ତ ଅମ୍ବୁଧି ପାରେ ସାହସ ବନ୍ଧନ
ନୁହେଁ କି ଚଭଙ୍ଗ ପକ୍ଷେ ମରଣ କାରଣ ।
ଜୀବନେ ଯେ ଥରେ ତୋର ଚୁହିଁ ନାହିଁ ମୁଖ,
ପୁଣ୍ୟବାନ ସେହୁ, ସ୍ୱର୍ଗ ତା ପ୍ରତି ସୁମୁଖ ।
ଧର୍ମ ତାର ନିତ୍ୟ ସଖା, ସତ୍ୟ ତାର ପ୍ରାଣ,
ଉଭୟେ କରନ୍ତି ତାକୁ ତୋହୋ ପାଶୁ ତ୍ରାଣ ।
ଅତି ବାସନାର ଦୀପ୍ତ ପ୍ରଚଣ୍ଡ ଅନଳ
ପାରେ ନାହିଁ କରି ତାକୁ ବିଦଗ୍ଧ, ଶକଳ ।*

—*—

## ଅହିଂସା

ସ୍ୱାଧ୍ୟାୟନିରତ ନାରଦ ମହର୍ଷି
ବୀଣାଯନ୍ତ୍ର କରେ ଧରି,
ଯାଉଥିଲେ ଦିନେ ବୈକୁଣ୍ଠଭୁବନେ
ଭେଟିବାକୁ ଦେବ ହରି ।
ଏକ ଅଜଗର ମାନସେ ସଂଜାତ
ହେବାରୁ ଘୋର ନିର୍ବେଦ,
ଭାବୁଥିଲା ବସି ମୁନି ଗମ୍ୟ ପଥେ
ଦାରୁଣ ସଂସାରଖେଦ ।
ଦେଖି ମୁନିବରେ ନମି ଫଣିବର
ପଚାରିଲା ଏହି କଥା,
ହେ ଋଷିପ୍ରବର, କୃପା କରି କହ
କି ଅଟେ ମୁକ୍ତିର ପନ୍ଥା ?
ଶୁଣିଲେ ତାପସ ଦେଇ ସୁଆଶିଷ
ମଧୁରେ ଧୀରେ ଏ ଉକ୍ତି,
ଅହିଂସା ଅକ୍ରୋଧ ଆଚରଣ କଲେ
ଲଭିବୁ ନିର୍ବାଣ ମୁକ୍ତି ।
ମୁନିଙ୍କ ବଚନ ଶିରେ ଧାରଣ କରି
ତେଜିଣ ଉଗ୍ର ପ୍ରକୃତି,
ସେହି ଦିନୁ ସର୍ପ ଶାନ୍ତ ଆଚରଣ
ଧରି ହୁଏ ମହାଧୃତି ।
ସଂସାରର ରୀତି, ଦୁର୍ବଳକୁ ସର୍ବେ
କରନ୍ତି ଦୁଷ୍ଟ ଇହାର,
ନିରୀହ ଉପରେ ସବୁରି କ୍ଷମତା
ସମସ୍ତଙ୍କ ଅତ୍ୟାଗ୍ରହ ।
ମୁନି-ଉପଦେଶେ ମୋକ୍ଷପ୍ରାପ୍ତି ଆଶେ
ହେବାରୁ ସର୍ପ ସଂଯତ,
ରଗୁଆଳ ପିଲା ଲୋଷ୍ଟ୍ରଘାତେ ତାର
କଳେବର ହେଲା କ୍ଷତ ।
ଅସହ୍ୟ ପ୍ରହାରେ ଜର୍ଜରିତ ହୋଇ
କଣ୍ଠଗତ ହେଲା ପ୍ରାଣ,
ନୀରବେ ରହିଣ ସେ ଚାହିଁ ଲଭିଲା
ଦୁଷ୍ଟ ପାଖୁଁ ପରିତ୍ରାଣ ?
ଘୋର ପୀଡା ସହି କାହା ପ୍ରତି ତଳେ
ନ କଲା କ୍ରୋଧ ପ୍ରକାଶ,
ତହୁଁ ତାକୁ ଛାଡ଼ି ମଣ୍ଡୁକମଣ୍ଡଳୀ
କଲେ ତୀବ୍ର ଉପହାସ ।
ପୁଣି କେତେ ଦିନେ ଯୋଗପ୍ରାଣ ଯୋଗୀ
ଯାଉଁ ଯାଉଁ ସେହି ପଥେ
ସର୍ପକୁ ସମ୍ମୁଖେ ଦେଖି ପଚାରିଲେ,
କି ବାପୁ ଅଛୁ କେମନ୍ତେ ?
ବୋଇଲା ଭୁଜଗ, ହେ ଗୋସାଇଁ ଜସ
କହିବି ଅଧିକ ଆଉ,

* ବଳହୀନ, ଦୁର୍ବଳ ।

ତବ ଉପଦେଶ ପାଳି ଏହି ଫଳ,
ଭେକ ମୂଷା ନେଲେ ଦାଉ !
ଶୃଗାଳ ପିଲେ ଦନ୍ତାଘାତେ ଦେହେ
ନ ରହିଲା ଖଣ୍ଡେ ଚର୍ମ,
ସ୍ୱଧର୍ମ ପାସୋରି ଆପେ ଆପେ ସିନା
ଅର୍ଜିଲି ଏହି କର୍ମ ।
ହସି ହସି ତହୁଁ ବୋଇଲେ ତାପସ,
କାହିଁ ହେଲୁ ବୁଦ୍ଧିବଣା,
ମନା କରିଥିଲି କିଏ ତୋତେ ବାରୁ
ଟେକିବାକୁ ଟେକି ଫଣା ।
ମାରିବା ଅପେକ୍ଷା ଭୟ ପ୍ରଦର୍ଶନ
ସହସ୍ରଗୁଣେ ମହାନ,
ଅନ୍ୟାୟ ଦମନେ କରନ୍ତି ସାଧୁଏ
କପଟ କ୍ରୋଧର ଭାନ ।
ସେହି ଦିନୁ ସର୍ପ ବାହ୍ୟେ ଆଚରିଲା
ନିର୍ଦ୍ଦିଷ୍ଟ କ୍ରୋଧଭାବ,
ଭୟରେ ଆଉ ତା ପାଖ ନ ପଶିଲେ
ଶୃଗାଳ ଲୁବ୍ଧସ୍ୱଭାବ ।
ଅହିଂସା ଆଚରି ପରକାଳେ ସର୍ପ
ଲଭିଲା ପରମ ଗତି,
ଅହିଂସା ଅଟଇ ସର୍ବଧର୍ମସାର
ପରକାଳର ସମ୍ପତ୍ତି ।

—:•:—

## ପୁନର୍ଜନ୍ମ

ଏହି ଦେହେ ପୁନର୍ଜନ୍ମ ଆଜ ଏହି ଦେଶେ,
ଲକ୍ଷ ଲକ୍ଷ ଶଲଗାଡ଼ି ରହିଗଲା ଶେଷେ ।
ଚୂର୍ଣ୍ଣ ଚୂର୍ଣ୍ଣ ନାବଗଣ୍ଡି କୂଳେ ଗଲା ଗୃଳି,
ସଙ୍କଟ ଫିଟିବା ଦାଉ ନେଲା ସେ ସମ୍ଭାଳି ।
ହେଉଁ ହେଉଁ ନବାହନ ଯାନ୍ତ୍ରୁ ପତ୍ୟମାନ, *
ରହିଲି ଓହ୍ଲାଇ ପଦେ ଯନ୍ତ୍ରବା ସମାନ ।

ସ୍ମରିଲେ ସେ ଦଶା ହୁଏ ଚକିତ ମାନସ,
ଆତ୍ମବିଶ୍ୱାସ ଦେଖି ମାତେ ପୁଣି ହସ ।
ମୃତ୍ୟୁ ନଶ୍ୱେ ଅମୃତର ସୁବର୍ଣ୍ଣ ସୋପାନ,
ମାବ ଶୁଣି ନାମ ତାର ଥରିଉଠେ ପ୍ରାଣ ।
ମହାସତ୍ତ୍ୱ ମହାଜ୍ଞାନୀ, ବୀର ସର୍ବଜ୍ଞୟ,
"ମୃତ୍ୟୁ" ଏହି ବେନି ବର୍ଣ୍ଣେ କେ ନ କରେ ଭୟ ।
ଜାଣିଲି ମୁଁ ଅପଘାତୁ ତାହା ଲଭ କରି,
ଦୁର୍ବଳର ଭଗବାନ ଶରୀର ପ୍ରହରୀ ।

## ପଥ ପାର୍ଶ୍ୱେ ପଡ଼ିଥିବା ଶବ ପ୍ରତି

ଏ କି ଦଶା ଆଜି ତୋର ହତଭାଗ୍ୟ ନର,
ସ୍ଥୂଳ ତନୁ କାହିଁ ଆହା ଧୂଳିରେ ଧୂସର ?
କହ୍ଲାର ପାଖୁଡ଼ାଜିତ ଅଙ୍ଗେ ନ-ନନ୍ଦିତ,
ନଖପନ୍ତିମାନ ତୋର ଲାଲିମା ରଞ୍ଜିତ ।
ନିଭିଯାଇଅଛି ଆହା ରୂପ-ଦୀପଶିଖା,
କୃପଣର ଲାଗି ପ୍ରାୟ ଦଶେ ଦେଲୁ ଫାଙ୍କି ।
ଢଳ ଢଳ ସୌମ୍ୟ ନେତ୍ର ଶ୍ରୀହୀନ କପାଳ
କିଏ ଦେଲା ତାତ ପୃଷ୍ଠ ପାରିଦ ଛଡ଼ାଇ ?
ମଣୁଥିଲୁ କ୍ଳେଶ ପଦ୍ମ ଫୁଟିଲେ କଣ୍ଟକ,
ଶୃଗାଳ ଦଂଶନେ ଏବେ ନାହିଁ କାହିଁ ଦକ ?
ନାହିଁ ତୋ କୋମଳ ଶଯ୍ୟାସ୍ନିଗ୍ଧ ଉପାଧାନ ?
ନଗ୍ନ ଦେହେ ଶେଷେ ତୋର ଆଶ୍ରୟ ଶ୍ମଶାନ !
କେତେ ନ ସଞ୍ଚିଥିଲୁ ଯଶ ମାନ ଧନ,
କେହି ତ ପାରିଲେ ନାହିଁ ରଖି ତୋ ଜୀବନ !
କେତେ ସ୍ନେହେ ଯତ୍ନେ ଥିଲୁ ଦାସ୍ୟତେ ମଣ୍ଡି,
ଶେଷେ କାଢ଼ିନେଲେ ସେ ତୋ ଅଙ୍ଗବସ୍ତ୍ରଖଣ୍ଡି ।
ମାୟା ସଂସାରର ପରି ଏଭଳି ମମତା,
ଏଥିଲାଗି ପୋଷେ ନର ବ୍ୟର୍ଥ ଆଶା-ଲତା ।
ଅନ୍ତିମ ଅବସ୍ଥା ଯେବେ ଭାବୁଥାନ୍ତେ ଜନେ,
ଆଶ ପିଶାଚନୀ କାହିଁ ପୋଷନ୍ତେ ବା ମନେ ।

* ରେଲଗାଡ଼ିରୁ ପୂର୍ଣ୍ଣ ପଙ୍ଗୁ ଦୈବାତ୍ ରକ୍ଷା ପାଇଥିଲି ।

କାହିଁ ସେହି ପ୍ରିୟଧନ ଦାରସୁତ କାହିଁ,
ଶେଷକାଳେ କେହି ତୋର ନିକଟରେ ନାହିଁ ।
ଶିଶୁପାଠ ପ୍ରାୟ ତୋତେ ପାସୋରି ଅଚିରେ
ନଷ୍ଟହେଲେଣି ତୋହୋ ସ୍ମୃତି ତୋହର ଶରୀରେ ।
ହିଡିରେ ତୋ ତନୁ ହେବ ପଞ୍ଚଭୂତେ ଲୀନ,
ଜଳବିମ୍ବ ଯାଏ ଯଥା ଜଳରେ ମିଶିଣ ।
କହ କହ ଗତାସୁ ରେ ସତ୍ୟ ସମାଚାର,
କି କରି ଗଲୁ ତୁ ଜନ୍ମଭୂମି-ଉପକାର ?
କି ସଞ୍ଚୟ କରିଥିଲୁ ପରକାଳ ପାଇଁ,
ଉଚିତ କର୍ତ୍ତବ୍ୟ ତୋର ସାଧିଛୁ କି ନାହିଁ ?
କିମ୍ବା ସେ କର୍ତ୍ତବ୍ୟେ ମୋହେ ଦେଇ ଜଳାଞ୍ଜଳି
ବିଷୟ-ବିଷାକ୍ତ ସ୍ରୋତେ ପଡ଼ିଥିଲୁ ଢଳି ?
ଧିକ ମୋ ବୁଦ୍ଧିକି ମୁହିଁ ହୋଇଲିଣି ବାଇ,
ଝଣାରୁଛି ତୋତେ ନିଜ ଗୋଡ଼କୁ ନ ଚାହିଁ ।
ତୁହି ତ ବନ୍ଧନମୁକ୍ତ, ମୁଁ ଯେ ଶୃଙ୍ଖଳିତ,
ତୋ କର୍ତ୍ତବ୍ୟ ଆଲୋଚନା ନୁହେଁ ମୋ ଉଚିତ ।
ଚାହୁଁଛି ମନକୁ ଏବେ କପଟି ସେ ଠକ,
କଣ୍ଟକେ ସୁମନ ତହେଁ ସୁମନେ କଣ୍ଟକ ।
ଧିକ ସେ ମନକୁ ତାର କାର୍ଯ୍ୟ ଶତ ଧିକ,
ଧନ ଜନ ମାୟା ସବୁ ଅନିତ୍ୟ ଅଳୀକ ।
ଦେଖୁ ଶବ ଗୁପ୍ତ ଶିକ୍ଷା ଭ୍ରାନ୍ତ ନରଚୟେ,
ସମସ୍ତଙ୍କ ଏହି ଦଶା ଅନ୍ତିମ ସମୟେ ।

———

## କାଳସର୍ପ

ଭେକେ ଫଁ ଫଁ ହେଉ ବୃଥା ଆରେ କାଳସର୍ପ,
ଭାଙ୍ଗିଗଲେ ବିଷଦନ୍ତ ସରିଯିବ ଦର୍ପ ।
ଯେଉଁ କାଳବଳେ ତୁହି ପ୍ରକାଶୁ ପୌରୁଷ,
ପ୍ରତିକୂଳେ ସେହି କାଳ ଶୋଷିବ ଆୟୁଷ ।
ଚିରକାଳ ରହି ନାହିଁ କାହା ଦମ୍ଭ ଗର୍ବ,
ଆସୁଛି ସମୟ ସବୁ କରିଦେବ ଖର୍ବ ।
ଏହା ଜାଣି ତେଜ ଆଉ ହୁଅ ସାବଧାନ,
ତୋହୋଠାରୁ ବଳୀୟାନ୍ ବିଧାତା ବିଧାନ ।
ସେ ବିଧାନ ଭାଙ୍ଗିଦେବ ତୋର ବିଷଦନ୍ତ,
କର୍ମ ଅନୁସାରେ ଫଳ ଲଭିବୁ ତୁରନ୍ତ ।
ଅବିଶ୍ୱାସୀ ଅକୃତଜ୍ଞ ସ୍ୱାର୍ଥପର ନର
ତୋହୋଠାରୁ ଶତଗୁଣେ ବଳି ଭୟଙ୍କର ।
ତୋହ ତୀବ୍ର ଗରଳର ଅଛି ପ୍ରତୀକାର,
ମାତ୍ର ଅବିଶ୍ୱାସି-ବିଷୁଁ ନ ମିଳେ ନିସ୍ତାର ।
କପଟ-କଳ୍ପିତ-ବିଷେ ପୂର୍ଣ୍ଣ ତା ହୃଦୟ,
ପ୍ରଚ୍ଛନ୍ନେ ସେ ମୂଳ କାଟି ବାହ୍ୟେ ତାଳେ ଦେୟ ।

— —❋— —

## ଦେବତା

କିପାଇଁ କହନ୍ତି ଜନେ ଦେବେ ଅଶରୀରୀ,
ମିଥ୍ୟା କଥା, ଦେଖିଛି ମୁଁ ଶରୀରୀ ଦେବତା
ମହୀତଳେ, ମୂର୍ତ୍ତିମନ୍ତ କୃପା-ଅବତାର,
ଆନ ପାଇଁ କଷ୍ଟଭୋଗ ବିଶୁଦ୍ଧ ଦେବତ୍ୱ ।
ବସି ଯେଉଁ ମହାଜନ ରୋଗୀ ଶଯ୍ୟାପାଶେ
ସେବାବ୍ରତ, ସେବାରତ ନିର୍ବିକାର ମନେ,
ସାମ୍ୟ-ପୂତ ଦୃଷ୍ଟି ଯାର ନ କରେ ବାରଣ
ପର କିମ୍ବା ଆପଣାର; ପୋଛିଦେଇ ସ୍ନେହେ
ଅଶ୍ରୁ ଆନ ନେତ୍ରୁ, କରେ ଲୋଚନ-ପଙ୍କିଳ
ନିଜ ନେତ୍ର ଆନ ଦୁଃଖେ, ସେହି ତ ଦେବତା;
ସୁଖ ମଣେ ଦୁଃଖେ, ଦୁଃଖ ବାଞ୍ଛିତ ତାହାର ।
ସୁଖ ସିନା କାଳ୍ପନିକ, ବନ୍ଧ୍ୟାପୁତ୍ର ପ୍ରାୟ,
ଶୂନ୍ୟଗର୍ଭ ସ୍ୱପ୍ନ ତାହା ଅସାର ଅଳୀକ ।
ହେଉ ପଛେ ଗଛମୂଳ ନିବାସ ତାହାର,
ମାତ୍ର ସେ ପବିତ୍ର ସ୍ୱର୍ଗ—ସତ୍ୟ ଶିବଧାମ ।
ଦେବତାନିବାସ ସ୍ୱର୍ଗ ନୁହେଁ ତ କେବଳ,
ସତ୍ୟ ସାମ୍ୟ ପ୍ରୀତି ମୈତ୍ରୀ ପୁଣ ରୁ ପୁର ସେ ।
ଉଠେ ଯହିଁ ନିତ୍ୟ ସ୍ନେହ-ଇନ୍ଦୁ-ସିନ୍ଧୁନିଧି,
ବହେ ଶାନ୍ତି-ମନ୍ଦାକିନୀ ମଧୁରେ ମଧୁରେ,

ନତସନ୍ତ ଧର୍ମ, ନ୍ୟାୟ—ସ୍ୱଭାମନ୍ଦିରୂପେ,
ମନ ନୁହେଁ ଶଷବିରଧ ସ୍ୱାର୍ଥ-ଶାସ୍ତ୍ର ବଶେ,
ଜନ୍ମା ନୁହେଁ ରଙ୍ଗାଜନ୍ମ ଆଶା, ବାସନାର,
ନ ବଢ଼ାଏ ଯହିଁ ଆଶା ଆଶାକୁ ଜଦାତ,
ସେହି ତ ସ୍ୱରଗ—ପୁଣ୍ୟେ ଅମୃତ ଅଙ୍କର ।
ଯେଉଁ ଦିନ ପ୍ରତିଗୃହ ବହିବ ଏସନ
ସ୍ୱର୍ଗର ସୁଷମା ଭୂଷା, ଖେଳିବ ସେ ଦିନ
ମର୍ତ୍ତ୍ୟରେ ଅମରପୂଜ୍ୟ ଅମର ମହିମା ।
ଯେ ଗୃହର ପରିବାର ସମସ୍ତେ ମୂରଖ,
ପୁଣି ମହାଅଭିମାନୀ, ଈର୍ଷାର ଦୁର୍ଗନ୍ଧେ
ଦୁର୍ଗନ୍ଧିତ ଯେଉଁ ଗୃହ, ପିଶାଚାଗାର ସେ,
ଅସୁଲଭ ସୁଖ ତହିଁ, ସୁଲଭ ଯନ୍ତ୍ରଣା ।

## କାହାର ଏ ସୃଷ୍ଟି ?

କିଏ କର୍ତ୍ତା ଏ ସୃଷ୍ଟିର କାହିଁ ସେ ? ଏ ସୃଷ୍ଟି,
କେଉଁ ଅପଦେବର ଏ କୁ-କୌତୁକ ଧୃଷ୍ଟି ।
ପ୍ରବଳର ସବୁ କର୍ମେ ଜୟ ଆଜୀବନ,
ଦୁର୍ବଳର ଭାଗ୍ୟେ ଭୋଗ୍ୟ ଦୁଃଖର ପୀଡ଼ନ ।
ଏହା ଯେବେ ସାମ୍ୟନୀତି, ପକ୍ଷପାତ କିଏ ?
ନ୍ୟାୟର ମର୍ଯ୍ୟାଦା ଏଥି ନାହିଁ ତ ଟିକିଏ ।
ଭେକସ୍ତମ୍ଭେ ଅଗ୍ନି ଜାଳି ନଷ୍ଟଏ ବାଳକ,
ବୁଝେ କି ଭେକର ସେହୁ ପ୍ରାଣର ଆତଙ୍କ !
ଜଣକର ଚରିତାର୍ଥ ହେବ କୌତୂହଳ,
ଆନର ହୋଇବ ହାୟ ଜୀବନ ବିଫଳ ।
ତାହା ପାଶେ କରୁ କିଏ କେବେ ଆବେଦନ
କରନ୍ତି କି ଜ୍ୱାଳାଦଗ୍ଧ ମର୍ତ୍ତ୍ୟେ ଆଗମନ ।
ତେବେ କିଏ ବୃଥା ଦଣ୍ଡ ଭୁଞ୍ଜିବ କିପାଇଁ,
ପେଷିନ୍ତି ଯେ ବଳେ ବଳେ ନୁହେଁ କି ସେ ଦାୟୀ ?
ଧାତା ପରେ ଧାତା କେତେ ଥିଲେ ବଳୀୟାର,
ପାରନ୍ତା କି ତଳ ଅହୋ ଏକେ ଦୁର୍ବିଣୁର ।
ସ୍ୱୟଂ ସର୍ବେସର୍ବା ଯେତୁ ଚର ଜଗଦୀଶ୍ୱର,
ତାହା କଥା ଏତା ସିନା ତାକୁ ପନ୍ଥାନ୍ତର ।
ତାହା ଅବସ୍ଥାନ୍ତରର ପ୍ରତିକାର ପାଇଁ
ଯୁଝାଣ୍ଡ କରିବ କିଏ ତାହା ଆଗେ ଯାଇ !
ଜନ୍ମିବ ଯଦ୍ୟପି ଏହା ହୋଇ ତେ ନିର୍ଭୀକ,
ହେବ ସେ ଜଗତ-ନେତ୍ରେ ନାରକୀ ନାସ୍ତିକ ।
ଅତଏବ ନୀରବତା ସବୁଠାରୁ ଭଲ,
ଭଲ କଥା ଏ କାଳେ ତ ଗଣା ହୁଏ ଗଲ ।

## ବିଜୟ-ଗୀତିକା

ଦେବଦ୍ୱେଜ୍ୟ ବାଜେ ଦୁନ୍ଦୁଭିଚୟ
ଉଡ଼ାନ୍ତି ଗୌରବେ ଗମ୍ଭୀରେ ଜୟ,
ହୋଇଛନ୍ତି ଜୟ-ରବି ଉଦୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୧ ।
ଚରାଚର ଆଜି ଜୟମଣ୍ଡିତ,
ଜୟ-ଲକ୍ଷ୍ମୀ ଆଜି ବ୍ରିଟେନାଶ୍ରିତ,
ଗାଆନ୍ତି ଧରଣୀବାସିନିଚୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୨ ।
ଅଧର୍ମୀ ଜର୍ମାନୀ ଗଲା ନିପାତ,
ହେଲା ତାହା ଶିରେ ଅଶନିପାତ,
ଯହିଁ ଧର୍ମ ତହିଁ ଜୟ ନିଶ୍ଚୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୩ ।
ପଞ୍ଚବର୍ଷବ୍ୟାପୀ ମହା ସଂଗ୍ରାମ
ଉଜ୍ଜଳିବ ଆଜି ଚିର ବିଶ୍ରମ,
ଆକାଶ ପାତାଳ ହର୍ଷେ ଅଥୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୪ ।
ହିମାଦ୍ରି ଶିଖରୀ ଭାରତ-ସ୍ୱର୍ଗ,
ବିନ୍ଧ୍ୟାଚଳ ଘେନି ଆର୍ଯ୍ୟବର୍ଗ
ଗୁହାମୁଖେ ଗାନ୍ତି ହୋଇ ତନ୍ମୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୫ ।
ଜୟଗୀତି ଗାଏ ସପ୍ତ ସାଗର,
ଘୋଷନ୍ତି ବିଜୟ ଅଷ୍ଟଭୂଧର,
ଗାଉଛନ୍ତି ରବିଶଶୀ ଉଭୟ,
ଜୟ ଜୟ ଜୟ ବ୍ରିଟେନ ଜୟ । ୬ ।

ଚୂର୍ଣ୍ଣିତ ହେଲା ଜର୍ମାନୀ ଦର୍ପ,
ମଣିହୀନ ହେଲା ସେ କାଳସର୍ପ,
ବିଶ୍ୱ-ସ୍ୱାଧୀନତା ନ ହେଲା କ୍ଷୟ,
ଜୟ ଜୟ ଜୟ ବ୍ରିଟେନ ଜୟ ।୭।
ଘରେ ଘରେ ଆଜି ଆନନ୍ଦୋତ୍ସବ,
ଘରେ ଘରେ ଉଠେ ବିଜୟ ରବ,
ଗାଆନ୍ତୁ ବାଳକେ ଫେଣ୍ଡ ହୃଦୟ,
ଜୟ ଜୟ ଜୟ ବ୍ରିଟେନ ଜୟ ।୮।
ଜଗତ-ଗୌରବ କେଶରୀଧ୍ୱଜ,
ଜୟ ସମ୍ରାଟ ପଞ୍ଚମ ଜର୍ଜ,
ଜୟ ମହାରାଣୀ ମେରୀଙ୍କ ଜୟ,
ଜୟ ଜୟ ଜୟ ବ୍ରିଟେନ ଜୟ ।୯।
ଜୟ ପୁରସ୍କାରସ୍ୱରୂପେ ପ୍ରଭୁ,
ବାଞ୍ଛନ୍ତି ଉତ୍କଳ ଏକତ୍ର ଲଭୁ,
ପ୍ରଦାନ ଏ ଭିକ୍ଷା ହେ କୃପାମୟ,
ଜୟ ଜୟ ଜୟ ବ୍ରିଟେନ ଜୟ ।୧୦।

—*—

## ବିଜୟୋତ୍ସବ

ଧୂମସିନ୍ଧୁ ବ୍ୟୋମବ୍ୟାପୀ ନରମେଧ ଯାଗ
ଲଭିଲା ପୂର୍ଣ୍ଣାହୁତି ପାଞ୍ଚ ବର୍ଷ ପରେ,
ନିବର୍ତ୍ତିଲା ହାହାକାର, ଯୁଦ୍ଧ ଅସ୍ତ୍ରଝଙ୍କାର,
ମାନବର ସ୍ୱାଧୀନତା—ଜଗତର ଧର୍ମ
ରହିଲା ଅକ୍ଷତ, ଶାନ୍ତ ହୋଇଲା ଧରଣୀ ।
ସାଧିଲା ଏ ମହାକର୍ମ ଆଜି ମହାଦିନ,
ସ୍ମରୁଁ ଥିଲେ ଯେ ଦିନକୁ ଆତୁର ନୟନେ
ବ୍ୟସ୍ତପ୍ରାଣେ ବିଶ୍ୱବାସୀ, ସ୍ମରୁଁ ଥାଏ ଯଥା
ଶିଶିରକ୍ଲିଷ୍ଟ ମୁଣୀ ଧନ୍ୟ ମଳୟ ଅନିଳେ,
ପୃଥିବୀର ଇତିବୃତ୍ତେ ସୁବର୍ଣ୍ଣ ପୃଷ୍ଠାରେ
ଶୋଭିବ ବୃହଦକ୍ଷରେ ଏ ସୁଦିନ ନାମ ।
ପ୍ରତିବର୍ଷ ଏ ଦିବସ ପୁଣ୍ୟପର୍ବ ପ୍ରାୟ
ପାଳିତ ପୂଜିତ ହେବ ଧରଣୀମଣ୍ଡଳେ,
ଜାତି-ଧର୍ମ-ବର୍ଣ୍ଣ-ଦେଶ-ପାତ୍ରନିର୍ବିଶେଷେ ।
ମାନବଜାତିର ଧର୍ମ, ସ୍ୱାଧୀନତା-ରତ୍ନ
ହରିବାକୁ ବସିଥିଲା ଦୁରନ୍ତ ଜର୍ମାନୀ;
ଏତେ ବଡ଼ ଦୁଃସାହସ, ଏତେ ଦୁରାକାଂକ୍ଷା,
ଏତେ ବଡ଼ ମହାପାପ ସହିବ କି ଧର୍ମ !
ଉଦରକ ଦୂର୍ଧି ଯାଏ ଜ୍ୱଳନ୍ତ ଚୁଲିରେ ।
ଅତି ଦର୍ପ ସହେ ନାହିଁ ଧର୍ମ କେଉଁ କାଳେ,
“ଅତି ଦର୍ପେ ହତା ଲଙ୍କା” ପ୍ରମାଣ ଏ ଉକ୍ତି ।
ଜର୍ମାନ-ରାବଣାସୁର ଜଗତ ବଇରୀ,
ଯାହାଯୋଗୁଁ ହତ ହାୟ କୋଟି ମହାପ୍ରାଣୀ,
କୋଟି କୁବେରର ଧନ ହେଲା ଭସ୍ମସାତ,
ଏ ପାପେ ସେ ପରାଜିତ କେଶରୀ ହସ୍ତରେ ।
ସିଂହର ସ୍ୱଭାବ—ସେହୁ ଖେଳାଏ ଶିକାରେ,
ନ ମାରେ ଧରିବାମାତ୍ରେ, କେବେ ବସେ ମାଡ଼ି,
କେବେ ଦିଏ ଛାଡ଼ି, ତହୁଁ ସେ ଶିକାର ମଣି
ସିଂହକୁ ଦୁର୍ବଳ, ମାରେ ଲମ୍ଫଝମ୍ପ ଗର୍ବେ
ଦେଖୁଥାଏ ସିଂହ ତାହା କୌତୁକ ଦୃଷ୍ଟିରେ,
ବୀର୍ଯ୍ୟ ଜଣି ଆତ୍ମବଳ ଅକାଳେ ଶିକାର,
ଅବହେଳେ ନାଶେ ତାକୁ ସହାସ୍ୟେ କେଶରୀ ।
ସେହି ହେତୁ ବଢ଼ିଥିଲା ଜର୍ମାନୀ ଗରିମା,
ନହୁ କେଉଁ କାଳୁ ତାର ଜୀବନ-ପଞ୍ଜିକା
ସମୂଳରେ ଦିଅନ୍ତାଣି ପୋଛୁ ଚିତ୍ରଗୁପ୍ତ ।
ଗର୍ବ-ଆଧିପତ୍ୟ-ଚ୍ୟୁତ ଆଜି ସେ ଜର୍ମାନୀ,
ବିଷହୀନ ମଣିହୀନ ଏବେ କାଳଫଣୀ,
ଆସୁଛି ପବନ-ସ୍ରୋତେ ବିଜୟ ସମ୍ବାଦ
ଖେଳୁଛି ପୃଥିବୀସାରା, ଯହିଁ ଦେଖ ତହିଁ
ଲାଗିଛି ଆନନ୍ଦୋତ୍ସବ, ଉଠେ ଜୟରବ ।
ମହାସ୍ଫୁରିତ ହୋଇ ସେ ବିଜୟ-ଧ୍ୱନି
ଉଠୁଛି ଆକାଶେ, ତହୁଁ ପ୍ରତିଧ୍ୱନି ଛଳେ
ଘୋଷୁଛି ଅନନ୍ତ ନଭ ଜୟ ଜୟ ଜୟ ।
ଜଗତର ପ୍ରିୟ ରକ୍ଷୁ, ପ୍ରିୟ ସ୍ନେହବନ୍ଧୁ
ଉଠୁଛି ଗମ୍ଭୀରେ ଜୟ ବ୍ରିଟେନର ଜୟ ।

ବର୍ଷନ୍ତୁ ବ୍ରିଟେନ ଶିରେ ଶତ ଆଶୀର୍ବାଦ
ଦେବ ଆଶୀର୍ବାଦ ସହ, କୋଟି କୋଟି ଭକ୍ତ
ମହାଋଷି ବ୍ରିଟେନର ସାଧୁବାଦେ ରତ ।
ଲାଗିଅଛି ବୀରପୂଜା ପ୍ରତି ଘରେ ଆଜ,
ବ୍ରିଟିଶ କେଶରୀ ବାନା ଉଡ଼ନ୍ତୁ ସଗର୍ବେ ।

---

## ବଡ଼ଲୋକ

ଶୁଣିଛ କି, କେହୁ କେବେ କରନ୍ତି ଭୋଜନ
ହୀରକର ଅନ୍ନ ସଙ୍ଗେ ମୁକ୍ତାର ବ୍ୟଞ୍ଜନ ?
କାଷ୍ଠାଗ୍ନିରେ ପୋଡ଼ା ହେବ ଦୀନ ନିଃସମ୍ବଳ,
ଧନୀ ପାଇଁ ଲୋଡ଼ା କି ହେ ସୁବର୍ଣ୍ଣ ଅନଳ ?
ଧନୀ କି ଅଧିକ ଚକ୍ଷୁକର୍ଣ୍ଣ ଆଦି ଧରେ ?
କି ପ୍ରଭେଦ କେବେ ଧନୀ ଦରିଦ୍ର ମଧ୍ୟରେ ?
ଧନୀ ବୋଲି ଜରାଗ୍ରସ୍ତ ଦେବ ନାହିଁ ପୀଡ଼ା,
ସମସ୍ତେ ତା ଆଗେ ହେବେ ହାତ ଯୋଡ଼ି ଛିଡ଼ା ।
ବଡ଼ ସାନ ବୋଲି ଶୁଣେ କିପାଁ ବୃଥା ହୁଣ୍ଡ,
ବଡ଼ଲୋକ ନାମେ ପଡ଼େ ପର୍ବତ ଉପୁଣ୍ଡ !
ଗୁଣ ପାଇଁ ନରପୂଜା, ନୁହେଁ ଧନ ପାଇଁ,
ଧନଲୋଭେ ମନ ଧରୁ ଯେ କହେ ସେ ବାଇ ।
ଅହମିକା-ଗର୍ବ-ଗାଣ୍ଠି ଯେ ଶକ୍ତୁଦ ଜନ,
ବଡ଼ଲୋକ ଆଖ୍ୟାର ସେ ପୂର୍ଣ୍ଣ ଅଭାଜନ ।

—:*:—

## ଅଚଳା ସୂତା

ବଜାରର ଧାରା ଏହା ଜାଣନ୍ତି ସକଳେ,
ଯେଉଁ ଟଙ୍କା ଭଲ ବାଜେ ସେହି ଟଙ୍କା ଚଳେ,
ଗଭୀର ଗର୍ଜନ ଯେହୁ ଯେତେ କରିପାରେ,
ସେତେ ସମାଦର ତାର ସମାଜ-ବଜାରେ

* * *

ଦୁଃଖେ ମରିବାକୁ ସିନା ଇଚ୍ଛେ ଅକର୍ମଣ୍ୟ,
ମାତ୍ର ଦୁଃଖେ ବଞ୍ଚିବାକୁ ବାଞ୍ଛେ କର୍ମୀ ଜନ ।

* * *

ସାର ଉପଦେଶ ଏହା—ତ୍ୟାଗେ ନାହିଁ ସୁଖ,
ଦୁଃଖୀ ସେହୁ—ପ୍ରକୃତର କର୍ମେ ଯେ ବିମୁଖ ।

* * *

ମାନବ ଜୀବନ ନୁହେଁ ଅନର୍ଥକ କେବେ,
ଇଚ୍ଛନ୍ତି ମାନବ ଜନ୍ମ ମୃତ୍ୟୁଞ୍ଜୟ ଦେବେ,
ଯେ ଜୀବନେ କରି ହୁଏ ମୁକ୍ତି ଉପାର୍ଜନ
ବ୍ୟର୍ଥ କିମ୍ବା ମିଥ୍ୟା କେବେ ନୁହେଁ ସେ ଜୀବନ ।

* * *

ହେବ ଯଦି ବଡ଼, ତେବେ ହେବ ନିଜପାଇଁ,
ମାତ୍ର ପରପାଇଁ କେବେ ବଡ଼ ହେବ ନାହିଁ ।
ନର ହୋଇ ମଣେ ଯେହୁ ନରଠାରୁ ବଡ଼,
ହେଲେ ସୁଦ୍ଧା ବାବଦୂକ ସବୁବେଳେ ସେ ଜଡ଼ ।
ଧନ ମାନ ଆଭିଜାତ୍ୟ ନୁହେଁ ବଡ଼ପଣ,
ତଥା ବଡ଼ପଣ ନୁହେଁ ଦୁର୍ବଳ-ପୀଡ଼ନ ।
ସ୍ନେହ ମୈତ୍ରୀ ଦୟା ସତ୍ୟ ସାମ୍ୟ ସରଳତା,
ମାନବ ଜୀବନେ ସିନା ଏହା ମାନବତା ।
ଖୋଜନ୍ତି ମାନବେ ସ୍ୱର୍ଗ ବୃଥା ହୋଇ ବାଇ,
କର୍ମ ମଧ୍ୟେ ସ୍ୱର୍ଗ ଅଛି ଏହା ଜଣା ନାହିଁ ।
କର୍ମେ ଗଢ଼ା ହୁଏ ସ୍ୱର୍ଗ ନିଜ ମନୋମତ,
କର୍ମ ବିନା ମାନବର ନାହିଁ ଅନ୍ୟ ପଥ ।
କଥାରେ ନ ହୁଏ କର୍ମ ହୁଏ ହସ୍ତପଦେ,
ହୁଏ ନାହିଁ ଧନୀ କେହୁ ବଚନ-ସମ୍ପଦେ ।
ହେବ ପଛେ ମୂକ, ମାତ୍ର ବଚନସର୍ବସ୍ୱ
ନ ହେବ କଦାଚ କରି ହୃଦୟକୁ ହ୍ରସ୍ୱ ।

# କୌତୁକ କବିତା

## କୁକୁର

ଯେତେବେଳେ ଯାର ଖାଏ ସେତେବେଳେ ତାର,
କୁକୁରର ସିନା ଏହି ନୀଚ ବ୍ୟବହାର ।
ମନୁଷ୍ୟ ମଧ୍ୟରେ ସୁଦ୍ଧା ଅଛନ୍ତି କୁକୁର,
ସେ କୁକୁର, ଆନେ ଯେହୁ କରେ ତୁର ତୁର ।୧।
ପେଟ ପାଇଁ କରେ ଯେହୁ ଅକର୍ମ କୁକର୍ମ
ଭେଳି ଆତ୍ମଗଉରବ ଜାତିକୁଳଧର୍ମ,
ନିଶ୍ଚୟ କୁକୁର ସେହୁ ହେଲେ ସୁଦ୍ଧା ନର,
ବଡ଼ ଉପାଦେୟ ମଣେ ଅଇଣ୍ଠାପତର ।୨।
ପର ମନ ଧରି ଯେହୁ କହୁଥାଏ କଥା,
ଧରେ ପର ଉପାନହ ନମ୍ରେ ପାତି ମଥା,
ଗିଳୁଥାଏ ସାଗ୍ରହରେ ପରର ଉଦ୍‌ଗାର,
କୁକୁର ଉପାଧି ସିନା ସାର୍ଥକ ତାହାର ।୩।
ଯେ ଚଣ୍ଡାଳ ଅନ୍ୟଠାରୁ ଲଭି ଉପକାର
ସମୟ ପଡ଼ିଲେ କରେ ତାକୁ ତିରସ୍କାର,
ଅକୃତଜ୍ଞ କୁକୁର କେ ତାହାଠାରୁ ଆଉ,
ଅନ୍ନଦାତାକୁ ଯେ ଖେଦେ ହୋଇ ଭାଉ ଭାଉ ।୪।
ଉଦର ପୂରାଇ ଶ୍ୱାନେ ଦେଲେ ଖଣ୍ଡା ପିଠା,
ତେବେ ସେ ଗୃଷିବ ଯାଇ ସାଦରେ ଅଇଁଠା,
ଛି ଛି ସେ କୁକୁର ମୁହଁ ଚୁହଁ ନ ଯୋଗାଇ,
ଅମଙ୍ଗଳ-ପସନ୍ଦ ସେ, ନ ମାଡ଼ ତା ଛାଇ ।୫।

—୦*୦—

## ବଣଓଲ ଓ ବଣମାରୁ

ବୋଲେ ବଣଓଲ ବଣସାରୁକୁ ଆହ୍ୱାନ,
ବଡ଼ ଚଣ୍ଡୁଲ ତୁ ସାଧି ଖାଦକର ହାନି ।
ହସି ହସି ତହୁଁ ତାକୁ କହେ ବଣସାରୁ,
କାଇ ରେ ସେ କଥା ଆଉ କାହିଁକି ପଚୁରୁ ?
ଚଣ୍ଡୁଳ ମୁଁ ସତ୍ୟ, ମାତ୍ର ତୁ ତ ଅଣ୍ଡ ଭଲ,
ଛୁଇଁଦେଲେ ତୋତେ ହାତ ହୁଏ ଗଲଗଲ ।
ପୋଡ଼ି ତୋତେ କଷ୍ଟ ପରେ ତଦନ୍ତେ ସିଝାଇ
ତଥାପି ନ ପାରେ ସୁଦ୍ଧା କେହି ତୋତେ ଖାଇ ।
ଖଳ ବାହ୍ୟେ ଯେତେ ପଛେ ଦେଖାଉ ଗୁଭର,
ମାତ୍ର ତା ଦୁର୍ଗୁଣ ଭଲ କାର ଅଗୋଚର !
ନ ଦେଖେ ସେ ଆତ୍ମଦୋଷ ହିମାଦ୍ରି ପ୍ରମାଣ,
ପରର ରେଣୁଏ ଦୋଷେ ହୁଏ ହତଜ୍ଞାନ ।
ପର ବେଳେ ଚକ୍ଷୁଷ୍ମାନ, ନିଜ ବେଳେ ଅନ୍ଧ,
ନିଜ ଦୋଷ ବାସେ, ପର ଦୋଷଟା ଦୁର୍ଗନ୍ଧ ।
ହେଲେ ସୁଦ୍ଧା ଯେତେ ଅମ୍ଳ କେବେ ଗୋଟାକୁଣୀ
ଆପଣା ଦହିକି ଖଟା କହିବ କି ପୁଣି ?
ନିଜକୁ ସୁନ୍ଦରୀ ମଣେ କୁରୂପା ବନିତା,
ବରଂ ସୁନ୍ଦରୀକି ବାଛି କହେ ସେ କୁତ୍ସିତା
ଗୁଳୁଣୀର ଶତଛିଦ୍ର, ବୃଥା ଅସୂୟାରେ
ଏକଛିଦ୍ର ସୂଚୀକି ସେ ତଥାପି ଖିଆରେ ।
ସ୍ୱଭାବକୁ ବଦଳାଇ ନୁହେଁ କେଉଁମତେ,
ସ୍ୱଭାବର ବଶବର୍ତ୍ତୀ ସମସ୍ତେ ଜଗତେ ।

—୦*୦—

## ପଖାଳ

ପଖାଳ ଉଚ୍ଛଳେ ସଞ୍ଜୀବନୀ-ସୁଧା
ହରେ ଏକ କାଳେ କ୍ଳାନ୍ତି ତୃଷ୍ଣା କ୍ଷୁଧା ।
ମଧୁର ଶୀତଳ ପରିତୃପ୍ତିକାର,
ଯଥା ବଙ୍ଗ ଜନ ଲଘୁ ତିରସ୍କାର ।
ଓଡ଼ିଆ ଜାତିର ପରମ ସମ୍ବଳ,
ବଟେ ତରଳାଙ୍ଗେ ଅମାନୁଷୀ ବଳ ।
ବର୍ତ୍ତି ନୁହେଁ ତାର ମହିମାର ଛେକ
ଗଙ୍ଗା ଗୋଦାବରୀ କରିଥିଲ ଏକ ।
ନୁହେ ଅତିସ୍ତୁତି, ଆଣୁ ତୁ ପଖାଳ,
ଜୀବନ-ସାମ୍ରାଜ୍ୟେ ଜୀବନ-ସକାଳ ।
ତୋହର ପ୍ରସାଦେ ଦରିଦ୍ର ମାନବ
ଭୁଞ୍ଜେ ଶାନ୍ତି-ପ୍ରୀତି-ସାଫଲ୍ୟ-ଗୌରବ ।

ଦେଖାଇ ସାହିତ୍ୟଶିଳ୍ପାଦି ସମ୍ପଦ
କରିଥିଲୁ ଦିନେ ଜଗତେ ପ୍ରବୋଧ ।
ଜୀବନ ଅଦୃଷ୍ଟ ମସ୍ତିଷ୍କ ଗଠନ,
ଏକ କାର୍ଯ୍ୟ ତୁହି କରାଏ ସ୍ଥାପନ ।
ଉତ୍କଳ କରଣୀ ଉତ୍କଳର କୀର୍ତ୍ତି,
ପ୍ରତ୍ୟେକରେ ତୋର ସ୍ଫୂର୍ତ୍ତି ଅବସ୍ଥିତ ।
ଅସମ୍ମାନ କଲେ ତୋ ମହା ମହତ୍ତ୍ୱ,
ଉତ୍କଳର ଯିବ ସବୁ ଉତ୍କଳତ୍ୱ ।

---

## କାଞ୍ଜି

ଜୀର୍ଣ୍ଣ-ଜଠରା କାଞ୍ଜି ସ୍ୱର୍ଣ୍ଣବର୍ଣ୍ଣମୟୀ,
କୋଟି ତୁଣ୍ଡେ ହେବ ନାହିଁ ତୋ ମହିମା କହି ।
ପିତ୍ତବିନାଶିନୀ ତୁହି ପଖାଳର କନ୍ୟା,
ତଣ୍ଡୁଳସମ୍ଭୂତ ଦେବୀ ବ୍ୟଞ୍ଜନରେ ଧନ୍ୟା ।
ପାଇଲେ ତୋହର ସ୍ୱାଦୁ ଦେବଦେବୀମାନ,
ଅମୃତ ଫୋପାଡ଼ିଦେବେ କରି ତୁଚ୍ଛ ଜ୍ଞାନ ।
ବ୍ରାହ୍ମଣର ନିତ୍ୟାସ୍ୱାଦ୍ୟା ଅମ୍ଳରସମୟୀ,
ଶୁଆଗୋଇଠି ତୋର ବଡ଼ ପ୍ରିୟସଖୀ ।
ମୂଳା ସହଚରୀ ସଙ୍ଗେ ରସନା ଆସରେ
ବସିଲେ, ନ ମଣେ କିଏ ସଂତୃପ୍ତି ଭୋଜନେ ?
ତୋହର ସଂସର୍ଗ ସଦା ଲୋଡ଼େ ସାରୁମୁଣ୍ଡା,
ତୋ ସହିତେ କରେ ଭେଣ୍ଡି ମୁହଁଟା ଲୁସୁଣ୍ଡା ।
ଜଳାଜୀର ରସୁଣର ପୁଟପାକ ପରେ
ତୋ ସ୍ୱର୍ଣ୍ଣ ଶ୍ରୀଅଙ୍ଗୁ ଯେଉଁ ସୁବାସ ପ୍ରସରେ,
ତାହାର ଆଘ୍ରାଣ ସୁଖ କି ବର୍ଣ୍ଣିବ କବି,
ତାହା ଜିହ୍ୱା ଲଗେ ତହୁଁ ଯାଏ ନାହିଁ ତୃପ୍ତ ?
କରେ ତୋତେ ଉପାଦେୟ ଅଳବୁ ସଂଯୋଗ,
ଛଣା ସୁଧାପଣା ସେତ ଅମରଙ୍କ ଭୋଗ ।
ଔଷଧ ରୂପରେ ପୁଣି ହୋଇ ବ୍ୟବହୃତ,
ତେତେବେଳେ ତୋର ନାମ ନିଶ୍ଚୟ ଅମୃତ ।
ଅନୁଭବ କରି କାଞ୍ଜି ତୋର ଏ ମହତ୍ତ୍ୱ,
ବୁଝିଲୁ ଏ ଦୂର ସୁଧା ଅଛି ବିଶେଷତ୍ୱ ।

—*—

## ତୀର୍ଥ କପି

କି ଦୁର୍ଦ୍ଦାନ୍ତ ଜୀବ ତୁ ରେ ଅଦ୍ଭୁତଆ ପଶୁ,
ନିର୍ଦ୍ଦୟ ନିର୍ମମ ହତ ଖଳବୁଦ୍ଧି ଦସ୍ୟୁ ।
ଯା ପାଉ ପକାଉ ଯେଣେ ନିଲୁଣ୍ଠାଇ ଡାଳ,
ତାହା ଘରେ ହାଣ୍ଡି ମାରି ଖାଇଯାଉ ଭାତ ।
ତୀର୍ଥର କଳଙ୍କ ତୁମି ହିଂସ୍ର ଦୁରାଚାର,
ତୋ ହେତୁ ଯୋଗୁଁ ଧର୍ମକ୍ଷେତ୍ର ସାଧ୍ୱସ ଆଗାର ।
ସ୍ନାନ ପୁଣେ ନର ସିନା ସହେ ଉପଦ୍ରବ,
ଲଭନ୍ତୁ ଘଣ୍ଟରେ ନରୁ ଯୋଗ୍ୟ ପରାଭବ ।
ସ୍ଥାନର ମାହାତ୍ମ୍ୟ ଯହିଁ ଦୁର୍ମତି ସୁମତି,
କି ଆଶ୍ଚର୍ଯ୍ୟ ନ ଘୁଞ୍ଚିଲା ତୋର ହୀନମତି !
ଗୋଟିଏ ଗୁଣରେ କିନ୍ତୁ ଆଦର୍ଶ ତୁ କପି,
ଜାତି ଅର୍ଥେ ଦେଉ ଯାହା ଜୀବନ ସମର୍ପି ।
ସେ ସ୍ୱଜାତିପ୍ରୀତି ଐକ୍ୟ ସେ ସହାନୁଭୂତି,
ଦୁର୍ଲଭ ମାନବ ପ୍ରାଣେ ସେ ଦେବ-ବିଭୂତି ।

—*—

## ଆଧୁନିକ ଢଗ

ଜଅଁଳଭୁହା ମହଳମୁହାଁ,
ଜାଣିବ ତାହାକୁ ବଡ଼ ଖଚୁଆ । ୧ ।
ଅତି ବିନୟେ ଯେ ଯାଏ ତରଳି,
ଜଗତେ ଲୁଚିଲ ନାହିଁ ତା ଛଳ । ୨ ।
କଙ୍କଡ଼ାଆଖିଆ ଚେଙ୍ଗଜଳା,
ପରତେ ନ ଯିବୁ ହେଲେ ସେ ଭଲା । ୩ ।

ବ୍ରାହ୍ମଣ ହେଲା ଶୂଦ୍ର ପିଙ୍ଗଳା,
ଦେହେ ପାଣି ପିଇଁ ଚାଟନ୍ତି ଗଳା । ୪ ।
ମୁଣ୍ଡିହସା ଦେଇ କହେ ଯେ ଚାଲୁ,
କୁଟିଳ କୁଟଣୀ ଜାଣିବ ତାକୁ । ୫ ।
କଥାରେ ନ ବାଢେ ବାଟୁଳି ଯାର,
କପଟ ମିତୁଆ ସେ କୁଳାଙ୍ଗାର । ୬ ।
ଅନ୍ତରେ ପିତା ମୁହଁରେ ମିଠା,
ଦଗାଦିଆଙ୍କର ଗୁରୁ ସେଇଠା । ୭ ।
ମହୁରଗ ମଣ୍ଡା ଚେମା ସଳ୍ପିଆ,
ଜଳେ ପେଟେ ତାର କଳହ-ନିଆଁ । ୮ ।
ନିଷ୍କର୍ମା ନିଖଟୁ ବସି ପିଣ୍ଡାରେ
ଦିନ କାଟୁଥାଏ ପରନିନ୍ଦାରେ । ୯ ।
ଗତରଲୁଚିଆ ନ କରେ କାମ,
ଜପେ ପରନିନ୍ଦା-ଭାରତ ନାମ । ୧୦ ।
ମୁଣ୍ଡଟା ନୁଖୁରା ଦେହରେ ଗାର,
ତାହାକୁ ଜାଣିବ ଅର୍କଜକାର । ୧୧ ।
ଲମ୍ବକୁଞ୍ଚପକା ଭୁଙ୍ଗାବାଲିଆ,
ସାହୁକାର ଦ୍ୱାରେ ହୁଏ ସେ ଠିଆ । ୧୦ ।
କରେ ଯେ ଆଦର ଖଦି ଗୁଦର,
ଅଧିକାରୀ ସେହି ସୁଖୀ ପଦର । ୧୩ ।
ଅଧିକ ଚକ୍ଷୁଣ ଫୁଲଫାଙ୍କିଆ,
ଘରେ ଖଉ ନାହିଁ ସଭାରେ ଠିଆ । ୧୪ ।
ଖଟା ତୋରଣିକି ନ ଅଣ୍ଟେ ଲୁଣ,
ଡାଣ୍ଡରେ ବଖାଣେ ସହସ୍ର ଗୁଣ । ୧୫ ।

## ଟଙ୍କା ସ୍ତୋତ୍ର

ଟଂ ଟଂ ଟଙ୍କାରିଣୀ ଟଙ୍କେ ନମସ୍ତସ୍ୟା ଦେବୀ,
ଧବଳ କମଳେ, ଧନ୍ୟ ଧନୀ ତୋତେ ସେବି ।
ଶତ୍ରୁନାଶୀ ଶତ୍ରୁପମ ଚଞ୍ଚଳା ମହୀରେ,
ଲଗିଛି ତୋ ନିତ୍ୟପୂଜା ପ୍ରାସାଦେ କୁଟୀରେ ।
ମଞ୍ଜୁଷା-ମନ୍ଦିର ମଧ୍ୟେ ଦିବ୍ୟ ସିଂହାସନେ
କରୁ ତୁହି ଅଧିଷ୍ଠାନ ପ୍ରକାଶ୍ୟେ ଗୋପନେ ।
ବ୍ୟାକୁଳ ସତତ ନରେ ତୋହୋ ପ୍ରାପ୍ତ୍ୟାଶାରେ,
ସମସ୍ତଙ୍କ ଇଷ୍ଟଦେବୀ ତୁହି ଏ ସଂସାରେ ।
ଆବୃଦ୍ଧବାଳକ ସର୍ବେ ତୋହୋ ରସରଙ୍କା,
ଘୋଷୁଛନ୍ତି ତୁଣ୍ଡେ ସଦା ଟଙ୍କା ଟଙ୍କା ଟଙ୍କା ।
ହୁଣ୍ଡାକୁ ପ୍ରତିଭାବନ୍ତ ଗଜମୂର୍ଖେ କର,
ପ୍ରତାପୁ ତୁ ଅକୁଳୀନେ କୁଳୀନ ପଦବୀ ।
ହେଉ ପଛେ ଖର୍ବକାୟ ବାମନ ଯେସନ,
ତୋ ଯୋଗେ ସମାଜେ ସେହୁ ବଡ଼ଲୋକେ ଗଣ୍ୟ ।
ନ ଖେଳେ ଯା ଗୃହେ ତୋର ସୁକାନ୍ତ ଆଲୋକ,
ଦୀର୍ଘକାୟ ହେଲେ ସୁଦ୍ଧା ସେ ତ ଛୋଟ ଲୋକ ।
ଦାମ୍ଭିକ ହାତରେ ତୁହି ହେଲେ କଣ୍ଠ ଜମା,
ଜପ ଧ୍ୟାନ ହୁଏ ତାର ମାଲ୍ ମୋକଦ୍ଦମା ।
ଭିକାରୀ ତୋ କୃପା ଲଭି ହୁଏ ଅଭିମାନୀ,
କଥାକେ କଥାକେ ତାର ହୁଏ ମାନହାନି ।
ଆଜୀବନ ଅତ୍ୟାଚାରୀ ଦୁରାତ୍ମା ନୃଶଂସ
ତୋହର ପ୍ରସାଦେ କିଣେ ଲୋକମୁଖୁ ଯଶ ।
ମହାପାପାଚାରୀ ଭଣ୍ଡ ନାରକୀ ଦୁରନ୍ତ
ତୋର ଅନୁଗ୍ରହେ ହୁଏ ସାଧୁ ପୁଣ୍ୟବନ୍ତ ।
ତୋହୋ ଅଭିଶାପଗ୍ରସ୍ତ ଭାଗ୍ୟେ ବହୁ ନର,
ମାତ୍ର ସେହି ଅଭିଶାପ ତାଙ୍କ ଭାଗ୍ୟେ ବର ।

# ଖଳସ୍ତୋତ୍ର

ନମସ୍ତେ ମାନବ-ବ୍ୟାଘ୍ର ପୁଚ୍ଛହୀନ ପଶୁ,
ମନ୍ଦ ହାସ ଛଳେ ତୁହି ଗରଳ ବରଷୁ,
ତୁମ୍ବୀପାଲୁ ବଳି ସ୍ୱଚ୍ଛ ତୋର ବ୍ୟବହାର,
ହେ ଖଳ, ତୋ ଚତୁଷ୍ପଦେ କୋଟି ନମସ୍କାର ।୧।

*　*　*

ଶୃଙ୍ଗହୀନ ହୋଇ ସୁଦ୍ଧା ଶକ୍ତେ ଶରଭ,
କ୍ଷୁଦ୍ର ଦନ୍ତେ ବଡ଼ାରୁ ତୁ ହିମାଦ୍ରି ପର୍ବତ,
ପଶୁ ମଧ୍ୟେ ବ୍ୟାଘ୍ର ତୁହି ନତୁବା ମାର୍ଜାର,
ହେ ଖଳ, ତୋ ଚତୁଷ୍ପଦେ କୋଟି ନମସ୍କାର ।୨।

*　*　*

ବିହଙ୍ଗ ମଧ୍ୟରେ ଶ୍ୟେନ, ସରୀସୃପେ ସାପ,
ନିଃଶ୍ୱାସେ ଉଗାରୁ ତୁହି ରୁଦ୍ର ଅଗ୍ନିତାପ,
ପତଙ୍ଗେ ମକ୍ଷିକା, ଜନ୍ତୁ ସକଳ ଆହାର,
ହେ ଖଳ, ତୋ ଚତୁଷ୍ପଦେ କୋଟି ନମସ୍କାର ।୩।

*　*　*

ତୃତୀୟାବତାର ! ତୋର ମହିମା ଅଶେଷ,
ଖୋଜ ବୁଲୁଥାଉ ସଦା ପଦାର୍ଥବିଶେଷ,
କୁଗୁଣରେ ଗୁଣବନ୍ତ ମହାକୁଳାଙ୍ଗାର,
ହେ ଖଳ, ତୋ ଚତୁଷ୍ପଦେ କୋଟି ନମସ୍କାର ।୪।

*　*　*

ହେ କଣ୍ଡଧୃକୁଣ୍ଡଧାର୍, ହେ ନର-ନାରଦ,
ହେ ଚତୁରଚୂଡ଼ାମଣି, ଖଳବିଶାରଦ,
ହେ ଶୀତଳ-ବୈଶ୍ୱାନର ଅଲୀକ-ଆଧାର,
ହେ ଖଳ, ତୋ ଚତୁଷ୍ପଦେ କୋଟି ନମସ୍କାର ।୫।

# ସାମ୍ୟବାଦ

# ଉପହାର

ଉଦାରହୃଦୟ, ସଜ୍ଜନପ୍ରିୟ, ଗୁଣଗ୍ରାହୀ,

ପାରିକୁଦାଧୀଶ୍ୱର ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀ ରାଧାମୋହନ ମାନସିଂହ

ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ମହୋଦୟ

ବିପୁଳ ସମ୍ମାନାସ୍ପଦେଷୁ —

ଶ୍ରୀମନ୍ ମହାଶୟ,

ଶ୍ରୀଛାମୁ ଯୁବରାଜ ଥିବା ସମୟରେ ଖଣ୍ଡିଏ ପଦହାର ମୋ ପ୍ରତି ଯଥେଷ୍ଟ ଆନ୍ତରିକତା ଏବଂ ବନ୍ଧୁତା ପ୍ରଦର୍ଶନ କରିଥିଲେ । ସେହି ଦିନରୁ ମୁଁ ଶ୍ରୀଛାମୁଙ୍କର ହୃଦୟ-ପ୍ରାଶସ୍ତ୍ୟ ପୂର୍ଣ୍ଣ ଅନୁଭବ କରିପାରିଅଛି । ପ୍ରକୃତିର ମହାଶକ୍ତିରୂପିଣୀ ବିଶାଳ ଚିଲିକା ଯାହାଙ୍କ ରାଜ୍ୟର ଗୌରବ-ମୁକୁଟ, ତାହାଙ୍କର ହୃଦୟ ସେହି ତୁଳନାରେ ବିଶାଳ ହେବାହିଁ ସ୍ୱାଭାବିକ । ସମ୍ପ୍ରତି ଶ୍ରୀଛାମୁ ରାଜସିଂହାସନରେ ଉପବିଷ୍ଟ । ବନ୍ଧୁସମ୍ପ୍ରଦାୟରୁ ଯଥାଯୋଗ୍ୟ ଉପହାର ପ୍ରାପ୍ତ ହୋଇଥିବେ । ସେହି ସ୍ଥଳରେ ମୋର ମଧ୍ୟ କିଛି ଉପହାର ଦେବା ଆବଶ୍ୟକ । ସୁତରାଂ ଏହି "ସାନ୍ଧ୍ୟତାରା"ଟି ଉପହାର ଅର୍ପଣ କଲି । ଏହା ଶ୍ରୀଛାମୁଙ୍କ ନୀରାଜନାର ସୁବର୍ଣ୍ଣ ଘୃତପ୍ରଦୀପରୂପେ ଗୃହୀତ ହେଲେ ମୁଁ ବିଶେଷ ଅନୁପ୍ରସାଦ ଉପଭୋଗ କରିବି ।

ଇଚ୍ଛାପୁର
୨୮ । ୧୦ । ୨୦

ଶ୍ରୀଛାମୁଙ୍କର
ସ୍ନେହ-ସୌଜନ୍ୟ-କ୍ରୀତ
ଶ୍ରୀ ଚିନ୍ତାମଣି ମହାନ୍ତି

# ସୂଚୀ


| ବିଷୟ | ବିଷୟ |
|---|---|
| ସାନ୍ଧ୍ୟଭାଷ୍ | ଅନନ୍ତବ୍ରତ |
| ଶାରଦୀ ଲକ୍ଷ୍ମୀ | ଦୋଳପର୍ବ |
| ହୀରାପୁତ୍ତଳୀର୍ ଉକ୍ତି | ବର୍ଷାରାଣୀ |
| ଏକୁଟିଆ ପ୍ରବାସୀ | ଶାନ୍ତି |
| ଦୂର । ଆବାହନ | ଚନ୍ଦ୍ରଗ୍ରହଣ |
| ଆହ୍ବାନ | ଚର୍ଦପଠ |
| ଦୀପାବଳୀ ଅମାବାସ୍ୟା | ଗୃହଦାହ |
| କର୍କାପାତ | ମାଛିବଂଶ ଉଣ୍ଟା |
| ଗଣେଶ ପୂଜା | ମଙ୍ଗଳମାଳା |
| କଳ୍ପନା | ସ୍ୱାତନ୍ତ୍ର୍ୟ-ଜନନୀ |
| ରାସପୂର୍ଣ୍ଣିମା | ପ୍ରଳୟ-ସ୍ୱପ୍ନ |
| ନିଶୀଥ ଚିନ୍ତା | ମାତୃପଦେ ମାଗୁଣି |
| ଧ୍ୟାନଭଙ୍ଗ | ପଇସା-ଭଜନ |
| ନବବର୍ଷ | ମୃତ ମହାବଳ |
| ଅବଧାନ | ନୂତନ ବର୍ଷ |
| ରଇତମାଇ | ତୁଳସୀ ନା ବଟୁଆଡ |
| ଜନ୍ମାଷ୍ଟମୀ | ଗେରୁଆ ପର୍ବତ |
| ଆନନ୍ଦ | ଧୂଳିଘର |
| ଘନ-ଆବାହନ | ପୂଜା |
| ଶବ୍ଦପୂଜା | ମଙ୍ଗଳବାଦ |
| ଶିଶୁର୍ ଉକ୍ତି | ବୁଢ଼ିଆଣୀ ଖେଳ |
| ଅଶ୍ରୁପୂଜା | ପରିଣାମ ଚିନ୍ତା |
| ଦୈନ୍ୟ | ଶମ୍ବର ଦଶମୀ |
| ପ୍ରକୃତିର୍ ପୀଡ଼ା | ଧନୁ ସଂକ୍ରାନ୍ତି |
| ବୁଧାଷ୍ଟମୀ | ଏକାଗ୍ରତା |
| ଆଷାଢ଼ | ପଢ଼ୁଆଁ ଅଷ୍ଟମୀ |
| ସୁନିଆଁ | ପଠାଣି ସାମନ୍ତ |
| ବସନ୍ତ ଆହ୍ବାନ | ମାତୃ ଆହ୍ବାନ |

# ସାନ୍ଧ୍ୟତାରା

ପ୍ରକାଶିଛୁ ସ୍ୱର୍ଣ୍ଣହାସ୍ୟ କିପାଁ ସାନ୍ଧ୍ୟତାରା —
ପ୍ରତୀଚୀ-କୁନ୍ତଳମଣି, ଗଗନ-ସୁନ୍ଦରୀ,
କି ସୁନ୍ଦର ହାସ୍ୟ ତୋର ସ୍ନିଗ୍ଧ ପ୍ରୀତିପ୍ରଦ
କୋଟି ଲବଣୀର ନିଧି ସ୍ୱରୂପରେ ତହୁଁ ।
ସେ ହାସ୍ୟର ପୁଣ୍ୟୋଜ୍ଜ୍ୱଳ ଅନନ୍ତ ଗରିମା
ବୋଳିଦିଏ ପ୍ରାଣେ, ନେତ୍ରେ ଅମୃତ ପ୍ରଲେପ ।
ନ ଦେଖି ତୁ ପ୍ରତିଦ୍ୱନ୍ଦ୍ୱୀ ଆତ୍ମ-ସୌନ୍ଦର୍ଯ୍ୟର
ହେଉଅଛୁ ନିଜ ରୂପେ ନିଜେ ପରା ମୁଗଧ,
ମୁହୂର୍ତ୍ତେ ଅପେକ୍ଷା କର, ତୁଟିବ ସେ ଭ୍ରାନ୍ତି ।
ତୋହ ଭଳି ନଭଃ-ନାରୀ-ଦିବ୍ୟଜ୍ୟୋତିର୍ମୂର୍ତ୍ତି
ଉଦିତ ହେବେ କୋଟି କୋଟି ଅନନ୍ତ ଅମ୍ବରେ,
ନାହିଁ ତ ବିଳମ୍ବ ଆଉ, ସୁହାଁ ଚଉଦିଗ,
ଗୋଟି ଗୋଟି ହୋଇ କେତେ ଉଠୁଛନ୍ତି ଫୁଟି ।
ପଳା ନା, ପଳା ନା, ତାରା, ରହ ଆଉ କ୍ଷଣେ,
ସୁହାଁ ଥରେ ଉଙ୍କି ଦେଖେ, ଡହୁଙ୍କେ ଡହୁଙ୍କେ,
ତୋହଠାରୁ ଉଚ୍ଚାସନେ ବସିଛନ୍ତି କେତେ,
ରୂପର ବଜାରେ ହାଟ ବସିଛୁ ଗଗନେ,
ଲାଗିଅଛୁ ସୌନ୍ଦର୍ଯ୍ୟର ମହାମହୋତ୍ସବ,
ଏତେ ଦେଖି ମଣିବୁ କି ବଡ ଆପଣାକୁ,
ରହିବ କି ଆଉ ତୋର ବ୍ୟର୍ଥ ଅହମିକା ?
ଅସୀମ ଅଗାଧ ସେହି ଶୋଭାସିନ୍ଧୁ ତଳେ,
ହରାଇବ ଆତ୍ମସତ୍ତା ତୋ କ୍ଷୁଦ୍ର ବିନ୍ଦୁଟି ।
ପଳା ଏବେ, ଲଭିଲୁଣି ଉପଯୁକ୍ତ ଶିକ୍ଷା,
ଆଉ କେବେ ନ କରିବୁ ଦର୍ପ ଅଭିମାନ ।
ଚିହ୍ନିଛୁ କି ଏ ସଂସାରେ, ବଧୂତ୍ରିଲୋକିନ,
ଧରେ ଏ ଅପର ନାମ ଦର୍ପିଦର୍ପହର,
ଦର୍ପ ଅର୍ଥ—ନିଜ ହସ୍ତେ ନିଜର ଲାଞ୍ଛନା,
ଯହିଁ ପାଇଁ ଯାର ଗର୍ବ, ତହିଁରୁ ଅଧିକ
ଦେଖାଇ ସଂସାର ତାକୁ କରେ ପରାଭବ,
ଧରେ ତା ସମ୍ମୁଖେ ଆଣି ଲଜ୍ଜାର ମୁକୁର,
ତହୁଁ ଦର୍ପୀ, କ୍ଷୋଭଭରେ ହୁଏ ହେଟମଥା,
କରେ ତାକୁ ତିରସ୍କାର ନିଜ ଆତ୍ମା ତାର ।
ଅଛନ୍ତି ସଂସାରେ କେତେ ବଡ଼ଠାରୁ ବଡ଼,
ତହୁଁ ବଡ଼ ତହୁଁ ବଡ଼, ବସୋଷ୍ଠ ଏ ସତ୍ୟ,
ଯେ ମଣେ ନିଜକୁ ବଡ଼, ବଡ଼ ଅବଡ଼ ସେ,
ଏ କଥାଟି, ସାନ୍ଧ୍ୟତାରା, ସବୁରୁ ସତତ ।

———

## ଶାରଦୀ ଲକ୍ଷ୍ମୀ

ଆର୍ଦ୍ରବାସେ ଭାଦ୍ର ମାସେ କେ ତୁମ୍ଭେ ସୁନ୍ଦରି,
ଅବସ୍ଥିତ ଦଶଦିଗ ରୂପେ ଆଲୋ କରି ।
ବିମ୍ବାଧରେ ସୁସ୍ମିତହାସ ବରଷେ ଅମୃତ,
ଶ୍ୟାମ ସୁକୁମାର ତନୁ ଫୁଲେ ଅଲଙ୍କୃତ ।
ଅଗସ୍ତ୍ୟ-ଶୌକ୍ତିକ ମଣି ଦୋଳେ ନାସାତଳେ,
ମୌକ୍ତିକ ନୀହାର ହାର ଶୋଭେ ବକ୍ଷସ୍ଥଳେ ।
ପ୍ରସନ୍ନ ପାବନ ଦୃଷ୍ଟି କୌମୁଦୀ-ଶୀତଳ,
କଳୁଷ ପଙ୍କିଳ ଜଳେ କରେ ସୁନିର୍ମଳ ।

ବନସ୍ପତି ସ୍କନ୍ଧକେମା ଅଲୋଲ ବାଲତା,
ଢାଳେ ପୁଷ୍ପାଞ୍ଜଳି ତବ ପଦେ ଶେଫାଳିକା ।
ଝଙ୍କରୁଛି ବସ୍ୱଭୃଙ୍ଗ ଦ୍ୱିଜରେ ହରଷେ,
କରୁଛ ସମ୍ଭ୍ରମ ବକ୍ଷେ କଟାକ୍ଷ ପରଶେ ।
ହସାଉଛ ଧରଣୀକି ପ୍ରିୟଭୂଷା ଭୂଷି,
ଝରୁଛ ସେ ହାସୁ ତାର ମଣିମୁକ୍ତାରାଶି ।
ସରଳ ସୁନ୍ଦର ମୂର୍ତ୍ତି, ମଧୁର ଉଦାର,
ସରଳ ହୃଦୟ ପୁଣି ସରଳ ବେଭାର ।
ସରଳ ଶୀତଳ ଶୋଭା ଖେଳେ ଅପଘନେ,
ଆଣେ ତାହିଁ ଅବସାଦ ସେ ଶୋଭା ନୟନେ ।
ମହିମା-ମୟୂଖଧାର ନିଃସରେ ବଦନୁ,
ତା ଦେଖି ମିଳାଏ ନଭେ ଲଜ୍ଜେ ଇନ୍ଦ୍ରଧନୁ ।
ଅନନ୍ତ କରୁଣା କରି ଜଗତକୁ ଦାନ,
ଲଭିବ ହିମାନ୍ତ ପରେ ତୁମ୍ଭେ ଅନ୍ତର୍ଦ୍ଧାନ ।
ଦେବାପାଇଁ ଆସ ତୁମ୍ଭେ ତାହା ତୁମ୍ଭ କର୍ମ,
ଦେଇ ସାରି ଚାଲିଯାଅ ପାଳି ସ୍ୱୀୟ ଧର୍ମ ।

—○✱○—

## କ୍ରୀଡ଼ାପୁତ୍ତଳୀର ଉକ୍ତି

ବଡ଼ ଅଭାଗିନୀ ମୁହିଁ—କ୍ରୀଡ଼ା ପୁତ୍ତଳିକା,
ପରତନ୍ତ୍ରି ଜୀବନର ଚରିତ୍ର ମୋର ।
ଗଢ଼ିଲ ଯେ ମୋତେ, କେତେ କଦର୍ଯ୍ୟ ସେ,ହାୟ
କଲା ମୋତେ ଚକ୍ଷୁ ଦେଇ ଅନ୍ଧ, ବିକଳାଙ୍ଗ
ହସ୍ତ ପଦ ଦେଇ, ଖାଲି ରଚିଲା ଶରୀର,
ମାତ୍ର ନ ପାରିଲା ଦେଇ, ଚେତନା ତହିଁରେ,
ଭାର ମାତ୍ର ମୋ ଶରୀର ମୋ ପକ୍ଷେ ସର୍ବଥା ।
ସମର୍ପିଲା ପୁଣି ମୋତେ ପର ହାତେ ନେଇ,
କେବେ ସେ କରୁଛି ମୋତେ ସଯତ୍ନ ଆଦର,
କେବେ ବା କଣ୍ଟକ ତଳେ ଭାଙ୍ଗେ ହସ୍ତପଦ,
ମୋତେ ଘେନି କରେ କ୍ରୀଡ଼ା, ଯାଏ ମୋ ଉପରେ
ସକଳ ଦୌରାତ୍ମ୍ୟ, କ୍ରୋଧ, ଅଭିମାନ ତାର,
ଲଭେ ସେ ଆନନ୍ଦ ତହିଁ ମୋର ଯନ୍ତ୍ରଣାହିଁ
ଆନନ୍ଦ ତାହାର, ଭଲ ବୁଝିବ କେମନ୍ତେ ସେ
ମୋର ବ୍ୟଥା, ମୋ ବେଦନା, ମୋ ଗୁପ୍ତ ବେଦନ
ଯାକୁ ମୁଁ ଆନନ୍ଦ ଅର୍ପେ, ପ୍ରତ୍ୟର୍ପେ ସେ ମୋତେ
ଦୁଃଖ, ବିଶ୍ୱହିତକାରୀ ଶସ୍ୟ, କାଟେ ତାକୁ
କୃଷକ ଦାଆରେ, ଏହା ଜଗତର ରୀତି ।
ଏତେ ଦୁଃଖିତା ମଧ୍ୟେ, ସେ ବାଞ୍ଛିତମଣି
ପ୍ରଭାତେ ଯେ ସ୍ନେହହିତ ଅନାସ୍ଥ ଅଙ୍କାରେ
ମୋର, ଶୀତଳେ ସେ ଏ ମୋ ଅପ୍ରାଣର ପ୍ରାଣ,
କରେ ଯେବେ ପୂଜା ମୋତେ ଷୋଡ଼ଶୋପଚାରେ
ମଣ୍ଡି ରତ୍ନ ଅଳଙ୍କାରେ କୁସୁମେ ଚନ୍ଦନେ,
ସେତିକାଲେ ମୋ ସୌଭାଗ୍ୟେ ମୁଁ ଅର୍ପେ ଧନ୍ୟବାଦ ।

—✻—

## ଏକୁଟିଆ ପ୍ରବାସୀ

ଏକୁଟିଆ ନିରାଶ୍ରୀୟ ନିର୍ବାନ୍ଧବ ଦେଶେ,
ନିବସେ ପ୍ରବାସୀ ଏକ ତୁଚ୍ଛ ମଣି କ୍ଳେଶେ ।
କେତେ ଦୂରେ ଗୃହ ତାର ରହିଅଛି କାହିଁ,
ଆଖି ପାଉ ନାହିଁ କମ୍ବା ଦିଗ ଦିଶୁ ନାହିଁ ।
ନାହିଁ ପାଖେ ଜ୍ଞାତି, ଗୋତ୍ର, ମିତ୍ର, ପ୍ରତିବେଶୀ,
ଏକାକୀ ସେ ଅଛି ଚାହିଁ କର୍ତ୍ତବ୍ୟ ନିଦେଶି ।
କର୍ତ୍ତବ୍ୟ ତାହାର ଭାଇ, ବନ୍ଧୁ, ପରିଜନ,
କର୍ତ୍ତବ୍ୟ ସ୍ୱଦେଶ ତାର, କର୍ତ୍ତବ୍ୟ ଜୀବନ ।
କର୍ତ୍ତବ୍ୟକୁ ସବୁବେଳେ ଅଛି ଦୃଢ଼େ ଧରି,
କର୍ତ୍ତବ୍ୟ, ତା' ଜୀବନର ଜାଗ୍ରତ ପ୍ରହରୀ ।
ସେ ଏକା କରାଏ ତାକୁ ସତତ ସତର୍କ ।
ତାହାରି ସହିତେ ତାର ନିବିଡ଼ ସମ୍ପର୍କ ।
"ବସୁଧୈବ କୁଟୁମ୍ବକଂ" ନାହିଁ ତାର ଶିକ୍ଷା,
ସେ ସୁନୀତି ସମଦର୍ଶୀ ଯୋଗୀଙ୍କର ଦୀକ୍ଷା ।
ଗୃହୀପକ୍ଷେ ତାହା ସିନା ବିଷମ ସମସ୍ୟା,
ଗୃହୀର କର୍ତ୍ତବ୍ୟ ଏକା ସଫଳ ତପସ୍ୟା ।
ଦେହକୁ ପଛେ ସାର ଧର୍ମ ଏହି ସାମ୍ୟବ୍ରତ
ମାତ୍ର ମହାକ୍ଳେଶସାଧ୍ୟ କଠୋର ମହତ ।

ବିଜ୍ଞାନପକ୍ଷରେ ଏକ ସ୍ୱଦେଶ ବିଦେଶ,
କଥାର ସ୍ୱରୂପ ଏହା ପ୍ରବାଦ ବିଶେଷ ।
ଯେତେ ଯେ ପଣ୍ଡିତ ହେଉ କାବ୍ୟ ଇତିହାସେ,
ନିବସୁ ପଛକେ ସୁଖେ ସୁନ୍ଦର ପ୍ରବାସେ,
ମାତ୍ର ମାତୃମହୀ-ତୀର୍ଥ ସଂଦର୍ଶନ ପାଇଁ,
ପ୍ରଚ୍ଛନ୍ନେ କି ଆତ୍ମା ତାର ଯୋଡେ କାନ୍ଦେ ନାହିଁ ?
ହେଉ ପଛେ ଜନ୍ମଭୂମି ଦୀନା ଜୀର୍ଣ୍ଣତର,
ନୁହେଁ କି ତା ନେତ୍ରେ ତାହା ଅଳକା, ଅମର ।
ସବୁ ଛାଡି ହୁଏ—ଧନ, ମାନ, ପ୍ରାଣ, କାୟା,
ଅତ୍ୟଜ୍ୟ ସର୍ବଥା ମାତ୍ର ମାତୃଭୂମି ମାୟା ।
ପାଶୋରେ ଯେ ଜନ୍ମଭୂମେ ମୂଢ଼ ନୀଚାଶୟ,
ଶରୀରେ ତାହାର ନାହିଁ ଆତ୍ମା ବା ହୃଦୟ ।

## ଦୁର୍ଗା ଆବାହନ

ଆସ ମ ଆସ ମା ଦୁର୍ଗେ, ଦେବୀ ଦଶଭୁଜେ,
ବିଶ୍ୱଧାତ୍ରୀ, ବିଶ୍ୱପୂତ-ହିମାଦ୍ରି ତନୁଜେ ।
ଦିଶୁଛି ପ୍ରସନ୍ନ ଦିଗ ଧରଣୀ ଆକାଶ,
ଖେଳୁଛି ମର୍ତ୍ତ୍ୟରେ ଆସି ସ୍ୱର୍ଗର ଉଲ୍ଲାସ ।
ମିଶିଛି ଉଲ୍ଲାସ ଆଜ ଗଗନେ ପବନେ,
ଉତ୍ସବ କଳ୍ପନା ସୃଷ୍ଟି ଜୀବନେ ଜୀବନେ ।
ସୁନ୍ଦରୀ ଶାରଦୀ ଲକ୍ଷ୍ମୀ ଧରି ଦିବ୍ୟମୂର୍ତ୍ତି,
ସଜାଇଛି ନବସାଜେ ନିଖିଳ ପ୍ରକୃତି ।
ସ୍ତରେ ସ୍ତରେ ଶୁଭ୍ରଘନ ଶୂନ୍ୟେ ସ୍ନିଗ୍ଧ, ସ୍ୱଚ୍ଛ,
ବାନ୍ଧିଛି ମା, ତୁମ୍ଭପାଇଁ ସ୍ଫଟିକ ପାବଚ୍ଛ ।
ସୁସାଧିକା ଶେଫାଳିକା ପ୍ରେମ-ଭକ୍ତିଭରେ,
ତଳେ ପଡି ମୂର୍ଚ୍ଛାଗତ ତୁମ୍ଭର ଧ୍ୟାନରେ ।
ମଙ୍ଗଳର ମାତା ତୁମ୍ଭେ, ପରମା ପ୍ରକୃତି,
ଏ ବିଶ୍ୱ ପ୍ରକୃତି, ତବ ମାୟାର ଆକୃତି ।
ଅମୃତର ଉତ୍ସ ତୁମ୍ଭେ, ତୁମ୍ଭର ମହିମା,
ବ୍ୟାପିଅଛି ଚରାଚର ଜଗତର ସୀମା ।
ସେ ମହିମା ପୁଷ୍ପେ ଆଣେ ମକରନ୍ଦ, ଗନ୍ଧ,
ଏ ସଂସାର ସିନା ତବ ମହିମା-ପ୍ରବନ୍ଧ ।
ଅନ୍ନପୂର୍ଣ୍ଣା ଆଖ୍ୟା ତୋର ବିଦିତ ଜଗତେ,
ଅନ୍ନ ବିନା ଦୁଃଖ ପାନ୍ତି କାହିଁ ତୋ ଅପତ୍ୟେ ?
ନୁହେଁ କେବେ ତୋ ବିଧାନ ଅମଙ୍ଗଳପ୍ରଦ,
ଭ୍ରାନ୍ତିମଦେ ମଣେ ନର ସମ୍ପଦେ ବିପଦ ।
ରୋଦନ ପଶ୍ଚାତେ ଲୁଚିଥାଏ ହାସ୍ୟ, ଗାନ
ସୁଖଲାଭର ତ ଦୁଃଖ ଅମୃତ ସୋପାନ ।
ଅସୁରମର୍ଦ୍ଦିନୀ ଦେବୀ, ଦୁର୍ଭିକ୍ଷ-ଅସୁରେ,
କର ମା ପ୍ରେରଣ ବସି ଖରେ ଯମପୁରେ ।
ରୋଗ ସହ ଉପଦ୍ରବ କରୁଛି ମଡକ,
ଗ୍ରାସୁ ତାକୁ ତୋ ବାହନ ବିକଟ ହର୍ଯ୍ୟକ୍ଷ ।
ଧ୍ୱଂସ-ଯଜ୍ଞ ସାଙ୍ଗ ଏବେ ହେଉ ମା ଚାମୁଣ୍ଡା,
ଘେନାହେଉ ପୁଣ୍ୟପଦେ ଏହି ପଶୁମୁଣ୍ଡା ।*

## ଆହ୍ୱାନ

ରାଜ ବିଜେ ପୂର୍ବେ, ଯଥା ରାଜ-ପରିପୁର,
ସଜାଏ ସଂସଦ ଗୃହ ଦ୍ରବ୍ୟ, ସିଂହାସନ,
ତଥା ମା ଭାରତି, ତବ ଆଗମନ ଆଗୁ,
ସଜାଉଛି ରତ୍ନମଣି ଆସି ଏ ଧରଣୀ ।
ତୁମ୍ଭେ ତା' ସମ୍ପଦଦାତ୍ରୀ, ତା ଶ୍ରେଷ୍ଠ ବିଭବ
ପିକ, ତୁମ୍ଭେ କର ବାଣୀ ଦାନ ତାହା କଣ୍ଠେ,
ଏଣୁ ଶ୍ୱେତଭୁଜେ, ଭୃତ୍ୟ ବସନ୍ତ ତୁମ୍ଭର ।
ରଚିଛି ସେ ତୁମ୍ଭ ପାଇଁ ପୁଷ୍ପସିଂହାସନ,
ଆସ ଦେବି, କୃପା କରି, ବସ ତହିଁ ଆସି
ରାଜରାଜେଶ୍ୱରୀ ରୂପେ, ବାଣୀ ବିଶ୍ୱେଶ୍ୱରୀ,
ବନ୍ଦାଇବା ପାଇଁ ଦେବୀ ପ୍ରକୃତି ତୁମ୍ଭଙ୍କୁ,
ଉଭା ଘେନ ଅରଣ୍ୟାନୀ-ଅର୍ଘ୍ୟଥାଳୀ କରେ ।
ଅଛି ତହିଁ ଫୁଲ, ଫଳ, ଦୂର୍ବାକ୍ଷତ, ମଧୁ,
ଚନ୍ଦନ, ପ୍ରଦୀପରୂପେ ଦାବାନଳ ଶିଖା,

* ଦେବତାଙ୍କ ନିକଟରେ ବାଳର ସ୍ୱାହା

ମୃଗମଦ ଧୂପ, କସ୍ତୁମଦ ବାସିତ ।
ଭେଟିବ ଛାମୁରେ ମଣିମୁକ୍ତା, ପ୍ରବାଳାଦି—
ଅଛି ତାର ଗନ୍ତାଘରେ ଯେତେ ରତ୍ନରାଜି ।
ଏସ ଦେବୀ ଜାଣୁଛି ମୁଁ ଅକୃତୀ, ଅଧମ,
ତୁମ୍ଭଙ୍କୁ ଡାକିବା ଭଳି ନାହିଁ ମୋ ଯୋଗ୍ୟତା,
ଅଥବା ସାମର୍ଥ୍ୟ, କିମ୍ବା କିଛି ମାନ ଦାବୀ,
କର ମା ସ୍ୱଗୁଣେ ତୁମ୍ଭେ ଆସି ଅଧିଷ୍ଠାନ
ଅଦେବ ଦେଉଳ ମୋର ହୃଦୟ ମଧ୍ୟରେ,
ପୂର୍ଣ୍ଣତା ପ୍ରଦାନ କର ଶୂନ୍ୟସିଂହାସନେ ।
ହୁଅନ୍ତି ଯଦ୍ୟପି ତବ ବାହନ ମରାଳ,
କିମ୍ବା ପୂଜାଫୁଲ, ନତୁ କରଧୃତ ବୀଣା,
ଦର୍ଶନ ସ୍ପର୍ଶନ ସୁଖ ଲଭି ମା ତୁମ୍ଭର,
ମଣନ୍ତି ତେବେ ମୁଁ ନିଜ ଆତ୍ମାକୁ କୃତାର୍ଥ ।
ସେ ଭଳି ସୌଭାଗ୍ୟ ହାୟ ହେବ କି ଦାସର,
ଇନ୍ଧନ ଲଭିବ ତାହିଁ ଚନ୍ଦନ ଆସନ !
ମିଳନ୍ତା ଅଭୀଷ୍ଟ ଯଦି, କି ଲୋଡ଼ା ମୁକ୍ତିରେ,
ମାଗୁ ନାହିଁ ତୁଚ୍ଛା ହାତେ ମୁକ୍ତି ଭବ ଭଣ,
ମାଗୁଛି କେବଳ ଦେବ ମୁକ୍ତିର ଉପାୟ,
ଶିଖାଅ ମା କୃପା କରି ସେ ମହା ଉପାୟ,
ଜୀବନେ ସତତ ତାହା କରିବି ସମ୍ବଳ !

———

## ଦୀପାବଳୀ ଅମାବାସ୍ୟା

ପିତୃଲୋକଙ୍କର ଆଜ ପୁଣ୍ୟ ସ୍ମୃତି ତିଥି,
ଆସିବେ ସେ ଜ୍ୟୋତିର୍ମୟ ଉହ୍ଲାଇ ମର୍ତ୍ତ୍ୟକୁ
ଗ୍ରହିବାକୁ ପର୍ଯ୍ୟାଁଶ୍ରାଦ୍ଧ, ପଦ୍ମା ଶ୍ରାଦ୍ଧୋପମ ।
ତାଙ୍କ ଆଗମନ ପଥ ସମୁଜ୍ଜ୍ୱଳ ଅର୍ଥେ
ସ୍ନେହସ୍ନେ ଦେଖାଉଛନ୍ତି ପର୍ଯ୍ୟାଁଖାଣ୍ଡ ଜାଳ,
ଫୁଟେଇ ପ୍ରଣାମୀ ବାଣ ଖଇଭାଜ ପ୍ରାୟ ।
ଜଳେ ଦୀପାବଳୀ ଦ୍ୱାରେ, ଅଳିନ୍ଦେ, ପ୍ରାଙ୍ଗଣେ,
ପଥେ, ଘାଟେ, ବୃକ୍ଷମୂଳେ ନିସ୍ତବ୍ଧ ଶ୍ମଶାନେ,
ଛୋଟ ପୂଜ୍ୟ କି ଅପୂଜ୍ୟ ଦେବତା ମନ୍ଦିରେ ।
ଆକୁଟୀର ତୁଙ୍ଗ ସୌଧେ ଯହିଁ ଦେଖ ତହିଁ
ହାସ୍ୟରେ ଆଲୋକମାଳା ଘଉଡ଼େ ଅନ୍ଧାର ।
ନାହିଁ ଆଜ ଅନ୍ଧାରର ପ୍ରବେଶାଧିକାର
ଲୋକାଳୟେ, ପଳାଇ ସେ ଲୁଚିଅଛି ଭୟେ
ସୁଦୂର କାନନଗର୍ଭେ, ପର୍ବତ କନ୍ଦରେ ।
କୃତ୍ରିମ ପ୍ରଖର ଆଲୋକ କରି ଅବଲୋକ,
ଲୁଚେ ନିଜ ମଧ୍ୟେ ନିଜେ ଲଳସା ଯେସନ ।
ନକ୍ଷତ୍ରମାଳିନୀ ସ୍ୱର୍ଗ ଲଭିଅଛି ଆଜ
ପ୍ରଦୀପମାଳିନୀ ନାମେ ନବୀନ ଉପାଧି ।
ଆହା କି ଅପୂର୍ବ ଶୋଭା ଅସ୍ୱପ୍ନ-ସୁଲଭ,
ପଡ଼ିଛି କି ଜ୍ୟୋତିର୍ଧାମ ପୃଥିବୀରେ ଖସି ।
ଆଲୋକ-ଉତ୍ସବେ ଭାସି ଉଆଁସ ରଜନୀ,
ଜ୍ୟୋତିଷ୍କ-ବୈଭବ ନଭେ କରେ ପରିହାସ ।
ଲାଗିଅଛି ପ୍ରତିଘରେ ସ୍ମୃତିପୂଜା ଆଜ,
ପ୍ରତିପ୍ରାଣେ ଉଚ୍ଛ୍ୱସିତ ଅତୀତ ମହତ୍ତ୍ୱ,
ପିତୃଲୋକ ଭକ୍ତି, ଶ୍ରଦ୍ଧା, ଆନ୍ତରୀ ମମତା ।
ଜନ୍ମାଦି ପ୍ରମାଣ ରହେ ନୁହେଁ ପରିଶୋଧି
ପିତୃଲୋକ ଋଣ, ତାର ପ୍ରତିଦାନ ଏକା
ସ୍ମୃତିପୂଜା, କେ ତୋଷିବ ପଦାର୍ଥ ବିଶେଷେ
ଦେବଗଣେ? ଭକ୍ତି-ରତ୍ନ ବାଞ୍ଛିତ ତାଙ୍କର,
ଭକ୍ତିମୂଲ୍ୟେ କିଣା ହୁଏ ଅମର କଲ୍ୟାଣ ।

———

## କରକାପାତ

ଫାଟିଗଲା ଶୂନ୍ୟେ କେଉଁ ଅଜ୍ଞାତ ପ୍ରଦେଶେ
ହୀରକଖଣିର ଗର୍ଭ ଚଡ଼ଚଡ଼ ସ୍ୱରେ,
ଖସି ଖସି ହୀରାଖଣ୍ଡ ପଡ଼ିଲା ବିଞ୍ଚୁଡ଼ି
ବୃଷ୍ଟି ବାରିଧାର ସହ, ଧବଳ, ଉଜ୍ଜ୍ୱଳ ।
ବର୍ଷିଲେ ଅମରେ ଅବା ଅବନୀମସ୍ତକେ
କୃପାମୃତ ଧାରାସହ ଆଶିଷ-କୁସୁମ,
ଗନ୍ଧହୀନ ସେ କୁସୁମ, ମାତ୍ର ରସେ ଭରା ।

ଦେବ-କୁସୁମ ସେ, ପୁଣ୍ୟ ଦେବଧାମବାସୀ,
ସ୍ପର୍ଶି ସେ ଅପୁଣ୍ୟ ମର୍ତ୍ତ୍ୟ, ଗଲାତ ମିଳାଇ ।
ପାପୋଷ୍ଣ ପାର୍ଥିବ ବାୟୁ ବେଷ୍ଟିଦେଲା ତାର
ଶ୍ୱାସନଳିକା, ନ ସହିଲା ତା କୋମଳ ପ୍ରାଣ
ସେ ଯନ୍ତ୍ରଣା, ଭଜିଲା ସେ ଅନ୍ତର୍ଦ୍ଧାନ ଗରେ ।
ଗଲା ସେ ଉପାଧି ଯେଣୁ ଶୂନ୍ୟେ ଖାଲି ହାତେ,
ମାତ୍ର ତା ନିଜସ୍ୱଟିକି ଦେଇଗଲା ପରେ,
ପୀଡ଼ନେ ଦିଅନ୍ତି ଢାଳି ରସ ମହାଜନେ
ଇକ୍ଷୁଦଣ୍ଡ ଯଥା, ତାହା ସ୍ୱଧର୍ମ ତାଙ୍କର ।
ମିଶାଇ ଯେ ଜାଣେ କ୍ଷୁଦ୍ର ସ୍ୱକୀୟ ଶକ୍ତିକୁ
ଅନନ୍ତ ଶକ୍ତିରେ, ଭବେ ମରିଜାଣେ ସେହୁ,
ଧନ୍ୟ ହୁଏ ତା ମରଣ ଜୀବନୁ ଅଧିକ,
ମଣି ପୂଜା ହୁଏ ସେହୁ ଜୀବନ୍ତେ ଗଣିତ ।
ଧନୀକୁ ଦରିଦ୍ର ପାଇଁ ଦେଲା ସେ ମଣ୍ଡାଇ
ଯେ ଅମର୍ତ୍ତ୍ୟ ରତ୍ନପୁଞ୍ଜେ, ସେ ଭଳି ରତନ
ନାହିଁ ଇନ୍ଦ୍ର ମୁକୁଟରେ, କୁବେର ଭଣ୍ଡାରେ,
ଶୀତଳ ସେ ରତ୍ନ, ଯଥା ଦୟାଳୁ ବଚନ ।
ତେବେ ଭାବ ଆସେ ମନେ ତାରକା ଦର୍ଶନେ
ପଡ଼ିଲା କି ଖସି ତଳେ ଆକାଶର ତାରା,
ଅବା ଏ ଅମରଭୋଗ୍ୟ କଳ୍ପବୃକ୍ଷ ଫଳ,
ଜନ୍ମା ପାରିଜାତ ଫଳ, ବୃନ୍ତପତ୍ରେ ପାଚି ।
ଅଥବା ଏସନ ହେବ, ପଡ଼ିଲା କି ଛିଣ୍ଡି—
ପ୍ରକୃତିରୂପିଣୀ ପୂଜ୍ୟା ବୃଦ୍ଧା ତାପସୀର
ସ୍ଫଟିକର ଜପମାଳା, ଲକ୍ଷ ଲକ୍ଷ କୋଟି ।
କି ଅବା ଓହ୍ଲାଇ ଆସେ ମୂର୍ତ୍ତି ଧରି ମର୍ତ୍ତ୍ୟେ
ଭୂମା ବିଶ୍ୱପତିଙ୍କର ଅନନ୍ତ କଳ୍ପନା,
କି ବୁଝିବ ସାନ୍ତ ନର ଅନନ୍ତ ରହସ୍ୟ ।
କି ସୁନ୍ଦର କରୁଛନ୍ତି ଶାଦ୍ୱଳର ଶୋଭା,
ହେଲା କି ଅବନୀ ବକ୍ଷ ତିଳ ତଣ୍ଡୁଳତ ।
ଜନ୍ମା ଏକାଦଶୀ ବ୍ରତ ପାରଣା ନିମନ୍ତେ
ସାଜିଛନ୍ତି ବେଷ୍ଟୁଳା ଶଇ ପ୍ରକୃତି-ତାପସୀ ।
ଅଥବା ଆକାଶ-ସିନ୍ଧୁ ଅନନ୍ତ ଗରଭେ
ଘନ-ବୀଚି ସଂଘର୍ଷଣେ ପଡ଼ୁଛି ଛୁଟିବ
ଫେନପୁଞ୍ଜ ସୃଷ୍ଟି କରି ପୃଥୁଳ ଉରସେ ।
ଜାତ ଏ ତାରକା ଜାଲୁ, ମିଶେ ଶେଷେ ଜଳେ,
ଯହୁଁ ଜାତ ତହୁଁ ଲୀନ ଶିଖାଏ ଏ ନୀତି
ସୃଷ୍ଟିର ସକଳେ ଯିବା ପୁନୀତ ଶିକ୍ଷକ ।

——:❋:——

## ଗଣେଶ ପୂଜା

ଏ ପୁଣି କି ସୁଆଙ୍ଗ, ହେ ବିଶ୍ୱସୁଆଙ୍ଗିଅ ?
ଅବତୀର୍ଣ୍ଣ ଧରି ଆଜି ଗଣେଶ ସାଙ୍କିଅ ।
ହେ ଗଣେଶ, ତୁମ୍ଭ ବିନା ଆନ କି ସେ, ହରି,
ସିଦ୍ଧି-ପ୍ରଦାୟିନୀ ଶକ୍ତି ପର ସେ ତୁମ୍ଭର ।
ସିଦ୍ଧିଦେବ, ସିଦ୍ଧିଦାନ ତବ ଚରିତ୍ରି,
ଅଛୁ ତବ ପ୍ରତୀକ୍ଷାରେ ଶାରଦୀ ପ୍ରକୃତି ।
ସୌମ୍ୟ ଶ୍ୟାମ ଦୂର୍ବାଦଳେ ରଚିଛି ଗାଲିଚା,
ହୋଇଅଛି ତହିଁ ଶୁଭ୍ର ଶେଫାଳିକା ବିଛା ।
ଚନ୍ଦ୍ରିକା-ଶୁନ୍ଦାଆ ଉର୍ଦ୍ଧ୍ୱେ ଟାଙ୍ଗିଛି ରଜନୀ,
ଗାଉଛି ଅଗସ୍ତ୍ୟ ତବ ମୌନ ଆଗମନୀ ।
ବସି ଦେବବାଳାକୁଳ ଗଗନଦେଶରେ,
ଫିଙ୍ଗୁଛନ୍ତି ତାରା-ପୁଷ୍ପ ତୁମ୍ଭ ଉଦ୍ଦେଶ୍ୟରେ ।
ଅର୍ପ ପ୍ରଭେ ବିଶ୍ୱପ୍ରାଣେ ସିଦ୍ଧି, ସିଦ୍ଧିନିଧି,
ସଫଳ ତା ଭାଗ୍ୟେ ହେଉ ତୁମ୍ଭ ଶୁଭ ବିଧି ।
ଭାରତ ରଚନା କାଳେ ତୁମ୍ଭେ ହେ ହେରମ୍ବ,
ଜହ୍ନିଥିଲ ପରା ବ୍ୟାସେ, ପ୍ରକାଶିଣ ଦମ୍ଭ—
"ନ ହେବ ଯଦ୍ୟପି ମୋର ଲେଖନୀ ସ୍ଥଗିତ,
ତେବେ ମୁଁ ଲେଖକ ହେବି, ନତୁ ବିପରୀତ ।"
ଶୁଣି ଏହା ଭଣିଥିଲେ ବ୍ୟାସର୍ଷି ଏସନ,—
"ନ ଲେଖିବ ନ ବୁଝିଣ ଅର୍ଥ ଉଦ୍ଘାଟନ ।"
ତୁମ୍ଭ ଯୋଗ୍ୟ ବ୍ୟାସକୂଟ ରଚିଲେ ମହର୍ଷି,
ବାଧ୍ୟ ହୋଇ ତୁମ୍ଭେ ତାହା ବୁଝୁଥିଲ ବସି ।
ତୁମ୍ଭ ବିନା କେ ଲେଖନ୍ତା ହେ ମହାଲେଖକ,
ଭାରତ ସମାନ କାବ୍ୟ, ମୋକ୍ଷ-ପ୍ରଦର୍ଶକ ।

ହେ ମହାବିଜ୍ଞାନବର ହେ ଲଡ୍ଡୁପ୍ରିୟ,
ମୋର ଏ ନଗଣ୍ୟ ଲଡ୍ଡୁ ଦୟା ବହି ନିଅ ।
ଭକ୍ତି-ଅଟା, ସ୍ନେହ-ଘୃତ, ଶ୍ରଦ୍ଧା-ଶର୍କରାରେ,
ଗଠିତ ଏ ନଶାଲଡ୍ଡୁ ଯତ୍ନ ସହକାରେ ।
ଜଗତର ଭକ୍ତି ପ୍ରଭୋ ପ୍ରେମର ମୋଦକ,
ଭୋଜନ ହର୍ଷେ, ହେଉ ମୋର ଆଶା ସୁସାର୍ଥକ ।

---

## କଳ୍ପନା

କିଏ ତୁମ୍ଭେ ସ୍ୱପ୍ନମୟୀ ଅରୂପ ସୁନ୍ଦରୀ,
ଅନନ୍ତ ତୁମ୍ଭର ଶକ୍ତି ଅନନ୍ତ ଶାମ୍ବରୀ ।
ସ୍ଫୁଟ ଅଛ ଯେତେ ତୁମ୍ଭେ ଗୁପ୍ତ ଅଛ ତେତେ,
ଚଳାଉଛ ଏ ଜଗତେ ଅଙ୍ଗୁଳି ସଙ୍କେତେ ।
କଳ୍ପନେ, ପ୍ରକୃତ ତୁମ୍ଭେ ଅଦ୍ଭୁତର ମାତା,
ରଚୁଛ ଗାଉଛ କେତେ ଅସମ୍ଭବ ଗାଥା ।
ତବ କ୍ରୀଡ଼ାପୁତ୍ତଳିକା-ମାନବର ମନ,
ଯେଣିକି ଓଟାର, ତରେ ତେଣିକି ସେ ଗଣ ।
ଭ୍ରମାଅ ତାହାକୁ ନେଇ ନୟନ ନିମେଷେ,
ଅଦୃଷ୍ଟ ଅଶ୍ରୁତ କେଉଁ ଅଭିନବ ଦେଶେ ।
ଧରି ବହୁରୂପ, ତବ ମହିମା ଅତୁଳ,
ପ୍ରତ୍ୟେକ କାର୍ଯ୍ୟର ହେତୁ, ତୁମ୍ଭେ ଏକା ମୂଳ
ସୃଜିଲେ ସାହାଯ୍ୟେ ତବ ବିଶ୍ୱେ ବିଶ୍ୱରୂପ,
ଏ ବିଶ୍ୱ ତାଙ୍କର ପିତା କଳ୍ପନାର ରୂପ ।
ତୁମ୍ଭର ସାହାଯ୍ୟେ ଶିଳ୍ପୀ ରଚେ ଚାରୁକଳା,
ସଂସାରର ସର୍ବ ବସ୍ତୁ ତୁମ୍ଭ ହାତେ ଢଳା ।
ଅମାନୁଷୀ କାର୍ଯ୍ୟପଟୁ ବୈଜ୍ଞାନିକଗଣ,
କରନ୍ତି ଶକ୍ତିରେ ତବ ଅସାଧ୍ୟ ସାଧନ ।
ଋଷି କରେ ସୃଷ୍ଟି-ଧର୍ମ-ତତ୍ତ୍ୱ ଅନ୍ୱେଷଣ,
ଜ୍ୟୋତିର୍ବିଦ ଗ୍ରହଗତି କରେ ନିରୂପଣ ।
ଭାବୁକର ରତ୍ନ ତୁମ୍ଭେ କବିର ସମ୍ବଳ,
ଭକ୍ତର ଜୀବନ ଧନ, ଗୃହସ୍ଥର ବଳ ।
କ୍ଷଣେ ରୁଦ୍ଧ ହେଲେ ତବ ଅନନ୍ତ ନିର୍ଝର,
ହେବ ଏ ସଂସାର-ସିନ୍ଧୁ ସ୍ତବ୍ଧ ନିର୍ଜ୍ଜର ।
ସ୍ୱର୍ଣ୍ଣ ତରଙ୍ଗିଣୀ ତୁମ୍ଭେ ମେଲି ସ୍ୱର୍ଣ୍ଣପକ୍ଷ,
ମୁହୂର୍ତ୍ତକେ ଭ୍ରମି ଆସ ସୃଷ୍ଟି କୋଟି ଲକ୍ଷ ।
ଶୂନ୍ୟ ନୁହେଁ ତୁମ୍ଭ ଝୁଲି ଆଶାଝୁଲି ଯଥା,
ଯେତେ ବ୍ୟସ୍ତ କଲେ ପୂରିଉଠେ ସେ ସର୍ବଥା ।
ହା ହା ମନ୍ଦ ଉପାସକ ଆକନ୍ଦ ଦରିଦ୍ର,
ତୁମ୍ଭରି ପ୍ରସାଦେ ସ୍ୱର୍ଗେ ହୁଏ ଦଣ୍ଡେ ଇନ୍ଦ୍ର ।

---

## ରାସପୂର୍ଣ୍ଣିମା

ହତ ପୁଣ୍ୟ ରାସଲୀଳା ହେ ରାସବିହାରୀ,
ରାସେଶ୍ୱରୀ ରାଧା ସହ ବ୍ରହ୍ମାଣ୍ଡ ପ୍ରସୂତି ।
କି ସୁନ୍ଦର ଲୀଳା ତବ, ଅତୀବ ଅଦ୍ଭୁତ,
ତୁମ୍ଭେ ହେଲ ଏ ବିଶ୍ୱର ଜନକ ଜନନୀ,
ସନ୍ତାନର କ୍ରୋଡ଼େ ଲୀଳା ପିତା-ମାତାଙ୍କର
କି ଅପୂର୍ବ ପ୍ରୀତି ଦୃଶ୍ୟ, କି ଅମୃତ ସେତୁ,—
ଅଦୃଷ୍ଟ, ଅଶ୍ରୁତ,—ସ୍ୱଚ୍ଛ, ଦିବ୍ୟ ମହିମିତ,
ପିତୃତ୍ୱ, ମାତୃତ୍ୱ ଯଥା ଅନନ୍ତ ତୁମ୍ଭର,
ଅନନ୍ତ ବାତ୍ସଲ୍ୟ ତଥା, କିମ୍ବା ତହୁଁ ବଳି
ଆଦରର ଆଦର୍ଶ ସେ ଅମୂଲ୍ୟ ବାତ୍ସଲ୍ୟ ।
ବ୍ରତତୀ ନିକୁଞ୍ଜ ଗର୍ଭେ ବ୍ରତତୀ ମଣ୍ଡପେ
ପୁଷ୍ପେ ହୀରା ମାଣିକ୍ୟର, ଝୁଲ ଝୁଲ ଭରେ,
ଦେଖି ତା କୃତାର୍ଥ ହେଉ କାମନା-ଗୋପିକା
ବଜାଅ ମଧୁରେ ବଂଶୀ, ପ୍ରତିଧ୍ୱନି ତାର
ଜାଗୁ ପୁଣ୍ୟ ବୃନ୍ଦାବନେ—(ବୃନ୍ଦାରକବନ୍ଦ୍ୟ)
ତରୁଲତା ପଶୁ ପକ୍ଷୀ ସକଳର ପ୍ରାଣେ,
ବାଜିଉଠୁ ସେ ନିଃସ୍ୱନ ଯମୁନା-ତୀରକେ
ତାଳେ ତାଳେ, ତାର ଗୁରୁ ଉଚ୍ଛ୍ୱଳ କଲ୍ଲୋଳେ ।
ଅ-ତା-ମା-ବୈ ମହାବ୍ରତ ସାଙ୍ଗିତିକ ଆଜି
ମାସଚନ୍ଦ୍ର ଉତ୍କଳେ ଜଳେ ଗଡ଼ା ତାଜ ଭରି

ମୁକ୍ତ କରେ,—"ଅ-ଭା-ମା-ବେ, ପାନଗୁଆ ଖାଇ,
ମାସକର ଧର୍ମ ତୋର, ଦିନକର ମୋର",
ପୂର୍ଣ୍ଣକର ବାଞ୍ଛା ତାଙ୍କ ହେ ସୁରସିକ,
ହେ ସୁରସଙ୍ଗିନୀ ସୁଧେ ଚତୁରସୁଧେ ।

—:୦:—

## ନିଶୀଥ ଚିନ୍ତା

କି ଅଦ୍ଭୁତ ପରିବର୍ତ୍ତନ, ଏ କେବଣ ସୃଷ୍ଟି,—
ଚତୁଃ ସୁଷୁପ୍ତି ମୌନ, ନିସ୍ତବ୍ଧ, ନିଥର !
କେବଳ ପେଚକ ସ୍ୱର ସେ ନିସ୍ତବ୍ଧତାକୁ,
ଭୟଙ୍କର ଭାଷା ଦାନ କରେ ବେଳେ ବେଳେ ।
କର୍ମ କୋଳାହଳମୟ ପୁରାତନ ସୃଷ୍ଟି,
ଶାନ୍ତିର ଏ ନବ ସୃଷ୍ଟି କେ କଲା ନିର୍ମାଣ ?
କେ ସେ ପୁରାତନଦ୍ୱେଷୀ, ନବ୍ୟ ନବପ୍ରିୟ ?
ବୁଝିଲି ବୁଝିଲି ଏବେ—କାଳବନ୍ଧାଣି ସେ ।
ଆଉ କେ କୌତୁକୀ ଏତେ ଭଙ୍ଗାଗଢ଼ାପଟୁ !
ଏତେ ଶାନ୍ତ, ଏତେ ସ୍ନିଗ୍ଧ, ଏତେ ନୀରବତା
ନ ଥିବ ନିଶ୍ଚିତ ସ୍ୱର୍ଗେ—ଅମର ଉଦ୍ଭବ,
ପ୍ରତେ ହୁଏ ଯେହ୍ନେ ସ୍ୱପ୍ନରାଜ୍ୟ ଶାନ୍ତସ୍ୱର୍ଗ—
ଆସିଛି ଓହ୍ଲାଇ, ଘେନି ତପୋବନ ଛବି ।
ଶାନ୍ତିର ଅମୃତ-ଅଙ୍କେ ସୁପ୍ତ ବସୁନ୍ଧରା,
କ୍ଳାନ୍ତା ଛୁଟିଯାଇଛି ତା' ଜୀବନ-ନାଟିକା,
ତେଣୁ ସେ ପଡ଼ିଛି ହୋଇ ନିଶ୍ଚେଷ୍ଟ, ନିସ୍ପନ୍ଦ ।
ଅଥବା ଧରିତ୍ରୀ ମହୀ ଆନନ୍ଦଯୋଗିନୀ,
ସକଳ ଇନ୍ଦ୍ରିୟ ଶକ୍ତି ନିଜ କେନ୍ଦ୍ରପୁରେ,
ଶୁଣୁଛି ତନ୍ମୟ ଚିତ୍ତେ ନିର୍ବାଣୀ ଆହ୍ୱାନ
ଝଙ୍କରଣି ଝିଙ୍କିପତଙ୍ଗର, ଶୁଣେ ଯଥା,
ଅନେକ ଆହ୍ୱାନ ବାଣୀ ଉତ୍କଣ୍ଠେ କାମନା ।
ହେଉ ପଛେ ତମସ୍ୱତୀ ତମିସ୍ରିକାମୟୀ,
ସାଧନାର ସୁସମୟ ମାତ୍ର ଏ ନିଶୀଥ ।
ସପ୍ତର୍ଷି ସହିତେ ରହି ତାରକାମଣ୍ଡଳ,
ମହାଶୂନ୍ୟେ, ଧରଣୀକୁ ଦେଖାନ୍ତି ସଙ୍କେତ
ମହାସାଧନାର, ଗାଏ ନୈଶ ସମୀରଣ,
ସାଧନାର ବେଦମନ୍ତ୍ର ଅନୁଷ୍ଟୁପ ଛନ୍ଦେ ।
ଉଚ୍ଚାରେ ଓଁକାର ଧ୍ୱନି ମହାବ୍ଧି ଗମ୍ଭୀରେ ।
ମଧୁର, ସୁଖଦ, ପୁଣ୍ୟ ଏ ନିଶୀଥ କାଳ
ହୋଇଥିଲେ ସ୍ଥିର, ମହୀ ହୋଇଥାନ୍ତା ସ୍ୱର୍ଗ;
ମାତ୍ର ତା ହେବାର ନୁହେଁ ବିଧିର ବିଧାନେ,
ଆସିବା ପାଇଁ ସେ ଯାଏ, ଯିବା ପାଇଁ ଆସେ ।

—:୦:—

## ଧ୍ୟାନଭଙ୍ଗ

ରତ ଥିଲା ସନ୍ନ୍ୟାସୀଏ ଜାଗ୍ରତ ଧ୍ୟାନେ,
ତାହାକୁ ସେ ଧ୍ୟାନ କରେ ନିଜେ ତା' ନ ଜାଣେ
କେତେବେଳେ ଦିନ ହୁଏ କେତେବେଳେ ରାତି,
ପାରେ ନାହିଁ ଜାଣି ତାହା ଧ୍ୟାନେ ଥାଏ ମାତି ।
ଖାଏ ଶୋଏ କାର୍ଯ୍ୟ କରେ ଯଥାନିୟମରେ,
ମାତ୍ର କିପାଁ ଅନ୍ତର୍ଗତେ ନିର୍ଲିପ୍ତତା ଧରେ ।
କଥା କହେ ଗୀତ ଗାଏ ଖେଳେ ବସେ ହସେ
ମାତ୍ର ଥାଏ ସବୁବେଳେ ଅନ୍ୟମନସ୍କ ସେ ।
ଏହିରୂପେ କେତେଦିନ ଗଲା ଅତିବାହି,
ତାଳ ତ ତାହାକୁ କେବେ ବସେ ନାହିଁ ଛୁଇଁ ।
ଦିନେ ସେ ଶୁଣିଲା ତାହା ମଧୁର ଆହ୍ୱାନ,
ସେହିକ୍ଷଣି ଭାଙ୍ଗିଗଲା ତାର ଯୋଗଧ୍ୟାନ ।
ଆରମ୍ଭିଛି ଆଶା-ଗୀତ ଏବେ ନବଛନ୍ଦେ,
ଯୋଗଭଙ୍ଗା ସନ୍ନ୍ୟାସୀଟି ବୁଡ଼ିଛି ଆନନ୍ଦେ ।

## ନବ ବର୍ଷ

[ ମୁକୁର ମାସିକ ପତ୍ରର ଚତୁର୍ଦ୍ଦଶ ବର୍ଷାରମ୍ଭ ଉପଲକ୍ଷେ ରଚିତ ]

ନମସ୍କାର ନବବର୍ଷ, ନବ ଅଭ୍ୟାଗତ,
କାଳସ୍ରୋତ ପ୍ରତିନିଧି, ସୀମାବନ୍ତ କାଳ,
ଘେନ ଏ ଅଭିନନ୍ଦନ ତପ୍ତାଶ୍ରୁ ଲିଖିତ ।
କି ଦେଖିବ ନବବନ୍ଧୁ, ସକରୁଣ ଦୃଶ୍ୟ,
କି ଶୁଣିବ ଅବା, ହାୟ ବିଷାଦ କାହାଣୀ,
ପାରିବ ତ ଶୁଣି ତାହା ଧଇର୍ଯ୍ୟ ସମ୍ଭାଳି ?
ଶୁଣ ତେବେ, ବର୍ଷସ୍ରୋତ ! ଅବହିତ ଚିତ୍ତେ ।
ଅମଙ୍ଗଳ ଧୂମକେତୁ ପ୍ରାୟ ଗତବର୍ଷ,
ଉଇଁ ଏ ଭାରତ-ନଭେ, କଲା ଚୂର୍ଣ୍ଣୀକୃତ
ଅସମ୍ପୂର୍ଣ୍ଣ ଭାଗ୍ୟ ତାର, ତାଣ୍ଡବ ନର୍ତ୍ତନେ,
ଆଣିଲା ସେ ନାନା ବ୍ୟାଧି, ଦୁର୍ଭିକ୍ଷ ମଡକ,
ଯହିଁ ଦେଖ ତହିଁ ଏବେ ପୂର୍ଣ୍ଣ ହାହାକାର,
ବାଜୁଛି ବିଷାଦ-ବଂଶୀ ବିଷାଦ ନିଃସ୍ୱନେ,
ଚୌଦିଗେ ବୁଲୁଛି କାନ୍ଦି ତପ୍ତ ଦୀର୍ଘଶ୍ୱାସ,
ଉପବାସେ, ଅନଶନେ, ବ୍ୟାଧି ପ୍ରପୀଡ଼ନେ
ଅବଶ ଭାରତ-ତନୁ, କି କହିବି ଦୁଃଖ,
ଯାଉ ସେ ଅତୀତ କଥା କି ଫଳ ତହିଁରେ ?
କହୁଛନ୍ତି କବି,—"ଗଲାଣି ତ ଗଲା କଥା,
ଗୁପତେ ସିନା ମୁଁ ତୋତେ କହୁଅଛି, ବନ୍ଧୁ,
ବାଳପଣ୍ଡିତାରୁ ବ୍ୟଥା" ତାଙ୍କର ଭାଷାରେ ।
ତବ ପଦେ ଏହି ଭିକ୍ଷା,—ହେ ନବୀନ ବର୍ଷ,
ଅତୀତର ସେ ଗଭୀର ବିଷର୍ପିତ କ୍ଷତ
କର ତୁମ୍ଭେ ଶୁଷ୍କ, ଲେପି ଅମୃତ ପ୍ରଲେପ,
ଉନ୍ନତିର ନଷ୍ଟସ୍ପୃହା କର ସମୁଦ୍ଧାର,
ପୂର୍ଣ୍ଣହେଉ ବସୁମତୀ ସ୍ୱର୍ଣ୍ଣଚୂଡ଼ ଶସ୍ୟେ
ଅମୃତ ବୃଷ୍ଟିରେ ତବ, ମରୁ ଅମଙ୍ଗଳ,
ପ୍ରଚଣ୍ଡ ମାର୍ତ୍ତଣ୍ଡ ଗତେ ହେଉ ଚନ୍ଦ୍ରୋଦୟ ।
ବର୍ଷଦେବ ! ପ୍ରୀତି-ଅର୍ଘ୍ୟ ଘେନ "ମୁକୁର"ର,
ଧମୀ ଘରେ ଜନ୍ମହେଲୁ ଲଙ୍ଘି ବାଲ୍ୟସୀମା
ନବ୍ୟପଦେ, ହୋଇଛି ସେ ଉପସ୍ଥିତ ଆସି
ପୌଗଣ୍ଡ ଯୌବନ ବେନି ସୀମାସନ୍ଧି ମଧ୍ୟେ,
ନତୁ ହୋଇଥାନ୍ତା ସେହୁ କେଉଁ କାଳୁ ଲୀନ
ଗାଦ୍ୟାବ୍ଧିବେ, ନବବର୍ଷ, ବର୍ଷ ତାହା ପ୍ରାଣେ
ତବ ଆଶୀର୍ବାଦଧାର, ଦେବବର ସହ,
ଗଢ଼ିଦିଅ ପ୍ରାଣ ତାର ଜାତୀୟ ପ୍ରାଣରେ,
ପ୍ରତିଫଳୁ ଏ "ମୁକୁରେ" ଜାତୀୟ-ଜୀବନ ।

——*——

## ଅବଧାନ

ଚଟଶାଳୀ ଆବରଣ ପଢାଉଛ ପାଠ,
କିଏ ତୁମ୍ଭେ ବସାଇଛ କୋଳାହଳ ହାଟ ।
ସାମାନ୍ୟ ମାନବ ଜଣେ ତୁମ୍ଭେ ଅବଧାନ,
ବହୁ ସ୍ୱଜାଠାରୁ ବଳ ପ୍ରତାପ ମହାନ ।
ଅଛନ୍ତି ତୁମ୍ଭର ଯେତେ ସେବକନିବହ,
କେଉଁ ନୃପତିର ଭଲା ତେତେ ଅଛି କହ ?
ଅବ୍ୟର୍ଥ ଶାସନଦଣ୍ଡ-ବେତ୍ର ସଞ୍ଚାଳନେ,
ରଖିଅଛ ଆଜ୍ଞାବହ କରି ଶିଶୁଗଣେ ।
କହୁଣୀ କରୁଣୀ ତବ ସକଳ ଉଦ୍ୟମ,
କାଳୁ ଅବଧାନେ, ତୁମ୍ଭେ ଛାଡ଼ନେବେ ଯମ ।
ଗଡ଼ୁଛି ମାଟିରେ ସଦା ବହୁ ରଜମୁଣ୍ଡା,
ମାତ୍ର ଏହା ଧ୍ରୁବ ସତ୍ୟ ତୁମ୍ଭେ ବଡ ହୁଣ୍ଡା ।
ହେଲେଣି ମୁନିବ ତବ ଶିଷ୍ୟେ ଭବୋପରି,
ପଡିଅଛ ତୁମ୍ଭେ ସେହି ମାଟିପିଣ୍ଡି ଧରି ।

## ରଜ-ଡମାଇ

ଋତୋଭବତୀ ସତୀ ବସୁଧା
ଆଜ ରଜ ଡମାଇ,
ଦେଉଛି ପ୍ରକୃତି ଉତ୍ସବ—
ହାଟେ ଉଦେ ସଜାଇ ।
ଶୁଭ୍ର ଚନ୍ଦ୍ରାତପ ଟାଙ୍ଗିଛି
ନଭେ ନୀରଦବର,
ସଘ୦ନ ଉଚ୍ଛଳ ଉଠୁଛି
ଦେବ-ଦୁନ୍ଦୁଭି-ସ୍ୱର ।
ଜଳୁଛି ମଙ୍ଗଳ ଆଳତି
ସ୍ୱର୍ଣ୍ଣଦୀପେ ବିଜୁଳି,
ଶୋଭା-ସ୍ୱର୍ଣ୍ଣସିନ୍ଦୂ କମଳା
ଶୁକସ୍ୱର୍ଣ୍ଣ ପିରୁଲୀ ।
ତଳେ ନନ୍ଦବନ ବସିଛି
ବହିଯାଉଛି ଗୋଲ,
ଦଳ ଦଳ ହୋଇ ଖେଳନ୍ତି
ଜନେ ବାଗୁଡି ଖେଳ ।
ରୁଷିବେ ସୁବୀଜ କୃଷାଣ—
କୁଳ ବର୍ଷନମସ୍ୟ,
ପ୍ରସବିବ ପଞ୍ଚମାସାନ୍ତେ
ଧନ୍ୟ ସୁବର୍ଣ୍ଣ ଶସ୍ୟ ।
ମହା ଆଡ଼ମ୍ବରେ ଲାଗିଛି
ଦେଖ ପୃଥିବୀପୂଜା,—
ବର୍ଷପ୍ରଜଜେମା, ପ୍ରକୃତି—
ସ୍ୱଣୀ ପ୍ରାଣ-ତନୁଜା ।
ମନା ଘରଲିପା, ପରବା—
କଟା, ଗୁଆ ଭାଙ୍ଗିବା,
ନର୍ଦୋଷ କୌତୁକେ ନାଚିଏ
ଉଚ ରଜନୀ ଦିବା ।
ଅବର୍ମିଅଛନ୍ତି ବାଳକେ
ନାନା ଭଙ୍ଗୀରେ କ୍ରୀଡ଼ା,
ଅମ୍ବୁଲି ସୁଇଭା ପଖାଡ଼ି
ଦେଇ ସବାଲେ ପୀଡା ।
ଦୋଳଦୀରେ ଆଜ ଇଶ୍ୱର୍—
ଜନୁ ଦିଶନ୍ତି ନରେ,
ପୋଡ଼ପିଠା ବଣ୍ଟା ଲାଗିଛି
ହର୍ଷେ ସବୁରି ଘରେ ।
ଧନଘର ଦୂପେ ମିଶିଛି
ଖଣ୍ଡ ଶାକର-ମିଠା,
ଦୀନଘରେ ଗୁଡ଼ ମଲ୍ଲୁଣ—
ମିଶା ମହୁଲିପିଠା ।
ଛୁଟି ପାଠ ପିନ୍ଧି ବାଳକା
ମିଳ ଏକତ୍ରେ ବନ୍ଧୁ
ଗ୍ରାମୁ ଗ୍ରାମାନ୍ତରେ ଯାଇଣ
ଦେଖି ବୁଲିଲେ ବନ୍ଧୁ ।
ନାଗରିକକୁଳ ଗମିଲେ
ଯାତ୍ରା ମେଳା ଦର୍ଶନେ,
ବହୁ ମୂର୍ତ୍ତି ଧରି ଖେଳିଲି
ସୁଖ ସବୁରି ମନେ ।
କାହିଁ ହରିହାଟ ବସିଛି
ବହୁଯାତ୍ରିସଙ୍କୁଳ,
ଇନ୍ଦୁପ୍ରିତା ସିନ୍ଧୁ ଗର୍ଜନୁ
ବଳେ ସ୍ୱର ପ୍ରଥୁଳ ।
ଶେଷଦିନ ଭୂଇଁ ଡହୁଁଣ
ବାସୀ ଭୁଇଁଶୀତଳା,
ଶୀତଳିଲେ ଦୁଗ୍ଧ ଢାଳିଣ
ପୃଥ୍ୱୀ ତନୁ ଅବଳା ।
ପ୍ରକୃତି ମାହାତ୍ମ୍ୟ ପ୍ରକୃତି—
ରୂପା ନାରୀଙ୍କ ଦିନା,
ଆନ କେ ବୁଝିବ, ମହତ
ତତ୍ତ୍ୱେ ମହତେ ସିନା ।

---

## ଜନ୍ମାଷ୍ଟମୀ

କିଏ ତୁମ୍ଭେ ବସ୍ତ୍ର ପାନ୍ତୁ ପଳାଉଛ କାହିଁ,
ଚୋର ପ୍ରାୟ ମୁହୂର୍ତ୍ତକୁ ପଛେ ଚୁହିଁ ଚୁହିଁ ।
କାହାର କି ଗୁପ୍ତରତ୍ନ ଚୋରାଇ ଏ ଘନେ,
ଧାଇଁଅଛ ଅସମ୍ଭାଳେ ଚକିତ ଗମନେ ।
କରାଳ ନିଶୀଥ କାଳ, ଅ-ଫାଙ୍କ ଅନ୍ଧାର,
ଘନ ଘନ ପ୍ରଭଞ୍ଜନ ଛାଡ଼ୁଛି ଚିତ୍କାର ।
ଢାଳୁଛି ମୂଷଳଧାରେ ଭୀଷଣ ବରଷା,
ମାଡ଼ିଆସେ ଯମୁନାରେ ବନ୍ୟା କୂଳଙ୍କଷା ।
ବଜ୍ରଚକ୍ଷୁ, ବିଜୁଳିର ଅନଳ ପ୍ରହାରେ,
ନ ଧାଆଁ ନ ଧାଆଁ ପାନ୍ଥ ଠିଆହୁଅ ବାରେ ।
କେଣେ ଯାଅ ଏ ଦୁଃସ୍ଥାନେ ହୋଇ ଛନ୍ନମନ,
କଳାଛତା ଦେଖି କ୍ଷିପ୍ର ମହିଷ ଯେସନ ।
କିଏ ଏହି ଦେବଶିଶୁ, ଅଙ୍କେ ଶୋଭେ ହାୟ,
ବାତ୍ୟାଛିନ୍ନ ତରୁ ଅଙ୍କେ ସଜଫୁଲ ପ୍ରାୟ ।
ଜ୍ୟୋତିର୍ମୟ ଦିବ୍ୟ ବପୁ ସୁନ୍ଦର ଶ୍ୟାମଳ,
ଜ୍ୟୋତିର ମୁକୁଟ ଶିରେ ଶୋଭେ ଢଳଢଳ ।
ସଦ୍ୟ ନବନୀତେ ଗୋଳି ତରଳ ଚନ୍ଦ୍ରିକା,
ବହୁଛି ଏ ରୂପ କିବା ବିଶ୍ୱରୂପ ଟିକା ।
ସୌମ୍ୟ ଲଳିତ୍ୟ ତନୁ ଆହା କି ଉଦାର,
ଇନ୍ଦୀବରେ ଲିପ୍ତ କିବା ନିଶାର ତୁଷାର ।
ସ୍ମିତରେ ନେତ୍ର, ଆସ୍ୟ, ହାସ୍ୟ ଏ କି ମହାବସ୍ତୁ,
ଲୁଣ୍ଠି କିବା ଜଗତର ନିଖିଳ ପ୍ରଶସ୍ତି ।
ଚିହ୍ନିଲି ଚିହ୍ନିଲି ଏ ଯେ ବିଶ୍ୱ-ପ୍ରାଣସାଇଁ,
ଅବତୀର୍ଣ୍ଣ ବିଶ୍ୱଭାର ଉଶ୍ୱାସିବା ପାଇଁ ।
ବିଜେ କର ପ୍ରଭୁ ପୁଣ୍ୟ ଆଭୀର ନଗରେ,
ବିତର ଆନନ୍ଦ, ନନ୍ଦ-ହୃଦୟ-କନ୍ଦରେ ।
ବିଧ୍ୱଂସ ଦୁର୍ଭିକ୍ଷ-କଂସେ ଅନୁଚର ସହ,
ଅଘା, ଷଣ୍ଢ ଅତିବୃଷ୍ଟି, ଦୁଷ୍ଟ ଅବଗ୍ରହ ।
ନିପାତ ଅଶାନ୍ତିରୂପା ପୂତନା ଦୁର୍ମଦା,
ହସୁ ଏ ଭାରତମାତା ଜଗତ ଅନ୍ନଦା ।
ଦଳୁ ଜ୍ୱର, ମହାମାରୀ, ଦେଶୁ ପଳାୟନ,
ସୁଖ ସ୍ୱର୍ଗ ରାଜ୍ୟ ପ୍ରଭୁ କର ସଂସ୍ଥାପନ ।

---

## ଆନନ୍ଦ

ପରମ ଆନନ୍ଦ ଲଭ ସୁବନ୍ଧୁ ମିଳନେ,
ଅନାଥ-ଆତୁର-ଦୁଃଖି-ଦୁଃଖାପନୋଦନେ ।
ସାଧୁ ସଜ୍ଜନଙ୍କ ସେବା, ଶିଷ୍ୟେ ଶିକ୍ଷାଦାନ,
ସୁଗ୍ରନ୍ଥ ପଠନ, ପୁଣ୍ୟ-ଆନନ୍ଦ-ନିଦାନ ।
ପ୍ରାଣପଣେ ନିରତ ଯେ ସ୍ୱୀୟ କର୍ତ୍ତବ୍ୟରେ,
ଆନନ୍ଦ-ନନ୍ଦନ-ବନେ ନିତ୍ୟ ସେ ବିହରେ ।
ନ ଭୁଞ୍ଜି ଅପରେ ଅର୍ପେ ସୁସ୍ୱାଦୁ ମକରନ୍ଦ,
ଭୋଗରେ ଆନନ୍ଦ ନାହିଁ,—ତ୍ୟାଗରେ ଆନନ୍ଦ ।
ରିପୁଶୂନ୍ୟ, ନିରିନ୍ଦ୍ରିୟ ଯେଉଁ ଭାଗ୍ୟଧର,
ଆନନ୍ଦ ସତତ ତାର ପାୟରେ କୋଷ୍ଟର ।
ଉତ୍ସବର ପୂର୍ବଦିନେ, ସତ୍କାର୍ଯ୍ୟ ଶେଷରେ,
ସ୍ୱଭାବତଃ ହୃଦୟରେ ଆନନ୍ଦ ସଞ୍ଚରେ ।
ଭାଗ୍ୟଦୋଷେ ନିର୍ବାସିତ ଆଶାହୀନ ଜନ,
ଦୈବବଶେ ଦେଖେ ଯେବେ ସ୍ୱଦେଶ ବଦନ,
ଯେ ଆନନ୍ଦ ଉଛୁଳେ ତା ବିଶୁଷ୍କ ଅନ୍ତରେ,
ସେଭଳି ଆନନ୍ଦ ପ୍ରାୟ ନ ଥିବ ସ୍ୱର୍ଗରେ ।
ବହୁଦୂରେ ନିବସେ ଯେ ଏକାକୀ ପ୍ରବାସେ,
ମିଳିଲେ ଆତ୍ମୀୟ ଜନ ଆସି ତାହା ପାଶେ,
ଲଭେ ସେ ଯେ ମହାନନ୍ଦ, ଅପହୃତ ଆଶା,
ସେ ଆନନ୍ଦ ପ୍ରକାଶର ନାହିଁ ଯୋଗ୍ୟ ଭାଷା ।

—୪୦୪—

## ଘନ-ଆବାହନ

ସ୍ୱାଗତ ସ୍ୱାଗତ ନବ ନୀରଦ ପ୍ରବର,
ଯକ୍ଷର ବିଶ୍ୱାସୀ ବନ୍ଧୁ—ସନ୍ଦେଶବାହକ,
ବଜାଅ ଗମ୍ଭୀରେ ତବ ପାଞ୍ଚଜନ୍ୟ ଶଙ୍ଖ,
ଶୁଣି ସେ ଆଶାର ସ୍ୱର ହତାଶ ଉଲ୍ଲାସରେ
ଲଘୁ ହେଉ ବିରହିଣୀ କ୍ଷୀଣା ଯକ୍ଷିଣୀର

ଦୁଃଖଦାବଦଗ୍ଧ ଚିତ୍ତ, ଶୁଖିଯାଇ ଥିବ
ହୃଦୟର ଶୁଷ୍କଶତ, ହେ ନବ ଅତିଥି,
ଅମୃତ ପ୍ରଲେପେ ତବ । ଶୁଣି ସତ୍ୟବାର୍ତ୍ତା
ଲଭୁ ସଖି ନବପ୍ରାଣ, ପ୍ରସାଦେ ତୁମ୍ଭର ।
ଧୋଇଦିଅ ବାରିଧାର, ପ୍ରେମ-ପଞ୍ଚାମୃତେ
ଗୃହଲକ୍ଷ୍ମୀ ଅଭାଗିନୀ ନେତ୍ରୁ ଅଶ୍ରୁଧାର,
ପ୍ରିୟା ସେ ତୁମ୍ଭର, ତବ ବିଚ୍ଛେଦ-ବିଧୁରା ।
ଉଜ୍ଜ୍ୱଳ ଆକାଶ ତଳେ ଢାଳିଦିଅ ଆଜ
ନବ ଜୀବନର ନବ ମଙ୍ଗଳ ପ୍ରଭାତେ
ମଙ୍ଗଳାରତିର ପଞ୍ଚ ସୁବର୍ଣ୍ଣ ପ୍ରଦୀପ,
ହସିଉଠୁ ବିଶ୍ୱପ୍ରାଣୀ ନିରେଖି ତା ଶିଖା ।
ଆଷାଢ ପ୍ରଥମ ଦିନ ଉପସ୍ଥିତ ଆଜ,
ନ ଲଙ୍ଘ ନ ଲଙ୍ଘ ଘନ କବିର ଆଦେଶ ।
ସକଳର ଶିରୋଧାର୍ଯ୍ୟ ମହାଦେଶ ତାହା,
ଆସ ଭୂମି ଧରି ମଧୁ ମୋହନ ମୂରତି ।

—:*:—

## ଶରଦପୂଜା

ବସ ମା ମାନସ-ହଂସେ ଦେବୀ ଶ୍ୱେତଭୁଜା,
ଅର୍ପିବି ପଦ୍ମରେ ତବ ଦ୍ରବ୍ୟହୀନ ପୂଜା ।
ସ୍ୱଭାବେ ମୁଁ ଦୀନ, ଦ୍ରବ୍ୟ ପାଇବି ବା କାହୁଁ,
ଧରିଛି ଅକଟି ଦୈନ୍ୟ ଭଣ୍ଡ ବେନି ବାହୁ ।
ଶବ୍ଦମୟି, ଶବ୍ଦେ ଆଜ ପୂଜି ତବ ପାଦ,
ଲଭିବି ବାଳକ ପ୍ରାୟ ଆତ୍ମ-ପରସାଦ ।
ସଜାଇବି ଶବ୍ଦାଭରେ ଶବ୍ଦେ ଅର୍ଘ୍ୟଥାଳୀ,
ଶବ୍ଦ-ଗଙ୍ଗାଜଳେ ଦେବି ପଦ୍ମର ପଖାଳି ।
ଶବ୍ଦ ହେବ ଧୂପଦୀପ ଶବ୍ଦହିଁ ଆସନ,
ଶବ୍ଦ ଏକା ଅଞ୍ଜଳିଆ କୁସୁମ ଚନ୍ଦନ ।
ମଙ୍ଗଳ ଆଳତି ପୂଜା କରିବି ଶବଦେ,
ଭକ୍ତିରୂପେ ସମର୍ପିବି ନିଜକୁ ତୋ ପଦେ ।
କେବଳ ଏତିକି ଭିକ୍ଷା ଶକ୍ତି ସନାତନି !
ଉଠୁ ମୋ ହୃଦୟୁ ତବ ବୀଣା ପ୍ରତିଧ୍ୱନି ।

—:*:—

## ଶିଶୁର ଉକ୍ତି

ଧୂଳିଆ ବାବାଜି ମୁହିଁ, ଶିଶୁ ବିଶ୍ୱପ୍ରିୟ,
ଭୋକେ ଭୋଳନିଅ ମୋତେ ଭୋକେ ଭୋଳନିଅ
ନାହିଁ ମୋର ଜ୍ଞାନ ଧର୍ମ ଆଶାର ପିପାସା,
ଅଛି ଖାଲି ମୁଗ୍ଧ ରୂପ, ସ୍ନିଗ୍ଧ ମଧୁଭାଷା ।
ସରଳ ହୃଦୟ ମୋର ସରଳ ବେଭାର,
ନାହିଁ ମୋ ଜୀବନେ ଦୁଃଖ ଚିନ୍ତା ହାହାକାର ।
ଉଲଗ୍ନ ଦେହଟି ମୋର ଧୂଳି-ଧୂସରିତ,
ଜାଣେ ନାହିଁ ଲଜ୍ଜାଘୃଣା ସଦା ହୃଷ୍ଟଚିତ୍ତ ।
ଆତ୍ମପର ନ ଜାଣେ ମୁଁ ଶୁଦ୍ଧ ନିର୍ବିକାର
ଯେ ମୋତେ ଆଦର କରେ ହୁଏ ମୁଁ ତାହାର ।
ଅଳ୍ପରେ ସନ୍ତୋଷ ଲଭେଁ କ୍ରୀଡ଼ା ମୋର ପ୍ରିୟ,
ଭୋକେ ଭୋଳନିଅ ମୋତେ ଭୋକେ ଭୋଳନିଅ
ସୁନ୍ଦର ବଦନେ ମୋର ହାସଟି ଅତୁଳ,
ଫୁଟାଇଦେଉଛି ମୁହିଁ ଫୁଲ ପରେ ଫୁଲ ।
ଚିରକାଳ ପ୍ରଭୁ ମୋତେ କରିଥାଅ ତୁଆ
ଠାକୁରବାପାଙ୍କ ପରି ନ କର ପାକୁଆ ।
ବୁଢା ହେଲେ ହୋଇଯିବ ଅସୁନ୍ଦର ମୁଖ,
ନ ପାରିବି ମୁଢି ଖାଇ ହେବ ବଡ ଦୁଃଖ ।
ଅତଏବ ମାଗୁଅଛି ହେ ମୋ ପ୍ରାଣ ହରି,
ଶଏ ବର୍ଷଯାଏଁ ମୋତେ ରଖ ଶିଶୁ କରି ।

—୦୦—

## ଅଶ୍ରୁପୂଜା

ଘେନ ବାଣି, ଅଶ୍ରୁପୂଜା ହୀନ ସେବକର,
ଦୀନ ମୁହିଁ, ଅଜ୍ଞଜନ, ଆବର ଅକ୍ଷମ,
କେମନ୍ତେ ବା ସଂଗ୍ରହିବି ପୂଜାଦ୍ରବ୍ୟ ତୋର ।
ଦୀନ ମୁହିଁ ସତ୍ୟ, କେବ, ମାତ୍ର ଅଶ୍ରୁଧନେ
ମହାଧନୀ, ଜାହା ଯିନା କୃପାବନ୍ତ ତୋର,
ନ ହେଉ ପଡ଼ିବେ ତାହା ନିର୍ମଳ, ପାବନ,—

ପ୍ରେମ-ଭକ୍ତି-ଅଶ୍ରୁ ତୁଲ୍ୟ, କି ଅଛି ଜଗତରେ ?
ତୁହି ମା ପବିତ୍ରମୟୀ, ଭୁବନ-ନମସ୍ୟା
ହେବ ସେ ପବିତ୍ର ନିଶ୍ଚେ ତୋ ପୁଣ୍ୟପରଶେ,
ଗଙ୍ଗାଜଳ ସ୍ପର୍ଶେ ପୂତ ଅପବିତ୍ର ଅସ୍ଥି,
ନ ରହେ ପରଶ ସ୍ପର୍ଶେ ଲୌହର ଲୌହତ୍ୱ ।
ଦିଅ ମା ବଢ଼ାଇ ପଦ, ଦେବେନ୍ଦ୍ରବନ୍ଦିତ,
ଧୋଇବ ତା' ଅଶ୍ରୁନୀରେ ପରମ ଆଗ୍ରହେ,
ମହାଭାବ ଲୀଳାସ୍ଥଳ ବକ୍ଷୋଦେଶେ ତୋର,
ଜନନି, ଲମ୍ବାଇଦେବ ଅଶ୍ରୁମୁକ୍ତାହାର,
ଗ୍ରଥିତ ଦାରିଦ୍ର୍ୟ ସୂତେ, ଦିଶିବ ସୁନ୍ଦର ।
ସର୍ବ ପୂଜାଦ୍ରବ୍ୟରୂପେ ସମର୍ପିତ ଅଶ୍ରୁ,
ନୁହେଁ ଏ ସେବକ ଦେବ, କୃପଣ ଜଗତରେ ।
ତୋ ପଦ ପ୍ରସାଦେ, ଦେବ ଅନର୍ଗଳ ଢାଳି,
କେବଳ ନୈବେଦ୍ୟରୂପେ ଅର୍ପିବ ଅକ୍ଷତା ।

—ঃ—ঃ—

## ଦୈନ୍ୟ

ରାକ୍ଷସ ପ୍ରକୃତ ଦୈନ୍ୟ ଗିଳେ ଅକ୍ଲେଶରେ
ବହୁ ଆଶା, ଭେକଯୂଥେ ଭୁଜଙ୍ଗ ଯେସନ,
ଆଶା ତାର ପ୍ରିୟଖାଦ୍ୟ—ଅତି ଉପାଦେୟ ।
କି ଭୀଷଣ କ୍ଷୁଧା ତାର ଅହୋ, କି ଦୁର୍ଦ୍ଦମ୍ୟ,
ଯେତେ ଖାଏ ତେତେ ବଢ଼େ କ୍ଷୁଧା, ବଢ଼େ ଯଥା
ସର୍ବଗ୍ରାସୀ ଅଗ୍ନିଶିଖା, ଗ୍ରାସ ସଙ୍ଗେ ସଙ୍ଗେ ।
ଗ୍ରାସୁ ପଛେ ଆଶାକୁ ସେ, ଚନ୍ଦ୍ରେ ରାହୁ ପ୍ରାୟ,
ମାତ୍ର ବଡ଼ ଉପକାରୀ ଦୈନ୍ୟ, ଦରିଦ୍ରର ।
କରେ ତାକୁ ନିର୍ମଳ ସେ ବସ୍ତ୍ରେ ଖାର ଯଥା,
ଉଦ୍ଧାରେ ଚରିତ୍ରଗ୍ରାସୀ ସମ୍ପଦ କବଳୁ ।
ସାଧୁ ଶୁଭ ଉପାଦାନେ ଗଢ଼ି ସେ ମାନବେ,
ନେଇଯାଏ କ୍ରମେ କ୍ରମେ ପୂର୍ଣ୍ଣତା ଆଡ଼କୁ ।
ଦୈନ୍ୟ କିଏ ଦୁଃଖ, ତାହା ସୁଖର ପ୍ରସୂ,
ଅଗ୍ନିପରୀକ୍ଷାରେ ବଢ଼େ ସ୍ୱର୍ଣ୍ଣର ଗୌରବ ।
ସଂକ୍ଲିଷ୍ଟ ଯେ ମହାପାପେ ଅଧମ ଧନୀଏ,
ଦରିଦ୍ର ବଞ୍ଚିତ ଅଛୁଁ, ସେହି ବଞ୍ଚନାରୁଁ,
ସୌଭାଗ୍ୟ ତାହାର,ସାରସୁଖ ଜୀବନର
ଶାନ୍ତି ନୁହେଁ—ମହାମିତ୍ର ମାନବର ଦୈନ୍ୟ ।
ତାହା ପରି ସୁଜନର ନିସର୍ଗ ଭୂଷଣ,
ନାହିଁ କିଛି ଭୂମଣ୍ଡଳେ ପ୍ରାକୃତ ଜଗତରେ ।

—*—

## ପ୍ରକୃତିର ପୀଡ଼ା

କି କଠିନ ଛନ୍ଦବ୍ୟାଧି ପ୍ରକୃତି ଶରୀରେ,
ଆଜନ୍ମରୁ, ସଂଜନ୍ମରୁ ଦୁର୍ଲଙ୍ଘ୍ୟ ଜନମେ ।
କେଉଁ ଅଙ୍ଗ ସନ୍ନିପାତେ ଜରଜରିତଳ,
ଆବର କେବଣ ଅଙ୍ଗେ ପ୍ରତାପେ ନଜଳୁ—
ବୈନାଶିକ ଶୀତଜ୍ୱର * ଅସହ୍ୟ ଉତ୍ତାପ,
କେବେ ମଠେ ଚଳେ ନାଡ଼ୀ,କେବେ ବା ଚଞ୍ଚଳେ
କେବେ ସ୍ଥିର ସ୍ପନ୍ଦହୀନ, ହୁଏ ନାହିଁ ବାରି,
ଜୀବନ ଅଛି କି ନାହିଁ ପିଣ୍ଡରେ ତାହାର ।
କେବେ ବହେ ଖରଶ୍ୱାସ, କେବେ ଶ୍ୱାସରୁଦ୍ଧ,
କେବେ ଡାକିଉଠେ ଛାଡ଼ି ବଡ଼ ଚିତ୍କାର ।
ମାତ୍ର ସ୍ୱରେ ନାହିଁ ଅଶ୍ରୁ ନେତ୍ରେ ତାର କେବେ,
କଦାଚିତ ଝରିପଡେ କେତେ ବିନ୍ଦୁ ସ୍ୱେଦ ।
କେବେ ସଂଜ୍ଞାଲୋପ ଦେହ ପଡ଼ିଯାଏ ଢଳା,
କେବେ ଥରେ ଚାହିଁଦେଇ ବୁଜିଦିଏ ଆଖି ।
ଭୁଞ୍ଜୁଛି କି ବେଗରେ [ହାସ୍ୟ, ଅବୈଦ୍ୟ-ଚକିତ]
ନିରଶ୍ରୁ ଯନ୍ତ୍ରଣା ଦେବୀ, କେ ଚିହ୍ନିବ ତାହା,
ଚରକେ ସୁଶ୍ରୁତେ ନାହିଁ ସେ ରୋଗ-ଚିକିତ୍ସା ।
ନିଦାନ ମାଧବକର ଜୁହାରେ ତା ପାଦେ,
ମା ପ୍ରକୃତି, ସ୍ୱୟମ୍ଭୁବେ, ଏ କେଉଁ ରହସ୍ୟ ?
ବ୍ୟାଧି ବୈଦ୍ୟ ମହୌଷଧି, ସବୁ ତୋ ସର୍ଜନା,
ଅଛୁ ତୁ ସବୁରି ମଧ୍ୟେ, ହାରେ ସୂତ୍ର ପ୍ରାୟ,

* ମୃତ୍ୟୁକାଳୀନ ଜ୍ୱର

ଅରିଷ୍ଟ, ଆସବ, ତୈଳ, ଚୂର୍ଣ୍ଣ, ବଟିକା,
ତୋ ମୂର୍ତ୍ତ ମହିମା ସବୁ ତୋ ଠହୁଁ ଉଦ୍ଭୂତ ।
କ୍ଷମତା ତାଙ୍କର ପ୍ରାଣୀ ଆମୟ ଉପରେ,
ମାତ୍ର ସେ ଅକ୍ଷମ ନଷ୍ଟେ ତୋ ବ୍ୟାଧି ଖଣ୍ଡନେ ।
ତୁହି ଏକା ବୈଦ୍ୟ ତୋର, ତୁହି ତୋ ଔଷଧ,
ସ୍ତନ୍ୟପାୟୀ ଶିଶୁପ୍ରାଣେ ଜନନୀର ବ୍ୟାଧି
ହୁଏ ସଂକ୍ରମିତ, ଏହା ସତ୍ୟ, ସ୍ୱାଭାବିକ,
ତୋ ପୀଡ଼ାରେ ତୋ ସନ୍ତାନେ ମୃତକଳ୍ପ ସର୍ବେ,
ବଞ୍ଚାଅ ସନ୍ତାନେ ଦେବୀ ସନ୍ତାନବତ୍ସଳେ !
ହୁଅ ସୁସ୍ଥ, ପ୍ରକୃତିସ୍ଥ ମା ମହାପ୍ରକୃତି,
ଅନ୍ତତଃ ଯେପରି ଥିଲୁ ପାଞ୍ଚବର୍ଷ ପୂର୍ବେ,
ଧର ତୁମ ସେହି ମୂର୍ତ୍ତି,—ସଦୟା ବରଦା,
ମରିଯାଉ ରୋଗ, ଦୁଃଖ ଦୁର୍ଭିକ୍ଷ, ମଡ଼କ,
ହେଉ ଦେଶ ଆଲୋକିତ, ପୂର୍ଣ୍ଣ ଧନଧାନ୍ୟେ,
ଅତୀତ ସୌଭାଗ୍ୟ-ଲକ୍ଷ୍ମୀ ଆସନ୍ତୁ ବାହୁଡ଼ି
ହାସ୍ୟୋଜ୍ଜ୍ୱଳ ମୁଖେ, ଦେବେ ବର୍ଷନ୍ତୁ ଆଶିଷ,
ବାହୁଡ଼ୁ ଅତୀତ, ଯେଣୁ ଅତୀତ ବୈଭବ,
ଆନନ୍ଦ-ଅଳକାନନ୍ଦା ବହୁ ପ୍ରତିପ୍ରାଣେ,
ଜଳଉଠୁ ମଙ୍ଗଳର ସୁବର୍ଣ୍ଣ ବିହୁଡ଼ି ।

——0——

## ରାଧାଷ୍ଟମୀ

ପ୍ରକୃତିରୂପିଣୀ ଦେବୀ ଶ୍ରୀମତୀ ରାଧିକେ,
ବୃଷ୍ଣୀବଂଶୀ-ସୃଷ୍ଟିପତି-କୃଷ୍ଣ-ପ୍ରାଣାଧିକେ ।
ଆଜି ତବ ଜନ୍ମତିଥି, ଅହୋ, କି ଶାମ୍ବରୀ,
ତୁମ୍ଭେ ପରା ଜଗନ୍ମାତା, ବୃନ୍ଦାବନେଶ୍ୱରୀ !
ହେବ କି ଗୋ ଜାତ ତୁମ୍ଭେ ସୃଷ୍ଟିଗର୍ଭୁ ତବ,
ବିଷମ ସମସ୍ୟା ଏହା ବଡ଼ ଅସମ୍ଭବ ।
କେ ବୁଝିବ, ଦେଖ, ତବ ଦେବକୂଟ ମାୟା,
କେବେ ତୁମ୍ଭେ ଅଣାକାୟା, କେବେ ଧର କାୟା ।
ଲଭ କେବେ ଜନ୍ମ, ହେଉ ବର୍ଷ ନଷ୍ଟକ୍ଷଣ,
ଜନ୍ମିଲେଣି ତବ ପୂର୍ବ ବସ୍ୱଟ ପୁରୁଷ ।
ଦୁହେଁ ମିଳି କର ନବ ସୃଷ୍ଟିର ସର୍ଜନା,
ଭାଙ୍ଗିଦିଅ ଜୀର୍ଣ୍ଣ ସୃଷ୍ଟି ପ୍ରାଚୀନ କଳ୍ପନା ।
ଯାଉ କଳି, ଆସୁ ସତ୍ୟ ଯେଣୁ ସତ୍ୟ ଶିବ,
ମହୀକି ଓହ୍ଲାଇ ଆସୁ ପବନ ନିବିଡ଼ ।
ବସୁ ଭୂତ, ବର୍ତ୍ତମାନ-ଭବିଷ୍ୟ ଆସନେ,
ଖେଳୁ ନବ ଦିବ୍ୟ ଜ୍ୟୋତି ଅବନୀ ବଦନେ ।
ଛନ୍ତି ତବ ଅପେକ୍ଷାରେ ସଖୀ ଗୋପୀପୁଞ୍ଜ,
ସେହି ବୃନ୍ଦାବନ ଧାମ, ସେହି କେଳିକୁଞ୍ଜ ।
ଅବତର ଶୁଭେ ଦେବି, ବୃଷଭାନୁକନ୍ୟା,
ବହାଅ ଯମୁନା ବକ୍ଷେ ପତି-ପ୍ରେମ-ବନ୍ୟା ।

—:*:—

## ଆଷାଢ଼

ଘନ-ଆବୃତ ହସ୍ତେ ଆସିଲା ଆଷାଢ଼
ଋତୁ-ଇନ୍ଦ୍ର, ଶ୍ୟାମାସ୍ୱିତ କୋଟି କୁଞ୍ଜବନେ
ଶୋଭିଲା ଧରଣୀପୃଷ୍ଠ, ଆରମ୍ଭିଲେ ତହିଁ
ଶିଖୀଏ ଅପ୍ସରା ନୃତ୍ୟ, ବାଇଲେ ହରଷେ
ବର୍ଷାଭୁ-ଗନ୍ଧର୍ବକୁଳ କଣ୍ଠ-ବୀଣାଯନ୍ତ୍ର
ଟଙ୍କାରି ଧୈବତ ତାର, ଆଳାପେ ଜାତୁବ
ଉଠାଇ ମଧୁର ମେଘମଳ୍ହାର ରାଗିଣୀ ।
ସୁନ୍ଦରୀ ସାଧବବଧୂ ଆବର ବରଙ୍ଗ
ରଙ୍ଗ ପାଟେ, ଅର୍ପିଲା ସେ ନବ ନୃପବରେ
ଉଦ୍ଦେଶ୍ୟେ ଅଦ୍ରବ୍ୟ-ଅର୍ଘ୍ୟ, ମୌନାଭିନନ୍ଦନ ।
ଜାଳି ରୂପ-ଦୀପ ବିଦ୍ୟୁ, ହାଟବିଳାସିନୀ,
ଅନୁସ୍ତ ହୃଦୟେ ମୁହୁଃ କରେ ଦେବାର୍ଚ୍ଚନ ।
ଚତୁର ପୁରୋଧା ଯଥା ଯଜମାନ ଶିରେ
ନିକ୍ଷେପି ତଣ୍ଡୁଳ ତାର, କରେ ଆଶୀର୍ବାଦ,
ତଥା ଘନ, ସିନ୍ଧୁବାରି ପ୍ରଦାନ ସିନ୍ଧୁରୁ,
ପ୍ରକାଶିଲା ଅନୁଗ୍ରହ, କିନ୍ତୁ ବାସ୍ତବରେ
ଋଣଶୋଧ ତାହା ସିନା, ନୁହେଁ ଅନୁଗ୍ରହ ।
ତାଳାଙ୍କ ଜୀବନଧାର ଜୀବନଦାୟକ,
ଥାଉଣୁ ପିଇ ସେ ମୃତସଞ୍ଜୀବନୀ ସୁଧା

ଜୀଇଲା ବସୁଧା, ରହିଥିବାରୁ ସେ ସନ୍ତ
ନିଦାଘପ୍ରଦତ୍ତ କଷ୍ଟ, ଅସହ୍ୟ ସର୍ବଥା,
ଲଭିଲା ଏ କାଳେ ଯିନା ସୁଖ ଆଶାତୀତ,
ଗଢ଼ିଦିଏ ଦୁଃଖ ନଷ୍ଟେ ସୁଖର ଶରୀର,
ଦୁଃଖ ମଧ୍ୟେ ହୋଇଉଠେ ସୁଖ ପ୍ରାଣବନ୍ତ ।
ପ୍ରକୃତି ସଙ୍ଗୀତମୟୀ, ପ୍ରତିରନ୍ଧ୍ରୁ ତାର,
ଉଠୁଛି ଆଶାର ଗୀତ, ଗାଉଛି ଗଗନେ
ସୃତକ ବାରିଦ-ବନ୍ଧୁ, ଗାବନ୍ତି ହରଷେ,
କାନନେ ଝିଙ୍କାରୀକୁଳ, ସରସେ ସବାଳୀ
ଗନ୍ଧର୍ବନଗରୀ ଶିରୀ ଭୂଷୁଛି ଧରଣୀ ।
ଆବର କୃଷକ ଗାଏ, ଫୁଟାଇ ହୃଦୟେ
ଆଶାର ଅଶୋକ ଫୁଲ, ଚହଟ ସୁନ୍ଦର,
ସହସ୍ର ବର୍ତ୍ତିକା ଜଳେ ଆଶାର ମନ୍ଦିରେ ।

—*—

## ସୁନିଆଁ

କାର୍ତ୍ତିକ ପୂର୍ଣ୍ଣିମା ଆଜି, ସୁନିଆଁ ଉତ୍କଳେ,
ଯାଉଅଛି ପୁରାତନ ସନ ଅସ୍ତାଚଳେ ।
ସମୁଦିତ ଏଣେ ପୁଣି ହରଷେ ନବ ସନ
ଉତ୍କଳ-ପ୍ରକୃତି-ରାଜ୍ୟ-ନବୀନ-ରଞ୍ଜନ ।
ଲାଗି ଲାଗି ଆସୁଅଛି ଅସ୍ତରୁ ଉଦୟ,
ଧ୍ୱଂସରୁ ସର୍ଜନା, ଆଉ ଲୟରୁ ଅଭୟ ।
ଉଭୟ ମଧ୍ୟରେ ନାହିଁ ଧାଡେ ବ୍ୟବଧାନ,
ଉଭୟ ମଧ୍ୟରେ ନାହିଁ ଶୋକ ପାଇଁ ସ୍ଥାନ ।
ଉଦୟାସ୍ତ, ଅସ୍ତୋଦୟ, ଏ ଶାଶ୍ୱତ ରୀତି—
ତଥାତାର, ଉଦୟର ଅସ୍ତ ପ୍ରତିନିଧି ।
ସେହି ନୁହେଁ ଉଭୟର ମହାଗତି-ସ୍ରୋତ,
ଦେବଙ୍କର ପ୍ରେମଲୀଳା ଭବେ ଓତପ୍ରୋତ ।
ଦୈବେ ଯଦି ରୁଦ୍ଧ ହୁଏ ସ୍ରୋତ ଗୋଟିକର,
ଘଟିବ ତକ୍ଷଣେ ସମଦଶା ଅନ୍ୟତର ।
ଉତ୍କଳର ନବବର୍ଷ, ବାମନ ଜନମ,
ଶୁଭ ସନ୍ଧତରେ ଆଜି ଶୁଭର ସଙ୍ଗମ ।
ହେ ଈଶ୍ୱର, ସ୍ଥୂଳରୂପ ପ୍ରକୃତି ତୁମ୍ଭର,
ଦେଖାଇବ ଆଜି ସୂକ୍ଷ୍ମ ସ୍ୱରୂପ ସୁନ୍ଦର ।
ଯେବେ ଏବେ ସୂକ୍ଷ୍ମ ରୂପେ, ହେ ନିତ୍ୟ ନବୀନ,
ପ୍ରତେ ହୁଏ ଯେତେକ ଶୂନ୍ୟ, ଅସ୍ତିତ୍ୱବିହୀନ ।
କାନ୍ତୁ କଏ ବଳୀ ପ୍ରଭୋ, ତୁମ୍ଭଙ୍କୁ ବଳକ,
ଗୁପିଦିଅ ରସାତଳେ ଦୁଷ୍କାଳ-ବଳୀଙ୍କ ।
ବିଦାୟ ପ୍ରାଚୀନ ବର୍ଷ, ଶେଷ ନମସ୍କାର,
ଘେନ ହୃଦୟର କ୍ଷତ, ଅଶ୍ରୁ, ହାହାକାର ।
ସ୍ୱାଗତ ନବୀନ ବର୍ଷ, କହ ନବଭାଷା,
ବହିଆଣ ନବ ଶୁଭ, ନବ ନବ ଆଶା ।

—ଃ—

## ବସନ୍ତ ଆହ୍ୱାନ

ଆସ ଦେବ ଋତୁରାଜ, କୁସୁମ-ସ୍ୟନ୍ଦନେ,
ଖେଳିଯାଉ ହାସ୍ୟରେଖା ଅବନୀ ବଦନେ ।
ତୁମ୍ଭର ସୁରଭି-ସ୍ନିଗ୍ଧ ନବ-ଶ୍ୱାସବାୟୁ,
ଶୀତମୃତ ପ୍ରକୃତିକୁ ଅର୍ପୁ ନବ-ଆୟୁ ।
ବସିଯାଉ ଧରାପୃଷ୍ଠେ ପୁଷ୍ପ ସ୍ୱୟମ୍ବର,
ଗାଉ ଉଚ୍ଚେ ସାମବେଦ ସଙ୍ଗୀତ ଭ୍ରମର ।
ଉଚ୍ଛୁଳୁ ଆନନ୍ଦ-ସ୍ରୋତ ଅରଣ୍ୟାନୀ ପ୍ରାଣେ,
ଶୋଭୁ ବୃକ୍ଷ ଦେହ ତାର ଲତା-ଉପବଣେ ।
ପଞ୍ଚମ ଗୁଞ୍ଜନ ଭେଦି ଉଠୁ ପିକରବ,
ଲାଗିଯାଉ ଉଲ୍ଲାସର ମହାମହୋତ୍ସବ ।
ଶାଲ୍ମଳୀ ସୁନ୍ଦରୀ ଦେଉ ବନପ୍ରାନ୍ତେ ଦେଖା,
ବନଦେବୀ ପଦେ ଅଙ୍କୁ ଅଳକ୍ତକ ରେଖା ।
ବ୍ୟଥିତ ସୃଷ୍ଟିକି ଅର୍ପ ପ୍ରେମେ ଆଲିଙ୍ଗନ,
ପ୍ରତିଦାନେ ଘେନ ତାର ଭକ୍ତି-ଉପାୟନ ।

## ଅନନ୍ତବ୍ରତ

ଅଣାକାର୍ ହେ ଅନନ୍ତ, ମଙ୍ଗଳର୍ ପିତା,
ହେବ କି ସାକାର୍, ସାନ୍ତ, ବିଶ୍ୱରଚୟିତା ।
ସ୍ୱଭାବେ ଅକାନ୍ତ ହୋଇ ହେବ କମକାନ୍ତ,
ବହୁକାଳ ଅନନ୍ତତ୍ୱେ ହୋଇଛ କି କ୍ଳାନ୍ତ ।
ଅଛ ତୁମ୍ଭେ ରବି ଚନ୍ଦ୍ରେ, ଗଗନେ ପବନେ,
ଅନଳେ, ସଲିଳେ, ପୁଣି ତାରା, ବିଦ୍ୟୁ, ଘନେ ।
ଆଲୋକେ ତୁମ୍ଭର ସ୍ଥିତି, ଅନ୍ଧାରେ ବସତି,
ତୁମ୍ଭର ବିରାଟ କାୟା ଏ ପ୍ରକୃତି ସତୀ ।
କୋକିଳର କୁହୁତାନ, ପୁଷ୍ପ ସୁପ୍ରହାସ,
କରୁଛି ଅନ୍ତର ମଧ୍ୟେ ତୁମ୍ଭଙ୍କୁ ପ୍ରକାଶ ।
ପ୍ରତ୍ୟେକ ତନ୍ତ୍ରାରେ ପ୍ରାଣେ, ଅଛି ତବ ସତ୍ତା,
ବହେ ତବ ପ୍ରତିମୂର୍ତ୍ତି ପ୍ରତିବାକ୍ୟ, କଥା ।
ଏତେ ମୂର୍ତ୍ତି ଧର, ନୁହେଁ ଦୁଇଟା ଗୋଟାଏ,
ଅବସ୍ଥିତ ତୁମ୍ଭେ ହୃଦ, କୀଟୁ ବ୍ରହ୍ମପାଏ ।
ତଥାପି କି ମୂର୍ତ୍ତିରଙ୍କ ତୁମ୍ଭେ ବିଶ୍ୱ-ଆଶା,
ମେଣ୍ଟେ ନାହିଁ କେବେ ତବ ମୂର୍ତ୍ତିର ପିପାସା ।
ନିନ୍ଦ୍ୟ ଏବେ ନୁହେଁ ମୂର୍ତ୍ତି, ନାହିଁ ତାର ପୂର୍ତ୍ତି,
କରେ ଯେ ମୂର୍ତ୍ତିର ନିନ୍ଦା ସେ ପୂଜା ତ ମୂର୍ତ୍ତି ।
ମୂର୍ତ୍ତିନିନ୍ଦା ଆତ୍ମନିନ୍ଦା, ଆତ୍ମ-ଅବିଶ୍ୱାସ,
ମୂର୍ତ୍ତି ଧରି କର ପ୍ରଭୁ ଏ ତତ୍ତ୍ୱ ପ୍ରକାଶ ।

—:*:—

## ଦୋଳପର୍ବ

ଆସେ ଦୋଳପର୍ବ ଘେନି ଅନନ୍ତ ବିଭବ
ରାଧେ ଶ୍ୟାମ ମହାମନ୍ତ୍ର ପୂଜା ମହୋତ୍ସବ ।
ଏବେ ମଧୁକାଳ, ବିଶ୍ୱପ୍ରେମେ ମଧୁମୟ,
ହୃଦେ ମଧୁମୟ ମୁକ୍ତି-ମନ୍ଦିର ଉଦୟ ।
କି ମହା ମହିମା ଯେବେ ସମୁଜ୍ଜ୍ୱଳ ସୃଷ୍ଟି,
ହେଉଅଛି ପୁଣ୍ୟାତ୍ମକେ ପୁଣ୍ୟାମୃତ ବୃଷ୍ଟି ।
ଜଟିଳ ଆରଣ୍ୟ ଛନ୍ଦେ ମଳୟ ପବନ,
ରାଧେ ଶ୍ୟାମ, ରାଧେ ଶ୍ୟାମ, କରେ ଉଚ୍ଚାରଣ ।
ବସି ବିହଙ୍ଗମଗଣ ବିଟପୀ ବିଟପେ,
ରତ ସଦା ରାଧେ ଶ୍ୟାମ ପୁଣ୍ୟମନ୍ତ୍ର-ଜପେ ।
ମିଶିଛି ସେ ମନ୍ତ୍ର, ବିଶ୍ୱ ଅନ୍ତରେ ବାହାରେ,
ରଙ୍ଗରୂପେ ମିଶିଅଛି ଫଗୁ କଣିକାରେ ।
ଘୋଷେ ମନ୍ତ୍ର ପ୍ରତିଧ୍ୱନି ଜୟ ବ୍ରଜଧାମ,
ପ୍ରକୃତି ପୁରୁଷ ଜୟ, ଜୟ ରାଧେ ଶ୍ୟାମ ।

———

## ବର୍ଷାରାଣୀ

ଘେନାହେଉ ବର୍ଷାରାଣୀ ସୁ-ଅଭିନନ୍ଦନ,
ବିଶ୍ୱର ଅଭିବାଦନ, ପୁଲକ, ବନ୍ଦନ ।
କେତେ ଅଶ୍ରୁ ଅଛି ତବ ତାପସୀ ନେତ୍ରରେ
ବସୁନ୍ଧରା ଦୁଃଖେ ତାହା ଅସମ୍ଭାଳେ ଝରେ ।
ଦ୍ରବମୟୀ ଦୟା ତୁମ୍ଭେ, କାମ୍ୟା ମହାମୃତ,
ଅଥବା ଅମରଭୋଗ୍ୟ କାମଧେନୁ ଘୃତ ।
ପିଇ ସେ ଅମୃତ ଘୃତ—ସେ ଅମୃତପଣା,
ହୁଏ ରସା ରସବତୀ, ବର୍ଦ୍ଧିଷ୍ଣୁ ଭୂଷଣା ।
ଉତ୍ତପ୍ତ କଲା ଧରଣୀକି ନିଦାଘ ପାଷଣ୍ଡ,
ଲଭିଲା ସେ ତବ କରେ ଉପଯୁକ୍ତ ଦଣ୍ଡ ।
କଲ ତାକୁ ଖଣ୍ଡ ଖଣ୍ଡ ତବ କରବାଳ,
ଝରେ ବାରିଧାର ବ୍ୟାଜେ ତା ଦେହୁଁ ଲାଲ ।
ସେ ଶୋଣିତେ ବସୁମତୀ ହେଉଛି ଶୀତଳ,
ବିଧିବଶେ ଭୁଞ୍ଜେ କେତା ଶପଥିତ ଫଳ ।
ବର୍ଷାରାଣୀ, ତବ ଶୁଭ ଅଭ୍ୟର୍ଥନା ଗୀତ,
ଗାଉଛି ଦର୍ଦ୍ଦୁର ଉଚ୍ଚେ ହୋଇ ପୁଲକିତ ।
ତୁମ୍ଭର ଖଟଣୀ ଆଶେ ପ୍ରାଚୀ-ପୌରନାରୀ,
ବସିଛନ୍ତି ଇନ୍ଦ୍ରଧନୁ-ପୁଷ୍ପହାର ଧରି ।
ଧରିଣ କଦମ୍ବ କରେ ହୀରକ କନ୍ଦୁକ,
ଉକ୍ତ ସମର୍ପଣ ଅର୍ଥେ ହୋଇଣ ଉତ୍ସୁକ ।

ସୌଦାମିନୀ ସ୍ୱର୍ଣ୍ଣ-ଦୀପ ନଭେ ଚହଟାଇ,
ଛନ୍ତି ସୃଷ୍ଟିରକ୍ଷିଣୀ ଭବ ନୀରକଣା ପାଇ ।
ବର୍ଷ-ଉତ୍ସବେ ତବ ମତ୍ତ ସର୍ବ ପ୍ରାଣୀ,
ମାଗୁଛି ଚାତକ ଆର୍ତ୍ତେ "ଦେ ପାଣି, ଦେ ପାଣି !"

—*—

## ଶାନ୍ତି

କାହିଁ ଶାନ୍ତି ଏ ସଂସାରେ ? ଥିଲେ ଥିବ ଶବେ,
କୋଳାହଳମୟ ବିଶ୍ୱ, ହାହାକାରପୂର୍ଣ୍ଣ,
ମଗ୍ନ ଜୀବ ଜଞ୍ଜାଳର ଉତ୍ତପ୍ତ ଜମ୍ବାଳେ,
ସମ୍ଭବେ କି ଶାନ୍ତି ଏହି ଅଶାନ୍ତି ଆଳୟେ ?
ପ୍ରତି ମୁହୂର୍ତ୍ତରେ କାଳ ଗ୍ରାସୁଛି ବିଶ୍ୱର—
ପରମାୟୁ; ମିଶି ପ୍ରତି ପ୍ରଶ୍ୱାସ ପବନେ
ବାହାରୁଛି ପ୍ରାଣୀ ପ୍ରାଣୁ ହାହାକାର ଧ୍ୱନି—
ବିଷାଦ-ବିଷାକ୍ତ, ଜୀବ ଜନ୍ମଲଭି କ୍ଷଣି
ଧାଇଁଛି ଅଜ୍ଞାତ ପଥେ ମୃତ୍ୟୁତୀର୍ଥ ମୁଖେ
ଖାଇ ଖାଇ ପଥଯାତ ହାବୁଡ଼ା, ଝଟକା;
କାହିଁ ଶାନ୍ତି, କାହିଁ ସୁଖ—ନିତ୍ୟ, ସୁନିଶ୍ଚିତ !
କାହିଁ ସେ ଅମୂଲ୍ୟ ନିଧି ବାଞ୍ଛିତ ସର୍ବର ।
ପ୍ରତେ ହୁଏ ଶାନ୍ତି ନାହିଁ ଜୀବନ ଏ ପାଖେ,
ସେ ପାଖ ଅଜ୍ଞାତ, ଅତଃ ସେ ରାଜ୍ୟର କଥା
କେଜାଣି କପଟ, ତାହା ଅନ୍ଧକାରଚ୍ଛନ୍ନ,
ଜାଣିବା କଳ୍ପନା ସିନା ନିଷ୍ଫଳ ପ୍ରୟାସ ।
କହନ୍ତି ଅନେକେ,—ସ୍ୱର୍ଗ ଶାନ୍ତି-ନିକେତନ,
ମିଥ୍ୟା କଥା, କିମ୍ବା ଏହା କବିର କଳ୍ପନା,
କେତେ ଯେ ଯାଇଛି ବହି ବିପଦ-ଝଟିକା
ଦିବିଜ ଉପରେ, କେତେ ଥର ହୋଇଛି ସେ
ବିଧ୍ୱସ୍ତ ଲୁଣ୍ଠିତ ଦସ୍ୟୁହାତ, ସାମ୍ରାଜ୍ୟ ତାର
ଶାସ୍ତ୍ରପୁରାଣାଦି, ତେବେ କାହିଁ ଶାନ୍ତି ସ୍ୱର୍ଗେ ?
"ତପୋବନ ଶାନ୍ତି ସ୍ଥାନ" ହୁଏତ କହିବ,
କିନ୍ତୁ ତାହା ଅସମ୍ଭବ, ସ୍ୱଭାବତଃ ବନ
ଶ୍ୱାପଦସଙ୍କୁଳ, ହୁଏ ତାହା ତପଭଙ୍ଗ—
ରାକ୍ଷସ-ବିହାର-ସ୍ଥଳ, ବହ୍ନିଶିଖା-ବାସ,
ମୃତ୍ୟୁଶଙ୍କା ଅନିବାର୍ଯ୍ୟ ପ୍ରତି ପଦକ୍ଷେପେ;
ଯେ ପ୍ରତ୍ୟକ୍ଷ ଯମଦ୍ୱାର, କାହିଁ ତହିଁ ଶାନ୍ତି ?
ଶାନ୍ତି ଥାଏ ତହିଁ, ଯହିଁ ଅଭାବ ଅଭାବ,
"ମୁଁ" ଯାହା ମଧ୍ୟରେ ନାହିଁ, ଚିର ଉଦାସ ଯେ,
ଖୋଜେ ନାହିଁ ମୁକ୍ତି, ହସେ ନାହିଁ, କାନ୍ଦେ ନାହିଁ,
ନାହିଁ ଯାର ସୁଖ ଦୁଃଖ, ସ୍ୱର୍ଗ ମର୍ତ୍ତ୍ୟ ଜ୍ଞାନ,
ନିଜ ପରେ ନାହିଁ ଦାବୀ ନିଜର ଯାହାର,
ଶାନ୍ତିର ଅମୃତକ୍ଷେତ୍ର ତାହାରି ହୃଦୟେ ।

———

## ଚନ୍ଦ୍ରଗ୍ରହଣ

ଅହୋ, କି ଭୀଷଣ ଦୃଶ୍ୟ, ରୁଦ୍ର ଉପଦ୍ରବ,
ଘନା ମେଘେ ଢାଙ୍କିଲାଣି କାହିଁ ନୈଶନଭ ।
କି ଛାୟା ଏ, ସିନ୍ଧୁସୁତ ଇନ୍ଦୁ କଳେବରେ,
ବ୍ୟାପେ କି ଉଜ୍ଜ୍ୱଳକୁଳେ କଳଙ୍କ କାଳିମା,
ଅଥବା ତ୍ୟାଗୀର ତ୍ୟାଗ-ସ୍ୱଚ୍ଛ ପୁଣ୍ୟହୃଦେ
ପଶିଲା କି କ୍ଷଣସ୍ଥାୟୀ କପଟ କାମନା—
ଛାୟା, କିମ୍ବା ସଗର୍ବିତ ନିର୍ମଳ ଚରିତେ
ସ୍ପର୍ଶିଲା ଲୋକାପବାଦ,—ସଂସାର-ସୁଲଭ,
ନତୁ ହାତ ଧରାଧରି ଆଲୋକ ଅନ୍ଧାର ।
ଅବା ପ୍ରାଚୀ ଦିଗ୍‌ଦନ୍ତିନୀ ପ୍ରସବିଲା ଏକ
ଜ୍ୟୋତିଃପିଣ୍ଡ, କାହୁଁ ଆସି ରାହୁ-କାଳଫଣୀ
ଗ୍ରାସୁଛି ତାହାକୁ, ପିଣ୍ଡ ବଡ଼ ତୁଣ୍ଡ ସାନ,
ଏ ହେତୁ ନ ପାରୁ ଗିଳି ପକାଏ ଉଦ୍ଗାରି ।
ବ୍ୟୋମ-ମହାଦୀର୍ଘିକାରେ ଫୁଟିଥିଲା ଆହା
ଗୋଟିଏ କୁମୁଦ, ସ୍ନିଗ୍ଧ, ସୌମ୍ୟ, ସୁକୁମାର,
ପଶି ତହିଁ ଅକସ୍ମାତ ଦୁରନ୍ତ ବରାହ
ଭକ୍ଷିଲା ସେ ଫୁଲେ, ହେଲା ଶୋଭାଶୂନ୍ୟ ସର ।
ସ୍ୱଭାବେ ପାଷଣ୍ଡ ପଶୁ, ଉଦରସର୍ବସ୍ୱ,
କାହୁଁ ବା ବୁଝିବ ଭଲ ସୌନ୍ଦର୍ଯ୍ୟ ମୂଲ୍ୟ ସେ ।

ଗ୍ରାସିଲା ନିର୍ଦ୍ଦୟ ରିପୁ ତାରକା-ନାୟକେ,
ବିଧବା ଅବସ୍ଥା ଜଳ ଭାବି ବିଧୁବଧୂ
ଦିଶିଲା ମଳିନ, ଜ୍ୟୋତ୍ସ୍ନା କୁମୁଦିନୀ ସହ,
ମଳିନ ଯେସନ ବେଳା-ସିନ୍ଧୁସ୍ପର୍ଶୀ, ନଦୀ,
ଆବର ପ୍ରବାଳ ଲତା, ଗ୍ରାସିଲେ ଯେ କାଳେ
ଅଗସ୍ତ୍ୟ ମହର୍ଷିବର ସିନ୍ଧୁ ବେଳାନାଥେ ।
ତେବେ ଯେ କାନ୍ଦିଲା ସତୀ କୁମୁଦିନୀ, ତାସ—
ସପତ୍ନୀ ସହିତେ, ମୁଞ୍ଚି ଅଶ୍ରୁବିନ୍ଦୁ ନେତ୍ରୁ
ନୀହାର କଣିକା ଛଳେ, କେ କଳିବ ତାହା ।
ପ୍ରଶ୍ନରେ ପ୍ରବାଦ,—ପଞ୍ଚ ଚଣ୍ଡାଳର ଛାୟା
ଦ୍ୱିଜରାଜ ପୂର୍ଣ୍ଣଦେହେ, ବୋଲାଏ ଗ୍ରହଣ,
ଅପବିତ୍ର ସମସ୍ତ ସେ, ଅଶିବସୂଚକ ।
ପ୍ରବାଦ ଏ ଉକ୍ତି, ନୁହେଁ ସ୍ୱତଃସିଦ୍ଧ ବାଣୀ,
ହେଉ ପଛେ ଚଣ୍ଡାଳର ଛାୟା ସେ ଗ୍ରହଣ,
ମାତ୍ର ବଡ଼ ଶୁଭଙ୍କର, ପ୍ରଦାନେ ସେ ଶକ୍ତି
ଧରଣୀକି ଅଭିନବ, ହୁଏ ତାହା ଯୋଗେ
ପୁଣ୍ୟତୀର୍ଥେ ପରିଣତ ଜଳାଶୟ ମାନେ,
ଔଷଧି ଅମୃତ ହୁଏ, ପୁଣ୍ୟକାଳ ତାହା,
ସ୍ନାନ, ଦାନ, ଭଜନର ମହା ଅନୁକୂଳ,
ସାଧକ ବାଞ୍ଛିତ ତାହା, ସୌଭାଗ୍ୟେ ସେ କାଳ
ଆସେ କଦାଚିତ, ଏହା ଶାସ୍ତ୍ରସିଦ୍ଧ କଥା ।

—:*:—

## ଚିତ୍ରପଟ

ଧନ୍ୟ ଶିଳ୍ପକର, ଧନ୍ୟ ତୁମ୍ଭର କଳ୍ପନା,
କେଉଁ ଗୁଣେ ଭାଷାକର ତୁମ୍ଭର ତୁଳନା ।
ସରସ କବିତା ତବ ଏ ମୂର୍ତ୍ତି-କାବ୍ୟରେ—
ଫୁଟିଅଛି ସମୁଜ୍ଜ୍ୱଳ ସୁନ୍ଦର ଭାବରେ ।
ଠାଣି ଛନ୍ଦ, ଝଙ୍କ ଯତି, ଭାବ ବର୍ଣ୍ଣାବଳୀ,
ଯାଏ ଚିତ୍ର ଅଭିବ୍ୟକ୍ତି ଭାଷାରେ ତରଳି ।
ଢଳ ଢଳ ଶୋଭାସ୍ପର୍ଶି ସ୍ଫୁରନ୍ତ ଅଳଙ୍କାର,
ମୂର୍ତ୍ତି ମହାକାବ୍ୟ ଗଣ୍ଡି ସରଳ, ଉଦାର ।
ମୃତ କଳ୍ପନାକୁ ତୁମ୍ଭେ କର ମୂର୍ତ୍ତି ଦାନ,
ଏଣୁ ମହାକବି ମଧ୍ୟେ ତୁମ୍ଭେ ହେ ପ୍ରଧାନ ।
ଖାଲି ଦେଇପାର ନାହିଁ ମୁଖେ ତାର କଥା;
ସେହି ଏକା ମହାଦୁଃଖ, ସେହି ଏକା ବ୍ୟଥା ।
କି ନିଷ୍ଠୁର ତୁମ୍ଭେ କବି, ଅବିବେକ ବଡ଼,
ଏତେ ଶୋଭା ନିହି କଲ ମୂର୍ତ୍ତିଟିକୁ ଜଡ଼ ।
କିନ୍ତୁ ଖେଦ ନୁହେଁ ତବ ଏ ହେତୁ ମହତ୍ତ୍ୱ,
କଳ୍ପନାକୁ ପ୍ରାଣ ଦିଅ ଏ ତ ବିଶେଷତ୍ୱ ।
ନ କହୁ ପଛେ ଏ କଥା ମୌନବ୍ରତୀ ତୁଲ୍ୟ,
ସଙ୍କେତେ ବଖାଣେ ଯାହା ତାହାହିଁ ଅମୂଲ୍ୟ ।
ତେଣିକି ଅମୃତ ବାଣୀ, ତେଣିକି ଯଥେଷ୍ଟ,
ନିଶ୍ଚୟ ନୀରବ ଭାଷା ବାଗ୍ମିତ୍ୟରୁ ଶ୍ରେଷ୍ଠ ।

—*—

## ଗୃହଦାହ

କି ଅସହ୍ୟ ଅହୋ ରୁଦ୍ର ଗୃହଦାହ ଦୃଶ୍ୟ,
ଦୃପ୍ତ ଧ୍ୱଂସଲୀଳାର ଏ କି ଜୀବନ୍ତ ମୂର୍ତ୍ତି ।
ଉଠିଲା ଅନଳଶିଖା ଗର୍ଜି ବଜ୍ରନାଦେ,
ଉଡ଼ିଲା ତା ସହ ଭସ୍ମ, ଉଡ଼ିଲା ବିପଦ ।
ଶୁଖିଗଲା ସେ ଉତ୍ତାପେ ଆତ୍ମାର ଆର୍ଦ୍ରତା,
ଶୁଖିଗଲା ଧମନୀର ଶୋଣିତ ପ୍ରବାହ,
ଆବର ଆଶାର ଆଶା, ଧୈର୍ଯ୍ୟ, ବୁଦ୍ଧି ବୃତ୍ତି ।
ଜୀବନ ମଧ୍ୟରେ ମୃତ୍ୟୁ ଖେଳି ଲୁଚକାଳି,
ଦେଖାଦେଲା ମୁହୁର୍ମୁହୁଃ ଭୀମ ମୂର୍ତ୍ତି ଧରି ।
ହେଲା ନାହିଁ କାନ୍ଦି, ହାୟ ଅଶ୍ରୁ ଝର ମୁଖେ
ଚୁପିଦେଲା କିଏ ଯେସନେ ବିଶାଳ ପାଷାଣ,
କି ତପ୍ତ ଯନ୍ତ୍ରଣାପ୍ରଦ ନିରଶ୍ରୁ କ୍ରନ୍ଦନ ।
ସମ୍ବର ସମ୍ବର ତେଜ ହେ ତୀବ୍ର ତେଜସ୍ୱି,
ହେ ପ୍ରକୃତି ମହାଶକ୍ତି, ହେ ଉଗ୍ରଦେବତା,
ସମ୍ବର ତାଣ୍ଡବ-ଲୀଳା ଦୁର୍ଦ୍ଦଣ୍ଡ ପ୍ରଚଣ୍ଡ,
ଶାନ୍ତ ହୁଅ ଶାନ୍ତ ହୁଅ କ୍ଷାନ୍ତ ଗୁଣେ ପ୍ରଭୋ !
ଲଭିବ ବିନାଶ ସୃଷ୍ଟି ଦୃଷ୍ଟିରେ ତୁମ୍ଭର,
ନ ଭୁଲ ହେ ଦେବନାଥ ଦେବଦେବ ବହ୍ନି,

ଜୀବ-ଦୁଃଖେ ତରଳିତ ଯେ ଦେବ-ହୃଦୟ,
ସେ ହୃଦୟେ ଜୀବପୀଡ଼ା ପାଏ ନାହିଁ ଠାବ ।
ହାହାକାର ବିମିଶ୍ରିତ ବିପନ୍ନର ଅଶ୍ରୁ
ଲଭି ପୂର୍ଣ୍ଣାହୁତି, ଭଗ ନିର୍ବାଣ ସତ୍ୱର ।
ବିପନ୍ନ ଶୋଣିତ ବିନ୍ଦୁ କୀର୍ତ୍ତି ଚିତାକୂପେ,
ଝଳୁଥାଉ ସଦା ତବ ଉଜ୍ଜ୍ୱଳ ଲଲାଟେ ।

—ଃ✻ଃ—

## ମାଟିବଂଶ ଭିକ୍ଷା

ଦୁର୍ଭାଗିନୀ ଦୁର୍ବାସା-ଶିଷ୍ୟ ମାଟିବଂଶ ଭିକ୍ଷା,
କଥାରେ କଥାରେ କ୍ରୋଧ, କି ଉଗ୍ର, ଅଲୁକ୍ଷା ।
ବାଳକୁଳ ଯମ ତୁମ୍ଭେ, ଚଣ୍ଡରଶ୍ମି ପ୍ରାୟ,
ଉପଚଣ୍ଡରଶ୍ମି ତୁମ୍ଭେ ବାଳପ୍ରାଣେ ହାୟ ।
ଭୁଞ୍ଜି ନାହିଁ କେବେ ତବ ଶାସନ କୁତ୍ସିତ,
ମାତ୍ର ତା' ଶୁଣିଲି ଯାଣି ହୁଏ ମୁଁ ମୂର୍ଚ୍ଛିତ ।
ଏକ ପଦେ ଧାନକୁଟା ମଢୁଆ ଶାଙ୍କୁଳୀ,
ଚିଙ୍କି ଆଡ଼ି ହେଟାଗୁଞ୍ଜ ଶିଶୁପ୍ରାଣେ ଶୂଳୀ ।
ନ ହେଉ ପଢ଼ିବେ ପାଠ, ମୂର୍ଖ ହେବା ଭଲ,
ଆଜୀବନ ବେତକାଙ୍ଗ ହୋଇ କେଉଁ ଫଳ ।
ପିଶାଚ, ଶ୍ୱାପଦ, ଚୌର, ଡନ ପ୍ରାଣୁ ବହି,
ନିଷ୍ଠୁରତା ଆଣି ତୁମ୍ଭ ପ୍ରାଣେ ଅଛି ନହି ।
ନ ଭଜୁନ୍ତା ସେ ଦୌରାତ୍ମ୍ୟ ଏ ଯୁଗ ସମୀପେ,
ନିବସନ୍ତୁ ଗୁରୁମଣି, ଆଣ୍ଡାମାନ ଦ୍ୱୀପେ ।

—ଃ✻ଃ—

## ମରାଳମାଳା

କାହିଁ ଯାଅ ଖଗେ, ଏତେ ପ୍ରଭାତରୁ ଉଠି,
ସ୍ନିଗ୍ଧ ଅନମ୍ବର ବକ୍ଷେ ସରଳ ତୋରଣ
ଅଶୂନ-ଗ୍ରଥିତ, ଶୁଭ୍ର, ସୁନ୍ଦର, ଚକ୍‌କଣ,
କାହାକୁ ସମ୍ବର୍ଦ୍ଧି କାହିଁ ଆଣିବ ପାଚ୍ଛୋଟି ?
ଗାଉଛ କାହାର ସ୍ତବ, ମୃଦୁ କଳରବେ,
ବିହଙ୍ଗମେ, କିଏ ତୁମ୍ଭ ଜୀବନ-ଦେବତା,
ଅସ୍ପଷ୍ଟ ସେ ସ୍ୱର; ମାତ୍ର ଉଠେ ତହିଁ ଫୁଟି
ଆନନ୍ଦ-ନନ୍ଦନ-ଧନ-ପ୍ରେମ-ପାଶଜାତ
ଆସ୍ଥା ଭକ୍ତି ପିପାସିତ କାହାର ଦର୍ଶନେ,
ବ୍ୟାକୁଳ ଆକାଙ୍କ୍ଷା କାହା ପଦ୍ମର ପୂଜନେ ?
କାହା ଆକର୍ଷଣେ ଆତ୍ମବିସ୍ମୃତ ପର୍ଯ୍ୟେ,
ହେଉଅଛ ଧାବମାନ ଅମର-ମାର୍ଗରେ,
କାମ୍ବା ତୁମ୍ଭେ ଲକ୍ଷ୍ୟହୀନ ଅନଳ ସଙ୍କାଶ,
କେଉଁ କାଳୁ ବହିଛ ତ ଏ ନିର୍ଲକ୍ଷ୍ୟ ବ୍ରତ,
ନାହିଁ ତାର ଉଦଯାପନ କି କଠୋର ନିଷ୍ଠା !
ହୋଇ ସୁଦ୍ଧା କ୍ଷୁଦ୍ର ତୁମ୍ଭେ ନଗଣ୍ୟ ସୃଷ୍ଟିରେ,
ମାତ୍ର ରହି ନାହିଁ କବିଦୃଷ୍ଟି ଅନ୍ତରାଳେ,
ମହାକବି କାଳିଦାସ, କାବ୍ୟ-କଳ୍ପଦ୍ରୁମ,
ଭାରତ-ଭାରତୀ ଦେବୀ ସ୍ନେହର ଦୁଲାଳ
ବର୍ଣ୍ଣିଛନ୍ତି ତୁମ୍ଭ କଥା ରଘୁବଂଶ କାବ୍ୟେ,
କ୍ଷୁଦ୍ର ପ୍ରତି ସମଧିକ ମହତର ଦୃଷ୍ଟି,
ମହତ ସେ, କ୍ଷୁଦ୍ର ପ୍ରତି ଚକ୍ଷୁଷ୍ମନ୍ତ ଯେହୁ ।
ଆଶ୍ଚର୍ଯ୍ୟ ତୁମ୍ଭର ପକ୍ଷି, ଶୃଙ୍ଖଳାପ୍ରିୟତା,
ଚଳ ତୁମ୍ଭେ ସୌରାଷ୍ଟ୍ରର ସ୍ୱଜନୀତି ପ୍ରାୟ
ସୁନ୍ଦର ଶୃଙ୍ଖଳାକ୍ରମେ, ଥରେ ଥରେ ବାୟୁ
ଭରିଦିଏ ବିଶୃଙ୍ଖଳ, ମାତ୍ର ମୁହୂର୍ତ୍ତକେ
ବାନ୍ଧିନିଅ ବିଜ୍ଞପଣେ ଶୃଙ୍ଖଳା ନିଜର ।
ରଚ ତୁମ୍ଭେ ଗଣ୍ଡପଥେ ବହୁ ବୃତ୍ତଛନ୍ଦ,
କେବେ ଅର୍ଦ୍ଧଚନ୍ଦ୍ରାକାରେ, କେତେବେଳେ ଅବା
ମେହେରବି ପ୍ରାୟ ବ୍ୟୂହ ରଚ ସୈନ୍ୟ ଯଥା,
କେବେ ବା ଗୋମୂତ୍ରଚ୍ଛନ୍ଦ ରଚ ଜଳ ପ୍ରାୟ ।
ଆଉର ମରଲେ, ତୁମ୍ଭେ ଜ୍ୟୋତିର୍ବିଦ ସମ
ଅଭ୍ରାନ୍ତ ସମୟ ଜ୍ଞାନୀ, ଯାଇ ଯଥାକାଳେ
କେବଳ ଅଜ୍ଞାତ ଦେଶ ଉଦ୍ଦେଶ୍ୟରେ ଉଡ଼ି
ଆସ ପୁଣି ଯଥାକାଳେ ସ୍ୱସ୍ଥାନେ ବାହୁଡ଼ି
ଘଟେ ନାହିଁ ସମୟର ତାରତମ୍ୟ ଲେଶ ।
କେ ଦେଲା ତୁମ୍ଭଙ୍କୁ ଶିକ୍ଷା ଏ ଦୁରୂହ ବିଦ୍ୟା,
ପଚାରିବ ବୋଲି ଏହା ଭାବୁଥିଲି ମନେ,
କେଜାଣି କେଉଁଠି ଥାଇ ଉତ୍ତରିଲା କିଏ

ଅ-ଶବ୍ଦ ବାଣୀରେ, ନିଜେ ନିଜର ଯେ ଗୁରୁ,
କିଏ ତାଙ୍କୁ ଶିକ୍ଷାଦାନେ ସମର୍ଥ ଜଗତରେ,
ହେଲି ମୁଁ ସଂଶୁପ୍ତ ଲକ୍ଷ୍ୟ ଯୋଗ୍ୟ ସଦୁତ୍ତର । *

---

## ସାହିତ୍ୟ-ଜନନୀ

ଜନନୀ, ତୋ ପଦେ ଋଣୀ କୋଟିକଣ୍ଠ ଦାସ,
ଏ ସଂସାର-ଜତୁଗୃହେ ରୋଗ, ଦୁଃଖ-ବହ୍ନି,
ଗର୍ଜି ରୁଦ୍ରନାଦେ, ଧାଏଁ ଆକ୍ରମଣ ଅର୍ଥେ
ଭୈରବ ଗତିରେ ଯେବେ, ସେ ସଙ୍କଟ କାଳେ
ଲୁଚିଏଁ ମୁଁ ଭୟେ ମୁଖ ତୋ ଅମୃତ-ଅଙ୍କେ ।
କେ ଶୁଣିବ ହୃତାଶର ଏ ବିଷାଦ ବଂଶୀ,
କେ ଶୁଣିବ ହାସ୍ୟ ଦଗ୍ଧ ଅଶ୍ରୁର କ୍ରନ୍ଦନ,
ସକରୁଣ ହାହାକାର ଉଦ୍‌ଭ୍ରାନ୍ତ ଶ୍ୱାସର,
କେ ଦେଖିବ ହୃଦୟର ଗୁପ୍ତ ମହାକ୍ଷତ
ପୂତିଗନ୍ଧମୟ ? ଶୁଣୁ ତୁହି, ଦେଖୁ ତୁହି,
ସମବେଦନାର ସୁଧା ଢାଳିଦେଉ ପ୍ରାଣେ ।
ଜନନୀ ତୁ ଜନ୍ମ ଦେଉ ପୁଣି ଥରେ ନରେ,
ଲଭି ସେ ନବୀନ ଜନ୍ମ ଜୀବେ ନବସତ୍ତ୍ୱେ,
ତୋର ସତ୍ୟ, ତୋର ସୃଷ୍ଟି ସ୍ୱତନ୍ତ୍ର ଜନନ !
କି ସୁନ୍ଦର ମୂର୍ତ୍ତି ତୋର, ପୁଣ୍ୟ ଭକ୍ତିଜୁଷ୍ଟ,
ଉଜ୍ଜ୍ୱଳ ଗମ୍ଭୀର ଦୃଷ୍ଟି-[ ପ୍ରତିଭା-ପ୍ରଦୀପ୍ତ ]
ଦୃଷ୍ଟିର ଆନନ୍ଦେ, ଆହା, କି ଶୀତଳ ତାହା,
ହାସ୍ୟର ବିଦ୍ୟୁତ ଧାର ଖେଳେ ତୋ ଅଧରେ ।
କି ମଧୁର, କି ଉଜ୍ଜ୍ୱଳ, କି ସ୍ନିଗ୍ଧ ସେ ହାସ,
ଅମ୍ଳାନ କୌମୁଦୀ ଯଥା, ଅଥବା ଯେସନ
ବୃଷ୍ଟିଧୌତ ରଶ୍ମିରେଖା ପ୍ରାବୃଟ ଦିନାନ୍ତେ,
ବହିଯାଏ ଭକ୍ତି-ବନ୍ୟା ତୋ ରୂପ ଦର୍ଶନେ ।
ନୁହେଁ ମୁଁ ସେବକ ଯୋଗ୍ୟ ତୋର କୃପାମୟି,
ଅର୍ଜି ନାହିଁ ସେ ସୌଭାଗ୍ୟ, ନିଜ ଗୁଣେ ତେବେ,
ପୂର୍ଣ୍ଣକର ହୃଦୟର ଶୂନ୍ୟ ସିଂହାସନ,
କର ଆଶୀର୍ବାଦ, ଯେତେକ ବଞ୍ଚିଥିବାଯାଏଁ
ଶେଷ ଶ୍ୱାସ, ଶେଷ ରକ୍ତଧାର ଏ ଶରୀରେ,
ପୂଜୁଥିବ ତୋ ପଦର କାୟ ମନ ପ୍ରାଣେ ।

---

## ପ୍ରଳୟ ସ୍ୱପ୍ନ

କେ ନାହିଁ ଦେଖିଛି କହି ପ୍ରଳୟ କୁସ୍ୱପ୍ନ,
ତକ୍ଷଣେ ଧାଇଁଲା ରଡ଼ି ସେ ଝଞ୍ଜା ବାର୍ତ୍ତା
ବାର୍ତ୍ତାପତ୍ର-ଯାନେ, ଲଙ୍ଘି ଦୁର୍ଲଙ୍ଘ୍ୟ ସାଗର ।
ବ୍ୟାପିଗଲା ସ୍ୱଳ୍ପକାଳେ ସେ ବ୍ୟର୍ଥ ହୁଜୁଗ
ଧରଣୀର ଏକ ପ୍ରାନ୍ତୁ ଅନ୍ୟପ୍ରାନ୍ତ ଯାଏ,
ବ୍ୟାପେ ଯଥା ଲୋଷ୍ଟ୍ରାହତ ସରୋବର ବାରି
ତରଙ୍ଗ ଆକାରେ କ୍ରମେ ପରିଧି ପର୍ଯ୍ୟନ୍ତ,
ଗଣିଲେ ପ୍ରମାଦ ଜନେ ଭାବୀ ଆଶଙ୍କାରେ ।
ମିଶାଇ ସେ ସ୍ୱପ୍ନେ ସ୍ୱୀୟ ଜାଗ୍ରତ ସ୍ୱପନ
କଲେ କେ ପୃଥୁଳ ତାକୁ, ଆବର ଭୀଷଣ,
କେ କହିଲା ଅନର୍ଗଳ ବର୍ଷିବ ଅନଳ,
ଷଡଗ୍ରହ ଯୋଗଫଳ ବଡ଼ ଅମଙ୍ଗଳ,
କେ କହିଲା ପାତାଳକୁ ଧସିଯିବ ଧରା,
ଆନ କେ କହିଲା,—ହେବ ବୃଷ୍ଟିରେ ପ୍ରଳୟ,
ପୃଥିବୀ ମିଳାଇଯିବ, ଲୁଣ ପ୍ରାୟ ଜଳେ ।
ଏହିପରି ମୂଳକଥା, ଜନଶ୍ରୁତି ଯୋଗେ
ହୋଇ ଶାଖା ପଲ୍ଲବିତ, ଧରିଲାକ କ୍ରମେ,
ସୁବିସ୍ତୃତ ଭୟାବହ ମହୀରୁହାକୃତି,
ଜଳବାୟୁ ସାହାଯ୍ୟରେ ଅଙ୍କୁର ଯେସନ ।
ହାଟେ ବାଟେ ଯହିଁ ଦେଖ ଲାଗିଲାକ ତହିଁ
ପ୍ରଳୟର ଆଲୋଚନା, ସହାସେ, ସୋଦ୍‌ବେଗେ,
କେତେକେ ଜ୍ୟୋତିର୍ବେତ୍ତା କ୍ରମେ ହୋଇ ଅଗ୍ରସର
ବୋମ୍ବାଇ ତୈଲଙ୍ଗ ବଙ୍ଗ କଳିଙ୍ଗ ନିବାସୀ,

* ଶୀତକାଳର ପ୍ରତି ପ୍ରଭାତରେ ଅସଂଖ୍ୟ ମରାଳମାଳା ସମୁଦ୍ରରୁ ଆସି ପଶ୍ଚିମ ଦିଗ ଅଭିମୁଖରେ ଉଡ଼ିଯାନ୍ତି । ଇଛାପୁରରେ ପ୍ରତିଦିନ ଏ ଦୃଶ୍ୟ ଦେଖାଯାଏ । ସେହି ଦୃଶ୍ୟ ଅବଲମ୍ବନରେ ଏହି କବିତାଟି ଲିଖିତ ହୋଇଅଛି ।

ଶୁଣାଇ ଅଭୟ ବାଣୀ ଆଶଙ୍କିତ ପ୍ରାଣେ
ଢାଳିଲେ ସାନ୍ତ୍ୱନା-ବାରି । ପ୍ରଦର୍ଶାଇ ସର୍ବେ
ଶାସ୍ତ୍ରୀୟ ପ୍ରମାଣ ଯୁକ୍ତି, କଲେ ବିଖଣ୍ଡନ
ପାଶ୍ଚାତ୍ୟ ଗଣକବର "ପୋର୍ଟା" ଭ୍ରାନ୍ତ ମତ ।
ତହୁଁ ପରେ ବାହ୍ୟାଶ୍ୱଣ ଉତ୍କଳଗଣଙ୍କୁ,
ଅଷ୍ଟୋ ଭୃଷ୍ଣ ଉକ୍ତ ହେଲେ ପ୍ରତିବାଦ କ୍ଷେତ୍ରେ
ଗଲା କେତେ ସୁପ୍ରିୟଜନ ପୋଥିଡୋର ଫିଟି
କିନ୍ତୁ ଏତେ ଉଦ୍‌ଘାଟେ, ଏତେ ବ୍ୟସ୍ତେ, ଉଦ୍ୟମେ
ହେଲା ନାହିଁ ଯାହିଁ କିଛି ଅନିଷ୍ଟ ସାଧନ ।
ନ ହେଲା ହିମାଦ୍ରି ସୁଦ୍ଧା ମୂଷିକ ପ୍ରସବ;
ଗଲା ତାର ଗୁରୁ ଗର୍ବ ମିଳାଇ ସମୂଳେ ।
ସୀମାବଦ୍ଧ ନରଜ୍ଞାନ, ସେ କାହିଁ କଳିବ,
ଅସୀମ, ଅଜ୍ଞେୟ ମହାପ୍ରକୃତିର କାର୍ଯ୍ୟ ।
ସେପ୍ଟେମ୍ବର ନିରୂପିତ ଦିବସ ନିଚୟ,
ସପ୍ତଦଶ, ଅଷ୍ଟାଦଶ ପୁଣି ଊନବିଂଶ,
ହେଲା ନିର୍ବିଘ୍ନେ ଗତ, ଧରାବାସୀଜନେ,
ଲଭିଲେ ନିସ୍ତାର ମିଥ୍ୟା-ପ୍ରଳୟ ଆଶଙ୍କାରୁ । *

—*—

## ମାତୃପଦେ ମାଗୁଣି

ଜ୍ଞାନମାତା, ଭୁବନେଶ୍ୱରୀ ଶୁଭ୍ରାଙ୍ଗୀ ଭାରତୀ,
ପ୍ରଦାନ ମା ଶକ୍ତି ଦାସେ, ଯେଉଁ ଶକ୍ତିବଳେ
ଉପାର୍ଜିବ ଭକ୍ତି—ତବ ପୁଣ୍ୟ ଭେଟି ଯୋଗ୍ୟ,
ଲଭି ଶକ୍ତି ମହୀପାଶୁ ମହୀରୁହ ଯଥା
ଭେଟେ ସେହି ଶକ୍ତିଜାତ ପତ୍ରଫଳେ ତାକୁ ।
ଜାଳିଦିଅ ଚିତ୍ତ-ଗୃହେ ଜ୍ଞାନ-ସ୍ୱର୍ଣ୍ଣଦୀପ,
ଯାହାର ଜ୍ୟୋତିରେ ଦେବ, ଦେଖିବି ମୁଁ ଯେତ୍ନେ
ତୁମ୍ଭର ଅମୂର୍ତ୍ତ-ମୂର୍ତ୍ତି, ସ୍ଫୁରନ୍ତ ଜ୍ୟୋତିଷ୍ମତୀ ।
କର ମା ଚରଣେ ମୋର ପବିତ୍ର, ନିର୍ମଳ,
ସତ୍ୟ, ସାମ୍ୟ, ଶୁଭନୀତି, ସ୍ୱଧର୍ମ ମମତା,
କରୁ ତାକୁ ଅଭିନବ ମାଧୁର୍ଯ୍ୟ ପ୍ରଦାନ,
ସାଧନାର ସ୍ୱକରଥ୍ୟା ଦେଖାଅ ସଦୟେ ।
ପ୍ରଦାନ ଦାରିଦ୍ର୍ୟ ପଛେ, ନାହିଁ ମୋ ଶୋଚନା,
ମାତ୍ର ଦେବି ! ତବ ବରେ ସେ ଦାରିଦ୍ର୍ୟ ମୋର
ହେଉ ଗୋ ଗୌରବାନ୍ୱିତ, କଲ୍ୟାଣ-ନିଦାନ,
ନିନ୍ଦିତ ଧନରେ ମାତଃ ନାହିଁ ପ୍ରୟୋଜନ ।
ସ୍ୱାଗତ ଜନନି, ତବ ଆଗମନୀ ତିଥି—
ପୁଣ୍ୟ ଶ୍ରୀପଞ୍ଚମୀ ଆଜି, ମହୋତ୍ସବମୟୀ,
କୋଟି ଜ୍ଞାନତୀର୍ଥ ତବ ପୟୁର-ସଙ୍ଗେ
ଢାଳିବ ଅଞ୍ଜଳିପୂର୍ଣ୍ଣ ସ୍ୱର୍ଣ୍ଣ ଶତଦଳ,
ଶତ ସ୍ୱରେ ଅତୁଳିତ ମଧୁମାସ ଧନ,
ଝଙ୍କାର ଅମୃତ ବୀଣା ସ୍ୱର୍ଣ୍ଣମୟ ତାର ।
ଉଠାଅ ମଙ୍ଗଳମୟି, ମଙ୍ଗଳ ମୂର୍ଚ୍ଛନା,
ନବଚ୍ଛନ୍ଦେ, ଜାଗି ଉଠୁ ସୁଷୁପ୍ତ ଜୀବନ ।

—*—

## ପଇସା ଭଜନ

[ ହାସ୍ୟକବିତା ]

ପଇସା ଜଗତେ ପିତା ଜାଗ୍ରତ ଦେବତା,
ଗତିମୁକ୍ତିଦାତା କୋଟି କାମ-କଳ୍ପଲତା ।
ସେହି ସର୍ବସାର, ଆନ ଗୁଡ଼ ବାଲିମିଶା,
ଭଜ ମୂଢ଼ମନ ବୃଥେ ପଇସା ପଇସା । ୧ ।
ଧର୍ମ ବୋଲି ନାହିଁ କିଛି ସ୍ୱତନ୍ତ୍ର ପଦାର୍ଥ,
ସେହି ଏକା ମହାସ୍ୱର୍ଗ ପୁଣ୍ୟ ପରମାର୍ଥ ।
ତରିଯିବୁ କରି ସୁଦ୍ଧା ପାପ ଚୋରୀ ହିଂସା,
ଭଜ ମୂଢ଼ମନ ବୃଥେ ପଇସା ପଇସା । ୨ ।
ହେଉ ପଛେ ଗୁରୁ ବୃଦ୍ଧ ଗୁଣିକ ସର୍ବଥା,
ଦୀନ ହେଲେ ନ ପୁଛିଁବୁ ନ କହିବୁ କଥା ।

* ପାଶ୍ଚାତ୍ୟ ଗଣକ ପୋର୍ଟାସାହେବ ଗଣନା କରି ପୃଥିବୀ ଧ୍ୱଂସ ହେବା କଥା ପ୍ରଚାର କରିଥିଲେ । ଧ୍ୱଂସର ତାରିଖ ମଧ୍ୟ ନିର୍ଦ୍ଦେଶ କରି ଦେଇଥିଲେ ; କିନ୍ତୁ ତାଙ୍କର ଗଣନା ବିଫଳ ହୋଇଥିଲା ।

ବହିଥିବୁ ଶିରେ ମୌନ ଗୁମାନ ଦି-ବଶା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୩ ।
କରିଯିବୁ ସବୁ କର୍ମ ବାହ୍ୟେ ଥିବୁ ସ୍ୱଚ୍ଛ,
ଗୁପ୍ତେ ଧରି ବିଷ ଯଥା ବହୁଅଣ୍ଡ ଗଛ ।
ପାପ ଭସ୍ମ ସ୍ତୂପ କେବେ ଦେବୁ ନାହିଁ ଧିସା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୪ ।
ଉଣା ନୁହେଁ ପଇସାର ଗରିମା ବଢ଼ାଇ,
ହାତମୁଠୁ ସ୍ୱ-ସେବକେ ଆଣେ ସେ ଛଡ଼ାଇ ।
ପିଇଦେଇ ଭଣ୍ଡି ଯାଏଁ ଅଭିମାନ-ନିଶା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୫ ।
ଅଦ୍ୱିତୀୟ ମହାବଳୀ ନଷ୍ଟେ ତାମ୍ରଖଣ୍ଡ,
ଥାଉ ଆନ, ଡରେ ତାକୁ ସ୍ୱୟଂ ଯମଦଣ୍ଡ ।
କରିପାରେ ଗୁଆଲୁ ସେ ଅକ୍ଲେଶେ ମଇଁଷା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୬ ।
ପଇସା ପରଶମଣି, ପରଶ ମାତ୍ରକେ,
ଅଙ୍କ ବଙ୍କେ ପରିଣତ, ଅମୃସ କନକେ ।
ସେ କଳ-ଚାରିକମନ୍ତ, ଜପ ଦିବାନିଶା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୭ ।
ତାମ୍ରଖଣ୍ଡ ଶକ୍ତି ଯାଏ ବିଶ୍ୱଶକ୍ତି ଜିଣି,
ହୁଏ ପର ତାହା ଯୋଗେ ପରିବାର କିଣି ।
ପୁଣି କିଣିହୁଏ ଏହି ବିଶାଳ ଓଡ଼ିଶା,
ଭଜ ମୂଢ଼ମନ ହୁଡ଼େ ପଇସା ପଇସା । ୮ ।

—*—

## ମୃତ ମହାବଳ

ନୁହେଁ ମୃତ ମହାବଳ—ଏ ତ ସୁପ୍ତ ଯମ,
ଅଥବା ଯମର ଯମ, ଶୌର୍ଯ୍ୟର ସମାଧି ।
କି ଅବା ମୂର୍ଚ୍ଛିତ ଉଗ୍ର ଶାନ୍ତ ମହାଶକ୍ତି;
କି ଭୀଷଣ କଳେବର, ସ୍ତବ୍ଧ ଲୋମକୂପ
ପଦ୍ମଅକ୍ଷ ଝଣ୍ଡ, ଅହୋ, ଭୀତ-ଅର୍ଦ୍ଧଚୂର୍ଣ୍ଣ,
ଓଦଗି ଥରିଉଠେ ଦେହ, ଉଡ଼ିଯାଏ ହଂସା ।

ମୃତର ତ ଏ ସ୍ୱଭାବ, କି ନୁହନ୍ତା ଭଲ,
ଥିଲେ ଏ ଜୀବିତ, ନଷ୍ଟେ ଦୃଷ୍ଟିପାତ ମାତ୍ରେ
ନିଅନ୍ତା ପିଣ୍ଡରୁ ପ୍ରାଣ ଅସ୍ପର୍ଶେ ଓଟାରି ।
ମହାବଳ ନାମ ଏବା ଯଥାର୍ଥ ଏହାର,
ରୂପ, ନାମ, କାମ, ସବୁ ଏହାର ଭୀଷଣ,
ବିକଟ ଦଶନାବଳୀ ଯମଦାଢ଼ ସମ ।
ପାଦ ପଞ୍ଚମୁନା କୁନ୍ତ, ଦୀର୍ଘ ଭୀମପୁଚ୍ଛ—
ଶଙ୍କାବହ ଧୂମକେତୁ, କିମ୍ବା ଯମଦଣ୍ଡ ।
ବନ-ସାମ୍ରାଜ୍ୟ ରାଜା ତୁହି ମୃତ ମହାବଳ,
ଦୁର୍ଦ୍ଦଣ୍ଡ ପ୍ରତାପଶାଳୀ, ବର୍ଦ୍ଧିତ ତୁ ପୁଣି
ମହାବଳୀ ଜନନୀର ଅଗ୍ନି ଦୁଗ୍ଧପାନେ,
ରାଜା ପ୍ରାୟ ଉଦାର ତୁ, ନିର୍ଭୀକ ସର୍ବଥା ।
ସ୍ୱଭାବ ଅବଙ୍କା ଦୃଷ୍ଟି ଅତି ସ୍ପଷ୍ଟ ସଦା,
ବଧିଲା କି ତୋତେ ଏହି କୁଟସର୍ବ୍ୱ ନର ।
କି ଆଶ୍ଚର୍ଯ୍ୟ, ଗଲା ହେଲୁ ଝଷୁନା ଧାନ୍ୟ କି,
ଯେ ତୋହର ଲଘୁପଥ୍ୟ, ବାଲକ୍ରୀଡ଼ା ପ୍ରାୟ,
ସେହି କ୍ଷୁଦ୍ରାଦପି କ୍ଷୁଦ୍ର ଅତି କ୍ଷୁଦ୍ର ନର,
ସତେ କି ବଧିଲା ତୋତେ, ଛେଦିଲା କି ବାହୁ,
କୋମଳ ପଲ୍ଲବ ହାତେ ମହାତରୁବର !
ପଶିଲ ଉପୁଡ଼ି ବନ୍ୟ ମୂଷିକ ତାଡ଼ନେ,
ଲାଗେ ବଡ଼ ଅସମ୍ଭବ ଏହା, ସତେ ହୁଏ
ମରି ନାହୁଁ ତୁହି କେବେ ସମ୍ମୁଖ ସମରେ ।
ତେଜି ଶ୍ୟାମା ବନାନୀର ଶୀତଳ ଅଞ୍ଚଳ,
ତେଜି ଦରିଦୁର୍ଗ ଚିର ଅରଣ୍ୟ ଦୁର୍ଗମ,
ତେଜି ପୁଣି ପ୍ରିୟତର ସାମ୍ରାଜ୍ୟ ଶାସନ,
କିପାଁ ଗଲୁ ଜନାଳୟ ରୂପ ଯମାଳୟେ ।
କି କରିଲୁ ମହାବଳ, କି ବୁଦ୍ଧି ତୋହର,
ନିୟତି ଗଡ଼ାଇନେଲା ମୃତ୍ୟୁପଥେ ତୋତେ ।
ନିୟତିର ଆଜ୍ଞାବହ ବିଶ୍ୱ ଚରାଚର,
ଅଜେୟ ତାହାର ଶକ୍ତି, ସବୁ ସାଧ୍ୟ ତାର ।
କରିପାରେ ଭେକ ହସ୍ତେ ସର୍ପେ ପରାଜୟ,
ଦୋଷ ଅନୁରୂପେ ଦଣ୍ଡ କରେ ସେ ବିଧାନ ।

ନାଶିଲୁ ତୁ ନରବଂଶ, ତେଣୁ ନରହାତେ,
ବହିଲୁ ତୋହର ମୃତ୍ୟୁ ଭୁଞ୍ଜିଲୁ ସ୍ୱକର୍ମ ।

—*—

## ନୂତନ ବର୍ଷ

[ ରସକୁଲ୍ୟା ]

ପ୍ରାଚୀନ-ତାଡ଼ିତ ନବୀନ ବର୍ଷ,
ଆସ ଘେନି ନବ ଶୁଭ୍ର ଆଦର୍ଶ,
ଅତୀତ ପତାକା— ଅନୁସରଣ—
ନ କର, କର ହେ ସ୍ୱକୀୟପାଳନ,
ଯେସନ ବୃକ୍ଷ ଭୂପତ୍ର ଯେ,
ପୂର୍ବବର୍ତ୍ତୀ ବୃନ୍ତ— ମୀଷ ପରିହରି
ସୃଜନ୍ତ ପୁଣ୍ୟପଲ୍ଲବ ଯେ । ୧ ।
ଗତବର୍ଷ ଦତ୍ତ ବ୍ୟଥା ଯଦ୍ୟପି
ଶୁଖିବ, ଉଠିବ ଶୋଣିତ କମ୍ପି,
ସମବେଦନାର ଅନଳ ଶ୍ୱାସ
ବହିବ, ଉଜାବ ଧୈର୍ଯ୍ୟ ବିନାଶ,
ଅନନ୍ତ ସେ ଅନ୍ତର୍ଦାହ ଯେ,
ଜଗତର ସର୍ବ ଶବ୍ଦ ଠୁଳ କଲେ
ହେବ ନାହିଁ ବର୍ଣ୍ଣି ତାହା ଯେ ।୨।
ବସ୍ତ୍ରଟ ଗଗନ ଭାରତ ଖଣ୍ଡ,
ଉତ୍ତୁଙ୍ଗ ହିମାଦ୍ରି ଲେଖନୀ ଦଣ୍ଡ,
ମସିପାତ୍ର ହେବ ମହାସାଗର,
ତଥାପି ବର୍ଣ୍ଣନା ହେବ ଅସାର,
ସାର ହେବ ଶ୍ରମ ମାତ୍ର ଯେ,
ନଅଣ୍ଟ କାଗଜ ଘୋରିଯିବ ଦଣ୍ଡ
ଶୂନ୍ୟ ହେବ ମସିପାତ୍ର ଯେ ।୩।
ମଣ୍ଡିଲ ତୁମ୍ଭେ ସେ ଅତୀତ ବଂଶ,
ନ ହେବ ତା' ସମ ମାତ୍ର ନୃଶଂସ,
ଅଧମରୁ ଜାତ ହୁନ୍ତେଁ ଅଧମ,
ପଙ୍କରୁ ପଙ୍କଜ ଲଭେ ଜନମ,
ତୁଚ୍ଛ ଶୁକ୍ତିଗର୍ଭ ମୋତି ଯେ,
କୀଟଗର୍ଭ ପାଟ ସର୍ପଶିରୁ ମଣି
ଖଦ୍ୟୋତ ପୁଚ୍ଛରୁ ଜ୍ୟୋତି ଯେ ।୪।
ଶୁଣ ନବଭୂପ, ଡେରି ଶ୍ରବଣ,
ହତାଶ-ବ୍ୟଥିତ ଆର୍ତ୍ତ କ୍ରନ୍ଦନ,
ରୋଗ ଦୁର୍ଭିକ୍ଷର ରୁଦ୍ର ଚିତ୍କାର,
ଦେଖ ଅସ୍ଥାୟୀ ନର ଆକାର,
ଚର୍ମାସ୍ଥିକଙ୍କାଳ ସାର ଯେ,
ପୂରି ରହିଅଛି ପ୍ରାଣେ ପ୍ରାଣେ ଆହା
ଆଶାଶୋଷୀ ହାହାକାର ଯେ । ୫ ।
ଫେଡ଼ ଏ ଲକ୍ଷଣ ହେ ନବାଗତ,
ନାଶେ ଧସ୍ କ୍ଳେଶ ଯଥା ବସନ୍ତ,
ଆଲୋକାଇ ଦିଅ ଜୀବନ-ପଥ,
ହାଲୁକାଇ ଦିଅ ଶ୍ରମ ମହତ,
ଜାଗନ୍ତୁ ସ୍ୱଦୁଃଖେ ସର୍ବେ ଯେ,
ମାତ୍ର ପରଦୁଃଖେ କାନ୍ଦେ ଯା ହୃଦୟ
ସେ ସିନା ଦେବତା ଭବେ ଯେ ।୬।
"ମୁକୁରେ" ସୁବିମ୍ବ ପ୍ରକାଶ ତୁଣ୍ଡେ,
ମାଗ ଜାଲୁ ଜ୍ଞାନ- ଚନ୍ଦ୍ରିକା-ଚୂଣ୍ଡେ,
ତବ ଦେବ ଜ୍ୟୋତି ପୁଣ୍ୟ ପରଶେ,
ହେଉ ବହୁଗୁଣେ ସମୁଜ୍ଜ୍ୱଳ ସେ,
ତବ ଶୁଭ୍ର ସ୍ୱର୍ଣ୍ଣ ସୃଷ୍ଟ ଯେ,
ବସ୍ତୁ ତା ପ୍ରାଣେ ଅନନ୍ତ ଉତ୍ସବେ
ଧରି ଅନଶ୍ୱର ମୂର୍ତ୍ତି ଯେ । ୭ । *

* "ମୁକୁର" ମାସିକ ପତ୍ରର ୧୩୨୮ ସାଲ ପ୍ରଥମ ସଂଖ୍ୟାପାଇଁ ଲିଖିତ ।

## ତୁଳସୀ ନା ବିଛୁଆତି !

ମଣୁଥିଲି ଯାହାକୁ ମୁଁ ବିଶୁଦ୍ଧ ତୁଳସୀ,
ଜାଣିଲି ସେ ବିଛୁଆତି, ଜରଣୀରୁ ତାର ।
ତେବେତକ୍ଷଣ ରହେ ଭ୍ରାନ୍ତି, ରହେ ଜେତେ କ୍ଷଣ
ଦୁରନ୍ତ ସତ୍ତ୍ୱର ଛାୟା ତନ୍ଦ୍ରା କଳେବରେ ।
ଏତେ ଶଠ କପଟ ନର, ଏତେ ଅବିଶ୍ୱାସୀ !
ଅତୀତ ବୈଷ୍ଣବ ଭାବ ଦେଖାଇ ଜଗତେ,
ଶ୍ମଶାନ ପଥରେ ଖୋଜେ ଶୁଖୁଆ ଜପାଇଁ !
ତାହାକୁ ଠକିବୁ ଧୂର୍ତ୍ତ, କୁସ୍ତୁରୀ ତୋର
ନ ଖଟିବ ସୁଚତୁର ଚାଲ ଜଣ ତେବେ ।
ଗାଉଛୁ ପଶ୍ଚି ତୁ ବସି ସୁଖ-ସ୍ୱପ୍ନ ଗୀତ
ମୋହମୁଗଧ ମନେ, ମାତ୍ର ଜାଣିଥା ନିକର
ନ ସନ୍ତୁଷ୍ଟ ସେ ସଙ୍ଗୀତ, ତୋ ପ୍ରାଣ-ବୀଣାରୁ
ଝଙ୍କାରିଣ ତେବ ତାଳ ଅଲକ୍ଷିତେ ତାର ।
ବୋଲିବୁ ବା କୁସଙ୍ଗର କୁଫଳ ଏହାକୁ,
ନିର୍ଦ୍ଦୋଷ ତୁ, ଭୁଲାମୁହାଁ ଭାଣ୍ଡି ବଗ ପ୍ରାୟ,
ମଦ୍ୟପ ପ୍ରଳାପ ଭଳି ଏ ଉକ୍ତି ତୋହର,
ପଶୁର ଅସ୍ଥାକୁ ତୋର, ବହିବ ସେ ନିଷ୍ଠେ,—
"ମନବଳେ ବଳୀ ଯେହୁ, କୋଟି ଐରାବତ
ନ ପାରେ ତାହାକୁ ଜିଣି, ଜନ୍ମା କୋଟି ସିଂହ ।"
ପରିହରି କୁଛଳନା—କୁତର୍କ ବିତର୍କ,
ଗୁହାଁ ସୁହାଁ ମାଜି ନେନ ଜ୍ଞାନାମୃତାଞ୍ଜନେ,
ସ୍ନିଗ୍ଧ ସୁଶୀତଳ, ଅଗ୍ରେ ହୋଇଅଛୁ ଉଭା
ତୋହୋ କୃତ ଗୁପ୍ତ ପାପ, ଉଲଗ୍ନ ମୂରତେ ।
ଇଚ୍ଛା ଯଦି ତାହା ପାରୁ ଲଭିବାକୁ ବାହି,
ଶୋକ-ଦୁଃଖ-ଅନୁତାପ-ତ୍ରିବେଣୀ ତୀର୍ଥର
ସଞ୍ଜୀବନୀ ସ୍ରୋତେ ସ୍ନାନ, ଏକମୁହାଁ ହୋଇ
ଲୁଚିଆସ ତୂଳେ ତେବେ, ଗୁହାଁଳେ ପଚ୍ଛକୁ,
ପଡ଼ିବୁ ସେ ନଗ୍ନମୂର୍ତ୍ତି ଚରଣ ତଳେ । ✱

———

## ଗେରୁଆ ପର୍ବତ

ଜପାଁ ରେ ଗୈରିକ ଗିରି, ମହାଯୋଗୀ ପ୍ରାୟ
ଗୈରିକ ବସନାବୃତ, ରହିଛୁ ତନ୍ମୟ
କେତେ ଯୁଗ ଯୁଗାନ୍ତରୁ ? ରଖିଛୁ କା ପ୍ରତ
ଲୟ, କାଏ ତୋର ଗିରି, ପ୍ରାଣର ଦେବତା,
ମିଶାଇଛୁ ତାହା ପ୍ରାଣେ ପ୍ରାଣ, ତାହା ପ୍ରେମେ
ପ୍ରେମ ? ଅହୋ, କି ଅଚିନ୍ତ୍ୟ ମହାନିଷ୍ଠା ତୋର !
ପ୍ରକୃତିର ଉପଦ୍ରବେ, ନର ଉପଦ୍ରବେ
ଆପାଦମସ୍ତକ କ୍ଷତବିକ୍ଷତ ତୋହର,
ହାଣିକାଟି ତୋ ଶରୀର, କରୁଛନ୍ତି ନରେ
ଆବାସ ନିର୍ମାଣ, ଧନ୍ୟ ଧୈର୍ଯ୍ୟଶୀଳ ତୁହି,
ତେବେ ସୁଦ୍ଧା ନାହିଁ ତୋର ଟିକେହେଁ ଭ୍ରୂକ୍ଷେପ,
ତେବେ ସୁଦ୍ଧା ଭଙ୍ଗ ନାହିଁ ତୋର ପ୍ରେମନିଶା !
ବୁଝିଲି ବୁଝିଲି ଗିରି, ବୁଝିଲି ନିଜର
ପ୍ରେମ-ନନ୍ଦନର ତୁହି ଆନନ୍ଦ-ଗନ୍ଧର୍ବ,
ପ୍ରେମହିଁ ତୋହର ଆସ୍ଥା, ଜୀବନ-ସମ୍ବଳ,
ସେ ଅନନ୍ତ ପ୍ରେମେ ଦିନେ ଯିବୁ ତୁ ମିଳାଇ,
ତଥାପି ତେଜିବୁ ନାହିଁ ସେ ପ୍ରେମ ସାଧନା,
ଏହି ପଣ ଯୋଗେ ତୁହି ବିଶ୍ୱରେ ମହତ !
ଶୂନ୍ୟାସ୍ଥିତ ଦେହ ତୋର, ନୁହେଁ କାନ୍ତାରାବୃତ,
ଶିଖରୁ-ସୁଲଭ ଜନ୍ମା ଗୁଳ୍ମ ତ, ଭୂଷିତ,
କି ଶୋଭା ସମ୍ପଦେ ତୋର, ନୋହୁ ତ ତୁ ତୋର,
ତଳେ ତା ଛଡ଼ିଣ, ଆସି ଆଶ୍ରିତେ ତୋ ଦେହେ
ଷଣ୍ଡ ପୁ-ଶ୍ୱାପଦକୁଳ, ଦୁରନ୍ତ, ଦୁର୍ଜ୍ଜୟ,
ବିପୁଳ ଗୌରବାବହ ତୋର ଏ ଦାରିଦ୍ର୍ୟ ।
ଅନନ୍ତ ମଙ୍ଗଳପ୍ରଦ, ମୁକ୍ତ ତୁ ତା ଯୋଗେ,
ମିଳେ ଏ ଦାରିଦ୍ର୍ୟ ସିନା ଭାଗ୍ୟବାନ ଭାଗ୍ୟେ ।
ଯତ ତୁହି, ଦେଇଅଛୁ ସ୍ୱଦେହେ ଆଶ୍ରୟ,
ଯନ୍ତ୍ରଣାଲ ଫଳାହାରୀ ଜନ୍ତୁଙ୍କ ନିକରେ ।
ତାଙ୍କର ଜୀବନ ପାଇଁ ଧରୁ ତୁ ଜୀବନ,
ନିଃସ୍ୱାର୍ଥ ଜୀବନ ସିନା ଜୀବିତ ଜୀବନ ।

✱ଜୀବନ-ସାୟାହ୍ନରେ ବ୍ୟକ୍ତିବିଶେଷର 'ପଞ୍ଚମକାର' ସୁରା ଉପଲକ୍ଷେ ଲିଖିତ ।

ଅନ୍ୟଥା ଜୀବନ ଯାର୍ ଖାଲି ସ୍ୱାର୍ଥ ଘେନି,
ନ ଥାଏ ତା ଜୀବନର୍ ଜୀବନ ମୁଣ୍ଟିହିଁ ।
ଶୀତତାଳେ ଉତ୍ତାପୁରେ ଉଦ୍ଭସ୍ୱଗିରି ତୁ,
ବିଦେଶ ଉଦ୍ଭସ୍ମ-ବାର୍ତ୍ତା ଅପୂର୍ବ ତୁ ପ୍ରଥମେ
ପ୍ରତ୍ୟହ ପ୍ରଜ୍ୱଳତାଳେ, ଅସ୍ତଗିରିରୂପୀ—
ସ୍ଫୁଟ ଶୈଳ, ପିଡ଼ ଗିରି ଯାମଳ ସୋଦରେ ।
ତୋ ଲେହିତ ଅଙ୍ଗେ ପଞ୍ଚ ବାଳରବିକର,
ବିଶେ ଯଥା ନମ୍ରମୁଖ ପ୍ରବାଳ କଳସ,
ସଂମାର୍ଜିତ ପଦ୍ମବ୍ରତ-ଆରକ୍ତ ବାଳ୍ପରେ,
ଭମ୍ବା ଫଗୁସ୍ତୂପ, ସିକ୍ତ ଅଳକ୍ତକ ରସେ ।
ସେ କାଳେ ତେଜ୍ୱ ତୁ ଗିରି ସୁଷମାର ଖଣି,
ପୂର୍ଣ୍ଣ ହୋଇ ସୌନ୍ଦର୍ଯ୍ୟର ଅମୃତ ଉତ୍ସବେ ।
ସେହି ପୁଣ୍ୟ ଦୃଶ୍ୟ, ନିତ୍ୟ ଉତ୍ତାପୁର ନେନେ,
ପ୍ରଦାନେ ନବୀନ ବାର୍ତ୍ତା ନବ ଜଗତର ।

---

## ଧୂଳିଘର

( ଶିଶୁର ଉକ୍ତି )

ଆସ ଆସ କିଏ ଦେଖିବ
ଧୂଳିଘର ମୋହର,
ସବୁ କୁଟିଳମଣ୍ଡଳ
ଆହା ଦେଖେ ସୁନ୍ଦର ।
ଏହି ଘରଟିରେ ଖେଳିବ
ମୁହିଁ ନିତ କଣେଇ,
ଏ ଘର ଗୁହାଳ, ଏ ଘର—
ହେବ ଧାନମରେଇ ।
ଶୋଇବା ଘର ଏ ହୋଇବ,
ହାଣ୍ଡିଶାଳ ଦେଖିଲ,
ଏହି ଯେ ଗୁଇଆ ଖଣ୍ଡିକ
ଏଠି ପଞ୍ଚବ ଢିଙ୍କି ।
ଏ ଘରେ ବସି ମୁଁ ପଢ଼ିବ
ଏକୁଟିଆ ନାରେଖେ,
ବନ୍ଧୁଙ୍କୁ ପ୍ରାର୍ଥନା କରିବ
ପ୍ରେମ ଭକତି ଲୋକେ ।
ଧୂଳିଘର ଦେଖି ମୋହର
ପରିହାସ କର ନା,
ଲୁଚଅଛି ଏହା ଭିତରେ
ମୋର ଶିଶୁ କଳ୍ପନା ।
ଲୁଚଥାଏ ଯଥା କୁସୁମ—
ହାର ମଧ୍ୟରେ ସୂତା,
ଅଥବା ସୁଜାତି ମଧ୍ୟରେ
ଯଥା ସତ୍ୟ ସାଧୁତା ।
ସ୍ୱଭାବେ ଶିଶୁ ମୁଁ ବନ୍ଧୁଙ୍କ
ଭାବେ ସଦା ମଗନ,
ତେଣୁ ତାଙ୍କ ବିଶ୍ୱ ସର୍ଜନା
କରେଁ ଅନୁକରଣ ।

---

## ପୂଜା

ମାତୃ ମହାମନ୍ତ୍ର ଉଚାରି ଉଚରେ
ମାତିଛି ମାତୃପୂଜାରେ,
ମାଆ ମାଆ ବୋଲି ଜ ହେବ ଡାକିଲେ
ବରଷବେ ମାନ ବାରେ ।
ଜନନୀ ଚରଣ ମାନସ-ନୟନେ
ଦେଖୁଛି ଜ ଦେହି ମୁହିଁ,
ବର୍ଷାନ୍ତରେ ଥରେ ଧୋଇଦେଲେ ଦୁଃଖ—
କ୍ଷତ ବା ଶୁଖିବ କାହିଁ ।
ଆଣ ମାତୃପୀଡ଼ା ନିଜ ଶରୀରକୁ
ଜପ ସଦା ମାତୃନାମ,
ସେହି ମୁକ୍ତିମନ୍ତ୍ର ସେହି ଶକ୍ତିତନ୍ତ୍ର
ସେହି ଗଣ୍ଡ ତୀର୍ଥଧାମ ।
ଡାକିଲେ ଡାକିବା— ଭଲ ଜନନୀଙ୍କ
ଅନ୍ତରେ ମିଶାଇ ବ୍ୟଥା,

ସ୍ନେହ-ପ୍ରସ୍ରବଣ    ମାତୃପ୍ରାଣ ସ୍ଥିର
ହେବ କି ନ କହ କଥା ।
ମନଦେଇ ସଦା    ଏଣେ ତେଣେ, ହାତ
ପାତଲେ ଗୁଡଆଣୀକୁ,
ବଳେ ବଳେ ଆଣି    ଅଞ୍ଜଳି ଭରି ସେ
ଖଜାମୁଆଁ ଦେବଟିକି ।

---

## ମଙ୍ଗଳବାଦ

[‘ହୀରାଖଣ୍ଡ’ ମାସିକପତ୍ରର ପ୍ରଥମ ପ୍ରକାଶ ଉପଲକ୍ଷେ ଲିଖିତ]

ହୀରାଖଣି ରତ୍ନେ ଆଜି ନବ ହୀରାଖଣ୍ଡ
ଉତ୍କଳ ଭାରତୀ ଅଙ୍କେ ସୃଜନ୍ତି ଉତ୍ସବ,
ସ୍ୱଭାବ ଶିଶୁ ସେ, ହେଉ ସ୍ୱଭାବ କୋଳରେ
ଲାଳିତ ପାଳିତ ସଦା, ନ ବାଧୁ ତା’ ପ୍ରାଣେ
ଅସ୍ୱାଭାବିତା-ବାଲରିଷ୍ଟ କ୍ଷୁଧା-ଚନ୍ଦ୍ରପୀଡ଼ା ।
ଦେଶପ୍ରାଣେ ପ୍ରାଣବାନ ହୋଇ ଏ ଶିଶୁଟି,
ଭାରତୀ-ଦେଉଳେ ଜାଳୁ ନବସ୍ୱର୍ଣ୍ଣ ଦୀପ,
ଦୀପ୍ତ ହେଉ ସେ ଆଲୋକେ ପ୍ରାଚୀ ଗଗନ,
ସୁଗୁଣର ଶୁଭ-ଶଙ୍ଖ ବାଜୁ ତାହା ନାମେ ।
ଉତ୍କଳବାଣୀଙ୍କ ବକ୍ଷେ କୌସ୍ତୁଭ ପଦକ
ହେଉ ଏ ନବୀନ ମଣି, ବଢ଼ାଉ ଆଦର
ସ୍ୱୀୟ ମାତୃସାହିତ୍ୟର ସମ୍ମାନ, ମହିମା,
ହେ ମଙ୍ଗଳମୟ, ଅର୍ପି ଶିଶୁ ଶିରେ କର
କର ତାକୁ ଆଶୀର୍ବାଦ, ହେଉ ସେ ଦୀର୍ଘାୟୁ,
ଧୋଇଦିଅ ପ୍ରଭୁ, ଭାଳ ଅଦୃଷ୍ଟ ତାହାର
ଭୂମି ପୁଣ୍ୟ ତୀର୍ଥ-ଜଳେ, ଦିଶୁ ସେ ଉଜ୍ଜ୍ୱଳ,
ସତ୍ୟର ମହିମା କରୁ ଜଗତେ ପ୍ରକାଶ,
ଧ୍ରୁବ ଶିବ ସୁନ୍ଦରର ହେଉ ସୁଦୃଷ୍ଟାନ୍ତ,
ଜଳବାୟୁ ଖାଦ୍ୟ ପରି ସତ୍ୟ ପୁଷ୍ଟିକର,
ପ୍ରସ୍ଫୁଟୁ ଏ ମହାମନ୍ତ୍ର ପ୍ରାସାଦେ, କୁଟୀରେ ।

---

## ବୁଢ଼ିଆଣୀ ଟୋକା

ବୁଢ଼ିଆଣୀଟିଏ    ସୁତା କାଟୁଅଛି
ପକାଇ ଭଙ୍ଗା ଅରଟ,
ତେଲ ଅଭାବରେ    ଡାକୁଛି ଅରଟ
କେଁ କଟ କେଁ କଟ ।
ଟାକୁଣ ଟାକୁଣ    ସୁତା କାଟେ ବୁଢ଼ୀ
ଖିଅକ ଉପରେ ଖିଏ,
ଧାଇଁ ଧାଇଁ ଗଲ    ସମସ୍ତେ ତାହାକୁ
ଛୁଇଁବ ଆଗରେ କିଏ ।
ପଛେ ଯେ ଛୁଇଁବ    ସେହି ଚୋର ହେବ
ଦେଇ ତାହା ହାତେ ଧୂଳି,
ବୁଲାଇବା ତାକୁ    ଦାଣ୍ଡରେ ବାନ୍ଧି ତା’
ଆଖିରେ ଅନ୍ଧପୁଟୁଳି ।
ଛାଡ଼ିଦେବା ତାକୁ,    ସେ ଚୋର ଯାହାକୁ
ଛୁଇଁବ ସେ ଚୋର ହେବ,
ଚୋର ସଂସର୍ଗରେ    ଚୋର ପାଲଟିବେ,
ହେଉନ୍ତୁ ପଛକେ ଦେବ ।
ସାନ ଖେଳଟିରେ    ଲୁଚି ରହିଅଛି
ଏତେ ଉପଦେଶ ସ୍ୱଚ୍ଛ,
ରେଣୁ ପରିମାଣ    ବର ବୀଜେ ଯଥା
ଅଛି ବଡ଼ ବରଗଛ ।

---

## ପରିଣାମ ଚିନ୍ତା

କି ଭ୍ରାନ୍ତ ମାନବ, ହାୟ, କର୍ପୂର ପରାୟେ
କ୍ଷୟ ହୋଇ ଆୟୁ ତାର ନିତ୍ୟ ଉଡ଼ିଯାଏ ।
ତେବେ ସେ ମଣୁଛି ଅହୋ ତାକୁ ଆତ୍ମବୃଦ୍ଧି,
କି ମୋହ ଏ ? ପ୍ରତେ ହୁଏ ହୀନତା ସମୃଦ୍ଧି !
ଦୁଃଖମୟ ବସ୍ତୁ, ପ୍ରତେ ସୁଖର ଆଳୟ,
ଛଳ ଏହା ଛନ୍ଦିଯାଏ ବସ୍ତୁଏ ହୃଦୟ ।

ସ୍ୱପ୍ନର ଏ ଭବ, ନର ସ୍ୱପ୍ନେ ଅଛି ବୁଡ଼ି,
ସତ୍ୟ ଯାହା, ଦୁର୍ଭାଗ୍ୟତଃ ଯାଉଛି ତା ଛୁଡ଼ି ।
ଓଟାରୁଛି ଅନୁକ୍ଷଣ ଯାକୁ ନଶ୍ୱରତା,
ତାହାପାଇଁ ଝୁରୁଛି ସେ କେତେ ଆଶା କଥା ।
ମନ୍ଦ ନୁହେଁ ଏ ରହସ୍ୟ, ଏ ମହା କୌତୁକ,
କରିଦିଏ ଏ ସମସ୍ୟା ମହାପ୍ରାଜ୍ଞେ ମୂକ ।
ଦୁଇଦିନ ପାଇଁ ନର କୁଣିଆ ସଂସାରେ,
ତା' ସୁଖ ଶାନ୍ତିରେ ନୁହେଁ—କଟାଏ ହିଂସାରେ ।
ଅହମନ-ଗୁରୁଭାରେ ହୋଇ ଭାରଗ୍ରସ୍ତ,
ହୃଦୟକୁ କରିବସେ କ୍ଷୁଦ୍ର, ଅପ୍ରଶସ୍ତ ।
ଆସିବ ଯେ ଦିନ ଶେଷ ଅବ୍ୟର୍ଥ ଆହ୍ୱାନ,
ସରିଯିବ ଅଭିମାନ, ଗଭୀର ଗୁମାନ ।
ସେହି ଶେଷଦିନ କଥା କଲେକ ସ୍ମରଣ,
ତୀବ୍ର ଧିକ୍କାରରେ ହୁଏ ଚିତ୍ତ ସମାଚ୍ଛନ୍ନ ।
ହୁଅ ମନ ସାବଧାନ, ଧର୍ମେ ମଣି ମିତ୍ର,
କର ନେ ତା ପଦସ୍ପର୍ଶେ ଶିରକୁ ପବିତ୍ର ।
ସବୁ କାର୍ଯ୍ୟ ମଧ୍ୟରେ ତୁ କରୁ ଆକର୍ଷଣ,
ହୃତ ପ୍ରିୟ ପଦାର୍ଥର ଚନ୍ତାକୁ ଯେସନ,
ତେସନ ଓଟାର ଧର୍ମେ ଆପଣା ଆଡ଼କୁ
ଅନୁକ୍ଷଣ, ହେବୁ ମୁକ୍ତ ଏ ବିଶ୍ୱ-ନରକୁ ।
ସତ୍ୟର ସରଳ ପଥ କର ତୁ ଆଶ୍ରୟ,
ସ୍ୱତଃ ଆଣିଦେବ ଧର୍ମ ତୋ ପ୍ରାଣେ ଅଭୟ ।
ପୂଜା କର ଧର୍ମେ, ପ୍ରେମେ କର ଦୃଢ଼େ ଧ୍ୟାନ,
ନିଶ୍ଚୟ ଶୁଣିବ ସେ ତୋ ଆକୁଳ ଆହ୍ୱାନ ।

———

## ଶମ୍ବର ଦଶମୀ

ଯେଉଁ କାଳେ ଦଶରଥ ଯାଇ ସ୍ୱର୍ଗପୁରେ,
ବଧିଥିଲେ ସୁରବୈରୀ ଶମ୍ବର ଅସୁରେ;
ଅଦ୍ୟାପି ସେ କଥା ଅଛି—ଶୈଳେ ରେଖା ଯଥା
ବହିଯାଏ କାଳ, ମାତ୍ର ରହିଯାଏ କଥା ।
ଆବର ଅଦ୍ଭୁତ ଅସ୍ତ ଏ ପୂଜା ବିଧାନ,
ଜଣେ ସାଧେ କାର୍ଯ୍ୟ, ପାଏ ପୁରସ୍କାର ଆନ ।
ବିନାଶିଲେ ଅଜାଙ୍ଗଜ ଦୁର୍ଦ୍ଧର୍ଷ ଦଇତ,
ବଂଶାଦିପୁରୁଷ ରବି ହୁଅନ୍ତି ପୂଜିତ ।
କି ମହାନ ପିତୃଭକ୍ତି ଦୃଷ୍ଟାନ୍ତ ଉଜ୍ଜ୍ୱଳ,
ସୁପୁତ୍ର ଆଶ୍ରିତ ବଂଶ-ମହିମା କେବଳ ।
ସାତଘଣ୍ଟ ବେଳେ ମଲା ଦୁରନ୍ତ ରାକ୍ଷସ,
ତେଣୁ ସାତଘଣ୍ଟ ନାମେ ଖ୍ୟାତ ଏ ଦିବସ ।
ଖେଳିଲା ଉତ୍ସବ ସ୍ୱର୍ଗେ, ଆବର ମର୍ତ୍ତ୍ୟରେ,
ମିଷ୍ଟାନ୍ନଭାଣ୍ଡିଆ ପାତ ହେଲା ଘରେ ଘରେ ।
ଲଭିଲା ଆନନ୍ଦଭୋଜୀ, ପ୍ରୀତ ଜନମୟ,
କେ ନୁହେଁ ପ୍ରହୃଷ୍ଟ, ହେଲେ ଦୂର ମୃତ୍ୟୁଭୟ ।
ନିବେଦିଲେ ପ୍ରୀତିଭୋଗ ଦିବାକରେ ସର୍ବେ,
ମାଘ ଶୁକ୍ଳ ଦଶମୀଟି ଗଣାହେଲା ପର୍ବେ ।
ସେଦିନର ଘଟଣା ଏହା, ନିଯୁତେ ଅମୃତ,
ଆସୁଅଛି ଅଦ୍ୟାବଧି ହୋଇ ଅନୁକୃତ ।

———

## ଧନୁ ସଂକ୍ରାନ୍ତି

ପୁଣ୍ୟ ସ୍ମୃତିପୂତାପର୍ବ ଧନୁ ସଂକ୍ରମଣ,
କରିଥିଲେ ରାମ ଆଜି ଧନୁକ ଧାରଣ ।
ସେ କାଳୁ ଆସୁଛି ହୋଇ ପୂଜିତ କ୍ରମଶଃ—
ଅଦ୍ୟାପି, ଉତ୍ସବମୟ ଏ ମହାଦିବସ ।
ଗଡ଼ିଯାଏ କେତେ ଦିନ ଜପାମାଳାବତ,
କେତେ ଗୋଟା ମେରୁ ପରି ପାଏ ଦଣ୍ଡବତ ।
ହୁଅନ୍ତି ଉଦୟ ନଭେ ନକ୍ଷତ୍ର ଅକଳ,
ସବୁ ତ ଦିଶନ୍ତି ନାହିଁ ସମାନ ଉଜ୍ଜ୍ୱଳ ।
ଉପବନେ ଫୁଟେ ନିତି କୁସୁମ ଅଗଣ୍ୟ,
ଅଳ୍ପମାନ ହୁଏ ତହିଁ ଦେବସ୍ପର୍ଶେ ଧନ୍ୟ ।
ହୀନ ସଂସର୍ଗରେ ଯଥା ବଡ ହୁଏ ସାନ,
ମହାଜନ ସ୍ପର୍ଶେ ତଥା କ୍ଷୁଦ୍ର ମହୀୟାନ ।

ଉତ୍ସବର ଦ୍ୱାର୍ ଆଜ ବନ୍ଦିଛି ବନ୍ଧୁଆଁ,
ସନ୍ତୁଷ୍ଟ ବାଳକବର୍ଗ ଖାଇ ଧନୁମୁଆଁ ।
ଛେନା-ଲଡୁର୍ ଡେଢ଼େ ଆକର୍ଷଣୀ ଶକ୍ତି,
ସ୍ୱୟଂ ଜଗନ୍ନାଥଙ୍କର ଓଠାରେ ଆସକ୍ତି ।
ହୁଏ ସେ ପହିଲି ଭୋଗ ପୌଷମାସ ସାର୍,
ତା ପକ୍ଷେ ଏ ସ୍ୱର୍ଗୀୟଦେବ ଆଶୀର୍ବାଦ ଧାର୍ ।
ପଦ୍ମ ଭେକ ଗଣ୍ଡିରେ ଶିବଙ୍କର ପ୍ରୀତି,
ସ୍ୱତନ୍ତ୍ର ସର୍ବଥା ବଡଲୋକଙ୍କର ରୀତି ।

---

## ଏକାକିତା

ଏକାକିତା, ସ୍ୱାଧୀନତା, ବନ୍ଧନମୁକ୍ତତା,
ନିରଙ୍କୁଶ ଏକାକୀର ଇଚ୍ଛା, ତାହିଁ ତାର
ପ୍ରାୟଶଃ ପାଇବ ବାଧା, ନ ପାଇଲେ ସେଥି
ଦେଖିବା ପ୍ରତିବନ୍ଧ , ନୁହେଁ ପ୍ରତିହତ କେବେ ।
ନ ଥାଏ ଆସଙ୍ଗଲିପ୍ସା ସାଧୁ ସାଧକର୍,
ପୂର୍ଣ୍ଣ ଆତ୍ମନିର୍ଭରତା ଜାଗ୍ରତ ତା ପ୍ରାଣେ ।
ଯେ ସୁଖ, ଯେ ଶାନ୍ତି ଭୁଞ୍ଜେ ଜୀବନେ ଏକାକୀ,
ବଞ୍ଚିତ ସେଥିରୁ ଚିର ପରବାହୀ ସ୍ନେହୀ ।
ଏକାକିତା ଶକ୍ତି ଦିଏ ମାନବ ହୃଦୟେ,
ଅଚିନ୍ତ୍ୟ ତାହାର ଶକ୍ତି, ଏକାକୀ ପବନ
ଜଗତ ଜୀବନ ଧରି ବହିଛି ସତତ,
ଏକାକୀ ଭାସ୍କର ଅର୍ପେ ସଂସାରେ ଆଲୋକ ।
ଏକାକୀ ବାସୁକି ଶିରେ ବହନ୍ତି ପୃଥିବୀ,
ଯେ ପର-ପ୍ରତ୍ୟାଶୀ, ଆତ୍ମଶକ୍ତି ବିସ୍ମୃତ ସେ ।
ଏକାକୀ ମାନବ ଆସେ, ଏକାକୀ ବାହୁଡ଼େ,
ମଧ୍ୟରେ କେତେଟା ଦିନ ଲଭେ ମାତ୍ର ସଙ୍ଗୀ,
ନିଜ ଏକାକିତା ତାର୍ ଚିର ସହଚରୀ,
କେବେ କିପାଁ ଶଙ୍କିତ ସେ ହେବାକୁ ଏକାକୀ ?
ଅଭ୍ୟାସର ଦୋଷ ତାହା, ଦୁର୍ବଳତା ଲକ୍ଷଣ,
କିମ୍ବା ତାହା ନିଜ ପ୍ରତି ପୂର୍ଣ୍ଣ ଅବିଶ୍ୱାସ ।

---

## ପଢୁଆଁ ଅଷ୍ଟମୀ

ଉତ୍କଳେ ପ୍ରଧାନ ପର୍ବ ପଢୁଆଁ ଅଷ୍ଟମୀ,
ଉପସ୍ଥିତ ପୁଣି ବର୍ଷଚକ୍ର ଅତିକ୍ରମି ।
ଆୟୁବୃଦ୍ଧି କାମନାରେ ପ୍ରଥମ ନନ୍ଦନ,
ହେବେ ପରିହିତ ନବ ହରିତ ବସନ ।
ପଲ୍ଲିପ୍ରାଣେ ହର୍ଷ-ବନ୍ୟା ପଡ଼ୁଛି ଉଛୁଳି,
ପ୍ରତିଘରୁ ଉଠେ ଶବ୍ଦ-ଶଙ୍ଖ, ହୁଳହୁଳି ।
ଯାଉଛି ଉତ୍ସବ ଖେଳି ଧରି ଶତ ରୂପ,
ସୁଲଭ କୁଟୀରେ ହର୍ମ୍ୟେ କ୍ଷୀରାନ୍ନ ଅପୂପ ।
ଦୀନ ଧନୀ ଭିକ୍ଷାଜୀବୀ ସମସ୍ତଙ୍କ ପ୍ରାଣେ,
ସନ୍ତୋଷ-ମଧୁର ବଂଶୀ ବାଜୁଛି ସୁତାନେ ।
ବହିଯାଏ ଶାନ୍ତି, ପ୍ରୀତି, ମୈତ୍ରୀର ତ୍ରିବେଣୀ,
ସ୍ନେହାମୃତ ସୁଖାମୃତ ମିଶାମିଶି ହେଇ ।
ଏ ସ୍ୱର୍ଗ-ବାସନ୍ତୀ ବାୟୁ ଯିବ ଶୂନ୍ୟେ ଭୁଲି,
ଆଜିର ଆନନ୍ଦ ତାର ନ ରହିବ କାଲି ।
ଦିନର ଲୁଣିଆ ହେବୁ ତାର ଏ ଉତ୍ସବ,
ନିତ ଲୁଣିଆ ଯେ, ସେ ତ ହରାଏ ଗୌରବ ।
ବୁଝିଛୁ ଅଷ୍ଟମୀ ଏହା ଜ୍ଞାନ ତା ପ୍ରବଳ,
ଅତି ପରିଚୟେ ଲଭେ ଅବଜ୍ଞା କେବଳ ।
ତେଣୁ ସେ ସତର୍କ, ଶିରେ ଉତ୍ସବ ବଳୟ,
ସାବଧାନତାର କେବେ ନାହିଁ ପରାଜୟ ।

---

## ପଠାଣି ସାମନ୍ତ

ବିଶାଳ-ଉତ୍କଳ-ନଭଃ-ଉଜ୍ଜ୍ୱଳ-ଜ୍ୟୋତିଷ୍କ
ହେ ଚନ୍ଦ୍ରଶେଖର, ଜ୍ଞାନଋଷି, ଜନକବି,
ଅନନ୍ତ କଳ୍ପନା ତବ ନ ଥିଲା ଆବଦ୍ଧ
ଭୂତଳେ କେବଳ, ଅହୋ, ସେ ମହାକଳ୍ପନା
ଧାଇଁଥିଲା ମହାବେଗେ ଶୂନ୍ୟ ମହାଶୂନ୍ୟେ
ଅନନ୍ତ-ଅନନ୍ତସ୍ଥିତ-ଜ୍ୟୋତିଷ୍କ-ପଙ୍କ୍ତିରେ ।

ପାର୍ଥିବ ଜଗତେ ତୁଚ୍ଛ ନୁହେଁ ସେ କଳ୍ପନା,
ନୁହେଁ ଆଶାସ୍ୱପ୍ନ କିମ୍ବା ଆକାଶ-କୁସୁମ,
ସତ୍ୟପ୍ରାଣ ସେ କଳ୍ପନା, ଧ୍ରୁବ ଶିବମୟ,
କର୍ମ-ଧର୍ମ-ଲକ୍ଷ୍ୟ ତାର ସତ୍ୟ ଉଦ୍ଭାବନ ।
ଯୋଗ୍ୟତା କି ଅମାନୁଷୀ, ଅଦେବ-ସୁଲଭ,
ଦେଖାଇଲ ମହାମହା ଯନ୍ତ୍ରର କ୍ଷମତା
ସାମାନ୍ୟ ଶରୀରେ ନକେ, ସୁଧୀ, ଥିଲ ତୁମ୍ଭେ
ଅଭିଶପ୍ତ ଦେବ, ଲଭି ମୃତ୍ୟୁରୁ ଅମୃତ
ନିବସିଲ ଜ୍ୟୋତିର୍ଜ୍ୟୋ ଜ୍ୟୋତିଷ୍କ ରୂପରେ ।
ଅତୁଳ ପ୍ରତିଭା ଯେଣେ ଜନ୍ମିଥିଲ ତୁମ୍ଭେ
ଉତ୍କଳଭାଗ୍ୟକୁ, ମାତ୍ର ହାୟ ସେ ଅଭାଗୀ
ନ ପାରିଲା ସେ ରତନେ ଯତନେ ସମ୍ଭାଳି,
ହରିନେଲା କାଳ ତାହା, ବଳୀୟାର ଶ୍ରେଷ୍ଠ ।
ବୁଝୁଅଛୁ ଢଙ୍ଗ ଏବେ ସେ ମହାପ୍ରତିଭା
ଯୋଗ୍ୟପାତ୍ର ଅଭାବରେ, ତୁମ୍ଭ ଜନ୍ମଗର୍ଭେ
ନାହିଁ ଜଣେ ତୁମ୍ଭ ଭଳି ସିଦ୍ଧାର୍ଥ ସାଧକ,
ସମ୍ଭବ କି ଏ ଅଶ୍ୟାଡ, ହେ ଚିର-ଅମର—
ନିବସି ଅମରଧାମେ ସ୍ୱଦେଶ ମାତାର ।
ଆଜୀବନ ମାତୃଭକ୍ତ-ମାତୃପ୍ରାଣ ତୁମ୍ଭେ,
କେମନ୍ତେ ସମ୍ଭବ ତାହା, ହୁଅ ତେବେ ଦେବ
ପୁଣି ଅବତୀର୍ଣ୍ଣ ଗରେ, ଧରି ନରରୂପ,
ଆଶ୍ରୟବିହୀନା ସେହି ବ୍ୟାକୁଳା ପ୍ରଭିଷ୍ଠ
ଲଭିଣ ତୁମ୍ଭକୁ, ହେବ ଧନ୍ୟବତୀ ପୁଣି;
ଲଭି ତବ ପୁଣ୍ୟଜ୍ୟୋତି ହସିଉଠୁ ନଭ ।
ସୃଜି ନିତ୍ୟ ନବ ନବ ଜ୍ୟୋତିର୍ବିଦ୍ୟା ସୂତ୍ର,
ବୁଝୁ ଜଗତେ କର ସରଳ ସୁବୋଧ୍ୟ ।

—❊—

## ମାତୃ-ଆହ୍ୱାନ

[ ରସକୁଲ୍ୟା ]

ଅନ୍ତରତରେ ମା ବସ ଅନ୍ତରେ,
ପୂର୍ଣ୍ଣ କରି ପ୍ରାଣ ପୁଣ୍ୟ ମନ୍ତ୍ରରେ,
ଜଡ଼ ପିଣ୍ଡେ କର ଜୀଣା ସ୍ପର୍ଶନ,
ଆଣ ଗୋ ଆହ୍ଲାର ନବ ସ୍ପନ୍ଦନ,
ହେଉ ସେ ସୁକର୍ମକ୍ଷମ ଯେ,
କର୍ମ ହେଉ ତୀର୍ଥ                    କର୍ମ ହେଉ ତପ
କର୍ମ ହେଉ ପ୍ରିୟତମ ଯେ । ୧ ।
ସତ୍ୟପଦେ ଚିତ୍ତ ହେଉ ଆନତ,
ବିଶ୍ୱପ୍ରେମ ହେଉ ସ୍ୱାର୍ଥ ସଙ୍ଗତ,
ଉଠୁ ସାମ୍ୟ ଜ୍ୟୋତି ହୃଦୟେ ଜଳି,
ଅଭିମାନ ପଡ଼ୁ ତା ପଦେ ଢଳି,
ମୃତ୍ୟୁ ଲଭୁ ଅବିଶ୍ୱାସ ଯେ,
ତୁମ୍ଭର ମନ୍ଦିର                    ଏ ସ୍ଥୂଳ ଶରୀର
ହେଉ ତବ ଯୋଗ୍ୟ ବାସ ଯେ । ୨ ।
ବସନ୍ତ-ବୈଭବ-କୁସୁମ-ହାସେ,
ମଳୟ ମାରୁତ ସ୍ନିଗ୍ଧ ସୁବାସେ,
ବାସନ୍ତୀ ଚନ୍ଦ୍ରିକା ଶୁଭ୍ର କାନ୍ତରେ
ବନକଣ୍ଠ-ପିକ ବନ୍ଦନାଗୀତରେ
ରହିଛୁ ଉଦ୍ୟ ସବଂଆ ଯେ,
ତୁମ୍ଭର ଅରୂପ                    ରୂପ ରୂପେଶ୍ୱରୀ,
ଧୂପଗର୍ଭେ ଗନ୍ଧ ଯଥା ଯେ । ୩ ।
ତୋ ଯୋଗୁଁ ସମୀହ ମାନବ ବିଶ୍ୱ,
ତୋ ବିନା ହେବ ସେ ସୁଖୀନେ ନିଃସ୍ୱ,
ତୋ କରୁଣାବଳେ ମରୁଭୂମିରେ,
ସୁର-ଶୈବଳିନୀ ଖେଳେ ରୁଚିରେ,
ଅମୃତ ତୋହରି ମହିମା ଯେ,
ଲଗାଇଛୁ ବିଶ୍ୱେ                    ବାଦ୍ୟ-ମହୋତ୍ସବ
କଳି ନୁହେଁ ତାର ସୀମା ଯେ । ୪ ।
ଏ ଉତ୍କଳ ମହୀ ଦେବ-ଭୁବନ,
ସାହିତ୍ୟ ସାଧନା ତପ କାନନ,
ଆସୁ ତା ଅତୀତ ଗୌରବ ଫେରି,
ବାଜୁ ତାହା ନାମେ ସୁଖ୍ୟାତି ଭେରୀ,
ଉତ୍କଳର ପାଇଁ ଜନ୍ୟ ଯେ,
ବାଜୁ ତା ବକ୍ଷରେ                    ମଧୁରେ ମୁହୂର୍ତ୍ତେ
ହେଉ ସେ ଜଗତେ ଧନ୍ୟ ଯେ । ୫ ।

# ବଣମାଳତୀ

# ଉପହାର

ଅତୁଳ ସମ୍ମାନାସ୍ପଦ, ଉତ୍କଳ-ସାହିତ୍ୟ-କମଳ-ସୁହୃଦ-ସବିତା,
ଉତ୍କଳ ଜାତୀୟ ମହାଯଜ୍ଞର ଅନ୍ୟତମ ପ୍ରବୀଣ ପୁରୋଧା
ଶ୍ରୀଲ ଶ୍ରୀଯୁକ୍ତ ରାଜେନ୍ଦ୍ରନାରାୟଣ ଭଞ୍ଜଦେବ
କନିକାଧୀଶ୍ୱର ମହୋଦୟ ସମୁଦାରହୃଦୟେଷୁ

ବନ୍ଦନୀୟ ଶ୍ରୀମନ୍ମହାରାଜ,

ଶ୍ରୀଛାମୁ ଉତ୍କଳର ରାଜନ୍ୟମଣ୍ଡଳୀ ମଧ୍ୟରେ ସର୍ବାଗ୍ରେ ବିଦେଶଯାତ୍ରା କରି ନୈତିକ ସାହସର ପରିଚୟ ଦାନ ସଙ୍ଗେ ସଙ୍ଗେ ଅନ୍ୟର ଉନ୍ନତିପ୍ରଦର୍ଶକ ହୋଇଅଛନ୍ତି । ଶ୍ରୀଛାମୁଙ୍କର ଶିକ୍ଷାନୁରାଗିତା ରାଜସମାଜରେ ଆଦର୍ଶସ୍ଥାନୀୟ । ବିପୁଳ ବ୍ୟୟ ଏବଂ ପରିଶ୍ରମ ସହକାରେ ଶ୍ରୀଛାମୁ ଯେଉଁ ଅମୂଲ୍ୟ ରତ୍ନ ସଂଗ୍ରହ କରୁଅଛନ୍ତି, ତାହା କେବଳ ନିଜ ସକାଶେ ନୁହେଁ—ପ୍ରତ୍ୟୁତ ତାହାକୁ ଦେଶ ସକାଶେ ବୋଲିବାହିଁ ସୁସଙ୍ଗତ ଏବଂ ସମୀଚୀନ । ଶ୍ରୀଛାମୁଙ୍କର ଏହି ସୁମହତ୍ ଶୁଭାଦର୍ଶ ଉତ୍କଳ-ଇତିହାସ କକ୍ଷରେ ଅମର ସ୍ୱର୍ଣ୍ଣାକ୍ଷରରେ ରଞ୍ଜିତ ରହିବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ମୁଁ ଶ୍ରୀଛାମୁଙ୍କର ବିବିଧ ସଦ୍‌ଗୁଣରେ ଆକୃଷ୍ଟ ହୋଇ ଶ୍ରୀଛାମୁଙ୍କ ଦାନପୂତ କରକମଳରେ ଏହି "ବଣ-ମାଳତୀ" ପୁସ୍ତିକା ଖଣ୍ଡି ସଭକ୍ତି ସାନୁନୟ ଉପହାର ଅର୍ପଣ କଲି । ଭକ୍ତିଦତ୍ତ ପଦାର୍ଥ କ୍ଷୁଦ୍ର ହେଲେହେଁ ମହାଜନ ସମକ୍ଷରେ ମହତ୍, ଏହି ଭାବରେ ମୋର ଏହି ନଗଣ୍ୟ ଉପହାର ଗୃହୀତ ହେଲେ ନିଜକୁ କୃତାଥ ମଣିବି ।

ଇଚ୍ଛାପୁର, ଗଞ୍ଜାମ
୧୫ । ୫ । ୧୩

ଶ୍ରୀଛାମୁଙ୍କର ଏକାନ୍ତ ଅନୁଗତ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ସୂଚୀପତ୍ର


| ବିଷୟ | ବିଷୟ |
| --- | --- |
| ବଣମାଲତୀ | ଅମୃତ ସନ୍ତତି |
| ଗୋଲାପ | ବିଷସନ୍ତତି |
| ସୂର୍ଯ୍ୟମୁଖୀ | ଚିନ୍ତା |
| ସେବତୀ | ଅଶ୍ରୁ ଝର |
| ମରୁଆ | ଜନ୍ମଭାଗ୍ୟରେ ଅଭିଶାପ |
| ସୁଗନ୍ଧା | ମାନସପୂଜା |
| ଜଳସ୍ରୋତେ | ଟଙ୍କା |
| ବିଜନତା | ପ୍ରତିଭାପୂଜା |
| ଲାଜକୁଳୀଲତା | ନିବେଦନ |
| ଶ୍ମଶାନତୁଳସୀ | ବାଦୁଡ଼ି |
| ନିବଦ୍ଧ ପକ୍ଷୀ | ମୃତ୍ୟୁବରଣ |
| ଜନ୍ମ | ଅନନ୍ତ ବିଭବ |
| ଜୋତ୍ସ୍ନା | ଆତ୍ମପୂଜା |
| ଯୌବନ | ଈଶ୍ୱର କି ନିର୍ବିକାର ? |
| ଉଦର | ନୀତିବାଣୀ |
| ଜନ୍ମତା ଦେବୀ | ସାଲନ୍ଦୀ ତୀରେ ସୂର୍ଯ୍ୟାସ୍ତ |

# ବଣମାଳତୀ

ବନେ ଫୁଟି ଝଡ଼ିଯାଏ ବନର ମାଳତୀ
ତହିଁ ତା ବିଳୟ, ଯହିଁ ଲଭେ ସେ ଉତ୍ପତ୍ତି ।
ଛୁଏଁ ନାହିଁ ବାସ ତାର ଲୋକାଳୟ ସୀମା,
ନ ବୁଝନ୍ତି କେହି ପୁଣି ଗୁଣର ଗରିମା ।
ବାୟୁ ସହ ଉନ୍ମତ୍ତ ଭାବ କରି ଲୀଳାଖେଳା,
ବୁଡ଼ାଏ ସେ କାଳ-ସିନ୍ଧୁ ନୀରେ ପ୍ରାଣଭେଳା ।
ନରନେତ୍ର ଅଗୋଚର ଆହା ତାହା ରୂପ,
ଦେଖେ ଏକା ଖୋଜି ଖୋଜି ପ୍ରେମିକ ମଧୁପ ।
ନ ଦେଖୁ ପଛକେ ଆନ ନ ବୁଝୁ ତୋ ଗୁଣ,
ସେଥିପାଇଁ କୁହ ଫୁଲ ଅଣୁମାତ୍ର କ୍ଷୁଣ୍ଣ ।
ନ ଘଟୁ ତୋ ଭାଗ୍ୟେ ପଛେ ମର୍ତ୍ତ୍ୟର ଆଦର,
ସ୍ୱର୍ଗୀୟ ତୁ, ସ୍ୱର୍ଗେ ହେବୁ ଆଦୃତ ନିକର ।
ଦେବ ଭିନ୍ନ ତୋ ମୂଲ୍ୟ କି ବୁଝିବ ମାନବ,
ବୁଝନ୍ତି ମହତେ ସିନା ମହତ ଗୌରବ ।

---

## ଗୋଲାପ

କାହୁଁ  ତୁ ଆସିଲୁ କହ କୁସୁମ-ସୁନ୍ଦରି,
ଅମର୍ତ୍ତ୍ୟ ମାଧୁରୀରାଶି ଗୁନ୍ତ ଅଙ୍ଗେ ଭରି ।
ବିସ୍ତାରିଛୁ ମୃଦୁହାସ ତାହା ମୁଖେ ଗୁହିଁ,
ଏ ସୌନ୍ଦର୍ଯ୍ୟ ଏ ମାଧୁର୍ଯ୍ୟ ପାଇଲୁ ବା କାହୁଁ ?
ନିରେଖି ତୋହର ସୌମ୍ୟ ପ୍ରଫୁଲ୍ଲ ଶ୍ରୀମୁଖ,
ନିମେଷେ ପାସୋରେ ମୁହିଁ ଭବ-ତାପ ଦୁଃଖ ।
ଅପୂର୍ବ ଆନନ୍ଦ-ନୀରେ ହୁଏଁ ନିମଗନ,
ଜାଗ୍ରତାବସ୍ଥାରେ ଦେଖେଁ ଅଜ୍ଞାତ ସ୍ୱପନ ।
ଉଦ୍ୟାନ-କମଳା ତୁହି ସ୍ଥଳ-କମଳିନୀ
ମଧୁର ଶୀତଳ ସ୍ନିଗ୍ଧ ସୌରଭମାଳିନୀ ।
କି ଦେବ ଉପମା ତୋତେ ଲୋ ଲାବଣ୍ୟନିଧି
ଗଢ଼ିଛି କି ତନୁ ତୋର କଳ୍ପନାରେ ବିଧି ।
ଚଢ଼ାଇଛୁ ତହିଁ ପୁଣି ଦିବ୍ୟଜ୍ୟୋତିଃ-ଝଳ,
ପାରୁ ତୁହି ରୂପଦର୍ପେ ବିଦ୍ରୁମେ ବିଦଳି ।
ଶିଶୁର ପରମ ଧନ ଅଟୁ ତୁ ସୁମନ,
ଆଦରେ ଯୁବତୀ ତୋତେ କରନ୍ତି ଧାରଣ ।
ସ୍ଥବିର ହସ୍ତରେ ହେଉ ଦେବ ଉପହାର,
ଅବଳାକୁଳର ତୁହି ପ୍ରିୟ ଅଳଙ୍କାର ।
ନୁହେଁ ଚିରସ୍ଥାୟୀ କେହି ଏ ଅସ୍ଥାୟୀ ଭବେ,
ରୂପ ହାସ୍ୟ ସୌରଭ ତୋ ସରିଯିବ ଲବେ ।
ନୁହେଁ ଏ ସଂସାର ତବ ଯୋଗ୍ୟ ବାସସ୍ଥଳ,
ସଦା ଉଦ୍ଗିରେ ଏଥି ଉଗ୍ର ଦୁଃଖାନଳ ।
କହ କହ ଥରେ ଭଲ କହ ଲୋ ରୂପସି,
କିପରି ଏ ଦୁଃଖ ଭୁଲୁ ସଦା ହସି ହସି ।
କିପରି ହସାଉ ଆନେ ଫୁଲକୁଳେଶ୍ୱରି,
ଶିଖାଅ ସେ ମନ୍ତ୍ର ମୋତେ ଅନୁଗ୍ରହ କରି ।
ଦେଖିବ ସେ ମହାମନ୍ତ୍ର କରି ଉଚ୍ଚାରଣ,
ପାରିବ କି ଶମି ଆହା ହୃଦ-ହୁତାଶନ ।
ସଂଦଗ୍ଧ ହେଉଛି ମୁହିଁ ସତତ ତହିଁରେ,
ଶାନ୍ତି-ସୁଖ-ଶୂନ୍ୟ ଏହି ନିର୍ମମ ମହୀରେ ।
ପଚାରିଲି ବହୁବାର ବହୁ ଶତ ଜନେ,
କେହି ନ କହିଲେ ଶାନ୍ତି ଲଭିଛି ସେ ମନେ ।
ତେଣୁ ଦୃଢ଼ ବିଶ୍ୱାସ ମୋ, ତାହିଁ କେଉଁ କାଳେ
ଶାନ୍ତି ନାହିଁ ଶାନ୍ତି ନାହିଁ ମାନବ କପାଳେ ।

---

## ସୂର୍ଯ୍ୟମୁଖୀ

ଅଦ୍ଭୁତ ସାଧନା ତୋର ଫୁଲ ସୂର୍ଯ୍ୟମୁଖି,
ରୌଦ୍ରେ ବସି ସୂର୍ଯ୍ୟେ ଚାହିଁ ହେଉ ମହାସୁଖୀ ।
କୋମଳ ତୋହର ଅଙ୍ଗ, ସ୍ୱଭାବ କୋମଳ,
ମାତ୍ର ଜୀବନର ବ୍ରତ କଠୋର ସବଳ ।
ଆଶାନେତ୍ରେ ଅନିମିଷେ ଅଛୁ ସୂର୍ଯ୍ୟେ ଚାହିଁ,
କି ସମ୍ପଦ ଦେଉଛନ୍ତି ସୂର୍ଯ୍ୟ ତୋତେ ତାହିଁ ।
ଅର୍କ ସଙ୍ଗେ କି ସମ୍ପର୍କ ଅଛି ଲୋ ତୋହର,
ସେ ଶାଶ୍ୱତ ଶୂନ୍ୟବାସୀ, ମର୍ତ୍ତ୍ୟେ ତୋର ଘର ।
ଉଭୟ ମଧ୍ୟରେ ବହୁ ଦୂର ବ୍ୟବଧାନ,
କିପରି ବା ହୁଏ ପ୍ରୀତି ଆଦାନ ପ୍ରଦାନ ।
କହ କହ ସୂର୍ଯ୍ୟମୁଖି ! ଫୁଲକୁଳରାଣୀ,
କିପରି ତେଜସ୍ୱୀ କରେ ଛନ୍ଦିଲୁ ତୁ ପାଣି ।
ବୃଥା ଏହି ପ୍ରଶ୍ନ ସିନା ତୋ ପ୍ରତି ମୋହର,
ଧରନ୍ତି ସୁନ୍ଦରୀ ସତୀ ତେଜସ୍ୱୀର କର ।
ତେଣୁ ସିନା ଶୋଭାରାଣୀ ଶମ୍ଭା ତୁଷ୍ଟମନେ,
ବରିଅଛି ବହ୍ନିଷଣ ବଜ୍ରଗର୍ଭ ଘନେ ।

---

## ସେବତୀ

ରମ୍ୟ ରୂପବତୀ ତୁହି ଲୋ ସେବତି,
ଏଣୁ ମୁହିଁ ତୋତେ ସର୍ବଦା ସେବନ୍ତି ।
ପୁଷ୍ପ-ବାଟିକାର ତୁ ପ୍ରିୟ ମିତଣୀ,
ଶାନ୍ତିରୁ ତା ନାସେ ସୁବର୍ଣ୍ଣବସଣୀ ।
ସରୁ ସରୁ କାନ୍ତିଯୁକ୍ତ ତୋର ତନୁ,
ଭଞ୍ଜିଦିଏ ଆନ ବିତୃଷ୍ଣା ମୋ ମନୁ ।
ସୁବର୍ଣ୍ଣେ ଦୁର୍ବର୍ଣ୍ଣ କରେ ତୋର ଫୁଲ,
ଦୀପ୍ତ ସୌଦାମିନୀ ଦର୍ପ ଦିଏ ଦଳି ।
ରୂପ-ରାଜ୍ୟେଶ୍ୱରୀ ତୁ ଲୋ ଚନ୍ଦ୍ରମଲ୍ଲି,
ଦୋହଲେ ତୁ, ଶୋଭା ପଡୁଛି ଚହଲି ।
ରୂପ ଗୁଣ ତେଜ ସପତ୍ନୀ ବିବାଦ,
ସେବତି ! ସେବନ୍ତି ଏକତ୍ରେ ତୋ ପାଦ ।
ବାହ୍ୟ ଅଭ୍ୟନ୍ତର ତୋର ଶୁଭ୍ରତର,
ତେଣୁ ତୁ ଜଗତେ ଆଦର୍ଶ ସୁନ୍ଦର ।

---

## ମରୁଆ

ଘନପର୍ଣ୍ଣଗୁଚ୍ଛମୟୀ ତୁହି ଲୋ ମରୁଆ,
ସୌରଭ-ସୌଭାଗ୍ୟେ ହେଉ ଫୁଲ ସ୍ଥାନେ ଥୁଆ ।
ହେଲେ କ୍ଷୁଦ୍ର ସମୁନ୍ନତ ସଦ୍‌ଗୁଣ ଆଧାର,
ଯୁକ୍ତ ପୂଜା କରେ ରୁଦ୍ର ସ୍ଥାନ ଅଧିକାର ।
ମରୁଏ, ତୋ ତପ ଧନ୍ୟ, ତୁହି ଭାଗ୍ୟବତୀ,
ଧରନ୍ତି ବକ୍ଷରେ ତୋତେ ନୀଳାଚଳପତି * ।
ମାତ୍ର ନ ପଶୁରେ ଅହୋ ଭ୍ରମରେ ଭ୍ରମର,
ତାହୁଁ ବା ବୁଝିବ ସାଧୁ ସଦ୍‌ଗୁଣ ପାମର ।
ସ୍ୱଭାବସୁନ୍ଦରୀ ଯେଣୁ, କୁସୁମ-ଭୂଷଣ,
ଶୋଭାର୍ଥେ ନ କରୁ ସତି, ଶ୍ରୀଅଙ୍ଗେ ଧାରଣ ।
ଅପ୍ରାକୃତ ଅଳଙ୍କାର ସଦ୍‌ଗୁଣ ଯାହାର,
ଆନ ଅଳଙ୍କାର ଭାର ସିନା ଦେହଭାର ।
ବାହ୍ୟିକ ମାଧୁରୀ ଯାର କେବଳ ସମ୍ବଳ,
ଶୋଭା-ରାଜ୍ୟେ ସେ ନିଶ୍ଚୟ ମହାକାଳଫଳ ।

---

## ସୁଗନ୍ଧା

ଫୁଲକୁଳ-ସାମ୍ରାଜ୍ଞୀ ଲୋ ସୁଗନ୍ଧା ଧନି !
ଦିବ୍ୟଗନ୍ଧରାଶି ତୁହି ମର୍ତ୍ତ୍ୟବତରଣୀ ।
ଉଦ୍ୟାନର ଏକ ଅଂଶେ ବସି ଲୋ ସୁନ୍ଦରୀ,
ଦେଉଥାଉ ଚଉପାଶେ ସୌରଭ ବିତରି ।
ନ ଦେଉ ତୁ ଫୁଲ କିମ୍ବା ଫଳ ରସାକର,
ତଥାପି ଲଭୁ ତୁ ଭବେ ବହୁଳ ଆଦର ।

* ମରୁଆମାଳରେ ଜଗନ୍ନାଥଙ୍କର ସିଂହାର ବେଶ ହୁଏ ।

ରବି କରେ ଶୁଷ୍କ ହେଲେ ତୋର ଅବୟବ,
ତେବେହେଁ ନ ଛାଡ଼ୁ ସ୍ୱୀୟ ସୌରଭ-ବିଭବ।
ସତ୍ୟପ୍ରାଣ ପୁଣ୍ୟଶ୍ଳୋକ, କୃତବ୍ରତୀ, ସଜ୍ଜନେ,
ନ ଛାଡ଼ନ୍ତି ସାଧୁଗୁଣ ପ୍ରବଳ ପୀଡ଼ନେ।
ଉଦ୍ୟାନର ବାରଙ୍ଗନା ସିନ୍ଦୁରଙ୍ଗୀ* ପରି,
ଚକ୍ଷୁଷ୍ଟ ଚକ୍ଷଣ ରୂପ ନାହିଁ ତ ତୋହର।
ମାତ୍ର ସମ୍ଭାବିତୁ ଯେଉଁ ସଦ୍ଗୁଣ ଗଣ୍ଠର
ତାହା ଯୋଗୁ ଆସନ ତୁ ଲଭୁ ଦେବଶିରେ।
ରୂପେ କିଛି ଫଳ ନାହିଁ ଗୁଣେ ଅଛି ପୂଜା—
ବୁଝାଉ କି ତୁହେ ଏହା, ଶରବାଳ ବୁଝା।

—୧୦୫—

## ଜଳସ୍‌ଫୋଟକ

ଚଞ୍ଚଳ ଚଞ୍ଚଳା ସମ ତୁ ଜଳସ୍ଫୋଟକ,
ଜନ୍ମ ଲଭି ଲୀନ ହେଉ ନ ପଡ଼ୁ ପଲକ।
ଜଳରୁ ଉଦ୍ଭବ ତୋର ଜଳେ ପୁଣି ଲୟ,
ଭୂରୁ ଜନ୍ମି ଭୂତେ ମିଶେ ଯଥା ଭୂତଚୟ।
ନୀରବେ କି ଶିକ୍ଷା ଦେଉ ରେ ସ୍ୱଚ୍ଛମାଣିକ,
ସଂସାରେ କ୍ଷଣିକ ସର୍ବେ, ସଂସାର କ୍ଷଣିକ।
ମରିବା ସକାଶେ ଜୀବ ଜନ୍ମେ ଏ ବିଶ୍ୱରେ,
ଜନ୍ମ ଲଭି ପାଇଁ ପୁଣି ଯଥାକାଳେ ମରେ।
ଜନ୍ମ ମରଣର ଏହି ସମ୍ବନ୍ଧ ଘନିଷ୍ଠ,
ସଙ୍କେତେ ତୁ ଜୀବକୁଳେ କରୁ ଉପଦିଷ୍ଟ।
ବୁଝିବ କି ଭବ୍ୟ ତୋର ଉପଦେଶ ସାର,
ମାୟା-ମୋହ-ତମ-ଦିଗ୍ଧ ଭ୍ରାନ୍ତ ଏ ସଂସାର।
ବିଷୟ-ବାତୁଳ ପକ୍ଷେ ନ ବୁଝୁରେ ତାହା,
ନ ଛାଡ଼ ତୁ କଦାଚନ ତୋ କର୍ତ୍ତବ୍ୟ ସ୍ପୃହା।

—*—

## ବିଜନତା

ବନ୍ଧୁ ଭଳି ପାଏ ମୁହିଁ ତୋତେ ବିଜନତା,
ନୀରବେ ତୁ ଶିକ୍ଷା ଦେଉ କେତେ ସାର କଥା।
ଯୋଗୀର ଈପ୍ସିତ ଧନ ରଖିଅଛୁ ସଞ୍ଚି,
କବିହସ୍ତେ ସମର୍ପୁ ତୁ କଳ୍ପନାର କଞ୍ଚି।
କେତେ ଚିତ୍ର ଗର୍ଭରେ ତୁ ସମ୍ଭାବିତୁ ଆହା,
ଯାର ଯା ବାସନା ତାକୁ ଦେଖାଉ ତୁ ତାହା।
ଚିର-କୋଳାହଳପ୍ରିୟ ଆତ୍ମଶ୍ଳାଘୀ ଜନେ,
ଦେଖନ୍ତି ତୋତେ ଲୋ ଏକା ବିଷାକ୍ତ ନୟନେ।
ବିସ୍ତୀର୍ଣ୍ଣ ପ୍ରାନ୍ତର ବନ ମରୁ ଗିରିଦରୀ,
ଏ ସକଳ ସ୍ଥାନର ତୁ ପ୍ରିୟସହଚରୀ।
କେ କରିବ ଦୁଃଖି-ଦୁଃଖ ଉଣା ତୋହ ବିନା,
ଲଭେ ସେ ସାନ୍ତ୍ୱନା ତୋର ସହବାସେ ସିନା।
ମୋର ପ୍ରିୟ ବାଞ୍ଛିତ ଲୋ ତୁହି ବିଜନତା,
ଏଣୁ ମୋର ସମଧିକ ତୋଠାରେ ମମତା।

—○*○—

## ଲାଜକୁଳୀ ଲତା

କେତେ ଲଜ ଦିନଗୁଣ କରୁ ଲଜକୁଳ,
ଅପର ପରଶ ମାତ୍ରେ ପଡ଼ୁ ତୁ ଝାଉଁଳି।
ପବନ ଜୀବନ ତୋର, ଥାଉ ଆନ କଥା,
ତାହାର ପରଶେ ସୁଦ୍ଧା ପୋତୁ ଲାଜେ ମଥା।
କେତେ ବା ନାହାନ୍ତି ଭବେ ପାଦପବଲ୍ଲରୀ,
ମାତ୍ର କିଏ ଆଚରୁଛି ଲଜ୍ଜା ତୋହ ପରି।
ଖାଲି ଲଜ୍ଜା-ଉପାଦାନେ ବିଧାତା-ବିନ୍ଧାଣୀ,
ଗଢ଼ିଛି କି ତନୁ ତୋର ଦେଇ ଲଜ୍ଜା-ପାଣି।
କହ କହ ଲୋ ଶ୍ୟାମାଙ୍ଗି, କାନନକୁମାରୀ,
କାହିଁକି ଲଜ୍ଜାରେ ହେଉ ଏତେ ଭୟ ଘାର।
ବୁଝିଲି ତୁ ଲତାକୁଳେ ସତୀ ଲଜକୁଳ,
ତେଣୁ ପର ସ୍ପର୍ଶେ ଖରେ ପଡ଼ୁ ଲୋ ଝାଉଁଳି।

*ଘନ ଲୋହିତ ବର୍ଣ୍ଣର ପୁଷ୍ପବିଶେଷ। ରୂପ ବ୍ୟତୀତ ଏହାର କୌଣସି ଗୁଣ ନାହିଁ।

ଧନ୍ୟ ତୋ ପତିବ୍ରତାଗୁରୁ ପାତିବ୍ରତ୍ୟ ବ୍ରତ,
ଶିକ୍ଷା ଦିଅ ଆର୍ଯ୍ୟବାଳେ ସେ ବ୍ରତ ସତତ ।
ବାହ୍ୟଶୋଭା ଗୃହଚର୍ଯ୍ୟା ନ ଧରୁ ଟିକିଏ,
ଅନ୍ତର ସୌନ୍ଦର୍ଯ୍ୟପୂର୍ଣ୍ଣ ଦେଖୁଛି ତା କିଏ ।
ନ ଦେଖୁ ପଛକେ କେହି କିଛି କ୍ଷତି ନାହିଁ,
ହରଷଥା ତୁ କାଳ ସଦା ତୋହର ଯିବେ ଥାଇ ।

---

## ଶ୍ମଶାନ-ତୁଳସୀ

କିପାଇଁ ବିରସ ମନେ ଶ୍ମଶାନ-ତୁଳସି,
ଶ୍ମଶାନ କୋଣରେ ଅଛୁ ମଉନରେ ବସି ।
ପାଉଥାନ୍ତୁ ପାଦପୂଜା ଥିଲେ ଦେବାଳୟେ,
ରହିଛୁ କୁସ୍ଥାନେ ଆସି ଭାଗ୍ୟବିପର୍ଯ୍ୟୟେ ।
ଭାଗ୍ୟ ଏ ଜଗତେ ଶ୍ରେଷ୍ଠ, ଭାଗ୍ୟ ଏକା ମୂଳ,
କାହାର ସେ ଅନୁକୂଳ କାର ପ୍ରତିକୂଳ ।
ଅସ୍ଥାନେ ଜନମି, ଜନ୍ମେ ଜନ୍ମ ବୃଥା ସିନା,
ବ୍ରାହ୍ମଣୀ ହୋଇ ତୁ ହେଲୁ ଚଣ୍ଡାଳ ଅଧୀନା ।
ଏଭଳି ଜୀବନ ଘେନି କେଉଁ ପ୍ରୟୋଜନ,
ବରଂ ଶତଗୁଣେ ଶ୍ରେୟ ଅକାଳ ମରଣ ।
ଅବଜ୍ଞାତା ଅନାଦୃତା ଅତୀବ ଅସାର,
ଶିବା ଶ୍ୱାନେ କଲେ ତୋତେ ଗୋଇଠା ପ୍ରହାର ।
ଅତୀବ ମହତ ବସ୍ତୁ ରହିଲେ ଅସ୍ଥାନେ,
ତେଜନ୍ତୁ ତୋ ଭଳି ତାକୁ ସର୍ବେ ହେୟ ଜ୍ଞାନେ ।

---

## ନବଧୃତ ପକ୍ଷୀ

ତେତେ ଯତ୍ନ କରୁଅଛ ପକ୍ଷୀଟିଏ ଧରି,
ମାତ୍ର ସେ ନ ଆସେ ତେବେ ବଶକୁ ମୋହରି ।
ରଖିଣ ତାହାକୁ ସୁରୁ ସ୍ୱର୍ଣ୍ଣ ପଞ୍ଜୁରୀରେ,
ସେବାରେ ନିଯୁକ୍ତ ଥାଏ ଦିବା ଶର୍ବରୀରେ ।
ଅଭାବ ତାହାର ତେବେ କିଛିମାତ୍ର ନାହିଁ,
ତେବେ ସୁଦ୍ଧା ବସିଛି ସେ ମୁହଁକୁ ଶୁଖାଇ ।
ଯେତେ ମୁଁ ଢାଳୁଛି ତାହା ପ୍ରାଣେ ସ୍ନେହ-ବାରି,
ତେବେ ସେ ହେଉଛି ଆହା ଶୋକାବେଗେ ଘାରି ।
ଚିନ୍ତାପ୍ରାଣ ଗତ ପ୍ରାୟ ବସି ଏକଧ୍ୟାନେ,
କି ଭାବୁଛି ମଉନେ ତା ସେହି ଏକା ଜାଣେ ।
ବୁଝିଲି ବୁଝିଲି ପକ୍ଷୀ ତୋର ମନ ବ୍ୟଥା,
ହରାଇ ଦୁଃଖିତ ତୁହି ଚିର-ସ୍ୱାଧୀନତା ।
ସ୍ୱାଧୀନତା ସ୍ୱର୍ଣ୍ଣମୂଲ୍ୟ ବୁଝୁ ତୁହି ସିନା,
ଆନ କେ ବୁଝିବ ତାହା ଅନୁଭବୀ ବିନା ।
କାହିଁ ତୁ ଗହ୍ୱରୁ ଅନ୍ୟଜନ ପରବଶ,
ଆଚରୁଛୁ ଯେଣୁ ଆତ୍ମନିର୍ଭରତା ବ୍ରତ ।
ପରପ୍ରତ୍ୟାଶୀ ସିନା ନୀଚ ହୀନମତି,
ତାହାଁ ତା ଜୀବନେ ସୁଖ ସନ୍ତୋଷ ଉନ୍ନତି ।
ବୁଝିଲି ଏ ଜ୍ଞାନ ହୁଏ ତୋର ଦରଶନେ,
ଛାଡ଼ିଦେଲି ଉଡ଼ି ଯା ରେ ପକ୍ଷି ହୃଷ୍ଟମନେ ।

—❋—

## ଛବି

ହେ ପ୍ରକୃତିଶିଷ୍ୟ ଧନ୍ୟ ତୁମ୍ଭର ପ୍ରତିଭା,
ଶବଦେ ଶବଦେ ତୁମ୍ଭେ ଦିଅ ଶୁଭଶୋଭା ।
ପ୍ରଭୂତ ପ୍ରବଳା ଭବେ କଳ୍ପନା ତୁମ୍ଭର,
ଦୁର୍ବାରଗମନା, କ୍ଷଣେ ଭ୍ରମେ ଚରାଚର ।
ଆଲୋକ ପବନ ଜଳ ପଶେ ନାହିଁ ଯହିଁ,
ସେ ଅଗମ୍ୟ ସ୍ଥାନୁ ଧନୀ ଆଣେ ବାର୍ତ୍ତା ବହି ।
ଫୁଟାଏ ଆକାଶେ ଫୁଲ, ତୋଳେ ଅଟ୍ଟାଳିକା,
କାଠଦଣ୍ଡ ଶୁଷ୍କବୃକ୍ଷେ ଧରାଏ କଳିକା ।
ନୀରସେ ସରସ କରେ କୁସ୍ତ୍ରୀକେ ସୁନ୍ଦର,
ତାହାକୁ ହସାଏ କା'କୁ କାନ୍ଦାଏ ଆଦର ।
ଚିର ମରୀଚିକା-ବାସ ତପ୍ତ ମରୁସ୍ଥଳେ,
ଶୀତତୋୟା ତରଙ୍ଗିଣୀ ବହାଏ ଚପଳେ ।
ଶୋଭେ ତୁମ୍ଭ ଶିରେ କବି, ଗୌରବ-କିରୀଟ,
ନ ପାରଇ ତାହା ତେବେ ଦଂଶି କାଳ-କୀଟ ।

ହେ ଅଦ୍ଭୁତ ଶକ୍ତି ତବ, ଭାରତୀ-ନନ୍ଦନ,
ମର୍ତ୍ତ୍ୟକୁ ଓଟାଇ ଆଣ ନନ୍ଦନକାନନ ।
ଆକାଶସୁନ୍ଦରୀ-ଶମ୍ପା ତୁମ୍ଭର ଆଦେଶେ,
ଲୁଚୁଥିଲେ ବସୁଧାରେ ଖେଳେ ନବବେଶେ ।
ଯୋଗୀ ତ୍ୟାଗୀ ପ୍ରାୟେ ତୁମ୍ଭେ ଲୋକାଳୟ-ଦ୍ୱେଷୀ,
ଭ୍ରମ ସଦା ନିକାଞ୍ଚନ ପ୍ରଦେଶ ଅନ୍ୱେଷି ।
ଭାବ ଭାଷା ଅଳଙ୍କାର ତବ ପରିକର,
ପୁଣି ତୁମ୍ଭେ ନାନାରସ ଛନ୍ଦର ଆକର ।
ନରଧାମେ ହେ ଅମର ତୁମ୍ଭ ପରି କବି,
ନନ୍ଦ-ଲୀଳାଭୂମି ତବ ପ୍ରକୃତିର ଛବି ।
କଳ୍ପ-ସିଂହାସନେ ତୁମ୍ଭେ ଦୀନବେଶୀ ରାଜା,
ଚର୍ଚ୍ଚିତ ବାଜୁଥିବ ତବ ନାମେ ବାଜା ।
ଆଜୀବନ ମନେ ପ୍ରାଣେ ଜପି ବାଣୀ ନାମ,
ଅନ୍ତେ ଲଭ ଦେବବନ୍ଦ୍ୟ ସାରସ୍ୱତ ଧାମ ।
କି ଗାଇବ ବାଣୀପୁତ୍ର ତବ ଯଶୋଗୀତ,
ନ ଜାଣେ ମୁଁ ଉଚ୍ଚକଣ୍ଠ କବିତାର ରୀତି ।
ଧ୍ୟାୟି ତବ ଶକ୍ତି, ଲଭି ବିସ୍ମୟ ଅପାର,
ସେ ମହାଶକ୍ତିକୁ କରେଁ କୋଟି ନମସ୍କାର ।

—*—

## କୋକିଳ

ତାହା ନାମେ ଗାଉ ଗୀତ ରେ ବସନ୍ତ-ଦୂତ,
ଶ୍ରବଣେ ସେ ମଧୁସ୍ୱର ଯାଏ ହୃଦ ଦ୍ରୁତ ।
କୁହୁ କୁହୁ ଶବଦର ଅଛି କିବା ଅର୍ଥ,
ବୁଝିବାକୁ ତାହା ପକ୍ଷୀ, ନୁହେଁ ମୁଁ ସମର୍ଥ ।
ବୁଝାଅ ତୁ ଅର୍ଥ କରି ତୋହର କବିତା,
ଶୁଣିବି ମୁଁ ମଣି ତାକୁ ସତ୍ୟ ଧର୍ମଗୀତା ।
ଦିବ୍ୟ ମଧୁମୟ ଗୀତ ପୂତ ଅନାବିଳ,
ଢାଳୁ ତୁ ଜଗତ-କର୍ଣ୍ଣେ କିପାଁ ରେ କୋକିଳ ।
କହୁଛି ସମ୍ପର୍କ ମୋର ନାହିଁ ତୋହ ସହ,
ତଥାପି ତୋ ସ୍ୱରେ କିପାଁ ମୂଢ଼ ଲଭେଁ କହ ।
ଦେଉ ନାହୁଁ ଧନରତ୍ନ, କରୁ ନାହୁଁ ସ୍ତୁତି,
ତେବେ କିପାଁ ତୋ ଆହ୍ୱାନ ଶୁଣେ ଜେଉ ଶ୍ରୁତି ।
ବୁଝିଲି ବୁଝିଲି ପିକ ବୁଝିଲି ମୁଁ ଏବେ,
ମଧୁରେ ସକଳେ ବଶ କି ନର କି ଦେବେ ।
ନାହିଁ ତୋର ଶତ୍ରୁ କେହି ରେ ବସନ୍ତଦୂତ,
ତେଣୁ କରୁ ସକଳେ ତୁ ଗୁଣେ ବଶୀଭୂତ ।
ପ୍ରକୃତିର ଗୂଢ଼ମନ୍ତ୍ର କିବା ତୋର ଆଶା,
କିଏ ବା ବୁଝିବ ପକ୍ଷି ! ତୋ ସଙ୍କେତ ଭାଷା
ଶିଖି ନାହିଁ କେହି ପଢ଼େ ନ ବୁଝନ୍ତି କବେ,
ନ ଛାଡ଼ ରେ ପକ୍ଷୀବର ମାତୃଭାଷା ଲବେ ।
ବୁଝିବେ ଭାବୁକେ ତାହା ଆପଣ ବଳରେ,
ପ୍ରକୃତି ଏ ଉପଦେଶ ଦିଏ ଉଚ୍ଚସ୍ୱରେ—
'ଇଚ୍ଛା ଯେବେ ଜୀବନରେ ମୈତ୍ରୀ, ଶାନ୍ତି, ପ୍ରୀତି
କଠୋରତା ତେଜ ଧର ସୁକୋମଳ ନୀତି ।'
ଅହୋ ଏତେବେଳେ ମୋର ତୁଟିଗଲା ଭ୍ରମ,
ବୁଝିଲି ତୁ ବିଶ୍ୱପ୍ରିୟ ହୁଅ ପ୍ରିୟତମ ।
ତାହାଙ୍କ ଆଦେଶେ ତୁହି ପ୍ରତି ସମ୍ବତ୍ସରେ,
ମଧୁସହ ସମାଗତ ହୋଇ ଏ ମର୍ତ୍ତ୍ୟରେ,
କରୁଛୁ ସତର୍କ ପାନ୍ଥେ ଡାକି ମୁହୁର୍ମୁହୁ,
ସାବଧାନେ ଚାଲ ପଥ ଏ ସଂସାର କୁହୁ ।

—*—

## ଯୌବନ

ଦୁର୍ନୀତି-ଆକର ତୁ ରେ ଦୁରନ୍ତ ଯୌବନ,
କରିଦେଉ କଳୁଷିତ ମାନବ-ଜୀବନ ।
ଚରିତ୍ର-ବିଶୋଷୀ ଦୁଷ୍ଟ ରିପୁଏ ତୋ ଦାସ,
ନ ଛାଡ଼ନ୍ତି ତିଳେ ସେହୁ ତୋର ସହବାସ ।
ତୋ ସଙ୍କେତେ କରନ୍ତି ସେ ମାନବେ ଧର୍ଷଣ,
ଚଉପାଶୁ ଶବେ ଯଥା ଶିବାଶ୍ୱାନଗଣ ।
ତୋ କୁହୁକେ ଧର୍ମାଧର୍ମ ଜ୍ଞାନ ଦୂର କରେ,
ପୂଜନ୍ତି ତୋ ପାଦ ସଦା ପଞ୍ଚମକାରରେ * ।

*—ମତ୍ସ୍ୟ, ମାଂସ, ମଦ୍ୟ, ମୁଦ୍ରା, ମୈଥୁନ ।

ଧନରେ ତୋ ଯୋଗୁଁ ହୋଇ ଅତାଳେ ସ୍ୱତନ୍ତ୍ର,
ଜପନ୍ତି ଶେଷେ ଦରିଦ୍ର-ପଞ୍ଚାକ୍ଷରୀ ମନ୍ତ୍ର * ।
ଅଦ୍ଭୁତ ଶିକ୍ଷକ ତୁହି ବୟଃସନ୍ଧିକାଳ,
ସ୍ୱର୍ଣ୍ଣମାନେ ଶିକ୍ଷା ଦେଉ ବିବିଧ ଜଞ୍ଜାଳ ।
ଅଟେ ପୁଣି ବିପରୀତ ଶ୍ରେଷ୍ଠ ସେ ଶିକ୍ଷାର,
ମଣେ ତାହା ବଳେ ନର ଆଲୋକେ ଅନ୍ଧାର ।
କି ତୀବ୍ର ମାଦକ ଜନେ କରାଉ ତୁ ପାନ,
ହରନ୍ତିଏ ଅଭାବରେ ସେହୁ ଆତ୍ମଜ୍ଞାନ ।
ନର ପ୍ରାଣେ ଯୌବନ ତୁ ନୋହୁ ଚିରସ୍ଥାୟୀ
ଦେଇଯାଉ ଦୁଃଖ, ଆସି ଦୁଇଦିନ ପାଇଁ ।
ତୋ କଠୋର ଶାସନ ଯେ ପାରେ ଅତିକ୍ରମି,
ସେହି ଏକା ଜ୍ଞାନଯୋଗୀ ସାହସୀ ସଂଯମୀ ।

---

## ଉଦର

କୁକ୍ଷଣେ ସୃଜିଲା ବିଧି ତୋତେ ରେ ଉଦର,
କଣ୍ଟକ ଉନ୍ନତି-ପଥେ ତୁହି ମାନବର ।
ଆକାରେ ତୁ ଗର୍ବତର କମଠ ସଙ୍କାଶ,
ମାତ୍ର କରିପାରୁ ତୁଙ୍ଗ ଗିରିବର ଗ୍ରାସ ।
ଅଦ୍ଭୁତ କ୍ଷମତା ତୋର ଅଚିନ୍ତ୍ୟ ଅଜେୟ,
ମାନବ ଚକାର୍ଣ୍ଣା ଏକା କରୁ ତୁହି ହେୟ ।
ଜନ୍ମକାଳୁ ଖାଇ ଖାଇ ଦୁର୍ବାର ଲାଳସା
ହେଲା ନାହିଁ ପୂର୍ଣ୍ଣ ତୋର, ଅହୋ କି ଦୁର୍ଦ୍ଦଶା !
ବିପୁଳ ପ୍ରତିଭାବନ୍ତ, ଗୁଣଜ୍ଞ, ମେଧାବୀ,
ବିକୃତ-ମସ୍ତିଷ୍କ ହୁଏ ତୋହ କଥା ଭାବି ।
ସବୁ ବୁଦ୍ଧି, ବଳ, ଶକ୍ତି ତାହାର ତୁ ହରୁ,
ଗନ୍ଧହର ଗନ୍ଧ ଯଥା ହରେ କୁସୁମରୁ ।
ସଦା ଆଜ୍ଞାକାରୀ ତୋର ଜୀବଗଣେ ଭବେ,
ଚିନ୍ତା-ଭଉଁରୀରେ ତୁହି ନିକ୍ଷେପୁ ମାନବେ ।
ଚିର ଅତୃପ୍ତ ତୁ ସର୍ବ ଜଞ୍ଜାଳ-ଆଳୟ,
ତୋହୋ ଯୋଗେ ଏ ଜଗତ ସିନା ଦୁଃଖମୟ ।
ପକ୍ଷାନ୍ତେ ନ ଥିଲେ ପୁଣି ତୁହି ରେ ଉଦର,
ହୋଇଥାନ୍ତା ସୃଷ୍ଟି-ସିନ୍ଧୁ ସଦା ନିର୍ଝର ।
ହେଉ ସେ ଘଟନାଶୂନ୍ୟ ନାହିଁ କିଛି କ୍ଷତି,
ମାତ୍ର ତୋର ଆକ୍ରମଣ ଭୟଙ୍କର ଅତି ।

---

## କବିତା ଦେବୀ

କବିର ମାନସ-କନ୍ୟା ଗୋ କବିତା ଦେବି,
ସର୍ବାଙ୍ଗ ସୁନ୍ଦରୀ ତୁମ୍ଭେ କି ଉପମା ଦେବି ।
ଶବ୍ଦମୟୀ ତୁମ୍ଭେ, ତୁମ୍ଭ ଶରୀର ଶବଦ,
ମସ୍ତକ ନିଶ୍ଚୟ ରସ, ଯତି ହସ୍ତପଦ ।
ଭାବ ପ୍ରାଣ, ଅଲଙ୍କାର ଭୂଷଣ ଅଙ୍ଗର,
ମଧୁର ଶାଶ୍ୱତୀ ଶୋଭା ଛନ୍ଦ ମିତାକ୍ଷର ।
ରଖିଛ ସମାଧି କବି-କଳ୍ପନା-ସମ୍ପଦ,
ଇହେ ପରେ ମାନବର ଯାହା ଶିବପ୍ରଦ ।
ମୋହିପାର ତୁମ୍ଭେ ସର୍ବ ମନ ସର୍ବ ଶ୍ରୁତି,
ଲଭିଛ ସଂସାରେ ସଦା ତୁମ୍ଭର ଆଦୃତି ।
ଆଦିକବି ବିଧାତାଙ୍କ ମାନସ-କଳ୍ପିତ—
ଏ ବିଶ୍ୱଟି ବିଶ୍ୱକାବ୍ୟ କବିତା ପୂରିତ ।
ଗାଉଛି ସମୀର ମୃଦୁ ସୁରୁ ସୁରୁ ସ୍ୱରେ,
ଗାବନ୍ତି ବାରିଦମାଳା ସୁନୀଳ ଅମ୍ବରେ ।
ସାଗର ସହିତ ନଦୀ ସାଗର-ବନିତା,
ଗାବନ୍ତି ସତତ ମହା ଅମର କବିତା ।
ବଂଶୀ-ବିନିନ୍ଦିତ ସ୍ୱରେ ଗାଏ ଗିରିଗୁହା,
ଗାଉଛି ନିର୍ଝର ବିଶ୍ୱ-ଗ୍ରନ୍ଥକର୍ତ୍ତା ବୁହା ।
ଗାଆନ୍ତି ଅବୋଧ୍ୟ ସ୍ୱରେ ବିହଙ୍ଗମପନ୍ତି,
ଆବର ଜଗତେ ଯହିଁ ଯେତେ ଜୀବ ଛନ୍ତି ।
ବିଶ୍ୱ ପ୍ରତିରନ୍ଧ୍ରେ, ଦେବି, ତୁମ୍ଭେ ବିଦ୍ୟମାନ,
କୋଟି ଧନ୍ୟ ଶକ୍ତି ତବ ଅନନ୍ତ ମହାନ ।

---

* "କଣ କରିବି" ଦରିଦ୍ର ସର୍ବଦା ଏହା କହୁଥାଏ ।

## ଅମୃତ ସପ୍ତକ

ସ୍ନାନ ବ୍ରତ ଯେତେ ଶାସ୍ତ୍ରପୁରାଣ ସକଳ,
ବୋଲନ୍ତି ଅମୃତ ଅଛି ସ୍ୱର୍ଗରେ କେବଳ ।
ମାତ୍ର ଏ ମର୍ତ୍ତ୍ୟରେ ସୁଦ୍ଧା ମିଳଇ ଅମୃତ,
ନୁହେଁ ଏହା ଅତ୍ୟୁକ୍ତି ତ ଅଥବା ଅନୃତ ।
ଶିଶୁ-ମୁଖ-ବିନିଃସୃତ ଅସ୍ଫୁଟ ବଚନ,
ଜଗତ କର୍ଣ୍ଣରେ କରେ ଅମୃତ ବର୍ଷଣ ।
ବିଚ୍ଛେଦାନ୍ତେ ସମ୍ମିଳନ ଅଟଇ ଅମୃତ,
ପରମ ଅମୃତ ମଣେ ଏହା ଗବ୍ୟଘୃତ ।
ଆଉ ଏକ ମହାମୃତ ମାତୃଭାଷା ରସ ।
ନିଶ୍ଚୟ ଅମୃତ ମାତୃଭୂମିର ପରଶ ।
ସଦ୍‌ଗୁରୁର ଉପଦେଶ ଅମର ଅଦ୍ଭୁତ,
କି କହିବା ତାକୁ ଆଉ ନ କହି ଅମୃତ ।
ସବୁଠାରୁ ଶ୍ରେଷ୍ଠ ହରିଭକ୍ତିରସାମୃତ,
ମର୍ତ୍ତ୍ୟଧାମେ ଏଗୁଡ଼ିକ ନାମ ସପ୍ତାମୃତ ।

---

## ବିଷସପ୍ତକ

ଶଙ୍ଖିଆ ପ୍ରଭୃତି ବିଷ, ସର୍ପର ଗରଳ,
ଜଗତର ବିଷ ନୁହେଁ ଏତିକି କେବଳ ।
ଶୁଣ ଏ ମହୀରେ ବିଷ ଆଉ କିସ କିସ,
ବିଷୟ-ସମ୍ପଦ ଅଟେ ବୈରାଗୀର ବିଷ ।
ମଣେ ବିଷ ବାସନାକୁ ନିର୍ବାସନ ଯତି,
କବିକର୍ଣ୍ଣେ କୋଳାହଳ ତୀବ୍ର ବିଷ ଅତି ।
ନୀତି ଉପଦେଶ ବିଷ ଦୁର୍ମତି ନିକଟେ,
ପର ଯଶ ଈର୍ଷାଳୁର ଉଗ୍ର ବିଷ ଅଟେ ।
ମାତୃଭୂମି ମାତୃଭାଷା ନିନ୍ଦା ଅପବାଦ,
ଅତ୍ୟୁତ୍କଟ ବିଷ, ମନେ ଜନ୍ମାଏ ବିଷାଦ ।
ମଣନ୍ତି ମିଥ୍ୟାକୁ ବିଷ ସାଧୁ ଶିଷ୍ଟ ଜନେ,
ଯାର ଯା ଅପ୍ରିୟ ତା ସେ ବିଷ ପ୍ରାୟ ମଣେ ।
ଏଥୁଁ ବଳି ଆଉ ବିଷ କି ଅଛି ମହୀରେ,
ସପ୍ତ ବିଷ ବୃତ୍ତାନ୍ତ ଏ ଶୁଣ ବନ୍ଧୁଜନେ ।

---

## ଚିନ୍ତା

ଚିତାଠାରୁ ଚିନ୍ତା ଅଟେ ଅତୀବ ଭୀଷଣ,
ଚିତା ଦହେ କ୍ଷଣେ, ଚିନ୍ତା ଦହେ ଅନୁକ୍ଷଣ ।
ଚିତା ସହ ଭେଟ ହୁଏ ଶ୍ମଶାନରେ ଥରେ,
ମାତ୍ର ଚିନ୍ତା ନାଚେ ସଦା ନୟନ ଆଗରେ ।
ଦଗ୍ଧ କରିଦିଏ ଚିତା ସଂସାର-ସନ୍ତାପ,
ମାତ୍ର ଚିନ୍ତା ଠୁଳ କରେ ସନ୍ତାପ ଅମାପ ।
ଏକାନ୍ତ ନିଷ୍ଠୁର ସେହୁ ଆକ୍ରମେ ପ୍ରବଳେ,
ଅନାଦର କଲେ ସୁଦ୍ଧା ପଶେ ବଳେ ବଳେ ।
ନ ଛାଡ଼େ ସେ ଦଣ୍ଡେ ମୋତେ ଦିବା କିବା ନିଶି
ପ୍ରାଣେ ପ୍ରାଣେ ରହି ପୁଣି ଜାମେ ଅଛି ମିଶି ।
ବଡ଼ ହଟିଆଣୀ ତୃଷ୍ଣା ଲଗାଇଛି ହଟ,
ହେଉଛି ମୁଁ ତା ହାତୁଡେ ପଡ଼ି ଛଟପଟ ।
'ସ୍ପୃ' 'ଲୁ' ଭେଦେ ବେନିରୂପ ଧରେ ସେ ପାଷାଣୀ,
'ସ୍ପୃ' ଲୁଚଇ ବେଳେ ବେଳେ 'ଲୁ' ଭେଟାଏ ଆଣି ।
ନାହିଁ ମୋର ଲେଖା ତାହା ମାନସ-ଦୁହିତା,
ତାଠାରୁ ବରଂ ଶ୍ରେୟ କୋଟିଗୁଣେ ଚିତା ।
'ସ୍ପୃ' ରୂପେ ତୁ ଥିଲେ ସଦା ମୋ ହୃଦୟେ ପଶୁ,
ପୂଜିବ ତୋ ପାଦ ପଛେ ନ ପୂରୁ ଉଦର ।

---

## ଅଶ୍ରୁଝର

ଦୁଃଖୀ ଦରିଦ୍ରର     ଏକମାତ୍ର ତୁହି
ସମ୍ବଳ ରେ ଅଶ୍ରୁଝର,
ବନ୍ଧୁବାନ୍ଧ ସଖା     ତୋହ ସଙ୍ଗେ ଅଛି
ସୁପରିଚୟ ମୋହର ।
ତୋହ ଭଳି ମୋର     ପ୍ରାଣପ୍ରିୟ ସଖା
ଦ୍ୱିତୀୟ ନାହିଁ ଏ ଭବେ,
ସମ୍ବଳ ବଳ ତୁ     କେବଳ ମୋହର
ନ ଭରସୋରେ ତୋତେ ଲଭେ ।
ତୋହ ସଙ୍ଗେ ଅଶ୍ରୁ     ମୋର ଏ ବନ୍ଧୁତା
ଜଗ ହେଉଛନ୍ତି ହର,

ନୀରବ ନିସର୍ଗ— ବନ୍ଧନ ତ କେବେ
ବଳେ ନୁହେଁ ଛିନ୍ନ କରି ।
ଗ୍ରୀଷ୍ମ ସନ୍ତାପରେ ଶୁଖିଯାଉଅଛି
କେତେ ଝର ମହାଝର,
ମାତ୍ର କାଳେ କାଳେ ହୁଏ ନାହିଁ ଶୁଷ୍କ
ଶାଶ୍ୱତ ସ୍ରୋତ ତୋହର ।
ରୋଗେ ଶୋକେ ଦୁଃଖେ ବଳେ ବଳେ ଆସି
ପ୍ରଦାନୁ ମୋତେ ସାନ୍ତ୍ୱନା,
ତୋ ଦେହେଁ ମୁଦ୍ରିତ ମୋ ଜୀବନବ୍ୟାପୀ
ଯାବତ ଦୁଃଖ ଘଟନା ।
ଅତି ମୂଲ୍ୟବାନ ଅଛୁ ରେ ଲେଖକ
ସ୍ୱର୍ଗୀୟ ପୁଣି ପବିତ୍ର,
ମୋହୋ ସଙ୍ଗେ ସଙ୍ଗୀ ହୋଇ ହେଲୁ ସିନା
ମୋହୋ ପରି କଳଙ୍କିତ ।
ମୋହ-ମାୟା-ଜଡ଼ ଅଜ୍ଞାନ ମୁଦ୍ରିତ—
ମୋ ନେତ୍ରେ ନ କରି ବାସ,
ଭକ୍ତ-ନେତ୍ରେ ବାସ କରିଥିଲେ ତୁହି
ଛେଦିଥାନ୍ତୁ ଭବ ପାଶ ।
ଭକ୍ତ-ନୟନର ପ୍ରେମାଶ୍ରୁ କଣାଟି
ଭବେ ମହାମୂଲ୍ୟବାନ,
ଆନର ନେତ୍ରାଶ୍ରୁ ଅଟେ ସିନା ଖାଲି
ଶୋକମୋହର ନିଦାନ ।
ଯେତେ ଅଛି ଭବେ ଧନ ମହାଧନ
ସବୁ କଲେ ଏକତ୍ରିତ,
ପ୍ରେମାଶ୍ରୁ କଣିକା ମୂଲ୍ୟ ସଙ୍ଗେ ତାହା
ନ ହେବ ତିଳେ ତୁଳିତ ।
ପରଦୁଃଖ ଦେଖି ହୃଦୟୀ ନୟନୁ
ଝରେ ଯେଉଁ ଅଶ୍ରୁ ଝର,
ପ୍ରେମାଶ୍ରୁ ସଙ୍ଗତେ ତୁଳିତ ଏକା ସେ
ପବିତ୍ରୁଁ ପବିତ୍ରତର ।

## କବି ଭାଗ୍ୟରେ ଅଭିଶାପ

ଉତ୍କଳ କବିଙ୍କ ଭାଗ୍ୟେ ଏ କି ଅଭିଶାପ
ନାହିଁ ଆନ ଲଭ, ଲଭ ଦୁଃଖ ମନସ୍ତାପ ।
ଦେଇଛନ୍ତି ଏ ଦେଶକୁ ଶାପ କେଉଁ ଦେବ,
ଯେ ସେବିବ ବାଣୀପଦ ସେ ଦରିଦ୍ର ହେବ ।
ଶୋଷିବେ ଶୋଣିତ ତାର ସଦା ରୋଗ ଶୋକ,
କଠୋର ଶୋଷଣେ ଯଥା ଶୋଷେ ନର ଜୋକ ।
ତାହା ବଢ଼ି ଦୁରଦୃଷ୍ଟେ ଯଶ ମାନ ଧନ,
ପ୍ରଦାନ ବିଷୟେ ବିହି ଏକାନ୍ତ କୃପଣ ।
ଅନର୍ଗଳ ଗାଳି ନିନ୍ଦା ଦାରିଦ୍ର୍ୟ ଆଦର,
ଏ ଦେଶ କବିଙ୍କ ଚିର ପ୍ରିୟ ସହଚର ।
ଜାଳଣି ଉଦର-ଚିନ୍ତା କବି ହୃଦେ ଚିତା,
ପୋଡ଼ି ଭସ୍ମ କରିଦିଏ ଆସନ୍ନ କବିତା ।
ଧୈର୍ଯ୍ୟ-ଜଳ ସିଞ୍ଚି ତହିଁ ବହୁକଷ୍ଟେ କବି,
କଳ୍ପନା-ତୂଳିକା ଧରି ଅଙ୍କେ ନବ ଛବି ।
ଅଭାବ ଗ୍ରାହକ କିନ୍ତୁ ଦେଖିବାକୁ ତାହା,
ଦେଖିଲେହେଁ କେହି ମୂଲ୍ୟ ନ ବୁଝନ୍ତି ଆହା !
ନ ବୁଝନ୍ତୁ ପଛେ, ଦିନେ ବୁଝିବେ ନିଶ୍ଚୟ,
ସେ ଦିନ ଉଠିବ ଧ୍ୱନି କବିନାମେ ଜୟ ।
କବି-ପ୍ରତିଭାର ହେବ ସେ ଦିନ ଆଦର,
ଅର୍ପିବେ ତାହାଙ୍କୁ ପୂଜା ସର୍ବ ନାରୀନର ।
ବୁଝିବେ କୋବିଦେ କବି-କାବ୍ୟରସାସ୍ୱାଦ,
ଉଠିବ କବିଙ୍କ ନାମେ ଉଚ୍ଚେ ଧନ୍ୟବାଦ ।

## ମାନସପୂଜା

କହ ମାତଃ ଶ୍ୱେତଭୁଜେ ଏ କି ବିଡ଼ମ୍ବନା,
କି ହେତୁ ବିଫଳ ହେଲା ସେବକ କଳ୍ପନା ।
ସାକାର ପୂଜାରେ କି ମା ନାହିଁ ତବ ପ୍ରୀତି,
ଯେଣୁ ତାହା ସାଧନାର ଅଟେ ଗୌଣ ରୀତି
ଆସ ତେବେ ମୁଖ୍ୟ ଭାବେ ପୂଜିବି ମାନସେ,
ନବୀନ ଭାବରେ ଦେବି ! ନବୀନ ହରଷେ ।

ମାନସେ ରଚବ ମୂର୍ତ୍ତି, ମାନସରୁ ଫୁଲ,
ମାନସେ କରିବ ପୂଜା ଉପାଦାନ ଠୁଳ ।
ଆସ ଆସ ବସ ମାତଃ ମନଃ-ଶତଦଳେ,
ଧୋଇବ ତୁମ୍ଭର ପାଦ ଭକ୍ତି-ଗଙ୍ଗାଜଳେ ।
ପ୍ରୀତି, ନତି, ଜପ, ଧ୍ୟାନ, ସ୍ତୁତି ସହକାରେ,
ଅର୍ପିବ ତୁମ୍ଭଙ୍କୁ ପୂଜା ଷୋଡ଼ଶୋପଚାରେ ।
ପାର୍ଥିବ ପଦାର୍ଥମାନ ସବୁ ତ ତୁମ୍ଭର,
କି ଦ୍ରବ୍ୟ ସମର୍ପି ଅବା ପୂଜିବ ପୟର ।
ଏଣୁ ଅପାର୍ଥିବେ ପୂଜା କଲୁ ସମର୍ପଣ,
ଜ୍ଞାନମୟି ! ଜ୍ଞାନ ମାତ୍ର କର ଗୋ ଗ୍ରହଣ ।

---

## ଟଙ୍କା

ଧନ୍ୟ ହେ ରଜତ ଚକ୍ର ଧବଳାଙ୍ଗି ଠେକା,
ଚତୁର ବଣ ମନ୍ତ୍ର ତୋ ଅଙ୍ଗରେ ଅଙ୍କା ।
ଜଗତେ ତୋର ହେ ଧନ ! ବାଜେ ଜୟଢଙ୍କା,
ନଖେ ପିଟିଦେଲେ ଛାଡ଼ୁ ଠଣ୍ ଠଣ୍ ଡଙ୍କା ।
ଯା ଗୃହେ ଗୃହିଣୀ ତୁହି ବୃଷ୍ଟି ତାର ବଙ୍କା,
କରନ୍ତି ତାହାକୁ ସର୍ବେ ନତି ଭକ୍ତି ଶଙ୍କା ।
ଥାଏ ସେ ମୁଣ୍ଡାଇ ସଦା ଅହଙ୍କାର ଝଙ୍କା,
ମୂର୍ଖଲକ୍ଷ୍ମୀ ଡାକେ ସେହୁ ଅଟେ ମହାରଙ୍କା ।
ସ୍ୱରେ ଦେହୁ ଭସ୍ମ ତାର ଯଥା କଣ୍ଟୁଲଙ୍କା,
ତୋହ ଯୋଗେ ଖତ ଦୋଷ ପଡ଼େ ତାର ଢଙ୍କା ।
ଝୁଏ ତାର ଦୁଧ ସର ମଧୁପର୍କେ ଛଙ୍କା,
ଖିଅଲ୍ଭେ ଡାଲି ଖାଏ ଦୁଧ ଡଙ୍କା ଡଙ୍କା ।
ଘୋର ଜାଡ଼େ ସଦା ପଡ଼େ ତା ଦେହରେ ପଙ୍ଖା,
ବଙ୍କାକୁ ସଳଖ କରେ ସଳଖକୁ ବଙ୍କା ।
ଘୋଡ଼ାନ୍ତି ତା ଘଟେ ସଦା ବନ୍ଧୁ ଆଜ୍ଞାବକା,
ତାହାର ସେ ଖାଇ ଲେଖା ତାହାର ବା ବକା ।
ନାଁ ଥାଉ ଛୁ ଯାହା ଘରେ ତାର ସବୁ ଦକା,
ବୁଦ୍ଧିମନ୍ତ ହେଲେ ମୂଢ଼ା ବୋଲାଏ ସେ ବକା ।
ସର୍ବଦା ହାବୁଡ଼େ ସେହୁ ଖାଇ ଭବ ଧକ୍କା,
ଚନ୍ତା ହାହାକାରେ ତାର ଥାଏ ନାହିଁ ଅକା ।
ଭବେ ଯାହିଁ ଚିରବାସ ନାହିଁ ତୋର ଠେକା,
ତେଇଁ ତେଇଁ ବୁଲୁ ଦେଖେ ପର୍ଣ୍ଣକୁଟୀ ଦେକା ।
ପକାନ୍ତି ସଦଳେ ବୃଥା ମୋର ମୋର ଡକା,
ଧନ୍ୟ ତୋର ଠକପଣ ଠକା ଠକା ଠକା ।

—❃—

## ପ୍ରତିଭାପୂଜା

( କଟକ ନଗରରେ କବିବର ରାଧାନାଥଙ୍କ ମୂର୍ତ୍ତିପ୍ରତିଷ୍ଠା ଉପଲକ୍ଷେ ଲିଖିତ )

ଦେଖ ଆଜ ଆସି ଦେବୀ ଶ୍ୱେତଭୁଜା,
ଲଗିଅଛି କବି-ପ୍ରତିଭାର ପୂଜା ।
ଏ ନବୀନ ଦୃଶ୍ୟ ଦେଖ ମା ଉତ୍କଳେ,
କି ଗୌରବ-ହାର ଲମ୍ବିଛି ତା ଗଳେ ।
ଶୁଭଦିନେ ଆଜ ପ୍ରିୟପୁତ୍ରେ ତବ,
ହେଉଛି ଅର୍ପିତ ପାର୍ଥିବ ଗୌରବ ।
ତବ ପ୍ରିୟ ବୀଣା-ବାଦନ-ରସିକ,
ସାହିତ୍ୟ ତପସ୍ୱୀ-ପ୍ରବୀଣ-ବଣିକ,
କବି ରାଧାନାଥ ସତ୍ୟେ ଯାଙ୍କ ନିଷ୍ଠା,
ଲଗିଅଛି ତାଙ୍କ ଶ୍ରୀମୂର୍ତ୍ତି ପ୍ରତିଷ୍ଠା ।
ଆସ ଆସ ମାତଃ ଆସ ଗୋ ବହନ,
କର ସେ ମୂର୍ତ୍ତିରେ ସୁମନ ବର୍ଷଣ ।
ଦେବରୂପଧାରୀ ଆହେ କବିବର,
ରଖିବ ମାନବ କି ସ୍ମୃତି ତୁମ୍ଭର ।
ଛାପି ଯାଇଅଛ ତୁମ୍ଭେ ତୁମ୍ଭ ସ୍ମୃତି,
କବି କୀର୍ତ୍ତିମୟୀ ଶାଶ୍ୱତ ସୁମୂର୍ତ୍ତି ।
କାବ୍ୟ-ରାଶି ତବ ସ୍ୱର୍ଣ୍ଣସ୍ମୃତିସ୍ତମ୍ଭ,
ଉତ୍କଳ-ସାହିତ୍ୟ-ମନ୍ଦିରର ଖମ୍ଭ ।
କାବ୍ୟ-ଦରପଣେ ତୁମ୍ଭର ହେ କୃତି,
ଝଲମଲ ଅଛି ଦିବ୍ୟ ସୌମ୍ୟ ମୂର୍ତ୍ତି ।

ଯୁଗେ ଯୁଗେ ତାହା ରହୁ ବର୍ତ୍ତମାନ,
ଭାରତର ଦେଶେ ସୁବିମଳ ଜ୍ଞାନ ।
ଆଜି ଯେ ଉତ୍ସବ ଲାଗିଛି ଏଠାଇଁ,
ଏହା ସିନା ଦେବ ଲୋକଶିକ୍ଷା ପାଇଁ ।
ମହାଜନ ମହାପ୍ରଭୁଙ୍କର ପୂଜା,
ଶିଖୁଛୁ ଉତ୍କଳ ଭାରତ-ତନୁଜା ।
ଆହେ ଉତ୍କଳର ମହାସନ୍ତ ଏହୁ,
ତଣ୍ଡବ ଅଜ୍ଞାନ ମାତୃଭୂମି ଦେହୁ ।

—*—

## ନିବେଦନ

ସ୍ୱାଗତ ହେ ଦେବି, ପ୍ରକୃତିରୂପିଣୀ
ଦୁର୍ଗେ ନିଜଗତ-ସ୍ୱଣୀ,
ସଙ୍ଗେ ଘେନ ସଖୀ— ରୂପା ଶକ୍ତି ହୟେ
ଲୋକମାତା ବୀଣାପାଣି ।
ଫୁଲ୍ଲ ଶତଦଳ ଭାରତମଣ୍ଡଳ
ସୌରଭ ଉତ୍କଳ ତାର,
କର୍ମଦୋଷୁ ସିନା ଘୋଟିଛି ତା ଅଙ୍ଗେ
ଅବନତି ଅନ୍ଧକାର ।
ଉଜ୍ଜ୍ୱଳାଏ ଯଥା ତବ ଆଗମନ—
ଅଯୁନ ଅଗସ୍ତ୍ୟ ତାର୍,
ଉତ୍କଳର ଭାଗ୍ୟ ଭାରତର ତଥା
ତର୍ ଗୋ ତାରିଣୀ ତାର୍ ।
ବାହନ-କେଶରୀ ହେଉ ଉତ୍କଳର
ଦୁର୍ଗତ-କରି-କେଶରୀ,
ତୁମ୍ଭ ପ୍ରସାଦୁ ସେ ଜାଗୁ ନବ ବଳ
ନବୀନ ଉତ୍ସାହ ଧରି ।
ଉତ୍କଳର ନବ ସନ୍ତୁ ଦିଅ ମାତଃ
ଉତ୍କଳର ଜନପ୍ରାଣେ,
ବାଜଉ ତାହା ଜାତୀୟତା-ତନ୍ତ୍ରୀ
ପ୍ରାଣ-ଯନ୍ତ୍ରେ ତାନେ ତାନେ

—*—

## ବାଦୁଡ଼ି

ଯଜ୍ଞବ୍ରତ ଜମ୍ବୁକା ତୁ ପକ୍ଷୀ ବାଳଖିଲ୍ୟ,
ସାଧନାରେ ନାହିଁ ତୋର ତିଳେହେଁ ଶୈଥିଲ୍ୟ ।
ଆଚରୁ କଠୋର ତପ ନିଦ୍ରାହାର ଭୁଲି,
ଦିନସାରା ଅଧୋମୁଖେ ତରୁଶାଖେ ଝୁଲି ।
ଚିରଫଳାହାରୀ, ଧର୍ମେ ଦୃଢ଼ ତୋ ଧାରଣା,
ଦିନେ କରୁ ଉପବାସ ଦିନରେ ପାରଣା ।
ମହତ ଉଦ୍ଦେଶ୍ୟ ତୋର ସ୍ୱଭାବ ଉତ୍ତମ,
ଜୀବନର ବ୍ରତ ତୋର ଅହିଂସା ସଂଯମ ।
ନିରୀହ ତୁ, ପଶୁପକ୍ଷୀ ମଧ୍ୟବର୍ତ୍ତୀ ଜୀବ,
ସେହି ନିରୀହତା ତୋର ମହତ୍ତ୍ୱ ଅତୀବ ।
ସୁବ୍ରାହ୍ମଣ ପ୍ରାୟ ତୁହି ଶାନ୍ତ ଗୁଣାଧାର,
ଗୁଣ ସିନା ଚରିତ୍ରକୁ ଅର୍ପେ ଅଳଙ୍କାର ।
ହିଂସା କରି କାକ ତୋତେ ଲଭେ କେଉଁ ଫଳ,
ପାରେ ନାହିଁ ଛାଡ଼ି କେବେ ଦୁଃସ୍ୱଭାବ ଖଳ ।

---

## ମୃତ୍ୟୁବରଣ

ଆସ ଆସ ମୃତ୍ୟୁଦେବ, ପ୍ରାଣ ଅଧିକାରୀ,
ଆତୁର ବାନ୍ଧବ ତୁମ୍ଭେ ଭବ-ତାପହାରୀ ।
ଦକ୍ଷ ଏତା ତୁମ୍ଭେ ବନ୍ଦୀ ବିମୋଚନ କାର୍ଯ୍ୟେ,
ଘେନିଯାଅ ଜୀବାତ୍ମାକୁ ନବଜନ୍ମ-ରାଜ୍ୟେ ।
ଶୁଣ ଦେବ କାନ ଡେରି ମୋର ନିବେଦନ,
ମୋ ପକ୍ଷେ ଦୁର୍ବହ ଏବେ ମୋହର ଜୀବନ ।
ହେଲଣି ବୀଭତ୍ସ ତନୁ ରୋଗେ ଯାଇ ସଡ଼ି,
ଜଳୁଅଛି ଅନ୍ତରାତ୍ମା କ୍ଳେଶେ ହରଘଡ଼ି ।
ଖସୁଛି ମୁଁ ଚଳି ଏବେ ଅସହାୟ ପୋତେ,
ନ ଲାଗେ ସଂସାର ଆଉ ମୋର ଓବାଲି ମୋତେ ।
କୃପା କରି କର ବନ୍ଧୁ ଏ ସଙ୍କଟୁ ତ୍ରାହି,
ତୁମ୍ଭ ବିନା ଏ ପାତ୍ରର ଅନ୍ୟ ସାହା ନାହିଁ ।

ତୁମ୍ଭେ ଏକା ଶେଷ ଆଶା, ଶେଷ ଭିକ୍ଷା ମୋର,
ଧରି ଅଛେ ଛିନ୍ନ କରି କାମନାର ଡୋର।
କଠୋର ସେ ଡୋର ଅଟ, ତୁମ୍ଭ ବିନା ଦେବ,
ଆନ କାହା ବଳେ ତାହା ବିଚ୍ଛିନ୍ନ ନ ହେବ।

---

## ଅନନ୍ତ ବିଭବ

ତେ ଯାଚୁଛନ୍ତି ଶୂନ୍ୟ ମୋତେ ଅନନ୍ତ ବିଭବ,
ପାରୁ ନାହିଁ ଚିହ୍ନି ତାକୁ ମୁଁ ମୂଢ଼ ମାନବ।
କି ହେବ ବିଭବ ମୋର, କେ କରିବ ଭୋଗ,
କି ଲୋଡ଼ା ଜୀବନେ ତାର ଭୁଞ୍ଜେ ଯାକୁ ରୋଗ।
ନମସ୍କାର ପିତୃଦେବ, ପୂଜ୍ୟା ମାତୃଦେବୀ,
ଜୀବନ୍ତେ ସେ ପୁଣ୍ୟପାଦ ପାରି ନାହିଁ ସେବି।
ସେହି ଅଭିମାନେ ପରା ଏ ଉଗ୍ର ସନ୍ତାନେ,
ଦେଖାଦେଲ ଆସି ହାୟ ଜୀବନ-ସାୟାହ୍ନେ।
ସହୁଛି ମୁଁ ଯେ ଯନ୍ତ୍ରଣା ଏ ପ୍ରବାସ କ୍ଷେତ୍ରେ,
ହେଉଛି ତ ସହ୍ୟ ତାହା ତବ ଦେବନେତ୍ରେ।
ଏହି କି ସନ୍ତାନ-ସ୍ନେହ, ହେ କୃପାନିର୍ଝର—
ଚିରମୁକ୍ତ ଦେବ ପିତା ଦେବୀ ମାତାଙ୍କର।
ନ ଦେଖାଅ ପ୍ରଲୋଭନ, ତେଜ ପ୍ରରୋଚନା,
ଶୁଖି ଝଡ଼ିଗଲାଣି ମୋ ପାର୍ଥିବ କାମନା।
ଖଞ୍ଜାଅ ଅନ୍ତିମେ ମୋତେ ପୁଣ୍ୟପାଦେ ତବ,
ତାହା ଏକା ମୋ ଭାଗ୍ୟରେ ଅନନ୍ତ ବିଭବ।

---

## ଆତ୍ମପୂଜା

ଜନ୍ମକାଳୁ ଆସୁଛି ମୁଁ କରି ମୋତେ ପୂଜା,
ଆତ୍ମପୂଜା ଧର୍ମ ମୋର, ଯେ ପଛେ କହୁ ଯା'।
ମୋହର ପୂଜାରୀ ମୁହିଁ ମୁଁ ମୋର ଦେବତା,
ଟେକିଥାଏଁ ଚିରକାଳ ମୋ ମୁଣ୍ଡେ ମୁଁ ଛତା।
ସର୍ବାଗ୍ରେ ଅର୍ପଣ କରି ମୋତେ ମୁଁ ଆହାର,
ପଛେ କରେଁ ଯଥାଶକ୍ତି ଅତିଥି-ସତ୍କାର।
ଅଟି ସ୍ୱାର୍ଥପର ମୁହିଁ, ଏ କଥା ଯଥାର୍ଥ,
ମାତ୍ର ହୁଏ ସିନା ଜାତ ସ୍ୱାର୍ଥରୁ ପରାର୍ଥ।
ହୁଏଁ ପଛେ ମୂର୍ଖ ମାତ୍ର ବୁଝିଛି ଏ ମର୍ମ,
ନିଜେ ଥିଲେ କରି ହୁଏ ଉପାର୍ଜନ ଧର୍ମ।
ତେଣୁ ମୁଁ ସରଳପ୍ରାଣେ ଧରିଛି ଏ ବିଧି,
ଆତ୍ମକୁଶଳରେ ମିଳେ ସର୍ବ କାର୍ଯ୍ୟେ ସିଦ୍ଧି।
ନିବସେ ଯେ ହୃଦେ ମୋର ସେହି ମୋ ଦେବତା,
ତାହା ବିନା ନାହିଁ ଅନ୍ୟ ଦେବତାର ସତ୍ତା।

---

## ଈଶ୍ୱର କି ନିରାକାର

ଜଗତର ସର୍ବ ଦ୍ରବ୍ୟେ ସଂସ୍ଥିତ ଯାହାର
ପାରନ୍ତି କି ନିରାକାର ହୋଇ ସେ ଈଶ୍ୱର ?
ବହନ୍ତି ସେ ବିଶ୍ୱରୂପ ନାମ, ବିଶ୍ୱଭୂପ,
ଭିନ୍ନ ଭିନ୍ନ ଦ୍ରବ୍ୟ ତାଙ୍କ ଭିନ୍ନ ଭିନ୍ନ ରୂପ।
ନୁହନ୍ତି ସେ ନିରାକାର ଅନନ୍ତ ଆକାର,
ଅନନ୍ତ ତାଙ୍କର ଶକ୍ତି ମହିମା ଅପାର।
ପ୍ରତି ଦ୍ରବ୍ୟ ତାଙ୍କ ମୂର୍ତ୍ତି, ସତ୍ୟ ଏ ବଚନ
ଅନୁକ୍ଷଣ କରେ ଜୀବ ଈଶ୍ୱର ଦର୍ଶନ।
ବିଶ୍ୱପ୍ରେମେ ଆତ୍ମହରା ତତ୍ତ୍ୱଜ୍ଞାନୀ ଜନ,
ମଣନ୍ତି ନିଜକୁ ଦେଖି ଈଶ୍ୱର ଦର୍ଶନ।

---

## ନୀତିବାଣୀ

ଧର୍ମ ପରା ମହାଦୀପ ଜାହିଁଛି ସଂସାରେ,
ଅନ୍ତିମେ ଦେଖାଏ ପଥ ଅନନ୍ତ ଅନ୍ଧାରେ। ୧।
ହିତକଥା ଅମୃତରୁ ବଳି ସୁମଧୁର,
ଜୀବନର ଖାଦ୍ୟ ତାହା କ୍ଷୁଧା କରେ ଦୂର। ୨।
କୁଟିଳର କାକୁ ସୂକ୍ତ ବିଷଠାରୁ କଟୁ,
କୌଶଳରେ ନିଏ ପ୍ରାଣ ଓଟାରି ସେ ଘଟୁ। ୩।
ମାତୃମହୀ ମହାତୀର୍ଥ, ସେ ତୀର୍ଥ ସେବାରେ,
ସର୍ବତୀର୍ଥ ସେବାଫଳ ମିଳେ ଏକାଧାରେ। ୪।

ଦୀନ ଦୁଃଖେ ଝରିପଡେ ଯେଉଁ ଅଶ୍ରୁବିନ୍ଦୁ,
ସେହି କ୍ଷୁଦ୍ର ବିନ୍ଦୁ ଏକା ପୁଣ୍ୟ ବାରିସିନ୍ଧୁ । ୫ ।
କର୍ମ କରି ଖୋଜେ ନାହିଁ ଯଶ ଯେଉଁ ନର,
ସ୍ୱର୍ଗ ସିଂହାସନ ତାର, ସେ ଏକା ଅମର । ୬ ।
ମଣେ ଯେ ନିଜକୁ ସଦା ସାନଠାରୁ ସାନ,
ସେ ବରେଣ୍ୟ, କୋଟି ଧନ୍ୟ, ସେ ନିଶ୍ଚେ ମହାନ ।
କୁପଥଗାମୀକୁ ଯେହୁ ସତ୍ପଥକୁ ଆଣେ,
ସାଧୁ ସେ, ତା ଉପଦେଶ ପାଳ ଦୃଢପ୍ରାଣେ ।୮।
ପୂର୍ଣ୍ଣତା ଆଡ଼କୁ ଯାଏ ଘେନି ଯେ ମାନବେ,
ସମ୍ପୂର୍ଣ୍ଣ ସାର୍ଥକ ତାର ଗୁରୁ ଆଖ୍ୟା ଭବେ । ୯ ।
ନ ଦିଏ କଳଙ୍କ ଛିଟେ ରଖି ଯେ ଚରିତେ,
ପ୍ରାଣର ହିତୈଷୀ ସେହୁ, ଗଣନୀୟ ମିତେ ।୧୦।

—:*:—

## ସାଗରତୀରେ ସୂର୍ଯ୍ୟାସ୍ତ

କର୍ମକ୍ଳାନ୍ତ ରବି ଚକ୍ରବାଳ ଅଙ୍କେ,
ଶୋଇଲେ ଦିଗନ୍ତେ ସୁବର୍ଣ୍ଣ-ପଲଙ୍କେ ।
ହସିଲି ବାରୁଣୀ—ଅରୁଣବରଣୀ,
ଝରିଲି ସେ ହାସୁ ହୀରା, ମୁକ୍ତା, ମଣି ।
ନେଲେ ତା ଗୋଟାଇ ଜଙ୍ଗମ ସ୍ଥାବରେ,
ଯେ ଯେତେ ପାରିଲେ ମଣ୍ଡିଲେ ଦେହରେ ।
ସ୍ୱଭାବରେ ହାସ୍ୟ ସଂକ୍ରାମକ ଅତି,
ଜଣକ ହାସ୍ୟରେ ସମସ୍ତେ ହସନ୍ତି ।
ବାରୁଣୀ ବଦନେ ହେରି ଗୁରୁ ହାସ,
ସୃଷ୍ଟିସାରା କଲେ ସୁହାସ ପ୍ରକାଶ ।
ଖେଳଲକ ନାଚ ହାସ୍ୟର ଝଲକ,
ଅମ୍ବରର ବକ୍ଷ ଉଠିଲି ଉଛୁଳି ।
ଆହା ସେ ଶୋଭାର ନାହିଁ ପଟାନ୍ତର,
ନିତ ଗମ୍ଭୀର ଅସୀମ ସୁନ୍ଦର ।
ଅସ୍ତୋନ୍ମୁଖ ରବି କନକ-କିରଣେ,
ହେଲକ ପ୍ରକୃତି କନକିତ କ୍ଷଣେ ।
ବହିଲି କନକସ୍ରୋତ ନଦୀବକ୍ଷେ,
କନକ-କଲ୍ଲୋଳ ସୃଜି ଲକ୍ଷେ ଲକ୍ଷେ ।
ଶୋଭେ ସିନ୍ଦୂରିଆ ସୌମ୍ୟ ଭଉଁରୀରେ,
ବାନ୍ଧୁଛି କି ଖୋଷା ସ୍ୱର୍ଣ୍ଣଚଉଁରୀରେ !
ଅନ ତୀରୁ ଉଡି ଆସନ୍ତି ବିହଙ୍ଗେ,
କନକକିରଣ ମାଖି ପ୍ରତିଅଙ୍ଗେ ।
ହେମାଙ୍ଗ ହଳଦୀବସନ୍ତ ସବଧୂ,
ଢାଳିଦେଲି ସ୍ୱରେ ମଧୁମୟ ମଧୁ ।
ଜଳେ ତାର ତଳ ପ୍ରତିବିମ୍ବ ଦିଶେ,
ସତ୍ୟ ପ୍ରତିଛବି ସ୍ୱଚ୍ଛହ୍ରଦେ କି ସେ !
ସ୍ୱଭାବେ ବିହଙ୍ଗେ ଚିର ହୃଷ୍ଟଚିତ୍ତ,
ଗା'ନ୍ତି କୁତୂହଳେ ପ୍ରାଣର ସଙ୍ଗୀତ ।
ତ ଭାଷା କି ଛନ୍ଦ କେ ନ ପାରେ କହି,
ହୁଏ ଲୁବ୍ଧ ମୁଗ୍ଧ କ୍ଷୁବ୍ଧ ଚିତ୍ତ ତହିଁ ।
ବିଦିତ ତା ଏକା ପ୍ରଭୁ ବିଶ୍ୱଆଶା,
ବୁଝନ୍ତି ସେ ସର୍ବ ଅନ୍ତର୍ଗତ ଭାଷା ।
ଅନ୍ତର୍ଯ୍ୟାମୀ ହେତୁ ଅନ୍ତରର ସ୍ତବ,
ଶୁଣନ୍ତି ଉତ୍କଣ୍ଠେ ଜଗତ-ବାନ୍ଧବ ।
ଧାଇଁଛି ସାଗରୀ ପ୍ରେମେ ଆତ୍ମହରା,
ଭଦ୍ରିଣ ଭାଗ୍ୟରେ ବିଧି-କୃପାଧାରା ।
ଗାଉଛି କି ଗୀତ ହୋଇ ପୁଲକିତ,
ମଧୁର ସେ ଯଥା ଅପ୍ସରା-ସଙ୍ଗୀତ ।
ଅଥବା ପ୍ରେମାଶ୍ରୁ ଢାଳି ନଦୀରୂପେ,
ପୂଜୁଛି ପ୍ରକୃତି ତହିଁ ବିଶ୍ୱଭୂପେ ।
ପବିତ୍ର ପ୍ରେମାଶ୍ରୁ, ମହାମୂଲ୍ୟବାନ,
ପୂଜାର ସେ ସର୍ବ ଶ୍ରେଷ୍ଠ ଉପାଦାନ ।
କ୍ରମେ ନିମ୍ନେ ଖସି ହିଙ୍ଗୁଳିତ ରବି,
ଧରିଲେ ଦୃତାର୍କ ଦୃତଖଣ୍ଡ ଛବି ।
ପ୍ରକୃତି ସୁନ୍ଦରୀ ମୁଦୁଛି କି ଆଖି,
କ୍ରମେ କ୍ରମେ ତୋଳା ପଡୁଅଛି ଢାଙ୍କି ।
କିମ୍ବା ବସ୍ତ୍ରଟନ ପଶୁଅଛି ପରା,
ଅତଳ ପାତାଳେ, ଭେଦି ବସୁନ୍ଧରା ।

ପ୍ରତୀଚୀ ପ୍ରାଙ୍ଗଣ ଦିଶେ ସ୍ୱଚ୍ଛ ଶୁଭ୍ର,
ଆରକ୍ତ ରେଖାରେ ହୋଇ ରେଖାଙ୍କିତ ।
ଧାଡ଼ି ସିଧା ପାଇ ନବ ଲିପିକାର,
ଧୂସର କାଗଜେ କାଟିଛି କି ଗାର ।
ପଡ଼ିଲା ସେ ରେଖା ଭେଦି ଅଗଣନ,
ଅସ୍ତଗାମୀ ରବି କନକ-କିରଣ ।
କୁସୁମ କେଶରେ ଖଞ୍ଜି ସ୍ୱର୍ଣ୍ଣ ତାର,
ବୁଣିଲା କି ବସ୍ତ୍ର କେଉଁ ବସ୍ତ୍ରକାର ।
ମୁହୂର୍ତ୍ତ ମଧ୍ୟରେ ସାଳନ୍ଦୀର ଜଳ,
ସ୍ୱର୍ଣ୍ଣ ବର୍ଣ୍ଣ ତେଜି ଦିଶିଲା ପାଟଳ ।
ଉଡ଼ୁଁ ଉଡ଼ୁଁ ଉଡ଼ ବଣିଆ ନଚୟ,
ତୋଳି ନେଇ ପୁଚ୍ଛେ ପାନ କଲେ ପୟ ।
ଶୁଭ୍ର ରୌପ୍ୟକାନ୍ତି-ପକ୍ଷେ ତାହାଙ୍କର,
ଝଟକିଲା ପଡ଼ି ରବି ରକ୍ତକର ।
ଖସି ମାଛରଙ୍କା ନକ୍ଷତ୍ରବେଗରେ,
ବୁଡ଼ି ମୀନ ଘେନ ଉଡ଼ିଯାଏ ତୀରେ ।
ନଦୀ-ଶୋଭା-ନୀରେ ସାରି ସାୟଂସ୍ନାନ,
ଫେରିଲେ କୁଳାୟେ ଦ୍ୱିଜେ ଗାଇ ଗାନ ।
ଭୃଙ୍ଗ ତରୁଶିରୁ ଉଡ଼ି ଆସି ଧୀରେ,
ବସିଲାଣି ବକ ତରଙ୍ଗିଣୀ ତୀରେ ।
ମିଳିବ ଆହାର ଧରି ଏ ବିଶ୍ୱାସ,
କଲା ସୁକଠୋର ସାଧନା ପ୍ରକାଶ ।
ହେଉ ପଛେ କ୍ଷୀଣକାୟ ଅତିଶୟ,
ମାତ୍ର ସେ ଧୈର୍ଯ୍ୟେ ବିଶ୍ୱାସେ ସବଳ ।
କଥାଟାର ଏହି ନୀତି ଅନିବାର୍ଯ୍ୟ,
ସବଳ ବିଶ୍ୱାସୀ ଲଭେ ନିଶ୍ଚେ କାର୍ଯ୍ୟ ।

ତାଳବବୁଲତ ଶକୁନ * ନିକର,
ଢାଳୁଛନ୍ତି ଧୀରେ ତଦ୍ରୁମ ଗୁମର ।
କାହା ଉଦ୍ଦେଶ୍ୟରେ ଏ ନବାଣୀ ସେବା,
ଏ ପୁଣ୍ୟ ପୂଜାର ଉପଦେଷ୍ଟା କେବା ।
କେ ଭେଦିବ ଏହି ଦୁରୂହ ରହସ୍ୟ,
ଯେ ଭେଦିବ ସେହୁ ବିଶ୍ୱର ନମସ୍ୟ ।
ଟକ୍କଦେଇ ଚଲି ବୁଲୁଅଛି ଘୂରି
ବଜାଇ ସୁକଣ୍ଠ-ମଧୁର ମହୁରି ।
ନଦୀଗର୍ଭେ ବୁଡ଼ି ଖେଳୁଛି ତା ଛାୟା,
ରଚୁଛି ବିରହ-ଗୀତ କୋକ-ଜାୟା ।
ସ୍ୱଭାବେ ସାଳନ୍ଦୀ ଶୋଭାବତୀ ସିନା,
ଶୁଭ୍ର ଶୁକ୍ତିମତୀ ସୈକତପୁଲିନା ।
ଦୁଯେ ଲଭି ଅସ୍ତ ଭାସ୍କର କିରଣ,
ବସିଲା ସେ ହୋଇ ଶୋଭାର ଭୂଷଣ ।
ପୂରିଲା ତା ବକ୍ଷ ଶୋଭା ମହୋତ୍ସବେ,
ହେଲା ସେ ଅତୁଳା ସୁଷମାରେ ଭବେ ।
ମାତ୍ର ତାହା ଭାଗ୍ୟ ନୁହଇ ତ ଚିର,
ଭାଗ୍ୟ ସିନା ଭବେ ପଦ୍ମପତ୍ରେ ନୀର !
ଘୂରୁଁ ଘୂରୁଁ ରବି ହୋଇଗଲେ ଅସ୍ତ,
ଉଭିଗଲା ତାହା ସେ ଶୋଭା ସମସ୍ତ ।
କାଳ ସେ ଶୋଭାରେ ବଢ଼ି ଅହମିକା
ଟାଣିଦେଲା ତହିଁ ସନ୍ଧ୍ୟା-ଯବନିକା ।
ଯେଉଁ କାଳ କରେ ଶୋଭାକୁ ଜନମ,
ସେହି କାଳ ପୁଣି ହୁଏ ଶୋଭା-ଯମ ।
ଆସିଲା ଘୋଟାଇ ତମିସ୍ରକାଳିମା,
ମିଶିଗଲା ତହିଁ ଜଳ ସ୍ଥଳ ସୀମା ।



* ପାଣିବେଡ଼

# ତୀର୍ଥପତି

# ସୂଚୀପତ୍ର


ବିଷୟ

ତୀର୍ଥବାସ
ଉତ୍କଳ
ସୁଖ କାହିଁ ?
ଜନ୍ମ
ଭିକ୍ଷା
ବାୟୁ
ନୈତିକ ସାହସ
ପଞ୍ଚମାତା
ମନ
ପ୍ରଭାତ ପ୍ରାର୍ଥନା
ଦୁର୍ବର୍ଷ
ବାଳକ
ସମୟ
ଯଜ୍ଞପୁର
ବୃକ୍ଷ
ଦୁର୍ବାସା ଋଷି
ଦାରିଦ୍ର୍ୟ
ବିନୟ
ଉପେନ୍ଦ୍ର ଭଞ୍ଜ
ଖଦ୍ୟୋତ
ଶ୍ରୀପଞ୍ଚମୀ

ବିଷୟ

ସଙ୍ଗୀତ
ମୟୂର
ସନ୍ତୋଷ
ଆତ୍ମଶ୍ଳାଘା
କିଏ ମୋର ?
କୃପଣ
ଆଶା
ରାମାୟଣ ମହାଭାରତ
କ୍ଷୁଦ୍ର
ବନ୍ଧୁ
ଅନୁତାପ
ଶତ୍ରୁ
ସଭ୍ୟତା
ପରଦୋଷ
ନିବେଦନ
ବର୍ଷବୃଦ୍ଧି ସମ୍ବର୍ଦ୍ଧନା
ହୁଲଦୀବସନ୍ତ ପକ୍ଷୀ
ନେପୋଲିୟନ
ଚରିତ୍ର
ସତ୍ୟବାଦୀ ବିଦ୍ୟାଳୟ
ସଂସ୍କୃତ ଭାଷା




## ତୀର୍ଥବାରି

ପିତାମାତା ଜଗତର ଜୀବନ୍ତ ଦେବତା,
ପ୍ରତ୍ୟକ୍ଷ ନିଶ୍ଚିତ ସ୍ୱର୍ଗ, ତୀର୍ଥ ତାଙ୍କ ପାଦ,
ପାଦୋଦକ ତୀର୍ଥବାରି, କଲୁଷହାରକ ।
ସ୍ୱାର୍ଥଶୂନ୍ୟ, ଦେଶପ୍ରାଣ ଯେ ମହାପୁରୁଷ,
ଜନ୍ମଭୂମି ସ୍ତନ୍ୟଧାର ମଣେ ସ୍ୱଚ୍ଛଧିରେ,
ମାତୃସେବା-କ୍ଳାନ୍ତ ଦେହୁଁ ତାର ବିନିଃସୃତ
ଯେଉଁ ଘର୍ମବିନ୍ଦୁ, ତାହା ମହାତୀର୍ଥବାରି ।
ମହାପୁରୁଷଙ୍କ ବ୍ରତ, ସତ୍ୟ ଧର୍ମ ପୂଜା,
କରୁଣାର ଉପାଦାନେ ହୃଦୟ ଗଠିତ,
ତାଙ୍କ ନେତ୍ରୁଁ ଝରେ ଯେଉଁ ଅଶ୍ରୁ, ପରଦୁଃଖେ,
କୋଟି ତୀର୍ଥବାରି ନୁହେଁ ତାହା ସଙ୍ଗେ ସରି ।
ଭକ୍ତ ଭାବାବେଶ ଜାତ ପ୍ରେମାଶ୍ରୁକଣିକା
ସର୍ବଶ୍ରେଷ୍ଠ ପୁଣ୍ୟତୀର୍ଥବାରି, ଭରି ତାକୁ
ସ୍ୱର୍ଣ୍ଣପାତ୍ରେ, ଭକ୍ତିସହ ପୂଜିବା ଉଚିତ ।

—❊—

## ଉତ୍କଳ

ମା ଉତ୍କଳ, ପୁଣ୍ୟଶ୍ଳୋକେ, ମୋର ଜନ୍ମଭୂମି,
ମର୍ତ୍ତ୍ୟର ବୈକୁଣ୍ଠଧାମ, କୋଟିତୀର୍ଥମୟି,
ଧନ୍ୟା ତୁ ଭାରତେ, ଦେବି, ମାନ୍ୟା ତୁ ଭାରତେ,
ଶୋଭନ୍ତି ତୋ ବକ୍ଷେ ପ୍ରଭୁ ନୀଳମଣି, ଯଥା
ମଣିବର କଉସ୍ତୁଭ ତାଙ୍କରି ବକ୍ଷରେ,
ତପସ୍ୱିନି, ଅପ୍ରତିମ ତପସ୍ୟା ତୋହର,
କି ମହିମା-ମୁକୁଟ ମା ବହିଛୁ ମସ୍ତକେ ।
ତୋହର ଭୂତଳୁ ଆର୍ଯ୍ୟେ ମୁକ୍ତିମନ୍ତ୍ର ମଣି
କରନ୍ତି ଆବୃତ୍ତି ନିତ, ଆର୍ଯ୍ୟସ୍ମୃତିଗଣରେ
ନିବଦ୍ଧ ତୋହର ପୂତ-ଗୌରବ-ଗୀତିକା,
ଆକୁମାରୀ ହିମାଳୟ ସମଗ୍ର ପ୍ରଦେଶୁଁ ;
ଆସି ଯାତ୍ରିଦଳ, ଶିରେ ଲଗାଇ ତୋ ରେଣୁ
ମଣନ୍ତି କୃତାର୍ଥ, ପୁଣି ନିଷ୍ପାପ ନିଜକୁ,
ଘଟୁ ପଛେ ଭାଗ୍ୟଦୋଷେ ଯେତେ ଅବନତି,
ମାତ୍ର ତୋ ମହିମା-ସୂର୍ଯ୍ୟ ଅନସ୍ତ ସର୍ବଦା,
ଜଗତନମସ୍ୟା ତୁହି ଥିବୁ ଚିରକାଳ ।

---

## ସୁଖ କାହିଁ

ହେଉ ପଛେ ସୁଧାସ୍ୱାଦୁ ସୁଖାଦ୍ୟ ସୁପେୟ,
ଜିହ୍ୱାରୁ ଅନ୍ତର ହେଲେ କି ସୁଖ ତହିଁରେ ?
ଶୟନ ନିଶ୍ଚେଷ୍ଟାବସ୍ଥା, ନ ହେଲେହେଁ ତାହା
ଚିରମୃତ୍ୟୁ, ଅଟେ କ୍ଷଣସ୍ଥାୟୀ ଜୀବନର
କ୍ଷଣିକ ମରଣ, ଅତଃ କାହିଁ ତହିଁ ସୁଖ ?
ବୋଲ ଯଦି ସୁଖ ଅଛି ଭୋଗବିଳାସରେ,
ଭୋଗୀ ତ ଆଳସ୍ୟ-ଦାସ, ସଜାଗ୍ରତ ମୃତ,
ସୁଖ ତାର ସେବ୍ୟ ନୁହେଁ, ସେବ୍ୟ ସେ ସୁଖର,
ତେବେ କି ସଂସାରେ ସୁଖ ଏକାନ୍ତ ଦୁର୍ଲଭ ?
ନା, ନା, ସୁଖଶବ୍ଦ ସୃଷ୍ଟି ନୋହେ ନିରର୍ଥକ,
ଅଛି ସୁଖ ପରିଶ୍ରମେ, କୃଷ୍ଣଲ, ବାସ୍ତବ,
ତେଜି ଯେ ପାପପଥ, ଶରୀର ସହିତ
ସାଧେ ଆତ୍ମାର ଉନ୍ନତି, ସେହି ସିନା ସୁଖ,
ଭୁଞ୍ଜେ ନିତ୍ୟସୁଖ ଏକା ନିତ୍ୟ ଶ୍ରମଜୀବୀ ।

---

## ଜରା

ଭୀଷଣ ରାକ୍ଷସୀ ଜରା, ମୃତ୍ୟୁଅଗ୍ରଦୂତୀ,
ବୀଭତ୍ସା, ବିରୂପା, ଶୋଷି ସାମର୍ଥ୍ୟ, ସାହସ
ସଶୋଣିତ, ଆଣି ଦିଏ କର୍ମ-ବିମୁଖତା,
ଆଳସ୍ୟ, ଦୌର୍ବଲ୍ୟ, ଦୁଃଖ, କଳେବର ସହ
କରିଦିଏ ମନୋବୃତ୍ତି ନିସ୍ତେଜ ଅସାଡ଼ ।
ଅବଶ ଇନ୍ଦ୍ରିୟବର୍ଗ, କାମନା ଶିଥିଳ,
ଆହାରେ ବିହାରେ କ୍ଲାନ୍ତି ଶୟନେ ଅରୁଚି,
ବାର୍ଦ୍ଧକ୍ୟର ଧର୍ମ ଏହା, ପଡ଼ି ତା ହାତରେ
ଜୀବନ୍ତ ମରଣ ଦଶା ଭୁଞ୍ଜି ଉଠେ ଜୀବ ।
ପ୍ରଭୋ, ଜୀବକୁଳ ପରି ତୁମ୍ଭର ପ୍ରେରିତ
ଜଗତ କାର୍ଯ୍ୟ ସାଧନାର୍ଥେ, ମହୀ-କର୍ମଶାଳେ,
କ୍ଷମା କର ଜରାଜୀର୍ଣ୍ଣ ତେବେ, ହେଲେ ସେହୁ
ଶକ୍ତିସ୍ଫୂର୍ତ୍ତିହୀନ, ଭଲ କେମନ୍ତେ ପାଳିବ
ସେ ମହାକର୍ତ୍ତବ୍ୟ, ତବ ପାବନ ଆଦେଶ ?

——:0:——

## ଭିକ୍ଷା

ଛି ଛି ଅତି ନିନ୍ଦନୀୟ ଭିକ୍ଷୁକ ଜୀବନ,
ନାହିଁ ସ୍ଥାନ ତାହା ପାଇଁ ମାନବ ସମାଜେ,
ସଦା ପରଗଳଗ୍ରହ, ଉପେକ୍ଷା ପ୍ରାପ୍ୟ ।
ହସ୍ତପଦସତ୍ତ୍ୱେ ଯେହୁ ସ୍ୱାବଲମ୍ବହୀନ,
ସେ ନିଶ୍ଚେଷ୍ଟ, କର୍ମଭୀରୁ, କୀଟ ବଳି ହେୟ,
ଦଗ୍ଧୋଦର ପୋଷଣାର୍ଥେ କୁବୃତ୍ତି ଯେତେକ
ଅଛି ଏ ସଂସାରେ, ଭିକ୍ଷା ଜଘନ୍ୟ ସର୍ବଙ୍କୁଁ ।
ପରଦ୍ୱାରେ ଉଭା ହେବା ପିଣ୍ଡାଦାନ ପାଇଁ,
ଈଶ୍ୱରଦତ୍ତ ଶକ୍ତିର ଅପବ୍ୟବହାର,—
ବିଶେଷତଃ ଅସମ୍ମାନ ପିତା. ଜନ୍ମେ ତାକୁ
ଯେ ନିର୍ଲଜ୍ଜ ମୁଷ୍ଟିଭିକ୍ଷା ପାଇଁ, ଶ୍ୱାନ ସେହୁ,
ଧିକ୍, ଶତଧିକ୍ ତାର ଲାଞ୍ଛିତ ଜୀବନ;
ମାତା ତାର ଗର୍ଭବନ୍ଧ୍ୟା, ସେ ନରପାଂଶୁଳ
ଧରିତ୍ରୀକୁ ମହାଭାର ପ୍ରଦାନେ କେବଳ ।

———

## ବାୟୁ

ହେ ଅନିଳ ସଦାଗତି, ହେ ସର୍ବଗତି,
ତୁମ୍ଭର କ୍ଷମତା ଦେବ ଅକଳ୍ପ୍ୟ, ଅସୀମ,
ଇଚ୍ଛାମାତ୍ରେ ଧରିପାର ରୁଦ୍ର-ଧୀର-ରୂପ,
ତୁମ୍ଭେ ସମଦର୍ଶୀ, ତବ କୃପାରୁ ବଞ୍ଚିତ
ନୁହନ୍ତି ସୃଷ୍ଟିରେ କେହୁ ନାହିଁ ଭେଦଜ୍ଞାନ
ସ୍ୱଜନଧର୍ମ୍ୟେ, ଦରିଦ୍ରର ଜୀର୍ଣ୍ଣକୋଠେ ଗତି ।
ଜଗତ୍‌ପ୍ରାଣ, କ୍ଷଣେ ତୁମ୍ଭେ ଭଜିଲେ ବିଶ୍ରାମ,
ସ୍ୱର୍ଗେ ଯିବ ଜୀବସୃଷ୍ଟି ଏ ବିରାଟ ମେଳା,
ହେବ ପ୍ରକୃତି, ଶ୍ମଶାନ, ଘଟନାବିହୀନ;
ଅବସ୍ଥାନ କରି ତୁମ୍ଭେ ଅନ୍ତରେ ବାହାରେ
ଚଳାଉଛ ଦେହ-ଯନ୍ତ୍ର, କେବେ ଅର୍ପି ତାପ,—
କେବେ ଅର୍ପି ଶୈତ୍ୟ ଅବା, ଆବଶ୍ୟକମତେ ।
ନ୍ୟସ୍ତ ତୁମ୍ଭ ପ୍ରତି ସ୍ରଷ୍ଟା ସୃଷ୍ଟିରକ୍ଷା ଭାର,
ପ୍ରତ୍ୟକ୍ଷ ଦେବତା ତୁମ୍ଭେ ବହ୍ନି, ବାରି ସମ ।

—*—

## ନୈତିକ ସାହସ

ପୁରୁଷର ପୁରୁଷତ୍ୱ ନୈତିକ ସାହସ,
ସତ୍ୟ, ନ୍ୟାୟ, ଧର୍ମ ଏହି ତିନିହେଁ ତାହାର
ପ୍ରାଣ, ପିଣ୍ଡ, ଆତ୍ମା, ସଦା ସକଳ ସ୍ଥାନରେ
ସ୍ୱକୀୟ ସ୍ୱାଧୀନ ମତ ପ୍ରକାଶ ଉଚିତ,
ଯୁକ୍ତିଯୁକ୍ତ, ନିର୍ବିକାରେ ଆଉର ନିର୍ଭୟେ;
ନରତ୍ୱର ଧର୍ମ ଏହା, ଅନ୍ୟଥା ଅନ୍ୟର
ପାଦ-ପଦ୍ମେ ସମର୍ପଣ ଆତ୍ମମତ ବଳି,
ଅତି କାପୁରୁଷପଣ, ସ୍ତ୍ରୀବତ୍‌ଲକ୍ଷଣ ।
ସ୍ତ୍ରୀବତ ଦୁର୍ବଳମନା, ଅତି ହୀନଚେତା,
ସତ୍ୟତ ଉର୍ଦ୍ଧ୍ୱରେ ତାର ପଶୁର ଆସନ ।
ହୁଏ ଯଦି ବିସର୍ଜିତ ନୈତିକ ସାହସ
ଦାମ୍ଭିକତା-ବଶେ, ତେବେ ତୁଚ୍ଛ, ଅବଜ୍ଞାତ,
ସ୍ୱଭାବେ ଅମୃତ ଦୁଗ୍ଧ, ମିଶିଲେ ତହିଁରେ
ଲୁଣ, ଧରେ ସେହୁ ପୂର୍ଣ୍ଣ ବିପରୀତ ଗୁଣ ।

———

## ପଞ୍ଚମାତା

ପ୍ରକୃତ ପରମା ମାତା, ଶାଶ୍ୱତା, କଲ୍ୟାଣୀ,
ବାରମ୍ବାର ଜାତ କରି ଦେହରୁ ଆପଣାର,
ମିଶାଏ ଅନ୍ତିମେ ଅଙ୍କେ, ଆଦିମାତା ସେହୁ ।
ଦ୍ୱିତୀୟା ମା ଗର୍ଭଧାରୀ, ଭବ-ମରୁ ସ୍ଥଳେ
ଶାନ୍ତ-ସ୍ନେହ-ତରଙ୍ଗିଣୀ, ସନ୍ତତିକୁଳର ।
ମହାସ୍ୱର୍ଗ, ମହାତୀର୍ଥ ତୃତୀୟା ଜନନୀ
ଜନ୍ମଭୂମି, ଯା ଅମୃତ କୋଡେ ସାଧେ ଜୀବ
ଆତ୍ମୋନ୍ନତି, ଆତ୍ମପୁଷ୍ଟି । ଦେବୀ ମାତୃଭାଷା
ଚତୁର୍ଥୀ ମାତୃକା ମହାମହିମା-ମଣ୍ଡିତା ।
ପଞ୍ଚମୀ ମା ପ୍ରସୂତି ବିଦ୍ୟା, ଚତୁର୍ବର୍ଗପ୍ରଦା,
ଗଢେ ସେ ଚରିତ୍ର-ତନୁ, ପାରଇ ସେ କରି
ମାନବେ ଅମର, ଲୌହେ ସ୍ୱର୍ଣ୍ଣ, ଜ୍ୟୋତ୍ସ୍ନା ତମେ,
ଏ ପଞ୍ଚମାତୃକାଙ୍କ ସେବେ ଯେ ତନୟେ,
ସେହି ଏକା ଭାଗ୍ୟଧର ମାନବ ସମାଜେ ।

—*—

## ମନ

କ୍ଷୁଦ୍ର ଦେହ, ମହାକାୟ ମନର ବସତି,
ଚନ୍ଦ୍ରା ଭଳେ ମନୋହର୍ମ୍ୟ ବିପୁଳ ବିସ୍ତୃତି,
ପ୍ରତେ ହୁଏ ବିନ୍ଦୁଗର୍ଭେ ସିନ୍ଧୁ କି ନିହିତ ?
କେବଳ ପଦ୍ୟେ ଅତ୍ୟୁକ୍ତି ଅଳଙ୍କାର ଏହା,
ମାତ୍ର ଉପମାସଙ୍ଗତ । ଗତି ପୁଣି ତାର
ଅତକ୍ରମାୟ, ନ ପହୁଞ୍ଚୁ ମୁହୂର୍ତ୍ତ, ପାରେ ସେ
ଚରାଚର ସୀମା ଭ୍ରମି, ଅଛନ୍ତି ଜଗତେ
ଯେତେ ଦ୍ରୁତଗତିଶୀଳ, ଶବ୍ଦ ଆଲୋକାଦି,
ଲଭିପାରେ ସେ ସକଳେ ଅବହେଳେ ମନ ।
ବଳ ବି ସାମାନ୍ୟ ନୁହେଁ, କଳ୍ପନା-ଅତୀତ,
ନୁହଇ ଅସାଧ୍ୟ ତାର ଆକାଶେ ଉଡ୍ଡୀନ,
କିମ୍ବା ବୀଚିବିକ୍ଷୋଭିତ ସିନ୍ଧୁସନ୍ତରଣ;
ଭାବିଲେ ଏକାନ୍ତେ ମହାମହିମା ମନର,
ବୁଡିଯାଏ ମନ ସୁଦ୍ଧା ବିସ୍ମୟ-ସଲିଳେ ।

## ପ୍ରଭାତ ପ୍ରାର୍ଥନା

ହେ ଅନନ୍ତ ଭୂମା ହରି, ତୁମ୍ଭରି କୃପାରୁ
କଲି ଯାମିନୀ ଯାପନ, ନିର୍ବିଘ୍ନେ, ନିଦ୍ରାରେ
ଥିଲି ଅଚେତନ ଦ୍ୱନେ, ନ ଥିଲି ସେତେ କ
ଆତ୍ମରକ୍ଷାର ଉପାୟ, ପ୍ରଭୋ, ଦୟା ତବ
ଜଗିବସି ତୁମ୍ଭେ ଶିରପରେ, ରଖିଅଛ
ବିବିଧ ଆପଦୁ ମୋତେ, ଅଜ୍ଞାତ ସେ ମୋର ।
କର୍ମକ୍ଳାନ୍ତ ଅବସ୍ଥାରେ ମଧ୍ୟାହ୍ନେ ଆବର
ତବ ଦତ୍ତ ଦିବ୍ୟ ଅନ୍ନେ, ଅମୃତ ପାନୀୟେ
କରିବ ସଂତୃପ୍ତ ଆତ୍ମା, ମୋର ଏ ଶରୀର
ଗଠିତ ତୁମ୍ଭରି ଖାଦ୍ୟ, ଜଳ, ପବନରେ,
ଏମନ୍ତ କି, ପ୍ରଭୋ, ମୁହିଁ ତୁମ୍ଭମୟ ଖାଲି ।
ତୁମ୍ଭର ଏ ଚକ୍ଷୁ କର୍ଣ୍ଣ ହସ୍ତ ପଦ ଆଦି,
ଦେଇଅଛ ତାହା ମୋତେ ବ୍ୟବହାର ପାଇଁ,
ଦେଇଅଛ ସବୁ, ମାତ୍ର ମାଗୁଛି ତଥାପି
ଆଉ ଏକ ଦ୍ରବ୍ୟ, ଯେହ୍ନେ ପାଦପଦ୍ମେ ତବ
ନ ହୁଏଁ କୃତଘ୍ନ, ଦିଅ ଏହି ଶୁଭଜ୍ଞାନ ।

—:o:—

## ଦୁର୍ବର୍ଷ

କି କୁକ୍ଷଣେ ଆସିଥିଲା ବିଂଶ ଶତାବ୍ଦୀର
ଚତୁର୍ଦ୍ଦଶ ବର୍ଷ, ବହି ଅଶୁଭ-ପସରା
ଶିରେ, ଆଦ୍ୟେ ଅତିବୃଷ୍ଟି, ଶେଷେ ଅବଗ୍ରହ,—
ଦୁର୍ଭିକ୍ଷ, ତହିଁରେ ମିଶି ଭୀଷଣ ଆହବ
ସମସ୍ତ ଧରଣୀବ୍ୟାପୀ, ହାୟ, ଘଟାଇଲା
ମହାକ୍ଷତି, ମହାନିଷ୍ଟ ! ସୃଷ୍ଟିପ୍ରାଣୀ ଦେହେ
ହେଲା ଯେ ଗଭୀର କ୍ଷତ, ବହୁ ଯୁଗ ଯାଏ
ନ ପୂରିବ ନ ଶୁଖିବ ତାହା, କି କଠୋର
ପରୀକ୍ଷା, ମାନବଭାଗ୍ୟେ ଅହୋ ବହିଗଲା
ରକ୍ତନଦୀ ଖରବେଗେ, ଶୋକନଦୀସହ ।
ବିଗତ ବର୍ଷର ନାମ ରହିଲା ଅଙ୍କିତ
ଇତିହାସ-ବକ୍ଷେ ନର-ରୁଧିର-ମସୀରେ,

ସାର୍ଦ୍ଧ ପଞ୍ଚ ଅଶୀତି ଶ ବର୍ଷେ ନାମେ ସ୍ଥାୟୀ,
ଅର୍ଜିଲେ ଅମର ନାମ ଶ୍ରୀଅନଙ୍ଗଭୀମ
ସ୍ଥାପି ଦେବଦେବୀ ମୂର୍ତ୍ତି, ମାତ୍ର ସଙ୍ଗେ ତାହା
ରହିଲା କଳାପାହାଡ଼ କଳଙ୍କିତ ନାମ ।

—*—

## ବାଳକ

"ବାଳକ" ଏ ଶବ୍ଦ ଯଥା କୋମଳ ମଧୁର,
ତଥା ତାର ବ୍ୟବହାର, ବାକ୍ୟ, ଅବୟବ;
ସତତ ଆନନ୍ଦମୟ, ଅନନ୍ତ ପ୍ରତିମା,
ଧରେ ପ୍ରାଣେ କି ଗମ୍ଭୀର ଅମାୟିକ ଭାବ ।
ବାଳକ କୁସୁମ ତୁଲ୍ୟ ପବିତ୍ର ସୁନ୍ଦର,
ସ୍ନେହ ପ୍ରୀତି ଆକର୍ଷଣଯନ୍ତ୍ର-ସ ଜୀବିତ,
ମାତ୍ର ଅବଂଶ୍ଚ ସେ ଫୁଲ, ଭେଦନୀତି-ସ୍ରୋତେ,
ତମ୍ଭା ସେ ନୀରସ ନୁହେଁ ଭାବନା-ଭୃଙ୍ଗର
ସୁଗନ୍ଧ ଶୋଷଣେ, ଏଣୁ ଫୁଲ୍ଲ, ମଧୁମୟ ।
ରେ ବାଳକ, ଜୀବନର ମଧୁକାଳ ତୋର,
ଏ ଅନ୍ତେ ଯୌବନ-ଗ୍ରୀଷ୍ମ ଆସି ଯଥାକାଳେ
ବହିବ କୁବୋପବନ, ଥାଅ ଅବହିତ ।
ଥିଲି ମୁଁ ତୋ ପରି ଦିନେ ଅନାବିଳ ସୁଖୀ,
ମାତ୍ର ହରାଇ ସେ ସୁଖ ପାଉ ନାହିଁ ଖୋଜି ।

—

## ସମୟ

ସମୟ ଅନାଦି, ପୁଣି ମହାସୁବିଶାଳ,
କେତେ ଯେ ଘଟନା-ଊର୍ମି ସମୟ-ସାଗରେ
ଉଠି ଅନୁକ୍ଷଣ ଶେଷେ ମିଶୁଅଛି ତହିଁ,
ଭାବିଲେ ତା, ହୁଏ ଚିତ୍ତ ବିସ୍ମୟେ ଅବଶ ।
ସମୟର ମହାମୂଲ୍ୟ ଅତି ଅନୁପମ,
ଅଛି ଯେତେ ରତ୍ନରାଜି ସପ୍ତ ରତ୍ନାକରେ,
ଆଉ ବସୁଧାଗର୍ଭେ, ତଳେ ତୁଳ ତାହା,
ନୁହେ ସେ ଉଚ୍ଛ୍ୱାସ ନଷ୍ଟେ ମୁହୂର୍ତ୍ତ କଟାଳୁ ।
ନିମେଷ ସମୟମାନେ ହୋଇପାରେ ଲଭେ
କେତେ କେତେ ମହା ମହା କାର୍ଯ୍ୟ ସଂସାଧିତ,
ତାକୁ ଏକା ସ୍ରଷ୍ଟା ପାତା ନିୟନ୍ତା ଈଶ୍ୱର ।
ସମୟ ଚଞ୍ଚଳ ବଡ଼, ଯାଏ ଧରୁ ଧରୁ
ଉଡ଼ି, ପୁଷ୍ପସାର ପ୍ରାୟ, ଜଗେ ଯେ ତାହାକୁ
ବୃଷ୍ଟି ହୁଏ ତାହା ପ୍ରାଣେ ଦେବ-ଆଶୀର୍ବାଦ ।

—*—

## ଯଜ୍ଞପୁର

ଉତ୍କଳର ଆଦ୍ୟ ପୀଠ ଯଜ୍ଞପୁର ମହୀ
ସ୍ରଷ୍ଟା-ଯଜ୍ଞବେଦୀ * ଖ୍ୟାତ ନାଭିଗୟା ନାମେ,
ଦ୍ୱିତୀୟ ନୀଳାଦ୍ରି ଧାମ ଉତ୍କଳ ମଣ୍ଡଳେ ।
ପ୍ରଗୃହେ ନୀରବ-କଣ୍ଠେ ଯା' ପୁଣ୍ୟ ମହିମା
ଗାହିଁରେ ପୁରାଣ, ଶାସ୍ତ୍ର ଅବଲୀତ ତାକୁ,
ତାହାର ସ୍ୱବକ୍ଷଶୋଭୀ ଜାହ୍ନବୀପ୍ରତିମ
କଳନାଦିନୀ ପୂତ ବୈତରଣୀ କୂଳେ;
ଦାନ୍ତିଲେ ଯା' ତୀରେ ପିଣ୍ଡ, ପିତୃଗଣୋଦ୍ଦେଶେ,
ନ ହୁଏ ସାକ୍ଷାତ ତସ୍ତ ବୈତରଣୀ ସହ ।
ଅମର-ବିଳାସ ସ୍ଥଳୀ, ଦେଉଳମାଳିନୀ,
ନବସନ୍ତ ତହିଁ ମୃଦେ ପ୍ରକୃତିରୂପିଣୀ
ହୋମାନଳ-ସମ୍ଭୂତ ବିରଜା ସୁନ୍ଦରୀ ।
ଗଦାକ୍ଷେତ୍ର ରେଣୁ ପୂତ, ତୀର୍ଥରେଣୁ ସମ,
ତଳେ ତା ଉଭବ, ଲଭ ଦୈବଲ୍ୟ ଅନ୍ତେ ।

—

## ବୃକ୍ଷ

ଓଃ ! କି ମହାପ୍ରାଣତାର ଚୂଡ଼ାନ୍ତ ଦାଇକା
ପ୍ରଦର୍ଶେ ପାଦପ, ଧୈର୍ଯ୍ୟ, ସହିଷ୍ଣୁତା, କ୍ଷମା,
ନିଃସ୍ୱାର୍ଥପରତା, ନିଷ୍ଠା ସମଦର୍ଶିତାରେ
ମହୀ ତୁଲ୍ୟ ମହୀରୁହ ମହିମା-ମଣ୍ଡିତ ।
ଶିର ପାତି ସହି ଶୀତ-ଗ୍ରୀଷ୍ମ-ପ୍ରାଦୁର୍ଭାବ,
ବୃଷ୍ଟି, ବାତ୍ୟା, ବଜ୍ରାଘାତ, ଧରେ ପର ପାଇଁ
ପ୍ରାଣ, ପରାର୍ଥପରତା ଚରମ ତାର ।
ନାହିଁ ଶତ୍ରୁ ମିତ୍ର ଭେଦ, ଅର୍ପେ ସୁଖୀ ସେହୁ
ସୁଧାଫଳ ସ୍ନିଗ୍ଧ ଛାୟା ଶ୍ରଦ୍ଧାରେ ଛେଦକେ ।

* ଯାଜପୁରରେ ବ୍ରହ୍ମାଙ୍କ ଦଶ ଅଶ୍ୱମେଧ ଯଜ୍ଞ କରିବା ପୁରାଣପ୍ରସିଦ୍ଧ ।

ନର, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି
ଜୀବସୃଷ୍ଟି ଯେତେ, ନୁହେଁ କିଏ ଅବା ଋଣୀ
ତାହା ପାଶେ ? ଆଜୀବନ କୃପାକାଙ୍କ୍ଷୀ ତାର ?
ଜଡ଼ପ୍ରାଣ ତରୁ, ମାତ୍ର କେଉଁ ସଚେତନ,
ସଚେତନ ତାହା ଭଳି ପରାର୍ଥେ ସତତ ?

---

## ଦୁର୍ବାସା ଋଷି

ହେ ଦୁର୍ଦ୍ଧର୍ଷୀ ଅହମିକା-ମନ୍ଦିର ଦୁର୍ବାସା,
କ୍ରୋଧ ଅଭିଶାପେ ଭରା ଉଦର ତୁମ୍ଭର,
କଥାକେ କଥାକେ ଧର ଅଗ୍ନିଶର୍ମା ରୂପ,
ଏହା କି ହେ ଶାନ୍ତିପ୍ରିୟ ବ୍ରାହ୍ମଣ ଲକ୍ଷଣ ?
ଅକ୍ଷମା-ସର୍ବସ୍ୱ ତୁମ୍ଭେ, ଆବର ନିର୍ଦ୍ଦୟ,
ନୁହେଁ ଏହା ସୁସଂଯମୀ ଯତି ଆଚରଣ ।
କ୍ରୋଧ ମହାଦୁଷ୍ଟ ରିପୁ, ଆହୁତି ସ୍ୱରୂପେ
ସମର୍ପେ ଯେ ଯଜ୍ଞାନଳେ ସର୍ବାଗ୍ରେ ତାହାକୁ
ସେ ତପୀ, ତାହା ତପସ୍ୟା, ତପସ୍ୟା ପ୍ରକୃତ,
ପ୍ରଧାନ ତପସ୍ୟା ସିନା ଅହିଂସା, ଅକ୍ରୋଧ ।
ନରୁବା ସତତ ହେବା କ୍ରୋଧ ଜର୍ଜ୍ଜରିତ
ନୁହେଁ ଋଷିଧର୍ମ, ତାହା ହଳାହଳୋଦ୍‌ଗାରୀ
ନାଗସର୍ପର ସ୍ୱଭାବ, ଧନ୍ୟ ପଛେ ନର
ଦେବବଲ୍ଲଭଗୁଣ, ମାତ୍ର ପଶୁ ତାହା କ୍ରୋଧେ ।

---

## ଦାରିଦ୍ର୍ୟ

ଦାରିଦ୍ର୍ୟ ଦଶମ ଗ୍ରହ, ଅନ୍ଧକାରମୟ
ଅମଙ୍ଗଳ ଧୂମକେତୁ ହୁଏ ଅଧିଷ୍ଠିତ
ଯାର କୋଷ୍ଠୀ-କେନ୍ଦ୍ରେ ଦୁଷ୍ଟ, ଜୀବନ ତାହାର
ଚିର ହାହାକାରପୂର୍ଣ୍ଣ, ଅଭାବ-ଆଳୟ,
ଯେଣିକି ସେ କରେ ହାୟ, ଆଶା ଆରାଧନା,
କେଣିକି ତାହାକୁ ଆଶା ଠେଲେ ପଦେ ଦୂରେ ।
ବାସନା ଅପୂର୍ଣ୍ଣ ତାର, ଭ୍ରମେ ସେ ସଂସାରେ
ସଙ୍କଳ୍ପ-ମୋଦକେ ସଦା ପୂରାଇ ଉଦର ।
ହେଉ ଯେତେ ଜ୍ଞାନୀ, ଯେତେ ପ୍ରଖ୍ୟାତ-ପଣ୍ଡିତ,
ଢାଙ୍କିଦିଏ ସବୁ ଗୁଣ ଦାରିଦ୍ର୍ୟ-କାଳିମା,
ଛୁଏଁ ନାହିଁ ନାମ ତାର ଉପାଧି ତାଲିକା ।
ହେବାକୁ ଦରିଦ୍ରବନ୍ଧୁ ମଣନ୍ତି ଧନିକେ
ମହା ମାନହାନି କିମ୍ବା ଭୀଷଣ ପାତକ,
ଅତଃ ଅବଜ୍ଞା ତାହାର ଦୁର୍ଭାଗ୍ୟ-ସୂଚକ ।

---

## ବିନୟ

ବିନୟ ମାନବ ପ୍ରାଣେ ଅମର ବିଭୂତି,
ପୂଜନ୍ତି ତ ପଦ ପ୍ରାନ୍ତେ ପୂଜାର୍ପଣରେ,
ବିନୟୀ ଅଜାତଶତ୍ରୁ, ସର୍ବେ ତାର ବଶ,
ଏଣୁ ଅଳ୍ପ ଝୁଣ୍ଟେ ସେତୁ ବନ୍ଧୁର ସଂସାରେ ।
ଲୁଣ୍ଠେ ଯେଉଁ ସୁଖଶାନ୍ତି ଦରିଦ୍ର ବିନୟୀ,
ଦୁର୍ବିନୀତ ଧନଭାଗ୍ୟେ ସ୍ୱପ୍ନାତୀତ ତାହା,
ବିନୟ ବିପଦସାଣ୍ଡୁ, ଭୀମ ପ୍ରଭଞ୍ଜନ
ନାଶେ ଉଚ୍ଚଶିର ତରୁ, ମାତ୍ର ଭୂମିନତ
ଦୂବର ତ କରେ ନାହିଁ କେବେ କିଛି କ୍ଷତି ।
ବିନୟ ମାହାତ୍ମ୍ୟ ବୁଝେ ବିନୟ-ସେବକ,
ମେଘର ସ୍ୱଭାବ ଧର୍ମ, ହୋଇ ସେ ଆନତ
ମର୍ତ୍ତ୍ୟରେ ଅମୃତଧାର ଢାଳେ ପ୍ରାବୃଟରେ,
କେତେ ଲୋକ ପାସୁଦାର, ମାତ୍ର ସେ ସତତ
ସବିନୟେ ବେଳାପଦେ ହୁଏ ବିଲୁଣ୍ଠିତ ।

---

## ଉପେନ୍ଦ୍ର ଭଞ୍ଜ

ହେ ଉତ୍କଳ ମହାକବି ଅଦ୍ଭୁତ ଶାବ୍ଦିକ,
ହେ ଅମର ପୁଣ୍ୟଯଶା, ଏ ପୁଣ୍ୟ ଉତ୍କଳେ
ତବ ପ୍ରତିଭାର ମୂର୍ତ୍ତି ସ୍ୱତେ ପ୍ରତିଗୃହେ ।
ଗତ ତୁମ୍ଭେ, ମାତ୍ର ତବ ବୀଣାର ମୂର୍ଚ୍ଛନା
( କୋବିଦ-ମାନସ-ମୃଗ-ବନ୍ଧନ-ବାଗୁର )
ରହିଛି ଉତ୍କଳ ମାଟି ବାୟୁ ଜଳେ ମିଶି ।
ତବ କବିତାର କୋଷ୍ଠୀ କୌମୁଦୀ ରେଖାରେ
ଅଙ୍କା ଉତ୍କଳାଙ୍ଗେ, ଚାରୁକଳା-ବିମଣ୍ଡିତ,

ଗଣି ତାହା ଜଗତର ପ୍ରବୀଣ ଗଣରେ,
କରୁ ଉପଲବ୍ଧି ତାର ପୂର୍ଣ୍ଣତା, ଶ୍ରେଷ୍ଠତା,
ସମର୍ପନ୍ତ ପୁଷ୍ପାଞ୍ଜଳି ତବ ଉଦ୍ଦେଶ୍ୟରେ ।
ବାଣୀଶିଷ୍ୟ, ଲଭିଅଛି ମାତୃଭୂମିଗଳେ
ଯେ ମହିମା-ମଣି-ମାଳା, ଅପ୍ରତିମ ତାହା,
ସେହି ତବ ସୃଷ୍ଟ ସ୍ମୃତି-ସୁବର୍ଣ୍ଣ-ମୂରତି ।

—:*:—

## ଖଦ୍ୟୋତ

ତମିସ୍ରର ଆଶା ପ୍ରାପ୍ତ ଖଦ୍ୟୋତ ଆଲୋକ
କ୍ଷଣେ ଦୀପ୍ତ, କ୍ଷଣେ ଲୁପ୍ତ, ସେ ଆଲୋକଟିକ
ଖଦ୍ୟୋତର ନିଜପାଇଁ । ଯାହାର ଆଲୋକ
ନିଖିଳ ଜଗତ ପାଇଁ, ସେ ସୂର୍ଯ୍ୟ ଖଦ୍ୟୋତ,
ଉଭୟଙ୍କୁ ଏକ ଆଖ୍ୟା ଦେଲେ ଯେ ଶାବ୍ଦିକ
ଅଭିଧାନ ଗ୍ରନ୍ଥେ, କେତେ ଅବିବେକ ସେହୁ,
ଅର୍ପିଲେ ଗୋଷ୍ପଦେ ସିନା ମହାବ୍ଧି ଆସନ ।
ନୀଚ, ଉଚ୍ଚୋପାଧି ଲଭେ ହୁଏ ଗର୍ବେ ସ୍ଫୀତ,
ଏହା ପ୍ରାକୃତିକ, ତଥା ସେ ନଗଣ୍ୟ କୀଟ,
ଦେଖି ଦୀପଶିଖା ମଣି ନିକୃଷ୍ଟ ତାହାକୁ
ନିଜଠାରୁ, ଦର୍ପଭରେ ଝାମ୍ପଦିଏ ତହିଁ,
ଫଳେ ଭସ୍ମୀଭୂତ ହୋଇ ହରାଏ ଜୀବନ,
ଗର୍ବ ପରିଣାମ ଫଳ ମହାମାରାତ୍ମକ,
ନ ଛୁଅନ୍ତି ସାଧୁ ତେଣୁ ନିସୀମା ତାହାର ।

—:*:—

## ଶ୍ରୀପଞ୍ଚମୀ

ଆଜି ମହାଦିବା, ପୁଣ୍ୟ ଶୁଭ ଶ୍ରୀପଞ୍ଚମୀ,
ଉତ୍କଳ-ଭାରତୀଙ୍କର ଆଗମନୀ ତିଥି,
ଏବେ ମଧୁଋତୁ, ମୋଦେ ହସୁଛି ଧରଣୀ,
ମିଶି ପୁଣି ବୁଝେ ତହିଁ ବିଶ୍ୱଜ୍ଞାନରାଣୀ—
ବାଣୀ ଦେବୀ ମଧୁମୟ ହାସ୍ୟ-ସୁଧାପ୍ଲୁତ,
ହେଉଛି ଅମୃତେ ଆହା ଅମୃତ ବର୍ଷଣ !
ଉଠ ଉଠ ଉତ୍କଳୀୟେ, ମୋହନିଦ୍ରା ତେଜି,
ଡାକୁଛନ୍ତି ମାତା ଆସି, ଅମୃତ ଆହ୍ୱାନେ,
ଦେଖ ଦେଖ ମାତୃମୂର୍ତ୍ତି, ଆହା କି ସୁନ୍ଦର,
ସମାସୀନା ଦେବୀ, ଶ୍ୱେତ-ଶତଦଳୋପରି,
ବାମ କରେ ଶୋଭେ ବୀଣା, ବାମେତର କର
ରହିଛି ବିସ୍ତୃତ, ଦେଖ ପାଖୁଡ଼ା ପରାଏ,—
ଅଭୟ, ଉନ୍ନତି, ଜ୍ଞାନ-ବରଦାନ ପାଇଁ
ପୂଜ ତାଙ୍କ ପାଦ, ଛାଡ଼ି ଆଳସ୍ୟ, ଜଡ଼ତା ।

—*—

## ସଙ୍ଗୀତ

କି ମହାମୋହିନୀ ଶକ୍ତି ଆହା ସଙ୍ଗୀତର,
ଆକର୍ଷେ ସେ ବନ୍ୟ ମୃଗେ, ଶତ୍ରୁ ବଳେଶୟେ
ଅନାୟାସେ, ମରଣର ଭୀଷଣ ସମ୍ମୁଖେ ।
କେ ନୁହେ ସଙ୍ଗୀତବଶ, ଦୁର୍ଲଭ ତା ମୁଖେ
ସଙ୍ଗୀତର ସେହାବୃତ୍ତି, ପୀୟୂଷ ପଚିତ ।
ସୂକ୍ଷ୍ମ ସୂକ୍ଷ୍ମ ସ୍ୱରେ ସଦା ଗାଉଛି ସମୀର
ବିଶ୍ୱଭୂମା ଈଶ୍ୱରଙ୍କ ଅନନ୍ତ ଭବତା,
ପ୍ରକୃତି-ଅମରସ୍ତୁତି ଗାଏ କଲ୍ଲୋଳିନୀ
କୁଳୁ କୁଳୁ କଳନାଦେ, ଆଦର ଗାଉଛି
ମହାସିନ୍ଧୁ ଜଗତର ସଜୀବ-ସଙ୍ଗୀତ,
ମାନବର ଅନ୍ତରାତ୍ମା ନୀରବ ଭାଷାରେ
କରୁଛି ଆବୃତ୍ତି ସଦା କି ମହାଗୀତିକା
କେବଳ ଉଦ୍ଦେଶ୍ୟେ, ତାହା ଅଜ୍ଞାତ ତାହାର,
ମାତ୍ର ସେ ଅଲକ୍ଷ୍ୟେ ତହିଁ ହେଉଛି ମୋହିତ ।

—:*:—

## ମୟୂର

ଶିଖଣ୍ଡି, ତୁ ନଟରାଜ ବନ-ରଙ୍ଗାଳୟେ,
ନିରେଖି ପ୍ରକୃତିରାଣୀ ତୋ ଲାସ୍ୟ ରୁଚିର,
( ମାନସ-ଉଲ୍ଲାସକାରୀ, ଦିଦୃକ୍ଷାବର୍ଦ୍ଧକ )
ଫୁଲ୍ଲ ଫୁଲଦଳ ଛଳେ ହସନ୍ତି ପ୍ରମୋଦେ ।
ଧନ୍ୟ କି ମୋହନ ମୂର୍ତ୍ତି ଲଳିତ ମଧୁର,
ମାତ୍ର ସ୍ୱର ବିପରୀତ-ଅପ୍ରିୟ, କର୍କଶ,
ଶୋଭାର ପୂର୍ଣ୍ଣ ବିକାଶ ଯାହାଁର ରୂପରେ,
ବଚନ ସୁନ୍ଦର ଯାର ସେ ସିନା ସୁନ୍ଦର ।

ଗଢ଼ିଛୁ ଯେ ଚନ୍ଦ୍ରମାର ସୁତନୁ ତୋହର
ଶବଳିତ ରତ୍ନରଞ୍ଜ-ରଶ୍ମି ଉପାଦାନେ,
ଭୁଲି ତାକୁ, ରେ ପତଙ୍ଗ, କାହିଁ ଉଡ଼ୁ ଯାଉ ?
ପ୍ରୀତିପୂର୍ଣ୍ଣ ନେତ୍ରେ ତାକୁ ଦେଖୁଛୁ ଯେପରି,
ସେପରି ସେ ଦେଖେ କି ରେ ତୋତେ? ନାହିଁ ଯହିଁ
ପ୍ରାଣର ଶତ୍ରୁଭାବେଗ, ପ୍ରୀତି ନୁହେଁ ତାହା ।

ଃ—❋—ଃ

## ସନ୍ତୋଷ

ସନ୍ତୋଷ, ଅମୂଲ୍ୟ ଧନ, ଅନାବିଲ ସୁଖ,
ଝରେ ତହୁଁ ଶାନ୍ତି-ପ୍ରୀତି-ଅମୃତ-ନିର୍ଝର ।
ସମୁଜ୍ଜ୍ୱଳ ଯେ ଆଗାର ସନ୍ତୋଷ-ରତନେ,
ସେ ତ୍ରିଦିବ, ବର୍ଣ୍ଣେ କହି ସ୍ୱର୍ଗ-ଶୁଭଧାମ ।
ସନ୍ତୋଷ-ଚନ୍ଦ୍ରିକା ଯୋଗେ ଶୀତଳ ଯା ହୃଦ,
ସେ ଜୀବିତ, ଜୀବନ୍ମୁକ୍ତ, ଚିରପ୍ରଫୁଲ୍ଲିତା
ତାରେ ଆଲିଙ୍ଗନ ଦେଲୁ, ପ୍ରିୟ ସଖୀ ପ୍ରାୟ,
ପକ୍ଷାନ୍ତେ ଯା ଅନ୍ତସ୍ତଳେ ଦହେ ନିରନ୍ତରେ
ଅସମ୍ପୂର୍ଣ୍ଣ-ବାସନାର ମର୍ମନାଶୀ ସ୍ରୋତ,
ତାହାର ଜୀବନ ନୁହେଁ ଜୀବନ ଆଖ୍ୟାତ,
ଜୀବନ୍ତ ମରଣ ତାହା, ଯନ୍ତ୍ରଣା-ଜର୍ଜ୍ଜର ।
ସନ୍ତୋଷ, ମାନବ ପ୍ରାଣେ ଦେବାବତରଣ,
ଆବର ମହାତପସ୍ୟା, ସାଧିଲେ ସେ ତପ
ହୁଏ ପ୍ରାଣ ସୁପବିତ୍ର, ସଦା ମଧୁମୟ ।

ଃ—❋—ଃ

## ଆତ୍ମଶ୍ଳାଘା

ଆତ୍ମଶ୍ଳାଘା ମୃତ୍ୟୁଠାରୁ ବଳି ଭୟଙ୍କରୀ,
ହୁଏ ଯାହିଁ ବଡ଼ ହେବା ଗାଇ ନିଜ ସ୍ତୁତି
ନିଜ ମୁଖେ, ତାହା ନୀଚ ଅଧମ ସ୍ୱଭାବ;
ଥାଉ ଆନ କଥା, ମଣେ ଯେ ନିଜକୁ ହୀନ
ନିଜ ଚକ୍ଷେ ସୁଦ୍ଧା, ବଡ଼ ବାସ୍ତବ ସେ ଏଠା ।
ଆତ୍ମଶ୍ଳାଘା ପତନର ଅମୋଘ ମନ୍ତ୍ରର,
ବଖାଣି ଆତ୍ମପ୍ରଶସ୍ତି ସୁନାସୀର ପାଶେ
ନହୁଷ ନୃପତି, ପୂର୍ବେ, ଲଭିଲେ ଯେ ଦଶା,
ଲିଖିତ ତା' ତାଳବନ୍ତେ—ପୁରାଣ ବକ୍ଷରେ,
ହୋଇ କ୍ଷୀଣପୁଣ୍ୟ ସିଏ, ହେଲେ ଅଧୋଗତ,
ଆତ୍ମଶ୍ଳାଘା ପାପ, ଶୋକ, ନରକପ୍ରସୂତ ।
ନୁହେଁ ସେ ପ୍ରଶଂସ୍ୟ ଜେତେ ଲୋକେ ଯେ ପ୍ରଶଂସା
ଖୋଜି ଖୋଜି ଅଜ୍ଞାତରେ ପ୍ରଶସ୍ତି ଯାହାକୁ
ଦଳେ ଦଳେ, ସେହି ଧନ୍ୟ, ସେହି ପ୍ରଶଂସିତ ।

ଃ—❋—ଃ

## କିଏ ମୋର ?

ଉଠୁଅଛି ପ୍ରାଣୁ ସଦା ମୋର ମୋର ଧ୍ୱନି,
ଜାହାର ସେ ଲକ୍ଷ୍ୟ, ତାହା ଅଜ୍ଞାତ ମୋହର,
ତଥା କିଏ ମୋର ଭବେ, ସେ ସୁଦ୍ଧା ଅଜ୍ଞାତ;
ଅଥଚ ଜଗତ ସାରା ମୋହର କେବଳ ।
ଜ୍ଞାତି ପରିଜନେ ଜନେ ବୋଲନ୍ତି ଯା ମୋର,
ମୋହର ମୋହନ ମନ୍ତ୍ର ଗାଇ ତାହା ସିନା,
ଗଲିଗଲେ ପାଣି ଚୁନ, କେ ଆଉ କାହାର ?
ଧନ ସମ୍ପତ୍ତି ତ ଜଡ଼, ବର୍ଜ୍ଜିତ ତା କଥା ।
ଆକାଶ, ପର୍ବତ, ବନ ପଶୁରେ ଯାହାକୁ
କିଏ ମୋର, କେହି ଦେଇ ନ ପାରି ଉତ୍ତର
ଫେରାଇ ଦିଅନ୍ତି ମୋର ପ୍ରଶ୍ନକୁ ତକ୍ଷଣେ
ପ୍ରତିଧ୍ୱନି-ମୁଖେ, ତହୁଁ ଉଠେ ମୁଁ ନିରାଶା ।
କେବଳ ଏତିକି ଜାଣେ, କରେ ଯେତେବେଳେ
ଯାର ମନରକ୍ଷା, ହୁଏ ସେ ତାକେ ସେ ମୋର ।

ଃ—❋—ଃ

## କୃପଣ

କାହିଁ ନିନ୍ଦା ରଟେ ଭବେ କୃପଣ ନାମରେ
କିଏ ତାର ସମକକ୍ଷ, ମହାଦାତାପଣେ ?
ନ ଖାଇ ସେ ସଞ୍ଚେ ଧନ ପରଭୋଗ ପାଇଁ ।
ନୋହିଥିଲେ ମଧୁମକ୍ଷୀ ସଞ୍ଚୟ-ନିପୁଣ,
ମିଳନ୍ତା କି ସୁଧା ତୁଲ୍ୟ ଦେବଭୋଗ୍ୟ ମଧୁ ?
ଧରେ ବୃକ୍ଷ ବହୁ ଫଳ, ନ ଖାଏ ବୋଲି କି
ହେବ କୃପଣ ଆଖ୍ୟାତ ? ଅହୋ ! କି ଅଦ୍ଭୁତ
ସିଦ୍ଧାନ୍ତ ! ଦାତାର ଲକ୍ଷ୍ୟ, କୃତ୍ରିମ ଉପାଧି

ଯିବ, (ନ ଗଣି ଏ ଉକ୍ତି ପକ୍ଷେ ସାଧାରଣ
ବାତୁଳଙ୍କ ପକ୍ଷେ, ମାତ୍ର କଷ୍ଟେ ସମୀଚୀନ
ଅନେକଙ୍କ ପକ୍ଷେ) କିନ୍ତୁ କୃପଣ କଦାଚ
ଯେତେ ନାହିଁ ତାହା, ସ୍ୱପ୍ନେ ଅବା କଳ୍ପନାରେ;
ତାର ସେହି ଚିରସ୍ଥିର ଶାଶ୍ୱତୀ ପଦବୀ,
କଳଙ୍କ-ମୁକୁଟରୂପେ ଶିରେ ବହେ ସଦା ।

——:o:——

## ଆଶା

ଚିର ଆଶାମୃତବୋଲା ମାନବ ଜୀବନ
ଆଶାହ୍ୱାୟ ସଂଗଠିତ, ଆଶା ନିର୍ଭରିତ;
ଉତ୍କଟ ମାନବ-ବକ୍ଷ ଆଶାରେ ସ୍ପୁରିତ,
ବାଷ୍ପେ ବାଷ୍ପରଥ ଯଥା, ତାହା ବ୍ୟତିରେକେ
ମାନବ ଶିଥିଳ ସ୍ଥିର । ଟାଣିଆଣେ ଆଶା
ମାନବକୁ କର୍ମପଥେ ମାନସ ସହିତ,
ଆଶା ଶୁଭଙ୍କରୀ, ଦେବୀ, ଅବଶ୍ରାମବତୀ,
ଅପୂର୍ବ ଲାବଣ୍ୟମୟୀ ଅରୂପା ରୂପସୀ ।
ଶୁଣି ତାର ବଂଶୀଧ୍ୱନି--ଲଳିତ, ମଧୁର,
ଜୀଇଉଠେ ମୃତପିଣ୍ଡ, ଜନ୍ମପଙ୍ଗୁ ଧରେ
ବାରିଧି-ମେଖଳା ଧରା ଭ୍ରମଣେ ସାହସ ।
ସ୍ନେହ ସୁଖମୟ ଅଙ୍କ ପରଶେ ତାହାର
ଭୁଲିଯାଏ ନର ହେଲେ ସଂସାର ଆଘାତ,
ଜଗତର ସଦା ସେହି ଆଶ୍ୱାସଦାୟିନୀ ।

——*——

## ରାମାୟଣ ମହାଭାରତ

ସୃଜିଲେ ବାଲ୍ମୀକି ବ୍ୟାସ କି ମାହେନ୍ଦ୍ର କ୍ଷଣେ
କାବ୍ୟ-କାମଧେନୁ ଯୁଗ, ଯୁଗଯୁଗବ୍ୟାପୀ
ଦୋହନେ ନ ସରେ ତାର ସୁଧା-ଦୁଗ୍ଧ-ଧାର ।
ସେ ଦୁର୍ଲ୍ଲଭ ଦିବ୍ୟ ଦୁଗ୍ଧ ଆଜୀବନ ପାନେ
ନ ଜନ୍ମେ ଅରୁଚି, ବରଂ ପ୍ରବର୍ଦ୍ଧେ ପିପାସା ।
ଧନ୍ୟ ବେନି ମହାକବି ଅମର ତୂଳିକା,
ଅଙ୍କିଲା ସେ ଯେ ଆଲେଖ୍ୟ, ସପ୍ତବର୍ଣ୍ଣୋଜ୍ଜ୍ୱଳ,
ସତ୍ୟ, ଶିବ, ସୁନ୍ଦର ସେ, ନିତ୍ୟ ଅଭିନବ ।
ଧରିଛନ୍ତି ମହାଦର୍ଶ ଜଗତ ସମ୍ମୁଖେ
ସେ ମହା ଆଲେଖ୍ୟ, ତଥା ଧରିଥିବ ସଦା;
ମହୀରେ ଭାରତ ସାର, ଭାରତେ ଭାରତ,—
ରାମାୟଣ, ଯାହା ନାହିଁ ତହିଁ, ତାହା ନାହିଁ,
ସେ ମହାଗ୍ରନ୍ଥଦ୍ୱୟ, ଆର୍ଯ୍ୟ-ଗୌରବର
ରବିଶଶୀ ପ୍ରାୟ, ରତ ଭାରତରେ ସତ୍ୟ ।

—:o:—

## କ୍ଷୁଦ୍ର ।

କ୍ଷୁଦ୍ର ନୁହେଁ ଅବଜ୍ଞାତ, ମହିମା ତାହାର
ମହୀୟସୀ; ବୃହତ୍ତର କ୍ଷୁଦ୍ରରୁ ସଂଜାତ ।
ରେଣୁ ସମ ବୀଜୁ ଜାତ ପ୍ରକାଣ୍ଡ ନ୍ୟଗ୍ରୋଧ,
ଘନଚୁମ୍ବୀ ହିମାଳୟ, ଶିଖର-ସମ୍ରାଟ,
ଧୂଳିକଣାର ସମଷ୍ଟି, ତଥା ପାରାବାର
ମାନବ-କଳ୍ପନାତୀତ ଅନନ୍ତ-ବିସ୍ତୃତ,
କ୍ଷୁଦ୍ରତମ ବାରିବିନ୍ଦୁ ସଂଯୋଗେ ଗଠିତ ।
ତରୁ ତୁଳନାରେ ଲତା କ୍ଷୁଦ୍ରପ୍ରାଣ ଅତି,
ମାତ୍ର ସେ ପ୍ରସବେ ଫଳ ତରୁଠାରୁ ବଳି;
ସାମାନ୍ୟ ସ୍ଫୁଲିଙ୍ଗ ପାରେ ନଗରରେ ଦହି ।
ମକ୍ଷିକ ନଳକୁ କ୍ଷୁଦ୍ର, କିନ୍ତୁ କ୍ଷୁଦ୍ର ବୋଲି
ବଡ଼ କାର୍ଯ୍ୟ ସାଧନରେ ନ ହେବ ହତାଶ,
ଯାକେ ବଳ କରେ କର୍ମ, ଆଜ କ୍ଷୁଦ୍ର ଯେହୁ
କାଲି ସେ ହେଉଛି ଶ୍ରେଷ୍ଠ ନିଶ୍ଚିତ-ନିୟମେ ।

—:o:—

## ବନ୍ଧୁ

କାହିଁ ଚିରବନ୍ଧୁ, ମହୀ-ଅବନ୍ଧୁ-ପ୍ରବାସେ ?
ବାନ୍ଧିପାରେ ହୃଦୟେ ଯେ ପ୍ରୀତି-ପାଟଡୋରେ
ପକାଇ ଅଫିଟା ଗଣ୍ଠି, କିମ୍ବା ପ୍ରେମ-ମୂଲେ
ଚିରବନ୍ଧା ରଖେ ପ୍ରାଣେ ଯେ ପ୍ରଣୟୀ ପାଶେ,
ସେ ଏକା ପ୍ରକୃତ ବନ୍ଧୁ, ଜୀବନ-ଦୋସର;
ନୀଚ ସ୍ୱାର୍ଥ, ସଂକୀର୍ଣ୍ଣତା ବା ଦୌର୍ବଲ୍ୟ ଦୋଷେ
ମଳିନ ନୁହେଁ ତା ହୃଦ, ଅବା କଳଙ୍କିତ ।
ସ୍ୱାର୍ଥ ଯା ପ୍ରାଣର ପ୍ରାଣ, ସ୍ୱାର୍ଥ ବନମୟ

ଯାର୍ ଲକ୍ଷ୍ୟ, ସେ ବନ୍ଧୁତା କୃତ୍ରିମ, ଭଙ୍ଗୁର,
ଉପକାର୍ ଆଦାନର୍ ଆଗଭୁସ୍ ଭଙ୍ଗା ।
ସଂସାର୍ ଶତ୍ରୁଚ୍ଛେଦଭୂମି, ତାହାର୍ ବନ୍ଧୁତା,
ନ ହୁଏ ପୂର୍ଣ୍ଣତାପ୍ରାପ୍ତ ଏଥି ଯେଉଁଠାରେ,
ନିସର୍ଗ ବନ୍ଧୁତା ଏକା ଧର୍ମର ବନ୍ଧୁତା,
ଧର୍ମ ଯେଣୁ ଲୋକେ ସଙ୍ଗୀ, ପ୍ରକୃତ ବନ୍ଧୁ ସେ ।

—ଃ୦ଃ—

## ଅନୁତାପ

ଏ ଭୀଷଣ ଅନୁତାପ-ଅଗ୍ନି, ଅଗ୍ନିବାଣ,
ସହିଲେ ଅନଳ ଶାନ୍ତ, ମାତ୍ର ଏ ଜଗତେ
ନାହିଁ ଏମନ୍ତ ସଲିଳ, ପାରିବ ସେ ଶମି
ଅନୁତାପ ପାବକର ମହା ଉତ୍ତପ୍ତଶିଖା ।
ଅହୋ, କେତେ ଅବିବେକୀ ମୂର୍ଖ, ଅର୍ବାଚୀନ,
ଉଁ ସ୍ତୂପେ ଢାଳି ଆଜ୍ୟ ଦେଲି ପିତା ତାର
ଅପବ୍ୟବହାର୍; ଦେଇ ଶାଳଗ୍ରାମ ଟେକି
ମ୍ଲେଚ୍ଛହାତେ, ଦେଲି ତାକୁ ଅପବାଦ ହାୟ !
ସେହି ଅଦୂରଦର୍ଶିତା-ବିଷମୟ ଫଳ
ଭୁଞ୍ଜି ମୁଁ ଆକ୍ରାନ୍ତ ଏବେ ଅନୁତାପ-ଜ୍ୱରେ ।
ହେଉ ପଛେ ଅନୁତାପ ଶୂନ୍ୟଗର୍ଭ, ବୃଥା,
ମାତ୍ର ଯୋଗ୍ୟ ପ୍ରାୟଶ୍ଚିତ୍ତ ସେ ମୋ ଦୁଷ୍କୃତର
ଅବମୃଷ୍ୟକାରିତାର ପୁରସ୍କାର ମଣି,
ପିନ୍ଧିଥିବି ଆଜୀବନ ସେ ମାଳି-ପଦକ ।

—ଃ୦ଃ—

## ଶତ୍ରୁ

ମାନବ, ଶତ୍ରୁବେଷ୍ଟିତ ଆଜୀବନ ଭବେ,
ଅଭ୍ୟନ୍ତରେ ରୋଗ ଶତ୍ରୁ, ପୁଣି ଷଡ଼ରିପୁ,
ବାହ୍ୟେ ଜଳେ ସ୍ଥଳେ ସ୍ଥିତ କୁମ୍ଭୀର ଶ୍ୱାପଦ,
ଆକାଶେ କରକା, ବଜ୍ର, ରୁଦ୍ଧ ସର୍ବପଥ ।
ଆଉ ଏକ ମହାଶତ୍ରୁ ଅଛି ମାନବର,
ସେ ମାନବ, ମାନ ଦୁଷ୍ଟ ପିଶାଚ ଆକୃତି;
ଦମିତ ଔଷଧେ ରୋଗ, ସଂଯମ ସାଧନେ
ରିପୁକୁଳ, ଶ୍ୱାପଦାଦି ଅସ୍ତ୍ରେ ସାବର୍ଥ୍ୟରେ
କରକାରୁ ଛାଉଣୀଘରୁ ଆତ୍ମରକ୍ଷା ନିତ,
ମାତ୍ର ନାହିଁ ନର-ଶତ୍ରୁ ପାଲରୁ ନିସ୍ତାର ।
ତୀବ୍ର ହଳାହଳସିକ୍ତ ଦୁର୍ଜନ ରସନା,
ହୃଦ ପୂର୍ଣ୍ଣ ପରନିଷ୍ଟ-ପାପ-କଳ୍ପନାରେ,
ଦୁଷ୍ଟସ୍ଥା-ଦୌରାତ୍ମ୍ୟ ମୁକ୍ତ ଯେଉଁ ଭାଗ୍ୟଧର
ସୁଲଭ ଜୀବନେ ତାର ସୁଖ-ଶାନ୍ତି-ସୁଧା ।

—ଃ୦ଃ—

## ସଭ୍ୟତା

ନୁହେଁ ଜେୟ ଦ୍ରବ୍ୟ, କିମ୍ବା ଅଯତ୍ନ-ସୁଲଭ
ସଭ୍ୟତା, ଉପାର୍ଜନର ସାପେକ୍ଷ ସେ ଏକା,
ଲୁଣ୍ଠନ ବିନ୍ୟାସେ ଅବା ରମ୍ୟ ପରିଚ୍ଛଦେ,
ଅଥବା ଜାତୀୟତାର ବିରୁଦ୍ଧ ଭୋଜନେ,
ହୁଏ ନାହିଁ ସଭ୍ୟତାର ସାରଭୂ ଉନ୍ମେଷ,
ଅସ୍ୱାଭାବିକତାର ସେ ହୀନ ଅନୁକୃତି;
କିଅାଁ ଗଢ଼ା ଛଳ ପିନ୍ଧା ସେ ଅନୁକରଣେ,
ମାତ୍ର ପ୍ରକୃତରେ ହୁଏ ବାନର ଗଠିତ ।
ସଭ୍ୟତା, ସଦ୍‌ଶିକ୍ଷା ଆଉ ସତ୍ସଙ୍ଗସମ୍ଭୂତ,
ଢଳିଦିଏ ଚରିତ୍ରେ ସେ ସଂଯତ, ମାର୍ଜିତ,
ଯଦ୍ୱାରା ଶରୀର, ମନ, ବିଶେଷେ ଆତ୍ମାର
ସମ୍ପୂର୍ଣ୍ଣ ବିକାଶ ଘଟେ, ସତ୍ୟ, ସଦାଚାର,
ଔଦାର୍ଯ୍ୟ, ସମଦର୍ଶିତା, ସ୍ୱଧର୍ମପାଳନ,
ଯାର ଦୃଢ଼ ମୂଳଭିତ୍ତି, ସେହି ତ ସଭ୍ୟତା ।

—ଃ୦ଃ—

## ପରଦୋଷ

ପରଦୋଷ ଅନ୍ୱେଷଣ ନିର୍ଗୁଣୀ ସ୍ୱଭାବ,
ବର୍ଜନୀୟ ଅସ୍ପୃଶ୍ୟ ତାହା, ଉପେକ୍ଷ୍ୟ ସର୍ବଥା;
ଭର୍ଜିନିଏ ମଧୁଫଣା ମଧୁ-ସଂଗ୍ରାହକ,
ମାତ୍ର ନିମ୍ନ କୀଟଚକ୍ରେ * ଛୁଏଁ ନାହିଁ କେବେ ।
ଖୋଜି ଆତ୍ମଦୋଷ ଯେହୁ କରେ ସଂଶୋଧନ,
ଆବର ଯେ ଭୃଙ୍ଗଧର୍ମୀ, (ଭ୍ରମର ଯେସନ

* ମଧୁଚକ୍ରର ଉପର ଫଣାରେ ମଧୁ ଥାଏ ଏବଂ ତଳଫଣା କୀଟପୂର୍ଣ୍ଣ ।

ଶୋଭେ ଯାଇ ମଧୁବିନ୍ଦୁ ଚମ୍ପକ କୁସୁମ,
(ଯାଞ୍ଚ ତାର ଭକ୍ତି ରସ) ସେହି ପାରଗାମୀ,
ପ୍ରକୃତ ଧାର୍ମିକ, ଜ୍ଞାନୀ, ଆତ୍ମଦର୍ଶୀ, ସାଧୁ,
ପୂତ ତାହା ପଦରେଣୁ, ତୀର୍ଥରେଣୁ ସମ ।
ଧରନ୍ତି ଉନ୍ନତ ଦେବୀ ପାଦରେ ତାହାକୁ
ସୁଖମୟ ଶାନ୍ତିମୟ ସୁଧାମୟ କୋଡ଼େ ।
ପରଗୁଣ-ପ୍ରପୂଜକ ପ୍ରପୂଜ୍ୟ ଗୁଣର,
ଭରନ୍ତି ଆଶ୍ରୟ ତାକୁ ନିଖିଳ ସଦ୍‌ଗୁଣେ ।

—*—

## ନିବେଦନ

ଶମ ପ୍ରଭୋ, ମୋ ଅତୃପ୍ତ-ପିପାସା-ଯନ୍ତ୍ରଣା,
ବେଦନା-ବିକ୍ଷତ ପ୍ରାଣେ ଢାଳି କୃପା-ସୁଧା,
ଯୁକ୍ତ ସେ ପିପାସା ମୁହିଁ, ନ ପାରେଁ ସମ୍ଭାଳି,
ଘନୁ ଜାତ ଇରମ୍ମଦ, ମାତ୍ର ଘନଜଳେ
ନୁହେଁ ସେ ନିର୍ବାଣ । ହରି, ତବ କୃପା ବିନା
ଅସମର୍ଥ ନିବାରଣେ ଜଗତ ସେ ତୃଷ୍ଣା,
ବନ୍ୟାର ବାରଣ ବୃଷ୍ଟି, ନୁହେଁ ତ ତୁଷାର ।
ଶିଖାଅ ହେ ପ୍ରେମଚ୍ଛନ୍ଦେ ତବ ପ୍ରେମଗୀତ,
ହେବ ପ୍ରେମମତ୍ତ ଗାଇ ସେ ମହାଗୀତିକା;
ହେ ସୁନ୍ଦର, କର ମୋତେ ସ୍ୱଭାବ-ସୁନ୍ଦର,
ଶୁଭ ! କର ଶୁଭମୟ ପ୍ରାଣ, ପୁଣ୍ୟ ! ତବ
ପୁଣ୍ୟ-ସ୍ରୋତ-ଜଳେ ଧୋଇଯାଉ ମୋ ତପାତ୍ମ
କଳୁଷ-କଳଙ୍କ, ଦିଅ ଆଦେଶ ପାଳନେ
ଶକ୍ତି; ଶ୍ରୀପଦ ପୂଜନେ ଭକ୍ତି, ପୁଣି ପ୍ରୀତି
ସତ୍ୟ ସଂସାଧନେ, ଏହି ତ୍ରିବେଣୀ ସଲିଳେ
ପଖାଳିବ ପଦ ତବ, ଆନନ୍ଦାଶ୍ରୁ ସହ ।

—*—

## ବର୍ଷବୃଦ୍ଧି ସମ୍ବର୍ଦ୍ଧନା

(ଉତ୍କଳ ଦୀପିକାର ଅର୍ଦ୍ଧ ଶତାବ୍ଦୀ ଅତୀତ ଉପଲକ୍ଷେ)

ଘେନ ଭକ୍ତି ସମ୍ବର୍ଦ୍ଧନା ଉତ୍କଳଦୀପିକେ,
ହେତୁ, ନବସମ୍ବତ୍ସରେ, ପବିତ୍ର ମଙ୍ଗଳ
ତବ ବର୍ଷବୃଦ୍ଧି ଦିନେ, ତୁମ୍ଭେ ପୁଣ୍ୟମୟୀ,
ସ୍ୱଦେଶର ଶିକ୍ଷୟିତ୍ରୀ, ମହା କର୍ମ-ଯାଗେ,
ସଂଯାପି ପଞ୍ଚାଶ ବର୍ଷ ପୁଣି କର୍ମେ ରତ ।
ଧନ୍ୟ ତବ ପ୍ରଜ୍ଞା, ନିଷ୍ଠା, ସାହସ, ପ୍ରତିଭା,
ଔଦାର୍ଯ୍ୟ, ମହାପ୍ରାଣତା, ନମସ୍ୟେ, ତୁମ୍ଭର
ପ୍ରାଣ-ପାଣ୍ଡିର ଅତୀତ ପ୍ରତ୍ୟେକ ପତର
ଦେଶହିତ-ଶୁଭ-ଶ୍ଳୋକ-ନିର୍ଘଣ୍ଟେ ପୂରିତ
ଉନ୍ନତ-ଅଗସ୍ତ୍ୟ ତାସ୍ ତୁମ୍ଭେ ଉତ୍କଳର ।
ନୁହେଁ ଏକା ତୁମ୍ଭ ପକ୍ଷେ ଶୁଭ ଦିନ ଆଜ,
ସୌଭାଗ୍ୟ ସୁଦିନ ଆଜ ଉତ୍କଳ ପକ୍ଷରେ,
ନବ ଚନ୍ଦ୍ରୋଦୟେ ସିନା ସୃଷ୍ଟି ହୁଏ ସୁଖୀ,
ମାତ୍ର ଚନ୍ଦ୍ର ପକ୍ଷେ ଯଥା ପୂର୍ବ ତଥା ପର ।

———

## ହଳଦୀବସନ୍ତ

କାହାକୁ କରୁଛୁ ଏତେ ନିତ୍ୟ ସାବଧାନ,
ରେ ସ୍ୱର୍ଣ୍ଣବିହଙ୍ଗ, "ଶାଶୁ ଲୁଚେ ଗୋ" ବୋଲୁଣ?
କେତେବେଳେ କହୁ ପୁଣି "ଚଟଉ ପଢ଼ ଗୋ"
କାହା ଉଦ୍ଦେଶ୍ୟେ ଏ ଉକ୍ତି? କେ କହିବ ମୋତେ?
କି ସୁନ୍ଦର ତନୁ ତୋର ରତନେ ରଚିତ,
ହିରଣ୍ମୟ କଳେବର, କଣ୍ଠ ଇନ୍ଦ୍ରନୀଳ,
ଚଞ୍ଚୁ ପଦ୍ମରାଗ, ଏତେ ରତ୍ନ ଖଞ୍ଜି ବିହି
ବପୁଙ୍ଗେ ତୋହର, ହେଲା ନାହିଁ ତୃପ୍ତ କେତେ,
ଚଢ଼ାଇଲା କଣ୍ଠେ ତାର ଅମୃତେ ସିଞ୍ଚିତ,
ପ୍ରିୟ ବାଦ୍ୟଯନ୍ତ୍ର ତୁ କି ବିଶ୍ୱବିଧାତାର ?
ନୋହୁ ଖାଲି ଗୁଣଶ୍ରେଷ୍ଠ ପିକ ପରି ତୁହି,
ରୂପ ଗୁଣ ଉଭେ ତୋର ରୁଚିର-ମଧୁର,
କି ସ୍ୱର୍ଣ୍ଣ ସୌଭାଗ୍ୟ ଏହା, ଅମର ବାଂଛିତ,
ଏକାଧାରେ ଏ ସମୃଦ୍ଧି ଦୁର୍ଲଭ ଜଗତେ ।

———

## ନେପୋଲିୟନ

ଦିଗ୍‌ବିଜୟୀ ବୀରବର ହେ ନେପୋଲିୟନ,
ଥିଲା ଅହୋ ତୁମ୍ଭର କି ଦୁର୍ବାର ଲାଳସା,

ବିସ୍ତୀର୍ଣ୍ଣ ସାମ୍ରାଜ୍ୟ ଲଭେ, ନ ତୁଟିଲା ତେବେ
ଅତୃପ୍ତ-ବାସନା-ତୃଷା, ଦୁଇ ଦିନ ପାଇଁ
ହେଲା କି ନିଅଣ୍ଟ ଭଲ ସେ ବିଶାଳ ସ୍ଥଳୀ
ତବ ବାସ ପକ୍ଷେ ? କରେ ଧରିଲ କୃପାଣ,
ସୀମାବୃଦ୍ଧି ଅର୍ଥେ, କଲ ଅଭିଷିକ୍ତ ଧରା
ମାନବ-ଶୋଣିତେ, ବହି ମାନବ ଶୋଣିତ,
ମାପି ନେଲ କେତେ ଭୂମି ମର୍ତ୍ତ୍ୟ ଗଲାବେଳେ ?
ସାର୍ଦ୍ଧ ତିନି ହସ୍ତ ସ୍ଥାନ ଆବଶ୍ୟକ ତବ,
ତାହା ସୁଦ୍ଧା ପାରିଲ କି ସଙ୍ଗେ ନେଇ ବୀର,
କେତେ ଦିନ ପାଇଁ ଅହା କଲ କେତେ କଥା ।
ହୋଇ ମହାରଣ-ଯାଗେ ପ୍ରଧାନ ପୁରୋଧା,
ସମର୍ପିଲ ପୂର୍ଣ୍ଣାହୁତି କୋଟି କୋଟି ନରେ,
ବୀରତ୍ୱ କି ନିଷ୍ଠୁର ଅବସ୍ଥା-ଶ୍ମଶାନ,
ଯହିଁ ନାହିଁ ତିଳେ ମାୟାମମତାର ଛାୟା,
ନୁହେଁ କି ଏ ହେ ବୀରତ୍ୱ, ନରତ୍ୱ, ବୀରେ
ନୃହନ୍ତା କି ନର ? ହାୟ ଶ୍ୱାପଦ ସଦୃଶ
ବିଦାରିବ ନରବକ୍ଷ ନର, ଏହା କି ହେ
ବୀରଧର୍ମ, ଲୋକରକ୍ଷୀ? ଲୋକଭକ୍ଷୀ କିଏ?
ଭଣେ ଯେଉଁ ଧର୍ମ,—ହତ୍ୟା, ପରସ୍ୱତ୍ୱ ଗ୍ରାସ,
ସେ ଭୀଷଣ ଧର୍ମେ ତୁମ୍ଭ କୋଟିଏ ଜୁହାର ।

—*—

## ଦରିଦ୍ର

କେ ଦରିଦ୍ର ? ନ କରେ ଯେ ମୁଠେ ଶସ୍ୟ, ଅବା
ଭୂଇଖଣ୍ଡ ମୁଦ୍ରାରୂପା-ତଙ୍କ ଉପାସନା,
ସେହି କି ଦରିଦ୍ର ? ନା, ନା, ଏ ଭ୍ରାନ୍ତ ବିଶ୍ୱାସ ।
ଅପାର୍ଥିବ ଜ୍ଞାନ-ରତ୍ନେ ହୀନ ଯେ ମାନବ,
ଧର୍ମରୂପ ଅବ୍ୟୟ ସ୍ୱର୍ଣ୍ଣ-ଦୀପଶିଖା
ନ କରେ ଉଜ୍ଜ୍ୱଳ ଯାର ତାମସ ହୃଦୟ,
ସେ ହୃଦୟ ହୀନ, ତାର ଦରିଦ୍ର ଉପାଧି
ସମୀଚୀନ ! ମୂଢ଼ ରଜା, ଦରିଦ୍ର ପରମ,
ମାତ୍ର ଯେ ଧାର୍ମିକ ଜ୍ଞାନୀ, ହେଉ ସେ ପଛକେ
ଜୀର୍ଣ୍ଣ-କୌପୀନସମ୍ବଳ, ମହାଧନୀ ସେହି ।
ଧନ, ସ୍ୱର୍ଗୀୟ, ପବିତ୍ର, ଅମୂଲ୍ୟ, ଦୁର୍ଲଭ,
ପ୍ରଦାନେ ସଂସାର ଯାକୁ ଧନ ଅଭିଧାନ,
ନୁହେଁ ସେ ତ ଧନ, ତାହା ବିଷୟ ବିକାର
ଶାସ୍ତ୍ରଭାରେ ପଣ୍ଡିତେ ସେ ତଣାତର ତଣେ ।

—:—

## ସତ୍ୟବାଦୀ ବିଦ୍ୟାଳୟ

ତୁରଅନା-ବନ୍ଧୁରିତ ମଞ୍ଜୁ କୁଞ୍ଜବନେ
ଏ କି ଭାରତୀ-ଆଶ୍ରମ, ଆଦର୍ଶ, ପାବନ,
ପ୍ରବୀଣ ଆର୍ଯ୍ୟର୍ଷିଠାରୁ ଲଭି ସାଧୁ ସତ୍ତ୍ୱ
ବାଳ ବ୍ରହ୍ମଚାରୀକୁଳ, ରତ ଏଥି ଅହା
ସଂସାର ସାଧନା-ଯଜ୍ଞେ, ତନ୍ମୟ ମାନସେ
ଯୁଗେ ଯୁଗେ ତପୋବନ ଉନ୍ନତ-ଜନକ,
ଏ ଆଶ୍ରମ-ହିମାଳୟୁ ହୋଇ ପ୍ରବାହିତା
ଲୁପ୍ତ ଆର୍ଯ୍ୟ ସଭ୍ୟତାର ମନ୍ଦାକିନୀ ଧାର,
କରିବ ସମାଜ-ବକ୍ଷ ଶୀତଳ, ସରସ ।
ସ୍ୱୀୟ ଉଚ୍ଚ ଆଦର୍ଶରେ ସତ୍ୟଶିବମୟ,
କରି ଅନୁପ୍ରାଣାନ୍ୱିତ ଅସଂଖ୍ୟ ଆଶ୍ରମେ
ଏ ଆଶ୍ରମ, ସଂସ୍ଥାପିବ ସ୍ୱଦେଶେ ଅଚିରେ,
ଦିଶିଲାଣି ଦିଶିଲାଣି ଏ ମହା ସୂଚନା,
ଘନ ତୃଷ୍ଣେ ବାରି ଆଶା ନୁହେଁ ଅସଙ୍ଗତ ।
ଗଢ଼ିବ ଏ ଆଶ୍ରମ ଯେ ନୈତିକ ଜୀବନ,
ଜାତୀୟ ଜୀବନ ତାହା, ନୁହେଁ ବ୍ୟକ୍ତିଗତ ।

---

## ସଂସ୍କୃତ ଭାଷା

ଭାଷାରାଣୀ ଦେବଭାଷା ଦିବ୍ୟଗୌରବପ୍ରାଣା
ରତ୍ନଗର୍ଭା, ମାତଃ, ଗର୍ଭେ ତୋର ଏକାଧାରେ
ନିହିତ ଅନନ୍ତ ରତ୍ନ, ମଜ୍ଜିଛି ଯେ ତୃଷା
ସେ ଅଗାଧ ସିନ୍ଧୁ ମଧ୍ୟେ, କୋଟିପତି ସେହି ।
ତୋହ ପରି ଗୁଣବତୀ ତୋ ଉତ୍କଳ ସୁତା,
ତୋ ଭଳି ସୁନ୍ଦରୀ, ତୋହୋ ତେଜେ ତେଜସ୍ୱିନୀ,
ମାତା ଯାର ରୂପବତୀ, ବିଶ୍ୱବନ୍ଦନୀୟା,
କହିଁ ବା ତା କନ୍ୟା ହେବ ଦୁର୍ଗୁଣା, କୁତ୍ସିତା ?

କିନ୍ତୁ ମା ଗୋ ଏହି ବଡ ମର୍ମାନ୍ତକ ବ୍ୟଥା,
ନିଖିଳ ଜଗତେ ତୁହି ସ୍ୱତନ୍ତ୍ର ସୁଜାନ,
ମାତ୍ର ତୋ ସନ୍ତାନଗଣେ ଜ୍ଞାନ ଅନ୍ୱେଷଣେ
ଭ୍ରମୁଛନ୍ତି ଇତସ୍ତତଃ, ଜନନୀ ଯାହାର
ସ୍ୱୟଂ ଅନ୍ନପୂର୍ଣ୍ଣା, ହାୟ, ତା ସୁତେ ଭିକାରୀ!
ତୋ ସେବା ଉପେକ୍ଷି ସିନା ଏହି ଅଧୋଗତି !

# କଲ୍ପନାକୁଞ୍ଜ

# ଉପହାର

ଚାନ୍ଦ୍ରବଂଶଭୂଷଣ, ଆବାଲ୍ୟ-ସାହିତ୍ୟସେବୀ, ବାଣୀପୂଜକ
ସୁପ୍ରବୀଣ ସୁବୋଦ୍ଧା ମାନନୀୟ ଶ୍ରୀଯୁକ୍ତ ବଳଭଦ୍ର ଦେବ
ରାଜକୁମାର ମହୋଦୟ ବରେଣ୍ୟବରେଷୁ

ଅତୁଳ ସମ୍ମାନାସ୍ପଦ ଶ୍ରୀମନ୍ମହାଶୟ,

ଶ୍ରୀମାନ୍ ରାଜପୁତ୍ର, ରାଜଭ୍ରାତା ଏବଂ ରାଜ । ଉତ୍କଳର ବାଣୀଗର୍ଭ-ବାମଣ୍ଡା ଶ୍ରୀମାନଙ୍କୁ ଅଙ୍କରେ ଧରି ଧନ୍ୟା ହୋଇଅଛି । ଶ୍ରୀମାନଙ୍କର ନୈସର୍ଗିକ କାବ୍ୟ-ପ୍ରତିଭା ବାସ୍ତବରେ ନମସ୍କରଣୀୟା । ମୁଁ ଯେଉଁଦିନ ଶ୍ରୀମାନଙ୍କର "ରଘୁବଂଶ" ପାଠକଲି, ସେହିଦିନ ଶ୍ରୀମାନଙ୍କୁ ହୃଦୟର ଉଚ୍ଚତମ ସିଂହାସନରେ ଅଧିଷ୍ଠିତ କରିଅଛି । ସେହି ଉଚ୍ଚ-ସଂସ୍କାରର ପରିସ୍ଫୁଟ ସ୍ୱରୂପ ଏହି "କଳ୍ପନାକୁଞ୍ଜ" ଶ୍ରୀମାନ୍‌ରେ ଭେଟି ଅର୍ପଣ କଲି । ଭରସା କରେଁ, ଶ୍ରୀମାନଙ୍କ ତୁଲ୍ୟ କଳ୍ପନାଭକ୍ତ କବିଙ୍କ ନିକଟରେ ଏହି କ୍ଷୁଦ୍ର କଳ୍ପନାକୁଞ୍ଜ ଉପେକ୍ଷିତ ହେବ ନାହିଁ । ମହାଜନଙ୍କ ନିକଟରେ କ୍ଷୁଦ୍ର ମହୀୟାନ୍ ରୂପରେ ପ୍ରତିଷ୍ଠିତ ହେବା ନିତାନ୍ତ ସ୍ୱାଭାବିକ; ଅନ୍ୟଥା ରୂପଗନ୍ଧହୀନ ଗଇଁଶହାର ଦେବଦେବ ମହାଦେବଙ୍କ ବକ୍ଷରେ କଦାପି ସ୍ଥାନ ଲାଭ କରିବାକୁ ସକ୍ଷମ ହୋଇ ନ ଥାନ୍ତା ।

| | |
|---|---|
| ବ୍ରହ୍ମପୁର<br>ତା ୨ । ୧ । ୧୪ | ଭବଦୀୟ<br>ସତ୍‌ଗୁଣମୁଗ୍ଧ<br>ଶ୍ରୀ ଚନ୍ଦ୍ରମଣି ମହାନ୍ତି |

# ସୂଚୀପତ୍ର


ବିଷୟ
ବାଣୀବୀଣା
ଜନ୍ମଭୂମି
ମାତୃଭାଷା
ତପସ୍ୟା
ସମ୍ବାଦପତ୍ର
ପାନ୍ଥଶାଳା
ପର୍ବତ
ଇନ୍ଦ୍ରଧନୁ
ଭୂରସା
ଧର୍ମ
ପବନ
ରଜନୀ
ସାଗର
ମେଘ
ଋତୁ
ଫୁଲଚୁଇଁ ପକ୍ଷୀ
ପରିଶ୍ରମ
ଲେଖନୀ

ବିଷୟ
ସ୍ତବକ
ଭୁତଙ୍କଟା
ମଧୁମକ୍ଷିକା
ଗୁଣ୍ଡିଚ ମୂଷା
ମଛୁଆ ଜାଲ
ବାୟୁପକ୍ଷୀ
ଯୋଗୀ
ଜୀର୍ଣ୍ଣମନ୍ଦିର
ପୁସ୍ତକ
ସୂର୍ଯ୍ୟ
ସପ୍ତର୍ଷି
ଧାତ୍ରୀ
ନବବର୍ଷ
ରସାଳ
ଗୋ-ଜାତି
ସାଇନ୍ଦୀ ପୁଲରେ
ଧୂମକେତୁ
ଖଣ୍ଡପ୍ରଳୟ

# କଳ୍ପନାକୁଞ୍ଜ

## ବାଣୀ-ବୀଣା

ବାଜ ବାଜ ବାଣୀ-ବୀଣା   ବାଜ ଆଉ ଥରେ,
ବାଜୁଥିଲୁ ପୂର୍ବେ ଯଥା   ଆଦିକବି କରେ ।
ଜାଗୁ ମୋର ସ୍ୱରେ ସୁପ୍ତା—   ଭାରତ-ଅବନୀ,
ରନ୍ଧ୍ରେ ରନ୍ଧ୍ରେ ଉଠୁ ତାର   ଧ୍ୱନି ପ୍ରତିଧ୍ୱନି ।
ନୈସର୍ଗି-ବିଷକୁ ମୋର   ଅମୃତ ଝଙ୍କାର,
ଭ୍ରମଙ୍କାର ପଦ କମ୍ପା   ଗରୁଡ଼ ହୁଙ୍କାର * ।
ଶୁଣି ମୋର ସଞ୍ଜୀବନୀ   ସୁସ୍ୱର ଲଳିତ,
ଶୁଷ୍କତରୁ ହୋଇଉଠେ   ନବପଲ୍ଲବିତ ।
ସାଗରକଲ୍ଲୋଳ ଖେଳେ   ମହା ମରୁସ୍ଥଳେ,
ଶୈବାଳ-ସରସୀ ଶୋଭେ   ଶତଦଳ-କମଳେ ।
ଥିଲା ଯେବେ ଦିନ ଆହା   ଭାରତ-ଭୁବନେ,
ପ୍ରତିସ୍ଥାନୁ ଉଠୁଥିଲା   ତୋ ସ୍ୱର ସଘନେ ।
ମାତ୍ର ସେ ଉନ୍ନତ ଯୁଗ   ହୋଇଅଛି ଗତ,
ହୋଇଗଲାଣି ତ ସବୁ   ଗତକଥା ଗତ ।
ବାଜ ପୁଣି ବାଦ୍ୟମଣି !   ବାଜ ସପ୍ତସ୍ୱରେ,
ଫେରିଆସୁ ସେ ସୌଭାଗ୍ୟ   ଶୁଭଦିନ ଘରେ ।
ଶୁଣି ମୋର ସୁଧାମୟୀ   ଅମର-ମୂର୍ଚ୍ଛନା,
ବିଦ୍ୟୁତ ବେଗରେ ଜାଗୁ   ଉନ୍ନତି-କାମନା ।

—:*:—

## ଜନ୍ମଭୂମି

ଜନ୍ମଭୂମି, ଜନୟିତ୍ରୀ   ସମାନ ଉଭୟ,
ପୋଷନ୍ତି ସନ୍ତାନେ କରି   ନିଜ-ତନୁ-କ୍ଷୟ ।
ଉଭୟ ନାମରୁ ହୁଏ   ଯେ ରସ ନିଃସୃତ,
କି ଛାର ଅମୃତ ? ତାହା   ମର୍ତ୍ତ୍ୟେ ମହାମୃତ ।
ମାତୃଭୂମି, କି ବର୍ଣ୍ଣିବ   ତୋ ମହାମହିମା,
ବଳଇ ତା ସିନା ଦେବ !   ବର୍ଣ୍ଣନାର ସୀମା ।
କି ସ୍ଥାବର କି ଜଙ୍ଗମ   ତୋ ଦେହୁଁ ଜନ୍ମିଣ,
ହୋଇଯାଉଛନ୍ତି ପୁଣି   ଶେଷେ ତହିଁ ଲୀନ ।
ସୃଜନ ପାଳନ ନାଶ   ଏହି ଦୃଶ୍ୟତ୍ରୟ,
କରୁଅଛୁ ଅନୁକ୍ଷଣ   ତୁହି ଅଭିନୟ ।
ତୋ ସୃଷ୍ଟ ଦ୍ରବ୍ୟର ତୁହି   ଯଥା ରୂପାନ୍ତର,
ତଥା ପ୍ରତିରୂପ ସର୍ବେ   ଅଛନ୍ତି ତୋହର ।
କେବଳ ରତନ ରେଣୁ   ତୋ ରେଣୁ ସମାନ,
ତୁଳନାରେ କଦାଚିତ   ନୁହେଁ ମୂଲ୍ୟବାନ ।
ନିରନ୍ତର ସମସ୍ତଙ୍କ   ଆଶ୍ରୟ ସେ ଯେଣୁ,
ସରି ନୁହେଁ ତାହା ସଙ୍ଗେ   କେଉଁ ତୀର୍ଥ-ରେଣୁ ।
ତୋହ ଜଳ ତୋହ ବାୟୁ   ଶାନ୍ତିସୁଖପ୍ରଦ,
ମଣେ ମୁଁ ନ ଥିବ ସ୍ୱର୍ଗେ   ସେରୂପ ସମ୍ପଦ ।
ଜୀବନେ ମରଣେ ତୁହି   ଜୀବର ସମ୍ବଳ,
ତୋ ପଦସେବାରେ ମିଳେ   ଚତୁର୍ବର୍ଗଫଳ ।

* ବିଷଝଡ଼ା ମନ୍ତ୍ର ମଧ୍ୟରେ ଗରୁଡ଼ ହୁଙ୍କାର ଏବଂ ଭ୍ରମଙ୍କାର ସର୍ବପ୍ରଧାନ ।

## ମାତୃଭାଷା

ମହାମହିମମୟୀ ଦେବୀ ମାତା ମାତୃଭାଷା,
ସଂସାର-କାନ୍ତାରେ ତୁହି ମାନବର ଆଶା ।
ବିଶିଷ୍ଟ ମାନବ ବଂଶ ତୋ ଯୋଗେ ଗ୍ରଥିତ,
ପାଳିତ ହେଉଛି ସଦା ପୁଣି ନିୟନ୍ତ୍ରିତ ।
ଶିଶୁକାଳ ପୋଷି ମାତା ହୁଅନ୍ତି ଅନ୍ତର,
ମାତ୍ର ତୁହି ଆଜୀବନ ପୋଷୁ ନିରନ୍ତର ।
ପରମାତ୍ମା ଜୀବାତ୍ମାର ଅଛି ଯେ ସମ୍ବନ୍ଧ,
ସେ ଗୂଢ଼ ସମ୍ପର୍କେ ନର ତୋଠାରେ ଆବଦ୍ଧ ।
ସାହିତ୍ୟାଦି ଶାସ୍ତ୍ରେ ସୃଜି ନିଜ ଦେହେ ଚିତ୍ରି,
ମାନବକୁଳର ତୁହି ମହା ଶିକ୍ଷୟିତ୍ରୀ ।
ପଶୁଠାରୁ ଭିନ୍ନ ସିନା ତୋ ସକାଶୁ ନର,
ସୁଖ-ଶାନ୍ତିଧାର ଅଟୁ ଜୀବନ-ନାବର ।
ତୋହ ଯୋଗୁଁ ନର ସିନା ସମର୍ଥ ସର୍ବଥା,
ଟିକିଆଣିବାକୁ ମର୍ତ୍ତ୍ୟେ ଅମର୍ତ୍ତ୍ୟ ନରତା ।
ଶତଦେହା ! ଦେହେ ବୋଲି ହୋଇଛୁ କି ସୁଧା,
ତୁହିଏ ଆତ୍ମାର ତାହା ଦୂର ତୃଷ୍ଣା କ୍ଷୁଧା ।
ହେଉ ପଛେ ମାତୃସ୍ୱର ରୁକ୍ଷ ବା କୋମଳ,
ଢାଳେ ସେ ସନ୍ତାନ କର୍ଣ୍ଣେ ସୁଧା ଅନର୍ଗଳ ।
କରୁ ଦେବ, ମତି ଶକ୍ତି ପ୍ରତିଭା ସ୍ଫୁରଣ,
ପାରତ୍ରିକ-ପଥର ତୁ ସାରଲ୍ୟ କାରଣ ।
ଯେତେ ପୁଣ୍ୟ ହୁଏ ଦେବ— ସେବା-ତୀର୍ଥାଟନେ
ତହୁଁ କୋଟି ଗୁଣ ମିଳେ ତୋ ପଦ ସେବନେ ।
ଦେବତାର ଦେବତା ତୁ ତୀର୍ଥ ଯେ ତୀର୍ଥର,
ବ୍ରତ-ବ୍ରତ, ତପସ୍ୟାର ତପସ୍ୟା ଆବର ।

---

## ତପସ୍ୟା

ନିର୍ବିକାର ଚିତ୍ତେ ସିଦ୍ଧ ମାତୃ ବରିବସ୍ୟା,
ଏ ସଂସାର-ତପୋବନେ ପ୍ରଧାନ ତପସ୍ୟା ।
ମାତୃଭୂମି ମାତୃଭାଷା ଜନନୀ ସମାନ,
ତାଙ୍କ ପଦ-ସେବା ନୁହେଁ ତପସ୍ୟାରୁ ଆନ ।
ଦୁଃସାଧ୍ୟ ତପସ୍ୟା ସତ୍ୟ ନିଶ୍ଚୟ ନିଶ୍ଚୟ,
ତାହା ଯୋଗୁଁ ଲଭେ ନର ସର୍ବତ୍ର ବିଜୟ ।
ଇନ୍ଦ୍ରିୟସଂଯମ ପୁଣ୍ୟ ଜୀବନ୍ମୁକ୍ତି ସ୍ପୃହା,
ତପସ୍ୟା ନାମରେ ଏଣୁ ଅଭିହିତ ତାହା ।
ନିରଙ୍କୁଶ ଭାବେ ସ୍ୱୀୟ କର୍ତ୍ତବ୍ୟ ସାଧନ,
ମହୀ-କର୍ମକ୍ଷେତ୍ରେ ମହା— ତପସ୍ୟାଚରଣ ।
ଅହିଂସା ତପସ୍ୟା ମଧ୍ୟେ ନାହିଁ କିଛି ଭେଦ,
ଉଚ୍ଚାରେ ଉଚ୍ଚରେ ଏହି ମହାସତ୍ୟ ବେଦ ।
ତୀବ୍ର ତପ ସ୍ୱାର୍ଥଶୂନ୍ୟ ପର ଉପକାର,
ଜନ୍ମ ଯନ୍ତ୍ରଣାରୁ ଜନେ କରେ ସେ ଉଦ୍ଧାର ।

—*0*—

## ସମ୍ବାଦପତ୍ର

ଆସ ଦେଶଦୂତ କରେଁ କର ବିମର୍ଦ୍ଦନ,
କି ବାର୍ତ୍ତା ଆଣିଛ କହ କରିବି ଶ୍ରବଣ ।
ନୃପତି-ସଚିବ ତୁମ୍ଭେ ପ୍ରକୃତି-ସୋଦର,
ସାଧାରଣ ଶିକ୍ଷାଦାତା ମାନବ ବିଶ୍ୱର ।
ହସ କଉତୁକ ଆଦି ନାନା ରଙ୍ଗ ଧରି,
ପ୍ରକାଶିତ ହୁଅ ଆସି ଇନ୍ଦ୍ରଧନୁ ପରି ।
କିମ୍ବା ତୁମ୍ଭେ ମଧୁକୋଷ, ହୁଏ ଅନୁମିତ,
ନାନାଫୁଲୁ ମଧୁ ଆସି ହୋଇଛି ସଞ୍ଚିତ ।
ଅବା ତୁମ୍ଭେ ହେବ ଚଳ— ବିଶ୍ୱବିଦ୍ୟାଳୟ,
ବିତରୁଛ ଘରେ ଘରେ ସୁଶିକ୍ଷାନିଚୟ ।
ନବୋନ୍ନତି ନବାଦର୍ଶ ନବୀନ ସଭ୍ୟତା,
ପ୍ରଚାରୁଛ ଦେଶେ ଆଣି ବିଦେଶୁ ସର୍ବଥା,
ରାଜନୀତି ଧର୍ମନୀତି ସାହିତ୍ୟ ବିଜ୍ଞାନ,
ଇତିହାସ ଲୋକଚରିତ ଅପୂର୍ବ ଆଖ୍ୟାନ,
ବହୁଶିକ୍ଷା ତୁମ୍ଭଠାରୁ ମିଳେ ଏକାଧାରେ,
କଳା-କଳ୍ପ-ଗୀତା ତୁମ୍ଭେ ସମାଜସଂସ୍କାରେ ।
ପ୍ରକୃତ ପ୍ରକାରେ ଧରି ନିତ୍ୟ ନବ ଭାବ,
ଦେଶ ପକ୍ଷେ ସତ୍ୟଶିବ ତବ ଆବିର୍ଭାବ ।

—0—

## ପାନ୍ଥଶାଳା

ନ ପୋଷୁ ସଂକୀର୍ଣ୍ଣ ଭାବ   ତୁହି ପାନ୍ଥାଳୟ,
ଶୁଦ୍ଧ-ସାମ୍ୟ-ନୀତି ସଦା   କରିଛୁ ଆଶ୍ରୟ ।
ଦୁଃଖୀ ଧନୀ ରୋଗୀ ସୁସ୍ଥ   ମୂର୍ଖ ଜ୍ଞାନବନ୍ତେ,
ସମଭାବେ ପରିଚର୍ଯ୍ୟା   କରୁ ସଯତନେ ।
ଦେଖାଉଛୁ ଅଭିନୟ   ସଦା ସଂସାରର,
ଆସୁଛନ୍ତି ଯାଉଛନ୍ତି   କେତେ ନିରନ୍ତର ।
ଦଣ୍ଡେ ପରିଚୟ ପରେ   କେ ଯାଉଛି କାହିଁ,
କାହାର ସମ୍ପର୍କ କାଳୁ   କାହା ସଙ୍ଗେ ନାହିଁ ।
ଭବ-ପାନ୍ଥଶାଳେ ବନ୍ଧୁ   ତଥା ପରିବାର
ସକଳେ ସ୍ୱତନ୍ତ୍ର ଶେଷେ   କେ ନୁହେଁ କାହାର ।
ମଣନ୍ତି ତୋ ଅଧିକାରୀ   ହୋଇଣ କୁଣିଆ,
ହସୁଥାଉ ଦେଖି ତୁ ଏ   ବାତୁଳପଣିଆ ।
ସେ ନୀରବ ମହାହାସ୍ୟ   ଦେଖେ ଯେ ମାନବ,
ବୁଝିଛି ସେ ପ୍ରଭୁତ୍ୱର   ଅସ୍ଥାୟୀ ଗୌରବ ।
ଭ୍ରମେ ଆପଣାର ବୋଲି   ମଣେ ତୋତେ ନର,
ମାତ୍ର ତୁ କାହାର ନୋହୁ, ନିଜେ ତୁ ନିଜର ।

—*—

## ପର୍ବତ

କେତେ ଦିନ ଯୋଗମଗ୍ନ   ଅଛୁ ରେ ଶିଖର,
ଜଗତରେ ଯୋଗୀ ଏକା   ତୁହି ତୋହ ପର ।
ସମଭାବେ ସହି ବାତ୍ୟା   ବୃଷ୍ଟି ଶୀତାତପ,
ସତତ ଅଟଳ ରହି   ଆଚରୁଛୁ ତପ ।
କେ କହିବ ମୋତେ ଗିରି   କେବଣ ଆଶାରେ,
ସମ୍ଭାଷୁଛୁ ମହାକାଳେ   ନୀରବ ଭାଷାରେ ।
ସାଧୁ ପ୍ରାୟେ ଦିଶୁ ତୁହି   ବାହ୍ୟେ ଅକୋମଳ,
ମାତ୍ର ତୋର ଅଭ୍ୟନ୍ତର ଶୀତଳ ତରଳ ।
ହେଲେହେଁ କଠୋର ରୁକ୍ଷ   ନାରିକେଳ ଫଳ
ମାତ୍ର ଗର୍ଭେ ନ ଧରେ କି   ସୁମଧୁର ଜଳ ।
କହ କହ ଗିରିରାଜ ମେଣ୍ଟୁ,   ମୋ ସନ୍ଦେହ,
କାହୁଁ ଆଣି ସଲିଳ ତୁ   ମଣ୍ଡିଅଛୁ ଦେହ ।
କେମନ୍ତେ କହିବୁ ଅବା   ନୋହୁ ତ ସ୍ୱତନ୍ତ୍ର
ଯନ୍ତ୍ରୀ ଜଣେ ଅଛି ତୋର   ତୁ କେବଳ ଯନ୍ତ୍ର ।
ଇତିହାସ-ଗ୍ରନ୍ଥ ତୁହି,   ତୋହରି ବକ୍ଷରେ,
ଖୋଦିତ ଘଟଣା କେତେ   ଅଦୃଶ୍ୟ ଅକ୍ଷରେ ।
ଅବା ମର୍ତ୍ତ୍ୟ-ଧନ୍ୱନ୍ତରି,   ବହୁ ମହୌଷଧି,
ବିତରୁଛୁ ଅଜାତରେ   ମରେ ନିରବଧି ।
ତଟିନୀ କନ୍ୟାଏ ତୋର   ପ୍ରଦାନ ଜୀବନ,
କରୁଛନ୍ତି ମହୀରେ ତୋ   ମହିମା କୀର୍ତ୍ତନ ।
ଅସ୍ଥି ମାଂସ ସମ୍ପର୍କ ତୋ   ପୃଥିବୀ ସହିତ,
ମାତ୍ର ତୁ ପାର୍ଥିବ ବାତେ   ନୋହୁ କଳୁଷିତ ।

---

## ଇନ୍ଦ୍ରଧନୁ

କେତେବେ ବାହାରିଆ ଦିଶେ ନଭେ ଇନ୍ଦ୍ରଧନୁ,
ସପ୍ତରଙ୍ଗ ସୁରଞ୍ଜିତ   ତଳ ତଳ ତନୁ ।
କିପାଇଁ ରଚିଛି କିଏ   ଏ ସୁରୁ ତୋରଣ,
ଭାବ ଏହା ମହାଭାବେ   ହୁଏ ବୁଦ୍ଧି ବଣା ।
ସପତ ମୂର୍ତ୍ତେ କିବା   ଦିଗ-ତପସ୍ୱିନୀ,
କାଟିଛି ନିବଲ-ଚତା   ଭାଲେ ଓଜସ୍ୱିନୀ ।
ଏହାର ଉଦୟ ଅସ୍ତ   ବାଦ୍ୟସ୍ୱର ପ୍ରାଏ,
ଜାଣି ନୁହେ କାହୁଁ ଆସି   କାହିଁ ଗୁଲିଯାଏ ।
ଜୀବନ ସ୍ଫୁଲିଙ୍ଗ ପ୍ରଭା   ଦେଖାଇ ଏସନ,
ମୁହୂର୍ତ୍ତକେ କାହିଁ ମିଶି   ହୁଏ ଅଦର୍ଶନ ।
ଜୀବନ-ପ୍ରଭାତୁ ଧନୁ—   ଶୋଭା ଦେଖି ଦେଖି,
ତଥାପି ନ ପାରେ କିପାଁ   ବିତୃଷ୍ଣା ଉପେକ୍ଷି ।
ବୁଝିଲି ବୁଝିଲି ଏବେ   ବୁଝିଲି ଏ ତତ୍ତ୍ୱ,
ଉଦେ ହୁଏ ଘେନ ସେହୁ   ନିତ୍ୟ ନୂତନତ୍ୱ ।

---

## କୁରରୀ

କାହିଁକି ଝୁରୁଛୁ ପକ୍ଷି,   ବସି ସାରାଦିନ
ହୋଇ ଅତି ଉଚ୍ଛଳ   ଶୋକର ଅଧୀନ ।
ବିଷାଦ କରୁଣା ସ୍ନେହ   ବାତ୍ସଲ୍ୟ ମମତା,
ଆଭାସିଉଠୁଛି ତୋର   ବିଳାପୁ ସର୍ବଥା ।

ଡାକୁଛୁ "ଉଠ ରେ ପୁତା" ଉଚ୍ଚରେ ଯାହାକୁ,
ଏବେ କି ବଧିର ହୋଇ ନ ଶୁଣେ ତାହାକୁ ।
ଅଥବା ଗଭାମ୍ବୁ ତୋର ହୃଦୟର ଧନ,
ତେଣୁ ଅଭ୍ରଭେଦୀ ସ୍ୱରେ କରୁଛୁ କ୍ରନ୍ଦନ ।
ନୈରାଶ୍ୟ ବୈକଲ୍ୟମୟ କରୁଣ-ସଙ୍ଗୀତ,
ଶୁଣି ତୋର ବଦ୍ରବେ କି ଦ୍ରବେ ଯାହା ଚିତ୍ତ ।
ଦେଖି କି ଲୋ ପଦେ ଦେବେ ଅର୍ପିଷ୍ଟ ସାନ୍ତ୍ୱନା,
ସ୍ୱାର୍ଥପର ସଂସାରକୁ ସେ ଶିକ୍ଷା ତ ମନା ।
ଶୋକର ତୁ ପ୍ରିୟଶିଷ୍ୟା ଶିଖି ଶୋକପାଠ,
ପଢାଉ ସେ ଥିବ ସଦା ତୋତେ ଶୋକପାଠ
ନ ଝୁର ନ ଝୁର ଆଉ ନସିହା କୁରରି,
ଢାଳିବେ ତୋ ପ୍ରାଣେ ସୁଧା ଦୟାମୟ ହରି ।

—*—

## ଧର୍ମ

ମାନବକୁଳର ଧର୍ମ ପ୍ରଧାନ-ବନ୍ଧନୀ,
ଋଷିପ୍ରମଣେ ଶାସେ ସେତୁ ଦମ୍ଭାଇ ତର୍ଜନୀ ।
ବାତୁଲ-ବାରଣ-ମନ ଭ୍ରମେ ଯଥାତଥା,
ଧର୍ମ ତାର ତୀକ୍ଷ୍ଣଲୌହ ଅଙ୍କୁଶ ସର୍ବଥା ।
କାୟମନୋବାକ୍ୟେ ଯେବେ ପ୍ରତିପାଳେ ଧର୍ମ,
ତାହାର ଶରୀରେ ଧର୍ମ ହୁଏ ବଜ୍ରବର୍ମ ।
ଅନିତ୍ୟ ପଦାର୍ଥ ନୁହେଁ ଧନପଦେ ଲେଖା,
ଧର୍ମ ନିତ୍ୟ ଅପାର୍ଥିବ ମହାଧନ ଏକା ।
ସର୍ବଧର୍ମ ଏକ, ନାହିଁ ପ୍ରବଳ ଦୁର୍ବଳ,
ଲଗେ କି ସ୍ୱପଚଗୃହ- ଅନଳ ଶୀତଳ ।
ମିଳନ୍ତି ମହୀରେ ବନ୍ଧୁ ସଖା ପ୍ରିୟତର,
ମହୀରେ ଅବଧି ମାତ୍ର ପ୍ରୀତି ତାହାଙ୍କର ।
ଧର୍ମ ଏକା ନିତ୍ୟସଖା ଇହ ପରକାଳେ,
ଛାୟା ପ୍ରାୟ ସତତ ସେ ସଙ୍ଗେ ସଙ୍ଗେ ବୁଲେ ।
ଧର୍ମୋପରି ପ୍ରତିଷ୍ଠିତ ଜଗତର ପ୍ରାଣ,
ତା ବିନା ସେ ହୋଇଯିବ ଭୀଷଣ ଶ୍ମଶାନ ।

—*—

## ପବନ

ବିଧାତାର ମହାଶକ୍ତି ତୁହି ରେ ପବନ,
ସମ୍ପୂର୍ଣ୍ଣ ସାର୍ଥକ ତୋର ଅଭିଧା "ଜୀବନ ।"
ପ୍ରଧାନ-ଚାଳକ ତୁହି ଶରୀର-ଯନ୍ତ୍ରର,
ତୋହଠାରେ ଭେଦାଭେଦ ନାହିଁ ଆତ୍ମପର ।
ସୃଷ୍ଟିକାଳୁ କରୁଅଛୁ ଗତି ଅବିରାମ,
ବିଶ୍ରାମ ଦୂରରୁ କରେ ତୋ ପଦେ ପ୍ରଣାମ ।
ରହିଅଛୁ ପରିପୂରି ଅନ୍ତରେ ବାହାରେ,
ସେବନ୍ତି ପ୍ରାଣୀଏ ସଦା ଆହାରେ ବିହାରେ ।
ପ୍ରକୃତି ଆଜ୍ଞାରେ ଧରୁ ଶୀତ ଉଷ୍ଣ ଭାବ,
ସ୍ଥିର ହୁଏ ସୃଷ୍ଟି ହେରି ତୋ ରୁଦ୍ର ପ୍ରଭାବ ।
ଆଚରୁଛୁ ନିତ୍ୟବ୍ରତ ଧରି ପର୍ଯ୍ୟଟନ,
ପୃଥ୍ୱୀ ପୁରାବୃତ୍ତବେତ୍ତା ଯେଣୁ ପୁରାତନ ।
ନାହିଁ ତୋ ଆକାର ବର୍ଣ୍ଣ ସଦା ଶୂନ୍ୟମୟ,
ସ୍ପର୍ଶେ ମାତ୍ର ଦେଉ ମହା— ସତ୍ତା ପରିଚୟ ।
ତୋ ମହାମହିମା ଚିନ୍ତି ହୁଏଁ ମୁଁ ସ୍ତମ୍ଭିତ,
ନଭ ପ୍ରାୟ ତୁହି ଧ୍ୟାନ ଧାରଣା ଅତୀତ ।
ଇଚ୍ଛା କଲେ ମୁହୂର୍ତ୍ତକେ ତୁହି ପବମାନ,
କରିପାରୁ ଏ ମହୀକି ଭୀଷଣ ଶ୍ମଶାନ ।
କର୍ମ ସିନା ବାରିଦିଏ ମାନବ ଦେବତା,
ଚିହ୍ନାଏ ଦେବତା ବୋଲି ତୋତେ ତୋ କ୍ଷମତା ।

---

## ରଜନୀ

ସ୍ୱାଗତ ଦିବସ-ବଧୂ ଦେବୀ ନିଶୀଥିନୀ,
ତାରା-କୁନ୍ତଳିନୀ ଶାନ୍ତ— ଶ୍ରାନ୍ତ-ବିଧାୟିନୀ ।
ଅଙ୍କପତି ସ୍ୱାମୀ ତବ ଆଶ୍ରିଲେ ବିଶ୍ରାମ,
ତୁମ୍ଭେ ଆସି ବ୍ରଜପଣ କର ଚତୁର୍ଯାମ ।
ପୁରୁଷ ପ୍ରକୃତି ଭବେ ସୁକଠୋର ଅତି,
ତେଣୁ ସୁକଠିନ ଦିନ ଶାସନପଦ୍ଧତି !
ବାମାଜାତି ତୁମ୍ଭେ, ତୁମ୍ଭ ସ୍ୱଭାବ କୋମଳ,
ତଥାହୁଁ ଶାସନ ନୀତି ଶିଥିଳ ଶୀତଳ ।

କର୍ମଗଲେ ପଣ୍ଡ ଜନ ଜୀବେ ଅବସନ୍ନ,
ଫେଡ଼ ତାଙ୍କ ଅବସାଦ ତୁମ୍ଭେ ଗୋ ପବନ ।
ମଧୁର ସ୍ପର୍ଶନେ ତବ ଏ ମର ଜଗତ,
ସୁଷମା ବିଭାସେ ହୋଇ ସ୍ୱର୍ଗେ ପରିଣତ ।
ବହଇ ସଦନ ସୁଖ- ଶାନ୍ତି-ସୁଧା-ଧାର,
ଖୋଲଇ ହୃଦୟ-ନଭେ ଫୁଟେ ପ୍ରୀତି-ତାର ।
ଅବଶ-ଶରୀର-ଯନ୍ତ୍ରେ ଶ୍ରାନ୍ତି-ଶିଥିଳ ଢାଳି,
ଦେଉଅଛ ଦେବ ! ତାକୁ ନବ୍ୟ ପରିସ୍ଫୁଲ ।
ନିତ୍ୟ ନବ ବଳ ଦାନ ତବ ନିତ୍ୟବ୍ରତ,
ପ୍ରକୃତି ଆଦେଶେ ତାହା ପାଳୁଛ ସତତ ।

—*—

## ସାଗର

କି ଅଚିନ୍ତ୍ୟ ମହାଶକ୍ତି ଧରୁ ରେ ସାଗର,
ଇଚ୍ଛାକଲେ ଗ୍ରାସିପାରୁ ଲବେ ଚରାଚର ।
ମାତ୍ର ଲଙ୍ଘୁ ନାହିଁ ଗାରେ ବେଳାଭୂମି ସୀମା,
ଧନ୍ୟ ତୁମ୍ଭ ସତ୍ୟସନ୍ଧ ଧନ୍ୟ ତୋ ମହିମା ।
ରତ୍ନାକର ହେଲେ ସୁଦ୍ଧା ସେ ରତ୍ନ ସହିତ,
ନାହିଁ ପାରାବାର ତୋର ସମ୍ପର୍କ କିଞ୍ଚିତ ।
ତାହା ଯୋଗେ ଆନ ହୁଏ ପୂଜ୍ୟ ଭାଗ୍ୟବାନ,
ସାଧୁ ସିନା ଅର୍ଜେ ଧନ କରିବାକୁ ଦାନ ।
ନୋହିଲେ କି କାଦମ୍ବିନୀ ଶୋଷି ତୋର ପୟ,
ଉଗିନ୍ତା ସଯତ୍ନେ କରି ଗର୍ଭରେ ସଞ୍ଚୟ ।
ବିପୁଳ କୁଟୁମ୍ବୀ ସିନ୍ଧୁ, ସର୍ବ ପରିବାରେ,
ପାଳୁଅଛୁ ନିତ୍ୟ ତୁହି ସମାନ ପ୍ରକାରେ ।
କେତେ କେତେ ତୀର୍ଥରାଜ ପ୍ରାଣମନ ସହି,
ତାହାକୁ ତୁ ଡାକୁଅଛୁ ଉଚ୍ଚେ ଅହରହ ।
ତାହା ଭାବେ ଜନ୍ମସ୍ଥ ତୁ ଅସମ୍ଭାଳ ବେଗେ,
ଶୁଭେ କି ତୋ ଡାକ ସେହି ଅନୁଦ୍ଦେଶ୍ୟ ଦେଶେ ।
ଡାକୁଥା ଡାକୁଥା ସଦା ଅତି ଉଚ୍ଚସ୍ୱରେ,
କେବେହେଲେ ଶୁଣିବ ତୋ ଡାକ ନିଶ୍ଚେ ଥରେ ।

—ଃ୦ଃ—

## ମେଘ

ଏକାଧାରେ ଧରୁ ଘନ, ଜଳ ବଜ୍ରାନଳ,
ଭୀଷଣତା ଲାଳିତ୍ୟର ଅଛି ସାମ୍ୟ ସ୍ଥଳ ।
ବିଧାତା ଅନନ୍ତ ଭୂମା କେଜାଣି କିପାଇଁ,
ରଖନ୍ତି ଦୁର୍ଲଭ ଦ୍ରବ୍ୟେ ଭୀତି ଜଗାଇ ।
ସର୍ପ ଶିରେ ବିଷ ମଧ୍ୟେ ଅବସ୍ଥିତ ମଣି,
ଚନ୍ଦନରେ ଜଡ଼ିଥାନ୍ତି ସଦା କାଳଫଣୀ ।
ପାରୁ ତୁହି ବୃଷ୍ଟି ଦେଇ ଯଥାକାଳେ ନୀର,
ସାର୍ଥ କରୁ ଶସ୍ୟଶ୍ୟାମା ନାମ ଧରଣୀର ।
ହୋଇଥାନ୍ତି ପଛେ ରାଜା ନାମେ ନରପାଳ,
ମାତ୍ର ତୁହି ସର୍ବପାଳ ନିଶ୍ଚେ ଘନମାଳ ।
କାମରୂପୀ ତୁହି ଉଠି କରଭ ପ୍ରମାଣେ
ମୁହୂର୍ତ୍ତକେ ଘୋଟିଯାଉ ସମଗ୍ର ବିମାନେ ।
ଗିରିବନେ ଥାଇ ତୋତେ ଅନମ୍ବରେ ଦେଖି,
ପ୍ରେମେ ନାଚେ କେକୀ କ୍ଷୁଧା ପିପାସା ଉପେକ୍ଷି ।
ପ୍ରାଣେ ସେ ଯେପରି ତୋତେ ଭଲପାଏ ଘନ,
ତୁ ତାହାକୁ ସ୍ନେହ ନେତ୍ରେ ଦେଖୁ କି ତେସନ ?
ନୋହୁ ତୁ ଅଭ୍ୟସ୍ତ ଯେବେ ପ୍ରତିଦାନ ପାଇଁ,
ବିଶ୍ୱର ବନ୍ଧୁତା ତୋତେ କିଛି ଜଣା ନାହିଁ ।

—୦ଃ୦—

## ରତ୍ନ

ରତ୍ନ ନାମ କିପାଁ ଏତେ ପ୍ରଗୌରବାନ୍ୱିତ,
ଅଛି କେଉଁ ଗୁଣ ତାର ଔଜ୍ଜ୍ୱଲ୍ୟ ବ୍ୟତୀତ ।
ମଣନ୍ତି ଧନିକେ ଯତ୍ନେ ଜୀବନ-ସମ୍ବଳ,
ମାତ୍ର ସେ ପ୍ରସ୍ତର ଧାତୁ- ବିକାର କେବଳ ।
ରତନ ଧାରଣେ ମୂର୍ଖ ନ ହୁଏ ପଣ୍ଡିତ,
କ୍ଷୁଧାର୍ତ୍ତର କ୍ଷୁଧା ତହିଁ ନୁହେଁ ପ୍ରଶମିତ ।
କରିପାରେ ନାହିଁ ରତ୍ନ ପାପୀକୁ ଧାର୍ମିକ,
ଭ୍ରାନ୍ତ ଧାରଣାର ତାହା ଶବ୍ଦ କାଳ୍ପନିକ ।
ସତ୍ୟ,ଜ୍ଞାନ, ଦୟା,କ୍ଷମା, ପାଣ୍ଡିତ୍ୟ, ଉନ୍ନତି,
ପବିତ୍ରତା, ଶାନ୍ତି, ପ୍ରୀତି, ସ୍ୱଧର୍ମ,ବିନତି,

ଏ ସକଳ ଅପାର୍ଥିବ ପରଶ-ରତନ,
ମାନବ-ଜୀବନକୁ କରି ପାରନ୍ତି କାଞ୍ଚନ ।
ଏ ଦୁର୍ଲଭ ମହାରତ୍ନ ଯାଏ ଜାହିଁ ଚେତୁର,
କିମ୍ବା ନବ୍ୟ ବ୍ୟବହାରେ ଯାଏ ଜାହିଁ ଘୋର ।
ଏଥିରେ ଯାହାର ଅଙ୍ଗ ଚିର ଅଲଙ୍କୃତ,
ସେ କିପାଁ ଲୋଡ଼ିବ ଧାତୁ ପ୍ରସ୍ତର ପ୍ରାକୃତ ।

—○※○—

## ଫୁଲଚୁରିଁ ପକ୍ଷୀ

ଝଙ୍କାର ବସନ୍ତ-ସଖି, କଣ୍ଠ-ବୀଣାତାର,
ଶୁଣିବାକୁ ଇଚ୍ଛା ମୋର ତାହା ବାରମ୍ବାର ।
ସୁଲଳିତସ୍ୱର ତୋର ଅମୃତେ ସିକ୍ତ,
ଦେଇଛନ୍ତି କିବା ଶକ୍ତି— ଭୂମା ଶକ୍ତିପତି ।
ମାତ୍ର କେଉଁ ପାପେ କହ ତୋର ହୀନଦଶା,
ତୁ ଥାଉଁ କୋକିଳ କପାଁ ଲଭେ ସୁପ୍ରଶଂସା ।
ସ୍ୱର ତା ମଧୁର ମାତ୍ର କାର୍କଶ୍ୟ ମିଶ୍ରିତ,
ଶୁଦ୍ଧ ସୌକୁମାର୍ଯ୍ୟେ ହେବ ତୋ ପାଶେ ଲଜ୍ଜିତ ।
ଅର୍ପିଲେ କୋକିଳେ ଯେବେ ପିକେ ଉଚ୍ଚାସନ,
କରିଥିଲୁ କେଣେ ତୁହି ସେ କାଳେ ଗମନ ।
ଶୁଣିଥିଲେ ତୋ ମଧୁର ଝଙ୍କାର ଲହରୀ,
ଏତେ ପକ୍ଷପାତ କେବେ ନ ଥାନ୍ତେ ସେ କରି ।
ତାହିଁ ଆଜି ଫୁଲଚୁରିଁ ସଙ୍ଗୀତ-ପ୍ରବୀଣା,
ବଜାଉ ଶୀତାନ୍ତେ ମଧୁ ଆଗମନୀ ବୀଣା ।
ବସନ୍ତ ଗହଣେ ଆସି ପୁଣି ତା ସହିତ,
ହୋଇଯାଉ ପ୍ରତିବର୍ଷ କହିଁ ଅନ୍ତର୍ହିତ ।
ଜନବଣ ପ୍ରଦେଶେ କେଉଁ କଠୋର ସାଧନା,
ଆଚରୁ ତୁ ତାହା ସିନା ତୋତେ ଏହା ଜଣା ।

——※——

## ପରିଶ୍ରମ

ପରିଶ୍ରମ ମାନବର ଅଭୀପ୍‌ସିତ ଖଣି,
ସୁଲଭ ତାହିଁରେ ସଦା ସୁଖ-ମହାମଣି ।
ମନ-ମତ୍ତ-ମତଙ୍ଗଜ ପାଦରେ କେବଳ,
ପରିଶ୍ରମ ବାନ୍ଧିଦିଏ ସୁଦୃଢ ଶୃଙ୍ଖଳ ।
ରକ୍ଷାକରେ ନରେ ସେହୁ ପାପ ପ୍ରଲୋଭନୁ,
କୁତନ୍ତ୍ରା-ପିଶାଚୀ ବଳେ ଭଣ୍ଡେଇ ମନୁ ।
ଗଢ଼ିଦିଏ ପରିଶ୍ରମ ନୈତିକ ଜୀବନ,
କଳଙ୍କିତ ଲୌହେ କରେ ବିଶୁଦ୍ଧ କାଞ୍ଚନ ।
ପରିଶ୍ରମେ ଅଛି ବୋଲି ସୁଖ-ଅନାବିଳ
ଦିବା ନିଶି ଅବିଶ୍ରାନ୍ତ ବହୁଛି ଅନିଳ ।
ବିଶ୍ୱଦୀପ ଦିବାକର ଚନ୍ଦ୍ର ତାରାଗଣ,
କରୁଛନ୍ତି ମହାଶୂନ୍ୟେ ନିୟତ ଭ୍ରମଣ ।
ସାରଥି ରୂପରେ ଶ୍ରମ ଶାନ୍ତି-ରଥବରେ,
ସାଫଲ୍ୟ ଭେଟାଏ ଆଣି ସାଧକ ପାଶରେ ।
ଯାହାଠାରେ ଥୁଏ ଶ୍ରମ ଚିହ୍ନିତ ଆଦୃତ,
କରେ ସ୍ୱତଃ ତାହାକୁ ସେ ଯଥା ପୁରସ୍କୃତ ।

—※○※—

## ଲେଖନୀ

ନମସ୍କାର ବର୍ଣ୍ଣମାତା ହଜାରେ ହଜାରେ,
ଆଜୀବନ ମୁହିଁ ହେବି ଋଣୀ ତୁମ୍ଭଠାରେ ।
କେତେ ରୂପ ଧରି ତୁମ୍ଭେ ହୁଅ ପ୍ରକାଶିତ,
କାହିଁ ସ୍ୱର୍ଣ୍ଣଦଣ୍ଡେ କାହିଁ କାଷ୍ଠଦଣ୍ଡେ ସ୍ଥିତ ।
କାହିଁ ଲୌହେ କାହିଁ ଅବା ପକ୍ଷେ ଅବସ୍ଥାନ
ଶତବାରେ ବାରମ୍ବାର କର ମସୀପାନ ।
ଆକାର ହେଲେହେଁ ସାନ କରଣୀ ମହାନ,
କରିପାର ଗୁରୁତର— ତାର୍କିକ ସମାଧାନ ।
ତାହାକୁ ଆନନ୍ଦ ଅର୍ପ ତାହାକୁ ବା ତ୍ରାସ,
ସାଧ ତାର ପୌଷମାସ ତାର ସର୍ବନାଶ ।
ଅରୂପ କଳ୍ପନା-ଫୁଲ ତୋଳି ନିତ ନିତ,
ରଖୁଅଛ ପର୍ଯ୍ୟାୟରେ ସୁପାତେ ସାଇତି ।
ଅଜ୍ଞାନ-ମନ-ଗୁରୁର ତୁମ୍ଭେ ଶ୍ରେଷ୍ଠ ଗୁରୁ,
ପଢ ତାହା ପଢ଼ାଏ ସେ ଯେବେ ଯେଉଁ ପାଠ ।
ତବ ଶୁଭ ସହାୟତା ଲଭି ଜ୍ଞାନଚୟ,
ସ୍ଥାପନ୍ତି ଅକ୍ଷରମୟୀ ସୁକୀର୍ତ୍ତି ଅକ୍ଷୟ ।

—※※—

## ଶୁକଳବ

ପ୍ରାଣ ଭରି ତାତ ପକ୍ଷି  ନ ଭୁଅ ମଭୁନ,
ଓଳବ ଫେଣ୍ଡ ଶୁହ୍ନି ନରେ  ମେଘର ଶକୁନ ।
ବୁଝ୍‌ନୁ ଭୁଞ୍ଜ ହେଉ ପଛେ  ଯେ ଯେତେ ପବନ,
ପୃଥିବୀ ପରଶମାନେ  ହୁଏ କଳୁଷିତ ।
ହେଲେ ସୁଦ୍ଧା ପିପାସାରେ  କଣ୍ଠଗତ-ପ୍ରାଣ,
ନ କରୁ ଘୃଣାରେ ତେଣୁ  ଧରଇଜଳ ପାନ ।
ଧନ୍ୟ ତୋର ସତ୍ୟବ୍ରତ  ଦୃଢ଼ ଏକାଗ୍ରତା,
ସଦାଶୁଚ ନିଷ୍ଠାପର  ଯଥା ତୁ ଦେବତା ।
ମିତ ମିତ ବୋଲି ସଦା  ଆହ୍ୱାନୁ ତୁ ଘନେ,
କିଏ କି ଉତ୍ତର ସେଥୁ  ତୋ ଡାକ ଶ୍ରବଣେ ।
ମେଘପାଶେ ଉପକୃତ  ସକଳେ ସର୍ବଥା,
ମାତ୍ର କେ ପ୍ରକାଶେ କାହିଁ  ଏତେ କୃତଜ୍ଞତା ।
ବୁଝିଲି ଏବେ ରେ ପକ୍ଷି,  ଭାଙ୍ଗିଲି ସନ୍ଦେହ,
କୃତଜ୍ଞତା ଉପାଦାନେ  ନିର୍ମିତ ତୋ ଦେହ ।
ପକ୍ଷୀ ତୁହି, ମାତ୍ର ଜାଣୁ  କୃତଜ୍ଞତା ମୂଲ,
ଶିଖିବେ କି ଏ ସଦ୍‌ଗୁଣ  ତୋର ନରକୁଳ ।

—0—

## କୃତଜ୍ଞତା

ମହାମୂଲ୍ୟବାନ ରତ୍ନ  ଭବେ କୃତଜ୍ଞତା,
କରିଦେଇ ପାରେ ସେଥୁ  ମାନବେ ଦେବତା ।
ଉପକାରୀ ଉପକାର  ନ ମାନେ ଯେ ଠୁଳେ,
ଦୁରନ୍ତ ପିଶାଚ ସେହି  ପୂର୍ତ ନରକୁଳେ ।
କୃତଜ୍ଞତା ଜ୍ୟୋତିର୍ମୟ ସ୍ୱର୍ଗର ସୋପାନ,
ମହାପାପ କୃତଘ୍ନତା  ନରକର ଯାନ ।
କୃତଜ୍ଞତା ସୁଦୃଷ୍ଟାନ୍ତ  ନୁହଇ ବିରଳ,
ପୂର୍ଣ୍ଣ ତହିଁ ଏ ଅଖିଳ  ଅବନୀ ମଣ୍ଡଳ ।
ସାଧିବାକୁ ମଧୁରତୁ  କଳକଣ୍ଠ ହୃତ,
ପ୍ରାଣ ଫେଣ୍ଡ ଗାଏ ସେ ତା'  କୃତଜ୍ଞତା-ଗୀତ ।
ପବମାନଠାରୁ ପାଇ  ସହାୟତା ଘନ,
କାଦମ୍ବକେ କୃତଜ୍ଞତା  କରଇ ଜ୍ଞାପନ ।
ତୁମ୍ଭେ ଯେଣୁ କୃତଜ୍ଞତା  ଅତୁଳ ଗୌରବ,
ମାନବ ସୃଷ୍ଟିରେ ସେଣୁ  ଆଦର୍ଶ-ମାନବ ।

———

## ମଧୁମକ୍ଷିକା

ଧନ୍ୟ ମଧୁମକ୍ଷି ତେତେ  ପବିତ୍ର ଜୀବନ,
ଦେବେ ସୁଦ୍ଧା କରୁନ୍ତି ତୋ  ଉଚ୍ଛିଷ୍ଟ ଗ୍ରହଣ ।
ସଞ୍ଚୟ ଉଦ୍ୟମ ତୋର  ଅନୁକରଣୀୟ,
ଚକ୍ରାଗ୍ର ଶିଳ୍ପୀ ତୁ, ଗଢ଼ୁ  ଚକ୍ର ରମଣୀୟ ।
ସାରଗ୍ରାହୀ ପ୍ରାଜ୍ଞ ପ୍ରାୟ  ଉପେକ୍ଷି ଅସାରେ,
ସାରାଂଶ ସଂଗ୍ରହ ରଖୁ  ସଞ୍ଚି ତୋ ଭଣ୍ଡାରେ ।
ଅନ୍ୟ ପ୍ରାୟ ନୋହୁ ତୁହି  ଉଦରସର୍ବସ୍ୱ,
ମିତବ୍ୟୟୀପଣେ ଅଟୁ  ସର୍ବଥା ଆଦର୍ଶ ।
ଏକାଗ୍ରତା ଏକତାର  ତୁ ପ୍ରିୟ-ସେବକ,
ପରିଶ୍ରମେ ମଣୁ ସୁଖ—  କୌସ୍ତୁଭ-ପଦକ ।
କୃପଣ ସହିତେ ତୋର  ହୁଏ ଯା ତୁଳନା,
ମାତ୍ର ମୋ ବିଚାରେ ତାହା  ଅତୀବ ଅଲଣା ।
ନ ଥାନ୍ତା ଯଦ୍ୟପି ତୋର  ସଞ୍ଚୟ ପାଟବ,
ହୋଇଥାନ୍ତା ମର୍ତ୍ତ୍ୟେ ମଧୁ  ସୁଦୁର୍ଲଭ-ଦ୍ରବ୍ୟ ।
ଯାହା ସଞ୍ଚୟରେ ହୁଏ  ଦେଶ ଉପକୃତ,
ତାହାର ସଞ୍ଚୟ ଏକା  ସଞ୍ଚୟ ପ୍ରକୃତ ।

———

## ଗୁଣ୍ଡୁଚି ମୂଷା

ଆକାରରେ କ୍ଷୁଦ୍ରଜୀବ  ଅଟୁ ତୁ ରେ ସତ,
ମାତ୍ର ତୋର ମନବଳ  ଅତୀବ ମହତ ।
କେଉଣ ମନବଳୀ ଦେହ—  ବଳୀରୁ ସହଜେ,
ନଗଣ୍ୟ ବଳଆ କରେ  ପରାଜୟ ଗଜେ ।
ଜଗତ-ସହାୟ ଯେଣୁ,  ଅଖିଳ ଦେବତା,
ସେତୁବନ୍ଧେ କଲୁ ତୁହି  ତାଙ୍କୁ ସହାୟତା ।
ଏହା ପଛେ ଦୁରାକାଙ୍କ୍ଷା  ଅନ୍ତର୍ହିତ ହେଉ,
ନ କରିବ ପ୍ରଶଂସା ତୋ  ସହାସ୍ୟେ କେହୁ ।

ଦେଖି ତୋର କ୍ଷୁଦ୍ର ପ୍ରାଣେ ମହାତ୍ମବୋଦୟ,
ଲଭିଲେ ବିସ୍ମୟ ଅତି ଅଯୋଧ୍ୟା-ଆଶ୍ରୟ ।
ଉଦ୍ୟମ ଅଧ୍ୟବସାୟେ ପ୍ରଶଂସି ବିସ୍ତର,
ଆଉଁଷିଲେ ଦେହ ତୋର କୌଶଲ୍ୟାକୁମର ।
ତାହାଙ୍କ ବିଶୁଦ୍ଧ କୃପା— ସୁଷ୍ଠୁଚିହ୍ନ ପରି,
ସେ ତିନି ଅଙ୍ଗୁଳି ରେଖା ଅଛି ପୃଷ୍ଠେ ଧରି ।
କ୍ଷୁଦ୍ର ତୁଚ୍ଛ ମାନି ନୁହେଁ ହୃଦ ସଙ୍କୁଚିତ,
ସ୍ୱଗୁଣେ ହୋଇଛୁ ଭବେ ପୁରାଣ-ପ୍ରଥିତ ।

---

## ନୁଳିଆ ଜାତି

ଅସାଧ୍ୟ ସାଧନା ତୋର ସାଗର-ସନ୍ତାର,
ଭାବିଲେ ବିସ୍ମୟ-ରସେ ହୁଏ ହୃଦ ଘାରି ।
ରତ୍ନାକର ଗର୍ଭେ ବୁଡ଼ି ପ୍ରକାଶି କୌଶଳ,
କରୁଛୁ ସାଧନା ପଥ ଅଭ୍ୟାସେ ସରଳ ।
କାର୍ଯ୍ୟରେ ଅଭ୍ୟାସ ହେଲେ ଘନୀଭୂତ କ୍ରମେ,
ହୁଏ ତା ପ୍ରକୃତି ସମ ପ୍ରକୃତ ନିୟମେ ।
କେଉଁ ରତ୍ନଲୋଭେ ଲଭି ଦୁଃସହ କଷଣ,
ଉପକୂଳତର ପ୍ରାୟ କରୁ ତୁ ଭ୍ରମଣ ।
ଆହରଣ କରୁ ଯେଉଁ ମୁକୁତା ପ୍ରବାଳ,
ନୁହଇ ରତନ ତାହା ଜୀବ-ଅସ୍ଥିଜାଳ ।
ଉଦର-ପୋଷଣେ ପଛେ ଆଚର ସେ ବୃତ୍ତି,
ମାନ ତହିଁ ହେବ ନାହିଁ ଅରଜ ସୁକୃତି ।
ଭକ୍ତି-ପାରାବାରେ ଯଦି ବୁଡ଼ି ଏହିପରି,
ନିର୍ବାଣ ମୁକୁତି-ରତ୍ନେ ପାରିବୁ ଆହରି,
ନିଭିଯିବ ତେବେ ଚିର— ଦରିଦ୍ରତା-ଚିତା,
ହୋଇଯିବ ଅନ୍ତର୍ହିତ ପେଟପୋଷା-ଚିନ୍ତା ।

— —

## ବାୟା ପକ୍ଷୀ

କାହିଁକି ରେ କ୍ଷୁଦ୍ରପକ୍ଷି ମହାବୁଦ୍ଧିମାନ,
ହୋଇ ଧରିଅଛୁ ତହିଁ ବାୟା ଅଭିଧାନ ।
କହିତ ହୁଅନ୍ତି ବାୟା ନାମେ ଜ୍ଞାନଲୁଳ,
ଯେଣୁ ସେହୁ ବନ୍ଧୁପ୍ରେମେ ସତତ ବାତୁଳ ।
ସେ କାଳେ କି ବନ୍ଧୁ ପକ୍ଷି ଅଭିଗ୍ୟା ଏସନ,
ସତେ କି ରେ ତୁହି ତୁଚ୍ଛ— ଭକ୍ତିପରାୟଣ ।
ଗୁରୁଦ୍ୱାରେ ରୋମସ୍ୱେ ତୁ ଲେଖୁ ତୋ ଆଗାର,
କିଏ ଦୀକ୍ଷା ଦେଲା ତହିଁ ଏ ଆର୍ଯ୍ୟ ଆଗୁର ।
ଶିଖିଛୁ ରେ ଶିଳ୍ପକଳା ଭଲ କାହାଠାରୁ,
ନୀଡ଼-ନିର୍ମାଣ-କୌଶଳ ଆହା କେଡ଼େ ଚାରୁ ।
ବିହଙ୍ଗ-କୁଳରେ ତୁହି ବିଜ୍ଞଜ୍ୟୋତିଷ୍ମାର,
ବୃଷ୍ଟି-ବିପତ୍ତିର-ଦିନେ ରଚୁ ବସାଦ୍ୱାର ।
ଦୋଦୁଲ୍ୟ କୁଳାୟେ ବସି ଅନମ୍ବର-କୋଳେ,
ଖେଳୁଥାଉ ଦୋଳି ଯେବେ ସମୀର ହିଲ୍ଲୋଳେ,
ତୋହର ସେ ଶାନ୍ତସୁଖ ଦେଖି ମୁହିଁ ଭାବେ,
ଘଟିବ ବା ତାହା କାହିଁ ସଂସାରୀ କପାଳେ ।
ସଂସାରୁ ସଂସାରୀ ହେଲେ ନିମେଷେ ଅନ୍ତର,
ଆତ୍ମାନେ ସଂସାର ପଛୁ କରି ଉଜସ୍ୱର ।

—ଃ❋ଃ—

## ଯୋଗୀ

ଧନ୍ୟ ଏକା ଯୋଗିବର ! ତୁମ୍ଭେ ଏ ସଂସାରେ,
ସ୍ଥିତ ତବ ମନ, ମାୟା— ପ୍ରପଞ୍ଚର ପାରେ ।
ମୃତ୍ତିକାରେ ଲଗି ସୁଦ୍ଧା ଥାଅ ଅଲଗନ,
ପାତ୍ର ମଧ୍ୟେ ଦ୍ରବମୟ— ପାରଦ ଯେସନ ।
ପଶେ ନାହିଁ ତବ କର୍ଣ୍ଣେ ଭବ କୋଳାହଳ,
ପାରେ ନାହିଁ ହୃଦେ ଦହି ବାସନା-ଅନଳ ।
ଝମ୍ପୁ ହଳାହଳମୟ ଭସ୍ତ୍ର-ପ୍ରଭଞ୍ଜନ,
ଛୁଏ ନାହିଁ ତବ ପୁଣ୍ୟ— ତନୁ କଦାଚନ ।
ଚିର ସୁଶୀତଳ ଦିବ୍ୟ ଶାନ୍ତି-ସ୍ୱର୍ଣ୍ଣତଳେ,
ନିମଜ୍ଜି ଶରୀର ଧ୍ୟାନେ ବସିଛ ନିସ୍ତଳେ ।
ସଂସାର ସମ୍ବଳ ତହିଁ ନାହିଁ କିଛିମାତ୍ର,
ସୁପବିତ୍ର ମନ ତବ ସୁପବିତ୍ର ଗାତ୍ର ।
ଜୀବନସର୍ବସ୍ୱ ଯାର ଧର୍ମ ମହାଧନ,
ଅପର ସମ୍ବଳେ ତାର କିବା ପ୍ରୟୋଜନ ।

ସନ୍ଧ୍ୟାରେ ଯେ ପାରିଜାତ— ସୁବାସ ଆନନ୍ଦେ,
ଜଡ଼ିତ ତ ଅଗତ୍ୟ ସେ ପସାରୁଣୀ-ଗନ୍ଧେ ।
ମୋ ଲାଗି ଜଣାଅ ଯୋଗି ! ହୃଦ ସନ୍ନିଧାନେ,
ତୁମ୍ଭର ସଂଯମ ନିଷ୍ଠା ଜାଗୁ ମୋର ପ୍ରାଣେ ।

---

## ଜୀର୍ଣ୍ଣ ମନ୍ଦିର

ଗାଉଛୁ ଜୀର୍ଣ୍ଣ ମନ୍ଦିର ନୀରବେ କି ଗୀତ,
ପ୍ରତିକ୍ଷଣ ଶୁଣୁଥାଇ ପବନର ସ୍ମିତ ।
ନୂଆ ନୂଆ ଦିନ କେତେ ସୁଧା-ଶୁଭ୍ର-ବାସ—
ପିନ୍ଧି କରୁଥିଲୁ ବଧୂ— କରେ ଉପହାସ ।
ଏବେ ସେ ସମ୍ପଦଜାଳ ସବୁଗଲା ଢାଳେ,
ଆବରିଲେ ଅଙ୍ଗ ତୋର ଗୁଳ୍ମ ଶଇବାଳେ ।
ଏ ଅବସ୍ଥା ଅବଲୋକି ଗର୍ଭସ୍ଥ ଦେବତା,
ଛାଡ଼ିଲେଣି ତେଜିବାରୁ ତୋହର ମମତା ।
ସମୟ-ସଂଗ୍ରାମେ ଲଭି ଘୋର ପରାଜୟ,
କ୍ରମେ କ୍ରମେ ଜର୍ଜରାଙ୍ଗ ହେଲୁ ଦେବାଳୟ ।
ସବୁଯିବ ସତ୍ତା ଆଉ ଦୁଇ ଦିନ ପରେ,
ଯିବୁ ନଶ୍ୱରତା-ଛବି ଦେଖାଇ ଲୋକରେ ।
ତୋହ ପରି ଯିବ ଜୀବ— ଶରୀର-ମନ୍ଦିର,
ଅନିତ୍ୟ ଅସାର ପୁଣି ଭଙ୍ଗୁର ଅସ୍ଥିର ।

---

## ପୁସ୍ତକ

ସଭକ୍ତି ପ୍ରଣତି ମୋର ଘେନ ହେ ପୁସ୍ତକ,
ଶୈଶବ-କୁମାର ତୁମ୍ଭେ ନୀରବ-ଶିକ୍ଷକ ।
ଶିକ୍ଷା-ତରଣୀର ପୁଣି ତନ୍ଦ୍ରୀ ବେପାରୀ,
ମାନବ ହୃଦୟେ ଦିଅ ସୁଜ୍ଞାନ ବିସ୍ତାରି ।
ଜନ୍ମା ତୁମ୍ଭେ ଜ୍ଞାନ-କ୍ଷେତ୍ରେ ପ୍ରଧାନ କୃଷକ,
ସମୁର୍ବର କରିଦିଅ ମାନବ ମସ୍ତକ ।
ତବ ଆଲୋକେ ଜ୍ଞାନ ଲଭେ ସବକିନି,
ସ୍ପର୍ଶନେ ସୁଗନ୍ଧ ଯିବା ତରୁରେ ଚନ୍ଦନ ।
ନିର୍ମଳ-ଆଦର୍ଶ ତୁମ୍ଭେ ଅଟ ଉଜ୍ଜ୍ୱଳ,
ତବ ସଙ୍ଗେ ଜ୍ଞାନହୀନ ହୁଏ ଜ୍ଞାନଧାରୀ ।
ତୁମ୍ଭ ସେବାଫଳେ ହୁଏ ଯେ ଜ୍ଞାନ ଉଦ୍ଭବ,
ଅମୃତ ଆସ୍ୱାଦଠାରୁ ତାହା ଅସୁଲଭ ।
ତୁମ୍ଭଙ୍କୁ ଯେ ଚକ୍ଷେ ଦେବ ତୁମ୍ଭେ ତାରୁ ତକ୍ର,
ଚର୍ଚ୍ଚିତ କରଅ ପୁଣି ଲୋକେ ପ୍ରତିଦିନ ।
ତେବେ ମହାପୁରୁଷଙ୍କ କୀର୍ତ୍ତି-ଧର୍ମ୍ୟରାଜି,
ଅଛି ତୁମ୍ଭ ମହାବକ୍ଷେ ପ୍ରଚ୍ଛନ୍ନେ ବିରାଜି ।
ଅଦ୍ଭୁତ ବନ୍ଧାଣି ତୁମ୍ଭେ ଧନ୍ୟ କାର୍ଯ୍ୟ ତବ,
ଅମାନବେ ଗଢ଼ିଦିଅ ପ୍ରକୃତ ମାନବ ।
ଯାବତ ଘଟଣା ରଖ ହୃଦ-ଗୃହେ ସଞ୍ଚି,
ଦେଇ ତହିଁ ଅଭଙ୍ଗୁର— ମାତୃଭାଷା ବଞ୍ଚି ।

—୫୦୫—

## ସୂର୍ଯ୍ୟ

ନମୋନମଃ ବିଶ୍ୱଚକ୍ଷୁ ଦେବ ଦିବାକର,
ଜଗତଶୈତ୍ୟତମୋନାଶୀ ତବ ଦୀପ୍ତ କର ।
ପ୍ରକୃତି ପଞ୍ଜର ତୁମ୍ଭେ ମହାଚକ୍ରକର,
ମଣ୍ଡ ନିତ୍ୟ ନବ ତନେ ତାହା କଳେବର ।
ତୁମ୍ଭ ଯୋଗେ ଶସ୍ୟପ୍ରସୂ ହୁଏ ବସୁମତୀ,
ମାନବର ମେଧା ଶକ୍ତି ଲଭେ କ୍ରମୋନ୍ନତି ।
ମାସ ଋତୁ ଦିନ ବର୍ଷ ଯୁଗ ଅଧିରାଜ,
ତବ ହେତୁ ଜ୍ୟୋତିର୍ଜ୍ଞାନ ଜ୍ୟୋତିଷ ସମାଜ ।
ପାରାବାରୁ ବାରିରାଶି କରିଣ ଶୋଷଣ,
କରୁଅଛ ଦେବ ତୁମ୍ଭେ ଘନ ବିରଚନ ।
ସେହି ମେଘମାଳେ ଦେଇ ଯଥାକାଳେ ଜଳ,
ଚରାଚର ପ୍ରାଣୀଙ୍କର ସାଧନ୍ତି ମଙ୍ଗଳ ।
ପ୍ରଦାନ ପ୍ରପଞ୍ଚେ ତୁମ୍ଭେ ନିତ୍ୟ ନବପ୍ରାଣ,
ଜଳେ ସ୍ଥଳେ ତବ ଶକ୍ତି ଚରେ କ୍ରିୟାମାନ ।
ଧରିଛ ଧରଣୀ ତୁମ୍ଭେ ଆକର୍ଷଣ ବଳେ,
ନତୁ ସେ ଭ୍ରମନ୍ତା କେଉଁ ନିରୁଦ୍ଦେଶ୍ୟ ସ୍ଥଳେ ।

---

## ସପ୍ତର୍ଷି

ହେ ଅଦ୍ଭୁତ ତପୋବଳ ତୁମ୍ଭର ସପ୍ତର୍ଷି,
ଜ୍ୟୋତିଷ୍କ ସ୍ୱରୂପ ଧରି ଅଛ ଶୂନ୍ୟେ ବସି ।
ଧ୍ରୁବ ପାଶେ ଘୂରୁଅଛ ସର୍ବେ ରାତ୍ରି ଦିନ,
କରନ୍ତି ଭାସ୍କର ଯଥା ମେରୁ ପ୍ରଦକ୍ଷିଣ ।
ଉଗ୍ର-ତପ ସାଧି ଧ୍ରୁବ ନିବସନ୍ତି ସ୍ୱର୍ଗେ,
ବୃଦ୍ଧି ଲଭେ ଧର୍ମଭାବ ଧାର୍ମିକ-ସଂସର୍ଗେ ।
କରିଥିଲ ଏ ଭାରତେ ଗୁଣେ ସମୁଜ୍ଜ୍ୱଳ,
କରୁଛ ପ୍ରଭାରେ ଦୀପ୍ତ ଏବେ ଖ-ମଣ୍ଡଳ ।
ତୁମ୍ଭର ପବିତ୍ର ଜ୍ୟୋତି ପୁଣ୍ୟର ନିଦାନ,
ସାଧୁଅଛି ଧରଣୀର ଅସୀମ କଲ୍ୟାଣ ।
ତବ ମାତୃଭୂମି ଏବେ ଘୃଣିତା ପତିତା,
କର ତୁମ୍ଭ ଭାବେ ତାକୁ ସୁଅନୁପ୍ରାଣିତା ।
ହେଉ ଜ୍ୟୋତିର୍ମୟୀ ସେହୁ ଲଭି ସମୁନ୍ନତି,
ଦିବ୍ୟ ପ୍ରଭାବତୀ ଯଥା ସତୀ ଅରୁନ୍ଧତୀ ।

---

## ଧାନ୍ୟ

ତୁଚ୍ଛ ତୃଣଗର୍ଭୁ ତୁହି ସମ୍ଭୂତରେ ଧାନ୍ୟ,
ମାତ୍ର କିଏ ଜାଣେ ନୁହେଁ ତୋ ମହାପ୍ରାଧାନ୍ୟ ।
ଦୁର୍ଗନ୍ଧି ପଙ୍କରୁ ଜାତ ହେଲେହେଁ କମଳ,
ନ ଲଭେ କି ଦେବ କଣ୍ଠ ଆଦର ପ୍ରବଳ ।
ହୀନକୁଳେ ଜନ୍ମି କେହି ହୀନ ହୁଏ ନାହିଁ,
କର୍ମ ସିନା ମାନ ବଢ଼ି ଦିଅଇ ଚମ୍କାଇଁ ।
ବଳ ତୁହି ସର୍ବରି ସକଳ ସମ୍ପଦେ,
ମାନବ ଜୀବନ ଅହୋ ବନ୍ଧା ତୋହୋ ପଦେ ।
ଶରୀରର ବଳ ତୁହି ମାନସର ଜ୍ଞାନ,
ବାସ୍ତବେ ତୁ ଜ୍ଞାନମନ୍ତ୍ରୀ ସକଳର ମାନ୍ୟ ।
ତୋତେ ତେଜି ସଂଗ୍ରହେ ଯେ ଯତନେ ରତନ,
କହନ୍ତି ତେ ଅଜ୍ଞାନ ସେହି ଅକିଞ୍ଚନ ।
ତୁମର୍ଦ୍ଧି ପ୍ରମାଣେ ରହୁ କରେ ଅଣି ଠୁଳ,
ଗୋଟିଏ ଧାନ୍ୟର ସତ୍ତ୍ୱ ନ ହେବ ସେ ତୁଲ ।
କରେ ଧାନ୍ୟ ଦେହବଳ ମନ ସଂଗଠନ,
ଅଛି କି କ୍ଷମତା କେଉଁ ରତ୍ନର ଏସନ ?

---

## ନବବର୍ଷ

ସ୍ୱାଗତ ହେ ନବବର୍ଷ ନବ-ଅଭ୍ୟାଗତ,
ନବୀନ ନୃପତି, ତୁମ୍ଭ ପଦେ ଦଣ୍ଡବତ ।
ମାନବ ଅଦୃଷ୍ଟ-ରାଜ୍ୟେ ତୁମ୍ଭେ ବାରମାସ,
ନିରଙ୍କୁଶ-ରାଜପଣ କରିବ ପ୍ରକାଶ ।
ତୁମ୍ଭ ପରି କାଳ-ସିନ୍ଧୁ ତରଙ୍ଗର ତରଙ୍ଗ,
କେତେ ପଡ଼ୁଛନ୍ତି ଭାଙ୍ଗି ଦେଖାଇ ଭ୍ରୂଭଙ୍ଗ !
ମାତ୍ର ଯାଉଛନ୍ତି ଅର୍ପି ଫଳ ହିତାହିତ,
ଅଛି ଯାହା ନରଭାଗ୍ୟେ ପୂର୍ବରୁ ସଞ୍ଚିତ ।
ତୁମ୍ଭେ ମଧ୍ୟ ସେହିପରି ଚାଲିଯିବ ବାହିଁ,
ଯେତେ ଡାକିଲେହେଁ ଥରେ ପଛକୁ ନ ଚାହିଁ ।
ଉତ୍କୋଚେ ବା ସ୍ତବେ ତବ ଅବ୍ୟାହତ-ଗତି,
ନ ପାରିବେ କେହି ଛଳେ କରି ପଶ୍ଚାଦ୍‌ବର୍ତ୍ତୀ ।
ସୁଖ ଦୁଃଖ ଯା ଆଣିଛ ପ୍ରଦାନ ନୀରବେ,
ନିଶ୍ଚେ ତାହା ଶିରୋଧାର୍ଯ୍ୟ କରିବେ ମାନବେ ।
କିନ୍ତୁ ଦେବ ଏହି ଏକା ଦୁର୍ନିବାର ବ୍ୟଥା,
ଭୁଲିଯାଏ ଦିନ, ମାତ୍ର ରହିଯାଏ କଥା ।

—*—

## ରସାଳ

ହେ ତୋତେ ଆଣିଲି ମଞ୍ଚେ ରେ ରମ୍ୟ ରସାଳ,
ପଙ୍କିଳ-ପଲ୍ୱଳେ ଜେ ବା ନହିଲି ମୃଣାଳ ।
ସ୍ୱର୍ଗୀୟ ତୁ, ସ୍ଥାନ ତୋର ନନ୍ଦନକାନନ,
କେମନ୍ତେ ଛାଡ଼ିଲେ କହ ତୋତେ ଦେବଗଣ ।
ଦେବେ ସମଦର୍ଶୀ, କିନ୍ତୁ କେତେ ଶାସ୍ତ୍ରରେ,
ରଖନ୍ତି ଏକାଧିପତ୍ୟ ଜଣା ଚତ୍ୱରରେ ।

ହେଲେ ତାହିଁ ମର୍ତ୍ତ୍ୟେ ଯେତ୍ତୁ ସୁଧା ପାଉଥାଉ,
ସାମ୍ୟନୀତରେ କି ଏହା ନୁହେଁ ପକ୍ଷପାତ ।
ତୁହି ତ ଅମୃତଫଳ ଭୋଗେ ବା ତାହିଁତ,
ଅର୍ଦ୍ଧକେ ଲାଳସା ତେଜ ଅମରେ ମହୀକି ।
ନଷ୍ଟେ ତୁହି ଜେଉଁ ଦେବ ଅଭିଶାପେ ଚ୍ୟୁତ,
ଆସିଛୁ ଅବନୀତଳେ ହୋଇ ସ୍ୱର୍ଗଚ୍ୟୁତ ।
ହେଉ ପଛେ ଶାପଗ୍ରେସ୍ତ ରସାଳ ତୋହର,
ମାତ୍ର ତାହା ମର୍ତ୍ତ୍ୟବାସୀ ଭାଗ୍ୟେ ହେଲା ବର ।
ସକଳ ମଧୁର ତୋର ରୂପ ରସ ଗନ୍ଧ,
ଦର୍ଶନେ ଭକ୍ଷଣେ ଘ୍ରାଣେ ପ୍ରଦାନୁ ଆନନ୍ଦ ।
ସୌଶୀଲ୍ୟ ସଭ୍ଭବ୍ୟତା ଅଛ ସାଧୁ ବ୍ୟବହାରେ,
ଲଭନ୍ତ ଆଦର ସିନା ନରେ ଏ ସଂସାରେ

—*—

## ଗୋ-ଜାତି

କେଉଁ ଦେବ ଗୋରୂପେ ଜନମି ଧରାରେ,
ଅହରହ ରତ ଅଛ ନର ଉପକାରେ ।
କୃଷିଜୀବୀ ବଣିକର ସହାୟ ସମ୍ପଦ,
ଆଦର୍ଶ ସଂଯମୀ ପଶୁ— ମହର୍ଷି ବଳଦ ।
ମାତା ସମ ଗାଭୀ, କରି ଦୁଗ୍ଧ-ସୁଧା ଦାନ,
ବାଲ୍ୟକାଳେ ରକ୍ଷାକରେ ମାନବର ପ୍ରାଣ ।
ପବିତ୍ର କାର୍ଯ୍ୟରେ ଲାଗେ ଗୋମୂତ୍ର ଗୋମୟ,
ଯୁଣି ତହିଁ ଧରାଦେହେ ହୁଏ ବଳୋଦୟ ।
ଅସ୍ଥି ଚର୍ମ ଶୃଙ୍ଗ ଗୋରୁ ତଣ୍ଡି ଉତରଣ,
ମଣ୍ଡି ସୁଦ୍ଧା ଲୋକହିତ କରେ ସଂସାଧନ ।
ଅନୁଭବ ଗୋଜାତିର ଉପକାରମାନ,
ପୂଜିଥିଲେ ଦୃଷ୍ଟ ତାକୁ ଦେବତା ସମାନ ।
ପରମ ଦେବତା ସେତ୍ତୁ କି ଅଛି ସଂଶୟ,
ଜବାକୟ ଅଟେ ନଷ୍ଟେ ତୀର୍ଥ, ଦେବାଳୟ ।

—୦—

## ସାଳନ୍ଦୀ ପୁଲିନେ

ଗଭୀର ନିଶୀଥକାଳେ ଏକୁଟିଆ ଦିନେ,
ବସିଲି ବାଲୁକାମୟ ସାଳନ୍ଦୀ ପୁଲିନେ ।
ତଟିନୀର ଜ୍ୟୋତିର୍ମୟ ନୟନ ପଥ୍‌ଏ,
ଶୁକ୍ଳଚନ୍ଦ୍ରିକାତ ଶୁଭ୍ର ଜ୍ୟୋତି ଉଦ୍ଭାସିଏ ।
ଖେଳୁଅଛି ହେଲେ ଖେଳ ଚନ୍ଦ୍ରିକା ରୂପସୀ,
ସ୍ୱଚ୍ଛ ନଦୀସ୍ରୋତ ସଙ୍ଗ ମୃଦୁ ମୃଦୁ ହସି ।
ଜଳବେଣୀ ସଙ୍ଗେ ଧନୀ ମିଶାଇ ସ୍ୱବେଣୀ,
ଭାସିଯାଉଅଛି ନମ୍ରେ ହୋଇ ଶ୍ରେଣୀ ଶ୍ରେଣୀ ।
ବର୍ଷୁଛନ୍ତି କର ଜଣେ ଥାଇ ସୁଧାଧାର,
ସୁରଭୀ ପଦ୍ମାରୁ କିବା ବହେ କ୍ଷୀରଧାର ।
ସଂସାରର କୋଳାହଳ କାହିଁ ଗୋଳାହଳ,
ଗତ ଏବେ, ପରଣତ ସ୍ୱର୍ଗେ ଧରାତଳ ।
ସାଧକ-ବାଞ୍ଛିତ ଏହି କାଳ ସୁମଧୁର,
ପାର୍ଥିବ ଭାବାର ମନୁ କରିଦେଲା ଦୂର ।
କାଳସ୍ରୋତ ପ୍ରତିଲୋମେ ସନ୍ତରିଲା ମନ,
ସାଳନ୍ଦୀ ଉଜାଣି ସ୍ରୋତେ ମୀନାଳି ଯେସନ ।
ବାଲ୍ୟଜୀବନର ଚେତେ ଲୁପ୍ତ ପୂର୍ବସୁଖ,
ଗୋଟି ଗୋଟି ହୋଇ ଆସି ଦେଖାଇଲେ ମୁଖ ।
ଆଣିଲା ସେ ଗତସ୍ମୃତି ହୃଦେ ଅନୁତାପ,
ଅନୁତାପୁଁ ଉପୁଜିଲା ଅସାର ପ୍ରଳାପ ।
ଏ କାଳରେ କାଶମୟ ଭଗୀରୁ ଆହ୍ଲାଦ,
ଆଜ କାରୁ ଆସି ମୋର ଭାଙ୍ଗିଦେଲା ଧ୍ୟାନ ।
ଛାଡ଼ି ସେ ସକଳ ଖେଳ ବହି ଦୁଃଖଭାରେ,
ଦାହିଣ ଆସିଲି ଅହୋ ଦାରୁଣ ସଂସାରେ ।

—୦—

## ଧୂମକେତୁ

ଦିବ୍ୟ ଜ୍ୟୋତିଧାମେ ରହି କାହିଁ ଧୂମକେତୁ
ହେଲୁ ଏତେ ଭଗବିରୁଧ ଅମଙ୍ଗଳ ହେତୁ ।
ଭୀଷଣ ବରଣୀ ତୋର ଭୀଷଣ ଆକାର,
ପ୍ରତେ ହୁଏ ତୁହି ଭୀମ— ଶପଦ ଶକାର ।

ତୋ ଦର୍ଶନେ ହୁଏ ମନେ  ଏ ଭାବ ଉଦୟ,
ଯୋଗୀ ନଭ-ଭାଲେ କି ତୁ ଶିଖା ଜ୍ୟୋତିର୍ମୟ ।
ଅବା ଆକାଶ-ପ୍ରାଙ୍ଗଣ  ମାର୍ଜନା କାରଣ,
ସୁବର୍ଣ୍ଣ ମାର୍ଜନୀ ଛନ୍ତି  ଥୋଇ ତାରାଗଣ ।
ଅଥବା ନଭରେ ଭଣା  ଦଣ୍ଡକ କାଞ୍ଚନ,
କିମ୍ବା ସିନ୍ଧୁଗର୍ଭେ ଜ୍ୱଳେ  ବାଡ଼ବ-ଦହନ ।
କି ଅବା ତ୍ରିନେତ୍ର ନେତ୍ରୁ  କ୍ରୋଧାନଳ ରେଖା,
ବହିର୍ଗତ ହେଲା ପ୍ରାଏ  ଯାହୁ ତୁହି ଦେଖା ।
ଦୁର୍ଭିକ୍ଷ ମଡ଼କ ତୋର  ଅନୁଚରଦ୍ୱୟ,
ପ୍ରଦର୍ଶନ୍ତି ତୋ ଆଦେଶେ  ନିଷ୍ଠୁର ଅଭିନୟ ।
ଶାନ୍ତିମୟ ସ୍ୱର୍ଗେ ପରା  ନାହିଁ ହିଂସା ଦ୍ୱେଷ,
ତୁ ତ ସ୍ୱର୍ଗବାସୀ, କପାଁ  ଅପୁ ନରେ କ୍ଲେଶ ।
ବୁଝିଲି ବୁଝିଲି ତୁହି  ନଶ୍ୱରର ଗଦା,
ପାପେ ଭରା ଦେଖି ଧରା  କରୁଦେଉ ଚଦା ।

—୦:*:୦:—

## ଖଣ୍ଡ ପ୍ରଳୟ

ଆଣିଲା ଖଣ୍ଡପ୍ରଳୟ  ନବବିଂଶ ଅଙ୍କ,
ସ୍ମରଣେ ସେ ରୁଦ୍ର ଦୃଶ୍ୟ  ଉପୁଜେ ଆତଙ୍କ ।
ହଙ୍କାରି ବ୍ରହ୍ମାଣ୍ଡ-ଖଣ୍ଡ—  କଠୋର ଗର୍ଜନେ,
ଗରଜି ମୁଷଳଧାରେ  ବର୍ଷିଲେ ପର୍ଜନ୍ୟେ ।
ଅବିରତ ବାତ୍ୟାପାତେ  ଧରଣୀମଣ୍ଡଳ,
ଗମ୍ଭୀର ହୁଙ୍କାରି ଧୁଧୁ  ନାଦେ ଟଳମଳ ।
ଖେଳଇ ରୌଦ୍ରିରେ ବେଗେ ସ୍ରୋତ ଭରି ଗଙ୍ଗ,—
ହୁଙ୍କାର, ହୁଙ୍କାର ଯଥା  ଉନ୍ମତ୍ତ ଗଜ ମତ୍ତ ।।
କ୍ଷଣେ ପରିଣତ ହେଲା  ଧରା ନବାର୍ଣ୍ଣବେ,
ଭାସିଲେ ମାନବ ପଶୁ  ପକ୍ଷୀ ଆଦି ସବେ ।
ନକୁଳ ମାର୍ଜାର ମୂଷା  ଭେକ ବଳେଶୟ,
ଗ୍ରହିରନ୍ତି ଏକ ବୃକ୍ଷେ  ସକଳେ ଆଶ୍ରୟ ।
ସହସା ହେଲା କି ଧରା  ମହା ତପୋବନ,
କରନ୍ତି ଯେଣୁ ସବେ  ହିଂସାଭାବ ବର୍ଜନ ।
ଦେଇଅଛି ମୃତ୍ୟୁଭୟ  ଏ ନିର୍ବେଦ ଦୀକ୍ଷା,
ଜୀବନର ଏହା ସିନା  ଭୀଷଣ ପରୀକ୍ଷା ।
ସୃଷ୍ଟି ସତୀ ଏତ୍ତପରି  ଧରି ଭୀମବେଶ,
ନରପ୍ରାଣେ ଶାନ୍ତିସଖା  ଭରଏ ଉନ୍ମେଷ ।

———

# ପୁଲୁଡଲ୍

# ନିବେଦନ

ମୋର ବନ୍ଧନୀୟ ଅଗ୍ରଜ ମହୋଦୟ ଅନେକଗୁଡ଼ିଏ ଖଣ୍ଡକବିତା ଏବଂ ସାମୟିକ କ୍ଷୁଦ୍ର କବିତା ଲେଖିଥିଲେ । ସେଥିମଧ୍ୟରୁ କେତେକ ଅସାବଧାନତାବଶତଃ ନଷ୍ଟ ହୋଇ ଯାଇଅଛି । ଅବଶିଷ୍ଟ ଯାହା ଅଛି, ତାହା ନିତାନ୍ତ ସାମାନ୍ୟ ନୁହେଁ । ସେଥିରେ ପ୍ରାୟ ଏହିପରି ୪୬ ଖଣ୍ଡ ପୁସ୍ତକ ହୋଇପାରେ । ସମ୍ପ୍ରତି ମୁଁ ସେଥିରୁ କେତେଗୁଡ଼ିଏ ନେଇ ପରମପୂଜନୀୟ ଶ୍ରୀଯୁକ୍ତ ଘଣ୍ଟିଗଡ଼ାଧୀଶ୍ୱର ମହୋଦୟଙ୍କ ଅର୍ଥାନୁକୂଲ୍ୟରେ "ଫୁଲତଲ" ନାମରେ ପୁସ୍ତକାକାରରେ ପ୍ରକାଶ କଲି । ଏହା ବହୁଦିନ ପୂର୍ବର ରଚନା । ମୁଁ ତାହା ଅପରିବର୍ତ୍ତିତ ଭାବରେ ପ୍ରକାଶ କରୁଅଛି ।

ଇଚ୍ଛାପୁର, ଗଞ୍ଜାମ
୩-୭-୧୫

ଶ୍ରୀ ସୋମନାଥ ମହାନ୍ତି

# ଶ୍ରଦ୍ଧୋପହାର

ପରମଗୌରବାସ୍ପଦ,

ସତ୍‌ସାହିତ୍ୟାନୁରାଗୀ, ଲଞ୍ଜିଗଡ଼ାଧୀଶ୍ୱର ଶ୍ରୀଯୁକ୍ତ
ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ ମହୋଦୟ

ମହତ୍‌ସନ୍ନିଧାନେଷୁ

ମାନନୀୟ ଶ୍ରୀମନ୍ ମହାରାଜ,

ସୁରଭି, ଚନ୍ଦନତରୁକୁ ଚହ୍ନାଇଲା ପରି ଶ୍ରୀଛାମୁଙ୍କର ସଦ୍‌ଗୁଣରାଶି ଶ୍ରୀଛାମୁଙ୍କୁ ଉଦୀୟମାନ ଯୋଗଜନ୍ମା ନରପତି ବୋଲି ପରିଚିତ କରାଉଅଛି । ଲକ୍ଷ୍ମୀ ଏବଂ ସରସ୍ୱତୀ ଶ୍ରୀଛାମୁଙ୍କ ନିକଟରେ ମଧୁର ମିଳନରେ ସମ୍ମିଳିତ ହୋଇ ପରସ୍ପରର ମହିମା ବୃଦ୍ଧି କରୁଅଛନ୍ତି । ମାତୃଭୂମିର ଶ୍ରୀବୃଦ୍ଧି ବିଷୟରେ ଶ୍ରୀଛାମୁ ସତତ ନାନାଭାବରେ କାର୍ଯ୍ୟ କରି ଆସୁଅଛନ୍ତି । ଶ୍ରୀଛାମୁଙ୍କ ଉଚ୍ଚପଦବୀଲାଭ ସଂକୀର୍ଣ୍ଣ ସ୍ୱାର୍ଥମୂଳକ ନୁହେଁ; ତାହା ଦେଶ ସକାଶେ ବୋଲି ସମସ୍ତେ ଏକବାକ୍ୟରେ ସ୍ୱୀକାର କରିବେ । ସ୍ଥୂଳତଃ ଶ୍ରୀଛାମୁଙ୍କ ଜୀବନ ବ୍ୟକ୍ତିଗତ ଜୀବନ ନୁହେଁ, ତାହା ଆଦର୍ଶ ଜାତୀୟ ଜୀବନ । ଏହି ସମସ୍ତ ଅନନ୍ୟସାଧାରଣ-ସୁଲଭ ସଦ୍‌ଗୁଣ ଦର୍ଶନରେ ଶ୍ରୀଛାମୁଙ୍କ ପ୍ରତି ମୋର ଉଚ୍ଚଭାବ ଏବଂ ଆନ୍ତରିକ ଶ୍ରଦ୍ଧା ଜାତ ହୋଇଅଛି । ସେହି ସ୍ୱାଭାବିକୀ ଶ୍ରଦ୍ଧାଭକ୍ତିର ନିଦର୍ଶନ ସ୍ୱରୂପେ ମୁଁ ମୋର ଏହି "ଫୁଲଡାଲା" ପୁସ୍ତକଖଣ୍ଡି ଶ୍ରୀଛାମୁଙ୍କ ସୁପବିତ୍ର କରକମଳରେ ଶ୍ରଦ୍ଧୋପହାର ଅର୍ପଣ କଲି । ଗ୍ରହଣାନୁମତି ହେଲେ ଚରିତାର୍ଥ ହେବି ।

ଇଚ୍ଛାପୁର, ଗଞ୍ଜାମ
୧-୭-୧୫

ଶ୍ରୀଛାମୁଙ୍କର
ସ୍ନେହ-ସୌଜନ୍ୟମୁଗ୍ଧ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ସୂଚୀ


ବସନ୍ତ
ଆଗମନୀ
ଆବାହନ
ମଙ୍ଗଳସଙ୍ଗୀତ
ଅଭିନନ୍ଦନ ...
ଗଣ୍ଡାମମାତାର୍ ଆଶୀର୍ବାଣୀ
ପ୍ରକୃତ ପୁରୁଷ ସମର୍
ସୀତା
ଭୁବ୍ନାନ୍ତି
ନବାବଙ୍କ ଢାଲ
ରେଲଗାଡ଼ି
ତପ୍ତଶ୍ୱାସ
ଉତ୍କଳ-ବିଳାପ
ଅଶ୍ରୁପାତ
ଗ୍ରୀଷ୍ମପ୍ରାରମ୍ଭରେ ବର୍ଷା




# ଫୁଲଡାଲି

## ଆଗମନୀ

(ମହାମାନ୍ୟ ସମ୍ରାଟ୍ ପଞ୍ଚମ ଜର୍ଜ ଏବଂ ସମ୍ରାଜ୍ଞୀ ମେରୀଙ୍କ ଭାରତାଗମନୋପଲକ୍ଷେ)

ସ୍ୱାଗତ ସମ୍ରାଟ ସମ୍ରାଜ୍ଞୀ ଉଭୟ,
ଏ ଦୀନ ଭାରତେ ହୋଇଣ ସଦୟ ।
ସଜାଇଛୁଁ ସର୍ବେ ଦିବ୍ୟ ଅର୍ଘ୍ୟଥାଳୀ,
ଥୋଇଅଛୁଁ ତହିଁ ଭକ୍ତି-ଦୀପ ଜାଳି ।
ପ୍ରୀତି-ପାରିଜାତ ଆନନ୍ଦ-ଚନ୍ଦନ,
ବିନୟ-ସୁଦୂର୍ବା କରିଛୁଁ ସ୍ଥାପନ ।
କୃତଜ୍ଞତା ତହିଁ ବଦରୀ ପଲ୍ଲବ,
ଶ୍ରଦ୍ଧା ଧୂପ, ଘୃତ ଅକ୍ଷତ ଗୌରବ ।
ଶାନ୍ତି-ସ୍ୱର୍ଣ୍ଣେ ମଣ୍ଡି ହୃଦ-ସିଂହାସନ,
ଯାଚୁଁ ଅଛୁଁ ତବ ଶୁଭ-ଆଗମନ ।
ଭକ୍ତ ପ୍ରଜା ସର୍ବେ ଅଟୁଁ ହେ ଈଶ୍ୱର,
ଦେବ-ବ୍ୟବହାରେ ପୂଜିବୁଁ ପୟର ।
ପାର୍ଥିବ ସମ୍ପଦେ ସିନା ଆମ୍ଭେ ଦୀନ,
ମାତ୍ର ନୋହୁଁ କେବେ ଭକ୍ତି-ଧନେ ହୀନ ।
ରାଜଭକ୍ତି ଆମ୍ଭ ଜୀବନ-ଜୀବିକା,
ଯୁଗେ ଯୁଗେ ଆମ୍ଭେ ରାଜପଦେ ବିକା ।
ଧର୍ମର ଦାୟାଦ କିଏ ତୁମ୍ଭ ସରି,
ଆମ୍ଭେ ରାଜଭକ୍ତି ଦାୟାଦ ସେପରି ।
ରାଜା ଆମ୍ଭ ସ୍ୱର୍ଗ, ଜାଗ୍ରତ ଦେବତା ,
ରାଜା ଧର୍ମ, ରାଜା ତୀର୍ଥହିଁ ସର୍ବଥା ।
ରାଜସେବା ଆମ୍ଭ ଚୌବର୍ଗଦାୟିନୀ,
ବନା ପଣେ ନଏ ଆମ୍ଭଙ୍କୁ ସେ ଜାଣି ।
ଆସ ଆସ ଶୁଭେ ହେ ରାଜଦମ୍ପତି,
ଭାରତ-ଭରସା ନୟନ-ସମ୍ପତ୍ତି ।
ଅଖିଳଜଗତର ଶାସକ ପାଳକ,
ବ୍ରିଟେନ-ହୃଦୟ-କୌସ୍ତୁଭ-ପଦକ ।
ହେ ସମ୍ରାଟ ଦେବ, ହେ ସମ୍ରାଜ୍ଞୀ ଦେବି,
ଧନ୍ୟ ହେବୁଁ ଆମ୍ଭେ ତବ ପଦ ସେବି ।

ସପ୍ତ ରତ୍ନାକର ତବ ଗନ୍ତାଘର,
କି ଦେଇ ତୋଷିବୁଁ ମାନସ ତୁମ୍ଭର ।
କିଛି ନାହିଁ, ଅଛି ଭକ୍ତି ଅଶ୍ରୁଜଳ,
ସେହି ଏକା ଆମ୍ଭ ଜୀବନ ସମ୍ବଳ ।
ଧୋଇଦେବୁଁ ତହିଁ ତବ ପଦ୍ମପାଦ,
ମେଣ୍ଟିଯିବ ଆମ୍ଭ ଚିର ମନସାଧ ।
ଜଗତରେ ଯାହା ମହାମୂଲ୍ୟବାନ,
ତୁଳ କଲେ ତୁଳପାତ୍ରରେ ସେମାନ,
ଭକ୍ତି ତୁଳନାରେ ସେ ସିନା ଅଲଣା,
ଶ୍ରୀ ଛାମୁରେ ଏହା କାହିଁ ତ ଅଜଣା ।
ସେହି ପୂତ ଭକ୍ତି ଢାଳିବୁଁ ପୟରେ,
ହେ ନୃପଦମ୍ପତି ରଖ କର ଶିରେ ।
ଧରିଣ ତୁମ୍ଭଙ୍କୁ ବକ୍ଷେ ଏ ଭାରତ,
ସ୍ୱର୍ଗୀୟ ସମ୍ପଦେ ମଣୁ କରଗତ ।
ସୁର-ଦୁଃଖହର-ବାଞ୍ଛାବଟ ପ୍ରାୟେ,
ଖଣ୍ଡ ତାର ଦୁଃଖ ହେ ସମ୍ରାଜ୍ଞି ରାୟେ ।
ତବ ଅଶ୍ୱମେଧ ରାଜସୂୟ ଯାଗ,
ଦର୍ଶନ ଆଶାୟେ ବହୁ ଅନୁରାଗ,
ସମୁତ୍କଣ୍ଠ ଗ୍ରୀବ ରାଜା ପରଜାଙ୍କର,
ଗଣୁଛନ୍ତି ବସି ସେ ଶୁଭ ବାସର ।
କହୁଛନ୍ତି ଫୁଟି ନଭ ସୁରସୁତେ,
ତଡ଼ାଇବା ପାଇଁ ସୂର୍ଯ୍ୟରଥେ ଦ୍ରୁତେ ।
ହେଉ ସନ୍ନିକଟ ସେ ଶୁଭ ଦିବସ,
ସବୁରି କେବଳ ସିନା ଏ ମାନସ ।
ଭାରତ ଉତ୍ତର ପ୍ରହରୀ ପ୍ରଚଣ୍ଡ,
ଭାରତ ଗୌରବ-କୀର୍ତ୍ତି-ମାନଦଣ୍ଡ,
ହିମଗିରି, ଶୁଭ ଉତ୍ସବ ଦର୍ଶନ,
ଆଶାୟରେ ଉଚ୍ଚ ତୋଳି ଆନନ ।

ତବ ହିମ-ଶୀତ ଶାଶ୍ୱତ ଶିଖରେ,
ଆଜହୁଁ ଅମରେ ମେଘ-ମଣ୍ଡପରେ,
ଘୂରନ୍ତି ଦେଖିବା ଇଚ୍ଛାରେ ଉତ୍ସବ,
ମର୍ତ୍ତ୍ୟ-ମଘବାଙ୍କ ପ୍ରସ୍ତାବ ବିଭବ ।
ନର୍ମଦା, କାବେରୀ, ଗଙ୍ଗା, ଗୋଦାବରୀ,
ଚିତ୍ରୋତ୍ପଳା ଆଦି ନଦୀକୁଳେଶ୍ୱରୀ,
ଢାଳୁଛନ୍ତି ଅଳି ତବ ପଦତଳେ,
ବାଜେ ତବ ସ୍ତବଦମ୍ଭ ଚଞ୍ଚଳେ ।
ଗୁହାମୁଖେ ସହ୍ୟ ବନ୍ୟ ଭାଷା କହେ,
ନିକଟ ଉତ୍ସବ ଉଠ ହେ ଉଠ ହେ ।
ପୁଷ୍କର ଚଇତା ହୋଇ ପୁଲକିତ,
ଗାଉଛନ୍ତି ତବ ଆଗମନୀ ଗୀତ ।
ଗାଏ ମହୋଦଧି ଗାଏ ରତ୍ନାକର,
ନାଚ ନାଚ ଉଠେ ତୋଳି ବୀଚି-କର ।
ତୁମ୍ଭଙ୍କୁ ପାଛୋଟି ଆଣିବା ସକାଶେ,
ଭ୍ରମନ୍ତି ସପ୍ତର୍ଷି ଉତ୍ତର ଆକାଶେ ।
ସ୍ୱାଗତ ହେ ଦେବ ହେ ଦେଶ ତପରେ
ଏ ଭାରତ ଧର ପୂର୍ବ ପୁଣ୍ୟଫଳେ—
କରିବ ତୁମ୍ଭଙ୍କୁ ସୁସ୍ପଷ୍ଟ ଦର୍ଶନ,
ଯୋଗ ହେବ ଆହା ମଣିରେ କାଞ୍ଚନ ।
ସୌଭାଗ୍ୟରୁ ତୁମ୍ଭ ଯୁଗଳଙ୍କୁ ପାଇ,
ଦୁଃଖ-ନିଶି ତାର ଖରେ ଯିବ ପାହି ।
ବାନ୍ଧିଅଛୁ ମନେ ଦୃଢ଼େ ଏ ଭରସା,
ସାର୍ଥକ ସାର୍ଥକ ତାହା ମହାଯଶା ।

## ଆବାହନ

( ଭାରତସମ୍ରାଟ ପଞ୍ଚମ ଜର୍ଜ ଓ ସମ୍ରାଜ୍ଞୀ ମେରୀଙ୍କ ଭାରତ ଶୁଭାଗମନୋପଲକ୍ଷେ )

ଆସ ହେ ସମ୍ରାଟ ପଞ୍ଚମ—
ଜର୍ଜ ସମ୍ରାଜ୍ଞୀ ମେରୀ,
ତବ ପୁଣ୍ୟ ନାମେ ଭାରତେ
ବାଜେ ମଙ୍ଗଳ ଭେରୀ ।
ଧନ୍ୟ ଶତ ଧନ୍ୟ ତୁମ୍ଭର
ରାଜ୍ୟ-ଶାସନନୀତି,
ନ୍ୟାୟ ଦୟା ପ୍ରୀତି ଶୃଙ୍ଖଳା
ସତ୍ୟ ଯା ମୂଳ ଭିତ୍ତି ।
ତୁମ୍ଭ ସୁପାଳନେ ଭାରତେ
ନାହିଁ ଦୁର୍ଭିକ୍ଷ-ଭୟ,
ଦମିଯାଇଅଛି ମଡ଼କ
ମହାମାରୀ ଆମୟ ।
ସମ-ସଖ୍ୟ ସ୍ୱାସ୍ଥ୍ୟେ ପ୍ରଜାଏ
ଭୋଗୁଅଛନ୍ତି ସୁଖ,
ଦର୍ଶନାଶେ ସର୍ବେ ଉତ୍ସୁକ
ତବ ସୌମ୍ୟ ଶ୍ରୀମୁଖ ।
କଳ୍ପତରୁ ତୁଲେ ତୁମ୍ଭଙ୍କୁ
ଆହା ଲଭି ଭାରତ
ବାହୁଛାୟା ତଳେ ଆଶ୍ରୟ
ଲୋକ ହେଉ ଉନ୍ନତ ।
ଶୁଭେ ଅବତର ସର୍ବାଣୀ
ସର୍ବ ମଙ୍ଗଳାଳୟ,
କରିଗଲେ ତବ ଆଗମ—
ପଥେ ମଙ୍ଗଳମୟ ।
ଆସ ଦେବଦେବୀଯୁଗଳ
ଆସ ଆସ ବହନେ,
ହର୍ଷ-ପାରିଜାତ ଫୁଟାଅ
ଏ ଭାରତ-ନନ୍ଦନେ ।
ଅଖିଳ ଭୁବନ କାରଣ
ପ୍ରଭୁ ହେ ପରାତ୍ପର,
ସର୍ବଶୁଭେ ଆଣ ଭାରତେ
ସଙ୍ଗୀ ଭାରତେଶ୍ୱର ।
ଦୀର୍ଘ ହେଉ ତାଙ୍କ ଶାସନେ
ଦିନ ମାସ ସମାନ,
ମାସ ହେଉ ବର୍ଷ, ବର୍ଷତ
ହେଉ ଯୁଗ ପ୍ରମାଣ ।

ତେବେ ଚର୍ତ୍ତ ଜର୍ଜ୍ଜ ଶାସନ୍ତୁ
ଶତବର୍ଷ ସେ କ୍ଷିତ,
ଗାଉ ଏ ଅବନୀ ଆନନ୍ଦେ
ତାଙ୍କ ସୁଯଶ-ଗୀତ ।

---

## ମଙ୍ଗଳ ସଙ୍ଗୀତ

(ମହାମାନ୍ୟ ଭାରତ ସମ୍ରାଟ ପଞ୍ଚମ ଜର୍ଜଙ୍କ
ସୁଅଭିଷେକ ଉପଲକ୍ଷେ ରଚିତ ହୋଇ ପ୍ରାକୃତିକ
ଉତ୍କଳର ବିଭିନ୍ନ ସ୍ଥାନର ବାଳକ ଓ ବାଳିକା-
ମାନଙ୍କଦ୍ୱାରା ଗୀତ ହୋଇଥିଲା ।)

[ ୧ ]

ସମ୍ରାଟ-ଅଗ୍ରଣୀ ଦୟାକ୍ଷମା ଖଣି
ବ୍ରିଟନକୁଳ-କୌସ୍ତୁଭ ମଣି,
ତାହାଙ୍କୁ ଜେ ସବୁ ସାଗର-ବେଷ୍ଟିତ
ଭୂମେ ଯାଙ୍କ ପାଦେ ଗଢେ ଗଢଣୀ । ୧ ।
ହସ୍ତିନାରେ ଆଜ ଅଛନ୍ତି ବସିକ
ସେ ପଞ୍ଚମ ଜର୍ଜ ମହିଷୀ ସହ,
ମୁକୁଟ ଧାରଣ— କରିବା କାରଣ
ଲାଗିଛି ଉତ୍ସବ ଆନନ୍ଦବହ । ୨ ।
ନବ ଅନୁରାଗେ ରାଜସୂୟଯାଗେ
ଦେଇଛନ୍ତି ଯୋଗ ନୃପତିଗଣ,
ସମ୍ରାଟ ଉପାଧି ସହ ରାଜରାଜି
କରିବେ ତାହାଙ୍କୁ ହର୍ଷେ ଅର୍ପଣ । ୩ ।
ହୋଇ ଚିରଜୀବୀ ଶାସନ୍ତୁ ପୃଥିବୀ
ସମ୍ରାଟ ସମ୍ରାଜ୍ଞୀ ଉଭେ ଅମର,
ଚନ୍ଦ୍ରାମଣି ଭାଷେ ଶ୍ରୀହରିଙ୍କ ପାଶେ
ମାଗ ମାଗ ଭାଇ ସଦା ଏ ବର । ୪ ।

---

[ ୨ ]

ମାହେନ୍ଦ୍ର ମୁହୂର୍ତ୍ତେ ପ୍ରଭାତ
ଗତ ଶୁଭ ରଜନୀ,
ଭସାଇଲା ହର୍ଷ-ପ୍ରବାହେ
ଆହା ଅର୍ଦ୍ଧ-ଅବନୀ ।
ରମ୍ୟା ଅମରପୁରେ ଯେସନ
ଇନ୍ଦ୍ର ସଙ୍ଗେ ଇନ୍ଦ୍ରାଣୀ,
ଅଭିଷିକ୍ତ ଆଜ ହସ୍ତିନା—
ପୁରେ ନୃମଣି ରାଣୀ ।
ଏ ନବୀନ ଦୃଶ୍ୟ ଦର୍ଶନେ
ଆଜ ଭାରତମହୀ,
ହସଇ ନବୀନ ଆନନ୍ଦେ
ନବ ଉତ୍ସାହ ବହି ।
ଆକାଶ ପାତାଳ ଦେଇଛି
ଯୋଗ ସେ ନବ ହର୍ଷେ,
ବୋଲେ ଚନ୍ଦ୍ରାମଣି ସକଳେ
ଧର ସେହି ଆଦର୍ଶେ ।

---

[୩]

ନବ ଛନ୍ଦେ ଗାଅ ରାଜାରାଣୀ ବନ୍ଦନା,
ସାର୍ଥକ ହୋଇବ ତବ ଜଡ଼ ରସନା । ପଦ ।
ତାଙ୍କ ଶୁଭ ଅଭିଷେକେ ମାତି ପ୍ରେମ ଅନ୍ତରେକେ
କର ହେ ତାହାଙ୍କୁ ପ୍ରୀତଭାବରେ ଅର୍ଚ୍ଚନା । ୧ ।
ତାଙ୍କ ସ୍ନେହ ଦୟା ସ୍ମରି ଶ୍ରଦ୍ଧାଭକ୍ତି ହୃଦେ ଧରି
କରିବା ତାଙ୍କର ଚିର ଶୁଭ-କାମନା । ୨ ।
ତାଙ୍କ ନିର୍ଦ୍ଦୋଷ ଶାସନେ ସୁଖେ ଛନ୍ତି ପ୍ରଜାଜନେ
ହୋଇଛି ଦୂର ଦୁର୍ଭିକ୍ଷ-ରକ୍ଷ ତର୍ଜ୍ଜନା । ୩ ।
କହେ ଚନ୍ଦ୍ରାମଣି ଗୀତେ ବାଜୁ ତୋଳି ହୃଷ୍ଟଚିତ୍ତେ
କର ରାଜାରାଣୀଙ୍କର ଜୟ ଘୋଷଣା । ୪ ।

—o—

[ ୪ ]

ଗାଅ ଗାଅ ସର୍ବେ ଗାଅ ମହାନନ୍ଦେ
ବଜାଇ ସୁକଣ୍ଠ-ଭେରୀ,
ଜୟ ଜୟ ଜୟ ମହାରାଜା ଜର୍ଜ
ଜୟ ମହାରାଣୀ ମେରୀ ।
ତାଙ୍କ ଛତ୍ରତଳେ ଅଛନ୍ତି ସକଳେ
ଆମ୍ଭେମାନେ ସୁକୁଶଳେ,

କୁସୁମ ଅବଳୀ ଦେବା ପୁଷ୍ପାଞ୍ଜଳି
ତାହାଙ୍କ ପଦ-କମଳେ ।
ଆନନ୍ଦ-ଚନ୍ଦନ କରି ବିଲେପନ
ଭକତି-ତୁଳସୀଦଳେ,
ଗୁନ୍ଥି ଜହ୍ନିଁ ହାର ପ୍ରୀତି-ଉପହାର
ଲମ୍ବାଇବା ତାଙ୍କ ଗଳେ ।
ଶ୍ରଦ୍ଧା-କୃତଜ୍ଞତା ଗୌରବ-ମମତା
ସଙ୍ଗେ ନିଷ୍ଠା ଅନୁରକ୍ତି,
ଚନ୍ଦ୍ରାମଣି କହେ ବାଳକେ ଶୁଣ ହେ
ପ୍ରଦର୍ଶିଅ ରାଜଭକ୍ତି ।

—0—

## ଅଭିନନ୍ଦନ

( ରାଜପ୍ରତିନିଧି ସାର ଚାର୍ଲସ୍ ବେଲି ମହୋଦୟଙ୍କ
ଉତ୍କଳ ଶୁଭାଗମନୋପଲକ୍ଷେ )

ସ୍ୱାଗତ ହେ ଦେବ ରାଜପ୍ରତିନିଧି,
ତୁହାର ଉତ୍କଳ ନବ ଭାଗ୍ୟବିଧି ।
ଉଦାରହୃଦୟ ବେଲି ମହୋଦୟ,
ନୀତିପଟୁ ରାଜ ସାଧୁ ସଦାଶୟ ।
କର ଶୁଭବର ସସ୍ନେହେ ଗ୍ରହଣ,
ଦୀନ ଉତ୍କଳର ଶ୍ରଦ୍ଧାଭିନନ୍ଦନ ।
ତୀର୍ଥପୂତ ଦେବଧାମ ଏ ଉତ୍କଳ,
ଭାରତ-ମାନସ-ସ୍ୱର୍ଣ୍ଣ-ଶତଦଳ ।
ଭାଗ୍ୟଦୋଷେ ସିନା ଏବେ ଅନୁନ୍ନତା,
ମାତ୍ର ଥିଲା କାଳେ ବାଞ୍ଛା-କଳ୍ପଲତା ।
ଆଶାୟୀ ସେ ଲଭି ତୁମ୍ଭଙ୍କୁ ସହାୟ,
ଖୋଜିବ ତୁମ୍ଭେ ତା ଉନ୍ନତି ଉପାୟ ।
ପ୍ରବୀଣ ଶାସକପଣେ ତୁମ୍ଭେ ତାର,
ଗଢିଦିଅ ନବ ସୌଭାଗ୍ୟ ଆଗାର ।
ତବ ରାଜପଣ ପରୋକ୍ଷେ ପ୍ରତ୍ୟକ୍ଷେ,
ଶୁଭମସ୍ତୁ ସଦା ହେଉ ଦେଶ ପକ୍ଷେ ।
ହୋଇ ତୁମ୍ଭେ ଚିର ସୁସ୍ଥ ଦୀର୍ଘଜୀବୀ,
ପାଳ ହୃଷ୍ଟମନେ ଉତ୍କଳ ପୃଥ୍ୱୀ ।
ଏ ପ୍ରାର୍ଥନା ତବ ଭକ୍ତ ପ୍ରଜାଗଣେ,
କରୁଅଛୁଁ ସର୍ବେ ଶ୍ରୀହରି-ଚରଣେ ।

———

## ଗଞ୍ଜାମ ମାତାର ଆଶୀର୍ବାଣୀ

[ ଦେଶମିଶ୍ରଣ ଆନ୍ଦୋଳନ ସମୟରେ ଲିଖିତ ]

କହନ୍ତି ଗଞ୍ଜାମ ମାତା କୃତିପୁତ୍ରଗଣେ,
ସନ୍ତୋଷ-ଆନନ୍ଦ-ସ୍ନେହ ଗଦ୍ଗଦ ବଚନେ ।
ଧନ୍ୟ ପୁତ୍ରବରେ ଧନ୍ୟ ମାତୃଭକ୍ତି ତବ,
ସଞ୍ଚାରେ ତା ହୃଦେ ଭାବୀ ଆଶା ନବ ନବ ।
କି କହିବି କାଳବଶେ ଦୁର୍ଭାଗ୍ୟ ମୋହର,
ହୋଇଅଛି ମସ୍ତକରୁ ଶରୀର ଅନ୍ତର ।
ସେଦିନୁ ଭୋଗୁଛି ମୁହିଁ ଯେ ଘୋର ଯନ୍ତ୍ରଣା,
ଅନ୍ତର୍ଯ୍ୟାମୀ ଭଗବାନେ ଏକା ତାହା ଜଣା ।
ସେ ବିଷମ ବ୍ୟଥା ମୋର ହରିବା ଆଶାରେ,
ଜଣାଉଛ ମାତୃଦୁଃଖ ସର୍ବେ ରାଜଦ୍ୱାରେ ।
କରି କେତେ ସ୍ଥାନେ ସଭା ସମିତି ଗଠନ,
ଉଚ୍ଚସ୍ୱରେ କରୁଛ ମୋ ଦୁର୍ଗତି ଗାୟନ ।
ରାଜପ୍ରତିନିଧି ପଦେ ସରଳେ ବିନୟେ,
ନିବେଦୁଛ ଦୁଃଖ ମୋର ବିକଳ ହୃଦୟେ ।
ଜଣାଅ ଜଣାଅ ସବୁ କରି ଯତ୍ନ ଯତ୍ନ,
ଟଳିବ ନିଶ୍ଚୟ ତାଙ୍କ କୃପା-ସିଂହାସନ ।
ସାଧନା ଅଧ୍ୟବସାୟେ ଦୃଢ଼ ନିଷ୍ଠା ଥିଲେ,
ସଦିଚ୍ଛାର ସିଦ୍ଧି ସିନା ବଳେ ବଳେ ମିଳେ ।
କରିବେ ତୁମ୍ଭର ବାଞ୍ଛା ସଫଳ ଗିରୀଶ,
ଚିରଜୀବୀ ହୁଅ ସର୍ବେ ମୋର ଏ ଆଶିଷ ।

———

## ପ୍ରକୃତି ପୁରୁଷ ସମର

ଛାଡେ ତାପ ଧୂମ     ନିଦାଘ ମଧ୍ୟାହ୍ନ
ଅନ୍ତମନ୍ତେ ବସୁନ୍ଧରା,
ସ୍ନିଗ୍ଧନିଦା ଛାୟା     ସର୍ବପକ୍ଷେ ହେଲା
ଅସହ୍ୟ ପ୍ରଖର ଖରା ।
ଦେବ ଶଙ୍କର     ହୋଇ ଖରକର
ବର୍ଷିଲେ ଅନଳକଣା,
ଗରଳ ଉଦ୍‌ଗାର     କରେ କି ବାସୁକି
ବିସ୍ତାରି ସହସ୍ର ଫଣା ।
ପ୍ରଚଣ୍ଡ ପାବକ—     ପ୍ରବାହ ସଙ୍ଗେ
ବହି ତପ୍ତ ପବମାନ,
ଭୀଷଣ ଶୋଷଣେ     ଶୋଷି ପକାଇଲା
ସର୍ବପ୍ରାଣୀ ପିଣ୍ଡୁଁ ପ୍ରାଣ ।
ଦକ୍ଷିଣ ଅୟନୁ     ଅନ୍ତର ହେବାରୁ
ବିଶ୍ୱ-ପ୍ରଦୀପ ସପ୍ତାଶ୍ୱ,
ଦକ୍ଷିଣାଶା-ବଧୂ     ଛାଡୁଅଛି କିବା
ବିରହ-ପ୍ରତପ୍ତ-ଶ୍ୱାସ ।
ଆଶାର ଛଳନା—     ବିପଣୀ ବସାଇ
ମାୟାବିନୀ ମରୀଚିକା,
ଖେଳୁଛି ଚୌଦିଗେ     କେଦାରେ ପ୍ରାନ୍ତରେ
ବିସ୍ତାରି ମୋହ-ପଟ୍ଟିକା ।
ନିଦାଘ-କବଳ—     କରୁ ଆତ୍ମରକ୍ଷା—
ମାନସେ ବିହଗଚୟ,
ଶୀତଳ ଗହଳ     ପତ୍ର ଅନ୍ତରାଳେ
ଲୁଚିଲେ ଲଭିଣ ଭୟ ।
ତୃଣର ତୃଷ୍ଣାରେ     ଶୁଷ୍କକଣ୍ଠ ସର୍ବେ
ବସିଛନ୍ତି ମେଲି ଚଞ୍ଚୁ,
ପାଇଁନ୍ତି କି ସେ ଏ     ପ୍ରପଞ୍ଚ ସମସ୍ତ
ଘୂର୍ଣ୍ଣିଯାଉ ବେଗେ ମଞ୍ଚୁ ।
ଘର୍ମାକ୍ତ ଶରୀରେ     ମର୍ମାନ୍ତିକ କ୍ଲେଶେ
ପଶୁଏ ଅତି ଆତୁର,
ଗଛମୂଳେ ଶୋଇ     ଜେ ହୁଏ ଧଁସଇ
ଦେଖୁ ବା ସେମନ୍ତେ ରତ ।
କି କୀଟ ପତଙ୍ଗ     କିବା ବିହଙ୍ଗମ
କି ଅବା ପଶୁ ମାନବ,
ନିଦାଘ-ମଧ୍ୟାହ୍ନ     କଠୋର ଶାସନେ
ସକଳେ ମହାନୀରବ ।
ଥରେ ଥରେ କେବେ     ବାଜ ଉଠୁଅଛି
କୁରୁରୀ-କଣ୍ଠ-ନାଗରୀ,
ତାହା ଆଦେଶେ ସେ     ବୃକ୍ଷୁଁ ବୃକ୍ଷାନ୍ତରେ
ଖେଳାଣି ଦିଏ ପହରୀ ।
ଦୂରେ ଶୁଭୁଅଛି     ଘୁଟୁରୁଘୁମାର
ବିକଟ କ୍ରନ୍ଦନ ସ୍ୱର,
ସେ ସଙ୍କେତ ଶୁଣି     ତା ସହଧର୍ମିଣୀ
ଦେଉଛି ପ୍ରତି-ଉତ୍ତର ।
ଶାଖୀ ଶାଖେ ଶିଖୀ     ଶିଖା ତୋଳି ଅହା
ହୋଇ କେତେ ବ୍ୟାକୁଳିତ,
କଲା ସମାଳାପ     ଉଚେ ଷଡ୍‌ଜସ୍ୱରେ
ମଧ୍ୟାହ୍ନ ବର୍ଷଣ-ଗୀତ ।
ଏ ବିଷମ କାଳେ     ·ସର୍ବେ କ୍ଷୁଣ୍ଣ ମାତ୍ର
ଦ୍ୱିଗୁଣ ହୃଷ୍ଟ କମଳ,
ସାଧୁ ଆତ୍ମା ଯିବା     ଭବ-ତାପେ ତପ୍ତ
ଅଧିକେ ହୁଏ ଉଜ୍ଜ୍ୱଳ ।
କ୍ରମେ କ୍ରମେ ବେଳ     ଗଡ଼ନ୍ତେ ନିର୍ଜନ
ହେଲା ଖରା, ବାୟୁତାପ,
ଯୌବନାନ୍ତେ ଯଥା     କମିଯାନ୍ତି ଆପେ
ଇନ୍ଦ୍ରିୟ ବିପୁଳତାପ ।
ସନ୍ତାପିତ ଜୀବେ     ଲଭିଲେ ଆଶ୍ୱାସ
ନ ହୋଇ ସ୍ୱର୍ଗେ ଗତାୟୁ,
ଦୃଷ୍ଟିକଷ୍ଟୀ ବ୍ୟାଧି     ଅବଶ ପିଣ୍ଡେ ତ
ସଞ୍ଚରିଲା ପ୍ରାଣବାୟୁ ।
ଏ ସମୟେ ବହି     ମହାଘୂର୍ଣ୍ଣିବାତ
ଘଟିଲା ଭୂଲୋକେ ପ୍ରମାଦ,

ଝିଙ୍କିଲ ଜବା ସେ ଧନୁ ଧନୁ-କେଶ
ଶରତ ଭା ସତ୍ୱ ବାଦ ।
ଘୁରୁ ଆଘାତତ ଡାଳ ବ୍ୟାଳ ପ୍ରାୟ
ଘତ୍ରେଷେ କରୁ ଗର୍ଜନ,
ଦଣ୍ଡକ ମଧ୍ୟରେ ଛିନ୍ନଭିନ୍ନ ବଲ୍ଲି
ପ୍ରକୃତ ଗୁରୁ ଭୂଷଣ ।
ସ୍ତରେ ସ୍ତରେ ଉଠି ଆଚ୍ଛାଦିଲେ ନଭେ
ରୁଦ୍ରକାନ୍ତ ଘନପୁଞ୍ଜ,
ପକ୍ଷ ଲଭି ପୁଣି ଅବା ଗିରିଶ୍ରେଣୀ
ଉଡ଼ିଲେ ଆକାଶେ ଆଜି ।
ଶ୍ରବଣ ଭୈରବ— ବଦାଗ୍ନି ନିର୍ଘାତ
ଶବ୍ଦ ହେଲା ଲକ୍ଷ ଲକ୍ଷ,
ଦମ୍ଭୋଳି-ନିକ୍ଷେପୀ ଦମ୍ଭୋଳି ନିକ୍ଷେପି
ଛେଦିଲେ କି ତାଙ୍କ ପକ୍ଷ ।
ସେ ଆଘାତେ ଅବା ଖଣ୍ଡ ଖଣ୍ଡ ହୋଇ
ଉଲ୍‌କୀର୍ଣ୍ଣମାନ ଅଚଳେ
ଭରିବା ସ୍ଥଳରେ ଘୃଣି ଘୃଣି ଖସି
ପଡ଼ୁଛନ୍ତି ଆସି ତଳେ ।
ରୁଦ୍ର ଦାବାନଳ ପ୍ରାୟ ଇରମ୍ମଦ
ଉଠୁଛି ପ୍ରଖରେ ଜଳି,
ଭୁଞ୍ଜିଲେ ଗିରିଏ ଯୋଗ୍ୟଫଳ, ଋତ
ତେଜସ୍ୱୀ ସହିତେ କଳି ।
ତେଜାଗ୍ନି କପାଇଁ ଆକ୍ରୋଶ ପ୍ରକାଶି
ଧନୁ ପରେ ସୁନାସୀର,
ଜଳଧାର ବ୍ୟାଜେ ଅନର୍ଗଳ ବୃଷ୍ଟି
କଲେ ତୀକ୍ଷ୍ଣତର ତୀର ।
ସେ ସକଳ ବାଣ ଗିଳ ଧନୁ ଦେଖି
ରଖିଲେ ପୂରି ଉଦର,
ଗିଳିଥିଲେ ଯଥା ବନେ ପାର୍ଥ ବାଣ
କିରାତରୂପୀ ଶଙ୍କର ।
ପୁରୁଷସ୍ୱରୂପୀ ପୁରୁଷୋତ୍ତମଙ୍କ—
ଅଂଶ ମଘବା ନିଶ୍ଚୟ,
ପ୍ରକୃତ ପୁରୁଷ ଏ ଘୋର ସଂଗ୍ରାମେ
ପ୍ରକୃତର ହେଲା ଜୟ ।

---

## ସୀତା

ସତ୍ତ୍ୱଗୁଣମୟୀ ସୀତେ ପ୍ରକୃତି-ନନ୍ଦିନୀ,
ବାଲ୍ମୀକି କାବ୍ୟ-ସ୍ୱର୍ଗ-ସ୍ୱଚ୍ଛ-ମନ୍ଦାକିନୀ ।
ଅଦ୍ଭୁତ ଚରିତ-ଚଳ ପୁଣ୍ୟ-ଦୈବତେ,
ପ୍ରଦର୍ଶାଇ, କରିଗଲ ସ୍ତମ୍ଭିତ ଜଗତେ ।
ସତୀତ୍ୱର ରୁଦ୍ର ତେଜ କଲ ପ୍ରଜ୍ୱଳିତ,
ସେ ତେଜେ ଭାରତ ଅଛି ଅଦ୍ୟାପି ଜୀବିତ ।
ଆଦର୍ଶ ଜନନୀ ତୁମ୍ଭେ ଆଦର୍ଶ ଗୃହିଣୀ,
ପୂତ ପାତିବ୍ରତ୍ୟାଶ୍ରମ-ଶ୍ରେଷ୍ଠ-ତପସ୍ୱିନୀ ।
ପତିପଦ-ସେବା-ଯଜ୍ଞେ ପ୍ରବୀଣା ଯାଜ୍ଞିକା,
ନିଖିଳ ସଦ୍‌ଗୁଣବତୀ ସ୍ୱଧର୍ମ ସାଧିକା ।
ସହିଷ୍ଣୁତା ଶକ୍ତି ତବ କଳ୍ପନା-ଦୁର୍ବହ,
ତୁଳିତା ତହିଁରେ ତୁମ୍ଭେ ତୁମ୍ଭ ମାତା ସହ ।
ନିଷ୍ଠୁର ସାବତ ଶାଶୁ କୈକେୟୀଙ୍କ ପ୍ରତି,
ପ୍ରକାଶୁଣଥିଲ ତେତେ ଅଚଳା ଭକତି ।
ମାତ୍ର ସେତୁ ଈର୍ଷା ବହି ସ୍ନେହ ଶୂନମୟେ,
ହେଲେ ଅମଙ୍ଗଳ ହେତୁ ଅହୋ କି ନିର୍ଦୟେ ।
ଯୋଗାଏ ଆହାର ହସ୍ତ ମୁଖକୁ ସର୍ବଥା,
ମାତ୍ର ମୁଖ ଦଂଶେ ହସ୍ତେ କି ଆଶ୍ଚର୍ଯ୍ୟ କଥା ।
ନ ଗଣି ବିପଦ ଭୟ ସ୍ୱାମିସେବା ପାଇଁ,
ଭ୍ରମିଲ ମୈଥିଳି, ଜଙ୍ଘେ ଘୋର ବନେ ଯାଇ ।
ଦେବରେ କୁମାରତୁଲ୍ୟ ମଣୁଥିଲ ସତି,
ଆଦର୍ଶ ରମଣୀ-ସ୍ୱର୍ଗେ ତୁମ୍ଭେ ଚକ୍ରବର୍ତ୍ତୀ ।
ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟ ଧୈର୍ଯ୍ୟ ମାଧୁର୍ଯ୍ୟ ଗୁଣର,
ଅଗାଧ ସମୁଦ୍ରେ, ତୁମ୍ଭେ ଅକ୍ଷୟ ଆକର ।
ବିମୋହି ସୌନ୍ଦର୍ଯ୍ୟେ ତବ ଦୁରାତ୍ମା ରାବଣ,
ପଞ୍ଚବଟୀ ବନୁ କରି ତୁମ୍ଭଙ୍କୁ ହରଣ,

ରହିଲ ସିନ୍ଧୁମେଖଳ ସୁବର୍ଣ୍ଣ ସିଂହଳେ,
ଦୁରନ୍ତା ଦୁର୍ମୁଖା ଚେଟୀ ଘେରିଲେ ଶତକେ ।
ସେ ସଙ୍କଟ କାଳେ ତଳେ ନୋହି ବିଚଳିତା,
ରହିଲ ଅଚଳ ପ୍ରାୟ ଅଟଳ ଗୋ ସୀତା ।
ବୀର ଦେବରଙ୍କ ବଳେ କରିଣ ନିର୍ଭର,
ହେଲ ତାହିଁ ଛାରଖାର, କପଟେ କାତର ।
କରି କେତେ ଯୁକ୍ତି, ଯୁକ୍ତି-ପଟୁ ଦଶାନନ,
ଅବଶେଷେ କଲା ପୁଣି ଭୟ ପ୍ରଦର୍ଶନ ।
ମାତ୍ର ନ ପାରିଲା କରି ତୁମ୍ଭ ମନ ବଶ,
ରମଣୀ କୋମଳ ପ୍ରାଣେ ଧନ୍ୟ ଏ ସାହସ ।
ଗୁଣୁ ଗୁଣୁ ସ୍ୱରେ ଭୃଙ୍ଗ ସ୍ତବ ବାରମ୍ବାର,
ବିରକ୍ତିରେ କରେ ଯେବେ ଚରଣେ ପ୍ରହାର,
ତହିଁରେ ସଂପ୍ରୀତ ଅବା ଭୀତ ବହି ମନେ,
ଫୁଟଇ କି କମଳିନୀ ରବି ଅଦର୍ଶନେ ?
ସାର୍ଥ କରିଥିଲ ସୀତେ ଏ ନୀତି ବଚନ,
ଦଣ୍ଡଦାନଠାରୁ ଶ୍ଳାଘ୍ୟ କ୍ଷମା ଆଚରଣ ।
ତେଣୁ ସିନା କ୍ଷମା କଲ ଦଶାନନ ଦୋଷ,
ଘୃଣିତ କୁକର୍ମେ ତାର ନ ବହିଣ ରୋଷ ।
ମାତ୍ର ନ କ୍ଷମିଲ ତବ ପାତିବ୍ରତ୍ୟ ଧର୍ମ,
ପ୍ରଦାନିଲ ପ୍ରତିଫଳ ତଥା, ଯଥା କର୍ମ ।
ସତୀଧର୍ମ-ବ୍ରହ୍ମତେଜ ନିଯୁକ୍ତ ରୂପରେ,
ପେଷିଲ ସବଂଶେ ରକ୍ଷେ ଶମନ ନଗରେ ।
ସ୍ୱଭାବ-ବିଶୁଦ୍ଧା ତୁମ୍ଭେ ସଦା ଶୁଦ୍ଧମତି,
ତବ କୁଳ ଅଧିଦେବୀ ଯଥା ଭାଗୀରଥୀ ।
ନିର୍ମଳ-ଚରିତେ ତବ ହୋଇ ସନ୍ଦିହାନ,
ପରୀକ୍ଷା ଦେବାକୁ ରାମ କଲେ ଆଜ୍ଞାଦାନ ।
ଦେବାଦେଶ ପ୍ରାୟ ତେବେ ମଣି ସେ ଆଦେଶ,
ଜ୍ୱଳନ୍ତ ଅନଳ କୁଣ୍ଡେ କଲ ଗୋ ପ୍ରବେଶ ।
ଅକ୍ଷତ ଶରୀରେ ତହୁଁ ହୁଅନ୍ତେ ଉଦିତ,
ସେ ଅଦ୍ଭୁତ ଦୃଶ୍ୟେ ହେଲେ ଅମରେ ସ୍ତମ୍ଭିତ ।
ଅଶୁଦ୍ଧେ ବିଶୁଦ୍ଧ ଯେବେ କରେ ବୈଶ୍ୱାନର,
ମାତ୍ର ତୁମ୍ଭ ସ୍ପର୍ଶେ ସେହୁ ହେଲା ଶୁଦ୍ଧତର ।
ସ୍ୱର୍ଗତ ଶ୍ୱଶୁର ତବ ଆସି ଦେବଦେହେ,
ପ୍ରଶଂସି ତୁମ୍ଭଙ୍କୁ ବହୁ ଆଶିଷିଲେ ସ୍ନେହେ ।
ମିଥ୍ୟା ଲୋକ-ଅପବାଦେ କୌଶଲ୍ୟା-ନନ୍ଦନ,
ବିହିଲେ କଠୋର ଦଣ୍ଡ ବନ-ନିବାସନ ।
ଅଦୋଷେ ଦଣ୍ଡିଲେ ପତି ନୋହିଲ ବିମନା,
ଶିଖିବେ କି ଏ ସୁନୀତି ଭାରତ-ଲଳନା ।
ରମଣୀ ମାହାତ୍ମ୍ୟେ ଥିଲା ଯେ ଦେଶ ବିଖ୍ୟାତ,
ହୋଇଛି ସେ ଦେଶ ଏବେ ଅଧୋଗତ ଖାତ ।
ଯେ ଦେଶ ରମଣୀଙ୍କର ପବିତ୍ର ଆଖ୍ୟାନ,
ଧରିଅଛି ବକ୍ଷେ ଆର୍ଯ୍ୟ-ସାହିତ୍ୟ ପୁରାଣ ,
ସେ ଦେଶ ରମଣୀକୁଳ ଏବେ ଅଶିକ୍ଷିତା,
ତବ ଜନ୍ମଭୂମେ ଏହା ସମ୍ଭବିଲା ସୀତା !
ଯେ ନନ୍ଦନେ ଫୁଟୁଥିଲା ପାରିଜାତ ଫୁଲ,
ଶାଲ୍ମଳୀ କିଂଶୁକ ତହିଁ ହୋଇଛନ୍ତି ମୂଳ ।
ବହୁଥିଲା ଯେଉଁ ତୀର୍ଥେ ସ୍ୱଚ୍ଛ ବିଷ୍ଣୁପଦୀ,
କି ପାପେ ବହୁଛି ତହିଁ କର୍ମନାଶା ନଦୀ । ୧
କର୍ପୂର ପାତ୍ରରେ ହେଙ୍ଗୁ ରହିଅଛି ଆହା,
ବେଢିଅଛି କୁସଂସ୍କାର ଅନ୍ଧତର ବହ୍ନା ।
ଭାରତ-ରମଣୀ-ପ୍ରାଣେ କର ଆବିର୍ଭାବ,
ଜଗାଅ ଜାନକି, ତାଙ୍କୁ ଦେଇ ନବଭାବ ।
ତବ ଆଶୀର୍ବାଦେ ବହୁ ଚୈତନ୍ୟ ଆଶୁଗ, ୨
ଫେରିଆସୁ ଉନ୍ନତିର ଗତ ଶୁଭ ଯୁଗ ।

୧—ଅପବିତ୍ର ନଦୀବିଶେଷ । ୨—ପବନ ।

## ବୁରଝାଞ୍ଜି

ଧିକ ବୁର୍‌ଝାଞ୍ଜି ତୋର ନିର୍ଲଜ୍ଜ ଜୀବନ,
ସେ ଦିଗେ ଆଉଜୁ, ବହେ ଯେ ଦିଗେ ପବନ ।
ମନୁଷ୍ୟେ ତୋ ସମଧର୍ମୀ ଅଛନ୍ତି ଅନେକ,
ବଦନ ବଦଳ ଏକା ତାଙ୍କ ଚର୍-ଭେଦ ।
ମହା ସତ୍ୟବାଦୀପଣେ ଦେଖାନ୍ତି ଭ୍ରୂକୁଟି,
ସମୟ ପଡ଼ିଲେ ପୁଣି ପଡ଼ନ୍ତି ଲେଉଟି ।
ବଚନ ଜୀବ ସେ ଭବେ ଦୁଇମୁହାଁ ନର,
ରଙ୍ଗହୀନ ହୋଇ ସୁଦ୍ଧା ମହାଭୟଙ୍କର ।
ଯେତେବେଳେ ବୋଲୁଥାନ୍ତି ଚନ୍ଦ୍ରମା ଶୀତଳ,
ପରେ ପୁଣି ବୋଲନ୍ତି ସେ ପ୍ରଚଣ୍ଡ ଅନଳ ।
କହୁଥାନ୍ତି କଥା ସେହୁ ପ୍ରଭୁ ମନ ଧରି,
ମୂକଶବ୍ଦ ପଛେ ପଛେ ପ୍ରତିଧ୍ୱନି ପରି ।
ହେଲେହେଁ ତୁ ବୁର୍‌ଝାଞ୍ଜି ଏ କୂଳ ସେ କୂଳ,
ସାରରୂପେ ସାଧୁ ତୁଷ ମଙ୍ଗଳ ବହୁଳ ।
ମାତ୍ର ବୁର୍‌ଝାଞ୍ଜି ଯେହୁ ମାନବସମାଜେ,
କାହାର ଜୁହାର ହୁରୁ କାହାର ତା କାର୍ଯ୍ୟେ ।
ବୁର୍‌ଝାଞ୍ଜି କରେ ସ୍ୱଚ୍ଛ ଅସ୍ୱଚ୍ଛ ସଲିଳେ,
ମାତ୍ର ନର-ବୁର୍‌ଝାଞ୍ଜିକୁ ପ୍ରତେ ନାହିଁ ଛଳେ ।
ନିର୍ମଳ ବୁଦ୍ଧିକୁ ସେହୁ କରେ କଳୁଷିତ,
ଅତଏବ ତାକୁ ଚିହ୍ନି ରଖିବା ଉଚିତ ।

## ନବାବଙ୍କ ନାତି

ଭୂତଳେ ଅତୁଳ ଆମ୍ଭ ବଂଶର ଗୌରବ,
କୁବେର ସମାନ ଥିଲା ବିପୁଳ ବିଭବ,
ଝୁଲୁଥିଲେ ହାତୀଶାଳେ ପଣ ପଣ ହାତୀ,
କେ ବଡ଼ ଆମ୍ଭଠୁଁ, ଆମ୍ଭେ ନବାବଙ୍କ ନାତି ।୧।
ଓଟ ଘୋଡ଼ା ରଥ ସଂଖ୍ୟା କେ ପାରିବ କଳି,
ଦଳ ଦଳ ଉଭା ଥିଲେ ଦୁଆରେ ଅର୍ଦ୍ଦଳୀ,
ବହୁ ଦାସ ଦାସୀ ପୁଣି ଅସଂଖ୍ୟ ପଦାତି,
କେ ବଡ଼ ଆମ୍ଭଠୁଁ, ଆମ୍ଭେ ନବାବଙ୍କ ନାତି ।୨।
ଥିଲେ ଆମ୍ଭ ବାପ ଅଜା ଗାଆଁ ମୁଣ୍ଡିଆଳ,
ସମାଜରେ ଥିଲା ତାଙ୍କ ପ୍ରତିଷ୍ଠା ବିଶାଳ,
ବଳି ଖୁଙ୍ଗ ଖାଉଅଛୁଁ ଆମ୍ଭେ ତାଙ୍କ ଖ୍ୟାତି,
କେ ବଡ଼ ଆମ୍ଭଠୁଁ, ଆମ୍ଭେ ନବାବଙ୍କ ନାତି ।୩।
ମପା ହେଉଥିଲା ସୁନା ରୁପା ମୁଠି ମୁଠି,
ଦିବସରେ ଜଳୁଥିଲା ଛବୋଡ଼ି ଦିହୁଡ଼ି,
ପଡ଼ୁ ନାହିଁ ତେଲାଭାବେ ଏବେ ସନ୍ଧ୍ୟାବାତି,
ତେବେ ସୁଦ୍ଧା ବଡ଼ ଆମ୍ଭେ ନବାବଙ୍କ ନାତି ।୪।
ଶୁଖିଯାଇଅଛି ପୂର୍ବ ସୌଭାଗ୍ୟ-ସରସୀ,
ମାସରେ ହେଉଛି ଘରେ ଦଶ ଏକାଦଶୀ,
ଭିକ୍ଷା ନାହିଁ, ଅଛି ନିଶ ଅଛି ଫୁଲଛାତି,
ତେବେ ସୁଦ୍ଧା ବଡ଼ ଆମ୍ଭେ ନବାବଙ୍କ ନାତି ।୫।
ଏତେ ବଡ଼ ବଡ଼ପଣ ଏତେ ବଡ଼ ନାମ,
କରିବୁଁ କି କଳଙ୍କିତ କରି ଗୃହ ଧାମ,
ନଷ୍ଟ ହେବ ମାନ ତହିଁ ନଷ୍ଟ ହେବ ଜାତି,
କେ ବଡ଼ ଆମ୍ଭଠୁଁ ଆମ୍ଭେ ନବାବଙ୍କ ନାତି ।୬।
କରିବୁଁ ପଛକେ ପରପାଦେ ତୈଳଦାନ,
ଗୋଡ଼ାଇବୁଁ ପର ପଛେ ଯଥା ପୋଷା ଶ୍ୱାନ,
ଇତର ବେଉସା କରି ହେବୁଁ କି ଅଜାତି,
କେ ବଡ଼ ଆମ୍ଭଠୁଁ ଆମ୍ଭେ ନବାବଙ୍କ ନାତି ।୭।

---

## ରେଲଗାଡ଼ି

—୧—

ଆସ ଯିବା ଦେଖିବାକୁ ଆସ ଆସ ଭାଇ,
ଓଡ଼ିଶାକୁ ରେଲଗାଡ଼ି ଆସୁଅଛି ଧାଇଁ,
ଦେଖ ଦେଖ ଦୂରେ ଲକ୍ଷି, ଆସୁଛି ଅଦ୍ଭୁତ ପକ୍ଷୀ
ନାହିଁ ତାର ପକ୍ଷ ଚଞ୍ଚୁ ଅଣ୍ଟ ନଖ ନାହିଁ,
ପବନ ଗତିରେ ଶରେ ଆସୁଅଛି ଧାଇ ।

—୨—

ମହା ଉଗ୍ରମୂର୍ତ୍ତି ସେହୁ ପ୍ରବଳ ଆକାର,
ନାସାପଥେ ଧୂମସ୍ତମ୍ଭ କରୁଛି ଉଦ୍‌ଗାର,
ଘୋରଘର୍ଘରନିର୍ଘୋଷେ ପଲକେ ସେ ଧାଏଁ କୋଶେ
ଘେନି କେତେ ମାଲମତା ପଶୁ ପକ୍ଷୀ ନର,
ପ୍ରତେ ହୁଏ ଯଥା ସଚଳ ନଗର ।

—୩—

ଆସ ଆସ କଏ ଯିବ ଧର ଛଡାବାଡ଼ି,
ଆଣ ଆଣ ଶୀଘ୍ରେ ଅଣ ଗଣ୍ଠିର ସଜାଡ଼ି,
ବାଜଇ ଟିକଟ ଘଣ୍ଟା ଝଡ଼ ଝଡ଼ ଅଣ୍ଟେ ଅଣ୍ଟା
ସତ୍ୱର ଟିକଟ କାଟ ଠକା ଖେଳିଯାଇ,
ପଡ଼ିଲେ ଅଧିକ କିଅ ଚିନ୍ତା କର ନାହିଁ ।

—୪—

ପହଞ୍ଚିଲା ଷ୍ଟେସନରେ ଆସି ରେଲଗାଡ଼ି,
ଜଳୁଛି ଆଲୁଅ କେତେ ହୋଇ ଧାଡ଼ି ଧାଡ଼ି,
ପିଇଲେ ଇଞ୍ଜିନ ଜଳ ଛାଡ଼ିବ ଗାଡ଼ି ଚଞ୍ଚଳ
ଧାଇଁ ଚାଲ ଶୀଘ୍ରେ ରେଲ ଚଢ଼ିବା ସତ୍ୱର
ଦିନକେ ଆସିବା ବୁଲି ପୁରୀ ବାଲେଶ୍ୱର ।

—୫—

ଦେଖ ରେଲ ପାଶେ ଲୁଣ୍ଡ ଭେଣ୍ଡା ବୁଢ଼ା ପିଲା,
ଲାଗିଅଛି ସଂସାରର ଆତଯାତ ଲୀଳା,
ଆସନ୍ତି ଓହ୍ଲାଇ ଯେତେ ଚଢ଼ୁଛନ୍ତି ପୁଣି କେତେ
କାହା ପାଇଁ କେବେ କେହୁ ନ କରେ ପ୍ରତୀକ୍ଷା,
ଧରିଛନ୍ତି ସର୍ବେ ସ୍ୱାର୍ଥସଂରକ୍ଷିଣୀ ଦୀକ୍ଷା ।

—୬—

ଜଳିଲାଣି ଦେଖ ନୀଳ ସଙ୍କେତ ଆଲୁଅ,
ଏଣିକି ଚାଲିବ ରେଲ ସାବଧାନ ହୁଅ,
ତିନି ଯୋଡ଼ା ଘଣ୍ଟା ପିଟି ମାରୁଅଛି ଗାର୍ଡ ସିଟି
ହଲାଉଅଛନ୍ତି ନୀଳଧ୍ୱଜା ସିଗନଲର,
ଫେଁକାରୀ ପଶୁ ଇଞ୍ଜିନ କରୁଛି ଚିତ୍କାର ।

—୭—

ଚାଲିଲା ଚାଲିଲା ଏବେ ରେଲ ଧୀରେ ଧୀରେ,
ବଜାଇଣ ଝାମବାଜା ଉଦାତ୍ତ ଧ୍ୱନିରେ,
କ୍ରମେ କ୍ରମେ ବଢ଼େ ବେଗ ଲକ୍ଷ ଲକ୍ଷଣା ଉଦ୍‌ବେଗ
ପଳାନ୍ତି କି ପାର୍ଶ୍ୱବର୍ତ୍ତୀ ବୃକ୍ଷ କ୍ଷେତ୍ର ଶୀଘ୍ରେ,
ହୋଇ ଅତି ଅସ୍ତବ୍ୟସ୍ତ କମ୍ପିତ ଭୟରେ ।

—୮—

ଅବାଧେ ଚାଲିଛି ରେଲ ବେଗେ ଧାଇଁ ଧାଇଁ,
ନ ପାଇଲେ ଷ୍ଟେସନ ସେ ସ୍ଥିର ହେବ ନାହିଁ,
ଯଥା ଦୁର୍ଜନ ଦୁରାଶା ଲୋଭ ମୋହର ପିପାସା
ବଢ଼ୁଥାଏ କ୍ରମେ ବାଧା ନ ପାଇବା ଯାଏଁ,
ଦୈବାତ୍ ପାଇଲେ କ୍ଷଣେ କ୍ଷାନ୍ତ ହୋଇଯାଏ ।

—୯—

ଅଟକିଲା ରେଲ ଏବେ ଷ୍ଟେସନ ପାଶରେ,
ସ୍ୱାର୍ଥପ୍ରାଣୋଦିତ ଦେଖ ଆରୋହିଜନରେ,
ଉଠିବାକୁ ଆଗନ୍ତୁକ ଆରୋହିବାର ଉତ୍ସୁକ
ସ୍ୱାର୍ଥ ଦ୍ୱେଷ ପ୍ରରୋଚନା ଭୀଷଣ ତାଡ଼ନେ,
ଚାହୁଁ ନାହିଁ କେହୁ ଦେଖ କାହାର ବଦନେ ।

—୧୦—

ପ୍ରବଳର ସବୁଠାରେ ପ୍ରତାପ ସମାନ,
ନ ମାନି ଦଣ୍ଡ ସେ ବାଛିନିଏ ଅଗ୍ରେ ସ୍ଥାନ,
ଦୁର୍ବଳ ଦୁର୍ଗତି ସହେ ଏହା ନୀତିଶାସ୍ତ୍ର କହେ
ଇତସ୍ତତଃ ଭ୍ରମେ ଯଥା ବାତେ ତୁଳରାଶି,
ପାଇଲେ ଟିକିଏ ସ୍ଥାନ ବସେ ଗୁଞ୍ଜିଗାଞ୍ଜି ।

—୧୧—

ଏ ନୀତି ମନୁଷ୍ୟପଣ ନୁହେଁ କଦାଚନ,
ଆନେ ପୀଡ଼ିବା ହିଂସ୍ରଜନ୍ତୁ ଆଚରଣ,
ଭବେ ବହୁ ନର ନାମ ଏରୂପେ ଯେ କରେ କାମ
ତାର ଏ ପାଶବ ଭାବେ ହେଉ ନମସ୍କାର,
କଳଙ୍କପସରା ସେହୁ ଧିକ ତା ବେଭାର ।

—୧୨—

ଥାଉ ସେ କଥାରେ କିଛି ନାହିଁ ପ୍ରୟୋଜନ,
ରହିଲାଣି ରେଲ ଏବେ ଓହ୍ଲାଅ ବହନ,
ଅର୍ଥବ୍ୟୟେ ନାହିଁ ଦୁଃଖ ରେଲଚଢ଼ା ବଡ଼ ସୁଖ
ଆସ ଆସ ଜେ ଦେଖିବ ଶୀଘ୍ରେ ଆସ ଭାଇ,
ଓଡ଼ିଶାକୁ ରେଲଗାଡ଼ି ଆସୁଅଛି ଧାଇଁ ।

———

## ତପ୍ତଶ୍ୱାସ

[ସ୍ୱର୍ଗୀୟ ଅଭିରାମଭଞ୍ଜ ଏମ. ଏ., ବି ଏଲ.ଙ୍କ ଲୋକାନ୍ତରୋପଲକ୍ଷେ]

ଅହୋ ! କି ଅଶୁଭ କ୍ଷଣେ ପାହିଥିଲି ଆଜି
କାଳ ବିଭାବରୀ, ଶୋକ-ସନ୍ତାପଦାୟିନୀ,
ପାଣ୍ଡିତ୍ୟ, ଗାମ୍ଭୀର୍ଯ୍ୟ ଆଉ ଔଦାର୍ଯ୍ୟ-ଭୂଷଣ,
ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟ-ମହାମିଳନ-ମନ୍ଦିର
ଉତ୍କଳନେତାଭିରାମ ଭଞ୍ଜ ଅଭିରାମ,
ଗଲେ ତେଜି ମର୍ତ୍ତ୍ୟଧାମ, ଅକାଳେ ସ୍ୱରଗେ,
ଭସାଇ ଉତ୍କଳେ ଶୋକ ତୀବ୍ର ହାହାକାରେ,
ହାୟ ମା ଉତ୍କଳ ଭୂମି, କେଉଁ ପାପଫଳେ
ଫଳିଲା କପାଳେ ତୋର ଏସନ କୁଫଳ;
ହୋଇ ରୁଷ୍ଟ ଅସନ୍ତୁଷ୍ଟ କେଉଁ ଦୁଷ୍ଟ ଗ୍ରହ,
କଷ୍ଟ ଦେଲା କୋଷ୍ଠୀରେ ତୋ ହୋଇ ଅଧିଷ୍ଠିତ
ଗଲେ ଚାଲି ବ୍ରଜରାଜ, ଆଜି ଅଭିରାମ,
ଏହିପରି ଗୋଟି ଗୋଟି ସମୁଜ୍ଜ୍ୱଳ ମଣି
ଅମୂଲ୍ୟ ଅତୁଲ୍ୟ, ଖଣ୍ଡପଣ୍ଡ ତୋ ମୁକୁଟୁଁ
ଅକାଳେ, ଛୁଟୁଇ ସ୍ୱୀୟ ସ୍ୱର୍ଗୀୟ ପ୍ରଭାରେ
ଯାଇଛନ୍ତି ଛୁଟି ଭବ-ଯବନିକାପାରେ ।
ହାୟ ରେ ଦାରୁଣ କାଳ ! ସମୟ ବୁଝିଣ
ସାଧିଲୁ କି ଦାଉ ତୁହି ନିର୍ଦ୍ଦୟ ନିର୍ମମ
ଧିକ ତୋତେ, ଶତ ଧିକ ପୁଣି କାର୍ଯ୍ୟେ ତୋର
କେଉଁ ପଉରୁଷ ଲଭୁ ପୀଡ଼ା ଦେଇ ପରେ ।
ଯାଅ ଭାଇ ଅଭିରାମ, ସ୍ୱଚ୍ଛନ୍ଦେ ବିହରି—
ଅନନ୍ତ ଅମୃତମୟ-ଅନାମୟ-ଧାମେ,
ହୋଇଗଲ ତୁମ୍ଭେ ଭାଇ, କାଳର ଶାସନେ
ଜଗତ-ଲୋକ-ଲୋଚନ-ଅଗୋଚରୀଭୂତ,
କିନ୍ତୁ ତୁମ୍ଭ ଗୁଣ-ସ୍ମୃତି, ଆଦର୍ଶ-ଆରଶି;
ତହିଁ ତବ ପ୍ରତିବିମ୍ବ ଥିବ ଚିରକାଳ ।
ଉତ୍କଳର ତପ୍ତଶ୍ୱାସ, ତପ୍ତ ଅଶ୍ରୁ ଭେଟି
ଘେନି ଲୀନ ହୁଅ ଭାଇ ତତ୍ତ୍ୱାତ୍ମା ପଦରେ ।

## ଉତ୍କଳ-ବିଳାପ

[ଖଡ଼ିଆଳର ସ୍ୱର୍ଗୀୟ ରାଜା ବୀରବିକ୍ରମ ଦେବଙ୍କ ଲୋକାନ୍ତରୋପଲକ୍ଷେ]

କହେ ଏ ଉତ୍କଳମାତା ଶୋକାଶ୍ରୁ ନୟନେ,
ମର୍ମବିଦାରକ ମହାକରୁଣ ବଚନେ ।
କାହିଁ ଗଲେ କର୍ମବୀର ଶ୍ରୀ ବୀର ବିକ୍ରମ,
ଖଡ଼ିଆଳ ମହୀପାଳ ରାଜର୍ଷିସତ୍ତମ ।
ବିରଚି ଅବଧ କାବ୍ୟ ଅବଧ ନାଟକ,
ନାଶୁଥିଲେ କୁସଂସ୍କାର-ସମାଜକଣ୍ଟକ ।
ଏକ ହସ୍ତେ ରାଜକାର୍ଯ୍ୟ ବାଣୀପୂଜା ଆନେ,
ସାଧୁଥିଲେ ସାଧୁ ନୃପ ଧନେ ମନେ ପ୍ରାଣେ ।
ଅକାଳେ ସେ ଭବଧାମୁଁ ଘେନିଲେ ବିଦାୟ,
ହରାଇ ଅଭାଗୀ ହେଲି ଯୋଗ୍ୟ ସୁତେ ହାୟ !
ଏ ସମୟେ ବୀଣା ବାଇ ଦେବୀ ବୀଣାପାଣି,
ଉଚାରିଲେ ମହାଶୂନ୍ୟେ ଏ ପ୍ରବୋଧ-ବାଣୀ—
ତେଜ ଗୋ ଉତ୍କଳଦେବି ! ବୃଥା ମାୟାଭ୍ରମ,
ନାହାନ୍ତି କଦାପି ମରି ସେ ବୀର ବିକ୍ରମ ।
ଘଟିଅଛି ତାହାଙ୍କର ମାତ୍ର ଘଟାନ୍ତର,
ଏଥିକୁ କିପାଇଁ ଏତେ ହେଉଛ କାତର ।
ମୋହର ଯେ ଭକ୍ତ ଦେବି, ନାହିଁ ତା ମରଣ
ଭ୍ରମେ ସଦା ବହୁଦେହ କରି ସେ ଧାରଣ ।
ଚିର ଅନାମୟ ମୋର ସାରସ୍ୱତ କୁଞ୍ଜେ
ବିଭ୍ରମି ବୀରବିକ୍ରମ ଶାନ୍ତିସୁଖ ଭୁଞ୍ଜେ ।
ଭ୍ରମନ୍ତି ସେ କୁଞ୍ଜେ ହୋଇ ଧରାଧରି ହାତ,
କବି-ଚକ୍ରବର୍ତ୍ତୀ ଭଞ୍ଜ, ରଥ, ଜଗନ୍ନାଥ ।
ଦୀନକୃଷ୍ଣ, ଅଭିମନ୍ୟୁ ଭକ୍ତଶିରୋମଣି,
ରାଜଭକ୍ତ ଶ୍ରୀ ସୁଭଳ ସୁକଳ୍ପନା-ଖଣି ।
ଆବର ଭ୍ରମଇ ମୁଦେ କବି ରାଧାନାଥ,
ଉତ୍କଳ ଭାଷାକୁ ଯେହୁ କଲେକ କୃତାର୍ଥ ।
ଶ୍ରୀ ବୀର ବିକ୍ରମ ଲଭି ତାହାର ସନ୍ନିଧି,
ମଣେ କରଗତ ହେଲା ପ୍ରାୟ ଭୁବନନିଧି ।

ନ ଜାଣ ତା ପାଇଁ ଦେଶ ! ରଖ ତାର ସ୍ମୃତି,
କରନ୍ତୁ ତୋ ସୁତେ ତାର କର୍ମ ଅନୁକୃତ ।

## ଅଶ୍ରୁପାତ

( ସ୍ୱର୍ଗୀୟ ଭକ୍ତକବି ରାୟ ମଧୁସୂଦନ ରାଓ
ବାହାଦୁରଙ୍କ ସ୍ୱର୍ଗାରୋହଣୋପଲକ୍ଷେ )

ପଡ଼ିଲା ବିନା ମେଘେ କାହୁଁ ଅଶନି
ଲେଖନେ ସେ ବାରତା ଥରେ ଲେଖନୀ ,
ଦୀନା ଉତ୍କଳମାତା ରଙ୍କୁଣୀଧନ,
ଗତାୟୁ ଭକ୍ତକବି ମଧୁସୂଦନ । ୧ ।
ଯତ୍ନରେ ଉତ୍କଳମାତା ଉତ୍କଳ ଭାଷା,
ତୁଟିଯାଇଛି ଆହା ମହତୀ ଆଶା,
କାତରେ ଡାକେ ନାହିଁ ମଧୁସୂଦନ,
କାବ୍ୟ-କୁସୁମ-ମତ୍ତ ମଧୁସୂଦନ । ୨ ।
ସାରସ୍ୱତ ଆଶ୍ରମେ ସ୍ମୃତିମନ୍ଦିର,
ତୋଳି ଚଳିଲ ସ୍ୱର୍ଗେ ଭକତପ୍ରବୀର;
ସଞ୍ଚିଛ ତହିଁ ଯେଉଁ ଶାଶ୍ୱତ ଧନ,
ଲଭି ତା ହେବେ ଧନୀ ଉତ୍କଳଜନ । ୩ ।
ଯାଅ ହେ ବାଣୀପୁତ୍ର ବାଣୀଭୁବନେ,
ସୁକୃତ-ପଥେ କୀର୍ତ୍ତି-ରଥାରୋହଣେ ।
ଅଛନ୍ତି ରାଧାନାଥ ଯେଠାରେ ତବ,
କୋମଳ-ସୁକଳ୍ପନା-ସଖେକ-ରବ । ୪ ।
ତବ ତବ ମିଳନେ ବାଣୀ ବୀଣାର,
ଉଠିବ ମହାରବେ ମହାଝଙ୍କାର ।
ବଞ୍ଚିତ ଆହା ତାହା ଶ୍ରବଣେ ନରେ
ସେ ସୁଧା ଉପଭୋଗ୍ୟ ହେବ ଅମରେ । ୫ ।

## ଗ୍ରୀଷ୍ମପ୍ରଭାତରେ ବର୍ଷା

ଗ୍ରୀଷ୍ମ ପ୍ରାତେ ଦିନେ          ଶଯ୍ୟାରୁ ଉଠିଣ
ବସିଲି ଦାଣ୍ଡପିଣ୍ଡାରେ,
ଝାଇଁ ଝାଇଁ ହୋଇ          ମେଘ ବରଷୁଛି
ଚଡ଼ଚଡ଼ ଘନେ ହୁଙ୍କାରେ ।
ସାଇଁ ସାଇଁ ସ୍ୱନେ          ବହୁଛି ପବନ
ଥରୁଅଛି ଦେହ ଶୀତେ,
ବସିଣ ଏକାଳେ          ପ୍ରକୃତିର ଶୋଭା
ନିରେଖିଲି ଏକଚିତ୍ତେ ।
ଲାଗିଛି କି ଅବା          ଧରଣୀ ସହିତେ
ବାସବର ଘୋର ରଣ,
ଟପଟପେ ଗଳି—          ଯାଏ କି ଭୂମିରେ
ଜଳଧାର-ବାଣଗଣ ।
ବେଳେ ବେଳେ ଘନେ          ବିଜୁଳି ହାବେଳୀ
ଚହଟାଏ ନଭସ୍ଥଳୀ,
ବିଜୁଳି ନୁହେଁ ସେ          ବାଣ ଘର୍ଷଣେ
ଉଠୁଅଛି ଅଗ୍ନି ଜଳି ।
ଜଳସ୍ରୋତ ବ୍ୟାଜେ          ଶୋଣିତ ଧାର କି
ବହେ ପୃଥ୍ୱୀ ଦେବୀ ଦେହୁଁ,
ସର୍ବଂସହା ହେତୁ          ନୀରବେ ଏ କଷ୍ଟ
ସହ୍ୟ କରନ୍ତି କି ସେହୁ ।
ବଣଭୁଆସୁଣୀ          ପରି ତରୁଲତା
ସ୍ନାତୁ କରୁଛନ୍ତି ସ୍ନାନ
ପବନ ହିଲ୍ଲୋଳେ          ମୃଦୁ ମୃଦୁ ପୁଣି
ହେଉଛନ୍ତି କମ୍ପମାନ ।
ମୁଣ୍ଡ ହଲାଇ ବା          ନାହିଁ କରୁଛନ୍ତି
ଘନକୁ ନ କହି ବାଣୀ
ଘୋର ଶୀତେ ତନୁ          ଥରିଯାଉଅଛି
ଆଉ ତୁ ନ ଢାଳ ପାଣି ।
ଦାଣ୍ଡେ ଶତଧାରେ          ବହିଯାଏ ପାଣି
କରି କୁଳୁକୁଳୁ ଶବ୍ଦ,
ତାହିଁ ସୂକ୍ଷ୍ମ ତୀର୍ଥ          ତ୍ରିବେଣୀ ତାହିଁ ବା
ତସୂଜଣ ପଞ୍ଚନଦ ।
ଲୁଞ୍ଚିତ ଗଣ୍ଡରେ          ଛିନ୍ନ ଛିନ୍ନ ହୋଇ
ବହିଯାଏ ସ୍ରୋତଜାଳ,
ଘନ-ଗାରୁଡ଼ିଆ          ଖେଳାଉଅଛି କି
ମାଳ ମାଳ ଜାଳବ୍ୟାଳ ।

ଘୋର୍ ଘନଘଟା ରଚିଅଛି ବନ୍ଧ
ଦିଗ୍‌ବଧୂମୁଖ ଆଚ୍ଛନ୍ନ,
ଦିଗଙ୍ଗନାଗଣ ଟାଣି ଆଣିଲେ ଅ
ଞ୍ଚଳକୁ ଅବଗୁଣ୍ଠନ ।
ନୀରବ ନିସ୍ତବ୍ଧ ଏକାଳରେ ସୃଷ୍ଟି
ପ୍ରାତଃସ୍ୱୀ ପକ୍ଷିକୁଳ,
ନୀରବେ ଅଛନ୍ତି ଦୁର୍ଦ୍ଦିନେ ନିରେଖି
ହୋଇ ଘୋର୍ ଚିନ୍ତାକୁଳ ।
ବର୍ଷାଜଳେ ଦେହ-- ପକ୍ଷ ଭିଜିଯାଇ
ହୋଇଅଛି ସଢ଼ ସଢ଼,
କେବେ ଅବା କେହି ଝାଡ଼ି ଦେଉଛନ୍ତି
ଡେଣା କରି ଫଡ଼ ଫଡ଼ ।
ସବୁ ପକ୍ଷୀ ମଧ୍ୟେ ପେଟବଡ଼ଲିଆ
ଅଧିକେ ଅଟଇ ଭାଇ,
ଉଦର ଜ୍ୱାଳାରେ ଅଣ୍ଡ ଆଲୁରେ ସେ
ହେଉଅଛି ଖିଅ ଖିଅ ।

ଝୁମାଲିଆ ପାରେ ଅଧିକେ ଶୋଇଲେ
ମଠୁଆ ଅଫିମୀ-ଲୋକେ,
ଗାମୁଛା ଘୋଡ଼ଣ ପିଣ୍ଡାରେ ବସିଲେ
ଚଷଲିଆ ଲୋକେ ଥୋକେ ।
ଅଦିନ ବର୍ଷା ନୂଆପାଣି ପାଇ
ଆନନ୍ଦେ ଭେକନିକରେ,
ଘନ ଘନ ଘନ-- ଜମ୍ବୁ ଗୀତ ଉଚେ
ଗାଇଲେ ଧୈବତସ୍ୱରେ ।
ଦୋହାର୍ ଧଇଲେ ସେ ଗୀତକୁ ପୁଣି
ଗୁଭଡ଼, ବେଙ୍ଗା, ଡାହୁକେ
ମାଭିଛନ୍ତି ପିଜା ବୃଥା ଏ ଅବୋଧେ
ଭ୍ରମେ କ୍ଷଣସ୍ଥାୟୀ ସୁଖେ ।
ଅକାଳ ମେଘ ଏ ଛାଡ଼ିଯିବ ଖରେ
ଦିନମଣି ଉଦେ ହେଲେ,
ଆମ୍ର-ବସନ୍ତର ଏ ସୁଖ-ସଙ୍ଗୀତ
ଭାଙ୍ଗି ଥିବ ଭେଳେବେଳେ ।

# ମାଷକୁସୁମ

# ନୀତି-କୁସୁମ

ପିତା ମାତା ଉପାଧ୍ୟାୟ ଆଦି ଗୁରୁଜନେ,
ସେବାରେ ସନ୍ତୁଷ୍ଟ ଶିଶୁ କର ହୃଷ୍ଟମନେ ।
ଗୁରୁପାଦେ ପ୍ରୀତି-ପୂଜା କର ସମର୍ପଣ,
ଅବିରତ ହୁଅ ଶିଶୁ, ଭକ୍ତିପରାୟଣ ।
ନରର ନରତ୍ୱ ଦୟା, ଦୟା ମୁକ୍ତିପ୍ରସୂ,
ନିର୍ଦ୍ଦୟ ଯେ ଲୋକ ସେହୁ ନରରୂପୀ ପଶୁ ।
ଅତଏବ ସାବଧାନେ ଶୁଣ ଶିଶୁଗଣ
ଯୋଗ୍ୟପାତ୍ରେ କର ସଦା ଦୟା ବିତରଣ ।
ଯେ କେହି ତୁମ୍ଭଙ୍କୁ କଷ୍ଟ କରିଥିବେ ଦାନ
ଅଥବା ବିପଦୁ କେବେ କରିଥିବେ ତ୍ରାଣ,
ଯେତେ ଦିନ ତୁମ୍ଭେ ଶିଶୁ, ଥିବ ଏ ଧରାରେ,
ପ୍ରକାଶିବ କୃତଜ୍ଞତା ସଦା ତାଙ୍କଠାରେ ।
କ୍ରୋଧ ପରି ଶତ୍ରୁ ଆଉ ନାହିଁ ଏ ଜଗତେ,
ଜୀବନେ ଅନିଷ୍ଟ ସେହୁ ସାଧଇ ସତତେ ।
ଭ୍ରମେ ସୁଦ୍ଧା ସେ ରିପୁର ହୁଅ ନାହିଁ ବଶ,
ଅଧୀନ ହୋଇଲେ ତାର ଲଭିବ ଅଯଶ ।
ଲୋଭାସକ୍ତ ମାନବର ଘଟେ ସର୍ବନାଶ,
ନ ବାନ୍ଧ ନ ବାନ୍ଧ ଶିଶୁ ଗଳେ ଲୋଭ-ପାଶ ।
ମଣିବ ନାରୀମାନଙ୍କୁ ଜନନୀ ସମାନ,
ପର ଧନେ କର ସଦା ଧୂଳି ସମ ଜ୍ଞାନ ।
ଯେଉଁ କାର୍ଯ୍ୟେ ଆତ୍ମ, ପର ଉଭୟର ହିତ,
ସେହିପରି ଶୁଭକାର୍ଯ୍ୟ କରିବା ଉଚିତ ।
ଯେ କର୍ମେ ମଙ୍ଗଳ ନାହିଁ ଅମଙ୍ଗଳ ଭିନ୍ନ,
ସେ କର୍ମର ଇଚ୍ଛା ତ୍ୟାଗ ସୌଭାଗ୍ୟର ଚିହ୍ନ ।

ସତତ ସକଳ ଜୀବେ ସଦୟ ହୃଦୟ,
ହେବାର ଉଚିତ, ଏହା ଜାଣିବ ନିଶ୍ଚୟ ।
ଦୁର୍ବଳ ନିରୀହ ଜୀବେ କରଣ ପୀଡ଼ନ,
ପବିତ୍ର ଈଶ୍ୱର ଆଜ୍ଞା ନ କର ଲଙ୍ଘନ ।
ପରଠାରୁ ଆଶାକର ଯେପରି ବେଭାର
ପରପ୍ରତି ବ୍ୟବହାର କର ସେ ପ୍ରକାର ।
ପର କଟୁବାକ୍ୟେ ଯଦି ହୃଦେ ଲାଗେ ବ୍ୟଥା,
ତେବେ କାହିଁ ଅପରକୁ କହ କଟୁ କଥା ।
ସଙ୍ଗଦୋଷ ଗୁଣେ ଦୋଷ ଗୁଣର ଉଦୟ
ହୁଅଇ, ଏ କଥା ଧ୍ରୁବ ଜାଣ ଶିଶୁଚୟ ।
ସଜ୍ଜନ ସଙ୍ଗରେ ଚିତ୍ତ ହୁଏ ସୁନିର୍ମଳ
ବୃଷ୍ଟିଜଳେ ମିଶ୍ର ଯଥା ସିନ୍ଧୁ-କଟୁଜଳ ।
ଅସତ ସଙ୍ଗରେ ସଦା ରହେ ଯେଉଁ ଜନ,
କଳୁଷିତ ହୁଏ ତାର ସୁବିମଳ ମନ ।
ଅମ୍ଳସ୍ପର୍ଶେ ତେଲ ଯଥା ତୈଲ ସ୍ପର୍ଶେ ଘୃତ
ହୁଅଇ ଅଖାଦ୍ୟ, ହୋଇ ଅତୀବ ବିକୃତ ।
ଯେପରି ସ୍ୱଭାବ ଯାର ରହେ ସେହିପରି,
ଶତ ଚେଷ୍ଟାବଳେ ନୁହେ ବ୍ୟତିକ୍ରମ କରି ।
ନିମ୍ବମୂଳେ ଢାଳେ ସଦା ଅମୃତ ସେଚନ,
ଛାଡ଼ିଯାଏ ନାହିଁ ତିକ୍ତଗୁଣ କଦାଚନ ।
ଧାନ୍ୟଠାରୁ ବଳି ଧନ ନାହିଁ କିଛି ଆନ,
ଅନ୍ୟ ବଳ ନୁହେଁ ବାହୁବଳର ସମାନ ।
ନିଶାଗତେ ଦୀପ ନାହିଁ ଚନ୍ଦ୍ରଦୀପ ପରି,
ଆନରସ ନୁହେ ଯେତେ ଭକ୍ତିରସ ପରି ।

ବିଦ୍ୱାନ, ନୃପତି ହୁହେଁ ନୁହନ୍ତି ସମାନ
ସ୍ୱଦେଶରେ ରାଜାଙ୍କର କେବଳ ସମ୍ମାନ,
ମାତ୍ର ପଣ୍ଡିତର ଅଛି ପ୍ରଭେଦ ବିଶେଷ
ସର୍ବତ୍ର ମର୍ଯ୍ୟାଦା ତାର ସ୍ୱଦେଶ ବିଦେଶ ।
ପଣ୍ଡିତ ଅଟନ୍ତି ସର୍ବଗୁଣର ଆଧାର
ମୂର୍ଖଲୋକ ସେହିପରି ଦୋଷର ଭଣ୍ଡାର ।
ସହସ୍ର ସହସ୍ର ମୂର୍ଖ ଥିଲେ ବିଦ୍ୟମାନ
ଜଣେ ମାତ୍ର ପଣ୍ଡିତର ହୁଅଇ ସମ୍ମାନ ।
କି ହେବ ଥାଇଣ ରୂପ କୁଳ ଯଉବନ
ବିଦ୍ୟାହୀନ ହେଲେ ହୁଏ ସବୁ ଅକାରଣ ।
ଦେଖ ଏ ପଳାଶ ଫୁଲ, ରୂପେ ଅଲଙ୍କୃତ
ସୁବାସ ନ ଥିବା ହେତୁ ଲୋକେ ଅନାଦୃତ ।
ଗୋଟିଏ ସୁପୁତ୍ର କରେ କୁଳ ସମୁଜ୍ଜ୍ୱଳ,
ମାତ୍ର ଶତ ମୂର୍ଖ ପୁତ୍ରେ ଲଭି କେଉଁ ଫଳ ।
ଏକ ଶଶଧର କରେ ଅନ୍ଧକାର କ୍ଷୟ
କି କରି ପାରନ୍ତି ଥାଇ ତାରକାନିଚୟ ।
କରିବ ବିଷରୁ ସୁଧା ଯତ୍ନେ ଉତ୍ତୋଳନ
କୁସ୍ଥାନରେ ପଡିଥିଲେ ଘେନିବ କାଞ୍ଚନ ।
ନୀଚଠାରୁ ଉଚ୍ଚ ବିଦ୍ୟା ଶିଖିବା ବିହିତ
ନୀଚକୁଳେ କନ୍ୟାରତ୍ନ ନୁହଇ ଦୂଷିତ ।
ପ୍ରତ୍ୟକ୍ଷରେ ପ୍ରିୟବାକ୍ୟ କହି ତୋଷେ ମନ
ପରୋକ୍ଷରେ କରୁଥାଏ ଅନିଷ୍ଟ ସାଧନ,
ଏ ରୂପ ମିତ୍ରକୁ ତ୍ୟାଗ କରିବା ଉଚିତ
ମୁଖେ ସୁଧା, ହୃଦେ ତାର ଗରଳ ପୂରିତ ।
ନିର୍ଦ୍ଧନର ଧନ ବିଦ୍ୟା, ରୂପ କୁରୂପର
ଦୁର୍ବଳ ପକ୍ଷରେ ବିଦ୍ୟା ବଳ ମହତ୍ତର ।
ଅନାଥ ଜନର ବିଦ୍ୟା ସହାୟ କେବଳ
ପଣ୍ଡିତର ବିଦ୍ୟା ଅଟେ ଜୀବନସମ୍ବଳ ।
ମନୋହର ସରସିଜ ଜଳର ଭୂଷଣ
ବନର ପରମ ଭୂଷା ବୃକ୍ଷ ପୁଷ୍ପଗଣ ।
ବିଦ୍ୱାନ ସୁପୁତ୍ର ଏକା କୁଳର ଭୂଷଣ
ସଭାର ଭୂଷଣ ସିନା ସୁପଣ୍ଡିତ ଜନ ।
ଗୁଣଧର ପୁତ୍ର ଆଉ ଜ୍ଞାନୀ ମିତ୍ରବର
ମନୋମତ ଭାର୍ଯ୍ୟା ପୁଣି ସାଧୁ ସହୋଦର,
ସୁନାମ, ସୌଭାଗ୍ୟ ଆଉ ନୀରୋଗ ଶରୀର
ନିଶ୍ଚୟ ଏ ସର୍ବଫଳ ବହୁ ସୁକୃତର ।
ବାଳକର ବନ୍ଧୁ ସଦା ହୁଅନ୍ତି ବାଳକ
ମିଳନ୍ତି ବନ୍ଧୁଭାବରେ ଯୁବକ ଯୁବକ ।
ବୃଦ୍ଧର ସହିତ ମିଳେ ବୃଦ୍ଧ ଯେଉଁ ଜନ
ସମସ୍ତଙ୍କ ସଙ୍ଗେ କିନ୍ତୁ ସାଧୁର ମିଳନ ।
ସ୍ୱପୁତ୍ରର ଶୁଭାକାଙ୍କ୍ଷୀ ନୁହେ ଯେଉଁ ଜନ
ରିପୁପିତା ବୋଲିଣ ତାକୁ କରିବ ଗଣନ ।
ଜନକ ଜନନୀ ବଶେ ଯେ ପୁତ୍ର ନ ରହେ
କୁପୁତ୍ର ନାମକୁ ସେହି କୁଳାଙ୍ଗାର ବହେ ।
ହୀନଜନ ଦେଇପାରେ ସୁଖେ ପ୍ରତିଶୋଧ
କରେ ଯଦି କେହି ତାହା ସଙ୍ଗରେ ବିରୋଧ ।
ଚରଣ ଆଘାତେ କଲେ ଧୂଳିକୁ ତାଡନ
ଧୂଳି ସୁଖେ କରେ ଯାଇ ଶିର ଆକ୍ରମଣ ।
ତରଙ୍ଗିଣୀ ନିଜେ ଜଳ କରେ ନାହିଁ ପାନ
ଖାଏ ନାହିଁ ବୃକ୍ଷ ଫଳ, ପରେ କରେ ଦାନ ।
ବାରିଧର କୃଷକକୁ ଶସ୍ୟ ମାଗେ ନାହିଁ
ସଜ୍ଜନ ସମ୍ପଦ ସଞ୍ଚେ ପରହିତ ପାଇଁ ।
ପରଛିଦ୍ର ଖୋଜି ବୁଲେ ସଦା ଛିଦ୍ରବାନ
ସାକ୍ଷୀ ତାର ସୂଚୀ, ଛିଦ୍ର କରଇ ସନ୍ଧାନ ।
ପରଛିଦ୍ର ଆବରଣ ନିଶ୍ଛିଦ୍ରର ଧର୍ମ
ସାକ୍ଷୀ ତାର ସୂତା, ଧନ୍ୟ ତାର ସାଧୁକର୍ମ ।
ଅର୍ଦ୍ଧଶ୍ଳୋକେ ବ୍ୟକ୍ତ ଏହି କୋଟି ଗ୍ରନ୍ଥ ସାର
ପରହିତ ପୁଣ୍ୟ, ପର ପୀଡ଼ା ପାପଭାର ।
ଅତଏବ ଶିଶୁଗଣ ଶୁଣ ଦେଇ ମନ
ପ୍ରାଣପଣେ ପର ହିତ କରିବ ସାଧନ ।
ଦୋଷଗୁଣ ଆପଣାର ଯାହାର ଯେପରି
ଅନାଦର ସମାଦର ତାହାର ସେପରି ।
ଅନଳ୍ପ ଜନମ ବୋଲି ଭସ୍ମ ନୁହେଁ ଧନ୍ୟ
ଶୁକ୍ତିକା-ପ୍ରଭବା ମୁକ୍ତା ନୁହଇ ନଗଣ୍ୟ ।

ବିଦ୍ବାନ ଦୁର୍ଜନ ଯଦି, ତା ସଙ୍ଗ ନ କର
ମଣିଭୂଷିତ ଫଣୀ କି ନୁହେଁ ଭୟଙ୍କର ?
ଭୁଜଙ୍ଗ ହୁଅଇ ବଶ ମନ୍ତ୍ରୌଷଧି ବଳେ
ଦୁଷ୍ଟତାର ମନ୍ତ୍ରୌଷଧି ନାହିଁ ଭୂମଣ୍ଡଳେ ।
ଧନଧାନ୍ୟ ଦାନକାଳେ ଅଥବା ଗ୍ରହଣେ
ଆହାର କାର୍ଯ୍ୟରେ ପୁଣି ବିଦ୍ୟା ଉପାର୍ଜନେ,
ବ୍ୟବହାର କାର୍ଯ୍ୟେ, କହୁଅଛନ୍ତି ପଣ୍ଡିତ
ଏ ପଞ୍ଚକାର୍ଯ୍ୟରେ ଲଜ୍ଜା ନୁହଇ ଉଚିତ ।
ନ କରିବ ଦୁର୍ଜନଙ୍କୁ କଦାଚ ବିଶ୍ବାସ
ତୁମେ ସୁଖୀ କର ନାହିଁ ତାର ସହବାସ ।
ହସ୍ତଦାହ କରେ ତପ୍ତ ହୋଇଲେ ଅଙ୍ଗାର
ଶୀତଳ ହୋଇଲେ ହାତେ ଲଗେ କଳାଗାର ।
ନାହାନ୍ତି ଯେ ଦେଶେ ଧନୀ, ନୃପତି, ପଣ୍ଡିତ
ହୋଇଥାଏ ପୁଣି ବୈଦ୍ୟ ନଦୀ ବିବର୍ଜିତ,
ମନୁଷ୍ୟ-ବସତିଯୋଗ୍ୟ ନୁହଇ ସେ ଦେଶ
ବାସକଲେ ଘଟେ ଦୁଃଖ ଅଭାବ ବିଶେଷ ।
ଋଣ ଅଗ୍ନି ପୁଣି ବ୍ୟାଧି ଏ ତିନର ଶେଷ
ରହିଗଲେ ଘଟେ ଶେଷେ ବିପଦ ବିଶେଷ ।
ଶେଷ ଥିଲେ ବୃଦ୍ଧି ଲଭି କିଛୁ କାଳାନ୍ତର
ଧରଇ ଭୀଷଣ ଭାବ ମହାଭୟଙ୍କର ।
ଅତିଦର୍ପେ ଲଙ୍କେଶ୍ବର ଲଭିଲା ବିନାଶ
ଅତିମାନେ କୌରବର ଶତଭାଇ ନାଶ ।
ଅତିଦାନେ ବଳି ହେଲେ ପାତାଳରେ ବନ୍ଦୀ
ଅତି ସର୍ବକାର୍ଯ୍ୟେ ପକ୍ଷେ ଅତି ପ୍ରତିଦ୍ବନ୍ଦ୍ବୀ ।
କୁକୁର ଲାଙ୍ଗୁଳ ଆଉ ଦୁର୍ଜନର ଚିତ୍ତ—
ଉଭୟ ସରଳ ନୁହେଁ, ସର୍ବଦା ବକ୍ରିତ ।
ବିପଦ ସମୟ ଆସି ଉପସ୍ଥିତ ହେଲେ
ସରଳ ତାହାଙ୍କ ପରି କିଏ ତେତେବେଳେ ।
ବିଦ୍ୟାହୀନ ହେଲେ ସୁଦ୍ଧା ଜନକ ଯେ ଜନ
ସୁତ ପକ୍ଷେ ନିଶ୍ଚୟ ସେ ପୂଜ୍ୟ ଅନୁକ୍ଷଣ ।
ଆବର୍ଜନାମୟ ଯଦି ହୁଏ ତୀର୍ଥ ସ୍ଥାନ
କିଏ ସେ ନ କରେ ତାର ଉଚିତ ସମ୍ମାନ ।

ଜଳ ସହବାସେ ଯଦି ରହେ ନିରନ୍ତର
ଛାଡି ନ ପାରଇ ମୀନ ମୀନତା ନିଜର ।
ଉଡନ୍ତି ଆକାଶଶୂନ୍ୟେ ଶାଗୁଣା ସକଳ
ଶ୍ମଶାନେ ଶବକୁ ଲକ୍ଷ୍ୟ କରନ୍ତି କେବଳ ।
ଶିଖାଇଲେ ନାନା ଯତ୍ନେ କରିଣ ତାଡନ
ଜ୍ଞାନବାନ ହୋଇପାରେ ଅଜ୍ଞ ମୂଢ଼ଜନ ।
ପର୍ବତ ଶିଖରେ କଲେ ଗଭୀର କର୍ଷଣ
ହୁଏ ନାହିଁ ଶସ୍ୟ ଲଭି ଆଶା ଅକାରଣ ।
ରଜତ କାଞ୍ଚନେ ସର୍ବେ ବୋଲନ୍ତି ଯେ ଧନ
ପୁଣି ଧନ ଆଖ୍ୟା ଲଭେ ମାଣିକ୍ୟ ରତନ
ସର୍ବଧନଠାରୁ କିନ୍ତୁ ଆଦର ବିଦ୍ୟାର
ବିଦ୍ୟାଧନ ମହାଧନ, ତୁଲ୍ୟ ନାହିଁ ତାର ।
କି ଫଳ ବକ୍ତାର ହିତଉପଦେଶ କଥା
ଶ୍ରୋତାଗଣ କର୍ଣ୍ଣପାତ ନ କଲେ ସର୍ବଥା ।
ଉଲଙ୍ଗ ସନ୍ନ୍ୟାସିଗଣ ଅଛନ୍ତି ଯେଠାରେ
ସେଠାରେ କି ରଜକର କାର୍ଯ୍ୟ ଚଳିପାରେ ।
ଯେଉଁ କାର୍ଯ୍ୟ ଆଚରିବ ଶୁଣ ଶିଶୁଚୟ
ଲଭିବ ସେଥିର ଫଳ ନିଶ୍ଚୟ ନିଶ୍ଚୟ ।
ଅଖଣ୍ଡ ସୁଖଭୋଗରେ ଥାଏ ଯେବେ ମନ
ପ୍ରାଣପଣେ ସାଧୁକାର୍ଯ୍ୟ କର ଆଚରଣ ।
ପାଞ୍ଚିବ ପ୍ରାଣରେ ସଦା ସ୍ବଦେଶ କଲ୍ୟାଣ
ବିପନ୍ନ, ମାନବ ହିତେ ଉତ୍ସର୍ଗିବ ପ୍ରାଣ
ଆତ୍ମସମ୍ମାନାର୍ଥେ ପରେ ଅର୍ପିବ ସମ୍ମାନ
ରଖିଥିବ ସଦା ବିଶ୍ବପତି ପଦେ ଧ୍ୟାନ ।
ଏ ସଂସାର କର୍ମକ୍ଷେତ୍ର, କର୍ମ ବହୁବିଧ
ଅଛି, ତାହା ଥରେ ଅଧେ ଯତ୍ନେ ନୁହେଁ ସିଦ୍ଧ ।
ବିରତ ନ ହୋଇ ଚେଷ୍ଟା କଲେ ବାରେ ବାରେ
କେତେବେଳେ ହେଲେ କର୍ମ ସିଦ୍ଧ ହୋଇପାରେ
କାଟି କାଟି କଲେ ସୁଦ୍ଧା ଶତଶତ ଖଣ୍ଡ
ମଧୁରତା ନ ତେଜଇ କେବେ ଇକ୍ଷୁଦଣ୍ଡ ।
ଅନଳେ ସହସ୍ର ବାର ଦହିଲେ କାଞ୍ଚନ
ସ୍ବଭାବ ଶୁକ୍ଳତା ଛାଡେ ନାହିଁ କଦାଚନ ।

ପାଷାଣରେ ଲକ୍ଷ ଥର କଲେକ ଘର୍ଷଣ
ନ ଛାଡ଼ଇ ସୁରଭିଗନ୍ଧ କଦାପି ଚନ୍ଦନ ।
ଅତଏବ ସଜ୍ଜନର ଶୁଦ୍ଧ ଚିତ୍ତବୃତ୍ତି
ପ୍ରାଣାନ୍ତ କଷ୍ଟରେ ସୁଦ୍ଧା ନ ଭଜେ ବିକୃତି ।
ସ୍ୱଭାବତଃ ଖଳ ମୂଢ଼, ପର ପ୍ରଶଂସାରେ
ସ୍ୱଭାବତଃ ଶତଜିହ୍ୱ ପରର ନିନ୍ଦାରେ ।
ସ୍ୱଭାବତଃ ଚକ୍ଷୁହୀନ ସଦା ପରଦୁଃଖେ
ସ୍ୱଭାବତଃ ଚକ୍ଷୁଷ୍ମାନ ଜନ୍ତୁ ଆତ୍ମସୁଖେ ।
ସୁଖକୁ କରନ୍ତି ନରେ ଯେତେ ଅନ୍ୱେଷଣ
ତେତିକି ଦୂରକୁ ସୁଖ କରେ ପଳାୟନ ।
ଘଉଡ଼ିଲେ ଯେତେ ଦୂରେ ଦୁଃଖେ ଆପଣାର
ତେତିକି ନିକଟବର୍ତ୍ତୀ ହୁଏ ବାରବାର ।
ସ୍ୱ ସ୍ଥାନେ ରହିଲେ ହୁଏ ଦୁର୍ବଳ ପ୍ରବଳ
ସ୍ଥାନଚ୍ୟୁତ ହେଲେ ହୁଏ ପ୍ରବଳ ଦୁର୍ବଳ ।
ପଡ଼ିଲେ ସଲିଳ ସ୍ରୋତେ ଗଜ ହୁଏ କ୍ଷୀଣ
ବିପରୀତ ଦିଗେ ତାର ଖେଳେ ଦେଖ ମୀନ ।
ସାଧୁ ସହବାସେ ଯଦି ରହେ ଅନୁକ୍ଷଣ
ତଥାପି ଦୁର୍ଜ୍ଜନ, ଶିଷ୍ଟ ନୁହେ କଦାଚନ ।
ନୁହେ କି ଚନ୍ଦନ-ବାସୀ ଅହି ବିଷଧର
ସତତ ଧରଣୀ·ଧାମେ ପ୍ରାଣୀ ପ୍ରାଣହର ।
କରନ୍ତି ପଣ୍ଡିତଜନ ଶାସ୍ତ୍ରର ବିଚାର
କିନ୍ତୁ ମୂର୍ଖପକ୍ଷେ ତାହା ସକଳ ଅସାର ।
କେହି କେବେ କାହିଁ ଦେଖିଅଛି କି ସଂସାରେ
ସ୍ତ୍ରୀଜଯୋଗ୍ୟ ସ୍ୱର୍ଣ୍ଣହାର ବାନର ଗଳାରେ ।
ନିଜ କର୍ମଦୋଷେ ଲୋକ ଲଭେ ଅଧୋଗତି
ନିଜ କର୍ମଗୁଣେ ତଥା ଲଭଇ ଉନ୍ନତି ।
କୂପଖନକର ହୁଏ ତଳକୁ ଗମନ
ପ୍ରାଚୀର ନିର୍ମାତା କରେ ଊର୍ଦ୍ଧ୍ୱେ ଆରୋହଣ ।
ଆୟକୁ ନ ଦେଖି ବ୍ୟୟେ ହେଲେ ମୁକ୍ତହସ୍ତ
ନଷ୍ଟ ହୋଇଯାଏ ଶୀଘ୍ର ସମ୍ପଦ ସମସ୍ତ ।
ପରିମିତ ବ୍ୟୟେ କ୍ରମେ ହୁଅଇ ଉନ୍ନତି
ଅପବ୍ୟୟେ ସରିଯାଏ କୁବେର ସମ୍ପତ୍ତି ।

ପୋଥିଗତ ବିଦ୍ୟା, ପର ହସ୍ତଗତ ଧନ
ସମୟରେ ଆସେ ନାହିଁ କାର୍ଯ୍ୟେ କଦାଚନ ।
ସେ ଯେବେ ପଣ୍ଡିତ ପୋଥିଗତ ବିଦ୍ୟା ଯାର
ତେବେ ଆଉ କିଏ ହେବ ଅପଣ୍ଡିତ ସାର ।
ଚିନ୍ତା ଚିତା ଦେନି ମଧ୍ୟେ ଚିନ୍ତା ଗରୀୟସୀ
ଅନ୍ତଃସାର ତୋର ଖାଏ ହୃଦ ମଧ୍ୟେ ପଶି ।
ପ୍ରାଣ ଗଲେ ଶରୀରକୁ ଦହେ ସିନା ଚିତା
ମାତ୍ର ପ୍ରାଣ ଥାଉଁ ଥାଉଁ ପୋଡ଼ିଦିଏ ଚିନ୍ତା ।
ସ୍ୱଭାବତଃ ବୁଦ୍ଧିହୀନ ଅଟେ ଯେଉଁ ଜଣ
କି କରିବ ତାହାଠାରେ ଶାସ୍ତ୍ର ବା ପୁରାଣ ।
ସ୍ୱଭାବତଃ ଚକ୍ଷୁହୀନ ଅଟେ ଯେଉଁ ଜନ
କି ଫଳ ସମ୍ମୁଖେ ତାର ଧରିଲେ ଦର୍ପଣ ?
ଯେ ଅଟଇ ସାଧୁ ଶିଷ୍ଟ, ଜ୍ଞାନୀ, ନିରଳସ
ଲଭଇ ସେ ଜଗତରେ ସୁବିମଳ ଯଶ ।
ଆଳସ୍ୟ ଅନୃତ ଆଦି ମନ୍ଦ ଆଚରଣ
ନୁହଇ ଶୁଭଦ, ଅଟେ ବିନାଶ କାରଣ ।
ଭଲ କଥା, ଭଲ ବୁଦ୍ଧି, ଭଲ କାମ ଯାର
ପୁଣି ସଦା କରୁଥାଏ ପର ଉପକାର,
ପ୍ରକୃତ ଶିକ୍ଷିତ ଆଖ୍ୟା ତାହାର ଉଚିତ
ସୁଖ ମୋକ୍ଷ ଦ୍ୱାର ତାହା ପାଇଁ ଅବାରିତ ।
ମାତୃଭୂମି ମାତୃଭାଷା ଜନନୀ ସମାନ
ତାହାଙ୍କ ସେବାରେ କର ମନପ୍ରାଣ ଦାନ ।
ଆନନ୍ଦ-ଚନ୍ଦନ ବୋଳି ଭକ୍ତି-କୁସୁମରେ
ସତତ ସମର୍ପୁଥାଅ ତାହାଙ୍କ ପୟରେ ।
ଜଳେ କେହି ବୁଡ଼ିଗଲେ କୂଳେ ଥିବା ଜନେ
ହାହାକାର କରୁଥାନ୍ତି ବିରସ ବଦନେ ।
ଯେ ଯାଇ ଜଳରୁ ତାକୁ କରଇ ଉଦ୍ଧାର
ପ୍ରକୃତ ବାନ୍ଧବ ସେହି ଅଟଇ ତାହାର ।
ନିପଟକାଳିଆ ରୂପ ଅଟେ କୋକିଳର
ସ୍ୱର ହେତୁ ଲଭେ ସେହି ଲୋକରେ ଆଦର ।
କି ହୋଇବ ବାହାରଟା ହେଲେ ଅସୁନ୍ଦର
ଭିତର ସୁନ୍ଦର ଯାର ସେ ସିନା ସୁନ୍ଦର ।

ଥାଏ ନାହିଁ ବିଦ୍ୱାନର ଗର୍ବ ଅଭିମାନ
ସ୍ୱଳ୍ପଜ୍ଞାନୀ, କରେ ସିନା ଧରି ସପ ଜ୍ଞାନ ।
ନାହିଁ ଗର୍ବ ମହାସିନ୍ଧୁସଞ୍ଚାରୀ ମୀନର
ଅଙ୍ଗୁଷ୍ଠ ଜଳେ ଶଫରୀ ହୁଏ ଫର ଫର ।
ନିନ୍ଦାପ୍ରଶଂସାରେ ନୁହେଁ ଦୁଃଖିତ ବା ପ୍ରୀତ
ଯେଉଁ ଲୋକ, ସେହି ଏକା ଅଟଇ ପଣ୍ଡିତ ।
ନିନ୍ଦା ପ୍ରଶଂସାରେ କିନ୍ତୁ ହାନିଲାଭ ନାହିଁ
ଉଭୟ ଅଟନ୍ତି ପୁଣି ନୀରସ ଅସ୍ଥାୟୀ ।
କପାଳରେ ନାହିଁ ବୋଲି ନ ହୁଅ ହତାଶ
କର୍ମକ୍ଷେତ୍ରେ ପଶି କର ଉଦ୍ୟୋଗ ପ୍ରକାଶ ।
ଉଦ୍ୟୋଗବିହୀନେ ସିଦ୍ଧ ନୁହେଁ ମନୋରଥ
କେବେହେଲେ ଚଳ ନାହିଁ ବିନା ଚକେ ରଥ ।
ନୈତିକ ସାହସ ନାହିଁ ଯେଉଁ ପୁରୁଷର
ତାହାର ଉନ୍ନତି ଆଶା ଅତୀବ ଦୁଷ୍କର ।
ନିଜ ସାଧୁତାରେ କର ଏକାନ୍ତ ନିର୍ଭର
ପ୍ରକାଶେ ସ୍ୱାଧୀନ ମତ ନୋହିବ କାତର ।
କାର୍ଯ୍ୟ କରେ ସାଧୁତାରେ ଯେ କରି ନିର୍ଭର
ଅନେକ ହୋଇଲେ ଶତ୍ରୁ ନାହିଁ ତାର ଡର ।
ଶୋଭାପାଏ ସଭା ଯେବେ ଥାଏ ତହିଁ ଜ୍ଞାନୀ
ନୃପତିର ଶୋଭା ବଢ଼େ ହେଲେ ମହାଦାନୀ ।
କେବଳ ସୁଦୀର୍ଘ ଜଟା ନଖ ଶ୍ମଶ୍ରୁଧାରୀ
ଏ ଲକ୍ଷଣେ ଡକାଯାଏ ନାହିଁ ବ୍ରହ୍ମଚାରୀ ।
ବ୍ରହ୍ମଚାରୀ ହେବ ଯେବେ ନଖଶ୍ମଶ୍ରୁଧାରୀ
କପାଇଁ ହୋଇବେ ପଶୁ, ଛାଗଳ, କେଶରୀ ?
ଲଗାଇବ ଯେଉଁ ଗଛ ଫଳିବ ସେ ଫଳ
ନିନ୍ଦିତ କାର୍ଯ୍ୟ କେବେ ନୋହିବ ସଫଳ ।
କୁବୃକ୍ଷ ଯଦ୍ୟପି କେହି କରଇ ରୋପଣ
ସୁଫଳ ପାଇବା ଆଶା ତାର ବିଡ଼ମ୍ବନ ।
ସକଳ ଇନ୍ଦ୍ରିୟେ କରି ସଂଯମିତ ବଳ
ଲକ୍ଷ୍ୟ ସ୍ଥିର ରଖେ ଯଥା ଆଦର୍ଶ ସାଧକ ।
ସେହିପରି ଦେଶକାଳ ବୁଝିଣ ପଣ୍ଡିତ
ସାବଧାନେ କାର୍ଯ୍ୟ କରେ ହୋଇ ଏକଚିତ୍ତ ।

ଗୁରୁନିନ୍ଦା ମହାପାପ ଶାସ୍ତ୍ରୀୟ ଉକତି
ବିଶ୍ୱାସଘାତକ ସୁଦ୍ଧା ମହାପାପ ଅତି ।
ବର୍ତ୍ତି ନୁହେଁ ନାସ୍ତିକତା ମହାପାପ କଥା
ଆଉ ଏକ ମହାପାପ ଅଟେ କୃତଘ୍ନତା ।
ଉତ୍ସାହ ଉଦ୍ୟମ ନାଶ କରେ ହୀନ ଭୀତି
କ୍ଷଣେ କ୍ଷଣେ ହୃଦୟରେ ଜନମାଏ ଭ୍ରାନ୍ତି ।
ତାହାଣି ଭୂତକୁ କେହି କେବେ ଦେଖି ନାହିଁ
ଅଳୀକ କଥାରେ ଏତେ ଡର କାହିଁ ପାଇଁ ?
ବିଦ୍ୟା ସମ ହିତକାରୀ ବନ୍ଧୁ ଆଉ ନାହିଁ,
ବ୍ୟାଧିର ସମାନ ରିପୁ କି ଜଗତେ କାହିଁ ?
ଅପତ୍ୟ ସ୍ନେହ ସକଳ ସ୍ନେହରୁ ପ୍ରବଳ,
ଦୈବବଳଠାରୁ ବଳ ନାହିଁ ଅନ୍ୟ ବଳ ।
ଘର ନ ମିଳେ ଶ୍ରୀପତିଙ୍କୁ, ତାଙ୍କର ବାହନ—
ବିନତା-ନନ୍ଦନ କରେ ଭୁଜଙ୍ଗ ଅଶନ !
ଶୁଭଦାତା ଶିବଙ୍କର ବୃଷ ଚିରଦାସ,
ନ ଖାଇଁଲେ କ୍ଲେଶ ତାର କରି ଘାସ ଗ୍ରାସ !
ବିଶ୍ୱସ୍ରଷ୍ଟା ବିଧାତାଙ୍କୁ କରିଣ ଆଶ୍ରୟ
ଭକ୍ଷଣ କରଇ ହଂସ ଦଳ କିଶଳୟ !
ଅତଏବ ମହାଜନ ସେବାରେ କି ଫଳ ?
ଅଦୃଷ୍ଟର ଲିପି କେବେ ନୋହିବ ବିଫଳ ।
ବ୍ରାହ୍ମଣର ଧନ ବିଦ୍ୟା, କ୍ଷତ୍ରିୟର ରଣ,
କୁଳସ୍ତ୍ରୀର ଧନ ଲଜ୍ଜା, ବେଶ୍ୟାର ଯୌବନ ।
ପାଦପର ଭୟ ବାୟୁ, ପଦ୍ମର ଶିଶିର,
ପର୍ବତର ଭୟ ବଜ୍ର, ମରଣ ପ୍ରାଣୀର ।
ପ୍ରକୃତି ତ ମାନବର ନୁହେ ଛାଡ଼ିବାର,
ଶତ ଧୌତେ ତେଜଇ କି କୃଷ୍ଣତ୍ୱ ଅଙ୍ଗାର ?
ଅଜାଯୁଦ୍ଧ, ଋଷିଶ୍ରାଦ୍ଧ, ଦମ୍ପତି କଳହ,
ପ୍ରାତେ ମେଘାଟୋପ ବହ୍ୱାରମ୍ଭେ ଲଘୁକ୍ରିୟା ।
ଦୀପ୍ତକରେ ବିଶ୍ୱବସ୍ତୀ ଚନ୍ଦ୍ର ଶଶଧର,
ଦିବସେ ପ୍ରଦୀପ୍ତ କରେ ଦିବାକର-କର ।
ତ୍ରିଭୁବନ ଉନ୍ନତିର ଧର୍ମ ଅଟେ ମୂଳ
ସୁସ୍ଥିର କରଇ ସିନା ସମୁନ୍ନତ କୂଳ ।

ପର ସୁଖୀ ବନ୍ଧୁ ହୁଏ ମହା ହିତକାରୀ,
ଅହିତ ସାଧଇ ବନ୍ଧୁ ଯେସନ ଭଗାରୀ ।
ଦେହୁଁ ଜାତ ହୋଇ ବ୍ୟାଧି ସାଧେ ଅମଙ୍ଗଳ
ବନଜାତ ମହୌଷଧି ଅର୍ପେ ଶୁଭଫଳ ।
ମୁଖ ସୁନ୍ଦର ପ୍ରଫୁଲ୍ଲିତ ଯଥା ପଦ୍ମଦଳ,
ବାଣୀ ଉଚ୍ଚାରଣ ପୁଣି ଚନ୍ଦନ-ଶୀତଳ ।
କୁଟ-କପଟ-କର୍ତ୍ତରୀ ସଂଯୁକ୍ତ ହୃଦୟ,
ଧୂର୍ତ୍ତକୁ ଚହ୍ନିବ ଦେଖି ଏ ଲକ୍ଷଣଚୟ ।
ହୋଇଥାଉ ପଛେ ରୂପବନ୍ତ, ବିଦ୍ୟାରେ ନିପୁଣ,
ଛାଡ଼ି ନ ପାରଇ ଖଳ କେବେ ନିଜ ଗୁଣ ।
ସୁରଙ୍ଗ ଲଙ୍କାମରିଚ ଘୃତ ମଧୁ ସହ,
ସିକ୍ତ ହେଲେ ଛାଡ଼ଇ କି କଟୁତା ଦୁଃସହ ।
ବରଂ ନିର୍ଦ୍ଧନ ହେବା ଶତଗୁଣ ଶ୍ରେୟ,
ଧନୀ ହୋଇ କୃପଣତା ଅତି ଅବଧେୟ ।
ନ ଥିଲେ ନ ଥାନ୍ତା କ୍ଷାର ସମୁଦ୍ରରେ ଜଳ,
ଶଳୁତ ଜଳରେ ତାର ଅସ୍ତିତ୍ୱ ବିଫଳ ।
କଦାପି କହିବ ନାହିଁ ଜ୍ଞାନ ଅଭିମାନ,
ନିଜକୁ ମଣିବ ସଦା ସବୁଠାରୁ ସାନ ।
ଜ୍ଞାନୀ ସାଧୁ ନ ବହନ୍ତି ଆଡ଼ମ୍ବର ଧ୍ୱଜ,
ନୁହଇଟି ଏଣୁ ତାଙ୍କୁ ଚହ୍ନିବା ସହଜ ।
ସଙ୍ଗଭେଦେ ଉପୁଜଇ ଦୋଷଗୁଣ ବେନି
ଜଳର ବିଭିନ୍ନ ସ୍ୱାଦୁ ଯଥା ସ୍ଥାନ ଘେନି ।
ଶତ୍ରୁ ଶତ୍ରୁ, ମିତ୍ର ମିତ୍ର, ବେନି ମହାମିତ୍ର
ମିତ୍ର-ଶତ୍ରୁ, ଶତ୍ରୁ-ମିତ୍ର, ଏ ବେନି ଅମିତ୍ର ।
ଧନେ ମାନେ ବଡ଼ଲୋକ ଅଛନ୍ତି ଅନେକ
ଗୋଟିକେ ଦୁର୍ଲ୍ଲଭ ମନେ ବଡ଼ଲୋକ ଏକ ।

ଥାଏ ନାହିଁ ମୁକ୍ତାଫଳ ସବୁ ଗଜଶିରେ
ନ ମିଳେ କସ୍ତୁରୀ ସର୍ବ କୁରଙ୍ଗ ନାଭିରେ ।
ପରମ ଦେବତା ପିତା ତହୁଁ ବଳି ମାତା
ଜନନୀ ଜୀବନଦାୟୀ, ପିତା ଜନ୍ମଦାତା ।
ପ୍ରାଣପଣେ ସେବି ତାଙ୍କ ଚରଣଯୁଗଳ
ଦୁହିଲ ମାନବ ଜନ୍ମ କର ହେ ସଫଳ ।
ଇକ୍ଷୁଦଣ୍ଡୁ ରସ ଶୋଷି ଚୁପୁଡ଼ି ଯେପରି
ନିକ୍ଷେପନ୍ତି ଦୂରେ ନେଇ ହେୟ ଜ୍ଞାନ କରି,
ସେହିପରି ପରଦୋଷ କରିବ ବର୍ଜ୍ଜନ
ଗୁଣଗ୍ରାହି ସଯତନେ କରିବ ଗ୍ରହଣ ।
କ୍ଷୁଦ୍ରତା ଯେ ମହତ୍ତ୍ୱର ଅଟେ ରୂପାନ୍ତର
ଆଜି ଯେ କ୍ଷୁଦ୍ର, ସେ କାଲି ହେବ ମହତ୍ତର ।
ରେଣୁ ସମ ବଟବୀଜ, କିନ୍ତୁ ଅଲକ୍ଷ୍ୟରେ
ମହାବୃକ୍ଷ ଲୁକ୍କାୟିତ ତାର ଅଭ୍ୟନ୍ତରେ ।
ଏକର ସର୍ବସ୍ୱ ହରି ଆନେ ତାହା ଦେଲେ
ନୁହଇ ମୋଚନ ସେହି ପାପ କେବେହେଲେ ।
ତଣ୍ଡୁଳ ପ୍ରଦାନ କଲେ ଶ୍ୱେହ କରି ଧାନେ
କେଉଁ ଫଳ ଛାଗ ବଧି ଉପାନହ ଦାନେ ?
ଗୁଲୁଣି ସମାନ ଅଟେ ଦୁର୍ଜ୍ଜନ ସ୍ୱଭାବ
ସାର ତେଜି କିଏ ହୁଡେ ଅସାରକୁ ଠାବ ।
କିନ୍ତୁ ବିପରୀତ ଗୁଣ ଅଟଇ କୁଲାର
ଅସାରେ ଉଡ଼ାଇ ଧରେ ସାଧୁ ପ୍ରାୟେ ସାର ।
ମହତ ଲୋକର ସିନା ଦେଖର ଏସନ
ନିଜେ କଷ୍ଟ ସହି କରେ ଆଶ୍ରିତ ପାଳନ ।
ରୌଦ୍ର, ବର୍ଷା, ଶିଳାପାତ ସହି ଛତା ଯଥା
ରକ୍ଷାକରେ ସଯତନେ ଅପରର ମଥା ।

# ଗୁରୁଭକ୍ତି

# ରାଜଭକ୍ତି

[ ଚକହଂସବେଢ଼ାର୍ ]

ନୃପତି ପ୍ରଜାପୁଞ୍ଜ ପିତା ସମାନ,
କର ତାହାଙ୍କୁ ଶିଶୁ ଭକ୍ତି ସମ୍ମାନ,
ଭୁଞ୍ଜନ୍ତି ପ୍ରଜା ସୁଖ ନୃପ ସନ୍ତୋଷେ,
ଘୋର ଦୁର୍ଗତି ଲଭି ଭୂପତି ରୋଷେ ।୧।
ନୁହନ୍ତି ନରପତି ସାମାନ୍ୟ ନର,
ନରରୂପରେ ଜାତ ମର୍ତ୍ତ୍ୟେ ଅମର,
କର ହେ ମନେ ପ୍ରାଣେ ତାଙ୍କୁ ଅର୍ଚ୍ଚନା,
ଗାଅ ବାଳକେ ତାଙ୍କ କୀର୍ତ୍ତି ବନ୍ଦନା ।୨।
ଅତୀତ ସ୍ମୃତି-ପୂର୍ଣ୍ଣ ଗୌରବ ଗାଥା—
ବର୍ଣ୍ଣନେ ପରିପୂର୍ଣ୍ଣ ଏ ସୃଷ୍ଟି-ଖାତା,
ଅଧିକ ତହିଁ ମଧ୍ୟେ ନୃପ କରଣୀ,
ନୃମଣି କୀର୍ତ୍ତିଖଣି ଖିଳ ଧରଣୀ ।୩।
ପ୍ରକୃତି ପିଣ୍ଡ, ରାଜା ଆତ୍ମା ସଙ୍କାଶ,
ଭୁବନେ ପ୍ରଜା ପୁଷ୍ପ, ରାଜା ସୁବାସ,
ନରେଶ ପର୍ବତ, ପ୍ରଜା ଜାହ୍ନବୀ,
କ୍ଷମା ସେ ଦୀପ୍ତରଙ୍ଗ, ପରଜା ଛବି ।୪।
ପ୍ରଜା-ଦର୍ପଣେ ରାଜା ମୂର୍ତ୍ତି ବିମ୍ବିତ,
ଅବଂଶୀ ରାଜା ନୁହେଁ ପୂଜାବର୍ଜିତ,
ପଙ୍କୁ ସଂଜାତ ପଙ୍କେ ହେଉ ନଳିନ,
ମାତ୍ର ସ୍ୱଭାବେ ସଦା ସେ ଅମଳିନ ।୫।
ବାଳୁତ ନରପତି ନୁହନ୍ତି ହେୟ,
ଶିଶୁ ବହ୍ନିକଣ ସୁଦ୍ଧା ବଳେ ଅଜେୟ,
ବିଷବିହୀନ ନୁହେ ଭୁଜଙ୍ଗବାଳ,
ଦଂଶିଲେ ପ୍ରାଣନାଶ ଘଟେ ତତ୍କାଳ ।୬।
ହେ ଶିଶୁ ନରଲୋକେ ନୃପତ୍ୱ ଜାଣ,
ନୃନାଥ ବିଧିଦତ୍ତ ଦାନ ମହାନ,
ଭୂପତି ବିଧାତାର ମଙ୍ଗଳହସ୍ତ,
ପ୍ରକୃତି ହିତେ ତାହା ସତତ ନ୍ୟସ୍ତ ।୭।
ରାଜ୍ୟ-ତରୀର ରାଜା ସୁକର୍ଣ୍ଣଧାର,
ରାଜା ବିହୁନେ ହୁଏ ତା ଛାରଖାର,
ନୃପତି ଅରାଜକ ଉପଦ୍ରବରୁ,
ନ ରଖିଲେ ସେ ରାଜ୍ୟ ହୋଇବ ମରୁ ।୮।
ମହାତରୁ ଆଶ୍ରିତ-ଲତାକୁ ଯଥା,
ବଞ୍ଚାଇ ରଖିଥାଏ ସଦା ସର୍ବଥା,
ତେସନ ଧରି ରାଜା କରୁଣାଧ୍ୱଜା,
ଆପଦ ଉପଦ୍ରବୁ ରଖନ୍ତି ପ୍ରଜା ।୯।
ଶାସନ କରି ନୃପ ଶାନ୍ତି ତନ୍ତ୍ରରେ,
ଆଦର ଅଭ୍ୟାଗତ ଦୁର୍ବୃତ୍ତ ନରେ,
ପ୍ରବଳ ପୀଡ଼ନରୁ ଦୁର୍ବଳ ଜନେ—
ବଞ୍ଚାଇ, ବଞ୍ଚାନ୍ତି ତା ଜୀବନେ, ଧନେ ।୧୦।
ନୃମଣି ସାକ୍ଷାତରେ ଧର୍ମାବତାର,
ସାଧନ୍ତି ପ୍ରଜାପୁଞ୍ଜ ସୁ-ଉପକାର,
ବିପୁଳ ଅର୍ଥବ୍ୟୟେ ନ କରି ଦ୍ୱିଧା,
କରନ୍ତି ପ୍ରଜାହିତେ ନାନା ସୁବିଧା ।୧୧।
ସଂସ୍ଥାପି ସ୍ଥାନେ ସ୍ଥାନେ ଶିକ୍ଷା ଆଗାର,
ଖୋଲିଦିଅନ୍ତି ପ୍ରଜା-ଉନ୍ନତି-ଦ୍ୱାର,
ସର୍ବ ଉନ୍ନତି ମୂଳ ଶିକ୍ଷା କେବଳ,
ଜୀବନ ତା ଅଭାବେ ସିନା ବିଫଳ ।୧୨।

ପ୍ରଜାକୁଳର ରାଜା ମହଦାଶ୍ରୟ,
ସ୍ଥାପନ୍ତି ପ୍ରଜାହିତେ ଔଷଧାଳୟ,
ବଞ୍ଚନ୍ତି ପ୍ରଜାପୁଞ୍ଜ ରୋଗ ସମୟେ,
ଲଭନ୍ତି ଯୋଗ୍ୟୌଷଧି ତହିଁ ଅବ୍ୟୟେ । ୧୩ ।
ପ୍ରଜାଙ୍କ ଗତିବିଧି ସୁବିଧା ପାଇଁ,
ନିର୍ମାଣି ରାଜପଥ ରାଜ୍ୟେ ନୃସାଇଁ,
ରୋପନ୍ତି ରଥ୍ୟାତରୁ ବେନି ପାଶରେ,
ଛାୟାରେ ବିଶ୍ରାମନ୍ତି ପଥିକ ନରେ । ୧୪ ।
ବାଣିଜ୍ୟର ସୁବିଧା ହୁଏ ସେ ପଥେ,
ଘେନି ବଣିକେ ପଣ୍ୟ ଦ୍ରବ୍ୟ ଗୋରଥେ,
କରି ବିକ୍ରୟ ତାହା ସୁଖେ ବିଦେଶେ,
କରନ୍ତି ଅର୍ଥାଗମ ଦେଶେ ବିଶେଷେ । ୧୫ ।
ରାଜ୍ୟରେ ଜଳାଶୟ କରି ଖନନ,
କରନ୍ତି ରାଏ ଜଳ କଷ୍ଟ ମୋଚନ,
ଅନାବୃଷ୍ଟିରେ ତହିଁ ଘେନି ଜୀବନ,
କରନ୍ତି ଶସ୍ୟରକ୍ଷା କୃଷକଗଣ । ୧୬ ।
ବହୁ ବୃଷ୍ଟିରୁ ଶସ୍ୟ ସୁରକ୍ଷାହେତୁ,
ବାନ୍ଧନ୍ତି ସ୍ଥାନେ ସ୍ଥାନେ ନୃପତି ସେତୁ,
କାହିଁ ବା ହୁଏ ଖାତ ପୟଃପ୍ରଣାଳୀ,
ନିର୍ବିଘ୍ନେ ବଢ଼େ ତହିଁ କେଦାରେ ଶାଳୀ ।୧୭।
ଦେବ-ଆଳୟ, ପାନ୍ଥ-ଆଗାର ଦେଶେ,
ପ୍ରସ୍ତୁତ ହୁଏ ଭଞ୍ଜ ନୃପ ଆଦେଶେ,
ବଢ଼ଇ ତହିଁ ପ୍ରଜା ଧର୍ମ-ଆଶୟ,
ରାଜାନୁଗତ ଧର୍ମ ସତ୍ୟ ନିଶ୍ଚୟ ।୧୮।
କରନ୍ତି ଦୋଷେ ରାଜା ଦଣ୍ଡବିଧାନ,
ଗୁଣରେ ପୁରସ୍କାର ତଥା ପ୍ରଦାନ,
ଦୁଷ୍ଟଦଳନ ପୁଣି ଶିଷ୍ଟପାଳନ,
ଏ ବେନି ବ୍ରତଧାରୀ ସଦା ରାଜନ । ୧୯ ।
ପ୍ରଜାର ଧନ, ଦାର, ଜୀବନ ଧର୍ମ,
ସୁରକ୍ଷା ଅଟେ ସିନା ନୃପତି କର୍ମ,
ଧରିତ୍ରୁ ପାପକ୍ଷୟ କରନ୍ତି ରାଏ,
ସତ୍ୟ ଧରମ ତହିଁ ପ୍ରବୃଦ୍ଧି ପାଏ । ୨୦ ।

ବହୁ ଦେଶରୁ ଆଣି ବହୁ ପଦାର୍ଥ,
ସଞ୍ଚି ରଖନ୍ତି ଭୂପ ପ୍ରଜା ଶିକ୍ଷାର୍ଥ,
ଦେଖି ଶିଖନ୍ତି ଶିଳ୍ପ ପ୍ରଜାସକଳ,
ଦେଶ ଅବସ୍ଥା ତହିଁ ହୁଏ ସ୍ୱଚ୍ଛଳ । ୨୧ ।
କୁଟୁମ୍ବେ କର୍ତ୍ତା ଯଥା ଜଣେ ପ୍ରାଚୀନ,
ସକଳେ ହୋଇଥାନ୍ତି ତାର ଅଧୀନ,
ଚାଳକ ପାଳକ ସେ ସମସ୍ତଙ୍କର,
ସମସ୍ତେ ରଖିଥାନ୍ତି ତା ପ୍ରତି ଡର । ୨୨ ।
ତଥା ଏ ଧରିତ୍ରୀରେ ପ୍ରଧାନ ରାଜା,
ତାଙ୍କର ପରିବାର ସକଳ ପ୍ରଜା,
ପାଳନ୍ତି ସମସ୍ତଙ୍କୁ ସମେ ନରେଶ,
ମାନସେ ନ ବିଚାରି କ୍ଷୁଦ୍ର ବିଶେଷ । ୨୩ ।
ଯୋଗ୍ୟ ବେତନ ଦାନେ ଯୋଗ୍ୟ ବ୍ୟକ୍ତିକ,
ବଢ଼ାନ୍ତି ରାଜା ତାହା କର୍ମଶକ୍ତିକ,
କାଳବଶେ ଦୁର୍ବଳ ହେଲେ ସେ ଭୃତ୍ୟ,
ଭୁଞ୍ଜଇ ବସି ରାଜ-ପ୍ରଦତ୍ତ ବୃତ୍ତି ।୨୪।
ମହୀରେ ମହୀପତି ମହାପ୍ରଧାନ,
ମହୀ ତାହାଙ୍କୁ କରେ ରତ୍ନ ପ୍ରଦାନ,
ଭୂଗର୍ଭେ ଅଛି ଯେତେ ରତନ ଖଣି,
ସେ ସବୁ ଅଧିକାରୀ ଏକା ନୃମଣି । ୨୫ ।
ବର୍ଣ୍ଣିବି କେତେ ଆଉ ନୃପତି ଗୁଣ,
ପ୍ରଜାହିତୈଷୀ ସର୍ବ-ଗୁଣ-ନିପୁଣ,
ଲୋକ-ପାଳନେ ତାଙ୍କୁ ସୃଜିଲେ ବିହି,
ତାଙ୍କ କରେ ବିଶେଷ କ୍ଷମତା ନିହି । ୨୬ ।
ଯେସନ ପୂଜନୀୟ ଇନ୍ଦ୍ର ଅମରେ,
ତେସନ ନରବର ସଂପୂଜ୍ୟ ନରେ,
ନର-ଦେବତା ହେତୁ ନୃଦେବ ନାମ,
ପୂରନ୍ତି ପ୍ରଜାଙ୍କର ସୁମନସ୍କାମ । ୨୭ ।
ଜନ-କଲ୍ୟାଣ-ବ୍ରତ-ପୂର୍ତ୍ତି-ସମ୍ପୁଟ—
ଛଳେ ବହନ୍ତି ରାଏ ଶିରେ ମୁକୁଟ
ସଞ୍ଚନ୍ତି ଲୋକେ ଧନ ଆପଣା ପାଇଁ,
ମାତ୍ର ସଞ୍ଚନ୍ତି ଦେଶପାଇଁ ନୃସାଇଁ । ୨୮ ।

ଦୁର୍ଭିକ୍ଷକାଳେ ଅନ୍ନ କରି ବଣ୍ଟନ,
ରକ୍ଷାନ୍ତି ପ୍ରଜାପତି ପ୍ରଜା ଜୀବନ,
ଗତ ଦୁର୍ଭିକ୍ଷ ଶିଶୁ ସ୍ମର ଥରେ,
ବଞ୍ଚିଲେ ପ୍ରଜା ରାଜ-ଦତ୍ତ ଅନ୍ନରେ । ୨୯ ।
ଏତାଦୃଶ ହିତୈଷୀ ନୃପତି ପ୍ରତି,
ଯେଉଁ ପାମର ନର ନ କରେ ଭକ୍ତି,
ମାନବ ସମାଜରେ ସେ କୁଳାଙ୍ଗାର,
ଅନ୍ତେ ନରକେ ଗତି ନିଶ୍ଚୟ ତାର । ୩୦ ।
ରାଜାଙ୍କ ନିନ୍ଦାବାଦ ଅକରଣୀୟ,
ତାଠାରୁ ମହାପାପ ନାହିଁ ଦ୍ୱିତୀୟ,
ଅଛଇ ପ୍ରତିକାର ଆନ ପାପର,
ପ୍ରାୟଶ୍ଚିତ୍ତ ନାହିଁ ରାଜ-ଅପବାଦର । ୩୧ ।
ପାଞ୍ଚିଲେ ଅମଙ୍ଗଳ ନୃପତିଙ୍କର,
ତାହାଙ୍କ କୋପାନଳ ହେବ ପ୍ରଖର,
ମିଳଇ ଜଳେ ଅଗ୍ନି କୋପରୁ ତ୍ରାହି,
ରାଜରୋଷରୁ କିନ୍ତୁ ନିସ୍ତାର ନାହିଁ । ୩୨ ।
ନୃପତିଦ୍ରୋହୀ, ଦେବ ଧରମଦ୍ରୋହୀ,
ଏ ତିନ ଜଣା ଦେହ ତାହାକୁ ନୋହି,
ଶାସ୍ତ୍ରୋକ୍ତି ଏହା, ନୋହେ କଳ୍ପନା କଥା,
କର୍ତ୍ତବ୍ୟ ନୁହେଁ ରାଜ କୁତ୍ସା ସର୍ବଥା । ୩୩ ।
କେବଳ ରାଜଭକ୍ତି ଫଳରେ ଜନେ,
ବସନ୍ତି ପୁଣ୍ୟବନ୍ତ ପରିହାସନେ,
ଏଥିର ସୁଦୃଷ୍ଟାନ୍ତ ହେ ଶିଶୁମାନେ,
ଅଭାବ ନାହିଁ ପୂତ ଆର୍ଯ୍ୟପୁରାଣେ । ୩୪ ।
ଆନ କଥାରେ ଏବେ ଏ ଦେଶହୀନ,
ରାଜଭକ୍ତିରେ ମାତ୍ର ନୁହେଁ ମଳିନ,
ଏ ଦେଶ ରାଜଭକ୍ତି ଏ ଭବତଳେ—
ଦୁର୍ଲଭ, ତାହା କବି ବଚନ ବଳେ । ୩୫ ।
ରାଜଭକ୍ତିରେ ଏତା ଅତୁଳନୀୟ,
ଭାରତ ଆନ ଦେଶ ଗୁରୁସ୍ଥାନୀୟ,
ଭାରତଗଲେ ଏହି ଗୌରବ ମାଳ,
ଥିଲା, ଅଛି, ଥିବ ଯାବତ କାଳ । ୩୬ ।
ଭାରତ ଉଗ୍ର ଦେହ ଭଗ୍ନ ପଞ୍ଜରେ,
ଜୀବିତ ଅଛି ରାଜଭକ୍ତି ବଳରେ,
ତାହାର ଏ ସୁଯଶ ସ୍ନିଗ୍ଧ ସୌରଭ,
ବ୍ୟାପିଛି ଯୁଗେ ଯୁଗେ ନିଖିଳ ଭବ । ୩୭ ।
କୋମଳମତି ଶିଶୁ ଏକାନ୍ତେ ଶୁଣ,
ଅପରିଶୋଧ୍ୟ ଅଟେ ରାଜାଙ୍କ ଋଣ,
ସ୍ମରି ଏହା ତାଙ୍କୁ ସମର୍ପ ଭକ୍ତି,
ଆଦର୍ଶ ତାଙ୍କଠାରୁ ସୁ-ଅନୁରକ୍ତି । ୩୮ ।
ଦେଖ ଆମ୍ଭର ଏହି ଇଂରାଜ ରାଜା,
ବାଳେ ଶିଶିରେ ଯାଙ୍କ କୀର୍ତ୍ତି-ବାଜା,
ଆମ୍ଭମାନଙ୍କୁ ସେହୁ କେତେ ସୁଖରେ,
ରଖିଅଛନ୍ତି ସଦା ସ୍ନେହ ଅନ୍ତରେ । ୩୯ ।
ବହୁଅଛନ୍ତି କବି ଶାଶ୍ୱତ ଗୀତେ,
ପାଳନେ ଶ୍ରୀପତି ସେ ପିତା ମହୀରେ,
ଅଧିକ କି ଗାଇବା ଗୁଣ-ଗୀତିକା,
ସ୍ୱର୍ଗ ବିଜୁଳି ଯାଙ୍କ ପରିଚାରିକା । ୪୦ ।
ଆମ୍ଭ ସବାଶେ କରି କେତେ ସୁବିଧା,
ସାର୍ଥକଛନ୍ତି ନିଜ ରାଜ-ଅବଧା,
ପଢୁଛୁ ଶିଶୁ ଯେଉଁ ଛାପା ଅକ୍ଷର,
ସେ ଅଟେ ମହାଦାନ ଇଂରାଜଙ୍କର । ୪୧ ।
ଆଣିବାରୁ ସେ ମୁଦ୍ରାଯନ୍ତ୍ର ଏ ଦେଶେ,
ସ୍କୁଲରେ ମିଳେ ବହୁ ଗ୍ରନ୍ଥ କ୍ଷଣେକେ,
ହେଉଛି ପୁଷ୍ଟ କ୍ରମେ ସାହିତ୍ୟାଗାର,
ପିନ୍ଧୁଛି ମାତୃଭାଷା ନବୀନ ହାର । ୪୨ ।
ରୁଦ୍ର କ୍ଷମତା ତାଙ୍କ ଏ ଭୂମଣ୍ଡଳେ,
ଅସାଧ୍ୟ ସାଧନ୍ତି ସେ ବିଜ୍ଞାନ ବଳେ,
କୁହନ୍ତି ଅସ୍ତ୍ର ତାଙ୍କ ସୂର୍ଯ୍ୟ ମାର୍ତ୍ତଣ୍ଡ,
ଜଳ ଅନଳ ସାଧେ କ୍ରିୟା ପ୍ରଚଣ୍ଡ । ୪୩ ।
ଶୋଭ କିରଣମାଳୀ କିରଣ-ତୂଳି, *
ତ ରଙ୍ଗେ ଚନ୍ଦ୍ର ସ୍ମୃତି ଚଳ ପିନ୍ଧୁଲି;
ଦର୍ଶନେ ସେ ଆଲେଖ୍ୟ ତୁ ଏ ପଟ୍ଟରେ,
ଚକିଅଛନ୍ତି ଅବା ବିଧାତା ସତେ । ୪୪ ।

* ସୂର୍ଯ୍ୟକିରଣ ସାହାଯ୍ୟରେ ପ୍ରତିମୂର୍ତ୍ତି (ଫଟୋଗ୍ରାଫ୍) ତୋଳାଯାଏ ।

ଭେଟେ ତାହାଙ୍କୁ ସିନ୍ଧୁ ମୁକ୍ତାପ୍ରବାଳେ,
ଭେଟନ୍ତି ହସ୍ତୀ ଦେଇ ଶିଖରମାଳେ,
ପୁଷ୍ପ ଚନ୍ଦନ ଧୂପ କସ୍ତୁରୀ ଘେନ,
ଭେଟନ୍ତି ଗନ୍ଧଦ୍ରବ୍ୟ କାନନଶ୍ରେଣୀ । ୪୫ ।
ପ୍ରକୃତି-ଦେବୀ ଯାଙ୍କ ଆଜ୍ଞା ଅଧୀନ,
ସାଧେ ଅଦ୍ଭୁତ କାର୍ଯ୍ୟ ନିତ୍ୟ ନବୀନ,
ଯାହାଙ୍କ ସତ୍ୟପୂତ ନ୍ୟାୟ ଦୃଷ୍ଟିରେ,
ସମାନ ଦୁଃଖୀ ଧନୀ ନରସୃଷ୍ଟିରେ । ୪୬ ।
ସାମ୍ୟ ନୀତିରେ ତାଙ୍କ ପିଅନ୍ତି ଜଳ,
ଏକତ୍ର ଏକ ଘାଟେ ବାଘ ଛାଗଳ,
ତାଙ୍କ ଆଜ୍ଞାରେ ବାୟୁ ବନ୍ଧନ ଲଭେ,
ପ୍ରବଳ ପ୍ରତାପୀ ସେ ଅଟନ୍ତି ଭବେ । ୪୭ ।
ଚଳାଇ ଏ ଦେଶରେ ରେଳ ଇଂରେଜ,
କରିଅଛନ୍ତି ଯେତେ ମହତ କାର୍ଯ୍ୟ,
ଦିନକ ବାଟ ସେଥୁ ଗଲେ ଘଣ୍ଟେକେ,
ଘଣ୍ଟରେ ହାରେ ବାୟୁ ତାହା ଅଗ୍ରତେ ।୪୮।
ବାଣିଜ୍ୟ ଦେଶାଟନ ସୁବିଧା ଦେଇ,
ଅଳପ ବ୍ୟୟେ ଶିଶୁ ହୁଏ ତା ଘେନି,
ଜ୍ଞାନପ୍ରବୃଦ୍ଧି ଲଭେ ଦେଶ ଭ୍ରମଣେ,
ଦେଶ ଦୁର୍ଦ୍ଦଶା ଘୁଞ୍ଚେ ବାଣିଜ୍ୟ-ଧନେ । ୪୯ ।
ଗତ ଦୁର୍ଭିକ୍ଷକାଳେ ରେଳ ସହାଏଁ,
ବଞ୍ଚିଲେ ସିନା! ଲୋକେ ଦୁର୍ଭିକ୍ଷ ଗ୍ରାସୁ,
ବହୁ ଆଣିଲା ଶସ୍ୟ ବିଦେଶୁ ଯାଇ,
ଦୁର୍ଭିକ୍ଷ କ୍ଲେଶ ତହୁଁ ବାଧିଲା ନାହିଁ । ୫୦ ।
ଆବର ତାର ଡାକ ତାର ସର୍ଜନା,
କେତେ ସୁବିଧା ଦେଲେ ନାହିଁ କଳନା,
ତାରେ ଖବରୁ ବହୁ ଆଣେ ଛିଟକେ,
ମାସକ ପଥୁ ବାର୍ତ୍ତା ନେଇ ପଲକେ । ୫୧ ।
ସ୍ୱଳ୍ପ ବ୍ୟୟରେ ଆସେ ଡାକରେ ଟଙ୍କା,
ହଜିଯିବାର ତହିଁ ନ ଥାଏ ଶଙ୍କା,
ଆସେ ସମ୍ବାଦପତ୍ର ଖବରୁ ଖବର,
ଦେଶ ମଧ୍ୟରେ କରେ ଜ୍ଞାନ ପ୍ରଚୁର । ୫୨।

ସଂସ୍ଥାପି ଦେଶେ ଦେଶେ ବିଶ୍ୱ-ବିଦ୍ୟା-ଆଳୟ,
କରିଅଛନ୍ତି ଦେଶେ ଆଲୋକମୟ,
ସେ ବିଦ୍ୟାଳୟ-ଖଣି ପ୍ରସବେ ମଣି,
କେ ପାରେ ସଂଖ୍ୟା ତାର ସହଜେ ଗଣି ।୫୩।
ଆବର ସୃଜି ଯନ୍ତ୍ର ଦୂରବୀକ୍ଷଣ,
କରନ୍ତି ତହିଁ ଦୂର ଦୃଶ୍ୟ ଦର୍ଶନ,
ଅଣୁବୀକ୍ଷଣେ କ୍ଷୁଦ୍ର ଦିଶେ ମହତ,
ଅଦୃଶ୍ୟ ବସ୍ତୁ ଦିଶେ ଆକାରବନ୍ତ । ୫୪ ।
କମ୍ପାସ ନାମେ ଯନ୍ତ୍ର ନାବିକ-ସଖା,
ଦିଗ-ଭ୍ରମରୁ ତାଙ୍କୁ କରେ ସୁରକ୍ଷା,
ଅକୂଳ ମହାର୍ଣ୍ଣବେ ନୌ-କର୍ଣ୍ଣଧାର,
ନିର୍ଣ୍ଣୟ କରେ ଦିଗ ସାହାଯ୍ୟେ ତାର । ୫୫ ।
ଦେଶେ ବିଦେଶେ ସ୍ଥାପି କଳନିକର,
ସାଧନ୍ତି ସମୁନ୍ନତ ଶ୍ରମ-ଶିଳ୍ପର,
ଜଣେ ମନୁଷ୍ୟ ପାଇ କଳ-ସାହାଯ୍ୟ,
ସାଧଇ ହେଲେ ଦଶଜଣର କାର୍ଯ୍ୟ । ୫୬ ।
ସାଗରମ୍ବରଧରପତି ଇଂରେଜ,
ସର୍ବତ୍ର ଅଜେୟ ସେ ରାଜାଧିରାଜ,
କ୍ଷମତା ଯେଉଁପରି କ୍ଷମା ସେପରି,
ଉପମା, ଦୟା ଗୁଣେ ସେହି ତାଙ୍କରି । ୫୭ ।
ଅବିଦ୍ୟା-ମରୁଭୂମେ ତାଙ୍କ ଶିକ୍ଷାରେ
ବହୁଛି ଜ୍ଞାନ-ଗଙ୍ଗା ସହସ୍ରଧାରେ,
ସ୍ୱାଧୀନତା ପ୍ରଦାନ ତାଙ୍କ ସୁବ୍ରତ,
କରନ୍ତି ଦାସ୍ୟ-ପାଶୁଁ ଜନେ ମୁକତ । ୫୮ ।
ଆଦର୍ଶ ଉଦାରତା ଅଟେ ତାଙ୍କର,
ଆଦର୍ଶ ସେହୁ ନ୍ୟାୟେ ଧର୍ମେ ଆଦର,
ପତିତ ଜାତି ପ୍ରତି ନ କରି ଘୃଣା,
ତାହାଙ୍କୁ ଉଦ୍ଧାରନ୍ତି ବହି କରୁଣା । ୫୯ ।
ତାଙ୍କ ଆଶ୍ରୟ ଲଭି ଦୀନ ଉତ୍କଳ,
ଅପାର ହର୍ଷ-ନୀରେ ହୁଏ ଉଚ୍ଛଳ,
ବାନ୍ଧିଣ ମନେ ନାନା ଆଶା ସୋପାନ,
ନିଜକୁ ମଣୁଅଛି ସୌଭାଗ୍ୟବାନ । ୬୦ ।

ରାଜା ରୂପରେ ଏବେ ପାଇ ତାହାଙ୍କୁ
ଫୁଲାଇ ଏ ଉତ୍କଳ ନିଜ ଛାତିକୁ,
ଗୁଣୁଛୁ ଆମ୍ଭ ମନେ ଆସିବ ମଙ୍ଗଳ,
ନିଶ୍ଚେ ଏ ତାର ପୂର୍ବ ତପସ୍ୟା ଫଳ । ୬୧ ।
ରାଜଭକ୍ତ ବୋଲି କେତେ ରାଜା ଏ ଦେଶେ,
ମାତ୍ର ସୁବିଧା ଏତେ ଦେଖି ନାଏସେ,
କେ ଥିଲେ ପ୍ରଜାହିତେ ଏତେ ତତ୍ପର,
ଅଛି ବା ଏକାଳେ କେ ଆନ ଦେଶର । ୬୨ ।
ଇଂରେଜ, ସ୍ନେହ-ମୈତ୍ରୀ-ରସେ ରସିକ,
ମଣନ୍ତି ପ୍ରଜାଙ୍କୁ ସେ ପ୍ରାଣୁ ଅଧିକ,
ପ୍ରଜାଙ୍କ ଦୁଃଖ ଦୈନ୍ୟ ବିନାଶକାରୀ,
ଶୁଣନ୍ତି କାନ ଡେରି ତାଙ୍କ ଗୁହାରି । ୬୩ ।
ସକଳ ଧର୍ମେ ତାଙ୍କ ସମାନୁରାଗ,
ଧର୍ମପାଳନ ତାଙ୍କ ମହତ ଯାଗ,
ସର୍ବଗୁଣରେ ଗୁଣୀ ବ୍ରିଟେନବାସୀ,
ଜାଣେ ବ୍ରିଟେନ ଆଜ ସୁଖାର୍ଥ କାଶୀ । ୬୪ ।
ବ୍ରିଟେନ ଶୁଭ୍ର ସ୍ୱର୍ଣ୍ଣ ଅମରାକ୍ଷରେ,
ଖୋଦିତ ରହିଲା ଏ ଦେଶବକ୍ଷରେ,
ଉଠୁଛି ଧନ୍ୟବାଦ ତା ନାମେ ଦେଶେ,
ଉଠିବ ଚିରକାଳ ପୁଣି ବିଶେଷେ । ୬୫ ।
ଇଂରେଜ ରାଜଲକ୍ଷ୍ମୀ ହେବେ ଅଚଳା,
ତଥା ବିଜୟ-ଲକ୍ଷ୍ମୀ ମହାପ୍ରବଳା,
ଯୋଧେ ଇଂରେଜବୀର୍ଯ୍ୟ ଅନନ୍ୟୋପମ,
ଦୟାରେ ଶୀତଳ ସେ ସଲିଳ ସମ ।୬୬।
ସୁସଭ୍ୟ ଜାତି ଯେତେ ମହୀରେ ଛନ୍ତି,
ତହିଁ ମଧ୍ୟରେ ଶ୍ରେଷ୍ଠ ଇଂରେଜ ଜାତି,
ଅସଭ୍ୟ ଜାତି ପ୍ରତି ନ କରି ଘୃଣା,
ଶିଖାନ୍ତି ସଭ୍ୟତା ସେ ବହି କରୁଣା । ୬୭ ।
ଇଂରେଜ ପ୍ରଚାରନ୍ତି ଏ ନୀତି ସାର,
ଅଦୃଷ୍ଟଠାରୁ ବଡ଼ ପୁରୁଷକାର,
ଅଦୃଷ୍ଟ ପ୍ରତି ତେଣୁ ନ ଦେଇ ଆସ୍ଥା,
ରତ ସେ ଉଦ୍ୟୋଗେ ଜୀବନ ଯାକ । ୬୮ ।
ସେ ଜାତି ଶୁଦ୍ଧମନା ଶୁଦ୍ଧ ସ୍ୱଭାବ,
ପୋଷିଣ ହୃଦେ ଅଛି-ନିଭର ଭାବ,
ବୁଝନ୍ତି ଠିକ ନିଜେ ନିଜ ପାଦରେ,
ଶିଖାନ୍ତି ସେହି ବିଦ୍ୟା ଆନେ ଆଦରେ ।୬୯ ।
ସାହସେ ଅଦ୍ୱିତୀୟ ଶ୍ୱେତପୁରୁଷେ,
ଡରନ୍ତି ନାହିଁ ବିଘ୍ନ ବିପଦକୁ ସେ,
ହେଉ ପଛକେ କାର୍ଯ୍ୟ ଯେତେ ଅସାଧ୍ୟ,
ସାଧନେ କରନ୍ତି ତା ନିଜକୁ ବାଧ୍ୟ । ୭୦ ।
ଧନ୍ୟ ଇଂରେଜ ଜାତି ଅଧ୍ୟବସାୟ,
ଲଗାନ୍ତି କାର୍ଯ୍ୟେ ଧନ ମାନସ, କାୟ,
ଅକୃତକାର୍ଯ୍ୟ ହେଲେ ନୋହି ହତାଶ,
ସାଧନ୍ତି ବାରମ୍ବାର କରି ପ୍ରୟାସ । ୭୧ ।
ନିତ୍ୟ ନବ ଉଦ୍ଭାବ ବ୍ରତ-ଆଗ୍ରହୀ,
ଆଣନ୍ତି ସଫଳତା ବଳେ ଝିଟାରି,
ଜୀବନ କର୍ମମୟ ଅଟେ ତାଙ୍କର,
ଖଟାନ୍ତି କର୍ମେ ପ୍ରାଣ ସେ ନିରନ୍ତର । ୭୨ ।
ଯେ ଗୁଣ ଯୋଗେ ନର ହୁଏ ଅମର,
ସେ ସର୍ବ ଗୁଣ ଅଛି ଇଂରେଜଙ୍କର,
ତେଣୁ ସେ ପାଉଛନ୍ତି ପୂଜା ସଂସାରେ,
ସୁଲଭ ଗୁଣପୂଜା ତାହାଙ୍କଠାରେ । ୭୩ ।
ତାହାଙ୍କ ଏ ସଦ୍‌ଗୁଣ ବାଳକଗଣ,
ସତତ କର ହୃଦେ ଅନୁକରଣ,
ବାହାବ କେବେ ତୁମ୍ଭେ ମନୁଷ୍ୟ ନାମ,
କୃତାର୍ଥ ହେବ ତହିଁ ଜନମଧାମ । ୭୪ ।
ପୂଜ ପ୍ରଶଂସ ତାଙ୍କ ରଜନୀ ଦିବା,
ଜୀବନେ ଲୋଡ଼ ଯଦି ପୂଜା ପ୍ରଶଂସା,
ଯେ କରେ ଗୁଣି-ଗୁଣେ ଭକ୍ତି ଆଦର,
ଆଣନ୍ତି ତାକୁ ଶୁଭ ଗୁଣନିକର । ୭୫ ।
ଇଂରେଜ ଜାତି କେତେ ପ୍ରଜାବତ୍ସଳୀ,
ଉଭାବି ବୈଜ୍ଞାନିକ କୃଷି ପ୍ରଣାଳୀ,
ଦେଶ ମଧ୍ୟରେ ତାହା କଲେ ପ୍ରଚାର,
କୃଷିବିଦ୍ୟାର କଲେ ଯୋଗ୍ୟ ସଂସ୍କାର ।୭୬।

ଶିକ୍ଷିଲେ ଶୁଭବିଦ୍ୟା ପ୍ରଜାପଙ୍କତ ,
କରନ୍ତି କ୍ଷେତ୍ରୁ ବହୁ ଶସ୍ୟ ଉତ୍ପତ୍ତି,
କୃଷି ଉନ୍ନତି ଆନ ଉନ୍ନତି ଦ୍ୱାର,
ସର୍ବ ଉନ୍ନତି କରେ ଅପେକ୍ଷା ତାର । ୭୭ ।
ଏକାନ୍ତ ସତ୍ୟନିଷ୍ଠ ଇଂରାଜ ଜାତି,
ବସ୍ତଳେ ତାଙ୍କ ରାଜ୍ୟେ ବସୁଛି ଶାନ୍ତି,
ସତ୍ୟ-ଧରମ-ନ୍ୟାୟ-କ୍ଷେପଣୀ ଧରି,
ଚଳାନ୍ତି ସୁକୌଶଳେ ସାମ୍ରାଜ୍ୟ-ତରି । ୭୮ ।
ଇଂରାଜ ରାଜନୀତି ଅତି ଉଦାର,
ଆଦର୍ଶ ନୀତି ମଧ୍ୟେ ଅଟେ ସେ ସାର,
ଗ୍ରଥିତ ସୁଶୃଙ୍ଖଳେ ସେ ରାଜନୀତି,
ପ୍ରଜା ସୁବିଧା ସୁଖ ତା ମୂଳଭିତ୍ତି । ୭୯ ।
ଜନ ଗଣନା କରି ଦଶବରଷେ,
ବୁଝନ୍ତି ପ୍ରଜାବସ୍ଥା ପରିଜ୍ଞାତ ସେ,
ଦେଖନ୍ତି ଦୃଷ୍ଟି ଯେଉଁ ଦିଗେ ତାହାର
କରନ୍ତି ଶୀଘ୍ରେ ତାର ସୁପ୍ରତିକାର । ୮୦ ।
ଇଂରାଜ ଅପ୍ରତୁଳ ମେଧାବୀପଣେ,
ଉଡନ୍ତା ଯାନେ ଚଢ଼ି ନିର୍ଭୟ ମନେ,
କରନ୍ତି ଗ୍ରହଗଣ ସୁନିରୂପଣ,
ବୁଝନ୍ତି ସୃଷ୍ଟିତତ୍ତ୍ୱ ନିବେଶି ମନ । ୮୧ ।
ଇଂରାଜ ପୁଣ୍ୟକୀର୍ତ୍ତି ଅମର ଗୀତେ
ଗାଏ ଉତ୍କଳ ସଦା ପ୍ରହୃଷ୍ଟ ଚିତ୍ତେ,
ଗାବନ୍ତି ଯେ ସ୍ଥାବର ଜଙ୍ଗମଚୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୨ ।
ଯାମ୍ୟେତର ପରିଖା ସୁବର୍ଣ୍ଣରେଖା
ସୈକତେ ସ୍ୱର୍ଣ୍ଣରେଣୁ ଯାଏ ତା ଦେଖା
ଗାଏ ସେ ଉଚ୍ଚେ ତୋଳି ତରଙ୍ଗଚୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" ।୮୩।
ମେଘମେଦୁର ରୁଦ୍ର ତୁଙ୍ଗ ସୁନ୍ଦର,
ଗିରୀନ୍ଦ୍ର ମେଘାସନ ତୋଳି ଶିଖର,
ଗାଉଛି ଗୁହା-ମୁଖେ ହର୍ଷେ ଅଥୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" ।୮୪।
ତରଙ୍ଗ-କରତାଳି ବଜାଇ ଘନେ,
ଚସ୍ୱଚର ଶ୍ୱବାସୀ ଘୋର ଗର୍ଜନେ,
ଗାଉଛି ପୂର୍ବେ ନୀଳ ବରୁଣାଳୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୫ ।
ଚରକଲ୍ଲୋଳମୟୀ ଯାମ୍ୟେ ଚିଲିକା,
ସୁସ୍ଥିର ଚନ୍ଦବାକୀ ଶୋଭା-ଚନ୍ଦ୍ରିକା,
ଗାଏ ରାଜଭକ୍ତିରେ ହୋଇ ତନ୍ମୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୬ ।
ଋଷିମାଳ-ତନୟା ସେ ଋଷିକୁଲ୍ୟା,
ତଟିନୀକୁଳରାଣୀ ମର୍ତ୍ତ୍ୟେ ଅତୁଲ୍ୟା;
ଗାଏ ସେ କଳକଳେ ଉଚ୍ଛୋଳି ପୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୭ ।
ପାଣ୍ଡବ-ଅଧ୍ୟାସିତ ମହେନ୍ଦ୍ରଗିରି,
ମହେନ୍ଦ୍ର ପୁରୀ ତୁଲ୍ୟ ଯା ଦିବ୍ୟଶିରୀ,
ଗାଏ ସେ ସୁରଗିରି ସୁର-ନିଳୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୮ ।
ପଶ୍ଚିମ ଦିଗେ ଯେତେ ଶିଖରିମାଳ,
ଗଗନେ ତୋଳିଛନ୍ତି ଶିର ବିଶାଳ,
ଗାବନ୍ତି ସର୍ବେ କରି ନିଶ୍ଚଳ ଲୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୮୯ ।
ଉତ୍କଳ-ମନ୍ଦାକିନୀ ଚିତ୍ର-ଉତ୍ପଳା
ପବିତ୍ର-ତୋୟା ଦେବୀ ମହୀମେଖଳା,
ଗାଉଛି କଳକଳ ଛଳେ ନିଶ୍ଚୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" ।୯୦।
ଉତ୍କଳ-ହିମାଳୟ ମାଲ୍ୟ ଭୂଧର,
ନିସର୍ଗ ଦୃଶ୍ୟ ଯାର ରୁଦ୍ର ସୁନ୍ଦର,
ଗାଉଛି ମୁଖର ସେ ଆଶା-ବଳୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" ।୯୧।
ଜଳ-ଜଳ୍ପଦ୍ମ ବଇତରଣୀ,
ସ୍ୱଚ୍ଛ ତରଙ୍ଗତାଳେ ଗାଉଛି ଧନୀ,
ଘେନି ସାଳନ୍ଦୀ ଆଦି ସଖୀନିଚୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୯୨ ।

ପୁରୀ ଭୁବନେଶ୍ୱର ମହାଦେଉଳ,
ଉତ୍କଳ ଶିଳ୍ପକଳା ଯହିଁରେ ଠୁଳ,
ଆଶିଷେ ଅମ୍ବଷ୍ଟେ ସେ ଦେଉଳଚୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୯୩ ।
ଗାଉଛି ଗଣ୍ଡ୍ରାଧାର ଝର୍ଝର ସ୍ୱରେ,
ନୀରନ୍ଧ୍ର ସୁବିଶାଳ ଶାଳ ବନରେ,
କରୁଣ ବନଭୂମେ ସଙ୍ଗୀତମୟ,
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୯୪ ।
ବାମଣ୍ଡା ରାଜ୍ୟେ ଗାଏ ପ୍ରଧାନପାଟ,
କମ୍ପିତ ଜଳସ୍ତମ୍ଭ ଛାଡ଼ି ଲୁହାଟ,
(ବିଜୟେ ଯେ ଲୁହାଟେ ପାନ୍ଥ ହୃଦୟ)
"ଜୟ ବ୍ରିଟେନ-ଶଶୀ ଇଂରାଜ ଜୟ" । ୯୫ ।
ଯାବତ ପ୍ରାକୃତିକ ବସ୍ତୁସକଳ,
ଗାଆନ୍ତି ଏହିପରି ନୃପ-ମଙ୍ଗଳ,
ରାଜଭକ୍ତିରେ ସର୍ବେ ନିମଜ୍ଜମାନ—
ହୋଇ ଦେଖାନ୍ତି ରାଜପ୍ରୀତି ପ୍ରମାଣ ।୯୬।
ଏ ଦେଶ ଆଦର୍ଶ ଏ ଅବନୀରେ,
ବହୁଛି ରାଜଭକ୍ତି ତା' ଧମନୀରେ,
ରାଜଭକ୍ତି ତାହାର ଅମୂଲ୍ୟ ଧନ,
ଜାଣନ୍ତି ଏହା ସର୍ବ ଜଗତଜନ ।୯୭।
ନିର୍ଦ୍ଦୋଷେ ଭ୍ରମବଶେ ଦଣ୍ଡିଲେ ରଜା,
ଦୁଃଖିତ ନ ହୁଅନ୍ତି ଏ ଦେଶ ପ୍ରଜା,
ଶୁଣ ବାଳକେ ତାର ଉଦାହରଣ,
ଅଳୀକ ନୁହେଁ ତାହା ଶାସ୍ତ୍ରବଚନ ।୯୮।
ଅନ୍ଧକ ମୁନିପୁତ୍ର ସିନ୍ଧୁ ଆଖ୍ୟାତ,
ଲଭିଣ ଦଶରଥ ଶରେ ଆଘାତ,
ତେଜିଲେ ପ୍ରାଣ ମୁନି କିନ୍ତୁ ତଥାପି,
କ୍ଷମିଲେ ପ୍ରାଣହନ୍ତା ନୃପେ ନ ଶାପି । ୯୯ ।
ଅଷ୍ଟମାଣ୍ଡବ୍ୟ ହିତେ ଏକ ନୃସାଇଁ,
ଶୂଳୀରେ ଚୋରଜ୍ଞାନେ ଦେଲେ ବସାଇ,
ସେ ଋଷି ନ ଘେନିଲେ ରାଜାଙ୍କ ଦୋଷ,
ଅଜ୍ଞାନକୃତ ଜାଣି ଲଭିଲେ ତୋଷ ।୧୦୦।
ଶମୀକ ଋଷିଗଳେ ଶ୍ରୀପରୀକ୍ଷିତ,
ଅଜ୍ଞାତେ ଦେଲେ ମୃତ ସର୍ପ ଲମ୍ବିତ,
ଭୀଷଣ ଅପମାନେ ସେ ଋଷିବର,
ବହିଲେ ନାହିଁ କୋପ ଜଳେ ମାତର । ୧୦୧ ।
ଯେ ଦେଶ ରାଜଭକ୍ତି ଗୁଣେ ପ୍ରଥମ,
ଲଭିଛ ସେ ଦେଶେ ହେ ତୁମ୍ଭେ ଜନମ,
ପୂର୍ବପୁରୁଷଙ୍କର ପାଳିତ ପ୍ରଥା,
ପାଳ ବାଳକେ ମନେ ପ୍ରାଣେ ସର୍ବଥା ।୧୦୨।
ଥିଲେ ସେମାନେ ଯଥା ରାଜଭକତ,
ସେପରି ହୁଅ ଶିଶୁ ତୁମ୍ଭେ ସତତ,
ରାଜଭକ୍ତିରେ ମିଳେ ପୁଣ୍ୟ ସୁଯଶ,
ପିଅ ବାଳକେ ସେହି ଅମୃତ ରସ ।୧୦୩।
ସୁଶୀଳ ରାଜଭକ୍ତ ଅଟେ ଯେ ନର,
ସମାଜେ ହୁଏ ତାର ବଡ଼ ଆଦର,
ମଣନ୍ତି ରାଜା ତାଙ୍କୁ ବିଶ୍ୱାସୀ ଅତି,
ଅର୍ପନ୍ତି ଉଚ୍ଚ କାର୍ଯ୍ୟେ ଉଚ୍ଚ ପଦ୍ଧତି । ୧୦୪ ।
ରାଜଭକତି ରାଜସେବା ଫଳରେ,
ମହାତ୍ମା ଜନ କେତେ ଏ ଉତ୍କଳରେ,
ଲଭିଲେ ରାଜଦ୍ୱାରୁ ଗୌରବ ପଦ,
ଦୁର୍ଲଭ ନରପ୍ରାଣେ ଯେଉଁ ସମ୍ପଦ । ୧୦୫ ।
ଇଂରାଜ ରାଜା ସର୍ବ ଗୁଣ-ନିପୁଣ,
କି ଦେଇ ଶୁଝିବା ହେ ତାହାଙ୍କ ଋଣ,
ଭକ୍ତି କୃତଜ୍ଞତା ଦାନ ବ୍ୟତୀତ,
ସେ ଋଣ ପରିଶୋଧ୍ୟ ନୁହେଁ କଦାଚିତ । ୧୦୬ ।
ଅତଏବ ବାଳକେ ଶୁଣ ମୋ କଥା,
କର ଇଂରାଜ ରାଜେ ଭକ୍ତି ସର୍ବଥା,
ଚିର ରାଜତ୍ୱ ତାଙ୍କ କର କାମନା,
ଶ୍ରୀହରି ପଦେ କର ସଦା ପ୍ରାର୍ଥନା । ୧୦୭ ।

# ଜନନୀ

# ଉପହାର

ଉତ୍କଳଗୌରବ, ସାହିତ୍ୟ-ପ୍ରେମିକ, ଖଣ୍ଡିଗଡ଼ଧପଧୀଶ୍ୱର
ସମ୍ମାନାସ୍ପଦ, ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ମାହେଶ୍ୱରୀପ୍ରସାଦ
ଦେବ ମହୋଦୟଙ୍କ ଶ୍ରୀ କର-କମଳରେ
ଏହି କ୍ଷୁଦ୍ର "ଜନନୀ" ପୁସ୍ତକଖଣ୍ଡି
ଆନ୍ତରିକ ଭକ୍ତିପ୍ରୀତିର ନିଦର୍ଶନ
ସ୍ୱରୂପ ଉପହାର ଅର୍ପିତ
ହେଲା ।

| | | |
|---|---|---|
| ଉତ୍ପଶ | { | ଚସ୍ୱର୍ଣ୍ଣିତ |
| ୪।୧୦।୧୯ | | ଗୁରୁବାର |

# ଜନନୀ

[ ନଟବାଣୀ ]

ଉଚ୍ଛୁଳେ ଜନନୀ ନାମେ ହୃଦେ ଭକ୍ତି
ମା ଅପତ୍ୟ-ଆତ୍ମା-ସଞ୍ଜୀବନୀ ଶକ୍ତି ।
ଜନନୀ, ବିଧିର ଶ୍ରେଷ୍ଠ ଶୁଭଦାନ
ଜୀବନେ ବାସ୍ତବ ସୁଖର ନିଦାନ ।
ମାତୃନାମ-ମନ୍ତ୍ରେ, ଜୀବ ଧମନୀରେ
ଚୈତନ୍ୟ ପ୍ରବାହ ପ୍ରବାହେ ଅଧୀରେ ।
ମାତା ମୂର୍ତ୍ତିମନ୍ତ ଦେବ ଆଶୀର୍ବାଦ,
ଦେବୀତୁଲ୍ୟ ତାର ମହିମା ଅଗାଧ ।
ମାତୃ ନାମେ ମିଳେ ଅଭୟ ଉତ୍ସାହ,
ସ୍ୱରେ ସୁଶୀତଳ ଉତ୍ତୋଷ୍ଣ-କଟାହ ।
ମହୀତଳେ ମାତା ମହାମହୀୟସୀ,
ସ୍ନେହ କରୁଣାର ନିର୍ମଳ ସରସୀ ।
ମାତୃଦେବୀ ହେତୁ ଧନ୍ୟ ସ୍ୱର୍ଣ୍ଣ ସ୍ୱର୍ଗ,
ମାତୃଭକ୍ତ ଜନ ଲଭେ ଚତୁର୍ବର୍ଗ ।

—*—

## ଶୋକାଷ୍ଟକ

[ ଶ୍ୟମକେଶୀ ]

ପାହିଥିଲା ତାଳ ଯାମିନୀ
ଅଙ୍କ ଉର୍ଦ୍ଧ ଲକ୍ଷଣେ,
ନିଦାରୁଣ ଶୋକ ସମ୍ବାଦ
ଶୁଣାଗଲା ଶ୍ରବଣେ ।
କି ଲେଖିବ ଶୋକ-ବାରତା
ଚଳୁ ନାହିଁ ଲେଖନୀ,
ଏକାବେଳେ ଅସି ପଡ଼ିଲା
ମୁଣ୍ଡେ କୋଟି ଅଶନି ।
ନ ବହିଲା ଘୋର ଶ୍ରପାତେ
ନେତ୍ର ଲୋତକ ଧାର,
ଘୋର ଶୋକତାପେ ବିଶୁଷ୍କ
ଯେଣୁ ହୃଦ ତାହାର ।
କହିଯାଇଥିଲେ ଜନକ
ବାଳକାଙ୍କୁ ଅନାଥ,
ଛାଡ଼ିଗଲେ ଏବେ ଜନନୀ
ଦେଇ ପ୍ରାଣେ ଆଘାତ ।
ପିତୃ-ମାତୃହୀନ ହୋଇ ମୁଁ
ଲେଖା ହେଲି ଅସାରେ,
ନ ରହିଲା କେହି ମୋହର
ଆଉ ସାହା ସଂସାରେ ।
ହା ବିଧି ଏ ବିଧି ତୁମ୍ଭର
କେଉଁ ଯୁକ୍ତିସଙ୍ଗତ,
ଦୁଃଖୀ ଭାଗ୍ୟେ ଦୁଃଖ ସୁଲଭ
ହୋଇଥିବ ସତତ ।
ଏବେ ଦୁଃଖ ଦେଇ ତୃପ୍ତି କି
ହେଲା ନାହିଁ ତୁମ୍ଭର,
ସାର ସୁଖଟିକ ଜୀବନୁ
ହରିନେଲ ହେ ହର ।
ପୂର୍ଣ୍ଣହେଲା ଏବେ ହର ହେ
ଶୁଭ ବାଞ୍ଛା ତୁମ୍ଭର,
ଜନନୀଙ୍କୁ ମୋର ନିର୍ବାଣ—
ମୁକ୍ତି ପ୍ରଦାନ କର ।

—

## ମାତୃବିୟୋଗ

[ମଙ୍ଗଳ]

ତେଜିଲୁ କି ଜନନି ଲୋ ପୀଡ଼ିତ ସନ୍ତାନେ,
ବଢ଼ାଇଦେଇ ତା ମର୍ମ-ଭେଦୀ ଶୋକତାନେ ।
ଯେବେ ଶୋଷେ ମୁହିଁ ତାର ଯାଉଥିଲେ ଶୁଖି,
କିଏ ହେବ ଜନନି ଲୋ ତାହା ଦେଖି ଦୁଃଖୀ ।
ଛାଇଣ ତାଙ୍କର କିଏ ବସିଲେ ଖଟରେ,
ମଧୁର ସ୍ୱରରେ କହି ଆରେ ବାପ ଆରେ ।
ଲୁହ ପୋଛିଦେବ କିଏ କାନ୍ଦୁଥିବା ବେଳେ,
କିଏ ଆଉଁଷିବ ପିଠି ସ୍ୱେଦ ପୀଡା ହେଲେ ।
ପାଗଳମୀ ପରି ହେଉ ନ ଦେଖିଲେ ଯାକୁ,
ତାହାକୁ ସମର୍ପିଦେଇ ଗଲୁ ଏବେ କାକୁ ।
ଅନାଥ ସୁତର ଆଉ କିଏ ଅଛି ସାହା,
ସମୁଦ୍ରକୁ ଫିଙ୍ଗିଦେଇ ଚାଲିଗଲୁ ଆହା ।
ଅବୋଧ ସନ୍ତାନ କଲେ ଶତଶତ ଦୋଷ,
ମାତା ତ ବହନ୍ତି ନାହିଁ କେବେ ମନେ ରୋଷ ।
କୁପୁତ୍ର ହୁଅନ୍ତି ସିନା ନ ହୁଏ କୁମାତା,
ଶାଶ୍ୱତ ନିୟମ ଏହା ବାନ୍ଧିଛନ୍ତି ଧାତା ।
ବିଖଣ୍ଡନ ଦେଖି ସେହି ଅଖଣ୍ଡ ବଧିର,
ନ ହେବ ଅଧୀର କେଉଁ ପାଷାଣ ଶରୀର ।
ସତେ କି ତୋ ଉଦଳୀଲା ସବୁଛି ଜନନି,
ବିନା ମେଘେ ବାଜୁଁ ଆସି ପଡିଲା ଅଶନି ।
ପରତେ ତ ଏହା ମୋର ହେଉ ନାହିଁ କ୍ଷଣୁ,
ଯେଣୁ ତୋର ମୂର୍ତ୍ତି ସଦା ମୋ ନେତ୍ରେ ଲଗିଛି ।
ନିତାନ୍ତ କୁପୁତ୍ର ସିନା ଅଟେ ମୁଁ ତୋହର,
ନ ପାରିଲି ଶେଷକାଳେ ପଦ-ସେବା କରି ।
ଏହି ଅନୁତାପ ମୋର ରହିଗଲା ମନେ,
ରହିଥିବ ଥିବା ଯାଏଁ ଏ ମର ଭୁବନେ ।
ହରି-ପାଦପଦ୍ମେ ଲୀନ ହୁଅ ଗୋ ପ୍ରସୂତି,
ପୋଛିଦେଇ ମନୁ ଏହି ଉତ୍ସ ସୁଭ ସ୍ମୃତି ।
ଯୁଗେ ଯୁଗେ ମିଳୁ ମୋତେ ତୋପରି ସୁମାତା,
ମୋ ଭଳି କୁପୁତ୍ର ତୋତେ ନ ଦେଉ ବିଧାତା ।

---

## ଶୋକ ସପ୍ତକ

[ ଭଳହଂସଭେଦାର ]

ଜନନୀ ଦେବୀ ମୋର ସ୍ନେହଦାୟିନୀ,
ସଂସାର-ମରୁଭୂମେ ବାରିରୂପିଣୀ,
ଆଉ ତ ଥରେ ତାକୁ ଦେଖିଲି ନାହିଁ,
ଉଭେଇଗଲା ଆହା ପଲକେ କାହିଁ । ୧ ।
କରିଥିଲା ସେ ମୋତେ ନେତ୍ରପିତୁଳା,
ଥିଲା ତା ଦୟା କ୍ଷମା ମର୍ତ୍ତ୍ୟେ ଅତୁଳା,
କେଉଁଣେ ସେ ଚାଲିଗଲା ମୋତେ କନ୍ଦାଇ,
ଉଭେଇଗଲା ଆହା ପଲକେ କାହିଁ । ୨ ।
ମୋତେ ନ ଦେଖି ସେହୁ ଆକୁଳପ୍ରାଣ—
ହୁଅଇ, ମଣିହରା ଫଣୀ ସମାନ,
ଏବେ ତ ଶୋକ-ଜଳେ ଦେଇ ଭସାଇ,
ଉଭେଇ ଗଲା ଆହା ପଲକେ କାହିଁ । ୩ ।
ଆହା ସେ ସୌମ୍ୟ ମୁଖ ପବିତ୍ର ତନୁ,
ମୁହୂର୍ତ୍ତେ ନ ଯାଏ ତ ବିସୋରି ମନୁ,
ସେ ତନୁ ପଞ୍ଚଭୂତେ ଗଲା ମିଳାଇ,
ଉଭେଇ ଗଲା ଆହା ପଲକେ କାହିଁ । ୪ ।
ଜନନୀ ଏ ଜଗତେ ପରମ ସାହା,
ଦେଖାଏ ସନ୍ତାନେ ସେ ଜୀବନ ରାହା,
ତା ବିନା ଉବେ ଆନ ଭରସା ନାହିଁ,
ଉଭେଇଗଲା ଆହା ପଲକେ କାହିଁ । ୫ ।
ଲାଗି ରହିଛି ତାର ରୂପ ନୟନେ,
ଲାଗି ରହିଛି ବାକ୍ୟ ସଦା ଶ୍ରବଣେ,
ଅଛି ତା କାର୍ଯ୍ୟମାନ ସେ ଆଉ ନାହିଁ
ଉଭେଇଗଲା ଆହା ପଲକେ କାହିଁ । ୬ ।
ହେଲି ମୁଁ ମାତୃହୀନ ଦୀନ ଅସାହା,
ରହିଲା କେଉଁ ଆଶା ଭବେ ମୋ ଆହା,
ପ୍ରଦାନ ଶାନ୍ତି ପ୍ରଭୁ ଜଗତସାଇଁ
ଉଭେଇଗଲା ଆହା ପଲକେ କାହିଁ । ୭ ।

## ଶ୍ମଶାନରେ ମାତୃସମାଧି

[ ଶଙ୍କରାଭରଣ ]

ଶୀତ ପୂତତୋୟା ସ୍ୱଚ୍ଛ ସାଳନ୍ଦୀ ଉଦରେ,
ଜନନୀ ସମାଧି ହେଲା "କୁଧୁଆ" ଲୁଦରେ,
ତାତ ଦୁଃଖେ ଅସମ୍ଭାଳ,
ଶୋକ-ତରଙ୍ଗରେ ହୃଦ ହେଲା ଟାଳ ଟାଳ ।
ଦୁଇଦିନ ପୂର୍ବେ ଯେହୁ ଦିବ୍ୟ ବପୁଷ୍ମତୀ,
ମୁଠାଏ ପାଉଁଶେ ଏବେ ତାର ପରିଣତି,
ଏହା ନ ଦେଖିବା ପାଇଁ,
ଅସିଥିଲି କି ସୁଦୂର ପ୍ରବାସରୁ ଧାଇଁ ।
ତାହିଁ ଅଛୁ ଜନନି ଲୋ ଭସ୍ମସ୍ତୂପେ ଲୁଚି,
ଶ୍ମଶାନ-ଶଯ୍ୟାରେ କିପାଁ ବଳିଲା ତୋ ରୁଚି,
ଏ ତ ଭୟଙ୍କର ସ୍ଥଳ,
ନିବସନ୍ତି ଏଥି ପ୍ରେତ ପିଶାଚ ସକଳ ।
ରୁଷି ଆସିଛୁ କି ମା ଲୋ କରନ୍ତି ଯେ କଳି,
ଅଭିମାନେ ରୋଷାନଳ ଉଠିଅଛି ଜଳି,
ମୋତେ ଚାହିଁ ପୂର୍ବ ପରି,
ଉଚ୍ଛ୍ୱସିତ କର ମୁଖ କୋପ ପରିହରି ।
ଜାଣ ଚେରିଥାଉ ସଦା ଭାବନ୍ତୁ ମୋହର,
ତାଙ୍କିଲେ କିପାଇଁ ଏବେ ନ ଦେଉ ଉତ୍ତର
ଏତେ ନିଷ୍ଠୁର କିପାଇଁ,
ପୁତ୍ର-ଦୋଷ ଜନନୀ କି କ୍ଷମା କରେ ନାହିଁ ।
ପୀଡ଼ିତ ଦେଖିଣ ମୋତେ ତାନ୍ତୁ ସର୍ବକ୍ଷଣେ,
ଦେଇଥିଲ କେତେ ଅଶ୍ରୁଧାରା ତୋ ନୟନେ,
ମୁଁ ସେ ପୀଡ଼ିତ ସନ୍ତାନ,
ବିଦେଶୁଁ ବାହୁଡ଼ି ଆର୍ତ୍ତେ କରୁଛି ଆହ୍ୱାନ ।
ମୋହପାଇଁ କେତେ କଷ୍ଟ ସହିଛୁ ଜନନି,
ତୋହ ପରି ସର୍ବଂସହା କେବଳ ଅବନୀ,
ଗର୍ଭକଷ୍ଟ ଦିନକର,
ଶତ ଜନ୍ମେ ମୁହିଁ ତାହିଁ ଶୁଝିବି ତୋହର ।
ରୋଗେ, ଶୋକେ, ମନସ୍ତାପେ ପ୍ରଦାନ୍ତୁ ସାନ୍ତ୍ୱନା,
ଦେଲୁ ଏବେ ମହାଶୋକ ଏ କି ବିଡ଼ମ୍ବନା,
ତୋର ହୃଦ କି କୁଳିଶ,
ନ ଶୁଣୁ କିପାଇଁ ଡାକୁଅଛି ଅହର୍ନିଶ ।
ନିବସୁଛୁ ତୁହି ମାତଃ ଯେଉଁ ଦେଶେ ଯାଇ,
ସେ ଦେଶେ କି ମର୍ତ୍ତ୍ୟଲୋକ ଡାକ ପାଏ ନାହିଁ,
ତୁମ୍ଭେ ଅମର୍ତ୍ତ୍ୟବାସୀର,
ମର୍ତ୍ତ୍ୟ ଆର୍ତ୍ତନାଦେ ଆର୍ଦ୍ର ନୁହଇ ଶରୀର ।
ମୋ ପକ୍ଷେ ଦୁର୍ଲଭ ହେଲା ଏବେ ତୋ କରୁଣା,
କି କହିବ ମାତଃ ଗ୍ରହବଳ ମୋର ଊଣା,
ସ୍ୱର୍ଗେ ଘଟୁ ମୋର ଯାହା,
ମାତ୍ର କୃପା କରନ୍ତୁ ତୋ ପ୍ରଭୁ ବିଶ୍ୱନାହା ।
ବସିଲ ମା ଅନାମୟ ସତ୍ୟ ନିତ୍ୟଧାମେ,
ନିଶ୍ଚୟ ଭେଟିବି ଦିନେ ପ୍ରାଣ ପରିଣାମେ,
ବହି ସେ କାଳେ କି ସ୍ନେହ,
ଧରିବୁ ଅଙ୍କେ ଏ ପାପ-ପଙ୍କଲିପ୍ତ ଦେହ ।
ତୋ ପଦ-ସେବାରୁ ସିନା ହେଲି ମୁଁ ବଞ୍ଚିତ,
ମାତୃଭାଷା ପଦେ କିନ୍ତୁ ଥାଉ ମୋର ଚିତ୍ତ,
ମାତୃଦେବୀ ଦୟାମୟି,
ଏହି ବର ଯାଚେ ଦାସ ଦିଅ ଦୟା ବହି ।

——:*:——

## ଶାନ୍ତିବାଚନ

[ ବଙ୍ଗଳାଶ୍ରୀ ]

ଦ୍ୱାଦଶ ଦିବସ    ପରିପୂର୍ଣ୍ଣ ଆଜି
ପ୍ରେତ ଯିବ ସୁରାଳୟ,
ପୁଣ୍ୟ ସ୍ମୃତି ତାର    ବିସ୍ମୃତି ଗରଭେ
ଭଜିବ ଏବେ ବିଲୟ ।
ଧିକ ମୁଁ କୃତଘ୍ନ    ଏହି କି ମୋହର
ମାନବୋଚିତ ବେଭାର
ଯାର କୃପାବଳେ    ଧରିଛି ଜୀବନ
ତାକୁ ଦିନ ଦଶ ବାର—
ଅନ୍ତେ ଚରିଦିନ—    ପାଇଁ ମୁଁ ରଖିଛି
କି ସୁଖେ ଧରିବ ଦେହ,

ଖରେ ଅଗ୍ନି ଜାଳି ନ ଦେବ କି ହୃଦେ
ତାହା ଅପାସୋର ସ୍ନେହ ।
ତପସ୍ୱୀ ବା ଧୃଷ୍ଟ ଧରି ସମାଧିରେ
କରିବ ଦଧି ସେଚନ,
ଶୋକ-ଜଡ ଚିତ୍ତେ ଉତାରିବ ଆହା
ତପସ୍ୱୀ ଶାନ୍ତିବାରନ ।
ଅନ୍ତ୍ୟେଷ୍ଟି ତୋହର ସରିଲି ମାଆ ଲୋ
ଘେନିଲୁ ଚିର ବିଦାୟ,
ଆଜଠାରୁ ସିନା ଚିର ଲୁଗ୍ଣ ସୁଖ
ହେଲା ମୋର ଅସହାୟ ।
ଏଣିକି ମୋହର ଦେନି ନେବ ସିନା
ହେବ ଶୋକାଶ୍ରୁ-ନିର୍ଝର,
ଶୋକ ତାପ ଦୁଃଖ ଜନନୀ ମୋହର
ହୃଦୟେ ତୋଳିବେ ଘର ।
ଜଳଶୂନ୍ୟ ନଦୀ ପ୍ରାୟ ମୋ ଜୀବନ
ହେଲା ଆହା ଅକାରଣ,
ଜୀଇଥିବା ଯାଏଁ ମଣିବି ତାହାକୁ
ସିନା ଜୀବନ୍ତ ମରଣ ।
ସୁଖମୟ ଧାମେ ଗଲୁଗଲୁ ତୁହି
ଅର୍ପି ମୋତେ ଚିର ଦୁଃଖ,
କି କହିବ ମୋର କପାଳ ତ ପୋଡା
ବିଧାତା ଯେଣୁ ବିମୁଖ ।
ଯା, ଯା ଗତସ୍ମୃତି ଆଉ ନ ବହ ରେ
ଶୋକ-ଦାବ-ଦଗ୍ଧ ପ୍ରାଣେ,
ମଣ୍ଡା ପରେ ଖଣ୍ଡା— ପ୍ରେତ ହାଣୁ ତୁହି
ଦେଖି ପଉଷ୍ଟର ଜାଣେ ।
ଯାଅ ମାତଃ ଏବେ ମହାକୁଣ୍ଡ ତଟେ
ଘେନ ଏ ବିଦାୟ ଭେଟି,
ଜୀର୍ଣ୍ଣ, ଚନ୍ଦ୍ରା-ଘାଟେ— ବଂଶିତ, ଶୋକାଶ୍ରୁ—
ପରିପୂର୍ଣ୍ଣ ହୃଦ-ପେଟି ।
ଜଗତର ନାହା ଅହେ ଚଉବାହୁ
ଅନାଦି ଅଗଣ-ଗଣ,
ଶୁଣ ମୋ ଗୁହାରି ପ୍ରଭୁ ପାପହାରି,
ତବ ପାଦେ' ଏ ବିନତି ।
ଗଲେ ମୋ ଜନନୀ ସଂସାର ଜଞ୍ଜାଳ —
ଅନଳେ ହୋଇଣ ଘାରି,
ସୁଶୀତଳ କର ଆତ୍ମାକୁ ତାଙ୍କର
ସିଞ୍ଚି ପ୍ରଭୁ ଶାନ୍ତି-ବାରି ।

——ः※ः——

## ଶୋକସ୍ମୃତି

[କଲହଂସକେଦାର]

ନାଚୁଛି ହୃଦେ ସଦା ତୋ ଶୋକ-ସ୍ମୃତି,
ଲୁଚିଗଲୁ ଜନନି, କାହିଁ ସେ ମୂର୍ତ୍ତି ।
ଦିବସ ଗଣିବାରେ ହେଲା ଛ ମାସ,
ଆଉ ତ ନ ଶୁଣିଲି ସେ ମଧୁଭାଷ । ୧।
ପଞ୍ଚିଲି ନାହିଁ ସୁଦ୍ଧା ସ୍ୱପନେ ଥରେ,
ସେ ଦିବ୍ୟ ପୁଣ୍ୟ ମୂର୍ତ୍ତି ନେତ୍ରପଥରେ ।
ଲୁଚାଇ ଦେଇଅଛି କଳ୍ପନା ଧୃତ,
ଅଙ୍କି ହୃଦୟେ ସଦା ତୋ ଗତସ୍ମୃତି ।୨।
ଥରେ କି ନ ପଡେ ଲୋ ମନେ ତୋହର,
ଚିର ସ୍ନେହର ଦୀନ ଲୁଗ୍ଣ କୁମର,
ଧନ୍ୟ ତୁ ନିବସୁ ମା ଯେଉଁ ଭୁବନେ,
ପୁତ୍ର ସ୍ନେହ କି ତହିଁ ଭୁଲନ୍ତି ଜନେ ? ୩।
ମୋ ହିତ ବାଞ୍ଛି କେତେ ଉପାସବାର,
ଆଚରୁଥିଲୁ ସହି କ୍ଲେଶ ଅପାର,
ମୋ ପୀଡା ଶାନ୍ତି ପାଇଁ ଦିବାଯାମିନୀ,
କରୁ ତୁ ଦେବେ କେତେ ସ୍ତୁତି ଦରିଦ୍ରୀ । ୪
କାହିଁ କରୁଣାବତି ! ସେ ଦୟା ତୋର,
ଛୁଣ୍ଡାଇଦେଲୁ ସ୍ନେହ ମମତା ଡୋର,
ଛାଡି ତୁ ଗଲୁ ଯେବେ ନିସ୍ୱଶ କରି,
ନ ନେଲୁ ସଙ୍ଗେ କିପାଁ ସ୍ମୃତି ତୋହରି । ୫।
ଜାଳୁଛି ଅନୁତାପାନଳ ସେ ସଦା,
ତୋତେ ହରାଇ ହେଲା ହୃଦୟ ପଦା,

ଘଟୁ ଯା ଘଟିବାର୍ କି ହେବ ଗୁଣ,
ତୋ ସ୍ମୃତି ବଞ୍ଚିଥିବ ପ୍ରାଣ ସଙ୍ଗୀତ ।୬।

—*—

## ମାତୃଶ୍ରାଦ୍ଧ

[ବଳଦ୍ବଂସକେଦାର୍]

ସତେ କି ଭେଟିଲୁ ମା ଏ ରୁଗ୍ଣ ସୁତେ,
ଲୁଣ୍ଠାଇ ସ୍ନେହ ଦୟା ଅଚ୍ଛେଦ୍ୟ ସୂତେ,
ବର୍ଷେ କାଳ ହେଲା ରହିଲୁ କାହିଁ,
ଥରେ କି ମୁଁ ତୋ ମନେ ପଡ଼ିଲି ନାହିଁ ।୧।
ଭୁଲିଲୁ ଯେବେ ଚିରକାଳ ଭୁଲିଥା,
କିପାଁ ସ୍ମରଣ ଚକ୍ଷେ ଜାଳିଲୁ ଚିତା,
ସମର୍ପି ଜଳାଞ୍ଜଳି ଶାନ୍ତ ସୁଖରେ,
ମୋ ପାଇଁ ହେଉ ଦଗ୍ଧ କିପାଁ ଦୁଃଖରେ ।୨।
ବସିଛୁ ଦେବଧାମେ ଦେବୀ ସ୍ୱରୂପେ,
ପଡ଼ିଛି ମୁହିଁ ମର୍ତ୍ତ୍ୟ କଳୁଷ-କୂପେ,
କିପାଁ ଏ ପାପୀ କଥା କରୁ ଚିନ୍ତା,
ମଧୁର ଭୁଞ୍ଜେ କିପାଁ ଭୁଞ୍ଜିବୁ ପିତା ।୩।
କପାଳ ପୋଡ଼ା ଯାଉ ଛାଡ଼ ତା କଥା,
କିପାଇଁ ବଢ଼ାଉଛୁ ତା ଲାଗି ବ୍ୟଥା,
ଯାଉ ଯେ ଗଲା ଚିରକାଳ ସେ ଯାଉ,
କିପାଁ ତା ଛୁଞ୍ଛା ମୁଖ ଦେଖିବୁ ଆଉ ।୪।
ନ ଦେଇ ଯୋଗ ତୋର ବାର୍ଷିକ ଶ୍ରାଦ୍ଧେ,
ହରୁଛି କାଳ ଆଜ ଘୋର ବିଷାଦେ,
ଉଦ୍ଦେଶେ ପ୍ରଣମୁଛି ଥାଇ ପ୍ରବାସେ,
ନ ଧରି ଦୋଷ କ୍ଷମା ପ୍ରଦାନ ଦାସେ ।୫।

# ତାଲଷଣ

# ଶତଦଳ

## ଭାରତୀ-ଆବାହନ

ବାଣୀବାଗ୍‌ବାଦିନୀ ବ୍ରାହ୍ମୀ ଷପଦଚ୍ଛେଦିନୀ,
ବାକ୍‌ଶକ୍ତିରୂପିଣୀ ଦେବୀ ତ୍ରିପୁରବ୍ୟାପିନୀ,
ଶୁଭ୍ରେ ଆସ ଶ୍ୱେତଭୁଜେ ଭାରତୀ ଜନନୀ,
ଶ୍ୱେତପଦ୍ମାସୀନା ସତୀ ଶକ୍ତି ସନାତନୀ,
ଭକ୍ତିବିଲ୍ୱଦଳେ ଗୋଳ ଆନନ୍ଦ-ଚନ୍ଦନ,
ବିନୟେ ସମର୍ପିଦେଇ ପୂଜିବି ଚରଣ ।
ଭକ୍ତି ବିନା ମୋର ଦେବୀ କି ଅଛି ସମ୍ବଳ,
ଯା ଦେଇ ପୂଜିବି ତବ ଚରଣଯୁଗଳ ?
ଦରିଦ୍ର କୁଟୀରେ ମାତଃ ସକଳ ଦୁର୍ଲଭ,
ସୁଲଭ କେବଳ ଭକ୍ତି ବିନୟ ଗୌରବ ।
ନାହିଁ ମା ସେପରି ବିଦ୍ୟା ଜଗତପ୍ରସୂତି,
ବିରଚି ନବଛାନ୍ଦେ ଗାଇବି ତୋ ସ୍ତୁତି ।
କିଛି ନାହିଁ, ଅଛି ମାତ୍ର ବିଶୁଷ୍କ ଜୀବନ,
ଯେଣୁ ଜଣିଛାଏ ଭକ୍ତି ଅମର୍ତ୍ତ୍ୟ ରତନ
ଛାମୁରେ ସମର୍ପିଦେଇ ସେ ଭକ୍ତି-କମଳ,
ପ୍ରଣିପାତେ ମାଗୁଅଛି ଚରଣଯୁଗଳ ।
ବନ୍ଦି ପୁରନ୍ଦର ପୂଜ୍ୟ ସେ ପଦ ପରଶେ,
ପ୍ରକାଶିବ ଦିବ୍ୟଜ୍ଞାନ ଏ ମୂଢ଼ ମାନସେ ।
ଯେସନ ମଳୟବାତ କଣ୍ଟକିତ ବନେ,
ପ୍ରକାଶଇ ଦିବ୍ୟ ଗୁଚ୍ଛ ସୁରଭି ସୁମନେ ।
ସିତପଦ୍ମାସୀନେ ସେହି ପଦ ଧ୍ୟାୟି ମୂଢ଼,
କାବ୍ୟ-କାନନରେ ହୁଏ କଲକଣ୍ଠ ଶୁକ ।
ଶୁଣିଛି ସେ ପଦସ୍ପର୍ଶେ ମୂଢ଼ ହୁଏ ଜ୍ଞାନୀ,
ପରଶ ପରଶେ ଯଥା ଲୌହ କାରବାମୀ ।
ତେଣୁ ମୁଁ ଆଶାୟୀ ହୋଇ ତେଜି ମନୁ ଭୀତି,
ଗାଇବାକୁ ବସିଅଛି ତବ ଗୁଣଗୀତି ।
ଦିଅ ବର ହେ ବରଦେ ପୂରୁ ମନସ୍କାମ,
ଘେନ ଦୀନସେବକର ସଭକ୍ତି ପ୍ରଣାମ ।

---

## ବସନ୍ତ

ଆଗତ ଶୀତ ଅନ୍ତେ ଋତୁରାଜନ
ଧରିଲ ଏ ଧରଣୀ ବେଶ ମୋହନ ।
ଛୁଟିଲ କ୍ରମେ ଶୀତବସ୍ତ୍ର ଆବର,
ଅସ୍ତ୍ରିତ ହୁକୁଁ ଯଥା ମାୟାନ୍ଧକାର ।
ଶୀତ ସଙ୍ଗେ ଶୀତଳ ବେପଥୁ ହ୍ରାସ,
ମୋହ ବିନାଶେ ଯଥା ଅସ୍ମିତାନାଶ ।
ମଳୟ ବାତେ ଦୂର ପ୍ରାଣି-ସନ୍ତାପ,
ଧରମ ସ୍ପର୍ଶେ ଯଥା ପଳାଏ ପାପ ।
ପଲ୍ଲବିଲେ ବ୍ରତତୀ ତରୁନିଚୟ,
ହରି-ଦର୍ଶନେ ଯଥା ଭକ୍ତ-ହୃଦୟ ।
କୁସୁମ ଗନ୍ଧେ ବ୍ୟାପିଗଲା ସଂସାର,
ମହତ ଯଶ ଯଥା ଲଭେ ବିସ୍ତାର ।
ଶିଶିର ଜର୍ଜ୍ଜରିଲ କମଳେ ନାଶ,
ତାକୁ ବିନାଶି ମଧୁ କଲା ପ୍ରକାଶ;
ଏପରି ପରେ ବୃଥା ଯେ ଦିଏ ଦଣ୍ଡ,
ତା ଶିରେ ପଡ଼େ ଶୂନ୍ୟ ବଜ୍ର ପ୍ରଚଣ୍ଡ ।
ଶିରୀଷ ଧରି ବିଣ୍ଟେ ଶ୍ୱେତଚାମର,
ସେବଇ କି ସେ ଋତୁରାଜନଙ୍କର !

ଉଦ୍ୟାନ ଉଜ୍ଜ୍ୱଳାଏ ଗୋଲାପଫୁଲ
ସୁପୁତ୍ର କରେ ଯଥା ଉଜ୍ଜ୍ୱଳ କୁଳ ।
ପୁଷ୍ପ ଉପରେ ବସି ଭ୍ରମରକୁଳେ,
ବଳେ ହରିଲେ ମଧୁ ଖଣ୍ଡିର ଭୁଲେ ।
କେତକୀ ନ ବସାଏ ଏକା ପାଶୁକେ
ସତୀନାୟିକା ଯଥା ବିଟପୁରୁଷେ ।
ବସନ୍ତ ସମ୍ରାଟର ସେନା ସମାନ,
ପଳାଶ ଧରି ଉଗ୍ର ଲତ-କୃପାଣ,
ଛେଦନ କରି ଶିର ଶୀତ-ଦୈତ୍ୟର
ହୋଇଛି ସେ କୃପାଣ ରକ୍ତେ ଜର୍ଜର ।
ମଲ୍ଲିକାଗନ୍ଧ ବଣମଲ୍ଲୀ ବହଇ,
ଯେସନ ଗୁଣି-ଗୁଣ ହୁଏ ପ୍ରକଟ ।
ପୁଷ୍ପସ୍ତବକଭରେ ନମ୍ର ଅଶୋକେ,
ବିନୟ ଗୁଣେ ଯଥା ପ୍ରବୀଣ ଲୋକେ ।
କାସାର ଶଙ୍କୁରିତ ରକ୍ତକୁମୁଦେ,
ଅଜ୍ଞାନ ହୃଦେ ଜ୍ଞାନ-ଭାନୁ କି ଉଦେ ?
ମୁଦ୍ରିତ ପଦ୍ମ ଧରି ଗର୍ଭରେ ଅଳି
ଶୋଭେ ମୁଦ୍ରିତ ସ୍ମିତ ନୟନ ଭଳି ।
ଫଳେ ଆନତ ଶିର ରସାଳ ତରୁ,
କୁଳକାମିନୀ ଯଥା ଲଜ୍ଜାବଶରୁ ।
ବଢ଼ିଲେ କ୍ରମେ ତରୁ ଆଶ୍ରେ ବ୍ରତତୀ,
ଅଭ୍ୟାସ ଆଶ୍ରୟରେ ଯଥା ଉନ୍ନତି ।
କେବେ ଏ ପୁରୁଷୋତ୍ତମ ଡାକେ କୁହୁଡ଼,
ନିଜ ସ୍ୱଭାବ ଖଳ ପାରେ କି ଛାଡ଼ ।
କୋକିଳ କୁହୁ ସ୍ୱର କେଡ଼େ ମଧୁର,
ସୁଧାସିକ୍ତ ବଚନ ଯଥା ସାଧୁର ।
ଧରିଲି ରୂପ ସେହୁ ଅତି କୁତ୍ସିତ,
ମାତ୍ର ଗୁଣରେ କରେ ଭବେ ମୋହିତ ।
କି ହେବ ଥାଇ ରୂପ ଦିବ୍ୟସୁନ୍ଦର,
ଗୁଣବିହୀନେ ରୂପେ କାହିଁ ଆଦର ।
ଏକାଳେ ଜୀବେ ଅତି ଲଭନ୍ତି ସୁଖ,
ସୌଖ୍ୟ ପ୍ରଜା ଯେସନେ ନ ଜାଣେ ଦୁଃଖ ।

ନିଶାରେ ନିଶାଚରେ ଆନନ୍ଦ ଅତି,
ଖଳଦର୍ଶନେ ଯଥା ଖଳର ମତି ।
କେଡ଼େ ନିର୍ମଳ ଦିଶେ ନୀଳଗଗନ,
ଧାର୍ମିକ ଜିତେନ୍ଦ୍ରିୟ ହୃଦ ଯେସନ ।
ନାହିଁ ନୀଳିମା ତହିଁ ଦିଶଇ ନୀଳ,
ଯେସନେ ନିର୍ବିକାର ଭବ ଅଖିଳ—
ଅସ୍ତିତ୍ୱହୀନ ହୋଇ, ଦିଶେ ସାକାର,
ମାତ୍ର ଏ ସର୍ବ ମିଥ୍ୟା ଛଇ ମାୟାର ।
ଚନ୍ଦ୍ର ସଙ୍ଗେ ଉଜ୍ଜ୍ୱଳ ତାରକାବର୍ଗେ
ଅଳ୍ପପାଠୁଆ ଯଥା ବିଜ୍ଞ ସଂସର୍ଗେ ।
ମଧୁ ସଞ୍ଚିଲେ ମଧୁମକ୍ଷିକାଚୟ,
କୃପଣ କରେ ଯଥା ଧନ ସଞ୍ଚୟ ।
ଭୁଲଇ ନିଏ ମୃଗେ ମୃଗତୃଷ୍ଣିକା,
ଆଶାତୁରକୁ ଯଥା ଆଶା-ବର୍ତ୍ତିକା ।
ହେଲାକ ଫଳଶୂନ୍ୟ ବଦରୀତରୁ,
ନିର୍ଦ୍ଧନ ଜନ ଯଥା ବନ୍ଧୁ ବ୍ୟୟରୁ ।
ପଦ୍ମଭୂଷଣେ ସର ଦିଶେ ସୁନ୍ଦର,
କ୍ଷମା ଭୂଷଣ ଯଥା ସଜ୍ଜନଙ୍କର ।
ଫୁଲକମଳେ ଅଳି ଭଲେ ବେଷ୍ଟନ,
ଯେସନ ପ୍ରଲୋଭନ ଲୁବ୍ଧକ-ମନ ।
ନ ଲଗେ ଜଳବିନ୍ଦୁ କମଳଦଳେ,
ନିର୍ଲିପ୍ତ ଆତ୍ମା ଯଥା ସଂସାର-ଜଳେ ।
ଖେଳଇ ସ୍ନିଗ୍ଧ ମନ୍ଦ-ବାତେ ସମୀର,
ସ୍ୱରୂପ ହୃଦେ ଯଥା ଭାବ-ଲହରୀ ।
ଧ୍ୟାନନିଷ୍ଠେ କୂଳେ ବସିଛି ବକ,
ଶ୍ରୀହରିଧ୍ୟାନେ ମଗ୍ନ ଯଥା ସାଧକ ।
ଜଳେ ସନ୍ତରେ ହଂସ ଅତି ହରଷେ,
ଭକ୍ତ ଯେସନେ ପ୍ରେମ-ଅମୃତ ରସେ ।
ମୃଣାଳ ଭକ୍ଷି ସେହୁ ହର୍ଷେ ମଗନ,
ଆଶା ସଫଳେ ଯଥା ଆଶାୟୀ ଜନ ।
ଶୁଖିଲା ଜଳାଶୟୁ କ୍ରମେ ଜୀବନ,
କ୍ରମରେ କ୍ଷୟପ୍ରାପ୍ତ ଆୟୁ ଯେସନ ।

ଜଳ ନଥିଲେ ଦୁଃଖୀ ସଲିଳଚର,
ସୌଭାଗ୍ୟହ୍ରାସେ ଯଥା ଭାଗ୍ୟୀ ନର ।
ବର୍ଷତ ଠାବେ ଠାବେ ଚର୍ଚ୍ଚି ମେଳା,
ଦେଖାଇଦେଲେ ଦେବେ ଭବର ଖେଳା ।
ବାହୁଣ୍ଡିଗଲେ ପୁଣି ଯଥାସମୟେ,
ବହିଲୁ ପଥେ ସର୍ବେ ନିଜ ନିଳୟେ ।
ଯଥା ମାନବେ ଠୁଳ ଏ ଭବ-ହାଟେ,
ସଉଦା ସାରି ଯାନ୍ତି ଯେ ଯାହା ବାଟେ ।
ଉନ୍ନତ ଶିରେ ଉଭା ଶଇଳଗଣ,
ଗର୍ବେ ଉନ୍ନତଶିର ଦମ୍ଭୀ ଯେସନ ।
ଭୃଗୁପ୍ରସ୍ଥରୁ ଝରେ ନିର୍ଝର-ଧାର,
କୃପାଳୁ ହୃଦୁଁ କୃପା-ଝର ପ୍ରକାର ।
ନିର୍ଜନେ ବ୍ରହ୍ମଧ୍ୟାନେ ନିଯୁକ୍ତ ଯତି,
ଧନ୍ୟ ସେ କୃତୀ, ଯାର ସ୍ୱଧର୍ମେ ମତି ।
ମଣ୍ଡିଲେ ବନଦେଶ ପ୍ରମତ୍ତ ହସ୍ତୀ,
ବିନାଶେ ଶତ୍ରୁଶ୍ରେଣୀ ଯଥା ମନ୍ତ୍ରୀ ।
କ୍ରମେ କ୍ରମେ ରଜନୀ ହେଲାକ ହ୍ରାସ
ଆଳସ୍ୟେ ବିଦ୍ୟା-ଧନ କ୍ଷୟସଙ୍କାଶ ।
କୁସୁମ ସମାନ ଏ କୁସୁମ କାଳ,
ଉଡ଼ାଇ କ୍ଷଣେ ମାତ୍ର ଶୋଭା-ତରଳ,
ନିଜ ଗନ୍ତବ୍ୟ ପଥ ପୁଣି ଆଶ୍ରିବ,
ନେତ୍ରରଞ୍ଜିକା ଇନ୍ଦ୍ର-କୋଦଣ୍ଡନିଭ ।
ସକଳ ଏହିପରି ଭବେ ଅଚିର,
ବୃଥା ଗଢ଼ନ୍ତି ନରେ ଆଶା-ମନ୍ଦିର ।
ଜାଣି ନାହାନ୍ତି ଦିନେ କାଳ-ସଞ୍ଚାଣ,
ଉପରୁ ଝାମ୍ପ ମାରି ଘେନିବ ପ୍ରାଣ ।
ଦେହ-ପିଞ୍ଜର ମଧ୍ୟୁଁ ଜୀବନ-ଶାରୀ,
ଅଦୃଶ୍ୟେ ଘେନିଯିବ କାଳ-ମାର୍ଜ୍ଜାର ।
ଏ ନୀତିଶିକ୍ଷା ଦେଲା ଋତୁରାଜନ,
ବୁଝିବ ଈଶଲୀଳା କିଏ ସୁଜନ ?
ଧନ୍ୟ ଜଗତପତି ସୃଷ୍ଟିପ୍ରକୃତି,
ସକଳ କାର୍ଯ୍ୟେ ଶିକ୍ଷା ରଖନ୍ତି ପୂରି ।
ଭକ୍ତଙ୍କ ଆନ ଗୁରୁ କି ପ୍ରୟୋଜନ,
ମନ-ଗୁରୁ ସେ ଶିକ୍ଷା ଦାନେ ସୁଜନ ।

—*—

## ଗ୍ରୀଷ୍ମ

ଆସିଲା ମଧୁଅନ୍ତେ ନିଦାଘ କାଳ,
ସୁଖଶେଷରେ ଯଥା ଦୁଃଖ ଜଞ୍ଜାଳ ।
ସହି ନୋହିଲା ଆଉ ତପନ-ତାପ,
ଯେସନେ ପ୍ରଜା-ପୀଡ଼କ ନୃପ-ପ୍ରତାପ ।
ଜଳିଗଲା ଧରଣୀ ଉଷ୍ମ ପବନେ,
ଜଳଇ ହୃଦ ଯଥା କଟୂ ବଚନେ ।
ଶୀତଳ ଜଳେ ଏବେ ରହିଲା ଧ୍ୟାନ,
ବଷ୍ଣାମ୍ନା-ପଦେ ଭକ୍ତ-ମନ ସମାନ ।
ଜଳାଶୟରୁ ଭାନୁ ଶୋଷିଲେ ଜଳ,
ଲୁବ୍‌ଧକ ରାଜା ଯଥା ପ୍ରଜାସମ୍ବଳ ।
ଜଳ ସଙ୍ଗେ ସଙ୍କୋଚ ଜଳ ସୁମନ,
ପରଭାଗ୍ୟୋପଜୀବୀ ଜନ ଯେସନ ।
ସଲିଳଚରେ ମଲେ ଲକ୍ଷ କୋଟି,
ଦୁର୍ଭିକ୍ଷ କାଳେ ଯଥା ପ୍ରଜାପଙ୍କତି ।
ଜଳାଭାବେ ବୁଡ଼ିଲେ ପଙ୍କେ ଶୂକରେ,
ପାପରେ ଲିପ୍ତ ଯଥା ପାତକୀ ନରେ ।
ଧାର୍ମିକେ ସ୍ଥାନେ ସ୍ଥାନେ ଦେଲେ ପ୍ରପାନ,
ସାର୍ଥକ ଏବେ ସିନା ସତ୍କାର୍ଯ୍ୟେ ଦାନ ।
ବୃଦ୍ଧି ଲଭିଲା କ୍ରମେ କ୍ରମେ ଦିବସ,
ଆଦର୍ଶ ମାନବର ଯଥା ସୁଯଶ ।
ଦିନୁ ଦିନୁ ରଜନୀ ହେଲାକ ହ୍ରାସ,
ଜ୍ଞାନ ଉଦୟେ ମୋହମାୟାସଂକାଶ ।
ଅନଳେ ଦଗ୍ଧହେଲେ ବନ-ଶିଖରୀ,
ପର ଉନ୍ନତି ଦେଖି ଯଥା ମତ୍ସରୀ ।
ତୃଷାର୍ତ୍ତେ ଘନେ ଡାକଦେଲେ ଚାତକ,
ଧାର୍ମିକ-ଦ୍ୱାରେ ଯଥା ଦୀନ ଯାଚକ ।
ମାତ୍ର ନ ଶୁଣିଲା ତା ଡାକ ଅମ୍ବୁଦ,
ତୁବେ କି ଦୁଃଖିଦୁଃଖେ ପାଷାଣ ହୃଦ ?

ହ୍ରାସଣେ ଗର୍ବେ ଦେଖା ମଧ୍ୟାହ୍ନ ଦେଖି,
ସ୍ଵକୃତମନ୍ତ୍ର ଯଥା ପାପେ ନିରେଖି ।
କେବେ ବା ଶୁଷ୍କଘନ ଗର୍ଜେ ପ୍ରଚଣ୍ଡେ,
ବାକ୍ୟ ଆଟୋପ ଯଥା ଦେଶାନ୍ତ ଭଣ୍ଡେ ।
ସନ୍ତୁଳେ ରୌଦ୍ରତାପ ପାଦପଗଣ,
ମୂର୍ଖ ଦୁର୍ବାକ୍ୟ ଯଥା ସହେ ସୁଜନ ।
ଜଳ ଖୋଜିଲେ ମୃଗେ ହୋଇ ଉଚାଟ,
ଖୋଜନ୍ତି ଯଥା ସାଧୁ ମୁକତିବାଟ ।
ମାଟିରୁ ସରସତା ହେବାରୁ ଦୂର,
ଜନ୍ମିଲା ନାହିଁ ଉପ୍ତ ବୀଜୁ ଅଙ୍କୁର ।
ଯଥା ଅଜ୍ଞାନ-ତପ୍ତ ନୀରସ ହୃଦେ,
ଭକ୍ତିବୈରାଗ୍ୟବୀଜ ନ ହୁଏ ଉଦେ ।
ମଧ୍ୟାହ୍ନ ରୌଦ୍ରତାପେ ଦୂରସ୍ଥ ଗିରି,
କ୍ଷଣକେ ହୋଇଗଲା ବିଲୀନ ଶିରୀ ।
ଯେସନ ଦୁଷ୍ଟକର୍ମ ଇନ୍ଦ୍ରିୟଗଣ,
ହୁଅନ୍ତି ଜ୍ଞାନତେଜେ ଲୀନ ତହ୍ନନ ।
ଏ କାଳେ ବୃକ୍ଷୁଁ ପଡ଼େ ସୁପକ୍ୱ ଚୂତ,
ଅଭିଶପ୍ତ ଯେସନ ସ୍ୱର୍ଗୁଁ ବିଚ୍ୟୁତ ।
ସୁପକ୍ୱ ରସାଳର ଦେଖି ଆଦର,
ବିଦାରି ହେଲା ହୃଦ କଣ୍ଟାଫଳର ।
ଶୁଣିଲେ ଲୋକମୁଖେ ପର ସୁଖ୍ୟାତି,
ବିଦାରି ହୁଏ ଯଥା ଈର୍ଷ୍ୟାଳୁ ଛାତି ।
ଆଚ୍ଛାଦି ଦେଲା ଧୂଳି ଦିଗ-ଗଗନ,
ମାୟାଜାଲକା ଯଥା ବିଷୟୀ-ମନ ।
ମଲ୍ଲିକା ଫୁଲୁଁ ଏବେ ତୁଟିଲା ବାସ,
ଯୌବନଗତେ ଯଥା ସୁଶ୍ରୀ ବିନାଶ ।
ବସନ୍ତେ ପ୍ରଶଂସିତ ଯେଉଁ ପବନ,
ନିଦାଘେ ହେଲା ସେହୁ ନିନ୍ଦାଭାଜନ ।
ଏହିପରି ସଂସର୍ଗ ଦୋଷଗୁଣରେ,
ନିନ୍ଦା ପ୍ରଶଂସା ସିନା ଲଭନ୍ତି ନରେ ।
ଜଣାଏ ତାପମାନଯନ୍ତ୍ର ସଙ୍କେତେ,
ତାପର ପରିମାଣ ଯେ ଦିନ ଯେତେ ।
ଏସନ ଖଳସ୍ୱଭାବ ସିନା ଉଦ୍ଭଟ
ପରଚ୍ଛିଦ୍ରସନ୍ଧାନେ ସତତ ରତ ।
ନିଦାଘେ ହ୍ରୀତ ନୁହେଁ ପାଦପଚୟ,
ନ ଡରେ ସାଧୁ ଯଥା ମରଣେ ଭୟ ।
ବନୁ ବନାନ୍ତେ ମୃଗ ଗଲେ ବହନ,
ଜୀବାତ୍ମା ଘଟୁ ଘଟେ ଭ୍ରମେ ଯେସନ ।
ମଧ୍ୟାହ୍ନେ ସାବଧାନ ରହିଲେ ଜନେ,
ସତର୍କ ଥାନ୍ତି ସାଧୁ ଯଥା ଯୌବନେ ।
ଆଶ୍ରିଲେ ପଶୁ ତରୁଚ୍ଛାୟା ଗହନ,
ସୁରାଜା ରାଜଚ୍ଛତ୍ର ପ୍ରଜା ଯେସନ ।
ଶାଖାପତ୍ରାନ୍ତରାଳେ ଲୁଚିଲେ ପକ୍ଷୀ,
ଶିଷ୍ଟ ଯେସନ ଦୁଷ୍ଟ ଆଗତ ଲକ୍ଷି ।
ବାୟସ ନିନ୍ଦା ପାଏ କର୍କଶ ସ୍ୱନେ,
ଅପ୍ରିୟବାଦୀ ସିନା ନିନ୍ଦିତ ଜନେ ।
ପିକ ନୀରବ, ଲଭି ଦାରୁଣ ଶୋକ,
ଦୁର୍ନୀତ ରାଜ୍ୟେ ଯଥା ନୀତିଜ୍ଞ ଲୋକ ।
ପରଶି ମହୀ ନବ-ବାରିଦ-ବାରି,
କେତେ କୋମଳ ଗନ୍ଧ ଦିଏ ବିସ୍ତାରି ।
ଯେସନ ଭକ୍ତିରସପ୍ଲାବୀ ହୃଦୟ,
ପ୍ରକାଶେ ଜ୍ଞାନ-ଗନ୍ଧ ସୁରଭିମୟ ।
କେବେ ଅବା କରକା କରଷେ ଘନ,
ଦାତାର ଅକାତର ଦାନ ଯେସନ ।
ତରଳିଯାଏ ତାହା ଅଳ୍ପ ସନ୍ଧରେ,
ବଦାନ୍ୟ ହୃଦ ଯଥା ଦୁଃଖିଦୁଃଖରେ ।
ନିରେଖି ମୃଗତୃଷ୍ଣା ଦୂରେ ହରିଣ,
ଧାବଇ ମନେ ଜଳ ଆଶା ଧରିଣ ।
ଏରୂପେ ଜୀବୀ ସୁଖ ଲକ୍ଷି ମନରେ,
ଆଶା-କୁହୁକେ ପଡ଼ି ଅବୁଝ-ନରେ—
ଧାବନ୍ତି, କିନ୍ତୁ ତାହିଁ ସେ ସୁଖେ ଭେଟ,
ନ ପାଇ, ଘୋର ଦୁଃଖେ ବଦନ ହେଠ—
କରି, ଫେରନ୍ତି ଶେଷେ ଶୂନ୍ୟ ଅନ୍ତରେ,
ତଥାପି ବଶ ତାହା ମାୟା ମନ୍ତ୍ରରେ ।

ଖରତାପରେ ଦେଖୁଁ ଘର୍ମ ବାହାରେ,
ସୁଜ୍ଞାନ ଯୋଗେ ବୃଷ୍ଟିବୃଷ୍ଟି ପ୍ରକାରେ ।
ମାନବେ ଖଞ୍ଚି ହେଲେ ଧରୁଣ ପଙ୍ଖା,
ଉଡ଼େ କି ନିଦାଘର ଜୟ ପତାକା ।
ସୁରଙ୍ଗ ମହାକାଳ ଦିଶେ ସୁନ୍ଦର,
ବାହ୍ୟ ଚହଟ ଯଥା ନିର୍ଗୁଣିନର ।
ପଞ୍ଚାଗ୍ନି ମଧ୍ୟେ ବସି ତପସ୍ୱୀମାନେ,
ଏକାଗ୍ରଚିତ୍ତେ ରତ ଈଶ୍ୱର-ଧ୍ୟାନେ ।
ଏଥିରୁ ଏହି ନୀତି ଶିଖେ ହୃଦୟ,
କଷ୍ଟର ଶେଷଫଳ ସୁଖ ଉଦୟ ।
ଜଳଶୟନେ ପ୍ରଭୁ ଜଗନ୍ନାଥଙ୍କ,
ନାରାୟଣ ନାମକୁ କଲେ ସାର୍ଥକ ।
ବାହ୍ୟେ କଠିନ ଅନ୍ତ ମଧ୍ୟେ କୋମଳ,
ସାଧୁ-ହୃଦୟ ପ୍ରାୟେ ପକ୍ୱ ଶ୍ରୀଫଳ ।
ଆଶ୍ରିଲି ବୃନ୍ତୁ ଖସି ଧରଣୀତଳ,
ଆତ୍ମା ଯେସନ ହରି-ପଦ-କମଳ ।
ଆସିବ ଏ ଅନ୍ତରେ ବରଷା କାଳ,
ସଙ୍ଗେ ଘେନି ସମ୍ବଳ ଜଳଦମାଳ ।
ନିଦାଘ କରୁଥିଲା ଯାହା ସଞ୍ଚୟ,
ବରଷା ତାହା ପୁଣି କରିବ ବ୍ୟୟ ।
ଏ ରୂପେ ପର ହାତେ କୃପଣ ଧନ,
ହୁଅଇ ସମୂଳରେ ପଡ଼ି ନିଧନ ।
ନିଦାଘ କରି ନିଜ କର୍ତ୍ତବ୍ୟ ଶେଷ,
ବାହୁଡ଼ିଯିବ ପାଳି ବିଭୁ-ଆଦେଶ ।
ଏହିପରି ବିଶେଷ କର୍ତ୍ତବ୍ୟ ଶିରେ—
ଘେନି, ଲଭନ୍ତି ପ୍ରାଣୀ ଜନ୍ମ ମହୀରେ ।
କିନ୍ତୁ ସେ ମୂଳନୀତି ମାନବେ ହୁଡ଼ି,
ବିଷୟ-ବିଷେ ସଦା ରହନ୍ତି ବୁଡ଼ି ।
ଆଚରି ଦ୍ୱେଷ, ହିଂସା, ଲୋଭ, କଳହ,
ଅନ୍ତେ ଲଭନ୍ତି କ୍ଲେଶ ଅତି ଦୁଃସହ ।

—*—

## ଉପଦେଶମାଳା

ସ୍ୱଧର୍ମେ ନ ନିନ୍ଦ ଜନେ ସର୍ବ ଧର୍ମ ଏକ,
ଉଦ୍ଦେଶ୍ୟ ସାଧନ ଏକ ଭିନ୍ନ ଭିନ୍ନ ଭେକ ।
ସକଳ ନଦୀର ଲକ୍ଷ୍ୟ ସମୁଦ୍ର ଯେସନ,
ତେସନ ସକଳ ଧର୍ମ ଲକ୍ଷ୍ୟ ନାରାୟଣ ।

*   *   *   *

ଗର୍ବି-ନର ଭାଗ୍ୟେ ଘଟେ ବିବିଧ ବିପଦ,
ବିନୟୀ ଭୁଞ୍ଜଇ ସଦା ସୁଖ, ଶ୍ରୀ, ସମ୍ପଦ ।
ଉଚ୍ଚଶିର ବୃକ୍ଷେ ଯଥା ନାଶେ ପ୍ରଭଞ୍ଜନ,
ମାତ୍ର କ୍ଷୁଦ୍ର ତୃଣ ଥାଏ ଯେସନ ତେସନ ।
ଚୂର୍ଣ୍ଣ କରେ ଗିରିଶିର ବଜ୍ରେ ଆଖଣ୍ଡଳ,
ପାରେ କି ଧୂଳିର କିଛି ସାଧି ଅମଙ୍ଗଳ ?

*   *   *

ଦୋଷ ତେଜି ଗୁଣୀ ଗୁଣ କରିବ ଗ୍ରହଣ,
ନୀର ତେଜି କ୍ଷୀର ଶୋଷେ ମରାଳ ଯେସନ ।

*   *   *

ଭୋଗରେ ଇନ୍ଦ୍ରିୟ କେବେ ନୁହଇ ଦମିତ,
ଘୃତଯୋଗେ ଅଗ୍ନି ଯଥା ନୁହେଁ ନିର୍ବାପିତ ।

*   *   *

ଗିରି-ଶିରେ ଚଢ଼ି କଲେ ଦୃଷ୍ଟି ସଞ୍ଚାଳନ,
ନିମ୍ନଭୂମି ଏକାକାର ଦିଶଇ ଯେସନ ।
ସେହିପରି ତତ୍ତ୍ୱଜ୍ଞାନୀ ସମଦର୍ଶୀମାନ,
ସର୍ବଧର୍ମେ ସର୍ବଜନେ ଦେଖନ୍ତି ସମାନ ।
ସାଧୁ-ସହବାସେ ମୂଢ଼ ହୁଏ ଜ୍ଞାନବାନ,
ସୁନା ସଙ୍ଗେ କାଚ ଯଥା ମଣିର ସମାନ ।

*   *   *

ଅଯୋଗ୍ୟ ପାତ୍ରରେ ହୁଏ ଶ୍ରମ ଅକାରଣ,
କାକ କି ହୋଇବ ଶୁକ, କଲେହେଁ ଯତନ ?

*   *   *

ଉଚ୍ଚକୁଳେ ନୀଚ ଜାତ ନୁହଇ ଉଦାତ,
ମଣି-ଖଣିରୁ ଯେସନ ନ ଉପୁଜେ କାଚ ।

*   *   *

କ୍ରୋଧାବେଶେ ସାଧୁମନ ନୁହେଁ କଳୁଷିତ
ବାଡ଼ବେ ନ ହୁଏ ଯଥା ସିନ୍ଧୁ ପ୍ରଜ୍ୱଳିତ ।

* * *

ଜ୍ଞାନୀ କରେ କାବ୍ୟଶାସ୍ତ୍ରେ ଜ୍ଞାନ ଅନ୍ୱେଷଣ,
ମୂର୍ଖ ସଦା ସେବେ ନିଦ୍ରା କଳହ ବ୍ୟସନ ।

* * *

କ୍ରିୟାହୀନ-ଜ୍ଞାନ ଅଟେ ଶରୀରର ଭାର,
ଅଭାଗିନୀ ରମଣୀର ଯଥା ଅଳଙ୍କାର ।

* * *

ବିଦ୍ୱାନ ଯଦ୍ୟପି ଦୁଷ୍ଟ, ତା ସଙ୍ଗ ନ କର,
ମଣିଭୂଷିତ ଫଣି କି ନୁହେଁ ଭୟଙ୍କର ?
ବିପଦେ ଅଧୀର ହୁଏ ଯେହୁ କାପୁରୁଷ,
ବିପଦ-କରୀକୁ ସିନା ଧଇର୍ଯ୍ୟଅଙ୍କୁଶ ।

* * *

ଦୁରାତ୍ମାର ମନ ବାକ୍ୟ କାର୍ଯ୍ୟ ଭିନ୍ନ ଭିନ୍ନ,
ମାତ୍ର ସଲ୍ଲୋକର ତାହା ଅଟେ ଏକାଧୀନ ।
ଜଳାଶୟ ଜଳ ଯଥା ଧୈର୍ଯ୍ୟେ ହୁଏ ବୃଦ୍ଧି,
କାଳେ ବିନ୍ଦୁ ବିନ୍ଦୁ ବୃଦ୍ଧି ତେସନ ସମୃଦ୍ଧି ।

* * *

ଗଜକୁ ଉଦ୍ଧାରେ ଗଜ ଯଥା ପଙ୍କରୁ,
ସାଧୁକୁ ଉଦ୍ଧାରେ ସାଧୁ ତଥା ସଙ୍କଟରୁ ।

* * *

ସୁନାର ପରୀକ୍ଷା ହୁଏ କଷଟି ପଥରେ,
ବନ୍ଧୁର ପରୀକ୍ଷା ହୁଏ ବିପଦ କାଳରେ ।

* * *

ନିର୍ଗୁଣେ ସଗୁଣେ ସମ ଦୟା ମହତର,
ନ ହରେ ଚଣ୍ଡାଳଘରୁ ଚନ୍ଦ୍ର ନିଜ କର ।

* * *

କ୍ଷୁଦ୍ର ସାହାଯ୍ୟରେ ସିଦ୍ଧ କାର୍ଯ୍ୟ ସୁମହତ,
ତୃଣଗୁଚ୍ଛ ଯୋଗେ ବନ୍ଧ ମାତଙ୍ଗ ପ୍ରମତ୍ତ ।

* * *

ତୁଚ୍ଛବସ୍ତୁ ଉପକାର ସାଧଇ ପ୍ରଚୁର,
ତୁଷରୁ ଭିନ୍ନ ତଣ୍ଡୁଳ,ନ ହୁଏ ଅଙ୍କୁର ।

ଗୃହସ୍ଥର ସାରଧର୍ମ ଅତିଥି-ସତ୍କାର,
ହେଉ ପଛେ ଶତ୍ରୁ, ପାଦ ପୂଜିବ ତାହାର ।
ଅଚେତନ ପାଦପର ତେତେ-ବଡ଼ପଣ,
ଛେଦକ ନିକଟୁ ଛାୟା ନ କରେ ହରଣ ।

* * *

ଆହାର, ବିହାର, ନିଦ୍ରା, ଭୟ, ଏ ସକଳ,
ପଶୁମାନବର ଅଛି ସମ ଅବିକଳ;
କେବଳ ଜ୍ଞାନରେ ପଶୁ ନରଠାରୁ ସାନ,
ଏଣୁ ଜ୍ଞାନହୀନ ନର ପଶୁର ସମାନ ।

* * *

ଉଦ୍ୟୋଗବିହୀନେ ନାହିଁ ସିଦ୍ଧ ମନୋରଥ,
କେଉଁ କାଳେ ଚଳି ନାହିଁ ଏକଚକ୍ରେ ରଥ ।
ପଶି ନାହିଁ କେଉଁ କାଳେ ମୃଗ ଇଚ୍ଛାସୁଖେ,
ନିକାଞ୍ଚନ ଗିରିଗୁହା-ସୁପ୍ତ ସିଂହମୁଖେ ।

* * *

ଈର୍ଷ୍ୟାଯୁକ୍ତ, ଘୃଣାଯୁକ୍ତ, ସଦା ଅସନ୍ତୁଷ୍ଟ,
ପରଗଳଗ୍ରହ, ଭୀତ, ପୁଣି ଅତି ରୁଷ୍ଟ,
ଏହି ଷଡ ବ୍ୟକ୍ତିଙ୍କର ଦୁର୍ବଳ କପାଳେ,
ନ ମିଳଇ ସୁଖଲେଶ ଇହ ପରକାଳେ ।
ରଖେ ତରୁ ଅଗ୍ନିକଣ ଲୁଚାଇ କୋଟରେ,
ପରିଶେଷେ ତହିଁରେ ସେ ଜଳିପୋଡ଼ି ମରେ ।
ଆପଣାର ଈର୍ଷ୍ୟାନଳେ ଈର୍ଷ୍ୟାଳୁ ତେସନ,
ଦହିହୋଇ ଅନୁକ୍ଷଣ ତ୍ୟଜଏ ଜୀବନ ।

* * *

ମାଟି ଘଟ ପରି ସିନା ଦୁର୍ଜ୍ଜନ ଅନ୍ତର,
ଭାଙ୍ଗିବା ସହଜ ତାହା ଯୋଡ଼ିବା ଦୁଷ୍କର ।
କିନ୍ତୁ ସ୍ୱର୍ଣ୍ଣମୟ ଅଟେ ସାଧୁ ହୃଦ-ଘଟ,
ଯୋଡ଼ିବା ସହଜ ତାହା ଭାଙ୍ଗିବା ଦୁର୍ଘଟ ।

* * *

ବଦରୀକୋଳି ସମାନ ଦୁଷ୍ଟ ହୃଦସ୍ଥଳ,
ଭିତର କଠିନ ଅତି ବାହାର କୋମଳ ।

ନାରିକେଳ ଫଳ ଯଥା ସାଧୁର ମାନସ,
ଭିତର ସରସ ତାର ବାହାର କର୍କଶ ।

* * *

ପଦଲଗ୍ନ ଧୂଳି ପ୍ରାୟ କ୍ଷଣସ୍ଥାୟୀ ଧନ,
ନଦୀସ୍ରୋତ ବେଗ ସମ ଚଞ୍ଚଳ ଯୌବନ ।
ପଦ୍ମପତ୍ରେ ଜଳ ଯଥା ସଦା ଟଳଟଳ,
ଜୀବନ-ସଲିଳ ବିନ୍ଦୁ ତଥା ସୁଚଞ୍ଚଳ ।

* * *

ଦେବତା ସମାନ ନୃପେ କରିବ ଭକତି,
ନୃପତି-ସନ୍ତୋଷେ ସିନା ପ୍ରଜାର ଉନ୍ନତି ।
ନୃମଣି ଅଭାବେ ରାଜ୍ୟ ହୁଏ ଛାରଖାର,
ଶେଷ ବିନା କେ ବହିବ ଧରଣୀର ଭାର ।

* * *

ପର ନିନ୍ଦା, ପର କୁତ୍ସା ନୁହଇ ଉଚିତ,
ନିଜର ଚରିତ୍ର ତହିଁ ହୁଏ କଳୁଷିତ ।
ଯେସନ ଫିଙ୍ଗିଲେ ଲୋଷ୍ଟ୍ର ଦୁର୍ଗନ୍ଧ ଗୋବରେ,
ଛିଟକି ପଡ଼ଇ ତାହା ଆପଣା ଉପରେ ।

* * *

ମୂର୍ଖ ପ୍ରଶଂସାରେ ସ୍ଫୀତ ହେବାତ ହୁଅ ନା,
ନୁହେଁଟି ପ୍ରଶଂସା ତାହା ଅଟଇ ଭର୍ତ୍ସନା,
ଯେସନ ମଧୁର ରସ ମାହାକାଳଫଳର,
କଟୁଠାରୁ ଶତଗୁଣେ ବଳି କଟୁତର ।
ବିଫଳ ସଦୁପଦେଶ ପାମରେ ଅର୍ପଣ,
କି ଫଳ ବା ଅନ୍ଧ ଆଗେ ଧରିଲେ ଦର୍ପଣ ।
ଫଳ ଫଳେ ବୃକ୍ଷମୂଳେ ଦେଲେ ନିତ୍ୟ ଜଳ,
ସତ୍ପାତ୍ରରେ ଉପଦେଶ ନ ହୁଏ ବିଫଳ ।
ଅଜ୍ଞଜନେ ଯାଚି ଦେଲେ ହିତ ଉପଦେଶ,
ଉପଦେଶକର ଖାଲି ସାର ହୁଏ କ୍ଲେଶ ।
ବାନର ଗଳାରେ ଦେଲେ ନବ ରତ୍ନହାର
ବୁଝିବ କି ମୂଲ୍ୟ କିମ୍ବା ମହତ୍ତ୍ୱ ସେ ତାର ।
ବଧିରର ନାମ ଦେଲେ ମତ୍ତମତଙ୍ଗଜ,
ବଢ଼ିଯିବ ବହୁଗୁଣ ତାହାର ମଗଜ ।
ଖଚରକୁ ବାବୁ ବୋଲି ସମ୍ବୋଧିଲେ ତଥା,
ଆକାଶକୁ ଭେଦିଯାଏ ତାର କ୍ଷୁଦ୍ର ମଥା ।

# ମୋକ୍ଷମ

# ଉତ୍ସର୍ଗ

ଗଙ୍ଗବଂଶାବତଂସ, ସାମନ୍ତମୌଳିମଣ୍ଡନ, ନିଖିଳ ଗୁଣନିକେତନ-ଶତ୍ରୁଞ୍ଜନ ଦଳନଭାସ୍କର ଶ୍ରୀଲଶ୍ରୀଯୁକ୍ତ ନୃପବର ଶ୍ରୀ ସଚ୍ଚିଦାନନ୍ଦ ଦେବ ମହୋଦୟଙ୍କ

ଶ୍ରୀ ଚରଣକମଳେଷୁ

ସବିନୟ ନିବେଦନ

ଶ୍ରୀମନ୍ ମହାଶୟ, ଭବଦୀୟ ଶୁଭ୍ରଯଶଃ-କୁସୁମର ମନୋମୁଗ୍ଧକର ସୌରଭରେ ସମସ୍ତ ଉତ୍କଳ ବିମୋହିତ । ଭବାଦୃଶ ଧର୍ମନିଷ୍ଠ, ଦୀନବତ୍ସଳ, ଅଲୌକିକ ବିଦ୍ୟାନୁରାଗୀ ଏବଂ ଗୁଣି-ଗୁଣଗ୍ରାହୀ ମହାତ୍ମା କ୍ଷୁଦ୍ର ଉତ୍କଳରେ କାହିଁକି, ବିଶାଳ ଭାରତରେ ସୁଦ୍ଧା ବିରଳ ପରିଲକ୍ଷିତ ହୁଅନ୍ତି । ଏତାଦୃଶ ଦେବଦୁର୍ଲଭ ସଦ୍‌ଗୁଣାବଳୀରେ ଅଳଙ୍କୃତ ହେତୁ ଶ୍ରୀମାନଙ୍କ ପ୍ରତି ହୃଦୟର ଭକ୍ତିସ୍ରୋତ ସ୍ୱତଃ ପ୍ରଧାବିତ ହୁଏ । ମୁଁ ସେହି ଗଭୀରତମ ଭକ୍ତିର ନିଦର୍ଶନସ୍ୱରୂପ ମୋର ଏହି କ୍ଷୁଦ୍ର ପୁସ୍ତିକାଖଣ୍ଡି ଶ୍ରୀମାନଙ୍କ ମଧୁମୟ ସୁପବିତ୍ର ନାମରେ ଉତ୍ସର୍ଗ କଲି । ଏହା ଶ୍ରୀମାନଙ୍କର ଉପଯୁକ୍ତ ଉପହାର ନ ହେଲେହେଁ, ଭବଦୀୟ କ୍ଷମାନୁରାଗିତା, ସାହିତ୍ୟରସିକତା ଏବଂ ଗ୍ରାହକତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଅର୍ପଣ କରିବାକୁ ସାହସୀ ହେଲି । ଅକିଞ୍ଚନ ନଗଣ୍ୟ ଜନର ଏହି ଅକିଞ୍ଚିତ୍କର ଉପହାରଟି ସାଦରେ ପରିଗୃହୀତ ହେଲେ କୃତାର୍ଥ ହେବ ।

ଭଦ୍ରକ<br>୫ । ୫ । ୧୯୦୧ } ବିନୟାବନତ<br>ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ମନ୍ତବ୍ୟ

ଶ୍ରୀଯୁକ୍ତ ବାବୁ ଚନ୍ଦ୍ରାମଣି ମହାନ୍ତଙ୍କ ମୋହିନୀ, ଶତଦଳ ପ୍ରଭୃତି ରଚନା ପାଠକରି ମୁଁ ବାସ୍ତବ ପ୍ରୀତି ଲାଭ କରିଅଛି । ଉତ୍କଳସାହିତ୍ୟରେ ଏହାଙ୍କର ଯେପରି ବ୍ୟୁତ୍ପତ୍ତିର ପରିଚୟ ପାଇଲି, ତାହା ଅସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମସ୍ତ ବାଲେଶ୍ୱର ଜିଲ୍ଲାରେ ଚନ୍ଦ୍ରାମଣି ବାବୁଙ୍କ ପରି ସାହିତ୍ୟିକ ୫ । ୬ ଜଣ ମିଳିବେ କି ନାହିଁ, ସନ୍ଦେହ । ଜଣେ ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ପକ୍ଷରେ ଏହା ସାମାନ୍ୟ ଗୌରବାବହ ନୁହେଁ ।

ଚନ୍ଦ୍ରାମଣି ବାବୁଙ୍କ ରଚନା ସମ୍ପୂର୍ଣ୍ଣ ଆଶାପ୍ରଦ । ନିସର୍ଗଦତ୍ତ ଶକ୍ତିର ସୁବ୍ୟବହାର କଲେ ଏ ମହାଶୟ ଯଥାସମୟରେ ଉତ୍କଳରେ କବିକୀର୍ତ୍ତି ସ୍ଥାପନ କରିବାକୁ ସକ୍ଷମ ହେବେ ।

କଟକ
ତା ୧୭ । ୮ । ୧୮୯୫ } ଶ୍ରୀ ରାଧାନାଥ ରାୟ

# ମୋହିନୀ

ଛାୟାବଲମ୍ବନରେ ଲିଖିତ

କ୍ଷୀରୋଦ ସାଗର    ମନ୍ଥନ ଶେଷରେ
ଅମର ଅସୁରଗଣ
ସୁଧାପାଇଁ ଦ୍ୱନ୍ଦ୍ୱ—    କରି ପରସ୍ପରେ
ଆରମ୍ଭିଲେ ଘୋର ରଣ ।
ଅମରଙ୍କ ପ୍ରତି    ଦନୁଜ, ଦନୁଜ—
ଗଣଙ୍କ ପ୍ରତି ଅମର,
ଆକ୍ରୋଶ ଦେଖିଣ    ମଧ୍ୟେ ଉଭାହୋଇ
ସମ୍ବୋଧି କହିଲେ ହର—
"ଶୁଣ ସୁରାସୁରେ    ସବୁରି ଅର୍ଜିତ
ସୁଧା ନଅ ସର୍ବେ ବାଣ୍ଟି,
କେଉଁ ଫଳ ହେବ    ସମର-ତରଙ୍ଗେ
ବୃଥାର୍ଥରେ ହେଲେ ଘାଣ୍ଟି ?"
ତ୍ରିବିଧାତା ଶିବ    ଅଲଙ୍ଘ୍ୟ ଆଦେଶ
କରିବ କିଏ ଲଙ୍ଘନ,
ଲଙ୍ଘି ପାରନ୍ତି କି    ଶିଷ୍ୟବୃନ୍ଦ କେବେ
ଗୁରୁଙ୍କର ସୁବଚନ ?
ଆଶୁତୋଷ ବୋଲେ    ଆଶୁ ତୋଷ ଲଭି
ଅମର ଅସୁରଗଣେ,
ଶମଭାବେ ସୁଧା    କିଏ ଦେବ ବାଣ୍ଟି
ଭାବୁଛନ୍ତି ଏକମନେ ।
ଏହି କାଳେ ହରି    ନାରୀବେଶ ଧରି
ପରକାଶି ମୃଦୁ ହାସ,
ପଙ୍କ୍ତିର ସଭରେ    ମିଳିଲେକ ଯାଇ
ଦେବ ଦାନବ ସକାଶ ।

କନକବରଣୀ    କନକାଭ ଅଙ୍ଗ
ସ୍ଫୁରି କନକର ପ୍ରଭା,
କନକେ ମଣ୍ଡିତ    ହେଲା ପ୍ରାୟ ଦିଶେ
ଅମର ଅସୁର ସଭା ।
ଅପଘନ ଜ୍ୟୋତି    ପ୍ରକାଶେ ଉଚ୍ଛୁଳ
ହେଲା ଚତୁର୍ଦ୍ଦିଗପୁର,
ପଦ୍ମରାଗକେ    ବିରାଜିତ ବହୁ—
ଖଚିତ ଘୁଙ୍ଗୁର ନୂପୁର ।
କୋକନଦ-ଜିତ    ପଦେ ଲକ୍ଷ୍ମଅଙ୍କ
ମୃଦୁ ମନୋହର ଗତି,
ଯେ ଚରଣୁ ଜାତ    ହୋଇଥିଲେ ହର—
ମୌଳିମାଳା ଭାଗୀରଥୀ ।
ଅଙ୍ଗ-ସଉରଭେ    ଅନ୍ଧ ହୋଇ ଅଳି
ଭେଜି ପୁଷ୍ପ-ମକରନ୍ଦ,
ଗୁଞ୍ଜରି ଧାଆଁନ୍ତି    ବାଲା ପଛେ ପଛେ
ଅନୁସରି ମଧୁଗନ୍ଧ ।
ବିପରୀତ ରମ୍ଭା    ତୁଲ୍ୟ ସ୍ଥୂଳ ଉରୁ
ସୁନ୍ଦର ସୁଢଳ ହାତ,
କଟୀଦେଶ ହେରି    ଲଜ୍ଜାବଶେ ଗଲା
ହେବ ସିନା ମୃଗନାଥ ।
ଘନଜଘନାର    ଚମ୍ପକ ଅଙ୍ଗୁଳି
ମୁଦ୍ରିକା ଯୋଗେ ଶୋଭିତ,
ସ୍ତନ ଉଚ୍ଚ ଶ୍ରେଣୀ    ଭୂଧରୁ କି ଆସି
ଏସନ ହୁଏ ପ୍ରଭାତ ?

କୋଟି ପୂର୍ଣ୍ଣଇନ୍ଦୁ   ବଦନ-କମଳେ
ନୋହିବେ ଝଟିକେ ସମ,
ବିଧାତା ସୃଷ୍ଟିରେ   ସୁନ୍ଦରୀ-ସମାଜେ
ଏହି ଏକା ଅନୁପମ ।
ଶୋଣାଙ୍ଗୀର ବୃନ୍ତ   ଓଷ୍ଠାଧର ତୁଲେ
ଉପମା ଉଦେ ଅତୁଳ
ସୁଷମା ଲତାରେ   ଫୁଟିଅଛି କିବା
ଦିବ୍ୟ ରକ୍ତକାନ୍ତ ଫୁଲ ।
ଶୁକଚଞ୍ଚୁଠାରୁ   ବଳି ଶତଗୁଣେ
ନାସିକା ବିଶେଷ ଶୋଭନ,
ଅଞ୍ଜନ ରଞ୍ଜିତ   ନୟନ ଯୁଗଳ
ଖେଳନ୍ତ ଯୁଗ୍ମ ଖଞ୍ଜନ ।
କାମ ଧନୁ ଧୂପ   ଦର୍ପ ଦଳୁଅଛି
ଯୁଗଳ ଭୂରୁ ଭଙ୍ଗିମା,
କପୋଳ ଫଳକ   ହେଳେ ହରୁଅଛି
ମାର-ମୁକୁର-ଗରିମା ।
ହେମ ଲତାଙ୍କିତ   ନୀଳ ଚେଳ ତଳେ
ଶୋଭିତ ଅଙ୍ଗନା ଅଙ୍ଗ,
ଧିକ୍କାର ଦେଇଣ   ନୀଳଘନ ଅଙ୍କେ
ହ୍ଲାଦିନୀ ଶୋଭା-ତରଙ୍ଗ ।
ବେନି ଶ୍ରୁତିମୂଳେ   ହୀରକ କୁଣ୍ଡଳ
ଦୋହଲେ ଗଣ୍ଡ ସମୀପେ,
ମୁଖ ପୂର୍ଣ୍ଣେନ୍ଦୁକୁ   ସନ୍ଧ୍ୟା ରଜନୀ ବା
ବନ୍ଦାନ୍ତ ରତନ ଦୀପେ ।
ଅସିତ କବରୀ   ପ୍ରାୟ ନୀଳ କେଶ
ଆନତମ୍ବ ଲମ୍ବମାନ,
ସ୍ନିଗ୍ଧ ଦନ୍ତପନ୍ତି   ଅର୍କ ହିଙ୍ଗୁଳିତ
ମୁକୁତା ଫଳ ସମାନ ।
ପ୍ରତି ଅଙ୍ଗେ ଯାର   ପୁଷ୍ପୋପମା, ବସ୍ତ୍ର
ଭୂଷଣେ କି କାର୍ଯ୍ୟ ତାର,
ଉଜ୍ଜ୍ୱଳ ଜାହ୍ନବୀ   ଲୋଡ଼ଇ କି କେବେ
ପୌର୍ଣ୍ଣମାସୀ ସୁଧାଧାର ?

ପୁଷ୍ପମାଳା ସହ   ବାସାଞ୍ଚଳେ ରଙ୍ଗେ
କମ୍ପାଏ ସିନ୍ଧୁ ପବନ,
ସୁନ୍ଦରୀ ସୃଷ୍ଟିରେ   ଚକ୍ରବର୍ତ୍ତୀପଣେ
ଉଡ଼ାଏ କିବା କେତନ ?
ମୋହିନୀ ଏସନ   ମୋହନ ବେଶରେ
ସମ୍ମୁଖେ ଉପନୀତ
ଦେଖିବା ମାତ୍ରକେ   ଦାମାନଳେ ଜଳି
ସକଳେ ହେଲେ ମୂର୍ଚ୍ଛିତ ।
କେତେକ୍ଷଣ ପରେ   ଚେତନା ଲଭିଣ
ଯୋଗିବର ଶୂଳପାଣି,
ସୁଧା-ଚକ୍ର-ବାସ   ବାଳା-ପଙ୍କଜାସ୍ୟେ
ନେତ୍ର ନିୟୋଜିଲେ ଆଣି
ବାମ-ପାର୍ଶ୍ୱରେ   ବାମଦେବଙ୍କର
ତୁଟିଲା ଧୈର୍ଯ୍ୟ-ତରଣୀ
ଆଲିଙ୍ଗନ ଆଶେ   ବାହୁ ତୋଳି ବାଳା—
ପାଶେ ହେଲେ ସେହିକ୍ଷଣି !
ଧନ୍ୟ ତୋ ମହିମା   ବିଶ୍ୱଜୟୀ କାମ
କାହାଠାରେ ତୁ ଅଜଣା ?
ଯୋଗୀ ସ୍ମରହର   ତୋ ମାୟା-ଜାଲରେ
ପଡ଼ି ହୋଇଗଲେ ବଣା !
କି ଅଛି ଅସାଧ୍ୟ   ତୋହର ଏ ଭବେ
ଅପାର ତୋର କ୍ଷମତା,
ଚତୁର୍ଦ୍ଦଶ ପୁର   ମଧ୍ୟରେ କେବଳ
ଟେକ ଏକା ତୋର ଛତା !
କଠିନ ହୃଦୟ   ତରଳତରଙ୍ଗେ
ଏକା ତୁ ଭବେ ଘଟନ,
ତରଳାଇ ଦିଏ   ଠାଙ୍ଗଣା ଯେସନ
ମୁହୂର୍ତ୍ତ ମାତ୍ରେ କାଞ୍ଚନ ।
ହରଙ୍କୁ ସନ୍ନିଧେ   ଦେଖି ହରି ଜଳେ
କପଟେ ଚାଳିଲ ଗଣ୍ଡ,
ତହୁଁ ଉର୍ଦ୍ଧ୍ୱଶ୍ୱାସେ   ବାଳା ପଛେ ପଛେ
ଗୋଡ଼ାଇଲେ ପଶୁପତି ।

ପ୍ରାଣ ଆତଙ୍କରେ ପଳାଏ ଯେସନ
ନିଷାଦଠାରୁ କୁରଙ୍ଗୀ,
ସଲଜ୍ଜ, ଶଙ୍କିତ ବଙ୍କିମ ଗଣ୍ଡରେ
ଆଚରି ଅବାଧ ଭଙ୍ଗୀ ।
ଜଙ୍ଗଲକୁ ଯାଇ ପଛକୁ ଲେଉଟି
ଅନାଏଁ ଅତି ଚଞ୍ଚଳେ
ବ୍ୟାଧକୁ ସନ୍ନିଧେ ନିରେଖି ସଭୟେ
ପୁଣି ଧାବଇ ପ୍ରବଳେ !
ସେହିପରି ବାଳା ଅସମ୍ଭାଳ ବେଶେ
ଧାଉଁନ୍ତି ହୋଇ ବ୍ୟାକୁଳ,
ଦ୍ରୁତଗତି ହେତୁ ଖସି ପଡ଼ୁଅଛି
ଖୋସା-ଖୋସା ଗୁଚ୍ଛ ଫୁଲ !
ତାମାରେ ଡାକନ୍ତି ହର "ହରିଣାକ୍ଷି !
ମୁହୂର୍ତ୍ତେକମାତ୍ର ରହ,
ଠିଆହୋଇ ଥରେ ବୀଣାଜିଣା ସ୍ୱରେ
ସମ୍ଭାଷ ଶଙ୍କର ସହ ।
ତେଣିକି ଯାଉଛୁ କହ ସୁଲୋଚନେ
ତାରେ ଅନୁଗ୍ରହ କରି,
ତ୍ରିଲୋକ ମଧ୍ୟରେ ଦେଖି ନ ଥିଲି ମୁଁ
ତୋପରି ଜଣେ ସୁନ୍ଦରୀ ।
ଉର୍ବଶୀ, ମେନକା, ରମ୍ଭା, ତିଲୋତ୍ତମା
ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ,
ଶଚୀ, ଅରୁନ୍ଧତୀ, ସୁନ୍ଦରୀ ମଣ୍ଡଳ—
ମୁକୁଟର ସ୍ୱର୍ଣ୍ଣରତ୍ନ,
ଏମାନେ ତୋହର କନିଷ୍ଠା ଅଙ୍ଗୁଳି
ଶୋଭାକୁ ନୋହିବେ ସମ,
ତାହୁଁ ତୁ ଅଧିକ ରମଣୀମଣି ରେ
କହ ଦୂର କର ଭ୍ରମ ।"
ବୋଲନ୍ତି ମୋହିନୀ, "ଛି ଛି ରେ ସ୍ଥବିର
ନାହିଁ ତୋର ଲଜ୍ଜା ଭୟ,
ତେଣୁଁ ବାର୍ଦ୍ଧି ଆଶେ ପଛେ ଗୋଡ଼ାଇଣ
ବୃଥା ମାଗୁ ପରିଚୟ ।

ତୈଳ ବିନା ଅଙ୍ଗେ ବିଭୂତି ଭୂଷଣ
ଶିରେ ଧରୁ ଜଟାଭାର,
ତାମ୍ବୂଳବିହୀନେ ଦନ୍ତପନ୍ତି ତୋର
ଦିଶେ ସ୍ଫଟିକ ଆକାର ।
ଉଲଙ୍ଗ ପରାଏ ଶ୍ମଶାନେ ବିହରୁ
ଗଳେ ଧରୁ ଅସ୍ଥିମାଳ,
ବସନ ଅଭାବେ ପରିଧେୟ ତୋର
ଜୀର୍ଣ୍ଣ ଛିନ୍ନ ବ୍ୟାଘ୍ରଛାଲ ।
ଦେଖ ତୁ ମୋହର ଅଙ୍ଗ ସଉରଭେ
ପୂରିଅଛି ଜନପୁର,
ରୂପଚ୍ଛଟା କରେ ତାମସୀ ରଜନୀ
ଅନ୍ଧକାରେ ହେଲେ ଦୂର ।
ଧିକ ତୁ ନିର୍ଲଜ୍ଜ କି ସାହସେ ପୁଣି
ମୋ ସଙ୍ଗେ ଲୋଡ଼ୁ ସମ୍ଭାଷ,
ବାମନ ମୂରତି ଚନ୍ଦ୍ର ଧରଷଣେ
କରେ କି ବୃଥା ପ୍ରୟାସ ?
ବାନର ଭାଗ୍ୟରେ ପ୍ରାପ୍ତ ହେବ କାହିଁ
ଅମୂଲ୍ୟ ରତନ ହାର,
ଛାର ନର ସୁଧା ଇଚ୍ଛିଲେ ହୁଏ କି
ସଫଳ ଆଶା ତାହାର ?
ଏଥୁ ଅନ୍ତେ ହର ବୋଲେ ହୃଦମଧ୍ୟେ
କିପାଁ ଦେଉ ମନେ ତାପ,
ମୋର ସହିତରେ ପୂର୍ବେ ବଚନେ
ନାହିଁ ତୋ କେବେ ଆଳାପ ।
ତେଣୁ ତୁହି ମୋତେ ମଣୁଅଛୁ ପରି
ସାମାନ୍ୟ ମାନବ ପରି,
ତ୍ରିଲୋକ ମଧ୍ୟରେ ଯେତେ ମହାପ୍ରାଣୀ
ସର୍ବେ ଆଶ୍ରିତ ମୋହରି ।
ଚତୁର୍ମୁଖ ବ୍ରହ୍ମା ଚତୁର୍ମୁଖେ ମୋତେ
ଭଜୁଛନ୍ତି ନିରନ୍ତର,
ବହୁକାଳ ସେବି ମୁରାରି ମୋ ଠାରୁଁ
ପାଇଲେ ଅଭୟ ବର !

ଇନ୍ଦ୍ର, ଯମ ଗୁଣି କୁବେର ବରୁଣ
ଦିଗପାଳ, ହୁତାଶନ,
ଏ ଆଦି ତେତିଶ— କୋଟି ଦେବତାଏ
କରନ୍ତି ମୋତେ ପୂଜନ ।
ଜ୍ଞାନଯୋଗେ ମୁହିଁ ମୃତ୍ୟୁ ଜଣିବାରୁ
ମୃତ୍ୟୁଞ୍ଜୟ ମୋର ନାମ,
ମୋ ନେତ୍ର ଅନଳେ ଭସ୍ମ ହୋଇଥିଲା
ତ୍ରିପୁରବିଜୟୀ କାମ ।
ମହାମାୟା ଯାକୁ ବୋଲନ୍ତି ଜଗତେ
ମହିଷାସୁରମର୍ଦ୍ଦିନୀ,
ବିଷ୍ଣୁ ଅଂଶୁ ଜାତ ଯେଉଁ ପୁଣ୍ୟତୋୟା
ଗଙ୍ଗା ତ୍ରିପଥଗାମିନୀ,
ଦାସୀପଣେ ସେହି ସେବନ୍ତି ଶଟନ୍ତି
ମୋର ଶ୍ରୀପଦ-ପଙ୍କଜେ,
ମନୋମତ ବର ଲଭେ ଯେଉଁ ଜନ
ଏକାନ୍ତରେ ମୋତେ ଭଜେ ।
ମନରୁ ମାଳିନ୍ୟ ତେଜି ମନୋରମେ
କର ମୋ ସଙ୍ଗେ ସମ୍ଭାଷ,
ମୋତେ ଭଜ ବାଳା ତତ୍ତ୍ୱଜ୍ଞାନେ ତୁହି
କର ଶିବପୁରେ ବାସ ।"
ଧୂର୍ଜଟି ବଚନ ଶୁଣି କହେ କନ୍ୟା
"ଜାଣିଲି ହେ ଯୋଗିବର,
ତୁମ୍ଭକୁହିଁ ପ୍ରାୟ ବୋଲନ୍ତି ଜଗତେ
ଦେବଦେବ ମହେଶ୍ୱର ।
ବ୍ୟର୍ଥ ତୁମ୍ଭ ଜପ, ବ୍ୟର୍ଥ ତୁମ୍ଭ ତପ,
ବ୍ୟର୍ଥ ତୁମ୍ଭ ଯୋଗଜ୍ଞାନ,
ବ୍ୟର୍ଥ ଜଟାଭାର, ପଞ୍ଚମୁଖେ ତୁମ୍ଭ
ବ୍ୟର୍ଥ ବିଷ୍ଣୁ-ନାମଗାନ ।
ଅଙ୍ଗେ ଭସ୍ମ ବୋଳ ଭିକ୍ଷାପାତ୍ର ହସ୍ତେ
ବୁଲୁଥା ଯାଅ ଭିକ୍ଷା ମାଗି,
ଭଣ୍ଡପଣ କରି ଏହିପରି ତୁମ୍ଭେ
ବୋଲାଅ ଲୋକେ ବୈରାଗୀ ।

କାମିନୀକୁ ଦେଖି କାମୀଙ୍କ ପରିଏ
କାମରେ ହେଲ ଅବଶ,
ତେଉଁ ଲତେ ଭଲ କହ ବାମଦେବ
କାମଦେବେ କଲ ଭସ୍ମ ?"
କନ୍ୟା-ବାଣୀ ଶୁଣି ପ୍ରସନ୍ନବଦନରେ
କହନ୍ତି ଦେବ ଈଶାନ,
"ତୋ ଲାବଣ୍ୟ ରୂପ ଦେଖି ଶଶିମୁଖି,
ହଜିଗଲା ମୋର ଜ୍ଞାନ ।
ଦହିଥିଲି ମୁହିଁ ଏତ କାମ ପିତା
କୁମାର ନୟନାନଳେ,
କୋଟିଏ କାମର ମନୋହର ଛବି
ତୋର ଚକ୍ଷୁକୋଣେ ଜ୍ୱଳେ ।
ସର୍ବ ତପ,ଜପ, ବିଷ୍ଣୁନାମ ଗାନ
ହୋଇଲା ଆଜ ସଫଳ,
ପୂର୍ବ ସୁକୃତରୁ ଦେଖିଲି ମୁଁ ତୋର
ଅମଳ ମୁଖ-କମଳ ।
ସେ ସକଳ ଯୋଗ, ଯାଗ, ଧର୍ମ, କର୍ମ
ସମର୍ପି ତୋ ଚରଣେ,
ମାଗୁଅଛି ପ୍ରିୟ— ଦାନେ ଆଲିଙ୍ଗନ
କେବଳ ଏଣୀନୟନେ !"
ଶୂଳପାଣିଙ୍କର ବିନୟ ବଚନେ
ହସି ହସି ହୟଗ୍ରୀବ,
ବୋଇଲେ, "ଅପ୍ରାପ୍ୟ ଦ୍ରବ୍ୟ କାହିଁ ପାଇଁ
ବାଞ୍ଛା କର ସଦାଶିବ ?
ସର୍ବ କର୍ମ ତେଜି ଅନନ୍ୟମନରେ
ଯେ ନରେ ମୋତେ ଭଜନ,
ସେ ଜନକୁ ମୁହିଁ ମହାହର୍ଷଭରେ
ଯାଚ ଦିଏଁ ଆଲିଙ୍ଗନ ।"
ବୋଇଲେ ମହେଶ— "ନିଶ୍ଚୟ ତୋ ପଦ
ସେବିବି ଦୃଢ଼ ଭକତି ,
ଆଜଠାରୁ ମୁହିଁ ଦାସ୍ୟଭ ଆଶ୍ରି
ତ୍ୟାଗ କରି ରୂପବତୀ !"

"ଏ କି ଅସମ୍ଭବ ହେ ଚନ୍ଦ୍ରଶେଖର
କପାଇଁ କର ଛଳନ,
କହ କି ପ୍ରକାରେ ତ୍ୟଜିବ ତୁମ୍ଭେ
ଜାୟା, ସୁତ, ପରିଜନ ?
ଏତ ଭାର୍ଯ୍ୟା ତୁମ୍ଭେ ଅତି ସଂଗୋପନେ
ରଖିଛ ଜଟା ଭିତର
ସ୍ନେହ ଶରୀରେ ଆନ ଭାର୍ଯ୍ୟାକୁ ରଖିଛ
କରି ଅର୍ଦ୍ଧ କଳେବର ।"
ଶୁଣି ଏହି ଗିର ଭାଷିଲେ ଶଙ୍କର
କପାଇଁ ସେ କଥା କହ,
ଶିରୀଷ କୁସୁମ— କୋମଳା ବାଳା ତୁ
କର ମୋତେ ଅନୁଗ୍ରହ ।
କି ଛାର ସେ ନାରୀ ତୋର ପରିବାରୀ
ନାମ ଧରନ୍ତି ତାହାଙ୍କରି,
ଶତ ଶତ ଦୁର୍ଗା ଶତ ଶତ ଗଙ୍ଗା
ନୁହନ୍ତି ତୋ ପାଦେ ସରି ।
ଦାସୀପଣେ ତୋତେ ଖଟିବେ ନିରତେ
ମୁଁ ହେବି ତୋହର ଦାସ,
ପ୍ରଳମ୍ବକୁନ୍ତଳା ବାରେ କୃପାଦାନେ
ପୂରୁଅ କିଙ୍କର ଆଶ ।
ନୋହିଲେ ନିଶ୍ଚୟ ହତ୍ୟାଦୋଷ ଦେବି
ଏହିକ୍ଷଣି ତୋ ଉପରେ,
ଏତେ କହି ରୁଦ୍ର— ଆକୁଳେ ତ୍ରିଶୂଳୀ
ତ୍ରିଶୂଳ ଧଇଲେ କରେ ।
ସ୍ୱପ୍ରାଣ ବିନାଶ ସକାଶେ ଉଦ୍ୟତ
କୃଅନ୍ତେ ପାର୍ବତୀକାନ୍ତ,
ପଛକୁ ଅନାଇ ହସି ହସି ତହୁଁ
ବୋଲୁଛନ୍ତି ଯଦୁନାଥ—
"ଶୁଣ ଗଙ୍ଗାଧର, ବୁଝିଲିଣି ମୁହିଁ
ଯେପରି ତୁମ୍ଭର ଜ୍ଞାନ,
କାମ-ପାସ୍ତବାରେ ନିମଜ୍ଜିତ ହୋଇ
ତେଜିବାକୁ ସ୍ୱହୁଁ ପ୍ରାଣ ।
ଖେଦ ପରିହରି ଧୈର୍ଯ୍ୟ ଆଶ୍ରାକରି
ମାନସ କର ସୁସ୍ଥିର,
ଦେବି ଆଲିଙ୍ଗନ ଧ୍ରୁବ ଏହି ଗିର
ନ ତେଜ ତୁମ୍ଭେ ଶରୀର ।
ନ ଜାଣିଅଛ କି ତାହା ବିଶ୍ୱନାଥ
ଯେପରି ମୋର ହୃଦୟ,
ଭକ୍ତର ଅଧୀନ ମୁହିଁ ଭକ୍ତଜନେ
ଯାଚ କିଅଇଁ ଅଭୟ ।
ପ୍ରାଣପ୍ରିୟ ଭକ୍ତ ଭକ୍ତିରେ ଯେ ବର
ପ୍ରାର୍ଥନା କରେ ମୋ ସ୍ଥାନ
ତାର ମନସ୍କାମ ନିଶ୍ଚେ ପୂର୍ଣ୍ଣ ହୁଏ
ତେବେଁ ତା ନୁହଇ ଆନ ।
ବତଶେଷରେ ପୂର୍ବେ ମାଗିଥିଲ ତୁମ୍ଭେ
ସଭକ୍ତିରେ ଉମାପତି,
ଅର୍ଦ୍ଧାଙ୍ଗ ଦେବାକୁ ପ୍ରତିଶ୍ରୁତ ମୁହିଁ
ହୋଇଥିଲି ତୁମ୍ଭ ବତି ।"
ଏହା ଭଣି ତୋଳ ଦେବା ପାଇଁ ଛଦ୍ମ—
ନାରୀରୂପୀ ଜଗନ୍ନାଥ,
ଆସ ଆସ ବୋଲି ହରଙ୍କୁ ସମ୍ବୋଧି
ବିସ୍ତାରିଲେ ବେନି ହାତ ।
ହରିହରଙ୍କର ଯୁଗଳ ଶରୀର
ଆଲିଙ୍ଗନେ ହେଲା ଏକ,
ଅର୍ଦ୍ଧ ଭସ୍ମଭୂଷା ଚନ୍ଦନ ଚର୍ଚ୍ଚିତ—
କସ୍ତୁରୀଭୂଷା ଅର୍ଦ୍ଧେକ ।
ଅର୍ଦ୍ଧଶିରେ ଜଟା ଅପର ଅର୍ଦ୍ଧେକ
କୁଞ୍ଚିତ କେଶ ମଣ୍ଡିତ,
ଅର୍ଦ୍ଧ ଫଣି-ଫଣା, ଅନ୍ୟ ଅର୍ଦ୍ଧ ହେଲା
ରତ୍ନ-କିରୀଟେ ଶୋଭିତ ।
କସ୍ତୁରୀ, ତିଳକ, ଶଶାଙ୍କ କଳାରେ
ଶୋହେ ଅର୍ଦ୍ଧ ଅର୍ଦ୍ଧ ଭାଲ,
ଅର୍ଦ୍ଧ ଗଳେ ସର୍ପ— ବନପୁଷ୍ପ-ମାଳା,
ଅର୍ଦ୍ଧ ଗଳେ ହାଡ଼ମାଳ ।

କୁଣ୍ଡଳ-କୁଣ୍ଡଳ ମକର-କୁଣ୍ଡଳ
ବେନି କର୍ଣ୍ଣେ ସୁମଣ୍ଡୁଳ,
ବ୍ୟାଘ୍ରଛାଲେ ଅର୍ଦ୍ଧ— କଟୀ ସୁଶୋଭିତ
ଅର୍ଦ୍ଧେ ତ ପୀତ ଦୁକୂଳ ।
ଏକ ପଦେ ଫଣୀ, ଆନ ଏକ ପାଦେ
ରତ୍ନଖଚିତ ନୂପୁର,
ଏକ କରେ ଶଙ୍ଖ ଚକ୍ର, ଆର କରେ
ଶୋଭେ ତ୍ରିଶୂଳ ଡମ୍ବୁର ।
ଦୁଇ ପାର୍ଶ୍ୱେ ଛନ୍ତି ଲୋକମାତା ଲକ୍ଷ୍ମୀ
ହିମାଦ୍ରି ଜା ହୈମବତୀ,
ଏକ ଦିଗେ ବୃଦ୍ଧ— ବୃଷ, ଆନ ଦିଗେ
ଉଚ୍ଚ ଖଗକୁଳ-ପତି ।
କିଛୁକ୍ଷଣ ପରେ ମହେଶ ଶରୀରୁ
ଅନ୍ତର ହୋଇଣ ହରି,
ଅନ୍ତର୍ଦ୍ଧାନ ହେଲେ ମାୟା-ବିଶାରଦ
ଇନ୍ଦ୍ରଜାଲିକାର ପରି ।
ହର ହୃଦୟରୁ ଆବୋରିଲା ଆସି
ସାତ୍ତ୍ୱିକ ଭାବ ବିପୁଳ,
ପ୍ରାବୃଟେ ଯେସନ ଆକାଶମଣ୍ଡଳ
ଆବରେ ଜଳଦମାଳ ।
ସ୍ୱପ୍ନ ପ୍ରାୟେ ମଣି ପୂର୍ବ ଘଟନାକୁ
ଜାଗୁଛନ୍ତି ପଞ୍ଚାନନ,
ଏସନ ସମୟେ ଚତୁର୍ଭୁଜରୂପେ
ବିଜେ ତହିଁ ଜନାର୍ଦ୍ଦନ ।
ନ ଜାଣିଲା ପରି ପରିହାସ ଛଳେ
ଶିବଙ୍କୁ କହିଲେ ଡାକି,
ଏତେ ଆତୁରରେ ଏଠାରେ କିପାଇଁ
ଉଭା ହୋଇଛ ପିନାକୀ ?”
ଏ ବଚନ ଶୁଣି ଲଜ୍ଜାବଶେ ହର
ତଳକୁ ପୋତିଲେ ମଥା,
ଜାଣିଲେ ଏସବୁ ଚକ୍ରି-ଚକ୍ର ଛଡ଼ା
ନୁହେଁ କିଛି ଆନ କଥା ।

ପ୍ରଭାହୀନ ହେଲା ଶଶିଙ୍କତ ମୁଖ
ପର୍ଯ୍ୟୁଷିତ ଫୁଲ ପରି,
କିଛି ନ କହିଣ କ୍ଷଣକାଳ ତହିଁ
ରହିଲେ ମୌନ ଆଚରି ।
ସମସ୍ତ ବୁଝିଣ ପ୍ରତିଫଳ ଦେବେ
ହରିଙ୍କୁ, ମନାସି ମନେ,
ତ୍ୱରିତ ଗମନେ ବାହୁଡ଼ିଲେ ହର
କୈଳାସ ଗିରି-ସଦନେ ।
ଏଣେ ସୁରାସୁରେ ବହୁକ୍ଷଣ ପରେ
ସର୍ବେ ହୋଇ ସଚେତନ,
ମୋହିନୀ କନ୍ୟାକୁ ନ ଦେଖି ସମୀପେ
ହୋଇଲେ ଚିନ୍ତିତ ମନ ।
ସ୍ତୋକମାନ ପୂର୍ବେ ଥିଲା ଯେ ହୃଦୟ
ଆଶାର ନନ୍ଦନ ବନ ,
କ୍ଷଣେ ତା ଶ୍ମଶାନେ ପରିଣତ କଲା
ନଇରାଶ୍ୟ ପ୍ରଭଞ୍ଜନ।
ତା ଦେଖି ମୋହିନୀ ଭାଷିଲେ ଭାରତୀ
ବୀଣାଜିଣା ସୁବଚନେ—
“ଶୁଣ ଶୁଣ ମୋର ଆତ୍ମପରିଚୟ
ସର୍ବେ ଅବହିତ ମନେ ।
ଅଟେ ବିରାଜିତ ଏହି କ୍ଷୀର ସିନ୍ଧୁ—
ମଧ୍ୟେ ମୋହର ବସତି,
ମୋହିନୀ ମୋ ନାମ, ତ୍ରିଜଗତେ ମୋତେ
କରନ୍ତି ସର୍ବେ ଭକତି ।
ତୀରେ ଆସିଲି ମୁଁ ରହି ନ ପାରିଣ
ଅନୁକ୍ଷଣ କଳରବେ ,
କି ହେତୁ କଳହ କରୁଅଛ ତୁମ୍ଭେ
ଏକତ୍ର ହୋଇ ସରବେ ?”
କନ୍ୟା ମୁଖୁଁ ଶୁଣି ଏସନ ବଚନ
ଅମର ଅସୁରଗଣ,
କହିଲେ, ଲାଗିଛି ସୁରାସୁର ମଧ୍ୟେ
ସୁଧା ପାଇଁ ଘୋର ରଣ
ସଦୟ ହୋଇଣ ଆସିଅଛ ଯେଣୁ
ଏ ଅତି ଶୁଭ ଲକ୍ଷଣ,

ମଧ୍ୟସ୍ଥପଣରେ ସୁଧା ବାଣ୍ଟି ତୁମ୍ଭେ
କର ଦ୍ୱନ୍ଦ୍ୱ ନିବାରଣ ।
ଏତଦ୍ବ୍ୟତୀତେ ସର୍ବେ କହୁଅଛୁଁ ଦେବି,
ଜୀବେ ନ ଲଙ୍ଘିବୁ ତାହା,
ବିଳମ୍ବ ନ କର ଶୀଘ୍ର କର ଏବେ
ତୁମ୍ଭ ମନୋରଥ ଯାହା ।"
ବୋଇଲେ ମୋହିନୀ ନାହିଁ ନାହିଁ ମୋର
ମଧ୍ୟସ୍ଥରେ କାର୍ଯ୍ୟ ନାହିଁ,
ଜାଣୁ ଜାଣୁ କାହିଁ— ଭୁଜଙ୍ଗ ବଦନେ
ହାତ ଦେବ କାହିଁ ପାଇଁ ?
ମୋର ଆଚରଣ— ଯଦି ମନୋମତ
ନୋହିବ ଯେବେ ତାହାର,
କି କରିବ ତେବେ ସର୍ବେ କ୍ରୋଧ କଲେ
ଏକାକୀ ଅବଳା ନାରୀ ।
ଶୁଣି ଏ ଭାରତୀ ତାଙ୍କ କଥା ପ୍ରତି
ଉତ୍ତରିଲେ ଦେବାସୁରେ ,
ସତ୍ୟ ସତ୍ୟ ତବ ଆଜ୍ଞା ନ ଲଙ୍ଘିବୁ
ବିଚାର ସତ୍ୟ ଛାମୁରେ ।
ଏହା ବୋଲି ଦୁଇ ପଙ୍‌କ୍ତିରେ ବସିଲେ
ଦେବାସୁରେ ଦୁଇ ପାଖେ,
ମଧ୍ୟେ ଛିଡ଼ା ହୋଇ ବୋଲଇ ମୋହିନୀ
ସୁଧାପାତ୍ର ଘେନି କାଖେ ।
ଦେବଗଣଙ୍କର ଶ୍ରେଷ୍ଠ ଭାଗ ତାଙ୍କୁ
ପ୍ରଥମେ ଦେବା ଉଚିତ,
ଶୁଣି ଦୈତ୍ୟଗଣେ ସମ୍ମତ ବହିଲେ
ବିମୁଖ ନୋହି କିଞ୍ଚିତ ।
ତହୁଁ ଲକ୍ଷ୍ମୀପତି କୁବେର ବରୁଣ
ଇନ୍ଦ୍ର ଯମ ହୁତାଶନ ,
ଏ ଆଦି ତେତିଶ କୋଟି ଅମରଙ୍କୁ
ଅମୃତ କଲେ ବଣ୍ଟନ,

ସର୍ବଶେଷେ ଯାହା ଅବଶେଷ ଥିଲା
ଆପେ କଲେ ତାହା ପାନ,
ଦେଖି ଦୈତ୍ୟଗଣେ କୋପାନଳେ ଜଳି
ହେଲେ ଅତି କମ୍ପମାନ ।
ମାର ମାର ଶବ୍ଦେ ଚୌଦିଗୁଁ ଧାଇଁଲେ
କରି ମହାଘୋର ରୋଳ,
ପ୍ରଳୟ କାଳରେ ସଘନେ ନିନାଦେ
ଯେସନେ ସିନ୍ଧୁ କଲ୍ଲୋଳ ।
ବୃଷ୍ଟିଧାର ପ୍ରାୟ ନାନା ଶର ଶାଣ
ଅସ୍ତ୍ର କରନ୍ତି ବର୍ଷଣ,
କ୍ରମେ ବେଳୁଁ ବେଳ ବଢ଼ିଲା ଏରୂପେ
ଦେବାସୁରଙ୍କର ରଣ ।
ସୁଧାପାନେ ଦେବେ ବିଶେଷ ବଳିଷ୍ଠ
ମନ୍ଥନେ ଦୁର୍ବଳ ରକ୍ଷ,
ତେଣୁ ଦୈତ୍ୟଗଣ ରଣେ ଭଙ୍ଗ ଦେଲେ
ବଳେ ନୋହି ସମକକ୍ଷ ।
ସମ୍ମୁଖ ସଂଗ୍ରାମେ ଭଙ୍ଗ ଦେଇ ଶତ୍ରୁ
ପଳାଇଗଲେ ସଗଣେ,
ତହୁଁ ଦେବତାଏ ମହାହୃଷ୍ଟ ମନେ
ବାହୁଡ଼ିଲେ ନିକେତନେ ।
ଧନ୍ୟ ଧନ୍ୟ ପ୍ରଭୁ ନୀଳାଦ୍ରିବିହାରୀ
ଜଗତ-ଜନ-ଜନକ;
ଭକ୍ତ ରକ୍ଷା କରି ଭକତବତ୍ସଳ
ନାମକୁ କଲ ସାର୍ଥକ ।
ମହତ ଲୋକର ଅଟେ ସିନା ରୀତି
ଆଶ୍ରିତ ପ୍ରତିପାଳନ ;
ସମୀରଣ ବିନା ଆନ କେ କରିବ
ଜୀବଗଣେ ସଚେତନ ?
ଯେ ପ୍ରାଣୀ ତୁମ୍ଭର ପାଦପଦ୍ମାଶ୍ରିତ
କାହିଁ ତାର ଦୁଃଖ ଭୟ ?

ନୃସିଂହାବତାରେ ପ୍ରହ୍ଲାଦ ଜୀବନୁ
ନ ମିଳେ କି ପରିଚୟ ?
କ୍ରୂର କୁରୁପତି କୂଟରୁ ପାଣ୍ଡବେ
ରକ୍ଷା କରିଅଛ ପୁଣି,
କୁମ୍ଭୀର ମୁଖରୁ— ମାତଙ୍ଗ, ଶବର—
ସଦ୍ଗତି ଦାନକୁ ମୃଗୁଣୀ ।

ସତ୍ତ୍ୱ, ରଜ, ତମ ତ୍ରିଗୁଣେ କରୁଛ
ସୃଷ୍ଟି, ପାଳନ, ସଂହାର,
ଅପାର ସଂସାର ସାଗରରୁ ଏକା
ତୁମ୍ଭ ନାମ କର୍ଣ୍ଣଧାର ।
ତୁମ୍ଭର ଅପାର ମହିମା ବର୍ଣ୍ଣିବ
କାହାର ଅଛି ଶକତି ?

ଶତମୁଖ ହେଲେ ଯେ ମହିମା ବର୍ଣ୍ଣି
ନ ପାରିବେ ସରସ୍ୱତୀ ।

# କୈବଲ୍ୟ-କଳିକା

# ପ୍ରୀତ୍ୟୁପହାର

ପରମ ପ୍ରଣୟାସ୍ପଦ !

ମୟୂରଭଞ୍ଜର ଲବ୍ଧପ୍ରତିଷ୍ଠ ଓଭରସିଅର ଶ୍ରୀଯୁକ୍ତ ଛକଡ଼ି ମହାନ୍ତି
ମହୋଦୟ ଅଭିନ୍ନହୃଦୟେଷୁ !

ପ୍ରିୟତମ ବନ୍ଧୁବର !

ଆପଣ ଉତ୍କଳର ଅନ୍ୟତମ ସୁପୁତ୍ର । ନାନାଭାବରେ ଆପଣ ଜନ୍ମଭୂମିର ଯଥାଶକ୍ତି ମଙ୍ଗଳସାଧନ କରୁଅଛନ୍ତି । ଆପଣଙ୍କର ପରୋପକାରିତା, ଉଦାରହୃଦୟତା, ସାରଲ୍ୟ ଏବଂ ନୈତିକ ସାହସାଦି ମାନବବାଞ୍ଛିତ ସଦ୍ଗୁଣାବଳୀର କଥା ମୁଁ ଜନଶ୍ରୁତିସୂତ୍ରେ ଶୁଣିଥିଲି; ମାତ୍ର ମୟୂରଭଞ୍ଜ ଅବସ୍ଥାନ କାଳରେ ସେଥିର ସୁସ୍ପଷ୍ଟ ପ୍ରମାଣ ସ୍ୱୟଂ ଉପଲବ୍ଧି କରି ଅନିର୍ବଚନୀୟ ପ୍ରୀତି ଲାଭ କରିଅଛି ଏବଂ ସେହିଦିନରୁ ଆପଣଙ୍କୁ ମୁଁ ହୃଦୟର ଉଚ୍ଚାସନ ପ୍ରଦାନ କରିଅଛି । ସେଥିର ନିଦର୍ଶନସ୍ୱରୂପ ଏହି "କୈବଲ୍ୟ-କଣିକା" ପୁସ୍ତିକାଖଣ୍ଡି ଆପଣଙ୍କୁ ପ୍ରୀତ୍ୟୁପହାର ଅର୍ପଣ କଲି । ଆଶା କରେଁ, ଆପଣ ଏହି ବନ୍ଧୁବରର କ୍ଷୁଦ୍ର ଉପହାରକୁ ସ୍ନେହସାମଗ୍ରୀ ଜ୍ଞାନରେ ଗ୍ରହଣ କରିବେ ।

ଉତ୍କଳ
୧ । ୯ । ୧୨

ଆପଣଙ୍କର
ସ୍ନେହ-ସୌଜନ୍ୟ-ମୁଗ୍ଧ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# କୈବଲ୍ୟ-କଣିକା

### ମଙ୍ଗଳ [୧]

କୈବଲ୍ୟ-କାରଣ ହରି   ଏ ମୋ ନିବେଦନ,
ଅନ୍ତେ ଯେପରି ଲଭେଁ ପ୍ରଭୁ   ତବ ଶ୍ରୀଚରଣ ।୧।
ଯେଠାବେ ଯେ ସ୍ଥଳେ ପଛେ   ହେଉ ହେ ମରଣ
ଯଥାକାଳେ ମିଳୁ ତବ   ପୁଣ୍ୟ ଦରଶନ ।୨।
ନ କରେଁ ବିପଦେ ଯେବେ   ତୁମ୍ଭଙ୍କୁ ସ୍ମରଣ,
ସ୍ୱଗୁଣେ ଶରଣ ଦେବ   ବିପଦ-ବାରଣ ।୩।
ତେଜିବେ ନିଶ୍ଚୟ ଜାଣେ   ଆତ୍ମୀୟ ସ୍ୱଜନ
ମାତ୍ର ତୁମ୍ଭେ ନ ତେଜିବ   ଏ ମୋ ନିବେଦନ ।୪।

——❋——

### କଳହଂସ କେଦାର [୨]

ଆସିଥିଲୁ ରେ ମନ   ବଡ ଆଶାରେ,
ଆସିବା ମାତ୍ର ସାର   ହେଲା ସଂସାରେ,
ମୂର୍ଚ୍ଛିତ ପଦ୍ମ କୋଳେ   ଭ୍ରମର ପରି
ଭବ-କାସରେ ଗଲୁ   ଆତ୍ମ ବିସ୍ମରି ।୧।
ମଧୁର ଆମ୍ର ଭ୍ରମେ   ଭୁଞ୍ଜି କୋଚଳା,
ତିକ୍ତ ମୁଖରେ ରହି   ଆୟୁ ସରିଲା,
ଯାଙ୍କଲେ ହେଲା ସିନା   ଆମ୍ର ଭକ୍ଷଣ,
ଭକ୍ଷଣ ଆଉ ନ ଘଟିଲି   ତକ୍ଷଣ ।୨।
କି ଖେଳ ଖେଳିବାକୁ   ଆସିଲୁ ଧାଇଁ,
କିନ୍ତୁ ଖେଳିଲୁ କିସ   ଜାଣିଲୁ ନାହିଁ,
ଗାଭୀ ପହ୍ନା ସଂଲଗ୍ନ   ଜିଙ୍କ ସମାନ,
ଗୋକ୍ଷୀର ତେଜି କଲୁ   ରୁଧିର ପାନ ।୩।
ମାୟାର ଖେଳେ ଯାହା   ହେବାର ହେଲା,
ଆଉ ରେ ମୂଢ଼ ମନ   କି କର ହେଳା,
ହେଲାଣି ସନ୍ଧ୍ୟା ଏବେ   ହେବ ଅନ୍ଧାର,
ଚଞ୍ଚଳେ ଫେର ତୁହି   ନିଜ ଅଗାର ।୪।

———

### ବଙ୍ଗଳାଶ୍ରୀ [୩]

ଧର୍ମକ୍ଷେତ୍ରେ ଆସି   ଅଧର୍ମ ସେବାରେ
କଟାଇଲି ବୃଥା ଦିନ,
ସୁଖର ଜାଗ୍ରତ—   ସ୍ୱପ୍ନ-ପାରାବାରେ
ସୁଖାଶା ହେଲା ବିଲୀନ ।୧।
ତବ ପାଶୁଁ ପ୍ରଭୁ   ଆସିବା ସମୟେ
ଥିଲି ମୁହିଁ ନିଷ୍କଳଙ୍କ,
ହେଲି କଳୁଷିତ   ବୋଳି ଦେହେ ସିନା
ବିଷୟ ଦୁର୍ଗନ୍ଧ-ପଙ୍କ ।୨।
ସ୍ୱାର୍ଥ-କୀଟ-ଦଂଷ୍ଟ୍ରେ   ଦେହେଁ ଆଦମିଲି
ଦୁର୍ଭର ଦୁଃଖଦା ଜର,
ସୁବର୍ଣ୍ଣ ପିଞ୍ଜରି   କାଚରେ ପାଇଛି
ରହିଛି ହୋଇ ବଦର ।୩।
ଭାଙ୍ଗିଦେଇ ତାହା   ହେ ବିଶ୍ୱବନ୍ଧାଣି
ଗଢ଼ିଦିଅ ନବ ଭାବେ,
ମଣ୍ଡି ଅପାର୍ଥିବ—   ରୂପ, ଶାନ୍ତ ପ୍ରୀତି
ମୈତ୍ରୀ ସ୍ୱଧର୍ମ ସଦ୍ଭାବେ ।୪।
ତୁମ୍ଭର ପାଳିତ   ରକ୍ଷିତ ହୋଇ ମୁଁ
ତୁମ୍ଭଙ୍କୁ ହେଲି ବିସ୍ମୃତ,
ଅକୃତଜ୍ଞ ମୁହିଁ   ମାତ୍ର ପ୍ରଭୁ ତବ
କରୁଣା ନୁହେଁ ବଞ୍ଚିତ ।୫।

———

### ରାମକେରୀ [୪]

ରଖ ଆର୍ତ୍ତବାଣ ଆରତେ
କର କୃପା ପ୍ରକାଶ
ଡାକୁ ଅଛି ମୁହିଁ ଆକୁଳେ
ତବ ଦାସାନୁଦାସ ।୧।
ରିପୁ-ଚୌର ଗାତ୍ର ଲୁଣ୍ଠନେ
ଶୂନ୍ୟ କୁଡ ଭଣ୍ଡାର

ତଥାପି ଇନ୍ଦ୍ରିୟେ ଶୋଭନ୍ତ
ସଦା ପୂଜାସମ୍ଭାର । ୨ ।
ଅଜୀବନ ତାଙ୍କୁ ପୂଜନ୍ତି
ଛାଡ଼ି ତୁମ୍ଭର ପୂଜା
ତେବେହେଁ ଅତୃପ୍ତ ସକଳେ
ମହା ମୂଢ଼ ଅବୁଝା ।୩।
ତାହାଙ୍କ କୁହୁକେ ଭୁଲି ମୁଁ
ଥିଲି ତୁମ୍ଭଙ୍କୁ ହରି,
ଆଉ ନ ଭୁଲିବି ଏ ଭିକ୍ଷା
ଦିଅ କରୁଣା କରି । ୪ ।

---

ଦୀର୍ଘ ତ୍ରିପଦୀ [୫]

ପ୍ରାଣ-କୁଞ୍ଜେ ହରି   ଶୁଭେ ଅବତରି
ବଜାଅ ମୋହନ ମୁରଲୀ
ହୃଦ-ପଦ୍ମାସନ   କରି ବିମଣ୍ଡନ
ବିନୟେ ଆମନ୍ତ୍ରଣ କଲି ।୧।
ଶୁଣି ସେ ସୁସ୍ୱର   ମୃତଞ୍ଜ-ମନ୍ତ୍ର
ଦୂର ହେଉ ପାପ ବିଦ୍ୱେଷ,
ଢାଳ କୃପା-ଜଳ   କର ସୁନିର୍ମଳ
ପଙ୍କିଳ ହୃଦୟେ ସୁରେଶ ।୨।
ଅଳୀକ ସଂସାରେ   ଅଳୀକ ଆଶାରେ
କଟାଇଲି ବୃଥା ସମୟ,
ଶେଷ ଦିନ କଥା   ଭାବି ଲଭେ ବ୍ୟଥା
ଦିଅ ଦିଅ ପ୍ରଭୁ ଅଭୟ ।୩।
ଅଗତିର ଗତି   ତୁମ୍ଭେ, ତୁମ୍ଭ ପଦ
ପଶିଲି ଆରତେ ଶରଣ,
ତାର ତାର ତାର   ଆସନ୍ନ ଦୁର୍ଦ୍ଧର—
ବିପଦୁଁ ବିପଦ-ବାରଣ ।୪।

—*—

ନଟବାଣୀ [ ୬ ]

ବିଫଳ ଜନମ   ବିଫଳ ଜୀବନ,
ନ ଦେଖି ମୋହର   ପ୍ରାଣ-ପ୍ରିୟଧନ ।୧।
ଖୋଜନ୍ତି ସର୍ବସ୍ୱ   ଅବକାଶ ନାହିଁ,
ନ ଦେଖିଲି ଭକ୍ତ—   ଚିତ୍ତଗ୍ରେରେ ଚାହିଁ ।୨।
ଡାକୁଛି ରେ ପକ୍ଷୀ   ସୁଖେ ବସି ଡାଳେ,
ଡାକୁଛି କି ସେହି   ଜଗତ-ଭୂପାଳେ ।୩।
କି ନାମେ ଡାକୁଛି   କହ ଦୟା କରି,
ଡାକିବି ମୁଁ ସଦା   ସେହି ନାମ ଧରି ।୪।
ପ୍ରକାଶି ରେ ଭୃଙ୍ଗ   ସ୍ୱର ଗୁଣ ଗୁଣ,
ଗାଉଛି କି ସେହି   ଗୁଣାକର ଗୁଣ ।୫।
ଶିଖାଅ ତା ମୋତେ   ମୁହିଁ ରେ ନିର୍ଗୁଣ,
ତୋ ସୁଗୁଣ ଭାଇ   ଦିଅ ମୋତେ ଋଣ ।୬।
ରେ ମହା ଗଗନ   ନୀଳ ଆବରଣେ,
ଲୁଚାଇଛୁ କିବା   ମୋ ଜୀବନ-ଧନେ ।୭।
ଫେଡ଼ ଫେଡ଼ ଫେଡ଼   ଖରେ ଆବରଣ,
ପ୍ରାଣାତ୍ମେ ମୋର   କରିବି ଦର୍ଶନ ।୮।

---

ଖଣ୍ଡ କୁମ୍ଭକାମୋଦୀ [୭]

ନ କରୁ ରେ ମନ   ବିପଦ-ବାରଣେ
କପଁା ଭାବନା,
ମିଛେ ମଣି ସବ   ରହିଛୁ ନିଶ୍ଚିନ୍ତ
କି ବିଡ଼ମ୍ବନା ।୧।
ଫେଡ଼ ମୋହ ନେତ୍ର   ସଂସାର କୁହକେ
ଆଉ ଭୁଲ ନା,
ଅସାରେ ଉପେକ୍ଷି   ସାରେ ଭଜ ଯିବ
ଭବ-ଯାତନା ।୨।
ଆଚର ରେ ମନ   ଜଗତ-ତାରଣ
ଧ୍ୟାନ ଧାରଣା,
ଶୟନେ ଚେତନେ   ସଦା କର ତାଙ୍କ
ନାମ ଘୋଷଣା ।୩।
ଭବ-ପାରାବାରୁ   ତରିବାକୁ ଯଦି
ଅଛି କାମନା,
ଦେହ ମନ ପ୍ରାଣ   ଅର୍ପି ତାଙ୍କୁ ତେବେ
କର ସାଧନା ।୪।

[୮]

ସ୍ମର ସ୍ମର-ପର-ଗୁରୁ ଶ୍ରୀମଧୁସୂଦନେ,
ବିଶ୍ୱ-ବିଶ୍ରୁତ ନୟନ ଅମୃତ ଅଞ୍ଜନେ,
ଗୁରୁବରେ ହୋଇ ତନ୍ମୟ   ସ୍ମର ସତତ ଚିନ୍ମୟ
ବିବେକ ବୈରାଗ୍ୟ ବେଦ ସହାୟ ସାଧନେ । ୧ ।
କାଳ-ଚାଲ ମାରି ଚକ୍ର ଲୁବ୍ଧେ ଲୁଚେ ଛକି ଛକି
ଆଟନ୍ତିତେ ପ୍ରାଣ-ମୀନେ ଘେନିବ ବଦନେ । ୨ ।
ଦାରା ସୁତ ପରିବାର   ଧନ ରତ୍ନ ଅଧିକାର
ସ୍ୱପନ ସମ ଅସାର ଭାବ ତୁହି ମନେ । ୩ ।
ତେଜ ଅନିତ୍ୟ ବାସନା   ଅସତ୍ୟର ଉପାସନା,
ସ୍ମର ସେହି ନିରଞ୍ଜନ ସତ୍ୟ ସନାତନେ । ୪ ।

---

ଗୁଜ୍ଜରୀ । [୯]

ମହାମହିମ ବିଶ୍ୱପିତା,
ଅବିଦ୍ୟା-ତାମସ-ସବିତା । ୧ ।
ବୁଡ଼ି ମୁଁ ପାପ-ପାରିବାରେ,
ଆସିଛି ଶେଷେ ତୁମ୍ଭ ଦ୍ୱାରେ । ୨ ।
ଡାକୁଛି ଉଚ୍ଚେ ମହାବ୍ୟସ୍ତେ,
ନ ଫେରେଁ ଯେହ୍ନେ ଶୂନ୍ୟହସ୍ତେ । ୩ ।
ପଦ ଐଶ୍ୱର୍ଯ୍ୟ ମାଗୁ ନାହିଁ,
ପ୍ରାର୍ଥୀ ମୁଁ ନୁହେ ମୁକ୍ତି ପାଇଁ । ୪ ।
କେବଳ ଦେଖା ପଦ୍ମପାଦ,
ଖଣ୍ଡିବ ସେହୁ ମୋ ବିଷାଦ । ୫ ।
ପୂଜିବ ତାହା ଭକ୍ତି-ଫୁଲେ
ପୀରତି-ଚନ୍ଦନ ସଙ୍କୁଳେ । ୬ ।
ପ୍ରଦାନ ପ୍ରଭୁ ପଦଦ୍ୱୟ,
ଘେନ ମୋ ଅଳି ସବିନୟ । ୭ ।

---

ଚକ୍ରକେଳୀ [୧୦]

ଜିନେ ହେବ ଯେବେ ନିଶ୍ଚେଁ ମରଣ,
ତେବେ ଆଶା-ତୋଷାରେ କି କାରଣ ।
କର ଯାହାକୁ ପ୍ରାଣ ପରି ସ୍ନେହ,
ହେବ ଧୂଳିସାତ ଦିନେ ସେ ଦେହ । ୨ ।
ଯହିଁ ତୃଣ ରହେ ଯୁଗ ପ୍ରମାଣ,
ମାତ୍ର ବି ଦିନେ ଲୀନ ନର ପ୍ରାଣ । ୩ ।
ଯେବେ ଜାଣିବାକୁ ଇଚ୍ଛ ମରଣ,
ଘେନ ଅହିଂସା ସତ୍ୟର ଶରଣ । ୪ ।
ଜପି ଦୟା କ୍ଷମା ଶୁଭ ମନ୍ତ୍ର ।
ନର ମରି ସୁଦ୍ଧା ହୁଏ ଅମର । । ୪ ।

—*—

ରାମକେଳୀ [୧୧]

ଉଦ୍ଧାର ପତିତପାବନ-
ଦୀନା ହେ ଶିରୀଶ୍ୱର,
ପତିତ ତ୍ରାହି ନ ଶୁଣିବା
ଉଚିତ କି ତୁମ୍ଭର । ୧ ।
ଅନୁତାପ-ତପ୍ତ-ଲୋଚନ
ପଡ଼ି ତବ ଚରଣେ,
ନ ଦିଏ କି ବ୍ୟଥା ଜାଣିତେ
କେବେ ହେଲେହେଁ କ୍ଷଣେ । ୨ ।
ନୈରାଶ୍ୟ-ପାବକ-ପ୍ରତପ୍ତ
ମୋର ଶ୍ୱାସ ପ୍ରଶ୍ୱାସ,
ସୁଶୀତଳ ହୃଦେ ତୁମ୍ଭର
ଦିଏ ତାହିଁ କି ତ୍ରାସ । ୩ ।
କଣ୍ଠଗତ ପ୍ରାଣେ ନ କର
ଏବେ ମୋହ ତାଡରେ,
ଡାକ ଡାକି ବଳେ ବିରକ୍ତ
ନିଶ୍ଚେଁ ଶୁଣିବ ଥରେ । ୪ ।
ବାନ୍ଧି ଏ ଭରସା ହୃଦୟେ
ଡାକୁ ଅଛି ସତତ,
ଚିର ଘନ-ନୀର-ପିପାସୁ
ଦୀନ ଚାତକବତ । ୫ ।

### ବୈଠକୀ ସ୍ୱର [୧୨]

ତାହିଁ ଅଛ ସ୍ୱତନ୍ତ୍ର ଭକ୍ତ-ରଞ୍ଜନ,
ପ୍ରାଣେ ଅବତରି କର ଭୟ ଭଞ୍ଜନ !
ମିଥ୍ୟା କର୍ମେ ଗଲା ଦିନ    ଦିନୁ ଦିନୁ ତନୁ କ୍ଷୀଣ
ପ୍ରାଣପକ୍ଷି ହେଲା ଛନ୍ନ କର ତାରଣ । ୧ ।
ଘେରିଲାଣି ମାୟାଜାଲ    କେଶାଗ୍ର ଧରିଣ କାଳ
ଆକର୍ଷେ ଆଜନ୍ମ କାଳ କରି ଗର୍ଜ୍ଜନ । ୨ ।
ରକ୍ଷାକର ନାରାୟଣ    ଶ୍ରୀପଦେ ଗଲି ଶରଣ
କର ହେ ଦୀନରକ୍ଷଣ ! ଦୀନେ ରକ୍ଷଣ ।୩।
କିଅ ବନ୍ଧୁଙ୍କ ବିଶ୍ୱାସ    ଚଉଦ୍ୱିଧା କର ନାଶ
ତବ ପଦେ ଶ୍ରୀନିବାସ ଏ ନିବେଦନ । ୪ ।

---

### ଶଙ୍କରାଭରଣ [୧୩]

ସକଳ ତୁମ୍ଭର ଇଚ୍ଛା    ଇଚ୍ଛାମୟ ହରି,
ତୁମ୍ଭ କର୍ମ ତୁମ୍ଭେ କର    ମୁଁ ବୋଲେ ମୋହରି,
ତୃଣେ ବନ୍ଧି କର ହସ୍ତୀ,
ପଙ୍ଗୁକୁ ଲଙ୍ଘାଇ ପାର    ତୁଙ୍ଗ ଶିଖରୀ । ୧ ।
ସର୍ବ ଶକ୍ତିମାନ ତୁମ୍ଭେ    ପରାତ୍ପର ଈଶ,
ଦରିଦ୍ରେ କୁବେର କର    କୁବେରକୁ ଦୀନ
ଧନ୍ୟ ତୁମ୍ଭର ମହିମା,
ନ ପାରନ୍ତି ହର ବ୍ରହ୍ମା    କଳି ଯାର ସୀମା ।୨।
ବୋଲଅ ଯେ ବାକ୍ୟ ତୁମ୍ଭେ ବୋଲଇଁ ମୁଁ ତାହା
କାୟା ତୁମ୍ଭେ ତୁମ୍ଭର ମୁଁ    ଛାୟା ବର୍ଣ୍ଣନାହା,
ତୁମ୍ଭେ ଯନ୍ତ୍ରୀ ମୁହିଁ ଯନ୍ତ୍ର,
ବାଇଲେ ବାଜିବ ନ ତୁ    ରହିବ ସ୍ୱତନ୍ତ୍ର । ୩ ।
ଭବ-ବ୍ୟାଳ ତୀବ୍ର ବିଷେ    ଜର୍ଜରି ମୋ ହିଆ,
କର ହେ ନିର୍ବିଷ ତୁମ୍ଭେ    ହୋଇଣ ଗୁଣିଆ,
ଜ୍ଞାନ-ଗଦ କର ଦାନ,
ଶମନ-ଶଙ୍କା ସନ୍ତାପୁଁ    କର ପରିତ୍ରାଣ ।୪।

---

### ମଙ୍ଗଳ [୧୪]

ରସନା ରେ ଆନ ରସେ    ରସ ନା ରସ ନା,
ହରିଭକ୍ତି ରସ ବିନା    ସବୁ ବିଡମ୍ବନା । ୧ ।
ହୁଏ ଯିନା ଆନ ରସ    ଘଣ୍ଟକେ ବିକୃତ,
ମାତ୍ର ଚିର ଅନାବିଳ    ଭକ୍ତି-ରସାମୃତ ।୨।
ଚାଖିଲେ ତାହାର ସ୍ୱାଦୁ    ମାତ୍ର ଏକ ଥର,
ତୁଚ୍ଛ ହେବ ସମାଦର    ପାର୍ଥିବ ରସର । ୩ ।
ପାନେ ତାହା ଭବ-କ୍ଷୁଧା    ତୃଷ୍ଣା ଯାଏ ହରି,
ବିବେକ-ବିହଙ୍ଗ ସଦା    ଡାକେ ହରି ହରି । ୪ ।
ସେ ରସ ଯେ ପିଏ ତାର    ହୁଏ ମୋକ୍ଷଗତି,
ଭବତାପ ମାୟା ମୋହ    ନ ପଶେ ତା ଚିତ୍ତ ।୫।
ଅମଙ୍ଗଳ ବିଘ୍ନ ହରି    ତାମହିଁ ମଙ୍ଗଳ,
ମୂଳ ତହିଁ ସର୍ବାର୍ଥ    ସର୍ବବ୍ରତ ଫଳ । ୬ ।
ଅତଏବ ସବୁ ତେଜି    ରେ ରସନା ଅଜ୍ଞ,
ଜପ ହରିନାମ ସଦା    ସେହି ତପ ଯଜ୍ଞ । ୭ ।

---

### ବଙ୍ଗଳା ଶ୍ରୀ [୧୫]

ସତ ହୁଅ ଭାଇ    ଆସୁଅଛୁ ଧାଇଁ
ମୃତ୍ୟୁ-ନିମନ୍ତ୍ରଣ ପତ୍ର,
ଆଜ କିବା କାଲି    ଯିବ ତହିଁ ଚାଲି
ଉଡ଼ି ଯିବ ଜୀବନ ପତ୍ର ।୧।
ପାଥେୟ ସଂଗ୍ରହ    କର ଅହରହ
ଆଗର ସମୟ ଭେଟି,
ଗଲେ ଖାଲି ହାତେ    ତର୍ଜିଣ ନିର୍ଘାତେ
ଘୋର ଦଣ୍ଡ ଦେବ ସେଠି ।୨।
ଧର୍ମ ବିନା ତାର    ଆନ ଉପହାର
ରୁଚିବ ନାହିଁ ମନକୁ,
ନ ଶୁଣିବ କାନେ    ସେ ତୋ ସ୍ତୁତି ଗାନେ
ବୁଝିବ ନାହିଁ ଧନକୁ ।୩।
ଅତଏବ ଭାଇ    ହେଳା କର ନାହିଁ
ଧର୍ମ-ଧନ ଉପାର୍ଜ୍ଜନେ,
ଲାଗ ଲାଗ ଲାଗ    ଜାଗ ଜାଗ ଜାଗ
ସେ ସୁଧନ ଅନ୍ୱେଷଣେ ।୪।

ରସକୁଲ୍ୟା [୧୬]

ହରି, ତୁମ୍ଭେ ପ୍ରାଣ-ପଙ୍କଜ-ରବି,
ପାତକ-ପର୍ବତ-ପ୍ରଚୂର୍ଣ୍ଣ-ପବି,
ମାୟା-ମହୀରୁହ-ମହାକୁଠାର,
ଭୀମ-ଭବ-ସିନ୍ଧୁ-ସୁକର୍ଣ୍ଣଧାର,
ଶାଶ୍ୱତ-ସତ୍ୟ-ସୁଧାମ ଯେ,
ଜଗ ଜନ୍ମମୃତ୍ୟୁ ଦୁଃଖ-ନିବାରକ
ତୁମ୍ଭର ପବିତ୍ର ନାମ ଯେ । ୧ ।
ମତ୍ତ କରୀ ପରି ଚଞ୍ଚଳ ମନ
କୁପଥେ ବିପଥେ କରେ ଭ୍ରମଣ
ପ୍ରବୀଣ ମାହୁନ୍ତ ପରାୟେ ହରି,
ବିବେକ-ଅଙ୍କୁଶ ଆଘାତ କରି
ଫେରାଅ ସୁପଥେ ତାକୁ ଯେ,
ମର୍ମ୍ମାନ୍ତକ ଦୁଃଖେ ଅନୁତାପଦଗ୍ଧୀ
ଶୁଣି ପ୍ରଭୁ ମୋର ଡାକୁ ଯେ । ୨ ।
ବିଶୁଷ୍କ ହୃଦୟ-ବନେ ମୋହର,
ଦହେ ପାପ-ଦାବ ହୋଇ ପ୍ରଖର,
ଘଟିଲେ ବିଳମ୍ବ ଘଟଇ ଆଉ,
ଭସ୍ମ କରି ତାକୁ ସାଧିବ ଦାଉ,
ଢାଳ ତହିଁ କୃପା-ଜଳ ଯେ,
ଚିର ନିର୍ବାପିତ କରି ତାକୁ ହରି
କର ଶାନ୍ତ ସୁଶୀତଳ ଯେ । ୩ ।
ହେ ମଙ୍ଗଳଦାତା ମଙ୍ଗଳାଳୟ,
କର ଏ ଜୀବନେ ମଙ୍ଗଳମୟ,
କରୁ ନେତ୍ର ତବ ରୂପ ଦର୍ଶନ,
କର୍ଣ୍ଣ କରୁ ସଦା ନାମ ଶ୍ରବଣ,
ଏ ଭିକ୍ଷା ପଦେ ମୋହରି ଯେ,
ଉଚାରୁ ରସନା ଜୀବ ଯିବାବେଳେ
ନିର୍ବିକାରେ ହରି ହରି ଯେ ।୪।

---

କରୁଣାଶ୍ରୀ [୧୭]

ଚକ୍ରଧର, ଚହିଁ ନାଶ କର ଅରି ହେ ନୃକେଶରି
ତୁମ୍ଭରି ଏ ଦେହ ପ୍ରାଣ ତୁମ୍ଭରି ହେ ମନଜ୍ଞାନ
ତୁମ୍ଭେ ମୋର ଲକ୍ଷ୍ୟ ଧ୍ୟାନ ତୁମ୍ଭ ବିନା ନାହିଁ ଆନ
ତବ ପଦ ଭବସିନ୍ଧୁ-ତରୀ ହେ । ୧ ।
ପୋଷା ପକ୍ଷୀ ମୁଁ ତୁମ୍ଭର ଶିଖାଇଛ ଯେଉଁ ସ୍ୱର,
ମଣି ତା' ଇଷ୍ଟ ମନ୍ତର ଘୋଷୁଅଛୁ ନିରନ୍ତର,
"ନାରାୟଣ ହରି" ବୋଲି କରି ହେ । ୨ ।
ବିନଶ୍ୱର ସୁଖ ଆଶେ ତେଜି ଅବିନଶ୍ୱର ବାସେ,
ବନ୍ଧୁ ବିନୁ ଏ ପ୍ରବାସେ ଭ୍ରମି ଭ୍ରମି ଉର୍ଦ୍ଧ୍ୱଶ୍ୱାସେ
ହେଲି ଅବସନ୍ନ ରଖ ହରି ହେ । ୩ ।
ତୁମ୍ଭେ ମୋର ମୁଁ ତୁମ୍ଭର କେବଳ ମୋହ ପାମର
ଘଟାଇଅଛି ଅନ୍ତର ତହୁଁ ପରସ୍ପରେ ପର,
ନାଶ ତାକୁ ଯାଉ ଗଳି ସରି ହେ । ୪ ।

---

ଶ୍ୟାମକେଶୀ [୧୮]

ଅନନ୍ତ ନିତ୍ୟ ନିର୍ବିକାର
ଆହେ ମଙ୍ଗଳାଧାର,
ବୁଦ୍ଧି ବଚନକୁ ବଳଇ
ତବ ଶକ୍ତି ଅପାର । ୧ ।
ତୁମ୍ଭେ ଦେଶକାଳ ଅତୀତ
ଧ୍ୟାନଧାରଣା-ସାଧ୍ୟ,
ନିଖିଳ ଜୀବନ ଦେବତା
ଦେବଦେବ ଆରାଧ୍ୟ । ୨ ।
ଅନାଥ ଆତୁର ତାରଣ
ଭବ-ଭୟ ବାରଣ,
ଆହ୍ଲାଦିନୀ-କୁଞ୍ଜ-ବିଳାସୀ
ଅଶରଣ-ଶରଣ । ୩ ।
ସାରସ୍ୱତ ଚକ୍ଷୁ ନ ପାରେ
ଭେଦି ତୁମ୍ଭ ଶାମ୍ବରୀ
ଭବେ ତୁମ୍ଭେ ଲଗ୍ନ ଅଲଗ୍ନ
ଜଳେ ଜଳଜ ପରି । ୪ ।

ଦୀନ ମୁଁ ମୋଠାରେ ସାର୍ଥକ
ନାମ ହେ ଦୀନବନ୍ଧୁ,
ଝାଡ଼ି ଦେଇ ହୃଦ-ମନ୍ଦିରୁ
ପାପ ତାପ-ଅଳନ୍ଧୁ । ୫ ।
ନୈରାଶ୍ୟ-ତପ୍ତାଶ୍ରୁ ଢାଳିଣ
ପ୍ରଭୁ ତୁମ୍ଭ ଶ୍ରୀପଦେ,
କରୁଛି କଣାଣ ଯୋଡ଼ିଣ
କର ଯୁଗ୍ମ-ଗଦ୍‌ଗଦେ । ୬ ।
ଅର୍ପିଲି ସର୍ବସ୍ୱ ଚରଣେ
ରକ୍ଷା କର ବା ମାର,
ନିଶ୍ଚିନ୍ତ ରହିଲି ତୁମ୍ଭଙ୍କୁ
ଅର୍ପି ବସ୍ତୁର ଭାର । ୭ ।

---

ବୈଠକୀ ସ୍ୱର [୧୯]

ପତିତ-ପାବନ ପ୍ରଭୁ ପରମ ଅଯୁନ,
ବାସନା-ବଦ୍ଧ ପ୍ରାଣେ ତୁମ୍ଭେହିଁ ଚନ୍ଦନ ।ପଦ।
ନାହିଁ ତବ ଆଦ୍ୟପର: ନାମ ଧର ପରାତ୍ପର
ଗୁଣାତୀତ ଗୁଣାକର ଜ୍ଞାନର ତପନ ।୧।
ତୁମ୍ଭେ ମୁକ୍ତି ତୁମ୍ଭେ ଗତି ତୁମ୍ଭେ ଶକ୍ତି ତୁମ୍ଭେ ମତି
ତୁମ୍ଭେ ବିଶ୍ୱ-ପ୍ରାଣପତି ସତ୍ୟ ସନାତନ ।୨।
ତୁମ୍ଭର ମୂର୍ତ୍ତି ଅନଳ ଅନନ୍ତ ଶକ୍ତି ପ୍ରବଳ
ଉଜ୍ଜ୍ୱଳ ନେତ୍ର ଯୁଗଳ ଶଶାଙ୍କ ତପନ ।୩।
ସର୍ବବ୍ୟାପୀ ସର୍ବମୟ ସର୍ବସ୍ରଷ୍ଟା ସର୍ବାଶ୍ରୟ
ବିନାଶ ମୋ ଭ୍ରମଭୟ ଶ୍ରେୟ-ନିକେତନ ।୪।

——ଃ୦ଃ——

ଭୈରବୀ [୨୦]

ହେ ପ୍ରଭୁ ସୁନ୍ଦର-ଅରି ବିପଦ କରି-କେଶରୀ
ଆଜୀବନ ମୁଁ ତୁମ୍ଭର କ୍ରୀଡ଼ା-ପୁତ୍ତଳୀ,
ଯେତେବେଳେ ଯେଉଁପରି ନଚାଅ ତୁମ୍ଭେ ଶ୍ରୀହରି
ତବ ଆଜ୍ଞା ଅନୁସରି ନାଚେ ସେହିଭଳି,
ମୁହିଁ ସିନା କମାରଯନ୍ତ୍ରା,
ଚଳାଉଛ ମୋତେ ତୁମ୍ଭ ମହାକ୍ଷମତା । ୧ ।
ଆଉଁ ତୁମ୍ଭ ପଦ ଛିଡ଼ା ଦାରୁଣ ବିତାପ-ଶତ ।
ହୋଇ ହୃଦେ ଅଧିଷ୍ଠିତା ଦହେ ପ୍ରଖରେ।
ନ କନ୍ଦାଅ ବାରମ୍ବାର ହେ କରୁଣା-ପାରାବାର
ଏ ପାମର ଦୁର୍ବୃତ୍ତର କଣାକଙ୍କରେ,
ତବ ସୃଷ୍ଟ ମୁଁ, ମହାବାହୁ,
ଆସି ନାହିଁ ଆନ କାହା ସୃଷ୍ଟିରୁ ବାହୁ ।୨।
ଦେଖି ରଙ୍ଗ ମହାକାଳେ ନ ଭୁଲିବ ଆଉ ତାଳେ
ଶିଖିଛି ତା, ବାଲକାଳେ ବଶାକ୍ତ ଅଟ,
କାଳେ ସେ ଫଳଅଶନେ ଦୁର୍ବୃତ୍ତର ଶାସନେ
ହସ୍ତୁଏଁ ବା ତୁମ୍ଭ ଧନେ ଆହେ ଶ୍ରୀପତି,
ଏହି ଏକା ଚିନ୍ତା ମୋହର,
ସେ ଚିନ୍ତା ହେ ଚିନ୍ତାମଣି କର ଅନ୍ତର ।୩।

---

ଧନାଶ୍ରୀ [ ୨୧ ]

ଛାଡ଼ ମୂଢ଼ ମନ ଜାଗତ ଶୟନ
ଫେଡ଼ ରେ ଜ୍ଞାନ-ନୟନ,
ଦେଖ ଦେଖ ତୁହି କି ବେଗରେ ଧାଇଁ
ଯାଉଛି ତୋର ଜୀବନ,
ଶୋଇ ଆଶା-ଗୃହରେ,
ଆଉ ନ ଶୁଅ ଜାଲ-ଶେଯରେ ।୧।
ବିଷୟ-ମାଦକ ପିଇଣ ବାଳକ
ମେଣ୍ଟିଲି ନାହିଁ ପିପାସା,
ସେ ନିଶା ପ୍ରମାଦ ହେଲୁ ତୁ ଅସାଡ଼
ମୁକ୍ତି ନ ସ୍ଫୁରିଲା ଭାଷା,
ପଡ଼ିଯିବୁ ତୁ ଦୁଃଖେ,
ଦୁଇ ଦିନେ ଅନ୍ତକ ହାବୁଡ଼େ ।୨।
ସାର ତତ୍ତ୍ୱ ଭୁଲି ଅପଥରେ ବୁଲି
ସାରିଲୁ ବୃଥା ଆୟୁଷ,
ଧାନେ ଅନାଦର କଷ୍ଟ ପାମର
ଲୁଟୁଅଛୁ ବସି ତୁଷ,
ଥରେ ଅଙ୍କ ଦାଢ଼ୁଳ,
ସବୁ ତେଜି ଭଜ ଆଦିମୂଳ ।୩।

ଧନ ରତ୍ନ ସାର    ପୁତ୍ର ପରିବାର
ନ ଯିବେ କେହି ସଙ୍ଗର,
ଆସିଅଛୁ ଏକା    ଯିବୁ ଚାଲି ଏକା
ଯେତେବେଳେ ସକଳେ ପର,
ଧର୍ମ କେବଳ ସାହା,
ଅନ୍ତେ ଦେଖାଏ ସେ ସ୍ୱର୍ଗପନ୍ଥା । ୪ ।

———

କାମୋଦୀ [ ୨୨ ]

ନିର୍ମାୟ ନିରଞ୍ଜନ    ନିଖିଳ ନିକେତନ
ଐଶ୍ୱର୍ଯ୍ୟ-ଭଣ୍ଡାର-ବିଭୂତି
ପୁଣ୍ୟ ନାମ ତୁମ୍ଭର    ଯେସନ ରବିକର
ଘଉଡ଼େ ଅଜ୍ଞାନ-କୁହୁଡ଼ି ହେ ମହାବାହୁ !
ଦାତାପଣରେ ତୁମ୍ଭେ ସାର,
ଲୁବ୍ଧକ ମୁଁ ପାମର ଛାର,
ଦେଉଛ ତୁମ୍ଭେ ଯେତେ    ମାଗୁଛି ପୁଣି ତେତେ
ନ ପୂରେ ଲାଳସା ଦୁର୍ବାର ହେ ମହାବାହୁ ।୧।
ଦେଇଅଛ ଜୀବନ    ଆବର ଦେହ ଧନ
ଦେଇଛ ପ୍ରିୟ ପରିଜନ,
ସୁଧୀର ସମୀରଣ    ନୀଳକାନ୍ତ ଗଗନ
ପୃଥିବୀ ପାର୍ଥିବ ରତନ ହେ ମହାବାହୁ !
ଦେଇଛ ସୁଶୀତଳ ଜଳ,
ପାକାର୍ଥେ ପ୍ରଚଣ୍ଡ ଅନଳ,
ଦେଇଛ ଏତେ ହରି    ତେବେ ମୁଁ ଲୋଭ କରି
ମାଗୁଛି ଉତେ ଅନର୍ଗଳ ହେ ମହାବାହୁ । ୨ ।
ଏଥି ତୃପ୍ତ ମୋହର    ହେବ ନାହିଁ ଅନ୍ତର
ଦେବାକୁ ହେବ ଆଉ କିଛି,
ତୁମ୍ଭଙ୍କୁ ନ ପାଇଲେ    ସଂତୃପ୍ତି ନାହିଁ ଭଲେ
ତୁମ୍ଭ ବିହୀନେ ସବୁ ଛିଛି ହେ ମହାବାହୁ !
ତୁମ୍ଭେହିଁ ସ୍ୱରଗର ସ୍ୱର୍ଗ,
ଅପବର୍ଗର ଅପବର୍ଗ,
ଏଣୁ ମୁହିଁ ବାତୁଳ    ଲଭିବାକୁ ବ୍ୟାକୁଳ
ତୁମ୍ଭର ପବିତ୍ର ସଂସର୍ଗ ହେ ମହାବାହୁ । ୩ ।

ଆଶାଢ଼ଶୁକ୍ଳ [୨୩]

କାହିଁ ଅଛ ହରି    ଦିଅ ଦର୍ଶନ
ଖୋଜି ଖୋଜି ହେଲି    ମୁଁ ଅବସନ୍ନ,
ଦେଖୁଅଛି ତବ    କୀର୍ତ୍ତି ପ୍ରତ୍ୟହ,
ଭୁଞ୍ଜୁଅଛି ନିତ୍ୟ    ସୁ-ଅନୁଗ୍ରହ,
ମାତ୍ର କାହିଁ ପାଇଁ
ଦେଖୁ ନାହିଁ ପ୍ରଭୁ    ତୁମ୍ଭଙ୍କୁ କାହିଁ ।୧।
ମହିମା ତବ    ପ୍ରତି ନିଃଶ୍ୱାସରେ,
ସତତ ପ୍ରାଣେ    ଅନୁଭବ କରେ,
ତୁମ୍ଭର କରୁଣା    ରକ୍ତ ରୂପରେ,
ହୁଏ ପ୍ରବାହିତ    ମୋ କଳେବରେ
ସ୍ୱରୂପ ତଥାପି,
ନ ପାଏଁ ଦର୍ଶନ    ହେ ବିଶ୍ୱବ୍ୟାପି ।୨।
ଦେଇଛ ଦେଉଛ    ସବୁ ଆପଣ,
ଦରଶନ ଦାନେ    କିପାଁ କୃପଣ,
ହେଲା କି ତୁମ୍ଭଙ୍କୁ    ଏହା ସୁନ୍ଦର,
ବିଚାର କର ହେ    ମନ୍ଦରଧର,
କି ବିଷମ କ୍ଷୋଭ,
ଗିରି ଦେଇ କଲ    ରେଣୁରେ ଲୋଭ ।୩।
ତୁମ୍ଭର ସର୍ଜିତ    ପ୍ରତି ଦ୍ରବ୍ୟରେ,
ତୁମ୍ଭ ରୂପ ସଦା    ଦର୍ଶନ କରେଁ,
ପ୍ରତିସ୍ୱରେ ଶୁଣେ    ତୁମ୍ଭର ସ୍ୱର,
ବାଞ୍ଛାନିଧି ପୂରୁ    ବାଞ୍ଛା ମୋହର
ମାଗେ ଅକିଞ୍ଚନ,
ତ୍ୱଦପଦେ ମିଳୁ    ତବ ଦର୍ଶନ । ୪ ।

—*—

ଚନ୍ଦ୍ରା ଭୈରବ [୨୪]

ପ୍ରଭୁ ଅମୃତ—ଃ    ଜୀବନ-ଦାତା,
କୋଟି ଭୁବନ    ବିଶ୍ୱବିଧାତା,
ତୁମ୍ଭେ ସକଳର    ବନ୍ଦ୍ୟ ପ୍ରାଣେଶ୍ୱର
ତୁମ୍ଭେ ପିତର ତୁମ୍ଭେହିଁ ମାତା ହେ
ଶୋଭନ । ୧ ।

ସାଧୁ ସେବା   ସାଧୁ ସଙ୍ଗବାସେ,
କାଳ କଟୁ ମୋ   ସଦା ଉଲ୍ଲାସେ,
ଜୀବନ ଅତୀତ   ହେଉ ମୋର ପିତଃ
ବସି ପୀଡ଼ିତ ବ୍ୟଥିତ ପାଶେ ହେ
ଗୋବିନ୍ଦ । ୨ ।
ଭବୁଁ ଆସକ୍ତି   ହୋଇ ଅନ୍ତର,
ଲଭୁ ଚରଣେ   ଆସ୍ଥା ତୁମ୍ଭର,
ତବ ପଦତଳେ   ଅର୍ପି କର୍ମଫଳେ
କର୍ମ କରିବି ମୁଁ ନିରନ୍ତର ହେ
ଗୋବିନ୍ଦ । ୩ ।
ପ୍ରଭୁ ଦିଅ ଏ   ଅଭୟ ବର,
ଆର୍ତ୍ତେ ମାଗୁଛି   ଯୋଡ଼ିଣ କର,
ଅଭିମାନ-ବାଘ   ନ ବଢ଼ାଉ ରାଗ—
ବଧି ଚରିତ୍ର-ମୃଗେ ମୋହର ହେ
ଗୋବିନ୍ଦ । ୪ ।

—୫୦—

## ଆତ୍ମନିବେଦନ

ଝୁଲଣା [୨୫]

ଅଧିକ କି ନିବେଦିବି   ହେ ଜଗତସ୍ୱାମି,
କି ଅବା ଅଜ୍ଞାତ ତବ   ଅଛି ଅନ୍ତର୍ଯ୍ୟାମି ।
ଜାଣ ତ ସକଳ ଦେବ,   ଅନ୍ତର ବେଦନା,
ତେବେ କିମ୍ପା ଦେଉଅଛ   ଦୁର୍ବ୍ବାର ଯାତନା ।
ପୂର୍ବ୍ବେ ଜାଣିଥାନ୍ତି ଯେବେ   ମୋ କପାଳ ଫଟା,
ସାଧେ କି ମୁଁ ହୋଇଥାନ୍ତି   ଏତେ ହଟହଟା ।
ସଂସାରେ ତ କିଛି ମୋର   ବାଞ୍ଛା ଥିଲା ନାହିଁ
ତୁମ୍ଭେ ସିନା ପେଷିଲକୁ   ଆସିଥିଲି ଧାଇଁ ।
କାହିଁ ତୁମ୍ଭ ଆଦେଶ ତ   ପାଳି ନାହିଁ କିଛି,
ଭୁଲିଯାଇ ସେ ଆଦେଶ   ତୁଚ୍ଛାରେ ବସିଛି ।
ପୁଣି ଥରେ ଯେବେ ମୋତେ ନ ଦେଲ ଦେଖାଇ,
ତେବେ ବୃଥା ରଖିଅଛ   ଏଥି କାହିଁପାଇଁ ।
ଖପା ହୋଇଅଛ ପରା   ମୋ ପ୍ରତି ବିଶେଷ,
ତୁମେ ନ ପାଳିଲି ଯେଣୁ   ତୁମ୍ଭ ଶୁଭାଦେଶ ।
ଥରେ ଅଧେ ଉପଦେଶ   ଭୁଲିଗଲେ ସ୍ମୃତେ,
ଗୁରୁ କି ଶିଖାନ୍ତି ନାହିଁ   ପାସୋରିବା ପାଠ ।
ତୁମ୍ଭେ ତ ଜଗତ-ଗୁରୁ   ନ ଜାଣ କି ତାହା,
ଆଉ ଥରେ ଭଲ ହୁଦେ   ବସିଁ ଚଉବାହା,
କହିଦିଅ କି ଆଦେଶ   ପାଳିବି ତୁମ୍ଭର
ନ ଦେଖାଅ ଏ ଅଧମେ   ଆଉ ଏତେ ଡର ।
ଆଶାର କୁହୁକେ ପଡ଼ି   ବୁଲି ଏଠି ସେଠି,
କେତେ କାଳ ଯାଏଁ ଆଉ   ଖଟିଥିବି ବେଠି ।
ସଂସାର ଜଟିଳ ପଥେ   ପଡ଼ିଲିଣି ଥକି,
ଆଉ ମୋତେ କର ନାହିଁ   ଦୁଃଖର ଗହଣ ।
ସମଦର୍ଶୀ ବୋଲି ତୁମ୍ଭେ   ଜଗତେ ବିଖ୍ୟାତ,
ତେବେ ମୋହପକ୍ଷେ କିମ୍ପା   ଏଡ଼େ ପକ୍ଷପାତ ।
କରୁଣା ଭଣ୍ଡାର ପରା   ଅକ୍ଷୟ ତୁମ୍ଭର,
ତେବେ କିମ୍ପା ବାଣ୍ଟିବାକୁ   ଥରୁଅଛ କର ।
କୃପାସିନ୍ଧୁ ନାମ ତୁମ୍ଭ   ଜଗତେ ବିଦିତ,
କିନ୍ତୁ ମୋହ ପକ୍ଷେ ତାହା   ପୂର୍ଣ୍ଣ ବିପରୀତ ।
ଭ୍ରାନ୍ତିର ଯଦ୍ୟପି ଦଣ୍ଡ   କଠୋର ଏସନ,
ତେବେ କିମ୍ପା ଦେଲ ଭୁଲି   ଦରଘଣ୍ଟା ମନ ।
ଗନ୍ତାଘରୁଁ ତାହା ତ ମୁଁ   ଆଣି ନାହିଁ ବାଛି,
ତୁମ୍ଭେ ସିନା ନିଜେ ନିଜେ   ଦେଇଥିଲ ଯାଚି ।
ତବ ଦତ୍ତ ଦ୍ରବ୍ୟ ଯେବେ   ଶାଣ୍ଡି ହେଲା ନାହିଁ,
କେଉଁ ଯୁକ୍ତି ବଳେ ହେବି   ସେଥିପାଇଁ ଦାୟୀ ।
ଅକୂଳ ଭବ-ସାଗରେ   ଦିଶୁ ନାହିଁ କୂଳ,
ଜୀବନ-ତରଣୀ ତହିଁ   ହେଉଛି ଆକୁଳ ।
ପାପ-ଭଉଁରୀ ଦର୍ଶନେ   ଜୀବ ଉଦ୍ବେଗିତ,
ରିପୁ-ତରଙ୍ଗ ଗର୍ଜ୍ଜନ   ଶୁଣିଣ ସତତ ।
ସୁବୁଦ୍ଧି ଶାରୀକୁ ମୋର   ଦୁର୍ଦ୍ଦଶା-ମାର୍ଜ୍ଜାର,
ଲଙ୍ଗୁଳ ଫୁଲାଇ ଝାମ୍ପୁ—   ଅଛି ବାରମ୍ବାର ।
ସଙ୍କଟେ ସହାୟ ହୋଇ   ନାଶ କରୁଁ ଭୟ,
ଆର୍ତ୍ତତ୍ରାଣ ନାମ ତବ   ହେଉ ହେ ସାର୍ଥକ ।
ଡାକି ଡାକି ତୁମ୍ଭକୁ ତ   ତଣ୍ଟି ଗଲା ଫାଟି,
ଆଉ ମୁଁ ପାରିବି ନାହିଁ   କରି ଏତେ ଗାଟି ।

ନିଷ୍ଠୁର ହୃଅନ୍ତ ଯେବେ   ଏ ଥିଲି ଅହିତ,
ଦରନ୍ତି ଗୁହାରି କର୍ଣ୍ଣ   ଦେଖାଲେ ନ ଠୁକି ।
ମାତ୍ର ଦେଖୁଅଛି ତୁମ୍ଭ   କରୁଣା ଅପାର,
ବ୍ୟାପି ରହିଅଛି ସଦା   ଅସୀମ ସଂସାର ।
ଅତଏବ ନିର୍ଦ୍ଦୟ ବା   ବୋଲିବି କେମନ୍ତେ,
କିଏ ଅଛି ମୋ କଥାରେ   କରିବ ପରତେ ।

ଶୁଣ ହେଉ ଏବେ ପ୍ରଭୁ   ଯାହା ଇଚ୍ଛା କର,
ହେଉ ପଛେ ଘୁରୁଦାନ   ନ ହେବ କାତର ।
କିନ୍ତୁ ଦେବ ଏକ ଭିକ୍ଷା   ମାଗୁଛି ପଦ୍ମରେ,
ଅଜାତ ଅଜ୍ଞାତ ଯାଉ   ପଛେ ମୋ ଶିରୀରେ;
ମାତ୍ର ମିଳୁଥାଉ ତୁମ୍ଭ   ନାମାମୃତ ପାନ,
ଏହା ବିନା ମାଗୁଣି ମୋ   ନାହିଁ କିଛି ଆନ ।

# ତୁଳସୀମାଳା

# ସୂଚୀ


୧ । ଭଜନ
୨ । ଜଣାଣ
୩ । ପ୍ରାର୍ଥନା
୪ । ପ୍ରାଣବାଣୀ
୫ । ପ୍ରଶ୍ନତ-ଅବକାଶ
୬ । ମାଗୁଣି
୭ । ସ୍ପୃହାସ୍ତ
୮ । ଅଲଣା ଅଭିମାନ
୯ । ମନ ପ୍ରଶ୍ନ
୧୦ । ହାଟ ବାହୁଡ଼ା
୧୧ । ଷଡ଼ରଥୀ ସମର
୧୨ । ଏକମେବାଦ୍ୱିତୀୟଂ
୧୩ । ଉପସଂହାର

# ତୁଳସୀ ମାଳା

## ଭଜନ

ଜୟ ଜୟ, ଜୟ ହେ ଜଗନ୍ନାଥ
ନୀଳାଚଳେ ବୋଲାଉଛ କାଳିଆ ସାଆନ୍ତ । ପଦ ।
ଦାରୁବ୍ରହ୍ମ ରୂପ ଧରି    ବଡ ଦେଉଳେ ଶ୍ରୀହରି
ଅଛ ହେ ବିଜୟ କରି ଘେନି ଭଗ୍ନୀଭ୍ରାତ । ୧ ।
ମହାପ୍ରସାଦ ଛଳରେ    ବାଣ୍ଟୁଛ କୈବଲ୍ୟ କରେ
ଅପୂର୍ବ ଆସ୍ୱାଦ ନରେ ଟେକି ପ୍ରଭୁ ହାତ । ୨ ।
ମହାଚକ୍ର ସୁଦର୍ଶନ    କରିଣ ସଦା ଘୂର୍ଣ୍ଣନ
କରୁଛ ପାପ ଛେଦନ ହେ ଅନାଥନାଥ । ୩ ।
ପତିତପାବନ ବାନା    ଉଡାଉଛ ତୁମ୍ଭେ ପିନା
ଦୁର୍ବଳର ଭକ୍ତସେବୀ ନାମ ତବ ସାର୍ଥ । ୪ ।
ଘେନି ସର୍ବ ନଦନଦୀ    ମହାନାଦେ ମହୋଦଧି
ତବ ପ୍ରେମ ନିରବଧି କରୁଛନ୍ତି ବିଖ୍ୟାତ । ୫ ।
ତୁମ୍ଭେ ଜଗତର ପ୍ରାଣ    ମନ ଆତ୍ମା ବୁଦ୍ଧି ଜ୍ଞାନ
ଆର୍ତ୍ତଜନେ କର ତ୍ରାଣ ଦେବ ରମାକାନ୍ତ । ୬ ।
ଚିନ୍ତାମଣି ଭବେ ଡରି    ମାଗେ କର ଯୋଡି କରି
ଶେଷକାଳେ ଦିଅ ହରି ସଦୟ ସାକ୍ଷାତ । ୭ ।

---

## ଜଣାଣ

ତୁହାରି ପୟରେ    ଗୁହାରି କରୁଛି
ଶୁଣା ହେଉ ମୋ ଆରତ,
ନୀଳଗିରି-ପତି—    ବିହାରୀ ହେ ହରି
ଜଗନ୍ନାଥ ଜଗଦ୍ବୃତ । ୧ ।
ସର୍ବଘଟେ ପୂରି    ରହିଛ ସତତ
ସଙ୍ଗୀତ ସ୍ୱରିଣୀ ଛନ୍ଦେ,
ଗୁପ୍ତ ସୃଷ୍ଟି ପ୍ରାଣୀ    ପ୍ରତି ନିଃଶ୍ୱାସରେ
ଫୁଲର ମଧୁର ଗନ୍ଧେ । ୨ ।
ପ୍ରାଣ ମଧ୍ୟେ ଥାଇ    ମୋ ପ୍ରାଣବ୍ୟଥା କି
ପାରୁ ନାହଁ ପ୍ରଭୁ ଜାଣି,
ହେଲଣି ଗାବରି    ଜୀବନଟା ସାରା
ଘୂରି ଘୂରି ଚକ୍ରପାଣି । ୩ ।
କେବେ ପୂଜା ମୋର    କର୍ମଫଳ ଭୋଗ
ନ ହେବ ଅବଧି ଶେଷ,
ନାହିଁ କି ମୋ ଭାଗ୍ୟେ    ପ୍ରାଣର ବିଶ୍ରାମ
ଭୁଞ୍ଜୁଥିବି ସଦା କ୍ଲେଶ । ୪ ।
ଅକ୍ଷମ ବୋଲି ମୁଁ    ମାଗୁଅଛି ପିତା
ତବ ଆଜ୍ଞା ବାରମ୍ବାର,
ନତୁବା କିପାଇଁ    ଭିକ୍ଷା ବୃତ୍ତି ଧରି
କରନ୍ତି ନିଜକୁ ଛାର । ୫ ।
ଜ୍ଞାନବନ୍ତ ଲୋକେ    ତରିଯାନ୍ତି ନିଜ
ଜ୍ଞାନ ଧର୍ମ ବଳେ ତରୁଁ,
ମାତ୍ର ତାରିପାରେ    ଅଜ୍ଞାନକୁ ଯେଉଁ
ସେ ପିତା ପ୍ରକୃତ ପ୍ରଭୁ । ୬ ।
ଆଶାର ବନ୍ଧନ    ଯାଉଅଛି ଛିଣ୍ଡି
ଅସାହା ଏବେ ମୋ ପ୍ରାଣ,
ଟେକିନିଅ ପ୍ରଭୁ    ଦୀନ ଭିକାରୀକୁ
ପ୍ରେମ-ସୁଧା କର ଦାନ । ୭ ।
ଭକ୍ତି ବଦଳରେ    ବିରକ୍ତି ଯେ ଠାବେ
ମଙ୍ଗଳ ତହିଁ ମରଣ,
ପୌରୁଷ ହରାଇ    କଦର୍ଥନ ହୋଇ
ଜୀଇବାର କି କାରଣ । ୮ ।
ଯେଉଁ ଶକ୍ତି ତୁମ୍ଭେ    ଦେଇଥିଲ ହରି
ଗଲାଣି ତ ତାହା ସବୁ

ମାତ୍ର ଜୀବନ ତ ସରିଯାଇ ନାହିଁ
ଗୁଳିଛି ସେ ପୂର୍ବ ପରି । ୯ ।
ଆତ୍ମଶକ୍ତି ବିନା ଆତ୍ମରକ୍ଷା ଆଉ
କରିବାକୁ ଦେ ଭାଜନ,
ତାହା ବଳେ ମାତ୍ର ହେଉଛି ନାଚ ଭୁଲି
ଘେନି ବିଫଳ ଜୀବନ । ୧୦ ।
ପ୍ରାଣ ବଢ଼ ପିତା ମରଣ ମଧୁର
ପାବନ ସ୍ୱଚ୍ଛ ନିର୍ମଳ,
ସଂସାର ଜଞ୍ଜାଳ— ତାପଦଗ୍ଧ ଆତ୍ମାକୁ
କରିଦିଏ ସେ ଶୀତଳ । ୧୧ ।
ଜୀବନ-ଝରଣା ଶୁଖି ଆସୁଅଛି
ମରିଯିବ ଦିନେ ଧାର,
ଅସହାୟ ଜନେ ସାହା ହୋଇ କର
ଭବ-ମରୁଭୂମି ପାର । ୧୨ ।
ଜୀବନର ସନ୍ଧ୍ୟା ଘୋଟି ଆସିଲାଣି
ଗ୍ରାସିବ ଏବେ ଅନ୍ଧାର,
ସ୍ଥାନ ଦେଇ ରଖ ଶ୍ରୀଚରଣ ତଳେ
ହେ କରୁଣା-ଅକୂପାର । ୧୩ ।
ଜନ୍ମ ଦେବ ଯେବେ କର ତେବେ ପ୍ରଭୁ
ଦରିଦ୍ରକୁଳେ ସମ୍ଭୂତ,
ଦାରିଦ୍ର୍ୟ-ଅନଳେ ଝାସ ଦେଇ ଆତ୍ମା
ହୁଏ ସିନା ଶୁଦ୍ଧପୂତ । ୧୪ ।
ନହୁବା କର ହେ କଦଳୀପତ୍ରୁଆ
ସଂସାରେ ହେୟ ଅସାର,
ଫୁଲ ସଙ୍ଗେ ତବ ଶ୍ରୀଅଙ୍ଗ ପରଶି
ଧନ୍ୟ ହେବ ସାରତ୍ସାର ।
ଅଥବା ଦୀପର ନିର୍ମଳ ଶଳିତା
କର ମୋତେ ପୁଣ୍ୟଶ୍ଳୋକ,
ନିଜେ ପୋଡ଼ି ହୋଇ ଅନ୍ୟକୁ ଯେପରି
ଦେଖାଇବ ଶୁଭ୍ରାଲୋକ । ୧୫ ।
ଉତ୍ସାହ ଉଦ୍ୟମ ଶକ୍ତି ଦାନ୍ତ ଅନ୍ତ
ଗଲାଣି ତ ସବୁ ଗୁଳି,
ଫଟା ଢୋଲଖଣ୍ଡ ବାଜୁ ନାହିଁ ଆଉ
ପଡ଼ିରହିଅଛି ଖାଲି । ୧୬ ।
ସବୁ ଯାଇଅଛି ମାତ୍ର ଯାଇ ନାହିଁ
କାମନା-ରାକ୍ଷସୀ ଏକା,
ସେହି ସିନା ଦେହେ ବସାଇ ଦେଉଛି
ତତଲା ଲୁହାର ଟେକା । ୧୮ ।
କ୍ଷୟ ନାହିଁ ତାର ମାତ୍ର ବୃଦ୍ଧି ଅଛି
ବର୍ଦ୍ଧିତ ମଧ୍ୟେ ସେ ବଳା,
ସଯତ୍ନରୋପିତ ବୃକ୍ଷଠାରୁ ବେଶୀ
ବଢ଼ଇ ସିନା ଅଗଛା । ୧୯ ।
ପାରିବର ପ୍ରଭୁ ସେ ତୃଷ୍ଣା ପାଲଟୁ
ଯାଉ ସେ ପାମରୀ ମରି,
ଜରାଜୀର୍ଣ୍ଣ କ୍ଷୀଣ ଜୀବନ-ତନ୍ତ୍ରୀ
ଦିଅ ସୁନିର୍ମଳ କରି । ୨୦ ।

——:o:——

## ପ୍ରାର୍ଥନା

[ କଳହଂସକେଦାର ]

—୧—

ହେ ପ୍ରଭୁ ଜଗନ୍ନାଥ ଜଗତବନ୍ଧୁ,
ଜୀର୍ଣ୍ଣ ଜୀବନ— ଭାର ଉଭାର ବନ୍ଧୁ ଯେ
ଶକ୍ତି ନାହିଁ ସେ ଗୁରୁ ଭାର ବହନେ,
ହରିନେଲାଣି ଜରା ସେ ଶକ୍ତି-ଧନେ ଯେ ।

—୨—

ଓହଳି ପଡ଼ିଲାଣି ଶରୀର ଚର୍ମ,
ଆସୁଛି କ୍ଷୀଣ ହୋଇ ଇନ୍ଦ୍ରିୟ ଧର୍ମ ଯେ,
ନିଷ୍ପ୍ରଭ ନେତ୍ର-ତାରା ରଙ୍ଗ ଫାପସା,
ଦିନେ ଲୁହୁଣ୍ଡ ସ୍ୱାସ୍ଥ୍ୟ ଦିଶେ ଝାପସା ଯେ ।

—୩—

ଝଡ଼ିଗଲାଣି ଦାନ୍ତ, କଟି ଆନତ,
ମୁଖ ନାସିକା ପଥେ ଶ୍ଳେଷ୍ମା ନିର୍ଗତ ଯେ,
ତେଣେ ବୀଭତ୍ସ ଦିଶେ ତନୁ ପୁରୁଣା,
ଲାଗଇ ନିଜ ଦେହ ନିଜକୁ ଘୃଣା ଯେ ।

—୪—

ଏତେ ନଶ୍ବର ଯେବେ ମାନବ ଦେହ,
କାହିଁ କରନ୍ତି ଜନେ ତାହାକୁ ସ୍ନେହ ଯେ,
ମାଟିକୁ ସୁନା ମଣି କରନ୍ତି ଭ୍ରମ,
ଆଦ୍ୟେ ସୁନ୍ଦର ଶେଷେ ଅମନୋରମ ଯେ ।

—୫—

ପ୍ରାଣ ମଧ୍ୟରେ ଥିଲା ଗୁପ୍ତ ଦେବତା,
ଆତ୍ମାହ୍ୱ ନାମଧାରୀ ବିଶ୍ୱନିୟନ୍ତା ଯେ,
ଗଲାଣି ଛାଡ଼ି ସେହି ଗୃହ ଅନ୍ୟତ,
ଅଚଳ ତାହା ବିନା ଜୀବନ-ଯନ୍ତ୍ର ଯେ ।

—୬—

ଛଡ଼ାଇ ନେଲେଣି ତ ମୋଠାରୁ ସବୁ,
ମିଛେ ଏ ପିଣ୍ଡେ କାହିଁ ରଖିଛ ପ୍ରଭୁ ଯେ,
ଏତିକି ଭିକ୍ଷା ପଦେ ହେ ଜଗୁସାଇଁ,
ମାଟିରେ ମାଟି ଘଟ ଦିଅ ମିଶାଇ ଯେ ।

—୭—

ସ୍ୱପନ ଏ ସଂସାର ଠାଣି ଦେଖେଇ,
କଳ୍ପନା ଭିଆଉ ସେ ସ୍ୱପ୍ନରେ ଖେଳ ଯେ,
କ୍ଷଣ କ୍ଷଣକେ ଆନ ଭାବ ତାହାର,
ତା ହାତୁଁ କର ପ୍ରଭୁ ଦୀନେ ଉଦ୍ଧାର ଯେ ।

——✤——

## ପ୍ରାଣବାଣୀ

[ରାଗ—ଶଙ୍କରାଭରଣ]

[୧]

ଶଙ୍ଖକ୍ଷେତ୍ରବାସୀ ପ୍ରଭୁ ଶଙ୍ଖଚକ୍ରଧାରୀ,
ତାକ ତେର ଶୁଣୁଅଛି ଜଗତ ଗୁହାରି,
ବନ୍ଦି ଜଗନ୍ନାଥ ନାମ,
ଆକର୍ଷୁଛି ଜଗତର ଭକ୍ତି ଅନୁଯାମ ।

[୨]

ମହାମନ୍ତ୍ର ମହୋଦଧି ଜପି ଗମ୍ଭୀରନାଦେ,
ଭକ୍ତିରେ ବନ୍ଦଉଛି ଧୋଇ ତବ ପୁଣ୍ୟପାଦେ,
ଯୋଡ଼ି ବହୁ ଗୀତ-ହାତ,
ଉଚ୍ଚାରୁଛି ଜୟ ଜୟ ଜୟ ଜଗନ୍ନାଥ ।

[୩]

ଚକା ବଇଟିରେ ବସେ ପ୍ରଭୁ ଚକାଡୋଳା,
କି ଶୀତଳ ଦୃଷ୍ଟି ତବ ସ୍ନେହ-ମଧୁବୋଳା,
ଦେଖେ ଗୁରୁ କୃଷ୍ଣକାନ୍ତି,
ଢାଳୁଛନ୍ତି ଜଗତ ପ୍ରାଣେ ପ୍ରେମ ଶୁଭ ଶାନ୍ତି ।

[୪]

ସେ ଶାନ୍ତି-କଣିକା ଲାଗି ଆଜ ମୁଁ ଭିକାରୀ,
ବର୍ଷ ବୋଳାହେଲେ ପ୍ରାଣ ଗଲାଣି ମୋ ଘାରି,
ବଡ଼ ଦୁଷ୍ଟ ଏ ସଂସାର,
ସଂସାର ନୁହେଁ ଏ ନର୍କେ ଅସାରୁ ଅସାର ।

[୫]

ବୁଝିଲିଣି ନର ଭ୍ରମ ଚିହ୍ନିଲିଣି ଭବେ,
ମଣୁଥିଲି ମହୋତ୍ସବ ଭୀଷଣ ଆହବେ,
ଅହୋ କି ଅଦ୍ଭୁତ ଛଳ,
କରିବା ଭୂତରେ ଥିଲା ପ୍ରଚଣ୍ଡ ଅନଳ ।

[୬]

ଏଣିକି ଛାନିଆ ବଡ଼ ଲାଗୁଛି ନରଭେ,
ଦିନକ ଯୁଗକ ସରି ହେଉଅଛି ପ୍ରଭେ,
ପ୍ରାଣ ହେଉଛି ଉଚାଟ,
ବାହାରିଯିବାକୁ ମାନ ପାଉ ନାହିଁ ବାଟ ।

[୭]

ମୁଁ ସିନା କୁପୁତ୍ର କହି ତୁମ୍ଭେ ତ ସୁମିତା,
କାପାଇଁ ନଶୁଣ ନାହିଁ ହୃଦୁ ତୀବ୍ର ବ୍ୟଥା,
ପିତୃପଦ ତାକୁ ମାନେ,
ଅଧିକ ଦୟା ଯେ କରେ ଅକ୍ଷମ ସନ୍ତାନେ ।

[୮]

ତୁମ୍ଭେ ତ ଜଗତପିତା ଏହା ଥିବ ଜାଣି,
ପିତୃପଣେ ତୁମ୍ଭଙ୍କୁ ଡେ ସଞ୍ଜ ଚକ୍ରପାଣି,
ଶୁଣି ମୋ ଆତୁର ବାଣୀ,
ଦୋଷ ଥିଲେ କ୍ଷମାକର କ୍ଷମାପାତ୍ର ଜାଣି ।

[୯]
ଧନ୍ୟଅଛୁ ତୁମ୍ଭଙ୍କୁ ମୁଁ ଯେଉଁଙ୍କ ଅବଟି,
ତେଉଁଙ୍କ ଦୂରକୁ ତୁମ୍ଭେ ଦେଇଅଛ ଛାଟି,
ଥରେ ବର୍ଷର ଅନ୍ତରେ,
ହେଲା କି ସୁନ୍ଦର ଏହା ସୁପିତା ପକ୍ଷରେ ।
[୧୦]
ଯେବେ ଥର ଭଞ୍ଜଦେବ ବରକ୍ତି ପ୍ରକାଶି,
ତେବେ ଥର ଅଜ୍ଞାତ ସେ ପଦ୍ମରେ ଆସି,
ଦେଶି ଭକ୍ତର ବା କସ,
ସେ ଭରକ୍ତି ମୋ ଭାଗ୍ୟେ ତ ମଙ୍ଗଳ ଅଶିଷ ।

---

## ପ୍ରଭାତ ଅବକାଶ

(୧)
ପାହିଲାଣି, ମଧୁର ରଜନୀ, ହେ ଯଦୁମଣି !
ଦିଶିଲାଣି ଉଷାମୁଖ,
ରବନ୍ତି କାକ ଡାହୁକ,
ଗାଉଛନ୍ତି ପ୍ରଭାତୀ ଶୁକ,
ଫୁଟ ଫୁଟ ପଦ୍ମମୁଖ,
ମାତୃ-ଅଙ୍କ, ତେଜ ବାଙ୍କଠାଣି, ହେ ଯଦୁମଣି !
(୨)
କେତେ ଋଷି ଯୋଗୀ ଯତି,
ଦ୍ଵାରେ ଉଭା ହୋଇଛନ୍ତି
ପୁଣି ସର୍ବ ଗୋପୀପନ୍ତି,
ତୁମ୍ଭ ଦର୍ଶନ ଇଚ୍ଛନ୍ତି,
ଧରୁ ସର, ଅଧାମ ଲବଣୀ, ହେ ଯଦୁମଣି !
(୩)
ଶ୍ୟାମଳୀ, ଭମରୀ, ଧଳୀ,
କାଳୀ, କାଞ୍ଚୁ, ଲୁଞ୍ଜିଗଲ,
ଧେନୁ ଡାକନ୍ତି ହମ୍ବାଳ,
ଫୁଟ ଫୁଟ ବନମାଳ,
ଶେଜ ଭର, ଭନେ ନୀଳମଣି, ହେ ଯଦୁମଣି !

(୪)
ସୁଦାମାଦି ସଖାଗଣ,
ଧରିଣ ଛଡା ପାଞ୍ଚଣ,
ଡାକନ୍ତି ଆସ ବହନ,
ହେ କହ୍ନାଇ ଯିବା ବନ,
ସବେ ମିଳି, ଧେନୁ ବତ୍ସ ଘେନି, ହେ ଯଦୁମଣି !
(୫)
ଏକ ବୃଦ୍ଧ ବ୍ରହ୍ମଚାରୀ,
ପ୍ରାଙ୍ଗଣେ ଛନ୍ତି ଉଭାରି,
ହଂସେ ଆରୋହଣ କରି,
କରେ କମଣ୍ଡଳୁ ଧରି,
ଗୁରୁମୁଖେ, ଚୌବେଦ ବଖାଣି, ହେ ଯଦୁମଣି !
(୬)
ପୁଣି ଏକ ଜଟାଧାରୀ,
ଚଢ଼ି ମହା ବୃଷୋପରି,
ଜଟା ଭେଦି ଗଙ୍ଗାବାରି,
ବନ୍ଦୁ ବନ୍ଦୁ ପଡେ ଝରି,
ପଞ୍ଚମୁଖେ, ହରେକୃଷ୍ଣ ଭଣି, ହେ ଯଦୁମଣି !
(୭)
ଆଉ ଏକ ବ୍ରହ୍ମଋଷି,
ମନ-ବାହନରେ ବସି,
ଭବ ପ୍ରେମ-ରସେ ରସି,
ଜପୁଛନ୍ତି ବ୍ରହ୍ମରାଶି,
ବିଅ ତାଙ୍କୁ ଦେଖା ଚକ୍ରପାଣି, ହେ ଯଦୁମଣି !
(୮)
କହେ ଦୀନ ଚନ୍ଦ୍ରାମଣି,
ଶିରେ ଯୋଡ଼ି ବେନି ପାଣି,
କୃପା କର କୃପାଖଣି,
ଏତକି ପଦେ ମାଗୁଣି,
ଯାଉ ଜୀବ ତୁମ୍ଭ ନାମ ଘୁଣି, ହେ ଯଦୁମଣି !

---

## ମାଗୁଣି

—ରାମକେରୀ—

ଜଗନ୍ନାଥ ଜଗବନ୍ଧୁ ହେ
ଦାରୁବ୍ରହ୍ମ ପ୍ରତିମା
ବିଖ୍ୟାତ ଜଗତେ ତୁମ୍ଭର
ମହାଦାନ ମହିମା ।
ଯେ ଯାହା ମାଗୁଛି ଦେଉଛ
ତାର ବାଞ୍ଛା ପୂରଣ,
ମୋ ଭାଗ୍ୟରୁ ଏତା କପାଇଁ
ହେଲ ଏତେ କୃପଣ ।
ମାଗୁ ତ ନାହିଁ ମୁଁ ତୁମ୍ଭଙ୍କୁ
ଧନ, ଜନ, ଗୌରବ,
ମାଗୁ ନାହିଁ ଆୟୁ, ପ୍ରାଧାନ୍ୟ
କିମ୍ବା ସ୍ୱାସ୍ଥ୍ୟ-ବିଭବ ।
ମାଗୁଅଛି ଖାଲି ଏତିକି
ମୋର ଚର୍ମ ନୟନ—
ସବୁ ସ୍ଥାନେ ସଦା ତୁମ୍ଭରି
ରୂପ କରୁ ଦର୍ଶନ ।
କର୍ଣ୍ଣ ଶୁଣୁ ତୁମ୍ଭ ମହିମା—
ଘୋଷୀ ପୁଣ୍ୟ ପୁରାଣ,
ନାସା କରୁ ବାସୀ ତୁଳସୀ
ଛିଡା ଫୁଲ ଆଘ୍ରାଣ ।
ତବ ପୁଣ୍ୟପାଦ ସେବାରେ
ଲାଗୁ ଏ ବେନି ହସ୍ତ,
ଜିହ୍ୱାରୁ ରସନା ହରି ହେ
ତୁମ୍ଭ ନାମ ସତତ ।
ଭସ ଜଣାଇବ ଚାମ୍ପରେ
ତୀବ୍ର ମର୍ମ ବେଦନା,
କାନ ମାତେ ତାହା ସ୍ମରଣେ
ଫାଟିଯାଏ ମୂର୍ଚ୍ଛନା ।
କାନ୍ଦିଲେ ହାଲୁକା ହୁଅନ୍ତା
ଦୁଃଖ-ଦୁର୍ବହ ପ୍ରାଣ,
ମାତ୍ର ପାଉ ନାହିଁ କାନ୍ଦିବା—
ଯୋଗ୍ୟ ନିର୍ଜ୍ଜନ ସ୍ଥାନ ।
ଅନ୍ତିମରେ କୃପା ପ୍ରଦାନେ
ନୁହ ବିମୁଖ ହରି,
ସିନ୍ଧୁ ଏ ତ ଅଛି, ବନ୍ଧୁ ଏ
ଦେଲେ ଯିବ କି ସରି ।
ପର ନୁହେଁ ପ୍ରଭୁ ମୁଁ ପରା
ତୁମ୍ଭ କଣା କଙ୍କର,
ଭୟଙ୍କର ଭବ-କାନ୍ତରୁ
ଦେବ ଗରେ ଉଦ୍ଧର ।
ଉଡିଯାଉ ବନ ବିହଙ୍ଗ
ଖେଳୁ ଆକାଶେ ବୁଲି,
ସ୍ୱଚ୍ଛନ୍ଦେ ଖେଳୁ ତା ପଶୁରୁ
ଦୃଢ ବଜ୍ର ଶିକୁଳି ।
ସ୍ୱାଧୀନତା ତାର ବାଞ୍ଛିତ
ସେ ଯେ ଚିର ସ୍ୱାଧୀନ,
ତୃଷ୍ଣା ମାୟା ସହବାସରେ
ସିନା ହୋଇଛି ହୀନ ।

## ଗୁଜ୍ଜରୀ

ଜପ ମନ ଜଗନ୍ନାଥ ଚତୁରକ୍ଷର,
ସେହି ଏକା ଜଗତର ମୁକ୍ତି ମନ୍ତ୍ର ।ପଦ।
ସେହି ଜଳ ସେହି ସ୍ଥଳ ସେହି ବୃକ୍ଷ ସେହି ଫଳ
ସେହି ଶକ୍ତି ସେହି ବଳ ଏ ଜଗତର ।୧।
ସେହି ସତ୍ୟ ସେହି ଶୁଭ ସେହି ନିତ୍ୟ ସେହି ଧ୍ରୁବ
ପୁଣି ପ୍ରାଣ ପିଣ୍ଡ ଜୀବ ସେ ନିର୍ଦ୍ଧୀର । ୨ ।
ଯେତେକ ଦେହୀ ଅଦେହୀ ସବୁ ସିନା ଏକା ସେହି
ତାଙ୍କ ବିନା ନାହିଁ କେହି ଭବେ ଅପର ।୩।
ଏ ସଂସାର ପର ଘର ସମସ୍ତେ ଏଠାରେ ପର
ନିଜେ ବା କେଉଁ ନିଜର ଜାଣ ନିଦର । ୪ ।
ଡାକ ତୁ ହୋଇ ଆତୁର ହେ ପ୍ରଭୁ ଦୀନଠାକୁର
ଭବ ଭୟ କରି ଦୂର ତାର ସତ୍ୱର । ୫ ।

—*—

## ଅଲଣା ଅଭିମାନ

ଦୁଃଖ ଦୁଃଖ ବୋଲି   ନ ଡାକିବି ଆଉ
ନ ବୁଝିଲ ଯେବେ ଦୁଃଖ ମୋହର,
ଅଧିକରେ ପୁଣି   ଦେଉଅଛି ବୋଲି
କଟା ଘା ଉପରେ ଲୁଣ ଦେସର । ୧ ।
ପ୍ରଭୁ ହୋଇ ଯେବେ   ଦୋଷ ଲଗାଇବ
କା ଆଗେ କରିବି ଗୁହାରି ହାୟ,
ତୁମ୍ଭ ଉପରେ ବା   କିଏ ପ୍ରଭୁ ଅଛି
କାଟିଦେବ ତୁମ୍ଭ ଅକଟା ରାୟ । ୨ ।
ନ ଶୁଣିଲ ଯେବେ   ଅରକ୍ଷିତ ଡାକ
ଆଉ ବା ତୁମ୍ଭଙ୍କୁ ଡାକିବି କାହିଁ ?
ହାଟ ବଜାରରେ   ଗାଇ ବୁଲିବି ମୁଁ
ବଡ଼ ଦଗାଦାର ହରି ଛଟିଆ ।୩।
ତେତେବେଳେ ତୁମ୍ଭେ   ମୁହଁ ଲୁଚାଇବ
କହ ଭଲ କେଉଁଠାରେ ମୁରାରି ?
ନୋହୁଣୁ ସେ ଲଜ୍ଜା   ଦେଉଛି ଚେତାଇ
କାନ ଡେରି ଶୁଣ ମୋର ଗୁହାରି । ୪ ।
ହସ ନାହିଁ କିମ୍ବା   ରାଗ ନାହିଁ ହରି
ଶୁଣି ଏ ସଦର୍ପ ଉକ୍ତି ମୋହର,
ପ୍ରଭୁଙ୍କ ଛାମୁରେ   ଭୃତ୍ୟ ଅଭିମାନ
ଦିଶିବ କି ପ୍ରଭୁ ଅଣସୁନ୍ଦର । ୫ ।
ସେବକ ଯଦ୍ୟପି   ପ୍ରଭୁ ପାଦେ ଅଛି
ନ କରିବ ଡର ମରି ହେ ହରି,
ଜୀବନର ଦୁଃଖ—   ତାପ ଯେବେ ତାର
ଦୂର ହେବ ଭଲ କହ କିପରି ? ୬ ।
ଦୀନହୀନ ଭୃତ୍ୟ   ଡାକ ପ୍ରତି ଏବେ
ଦିବ୍ୟ ଅବଧାନ ହେଉ ତୁମ୍ଭର,
ଚନ୍ଦ୍ରମଣି କହେ   ବ୍ୟର୍ଥ ନୋହୁ ଯେତେକ
ମୋ ଅଲଣା ଅଭିମାନନିକର ।୭।

## ମନପ୍ରତି

ପ୍ରାଣର ଲକ୍ଷ୍ୟ ବୁଝ   ଶୋଇଛୁ ମନ,
କାହା ବଳରେ ତୋର   ଏ ଟାଣପଣ,
ଆଗ ପଛକୁ କିଛି   ନାହିଁ ତ ଜଣା,
ପଛରୁ କାଳ ଆସି   ମାରୁଛି ଧକ୍କା ।୧।
ଏବେ ରେ ଥରେ ଭଲ   ଫେଡ଼ ନୟନକୁ,
ପଛକୁ ଚାହିଁ ଦେଖ   କର୍ମକ୍ଷେତ୍ରକୁ,
ତୋହର ବୋଲି ତହିଁ   ଅଛି କି କିଛି,
କେଉଁ ମୁଖରେ ଛାଡ଼ି   ଫୁଲଉ ଛାତି ।୨।
ମାଗିବ ଚିତ୍ରଗୁପ୍ତ   କର୍ମ ହିସାବ,
ଦେବୁ ତୁ ତେତେବେଳେ   କିସ ଜବାବ,
ଖାଲି ହାତେ ତା' ପାଖେ   ଗଲେ ରେ ଭାଇ,
ମରେ ସେ ଗୃଢ଼ ରାଗେ   ଉଠା ଛଣ୍ଡାଇ ।୩।
ଟିକିଏ ଚକ୍ଷୁଲଜ୍ଜା   ନ କରେ ସେ ତ,
ପିଟେ ନିର୍ଘାତେ ଧରି   ଯାଉଁଳି ବେତ,
ରାଜା ପରଜା କିମ୍ବା   ମୂର୍ଖ ପଣ୍ଡିତ,
ସଭିଙ୍କି ସମଭାବେ   କରେ ଦଣ୍ଡିତ ।୪।
ନ କର ହେଳା ଆଉ   ରେ ପରପଞ୍ଚ,
ଅନ୍ତତଃ ସଞ୍ଚି ରଖ   ବାଟ ଖରଚ,
ନ କରିପାରୁ ଯେବେ   ଅଧିକ ଠୁଳ,
ମୁଠାଏ ହେଲେ ଦାନ   ଚୂଡ଼ା ଗୁଡ଼ୁଳ । ୫ ।
ଦିନେ ତ ହେଲୁ ନାହିଁ   ଦୁର୍ବଳ ସାହା,
ଉଚାରି ନାହୁଁ ଦୁଃଖୀ   ଦୁଃଖରେ ଆହା,
ଦେଇ ତ ନାହୁଁ ହାତ   ଟେକି ମୁଠାଏ,
ତରିବୁ ବୈତରଣୀ   କେଉଁ ଉପାୟେ । ୬ ।
ଦେଇଛୁ କି ରେ ମନ   କେବେ ସନ୍ତୋଷେ,
ଭୋକୀ ଶୋଷୀ ତୁଣ୍ଡରେ   ତୋରଣି ପୋଷେ,
ଆତୁର ରୋଗଶଯ୍ୟା   ପାଖରେ ଥାଇ,
ସେବାରେ ଦେଇଛୁ କି   ରାତି ପୁହାଇ ? ୭ ।
ସଂସାରେ ଅର୍ଜିଅଛୁ   ବହୁତ ଧନ,
ମାନ ନ ଭଲୁ କେବେ   ଧର୍ମ ଅର୍ଜନ,

ଅନ୍ତରେ ଧର୍ମ ବିନା କେ ହେବ ସାହା,
ବଡ଼ ଦୁର୍ଗମ ପଥ—ଲୋକର ସ୍ପୃହା । ୮ ।
ନ କଲୁ ଦାନ ଯେବେ କି କାର୍ଯ୍ୟ ଧନେ,
ଦାନେ ପବିତ୍ର ଧନ, ହେଜ ତୁ ମନେ,
ଛଳିତୁ ନ ଦେଇ ବା ନ ଖାଇ ପେଟେ,
ଆଖି ବୁଜିଲେ ବାଣ୍ଟି ନେବେ ତା ଥେଣ୍ଟେ ।୯।
ଆତ୍ମୀୟ ପରିବାର କହୁ ଯାହାକୁ,
ଗୁପ୍ତ ଖଣ୍ଟ ସେ, ଛଳେ ବାନ୍ଧନ୍ତି ତାକୁ,
ମଣାଦେହୁନ୍ତ ବଢ଼— ଲୁଗା ଗଣ୍ଠିକ
କାଢ଼ି ରଖିବେ ସେହି ଭଣ୍ଡ ଲୁବ୍ଧକ । ୧୦ ।
ତାତ୍ ସୁତ ସୋଦର ସକଳେ ପର,
ନଶ୍ୱର ଦେହ ବି ତ ନୁହେଁ ନିଜର ।
ଏକାକୀ ଯିବୁ ତୋର ସଙ୍ଗୀ କେ ଅଛି,
ମାଟିର ଦେହ ଯିବ ମାଟିରେ ପଶି । ୧୧ ।
ରେ ମନ ଦେଖୁ ନାହୁଁ କିପାଁ ତୁ ଥରେ,
ଛଅଟା ବୈରି ପଶି ନିତି ତୋ ଘରେ,
ଯା' କିଛି ପୁଞ୍ଜି ପଟା ଥିଲା ତୋହର,
ବଳେ ନେଲେଣି ସବୁ ଦୁଷ୍ଟ ପାମର । ୧୨ ।
ହରାଇ ସର୍ବସ୍ୱ ତୁ ଆଉ କି ଆଶେ,
ରହିଅଛୁ ଏ ପଥ— ଭୁଲିଁ ପ୍ରବାସେ ।
ନାହିଁ ତ ହାତେ କଡ଼େ କାଣି କଉଡ଼ି,
କେମନ୍ତେ ବଞ୍ଚିବୁ ଗଲେ ଘରେ ବାହୁଡ଼ି । ୧୩ ।
ପ୍ରଭୁତ୍ୱ, ଭାଗ୍ୟ, ପଦ, ଯଶ, ସମ୍ମାନ,
କେହି ତ ନ ପାରିବେ ରଖି ତୋ ପ୍ରାଣ ।
ଆସିଲା କ୍ଷଣି ତେଣୁ ଶେଷ ଦିବସ,
କେଣେ ତୁ ଉଡ଼ିଯିବୁ ତେଜି ଏ ଧରା । ୧୪ ।
ବଡ଼ ବିଟୋଳ କାଳ ନ ଡରେ କାହା,
ତା ପରି ଏକଚୁଟା ସୃଷ୍ଟିରେ ନାହିଁ,
ସେ ଆସି ନ ଡାକୁଣୁ ଛାଡ଼ି ସବୁର,
ଯାଇ ତା ଦରବାରେ ହୁଅ ହାଜର । ୧୫ ।
ଖାଲି ହାତେ ତେବେ ଛାଡ଼ିବୁ ସର୍ବ,
ଶେଷେ ତୁ ଘୋଡ଼ିଯିବୁ ଛିଣ୍ଡା କନାଟ୍
ରଖିଛୁ ଏତେ ଭୁଲି କିପାଁ ଅଗ୍ରହ,
ଲୋଡ଼ା ତୋ ଶବ ହାତ ବାର ଅଙ୍ଗୁଳ । ୧୬ ।
ମଣ୍ଡିଛୁ ଯେ ଦେହକୁ ରତ୍ନ ପ୍ରବାଳେ,
ଖାଇବେ ଟାଣି ତାକୁ ଶ୍ୱାନ ଶୃଗାଳେ ।
କଷ୍ଟ ବାଜିଲେ ଦେହେଁ ହେଉ ଛାନିଆଁ,
ଶେଷେ ଲାଗିବ ଆହା ସେ ଦେହେଁ ନିଆଁ ।୧୭।
ସ୍ୱଜନଙ୍କର ଲୋଭ—ଦେଖା ବେଭାର,
ଦେଖି ନାହୁଁ କି କେବେ ତାହିଁ ତାହାର,
ସନ୍ତୋଷେ ନ ଦିଅନ୍ତି ତୋ ପାଣି ଟୋପେ,
ମଲେ ବାଡ଼ନ୍ତି ଶ୍ରାଦ୍ଧ ମହା ଆଟୋପେ । ୧୮ ।
ଏ ବିଶ୍ୱ ସିନା ହାଟ କୂଟ ସଙ୍କୁଳ,
କାହିଁଛୁ ଶାନ୍ତି ଏଥି ଆରେ ବାତୁଳ,
ପାଇବୁ ଶାନ୍ତି ଯେବେ ବାଇମନ ରେ,
ଜୀବସେବା ତପସ୍ୟା ଆଚର ଘରେ । ୧୯ ।
କେତେ ମହତ ରବି, ଶଶୀ, ପବନ,
ଉତ୍ସର୍ଗିଛନ୍ତି ସେବା— ଯଙ୍କେ ଜୀବନ,
ସେବା ମହିମା ଭବେ ମହାବିରାଟ,
ମୁକ୍ତିର ସିନା ତାହା ସହଜ ବାଟ । ୨୦ ।
ପ୍ରବୀଣ ଉପଦେଶ ଶୁଣି ତୁ ପରା,
ହସେ ଉଡ଼ାଉ କର ଟାହି ଟାପରା,
ସର୍ବଙ୍କି ମିଠା ଲାଗେ ଶର୍କରା ସିତା,
ସର୍ପ ଘାଉଡ଼ ତୁଣ୍ଡେ ନେଙ୍ଗରା ପିତା । ୨୧ ।
ବେଢ଼ିଅ ଖୁଣ୍ଟ ମୋଟ ଗୋଡ଼ ତୋହର,
ଅନ୍ୟ ଗୋଡ଼କୁ କିପାଁ ବୋଲୁ ଗୋଦର,
ନ ଚିହ୍ନି ନିଜକୁ ତୁ ଛିଆକୁ ପରେ,
ଭାଙ୍ଗିଦେବ ମୃତ୍ୟୁ ସେ ବାଣିଙ୍ଗି ଶରେ ।୨୨।
ମଙ୍ଗଳ ବାଞ୍ଛୁ ଯେବେ ତେଜ କୁଶିକ୍ଷା,
ସଦ୍‌ଗୁରୁଠାରୁ ନେଇ ଶୁଭ ସୁଦୀକ୍ଷା,
ଚାଲ ତୁ ନିତ୍ୟ ସତ୍ୟ ସରଳ ପଥେ,
ଅନ୍ତେ ସ୍ୱର୍ଗେ ଯିବୁ ପୁଷ୍ପକ ରଥେ । ୨୩ ।
ଧର୍ମବଳରେ ଦୃଢ଼ ଉଡ଼ଣ ଅଣ୍ଟା,
ଚାଲିଲେ ଗୋଡ଼େ କେବେ ନ ଫୁଟେ କଣ୍ଟା,

ଅସାର ଭବେ ସବୁ   ମିଥ୍ୟା ନଶ୍ୱର,
ଧର୍ମହିଁ ଏକା ସାର   ସତ୍ୟ ସୁନ୍ଦର । ୨୪ ।
ଭଣଇ ଚନ୍ଦ୍ରମଣି   ରେ ଦୃଷ୍ଟମନ,
ହରିଙ୍କ ଚଣ୍ଡ ମଧ୍ୟେ   କର ଚନ୍ଦନ,
ଜଗନ୍ନାଥ ଚରଣେ   ଲଗା ତୁ ଲୟ,
ଜିଣିବୁ ଜରା,ଜନ୍ମ,   ମରଣ ଭୟ । ୨୫ ।

---

## ହାଟବାହୁଡ଼ା

ହାଟ ଭାଙ୍ଗିଲାଣି ଉଠ ରେ ବାନ୍ଧି ସଉଦାପାଣ୍ଡ
ପୂର୍ବେ ଦୂର ଘରେ ଆସିବ ମାଡ଼ି ଅନ୍ଧାର ଘଣ୍ଡ ।
ସରିନାହିଁ ଯେବେ ସଉଦା ତେବେ ଥାଉରେ ଥୋଡ଼ା
ଆଉ ହାଟ ଚାଲି ଆସି ତୁ କିଣି ନେବୁ ଯା ଲୋଡ଼ା ।
ସାଙ୍ଗ ଛାଡ଼ି ଚାଲିଗଲେଣି ସବୁ ହାଟୁଆ ଭାଇ
ଏକୁଟିଆ ଭୁଲି ପଡ଼ିବୁ   ଜଣୁ ମଠ କପାଇଁ ।
ଡର ଭୟ ତୋର ନାହିଁକି ଭୂତ ଫିଙ୍ଗିବ ଧୂଳି
କଣ୍ଟକ ପଡ଼ିବୁ ଡରିଟେ   ବାଟେ ଖାଇ ହାଉଳି ।
ନିଅଁ ପେଣ୍ଡ ଟୋକେଟେ ନେଇଥା ଶଳାହେଉଛୁ ହାଟେ
ସେହି ଦେଖାଇବ ଆଲୁଅ ତୋର ଚାଲିବା ବାଟେ
ଯେଉଁ ବାଟେ ଯିବୁ ସେ ବାଟ ପଡ଼ି ଚର ଅନ୍ଧାର
ଚାଲିବୁ କପର ଆଲୁଅ ବିନା ମନେ ବିଚାର ।
ନଇ ଟାଏ ପୁଣି ବହୁଛି ବାଟେ ଚିକ୍କଳ ଖାଇ,
ଅଣ୍ଟାରେ ପଇସା ଖୋଷିଥା ଘାଟ ନାଉରୀ ପାଇଁ ।
ବାଟେ ଚକ୍ରାପାଣି ଡାକିବୁ   ଜଣେ ନଅ ସଙ୍ଗରେ
ପହଞ୍ଚିବୁ ଯାଇ ତେବେରେ ସୁଖେ ଆନନ୍ଦେ ଘରେ ।

—*—

## ଚଶପ ଭିକ୍ଷା

ପ୍ରଭୁ ଜଗନ୍ନାଥ   ଦେଖାଅ ସୁପଥ
ହେ ଜଗତ ଅଧିକାରୀ,
ଜଣାଏ ଆରତେ   କେତେଣ ଦୁର୍ଭାଗ୍ୟ
ବାଟବଣା ବାଟୁଆରୀ ।
ଯିବାକୁ ତ ହେବ   ବହୁଦୂର ବାଟ
ମାନ୍ଦ୍ର ବେଳ ଗଲା ବହି,
ପହଞ୍ଚିବି ଯେତେ   ସଞ୍ଜ ନ ହେଉଣୁ
ସିଧା ବାଟ ଦିଅ କହି ।
ଅନ୍ଧାରେ ଅନ୍ତ୍ରାଳ   ହାବୁଡ଼ ହାବୁଡ଼
ନ ପାରିବି ମୁଁ ତ ଯାଇ,
ଦୟା କରି ହରି   ନେଇ ହାତ ଧରି
ଦିଅ ବେଗେ ପହଞ୍ଚାଇ ।
ଭାଙ୍ଗିଲଣି ପ୍ରାଣ   ଶଙ୍କିଲଣି ଜ୍ଞାନ
ଶୁଣି ଶୁଣି ଆଶା-ଭାଷା,
ଜଳ ନୁହେଁ ସେ ତ   ତୃଷ୍ଣା ମୃଗତୃଷ୍ଣା
ନ ମେଣ୍ଟେ ତହୁଁ ପିପାସା ।
ସେହି ଘରଭଙ୍ଗୀ   ମୋ ସୁନା ମନକୁ
ନ ଦେଲା କରି ମୋହର,
ତାହା କୁଶିକ୍ଷାରେ   ମୋ ବୋଲ ନ ମାନି
ମନ ମୋତେ କଲା ପର ।
ଆଶାକୁ ଘେନି ସେ   ଘର ଛାଡ଼ି ପଛେ
ହେଉ ତାର ଚିର ଦାସ,
ତାହା ସଙ୍ଗେ ବୃଥା   ଜଳ କରିବାକୁ
ନାହିଁ ମୋର ଅବକାଶ ।
ଖାଲିଣି କପାଇଁ   ତାହା ଲାଗି ମୋର
ମରୁ ସେ ପରବୁଦ୍ଧିଆ,
ଦୟା କରି ମୋତେ   ଘେନି ଯାଅ ପ୍ରଭୁ
ହେଉଛି ପ୍ରାଣ ଛାନିଆ ।
ଆଡ଼ମ୍ବରଶୂନ୍ୟ   ଏ ଭିକ୍ଷାରେ ନାହିଁ
କବିତା-କଳା-କୌଶଳ,
ନାହିଁ ବନକଣ୍ଠ   କୋକିଳର ଏଥି
ସଙ୍ଗୀତ ତାନ ତରଳ ।
କିମ୍ବା ନାହିଁ ପୁଣି   କୁସୁମ-ରସିକ
ଭ୍ରମର ବୀଣା-ଝଙ୍କାର,
ଅବା କମଳର   ସୁରଭି ସମ୍ଭାର
ଲଳିତ ଲାବଣ୍ୟ ସାର ।

ମାତୃଭାଷାରେ ମୁଁ    ଜଣାଉଛି ପ୍ରଭୁ
ପ୍ରାଣର ବେଦନାରାଶି,
ମାତୃଭାଷା ବିନା    ଅନ୍ତରର ବ୍ୟଥା
କାହିଁରେ ନୁହେଁ ପ୍ରକାଶି ।
ଗୀତ ନୁହେଁ ଏହା    ଭାବନା ମୋହର
ଜାଳୁଛି ଜୀବନ ସାରା,
ଭାବନା ଭିତରେ    ଥାଏ ନାହିଁ ପ୍ରଭୁ
ଛନ୍ଦ ଅଳଙ୍କାର ଧାରା ।
କିଏ କୃପାବନ୍ତ    ସେହି ସିନା ହେଉ
ହେବ ମୋ ପଥସଙ୍ଗାଳି,
ନ ପାଇବା ଯାଏଁ    ଜଳୁଥିବ ଅଳି
ଦିଅ ପଛେ ଟଳି ଗାଳି ।
ନ ଥାଉ ପଛେ ସେ    କୃପା-ଘନେ ଜଳ·
ଥିବ ତ ବକୁଳ-ନାଠ,
ସେହି ଆଲୁଅରେ    ଦେଖି ପାରିବ ମୁଁ
ନଷ୍ଟେ ଜଳାଶୟ ବାଟ ।
ତେଣୁ ମୋହର    ଲୋଡ଼ା ସିନା ପ୍ରଭୁ
ଜୀବନେ ପରମ ଲଭି,
ତେଣିକି ମିଳିଲେ    ଆଉ କିଛି କେବେ
ନ ମାଗିବ ପଦ୍ମନାଭି ।
ସାତ ଥର ସତ୍ୟ    କରି ମହାପ୍ରଭୁ
କହୁଛି ପକାଇ ଗୁଣ,
ନିଜ କୁଳ ପଣ    ନ ଭାଙ୍ଗିବ କେବେ
ଥିବାଯାଏ ପିଣ୍ଡେ ପ୍ରାଣ ।
ତୁମ୍ଭ କୃପା ବିନା    ଅନ୍ୟ ଅଭାବକୁ
ନ ଗଣେ ମୁଁ ଜଡ଼ାକର,
ଅଭାବ ଥାଉକୁ    ଡରିବ କିପାଇଁ
ହୋଇ ତ୍ୟାଗୀ ବଂଶଧର ।
ଶେଷ ଯାହା କଥା    ଭାବିଲେ ସହସ୍ରେ
ନେତ୍ରେ ଦିଶେ ଅନ୍ଧକାର,
ମନ ମଧ୍ୟୁ ପୁଣି    ଉଠଇ ଶୂନ୍ୟତା
କରି ଉଠେ ହାହାକାର ।

ତନୟେ ମାଗୁଛି    ଶେଷ ଭିକ୍ଷା ତେଣୁ
ପ୍ରଭୁ ତୁମ୍ଭ ପାଦ ଧରି,
ଏଣେ ଜଳି ପୋଡ଼ି    ଯାଉଛି ଯେପରି
ନ ଘଟୁ ତେଣେ ସେପରି ।

———

## ଷଡ଼ରଥୀ ସମର

ଦେଖ ଦେଖ ପ୍ରଭୁ    ଦଣ୍ଡ ତନ୍ତ୍ର ମୋତେ
ଷଡ଼ରଥୀ ହୋଇ ରୁନ୍ଧି,
ତୁମ୍ଭପରି ପିତା    ଥାଉଁ ମୁଁ ହେଲି ଯା
ନିରେଖ ପିତୃ-ଛେଉଣ୍ଡ ।
ଭିକ୍ଷୁକ ନୁହେଁ ମୁଁ    ତୁମ୍ଭର ସନ୍ତାନ
ତୁମ୍ଭେ ଶକ୍ତି ଦଣ୍ଡଧାରୀ,
ସଂସାର-ସମ୍ରାଟ    ଯା ପିତା, ତା ପୁତ୍ର
ହେବ ବା କିପାଁ ଭିଖାରୀ ?
ତର ନିର୍ମଳର    ଦୁର୍ବଳ ସିନା ମୁଁ
ମଳିନ ନୁହେଁ ମୋ ତନୁ,
ଅମୃତରୁ ଜନ୍ମି    ପାସୋରିଛି ମୁହିଁ
ମୃତ୍ୟୁ, ଚିନ୍ତା, ଦଇ ମନୁ ।
ଦମ୍ଭ କରି ମୁହିଁ    କହୁଛି ନିଜର
ନାହିଁ ମୋ ଦେହରେ ପାପ,
ହେବ କି ପାପୀ ସେ    ଜଗତର ପାପ
ହରୁଅଛି ଯାର ବାପ ।
ଲକ୍ଷ୍ମୀ ଠାକୁରାଣୀ    ନିଜେ ମୋ ଜନନୀ
ରତ୍ନାକର ବୃଦ୍ଧ ଅଜା,
ରଜନୀ-ଭୂଷଣ    କୁମୁଦିନୀ-ଧନ—
ଚନ୍ଦ୍ରର ମୁହିଁ ଭଣଜା ।
ଇତର ନୁହେଁ ମୁଁ    ଛାର ଭଗାରିଏ
ଜରନ୍ତ ତେବେ ଚଟାଳ,
ଏଥି ବଳି ଆଉ    ଆଶ୍ଚର୍ଯ୍ୟ କି ଅଛି
ଏ ତ ଶଷମ ଜଞ୍ଜାଳ ।
ତଳପାଖୁଁ ଘେରି    ଖଣ୍ଡଛନ୍ତି ମୋତେ
ସେ ଦୁର୍ଦ୍ଦାନ୍ତ ମହାବୀରେ,

ସେ ଝଣା ଝିଙ୍କାରେ    ପ୍ରାଣ ଆସି ମୋର
ହେଲାଣି ନାଚନ୍ତିରେ ।
ଚେତେ ଚତୁର ସେ    ଛଅଟା ଅସୁର
ମୋ ଦେହରେ କରି ବାସ,
ସେ ଦେହରୁ ପୁଣି    ଅନ୍ତନାଡ଼ ଟାଣି
କରୁଛନ୍ତି ସୁଖେ ଗ୍ରାସ ।
ସେ ଦୈତ୍ୟ ହାତରୁ    ଉଦ୍ଧାର ଦୈତ୍ୟାରି
ନ କରି ମୁଁ ଦୁଃଖ ଭୋଗ,
ବସୁଁ ବସୁଁ ଉଠି    ଗୁଞ୍ଜିଯିବ ଯେତେବେ
ଘଟାଅ ଏହି ସୁଯୋଗ ।
ଅଥବା ଦିଅ ହେ    ଉପଯୁକ୍ତ ଶକ୍ତି
କରିବି ତାଙ୍କୁ ଦଣ୍ଡିତ,
ଘୋଷୁଥିବି ତୁମ୍ଭ    ମହିମା ସପ୍ରେମେ
ଜୟଶ୍ରୀ ହୋଇ ମଣ୍ଡିତ ।

---

## ଏକମେବାଦ୍ୱିତୀୟଂ

ସବୁ ଛାଡ଼ି ତୁତେ    ତୁମ୍ଭଙ୍କୁ ଧରିଛି
ମହତ ଆଶ୍ରୟ ମଣି,
ପେଲିଦିଅ ନାହିଁ    ପାଦତଳୁ ମୋତେ
ପ୍ରଭୁ ସୁଦର୍ଶନ-ପାଣି ।
ଜୀବନର ବ୍ରତ    ବାଛି ନେଇଛି ମୁଁ
ଏକଦେବା ଏକସେବା,
ଦେବସ୍ରଷ୍ଟା ତୁମ୍ଭେ,    ତୁମ୍ଭଠାରୁ ବଳି
ଦେବତା କାହିଁକି କେବା ?
ଥିଲେ ଥାଉ ତାଙ୍କୁ    ପୂଜିବି ନାହିଁ ମୁଁ
ଚିରକାଳ ଏକନିଷ୍ଠା,
ବଡ ଲୋଭ ଆଶା    ନେଇ କାହାଁ ପୁଣି
କରିବି ଇତର ପୂଜା ।
ତୀର୍ଥ ଖୋଜି ଅବା    ବୁଲିବି କାହିଁକି
ଖରା, ବର୍ଷା, ଶୀତ ସହି,
ସକଳ ତୀର୍ଥ ତ    ତୁମ୍ଭ ପାଦତଳେ
ଖଟିଛନ୍ତି ସଦା ରହି ।

ବ୍ରତ ଉପବାସ    ଆଚରିବି ନାହିଁ
ଆତ୍ମାକୁ ଦେଇ କଷଣ,
ତୁମ୍ଭେ ପରା ପ୍ରଭୁ    ସକଳ ବ୍ରତର
ଅଟ ହେ ମୁଖ୍ୟ ଜୀବନ ।
ଗୁରୁ ଉପଦେଶ    କି ଲୋଡ଼ା, ତୁମ୍ଭେ ତ
ଗୁରୁର ପରମ ଗୁରୁ,
ଆନ ମହାଗୁରୁ    ପାଖେ ନ ପଶିବି
ଇହାରିବି ରହି ଦୂରୁ ।
ବିଶ୍ୱପ୍ରାଣ ତୁମ୍ଭେ    ତୁମ୍ଭଙ୍କୁ ସେବିଲେ
ହେଲା ସେବା ଜଗତର,
ଜନସେବା ବୋଲି    ସ୍ୱତନ୍ତ୍ର କଥାଏ
ନ ଜାଣେ ମୁହିଁ ଆବର ।
ଦାନରେ କି ଫଳ,    କିସ ଅଛି ଅବା
କରିବି ତାହାକୁ ଦାନ,
ମୋର ବୋଲି ଯାକୁ    କହେ ତାହା ସବୁ
ତୁମ୍ଭର ତ ଭଗବାନ ।
ଅଧିକ କି ଯଜ୍ଞ    ଆଚରିବି ହରି
ତୁମ୍ଭେ ପରା ଯଜ୍ଞେଶ୍ୱର,
କୋଟି ଯଜ୍ଞ ଫଳ    ମିଳେ ସିନା ପ୍ରଭୁ
ପୂଜିଲେ ତୁମ୍ଭ ପୟର ।
ସବୁ ଛାଡ଼ି ତୁମ୍ଭ    ପାଦ ଆଶ୍ରାକରି
ପଡ଼ିଛି ମୁଁ ଦୀନହୀନ,
ନାହିଁ ତ ହେ ଆଉ    ଅଧିକ ବିଳମ୍ବ
ଭେଟିବାକୁ ଶେଷ ଦିନ ।
ଖାଲି ଆସିଥିଲି    ଖାଲି ହାତେ ଯିବି
ନେବି ନାହିଁ କିଛି ଠୁଳେ,
କେବଳ ତୁମ୍ଭର    ମହାପୂଜା ପାଇଁ
ନେବି ମୁଁ ଫୁଲ ଅଞ୍ଜଳେ ।
ତେଣୁ କିଛି ଆଣି    ହୋଇ ନାହିଁ ଏଣେ
କାହିଁକି ବା ନେବି ଏଣୁ,
ଧନମାନ କଥା    ପଚାରୁଛି କିଏ
ନ ନେବି ଜଣିବେ ରେଣୁ ।

ତୁମ୍ଭର ଫୁଲ ଏସ        ମୋର ଲୁହେଁ, ତହିଁ
ପୂଜିବି ତୁମ୍ଭର ପାଦ,
ତୋଳିନେବା ମୂଳ        ଗଣ୍ଡାଇ ପାଇଲେ
ପୂରିବ ମୋ ମନ ସାଧ ।
ତୁମ୍ଭେ ମୋ ଦେବତା        ପିତା ପ୍ରାଣଗୁରୁ
ତୁମ୍ଭେ ଚିରବରଣୀୟ,
ତୁମ୍ଭ ବିନା ଅନ୍ୟେ        ନାହିଁ କିଛି ଆଉ
ତୁମ୍ଭେ ଏକ ଅଦ୍ୱିତୀୟ ।

—୫—

## ଉପସଂହାର

ଠିଆ ହୁଅ ବନ୍ଧେ ମନ ରେ ତୋତେ ପଚାରେଁ କଥେ
ଜନ୍ମ ହେଲା ଦେଖୁ ଭୁଲିଲୁ ତୁ ତ ଶ୍ମଶାନ ପଥେ ।
ସ୍ୱର ଆସିଲାଣି ସେ ବାଟ ଆଉ ଅଳ୍ପ ଅଳପ,
ଦେବଦର୍ଶନ ପାଇଁ ଉଠରୁ ଆଉ ଗାଲୁଗଲପ ।
ଦେବଦର୍ଶନ ଆଉ ନାଚରୁ ତୁଛା ଖେମଟା ନାଟ,
ଦେବଦର୍ଶନ ଅବା କରିବୁ ବିନା ସ୍ୱଭାରେ ହାଟ ।
ଚିର ବାଟୁଆଗ୍ନି ତୁ ପଶ୍ ଆଛା କହୁଚି ଭଲ,
ବାଟ ଗୁଲୁ ଗୁଲୁ ଫାନ୍ଦିବୁ ଦେଖେ ମାଇମାମଲ ।
ମହା ଦରବାର କଥା କି ମୂଢ଼ ଦେଲୁ ଟାସୋର,
ଆସି ତହୁଁ ଯୋଦ୍ଧା ପିଆଦା ଗଳେ ବାନ୍ଧିବେ ତୋର ।
ଶୁଣିବେ ନାହିଁ ତୋ କାକୁସ୍ତି ସେହି ମହାନସ୍ତୁରେ,
ଭେଟାଇବେ ନେଇ ତୋତେ ରେ ଧର୍ମରାଜା ଛାମୁରେ ।
ଚିତ୍ରଗୁପ୍ତ ନାମେ ପାଞ୍ଜିଆ ତହିଁ ବସିଥିବ,
ମିଛ କହିବାକୁ ତା ଆଗେ ଡରେ ଥରିବ ଜିଭ ।
ଗୋଟି ଗୋଟି କରି କୁକର୍ମ ତୋର ଯିବ ସେ ଗାଇ
ନାହିଁ କରିବାକୁ ସାହସ ତୋର ଜୁଟିବ ନାହିଁ ।
ଦୋଷ ଅପରାଧ ବିଚାରି ରାଜା ବହିବେ ଦଣ୍ଡ,
ସେ କାଳର କଥା ନ ଭାବୁ କିଆଁ ଆରେ ପାଷଣ୍ଡ ।
ଯାହା କଲୁ କଲୁ ପଛକେ ଏବେ ଛାଡ଼ କୁକର୍ମ,
କଷ୍ଟ ହେଲେ ଯିବା ବାଟରେ ଭଲ ଆଚର ଧର୍ମ ।

# ଜଗନ୍ନାଥ ଜଣାଣ

# ଜଗନ୍ନାଥ-ଜଣାଣ

ଛାନ୍ଦ—କାମୋଦୀ

—୧—

ଜଗତ ତାତମାତ    ହେ ପ୍ରଭୁ ଜଗନ୍ନାଥ
ଜଗତ ଜନ ମନ ପ୍ରାଣ,
କର ଯୋଡ଼ି ଦେବଣ    ଅଭାଗ୍ୟବନ୍ତ ଜନ
ଛାମୁରେ କରୁଛି ଜଣାଣ ହେ, ମହାପ୍ରଭୁ !
ସବୁ ଅସୁସ୍ଥ ଦେହେ ଅଛୁ,
ଜରା-ଅସୁସ୍ଥି ସାଧେ ବାଦ,
ଜୀର୍ଣ୍ଣ ଅସ୍ଥି ପଞ୍ଜର    ହେଲାଣି ତ ପୋଡର
ଜୀବନେ କି ଭରସା ଅଛି ହେ, ମହାପ୍ରଭୁ !

—୨—

ମରଣକୁ ମୋହର    ନାହିଁ ତ ତିଳେ ଡର
କିଏ ସେ ବେଶ ବଦଳାଇ,
ଜୀର୍ଣ୍ଣ ବେଶ ବର୍ଜନେ    ନବବେଶ ଧାରଣେ
ହେବ ବା ଛାନିଆଁ କିପାଇଁ ହେ, ମହାପ୍ରଭୁ !
କି ଗତି ହେବ ମୃତ୍ୟୁ ପରେ,
ଏ ଚିନ୍ତା ଘାରେ ହୃଦୟରେ,
ଭବିଷ୍ୟତ ଭାବନା—    ଅନ୍ଧାରେ ହୋଇ ବଣା
ଜୀବନେ ଥରୁଛି ଭୟରେ ହେ, ମହାପ୍ରଭୁ !

—୩—

ଫେଡ଼ ମୋର ସନ୍ଦେହ    ସୁସ୍ଥିର ହେଉ ଦେହ
କର ମୋ ଚିତ୍ତଦ୍ୱିଧା ଦୂର,
ତୁମ୍ଭେ ସର୍ବଜ୍ଞ ପ୍ରଭୁ    ତୁମ୍ଭଙ୍କୁ ଜଣା ସବୁ
ତୁମ୍ଭେ ତ ଜଗତଠାକୁର ହେ, ମହାପ୍ରଭୁ !
ଅଭୟ ଆଜ୍ଞା ହେଉ ଦାସେ,
ନାଚୁ ମୋ ପରାଣ ଉଲ୍ଲାସେ,
ଆଶା କରେ ତୁମ୍ଭର    ବାହୁ ଛାୟାକୁ ହର
ପଡ଼ିଛୁ ଏ ଭବ-ପ୍ରବାସେ ହେ, ମହାପ୍ରଭୁ !

—୪—

ଥାଉ ଅପର ଧାମ    ତୁମ୍ଭ ମଙ୍ଗଳ ନାମ
ଉଚାରୁ ନାହିଁ ବାରେ ତୁଣ୍ଡେ,
ପ୍ରେମ ଭକ୍ତିରେ ଫୁଲ    ତୁମ୍ଭ ଚରଣଧୂଳି
ଦେବେ ତ ମାଖି ନାହିଁ ମୁଣ୍ଡେ ହେ, ମହାପ୍ରଭୁ !
ବୟସ-ଚକ୍ରେ ରହି ବୁଡ଼ି,
ତୁମ୍ଭଙ୍କୁ ଯାଇଥିଲି ହୁଡ଼ି,
ନିଜକୁ ଗିରିବତ    ମଣୁଥିଲି ମହତ
ହୋଇ ମୁଁ ନଗଣ୍ୟ ପିମ୍ପୁଡ଼ି ହେ, ମହାପ୍ରଭୁ !

—୫—

ତୁଟିଗଲାଣି ମୋର    ସେ ସୁନାସ୍ୱପ୍ନ ଘୋର
ଆଉ ତ ନାହିଁ କିନ୍ତୁ ବେଳ,
ପଣି ମହାଚମତ    ହୃଦୟ ଦବଦବ
ମରମେ ବାଜେ ଯେବେ ଖେଳ ହେ, ମହାପ୍ରଭୁ !
ଗେଲ ନା ଏ ତୁମ୍ଭର ଖେଳ,
ନ ଦେଖାଇଲ ଥାଉଁ ବେଳ,
ଭୃତ୍ୟେ ଠକାଇ ଏବେ    ଅର୍ଜିଲ ଯଶ କେତେ
ଦାରୁଣ ଏଡ଼େ କିପାଁ ହେଲ ହେ, ମହାପ୍ରଭୁ !

—୬—

ମାମୁ ତୁମ୍ଭର କଂସ    ତାହା ପ୍ରାୟେ ନୃଶଂସ
ନ ହେବ କିପାଁ ନୀଳମଣି,
ମିଛ ନୁହେଁ ଏ କଥା    ଭକ୍ତଜନେ ସର୍ବଥା
ଆଣନ୍ତି ସିନା ମାମୁ ଅଣି ହେ, ମହାପ୍ରଭୁ !
ତୁମ୍ଭେ ତ ଅଟ ବଂଶେ ସାର,
ହେବ କି ତହିଁରୁ ବାହାର,
ପ୍ରଭୁ ଜନର ପ୍ରତି    ହେଲେ ନିଷ୍ଠୁର ମତି
ଆଉ ସେ ହୋଇବ କାହାର ହେ, ମହାପ୍ରଭୁ !

—୭—

ଦେଖିବ କି ନୟନେ ତୁମ୍ଭର ସୃଷ୍ଟି ଜନେ
ଦଣ୍ଡିବା କାଳେ ଦଣ୍ଡଧର,
ତ୍ରିଭୁବନ ଭବ ସମ୍ଭବ କି ମାଧବ
ସେ ଦୃଶ୍ୟ ଅତି ଭୟଙ୍କର ହେ, ମହାପ୍ରଭୁ !
ଈଶ୍ୱର ତୁମ୍ଭେ ପରା ରଜା,
ପର ହାତରେ ତୁମ୍ଭ ପ୍ରଜା,
ମାଡ଼ ଖାଇଣ ଯେବେ ମରିବ କହ ତେବେ
ତାହାକୁ ହୋଇବ ସେ ଲଜ୍ଜା ହେ, ମହାପ୍ରଭୁ !

—୮—

ଗାଳିକି ତ ତୁମ୍ଭର ଛଳ ନାହିଁ ନିଜର
ତାହାକୁ କଣ କରି ତାଳି,
ସାରାସୃଷ୍ଟିର ଗାଳି ସହୁଛ ବନମାଳି
ଆନନ୍ଦେ ମାରି କରତାଳି ହେ, ମହାପ୍ରଭୁ !
ଗାଳି ତ ତୁମ୍ଭର ଚନ୍ଦନ,
ଶ୍ରୀଅଙ୍ଗେ କର ତା ଲେପନ,
ନ ଥିଲେ ସହ୍ୟଗୁଣ ଧୈର୍ଯ୍ୟ ଉତ୍କଣ୍ଠା ପୁଣ
କେ ପ୍ରଭୁପଣକୁ ଭାଜନ ହେ, ମହାପ୍ରଭୁ !

—୯—

ଲବଣୀ କ୍ଷୀର ସର ଚୋରାଇ ବଂଶୀଧର
ବାଳୁତ କାଳେ ଗୋପପୁରେ,
ଖାଇଛ ଗାଳି ଯେତେ କହିବ ତାହା କେତେ
ଅଜଣା ନୁହେଁ ତା ଛାମୁରେ ହେ, ମହାପ୍ରଭୁ !
ଅଲେଖ ସର୍ବ ଗୋପବାଳୀ,
ବର୍ଷନ୍ତି ଅନର୍ଗଳ ଗାଳି,
ପକାଇ ଡକା ଘୋର କହନ୍ତି ଚୋର ଚୋର
ଧର ଗୋ ଧର ଗୋ ଓଗାଳି ହେ, ମହାପ୍ରଭୁ !

—୧୦—

ଭାଗ୍ୟବନ୍ତୀ ଗୁଆଳୀ ଦେଇ ତୁମ୍ଭଙ୍କୁ ଗାଳି
ଲଭିଲେ ତୁମ୍ଭ ପଦାଶ୍ରୟ,
ତାହିଁ ସେ ଭାଗ୍ୟ ମୋର ମୁଁ ଯେ ପତିତ ଘୋର
ପାମର ଛାର ଦୁରାଶୟ ହେ, ମହାପ୍ରଭୁ !
ନାହିଁ ମୋହର ଆତ୍ମଜ୍ଞାନ,
ବହୁଛି ତେଣୁ ଅଭିମାନ,
ଦୁର୍ବଳର ସମ୍ବଳ ତେଣିକି ତ କେବଳ
ତା ବିନା ନ ଜାଣେ ସେ ଆନ ହେ, ମହାପ୍ରଭୁ !

—୧୧—

ମୋର ଏ ଅଭିମାନ ନ ହେବ କେବେ ଆନ
ବାନ୍ଧିଛି ଏ ଭରସା ଆସ୍ଥେ,
ଅଣବୁଝା ସନ୍ତାନେ ପିତା ଅଧମ ଜାଣେ
ଦିଅନ୍ତି ଅଧିକ ତା ବାଣ୍ଟେ ହେ, ମହାପ୍ରଭୁ !
ଏହା ମୁଁ ଜାଣେ ନିଶ୍ଚୟରେ,
ରହିଛି ତେଣୁ ନିର୍ଭୟରେ,
ଏହି ମୃତ ବିଶ୍ୱାସ ଅଟେ ମୋତେ ନିଶ୍ୱାସ
କି ଜାଣି କି ଘଟିବ ପରେ ହେ, ମହାପ୍ରଭୁ !

—୧୨—

ଖେଳ ବିଫଳ ଖେଳ ବ୍ୟର୍ଥେ ଗଲ ବେଳ
ଆଉ ତ ନାହିଁ ଅବସର,
ବାନ୍ଧୁ ବାନ୍ଧୁ ପଗଡ଼ି ଗଲଣି ଲଗ୍ନ ଗଡ଼ି
ଏ କ୍ଷୋଭ ଦହୁଛି ଅନ୍ତର ହେ, ମହାପ୍ରଭୁ !
ଏ ଘାନ୍ତ ମୃତ୍ୟୁ ଘଟିପାରେ,
କିବା ବିଶ୍ୱାସ ତାହାଠାରେ,
ଅନିଶ୍ଚିତ ଜୀବନ ସୁନିଶ୍ଚିତ ମରଣ
ସଂଶୟ କିସ ଏ କଥାରେ ହେ, ମହାପ୍ରଭୁ !

—୧୩—

ଏହି ଦାରୁଣ ଖେଦ ଚିତ୍ତେ ଆଣି ନିର୍ବେଦ
ଦେଉଛି ଅଶେଷ ଧିକ୍କାର,
ନାହିଁ ତ ଦୟା ତାର କରେ ପୁଣି ପ୍ରହାର
ଅନଳଛାଟ ବାରମ୍ବାର ହେ, ମହାପ୍ରଭୁ !
ଭାବିଲେ ଅନ୍ତିମ ଅବସ୍ଥା,
ମରମେ ବାଧେ ବଡ଼ ବ୍ୟଥା,
ଉଭେଇଯାଏ ଜ୍ଞାନ ତାଳି ଉଠେ ପରାଣ
ବିକୃତ ହୋଇଯାଏ ମଥା ହେ, ମହାପ୍ରଭୁ !

—୧୪—

ଜ୍ଞାନ-କରୁଣ ଛନ୍ଦ ନ ଦେଇ ଜ୍ଞାନ-ସିନ୍ଧୁ
ଦେଉଛ କପାଁ ଯୋଉ ପୁଣି,
ତତ୍ପରର ସମସ୍ତ କଣ୍ଠରେ ଦେଇ ହସ୍ତ
ଭାଟଙ୍କା ହେବେ ଏହା ଶୁଣି ହେ, ମହାପ୍ରଭୁ !
ତୁମ୍ଭେ ତ ମାଣଙ୍କ ପ୍ରବର,
ନିଖିଳ ମାଣ୍ଡ ଧୁରନ୍ଧର,
କର୍ମାସ୍ତ୍ର ନିର୍ବିକାର ତୁମ୍ଭର ଏ ବେଭାର
ବସ୍ତୁର ହେଲା କି ସୁନ୍ଦର ହେ, ମହାପ୍ରଭୁ !

—୧୫—

ଦେଇ ପୀଡ଼ା ଅଧିକ ସହିବା ଶକ୍ତି ଟିକ
ନେଉଛ ସବଳେ ଛଡ଼ାଇ,
ପଶୁ କଶାରୁ ପରି ଉପର ରକ୍ଷା କରି
ଭିତର ଦେଉଛ ସଢ଼ାଇ ହେ,ମହାପ୍ରଭୁ !
ଭୁଞ୍ଜୁଛି ଅସହ୍ୟ ଯନ୍ତ୍ରଣା,
ବିବେକ ହୋଇଯାଏ ବଣା,
କସ କହିବ ଆଉ ଦୁର୍ଗନ୍ଧ ମହାବାହୁ
କି ଅବା ତୁମ୍ଭଙ୍କୁ ଅଜଣା ହେ,ମହାପ୍ରଭୁ !

—୧୬—

ନ ଲାଗେ କିଛି ଭଲ ଏ ଆତ୍ମା ଚଳବଳ
ହେଉଛି ହୋଇପାରେ ଯେତେ,
ପ୍ରଚଣ୍ଡ ଝଞ୍ଜାବାତେ ରୁଦ୍ର ତରଙ୍ଗାଘାତେ
ଥିରିବ ନାହିଁ ତରୀ ଯେତେ ହେ, ମହାପ୍ରଭୁ !
ଭାଷାର କି ସାଧ୍ୟ ବର୍ଣ୍ଣନା—
କରିବ ସେ ଅଗ୍ନି ଯନ୍ତ୍ରଣା,
ସହି ନ ପାରି ତାର ଶଷମ ଗୁରୁଭାର
ଫାଟି ତ ଯିବ ତା ମୂର୍ଚ୍ଛନା ହେ, ମହାପ୍ରଭୁ !

—୧୭—

ସଙ୍କଟ ବେଳେ ଆହା ନ ହେଲ ଯେବେ ସାହା
ହେବ ବା କେଉଁ କାଳେ ଆଉ,
ବର୍ଣ୍ଣିକ କିଅ ହରି ଆଡୁରେ କୃପାକରି
ପିଣ୍ଡରେ ପ୍ରାଣ ଥାଉଁ ଥାଉଁ ହେ, ମହାପ୍ରଭୁ !
ବାରେକ ଦେଖିଲେ ଶ୍ରୀମୁଖ,
ପାସୋରିଯିବ ସବୁ ଦୁଃଖ,
ହରିଯିବ ଆବର ଯନ୍ତ୍ରଣା ଗୁରୁତର
ମଣିବ ଦୁଃଖେ ମହାସୁଖ ହେ,ମହାପ୍ରଭୁ !

—୧୮—

ଏତେବେଳେ ଦାରୁଣ ହେଲେ ହେ ପ୍ରଭୁ ଶୁଣ
ଆଣ୍ଡି ବ ଯେବେ ମୃତ୍ୟୁଅଙ୍କ,
ତେବେ ତୁମ୍ଭର ହରେ ଦୟାମୟ ନାମରେ
ନିଶ୍ଚୟ ଲାଗିବ କଳଙ୍କ ହେ, ମହାପ୍ରଭୁ !
ମୁଖେ ଯେ ପଣ୍ଡିତ-ଚାରଣ,
କରିବେ ନାହିଁ ଉଚ୍ଚାରଣ,
ଉଠିଯିବ ସୁଖଦ ଆର୍ତ୍ତତ୍ରାଣ ଶବଦ
ଅଭିଧାନରୁ ନାରାୟଣ ହେ, ମହାପ୍ରଭୁ ।

—୧୯—

ତପ୍ତ ଅଶ୍ରୁ ମୋହର ଝରୁଛି ନିରନ୍ତର
ପଡ଼ି ତା ପୟରେ ତୁମ୍ଭର,
ନ ହୁଏ କି ଫୋଟକା ଲାଗେ ମୋତେ ଭାଟଙ୍କା
ପାଷାଣ ହେଲା କି ପୟର ହେ, ମହାପ୍ରଭୁ !
ମୋର ଏ ଅନଳ ନିଃଶ୍ୱାସ,
ଶ୍ରୀଅଙ୍ଗେ ନ ଦିଏ କି ତ୍ରାସ,
କରୁଣା ସିଂହାସନ ନ ଟଳେ କି ମୋହନ
ଶୁଣି ମୋ ଆର୍ତ୍ତ ହା ହା ଘୋଷ ହେ, ମହାପ୍ରଭୁ !

—୨୦—

ସତେ କି ଦୀନବନ୍ଧୁ ତପ୍ତ ହୃଦୟ-ଇନ୍ଦୁ
ନିଷ୍ଠୁର ଏତେ ହୋଇପାର,
କିନ୍ତୁ ଏହା ତ ମୋତେ ହେଉ ନାହିଁ ପରତେ
ତୁମ୍ଭେ ଯେ କୃପା-ପାରାବାର ହେ,ମହାପ୍ରଭୁ !
ଫଳେ କି ମଧୁର ରସାଳେ,
ତୋରଲା ଫଳ କେଉଁ କାଳେ,
ଦୁର୍ଗନ୍ଧରେ ଅତୁଲ ଗନ୍ଧଗୋହିରୀ ଫୁଲ
ଫୁଟିବ କେବେ କି ମୃଣାଳେ ହେ, ମହାପ୍ରଭୁ !

—୨୧—

ଶୋକ-ସିଂହାସନରେ ଚକ୍ରବର୍ତ୍ତୀପଣରେ
କେ ଅଛି ମୋ ସମାନେ କାହିଁ,
କୋଟି ବ୍ରହ୍ମାଣ୍ଡ ମଧ୍ୟେ ମୋ ପରି ଜଣେ ଅଧେ
ନିରକ୍ଷ ଜନ ଥିବ ନାହିଁ ହେ, ମହାପ୍ରଭୁ !
ଭାଗ୍ୟ ଯେ ବଇରୀ ମୋହର,
ନୁହେଁ ତା ମୂଲ୍ୟ କଡ଼ାକର,
ଦେଲେ ତାକୁ ହେ ହରି ଇଚ୍ଛାରେ ଯାଚି କରି
କେହି ତା' ନ ନେବ ନିଜର ହେ, ମହାପ୍ରଭୁ !

—୨୨—

ତାହାକୁ ଜଗଦୀଶ ଦେଉ ନାହଁ ବା କିସ
ମୋ ପ୍ରତି ଏତା ସିନା ବାମ,
ପ୍ରେମ ଭକତି ଜ୍ଞାନ ଥିଲେ ମୁଁ ହୀନମାନ
କୁଅନ୍ତି କର୍ପା ଘନଶ୍ୟାମ ହେ, ମହାପ୍ରଭୁ !
ଅଜ୍ଞାନେ ବୁଡି ଥାଉଁ ଥାଉଁ,
ସୁଜ୍ଞାନ ମିଳିବ ବା କାହୁଁ,
ଅନ୍ଧାରେ ଆଲୋ ଯେବେ ନ ଦେଖାଇବ ତେବେ
କିଏ ବା ଦେଖାଇବ ଆଉ ହେ, ମହାପ୍ରଭୁ ।

—୨୩—

ଏ ଆଜ୍ଞା ହେବ ପରା କିପାଁ ହେଉ ଘାବରା
କିସ ବା ଦେଇ ନାହିଁ ତୋତେ,
ତୋହଠାରେ କରୁଣା କରି ନାହିଁ ତ କିଣା
କାନ୍ଦୁଛୁ ବୃଥା ଶୋକ-ସ୍ରୋତେ ହେ ମହାପ୍ରଭୁ !
ମାନୁଷ ଦେଇଛି ସକଳ,
ମାତ୍ର ତା ସୁବର୍ଣ୍ଣ ଶୃଙ୍ଖଳ,
ସୁବର୍ଣ୍ଣେ ହେଲେ ଗଢ଼ା ନୁହେଁ କଠିନ ଛଡ଼ା
କୁସୁମ ପରିଏ କୋମଳ ହେ, ମହାପ୍ରଭୁ !

—୨୪—

ଦେଇଛ ଯାହା ପ୍ରଭୁ ରହିବ ତାହା ସବୁ
ପଡ଼ି ଏ ମାଟିରେ ତୁମ୍ଭର,
ସଙ୍ଗରେ ନେବା ଭଳି ଦିଅ କିଛି ଏ ଅଳି
କରୁଛି ଯୋଡି ବେନି କର ହେ, ମହାପ୍ରଭୁ !
ନ ହେବ ତାହା ଯେବେ ହରି,
ନିଜକୁ ଦିଅ କୃପା କରି,
ପାଇଲେ ମୁଁ ତୁମ୍ଭଙ୍କୁ ନିସ୍ତରିବ ପାତକୁ
ମଣିବି ନିଧିଲଭ ପରି ହେ ମହାପ୍ରଭୁ !

—୨୫—

ତୁମ୍ଭେ ପ୍ରଭୁ ଅନନ୍ତ ମୁଁ ଯେ କ୍ଷୁଦ୍ର ଅତ୍ୟନ୍ତ
କି ଜାଣେ ମହିମା ତୁମ୍ଭର,
ଶୁକପକ୍ଷୀ ସମାନ ତୁମ୍ଭରି ବୋଲିମାନ
ଘୋଷୁଛି ସିନା ନିରନ୍ତର ହେ ମହାପ୍ରଭୁ !
ନ ଜାଣେ ଅର୍ଥ ମୁଁ ତାହାର,
ଘୋଷିବା ମାତ୍ର ଏକା ସାର,
କରୁଅଛି ଯେ କର୍ମ ନ ବୁଝି ତାହା ମର୍ମ
କରୁଛି ଅନୁଜ୍ଞା ପ୍ରକାର ହେ, ମହାପ୍ରଭୁ !

—୨୬—

ତାହା ଯେବେ ତୁମ୍ଭର ନ ହେଲା ପ୍ରୀତିକର
ଅଥବା ନ ହେଲା ପସନ୍ଦ,
ସେଥିଲାଗି ମୁଁ ଦାୟୀ ହେବି ବା କାହିଁପାଇଁ
ବସ୍ତୁର ଭଲ ଅଦିକନ ହେ, ମହାପ୍ରଭୁ !
ଆପଣା କଲା କର୍ମ ପାଇଁ,
ଦଣ୍ଡିବ ଆନେ ଭାବଗ୍ରାହୀ,
ଜାଣି ହେଲେ ଅଜଣା ତଲେ ଅଗୁହ୍ୟମଣା
ତାହାକୁ ନିନ୍ଦା ଜଗୁସାଇଁ ହେ, ମହାପ୍ରଭୁ !

—୨୭—

ତୁମ୍ଭରି ହେମନ୍ତରେ ଦମ୍ଭ ଧରି ଅନ୍ତରେ
ବସୁଛିଥାଏଁ ମୁଁ ଏସନ,
ଭବେ ବିପଦ ଛାର କି କରିପାରେ ତାର
ଯା ପ୍ରଭୁ ବିପଦନାଶନ ହେ, ମହାପ୍ରଭୁ !
ସତେ କି ଏ ଦମ୍ଭ ମୋହର ,
ଚୂର୍ଣ୍ଣ କରିବ ଚକ୍ରଧର,
ତେବେ କିଏ କାହିଁକି ଶ୍ରୀପଦେ ହୋଇ ଭକ୍ତ
ପୂଜିବ ଅଭୟ ପସ୍ତର ହେ, ମହାପ୍ରଭୁ !

—୨୮—

କଥାଏ ପଶ୍ନୁରତ   ସଂଶୟ ନିବାରତ
ଜନ୍ମ ବ ନ ଜଣ୍ଣ ଜଗତ,
ଆଉ ବା କେତେ କାଳ   ବଞ୍ଚି ବ୍ୟର୍ଥ ଜଞ୍ଜାଳ
ଏରୂପେ ହେବ ଛଟପଟ ହେ, ମହାପ୍ରଭୁ !
କେତେ କାଳ ବା ଏହିମତ,
ଦେଖିବ ତୁମ୍ଭେ ମୋ ଦୁର୍ଗତି,
ଶ୍ରୀକରେ ଚକ୍ର ଥାଉଁ   ସତେ କି ମହାବାହୁ
ସେବକେ ଗ୍ରାସିବ ବିପତ୍ତି ହେ, ମହାପ୍ରଭୁ !

—୨୯—

ତୁମ୍ଭେ ତ ଶିଶୁପରି   ଖେଳୁଛ ମୋତେ ଧରି
ମୁଁ ସିନା ଖେଳଦ୍ରବ୍ୟ ତବ,
ତୁମ୍ଭର ହୁଏ କ୍ରୀଡ଼ା   କିନ୍ତୁ ମୁଁ ଭୁଞ୍ଜେ ପୀଡ଼ା
କର କି ଏହା ଅନୁଭବ ହେ, ମହାପ୍ରଭୁ !
ତୁମ୍ଭେ ତ ବିବେକ ଆଧାର,
ଚିତ୍ତରେ କର ହେ ବିଚାର,
ଏକର ସର୍ବନାଶ   ଆନର ପୌଷମାସ
ଏ ନୀତି ପ୍ରଭୁଙ୍କ ବେଭାର ହେ, ମହାପ୍ରଭୁ !

—୩୦—

ଛାଡ଼ି ବିଶ୍ୱଠାକୁର   ତେଜି ବୈକୁଣ୍ଠପୁର
ବସିଛ ସୁଖେ ନୀଳାଚଳେ,
ଭକ୍ତ ଆତୁର ଜନେ   ଦେଉଛ ସ୍ୱଚ୍ଛମନେ
ଅଭୟ ଯାଚି ବଳେ ବଳେ ହେ, ମହାପ୍ରଭୁ !
ତୁମ୍ଭ କୃପାରୁ ଏ ଉତ୍କଳ,
ହୋଇଛି ମହା ତୀର୍ଥସ୍ଥଳ,
କୋଟି କୋଟି ମାନବ   ଭକ୍ତିରେ କରି ସ୍ତବ
ପୂଜନ୍ତି ତା' ପଦକମଳ ହେ, ମହାପ୍ରଭୁ !

—୩୧—

ମାତୃମହୀ ଯାହାର   ସ୍ୱର୍ଗରୁ ବଳୀଆର
ଜନକ ଯାର ଜଗନ୍ନାଥ,
ଦୀନ ଭିକାରି ପରି   ହୀନ ଜୀବନ ଧରି
ସେ କିପାଁ ହୋଇଲା ଅନାଥ ହେ, ମହାପ୍ରଭୁ !
ସାଗରେ ଆଶ୍ରାକର ମୀନ,
ହୁଏ କି ପିପାସାରେ କ୍ଷୀଣ,
ତୁମ୍ଭଙ୍କୁ ଆଶ୍ରା କରି   ହେଲି ମୁଁ ଏତେ ଘରି
ଘୁଞ୍ଚିଲା ନାହିଁ ମୋ ଦୁର୍ଦ୍ଦିନ ହେ, ମହାପ୍ରଭୁ !

—୩୨—

ତୁମ୍ଭ କରୁଣାବିନ୍ଦୁ   ଲଭି ଏ ମହାସିନ୍ଧୁ
ସାଧୁଛି ବିଶ୍ୱର କଲ୍ୟାଣ,
ଜଳ ବରଷେ ଘନ   ଔଷଧି ଦାଣ୍ଡେ ବନ
ପବନ ଯାଚିଦିଏ ପ୍ରାଣ ହେ, ମହାପ୍ରଭୁ !
ସ୍ୱର୍ଗର ବିଭବ ଅନନ୍ତ,
ମର୍ତ୍ତ୍ୟରେ ବିତରେ ବସନ୍ତ,
ଶୋଭା ସୁଗନ୍ଧ ଦାନ   କରନ୍ତି ପୁଷ୍ପମାନ
ପ୍ରଦାନେ ଋତୁ ହିମବନ୍ତ ହେ, ମହାପ୍ରଭୁ !

—୩୩—

ସତ୍ୟ ଶିବ ସୁନ୍ଦର   ହେ ପ୍ରଭୁ ନରେଶ୍ୱର
ଘଟାଅ ମୋ ଭାଗ୍ୟ ଏସନ,—
କୁସୁମ ସୁଷମାରେ   ଗଗନ ନୀଳିମାରେ
ପାଇବି ତୁମ୍ଭର ଦର୍ଶନ ହେ, ମହାପ୍ରଭୁ !
ସୁତୀକ୍ଷ୍ଣ ରବି ରଶ୍ମି ଧାରେ
ଚନ୍ଦ୍ରର ଶୀତଳ ଜ୍ୟୋତ୍ସ୍ନାରେ,
ମହାମହିମା ତବ   ସର୍ବଦା ଅନୁଭବ
କରିବି ଯେମନ୍ତେ ସବୁଠାରେ ହେ, ମହାପ୍ରଭୁ !

—୩୪—

ନା ମାଗେ ସ୍ୱର୍ଗଟିକା   ନା ମାଗେ ମୁକ୍ତିଭିକ୍ଷା
ବିଧାନ କରୁଛ ଶ୍ରୀଧର,
ନ ଖୋଜେ ମୁହିଁ ତାହା ଏହା ତ କଥା ନାହିଁ
ତୁମ୍ଭର ବୁଦ୍ଧି ଅଗୋଚର ହେ, ମହାପ୍ରଭୁ !
ଲୋଡ଼େ ମୁଁ ତୁମ୍ଭ ପଦାଶ୍ରୟ,
ଆଉର ଶାନ୍ତି-ସୁଧାମୟ,
ଏତିକ ହେଲେ ମୋର   ତୁଟିବ ଚିନ୍ତା ଘୋର
ମୋ ଚିତ୍ତ ହେବ ନିର୍ଭୟ ହେ, ମହାପ୍ରଭୁ !

—୩୫—

ତେଲୁ ତେଲୁ ସଙ୍କଟ ହୋଇ ଅତି ଉତ୍କଟ
ଧାଇଁଛି କରିବାକୁ ଗ୍ରାସ,
ତେଣୁ ତୁମ୍ଭଙ୍କୁ ହରି ଡ଼ାକୁଛି ରଙ୍କଜନ
ଅନ୍ତରେ ବହି ମହାତ୍ରାସ ହେ, ମହାପ୍ରଭୁ !
ବିଳମ୍ବ ହେଲେ ଆଉ କ୍ଷଣେ,
ସନ୍ଦେହ ନାହିଁଟି ମରଣେ,
ପରିହାସେ କପାଇଁ ମରିଇବ ଗୋସାଇଁ
ସ୍ୱହସ୍ତେ ନ ମାରି ଆପଣେ ହେ, ମହାପ୍ରଭୁ !

—୩୬—

ସ୍ୱରୂପ ଦେଖିବାକୁ କରୁଥିଲି ମୁଁ ଡାକୁ
ଶୁଣ ହେ ସୃଷ୍ଟି-କାର୍ଯ୍ୟ-କର୍ତ୍ତା,
ମାୟାବି, ମାୟା କରି ପିଲି ଭଣ୍ଡାଣପରି
ଭଣ୍ଡାଇଦେଲ ଦେଇ ଛବି ହେ, ମହାପ୍ରଭୁ !
କିନ୍ତୁ ମୁଁ ନ ହୋଇ ନିରାଶ,
ଅଧିକେ ଲଭୁଛି ଆଶ୍ୱାସ,
ଛବି ପଛେ ସ୍ୱରୂପ ଦେଖିବି ବିଶ୍ୱରୂପ
ବାନ୍ଧିଛି ହୃଦେ ଏ ବିଶ୍ୱାସ ହେ, ମହାପ୍ରଭୁ !

—୩୭—

ତୁମ୍ଭେ ମଙ୍ଗଳାଳୟ ଅନନ୍ତ ଇଚ୍ଛାମୟ
ମଙ୍ଗଳ ଇଚ୍ଛା ପୂରୁ ତବ,
ଯାହା ତୁମ୍ଭର ଦେୟ ହେୟ ନୁହେଁ ତା ଶ୍ରେୟ
ଏ କଥା ନୁହେଁ ଅବାସ୍ତବ ହେ, ମହାପ୍ରଭୁ !
ତୁମ୍ଭେ ତ ବ୍ରହ୍ମାଣ୍ଡଠାକୁର,
କେମନ୍ତେ ହେବ ବା ନିଷ୍ଠୁର,
କରୁଣାସିନ୍ଧୁ ନାମ ତୁମ୍ଭଙ୍କୁ ଘନଶ୍ୟାମ
କରିଇଦେବ ନାହିଁ ଦୂର ହେ, ମହାପ୍ରଭୁ !

—୩୮—

ଏତେ ଯେ ମାନ ଧରି ବସିଲି ରୁଷିକରି
କେହିଲେ ତ ବୋଉସିଲ ନାହିଁ,
ଜାଣିଲି ଏବେ ସିନା ଦାବୀ କରିବା ବିନା
ରୁଷା ଭୂଷାରେ ଫଳ ନାହିଁ ହେ, ମହାପ୍ରଭୁ !
ରଖିବା ଇଚ୍ଛା ଯେବେ ନାହିଁ,
ଜନମ ଦେଲ କାହିଁ ପାଇଁ,
ନତେ ବିଶ୍ୱର କର ତୁମ୍ଭେ ସିନା ମୋହର
ଭଲ ମନ୍ଦକୁ ଏକା ଦାୟୀ ହେ, ମହାପ୍ରଭୁ !

—୩୯—

ତେଜି ସକଳ ଡର ହୋଇଣ ମୁଁ ନିଃଶଙ୍କ
ନଶ୍ୱର ଶରୀର ଜୀବନ,
ଚନ୍ଦ୍ରା ସଙ୍କଟ ଖେଦ ସୁଖ ଦୁଃଖ ନିର୍ବେଦ
ତୁମ୍ଭଙ୍କୁ କଲି ସମର୍ପଣ ହେ, ମହାପ୍ରଭୁ !
ଏମାନ ଅଟେ ତ ତୁମ୍ଭର,
ଯା ତୁମ୍ଭ ଇଚ୍ଛା ତାହା କର,
ମୋହର କହିବାର କି ଅଛି ଅଧିକାର
ରହିବି ମୁହିଁ ସ୍ୱତନ୍ତ୍ରର ହେ, ମହାପ୍ରଭୁ !

—୪୦—

ଦୁଆରେ ବକା ବକା ପଡ଼ିଲିଣି ମୁଁ ଥକା
ରହିବି ଏବେ ହୋଇ ତୁନ,
ଘଟୁ ଯା ଘଟିବାର ଅନ୍ତରେ ବାରମ୍ବାର
ଜାଳିବି ନାହିଁ ଶୋକଧୂନି ହେ, ମହାପ୍ରଭୁ !
ଏ ମୋର ପ୍ରତିଜ୍ଞା ଅଟଳ,
କେବେହେଁ ନ ହେବ ବିଫଳ,
ନିଶ୍ଚିନ୍ତ ଚନ୍ଦ୍ରାମଣି ଏ କଥା ଧ୍ରୁବ ମଣି
ଦୃଢ଼ତା ଦୁର୍ବଳର ବଳ ହେ, ମହାପ୍ରଭୁ !

# ଶିଶୁଧର୍ମ ନୀତିଶିଷା

# ଶିଶୁ-ଧର୍ମନୀତିଶିକ୍ଷା

ପାଠରେ ମନୋଯୋଗୀ ହୁଅ,
କହିବେ ସବୁ ସୁନାପୁଅ ।
ସମସ୍ତେ କରିବେ ଆଦର,
ଦେବେ ମିଠେଇ ଦୁଧସର ।
ମନରେ ଭାରି ଖୁସି ହେବେ,
ସୁନ୍ଦର ବହି ଆଣି ଦେବେ ।
ପାଠ ପଢ଼ିଲେ ହେବ ଭଲ,
ବଢ଼ିବ ପସନ୍ନ ଅକଲ ।
ପାଠ ପଢ଼ିବ ହୋଇ ଶାନ୍ତ,
ଖାଇବ ଯାଇ ଦୁଧ ଭାତ ।
ପାଠ ପଢ଼ିବା ବଡ଼ ମଜା,
ଘରେ ମିଳିବ ମାଛ ଭଜା ।
ନ ବୁଲି ପଢ଼େ ବନମାଳୀ,
ତା ବାପ ଦେଲେ ସୁନାମାଳୀ ।
ଖାଇବ ନାହିଁ ପିକା ପାନ
କାନ ମୋଡ଼ିବେ ଅବଧାନ ।
ଯେ ପିଲା ଦୁଷ୍ଟ କଳହୁତା,
ଖାଏ ସେ ଗୋଇଠା ଗୁସୁଡ଼ା ।
ଚରିତ୍ର ରଖିବ ନିର୍ମଳ,
ଯେପରି ସଫା ଗଙ୍ଗାଜଳ ।
ଖରାପ ଯାହାର ବେଭାର,
କେବେ ନ ହେବ ସାଙ୍ଗ ତାର ।
ବାପ ମା ଠାକୁର ମୋହର,
ମୁଁ ତାଙ୍କ ଚରଣେ ଜୁହାର ।
ଲୁଗା ମସିଆ ନ କରିବ,
ଦେହ ସୁରୂପ ରଖିଥିବ ।

ଦୁଲୁତା ପ୍ରାଣମତ୍ର ସଷ,
ଛୁଇଁବ ନାହିଁ ସେ ଜାନଷ ।
ଯାଉ ପଛକେ ଫାଟି ମଥା,
ନିଶ୍ଚେ କହିବ ସତ କଥା ।
ପଣ୍ଡା ପୁଅଟା ଭାରି ବଢ଼,
ପାଠ ନ ପଢ଼େ ଖାଏ ମାଡ଼ ।
ସକାଳେ ଯୋଡ଼ି ମୁଁ କରକୁ,
ଜୁହାର ହେବ ଠାକୁରଙ୍କୁ ।
ନ ନେବ ପର ଦ୍ରବ୍ୟ ହାତ,
ଅଧର୍ମ ଅନ୍ୟାୟ ତାହା ତ ।
ହେବ ନାହିଁ ମୁଁ ନିନ୍ଦାମର୍ଗ,
ମା ବାପେ ଦେବ ନାହିଁ ଦୁଃଖ ।
ହିଂସା କରିବା ମହାପାପ,
ହିଂସ୍ରକ ଏକା ଭସ୍ମ ସାପ ।
ନିତ୍ୟ ଶିଖିବ ନୂଆ ପାଠ,
ହେବ ମୁଁ କେବେ ବଡ଼ ଲାଟ ।

* * *

ଲୋକଙ୍କୁ ଦେଲେ ଲୁଡ଼ ମୁଠିଏ,
ଥାଉଷ ବଢ଼ିବ ସିନା କୋଟିଏ ।
ସବୁବେଳେ ମିଠା କଥା କହିବ,
ତେବେ ସମସ୍ତଙ୍କ ମନ ଜିଣିବ ।
ପଢ଼ିବାକୁ ଯିବ ନ ବସି ଲୁଚି,
ବାପ ମାଆ ହେବେ ବହୁତ ଖୁସି ।
କେବେ ନ କରିବ ଦୁଷ୍ଟାମି କାହି,
ଦୁଷ୍ଟକୁ ସମସ୍ତେ କରନ୍ତି ଛି ଛି ।

ପାଠ ପଢ଼ି ହେବ ସୁନ୍ଦର୍ ବାଳ,
ଗଢ଼ିବ ମଟର୍ ଉଡ଼ାଜାହାଜ ।
ପୂର୍ବପୁରୁଷଙ୍କ ପଦାଙ୍କ ସେଇ,
ବଡ଼ ହେଲେ ମୁହିଁ ଶିଳ୍ପୀ ହେବ ।
ନୂଆ ସୂରୁଶିଳ୍ପ କରି ସୃଜନ,
ଅର୍ଜିବ ବହୁତ ପ୍ରଶଂସା ଧନ ।
ପାଠ ମୋ କଣ୍ଠର୍ ସୁନା ପଦକ,
ପାଠ ପଢ଼ି ହେବ ଦେଶସେବକ ।
କୃଷିରୁ ଉପୁଜେ ସିନା କନକ,
ପାଠ ପଢ଼ି ମୁହିଁ ହେବ କୃଷକ ।
ବେପାରରୁ ମିଳେ ଲାଭ ଅପାର୍,
ବଢ଼ିଲେ କରିବ ଭଲ ବେପାର୍ ।
ଚାକିରୀରେ ଲୁଟେ ଦେହର ଶିରୀ,
କରିବ ନାହିଁ ମୁଁ କେବେ ଚାକିରୀ ।
ଚାକିରୀ ପାଇଁ ମୁଁ ନ ହେବ ବାଇ,
ପର ଗୋଡ଼ତଳେ ଗେଲ ଘଷିବ ନାହିଁ ।
ନ ହେବ ଚାକିରୀ ଲାଗି ହାଳିଆ,
ଆପଣା ଗୋଡ଼ରେ ହେବ ମୁଁ ଠିଆ ।
ପର ଗୋଡ଼ତଳେ ମୁଣ୍ଡ ନ ଗୁଞ୍ଜି,
ସ୍ୱାଧୀନ ବେଉସା ଧରିବ ଖୋଜି ।
ବଡ଼ଲୋକ ହୋଇ ନ ଭୋଲ ଗଡ଼,
କରିବ ମୁଁ ସଦା ସାନଙ୍କୁ ବଡ଼ ।
ନ ବସିବ ଲୁଚ୍ଛା ଅଳସ କରି,
ଅଳସୁଆ ଲୋକ ମୁର୍ଦାର୍ ପରି ।
ଶରୀରକୁ ଖାଏ ଖାଉଛି ଆଉ,
ସମାଜକୁ ଖାଏ ନଷ୍ଟ ବାଉ ।
ପାଠ ନ ପଢ଼ିଲେ ହେବ ଯେ ମୂର୍ଖ,
ଜୀବନେ ଭୁଞ୍ଜିବ ଅଶେଷ ଦୁଃଖ ।
ଭାଇ ଭଉଣୀଙ୍କି ଜୀବନ ପରି,
ଆଦର କରିବ କୋଳରେ ଧରି ।
ଲଗାଇବ ନାହିଁ କଳିଆଗୋଳ,
ହେବ ନାହିଁ କେବେ ଦୁଷ୍ଟ ଚଟୋଳ ।

କେବେ ନ କହିବ କାହାକୁ ମନ୍ଦ,
ଖଳ ପରନିନ୍ଦା ବଡ଼ ଦୁର୍ଗନ୍ଧ ।
ଗାଳିଦେବ ନାହିଁ କାହାକୁ ଚଳି
ନ କରିବ ଘରେ ଅକଟ ଅଳି ।
ରଜାକୁ ପୂଜନ୍ତି ପ୍ରଜା, ଗୁହିଆ,
ଜଗତରେ ପୂଜା ପାଏ ପାଠୁଆ ।
କାଞ୍ଜି ଖୁଦପିଆ ଜୋଗୁଣି ପେଜ
ଗୁରୁଙ୍କେ ବଢ଼ାନ୍ତି ଜାତୀୟ ତେଜ ।
ତାସ ପଶାଖେଳ ଖରାପ ଭାରି,
ଦଣ୍ଡକେ କରିବ ଦାଣ୍ଡ ଭିକାରୀ ।
କରିବ ଗୋରୁଙ୍କୁ ସ୍ନେହ ମମତା,
ପ୍ରେମ ଗୋଷ୍ଠିରେ ତା କୋଟି ଦେବତା ।
ଚଢ଼େଇ ପାଳିବା ନାଙ୍କର କଥା,
ପାଳି ନ ଜାଣିଲେ ଲାଗିବ ହତ୍ୟା ।
ନାରୀଙ୍କ ଭୂଷଣ ଗହଣା ପାଟ,
ପୁରୁଷର ଏକା ଭୂଷଣ ପାଠ ।
ନେହୁରା ହୋଇ ତା ଗୋଡ଼ ନ ଗୁଡ଼ି,
ଆପଣା ଶିଙ୍ଗରେ ଖୋଳିବ ମାଟି ।
ଖଳର ସ୍ୱଭାବ ବଦରୀ ଫଳ,
ଭିତର କଠୋର ବାହ୍ୟ କୋମଳ ।
ନଡ଼ିଆ ପରିଏ ସାଧୁ ସୁଜ୍ଞାନୀ,
ବାହାର ପଥର ଭିତର ପାଣି ।
ଦୁର୍ଜନ ନ ଛାଡ଼େ ଦୁଷ୍ଟ ସ୍ୱଭାବ
ନିମ ଗଛରେ କି ଫଳିବ ଆମ୍ବ ।
ଯାଉ ହୋଇଯାଏ ରନ୍ଧିଲେ ଗୁଡ଼,
ଯାଉ ନୁହେଁ ତାହା ସିଂହୀର ଦୁଧ ।
ସେହି ଦୁଧ ପିଇ ଓଡ଼ିଆ ଜାତି,
ରଖୁଥିଲେ ନାହିଁ ଉତ୍କଳ ଖ୍ୟାତି ।
ପଢ଼ିବ ଆଦରେ ସ୍ୱଦେଶୀ ପାଠ,
ବିଦେଶୀ ପ୍ରଥାର ନ ହେବ ଭ୍ରଷ୍ଟ ।
ଅନ୍ୟର ପଛକେ ନୋହୁ ପସନ୍ଦ,
ନ କହିବ କୁଳସ୍ତ୍ରୀଙ୍କୁ ମନ୍ଦ ।

କଥା କହୁଥିବ ନିଜକୁ ଚାହିଁ,
ବାହ୍ୟ ରୂପଗୁଣ ବାସ୍ତବ ନାହିଁ ।
ସବୁଠାରୁ ସୁଖୀ ଅଋଣୀ ଜନ,
ତାର ହାହାମୟ ଋଣୀ ଜୀବନ ।
ଦରିଦ୍ର ପଡ଼ଶା ମରେ ଉପାସେ,
ସୁଖ ଭୁଞ୍ଜେ ଧନୀ ସୁନା-ଉଆସେ ।
ଲକ୍ଷ ଲକ୍ଷ ଯାଏ ମଉଜେ ଉଡ଼ି,
ଦେଶ ପାଇଁ ନାହିଁ କାଣି କଉଡ଼ି ।
ଧନୀଙ୍କର ଏହି ହୀନ ବେଭାର,
ଦେଖିଲେ ଉପୁଜେ କ୍ଷୋଭ ଅପାର ।
ଦେଶକୁ ଗୋଟାଇ ଖାଅ ସଭିଏଁ,
ଦିଅ ଭଲ କାମୁ ପଇସାଟିଏ ।
ସାନ ବଡ଼ ନାହିଁ ଧର୍ମ ଭିତରେ,
ସବୁ ଧର୍ମ ଏକ ହେଉ ତତ୍ତ୍ୱରେ ।
ସକଳ ଧର୍ମର ଲକ୍ଷ୍ୟ ଈଶ୍ୱର,
ଧର୍ମ ମଧ୍ୟେ ନାହିଁ ଶ୍ରେଷ୍ଠ ଇତର ।
ନିନ୍ଦନୀୟ ନୁହେଁ ପର ଧରମ,
ଧର୍ମମାନେ ପୂଜ୍ୟ ପବିତ୍ରତମ ।
ମୂର୍ତ୍ତିପୂଜା ନୁହେଁ ଅସାର ଭୁଲ,
ଧର୍ମ-ସିଢ଼ୀର ସେ ପ୍ରଥମ ଫଳ ।
ସର୍ବଦେହେ ଅଛି ଈଶ୍ୱର ସତ୍ତା,
ସକଳେ ଈଶ୍ୱର, ନୁହେଁ ଅନ୍ୟଥା ।
ନ ବୁଝିବ ପଢ଼ାହେଲେ ବେଣିକି,
ମନ ଦେବ ନାହିଁ ଏଣି ତେଣିକି ।
ଉଦ୍‌ଯୋଗୀ ଭାଗ୍ୟରେ ଘଟେ ଶ୍ରୀଲାଭ,
ଅଳସୁଆ ଭୁଞ୍ଜେ ସଦା ଅଭାବ ।
ନ ରଖିବ ଆଜି କାମ କାଲିକି,
ସମୟେ ଚଢ଼ିବ ସୁନାପାଲିଙ୍କି ।
ବରଞ୍ଚ ସବୁଠୁଁ ହେବ ଉତ୍ତମ,
ନ ହେବ କଦାପି ନୀଚ ଅଧମ ।
କୁଚିନ୍ତାକୁ ମନେ ନ ଦେବ ସ୍ଥାନ,
କରିଦିଏ ସେହି ମନକୁ ସାନ ।

ମନକୁ ରଖିବ ନିଜ ଅଧୀନେ,
ମନଜିଣା ବୀର ଜଗତ ଜଣେ ।
ବ୍ରହ୍ମଚର୍ଯ୍ୟ ପାଳି ଅର୍ଜିବ ବଳ,
ନ ହେବ ସନ୍ତିଆ ରେମା ଦୁର୍ବଳ ।
ଦେଶଭକ୍ତ ଜନ ଜାତି-ସମ୍ପଦ
ସ୍ୱର୍ଗଠାରୁ ବଳି ଗୌରବାସ୍ପଦ ।
ପୁଣ୍ୟବନ୍ତ କରେ ସ୍ୱଦେଶ-ସେବା,
ଭବେ ଭାଗ୍ୟଧର ତା'ପରି କେବା ।
ଦେବଦେଶ ଆମ ଜନମଭୂମି,
ଦେବେ ଧନ୍ୟ ତାହା ଚରଣ ଚୁମି ।
ମହାପୁଣ୍ୟେ ମିଳେ ଜନ୍ମ ଏ ଦେଶେ,
ରଖିବ ଏ ଦେଶ ଟେକ ବିଶେଷେ ।
ଉପଯୁକ୍ତ ଗୁଣ କରି ଅର୍ଜନ,
ସ୍ୱଦେଶର ହେବ ଯୋଗ୍ୟ ନନ୍ଦନ ।
ପୂର୍ବପୁରୁଷଙ୍କ ଗରିମା ଖ୍ୟାତି,
ଅଗ୍ନିସ୍ୱରେ ଗାଇ ଫୁଲାଇ ଛାତି,
ତାଙ୍କ ଅଗ୍ନିମନ୍ତ୍ରେ ହୋଇ ଦୀକ୍ଷିତ,
ଦେଶର ପୁଅ ମୁଁ ହେବ ନିଶ୍ଚିତ ।
ପୂର୍ବପୁରୁଷଙ୍କ କାର୍ଯ୍ୟାଚରଣ,
କରିବ ସର୍ବଥା ଅନୁକରଣ ।
ପୂର୍ବ ପୁରୁଷଙ୍କ ଅମର ଯଶ,
ସବୁକାଳେ ଆମ ଉଚ୍ଚ ଆଦର୍ଶ ।
ଆମ ଶୁଭାଦର୍ଶ, ମଙ୍ଗଳ ଲକ୍ଷ୍ୟ
ଦେଖାଏ ଦେଉଳ ବିସ୍ତାର ବକ୍ଷ ।
ଆମ ଶୁଭାଦର୍ଶ ଗିରି ଗହ୍ୱରେ,
ଡାକୁଛି ଆମକୁ ଶତମୁଖରେ ।
ଆମ ଶୁଭାଦର୍ଶ ସାଗର ବକ୍ଷେ,
ତରଙ୍ଗେ ତରଙ୍ଗେ ନାଚଣ ଉଠେ ।
ଆମ ଶୁଭାଦର୍ଶ ଗହନ ବନେ,
ତପ ଆଚରୁଛି ଏକାନ୍ତ ମନେ ।
ପ୍ରଭୁ ଜଗନ୍ନାଥ ନୀଳ ନିକଷ,
ସାମ୍ୟ ଏକତାର ପୂର୍ଣ୍ଣ ଆଦର୍ଶ ।

ଅଛୁ ତାର୍ ଏତେ ସୁଯୋଗ ଭାଇ,
ଧନ୍ୟ ହେବ ବସ୍ତ୍ରେ ଶକ୍ତି ଦେଖାଇ ।
ସ୍ୱଦେଶକୁ ଦେଲେ ପଇସାଟିଏ,
ଫେରି ଆସିବ ସେ ହୋଇ କୋଟିଏ ।
ପ୍ରଭାତେ ସନ୍ଧ୍ୟାରେ ନିତି ଦି ବାର,
ଜନମଭୂମିକୁ ହେବ ଜୁହାର ।
ମାତୃଭାଷା ପାଦ ପୂଜିବ ନିତି,
ଗାଇବ ତାହାର ଗୌରବ-ଗୀତି ।
ମାନବ ଜାତିକୁ ଚଳାଏ ଭାଷା,
ଭାଷାମୂଳେ ସବୁ ଭରସା ଆଶା ।
ଅକ୍ଷର-ଦେବତା, ଶବଦ-ବ୍ରହ୍ମ,
ପୂଜିଣ ଲଭିବ ଅକ୍ଷୟ ଧର୍ମ ।
ପର ଭାଷା ପଛେ ହେଉ କୁରୂପ,
ନ କରିବ ତାକୁ ଅତି ବିଦ୍ରୂପ ।
କଲେ ଆନ ଭାଷା ନିନ୍ଦା ବଖାଣ,
ବ୍ରହ୍ମନିନ୍ଦା ପାପ ଘୋଟିବ ଜାଣ ।
କେହି ନୁହେଁ ବଡ଼ କେ ନୁହେଁ ସାନ,
ସର୍ବେ ପୂଜ୍ୟ ନିଜ ଭାଷା ସମାନ ।
ଭାଷାକୁ କରେ ଯେ ଘୃଣା ଅବଜ୍ଞା,
ପଶୁଠାରୁ ହୀନ ତାହାର ସଂଜ୍ଞା ।
ଲେଖନେ ପଠନେ ନ କରି ଲଜ୍ଜା,
ସୁନାପୁଅ ଭଳି ହେବ ମୁଁ ରଜା ।
ଲଜ୍ଜା କଲେ ସିନା କ୍ଷତି ନିଜର,
ପରଙ୍କର ତହିଁ ନାହିଁ ନିକର ।
ବଡ଼ ହେଲେ ମୁହିଁ ଅର୍ଜିବ ଧନ,
କରିବ ଗ୍ରାମର ହିତ ସାଧନ ।
ପାନୀୟ ଜଳର ସୁବିଧା ପାଇଁ,
ଦେବି କେତେ ଗୋଟା କୂଅ ଖୋଳାଇ ।
ମେଣ୍ଟାଇବ ଦୀନ-ଦୁଃଖୀ ଗରଜ,
ବିନା ସୁଧେ ଦେଇ ଟଙ୍କା କରଜ ।
ପାଠଘରେ ପୋଥି ରଖିବ ଥୋକେ,
ଅବସରେ ବେଳେ ପଢ଼ିବେ ଲୋକେ ।

କରିବ ଏଭଳି ଅନେକ କାମ,
ଆମ ଗ୍ରାମ ହେବ ଆଦର୍ଶ ଗ୍ରାମ ।
ବିଜୟୀ ହେବ ମୁଁ ସୀମାରେ ରହି,
ମାନ ହେବ ନାହିଁ ଅଭିବିଜୟୀ ।
ଅତି ଶବଦଟା ଅତି ନିକୃଷ୍ଟ,
ଯାହାକୁ ଛୁଇଁବ ହେବ ସେ ଦୁଷ୍ଟ ।
ନିଶା ଅମଳଟା ବଦଅଭ୍ୟାସ,
ଦେହରୁ ସାର ଚୋରି କରେ ସେ ଗ୍ରାସ ।
ପ୍ରତିଜ୍ଞା କରୁଛି ଧର୍ମକୁ ଚାହିଁ,
ଜୀବନେ ନିଶା ମୁଁ ଛୁଇଁବି ନାହିଁ ।
ସଞ୍ଜବେଳେ ବସି ଦାଣ୍ଡ ପିଣ୍ଡାରେ,
ପାଠ ଶିଖାଇବ ମୁଁ ଯଥାପ୍ରକାରେ ।
ପାଶୋରି ନ ଯିବ ପୁରୁଣା ପଢ଼ା,
ନ ଖାଇବ କେବେ କାନ ରଗଡ଼ା ।
ଦେଶୀୟ ଶିଳ୍ପର ଅଣ-ଆଦର,
କଲେ ଲୁଟିଯିବ ଶିଳ୍ପୀ ଦେଶର ।
ବୁଡ଼ିଯିବ କ୍ରମେ ଜାତୀୟ କଳା,
ଦୀଙ୍ଗ ଛାଣେଁ ହେବ ସ୍ୱଦେଶ ତଳା ।
ନିଜ ହାତରେ ମୁଁ ଧରି ଲଙ୍ଗଳ,
ମୂଲିଆଙ୍କ ପରି କରିବ ହଳ ।
ହଳକାମ ନୁହେଁ ନୀଚ କାମ,
ଗୌରବେ ବହିବ ହଳିଆ ନାମ ।
ହଳ କଲେ ଛପିଁ ମାଣ୍ଡବ ଲାଜ,
ହଳ କରୁଥିଲେ ଜନକରାଜ ।
ପୁଣ୍ୟ କାମ ତାହା ନୁହେଁ ତ ପାପ,
ଭୂଇଁ ଚଷୁଥିଲେ ବୁଧଙ୍କ ବାପ ।
ଏଣେ ଲୋକଙ୍କର ଯତ୍ନ ଆଦର,
ସେ ଆଦର୍ଶ ନିଶ୍ଚେ ଉନ୍ନତତର ।
ନ ଦେଇପାରିଲେ ଦରିଦ୍ରେ ବସ୍ତ୍ର,
ମିଠା କଥା କହି ହରିବ ଚିତ୍ତ ।
ସମସ୍ତଙ୍କ ଦେହେ ଅଛନ୍ତି ହରି,
ସଭିଙ୍କି ମଣିବ ଆପଣା ପରି ।

ସବୁବେଳେ ଏହା କହିବ ସତ,
ସତ କହିଲେଟି ବଢ଼େ ମହତ ।
ଦେହକୁ ରଖିବା ପ୍ରଧାନ କର୍ମ,
ଦେହ ଥିଲେ ସିନା ଅର୍ଜିବ ଧର୍ମ ।
ପ୍ରାଣୀକୁ ବିପଦୁଁ ଉଦ୍ଧାର କର,
କଲ୍ୟାଣ କରିବେ ପରମେଶ୍ୱର ।
ହିଂସା ନ କରିବ କେବେ କିଛିଏ,
ନ ମାରିବ କ୍ଷୁଦ୍ର ପିମ୍ପୁଡ଼ିଟିଏ ।
ସେବା କରି ଗୁରୁଜନଙ୍କୁ ତୋଷ
କ୍ଷମା ମାଗ, ଥିଲେ ସାମାନ୍ୟ ଦୋଷ ।
ଗୁଣିଜନ ପଛେ ହେଉ ଇତର,
କରିବ ତାହାକୁ ଶ୍ରଦ୍ଧା ଆଦର ।
ସଦା ସାଧୁ ଭାଷା ମୁଖେ ଭାଷିବ,
କୁବାକ୍ୟ ଅଶୁଦ୍ଧ ନ କର ଜିଭ ।
ଜୀବନରେ ଯେବେ ମଙ୍ଗଳ ଇଚ୍ଛ,
ତୁମେ ବା ଥଟ୍ଟାରେ ନ କହ ମିଛ ।
ମିଛ କହିବାଟା ଘୋର ଖରାପ,
ମିଛରୁ ଉପୁଜେ ଭୀଷଣ ପାପ ।
ପର ଉପକାରେ ଅର୍ଜିବ ଧର୍ମ,
କେବେ ନ କରିବ ନିନ୍ଦିତ କର୍ମ ।
ଗେଲରେ ନ କହ ଖରାପ କଥା,
ନଇଁ ପଡେ କହୁଁ ନିଜର ମଥା ।
ଥରେ ଉପକାର କରିଥିବ ଯେ,
ନ ଭୁଲିବ ତାକୁ କେବେ ସହଜେ ।
ଦେବଶକ୍ତି ପରି ରାଜାଙ୍କ ଶକ୍ତି,
ସର୍ବଦା କରିବ ତାହାଙ୍କୁ ଭକ୍ତି ।
ଛୋଟା, କେମ୍ପା, କଣା, ଲୁଲା, ଗୋଦର—
ଦେଖି ନ କରିବ ଥଟ୍ଟା ଟାପର ।
ପର ମନେ ଯହିଁ ଲାଗିବ ବ୍ୟଥା,
ନ କହିବ କେବେ ସେ ଭଳି କଥା ।
ସମସ୍ତଙ୍କ ବାପ ମାଆ ଈଶ୍ୱର
ଭକ୍ତିରେ ତାହାଙ୍କୁ ଜୁହାର କର ।

ପ୍ରଭୁ ଦେଇଛନ୍ତି ଦେହ ଜୀବନ,
ସବୁବେଳେ କର ତାଙ୍କୁ ସ୍ମରଣ ।
ଈଶ୍ୱର ଅଟନ୍ତି ଜଗତ-ସ୍ରଜା,
ମନେ ଧ୍ୟାନେ ତାଙ୍କୁ କରିବ ପୂଜା ।
ଶକ୍ତି ଅନୁସାରେ କରିବ ଦାନ,
ଦାନଠାରୁ ନାହିଁ ପୁଣ୍ୟ ମହାନ ।
ଧନେ ମାନେ ତୁମେ ନ କର ଗର୍ବ,
ନ ରହିବ ସବୁଦିନେ ସେ ସର୍ବ ।
ଧର୍ମରେ ଲୋକର ହୁଏ ଉନ୍ନତି,
ଅଧର୍ମରେ ହୁଏ ତଳକୁ ଗତି ।
ଭଲ ବହି ପଢ଼ ପିଲା ବୟସୁ,
ମନ୍ଦ ବହି ପଢ଼ି ନ ହୁଅ ପଶୁ ।
ବ୍ୟାୟାମରେ ବଢେ ଦେହର ବଳ,
ସୁଶିକ୍ଷାରେ ମନ ହୁଏ ପ୍ରବଳ ।
ଜନକ ଦେବତା ଜନନୀ ଦେବୀ,
ଧର୍ମ ଅର୍ଜ ତାଙ୍କ ଚରଣ ସେବି ।
ଜ୍ଞାନ ଲାଭ ହୁଏ ଗୁରୁ କୃପାରୁ,
ଗୁରୁ ନିଶ୍ଚେ ବଡ ପିତାଙ୍କଠାରୁ ।
ମନ ଦେଇ ଭଲ କଥା ଶୁଣିବ,
ମନ୍ଦ କଥା ହେଲେ କାନ ବୁଜିବ ।
ବିପଦ ସଙ୍ଗରେ କରି ଲଢ଼ାଇ,
ଆଣିବ ତା ହାତୁ ଶ୍ରେୟ ଛଡ଼ାଇ ।
ସଢ଼ଆ ନ ଡରେ କାହାକୁ କେବେ,
ସଢ଼ଆକୁ ବଳ ଦିଅନ୍ତି ଦେବେ ।
ନ ଥାଏ ମିଛୁଆ ଦେହେ ହେମନ୍ତ,
ଥରୁଥାଏ ସଦା ଡରେ ତା ଅନ୍ତ ।
ଘଟୁ ପଛେ ଯେତେ ବାଧା ବିପତ୍ତି,
ରଖିଥିବ ସଦା ସ୍ୱଧର୍ମେ ମତି ।
ସାଧୁ ନ ପାଲଟେ ବିବେକ-ହଜା,
ଉପୁନା ଧାନରୁ ହେବ କି ଗଜା ।
ଅଖଣ୍ଡ ରଖିବ ଧର୍ମବିଶ୍ୱାସ
ବହୁଥିବା ଯାଏଁ ଶେଷ ନିଃଶ୍ୱାସ ।

ପବନ ରଖିଛନ୍ତି ପ୍ରାଣ ଆମ୍ଭର,
ଦେବତା ସେ, ତାଙ୍କୁ ପ୍ରଣାମ କର ।
ଜଳ ତ ବହୁଛନ୍ତି ଜୀବନ ନାମ,
ଦେବ ଜାଣେ ତାଙ୍କୁ କର ପ୍ରଣାମ ।
ମାଟି ଦେବୀ ଦିଏ ନିତ ଆହାର,
ମାଟି-ମାଆଟିଙ୍କୁ କର ଜୁହାର ।
ପାକ ପୁଣି ଜୀର୍ଣ୍ଣ କରେ ଅନଳ,
ପୂଜ ଅଗ୍ନିଦେବ ପଦ-କମଳ ।
ମହାକାଶ ଧରେ ମହା ଶକତି,
ମହତ୍ତ୍ୱକୁ ତାର କର ପ୍ରଣତି ।
ଯହିଁପାଇଁ ଯେହୁ ଧରଇ ପ୍ରାଣ,
ଦେବ ଆଖ୍ୟା ତାର ସ୍ଥୂଳରେ ଜାଣ ।
ଦେବତା ଉପରେ ମହା ଦେବତା,
ଅଛନ୍ତି ଏକା ସେ ବିଶ୍ୱ-କରତା ।
ମନେ ମନେ ତାଙ୍କୁ କରି ସ୍ମରଣ,
ପୂଜିବ ତାଙ୍କର ପୁଣ୍ୟ ଚରଣ ।
କର ଯତ୍ନେ ଜପତପାଦି କର୍ମ,
କର୍ତ୍ତବ୍ୟ ସାଧନ ପ୍ରଧାନ ଧର୍ମ ।
ଚଳିବ ସମାଜ ଶାସନ ମାନି,
ନ ହେଲେ ଘଟିବ ବିଷମ ହାନି ।
ଶଗ୍ଯ ହିମାଳୟ ଜାହ୍ନବୀ ରେବା,
ସର୍ବେ କରୁଛନ୍ତି ପ୍ରକୃତି ସେବା ।
ଜେଣୁ ବହି ସେବା କରେ ପବନ,
ସମସ୍ତଙ୍କ ପିଣ୍ଡେ ଦିଏ ଜୀବନ ।
ଚନ୍ଦ୍ର ସୂର୍ଯ୍ୟ ବିଶ୍ୱସେବାରେ ରତ,
ସେବା ଏକା ତାଙ୍କ ମହତ ବ୍ରତ ।
ସେବାଠାରୁ ନାହିଁ ସହଜ ଧର୍ମ,
ଜନସେବା କର ବଢ଼ାଇ ଶର୍ମ ।
ବହୁ ପଥେ ଛନ୍ନା ଧର୍ମ ଜଗତ,
ସବୁଠାରୁ ସେବା ସରଳ ପଥ ।
ସକଳ ଦେବତା ପ୍ରଭୁଙ୍କ ଅଂଶ,
ପ୍ରଭୁ ଜାଣେ ତାଙ୍କ ଶରଣ ପଶ ।

ଲକ୍ଷ୍ମୀ ଈଶ୍ୱରଙ୍କ ଧନଦା ଶକ୍ତି,
ସର୍ବଦା ତାହାଙ୍କୁ କରିବ ଭକ୍ତି ।
ଜ୍ଞାନଦା ଶକତି ଶ୍ରୀସରସ୍ୱତୀ,
କର ତାଙ୍କ ପଦେ ସ୍ତୁତି ପ୍ରଣତି ।
ସଂହାରିଣୀ ଶକ୍ତି କାଳିକାଦେବୀ,
ପୁଣ୍ୟ ଅର୍ଜ ତାଙ୍କ ପୟର ସେବି ।
ଯେଉଁ ଦେବତାଙ୍କୁ ଅର୍ଚ୍ଚନା କର,
ସେ ପୂଜା ପାଆନ୍ତି ନିଜେ ଈଶ୍ୱର ।
ଅଳ୍ପ ବୟସରେ ହୋଇଲେ ବାଳୀ,
ମାଟି ହୋଇଯାଏ ତାରୁଣ୍ୟ ପ୍ରତିଭା ।
ଆଚରିବ ବ୍ରହ୍ମଚର୍ଯ୍ୟ ସୁବ୍ରତ,
ହେବ ସଦା ସୁସ୍ଥ ପ୍ରତିଭାବନ୍ତ ।
ନାରୀ ସମସ୍ତଙ୍କ ମାତା ସମାନ,
ମାତା ପରି ତାଙ୍କୁ କର ସମ୍ମାନ ।
ଦେବୀ ଜାତି ନାରୀ ପିତା ସୃଷ୍ଟିରେ,
ନ ଦେଖିବ ତାଙ୍କୁ ହୀନ ଦୃଷ୍ଟିରେ ।
ନାରୀ ଆଦିଶକ୍ତି ସ୍ନେହ ଆକର,
ନ ମଣିବ ତାଙ୍କୁ ନୀଚ ଇତର ।
ନାରୀ ଯାହା ନେବେ ନକୁଛ ଦିଶେ,
ନାରୀଗର୍ଭ ଜନ୍ମ ହୋଇ ନାହିଁ ସେ ।
କ୍ରୋଧ ମାନବର ରିପୁ ଭୀଷଣ,
ଅଖଣ୍ଡରେ ତହିଁ ଘଟେ ମରଣ ।
କ୍ରୋଧଠାରୁ ନାହିଁ ନିନ୍ଦିତ କର୍ମ,
କ୍ରୋଧେ ନଷ୍ଟ ହୁଏ ଅର୍ଜିତ ଧର୍ମ ।
ସହ୍ୟଗୁଣେ କର କ୍ରୋଧକୁ ଜୟ,
ବୀର ତୁମ୍ଭେ, ତାକୁ ନ କର ଭୟ ।
ଲୋଭ ନ କରିବ ପର ଦ୍ରବ୍ୟରେ,
ଲୋଭ ଭକ୍ତି ଚପି ମାରିବ ଖରେ ।
ଲୋଭରୁ ଉପୁଜେ ଭୀଷଣ ପାପ,
ଦଂଶିବ ହୋଇ ସେ ଗୋକ୍ଷୁର ସାପ ।
ପରଶିରୀ ଦେଖି ନୁହଁ ଚଞ୍ଚଳ,
ଠାକୁରେ କରିବେ ତୁମ୍ଭ ମଙ୍ଗଳ ।

ଦାନ ଯୋଗେ ମିଳେ ସ୍ୱର୍ଗରେ ସ୍ଥାନ,
କିନ୍ତୁ ଯୋଗ୍ୟ ପାତ୍ରେ କରିବ ଦାନ ।
ଦାନପାତ୍ର ଯେବେ ନ ମିଳେ ତାହିଁ,
ସମୁଦ୍ରରେ ଜଳ ଢାଳିବ ନାହିଁ ।
ବାଲ୍ୟକାଳୁ କର ଧର୍ମ ସଞ୍ଚୟ,
ସାଧନାର ତାହା ଯୋଗ୍ୟ ସମୟ ।
ପାଣି ଜୋରରେ ତ ଜୀବନ ଛନ୍ଦା,
ଧର୍ମ ପାଇଁ ନାହିଁ ବୟସ ବନ୍ଧା ।
ଆବାଲ୍ୟ ଅଭ୍ୟାସ ହୋଇ ପାଳଳ,
କ୍ରମେ କ୍ରମେ ହୁଏ ଦୃଢ଼ ପ୍ରବଳ ।
ସେ ଅଭ୍ୟାସ ପୁଣି ଆପଣା ଛାଏଁ,
ପ୍ରକୃତି ରୂପରେ ବଦଳିଯାଏ ।
ପୀଡ଼ିତ ସେବାରେ ପ୍ରହାଅ ଚିତ୍ତ,
ନ ବାରିବ କେବେ ଜାତି ଅଜାତି ।
ଆର୍ତ୍ତ ଜନେ କହି ମିଷ୍ଟ ବଚନ,
କରିବ ତାହାର ବ୍ୟଥା ମୋଚନ ।
ପୋଛିଦେଇ ଦୀନ-ନେତ୍ରୁ ଲୋତକ
ଜୀବନ ଜନମ କର ସାର୍ଥକ ।
ସ୍ୱହସ୍ତରେ କରି ବୃକ୍ଷ ରୋପଣ,
ପୁତ୍ର ପରି କର ପ୍ରତିପାଳନ ।
ବଢ଼ିଲେ ସେ ବୃକ୍ଷେ, ସକଳ ଜୀବେ,
ଛାୟା ଫଳ ଦାନେ ସଦା ଭୋଗିବେ ।
ସେ ଦାନର ପୁଣ୍ୟ ହେବ ତୁମ୍ଭରି,
କେତେ ବାଗେ ଦାନ ଅଛି ଏପରି ।
ଦାନେ ରତ ହୁଅ ଆନେ ନ ଗୁହିଁ,
ଦାନଠାରୁ ବଳି ତପସ୍ୟା ନାହିଁ ।
ଶାସ୍ତ୍ରବୋଧୁ କଲି କେଳା ସୁଆଙ୍ଗ,
ଅଶ୍ଳୀଳ ପୁସ୍ତକ ବର୍ଜିବ ଆଗ ।

ହୀନ ବନ୍ଧୁ ପୁଷ୍ଟି ବିବିଧ ଦୋଷେ,
କୁସଙ୍ଗୀ ପଶିଏ ଚରିତ୍ର ଶୋଷେ ।
ନୀତି ଧର୍ମ ଗ୍ରନ୍ଥ କରିବ ପାଠ,
ନ କରିବ ବୃଥା ସୁଭାରେ ହାଟ ।
ଶ୍ରୀ ମହାଭାରତ ନୁହେଁ ଅଡ଼ୁଆ,
ଯେତେ ପଢ଼ୁଥିବ ତେତେ ସେ ନୂଆ ।
ପଢ଼ ଶୁଣ ଶାସ୍ତ୍ର ପୁରାଣ ବାଣୀ,
ଧର୍ମ ଆଡ଼େ ମନ ନିଏ ସେ ଟାଣି ।
ସମାଜକୁ ଧର୍ମ ରଖିଛି ଧରି,
ଚଳୁଛି ସଂସାର ଧର୍ମେ ନିର୍ଭରି ।
ଧର୍ମରେ ହେଉଛି ଦିବା ରଜନୀ,
ଧର୍ମରେ ସହୁଛି ଭାର ଅବନୀ ।
ଧର୍ମେ ରୁଦ୍ଧ ସିନ୍ଧୁ, ବହେ ବାୟୁ,
ଧର୍ମରେ ହେଉଛି ଋତୁପର୍ଯ୍ୟାୟ ।
ଏମାନେ ସମସ୍ତେ ଲଙ୍ଘିଲେ ଧର୍ମ,
ବିନାଶ ଭଜିବ ସୃଷ୍ଟିର କର୍ମ ।

ଃ—❋—ଃ

## ଶିଶୁ-ପ୍ରାର୍ଥନା

ଅଜ୍ଞାନ ବାଳକ ମୁହିଁ କିଛି ଜାଣେ ନାହିଁ,
ଆଶୀର୍ବାଦ କର ମୋତେ ପ୍ରଭୁ ଖବସାହି !
ସବୁବେଳେ ତୁମ୍ଭ ଆଜ୍ଞା କରିବି ପାଳନ,
ସବୁବେଳେ ତୁମ୍ଭ ଦୟା କରିବି ସ୍ମରଣ ।
ତୁମ୍ଭେ ମୋର ପ୍ରାଣଦାତା ପୁଣି ପିତାମାତା,
ନ ଭୁଲିବି ଏହା କେବେ ହେ ବିଶ୍ୱ-ବିଧାତା !
ପ୍ରତିଦିନ ତୁମ୍ଭେ ମୋତେ ଦେଉଛ ଆହାର,
ତୁମ୍ଭ ପାଦେ ନିତି ମୋର କୋଟିଏ ଜୁହାର ।
ରାମ, କୃଷ୍ଣ ଜନ୍ମି ଥିଲେ ଯେ ଦେଶକୁ ପୂତ,
କର ମୋତେ ସେ ଦେଶର ଉପଯୁକ୍ତ ସୁତ ।

# ମଧୁଚକ୍ର

# ଉପହାର

ମାତୃସାହିତ୍ୟପ୍ରାଣ, ପୁଣ୍ୟଚେତା,

ଉତ୍କଳ-ହିମାଳୟନଗ୍ୟାମଶୈଳ-ବିଳାସୀ

ଘଞ୍ଜିଗଡ଼ାଧୀଶ୍ୱର ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀ ମାହେଶ୍ୱରୀପ୍ରସାଦ ଦେବ

ମହୋଦୟଙ୍କୁ ଦଶହସ୍ତ ଭେଟି

ଅର୍ପିତ ହେଲା ।

ସଂଗ୍ରାହକ

# ନିବେଦନ

ପ୍ରାଚୀନ କାବ୍ୟରୁ କେତେଗୁଡ଼ିଏ ଦୃଷ୍ଟାନ୍ତୋକ୍ତି ସଂଗ୍ରହ କରିବା ସକାଶେ ମୋର ପରମାତ୍ମୀୟ, ପରମାରାଧ୍ୟ ଏବଂ ପରମୋତ୍ସାହଦାତା ମାନନୀୟ ସାହିତ୍ୟ-ସୁହୃଦ ଶ୍ରୀଯୁକ୍ତ ଲକ୍ଷ୍ମୀଗଡ଼ାଧୀଶ୍ୱର ମହୋଦୟଙ୍କଦ୍ୱାରା ମୁଁ ଅନୁରୁଦ୍ଧ ହୋଇଥିଲି । ସେହି ଅନୁରୋଧକୁ ମୁଁ ଶିରୋଧାର୍ଯ୍ୟ ଆଦେଶ ମଣି ପ୍ରଥମତଃ ଭଞ୍ଜ ମହାକବିଙ୍କର କତିପୟ କାବ୍ୟ-କୁସୁମରୁ ସଦୁକ୍ତି-ମଧୁ ସଂଗ୍ରହପୂର୍ବକ ଏହି "ମଧୁଚକ୍ର" ନିର୍ମାଣ କରିଅଛି । ଏଥିରେ ମୋର ମଧୁପବୃତ୍ତି ଭିନ୍ନ ଅନ୍ୟ କିଛି ଯୋଗ୍ୟତା ନାହିଁ । ଯଦି କିଛି ବିଶେଷତ୍ୱ ଥାଏ, ତେବେ ତାହା ଉପରୋକ୍ତ ମହାରାଜାଙ୍କର । ଯେହେତୁ ମୂଳ ଉଦ୍ୟାନର ସନ୍ଧାନ ସେ କରିଦେଇଅଛନ୍ତି ।

ବର୍ତ୍ତମାନ ପ୍ରଥମ ଖଣ୍ଡ ପ୍ରକାଶିତ ହେଲା । ଆଧୁନିକ ରୁଚିର ଅନୁକୂଳ ନ ହେବା ଆଶଙ୍କାରେ ସମସ୍ତ ସୂକ୍ତି ଉଦ୍ଧାର ନ କରି ମୁଁ କେବଳ ବାଛି ବାଛି ଉଦ୍ଧାର କରିଅଛି । ଏଥି ପ୍ରତି ସାଧାରଣର ଆଗ୍ରହ ଦେଖିଲେ କ୍ରମଶଃ ଅନ୍ୟାନ୍ୟ ଖଣ୍ଡ ପ୍ରକାଶ କରିବାକୁ ଉତ୍ସାହିତ ହେବ ।

ଶ୍ରୀ ଚନ୍ଦ୍ରମଣି ମହାନ୍ତ

# ମଧୁଚକ୍ର

ବୁଧଜନଙ୍କର ଶିରଭୂଷଣ ଯେହୁ,
ଜନସ୍ତୁତ ସେ ଆନ ବାଣୀ ନ ବହୁ ।

* * *

ଚାତକ ଚଳନା ନାହିଁ ଚଳୁଥିଲ ରଙ୍ଗ,
ଘନଦ-ନିନାଦ କିବା ଶୁଣିଲି ସାରଙ୍ଗ ଯେ ।

* * *

ବାତ ମଳୟାଦ୍ରିରୁ ଯେ ବହଇ ଘେନ,
ବଂଶଧର୍ମେ ନାହିଁ ଯଥା ହେବା ଚନ୍ଦନ ।

* * *

ଦୁଷ୍ପ୍ରକୃତିକର ଯେ ଉପକୃତି ହୋଇ,
ବନପଶୁ ଶିଶୁ ଗଜ ମାରଇ ।

* * *

ବଶିଷ୍ଠ ବୋଇଲେ ଗ୍ରହ ମଙ୍ଗଳ ବୋଲାଇ
ବିନା ଦାନେ ଶାନ୍ତ ନୁହେଁ ଅମଙ୍ଗଳଦାୟୀ ।

* * *

ମଙ୍ଗଳ ଚଳନେ ଉଇଁଲା କି ଘନ
ଜଳ ବରଷା ନ କରଇ ।

---

ବ୍ୟାଳେ ଲେଖି ପ୍ରଭାବିଲ ପ୍ରାୟେ ରହି ବହି
ଷଷ୍ଠକଣ୍ଠେ କ୍ଷୀରକଣ୍ଠ ବୋଲୁଥିଲ କେହି ଯେ ।

* * *

ବନ୍ଧ ପକାଇ ମଧ୍ୟର ତେଜ ଖାଗ ବଳ ନୀର
ଏ ବୁଦ୍ଧି ଶିଖିଲ କାହୁଁ ଏବେ ଯେ ।

* * *

ଚନ୍ଦ୍ର ସଙ୍ଗରେ ସ୍ଫଟିକ ସମ ତୁଲ୍ୟ ଅବିବେକ
ଏବେ ବିବେକ ନ କଲ କେବେ ଯେ ।

* * *

ବୋଧେ ମନ-ନଦୀ ସର ଭଜାଗ ରୂପ ଆଦର
ମୂର୍ତ୍ତି ହୃଦ୍ୟ ସେ ଏକ ଜୀବନ,
ବରଷା ଭରେ ଆବିଳ ତା ନିଜ ଗୁଣ ନିର୍ମଳ
ଶୀତଳକୁ ନ ଛାଡ଼ନ୍ତି ଘେନ ।

* * *

ବହୁଲବା ମାନସର ମଧ୍ୟେ ହଂସକୁ ସୁନ୍ଦର
ଆନ ପକ୍ଷୀରେ କି ସେ ବାଞ୍ଛିତ ଯେ ।

* * *

ଶଷ ଶଶମ ଯେସନ ସନ୍ଧିପାତେ ଛଡ ।

---

ବନ୍ଧୁ ତୁ ମୁଁ ଦାସ ଏଣୁ ତୁମେ ସଦା
ହୋଇଥିବୁ ଅନୁରାଗୀ ।

* * *

ବସ୍ତ୍ର ପ୍ରଦୀ କଳ ଡେଙ୍ଗେ ନିର୍ମଳ ଯୋଷା,
ଦାରିଦ ଆବିଳ କଲେ ଗୁଣତ ଆଶା ।

* * *

ବହୁବିଧ ଭୃଙ୍ଗ ପୁଣି ମାଳତୀସ୍ନେହୀ,
ବାସଙ୍ଗେ ସଙ୍ଗ ହୁଅଇ ସତ୍ତ୍ୱଗ ବହି ।

* * *

ବେଶ୍ୟା ସଙ୍ଗକୁ ହୋଇଲେ ରସିକ ହଂସ,
ବଜାଇ କି ସ୍ୱକାର୍ଯ୍ୟରେ ସେ ଅଭିଳାଷ ।

* * *

ବଡ଼ ଲୁଚେ ଜାତ ରୂପଭଗିନୀ ଲୁହି,
ଦୁଷ୍ଟସ୍ୟାରୀ [ଜାମୁଣୀ] ଆଚରଣ ଭଲ ତ ବୋଲି ।

* * *

ବନ୍ଦିକଣଗିଳା ଚକୋର ହେ ନାଗର,
ବଧୂଜର ସ୍ୱାଦୁ ଘେନି ଲୋଭୀ ଚନ୍ଦ୍ରିର ।

* * *

ଚନ୍ଦ୍ରାଲୋକେ ତାଲ ହେବା ଶଙ୍କା ନ କର,
ବ୍ୟାଳମୁଣ୍ଡେ ଦେଖି କେଶ୍ଚୁ କରଲୁ ଭର,
ବ୍ୟାଳ ବୋଲି ଅନ କି ବାସୁକି ବଦନ,
ତାଇ ସେ ଏମନ୍ତ ଗ୍ରତେ ତାହିଁ ତା ସ୍ଥାନ ।

✻ ✻ ✻

ବୋଇଲା ଅନୁଜା ନାଗଜାତ୍ର ସ୍ୱଜା
ଜଗତବଇରୀ,
ବକ୍ଷ କ ହେବ ନେତ୍ର ମଦେ ମୁଦ୍ରିତ
ପ୍ରଶଚକ୍ଷୁ ପରି ।

✻ ✻ ✻

କୃଷ୍ଣ କରୁଣାରେ ସେ ନିସ୍ୱଶ ଫଳ କାହିଁ ।

---

ବ୍ୟର୍ଥ ବାସୁଲେ ପଣ୍ଡିତ
ଲୁଟାଇଲା ପ୍ରାଣ୍ତ ଶାସ୍ତ୍ର ହୋଇଲା ଡେମନ୍ତ ।

✻ ✻ ✻

ବସନ୍ତରତୁ ତ ଅନ୍ତ ହୋଇ ନାହିଁ ଗୋର,
ବଚନ-କୋକିଳ କାହିଁ ! ଛାଡିଲା ମାଧୁରୀ ।

✻ ✻ ✻

ବଧୂକରେ ମହୋଚ୍ଚ୍ବଳ ଦିଶଇ ରଜନୀ,
ବଧୂ ପ୍ରଶ୍ନ ଅଧିକ ରଜନୀ ହେଲେ ଜମା ।
ବଳମ୍ବଲୁ କ ମହା ପିପାସୁ ସହି,
ବାରପୂର୍ଣ୍ଣ କାସାର ଦେଖାଅ କାହିଁ ଯେ ।

✻ ✻ ✻

ବୋଇଲା ଏ କ ରେ ଆଶ୍ଚର୍ଯ୍ୟ ମୃଣାଳର ସୂତ୍ରରେ
ବାରଣ ଯେ ବନ୍ଧା ହୋଇଲା ଶୁଣାଗଲା କର୍ଣ୍ଣରେ ।

✻ ✻ ✻

ଶତୋଦୀ ହସ୍ତରୁ ପୋଷା ମର୍କଟ ଫିଟଇ,
ଶକୁଭ ମୁଖ ଦେଖାଇ ଗୁଣ ନ ମାନଇ ।

✻ ✻ ✻

ବସ୍ତ୍ରେ ଭକ୍ତ ପଦାଘାତ ବହିଲେ ମାଧବ,
ବସ୍ତ୍ରେ ସହିଲେ ଏତେ କହିଲେ ସୁଗ୍ରୀବ ।

✻ ✻ ✻

ବଣା ହେଲି ଆଖି ଥାଉଁ ନ ରଖିଲି
ହୀରକ ସ୍ଫଟିକ ହେଇ ଯେ,
ବଣିକ ପରୀୟେ ହୋଇଲି ସୁବର୍ଣ୍ଣ
ଭୁଜରେ ଭୁଲିଲି ଗୁଞ୍ଜ ଯେ,
ବାଭୁଲ, ବାଭୁଲ ହୋଇଲି ମୁହିଁ ଯେ,
ବଜ୍ରମୃଣାଳ ଖଣ୍ଡରୁ ଏ ଦ୍ୱିତୀୟା
ଗ୍ରହନ ବୋଲି ଦେଲି ଭକ୍ଷ ଯେ ।

✻ ✻ ✻

ବ୍ୟବହାର ଏହା ଶୁଭ ପର,
ବାଳସନ୍ତା ସୁବର୍ଣ୍ଣ ପଞ୍ଜୁରୀ,
ବନ ଭବନ ଗ୍ରବନ ଏତା କରେ,
ଭଲି ପଢାଇଛୁ ଜଠାଧାରୀ ।

✻ ✻ ✻

ଶତଶିକ୍ଷୁ କି ଶିଖରୀ ଶିଖେ
ବନା ଜଳରେ ପଦ୍ମ ତା ସୁଖେ,
ବନ୍ଧନ ଆଶାବନ୍ଧରେ କି କୁଞ୍ଜର,
ଶୁଣା ପ୍ରବନ୍ଧ କି ମୂର୍ଖ ମୁଖେ ।

✻ ✻ ✻

ବୃହସ୍ପତି ତଳନେ ବରଷେ ଘନ,
ବର୍ଷୁରେ ତଥା ଧ୍ୱସ୍ତ ହେଲେ ମୋ ବନ ।

✻ ✻ ✻

ବଜ୍ରପାତକୁ ଡର ଭର ଶାରଙ୍ଗ,
ବାରିଧର ଆଶା କି ଛାଡିଛୁ ଅଙ୍ଗ ।

✻ ✻ ✻

ଶହରେ କେତେ ନାହିଁ କେ ପାରେ ଭକ୍ଷି
ବହ୍ନିକଣାକୁ ଯଥା ଚକୋର ପକ୍ଷୀ ।

✻ ✻ ✻

ଶରୁଧ ନୁହେଁ ପାନ କର ପୀୟୂଷ,
ଶକ୍ରୋଶେ ଇକ୍ଷୁରସେ ହେବାକୁ ବଶ ।

✻ ✻ ✻

ଚନ୍ଦ୍ରବଦନର ପ୍ରକାଶ କେତେ ବେଳେ
ଆଚ୍ଛାଦି ପାରେ କୁହୁଡ଼ି।

* * *

ବାସୁକି ବିନା ଧରଣୀ ଧରଣକୁ କ୍ଷମ କି ମହୀଲତାଏ

ବାରି ସେ ନଦାରି ତୃଷାର୍ତ୍ତିର ତୃଷା ପାରେ
ବଶ ହେବ କି ମୁଁ ମୃଗ ମୃଗତୃଷ୍ଣା ଠାରେ।

* * *

ବାଲ୍ମୀକି ଭକ୍ତି ସାର ଗଗନ ଗଗନାକାର
ସାଗର ତୁଲ୍ୟ ସାଗର ଯେଉଁ ପ୍ରକାରେ,
ଶାସ୍ତ୍ରୁତ ଲୋଚନ କର ରାମ ରାବଣ ସମର
ରାମ ରାବଣ ସମର ଖ୍ୟାତ ସଂସାରେ।

* * *

କାହାଁ ଶଙ୍କର ବୋଲି ସଦାଶିବଙ୍କୁ,
ନ କଲେ ସେବା କଲେ ସଦା ଶିବଙ୍କୁ।

* * *

ଲେଖାଇ ଦେଇ ଧାତା ସୁମରଣକୁ,
କେବେ କଥା ଅଛି ମୋ ସୁମରଣକୁ।

* * *

ଚରଣ ଶରଣ ଲୋକଙ୍କୁ ନାଶିବା
କଥା ତ ଉଚିତ ନୋହି।

* * *

ଏବେ ମରୁଅଛି ଝୁରି
ଦରିଦ୍ର ରତନ ପାଇ ହରାଇଲା ପରି।

* * *

ଦୂରେ ଥିଲେ ପାଶେ ଅଛି ଏହା ଥିବୁ ଜାଣ
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର,
ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର।

* * *

ଯେତେ ଦୂରେ ପଡ଼ ପଡ଼ିଥାଉଁରେ ଜୀବନା,
ଜିହ୍ୱା କି ନୁହଇ ତାହା କୃଷ୍ଣ ନାମ ବିନା,

ବନ୍ଧୁ କେମନ୍ତ ମୁଁ ତୋର,
ସବୁଠାରେ ହୋଇଅଛି ସୁନ୍ଦରୀ ତୋହର।

* * *

ଶିବେ ଅଙ୍ଗେ ଭରି ଭୂଷ,
ଖାସ ଗ୍ରାସ ପ୍ରାୟେ ତ ନ ଗଲା ମୋର କ୍ଲେଶ।

* * *

ଏବେ ଅନୁଭବ ହେଲା,
ଘରରେ ମଙ୍ଗଳ ପଦ ଯେମନ୍ତ ରହିଲା।

* * *

ରାହୁ ଦଶା ପ୍ରାୟେ ମୋର,
ସୁଧାପାନ କରାକୁ ଛେଦନ ହେଲା ଶିର।

* * *

ଚନ୍ଦ୍ରକୁ ଚକୋର ଜଳଧରକୁ ଚାତକ—
ପ୍ରାୟ ତୋତେ କରିଥାଇଁ ମୁଁ ଆଶା ଅନେକ।

* * *

ନଦୀ ସବୁଶେ,
ରସିଲା ମନ କି ଲେଉଟି ଆସେ।

* * *

ସୁନା ଦହନ,
ରଖିଲେ ଅଧିକ ବଢ଼ଇ ବାନ।

* * *

ପ୍ରଶ୍ନ ମୂଲ୍ୟ କି ଛୁଟେ ରତ୍ନମଣିର
ଜୀର୍ଣ୍ଣ ବସନରେ ଥିଲେ।

* * *

ପଙ୍କ-ଦୂଷିତ ଜଳେ ଥିଲେ କୁମୁଦ
ଚନ୍ଦ୍ର କି ପ୍ରୀତି ନ କରେ।

* * *

ଭୃତ୍ୟ ହୋଇଲେ ଯୋଗୀ ପ୍ରଭୁ ହୋଇଲେ ସେବୀ
ଅଛି କି ଉପାୟ ସରଳ।

* * *

ଉମା ଶିବ ମନୋହାରୀ
ଗଙ୍ଗାଙ୍କୁ ବହିଲେ ଶିରେ ଶୋଭି ସେ ନ ପାରି ।

* * *

କାଞ୍ଚନ ଶିଳାକୁ କଷୌଟି ନିକଷ କରୁ ଏ ଚଂଶନ
କସୁଣିରେ କଷ୍ଟ ନ ଦିଶେ ହେଉଁ ପ୍ରାଣ ଆଲୋକ ।

* * *

ସ୍ୱଭାବ ଏକ ଭଲ୍ଲୁକ ଗାଳ ଏନ୍ତୁ ବେନି,
ସନ୍ତୋଷ ସେ ତୋଷେ ତୋଷେ ତୋଷେ ତୋଷେ
……ଘେନି ଯେ ।

---

ଶୁଣି ହସି ବୋଇଲେ ଯଦୁସ୍ୱୟଂ,
ସାରଙ୍ଗ ଅଙ୍କୁଶ ତୁରଙ୍ଗ କଶକା ନ ମାନିଲେ
କି ଉପାୟ ।

* * *

ସୁବଳଙ୍କୁ କେହି ନାହିଁ ଭର୍ମକୁ,
ସିଦ୍ଧ କରେ ଜେତେବେଳେ ବାମକୁ ।

* * *

ସୁଜ୍ଞାନୀ କି ଶୁଣିଲ ବ୍ରହ୍ମଜ୍ଞାନ,
ସହାସ୍ୟ ମନେ ଲୟ ଦେଲ ଗ୍ରାସେ ସେ ବାଣୀରେ
ଦେଲ ମନ ।

* * *

ସୂଚ ଘେନି ଭେଦି ଲୋଡ ଶିଖା,
ସୂକ୍ଷ୍ମ ସୂତରେ ବାନ୍ଧି ଲୋଡ କଥା,
ସୃଷ୍ଟି ପ୍ରଳୟକାଳ ଚଳୁ ଥୁଏ କି, ଲୋଷ୍ଟ୍ରେ ଚୂର୍ଣ୍ଣ
ଥୁଏ ଗିରି ।

* * *

ସତ୍ୟକେ ଅଙ୍କୁଶ ଲଜ୍ଜା ଯୁବତୀଙ୍କ ସତବାଣୀ
ନୃପଙ୍କର
ସେ ନ ମାନିଲେ କି ବୁଦ୍ଧି ଏଥିକି ।

* * *

ସଲୋଭେ ଚନ୍ଦ୍ର             ଶଶ ନାଶ ଗଲା
ତାହାକୁ ହେଲା କଳଙ୍କ ।

* * *

ସ୍ୱୟଂ ବଡ ହେଲେ ମୂକ କର୍ମ
ସିନ୍ଧୁ ମନ୍ଥନ ଛଡାଇଛି ଭ୍ରମ
ସୁରେ ସୁଧା, ବସ୍ତୁ             କମଳା ଲଭିଲେ
ବିଷ ପାନ କଲେ ଶ୍ୟାମ ।

* * *

ସର୍ବ ବେଳେ କି             ଜଳୁର ନ କରନ୍ତେ
ଅନଳ ନିକଟ ହୋଇଲେ ।

* * *

ତୃଷାର୍ତ୍ତୀ ସିନା ସଲିଳ ପାଶେ ଉପଗତ,
ପାଣି ତୃଷାର୍ତ୍ତୀ ପାଶକୁ ଆସେ କି କେବେ ।

* * *

ଜଳ ସନ୍ନିଧିକି ଜଳ ପାନ କରି ଗଲେ
ତାହା ଅସନମତ ହୋଇଛି କେଉଁ କାଳେ ।

* * *

ଗଜ ବଳବନ୍ତ ହୋଇ ଅଙ୍କୁଶ କି ନ ମାନଇ,
ଶଶୀ କ୍ଷୀଣ ଯେ ହୁଅଇ କଳା ତା ବୃଦ୍ଧି କରଇ ।

* * *

ଯେତେକେ ବୃଦ୍ଧ ଶତ୍ରୁ କଲେ ପାରଇ କି ଋଷି
ବୃଦ୍ଧି ସରିତକୁ ବାଲି ବନ୍ଧ ନିକ ସଖି !

* * *

ପ୍ରଚଣ୍ଡ କିରଣେ ରବି ଶୋଷଇ ଜଳଦ
ଅଳ୍ପ ବେଳରେ ଦୂହଇ ଶିଖିଷ ମଣ୍ଡଳ ।

* * *

ଅମରେ ଭୋଗ କରନ୍ତି ରଶ୍ମି ଶଶୀ ଶେଷ
ଲଭାନ୍ତୁ କଳକା ଛାଡ଼ି ତୋଳ ସୁମନସ ।

* * *

ବଧି ବୋଲନ୍ତି ବଧାବାକୁ କାହିଁକି ଅବଧି କଲ ତ,
ଅମୃତ ଭୁଞ୍ଜାଇ ମିରୂମଣ୍ଡିତ ତାମ୍ବୁଲ ଦେଲ ତ ।

* * *

ସ୍ୱଳ୍ପଗ୍ରାସେ ଅଶୁଭ କି ହୁଏ ସୁଧାକର,
ଅମରେ କରନ୍ତି କହୁଁ ଅମୃତ ଆହାର ଯେ

* * *

ଏହା ଲେଖି ଦେଇ ଗଲ ଷଣ୍ଡ ଅକ୍ଷରେ
ଖଳୁର ନ ପାଏ ତାଙ୍କି ତେଙ୍କି ତାଳରେ ।

*   *   *

ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ ।

*   *   *

ବ୍ୟାଧିବନ୍ତର ବାଞ୍ଛିତ ଭୂପଥ୍ୟର ବୈଦ୍ୟ
ବଦ୍ଧଲର ପଣ୍ଡ ।

*   *   *

ଗୁରୁଦ୍ରୋହୀ ପୁଣ ସ୍ୱର୍ଗଲୋକ ପାଉଛି,
ସାତ ସିନ୍ଧୁ ତଳ୍କ ଭିତରରେ ରହୁଛି,
ପକ୍ଷ ବିନା ହୋଇଅଛି ଗଗନ ଗତି,
ଜଳ ଉପରେ ଶଇଳ ଭାସି ଅଛନ୍ତି ।
ଯେଉଁ ଦଇବେ ହୋଇଛି ଏତେ ବିଧାନ,
ସେହି ଦଇବର କିବା ଅସାଧ୍ୟ ଆନ ।
ସୁଧା ପାନ କଲି ବହୁ ଉପାୟରେ,
ସ୍ଥିତ ହୋଇଅଛି ଚନ୍ଦ୍ର କୁମୁଦରେ,
ଗୁଞ୍ଜ ତୁଳା ହୋଇଛି ସୁବର୍ଣ୍ଣ ତୁଲେ,
କର୍ମ ସବୁ କଲ ମୀତ ପାଣି ବଳେ ।

*   *   *

ସୁବର୍ଣ୍ଣ ସୀତାରେ ବଶ ଶ୍ରୀରାମ,
ଯାହାର ଯଜ୍ଞରେ ବଳଇ ପ୍ରେମ ।

*   *   *

ସୁଣି ବୋଲଇ ହେ ଜାଣି ମୁଁ ନ ଥିଲି
ଦଇବ ତୁ ଏତେ ଦାରୁଣ,
କ୍ଷୁଧାତୁରକୁ ସୁଧାତୁଲ୍ୟ ଭୋଜନ
ପରଶିଲୁ ଜେଉଁ କାରଣ,
କୁଣ୍ଠି ବସିବା ବେଳେ କୁଳଶ ବୃଷ୍ଟି କଲୁ,
ଯେବେ ଦଲୁ ତେବେ ପଗ୍ରଣ ନ ନେଲୁ
ଏତେ ବ୍ୟାକୁଳ କପାଁ କଲୁ ।

*   *   *

ବୋଲେ ଜାରସୀ ସାଗରେ ସ୍ନାନ କରି
ଯେମନ୍ତ ତୃଷା ନ ତୁଟିଲା,
କଳ୍ପତରୁରେ ଫଳ ନାହିଁ ଯେମନ୍ତ
ତେମନ୍ତ ଦଶା ତ ଘଟିଲା ।

*   *

ସବୁ ବଶ ଦଇବ,
ଜାହା ମନେ ଥିଲା ଅଗାଧ ସମୁଦ୍ର
ଚଳୁ ଭିତରେ ସମ୍ଭାଇବ ।

*   *   *

ପବନକୁ ପାଶ ପାଣ୍ଡ ବସିଥିଲେ ସେ
ତାହିଁ ହୋଇବ ବନ୍ଧନ ।

*   *   *

ତୁଳାପାହେ ଜଣା ଅଧିକ ପଦାର୍ଥ
ପଣ୍ଡଲେ କି ସମ ହୋଇବ ।

*   *   *

ଦୁର୍ବଳ ମାରିବାକୁ ସମସ୍ତେ ଆଗ,
କାମକୁ ବାମଦେବ କଲେ ଅନଙ୍ଗ ଯେ ।

*   *   *

ଜୀବନ ଥିଲେ ହୁଏ ସବୁ ପ୍ରାପତ,
ହୁଅଇ ସମ୍ଭାବିତ ଅସମ୍ଭାବିତ ଯେ ।

*   *   *

କଷ ପୁଣି ଦେଖା ନ ଯାଏ ଯଦି ଥାଇ ଜୀବରେ
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ ।

*   *   *

ଆରତ ହେଲେ କାର୍ଯ୍ୟ ନୁହଇ ବେଗ,
କାଳକୁ ସ୍ନିହିଁ ଲୋକ ହୁଅଇ ଯୋଗ ଯେ ।

*   *   *

ବଶହିଁ ହୁଏ ହିତ ସନ୍ଧି ପାତରେ ।

*   *   *

ଚନ୍ଦ୍ର ଲଭିଲା, ମନ୍ଦ ହୃଦ୍ଧାରୁ ଶଶା ।

*   *   *

କୋଟି କଲେ ଏ କଥା ହୋଇଛି ନଷ୍ଟ ଆନ,
ଜନ ଦେଖ ଗଙ୍ଗା ଜଳେ ଗୃହତର ମନ ଯେ ।

*   *   *

ନାରିକେଳ ଯେ ରସପୂର,
ଭକ୍ଷି ନ ପାରଇ ବାନର,
ତାର କି ସ୍ୱାଦୁ ଯଶ ନୋହି,
ପ୍ରସଙ୍ଗ ଗଲ୍ପ ମଧ୍ୟ କହି।

*　　*　　*

ଭୂତ ହେଲେ ମିଥ୍ୟା କହି,
କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ।

*　　*　　*

ଚୂତ ମୁକୁଳ ଅଶନ
ହୋଇଲେ ସିନା କହଇ କୋକିଳ ବଚନ।

*　　*　　*

ଜଳ୍ପନ ନ ଥାଇ　　ଦେବ ଦରଶନେ
ଗଲ୍ପ ପ୍ରାୟ ଉପହାସ।

*　　*　　*

କି ବୋଲି ବୋଲିବ　　ମଶାଗ୍ର ମଶକ
ପଶୁଏ ଭ୍ରମୁଛି ମନ।

*　　*　　*

ପର ଉପକାର ଯଶ ଥୋଇଲେ,
ଦେଖ ମହାଦେବ ବିଷ ଖାଇଲେ।

*　　*　　*

ଅନଳେ ଦହିଲେ　　ସୁବାସକୁ ନିଜ
କେବେ ଛାଡଇ ଚନ୍ଦ୍ର ଚନ୍ଦନ।

*　　*　　*

ମୂର୍ଖକୁ ବୁଝାଇବାର ଅତିକଷ୍ଟ ଜାଣ।

*　　*　　*

ସଖୀ କହିଲେ ଦୁଃଖ ସହି
ଧଇର୍ଯ୍ୟ ହେଲେ କାର୍ଯ୍ୟ ଲଭି ଅବଶ୍ୟ,
ହରି-ଅରଘାତ ସହି
ରହିଲକୁ ସହୁ ପିଉଛି କି ପୀୟୂଷ।

*　　*　　*

ଦେଖ ଅନଳ, କାଷ୍ଠକୁ ନଷ୍ଟ କରି ନିଭେ।

*　　*　　*

ରୋଗ, ଋଣ, ଶତ୍ରୁ　　ଶେଷକୁ ରଖିଲେ
ଆପଣାର ବାଧା ସେ କଥା।

*　　*　　*

ବଡ ହୋଇ କଷ୍ଟ ହୋଇବ,
ଅର୍ଜିଲା କର୍ମ ସିନା ଭୋଗ ହୋଇବ,
ସାଗର ମନ୍ଥନେ　　ଗରଳ ପାଇଲେ
ତ୍ୟାଗ କରନ୍ତି ମହାଦେବ।

*　　*　　*

ଦୁଇ କରେ ଲୁଚେ କି ଲେଖି ହେଲେ କି ସଖୀ।

*　　*　　*

ହିମରୁ ପ୍ରବେଶ　　ପଦ୍ମବନ କରେ ଧ୍ୱଂସ
ମୂଳ ଥିବାରୁ ବସନ୍ତେ ପଲ୍ଲବେ ସତେ।

*　　*　　*

ମଧୁମକ୍ଷି ଉଚ୍ଛିଷ୍ଟ ଅମୃତାଦର ସୁରେ।

*　　*　　*

ଏ କଥା ଶୁଣ ଲୁ ତରୁ, ମଧୁମକ୍ଷିକା ସଞ୍ଚିତ
ଦେବଭୋଗ୍ୟ ହୁଏ କେହି, ବିଷ୍ଟୁର ସହି ଗୋ।
ଫଣୀ ଜାଗ୍ରତେ ଚନ୍ଦନ ଥିଲେହେଁ କରି ସେବନ,
ଭୋଗ ହେଉଛି କି ନାହିଁ, ପଶ୍ନଣସହି ଗୋ।
ଯେବେଟି କୁସୁମ ଫୁଟେ, ତେବେ ସୁଗନ୍ଧ ପ୍ରକଟେ,
ଯହିଁ ତହିଁ ନଦୀ ଜଳ, ସମୁଦ୍ରେ ଠୁଳ ଗୋ।

*　　*　　*

ଜଳକଳସେ ଚନ୍ଦ୍ରବିମ୍ବକୁ ଧରି,
ପାରିଲି ନାହିଁ ସୁଧା ଭୋଗକୁ କରି ଯେ।

*　　*　　*

ଏମନ୍ତ ଶୁଣ ତୋର ଅବଧାନକୁ,
ପ୍ରଭୁ ସେ ବଶ କରେ ଦାସ ଜନକୁ।

*　　*　　*

କୁଶାର ନାଶ କରେ ଜନମସ୍ଥାନ।

*　　*　　*

ସୁରେନ୍ଦ୍ର କିଶରଙ୍ଗ କି ରଥାଙ୍ଗ ଶୁଣିଁଲ,
ସୁତହୀନ ଦେଖିଲ କି ଚୂତ ବକୁଳଲ।

ସୁମନା ଶକାଶ ଛଦା ମଧୁକର ଗୁହିଁ,
ଶାଢଅନ୍ନ ମାସୋପବାସୀଙ୍କ ଦେଇ ଶହ୍ଣ ।

* * *

ସବୁ କାଳେ ବଡ଼ ହୋଇ କେ ନାହିଁ ମନଲା,
ସ୍ୱର୍ଗ ତେଜ ଗଙ୍ଗା ଲଭେ ଲବଣସିନ୍ଧୁକୁ ଯେ ।

* * *

ବଲ୍ଲୀଠାରୁ କାମୁକା ବଳ ନାହିଁ,
ଶଚୋଦକୁ କୁସୁମେ ଯେଣୁ ଦେଇ,
ଶହ୍ନଇ ଯେ ସମ୍ଭୋଗକୁ ମଧୁପ,
ବେଜ୍ଞ ସବୁ କାଳରେ ଅନୁରୂପ ।

[ଅର୍ଥ—ଲତାଠାରୁ ବଳ କାମୁକା କେହି ନାହିଁ, ସେ ପୁଷ୍ପବତୀ ହେବାମାତ୍ରେ ସମ୍ଭୋଗ ଦିଏ । ତାକୁ ଭୋଗ କରୁଥିବା ଭ୍ରମର ମଧ୍ୟ ସେହିପରି କାମୁକ । ସବୁ କାଳରେ କାମୁକ କାମୁକା ଦୁହେଁ ଅବାଧ ଆଚରଣ କରନ୍ତି । ]

* * *

ସୁବର୍ଣ ଅନ୍ଧଧାନ କାଣିଥିଲେ,
କାଣି କସ ହେବ ବନ୍ଧୁଦ ହେଲେ ।

* * *

ସବୁ ଭଲ ବର୍ଣ୍ଣାବଳୀ, (କପାଳ ଲିଖନ)
ଆଜଯାଏଁ କେହି ତାହା ପାରି ନାହିଁ ବଳ ।

* * *

ଜଣା ଅଧିକେ ସଂଯୋଗ ପୂର୍ବରୁ ହୋଇଛି,
ଶଶ ରହି ଚନ୍ଦ୍ରେ ସ୍ୱଚ୍ଛ ପୀୟୂଷ ପିଇଛି ।

* * *

+ + ଶିରୋଧାର୍ଯ୍ୟ [ ଦେଶ ]
ଫେଇ ସୁଗନ୍ଧ ଧୂମେ ଧୂପ ଦେଇ,
ଗଜଦନ୍ତ କଙ୍କତିକା ଚଳାଇ,
ସେ ଏମନ୍ତ କିଶି,
ଜଳଦ ପରେ ଧାମେ ଅର୍ଦ୍ଧଶଶୀ ।

* * *

ଯେସନେ ଦୀନଜନ ମତ,
ଧନ ଲଭିବା ଲୋଭ ଅତ

* * *

ହୀରା [ ପିମ୍ପୁଡ଼ି ] ଭ୍ରମ ଅଛି ଚନ୍ଦ୍ରବିମ୍ବ ଚୁମ୍ବି ଇଚ୍ଛି,
କେମନ୍ତେ ହୋଇବ ଏ ସମ୍ଭବେ ନ ଅସୁଛି ଯେ ।

* * *

ରହିବାକୁ ଅମୃତ ଚନ୍ଦ୍ରମା ସିନା ସ୍ଥାନ,
ବୈଦେହୀକି ଯେ ଯହିଁ ରସେ ସେହି ସେ ପ୍ରଧାନ ।
ଉମାସ୍ୱସା, ବିଷ୍ଣୁପଦ ଶିବ ଶିରସ୍ଥାୟୀ,
ଦେଖ ଗଙ୍ଗା ଲବଣସାଗରେ ସଙ୍ଗ ପାଇ ।

* * *

ପରମପାବନୀ ତୀର୍ଥନୀର ଯେତେ ଥିଲେ,
ଗୃହଭ ଚର୍ଚ୍ଚ ରହିତ ଶୋକ ପାଦଗତେ ।
ବିପ୍ର ବୋଲେ ଜଳ ଜଡ଼ ସବର୍ଣ୍ଣଭି ଅଛି,
ବିବେକଶୂନ୍ୟରେ ପଶୁ ପକ୍ଷୀ ସମେ ଲକ୍ଷି ।

* * *

ଗନ୍ଧବତୀ ସାର ରସବତୀ ଯେ ପଦ୍ମିନୀ,
କୋମଳା ଏ ପ୍ରଶଂସାରୁ ଆନ କି କାମିନୀ,
ସେ ଚଣ୍ଡାଂଶୁ ସ୍ନେହବଶ, ଥାଉଁ ଚନ୍ଦ୍ରପ୍ରୀତି,
ତାର ପ୍ରକାଶେ ପଦ୍ମିନୀ ନୟନ ମୁଦନ୍ତି ।
ବୃନ୍ଦାବତୀ ଜଳନ୍ଧରେ ହେବାରୁ ଲୋଲୁପ,
ଭଗବାନ ଦିବ୍ୟରୂପ ଦେଖି ଦେଲି ଶାପ ।

* * *

ସବୁଠାରୁ ମୂଳ କର୍ମ [ ଅଦୃଷ୍ଟ ] ଦୁର୍ଲଭ ଲଭଇ
ଉଦ୍ୟମେ, କର୍ମବିପାକେ କାର୍ଯ୍ୟକୁ ନ ପାଇ ।
ସିନ୍ଧୁ ମନ୍ଥନରେ ଶ୍ରମ କରିଣ ଅସୁରେ
କ୍ଷମ ହୋଇଲେ ସେ ଆଉ ଅମୃତପାନରେ ।

* * *

ଭୋଗ ଇଷ୍ଟରେ ଶ୍ମଶାନ ବାସରେ ଲଙ୍କା,
ଏ କଥା ସୁମନ୍ତ୍ର ମନେ ଥିଲି ବଡ଼ ଶଙ୍କା ।

* * *

ଅନୁକ୍ରମ [ମଧ୍ୟମ] ତମ [ରାହୁ] ସୁଧା ପିଇଛି,
ରାମେ ସୁଗ୍ରୀବହିଁ ମିତ୍ର ହୋଇଛି,
କି ଅଦୃଷ୍ଟରେ ଏ କବେଦ ଉଷୁକ
ଦଷ୍ଟ ବସ୍ତୁରେ ଲଭନ୍ତି ।

*   *   *

ଭୃତ୍ୟ ଜଣାଇବା କଥା ଉଚିତ,
ଯେତେ ପ୍ରଭୁ ତାର୍ ସବୁ ଅଜ୍ଞାତ ।

*   *   *

ତାରକର୍ [ରକ୍ଷକର୍] ପକ୍ଷପାତ ପାଇଁ
ଭୂଲେ ଲେଖା ପୁଣି ଲୁଚିଯାଇ
ଏଥି ଚମତ୍କାର୍        ଅଛୁ କି ବିସ୍ତର୍
ଏବେ ଜାଣୁ ପେ ହୋଇବ ନାହିଁ ।

*   *   *

କୃପା–କଳ୍ପଦ୍ରୁମ ଯେ ବୋଲାଇ,
ଅଗୋଚର୍ ଫଳକୁ ନ ଦେଇ,
ଆଶା କଲ୍ ଜନ        କର୍ମ ଆଦରିଲେ
ଏଥିଁ ଅଧିକ କେଉଁ କଡ଼ାଇ ।

*   *   *

କରୁଣାର୍ ରତ୍ନାକର୍ ହୋଇ,
ଯେଉଁ ଜଳାର୍ଣ୍ଣ ରତ୍ନଦାୟୀ,
କେବଳ ମଣିଷ        ଜନ ଜରଜର୍
କେବେ ତୃଷ୍ଣା ତୃଷା ନ ତୁଟଇ ।
ବୋଇଲ ଆଳୀ କପାଳ ଲିଖ,
କୋହିଲ ଦୁଏ କରମ ବଳୁଁ,
ବର୍ଷଅଛନ୍ତି ସମୁଦ୍ର ଚନ୍ଦ୍ର କେବଳ କରେ ଯେ ।
କରେ ସମସ୍ତେ ଇନ୍ଦ୍ର ହୋଇଛନ୍ତି,
କରେ ଧରଣୀ ଟେକି ଧରିଛନ୍ତି,
ଏ ସ୍ୱପ୍ନରେ ସୁଯୋଗ ଅଛି ତୁମର୍ କରେ ଯେ ।

*   *   *

ଦେବବ୍ରତଙ୍କୁ ବଳ ନାହିଁ ବଳାକାରେ,
ଅବଳା ପଦ ଧରିଲ୍ ବଳବନ୍ତ କରେ ।

*   *   *

କରୁଣା କରୁଣା ଖଳ ଜନ୍ମାଦ୍ୟେ
କରିଲ୍ ନିବାସ ବୋଲୁଅଛି କାଳେ କାଳେ ।

*   *   *

ଓଡ଼ାବଣ ତୁହୁ ଅଗସ୍ତ୍ୟ ଶ୍ଲୋକ ଉଦ୍‌ଧାର୍,
କବାଟକେ କାହା ଚଞ୍ଚୁ କୋହିଲେ ଅନ୍ତର୍ ।
[ଭୃଷ୍ଣ]

*   *   *

ଘାସ ଅଶନ ପୁଣ ତୃଷ ନ ଛାଡେ
ସବ ଯୋଗେ ସବ ମିଳଲେ ।

*   *   *

ଘନରସ ପାନ        ଚନ୍ଦ୍ର କର ହେଲେ
ଚକୋର୍ ସ୍ପୃହା ଅଭିଳାଷ ।

*   *   *

ଧନ୍ୟ କି ଯାଏ ବାରଣ ଆରଣ [ବେଢ଼ି]
ଭାନୁ ଚରଣ,
କଳଭ ନାଳ ସୂତ୍ରରେ କଲେ ବନ୍ଧନ,
ଧୂମାଚ୍ଛନ୍ନେ ଗୁପ୍ତ ସୁର୍ଯ୍ୟ କି,
ଧରାଧର୍ ଆନ ବୃକ୍ଷ ନଦୀକି ନଷ୍ଟ ।

*   *   *

ଧ୍ୱଂସ କରେ ମହାଦାରୁ   ତରୁ ପବନ ପ୍ରସ୍ତୁତ
ଦୂର୍ବା କି ମହୀତଳରୁ ଉପାଡି ପାରେ ।

*   *   *

ସ୍ପୃହା ରଙ୍ଗ ଉକ୍ଷେ ଚକୋର୍ ଆଉଁ ଜଳାନିଧି ।

*   *   *

ଫୁଲ ଭ୍ରମର୍ ପୀରତି କେବେ ଭାଳ ଥାଇ ।

*   *   *

ଫଳ ତ ତାର୍ ପ୍ରୀତିରେ,
ସ୍ଥିତି ପର୍ ସେ ନାନା ସ୍ୱର ତୁଣ୍ଡେ ଧରେ ।

*   *   *

ତୁଙ୍ଗେ ସେନେହୀ       ହୋଇଲ ଜନର୍
ଜୀବନକୁ ଆଶା ନାହିଁ ।

*   *   *

ମାଣିକକୁ ଗୁଣିକ ବଣିକ ସିନା ଚେନେ,
ମହାରଣ୍ୟବାସୀ ପରଖିବ କି ଯତନେ ।

*   *   *

ଶତ୍ରୁଠାରେ ହୃତ ତପ୍ତ ଜଳ ଯେମନ୍ତ
ସନ୍ନିପାତଜ୍ୱର କରେ ନାଶ ।
* * *
ସୃଷ୍ଟିରୁ ମୋର ଜାତ ଖଣ୍ଡୁର ଏ ହେମନ୍ତ
ବସ୍ତୁରୁ ଦେବତାଙ୍କ ଶିରେ ।
* * *

ତାହାଁ ରୂପରୁ ସ୍ରଷ୍ଟାଙ୍କର ସୃଷ୍ଟି,
ଯଥା ସ୍ୱର୍ଗ ଯିବାକୁ ତାହାଁ ନିଶ୍ରେଣୀ ।
* * *
ସ୍ରଷ୍ଟାଙ୍କ ଅନ୍ତରେ ଅକ୍ଷର ରତ୍ନ,
ଦେବଙ୍କୁ ଗୋଚର ନ ହୁଅଇ ସେହି ।



# ଅପ୍ରକାଶିତ
# ଗଦ୍ୟ-ଗଳ୍ପାବଳୀ

# ସେବାବ୍ରତ

## ପ୍ରଥମ ସର୍ଗ

କହିଲ ଶବେକ ଉଠ ତୁ ରେ ମନ,
ଫେଣ୍ଟ ମୋହ-ମଦ ମୁଦ୍ରିତ ନୟନ ।
ମଣ୍ଟୁରୁ ତୁ ପଶ୍ ନଭକୁ ଦେବତା,
ଘଟାନ୍ତର୍ ଏତା ତୋତେ ତୋହ କଥା ।
ଛାଡିଗଲେ ଦେହ ବ୍ୟର୍ଥ ଅର୍ଥ-ଫଳ,
ନ ରହିବ ଆଉ ବଡ଼ିମା ଏଭଲ ।
ଏବେ ଯେ ତୋ ପଦେ ସ୍ତବେ ଅବନତ,
କରିବ ନାହିଁ ସେ ତୁଚ୍ଛା ଦଣ୍ଡବତ ।
ନ ଦେଖିଲ୍ ପର୍ ପୋଡ଼ ତଳେ ମଥା,
ବାଟ ଛାଡ଼ି ଯିବ ନ କହିବ କଥା ।
ଘରେ ଯେଉଁ ସୁଖ ତୋତେ ତୋ ଗୃହର,
ତୋତେ ନୁହେଁ ତାହା ଅର୍ଥକୁ ତୋହର ।
ଅର୍ଥ ବଶୀଭୂତ ଜଗତେ ସକଳ,
ସମ୍ପନ୍ନ ପୂଜା ଅର୍ଥକୁ କେବଳ ।
ମହିମା, ଖ୍ୟାତିମାନ୍, ମହାପ୍ରଭୁ ଆଦି,
ଏ ସମସ୍ତ ସିନା ଅର୍ଥର୍ ଉପାଧି ।
ତହିଁ ତୋର୍ କିଛି ନାହିଁ ଅଧିକାର,
ପର୍ ସମ୍ପଦେ ତୁ ମଣୁ ଆପଣାର ।
ଏହା ସିନା ତୋର୍ ଅନୁମତ ଲୀଳା,
ଶିବ ନାମ ବହି-ପୂଜା ପାଏ ଶିଳା ।
ହେଜ ମନ, ଭବପଟର ପ୍ରସଙ୍ଗ
ଧୁଏ ଚିତ୍ର ଜଳା ଧୋଇଗଲେ ରଙ୍ଗ ।
ଛାଡିଗଲେ ତଥା ତୋତେ ତୋ ବିଭବ,
ହେବୁ ତୁହି ଜଣେ ନଗଣ୍ୟ ମାନବ ।
ସ୍ମରି ଏହା ମନ ତ୍ୟାଗ ଅର୍ଥ ସଙ୍ଗ,
ଛାଡ଼ି ଏ ଯାତ୍ରାର୍ ବିଫଳ ସୁଆଙ୍ଗ ।
ଗୁହାଁ ଗୁହାଁ ଥରେ ପଶ୍ଚିମ ଗଗନେ,
ଜୀବନର୍ ସନ୍ଧ୍ୟା ମାଡିଆସେ ଘନେ ।
ତମୋଗର୍ଭେ ସୃଷ୍ଟି ଦେବ ଦେହ ଢାଳି,
ହେବୁ ତୁହି ବାଟ ନ ପାଇ ଅନ୍ଧାଳି ।
ଆଗରୁଁ ଆଲୋକ ରଶ୍ମି ତୁ ସଂଗ୍ରହ,
ଅନ୍ୟଥା ଦଂଶିବ ଅନ୍ଧକାରେ ଅହି ।
ରସାତଳେ କାଳ ଦେଇ ତୋତେ ଫିଙ୍ଗି,
ଖଙ୍ଗିଦେବ ତୋର୍ ବଡ଼ିମା ବାଲିଙ୍ଗି ।
ଭଣ୍ଡ ଉପଦେଶ ପରିହରି ଖରେ,
କର୍ ନିଜ ପ୍ରତି ଦୃଷ୍ଟିପାତ ଥରେ ।
ଦେଖିବୁ ଯେ ଦୃଶ୍ୟ ଭୀଷଣ ମହାନ,
ଉଠିବ ଆତଙ୍କେ ଶୀତେଇ ତୋ ପ୍ରାଣ ।
ପଡିଲାଣି ଦାନ୍ତ, ପାଚିଲାଣି କେଶ,
ଚକ୍ଷୁତ ବୀଭତ୍ସ ଦିଶିଲାଣି ବେଶ ।
ଅସ୍ଥିର୍ଣୀ ଜର୍ଜ ନାଡ଼ି ତୋର୍ କାୟ,
ଶୋଷୁଅଛି ଜୀର୍ଣ୍ଣ ରକ୍ତ ସଙ୍ଗେ ଆୟୁ ।

ଶିରାଗଣ୍ଠିମାନ ଗଲଣି ହୁଗୁଳ,
ପଡ଼ିଲାଣି ଶୁଷ୍କ ଜୀର୍ଣ୍ଣ ଚର୍ମ ଝୁଲି ।
ଭୁଞ୍ଜିବୁ ଯେ ଦୁଃଖ ଏଥିଅନ୍ତେ ପୁଣି,
ପାଷାଣ ତରଳିଯିବ ତାହା ଶୁଣି ।
ଧନୁ ପରି ଦେହ ହୋଇଯିବ ବଙ୍କା,
ହସ୍ତ ପଦ୍ମଣ୍ଡରେ ଲୋଡ଼ିବୁ ରେ ଅଙ୍କା ।
ନ ଚଳିବ ହସ୍ତ ନ ଚଳିବ ପଦ,
ଲ କଣ୍ଠବ ତୋର୍ ସେତିକେ ସମ୍ପଦ ।
ନ ଦିଶିବ ନେତ୍ରେ ନ ଶୁଭିବ କାନେ,
ଦାରୁଣ ଅରୁଚି ହେବ ଖାଦ୍ୟପାନେ ।
ଉଷ୍ମେ ଉଷ୍ମେ ସ୍ୱଳ୍ପ କଲେହେଁ ଆହାର୍,
ଆଜନ୍ମିବ ଅମ୍ଳ, ଅଜୀର୍ଣ୍ଣ ଉଦ୍ଗାର୍ ।
ନବ ଦ୍ୱାରେ ହେବ ଶ୍ଳେଷ୍ମା ନିର୍ଗତ,
ଜୀବନ୍ତେ ନରକ ଭୁଞ୍ଜିବୁ ଉତ୍କଟ ।
ସେବନ୍ତି ଯେ ଏବେ ତୋତେ ଦିବାରାତ୍ର,
ହେବୁ ତୁ ସେତିକେ ତାଙ୍କ ଘୃଣାପାତ୍ର ।
ଜଳଶୂନ୍ୟ ନଦୀ ପ୍ରାୟ ପରିଜନେ,
ନ ଚାହିଁବେ ତୋତେ ଅପାଙ୍ଗ ନୟନେ ।
ତାଳୁରୁ ଯା ଶିରେ ସ୍ନେହ ଏକାଧାରେ,
ମଣିବ ସେ ମାନହାନି ତୋ କଥାରେ ।
ସମସ୍ତଙ୍କ ନେତ୍ରେ ହେବୁ ତୁ ଅସାର୍,
ମଣିବେ ସେ ତୋତେ ଜୀବନର ଭାର୍ ।
ଏଥିଲାଗି ତୋତେ କହୁଛି ଦୁର୍ମତି,
ଆତ୍ମ-ଦୃଷ୍ଟିପାତ କର୍ ଆତ୍ମପ୍ରତି ।
ଏହିଁ ତ ରେ ତୋର୍ ପ୍ରାଣ ପରିଣାମ,
ମାତ୍ର ପରଲୋକ ଏଥୁ ବଳି ବାମ ।
ଯାଙ୍କ କରି ଜୀବ ଜୀବନ-ଜୀବିକା,
ଦିଏ ଯାଇ ତହିଁ କର୍ମର ତାଲିକା ।
ସେ ରାଜ୍ୟର ରାଜା କୃତାନ୍ତ ଆଖ୍ୟାତ,
କୃତାନ୍ତ ତାହାର ଭୁବନ-ବିଖ୍ୟାତ ।
ଗୁମାସ୍ତାଟି ତାର ବଡ଼ ବିଚକ୍ଷଣ,
ଚିତ୍ରଗୁପ୍ତ ଦାସ ଜାଣରେ କରଣ ।

ଅଦ୍ଭୁତ ଚତୁର ଗଣିତଜ୍ଞପଣେ—
ସମସ୍ତ ଭୁବନେ ସେହି ଏକା ଜଣେ ।
ସିରସ୍ତାର୍ କଥା ନ କରେ ପ୍ରକାଶ,
ରାଜାର ତାଠାରେ ଅଖଣ୍ଡ ବିଶ୍ୱାସ ।
ଗୁଣେ ସେ ରାଜାର ସନ୍ତୋଷ ସମ୍ପାଦି,
ପାଇଅଛି "ଛାମୁକରଣ" ଉପାଧି ।
ତାହା ହସ୍ତେ ରାଜା ଅର୍ପି ସର୍ବ ଭାର୍,
ମୌନେ ବସି ଦେଖେ ବିଚାର୍ ତାହାର୍ ।
ଚିତ୍ରଗୁପ୍ତ ସିହା-ଖଡ଼ାଟି ଫିଟାଇ,
ନଏ ତହିଁ କର୍ମତାଲିକା ମିଳାଇ ।
ଯାହାର ତାଲିକା ଯେତେନେ ତାହା ମନେ,
ବସାଏ ତାହାକୁ ଗୌରବ ଆସନେ ।
ସେ କିନ୍ତୁ ସେ ଗଣା ହୁଏ ପୁଣ୍ୟଶ୍ଳୋକେ,
ସୁଖଭୋଗ ଅର୍ଥେ ଯାଏ ଊର୍ଦ୍ଧ୍ୱଲୋକେ ।
ଯାହା ତାଲିକାରେ ଦେଖେ ସେ ଭଣ୍ଡିମା,
କରିଦିଏ ତାକୁ ପାଇକଙ୍କ ଜିମା ।
ନେଇ ସେ ତାହାକୁ ଦଣ୍ଡନ୍ତ ବିସ୍ତର,
ନିକ୍ଷେପି ନରକେ ଭୀଷଣ ଦୁସ୍ତର ।
ମରଣର ଆଉ ନାହିଁ ତ ମରଣ,
ଭୁଞ୍ଜେ ସଦା ପାପୀ କେବଳ କଷଣ ।
ନ ପାରନ୍ତି ଦେଇ ତାଲିକା ଯେମାନେ,
ପଠାଏ ତାହାଙ୍କୁ ପୁଣି କର୍ମସ୍ଥାନେ ।
ଭୁଞ୍ଜନ୍ତି ସେ ଯାଇ ଜନମ ଯନ୍ତ୍ରଣା,
ଝାଣନ୍ତି ବଳଦ ପ୍ରାୟ ତେଲିଘଣା ।
ଏହିପରି ଜନ୍ମ ମୃତ୍ୟୁ ବାରମ୍ବାର୍,
ଭୁଞ୍ଜି ହୋଇଯାନ୍ତି ଅସାରୁ ଅସାର୍ ।
ବୁଝିଲୁ ତ ମନ ତାଲିକାର ମର୍ମ,
ନିଜ ପାଇଁ ଏବେ କର୍ କିଛି କର୍ମ ।
ନିଜକୃତ ଯେଉଁ ସତ୍କର୍ମ ପବିତ୍ର,
ଧର୍ମ ନାମେ ତାହା ହୁଏ ଉପାର୍ଜ୍ଜିତ ।
ସେହି ଧର୍ମ ସାହା ବିନା ପ୍ରାର୍ଥନାରେ,
ହୁଏ ଶେଷଦିନ ମହାବିପଦରେ ।

ଓଜନଭରି ନାମା ନ ଦେ ପଛେ ମନ,
କରିବ ସେ ସ୍ୱତଃ ପକ୍ଷ ସମର୍ଥନ ।
ବିପକ୍ଷର ଯୁକ୍ତି ପକାଇବ କାଟି,
ନ ପାରିବ ଆଉ କିଏ ତାର ପାଟି ।
ଅତଏବ କର ସୁକର୍ମ ସାଧନ,
ସେ କର୍ମର ଅର୍ଥ ଧର୍ମ ଉପାର୍ଜନ ।
ଧର୍ମ ସାଧନର ଉପାୟ ବିବିଧ,
ଯୁଗେ ଯୁଗେ ଅଛି ଜଗତେ ପ୍ରସିଦ୍ଧ ।
ହୁଏ ବା କୁଟିଳ, ଜଟିଳ ହୁଏ ବା,
ସହଜ ଉପାୟ ସବୁଠାରୁ ସେବା ।
ସ୍ଥାବର ଜଙ୍ଗମ ଜେଣୁ ଅବିରତ,
ଧରିଛନ୍ତି ବୁଢେ ମହା ସେବାବ୍ରତ ।
ସଂଯମ କର୍ମର ପ୍ରଥମ ସୋପାନ,
ସଂଯମରେ ହୁଏ ପରିପକ୍ୱ ଜ୍ଞାନ ।
ନ ପାରିଲେ ରଖି ତାହାକୁ ଅଖଣ୍ଡ ,
କୋଟି ଚେଷ୍ଟା ସତ୍ତ୍ୱେ କର୍ମ ହୁଏ ପଣ୍ଡ ।
କରିବୁ ତୁ ସେବା ସଂଯମେ ସତତ,
ଆଚରିବୁ ବୁଢେ ସହିଷ୍ଣୁତା ବ୍ରତ ।
ସହିବୁ ନୀରବେ ସବୁ ଅବହେଳେ,
ହେବୁ ନାହିଁ ଧୈର୍ଯ୍ୟଚ୍ୟୁତ କେତେବେଳେ ।
ଅଶିବ ସହିତେ ରଚିବୁ ଆହବ,
ହାସ୍ୟମୁଖେ ସହି ତାହା ଉପଦ୍ରବ,
ରୋଧିଦେବୁ ତାର ଆଗମନ ପଥ,
କରିବୁ ତାହାକୁ ବ୍ୟର୍ଥ ମନୋରଥ ।
କ୍ରୋଧ ଅଭିମାନ କରିବୁ ବର୍ଜନ,
ନ କହିବୁ ଆନେ କଠୋର ବଚନ ।
ବିନୟ ବଚନେ ତୋଷିବୁ ସକଳେ,
ବିନମ୍ରର ଶତ୍ରୁ ନାହିଁ ଭୂମଣ୍ଡଳେ ।
ହେଲ ନାହିଁ ବୋଲି ସ୍ୱମତ ରକ୍ଷିତ,
ହୋଇବୁ ଚକିତ ହୃଦ୍ଧ ବିଚଳିତ ।
କାହାରି ସ୍ତୁତିରେ ହେବୁ ନାହିଁ ତୁଷ୍ଟ,
ହେବୁ ନାହିଁ ତଥା ନିନ୍ଦାବାଦେ ରୁଷ୍ଟ ।

ନ ମଣିବୁ କେବେ ଆପଣାକୁ ଉଚ୍ଚ,
ବରଂ ମଣିବୁ ମାଟିଠାରୁ ତୁଚ୍ଛ ।
ନ ଦେଲେହେଁ କେହି ତୋ କଥାରେ କାନ,
ନ ବହିବୁ କେହିଁ ଭ୍ରମେ ଅଭିମାନ ।
ମାଗି ଦଣ୍ଡବତ, ଯାଚ ଆଶୀର୍ବାଦ,
ଶେଷଫଳ ନିଶ୍ଚେ ବିଷମ ପ୍ରମାଦ ।
ନ କରିବୁ ବୃଥା ବାକ୍ୟେ ପ୍ରତିବାଦ,
ଅଲଣା ତୁଣର କି ମିଳିବ ସ୍ୱାଦ ।
କାହା କାର୍ଯ୍ୟ ହୀନ କାହା କାର୍ଯ୍ୟ କାଚ,
ନ କରିବୁ ସମାଲୋଚନା ଜଦାଚ ।
ବୁଲିବୁ ତୁ ହାତେ ମାପି ବୃତ୍ତଖଣ୍ଡେ,
ଯାହାର ଯା ଇଚ୍ଛା କହୁ ତା ପଛକେ ।
ଏ ସଂସାର ଏକ ଅଦ୍ଭୁତ ସାମ୍ରାଜ୍ୟ,
ବିନା କାରଣରେ ଘଟେ ଏଥି କାର୍ଯ୍ୟ ।
ଅସୂଲଭ ଏଥି ନୁହେଁ ଶୂନ୍ୟବାଦ,
ମିଥ୍ୟା ଦୋଷାରୋପ, ବୃଥା ଅପବାଦ ।
ନ ଶୁଣିବୁ କେବେ ତାହା କାନ ଡେରି,
ବାଜୁ ପଛେ ଯେତେ ନିନ୍ଦା-ଭୁସ୍ତା-ଭେରୀ ।
ଗ୍ରୁମୁଣ୍ଡେ ତୋ ଗାଲେ ଦେଲେ କେ ବସାଇ,
ଆର ଗାଲ ଦେବୁ ତକ୍ଷଣେ ଦେଖାଇ ।
ସକଳ କାର୍ଯ୍ୟରେ ରହିବୁ ନୀରବ,
ନୀରବତା ମର୍ତ୍ତ୍ୟେ ଅମର୍ତ୍ତ୍ୟ ବିଭବ ।
ନ ବୁଲିବୁ ପରବୁଦ୍ଧିରେ ତୁ ବାଟ,
ନିଜେ ହେବୁ ଗୁରୁ ନିଜେ ହେବୁ ଚାଟ ।
କହିବ ତୋହର ବିବେକ ଯେ କାର୍ଯ୍ୟ,
ସାଧିବୁ ତୁ ତାହା କରି ଶିରୋଧାର୍ଯ୍ୟ ।
ସଦୁପାୟେ କରି ଅର୍ଥ ଉପାର୍ଜନ,
ପରିବାର ସେବା କରିବୁ ରେ ମନ ।
ଆଶ୍ରିତ ପାଳନ କରି ଅଗ୍ରେ ସାର,
ପଶ୍ଚାତେ କରିବୁ ଅପର ବିଚାର ।
ମୂଳ ତରୁ ରସ ନ କଲେ ପ୍ରଦାନ,
ରହିବ କି ବଞ୍ଚି ଶାଖାପତ୍ରମାନ ।

ଦୀନ ଦୁଃଖୀ ହେଲେ ଉପସ୍ଥିତ ଦ୍ୱାରେ,
ସେବଟୁ ତାହାଙ୍କୁ ବହିତ ସତ୍କାରେ,
ଧନାଭାବେ କହି ତୋଷିବୁ ବଚନ,
ସମବେଦନାର ମଧୁର ବଚନ ।
ସହାନୁଭୂତିର ପଦେ କଥା ମୂଲ୍ୟ,
ସଙ୍ଗେ କୋଟି ମୁଦ୍ରା ନୁହେଁ ସମ ତୁଲ୍ୟ ।
ହେଉ ପଛେ ତାହା ବାଷ୍ପମୟ କଥା,
ମାତ୍ର ହରିନିଏ ଅନ୍ତସ୍ତଳ ବ୍ୟଥା ।
ଦୁଃଖୀ ପ୍ରାଣ ଏକା ତାହା ପାଇଁ ରଙ୍କା,
ପାଇଲେ ତା ତୁଚ୍ଛ ମଣେ ସୁନା ଟଙ୍କା ।
ଲୋଡ଼େ ସିନା ଦୁଃଖୀ କେବଳ ହୃଦୟ,
ତାହାଙ୍କ ତା ପକ୍ଷେ ସମ୍ପଦ ଅକ୍ଷୟ ।
ହୃଦୟୀ ସମୀପେ ହୃଦୟ ଯାତନା,
ନିବେଦି ସେ ଲଭେ ଅପାର ସାନ୍ତ୍ୱନା ।
ହୃଦୟୀ ନିକଟେ ଖୋଲିଯାଏ ତାର,
ଆତ୍ମାର ଅନ୍ତରତମ ରୁଦ୍ଧ ଦ୍ୱାର ।
ଭୁଲିଯାଏ ତହିଁ କ୍ଷଣେ ତୃଷା କ୍ଷୁଧା,
ଭୁଲିଯାଏ ପୁଣି ନିଜକୁ ସେ ସୁଦ୍ଧା ।
ଭୁଞ୍ଜେ ଯେ ଆନନ୍ଦ ସେ ଜାଣେ ସେ ଆହା,
ଅଗୋଚର ସ୍ୱପ୍ନ ସୁଖୀ ଭାଗ୍ୟେ ତାହା ।
ହୃଦୟର ବାଣୀ ନ ଶୁଣିଲେ କାନେ,
ଦରିଦ୍ର ହୃଦୟ ତୁଷ୍ଟ ନୁହେଁ ଦାନେ ।
ମନକଥା କହି ନ ଦେ ପଛେ ଖଣ୍ଡ,
ହରିବୁ ଦରିଦ୍ର-ନାରାୟଣ ଦଣ୍ଡ ।
ପାତ୍ର ଦେଖି ଦାନ କରିବୁ କେବଳ,
ମାତ୍ର ନ ଢାଳିବୁ ସମୁଦ୍ରରେ ଜଳ ।

ଦୁଃଖୀ ଦୁଃଖ ଦେଖି ଦେବତାଙ୍କ ତୁଣ୍ଡ,
ଅନନ୍ତ ନୟନ ହୁଏ ଅଶ୍ରୁପୂର୍ଣ୍ଣ ।
ପ୍ରତିବେଶୀ ସେବା ଶକ୍ତି ଅନୁସାରେ,
କରିବୁ ଆପଣା-ପର ନିର୍ବିଚାରେ ।
ଆଚରିବୁ ସାମ୍ୟ ମୀତ୍ର ସମୁଦାର,
ମଣିବୁ ବିଶ୍ୱକୁ ନିଜ ପରିବାର ।
ବିଶ୍ୱପ୍ରେମ ପଦେ ଅର୍ପି ଆତ୍ମବଳି,
ମିଳନ ପ୍ରବାହେ ପଡ଼ିବୁ ତୁ ଢଳି ।
ଦଳିତ ରୋଗୀକୁ ନ କରିବୁ ଘୃଣା,
ମାଗିବୁ ତା ଲାଗି ଦେବଙ୍କ କରୁଣା ।
ସେବାରେ ରୋଗୀର ଶମେ ଅନ୍ତର୍ଦାହ,
ମହା ଔଷଧିରେ ହୁଏ ନାହିଁ ତାହା ।

ପୋଛିଦେବୁ ଦୁଃଖୀ ନେତ୍ର ଅଶ୍ରୁଧାର,
ତୀର୍ଥବାରି ସଙ୍ଗେ ଉପମା ଯାହାର ।

ଏହିରୂପେ ସେବା ସୁଯତ୍ନ ସମ୍ପାଦି,
ବହିବୁ ତୁ ବିଶ୍ୱ-ସେବକ ଉପାଧି ।

ପାର୍ଥିବ ଉପାଧି କେ ତାକୁ ନ ବଳେ,
ସ୍ୱର୍ଗୋପାଧି ସ୍ଥାନ ସିନା ତାହା ତଳେ ।

କରୁଥିବୁ ସେବା ଆଜୀବନବ୍ୟାପୀ,
ମାତ୍ର ନ ଧରିବୁ ଫଳାଶା କଦାପି ।

ଫଳ ଯେ ନ ଲୋଡ଼େ ଫଳ ତାକୁ ଲୋଡ଼େ,
ବଳେ ବଳେ ଆସି ଏସି ପଛେ ଢୋଳେ ।

ସେହି ଏକା କର୍ମ, ନିଷ୍କାମ ଯେ କର୍ମ,
ସେହି ଏକା ମୁକ୍ତି, ସେହି ଶ୍ରେଷ୍ଠ ଧର୍ମ ।

# ଦ୍ୱିତୀୟ ସର୍ଗ

ଶୁଣ ଶୁଣ ମନ ସେବା ବିବରଣ,
ତା ମହା ମହିମା କେବେ ଅକଳଣ ।
ସ୍ୱଗତ ତୁ ସତ୍ୟ ଗୁଣ ପରିଗ୍ରହ,
ହାସ୍ୟମୁଖେ ଯିବୁ ଶୋକତାପ ସହି ।
ପର ମନେ କ୍ଳେଶ ଦିଏ ଯେ ମସ୍ତରୀ,
ହୀନଚେତା ସେହୁ ହିଂସ୍ରଜନ୍ତୁ ପରି ।
ନିଜେ ଦେହୀ ହୋଇ ଦେହୀକୁ ଦଷଣ,
ଅର୍ପେ ଯେ, ସେ ନିଶ୍ଚେ ପିଶାଚ ଭୀଷଣ ।
ମାତ୍ର ନୀରବରେ ସହେ ଯେ ସଂଯମୀ,
ଧ୍ରୁବଲୋକକୁ ସେ ଯାଏ ଅତିକ୍ରମି ।
ମହାପ୍ରାଣୀଙ୍କର ସହି ଅତ୍ୟାଚାର,
ରଖିଛନ୍ତି ବଞ୍ଚାଇ ଭୁଞ୍ଜାଇ ଆହାର ।
ଶତ୍ରୁର ଯେ କରେ କଲ୍ୟାଣ ସାଧନ,
ସେହି ଜୀବନ୍ମୁକ୍ତ, ସେହି ମହାଜନ ।
ଗୋପନେ ଯେ ପୋଷି ରଖେ ଈର୍ଷାନଳେ,
ତା ପରି ଇତର ନାହିଁ ଭୂମଣ୍ଡଳେ ।
କହିଲେ ତାହାକୁ ନାରକୀ ଅଜ୍ଞାନୀ,
ନାରକୀର ସୁଦ୍ଧା ହେବ ମାନହାନି ।
ନ ପାରେ ଯେ ସହି ପର ଗେଲ କଥା,
ସେ ଛପାଇଁ ଦିଏ ପର ମନେ ବ୍ୟଥା ।
ଆଘାତ ବେଦନା ଯାର ପରିଜ୍ଞାତ,
ନ ଦେବ ସେ କେବେ ଅପରେ ଆଘାତ ।
ପର କଥାରେ ଯା ପ୍ରାଣ ଯାଏ ଘାରି,
କେଉଁ ଲୋକେ ପରେ ଯାଏ ସେ ଡିଆରି ।
ପର ପୀଡ଼ା ପୂର୍ବ ସ୍ମରିଲେ ଏ କଥା,
ଲଜ୍ଜାକ୍ଲେଶେ ନିଶ୍ଚେ ହେଟ ହେବ ମଥା ।
ଦୁର୍ବଳ ପୀଡନ ନୁହେଁ ବଡପଣ,
ବଡପଣ ସିନା ଦୁର୍ବଳ ରକ୍ଷଣ ।
ତଣ ତୋଳି ନିଜେ ନିଜକୁ ମଣିବା,
ଏଥି ବଳି ଅନ୍ଧ ନିର୍ବୋଧତା କିବା ।

ତୃଣଠାରୁ ଗୁଳ୍ମ, ଲତା ଗୁଳ୍ମଠାରୁ,
ଲତାଠାରୁ ବଳି ବଡ ପୁଣି ତାରୁ ।
ବୃକ୍ଷଠାରୁ ବଡ ତହୁଁ ବଡ ଅତି,
କ୍ରମେ ବହୁ ବଡ଼ ଜଗତେ ଅଛନ୍ତି ।
ଏହା ଜାଣି କିଏ କହିବ ମୁଁ ବଡ଼,
କା ସାହସେ ଖର୍ଜି ଲଙ୍କାର ନଗଡ଼ ।
ଗୁହାଁଲେ ନିଜକୁ ଗୁହାଁଦେଇ ଉବେ,
ଚୂର୍ଣ୍ଣ ହୋଇ ଗର୍ବ ଉଡିଯିବ ଲବେ ।
ନ କରିବୁ ମନ କେବେ ତୁ କଡ଼ାଇ,
ହେବୁ ନାହିଁ ଲୋକହସା ତାହା ପାଇଁ ।
ସେବାରେ ନିଜକୁ କରିବୁ ସୁଦକ୍ଷ,
ଆତ୍ମସେବା ପ୍ରତି ରଖିଥିବୁ ଲକ୍ଷ୍ୟ ।
ଆତ୍ମରକ୍ଷା ପ୍ରତି ପ୍ରାଣୀର ଉଚିତ,
ଆତ୍ମସେବା ନାମେ ହୁଏ ତା କଥିତ ।
ଶରୀର ରକ୍ଷଣ କର୍ତ୍ତବ୍ୟ ସର୍ବର,
ଉଚ୍ଚ କଣ୍ଠେ ଘୋଷେ ପୁରାଣନିକର ।
ନିଜେ ଥିଲେ ହେବ ଜନସେବା କରି,
ହେବୁ ମନ ନିଜେ ନିଜର ପ୍ରହରୀ !
ବାହ୍ୟ ଶୌଚଗୃହ ଭୋଜନ ଶୟନ,
କରିବୁ ତୁ ଯଥାକାଳେ ସମ୍ପାଦନ ।
ଇଷ୍ଟଦେବ ନାମ ସ୍ମରି ହୃଦୟରେ,
କରିନେବୁ ସ୍ୱଚ୍ଛ ଶୁଦ୍ଧ ଅଭ୍ୟନ୍ତରେ ।
ଇଷ୍ଟଦେବ ନାମ ସ୍ପର୍ଶମଣି ପ୍ରାୟେ,
ଛୁଇଁଲେ ସେ ଲୁହା ସୁନା ହୋଇଯାଏ ।
କରି ଆପଣାକୁ ଅପବିତ୍ର ଜ୍ଞାନ,
ନ କରିବୁ ଇଷ୍ଟସେବା ପ୍ରତ୍ୟାଖ୍ୟାନ ।
ଆତ୍ମାରୂପୀ ବ୍ରହ୍ମ ବସନ୍ତି ଯେ ଦେହେଁ,
ଅପବିତ୍ର ତାକୁ ନ ମଣ କେବେହେଁ ।
*ଅହଂକୃତିକୁ ପ୍ରଦାନ ଯାତନା,*
ନ କରିବୁ କେବେ ଦେବ-ଉପାସନା ।

ଦେବୁ ଯଦି କ୍ଳେଶ ଆତ୍ମବ୍ରହ୍ମ ଦେବେ,
ତାହାଙ୍କୁ ତୁ ପୂଜା କରିବୁ ରେ କେବେ ।
ଆତ୍ମା କୁଶଳରେ କୁଶଳ ସକଳ,
ଅନ୍ୟଥା ସାଧନା ହେବ ଯେ ବିଫଳ ।
ଉପବାସ ରହି ନ ଲୋଡ଼ିବୁ ମୁକ୍ତି,
ଅଟଇ ଦୁର୍ବଳ ସିନା ଏହି ଯୁକ୍ତି ।
ମିଳୁଥାନ୍ତା ଯେବେ ମୁକ୍ତି ଉପବାସେ,
ସହନ୍ତେ ଦରିଦ୍ରେ ଦୁଃଖ କି ସକାଶେ ।
ପଞ୍ଚାଗ୍ନି ସାଧନା, କଣ୍ଟକ ଶୟନ,
ଧର୍ମର ସ୍ପୃହା ଏ ନୁହେଁ କଦାଚନ ।
ଅଦ୍ଭୁତ ସାଧନା-ଦକ୍ଷ ବାଜୀକରେ,
ବୁଝିବ କି ପାପ ତାଙ୍କ ସମାଜରେ ?
ସ୍ତ୍ରୀ-ହୃଦୟ ପ୍ରଭୁ ଦେବୋତ୍ତମ,
ସୃଜିବେ କି ଏତେ କଠୋର ନିୟମ ।
ବ୍ୟାକୁଳ ପ୍ରାଣରେ କଲେ ଅନ୍ୱେଷଣ,
ମିଳେ ଯଥା ତଥା ତାହାଙ୍କ ଦର୍ଶନ ।
ଖୋଜିଲେ ତାହାଙ୍କୁ ହୃଦୟ ମଧ୍ୟରେ,
ଅଧିଷ୍ଠିତ ତହିଁ ହୁଅନ୍ତି ସେ ଖରେ ।
ପୂଜିବୁ ତାହାଙ୍କୁ ହୃଦ ମଧ୍ୟେ ମନ,
କରିବୁ ନିଜର ପରକାଳ ଧନ୍ୟ ।
ସେ ମହାପୂଜାରେ ଲୋଡ଼ା ନୁହେଁ ଆନ,
ଶିବ ଏକା ତାର ପୂର୍ଣ୍ଣ ଉପାଦାନ ।
ମନୋମତ ସ୍ଥାନେ ବସି ଶୁଦ୍ଧମନେ,
ଧ୍ୟାଇବୁ ତାହାଙ୍କୁ ମୁଦ୍ରିତ ନୟନେ ।
ଆକାଶେ ତାଙ୍କର ଜ୍ୟୋତିର୍ମୟ ମୂର୍ତ୍ତି,
ଅଙ୍କି ନିରେଖିବୁ ନିଜ ବାହ୍ୟସ୍ମୃତି ।
ମନେ ମନେ ପୂଜି ସୁରଭି ସୁମନେ,
ସେ ମୂର୍ତ୍ତିକୁ ତହିଁ ମଣ୍ଡିବୁ ଯତନେ ।
ବସାଇବୁ ତାଙ୍କୁ ହୃଦୟ-କମଳେ,
ଧୋଇଦେବୁ ପାଦ ଭକ୍ତି-ତୀର୍ଥ ଜଳେ ।
ବିସର୍ଜି ମାନସେ ଷୋଡ଼ଶୋପଚାର,
ପୂଜିବୁ ତା ଅର୍ପି ପଦେ ଉପହାର ।

ପ୍ରାଣର ଭାଷାରେ ଜଣାଇବୁ ଯାହା,
ସମର୍ପଣ ମନ୍ତ୍ର ହେବ ନିଶ୍ଚେ ତାହା ।
କହିବୁ କେବଳ ଦୈନ୍ୟଗର୍ଭ ଭାଷା,
ମାତ୍ର ନ ପୋଷିବୁ ପ୍ରତିଦାନ ଆଶା ।
ବିନୟେ କହିବୁ ହେ ପ୍ରାଣଦେବତା,
ନାହିଁ ଏ ଭୃତ୍ୟର ଡାକିବା ଯୋଗ୍ୟତା ।
ନିଜ ଗୁଣେ ତୁମ୍ଭେ ଆସି ଦୟାମୟ,
ପୂର୍ଣ୍ଣକର ପ୍ରଭୁ ଶୂନ୍ୟ ଏ ହୃଦୟ ।
ସ୍ନେହରେ ଜନକ ଗ୍ରହନ୍ତି ଯେସନ,
ଶିଶୁ ସନ୍ତାନର ଦତ୍ତ ଧୂଳି ଅନ୍ନ,
ଘେନା ହେଉ ଦେବ ତେସନ ମୋ ପୂଜା,
ମୁଁ ଯେ ତୁମ୍ଭ ଶିଶୁ ସନ୍ତାନ ଅବୁଝା ।
ମାଗୁ ନାହିଁ ମୁକ୍ତି କାମ୍ୟ ଧନ ମାନ,
ଘେନ ଶିଶୁଖେଳ ଏତିକି ଜଣାଣ ।
ପ୍ରାଣ ଆବେଗରେ କହିବୁ ଏତିକି,
ବିନାପଣେ ହେବୁ ତାଙ୍କ ପଦେ ବିକି ।
ବହିବେ କରୁଣା ସେ କରୁଣାଧର,
ପ୍ରଦାନିବେ ତୋତେ ଅଯାଚିତ ବର ।
ମାଗେ ଯେ ତାହାଙ୍କୁ ପ୍ରକାଶିଣ କାକୁ,
ନ ଦିଅନ୍ତି କେବେ କିଛି ସେ ତାହାକୁ ।
ନ ମାଗେ ଯେ ତାକୁ ଦିଅନ୍ତି ସକଳ,
ପୁଣ୍ୟ ସେବା ବ୍ରତ ହୁଏ ତା ସଫଳ ।
କାମନା ନ କରି କରିଯିବୁ କାମ,
ଜାଣିବୁ କାମନା ଶ୍ରେୟ ପଥେ ବାମ ।
ଆଉର କଥାଏ କରିବୁ ତୁ ରକ୍ଷା,
ମାଳ ଜପି ନାମ ନ କରିବୁ ସଂଖ୍ୟା ।
ବିଫଳ ସେ ଜପ, ବିଫଳ ସେ ଶ୍ରମ,
ଘଟେ ତହିଁ ଇଷ୍ଟ ଧ୍ୟାନେ ବ୍ୟତିକ୍ରମ ।
ଇଷ୍ଟଦେବ ଜପ ନୁହେଁ ତା ନିଶ୍ଚୟ,
ସଂଖ୍ୟାର ଜପ ସେ ଏଥେ କି ସଂଶୟ ।
ଚଳେ ନାହିଁ ଧର୍ମରାଜ୍ୟେ ବ୍ୟବସାୟ,
ସଂଖ୍ୟାଧିକେ ହେବ ବେଶି ଧର୍ମ ଆୟ ।

ଏକାଗ୍ରତା ସହ ଥରେହେଁ ଜପିଲେ,
ଶୁଣ ତୁ ରେ ମନ ଯେଉଁ ପୁଣ୍ୟ ମିଳେ,
ନ ମିଳେ ଲକ୍ଷାଂଶୁ ଏକାଂଶ ତାହାର,
ଉଚ୍ଚସ୍ତତଃ ଶବ୍ଦେ ଜପି କୋଟି ବାର ।
ଧ୍ୟାନେ, ଜପେ, ତପେ ଶାନ୍ତ ଏକା ମନ,
ନ କରିବୁ କେବେ ସମସ୍ତ ଯାପନ ।
କର୍ମଭୂମି ଏହି ପୃଥିବୀର ନାମ,
କରିବାକୁ ହେବ ଏଥି ସବୁ କାମ ।
ନିଜ ପାଇଁ କିମ୍ବା ବିଶ୍ୱସେବା ପାଇଁ,
କରୁ ଯେଉଁ କର୍ମ ନିତ୍ୟ ଧାଇଁ ଧାଇଁ ।
କାୟମନୋପ୍ରାଣେ ସହି ବହୁ କ୍ଲେଶ,
ତାହା ପୂଜା ମନ ଈଶ୍ୱର-ଆଦେଶ ।
ତାହା କର୍ମଯଜ୍ଞ, ତାହା ଇଷ୍ଟ ଜପ,
ଭବ ତପୋବନେ ତାହା ମୁଖ୍ୟ ତପ ।
ରେ ଅସ୍ଥିର ମନ ଶୁଣି ଏ ବଚନ,
ହୋଇପାରେ ତୋର ସନ୍ଦେହ ଏସନ—
ଏକ ଯେବେ ବ୍ରହ୍ମସେବା, କର୍ମସେବା,
ନ ଧରିବ କିଆଁ ଗୋଟିକୁ କେବେ ବା ।
ଶୁଣ ତାହା ମର୍ମ ଅବହିତ ଚିତ୍ତେ,
ତୁଟିଯିବ ତୋର ସନ୍ଦେହ ତୁରିତେ ।
କେବଳ ଅନ୍ନରେ ପୂରେ କି ଉଦର,
କେବେ କିଆଁ ଲୋଡା ବ୍ୟଞ୍ଜନ ଆବର ।
ଉଭୟ ସଂଯୋଗେ ପରିପାକ କ୍ରିୟା,
ହୁଏ ସମାହିତ, ପୁଷ୍ଟ ହୁଏ ହିଆ ।
ବ୍ରହ୍ମପୂଜା କର୍ମପୂଜା ପରସ୍ପର—
ମଧ୍ୟରେ ସମ୍ବନ୍ଧ ବନ୍ଧୁ, ଦୃଢତର ।
ଉଭେ ଉଭୟର ସହାୟ ପ୍ରଧାନ,
ଗୋଟିକ ଅଭାବେ ନ ତିଷ୍ଠିବ ଆନ ।
ଇଚ୍ଛା, ଶକ୍ତି ଦେନି ଏକତ୍ର ନ ହେଲେ,
ହୋଇପାରେ ନାହିଁ କାର୍ଯ୍ୟ କେତେବେଳେ ।
ଶିଳ୍ପ, ଜଳ ପୁଣି ସ୍ୱର୍ଣ୍ଣର କାରଣ,
ଉଭୟ ସଂଯୋଗେ ଜନ୍ମେ ସିନା ଘନ ।
ସ୍ୱର୍ଣ୍ଣକାର ସ୍ୱର୍ଣ୍ଣ ଦେନିକି ବ୍ୟତୀତ,
ହେବ ଅଳଙ୍କାର କିରୂପେ ନିର୍ମିତ ।
ପ୍ରକୃତି ପୁରୁଷ ସଂଯୋଗର ଫଳ,
ପରିଦୃଶ୍ୟମାନ ଏ ବିଶ୍ୱମଣ୍ଡଳ ।
ଜ୍ଞାନ କର୍ମ ଦେନି ସାହାଯ୍ୟେ ପାର୍ଥିବ-
ବନ୍ଧନୁ ବିମୁକ୍ତ ହୋଇଯାଏ ଜୀବ ।
କରୁଥିବୁ କାର୍ଯ୍ୟ ଆଳସ୍ୟ ନ ବହି,
ଜଳେ ତୈଳ ପ୍ରାୟେ ନ ମିଶିବୁ ତହିଁ ।
ସ୍ଥିର ଥିବୁ ଏକ ଦିଗେ ଲକ୍ଷ୍ୟ କରି,
ଯନ୍ତ୍ରସଂଶ୍ଳିଷ୍ଟ ଘଣ୍ଟିକଣ୍ଟା ପରି ।
ସତ୍ୟ ପଦ ସେବି ଲଭିବୁ ନୈପୁଣ୍ୟ,
ଜାଣିବୁ ନିଜର ସତ୍ୟ ମହାପୁଣ୍ୟ ।
ହେବୁ ପଛେ ମହା ବିପଦେ ପତିତ,
ମାତ୍ର ହେବୁ ନାହିଁ ସତ୍ୟୁ ବିଚଳିତ ।
ସତ୍ୟ ପାଳି ସତ୍ୟବୀର ଯୁଧିଷ୍ଠିର,
ଯାଇଥିଲେ ସ୍ୱର୍ଗେ ଘେନି ସ୍ୱଶରୀର ।
ସତ୍ୟରକ୍ଷା ହେତୁ ପେଷିଲେ କାନନେ,
ରାଜା ଦଶରଥ ପ୍ରାଣର ନନ୍ଦନେ ।
ସତ୍ୟର ମହିମା ଅନନ୍ତ ଅପାର,
ସତ୍ୟ ପାଇଁ ତ୍ୟାଗ କରିବୁ ସ୍ୱୀକାର ।
ତ୍ୟାଗଯୋଗେ ହୁଏ ସ୍ୱଭାବ ସଂସ୍କୃତ,
ତ୍ୟାଗଦ୍ୱାରା ସତ୍ୟ ହୁଏ ଅଳଙ୍କୃତ ।
କରେ ତ୍ୟାଗ ଜ୍ଞାନେ ପୂର୍ଣ୍ଣତା ପ୍ରଦାନ,
ସଂଯମର ତ୍ୟାଗ ସର୍ବୋଚ୍ଚ ସୋପାନ ।
ସତ୍ୟ, ତ୍ୟାଗ ଦେନି ସାଧନାର ଟିକା,
ଶୁଣ ମନ ତାର ଉଜ୍ଜ୍ୱଳ ଦୀପ୍ତିକା ।
ଥିଲେ ପୂର୍ବେ ଏକ ନୃପତି କୁମାର,
କରନ୍ତି ସେ ରାଜ୍ୟେ ବହୁ ଅତ୍ୟାଚାର ।
ସାମାନ୍ୟ ଦୋଷରେ ଦିନେ ଭୃତ୍ୟ ପ୍ରତି,
ବଢିଲା ତାଙ୍କର କ୍ରୋଧାନଳ ଅତି ।

* ଦୃଷ୍ଟାନ୍ତ

କ୍ରୋଧ-ଅପଦେବ ଦୁରନ୍ତ ମହାନ,
ହରିନେଲା ତାଙ୍କ ହିତାହିତ ଜ୍ଞାନ ।
ମାରୁ ମାରୁ ମାରି ପକାଇଲେ ଭୃତ୍ୟ,
ପୋତିଦେଲେ ତାହା ଶବକୁ ନିଭୃତେ ।
ମାତ୍ର ପାପ କେବେ ରହେ ନାହିଁ ଛପି,
ରୋଧିଲେ ପ୍ରାଚୀରେ ପଳାଏ ସେ ଡେପି ।
ଭୂକମ୍ପ ତାହାକୁ ଦୋଳ ସଙ୍ଗେ ତୁଳେ,
ତାଳେ ପାଣି ତଳୁ ଖସି ଉଠେ ଉର୍ଦ୍ଧ୍ୱେ ।
ଏ ଗୁପ୍ତ ଘଟଣା କିଛିଦିନ ପରେ,
ପ୍ରବେଶିଲା ଯେବେ ନୃପତି-କର୍ଣ୍ଣରେ ।
କୀର୍ତ୍ତିଚନ୍ଦ୍ର ସ୍ଥିର କୀର୍ତ୍ତି ଅଦଭୁତ,
ଶୁଣି ନରମଣି ହେଲେ ସ୍ତମ୍ଭୀଭୂତ ।
ନ ବନ୍ଧୁ ମମତା, ସ୍ନେହ କଣିକାଏ,
ବିଚାରର ଦିନ ଧାର୍ଯ୍ୟ କଲେ ରାଏ ।
ସାକ୍ଷୀ ଏ ବ୍ୟାପାରେ ପାଚକ ବ୍ରାହ୍ମଣ,
କରିବେ ନୃପତି ତା ସାକ୍ଷ୍ୟ ଗ୍ରହଣ ।
ଏଣେ ରାଜସୁତ ଶୁଣି ଏ ସମ୍ବାଦ,
ଗଣିଲେ ସଭୟେ ବିଷମ ପ୍ରମାଦ ।
ହେଉ ରାଜା କିମ୍ବା ପ୍ରଜାର ସନ୍ତାନ,
ରାଜଦଣ୍ଡୁ କାର ନାହିଁ ପରିତ୍ରାଣ ।
ହକାରି ପାଚକେ ତହୁଁ ରାଜସୁତ,
ଦେଖାଇଲେ ତାକୁ ଧନାଶା ବହୁତ ।
କହିଲେ ମୁଁ ତୋତେ କରୁଅଛି ମନା,
ନ କହିବୁ କେବେ ପ୍ରକୃତ ଘଟନା ।
କରୁଛି ମୁଁ ସତ୍ୟ ଧର୍ମନାମ ଧରି,
ରାଜା ପରି ଧନୀ ଦେବି ତୋତେ କରି ।
କହିଲା ପାଚକ ଶୁଣ ଯୁବରାଜ,
କି ଅଦ୍ଭୁତ କଥା କହୁଅଛ ଆଜ ।
ଧର୍ମ ନାମ ଧରି ପାପେ ପ୍ରବର୍ତ୍ତନା,
ଏହା କି ତୁମ୍ଭର ଯୋଗ୍ୟ ବିବେଚନା ।
ନ କର ଏ ଆଜ୍ଞା ନୃପତି ନନ୍ଦନ,
ନ ପାରିବି କରି ସତ୍ୟକୁ ଗୋପନ ।

ହେଉ ପଛେ ଅର୍ଥ ବିଶ୍ୱବନ୍ଦନୀୟ,
ମାତ୍ର ସତ୍ୟ ସଙ୍ଗେ ନୁହେଁ ତୁଳନୀୟ ।
ଜାଣୁ ଜାଣୁ ପାପ କରେ ଯେ ଗୋପନ,
ସେ ପାପ ତା ତାନ୍ତେ କରେ ଆରୋହଣ ।
ପ୍ରାଣକୁ ପଛକେ ଦେବି ଜଳାଞ୍ଜଳି,
ମାତ୍ର ନ ପାରିବି ସତ୍ୟେ ଦେଇ ବଳି ।
ଅର୍ଥ ମୂଲ୍ୟେ ସତ୍ୟ କରେ ଯେ ବିକ୍ରୟ,
ଭୁଞ୍ଜେ ସେ ବର୍ବର ଭୀଷଣ ନରୟ ।
ଶୁଣି ଏ ନିର୍ଭୀକ ବାଣୀ ପାଚକର,
କ୍ରୁଦ୍ଧ ହେଲେ ମନେ ନରେଶ କୁମର ।
ଯଥାକାଳେ ହେଲା ବିଚାର ଆରମ୍ଭ,
କହିଲା ପାଚକ ସତ୍ୟ, ବହି ଦମ୍ଭ ।
ଯୁବରାଜ ହୋଇ ଦୋଷୀ ପ୍ରମାଣିତ,
ହେଲେ ସୁକଠୋର ଦଣ୍ଡରେ ଦଣ୍ଡିତ ।
ଲଭିଲେ ନୃମଣି ଯେବେ ଦେହାନ୍ତର,
ହେଲେ ଯୁବରାଜ ରାଜ୍ୟର ଈଶ୍ୱର ।
ପ୍ରତିହିଂସାନଳ ଥିଲା ଗୋପନରେ,
ଜଳିଲା, ସୁଯୋଗ ପାଇ ସେ ପ୍ରାଣରେ ।
ମିଥ୍ୟା ଅପରାଧେ ପଡ଼ିଲା ବ୍ରାହ୍ମଣ,
ହେଲା ତାହା ପ୍ରତି ଶୂଳଦଣ୍ଡାର୍ପଣ ।
ତହୁଁ ସେ ବ୍ରାହ୍ମଣେ ଘେନି ଜଟୁଆଳେ,
ଶୂଳିଆ ପଦାରେ ଉପସ୍ଥିତ କଲେ,
ଅକସ୍ମାତ୍ ବେନ ବ୍ରହ୍ମର୍ଷିପ୍ରବର,
ଉଭା ହେଲେ ଆସି ଫୁଲ୍ଲରି ଭେଶର ।
ଶୁଭିଲା ଶୂନ୍ୟରୁ ଅଶରୀରୀ ବାଣୀ,
ଯେ କହିଲା କେହି ନ ପାରିଲେ ଜାଣି—
"ବଧିବ ବ୍ରାହ୍ମଣେ କେ ଅଛି ସକ୍ଷମ
ତାହା ପାର୍ଶ୍ୱେ ପୋଛି ଦେଇଅଛି ଯମ ।
ସତ୍ୟସେବା ପୁଣି ତ୍ୟାଗସେବା ଯାର,
ବ୍ରତ, ତାକୁ କିଏ କରିବ ସଂହାର ।
ସେହି ତ୍ୟାଗ ସତ୍ୟ ସିଂହରୂପ ଧରି,
ଗ୍ରାସିବାକୁ ଏଥି ଉଭା ବଜ୍ର-ଅରି ।

ଶୁଣି ଭଟ୍ଟୁଆଳେ ଏ ବକ୍ର ବଚନ,
ଗଲେ ଯାଇ ଭୟେ ନୃପେ ନିବେଦନ ।
ଲୁଣ୍ଠିଲ ସାହସ ହୃଷ୍ଟ ନୃପବର,
କମ୍ପିଲ ସଭୟେ ସର୍ବାଙ୍ଗ ଶରୀର ।
ଉଠି ସିଂହାସନୁ ଆସି ତରତରେ,
କଲ କ୍ଷମାଭିକ୍ଷା ବ୍ରାହ୍ମଣ-ପଦ୍ମରେ ।

କରି ବହୁ ପୂଜା ଆଦରେ ତାହାଙ୍କୁ,
ଭୋଜନଗଲା ଗୃହେ କହି ନାନା ଭାଲୁ ।
ହର୍ଷିତେ ବ୍ରାହ୍ମଣେ କରି ପ୍ରାଣଦାନ,
ଭଜିଲେ ପଲକେ ତାହିଁ ଅନ୍ତର୍ଦ୍ଧାନ ।
ତୁଙ୍ଗ ମନ ସତ୍ୟ ତ୍ୟାଗର ମହିମା,
ମହାସିନ୍ଧୁ, ପ୍ରାପ୍ତ ନାହିଁ ତାର ସୀମା ।

# ତୃତୀୟ ସର୍ଗ

ଧର୍ମସ୍ରୋତେ ଯେବେ ଶୁଦ୍ଧି-ହୀନତର,
ଅବସ୍ଥିତ ଯଥା ଗଙ୍ଗାରେ ହାଙ୍ଗର ।
ଏକଧର୍ମସେବୀ ଆନ ଧର୍ମୀ ପ୍ରତି—
କରିଥାନ୍ତି ଘୃଣା ପ୍ରଦର୍ଶନ ଅତି ।
ମାତ୍ର ବଡ଼ ନୀଚ ସଂକୀର୍ଣ୍ଣ ଏ ରୀତି,
ନୁହେଁ ଏ ଧର୍ମର ସମୁଦାର ନୀତି ।
କଳୁଷାଦି ଧର୍ମ ଅହିତାସ୍ପଦର,
କାହିଁ ତହିଁ ଭେଦ ଭଦ୍ର ବା ଇତର ।
ବେଦ ବାଇବେଲ୍ କୋରାନ୍ ପୁରାଣ,
କେହି ନୁହେଁ ସାନ ସକଳେ ମହାନ ।
ସଲିଳ, ଉଦକ, ଜଳ, ପାଣି, ବାରି,
ଏକଇ ପଦାର୍ଥ ବହୁ ନାମଧାରୀ ।
ବିଧର୍ମୀକୁ ଘୃଣା ନ କରିବୁ ମନ,
କରିବୁ ତାହାକୁ ପ୍ରେମେ ଆଲିଙ୍ଗନ ।
ହେଉ ପଛେ ଭିନ୍ନ ସାଧନା ବା ଭେକ,
ମାତ୍ର ସମସ୍ତଙ୍କ ଲକ୍ଷ୍ୟ ନିଶ୍ଚେ ଏକ ।
କେହି ଯାଏ ନାବେ, କେହି ପଦବ୍ରଜେ,
କେହି ଶକଟରେ କେହି ଅଶ୍ୱ ଗଜେ,
ଏହିପରି ତୀର୍ଥଯାତ୍ରୀ ଲକ୍ଷ ଲକ୍ଷ,
ଯାନ୍ତି ସର୍ବେ କରି ଏକତୀର୍ଥେ ଲକ୍ଷ୍ୟ ।
ବିଧର୍ମୀକୁ ଦେବୁ ହୃଦୟେ ଆସନ,
ମାତ୍ର ନ କରିବୁ ବିଧର୍ମ ଗ୍ରହଣ ।
ସେହିପରି ବୌଦ୍ଧ ବ୍ରାହ୍ମ ଆଦି ଧର୍ମ,
ସକଳର ମୁଖ୍ୟ ଲକ୍ଷ୍ୟ ପରଂବ୍ରହ୍ମ ।
ଧର୍ମନାମେ ଯେବେ ବୀଭତ୍ସ ଆସୁର,
ହୁଏ ଅନୁଷ୍ଠିତ ନାହିଁ ସଂଖ୍ୟା ତାର ।
ରଖିଥିବୁ ସଦା ଦୃଷ୍ଟି ସେଥି ପ୍ରତି,
ନ ପଶିବୁ ଯେବେ ଭ୍ରମେ ତାହା ଗତି ।
ଅସୁ ଦେବତଙ୍କୁ ଅର୍ପି ଜଳାଞ୍ଜଳି,
ନ ଯାଚକୁ ଯେବେ ପଶୁପକ୍ଷୀ ବଳି ।

ଜୀବବଳଠାରୁ ନାହିଁ ବଳ ପାପ,
କିଣାହୁଏ ତହିଁ ଦେବ-ଅଭିଶାପ ।
ଜୀବ ପିତାମାତା ଦେବଦେବୀଗଣ,
କରିବେ କି ଅହୋ, ସନ୍ତାନେ ଭକ୍ଷଣ ।
ଯେଉଁ ପିତାମାତା ପାମରୀ ପାମର
ସନ୍ତାନହନ୍ତାକୁ ଦେବ ତୋଷେ ବର ।
ଧର୍ମ ବୋଲି ଭଣେ ଯେ ଶାସ୍ତ୍ର ହତ୍ୟାକୁ,
ଦୂରୁ ଶତକୋଟି ଦଣ୍ଡବତ ତାକୁ ।
ପର ପ୍ରାଣ ନେଇ ରଖେ ଯେ ସ୍ୱପ୍ରାଣ,
ପ୍ରାଣୀ ନୁହେଁ ସେହୁ ଅପ୍ରାଣ ପାଷାଣ ।
ପ୍ରାଣେ ପ୍ରାଣେ ଛନ୍ତି ବ୍ରହ୍ମ ଜଗନ୍ମାତା,
ମାତୃହତ୍ୟା ପାପ କରେ ବଳଦାତା ।
ମିଳୁଥିଲେ ପ୍ରାଣ ବଦଳେ ଜୀବନ,
ମାନବ ସୃଷ୍ଟିରେ ନ ଥାନ୍ତା ମରଣ ।
ଅନ୍ୟର ଜୀବନ କରେ ଯେ ବିନାଶ,
ଅକାଳରେ କାଳ କରେ ତାକୁ ଗ୍ରାସ ।
ଲାଞ୍ଚେ ବଶୀଭୂତ ନୁହନ୍ତି ଦେବତା,
ମାନବ-ସୁଲଭ ସିନା ସେ କୁପ୍ରଥା ।
ନୁହନ୍ତି ଦେବତା ପେଟବିକଳିଆ,
ହୋଇଯିବେ ତୁଷ୍ଟ ଖାଇ ମୁଆଁ, ଲିଆ ।
ଯାହା ଦତ୍ତ ଖାଦ୍ୟେ ଜୀବିତ ପ୍ରାଣୀଏ,
କି ଦ୍ରବ୍ୟେ ତାହାଙ୍କୁ ତୋଷିବ ବା କିଏ ।
ଯାହା ଦ୍ରବ୍ୟ, ତାହା ତାକୁ ସମର୍ପଣ,—
କରିବା କେବଳ ଅଲକ୍ଷଣପଣ ।
ନ ଲୋଡନ୍ତି ଦେବେ କ୍ଷୀରି, ପିଠା, ଡାଲି,
ହୃଦୟର ଭାବ ଲୋଡନ୍ତି ସେ ଖାଲି ।
ତାହାଙ୍କ ତାହାଙ୍କୁ କରିବୁ ଅର୍ପଣ,
ନ ହେଉଛି ଯେବେ ଭକ୍ତିରେ କୃପଣ ।
ନିର୍ମାଲ୍ୟ ନିଷ୍କ୍ରିୟ ବ୍ରହ୍ମସ୍ୱାମୀ ବ୍ରତ,
ବାହ୍ୟ ଉତ୍ସବରେ ନ ହେବୁ ଆସକ୍ତ,

ବ୍ରହ୍ମଚର୍ଯ୍ୟ ଆଶ୍ର-ଉଦରସର୍ବସ୍ୱ,
ଧର୍ମ ପରିତ୍ୟାଗୀ ନିଶଚ୍ଚ ଅଳସ ।
ବିଶ୍ୱ-ମଙ୍ଗଳ ସେ କିଛି ସାଧେ ନାହିଁ,
ତାହା ଧର୍ମ ସିନା ଏତା ତାହା ପାଇ ।
ବନ ଧାରେ ସେ ଜନ-ହିତଚକ୍ରା ଧାର,
ବଢ଼ାଏ ସେ ଖାଲି ସମାଜର ଭାର ।
ଧର୍ମ ତେଜି ହୋଇ ନଗ୍ନ ଶୁଷ୍କ ମୂର୍ତ୍ତି
ବୁଲୁଥିଲେ ତେଣୁ ହେବ ନାହିଁ ମୁକ୍ତି ।
ହେଉଥିଲେ ତାହା ଉଚ୍ଚ କେଶରୀ,
ଯାଇ ସାରନ୍ତେଣି ପଶୁଭୃତ୍ଯ ତରି ।
ଶତ ଦେବ-ସେବା କୋଟି ତପ ବ୍ରତ,
ଧର୍ମସେବା ବିନା ହୁଏ ସବୁ ବ୍ୟର୍ଥ ।
ଅତଏବ ମନ, ନ ହେବୁ ସନ୍ନ୍ୟାସୀ,
ବରିଯିବୁ ଧର୍ମ ହୋଇ ଗୃହବାସୀ ।
ମାତ୍ର ସବୁ କର୍ମେ ହେବୁ ଇଚ୍ଛାଶୂନ୍ୟ,
ନିରିଚ୍ଛା କର୍ମର ଉପନାମ ପୁଣ୍ୟ ।
ସୁମରିବୁ ସଦା ଜୀବନ ଅନିତ୍ୟ,
ରଚିଯିବୁ ଗୃହେ ସୁଧର୍ମ-ସାହିତ୍ୟ ।
କରିବାକୁ ହେବ ବାଲୁକି ଯେ କାମ,
କରିବୁ ତା ଆଜ ନ ଭଜି ବିଶ୍ରାମ ।
ଦେଲ ଉଲି କାର୍ଯ୍ୟ ସାଧିବୁ ସକାଳେ,
ବିଳମ୍ବରେ ବିଘ୍ନ ଶ୍ରେୟୁଷ୍ଟି ସମ୍ଭାଳେ ।
ଗୃହାଶ୍ରମେ ରହି ଆଚରିବୁ ଧର୍ମ,
ପକାଇ ପଶ୍ଚରେ ମସ୍ତକର ଘର୍ମ ।
ଗୃହାଶ୍ରମ ସମ ପୁଣ୍ୟାଶ୍ରମ ନାହିଁ
ସକଳ ଆଶ୍ରମେ ରଖେ ସେ ବଞ୍ଚାଇ ।
ରସ ଦେଇ ରସା ଆପଣା ଦେହରୁ,
ବଞ୍ଚାଇ ଯେସନ ରଖେ ବରୁ ତରୁ ।
କୃଷିବାଣିଜ୍ୟ କରି ଶସ୍ୟ ଉତ୍ପାଦନ,
ଲକ୍ଷ ଲକ୍ଷ ଜୀବେ ଅର୍ପେ ଗୃହୀ ଅନ୍ନ ।
କରେ ଗୃହୀ ଯେଉଁ ମୁଷ୍ଟି ଭିକ୍ଷା ଦାନ,
ତୁଲ୍ୟ ନୁହେଁ ତାର ଜପ ଯଜ୍ଞ ଧ୍ୟାନ ।


କ୍ଷୁଧାତୁରେ ଅନ୍ନ, ତୃଷାତୁରେ ଜଳ
ଦେଇ ଲଭେ ଗୃହୀ ଚତୁର୍ବର୍ଗ ଫଳ ।
ସ୍ମୃତ୍ୟାଦି ପ୍ରମାଣେ କହେ ସ୍ୱର୍ଣ୍ଣ ଦାନ,
ଅନ୍ନମୁଷ୍ଟି ସଙ୍ଗେ ନୁହେଁ ତା ସମାନ ।
ଗୋ-ସେବାରେ ଗୃହୀ କରେ ପୁଣ୍ୟାର୍ଜନ,
ସେ ପୁଣ୍ୟେ ସେ ଲଭେ ଦେବତା ଆସନ ।
ବର୍ଣ୍ଣିବ ଅନନ୍ତ ଗୋମାହାତ୍ମ୍ୟ କିଏ,
ପ୍ରେମ ଗୋଟିକେ ତା' ଦେବତା ଗୋଟିଏ ।
ଗୋଜାତି ମହତ୍ତ୍ୱ ଅକଳିତ ଜାଣି,
ସେବୁଥିଲେ ସ୍ୱୟଂ କୃଷ୍ଣ ବେଣୁପାଣି ।
ଗୋଜାତିର ଦାନ ନବନୀତ, ଘୃତ,
ଯଜ୍ଞର ହବି ସେ ମର୍ତ୍ତ୍ୟର ଅମୃତ ।
ଯଜ୍ଞରୁ ସଂଜାତ ବାରିଗର୍ଭ ଘନ,
ବାରି ବର୍ଷି କରେ ପ୍ରକୃତି ପାଳନ ।
ଦେବଶକ୍ତି ନିତ୍ୟେ ଗୋଶରୀର ଧରି,
ବିଶ୍ୱହିତ ଅର୍ଥେ ଅଛି ଅବତରି ।
ପ୍ରତିଦିନ ମନ କରିବୁ ଗୋସେବା,
ଗୋଶରୀରେ ଗଙ୍ଗା ଗୋଦାବରୀ, ରେବା ।
ସ୍ନାନ ଆର୍ଦ୍ର ବାସେ ଆର୍ଯ୍ୟବଧୂଗଣ,
ଗୋଧନେ ପୂଜୁଥିବା କରନ୍ତି ଭକ୍ଷଣ ।
ଗୂଢ଼ ଅର୍ଥ ସିନା ଗୋସେବା ତାହାର,
ଆର୍ଯ୍ୟର ଏ ନୀତି ପରମ ଉଦାର ।
ମାନବ ଭାଗ୍ୟରେ ଗୋସୃଷ୍ଟି ବିଧାନ,
ବିଧିର ଅମୃତମୟ ମହାଦାନ ।
ଗୃହାଶ୍ରମେ ହୁଏ ଗୋସେବା ସୁବିଧା,
ଭୁଲିବୁ ତୁ ମନ ସେହି ବାଟେ ସିଧା ।
ପୁରାଣ-ପ୍ରଣେତା ଋଷି ଭୂରିଯଶା,
କରିଛନ୍ତି ଗୃହାଶ୍ରମର ପ୍ରଶଂସା ।
ସିଦ୍ଧକ୍ଷେତ୍ର ତାହା ଅମର ବାଞ୍ଛିତ,
ଧର୍ମଯଜ୍ଞ ତହିଁ ହୁଏ ନିର୍ବାହିତ ।
ନିବସିବୁ ଗୃହେ ଘେନି ପରିବାର,
ହେବ ତହିଁ ଲଘୁ ଜୀବନର ଭାର ।

ଲଭି ସ୍ୱଜନଙ୍କ ସଙ୍ଗ–ସହାୟତା,
ସେବାର ସୁଯୋଗ ଭୁଞ୍ଜିବୁ ସର୍ବଥା ।
ଗୃହଯୋଗୀ ହୋଇ କରିବୁ ସାଧନା,
ଗୃହୀର ତପସ୍ୟା କର୍ମ ଆରାଧନା ।
ସାଧନାରେ ମନ, ମିଳେ ଯେ ଆନନ୍ଦ,
ନ ଥାଏ ସିଦ୍ଧିରେ ସେ ଆନନ୍ଦ ଗନ୍ଧ ।
ନୁଆଁଇବୁ ପ୍ରେମେ ଅପ୍ରେମୀର ମଥା,
ସାଧୁତା ବଳରେ ଅସାଧୁର ତଥା ।
ନ ଫୁଲାଇ କେବେ ଗୁଣକୁ ନିଜର,
ଫେଣାଇବୁ ସଦା ସ୍ୱଦୋଷନିକର ।
ଫେଣାଇବୁ ଯେତେ ଦୋଷେ ଅନର୍ଗଳ,
ତେତେ ସେ ଦିଶିବ ତୋ ନେତ୍ରେ ଉଜ୍ଜ୍ୱଳ ।
ନିଜ ଗୁଣେ ଅନ୍ଧ ଥିବୁ ସାବଧାନ,
ମାତ୍ର ପର ଗୁଣେ ହେବୁ ଚକ୍ଷୁଷ୍ମାନ ।
ନ ଖୋଜିବୁ ମାଛି ପରି ପୂଜ ରକ୍ତ,
ଅଳି ପରି ହେବୁ ମଧୁପାନେ ରତ ।
ହେବୁ କୁଳି, ମାତ୍ର ନ ହେବୁ ଗୁଲୁଣୀ,
କେଉଟୁଣୀ ନୋହି ହେବୁ ରେ ମାଲୁଣୀ ।
ଆମ୍ବବସ୍ତୁଙ୍କର ଅମଳ ନ ଖାଇ,
ଯୌବନକୁ ଦେବୁ ଶୈଶବେ ବୁଡ଼ାଇ ।
ଆପଣାକୁ ସଦା ରଖିବୁ ଗୋପନ,
କରୁଥିବୁ ତାର ଗୁଣ ପ୍ରଖ୍ୟାପନ ।
ବହୁରୂପୀ ନୋହି କୃକଳାସ ପରି,
ଥିବୁ ଦୁଃଖେ ସୁଖେ ଏକଭାବ ଧରି ।
ଦେଖାଇବା ପାଇଁ ସମାଜେ ଶ୍ରେଷ୍ଠତା,
ମଣ୍ଡାଇବୁ ନାହିଁ ଶରୀରେ ରଙ୍ଗତା ।
ଚକ୍ଷୁଲଜ୍ଜାବଶେ ନ ଅର୍ଜିବୁ ପାପ,
ହେବୁ ନାହିଁ କେବେ ଦୁମୁଣ୍ଡିଆ ସାପ ।
ଟିଙ୍କ ଘଣ୍ଟ ଲାଗି ଗାଇପଦ୍ମାଚରେ,
ନ ଚୋଷିବୁ ଦୁଗ୍ଧ, ଚେଙ୍କ ଭୁ ଲୁହରେ ।
ଢମ୍ପ ସାପ ପ୍ରାୟ ଉଗ୍ରତା ନ ଧରି,
ମହାନତା ଧର୍ମ ଥିବୁ ରେ ଆଚରି ।

ନ ହେବୁ ଯଦ୍ୟପି କ୍ଷୁଦ୍ରାନ୍ୱେଷୀ କୀଟ,
ପିନ୍ଧିବୁ ମସ୍ତକେ ମହିମା କିରୀଟ ।
ଶୁଣ ଶୁଣ ମନ ହୋଇ ଅବହିତ,
ରାଜସେବା କାର୍ଯ୍ୟେ ନ ହେବୁ କୁଣ୍ଠିତ ।
ଜନେଶ୍ୱର ନିଶ୍ଚେ ମର୍ତ୍ତ୍ୟର ଦେବତା,
ପ୍ରକୃତିପୁଞ୍ଜର ଶିରୋରକ୍ଷୀ ଛତା ।
ରାଜା, ପ୍ରଜା ପିତା ଆଦର୍ଶ ଶିକ୍ଷକ,
ଇହକାଳର ସେ ପରମ ରକ୍ଷକ ।
ଶାସନ୍ତି ପାଳନ୍ତି ନ୍ୟାୟ ନୀତି ଧରି,
ପ୍ରଜାଙ୍କର ଧନ ଜୀବନ ପ୍ରହରୀ ।
ଧର୍ମଦଣ୍ଡ କରେ କରି ସେ ଧାରଣ,
କରନ୍ତି ପ୍ରଜାର ଧର୍ମ ସଂରକ୍ଷଣ ।
ରାଜାଙ୍କ ଜୀବନ ନୁହେଁ ରାଜା ପାଇଁ,
ଜନହିତ ଲାଗି ସୃଷ୍ଟି ଜନସାଇଁ ।
ରାଜନୀତି ସୂତ୍ର କୃତ ବିଲକ୍ଷଣ,
ଗୁନ୍ଥା ତହିଁ ପ୍ରଜା ଜୀବନ ମରଣ ।
ହେଲେ ସେହି ସୂତ୍ର କିଞ୍ଚିତ ଢୋହଳ,
ଦଣ୍ଡକେ ସମାଜ ହେବ ବିଶୃଙ୍ଖଳ ।
ହିଂସା ହତ୍ୟା ଆଦି ବୀଭତ୍ସ ବ୍ୟାପାର—
ଘଟି, ଜନ ସୃଷ୍ଟି ହେବ ଛାରଖାର ।
ପ୍ରଜା ପିଣ୍ଡ, ରାଜା ସେ ପିଣ୍ଡର ପ୍ରାଣ,
ସାଧନ୍ତି ସେ ସଦା ପ୍ରଜାର କଲ୍ୟାଣ ।
ପ୍ରଜାଙ୍କର ରାଜା ସେବକ ମହତ,
ଜନସେବା ତାଙ୍କ ଜୀବନର ବ୍ରତ ।
କରିବୁ ସାହାଯ୍ୟ ତାଙ୍କୁ ଯଥାଶକ୍ତି,
ରାଜକର ସହ ସମର୍ପିବୁ ଭକ୍ତି ।
ଲୋଡ଼ା ହେଲେ ପ୍ରାଣ ଦେବୁ ରାଜକାର୍ଯ୍ୟେ,
ବସିବୁ ସେ ଫଳେ ପୁଣ୍ୟମୟ ରାଜ୍ୟେ ।
ନ କରିବୁ ଭ୍ରମେ ରାଜଦ୍ରୋହ ପାପ,
ଦଂଶିବଟି ରାଜଦୋଷ–ନାଗସାପ ।
ସେ ମହାପାପର ନାହିଁ ପ୍ରାୟଶ୍ଚିତ୍ତ,
ରହିବୁ ସେ ପକ୍ଷେ ଚିର ସଚକିତ ।

କାଶିବୁ ସେ ବଶ ଉଚ୍ଚଟ ସବଂବ,
ବୀର୍ଯ୍ୟ ଜାହ୍ନା ପାଶେ ଗୁଣିଥାର ମନ୍ତ୍ର ।
ଘାଶ୍ବ ସେ ବଶ ଶିବ୍ ପ୍ରଶିଗ୍ରେ,
ନ ଝଣ୍ଡବ ଭାହ୍ନା ପରଶୁଢେଦାରେ । ❊
ସ୍ୱଜଶକ୍ତି ଉସ୍ତ, ଦୈବଶକ୍ତି ପ୍ରାପ୍ତେ,
ଗଢ଼ା ଜାହ୍ନା ପ୍ରଜାଶକ୍ତି ସମବାୟେ ।
ପାଲିବୁ ସ୍ୱଜାଙ୍କା ଦେବଆଜ୍ଞା ଯଥା,
ନୁମଣି ଚରଣେ ଲଗାଇବୁ ମଥା ।
ଦେଶମାତୃକାର ପବନ ପୟର୍—
ସେବାରେ ତୁ ମନ ଥିବୁ ରେ ତତ୍ପର ।
ମାତୃମହୀ ସ୍ୱର୍ଗ, ପୁଣ୍ୟେ ଅଲଙ୍କୃତ,
ମାତୃଭାଷା ତହିଁ ଦୁର୍ଲଭ ଅମୃତ ।
ସେବେ ଯେ ତା ପଦ ସେ ନିଶ୍ଚେ ଅମର,
ବିଶ୍ୱ ନମସ୍ୟ ସେ ମହା ଭାଗ୍ୟଧର ।

ମାନବ ଜୀବନ ମାନବର ଆଶା,
ରଖିଛି ବଞ୍ଚାଇ ସିନା ମାତୃଭାଷା ।
ମନୋଗତ ଭାବ ଭାଷା ରୂପ ଧରି,
ଆନ ହୃଦେ ପଶି ଉଠାଏ ଲହରୀ ।
ଭାଷା ଯୋଗେ ହୁଏ ମାନବ ଜଗତ
ନିୟନ୍ତ୍ରିତ, ପୁଣି ଶୃଙ୍ଖଳ ସତତ ।
ତେଣେ ମାତୃଭାଷା ଆମ୍ଭାକୁ ବନ୍ଧୁଛି,
ମାନବ ସମାଜ ତା ଲାଗି ସମୃଦ୍ଧି ।
ମାତୃଭାଷା ଏକା ମାନବର ସାହା,
ଦେଖାଏ ସେ ଜନେ ଜୀବନର ପନ୍ଥା ।
ମାନବ ଭାଗ୍ୟେ ସେ ମଙ୍ଗଳ ଅତୁଳ,
ଦେବତା–ପ୍ରସାଦୀ ପାରିଜାତ ଫୁଲ ।
ଖଟିବୁ ତା' ପଦେ ହୋଇ ସେବାଦାସ,
ସାରସ୍ୱତ–ସ୍ୱର୍ଗେ ଲଭିବୁ ନିବାସ ।



❊ ପଦ୍ୟବଶେଷ ।

# ଚତୁର୍ଥ ସର୍ଗ

କଳ୍ପେ ପରମାୟୁ ଯେବେ କେହି ଲଭ,
ବଞ୍ଚିବ ଯଦ୍ୟପି ମହୀରେ ସମ୍ଭବ,
ତଥାପି ସେ ସେବା ମହିମାର ଲେଶ,
ନ ପାରିବ କହି ଜୀବନରେ ଶେଷ ।
ଶୁଣ ଶୁଣ ମନ ସେବା ଶୁଭ ଫଳ,
କଲୁଷିତ ଜ୍ଞାନ ହେବ ସୁନିର୍ମଳ ।
ଦିନେ ଅତି ଦୀନା ବନ୍ୟନାରୀ ଜଣେ,
ଯାଉଥିଲା ଦୂରେ କାଷ୍ଠ ଆହରଣେ ।
ଦଇବେ ଥିଲା ସେ ପୂର୍ଣ୍ଣ ଗର୍ଭବତୀ,
ପ୍ରସବିଲା ପୁତ୍ର ଶୋଭାବନ ଅତି ।
ହୋଇ ସେ ଶିଶୁର କ୍ରନ୍ଦନେ ଆହୂତ
ମିଳିଲା ଶାର୍ଦ୍ଦୂଳରୂପୀ ଯମଦୂତ ।
ପ୍ରସୂତେ ଉପେକ୍ଷି ପ୍ରସୂତକୁ ଘେନି,
ପଳାଇଲା ବ୍ୟାଘ୍ର ଭେଦି ବନଶ୍ରେଣୀ ।
ପ୍ରଚଣ୍ଡ ନାମରେ ଦୁଷ୍ଟ ଦସ୍ୟୁପତି,
କରୁଥିଲା ସେହି କାନ୍ତାରେ ବସତି ।
ସ୍ୱତା ପ୍ରାପ୍ତ ତାର ବିପୁଳ ସମ୍ପତ୍ତି,
ମାତ୍ର ଦସ୍ୟୁବର ଥିଲା ନିଃସନ୍ତତି ।
ଶୁଣି ସଦ୍ୟଜାତ ଶିଶୁର କ୍ରନ୍ଦନ
ମିଳିଲା ସେ ଆସି ସେଠାରେ ବହନ ।
ଦେଖିଲା ସୁନ୍ଦର ଶିଶୁ ଶଶୀ ପରି,
ପଡ଼ିଛି କାନନ ଆଲୋକିତ କରି ।
ଭାବିଲା ସେ ହେବ ଶିଶୁ ନବଜାତ,
ପଡ଼ିଛି କି ଖସି ସ୍ୱର୍ଗୁ ପାରିଜାତ ।
ଅସ୍ଥାନେ ପତିତ କିବା ରହିଛି ଏ,
ଅବା ବନଦେବୀ କ୍ରୀଡ଼ା ପୁତ୍ତଳୀ ଏ ।
କେବଣ ସଦୟ ଦେବତା ପ୍ରଧାନ,
ମନ ଜାଣି ମୋତେ କଲା ସୁତଦାନ ।

ପାଳିବି ଏହାକୁ ନିଜ ସୁତବତ,
ରଖିବି ଶିଶୁର ନାମ ଦେବଦତ୍ତ ।
ଚାହିଁଥିଲି ଉଠି ପ୍ରାତେ ଯାହା ମୁଖ,
ଖଣ୍ଡିଲା ଆଜ ମୋ ଆଜୀବନ ଦୁଃଖ ।
ଏହା ଭାବି ତୋଳି ଶିଶୁଟିକୁ ଅଙ୍କେ,
ଘେନିଗଲା ଦସ୍ୟୁ ସ୍ୱଗୃହେ ନିଃଶଙ୍କେ ।
କି ମନ୍ତ୍ରେ ଶିଶୁ କରେ ବଶ୍ୟ କାୟ,
ତରଳାଏ ଲୌହ କଠିନ ହୃଦୟ ।
ଦସ୍ୟୁ ହୃଦ ଯଥା ନୀରସ ଉପଳ,
କରିଦେଲା ତାକୁ ସ୍ନେହରେ ସଜଳ ।
ବଢ଼ିଲା ବାଳକ ଦସ୍ୟୁର ଆଗାରେ,
ବଢେ ଯଥା ବିଦ୍ୟା ନିତ୍ୟ ବ୍ୟବହାରେ ।
ଐଶ୍ୱର୍ଯ୍ୟ ମଧ୍ୟରେ ବଢ଼ିଲା ବାଳକ,
ପତ୍ର ମଧ୍ୟେ ଯଥା କୁସୁମ କୋରକ ।
ବଢ଼ିଲା ତା ସହ ଦସ୍ୟୁର ମମତା,
ଇନ୍ଦୁ ସଙ୍ଗେ ସଙ୍ଗେ ସିନ୍ଧୁ ବୃଦ୍ଧି ଯଥା ।
ଯଥାକାଳେ ସେହି ଦସ୍ୟୁର ନନ୍ଦନ,
ଯୌବନରେ ଆସି କଲା ପଦାର୍ପଣ ।
ଦସ୍ୟୁବୃତ୍ତିରେ ସେ ହେଲା ଧୁରନ୍ଧର,
ଧନଲୋଭେ ହତ କଲା ବହୁ ନର ।
ପିତାଠାରୁ ବଳି ହେଲାକ ଦୁର୍ଦ୍ଧର୍ଷ,
ଏହିରୂପେ ଗଲା ବିତି କେତେ ବର୍ଷ ।
ଯଥାସମୟରେ ବୃଦ୍ଧ ଦସ୍ୟୁପତି,
ପ୍ରାଣ ତେଜି କଲା ପରଲୋକେ ଗତି ।
ତହୁଁ ଦେବଦତ୍ତ ଶଠ ପାପାଚାରୀ,
ବିପୁଳ ଧନର ହେଲା ଅଧିକାରୀ ।
ବଡ଼ କୃପଣ ସେ, କେବେ ହେଲେହେଁ,
କରେ ନାହିଁ ବ୍ୟୟ କଡ଼ାଏ କଉଡ଼ି ।

ନ ଭୁଞ୍ଜି ନ କରି ଦାନ, ବିତରଣ,
ଶୁଙ୍ଘି ଶୁଙ୍ଘି ଧନ ମରନ୍ତି କୃପଣ ।
ତୃପ୍ତ ନୁହେଁ ତାଙ୍କ ଧନର ପିପାସା,
ଯେତେ ବଢ଼େ ଧନ ତେତେ ବଢ଼େ ଆଶା ।
ଦିନେ ଦେବଦତ୍ତ ପଥ ପାର୍ଶ୍ୱେ ଯାଇ,
ଲୁଚି ରହିଥିଲା ପଥିକକୁ ଚାହିଁ ।
ଦଇବଯୋଗରେ କେତେ କ୍ଷଣ ପରେ,
ଆସିଲା ବ୍ରାହ୍ମଣ ଜଣେ ସେ ପଥରେ ।
କର୍ଣ୍ଣରେ ତାହାର ସୁବର୍ଣ୍ଣ କୁଣ୍ଡଳ,
ଦ୍ରୁତଗତି ହେତୁ ଦୋଳେ ଅବିରଳ ।
ଦେଖି ସେ କୁଣ୍ଡଳ ଦେବଦତ୍ତ ଚିତ୍ତ,
ହେଲା ଅନିବାର୍ଯ୍ୟ ଲୋଭେ ଲାଳାୟିତ ।
ତହୁଁ ସ୍ଥୂଳ ଯଷ୍ଟି କରି ଉତ୍ତୋଳନ,
ବ୍ରାହ୍ମଣ ବଧାର୍ଥେ ଧାଇଁଲା ବହନ ।
କହିଲା ହୁଙ୍କାରି ଦ୍ୱିଜ ହୋଇ ରୁଷ୍ଟ,
ଦୂରେ ରହ ପାପୀ ନରାଘାର ଦୁଷ୍ଟ ।
ତନ ତାକୁ ଦ୍ୱିଜ ସ୍ତମ୍ଭୀଭୂତ କରେ,
ଆଧ୍ୟାତ୍ମିକ ମହା-ଶକ୍ତି ପ୍ରଭାବରେ ।
ନ ପାରିଲା ହୋଇ ଅଗ୍ରସର ସ୍ୱତ,
ହୋଇଗଲା ଦେହ ଅଶ୍ମନ ଅସାଡ଼ ।
ନ ପାରିଲା ଚାଲି ନ ପାରିଲା ବସି,
ହାତଯଷ୍ଟି ହସ୍ତୁ ପଡ଼ିଲା ଖସି ।
ଅଦ୍ଭୁତ ବ୍ୟାପାରେ ମନେ ବହୁ ଶଙ୍କା,
ରହିଲା ସେ ଚାହିଁ ହୋଇଣ ତାଟଙ୍କା ।
ଭାଙ୍ଗିଗଲା ତାର ଉଦ୍ଧତପଣିଆ,
କହିଲା ବ୍ୟାକୁଳେ ହୋଇ ସେ ଛାନିଆ
କେଉଁ ଦେବ ତୁମ୍ଭେ ଛଦ୍ମବେଶ ଧରି,
କଲେ ଏଥି କୃପା ମୋପ୍ରତି ଶତରି ।
ମହାପାପୀ ମୁହିଁ ଅତି ଅକିଞ୍ଚନ,
ତାର ପ୍ରଭୁ ମୋତେ ସ୍ୱଗୁଣେ ବହନ ।
କୃପା ବହୁ କରି ସମ୍ବରଣ ରୋଷ,
କ୍ଷମ ଏ ଅଧମ ଅଜ୍ଞାନର ଦୋଷ ।

ଶୁଣ ଦେବ ମୋର ପ୍ରାର୍ଥନା ବିନୀତ,
କହ ମୋ ପାପର ଯୋଗ୍ୟ ପ୍ରାୟଶ୍ଚିତ୍ତ ।
କରୁଛି ମୁଁ ସତ୍ୟ ତବ ପାଦ ଛୁଇଁ,
ଦସ୍ୟୁବୃତ୍ତି ଆଉ ଆଚରିବି ନାହିଁ ।
ଦସ୍ୟୁର ବିନତି ଶୁଣି ବିପ୍ରବର,
ଶାନ୍ତ ହେଲେ ତାଙ୍କ କ୍ରୋଧ ଉଗ୍ରତର ।
ବହ୍ନିତାପେ ବହି ସଲିଳ ଉଷ୍ଣତା,
କ୍ଷଣକେ ଶୀତଳ ହୁଏ ପୁଣି ଯଥା,
ବ୍ରାହ୍ମଣର କୋପ ତଥା ସାମୟିକ,
ଦୟା କ୍ଷମା ତାର ଗୁଣ ସ୍ୱାଭାବିକ ।
ଭାଷିଲା ବ୍ରାହ୍ମଣ ଶୁଣ ରେ ବର୍ବର,
ଆନ ପ୍ରାୟଶ୍ଚିତ୍ତ ନାହିଁ ତୋ ପାପର ।
କର ନରସେବା ହୋଇ ଦୃଢ଼ଚିତ୍ତ,
ନରହତ୍ୟାର ସେ ଯୋଗ୍ୟ ପ୍ରାୟଶ୍ଚିତ୍ତ ।
ଅଙ୍ଗ ଅବଶତା ହେଉ ତୋର ଦୂର,
ଏହା କହି ଚାଲିଗଲେ ସେ ଭୂସୁର ।
ତହୁଁ ଦେବଦତ୍ତ ଭାଳିଲା ଏମନ୍ତ,
ନାହିଁ ମୋର ଘୋର ଦୁଷ୍କୃତିର ଅନ୍ତ ।
ମୋଭଳି ପାତକୀ ନାହିଁ ଭବେ ଆନ,
ନରକରେ ସୁଦ୍ଧା ନାହିଁ ମୋର ସ୍ଥାନ ।
ଧିକ ଧିକ ମୁହିଁ ଘୃଣ୍ୟ, ଦୁରାଚାର,
ଦୁର୍ଭାଗ୍ୟକୁ ମୋର ସହସ୍ର ଧିକ୍କାର ।
ଅହୋ ମୋ କରଣୀ କେତେ ଅବାସ୍ତବ,
ମାନବ ନୁହେଁ ମୁଁ ଦୁରନ୍ତ ଦାନବ ।
ଶୁଣିଲେ ମୋହର ବୀଭତ୍ସ ବେଭାର,
ରୋଧିବ ଶ୍ୱାପଦ ସୁଦ୍ଧା କର୍ଣ୍ଣଦ୍ୱାର ।
ନର ହୋଇ ହେଲି ନର-ରକ୍ତପାୟୀ,
ପୂରାଇଲି ପେଟ ନର ମାଂସ ଖାଇ ।
ଗଲି କଳୁଷିତ ଜୀବନର ସ୍ପୃହା,
ହସଇ ବସିଲି ପରକାଳ ହା ହା !
ହୀନଠାରୁ ମୁହିଁ ହୀନତର ଅତି,
କି ହେବ ମୋହର ଶେଷଦିନ ଗତି ।

ଆସିଥିଲୁ ଯେଣ ପବିତ୍ର ଜୀବନ,
ତାକୁ ତହିଁ ଆହା କଳଙ୍କ ଲେପନ ।
ଏଥି ଯାଇ ପୁଣି ଭୁଞ୍ଜିବି ନିଶ୍ଚୟ,
କୃମିକୀଟପୂର୍ଣ୍ଣ ଭୀଷଣ ନରକ ।
ନିଜ ଦୁର୍ବୁଦ୍ଧିରେ ପଡ଼ିବି ଅଚିରେ,
କଟାହୁ ଖସିକି ଜ୍ୱଳନ୍ତ ଚୁଲିରେ ।
ପୁଣି ଭାବିଲା ମୁଁ କରୁଅଛି କିସ,
କି ଫଳ ସନ୍ତାପେ ଖାଇ ସାରି ବିଷ ।
ଅତୀତକୁ ଆଣି ବର୍ତ୍ତମାନାସନେ,
ବସାଉଛି ସିନା ଅବିବେକପଣେ ।
ଗଲାଣି ତ ମରି ସେ ଦୁଷ୍ଟ ଅତୀତ,
ବର୍ତ୍ତମାନ ଏବେ ଦେଖିବା ଉଚିତ ।
ଆଜଠାରୁ ତେଜି ଏ ପାପ ବେପାର,
ପାଳିବି ବୁଦ୍ଧର ଉପଦେଶ ସାର ।
କି ଅଦ୍ଭୁତ ତାର ଆଧ୍ୟାତ୍ମିକ ଶକ୍ତି,
ନାହିଁ ହିଂସାଦ୍ୱେଷ କ୍ରୋଧ ବା ବିରକ୍ତି ।
ତଥାପିରେ ମୋର ଶକ୍ତି ନେଲା ହରି,
ପୁଣି ଦୟା ବହି କଲା ପୂର୍ବ ପରି ।
ଧନ୍ୟ ଆଧ୍ୟାତ୍ମିକ ଶକ୍ତିର ମହିମା,
କଳ୍ପନାରେ କଳି ନୁହେଁ ତାର ସୀମା ।
ଜଳ ଅନଳାଦି ମହାଶକ୍ତିଚୟ,
ପାରେ ନାହିଁ ତାକୁ କରି ପରାଜୟ ।
ଏଥିଅନ୍ତେ ଦସ୍ୟୁ ଫେରିଯାଇ ଘରେ,
ଆପାତ କର୍ତ୍ତବ୍ୟ ଚିନ୍ତିଲା ଚିତ୍ତରେ ।
ସମ୍ପତ୍ତି ତାହାର କୁବେର ସମାନ,
ଜନହିତ ଅର୍ଥେ କଲା ସବୁ ଦାନ ।
ନ ରଖିଲା ସୁଦ୍ଧା କିଛି ନିଜ ପାଇଁ,
କୃପଣ ସମାନ ଦାତା କେହି ନାହିଁ ।
ବାରିଦ ସଞ୍ଚୟ କରି କରି ବାରି,
ଢାଳିଦିଏ ଶେଷେ ସମ୍ଭାଳି ନ ପାରି ।
ବାହାରି ସେ ଶୂନ୍ୟହସ୍ତେ ଶୂନ୍ୟମନେ,
ପ୍ରବେଶିଲା ଯାଇ ଗହନ କାନନେ ।

'ସତ୍ୟବ୍ରତ' ନାମେ ଜଣେ ବୃଦ୍ଧ ଯତି,
କରୁଥିଲେ ସେହି କାନନେ ବସତି ।
ଭାବିଲା ତାହାଙ୍କୁ ଦେଖି ଦେବଦତ୍ତ,
ନରକୁଳେ ଏ ତ ଧାର୍ମିକ ମହତ ।
କି ସୁନ୍ଦର ମୂର୍ତ୍ତି ସଂଯତ ସରଳ,
ଉଠୁଛିଏ ହୃଦୁ ଭକ୍ତି ଅନର୍ଗଳ ।
ସେବିବି ଏହାଙ୍କୁ ତେଜି ମନସ୍ତାପ,
ସାଧୁସେବା ଫଳେ ଖଣ୍ଡିବ ମୋ ପାପ ।
କିନ୍ତୁ ସାକ୍ଷାତରେ ମାଗିଲେ କରୁଣା,
ପାପୀ ବୋଲି ଜାଣେ ପ୍ରକାଶିବେ ଘୃଣା,
ଏଣୁ ଅସାକ୍ଷାତେ ରହି ନିରନ୍ତର,
ସେବିବି ଏହାଙ୍କ ପବିତ୍ର ପୟର ।
ଦୃଢ଼ କରି ଦସ୍ୟୁ ଏ ସଙ୍କଳ୍ପ ମନେ,
ପର୍ବତ କନ୍ଦରେ ରହିଲା ଗୋପନେ ।
ଗିରିଗୁହା ମହା ଶାନ୍ତିପୂତ ସ୍ଥଳୀ,
ନାହିଁ ପୁଣ୍ୟତୀର୍ଥ ସ୍ୱର୍ଗେ ତାହା ଭଳି ।
ଆର୍ଯ୍ୟ ଋଷିକୁଳ ତ୍ରିକାଳଦରଶୀ,
ଯୋଗଧ୍ୟାନେ ମଗ୍ନ ତାହା କୋଳେ ବସି;
ଭାବୀ ବଂଶଧର ସକାଶେ ସଞ୍ଚୟ,
କରିଯାଇଛନ୍ତି ଜ୍ଞାନ-ରତ୍ନଚୟ ।
ନିଜେ ମଧ୍ୟ ଲଭି ନିର୍ବାଣ ମୁକତି,
ଜନ୍ମ ମରଣରୁ ତ୍ରାହି ଲଭିଛନ୍ତି ।
ସ୍ଥାନ ପ୍ରଭାବରେ ଦସ୍ୟୁ ହୃଦୟରେ,
ସତ୍ତ୍ୱ ଗୁଣ ହେଲା ସମୁଦିତ ଖରେ ।
ଦସ୍ୟୁତା-ସୁଲଭ ହିଂସା ପରିହରି,
ରହିଲା ସେ ତହିଁ ସାଧୁଭାବ ଧରି ।
ସତ୍ୟବ୍ରତ ଋଷି ନିଶା ଅବସାନେ,
ଇଷ୍ଟ ନାମ ସ୍ମରି ଯାନ୍ତି ପ୍ରାତଃସ୍ନାନେ ।
ଏହି ଅବସରେ ଦସ୍ୟୁ ଦେବଦତ୍ତ,
ଗୋପନେ ଗୁମ୍ଫାରୁ ହୋଇ ବହିର୍ଗତ,
ଋଷିଙ୍କ ଆଶ୍ରମେ ପ୍ରବେଶି ସତ୍ୱର,
ଲିପିପୋଛି କରେ ପରିଷ୍କାର ଘର ।

ପୂଜାପାତ୍ରମାନ ଧୋଇ ସାବଧାନେ,
ସଜାଡ଼ିଣ ଆଣି ରଖେ ଯଥାସ୍ଥାନେ ।
ସଂଗ୍ରହି କାନନୁ କାଷ୍ଠ, ଫୁଲ, ଫଳ,
ରଖିଦେଇ ଯାଏ ବାହାରି ଚଞ୍ଚଳ ।
ଋଷିଙ୍କ ଅଜ୍ଞାତେ ନିତ୍ୟ ଏହିମତି,
କରୁଥାଏ ସାଧୁସେବା ଦସ୍ୟୁପତି ।
ଫେରି ଆସି ସ୍ନାନୁ ଋଷି ସଦାଶୟ,
ଦେଖି ଏ ସକଳ ଲଭନ୍ତି ବିସ୍ମୟ ।
ଅନ୍ତରାଳେ ଦିନେ ଜଗି ଯତିମଣି,
ଦେଖିଲେ ସମସ୍ତ ଦସ୍ୟୁର କରଣୀ ।
ଆସି ତହୁଁ ଧୀର ମିଳି ତାହା ପାଶେ,
ପୁଚ୍ଛିଲେ ତୁ ଏହା କରୁ କି ସକାଶେ ।
ନିରେଖି ସମ୍ମୁଖେ ତାଙ୍କୁ ଦେବବ୍ରତ,
ଅଷ୍ଟାଙ୍ଗ ଲୁଟାଇ କଲା ଦଣ୍ଡବତ ।
ଲୋତକିତ ନେତ୍ରେ ଯୋଡ଼ି ଦେନି ହସ୍ତ,
ଆମୂଳ ବୃତ୍ତାନ୍ତ କହିଲା ସମସ୍ତ ।
ବଡ଼ ଦୁର୍ଭାଗ୍ୟ ମୁଁ ପତିତ ଦୁର୍ଜନ
ବହୁ ମହାପ୍ରାଣୀ କରିଛି ନିଧନ ।
ବିଶ୍ଳେଷଣ କଲେ ମୋ ଦେହ ଶୋଣିତ,
ନ ମିଳିବ କିଛି ପାତକ ବ୍ୟତୀତ ।
ନର ଜୀବନର ମହାଲକ୍ଷ୍ୟ ଭୁଲି,
ଥିଲି ଆଜୀବନ ହତ୍ୟାପାପେ ବୁଡ଼ି ।
ଦୈବେ ଦିନେ ଏକ ଦ୍ୱିଜ ମହାମନା,
ଦେଲେ ମୋତେ ଆସି ଦୟାରେ ଚେତନା ।
ତାହାଙ୍କ ଆଦେଶେ ଧରି ସେବାବ୍ରତ,
ହୋଇଛି ମୁଁ ଆସି ଏଥେ ଉପଗତ ।
ତୁମ୍ଭେ ସାଧୁ ସିଦ୍ଧ ଋଷି ଦେବକଳ୍ପ,
ସେବିବି ତୁମ୍ଭଙ୍କୁ କରିଛି ସଙ୍କଳ୍ପ ।
କରିବ ଉପେକ୍ଷା ପାପୀ ବୋଲି ନିଜ,
ଏହି ଆଶଙ୍କାରେ ନ ଆସି ନିକଟ,
କରୁଥିଲି ସେବା ପ୍ରଚ୍ଛନ୍ନରେ ରହି,
କ୍ଷମା କର ଦେବ ଦୀନେ କୃପା ବହି ।

ମୁଁ ସିନା ଆକଣ୍ଠ ପାପରେ ମଗନ,
ମାତ୍ର ପୁଣ୍ୟାତ୍ମକେ ତୁମ୍ଭେ ଉଦାସୀନ ।
ତବ ସ୍ପର୍ଶେ ପୂତ ହେବି ମୁଁ ସର୍ବଥା,
ଜାହ୍ନବୀ ପରଶେ କର୍ମନାଶା ଯଥା ।
ତବ ଯୋଗେ ମୋର ପ୍ରାଣର ପିପାସା,
ମେଣ୍ଟିବ ବୋଲି ମୁଁ ବାନ୍ଧିଅଛି ଆଶା ।
ଈଶ୍ୱରଦ୍ରୋହୀ ମୁଁ ଅସାରୁ ଅସାର,
ଡାକିବାକୁ ତାଙ୍କୁ ନାହିଁ ଅଧିକାର ।
ତୁମ୍ଭେ ତାଙ୍କ ଭକ୍ତ ପ୍ରାଣର ସମାନ,
ଭକ୍ତର ଅଧୀନ ସଦା ଭଗବାନ ।
କଲେ ଜଣମଣା ତୁମ୍ଭେ ମୋହ ପାଇଁ,
ଘେନିବେ ତା ନିଶ୍ଚେ ପ୍ରଭୁ ବିଶ୍ୱସାଇଁ ।
ଦେଖିବି ମୁଁ ତାଙ୍କୁ ତୁମ୍ଭରି ପ୍ରସାଦେ,
ଦୁର୍ଭର ପାପରୁ ନିସ୍ତରିବି ହାଦେ ।
ଶୁଣିଣ ଏସନ ଦସ୍ୟୁର ବଚନ,
କହିଲେ ସହାସ୍ୟେ ସତ୍ୟବ୍ରତ ଯତି—
କରିବା ନିମନ୍ତେ ସୂର୍ଯ୍ୟଙ୍କୁ ଦର୍ଶନ,
ପ୍ରଦୀପର ଅବା କିସ ପ୍ରୟୋଜନ ।
ଖୋଜିଲେ ପ୍ରହ୍ଲାଦ କିମ୍ବା ଧ୍ରୁବ ପରି,
ଯହିଁ ତହିଁ ଦେଖା ଦିଅନ୍ତି ଶ୍ରୀହରି ।
ସତ୍ୟ ମଣି ବସ୍ତୁ କରି ତୁ ବିଶ୍ୱାସ,
ସର୍ବଦ୍ରବ୍ୟ ମଧ୍ୟେ ତାଙ୍କରି ପ୍ରକାଶ ।
ଅଛନ୍ତି ସେ ହରି ପାତାଳେ ଆକାଶେ,
ଅଛନ୍ତି ସେ ତୋର ନିଃଶ୍ୱାସ ପ୍ରଶ୍ୱାସେ ।
ଭୟ ନାହିଁ, କ୍ଷୟ ହେଲଣି ତୋ ପାପ,
ଜାଣିଲଣି ତାଙ୍କୁ ତୋର ଅନୁତାପ ।
ଅନୁତାପ ପରି ଶ୍ରେଷ୍ଠ ପ୍ରାୟଶ୍ଚିତ୍ତ,
ନାହିଁ ବତ୍ସ ଆଉ ଏହା ସୁନିଶ୍ଚିତ ।
କୃତେ ସେବାବ୍ରତ ଆଚରି ତୁ ଏବେ,
ପଶନ୍ତି ସେ ବ୍ରତ, ଜାଣନ୍ତି ତା ଦେବେ ।
ସେବା ଅର୍ଥ ଖାଲି ନୁହେଁ ନରସେବା,
ସେବ୍ୟ ସର୍ବେ, ତେଣୁ ସାଧ ବ୍ରହ୍ମ ସେବା ।

ଯାର ସୃଷ୍ଟି ସଙ୍ଗେ ସେବାର ସମ୍ବନ୍ଧ,
ସଂକୀର୍ଣ୍ଣ ସୀମାରେ ନୁହେଁ ସେ ଆବଦ୍ଧ ।
ସେବକରୁ କର୍ମରୁ ହେଜ ତା ମହିମା,
ନ ମାଡନ୍ତୁ କେବେ ଭ୍ରମେ ପାପସୀମା ।
କ୍ଷୁଦ୍ର ପାପ ସୁଦ୍ଧା ନୁହେଁ ଅବଜ୍ଞାତ,
ସ୍ଫୁଲିଙ୍ଗେ ହିମାଦ୍ରି ହୁଏ ଭସ୍ମସାତ ।
ପ୍ରାଣନାଶ ପକ୍ଷେ କଣିକାଏ ବିଷ,
ଯଥେଷ୍ଟ ଏଥିରେ ସନ୍ଦେହ ବା କିସ ।
ଉତ୍ତେଜିତ ନୋହି ଲାଲସା ଉତ୍ତାପେ,
ମାରିବୁ ସର୍ବଦା ତଣ୍ଟି ଚିପି ପାପେ ।
ପାପେଚ୍ଛାକୁ ହେୟ ନ ମଣିବୁ ଭୁଲି,
ଖଣ୍ଡଠାରୁ ଜଣା ନୁହେଁ ଗୁଳୁଗୁଳି ।
ଆଲିଙ୍ଗିବୁ ଦୁଃଖେ ପ୍ରକାଶି ସମ୍ମାନ,
ଦୁଃଖକୁ ମଣିବୁ ସୁଖର ସମାନ ।
ରଖିଅଛି ଦୁଃଖ ସୁଖକୁ ବଞ୍ଚାଇ,
ଦୁଃଖ ସିନା ସୁଖ-ଦୀପତଳ ଛାଇ ।
ଦୁଃଖୁଁ ଜାତ ସୁଖ, ସୁଖୁ ଜାତ ଦୁଃଖ,
ସୁଖେ ହୃଷ୍ଟ ଦୁଃଖେ ନୋହିବୁ ବିମୁଖ ।

ଦୁଃଖ ଅଛି ବୋଲି ସୁଖ ଜଣାପଡେ,
ନତୁ ସୁଖ ମୂଲ୍ୟ ନ ଥାଆନ୍ତା କଡେ ।
ତ୍ୟାଗେ ସେବ ଲୋଭେ କରିବୁ ବର୍ଜନ,
ଲୋଭ-ପାବକର ଭୋଗହିଁ ଇନ୍ଧନ ।
ସୁପଥକୁ ଆଶ୍ରା କରିବୁ ନିରତେ,
କୁପଥଗାମୀକୁ ଆଣିବୁ ସୁପଥେ ।
ଭୁଞ୍ଜିବାକୁ ହେଲେ ସେ ଲାଗି ବିପଦ,
ଭୁଞ୍ଜିବୁ ତା କେବେ ନୋହି ପଶ୍ଚାତ୍ପଦ ।
ନିଶୁଣୀ ଯାହାକୁ ଉଠାଏ ଉପରେ,
ତାହା ପଦାଘାତ ସହେ ଅକାତରେ ।
ମାନବ ଶରୀର ରୋଗର ଆକର,
ପୀଡ଼ା ହେଲେ ଦେହେ ନ ହେବୁ କାତର ।
ତୁ ତୋହର ଦେହ, ଭିନ୍ନ ନିଃସନ୍ଦେହ,
ଆରୋହୀ ତୁ, ତୋର ବାହନ ତୋ ଦେହ ।
ଲାଗିଲେ ଆଘାତ ବାହନ ଶରୀରେ,
ହେବ ଅବା ତୋର କି କ୍ଷତି ତହିଁରେ ।
ଧରି ଏହି ଭାବ ରହିବୁ ଅଟଳ,
ସହିବୁ ବାହାର ଆଘାତ ସକଳ ।
ଏହିରୂପେ କହି ଋଷି ତପପ୍ରାଣ,
ଦେବଦତ୍ତେ ଦେଲେ ଆଶ୍ରମରେ ସ୍ଥାନ ।



# ପଞ୍ଚମ ସର୍ଗ

ଋଷି ଆଶ୍ରମରେ ରହି ଦେବଦତ୍ତ,
ଲାଗିଲା ଆଶ୍ରମ-ସେବାରେ ସତତ ।
ଆଶ୍ରମ-ପାଳିତ ପଶୁପକ୍ଷୀମାନେ,
ସୁଖୀ ହେଲେ ତାର ଖାଦ୍ୟପେୟ ଦାନେ ।
ଅଭ୍ୟାଗତେ ସେବା କଲା ଯଥାବିଧି,
ସେବାକୁ ମଣିଲା କୋଟି ରତ୍ନନିଧି ।
ଦେଖି ତାକୁ ଯୋଗୀ ସଦା ସେବାରତ,
ରଖିଲେ ତାହାର ନାମ ସେବାବ୍ରତ ।
ସେହି ଦିନୁ ଶିଷ୍ୟ ବହିଲା ସେ ନାମ,
ଦେବଦତ୍ତ ଆଖ୍ୟା ଲଭିଲା ବିଶ୍ରାମ ।
ସଦୟେ ତାହାକୁ ଭାଷିଲେ ତାପସ,
ଅର୍ଥର ସାପେକ୍ଷ ସବୁ କାର୍ଯ୍ୟ ବତ୍ସ !
ଉପାର୍ଜ୍ଜନ ଆଗେ କର ବହୁ ଅର୍ଥ,
ହେବୁ ବିଶ୍ୱ-ହିତ-ସାଧନେ ସମର୍ଥ ।
ଏହି ଯେ ସମ୍ମୁଖେ ଉଚ୍ଚ ଗିରିବର,
ସିନ୍ଧୁ ସମ ତାହା ରତ୍ନର ଆକର ।
କେତେ ରତ୍ନ ତାହା ଗର୍ଭେ ଠାବେ ଠାବେ,
ରହିଛି ବିକ୍ଷିପ୍ତ ଇତସ୍ତତଃ ଭାବେ ।
ତାହିଁ ବ୍ୟାଘ୍ରହତ କସ୍ତୁରୀ ମୃଗର,
ମୃଗନାଭି ଦାନା ପଡ଼ିଛି ବିସ୍ତର ।
ହରି-ବିଦାରିତ କରିଶିର-ମୋତି,
ବନଗର୍ଭେ ତାହିଁ ବିସ୍ତାରିଛି ଜ୍ୟୋତି ।
ସ୍ୱଚ୍ଛ ଶୁଭ୍ର କାନ୍ତ ମୃତ ହାତୀଦାନ୍ତ,
ଉଜ୍ଜ୍ୱଳାଏ ତାହିଁ ବନଗିରିପ୍ରାନ୍ତ ।
ତାହି ଶିଳାଜତୁ ବାଉଁଶ କର୍ପୂର,
ଅନାଦୃତ ପ୍ରାଏ ରହିଛି ପ୍ରଚୁର ।
ତାହିଁ ସର୍ଜ୍ଜରସ ଶାଳତରୁ ବଣେ,
ପଡ଼ି ରହିଅଛି ଭରଣେ ଭରଣେ ।
ମହା ମୂଲ୍ୟବାନ କେତେ ମହୌଷଧି,
ଅଛି ଏ ପର୍ବତେ ନାହିଁ ତା ଅବଧି ।
ଭୀଷଣ ବରାହ ଦନ୍ତ- ବିଦାରିତ,
କେତେ ହୀରଖଣ୍ଡ ରହିଛି ପତିତ ।
ବହୁ ରତ୍ନ ବହୁ ରତ୍ନରୂପାନ୍ତର,
ବହିଛି ଗର୍ଭରେ ଏହି ଗିରିବର ।
ସେ ସକଳ ତୁହି କରିବୁ ସଂଗ୍ରହ,
ଗିରି-ବନଗର୍ଭେ ଖୋଜି ଅହରହ ।
କଲେ ତାହା ନେଇ ନଗରେ ବିକ୍ରୟ,
ବହୁ ଅର୍ଥ କରିପାରିବୁ ସଞ୍ଚୟ ।
ଜନସେବା ତହିଁ କରି ମନୋମତ,
ଦେଖାଇବୁ ସେବାଯଜ୍ଞର ମହତ୍ତ୍ୱ ।
ଶୁଣି ସେବାବ୍ରତ ଋଷି ଉପଦେଶ,
ଲଭିଲା ଆନନ୍ଦ ଉତ୍ସାହ ବିଶେଷ ।
କଲା ତାଙ୍କ ପଦେ ସାଷ୍ଟାଙ୍ଗ ପ୍ରଣାମ,
ଭାବିଲା ହେଲା ମୋ ପୂର୍ଣ୍ଣ ମନସ୍କାମ ।
ସାଧୁ ଉପଦେଶ ପବିତ୍ର ମଙ୍ଗଳ,
ଦେବାଶିଷ ପ୍ରାୟେ ନ ହୁଏ ବିଫଳ ।
ଧରି ମନେ ପ୍ରାଣେ ଦୃଢ଼ ଏ ବିଶ୍ୱାସ,
ନିୟୋଜିଲା ଅର୍ଥସଂଗ୍ରହେ ପ୍ରୟାସ ।
ଅଟଳ ସଙ୍କଳ୍ପେ ସାଧେ ଯେ ସୁକାର୍ଯ୍ୟ,
ସାଫଲ୍ୟ ତାହାର ଭାଗ୍ୟେ ଅନିବାର୍ଯ୍ୟ ।
ଋଷି ଉପଦେଶ କରି ସେ ପାଳନ,
କଲା ବିପୁଳ ଅର୍ଥ ଉପାର୍ଜ୍ଜନ ।
ଅର୍ଥର ଅସାଧ୍ୟ ନାହିଁ ମହୀତଳେ,
ଅସାଧ୍ୟ ସୁସାଧ୍ୟ ହୁଏ ତାହା ବଳେ ।
ମିଥ୍ୟା ନୁହେଁ ଏହା ଭାଗବତ ବାଣୀ,
ଅର୍ଥବଳେ ସ୍ରୋତ ବହଇ ଉଜାଣି ।
ଜନହିତ କାର୍ଯ୍ୟେ ବହି ଅନୁରାଗ,
ଆରମ୍ଭିଲା ସେହି ଅର୍ଥେ ସେବାଯାଗ ।
ଅନାଥ ରୋଗୀର ପୀଡ଼ା ନାଶ ପାଇଁ,
ଦେଲା କେତେ ପଥ୍ୟ ଔଷଧ ଯୋଗାଇ

ନ ବାଗୁର କୁଳ ନ ବାଗୁର ଜାତି,
ପୀଡ଼ିତ ସେବାରେ ପୁହାଇଲା ରାତି ।
ଦୁଃଖୀ ରଙ୍କୀ ପାଇଁ କରି ବହୁ ବ୍ୟୟ,
ସଂସ୍ଥାପିଲା କେତେ ସୁରକ୍ଷାଳୟ ।
ଲୋକହିତକର ବହୁ ସତ୍କାର୍ଯ୍ୟରେ,
ବହୁ ଅର୍ଥ ଦାନ କଲା ଅଜାତରେ ।
ସବୁ ଦାନଠାରୁ ଶ୍ରେଷ୍ଠ ବିଦ୍ୟାଦାନ,
ବସାଇଲା ଦେଶେ ବିଦ୍ୟାଳୟମାନ ।
ଜ୍ଞାନବୃଦ୍ଧି ପାଇଁ ଗ୍ରାମବାସୀଙ୍କର,
ଖୋଲା ହେଲା ଗ୍ରାମେ ଗ୍ରାମେ ପାଠଘର ।
ଜଳାଭାବ ସ୍ଥାନେ ବହୁ ଭୂମି କିଣି,
ଖୋଲାଇଲା କେତେ କୂପ ପୁଷ୍କରିଣୀ ।
ସାଧୁ ସନ୍ଥ ଭିକ୍ଷୁ ଅତିଥି ସକାଶେ,
ସଦାବର୍ତ୍ତ ମଠ ହେଲା ପଥ ପାଶେ ।
ଅପଥରେ ହେଲା ସଡ଼କ ନିର୍ମିତ,
କେତେ ପାନ୍ଥଶାଳା ହେଲା ସଂସ୍ଥାପିତ ।
ଶ୍ରମିକଙ୍କୁ କର୍ମ ଯୋଗାଇବା ପାଇଁ,
ସ୍ଥାପିଲା ଆଦର୍ଶ କୃଷିକ୍ଷେତ୍ର ତାହିଁ ।
ବହୁ ଶିଳ୍ପଶାଳା ହେଲା ସଂସ୍ଥାପିତ,
ହେଲେ ଲୋକେ ବହୁ ବିଦ୍ୟାରେ ଶିକ୍ଷିତ ।
ଗ୍ରାମେ ଗ୍ରାମେ ଧର୍ମପ୍ରଚାର ନିମିତ୍ତ,
କେତେ ଧର୍ମଗୁରୁ ହେଲେ ନିଯୋଜିତ ।
ଏହିପରି ବହୁ କାର୍ଯ୍ୟେ ସେବାବ୍ରତ,
ମାନବ-ସେବାରେ ରତ ଅବିରତ ।
ସେବା-ଯଜ୍ଞେ ହେଲା ପୂର୍ଣ୍ଣ ପୂର୍ଣ୍ଣାହୁତି,
ପଶୁପକ୍ଷୀ ସେବା ଗଲା ନାହିଁ ଛାଡ଼ି ।
ବନ୍ୟ ଜୀବ ପାଇଁ ନିଦାଘ କାଳରେ,
ରଖାଇଲା ଜଳ ପର୍ବତ ଶିଖରେ ।
ଶୀତ ଉପଦ୍ରବୁ ଲଭିବାକୁ ତ୍ରାହି,
ଢଳା ହେଲା ଶୈଳେ ବନେ ନିଆଁ ତାହି ।
ସ୍ଥାନେ ସ୍ଥାନେ ତହିଁ ରଚିଲା କୁଟୀର,
ବର୍ଷାରେ ଆଶ୍ରିଲେ ତାହା ଜୀବବୃନ୍ଦ ।

ଏହିପରି କରି ବହୁ ଅନୁଷ୍ଠାନ,
ସେଥିପ୍ରତି ଦୃଷ୍ଟି ରଖିଲା ସମାନ ।
କୃତ ଅନୁଷ୍ଠାନ ସୁରକ୍ଷଣ ପାଇଁ,
ବହୁ ଅର୍ଥ ଖଞ୍ଜି କଲା ସବୁ ସ୍ଥାୟୀ ।
ବୟୋଧର୍ମେ ତାକୁ ଆକ୍ରମିଲା ଜରା,
ତେବେ ସେ ନ ଗଣେ ଶୀତ ବର୍ଷା ଖରା ।
ସମଭାବେ ସଦା ଧରି ସେବାବ୍ରତ,
ସେବାରେ ନିଯୁକ୍ତ ରହିଲା ସତତ ।
ବୃଦ୍ଧକାଳେ ସଦା ଯୁବକ ସମାନ,
କର୍ତ୍ତବ୍ୟ-ପଥରେ କଲା ଅଗ୍ରଯାନ ।
ସେବା ତାର ଧର୍ମ ସେବା ତାର ସ୍ୱର୍ଗ,
ସେବାକୁ ମଣେ ସେ ଶ୍ରେଷ୍ଠ ଅପବର୍ଗ ।
ସେବା ତାର ପ୍ରାଣ, ତପ ତାର ସେବା,
ସେବା ସର୍ବ ତୀର୍ଥ ଗଙ୍ଗା ଯମୁନା ରେବା ।
ଥିଲା ଦିନେ ସେ ନିଦ୍ରା ଅଭିଭୂତ,
ଦେଖିଲା ସେ ଏକ ସ୍ୱପନ ଅଦ୍ଭୁତ ।
ନାରୀମୂର୍ତ୍ତି ଏକ ଉଭା ହୋଇ ଶିରେ,
କହିଲା ତାହାକୁ ସୁକୋମଳ ଗୀରେ—
"ଚହ୍ନିଲୁ କି ମୋତେ, ମୁଁ ତୋର ସୁକୃତ,
ଆସିଲି ତୋ ପାଶେ ଧରି ଜ୍ୟୋତିର୍ମୂର୍ତ୍ତି ।
ହେଲାଣି ତୋହର ଆୟୁ ଅବସାନ,
କାଲି ସନ୍ଧ୍ୟାରେ ତୁ ବିସର୍ଜିବୁ ପ୍ରାଣ ।
ତବେ ତୋହ ପରି ଭାଗ୍ୟଧର କିଏ,
ଥିଲୁ ତୁ ଗୋଟିଏ ହେବୁ ରେ କୋଟିଏ ।
ଦେଖାଇଛୁ ତୁ ଯେ ମଙ୍ଗଳ ଆଦର୍ଶ,
ଅନୁକୃତ ତାହା ହେବ ବହୁ ବର୍ଷ ।
ସେ ମହା ଆଦର୍ଶ ଦେବତା-ଚାରିତ୍ର,
କୋଟି ପ୍ରାଣେ ହେବ ସୁପ୍ରତିଷ୍ଠିତ ।
କର୍ମଯାଗେ ଦୃଢ଼େ କରି ଅବଲମ୍ବ,
ଗଢ଼ିଲୁ ତୁ ନିଜେ ନିଜ କୀର୍ତ୍ତିସ୍ତମ୍ଭ ।
ତୋ କୀର୍ତ୍ତି-ଦୂଲାଳୀ, ସୁଯଶ-ଦୂଲାଳ,
ରଖିବେ ତୋହର ସ୍ମୃତି ଚିରକାଳ ।

ମାଟିଦେହ ବସ୍ତୁ ନୁହେଁ ରେ ଅମର,
କିନ୍ତୁ ଖାଣ୍ଟିଦେହ ତର ଅନଶ୍ୱର ।
ଅର୍ପିବ ତୋ କର୍ମ ତୋତେ ଉଚ୍ଚାସନ,
ଲଭିବୁତେ ଜନ୍ମ ତୋ ଭାଗ୍ୟଲିଖନ ।
ମାନବର ଇହଜନ୍ମର ସଂସ୍କାର,
ପରଜନ୍ମେ କରେ ପ୍ରଭାବ ବିସ୍ତାର ।
ତୋ କର୍ମ ମଧ୍ୟରେ ରହିବୁ ତୁ ବଞ୍ଚି,
କର୍ମ ମଧ୍ୟେ ସିନା କର୍ତ୍ତାର ବସତି ।
କର୍ମ ମଧ୍ୟେ କର୍ତ୍ତା କର୍ତ୍ତା ମଧ୍ୟେ କର୍ମ,
ବୁଝାଇଛନ୍ତି ଗୀତା ଏ ତତ୍ତ୍ୱର ମର୍ମ ।
କର୍ତ୍ତା କର୍ମର ଏ ଘନିଷ୍ଠ ସମ୍ବନ୍ଧ,
ବୁଝେ ତତ୍ତ୍ୱଜ୍ଞାନ, ବୁଝେ ନାହିଁ ଅନ୍ଧ ।
ସୃଷ୍ଟି, ସୃଷ୍ଟିକର୍ତ୍ତା ବ୍ରହ୍ମାଣ୍ଡ ଈଶ୍ୱର,
ଦୁହିଁଙ୍କର ସିନା ଦୁହେଁ ରୂପାନ୍ତର ।”
ଏହା କହି ଦେବୀ ହେଲେ ଅନ୍ତର୍ହିତ,
ସେବାବ୍ରତ ନିଦ୍ରା ଛୁଟିଲା ତ୍ୱରିତ ।
ସ୍ୱପ୍ନ କଥା ହେଜ ଭାବିଲା ଏସନ,
ସତେ କି ମୋ ପ୍ରତି ଦେବତା ପ୍ରସନ୍ନ ।
ହେବି ମୁଁ ବିମୁକ୍ତ ଭବ-କାରାଗାରୁ,
କି ଅଛି ସୌଭାଗ୍ୟ ବଳି ଏହାଠାରୁ ।
ମୃତ୍ୟୁ ପରେ ବନ୍ଧୁ ନାହିଁ କେହି ଆନ,
ଆଣିଦିଏ ସିନା ମୃତ୍ୟୁ ନବପ୍ରାଣ ।
ଗତେ ସେ ନୂତନ, ପ୍ରାଚୀନକୁ ତ୍ୟାଗି,
ଭୁଞ୍ଜେ ସୁଖଶାନ୍ତି ଜୀବ ତାହା ଲାଗି ।
ଏହା ଭାବି କିଛି ନ କହି କାହାକୁ,
ନମିଲା ଉଦ୍ଦେଶେ ଭଗବାନଙ୍କୁ ।
ନିତ୍ୟକୃତ୍ୟ ସାରି ରହି ଉପବାସେ,
ଇଷ୍ଟଦେବ ନାମ ଜପିଲା ଉଲ୍ଲାସେ ।
ଅସ୍ତ ହେଲେ ରବି ବୁଝିଲା ଆତପ,
ଏକ ମନେ ବସି କରୁଥାଏ ଜପ ।
ଆସିଲା ଏ କାଳେ ଘନ ଘନ ହାଇ,
ହାଇ ସଙ୍ଗେ ପ୍ରାଣ ଉଡ଼ିଗଲା ତାହିଁ ।

ପଡ଼ିଲା ସେ ତଳ ଯଥା ଛିନ୍ନତରୁ,
ବହିଗଲା ଧାରେ ଗରଳ ମୁଖରୁ ।
ଆଶ୍ରମବାସୀଏ ଆସିଣ ଦଉଡ଼ି,
ଦେଖିଲେ ଯାଇଛି ପ୍ରାଣ-ପକ୍ଷୀ ଉଡ଼ି ।
ମୃତ୍ୟୁବାର୍ତ୍ତା ହେଲା ତକ୍ଷଣେ ପ୍ରଚୁର,
ଗୁରୁଆଗେ ଗଲା ପଡ଼ି ହାହାକାର ।
ଏ ଅଦ୍ଭୁତ ମୃତ୍ୟୁ ଦେଖି ଋଷିବର,
ଫିଟିଗଲା ତାଙ୍କ ନେତ୍ର ଅଶ୍ରୁ ଝର ।
ଭାଷିଲେ—“ଆଶ୍ରମୁ ହେଲା ସୂର୍ଯ୍ୟ ଅସ୍ତ,
ଛିଡ଼ିଗଲା ଆଜ ମୋ ଦକ୍ଷିଣ ହସ୍ତ ।
ଘଟେ ଯାହା ଭାଗ୍ୟେ ଏ ସୁଖ-ମରଣ,
ସେ ସୌଭାଗ୍ୟବାନ ସତର ଭୁବନ ।
କେତେ ତପ ଫଳେ ତାହାର ଆଶିଷେ,
ଲଭିଥିଲି ମୁହିଁ ତୋହ ପରି ଶିଷ୍ୟେ ।
ତୋହୋ ଯୋଗୁଁ ମୁହିଁ ହେଲି ସିନା ଧନ୍ୟ
ଭାଗ୍ୟଧର ମଧ୍ୟେ ହେଲି ପୁଣି ଗଣ୍ୟ ।
ପ୍ରଦାନିବ ତୋତେ ତୋ ପୁଣ୍ୟ ବହନ,
ମୃତ୍ୟୁ ଆର ପାଶେ ଅମୃତ ଜୀବନ ।
ଯାଅ ବତ୍ସ, ଘେନ ମୋର ଆଶୀର୍ବାଦେ,
କର ସୁଖେ ସେବା ବିଶ୍ୱପତି ପାଦେ ।”
ଏହା ଭାଷି ଋଷି ସ୍ୱଇ ଶିଷ୍ୟଗଣେ,
ଆଦେଶିଲେ ଶବ-ସଂସ୍କାର ସାଧନେ ।
ତହୁଁ ଶିଷ୍ୟେ ନେଇ ମୃତପିଣ୍ଡେ ବହି,
ଶ୍ମଶାନରେ ଦେଲେ ଚିତାନଳେ ଦହି ।
ଚିତା ମଧ୍ୟୁ ଉଠି ଏକ ଜ୍ୟୋତି ସ୍ତୂପ,
ଚାଲିଗଲା ଉର୍ଦ୍ଧ୍ୱେ ହାତେଲି ସ୍ୱରୂପ ।
ଦେଖି ସେହି ଦୃଶ୍ୟ ଶବଦାହୀଚୟ,
ସ୍ତମ୍ଭୀଭୂତ ହୋଇ ରହିଲେ ବିସ୍ମୟ ।
ଦେଖିଲେ ସକଳେ ଚାହିଁ ଶୂନ୍ୟପଥେ,
ଯାଏ ସେବାବ୍ରତ ଜ୍ୟୋତିର୍ମୟ ରଥେ ।
ଜ୍ୟୋତିରୂପଧାରୀ ଦ୍ୱିପାଶେ ଦ୍ୱିଜଣ,
କରୁଛନ୍ତି ତାକୁ ଚାମରେ ବ୍ୟଜନ ।

ଉର୍ଦ୍ଧ୍ୱେ ଉଠି ରଥ ମହାଶୂନ୍ୟେ ଯାଇ,
ନ ଦିଶିଲା ଆଉ ଗଗନ ମିଳାଇ ।
ଜହ୍ନୁରେ ଉଦ୍ଦେଶେ କରି ଦଣ୍ଡବତ,
ଶାପଭ୍ରଷ୍ଟ ଦେବ ନଷ୍ଟେ ସେବାବ୍ରତ ।

ଶାପମୁକ୍ତ ହୋଇ ସେବାଧର୍ମ ପାଇ,
ଦେବରୂପେ ଗଲ ଦେବଦେଶେ ସ୍ପୃହି ।
ଚଳାଇସ୍ତୁ ବୋଲି ମସ୍ତକେ ସମ୍ଭ୍ରମେ,
ବାହୁଡ଼ିଲେ ଶିଷ୍ୟେ ଗୁରୁଙ୍କ ଆଶ୍ରମେ ।



# ଉତ୍କଳ ମିଳନ

# ଉପହାର

ଉତ୍କଳ ଗୌରବମଣି, ସାହିତ୍ୟରସିକ,
ସଜ୍ଜନ-ବାଞ୍ଛିତ ସର୍ବ ସଦ୍‌ଗୁଣ ଭୂଷଣ,
ଅଷ୍ଟମଲ୍ଲିକାଧୀଶ୍ୱର ହେ କିଶୋରଚନ୍ଦ୍ର,
ବାସ୍ତବରେ ଚନ୍ଦ୍ର ତୁମ୍ଭେ, କୀର୍ତ୍ତି-ଜ୍ୟୋତ୍ସ୍ନା ତବ
ବହୁଅଛି ଜ୍ୟୋତିର୍ମୟ ଉତ୍କଳ-ଗଗନେ ।
ରାଜ୍ୟ ହେତୁ ରାଜ୍ୟବାନ ନୁହଁ ତୁମ୍ଭେ ଦେବ,
ତୁମ୍ଭ ଯୋଗୁଁ ରାଜନ୍ୱତୀ ନିଶ୍ଚେ ରାଜ୍ୟ ତବ,
ଚନ୍ଦ୍ରଯୋଗୁଁ ଜ୍ୟୋତିଷ୍ମତୀ ପୌର୍ଣ୍ଣମାସୀ ଯଥା ।
ଧର୍ମ-ଯୁଧିଷ୍ଠିର ତୁମ୍ଭେ ପ୍ରକୃତ ପାଳନେ,
ବୀରତ୍ୱେ ମହତ୍ତ୍ୱେ ପୁଣି ଔଦାର୍ଯ୍ୟେ ପାଣ୍ଡିତ୍ୟେ
ଅଟ ତୁମ୍ଭେ ନୃପବର ଧନଞ୍ଜୟୋପମ,
ଦାନେ କର୍ଣ୍ଣ, ସଦାଚାରେ ଯୋଗପ୍ରାଣ ଯୋଗୀ
ଗିରିରାଜ ହିମାଳୟ ସହିଷ୍ଣୁତା ଗୁଣେ ।
କି ବର୍ଣ୍ଣିବି ନୃପ ତବ ଗରବ ମହିମା,
ବର୍ଣ୍ଣିବେ ଅକ୍ଷମ ତାହା ମୋ କ୍ଷୁଦ୍ର ଲେଖନୀ,
ନଗାଧିପ ପଞ୍ଚଧାର ପାଦହସ୍ତୀ ତବ,
ମନ୍ଦ-ବାରିଧାର ତାର ଦେଉଳ ନିର୍ଝର
ସ୍ୱଚ୍ଛ ସୁନିର୍ମଳ, ବହେ ତବ ରାଜ୍ୟେ ସଦା,
ହସେ କ୍ଷେତେ ଶସ୍ୟ-ଲକ୍ଷ୍ମୀ ତାହାରି ପ୍ରଭାବେ,
ବନ ତବ ରତ୍ନପୂର୍ଣ୍ଣ ଅକ୍ଷୟ ଭଣ୍ଡାର ।
କାବ୍ୟରସଗ୍ରାହୀ ତୁମ୍ଭେ, ନିଜେ ସାହିତ୍ୟିକ,
କବିତାର ଉପାଦାନେ ପୂର୍ଣ୍ଣ ତବ ରାଜ୍ୟ,
ତୁଙ୍ଗ ତୁମ୍ଭେ ସାହିତ୍ୟର ଗୌରବ ସର୍ବଥା,
ତବ ଅନୁକୂଲ୍ୟେ ଦେବ, ସାହିତ୍ୟ ଭଣ୍ଡାର
ହେଉଅଛି ମଣ୍ଡିତ ବହୁ ସତ୍‌ସାହିତ୍ୟରତ୍ନେ,
ତେଣୁ ଦେବ, ଅର୍ପିଲି ମୁଁ ତବ ପୁଣ୍ୟ କରେ
"ଉତ୍କଳ-ମିଳନ" କାବ୍ୟ, ଭକ୍ତି-ଉପହାର,
ଘେନନ୍ତୁ ସାଦରେ ଏହା, ଏତିକି ମିନତି ।

କଟକ
ତା ୧୯।୪।୩୬

ଶ୍ରୀ ଛାମୁଙ୍କର
ଏକାନ୍ତ ବଶମ୍ବଦ
ଶ୍ରୀ ଚିନ୍ତାମଣି ମହାନ୍ତି

# ଉତ୍କଳ ମିଳନ

ଦେଖିଲି ନିଶୀଥ କାଳେ ଅଦ୍ଭୁତ ସ୍ୱପନ—
ସହସା ବିଶାଳ ହୋଇ ନୈଶ ଅନ୍ଧକାର
ଫାଟିଗଲା ଊର୍ଦ୍ଧ୍ୱଦେଶେ, ସେହି ଛିଦ୍ରପଥେ
ଦିଶିଲା ଉଜ୍ଜ୍ୱଳ ଜ୍ୟୋତି—ସ୍ୱର୍ଣ୍ଣରେଖା ପ୍ରାୟ ।
ବିପାଶୁ ଆଲୋକ ଦେଇ ଅମ୍ବରେ ସେ ଜ୍ୟୋତି
ଧରିଲା ତୋରଣାକାର, ସେ ତୋରଣ ମଧ୍ୟ
ବାହାରିଲା ସ୍ୱର୍ଣ୍ଣରଥ—ମଣିମୁକ୍ତାଖଚି ।
ରଥୋପରି ଉପବିଷ୍ଟା ରତ୍ନ-ସିଂହାସନେ
ସ୍ୱଜାତିବତ୍ସଳା ଦେବୀ ମୂର୍ତ୍ତି—ଜ୍ୟୋତିର୍ମୟୀ,
ଗଠିତ ସେ ମୂର୍ତ୍ତି ଯେହ୍ନେ ଶଶାଙ୍କ ଜ୍ୟୋତ୍ସ୍ନାରେ ।
ଆହା କି ଅତୁଳ ରୂପ, ଭକ୍ତି ଆକର୍ଷକ,
କଳ୍ପନାରେ ସେ ରୂପକୁ ରୂପଦ ବିଧାତା
ନ ପାରନ୍ତ ଗଢ଼ି ଦେବେ, ପ୍ରତେ ହୁଏ ଯେହ୍ନେ—
ଗଢ଼ିଛନ୍ତି ନିଜେ ଦେବୀ ନିଜ ଦିବ୍ୟରୂପ
ନିଜ ମନୋମତ କରି ନିଜ କଳ୍ପନାରେ,
ନାହିଁ ତାର ଉପମା, ସେ ଉପମା-ଉପମା ।
ମଧୁର ସୁନ୍ଦର ମୂର୍ତ୍ତି, ମାତୃମୂର୍ତ୍ତି ଯଥା,
ଅମଳ-କମଳଜିତ ନୟନର ଦୃଷ୍ଟିରୁ
ଝରିପଡେ ମାତୃସ୍ନେହ, ହାସ୍ୟରୁ ଅମୃତ,
ପଙ୍କଜ ପ୍ରଭାରେ ଗଢ଼ା ଶିରର ମୁକୁଟ ।
ଶ୍ରୀଅଙ୍ଗରେ ବିଜଡ଼ିତ ସୂକ୍ଷ୍ମ ଝୀନ ବାସ
କୁସୁମ କେଶରେ ଗୁଣା, ରତ୍ନ-ଆଭାମୟ,
ସର୍ବାଙ୍ଗରେ ବିଭୂଷିତ ପୁଷ୍ପ ଅଳଙ୍କାର ।
ଖଚିଛନ୍ତି ଖଟଣୀରେ ଅପ୍ସରମଣ୍ଡଳୀ,
ଧରିଛନ୍ତି କେ ଛତ୍ର, କେହି ଢାଳୁଛନ୍ତି ଚାମର,
କେ ସଞ୍ଚାଳେ ଖଡ଼ି, କେ ଉଡ଼ାଏ ପତାକା ।

କିଏ ସେ ଛାମୁରେ ଭକ୍ତ ସ୍ୱର୍ଣ୍ଣାଳଟ ଧରି
ଉଭା ଯଥା ସୂର୍ଯ୍ୟମୁଖୀ —ସୂର୍ଯ୍ୟ ପ୍ରିୟସଖୀ
ଶିଶିର ସମ୍ରାଜ୍ଞୀଙ୍କର ଆଲଟଧାରିଣୀ ।
ବାଜେ ଶଙ୍ଖ, ବେଣୁ, ବୀଣା, ମୃଦଙ୍ଗ ମନ୍ଦିର
ଶୁଣି ସେ ସ୍ତୁତିର ସ୍ୱର —ମଧୁର, କୋମଳ
ଉଚ୍ଛୁସି ଉଠୁଛି ହିଆ ଅଜ୍ଞାତ ଆନନ୍ଦେ ।
ଉଡୁଅଛି ଫରଫରେ ଧବଳ ନିଶାଣ,
ଖେଳନ୍ତି ମୀନାଳୀ ଯଥା ସାଗରେ ଚହଟି ।
ଆସିଲା ତଳକୁ ଖସି ହିରଣ୍ମୟ ରଥ
ପ୍ରଦୀପ ପଞ୍ଜୁରୀ ପ୍ରାୟ, ହେଲା ଅବସ୍ଥିତ
ଦାରୁବ୍ରହ୍ମ-ଅଧିଷ୍ଠିତ ନୀଳାଚଳ ଧାମେ—
ଚନ୍ଦ୍ରଶୁଭ୍ର-ତାରକିତ ବାରିଧି ବେଳାରେ,
( ତୀର୍ଥରାଜ ମହୋଦଧି ଚୁମ୍ବେ ଯା ଚରଣ
ଉଚ୍ଚାରି ଓଁକାର ଧ୍ୱନି ଗଭୀର ନିର୍ଘୋଷେ )
ରଥୋପରୁ ଉପବିଷ୍ଟା ସେ ଅଜ୍ଞାତ ଦେବୀ
ଚାହିଁ ନୀଳଚକ୍ରଚୂଡ଼ ଶ୍ରୀମନ୍ଦିର ପ୍ରତି,
ନମିଲେ ଭକ୍ତିରେ—ଯୋଡି କରପଦ୍ମ ଯୁଗ ।
କିଏ ସେ ସେ ଦେବୀ, ତାକୁ ନ ପାରିଣ ଚହ୍ନି
ଘାଣ୍ଟି ହେଲା ପ୍ରାଣ-ମନ— ଦ୍ରୁତ ଅବିରତ—
ପରିପୂର୍ଣ୍ଣ ଆଗ୍ରହର ଅଧୀର ଆବେଗେ ।
ଏ ଭାବେ ପଡ଼ନ୍ତେ ଦୃଷ୍ଟି ରଥଧ୍ୱଜ ପରେ,
ଦେଖିଲି ଅଙ୍କିତ ତହିଁ ସୁବର୍ଣ୍ଣ ଅକ୍ଷରେ—
"ଉକେ ସ୍ୱଜାତିବତ୍ସଳା ଉତ୍କଳ ଜନନୀ
କୋଟିତୀର୍ଥଦ୍ୱାରମୟୀ, ସୁଜଳା, ସୁଫଳା ।"
ତୁଟିଲା ସନ୍ଦେହ ମୋର, ହେଲି ମୁଁ ଲଜ୍ଜିତ,
କି ଦୁର୍ଭାଗ୍ୟ, ସୁତ ହୋଇ ନ ପାରିଲି ଚିହ୍ନି

ନିଜ ଜନନୀଙ୍କୁ ମୁହିଁ—କୃତଘ୍ନ, ଅଧମ !
'ଉଚ୍ଛୁଳି ଉଠିଲା ହୃଦ ଅନୁଶୋଚନାରେ,
ନିଜକୁ ଧିକ୍କାରୁଥାଇ କଲା ନିଜ ମନ ।
ଚିହ୍ନାନ୍ତି କେମନ୍ତେ ଅବା, ଦୀନା ମାତା ମୋର
ସ୍ୱଭଗ୍ନେଶ୍ୱରୀ ବେଶ ଧରିଛନ୍ତି ଆଜ,
ଏ ମହାପରିବର୍ତ୍ତନ ଅତି ଅଭାବିତ,
ଭୁଞ୍ଜିବା ସହଜ ନୁହେଁ ହଠାତ ଦୃଷ୍ଟିରେ,
ଯାହା ହେଉ, ଅପରାଧ—ଏ ମାତୃ-ବିସ୍ମୃତି,
ଅନୁତାପ ଏ ପାପର ମହା ପ୍ରାୟଶ୍ଚିତ୍ତ,
ନମିଲି ଜନନୀ ପଦେ ଅଷ୍ଟାଙ୍ଗ ଲୋଟାଇ ।
ଆଶୀର୍ବାଦ କରି ଦେବୀ ମୃଦୁ ମଧୁହାସ୍ୟେ,
ଆଦେଶିଲେ ବସିବାକୁ ଶ୍ରୀହସ୍ତ ସଙ୍କେତେ ।
ବସିଲି ବାଲୁକା-ଶେଯେ, କୋମଳ, ଶୀତଳ,
ମାତୃଅଙ୍କ ପ୍ରାୟେ ତାହା ଦୁଃଖତାପହର ।
ପ୍ରବେଶିଲେ ଏ ସମୟେ ସନ୍ନ୍ୟାସିନୀ ଜଣେ
ଗୈରିକବସନା, କଣ୍ଠେ ରୁଦ୍ରାକ୍ଷର ମାଳା,
ଶୋଭେ ମଣିବନ୍ଧେ ଗୁରୁ ରୁଦ୍ରାକ୍ଷ ବଳୟ,
ଜ୍ୟୋତିର୍ମୟ ତନୁ ଗଢା ଅତସୀ ପ୍ରସୂନରେ ।
ମୂର୍ତ୍ତେ ହୁଏ ଯେହ୍ନେ ଦୟା, କ୍ଷମା ବା ତପସ୍ୟା
ଏ ତିନିଙ୍କ ମଧ୍ୟୁଁ କେହି ସନ୍ନ୍ୟାସିନୀରୂପେ
ଉପଗତ ଆସି, କିମ୍ବା କେଉଁ ଦେବବାଳା
ଭ୍ରମନ୍ତି ବେଳାରେ ଆସି ଛଦ୍ମବେଶ ଧରି ।
ଦେଖିଲେ ସେ ମୂର୍ତ୍ତି, ଭକ୍ତି ବଳେ ବଳେ ଯାଇ
ବୋଲି ହେବ ଶିରେ ତାର ପୁଣ୍ୟ ପଦରେଣୁ,
ସୁବର୍ଣ୍ଣ ଥାଳୀରେ ଧରି ଜଳ ପାଟଶାଢ଼ୀ
ଗୁରୁ ଜରି ଧଡ଼ି, ଥୋଇ ତାହା ଭେଟିରୂପେ
ଦେବୀଙ୍କ ଛାମୁରେ, ତାଙ୍କୁ ନମିଲେ ତାପସୀ,
ନମେ ଯଥା ଶାନ୍ତ ଶିଷ୍ୟା ଉପାଧ୍ୟାୟା ପଦେ ।
ସସ୍ନେହେ ଉଠାଇ ତାଙ୍କୁ ଉତ୍କଳ ଜନନୀ
ଭାଷିଲେ ମଧୁରେ, "ଜୟ ପଞ୍ଚାମ ଧରଣି,
ଭବତୀର୍ଥ ହାରବକ୍ଷା ଗିରିରାଜ୍ୟମୟୀ,
କୁଶଳ ତ? ଆସ ସଖି, ବସ ମୋ ପାଶରେ ।"

ଏକ ସିଂହାସନ ପରେ ବସିଲେ ଉଭୟେ,
ଶ୍ରଦ୍ଧା ପ୍ରୀତି, କିମ୍ବା ଶକ୍ତି ସାଧନା ଯେସନ,
ଅଥବା ପୂର୍ଣ୍ଣିମା ସହ ଜ୍ୟୋତ୍ସ୍ନାରାଣୀ ଯଥା ।
ଭାଷିଲେ ତାପସୀ—"ଦେବି, ଚାହିଁଛ କୁଶଳ
ମୋର, ନାହିଁ ତାହା ସଙ୍ଗେ ସ୍ୱପ୍ନରେ ସାକ୍ଷାତ,
ଯେଉଁ ଦିନ ତୁମ୍ଭ ସଙ୍ଗେ ଘଟିଲା ବିଚ୍ଛେଦ,
ସେ ଦିନୁ ବହିଛି ଏହି ସନ୍ନ୍ୟାସିନୀ ବେଶ,
କେଜାଣି କି ପୂର୍ବ ପୁଣ୍ୟେ ରହିଛି ଜୀବନ ।
ଭାବୁଥିଲି ମନେ ମନେ ଆସିବା ସମୟେ—
ବହୁଦିନ ଅଦର୍ଶନେ ମୋତେ ଅବା ଦେବୀ
ଯାଇଥିବେ ଭୁଲି, କିନ୍ତୁ ଦେଖିଲି ପ୍ରତ୍ୟକ୍ଷେ
ବିପରୀତ ତାର, ହେଲି ପରାଜିତ ମୁହିଁ ;
କିନ୍ତୁ ସେହି ପରାଜୟେ ମଣୁଛି ସୌଭାଗ୍ୟ !"
ଭାଷିଲେ ମଧୁର ହାସ୍ୟେ ଉତ୍କଳ ଜନନୀ—
"ଭୁଲିବ ତାହାକୁ ସଖି, ହାୟ, ତୁମ୍ଭକୁ ନା,
ତୁମ୍ଭେ ମୋର, ମୁଁ ତୁମ୍ଭର, ତୁମ୍ଭେ ମୋର ଅଙ୍ଗ,
ଶାଖାକୁ କି କେତେବେଳେ ଭୁଲିପାରେ ଲତା,
କିମ୍ବା ଶରୀରକୁ ପ୍ରାଣ, ଅସମ୍ଭବ ତାହା ।
ଜାଣ ତ ମୋ ଦୁଃଖ, ହସ୍ତ-ପଦ-ଶିର ମୋର
ରହିବାରୁ ବାହାରଙ୍କ ଭିନ କାରାଗାରେ,
ଭୁଞ୍ଜିଛି ମୁଁ ଯେ ଦୁର୍ଗତି, କହି ନୁହେଁ ତାହା
ବର୍ଣ୍ଣି ନୁହେଁ ତାହା କୋଟି ସାରସ୍ୱତ ତୁଣ୍ଡେ,
ଶୁଣିଲେ ତା ଫାଟିଯିବ ପାଷାଣ-ହୃଦୟ ।
ହଲିବାକୁ ସୁଦ୍ଧା ମୋର ଥିଲା ନାହିଁ ଗତି,
ଧରି ଖାଲି ଗଣ୍ଡି ଗଣ୍ଡ ରହିଥିଲି ପଡ଼ି
ନିସ୍ପନ୍ଦ ଅସାଡ଼ ହୋଇ, ହରାଇ ଚେତନା,
ବହୁଥିଲା ଶ୍ୱାସ ମାତ୍ର ଅତି କ୍ଷୀଣଧାରେ ।
ପାଳି ଲାଳି ରଖିଥିଲି ପୁତ୍ରପାରୁ ବଳି
ଯେଉଁ ଭଗ୍ନୀସୁତେ, ହାୟ ହେଲେ ସେ ଉଦାସୀ,
ମୋ ସ୍ନେହର ପ୍ରତିଦାନ ଦେଲେ ଏହି ଭାବେ,
ଯୁଗଧର୍ମ ତାହା, ସବୁ ଏ ଯୁଗେ ସମ୍ଭବ ।
ଭୁଞ୍ଜିଛି ତ ଦେଖେ ତୁମ୍ଭେ ତେଲଙ୍ଗା-ଦୌରାତ୍ମ୍ୟ,

ମିଶାଇ ନ ଦେବା ପାଇଁ ତୁମ୍ଭଙ୍କୁ ମୋ ସଙ୍ଗେ
ଫାନ୍ଦିଲେ ସେ କେତେ କୂଟ, କେତେ ମାୟାଜାଲ,
ମିଥ୍ୟା ପ୍ରତାରଣା ସୁଦ୍ଧା ନ ଲଭିଲ ନାହିଁ ।
ଆଉ ଜଣେ ପୁଅ ମୋର୍ ଗୁଣଜ୍ଞ ବୀରେନ୍ଦ୍ର
ସାସମଲ ପାଇଛନ୍ତି ବଙ୍ଗ ହାଓଆରେ,
ଉଦ୍ର ତାକୁ ଗିଳଗଲା ତାହାର ବୀରତ୍ୱ ।
କିସ ବା କହିବ ସଖି ତାର ଅତ୍ୟାଗ୍ରୁର,
କହିଲେ ତା ପାପ, ପୁଣି ଶୁଣିଲେ ବି ପାପ ।
ନ ହେଲା କୁଣ୍ଠିତ ସେହୁ ନିଜ ଭାଇ ଦେହୁଁ
କରିବାକୁ ରକ୍ତପାତ, ଅହୋ କି ଦୁର୍ବୁଦ୍ଧି !
ହେଲେ ପଛେ ମାତୃଦ୍ରୋହୀ ହେଉ ସେ ବୀରେନ୍ଦ୍ର,
କିନ୍ତୁ ମୋର ମାତୃସ୍ନେହ ତା ପ୍ରତି କଦାପି
ହେବ ନାହିଁ ତିଳେ ଊଣା, କ୍ଷମିଛି ମୁଁ ତାକୁ,
ମାତାର ସମାନ ଦୟା ସୁପୁତ୍ରେ, କୁପୁତ୍ରେ ।
ଯେତେ ଘୃଣା କରୁ ପଛେ ମୋତେ ସେ ବୀରେନ୍ଦ୍ର
ମାଆ ବୋଲି ଡାକିବାକୁ, ପୁଣି ହେଉ ପଛେ
ଗୋବଦ୍ଧନ୍ଧ୍ରା ପିତ, ମାତ ସ୍ନେହରେ ତାହାକୁ
ସ୍ମରିବ ମୁଁ ପୁତ୍ର ବୋଲି ବଞ୍ଚିଥିବା ଯାଏଁ,
ମାତାର ମାତୃତ୍ୱ କେବେ ଭଜେ ନାହିଁ ଲୟ ।
ବଙ୍ଗ ବି ସାଧିଲା ବାଦ କି କୁଗ୍ରହ ଫଳେ,
ଭଉଣୀ ହୋଇ ସେ ମୋର୍ ହେଲା ସହଚରୀ
ହୃତ ପେଷି ମୋ ବକ୍ଷରେ ପ୍ରବଳେ ପ୍ରହାର
ଘଟାଇଲା ବଦ୍ଧ ମୋର ଅଙ୍ଗସଂଯୋଗରେ,
ନ କଲା ଉପ୍ରୋଧ ତିଳେ ଭଉଣୀ ବୋଲି ସେ
ମୃଗଲକେ ଚକ୍ଷୁଲକେ ଦେଇ ଜଳାଞ୍ଜଳି,
ମାୟା ମମତାର ମୁଣ୍ଡ ଶ୍ରାଦ୍ଧ କଲା ଭଗ୍ନୀ ।
ସୁକ୍ଷଣ ବି ପୁତ୍ର ମୋର ସ୍ତନ୍ୟଦାନେ ତାକୁ
ଥିଲି ମୁଁ ବଢାଇ, ସେହି ସ୍ନେହଋଣ ମୋର
ଶୁଝିଦେଲା ସେହୁ ଦେଇ ମନସ୍ତାପ ମୋତେ,
ଏ ଆଦର୍ଶ ଏବା ତାକୁ ଦିଶିଲା ସୁନ୍ଦର ।
କେତେ ଆଶା କରିଥିଲି ତାକୁ ମୁଁ ଅଭାଗୀ
ଫେରିବ ବୋଲି ସେ ମୋର ଦୁର୍ଦ୍ଦିନ କ୍ଷଣେ,
କିନ୍ତୁ ହାୟ, କି କହିବ, କେଡେ ଲଜ୍ଜାକଥା,
ଗର୍ବିତନ୍ତ୍ର ଏବା ସାର ହେଲା ମୋ କପାଳେ ।
ଚଢିଥିଲା ମୋ କଳ୍ପନା ତାଳଗଛ ଶିରେ,
ଖସିପଡି ଚୂର୍ଣ୍ଣୀଭୂତ ହେଲା କେଡେ ବେଗେ ।
ଦେଖି ତାର ସତ୍ସାହସ, ପ୍ରଖର ପ୍ରତିଭା
ଆଦର ଯୋଗ୍ୟତା, ଗର୍ବ କରୁଥିଲି ମନେ,
ସୁଦ୍ଧା ସେ ଗର୍ବ ମୋର ଭାଙ୍ଗିଦେଲା ସଖି !
ବିଦେଶରୁ ପୁଅ ମୋର ଉଚ୍ଚଶିକ୍ଷା ପାଇ
ଆଣିଥିଲା ମୋ ଲାଗି ସେ ଏହି ଉପହାର ।
କିନ୍ତୁ ସେଥିପାଇଁ ମୋର ନାହିଁ କିଛି ଦୁଃଖ,
ଯାହା କରୁ ପଛେ, ସେ ତ ଯୋଗ୍ୟପୁଅ ମୋର
ବହୁଛି ମୋହରି ରକ୍ତ ଦେହରେ ତାହାର,
ପାରିବ ବୁଝି ସେ ଦିନେ ତାହାର ଏ ଭ୍ରମ,
ସେ ଦିନ କରିବ ନିଶ୍ଚେ ବହୁ ଅନୁତାପ ।
ପଶ୍ଚିମରେ ସେହିପରି ହିନ୍ଦୀଭାଷୀ ଜନେ
ଲଗାଇଲେ କେତେ ହଠ, ଗାନ୍ଧୀ ବଦଳରେ
ପିନ୍ଧାଉଥିଲେ ସେ ମୋତେ କୁଟିଆ ଘାଗରା
କେଡେ ଦୁଃସାହସ, ଅହୋ, କି ଦୁରଭିସନ୍ଧି !
ମୋତେ ଗ୍ରାସ କରିଥିଲେ ପୂର୍ବ ଆନ୍ଧ୍ରା ପରି
ସେଠଙ୍କର ମୋଟା ପେଟେ ଉଗ୍ର ଦୁରାକାଙ୍କ୍ଷା ।
ଏ କାଳେ ମିଳିଲେ ଆସି ଜନୈକ ପୁରୁଷ
ବିଶାଳ ପ୍ରଥୁଳ ବପୁ, ସୁନ୍ଦର, ସୁଶୀଳ,
ଜଣେ ଇନ୍ଦ୍ରନୀଳ ପ୍ରଭା କଳେବର ଜ୍ୟୋତି,
ଗମ୍ଭୀର ମଧୁର ମୂର୍ତ୍ତି ଇନ୍ଦୀବରେ ଗଢା ।
କଣ୍ଠେ ଶୁଭ୍ର ଉପବୀତ, ମସ୍ତକେ ମୁକୁଟ
ପାଷାଣେ ନିର୍ମିତ, କର୍ଣ୍ଣେ ପାଷାଣ କୁଣ୍ଡଳ
କେୟୂର ବଳୟ ଆଦି ସର୍ବ ଅଳଙ୍କାର
ସ୍ତୁତ୍ତାକୁ ତୁଳି ବିମ ପାଷାଣେ ଗଠିତ ।
ସେ ପୁରୁଷ ଭେଟିବୁପେ ଦେବୀଙ୍କ ଛାମୁରେ
ଥୋଇ ରକ୍ତ-ଆମଳକୀ, ସୁପକ୍ୱ ତମାଳ
ଶାଳପତ୍ର-ପୁଟେ, କଲେ ସାଷ୍ଟାଙ୍ଗ ପ୍ରଣାମ ।
ଆଶୀର୍ବାଦ କରି ଦେବୀ ଭାଷିଲେ ତୋମକେ—

"ଉଠ ଉଠ ବତ୍ସ, ମୋର ଗିରି-ରହବର୍ତ୍ତୀ
ମହେନ୍ଦ୍ର, ମହେନ୍ଦ୍ର ସମ ଅତୁଳ ଧନକ ।
ତୁହି ମୋର ଗୌରବର ସ୍ୱର୍ଣ୍ଣ ମାନଦଣ୍ଡ
ଜହ ବତ୍ସ, କହ ତୁହି କହିଁ ଆଗମନ ?"
ଉଠିଣ ପ୍ରଣ୍ଡୁ ଭକ୍ତି, ଯୋଡ଼ି ବେନି କର
କହିଲେ ବିନୟେ—"ଦେବି, ଆସିଲି ମୁଁ ଆଜ
ତୁମ୍ଭ ପୂର୍ଣ୍ଣ ମାତୃମୂର୍ତ୍ତି ଦର୍ଶନ ମାନସେ ।
ମହାନନ୍ଦ ଦିନ ଆଜ, ମହା ଶୁଭଦିନ,
ହେବ ମାତୃପାଦ ହେଲି କୃତାର୍ଥ, ପାବନ ।
ଆନନ୍ଦ ପ୍ରକାଶ ପାଇଁ ମିଳନ ଉତ୍ସବେ
ଭବ, ବସିଥିଲେ ଗିରିସଭା ମୋ ଶିଖରେ
ଆଜ, ଗଞ୍ଜାମର ସର୍ବ ଗିରିଗୋଷ୍ଠୀ ଜହ୍ନି
ହୋଇଥିଲେ ସମବେତ, ପରମ ଆଗ୍ରହେ ।
ଆସିଥିଲା ପାରଳାରୁ ତୁଙ୍ଗ ଦେବଗିରି
ଦେବତା-ନିବାସ, ଯହିଁ ଦେବବାଳାକୁଳ
ଖେଳନ୍ତି କୌତୁକେ ନାଚି ସୁନ୍ଦରୀ ସ୍ୱଚ୍ଛରେ—
ଉତ୍ପ୍ରେକ୍ଷ ପ୍ରିୟକେମା ଫୁଲ ସହିତରେ ।
ଟିକିଲିରୁ ଆସିଥିଲା "ମାଳାମ୍ମା" ପର୍ବତ,
ବିହରନ୍ତି ମୂଳେ ଯାର ନୀଳ ସରସ୍ୱତୀ
ସୁରୁ ଲତାକୁଞ୍ଜ ମଧ୍ୟେ, ତପସ୍ୱିନୀ ପ୍ରାୟ,
ଅଦୂରେ ସାଗରଶୋଭା ଶତଦଳ ବନ
ସେବେ ତାଙ୍କୁ ଭକ୍ତରୂପେ ସୁରଭି ସମ୍ଭାରେ ।
ବାଣ ବିନ୍ଧି ଗର୍ଭ ଯାର ଦେଇଛି ଫୁଟାଇ
ଭୀମକର୍ମୀ ଭୀମସେନ—ପବନନନ୍ଦନ,
ଅଦ୍ୟାପି ସେ ଚିହ୍ନ ତାର ରହିଛି ଅକ୍ଷତ,
ଆସିଥିଲା ସେ ଭୀଷଣ କାନ୍ତଗଳା ଗିରି ।
କବିତୀର୍ଥ ଧରାକୋଟ୍ଟୁ "ଶୂଳିଆ" ଶିଖରୀ
ଆସିଥିଲା ଗହଣରେ ଢଳବଳ ଘେନି,
ରଚନ୍ତି ପାଶ୍ୱେ ଯହିଁ ଧରାକୋଟେ ନାହା,
ବ୍ୟାଘ୍ରବଧୂ ବାଘୁଣୀକୁ କୋଳରେ କନାଇ ।
ଆସିଲା ଖେମଣ୍ଡୀ ମାଳୁ ଗିରି "ସିଂହସ୍ୱର",
ଅନୁଜ ସେ ମୋର, ତାର ସର୍ବୋଚ୍ଚ ଶିଖର
ଦିଶେ କୃଷ୍ଣ ସିଂହ ପ୍ରାୟ, ବିକଟ-ଭୟଦ ।
କୌସ୍ତୁଭ ପଦକ ସମ ଶୋଭେ ବକ୍ଷେ ତାର
"ତପ୍ତ ପାଣିଝର" କୁଣ୍ଡ—ତପ୍ତ ଜଳେ ପୂର୍ଣ୍ଣ,
ଶିଖର-ସମ୍ରାଟ ସେହୁ ମାଳ ପ୍ରଦେଶରେ ।
ଆସିଲା କେରଣ୍ଡିମାଳ ଖେମଣ୍ଡୀ ରାଜ୍ୟରୁ,
ଯା ଚୂଡ଼େ ବିଶ୍ରାମି ରବି ହୁଏ ଅସ୍ତଗତ ।
ଅଷ୍ଟବକ୍ର ଗିରି-ଯୋଗୀ, ଘେରିଥାନ୍ତି ତାକୁ
ବହୁ କ୍ଷୁଦ୍ର ଗିରି, ଶିଷ୍ୟେ ଗୁରୁଙ୍କୁ ଯେସନ ।
ପୁଣ୍ୟ ସାରସ୍ୱତ ତୀର୍ଥ ଘୁମୁସର ରାଜ୍ୟୁ
ଆସିଥିଲା "ବୁଧସର", ପ୍ରକୃତି-ରାଣୀର
ପାଠଶାଳା ସେହୁ, ବସି ଶିଖରେ ତାହାର
ସ୍ୱର ଟେକି ଭଞ୍ଜକାବ୍ୟ ଗାଆନ୍ତି ଗନ୍ଧର୍ବେ ।
ଶୁଣି ସେ ଅମୃତ ଗୀତ ଭଞ୍ଜବନ୍ତ-ସ୍ମୃତି
ଜେଇଁ ଉଠେ ଉତ୍କଳୀ ହୃଦେ, କାନ୍ଦନ୍ତି ସେ
ମହାଶୋକେ ନୀରବରେ ଶିଖିପୁତ୍ର ଭେକ,
କାନ୍ଦନ୍ତି ଆବର ବନେ ପଶୁପକ୍ଷିକୁଳ ।
ଆସିଥିଲା ଖଲ୍ଲିକୋଟୁ ତୁଙ୍ଗ "କୁଣ୍ଡଗିରି",
ମୃଦୁ କୁହୁ କୁହୁ ସ୍ୱରେ ଧୋଇ ତା ଚରଣ
ପବିତ୍ର "ନିର୍ମଳଝର" ବସନ୍ତ-ସମୟେ
ଭେଟେ ତାକୁ ନାଗେଶ୍ୱର ସୁବାସ ସମ୍ପଦ ।
ଆସିଥିଲା ସଙ୍ଗେ ତାର ଛତ୍ରପତ ଗିରି
ନାମାନ୍ତର "ନାରାୟଣୀ" ପର୍ବତ ତାହାର,
ତୀବ୍ର ବିଷମୟ ସଦା ସେ ପର୍ବତ ବାୟୁ
ଅହିରାଜ ସର୍ପଶ୍ୱାସେ, ନିଶୀଥେ ଶିଖରେ
ଗର୍ଜେ ମହାବଳ ବ୍ୟାଘ୍ର, ସେ ଭୀମ ଲୁହାଟେ
କମ୍ପି ଉଠେ ବନସ୍ଥଳୀ, କମ୍ପି ଉଠେ ଗିରି,
ଝଡ଼ପଡ଼େ ବୃକ୍ଷ, ଫଳ, ବନବାସୀ ଜନେ
ଗଣନ୍ତି ପ୍ରମାଦ ଭୟେ ଉନ୍ନିଦ୍ର ହୋଇ ।
ଦାରୁଣ କରୁଣ ସ୍ମୃତି ବହୁଛି ସେ ଗିରି,
ସେହିଠାରୁ ଜନନି ଗୋ ଶ୍ରୀଅଙ୍ଗ ତୁମ୍ଭର
ହୋଇଥିଲା ଛିନ୍ନଭିନ୍ନ, ସେ କାଳେ ମୁଁ ହାୟ,
କେତେ ଯେ କାନ୍ଦିଛି, ତାହା କହି ନୁହେଁ ଗିରେ ।

ସେହି ଅଶ୍ରୁଧାର୍ ମୋର୍ ବହୁଛି ଅଦ୍ୟାପି
ନଦୀରୂପେ-"ସ୍ୱର୍ଣ୍ଣମୁଦ୍ରା," "ମହେନ୍ଦ୍ର-ତନୟା"
ନାମେ, ନ ଶୁଖେ ସେ ଅଶ୍ରୁ ତପନ ତାପରେ;
ସେ କାଳୁ ହୋଇ ମୁଁ ନିଜ ମାତୃଅଙ୍କଚ୍ୟୁତ
ପଡ଼ି ରହିଥିଲି ଯାଇ ପର ପାଦତଳେ ।
ଥାଉ ସେ ପ୍ରସଙ୍ଗ, ଥାଉ କି ଫଳ ତହିଁରେ
ସେ ଅତୀତ ଉଦ୍‌ବୋଧନେ ବାକ୍ୟବ୍ୟୟ ବୃଥା !
ଆସିଥିଲି ସେ ସଭାକୁ "ଘଣ୍ଟଶିଳା" ଗିରି
ଚଲିକା ମଧ୍ୟରୁ, ରୁଦ୍ର ଚଲିକା ତରଙ୍ଗ
ଚୌପାଶୁଁ ପ୍ରହାରି ତାକୁ ପ୍ରକାଶେ କ୍ଲୀବତା ।
ପକ୍ଷିରାଜ୍ୟ ସେ ପର୍ବତ, ନାନାଜାତି ପକ୍ଷୀ
କରନ୍ତି ବାସ ତହିଁ ସ୍ତରୁଷାନୁକ୍ରମେ
ନିର୍ଭୟେ ନିରୁପଦ୍ରବେ, ନିଶ୍ଚିନ୍ତ ମାନସେ ।
ଆସିଥିଲା "ତାଳଗୁଡ଼" ସୁରଙ୍ଗୀ ମଣ୍ଡଳୁ,—
ଅଭ୍ରଜ୍ୟୋତିଦୀପ୍ତ ଯଥା ତପଦୀପ୍ତ ତପୀ,
ଯା କନ୍ଦରେ ବସି ଭକ୍ତ ଦୀନବନ୍ଧୁ ରାଜ
ରତ ଥିଲେ ନିତାନ୍ତେ ବାଣୀ-ଆରାଧନେ,
ରଚୁଥିଲେ କାବ୍ୟକଳା ରାଜଯୋଗ ତେଜ,
ସେହି ସାରସ୍ୱତ ଦରୀ ହୋଇଛି ଏ କାଳେ
ବ୍ୟାଘ୍ର ଭଲ୍ଲୁକର ପ୍ରିୟ ଅଭିସାର ସ୍ଥଳୀ ।
ସାହିତ୍ୟ-ସାଧନା-ଧନ୍ୟ ଟଙ୍କଟି ରାଜ୍ୟରୁ
ଆସିଥିଲା "କୃଷ୍ଣଗିରି", ଯବେ ତାହା ଶିରେ
ପିନ୍ଧାଏ ସୁବର୍ଣ୍ଣଚୂଡ଼ା ଦାବାନଳ ଶିଖା,
ରଜତକେଶ୍ୱର ମୂର୍ତ୍ତି ଧରେ ସେ ସେକାଳେ ।
ଆସିଥିଲେ ଇଚ୍ଛାପୁରୁ ଯାମଳ ସୋଦର
ପୀରଗିରି, ଚୁଙ୍ଗିଗିରି,—ସୁନ୍ଦର-ଦର୍ଶନ ।
ଏହିପରି କେତେ ଗିରି ହୋଇଥିଲେ ଠୁଳ
ସେ ମହାସଭାରେ, ନାହିଁ କଳନା ତାହାର,
ସଂକ୍ଷେପେ ଏତିକି ମାତ୍ର ନିବେଦିଲି ଦେବୀ ।
ଉତ୍କଳ ମିଳନ ବାର୍ତ୍ତା କୁଅନ୍ତେ ପ୍ରସ୍ତର
ପୃଥୁଳ ଆନନ୍ଦ ରବେ ପୂର୍ଣ୍ଣ ହେଲା ସଭା,
ଶତେକ ବାରୁଣ୍ଡ ଆସି ବହୁଦିନ ପରେ

ପୁତ୍ର, ମାତୃ ଅଙ୍କେ, ଲଭେ ମହୋଲ୍ଲାସ ଯଥା,
ତଥା ସର୍ବ ଗିରିକୁଳ ହେଲେ ଆହ୍ଲାଦିତ ।
କିସ ବା ବର୍ଣ୍ଣିବି ସେହି ଉଦ୍‌ବେଳ ଆନନ୍ଦ,
ପଶିଲେ ଜୀବନ ଫେରି ଆସି ମୃତପିଣ୍ଡେ
ପ୍ରତେ ହୁଏ ନ ହେବ ତେ ସେଭଳି ଉତ୍ଫୁଲ୍ଲ ।
ଛାମୁରେ ଅର୍ପିବା ପାଇଁ ପ୍ରୀତ୍ୟର୍ଥନନ୍ଦନ
ପେଷିଲା ସେ ସଭା ମୋତେ ସର୍ବ ସମ୍ମତିରେ,
ଆସିଛି ମୁଁ ଭେଟି ଧରି ସେ ଅଦ୍ରିନନ୍ଦନ ।"
ଅନନ୍ତର ଗିରିବର ବସ୍ତ୍ର ଅନ୍ତରାଳୁ
କାଢ଼ିଣ ପେଟିକା—କେନ୍ଦୁ ପଲ୍ଲବେ ରଚିତ
ପୁଷ୍ପେ କାନ୍ତିଭୂତ, ନେଇ ଅର୍ପିଲା ଛାମୁରେ ।
କୁସୁମ-କୋମଳ କରେ ଫେଡ଼ି ତାହା ଦେବୀ
ପଢ଼ିଣ ଅଦ୍ରିନନ୍ଦନ, ଲଭିଲେ ସନ୍ତୋଷ ।
ସମ୍ବୋଧି ମହେନ୍ଦ୍ରେ ତହୁଁ ଭାଷିଲେ ସସ୍ମିତେ—
"ବତ୍ସ, କହ ଯାଇ ତୋର ଗିରିପ୍ରଜାକୁଳେ—
ଲଭିଲି ପରମ ପ୍ରୀତି ଭକ୍ତିରେ ତାଙ୍କର,
କରୁଛି ମୁଁ ଆଶୀର୍ବାଦ—ଥାଆନ୍ତୁ କୁଶଳେ ।
ତୋତେ ସୁଦ୍ଧା ଅର୍ପୁ ଅଛି ଅଶେଷ କଲ୍ୟାଣ,
ତୁହି ବହୁପୋଷୀ, ନ୍ୟସ୍ତ ତୋହୋ ଶିରେ ବସ୍ତି,
ଗୁରୁତର କର୍ତ୍ତବ୍ୟର ଦୁର୍ବିଷହ ଭାର,
ଯୋଗ୍ୟପାତ୍ର ତହିଁକି ତୁ ଅଟୁ ଗିରିମଣି,
ସତ୍ୟେ, ଧର୍ମେ, ନ୍ୟାୟେ ପୁଣି ପାଳୁଛୁ ପ୍ରକୃତି,
ହେଉ ରେ ସାର୍ଥକ ତୋର ପୁଣ୍ୟ ସେବାବ୍ରତ ।"
ତଥାସ୍ତୁ ଉଚାରି ହର୍ଷେ ଗିରି-ଅଧିରାଜ,
ନମି ଦେବୀ-ପାଦେ, କଲା ସ୍ୱସ୍ଥାନେ ପ୍ରସ୍ଥାନ
"ଜୟ ମା ଉତ୍କଳ-ଦେବୀ" ଘୋଷି ଉଚ୍ଚସ୍ୱରେ ।
ଅନନ୍ତର ନାରୀଦଳ ଆସିଲେ ସେଠାରେ
ସୁନ୍ଦରୀ ଶୋଭାଙ୍ଗୀ ସର୍ବେ ଶୁଭ୍ର ବସ୍ତ୍ରାବୃତା,
ବିଶିଷ୍ଟ ଭୂଷଣେ ବେଶେ ରାଜକନ୍ୟା ପ୍ରାୟେ,
ଅଙ୍ଗନାଙ୍କ କଣ୍ଠନେତ୍ର ତଥ୍ୟାରେ ସକଳ ।
ସର୍ବେ ମୁକ୍ତକେଶୀ, କେଶ ପ୍ରଲମ୍ବ ଲୁଣ୍ଠିତ
ଯଥା କ୍ଷୁଦ୍ର ବୀଚମାଳା ଖେଳୁଛି ତୋହରି ।

ଅଗ୍ରସର ହେଲ୍ଲ ଜଣେ ପ୍ରବୀଣା ମହିଳା
ପ୍ରୌଢ଼ା ତପସ୍ୱିନୀ ପ୍ରାୟ କଲ୍ଲ ବନ୍ଦାପନା
ଦେବୀଙ୍କ ଚରଣେ, ଧରି ଅର୍ଘ୍ୟଥାଳୀ କରେ,
ଛଳାଛଳ ଦେଲେ ମିଳି ଅପର ନାରୀଏ ।
କେହି ଧରି ମୁକ୍ତାମାଳା, ପୁଷ୍ପମାଳା କେହି,
କେହି ବା କର୍ପୂରମାଳା ଦେଇଣ ପିନ୍ଧାଇ
ଦେବୀ-କଣ୍ଠେ ଭକ୍ତିଭରେ ନମିଲେ ସକଳେ ।
କହିଲ୍ଲ ସସ୍ମିତେ ପ୍ରୌଢ଼ା ଦେବୀ ମୁଖେ ଚାହିଁ—
"ଚହ୍ନିଲ କି ମହାଦେବୀ, ଏ ଦୁଃଖିନୀଗଣେ,
ସେବା-ଦାସୀ ଆମ୍ଭେମାନେ ସର୍ବଦା ତୁମ୍ଭର,
ମୁହିଁ "ଋଷିକୁଲ୍ୟା", ଏହି ତିନି ସଖୀ ମୋର
'ବାହୁଦା' 'ସୁବର୍ଣ୍ଣମୁଦ୍ରା' 'ମହେନ୍ଦ୍ର-ତନୟା' ।
ମାହେନ୍ଦ୍ର ଯୋଗରେ ଆଜ ପାହିଥିଲ୍ଲ ଗ୍ରହ,
ଘଟିଲ୍ଲ ଭାଗ୍ୟରେ ତେଣୁ ଚରଣ ଦର୍ଶନ,
ଯୁଗେ ଯୁଗେ ଦେବୀ, ମୁହିଁ ତୁମ୍ଭର ଅଧୀନା
କିନ୍ତୁ ହାୟ, କିଏ ଜାଣେ କେଉଁ କୁଗ୍ରହର
ଅଭିଶାପେ, ହୋଇଥିଲି ପରପଦାଶ୍ରୟୀ,
କି ଅଜ୍ଞାତ ପାପେ ମୋର ଏ ପୋଡ଼ା ଭାଗ୍ୟରେ
ବହିଲି ଏ ଦଣ୍ଡ ବହି, ଜାଣେ ସେହି ତାହା ।"
କହୁଁ କହୁଁ ସେ ପ୍ରବୀଣା କରୁଁ କରୁଁ ହୋଇ
ପକାଇଲା କାନ୍ଦି, ଗଲା ଖନି ବାଜ ଫାଟି,
ବହିଗଲା ଅଶ୍ରୁଧାର ଦେନି ଗଣ୍ଡ ଧୋଇ,
ଶଶବ୍ୟସ୍ତ ହୋଇ ତହୁଁ ଉତ୍କଳ-ଜନନୀ,
ପୋଛିଦେଇ ଅଶ୍ରୁ ତାର ପଣତ କାନିରେ
ଭାଷିଲେ ସଧୀରେ ଏହି ପ୍ରବୋଧ ବଚନ—
"କାନ୍ଦ ନା ଲେ ମାଆ ମୋର କାନ୍ଦ ନା କାନ୍ଦ ନା,
ଫେଡ଼ିଲେଣି ତୋ ବନ୍ଧନ ନୀଳାଚଳନାଥ,
ଗଲଣି ତ ଗଲା କଥା, ତାହା ଲଗି ଆଉ
ଶୋଚନା କିପାଇଁ ତୋର, ଛାଡ଼ ମନୁ ଖେଦ,
ଗାଇଛନ୍ତି କବି ତୋର ଶ୍ରୀରପାନେ ସ୍ପଷ୍ଟ
"ଗଲଣି ତ ଗଲା କଥା—"ଚମ୍ପୂ ମହାକାବ୍ୟେ ।
ହୋଇଥିଲୁ ଅନ୍ତର ତୁ ମୋଠାରୁ ଲେ ଝିଅ,
କିନ୍ତୁ ମନରୁ ତ ମୋର ନ ଥିଲୁ ଅନ୍ତର,
ତୋର ପ୍ରିୟତମ ପୁତ୍ର ଉତ୍କଳବୀର ପରି
ଯାଇଛନ୍ତି ଲେ ଗୀତ ଗାଇ ଅମୃତ ଝଙ୍କାରେ—
'ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର'
ମହାସତ୍ୟ ଜ୍ୟୋତିର୍ମୟ ସେହି ମହାବାଣୀ ।
"ଉତ୍କଳରେ ଋଷିକୁଲ୍ୟା" ବୋଲି ଚିରକାଳ
ଗାଉଛନ୍ତି ପୁରାଣ, ଗ୍ରନ୍ଥ, ବେଦ, ଇତିହାସେ,
ସେ ସମ୍ପର୍କ ତୋର ମୋର କେ ଦେବ ଛିଣ୍ଡାଇ,
ଅଚ୍ଛେଦ୍ୟ ସେ, ରହିଥିବ ସୃଷ୍ଟି ଥିବାଯାଏଁ ।
ଯେତେ କାଳ ଥିବି ମୁହିଁ, ତେତେ କାଳଯାଏଁ
ପାଉଥିବୁ ପୂଜା ତୁହି ପୁଣ୍ୟତୀର୍ଥରୂପେ ।"
ଶୁଣି ଏ ପ୍ରବୋଧବାଣୀ ଋଷିମାଳ-ସୁତା
କହିଲ୍ଲ ମଧୁରେ ହସି, [କି ସୁନ୍ଦର ଆହା
ଅଶ୍ରୁମୁଖେ ହାସ୍ୟ, ଯଥା ବୃଷ୍ଟି ପରେ ଜ୍ୟୋତ୍ସ୍ନା,
ହିମସିକ୍ତ ପଦ୍ମପନେ ଶୋଭେ କି କମଳ]
"ନୁହେଁ ମୋର ଏ କାନ୍ଦଣା ଦୁଃଖର କାନ୍ଦଣା,
ସୁଖର କାନ୍ଦଣା ଏହା, ଅତି ଦୁଃଖେ ଯଥା
ବହେ ନେତ୍ରୁ ଅଶ୍ରୁଧାର, ତଥା ଅତି ସୁଖେ
ବହିଯାଏ ଅଜ୍ଞାତରେ ଅସମ୍ଭାଳ ଅଶ୍ରୁ,
ସେ ଆନନ୍ଦ ଅଶ୍ରୁପାତ ଘଟେ ଅତିଭାଗ୍ୟେ ।
ସୁଦୀର୍ଘ ବିଚ୍ଛେଦ ପରେ ଘଟିଲେ ମିଳନ
ପୂରିଉଠେ ମନେ ଯେଉଁ ଅପୂର୍ବ ଉଲ୍ଲାସ,
କି ହେବ ବର୍ଣ୍ଣିତ ତାହା କୋଟି ଜିହ୍ୱା-ମୁଖେ ।
ସେ ହର୍ଷର ମହାବନ୍ୟା ହୃଦୟ ବୁଡ଼ାଇ
ଅଶ୍ରୁରୂପେ ନେତ୍ରପଥେ ପଡ଼ଇ ବାହାରି,
କେ ରୋଧିବ ଗତି ତାର—ଅବାରିତ ତାହା,
ଭୁଞ୍ଜୁଛି ମୁଁ ଯେ ଆନନ୍ଦ ତ୍ରିଦିବ-ଦୁର୍ଲ୍ଲଭ,
ହେଉ ନାହିଁ ଅବସନ୍ନ ସେ ଆନନ୍ଦ ଲବେ,
ବରଂ ବଢ଼ୁଛି ତାହା ଆଶା-ବନ୍ୟା ପରି ।"
ଭାଷିଲେ ଉତ୍କଳ ଦେବୀ—"ବତ୍ସ ଋଷିକୁଲ୍ୟେ,
ନେଇଛୁ ତ ଭକ୍ତି-ଭରେ କିଣି ମୋତେ ତୁହି,
କି କହିବି ଅଧିକ ବା ଏଥୁ ବଳି ଆଉ,

ତୋର, ପୁଣି ତୋର ଏହି ଜନ ସଖୀଙ୍କର
ଭକ୍ତିପୂର୍ଣ୍ଣ ସମ୍ବର୍ଦ୍ଧନା କରି ମୁଁ ଗ୍ରହଣ
ପରମ ଆନନ୍ଦ ମନେ, ଅପାର ଆଗ୍ରହେ ।
ତୁମ୍ଭ ଭଳି କନ୍ୟାରତ୍ନ ଧରି ମୁଁ ଗର୍ଭରେ
ମଣୁଛି ନିଜକୁ ଧନ୍ୟା, ମହାଭାଗ୍ୟବତୀ,
ବାଧାଭାର ଦାନ ଦିନା ତୁମ୍ଭେ ମୋ ଭାଗ୍ୟରେ ।
ତୁମ୍ଭ ପୋଷ୍ୟ ପ୍ରଜାକୁଳ ନ ଦେଖି ତୁମ୍ଭଙ୍କୁ
ହେଉଥିବେ ଅତିବ୍ୟସ୍ତ, ଚିନ୍ତିତ, ଆତୁର,
ଯାଅ ଏବେ ସତ୍ୱେ, ତାଙ୍କୁ ପାଳ ପୂର୍ବ ପରି ।”
“ଯେ ଆଜ୍ଞା ଜନନି” କହି ସ୍ମୁର ତରଙ୍ଗିଣୀ
ପ୍ରଣମି ପଦ୍ମରେ, ନେଲେ ଛାମୁରୁ ମେଲାଣି ।
ତାହା ପରେ ନାରୀ ଏକ ପ୍ରବେଶିଲା ଆସି,
ଶଙ୍ଖ ପରି ତନୁ ତାର ଶୁଭ୍ର ଜ୍ୟୋତିର୍ମୟୀ ।
ପିନ୍ଧିଛି ସେ ଆର୍ଦ୍ର ନୀଳଶାଢ଼ୀ, ଯାଇଛି ତା
ଶ୍ରୀ ଅଙ୍ଗରେ ଜଡ଼ି, ସତେ ଯେସନ୍ତେ ସଦ୍ୟ ସ୍ନାନୁ
ଆସିଛି ସେ ଉଠି, ଆର୍ଦ୍ର ବସ୍ତ୍ର ନ ପାଲଟି ।
ମସ୍ତକରେ ଶୋଭେ ଶୁଭ୍ର ଶଙ୍ଖର ମୁକୁଟ,
ଶଙ୍ଖର କୁଣ୍ଡଳ କର୍ଣ୍ଣେ, ହସ୍ତେ ଶଙ୍ଖର ବଳୟ,
କଟିତଟେ ସପ୍ତସରୀ ଶଙ୍ଖ ଚନ୍ଦ୍ରହାର
ସବୁ ଅଳଙ୍କାର ତାର ଶଙ୍ଖରେ ନିର୍ମିତ ।
ଦେବୀଙ୍କ ଛାମୁରେ ସେହୁ ଭେଟି ଶଙ୍ଖଟିଏ—
ନାନାରତ୍ନ-ଖଚିତ, ଅପୂର୍ବ ସୁନ୍ଦର,
କଲା ପ୍ରଣାମ, ଉଠି ଉଭାହୋଇ ପରେ
ନିବେଦିଲା କର ଯୋଡ଼ି ବିନୟେ ଏସନ—
“ଚିଲିକା ମୁଁ ଦେବି, ସିନ୍ଧୁସୁତ-ପ୍ରେୟସୀମା;
ଏ ଶଙ୍ଖ ତୁମ୍ଭର ଦେବି, ପଡ଼ୁଛି କି ମନେ—
ଛିନ୍ନ ହେଲା ଯେଉଁ ଦିନ ଶ୍ରୀଅଙ୍ଗ ତୁମ୍ଭର,
ହେଲ ତୁମ୍ଭେ ଅସାଡ଼ମ, ଏ ଶଙ୍ଖଟି ତହୁଁ
ପଡ଼ିଲା ଶ୍ରୀହସ୍ତୁ ଖସି, ନେଇ ମୁଁ ତାହାକୁ
ରଖିଥିଲି ଗର୍ଭାଗାରେ ସାଇତି ଯତନେ,
ଲଭିଲି ସୌଭାଗ୍ୟ ଏବେ ତାର, ବହିବ ସେ
ପୂର୍ବ ପରି ଶୋଭା ତୁମ୍ଭ ଶ୍ରୀକର-କମଳେ ।
ଜାଣିଛ ତ ଦେବି ତୁମ୍ଭେ ମୋହର କଷଣ,
ଏଣେ ଶତ୍ରୁ, ତେଣେ ଶତ୍ରୁ ଦୁଇ ଆଡ଼େ ରହି
ଦେଉଥିଲେ ଛଟପଟ, ମଣୁଥିଲି ତୁଚ୍ଛ
ପ୍ରାଣେ, ଡାକୁଥିଲି ସଦା ମୃତ୍ୟୁକୁ ଆତୁରେ,
ହରିଲେ ସେ ଦୁଃଖ ମୋର ଏତେ କାଳ ପରେ
ଭକ୍ତଦୁଃଖହାରୀ ସେହି ପ୍ରଭୁ ଦୟାମୟ ।
ଏହି ଶୁଭ ଅବସରେ, ଆନନ୍ଦ ଅନ୍ତରେ
ଆସିଲି ସଙ୍ଖୋଳିବାକୁ ତୁମ୍ଭଙ୍କୁ ଜନନି !”
ଶୁଣିଣ ଚିଲିକା ବାଣୀ ଉତ୍କଳ-ଜନନୀ
ହସି ହସି ନେଇ ତାକୁ ବସାଇଲେ କୋଳେ,
ବୁଲାଇ ମଙ୍ଗଳ ହସ୍ତ ଆଦରେ ସ୍ନେହରେ
ଶିରେ ତାର, ମୃଦୁ ସ୍ୱରେ କହିଲେ ଏସନ—
“ଚିଲିକେ, ତୁ ଦେଲୁ ମୋତେ ଆତ୍ମପରିଚୟ
କୁଳ-ଗୋତ୍ର-ନାମ ସହ, କି ବାଖାଣି ତୁ ଲୋ,
ଗଣି ଗଣି ଦିନଖଣ୍ଡ ମସ୍ତିଷ୍କ ତୋହୋର
ଗଲାଣି ବିକୃତ ହୋଇ, ନହୁବା କାହିଁକି
କରନ୍ତୁ ଲୋ ଉପସ୍ଥିତ ଅଦ୍ଭୁତ କଳ୍ପନା,
ନ ପାରିବ ଚିହ୍ନି ବୋଲି ଭାବିଥିଲୁ ପରା,
ମାତା କି ସୁତାକୁ ପୁଣି ନ ପାରିବ ଚିହ୍ନି,
ଅତୀବ ଆଶ୍ଚର୍ଯ୍ୟ ଏହା ଅତି ଅସମ୍ଭବ,
ଜ୍ୟୋତ୍ସ୍ନା କି ଚିହ୍ନିବ ନାହିଁ ପ୍ରଭାକୁ ନିଜର ।
ଦୂରୁ ଦେଖି ଚନ୍ଦ୍ରମୁହିଁ, ଚନ୍ଦ୍ରମୁହିଁ ତୋର
ଉଚ୍ଛୁଳି ଉଠିଲା ମୋର ମାତୃସ୍ନେହ ହୃଦେ,
ତେତେବେଳୁ ସୁନ୍ଦରୀ ଲୋ ଚିହ୍ନିଛି ମୁଁ ତୋତେ ।
ଲକ୍ଷ୍ମୀ ପରି କନ୍ୟାରତ୍ନ ତୁହି ଲୋ ମୋହୋର
ବସିଅଛୁ ମେଲି ମହା ଦାନର ପସରା,
ପୋଷିଅଛୁ ବହୁ ଜୀବେ ଦାନାପାଣି ଦେଇ,
ଗୁଣବତି, ବିମୁଗ୍ଧ ମୁଁ ଶୁଭ ଗୁଣେ ତୋର,
କାହିଁ ବା କହିବ ବେଶୀ, କହୁଛି ଏତିକି—
ତୁହି ମୋର ସୁଲକ୍ଷଣୀ ଗୌରବର ଟିକା,
ତୋହୋ ଲାଗି ମୁହିଁ ଧନ୍ୟା, ଅତୁଳ-ବିଭବା ।
ନ କରିଛୁ ତୁହି ମୋର କେତେ ଉପକାର,

ଆସୁଥିଲା ମୁଖ ମେଲି ଗ୍ରାସିବାକୁ ମୋତେ
ଦୈତ୍ୟାରିର ରକ୍ତବାହୁ—ଦୁରନ୍ତ ମସ୍ତରୀ,
ଧରି ତୁହି ରୁଦ୍ର ମୂର୍ତ୍ତି ମାରିଲୁ ତାହାକୁ
ବୁଡାଇ ସନ୍ଦଳେ—ତୋର ଅତଳ ଗରଭେ,
ଲଭିଲା ସେ ପ୍ରାଣଦଣ୍ଡ ଉଚିତ ପାପର ।
ମୋତେ ଗ୍ରାସିବାକୁ ଆସି ପାପିଷ୍ଠ ଦୁର୍ମତି
ଅଜାଣତେ ତାଳଗ୍ରାସେ ପଡିଲା ସେ ନିଜେ,
ପାଞ୍ଚିଲେ ପରର ମନ୍ଦ ବିଧି ହୁଏ ବାମ ।
ନିପାତ ମୋ ଶତ୍ରୁ, ମୋତେ ତାରିଲୁ ସଙ୍କଟୁ,
ନ ଭୁଲିବ ମା ଲୋ ତାହା ମଲେ ସୁଦ୍ଧା ମୁହିଁ ।
ଆକାଙ୍କ୍ଷୀ—ଗୋଦାବରୀ ଉଠୁଥିଲା ଜାଗି
ଯେଉଁ ମହାଶଙ୍କା ସ୍ୱନେ, ଆଣି ଦେଲୁ ତୁହି
ସେହି ପ୍ରିୟ ଶଙ୍ଖେ ମୋର, ତୋଷିବି କି ଦେଇ
ତୋତେ, ପାଉ ନାହିଁ ଖୋଜି, କଲି ଆତ୍ମଦାନ ।”
କହିଲା ଚିଲିକା “ମାତଃ, କନ୍ୟା ମୁଁ ତୁମ୍ଭର,
କନ୍ୟାର କର୍ତ୍ତବ୍ୟ ମୁହିଁ କରିଛି ପାଳନ,
ସେଥିପାଇଁ ପୁରସ୍କାର ନୁହେଁ ମୋର ପ୍ରାପ୍ୟ,
ହୋଇଥିବ କର୍ତ୍ତବ୍ୟରେ କୃତକାର୍ଯ୍ୟ ଯେବେ,
ସେହି ମୋର ପୁରସ୍କାର, ନ ଖୋଜେଁ ଅଧିକ,
କୁହ ଏଁ ତୁମ୍ଭ ଯୋଗ୍ୟ କନ୍ୟା—କର ଆଶୀର୍ବାଦ ।
ମାଗୁଛି ମେଲାଣି ମାତଃ, ଯିବି ଏବେ ମୁହିଁ,
ଅଛନ୍ତି ମୋ ଘରେ ବହୁ ଦୁଷ୍ଟ ଜଳଚର,
ଲାଗିବେ ସେମାନେ କଳି ନ ଦେଖିଲେ ମୋତେ ।
କହିଲେ ଉତ୍କଳ ମହୀ—“ଯା ଲୋ ଝିଅ ତେବେ
ଦୁଷ୍ଟେ ଶାସି ଶିଷ୍ଟେ ସଦା କରିବୁ ସୁରକ୍ଷା,
କରୁଛି ମୁଁ ଆଶୀର୍ବାଦ ହୁଅ ଚିରସୁଖୀ,
ଜନ୍ମେ ଜନ୍ମେ ମିଳୁ ମୋତେ ତୋ ପରି ସୁକନ୍ୟା ।”
କହ୍ନାରି ଚିଲିକା ତହୁଁ ଦେବୀ ପାଦତଳେ
ଆନନ୍ଦ ମନରେ କଲା ସ୍ୱସ୍ଥାନେ ପ୍ରସ୍ଥାନ ।
ଏ ଅନ୍ତେ ଆସିଲା ଏକ ଅପୂର୍ବ ରୂପସୀ
ସକଳ ଲକ୍ଷଣା ପ୍ରାୟ, ହୋଇଛି ନିର୍ମିତ—
ବସନ ଭୂଷଣ ତାର ଲତା-ପଲ୍ଲବରେ,
ତଥାପି ଶରୀରୁ ତାର ପଡୁଅଛି ଝଡି
ସୌନ୍ଦର୍ଯ୍ୟର ଜ୍ୟୋତିରାଶି, ଅପ୍‌ସରୀଏ ତାର
ନ ହେବେ ପଯ୍ୟରଘଷା ପଥରକୁ ସରି ।
ଲଳନା—ଲଲାମଭୂଷା ସେହି ନବାଗତା,
ତଥା ଫୁଲଟିଏ ଦେଇ ଦେବୀଙ୍କ ଶ୍ରୀହସ୍ତେ
ପ୍ରଣମିଲା ନତଶିରେ, ଉଠି ତାହା ପରେ
ଥୋଇ ଦେବୀ ସମ୍ମୁଖରେ ରସାଳ, ପନସ,
ଆତ୍ତ, କେନ୍ଦୁ, ବରକୋଳି, ଲଙ୍କାଆମ୍ବ ଆଦି
ଅସମୟେ ଜାତ ପକ୍ୱଫଳ, ନାରିକେଳ,
ବାସନା କଦଳୀ, ହେଲା କର ଯୋଡି ଉଭା ।
ଭାଷିଲେ ଉତ୍କଳମାତା ସ୍ନେହବୋଳା ଗିରେ—
“ଏ କିଏ ରେ ବେଳାଗ୍ରଣୀ ଉଦ୍ୟାନ-ସୁନ୍ଦରୀ,
(ଉତ୍କଳର କାମଧେନୁ, ନନ୍ଦନ-କାନନ)
ଭାରି ତ ଆନନ୍ଦ ଆଜି !” କହିଲା ଉଦ୍ୟାନ—
“ଘଟିଲେ ଆନନ୍ଦ ଯୋଗ କେ ନୁହେଁ ଆନନ୍ଦ ?
ହୋଇ ଓଡିଆଣୀ ମୁହିଁ, ଭାଗ୍ୟଦୋଷେ ହାୟ
ହୋଇଥିଲି ତେଲଙ୍ଗାଣୀ ଖୋଷି ବାଙ୍କ ଖୋସା,
ସେ ଲଜ୍ଜା, ସେ ଅପମାନ ମରଣୁ ଅଧିକ,
କିନ୍ତୁ ଆଜି କଟିଗଲା ସେ କୁତ୍ସିତ ଦଶା,
ମିଶିଲି ମୁଁ ଜନନୀ ଗୋ, ସ୍ୱଗୋଷ୍ଠରେ ଆସି,
ଅଛି କି ଆନନ୍ଦ ଆଉ ଏହାଠାରୁ ବଳି,
ମଣୁଛି ମୁଁ ପୁନର୍ଜନ୍ମ ଲଭିଲା ପରିଷେ ।
ହେରି ତୁମ୍ଭ ପୁଣ୍ୟମୂର୍ତ୍ତି, ହେଲି ମୁଁ କୃତାର୍ଥ,
ଦଳେ ଦଳେ ଆସି ମୋତେ ଧରୁଛି ଆନନ୍ଦ
ଲୁଣ୍ଠାଇ ପ୍ରବଳେ, ଦେଖ, ତାହାରି ପ୍ରସାଦେ
ଦିଶୁଛି ଆନନ୍ଦମୟ ସାରା ସୃଷ୍ଟି ମୋତେ ।
ଦେଶାନ୍ତର-ଦଣ୍ଡପ୍ରାପ୍ତ ହୋଇଥିଲି ମୁହିଁ
ଫେରିଆସି ତୈବେ ତହୁଁ, ବସିଅଛି ଏବେ
ମାତୃକୋଳେ, ଅସମ୍ଭବ ହୋଇଛି ସମ୍ଭବ,
ଏହି ପରି ଆନନ୍ଦର ଉପଯୁକ୍ତ ବେଳ,
ଆଜ ଦିନ—ଅଦ୍ୱିତୀୟ ଦିନ ମୋ ଜୀବନେ ।
ତୁମ୍ଭ ଭାଗ୍ୟ ସଙ୍ଗେ ଗୁନ୍ଥା ସଦା ମୋର ଭାଗ୍ୟ,

ଯେ ଦଶା ତୁମ୍ଭର ଯେବେ ମୋର ସେହି ଦଶା ।
ମାତଃ ଏବେ ତୁମ୍ଭ ଭାଗ୍ୟ ହେଲା ଜ୍ୟୋତିର୍ମୟ,
ତୁମ୍ଭେ ମୋର ଆଦିମାତା-ଦେବୀମାତା ମୋର,
ସେହି ମାତୃଗୌରବରେ ଗର୍ବିତା ମୁଁ ଆଜ ।
ମାତୃପାଦ ପୁଣ୍ୟତୀର୍ଥ, ସେ ତୀର୍ଥ ଦର୍ଶନେ
ଜାତ ହେଲା ହୃଦେ ମୋର ଉତ୍କଟ ଉତ୍କଣ୍ଠା,
ନ ରୁଚିଲା ଅନ୍ନ ଜଳ, ନିଦ୍ରା ହେଲା ଦୂର,
ମୁହୂର୍ତ୍ତକ ପ୍ରତେ ହେଲା କୋଟିଯୁଗ ପ୍ରାୟ,
ଆସିଲି ମୁଁ ଧାଇଁ ତେଣୁ ଅସମ୍ଭାଳ ହୋଇ ।”
କହିଲେ ଉତ୍କଳମାତା—“ଜାଣେ ମୁଁ ଝିଅ ଲୋ !
ମନ ତୋର, ମୁଗ୍ଧ ମୁହିଁ ତୋ ସେବା ଭକ୍ତିରେ ।
ଧରିଛୁ ତୁ ସ୍ୱାର୍ଥଶୂନ୍ୟ ବିଶ୍ୱସେବାବ୍ରତ,
ତୋହୋରି ଜ୍ୟୋତିରେ ତୁହି ହୋଇ ସମୁଜ୍ଜ୍ୱଳ
ଢାଳିଛୁ ସେ ଜ୍ୟୋତି ପୁଣି ମୋ ମୁଖେ ବହଳେ,
ପ୍ରଚାରିଣ ଦେଶେ ଦେଶେ ମୋହର ମାହାତ୍ମ୍ୟ ।
ବହୁ ପୁଣ୍ୟ ଫଳେ ମିଳେ ତୋହୋ ପରି ଝିଅ,
ରତ୍ନ-ପ୍ରସବିନୀ ତୁହି, ତୋର ମାଆ ବୋଲି
ନିଜକୁ ସୌଭାଗ୍ୟବତୀ ମଣେ ମୁଁ ସଦର୍ପେ ।
ଚିରପୂର୍ଣ୍ଣ, ଅସରନ୍ତି ଭଣ୍ଡାର ଲୋ ତୋର,
ବହୁଗୁଣ ବଢ଼ିଉଠେ ଗୁଣେ ଦେଲେ ତହୁଁ,
ଆଶ୍ରିତ, ଅତିଥି, ପୋଷ୍ୟ ସମସ୍ତଙ୍କ ପ୍ରତି
ସମାନ ତୋହର ଦୟା, ଅନ୍ନପୂର୍ଣ୍ଣାରୂପେ
କରୁଛୁ ମା ସମସ୍ତଙ୍କୁ ଅନ୍ନ ବିତରଣ
ଅକାତରେ, ଦୁଃଖୀ ରଙ୍କୀ ଧନୀ ନିର୍ବିଶେଷେ ।”
କହିଲା ଉଦ୍ୟାନଖଣ୍ଡ—“ଭାରତ-ବନ୍ଦିତେ !
ତୁମ୍ଭ ଝିଅ ପରି ମୁହିଁ, ଥିବ ଯେବେ କିଛି
ଯୋଗ୍ୟତା ମୋହର, ତାହା ତୁମ୍ଭର ସିନା ମା,
ମାତା ଗୁଣେ କନ୍ୟା ସିନା ହୁଏ ମହୀୟସୀ ।
ମୁଁ ତୁମ୍ଭର, ସୂତା ମୁଣ୍ଡା ଯାହା ଅଛି ମୋର
ତାହା ତ ତୁମ୍ଭର, ତାହା ତୁମ୍ଭରି ପ୍ରଦତ୍ତ,
ଏହି ଯେ ବାଢ଼ିଲ ତୁମ୍ଭେ ମୋହର ସୁଖ୍ୟାତି,
ତାହା ବି ତ ତୁମ୍ଭରି ମା, ଉପଲକ୍ଷ୍ୟ ମୁହିଁ,
ଗାଉଛ ମା ନିଜ ମୁଖେ ନିଜର ପ୍ରଶଂସା ।”
ଭାଷିଲେ ଏ ବାଣୀ ଶୁଣି ଉତ୍କଳଜନନୀ—
“ଚିରକାଳ ମାଆ ଲୋ ମୁଁ ମୁଗ୍ଧ ତୋ ଗୁଣରେ,
ଏବେ ଜ୍ଞାନ-ଗରିମାର ପାଇ ପରିଚୟ
ଲଭିଲି ମୁଁ ଯେ ସନ୍ତୋଷ, କହି ନୁହେଁ ତାହା,
କରିବାକୁ ପ୍ରକାଶ ମୋ ହୃଦୟର ଭାବ
ଶକ୍ତି ନାହିଁ ମୋ ଭାଷାର, ହୋଇଛି ସେ ମୂକ,
ଘେନ ଏବେ ବତ୍ସ, ମୋର ସ୍ନେହ ପୁରସ୍କାର ।”
ଏହା କହି ଦେବୀ, କାଢ଼ି କଣ୍ଠୁ ପୁଷ୍ପହାର
ଆଦରେ ପିନ୍ଧାଇଦେଲେ ଉଦ୍ୟାନ କଣ୍ଠରେ ।
ପ୍ରଣମି ଉଦ୍ୟାନ ତହୁଁ ଦେବୀ ପାଦମୂଳେ
ଆନନ୍ଦ ଗଦ୍‌ଗଦ ସ୍ୱରେ କହିଲା ଏସନ—
“ସ୍ନେହମୟି, ଏ ହାରଟି ନୁହେଁ ପୁଷ୍ପହାର,
ଧରିଅଛି ପୁଷ୍ପରୂପ ତୁମ୍ଭ ସ୍ନେହରାଶି,
ରତ୍ନହାର ଶତ ଛାର ଏହା ତୁଳନାରେ ।
ଲଭି ମାତୃଦେବୀଙ୍କର ଏ ମହାପ୍ରସାଦ,
ସାର୍ଥକ ଜୀବନ ଜନ୍ମ ହେଲା ଆଜ ମୋର,
ଏ ଅମୃତ ସ୍ନେହ ସ୍ମୃତି, ରହିଲା ଅଙ୍କିତ
ହୃଦୟରେ ମୋର, ମାତଃ ଅକ୍ଷୟ ଅକ୍ଷରେ ।
ମାଗୁଛି ମେଲାଣି ଏବେ ଶ୍ରୀପଦ-ପଙ୍କଜୁ,
ଧାଇଁଦେବେ ଅତିଥିଏ ସନ୍ଧ୍ୟା ହେଲା କ୍ଷଣି
ପିପୀଲିକାମାଳ ପ୍ରାୟ, ମୋ ଗୃହାଭିମୁଖେ,
ନ ଥିଲେ ମୁଁ ଅସୁବିଧା ହେବ ତାହାଙ୍କର ।”
କହିଲେ ଉତ୍କଳ ଦେବୀ—“ଯାଆ ତୁ ମାଆ ଲୋ,
ଅତିଥି ବିମୁଖ ହୋଇ ଫେରିଗଲେ ଦ୍ୱାରୁ
ହେବ ଅମଙ୍ଗଳ, ଯାଇ କର ତାଙ୍କୁ ସେବା,
କରୁଛି ମୁଁ ଆଶୀର୍ବାଦ—କର୍ତ୍ତବ୍ୟ ତୋହର
ହେଉ ପୁରସ୍କୃତ, ପ୍ରଭୁ ମଙ୍ଗଳମୟଙ୍କ
ମହାଦରବାରେ, ବଢ଼ୁ ଯଶ ଶ୍ରୀ ଆୟୁଷ ।”
ଲଭି ମାତୃ ଆଶୀର୍ବାଦ ଉଦ୍ୟାନ-ସୁନ୍ଦରୀ,
ବନ୍ଦି ମାତୃପାଦ, କଲା ଆନନ୍ଦେ ପ୍ରସ୍ଥାନ ।
ଦିଶିଲା ଅଦୂରେ ନୀଳ ସମୁଦ୍ର ବକ୍ଷରେ,

ଅସୁଛି ତରୁଣୀ ଏକ ରହି ସୁସଜ୍ଜିତ,
ଭାଟି ଭାଟି ହୀରମାଳା, ପ୍ରତେ ହୁଏ ଯେହ୍ନେ—
ସାଗର-ଅପ୍‌ସରୀ, ମତ୍ତ ଜଳ-ବିହାରରେ,
ଦୁଇ ହାତେ ବୁଣି ବୁଣି ଫେନ-ମୁକ୍ତାରାଶି ।
ମୁହୂର୍ତ୍ତକେ ତରୀ ଆସି ଲାଗିଲା କୂଳରେ,
ଆସିଲା ବାହାରି ତହୁଁ ନାରୀ ମୂର୍ତ୍ତି ଏକ
ଧରି କରେ ସ୍ୱର୍ଣ୍ଣ ଥାଳୀ— ସ୍ୱର୍ଣ୍ଣରେଣୁପୂର୍ଣ୍ଣ,
ଗଢା ତାର ଅଙ୍ଗଯଷ୍ଟି ତରଳ ସୁବର୍ଣ୍ଣେ,
ଦିଶେ ଯେହ୍ନେ, ନାରୀ ନୁହେଁ—ସୁନାକଣ୍ଢେଇ ସେ ।
ପରିହିତ ବସ୍ତ୍ରେ ତାର ହୋଇଅଛି ବୋଳା
ବହୁଳେ ସୁବର୍ଣ୍ଣ ରେଣୁ, ନାହିଁ ତା ଶରୀରେ
ଅଳଙ୍କାର, ତଥାପି ସେ ଅନନ୍ୟ ସୁନ୍ଦର,
ଥିଲେ ଅଳଙ୍କାର, ତାହା ଦିଶନ୍ତା ମଳିନ
ଶରୀର-ଜ୍ୟୋତିରେ ତାର, ଭୂଷଣର ଭୂଷା
ଯେହୁଁ ବ୍ୟର୍ଥ କରି ସିନା ଅଳଙ୍କାର ଭାର,
ଢାଙ୍କିଦିଏ ଅଳଙ୍କାର ସ୍ୱଭାବ ସୌନ୍ଦର୍ଯ୍ୟେ ।
ଦେବୀଙ୍କ ଛାମୁରେ ଥୋଇ ସ୍ୱର୍ଣ୍ଣରେଣୁ ଥାଳୀ
ସେ ସ୍ୱର୍ଣ୍ଣାଙ୍ଗୀ, ଭକ୍ତିଭରେ ବୋଳି ହୋଇ ଶିରେ
ଦେବୀ ପାଦରେଣୁ, ଧୀରେ କହିଲା ଏସନ—
"ମାତଃ, ମୁଁ ସୁବର୍ଣ୍ଣରେଖା—ତୁମ୍ଭ କିଣାଦାସୀ ।
ତ୍ରେତାଯୁଗେ ରଘୁରାଜା—ରବିକୁଳ-ରବି,
ବିରଚି ବକ୍ଷରେ ମୋର ଗୁନ୍ଥି ଗଜ-ସେତୁ,
ପାରିକରି ନେଇଥିଲେ ସୈନ୍ୟ-ବାହିନୀ,
ତାହା ପୂର୍ବୁ ଅଛି ମୁହିଁ ତୁମ୍ଭର ଅଧୀନା,
କିନ୍ତୁ ତୁମ୍ଭ ପୁତ୍ରଙ୍କର ରାଜତ୍ୱ ଶେଷରେ
ହେଲି ମୁଁ ବିପାକ, ଫାଳେ ରହିଲା ବଙ୍ଗରେ,
ଭୁଞ୍ଜିଲି ଯେ ଦୁଃଖ, ତାହା ବଚନକୁ ବଳେ,
ଜାଣନ୍ତି କେବଳ ତାହା ପ୍ରଭୁ ଅନ୍ତର୍ଯ୍ୟାମୀ,
ଏତିକି ସାନ୍ତ୍ୱନା ମୋର ଥିଲା ସେ କାଳରେ
ନ ଥିଲି ବଞ୍ଚିତ ତୁମ୍ଭ ଚରଣ-ସେବାରୁ ।
ଦୈବେ ଆଜି ଯୋଡିଗଲା ଦେହ-ଯଷ୍ଟି ମୋର
ହେଲି ମୁଁ ଅଖଣ୍ଡ, କିଛି ନ ପାରିଲି ବୁଝି

କେଉଁ ଦେବତାର ଏହା ସାର୍ଥ ଆଶୀର୍ବାଦ,
ପୂରିଗଲା ପ୍ରାଣମନ ଅପୂର୍ବ ଉଲ୍ଲାସେ ।
ସାଧୁଥିଲେ ଯୋଗ—ମୋର ତୀରବନେ ବସି
'ଯୋଗୀ ଏକ, ଜ୍ୟୋତିର୍ମୟ ଭକ୍ତିପ୍ରେମ ମୂର୍ତ୍ତି,
ପୁଚ୍ଛିଲି ମୁଁ ତାଙ୍କୁ ଯାଇ ଉହାର ପଦ୍ମରେ—
'ଯୋଗିବର, ସର୍ବଦର୍ଶୀ ସର୍ବଜ୍ଞ ଆପଣ,
ଯୋଗବଳେ କୃପା କରି କହନ୍ତୁ ହେ ଦେବ,
କି ହେତୁରୁ ଯୋଡିଗଲା ଛିନ୍ନ ତନୁ ମୋର
ଅକସ୍ମାତ ଆଜି,' ତହୁଁ ଭାଷିଲେ ତାପସ
ମୃଦୁହାସ୍ୟେ, 'ବତ୍ସ ଶୁଣ ଅବହିତ ମନେ—
ହେଲା ଯେବେ ଏ ଉତ୍କଳ ଖଣ୍ଡବିଖଣ୍ଡିତ
ରାଜନୀତି-ସୂତ୍ରେ, ହାୟ, ସେହି କାଳେ ଦେବ,
ଅପମାନେ ଅଭିମାନେ ଛାଡି ଏ ମହୀକି
ଚାଲିଗଲେ ଦେବଲୋକେ, ମାଟିପିଣ୍ଡ ଖାଲି
ରହିଲା ମାଟିରେ ପଡି ହୋଇ ହତଶିରୀ ।
କେତେ କାଳ ପରେ ଦେଖି ଦେଶର ଦୁର୍ଦ୍ଦଶା,
ଘେନି ମୁହିଁ ଜ୍ୟେଷ୍ଠ-ଶ୍ରେଷ୍ଠ-କନିଷ୍ଠ ସୋଦରେ
କଲି ଚେଷ୍ଟା—ମାତୃଅଙ୍ଗ ସଂଯୋଗ ସକାଶେ,
ନୀଳମଣି ଉଦ୍ୟାନରୁ ଥିଲା ମୋର ନାମ,
ହେଲା ନାହିଁ କିଛି ଫଳ ଅନେକ ଚେଷ୍ଟାରେ,
ତହୁଁ ଦୁଃଖେ କ୍ଷୋଭେ ମୁହିଁ ତେଜିଲି ଜୀବନ,
ସେହି ଦିନୁ ମୁହିଁ ତୋର ଏହି ତୀରବନେ
( ଯୋଗିଋଷି ବାଲ୍ମୀକୀୟ ତପୋବନ ଯଥା )
କରୁଛି ତପସ୍ୟା ସେହି ଇଷ୍ଟସିଦ୍ଧି ଅର୍ଥେ ।
ଏ ରୂପ ମୋହର ନୁହେଁ ସ୍ୱାଭାବିକ ରୂପ,
ଧରିଛି ମୁଁ ଯୋଗିରୂପ କାମରୂପୀ ଯେଣୁ,
ପ୍ରେତଲୋକବାସୀଙ୍କର ଅଛି ସେ କ୍ଷମତା,
ପାରନ୍ତି ସେ ରୂପ ଧରି ଇଚ୍ଛା ଅନୁରୂପ ।
ପ୍ରଭୁ ଜଗନ୍ନାଥଙ୍କର ଅପାର କୃପାରୁ
ଏତେ ଦିନେ ହେଲା ମୋର ତପସ୍ୟା ସଫଳ,
ଶୁଣିଲେ ସେ ମୋର ଦୀନ ଭାବର ପ୍ରାର୍ଥନା
ଦକ୍ଷିଣ କର୍ଣ୍ଣରେ, ଯେଣୁ ଦୀନବନ୍ଧୁ ସେହୁ ।

ଆଜି ମହାପୁଣ୍ୟ ଦିନ—ସୌଭାଗ୍ୟର ଦିନ,
ଉତ୍କଳର ଛିନ୍ନ ଅଙ୍ଗ ହେଲା ସଂଯୋଜିତ,
ସେହି ହେତୁ ବତ୍ସ, ତୋର ଦ୍ୱିଖଣ୍ଡିତ ଦେହ
ଗଲା ଯୋଡ଼ି ହୋଇ, ହେଲା ଦୁଃଖ ତୋର ଦୂର।
ଆସିଲେଣି ଫେରି ମୋର ଉତ୍କଳ ଜନନୀ
ପୂର୍ଣ୍ଣ ମୂର୍ତ୍ତି ଧରି, ଏବେ ଯାଉଛି ମୁଁ ବତ୍ସ,
ପୁଣି ଜନ୍ମ ଲଭି ଏହି ପୁଣ୍ୟ ଉତ୍କଳରେ,
ଦେଖି ପୂର୍ଣ୍ଣ ମାତୃମୂର୍ତ୍ତି ହେବି ମୁଁ କୃତାର୍ଥ।
ଦେବଧାମୁ ଆସି ଦେବୀ, ହୋଇଛନ୍ତି ଷତେ
ସ୍ୱର୍ଗଦ୍ୱାରେ—ମହୋଦଧି ପବିତ୍ର ବେଳାରେ।'
ଏହା କହି ଯୋଗିମଣି ହେଲେ ଅନ୍ତର୍ଦ୍ଧାନ,
ଆସିଲି ମୁଁ, ମାତଃ, ତୁମ୍ଭ ଦର୍ଶନ ନିମନ୍ତେ,
ହେରି ତୁମ୍ଭ ଦେବୀମୂର୍ତ୍ତି ପୂର୍ଣ୍ଣ ମାତୃମୂର୍ତ୍ତି,
ପଡ଼ୁ ଅଛି କେତେ କଥା ମନେ, କେତେ ଭାବ
ଉଇଁ ହୃଦୟରେ, ପୁଣି ଉଭୁଛି ବିଲୟ
ନ ସରିବ କହିଲେ ତା' ସପ୍ତ ଦିବାନିଶି,
କି ଫଳ ଅତୀତେ ଘାଣ୍ଟି, ମରୁ ଗଲା କଥା।
ମାତୃଦେବି, ତୁମ୍ଭେ ପୁଣ୍ୟ ଦେବଲୀଳାଭୂମି
ବହୁକାଳ ପରେ ଦେବି, ଦେଖି ମୁଁ ତୁମ୍ଭର
ରାଜରାଜେଶ୍ୱରୀ ମୂର୍ତ୍ତି ହେଲି ସୁପବିତ୍ର।"
ଭାଷିଲେ ଉତ୍କଳମାତା, ହସି, ମୃଦୁସ୍ୱରେ—
"କି ମଧୁର ସ୍ୱର ଆହା, କି ସ୍ନିଗ୍ଧ ଶୀତଳ,
ହୋଇଛି ସେ ମାତୃସ୍ନେହ-ଚନ୍ଦନରେ ବୋଳା,
ସୁବର୍ଣ୍ଣରେଖା, ପ୍ରାଣର ସୁଦୁଲାଳୀ ମୋର,
ନ ପାରିବ ଶୁଝି ମା ଲୋ ତୋର ସେବା-ଋଣ,
ବିପଦବେଳେ ତୁ ମୋର ପାଦତଳେ ବସି
ରୁଧିରକ୍ତ ଛିନ୍ନପାଦ ଦେଉଥିଲୁ ଧୋଇ
ଶୀତଳଜଳେ, କି ଅମୃତ ସ୍ପର୍ଶ ଆହା ତୋର
ଯାତନା-ବେଦନା-ହର, ପ୍ରାଣେ ଶାନ୍ତି-ପ୍ରଦ।
ପିଣ୍ଡେ ପ୍ରାଣ ଥିଲା ମୋର ତୋହ ଶୁଶ୍ରୂଷାରେ,
ତୁ ସୁଦ୍ଧା ନ ଥିଲୁ ଝିଅ ଅକ୍ଷତ ଶରୀର,
ମୋ ଲାଗି ପାସୋରିଥିଲୁ ସେହି କ୍ଷତବ୍ୟଥା
ଆପଣାର, କେଉଁ ଝିଅ କରନ୍ତା ଲୋ ଏହା ?
ମାତୃପ୍ରାଣା କନ୍ୟା ତୁହି, ଶିଖିବେ ତୋଠାରୁ,
ମାତୃଭକ୍ତି ଦେବକନ୍ୟା, ଋଷିକନ୍ୟାକୁଳ।
ବଞ୍ଚି ଥା ମାଆ ଲୋ ଘେନ ମୋହର ଆୟୁଷ।"
ସୁନ୍ଦରୀ ସୁବର୍ଣ୍ଣରେଖା ଶୁଣି ମାତୃବାଣୀ,
ନ ଦେଇଣ ଅବସର କହିବାକୁ ଆଉ,
ଭାଷିଲା ବିନୟେ—"ମାତଃ, ହେବ ନାହିଁ ଶୁଝି
କୋଟି ଜନ୍ମେ ଦିନକର ଗର୍ଭକଷ୍ଟ ତବ,
ମାତା ପୁଣି ହୋଇପାରେ କନ୍ୟାଠାରେ ଋଣୀ,
ଅସମ୍ଭବ ଏହା, ଦେବି, ମୋ ପ୍ରତି ତୁମ୍ଭର,
ସ୍ନେହାଧିକ୍ୟ ହେତୁ, ମୁଖେ ଉଚାରିଲ ଏହା;
ତିଳକୁ ମଣିବା ତାଳ ସ୍ନେହର ସ୍ୱଭାବ।
ଜଗତେ କାହାର ଅଛି ତୁମ୍ଭଭଳି ମାତା,
ହୋଇ ମୁଁ ନଗଣ୍ୟା, ତୁମ୍ଭ କନ୍ୟା ବୋଲି ଧନ୍ୟା।
ଗଠିତ ଏ କଳେବର ଯାହାଙ୍କ ତନୁରେ,
ତାଙ୍କରି ସେବାରେ ତାକୁ ଅର୍ପିବା ଉଚିତ—
ଏହା ମୋର ଧର୍ମଜ୍ଞାନ ସମ୍ପୂର୍ଣ୍ଣ ଧାରଣା,
ବୁଝେ ନାହିଁ ଏହା ଭିନ୍ନ ଅନ୍ୟ ଧର୍ମ କିଛି।
ହେଉଛି ବିଦାୟ ଏବେ ଶ୍ରୀଛାମୁରୁ ଦେବି,
ଯେ ଦୁର୍ବହ ଭାର ତୁମ୍ଭେ ଦେଇଛ ମା ଲଦି
ଦୁର୍ବଳ କାନ୍ଧରେ ମୋର, ରଖିବାକୁ ଦନ୍ତେ
ପାଇଁଛି ତା ଅବସର କେଉଁଠି ଜୀବନେ।"
କହିଲେ ଉତ୍କଳ ଦେବୀ—"ମା ସୁବର୍ଣ୍ଣରେଖା,
ଯାଉ ଏବେ ସ୍ୱକାର୍ଯ୍ୟ ତୋର, ପାଳ ପ୍ରତିଜ୍ଞାକୁ ତ,
କରୁଛି ମୁଁ ଆଶୀର୍ବାଦ, ଆଜୀବନ ତୁହି
ଭୁଞ୍ଜିବୁ ଲୋ ଝିଅ ଏହି ଆନନ୍ଦ ମିଳନ।"
ଗମନ୍ତେ ସୁବର୍ଣ୍ଣରେଖା ବନ୍ଦି ମାତୃପାଦ,
ଶୁଭିଲା ଆକାଶେ ଶବ୍ଦ, ଭୀଷଣ-ଗମ୍ଭୀର,
ଯେସନେ ମହାଭୁଜଙ୍ଗମ ଗର୍ଜୁଛି ସରୋଷେ।
କ୍ଷଣକେ ଦିଶିଲା ଏକ ବୃହତ ବିହଙ୍ଗ
ଉଡ଼ୁଛି ଊର୍ଦ୍ଧ୍ୱରେ, ତହୁଁ ଆସିଲା ସେ ଖସି
ବେଳା ଅଭିମୁଖେ, ଖରେ, ନକ୍ଷତ୍ର ଗତିରେ

ସାଗର ଶିକାରୀ ପକ୍ଷୀ ଧାଇଁ ଆସେ କିବା
ଝାମ୍ପି ନେବା ପାଇଁ ସିନ୍ଧୁବକ୍ଷଗୁହା ଜୀବେ ।
ମୁହୂର୍ତ୍ତକେ ଏ ସନ୍ଦେହ ହେଲା ତିରୋହିତ,
ପକ୍ଷୀ ନୁହେଁ ନଭ-ପୋତ ତାହା, ଓହ୍ଲାଇ ସେ
ରହିଲା ବେଳାରେ, ଛାଡ଼ି କ୍ଲାନ୍ତର ନିଃଶ୍ୱାସ ।
ବାହାରିଲେ ତହୁଁ ଏକ ନାରୀ ଶୀର୍ଣ୍ଣଦେହା
ଚିନ୍ତା-ରୁଗ୍ଣା ପ୍ରଭା ପ୍ରାୟ, କିମ୍ବା ଆସିଛି ସେ
ରୋଗଶେଯ୍ୟୁ ସଦ୍ୟ ଉଠି, ଫୁଟିଅଛି ହାସ
ନୀରସ ଅଧରେ ତାର, ଫୁଟିଥାଏ ଯଥା
ଜୀର୍ଣ୍ଣ ଲତିକାରେ ଫୁଲ କ୍ଷୀଣ, ପ୍ରଭାହୀନ ।
ଦେବୀଙ୍କ ଛାମୁରେ ଆଣି ଭେଟିଲା ସେ ନାରୀ
ପାନବଟାଟିଏ, ତାହା ଜଉଡ଼-ନିର୍ମିତ,
ଭେଟେ ଯଥା ଲତାରାଣୀ କାନନ-ଚନ୍ଦ୍ରିକା
ବାସନ୍ତୀ-ସମ୍ରାଜ୍ଞୀ ପଦେ କୁସୁମ-ରତନ ।
ନମି ଦେବୀପାଦେ ସେହୁ, ଉଭା ହେଲା ପାଶେ,
ପୁଚ୍ଛିଲେ ଉତ୍କଳମାତା—"କି ମେଦିନୀ ସଖି,
କିପାଁ ଏତେ କ୍ଷୀଣ ତୁମ୍ଭେ, ମଳିନ, ଦୁର୍ବଳ ?"
କହିଲା ମେଦିନୀପୁର—"ତୁମ୍ଭ ବିଚ୍ଛେଦରେ
ଏ ଦଶା ମୋହର ଦେଖ, ତୁମ୍ଭଠାରୁ ଯେବେ
ହେଲି ମୁଁ ବିଚ୍ଛିନ୍ନ, ହାୟ, ଦୁର୍ଭାଗ୍ୟ ଦୋଷରୁ
ସେହି ଦିନୁ ଝୁରି ଝୁରି ଦାରୁଣ ନୈରାଶ୍ୟେ
ହେଲି ଅସ୍ଥିଚର୍ମସାର, 'ଲୁଣ ଖାଏ ହାଣ୍ଡି,
ଚିନ୍ତା ଖାଏ ଗଣ୍ଡି', ନୁହେଁ ମିଥ୍ୟା ଏ ପ୍ରବାଦ ।
ଦୁର୍ଭାଗ୍ୟରୁ ତରୁଦେହୁ ଛିନ୍ନ ହେଲେ ଶାଖା
ଭୁଞ୍ଜେ ଯେ ଦୁର୍ଗତି, ତାହା ସେହି ଜାଣେ ଏକା ।"
ଏ କାଳେ ପଡ଼ିଲେ ଦୃଷ୍ଟି ଗଞ୍ଜାମ ଉପରେ,
କହିଲା ମେଦିନୀପୁର, ପ୍ରୀତିବୋଳା ସ୍ୱରେ—
"କିଏ ଗୋ ଗଞ୍ଜାମ ଦିଦି, କୁହାର ଉଭଣି ।"
ଉଚ୍ଚ ସ୍ୱରେ ହସି ତହୁଁ କହିଲା ଗଞ୍ଜାମ --
"କି ସୌଭାଗ୍ୟ, ସାଥ ହେଲା କର୍ଣ୍ଣ ଆଜି ମୋର,
ହୋଇଅଛ ଅପା ମୋର ଖାଣ୍ଟି ବଙ୍ଗାଳୁଣୀ,
ନାହିଁ ପଦ୍ମ ଅପା, ନାନ—ଅଭିଧାନେ ତବ,
ଯା ହେଉ, କୃତାର୍ଥ ମୁହିଁ ଦିଦି ସମ୍ବୋଧନେ ।"
ଶୁଣି ସଖୀ-ପରିହାସ, ସଲଜ୍ଜେ ମେଦିନୀ
କହିଲା ଦଂଶନ ଜିହ୍ୱା ମୃଦୁ ମଧୁହାସେ—
"ତୁମ୍ଭେ କଳ୍ପମାତା, ଦକ୍ଷ ପରିହାସେ ବେଶ୍,
ନୁହେଁ ଏହା ଦୋଷ ମୋର—ସଂସର୍ଗର ଫଳ,
ସଂସର୍ଗରୁ ଦୋଷ ଗୁଣ ଉଭୟ ସଂଜାତ,
ତୁମ୍ଭେ ସୁଦ୍ଧା ସଖି, ତହୁଁ ନୁହଁ ତ ବିମୁକ୍ତ,
ଆପ୍ପା, ସିଲ୍ ଥିବ ପଦ୍ମ ତୁମ୍ଭ ଅଭିଧାନେ ।"
ଏଥିଅନ୍ତେ ସ୍ନେହମୟୀ ଉତ୍କଳ ଜନନୀ
ବସାଇଣ ନିଜ ପାର୍ଶ୍ୱେ ମେଦିନୀ ମହୀଙ୍କି
ପୁଚ୍ଛିଲେ ସସ୍ମିତେ,-"ସଖି, ଏ ଅପୂର୍ବ ଯାନ
କାହାର ନିର୍ମିତ, ମୋର ପୁଅମାନେ ଅବା
ଶିଖିଲେଣି ବିଜ୍ଞାନର ଏଡ଼େ କଳାବିଦ୍ୟା,
ସତେ କି ହେଲେଣି କହ ଏଭଳି ଉନ୍ନତ ?"
ଭାଷିଲା ମେଦିନୀ ମହୀ—"ଦେବି, ପୁତ୍ରେ ତବ
ଅବିଦ୍ୟାରେ କରିଛନ୍ତି ଅଶେଷ ଉନ୍ନତି,
ଏ ଭଳି ସ୍ୱାଧୀନ ଶୁଭବିଦ୍ୟା, ଅସମ୍ଭବ
ତାଙ୍କ ପକ୍ଷେ—ବହୁ ଶତ ଶତାବ୍ଦୀ ଅନ୍ତରେ ।
ନିର୍ମିତ ଏ ଯାନ, ଦେବି, ପାଶ୍ଚାତ୍ୟ ମଣ୍ଡଳେ,
ଏହାଠାରୁ ବଳି ନାହିଁ ବେଗଗାମୀ ଯାନ ।
ଆସିଛି ଏ ଦେଶେ ଏହା, ଏ ଦେଶବାସୀଙ୍କ
ଚରିତାର୍ଥ କରିବାକୁ ବିଳାସ ବାସନା ।
ଶୁଣି ସିନ୍ଧୁତୀରେ ତବ ବିଜେ ହେବା ବାର୍ତ୍ତା
ଆତୁର ହେଲା ମୋ ମନ ତୁମ୍ଭ ଦର୍ଶନାର୍ଥେ,
ତହୁଁ ଭଡ଼ା କରି ଏହି ବାୟୁଗତି ଯାନେ
ଆସିଛି ମୁଁ ଉଡ଼ି ଏଥି ପହଞ୍ଚିବା ପାଇଁ,
କିନ୍ତୁ ମନ ଆସିଲାଣି ଆଗରୁ ମୋହର,
ପଛେ ଧାଇଁ ନ ପାରିଲି ସଙ୍ଗ ଧରି ତାର ।"
କହିଲେ ଉତ୍କଳମାତା ଦୀର୍ଘଶ୍ୱାସ ତେଜି—
"ବୁଝିଲି, ଏ କାଳେ ମୋର ପୁଅମାନେ ପରା
ଯାଉଛନ୍ତି ଯାହା ଦେଖି ପରଲୁଗା ପିନ୍ଧି,
କି ଭୀଷଣ ଲଜ୍ଜା, ହାୟ, କି ଦାରୁଣ କ୍ଷୋଭ !

ଶିଖି ନାହିଁ ଯେଉଁ ଜାତି ନିଜ ଗୋଡ଼େ ଚାଲି,
ହୋଇ ନାହିଁ ମନୁଷ୍ୟ ସେ—ଶଯ୍ୟାଶାୟୀ ଶିଶୁ,
ରଖେ ସୁପ୍ତ କରି ନିତେ ନିଜର ଶକ୍ତିକୁ ।
ଅତୀତ ଗୌରବ ନିତ୍ୟ ନ କଲେ ସ୍ମରଣ,
ନୁହେଁ ତ ସୁଲଭ ସଖି, ଶକ୍ତିର ବିକାଶ,
ନିତ ଦେଖି ସ୍ୱଚକ୍ଷୁରେ ପଡ଼ଶୀ ଉନ୍ନତି
ରହିବ ଯେ ଅନ୍ଧ ହୋଇ, ନ ଗୃହେଁ ତା ମୁଖ
ଉନ୍ନତି, ନିସ୍ତନକୋଣେ, ହତଭାଗ୍ୟ ସେହୁ,
ନ ହୁଏ ଅଶକ୍ତ କେବେ ଶକ୍ତିର ସନ୍ତାନ,
ଯାଇଛନ୍ତି ଭୁଲି ଏହା ପୁତ୍ରମାନେ ମୋର ।
ମାନବର ପ୍ରାପ୍ୟ ଯାହା ଦେଇଛନ୍ତି ବିଧାତା
ସକଳ ମାନବେ ତାହା, ସମାନ ଭାବରେ,
ଜଣକର ସାଧ୍ୟ ଯେ, ସେ ସଭିଙ୍କର ସାଧ୍ୟ,
ନ ବୁଝିବ ଜନେ ଏହା, ଦୋଷନ୍ତି ଅଦୃଷ୍ଟେ,
କିନ୍ତୁ ଅଦୃଷ୍ଟ ଯେ ନିଜ କର୍ମରେ ଗଠିତ,
ଯାଆନ୍ତି ପାସୋରି ତାହା ନିଜ ବୁଦ୍ଧିଦୋଷେ ।
ଏ ସଂସାର କୃଷିକ୍ଷେତ୍ର, କରିବ ଏଠାରେ
ଯେତେ କୃଷି ଯେହୁ, ତେତେ ପାଇବ ସେ ଫଳ
ସେ କୃଷିର ଉପାଦାନ ସ୍ୱତନ୍ତ୍ର ସକଳ,
ଉତ୍ସାହ, ଉଦ୍ୟମ ତହିଁ ଯୁଗଳ ବଳଦ,
ସୁବୁଦ୍ଧି ପ୍ରଥାଲ, ନିଷ୍ଠା ଈଶ, ଶକ୍ତି ଫାଳ,
ବିଶ୍ୱାସ ଲଙ୍ଗଳ, ଯେହୁ ନ ଜାଣେ ସେ କୃଷି,
ବୀଜ ପଞ୍ଚାକ୍ଷରୀ ମନ୍ତ୍ର ଜପେ ସେ ଆପ୍ରାଣ ।
ନିଜକୁ ମଣନ୍ତି କ୍ଷୁଦ୍ର ନରାଧମ ଜନେ,
ହେଉଛନ୍ତି ସେ କ୍ଷୁଦ୍ର ପଛେ, ମାତ୍ର ତାଙ୍କ ଦେହେ
ଶୋଇଅଛି ଶକ୍ତି-ସିଂହ, ଅତୁଳ-ପ୍ରଭାବ,
ଉଠିଲେ ସେ ସୁପ୍ତବୀର କେଶର ଫୁଲାଇ,
କ୍ଷୁଦ୍ରତାକୁ ଗଢ଼ିଦେବ କରି ମହୀୟାନ ।
ନ କଲେ ଜାଗ୍ରତ ତାକୁ, ତର ମର ଥର,
ରହିଥିବ କ୍ଷୁଦ୍ର ସଦା ଅତିକ୍ଷୁଦ୍ର ହୋଇ,
ଭସ୍ମକୁ ଯେ ଭସ୍ମ କରେ ଅତି କ୍ଲୀବ ସେହୁ,
ଭସ୍ମକୁ ଆକର୍ଷି ଯେହୁ କରିପାରେ ତହୁଁ—

ସାଗରେ ଅଗସ୍ତି ଋଷି ତହୁଁ କଲେ ଗ୍ରାସ,
ଭସ୍ମ ତାକୁ ବାଟ ଛାଡ଼େ ଦେଖିଲେ ସଭୟେ,
ଛାଡ଼ିଦିଏ ବାଟ ଯଥା ସ୍ୱଣିଅକୁ ଭୂତ ।
ନ ବୁଝେ ମନୁଷ୍ୟ ହୋଇ ମୂଢ଼ପଣେ ଯେହୁ
ମନୁଷ୍ୟ ଜନ୍ମର ମୂଲ୍ୟ, ସେ ତ ଜଡ଼ପିଣ୍ଡ,
ଖାଇ ପିଇ ହସି ଖେଳି ମରିଯିବା ପାଇଁ
ଆସି ନାହିଁ ମର୍ତ୍ତ୍ୟଧାମେ ମାନବ କଦାପି,
ନୁହେଁ ତାହା ବିଧାତାର ଉଦ୍ଦେଶ୍ୟ, ଆଦେଶ,
ଆସିଛି ସେ ସିନା ସଖି, ମୁଣ୍ଡରେ ମୁଣ୍ଡାଇ
ଗୁରୁତର କର୍ତ୍ତବ୍ୟର ଗୁରୁତର ଭାର,
ପ୍ରାଣପଣେ ସେ କର୍ତ୍ତବ୍ୟ କରି ସମ୍ପାଦନ,
ମରି ଶେଷେ କରିଯିବ ନିଜକୁ ଅମର,
ହେବ ତେବେ ସାର୍ଥ ତାର ଜନମ, ଜୀବନ ।
ଦୁଃଖକୁ କିପାଇଁ ଭୟ, ତାହାଁକୁ ବା ଘୃଣା,
ସୁଖ ଦୁଃଖ ମଧ୍ୟେ ନାହିଁ ପ୍ରଭେଦ କିଛିହିଁ,
ଦୁଃଖରୂପେ ଆସେ ସୁଖ, ଛଦ୍ମବେଶ ଧରି,
ଶେଷେ ପୁଣି କରେ ନିଜ ସ୍ୱରୂପ ପ୍ରକାଶ ।
ଲୁଚିଥାଏ ଦୁଃଖ ମଧ୍ୟେ ସୁଖ ସଂଗୋପନେ
ଭସ୍ମରେ ଅନଳ ପ୍ରାୟ, ଦୁଃଖ ଅଭାବରେ
ସୁଖର ରହିବ ନାହିଁ ଅସ୍ତିତ୍ୱ, ମହତ୍ତ୍ୱ ।
କର୍ତ୍ତବ୍ୟରେ ଦୁଃଖଭୋଗ, ସୁଖଠାରୁ ବଳେ,
କର୍ତ୍ତବ୍ୟ ଅନଳ, ଶୁଦ୍ଧ ହୁଏ ସେ ଅନଳେ
ତପ୍ତ-ସୁବର୍ଣ୍ଣ, ଯଥା ଦେବ ସ୍ପର୍ଶେ ଫୁଲ ।
ଭାଗ୍ୟ ବୋଲି ଯାକୁ ସଖି, ବୋଲନ୍ତି ଜଗତେ—
ଜାତ କର୍ତ୍ତବ୍ୟରୁ ତାହା, କର୍ତ୍ତବ୍ୟ ଦେବତା ।
ନିଜର କର୍ତ୍ତବ୍ୟ ପାଳି ରବି, ଶଶୀ, ବାୟୁ,
ହୁଅନ୍ତି ଦେବତାରୂପେ ବିଶ୍ୱରେ ପୂଜିତ ।
ଭାଗ୍ୟ କେହୁ କାହାରିକୁ ଦିଏ ନାହିଁ ଗଢ଼ି,
ଆପଣା ହାତରେ ହୁଏ ଗଢିବାକୁ ତାହା,
ନାହିଁ ତାର ଭାଗ୍ୟ, ପର-ପର-ପ୍ରତ୍ୟାଶୀ ଯେ,
ଘଟିଅଛି ସେହି ଦଶା ପୁତ୍ରଗଣେ ମୋର ।
ପୁତ୍ରଗୌରବର ସୁଖ ନାହିଁ ଯା ଭାଗ୍ୟରେ

କୋଟି ପୁତ୍ର ହେଲେ ସୁଦ୍ଧା ବନ୍ଧ୍ୟା ସେ ଜନନୀ ।
କେଉଁ ଧାତୁ କେଉଁ ରତ୍ନ ନାହିଁ ମୋର ଗର୍ଭେ,
କେଉଁ ଧନ ନାହିଁ ମୋର ବନ ପର୍ବତରେ,
ସାଗରେ, ସରିତେ, ହ୍ରଦେ, ନାହିଁ କାସ ମୋର,
କୋଟି ରତ୍ନ ଅଛି ମୋର କୋଟିଏ ରେଣୁରେ,
ନ କରି ସଂଗ୍ରହ ତାହା ମୋର ପୁତ୍ରମାନେ
ପେଟ ଖଣ୍ଡକ ପାଇଁ ବୁଲନ୍ତି ବିଦେଶେ,
ଅନାହାରେ ଅର୍ଦ୍ଧାହାରେ ଯାପନ୍ତି ଜୀବନ ।
କେଉଁ ବିଦ୍ୟା ନାହିଁ ଅବା ଗନ୍ତାଘରେ ମୋର,
ଦେଖିଛୁ ଯେ ପୁଣ୍ୟକ୍ଷେତ୍ର ପୁରୀ, ଯାଜପୁର,
କୋଣାର୍କ, ଭୁବନେଶ୍ୱର ଆଦି ଦେବାଳୟ,
ଦେଖିଛୁ ଯେ ବାରବାଟୀ ଭଗ୍ନ ମହାଦୁର୍ଗ,
ସେହି ସିନା ଜାଣେ ମୋର ବିଦ୍ୟାର ମହିମା,
ଛାଡ଼ି ନିଜ ଘରବିଦ୍ୟା ପୁତ୍ରମାନେ ମୋର,
ପଢ଼ୁଛନ୍ତି ଏବେ ପର ସଉଖୀନ ପାଠ ।
ତେଜି ଲଜ୍ଜା, ଅପମାନ, ଜୀବାଣି ପର୍ଯ୍ୟେ
ପରଦ୍ୱାରେ ଛାଡୁଛନ୍ତି ଦେହି ଦେହି ରଡ଼ି ।
କରୁଛନ୍ତି ହାହାକାର ବକ୍ଷେ ହାଣି କର,
ଯାଉଛନ୍ତି ଗଡ଼ି ସଢ଼ି ରୋଗେ, ଉପବାସେ—
ଦୁର୍ଭିକ୍ଷ ତାଡ଼ରେ ପୁଣି, ହାୟ, କି ଦୁର୍ଗତି !
ତେବେ ଆସି ଘରେ ମୋର ହେଉଛନ୍ତି ପୋଷି-
ଦୁଧ, ଘିଅ, ପିଠା, ପଣା, ଖଜା, ଗଜା ଖାଇ,
ନ ପାଇଣ ଯାଉ ପେଜ କାନ୍ଦନ୍ତି ମୋ ପୁଏ,
କି କହିବି ସଖି, ଆଉ ହୃଦୟ-ବେଦନା,
ଫାଟିଯାଏ ଛାତି ମୋର ଶତଖଣ୍ଡ ହୋଇ ।"
କହୁଁ କହୁଁ ଦେବୀଙ୍କର ଯୁଗଳ ନୟନ
ଆସିଲା ସଜଳ ହୋଇ, ଅସମ୍ଭାଳ କ୍ଷୋଭେ,
ହେଲା କି ସତେକି ଆହା ଶିଶିର-ବିଶିକ୍ତ !
ଦେଖି ଏହା ପ୍ରିୟସଖୀ ମେଦିନୀ ସୁନ୍ଦରୀ
କହିଲା—"ତେଜ ଗୋ ଦେବି, ଖେଦ, ଅନୁତାପ,
ଖଣ୍ଡ ଖଣ୍ଡ ହେବା ଯୋଗୁଁ ତୁମ୍ଭର ଶରୀର
ଘଟିଥିଲା ଅଧୋଗତି ପୁତ୍ରଙ୍କର ତବ,
ପାହିଲାଣି ସେ ସଙ୍କଟ-ରାତ୍ରି, ଉଦେ ହେବେ—
ଏବେ ନବ ଦିନମଣି, ବ୍ୟାପିବ ସର୍ବତ୍ର
ଉତ୍କଳର ସମୁଜ୍ଜ୍ୱଳ କନକ କିରଣ,
କମଳିନୀ ତୁମ୍ଭେ, ହେରି ସେହି ନବସୂର୍ଯ୍ୟେ
ଲଭିବ ପୁଲକ, ତୃପ୍ତି, ହସିବ ଗୌରବେ ।
ବୋଲହୋଇ ସେ ଆଲୋକେ ସନ୍ତାନେ ତୁମ୍ଭର
ଗଢ଼ିନେବେ ଜଗତରେ ନିଜର ଆସନ ।
ନ ହେବେ ସେ ଅଗ୍ରଜନ, ତୁମ୍ଭ ପୁତ୍ର ଯେଣୁ,
ମାତୃଗୁଣ ପୁତ୍ରପ୍ରାଣେ ବିସ୍ତାରେ ପ୍ରଭାବ ।
ଯେଉଁ ପୂର୍ବେ କରିଥିଲେ ମୁଖୋଜ୍ଜ୍ୱଳ ତବ,
ତାଙ୍କରି ତ ବଂଶଧର ବର୍ତ୍ତମାନ ପୁତ୍ରେ,
ଶରୀର ତାଙ୍କର ଦେଖ, ହୋଇଛି ଗଠିତ
ପୂର୍ବପୁରୁଷଙ୍କ ରକ୍ତେ, ହେବେ କି ସେ ହୀନ,
ସିଂହଛୁଆ କେଉଁ କାଳେ ହୁଏ ନାହିଁ ଭୁଆଁ ।
ପୁତ୍ରଗୁଣେ ନାମ ତବ ଲେଖା ହେବ ଦେଖ,
ଗୌରବ-ଶୋଭାରେ, କୀର୍ତ୍ତି ଉଠିବ ମହକି,
ମହକେ ଯେସନ ପୂଜାବେଦୀ, ଧୂପ-ସ୍ତୂପ—
ହୋମଧୂମ-ଚନ୍ଦନର ମଧୁର ସୌରଭେ,
ହେବ ତୁମ୍ଭେ ଗଣ୍ୟ, ଧନ୍ୟ,ବରେଣ୍ୟ ଜଗତେ ।"
ଏ ସମୟେ ତିନଦେବୀ, ତିନ ଆଡୁ ଆସି
ହେଲେ ତହିଁ ଉପସ୍ଥିତ, ଦିଗ ଦୀପ୍ତ କରି,
ତିନହେଁ ସ୍ୱନାମାଙ୍କିତ ମୁକୁଟମଣ୍ଡିତା ।
ପ୍ରଥମା ମୁକୁଟେ ଲେଖା ଉଜ୍ଜ୍ୱଳ ଅକ୍ଷରେ—
"ସିଂହଭୂମି"—ସିଂହଭୂମ ଅଧିଷ୍ଠାତ୍ରୀ ଦେବୀ,
ଦ୍ୱିତୀୟାର "ବ୍ରହ୍ମପୁରୀ", ତୃତୀୟା ମୁକୁଟେ
ଶୋଭାଙ୍ଗୀ "ବିଳାସପୁରୀ" ସୁପବିତ୍ର ମହୀ ।
ପଡ଼ିଲେ ପ୍ରଥମା ଯାଇ ବନ୍ଦି ଶ୍ରୀଚରଣ
ଦେବୀଙ୍କର, ଭେଟିରୂପେ ଥୋଇଲା ସମ୍ମୁଖେ—
ମଧୁପୂର୍ଣ୍ଣ ମଧୁଚକ୍ର, ପତର-ଠୋଲାରେ ।
ପୁଚ୍ଛିଲେ ମଧୁରେ ଦେବୀ, "କୁଶଳ ତ ସଖି,
ବସ ଏଠି ପ୍ରିୟମ୍ବଦା ଗଞ୍ଜାମଙ୍କ ପାଶେ ।"
"ସର୍ବାଂଶେ କୁଶଳ ମୋର ତୁମ୍ଭ ଦର୍ଶନ"

ଭୂଷି ଏହା ସିଂହଭୂମି ବସିଲେ ଆସନେ ।
ଏ ଅନ୍ତେ ଦ୍ୱିତୀୟା ଆସି, ଗୁନ୍ଥ ହୀରହାର
ଲମ୍ବାଇ ଦେବୀଙ୍କ କଣ୍ଠେ, ନମିଲେ ପଦ୍ମରେ ।
କହିଲେ ଉତ୍କଳମାତା—"ସୁପ୍ରଭାତ ଆଜି
ଦେଖିଲି ତୁମ୍ଭର ମୁଖ, ବସ ଯାଇ ସଖି,
ବେଦନାହାରିଣୀ ଏହି ମେଦିନୀ ନିକଟେ,"
ବସିଲି ସେ ଯଥାସ୍ଥାନେ ଯେ ଆଜ୍ଞା ଉଚାରି ।
ତୃତୀୟା ପ୍ରଣମି ପଦେ, ଦେଲତ ପିନ୍ଧାଇ
ରୁଚିର ଇଙ୍ଗୁଳି ହାର ଦେବୀଙ୍କ ଶ୍ରୀକଣ୍ଠେ,
ସୁମଞ୍ଜୁଳ ଗୁଞ୍ଜାପୁଞ୍ଜ ମଧ୍ୟମଣି ତାର,
ପ୍ରବାଳ ପଦକ ଯଥା ମାରକତ ହାରେ ।
କହିଲେ ସେ—"ମୋ ଜୀବନେ ଶୁଭଦିନ ଆଜ,
ଗୁହାଁଥିଲି ପ୍ରଭାତେ ମୁଁ ଖଞ୍ଜଟଲି ମୁହଁ,
ସେ ଶୁଭ ଶକୁନ ଫଳେ ଦେଖିଲି ଏଠାରେ
ସ୍ୱଣୀ ପାଦ ତବ, ମୋର ବାଞ୍ଛିତ ସମ୍ପଦ,
ଜୀବନ କୃତାର୍ଥ ଆଜ, ଜନମ ସଫଳ ।"
ଅନନ୍ତର ଉପସ୍ଥିତ ଦେବୀ ମୂର୍ତ୍ତି ଏକ
ଗୋଲାପ କୁସୁମମାଳା ଧରି ଏକ ହସ୍ତେ,
ଅନ୍ୟ ହସ୍ତେ ସ୍ୱର୍ଣ୍ଣପାତ୍ରେ ଗୋଲ ମଳୟଜ ।
ଭକ୍ତ ଆକର୍ଷଣୀ ମୂର୍ତ୍ତି, ପାଟଳ ନୟନେ
ଗଳେ ସ୍ୱଚ୍ଛ ନୀଳଚୋଳା, ପଦ୍ମ ପାଖୁଡାରେ
ବସିଛି କି ଶିଶୁଭୃଙ୍ଗ, ଆଶ୍ୱସେ ଏସନ ।
ସ୍ଫୁରି ସ୍ନିଗ୍ଧ ଶୁଭ୍ରଜ୍ୟୋତି ଦେବୀଙ୍କ ଶରୀରୁ
କରୁଅଛି ଆଲୋକିତ ସିନ୍ଧୁ ମହାବେଳା ।
ପ୍ରସନ୍ନ ପାବନ ଦୃଷ୍ଟି ଦୟାରେ ଶୀତଳ,
ଝରୁପଡ଼େ ତହୁଁ ଯେହ୍ନେ ସ୍ନେହାମୃତ ଧାର,
ଦୀପ୍ତ ସରସିଜ ମୁଖ ମହିମା-ମୟୂଖେ ।
ହେରି ସେ ମଧୁର ମୂର୍ତ୍ତି, ପ୍ରତେ ହୁଏ ଯେହ୍ନେ
ଅବତରି ସ୍ୱର୍ଗଧାମୁ ବିଦ୍ୟାଧରୀଟିଏ
ସିନ୍ଧୁବାସୁ ସେବନାର୍ଥେ ଉପସ୍ଥିତ ଏଥି ।
ଉତ୍କଳ ଜନନୀ କଣ୍ଠେ ଲମ୍ବାଇ ସେ ଦେବୀ
ସୁରମ୍ୟ ଗୋଲାପମାଳା, ବୋଳି ତାଙ୍କ ଦେହେ
ଘର୍ଷିତ ଚନ୍ଦନ, ପଦେ କହିଲେ ପ୍ରଣତ ।
ଉଠାଇ ସାଗ୍ରହେ ତାଙ୍କୁ ଉତ୍କଳ-ଜନନୀ
ନମସ୍କୃତା ଜନନ୍ୟାଙ୍କୁ ଜନୟିତ୍ରୀ ଯଥା,
ବସାଇ ଆଦରେ ପାଶେ, ଭାଷିଲେ ଏସନ—
"ଉପବିଷ୍ଟା ଦେବୀଗଣେ, ପାରିଲ କି ଚିହ୍ନି
ଏ ଦେବୀଙ୍କୁ ତୁମ୍ଭେମାନେ, ଶୁଣ ଅବହିତେ,
ପିଣ୍ଡ ମୁହିଁ, ଏ ମୋହର ଆତ୍ମା ବୋଲି ଜାଣ ।
ବହନ୍ତି ଏ ପୁଣ୍ୟଶ୍ଲୋକା "ଜୟପୁରୀ" ନାମ,
ବର୍ତ୍ତେ ଏହାଙ୍କ ବକ୍ଷେ ଡୁଡୁମା ପ୍ରପାତ
(ଦ୍ୱିତୀୟ ପ୍ରପାତ ଯେହ୍ନେ ଅବନୀମଣ୍ଡଳେ)
ଦୁଇଶତ ହସ୍ତ ଉର୍ଦ୍ଧ୍ୱୁ ସ୍ତମ୍ଭାକାରେ ଜଳ
ପଡ଼ୁଛି କକୁଣ୍ଡ ତଳେ ଗରଜି ଗମ୍ଭୀରେ,
କୋଟି ନୃଜ ମହାବଳ ଗର୍ଜନ୍ତି ଯେସନ !
ସେ ଗର୍ଜନେ ବିକମ୍ପିତ ବନଗିରି ସଦା
ମହାପ୍ରପାତର ସେହି ରୁଦ୍ର ମହାଶକ୍ତି
ଯାଉଛି ମିଳାଇ ହାୟ ବନସ୍ତ ମଧ୍ୟରେ ।
ପ୍ରକୃତିର ସେ ବିପୁଳ ଶକ୍ତି ପ୍ରଭାବରେ
ଚାଳନ୍ତା ସାଧିତ ହୋଇ କେତେ ମହାକାର୍ଯ୍ୟ
ଲକ୍ଷ ଲକ୍ଷ ଲୋକ ତହୁଁ ହୁଅନ୍ତେ ପୋଷିତ,
କିନ୍ତୁ ତାହା ହେଉଅଛି ବିଫଳ କେବଳ ।
ଏଥୁ ବଳି କ୍ଷୋଭ ଆଉ କି ଅଛି ଅଧିକ ?
ଲୋକେ ଶୋକେ ମୋ ସନ୍ତାନେ ଅଣ୍ଟାଳନ୍ତି ପେଟ,
ତଥାପି ନ ପଡ଼େ ତାହା ଦୃଷ୍ଟି ଏଥି ପ୍ରତି,
କି ଫଳ ବା କ୍ଷୋଭେ, ହାୟ ହୀନଭାଗାଳୀ ମୁଁ !
ନିବସି ବିରହୀ ଯକ୍ଷ ଯେ ଗିରି ଆଶ୍ରମେ,
ପେଷିଥିଲା ଦୂତରୂପେ ଘନେ ପ୍ରିୟା ପାଶେ,
ସେହି ରାମଗିରି ରହେ ଏହାଙ୍କ ବକ୍ଷରେ,
କେତେ ଯେ ବିଭବ, କେତେ ଆରଣ୍ୟ ସମ୍ପଦ
ଅଛି ଏହାଙ୍କର, ତାହା କେ ପାରିବ କଳି,
କିନ୍ତୁ ସବୁ ଅନାସ୍ଥାରୁ ହେଉଅଛି ବ୍ୟର୍ଥ ।
ଉଇଁ ଲେଣି ଏହାଙ୍କର ଭାଗ୍ୟ-ନଭେ ଶୁଭେ
ବିକ୍ରମ ସମ ରାଜା ଶ୍ରୀ ବିକ୍ରମ ଦେବ,

ଖଣ୍ଡିବେ ଦକ୍ଷିଣ ସେତୁ ଏହାଙ୍କର ଏବେ ।
କି ବର୍ଣ୍ଣିବ ଏକମୁଖେ ମହତ୍ତ୍ୱ ତାଙ୍କର,
ବହନ୍ତି ସେ ଦୁଇହସ୍ତ, ମାତ୍ର ଶତହସ୍ତେ
କରୁଛନ୍ତି ଅର୍ଥଦାନ ବହୁ ସତ୍କାର୍ଯ୍ୟରେ,
ଭାରତ-ବିଖ୍ୟାତ ତାଙ୍କ ଋଷିତ୍ୱ, ପାଣ୍ଡିତ୍ୟ,
ତାଙ୍କ ଯୋଗୁଁ ଗୁଣବତୀ ବୋଲାନ୍ତି ଏ ଦେବୀ ।
ତାଙ୍କ ପରି ରାଜଧର୍ମୀ ଦେବରୂପୀ ରାଜା
ବିଧାତାର ମହାଦାନ ଏହାଙ୍କ ଭାଗ୍ୟରେ ।”
ଏହା ଭଣି ନୀରବନ୍ତେ ଉତ୍କଳ ଜନନୀ,
ଉଠି ତହୁଁ ଦେବୀଗଣେ କହିଲେ ଏସନ,—
“ବିଚ୍ଛେଦ-ଜନିତ ବହୁ ତାପ ଅଦର୍ଶନେ
କରୁଥିଲୁ ଆମ୍ଭେମାନେ ଦୋଷରହ୍ଲା ଏହାଙ୍କୁ,
ଚହ୍ନିଲୁଣି ଏବେ, ଏ ତ ଭଗିନୀ ଆମ୍ଭର.
ଆମ୍ଭେ ସର୍ବେ ତୁମ୍ଭ ଅଂଶ, ଏକ ଶରୀରର
ହସ୍ତ ପଦ ଚକ୍ଷୁ କର୍ଣ୍ଣ ଆଦି ଅବୟବ
ହୁଅନ୍ତି କି ପରସ୍ପର ଅଚହ୍ନା କଦାପି ?”
ଏହା ଭଣି ଆନନ୍ଦରେ ହୋଇ ଅଗ୍ରସର
ସମସ୍ତେ ଜୟପୁରୀଙ୍କୁ କଲେ ଆଲିଙ୍ଗନ ।
ବଖାଣିଲେ ତହୁଁ ଦେବୀ ଉତ୍କଳ ଜନନୀ,—
“ତୁମ୍ଭେ ଛଅ ସଖୀ, ଛଅ ଛିନ୍ନ ଅଙ୍ଗ ମୋର
ମିଶିଲ ମୋ ଦେହେ ଆସି ବହୁକାଳ ପରେ,
ଲଭିଲି ମୁଁ ନୂତନତ୍ୱ, ଏହାଠାରୁ ବଳି
କିସ ଅଛି ଆଉ—ସୁଖ, ସନ୍ତୋଷ, ଆନନ୍ଦ ।
ଏବେ ଏହି ପୁଣ୍ୟକ୍ଷଣେ—ଏହି ଶୁଭକ୍ଷଣେ
ମିଳନର ଆଲିଙ୍ଗନ ଦିଅ ସର୍ବେ ମୋତେ ।”
ଶୁଣି ଏହା ସର୍ବ ସଖୀ, ଅତି ହୃଷ୍ଟ ମନେ
ଉତ୍କଳମାତାଙ୍କୁ କଲେ ପ୍ରେମେ ଆଲିଙ୍ଗନ,
ପ୍ରତି-ଆଲିଙ୍ଗନ କଲେ ସେ ସୁଜ୍ଞା ସର୍ବଙ୍କୁ ।
ତହିଁ ପରେ ସଖୀଗଣେ ଆଲିଙ୍ଗିଲେ ହର୍ଷେ
ପରସ୍ପରେ, ବିହ୍ୱଳିତା ବିହ୍ୱଳିତା ପ୍ରାୟ,
ଘୋଷି ଉଚ୍ଚେ “ସମ୍ମିଳିତ ଉତ୍କଳର ଜୟ ।”
ବଜାଇଲେ ଦେବୀ ଶଙ୍ଖ, ବହୁକାଳ ପରେ

ବାଜିଲା ବିଜୟ ଶଙ୍ଖ ସଘନେ ଉଚ୍ଚରେ,
ଶୁଣି ଯାର ରୁଦ୍ରଧ୍ୱନି ପାଞ୍ଚଜନ୍ୟ ପ୍ରାୟ,
ଯାଉଥିଲା ଅଧେ ତୁଟି ବୈରୀ ବୀର୍ଯ୍ୟ, ଦମ୍ଭ,
ସ୍ୱୟଂ ଆକବର ସାହ ପ୍ରତାପୀ ସମ୍ରାଟ
ଥିଲେ ସେହି ଶଙ୍ଖ ଶବ୍ଦେ ଅନ୍ତରେ ଶଙ୍କିତ ।
ଘୋଷିଲା ସେ ଶଙ୍ଖବର ସଦର୍ପେ, ଗମ୍ଭୀରେ—
“ଜୟ ଜୟ ସମ୍ମିଳିତ ଉତ୍କଳର ଜୟ ।”
ଉଠିଲା ସାଗର ଗର୍ଭୁ ପ୍ରତିଧ୍ୱନି ତାର—
ତରଙ୍ଗ ଗର୍ଜନେ ମିଶି ପ୍ରତୁଳ ନିର୍ଘୋଷେ
“ଜୟ ଜୟ ସମ୍ମିଳିତ ଉତ୍କଳର ଜୟ ।”
ଉଠିଲାକ ପ୍ରତିଧ୍ୱନି ବଡଦେଉଳରୁ—
( ଉତ୍କଳର ସମୁଦାର ଧର୍ମ-ମାନଦଣ୍ଡ )
“ଜୟ ଜୟ ସମ୍ମିଳିତ ଉତ୍କଳର ଜୟ ।”
ଉଠିଲା ସେ ପ୍ରତିଧ୍ୱନି ବେଳାବକ୍ଷୁ ପୁଣି
ବଂଶୀର ଶ୍ୟାମଳ ଦୂର ବାଲୁସ୍ତୂପ କୋଳୁଁ—
“ଜୟ ଜୟ ସମ୍ମିଳିତ ଉତ୍କଳର ଜୟ ।”
ଅନନ୍ତର ହାସ୍ୟମୁଖୀ ଉତ୍କଳଜନନୀ,
କହିଲେ ମଧୁର ସ୍ୱରେ ସଙ୍ଗିନୀଙ୍କରେ—
“ଶୁଣ ସର୍ବେ ଏକମନେ କହୁଛି ମୁଁ ଯାହା ।
ମୋ ଅଙ୍ଗ ସଂଯୋଗ ପାଇଁ ପୁତ୍ରମାନେ ମୋର
କରିଛନ୍ତି ବହୁଚେଷ୍ଟା, ବହୁବର୍ଷବ୍ୟାପୀ,
ବ୍ୟଥା ମୋର ରାଜଦ୍ୱାରେ ଗାଇଲେ କରୁଣେ;
କିନ୍ତୁ କି କହିବି ମୋର ଅଦୃଷ୍ଟହୀନତା,
ଆବେଦନ-ନିବେଦନ-ପ୍ରାର୍ଥନା-କାନ୍ଦଣା
ପୁତ୍ରଙ୍କର ମୋର, ସବୁ ହୋଇଗଲା ବ୍ୟର୍ଥ
ଅରଣ୍ୟେ ରୋଦନ ପ୍ରାୟ, ଧନମନ ବ୍ୟୟ
ହେଲା ସବୁ ଅକାରଣ ପାଉଁଶେ ଆହୁତି ।
ପରଶ୍ରୀକାତରଦକ୍ଷା ଭଉଣୀଏ ମୋର
ସାଧିଲେ ବିଷମ ବାଦ—ବହୁ କୂଟ ପାଞ୍ଚି,
ଜାଣିଛ ତ ତୁମ୍ଭେମାନେ ଭଉଣୀର ହିଂସା
ସଉତୁଣୀ ହିଂସାଠାରୁ ବଳେ ଶତଗୁଣେ,
କି ପାଷାଣୀ ସେମାନେ ଗୋ, ଫାଟିଯାଏ ହୃଦ

ସ୍ମର ତାଙ୍କ ଦୁଷ୍କରଣୀ, ଭଉଣୀ ବୋଲି ସେ
କଲେ ନାହିଁ ଉପରୋଧ, ଚକ୍ଷୁଲଜ୍ଜା ତେଜେ ।
ଘଟାଇଲେ ବହୁବାଧା, ଲଗାଇଲେ ଢଳ,
ସେ ଦୁର୍ଲଙ୍ଘ୍ୟ ବାଧାମାନ ନ ପାରି ଉଲ୍ଲଙ୍ଘି
ପୁତ୍ରମାନେ ମୋର, ହେଲେ ନାହିଁ ଭଗ୍ନୋତ୍ସାହ,
ଲାଗିଥିଲେ ଆଜଯାଏଁ ସଙ୍କଳ୍ପ ସାଧନେ ।
ମଧୁ ମୋର ଜ୍ୟେଷ୍ଠପୁତ୍ର, ମାତୃପରାୟଣ,
ମୋ ମହିମା ବୃଦ୍ଧି ପାଇଁ ଉତ୍ସର୍ଗିଲା ପ୍ରାଣ ।
ମହାପ୍ରାଣ ମାନବ ସେ, ଧନମନ ଦେଇ
ଲାଗିଲା ପୂଜାରେ ମୋର ଆ-ଜନମରେ ।
ଅର୍ଜିଅଛି ପୁତ୍ରମଣି ରାଶି ରାଶି ଅର୍ଥ,
କିନ୍ତୁ ହାୟ, ମୋହ ଲାଗି ହେଲା ଋଣଗ୍ରସ୍ତ,
ତେବେ ସୁଦ୍ଧା ନାହିଁ ତାର ଟିକେହେଁ ଭ୍ରୂକ୍ଷେପ ।
ଲାଗିଛି ସେ କର୍ତ୍ତବ୍ୟରେ ସମାନ ଭାବରେ
ବୃଦ୍ଧ ଏବେ ସେହୁ, ମାତ୍ର ଗୋଟିଏ ଯୁବକ
ନ ହେବେ ତାହାକୁ ସରି କର୍ମସାଧନରେ ।
ଅମୂଲ୍ୟ ପ୍ରତିଭା, ଆୟୁ ବୀର୍ଯ୍ୟ କଲା ବ୍ୟୟ
ମାତୃହିତେ, ମାତ୍ର ମୋର ଲୁପ୍ତହୃତ ପ୍ରଭାବେ
ସେଭଳି ରଥୀର ଚେଷ୍ଟା ନ ହେଲା ସଫଳ,
ଭାଗ୍ୟ ଅଚଳକୁ ବଜ୍ର ଯାଏ ପାଣି ଫାଟି ।
ଶୁଭକ୍ଷଣେ ଉଦେ ହେଲା ପାରଳା ରାଜ୍ୟରେ
କୃଷ୍ଣଚନ୍ଦ୍ର ଗଜପତି—ଗଜପତି-ବଂଶେ
ନବ ସୂର୍ଯ୍ୟରୂପେ, ତାର ପ୍ରତିଭା-କିରଣ
ଉଜ୍ଜ୍ୱଳ ମୋ ବକ୍ଷେ, ଗଲା ଦିଗେ ଦିଗେ ବ୍ୟାପି ।
ସ୍ୱଗୁଣେ ସେ ରାମରାଜ୍ୟ କଲା ପ୍ରତିଷ୍ଠିତ,
କି ବର୍ଣ୍ଣିବି ଗୁଣ ତାର, ପୁତ୍ରମଣି ମୋର
ମୋ ଲାଗି ହୋଇଛି ଆହା, ଯୌବନରେ ଯୋଗୀ
ଛାଡି ରାଜ୍ୟ ପରିବାର, ନ ଗଣି ଦେହକୁ
କେତେ ଦୁଃଖ ସହି ବସ୍ତ୍ର ଗୃହ-ଶଯ୍ୟାରରେ,
ଗଲା ଶ୍ୱେତଦ୍ୱୀପେ (ସ୍ୱେତଦ୍ୱୀପର ମସ୍ତକ)
ସୁଦୂର ପ୍ରବାସେ, ତେର ସମୁଦ୍ର ସେପାରେ ।
ଜଣାଇଲା ଚକ୍ରବର୍ତ୍ତୀ ଦରବାରେ ତହିଁ

ସବୁ ଦୁଃଖ ବ୍ୟଥା ମୋର—ଦେଖାଇ ବାସ୍ତିବା,
ଗାଇଲା କରୁଣେ ମୋର ଦୁର୍ଦ୍ଦଶାର ଗୀତ
ମର୍ମଭେଦୀ ସ୍ୱରେ—ଯୁକ୍ତି ଦେଖାଇ ଅକାଟ୍ୟ ।
ତାହାର ସେ ସକାତର ନ୍ୟାଯ୍ୟ ପ୍ରାର୍ଥନାରେ
ତରଳିଲା ସମ୍ରାଟ ହୃଦ (ଦୟାରେ ସଜଳ)
ତହୁଁ ତାଙ୍କ ଶୁଭାଦେଶେ ଶୁଭଦୃଷ୍ଟି ଫଳେ
ସଂଯୋଜିତ ହେଲା ମୋର ବିଖଣ୍ଡିତ ଦେହ ।
କୃଷ୍ଣଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ମୋର ଭାଗ୍ୟ-ନଭେ,
ତାହା ପରି ମାତୃଭକ୍ତ ଧାର୍ମିକ ସୁପୁତ୍ର
ନ ଥିଲା ମୁଁ ଗର୍ଭେ ଧରି ଅତୀତ ଜୀବନେ,
ନ ପାରିବ ଏ ଜନମେ ଶୁଝି ତାର ଋଣ ।
ଯାହା ଯୋଗୁଁ ଆଜ ଏହି ଆନନ୍ଦ ଆସର
ଆଉର ସୌଭାଗ୍ୟ ସୁଖ—ନିବିଡ଼-ଦୁର୍ଲଭ;
ଦେଲା ଯେହୁ ସମସ୍ତଙ୍କୁ ପୁନର୍ଜୀବ ଦାନ,
ଆଜ ଏ ମଙ୍ଗଳ ଦିନେ, ମହାପୁଣ୍ୟ କ୍ଷଣେ
କର ସେହି କୃଷ୍ଣଚନ୍ଦ୍ରେ ଆଶୀର୍ବାଦ ସର୍ବେ ।"
ଉତ୍କଳ ଜନନୀଙ୍କର ଏଭଳି ଆଦେଶେ,
ଅଧୀର ହରଷେ ସର୍ବେ ଉଚାରିଲେ ଉଚ୍ଚେ—
"ଜୟ ଗଜପତିରାଜା କୃଷ୍ଣଚନ୍ଦ୍ର ଜୟ ।"
ବଜାଇଲେ ଦେବୀ ଶଙ୍ଖ, ଘୋଷିଲା ସେ ରବେ
"ଜୟ ଗଜପତିରାଜା କୃଷ୍ଣଚନ୍ଦ୍ର ଜୟ ।"
ଉଚାରି ତିନିବାର ଜୟ, ସଖୀ ସଙ୍ଗେ ଦେବୀ
ଆଶିଷିଲେ—"କୃଷ୍ଣଚନ୍ଦ୍ର, ହୁଅ ଚିରଞ୍ଜୀବ ।"
ଅନନ୍ତର ପୁତ୍ରପ୍ରାଣା ଉତ୍କଳ ଜନନୀ
କହିଲେ ସଦର୍ପ କଣ୍ଠେ, ସଖୀଗଣେ ଚାହିଁ—
"ଆଉ ଏକ ପୁତ୍ର ମୋର ଚକଟି ନୃମଣି,
ଯୁବକ ସେ, କିନ୍ତୁ ବୃଦ୍ଧ—ପ୍ରଜ୍ଞା ପ୍ରତିଭାରେ;
କି ସାହସ ତାର—ଦେବକୁମାର ସଦୃଶ,
କ୍ଷତ୍ରିୟ ସେ, କ୍ଷାତ୍ର ତେଜେ ଗଢା ତାର ଦେହ;
ଏକହାତେ ରୁଦ୍ଧ କରି ଶତ୍ରୁ ଷଡଯନ୍ତ୍ର
ଅନ୍ୟ ହାତେ ସାଧିଲା ସେ ମୋର ବହୁ ହିତ ।
ସୁଖର କୋମଳ ଅଙ୍କେ ଆବାଲ୍ୟପାଳିତ,

କିନ୍ତୁ ବନ୍ଧୁ, ମୋ ଜୀବନରେ ଭୁଞ୍ଜିଲି ଯେ ଦୁଃଖ
ତାହା ବଚନକୁ ବଳେ, ତେଜି କ୍ଷୁଧାତୃଷା
ଆଦର ବିଶ୍ରାମ, ନିଦ୍ରା, ବହୁ ସ୍ଥାନେ ଯାଇ
ବସାଇ ସମିତି, ସଭା, ଗାଇଲି ମୋ ଖ୍ୟାତି,
ଆକର୍ଷିଲି ମୋପ୍ରତି ମୋ ପ୍ରଜାଙ୍କର ଶ୍ରଦ୍ଧା ।
ଅବିଶ୍ରାମ ପରିଶ୍ରମେ ହେଲି ସେ ପୀଡ଼ିତ,
ମାତ୍ର କି କହିବି ସଖି, ଧୈର୍ଯ୍ୟ ନିଷ୍ଠା ତାର,
ନ ମଣେ ସେ ରୋଗେ ଦୁଃଖେ, ଶତହସ୍ତ ହୋଇ
ଲାଗିଗଲା ମୋର ଅଙ୍ଗ-ସଂଯୋଗ ବ୍ୟାପାରେ ।
ଉତ୍ତରେ କି ଗୋ ସଖି, କେବେ କ୍ଷତ୍ରିୟ ସନ୍ତାନ
ରୋଗେ ଦୁଃଖେ ଭୟେ,ମଣେ ଛାର ସେ ତାହାକୁ,
ଜଳିବ କି ଅଗ୍ନିଶିଖା ତୁଚ୍ଛ ତୃଣଗୁଚ୍ଛେ ?
ବଢ଼ୁଛି ତାହାର ଖ୍ୟାତି—ଚନ୍ଦ୍ରକଳା ପ୍ରାୟ,
ଅଦୂର ଭବିଷ୍ୟେ ଦିନେ ନିଶ୍ଚୟ ତା କୀର୍ତ୍ତିରେ
ନିଶ୍ଚିତ ପିନ୍ଧାଇଦେବ ଯଶର ମୁକୁଟ,
କର ସର୍ବେ ତାହା ନାମେ ଜୟ ଉଚ୍ଚାରଣ ।"
ଶୁଣି ଏହା ସଖୀମାନେ ସହର୍ଷ ଅନ୍ତରେ
ଉଚ୍ଚାରିଲେ ଉଚ୍ଚସ୍ୱରେ ଦେବୀଙ୍କ ସହିତେ—
"ଜୟ ଗୌରଚନ୍ଦ୍ର ଜୟ ତଳଚି ନୃମଣି ।"
ବଖାଣିଲେ ଏଥିଅନ୍ତେ ଉତ୍କଳ ଜନନୀ
"ଆଉ ଜଣେ ପୁତ୍ର ମୋର ମଦନମୋହନ
କୃଷ୍ଣସିଂହ ବଂଶମଣି ଧରାକୋଟ-ନାଥ,
ବୀରସିଂହ ସେହୁ, ଶତ-ଶାର୍ଦ୍ଦୂଳ-ସଂହାରୀ,
ଜାଗିଲା ସେ କର୍ଣ୍ଣେ ଶୁଣି ମାତୃଡ଼ାକ ମୋର ।
କଲା ସେ ଘୋଷଣା ଦମ୍ଭେ—ସିଂହ ବିକ୍ରମରେ
"କି ମିଶୁ ପରକେ କେହି, ମାତ୍ର ମୁଁ ନିଶ୍ଚୟ
ମିଶିବି ମୋ ମାତୃ ସହ ଏ ମୋର ପ୍ରତିଜ୍ଞା ।"
ଏଭଳି ସତେଜ ବାଣୀ—କୃଷ୍ଣ ବୀରବାଣୀ
ବାହାରେ କି ଶ୍ରୀକୃଷ୍ଣ ସିଂହ ବ୍ୟତିରେକେ ?
ବହୁଗୁଣେ ଗୁଣଧର ପୁତ୍ରମଣି ମୋର,
ତାହା ପରି ସେହି ଏକା ସ୍ୱଦେଶାଭିମାନୀ,
ବିଖଣ୍ଡିତ ଅଙ୍ଗ ମୋର ସଂଯୋଗ ସକାଶେ
କରିଛି ସେ ବହୁ ଯତ୍ନ, ବହୁ ଧନ ବ୍ୟୟ ।
କରୁଛି ମୁଁ ଆଶୀର୍ବାଦ ପୁତ୍ର ପୌତ୍ର ଘେନି
କରୁଥାଉ ରାଜମଣି ରାଜଲକ୍ଷ୍ମୀ ସେବା,
କର ସର୍ବେ ଜୟଧ୍ୱନି ପୁଣ୍ୟ ନାମେ ତାର ।"
ଏହା କହି ଦେବୀ, କଲେ ଅଗ୍ରେ ଉଚ୍ଚାରଣ—
"ଜୟ ଧରାକୋଟ ପତି ମଦନମୋହନ"
ତହୁଁ ପରେ ସଖୀକଣ୍ଠୁ ଉଠିଲା ସେ ଧ୍ୱନି
ପ୍ରତିଧ୍ୱନି ପ୍ରାୟ, ଦେଲେ କରତାଳି ସର୍ବେ ।
ପୁନଶ୍ଚ କହିଲେ ଦେବୀ, "ଶୁଣ ସଙ୍ଗିନୀଏ,
ଆଉ ଏକ ପୁତ୍ର ମୋର ମହା ବିଦ୍ୟାବନ୍ତ,
ରାଜନ୍ୟ-ବାଞ୍ଛିତ ସର୍ବ ସଦ୍‌ଗୁଣ-ଗରିମ୍ନ,
ଘୋଷେ ତାର ଯଶ ଖ୍ୟାତି ମହୋଦଧି-ଜେମା
ସୁଷମା ସୃଷ୍ଟିର ଶୁଭ୍ର ଚନ୍ଦ୍ରିକା ଚଳିତା
ଉଚ୍ଚକଣ୍ଠେ, ଘୋଷେ ପୁଣି 'ନିର୍ମଳ ଝର୍ଝର'
ଝର୍ଝର ଝଙ୍କାରେ ସଦା ଆଦିବାରଜନୀ ।
ସେହି ରାଜା ରାମଚନ୍ଦ୍ର, ରାମଚନ୍ଦ୍ରୋପମ
ରୂପେ ଗୁଣେ ଶୀଳେ ଧନ୍ୟ ସାଧୁ ସଦାଶୟ,
କରିଛି ସଙ୍କଟେ ବହୁ ସହାୟତା ମୋର
ଲାଗିଥିଲା ଯେବେ ମୋର ଭାଗ୍ୟର ପରୀକ୍ଷା,
ମୋ ପାଇଁ ଅନଳକୁଣ୍ଡ ଥିଲେକ ସଜାଡ଼ି
ଭଗ୍ନୀପୁତ୍ରେ ମୋର, ତହୁଁ ଦେଇଥାନ୍ତେ ପେଲି,
ସେ ବିପଦୁ ରାମଚନ୍ଦ୍ର ଉଦ୍ଧାରିଛି ମୋତେ ।
ନୀରବ କର୍ମୀ ସେ, ତାର ଦକ୍ଷିଣ ହସ୍ତର
କାର୍ଯ୍ୟ, ପାରେ ନାହିଁ ଜାଣି ବାମହସ୍ତ କେବେ,
ପ୍ରିୟ ପୁତ୍ର ସେ ମୋହର, ମହା-ଉପକାରୀ,
କର ତାହା ନାମେ ଉଚ୍ଚେ ବିଜୟ ଘୋଷଣା ।"
ଏହା କହି ଦେବୀ, ଦେଲେ ନିଜେ ହୁଳାହୁଳି,
ଉଚ୍ଚାରିଲେ ସଖୀଗଣେ ହର୍ଷବୋଳା କଣ୍ଠେ—
"ଜୟ ଖଲ୍ଲିକୋଟ-ନୃପ ରାମଚନ୍ଦ୍ର ଜୟ ।"
ପୁନଶ୍ଚ କହିଲେ ଦେବୀ—"ଶ୍ରୀ ବିକ୍ରମ ଦେବ
ସୁଯୋଗ୍ୟ ରକ୍ଷକ ସଖୀ ଜୟପୁରୀଙ୍କର,
ମୋର ଯୋଗ୍ୟତମ ପୁତ୍ର, ମହାରାଜା ଯେହୁ

କିନ୍ତୁ ବ୍ୟବହାରେ ରଖି, ନ ଥିଲି ଆସକ୍ତି
ରାଜପଦେ ତାର, ମାତ୍ର ଯୋଗ୍ୟ ଜାଣି ତାକୁ
ବଳେ ଭଳେ ରାଜଲକ୍ଷ୍ମୀ ମଣ୍ଡିଲେ ତା ଶିରେ
ନୃମଣି-ମୁକୁଟ, ପୁଣ୍ୟ ଦକ୍ଷହସ୍ତ ତାର
ଆର୍ଦ୍ର ସଦା ଦାନବାରି ଗଣ୍ଡୂଷ ଧାରଣେ ।
ମୋ ଅଙ୍ଗ ସଂଯୋଗ ପାଇଁ ପୁତ୍ରମଣି ମୋର
କରିଅଛି ଯେତେ କାର୍ଯ୍ୟ କରୁଅଛି ଯେତେ,
ଉଦାର ତା' ନାମେ ସର୍ବେ ଜୟ ଜୟବାଦ ।"
ଅନନ୍ତର ଦେବୀ, ତୋଳି ଊର୍ଦ୍ଧ୍ୱେ ବେନି ବାହୁ
ଉଚ୍ଚାରିଲେ ଉଚ୍ଚେ—'ଜୟ ଶ୍ରୀ ବିକ୍ରମଦେବ'
ତହୁଁ ପରେ ସଖୀଗଣେ କଲେ ଜୟଧ୍ୱନି ।
ଶ୍ରୀ ବ୍ରଜମୋହନ ଦେବ କଳାହାଣ୍ଡି ନୃପ
ସୁପ୍ରସିଦ୍ଧ ନାଗବଂଶ ସମୁଜ୍ଜ୍ୱଳ ମଣି,
ଉତ୍କଳ-ନଗାଧିରାଜ ଉତ୍କଳ-ହିମାଦ୍ରି
ଉତ୍ତୁଙ୍ଗ ନିୟାମଗିରି ଶ୍ରେଷ୍ଠ ପ୍ରଜା ତାର,
ଭେଟେ ତା ଚାମୁରେ ଅର୍ପି ସୁରଭି ଚନ୍ଦନ ।
ମହାଯଶା ମହୀପତି ସେହୁ, ମାତୃଭକ୍ତ,
ମୁକ୍ତହସ୍ତେ ଅର୍ଥ ବ୍ୟୟ କଲା ସେ ମୋ ପାଇଁ,
ହିତୈଷୀ ପୁତ୍ର ସେ ମୋର, ବୋଲି ସଜନୀଏ,
'ଜୟ ଜୟ ମହାରାଜା ଶ୍ରୀ ବ୍ରଜମୋହନ'
କଲେ ତହୁଁ ଜୟଧ୍ୱନି ସଖୀଏ କି ବାର ।
ଆଉ ଯେତେ କୃତୀ ପୁତ୍ର ମୋ ଉଦ୍ଧାର-ଯାଗେ
ଋତ-ସୁପ୍ତ-ଯଜ୍ଞ-ଦାତୃ-ଅକ୍ଷତସ୍ୱରୂପେ
ବ୍ୟୟ କରି ଧନ, ବଳ, ବୁଦ୍ଧି, ପରମାୟୁ,
ହୋଇଛନ୍ତି ସାହା ମୋର ପୂର୍ଣ୍ଣାଙ୍ଗ ପ୍ରାପ୍ତିରେ,
ସହି ଯେତେ ଖଟା, ଗାଳି, ନିନ୍ଦା, ଅପମାନ ।
ମୋ ଶ୍ରୀକୃଷ୍ଣ ମହାପାତ୍ର ବୀର, ଧନୁର୍ଦ୍ଧର,
ବାସ୍ତବରେ ମହାପାତ୍ର ସେହୁ, ଦେଖାଇଲା
ରାଜଦ୍ୱାରେ ଓଡ଼ିଆର ପ୍ରକୃତ ସ୍ୱରୂପ ।
ଲକ୍ଷ୍ମୀବନ୍ତ ଲକ୍ଷ୍ମୀଧର ରାୟବାହାଦୁର
ମୋର ଦକ୍ଷପୁତ୍ର, ତାର ସାର୍ଥକ ଉପାଧି ।
ଗୁଣଧର ପୁତ୍ର ମୋର ଭିକାରୀଚରଣ
ଏଣ୍ଟ୍ରିବିଦ୍ୟା ପ୍ରବର୍ତ୍ତକ, ନବହୃନ୍ଦରୁଆ,
କର୍ମବୀର, ମାତୃଭକ୍ତି ଆଦର୍ଶ ତାହାର ।
ଧର୍ମ-ଯୁଧିଷ୍ଠିର ପ୍ରାୟ ଶ୍ରୀବ୍ରଜସୁନ୍ଦର
ମାତୃପ୍ରାଣ, ମାତୃଦୁଃଖେ କାନ୍ଦେ ତା ଅନ୍ତର
ମୋ ସେବାରେ ଉତ୍ସର୍ଗ ସେ କରିଅଛି ପ୍ରାଣ ।
ଓକିଲ ବିଚିତ୍ରାନନ୍ଦ, ରାଧାନାଥ ପଣ୍ଡା,
ଧାଇଁ ଧାଇଁ ହୋଇଛନ୍ତି ହାଲିଆ ମୋ ଲାଗି ।
କାହିଁ ମାତେ ସୁମରିଲେ ଗୋଦାବରୀଶ ଗୁଣ,
ମୋ ପାଇଁ ସେ ଭାଇ ହାତୁ ଖାଇଛି ପ୍ରହାର
ଅକାତରେ, ହସି ହସି ଭୁଲିଛି ସେ ବ୍ୟଥା,
ମୋ ଅଙ୍ଗ ସଂଯୋଗ ପାଇଁ ଆଖିଦେଖା ଭଳି
କରିଛି ବହୁତ କାର୍ଯ୍ୟ ପୁତ୍ରମଣି ମୋର ।
ଦକ୍ଷ ରାଜ-କର୍ମଚାରୀ ଦାମୋଦର ରଥ
ଅର୍ଜିଛି ପ୍ରତିଷ୍ଠା ନିଜ ଯୋଗ୍ୟତା ବଳରେ,
ମୋର ସ୍ୱାଧୀନତା ପାଇଁ କରିଛି ସେ କାର୍ଯ୍ୟ
ରାଜଦ୍ୱାରେ, ବାହାରରେ ଶକ୍ତି ଅନୁଯାୟୀ ।
ଭୁବନବିଖ୍ୟାତ ମୋର ତନୟ ଭୁବନ,
ଉଚ୍ଚ କଳାବିଦ୍ୟାରେ ସେ ପଟୁ, ଧୁରନ୍ଧର,
ଯୁଝିଲା ମୋ ଲାଗି ସେହୁ ଲାଟ-ଦରବାରେ
ଲଭିଲା ବିଜୟ, ଯଶ, ପ୍ରତିଷ୍ଠା ବିପୁଳ ।
ସେନାପତି ନୀଳମଣି, ଉତ୍ସାହୀ, ବିଦ୍ୱାନ,
କରିଛି ମୋ କୁଳୋଜ୍ଜ୍ୱଳ ଉଚ୍ଚଶିକ୍ଷା ଲଭି,
ବହିଛି ସେ ଗୁରୁଭାର ରାଜକର୍ତ୍ତବ୍ୟର,
ନାହିଁ ତିଳେ ଅବସର, ତଥାପି ସେ କୃତୀ
ସାଧିଅଛି ଶତହସ୍ତେ ପୁତ୍ରର କର୍ତ୍ତବ୍ୟ ।
ବୃଦ୍ଧ ଲକ୍ଷ୍ମୀନାରାୟଣ ଲକ୍ଷ୍ମୀପୁତ୍ର ମୋର,
ଧାଇଁ ଧାଇଁ ଦିନରାତି ମୋ ଲାଗି ସତତ
ସହିଛି ଆୟାସ ବହୁ, ଜୀର୍ଣ୍ଣ ଶରୀରରେ,
ତେଜରେ ଯୁବକ ତାକୁ ନ ହେବେ ସମାନ ।
ନିଷ୍ଠାପର ମାତୃଭକ୍ତ ଲକ୍ଷ୍ମୀନାରାୟଣ
ଭାରତ-ସେବକ ସଭା ସୁଯୋଗ୍ୟ ସଦସ୍ୟ,
ଗର୍ବିତା ମୁଁ ଗର୍ଭେ ଧରି ତାକୁ, କୁନ୍ତୀ ଯଥା

ସବ୍ୟସାଚୀ ଯୋଗେ, ତୁଷ୍ଟି ହୁଅନ୍ତେ ତାର୍ ।
କେଉଁଠି କି ଜାତ ମୋର୍ ରହିଛନ୍ତି ଗୋପନେ
ଜାଣି ତାହା ପୁତମଣି କରୁଛନ୍ତି ଚେଷ୍ଟା
ଯଥାଶକ୍ତି, ତାଙ୍କ ଦକ୍ଷ ଚକ୍ଷୁସ୍ନେହ ପ୍ରାପ୍ୟ,
ସୌଜନ୍ୟ ସରଳ ସେତୁ ଚେତରେ ସ୍ମସ୍କର,
ଯଥା ଉଦମନା, ତଥା ଉଚ୍ଚଶିକ୍ଷିତ ସେ,
ଇଚ୍ଛି ଥିଲେ ପାଇଥାନ୍ତା ଅର୍ଜି ବହୁ ଅର୍ଥ
ମାତ୍ର ତାର୍ ଲକ୍ଷ୍ୟ ନୁହେଁ ତାହା, ଧରିଛନ୍ତି ସେ
ମୋହୋ ଲାଗି ସେବାବ୍ରତ, ପୁଣି ଦୈନ୍ୟବ୍ରତ,
ମୋହଲାଗି ପୁତବର୍ ହୋଇଛନ୍ତି ଉଦାସୀ,
ଦେଖାଇଛନ୍ତି ଶ୍ରେଷ୍ଠାଦର୍ଶ ଯୁବକ ସମାଜେ ।
"ସହକାର୍" ପତ୍ର ମୋର୍ ବହୁ ହିତକାରୀ,
ଅଗ୍ନିମୟୀ ପ୍ରବର୍ତ୍ତନା ଦେଇଛନ୍ତି ସେ ବାଲ
ମୋର୍ ପୁତକନ୍ୟା ପ୍ରାଣେ, ଲେଖନୀ ତାହାର୍
ଧନ୍ୟ , ସୁସାର୍ଥକ, ହେଉ ସେ ଶୁଭ୍ର ଲେଖନୀ
ସୁପ୍ରାସ୍ତୃତ, ଏହା ମୋର୍ ପ୍ରାଣର୍ ଆଶିଷ ।
ପ୍ରବୀଣ ଗୋପାଳଚନ୍ଦ୍ର ସାଧୁ ପୁତ ମୋର୍,
ଭରତ ସେ ଜ୍ଞାନକୋଷ, ମଧୁକୋଷ ଯଥା,
ଦେଖାଇଛନ୍ତି ଓଡ଼ିଆର୍ ମସ୍ତିଷ୍କ ପ୍ରଭାବ
ପ୍ରତିଭା ଗୌରବ, ଧନ୍ୟ ଲେଖନୀ ତାହାର୍ ।
ମୋ ଅଙ୍ଗ ସଂଯୋଗ ଲାଗି ସେ ନୀରବ କର୍ମୀ,
କରିଅଛି ଅକାତରେ ବହୁ ପରିଶ୍ରମ ।
ହୀରାଖଣ୍ଡ-ସ୍ୱର୍ଣ୍ଣ-ହୀରା ଗ୍ରାମନାରାୟଣ,
ଆବର୍ ଚନ୍ଦ୍ରଶେଖର୍, ଉଭୟେ ମୋ ଲାଗି
କରିଛନ୍ତି ଧନ, ମନ, ଅମୂଲ୍ୟ ସମୟ
ଅକୁଣ୍ଠିତେ ବ୍ୟୟ, ନୁହେଁ ସୁପୁତ ମୋହର୍ ।
ସୁପଣ୍ଡିତ କୃଷ୍ଣଚନ୍ଦ୍ର ଅଗ୍ରଣୀ ମୋ ପାଇଁ
ମୁଣ୍ଡଭାଳ ଗୋଡ଼େ ମାରି, ସହି ବହୁ କ୍ଲେଶ
ଲାଗିଅଛି ଅବିରତ କର୍ତ୍ତବ୍ୟ ସାଧନେ ।
କର୍ମବୀର ସୁପୁତ ସେ, ଧରି ଭିକ୍ଷାବୃତ୍ତି
କରୁଛନ୍ତି ସଂଗ୍ରହ ଅର୍ଥ ବୁଲି ଗ୍ରାମେ ଗ୍ରାମେ,
ସ୍ଥବିର୍ ଶରୀରେ ତାର୍ ଅଛି କେତେ ଶକ୍ତି
ଯୁବକ-ଦୁର୍ଲ୍ଲଭ, ଦେଖି ଲଭେଁ ମୁଁ ବିସ୍ମୟ,
ଓଡ଼ିଆ ଭାଷାର୍ ବୃଦ୍ଧି, ସଂରକ୍ଷଣ ପାଇଁ
ଲାଗିଛନ୍ତି ସେ ବିଦ୍ୟାଳୟ ସ୍ଥାପନେ ସତତ,
ଶତ ବର୍ଷ ପରମାୟୁ ଲଭୁ ସେ ସାହସୀ
ଯଥା ପିତା, ତଥା ପୁତ, ଉଭୋପାଧ୍ୟାୟୀ
ପୁତ ତାର୍ କରୁଅଛି ସାହାଯ୍ୟ ଜନକେ ।
ମୃତ୍ୟୁଞ୍ଜୟ କାର୍ଯ୍ୟତୀର୍ଥ ଚନ୍ଦ୍ର ଗ୍ରାମବାସୀ
ଚନ୍ଦ୍ରଶେଖର-ପାଳିତ, ଆହା ଦ୍ୱିଜମଣି
ସହିଛନ୍ତି ମୋ ଲାଗି ପ୍ରାଣେ ବିଶେଷ ଯାତନା
ତାର୍ ସହକର୍ମୀ ସହ, ବିପକ୍ଷ ହସ୍ତରୁ ।
ସମଗ୍ର ମେଦିନୀପୁରୁ ସିଂହଭୂମି ଯାଏଁ
ଦଳେ ଦଳେ ବାହାରିଣ ଶିଷ୍ଟ ପୁତେ ମୋର୍
ଲାଗିଗଲେ କର୍ମେ ସର୍ବେ ବଦ୍ଧହସ୍ତ ହୋଇ,
ଅପମାନ, ଅପବାଦ ଦଳି ବାମ ପାଦେ ।
ପ୍ରଫୁଲ୍ଲ, ମୁକୁନ୍ଦ, ନନ୍ଦକିଶୋର୍ ଜନନ୍ତେହେଁ
ଗାଇ ସର୍ବସମିତିରେ ମୋ ଦୁଃଖ କାହାଣୀ
କାନ୍ଦିଲେ ବିସ୍ତର ପୁଣି କନ୍ଦାଇଲେ ଆନେ,
ନତେ କର୍ କରାଇଲେ ଅପରେ ମୋ କାର୍ଯ୍ୟ ।
ଉତ୍କଳ ଈଶ୍ୱରଚନ୍ଦ୍ର ରାୟ ବାହାଦୁର୍
ମୋ ସକାଶେ କରିଅଛି ବହୁ ଅର୍ଥ ବ୍ୟୟ,
ସୁପୁତ ସେ ମୋର୍, ଦାନେ କଳ୍ପତରୁ ଯଥା,
ଲଭୁ ଦୀର୍ଘ ପରମାୟୁ ମୋର୍ ଆଶୀର୍ବାଦେ ।
ସମାଜ, ନବୀନ, ପୁଣି ଉତ୍କଳଦୀପିକା,
ମୋ ନିମନ୍ତେ କରିଛନ୍ତି ବହୁ ଶକ୍ତି ବ୍ୟୟ ।
ସିଂହ ତୁଲ୍ୟ ଶକ୍ତିଶାଳୀ ଜଗବନ୍ଧୁ ସିଂହ
ଉଗ୍ରଣୀ ମାତା ପ୍ରତି ଯେଉଁ କର୍ତ୍ତବ୍ୟ ପୁତର୍,
ପାଳିଛନ୍ତି ସେ ତାହା ତାର୍ ଶକ୍ତି ଅନୁଯାୟୀ ।
କରିଛନ୍ତି ବହୁଚେଷ୍ଟା ମହନ୍ତମଣ୍ଡଳୀ
ରାଧାକାନ୍ତ ଏମାର୍ ଆଦି ମଠସମୂହର୍,
ଧର୍ମଗୁରୁ, ଧର୍ମଭକ୍ତ ବିଖ୍ୟାତ ସକଳେ
ଅର୍ଜିଲେ ଅକ୍ଷୟ ପୁଣ୍ୟ ଜନନୀ ସେବାରେ ।
ଖ୍ରୀଷ୍ଟାନ ମୁସଲମାନ ପୁତମାନେ ମୋର୍

ଆବର ଦେଶର ସଭ୍ୟ ସମିତି ସକଳ
କରିଛନ୍ତି ସ୍ୱଚ୍ଛାରେ ମୋ ସନ୍ତାନେ ଅଳ—
ନିବେଦନ ଆବେଦନ ଅନୁନୟ ସହ ।
ଶଶୀ ରଥ—ସୁଭାଷିଣୀ "ଆଶା"ର ଜନକ,
ତେଜସ୍ୱୀ ସେ, ଡରେ ନାହିଁ ବକ୍ତୃ ବା ଅନଳେ,
ମୋ ଅଙ୍ଗ-ସଂଯୋଗ ଅର୍ଥେ ହୋଇ ସେ ପାଗଳ,
ଲାଗିଲା ବଳିଲା ପରି ଧାଇଁ ନାନାଦିଗେ ।
ଆଉ ଏକ ପ୍ରିୟପୁତ୍ର ବିଶ୍ୱନାଥ କାର
ଗଞ୍ଜାମ ରଇତ-ବନ୍ଧୁ, ଉଦାର, ଗମ୍ଭୀର,
ବିଚକ୍ଷଣ ବୁଦ୍ଧି ତାର, ଦେଲା ସେ ଦେଖାଇ
ଅକାଟ୍ୟ ପ୍ରମାଣମାଳା ସପକ୍ଷରେ ମୋର ।
ବର୍ଣ୍ଣିଥାଉ ଖଇବର୍ଷ ସୁଧୀ ନିରଞ୍ଜନ
ପଟ୍ଟନାୟକ ମନ୍ତ୍ରୀମାନ, ସ୍ୱବଳ ତେଜରେ
ବିରଳ ତା' ସମ ସତ୍ୟ ସୁତକମଣ୍ଡଳେ ।
ଲେଖିଛନ୍ତି ସେ ପୋଥି, ଯୁକ୍ତି ପ୍ରମାଣ ଦର୍ଶାଇ
ତାର ସାଧ୍ୟ ତାକୁ କେଲେ କରିବ ଖଣ୍ଡନ,
କରିଛନ୍ତି ସେ ବହୁକାର୍ଯ୍ୟ ସୀମା ସାକ୍ଷ୍ୟ ଦେଲେ ।
ସ୍ପଷ୍ଟବାଦୀ ଗୋସ୍ୱାମୀ ବହୁ ଗୁଣାଧାର
ଲାଗିବ ଯେ କାର୍ଯ୍ୟେ, ତାହା ସାଧିବ ନିଶ୍ଚୟ,
ନିଜର ଅବସ୍ଥା ପ୍ରତି ନ କରି ଭ୍ରୂକ୍ଷେପ,
ଲାଗିଛନ୍ତି ସେ ମୋ ନିମନ୍ତେ ଅବିଶ୍ରାନ୍ତଭାବେ,
ଧନ୍ୟ ମୁହିଁ ଅଙ୍କେ ଧରି ତାହା ପରି ପୁତ୍ର,
ବୀରପୁତ୍ର ସେ ମୋହର, ଗଞ୍ଜାମ-ଭୂଷଣ ।
"ପ୍ରଜାବନ୍ଧୁ" ସମ୍ପାଦକ ଶ୍ରୀ ଭୁବନେଶ୍ୱର
କରିଛନ୍ତି ମୋଲାଗି ବହୁ ଚିନ୍ତା ଶକ୍ତି ବ୍ୟୟ,
ତାହା ପରି ସ୍ପଷ୍ଟବାଦୀ ନୈତିକ ସାହସୀ
ଅଛନ୍ତି ଅତୀବ ମୋର ପୁତ୍ରଗଣ ମଧ୍ୟେ ।
ଦୀନବନ୍ଧୁ ଇଙ୍ଗଳ ଉତ୍ସାହୀ ଯୁବକ
ମାତୃପ୍ରାଣ, ମାତୃଭକ୍ତ, ମାତୃହିତବ୍ରତୀ
ଦେଇଛନ୍ତି ମୋ ମୁକ୍ତିଯଜ୍ଞେ ପ୍ରବୀଣ ଯାଜକ,
ନ ଥିଲା ତାଙ୍କର ଭିତ୍ତି ଦେଖିବାକୁ ଶ୍ୱାସ ।
ମଧୁ ଓ କହିଛନ୍ତି ନାମ ଆଗିଦେଖା ହୁଏ

ଭୁଷ୍ଟ ମୁହିଁ ପୁତ୍ରୋଚିତ ବ୍ୟବହାରେ ତାର ।
ଧୂରନ୍ଧର ପୁତ୍ର ମୋର ଶ୍ରୀଲକ୍ଷ୍ମୀଧର
ସୁବଳ ଓଡ଼ିଆ, ମାନ କାନେ ବର୍ଣ୍ଣି ମାନ,
କରିଛନ୍ତି ବହୁତ କାର୍ଯ୍ୟ ମୋ ମଙ୍ଗଳ ପାଇଁ ।
ନିତ୍ୟାନନ୍ଦ ମାନଧାତା ପ୍ରବୀଣ ଓକିଲ
ନାନା ଚେଷ୍ଟା କରି ସେହୁ ସାଧିଛନ୍ତି ମୋହର
ବହୁ ହିତ, ପ୍ରଶଂସ୍ୟ ତା ସ୍ୱଦେଶାଭିମାନ ।
ବୀରପୁତ୍ର ବୈକୁଣ୍ଠନାଥ ପ୍ରେମକିଶୋର
ପୂରିଛନ୍ତି ସେ ମସ୍ତିଷ୍କେ ସେନାପତି ରୂପେ ।
ପାରଳାର ହିତୈଷିଣୀ ଆଦର୍ଶ ସମାଜ
କରିଅଛି ମୋ ନିମନ୍ତେ ବହୁ ଲେଖାଲେଖି,
ବିପକ୍ଷର ଯୁକ୍ତି-ଅସ୍ତ୍ର ଖଣ୍ଡ ଖଣ୍ଡ କରି
କାଟିଅଛି ପ୍ରଚଣ୍ଡ ଅସ୍ତ୍ରେ ଦକ୍ଷ ରଥୀ ପ୍ରାୟ ।
ବିଦ୍ୟାଧର ସିଂହଦେବ ଯୋଗ୍ୟପୁତ୍ର ମୋର,
ତାହା ପରି ସୂକ୍ଷ୍ମଦର୍ଶୀ ସୁପଣ୍ଡିତ ଜନ
ବିରଳ ସର୍ବଥା ନବ୍ୟ ଉତ୍କଳ ସମାଜେ ।
ଛିନ୍ନାଂଶ ସଂଯୋଗେ ମୋର ଅଣ୍ଟା ଭିଡ଼ି ଦୃଢ଼େ
କରିଅଛି ପୁତ୍ରରତ୍ନ ଦୁଃସାଧ୍ୟ ସାଧନ ।
ଛାତ୍ରପୁତ୍ରେ ମୋର ଭାବୀ ଭରସାର ସ୍ଥଳ,
କି ବର୍ଣ୍ଣିବି ଏକମୁଖେ ତାଙ୍କର କୃତିତ୍ୱ,
ପାଠ ଛାଡ଼ି, କଷ୍ଟ ସହି ବୁଲି ଗ୍ରାମେ ଗ୍ରାମେ
ଗାଇଣ ମାହାତ୍ମ୍ୟ ମୋର, ସଜୀବ ଭାଷାରେ,
ମତାଇଲେ ଜନଗଣେ, ଧରିବାକୁ ଦୃଢ଼େ—
ମାତୃସମୁଦ୍ଧାର ପୁଣ୍ୟବ୍ରତ ପ୍ରାଣପଣେ ।
ହୁଅନ୍ତୁ ବାଳକେ ମୋର ଦୀର୍ଘାୟୁ, ଯଶସ୍ୱୀ,
ଏହି ଆଶୀର୍ବାଦ ମୋର ତ୍ରିକାଳ ସନ୍ଧ୍ୟାରେ ।
ଶୁଣ ପୁଣି ଆଉ ଏକ ଶୁଭ ସମାଚାର,
କହିବା ବେଳକୁ ତାହା ଉଠୁଛି ମୋ ହିଆ,
ଅପୂର୍ବ ଉଲ୍ଲାସେ ଫୁଲି, ସୁଖରେ ଉଛୁଳି,
ମୋ ଗୌରବ ବୃଦ୍ଧି ପାଇଁ କନ୍ୟାମାନେ ମୋର
ସହିଛନ୍ତି ବହୁକ୍ଳେଶ, ଦ୍ୱାରେ ଦ୍ୱାରେ ବୁଲି
ମାଗିଛନ୍ତି କାନ୍ଦି ଗାଇ ଭିକ୍ଷା, ଦେଖି ଅବା

ଦେଉଛନ୍ତି ଆନନ୍ଦେ କାଢ଼ି ଅଙ୍ଗୁ ଅଳଙ୍କାର ।
ଆହା, କି ଦୁର୍ଲଭ ମନ, ଦୁର୍ଲଭ ହୃଦୟ,
ଦେଉଛନ୍ତି ନିଶ୍ଚିତ ତାଙ୍କ କୋମଳ ପ୍ରାଣରେ
ଦେଶଭକ୍ତି ଶୁଭଦୀକ୍ଷା; ବହୁକାଳ ପରେ
ଫୁଟିଛି ଉତ୍କଣ୍ଠା-ବୀଜ ହୃଦୟେ ତାଙ୍କର,
ପାରୁଛନ୍ତି ଚିହ୍ନି ଏବେ ଦେଶମାତାଙ୍କୁ ଯେ,
ମଙ୍ଗଳ ଲକ୍ଷଣ ଏହା—ଆଶାର ପ୍ରଭାତ ।
ନାରୀର ଗୌରବ, ପୁଣି ନାରୀର ଆସନ
ପାରିଲେଣି ଚିହ୍ନି, ଏହା ଅନ୍ତରେ ଆଲୁଅ,
ସୁଖ-ଶ୍ରୀ-ସୌଭାଗ୍ୟ-ସ୍ୱାସ୍ଥ୍ୟ ଭୁଞ୍ଜନ୍ତୁ ସକଳେ
ଏହି ସୁକଲ୍ୟାଣ ମୋର ପ୍ରିୟ କନ୍ୟାଗଣେ ।
ତେବେ ମୁଁ କହିବି ସଖି, ଜାଣ ତ ସକଳେ
ସବୁ କଥା, ଅଛନ୍ତି ଗୋ ଆହୁରି ଅନେକ
ମାତୃପ୍ରାଣ ମାତୃପ୍ରାଣା ଯୁବକନ୍ୟା ମୋର,
ସାଧୁଛନ୍ତି ସାଧ୍ୟମତେ ମାତୃମନ୍ତ୍ରୀ ବ୍ରତ ,
କର ମଧୁପାନ ତାଙ୍କ ମଙ୍ଗଳ ମନାସି ।”
କହୁଁ ସିଂହଭୂମିଦତ୍ତ ମଧୁଚକ୍ର ଆଣି
କଲେ ସର୍ବେ ମଧୁପାନ, ଦେବୀଙ୍କ ସହିତେ—
ପରମ ଉଲ୍ଲାସେ, ତାଙ୍କ ପଦ୍ମରେ ପ୍ରଣମି ।”
ଦେବତା ପହଡ଼ଭଙ୍ଗ ବାଦିତ୍ର ଏ କାଳେ
ବାଜିଲା ସଘନେ ଉଠି ବଡ଼ଦେଉଳରେ,
ଆସିଲା ସେ ସ୍ୱର ଭାସି ସିନ୍ଧୁଗାମୀ ବାତେ
ଭକ୍ତକଣ୍ଠ ନିଃସୃତ ପ୍ରଭାତୀ ଗୀତର
ଅମୃତ ମୂର୍ଚ୍ଛନା ସହ, ସେ ପବିତ୍ର ସ୍ୱର
କଲା ବାୟୁମଣ୍ଡଳକୁ ନିର୍ମଳ, ପାବନ,
ହରିନେଲା ବାହ୍ୟଜ୍ଞାନ ଶ୍ରୋତା କଲେବରୁ ,
ଏତ ହେଲା ପାଣି ମନ, ପରଶ ପ୍ରକୃତି,
ତେଜି ସ୍ୱପ୍ନ-ସୁଖସ୍ୱର୍ଗେ ବହରିଲା ମନ ।
ଆହା, କି ମଧୁର କାଳ, ଗଗନ ପବନ
ଧରା, ସବୁ ମଧୁମୟ, ଶିଶିର ଛଳରେ
ବର୍ଷେ ମଧୁ ଦେବଲୋକୁ, ମୁକ୍ତାଫଳ ପ୍ରାୟ ।
ଜାଗେ ମନେ ଧର୍ମଭାବ, ଶାସ୍ତ୍ରେ ସେବେ ଏ କାଳେ
ଉଡ଼ିବୁଲେ ଧର୍ମଭାବ ପ୍ରଭାତ ସମୀରେ ।
କି ଏକ ସୁସ୍ୱାଦୁରସେ ଅନାସ୍ୱାଦପୂର୍ବ
ପୂରିଉଠେ ହୃଦ-ପ୍ରାଣ ଆତ୍ମା, ଅଲକ୍ଷ୍ୟରେ ।
ବିଷୟ-ବାସନାଶକ୍ତ କଲୁଷ ସ୍ୱଭାବ
ହୋଇଉଠେ ମଧୁମୟ ଅମୃତ ସମାନ ।
ଏ କାଳେ ଅମରବୃନ୍ଦ ଦିବ୍ୟ ଜ୍ୟୋତିଯାନେ
ଆସନ୍ତି ଓହ୍ଲାଇ ସ୍ୱର୍ଗୁ ସ୍ୱର୍ଗଦ୍ୱାର ପଥେ,
ଜଗବନ୍ଧୁ ପୁଣ୍ୟାରତି ଦର୍ଶନ ମାନସେ,
ତାଙ୍କ ବିମାନର ତୀବ୍ର ଉଜ୍ଜ୍ୱଳ ପ୍ରଭାରେ
ଦିଶେ ତାରାସୁନ୍ଦରୀଙ୍କ ବଦନ ମଳିନ ।
ପ୍ରବାଳ-ପାଟଳ ଦ୍ୱାର ଫେଡ଼ି ଉଷାରାଣୀ,
ଦେଖାଇଲା ପ୍ରାଚୀକୋଳେ ରୂପର ମାଧୁରୀ,
ପିନ୍ଧି ଥିଲେ କୁଆଁ ତାରା-ହୀରକ ଟିକିଲି ।
ହସିଲା ସେ ଚାହିଁ ସରେ କମଳିନୀ ମୁଖେ,
ରବିରାଜ ଦୂତୀ ବାଳା, ରାଜବକେ ବାର୍ତ୍ତା
ପ୍ରେରିଲା ସେ ବାୟୁମୁଖେ ରବିପ୍ରିୟା ପାଶେ ।
ଶୁଣି ସେହି ଶୁଭବାର୍ତ୍ତା ରବିରାଜରାଣୀ
କମଳିନୀ, ଉଠିଲାକ ଆନନ୍ଦେ ଶିହରି ।
ଆସିଲା ସିନ୍ଦୂରା:ଫାଟି ତେବେ କ୍ଷଣ ପରେ,
ଫିକା ପଡ଼ିଗଲା କ୍ରମେ ଉଷା ରକ୍ତାଧର,
ଦଣ୍ଡିକ ପୂର୍ବରେ ଯେଉଁ ପଡ଼ୁଥିଲା ଫାଟି
ରୂପଗର୍ବେ, ଦିଶିଲା ସେ ଏବେ ଫିକା, ହାୟ
କାହିଁ ଗଲା ରୂପଜ୍ୟୋତି, କାହିଁ ଗଲା ଗର୍ବ,
ଚିର ନୁହେଁ କାହା ଦର୍ପ ଏ ମହୀମଣ୍ଡଳେ ।
ଧନ, ମାନ, ରୂପଆଦି ଅସ୍ଥାୟୀ ସମ୍ପଦେ
ଦର୍ପ କରେ ଲୋକ, ମାତ୍ର ଜାଣେ ନାହିଁ ମୂଢ଼
ଦିନେ ତା ଛଡ଼ାଇ ନେବ କାଳ-ଦର୍ପହର,
ସମ୍ପଦର ଛାୟା ସିନା—ଅସ୍ଥାୟୀ ସମ୍ପଦ,
ଯିବା ପାଇଁ ଆସେ ତାହା, ସ୍ୱଳ୍ପାୟୁ ସେ ଅତି ।
ଭାଷିଲେ ଉତ୍କଳ ଦେବୀ ସଖୀଗଣେ ଚାହିଁ—
“ବାଜୁଅଛି ଏହି ଶୁଣ ବଡ଼ଦେଉଳରେ
ମଙ୍ଗଳ ଆଳତି ବାଦ୍ୟ, ରଟିଲେଣି ଭକ୍ତେ

ଝୁଲୁଛି ମୁକୁଟ ଶେଷ, ପ୍ରାତଃ-ବୈତାଳିକ ।
ନାହିଁ ତ ଉଦ୍ୟମ ଆଉ ଗାଇବାକୁ ଗୀତ,
ଧନ୍ୟ ଗୋ ଏବେ ମୁଁ ସଖି, ଯାହାଙ୍କ ପ୍ରସାଦେ
ପାଇଲି ମୁଁ ପୂର୍ଣ୍ଣ ତନୁ, ଯାହାଙ୍କ କୃପାରୁ
ଘଟିଲା ମିଳନ ସୁଖ—ମିଳନ ଆନନ୍ଦ
ଆମ୍ଭ ଭାଗ୍ୟେ, ବହୁ ଯୁଗ ବହୁକାଳ ପରେ,
ସେହି ପ୍ରଭୁ ଜଗତ୍‌ପିତା ଜଗନ୍ନାଥଙ୍କର
ପଦ୍ମରେ ପ୍ରଣାମ ଯାଇ କରିବ ଏକ୍ଷଣି,
ଜଣାଇବି ପିତୃପାଦେ ପ୍ରାଣ କୃତଜ୍ଞତା,
ଅର୍ପିଲେ ସେ ମୋତେ ଯେଉଁ ପୂର୍ଣ୍ଣ କଳେବର
ସେହି କଳେବର ଘେନି ଭେଟିବି ଛାମୁରେ,
ମିଶ ଏବେ ସବୁ ସଖୀ ମୋ ଶରୀରେ ଆସି ।"
ଦେବୀଙ୍କ ଆଦେଶେ ତହୁଁ ରୁଅ ପ୍ରିୟ ସଖୀ
ମିଶିଗଲେ ତାଙ୍କ ଦେହେ ଜ୍ୟୋତିରୂପ ଧରି,
ମିଶିଯାଏ ଜଳବିନ୍ଦୁ ଜଳାଶୟେ ଯଥା ।
ସ୍ୱତନ୍ତ୍ରେଶ୍ୱରୀରୂପେ ଉତ୍କଳଜନନୀ
ତହୁଁ ଗଲେ ପଦବ୍ରଜେ ଦେବ ଦରଶନେ ।
ପ୍ରାତଃ ଧୂପ ପରେ ପ୍ରଭୁ ରତ୍ନ-ସିଂହାସନେ
ହୋଇଛନ୍ତି ଅବକାଶ ବେଶେ, ଖଟିଛନ୍ତି
ଖଟଣୀ ସେବକେ ଯେଝା ସେବା ଉପସ୍ଥରେ ।
ଆହା, କି ସୁନ୍ଦର ମୂର୍ତ୍ତି ବିଶ୍ୱବିମୋହନ,
ମସ୍ତକରେ ରତ୍ନଖଚିତ ଭାସ୍ୱର ମୁକୁଟ,
ବକ୍ଷେ ଶୋଭେ ମଣିବର କୌସ୍ତୁଭ ପଦକ,
ମିଶିଛି ତା ଜ୍ୟୋତି ଯାଇ ମୁକୁଟ ଜ୍ୟୋତିରେ ।
ଅବିରତ ଜ୍ୟୋତିରଶ୍ମି ପଡ଼ି ଅଛି ଝଡ଼ି
ଦାରୁବ୍ରହ୍ମ କଳେବରୁ—ମହାପ୍ରଭୁଙ୍କର,
ଦିଶୁଛି ମଳିନ ତହିଁ ସ୍ୱର୍ଣ୍ଣଦୀପ ଶିଖା,
ଯେସନ ତାରକା ମ୍ଳାନ ଶଶାଙ୍କ ପ୍ରଭାରେ ।
ଶୀତଳ, ପ୍ରସନ୍ନ ଦୃଷ୍ଟି, ଝଡ଼ପଡ଼େ ହାସୁ
ସ୍ନେହ-ପ୍ରେମ-ଦୟା-କ୍ଷମା ମଣିରତ୍ନମାଳା ।
ଭାବମୟ ମୂର୍ତ୍ତି ଯେତେ ଗଢା ମହାଭାବେ,
ସେ ଉଦାର ପିତୃମୂର୍ତ୍ତି ନିରେଖିବା ମାତ୍ରେ
ଅଜାଣତରେ ଭକ୍ତି, ପ୍ରୀତି ବାହାରି ହୃଦୟୁ
ଲୋଟିଯାଏ ସେ ଶ୍ରୀମୂର୍ତ୍ତି ଶ୍ରୀପଦ-କମଳେ ।
ଡାକୁଛନ୍ତି ଭକ୍ତମାନେ ପ୍ରଭୁ ସମ୍ବୋଧନେ,
ଦୁଃଖୀ ଡାକେ ଆର୍ତ୍ତସ୍ୱରେ ପିତା ପିତା ବୋଲି,
ଉଠୁଅଛି ଶୋଭା ତଣ୍ଡୁ—ମହିମା ମହିମା,
ଏ ସମୟେ ମିଳି ତହିଁ ଉତ୍କଳଜନନୀ
ନମିଲେ ଶ୍ରୀପଦେ, ଭୋଳ ହୋଇ ତହିଁ ପରେ
ପୁଣି ପ୍ରଭୁ ପାଦରେଣୁ ମସ୍ତକେ, ଶରୀରେ,
କହିଲେ ଗଦ୍‌ଗଦ କଣ୍ଠେ—"ପିତଃ, ଯେଉଁ ପାପେ
ସହିଥିଲି ଅଭାଗିନୀ କନ୍ୟା ପ୍ରତି ତବ
ନିଦାରୁଣ ଶାସ୍ତି, ହୋଇ ଖଣ୍ଡ ଖଣ୍ଡ ମୁହିଁ
ଭୁଞ୍ଜିଛି ଯେ କ୍ଲେଶ, ତାହା ନ ପାରିବ କହି,
ସୁମରିଲେ ସେ ଯନ୍ତ୍ରଣା, ଥରିଉଠେ ଆତ୍ମା
ଶୁଖିଯାଏ ଦେହୁ ରକ୍ତ ଭୟର ଉତ୍ତାପେ ।
ଏତେ କାଳ ପରେ ତବ କୃପା-ସିଂହାସନ
ଟଳିଲା ଏ କନ୍ୟାଦୁଃଖେ, ତୁମ୍ଭେ ମୋର ପିତା,
ଦୟାର ହୃଦୟ ତବ କେତେ କାଳ ଆଉ
ରହନ୍ତା ବା ଧୀରସ୍ଥିର ସନ୍ତାନ ଦୁଃଖରେ ।
ଅଦ୍ୱିତୀୟ, ଅନୁପମ ପିତୃତ୍ୱ ତୁମ୍ଭର,
ବର୍ଷିଲା ଅମୃତ ତହୁଁ ମୋ କ୍ଷତ ଉପରେ,
ବଶୀକରଣୀ ତାହା ଅବ୍ୟର୍ଥ ପ୍ରଲେପ,
ଯୋଡ଼ିଗଲା ଅଙ୍ଗ ମୋର ତାହାର ପ୍ରଭାବେ ।
ଅଶୋଧ୍ୟ ମୋ ପକ୍ଷେ ପିତଃ ତୁମ୍ଭ କୃପା-ଋଣ,
ଘେନାହେଉ ଶ୍ରୀଛାମୁରେ ଭକ୍ତି କୃତଜ୍ଞତା,
ଏତିକି କେବଳ ଅଛି ଶ୍ରୀପଦେ ଦାସୀର,
ଦୀନ ଉପହାର ଏହା—ଏ ଦୀନା କନ୍ୟାର,"
କହୁଁ କହୁଁ ଏହା ଦେବୀ ପକାଇଲେ କାନ୍ଦି
ଅଭିମାନୀ ଶିଶୁପ୍ରାୟେ ଭଇଁ ଭଇଁ ହୋଇ ।
ଉଠି ଆସି ସିଂହାସନୁ ତହୁଁ ଜଗନ୍ନାଥ
ଜଗତର ଦୁଃଖହାରୀ—ଜଗତ-ଗୌରବ,
ଉତ୍କଳଦେବୀଙ୍କ ନେତ୍ରୁ ପୋଛିଦେଇ ଲୁହ
କୁଞ୍ଚିତାଞ୍ଚଳରେ ନିଜର, ମୃଦୁ ମୃଦୁ ହସି

କହିଲେ ସାନ୍ତ୍ୱନା ଦେଇ—ମଧୁମାଖା ସ୍ୱରେ—
"ଭାବନା ଭାବନା କିଅ ଭାବନା ଲୋ ଆଉ,
ଏବେ ତୋର ଦୁଃଖଦିନ ଗଲଣି ତ ଚୁଲି,
ଭୁଞ୍ଜିବୁ ତୁ ସୁଖ, ଶାନ୍ତି, ଆଧ୍ୟାତ୍ମ ଉନ୍ନତି ।
ଭୋଗୁଥିଲୁ ଏତେ ଦିନ କର୍ମଫଳ ତୋର,
ସରିଲା ସେ ଏବେ, କିପାଁ ଶୋଚନା ତା ଲାଗି ।
ଏ ସଂସାର କର୍ମକ୍ଷେତ୍ର, ଆସେ ନାହିଁ ଜୀବ
କରିବାକୁ କର୍ମ ଖାଲି ଏଠାକୁ ମାଆ ଲୋ,
ଭୁଞ୍ଜିବାକୁ ହୁଏ ମଧ୍ୟ ତାକୁ କର୍ମଫଳ !
ଭୁଞ୍ଜେ କର୍ମ ମଧ୍ୟରେ ସେ ପୂର୍ବ ଉପାର୍ଜିତ
କର୍ମଫଳ, ମହାଧାର ନିୟତିର ଏହା,
ଯା ସଞ୍ଚିତ କର୍ମଫଳ, ତାହା ହିଁ ନିୟତି,
ଅନ୍ୟ ଏକ ନାମ ତାର ମହୀରେ ଅଦୃଷ୍ଟ ।
ଅକାଟ୍ୟ ନିୟତି ଧାର, ସେ ଧାରକୁ କେହି
ପାରେ ନାହିଁ ଫାଙ୍କି ଦେଇ, ହେଲେ ବି ଦେବତା
ଜନ୍ମ ମୃତ୍ୟୁ ଜରା ବ୍ୟାଧି ନାହିଁ କିଛି ମୋର,
ତଥାପି ମାଆ ଲୋ, ମୁଁ ସେ ନିୟତି ଅଧୀନ ।
ପୁଣି କର୍ମ, କର୍ମଫଳ ଦୁଇରୁ ଅନ୍ତର
ମୁହିଁ, ତେବେ ସୁଦ୍ଧା ମୋତେ ଆଙ୍କଟେ ନିୟତି ।
କଳ୍ପନା ମୋହର କର୍ମ, ନାହିଁ ରୂପରେଖ
ତାର, ସେହି ଶୂନ୍ୟଗର୍ଭ କଳ୍ପନା ନିମନ୍ତେ
ଭୁଞ୍ଜେ ମୁହିଁ ଶାସ୍ତି—ସେହି ନିୟତି ହସ୍ତରେ,
ଅନ୍ୟର କି କଥା, ଏଥୁ ବୁଝିବୁ ସହଜେ ।
ନିୟତି ଭୁଞ୍ଜିବା ପାଇଁ ଜନ୍ମେ ଆସି ଜୀବ,
ଜିଣିବା ସେ ନିୟତିକୁ ନୁହେଁ ପୁରୁଷାର୍ଥ ।
ଦୀନା, ଅଭାଗିନୀ କନ୍ୟା ନୋହୁ ତୁ ଲୋ ମୋର,
ତୁହି ମୋର ଲକ୍ଷ୍ମୀ କନ୍ୟା, ଭାଗ୍ୟବତୀ କନ୍ୟା !
କି ସମ୍ପଦ ନାହିଁ ତୋର ଅକ୍ଷୟ ଭଣ୍ଡାରେ,
କାର ଅଛି ତୋହ ପରି ଗିରୀନ୍ଦ୍ର ମହେନ୍ଦ୍ର,
କାର ଅଛି ତୋର ଯଥା ଚିଲିକା, ଅଂଶୁପା,
କୋଣାର୍କ, ଭୁବନେଶ୍ୱର, ଅଲଙ୍କ ଶିଖରୀ—
ଚନ୍ଦନଶୀତଳ, ଖଣ୍ଡଗିରି—ଶିଳ୍ପେ ଯାର

ପରିଚିତ ବିଶ୍ୱକର୍ମା ଦେବଶିଳ୍ପୀବର ।
ତୋ ପରି କାହାର ଅଛି ଦ୍ୱିତୀୟ ଜାହ୍ନବୀ
'ଚିତ୍ରୋତ୍ପଳା', ମହୋଦଧି—ନଦୀର ଆକର,
ଝର, ତୀର୍ଥ, ଦେବାଳୟ, ଘନ ଅରଣ୍ୟାନୀ ।
କେଉଁ ରତ୍ନ କେଉଁ ଧାତୁ କେଉଁ ମହୌଷଧି
ନାହିଁ ତୋ ଭଣ୍ଡାରେ, ଏତେ ଅମୂଲ୍ୟ ସମ୍ପଦ
କାହାର ବା ଅଛି ଆଉ ତୋହୋ ବ୍ୟତିରେକେ ।"
କହିଲେ ଉତ୍କଳ ମାତା ହସି ତହୁଁ—"ପିତଃ,
ଏ ସବୁ ସମ୍ପଦ ଦାତା ତୁମ୍ଭେ ଯେ ମୋହର,
ଏହା କିପାଁ ଶ୍ରୀଛାମୁରୁ ହେଲ ନାହିଁ ଆଜ୍ଞା,
ତୁମ୍ଭେ ମୋର ସମ୍ପଦର ଅତୁଲ୍ୟ ସମ୍ପଦ,
ସକଳ ସମ୍ପଦ ତୁଚ୍ଛ, ତୁମ୍ଭେ ଏକା ସାର ।"
ଶୁଣି ଏହା ଜଗବନ୍ଧୁ ଭାଷିଲେ ସସ୍ନେହେ—
"ବାସ୍ମାଣୀ ଉତ୍କଳ ତୁହି, କିସ ବା ନ ଜାଣୁ,
ଗଛୁ ଜାତ ମଞ୍ଜି, ଥାଏ ମଞ୍ଜି ମଧ୍ୟେ ଗଛ,
ତୁ ମୋର, ମୁଁ ତୋର, ନାହିଁ ତୁ ମୁଁ ମଧ୍ୟେ ଭେଦ,
ତୁ ମୋର ବିହାର ସ୍ଥଳୀ, ଲୀଳା ନିକେତନ,
ପୁଣି ତୁ ମୋ ସ୍ନେହଲତା, ଆଦରିଣୀ କନ୍ୟା,
ତେଜି ମୁଁ ବୈକୁଣ୍ଠଧାମ, ରହିଛି ତୋ ଘରେ,
କି ବିପଦ, କି ଭାବନା, କିବା ଭୟ ତୋର ।
ରହିପାରେ କେତେ କ୍ଷଣ ତୋହର ଦୁର୍ଗତି,
କେତେ କ୍ଷଣ ଢାଙ୍କିପାରେ ଖରକୁ କୁହୁଡ଼ି ।
ଜାଣେ ମୁହିଁ ମନସ୍ୱୀଏ ରଚନ୍ତି ତୋ ନାମେ
ହାସ୍ୟକର ଅପବାଦ, ନିନ୍ଦା, ମିଥ୍ୟାଭାଷା,
କିଏ କହେ ଭୁଇଁତେଶ, କିଏ କହେ ଅବା
ଉତ୍କଳ ପାତକ-ମାତା, ଅନାର୍ଯ୍ୟ-ବସତି,
ମାତ୍ର ତହିଁ ନାହିଁ ସତ୍ୟ, ଅସ୍ୱାଭାବିକ ସେ
ଯଥା ଅଶ୍ୱଡେଣା, ବନ୍ଧ୍ୟା ଆକାଶ-କୁସୁମ ।
ନିନ୍ଦନ୍ତି ଯେ ତୋତେ, ସେହି ନିନ୍ଦୁକେ ଅନ୍ତର
ଢୁଆଁଇ ତୋ ପାଦେ ମଥା, ମଣନ୍ତି କୃତାର୍ଥ,
ଏହିଥିରୁ ବୁଝିଥିବୁ ତାଙ୍କ ମନୋଭାବ ।
ଭାରତରେ ତୋ ସ୍ଥାନ ଉଚ୍ଚ, ଭିତ୍ତି କି ବାହାରେ,

ସ୍ୱଭାବର ଦୋଷ ତାହା, କୁସଙ୍ଗ କୁଫଳ ।
ଯେଉଁ ମୁଖେ ଉଚ୍ଚାରନ୍ତି କୁଳଦେଶ, ପୁଣି
ସେହି ମୁଖେ ଉଚ୍ଚାରନ୍ତି ଦେବଦେଶ ବୋଲି,
କରନ୍ତି ସେ ପ୍ରାୟଶ୍ଚିତ୍ତ ସ୍ୱକୃତ ପାପର ।
ତିକ୍ତ ତାଙ୍କ ଭାଷା, ମାତ୍ର ଭାବ ସୁମଧୁର
ଯେସନେ କମଳା ଲେମ୍ବୁ, ଚୋପା ତାର ପିତା,
ସୁସ୍ୱାଦୁ ମଧୁର ରସ ଥାଏ ତା' ମଧ୍ୟରେ,
ଘେନବୁ ତୁ ଭାବ ଖାଲି, ନ ଛୁଇଁବୁ ଭାଷା ।
ଭକ୍ତକବିମାନେ ହୋଇ ଭାବରେ ବିଭୋର,
ରଚିଛନ୍ତି ମୋତେ ଘୃଣ୍ୟ ବୀଭତ୍ସ ରଚନରେ,
ନାମ ମୋର ଭାବଗ୍ରାହୀ, ଘେନେ ମୁଁ ତାଙ୍କର
ଭାବ ମାତ୍ର, ପରିହରି ଦୂଷିତ ଦୁର୍ଭାଷା ।
ଯାବତ ଥିବ ଏ ସୃଷ୍ଟି, ଚନ୍ଦ୍ର ସୂର୍ଯ୍ୟ ନଭେ
ହେଉଥିବେ ଅତଯାତ, ତାବତ ମାଆ ଲୋ
ପାଉଥିବୁ ପୂଜା ତୁହି ଭାରତମଣ୍ଡଳେ ।
ତୁ ମୋର ପ୍ରାଣର କନ୍ୟା, ତୋତେ ଘେନି ମୁହିଁ
ସମନ୍ୱୟ ଧର୍ମଭିତ୍ତି କରିଛି ସ୍ଥାପନ,
ବ୍ୟାପିବ ସେ ଧର୍ମପ୍ରଭା, ରବିକର ସହ
ସମସ୍ତ ଜଗତେ, ବତ୍ସ, ଉଠିବ ତୋ ନାମେ
ସଘନ ଜୟ ଧ୍ୱନି, ଧନ୍ୟ ଧନ୍ୟ ପଦ,
ବ୍ୟାପିବ ତୋ ଯଶ, ଖ୍ୟାତି ଧରଣୀମଣ୍ଡଳେ ।
ତୁଟିଯିବ ହିଂସା, ଦ୍ୱେଷ, ଆତ୍ମଜାତ୍ୟ ଦର୍ପ,
ଧର୍ମର ବିପ୍ଳବ—ସେହି ଧର୍ମ ପ୍ରଭାବରେ ।
ସହଜାତ ଅଧିକାର ଲଭିବେ ମାନବ,
ପ୍ରତି ପ୍ରାଣେ ସମୁଦାର ଧର୍ମ ମହାଭାବ
ବିସ୍ତାରିବ ସ୍ୱଜପଣ—ଅଖଣ୍ଡ ପ୍ରଭାବେ,
ବୁଝିବେ ସକଳ ଜନେ ଧର୍ମର ମହତ୍ତ୍ୱ ।
ନ କରିବେ ଘୃଣା ଆଉ ମାନବେ ମାନବ,
ଅବିଚ୍ଛିନ୍ନ ଭ୍ରାତୃପ୍ରେମେ ବନ୍ଧା ହେବେ ସର୍ବେ,
ଏକ ଈଶ୍ୱରଙ୍କ ପୁତ୍ର ସମସ୍ତ ମାନବ,
ଏକ ରକ୍ତମାଂସେ ଗଢ଼ା ସମସ୍ତଙ୍କ ଦେହ,
ବୁଝି ଏହା ସର୍ବେ—ଜାତିଧର୍ମ ନିର୍ବିଶେଷେ
ଆଲିଙ୍ଗିବେ ପରସ୍ପରେ, ସ୍ନେହେ ଭ୍ରାତୃଭାବେ,
ପ୍ରେମଧର୍ମେ ଭେଦାଭେଦ ନ ରହିବ କିଛି ।
ତୋ ବକ୍ଷରୁ ଉଠି ସେହି ସତ୍ୟଧର୍ମ ଜ୍ୟୋତି
ଆଲୋକିବ ଧରାମୁଖ ଦିଗେ ଦିଗେ ବ୍ୟାପି ।
ସେହି ଏକୀଭୂତ ଧର୍ମ ଉଦାର ପ୍ରେମର
ଜନନୀ ବୋଲି ତୁ, ହେବୁ ଜଗତ-ନମସ୍ୟା ।"
ଭାଷିଲେ ଉତ୍କଳ ମହୀ, ଶିରେ କର ଦେଇ—
"ନମସ୍କାର ନମସ୍କାର ପ୍ରଭୁ, ଶୁଣି ମୋର
ସୌଭାଗ୍ୟ କାହାଣୀ ପୁଣ୍ୟ ଶ୍ରୀମୁଖରୁ ତବ ।
ସବୁ ତ କରିବ ତୁମ୍ଭେ, ଉପଲକ୍ଷ ମୁହିଁ,
ସାଧିବ ହେ ପିତଃ, କର୍ମ ତୁମ୍ଭେ, ଦେବ କିନ୍ତୁ
ମୋତେ ସେ କର୍ମଫଳର ବିପୁଳ ପ୍ରତିଷ୍ଠା,
କାଳେ କାଳେ ତୁମ୍ଭର ଏ ଛଳନା ହେ ହରି,
ନିଜେ କରୁ କାଢ଼ିନେଇ, ମଣ୍ଡିଲ ମୋ ଶିରେ
ବିଜୟ-ମୁକୁଟ, ମୋତେ ଅର୍ପିଲ ଗୌରବ ।
ଏଭଳି ଅମୂଲ୍ୟ ଦୟା, ଅପାର୍ଥିବ ସ୍ନେହ,
ଅତୁଳ ମମତା—ତାହୁଁ ପାଇଛି ହେ ଦେବ,
ସମ୍ଭବେ ତା ତୁମ୍ଭଠାରେ ଏକା, ଦୟାଧର,
ସେହି ହେତୁ ସିନା ତୁମ୍ଭେ ହୋଇଛ ହେ ପ୍ରଭୁ
ଜଗତର ପିତା, ପ୍ରଭୁ, ଜଗତରକ୍ଷକ ।
ଏ ଅଧମା କନ୍ୟାପ୍ରତି ଏତେ ପିତୃସ୍ନେହ
ଅଛି ବୋଲି ନ ଥିଲି ମୁଁ ଜାଣି, ହେଉ କ୍ଷମା
ଅପରାଧ ମୋର, ପଦେ ଏତିକି ମାଗୁଣି ।
ନ କରେଁ ମୁଁ ଗର୍ବ—ଯେଉଁ ସମ୍ପଦ ସକାଶେ,
କିନ୍ତୁ କରେଁ ମନେ ଗର୍ବ ତୁମ୍ଭ କନ୍ୟା ବୋଲି ।
ପିତା ଯାର ଏତେ ବଡ଼ ମହତ, ଉଦାର,
ହେଉ ପଛେ କନ୍ୟା ତାର ଯେତେ ଅଭାଜନ,
ମାତ୍ର ନୁହେଁ ଇତର ସେ—କେଶରୀ ଔରସୁ
ନ ଜନ୍ମେ ବାନରୀ, ପିତଃ, ଗର୍ବ ମୋର ଏହା ।
ଭୁଞ୍ଜୁଛି ମୁଁ ତୁମ୍ଭ ଦୟା ପ୍ରତି ନିଃଶ୍ୱାସରେ,
ସେହି ଦୟା କଲା ମୋତେ ପୂର୍ଣ୍ଣାଙ୍ଗ ପ୍ରଦାନ,
ଅତଳ ସାଗର ଗର୍ଭେ ହଜିଥିଲା ମୋର

ପ୍ରାଣମଣି, ଦେଲ ତୁମ୍ଭେ ଆଣି ତାହା ମୋତେ,
କି ତୁଳନା ଅଛି ଆଉ ଏ ମହା ଦୟାର।
ଉଦ୍ଧାରିଛ, ଉଦ୍ଧାରୁଛ ବନ୍ଧୁକ୍ଳେଶୁଁ ମୋତେ,
କରୁଛ ଖଣ୍ଡନ ପୁଣି ଅଶେଷ ଆପଦ,
ଆସିଛି ମୁଁ ସେଥିଲାଗି, ଜଣାଇବି ବୋଲି
ଅନ୍ତରର କୃତଜ୍ଞତା, ଶ୍ରୀ ପଦ୍ମରେ ତବ,
ମାତ୍ର ମୋର ମାତୃଭାଷା, ପାରୁ ନାହିଁ କରି
ମୁଣ୍ଡୁହୁଁ ପ୍ରକାଶ ସେହି ପ୍ରାଣର ଭାଷାକୁ।
ତୁମ୍ଭ ଦୟା ତୁଳନାରେ କୃତଜ୍ଞତା ମୂଲ୍ୟ
ନୁହେଁ ମୁଦ୍ରା କଉଡ଼ିର, ତଥାପି ହେ ପିତଃ,
କହିଥାନ୍ତି ପଦେ ମୋର ମନବୋଧ ପାଇଁ,
ନ ପାରିଲି ତାହା, ଏ କି ଅଳ୍ପ ମନସ୍ତାପ !
ପ୍ରାଣର ଭାଷାକୁ ବ୍ୟକ୍ତ କଲା ଭଳି ଭାଷା
ହୋଇ ନାହିଁ ସୃଷ୍ଟି, ହାୟ ପାର୍ଥିବ ଭାଷାରେ।
ତୁମ୍ଭେ ମୋର ଛିନ୍ନ ଅଙ୍ଗ ଯୋଡ଼ିଦେଲ ଦେହେ,
ହେଲି ସୁସ୍ଥ ସବଳ ମୁଁ, ହେଲି କର୍ମକ୍ଷମ,
ଜାଣେ ମୁହିଁ ଖୋଜି ନାହିଁ ପ୍ରତିଦାନ ତୁମ୍ଭେ,
ଦାନ ଏକା ବ୍ରତ ତବ, ମାତ୍ର ମୋର ଜନ୍ମ
ଖାଲି ତୁମ୍ଭ ଦୟାଦାନେ ଋଣୀ ହେବାପାଇଁ।
ନାହିଁ ପ୍ରତିଶୋଧ ତୁମ୍ଭ ଅନନ୍ତ ଦାନର,
ଶୁଝିବା ନିମନ୍ତେ ତାହା କରିବା କଳ୍ପନା
ହାସ୍ୟାସ୍ପଦ, ଲଜ୍ଜାକର, ବାତୁଳତା ସିନା !
ତୁମ୍ଭେ ପିତା, ସାଧୁଅଛ ପିତାର କର୍ତ୍ତବ୍ୟ,
କନ୍ୟାର କର୍ତ୍ତବ୍ୟ କିନ୍ତୁ କିସ କଲି ମୁହିଁ,
ଦେବାକୁ ବଚନ ପଦେ ଅକ୍ଷମ ମୋ ଭାଷା,
ଏହି ଦୁର୍ବଳତା ମୋର ବାଧୁଛି ଆତ୍ମାକୁ।"
କହିଲେ ନୀଳାଦ୍ରି ନାଥ ଶୁଣି ଏ ଆକ୍ଷେପ,
"ନ କର ତୁ ମନସ୍ତାପ ଉତ୍କଳ ଧରଣି,
ତୋ କହିବା ଆଗୁ, ତୋର ଅନ୍ତରର ଭାବ
କରିଛି ଗ୍ରହଣ ମୁହିଁ, ଲଭିଛି ସନ୍ତୃପ୍ତି।
ଯାଅ ଲୋ ମାଆ ତୁ ଏବେ, କରୁଛି କଲ୍ୟାଣ—
ହୁଅ ଚିରସୁଖୀ, ତୋର ପୁତ୍ର କନ୍ୟା ସହ।"
ଭଣିଲେ ଉତ୍କଳ ମହୀ—"କେଣେ ଯିବି ପିତଃ,
ଛାଡ଼ି ତୁମ୍ଭ ପାଦପଦ୍ମ ଛାୟା, ସେହି ଏକା
ଚିରଶ୍ରାନ୍ତ ସ୍ଥଳ ମୋର, ତାହା ବିନା ମୁହିଁ
ଖୋଜେ ନାହିଁ ସ୍ୱର୍ଗସୁଖ, କିମ୍ବା ମୁକ୍ତିଧନ।
ରହି ପାଦଛାୟାତଳେ ଗଚ୍ଛିତ ପଦ୍ମରେ,
ଆଦର ସେବିବି ତବ ପବିତ୍ର ନୈବେଦ୍ୟ,
କେଉଁ ଗୁଣେ ସରି ତାକୁ ସ୍ୱର୍ଗର ଅମୃତ,
ଭୁଞ୍ଜିବି ମୁଁ ସୁଖ, ଶାନ୍ତି, ସନ୍ତୋଷ, ଅଭୟ।
କାହିଁକି ବା ନିତ୍ୟପଦ ସ୍ଥାନ ଆଉ ଭବେ
ତୁମ୍ଭ ପଦଛାୟା ବିନା, ବାଞ୍ଛିତ ସେ ମୋର।
ମୁକ୍ତି ଅବା କେଉଁ ଲୋଡ଼ା, ଯେଉଁଠାରେ ତୁମ୍ଭେ
ମୁକ୍ତି ସେହିଠାରେ, ପ୍ରଭୋ, ତୁମ୍ଭଲାଗି ସିନା
ହୁଏ ମୁକ୍ତି ସୁଖକର, ପୁଣି ମଧୁମୟ।
ସେବାଠାରୁ ମୁକ୍ତି କେବେ ବଡ଼ ନୁହେଁ, ହରି,
ମୁକ୍ତି ଖାଲି କର୍ମଶୂନ୍ୟ ଅସାଡ଼ ଜୀବନ,
ନିଶ୍ଚେତନ ଅବସ୍ଥା ସେ, କି ସୁଖ ତହିଁରେ ?
ରହିବି ମୁଁ ଲାଗି, ପିତଃ, ପାଦତଳେ ତବ—
ତୁଳସୀ ମଞ୍ଜରୀ କିମ୍ବା ଭକ୍ତମନ ଯଥା।"
ଏହା ଭଣି ଦେବୀ, ଧରି ସୂକ୍ଷ୍ମ ଜ୍ୟୋତିରୂପ,
ମିଶିଗଲେ ଜଗବନ୍ଧୁ ପଦ୍ମର ଜ୍ୟୋତିରେ,
ମିଶିଯାଏ ସ୍ୱର୍ଣ୍ଣଜ୍ୟୋତି ଅନଳେ ଯେସନ,
ଅଥବା ଖଦ୍ୟୋତ ଜ୍ୟୋତି ଚନ୍ଦ୍ରିକା ଜ୍ୟୋତିରେ।
ଭାଙ୍ଗିଗଲା ନିଦ୍ରା ମୋର, ହେଜି ସ୍ୱପ୍ନ କଥା
ଉଠିଲା ଶରୀର, ପ୍ରାଣ, ପୁଲକେ ଶିହରି,
ତହୁଁ ଜଗନ୍ନାଥ ପାଦେ ନୁଆଁଇ ମସ୍ତକ,
ସ୍ୱପ୍ନର ସାଫଲ୍ୟ ଭିକ୍ଷା କଲି ସପ୍ତବାର।

# ଗଞ୍ଜାମ-ଭ୍ରମଣ

[୧୯୦୬ ସାଲରେ "ଗଞ୍ଜାମ-ଭ୍ରମଣ" ଲିଖିତ ହୋଇ ରମ୍ଭାରୁ ପ୍ରକାଶିତ "ପ୍ରଜାବନ୍ଧୁ"ରେ ପ୍ରକାଶିତ ହୋଇଥିଲା]

ଗଞ୍ଜାମ ପବିତ୍ର ଭୂମି ଭକ୍ତ-କୁଞ୍ଜଧାମ,
ପ୍ରକୃତିର ଲୀଳାକ୍ଷେତ୍ର ଦୃଶ୍ୟ ଅଭିରାମ ।
ଉତ୍ତରେ ନୀଳାଦ୍ରି ଧାମ ପୂର୍ବେ ପାରାବାର,
ଦକ୍ଷିଣେ ବିଶାଖାପଟ୍ଟ ତେଲଙ୍ଗାଙ୍କ ଘର ।
ପଶ୍ଚିମେ ସହ୍ୟାଦ୍ରି, ଯଥା ନିସର୍ଗ ପ୍ରାଚୀର,
ଶୈଳଶ୍ରେଣିମାଳ ଆକାଶରେ ଟେକିଅଛି ଶିର ।
ମଧ୍ୟେ ବହେ ସ୍ୱଚ୍ଛନୀର ଯଥା ବସ୍ତ୍ର ପଦୀ,
*ଗଞ୍ଜାମ-ହୀରକ-ହାର ଋଷିକୁଲ୍ୟା ନଦୀ ।
ନୀଳାମ୍ବୁ ଚିଲିକା ହ୍ରଦ ସୌନ୍ଦର୍ଯ୍ୟର ଖଣି,
ଗଞ୍ଜାମ-ବକ୍ଷରେ କି ସେ କଉସ୍ତୁଭ ମଣି ।
ବର୍ଣ୍ଣି ନୁହେଁ ମହେନ୍ଦ୍ରର ଶୋଭା ବିବରଣ,
ମହେନ୍ଦ୍ର-ତନୟା ଯାର ଧୁଅଇ ଚରଣ ।
ପ୍ରକୃତି ଏଠାରେ ଯେଉଁ ଶୋଭା ଦେଖାଇଛି,
ସେପରି ଅତୁଳ ଶୋଭା ଜଗତେ କାହିଁଛି ?
କହୁଛନ୍ତି ଶୋଭା ଦେଖି ସ୍ୱୟଂ କବିବର,
"ଗଞ୍ଜାମ ସଂକ୍ଷିପ୍ତ ସାର ଉତ୍କଳ ଦେଶର ।"
ଉତ୍କଳର ଅନ୍ତର୍ଗତ ଥିଲା ଏହି ମାଟି,
ବିଚ୍ଛିନ୍ନ କରୁଛି ଏବେ ଛତ୍ରଗଡ଼ ଘାଟି ।
ଗଞ୍ଜାମର ସ୍ୱରୂପଶୋଭା ଶୁଣି ଶୁଣି କର୍ଣ୍ଣେ,
ବଳବତୀ ହେଲା ଇଚ୍ଛା ଗଞ୍ଜାମ-ଭ୍ରମଣେ ।
ଗଞ୍ଜାମର ହାଲଚାଲ ପୂର୍ବେ ଅଜା ବୁଢ଼ା,
"ଉତ୍କଳ-ଭ୍ରମଣେ" କିଛି ଲେଖିଛନ୍ତି ଥୋଡ଼ା ।
ସେହି ଉତ୍ତେଜନୀ ଲେଖା ଯେତେବେଳେ ପଢ଼େ,
ମନେକରେଁ ଗଞ୍ଜାମରେ ବୁଲିଆସେଁ ଥରେ ।
ଆଜ ଭାଲ ହୋଇ ଦିନ ଗଲ ତେତେ ଗଞ୍ଜ,
ବାହାରିଲି ଦଶହରା ଦିନ ରେଳ ଚଢ଼ି ।
ଇଞ୍ଜିନ-ଶୃଙ୍ଖଳବର୍ତ୍ତୀ ଶୁଭ୍ର ଜଣେ ଚମ୍ପା,
ଦେଇ ଛଅଘଣ୍ଟାରେ ଭେଟାଇଲା ରମ୍ଭା ।
ଚିଲିକାର ସ୍ୱରୂପଶୋଭା ହରିଲା ନୟନ,
ପ୍ରକୃତି-ରାଣୀର କି ସେ ବିଶାଳ-ଦର୍ପଣ ।
ଉତ୍ତାଳ ତରଙ୍ଗ କୂଳେ ପିଟୁଅଛି ମଥା,
ସଙ୍କେତେ ଦେଖାଇ ଦେଇ ଭବ-ନଶ୍ୱରତା ।
ନୀଳ ଜଳେ ଦେଖାଇଣ ରଜତର ଛଟା,
ତେଉଁ ପଡ଼ୁଛନ୍ତି କାହିଁ ଖଇଙ୍ଗା ଭେକଟା ।
ନୀଳ ଜଳେ ଭାସି ବୁଲେ ଶୁଭ୍ର ଫେନଚୟ,
ତାମସ ହୃଦୟେ ସତ୍ତ୍ୱ ଗୁଣ କି ଉଦୟ ?
ମଧ୍ୟରେ କଟିଆ ଗିରି ଟେକିଅଛି ଶିର,
କାଳୀଦେବୀଙ୍କର କି ସେ ମର୍କତ ମନ୍ଦିର ?
ବିସ୍ତୀର୍ଣ୍ଣ ଚିଲିକା ଦେଖି ଭାବିଲି ମୁଁ ବସି,
ଉର୍ଦ୍ଧ୍ୱ ଦେଶୁ ନୀଳାକାଶ ପଡ଼ିଛି କି ଖସି ?
ପହଁରନ୍ତି କାରଣ୍ଡବ ହଂସ କୋଟି କୋଟି,
ଆକାଶେ ଉଦୟ ଯଥା ତାରା ଗୋଟି ଗୋଟି ।
ସାନ ବଡ଼ ପାଲଟେଣା ନାବ ଅଗଣନ
ଭାସି ବୁଲେ, ଭାସେ ଯଥା ଆକାଶରେ ଘନ ।
ଧନ୍ୟ ଧନ୍ୟ ଚିଲିକା ତୋ ରୂପ-ପରିପାଟୀ,
ପ୍ରାଚୀ-ଦିଗ୍‌ବଧୂର ତୁହି ନୀଳ-ପାଟଶାଢ଼ୀ ।
ଧନ୍ୟ ଧନ୍ୟ ଧନ୍ୟ ତୋର ମହତ ସ୍ୱଭାବ,
ଅସଂଖ୍ୟ ପ୍ରାଣୀଙ୍କୁ ହୃଦେ ଦେଇଅଛୁ ଠାବ ।
କିଏ ହିଂସ୍ର କିଏ ଶାନ୍ତ ନ କରୁ ବାରଣ,
ଦେଇଅଛୁ ସମଭାବେ ସଭିଲେ ଶରଣ ।
ସମଭାବେ ସମସ୍ତଙ୍କୁ କରୁଣ ଦର୍ଶନ,
ସ୍ପଷ୍ଟତ ପାଳୁଛୁ ତୁହି ଧର୍ମ ସନାତନ ।

କେତେ ରୂପ ଧରି ତୁହି ସ୍ଫୁରୁଛ ନୟନ,
କେତେବେଳେ ଶାନ୍ତ ମୂର୍ତ୍ତି ତୁହି ଶୋଭାବନ ।
ରୁଦ୍ରମୂର୍ତ୍ତି ଧରି କେବେ ହୋଇ ମହାର୍ମି,
ଗର୍ଜିଣ ପ୍ରକୃତି ସଙ୍ଗେ କରୁ ଘୋର ଯୁଦ୍ଧ ।
କମ୍ପିଅଛି ସେ ଗର୍ଜନ ଶୁଣି ମହାବଳ,
ବଙ୍କଟ ଭୀଷଣ ନାଦେ ଗର୍ଜେ ଅବିରଳ ।
ସେ ଗର୍ଜନେ ଉଚ୍ଛୁଳିତା ହୁଏ ବସୁମତି,
ତୁନ୍ତୁ ଖସି ସ୍ତମ୍ଭ ହୁଏ ତୋ ଜଳେ ପତିତ ।
ଗିରିବାସୀ ବୃକ୍ଷ ଲତା ତୋର ଶାନ୍ତି ପାଇଁ,
ଅର୍ପନ୍ତି କୁସୁମାଞ୍ଜଳି ମହାଭୟ ପାଇ ।
ପ୍ରକୃତି ସଙ୍ଗରେ ତୁହି ଲଭି ପରାଜୟ,
ହଟି ଆସି ଶେଷେ ଧରୁ ରୂପ ଶାନ୍ତମୟ ।
ତୋ ରୂପ ଦର୍ଶନେ ମନେ ପଡ଼ଇ ସର୍ବଥା,
ସୁଖ ଦୁଃଖ ଭଲ ମନ୍ଦ ସଂସାରର କଥା ।
ଇଂଲିଶ ପ୍ରଣାଳୀ ଅଟେ ଖାଇଗଣ୍ଡେ ଭଲ,
ପୃଥିବୀରେ ତାହା ନାମ ପଡ଼ୁଛି ଉଜ୍ଜଳ ।
ମାତ୍ର ତୁହି ସ୍ୱଭାବରେ ହୋଇଣ ସାଗର,
ଉଦବାତ୍ୟ ଶୁଣା ନାହିଁ କିନ୍ତୁ ତୋ ନାମର ।
କହ ଲୋ ଚିଲିକା କେଉଁ ଦୃଷ୍ଟ ଗ୍ରହ ଲାଗି,
ହୋଇଛୁ ଜଗତେ ତୁହି ଏସନ ଅଭାଗୀ ।
ନ ପଡ଼ୁ ତୋ ନାମେ ପତ୍ରେ ବିଦେଶେ ଚହଳ,
ଉତ୍କଳର ତୁହି ରତ୍ନଭଣ୍ଡାର କେବଳ ।
ଚିଲିକା, ତୋହର ସୁନ୍ଦର ରୂପ ଦରଶନେ,
କେତେ କଥା କେତେ ଭାବ ପଡ଼ୁଅଛି ମନେ ।
ଯାଉଛି ମେଲାଣି ନିଅ ଜୁହାର ଜୁହାର,
ଭେଟିବି ଗଞ୍ଜାମୁ ଫେରି ଆସି ପୁନର୍ବାର ।

ହେ ରମ୍ଭା ନଗରୀ, ତୁହି ବହୁଛୁ ସମ୍ମାନ,
'ପ୍ରଜାବନ୍ଧୁ' 'ମଧୁପ'ର ପୂତ ଜନ୍ମସ୍ଥାନ ।
ଏହି ପରି ନବସନ୍ତ ଖଲ୍ଲିକୋଟ ରାଜା,
ପ୍ରାକୃତ ଉତ୍କଳେ ବାଜେ ଯାଙ୍କ ନାମେ ବାଜା ।
କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ଦେବ ଆଖ୍ୟାଧାରୀ,
ଗଞ୍ଜାମେ ଆଦର୍ଶ ରାଜା ଶାନ୍ତଶିଷ୍ଟାଚାରୀ ।
ରାଜ୍ୟ ମଧ୍ୟେ ସ୍ଥାନେ ସ୍ଥାନେ ସ୍ଥାପି ଶିକ୍ଷାଗାର,
ଉଦ୍ଧାରୁଛନ୍ତି ପ୍ରଜାଙ୍କର ଅଜ୍ଞାନ-ଅନ୍ଧାର ।
ଦାନେ,ଧର୍ମେ, ଜ୍ଞାନେ,ମାନେ,ଶିକ୍ଷା, ସଭ୍ୟତାରେ,
ଆଦର୍ଶ ନୃପତି ସର୍ବ ଗୁଣ ଏକାଧାରେ—
ସମାବିଷ୍ଟ ହୋଇଛନ୍ତି ସଦା ଯାଙ୍କଠାରେ,
ଆଦର୍ଶ ପୁରୁଷ ପୁଣି ସ୍ପଷ୍ଟବାଦିତାରେ ।
ଧନ୍ୟ ମହାରାଜା ତୁମ୍ଭ ଜାତୀୟାନୁରାଗ,
ପିନ୍ଧୁଛ ଜାତୀୟ ପାଗ ତେଜି ସ୍ୱର୍ଣ୍ଣପାଗ ।
ଅନେକ ଭାଷାରେ ଅଛି ପ୍ରକୃତ ନଲେଜ୍,
ଧରୁଛି କୀର୍ତ୍ତି-ନିଶାଣ ବ୍ରହ୍ମପୁର କଲେଜ୍ ।
ଓଡ଼ିଆଭାଷୀ ଓଡ଼ିଆ ଜାତିର ଉନ୍ନତି,—
ସକାଶେ ଅଜସ୍ର ବ୍ୟୟ କରୁଛ ନୃପତି ।
ବୁଝିଛ ସ୍ତ୍ରୀଶିକ୍ଷା ଅଟେ ଉନ୍ନତିର ମୂଳ,
ବସାଇଛ ତେଣୁ ରାଜ୍ୟେ ବାଳିକା ଇସ୍କୁଲ ।
ଆହୁରି ଗୋଟାଏ କାର୍ଯ୍ୟ କଲ ବଡ଼ ଭଲ,
ଖୋଲିଦେଇ ବ୍ରହ୍ମପୁର ମଧ୍ୟେ ଟାଉନ ହଲ ।
ବାଳିକାଙ୍କ ହସ୍ତେ ତୁମ୍ଭ ପାଟମହାଦେଈ,
"ସରଳ ବାଳିକା ପାଠ" ଯାଚ ଗୁମ୍ଫି ଦେଇ,
ଆକର୍ଷଣ କଲେ ତାଙ୍କ ମନ ପାଠ ପ୍ରତି,
ଧନ୍ୟ ସେ କୁଦସୁବତୀ ପତିବ୍ରତା ସତୀ ।
ବସିଅଛୁଁ ସର୍ବେ ନୃପ ତବ ମୁଖ ଚାହିଁ,
କେତେ କର୍ତ୍ତବ୍ୟ ତୁମ୍ଭର ଅଛି ଦେଶପାଇଁ ।
ଖଣ୍ଡେ ଖଣ୍ଡେ ସାଧି ତାହା ଏହି ମାତ୍ର ଅଳି,
ଉତ୍ତର ହୋଇଲେ ଘୋର ହୋଇଯିବ କଳି ।

ଚିଲିକା କୂଳର ଧୀର ସମୀରଣ ଖାଇ,
ବସିଛନ୍ତି ବିଦ୍ୟାରତ୍ନେ ଆସନ ଜମାଇ ।
ଦେଶକାର୍ଯ୍ୟେ ଦିବାରାତ୍ରି ଯାଏ ନାହିଁ ଜଣା,
"ସିଦ୍ଧମିତ୍ର ବୁଦ୍ଧବ୍ରତ" ହୋଇଛି ଧାରଣା ।
ଶତହସ୍ତେ କରୁଛନ୍ତି ସଦା ଦେଶକାମ,
ସାର୍ଥକ ହୋଇଛି ତାଙ୍କ "ପ୍ରଜାବନ୍ଧୁ" ନାମ ।

ଉତ୍କଳର ନୀଳମଣି ଅଟ ତୁମ୍ଭେ ଭାଇ,
ବସିଛୁ ଅନ୍ତରୀ ତେଣୁ ତବ ମୁଖ ଚାହିଁ
ଅଭାବୀମାନଙ୍କ ପାଇଁ ମେଲି ତୁମ୍ଭ ଦ୍ୱାର,
ଯାଚ ଗୁଞ୍ଜି କରୁ ବୁଲ ପର ଉପକାର ।
ଦେଖିଛୁ ମୁଁ ପର ପାଇଁ କାନ୍ଦେ ତବ ହୃଦ,
ଅପରକୁ ଦିଅ ଦୁଧ, ଖାଇ ଲୁଣ୍ଡା ଖୁଦ ।
ଜନନୀର ଯୋଗ୍ୟସୁତ ଅଟ ତୁମ୍ଭେ ନନା,
ଦୂରିବାରେ ବ୍ୟସ୍ତ ସଦା ଉତ୍କଳ-ବେଦନା ।
ବନ୍ଧୁ ବନ୍ଧୁ ମିଳି ବସି ତେବେ ଥର ଭାବୁ,
ଏତେ ଗଣ୍ଡେ ମନୁଷ୍ୟ ତ ନୀଳମଣି ବାବୁ ।
ସୁଖଗଣ୍ଡେ ଲମ୍ବ ତ ପେଟଗଣ୍ଡ ହେବ ନାହିଁ,
ଏତେ ଗୁଣ ରଖିଛନ୍ତି କାହିଁରେ ପୂରାଇ !
ଉତ୍ସାହ ଉଦ୍ୟମ ପୁଣି ଅଧ୍ୟବସାୟରେ,
ପ୍ରତ୍ୟୁତ୍ପନ୍ନମତି ପୁଣି ନୈତିକ ବଳରେ,
ଆଦର୍ଶ ପୁରୁଷ ଯଦି ଦେଖିବାକୁ ଇଚ୍ଛ,
ତଦ୍ୟାରହେ ଦେଖି କଥା ବୁଝ ସତ ମିଛ ।

ଶାନ୍ତନର ଅବତାର ଜମ୍ବୁକୃଷ୍ଣ ଚ୍ୟାଉ,
ତୁମ୍ଭ ସଙ୍ଗେ ତୁଳିବ ମୁଁ କାହାକୁ ହେ ଆଉ ?
ଅଟ ଭାଇ ତୁମ୍ଭେ ସିନା ତୁମ୍ଭର ଉପମା,
ଦେଖି ନାହିଁ ତୁମ୍ଭ ପରି କାହିଁ ଦୃଢକର୍ମା ।
ବାଣ୍ଟି ବୁଲ ଉପକାର ଦ୍ୱାରେ ଦ୍ୱାରେ ଫେରି,
ପର ଉପକାର ପାଇଁ ଛାଡିଲ ଗୃହକେରି ।
ଦେଖିଛି ମୁଁ ପରକାର୍ଯ୍ୟେ ଲାଗ ଯଦି ଭ୍ରାତ,
ନ ହେଲ ପଲ୍ଲଭେ ଖିଆ ସେ ଦିନରେ ଭାତ ।
କରେଁ ଆଶୀର୍ବାଦ ଭାଇ ମୋ ଆୟୁଷ ନେଇ,
କରୁଥାଅ ମାତୃପୂଜା ମନପ୍ରାଣ ଦେଇ ।

ବଳଭଦ୍ର ମହାପାତ୍ର ହେ ସିରସ୍ତାଦାର,
ନ ଭୁଲାରୁ କଥା ମୁଖୁଁ ଟାଣି ନେଇପାର ।
ଦେଶ ପାଇଁ କେତେ ତୁମ୍ଭେ କରୁଥିଲ କାମ,
ଏବେ କପାଁ ହୋଇଗଲ ମାରୁଢ ନିଷ୍କାମ ।
ଉଇଲପ ପୁଣି ମୋଟା ବରତନ ପାଇ,
ପାସୋରିଗଲ କି ତୁମ୍ଭେ ଦେଶସେବା ଭାଇ ?

ଖଲ୍ଲିକୋଟେ ବିଶ୍ୱନାଥ ବ୍ରହ୍ମା କାଳେଦାର,
ବୃଦ୍ଧକାଳେ କର୍ତ୍ତବ୍ୟରେ ଯୁବା ବ୍ୟବହାର ।
ସଂସ୍କୃତ ପଢିଣ ନାହିଁ ମରହଟ୍ଟୀ ନୀତି,
କାମ୍ୟା ନବ୍ୟ ସଭ୍ୟତାର ଉଚ୍ଛୃଙ୍ଖଳ ରୀତି ।
ଦେଶ ପାଇଁ କରିଛନ୍ତି ସେ ଅନେକ କାମ,
କିନ୍ତୁ ନାମ ଅନୁରୂପ ହୋଇ ନାହିଁ କାମ ।

ପ୍ରଣିପାତ ହରିହର ତ୍ରିପାଠୀ ସଦସ୍ୟ,
ତୁମ୍ଭ ପରି ଦେଶଭକ୍ତି ଦେଖି ନାହିଁ କସ୍ୟ ।
ଜଳୁଅଛି ପେଟ ତହିଁ ନାହିଁ ମୁଠେ ଭାତ,
ତେବେ ମୁକ୍ତା ଜାତୁ ନାହିଁ ଦେଶକାମୁ ହାତ ।
ଗଞ୍ଜାମ ଓଡିଆଙ୍କର ଦେଖିଣ ଦୁର୍ଗତି,
ହେଉଥାଏ ସଦା ତୁମ୍ଭ ହୃଦୟ କରୁଣ ।
ଜାଣ ତୁମ୍ଭେ ନାହିଁ ଯାର ସ୍ୱଜାତି-ମମତା,
ଅଟଇ ସେ ନର ପଶୁଠାରୁ ହୀନଚେତା ।
ଗଞ୍ଜାମ ଓଡିଆଙ୍କର ଦୁଃଖ ପ୍ରତିକାର,
କରିବାକୁ ତୁମ୍ଭେ ଯେଣୁ ହେଲ ତତପର,
ଷଡଯନ୍ତ୍ର କରି କେତେ ଜଣ ଆନ୍ଧ୍ରାଗାରୁ,
ଖାରଜ କଲେ ତୁମ୍ଭଙ୍କୁ ଇସ୍କୁଲ କାମରୁ ।
ଏମାନେ ଯଦ୍ୟପି ଆନ୍ଧ୍ରା ବାନ୍ଧ୍ରା କଏ ତେବେ,
ଗୋରୁ କଏ ଏମାନେ ଯଦ୍ୟପି ଗାରୁ ହେବେ ।
ଦିନ କାଟୁ ନାହିଁ କଷ୍ଟ ଉପବାସ କରି,
କାର ସାଧ୍ୟ କ କରିବ ସାହା ଯାର ହରି ।
ତୁମ୍ଭ ପଦଧୂଳି କରେଁ ମସ୍ତକେ ଧାରଣ,
ଧନ୍ୟ ହେ ସଦସ୍ୟ ତୁମ୍ଭ ଜାତୀୟତା ଟାଣ ।
ଶାନ୍ତି କଥା କହୁଅଛି ମଣ ନାହିଁ ଭାଲ,
ରମ୍ଭାଠାରୁ ବୁଝିନେଲି ଖଲ୍ଲିକୋଟ ହାଲ ।
ବେଳ ଛଅଘଣ୍ଟାରେ ତହୁଁ ରେଲ ଚଢି,
ଛତ୍ରପୁରେ ପହୁଞ୍ଚିଲି ଯାଇ ଓଡ଼ବାଞ୍ଚ ।

ଦେଖିଲି ସେଠାରେ କେତେ ନାରଙ୍ଗ୍ ଭୃଙ୍ଗରଙ୍ଗା
ମାଡ୍ରାଜ ତେଲଙ୍ଗା ଆଉ ନିଜାମ ତେଲଙ୍ଗା ।
ଓଡ଼ିଆ ଭାଷାର କଥା ତହିଁ ଜାଣନ୍ତା ନାସା,
ଶୁଣିଲି ଖାଲି ଦୁର୍ବୋଧ୍ୟ ତଡ଼ମଡ଼ ଭାଷା ।
ଜନରଙ୍ଗ ପୋଷାକ ଯେ ଜଣ ଜଣକର
ପଛଆଡେ ମାରବାନା ଉଡ଼େ ଫରଫର ।
ଶ୍ରେଷ୍ଠ ରାଜଧାନୀ ଏହୁ ଗଞ୍ଜାମ ଜିଲାର,
ଏହିଠାରେ ନିବସନ୍ତି ଜିଲା କଲେକ୍ଟର ।
ଭାବିଲି ଓଡ଼ିଆ ଏଥି ଥିବେ ନଉକର,
ସେମାନଙ୍କୁ ନ ସଙ୍ଗୋଳି ଯିବି କେଉଁପର ।
ଝମ୍ ଝମ୍ ଶୁଣି ବଡ଼ ଲାଗିଲା ତାଟଙ୍ଗା,
ପାଞ୍ଚଟି ଓଡ଼ିଆ ଆଉ କେବଳ ତେଲଙ୍ଗା ।
ଉପରୁ ବାସ୍ତବ ଭାବ ହୋଇଲି ଆକୁଳ,
ଡୋଲିଏ ଧାନରେ ମିଶା ମୁଠାଏ ଚାଉଳ ।
ସାକ୍ଷାତ କରିବା ସାଧ ହୋଇଲା ଅନ୍ତର,
ଉଦ୍ଦେଶ୍ୟ ଉଦ୍ଧାର ତହୁଁ ହୋଇଲି ବାହାର ।
ଦୁଃଖ ମନେ ଘେନି ତହୁଁ ସକଳ ସାମାନ,
ବ୍ରହ୍ମପୁରେ ପହଞ୍ଚିଲି ଚଢ଼ି ଲୌହଯାନ ।
ଗଞ୍ଜାମ ଜିଲାର ଏହା ସୁପ୍ରସିଦ୍ଧ ସ୍ଥଳ,
ଷ୍ଟେସନ ପାଖରେ ଭାରି ଲାଗିଛି ଗହଳ ।
କେହି କହେ ଗୁଆ ଗୁଆ କେହି କହେ ଗୁଣ୍ଡି,
ବୁଝିଲି ଓଡ଼ିଆର କେହି କହେ "ଆସ୍ତା,-ବାଣ୍ଡି ।"
ଭାଷା ଜଣାଗଲା ଯଥା ମଧୁଫେଣା ପିଠା,
ମୋର ମାତୃଭାଷା ସିନା ମୋ କାନକୁ ମିଠା ।
ଦୁଃଖ ଜାତ ହେଲା ମାତୃଭାଷାର ବିଚ୍ଛେଦୁ,
ଗାଡ଼ିବାଲା ପଚାରିଲା,"ଆସ୍ମା, ଭେଲୁରୁ ଲେଦୁ ।"
ସିଆଣା ଲୋକଟା ପରେ ବୁଝି ନେଇ ସବୁ,
ଓଡ଼ିଆରେ ପଚାରିଲା—"ଝଟ୍କା ଲୋଡ଼ା ବାବୁ !"
ଛ ପଇସା ଦେଇ ତହୁଁ ବଲି ଖଣ୍ଡେ ଝଟ୍କା,
ନିସ୍ତାର ପାଇଲି ଗଲା ବାଟଚଲା ଖଟ୍କା ।
କାଟେ ଚଢ଼ାପାଣି ନୂଆହାଣ୍ଡି-ଭାତ ଖାଇ,
ଲାସମରେ ହେଉଥିଲା ଦେହଟା ଗୋଲାଇ ।

ଲୁଟିଦେଲା ଦେହ ଝଟ୍କା ହେମାମ୍‌ଦିସ୍ତା ପରି,
ସୁସ୍ଥ ହେଲି ଘୋଳାବନ୍ଧା ଗଲା ଅପସରି ।
ଅଳ୍ପକ୍ଷଣେ ପ୍ରବେଶିଲି ସହର ମଧ୍ୟରେ,
ଯାଉଅଛି ଗୁରୁପାଣି ବନ୍ଧ ଚତୁର୍ଦ୍ଦିରେ ।
ବାଜଇଛି ଏଗାର ଘଣ୍ଟା ଦିବସ ସମୟ,
ଯାଉଛନ୍ତି ଦଳେ ଦଳେ ଅମଲାନିଚୟ ।
କେହି ଗାଡ଼ି ଚଢ଼ି କେହି ବାଇସାଇକେଲ,
ଦଳ ଦଳ ହୋଇ କେତେ ଧାଆନ୍ତି ବ ଏଲ ।
ହାକିମ ଅମଲାଠାରୁ ଦୋକାନୀ ପସାରି,
ସବୁକାର୍ଯ୍ୟେ ତେଲଙ୍ଗାଏ ଶ୍ରେଷ୍ଠ ଅଧିକାରୀ ।
ଓଡ଼ିଆ ଜାତି କପଣ ବର୍ତ୍ତି ହେବ ନାହିଁ,
ଗଛ ଛାଇ ତଳେ ଗଛ ଉଧାଏ କି ଭାଇ ।
ବୁଝିନଅ ଜିଲାପାତ କଥା ଏହିଠାରୁ,
ଗୋଟାଏ ଚପନ୍ତି ସିନା ହାଣ୍ଡିଏ ଭାତରୁ ।
ଅଧିବାସୀ ସମସ୍ତଙ୍କ କଥା ଭଙ୍ଗା ଭଙ୍ଗା,
ବେଶ ଦେଖି ଚିହ୍ନି ନୁହେଁ ଓଡ଼ିଆ ତେଲଙ୍ଗା ।
ହାୟ୍ ମା ଗଞ୍ଜାମ ଭୂମି ସୁକବି-ଜନନୀ
ଉତ୍କଳରେ ଥିଲୁ ତୁହି ଭାଷାଧନେ ଧନୀ ।
ଭାଷାସ୍ୱତ୍ୱେ କଳଙ୍କ ତୋ ଲାଗିଥିଲା ନାହିଁ,
କେତେଟା ଦିନରେ ଗଲା ବଣ ଘାସ ଛାଇ ।
କରୁଛି କ୍ଷତ ବିକ୍ଷତ ତୋ ଭାଷାର ଅଙ୍ଗ,
କଟେଣୀ ଭାଷାକୁ ଯଥା କରୁଅଛି ବଙ୍ଗ ।
ତୋହର ସନ୍ତାନେ ଆହା ଏବେ ଦିନୁ ଦିନ,
ନୈସ୍ୱଶ୍ୟଜଡ଼ତାବଶେ ହେଉଛନ୍ତି ହୀନ ।
ନାହିଁ କିଛି ଅଧିକାର ନାହିଁ ମଧ୍ୟ ଧନ,
ଛଡ଼ାଇ ନିଅନ୍ତି ଆନେ ତାଙ୍କ ମୁହଁ ଅନ୍ନ ।
କଉଣସି କାର୍ଯ୍ୟେ ତାଙ୍କ କିଛି ଦାବୀ ନାହିଁ,
ନିଅନ୍ତି ଫାଲୁଆ ମାରି ଥାଆନ୍ତି ସେ ଚୁହିଁ ।
ଯାଉ ସେ କଥା ଭାବିଲେ ହେବ କେଉଁ ଫଳ,
ଦୁଃଖ ସୁଖ ଦୁଃଖ ମାତ୍ର ବଢ଼ାଏ କେବଳ ।
କେବେଁ ଏଥେ ଛନ୍ତି କେଉଁ କେଉଁ ମହାଜନ,
ସ୍ୱଜାତି ଦୁଃଖରେ କାନ୍ଦେ କାହା କାହା ମନ ।

ହେ ପରଶୁରାମ ପାତ୍ର ପ୍ରଣାମ ପ୍ରଣାମ,
ଜାଣୁଥା ଉତ୍କଳେ ବୋଲି ଖ୍ୟାତ ତୁମ୍ଭ ନାମ ।
ଶୁଣି ଥରେ ତୁମ୍ଭ ମୁଖୁଁ ଇଂରାଜୀ ବକ୍ତୃତା,
ପ୍ରାଣସ୍ପର୍ଶୀ, ଓଜସ୍ୱିନୀ ସୂକ୍ଷ୍ମ ନୀତିକଥା,
କରିଥିଲେ ସୁପ୍ରଶଂସା ତୁମ୍ଭ ବାଗ୍ମିତାର,
ବହୁବିଦ୍ୟା-ବିଶାରଦ ସ୍ୱୟଂ କବିବର ।
ଢେର ରାଜା ଜମିଦାର ଗଞ୍ଜାମେ ଅଛନ୍ତି,
ତଥାପି ନ ତୁଟେ ତୁମ ଓଡ଼ିଆ ଦୁର୍ଗତି ।
କି ଶିକ୍ଷା ସଭ୍ୟତା କିମ୍ବା ପ୍ରାଧାନ୍ୟ ସମ୍ପଦ,
ଗଞ୍ଜାମେ ଓଡ଼ିଆ ସର୍ବ କାର୍ଯ୍ୟେ ପଶ୍ଚାତ୍ପଦ ।
ସେମାନଙ୍କ ଏ ଭାଗ୍ୟର ସଙ୍କଟ କାଳରେ,
ହେ ପରଶୁରାମ ମୁହିଁ ନିବେଦନା କରେ,
ପର୍ଶୁରାମଙ୍କର ତୁମ୍ଭେ ସାକ୍ଷାତ ଅବତାର,
ଅନୁରୂପ ଅଟେ ମଧ୍ୟ ଆକାର ପ୍ରକାର ।
ଦେଶୋନ୍ନତି ମୂଳଭିତ୍ତି ଶିକ୍ଷାର ଉନ୍ନତି,
ବୁଝିଛ ଏ ଗୂଢ଼ନୀତି ତୁମ୍ଭେ ମହାମତି ।
ତେଣୁ ତୁମ୍ଭେ ସେ ବିଷୟେ ଶକ୍ତି ଅନୁଯାୟୀ,
ମୁକ୍ତହସ୍ତ ହୋଇ କରି ଅର୍ଥ ଅଛ ଦେଇ ।
ବିପନ୍ନ ଓଡ଼ିଆଙ୍କର ଦୁଃଖ ବିମୋଚନେ,
ଚିନ୍ତିତ ସତତ ତୁମ୍ଭେ କାୟ ବାକ୍ୟ ମନେ ।
କର୍ଣ୍ଣପାତ ନ କରିଣ ଖଳ କୁକଥାରେ,
ଦେଶହିତ ପୂର୍ଣ୍ଣ ଜାତିହିତ କାମନାରେ,
ଆଚରିଛ ଯାଇ ଯେଉଁ ପୂତ ସାଧୁକାର୍ଯ୍ୟ,
ତହିଁ ପାଇଁ ଅଟ ତୁମ୍ଭେ ମହାଜନ ପୂଜ୍ୟ ।
ଗୋଟାଏ କଥା ତୁମ୍ଭଙ୍କୁ ପଚାରନ୍ତି ଭାଇ,
ଗାଳିଦେବ ନାହିଁ କିମ୍ବା ରାଗିବ ତ ନାହିଁ ।
କଥା କହି ଖାଇବା ତ ଓକିଲଙ୍କ କାର୍ଯ୍ୟ,
ତୁମ୍ଭ ହୁଏ ଜାଣି ବା କରିପାର ଗର୍ଜ ।
କିନ୍ତୁ ମୋ ପ୍ରଶ୍ନେ ଉତ୍ତର ନ କର ନିରାଶ,
କି ତପସ୍ୟା କଲେ ହୁଏ ବି.ଏ.,ବି.ଏଲ୍. ପାସ୍ ?
ଅଧାସ୍ୱର୍ଗେ ଚେୟାରରେ ବସନ୍ତି ଓକିଲେ,
ଚଉପାଶେ ବେଢ଼ିଥାନ୍ତି କେତେ ମକ୍କେଲେ ।
ଟାଉଟା ଆଣନ୍ତି ପର ପଇସା କଉଡ଼ି,
ଜୁଆଧାର ଅକାରଣେ ଆସୁଥାଏ ମାଡ଼ି ।
ଓକିଲଙ୍କ ସୁଖ ଦେଖି ଓକିଲ ହେବାକୁ,
ହେଉଅଛି ମନ ମୋର କରି ଟାଲୁ ଟାଲୁ ।
ବୁଢ଼ା ହେଲି ଏ ଜନ୍ମେ ତ ହୁଅଇଲି ପାକ୍କା,
କିନ୍ତୁ ପରଜନ୍ମେ କେବେ ଛାଡ଼ିଦେବି ନାହିଁ ।
ହେଉଛି ବିଦାୟ ଭାଇ ଘେନ ମୋ ସମ୍ମାନ,
ଗଞ୍ଜାମରେ ବୁଲିବାକୁ ଅଛି ଢେର ସ୍ଥାନ ।

ଉଦ୍‌ଯୋଗୀ ପୁରୁଷ ଆହେ ଉତ୍କଳ-ବିନୋଦ,
କେ କରିବ ତୁମ୍ଭ ଋଣ ଭଲ ପରିଶୋଧ ।
ଗଞ୍ଜାମ ଓଡ଼ିଆ ପାଠ୍ୟ ପୁସ୍ତକ ଅଭାବ,
ଅନେକ ଅଂଶରେ ତୁମ୍ଭେ କଲ ତିରୋଭାବ ।
ଓଡ଼ିଆ ସମ୍ବାଦ ପତ୍ର ପ୍ରଥମେ ପ୍ରଚାର—
କରି ଗଞ୍ଜାମର କଲ ବହୁ ଉପକାର ।
ଯାହା ଇଚ୍ଛା ତାହା ପଛେ କହନ୍ତୁ ନିନ୍ଦକେ,
ନାହିଁ କିଛି ତୁମ୍ଭ କାର୍ଯ୍ୟ ଆତଙ୍କ ସିନ୍ଧୁକେ ।
କହନ୍ତି ସେମାନେ ତୁମ୍ଭେ ସଦା ଧାଇଁ ଧାଇଁ,
ଯେତେ କାର୍ଯ୍ୟ କର ସବୁ ନିଜ ପେଟ ପାଇଁ ।
"ସ୍ୱପୁରର ନ୍ୟାୟ" ଏହା ଅଟଇ ଗୋଟିଏ,
ପେଟ ଚିନ୍ତା ସଂସାରରେ କରୁ ନାହିଁ କିଏ ?
ନୁହେଁ ଏ ତ ମନ୍ଦ କଥା ପେଟ ଚଳୁଥାଉ,
ଗୋଟା କେତେ ଦେଶକାର୍ଯ୍ୟ ମଧ୍ୟ ହୋଇଯାଉ ।
ଛାଡ଼ ଶାସ୍ତ୍ରୀ ସେ ଗୁଡ଼ାକ ନିନ୍ଦୁକର ଗ୍ଳାନି,
ସେଥିରେ ତୁମ୍ଭର ଖ୍ୟାତି ହେବ ନାହିଁ ହାନି ।
ଜାଣେ ମୁହିଁ ଭଲରୂପେ ଆହେ ଶାସ୍ତ୍ରୀଗାରୁ,
କାହିଁକି ଆଦର କର ଘୃଣା କର ଗୁରୁ ।
ଯାଉଛି ମେଲଣି ଦିଅ ଉତ୍କଳ-ବିନୋଦ,
ଥାଉ ଉତ୍କଳାଭିମାନ ଏହି ଅନୁରୋଧ ।

ଓକିଲି ଓକିଲି ଜନା ହେ ବିଦ୍ୟାଭୂଷଣ,
ଦେଶ ପାଇଁ ତୁମ୍ଭେ କାର୍ଯ୍ୟ କରୁଅଛ କଣ ?
ସାହିତ୍ୟ-ସେବାରେ ରତ ଥିଲ କିଛି କାଳ,

ଏବେ ପର୍ ବ୍ୟସ୍ତ କଲ ଶିକ୍ଷ୍ୟ-ଭଣ୍ଡାର ।
ଶିକ୍ଷ୍ୟ-ମହାଭଣ୍ଡାରେ ଯାର୍ ମନ ଯିବ,
କିପାଇଁ ତାହାର୍ ନାମ ହେବ ସଦାଶିବ ?
ବାକ୍ସ ଠିକି ଅଣ୍ଟା ଭୁଞ୍ଜ ନ ଉଠିଲେ ବାରେ,
ହୁଏ କି ଉନ୍ନତି ଖାଲି ସମାଲୋଚନାରେ ?
ବହୁଶିକ୍ଷାର୍ଥୀଙ୍କ ତୁମ୍ଭେ, ନୁହ ଦୃଷ୍ଟାମୋଦ,
ଲେଖିଯାଅ ନାନା ଭଲ ଗ୍ରନ୍ଥ ଦେତେ ପୋଥି ।
କହିଲି କି କଥା ଖାଲି ଗାଲଦିଅ ନାହିଁ,
ତେର୍ କର୍ତ୍ତବ୍ୟ ତୁମ୍ଭର ଅଛି ଦେଶ ପାଇଁ ।

ଶିକ୍ଷା-ସଂସ୍କାରକ ଆହେ ଦାଶରଥି ପାଠୀ,
ପଢ଼ିଅଛ ବ୍ୟାକରଣ ପାଠ ଗୁରୁ କାଠି ।
ଗଞ୍ଜାମରେ ହୋଇ ପିଠା ଅଛି ତୁମ୍ଭ ନାମ,
ନାମ ଅନୁରୂପ କାହିଁ କରୁ ନାହିଁ କାମ ?
କର୍ ଯୋଡ଼ି କହୁଅଛୁ ହେ ବୁଢ଼ାପଣ୍ଡିତ,
ଶେଷ କାଳେ ଭଲ କାର୍ଯ୍ୟ କର୍ ଦେଶହିତ ।

ଋଷିସନ୍ଦୃଶ ପୁରୁଷ ଭଗବାନ ରଥ,
ତୁମ୍ଭ ନାମ ଉଚ୍ଚାରଣେ ହେଲି ମୁଁ କୃତାର୍ଥ ।
ହେ ମହ୍ରସା ହେଲେ ସୁଦ୍ଧା ତୁମ୍ଭେ ବୟୋଃଧିକ,
ମାତ୍ର ତୁମ୍ଭେ ଅଟ ଜଣେ ଉଦାର୍ନୈତିକ ।
ଶିକ୍ଷାତତ୍ତ୍ୱେ ଅଛି ତବ ଭଲ ଅଧିକାର୍,
ପୁଣି ବ୍ୟାକରଣେ ଜ୍ଞାନ ଅତି ଚମତ୍କାର୍ ।
ସତ୍ ପ୍ରସଙ୍ଗ ଆଲୋଚନା ଛାଡ଼ ନାହିଁ କ୍ଷଣେ,
ଏ ହେତୁ ମୁଁ ତବ ଗୃହେ ତୀର୍ଥସ୍ଥାନ ମଣେ ।
ଗଞ୍ଜାମ ଓଡ଼ିଆଙ୍କର୍ ନୈତିକ ଚରିତ୍ର,
ତୁମ୍ଭର୍ ସତ୍ପରାମର୍ଶେ ହେଉଛି ଗଠିତ ।
ଗଞ୍ଜାମ ଓଡ଼ିଆଙ୍କର୍ ହୃଦୟେ ଆପଣ,
ସ୍ୱଦେଶାନୁରାଗ ବୀଜ କରୁଛ ରୋପଣ ।
ଆହେ କ୍ଷଣଜନ୍ମା ଲଭେଁ ଆନନ୍ଦ ଅପାର୍,
ତୁଚ୍ଛତାକୁ ଦେଖି ତବ ସୁଦ୍ଧା ବ୍ୟବହାର୍ ।
ଉତ୍ସାହ ଉଦ୍ୟମ ପୁଣି ଅଧ୍ୟବସାୟରେ,
କେହିଁ ଯୁବା ସର୍ ହେବ ତୁମ୍ଭ ସହିତରେ ।
ବହୁ ଗୁଣ ବଡ଼ ତୁମ୍ଭ ଆୟୁ ପରିମାଣ,
ହରିପଦେ ଏହା ମୋର୍ ଏକାନ୍ତ ଜଣାଣ ।

ଆହେ ଦାନଏଲ ବାବୁ ପଣ୍ଡିତ୍ କି ଶୋଭି,
ଅଭୁ ତ ଦେଶମିଶ୍ରଣେ ମନ ଦେଇ ନାହିଁ ।
ଥରେ ଅଧେ ଚେଷ୍ଟା କର୍ ପଣ୍ଡିତ୍ କି ଅତି,
ଏତେ ଦୀର୍ଘସୂତ୍ରୀ ହେଲେ କାମ ଚଳିବ କି ?
ପ୍ରାଚୀନ-ବୟସ୍କ ଜଣେ ଅଟ ଏ ଜିଲ୍ଲାର୍,
ଅନେକ କରୁଛ ଜନ୍ମଭୂମି ଉପକାର୍ ।
ବୁଢ଼ା ହେଲ କମେ ବଳ ଗଲା ଅପସରି,
ମାତ୍ର ମନୋବଳେ ପାର୍ ସମୁଦ୍ରେ ପହଁରି ।
ନିଶ୍ଚିନ୍ତ ହୋଇଛ ତୁମ୍ଭେ ପାଇ ପେନ୍ସନ,
କରୁଛନ୍ତି ଖୋଲତକା ପୂର୍ଣ୍ଣ ଭଗବାନ ।
ଦେଶହିତ ସାଧ ଏବେ ସେହି ମୁଖ୍ୟ କାମ,
ଚିରକାଳ ଓଡ଼ିଆଏ ଗାଉଥିବେ ନାମ ।

ପରମାର୍ଥ-ପରାୟଣ ହେ ପରମାନନ୍ଦ,
ଅତିଥି-ସେବାରେ ଲଭ ପରମ ଆନନ୍ଦ ।
କରୁଥିଲେ ଦେଶକାର୍ଯ୍ୟ ତୁମ୍ଭ ସାନ ଭାଇ,
ଦୁରନ୍ତ କାଳ ତାହାଙ୍କୁ ରଖିଦେଲା ନାହିଁ ।
ଉପଯୁକ୍ତ ଗୁରୁ ତୁମ୍ଭେ ଅଟ ତାହାଙ୍କର,
ଏଣୁ ତୁମ୍ଭଠାରେ ଆଶା ଅଧିକ ଦେଶର୍ ।
କର୍ କିଛି ଦେଶ ପାଇଁ ଏହି ନିବେଦନ,
ଅଛି ଅଧିକାର୍ ପୁଣି କ୍ଷମତା ଓ ଧନ ।

ନୈତିକ-ସାହସ-କ୍ଷୀର୍ ଆହେ ରତ୍ନାକର୍,
ସତ ସତ ତୁମ୍ଭେ ଭାଇ ଅଟ ରତ୍ନାକର୍ ।
ତୁମ୍ଭ ସଙ୍ଗେ ଥରେ ହେଲେ ଯେ କହିଛି କଥା,
ଜାଣେ ସେହି କି ପଦାର୍ଥ ଅଟଇ ନମ୍ରତା ।
କର୍ତ୍ତବ୍ୟବିମୁଖ ହୋଇ ବସ ନାହିଁ କ୍ଷଣେ,
ଦେଖି ନାହିଁ ତୁମ୍ଭ ପରି ସ୍ପଷ୍ଟବାଦୀ ଜଣେ ।

ନିଜର ସ୍ୱାଧୀନ ମତ ପରପଦେ ଦଳି—
ଦେବା ଅନୁଚିତ, କିଏ କୁହେ ତୁମ୍ଭ ଭଳି ?
ବଡ ଆଶାଟାଏ ମୁହିଁ ପୋଷଣ କରୁଛି,
ଦେଶହିତ କାର୍ଯ୍ୟ ତୁମ୍ଭେ କରିଯିବ ଜାଣୁଛି ।

ବଡ଼ଖେମଣ୍ଡି-ପତି ଦେବ କୃପାମୟ,
ସତ ସତ ତୁମ୍ଭେ ନୃପ ଅଟ କୃପାମୟ ।
ଜ୍ଞାନ, ଧର୍ମ, ଦେଶୋନ୍ନତି, ସାହିତ୍ୟ-ସେବାରେ,
ନିଯୁକ୍ତ ସତତ ତୁମ୍ଭେ ସାଧୁ ବ୍ୟବହାରେ ।
ଗୁଣଗ୍ରାହୀ ରାଜା ତୁମ୍ଭେ ବୁଝ ଗୁଣିଗୁଣ,
ପୁଣି ଅଟ ସୂକ୍ଷ୍ମଦର୍ଶୀ ସଙ୍ଗୀତ-ନିପୁଣ ।
ତୁମ୍ଭର ସୁଖ୍ୟାତି ନୃପ କି ବର୍ଣ୍ଣିବି ଛାର,
କରୁଛି "ଗୁଣ-ଦର୍ପଣ" ସତତ ପ୍ରଚାର ।
ଗଙ୍ଗ ମହାବଂଶେ ହୁଏ ଉଦ୍ଭବ ତୁମ୍ଭର,
ବଂଶ ଅନୁରୂପ କରୁଛ ବଡ କାର୍ଯ୍ୟ ଭର ।

ମିଷ୍ଟଭାଷୀ ସଦାଳାପୀ ମାର୍କଣ୍ଡେୟ ନନା,
ଦାଣ୍ଡରେ ଭାଳୁଛି ମୁହିଁ ବସାରେ ଅଛ ନା ?
ଉତ୍କୃଷ୍ଟ ତୁମ୍ଭର ନନା ଅଟେ ଶାସ୍ତ୍ରଜ୍ଞାନ,
ପାଇଅଛି ମୁହିଁ ତାର ସାମାନ୍ୟ ପ୍ରମାଣ ।
ଦେଶ-ଅନୁରାଗ ମଧ୍ୟ ଊଣା ନୁହେଁ ଅତି,
ତପସ୍ୟ ଜ୍ଞାନରେ ତୁମ୍ଭେ ଅଟ ବୃହସ୍ପତି ।
କିନ୍ତୁ ଯାଇ କାଳ ନିତ୍ୟ ପରିବର୍ତ୍ତଶୀଳ,
ଯଥାଶକ୍ତି କାର୍ଯ୍ୟ କରୁ ଥାଉଁ ଥାଉଁ ବେଳ ।
ହୁଇ ନାବେ ଗୋଡ ଦେଇ ବୁଡିଯିବା ନୀତି,
ଭଲ ଜଣା ଆପଣଙ୍କୁ କି କହିବ ଇତି ।
ନାମ ଅନୁରୂପ ହୁଅ ଗୁଣର ଦର୍ପଣ,
ପାରିବ ନ ଥିଲେ ତାରେ କେଉଁ ପ୍ରୟୋଜନ ?

କାଶୀନାଥ ପ୍ରଜଗୁରୁ ରହିଅଛ କାହିଁ,
'ସମାଜ-ମିତ୍ର' ତ ଗଲା ଆକାଶେ ମିଳାଇ ।
ଛୁଞ୍ଚିଠାରେ ଗାଳିଦେଇ ଦେଶାନୁରାଗୀଗଣେ,
ଲୁଚିହୋଇ ବସିଅଛ ଏବେ ଘରକୋଣେ ।

ହେ ମଧୁସୂଦନ ମିଶ୍ର ତର୍କ-ବାଚସ୍ପତି,
ଜାଣେ ମୁଁ ପ୍ରଖର ତୁମ୍ଭ ପ୍ରତ୍ୟୁତ୍ପନ୍ନ ମତି ।
ବାମଣ୍ଡାରେ ଉଠୁଥିଲା ପ୍ରତିଭା ଝଲକି,
ଲଜ୍ଜା ହେଉ କିଆଁ ବଡଖେମୁଣ୍ଡିରେ ବସି ?
ପୋଷିଅଛି ମୁଁ ଅନେକ ଆଶା ତୁମ୍ଭଠାରେ,
ଶେଷ କରିଦିଅ ନାହିଁ "ଭାରଶଶାଙ୍କ" ରେ ।
ପ୍ରଧାନ ପଣ୍ଡିତ ତୁମ୍ଭେ କର କିଛି କାମ,
ଗଞ୍ଜାମ ଜଗତରେ ଭଲ ରଖିଯାଅ ନାମ ।
ଚେଷ୍ଟାକର ଶୁଦ୍ଧ ହେଉ ଗଞ୍ଜାମର ଭାଷା,
ଭାଷାର ସାପେକ୍ଷ ଜିନା ଉନ୍ନତିର ଆଶା ।
ସାହିତ୍ୟ-ରସିକ ରାଜା ନିକଟରେ ଥାଇ,
ଲୁଚି ହୋଇ ବସିବାଟା ଶୋଭା ପାଉ ନାହିଁ ।
ଅତଏବ କହୁଛି ତା'ଙ୍କ କର ଦେଶ ପାଇଁ,
ପ୍ରଣମି ବିଦାୟ ହେଲି ପଣ୍ଡିତ ଗୋସାଇଁ ।

ଆସିବାରେ ମେନ୍‌ଟେନ୍ କୋମ୍ପାନୀ କାର୍ଶନା,
ଅନେକ ଦୀନଦୁଃଖୀଙ୍କୁ ଦେଉଅଛି ଦାନା ।

ହରିହର ବିଶ୍ୱନାଥ ଯୁଗଳ ଉକିଲ,
ଆଦରି ବସିଛ ତୁମ୍ଭେ ଓଡ଼ିଆ ମୌକିଲ ।
ଉଭୟ ମିଳନ ତବ ଶୁଭକର ଅତି,
ବ୍ୟସ୍ତ ସଦା ଭଣ୍ଡିବାକୁ ଗଞ୍ଜାମ ଦୁର୍ଗତି ।
ଉକିଲଙ୍କ ମଧ୍ୟେ ତୁମ୍ଭେ ଯୋଡିକ ଓଡ଼ିଆ,
ଏଣୁ ଓଡ଼ିଆଙ୍କ ଦୁଃଖେ କାନ୍ଦେ ତବ ହିଆ ।
ଗଞ୍ଜାମ ଓଡ଼ିଆଙ୍କର ଦୁଃଖ ପ୍ରତିକାର—
ପାଇଁ ଜଣାଉଛ ରାଜଦ୍ୱାରେ ବାରମ୍ବାର ।
ସେଥିଲାଗି ତୁମ୍ଭଙ୍କୁ ମୁଁ ଦେବି ଧନ୍ୟବାଦ,
ନିଶ୍ଚୟ ଲଭିବ ତୁମ୍ଭେ ବହୁ-ଆଶୀର୍ବାଦ ।
ଯେ କରେ ନିଃସ୍ୱାର୍ଥ ଭାବେ ମାତୃଭୂମି କାମ,
କରନ୍ତୁ ଗୋବିନ୍ଦ ତାର ସିଦ୍ଧ ମନସ୍କାମ ।

ଓକିଲତି କରି ଯେତେ ଅରଜିଲ ଟାକୁ,
ଦେଶ ପାଇଁ ତହୁଁ କିଛି ଖର୍ଚ୍ଚ କର ବାବୁ ।

ଅତୁଲ ସମ୍ମାନାସ୍ପଦ ଧରକୋଟ-ନାହା,
ନାମେ ମଦନମୋହନ ରୂପେ ମଧ୍ୟ ତାହା ।
ଧାର୍ମିକ, ଚତୁର, ଧୀର, ଶାନ୍ତ, ସଦାଶୟ,
ସୁଲକ୍ଷଣ ନରପତି ସର୍ବଗୁଣାଳୟ ।
ଉତ୍କଳ ମହାସଭାର ହୋଇ ସଭାପତି,
ଗଞ୍ଜାମ ଗୌରବ ବୃଦ୍ଧି କରିଛ ନୃପତି ।
ବିଳାସ-ସ୍ରୋତରେ ତୁମ୍ଭେ ନ ହୋଇ ପତିତ,
ଦେଖୁଛୁ ମୁଁ ଥାଅ ସଦା କର୍ତ୍ତବ୍ୟ-ନିରତ ।
ଜାଣ ତୁମ୍ଭେ ଆହେ ରାଜା ସୁନୀତି-କୁଶଳ,
ପ୍ରଜାଙ୍କ ମଙ୍ଗଳେ ସିନା ରାଜାଙ୍କ ମଙ୍ଗଳ ।
ପ୍ରଜାଙ୍କ କୁଶଳ ହେତୁ ତେଣୁ ନାନା କାମ,
କରୁଅଛ ଶୀଘ୍ରହସ୍ତ ହୋଇ ଅବିରାମ ।
ଜୟସିଂହ କୃଷ୍ଣସିଂହ ଆଦି ରାଜକବି,
ଯେଉଁ ସିଂହାସନେ ବସି ବାଗ୍‌ଦେବୀଙ୍କୁ ସେବି,
ମର୍ତ୍ତ୍ୟ ଅମରତା ଲଭି କୀର୍ତ୍ତି-କଳେବରେ,
ଭ୍ରମୁଛନ୍ତି ଘରେ ଘରେ ଉତ୍କଳ ଦେଶରେ,
ସେହି ପୂତ ସିଂହାସନେ ତୁମ୍ଭେ ତ ଆସୀନ,
କାହିଁକି ବା ଦେଶଭାଷେ ହେବ ଉଦାସୀନ ?
ଜୀବନ ଯୌବନ ଧନ ନୁହେଁ ଚିରକାର,
"କୀର୍ତ୍ତିର୍ଯସ୍ୟ ସ ଜୀବତି" ଏହି ନୀତି ସାର ।
ମର୍ଯ୍ୟାଦା ସମ୍ଭ୍ରମ ଉଚ୍ଚ ପଦ ଆଧିପତ୍ୟ,
ସବୁରେ ଅସତ୍ୟ ମାତ୍ର ସତ୍ୟ ଏକା ସତ୍ୟ ।
ବୁଝିଛ ଏ ଗୂଢ଼ନୀତି ତେଣୁ ସଯତନେ,
ସତ୍ୟ ପାଳୁଅଛ ରାଏ କାୟ ବାକ୍ୟ ମନେ ।

ପ୍ରାତର୍ନମଃ ବାସୁଦେବ ମହାପାତ୍ର ଶର୍ମା,
ହୋଇଛ ଦେଶ ବିଷୟେ କି ହେତୁ ନିଷ୍କର୍ମା ?
ଅତିରିକ୍ତ ସ୍ପଷ୍ଟବାଦୀ ଅଟ ତୁମ୍ଭେ ନନା,
ବର୍ତ୍ତମାନ ଯୁଗଧର୍ମ ଶାସ୍ତ୍ରେ ତାହା ମନା ।
ଖାଲି ସ୍ପଷ୍ଟବାଦିତାରେ ଦେଶୋନ୍ନତି ନାହିଁ,
ଢେର କାମ କରିବାକୁ ହେବ ଦେଶ ପାଇଁ ।
ଜଣାଶୁଣା ତୁମ୍ଭେ ଜଣେ ସଂସ୍କୃତ ପଣ୍ଡିତ,
ନ ହୁଅ ପଛକେ ଖାଲି କୁଣ୍ଡଳ-ମଣ୍ଡିତ ।
ଭାଷାରେ ସଂସ୍କୃତ ପୋଥି କେତେ ଖଣ୍ଡ ଭାଙ୍ଗ,
ମିଳିବ ପୁରୁଣା ପୋଥି ଖୋଜିଆଣ ଢଙ୍ଗ ।
କହିଲି ଭ୍ରାତୃଭାବରେ ଖପା ହୁଅ ନାହିଁ,
ନୋହିଲେ ପଛକେ ଦିଅ ମୋ କଥା ଫେରାଇ ।
ଲୁହା ଲୁଣ୍ଡ ଲୁହା ପାଣି ହୁଏ ନାହିଁ ସ୍ଥିର,
କହିଲି ହିପଦ ଗାଳିଦିଅ ଅବା ମାର ।
ଅତଏବ ମାତୃସେବା କର ହେ ସମ୍ବଳ,
ନିଶ୍ଚୟ ମିଳିବ ତହୁଁ ଚତୁର୍ବର୍ଗ ଫଳ ।

ନବୀନ ଯୁବକ ଆହେ ବଡ଼ଗଡ଼-ପତି,
ଚହଟି ଉଠୁଛି ନାମ ଦିନୁ ଦିନୁ ଅତି ।
ଅତି ଅଳ୍ପଦିନ ମଧ୍ୟେ ପାଇ ରାଜ୍ୟଭାର,
କଲଣି ଅନେକ, ରାଜା, ରାଜ୍ୟର ସଂସ୍କାର ।
ରଖି **ଓଡ଼ିଆ** ସିରସ୍ତା **ଓଡ଼ିଆ** ଗୁମାସ୍ତା,
ସ୍ୱଜାତି ସ୍ୱଭାଷା ପ୍ରତି ଦେଖାଇଛ ଆସ୍ଥା ।
ଏହି ହେତୁ ତୁମ୍ଭ କଥା ମୋ ମନକୁ ଆସେ,
କହନ୍ତି ପରା ତୁଳସୀ ଦୁଇ ପତ୍ରୁ ବାସେ ।
ବସ୍ତୁପତି-ପଦେ ରାଜା ! କରୁଛି ଜଣାଣ,
ଦୀର୍ଘଜୀବୀ ହୋଇ ସାଧ ଦେଶର କଲ୍ୟାଣ ।

ଦଣ୍ଡବତ ଦଣ୍ଡବତ ଗବନ ପାରଳା,
ପ୍ରାଚୀନ ଜ୍ୟୋତିର୍ବିଦ୍ୟାରେ ଥିଲୁ ତୁ କୁଶଳା ।
ପଦ୍ମନାଭ ନାରାୟଣ ଆହା ରାଜ-ଋଷି,
ପୂର୍ଣ୍ଣଚନ୍ଦ୍ର ସରି ଥିଲେ ପାରଳାରେ ଉଇଁ ।
କାଳବଶେ ଅକାଳେ ସେ ହୋଇଗଲେ ଅସ୍ତ,
ଗଞ୍ଜାମ ଜିଲ୍ଲାର ଗଲା ଛିଣ୍ଡି ଦକ୍ଷହସ୍ତ ।
ଧନ୍ୟ ରାଜଭ୍ରାତା ତୁମ୍ଭେ ଥିଲ ମହାକୃତୀ,
ଗାଉଛନ୍ତି ତୁମ୍ଭର ଯଶ କଲେଜ ପ୍ରଭୃତି ।

କର୍ମବୀର୍ ଥିଲ କରି ଗଲ ଦେଶକାମ,
ଇତିହାସେ ସ୍ୱର୍ଣ୍ଣାକ୍ଷରେ ଥିବ ତୁମ୍ଭ ନାମ ।

ବିଚକ୍ଷଣ ସ୍ୱତନ୍ତ୍ର ହେ ଶ୍ୟାମସୁନ୍ଦର,
ଅଦ୍ୟ ଯାଉଅଛ ତୁମ୍ଭେ ଗଞ୍ଜାମ ଜିଲ୍ଲାର ।
ଗଞ୍ଜାମବାସୀଏ ଏଣୁ ଥିଲେ ଆଶା କରି,
ସର୍ବକାର୍ଯ୍ୟେ ହେବ ତୁମ୍ଭେ ଅଗ୍ରଣୀ ଏପରି ।
ସେଥିର ଚିହ୍ନସ୍ୱରୂପ ବୋଲିଯାଇପାରେ,
ସଭାପତି ହେଲ ଅଦ୍ୟ ଗଞ୍ଜାମ ସଭାରେ ।
ଭାଷାତତ୍ତ୍ୱେ ଆପଣଙ୍କୁ ନିବିଷ୍ଟ କାଙ୍କ୍ଷିତ,
ହୋଇଥିଲୁଁ ଆମ୍ଭେମାନେ ଦେଖି ଆଶାନ୍ୱିତ ।
ଅନ୍ୟତନ୍ତ୍ରାରୁ ତ ତୁମ୍ଭେ ଭାଗ୍ୟବଶେ ମୁକ୍ତ,
ପରାଧୀନ ନୋହି ପୁଣି ସ୍ୱାଧୀନତାଯୁକ୍ତ ।
ତୁମ୍ଭପ୍ରତି ଉଦ୍ଭବ ଦେଶର ଯେପରି,
ଯଶସ୍ୱୀ ହୁଅ ସେପରି ଉଚ୍ଚକାର୍ଯ୍ୟ କରି ।
ହ୍ୱ:ତିଷିଣୀ ସମାଜକୁ ପୁନରୁଜ୍ଜୀବିତ—
କରି, ନବୀନ ଉତ୍ସାହେ ସାଧ ତାର ହିତ ।
ସମାଜ ଅଭ୍ୟନ୍ତରର ରହସ୍ୟ ସକଳ,
ବାହୁରିତ କରି ତାକୁ କର ସୁନିର୍ମଳ ।
ଅଟ ତୁମ୍ଭେ ଉତ୍କଳର କୃତିପୁତ୍ର ଜଣେ,
ଏହି କଥା ଭାଇ ସଦା ରଖିଥିବ ମନେ ।
ବିଶେଷେ ଗଞ୍ଜାମ ପୁଣି ସମସ୍ତ ଉତ୍କଳ,
ତୁମ୍ଭ ମୁଖାପେକ୍ଷୀ ହୋଇ ରହିଛନ୍ତି କେବଳ ।

ସାହିତ୍ୟ-ସେବକ ଆହେ ଗୋପୀନାଥ ନନ୍ଦ,
ଛାପା ହେଲା ନାହିଁ ପୋଥି ନୁହ ନିରାନନ୍ଦ ।
ଲେଖିଯାଅ ଉତ୍ସାହରେ ଦିଅ ନାହିଁ ଚୁପା,
ଲେଖାଥିଲେ କେବେ ହେଲେ ହୋଇପାରେ ଛାପା ।
ଉପଇନ୍ଦ୍ର କବିସୂର୍ଯ୍ୟ ସାହିତ୍ୟ ସୁ-ରଥୀ,
ଛାପି ଯାଇଥିଲେ ନାହିଁ ନିଜକୃତ ପୋଥି ।
ପ୍ରାକୃତ ଶବ୍ଦ ସଂଗ୍ରହେ ଦେଇଅଛ ହାତ,
ସାମାନ୍ୟ କଠିନ କାର୍ଯ୍ୟ ନୁହଇ ଏହା ତ ।
ସେଥିପାଇଁ ଧନ୍ୟବାଦ କରୁଛୁ ଅର୍ପଣ,
ସେହି ମହାଗ୍ରନ୍ଥ କର ଶୀଘ୍ର ସମାପନ ।
କହିବି ଗୋଟିଏ କଥା ଗୋପୀନାଥ ନନ୍ଦ,
କୃଦନ୍ତ ତଦ୍ଧିତ ଲେଖା କର ନାହିଁ ବନ୍ଦ ।
ସାଧିଯାଅ ନୂଆ ଶବ୍ଦ ଘୋଷାର୍ ଓଠାରୁ,
ଆଲ୍ ଶବ୍ଦେ ମାରେ ପ୍ରତେ ସାଧ ଅଲମାରୁ ।

ଆହେ ଗୌରଚନ୍ଦ୍ର ପାତ୍ର ଉତ୍ସାହୀ ଯୁବକ,
ପେଟ ଲଗି ତୁମ୍ଭର ତ ନାହିଁ ଚିନ୍ତାଦିକ ।
ସ୍ୱାଧୀନତା ବର୍ଜିଲ କିପାଁ ଅକାରଣ,
ପାତ୍ର ହୋଇ ଅପାତ୍ର ଯେ ହୋଇଲ ଆପଣ ।
ଏବେ ସୁଦ୍ଧା ବେଳ ଅଛି ରହ ନାହିଁ ବସି,
ଯଥାଶକ୍ତି କାର୍ଯ୍ୟ କରି ହୁଅ ହେ ଯଶସ୍ୱୀ ।

ହେ ବାବୁ ଅପର୍ତ୍ତି ପଣ୍ଡା ଶାନ୍ତ ଶିଷ୍ଟ ଧୀର,
ଦେଶୋନ୍ନତି କାର୍ଯ୍ୟେ ତୁମ୍ଭେ ଅଟ ବାକ୍ୟବୀର ।
ମାତ୍ର କାର୍ଯ୍ୟରେ କିଛି ଜଣାଯାଇ ନାହିଁ,
ଶରତ୍କାଳ ମେଘ ଖାଲି ଗର୍ଜେ ସିନା ଭାଇ !
ପୃଥିବୀରେ ଅଭାବ କି ଅଛି ବାକ୍ୟବୀର,
କାର୍ଯ୍ୟେ ପରିଚୟ ଦିଅ ସ୍ୱଦେଶ-ପ୍ରୀତିର ।
ଅଛି କିଛି ଶକ୍ତି ଗଦ୍ୟପଦ୍ୟ ରଚନାରେ,
ଯତ୍ନ କର ତାର ବୃଦ୍ଧି ସଦ-ବ୍ୟବହାରେ ।

ଆହେ ବଳଭଦ୍ର ନନ୍ଦ କଥୋପକଥନେ,
ବୁଝିଲି ତୁମ୍ଭେ ଶିକ୍ଷିତ ସଦୁତ୍ସାହୀ ଜଣେ ।
ତୁମ୍ଭେ ଯତ୍ନ କଲେ ମୁହିଁ ମନରେ ବିଚାରେଁ,
ଦେଶ ଉପକାର କେତେ ଗୋଟା ହୋଇପାରେ ।
ସାହିତ୍ୟାନୁରାଗ ତବ ସୁପ୍ରଶଂସନୀୟ,
ମାତ୍ର କିଛି ଦେଲ ନାହିଁ କାର୍ଯ୍ୟେ ପରିଚୟ ।
ଭାବିଥିଲି ଢେର କାମ ତୁମ୍ଭ ହାତେ ହେବ,
କିନ୍ତୁ ହିମାଚଳ କଲା ମୂଷିକ ପ୍ରସବ ।
ନବୀନ ଯୁବକ ତୁମ୍ଭେ ଅଟ ତତାଲହୁ,
କରିଯାଅ ଦେଶକାମ ଯଶଖ୍ୟାତି ରହୁ ।

ଆଉ କେତେ ଜଣ ଯାଇ ବସିବେଣି ପାଶ,
ହେଉଛନ୍ତି ଦେଶ ଦେଶ ଭନ୍ତ ବୁଦ୍ଧି ନାଶ।
ହେଉ ଦେଶକାର୍ଯ୍ୟ ହେଉ ଅନ୍ୟ ଭଲ କଥା,
କଳହ କୁକଥା କିନ୍ତୁ ବର୍ଜିତ ସର୍ବଥା।

ଆକାରେ ମଞ୍ଜୁଷା ସମ ମଞ୍ଜୁଷା ନଗରୀ,
ପାର୍ଶ୍ୱେ ଉଚ୍ଚ ପୌରାଣିକ ମହେନ୍ଦ୍ର ଶିଖରୀ।
ବର୍ଣ୍ଣି ନୋହେ ମହେନ୍ଦ୍ରର ଶୋଭା ଅନୁପମ,
ଅଟେ ଉଚ୍ଚ ଗିରିବର ଦେବତାଙ୍କ ଧାମ।
ଚାହିଁଲି ପର୍ବତେ ଫାଟି ପଡ଼ିଲା ମୋ ଆଖି,
ଜାଣିବାକୁ ମୋର ଆଉ ନ ରହିଲା ବାକି।
ପୃଥିବୀ ମଧ୍ୟରେ ମୁହିଁ କେତେ କ୍ଷୁଦ୍ର ଜୀବ,
କେତେ ଅଳ୍ପ କ୍ଷମତା ବା ମୋହଠାରେ ଥିବ।
ସମ୍ମୁଖରେ ମହତ୍ତର ଦେଖି ମହାସତ୍ତା,
ସ୍ୱତଃ ଉପଲବ୍ଧି ହୁଏ ନିଜର କ୍ଷୁଦ୍ରତା।
ମହେନ୍ଦ୍ର-ଆବାସଯୋଗ୍ୟ ମହେନ୍ଦ୍ର ତୁ ଅଟୁ,
ସଙ୍କେତରେ ମହାତତ୍ତ୍ୱ ଶିକ୍ଷାଦାନେ ପଟୁ।
ଅନନ୍ତ ମହିମାମୟ ତୋ ସ୍ରଷ୍ଟା ମୂରତି,
ଜନ୍ମାଏ ଦର୍ଶକ ମନେ ପୀରତି ଭକତି।
ଶିଳ୍ପୀ ନୁହେଁ, କି ରଚିବ ତୋର ସ୍ତୁତିଛବି,
ଅର୍କଦେବେ ରଚିଛନ୍ତି କାନ୍ତ ସ୍ତବ।

ଶ୍ରୀନିବାସ ପଟ୍ଟନାୟକ ଯୁବରାଜ ଧନ୍ୟ,
ଯୋଗ୍ୟପିତା ପୁତ୍ର, ତୁମ୍ଭେ ମଞ୍ଜୁଷା-ମଣ୍ଡନ।
ପ୍ରବୀଣ ନୃପତି ପରି ପାଳୁଅଛ ରାଜ୍ୟ,
କେତେ ଥର ଭାବେଁ ମୁହିଁ ଶୁଣି ତୁମ୍ଭ କାର୍ଯ୍ୟ।
ଗଜାରୁ ତ ଯୁବରାଜେ ହେଲେଣି ଏପରି,
କି ନୋହିବେ ଗଛ ହେଲେ ଶାଖାପତ୍ର ଧରି।
ହେଉନ୍ତୁ ସହାୟ ତବ ସଦା ଭଗବାନ,
ପିତାପୁତ୍ର ମିଳି ସାଧ ରାଜ୍ୟର କଲ୍ୟାଣ।

ଗଦାଧର ତର୍କରାଜ ହେ ବିଦ୍ୟାଭୂଷଣେ,
ଅଟ ଦେଶକାଳଦର୍ଶୀ ପଣ୍ଡିତ ଆପଣେ।
ସ୍ୱଦେଶ ତୁମ୍ଭକୁ ଅଛି ଆଶାନେତ୍ରେ ଚାହିଁ,
ବନ୍ଧୁଗଣ ଦେଲ ଛନ୍ତି ଭର ତାହା ପାଇଁ।
ନ କହିବି, ତୁମ୍ଭକୁ ବା କିସ ଅବିଦିତ,
ତର୍କେ ଆସକ୍ତ ସଦା ନୁହଇ ଉଚିତ।
ପଠାଣି ସାମନ୍ତଙ୍କର ତୁମ୍ଭେ ଯୋଗ୍ୟ ଚାଟେ,
କୀର୍ତ୍ତି ରଥ ଅନୁସର ତାଙ୍କ ଗମ୍ୟ ବାଟେ।
ସାତ୍ତ୍ୱିକ ସ୍ୱଭାବରେ ଶେଷ ଜୀବନ ଅତୀତ,
କରିବା ଅଟଇ କାର୍ଯ୍ୟ ଯୋଗ୍ୟଜନୋଚିତ।
"ସିଦ୍ଧାନ୍ତଦର୍ପଣ" ଟୀକା କେତେ ଲେଖାହେଲା,
ଲେଖିଯାଅ ଲେଖିଯାଅ କର ନାହିଁ ହେଳା।
ପ୍ରତିଭାଶାଳୀ ପଣ୍ଡିତ ଖ୍ୟାତ ତୁମ୍ଭ ନାମ,
ତଦାସ୍ତୁ ହେଲି ମୁଁ ଘେନ ସଭକ୍ତି ପ୍ରଣାମ।

ବାରୁଆ ମାଇକଦାର ହେ ଖାଡ଼ଗା ବାବୁ,
ଜମା କର ରଖିଦିଅ ଘରେ ସବୁ ତାବୁ।
ଦେଶ ପାଇଁ ଖର୍ଚ୍ଚ କର କି ହେବ ଖାଡ଼ଗା,
କଷିଆଣ ଚଢାପାଣ୍ଡ୍ରୁ ହେବ ସ୍ମୃତି ଅଙ୍ଗା।
ମୁଖିଆ ଓଡ଼ିଆ ଜଣେ ଥିଲ ତୁମ୍ଭେ ଭାଇ,
କିନ୍ତୁ ସ୍ୱଜାତିର ହିତ କିଛି କଲ ନାହିଁ।

ଭାଇ ନରସିଂହ ଦାସେ ଦେଶ ମହାମିତ୍ର,
ତୁମ୍ଭ ନାମ ଉଚ୍ଚାରଣ ହେଲି ମୁଁ ପବିତ୍ର।
ଯାହା ମୁହିଁ ଚାହିଁଥିଲି ଆଜ ମୁଁ ସକାଳେ,
ନିଶ୍ଚେ କିଛି ଶୁଭଫଳ ଅଛି ମୋ କପାଳେ।
ଦିଅ ଆଗେ ପଦଧୂଳି ପତାଇଲି ମଥା,
ପଛେ କୁହାକୁହି ହେବା ସୁଖଦୁଃଖ କଥା।
"ଆକାର ସଦୃଶ ପ୍ରାଜ୍ଞଃ" ବାକ୍ୟ ତୁମ୍ଭଠାରେ,
ସଫଳ ହୋଇଛି ଭାଇ ଅକ୍ଷରେ ଅକ୍ଷରେ।
ତୁମ୍ଭ ପରି ଧୀର ସ୍ଥିର ସୁସଂଯତମତି,
ବିରଳ ଉତ୍କଳେ ପୁଣି ଗଞ୍ଜାମରେ ଅତି।
ଦେଶ ପାଇଁ ଖଟୁଅଛ ତୁମ୍ଭେ ଅବିରାମ,
ପ୍ରାଣପଣେ ସାଧୁଅଛ ମାତୃଭୂମି କାମ।
ଏ ହେତୁ ମୁଁ ମୋ କୃତଜ୍ଞ ଶ୍ରେଷ୍ଠତମ ସ୍ଥାନେ,

ବସାଇଅଛୁ ତୁମ୍ଭଙ୍କୁ ଶ୍ରେଷ୍ଠତମାସନେ ।
"ଜନନୀ ଜନମ ଭୂମି ସ୍ୱର୍ଗୁ ଗରୀୟସୀ",
ସ୍ମରି ଏହି ମହାବାକ୍ୟ ହେ ଗଞ୍ଜାମଶଶି !
ଅମର କୀରତି ଲଭେ ସଦା ଚେଷ୍ଟାକର,
ଶତାୟୁ ହେଉ ହେ ଦେବ-ପ୍ରକୃତିକ ନର ।

ଆହେ ଅଭିମନ୍ୟୁ ପଟ୍ଟନାୟକ ସାଆନ୍ତେ,
ତୁମ୍ଭଙ୍କୁ ସମ୍ମାନ ମୁହିଁ କରୁଛି ଏକାନ୍ତେ ।
ଉପେନ୍ଦ୍ର ପଟ୍ଟନାୟକେ ଥିଲେ ତୁମ୍ଭ ଆଗେ,
ଲଭିଥିଲେ ଶ୍ରେଷ୍ଠସ୍ଥାନ ଶତୃର-ଶଙ୍ଖରେ ।
ପବିତ୍ର ଯୁଦ୍ଧରେ କରି କର୍ତ୍ତବ୍ୟ ପାଳନ,
କରୁଥିଲେ ଓଡ଼ିଆଙ୍କ ଗୌରବ ବର୍ଦ୍ଧନ ।
ଦୁରନ୍ତ କାଳ ତାହାଙ୍କୁ ରଖିଦେଲା ନାହିଁ,
ଭୁଲିଅଛୁଁ ତାଙ୍କୁ ଆମ୍ଭେ ତୁମ୍ଭ ମୁଖ ଚାହିଁ ।
ଜାତୀୟ ଭାଷା ଜାତୀୟ ଜନୋନ୍ନତି ପ୍ରତି,
ଶୁଣିଛୁ ତୁମ୍ଭର ଅଛି ଅନୁରାଗ ଅତି ।
ସମ୍ପ୍ରତି ସାର୍ଥକନାମା ନରସିଂହଙ୍କର,
ହୋଇଛ ନିକଟବର୍ତ୍ତୀ ମିତ୍ର ପରସ୍ପର ।
ଦେଶହିତ ଜାତିହିତ କାର୍ଯ୍ୟେ ସଦା ଲାଗ,
ଭାଗ୍ୟରେ ମିଳିଛି ଭାଇ ସୁବର୍ଣ୍ଣ ସୁଯୋଗ ।
ଧନ, ମାନ, ଏ ସଂସାରେ ନୁହେଁ ଚିରସ୍ଥାୟୀ
ସ୍ଥିକର ଅଟଇ ଯଥା ତାଳଗଛ ଛାଇ ।
ଏହା ଭାବି କର ଜାତି ଉପଯୁକ୍ତ କାମ,
ଚିରକାଳ ଓଡ଼ିଆଏ ଘୋଷୁଥିବେ ନାମ ।

ହେ ସୁରଙ୍ଗୀ ରାଜା ! ଶୁଣି ଛାତି ଯାଏ ଫାଟି,
କି କରିବ ତୁମ୍ଭଙ୍କୁ ତ ଗ୍ରାସ କଲା ମାଟି ।
ନିଦାରୁଣ ବ୍ୟାଧି-ମେଘ କାହୁଁ ଆସି ଧାଇଁ,
ପକାଇଲା ଯଶଃଚନ୍ଦ୍ରେ ଅକାଳେ ଘୋଡାଇ ।
ନ ହୁଅ ନ ହୁଅ ରାଜା ନ ହୁଅ ହେ କ୍ଷୁଣ୍ଣ
ଯାହା ହରି ଇଚ୍ଛା ତାହା ହେବ ନିଶ୍ଚେ ପୂର୍ଣ୍ଣ ।
ସାମାନ୍ୟ ଆୟୁରେ ତୁମ୍ଭେ କରିଅଛ ଯାହା,
କରି ନାହାନ୍ତି ଅନେକ ବଡ ରାଜା ତାହା ।
ସାହିତ୍ୟ-ରସିକ ତୁମ୍ଭେ ଚନ୍ଦ୍ରଚୂଡାମଣି,
ପୁଣି ଅଟ ସବୁସ୍ଥାହି ରହସ୍ୟର ଖଣି ।
ପାଇଲେ ସମ୍ବାଦପତ୍ର ଜମ୍ପା ଭଲ ବହି,
ପଢୁଥାଅ ରାତିଯାକ ଉଜାଗର ରହି ।
ନାହିଁ ବଡ଼ଲୋକପଣ ଗର୍ବ ଅହଙ୍କାର,
ପାଞ୍ଚବର୍ଷ ପିଲାଙ୍କୁ ତ କର ସମାଦର ।
ତୁମ୍ଭର ସଦ୍‌ଗୁଣ ନୃପ କି ବର୍ଣ୍ଣିବ ଆଉ,
ଗାଉଛି "ଉତ୍କଳବାସୀ" ଚିରକାଳ ଗାଉ ।

ନାରୀକୁଳ ସୁରଙ୍ଗୀର ରାଣୀ-ମହୋଦୟା,
କାବ୍ୟ-କାନନ କୋକିଳା ପବିତ୍ରହୃଦୟା ।
"ସ୍ୱରଷୋଡ଼ଶୀ" କାବ୍ୟର ପଢି ପାଣ୍ଡୁଲେଖ୍ୟ
ଭକ୍ତିଭରେ ପ୍ରଣମୁଛି ମାତଃ ! ଲକ୍ଷ ଲକ୍ଷ ।
ଗଞ୍ଜାମର ନାରୀକୁଳ ମଧ୍ୟେ ତୁମ୍ଭେ ସତି,
ଆଦର୍ଶସ୍ଥାନୀୟା, ରାଜକବି ତୁମ୍ଭ ପତି ।
ମଣିକାଞ୍ଚନ ସଂଯୋଗ କି ସୁନ୍ଦର କଥା,
ହୋଇଛି ସାର୍ଥକ ତୁମ୍ଭ ନିକଟେ ସର୍ବଥା ।
ଉତ୍କଳ-ସଭାକୁ କରି ଆର୍ଥିକ ସାହାଯ୍ୟ
କରିଅଛ ଆହେ ରାଣି ! କାର୍ଯ୍ୟ ପରି କାର୍ଯ୍ୟ ।
ପ୍ରଥମତଃ ଦେଖାଇଲ ତୁମ୍ଭେ ସୁନମୁନା,
ଉତ୍କଳରେ କେଉଁ ନାରୀ ତୁମ୍ଭର ତୁଳନା ।
କାକୁଟରେ ଜଣାଉଛି ଯୋଡି ହସ୍ତ ବେନି,
ସର୍ବ ସୁଖେ ଥାଅ ଦେବି ! ଏହି ମୋ ମାଗୁଣି ।

ସୁରଙ୍ଗୀ ନୃପତି ଭ୍ରାତା ଆହେ ଚକ୍ରପାଣି,
କରିପାର ବାକ୍ୟେ ତୁମ୍ଭେ ପଥରକୁ ପାଣି ।
କି କି କାର୍ଯ୍ୟ କରିଅଛ ଖୋଲି ଚଟା ଖାତା,
କି ଅଭାବ ତାହାର ହେ ରାଜା ଯାର ଭ୍ରାତା ।
ମଧ୍ୟାହ୍ନର ଫଳାହାର ଛାଡି ଅଳ୍ପ ଦିନ,
ସେହି ପଇସାଟା କର ଦେଶହିତେ ଦାନ ।
ତୁଳ ଗୁରୁ ଜଣ ଆଗ ହେଉଛନ୍ତି ମଣିଷ,
ନ ହେଉ ପଛକେ ଶିଆ ଖଜୁରୀ ପଣସ ।

କହ୍ନେ ଭେଣ୍ଡା ସମ୍ପାଦକେ କବିବର ଭାଇ,
ଖୋଜୁଛୁ ଔଷଧ ହେଲ ଦେଖା ଗୁହିଁ ନାହିଁ ।
ଦେଶସେବା ମହାବ୍ରତେ ଦେଇଅଛ ହାତ,
ପାଳୁଛ କର୍ତ୍ତବ୍ୟ ଶକ୍ତି ଅନୁସାରେ ଭ୍ରାତ ।
ଅଟ ଜଣେ କବି ଏହା ଜଣାଶୁଣା କଥା,
ପଦ୍ୟ ରଚନାରେ ଅଛି ଅଦ୍ଭୁତ କ୍ଷମତା ।
ଖାଲି "ଉତ୍କଳବାସୀ"ଙ୍କୁ ଘେନି ବସ ନାହିଁ,
ଆହୁରି ଢେର କର୍ତ୍ତବ୍ୟ ଅଛି ଦେଶ ପାଇଁ ।
ଥିଲ ପଦ୍ୟ-ଅଳଙ୍କାର ହେଲ କବିବର,
ଭାଷା ଅଭିବୃଦ୍ଧି ପାଇଁ କର କିଛି ଯତ୍ନ ।
ବସିଅଛ ତୁମ୍ଭେ ଯେଉଁ ପବିତ୍ର ଆସନେ,
ତାହାର ମର୍ଯ୍ୟାଦା ରକ୍ଷା କର ପ୍ରାଣପଣେ ।

ବିସଲକୁଣ୍ଡାରେ ଅଛି ଦୀନବନ୍ଧୁ ପାଳ,
ଆଉ ତ ଲୁଚିଲ ନାହିଁ ଦେଶ ହାଲଚାଲ ।
କେତେ କଷ୍ଟେ ବିଦେଶରେ ରହି ପଢ଼ି ପାଠ,
ସୌଭାଗ୍ୟବଶରୁ ଶେଷେ ହେଲ ଗ୍ରାଜୁଏଟ ।
ଦୀନ ଶିକ୍ଷାର୍ଥୀମାନଙ୍କ ସକାଶେ କାଙ୍କ୍ଷିତ,
ଚାନ୍ଦା କରିବା ତୁମ୍ଭର ଥିଲ ଯେ ଉଚିତ ।
କି କହିବା ସେମାନଙ୍କ କପାଳ ତ ହୀନ,
କେଣୁ ତୁମ୍ଭେ ସେ ବିଷୟେ ହେଲ ଉଦାସୀନ ।
ଦେଶସେବା ସଙ୍ଗେ ଆଉ ନାହିଁ ତବ ଭେଟ,
ମୁଖ୍ୟ ଚାନ୍ଦାର ବିଷୟ ହେଲ ପଗ୍ ପେଟ ।
କହିବି ଯଥାର୍ଥ କଥା ଦିଅ ପଛେ ଗାଳି,
କବିତା ଶକ୍ତିକୁ ମଧ୍ୟ ଦେଲ ଜଳାଞ୍ଜଳି ।
ଯାଉ ଗଲ କଥା, ଅଛି ଏବେ ସୁଦ୍ଧା ବେଳ,
ଦେଶ ପ୍ରତି ତୁମ୍ଭର ଯା କର୍ତ୍ତବ୍ୟ ତା ପାଳ ।

ଉତ୍କଳ କୁସୁମ-କୁଞ୍ଜ କେଶର ଗଞ୍ଜାମ,
ସେ କେଶର ରେଣୁସମ ଘୁମୁସର ଗ୍ରାମ ।
ସେ ପବିତ୍ର ସ୍ଥଳେ ଉପେନ୍ଦ୍ର ମହାକବି,
ଜନ୍ମିଥିଲେ ଯୋଗଜନ୍ମା କବିକୁଳରବି ।

କାଳବଶେ ହତଶିରୀ ଏବେ ସେହି ଗ୍ରାମ,
ନାହିଁ ସେ ଅଯୋଧ୍ୟା କିମ୍ବା ନାହାନ୍ତି ସେ ରାମ ।

କେତେ ବି. ଏ. ରଥ ପୁଣି ବି. ଏ. ପାଣିଗ୍ରାହୀ,
କରୁଛ ତନଖି ପାଠ ବୁଲି ସାହି ସାହି ।
ଓଡ଼ିଆ ବିଦ୍ୟା ବିଭାଗେ ତୁମ୍ଭେ ତିନି ଜଣେ,
ଉଚ୍ଚପଦ ମିଳିବାରୁ ଲାଗିଥିଲୁଁ ମନେ,
ଓଡ଼ିଆ ପାଠ୍ୟର ଭାଷା ଓ ବିଷୟ ବୋଧ,
କେତେକ ପରିମାଣରେ ହେବ ପରିଶୁଦ୍ଧ ।
ପବିତ୍ର ବିଦ୍ୟା ବିଭାଗ କାର୍ଯ୍ୟ ସୁପବିତ୍ର,
ନିର୍ଦ୍ଦୋଷ ଭାବରେ ହେବ ସୁପରିଚାଳିତ ।
ଆଖିରୁ ତ ପାଣି ମଲା ଅସି ଚାହିଁ ଚାହିଁ
ତେବେ ସୁଦ୍ଧା ଆଶା କିନ୍ତୁ ପୂର୍ଣ୍ଣ ହେଲ ନାହିଁ ।
ଅଟ ଭାଇ ତୁମ୍ଭେମାନେ ଶିକ୍ଷିତ ଯୁବକ,
ହୁଅ ଅଶିକ୍ଷିତଙ୍କର ପଥପ୍ରଦର୍ଶକ ।
କଥାରେ ତୁମ୍ଭମାନଙ୍କ ସ୍ୱଦେଶ ପ୍ରୀତିର,
ପରିଚୟ ମିଳିଅଛି ଢେର ଢେର ଥର ।
କାର୍ଯ୍ୟରେ କିଞ୍ଚିତ ଏବେ ଦିଅ ପରିଚୟ,
ଦେଶକାର୍ଯ୍ୟ କରି ହୁଅ ଚିରସ୍ମରଣୀୟ ।
ଏହି କଥା ସଦା ତୁମ୍ଭେ ରଖିଥିବ ଧ୍ୟାନେ,
କରିଯା ମନୁଷ୍ୟ ଭାଇ ହୁଇ ଗୁରୁ ଜଣେ ।

ଅନନ୍ତରାମ ରଥଙ୍କୁ ଚିହ୍ନେ ନାହିଁ କିଏ,
ଗଞ୍ଜାମ ଜିଲ୍ଲାର ଜଣେ ଅଟନ୍ତି ସେ ବି. ଏ. ।
ଅନେକ ସନ୍ଧାନ କଲି ଗଞ୍ଜାମରେ ଯାଇ,
ତାହାଙ୍କର କାର୍ଯ୍ୟ କିଛି ଦିଶିଲା ତ ନାହିଁ ।
ପସ୍ତୁରନ୍ତି ଦେଖାହେଲେ ରଥ ଗୋସାଇଁଙ୍କି,
ନୀରବ ନିଷ୍କାମ ହୋଇ ଅଛନ୍ତି ତାହାଙ୍କ ।
ଉଚ୍ଚଶିକ୍ଷିତ ସେ ତାଙ୍କ ହୃଦୟ ଉଦାର,
ପଛକୁ ବା ରଖିଥିବେ ଦେଶ-ଉପକାର ।

ମହାପାତ୍ର ଉପାଧିକ ଭାଇ ବଟକୃଷ୍ଣ,
ଦେଶସେବା ବିଷୟରେ ନ ହୁଅ ବିତୃଷ୍ଣ ।

କଥା କାର୍ଯ୍ୟ ମଧ୍ୟେ ଅଛି ପ୍ରଭେଦ ବିସ୍ତର,
କହିବା ସହଜ କିନ୍ତୁ କରିବା ଦୁସ୍ତର ।
ଆଗେ କଥା ପଛେ କାମ ପ୍ରକୃତ ନିୟମ,
କହିଲଣି ଢେର୍ କଥା କର୍ କିଛି କାମ ।

ସ୍ପଷ୍ଟବାଦୀ ଦୃଢ଼କର୍ମା ହେ ଶ୍ରୀବତ୍ସ ପଣ୍ଡା,
ତୁମ୍ଭ ପରି କର୍ମବୀର ଲେଖା ପାଞ୍ଚଗଣ୍ଡା ।
ସଂସ୍କାର କାର୍ଯ୍ୟରେ ତୁମ୍ଭେ ଭିଡ଼ିଅଛ ଅଣ୍ଟା,
ଗନ୍ତବ୍ୟ ପଥରେ ମାନ ନାହିଁ ଗୁଖିକଣ୍ଟା ।
ଦୁର୍ଗତି ମୋଚନକଲେ ରମଣୀ ଜାତିର,
ହୋଇଅଛ ତୁମ୍ଭେ ସଦା ବଦ୍ଧପରିକର ।
ଏଣୁ ତୁମ୍ଭେ ନିରପେକ୍ଷ ସମାଲୋଚକର,
ପୁଣି ସଂସ୍କାରର ପକ୍ଷପାତୀମାନଙ୍କର,
ଏକାନ୍ତ ନମସ୍ୟ ନିଶ୍ଚେ ଅଟ ଆହେ ଆର୍ଯ୍ୟ,
କିନ୍ତୁ ଶୁଣ ସଂସ୍କାର ତ ସୁକଠିନ କାର୍ଯ୍ୟ ।
ଦେଶକାଳପାତ୍ରଗତ ନ ହୋଇ ବିଦିତ,
ଶୀଘ୍ର ସଂସ୍କାର ପ୍ରସ୍ତାବ କଲେ ଉପସ୍ଥିତ,
ତହିଁରେ ରକ୍ଷଣଶୀଳ ସମାଜର ହିତ,
ସାଧିତ ନ ହୋଇ ହୁଏ ହିତେ ବିପରୀତ ।
ଅତଏବ ଧୀର ଆଉ ସଂଯତ ଭାବରେ,
ସଂସ୍କାର କରିବା ଭଲ ଅଟେ ମୋ ବିଚାରେ ।
ଦୁଇ ଦିନେ ନଷ୍ଟ ହେବ ଧନମାନ ଖ୍ୟାତି,
କାମଗୁଣେ ନାମ ସିନା ହୁଏ ଚିରସ୍ଥାୟୀ ।
ସତ୍ୟ କଥା, ତୁମ୍ଭ ନାମ ସଂସ୍କାର ଇଷ୍ଟିରେ,
ରହିବ ଖୋଦିତ ହୋଇ ସୁବର୍ଣ୍ଣ ଅକ୍ଷରେ ।

ସାହିତ୍ୟ-ନିକୁଞ୍ଜ ଏହି ଆଠଗଡ଼ ରାଜ୍ୟ,
ଏହିଠାରେ ଉଇଁଥିଲେ ରଥ କବିସୂର୍ଯ୍ୟ ।
ଧନ୍ୟ ରଥେ ଅମରତା ଲଭିଅଛ ମରି,
ବିସ୍ତାରି ଦେଇ ଆଦର୍ଶ ଭାଷାର ଲହରୀ ।
ତୁମ୍ଭେ ଉପଇନ୍ଦ୍ର ଦୁହେଁ ନର କି ଦେବତା,
ସ୍ଥିର କରିବାକୁ ଅଣ୍ଟୁ ନାହିଁ ମୋ କ୍ଷମତା ।

ବଞ୍ଚିଥିଲ କେତେ ଗୋଟା ଦିନ ବା ସଂସାରେ,
ଏତେ ରତ୍ନ ସଞ୍ଚିଗଲ ସାହିତ୍ୟ-ଭଣ୍ଡାରେ ।
ଯେତେ ଦିନ ତୁମ୍ଭେ ବେନି ଥିଲ ଧରାଧାମେ,
ତେତେ ଦିନ ବାଣୀ, ବୀଣା ରଖିଲେ ଗଞ୍ଜାମେ ।
ତୁମ୍ଭ ମାଟିଦେହ ମିଶିଯାଇଛି ମାଟିର,
ହୋଇଅଛି କୀର୍ତ୍ତିଦେହ କିନ୍ତୁ ଅନଶ୍ୱର ।

ରାଜା ହୋଇ କୃଷ୍ଣସିଂହ ସହି କେତେ ଦୁଃଖ
ସମୁଜ୍ଜ୍ୱଳ କରିଗଲେ ଜନ୍ମଭୂମି ମୁଖ ।
ବାହାରକୁ ରାଜା ମାତ୍ର ତପସ୍ୱୀ ଭିତରେ
କି ଗୀତ ଗାଇଲ ତବ ଋଷିକୁଲ୍ୟା ତୀରେ ।
ବିରଚି ନୂତନ ଛନ୍ଦେ ଶ୍ରୀ ମହାଭାରତ,
ଢାଳିଦେଇ ଯାଇଅଛ ଉତ୍କଳେ ଅମୃତ ।
ଥିଲେ ତୁମ୍ଭ ପାଦୋଦକ କରିଥାନ୍ତି ପାନ,
ଛାଡ଼ିଯାଇଥାନ୍ତା ମୋର ମୂଢ଼ତା ଅଜ୍ଞାନ ।
ତବୋଦ୍ଦେଶ୍ୟେ ସାଷ୍ଟାଙ୍ଗରେ କରୁଛି ପ୍ରଣାମ,
ପବିତ୍ର ହେଲି ମୁଁ ଛୁଇଁ ତବ ଜନ୍ମସ୍ଥାନ ।

ନାହାନ୍ତି ମର୍ତ୍ତ୍ୟରେ ଆଉ ବଳି ମହାରଣେ,
ବାସ୍ତବରେ ଲୋକ ପରି ଥିଲେ ଲୋକ ଜଣେ ।
ଉଇଲିୟମ ପରି ପୁଅ ଜନ୍ମ ହୋଇ ନାହିଁ,
ଦେଶ ପାଇ ଦିନରାତ ଜାଣିଥିଲେ ନାହିଁ ।
କରିଣ ହିତବାଦିନୀ ସମାଜ ଗଠନ,
ଚଳାଇଲେ କଲେଜରେ ଓଡ଼ିଆ ପଠନ ।
ଥିଲ ଦୁହେଁ ଗଞ୍ଜାମର ଉନ୍ନତିର ମୂଳ,
ପ୍ରଥମେ ସ୍ଥାପନ କଲ ଓଡ଼ିଆ ଇସ୍କୁଲ ।
କରିଯାଇଅଛ ତୁମ୍ଭେ କାମ ପରି କାମ,
ଯଥାକାଳେ ଭୁଲିଗଲ ରହିଗଲା ନାମ ।

ଦୀନବନ୍ଧୁ ପଣ୍ଡା ଜଣେ ସଭା କର୍ମଚାରୀ,
କର୍ତ୍ତବ୍ୟ-ନିପୁଣ ସାଧୁ ଶିଷ୍ଟ ବ୍ୟବହାରୀ ।
ଛୁଇଁବ ନାହିଁ ତାଙ୍କର ପିଠି ଯମଛାଟ,

ପଢ଼ି ନାହାନ୍ତି ସେ ଯେଣୁ ଅଣ୍ଡାଖୋଷା ପାଠ ।
ସର୍ଗୀ ଲୋକମାନେ ଗଲେ ଉପରକୁ ଚଢ଼ି,
ସ୍ୱାସ୍ଥ୍ୟ ବଳହୀନ ସେ ତଳେ ଛନ୍ତି ପଡ଼ି ।
ନ ହେଲା ଉନ୍ନତି ଚିନ୍ତା କର ନାହିଁ ପଣ୍ଡେ,
କହିବ ଗୋଟିଏ କଥା ବସିବ କି ଦଣ୍ଡେ ।
ଧୂର୍ତ୍ତାନ୍ତ ଲୋକଜନଠାରୁ ଧର୍ମପଥେ ଥାଇଁ,
ଖାତାନ୍ତ ଲୋକନ ଭଲ ନୁହଇ କି ଭାଇ !
ଧାର୍ମିକର କଷ୍ଟ ହୁଏ ଆପାତ ଦୁଃସହ,
କିନ୍ତୁ ପରିଣାମେ ତାହା ହୁଏ ସୁଖାବହ ।
ସ୍ୱର୍ଣ୍ଣ ମୃତ୍ତିକାକୁ କରେ ଅନଳ ଦହନ,
ସେଥିରେ ତାହାର ହୁଏ ଉତ୍କର୍ଷ ବର୍ଦ୍ଧନ ।
ଅଭାବରେ ପଡ଼ି ପଣ୍ଡେ ନ ହୁଅ ବିକଳ,
ଧାର୍ମିକ ଜୀବନେ ତାହା ପରୀକ୍ଷା କେବଳ ।
ଯୋଗ୍ୟ ଥିଲେ ପାଇ ପାର ଦିନେ ଉଚ୍ଚ ପଦ,
କିନ୍ତୁ ଭାଇ ଉଚ୍ଚପଦେ ବିସ୍ତର ବିପଦ ।

ବାଲୁକେଶ୍ୱର ବାସେ ତ ଚତୁର୍ଭାବକେ,
ସ୍ୱଳ୍ପ-ଅନୁଗ୍ରହ ଉଚ୍ଚପଦ ଲାଭ କଲେ ।
ଶୁଣିଲି ସେ ଜଣେ ଖୁବ୍ ଚତୁର ଉତ୍ସାହୀ,
କିନ୍ତୁ ଦେଶ-ହିତ କାମ କଣ କଲେ କାହିଁ ।
ନାହିଁ ନାହିଁ ବାସେ ଏ ତ ଭଲ ହେଉ ନାହିଁ,
ଶକ୍ତି ଅନୁରୂପ କିଛି କର ଦେଶ ପାଇଁ ।

ବିନୟୀ ଶାନ୍ତ ସ୍ୱଭାବ ହେ ବ୍ରଜସୁନ୍ଦର,
ଗଞ୍ଜାମରେ ଏକ ମାତ୍ର ଓଡ଼ିଆ ଡାକ୍ତର ।
ଯୋଗ୍ୟ ଲୋକ ତୁମ୍ଭେ ବସି ରହ ନାହିଁ ଛି ଛି,
ଗଞ୍ଜଗଲା ବେଳ ଭଲ କର କାମ କିଛି ।
ସମସ୍ତ ଅତୀତ କର ନାହିଁ ନିରର୍ଥକ,
ଲେଖ ଓଡ଼ିଆରେ ଖଣ୍ଡେ ନିଦାନ ପୁସ୍ତକ ।

ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ଯାଏ ଗୀତ ବାନ୍ଧି,
ଶୁଣିଲେ କରୁଣ ତାର ପକାଏ ମୁଁ କାନ୍ଦି ।

ପାଠଶାଳା ପାଠେ ନାମମାତ୍ର ଶିକ୍ଷା ପାଇ,
ଲେଖେ ପଦେ ଅଧେ ଗୀତ ଶକ୍ତି ଅନୁଯାୟୀ ।
ଏ ହେତୁ ସେ ତାହା ତାହା ଲୋପ କଟାକ୍ଷରେ,
ପଡ଼ି ଦିନ କାଟୁଅଛି ମହା ଦୁରବରେ ।
ଟଙ୍କା ଦେଇ କିଣନ୍ତି ଯେ ନାମ ଖ୍ୟାତି ଯଶ,
ସେମାନେ ବୁଝିବେ କାହୁଁ କବିତାର ରସ ।
ଦେଖିଛି ମୁଁ କେତେ ସିଦ୍ଧି ଫଳା ବିବର୍ଜିତ,
ଟଙ୍କା ଦେଇ ପରଗୁଣେ ବୋଲାନ୍ତି ପଣ୍ଡିତ ।
ସେମାନେ ବୁଝିବେ ଯଦି ନାଶ କବି ମାନ,
ତଏ ଭଲ ହେବ ଆଉ ବାତୁଳ ଅଜ୍ଞାନ ।
କର ନାହିଁ କର ନାହିଁ ନାଶକବି ଭୟ,
ଶୁଭ କାର୍ଯ୍ୟେ ବିଘ୍ନ ଘଟେ ଏହା ସୁନିଶ୍ଚୟ ।
ଶତ ବାଧା ଶତ ବିଘ୍ନେ ନ ହୁଅ ଅସ୍ଥିର,
କର ସଦବ୍ୟବହାର ଆପଣା ଶକ୍ତିର ।
ଏ ନୀତି ବଚନ ମନେ ରଖ ସବୁବେଳେ,
"କୀର୍ତ୍ତିରକ୍ଷର ସମ୍ବନ୍ଧା ସ୍ଥିରା ଭବତି ଭୂତଳେ ।"

ହିନ୍ଦୁକୁଳ ଭୂଆସୁଣୀ ଅଟନ୍ତି ସାବିତ୍ରୀ,
ଜାଣନ୍ତି ସର୍ବେ ଜଣେ ସେ ଭଲ ରଚୟିତ୍ରୀ ।
ଗଦ୍ୟ ପଦ୍ୟ ରଚନାରେ ସମାନ ନିପୁଣା,
ଜଣାଯାଏ ଉପଯୁକ୍ତ ଥିବ ପଢ଼ାଶୁଣା ।
କେତେ ଥର ତାଙ୍କ ଲେଖା ପଢ଼ି ହୁଏ ଲେଖା,
ବାରି ନୁହେଁ ସ୍ତ୍ରୀ ଲେଖା କି ପୁରୁଷର ଲେଖା ।
ଲେଖ ଲେଖ ଲେଖ ତବ ମଣ ନାହିଁ କ୍ଲେଶ,
ଭଗ୍ନୀଗଣେ ଦେଇଯାଅ ହିତ ଉପଦେଶ ।

ମନେ ହେଲା ହେ ସିଂହାଦ୍ରି ଗନ୍ତାଇତ ଭାଇ,
ପାଠଗୁଡ଼ା ପେଟେ ରଖି ଦେଇଛ ପଚାଇ ।
ଲେଖାକଳେ ତୁମ୍ଭର ତ ଥିଲା ଅଧିକାର,
କଲ ନାହିଁ କିନ୍ତୁ ତାର ସଦବ୍ୟବହାର ।
ହୋଇ ଯାଇ ନାହିଁ କିଛି ତୁମ୍ଭେ ବୁଢ଼ା ହାଡ଼ା,
କେବେ କାହିଁ ନ ଶୁଣିବ କଥା କଡ଼ା କଡ଼ା ।

ଦେଶ ଅଶାନ୍ତିର ତୁମ୍ଭେ ଗଲ ଦିନ ବହି,
ତାହାକୁ ବହିଲୁ ଆଉ ତୁମ୍ଭଙ୍କୁ ନ କହି ।
ଗଲ କଥା ଯାଉ ଛାଡ଼ି କି ଫଳ ତହିଁରେ,
ମାତୃସେବା କରି ହୁଅ ଆଦର୍ଶ ମହୀରେ ।

ମହାଦେବ ସ୍ୱଜଗୁରୁ ମହାପାତ୍ରେ କହେ,
ନାମ ଲେଖାରେ ତ ଖାଲି ଗଲଣି ଧାଡ଼ିଏ ।
ଏତେ ନାମଟାଏ ନନା ବହୁଛ କିପାଇଁ,
କେବେ ହେଲେ ଦେହକୁ କି ଭାର ଲାଗୁ ନାହିଁ ।
ଅତୀବ ରକ୍ଷଣଶୀଳ ଅଭିମାନ-ଅନ୍ଧ—
ବଂଶେ ଜନ୍ମି ଜାଣ ନାହିଁ କିଛୁ ଛନ୍ଦ ମନ୍ଦ ।
ନିରଭିମାନିତା ତବ ପ୍ରଶଂସ୍ୟ ନିଶ୍ଚୟ,
ଅନ୍ୟ ପକ୍ଷେ ହୋଇପାରେ ଅନୁକରଣୀୟ ।
ଘେନ ସଂସ୍କାରକ କାର୍ଯ୍ୟାଧ୍ୟକ୍ଷ କାର୍ଯ୍ୟଭାର,
ଦେଉଅଛ ପରିଚୟ ଆପଣା କାର୍ଯ୍ୟର ।
କର ଦେଶକାଳଯୋଗ୍ୟ ସଂସ୍କାର ବିଧାନ,
ଉଗ୍ର ସଂସ୍କାରରେ ଭଲ ନାହିଁ ପ୍ରୟୋଜନ ।

ପୁଅଟାଏ ଶଶିରଥ ମାରଦେଇ ଉଏଁ,
ମାନ୍ଦ୍ରାଜୁ ଶିଖି ଆସିଲା କେତେ କାମଟାଏ ।
ଧନ୍ୟବାଦ ଦେବି ତାର ନୈତିକ ସାହସେ,
କରି ନାହିଁ ମଧ୍ୟ ଅଳ୍ପ ଅଧ୍ୟବସାୟ ସେ ।
ସାବାସ ସାବାସ ରଥେ ସାବାସ ସାବାସ,
ଖାଟିଏ ଚନ୍ଦ୍ରର ମୁଖ ଦେଖ ମାସ ମାସ ।
ସର୍ବକାର୍ଯ୍ୟେ ଦେଖିବ ଯେ ଜାତି ଯିବା ସ୍ୱପ୍ନ,
କପଟ କରିବ ସେହୁ ଉନ୍ନତି ସାଧନ ।
ପାଠ ପଢ଼ିଲେ ତ ଖାଇ ଯାଏ ନାହିଁ ଜାତି,
ବରଂ ସେଥିରେ ବଢ଼େ ବେଶି ଜାତିପ୍ରୀତି ।
ଅତଏବ ଛାଡ଼ି ଦେଶାନ୍ତର କୁସଂସ୍କାର,
ଉନ୍ନତିକୁ କର ଏହା ମୂଳମନ୍ତ୍ର ସାର ।

ଆସ୍ମା ବଳରାମ ଦାସେ ହେ ସିରସ୍ତାଦାରେ,
ଚିରସ୍ଥାୟୀ ପନ୍ଥା କଲ ଜୋଇଗୁଣୀଠାରେ ।

ଜାଣେ ମୁହିଁ ନୁହଁ ତୁମ୍ଭେ ଏ ଦେଶ ନିବାସୀ,
ପଢ଼ିଲ ଓଡ଼ିଆ ପାଠ ଏ ଦେଶକୁ ଆସି ।
ଏ ଦେଶୀୟମାନଙ୍କର ଶୁଭ କାମନାରେ,
ଅଛ ପଣ କରି ସ୍କୁଲ ସ୍ଥାପନ ଇଚ୍ଛାରେ ।
ଚୁନା କରି ଲଗାଇଛ ଘରଚୋଲା କାମ,
ଶୁଭେ ପୂର୍ଣ୍ଣ ହେଉ ତୁମ୍ଭ ଶୁଭ ମନସ୍କାମ ।
ଗଞ୍ଜାମ ଅନେକେ ପାଇବ ସର୍ବ ବୈଦେଶିକ,
ଶିଖିବେ କି ଦାସଙ୍କର ଏ ସଦ୍‌ଗୁଣଟିକ ।
ସାଧୁ ସାଧୁ ସାଧୁ ଦାସେ ସାଧୁ ତୁମ୍ଭ ହିଆ,
ତାହାଙ୍କ ମୁଁ ନ କହିବ ତୁମ୍ଭଙ୍କୁ ଓଡ଼ିଆ ।

କୃପାସିନ୍ଧୁ ତ୍ରିପାଠୀ ହେ ତର୍କପଞ୍ଚାନନ,
ଦେଶ ପାଇଁ କଷ୍ଟିଭରେ ଦିଅ ଭଲ ମନ ।
ଶୁଣିଛୁ ମୁଁ ତୁମ୍ଭେ ଜଣେ ସୁପଣ୍ଡିତ ବଡ଼,
ପଢ଼ି ଆସିଅଛ ପାଠ ଶଗଡ଼ ଶଗଡ଼ ।
ଥିବଥିଲେ କେବେ ତୁମ୍ଭେ ବେଣୁ ଆସି ଫେରି,
ଜାନାଲେକେ ଦେବ ଦେଶ ଉଦ୍ଭାସିତ କରି ।
ମାତ୍ର କି କହିବି ବୁଦ୍ଧି ସ୍ଫୁରୁ ନାହିଁ ମୋର,
ବେଣୁ ଫେରି ପୋଥିରେ ତ ବାନ୍ଧିଦେଲ ଡୋର ।
କର ଯୋଡ଼ି କହୁଅଛୁ ପଣ୍ଡିତ ଗୋସାଇଁ,
ଏତେ ଆଣ୍ଟ କରି ସ୍ୱାର୍ଥେ ଭିଡ଼ ଧର ନାହିଁ ।
ଆଉ କିଛି କାମ ପଛେ କର ବା ନ କର,
ମାତ୍ର ଏକ ଅନୁରୋଧ ରଖିବ ମୋହର ।
ଆପଣଙ୍କ ଅନୁରୂପ ଯୋଗ୍ୟତା ପ୍ରଦାନ,
କର କେତେ ଜଣ ଯୋଗ୍ୟ ଶିଷ୍ୟେ ପଞ୍ଚାନନ ।
ତାହା ହେଲେ ଯିବାବେଳେ ବାଟଖର୍ଚ୍ଚ ପାଇଁ,
ହରବର ହେବ ନାହିଁ ପଣ୍ଡିତ ଗୋସାଇଁ !
ମୋ କଥାଟା ମିଛ ହେଲେ ଦେବ ପଛେ ଗାଳି,
ଜୀବନୀ ଖାତାକୁ ଥରେ ପଚାଅ ଅଣ୍ଡାଳି ।
ଭଲରୂପେ ଦେଶ ପନେ ପନେ ଓଲଟାଇ,
କଅଣ ରଖିଛ ତାହିଁ ବାଟଖର୍ଚ୍ଚ ପାଇଁ ।
ସେଥିପାଇଁ କହୁଅଛୁ ହେ କାବ୍ୟରସିକ,
ଦେଇ ଆଉଁ ଥାଉଁ ଭଲ ଚନ୍ଦ ପାରିବିକ ।

ଦୟାନିଧି ପାନେ ତାଙ୍କ ନିବାସ କୁସୁଡା,
ଭଗବଦ୍‌ଭକ୍ତିରେ ସଦା ବୁଡିଅଛି ବୁଡା ।
ବିଷୟ ଜ୍ଞାନସମ୍ପନ୍ନ ସାତ୍ତ୍ୱିକ ପୁରୁଷ,
ଦେଶକାର୍ଯ୍ୟ କରି ଭଲ ଦେଖାଅ ପୌରୁଷ ।
ଧନ ଅଛି, ଶକ୍ତି ଅଛି, ଅଛି ପୁଣି ମନ,
କିନ୍ତୁ ବାକୁ ଆସୁଅଛି ସରି ତ ଜୀବନ ।
ଘୁଞ୍ଚୁଁ ଘୁଞ୍ଚୁଁ ସମସ୍ତ ତ କ୍ରମେ କ୍ରମେ ଗଲ,
ବେଳ ଥାଉଁ ଥାଉଁ କିଛି କରିଯାଅ ଭଲ ।

ହରିଡାଗଣ୍ଡି ମହନ୍ତ ବିମଳ ପ୍ରାସାଦ,
ଜନ୍ମାଇଲା ମନେ ମୋର ଅତୁଳ ଆହ୍ଲାଦ ।
ସ୍ୱର୍ଗକୁ ନିଶୁଣୀ ପରି ଲଗିଛି ପାହାଚ,
ମଣ୍ଡିତ ଗବାକ୍ଷ ଦ୍ୱାରେ ନାନାବର୍ଣ୍ଣ କାଚ ।
ଦେଖିଲି କେତେ ପଦାର୍ଥ ଗାଈ, ହାତୀ, ଘୋଡ଼ା,
ଯୋଗୀଙ୍କର ଘୃଣ୍ୟ ସିନା ଭୋଗୀଙ୍କୁ ତ ଲୋଡ଼ା ।
ମହେନ୍ଦ୍ର ଭୁବନ ନୁହେଁ ତାହା ସଙ୍ଗେ ଲେଖା,
ମହନ୍ତଙ୍କ ସଙ୍ଗେ ଥରେ କରେଁ ଭଲ ଦେଖା ।
ବାବାଜି ହେ ତୁମ୍ଭେ ଜଣେ ସୁସଭ୍ୟ ଲୋକ,
ତେଣୁ ହେଲ ସମ୍ମିଳନୀ କୋଷର ରକ୍ଷକ ।
ତୁମ୍ଭପ୍ରତି ଓଡ଼ିଆଙ୍କ ଭକ୍ତି ଓ ବିଶ୍ୱାସ,
ଉପରି ପ୍ରବଳ ଏଥି ବୁଝ ତା ଆଭାସ ।
ତ୍ୟାଗୀ ହୋଇ ରାଜା ପରି ଅଟ ଧନେ ମାନେ,
କିନ୍ତୁ ଦାତାପଣ କଥା ନ ଶୁଣିଲି କାନେ ।
ତୁମ୍ଭର ସମ୍ମାନରକ୍ଷା ଭଲ କେତେ ଗୋଟା,
କାମ କରି ଗୋସାଇଁ ହେ ନାମ କର ମୋଟା ।
ଓଡ଼ିଆ ଭକ୍ତଙ୍କ ହିତେ ସଦା ମନ ଦିଅ,
ହୁଅ ଆନ ମହନ୍ତଙ୍କ ଆଦର୍ଶସ୍ଥାନୀୟ ।

ସ୍କୁଲ ସୁପର୍‌ଭାଇଜର୍ ଦୟାନିଧି ଦାସେ,
ଉତ୍ସାହୀ ଯୁବକ କିପାଁ ବସିଛ ଉଦାସେ ।
ଶକ୍ତି ଅନୁରୂପ ତୁମ୍ଭ କାର୍ଯ୍ୟ ନ ଦେଖି ତ,
ସକଳେ ଅଛନ୍ତି ଭାଇ ମୋପରି ଦୁଃଖିତ ।

ଶୁଣ ଆହେ ଗଞ୍ଜାମର ମିସ୍‌ନେରୀ ଦଳ,
ତୁମ୍ଭର ସହାନୁଭୂତି ଅତ୍ୟନ୍ତ ପ୍ରବଳ ।
ଓଡ଼ିଆଙ୍କ ପ୍ରତି ଅଛି ସତ୍ୟ, ନ୍ୟାୟ, ନିଷ୍ଠା,
ପୁଣି ପ୍ରଜାଦ୍ୱାରେ ଅଛି ଯଥେଷ୍ଟ ପ୍ରତିଷ୍ଠା ।
ଓଡ଼ିଆଙ୍କ ସର୍ବବିଧ ଉନ୍ନତି କାମନା,
ବିଶେଷ ଭାବରେ କର ଏହା ମୋ ପ୍ରାର୍ଥନା ।

ଆଉ କେତେ ଜଣ ପରି ଯାଇଥିବେ ରହି,
କ୍ଷମାକର ଆଉ ଏତେ ପାରେ ନାହିଁ କହି ।
ନାମ ପଛେ ଛାପା ନୋହୁ କରିଯାଅ କାମ,
ଲେଖାରେ କି ହେବ ଭାଇ କାମଗୁଣେ ନାମ ।
ନିଜ କ୍ଷମତାରେ କର ନାହିଁ ଅବିଶ୍ୱାସ,
କାର୍ଯ୍ୟକ୍ଷେତ୍ରେ ପଶି କର ବିକ୍ରମ ପ୍ରକାଶ ।
କହିବ ବା କି କରିବୁଁ ଆମ୍ଭେ ତ ନିର୍ଦ୍ଧନ,
କିନ୍ତୁ ଜାଣ ଦେଶବାସୀ ଦେଶ ମୂଳଧନ ।
ଯାର ଯେଉଁ ଶକ୍ତି ଅଛି କର ତା ପ୍ରୟୋଗ,
ଅବିଳମ୍ବେ ଛାଡ଼ିଯିବ ଦେଶରୁ ଦୁର୍ଯ୍ୟୋଗ ।
ବହୁକ୍ଷୁଦ୍ର ଶକ୍ତି ମିଶି ମହାଶକ୍ତି ଏକ,
ହୁଏ ପରି ତା ପ୍ରମାଣ ଦେଖିବ ତ ଦେଖ ।
ଜଣକର ବୋଝ ହୁଏ ସାତପାଞ୍ଚ ଯଷ୍ଟି,
ମହାସିନ୍ଧୁ ଅଟେ ଜଳବିନ୍ଦୁର ସମଷ୍ଟି ।
ଶିକ୍ଷାର ଉନ୍ନତି ପ୍ରତି ତୀକ୍ଷ୍ଣଦୃଷ୍ଟି ରଖ,
କୃଷିଶିଳ୍ପ ବାଣିଜ୍ୟରେ ନ ହୁଅ ବିମୁଖ ।
ଗଞ୍ଜାମ ଉତ୍କଳ ଦେଶ ନୁହେଁ ଭିନ୍ନ ଭିନ୍ନ,
ବିଦେଶୀୟ ରାଜନୀତି କରୁଛି ବିଚ୍ଛିନ୍ନ ।
ଉତ୍କଳ ଗଣ୍ଡି, ଗଞ୍ଜାମ ମୁଣ୍ଡ ଅଟେ ତାର,
ଏକ ଜାତି ଏକ ଭାଷା ଆଚାର ବେଭାର ।
ମୁଣ୍ଡ ଗଣ୍ଡି ଏକତ୍ରିତ ନ ହେଲେ ଉପରି,
ଠିଆ ହେବ କୁହେ ସେହୁ ପ୍ରାଣଶକ୍ତି ଧରି ।
କର୍ଜନ ସାହେବଙ୍କର ଅଛି ବଡ଼ ମଥା,
ବୁଝିଥିଲେ ସେ ମହାତ୍ମା ଏ ସକଳ କଥା ।

ତେଣୁ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ସହିତେ,
ମିଶାଇଦେବାକୁ ସ୍ଥିର କରିଥିଲେ ଚିତ୍ତେ ।
ହାୟ୍ ସେ ଦୁଃଖ କାହାଣୀ କହିଲେ କି ହେବ,
କରି ଦେଲେ ନାହିଁ କିନ୍ତୁ ଏମ୍ଥିଲ ସାହେବ ।
ଥିଲେ ଏମ୍ଥିଲ ଲାଟ ଖୁବ୍ ଦୟାବାନ,
ଓଡ଼ିଆଙ୍କ ଭାଗ୍ୟଦୋଷେ ହେଲେ ସେ ପାଷାଣ ।
ଗଞ୍ଜାମ ଓଡ଼ିଆ ଭାଇ ନ ହୁଅ ନିରାଶ,
ଦିନେ ନିଶ୍ଚେ ପୂର୍ଣ୍ଣ ହେବ ତୁମ୍ଭ ଅଭିଳାଷ ।
ନ ହେଲା ଦେଶମିଶ୍ରଣ ବୋଲି ନୁହ ଭଲି,
ଆଜି ହେଉ ନାହିଁ ସିନା ହୋଇପାରେ କାଲି ।
ସେ କଥା ତ ଅଛି ରାଜପୁରୁଷଙ୍କ ଭାଗେ,
ତୁମ୍ଭର କର୍ତ୍ତବ୍ୟ ଯାହା ତୁମ୍ଭେ ପାଳ ଆଗେ ।
ନାହାନ୍ତି ସେ ଏମ୍ଥିଲ ଗଲେଣି ତ ଚାଲି,
ବର୍ତ୍ତମାନ ଲାଟ୍‌ସାହେବ ସାର୍ ଆର୍ଥର୍ ଲଲୀ ।
ଭାରତର ବଡ଼ଲାଟ ମିଣ୍ଟୋ ମହାଯଶା,
ବୁଝିବେ ସେ ସବୁକଥା ଅଛି ବଡ଼ ଆଶା ।
ନ ଛାଡ଼ ଅଧ୍ୟବସାୟ ଲାଗ ବାରମ୍ବାର,
କାର୍ଯ୍ୟେ ଅନୁରାଗ ଥିଲେ ହୁଏ କାର୍ଯ୍ୟୋଦ୍ଧାର ।

ତେବେ ଗୋଟା ରାଜଧାନୀ ଗଞ୍ଜାମରେ ଆଉ,
ରହିଗଲା ଯାଉ ପଛେ ଯେ ଯାଉଛି ଯାଉ ।
କିଏ କୁସଂସ୍କାରମୟ କିଏ ଅନ୍ଧକାର,
କାହିଁ ବା ଉନ୍ନତ ନାମେ ପଣ୍ଡ ନାହିଁ ସାର ।
ତେଲୁଗୁଙ୍କ ସଙ୍ଗ ମେଳେ ସେ ରାଜ୍ୟ ନୃପତି,
ନିଜକୁ ଓଡ଼ିଆ ବୋଲି ଭୁଲିଯାଉଛନ୍ତି ।
ଓଡ଼ିଆଙ୍କ ଦେହ ତାଙ୍କୁ ଗନ୍ଧାଏ ବହୁତ,
ସାଜନ୍ତି ପରଦେଶୀ ହୋଇଣ ଭୂମୀର ।
ଆନ୍ଧ୍ରଙ୍କୁ ଭୁଲାଉଛନ୍ତି ଖୁବ୍ ଭକ୍ତି ଧରି,
କହିବେ ପର ସେମାନେ ତୁ ତୁ କାର କରି ।
ଯିବା କଥା ଥାଉ ସେହି ରାଜ୍ୟକୁ କୁହାର,
ସେଠାରେ କରନ୍ତା କିଏ ମୋତେ ସମାଦର ।
ଜୟ ହେଉ ତାହାଙ୍କର ଏବେ କୀର୍ତ୍ତିଗୀତା,
ଅଣ ଚମ୍ପୁଣରେ ଲେମ୍ବୁ ହୁଏ ପଗ ପିତା ।
ଗଞ୍ଜାମେ ବୁଢ଼ାଙ୍କ ଶ୍ରଦ୍ଧା ଅଳଙ୍କାରେ ଭାରି,
ନାହାନ୍ତି ଅଳପ ମଧ୍ୟ ତହିଁ ମେଡେଲଧାରୀ ।
ତାହା ତଣ୍ଡେ ଦୁଲେ-ଦୁଲେ ସୁବର୍ଣ୍ଣାଳ ନୋଳି,
ଗଣ୍ଡମଣ୍ଡଳରେ ସଦା ହେଉଥାଏ ଦୋଳି ।
ଦେଖିବ ଯଦ୍ୟପି ଜଣେ କୁଣ୍ଡଳ-ମଣ୍ଡିତ,
ତତ୍କ୍ଷଣରେ ବୁଝିନେବ ସେ ଜଣେ ପଣ୍ଡିତ ।
ଅଳଙ୍କାରୁ ଛାଡ଼ ନୁହେଁ ନାକ କାନ ଗଳା,
ଗୋଟେ ହାତେ ଢଙ୍ଗଢଙ୍ଗେ ପଟେ ପଟେ ବଳା ।
ହାଡ଼ପରଜ, ଚମ୍ପତିସ୍ ଦେହି ରାଜଗୁରୁ,
ପାଇଛନ୍ତି ସେ ସ୍ୱର୍ଗର ନିଶୁଣୀ ଛାମୁରୁ ।
ପଦଦାନେ ଶ୍ରୀଛାମୁଏ ଭାରି ମୁକ୍ତହସ୍ତ,
ଥାଉଛନ୍ତି ଅବିରତେ ପାର୍ଶ୍ୱରେ ଘୃତ ।
ଯାଉ ତାହା କ୍ରମେ କଥା ପଡ଼ୁଅଛି ବଳି,
ଶୁଣିଲେ ସେ କଥା ଛାମୁ ହେବେ ତାଳେ ଟଳି ।
ଅଛନ୍ତି ଢେରେ ଶ୍ରୀଛାମୁ ଅନ୍ଦର-ନବିସ୍ ଭାରି,
ସେମାନଙ୍କ ସଙ୍ଗୀ ସଦା ଗଉଡ଼ ଭଣ୍ଡାରୀ ।
ତାହାଙ୍କ ଉଦ୍ଦେଶ୍ୟେ କଲେ ତପସ୍ୟା ସାଧନ,
ତଥାପି ନ ମିଳେ ଥରେ ଛାମୁଙ୍କ ଦର୍ଶନ ।
ନୁହନ୍ତି ନର ସେମାନେ ସ୍ୱର୍ଗର ଅମର,
ଜନ୍ମିଛନ୍ତି ମର୍ତ୍ତ୍ୟେ ସାଜି କଳ୍କି ଅବତାର ।
ଅପାତ୍ରେ ଅବିଦ୍ୟା ନୃତ୍ୟ ଯାଏ ସୁଅ ବହି,
କିନ୍ତୁ ଦେଶଭାଗ୍ୟେ ତେଲେ ଲସି ଫିଟେ ନାହିଁ ।
ଯାଉ ସେ କଥା ମାଜିଲେ ହେବ ତେଇଁ ଭାଙ୍ଗି,
ଘରକଥା କହିବାକୁ ମାଡ଼ୁଅଛି ଲାଜ ।
ଶୁଣିଲୁ କେତେକ ରାଜା ଲଗାଇ ହଳଦୀ,
ବୋଟେ ବୋଟେ ଅଳଙ୍କାରେ ହୋଇଥାନ୍ତି ଲକ୍ଷ୍ମୀ ।
ଘୋର କୁସଂସ୍କାରରକ୍ଷୀ ତାହାଙ୍କର ରୀତି
ସେମାନେ କହନ୍ତି ପୁଣି ଏହା ରାଜନୀତି ।
ସତ୍ୟେ ଧର୍ମେ ରାଜ୍ୟରକ୍ଷା ପ୍ରଜା ସୁପାଳନ,
ନ୍ୟାୟେ ରାଜକୋଷ ବୃଦ୍ଧି ସତ୍ପାତ୍ରରେ ଦାନ,
ଅପକ୍ଷପାତିତା ପୂର୍ବେ ଏହି ଶୁଭ କାମେ,

ଅଭିହିତ ହେଉଥିଲା ପୂଜନୀୟ ନାମେ ।
ସେହି ପୂଜନୀୟ ଏବେ କାଳର ଶାସନେ
ଖଟିଲା ବେଶ ଭୂଷଣ ଶଯ୍ୟନ ଭୋଜନେ ।
ଏହାଠାରୁ ଦୁଃଖ ଆଉ ଅଛି କିସ ବଳି,
ଦେଖି ଦେଖି ମନେ ହୁଏ ଘୋର ହେଲା କଳି ।

ଗଞ୍ଜାମର ଶିଶୁ ବୃଦ୍ଧ ବାଳକ ବାଳିକା,
ସମସ୍ତଙ୍କୁ ଲୋଭାହୁଏ ନାସ ଆଉ ଟିକା ।
ଗ୍ରାମେ ଗ୍ରାମେ ଅଛି ପ୍ରାୟ ଅବିଦ୍ୟା-ନିବାସ,
ତେତେ ଯୁବା ସେ ଅନଳେ ଦେଉଛନ୍ତି ଝାସ ।
କରନ୍ତୁ ଶ୍ରୀବତ୍ସ ବାବୁ ଏହା ପ୍ରତିକାର,
ଏଠାରୁ ଆରମ୍ଭ ହେଉ ସମାଜସଂସ୍କାର ।

* * *

ଏହି ସମ୍ବନ୍ଧରେ ଆଉ କେତେ ବିଷୟରେ,
ତୀବ୍ର ମନ୍ତବ୍ୟର ଇଚ୍ଛା ଥିଲା ହୃଦୟରେ ।
ଲୋକଙ୍କ ଅପ୍ରୀତିକର ହେବ ବୋଲି ଭାବି,
ରଖିଦେଲି ସେ କଥାକୁ ହୃଦେ ଦେଇ ଚାବି ।
ଓଡ଼ିଆ ଭାଇଙ୍କ ସଙ୍ଗେ କଥା ବକା ବକି,
ଦୁଇ ତିନି ଦିନ ଯାଏଁ ପଡ଼ିଥିଲି ଥକି ।
ଏବେ ଯାଇ ପଚାରିବି ତେଲିଙ୍ଗୀ ବନ୍ଧୁଙ୍କୁ,
ଓଡ଼ିଆଙ୍କ ହିତଚିନ୍ତା ନ କରନ୍ତି ଏଥିକୁ ।
ଏକଜଣନ୍ତି ଆସ୍ଥାରୁ ପଚାରେଁ ମୁଁ କହି,
ଗଞ୍ଜାମ ମାଟିର ପରି ତୁମ୍ଭେ ଦୁଇ ପୁଅ ।
ତୁମ୍ଭେମାନେ ବଡ଼ ଭାଇ ଓଡ଼ିଆଏ ସାନ,
ଭାଇ ବିଷୟରେ କିମ୍ପାଁ ତୁମ୍ଭେ ଉଦାସୀନ ?
ଦୁଧ ଭାତ କ୍ଷୀରପିଠା ନିଅ ତୁମ୍ଭେ ଟାଣି,
ଓଡ଼ିଆ ନ ପାନ୍ତି ମନ୍ଦେ ଅଲଣା ତୋରାଣି ।
କହାଗତ ଏହା ଧର୍ମସଙ୍ଗତ ନୁହଇ,
କପଟ କର ହେ ରକ୍ତମାଂସ ଦେହ ବହି ।

* * *

ସୁନ୍ଦର ପ୍ରତିମା ଗଢ଼ି କଳ୍ପଦେଶେ ତାର
ବସାଇଲେ ଛିନ୍ନମୁଣ୍ଡ ଶୋଭେ ଯେ ପ୍ରକାର ।
ସେହିପରି ତୁମ୍ଭ ମୁଖେ ଓଡ଼ିଆ ଭାଷାଟି,
ଶୁଣିବା ହସଇ ହୁଏ ଖୋଳପଣ ଘାଟି ।
ବନ୍ଧୁକି ଓଡ଼ିଆ ଭାଷା ଶିଖ ଲେଖି କହି,
ଓଡ଼ିଆ ଭାଷାର ସବୁ ପଢ଼ ଭଲ ବହି ।
ଓଡ଼ିଆ ମହାଭାଷା ତ ସଂସ୍କୃତର କନ୍ୟା,
ନୁହଇ ଉଚିତ ତାକୁ କରିବା ଅମାନ୍ୟା ।
ଶିଖିବା ପାଇଁ ତା, କହୁଥିଲି ଏହି ହେତୁ,
ଭଲ କଥା କହୁଅଛି ମଣ ନାହିଁ କେତୁ ।
ଓଡ଼ିଆଏ ଅଶିକ୍ଷିତ ଥିବେ ଯେତେ ଦିନ,
ତେତେ ଦିନ ଥିବ ତୁମ୍ଭେ ଏକ ଅଙ୍ଗହୀନ ।
କଥାଏ କହିବି ଆଉ ଯିବ ନାହିଁ ଟଳି,
ତୁମ୍ଭ ମାତୃଭାଷା ସୁଦ୍ଧା ଅଦ୍ଭୁତ ଖେଚଡ଼ି ।
ଅଟ୍ଟୁଆ, ଇଂରାଜୀ ପୁଣି ତାମିଲ ଓ ହିନ୍ଦୀ,
ତୁମ୍ଭ ମାତୃଭାଷାରେ ତ ହୋଇଅଛି ଖିଣ୍ଡି ।
ଇଂରାଜୀକୁ ଖୁବ୍ ଆଗ୍ରେ ଧରିଅଛ ଟାଣି,
ରଖିଅଛ ବନ୍ଧ ଦେଇ ଧରି ବର୍ଣ୍ଣୀ ପାଣି ।
ନିଜ ମାତୃଭାଷା ଅଙ୍ଗ କର ସୁନିର୍ମଳ,
ଭ୍ରାତୃଭାବେ ଓଡ଼ିଆଙ୍କୁ କର ଅନୁକୂଳ ।
ସ୍ୱାର୍ଥ ତେଜି କରେ ଯେହୁ ପର ଉପକାର,
ସାଧନ୍ତି ଦେବତାବୃନ୍ଦ ମଙ୍ଗଳ ତାହାର ।

* * * *

କଲେଇ ବାସନେ ଖାଅ ଏ ବଡ଼ ଦୁର୍ଗୁଣ,
ତହିଁରେ କି ବେଶୀ ସ୍ୱାଦୁ ଲାଗେ ଭାତ ତୁଣ ?
ଦେଶୀୟ ପଦାର୍ଥେ ତୁମ୍ଭେ ଘୃଣା କର ଭାରି,
ସେଗୁଡ଼ାକ ମୋଟା ପୁଣି ଓଡ଼ିଆ ତିଆରି ।
ତୁମ୍ଭ ଧନେ ବିଦେଶୀଏ ମାରୁଛନ୍ତି ହେଣ୍ଡି,
ସୁନା ଦେଇ ତୁମ୍ଭେମାନେ କିଣୁଅଛ ଭେଣ୍ଡି ।
ଝଲାସିତା ଗୁଣା ନୋହେ ପେଟେ ଭାତ ନାହିଁ,
ବୁଲୁଥାଅ ଫୁଲହାର ଗଳାରେ ପକାଇ ।
କି ସୁଖ ଲଭ ସେଥିରୁ ତୁମ୍ଭଙ୍କୁ ତା ଜଣା,
ଭାବି ଭାବି କାନ୍ଦୁ ମୋର ବୁକି ହୁଏ ଚଣା ।
ଏ. ଡି.ପି.ଓ. ପଢ଼ି ହେଲ ଇଂରାଜୀ ପଣ୍ଡିଆ,

ମାତୃଭାଷା କହିବାକୁ ଲଗିଲା ଅଡୁଆ ।
ଭାଷାରେ ଇଂରାଜୀ ଏବେ ଯୋଡ଼ ବାହୁଁ ପାଇ,
ତାହାସ୍ପ ଶବ୍ଦଗୁଡ଼ା କି ମନେ ପଡ଼େ ନାହିଁ ।
ଇଂରାଜୀ ପଢ଼ିଛ ବୋଲି ଶୋଇଲେ ରାତିରେ,
ଦେଖିବ କି ସ୍ୱପ୍ନ ସୁଦ୍ଧା ସେହି ଇଂରାଜୀରେ ।

* * * *

ଦୁଃଖ ରହିଗଲା ମନେ ଗୋଟିଏ କଥାରେ,
ଉଦ୍ୟାନଖଣ୍ଡକୁ ଯାଇ ନ ପାରିଲି ବାରେ ।
ଗଞ୍ଜାମ ଜିଲ୍ଲାର ସେ ତ ଅଟେ କାମଧେନୁ,
ତାହାର ଧୂଳି କଣିକା ନିଶ୍ଚେ ରତ୍ନରେଣୁ ।
ଇଚ୍ଛାପୁର "ପିଲ୍ଲ୍‌ବୋଣ୍ଡା" ପାହାଡ଼ ଉପରୁ,
ଉଦ୍ୟାନର ସୁନ୍ଦରଶୋଭା ଦେଖିଲି ଦୂରରୁ ।
ସମୁଦ୍ର ବେଳାଭୂମିରେ ସେ ଉଦ୍ୟାନଖଣ୍ଡ,
ଆଖି ଝାଙ୍କି ପଡ଼େ ଦେଖି ଅତୀବ ପ୍ରକାଣ୍ଡ ।
ଅସମୟେ ଫଳ ଫୁଲ ଧରଇ ଉଦ୍ୟାନ,
ବରୁଣ ଦେବଙ୍କର ସେ ବିହାରୋପବନ ।
ଲେଖନୀରେ ବର୍ଣ୍ଣି ନୁହେଁ ଉଦ୍ୟାନର ଛବି,
ବର୍ଣ୍ଣିଛନ୍ତି ନିଜ କାବ୍ୟେ କାଳିଦାସ କବି ।
ଗଞ୍ଜାମରେ କେତେ ଅଛି ପୁଣ୍ୟପୀଠ ସ୍ଥାନ,
ଗଣି ନୁହେଁ ପୁଷ୍କରିଣୀ ଦେବାଳୟମାନ ।
ଅନେକ ଭଲ ପଦାର୍ଥ ମିଳେ ଏ ଜିଲ୍ଲାରୁ,
ହରିନିଏ ହୃଦମନ ସୁନାରୁପାକାରୁ ।
ବ୍ରହ୍ମପୁରୀ ପାଟଲୁଗା ଢ଼ାଳ କାଠଚଟି,
ପାରଳାର ଯାଇଖଣ୍ଡି-ବୁଣା ବ୍ୟାଗ୍, ପଟି,
ସୁନ୍ଦର ତେଲପାନିଆ ସିଂହର ଆକୃତି,
ରମ୍ୟ କାରୁକଳାଯୁକ୍ତ କାଷ୍ଠ ଶିଳାମୂର୍ତ୍ତି,
ବେଲ୍‌ଗୁଣ୍ଠା ପିତଳ ମାଛ ପିତଳ ବାସନ,
ଦେଖିଲେ ରହିବ ଲାଖି ତହିଁ ନେବମନ ।

* * * *

ଦିଶିଲାଣି ଋଷିକୁଲ୍ୟା ଏଣୁ ତ ଆଗରେ,
ଶିଖିହୀନ ଫଣୀ ପରି ଗତି କରେ ଗରେ ।
ଋଷିତପସ୍ୟା-ସମ୍ଭବା ଋଷିମାନ-କନ୍ୟା,
ସୁପବନା, ସ୍ୱଚ୍ଛନୀରା କଲ୍ଲୋଳିନୀ ଧନ୍ୟା ।
ମର୍ତ୍ତ୍ୟରେ ଅମୃତ ସମ ଅଟେ ତୋର ନୀର,
କରେ ଜୀବ ପିଣ୍ଡ ବୃଦ୍ଧି ଯଥା ମାତୃକ୍ଷୀର ।
ତୀରେ ଶୋଭେ ବାଲିସ୍ତୂପ ଖଣ୍ଡଶୈଳାକୃତି,
ପୁଞ୍ଜୀଭୂତ ହୋଇଅଛି କି ତୋହର ସୁକୃତି ?
ଗଞ୍ଜାମବାସୀଙ୍କ ରକ୍ତ ତୋ ଜଳକଣିକା,
ତୋ ଯୋଗୁଁ ପ୍ରସବେ ସୁନା ଗଞ୍ଜାମ ମୃତ୍ତିକା ।
କୃଶା ହୋଇ ପଡ଼ିଥାଉ ନିଦାଘେ ତଟିନୀ,
ପ୍ରାବୃଟେ ହେଉ ସଲିଳ-ସମ୍ପଦଶାଳିନୀ ।
ଚରମ ସୀମାରେ ଦୁଃଖ ହେଲେ ଉପସ୍ଥିତ,
ଏହିପରି ହୁଏ ନର-ସୌଭାଗ୍ୟ ଉଦିତ ।
ଜୀବନର ସ୍ରୋତ ପରି ତୋ ଜୀବନ-ସ୍ରୋତ,
ଅବିରତ ଲକ୍ଷ୍ୟ ଦିଗେ ହେଉଛି ଧାବିତ ।
ବଢ଼ିଗଲେ ଲୁଟା କାଟି କେତେ ଯାଏ ଭାସି,
ଭାବୁକ ହୃଦୟେ ଯଥା ଉଠେ ଭାବରାଶି ।

* * * *

ଦିଶି ଆସିଲାଣି ଏହି ନୀଳାମ୍ବୁ ଚିଲିକା,
ସ୍ୱଚ୍ଛ ଶୁଭ୍ର ଫେନଚୂଡ଼ ତରଙ୍ଗମାଳିକା ।
କାଠଗଲା କଷ୍ଟ ନାହିଁ ଚଢ଼ିଅଛି ରେଲ୍,
ଦେଖୁଁ ଦେଖୁଁ ପହୁଞ୍ଚାଇଦେଲା ଆଣି ମେଲ୍ ।
ଧନ୍ୟ ବିଜ୍ଞାନର ବଳ ଧନ୍ୟ ତାର ତେଜ,
ତା ବଳେ ପୁଷ୍ପକ ରଥ ଚଳାନ୍ତି ଇଂରେଜ ।
ରେଲ୍ ଚଢ଼ିବାରେ କିଛି ଥିଲା ନାହିଁ ଜ୍ଞାନ,
ନ ନିଅନ୍ତା ଟଙ୍କା ଯେବେ ବିଦେଶୀ କୋମ୍ପାନୀ ।
କାଙ୍କଣ-ଶିଖରୀ ଶିଖୁଁ ପକ୍ଷିକୁଳ ଉଡ଼ି,
ଚଢ଼ାଇଗୁଡ଼ାକୁ ଆସୁଅଛନ୍ତି ବାହୁଡ଼ି ।
ଉଠାଇ ନେଉଛି ମାଛ ଗଲି ଛକା ଛକି,
ଚକାଚକି ଦେଉଛନ୍ତି ଆକାଶରେ ଚକି ।

* * * *

ଭଲ ଦେଖି ଲୁଷ୍ଟ, ମନ ନ ପାରିଲା ସହି,
ଖଟାମିଠା କୁଇ କଥା ଗଲି ତହିଁ କହି ।

ମନରେ ମୋହର କିନ୍ତୁ ନାହିଁ ଅନ୍ୟ ଭାବ,
ଯା ଦେଖିଲି ତା ଲେଖିଲି ଯେ ବା ଯାହା ଭାବ ।
ଯଦ୍ୟପି ଭବରେ ଦେଖି ହେବ ଗରଗର,
ପ୍ରତ୍ୟାହାର କରିନେବ ଲେଖାଟି ମୋହର ।

ବାଲୁଗାଁ ଷ୍ଟେସନ ଦୂରେ ବିଶେ ସୁମଞ୍ଜୁଳ,
ଏ ପାଖ ମାନ୍ଦ୍ରାଜ ତାର ସେ ପାଖ ଉତ୍କଳ ।
ତେର ଦିନୁ ବୁଲୁଅଛି ଛାଡ଼ି ଘରଦ୍ୱାର,
ହେଉଛୁ ବଦାୟ ଏବେ ଜୁହାର ଜୁହାର ।



* ତାରା ଚିହ୍ନିତ ସ୍ଥାନମାନଙ୍କର ଲେଖା ନଷ୍ଟ ହୋଇଯାଇଅଛି ।

# ବ୍ରଜରେଣୁ

## ଝୁଲଣ ସଙ୍ଗୀତ

ଝୁଲ ଝୁଲ ଫୁଲକୁଞ୍ଜେ କୁଞ୍ଜବିହାରୀ !
ସଙ୍ଗେ ଘେନି ପ୍ରାଣପ୍ରିୟା ସୁଧା ପିଆରୀ । ପଦ ।
ଶତ ମାରେ ରହି ରହି   ବଜ୍ରନାଦେ ଥରେ ମହୀ
ଝରଝର ଝରିପଡ଼େ ବରଷାବାରି । ୧ ।
ସ୍ନିଗ୍ଧ ବରଷାଶ୍ରୀତେ   କ୍ରୀଡ଼ାବିନୋଦରେ ମାତି
ଝିଁ ଝିଁ ସ୍ୱରେ ଝଙ୍କାରନ୍ତି ବନେ ଝିଙ୍କାରୀ ।୨।
ଅଙ୍ଗେ ଜ୍ୟୋତ୍ସ୍ନା ଢାଳିମାଣି   ଖଣେଖଣେ କୁତେଆଣି
ବହୁଛି ବାତୁଳ ବାୟୁ ହୁ ହୁ ହୁଙ୍କାରି । ` ।
ଯେତିବେ ସ୍ୱର ଆଳାପ   କରନ୍ତି ଭେକକଳାପ
କଣ୍ଠ-ବୀଣାଯନ୍ତ୍ର-ତାର କୁହେ ଟଙ୍କାରି ।୪।
ପୂର୍ଣ୍ଣଗର୍ଭା ତରଙ୍ଗିଣୀ   କଳକଳ କଲ୍ଲୋଳିନୀ
ସ୍ଖଳନ୍ତି ଝୁଲଣଗୀତ ଉଠେ ଉଭାରି । ୫ ।
ପ୍ରକୃତି ରାଣୀଙ୍କ ସଙ୍ଗେ   କୋଟି ନକ୍ଷତ୍ର ତାରେ
ତୋଳାହୁଳେ କଣ୍ଠେ ଯାଏ ତାଳୁଆ ମାରି । ୬ ।
ଭକ୍ତି-ମାଦକରେ ଘାରି   ପ୍ରଣବ ମନ୍ତ୍ର ଉଚ୍ଚାରି
ନିଶୀଥେ ତୁମ୍ଭଙ୍କୁ ପୂଜେ ବିଶ୍ୱ-ପୂଜାରୀ । ୭ ।
ପବନ ଓଁକାର ସ୍ୱର   ଧରି ପ୍ରାଣ କଳେବର
ସୃଷ୍ଟି ପ୍ରତି ଲୋମକୂପେ ଆସେ ବାହାରି ।୮।
ମାଳତୀ ଗନ୍ଧଶିଉଳୀ   ସୁବାସ ଉଠେ ଉଛୁଳି
ଫୁଲ ନିଃଶ୍ୱାସରେ ବାୟୁ ହୋଇଛି ଭାରି ।୯।
ଝୁଲତେ ଫୁଲରି ଛୁଆ   ହୋଇଛି କଦମ୍ବ ଠିଆ
କରେ ଫୁଲଗୁଚ୍ଛ ଧରି ଯେକେ ସିଂହାସୀ ।୧୦।
ହସୁଛି ହରଗଉରୀ   ସତେ କି ହରଗଉରୀ
ମହାଭାବେ ମଗ୍ନ ତବ ଲୀଳା ନିହାରି ।୧୧
କହେ ଦୀନ ଚନ୍ଦ୍ରାମଣି   ଅଭାଗ୍ୟ ଜନ ଅଗ୍ରଣୀ
ସଦା ମୋର ପ୍ରାଣକୁଞ୍ଜେ ଝୁଲ ମୁରାରି ।୧୨।

---

## ବିରାଟ ପୁରୁଷ

ବିଶ୍ୱ ରନ୍ଧ୍ରେ ରନ୍ଧ୍ରେ ପ୍ରଭୁ ଅଛ କ୍ଷୁଦ୍ରରୂପେ,
ପୁଣି କୋଟି ବିଶ୍ୱ ଅଛି ତୁମ୍ଭ ଲୋମକୂପେ ।
ଅଦ୍ଭୁତ ସମସ୍ୟା ଏ ତ ହେ ସମସ୍ୟା-ସିନ୍ଧୁ,
ବିନ୍ଦୁଗର୍ଭେ ସିନ୍ଧୁ, ପୁଣି ସିନ୍ଧୁଗର୍ଭେ ବିନ୍ଦୁ ।
ଅନନ୍ତ ମଧ୍ୟରେ ସିନା ରହେ ସୀମାବନ୍ତ,
ସୀମାବନ୍ତ ମଧ୍ୟେ କେହ୍ନେ ରହିଛି ଅନନ୍ତ !
ବୃହତ୍ତ୍ୱେ ଅସୀମ ତୁମ୍ଭେ, କ୍ଷୁଦ୍ରତ୍ୱେ ଅସୀମ,
ଅସୀମ ମହିମା ଧର ହେ ମହାମହିମ !
କେତେ ରୂପେ କେତେ ଭେକ ଧରି ନିତି ଖେଳ,
କେଉଁ ରୂପ ସଙ୍ଗେ ନାହିଁ କେଉଁ ରୂପ ମେଳ ।
କି ପାଅ ଖେଳରୁ, କିପାଁ ପ୍ରିୟ ସେ ତୁମ୍ଭର,
ଜଗତକୁ କରିଅଛ ମହାଖେଳ ଘର ।
ଶିଶୁ ପରି ଖେଳଘର ଧୂଳିରେ ତିଆରି,
ଖେଳ ସାରି ତାକୁ ଭାଙ୍ଗି ଦେଉଛ ନିଖାଇ ।
ଭଙ୍ଗାଗଢ଼ା ପାଇଁ ନାହିଁ ଦୁଃଖ ବା ଆନନ୍ଦ,
କି ଜଟିଳ କି କୁଟିଳ ତୁମ୍ଭ ମାୟାଛନ୍ଦ ।
ତବ ନିର୍ବିକାର ତୁମ୍ଭେ ହେ ମୂର୍ତ୍ତି, ଅମୂର୍ତ୍ତି,
କଳ୍ପନାକୁ ଟିଳକିଏ ତୁମ୍ଭର ବିଭୂତି ।
ସପ୍ତସାଗରର ସ୍ନାନ ତୁମ୍ଭର ଗଣ୍ଡୂଷ,
ତୁମ୍ଭେ ପରମାଣୁ, ତୁମ୍ଭେ ବିରାଟ ପୁରୁଷ ।

---

## ମନ-ମୂର୍ଖ

ମାଣ୍ଡନ୍ତୁ ରେ ମନମୂର୍ଖ ତାହା କଥାରେ,
ନାହିଁ ତ ରେ ବ୍ୟଥୀ କେହି ତୋହ ବ୍ୟଥାରେ ।୦।
ସତେ ଗଜମୂର୍ଖ ତୁ ତ,
କରଣି ତୋର ଅଦ୍ଭୁତ,
ସୁନା କଳସ ଢାଳୁଛୁ ପର ମଥାରେ । ୧ ।
ପ୍ରାଣମଣି ମଣୁ ଯାକୁ,
ସେ ତ ଖଣ୍ଟି ମହାକାଳ,
ଶବୁ ଉଠେ ମିଛ ଜ୍ଞାନ କରୁ ବୃଥାରେ । ୨ ।
ହସ କାନ୍ଦ ଭଲ ମନ୍ଦ,
ଭାଇ ବନ୍ଧୁର ସମ୍ବନ୍ଧ,
ମୃଗଭୁଲା ମୃଗତୃଷ୍ଣା ପ୍ରାୟ ମିଥ୍ୟାରେ । ୩ ।
ମାୟା ଶିଖାଣରେ ପଡ଼ି,
ଛାଇକି ମଣୁଛୁ ଗଛ,
ଗଛକୁ ମଣୁଛୁ ପୁଣି ଛାଇ ତଥାରେ । ୪ ।
ଖାଇ ତୁ ମୋହ-ମାଦକ,
ଡେଇଁଛୁ ରେ ଫଟଫଟ,
ହେଉଛୁ କି ପଡ଼ୁଛୁ କି ହୀନସ୍ତାରେ । ୫ ।
ତାହା ଲାଗି କର ଚିନ୍ତା,
ସ୍ୱଭାବ ଜଳୁଣି ଚିତା,
କିଏ ତୋତେ କିଣିଦେବ ମୁକ୍ତି ଶସ୍ତାରେ । ୬ ।
ଆଶ୍ରାକର ହରିପଦ,
ସେହିଟି ସୁଖ ସମ୍ପଦ,
ସେହି ଏକା ଜ୍ଞାତିଗୋତ୍ର ପିତାମାତାରେ । ୭ ।
ଜଣ କହେ ମନ-ମୂର୍ଖ,
ନ ମଣ ରେ ଦୁଃଖେ ସୁଖ,
ଆସ୍ଥା ସ୍ୱଜନ ଖାଲି କଥା-କଥାରେ । ୮ ।

---

## କ୍ଷମାପ୍ରାର୍ଥନା

ନମୋନମଃ ଜଗନ୍ନାଥ ଜଗତମୋହନ,
ନୀଳାଚଳଚୂଳେ ସ୍ଥାପି ରତ୍ନ-ସିଂହାସନ,
ଦେବ-ଚକ୍ରବର୍ତ୍ତିପଣେ,
ବିଜସ୍ଥ ତେତିଶ କୋଟି ଦେବତା ଗହଣେ । ୧ ।
ମର୍ତ୍ତ୍ୟକୁ କରୁଛ ସ୍ୱର୍ଗ ତୁମ୍ଭେ ହେ ସାକ୍ଷାତ,
ଶ୍ରୀକ୍ଷେତ୍ର ହୋଇଛି "ମର୍ତ୍ତ୍ୟ-ବୈକୁଣ୍ଠ" ଆଖ୍ୟାତ
ପ୍ରଭୁ ତୁମ୍ଭେ ହରଷଣ,
ଛପନ କୋଟି ଜୀବଙ୍କୁ ବାଣ୍ଟୁଅଛ ପଣ ।୨।
ଅଜାଣପଣେ ମୂର୍ଖପଣେ ବହୁ ମନେ ଦ୍ୱେଷ,
କହିଛି ତୁମ୍ଭଙ୍କୁ କଟୁ, ଦେଇଛି ମୁଁ ଦୋଷ,
ଏବେ ସେହି ଅନୁତାପ,
ଜାଳୁଛି ମୋ ପ୍ରାଣେ ଢାଳ ଅଗ୍ନି-ଅଭିଶାପ । ୩
ମାଗି ନାହିଁ ଭଲ ମୁହିଁ ମାଗିଅଛି ଗାଳି,
ତୁମ୍ଭେ ଯା ଦେଇଛ ଯାଚ ସେହି ଏକା ଭଲ,
ଏବେ ବୁଝିଲିଣି ଭ୍ରମ,
ଚିହ୍ନିଲିଣି କେ ଅଧମ କିଏ ସେ ଉତ୍ତମ ।୪।
ଅଜ୍ଞାନେ କହିଛି ପ୍ରଭୁ କରୁଛି ସ୍ୱୀକାର,
କ୍ଷମାକର କ୍ଷମାମୟ କୃପାପାରାବାର,
ଆର୍ତ୍ତେ ଯୋଡ଼ି ଦେନି ହାତ,
ମାଗୁଛି ଛାମୁରେ ଏହି ଭିକ୍ଷା ବିଶ୍ୱନାଥ ! ୫ ।
ଏଣିକିରେ ଏ ଦେହର ଘଟୁ ଅବସାନ,
ମିଶିଯାଉ ଜଳେ ସ୍ଥଳେ ପବନେ ଏ ପ୍ରାଣ,
ଆଶାପୂର୍ଣ୍ଣ ସବୁକ୍ଷେତ୍ରେ,
ଚାହୁଁଛି ସେ ଶୁଭଲଗ୍ନେ ଉପବାସିନେତ୍ରେ । ୬ ।
ବାସବସ୍ଥଳ ହେ ହରି ଦୟା କର ଦାସେ,
ହସି ହସି ଚାଲିଯିବ ଯେତେବେ ତୁମ୍ଭ ପାଶେ,
ଦିଅ ପଦରେଣୁ ଶିରେ,
ମିଶିଯାଉ ଆତ୍ମା ତୁମ୍ଭ ଅନନ୍ତ ଜ୍ୟୋତିରେ । ୭ ।
ଚନ୍ଦ୍ରାମଣି କହେ—ବାରମ୍ବାର ଆସି ଯାଇ,
ଥକିଲିଣି, ସେ କଷ୍ଟରୁ କର ପ୍ରଭୁ ତ୍ରାହି,
କୃପା ବହି ମହାବାହୁ,
ରଖ ମୋତେ କରି ଏବେ ପଦ୍ମରେ କଠାଳୁ ।୮।

---

## ସୁନ୍ଦର ଶିକ୍ଷା

କି ସୁନ୍ଦର ଶିଶୁ ବର୍ଣ୍ଣଭକ୍ତି-ଉକ୍ତି,
କଥା କହେ ଯେତେବେ ଅତି ସୁଲୁଣା ତୁଣ୍ଡା । ୦ ।

ବଣ୍ଟେ ଜଣେ ନୀଳକାନ୍ତ,
ସଙ୍କ ଖାଣ୍ଟି ଲୁଣ୍ଡି ଖାନ୍ତ,
କ୍ଷୁଦ୍ରଶିରେ ଶୋଭେ ଗୁରୁ ଚନ୍ଦ୍ରିକାଚୂଡ଼ା । ୧ ।
କି ଶୋଭା ଗୁହାଣିଠାଣି,
ଶୁଣେ କେତେ ମୀଠବାଣୀ,
ହୃଷ୍ଟ ବୈଚିତ୍ର୍ୟ ଦାନବଙ୍କ ଭେକାଳଚୂଡା । ୨ ।
କି ସରସ ଶିଶୁହୃଦ,
ଶିଶୁ ନୁହେଁ—ଶିଶୁ ବୃଦ୍ଧ,
ହୃଦଳର ବଳ, ଦର୍ପି-ଦମ୍ଭ-ଉକୁଡ଼ା । ୩ ।
ଏବେ ତ ଅଧଗୁଣତ,
କି ନ ହେବ ହେଲେ ବଡ଼,
ହେବ ନିଶ୍ଚେ ଜଗତର ଭ୍ରାନ୍ତି-ଘଉଡ଼ା । ୪ ।
ହେ ଜିଜ୍ଞାସୁ ପାନ୍ଥ ଶୁଣ,
ଶିଶୁର ଅଶେଷ ଗୁଣ,
କଵ କହେ ଏ ଶିଶୁଟି ହିକାଳ ବୁଢ଼ା । ୫ ।

---

## ପିଲାଖେଳ

ସ୍ମୃତି ଆଜ ମୋତେ ଆଣି ଦେଇଅଛି
ଅତୀତ ବାଲ୍ୟତ କାଳ,
ବାଳକ ପରି ମୁଁ ଖେଳରେ ମାତୁଛି
ଘେନି ଫୁଲପତ୍ରଜାଳ । ୧ ।
ଏଣୁ କି ସମ୍ବଳ ଘେନି ଜଗନ୍ନାଥ
ପୂଜିବି ତୁମ୍ଭର ପାଦ,
ପୂଜା ନୁହେଁ ଏହା— ପିଲାଖେଳ ମୋର
ବାଲ୍ୟତ-ସୁଲଭ ଶାଦ । ୨ ।
ଆଦରେ ଜନକ ଗ୍ରହନ୍ତି ଯେସନ
ଶିଶୁତର ଧୂଳି-ଅନ୍ନ
ଘେନାହେବ ଦେବ ସସ୍ନେହେ ମୋହରି
ଅଦ୍ରବ୍ୟ ପୂଜା ତେସନ । ୩ ।
ଭକ୍ତିପ୍ଲୁତ ହୃଦୟ ଏ ପୂଜା ମୋହରି
ହେଲେହେଁ ହୀନ ସମ୍ଭାର,
ନୁହେଁ ଏହା ମୋର ପଣ୍ଡିତ ୧ ତୁମ୍ଭଙ୍କୁ
କସ ବା ଅଛି ଉଦାର ୨ । ୪ ।
ସରଳ ଶିଶୁର ପ୍ରାଣର ଜଣାଣ—
ମନ୍ତ୍ର ହେଉ ନାରାୟଣ,
ଫୁଲ ଅଞ୍ଜୁଳୀକ ହେଉ ମୋ ପୂଜାର
ଷୋଡ଼ଶ ଉପକରଣ । ୫ ।
ବାଲଖେଳ ପରି ବାଲଡାଳ ଡେକେ
ମଧୁର ହେ ଘନଶ୍ୟାମ,
ତହୁଁ ବଳ ସିନା ଅଧିକ ମଧୁର
ବାଳ ଲୁଣ୍ଡେ ତୁମ୍ଭ ନାମ । ୬ ।
ଚନ୍ଦ୍ରାମଣି ଭହେ ବାଳ ଡାଳ ଆଉ
ଫେରି ତ ଆସିବ ନାହିଁ,
ଆଶୀର୍ବାଦ କର ବାଲଭାବ ମୋର
ଫେରିଆସୁ ଭାବଗ୍ରାହୀ ! ୭ ।

---

## ପ୍ରଭାତ ମାଗୁଣି

ପଵିତ୍ର ପ୍ରଭାତେ ଘେନ ମୋ ପ୍ରଣତି
ଖଗପତି ଜଗନ୍ନାଥ,
ତୁମ୍ଭ ପ୍ରସାଦରୁ ହେଉ ଏ ପ୍ରଭାତ
ଶୁଭମୟ ସୁପ୍ରଭାତ । ୧ ।
ଗତ ସୃଷ୍ଟି ପରି ନୟପଦେ ଭଲେ
ଯାଉ ଏ ଦିନଟି ସୁଖେ,
ସବୁବେଳେ ତୁମ୍ଭ ମଧୁମୟ ନାମ
ଲଗି ରହିଥାଉ ମୁଖେ । ୨ ।
ହେ ଚିନ୍ମୟ ହରି ଚରିରେ ବହିର
ଚଳାଅ ଏ ଦେହ-ଯନ୍ତ୍ର,
ଅଣିଦିଅ ଶୁଭ— କର୍ମର ପ୍ରେରଣା
କର୍ଣ୍ଣେ ଦିଅ ହିତ ମନ୍ତ୍ର । ୩ ।
ତହିଁ ସଙ୍ଗେ ଦିଅ କଠୋର ବିଶ୍ୱାସ,
କର୍ମ ସାଧନର ଶକ୍ତି,
କର୍ମ-ନିଶା ଘୋରେ ଠ ଲଣ୍ଡୁ-ଲଣ୍ଡୁଙ୍କୁ
ରହିଥିବ ଯେତେ ଭକ୍ତି । ୪ ।

୧—ଅବହେଳ, ଭ୍ରମ । ୨—ଅଜଣା ।

ପ୍ରଭାତ ମାଗୁଣି ଏତକ ପଦ୍ମରେ
ହେ ପ୍ରଭୁ ନୀଳସୁନ୍ଦର,
ହେଉ ମୋ ସ୍ୱଭାବ ଏ ପ୍ରଭାତ ପରି
ମଧୁର ପବିତ୍ରତର । ୫ ।
ଶରୀର ମନରୁ କ୍ଳାନ୍ତି, ଦୁର୍ବଳତା
ହୋଇଯାଉ ତିରୋହିତ,
ହେଉ ଏ ହୃଦୟ ସତ୍ୟର ଜ୍ୟୋତିରେ
ଆଲୋକିତ ପୁଲକିତ । ୬ ।
ସୁନୀତି ସ୍ୱଧର୍ମ ସେବାରେ ନିରତେ
ବଢି ଉଠୁ ଅନୁରାଗ,
ଚନ୍ଦ୍ରାମଣି କହେ ଚରିତ୍ରରେ ମୋର
ନ ଲାଗୁ କଳଙ୍କ ଦାଗ । ୭ ।

## ସନ୍ଧ୍ୟା ପ୍ରାର୍ଥନା

ସନ୍ଧ୍ୟା ହେଲା, ନିଶି ଆସିଲା
ସୃଷ୍ଟି ଅତସୀ-ଶ୍ୟାମ,
ଘେନାହେଉ ଜଗନ୍ନାଥ ହେ
ମୋର ସାନ୍ଧ୍ୟ ପ୍ରଣାମ । ୧ ।
ପ୍ରାଣ ମଧ୍ୟେ ଥାଇ ଯେ କାର୍ଯ୍ୟ
ତୁମ୍ଭେ କଲ ଆଦେଶ,
ତୁମ୍ଭ ଶକ୍ତିରେ ତା ସାଧୁଛି
କରି ଯତ୍ନ ଅଶେଷ । ୨ ।
ତେବେ ଶାନ୍ତ ଶୁଭେ କଟିଲା
ଆହା ଦିନଟି ଆଜ,
ଧନ୍ୟ ତୁମ୍ଭ ଦୟା-ମହିମା
ପ୍ରଭୁ ଦେବାଧିରାଜ ! ୩ ।
ବଞ୍ଚାଇ ରଖିଛ ସେ ଦୟା
ମୋତେ ଏ ପରବାସେ,
ବୋଲ ହୋଇଅଛ ପୁଣି ସେ
ମୋର ଶ୍ୱାସ ପ୍ରଶ୍ୱାସେ । ୪ ।
ତୁମ୍ଭେ ଏକା ହରି ଦିହୁଡି
ମୋର ଅନ୍ଧାର ଘରେ,
ପ୍ରାଣର ଦୋଷର ଲହଣ୍ଡି
ଜଗ-ଦୁର୍ବଳ କରେ । ୫ ।
ମନ ଯେତେବେଳେ ଖୋଜିବ
ସୁଖଲୋଡ଼, ବିଶ୍ରାମ,
ବହଲାଇଦେବି ତାହାକୁ
ଜପି ତୁମ୍ଭର ନାମ । ୬ ।
ଚନ୍ଦ୍ରାମଣି କହେ ଏତକ
ମୋର ସନ୍ଧ୍ୟା-ପ୍ରାର୍ଥନା,
ପୂର୍ଣ୍ଣ କର ପ୍ରଭୁ ସଦୟେ
ଭକ୍ତ୍ୟ ମନକାମନା । ୭ ।

—*—

## ମଧ୍ୟାହ୍ନ ଚିନ୍ତା

ଆଗ୍ନେୟ କେତନ ଉଡ଼ାଇ ଆସିଲା
ସର୍ବେଶେ ମଧ୍ୟାହ୍ନ କାଳ,
ତୀକ୍ଷ୍ଣ ଅଗ୍ନିକଣା ଉଦ୍ଗାରୁଛି ସେ ଯେ
ଅଗ୍ନିର ରୁଦ୍ର ଦୁଲାଲ । ୧ ।
ଆଗ୍ନେୟ କଞ୍ଚୁକ ଆଗ୍ନେୟ କିରୀଟ
ମଣ୍ଡିଅଛି ଦେହେ ଶିରେ,
ଅଗ୍ନିମୟ କଣ୍ଠେ ଅଗ୍ନିମୟ ମନ୍ତ୍ର
ଉଚ୍ଚାରେ ମୌନେ ଗମ୍ଭୀରେ । ୨ ।
ଦହିବ ପରି ସେ ବିଶ୍ୱ ବ୍ରହ୍ମାଣ୍ଡକୁ
ଦେଖି ତା ପ୍ରଚଣ୍ଡ ମୂର୍ତ୍ତି,
ନ ଡରି, କର୍ତ୍ତବ୍ୟେ ଅଗ୍ରସର ହେବି
ଦେଖାଇ ସାହସ ସ୍ଫୂର୍ତ୍ତି । ୩ ।
ଉପଯୁକ୍ତ ଧୈର୍ଯ୍ୟ ଦିଅ ମହାପ୍ରଭୁ,
ଜଗନ୍ନାଥ ଜଗଭୂପ,
ମଧ୍ୟାହ୍ନ ରୂପରେ ତୁମ୍ଭେ ସିନା ହରି
ପ୍ରକାଶିଛ ବିଶ୍ୱରୂପ । ୪ ।
ଦୀନ ଚନ୍ଦ୍ରାମଣି ମଧ୍ୟାହ୍ନେ ଏ ଭିକ୍ଷା
ମାଗୁଛି ପଦେ ଜୁହାରି,
ମଧ୍ୟାହ୍ନ ପରି ମୋ' କାର୍ଯ୍ୟ ଉତ୍ସାହ
ପ୍ରଖର ହେଉ ମୁରାରି ! ୫ ।

## ନିଶୀଥ-ପ୍ରଣତି

ନାହିଁ ବଣ୍ଟ କୋଳାହଳ ନୀରବ ନିଶୀଥ,
ଗାଉଅଛି ମହାଶୂନ୍ୟ ନିର୍ବାଣୀ ସଙ୍ଗୀତ,
ତୃଷା ବସୁଧା-ତାପସୀ
ଢ଼ାଳୁଛନ୍ତି ସୁଗମ୍ଭୀରେ ବେଦଶ୍ଳୋକ ବସି । ୧ ।
ସାଧକ ଭକ୍ତର ଏ ତ ମାହେନ୍ଦ୍ର ସୁଯୋଗ,
କରନ୍ତି ସେ ଅନ୍ତରରେ ପ୍ରେମାମୃତ ଭୋଗ,
ମୋର ସେ ସୌଭାଗ୍ୟ କାହିଁ,
ଜପ ତପ ଧ୍ୟାନ ମନ୍ତ୍ର କିଛି ହିଁ ତ ନାହିଁ । ୨ ।
କରୁଅଛି ସାଷ୍ଟାଙ୍ଗେ ମୁଁ କୋଟି ଦଣ୍ଡବତ,
ହେଜ ପ୍ରଭୁ ଜଗନ୍ନାଥ ଭକ୍ତ ଭାଗବତ,
ମୋର ଦୀନତା ତ ଜାଣ,
ଭକ୍ତିଟିକ ନେଇ ମୋତେ କର ପରିତ୍ରାଣ । ୩ ।
ଶୁଣିଅଛି ନାଦ ଶୋଭିପରିବ ମୁଁ ପୁଣି,
ତଥା କହୁଁ କହୁଁ ହେବ ଅଚେତ ଜନନୀ,
ସେ କାଳରେ ଅଲକ୍ଷ୍ୟରେ,
ଜଳ୍ପା ରହୁ ଜୟ ଦେବ ଜଗନ୍ନାଥ ହରେ । ୪ ।
ନିଶୀଥ ସମୟ କେତେ ଗମ୍ଭୀର ଉଦାର,
ମୋ ପ୍ରାଣେ କରୁ ସେ ପୂର୍ଣ୍ଣ ପ୍ରଭାବ ବିସ୍ତାର,
କହେ ଦୀନ ଚିନ୍ତାମଣି,
ଏତିକି ହେଉ ଅଳି ମୋର ସୁର-ଶିରୋମଣି । ୫ ।

—:o:—

## ଶେଷଯାତ୍ରା

ଶେଷଯାତ୍ରା ଦିନ        ପାଖେଇ ଆସୁଛି
ସଘନ ଦାବାଗ୍ନି ପରି,
ଆଚମ୍ବିତେ କେବେ        ଗୋପନେ ହାଣୁଛି
ଦେବ ସବୁ ଭସ୍ମ କରି । ୧ ।
ଜୀବନର ମହା—        ଶୁଭଦିନ ସେହି
ହେ ପ୍ରଭୁ ଜଗନ୍ନାଥ,
କେବେ ତୁମ୍ଭ ମହା—        ସିଂହାସନ ତଳେ
ଲଗ୍ନ ହେବ ଯୋଡ଼ ହାତ । ୨ ।
ଫିଟା ଫିଟା ଆଖି        କେବେ ଯାଇ ତୁମ୍ଭ
ପଦେ ଲୁଆଇବ ଶିର,
ଭୁଲିଣ ଉଠିବ        ଶରୀର, ଚକ୍ଷୁରୁ
ବହିବ ଆନନ୍ଦ-ନୀର । ୩ ।
ଆସନ୍ନ କାଳର        କର୍ତ୍ତବ୍ୟ ହୃଦୟ ପଥ
କିଛି ମୋତେ ଜଣା ନାହିଁ
ତୁମ୍ଭ ପ୍ରତି ଚରଣ        ଏକାନ୍ତ ନିର୍ଭର
ବସିଛି ସେ ଦିନେ ଚାହିଁ । ୪ ।
ପୂର୍ବରୁ ସତର୍କ        ହେବାକୁ ଜଣାଏ
ଦିଅନ୍ତି ସଦୁପଦେଶ,
କାହୁଁ କି ସତର୍କ        ହେବ, କିଛି ବୁଦ୍ଧି
ପାରୁ ନାହିଁ ହୃଷୀକେଶ ! ୫ ।
ସଙ୍ଗରେ ତ କିଛି        ନେବ ନାହିଁ, କେବଳ
ହୃଦୟ ବା ଭୟ ଭାବନା,
ସବୁବେଳେ ମୁଁ ତ        ରହିଛି ପ୍ରସ୍ତୁତ
ହୋଇଣ ନିଶ୍ଚିନ୍ତମନା । ୬ ।
କ୍ଷୁଧା ତୃଷା ନାହିଁ        ଯେ ଦେଶେ, ସେଠାକୁ
ନେବ ବା କିସ ଉପାଇଁ,
ବୃଥା ବୋଝ ବହି        କ୍ଳାନ୍ତ ହେବା ପିତା
ଆଉ କିଛି ଲୋଡ଼ ନାହିଁ । ୭ ।
କର୍ମ ଅବଲଙ୍କୁ        ସେଠାରେ ଯଦ୍ୟପି
ପୀଡ଼ା ଦେବ ରୋଗଶୋକ
ତୁମ୍ଭ ନାମାମୃତ        ପାନେ ତା ମେଣ୍ଟାଇ
ଲଭିବ ମହା ସନ୍ତୋଷ । ୮ ।
ଆଉ କେଉଁଠିକି        ଯାଉ ନାହିଁ ମୁଁ ତ
ଯାଉଛି ପିତାଙ୍କ ପାଶେ,
ଜନ୍ମଦାତା ପିତା        ସନ୍ତାନକୁ କେବେ
ମାରନ୍ତି ନାହିଁ ଉପାସେ । ୯ ।
ଏଠାରୁ ଯା' ନେବ        ସେଥିରେ ତ କିଛି
ଯିବ ନାହିଁ ସୁଖ ଛଟି,
କେତେକ ସଞ୍ଚିଲେ        କି ଉପାୟ ଆଉ
କେଶିକ ଭୟ ହେବଟି । ୧୦ ।

ମୃତ୍ୟୁ ପରେ ଆଉ ନାହିଁ ତ ମରଣ
ନ ଥାଇ ମରିବ କାହିଁ,
ଜୀବଶେଷରେ ସେହି ଅମୃତ ସିନ୍ଧୁରେ
ମୃତ୍ୟୁଭୟ ବାଧା ନାହିଁ । ୧୧ ।
ଦେହାନ୍ତର ପରେ ନୀଳାଚଳ କ୍ଷେତ୍ରେ
ଦିଅ ପ୍ରଭୁ ପୁନର୍ଜନ୍ମ,
ନରଜନ୍ମ ଲଭି ସୁକୃତ ନ ଥିଲେ
କର କ୍ଷୁଦ୍ର ବିହଙ୍ଗମ । ୧୨ ।
ପ୍ରତି ପ୍ରଭାତରେ ଶ୍ରୀମୁଖ ନିରେଖି
ଲଭିବି ପରମ ପ୍ରୀତି,
ନୀଳଚକ୍ର ପାଶେ ଉଡି ମୁଁ ଗାଇବି
ତୁମ୍ଭର ମହିମା-ଗୀତି । ୧୩ ।
ତୁମ୍ଭ ପ୍ରେମାମୃତ ପାନ କଲେ ହରି
ହରିଯିବ କ୍ଷୁଧା ତୃଷା,
ଚନ୍ଦ୍ରାମଣି କହେ କେବେ ଉଇଁବ ହେ
ସେ ଶୁଭ-ସୌଭାଗ୍ୟ-ଉଷା । ୧୪ ।

—:୦:—

## ଭକ୍ତଧୂଳି

### ସ୍ତବ

( ଗୀତଗୋବିନ୍ଦ ଛନ୍ଦେ )

ଜୟ ଜଗନ୍ନାଥ ଜଗତ୍‌ବନ୍ଦନ
ଯଦୁନନ୍ଦନ,
ସନ୍ତାପିତ-ଜନ-ହୃତ-ଚନ୍ଦନ—
ଜୟ ଜଗନ୍ନାଥ ହରେ ।
ସାଧୁ-ସନ୍ଥ-ଯୋଗିମନରଞ୍ଜନ—
ଭୟଭଞ୍ଜନ,
ବିଷୟ-ବିଷାକ୍ତ ନେତ୍ର ଅଞ୍ଜନ—
ଜୟ ଜଗନ୍ନାଥ ହରେ ।
ଅତସୀ-କୁସୁମ ଶ୍ୟାମସୁନ୍ଦର—
ନବସୁନ୍ଦର,
ଚରମ ଆଶ୍ରୟ ଜୀବବୃନ୍ଦର—
ଜୟ ଜଗନ୍ନାଥ ହରେ ।
ନୀଳଗିରି ଶୁଭ୍ରଚୂଳ ଆସନ—
ପାପନାଶନ,
ଦୁର୍ଦ୍ଦଣ୍ଡ ପାଷଣ୍ଡ କୁଳ ଶାସନ—
ଜୟ ଜଗନ୍ନାଥ ହରେ ।
ମହୋଦଧି-ଜଳକେଳି-କୁଞ୍ଜର—
ନବଗୁଞ୍ଜର,
ଇହପରକାଳ ପ୍ରାଣିପୁଞ୍ଜର—
ଜୟ ଜଗନ୍ନାଥ ହରେ ।
ଆତ୍ମା କ ରଞ୍ଜନ ନେତ୍ରଖଞ୍ଜନ—
ଶ୍ରୀ ନିରଞ୍ଜନ,
ଧର୍ମଦ୍ରୋହୀ ଖଳଗର୍ବ ଗଞ୍ଜନ—
ଜୟ ଜଗନ୍ନାଥ ହରେ ।
ଆରୋହିତ ନନ୍ଦିଘୋଷ ସ୍ୟନ୍ଦନ—
ନନ୍ଦନନ୍ଦନ,
ଛିନ୍ନ କର ମାୟାମୋହ-ବନ୍ଧନ—
ଜୟ ଜଗନ୍ନାଥ ହରେ ।
ଲଳିତ ମଲ୍ଲୁଆମାଳା ମଣ୍ଡନ—
ଦୁଷ୍ଟ ଦଣ୍ଡନ,
ଚନ୍ଦ୍ରାମଣି ଚିନ୍ତା କର ଖଣ୍ଡନ—
ଜୟ ଜଗନ୍ନାଥ ହରେ ।

—:୦:—

### ଶେଷଡାକ

ଦିନସରି ସଦା ଡାକଲେ ଡାକୟେ
ଡାକି ଡାକି ହେଲି କ୍ଲାନ୍ତ,
ଶୁଣୁ ନାହିଁ କି ହେ କାନକୁ ତୁମ୍ଭର
ଜଗବନ୍ଧୁ ଜଗନ୍ନାଥ ! ୧ ।
ଶୁଣିବ ନାହିଁ କି ଗରିବ ଗୁହାରି
ବୋଲଉଛି ବଡଲୋକ,
ଜଗତ କି ପ୍ରଭୁ ଅର୍ଜିତ ଜନର
ବଢାଇବା ଦୁଃଖଶୋକ । ୨ ।
କିମ୍ବା ଯେଉଁ ବାଟେ ଡାକନ୍ତ ସେ ବାଟେ
ଡାକ ମୋତେ ଆସୁ ନାହିଁ,

ଦଣ୍ଡ ଦିଅ ଯେବେ    ଅଭଙ୍ଗ ଆକାଶ
କୃପାନେତ୍ରେ ଥରେ ଚାହିଁ । ୩ ।
ଜାଣୁଛ ତ ମୁହିଁ    ମନେ ପ୍ରାଣେ ଭୁଲେ
ଉଦାର ଭାରତ ବାଣୀ,
କେତେଟି ବା ଫାଙ୍କ    ରହିଯାଉଅଛି
ପାରୁ ନାହିଁ କରୁ ଜାଣି । ୪ ।
ବଚନ କହେଁ ତ    ମାନବ ପକ୍ଷରେ
ଅପୂର୍ଣ୍ଣତା, ତ୍ରୁଟି, ଭ୍ରମ,
ଦୁର୍ବଳର ଦୋଷ    ସଂଶୋଧନ ପିତା
ବଡ଼ଲୋକଙ୍କର ଧର୍ମ । ୫ ।
କଣା କଳସୀରୁ    ବାନ୍ଧୁ ବାନ୍ଧୁ ହୋଇ
ଝରିଲା ପଡ଼ିଏ ଜଳ,
ସବୁ ଆସୁଅଛି    କ୍ରମେ କ୍ରମେ ଆୟୁ
ତୁଟି ଆସୁଅଛି ବଳ । ୬ ।
ଜାମ ସରିଗଲେ    ଆଉ କାହିଁ ଦେବେ
ରହିଥିବ ଇଚ୍ଛା ବସି,
ଗୃହାଳୀ ଲାଗିଲେ    ଆଉ ବା ତାହାଙ୍କ
ବୃଥା ହେବ ଖଣ୍ଡ ଘଷି । ୭ ।
ଚନ୍ଦ୍ରାମଣି କହେ    ଶେଷ ଭାବ ମୋର
ଶୁଣ ପ୍ରଭୁ ଦାନ ଦେଇ,
ଆଣ ଶୁଭଦିନ    କୃତାର୍ଥ ହୁଏ ମୁଁ
ତବ ତତ୍ତ୍ୱରୂପ ହେଇ । ୮ ।

——୦——

## ଜ୍ଞାନଭିକ୍ଷା

ଶୁଭ ସାମ୍ୟ ଭାବେ    ଉଦାର ଗୁଣରେ
ମଣ୍ଡିଦିଅ ପ୍ରଭୁ ପ୍ରାଣ,
ଯେ ମୋତେ କରିବ    ଈର୍ଷା, ତାକୁ ଯେଣେ
କରିବ ମୁଁ ପ୍ରେମଦାନ । ୧ ।
ଅଭିଶାପ ଦେବ    ଯେ ପୁଣି, ତାହାକୁ—
କରିବ ମୁଁ ଆଶୀର୍ବାଦ,
ନିନ୍ଦୁକ ଜନର    ପ୍ରଶଂସା ବଖାଣି
ଲଭିବ ଆତ୍ମପ୍ରସାଦ । ୨ ।
କନ୍ଦାଇବ ଯେହୁ    ହସାଇବ ତାକୁ
ହେଉ ଏହା ମୋର ପଣ,
ଦୁ ବୋଲି ବୋଲିବ    ଯେ ମୋତେ ତାହାକୁ
କହିବ ଆଜ୍ଞା ଆପଣ । ୩ ।
ଘୃଣା ଯେ କରିବ    ହେବ ସେ ନିଶ୍ଚୟ
ଶ୍ରଦ୍ଧା-ଭକ୍ତି-ପାତ୍ର ମୋର,
ସାଧୁ ବୋଲି ତାକୁ    ଗୌରବେ ଡାକିବ
ଯେ ମୋତେ କହିବ ଚୋର । ୪ ।
ବିଶ୍ୱପ୍ରେମ ଆଣି    ମୋ ହୃଦରେ ତୁରି
କରାଇଦିଅ ପ୍ରବେଶ,
କି କର୍ମ ସାଧିବ    କର୍ମଭୂମିରେ ମୁଁ
କରିଦିଅ ତା ନିର୍ଦ୍ଦେଶ । ୫ ।
ଦିଅ ଦିବ୍ୟ ଜ୍ଞାନ    ଅଜ୍ଞତା ମୋହର
ହୋଇଯାଉ ଜହିଁ କ୍ଷୟ,
ପରାପର ଭାବ    ଛାଡ଼ିଯାଉ ହୃଦୁ
ବିଶ୍ୱ ହେଉ ଆତ୍ମମୟ । ୬ ।
ଜ୍ୱଳିବ ସତ୍ୟର    ବଜ୍ର ଶିଖା ବକ୍ଷେ
ହେଉ ପଛେ ଭୟଙ୍କର,
ମାତ୍ର ପୁଷ୍ପାବୃତ    ଅସତ୍ୟ ପଥରେ
ନ ଦେବ କେବେ ପୟର । ୭ ।
ରୋଗକୁ ତ ମୋର    ଭୟ ନାହିଁ ଜଳେ
ଜାଣେ ମୁଁ ସେ ତୁମ୍ଭ ଲୀଳା,
ଔଷଧି ରୂପରେ    ସୁସ୍ଥ କର ତୁମ୍ଭେ
ରୋଗରୂପେ ଦେଇ ପୀଡ଼ା । ୮ ।
ଧର୍ମପାଦେ ମୋର    ନଶ୍ୱର ଜୀବନ
ଗୁନ୍ଥିଦିଅ ଦୃଢ଼େ ତୁରି,
ବିପଦ ଆସିଲେ    ନ ଡରୁ, ସାନନ୍ଦେ—
ନେବ ଆଲିଙ୍ଗନ କରି । ୯ ।
ସତ୍ୟ ନ୍ୟାୟ ଧର୍ମ    ଦୟା ଦାକ୍ଷିଣ୍ୟରେ
କରିବ ସଂସ୍କାର ପ୍ରାଣ,
ଚନ୍ଦ୍ରାମଣି ମାଗେ    ସୁପ୍ରସନ୍ନେ ପ୍ରଭୁ
ପ୍ରଦାନ ଏ ଶୁଭଜ୍ଞାନ । ୧୦ ।

—*—

## ପ୍ରାନ୍ତ୍ୟ ଭଜନ

ନମୋ ନାରାୟଣ ବ୍ରହ୍ମପରାୟଣ
ଭକ୍ତ ଆପ୍ୟାୟନ-ଯୋଗିଧନ,
ସତ୍ୟ ସନାତନ ସୁରାରିଶାତନ
ବାରଣଯାତନ-ବିମୋଚନ ।
ସତ୍ୟ ପୁରାତନ ଦୁଷ୍ଟଜନପାତନ
ଭୂତଗ୍ରାମଘାତନ-ଜନାର୍ଦ୍ଦନ,
ନିତ୍ୟ ନିରୀଶ୍ୱର ନୀଳଗିରୀଶ୍ୱର
ଶଧୁ ଶିରୀଶ୍ୱର-ନିରଞ୍ଜନ ।
କୈବଲ୍ୟ କାରଣ ଧ୍ରୁବ ନିସ୍ତାରଣ
ଦୁରିତ ବାରଣ-ଗୋବର୍ଦ୍ଧନ,
ବିଭୁ ସଦାଶୟ ନିରାଶ୍ରୟାଶ୍ରୟ
କୃପା-ଜଳାଶୟ-ଖଗାସନ ।
ଯଜ୍ଞେଶ ଯାଦବ ମୁରାରି ମାଧବ
ଗୋକୁଳବାନ୍ଧବ-ଗୋପୀଧନ,
ବ୍ରଜେନ୍ଦ୍ରସୁନ୍ଦର ଶାର୍ଙ୍ଗ ଧନୁର୍ଦ୍ଧର
ଶରଦ ସୁନ୍ଦର ବିସୃଜନ ।
ସୃଷ୍ଟି ସଞ୍ଚାଳକ ସଂସାରପାଳକ
ଗୋପାଳବାଳକ-ସନାତନ,
କଷିତ କାଞ୍ଚନ ପୀତବାସାଚ୍ଛନ୍ନ
ଶ୍ରୀବତ୍ସଲାଞ୍ଛନ-ଚିରନ୍ତନ ।
ଭୁବେଶ ଭାବନ ପତିତପାବନ
ଦିବ୍ୟ ଶୋଭାବନ ଶ୍ରୀବାମନ,
ଶିଖଣ୍ଡଧାରଣ ମାରୁତମାରଣ
ବାରଣତାରଣ ପଦ୍ମାସନ ।
ଶ୍ରୀନନ୍ଦନନ୍ଦନ ବିଶ୍ୱବନ୍ଦନ
ସଂସାର ବନ୍ଧନ ବିଚ୍ଛେଦନ,
ନମେ ଚନ୍ଦ୍ରାମଣି ଚିନ୍ତି ଚିନ୍ତାମଣି
କୌସ୍ତୁଭମଣି ବିଭୂଷଣ ।

—

## ହରି-ଭଜନ

ଆସ ଆସ ହରି କରୁଣା ବିତରି
ବସ ଏ ହୃଦୟ-ମନ୍ଦିରେ,
ପ୍ରାଣବୀଣା ତାର ଉଠାଉ ଝଙ୍କାର
ପ୍ରଣବ ଓଁକାର ଗମ୍ଭୀରେ । ପଦ ।
ତୁମ୍ଭରି ସର୍ଜିତ ଏ ମହା ଜଗତ,
ପ୍ରଚାରୁଛି ତୁମ୍ଭ ମହିମା-ମହତ୍ତ୍ୱ,
ଦେଇଅଛ ତୁମ୍ଭେ ଜୀବଗଣେ ଠାବ
ଜୀବନ ମରଣ ସନ୍ଧିରେ । ୧ ।
ଫୁଲ ମଧ୍ୟେ ଅଛ ଗନ୍ଧରୂପେ ହରି,
ଫଳଗର୍ଭେ ଅଛ ରସରୂପ ଧରି,
ମେଘେ ଜଳରୂପେ ବାତେ ପ୍ରାଣରୂପେ
ଗତିରୂପେ ଅଛ ମଞ୍ଜିରେ । ୨ ।
ଅଣାକାର ପ୍ରଭୁ ଅନନ୍ତ ଅନାଦି,
ପୁଷ୍ପଗର୍ଭେ ମଧୁ ରଖିଛ ସମ୍ପାଦି,
ନିହିତ ସେ ମଧୁ ସଂଗ୍ରହର ଶକ୍ତି
ଅତି କ୍ଷୁଦ୍ର ମଧୁମକ୍ଷୀରେ । ୩ ।
ବିଶ୍ୱଚିତ୍ର ନିତି ଅଙ୍କୁଛ ଅନେକ,
ପୁରୁଣା ନିଭାଇ ନୂଆ ଚିତ୍ର ଲେଖ,
ତୁମ୍ଭ ଶୁଭାଦେଶ କରୁଣା ମୁକ୍ତି ତ
ଜଗତଜୀବନ-ପଙ୍କ୍ତିରେ । ୪ ।
କହେ ଚନ୍ଦ୍ରାଦଗ୍ଧ ଦୀନ ଚନ୍ଦ୍ରାମଣି,
ମଗ୍ନ ଆଖିପାଣି ଦିନ ଗଣି ଗଣି,
କେବେ ତାଳ ହରି ନିଗଡ-ଗଣ୍ଠିରେ
ବାନ୍ଧି ରଖିଥିବ ବନ୍ଦୀରେ । ୫ ।

—୫୦୫—

## ଆରତି

[ ରସକୁଲ୍ୟା ]

ପ୍ରଭୁ ଜଗନ୍ନାଥ ଜଗଜ୍ଜୀବନ,
ଭକ୍ତ-ହୃଦ-ସର୍-ପଦ୍ମ-ତପନ,
ନୀଳ-ମହୀଧର୍-ମର୍କତ ମଣି
ଅପାର୍-ସଂସାର୍-ସିନ୍ଧୁ-ତରଣୀ,
ଭକ୍ତର୍ ଚିର୍ ଅଧୀନ ଯେ,
ଭୃତ୍ୟର୍ ମହିମା ପ୍ରସ୍ଫୁଟୁଛି ବକ୍ଷେ
ବହ୍ମଣ ଚରଣ ଚିହ୍ନ ଯେ ।

ସକଳ ମାନବ ତୁମ୍ଭ ସନ୍ତାନ,
ପିତୃନେତ୍ରେ ତବ ସର୍ବେ ସମାନ,
ପ୍ରସ୍ଫୁଟୁଛି ଏହି ନୀତି ଉଦାର୍,
ଭୋଗରେ ନ ରଖି ଜାତି ବିଚାର୍,
ଏକତ୍ରେ ଶୂଦ୍ର ବ୍ରାହ୍ମଣ ଯେ,
ନିର୍ବିଚାର୍ ଚିତ୍ତେ ଶ୍ରୀମହାପ୍ରସାଦ
କରନ୍ତି ସୁଖେ ଭୋଜନ ଯେ ।

ଉତ୍କଳ-ଅବନୀ କି ତପ କରି,
କୃତାର୍ଥ ତୁମ୍ଭଙ୍କୁ ବକ୍ଷରେ ଧରି,
ଛଡ଼ାଇ ଅଣିଛି ସ୍ୱର୍ଗ ସମ୍ପଦ,
ଲଭିଛି ମର୍ତ୍ତ୍ୟରେ ବୈକୁଣ୍ଠପଦ,
ଧନ୍ୟ ତା ପୁଣ୍ୟ ମହିମା ଯେ,
ଜଗତନାଥଙ୍କୁ କରି ରଖିଛି ଯା
ପ୍ରାଣର୍ ପୂଜା ପ୍ରତିମା ଯେ ।

ବେଳା-ବାଲୁଶେଯେ ଚରୁଛି ବଢେ,
ଖଟିଛି ପଦ୍ମରେ ବାରିଧି ନଚେ,
ନିତି ସନ୍ଧ୍ୟା ପ୍ରାତେ ତ୍ରିଦିବବାସୀ,
ସ୍ୱର୍ଗଦ୍ୱାର୍ ପଥେ ଓହ୍ଲାଇ ଆସି,
ଦେଖନ୍ତି ପୁଣ୍ୟ ଆରତି ଯେ,
ପାଦୋଦକ ସେବି ଶ୍ରୀମୁଖ ନିରେଖି
ଲଭନ୍ତି ମହାତୃପତି ଯେ ।

ଶେଷେ ଭକ୍ତ ତୁମ୍ଭେ ପ୍ରାର୍ଥନାବାକ୍ୟ
ଦୁଃଖୀ କଣ୍ଠୁ ଉଠେ ମହିମା ଡାକ,
ଉତ୍କଳ ପଡ଼ଇ ବାଜିବ ସ୍ୱନ,
ସାଧକେ କରନ୍ତି ସ୍ତବ ଗର୍ଜନ,
ସେ ସ୍ୱରେ ମିଶାଇ ସ୍ୱର୍ ଯେ,
ଦୀନ ଚିନ୍ତାମଣି ଦୂରେ ଥାଇ ଡାକେ
ହେ ପ୍ରଭୁ ଉଦ୍ଧାର୍ କର୍ ଯେ ।

---

## ବିନତି

[ ଶ୍ରେଣୀ ]

ଜଗବନ୍ଧୁ ଜଗନ୍ନାଥ ଜଣାଉଛି ଯୋଡ଼ି ହାତ
ଭବ-କାରାଗାରୁ ମୁକ୍ତ କର୍ ଏ ଦାସେ,
ବହୁଦିନୁ ପଡ଼ି ପଡ଼ି ଗଳିଣି ଶରୀର୍ ଝଡ଼ି
ହେଉଅଛି ଆୟୁ କ୍ଷୟ ପ୍ରତି ନିଃଶ୍ୱାସେ,
ତୃଷ୍ଣା କରି ସାଧୁଛି ଦାଉ,
ତୁମ୍ଭେ ନ ତାରିଲେ କିଏ ତାରିବ ଆଉ । ୧ ।
ଛନ୍ଦିଅଛି ଯେଉଁ ବେଡ଼ୀ କିଏ ତା ପାରିବ ଫେଡ଼ି
ଶ୍ରୀହସ୍ତରେ ତୁମ୍ଭେ ତାହା ନ ଦେଲେ ଖଣ୍ଡି
ତୁମ୍ଭେ ପ୍ରଭୁ କୃପାମୟ ହରୁଛ ଆତୁର ଭୟ
ଡାକେ ମୁଁ ତୁମ୍ଭଙ୍କୁ ସାରା ଯାମିନୀ ଜାଗି,
ଶୁଣ ପ୍ରଭୁ ରଙ୍କ ଗୁହାରି,
କର ଏ କିଙ୍କରେ ଭବ-ସାଗରୁ ପାରି । ୨ ।
ଯେଉଁ ଦାନ୍ତ ତୁମ୍ଭ ପାଶୁ ଆସି, ଏବେ ଏ ପ୍ରବାସୁଁ
ବାହୁଡ଼ିଯିବାକୁ ଚିତ୍ତ ଉଚ୍ଛନ୍ନ ଅତି,
ଛାଡ଼ି ପ୍ରଭୁ ପାଦସେବା ସେବକ ହୋଇଣ କେବା
ରହିପାରେ ତାହିଁ ହୋଇ ନିଶ୍ଚିନ୍ତ ମତି,
ପ୍ରଭୁ ଏକା ପ୍ରାଣ ତାହାର୍,
ପ୍ରଭୁ ପାଦପଦ୍ମ ତାର୍ ହୃଦୟ-ହାର୍ । ୩ ।
ଅନ୍ତର୍ଯ୍ୟାମୀ ନାରାୟଣ ନ ଜାଣ କି ଭୃତ୍ୟ ମନ
ବର୍ଣ୍ଣିପାରେ କି ସେ ତୁମ୍ଭ ଗହଣୀ ତେଜି,

ଥାଉ ତୁମ୍ଭ ସହବାସ    ଆଉରେ ଡାକେ ଦୀର୍ଘଶ୍ୱାସ

ହୁରି ହୁରି ମରେ କୁତ ସୌଭାଗ୍ୟ ହେଜ,

ଚନ୍ଦ୍ରାମଣି ଭକତେ ଭାଷେ,

ନାଥ ପ୍ରଭୁ ସେବକଙ୍କୁ ପସୁର ପାଶେ । ୪ ।

—○—

## ବନ୍ଦି

[ ଆଷାଢ ଶୁକ୍ଳ ]

ଉତ୍କଳ ମହୀ ସୌଭାଗ୍ୟ ବିଧାତା,

କୈବଲ୍ୟ ଗୌରବ ସମ୍ପଦଦାତା,

ମଧୁର ମୂର୍ତ୍ତି ସୁଦର୍ଶନପାଣି,

ଅନନ୍ୟ ସୁନ୍ଦର ମୋହନ ଠାଣି,

ପ୍ରଭୁ ଜଗନ୍ନାଥ,

ଜଗତ-ଭରସା ଦୁଃଖୀ ସଙ୍ଗାତ । ୧ ।

ଶରୀର ତବ ବିଶ୍ୱ ଚରାଚର,

ଯୁଗଳ ନେତ୍ର ଚନ୍ଦ୍ର ଦିବାକର,

ଅନିଳ ତୁମ୍ଭର ଶ୍ୱାସ ପ୍ରଶ୍ୱାସ,

ଅନଳ ଶ୍ରୀଅଙ୍ଗ ତେଜ ବିକାଶ,

ପ୍ରଦୋଷ ପ୍ରଭାତ,

ତୁମ୍ଭ ଆଜ୍ଞାରେ ହୁଏ ଆତଯାତ । ୨ ।

ଆକାଶ ଅଟଇ ଶିର ତୁମ୍ଭର,

ମହାସାଗର ବିଶାଳ ଉଦର,

ଶିରପ୍ରଶିର ନଦନଦୀମାନ,

ମହିମା ତୁମ୍ଭର ମହା ମହାନ,

ପାତାଳ ଚରଣ

ଅଟଇ ସୃଷ୍ଟିର ବିଶ୍ୱଶରଣ । ୩ ।

ତୁମ୍ଭ ପରି ପ୍ରଭୁ ଲଭି ଭାଗ୍ୟରେ,

ପ୍ରାଣେ ମୁଁ ଦର୍ପ ଅନୁଭବ କରେଁ,

ଅନର୍ଥ ନୁହେଁ ତ ମୋର ଏ ଗର୍ବ,

ପ୍ରଭୁଗୁଣେ ବଢେ ଭୃତ୍ୟ ଗୌରବ

କହେ ଚନ୍ଦ୍ରାମଣି,

ପ୍ରଭୁ ସମ୍ପଦେ ଭୃତ୍ୟ ସିନା ଧନୀ । ୪ ।

——✱——

## ଦଣ୍ଡବତ

ବିଶ୍ୱ-କାରଣ, ବାରଣ-ତାରଣ ହେ,

ଶୁଦ୍ଧ-ସାରଣ-ଦାରଣ, ନାରଣ ହେ । ୧ ।

ଦ୍ୱିଜ-ବାଳକ-ଶୁକଦ-ପାଳକ ହେ,

ସୃଷ୍ଟି-ଧାରକ, ତାରକ, ପାରକ ହେ ।୨।

ଘନ କାଳିଆ, କାଳସ୍ୱଦର୍ପହର,

ସାଧୁ-ସଜ୍ଜନ-ରଞ୍ଜନ, କଞ୍ଜକର ହେ ।୩।

ପ୍ରଭୁ ଚିର-ପୁରାତନ,ଚିରନବ,

ସ୍ୱକେ ଲୋମକୂପେ ତବ କୋଟି ଭବ ।୪।

ତୁମ୍ଭେ ସତ୍ୟ, ସାରତସାର, ଶାସ୍ତ୍ର ଭଣେ,

ଚିତ୍ତ ସ୍ଥିତ ହେଉ ତବ ଶ୍ରୀଚରଣେ ।୫।

ତବ କୃପାରେ ଜୀବିତ ଜୀବକୁଳେ,

ଘେନ ପ୍ରେମ-ପୁଷ୍ପାଞ୍ଜଳି ପାଦମୂଳେ ।୬।

ସର୍ବ ଦେବଶିର ତବ ପାଦେ ଲୁଚେ,

ଘେନ ଭକ୍ତି-ଅର୍ଘ୍ୟ ହର, ପାଦମୂଳେ ।୭।

ଜଳ ନନ୍ଦିତ ବନ୍ଦିତ ନନ୍ଦକୁଳେ,

ଘେନ ପୁଣ୍ୟ-ପ୍ରୀତି-ପୂଜା ପାଦମୂଳେ ।୮।

ବେଣୁ ବାଦ୍ୟ ନାଦ କର ନୀପମୂଳେ,

କୋଟି ଦଣ୍ଡବତ ତବ ପାଦମୂଳେ ।୯।

ରତ ନବ୍ୟ ଲୀଳା ନୀଳ ଶୈଳ ଚୂଳେ,

ନମେ ଦୀନ ଚନ୍ଦ୍ରାମଣି ପାଦମୂଳେ ।୧୦।

—ඃ✱ඃ—

## ମନପ୍ରତି

( ୧ )

କେଉଁ ଭୂଲି ଘରକୁ ମନ,

କରୁଛୁ ଶ୍ମଶାନେ କେତେ କାଳ ଭ୍ରମଣ ? ପଦ ।

ଅଟଇ ଭୀଷଣ ସ୍ଥାନ    ଅଟେ ଏ ମହାଶ୍ମଶାନ

ଜଳେ ଚିତାନଳ କରି ଶିଖା ତୋଳନ । ୧ ।

ନଅଟ ନରହାଟ ପଡ଼ା    ଯହିଁ ଦେଖ ଭୟଙ୍କର

ତୁମୁଳନ୍ତି ଶବାହାରୀ ଜନ୍ତୁ ଭୀଷଣ । ୨ ।

ତାଙ୍କ ହର୍ଷ କୋଳାହଳ    ଯେତେକ ପ୍ରଚଣ୍ଡ ଅନଳ

କାଳ ଘୋର ବେଭୁଆନ୍ତି ସଦା ଶ୍ରବଣ । ୩ ।

ଭୂତପ୍ରେତପିଶାଚାଦି    ବୁଲନ୍ତି ତକଟେ ନାଚି
ସେ ଗର୍ଜନେ ଉଡ଼ିଯାଏ ପିଣ୍ଡୁ ଜୀବନ ।୪।
ଛାଡ଼ି ତୁହି ନିଜ ଘର    କାହିଁ ହେଉ ହରବର
ବାଅର୍ଥେ ସହୁଛୁ କାହିଁ ଏତେ କଷଣ । ୫ ।
ରହିଛୁ ତୋ ସୁନାପୁର ନୁହେଁ ତ ସେ ବେଶି ଦୂର
ଅଛୁ ତହିଁ ପୂର୍ଣ୍ଣ ହୋଇ ଅଷ୍ଟରତନ । ୬ ।
ସ୍ୱକସୁଖ ପରିହରି    ବୁଲୁଛୁ ଅର୍ଥିତ ପରି
କାଣୁ କାହିଁ ଏ ଦୁର୍ଦ୍ଦଶା ଅଧଃପତନ । ୭ ।
ଗୃହଆଡ଼ ଶିବାସ୍ଥାନ    ଘେରି ଉଠାରନ୍ତି ପ୍ରାଣ
ଚିନ୍ତାମଣି କହେ ପଲା ପକା ବଚନ । ୮ ।

—o—

ମନପ୍ରତି

(୨)

ମନ, ତୁ କି ମୋର ହାକିମ,
କହିଛୁ ମୁଁ ପାଳିବାକୁ    ତୋର ହୁକୁମ । ପଦ ।
ସମ୍ଭବ ହୁକୁମ୍ ତୋର    ଶୁଣିଛି କି ତୋ ବାପର
କି ସ୍ୱପ୍ନ ରେ, କ୍ଷୁଦ୍ର ମୁହିଁ ତୁ ଯେ ଅସୀମ ।୧।
ମୂର୍ଖପଣେ ତୁ ପ୍ରବୀଣ    ଉଡ଼ିରେ ବହୁ ଦକ୍ଷିଣ,
ଏତେ ଛୁଇ କାହିଁ, ଶାଉ କି ରେ ଅଫିମ ?୨।
ଅବ୍ୟର୍ଥ ତୋର ଆଦେଶ ହେଲେ ଆତବାଙ୍କ ଲେଶ
ରକ୍ତଆଖି କରି ଗ୍ରୀବା କରୁ ବଙ୍କିମ । ୩ ।
କହୁ ମନ ଭଲ କଥା    ଧରିବ ଭାଁ ପାତି ମଥା
ନୋହିଲେ ମାନିବ ନାହିଁ ତୋର ହୁକୁମ ।୪।
କି କରିବୁ କର ଆସି    ଦେବୁ ଶୂଳୀ କମ୍ବା ଫାଶି
ନ ସମ୍ଭବ ଚିନ୍ତାମଣି ତୋର ହୁକୁମ । ୫

—o—

ମନପ୍ରତି

(୩)

କେବେ ଆଉ ଖଟିହିବୁ ପ୍ରବାସରେ ମନ,
ଗୃହବାସରେ ତୁହା ହେଉ, ନେ ରେ ପେନ୍‌ସନ ।
ସ୍ୱଦେଶକୁ ଯାଇ ଘରେ ରହି ଭଜ କାଳ,
ବିଶ୍ରାମ ତୋହର ଲୋଡ଼ା, ଛାଡ଼ିଦେ ଜଞ୍ଜାଳ ।
ମାତୃସ୍ନେହ ପିତୃସ୍ନେହ ତୋର ଅପେକ୍ଷାରେ,
ବସିଛନ୍ତି ବ୍ୟଗ୍ରନେତ୍ରେ ତହିଁ ଏକାଧାରେ ।
ଗଲେ ତୋତେ ଭୁଞ୍ଜାଇବେ ସ୍ୱାଦରେ ଅମୃତ
ହରିଯିବ ପ୍ରବାସର ଅବସାଦ ଦ୍ରୁତ ।
ପାଇବୁ ସେଠାରେ ଶାନ୍ତି, ଶାନ୍ତି-ଆଡ଼ର ସେ,
ମୈତ୍ରୀ ପ୍ରୀତି ଆସି ତତ୍ର ହରିବେ ହରଷେ ।
ଲୋଡ଼ୁ ଯେବେ ପ୍ରାଣେ ସୁଖ ନ ହୋଇ ଉଦାସ,
ଏହିକ୍ଷଣେ କରିଦେ ତୁ ପେନ୍‌ସନ୍ ଦର୍ଖାସ୍ତ ।
ଡିଷ୍ଟ୍ରିକ୍ଟ ଦରବାରେ ଜରୁର୍ ଜରୁର୍,
ହେବ ତୋର ଦରଖାସ୍ତ ମୁକର୍ ମଞ୍ଜୁର୍ ।
ନ କରରେ କିଛି ଚିନ୍ତା ଚିନ୍ତ କର ମିଠା,
ଚିନ୍ତାମଣି କରିଦେବ ଦରଖାସ୍ତ ଚିଠା ।

—ଃଃ—

ଇଷ୍ଟଦର୍ଶନ

ଏ କିଏ ହେ ନଟବର, ମୁହଁ ଗୋଡ଼ ଟେକି,
ଲୁଚ ନାହିଁ ଲୁଚ ନାହିଁ, ସାରିଲିଣି ଦେଖି ।
ଆସିଅଛ ଯେବେ ବନ୍ଧୁ ବଳେ ବଳେ ଖାଲି,
ଆଗକୁ ନ ଆସି କାହିଁ ଖେଳ ଲୁଚକାଳି ।
କି ସୁନ୍ଦର ବାଳ ତୁମ୍ଭେ, ନୀଳାଦ୍ରି ସୁନ୍ଦର,
ଦୃଷ୍ଟିକୁ ଛଳିବା ବଡ଼ କୌତୁକ ତୁମ୍ଭର ।
ଦିଶୁଛ ବୁଜିଲେ ଆଖି ମୁହଁ ଦେଲେ ନାହିଁ,
କ୍ଷଣାକନେ ଖୋଜିବାକୁ ତାହିଁ କି ଦେଖାଅ ।
ନ ମିଳେ ଦର୍ଶନ ଯାଙ୍କ କୋଟି ଆରାଧନେ,
ସେହି ଅହ୍ୱାନରେ ତାଙ୍କୁ ଦେଖିଲି ନୟନେ ।
ଏହାଠାରୁ ଶୁଭ ଭାଗ୍ୟ କି ଅଛି ଅଧିକ,
ତୁମ୍ଭେ ତାହା ଜାଣ ମୁଁ ତ ଅଜଣା ପଥିକ ।
ବହୁ ତପେ ତୁମ୍ଭର ତ ନ ମିଳେ ଦର୍ଶନ,
ସେହି ଅର୍ଚ୍ଚନାରେ ହେଲ ଦୀନେ ସୁପ୍ରସନ୍ନ ।
ଏ କୃପା, ଏ ଆଶୀର୍ବାଦ ନୁହେଁ ଭୁଲିବାର,
ଘେନା ହେଉ ସେବକର ଉଲ୍ଲାସ ଉଦ୍ଗାର ।

—*—

## ଜାତିସ୍ମର

—୧—

ହର ହେ ମୁଁ ତୁମ୍ଭ ପାଦେ ବଡ଼ ଅବିଶ୍ୱାସୀ,
ଫାଙ୍କି ଦେଇଅଛି ମୂଲ୍ ଲଗିବାକୁ ଆସି,
ତୁମ୍ଭ କିଆରିରେ କାମ,
କରିବାକୁ ପ୍ରାଣାୟାମ,
ଆସି ଛାଇମୂଳେ ବସି କଟାଇଲି ଦିନ,
ସଞ୍ଜବେଳେ ହେଉଅଛି ଅନୁତାପେ ଖିନ୍ନ ।

—୨—

ଏଥର ତ ପୋଡ଼ାବୁଦ୍ଧି ଠକାଇଲା ମୋତେ
ଭାସି ଯାଉଛି ମୁଁ ହାୟ ପଙ୍କ ଗର୍ତ୍ତସ୍ରୋତେ,
ଏ ସମୟେ ତୁମ୍ଭେ ପ୍ରଭୁ,
ସାହାଭରସା ମୋ ସବୁ,
ରଖିଲେ ରଖିବ ନତୁ ନାହିଁ ଅନ୍ୟ ଗତି,
ମାଗୁଛି ଶରଣ ତେଣୁ ପ୍ରକାଶି ବିନତି ।

—୩—

ଏ ଜନ୍ମ ତ ମାଟି ହେଲା କରଣୀରୁ ମୋର,
ବଳେ ବଳେ ବାନ୍ଧି ହେଲି ନିଜ ଗୋଡ଼େ ଡୋର
ପରଜନ୍ମେ ଜାତିସ୍ମର,
କର ମୋତେ ଦୟାଧର,
ତେବେ ସିନା ଭବିଷ୍ୟତେ ହେବି ସାବଧାନ,
କିପାଇଁ ସୃଷ୍ଟିରେ ତବ ନାହିଁ ଏ ବିଧାନ ?

—୪—

ସ୍ୱଭାବରେ ମନୁଷ୍ୟ ତ ଭୋଳା ମହେଶ୍ୱର,
ସବୁ ଭୁଲିଯାଏ ମାଟି ଛୁଇଁଲେ ସତ୍ୱର,
ଗତ ଜୀବନର ସ୍ମୃତି,
ନ ଧରିଲେ ଚିତ୍ତେ ମୂର୍ତ୍ତି,
ଆତ୍ମଦୋଷ ସଂଶୋଧନ କରିବ କିପରି,
ଥିଲେ ଅନ୍ୟ ଉପାୟ ତା କହିଦିଅ ହରି !

—*—

## ସିନ୍ଧୁତଟେ

ଘୁରୁ ଘୁରୁ ବାଟ ନ ତୁଟଇ
ମୃତ୍ୟୁସିନ୍ଧୁ ଆଚମ୍ବିତେ ଗଲି ହାରୁଡ଼ି । ପଦ ।
ଉତ୍ତାଳ ତରଙ୍ଗସଙ୍ଗ
ଧାଏଁ ବେଗେ ଗଳଗାଜି
ଘୂର୍ଣ୍ଣାବର୍ତ୍ତେ କେତେ ତରି ଯାଉଛି ବୁଡ଼ି । ୧ ।
ହେରି ସିନ୍ଧୁ ରୁଦ୍ରରୂପ,
ଧୂମରୂପେ ଯଥା ଧୂପ
ଧୈର୍ଯ୍ୟ ତଥା ବାଷ୍ପ ହୋଇ ଯାଉଛି ଉଡ଼ି । ୨ ।
କିଏ ସମର୍ଥ ଏପରି,
ବାହିବ ତା ବକ୍ଷେ ତରୀ,
ତୁମ୍ଭ କୃପା ବିନା ହରି ଯିବି ଉବୁଡ଼ି । ୩ ।
ଦେଲେ ସିନା ପଦ-ତରୀ,
ଯିବି ତହିଁ ସିନ୍ଧୁ ତରି,
ନ ଦେଲେ ବେଳାରେ ବସି ଛାଡ଼ିବି ତୁଣ୍ଡି । ୪ ।
ସଞ୍ଜ ହେବାଯାଏଁ ତହିଁ,
ଚାଲୁଥିବ ବସି ରହି,
ପାରି ନ କଲେ ନ ଯିବ କେବେ ବାହୁଡ଼ି । ୫ ।

———

## ଆତ୍ମଚିନ୍ତା

କିଏ ସେ ତୁ ପଥିକ ରେ ଆସିଛୁ କାହୁଁ,
କାହିଁକି ଆସିଛୁ ତାହା ଜାଣୁ ତ ନାହୁଁ ! ପଦ ।
ଶୁଣିଅଛୁ ଏକଧ୍ୟାନେ,
ନିଜକୁ ଅମୀର ଜ୍ଞାନେ,
ପଚାରୁ ତ ଥରେ ହେଲେ ଫେରି ନ ଚାହୁଁ । ୧ ।
କିଏ ତୋର ପିତାମାତା,
କିଏ ବନ୍ଧୁ ଭଗ୍ନୀ ଭ୍ରାତା,
ପାନ୍ଥଶାଳେ ଛାଡ଼ିଯିବେ ରଜନୀ ପାହୁଁ । ୨ ।
ଯାହାକୁ ବୋଲୁ ନିଜର,
ସେହି ଏକା ସାତପର,
ଗୋଡ଼ିବ ସେ ତୋତେ ଯେବେ ଚାନ୍ଦ୍ରକୁ ଚହୁ । ୩ ।

ଯେତେ ଦମ୍ଭ କର ତୁଅ,
ତଥାପି ତୁ ଏକୁଟିଆ,
ଅସ୍ତ୍ରାକର ସ୍ୱଧର୍ମର ଅଭ୍ୟସ୍ତ ଦାସ୍ୟ । ୪ ।
ତରସଙ୍ଗୀ ଏହା ଧର୍ମ,
ତରସଙ୍ଗୀ ନିଜ କର୍ମ,
ସେ ଦେଶକୁ ସଖା କର ସମସ୍ତ ଥାଉଁ । ୫ ।

---

## ମୋର ଘର

ଅପନ୍ତର ତଳେ ଝାଟିମାଟିରେ ମୁଁ
ତୋଳିଥିଲି ଘରଖଣ୍ଡେ,
ଢଳରେ ସେ ଘର ଶିନ ହାତୁଁ ବଳି
ଅଧିକ ଥିଲ ଦୁଖଣ୍ଡେ ।
ବହୁ ବରଷର ପୁରୁଣା ଘର ସେ
ଗଲଣି ଜର୍ଜ୍ଜର ହୋଇ,
ଝାଟିଗୁଡ଼ାକରେ ଘୁଣ ଲାଗିଲଣି
ମାଟି ବି ଗଲାଣି ଧୋଇ ।
ଖୁଣ୍ଟିଖଣ୍ଡ ଯୁଡ଼ା ବଙ୍କେଇଗଲାଣି
ଆଗକୁ ପଡ଼ୁଛି ଝୁଙ୍କି,
ପିଢ଼ାରୁ ଛାଅଣ ଉଡ଼ାଇ ଦେଉଛି
ଝଡ଼-ବଇଆର ଫୁଙ୍କି ।
ନଅଟା ଦୁଆର— ଯାକ ସେ ଘରର
ଗଲଣି ହୋଇ ମୁକୁଳା,
ସୁଳବନ୍ଧା ଗଣ୍ଠି କେତେ ଛିଣ୍ଡିଲଣି
ହେଲଣି କେତେ ଢ଼ୁଗୁଲା ।
ରୋଗ ଦୁଃଖ ଆଦି କେତେ ଗାଣ୍ଠ ତହିଁ
ବାନ୍ଧିଲେଣି ଆସି ବସା,
ଆଜ କମ୍ପା ଭାଲୁ ଦଦରା ଘରଟା
ପଡ଼ିବ ଭାଙ୍ଗି ସହସା ।
ଘରଖଣ୍ଡ ଗଲେ ଅ-ଘର ହୋଇ ମୁଁ
ବୁଲିବ କୁଆଡ଼େ ଯାଇ,
ତରଭାଳ ପଡ଼େ ଅଘର ରହିବ
ଆଉ ଜାଗା ଲୋଡ଼ା ନାହିଁ ।

"ଘରକରଣାଟି ଝଅଳ ମାରଣା"
ବୁଝିଲଣି ବହୁବାର,
ଶୂନ୍ୟେ ଉଡ଼ି ଉଡ଼ି ବୁଲିବ ଏଣିକି
ଘରକୁ ଛୋଟି କୁହାର ।
ଭାଙ୍ଗିଯାଉ ଘର ତହିଁ କି ମୋହର
ନାହିଁ ତିଳେ ମନ କଥା,
ବିଶ୍ୱସମ୍ରାଟଙ୍କ ନଅରରେ ଯାଇ
ଗୁଞ୍ଜିବ ସୁଖରେ ମଥା ।
ଚିରଦିନ ପାଇଁ ରହିବ ସେଠାରେ
ହୋଇ ରାଜ-ପରିକର,
ସେ ସୁଖକୁ ଛାଡ଼ି କାହିଁକି ବା ଆଉ
ବାନ୍ଧିବ ଗୋଟାଏ ଘର ।
ରୋଗ, ଶୋକ, ଦୁଃଖ ଜରା, ମୃତ୍ୟୁଭୟ
ନାହିଁ ସେ ରାଜନଗରେ,
ହସି ଖେଳି ତହିଁ କାଳ କଟାଇବ
ପୂଜିଣ ରାଜ-ପଦ୍ମରେ ।
ଘରଖଣ୍ଡ ସୁଣ୍ଡେ ଭାଙ୍ଗିଦିଅ ହରି
ଉଭାଟ ହେଲାଣି ପ୍ରାଣ,
ଚନ୍ଦ୍ରାମଣି କହେ ଆରତତ୍ରାଣ ହେ
ଆର୍ତ୍ତେ କର ପରିତ୍ରାଣ ।

—୧୦୫—

## ବର୍ଷା

ପ୍ରଭୁ, ଏ ବରଷାକାଳ ତୁମ୍ଭର ଅଭୁତ,
ଢାଳୁଛି ପ୍ରକୃତି ମୁଖେ ଅମୃତ ଆହୁତ ।
ମହ୍ଲାର ରାଗିଣୀ ଗୀତ ଗାଉଛି ପ୍ରଭାତ,
ଯୁଗେ ଯୁଗେ ମେଘର ସେ ପ୍ରଣୟୀ ଚାତକ ।
ତୁମ୍ଭର କରୁଣାରାଶି ଜଳରୂପ ଧରି,
ପଡ଼ୁଛି ଶୂନ୍ୟରୁ ଅହା ଅନର୍ଗଳ ଝରି ।
ଆସାର ଆସାର ପଛେ, ତା ପଛେ ଆସାର,
ତୁମ୍ଭ ମହାଦାତାପଣ କରୁଛି ପ୍ରଚାର ।
କି ଉଦାର ଦାତା ତୁମ୍ଭେ, ଯେ ମାଗେ ସେ ପାଏ,
ନ ମାଗେ ଯେ ସେ ବି ପାଏ, ଦିଅ ନିଜ ଛାଏଁ ।

ନଦୀସ୍ରୋତରୂପେ ତୁମ୍ଭ ସ୍ନେହ ଆଶୀର୍ବାଦ,
କୋଟିମୁଖେ ଧାଏଁ ତାର ନାହିଁ ଅବସାଦ ।
ଗ୍ରୀଷ୍ମ ଶୁଷ୍କ ସୃଷ୍ଟିମୁଖେ ହାସ୍ୟ-ବିଦ୍ୟୁତରେଖା,
ତୁମ୍ଭର ଆଜ୍ଞାରେ ସିନା ଦିଏ ଆସି ଦେଖା ।
ଘଡ଼ଘଡ଼ ଶବ୍ଦ ତବ ପ୍ରଣବ ଓଁକାର,
ହେ ଦୟାଳୁ, ପାଦେ ତବ କୋଟି ନମସ୍କାର ।

—o—

## ନିମନ୍ତ୍ରଣ

ପ୍ରାଣବନ୍ଧୁ, ଘେନ ମୋର ପ୍ରାଣ-ନିମନ୍ତ୍ରଣ,
ତୁମ୍ଭେ ବିଶ୍ୱଚକ୍ରବର୍ତ୍ତୀ, ମୁଁ ନଗଣ୍ୟ ଜନ ।
ପୂଜିବ ପ୍ରସ୍ତର ଦେବ—ଦେବ ଦେଉଳେ,
କୃପା ବହି କର ପ୍ରଭୁ ହୃଦୟରେ ବଳେ ।
ଅନ୍ୟ ପୂଜା ଦ୍ରବ୍ୟ ମୋର ନାହିଁ କିଛି ଆଗ,
କେବଳ ଯୋଡ଼ିଏ ମୋର—ଭକ୍ତି,ଅନୁରାଗ ।
ରଚିଛି ଭକ୍ତିରେ ଗଢ଼ି ରାଜ-ସିଂହାସନ,
ଅନୁରାଗ-ରତ୍ନେ ତାକୁ କରିଛି ମଣ୍ଡନ ।
ବସ ଆସି ତହିଁ ଦେବ ଭକ୍ତ ଭାବଗ୍ରାହୀ,
ଦେଖି ତୁମ୍ଭ ଜ୍ୟୋତିର୍ମ୍ମୂର୍ତ୍ତି ଲଭିବ ମୁଁ ତାହି ।
ତୁମ୍ଭର ଉଦ୍ୟାନୁ ତୋଳି କୁସୁମସମ୍ଭାର,
ଗୁନ୍ଥି ତାହା ଲମ୍ବାଇବି ତୁମ୍ଭ କଣ୍ଠେ ହାର ।
ଏତିକି ତ ସାଧ ମୋର କର ହେ ପୂରଣ,
ପ୍ରତିଦାନେ କରିବି ମୁଁ ଆତ୍ମସମର୍ପଣ ।
ଦୀନ ବୋଲି ନ କର ମୋ ନିମନ୍ତ୍ରଣେ ହତ,
ମୁଁ ସିନା ଇତର, ମାତ୍ର ତୁମ୍ଭେ ଯେ ମହତ ।
ମହତ ସମୀପେ କଲେ ହୀନଜନେ ପ୍ରାର୍ଥନା,
ସଫଳ ନିଶ୍ଚୟ ହୁଏ ଯାଚକ କାମନା ।
ତୁମ୍ଭେ କୃପା-ଜଳଧର, ମୁଁ ଦୀନ ଚାତକ,
ତୁମ୍ଭେ ମହାଦାନଶୀଳ, ମୁଁ ଦ୍ୱାର ଯାଚକ ।

—o—

## ପ୍ରାର୍ଥନା

ପୋଛିଦିଅ ହରି ପୋଛିଦିଅ ତୂର୍ଣ୍ଣେ
ମନରୁ ପୁରୁଣା କଥା,
କି ଫଳ ଫଳିବ ବହି ହେଉଥିଲେ
ସ୍ମରଣ ଅତୀତ ବ୍ୟଥା ।
ନିରାଟ ବିରାଟ ମରୁଭୂମିରେ ମୁଁ
ବୁଲୁଥିବି କେତେ କାଳ,
ତତଲା ବାଲିରେ ଗୋଡ଼ ପୋଡ଼ିଗଲା
ଦୁଃଖ ହେଲା ଅସମ୍ଭାଳ ।
ବାଟ ଦେଖାଅ ହେ ଦୟାମୟ ହରି
ଭ୍ରାନ୍ତ ପଥିକକୁ ବାରେ,
ଜୀବନ ନିର୍ଝର ଝରିବାର ସ୍ଥାନ
ଦେଖି ତ ନାହିଁ ସଂସାରେ ।
କାହାକୁ ଦୋଷିବି କେହି ନୁହେଁ ଦୋଷୀ
ଏବା ମୋର ବ୍ୟଞ୍ଜରେକେ,
ନିଜ ହାତେ ଫାଶ ବଳି ସେହି ଫାଶ
ଲଗାଇଛି ନିଜ ବେକେ ।
ଏକୁଟିଆ ବାଟେ ଛାନିଆ ଲାଗୁଛି
କହୁଅଛି ଦେଖୁ ତାକୁ,
ବାଟେ ଶକତ ଶୋଇଛି ମୋ ଦେହେ
ଉଠାଇଦିଅ ହେ ତାକୁ ।
ମୋହର ଭିତରେ ଅଛ ତୁମ୍ଭେ ପ୍ରଭୁ
ଅଛି ମୁଁ ତୁମ୍ଭ ଭିତରେ,
ଏ କଥାକୁ ତୁମ୍ଭେ ଚେତାଇ ନ ଦେଲେ
ବୁଝି ନୁହେଁ ସହଜରେ ।
ମହାଶକ୍ତିର ମୁଁ ସନ୍ତାନ, ଏ କଥା
ଭୁଲିଯାଇଛି ମୁଁ ଆହା,
ଜ୍ଞାନମନ୍ତ୍ର ତାରେ ଫୁଙ୍କିଦେଇ କାନେ
ଦେଖାଅ ମଙ୍ଗଳ ରାହା ।
ଭରିଦିଅ ପ୍ରଭୁ ଭରିଦିଅ ପ୍ରାଣେ
ଅହିଂସାପୂର୍ଣ୍ଣ ଆନନ୍ଦ,

ନାଶିଦିଅ ମୋ ହୃଦୟ-କ୍ଷେତ୍ରରୁ
କୋଟି ବାସନାର ଦ୍ୱନ୍ଦ୍ୱ ।
ତୁଟିଯାଉ ମୋର ତୀବ୍ର ଆଶା-ନିଶା
ତୁଟିଯାଉ ଭବ-ବାସ,
ଦୁଃଖେ ସୁଖେ ସଦା ସମ ଭାବେ ମୋର
ପରାଣ ହେଉ ଉଦାସ ।
ଶୋକ ତାପ ଆଉ ଅନୁଭୂତ ସବୁ
ଦିଅ ମୋ ମନରୁ ପୋଛି,
ପ୍ରେମ-ରଥେ ମୋର ଦିଅ ପ୍ରେମମୟ
ସତ୍ୟାନନ୍ଦ-ଅଶ୍ୱ ଯୋଚି ।
ଅନ୍ତରର ଗୁପ୍ତ ଅନ୍ତସ୍ତଳେ ପୁଣି
ତାର ଗୁପ୍ତ ଅନ୍ତସ୍ତଳେ,
ସବୁବେଳେ ତୁମ୍ଭ ଜ୍ୟୋତିର୍ମୟ ମୂର୍ତ୍ତି
ନାଚୁ ଖେଳୁ କୁତୂହଳେ ।
ପ୍ରତିକାର୍ଯ୍ୟେ ପ୍ରତି— କଳ୍ପନାରେ ଉଠୁ
ତୁମ୍ଭରି ପ୍ରଭାବ ଫୁଟି,
କର୍ମ ଅବସାନେ ତୁମ୍ଭ ପାଶେ ଆତ୍ମା
ମହାନନ୍ଦେ ଯାଉ ଛୁଟି ।

—*—

## ଦାସତ୍ୱ ଭିକାରୀ

ଖୋଜୁ ନାହିଁ ପ୍ରଭୁତ୍ୱ ମୁଁ ଖୋଜୁଛି ଦାସତ୍ୱ,
ପ୍ରଭୁତ୍ୱରୁ ବଳିଯାଏ ଦାସତ୍ୱ-ମହତ୍ତ୍ୱ ।
ଯୁଗେ ଯୁଗେ ଅଛି ସଦା ଦାସତ୍ୱ-ସମ୍ମାନ,
ନନ୍ଦିଘୋଷ ଧ୍ୱଜଶିରେ ଗରୁଡର ସ୍ଥାନ ।
ବୃଷଧ୍ୱଜେ ବସେ ବୃଷ ଶିବଙ୍କ ଉପରେ,
ବ୍ରହ୍ମାରଥେ ହଂସ ଥାଏ ସ୍ୟନ୍ଦନ ଶିଖରେ ।
ନୁହେଁ ଭକ୍ତ ସେବକର ମହିମା ସାମାନ୍ୟ,
ପ୍ରଥମେ କହନ୍ତି ଭକ୍ତ, ପଛେ ଭଗବାନ ।
ବାଞ୍ଛୁଛି ସେଭଳି ମୋର ସୌଭାଗ୍ୟ-ବିଭବ,
ଲଭିବି ହେ ପ୍ରଭୁ ତୁମ୍ଭ ସେବକ ଗୌରବ ।
ମିଳେ ତାହା ଦୂର ମତେ, ପୂର୍ବ ତପ ଫଳେ,
କ୍ଷମା ତୁମ୍ଭେ ଦୟା କରି ଦେଲେ ବଳେ ବଳେ ।
ପ୍ରଥମଟି ଅର୍ଜିବାକୁ ଶକ୍ତି ଆଉ ନାହିଁ,
ବେଳ ନାହିଁ, ସେ ଆଶା ବା କରିବ କିପାଇଁ ?
ଶେଷଟି ମିଳିଲେ ପ୍ରାଣେ ନ ମଣନ୍ତି ତୁଚ୍ଛ,
ନ ଗଣି ମୁଁ ଇନ୍ଦ୍ରପଦେ ମଣନ୍ତି ନିତୁଚ୍ଛ ।
ତୁମ୍ଭେ ମନ କଲେ ଏହା ନୁହେଁ ବଡ କଥା,
ମଣ୍ଡିପାର ମୁକୁଟରେ ଦୀନହୀନ ମଥା ।
ନାହିଁ ତ ତୁମ୍ଭର କିଛି ଅସାଧ୍ୟ, ଅଦେୟ,
ତୁମ୍ଭ ଯୋଗୁଁ ମୁକ୍ତି ଲଭେ ଅପଦାର୍ଥ, ହେୟ ।

## ଦୋଳଖେଳ

ଲତାକୁଞ୍ଜେ ଦୋଳ ଖେଳେ ଏ କାହା ସୁତ,
ଶ୍ରୀଅଙ୍ଗର ଜ୍ୟୋତି ନନ୍ଦେ ନୀଳ ଜୀମୂତ । ୦ ।
ସଧୀରେ ପାଦ ହଲାଇ,
ବଂଶୀସ୍ୱରେ ଗୀତ ଗାଇ,
କେତେ ଠାଣିରେ ଝୁଲେ ସେ ସୁଶ୍ରୀ ବାଳୁତ । ୧ ।
ଶ୍ରୀମୁଖ, ଜ୍ୟୋତିରେ ସ୍ନାନ—
କରି, ଦିଶେ ଶୋଭମାନ,
ନୀଳ କମଳ କି ଜ୍ୟୋତ୍ସ୍ନାଜଳେ ସମ୍ପ୍ଳୁତ । ୨ ।
କି ଭଙ୍ଗୀରେ କଟିତଟେ,
ପିନ୍ଧିଛି ସେ ପୀତପଟେ,
ଖେଳୁଛି କି ବ୍ରଜେ ଆସି ମୁକ୍ତିର ଦୂତ । ୩ ।
ମିଳୁଛି ତ ଅଙ୍ଗ ସାନ,
ଜନ୍ମି ନ ଥିବ ତ ଜ୍ଞାନ,
ଓଠାରେ ହୃଦରୁ ଭକ୍ତି ଏ କି ଅଦ୍ଭୁତ । ୪ ।
କଣ୍ଠ କହେ ସେ ବାଳକେ,
ଚକ୍ଷି ନୁହେଁ ଅଳପକେ,
ଘୋଟିଛି ସେ ଚପଳରେ ଯେତେକ ମାରୁତ । ୫ ।

—୦—

## ଶତ୍ରୁର ମିତ୍ର

ଲୁଟଗଲା ଯାହା ଚରଣ—
ତଳେ ଧରି ଗଗନ,
ଗୋପଦାନ୍ତ୍ରେ ଏବେ ଖେଳେ ସେ
ହୋଇ ନନ୍ଦନନ୍ଦନ । ୧ ।

ଯୋଗଧ୍ୟାନେ ଯାଙ୍କୁ ଯୋଗୀଏ
ଦେଖିପାରନ୍ତି ନାହିଁ,
ସେ ଏବେ ଗଉଡ଼ ପୁଅଙ୍କ
ମେଳେ ଚରୁଏ ଗାଈ । ୨ ।
ଜଗତଙ୍କୁ ପଞ୍ଚ ବାଣ୍ଟେ ଯେ
ନିଜ କର ଭାଲ୍‌ଭା,
ବିଦୁର ଘରେ ସେ ଭୁଞ୍ଜଇ
ଶାଗ ଖୁଦ କଣିକା । ୩ ।
ଭକ୍ତିରେ ବ୍ରହ୍ମାଣ୍ଡ ଯାହାର
ପୂଜା କରେ ପୟର
ସ୍ୱୟଂ ପଞ୍ଚଆଣି ଶାଢ଼ୀ ସେ
ଦେଲେ ପାଣ୍ଡବଙ୍କର । ୪ ।
ସର୍ବଦେବ-ରଥେ ବସନ୍ତି
ଯେହୁ ହୋଇଣ ରଥୀ,
ଅର୍ଜ୍ଜୁନ ରଥ ସେ ବାହାନ୍ତି
ହୋଇ ତାର ସାରଥି । ୫ ।
ଭକ୍ତିଭାବେ ବଶ ହୁଅନ୍ତି
ସିନା ବିଶ୍ୱଠାକୁର,
ଭାବରେ ବସନ୍ତି କଣ୍ଠରେ
ମାତ୍ର ଅଭାବେ ଦୂର । ୬ ।
କରିଥିଲ କଂସ କି ତପ
ଜାହିଁ କି ମନ୍ତ୍ର ଭକ୍ତି,
ଶତ୍ରୁଭାବରେ ସେ ପାଇଲା
ମୁକ୍ତି-ପରଶମଣି । ୭ ।
ଧନ୍ୟ ହରି ତୁମ୍ଭ ମହିମା
ଧନ୍ୟ ତୁମ୍ଭ କରୁଣା,
ଶତ୍ରୁପ୍ରତି ସେହି କରୁଣା
ନୁହେଁ କଣିକେ ଊଣା । ୮ ।
ଶତ୍ରୁ ଯେ ସେ ସିନା ତୁମ୍ଭର
ଅତି ଗୁପ୍ତ ଭକତ,
ଅଗରେ ତାହାକୁ ସଂସାରୁ
ତେଣୁ କର ମୁକତ । ୯ ।
ଭାବଚୋରିଆ ହରି ହେ
ତୁମ୍ଭ ଲୀଳା ବିଚିତ୍ର,
ଶତ୍ରୁ ମିତ୍ର ଭେଦ ନ ଘେନ
ତୁମ୍ଭେ ଶତ୍ରୁର ମିତ୍ର । ୧୦ ।

—o—

## ସ୍ୱର୍ଣ୍ଣମଣି

ସ୍ୱର୍ଣ୍ଣମଣି ସ୍ପର୍ଶେ ଲୁହା ହୋଇଯାଏ ସୁନା,
ନୁହେଁ ସେ ପଞ୍ଜଆ, ତାକୁ ବରବାନୀ ଭଣା ।
ସେ ମଣିର ମହାଜ୍ୟୋତି ଅନନ୍ତ ଅପାର,
ଆଲୋକିତ କରିଦିଏ ଭିତର ବାହାର ।
କିନ୍ତୁ ସବୁ ଲୁହାଭାଗ୍ୟେ ନ ଘଟେ ଏ ସୁଖ,
ନ ପାଏ ସେ, ଦେବକୃପା ଯାହାକୁ ବିମୁଖ ।
ଛୁଇଁଲେ ଜ୍ଞାନର ଜ୍ୟୋତି, ହୁଏ ଜ୍ୟୋତିର୍ମୟ—
ନିବିଡ଼ ଅନ୍ଧାରପୂର୍ଣ୍ଣ ଅଜ୍ଞାନ ହୃଦୟ ।
ଧର୍ମ ଏକା ସ୍ୱର୍ଣ୍ଣମଣି ଦୁର୍ଲ୍ଲଭ ରତନ,
କଳଙ୍କିତ ନର-ଲୌହେ କରେ ସେ କାଞ୍ଚନ ।
ସ୍ୱର୍ଣ୍ଣମଣି ପରଂବ୍ରହ୍ମ ସେ ମଣିପରଶେ,
ମାଟି ଲୁହା ସଇସୁନା ଆସନରେ ବସେ ।
ସେ ମଣି ସନ୍ଧାନ ଯେବେ ପାରନ୍ତା କେ କହି,
ଖଟନ୍ତି ମୁଁ ତା ପୟରେ ଭୃତ୍ୟପଣେ ରହି ।

---

## ସମର୍ପଣ

କୃଷ୍ଣଙ୍କୁ ପାଇଲେ ଗୋପୀ କି ତପ କରି,
ତପୀ ଭାଗ୍ୟ ନୁହେଁ ଗୋପୀ ଭାଗ୍ୟକୁ ସରି ।ପଦ ।
ଗୋପୀଏ ବୁଝନ୍ତି ପ୍ରେମ,
ମଣନ୍ତି ତା ଶାନ୍ତି କ୍ଷେମ,
ବ୍ରତ ତନ୍ତ୍ରି ଜାଣନ୍ତି ସେ ବ୍ରତ-ଜଞ୍ଜାଳି । ୧ ।
ତେଜ୍ୟା କରି ଘରଦ୍ୱାର,
ପତିପୁତ୍ର ପରିବାର,
ଗଠିଛନ୍ତି କୃଷ୍ଣପାଦେ ଯେତେକ ଆକାଂକ୍ଷା । ୨ ।
ଧନ୍ୟ ସେ ଗୋପ-ରମଣୀ,
ଭୁଞ୍ଜାନ୍ତି ସରଲବଣୀ,
ବାତ୍ସଲ୍ୟ ଭାବରେ କୃଷ୍ଣେ କୋଳରେ ଧରି । ୩ ।

ଦେହ ଆତ୍ମା ପ୍ରାଣମନ,
ଜନ୍ମ କୃଷ୍ଣେ ସମର୍ପଣ,
ମହା ଭାଗବତ ସର୍ବେ କ୍ରାନ୍ତ ଆଚର । ୪ ।
ପ୍ରୀତି-ସ୍ନେହେ କୃଷ୍ଣନାମ,
ଗୁଞ୍ଜି ସେ ନାମ-ଲଲାମ,
ରହ ହାର କୁପେ କଣ୍ଠେ ଅଚଲନ୍ତ ଭଜ । ୫ ।
ପରିହର କ୍ଷୁଧାତୃଷା,
ଶୋଭାଙ୍ଗୀ କୁରଙ୍ଗୀବେଶା,
ବାଲମୁକୁନ୍ଦେ ସେବନ୍ତ ବିବାଗବଂଶୀ । ୬ ।
କି ଉଚାଟ-ମନ୍ଥ-ପାଣି,
ପିଅଇଛନ୍ତି ବେଣୁପାଣି,
ଜବ ଜନ୍ମେ ଜାଣେ ଶ୍ୟାମ କେତେ ଶାମ୍ବଶୀ । ୭ ।

---

## ମାୟା-ମଶାରି

ମାୟା-ମଶାରିର ମଧ୍ୟରେ
ବନ୍ଦୀ ଜୀବନ-ମଶା,
ଭିତରର ବାଟ ନ ପାଇ
ଭଣିଯାଏ ତା ହଂସା ।
ଜୀବନ ଥିଲେ ମଶାରି—
ଗର୍ବେ ବୁଲୁଛି ଘୂରି,
ହୃଦୟରୁ ତାର ଧଇର୍ଯ୍ୟ
ତାଳ ନେଇଛି କୂର ।
ଘଣ ଘଣ ସ୍ୱରେ କାନ୍ଦୁଛି
କିଛି ବୁଝି ନ ପାଇ,
ଟେକିଦିଅ ପ୍ରଭୁ ମଶାରି
ମଶା ଯାଉ ପଳାଇ ।
ଜୀଇ ଥାଉଁ ଥାଉଁ ମରଣ
ହୋଇସାରିଛି ତାର,
ମଲା ଦେହଟାରେ ନ କର
ଆଉ ଶଣ୍ଡା ପ୍ରହାର ।
ତାହାଙ୍କ ବା ତୁମ୍ଭେ ଟାଙ୍ଗିଛ
ମାୟା-ମଶାରି ଖଣ୍ଡି,
କି ଗୌରୁଷ ଲଭ ହରି ହେ
ସୃଷ୍ଟ ଜୀବକୁ ଦଣ୍ଡି ।
କାଢ଼ିଦେଇ ତାକୁ ସତ୍ୱର
ପ୍ରଭୁ ମାୟାର ଡେଉ,
ମୁକ୍ତ ନଭତଳେ ଉଡନ୍ତୁ
ଜୀବ ସବଳ ହେଉ ।
ବନ୍ଦିଶାଳୁ ମୁକ୍ତ ନ ହେଲେ
ଉଡ଼ିଯିବ ତା ଜୀବ,
ପୁଣ୍ୟନାମେ ଭବ ସନ୍ତାନ—
ହତ୍ୟା ପାପ ଲଗିବ ।
ଜାଣୁଁ ଜାଣୁଁ କପାଁ ଅର୍ଜିବ
ଏତେ ଅପଗୌରବ,
ଭବ ଜନ୍ମେ ତାହା ସନ୍ତାନ—
ପ୍ରାଣେ ବାଧିବ ଅତ ।

---

## ଦେବଶିଶୁ

ଦେବ-ଶିଶୁଟିଏ ଆହା ବଜାଇ ବେଣୁ,
ଗୋପାଳ ପୁଅଙ୍କ ମେଳେ ଚରାଏ ଧେନୁ । ୦ ।
କି ମଧୁର ମନୋହର,
ରୂପ ତା ଅପଟାନ୍ତର,
ଶ୍ୟାମଦେହେ ବୋଳିଅଛି କୁସୁମ-ରେଣୁ । ୧ ।
ତରଙ୍ଗ-କୁଞ୍ଚିତକେଶ,
ନବ ନଟବର ବେଶ,
ମର୍ତ୍ତ-ମାନବ ନୁହେଁ ସେ ଆସିଛି ତେଣୁ । ୨ ।
ଶ୍ରୀ ଅଙ୍ଗରୁ ଜ୍ୟୋତି ଝରେ,
ସୁହାସ ହସେ ଅଧରେ,
ଖେଳୁଛନ୍ତି କି ବନସ୍ଥରେ ବାଳ-ତରେଣୁ । ୩ ।
ହେଉ ସେ ପଛକେ ଶିଶୁ,
କେତେ ପଟେ କ୍ଷୁଦ୍ର ବିଷ୍ଣୁ,
ଜବର ସେ ପ୍ରାଣପ୍ରଭୁ ଭରସା ତେଣୁ । ୪ ।

---

## ମାନଭଞ୍ଜନି

ମନ ଜଣା କର କିପାଁ ବସିଛ ରାଧେ,
ଡାକନ୍ତି ତୁମ୍ଭଙ୍କୁ କାହ୍ନୁ ମୁରଲୀ ନାଦେ । ୦ ।
ପ୍ରକୃତି ପୁରୁଷ ତୁମ୍ଭେ,
ଯୁଗେ ଯୁଗେ ସଙ୍ଗୀ ଉଭେ,
କି ଭୟ ତୁମ୍ଭର ବ୍ୟର୍ଥ ଜନାପବାଦେ । ୧ ।
ତୁମ୍ଭେ ଯେ ଗୋଲୋକବାସୀ,
ଭୁଲିଗଲ ମର୍ତ୍ତେ ଆସି,
ସ୍ୱର୍ଗରାଜ୍ୟ ରାଜା ଇନ୍ଦ୍ର ତୁମ୍ଭ ପ୍ରସାଦେ । ୨ ।
ତୁମ୍ଭେ ଲକ୍ଷ୍ମୀ ନିଶ୍ଚେ ଜାଣ,
ଏ ସୃଷ୍ଟି ତୁମ୍ଭ ଉଆଣ,
ତେତିଶ କୋଟି ଦେବତା ଖଟନ୍ତି ପାଦେ । ୩ ।
କୃଷ୍ଣ ସ୍ୱୟଂ ନାରାୟଣ,
ନିଜଗତ ପରାୟଣ,
ତାଙ୍କ ପ୍ରିୟା ହୋଇ କିପାଁ ମଗ୍ନ ବିଷାଦେ । ୪ ।
ତୁମ୍ଭ ଦୋହିଙ୍କ ପ୍ରଣୟ,
ସବୁ କାଳେ ତ ଅକ୍ଷୟ,
ନ ଗଣେ ପ୍ରଣୟ ରାଧେ କୋଟି ପ୍ରମାଦେ । ୫ ।
ଉଠ ଉଠ ଚନ୍ଦ୍ରାବଳୀ,
ମୁରଲୀ କରୁଛି ଅଳି,
ସଖୀ କହେ କୃଷ୍ଣେ ଯାଇ ଭେଟ ଆହ୍ଲାଦେ । ୬ ।
ଶୁଭୁଛି ଶୁଣ ଅବାଧେ,
ବଂଶୀ ଡାକେ ରାଧେ ରାଧେ,
ଅଭିମାନ ତେଜ ବେଗେ ଭୁଲ ଗୋ ହାଦେ । ୭ ।
ଉତ୍ସବେ ମିଶିଲେ ଖେଦ,
ପ୍ରୀତିରେ ହେଲେ ବିଚ୍ଛେଦ,
କୁବଚନ ପ୍ରାୟେ ତାହା ମର୍ମକୁ ବାଧେ । ୮ ।
ତୁମ୍ଭଙ୍କୁ ସେ ନନ୍ଦଶିଷ୍ଟ,
ଦେଇ ନାହାନ୍ତି ବା କଷ୍ଟ,
ଭକ୍ତ ତୁଣ୍ଡେ ତୁମ୍ଭ ନାମ ବୋଲନ୍ତି ଆଦ୍ୟେ । ୯ ।
ଶୁଣ ଦେବୀ ଭୃତ୍ୟବାଣୀ,
ମାନ ତେଜ ରାଧାରାଣୀ,
ତବ କହେ ଦଣ୍ଡ ନାହିଁ ନିରପରାଧେ । ୧୦ ।

## ମହାନିଦ୍ରା

ମହାନିଦ୍ରେ ! ଜୀବନର ବିଶ୍ରାମଦାୟିନୀ,
ଜଗତ ଜଞ୍ଜାଳଜ୍ୱାଳା ଶୀତଳକାରିଣୀ ।
ଉପସ୍ଥିତ ହେଲେ ଆସି ଅନ୍ତିମ ସମୟ,
ଲଭେ ଜୀବ ତୁମ୍ଭ ଅଙ୍କେ ଅଭୟ ଆଶ୍ରୟ ।
ଭୁଞ୍ଜାଅ ତାହାକୁ ତୁମ୍ଭେ ସୁଖଶାନ୍ତି ସୁଧା,
ହରିନିଅ ମାତୃସ୍ନେହେ ତାର ତୃଷାକ୍ଷୁଧା ।
ଭୁଲେ ସେ ଆଶାର ମନ୍ଦ, ବାସନାର ଜ୍ୱାଳା,
ଭୁଲିଯାଏ ଅଗ୍ନିଗର୍ଭ ବିଶ୍ୱ-ବନ୍ଦିଶାଳା ।
ବନ୍ଦ ହୁଏ ଦୀର୍ଘଶ୍ୱାସ ପ୍ରାଣ ହାହାକାର,
ପୋଛିଯାଏ ଅଭିମାନ, ଦର୍ପ, ଅହଙ୍କାର ।
ଦୟାମୟୀ ଦେବୀ ତୁମ୍ଭେ, ଦେବପ୍ରାଣ ତବ,
ମର୍ତ୍ତ୍ୟଜୀବ ଦୁଃଖ ଦେଖି ହୋଇଯାଏ ଦ୍ରବ ।
ତହୁଁ ତାକୁ ଟାଣିନିଅ କୋଳକୁ ନିଜର,
ତବ ସ୍ପର୍ଶେ ପ୍ରାଣ ତାର ହୁଏ ଶୁଦ୍ଧତର ।
ଧର ତୁମ୍ଭେ ଉପନାମ ମୃତ୍ୟୁ ବା ମରଣ,
ଜୀବନ-କାବ୍ୟର ରଚ ନବ ସଂସ୍କରଣ ।

—o—

## ରକ୍ତବୀଜ ବଧ

ପାଠଶାଠ କଲୁ ମୋର ହେଲ ନାହିଁ ହିତ,
ବେଳ ଗଲ ପଞ୍ଚେନ୍ଦ୍ରିୟ ପୂଜା କରି କରି ।
ନାହିଁ ତହୁଁ ଲଭି କିଛି ବେଠିମାତ୍ର ସାର,
ଦଣ୍ଡ ଅଛି ତହୁଁ ମାତ୍ର ନାହିଁ ପୁରସ୍କାର ।
କେତେ ଆଉ ଖଟିଥିବ ତାଙ୍କ ମନ ଜାଣି,
ଏ ପୋଡା କପାଳ ପ୍ରଭୁ ତାହୁଁ ଦେଲ ଆଣି ?
ବାସନା- ବଇରୀ ମୋର ଯେହ୍ନେ ରକ୍ତବୀଜ,
ବଚନକୁ ବଳିଯାଏ ତାହାର ସହଜ ।
ନାହିଁ ତାର ମୃତ୍ୟୁ, ତାକୁ ମାରିବ ବା କିଏ,
ଗୋଟାକୁ ମାରିଲେ ଉଠେ ହୋଇ ସେ କୋଟିଏ ।
ଖାଇ ସେ ଅମର ଲଡ଼ୁ ହୋଇଛି ଅକ୍ଷୟ,
ଅସ୍ତ୍ର ସଙ୍ଗେ ସଙ୍ଗେ ତାର ଲଗିଛି ଉଦୟ ।

ଚଣ୍ଡୀରୂପେ ତୁମ୍ଭେ ତାକୁ ନ କଲେ ସଂହାର,
ସେ ରାକ୍ଷସ ହସ୍ତୁ ମୋର ନାହିଁ ତ ନିସ୍ତାର ।
ଯେବେ ତୁମ୍ଭେ ହୁଅ ତାତ ଯେବେ ହୁଅ ମାତ,
ମାତୃରୂପେ କର ମୋର ଶତ୍ରୁକୁ ନିପାତ ।
ଯୁଗେ ଯୁଗେ ତୁମ୍ଭେ ପର ହୋଇ ଅବତାର,
ପ୍ରବଳେ ସଂହାରି କର ଦୁର୍ବଳେ ଉଦ୍ଧାର ।
ଏବେ ଥରେ ଅବତରି କର ଦେବ ଧ୍ୱଂସ,
ମୋର ଏ କାମନାରୂପ ରକ୍ତବୀଜ ବଂଶ ।

—o—

## ଅଦ୍ଭୁତ ଶିଶୁ

କି ଅଦ୍ଭୁତ ଶିଶୁ ସଖି ନନ୍ଦଦୁଲାଳ,
ଦିନୁ ଦିନୁ କଂସକୁ ତ ହେଲା ସେ କାଳ । ୦ ।
କରି ତା ଶାଖା ଛେଦନ,
କରୁଛନ୍ତି ଶକ୍ତି ଶୋଷଣ,
ଶେଷରେ କାଟିବ ମୂଳ ବୁଝିଣ କାଳ । ୧ ।
ତ ଡରେ କଂସକୁ ଶଙ୍କା,
ବଧ କଲା ଷଣ୍ଢ ବକା,
କଲା ପୁଣି ଅଘାସୁର ମୁଣ୍ଡ ଦିଫାଳ । ୨ ।
ଅତି କ୍ଷୁଦ୍ର କଳେବରେ,
କି ବିରାଟ ଶକ୍ତି ଧରେ,
ଟେକିଲା ସେ ଗୋବର୍ଦ୍ଧନ ଗିରି ବିଶାଳ । ୩ ।
ସେ ଯେ ପ୍ରଭୁ ବିଶ୍ୱପାଳ,
ମାୟାରେ ଗୋପାଳ ବାଳ,
ଦୃପ୍ତ କେଶରୀ ସେ, କଂସ ଛାର ଶୃଗାଳ । ୪ ।
ନ ଚହ୍ନି କଂସ ଚଣ୍ଡାଳ,
କଲା ତାହାକୁ କଟାଳ,
କର୍ମ ଅବଳକୁ ହୁଏ ବୁଦ୍ଧି ବିଟାଳ । ୫ ।
ସେ ଦୁର୍ବଳ-ବନ୍ଧୁସେନା,
ଦୁର୍ଜନ ଜୀବନ ଘେନା,
କର କହେ ଫାଟିଲାଣି କଂସ କପାଳ । ୬ ।

—o—

## ମାୟା

କିଏ ତୁମ୍ଭେ ମାୟାଧର କେତେ ମାୟା ଜାଣ,
ମାୟା ତୁମ୍ଭ ମହାଛାୟା, ତୁମ୍ଭେ ମାୟାପ୍ରାଣ ।
ଅଛ ତୁମ୍ଭେ ହିମାଦ୍ରିରେ ପୁଣି ରେଣୁ ମଧ୍ୟେ,
ଛନ୍ଦେ ଅଛ, ସ୍ୱରେ ଅଛ, ଅଛ ଗଦ୍ୟେ, ପଦ୍ୟେ ।
ମୂଳ, କାଣ୍ଡ ଶାଖାପତ୍ର ଶିରା ପ୍ରଶିରାରେ,
ସର୍ବତ୍ର ବିରାଜ ତୁମ୍ଭେ ଜୀବରେ ହୀରରେ ।
ନାସ୍ତିକ ଚଣ୍ଡାଳଠାରୁ ତପସ୍ୱୀ ପର୍ଯ୍ୟନ୍ତ,
ସମସ୍ତଙ୍କ ପ୍ରାଣେ ତୁମ୍ଭ ସତ୍ତା ସ୍ଥିତିବନ୍ତ ।
ଅଣୁରେ ତୁମ୍ଭକୁ ସ୍ଥାନ ହୁଏ ନାହିଁ ଜାଣ,
ବ୍ୟାପିଛ ବ୍ରହ୍ମାଣ୍ଡଯାକ ନାହିଁ ତିଳେ ଫାଙ୍କ ।
ତୁମ୍ଭେ ରୂପବନ୍ତ, ସାନ୍ତ, ଅରୂପ, ଅନନ୍ତ,
ମହିମା ତୁମ୍ଭର ପ୍ରଭୁ ଅଶବ୍ଦ ଅତ୍ୟନ୍ତ ।
ତୁମ୍ଭେ କାମଗତି, ପୁଣି ଗତିହୀନ ସ୍ଥାଣୁ,
ମହାକାୟ ହସ୍ତୀ ତୁମ୍ଭେ, ଅଦୃଶ୍ୟ ଜୀବାଣୁ ।
ମାୟାର କଳ୍ପନା ତବ ଏ ବିଶ୍ୱ ଭୁବନ,
ଜୀବନ ବୋଲନ୍ତି ଯାକୁ ସେ ଦୀର୍ଘ ସ୍ୱପନ ।
ମାୟାମୟ ମାୟା ତବ ଧାରଣାକୁ ବଳେ,
ମାୟାରେ ଅଶେଷ ବିଶ୍ୱ ଗୁନ୍ଥିଛ କୌଶଳେ ।
ମାୟାରେ ବାନ୍ଧିଛ ପୁଣି ସଂସାର ଶୃଙ୍ଖଳା,
ଏ ବିରାଟ ସୃଷ୍ଟି ତବ ମାୟା-ଛାଞ୍ଚେ ଢଳା ।

—o—

## ବେଣୁସ୍ୱନ

ବଜାନା ବଜାନା ବେଣୁ ଆଉ ବେଣୁପାଣି,
ଯମୁନା ସେ ଧ୍ୱନି ଶୁଣି ବହୁଛି ଉଜାଣି ।
କି ଉଚାଟ ଉନ୍ମାଦନା ଅଛି ତହିଁ ଭରି,
ଶୁଣି ତାହା କୁଞ୍ଜବଣୀ ଫୁଲ୍ ଉଠେ ଥରି ।
ହସିଉଠେ ସମୀରଣ ହୋଇ ଝରଝର,
ଶାଖାଚ୍ୟୁତ ହୋଇ ପଡେ ଗଛରୁ ପତର ।
ଜୀର୍ଣ୍ଣବୃକ୍ଷ ଅରଣ୍ୟାନୀ ପାଲଟେ ନନ୍ଦନେ,
କଟୁ-କଣ୍ଠ କାକ ପିକେ, ବାଉଁଶ ଚନ୍ଦନେ ।

ଅସମୟେ ଫୁଟେ ଫୁଲ, ଫଳ ଫଳେ ଗଛେ,
ମଇଁଷି ପହ୍ଲାରୁ ଦୁଧ ପିଅନ୍ତି ଗୋବତ୍ସେ ।
ଜ୍ୟୋତ୍ସ୍ନାମୟୀ ହୋଇଯାଏ ଅନ୍ଧାର ଯାମିନୀ,
କୃଷ୍ଣପ୍ରାଣା ରାଧା ହୁଏ ପ୍ରେମେ ପାଗଳିନୀ ।
ବଜାନା ବଜାନା କାହ୍ନୁ ଆଉ ସେ ମୁରଲୀ,
ଗୋପୀଏ ଛାଡନ୍ତି ଲଜା ବୋଲି ମଲି ମଲି ।
ବଜାଇବ ଯେବେ ତୁମ୍ଭେ ଲଗାଇଣ ଓଠ,
ମାନିବେ ନାହିଁ ସେ ଗୁରୁଜନଙ୍କ ଆକଟ ।
ଲିଭିବ ହେ ରାଧାପ୍ରାଣ, ରାଧାପ୍ରାଣେ ବାଧା,
ଚନ୍ଦ୍ରାବଳୀ ଚନ୍ଦ୍ରମୁଖ ପଡିଯିବ ସାଦା ।
ବିରହ-ବେଦନା ତାର ଉଠିବ ଚହଲି,
ବଜାନା ବଜାନା କାହ୍ନୁ ଆଉ ସେ ମୁରଲୀ ।

——o——

## ଚୋର

ଘରେ ଘରେ ଚୋରି କରେ କିଏ ଏ ଚୋର,
ଦୁଧଦହିରଙ୍କ ସରଲବଣୀଚୋର । ୦ ।
ଦିନରାତି ଚୋରି କରେ,
ଥରନ୍ତି ଗୋପୀ ତା ଡରେ,
ଧର ଧର ବୋଲି ରଡି ଛାଡନ୍ତି ଘୋର । ୧ ।
ସେ ଦୁର୍ବଳ-ବନ୍ଧୁସେବା,
ଚୋରି କରେ ଭକ୍ତି-ଚେତା,
ଦେବେନ୍ଦ୍ର ସ୍ୱର୍ଗ ଛନ୍ଦାଏ ଶିକାର ଡୋର । ୨ ।
ତା ଘରେ ସ୍ୱର୍ଗ ପଞ୍ଜର,
ଚୋରି କରେ ପ୍ରେମ-ସର,
ଦୁଃଖୀ ରଙ୍କି ନ ବାରେ ସେ ଅତି କଠୋର । ୩ ।
ତାହାର ପ୍ରୀତି-ଅଧାମ,
ଚୋରାଏ ସେ ଘନଶ୍ୟାମ,
ପ୍ରଣୟ-ଅମଳେ ସଦା ଥାଏ ବିଭୋର । ୪ ।
ନିତି ନିତି ବ୍ରଜଧାମେ,
ହାଟ ବସେ ତାହା ନାମେ,
ଅଶେଷ କୀର୍ତ୍ତିଚନ୍ଦ୍ର ସେ ନବକିଶୋର । ୫ ।
ସେ ଅଦ୍ଭୁତ ଚୋର ଥରେ,
ପଶି ମୋ ହୃଦୟ-ଘରେ,
ନେଇ ଗଲେ ଚୋରି କରି ହୃତ୍ପିଣ୍ଡ ମୋର । ୬ ।
ସ୍ୱାଗତ ହେ ଚୋରଚନ୍ଦ୍ର,
ଚୋରି ବିଦ୍ୟାରେ ଧୁରନ୍ଧର,
ତୁମ୍ଭ ପାଇଁ ତୃଷିତ ମୋ ନେତ୍ର-ଚକୋର । ୭ ।

—o—

## କୃଷ୍ଣ-ବିରହ

ନାହାନ୍ତି କି ଗୋପେ ସଖି ଗୋପସୁନ୍ଦର,
ନିଲକ୍ଷଣ ଦିଶେ କାହିଁ ଦିଗ ଅମ୍ବର । ୦ ।
ଫିକା ଦିଶେ କୁଞ୍ଜବନ,
ଶୁଖିଲ ଗୋବତ୍ସଗଣ,
ନାଚନ୍ତି ମୟୂର କୁଞ୍ଜ-ନଟ-ନାଗର । ୧ ।
ଆବିଳ ଯମୁନାଜଳ,
ପିତା ଲାଗେ ମିଠାଫଳ,
କେଳି-କଦମ୍ବ ହୋଇଛି ଶୂନ୍ୟ ପଞ୍ଜର । ୨ ।
ଶୁଭୁ ନାହିଁ ବଂଶୀସ୍ୱନ,
ଗୋପ ଗୋପୀ ଅଚେତନ,
ଗହଳେ ହମ୍ବାରୁଛନ୍ତି ଧେନୁନିକର । ୩ ।
ଗୋବର୍ଦ୍ଧନ ଗିରିବର,
ହୋଇଛି ଧୂଳି ଧୂସର,
ଶିରୀ ତୁଟିଯାଇଅଛି ବ୍ରଜପୁରର । ୪ ।
ଖେଳ ଛାଡିଣ ବାଳୁତେ,
କାହ୍ନୁସଖା ଗୋପସୁତେ,
କି ମହାମାରୀ ଶୋକେ ଆଜି କାତର । ୫ ।
କିବା ସେ ଘୋଟେ ଅନ୍ଧାର,
ଏ କି ଦୁର୍ଯୋଗ ଦୁର୍ବାର,
ମନ କି ଜୀଇଛି ରାଧା ତୁଟ ସଞ୍ଚର । ୬ ।
କି ଅଦ୍ଭୁତ ଏ ସମସ୍ୟା,
ନୁହେଁ ଆଜି ଅମାବାସ୍ୟା,
ଶୁଭୁ ନାହିଁ କାହିଁ ଦଧି ମନ୍ଥନ ସ୍ୱର । ୭ ।

ଏ ଜନ୍ମ ଯେ ଅଘଟନ,
ଫୁଟିଲେ ନାହିଁ ଗନ୍ଧଧନ,
ହାହାକାର ସ୍ୱରେ ବହେ ବାୟୁ ପ୍ରଖର । ୧୦ ।

—*—

## ଇଜିରାନାମା

ଶ୍ରୀହରି, ମୋର ଏ ଦେହ-ଜମିଦାରୀ
ନିଅ ହେ ଭଲ ଇଜରା,
ମେଣ୍ଟିଆ ଅଜସ୍ର ପରିତାପ ମୋତେ
କଲେ ବଡ ହଇରାନ ।
ଛଅ ଅମାନିଆ ଅଛନ୍ତି ଦୁଇଟା—
ମନଶର୍ମା, ପେଟଶର୍ମା,
ଖଣ୍ଡାମାର୍କା ପରି ଉଭୟେ ବଳୁଆ
ଉଭୟେ ଅଦ୍ଭୁତକର୍ମା ।
ଖଜଣା ଗଣ୍ଡାକ ନ ଦିଅନ୍ତେ ପଛେ
ନୁହନ୍ତି ଜୀ ହୁଜୁରୁ
ଦୁହେଁ ମୁଖିଆ ବୋଲି ଜାଣି ତାଙ୍କୁ
ଜୁହାର ହୁଏଁ ଦୂରୁ ମୁଁ ।
ତୁମ୍ଭ ହାତେ ନିଶ୍ଚେ ସାଉନ୍ତ ହେବେ ସେ
ମୋତେ ତ ପଢ଼ାନ୍ତି ପାଠ,
ଦୁର୍ବଳକୁ ଦୁଷ୍ଟେ ଦେଖାନ୍ତି ବାଇଙ୍ଗି
ପ୍ରବଳ ନିକଟେ ଜାଠ ।
ଭଲ ପ୍ରଜା ଦୁଇ ଅଛନ୍ତି ଥୋଡାଏ
ମୋ ରାଜ୍ୟରେ କରି ଘର,
ଶ୍ରଦ୍ଧା-ପ୍ରେମ-ଭକ୍ତି— ନଜର ଦେଇ
ପୂଜିବେ ତୁମ୍ଭ ପୟର ।
ନିଅ ତୁମ୍ଭେ ପ୍ରଭୁ ଜରିଯାକ ସବୁ
ଦଣ୍ଡ ଜୋରିମାନା ସହ,
ତନ୍ତୁ ମୋ ନିମନ୍ତେ ପ୍ରସାଦ-କଣିକେ
ପଠାଉଥିବ ପ୍ରତ୍ୟହ ।
ଏହି ସର୍ତ୍ତ ରଖି ଇଜରାନାମା ମୁଁ
ଲେଖିଦେଲି ଆଜୀବନ,
ଚନ୍ଦ୍ର ସୂର୍ଯ୍ୟ ଧର୍ମେ ଦଶଦିଗପାଳେ
ସାକ୍ଷୀ ରଖି ଜନାର୍ଦ୍ଦନ ।
ଏହା ବିନା ଆଉ ଧୂଳିରୁ ଏ ଦାବୀ
ନ କରିବି ତୁମ୍ଭଠାରେ,
କଲେ ତାହା ହେବ ଅଗ୍ରାହ୍ୟ ସର୍ବଥା
ତୁମ୍ଭ ଧର୍ମ-ଦରବାରେ ।
ଏତଦର୍ଥେ ଏହି ଇଜରାନାମା ମୁଁ
ଲେଖି ଦେଉଅଛି ହରି,
ଦରକାରବେଳେ କର୍ମରେ ଆସିବ
ରଖିଥିଲେ ଯତ୍ନ କରି ।
ନିଃଶ୍ୱାସେ ପ୍ରଶ୍ୱାସେ ଗୁହାରି ସିନା ମୋର
ତୁମ୍ଭ କୃପା ପ୍ରାଣାରାମ,
କର ମୋତେ ପ୍ରଭୁ ବିଶ୍ୱାସ, ମୁଁ କେବେ
ନୁହେଁ ନିମକହାରାମ ।

—*—

## ଦୂଆଳିଆ

ଆଦାୟ ଅସୁଲ ମୋର ସରିଲଣି ପ୍ରଭୁ,
ଛାମୁରେ ହିସାବ ତାର ଦେବି ଏବେ ସବୁ ।
କଟିଗଲା ବାଲ୍ୟକାଳ କେତେ ସୁଖେ ହାସ୍ୟେ,
ପିତାମାତାଠାରୁ ସ୍ନେହ କରିଣ ଆଦାୟ ।
ଶ୍ରଦ୍ଧାପ୍ରେମ ଆଦାୟରେ କଟିଲା ଯୌବନ,
ଆଦର ସମ୍ମାନ କେତେ ଦେଲେ ବନ୍ଧୁଜନ ।
ବୃଦ୍ଧକାଳେ ପୁତ୍ରକନ୍ୟାଠାରୁ ସେବା ଯତ୍ନ,—
ଆଦାୟ ଯା' କଲି ତାହା ସାର ଶୁଦ୍ଧରତ୍ନ ।
ଆଜୀବନ ତୁମ୍ଭଠାରୁ କରିଛି ଅସୁଲ,
ଅନନ୍ତ କରୁଣା-ଧନ ଭବେ ଅପ୍ରତୁଲ ।
ସମସ୍ତଙ୍କଠାରୁ ଖାଲି କରିଛି ଆଦାୟ,
ଜୀବନେ ଆଦାୟ ଏକା ମୋର ବ୍ୟବସାୟ ।
ଦେଇ ନାହିଁ କାହାରିକି କେବେ ପ୍ରତିଦାନ,
ମୋହଠାରୁ ବଳି ଆଉ କେ ଅଛି ଅଜ୍ଞାନ ।

ସମସ୍ତଙ୍କ ଧନ ମୁହିଁ କରି ଉଦରସ୍ଥ,
ବସିଅଛୁ ମୁହିଁ ପୋଷ୍ଟ ହୋଇ ଶୂନ୍ୟହସ୍ତ।
କିଶ୍ତ ନାହିଁ ବୁଝି କଷ୍ଟ କର୍ମ ମୋର ବାମ,
କୁଆଳିଆ ତାଲିକାରେ ଲେଖାଇବ ନାମ।
ଏହା ବିନା କି ଉପାୟ ଅଛି ଅବା ଆନ,
ଏ ଋଣଦାୟରୁ ପ୍ରଭୁ କର ମୁକ୍ତିଦାନ।

——*——

## ପ୍ରତିଜ୍ଞା

କଦମ୍ବ ମୂଳରେ ଠିଆ ହୁଏ ସଜନ,
କେତେ ଭଙ୍ଗୀରେ କରୁଛି ମୁରଲୀଧ୍ୱନି। ୦।
ବଜାଏ ସେ ରାଧା ରାଧା,
ଗଣେ ନାହିଁ ଲଜ୍ଜା ବାଧା,
କେତେ ଭରସା ଗୋ ତାର କେତେ ଧରଣି।୧।
ରାଧା କୁଳଭୂଷଣୀ,
କି ରବରେ ଜନେ ଶୁଣି,
କଳଙ୍କିନୀ ହେବ ରାଇ ବିଧୁବଦନୀ। ୨।
ରଭାପୁଅ ବୋଲୁ କି ମା,
ଦେଖାଏ ଏତେ ଗରିମା,
କି ବୋଲିବେ ଶୁଣି ତାର ପିତା ଜନନୀ। ୩।
ଶିରେ ଶୋହେ ଶିଖିଚୂଳ,
ଆଭରଣ ବନଫୁଲ,
ଝରୁଛି ମଧୁର ହାସ ମୁକୁତା ମଣି। ୪।
ଅତସୀ କୁସୁମ ଶ୍ୟାମ,—
ତନୁ କେତେ ଅଭିରାମ,
ଶ୍ରୀଅଙ୍ଗ ଜ୍ୟୋତିରେ ଦୀପ୍ତ ବନ ଅବନୀ। ୫।
କି ସୁନ୍ଦର ନନ୍ଦସୁତ,
ବଚନ ଛଟା-ଅମୃତ,
କୋଟି ଲାବଣ୍ୟଖଣି ସେ ନାଗରମଣି। ୬।
ମଦନମୋହନ ମୂର୍ତ୍ତି,
ହରିନିଏ ହୃଦ ଧୃତି,
ଓଠାରେ ସେ ମନପ୍ରାଣ ଦିବାରଜନୀ। ୭।
ମହତ ପରତେ ଯାଉ,
ନ ନିନ୍ଦିବ ତାକୁ ଆଉ,
ଗଢିବ ପଦ୍ମରେ ତାର ସେବା ଶରଣି। ୮।

—:*:—

## ଭକ୍ତବତ୍ସଳ

ଭକ୍ତବନ୍ଧୁ ଜଗନ୍ନାଥ ଭକ୍ତି-ଭିକାରୀ,
ପ୍ରେମମୂଲ୍ୟେ କିଣା ତୁମ୍ଭେ ମୁକ୍ତି-ଦେପାରୀ। ୦।
ଭକ୍ତ ତୁମ୍ଭ ପ୍ରାଣ-ପ୍ରାଣ,
ରକ୍ଷା କର ଭକ୍ତ ମାନ,
ଭକ୍ତ ତୁମ୍ଭ ପଣବାର ପୂଜ କୁମାରୀ। ୧।
ଭକ୍ତ ହିତ ପାଇଁ ହରି,
ପାରୁ ତୁମ୍ଭେ ସବୁ କରି,
ପାରୁ ମହାଗିରି ଧରି ଗିରି-ବିହାରୀ। ୨।
ଭକ୍ତ ହେତୁ ଦେହ ଗଢି,
କଳାଧଳା ଘୋଡ଼ା ଚଢ଼ି,
କାଞ୍ଚି ଯତ୍ନେ ଗଲ ଯାଇ ଯୁଦ୍ଧ ମୁରାରି। ୩।
କାଞ୍ଚି ବଳ ଗର୍ବ ହାଣି,
ଚନ୍ଦ୍ର-ଲକ୍ଷ୍ମୀଙ୍କି ଆଣି,
ବସାଇଲ ଭକ୍ତଜନେ ମାନ ଉଦ୍ଧାରି। ୪।
ଧନ୍ୟ ସେ ପୁରୁଷୋତ୍ତମ,
ସୁସାଧକ ଅନୁପମ,
ଭକ୍ତିରେ ତୁମ୍ଭଙ୍କୁ ବଶ କଲା ସଂସାରି। ୫।
ସୌଭାଗ୍ୟବତୀ ମାଣିକା,
ଗୋପାଳୁଣୀ-ଭାଲ-ଟିକା,
ଭୁଞ୍ଜାଇଲା ପଥେ ସର ସେ ଗୋପନାରୀ। ୬।
ଦେଲ ତାକୁ ରହୁ ମୁକ୍ତି,
ହେ ପ୍ରଭୁ କୃପା-ଅମ୍ବୁଧି,
ନିସ୍ତରିଲା ତୁମ୍ଭ ରୂପ ନେତ୍ରେ ନିହାରି। ୭।
ଦୂରେ ଥିଲେ ପାଶେ ଅଛ,
ସର୍ବବ୍ୟାପୀ ହେ ଶ୍ରୀବତ୍ସ,
ଶୁଣୁଅଛ ସଜନର ସର୍ବ ଗୁହାରି। ୮।

ନୀଳାଚଳ ଯାହା ଧାମ,
ଉଭିଲେ ଦ୍ୱାରକା ଧାମ,
ଅଛ ତହିଁ କଳି ଯୁଗେ ଲୀଳା ବିସ୍ତାରି ।୯।
ଅର୍ଚ୍ଚେ ଭକ୍ତ ଦୀନଜନ,
ଭବଜାଳା ଅନୁଭବ,
ବାସନା-ନର୍କରୁ ହରି ନିଅ ଉଦ୍ଧାରି ।୧୦।

—*—

## ସଂସାର

ସଜ୍ଜନ ସଂସାରେ କଳଙ୍କିତ ହୁଏ
ଯେସନ୍ତେ ଧୋବାଲୁଗ ଗଣ୍ଠି,
ଲୁଗାରୁ ମଇଳା ଛଡ଼ାଇ ହୁଏ ସେ
ସେହି କଳଙ୍କରେ ମଣ୍ଡି ।
ଗଢ଼ିଛ ହେ ହରି ଏ ପୋଡ଼ା ସଂସାରେ
କି ଭୀଷଣ ଉପାଦାନେ
ବାଜିକାର ପରି ସୂକେ ଭେଲ୍କି ସେ
କେତେ କୂଟ ମନ୍ତ୍ର ଜାଣେ ।
ଗୋଡ଼ ଧରି ଜାଣେ ତଟି ଧରି ଟାଣେ
ବେଳ କାଳ ଦେଖି ଗୁହି,
କେଉଁ କଥାରେ ସେ ଅପାରଗ ନୁହେଁ
ନାହିଁ ତା ଜାତକେ ନାହିଁ ।
କେତେ ପ୍ରକାରରେ ଠକାଉଛି ମୋତେ
ସେ ଯେ ଠକ-ଶିରୋମଣି,
କେତେ ପୁଣି ଜାଣେ ଚଟକ ଛଟକ
ଅଦ୍ଭୁତ ଜାହା କରଣି ।
ଇଚ୍ଛା କଲ କ୍ଷଣି ଫୁଟାଇପାରେ ସେ
ଆକାଶରେ ପଦ୍ମଫୁଲ,
କରିପାରେ ପୁଣି କାଚଠାରୁ ଊଣା
ବାରବାଣୀ ସୁନା ମୂଲ ।
ସଂସାରର ଏହି ଦୁଷ୍ଟପଣ ଦେଖି
କିଛି ନାହିଁ ସ୍ଥିର ବୁଦ୍ଧି,
ଏ ସଙ୍କଟ କାଳେ ତୁମ୍ଭେ ଏକା ସିନା
ସହାୟ କୃପା-ଅମ୍ବୁଧି ।

ସବୁ ଅତ୍ୟାଚାର ଶାନ୍ତି ଭାବ ଯେସନ୍ତେ
ସହିବି ମୁଁ ମଥା ପାତି,
ଶୂଳ ପ୍ରହାରକୁ ନ ଡରି ଆଗରେ
ଦେଖାଇଦେବି ମୁଁ ଛାତି ।
ବଜ୍ରାଘାତ କଲେ ମଣିବି ତାହାକୁ
ଶୀତଳ ପ୍ରଲେପ ପରି,
ଧୈର୍ଯ୍ୟ ସହିଷ୍ଣୁତା ନିରନ୍ତରମାନରେ
ଯାଉ ଏ ହୃଦୟ ଭରି ।
ଜନ-ଅପବାଦ ଅଥବା ଟାହୁଲିକୁ
ନ କରିବି ଲକ୍ଷ୍ୟାଭ୍ୟ,
ହସି ହସି ସବୁ ସହିବି ଏ ଶକ୍ତି
ପ୍ରଦାନ ହେ ଦୟାମୟ ।
ନୀରବତା ଆଣି ଦିଅ ମୋ ପ୍ରାଣରେ
ନୀରବେ ତୁମ୍ଭଙ୍କୁ ଧ୍ୟାୟି,
ଆଉ ସବୁ କଥା ଅସାର ଜ୍ଞାନରେ
ପଛକୁ ଦେବି ପକାଇ ।
ସବୁ ଝଞ୍ଜାବାତ ପରାଜୟ ମାନେ
ନୀରବତା ଶକ୍ତି ଠାରେ,
ନୀରବତା ଏକା ଅଶକ୍ତ ଜନର
ଘରେ ମହା ଉପକାରେ ।
ବସିଥାଏ ଯେହୁ ନୀରବେ ଏକାନ୍ତେ
ତୁମ୍ଭ ପୁଣ୍ୟ ପାଦ ଧ୍ୟାୟି,
ଶିଳା ପଥରର ଆଘାତ ତାହାର
କିଛି କରିପାରେ ନାହିଁ ।

—*—

## କାଉଁରୀ କୁହୁକ

ମନ, ତୁହି ଜାଣୁ କେତେ କାଉଁରୀ କୁହୁକ,
ମୁହୂର୍ତ୍ତକେ ବୁଲି ଆସୁ ସହସ୍ର ମୁଲୁକ ।
ଅଥବା ତୁ ଯୋଗିବର, ଶୀଘ୍ର ଯୋଗବଳେ,
ଦର୍ଶକର ବାଟେ ଯାଉ ହେଲେ ଅର୍ଦ୍ଧପଳେ ।
କାମ୍ୟା ଷୋଳ-ଶାହାକେ ତୁ ଯୁଗ-ଅବତାର,
ସେ ଆକାରବନ୍ତ, ମାନ ତୁହି ନମସ୍କାର ।

ସବୁବେଳେ କରୁ ତୁଚ୍ଛ ଚଉକିଆଗିରି,
ନାହିଁ ସ୍ୱତ୍ୱ ବର୍ତ୍ତନ ଅଥବା ଜାଗିର ।
ଜଗତର ଶିକ୍ଷାଭାର ନ୍ୟସ୍ତ ତୋର ହସ୍ତେ,
ତୋହୋ' ଶିକ୍ଷା ଅନୁଯାୟୀ ଚଳନ୍ତି ସମସ୍ତେ ।
ଭୁଲାଉସ ପରି ତୁହି ଧରୁ ନାନାରୂପ,
ମୁହୂର୍ତ୍ତେ ଭିକାରୀ ପୁଣି ମୁହୂର୍ତ୍ତେ ଭୂପ ।
ଛଳନା-ରସିକ ତୁହି ଶଠ-ଚୂଡ଼ାମଣି,
ଅଦ୍ଭୁତ କୌତୁକ ତୋର ଅସୀମ କରଣୀ ।
ଦୂର ସ୍ୱରେ ଯାହାକୁ ତୁ କହୁଥାଉ ଖାଣ୍ଡି,
ଦେଖେ ବୁଲି ଆସି ପୁଣି ବସୁ ତାକୁ ମାଡ଼ି ।
ଏ ମୁହଁରେ କହୁ ମନ୍ଦ ସେ ମୁହଁରେ ଭଲ,
ଏ ତୋହର ଭଲ ମନ, ଜାଉଳି ଅକଲ ।
ମିଶିଛି ତୋ ସଙ୍ଗେ ଆଶା, ଯୋଗ୍ୟ ସହଚରୀ,
ଭଣ୍ଡାଇ ଭଣ୍ଡାଇ ବଳେ ମାରେ ସେ ପାମରୀ ।
ସେ ପାପିଷ୍ଠା ଚଣ୍ଡାଳୁଣୀ ମାଂସ ଖଣ୍ଡେ ଧରି,
ବାଛିକିଏ ଜୀବ-ଶ୍ୱାନେ ଲୋଭେ ବଶ କରି ।
ବହୁ ଦୂର ଯାଇ ଶ୍ୱାନ ବାରେ ଆଘ୍ରାଣରେ,
ମାଂସ ନୁହେଁ, ମାଟି ମେଞ୍ଚେ ଧରିଛି ସେ କରେ ।
ଫେରିଆସେ ସେହିଠାରୁ ହୋଇ ସେ ନିରାଶ,
ଧାଇଁ ଧାଇଁ ହୁଏ ଖାଲି କଣ୍ଠଗତ ଶ୍ୱାସ ।
ତା ଭାଉଁରି ହାଡ଼ ଖଣ୍ଡ ଚୁଇଁ ଦେଲା ମାତ୍ରେ,
ସ୍ୱଜନର ଶକ୍ତି ଆସି ଖେଳେ ବୃଦ୍ଧଗାତ୍ରେ ।
ଦୁର୍ଜନା ଘୋଟକୀ ଆଶା, ମନ ତୁ ଘୋଟକ,
ତୁହିଙ୍କ ମିଳନ ଆହା କି ସୁଖଯୋଟକ !
ଆଶା ଲୋ, ତୁ ଜାଳ ହାଳ ଅଶଥ ସଂଗ୍ରହି,
ପଦରେ ପରଶୁ କିନ୍ତୁ କାତୁଅ ଚଢ଼ଉ ।
ମନରେ ତୁ ଅସନ୍ତୋଷୀ, ଅଣଠାରୁ ଅଣ,
କୋଟିଏ କୁବେର ଧନେ ନ ଲଭୁ ତୃପତ ।
ତୃଷ୍ଣାପିରେ ତୁମ୍ଭେ ଦେନି ବଳ ଏକୁଁ ଏକ,
ଜଗତ୍ର ଏ ସୃଷ୍ଟି ତୁମ୍ଭେ ନ ଥିଲେ ଶବେକ ।
ସ୍ୱଭାବରେ ତୁମ୍ଭେ ଦେନି ବଡ଼ ଅଥାଉତ,
ବିବେକ-ସ୍ୱରୂପ କରେ ତୁମ୍ଭଙ୍କୁ ସାଉତ ।
ତୁମ୍ଭ ଚକ୍ରାନ୍ତରେ ହୁଏ ଲକ୍ଷ ଲକ୍ଷ ଭସି,
ଗୋଟେ କି ଦୁଇଟା ରହେ ସବୁ ପଡ଼େ ଖସି ।
ବ୍ୟର୍ଥତା ତୁମ୍ଭର ପ୍ରାଣ ବ୍ୟର୍ଥତା ହିଁ ସୁଖ,
ତେବେ ଅଜସ୍ରାତେ ଦେଖ ସାଫଲ୍ୟର ମୁଖ ।

---

## ଆରତି

ତେବେ ତୁରେ ଶେଷଦିନ ଅଛି ମୋର ହରି,
ଲାଗୁଛି ତ ବହୁଦୂର ଘୁଞ୍ଚିଗଲା ପରି ।
ଦିନେ ସୁଦ୍ଧା ମହଲତ ମୁଁ ତ ମାଗି ନାହିଁ,
ବୃଥା କପାଁ ଧାର୍ଯ୍ୟ ଦିନ ଦେଉଛ ଘୁଞ୍ଚାଇ ।
ଜବାନବନ୍ଦି ମୁଁ କରି ନ ପାରିବି ଜାଣ,
ଓକିଲ ଦେବାକୁ ଅବା ସାମର୍ଥ୍ୟ ନାହିଁଟି ।
ତୁମ୍ଭଙ୍କୁ ମୁଁ ଓକିଲାତି ଦେଲି ହେ ଅସୀମ,
ତୁମ୍ଭେ ହିଁ ଓକିଲ ମୋର ତୁମ୍ଭେ ହିଁ ହାକିମ ।
ସାକ୍ଷୀ କେହି ନାହିଁ ପୁଣି, ହେବ ତୁମ୍ଭେ ସାକ୍ଷୀ,
ଶପଥ ଖାଇ ସାକ୍ଷ୍ୟ ଦେବ ପ୍ରଭୁ ଚକାଆଖି ।
ଖାଲି ତୁମ୍ଭ ଏକଲାସେ ହେବି ମୁଁ ହାଜର,
ଆଉ ସବୁ ବୁଝାଇବ ତୁମ୍ଭେ ବିଶ୍ୱେଶ୍ୱର !
କିନ୍ତୁ ପ୍ରଭୁ ସ୍ୱୟଂ ଦେବ ହୋଇ ସାବଧାନ,
ଲାଭ ବିନା ହେବ ନାହିଁ ଯେତେକ ଲେଉସାଣ ।
ଯାହା ଇଚ୍ଛା ମୋ ଭାଗ୍ୟରେ କରି ପଟ୍ଟେ ଧାର୍ଯ୍ୟ,
ମାତ୍ର ନିଅ ନାହିଁ ଦେବ ଆଇନ ସାହାଯ୍ୟ ।
ଆଇନରେ କେତେ ଅଛି ପେଞ୍ଚ ପୁଣି ଫାଙ୍କ,
ବଙ୍କାକୁ ସେ ସିଧା କରେ ସଳଖକୁ ବାଙ୍କ ।
ସେ ଗୋଲକଧନ୍ଦା ଗର୍ଭେ ଜଟିଳ ବିସ୍ଥ,
ଜନ୍ମେ ଜନ୍ମେ ଘୁରୁଥିଲେ ମିଳେ ନାହିଁ ବାଟ ।
କି ଲୋଡ଼ା ଆଇନ୍ ମୋର, ଲୋଡ଼େ ମୁଁ କରୁଣା,
ସହସ୍ର ଆଇନ୍ ତୁମ୍ଭ କରୁଣାକୁ ଊଣା ।
ତାକୁ ଲଙ୍ଘାଇବ ନାହିଁ ହେ ଦୟାସାଗର,
ପୋଛି ସାଫ୍ କରିଦିଅ ମୂଳ ଦଫତର ।

ଏଣେ ମୋ ଜୀବନ ଦିନ ପାଖକୁ ଘୁଞ୍ଚାଇ,
ମାଗୁଛି ମୁଁ ଏହି ଭିକ୍ଷା ଅଞ୍ଜଳି ଯୋଡ଼ାଇ।
ହେ ପ୍ରଭୁ ହେ ଜଗତ୍‌ପତି, ଶୁଣ୍ତେ ଫଏସଲା—
କରିଦିଅ ମୋର ଭୁଲ ଜୀବନ-ମାମଲା।
ଛାମୁରେ ଜଣାଇ ଦୁଃଖ, ଦେଇ ଏ ଅରଜି,
ଯାହା ଭୁଆମଣା କର ତୁମ୍ଭର ମରଜି।

—ଃ୦ଃ—

## ଜୀବନ-ଜ୍ୟୋତି

କ ଜ୍ୟୋତି ଏ ? କାହୁଁ ଆସେ ? କା'କୁ ପଶୁଥିବ?
ନିମିଷେ ଦେଖାଇ ଆଲୋ ଯାଏ ଖରେ ନିଭି।
ଦପ୍ କରି ଜଳିଉଠି ନିଭିଯାଏ ତଥା,
ଯେତେବେ ଆସେ ସବୁ ଥର ତା'ର ଏହି ପ୍ରଥା।
କ୍ଷଣସ୍ଥାୟୀ ସେ ଆଲୋକେ କି ହୁଏ କାହାର,
ଅଥବା ତାହାର ହୁଏ କେଉଁ ଉପକାର।
ଅଳ୍ପାୟୁ ସେ, ଦୁଇଖଣ୍ଡ କାଷ୍ଠ ସଂଘର୍ଷଣେ-
ଅଗ୍ନିଜାତ ସୂକ୍ଷ୍ମତମ ସ୍ଫୁଲିଙ୍ଗ ଯେସନେ।
ତେବେ କି ବ୍ୟର୍ଥେ ଆସି ବ୍ୟର୍ଥରେ ଯାଏ,
ବ୍ୟର୍ଥତାର ଅନ୍ତସ୍ତଳେ ସଦା ଲୁଚିଥାଏ।
ଖେଳେ ସେଥି ତାହା ସଙ୍ଗେ ଲୁଚକାଳି-ଖେଳ,
ଭାସ ପାଏ ଖେଳକୁ ସେ ଏତେ କି ଅଳେଲ।
ବଣ୍ଟ ଯାଏ ଖେଳଘର ତାକୁ ଏବା ଜଣା,—
ଏ ରହସ୍ୟ, ଜନ୍ତୁ ନର ହୋଇଯାଏ ବଣା।

—୦—

## ଦୈତ୍ୟ-ରାକ୍ଷସ

ସୁଦର୍ଶନ ଚକ୍ର ହରି ନାହିଁ କି କରେ
ଷଡ଼ ମହାସୁର ଭବ ସୃଷ୍ଟି ନାଶରେ।୦।
କାମ କ୍ରୋଧ ଲୋଭ ମୋହ,
ମଦ ମାତ୍ସର୍ଯ୍ୟ ବିଦ୍ରୋହ—
ଅତଭନ୍ତ, ନିର୍ଭୟରେ ଭୁଞ୍ଜ ରାଜ୍ୟରେ। ।
ଅସୁରେ ହେଲେ ଦୁର୍ଦ୍ଦର,
ଧରି ତୁମ୍ଭେ ଅବତାର,
ଯମପୁରେ ପଶ୍ ତାଙ୍କୁ ପେଶ ସତ୍ୱରେ।୨।
କଂସ ରାବଣକୁ ବଳି,
ଏ ଅସୁରେ ମହାବଳୀ,
ନଅନ୍ତି ସର୍ବସ୍ୱ ହରି ଶୂନ୍ୟ ଶୂନ୍ୟରେ।୩।
ନାହିଁ ତାଙ୍କ ବର୍ଣ୍ଣରୂପ,
ବୋଲନ୍ତି ବ୍ରହ୍ମାଣ୍ଡେ ଭୂପ,
ନ ଗଣନ୍ତି କାହାରିକି ସେ ଜଗତରେ।୪।
ଏବା ପିନା ସୁଦର୍ଶନ,
ହରେ ତାହାଙ୍କ ଜୀବନ,
ତା ବିନା କେ ନୁହେଁ ସରି ତାଙ୍କୁ ସମରେ।୫।
ତାଙ୍କ ପ୍ରବଳ ପ୍ରତାପେ,
ବୁଡ଼ିଗଲାଣି ମହୀ ପାପେ,
ଉଦ୍ଧାର ତାକୁ ହେ ଦୁଷ୍ଟେ ନିପାତ ଖରେ।୬।
ତପେ ଧରି ବୀରବେଶ,
ଗର୍ଜି ଉତାରନ୍ତୁ ଦେଶ,
ଭବ ଭବେ ଶଙ୍କିତ ମୁଁ ତାଙ୍କ କ୍ରୋଧରେ।୭।

—୦—

## ବାଟବଣା

ଆସିଥିଲି ଯେଉଁ ବାଟେ ଗଲିଣି ତା ଭୁଲି,
ଥକିଲିଣି ଖୋଜି ଖୋଜି କେତେ ଆହେ ବୁଲି।
ତାହାକୁ ବା ପଶୁଥିବ କେ ଦେବ ଦେଖାଇ,
ସମସ୍ତେ ତ ଭୁଆଁ ବୁଲି, କିଏ ଜାଣେ ନାହିଁ।
ଶୁଣି ସର୍ବେ ପଥହରା ପଡ଼ି ଅନ୍ଧକୂପେ,
ଆନେ ପଥ ଦେଖାଇବ କିଏ ବା କିରୂପେ।
ନ ମିଳଇ ନାହିଁ ବାଟ ହେଉଁ ଖାଲି ଢିଆଁ,
ଅମଣ୍ଡାରେ ଘୁରୁଥିବ ମାଣ ଦଣ୍ଡା ଶୂନ।
ଖୋଜୁ ଖୋଜୁ କଷ୍ଟେ କିଲେ ମିଳିଯିବ ପଥ,
ପୂର୍ଣ୍ଣ ହେବ ସେହି ଦିନ ମୋର ମନୋରଥ।
ଥିବ ଯେତେ ପ୍ରାଣେ ମୋର ଉତ୍କଣ୍ଠା ଲଦାଟ,
ରୂପ ଧରି ସେଥି ମୋତେ ଦେଖାଇବ ବାଟ।

ସର୍ବଜ୍ଞାଣ ମହାକାଳ ଧରୁ ମୋର୍ ହାତ,
ଭେଟାଇବ ବାଟ—ତା'ର୍ କର୍ତ୍ତବ୍ୟ ତାହା ତ ।
ଜୀବନର୍ ଶେଷଦିନେ ଆସିବ ସେ ଯବେ,
ନ ଆସୁଣ୍ଟୁ ଖୋଜୁଥିବ ତାକୁ ନାନା ସ୍ଥଳେ ।
ଜଗତରେ ନାହିଁ କିଛି ତାହାର୍ ଅଦେଖା,
ସମସ୍ତଙ୍କ ଶେଷଦିନ ତା' ପାଞ୍ଜିରେ ଲେଖା ।
ସେହି କାଳ ପରଂବ୍ରହ୍ମ, ନିତ୍ୟ ଅଦ୍ୱିତୀୟ,
ତାହା ବଳେ ତା ନିଶ୍ଚିତ ନୁହେଁ ଲଙ୍ଘନୀୟ ।

—o—

## ଅଭିନୟ

ଲାଗି ରହିଅଛି ଅଭିନୟ ସଦା
ବିସ୍ତୃତ ରଙ୍ଗାଳୟେ,
ବହୁ ବେଶ ପିନ୍ଧି ବହୁ ଅଭିନେତା
ମାତିଛନ୍ତି ଅଭିନୟେ ।
ଦଳ ଦଳ ହୋଇ ଖେଳି ଯାଉଛନ୍ତି
ନାଚି କୁଦି ଗୀତ ଗାଇ,
କିଛି କ୍ଷଣ ପରେ ଫେରି ଆସୁଛନ୍ତି
ପୂର୍ବ ବେଶ ବଦଳାଇ ।
କିଏ ସେ ତାହାଙ୍କୁ ପଠାଇ ଦେଉଛି
ସାଜି ନବ ନବ ବେଶେ,
ଲୁଚି ରହିଛି ସେ ବେଶକାରିବର
ଯବନିକା ପୃଷ୍ଠଦେଶେ ।
ଧନ୍ୟ ତା କଳ୍ପନା ଧନ୍ୟ ନିପୁଣତା
ଧନ୍ୟ ତା'ର ବୈଚିତ୍ର୍ୟ ସୃଷ୍ଟି,
ପୂରି ରହିଅଛି ଅନନ୍ତ ବିଶ୍ୱରେ
ଯେଉଁ ଆଡ଼େ ଯାଏ ଦୃଷ୍ଟି ।
କେଣେ ଅଭିନେତା କୋଟି ବାର ଆସି
କରେ କୋଟି ଅଭିନୟ,
କେହି ରହିଯାଏ ବହୁତ ସମୟ
କେହି ବା ଅଳ୍ପ ସମୟ ।
କେହି ହସି ହସି ଖେଳିଯାଏ କେହି
କାନ୍ଦି ବା କନ୍ଦାଇ ଯାଏ,
କେହି ଆସି ପୁଣି କାନ୍ଦିବା ଲୋକର
ବଦନେ ହାସ୍ୟ ଫୁଟାଏ ।
ହସ କାନ୍ଦ ଛଡ଼ା ସାର ରଙ୍ଗମଞ୍ଚେ
ନାହିଁ ଆଉ କିଛି କଥା,
ଯାହା ଶିରେ ଜୁଟେ ଚକ୍ରବର୍ତ୍ତୀ ଛତା
ବୋଝ ବହେ ତାହା ମଥା ।
ନଟ ବରୁଟତ ଅଭିନୟ ଦେଖି
ହେଉଛି ମୁଗ୍ଧ ସେ ନଟେ,
କେବଳ ଆମୋଦ ଆହ୍ଲାଦ ଭରା ସେ
ଖୋଜେ ନାହିଁ ଆନ ଚଟେ ।
ପ୍ରେମରଙ୍କ ସେହୁ ଭକ୍ତିର୍ ଭିକାରୀ
ଖୋଜେ ତାହା ମନେ ମନେ,
କଣିକାଏ ମାତ୍ର ପାଇଲେ କେଉଁଠି
କୋଟିନିଧି ପରି ମଣେ ।
ଅଭିନେତାବର୍ଗେ ଯାହା ଅଧିକାରୀ
ସ୍ୱହସ୍ତରୁ ଦିଏ ଦର୍ମା,
ପୁଣ୍ୟ ନାମ ତାର୍ ସୁଧା-ସୁମଧୁର୍
ଦେବ ବିଶ୍ୱପତି ଶର୍ମା ।

—ଃ॥ଃ—

## ଶଢ ଚସ୍ରଡ

ହଟହଟିଆ-ନାଟକୁଟିଆ-ନିଭଙ୍ଗୀଠିଆ କୃଷ୍ଣ ହେ,
ନୀପମୂଳିଆ-ବାଙ୍କଚୂଳିଆ-ନଇକୂଳିଆ କୃଷ୍ଣ ହେ,
ଘନକାଳିଆ-ବନମାଳିଆ-ଧେନୁପାଳିଆ କୃଷ୍ଣ ହେ,
କୁଞ୍ଜକେଳିଆ-ଗୁଞ୍ଜମାଳିଆ-କୁଆଁବାଳିଆ କୃଷ୍ଣ ହେ,
ଅର୍ଜୁନଭଞ୍ଜା-ଦୁର୍ଜନଗଞ୍ଜା-ସୁଜନରଞ୍ଜା କୃଷ୍ଣ ହେ,
କଂସ ଭଣଜା-ବଇଁଶୀବଜା-ବରଜରଜା କୃଷ୍ଣ ହେ
ମନ୍ଦରଧର-ରଙ୍ଗାଅଧର-ଶ୍ୟାମସୁନ୍ଦର କୃଷ୍ଣ ହେ,
ଦୀନସୋଦର ଦୀନକିଙ୍କର ଦୁଃଖଭଞ୍ଜକ କୃଷ୍ଣ ହେ

———

## ବାତୁଳର ସୃଷ୍ଟି

ସତେ କି ଏ ଜଗତଟା ବାତୁଳ ସର୍ଜନା,
ନାହିଁ ଏଥି ସାର କିଛି, ପୂର୍ଣ୍ଣ ଆବର୍ଜନା ।
କିଏ କହେ ଏଥି ପୁଣି ଅଛି କୃତଜ୍ଞତା,
ଖାଲି ମିଛ କଥା ତାହା ଭୁଲା ମିଛ କଥା ।
ବୃକ୍ଷ କରେ ବନ୍ଧୁହିତେ ଜୀବନ ଅର୍ପଣ,
ସେହି ବନ୍ଧୁଜନେ ତାକୁ କରନ୍ତି କର୍ତ୍ତନ !
ପୃଥ୍ୱୀ ଦିଏ ସମସ୍ତଙ୍କୁ ବାସ ଗ୍ରାସ ମାର୍ଗ,
କରନ୍ତି ତା ଶିରେ ସର୍ବେ ମଳମୂତ୍ର ତ୍ୟାଗ !
କୋକିଳକୁ ବାଳ କାଳେ ପୋଷଇ ବାୟସ,
କିନ୍ତୁ ସେ କୋକିଳ କରେ ତାହା ବଂଶ ଧ୍ୱଂସ !
ଚରୁଡାଳ ଦୁହିଁ ଦୁହିଁ ଦୁହାଁନ୍ତି ଗାଈକି,
ବୁଢ଼ୀ ହେଲେ ଦେଉଛନ୍ତି କଂସେଇଙ୍କ ହସ୍ତ !
ପାଣିରେ ଛଡ଼ାନ୍ତି ଲୋକେ ସକଳ ଅଳିଆ,
ସେହି ପାଣିକୁ ତ ଲୋକେ କରନ୍ତି ଗୋଳିଆ ।
ସୁବାସ ଦେଉଣ ଫୁଲ ତୋଷେ ମନ ପ୍ରାଣ,
ଶୁଖିଗଲେ ଖତଗାଡ଼େ ଲଭେ ପୁଣି ସ୍ଥାନ !
ପ୍ରତିକ୍ଷଣେ କରୁଛନ୍ତି ରକ୍ଷା ବିଶ୍ୱସାଇଁ,
କିଏ ତାଙ୍କୁ କୃତଜ୍ଞତା ଜଣାଉଛି କାହିଁ !
ଏହିପରି ଯହିଁ ଲୋକ ନାହିଁ କୃତଜ୍ଞତା,
କେବଳ ଯେପରି ତାହା ବାସ୍ତବତା କଥା !
ବୁଝ, ବା ନ ବୁଝ କେହି କୃତଜ୍ଞତା ମର୍ମ,
ମାତ୍ର କୃତଜ୍ଞତା ଏକା ମାନବର ଧର୍ମ ।
ସବୁ ତ ଅସାର ଦିଶେ, ଯହିଁ ପଡ଼େ ଦୃଷ୍ଟି,
ତେବେ କି ଏ ସଂସାରଟା ବାତୁଳର ସୃଷ୍ଟି !

—:*:—

## ବହୁରୂପୀ

ଖାଉଛୁ କି ମନ ତୁ ରେ ଚ୍ୟବନପ୍ରାଶ,
ହେଉ ତ ନାହିଁ ତୋହର ଯୌବନ ହ୍ରାସ ।ପଦ ।
ଏତା ଦିନେ ଦେହ ସଙ୍ଗେ,
ଜନ୍ମିଲୁ ଧରି ଉତ୍ସଙ୍ଗେ,
ଦେହ ବୁଢ଼ା ହେଲା ତୁ ତ ଭୁଞ୍ଜୁ ବିଳାସ । ୧ ।
ଲଙ୍ଘିଯାଉ ପାପବାଟେ,
ତୋ ସଙ୍ଗେ ଦେହ ନ ପାରେ,
ହଜାଇଣି ବଳ ଶକ୍ତି ତାର ବିନାଶ । ୨ ।
କରୁ ତୁ କୁକୁମ କାର,
ଦେହ ଭୋଗ କର୍ମଗୁଣ,
ନାମ କଣ୍ଠ କଣ୍ଠ ମରେ ସେ ବାର ମାସ । ୩ ।
ଦେହ ଭୋଗ ବତଶାଇ,
ତା ଜାଣେ ଘର ବୁହାଇ,
ତୁତ ରଖୁ ପ୍ରକାଶୁଛୁ ମୁକ୍ତ ହାସ । ୪ ।
ଲୁଚି ଲୁଚି ଦେଉ ଫାଙ୍କି,
ମନ ନୁହେଁ ଏ ଗୁଲଗି,
ସାବାସ ସାବାସ ତୋତେ ଶତ ସାବାସ । ୫ ।
ବାବୁ ପଣ ତୋ ମିଜାସ,
ଭକ୍ତ ବାର ଫରମାସ,
କେତେବେଳେ ପାଗଳ ତୁ କେବେ ଉଦାସ ।୬।
ଘଡ଼ିକେ ତୁହି ଅମିର,
ଘଡ଼ିକେ ପୁଣି ଫକୀର,
ବହୁରୂପୀ, ବହୁରୂପ କରୁ ପ୍ରକାଶ । ୭ ।

—

## ଭିକ୍ଷା

ପ୍ରଭୁ, ମୋର ସବୁ ଇଚ୍ଛା କରିଛ ପୂରଣ,
ଗୋଟିଏ କଥାରେ କିପାଁ ହେଉଛ କୃପଣ ।
ଦେଇଥିଲ ଭୋଗ ତୁମ୍ଭେ, ଦିଅ ଏବେ ତ୍ୟାଗ,
ବୟୋଧର୍ମେ ତୁଟିଲଣି ଭୋଗେ ଅନୁରାଗ ।
ମାଗିବାକୁ କଳ୍ପନା ମୁଁ କରି ନାହିଁ ଯାହା,
ତାହା ସୁଦ୍ଧା ଦେଇଅଛ ଯାଚି ଜଗନ୍ନାଥ ।
ଭକ୍ତିରେ ବିଶ୍ୱାସ ଦିଅ, ବିଶ୍ୱାସେ ଦୃଢ଼ତା,
ତାଡ଼ିଦିଅ ହୃଦୟରୁ ମୂଢ଼ତା, ରୁଢ଼ତା ।
ଭରିଦିଅ ମନେ ପ୍ରାଣେ ଆଧ୍ୟାତ୍ମିକ ଶକ୍ତି,
ଏହା ଛଡ଼ା ନାହିଁ ମୋର ଅପର ଆସକ୍ତି ।
ଦେହର ଶକ୍ତିକୁ ଜରା ସାରିଲଣି ଖାଇ,
ଦୈବୀଶକ୍ତି ବିନା ଆଉ କେ କରିବ ତ୍ରାହି ।

ସାଧନାରେ ଉପାର୍ଜନ କରିବାକୁ ତାହା,
ବୃଥାବାକେ ଅଛି ହରି ଶକ୍ତି ନାହିଁ ଗାହା ।
ନ ମାଗୁଣୁ ନକେ ନକେ ଦେଇଛ ତ ସବୁ,
ମାଗୁଛି ଏତିକି ଏବେ ଦୟାକର ପ୍ରଭୁ ।
କଳୁଷିତ ଜୀବନକୁ କର ସୁନିର୍ମଳ,
ହେଉ ସେ ଜ୍ୟୋତିରେ ତବ ସୁନ୍ଦର ଉଜ୍ଜ୍ୱଳ ।
କେତେ ମାଗି ସାରିଲିଣି ମାଗୁଣି ଆପଣେ,
ଲୋଭୀ ବୋଲି ଘୃଣା ପ୍ରଭୁ କର ନାହିଁ ମନେ ।
ତୁହେଁ ଏହା, ଅବଧି ତ ମାନ-ହାନିକାରୀ,
ବାପ ପାଖେ ଚିରଦିନ ପୁଅ ଯେ ଭିକାରୀ ।
ବାପକୁ ମାଗିଲେ ପୁଅ ଦୋଷ ଅବା କିସ,
ଭିକ୍ଷା ଦିଅ ଭିକ୍ଷା ଦିଅ ପିତା ଜଗଦୀଶ ।

—୫—

## ନାମ ଭଜନ

ଭଜ ମନ କୃଷ୍ଣନାମକୁ,
ଚଲିଯିବୁ ସୁଖେ ମୋକ୍ଷଧାମକୁ । ୦ ।
ପୂର୍ଣ୍ଣ ପରଂବ୍ରହ୍ମ
ପୁରୁଷ ଉତ୍ତମ
ଜପ ମନ ଛାଡି ଅନ୍ୟ କାମକୁ । ୧
ମାଧବ ମୁରାରି
ନିକୁଞ୍ଜ-ବିହାରୀ
ପ୍ରାଣ-ଅଧିକାରୀ ପ୍ରାଣାରାମକୁ । ୨ ।
ଦିବ୍ୟ ରୂପବନ୍ତ
ବସନ-ବସନ୍ତ
ସୁମର ସତତ ଘନଶ୍ୟାମକୁ । ୩ ।
ଆଦି ଅଣାଦାର
ଅନାଦି ସାକାର
ପୂର୍ଣ୍ଣ କରିବେ ରେ ମନସ୍କାମକୁ । ୪ ।
ଭଣେ ଚନ୍ଦ୍ରାମଣି,
ତେଜି ଅବରଣୀ,
ଜପ ଜପ ମନ ପରିଣାମକୁ । ୫ ।

—○—

## ହତାଶ ନାଉରି

ଭାସିଯାଏ ନାଆଖଣ୍ଡି ମଝି ଦରିଆରେ,
ଘୂରିଆଡ଼ ପ୍ରଚଣ୍ଡ ତାର ନିବିଡ଼ ଅନ୍ଧାରେ ।
ନେଉଛି ବତାସ ତାକୁ ଯେଉଁ ଆଡ଼େ ଟାଣି,
ଧାଉଁଛି ସେ ସେହି ଆଡେ ଆଲୋଡ଼ଣ ପାଣି ।
ଦଦରା ସେ ନାଉଖଣ୍ଡି ପୁଣି ଘୂଣଲଗା,
ପଟାଯୋଡଯାକ ହୋଇଗଲାଣି ଅଲଗା ।
ଦୋହଲାଏ ଢେଉ ତାକୁ ପଲକେ ପଲକେ,
ଫାଙ୍କବାଟେ ପାଣି ପଶେ ଝଲକେ ଝଲକେ ।
ସ୍ଥଳ କୂଳ କାହିଁ କିଛି ଯାଉ ନାହିଁ ଦେଖା,
ଦିଶୁ ନାହିଁ କେଣେ ସୁଦ୍ଧା କ୍ଷୀଣାଲୋକ ରେଖା ।
ନାଉରି ହତାଶ ମନେ ହେଲାଣି ଛାନିଆଁ,
ବରଷା ପତର ପରି ଥରୁଛି ତା ହିଆ ।
ଡାକୁଅଛି ଅନ୍ତରର ଆତୁର ଭାଷାରେ,
ଜ୍ୟୋତିର୍ଧର ହରି, ରଖ ଏ ସଙ୍କଟ ଦ୍ୱାରେ ।
ଦେଖାଅ ତୁମ୍ଭର ଜ୍ୟୋତି ଦୟା ବହି ଘାଟ୍ରେ,
ବାହି ନେବ ନାଆ ମୋର ତୁମ୍ଭ ପଦପ୍ରାନ୍ତେ ।
ତୁମ୍ଭ ବିନା ମୋର ଆଉ କିଏ ଅଛି ସାହା,
ଅକୂଳ ସାଗରଗର୍ଭେ ଦେଖାଇବ ରାହା ।
ଅନନ୍ତ ତୁମ୍ଭର ଦୟା ହେ ଅନନ୍ତଯଶା,
ଏହା ହିଁ ପ୍ରାଣରେ ମୋର ସାନ୍ତ୍ୱନା, ଭରସା ।

—○—

## ପ୍ରାଣ-ପକ୍ଷୀ

ଉଡିବୁଲୁ ପକ୍ଷି, ଘର ନାହିଁ କି ତୋହର,
ଯେବେ ଯେଉଁ ଗଛେ ବସୁ ସେ ହୁଏ ତୋ ଘର ।
ଗଛେ ଗଛେ ଥାଇ ମାରୁ ଅଳପ ବହୁତ,
ଅବା ମେଣ୍ଟିଗଲେ ପୁଣି ହେଉ ସ୍ଥାନଚ୍ୟୁତ ।
କେଉଁଠୁ ତୁ ଉଡିଆସି ଉଡିଯାଉ କାହିଁ,
ଆନ କେ ଜାଣିବ ତାହା, ତୁ ବି ଜାଣୁ ନାହିଁ ।
କିଏ ବା ପଠାଏ ତୋତେ, କାହିଁକି ପଠାଏ,
ସେ ରହସ୍ୟ ଅତି ଗୁପ୍ତ ଅନ୍ଧକାରେ ଥାଏ ।

ବା ଘଣ୍ଟ ସେ ଯାଏ ତୋତେ ଦେଖି ଥରଥର୍,
ଜାଣେ ନା ସେ, ହେଉ ତୁ ଯେ କେତେ ଦୂରବର୍ ।
ଏ ଗୋଟାଏ ଖେଳ ତାର୍, ନୁହେଁ କାରେ ଗଗ,
ତୋ ମୁଖେ ବୋଲାଏ ପୁଣି କେତେ ଛଟା ଭଗ ।
ମନ ନୁହେଁ ଏ କୌତୁକ,କେତେ ରସିକ ସେ,
ତୋ ହୃଦୟରେ ପଶି କେତେଭାବେ କେତେ ହସେ।
ନଚାଇ ଖେଳାଇ ସାରି ରେ ଟିକି ଚଢ଼ାଇ,
କିଏ ତୋତେ ବ୍ୟାଧିହାତେ ସମର୍ପେ ଧରାଇ ।
ଏ ଅର୍ ତୁ ଯାଇ ତାର୍ ନେବୁ ପ୍ରତିଶୋଧ,
ହେଉ ପଛେ ଶରକ୍ତ ସେ କରୁ ପଛେ କ୍ରୋଧ ।
ଜନ୍ମ ଯେବେ ବହିଲଇ କମ୍ପା ସାଲୁଲଇ,
କେବେ ହେଲେ ଆସିବାକୁ ମଙ୍ଗିବୁ ତୁ ନାହିଁ ।
ଭୁଲିଯିବୁ ଯେବେ ଶୁଣି ତାହା ମିଠା କଥା,
ତେବେ ତ ବସିବୁ ଖାଇ ନିଜେ ନିଜ ମଥା ।
ଚିହ୍ନିବୁ ନା ପକ୍ଷି ତାକୁ, କେତେ ସେ ସିଆଣ,
ତୋର୍ ନାମ ବଦଳାଇ ରଖିଅଛି "ପ୍ରାଣ ।"
ମହା ମାୟାବୀ ସେ, ଜାଣେ ବିଦ୍ୟା-ଇନ୍ଦ୍ରଜାଲ,
ବନ୍ଦୀ କରିଛି ସେ ବିଶ୍ୱେ ଛନ୍ଦି ମାୟାଜାଲ ।
ନ ଆସି ଯେ ରହିଯାଏ ତାହାରି ପାଖରେ,
ସେହି ସିନା ଶାନ୍ତିବୋଲା ସୁଖ ଭୋଗ କରେ ।
ପ୍ରେମରେ ଡକାଇ ତାକୁ ଭକତ ବ୍ୟାକୁଳେ,
ମାଗିନେବୁ ସ୍ଥାନ ତାର୍ ପୁଣ୍ୟ ପାଦମୂଳେ ।

——୫୦୫——

## ଆତ୍ମସମର୍ପଣ

କଷିବ କି ହୀର ହୀରାର
କଣେ ବିନା ମୂଲ୍ୟରେ,
କାଳେ କାଳେ ସୃଷ୍ଟି ହେଉଛି
ରଖ ଅନୁକୂଲ୍ୟରେ ।
ନାଥ ବରଜନ କରୁଛି ମୁଁ
କେବେ ମାଗିବ ନାହିଁ,
ଇଚ୍ଛାମତେ ପ୍ରଭୁ ସେବାରେ
ରଖିଥିବ ଗଢ଼ାଇ ।
ହେଲା କଲେ କ୍ଷଣେ ଭାବରେ
ଦେବ ଅଚଳ ଶାନ୍ତି,
ଭୁଞ୍ଜିବାକୁ ତେବେ ସେହି ଦଣ୍ଡ
ନ କରିବ ମୁଁ କାନ୍ତି ।
ଯୁଗେ ଯୁଗେ ମୁଁ ତ ଏକାକୀ
ନାହିଁ ଘରକୁଆର
ତୁମ୍ଭ ବିନା କହେ କଉଣ
ଧାରେ ନାହିଁ ତାହାର
ବସ୍ତୁରହି ଦେଖି ଶୁଝିବ
ତୁମ୍ଭ ଗୁଣ ସେବାରେ,
ଏତକ ସୁବିଧା ହୃଦ ହେ
ଭକ୍ତ ପ୍ରଦାନ ବାରେ ।
ମନ ଜାଣି ସେବା କରିବ
କରିଅଛି ମୁଁ ପଣ,
ପୂର୍ଣ୍ଣକର ଦୀନ ବାସନା
ପ୍ରଭୁ ଦୀନତାରଣ ।
ଆତ୍ମସମର୍ପଣ କରୁଛି
ପଶି ପାଦେ ଶରଣ,
କର କହେ ମିଳୁ ଶ୍ରୀମୁଖଁ
ପଦେ ଆଜ୍ଞା ବଚନ ।

——୦——

## ହାତୀ

ଏ ବାଟେ ଗଲ୍ କି କଳା ହାତୀଟିଏ
ଦେଖିଛ କି ଦେଖ କହିଦିଅ,
ନନ୍ଦରାଜାଙ୍କର ଗୁଣ୍ଡୁଣୀ ହାତୀ ସେ
ଯଶୋଦା ରାଣୀଙ୍କ ପ୍ରାଣପ୍ରିୟ । ୦ ।
ଝୁଲ ଝୁଲ ଗୁଡ଼ଲ ହାତୀ,
ଖେଳବୁଲେ ଦିନରାତି,
ବଢ଼ିଛି ହାତୀଟି ଖାଇ ଖାଇ ନିତି
ଅଧାମ ଲହଣୀ ସର ଛିଂଚ । ୧ ।

ଭକ୍ତି-ଶିକୁଳରେ ଛନ୍ଦା,
ସ୍ନେହ-ସୂତ୍ରେ ହୁଏ ବନ୍ଧା,
ନ ଦେଖି ତାହାକୁ ଅନ୍ଧ ହୋଇଯାନ୍ତି
କ୍ଷଣେ ଗୋପପୁର ପୁଅଟିଏ । ୨ ।
ହାତଟି ଅଣ୍ଡ ଉତ୍ତମ,
ଦୁଷ୍ଟ ଦୁର୍ଜନର ଯମ,
ଭୂତେ ପାଞ୍ଚି ତାକୁ ମଲେ ତାହା ହାତେ
କଂସ ସେନାପତି ଦୁଷ୍ଟାସୁରୀୟେ । ୩ ।
ହାତୀଙ୍କ ଯେ କରେ ଆଶା,
ତୁଟିଯାଏ ତା' ପିପାସା,
ହାତୀପାଦୁ ଝରେ ଯେଉଁ ମହାମୃତ
ଭକ୍ତିଭାବ ଭୋଳେ ତାକୁ ପିଅ । ୪ ।
ବସ ତାତେ ହାତ ପାତ,
ଆସ ରେ ତାଳିଆ ହାତୀ,
ଖୋଜ ଖୋଜ ତୋତେ ହାଲିଆ ହେଲିଣି
ତୁ ଯେ ମୋର ପ୍ରଭୁ ଅଦ୍ବିତୀୟ ।୫ ।

---

## ପରିବର୍ତ୍ତନ

ଥକିଲିଣି ଦେଖି ଦେଖି ପରିବର୍ତ୍ତନ,
ଥକି ପଡ଼ିଲିଣି ମୋର ଜୀବନ ମନ । ୦ ।
ଜନ୍ମାବଧି ଅନୁକ୍ଷଣ,
ଦେଖୁଛି ପରିବର୍ତ୍ତନ,
ଅଦ୍ଭୁତ ସଂସାର ଲୀଳା ନିତ୍ୟ ନୂତନ । ୧ ।
ଲାଗିଅଛି ବେଳୁବେଳ,
କେତେ ବହୁରୂପୀ ଖେଳ,
ଆଜି ଯେ ନୂତନ କାଲି ସେ ପୁରାତନ । ୨ ।
ସଂସାରେ ସବୁ ଭଙ୍ଗୁର,
ଦୟାଳୁ ହୁଏ ନିଷ୍ଠୁର,
ଆଜି ଯେ ଦାତା, ସେ କାଲି ମହାକୃପଣ । ୩ ।
ଯେ ବା ଆଜି ଶିଷ୍ଟ ଶାନ୍ତ,
କାଲି ସେ ଦୁଷ୍ଟ ଦୁର୍ଦ୍ଦାନ୍ତ,
ଆଜି ଯେ ଚଣ୍ଡାଳ କାଲି ସେହି ବ୍ରାହ୍ମଣ । ୪ ।
ପରିବର୍ତ୍ତନ ସ୍ରୋତରେ,
ଭାସିଯାଉଛି ମୁଁ ଖରେ,
କେତେ ଦୂରେ ଶେଷ ତାର ନାହିଁ କଳନ । ୫ ।
ମହାପରିବର୍ତ୍ତନକୁ
ଉଦ୍ଧାର ହେ କଳ୍ପତରୁ,
ଶଙ୍କିତ ମୁଁ ଶଙ୍କା ମୋର କର ହରଣ । ୬ ।
ଏ ପରିବର୍ତ୍ତନ ଧନ୍ଦା—
ମୋତେ ଲାଗିଲାଣି ଅନ୍ଧା,
ଏ ତନ୍ତ୍ରରୁ କୋଟି ଗୁଣେ ଶ୍ରେୟ ମରଣ । ୭ ।
ନାହିଁ କିଛି ମୋ ଆୟତ୍ତ,
ରହିଛି ଉଦାସବତ,
ଯାହା ଇଚ୍ଛା କର ପ୍ରଭୁ ଗଲି ଶରଣ । ୮ ।

---

## ଜୀବନ

ଜୀବନ-ଦେବତା, ତୁମ୍ଭେ ମୃତ୍ୟୁ ଅଗ୍ରଦୂତ,
ମୃତ୍ୟୁରୁ ଜନମ ତବ ମୃତ୍ୟୁ ତୁମ୍ଭ ସୁତ ।
ବନ୍ଦୀ ହୋଇ ରହିଅଛ ଦେହ-କାରାଗାରେ,
ଦୁର୍ଦ୍ଧର୍ଷ ହର୍ଯ୍ୟକ୍ଷ ଯଥା ଲୁହା ପିଞ୍ଜରାରେ ।
ତଥାପି ତ ନାହିଁ ତବ ଶକ୍ତିର କଳନା,
ତୁଳନାରେ ତୁମ୍ଭେ ଏକା ତୁମ୍ଭର ତୁଳନା ।
କେତେକେତେ କେଉଁ ବାଟେ ବୁଲିଯାଅ କାହିଁ,
ଦେହ ସଙ୍ଗେ ଦେଖା ଆଉ ସେହିଠାରୁ ନାହିଁ ।
ଉଡ଼ିଯିବ ତୁମ୍ଭେ, ଦେହ ମିଶିବ ପାଞ୍ଚରେ,
ସେ ପାଞ୍ଚେ ମିଶାଇ ତୁମ୍ଭେ ଢାଳିବ ଛାଞ୍ଚରେ ।
ସେ ହେବ ତୁମ୍ଭର ରଥ ତୁମ୍ଭେ ହେବ ରଥୀ,
ଚଳାଇବ ସେ ରଥକୁ ବାସନା-ସାରଥି ।
ପଞ୍ଚେନ୍ଦ୍ରିୟ ଅଶ୍ୱ ହୋଇ ଟାଣିବେ ସେ ରଥ,
ସାଧିବ ସ୍ୱାର୍ଥକୁ ତୁମ୍ଭେ ଇତର ମହତ ।
ବୁଲିଯିବ କେଉଁଠାରୁ ପୁଣି ଅଲକ୍ଷ୍ୟରେ,
ଲାଗିଅଛି ଯାତାୟାତ ତବ ନିରନ୍ତରେ ।
ହତ ଅବିଶ୍ୱାସୀ ତୁମ୍ଭେ ମହାଦଗାଦାର,
ନ ଦେଖି ନ ପୁଚ୍ଛି ଯାଅ ବୁଲି ବାରମ୍ବାର ।

ଜନମନେ ଯେତେ ଆଶା ଭରସା ଖେଳାଇ,
ଉଣ୍ଡିଦେଇ ଆରମ୍ଭିଲେ ଯାଅ ହେ ପଳାଇ ।
ଏ ତୁମ୍ଭର କି କୌତୁକ ଅଥବା କି ଲୀଳା,
ଅମୃତ ଭୁଞ୍ଜାଇ ସାରି ଭୁଞ୍ଜାଅ କୋଟଳା ।
ତୁମ୍ଭେ ତ ସାକ୍ଷାତ ବ୍ରହ୍ମ ନିତ୍ୟ ନିର୍ବିକାର,
ଅଚିନ୍ତ୍ୟ ମହିମା ତବ ଅନନ୍ତ ଅପାର ।

—*—

## ଦୁନିଆ ବେଭାର

ତୁମ୍ଭକୁ କି ଭ୍ରାନ୍ତଜନ ଦୁନିଆ ବେଭାର,
ସବୁଦିନ ଯାଏ ନାହିଁ ସମାନ ବାହାର ।
ଏବେ ତୁ ପାଉଛୁ ପୂଜା ଖୋଳ ଉପଚାରେ,
ଶକ୍ତି ଗଲେ କିଏ ଆଉ ତାହାକୁ ପଚାରେ ।
ଯେଉଁମାନେ ହୋଇଛନ୍ତି ଏବେ ତୋର ଭକ୍ତ,
ସେହିମାନେ କହିବେ ରେ ହୋଇଣ ବିରକ୍ତ ।
ମରୁଛି ନା ଜୀଉଛି ଏ ଥୁବୁଡ଼ି ବୁଢ଼ାଟା,
ସମସ୍ତଙ୍କୁ ହନ୍ତସନ୍ତ କରୁଛି ପୋଡ଼ାଟା ।
ମଲେ ଏ ଯାଆନ୍ତା ସଲ, ମିଳନ୍ତା ନିସ୍ତାର,
ପୋଡ଼ା ଯମ ପାଞ୍ଜି ପୋଛିଦେଲାଣି ଏହାର ।
ତଡ଼ାକର ମୁଣ୍ଡ ନୁହେଁ ଗିଳିବ ହାଣ୍ଡିଏ,
ଗୋରୁ ଗାଇ ପରି ପୁଣି ପିଇବ ମାଣ୍ଡିଏ ।
ଲାଜ ନାହିଁ ନିର୍ଲଜ୍ଜାକୁ ଖାଇ ପିଇ କରି,
ଭୁଇଁ ଅଣ୍ଡାଳୁଛି ବସି ଧୃତରାଷ୍ଟ୍ର ପରି ।
ଉଚ୍ଛୁଣିକା ମରନ୍ତା କି ଏ ଧଡ଼ିଆ ବୁଢ଼ା,
ଶିର୍ଣ୍ଣି ଦେଇ କରନ୍ତି ମୁଁ ସତ୍ୟପୀର ପୂଜା ।
ଆମ ଖୁସି ଯାହା ତାକୁ ଏଇଟା ଲାଗାଇଁ,
ଦିନସାରା ହେଉଅଛୁ ରନ୍ଧାଇ ଖୁଆଇ ।
ଖାଉଥା କୁକୁର ପରି ପଡ଼ିଥା ପିଣ୍ଡାରେ,
ତାହାର ଖବର ତୋର କି ଲୋଡ଼ା ହୁଣ୍ଡାରେ ।
ଶୁଖିଲା ଚାହାଣି ତୁଚ୍ଛା ନାହିଁ କସ୍ମତ,
ଲାଗେ ତ ଗୋଦର ପୁଣି ପରିକୁ ବାଛନ୍ତି ।
ସ୍ନିଗ୍ଧବାଢ଼ି ପରଶିବ ଋଷିଙ୍କ ସୁତର,
ଗତର ନ ଚଳେ ଯାର କାଳ ତା ସୁତର ।
ଋଷିଙ୍କୁ ବାପର ଥାଇ ଖାଉଥିବ ବସି,
ଆଠ ପହରକୁ ପୁଣି ଫରମାସ ଅଶି ।

ଏହିପରି ତାର କଥା କହିବେ ଛଳାଇ,
ଜୀଅନ୍ତା ଦେହରେ ନିଆଁ ଦେବେ ରେ ଜଳାଇ ।
ତୋ କାମର ପୁରସ୍କାର ଏ ଗାଳି ଫଜିତ,
ନ ହେବୁ ଦୁଃଖିତ ତହିଁ ନ ହେବୁ ଲଜ୍ଜିତ ।
ଏକା ତୋ କପାଳେ ନୁହେଁ—ଦୁନିଆ କପାଳେ,
ଏହି ଦଶା, ଏହି ଫଳ ମିଳେ ଶେଷ କାଳେ ।
ମନ ଊଣା ନ କରିବୁ ଶୁଣି ତାହା କଥା,
କଥାରେ କି ହୋଇଯାଏ ଦେହ ହାତ ବଥା ।
ଅଲଣା କଥାରେ ତେବେ କାନ ଦେବୁ ନାହିଁ,
ଧ୍ୟାଉଥିବୁ ହରିପାଦ କରିବେ ସେ ତ୍ରାହି ।
ହେଲଣି ତ ସଞ୍ଜ ଆଉ ଦଣ୍ଡକ ସକାଶେ,
କରିବୁ କା'ସଙ୍ଗେ କଳି କେଉଁ ଲାଭ ଆଶେ ।
ଏ କାଳେ ଯା ଲୋଡ଼ା ତୋର ଶାନ୍ତ ସେହି ପଥ,
ଅଭିମାନ ଅପମାନ ସକଳ ବ୍ୟର୍ଥ ।
ସମସ୍ତଙ୍କୁ ଜଗିଥିବୁ ସବୁ ଚିନ୍ତା ତେଜି,
ପୂଜୁଥିବୁ ବିଷ୍ଣୁପାଦ ପରିଣାମ ହେଜି ।
ମାଟିକଥା ସବୁ ପଡ଼ି ରହିବ ମାଟିରେ,
ଧର୍ମକୁ ଧରିଥା ତୁହି ଯିବ ସେ ସାଥିରେ ।
ଅଜ୍ଞାନ ସଙ୍ଗରେ କଳି ନୁହେଁ ବଡ଼ପଣ,
ବଡ଼ପଣ ପ୍ରଭୁପାଦେ ଆତ୍ମସମର୍ପଣ ।
ଆସୁଛି ଅନ୍ଧାର ବେଗେ ବଦନ ବିସ୍ତାରି,
ଚିନ୍ତ ଏବେ କି ପ୍ରକାରେ ହେବୁ ନଦୀ ପାରି ।
ଦୁଇ କୂଳ ଖାଇ ବଢ଼େ ବୈତରଣୀ ବଢ଼ି,
କିପରି ବା ପାରିହେବୁ ନୌକାରେ ନ ଚଢ଼ି ।
ଆଶ୍ରାକର ହରିପାଦ ଆଶଙ୍କା ନ ଗଣି,
ସେହି ତପ୍ତ ବୈତରଣୀ ତରଣେ ତରଣୀ ।
ନ ମିଳୁ ପଛକେ ମୁଠେ ଖାଇବାକୁ ସୁଦା,
ବିଷ୍ଣୁ ପ୍ରେମାମୃତ ପାନେ ଶାନ୍ତିଯିବ କ୍ଷୁଧା ।
ହରିପ୍ରେମ ମହାମୃତ ପିଇବ ଯେ ଲୋକେ,
ତେବେ ସେ ମରିବ ନାହିଁ ଶୋକେ ଅବା ଭୋକେ ।
ଶେଷକାଳେ ତୀର୍ଥବାସ ମୁକ୍ତି ସ୍ୱର୍ଗ ସମ,
ସ୍ନାନ ପ୍ରଭାବରେ ତହିଁ ବଢ଼ଇ ସଂଯମ ।
କିନ୍ତୁ ମନ ଯେବେ ହୁଏ ପ୍ରସନ୍ନ ସୁସ୍ଥିର,
କୋଟି ତୀର୍ଥଠାରୁ ବଳେ ନିଜର କୁଟୀର ।

# ପୁଷ୍ପ-ବାଟିକା

ଅହା କେଡ଼େ ମନଲୋଭା ଏ ପୁଷ୍ପବାଟିକା,
ଶୋଭା-ସାହିତ୍ୟର ସାର ସୁବୋଧିନୀ ଟୀକା ।
ତୁ ଆଉ ସାହିତୀ ମୋର ଆହ୍ଲାଦିନୀ କନ୍ୟା,
ଫୁଟାଇଛୁ ହୃଦୟରେ ଆନନ୍ଦର ବନ୍ୟା ।
କରୁଛୁ ଏ ବୃକ୍ଷଲତାଙ୍କ ସୁସେବା ଶୁଶ୍ରୂଷା,
ମିଶିଛନ୍ତି ତୁମ୍ଭ ସଙ୍ଗେ "ଆଶା" ପୁଣି "ତୃଷା ।"
ତୁମେ ବୁଝିବେଁ ତ ମୋତେ ରଖିଛ ବଞ୍ଚାଇ,
ହସାଇ, ଖେଳାଇ ପୁଣି ଅବସ୍ଥା ଭୁଲାଇ ।
ଜଞ୍ଜାଳରେ ଜଳି କ୍ଳାନ୍ତ ହୁଏ ଯେତେବେଳେ,
ସେତେବେଳେ ତୁମ୍ଭେ ଦୁଃଖ ହରିଣଅ ହେଲେ ।
ଯାଏଁ ମୁଁ ପାସୋରି ସବୁ ଯନ୍ତ୍ରଣା ବେଦନା,
ତୁଞ୍ଚେ ଶାନ୍ତି, ତୁମ୍ଭ ମେଳେ ହୁଏ ଶୁଦ୍ଧମନା ।
ସଂସାରରେ ମୁଁ ତୁମ୍ଭର ତୁମ୍ଭେ ମୋର ଏକା,
ଆଉ ଯେତେ ଅଛନ୍ତି, ସେ ଏଣୁ ତେଣୁ ଲେଖା ।
ମିଶାଇଛି ତେଣୁ ତୁମ୍ଭ ଜୀବନେ ଜୀବନ,
ବଡ଼ ସୁଖ ଲାଗେ ମୋତେ ତୁମ୍ଭର ଗହଣ ।
ସଂସାରର କୋଳାହଳ ତୀବ୍ର ବିଷମୟ,
କରିଦିଏ ଶ୍ୱାସରୁଦ୍ଧ, ଲାଗେ ବଡ଼ ଭୟ ।
ତୁମ୍ଭ ସଙ୍ଗେ ଥାଇ ଦିନେ ଚାଲିଯିବି ମରୁଁ,
ଜପ, ତପ, ତୀର୍ଥ, ଧର୍ମ ତୁମ୍ଭେ ମୋର ସବୁ ।

—*—

## ଫୁଲପରୀ

ସମ୍ବୋଧିଣ ଶତବର୍ଗେ କହେ ସୂର୍ଯ୍ୟମୁଖୀ,--
"ଗୋ ହେମନ୍ତ-ପାଟରାଣି ସତୀ ଶତବର୍ଗ,
ସୁଷମା ସମ୍ପଦ ତୁମ୍ଭେ — ଉପମା ସୃଷ୍ଟିର,
ଶୋଭନୀୟା ସାର୍ଥ ତବ ଶତବର୍ଗ ନାମ ।
ମଣ୍ଡି ମହୀକଣ୍ଠ ତୁମ୍ଭେ ହେମକଣ୍ଠିହାରେ
ମଧୁର ଶରଦ ଅନ୍ତେ, ଫୁଟିଣ ସର୍ବତ୍ର
କର ଦିଗ ହେମମୟ, ରୂପେ ଅଳଙ୍କୃତ,
ତେଣୁ ସେ କାଳର ନାମ ହୋଇଛି ହେମନ୍ତ ।
ଲକ୍ଷ୍ମୀଦେବୀଙ୍କର ତୁମ୍ଭେ ପ୍ରିୟ ଅଳଙ୍କାର,
ମାର୍ଗଶିର ଗୁରୁବାରେ ଗୃହଲକ୍ଷ୍ମୀକୁଳ
ପୂଜନ୍ତି ଲକ୍ଷ୍ମୀଙ୍କ ପାଦ ସମର୍ପି ତୁମ୍ଭଙ୍କୁ
ପୁଷ୍ପାଞ୍ଜଳିରୂପେ, ସ୍ନିଗ୍ଧ ମୃଦୁ ଗନ୍ଧ ତବ
ସ୍ୱର୍ଗର ଆଦର ଧନ, ମଧୁର ମନୋଜ୍ଞ ।
ସତ୍ୟ ମୁଁ ସତତ ତୁମ୍ଭ ସୌଭାଗ୍ୟ ଗୌରବ
ହେବାକୁ ତୁମ୍ଭର ସଖୀ ବଳାଏଁ ମାନସ,
ମାତ୍ର ତାହା କରିବାକୁ ମୁଖରେ ପ୍ରକାଶ
ବାଧା ଦିଏ ଲଜ୍ଜା ଆସି ମୁଖେ ହାତ ଦେଇ,
ବାସ୍ତବରେ କି ଗୁଣେ ବା ତୁମ୍ଭଙ୍କୁ ମୁଁ ଲଭ୍ୟ !"
ବାଧା ଦେଇ ଶତବର୍ଗ ସ୍ୱର୍ଣ୍ଣାଙ୍ଗୀ ସୁନ୍ଦରୀ
କହିଲେ ଦୀନକଣ୍ଠେ, ଦଂଶନ୍ତ ରସନା-
"କହନା କହନା ସଖି, କହନା ଗୋ ଆଉ,
ମରୁଛି ଲଜ୍ଜାରେ ମୁହିଁ ଶୁଣି ତୁମ୍ଭ କଥା,
ରୂପର ପ୍ରଶଂସା ତୁମ୍ଭେ କରୁଛ ମୋହର,
ମାତ୍ର ମୁଁ ଚରଣଲଗ୍ନା ପଥରକୁ ସତ
ନୁହେଁ ଗୋ ତୁମ୍ଭର, ତୁମ୍ଭେ ଶୋଭାର ଭୂଷଣ,
ଅନନ୍ତ ବର୍ଷର ତୁମ୍ଭେ କଉସ୍ତୁଭ ମଣି ।
ଅନନ୍ତ ସୌନ୍ଦର୍ଯ୍ୟବତୀ ତୁମ୍ଭେ ଏ ଜଗତେ,
ପାଖୁଡ଼ା ତୁମ୍ଭର ସ୍ୱର୍ଣ୍ଣ, କେଶର ମର୍କତ,
ନ ଥାଉ ପଛକେ ବାହ୍ୟ ସୁଗନ୍ଧ ତୁମ୍ଭର,
ମାତ୍ର ତୁମ୍ଭ ଅନ୍ତରର ଅନନ୍ତ ସୁଗନ୍ଧ

ଅତି ମୂଲ୍ୟବାନ, ନାହିଁ ତୁଳନା ତାହାର ।
ସ୍ୱର୍ଗେ ନାହିଁ ବିଧାତାଙ୍କ ପଣ୍ଡଧ୍ୟାନ ଭବ,
ପଡେ ନାହିଁ ଆଖିପିଷ୍ଠା ବାରେ ମ'ନ ଦେବେ,
ଶୁଭମୟ ଗୁଣ ଏହୁ ସତୀତ୍ୱ ତୁମ୍ଭର
ସ୍ୱର୍ଗର ଦୁର୍ଲଭ ଧନ, ଆଦର୍ଶ ଜଗତେ ।
ସତୀ ତୁମ୍ଭେ, ଦେବେ ସ୍ତବ୍ଧ ସତୀ ମହିମାରେ,
ଭାରତର ଧର୍ମଶାସ୍ତ୍ର, କାବ୍ୟ, ଇତିହାସ
ସତୀ ପୁଣ୍ୟ—ଚରିତନରେ ଚିର-ସମୁଜ୍ଜ୍ୱଳ ।
ନାରୀର ସୌନ୍ଦର୍ଯ୍ୟ ସିନା ସତୀତ୍ୱ କେବଳ,
ସେ ଏକା ମହତ୍ତ୍ୱ, ପୁଣି ନାରୀତ୍ୱ ନାରୀର ।
କରଇ ସତୀତ୍ୱ ଜନ୍ମେ ନାରୀକୁ ଅମରୀ,
ତା ଯୋଗେ କୁରୂପା ହୁଏ—ଅନନ୍ୟା ରୂପସୀ ।

ସୂର୍ଯ୍ୟମୁଖି, ତୁମ୍ଭର ସେ ଶୁଭଗୁଣ ହେତୁ
ସ୍ୱର୍ଗତୁଲ୍ୟ ପ୍ରାଣ ମଧ୍ୟେ ପୂଜେ ମୁଁ ତୁମ୍ଭକୁ ।
ନ ଥାଉ ଗୋ ଗନ୍ଧ, ତେଣୁଁ ବଡପଣ ନାହିଁ ?
ଗନ୍ଧହୀନ ବୋଲି ସ୍ୱର୍ଣ୍ଣ ନୁହେଁ ଅବଜ୍ଞାତ ।
ନାହିଁ ଗନ୍ଧ ହୀରକର କି କ୍ଷତି ତାହାର,
କେତେ ହେଉ ମୂଲ୍ୟ ସିନା ତାର ସମଧିକ ।
ଗନ୍ଧ ପାଇଁ ଏକା ନୁହେଁ ଅଦ୍ଭୁତ କସ୍ତୁରୀ,
ଅଛି ତାର ରୋଗନାଶ ଶକ୍ତି, ପୂଜ୍ୟ ତେଣୁ ।
ଫୁଲରାଣି, ସଖୀଯୋଗ୍ୟ ନୁହେଁ ମୁଁ ତୁମ୍ଭର
ତେବେ ତୁମ୍ଭେ ସଖୀ ବୋଲି ସମ୍ବୋଧିବ ଯେବେ
ସେ ମୋର ସୌଭାଗ୍ୟ, ଜନ୍ମେ ପରମ ସୌଭାଗ୍ୟ,
ହେବ ତହିଁ କୃତାର୍ଥ ମୁଁ ଧନ୍ୟ, ଗୌରବିତ ।"
ଶତବର୍ଗ ସୁନ୍ଦରୀର ଶୁଣି ଏ ଭାରତୀ,
ହସି ହସି ସୂର୍ଯ୍ୟମୁଖୀ ଭାଷିଲେ ଏସନ,—
"ସଖି, ବୁଝିଲି ଗୋ ଏବେ ଅତି ହୃଦୟର
ଉଦାରତା ତବ, ତୁମ୍ଭେ ପୁଣ୍ୟପ୍ରାଣା ସତୀ ।
ମୁଗ୍ଧ ମୁଁ ସରଳ ସାଧୁ ବ୍ୟବହାରେ ତବ,
ଆଜଠାରୁ ପ୍ରିୟସଖୀ ହେଲ ତୁମ୍ଭେ ମୋର ।
ଯେତେ ଦିନଯାଏଁ ନଭେ ଚନ୍ଦ୍ର, ସୂର୍ଯ୍ୟ ଦେବ
ହେଉଥିବେ ଆତଯାତ, ଯେତେ ଦିନଯାଏଁ
ଥିବ ସତ୍ୟ, ଥିବ ଧର୍ମ—ବର୍ତ୍ତି ଏ ମହୀରେ,
ସତ୍ୟେ ଧର୍ମେ ଅଧିଷ୍ଠିତ ଥିବର ଏ ମହୀ,
ତେତେ ଦିନଯାଏଁ ଆମ୍ଭ ଦେନଙ୍କ ସଖୀତ୍ୱେ
ନ ଘଟିବ ଭ୍ରମେ ସ୍ୱପ୍ନେ ବିଚ୍ଛେଦ କଦାପି ।
ହୃଦ ମନ ପ୍ରାଣ ଆତ୍ମା ସମର୍ପି ତୁମ୍ଭଙ୍କୁ
ପ୍ରତିଦାନେ ଘେନୁଅଛି ସଖୀତ୍ୱ ତୁମ୍ଭର ।
ଆସ ଦୁଇ ସଖୀ ହୋଇ ହାତ ଧରାଧରି,
ପ୍ରେମମୟ ବିଶ୍ୱନାଥ ଉଦାର ତୁଣ୍ଡରେ
କରିବା ଶପଥ, କରି ଆତ୍ମ-ବିନିମୟ,
ଆଜଠାରୁ ହେଲ ତୁମ୍ଭେ ସତୀ ସୂର୍ଯ୍ୟମୁଖୀ,
ହେଲି ମୁହିଁ ଶତବର୍ଗ, ଆଜଠାରୁ ଏକା
ନ ରହିଲା ଆଉ ଭିନେ ଅସ୍ତିତ୍ୱ ତାହାର ।
ମିଶିଗଲା ପ୍ରାଣେ ପ୍ରାଣ, ଅନ୍ତରେ ଅନ୍ତର
ସଲିଳେ ସଲିଳ ପ୍ରାୟ ଚିରକାଳ ପାଇଁ ।"
ଶୁଣି ଏହା ଶତବର୍ଗ ଲଭିଲ ହରଷ,
ତହୁଁ ଦେନ ସଖୀ ଚୁମ୍ବି ପରସ୍ପର ମୁଖ
ହସି ହସି ହେଲେ ବନ୍ଧା ପ୍ରେମ ଆଲିଙ୍ଗନେ,
ଭୁଞ୍ଜିଲେ ଜୀବନେ ଚିର ମିଳନର ସୁଖ ।

—:*:—

## ସୂର୍ଯ୍ୟମୁଖୀର ପତ୍ର

ନମେ ପାଦମୂଳେ ତବ ହେ ଜ୍ୟୋତିଷ୍ମାନ,
ସୂର୍ଯ୍ୟମୁଖୀ ତରୁକୁଳ-ସୁଜେନ୍ଦ୍ର-ନନ୍ଦିନୀ,
କିନ୍ତୁ ତବ ପ୍ରେମାଧୀନା, ଚିର ସେବାଦାସୀ ।
ପ୍ରଭାତୁଁ ସାୟାହ୍ନ ଯାଏଁ ଅପଲକ ନେତ୍ରେ
ଚାହିଁ ଥାଏ ତୁମ୍ଭକୁ ମୁଁ, ବୁଜିଲେ ନୟନ
ନ ଦିଶିବ ତୁମ୍ଭ ରୂପ ଘଟିବ ବିଚ୍ଛେଦ,
ଏହି ଆଶଙ୍କାରେ ଥାଏ ସଦା ସାବଧାନ ।
ସ୍ୱପ୍ନେ ସୁଦ୍ଧା ନେତ୍ର ମୋର ପଡ଼େ ନାହିଁ ଦଶା,
ଚାହିଁ ଥାଏ ସାରାରାତି ଅଧୀର ନୟନେ,
କାଳେ ଦେଖେ ଦେଲେ ତୁମ୍ଭେ ଲଭିବ ଗଞ୍ଜନ,

ବାନ୍ଧି ମନେ ଏତୁ ଆଶା, ଅସମ୍ଭବ ତାହା,
କିନ୍ତୁ ଆଶା କହେ କାନେ—ନା, ନା, ତା ସମ୍ଭବ
ତୁହି କି ହେ ପ୍ରିୟ—ମୋର ପ୍ରାଣର ଉତ୍କଣ୍ଠା,
ପୁଣି ସେ ଉତ୍କଣ୍ଠା ବ୍ୟଥା—ବକ୍ଷ-ବିଦାରଣୀ ?
କିନ୍ତୁ ନୁହେଁ ନିଜ ଦୁଃଖେ ଦୁଃଖୀ କେବେ ମୁହିଁ,
ନୁହେଁ କେତେ ସ୍ୱାର୍ଥପର, ନିଜ ଦୁଃଖେ ନିଜେ
ହେବି ଘାରି—ଏହା ମୋର ପ୍ରକୃତିବିରୁଦ୍ଧ ।
ସପତ୍ନୀର ଦୁଃଖ ମୋତେ ବିନ୍ଧାଏ କେବଳ ।
ସହୋଦରଙ୍କ ପାଟକେମା ସହୋଦରା ସୁନ୍ଦରୀ
ସହଭଗିନୀ ମୋର, କାନ୍ଦେ ତାହା ଦୁଃଖେ ପ୍ରାଣ ।
ସପତ୍ନୀ ସେ ସତ୍ୟ, ମାତ୍ର ଦେଖେ ମୁଁ ତାହାକୁ
ସ୍ନେହନେନେ ସବୁବେଳେ ଅନୁଜା ସମାନ,
ତୋହ ପଛେ ସହୋଦରା, ତହୁଁ ଅଧିକ ସେ,
ଭଗିନୀ ପଦ୍ମିନୀ ଧନୀ ପ୍ରାଣାଧିକା ମୋର ।
କେତେ ଯେ ଆନନ୍ଦ ଲଭେ ଦିବସ-ଯୌବନେ
ହେରି ତା ମଧୁର ଲୀଳା ଲଳିତ ସୁନ୍ଦର,
କି ବର୍ଣ୍ଣିବି ତାହା, ତାଳୀ ଲଜ୍ଜାରୁଣ ନେନେ
ଗୁଞ୍ଜିଥାଏ ମୁଖେ ତବ ପୁଲକିତ ପ୍ରାଣେ ।
ପରିହାସୀ ରୂପେ ଅଳି ଗୁଣୁଗୁଣୁ ସ୍ୱରେ
କହୁଥାଏ କାନେ ତାର କେତେ ରଙ୍ଗ କଥା,
ଶୁଣି ତାହା ମୃଦୁ ହସି ମୋ ପ୍ରାଣମିତଣୀ,
(ଆହା କିବା ଢଳଢଳ ଉଜ୍ଜ୍ୱଳ ସେ ହାସ)
ଶିର ସଞ୍ଚାଳନ ଛଳେ କହୁଥାଏ ତାକୁ
ଲମ୍ପଟ ଶାସନ, ହେରି ସେ ମଧୁର ଦୃଶ୍ୟ
ଲଭେଁ ମୁଁ ମର୍ତ୍ତ୍ୟରେ ଥାଇ ସ୍ୱର୍ଗର ବିଭବ,
ଆନନ୍ଦେ ଝାଙ୍କୁରି ଉଠେ ପ୍ରେମାବଳୀ ମୋର ।
କଣାଏ କର୍ଣ୍ଣିକା ଯଥା ସ୍ୱର୍ଣ୍ଣୀଙ୍କ ଛାମୁରେ
ବିଦେଶ ବାହୁଡ଼ା ହେଲେ ବାର୍ତ୍ତା ସ୍ୱାମୀଙ୍କର,
ତଥା ପ୍ରାତଃ, ତବାଗମ ଜଣାଏ ପଙ୍କଜେ ।
ଶୁଣି ସେ ସମ୍ବାଦ ଧନୀ, ଶୁଭୋଦ୍ଦେଶ୍ୟେ ତବ
ଖୋଲିଦିଏ ମହାହର୍ଷେ ଦ୍ୱାରର ପସର,
ଫୁଲିଉଠେ ତା ଶରୀର ପୁଲକ ପ୍ରବାହେ,
ବିତରେ ସୌରଭରାଶି ଅଭାବର ପ୍ରାଣେ ।
ତହୁଁ ଘରେ ଉଦୟର ମଙ୍ଗଳ ବିବାହ,
ପକ୍ଷୀଏ ବଜାନ୍ତି ବାଦ୍ୟ ବିବିଧ ଭଙ୍ଗୀରେ,
କେତେ ଦିଏ ହୁଳାହୁଳୀ, ବଜାଏ କେ ଶଙ୍ଖ ।
ମନ୍ତ୍ର ଉଚ୍ଚାରଣ କରେ ପୁରୋଧା ପବନ
ଧୀର ସ୍ୱରେ, ମଧୁମକ୍ଷୀ ଅସ୍ପଷ୍ଟ ଭାଷାରେ ।
ତାକେ କର ତଳବାଳ-ବେଦିକାରେ ତୁମ୍ଭେ,
ଦୁହିତାକୁ ସହୋଦରା ବସାଇ ଅଙ୍କରେ,
କରେ କନ୍ୟାଦାନ ହର୍ଷେ, ଶୁଭ ମୁହୂର୍ତ୍ତରେ ।
ଧରି ତୁମ୍ଭେ ଜ୍ୟୋତିହସ୍ତେ ଜ୍ୟୋତିର୍ମୟପାଟ
ସୂକ୍ଷ୍ମ ଜ୍ୟୋତିସୂତେ ବୁଣା, ଫିଙ୍ଗ ତନ୍ୟାଶିରେ,
ପ୍ରଣମେ ସେ ନତଶିରେ ତୁମ୍ଭ ପାଦମୂଳେ ।
ସେ ମିଳନ ମହୋତ୍ସବ ସୁପବିତ୍ର ଦୃଶ୍ୟ
ଆନନ୍ଦର ସ୍ୱପ୍ନସ୍ରୋତେ ଘେନିଯାଏ ମୋତେ ।
କିନ୍ତୁ ତୁମ୍ଭ ଅସ୍ତ ଦୃଶ୍ୟ ବୈରାଗ୍ୟବ୍ୟଞ୍ଜକ,
ବିଷାଦ-କାଳିମାରାଶି ବୋଳିଦିଏ ପ୍ରାଣେ ।
କି କହିବି ପ୍ରାଣେଶ୍ୱର ପଙ୍କଜିନୀ ଦଶା,
ତୁମ୍ଭ ଅଦର୍ଶନେ ତାର ନିମୀଳେ ନୟନ ।
ପବନର ପ୍ରୀତିବୋଲା ଶତସ୍ତୁତିବାଦେ,
ସୁରସିକ ମଧୁପର ବହୁ କାକୁତିରେ
ନ ଗୁହେଁ କଦାପି ବାରେ, ସତୀକୁଳରାଣୀ ।
ଶିଶିର ଲୋତକ ବିନ୍ଦୁ ଝରେ ନେତ୍ରୁ ତାର,
ଯେସନ ରଜତ-ସ୍ୱଚ୍ଛ ସୁବୃତ୍ତ ଶୁକ୍ତିକା,
ଉଦ୍‌ଗାରୁଛନ୍ତି ମୁକ୍ତାରାଶି ଅନର୍ଗଳ ବେଗେ ।
ତାହିଁଉଠେ ଅନ୍ତରାତ୍ମା ହେରି ତାର ଦଶା,
ସନ୍ଧିଳେ ଶର୍ବରୀ ପରି ତାର ମୋର ପ୍ରାଣ
ମିଶି ହୋଇଅଛି ଏକ ଅଭେଦ ସଙ୍ଗମେ ।
ତେଣୁ ତାର ଦୁଃଖ ଶୋକ ଭୀମ ବଜ୍ର ପରି
ବାଜେ ମୋର ଅନ୍ତରର ଅନ୍ତସ୍ତଳେ ଆସି,
ପ୍ରତିଫଳେ ତା ବେଦନା ମୋ ଚିତ୍ତ-ଦର୍ପଣେ ।
ସପତ୍ନୀ ସେ ମୋର ସତ୍ୟ, କିନ୍ତୁ ମୋର ମନ
ନୁହେଁ କେବେ ତା ମନର ଅପ୍ରିୟ ସପତ୍ନୀ

ମିଶାଇଛୁଁ ଆମ୍ଭେ ବେନି, ବେନି ନଦୀ ପ୍ରାୟ
ଏକଇ ସାଗରେ ପ୍ରାଣ, ଛନ୍ଦିଅଛୁଁ ପୁଣି
ଏକଇ ପାଦପ ପାଦେ ଯୁଗ୍ମଲତା ପ୍ରାୟ,
ମିଶାଇଛୁଁ ପ୍ରାଣେ ପ୍ରାଣ, ଅନ୍ତରେ ଅନ୍ତର ।
ନୁହେଁ ତ ସପତ୍ନୀ ମନ୍ଦ, ବିଧିବାନ ସେହୁ,
ଅଛୁ ଯାର ସପତ୍ନୀ ସେ ଅତି ଭାଗ୍ୟବତୀ;
ସହକର୍ମୀ-ସହଚାରିଣୀ ପୁଣି ସହବ୍ରତୀ,
ତାଳେ ସେ ଆନନ୍ଦ ପ୍ରାଣେ, ତାହା ଯୋଗୁଁ ଏତ
ସଂସାରର ଗୁରୁଭାର ହୁଏ ଅଧେ ଊଣା ।
ନାରୀପ୍ରାଣେ ନାରୀପ୍ରାଣ ମିଶେ ସହଜରେ,
ନାରୀର କୋମଳ ପ୍ରାଣେ ନ ପାରେ ମିଶାଇ
ସ୍ୱପ୍ରାଣ ଯେ ନାରୀ, ତେବେ କିପରି ସେ ଅବା
କଠୋର ପୁରୁଷ ପ୍ରାଣେ ମିଶାଇବ ପ୍ରାଣ ।
ନ ସମ୍ଭବେ ଭେଦନୀତି ସପତ୍ନୀ ଅନ୍ତରେ,
ଏକଇ ଜଣର ପତ୍ନୀ ଅନେକ ତରୁଣୀ,
ମାତ୍ର କେହି ହୁଏ ନାହିଁ ପ୍ରତିକୂଳା କାର,
ରଖିଥାନ୍ତି ପରସ୍ପର ସମାନ ପ୍ରଣୟ,
ସେହିପରି ଭେଦ ନାହିଁ ଆମ୍ଭ ବେନି ଜନେ ।
କୃଶାଙ୍ଗୀ ବିଚ୍ଛେଦେ ତବ ସପ୍ରେମା ସୁନ୍ଦରୀ,
ମଣେ ଘଡ଼ି ଯୁଗ ସମ ତୁମ୍ଭ ଅଦର୍ଶନେ,
ପତି ବିନା ସତୀ ପ୍ରାଣେ ବଢ଼େ ଯେ ବେଦନା,
କେ ବୁଝିବ ଆନ ତାହା ସତୀପତି ବିନା ?
ପତିହୀନା ସତୀ ଯଥା ପ୍ରାଣହୀନ ତନୁ,
କିମ୍ବା ଜ୍ୟୋତିଶୂନ୍ୟ ମଣି, ଗନ୍ଧହୀନ ଫୁଲ ।
ମଧୁର ଅମୃତ ରସ ତା ପକ୍ଷେ ଗରଳ,
ଶୀତଳ ଚନ୍ଦ୍ରିକା ହୁଏ ତରଳ ଅନଳ ।
ପଚାରିଲ ସଖୀ ମୋତେ ଆଜ ଏ ସ୍ୱପ୍ନରେ—
କହନ ଭଉଣି, କାହାଁ ଯାଆନ୍ତି ବିଦେଶେ
ସୂର୍ଯ୍ୟମୁଖୀ କମଳିନୀ ହୃଦୟ ଦେବତା,
ତେଜି ତାଙ୍କ ଦାସୀଦ୍ୱୟେ ସୁଦୂର ମହୀରେ ?
କି ସୁଖ ଲଭନ୍ତି ତହୁଁ, ଥିଲେ ଆମ୍ଭ ପାଶେ
କରନ୍ତେ ବେନିଏ ପୂଜା, ଖଟି ଶ୍ରୀପଦ୍ମରେ
କରନ୍ତେ କି ସେବା କେତେ, ଆକାଙ୍କ୍ଷା ପୂରାଇ,
କିପା ସେ ସୌଭାଗ୍ୟ ବିଧି ନ ଦେଲା ଆମ୍ଭକୁ ?
କହିଲି ମୁଁ ତହୁଁ ହସି ସସ୍ନେହେ ଏସନ,—
କି ଅଲଗୀ ନଳିନୀ ତୁ, ପିଲଖିଆ ତୋର
ଗଲା ନାହିଁ ଅବଧି ଯା, କେତେ ତୁ ଅବୋଧ !
ପ୍ରଭୁ ଆମ୍ଭ ସୃଷ୍ଟିଧର, ରହିଲେ ସେ ବସି
ହେବ ନାହିଁ ଦିନପାତ, ନ ରହିବ ସୃଷ୍ଟି,
ଏତେ ବଡ଼ କର୍ତ୍ତବ୍ୟ ଲୋ ଅଛି ତାଙ୍କ ଶିରେ ।
ସେ ମହାକର୍ତ୍ତବ୍ୟେ ଆମ୍ଭ କ୍ଷୁଦ୍ର ସ୍ୱାର୍ଥକଣା
ମିଶାଇ ପାରିଲେ ହେବା ଯୋଗ୍ୟପତ୍ନୀ ତାଙ୍କ ।
ଆମ୍ଭ ଦୁଃଖେ ଜଗତର ହୁଏ ଯେବେ ହିତ,
ତାଠାରୁ ସୌଭାଗ୍ୟ ଆଉ କି ଅଛି ଆମ୍ଭର ?
ଆତ୍ମସ୍ୱାର୍ଥେ ଜଳାଞ୍ଜଳି ପରସ୍ୱାର୍ଥ ପାଇଁ
ଅଟେ ସିନା ଶ୍ରେଷ୍ଠ ଧର୍ମ—ଅମର-ଦୁର୍ଲଭ ।
ସହଧର୍ମିଣୀ ଯେ ଆମ୍ଭେ, ତାଙ୍କର ଯା ଧର୍ମ
ତାହାହିଁ ଆମ୍ଭର ଧର୍ମ, ନିତ୍ୟ ପାଳନୀୟ,
ତେଜିଛନ୍ତି ଜୀବନର ସୁଖଭୋଗ ସେହୁ,
ତେଣୁଁ ମୁଖେ ଆମେ ଭଲ ଖୋଜିବା ଲୋ ସୁଖ ।

ହେ ପଦ୍ମିନୀପ୍ରାଣମଣି, ପ୍ରବୋଧି ଏସନ
ପ୍ରିୟାଙ୍କୁ ତୁମ୍ଭର, ଯେଣି କୁନ୍ତଳ ଗର୍ଭରୁ
ସୁବର୍ଣ୍ଣ ପାଶୁଡ଼ିଟିଏ, ଲେଖିଲି ଏ ପତ୍ର
ବୁଡ଼ାଇ ଲେଖନୀ ନିଶି-ଅନ୍ଧାର-କାଳୀରେ ।
ଆସି ପ୍ରଭୁ ନିଶାଶେଷେ ପ୍ରଦାନ ତା ପ୍ରାଣେ—
ମଧୁର ସାନ୍ତ୍ୱନା ସହ ଧୈର୍ଯ୍ୟ, ଶକ୍ତି, ଶାନ୍ତି ।
ତୁମ୍ଭେ ପ୍ରଭୁ ଏତ ତାର ଗୁରୁ ଅଭିଳାଷ,
ଦିଅ ତାକୁ ଧର୍ମଦୀକ୍ଷା, ଲଭୁ ବାଳାମଣି
ତତ୍ତ୍ୱଜ୍ଞାନ ତୁମ୍ଭ ପାଶୁ, ଶାନ୍ତି ଲଭୁ ପ୍ରାଣେ ।
ଶୀତଶୀର୍ଣ୍ଣା ଧରଣୀର ପାଣ୍ଡୁର ଅଧରେ
ଫୁଟାଏ ବସନ୍ତ ଯଥା ମୃଦୁ ସ୍ମିତହାସ,
ଆସି ତଥା ଜ୍ୟୋତିନାଥ, ଫୁଟାଅ ସୁହାସ
ବିଚ୍ଛେଦ-ବିଶୁଷ୍କ ତବ ପ୍ରିୟାର ଅଧରେ ।

ସ୍ୱାତୀବର୍ଷାବିନ୍ଦୁ ଯଥା ଶୁକ୍ତିକା ଉଦରେ
ଉପୁଜାଏ ମୁକ୍ତାବଳୀ, କରୁ ତଥା ଦେବ,
ତବ ଶୁଭାଗମ ତାର ପିଣ୍ଡେ ପ୍ରାଣ ଜାତ ।

—o—

## ଟଗର

ଏ କିଏ ଟଗର ? ଏ ଯେ ଶରତ ଡଗର,
ଭୂଷଣର ବିଭୂଷଣ ଉପମାବର୍ଗର ।
କେତେ ଆଗ୍ରହରେ କାହା ପ୍ରସାଧନ ପାଇ ,
ଧରି ରୂପ ରୂପାଟିକା ଚନ୍ଦନେ ପୂରାଇ ।
ଉଦ୍ୟାନର ଶତଦଳ ତୁହି ଫୁଲମଣି
ମେଲିଅଛୁ ଗୃହଆଡ଼େ ସୁବାସ-ବିପଣୀ ।
କୋମଳ ସୁନ୍ଦର ଶୁଭ୍ର, ନାହିଁ ଆବରଣ,
ନିତ୍ୟହାସୀ ମଲ୍ଲୀ ତୋର ସୂକ୍ଷ୍ମ ସଂସ୍କରଣ ।
ଦୁଇପାଖ ସ୍ୱଚ୍ଛ ତୋର ଅନ୍ତର ବାହାର,
ଅସାର ଏ ସଂସାରରେ ତୋ ଜୀବନ ସାର ।
କାହୁଁ ଆଣୁ ସୁବାସ ତୁ, ସଂଗ୍ରହୁ କିପରି,
କି ହୁଏ ସେ ଧନ ତୋର, ଦେଉ ତା ବିତରି
କୃପଣର ଉପାର୍ଜନ ଥୋଇ ପେଟେ ଲାଗି,
ମାତ୍ର ଭକ୍ଷ୍ୟପାଇଁ ଅର୍ଜେ ଦାତା ସାଧୁ ତ୍ୟାଗୀ ।
ଶାରଦୀ କମଳାଙ୍କର ତୁ ପ୍ରିୟ ପୂଜକ
ନିଜକୁ ସମର୍ପି କରୁ ତୋ ପୂଜା ସାର୍ଥକ ।
ସ୍ୱାର୍ଥଶୂନ୍ୟ ପୂଜା ତୋର ଶାନ୍ତି ପୂଜା ଏକା,
ଆନ ପୂଜା ମନବୁଝା କିମ୍ବା ଲୋକଦେଖା ।
ଟଗର, ମୁଁ ତୋହ ପାଦେ ଋଣୀ ସିନା ଅଛି,
ଶିଖାଇଛୁ ମୋତେ ତୁହି ପୂଜାର ପଦ୍ଧତି ।

—o—

## ଅନ୍ନପୂର୍ଣ୍ଣା

ପୁଣ୍ୟବତୀ ଅନ୍ନପୂର୍ଣ୍ଣେ, କ୍ଷୁଦ୍ର ପ୍ରାଣ ତୋର,
ମହାପ୍ରାଣତାରେ ପୂର୍ଣ୍ଣ, ପ୍ରେମରେ ବିଭୋର ।
କରି ନୁହେଁ ତୋର ଗୁଣ ଗଣନର ସୀମା,
ସ୍ୱର୍ଗମାନେ ବଖାଣନ୍ତି ତୁ ଅନ୍ତର ମହିମା ।
ବୋଲଦେଉ ଅନ୍ୟଦେହେ ଅମୃତ ସୁବାସ,
ଅନ୍ୟକୁ ଆନନ୍ଦ ଦେଉ ନିଜେ ଦେଇ ହ୍ରାସ ।
ନାହିଁ ତୋର ବାକ୍ୟସ୍ଫୂର୍ତ୍ତି, କି ଗୀତ ବା ତହିଁ,
ମହାନ ଆଦର୍ଶ ଅଛୁ ପ୍ରାଣ ମଧ୍ୟେ ବହି ।
ତୋର ତ୍ୟାଗ, ଉଦାରତା, ତୋର ଆତ୍ମଦାନ,
ଚିନ୍ତାକଲେ ବିସ୍ମୟରେ ବୁଡିଯାଏ ଜ୍ଞାନ ।
ହେ ଅଦ୍ଭୁତକର୍ମା ତରୁ, ହେ ମୋ ପ୍ରାଣତରୁ,
ରଖିଛୁ ଇତର ପ୍ରାଣେ ମହାରତ୍ନ ଭରି ।
ସୃଷ୍ଟିର ବୈଚିତ୍ର୍ୟ ତବ ଏହାହିଁ ତ ପ୍ରଭୁ,
ବାହାରୁଛି ମୁକ୍ତା ତୁଚ୍ଛ ଶୁକ୍ତିକା ଗର୍ଭରୁ ।
ବିଷରେ ଅମୃତ ଅଛି, ଅମୃତରେ ବିଷ,
ଛାର ନର ତୁମ୍ଭ ଲୀଳା ବୁଝିବ ବା କିସ ।
ଦେଇଛ ଏ କ୍ଷୁଦ୍ର ଗୁଳ୍ମେ ଯେ ଧନ ସମ୍ଭାର,
କରୁଅଛି ତାହାର ସେ ନିତ୍ୟ ସଦ୍‌ବ୍ୟବହାର ।
ଜନ୍ମି ମୁଁ ମାନବ, ତାହା ପାରୁ ନାହିଁ କରି,
ଆଶୀର୍ବାଦ କର, ଯେମନ୍ତେ ହେବି ତାହା ପରି ।

—ଃ*ଃ—

## ରଜନୀଗନ୍ଧା

ଫୁଲକୁଳ ପାଟରାଣୀ ରେ ରଜନୀଗନ୍ଧା,
ଦେଇଛୁ ରଜନୀପଦେ ମନପ୍ରାଣ ବାନ୍ଧା ।
ତୁ ତାର ପ୍ରଣୟସଖୀ ପ୍ରିୟ ସଙ୍ଗିନୀ,
ଦୁହେଁ ଯେମନ୍ତେ ଦୁହିଙ୍କର ପ୍ରାଣର ଭଗିନୀ ।
ପରସ୍ପର ପ୍ରତି ଅଛି ପ୍ରେମ ଅନୁରାଗ,
ସମାନ ମମତା ପୁଣି ଅସୀମ ସୁହାଗ ।
ଦିବସ ବପୁର ତୋର କରଇ କି ଦୋଷ,
ତାହା ପ୍ରତି କିପାଁ ବହୁ ଏତେ ତୀବ୍ର ରୋଷ ।
ତାହାର ଆଲୋକ ତୋର ପ୍ରାଣ ରୁନ୍ଧା କରେ,
ନ ଚାହୁଁ ତୁ ତାହା ମୁଖ ଆଖି ମେଲି ଥରେ ।

କପାଁ ହେଉ ଅନୁକମ୍ପା ରଜନୀ-ସଜନୀ,
ଏହା ତ ଉଚିତ ନୁହେଁ ତୋର ଫୁଲମଣି ।
ଅନନ୍ତ ଆକାଂକ୍ଷା ତୋର ସୁରଭି-ସମ୍ପଦ,
ଅର୍ପି ତାହା ପୂଜୁ ତୁହି ରଜନୀ ଶ୍ରୀପଦ ।
ନ ମିଳେ ଲଭିବେ ଜନ୍ମ ଦିବସ ଭାଗ୍ୟରେ,
ସ୍ୱଜନନ୍ଦିନୀ ତୁ, ତୋର ମହତ୍ତ୍ୱ ତ୍ୟାଗରେ ।
କପାଁ ତୁହି ଭୁଲିଗଲୁ ତୋର ମହାନୀତି,
ଭୂଷଣ ତୋହର ପର ସାମ୍ୟ ମୈତ୍ରୀପ୍ରୀତି ।
ହେଉ ନାହିଁ ଉପକାରିତାରେ ଅନୁରକ୍ତ,
କୃତଜ୍ଞତା ଏଣୁ ସବୁ ଦାନ ଧର୍ମ ଯଜ୍ଞ ।

—o—

## ରଙ୍ଗିଣୀ

ଚିର ଅବହେଳିତ ତବୁ ହସୁଛୁ ରଙ୍ଗିଣୀ,
ରଙ୍ଗପାଟ-ପରିହିତା ପ୍ରଦୋଷ-ସଙ୍ଗିନୀ ।
ଅଛି ତୋର ଦିବ୍ୟରୂପ, ମାତ୍ର ଗୁଣ ନାହିଁ,
ରୂପଲାଗି କିଏ ପୂଜା ପାଉଅଛି କାହିଁ ?
ରସ ନାହିଁ, ଗନ୍ଧ ନାହିଁ, ଅଛି ଖାଲି ରୂପ,
ଗନ୍ଧ ବିନା ବ୍ୟର୍ଥପ୍ରାଣ ନ ହୁଏ କି ଧୂପ ?
ଶୋଭାର ଉପମାପାଇଁ ଖାଲି ତୋ ଜନମ,
ଶିମିଳି ପଳାଶ ଜବା ପାଳଧୂଆ ସମ ।
କି ଅପୂର୍ବ ଶୋଭା ଅଛି ତୁଳସୀ ପତରେ,
ଗୁଣ ହେତୁ ବସେ ସେ ତ ଦେବ ମସ୍ତକରେ ।
ରଙ୍ଗିଣି, ତୁ ଏ କଥାକୁ ନ କର ସ୍ମରଣ,
ଦେଖୁଅଛୁ ରଙ୍ଗିନିଆ ଏକସ୍ୱପ୍ନ ସ୍ୱପ୍ନ ।
ତନ୍ତ୍ରୀ, ଅଣଚାରୀ ତୁ, ରୂପପ୍ରାଣା ପୁଣ,
ଦମ୍ଭ ହିଁ ପ୍ରଭୁଙ୍କୁ କପାଁ ନ ମାଗିଲୁ ଗୁଣ ।
କି ଫଳ ସେ ଅନୁତାପେ, ଶୁଣ ଲୋ ଅଭାଗୀ,
ପୁନର୍ଜନ୍ମ-ଆସିଲେ ଗୁଣ ଆଣିବୁ ତୁ ମାଗି ।

ରୂପ ଲାଗି ଅଲଗୋଳ ନ କରିବୁ ସୃଷ୍ଟି,
ନ ହେବୁ ସୌନ୍ଦର୍ଯ୍ୟ ମୋହେ ରୂପ ଗର୍ବିଣୀ ।
ଥାଉପାରେ ଅନ୍ୟ ଗୁଣ ତୋର ଗଣ ଗଣ,
ଫୁଲ ତୁହି, ଶୋଭା ତୋତେ ଫୁଲର ଲକ୍ଷଣ ।

—*—

## ମଲ୍ଲି

ବସିଛୁ କି ମଲ୍ଲୀରାଣୀ ବସନ୍ତ-ବାନ୍ଧବୀ,
ହସୁଛୁ ଉଦାମ ହସ ବିସ୍ତାରି ସୁରଭି ।
ତାହିଁ କି ଲୋ ଏତେ ହସ ଏତେକ ବିଭୂତି,
ମଣୁଛୁ କି ନିଜ ରୂପେ ଏତା ଅପରୂପ ।
ରୂପଗର୍ବେ ଫାଟି ପଡ଼ ପାରିବୁ କି ଭାବୁ,
ଏହା ଯେ ତୋହର ମନ୍ଦି ପିଲାଣ୍ଟିଆ ଭାବ ।
ଉଡ଼ିଯିବ ମୁହୂର୍ତ୍ତକେ ରୂପ ଗନ୍ଧ ସର୍ବ,
ତାହାଲାଗି ବହନ୍ତୁ କି ଏତେ ବଡ଼ ଗର୍ବ ।
ତୋର ଏହା ଯୋଗ୍ୟତାର୍ଥି ହେଲା କି ମହିମା,
କି ବୁଝିବୁ ମାତ, ତୁ ତ ଅବୋଲ ବାଳିକା ।
ଚାତୁରୀ, ଚାପଲ୍ୟ, ହାସ୍ୟ ସୁନ୍ଦର ଧର୍ମ,
ତପସ୍ୱୀ ତାହାକୁ ମଣେ ଗର୍ହିତ ଅଧର୍ମ ।
ହସିବାକୁ ସାଧ ଯେବେ, ଅଛି ତୋର ଧାସ,
ଜଗତର ପ୍ରେମେ ଆରେ ହେବୁ ଆତ୍ମହାସ ।
ପ୍ରେମ-ପୁଲକରେ ଉଠେ ପ୍ରାଣରୁ ଯେ ହାସ,
ଇତର ନୁହେଁ ସେ, ପୂର୍ଣ୍ଣ ଅମୃତ ଉଲ୍ଲାସ ।
ହସୁଛନ୍ତି ତୋତେ ଚାହିଁ ପ୍ରେମମୟ ହରି,
ତାଙ୍କୁ ଦେଖି ଯେବେ ତୁହି ହସିବୁ ସ୍ନେହଭରି,
ତେବେ ସିନା ହସ ତୋର ଦିଶିବ ସୁନ୍ଦର,
ଉତ୍ପନ୍ନ ସେ ହସରୁ କଲ୍ୟାଣ ତୋହର ।
ଯେ ତୋର ସର୍ବସ୍ୱଦାତା ତାଙ୍କରି ହସରେ,
ମିଶାଇ ପାରିଲେ ହସ ତରିଯିବୁ ଖରେ ।

—ଃ—

## ଶେଫାଳିକା

ସୁକୁମାର ପ୍ରାଣେ ତୋର ସତୀ ଶେଫାଳିକେ,
ରବିକର ସ୍ପର୍ଶେ ଯାଉ ଝାଉଁଳି ଗଳିତେ ।
ପାଖୁଡ଼ା ହୀରକ ତୋର ବୃନ୍ତ ପଦ୍ମରାଗ,
ଶରତରାଣୀ ତୁ, ତୋର ଅତୁଳ ସୌଭାଗ୍ୟ ।
ପଲ୍ଲବ ଶ୍ୟାମାସ୍ତମାନ ଯେସନେ ମାରଗ,
ସାତ୍ତ୍ୱିକ ଆଚରୁ ତୁ ମୌନ-ତପ-ଯାଗ ।
ଶୋଭାଞ୍ଜନା ପ୍ରିୟସଖୀ ଆନନ୍ଦେ ବିହ୍ୱଳ,
ଢାଳୁଥାଏ ଶିରେ ତୋର ପ୍ରେମ-ପୁଷ୍ପାଞ୍ଜଳି ।
ସ୍ପୃଶଏ ତୋହର ଅଙ୍ଗୁ, ତଥେ ତାହା ଘଟେ,
ନ ଛାଡ଼ୁ ତପସ୍ୟା କ୍ଷଣେ ପ୍ରାଣ ଥାଉଁ ଘଟେ ।
ଜୀବନଟା ତେବେ ତୋର ତପସ୍ୟା ସକାଶେ,
ତପ ସାରି ଯାଏ, ପୁଣି ଝରିବାକୁ ଆସେ ।
ଆସିବା ଯିବା ତ ତୋର ଲାଗିଛି କେବଳ,
କେତେବେଳେ ଭୋଗ କରୁ ତପସ୍ୟାର ଫଳ ।
ଅଥବା ତୁ ସତୀରାଣୀ ନୋହୁ ଫଳାକାଙ୍କ୍ଷୀ,
କର୍ମପାଇଁ କର୍ମ କରୁ ଧର୍ମେ ରଖି ସାକ୍ଷୀ ।
ଜୀବନ ତୋହର ଧନ୍ୟ ଜନ୍ମ ତୋର ଧନ୍ୟ,
ତୁଳନାରେ ମୋ ଜୀବନ ନଗଣ୍ୟ ଜଘନ୍ୟ ।
ତୋହର ଆଦର୍ଶ ଧରି ଯାପିବି ଜୀବନ,
ଆଜଠାରୁ ଧରିଲି ମୁଁ ପ୍ରାଣରେ ଏ ପଣ ।
ନଇ ତୋତେ ଶିରେ ବହେ ପରମ ଆଦରେ,
ମଉଳିଲେ ଢାଳିଦିଏ ପୁଣି ସେ ପାଦରେ ।
କ୍ଷମାବନ୍ତୁ ତାକୁ ତୁହି ନ ପ୍ରକାଶି ଦ୍ୱେଷ,
ମହତେ ଧରନ୍ତି ନାହିଁ ଇତରର ଦୋଷ ।

---

## ଟୁରିଅନା

ଟୁରିଅନେ, ସ୍ଥାନ ତୋର ନନ୍ଦନ ଉଦ୍ୟାନ,
ମର୍ତ୍ତ୍ୟଭୂମି ସ୍ୱର୍ଗ ତୁହି ଦେବତାଙ୍କ ସ୍ଥାନ ।
ସୁରପୁନ୍ନାଗ ବୋଲିଣ ନାମ ବହୁ ପୁଣି,
ମର୍ତ୍ତ୍ୟର ପୁନ୍ନାଗ ତୋର ଯାଆଁଳା ଭଉଣୀ ।
ତୋହ ରୂପ ତୋହ ଗନ୍ଧ ତାର ଅବିକଳ,
ତୋହୋ ପରି ଅଳିକୁଳେ କରେ ସେ ପାଗଳ ।
କଣ୍ଟିକାଏ ମଧୁଲଗି ମଧୁମକ୍ଷିଦଳ,
କରୁଥାନ୍ତି ସ୍ତବ ସ୍ତୁତି ତୋତେ ଅନର୍ଗଳ ।
ରସ ଶୋଷି ତୋତେ କରିଦିଅନ୍ତି ସେ ସିଠା,
ତୋହ ଧନ ଖାଇ ତୋତେ ମାରନ୍ତି ଗୋଇଠା ।
ହସି ହସି ସହୁ ତୁହି ତାଙ୍କ ଅତ୍ୟାଚାର,
ଧର୍ମନିଷ୍ଠ ଗୃହୀ ପରି ତୋର ବ୍ୟବହାର ।
ଦୁର୍ଜନ ଅଭଦ୍ରଠାରୁ ଶୁଣି ଅପବାଦ,
ପ୍ରତିଦାନେ ଯେସନେ ସେ ପୂଜେ ତାର ପାଦ ।
କ୍ଷୁଦ୍ର ତୁହି କିନ୍ତୁ ତୋର ପ୍ରତିଭା ଅନନ୍ତ,
ଯାହାକୁ କହନ୍ତି କ୍ଷୁଦ୍ର ସେହି ତ ମହତ ।
ଓ ସୁନ୍ଦର ତନୁ ତୋର, ନୟନ-ଉଜ୍ଜ୍ୱଳା,
ମରକତ କୁଣ୍ଡେ ଯୋଡ଼ା ହୀରକ ପାଖୁଡ଼ା ।
କେଶର କନକ ତନ୍ତୁ ମଧ୍ୟେ ପଦ୍ମରାଗ,
ସର୍ବାଙ୍ଗରେ ବୋଳା ବିଶ୍ୱ ପ୍ରେମ ଅନୁରାଗ ।

---

## ଚିନା-ଗୋଲାପ

ଫୁଲକୁଳେ ବହୁରୂପୀ ରେ ଚିନା-ଗୋଲାପ,
ବିଦେଶୀ ତୁ, ନାହିଁ ମୋର ତୋ ସଙ୍ଗେ ଆଳାପ ।
ତାହିଁକି ତୁ ହେଲୁ ଭଲା ଏତେ ନାମରଙ୍କ,
ପ୍ରକୃତ ଗୋଲାପ ନାମେ ବୋଲାଉ କଳଙ୍କ ।
ନାମସ୍ୱତ୍ୱେ ପଣ୍ଡିଥିଲ ଏତେ କି ବାହାର,
ଶ୍ୱେତ କରି ଦେଲୁ ତୁହି ନାମଟି ତାହାର ।
ଅଛୁ ତୋର ଗୋଲାପର କେବଣ ଲକ୍ଷଣ,
ବାସ୍ତବରେ ଏହା ତୋର ବଡ଼ ଭଣ୍ଡପଣ ।
ସାତ ଥର ମଣ୍ଡ ହେଲେ ସାତ ଥର ଜନ୍ମ,
ହୋଇ ନ ପାରିବୁ କେବେ ଗୋଲାପର ସମ ।

ହୀନ ହୋଇ ସେମାନଙ୍କୁ ତୁ କିପାଁ ସ୍ୱଜଟିକା,
ଜାତଦେହେ ଗୁଞ୍ଜିହେଲୁ ମୟୂର ଚନ୍ଦ୍ରିକା ।
ପରର ସୁନ୍ଦର ଦ୍ରବ୍ୟେ କିପାଁ ଜଳୁ ଲୋଭ,
ଭୁଞ୍ଜିଲୁ ଉଚିତ ଫଳ—ହୃଟହୃଟା କ୍ଷୋଭ ।
ନିଜକୁ ସୁନ୍ଦର ବୋଲି ଜଣୁ କି ଗୁଡ଼ର,
ଭୁଲ ତା', କାଗଜ ଫୁଲ ତୋଠାରୁ ସୁନ୍ଦର ।
ଯାହାର ଯା ପ୍ରାପ୍ୟ ତାକୁ ଦେଇଛନ୍ତି ହରି,
ଅଧିକ ଯେ ଲୋଭେ ହୁଏ ହୀନସ୍ତା ତୋ ପରି ।
ମୋ ଦେଶରେ ଜନ୍ମ ଯେବେ ହୋଇଥାନ୍ତା ତୋର
ଦେଇଥାନ୍ତି ନାମ ତୋତେ ବହୁରୂପୀ ସ୍ୱୈର ।
ଗୋଲାପ ସୌରଭ-ସ୍ୱର୍ଣ୍ଣୀ ଉଦ୍ୟାନ-ଅପ୍ସରୀ,
ତୁ ନୋହୁ ତା' ଗୋଡ଼ଘଷା ପଥରକୁ ସରି ।
ତୋହ ପରି ଗନ୍ଧହୀନ ଏ ଦେଶେ ଯେ ଫୁଲ,
ଜାଣି ନନ୍ଦନରୁ ଜଣା ଅଟେ ତାହା ମୂଲ ।
ବହୁ ନଦୀ ବନ ଗିରି ଲଙ୍ଘି ଧାଇଁ ଧାଇଁ,
ଏ ଦେଶକୁ ଆସିଲୁ ତୁ କି ପୌରୁଷ ପାଇଁ ।
ଆସିଛୁ ତ ରହ, ନ ଯା ଫେରି ପୁନର୍ବାର,
ଅତିଥି ତୁ, ଭୋଗ କର ଅତିଥି ସତ୍କାର ।
ଥାଉ ବା ନ ଥାଉ ଗୁଣ, ଅତିଥି ଦେବତା,
ଅତିଥିର ପୂଜା ଏ ଦେଶର ପ୍ରଥା ।

—o—

## ବକୁଳ

ଫୁଲକୁଳ ସତୀ ସ୍ୱର୍ଣ୍ଣୀ ତୁହି ଲୋ ବକୁଳ,
ସ୍ୱଗୁଣେ ଉଜ୍ଜ୍ୱଳ କର ବଶରୁ ତୋ କୁଳ ।
ନାହିଁ ତ ଦେହରେ ତୋର ଅଳଙ୍କାର ଖଣ୍ଡେ,
ଲମ୍ବା ମୋଟା ଶ୍ୱେତା ରଙ୍ଗ ସାଦା ଲୁଗା ଖଣ୍ଡେ ।
ଜନ୍ମ ହେଲେ ଆଡ଼ମ୍ବର ନାହିଁ ତ ଲୋ ତୋର,
ଧରିଛୁ ସତୀଙ୍କ ବ୍ରତ—ପବିତ୍ର କଠୋର ।
ନ ଯାଉଣୁ ସନ୍ଧି, ତୋତେ ନ ଦେଖୁଣୁ ଅଳି,
ପିତୃପଦତଳେ ତୁହି ପଡୁ ଗରେ ଢଳି ।
ସ୍ନିଗ୍ଧ ଗନ୍ଧ ଦାନେ କ୍ଷଣେ ନ ହେଉ ଉଦାସ,
ମରି ଶୁଖି ଯାଇ ସୁଦ୍ଧା ଝଡ଼ୁ ସୁବାସ ।
ରୂପ-ଧନେ ଦରିଦ୍ର ତୁ ଗୁଣ-ଧନେ ଧନୀ,
ଚରିତ୍ର-ଖଣିର ଶ୍ରେଷ୍ଠ ଜ୍ୟୋତିର୍ମୟ ମଣି ।
ଦେବସେବା ପତିସେବା ପୁଣି ଜନସେବା,
ବ୍ରତ ତୋର, ଦାନେ ପୁଣ୍ୟେ ସରି ତୋତେ କେବା ।
ନ ଥାଉ ପଛକେ ତୋର ରୂପ ମନୋହର,
ଅସୁନ୍ଦରଠାରୁ ବଳି କିଏ ବା ସୁନ୍ଦର ।
ନ ଥାଏ ସୌନ୍ଦର୍ଯ୍ୟ ରୂପେ ରୂପଟା ତ ମାଟି,
ଗୁଣ ଏକା ସୌନ୍ଦର୍ଯ୍ୟର ସୃଷ୍ଟି ମାପକାଠି ।
ରୂପ ନାହିଁ ବୋଲି ତୁହି ହେବୁ ନାହିଁ କ୍ଷୁଣ୍ଣ,
ରୂପଠାରୁ ଗୁଣ ମୂଲ୍ୟ ବେଶି କୋଟିଗୁଣ ।

—o—

## ଧୁତୁରା

ଧୂତୁରା, ଶଙ୍କର ଲାଗି ସଦା ତୁ ଆତୁରା,
ତଥା ଶଙ୍କର ବି ତୋର ପ୍ରେମରେ ବାଉରା ।
ଏତେ ଫୁଲ ଥାଉଁ ଥାଉଁ ତୋତେ ସମାଦର,
କରନ୍ତି କିପାଁ ଲୋ ଭକ୍ତ ଭୋଳା ମହେଶ୍ୱର ?
ନିଶ୍ଚେ କିଛି ଅଛି ତୋର ଗୁଣ ବରଣୀୟ,
ନତୁ ଏତେ ଲୋକର କି ହୋଇଥାନ୍ତୁ ପ୍ରିୟ ।
ଅଳିମୁଖେ ଗାଉ ତାଙ୍କ ସ୍ତୁତି ଭୂରି ଭୂରି,
ନୀରବେ ବଜାଉ ପୁଣି ମଙ୍ଗଳ ମହୁରୀ ।
ପୂରି ରହିଅଛି ତୋର ପ୍ରାଣେ ଶିବ ଭକ୍ତି,
ରହିଛି ତାଙ୍କର ତେଣୁ ତୋ ପ୍ରତି ଆସକ୍ତି ।
ଶିବ ଏକା ସାର ତତ୍ତ୍ୱ, ଶିବେ ବଶ ଦେବେ,
ତାକୁ ସେ ଚାହାନ୍ତି ତାକୁ ଶିବରେ ଯେ ସେବେ
ସୁକୁମାର ତନୁ ତୋର ଉପମା ଅତୁଳ,
ଫୁଲଗର୍ଭେ ଫୁଲ ପୁଣି ତା' ଗର୍ଭେ ଫୁଲ ।
ଏକସ୍ତର ଦୁଇସ୍ତର ତ୍ରିସ୍ତର ପ୍ରଭୃତି,
ଧନ୍ୟ ତୁହି ଧୂତୁରେ ଲୋ ବହୁଧା ଅଦ୍ଭୁତ ।

ଫଳେ ତୋର୍ ଥାଏ ସ୍ୱାଦ, ଯଥାର୍ଥ ଏ କଥା,
କିନ୍ତୁ ସେ ସ୍ୱାଦରେ ଅଛି ଅମୃତର ସତ୍ତା ।
ଜଗତର ସବୁଥିରେ ଅଛି ଭଲ ମନ୍ଦ,
କେ ଖଣ୍ଡିବ ଆଜ ତାହା ବିଧାତା ନିବନ୍ଧ ।

—— ❀ ——

## କିରିକିଚି

ସୁନ୍ଦର ସୁଗନ୍ଧ ତନୁ ତୋର୍ କଣ୍ଟକିତ,
ନାମରେ ରହିଛି ମାତ୍ର କଣ୍ଟା ଖିଚମିଚ ।
ଶାଖାପତ୍ରେ ସୃଜିଅଛୁ ମଞ୍ଜୁଳ ନିକୁଞ୍ଜ,
ହସୁଛନ୍ତି ତହିଁ ସ୍ତରୁ ପୁଷ୍ପ ପୁଞ୍ଜ ପୁଞ୍ଜ ।
ପରସ୍ପର ଛୁଇଁ ଛୁଇଁ ସଜୀବ ସ୍ନେହରେ,
ଢଳି ପଡ଼ିଅଛି ଭାବେ ସେ ତାହା ଉପରେ ।
ଲଗାନ୍ତି ପତ୍ରରେ ତୋତେ ବାଡ଼ପାଇଁ ଜନେ,
ମାତ୍ର ତୁ ବଳକା ତାଙ୍କୁ ଦେଉ ଗନ୍ଧ-ଧନେ ।
ବଖାଣେ କି କେତେ କେବେ ତୋ ଗୁଣ କାହାଣୀ,
କିମ୍ପା ଦେଖି ଦିଏ କି ଲୋ ମୂଳେ ଚଳେ ପାଣି ।
ପ୍ରତି ଉପକାର ମିଳେ ଏତକି କେବଳ,
କାଟି ତୋତେ କରନ୍ତିଏ ଶୀର୍ଣ୍ଣ ହୀନବଳ ।
ଅବଗୁଣ ନ ମଣିବୁ ଏହା କଦାଚିତ,
ଏଥିରେ ତ ମାନବର ଦୋଷ ନାହିଁ କିଛି ।
କାଟିଲେ ବଢ଼ିବା ତୁମ୍ଭ ଜାତିର ପଦ୍ଧତି,
ଲଭ କଥା ତହିଁରେ ତ ନାହିଁ କିଛି କ୍ଷତି ।
ଅରଣ୍ୟବାସିନୀ ତୁହି, ବଣମଲ୍ଲୀ ପରି,
ସୁଗନ୍ଧେ ଉଦ୍ୟାନ ଫୁଲ ନୁହେଁ ତୋତେ ସରି ।
ପ୍ରକୃତିର କନ୍ୟା ତୁ, ସେ କୁର୍ବମସୁଦିକା,
ଏକା ନୁହେଁ ଦୁହିଁଙ୍କର ଜୀବନ-ପଞ୍ଜିକା ।

—୪୦୪—

## ଭୃଙ୍ଗରାଜ

ଭୃଙ୍ଗରାଜ, ଭୃଙ୍ଗଶ୍ୟାମ ବର୍ଣ୍ଣେ ତୋ' ରହଣି,
ଧରଣୀ ନାସାରେ ତୁହି ସୁବର୍ଣ୍ଣ ବସଣୀ ।
ଫୁଲୁ ବାଲୁକଣା ତୋର ତନୁ-ଶୋଭନୀୟ,
ବାଳକାଳୁକର ତୁହି ଅତିଶୟ ପ୍ରିୟ ।
ମେଣ୍ଟାନ୍ତି ସେ ତୋତେ ଯୋଗେ ଅଳଙ୍କାର ତୃଷା
କରନ୍ତି ଆନନ୍ଦେ ତୋତେ ନେଇ ଖୋଷାଭୂଷା ।
ଝରିପଡ଼େ ତୋ ଶରୀରୁ ଜ୍ୟୋତିର୍ମୟ ବଳ,
ବଢ଼ାଉ ତୁ ସ୍ମୃତିଶକ୍ତି ମନୀଷା ପ୍ରବଳ ।
କି ଅଦ୍ଭୁତ ଶକ୍ତି ଅଛି କ୍ଷୁଦ୍ର ପ୍ରାଣେ ତୋର,
ହରୁ ତୁ ମସ୍ତକ ବ୍ୟାଧି— ଭୀଷଣ କଠୋର ।
ଶ୍ୱେତ-ଶୁଭ୍ର ପ୍ରାଣ ତୋର ନିର୍ମଳ ପବନ,
ଅଶୁଚି ପରଶ ମାତ୍ରେ ହୁଏ ଉତ୍ତେଜିତ ।
ଭାବିଲେ ତୋ କଥା ମନେ, କି ଅପୂର୍ବ ଭାବ-
ହୃଦୟ ମନରେ ଆସି ବିସ୍ତାରେ ପ୍ରଭାବ ।
ସର୍ବପ୍ଲାବୀ ସେ ଭାବର ପ୍ରଖର ପ୍ରବାହେ,
ଭାସିଯାଇ ତୁଆଡ଼େ ମୁଁ ଚେତନା ହରାଏଁ ।
ସେ ଭାବର ଆକର୍ଷଣ ପ୍ରବଳ ପ୍ରଚଣ୍ଡ,
ନ ସହି ମୋ ଚନ୍ଦ୍ରାସୁର ହୁଏ ଖଣ୍ଡ ଖଣ୍ଡ ।
ସ୍ୱପ୍ନେ ମୋ ଚନ୍ଦ୍ରା ଶକ୍ତିସୂକ୍ଷ୍ମ ସୂକ୍ଷ୍ମାକାର,
ଲୂତା ସୂତା ସହିବ କି ହିମାଳୟ ଭାର ।

—୦—

## ହିମସାଗର

ରକ୍ତବୀଜ ବଂଶ ତୁହି ରେ ହିମସାଗର,
ଅମରପୁର ତୋ ନାମ, ସତେ ତୁ ଅମର ।
ଗୋଟିଏ ତୁ, କିନ୍ତୁ ମରି ଦେହରୁ ରେ କୋଟିଏ,
ତୋ ପରି ଅକ୍ଷୟ ବୀଜ ଗୁଳ୍ମବୃକ୍ଷେ କିଏ ।
କି ସୁନ୍ଦର ମୁକୁଟ ତୁ ପିନ୍ଧିଛୁ ମସ୍ତକେ,
ଫୁଲେ ତହିଁ ରହୁଥିବ ସ୍ତବକେ ସ୍ତବକେ ।
ସ୍ୱଭାବରେ ସେ ମୁକୁଟ ଶୋଭାର ଆଧାର,
ରତ୍ନ ରଶ୍ମି ସ୍ପର୍ଶେ ଦିଶେ ଅତି ଚମତ୍କାର ।
ମରକତ-ମଣି-କଣା ରୂପକୁ ତୋହର,
ମାନେ ସେ ମୁକୁଟ ଗୋଟି ଅତୀବ ସୁନ୍ଦର ।

ନ ଥାଉ ପଲ୍ଲବେ ତୋର ସ୍ୱର୍ଣ୍ଣ ଝଲ୍ଲ ଆଜ,
ଔଷଧି ରୂପରେ ସାଧୁ ଅଶେଷ କଲ୍ୟାଣ ।
କ୍ଷୁଦ୍ର ତୁହି, ମାତ୍ର ତୋର ମହିମା ଅପାର,
ବସୁଧା ସ୍ନେହେ ସାଧୁ ମହା ଉପକାର ।
ସ୍ୱଗୁଣେ ତୁ ରକ୍ଷା କରୁ ରୋଗୀର ଜୀବନ,
ଏହାଠାରୁ ବଳି ଅଛି କି ମହତ୍ତ୍ୱ ଅନ୍ୟ ।
ନଗଣ୍ୟ ତୁ, କେହି ତୋତେ ନ କରେ ଆଦର,
ତଥାପି ଅନ୍ତର ତୋର ଦୟାର ସାଗର ।
କ୍ଷୁଦ୍ର ତୃଣସ୍ପୃଷ୍ଟି ତୋର ଉଦାର ମହାନ,
ଦାନ କରୁ ଖୋଜୁ ନାହିଁ ଲୋକେ ପ୍ରତିଦାନ ।

—

## ସୁଗନ୍ଧା ଓ ତୁଳସୀ

ହାତ ଧରାଧରି ହୋଇ ସୁଗନ୍ଧା ତୁଳସୀ,
ଦୁଇ ସଖୀ ପ୍ରେମାଳାପ କରୁଛନ୍ତି ବସି ।
ଉଭୟେ ତ ତପସ୍ୱିନୀ ଶିରେ ଧରି ଜଟା,
ଦୁହିଁଙ୍କର ଗନ୍ଧଧନ ଲଭିଛନ୍ତି ତ ବଣ୍ଟା ।
ସମବ୍ରତୀ ପୁଣି, ତପ ଉଭୟର ବ୍ରତ,
ଭଲରୂପେ ବୁଝିଅଛ ଦାନର ମହତ୍ତ୍ୱ ।
ମରି ସୁଦ୍ଧା ତୁମ୍ଭେ କେବେ ଛାଡ଼ ନାହିଁ ଦାନ,
ଜୀଅନ୍ତେ ମରଣେ ବାଣ୍ଟ ସୁଗନ୍ଧ ସମାନ ।
ସୁରଭି ନିଃଶ୍ୱାସ ତୁମ୍ଭ ଅମର-ବାଞ୍ଛିତ,
ସ୍ୱଭାବ ଜାହ୍ନବୀ ସମ ନିର୍ମଳ ପବିତ୍ର ।
ପୁଣ୍ୟବତୀ ଭାଗ୍ୟବତୀ ତୁମ୍ଭେ ଏ ମହୀରେ,
ତପସ୍ୟା ଫଳରେ ବସ ଦେବତାଙ୍କ ଶିରେ ।
କେତେ ଜନ୍ମେ କି ତପସ୍ୟା ଆଚରିଲ ନାହିଁ,
ତେବେ ତ ଏ ଭାଗ୍ୟ ବାରେ ଲୁଚାଇଲେ ମୁହିଁ ।
ତୁମ୍ଭ ଦୁଇ ବାଟୋଇ ମୁଁ ପାଉ ନାହିଁ ବାଟ,
ଘୁରି ବୁଲି ଜନ୍ମ ଜନ୍ମ ପଡ଼ୁଁ ପିଟେ ଛାଟ ।
ଏ ଜଣା ଘଟିବ ଭାଗ୍ୟେ ପାରୁ ନାହିଁ ବୁଝି,
ନୀରବରେ ହୋଇଛି ମୁଁ ଠିଆ ଆଖି ବୁଜି ।
ଧର୍ମରାଜ୍ୟପଥ ତୁମ୍ଭେ ଜାଣ ଯଥାଯଥ,
ଯାଇବି ତୁମ୍ଭଙ୍କ ସଙ୍ଗେ ଚଢ଼ି ସ୍ୱର୍ଗପଥ ।

—:୦:—

## ବେଲଫୁଲ

ବେଲଫୁଲ ମଲ୍ଲିକାର ସ୍ୱଜସଂସ୍କରଣ,
ସୁନ୍ଦରୀ ଶ୍ରୀଅଙ୍ଗେ ଶୋଭେ ରତ୍ନ ଆଭରଣ ।
ଶୋଭାବତୀ ଗୁଣବତୀ ରସବତୀ ପୁଣି,
ସୁକୁମାର ତନୁ ତୋର ଧରାରେ ଲଭୁଣୀ ।
ଫୁଲକୁଳେ ତୁହି ଏକା ସ୍ୱଜାତିତେଜସ୍ୱୀ,
ଗଢ଼ିଛି ନିଯୋଗେ ତୋତେ ଗଢ଼ନ୍ତି ଭ୍ରମରୀ ।
ସୁନ୍ଦର କେଶର ଦିବ୍ୟ କୋଷରେ ବାହାର,
ଯେସନ ଆରକ୍ତ ଆଖି ଧବଳ ସୁନ୍ଦର ।
ତୋଳା ତହିଁ ଘନସାର ଚନ୍ଦନର ରେଣୁ,
ରସଯୁକ୍ତ ମଧୁପର ଜା ସେ ରୂପାବେଣୁ ।
ପୁଣି ପ୍ରାପ୍ତ ମୂର୍ତ୍ତି ତୋର ଗମ୍ଭୀର ଉଦାର,
ଛାମୁରେ ପଡ଼ନ୍ତି ଭୃଙ୍ଗ-ଘଟେ ସ୍ୱସ୍ୱାଦର ।
ମର୍ଦ୍ଦିତ ଦୋଳାରେ ବସି ଖେଳୁ ଦୋଳି ଖେଳ,
ବାତେ ଉଡ଼େ ଫରଫରେ ଓଢ଼-ନୀଳଚେଳ ।
ଅମରୀ ତୁ, ଆସୁ ପରି ମର୍ତ୍ତ୍ୟ ପର୍ଯ୍ୟଟନେ,
ସ୍ୱପ୍ନମଗ୍ନ ପ୍ରାଣ ତୋର କଟିଯାଏ ସ୍ୱପ୍ନେ ।
ଜଗତ ଜଞ୍ଜାଳ ଜାଲା ନ ଛୁଇଁଣୁ ତୋତେ,
ଜାସି ଗୁଲିଯାଉ ନାହିଁ ନିଜ ଇଚ୍ଛାସ୍ରୋତେ ।
ଭାଳ ତୋତେ ପାରେ ନାହିଁ କରି ବିଚଳିତ,
ପଳାଇ ଯାଉ ତୁ ଘରେ ଚଢ଼ଣ୍ଡ ଅମୃତ ।

—:୦:—

## ହରଗଉରୀ

ବସେ ହରଗୌରୀ ଦେହ ଏକ ଆସନରେ,
ମଧୁର ସୁନ୍ଦର ହାସ୍ୟ ଓଷ୍ଠାଧରୁ ଝରେ ।

ଯେଣୁ ତନୁ ଭିନ୍ନ, ମାତ୍ର ମନ ପ୍ରାଣ ଏକ,
ହରଗଉରୀର ଏ ଯେ ଯୁଗ ଅଭିଷେକ ।
ମିଳନର ମହୋତ୍ସବ ଲାଗିଛି ନୀରବେ,
ହୃଦୟ-ଭଣ୍ଡାର ପୂର୍ଣ୍ଣ ପ୍ରଣୟ-ବୈଭବେ ।
କି ଗମ୍ଭୀର ଭାବପୂର୍ଣ୍ଣ ହରଗୌରୀ ମୂର୍ତ୍ତି,
ଅର୍ଦ୍ଧହର ପୁଣି ଅର୍ଦ୍ଧ-ଗଉରୀ ଆକୃତି ।
ବର୍ଷାସଖୀ ହରଗୌରେ, ଶରତର ବଟ ,
ଗନ୍ଧ ସିନା ନାହିଁ ତୋର, ମାତ୍ର ଅଛି ମଧୁ ।
ରମଣୀକୁଳର ତୁହି ପ୍ରସାଧନ-ବସ୍ତୁ,
କରନ୍ତି ସେ କରତଳ ତୋ ରସେ ରଞ୍ଜିତ ।
ପବିତ୍ର ତୋ ଦେହପ୍ରାଣ କଳୁଷ-ବର୍ଜିତ,
ମଣନ୍ତି ନିଜକୁ ସେଣୁ ତୋ ସ୍ପର୍ଶେ ପବିତ୍ର ।
ଜାମରୁଗୀ ଫୁଲ ତୁହି ଧରୁ ନାନାବର୍ଣ୍ଣ,
ଦୂର୍ବିନେ ଉଜ୍ଜ୍ୱଳେ ଦିଗ ତୋ ଦୀପ୍ତ କିରଣ ।
ଜପା ଘନଘନ ଏତେ ବଦଳାଉ ରୂପ,
ତୋର ପ୍ରିୟସଖୀ ଲତା-ଗୋଲାପ ସ୍ୱରୂପ ।
ବୁଝିଲି ବୁଝିଲି ତୋର ସ୍ୱଭାବର ମର୍ମ,
ନିତ୍ୟ ନୂତନତା ପଣ ତୋର ଚରଧର୍ମ ।

—:0:—

## ବଣିଆଁଷ୍ଠା

ବଣରେ ବଣିଆଁଷ୍ଠା କରୁଥାଏ ବାସ,
ତୁଚ୍ଛ ଜାଣେ ନ ମାଡ଼ନ୍ତି କେହି ତାହା ପାଶ ।
ତେବେ କଥା ସଂସାରେ ବା ମନୁଷ୍ୟଙ୍କୁ ଜଣା,
ନ ଜାଣେ ଯା ଗୁଣ, ତାକୁ ମଣେ ସେ ଅଲଣା ।
ସାନତେଣୁ ଥାଏ ସେ ତ ସବୁଠି ଗଞ୍ଜିତ,
ନ ବୁଝି କହୁବା ତୁଚ୍ଛ ଅବସ୍ଥାର ଅନ୍ତ ।
ଲକ୍ଷାଣି ସୂଅରେ ଉଠେ ଦୁର୍ବଳ ଶଫରୀ,
ମାତ୍ର ତାହା ପାରେ ନାହିଁ ବଳବନ୍ତ କରି ।
ଅଣକ୍ଷୁଦ୍ର ମହୁମାଛି ଫୁଲୁଁ ଶୋଷେ ମଧୁ,
ପଣ୍ଡିତସ୍ୱ ମାନେ ତହିଁ ମାନବ ଜୀବଧୁ ।

ବଣିଆଁଷ୍ଠାର ହେଉ ସୂକ୍ଷ୍ମ ଜାତିଗତ,
କେ କହିବ ସ୍ୱଭାବର ସତ୍ୟକୁ ନ ଜାଣି ।
ପିନ୍ଧନ୍ତି ସେ ମସ୍ତକରେ ହୀରକ ମୁକୁଟ,
କିଆ ହୋଇଅଛି ତହିଁ ସ୍ନିଗ୍ଧ ଗନ୍ଧପୁଟ ।
ଫୁଟିଅଛି କେତେ କେତେ ହୋଇ ଜାତି ଫୁଲ,
ସେ ମୁକୁଟ ଜ୍ୟୋତିର୍ମୟ ରତ୍ନର ପସରା ।
କଳାକୁଶଳୀ ସେ—ନୁହେଁ ହେୟ ହୀନମାନ,
ସୁରଶିଳ୍ପୀ ବିଶ୍ୱକର୍ମା ସଙ୍ଗେ ସେ ସମାନ ।
ବୈଷଜ୍ୟ ଶାସ୍ତ୍ରରେ ତାର ଅସୀମ ପ୍ରଭାବ,
ତାଂ ଭଲ ବଧୀଚଧର୍ମୀ ମାନବେ ଅଭାବ ।

—:0:—

## ଆଳୁ

ରୂପା-ଭୂସି ଧରୁ ଆଳୁ ହୋଇଅଛୁ ଠିଆ,
ରତ୍ନଗର୍ଭା ବସୁନ୍ଧରା ତୁ ପରା କୁନିଆ ।
ଏ ମହକ ଆହା ତୋର ସ୍ନିଗ୍ଧ ସୁମଧୁର,
ବାୟୁ-ବାହନରେ ଚଢ଼ି ଭ୍ରମେ ବହୁଦୂର ।
ରୂପ-ହାଟେ ଅଚଳା ତୁ ଗୁଣହାଟେ ଚଳା,
ରୂପର ତ ଜଗେ ମୂଲ ନାହିଁ ଗୁଣ ବିନା ।
ଗୁଣ ଥିଲେ ରୂପ ସିନା ଦିଶିବ ସୁନ୍ଦର,
ରୂପ କ୍ଷୁଦ୍ର ବିନ୍ଦୁ, ଗୁଣ ଅପାର ସାଗର ।
ଗୁଣଗ୍ରାହୀ ବିଭୁଯୁକ୍ତ ଚାହିଁଅଛି ତତେ,
ମହତ ବିନା ବା କିଏ ଚହ୍ନିବ ମହତେ ।
ହେଉ ପଛେ ଜଦାକାର ନେବାର ଅଲୋଡ଼ା,
ସ୍ୱଭାବ ସୁନ୍ଦର ଯାର ଶୋଭାର ସେ ଶୋଭା ।
କେତେ ଗନ୍ଧହୀନ ଫୁଲ ବର୍ଣ୍ଣାଢ୍ୟ ଜଗତେ,
ଗନ୍ଧଯୁକ୍ତ ହୋଇ ତୁହି ରହିଛୁ ଗୁପତେ ।
କେଉଁ ଅପଦେବତାର ଏହା ଅଭିଶାପ,
ଜନ୍ମ ତୋ ଜୋଷ୍ଟୀରେ କେଉଁ ଲୁଗ୍ରହ ପ୍ରତାପ !
ପଣ୍ଡିତ ତୁ, କରୁ ନାହିଁ ଭ୍ରୂକ୍ଷେପ ସେ ପ୍ରତି,
ଅନାଦର ସମାଦର ସମାନ ତୋ ମତ ।

ନାମ କିଣିବାକୁ ତୋର ନାହିଁ ଅଭିଳାଷ,
ପ୍ରଶଂସା ଭାଗୀ ନୋହୁ, ପ୍ରଶଂସା ତୋ ଦାସ ।

—o—

## କୁରୁବକ

କଣ୍ଟକ-ଦୁର୍ଗବାସିନୀ ରେ କୁଳସୁନ୍ଦରୀ,
ବୋଲନ୍ତି ତୁ ସହଚରୀ, କାର ସହଚରୀ ?
ଅଗମ୍ୟ ଦୁର୍ଗରେ ତୋର କିଏ ସହଚର,
ଭେଦିପାରେ ନାହିଁ ତାହା ସାହସୀ ଭ୍ରମର ।
କୀରବାଳା ତୁହି, ବହୁ କୀର ପ୍ରହରଣ,
କରୁ ନାହିଁ ଆତ୍ମରକ୍ଷା ସତୀତ୍ୱ ରକ୍ଷଣ ।
ପାତିବ୍ରତ୍ୟ ଶରୀରରେ ତୋର ବଜ୍ରବର୍ମ,
ହରି ନ ପାରନ୍ତି କେହି ତୋର ନାରୀଧର୍ମ ।
ଅଚେତନ ହୋଇ ବୁଝୁ ଧର୍ମର ମହତ୍ତ୍ୱ,
ପ୍ରଚାରୁ ନୀରବ ଭାବେ ଧର୍ମ ଗୂଢ଼ ତତ୍ତ୍ୱ ।
ତୋହୋ ପରି ଫୁଲେ ଏତା ହୁଅନ୍ତେ ଧର୍ମପ୍ରାଣ,
ସଚେତନ ନର ଜାଣି ହୁଅନ୍ତି ଅଜାଣ ।
କ୍ରିୟାହୀନ ଜ୍ଞାନ ଖାଲି ଶରୀରର ଭାର,
ମାତ୍ର କାର୍ଯ୍ୟକରୀ ଜ୍ଞାନ ରତ୍ନ ଅଳଙ୍କାର ।
ଫୁଲସତୀ, ପ୍ରାଣ ମୋର ତବ ହାହାମୟ,
କେଉଁ ଉପାୟରେ ହେବ ତୋର ପରିଚୟ ।
ଦହିଦେ ତୁ ମୋତେ ତାହା ହୋଇ ଦୀକ୍ଷାଗୁରୁ,
ଏ ସଂସାର ଦେଖି ମୋତେ ନଗ୍ନଉଚ୍ଛୁ ଭୁରୁ ।
ତା ପାଇଁ ନିର୍ଭୟ ହେବ ତୋହର ପ୍ରସାଦେ,
ଏତିକି ମାଗୁଛି ମୋର ସତୀ ପୁଣ୍ୟପାଦେ ।

—*—

## ବଣମଲ୍ଲି

କେଉଁ ବଣେ ବଣମଲ୍ଲି ବସିଛୁ ଲୋ ଲୁଚି,
ଚନ୍ଦ୍ର ସୂର୍ଯ୍ୟ ଦେଖା ପାଇ ନୁହେଁ ତୋର ରୁଚି ।
ଲୁଚିଥା ପତ୍ରେ ଢାଙ୍କି ଶରୀର ମସ୍ତକ,
ଦେଖାଇ ଦେଉଛୁ ତୋତେ ତୋହର ମହତ ।
ଦେଖିଲିଣି, ଗୁହ୍ୟ ତେଇ ଲୁଚଯାଇ ଗୁଲ୍ମେ,
ବଣମଲ୍ଲି, ଆଲିଙ୍ଗିଛୁ ଗିରିମଲ୍ଲୀ କାଣ୍ଡେ । *
ବରିଅଛୁ ଯୋଗ୍ୟପାତ୍ରେ, ଲୁଚ ଏତେ ଲାଜ,
ତୋ ବରର ପ୍ରିୟବନ୍ଧୁ ନିତେ ଘନସ୍ୱଜ ।
ଜଗତ ଅଧିକ ଲୋ ତୋ କାନ୍ତ ସମ୍ବନ୍ଧେ,
ମହାକବି କାଳିଦାସ ମୋହିତ ଯା ଗନ୍ଧେ ।
ତୁ ତାହାର ଯୋଗ୍ୟ ସଖୀ ରଜାଗୁଣୀ ପରି,
କ୍ଷୀଣଦେହେ ରଖିଅଛୁ କେତେ ଗୁଣ ଭରି ।
ତାର ଗ୍ରୀଷ୍ମଫୁଲ ଝଡି ତୋ ଫୁଲ ଉପରେ,
ପ୍ରେମର ପୁଲକ ବନ୍ୟା ବହାଏ ପ୍ରାଣରେ ।
ସେ ପୁଲକେ ମିଶିଯାଏ ହୃଦୟେ ହୃଦୟ,
ବାରିହୁଏ ନାହିଁ ତାହା ଉଭୟେ ତନ୍ମୟ ।
ବଲ୍ଲି-ବାଳାକୁଳେ ଧନ୍ୟ ତୁ ଲୋ ଭାଗ୍ୟବତୀ,
ପାଇଅଛୁ ମନୋମତ ଭାଗ୍ୟଧର ପତି ।
ଆଶୀର୍ବାଦ କରେ କବି—ହେ ନବଦମ୍ପତି,
ଚିରସୁଖୀ ହୁଅ ଯଥା ଶଙ୍କର ପାର୍ବତୀ ।

—*—

## କେନାଫୁଲ

ଏ କିସ ରେ କେନାରାଣି ! ହସୁଛୁ ଉଷାରେ,
ଶୀତସାର ଉଆଗରେ ଲୋଟୁଛୁ ତୁଷାରେ ।
ରଜନୀ-ସଜନୀ ତୁହି ହେମାଙ୍ଗିନୀ କେନା,
ମହେଁ ଅବତୀର୍ଣ୍ଣ କିବା ସ୍ୱର୍ଗାପ୍ସରୀ ମେନା ।
ବନସ୍ପତ ସଭେମା ଅଲେକ ସ୍ୱଭାବ,
ନାହିଁ ମନେ ତେତେବେଳେ ଶୁଷିର ଅଭାବ ।
କେନ୍ତ କେନ୍ତ ହୀରମୋତି ମଣିରତ୍ନ ଅଦି,
ଅଳଙ୍କାରେ ରଖିଅଛୁ ସର୍ବାଙ୍ଗ ଆଚ୍ଛାଦି ।
ଫଳମଳେ ସ୍ୱର୍ଣ୍ଣବର୍ଣ୍ଣ ଲମ୍ବି ତେଣ୍ଡ ତେଣ୍ଡ,
ସୁନ୍ଦର ପ୍ରକୃତି ତୋର ସୁନ୍ଦର ଦେହେସ ।

* ଗିରିମଲ୍ଲୀ—କୁଟଜ ବୃକ୍ଷ

ଏବେ ଅନ୍ଧକାର ଭୟ କାହିଁ । ଅଟେ ଭକ୍ତ,
ସାବଧାନ, ଝାଙ୍କିଯିବ ଛଟି ତୋର ସତ୍ତ୍ୱ ।
ସନ୍ଧ୍ୟା ହେଲେ ମେଲିଦେଉ ଗନ୍ଧର ଝାପଣୀ,
ଛତ-ବାଣୀକଣା ତୋର ସୁଷମା ଟିପ୍ପଣୀ ।
ନାହିଁ ତୋ ଗନ୍ଧରେ ବ୍ୟଥା, ପୁଷ୍ପ ସେ ଫୁଲରେ,
ଛଣ୍ଡିଦିଏ ଅବସାଦ ହୃଦୟୁ ପଳଏ ।
ତୃଷିତ ପବନେ ଭରି ସୁଗନ୍ଧିତ ଶ୍ୱାସ,
ଭକ୍ତତୋଷ ସାଧୁ ଭୁଞ୍ଜେ ଯେସନେ ଅବୁଧ ।
ଜ୍ୟୋତ୍ସ୍ନା-ସ୍ନାନେ ତନୁ ତୋର ଦ୍ୱିଗୁଣ ଫୁଟଇ,
ମୋହିନେଉ ପ୍ରାଣମନ ପ୍ରଚ୍ଛନ୍ନେ ଲୁଟଇ ।

ଭକ୍ତ ହୋଇ ତୋ ମନ ତୁ, ସୁନ୍ଦର-ସଂଗତା,
ଦାନ ତ୍ୟାଗ ତୋଠାରୁ ଶିଖିବେ ଦେବତା ।
ସ୍ୱପ୍ନ-ଭରେ ଭରୁ ଯେବେ ମର୍ଦ୍ଦନ ମୋ ଭର,
ନର ହୋଇ ଭେଟେଭେଟେ ହୁଏଁ ମୁଁ ଅମର ।
ଏ ଶୀତଳ ସ୍ପର୍ଶ ତୋର ଭେଟେ ସେ କୋମଳ,
ଗନ୍ଧ-ଅନ୍ଧ ଅଳିକୁଳେ କରୁ ତୁ ପାଗଳ ।
କୁସୁମ ସ୍ତବକ ଭରେ ପଡ଼ିଅଛୁ ନଇଁ,
ଅତି ସମ୍ପଦରେ ବଙ୍କେ ହୁଅନ୍ତି ବିନମ୍ରୀ ।
ପର ପାଇଁ ମଧୁ-ଧନ କରୁ ତୁ ସଞ୍ଚୟ,
ଅନ୍ତର ବାହାର ତୋର ସବୁ ମଧୁମୟ ।



# ପ୍ରୀତ୍ୟୁପହାର

ଉତ୍କଳର ଉନ୍ନତି-ଭାସ୍କର, ଦୟାବୀର, ଦାନବୀର, ଧର୍ମବୀର, ରାୟ ବାହାଦୁର

## ଶ୍ରୀଯୁକ୍ତ ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର ମହୋଦୟଙ୍କ

ଦାନପୂତ ଶ୍ରୀକରକମଳରେ ଏ କ୍ଷୁଦ୍ର ପୁସ୍ତକ
"ଗୂଢ଼ମନ୍ତ୍ରଣା" ଶ୍ରଦ୍ଧାପ୍ରୀତିର
ନିଦର୍ଶନ ସ୍ୱରୂପ
ଅର୍ପିତ ହେଲା ।

---

ଭଦ୍ରକ
୧୫ । ୭ । ୩୭ } ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ଖୁଦମଲୁଣି

ଫମ୍ପା ଉପାଧିରେ ତ ଅଛି ଖାଇ,
ପେଟ ପୂରିବ କି ତାହାକୁ ଖାଇ ।
ସେ ଉପାଧି ବନ୍ଧା ରଖି ଶଗଡେ,
ଦେବ ନାହିଁ କେହି ଗୁଡ଼ିଲ ଅଢ଼େ ।

*　*　*

ଥରେ ଠକି ଯେବେ ନୁହେଁ ସତର୍କ,
ତାହାଠାରୁ କିଏ ଭୁଣ୍ଡା, ଅମ୍ବଡ ।

*　*　*

ଆପଣା ସ୍ୱାର୍ଥରେ ପଡ଼ିଲେ ବାଧା,
ସମସ୍ତେ ହୁଅନ୍ତି ମାନନୀ ରାଧା ।

*　*　*

ଦୁଇଆଡ଼େ ଥାଇ ବଢ଼ାଏ ଦ୍ୱନ୍ଦ୍ୱ,
ସେ ଲୋକ ସ୍ୱଭାବ ବଡ଼ ଦୁର୍ଗନ୍ଧ ।

*　*　*

ଖୋଜି ବୁଲି ଲାଗେ ପର କଜିଆ,
ବଡ଼ କୁଟିଳ ସେ ନାଠକୁଟିଆ ।

*　*　*

ଏ ଘାନ୍ତ ପ୍ରଶଂସେ ସେ ଘାନ୍ତ ନନ୍ଦେ,
ତା ମୁହଁ ଦେଖିଲେ ସ୍ମର ଗୋବନ୍ଦେ ।

*　*　*

ବହୁରୂପ ଧରେ ଏଣ୍ଡୁଆ ପରି,
ମହାମାୟାବୀ ସେ ଗୁପ୍ତମସ୍କରୀ ।

*　*　*

ପୋଷି ରଖେ ମନେ ପୂର୍ବ ଅଦ୍ୱନ୍ତା,
ମନୁଷ୍ୟ ନୁହେଁ ସେ ବନ୍ତା ଅନନ୍ତା ।

*　*　*　*

ମାତୃମହୀ ପଦେ କଲେ ଜୁହାର,
ମିଳେ ତୀର୍ଥସେବା ଫଳ ଅପାର ।

*　*　*　*

ଲୋକେ ଶୋଷେ ପେଟ ଯାଉଛି ସଢ଼ି,
ମୁଣ୍ଡରେ ବାନ୍ଧୁଛି ଜରି ପଗଡ଼ି ।

*　*　*　*

ମାଖିବାକୁ ତେଲ ନ ମିଳେ ପଛେ,
ସୁନ୍ଦରୀ ଗଣ୍ଡରେ ଚିତ୍ତୁଣି ଲଗେ ।

*　*　*　*

ଶୋଇବାକୁ ନାହିଁ ଖଟ ଭଭର୍,
ଖାଇବାକୁ ଖାଧ ଛିଣ୍ଡା ଚାଦର୍ ।

*　*　*　*

ଭୁଲାରେ ମାରେ ଯେ ଗାଲଫୁଲ୍ଲ,
ସେଇଟା ନହାତ ଗଭରକୁଢ଼ୀ ।

*　*　*　*

ଲାଗେ ନାହିଁ ହାତ, ନ ଲାଗେ ପାଦ,
ଚାର୍ ଘର ଲୁଣ ବଡ଼ ସୁଆଦ ।

*　*　*　*

ମିଠା ଲାଗେ ଯାକୁ ପର ଅଇଁଣ୍ଠା,
ସେ କଣ ଗଢ଼ିବ ବସି ଗଇଁଣ୍ଠା ।

*　*　*　*

ଖାଉଥାଏ ଯାକୁ ଅର୍ଥର ନିଶା,
ପୁଅଠାରୁ ବଡ଼ ତାର ପଇସା ।

✽ ✽ ✽ ✽

ଦେବତା ନ ମାନେ ନାସ୍ତିକ ଛାର,
ଇଷ୍ଟଦେବ ତା'ର ପଞ୍ଚମକାର ।

✽ ✽ ✽ ✽

ବୁଦ୍ଧି ଅଛି ଯାର ସେହି ବଳୁଆ,
ବୁଦ୍ଧିରେ ଜଣିଲା ସିଂହେ ଠେକୁଆ ।

✽ ✽ ✽ ✽

ବନରେ ମୟୂର ଆକାଶେ ଘନ,
ପୃଥ୍ବୀଠାରୁ ସୂର୍ଯ୍ୟ ଲକ୍ଷେ ଯୋଜନ ।
ତିନିଲକ୍ଷ ଯୋଜନ ଅନ୍ତରେ ଶଶୀ,
କୁମୁଦିନୀ ହସେ ଜଳରେ ବସି ।
ଘଟିଛି ତାଙ୍କର ସ୍ୱବପୀରତି,
ପ୍ରୀତି କରନ୍ତିଏ ଦୂରରୁ କତି ।

✽ ✽ ✽ ✽

ଜୈମିନୀ, ସୁମନ୍ତ, ବୈଶମ୍ପାୟନ,
ପୁଲସ୍ତ୍ୟ, ପୁଲହ ଏ ପାଞ୍ଚଜଣ,
ତପ ତେଜେ ଦୀପ୍ତ ଯଥା ତାରକା,
ଏହି ପାଞ୍ଚ ଋଷି ବଜ୍ରବାରକା ।

✽ ✽ ✽ ✽

ହୀନସେବା ଛାଡ଼ି ମହତାଶ୍ରୟ,
ତଲେ ଶରତ୍କାଳ ହେବ ନିର୍ଭୟ ।
ସିଂହର ମଉଲା ହେବାରୁ ଅଳା,
ବନସ୍ତରେ ହେଲା ହିଂସ୍ର ରଜା ।

✽ ✽ ✽ ✽

ସୀତା ହର ନେଲା ଦୁଷ୍ଟ ରାବଣ,
ସମୁଦ୍ରେ ବାନ୍ଧିଲେ ରଘୁନନ୍ଦନ,
ଏଥିରୁ ବଡ଼ କ ଅଛି ଆନ,
ଦୁଷ୍ଟ ଅପରାଧେ ଶିଷ୍ଟାପମାନ ।

✽ ✽ ✽ ✽

ସୁନ୍ଦର ମୂର୍ତ୍ତି ପଳାଶ ଫୁଲ,
ନାହିଁ ତାର ବାସ, କଡ଼ାଏ ମୂଲ ।

✽ ✽ ✽ ✽

ବୁଦ୍ଧି ନାହିଁ ଯାର ପଶୁ ସେଇଟା,
ଗେଙ୍ଗୁଟିଙ୍କି ମଣେ ଗଇଁଠା ପିଠା ।

✽ ✽ ✽ ✽

ଋଣ କରି କେବେ ନ ଖାଅ ଘିଅ,
ଖାଗ ମାରୁଷରେ ବଢ଼ିବ କିହ ।

✽ ✽ ✽ ✽

କୁଆ, କୁଆ, ଭୁଆ, ମାଛ, ପିମ୍ପୁଡ଼ି,
ଖାଇଲେ ନ ହୁଏ ଦ୍ରବ୍ୟ ସଙ୍କୁଡ଼ି ।

✽ ✽ ✽ ✽

ନୀଚ ଉଚ୍ଚପଦେ ହେଲେ ମଣ୍ଡିତ,
ମୂର୍ଖ ପୁତ୍ର ଯେବେ ହୁଏ ପଣ୍ଡିତ,
ଅମାନୀ ଯଦ୍ୟପି ଲଭେ ସମ୍ମାନ,
ଜଗତକୁ ମଣେ ତୃଣ ସମାନ ।

✽ ✽ ✽ ✽

ବସ୍ତ୍ରରେ ବସି ଧରେ ଯେ ଚକ୍ଷୁ,
ପର ଘର ଭଙ୍ଗା ଯାହାର ଲକ୍ଷ୍ୟ,
ମହାପାପୀ ସେଟା ଧର୍ମଛଡ଼ା,
ତଡ଼ାଏ ନ ଦେଇ ନିଏ ଛଡ଼ା ।

✽ ✽ ✽ ✽

ବିଶ୍ୱାସେ ଦିଏ ଯେ ଭଣ୍ଡିରେ ଗୁର,
ମନୁଷ୍ୟ ନୁହେଁ ସେ ହୀନ କୁକୁର ।

✽ ✽ ✽ ✽

ଛଳନା ଯାହାର ଜନ୍ମ ଜୀବିକା,
ପଦାର୍ଥ ନୁହେଁ ସେ ମୃଗତୃଷ୍ଣିକା ।

✽ ✽ ✽ ✽

ସ୍ନେହରେ ଚୁମ୍ବିଲେ ସର୍ପବଦନ,
କରିବ ସେ ନିଶ୍ଚେ ମୁଖେ ଦଂଶନ ।

✽ ✽ ✽ ✽

ଦାନ କରି ଯେବେ ହୁଏ ବଖାଣି,
କାଠଠାରୁ ସେଟା ଇତର ପ୍ରାଣୀ ।

✽ ✽ ✽ ✽

ତୃଣଠାରୁ ନୀଚ ନିଜକୁ ମଣ,
ତରୁ ପରି ଧର ସହିଷ୍ଣୁ ପଣ,

ଅମାନୀକୁ କର ମାନ ଅର୍ପଣ,
ତୁଣ୍ଡେ ହରିନାମ କର କୀର୍ତ୍ତନ ।

* * * *

ହାତୀକୁ ଦେଖିଲେ ନ କର ଭୟ,
ନ ଡରିବ କେବେ ଦେଖିଲେ ହୟ,
ଶୃଙ୍ଗୀକୁ ଦେଖିଲେ ଛାଡ଼ିଥାଅ ବାଟ,
ଦୁର୍ଜନ ଦେଖିଲେ ପଳାଅ ଛାଡ଼ି ।

* * * *

ବସନ୍ତ ସମ୍ପଦ ମଳୟାନିଳ,
ଗଙ୍ଗାର ସମ୍ପଦ ସ୍ୱଚ୍ଛ ସଲିଳ,
ସାଧୁର ସମ୍ପଦ ସଦା ସତ୍କର୍ମ,
ଗୃହୀର ସମ୍ବଳ କେବଳ ଧର୍ମ ।

* * * *

ଫୁଲର ସୁବାସ ଯାଏ ଦଣ୍ଡକେ,
ଗୁଣର ସୌରଭ ସଦା ମହକେ ।

* * * *

ସଜ୍ଜନର କଥା ପଥରଗାର,
ଖଳ କଥା ପାଣିଗାର ପ୍ରକାର ।

* * * *

ପାପ ଅମଙ୍ଗଳ, ପୁଣ୍ୟ ମଙ୍ଗଳ,
ତୁଷ୍ଟି ପୁଚ୍ଛ କିଏ ମଙ୍ଗଳ ଫଳ ।

* * * *

ଅଣ୍ଟାରୁ ଲେଙ୍ଗୁଡ଼ ପଡ଼ୁଛି ଛୁଡ଼ି,
ମୁହଁରେ ଲଗିଛି ସିଗ୍ରେଟ ବଡ଼ ।
ରଜା ହେଉ ପଛେ ହୁକାପି ପୁଅ,
ଛାଡ଼ ପାରିବ କି ହୁକାପି ଗୁଅ ।

* * * *

ଜମିଦାରି ଯାକେ ଜମିଦାରକୁ,
ମାନବ କି ତାହା ହୀନ ଛାରକୁ ।

* * * *

ଲୋଭଧାରୀ ହୁଏ ଯେବେ ଅଲୋଡ଼ା,
ପଇସାକୁ କରେ ମଲ୍ଲସା ଲେଖା ।

* * * *

ବନ୍ଧୁଲୋକ ହେଲେ ଏକ ପୁରୁଷା,
କେବେ ଖାଇ କରେ ସ୍ୱଣରେ ଦୃଷା,
ସମସ୍ତଙ୍କ ସଙ୍ଗେ କରେ ସେ ହିଂସା,
ବାପ ଲେଖା ତାର ହୁଏ ପଇସା ।

* * * *

ଟଙ୍କିଦ ପୁରୁଷ ଯାର ଲଙ୍ଗଳା,
ପଇସା ହେଲେ ସେ ତୋଳେ ବଙ୍ଗଳା ।

* * * *

ଅଦୃଷ୍ଟ ମହିମା ସିନା ଏମନ୍ତ,
ବେଲମଙ୍ଗା ତେଲ ହୁଏ ମହନ୍ତ ।

* * * *

ଲୋଟଣା ମୂଳରେ ଦେଲେ ଖଜୁର,
ଲାଗିବ କି ତାହା ଫଳ ମଧୁର ।

* * * *

ଘଣ୍ଟଘଣ୍ଟା ପରି ମନୁଷ୍ୟ ପ୍ରାଣ,
ଧାଇଁଛି ଆଗକୁ ସର୍ବଦା ଜାଣ ।
ଦମ୍ ସରିଗଲେ ହେବ ସେ ସ୍ଥିର,
ମାଟିରେ ପଡ଼ିବ ମାଟି ଶରୀର ।
ଏ କଥାକୁ ଦେଇଥିବ ଯେ ଧିସା,
ସେ କିପାଁ କାହାକୁ କରିବ ହିଂସା ।
ଏହିକ୍ଷଣି ପ୍ରାଣ ଗଲେ ବାହାର,
କେ ତୁମ୍ଭର, ତୁମ୍ଭେ ନୁହଁ କାହାର ।

* * * *

ହୀନପୁରୁଷ ଯେ ଜୀବନରଙ୍କା,
ବସ୍ତୁଣ୍ଡ କଲକୁ କରେ ସେ ଶଙ୍କା ।

* * * *

ରଜା ହେଲେ ଗୁଅ ନ ଛାଡ଼େ ଖଳ,
କେଉଁ ପିଠି ନୁହେଁ ବିଷ୍ଠାର ଭଲ ।

* * * *

ଯେତେ ନାହିଁ ପାଠ ମୁଣ୍ଡରେ ନାଳ,
ସେତିକି ମାଟିର ପାଉଲ ତାଳ ।

* * * *

ଭୁଣ୍ଡାଏ ପତ୍ରରେ ଲବଣୀ ସର୍,
ଆପଣାର୍ କେବେ ନ ହେବ ପର୍ ।

* * * *

ଖାଉଥାଉ ପଛେ ଦୁଧ କଦଳୀ,
କାଳକୂଟୀ ତୁଣ୍ଡ ଶୋଷିବ ଜଳି ।

* * * *

ସ୍ୱଭାବ ନ ଯାଏ ଭଲ ପରଶେ,
ଫୁଲେ ବସି ମାଛି ଘାଆରେ ବସେ ।

* * * *

ଯଦି ବ୍ରହ୍ମାଙ୍କର ବାହନ ହଂସ,
ଖାଉଛି ସେ ଗେଣ୍ଡା ଶାମୁକା ରସ ।
ସ୍ୱୟଂ ଜଗନ୍ନାଥ ପ୍ରଭୁ ଯାହାର୍,
ସେ ଗରୁଡ କରେ ସର୍ପ ଆହାର୍ ।
ଆସ୍ତା ଭଲ୍ ଶିବ ଠାକୁରେ ବୃଷ,
ଖାଏ ପୁଣି ଘାସ, ତୋରାଣି, ଭୁଷ ।
ଏତେ ଲୋକଙ୍କର ଏହି ଚତୁର୍,
ଇତରର୍ କଥା କସ ପଚୁର୍ ।

* * * *

ହୀନକୁଳେ ଜନ୍ମି ନ ହୁଏ ହୀନ,
ପଙ୍କରୁ ଜନମି ବାସେ ନଳିନ ।

* * * *

ପଇସାର୍ ନାହିଁ ନ୍ୟାୟ ଧରମ,
ପଇସା ଗରମ ବଡ ଗରମ ।

* * * *

ପାଣ୍ଡବେ ଧ୍ୱଂସିଲେ କୌରବ ଗର୍ବ,
ଏଥିରୁ ଭାରତ ଅଠର୍ ପର୍ବ ।

* * * *

ଶୃଗାଳ ଦଣ୍ଡରେ ଗୋରୁ ଆତୁର୍,
ଗଳି ବନ୍ଧଣାରେ ଶୁଏ କୁକୁର୍,
ଧର୍ମ ବିଚାର୍ ଏ କଳି ଯୁଗରେ,
ବଡଲୋକଙ୍କୁ ତ ଧର୍ମ ବି ଡରେ ।

* * * *

ମୂର୍ଖର୍ ଗାରିମା ଢଙ୍ଗ ଅସୀମ,
ବେଶ ସାଜିଥାଏ ଯେତେକ ହାକିମ,
ମହାକାଳ ଫଳ ଦିଶେ ବାହାର୍,
ଭିତରଟା ତାର୍ ପୋଡ଼ା ଅଙ୍ଗାର୍ ।

* * * *

ନଈ ପାଣି ପାଏ ବାଲିଭିତରୁ,
ଶୁଖି ଶୁଖି ମରେ ଲକ୍ଷ ଜଖାରୁ ।
ଏ କାଳର୍ ଏ ତ ଉନ୍ନତ ରୁଚି,
ଅସୂର୍ଯ୍ୟ ସନ୍ନ୍ୟାସୀ, ପୂଜିତ ମୁଚି ।

* * * *

ଧୂଳି କି ଅବଜ୍ଞା କରନ୍ତୁ ଗୁଣ୍ଡା,
ଧୂଳିରୁ ଉପୁଜେ ରତନ ମୁଣ୍ଡା ।

* * * *

ଅଲ୍ପାୟୁ ତଡ଼ିତ ଅଲ୍ପାୟୁ ବନ୍ୟା,
ଅଲ୍ପାୟୁ କୁସୁମ—ଚାନ୍ଦନକନ୍ୟା,
ଅଲ୍ପାୟୁ ସମ୍ପଦ, ମଳୟ ବାୟୁ,
ଅଛି ଶବଦଟି ଅଛି ଅଲ୍ପାୟୁ ।

* * * *

ଘର୍ ବଳ ଘର୍ ଭିତରେ ଖୋଜି,
ପଦାରୁ କାଢ଼ିଲେ ପାଇବ ଲାଜ ।

* * * *

ଜଳାମେଘ ଯାଏ ଫସର୍ ଫାଟି,
ପାଣି ଢାଳିଦିଏ ପାଣ୍ଡୁରି ଆଟି ।

* * * *

ଆଗେ ଆପଣାକୁ କହେ ଯେ ବାବୁ,
ବାବୁ ନୁହେଁ ସେଟା ବାବୁର ଆବୁ ।

* * * *

ପର୍ ଲୁଗା ପିନ୍ଧି ଛାତି ଫୁଲାଇ,
ହିଁଟ, ବଡପଣ ହୁଏ ଦେଖାଇ ।

* * * *

ପିଠଲ ଗାରୁକୁ ନ ମିଳେ ଚୂନା,
ନାଇବାକୁ ଖୋଧ କାନରେ ସୁନା ।

ଅମ୍ଳିକା ଭାଣ୍ଡିରେ ନ ପଡେ ଲୁଣ,
ପର ଘରେ ଲେଢ଼ା ପନ୍ଦର ଲୁଣ ।
*    *    *    *
ଏ ମୁହଁରେ କଥେ ସେ ମୁହେଁ କଥେ,
ତାହା ଭରସାରେ ବସିଥା ପଥେ ।
*    *    *    *
ମନୁଆ ଧରନ୍ତୁ ମଦନ ହାତ,
ତରୁଅଣ ଚାଇଲ୍ଡଙ୍କ ସଙ୍ଗାତ ।
*    *    *    *
ଅତ ଅଙ୍କାବନ୍ତ ଥିବୁଲୁଣ୍ଡିଆ,
ପଛଆଡ଼େ ଥାଇ ମାରେ ମୁଣ୍ଡିଆ ।
*    *    *    *
କଲ ନ ପାଇଲେ କଲଭୁଣ୍ଡେଇ,
ଦେଖୁଥାଏ ତାର୍ ଜଭ ଲୁଣ୍ଡେଇ ।
*    *    *    *
ସ୍ୱଭାବ ଚରିତ ଉନ୍ନତ କର୍,
ଲଭିବ ବର୍ଷରେ ଉଇ ଆଦର୍ ।
*    *    *
କ ଲଙ୍କା ଖାଇଲେ ଖାଗପତର୍,
ଦାସବୃତ୍ତି କାନ୍ତୁ ବଢ଼ ଇତର୍ ।
*    *    *
ନ ମିଳୁ ପଛକେ ମନ୍ତ୍ରୀ ଗଇଁଣ୍ଡା,
ନ ସ୍ତୁଟ ଲୁକୁର ପଣ ଅଇଁଣ୍ଡା ।
ଛିଣ୍ଡି ପିଠା ସଙ୍ଗେ ନ ମିଳୁ ଭେଟ,
ହୀନ ବୃତ୍ତି ଧରି ନ ପୋଷ ପେଟ ।
*    *    *
ବଡ ନୋକ୍ରି ପଛେ ରହିବ ସାନ,
ହରାଇବ ନାହିଁ ଆତ୍ମସମ୍ମାନ ।
*    *    *
ନ ମିଳୁ ପଛକେ ବଡ଼ ଗୁଳସୀ,
ଅଷ୍ଟାବର ଯାଇ ଖେତ ଜଅସୀ

ମାଟି-ମାଆ ଯେବେ ଦେବେନି ବର,
କୁବେର ହୋଇବା କେବେ ମାତର ।
*    *    *
କୁକୁଞରେ ତାକୁ ହରିବ ତୃଷା,
ମାଟି ମଞ୍ଜାସି କ ମାରିବ ମୂଷା ।
*    *    *
ମହାପୁରୁଷଙ୍କ ମୂର୍ତ୍ତି ଗୋଟିଏ,
ଜନ୍ତୁ ମୃତ୍ୟୁପରେ ହୁଏ ଚୋଟିଏ ।
ତାଙ୍କ ଶୁଭ୍ରଦର୍ଶ ପ୍ରଭସ୍ତ-ଷର,
ଚୋଟି କୁବେ ହୁଏ ପ୍ରଭଫଳତ ।
*    *    *
ଦେବ୍ଯାତ ମାରେ ଛଳତ ଛାପା,
ସେ ଏବା ଠକର ଗୋସାଇଁ-ବାପା ।
*    *    *
ବର କନ୍ୟା ପଣ ଛାଡ଼ ଏଣିକି,
ପୁଅ ଝିଅ ମାଂସ ନ ଖାଅ ବିକି ।
*    *    *
ବୁଝ ତର ନୂଆ ପ୍ରଣାଳୀ ଧରି,
ବି, ଏ, ଏମ୍, ଏ, ପାସ୍ ନୁହେଁ ତା ସରି ।
*    *    *
କଳାବିଦ୍ୟା ଘୋଷି ପୂଜ କମଳା,
କଳା ଛଡାଇବ ଦେଶରୁ କଳା ।
ବେପାର ବଣିଜ ଲକ୍ଷ୍ମୀ-ନିବାସ,
ବୃଥା ଥାଅ ଧରି ବି. ଏସସି. ପାସ ।
*    *    *
ପାଠୁଆର ଘରେ ଚୋଟ ଭାମିଜ,
ମୂର୍ଖ ଘରେ ଥାଏ ଅସଲ ଶଳ ।
*    *    *
ମହତ ପଛକେ ନ ହେଲ ନାହିଁ,
ଇତର ନ ହୁଅ ବୁଝି ହସାଇ ।
*    *    *

ବନ୍ଧୁ ନାହିଁ ବେଶୀ ସାହସ ସମ,
ଅତି ସାହସଟି ଅତି ବିଷମ ।

* * *

ମାଗି ଦଣ୍ଡବତ ଯାଚ କଲ୍ୟାଣ,
ଅମାନୀ ଲୋକର ଆତ୍ମବଖାଣ ।

* * *

କି ଫଳ ମୂର୍ଖେ କହି ନୀତିବଚନ,
କି ଫଳ ଅନ୍ଧ ଆଗେ ଧରି ଦର୍ପଣ ।

* * *

ବାଣୀ, ଲକ୍ଷ୍ମୀ ମହିମା ସବୁଠୁଁ ବଳେ,
ଭାଷା ଓ ପଇସାରେ ସଂସାର ଚଳେ ।

* * *

ଗଣେଶ ବାହନ ଚୂଟିଆ ମୂଷା,
ବିଗ୍ରହ ଦେଖିଲେ ଲୁଚାଏ ଭୁଷା ।
ବଡଲୋକ ଆଶ୍ରା କରି ଯେ ଥିବ,
ସେ କିପାଁ ତାହାକୁ ଡରି ମରିବ ।

* * *

ଶିବଙ୍କ ବାହନ ହେବାରୁ ଷଣ୍ଢ,
ଧାଏଁ ସେ ସିଂହକୁ ଦେବାକୁ ଦଣ୍ଡ ।
ଗରୁଡକୁ ଫଣା ଟେକନ୍ତି ସର୍ପ,
ପ୍ରଭୁଯୋଗୁଁ ବଢେ ସେବକ ଦର୍ପ ।

* * *

ଅକର୍ମା କପାଳେ ନାହିଁ ମଙ୍ଗଳ,
ଶିବ ବର ତାହା ଭାଗ୍ୟେ ବିଫଳ ।

* * *

ଭାଗ୍ୟସୂର୍ଯ୍ୟ ଆସେ ଯେ କାଳେ ବୁଡି,
ଟଙ୍କା ସୁନା ହୁଏ ଖପର ଗୁଡି ।

* * *

ସବୁ କଥାରେ ଯେ "ଆଜ୍ଞା-ହଁ" କୁହେ,
ପ୍ରତିଧ୍ୱନି ସେଟା—ମନୁଷ୍ୟ ନୁହେଁ ।

* * *

ଅପାତ୍ରରେ ନୀତିଶିକ୍ଷା ନ ଦିଅ,
ବେଙ୍ଗ ପେଟେ ଜୀର୍ଣ୍ଣ ନ ହୁଏ ଘିଅ ।

* * *

ଖଳ ହେଉ ପଛେ ଆକାରେ କ୍ଷୁଦ୍ର,
ପେଟଟି ତାହାର ମହାସମୁଦ୍ର ।

* * *

ହୁମୁଣ୍ଡିଆ ସାପ ଖଳ ଦୁର୍ଜନ,
ଦୁଇ ମୁହଁରେ ସେ କରେ ଦଂଶନ ।

* * *

ସାହସୀ ନ କରେ କାହାକୁ ଶଙ୍କା,
ଭାଙ୍ଗିଯିବ ପଛେ ନ ହୁଏ ବଙ୍କା ।

* * *

ଆଗେ ଶିଖ ମାତୃଭାଷା,
ସାଫଲ୍ୟ ଲଭିବ ଆଶା ।

* * *

ତରୁଣର ତପ୍ତ ଶକ୍ତି ସଙ୍ଗେ ମିଶି
ବୃଦ୍ଧର ସୁପକ୍ୱ ଜ୍ଞାନ,
ଅସାଧ୍ୟ ସାଧନେ ଦକ୍ଷ ହୁଏ ଯଥା
ବହ୍ନି ସଙ୍ଗେ ପବମାନ ।

* * *

ଘୁଷୁରି ଦେହରେ ଚନ୍ଦନ ଲେପିଲେ
ପଙ୍କେ ଲଟପଟ ହେବ,
ଶିଳପଥାଟାକୁ ଯେତେ ପୂଜା କଲେ
ହେବ ନାହିଁ ମହାଦେବ ।

* * *

ବିଗ୍ରହ ତୁଣ୍ଡରେ ନବାତ ଗୁଞ୍ଜିଲେ
ଫିଙ୍ଗିଦେବ ଥୁ-ଥୁ କରି,
ପଶୁମାତ୍ର ମେଣ୍ଢେ ପାଇଲେ ଖାଇବ
ଆଦରେ ଉଦର ଭରି ।

* * *

ବଡଲୋକ ବୋଲି ନ କହନ୍ତୁ ପଛେ
ଦେଶବନ୍ଧୁ ଭାଇ ଭାଇ,
କୁକୁର ପରିଏ ବଡଲୋକ ପଛେ
ଲୁଙ୍ଗୁଲୁଙ୍ଗୁ ହୁଅ ନାହିଁ ।

* * *

ନୀଚ ଉପଦେଶ          ସଂସର୍ଗେ ମନ୍ତ୍ରୀ
ନ ଛାଡ଼େ ନିଜ ସ୍ୱଭାବ,
ଦୁଧ, ମହୁ ମଧ୍ୟେ          ବୁଡାଇ ରଖିଲେ
ସାଲମା ହେବ କି ଆମ୍ବ ।
* * *
ଯେତେ ବୁଝାଇଲେ          ଅଣବୁଝା ଜନ
ନ ଘେନେ ଶୁଭ ନମୁନା,
ଛୁହାଇ ଛୁହାଇ          ପୁଟେ ଦେଉଥିଲେ
ପିତଳ ହେବ କି ସୁନା ।
* * *
ମାଜିଲେ ମାଟିଲେ          ଧୋଇଲେ ଦୁର୍ଜନ
ସ୍ୱଭାବ ନ ହୁଏ ଦୂର,
କର୍ପୂର ଗଦାରେ          ପୋତି ରଖିଲେ କି
ଗେଙ୍ଗୁଟି ହେବ କର୍ପୂର ।
* * *
କିଏ ଜାଣିଥିଲା          ଚହଟେ ସୁନ୍ଦର
ସଂସାର ଏତେ ପିଶୁନ,
ନବନୀତ ଜାଣେ          ଦୁର୍ବିପାକ ବଶେ
ଖାଇଦେଲା କଳି ଚୂନ ।
* * *
ଦମ୍ଭୀ ଅତ୍ୟାଚାରୀ          ମଦଗର୍ବେ ଭାବେ
କୁହାରେ ଗଢ଼ା ତା ମୁଣ୍ଡ,
ଜାଣେ ନାହିଁ ମୂଢ଼          ଦିନେ ସେହି ମୁଣ୍ଡ
କାଳଦଣ୍ଡେ ହେବ ଗୁଣ୍ଡ ।
* * *
ନିତ୍ୟ ଦେଖେ ଲୋକ          ମରୁଛନ୍ତି କେତେ
ମାଟିଘରେ ମାଟିଘର,
କି ଆଶ୍ଚର୍ଯ୍ୟ, ଏହା          ଦେଖି ମୂଢ଼ା ନର
ନିଜକୁ ମଣେ ଅମର ।
* * *
ମୋହମଦେ ଘାରି          ବସିରହିଛ ମୁହିଁ
ଯାହାକୁ ଅମୃତ ବୋଲି,



ଜାଣି ଜାଣୁ ନାହିଁ          ମାୟା ଅମୃତ ସେ
ବିଷରେ ହୋଇଛି ବୋଲି ।
* * *
ରସନାଟି ମୋର          ବଡ଼ ଅରସିକ
ଦାରୁ ଜାଣେ ନାହିଁ ରସ,
ହରିପ୍ରେମ ରସ          ଛାଡ଼ି ସେ ଅଧମ
ଚୂଷୁଛି ଆମ୍ବ ପଣସ ।
* * *
ସାଧୁ ସୁଜନଙ୍କ          ଅନ୍ତର ପରାୟେ
ଅଟେ ନାରିକେଳ ଫଳ,
ବାହାର ଶୁଖିଲା          ଭିତରରେ ଥାଏ
ମଧୁର ଶୀତଳ ଜଳ ।
* * *
ମୃତ୍ୟୁ ମାନବର          ଅମୃତ ଜୀବନ
ତାକୁ କାହିଁ ଏତେ ଡର,
ନବ ଅଳଙ୍କାର          ପିନ୍ଧିବାକୁ ଦେହ
ହୁଏ କି ଦେବେ କାତର ।
* * *
ରହି ପଞ୍ଜୁରୀରେ          ଦୁଧସର ଖାଇ
କୁଆଁଠା ହେବ କି ଶୁଆ,
ସୁବର୍ଣ୍ଣ କେଶର          ଗୁଞ୍ଜି ହେଲେ ହେବ
ଭୁଆଁଠା କି ସିଂହଛୁଆ ।
* * *
ଜୀବନଟାସାରା          ସୁଖ ଖୋଜି ଖୋଜି
ନ ମିଳିଲା ସୁଖ ଭେଟ,
ଜନମ କାଳରୁ          ଖାଇ ଖାଇ ଦେବେ
ନ ପୂରିଲା ପୋଡା ପେଟ ।
* * *
ଜୀବନ ଗୋଟାଏ          ମାଡ଼ଳର ନିଶା
ଦଣ୍ଡକେ ଯିବ ସେ ଛୁଟି,
ଅବୋଧ ମାନବ          ନିଶ୍ଚିନ୍ତ ରହିଛି
କାଳହାତେ ଦେଇ ଚୁଟି ।

ପରର ଜୀବନ ଶୋଷି ଖାଏ ଯେହୁ
ପରଭାଗ୍ୟେ ଦେଇ ଝର,
ମନୁଷ୍ୟ ନୁହେଁ ସେ ପଶୁର ମଧ୍ୟଙ୍କ
ନିର୍ଲଜ୍ଜ ଜୀବନ ଭାର ।

* * *

ଝାଳୁ ନବୁଝିଅ କାପୁରୁଷ ମଣେ
କୁହୁଡ଼ିକୁ ନଈବଢ଼ି,
ଭେକରଡ଼ ଶୁଣି ଚମକି ପଡ଼େ ସେ
ମଣି ତାକୁ ଘଡ଼ଘଡ଼ି ।

* * *

ଅବୁଝା ନରର ଅବିବେକପଣ
ପାରେ ନାହିଁ କେବେ ଛାଡ଼ି,
ନଖରେ ଛିଡ଼ିବା କୁଟାଖଣ୍ଡକୁ ସେ
ହାଣଇ ଘେନି କୁରାଢ଼ି ।

* * *

ମହତ ଜନର ମହତ୍ତ୍ୱ କେବଳ
ବୁଝନ୍ତି ମହତଜନ,
ଅନନ୍ତ ଧରାର ଅନନ୍ତ ମହତ୍ତ୍ୱ
ଜାଣେ ଅନନ୍ତ ଗଗନ ।

* * *

ମନେ ଦର୍ପ ବହୁ ବିଳାସୀ ହେବେ ମୁଁ
ଭୁଞ୍ଜୁଛି ସୁଖ ବିଳାସ,
ଜାଣେ ନାହିଁ ପରେ ବିଳାସ ତାହାକୁ
କରି ସାରିଲଣି ଗ୍ରାସ ।

* * *

ପର କଥା ଛାଡ଼ି ଭାବ ନିଜ କଥା,
ଦୂର ହେବ ତବ ଦୁଃଖ ତାପ ବ୍ୟଥା ।

* * *

ଲୋଭେ ଯା' ଲୁଣ୍ଡିଲୁ ପରନିନ୍ଦା ମିଠା,
ଅତି ଅସାର ସେ ମହୁଫେଣା ପିଠା ।

* * *

ଦେଖାଏ ଯେ ଅତି ନମ୍ରତା ଭାନ,
ବୁଝିବ ସେ ଖଳ ରୂପ ସଇତାନ୍ ।

* * *

ପଦ୍ମରମ୍ଭା ଆମ୍ବ ଗୁଡ଼ ଖଜା ପିଠା,
ସବୁଠାରୁ ବଳି ମାତୃଭାଷା ମିଠା ।

* * *

ମାତୃକ୍ଷୀର ସ୍ୱାଦୁ ଅମୃତୁ ପ୍ରଚୁର,
ମାତ୍ର ମାତୃଭାଷା ତାଠାରୁ ମଧୁର ।

* * *

ପରସେବା ଛାଡ଼ି ନିଜ ଗୋଡ଼େ ଠିଆ,
ହୁଏ ଯେ ଜଗତେ ସେହି ବାହାଣିଆ ।

* * *

ମାନବ ଉପାଧି ବହନ୍ତି ସବୁଏଁ,
ପ୍ରକୃତ ମାନବ କୋଟିକେ ଗୋଟିଏ ।

* * *

ଦେଶାତ୍ମ ଜ୍ଞାନରେ ଗଢ଼ା ଯାହା ପ୍ରାଣ,
ଦେଶମାତାର ସେ ପ୍ରକୃତ ସନ୍ତାନ ।

* * *

ଶିକ୍ଷିତ ଯଦ୍ୟପି ଶିକ୍ଷ ପରଗୁଣ,
ପରଦୋଷ ବାଛି ହୁଅ ନାହିଁ ନ୍ୟୂନ ।
କେଉଁ ଫଳ ଗାଇ ପର ନିନ୍ଦା ଗୀତ,
ସେହି ସମୟରେ ଚିନ୍ତ ନିଜ ହିତ ।
ନ କର ପଛକେ ପର ଉପକାର,
ମାତ୍ର ଅପକାର ନ କର ତାହାର ।
ପର ଅନିଷ୍ଟରେ କାଟିବା ସମୟ,
ନିଜ ସମୟର ସିନା ଅପବ୍ୟୟ ।
ପୋଡ଼ା ସଂସାରର ଏ ବିଷମ ରୋଗ,
ପାଏ ଯେ ସୁବିଧା ନ କରେ ସେ ଭୋଗ ।

* * *

ଚେଷ୍ଟା କରି ଯଶଧନ ଅର୍ଜଇ ବହୁତ,
ବସିଥାଏ ଅଦୃଷ୍ଟକୁ ଚାହିଁ କାପୁରୁଷ ।

* * *

ଅଳସରେ ଦେହମନ ହୋଇଯାଏ ଲୁହା,
ଅଳସ ସଙ୍ଗରେ ଦୁଃଖ ହୋଇଥାଏ ଗୁହା ।

* * *

ମେଣ୍ଢାମୁଣ୍ଡ, ଉଷିଶ୍ରାଳ ସକାଳଅ ମେଘ,
ଦମ୍ପତି କଳହ ଆଣେ ଶତ୍ରୁରେ ଉଦ୍‌ବେଗ
ଅତି ଅଳ୍ପ କାର୍ଯ୍ୟ ହୁଏ ଏହି ଗୁଣତର,
ମାତ୍ର ତାହାରିକୁ ଦିଶେ ବହୁଆଡ଼ମ୍ବର ।
ଏ ଗୁରୁଙ୍କ ସମକକ୍ଷ କବଙ୍କର ତୋପ,
ସୋଲନଅଁ ପରି ଉଠେ ମୁହୂର୍ତ୍ତେ ବିଲୋପ ।

* * *

ଦୁଷ୍ଟ ଶୋଭାପାଏ ମୂର୍ଖ ପିନ୍ଧି ଲମ୍ବ ଯଥା,
କିନ୍ତୁ ଧରା ପଡ଼ିଯାଏ କହିଦେଲେ କଥା ।

* * *

ବୁଦ୍ଧି ବଳଠାରୁ ବଳ ନାହିଁ ଆନ ବଳ,
ଜ୍ଞାନଠାରୁ ନାହିଁ ଆଉ ଆଲୋକ ଉଜ୍ଜ୍ୱଳ ।
ବିଦ୍ୟାଠାରୁ ବନ୍ଧୁ ନାହିଁ, ଦାନଠାରୁ ପୁଣ୍ୟ,
ଧର୍ମଠାରୁ ଧନ ନାହିଁ, ପାପଠାରୁ ଘୃଣ୍ୟ ।
ଦୟାଠାରୁ ବଳି କରି ବଡ଼ଗୁଣ ନାହିଁ,
ତ୍ୟାଗ, ସେବାଠାରୁ ବଳି ମହତ୍ତ୍ୱ ବା କାହିଁ ।

* * *

ଅଗାଧ ପାଣିରେ ରୋହି ଯାଏ ଧୀରେ ଧୀରେ,
କଣ୍ଡି ଦଉଡ଼ି ହୁଏ ଆଣ୍ଠୁଏ ପାଣିରେ ।
ବିଦ୍ୱାନର ଥାଏ ନାହିଁ ଗର୍ବ, ଅହଙ୍କାର,
ଗର୍ବ ଏକା ଗଣ୍ଠିଧନ ଦରପାଠୁଆର ।

* * *

ଅସନ୍ତୁଷ୍ଟ ହେଲେ ଦ୍ୱିଜ ହୋଇଯାଏ ନଷ୍ଟ,
ନୃପତି ସନ୍ତୁଷ୍ଟ ହେଲେ ଭୁଞ୍ଜେ ଧନକଷ୍ଟ ।
ଲଜ୍ଜା କଲେ ବେଶ୍ୟା ମରେ ବହୁତ ଉପାସୀ,
ନିର୍ଲଜ୍ଜ ହୋଇଲେ ନଷ୍ଟ ହୁଏ କୁଳନାରୀ ।

* * *

ପଇସା ପ୍ରଶଂସା ପ୍ରାଧାନ୍ୟ,
ତିନି "ପ"ର ଖାଲି ଗୁମାନ ।

* * *

ଜଳ ପିଇସାରି ଦେଲେ କହିଁ ତ ନଗାଡ଼ି,
ବାକି ଜଳର ଉଚ୍ଛିଷ୍ଟ ଦୋଷ ଯାଏ ଛାଡ଼ି ।

* * *

ମାଛର ଅଇଁଷା ମଦ୍ଦ, ବାଛୁରୀର ଦୁଧ,
ଦେବତାଙ୍କ ଭୋଗେ ଲାଗେ ତାହା ଚରଶୁଦ୍ଧ ।

* * *

ରୋଗରେ ବସିଲେ ମାଛ ନୁହେଁ ତା ଅଶୁଦ୍ଧ,
ଶାସ୍ତ୍ରସିଦ୍ଧ କଥା ଏହା କହନ୍ତି ବୁଧ ।

* * *

ଶକ୍ତି ଗଲେ ଚୋର ହୁଏ ସାଧୁ ବ୍ୟବହାରୀ,
ଅଭ୍ୟାସୁରୀ ବୁଢ଼ା ହେଲେ ହୁଏ ତପସୁରୀ,
ରୋଗୀ ହେଲେ ଦେବତାଙ୍କୁ ଭକ୍ତି କରେ ନର,
ନାସ୍ତିକ ବିପଦବେଳେ ସୁମରେ ଈଶ୍ୱର ।

* * *

ଜନନୀକୁ ମାଡ଼ ମାରେ ଦୁଷ୍ଟ ମୂର୍ଖ ପୁଅ,
ପରେ କିନ୍ତୁ ତାହା ଦୁଃଖେ ମାଲୁନେଇ ଛୁହ ।

* * *

ନ ମଣ ଅଶକ୍ତ ଜନେ ହୋଇ ଭୀତଭକ୍ତ,
ମହାଶକ୍ତି ସୁତ କେବେ ନ ହୁଏ ଅଶକ୍ତ ।

* * *

କର୍ମକ୍ଷେତ୍ରେ ଭୁଲି ଭୁଲି ନ ହୁଅ ନିରାଶ,
କରୁଥାଅ ବାରମ୍ବାର ପ୍ରବଳ ପ୍ରୟାସ ।
ଧୈର୍ଯ୍ୟ ଧର ପ୍ରାପ୍ତ ହେବ ନିଶ୍ଚେ ପୁରସ୍କାର,
ସାଧୁ ଚେଷ୍ଟା ହୁଏ ନାହିଁ ବିଫଳ କାହାର ।

* * *

କ୍ଷେତ୍ର ନ ମିଳିଲେ ଆର୍ଦ୍ର କର ନାହିଁ କେବ,
ନ ଘଟିଲେ ଆନ କ୍ଷେତ୍ର ଅଛି ଭୂମିକ୍ଷେତ୍ର ।

* * *

ଦେବେ ପଡ଼େ ଖାଅ ଅର୍ଜି ଘରର ଖଟାଇ,
କିନ୍ତୁ ଭିକ୍ଷାବୃତ୍ତିଠାରୁ ନୀଚ ବୃତ୍ତି ନାହିଁ ।

* * *

ଖାଇବୁ ମୋଟା ପିନ୍ଧିବୁ ମୋଟା,
ତୋଳିବୁ ତେବେ ଦୋତାଲ କୋଠା ।
କିଣି ପାରିବୁ ପୋଖରୀ, କୋଠା,
ମୂଳରୁ ସିଧା ନ ହେବୁ ଛୋଟା ।

* * *

ଆଙ୍କା ଆଙ୍କା ଭକ୍ତ ଅଙ୍ଗେ ଦାନ,
ଜାଣିବ ସେଇଟା ମିଠା ସୈତାନ ।

* * *

କୁକୁର୍ ପଗ୍ରେ ପଛେ ଗୋଡ଼ାଇ,
ବଡ଼ଲୋକ ଦେଖି ଭୁଅନ୍ତି ନାହିଁ ।
ନୀଚ ଲୋକ ସଙ୍ଗେ ବେଭାର୍ କାସ,
ବେଳକେ ଦେବ ସେ ଉପାଙ୍ଗ ନାଶ ।

* * *

କୁଟିଳ କୁଚକ୍ରୀ ଏକାଠି ଠିଆ,
ବାସ୍ତବ ସାଙ୍ଗରେ ମିଶିଲ୍ ନାହିଁ ।

* * *

କଥାକେ ପକାଏ ଆଙ୍କା ଶବ୍ଦେଟା,
ପକା ଭଣ୍ଡି କଥା ଜାଣିବ ସେଟା ।

* * *

ଖଳୁଆ, ଢଲଆ ପୁଣି ଭେଗଣ୍ଡ,
ନାସ୍ତି ସ୍ପର୍ଶ ଯୋଗ ଅଶୁଭ ବଡ଼ ।

* * *

କଥା ହାକେ ଯେତେକ ନବାବ ବେଟା,
ଲୁଚ୍ଛା ଶୂନ୍ୟଘଟ କାଣିବ ସେଟା ।

* * *

ବୋଝେ ଦାନ୍ତ ମେଲି କଥାରେ ହସେ,
ବାଳୀ ସୁଗ୍ରୀବଙ୍କ ବଂଶଧର ସେ ।
ବାଟ ଗୁଳୁଁ ଗୁଳୁଁ ମାରେ ଢଲୁଣି,
ସୂର୍ପଣଖାର ସେ ସାନ ଭଉଣୀ ।

* * *

ଧୋବଧୋବଲଆ ଘର ହୁଗୁଳା,
ଧୂଳଆ ସଞ୍ଚିଲ ଠଙ୍କା ବୁଢୁଳା ।

* * *

ତୀର୍ଥରେ ବୁଲିବ କେଉଁ ନିମିତ୍ତ,
ମୋର ମାତୃମହୀ ମୋ ପୁଣ୍ୟତୀର୍ଥ ।

* * *

ମାତା ନନ୍ଦେ, କରେ ନାହିଁ ଆଦର ପ୍ରକାଶ,
ପିତା ଭ୍ରାତା ନ କରନ୍ତି କାହିଁ ତ ସମ୍ଭାଷ,
ଭୃତ୍ୟ ଯଦିଗେ, ଅନୁଗତ ନ ହୁଏ ତନୟ,
ଧର୍ମପତ୍ନୀ ଯୁକ୍ତା କରେ ଘୃଣା ଅନ୍ତଶୟ,
ତାକେ କହନ୍ତି ଅର୍ଥ ମାଗେ ଏହି ଆଶଙ୍କାରେ,
ସୁହୃଦ ବ କହେ ନାହିଁ କଥା ପଦେ ତାରେ
ପ୍ରିୟସଖେ, ଲଭ ସେହି ଅର୍ଥ ଅର୍ଜି ଯଶ,
ଜାଣିଥାଅ ବନ୍ଧୁ ସର୍ବେ ଅର୍ଥରେହିଁ ବଶ ।

* * *

ଖାଇବାକୁ ନାହିଁ ଅଲଣା ଜାଉ,
ପଗ୍ଗର ବୁଲୁଛ ସୁନାର ଖାଡୁ ।

* * *

ଆପଣା ଗୋଡରେ ନ ହୋଇ ଛିଡା,
ପରକୁ ଚାହିଁକ ବାନ୍ତନିଫିଡା ।

* * *

କୁଣ୍ଡାଚକୁଳି କି ନନ୍ଦୁ ଟୁ ପସ୍,
ସବୁ ନୁହେଁ ଭାର ସୁର୍ ଭାଜସ୍ ।

* * *

ନାଆଁରେ ପୋଡଲେ ଚନ୍ଦ୍ରାଯାଉଛି,
କାଏ ଖାଣ୍ଡି ଆଉ କିଏ ଗିଳୁଛି ।

* * *

ପରପେଟୁଁ କଥା ବାହାର କରି,
ହାଟରେ ବାଣ୍ଟୁଛେ ଦୁଷ୍ଟ ମନ୍ଥରା ।

* * *

କଥାରେ ପକାଇପାରେ ଯେ ସର,
ଥାଏ ତା ପେଟରେ ଲୁଚ୍ଛା କନ୍ଦର ।

* * *

ବଡ଼ ହ୍ରତ କରେ ଦେହକୁ ଶୁଦ୍ଧ,
ରଖିବେ ତୋର ସେ ଘିଅ ଓ ଦୁଧ ।

* * *

ଦୁଧ ଗୋଡ଼ାପିଠା ବାଇଆ ଗୁଡ,
ଆଉ ଜଳଖିଆ ଗାଲେ ଗୁପୁଡ଼ ।

* * *

ଲୁଣ ଟିକାଟାକୁ କ ଅନ୍ୟେ ଖାତ,
ଘୋଡ଼ାଟାକୁ ଲୋକେ ଶାଲ୍ ବନାତ ।

* * *

କଣା ହୋଇ ନାହିଁ ଯା ନାମେ ଗଣ୍ଡ,
ବୁଲୁଛି ସେ ହାତୀଘୋଡ଼ାରେ ଚଢ଼ି ।
ପଣ୍ଡିତ ମୁଅର୍ କପାଳ ପୋଡ଼ା,
ଶ୍ଳୋକ ଘୋଷି ଘୋଷି ମରେ ବାପୁଡ଼ା ।
ଚୂଲୀ ସଂସାରର୍ ଏ ନାଅଁ ଧାର୍,
ବାଣ୍ଟିବାକୁ ନାହିଁ କାହାର୍ ସ୍ପୃହ୍ ।

* * *

ଲୁଣ୍ଡାକୁ ନ ମଣ ଲୁଚ୍ଛାରେ ଲୁଣ୍ଡା,
ସେଣ୍ଡ ଜନ୍ମବ ତୋ ପଣ୍ଡିତ ଲୁଣ୍ଡା ।

* * *

ହାଲ୍ ହାଲ୍ ହୋଇ କହୁଛି ପେଟ,
କାସ ହେବ ବାନ୍ଧି ମଥାରେ ପାଟ ।

* * *

ଖଳ ଲୋକ ଲୁଣି ଅଗରେ ପାଣି,
ଗୋପନରେ ଚେର୍ ପକାଏ ହାଣି ।

* * *

ନୁଖୁ ଲିମ୍ପୁଣ୍ଡିଆ ଶୁଖିଲମୁହାଁ,
କୁବେର୍ ସମ୍ପତ୍ତି ତା ଘରେ ଥୁଆ ।

* * *

ବାସିଲୁଗା ପିନ୍ଧା ବଚନ-ବୀର୍,
ସେ ଏକା ଫଳନ୍ତ ବୁଲିଫଗାର୍ ।

* * *

ଯୋଗ୍ୟତା, ପ୍ରତିଭା, ବୁଦ୍ଧି, ମନୀଷା,
ଦେଖୁ କରୁ ନୁହେଁ ଜଳ୍ପ ପଇସା ।

* * *

ପର୍ଧନ ଛୁଦ୍ର ନାଇ ପ୍ରତିଷ୍ଠା,
କାହା ଲାଭକୁ ବା ନ ଲଗେ ମିଠା ।

* * *

ଅରଟର୍ ଯେଉଁ ଦେଁ କଟର୍,
ଆମ ଜାତର୍ ସେ ମୁକ୍ତି ମନ୍ତର୍ ।

* * *

ଚଷୁଯାଏ କଳ ଲୁଗା କି ମାସେ,
ହାତବୁଣା ଲୁଗା ପିନ୍ଧ ବରଷେ ।
ସବୁ ପଛେ ହେଉ ନୟନ-ଜାଗ୍,
ମାନ ମୋଟା ଆମ ଦେଶର ଧାଗ୍ ।
ସ୍ୱାଧୀ ଶକ୍ତ ଟଳ ଲୋକେ ଝିଣ୍ଡିଆ,
ନ ଭୁଲେ ଦେଖି ସେ ରଙ୍ଗଢଙ୍ଗିଆ ।
ଦେଖି ସ୍ପୃହିଁ ଦେଶୀ ପଦାର୍ଥ ଗଣ,
ଜଇଁଲୁର୍ ଯିବ ଦହୁଭ କିନ ।
ଚଟକ ଝଟକ କିଭିନ ଜାଣ,
ମୋଟା ଶଳର୍ଆ ସବୁଠୁଁ ଟାଣ ।
ଚକଚକ ଯିବ ଘଣ୍ଟକେ ଛୁଟି,
ତା ଲଗି ସାଲୁରୁ କପାଁ କହୁଣ୍ଡ ।

* * *

ଶିଳ୍ପେ ଆମ ଜାତି ଜଗତେ ଅତୁଳ,
ପ୍ରମାଣ କୋଣାର୍କ ମୂର୍ତ୍ତି ଦେଉଳ ।
ସବୁ ଲୁଚି ଜମ ଆମର୍ ଦେଖି,
ଲଜେ ବିଶ୍ୱକର୍ମା ମୁଦନ୍ତି ଆଖି ।

* * *

ଦେଉଁ ଟଳ ଆମ ଘରେ ବା ନାହିଁ,
କାହିଁକି ରହିବା ଵଦେଶେ ସ୍ପୃହିଁ ।
ଦେଶୀୟ ପଦାର୍ଥ ଜଲେ ଆଦର୍,
ଲଭିବ କଲ୍ୟାଣ ଦେଶମାତାର୍ ।

* * *

ଯାହାକୁ ସକଳ ସୌଭାଗ୍ୟ ଦେବ,
ଦେଉଁ କଥା ତାକୁ ଅପୂର୍ବ ହେବ ।

* * *

ଆମ ଘର ସିନା ଆମେ ଜଣିବା,
ପର୍କୁ କାହିଁକି ମାନ ମାଣିବା ।

* * *

ଲୁଣି ବସି ଜଲେ ପର୍କୁ ମାନ,
ସ୍ୱାଦ ଲଗିବ କି ଅଲଣା ଲୁଣ ।

* * *

ରଗଡ଼ା ପାମ୍ପୁଡ଼ା ଖଦିଗୁଡ଼ର,
ଜାତି ପରଚ୍ଛନ୍ଦ ପିନ୍ଧା ଆମର ।
ଆମ ଦେଶ ଦ୍ରବ୍ୟ ପ୍ରିୟ ଆମର,
ନ ହେଉ ପଛେ ତା' ଦେଖା-ସୁନ୍ଦର ।
ବିଦେଶର ସୁନା ସ୍ୱଦେଶ ଧୂଳି,
ଦୁହେଁ ଏକା, ଦୁହେଁ ତୁଳରେ ତୁଳି ।

* * *

ଜନ ତାରଣେ ଯେ ହୁଏ ନେତୃତ୍ୱ,
ତନ୍ତ୍ର ସିଆଣା ସେ ତେଙ୍ଗଡ଼ତ୍ୱ ।

* * *

ପ୍ରବଳର ସବୁ ଦିଗ ମୁକୁଳା,
ଦୁର୍ବଳକୁ ତହେଁ ସୁଅ ମଉଳା ।

* * *

ଅଛବଳୁ ଦୂରୁ ବନ୍ଧୁ ଯା ପଛା,
ଅଛବ ଦେହର ରକ୍ତ ଓ ବଳା ।

* * *

ଜହ୍ନରାତ ବାଣୀ ବହନ୍ତା ପାଣି,
ବହିଯାଏ ସେରେ ନାହିଁ ଉକାଣି ।

* * *

ଦେବତ୍ୱକୁ ଜଳେ ଅର୍ଥ ମହତ୍ତ୍ୱ,
ଅର୍ଥପଦେ ବନ୍ଧା ସାରା ଜଗତ ।

* * *

ଆଜି ପଣ୍ଡେ ଶିରେ ସୁଜେନ୍ଦ୍ର ଟିକା,
ଘାସମଞ୍ଜି ପଦେ ଜୀବନ ବଢ଼ା ।

* * *

ଜାଣ୍ଟି ପେଜ ପିଇ ମାଣ୍ଡିଆ ଜାଉ,
ଆଦର କଲେଟି ବଢ଼ଇ ଆୟୁ ।

* * *

ମେଣ୍ଢୁଆ ମାଙ୍କଡ଼ ଉଲେଇ ଗାଇ,
ଖୁଅ ନ ଛାଡ଼ନ୍ତ କହୁଣୀ ଖାଇ ।

* * *

ବଇଦ, ଗୁଣିଆ, ଅଳଅ ଘୁଷ,
ଏ ତନଙ୍କି ଦେବେ ନାହିଁ ବିଶ୍ୱାସ ।

* * *

ଜନ୍ମକୁ ଯେବେ ରେ ମାଲୁମାଗଲ,
ଜାଣିବୁ ସେ ଦିନ ତୋ ମାଆ ମଲ ।

* * *

କୁକୁରଟାକୁ ଯେ ଆଦର କରେ,
କୁକୁର ପଶେ ତା ହାଣ୍ଡିଶାଳରେ ।

* * *

ଖଳ ବନ୍ଧୁତାକୁ ମଣେ ଯେ ମିଠା,
ପୁରସ୍କାର ତାର ତଧା ଗୋଇଠା ।

* * *

ଚରିତହୀନ ଯେ ସେ ଅଲକ୍ଷଣା,
ପଣ୍ଡିତ ହେଲେ ବି ପାଷଣ୍ଡେ ଗଣା ।

* * *

ତୁ ବୋଲୁ ମୋହର ଘରଦୁଆର,
ସେ କହନ୍ତି ଆମେ ନୋହୁଁ ତାହାର ।

* * *

ଖାତ ବରତନ କିଛୁ ନ ପାଉ,
ଘୋଡ଼ା ଆଗେ କପାଁ ଦଉଡ଼ୁ ଥାଉ ।

* * *

ବିଦ୍ୟାରେ ପଢ଼ୁଥିବେ ହୁଅ ତ୍ରିପାଠୀ,
ସାଧୁତା ନ ଥିଲେ ସକଳ ମାଟି ।

* * *

ଧର୍ମରେ ବିଶ୍ୱାସ ନ ଥିଲେ ଯୋଦ୍ଧା,
ଜାଗ୍ରତ ଜାନଯାନ ଚୂଲିକି ଲୋଡ଼ା ।

* * *

ନାହିଁ ଭକ୍ତିଭାବ ସନ୍ଦେହରେ ସ୍ତବ,
ପୁଣ୍ୟଧାମେ ନାହିଁ ଜାତି ଅଜାତି ।

* * *

ଜାତି ଜାତି କରି ଫୁଲାଉ ଛାତି,
ଜାଣିଛି ଆମର ସୃଷ୍ଟି ତ୍ରାତା ।

* * *

ଘନ ଘୁଣ ନାହିଁ ମନେ ହୁଙ୍କାର,
ଖାଲି କଉଶୀର ଗର୍ଜନ ସାର ।

* * *

ନିତି ଯେ ଶୁଣୁଛୁ ଜମାଣଧ୍ୱନି,
ଡରେ କି ସେ ଲୁଚନ୍ତି ତାଙ୍କୁ ଶୁଣି ।

* * *

କହିବାକୁ ନାହିଁ ତାହା ସାହସ,
ବାଛିବାକୁ ଛନ୍ଦ ବନ୍ଧୁ ପୁରୁଷ ।

* * *

ପେଟକୁ ନ ଦେଇ ପତ୍ନୀଙ୍କୁ ଦୁହିଁ,
ଦୁଧ ନୁହେଁ ତାହା—ଗାଈର ଲୁହ ।

* * *

ଝିଅମାଂସ ଖଣ୍ଡେ ବିକେଇ ବାପ,
ତା ନାମ ଧରିଲେ ଅଶେଷ ପାପ ।

* * *

ନାହିଁ ଯେବେ ଭକ୍ତି ତାହାଙ୍କୁ ମୁକ୍ତି
କେଉଁ ଫଳ କଲେ ସହସ୍ରେ ସ୍ତୁତି ।

* * *

ପୁରୁଷକୁ ବହୁ ବିବାହ ମାଫ୍,
ନାରୀ ପକ୍ଷେ ତାଁ ଭୀଷଣ ପାପ୍ ।

* * *

ଏକାଦଶୀ କରୁ ବାଳବିଧବା,
ମର୍ଦ୍ଦ ପକ୍ଷେ କିଛି ନାହିଁ ପରବା ।
ବାପ ମାଆ ଅବା ଭାଇ ଭାଉଜ,
ମାଛମାଂସ ଖାଇ କରୁ ମଉଜ ।
ବାଳବିଧବାର ଅଗ୍ନି ନିଃଶ୍ୱାସେ,
ଭସ୍ମ ହୋଇ ଉଡ଼ିଯିବ ଛମାସେ ।
ଅଳେକ ଶିଶୁ ସେ ନ ଜାଣେ କିଛି,
ତାକୁ ବିଭାହେଲେ କି ଦୋଷ ଅଛି ।

* * *

ନାତିଦେଖା ସାଧ ନ ମେଣ୍ଟୁ ପଛେ,
ବଂଶ ନ ବଢ଼ାଅ ବାଳ୍ୟ ବୟସେ ।

* * *

ସାତ ବରଷର ଶିଶୁ କନିଆଁ,
ବୁଢ଼ାବର ଦେଖି ହୁଏ ଛାନିଆଁ ।

ଘରେ ଏଣ୍ଟା ମୋର କେଜେ ନା ଅଯା,
ପୋଡ଼ା ସମାଜର ଏ ଗାଥା ମଜା ।
ଷାଠିଏ ବର୍ଷର କଅଁଳ ବର,
ଦେଖି କନିଆଁଟି ହୁଏ କାତର ।
କୁଇଁର ଉମର ଓଳି ଯେବେ ଲେଉଟ,
ଶଶୁର କହନ୍ତି ଜମା ଛିଦୋଉ ।
ଝିଅ ପଛେ ଥାଉ ବିଧବା ହୋଇ,
ଟଙ୍କା ଗୁଣ୍ଡାଟି ଫେରି ନ ଯାଉ ।
ବୁଢ଼ା ଟୋକା ଠିକ୍ ସମାନେ ସାଜେ,
ବୁଢ଼ୀ ଟୋକାଦେଲେ ଡେଙ୍ଗୁରା ବାଜେ ।

* * *

ପେଟ ଯେବେ ଅଣ୍ଟେ ଧରିବ ଠାଣି,
ଖାଇବ ମରିଚ ଗରମ ପାଣି ।
ପେଟର ଯେ କିଛି ହେଲେ ଦୁର୍ଗୁଣ,
ଅଦାରେ ଲଗାଇ ଖାଇବ ଲୁଣ ।
ପେଟ କାଟିଥିବ ଯେବେ କଠାଇ,
ପିଅ ଚେଲାଦୁଧେ ମୁଥା ସିଝାଇ ।
ଚନ୍ଦନେ କର୍ପୂର ମିଶାଅ ଅଳ୍ପ,
ମୁଣ୍ଡ-ବିନ୍ଧାର ସେ ଉତ୍ତମ ଲେପ ।

* * *

ଧ ଅକ୍ଷରର ଅର୍ଥ ନ ଜାଣେ,
ଅଧମ, ସଭାରେ ଧର୍ମ ବଖାଣେ ।

* * *

ଖାଏ ନା ଶୁଆଇ ଦିଏ ମସ୍ତ୍ରୀ,
ବଇଁଶି ଖଡାର୍ ଭେରୁଣ୍ଡା ଘଣ୍ଟ ।

* * *

ନିତି ରାମାୟଣ ଭାରତ ପଢ଼,
ତେବେ ଯାଇ ପିକା ହୋଇବ ବଢ଼ ।
ପଢ଼ିଲେ ଜାଗାସ୍ତୁ ଶାସ୍ତ୍ର ପୁରାଣ,
ମନପ୍ରାଣ ହୋଇଉଠେ ମହାନ ।

* * *

ଡାଲ୍ ଭାତ ଘିଅ ଲେମ୍ବୁ ଓ ଲୁଣ,
ସବୁ ନୁହେଁ ତାର୍ ସହସ୍ରେ ଗୁଣ ।

*  *  *

ଯେତେ ଭଲ ପଢ଼ ହାତ-ଆଉଁଷା,
ପଇସା ଆଗରେ ନାହିଁ ମଉସା ।

*  *  *

ଦେଉସା ନ ଚଳେ ନ ଦେଲେ ଡାଲି,
ମଠୁଆ ନ ଚଳେ ନ ଦେଲେ ଗାଳି ।

*  *  *

ଅବସ୍ଥାକୁ ବଳ ଫିଟିଲେ ଦାମୀ,
ଶେଷେ ଦ୍ୱାରଦ୍ୱାରେ ପାଣ୍ଡବ ଜାନି ।

*  *  *

ହୀନ ଗୋସାମତେ ଉଠେ ଯେ ଫୁଲି,
ଛୁଟିନେ ନ ଜଳେ ତା ଘରେ ଚୁଲି ।

*  *  *

ଅସ୍ତ୍ରକୁ ନ ଖୁଞ୍ଚି ପଶାରେ ହାତ,
ଅଜବ ତାହାର ପ୍ରିୟ ସଙ୍ଗାତ ।

*  *  *

ପରସୁଖ ଦେଖି ଶୁଖାଏ ମୁହଁ,
ଦୁର୍ଯ୍ୟୋଧନର ସେ ମାଉସୀ ପୁଅ ।

*  *  *

ଠକାଇବାଠାରୁ ଠକିବା ଭଲ,
ନ ଶିଖାଇ ଶିଖ, ବଡ଼ ଅକଲ ।

*  *  *

କ୍ଷମାଠାରୁ ନାହିଁ ମହତ ଗୁଣ,
ଦାନଠାରୁ ବଳି କି ଅଛି ପୁଣି ।

*  *  *

କଷ୍ଟ ଦେଇ ଦାନ କଲେ କି ଫଳ,
ନ ଦେବା ବରଂ ସବୁଠୁ ଭଲ ।

*  *  *

ଉତର ସ୍ତବେ ଯେ ଯାଏ ମିଳାଇ,
ତାହାଠାରୁ ବଳି ଉତର ନାହିଁ ।

*  *  *

ଯେଉଁ ବାଗେ ରଙ୍ଗ ଭଲ ବା ମନ୍ଦ,
ବସ୍ତ୍ରାବୃତ ଫୁଲ—ଶୋଭା ସୁଗନ୍ଧ ।

*  *  *

ସ୍ୱଭାବ ଯାହାର ଗୁଣ୍ଠୁଗୁଣ୍ଠିଆ,
ସ୍ନେହ ହୁଏ ତାର୍ ନଷ୍ଟ ଲୁଣିଆ ।

*  *  *

ସାଧୁ ସନ୍ତାନ ବି ଅସାଧୁ ହୁଏ,
ଗଙ୍ଗା ମାଛଟା କି ଆଇଁଷ ନୁହେଁ ।

*  *  *

ମନ ଇଚ୍ଛା ଯେବେ ପିନ୍ଧିବୁ ଲୁଗା,
କଥା ତେବେ ଗଛ ବାଡ଼ରେ ଲଗା ।

*  *  *

ଦେଶକୁ ପଇସା ଦେଲେ ଗୋଟିଏ,
ଫେରି ଆସିବ ସେ ହୋଇ କୋଟିଏ ।

*  *  *

ଶୁଙ୍କି ନୁହେଁ ଶାଗ ପଖାଳ ଚଣ,
ଦୁଧଘିଅଠାରୁ ବଳେ ତା' ଗୁଣ ।
ଆମ ପିଣ୍ଡ ପ୍ରାଣ ପଖାଳେ ଗଢ଼ା,
ତାହାକୁ ଯେ ନିନ୍ଦେ ସେ ଲକ୍ଷ୍ମୀଛଡ଼ା ।
କେ ଅଛି ପଖାଳ ଶକ୍ତି ନ ଜାଣି,
ଗଙ୍ଗା ଗୋଦାବରୀ ଥିଲି ସେ ଜଣି ।

*  *  *

ଛି ଛି ଆମ୍ଭେମାନେ ବଡ଼ ନିଛୁଣା,
ଘର ପଦାର୍ଥକୁ କରୁଛୁଁ ଘୃଣା ।

*  *  *

ଆପଣା ଘରକୁ ଆଗେ ସୁନ୍ଦର—
ନ କଲେ କି ତାହା କରିବ ପର ।

*  *  *

ଦେଶର ମଙ୍ଗଳ ଯଦ୍ୟପି ଇଚ୍ଛ,
ଦେଶୀ ମୋଟା ଦ୍ରବ୍ୟ ନ ମଣ ତୁଚ୍ଛ ।
ଦେଶୀୟ ପଦାର୍ଥ କର ଆଦର,
ସେ ସିନା ଓଡ଼ିଭୁକ-ଧନ ଆମର ।

*  *  *

ନାହିଁ ଯାର ଭଲେ ଦେଶ ମୁଆଁସ,
ପୋଷଯାଉ ତାର ସୁନା କୁଆସ ।

✻ ✻ ✻

ପରଗାଈଦୁହିଁ ଆଗଭଲୁହା,
ଘଣ୍ଟକେ ଛ ଘରେ ଲଗାଏ ନଆଁ ।

✻ ✻ ✻

ଢେଇଁ ଢେଇଁ ବୁଲେ ବାଟେ ଖପରା,
ସବୁ ଅନାସ୍ଥର ତା ଦେହେ ଭରା ।

✻ ✻ ✻

ଟିପେଟ ପଛେ ଯାଉ ଧୋବାଘରକୁ
ଲମ୍ବ ଲୁଈ ଆମ ଭୁଇଁ ଖରକୁ ।

✻ ✻ ✻

ଅରଟ ତାନ୍ତ କା ନ ମିଳେ ତେଲ,
ବଡ଼ ଲୋକ ସଙ୍ଗେ କପାଇଁ ଗେଲ ।

✻ ✻ ✻

ଘୃତ ସଙ୍ଗେ ପଛେ ନ ଖାଅ ଲୁଣ,
ପରଘରୁ ତେବେ ନ କର ଋଣ ।

✻ ✻ ✻

ବଡାସେ ଭୁଞ୍ଜୁ ପଥରଶିଳା,
ମୋତେ ରୁଖ ଦହେ ଶିମିଳୀ ତୁଳା ।

✻ ✻ ✻

ନର ହୋଇ କରେ ନରକୁ ଘୃଣା,
ବଣପଶୁଠାରୁ ସେ ହିନା ଊଣା ।

✻ ✻ ✻

କୁଟଜୀ ସ୍ୱଭାବ ଶ୍ୱାପଦୁ ବଳେ,
ଶ୍ୱାପଦ ଆଉ କ ଗଛରେ ଫଳେ ।

✻ ✻ ✻

ଦୁର୍ବଳ ପୀଡ଼ିତ ଦେଖେ ଯେ ଗୁହିଁ,
ତାହା ଜୀବନର ଜୀବନ ନାହିଁ ।

✻ ✻ ✻

ଜୈମିନୀମୂନଙ୍କ ସ୍ମରଣ କର,
ବଜ୍ରପାତ ଭୟ ହେବ ଅନ୍ତର ।

✻ ✻ ✻

ବାର୍ତ୍ତିକେ ବତାସ ବହିଲେ ଝାଞ୍ଜ,
ଧାନ ଛୁଇଁଯାନ ହୁଏ ଅଘାଞ୍ଜ ।

✻ ✻ ✻

ଗୋଷ୍ଠିଜିଆ ଭସ୍ମ ଦୋଷ ଅପାର,
ବିବାର ନାରଦ ନାମ ଉଚାର ।

✻ ✻ ✻

ପାଠୁଆ ପୁଅଟି ହେବ ଋଙ୍କା ରେ,
ହଙ୍କାରେ ତା ତାମ କର ବଙ୍କାରେ ।

✻ ✻ ✻

ଧନୀ ଯାହା କରେ ତାଲୁ ତା ସାଜେ,
ଗରିବ ଦେଲକୁ ବାଇଦ ବାଜେ ।

✻ ✻ ✻

ପିଆବାର ଲକ୍ଷ ନମକ୍ହରାମି,
ଜମିଦାର ଲକ୍ଷ—ଭେଟି, ସଲାମୀ ।

✻ ✻ ✻

ସବୁ ବେଉସାର ଜୀବନ ସତ୍ୟ,
ପାସୋରିବୁ ନାହିଁ ଏ ଗୂଢ଼ ତଥ୍ୟ ।
ବ୍ୟବସାୟେ ଯେବେ ସତ ନ ଥାଏ,
କୁବେର ସମ୍ପତ୍ତି ଉଭେଇ ଯାଏ ।

✻ ✻ ✻

ସ୍ୱଦେଶ ସେବାରେ ଯେତକ ବିମୁଖ,
ପ୍ରାତେ ନ ଗୁହିଁ ତା ଅଶୁଭ ମୁଖ ।

✻ ✻ ✻

ମାତୃଭାଷାଠାରୁ ନାହିଁ ମଧୁର,
ମାତୃଭୂମିଠାରୁ କିଏ ସୁନ୍ଦର !

✻ ✻ ✻

ନ ଧରନ୍ତି ଖଳ- ବୀରେ ଆୟୁଧ,
ଦେଖନ୍ତି ଲଗାଇ କୁକୁଡ଼ା ଯୁଦ୍ଧ ।
ପରଛିଦ୍ର ଖୋଜା ବେଉସା ଯାର,
ସେ ପାପୀ ପଙ୍କରେ ବୁଡ଼ୁ ତାହାର ।

✻ ✻ ✻

ନିଜ ଘରେ କେତେ ନ ଜାଣେ ଲୁଅ,
ପର ଅଙ୍ଗୁ ଗଣେ ତାହାଙ୍କ ପୁଅ ।

* * *

ସିଦ୍ଧିରସ୍ତୁ ପତ୍ରେ ହେଉ ବର୍ଜିତ,
ପଣ୍ଡିତର ପୁଅ ମହାପଣ୍ଡିତ ।

* * *

ସ୍ୱାର୍ଥ ପରେ ସ୍ୱାର୍ଥ-ସାଧନ ପାଇଁ,
ଲଗାଇ ଦିଅନ୍ତୁ ଷଣ୍ଢ ଲଢ଼ାଇ ।
ମହାଜନେ ପୂଜ୍ୟ, ଘୋଷ ପୌରୁଷ,
ବଳି ଖାଅ ନାହିଁ ଚଡ଼ା ପାଉଁଶ ।

* * *

ନ ଜଳେ ଗୁଣୀର ଗୁଣାନୁଭୂତି,
ତେବେଁ ଲଭ ପୂଜ୍ୟ ବଙ୍ଗଳ ସ୍ତୁତି ।

* * *

ଆଶାକୁ ଜିଣିବ ତେବେଁ ତପସ୍ୱୀ,
ଆଶା ସମସ୍ତଙ୍କ ହାତ-ବାରଶି ।

* * *

ଭକ୍ତି-ମଧୁଠାରୁ କିଏ ମଧୁର,
ଆହାଠାରୁ ବଳି କିଏ ଠାକୁର ।

* * *

ସବଳ ଭାଷାର ଶକ୍ତି ଅସୀମ,
ପରଭାଷା ନହେ ଅଧମାଧମ ।

* * *

ଅନ୍ୟର ଭାଷାକୁ ମଣେ ଯେ ତୁଚ୍ଛ,
ତାହାଠାରୁ ବଳି କିଏ ନିକୁଛ ।
ନିଜ ପର ଭାଷା ସର୍ବେ ଦେବତା,
ଭାଷାକୁ ଯେ ବାଛେ ସେ ହୀନଚେତା ।

* * *

ଘରଛିଦ୍ର ନେଇ ବାଢ଼େ ଯେ ହାଟେ,
ନିଜ ହାତେ ନିଜ ଜିଭ ସେ କାଟେ ।
ଘର କଥା ଥାଉ ଘରେ ଆବଦ୍ଧ,
ପଦାକୁ କାଢ଼ିଲେ ଫୁଟିବ ଗନ୍ଧ ।

* * *

ପର ବୋଲି କରେ ଆବୃତ୍ତି ଶୁକ,
ବୁଝେ କି ତାହାର ଅର୍ଥ ସେ ମୂର୍ଖ ।

* * *

ଦନ୍ତଭାଙ୍ଗା ପତ୍ରେ ହେଉ ନାଗର,
ଶୁଝିବାଇବ ନାହିଁ ପର ଚୁପର ।
ନୈତିକ ସାହସ ନାହିଁ ଯାହାର ।
ଧିକ ତାର ସିଂହ- ବିକ୍ରମ ଛାର ।

* * *

ପୁଣ୍ୟ ଭାରତର ଦିଗମଣ୍ଡଳ,
ସତୀ ଚରିତରେ ଚିର ଉଜ୍ଜ୍ୱଳ ।
ନାରୀ ମାନେ ମାତା, ଭଗ୍ନୀ, ଦୁହିତା,
ଦେବୀ ଜାତି ସେହୁ ବିଶ୍ୱ ପୂଜିତା ।
ଲୁଣ୍ଠିବେ ତାଙ୍କୁ ଯେ କରେ ଝାପଟ,
ମହାନାରକୀ ସେ ପାପ-ପସର ।
ଦେଖେ ଯେ ବର୍ବର କୁନଜରେ ତାଙ୍କୁ,
ଲଙ୍ଘେ ସେ ପାପିଷ୍ଠ ନିଜ ମାତାକୁ ।

* * *

ଜାତିର ମାହାତ୍ମ୍ୟ କିସ ବଢ଼ିବ,
ଓଡ଼ିଆଣୀ ହେବେ ବିଲାତି ବିବି ।
ଦାସୀ, ଦେଈ, ଦେବୀ ଉପାଧି ଏଡ଼ି,
ପାଠ ପଢ଼ି ହେବେ ମିସେସ୍ ଲେଡ଼ି ।
ପାଠ ପଢ଼, ସେ ତ ଉତ୍ତମ କଥା,
ମାତ୍ର ଛାଡ଼ ନାହିଁ ଜାତୀୟ ପ୍ରଥା ।
ଜ୍ଞାନାର୍ଜନ କର ଭ୍ରମି ଭୂଖଣ୍ଡ
ଜାତି ଦେଶଧର୍ମ ରଖ ଅଖଣ୍ଡ ।
ରଙ୍ଗ ମାଖିହୋଇ କ୍ଷଣକ ପାଇଁ,
ପ୍ରକୃତ ରୂପକୁ ଘୋଡ଼ାଅ ନାହିଁ ।
କିସ ଲଭ ତହିଁ, ବୁଝ ଝଟିଟା,
ଲିଭିଯାଏ ଦେହେ ରଙ୍ଗ ଚଟିଟା ।
ନ ପିନ୍ଧ ପରକେ ଭେସ ସୌଖିନ,
ଶାଢୀ ଶିର୍ଣ୍ଣି ଭୁମ୍ମ ସଜାଡ଼ ଚଳ୍କା ।

* * * *

ଜାତୀୟ ଶକ୍ତି ଟି ନ ହେଲେ ପୁଷ୍ଟ,
ଆନ କେ ଗଢ଼ିବ ଜାତି ଅଦୃଷ୍ଟ ।

ତୈଳବଦଳେ ମିଶି ଜାତୀୟ ଦଳ,
ଧରେ ବିଶ୍ୱଜୟୀ ମୂର୍ତ୍ତି ପ୍ରବଳ ।

* * * *

ଦେଶପୂଜା ଯେବେ କରିବୁ ପଣ,
ମିଶାଇଦେ ଦେଶମାଟିରେ ପ୍ରାଣ ।

* * * *

ହିଂସା, ବ୍ୟଷ୍ଟିତ୍ୱର ଆଦର ଦ୍ରୋହ,
ମାନବ ମନୁଷ୍ୟ ଖାଆନ୍ତି ଚୋର ।
ମିଥ୍ୟା, ପ୍ରବଞ୍ଚନା, ଜାଲ, ଫିସାଦ,
ଦୁର୍ଜନକୁ ଲାଗେ ଖୁବ୍ ସୁଆଦ ।

* * *

ଅର୍ଥ ସିନା ପାଏ ଜଗତେ ପୂଜା,
ନରପୂଜା ତାକୁ ମଣେ ଅବୁଝା ।
ଶ୍ରୀଛାମୁ ମହିମା ହଜୁର୍ ଆଦି,
ଏସବୁ ଅର୍ଥର ସିନା ଉପାଧି ।
ଭକ୍ତାର କଲ୍ୟାଣ ଭକ୍ତି, ବନ୍ଦନ,
ଅର୍ଥକୁହିଁ ଏକା ସର୍ବେ କରନ୍ତି ।
ଛାଡଗଲେ ଦେହୁଁ ଅର୍ଥର ବଳ,
ବଡଲୋକ ହେବ ଗରିବ ଭଳ ।

* * *

ଛଙ୍କିଲା ଚଟିଆ-ମୂଷାର ପୁଅ,
ବସନ୍ତ କହିଲା—କିଙ୍କୀଣୀ ଝିଅ ।
ହସି କହେ ମୂଷା—ତାଧିନ ଧିନା,
ତୋ ପାଟିରୁ ଆଗେ ବର୍ଷିଲେ ସିନା ।
ଦୁର୍ଜନ ପ୍ରକୃତି ନ ହୁଏ ଆନ,
ଗଜା ହୁଏ ନାହିଁ ଉଷୁନା ଧାନ ।

* * *

ଗାଡି ଗାଡି ପୋଥି ତୋ ଘରେ ଥୁଆ,
ମୋହଠାରୁ ବଳି କିଏ ପାଠୁଆ ।

* * *

କାର୍ତ୍ତିକ ବରଷା ବର୍ଷେ ସୁଫଳ,
ଭୁଲମାସେ ବଢେ ବଣେଣେ ମୂଳ ।

* * *

ହଳସୁଦ୍ଧ କର ମେଘ ବାସିରେ,
ପୁରୁଷିବ କ୍ଷେତ ଶସ୍ୟରାଶିରେ ।
ଅଥବା ଅଗିସ୍ତ—ପୂଟେନେଇ ବାସି,
ତ କରିବୁ ଗଣି ନକ୍ଷତ୍ରଶ୍ରେଣୀ ।

* * *

ଧାନ ହେଲେ ହୁଏ ଅମ୍ଳ ଫସଲ
ତେନ୍ତୁଳୀ ଅଣଇ ବଡି ବାଦଲ ।

* * *

ମାଘ ମାସେ ହେଲେ ଘନ କୁହୁଡି,
ଛ' ମାସରେ ଆଣେ ବରଷା ବୁଡି ।

* * *

ବଡ ହାତ କରେ ଦେହକୁ ଶାଗ,
ସବୁ ଛାଡି ତାକୁ ଖାଇବ ଆଗ ।

* * *

ପର୍ବତେ ଫୁଟିଲେ କମଳ ଦଳ,
ସଜ୍ଜନ ବଚନ ନ ଯିବ ଟଳ ।

* * *

ଖାଲି ଖୋଳ ଧମ୍ମା ନ ପଡେ ଖାଲେ,
ବଳିଆର ନାଆ ଭୂଇଁରେ ଚାଲେ ।

* * *

ଗୌରବେ କହନ୍ତି ଶିକ୍ଷିତ ନାମ,
ସୁଅକୁ କରନ୍ତି ହାଟେ ନିଲାମ ।

* * *

ଭଲ କଥା କର ବାବା ବି. ଏ. ଏମ.ଏ. ପାସ୍,
କିନ୍ତୁ ତାକୁ କର ନାହିଁ ଡାସରର ଫାଶ୍ ।

* * *

ପୋଷାପୁଅ ଗୁହାରୁଅ ସାଉଣ୍ଟିଲ ଡାଣ୍ଡ
ଯାକୁ ଯେ ଭରସା କରେ ପୋଡୁ ତାର ମୁଣ୍ଡ ।

* * *

ଭୃତ୍ୟ ଦୋଷ କଲେ ହୁଏ ହେମ୍ ଶୁଅର ଫୁଲ୍,
ପ୍ରଭୁଙ୍କ ବେଳକୁ ଦୋଷ ହୋଇଯାଏ ଭୁଲ୍ ।

* * *

ନଅଁ ଧୂଅଁ କଣାପଣା ଯେ ଘରର୍ ମୂଳ,
କଳିକଳିଆରେ ତାର୍ ରହେ ନାହିଁ କୂଳ ।

* * *

ଦେବତାଙ୍କ ଲୁକରଣୀ ହୁଏ ଲୀଳାଖେଳା,
ମନୁଷ୍ୟ କେଳକୁ ମାତ୍ର କହାଁ ପାପ ହେଲା ।

* * *

ପରକଣ୍ଠି ଆଣ୍ଠେ ରସି ଜପେ ରାଧେ ଶ୍ୟାମ୍,
କି ମଧୁର ଲୁଚମୁଖେ ପୁଣ୍ୟ ରାମ ନାମ୍ ।

* * *

ମାମଲବାଜ୍ ହେବା ଗୋଟେ ଜୀବନର୍ ସୁଖ,
ଏହା ଯେ ନ ଜାଣେ ସେଠା ପାସ୍କର୍ ମୂର୍ଖ ।

* * *

ନାହିଁ ଯାର୍ ସ୍ୱଜାତି ବା ସ୍ୱଭାଷା ମମତା,
ନିଶ୍ଚୟ ସେ ପଶୁଠାରୁ ଅଟେ ହୀନଚେତା ।

* * *

ଏକତାର୍ ଅର୍ଥ ବୁଝେ ବନର୍ ବାନର୍,
କି ଆଶ୍ଚର୍ଯ୍ୟ ନ ବୁଝେ ତା ଜ୍ଞାନଗର୍ବୀ ନର୍ ।

* * *

ଛାତ ଛାତ ବଳାସିଆ ପେଟେ ଖିଆ ନାହିଁ,
କି ଗରବ ଫୁଲମାଳ ଗଳାରେ ଲମ୍ବାଇ ।

* * *

ନାଇ ଗୋଡ଼େ ଠିଆ ହୋଇ ବୁଡ଼େ ବାନ୍ଧି ଅଣ୍ଟା,
ଭକ୍ତ-ବାଟରୁ ହିଅ ଭାଡ଼ି ଖୁଣ୍ଟି କଣ୍ଟା ।

* * *

ସୁଲୁଣୀ ଭିଆରେ ଲୁଚି ତୋ ଦେହ ଜଣାରେ,
ଲୁଚି କହେ ମୋର୍ ଗୋଟେ ଚୋର୍ ତ ଦୁଆରେ ।

* * *

ଓଲ୍ କହେ ତୁ ତ ବଡ଼ ଲୁଣ୍ଡିଆରେ ସାଲୁ,
ମୁଁ କି ହସି ସାଲୁ କହେ ତୁ ପର୍ ମୋ ଗୁରୁ ।

* * *

ଜମିଦାର ଖତ ପଛେ ତର୍ ପଛେ ଧାର୍,
ମୋଟରଦାର୍ ତଡ଼ିକର୍ ବଂଶକୁ ଉଦ୍ଧାର୍ ।

* * *

ବସ ନାହିଁ ବସ ନାହିଁ ହାତଗୋଡ଼ ଯୋଡ଼,
ଦାମ ଦାମ ନାହିଁ ଯେବେ ହୁଅ ମୁଣ୍ଡ ତୋଡ଼ ।

* * *

ଅଦ୍ଭୁତ ଏ କଳିଯୁଗେ ଶିଷ୍ଟାଚାର୍ କର୍ମ,
ହାତ ଝିଙ୍କା ଝିଙ୍କି ହେଲେ ହେଲା ମାନ୍ୟଧର୍ମ ।

* * *

ପୁଅ ଲେଖେ ପ୍ରିୟ ପିତା, ପତ୍ନୀ ପ୍ରିୟତମ,
ସଭ୍ୟତାର୍ ଏ ନମୁନା ଖାସା ମନୋରମ ।

* * *

ଧର୍ମନାମେ ପଶୁହତ୍ୟା ବଡ଼ ବାହାଦୁରୀ,
ପାରିହେବେ ବୈତରଣୀ ପଶୁଲାଞ୍ଜି ଧରି ।

* * *

ବର ବୋଲେ ମାଗୁ ମୋର୍ କଲ୍ୟାଣେ,
ହେବେ ତୋର୍ ସୁଅନାତି ବାହାଣେ ।
ମାଗୁ କହେ ତୋର୍ ସାଧୁ ସ୍ୱଭାବ,
ମୋ ବଂଶ ବଢିଲେ ତୋହର ଲାଭ ।

* * *

ରଜ ହେବ ନାହିଁ ସୋଡା,
ଯେବେ ପରଦାରେ ମଣ୍ଡଣି ଦଳେ କି
ଗଧଟା ହୋଇବ ଘୋଡା ।

* * *

କୁଆଟା ହେବ କି ଶୁଆ,
ଲଙ୍ଗୁଳ ଫୁଲାଇ ଭୁମ୍ପା ମାରିଲେ କି
ଭୁଆ ହେବ ସିଂହଛୁଆ ।

* * *

ଯେ ଯାହା ସେ ତାହା ଥିବ,
ଶିଆଳଟାଏ ଶକ୍ତିରେ ପଶିଲେ
ହେବ ନାହିଁ ସଦାଶିବ ।

* *

ଯାହାକୁ ଶୋଷେ ଯେ ଦାମ୍,
ପାଉଁଶିଆ ଭଣ୍ଡ ବୈଷ୍ଣବ କୁଣ୍ଡରେ
ସାଜନ୍ତି କି ହରିନାମ ।

* * *

ଗୁଣ ଲୁଚ ରହିବ କି,
କସ୍ତୁରୀ ଲୁଚରେ କସ୍ତୁରୀ ରଖିଲେ
ଉଠିବ ଆପେ ମହକି ।

* * *

ଖାଙ୍ଗିବା ସହଜ ବଡ,
ଗଢିବାଟା ଏକା କାଠିକର୍ ପାଠ
ହାତ ହୁଏ ଜଡବଡ ।

* * *

ଋଣ କରି ଖାଉ ଖଜା,
ଘରଦ୍ୱାର୍ ବିକି ମହାଜନ ନେବ
ବୁଝିବୁ ରେ ତେବେ ମଜା ।

* * *

ଭ୍ରମରେ ଚାହିଁଲି ପଛ,
ଲକ୍ଷଣିଆ ହାତେ ମାଳ ଜପି ଯତ୍ନ
ଯମକୁ କରିବୁ ଫଳ୍ଦ ।

* * *

ହୀନକୁଳେ ଜାତ ହେଉ,
ଜୀବନରେ ଯେବେ କଳାଦାଗ ନାହିଁ
ତାହାକୁ ମହତ କେହୁ ।

* * *

ଦୋଷ କଲେ ବଂଶେ ପାପ,
ବିନା ଦୋଷେ ମାନ ବଂଶେ କଳଙ୍କନ
ପାପର ସେ ବଡ଼ବାପ ।

* * *

ଯାହାକୁ ସାହାପକ୍ଷ ବ୍ରହ୍ମାଣ୍ଡ-ଈଶ,
ଛାର୍ ମନୁଷ୍ୟ ତାର୍ କରିବ କିସ ।

* * *

ଦୀନ ନୟନୁ ଅଶ୍ରୁ ଝରିଲେ ଯାହା,
ପୋଛି ଦିଅନ୍ତି ହରି ଶ୍ରୀହସ୍ତେ ତାହା ।

* * *

ଦୁର୍ଗୁଣ ଶୋକକୁଲେ ଦୁର୍ଗୁଣୀ ଜନ,
ପୂଜରକ୍ତରେ ଏକା ମାଛିର ମନ ।

* * *

ହାକିମ ବାବୁ ଭିକାରୀ ଦୁଆରବାନ,
ଯମ ଆଖିରେ ସିନା ସର୍ବେ ସମାନ ।

* * *

ମୂର୍ଖ, ପଣ୍ଡିତ, ଧନୀ, ଦରିଦ୍ର କୁଲି,
ସର୍ବେ ଆଶ୍ରିବେ ସେହି ଶ୍ମଶାନଚୁଲି ।

* * *

ଭେନା, ମଇତ, ମୂଷୀ, ଲଥାଣ୍ଡ, ଝୋଟା,
ସମସ୍ତେ ହେବେ ଏକା ଗାତରେ ପୋତା ।

* * *

କୁବେର୍ ପରି ଧନୀ ବିଶ୍ୱବିଖ୍ୟାତ,
ଖାଏ ତ ନାହିଁ ସୁନା ସୁଜିଳ ଭାତ ।

* * *

ପାପ ଅପଘାତ ମରଣ ଶୁଣି,
ସବେଲି କାନ୍ଦନ୍ତି ବେଙ୍ଗ ବେଙ୍ଗୁଣୀ ।
ଅପାସୋର୍ ତୋର୍ ଦୟା ପ୍ରଭାବ,
କେ ଦେବ ଆମ୍ଭକୁ ଗର୍ଭରେ ଠାବ ।

* * *

ଆନ ଭାଷା ପଢ଼ି ହେଉ ରସ ପିଠା
ମୋର୍ ମାତୃଭାଷା ମୋ କାନକୁ ମିଠା ।
ଧୂଳିସ୍ ବାସଙ୍କ ହେଲେହେଁ ନିବାସ,
ଅପରେ ସହନ୍ତି ତାହା କୁରିବାସ ।

* * *

ନ ମଣ ଦୁଃଖିଲେ ହୀନ,
ସେ ଆମ ଜୀବନ ସ୍ୱାଧୀନ ।

କୃଷକ ଭରତ ନମସ୍ୟ,
ପରିଶ୍ରମେ ଉପୁଜାଏ ଶସ୍ୟ ।
ପଖାଳ ସ୍ତୁତ ଭାଜି ଲୁଣ,
ଋଣ ନ ଥିଲେ କରେ ଗୁଣ ।

* * *

ପୂର୍ବପୁରୁଷଙ୍କ ପ୍ରଜ୍ଞା ଶକତେ
ନ ସରିବ ଖାଇ ଖାଇ,
ମାଡ଼ ଘାଟ ଖାଇ ଗ୍ରାମମାନ ହୋଇ
ପଢ଼ିବ ପାଠ ଝିପାଇଁ ।

* * *

ବନ୍ଦର କରୁଣ ପନ୍ଦର ଦିନ,
ସ୍ୱାଧୀନ କରୁଣ ମାସେ,
ହାଡମାଟି ରୁ ହାଡରେ ନଚିଲେ
ଖାଉଥିବୁ ବର୍ଷେବର୍ଷେ ।

* * *



# ବିବିଧ କବିତା

## ଚାତକ

ମିତ ମିତ ଡାକୁ ପକ୍ଷି କିଏ ତୋର ମିତ,
ତୋ ବଚନେ ତରଳିତ ହୁଏ କା ତା' ଚିତ୍ତ ।
ଜେତେ ଡାକୁଛୁ ରେ ଡାକୁ ଉଡ଼ାଇ ଉଡ଼ାଇ,
ତାହିଁ ସେ ତ ଥରେ ହେଲେ ଶୁଣିବାକୁ ନାହିଁ ।
ଏତେ ଯେ ନିଷ୍ଠୁର, ତୋର ସେହି ପରା ମିତ,
ତା ଠାରୁ ତୁ ଆଶାକରୁ କେଜାଣି କି ହିତ ।
ସେ ତ ଅଛି ବହୁଦୂରେ କରୁ ଯାକୁ ତାକୁ,
ତୋର ଏ କାତର ଡାକ ପାଏ କି ସେଠାକୁ ।
କଣ୍ଠ ଡାକ ସେ ସ୍ଥାନକୁ ପହୁଞ୍ଚିବ ନାହିଁ,
ପ୍ରାଣର ଆହ୍ୱାନ ଏକା ପାରେ ତହିଁ ଯାଇ ।
ଡାକ ପକ୍ଷି ! ପ୍ରାଣ ଭରି କହ ପ୍ରାଣବାଣୀ,
କଠୋର ପାଷାଣ ହୃଦ ହୋଇଯିବ ପାଣି
ପିଉଁ ପିଉଁ ବୋଲି ଆଉ କହନା କହନା,
ପିଇବାକୁ ପାଣି ତୋତେ କେ କରିଛି ମନା ।
ରୁଚେ ନାହିଁ କିପାଁ ତୋତେ ଜଳାଶୟ ଜଳ,
ସେ ତ ସେହି ଶୂନ୍ୟଜଳ ମଧୁର ଶୀତଳ ।
ପିଇଦେ ତହିଁରୁ ତୋତେ ତୃଷାର୍ତ୍ତ ଚାତକ,
ଜାତ ଯିବ ନାହିଁ କିମ୍ବା ନ ହେବ ପାତକ ।
ତୋହୋ ପରି ତୃଷାତୁର ଆଉ ଗାଙ୍ଗୋଇ,
ବୁଲୁଥାଏ ଉଡି ଉଡି ଶୁଷ୍କକଣ୍ଠ ହୋଇ ।
ଖୋଜେ ରହି ମାଛ ଖାଏ ଜଳ ମଧ୍ୟୁ ଆଣି,
ମେଘେ ଚାହିଁ ମାଗୁଥାଏ—'ଦେପାଣି-ଦେପାଣି !'
ମାଛ କି ପବିତ୍ର ଏତେ, ପାଣି ଅପବିତ୍ର,
ଗାଙ୍ଗୋଇର ଏ ଚରିତ୍ର ନୁହେଁ କି ବିଚିତ୍ର ।
ଏତିକି ରଖିଥା ମନେ ରେ କ୍ଷୁଦ୍ର ଚାତକ,
ମିତ ମହାସାହୁକାର, ତୁ ଚିର ଯାଚକ ।
ଜନ୍ମେ ଜନ୍ମେ ପକ୍ଷି ତୁହି ତାହା ପାଶେ ଋଣୀ,
ସେ ଋଣ ହେବାର ନୁହେଁ ପରିଶୋଧ ପୁଣି ।
ମନେ ଧ୍ୟାନେ କରୁଥା ରେ ମିତକୁ ସ୍ମରଣ,
କରିବ ସେ ତୁଣ୍ଡେ ତୋର ଅମୃତ ବର୍ଷଣ ।

—o—

## ମଧୁର ସପ୍ତକ

ସାଧୁ ଉପଦେଶ ବଡ଼ ମଧୁର,
ପ୍ରଣୟୀ ମଧୁର ପ୍ରିୟବନ୍ଧୁର ।
ମଧୁର ଶିଶୁର ଅର୍ଦ୍ଧବଚନ,
ନିଦାଘେ ମଧୁର ଚନ୍ଦ୍ରକିରଣ ।
ମଧୁରଟି ମାତୃଭାଷା ପ୍ରଚୁର,
ହରି ନାମାମୃତ ମହାମଧୁର ।
କୃପଣର ଟଙ୍କାସ୍ୱର ମଧୁର,
ତହିଁ କ୍ଷୁଧାତୃଷା ହୁଏ ତା ଦୂର ।

—o—

## ଶୁଦ୍ଧାଷ୍ଟକ

କ୍ଷୀର ଶୁଦ୍ଧ ହୁଏ ଆଟର ଶୁଦ୍ଧ
ହରିପ୍ରେମେ ହୁଏ ସାଧକ ଶୁଦ୍ଧ ।
ପାପୀ ଶୁଦ୍ଧ ହୁଏ ଅନୁତାପରେ,
ଅଶଉଚ ଶୁଦ୍ଧ ସିନାନ ପରେ ।
ଦେଶ ଶୁଦ୍ଧ ହୁଏ ସ୍ୱାଧୀନତାରେ,
ତୁଣ୍ଡ ଶୁଦ୍ଧ ହୁଏ ସତକଥାରେ ।

ଫୁଲ ଶୁଖି ହୁଏ ଦେବତା ସ୍ପର୍ଶେ,
ତୁଳି ଶୁଖି ହୁଏ ସାଧୁ ଆଦର୍ଶେ ।

—୦—

## ପିତା

—୦—

ରସ ନ ଥିଲେ ହିଁ ସଙ୍ଗୀତ ପିତା,
ପାପୀ ପକ୍ଷେ ପିତା ଧରମ ଚିନ୍ତା ।
ପିତା ଲାଗେ ସାଧୁଜନଙ୍କୁ ମିଥ୍ୟା
ଚିରରୋଗୀ ତୁଣ୍ଡେ ଔଷଧ ପିତା ।
ହିତକଥା ପିତା ଲାଗେ ଦୁର୍ଜନେ,
ଗୁରୁନିନ୍ଦା ପିତା ଶିଷ୍ୟ ଶ୍ରବଣେ ।
ମୁମୂର୍ଷୁଙ୍କୁ ପିତା ତାରକମନ୍ତ୍ର,
ମଣେ ସେ ତାହାକୁ ବୋଝଲା ପନ ।
ମନକୁ ଘାଣ୍ଟିଲେ ଦୁଃଖ ଦୁଶ୍ଚିନ୍ତା,
ସବୁ କଥା ଲାଗେ ସେ ତାକେ ପିତା ।

—୦—

## କଟୁ

ମର୍ମଭେଦୀ କଟୁ ମୂର୍ଖଭର୍ତ୍ସନା,
କଟୁ କଳହକ୍ରୀ-ନାରୀ ରସନା ।
ତୁଚ୍ଛ ପର କଟୁ ପଣ୍ଡିତ ଶ୍ଳେଷ,
କଟୁ ଦୁଷ୍ଟପ୍ରଭୁ ରୁଷ୍ଟ ଆଦେଶ ।
ମିଥ୍ୟା ଅପବାଦ କଟୁ ଦୁର୍ବାର,
କଟୁ ସବୁଠାରୁ ଆତ୍ମଧିକ୍କାର ।

—୦—

## ମୃତ୍ୟୁ

ହେ ମୃତ୍ୟୁ ପରମବନ୍ଧୁ ହେ ଅନ୍ତିମ ସଖା,
ତୁମ୍ଭ ସ୍ନେହ, ଦୟା, ଦାନ, ସବୁ ମଧୁମଖା ।
କହୁଛନ୍ତି ଲୋକଜଣେ ଗୁଣଜ୍ଞ ପଣ୍ଡିତ,
ଶ୍ମଶାନେ ଯେ ସାହା ହୁଏ ସେହି ଏକା ମିତ ।
ତୁମ୍ଭ ବିନା ଶ୍ମଶାନରେ କିଏ ଅବା ସାହା,
ଦେଖାଇପାର ହେ ତୁମ୍ଭେ ପରଲୋକ ସ୍ପୃହା ।
ଜନ୍ମ ଅଛି ତାହେତୁ ଶଙ୍କା ଏ ସଂସାରେ,
ତୁମ୍ଭେ ଅଛି ନେଇଯିବ ଭବସିନ୍ଧୁ ପାରେ ।
କେହି ନାହିଁ ତୁମ୍ଭ ପରି ହିତୈଷୀ ବାନ୍ଧବ,
ତୁମ୍ଭ ଯୋଗୁଁ ଦେଖେ ନର ଅମର ଉତ୍ସବ ।
ତୁମ୍ଭ ସ୍ପର୍ଶେ ହୁଏ ଜୀବ ନିର୍ମଳ ପାବନ,
ଜନ୍ମ ଯନ୍ତ୍ରଣାରୁ ତୁମ୍ଭେ କର ନିସ୍ତାରଣ ।
ଜୀବନ ଯନ୍ତ୍ରଣାପୂର୍ଣ୍ଣ, ମୃତ୍ୟୁ ମହାସୁଖ,
ନ ଜାଣି ତୁଅନ୍ତି ଜନେ ମରଣେ ବିମୁଖ ।
ଏ ଅତି ଆଶ୍ଚର୍ଯ୍ୟ, ମାତ୍ର ନୁହେଁ ଅସମ୍ଭବ,
ବସ୍ତୁଛି ମୋହିନୀ ମାୟା ଜାଲେ ପରିଭବ ।
ମାୟାକୁ ପାଶୁବ ଜଣି ଯେତେବେଳେ ଜ୍ଞାନ,
ବୁଝିବ ସେ କାଳେ ଲୋକ ଏ ତତ୍ତ୍ୱ ମହାନ ।
ହେ ମୃତ୍ୟୁ ଭୀଷଣ ତୁମ୍ଭେ ଜନ କଳ୍ପନାରେ,
ମାତ୍ର ଦୟାବନ୍ତ, ଶାନ୍ତ, କାନ୍ତ ଏକାଧାରେ ।
ଉପନାମ ଯମ ତବ, ପରମ ସଂଯମୀ,
ଅର୍ପୁଛି ମୁଁ ପୁଷ୍ପାଞ୍ଜଳି ପଦ୍ମରେ ପ୍ରଣମି ।
ଦିନେ ତ ସାକ୍ଷାତ ହେବ ନିଶ୍ଚେ ତବ ସହ,
କେତେ ଦୂରେ ସେ ସୁଦିନ ଭାବେ ଅହରହ ।

—୦—

## ବଡ ଜାତି

ସଂସ୍କାର-ବନ୍ୟାର ଦେଖେ ଗର୍ଜେ ସାଇଁ ସାଇଁ,
ସବୁଜାତି ଧାଇଁଛନ୍ତି ବଡ ହେବା ପାଇଁ ।
ହାଡି, ପାଣ, କେଳା, ଡୋମ, ଭଣ୍ଡାରୀ, ବାଉରୀ,
"ଆମେ ବଡ-ଆମେ ବଡ" ଛାଡୁଛନ୍ତି ହୁରି ।
ବଡ ଶବଦରେ କି ଗୁଡ ହୋଇଅଛି ଗୋଳା,
ଗୁଡିଲେ ଲାଗିବ ମିଠା, ତହିଁ ପାଇଁ ଲୋଭା ।
ମରି ଯେବେ ଯମପୁରେ କରିବ ଗମନ,
ବଡ ବୋଲି ପାଇବ କି ଗାଲିଚା ଆସନ ।
ହୃଦୟକୁ ବଡ କର, କର ବଡ କାମ,
ତେବେ ତ ପାଇବ ଶୋଭା ବଡଜାତି ନାମ ।
ଗଙ୍ଗାଜଳ ପରି କର ସ୍ୱଭାବ ନିର୍ମଳ,
ସମସ୍ତଙ୍କୁ ବଡ କରେ ଚରିତ୍ର କେବଳ ।

ପଇତା ପକାଇ ଯେବେ ହେବ ବଡ଼ଜାତି,
ପକାଅ ପଇତା ତେବେ ଘେନ ସୂଅ ନାଛି ।
ହେବ ବଡ଼, ଅନ୍ତର୍ବର୍ତ୍ତି, ଅନ୍ତଜାରୁ ବଡ଼,
ପାଇବ ସମ୍ମାନ ପୁଣି ଶଗଡ଼ ଶଗଡ଼ ।
ହୋଇପାର୍ ମୂର୍ଖ ଯେବେ ଦ୍ୱେଷ ହିଂସା ଗର୍ବ,
ବଡ଼ଜାତି ବଡ଼ହାଣ୍ଡି ହେବ ସିନା ସବୁ ।
ସବୁଜାତି ବଡ଼ ଯେବେ ହୋଇଯିବ ଉଠି,
ବଡ଼ର୍ ମହତ୍ତ୍ୱ ତେବେ ରହିବ କେଉଁଠି ?
ସାନ ଶବ୍ଦଟିକୁ ପେଷି ଆମ୍ଭମାନେ ଧାଇଁ,
ଛତିଶ ପାଟକଯାକ ହୁଅ ବଡ଼ଜାତି ।
ବଡ଼ ପଛେ ହୁଅ, ତହିଁ ନାହିଁ ଜାର୍ ଘୃଣା,
ମାତ୍ର ତେବେ ଛାଡ଼ ନାହିଁ କୁଳର ବେଉସା ।
ଛାଡ଼ ନାହିଁ ବୃତ୍ତି, ବୃତ୍ତି ପୋଷଇ କୁଟୁମ୍ବ,
ପୁତ୍ରସମ ବୃତ୍ତି, ସ୍ନେହେ ଶିର୍ ତାର୍ ଚୁମ୍ବ ।
ଶିରଶ୍ଛେଦଠାରୁ ବଳେ ବୃତ୍ତିଚ୍ଛେଦ କଷ୍ଟ,
ବୃତ୍ତି ଛାଡ଼ି କର୍ ନାହିଁ ପରକାଳ ନଷ୍ଟ ।
ସ୍ୱବୃତ୍ତି ମାନବପକ୍ଷେ ସ୍ୱଧର୍ମ ସମାନ,
ଧର୍ମଛଡ଼ା ହେଲେ ଘଟେ ପ୍ରମାଦ ମହାନ ।
ଗୁଣ, କର୍ମ ଯୋଗୁଁ ବଡ଼ ହୁଅନ୍ତି ମାନବେ,
ପଇତାରେ ବଡ଼ କେହି ହୋଇ ନାହିଁ ଭବେ ।

## ସୁନ୍ଦରାଷ୍ଟକ

ସୁନାକୁ ସୁନ୍ଦର ଗନ୍ଧଯୁକ୍ତତା,
ସ୍ୱଭାବକୁ ଶୋଭା ସତ୍ୟ, ସାଧୁତା ।
ବୀରକୁ ସୁନ୍ଦର ବୀର୍ଯ୍ୟ, ପ୍ରଭାବ,
ଭୂଷାକୁ ସୁନ୍ଦର ସହଜ ଭାବ ।
ଗୀତକୁ ସୁନ୍ଦର ମଧୁର ସ୍ୱର,
ଧନକୁ ତେସନ ଦାନ ସୁନ୍ଦର ।
ବିଦ୍ୟାକୁ ସୁନ୍ଦର ଚତୁରପଣ,
ରଜାକୁ ସୁନ୍ଦର ପ୍ରଜାରଞ୍ଜନ ।

## ପ୍ରଦୀପାଷ୍ଟକ

ସୃଷ୍ଟିର ପ୍ରଦୀପ ଚନ୍ଦ୍ର ତପନ,
କୁଳର ପ୍ରଦୀପ ଯୋଗ୍ୟ ନନ୍ଦନ ।
ମହୀ ଦୀପଶିଖା ଏକା ମହୀପ,
ପରଲୋକ ପଥେ ଧର୍ମ ପ୍ରଦୀପ ।
ଶରୀରର ଦୀପ ନୟନ-ତତ୍ତ୍ୱ,
ସ୍ୱର୍ଗର ପ୍ରଦୀପ ରମ୍ୟ ଅମସ୍ତ,
ହୃଦୟର ଦୀପ ନିର୍ମଳ ଜ୍ଞାନ,
ଈଶ୍ୱର ଦୀପର ଦୀପ ସମାନ ।

## କବିପ୍ରଶସ୍ତି

ଅଙ୍କିପାରେ ଯେହୁ ସ୍ୱଭାବ ଛବି,
ତାହାକୁ ଜାଣିବ ପ୍ରକୃତ କବି ।
ଯାହା କାବ୍ୟେ ଯାଏ ହୃଦୟ ଦ୍ରବି,
କବି ମଧ୍ୟେ ସେହୁ ପ୍ରଧାନ କବି ।
ସକଳ ବିଷୟେ ଯେ ଅନୁଭବୀ,
ସେହି ଏକା ଜ୍ଞାନୀ, ସେ ଏକା କବି ।
ଯା ଲେଖାରୁ ପଡ଼େ ଅମୃତ ସ୍ରବି,
ତାହାକୁ ବୋଲନ୍ତି ସ୍ୱଭାବ କବି ।
କବିତାରେ ମନ ମୋହି ଯେ ପାରେ,
କବିକଳା ଥାଏ ତାହାରିଠାରେ ।
ଯା କାବ୍ୟରୁ ପଡ଼େ କୌମୁଦୀ ଝରି,
କବିପଦେ ତାକୁ ପଣ୍ଡିତେ ବରି ।
ଯାହା କବିତାର ପ୍ରାଣ ସାଧୁତା,
ତାହାରି କବିତା ମଣି ମୁକୁତା ।
ଉଦ୍ଭବେ ସ୍ଫୂର୍ତ୍ତି ଯାହା କବିତା,
କବି-ଜ୍ୟୋତିଷ୍କେ ସେହି ସବିତା ।
ଯା ନାମେ ସୁଖ୍ୟାତି ବାଇଦ ବାଜେ,
କବିପଣ ଏକା ତାହାକୁ ସାଜେ ।
ଇସ୍ତ୍ରେ କିଏ ଯେ ଗଣିଅ ଅଜାଣି,
କବିଙ୍କ ମଧ୍ୟରେ ସେହି ଅଗାଣି ।

## ପଇସାଦୁର୍ଭିକ୍ଷ

କେଣେ ଗଲୁ ପଇସା ରେ ବିଶ୍ୱର ମଉସା,
କେଉଁଠି ଲୁଚିଲୁ ଯାଇ ଦେଇ ଅଭରୁଣା ।
ଦୁଃଖୀର ତାରକମନ୍ତ୍ର, ଧନୀର ଜୀବନ,
କୃପଣ ରକ୍ଷିଣୀନଥି, ଦୁର୍ଜନ ନୟନ ।
ତୁ ବାହନ, ତୁ ଔଷଧ, ତୁ ଦର୍ପ, ଆସନ,
ଅଭାବ-ଜ୍ୱର-ମନ୍ଥର ତୁ କୁଇନାଇନ ।
ପାଠୁଆ, ଅଣପାଠୁଆ, ରଜା, ପ୍ରଜା, ଯୋଗୀ,
ଧାର୍ମିକ, ନିର୍ଦ୍ଧନ, ଦାତା, ଠକ, ସ୍ୱୈର, ରୋଗୀ,
ସମସ୍ତଙ୍କୁ ତୋହୋ ବିନା ଗ୍ରାସିଲାଣି ଶଙ୍କା,
ଝୁରି ହେଉଛନ୍ତି ସର୍ବେ ହା ଟଙ୍କା, ହା ଟଙ୍କା ।
ତୁହି ପିତା, ମାତା, ପୁତ୍ର, ଶୁଶୁରଆ, ପଶାଳ,
ଧର୍ମଅର୍ଥ କାମ ମୋକ୍ଷ ଇହ-ପରକାଳ ।
ତୁହି ବୁଦ୍ଧି, ଜ୍ଞାନ, ବଳ, ତୁହି ଯଶ, ଜାତି,
ଗୃହିଣୀ ଶ୍ରୀଅଙ୍ଗେ ତୁହି ବନାରସୀ ଶାଢ଼ୀ ।
ତୁହି ସୁନାରୁପାରତ୍ନ, ତୁହି ବାଙ୍କୁଚନ୍ଦ
ନ ଦେଖି ତୋ ଚନ୍ଦ୍ରମୁଖ ଜନେ ହେଲେ ଅନ୍ଧ ।
ମାଆ ତୋର ଧବଳାଙ୍ଗୀ ଚାନ୍ଦମୁହାଁ ଟଙ୍କା,
ମାଆ ପୁଅ କରିଦେଲ ଦୁନିଆ ଫାଟକା ।
ଆସ ଭଲ ଫେରିଆସ ଲୁଚ ନାହିଁ ଆଉ,
ମନଇଚ୍ଛା ସାଉଳିଣି ସାଧୁ ତୁମ୍ଭେ ଦାଉ ।
ପ୍ରାଣେ ପ୍ରାଣେ ବାଧୁଲାଣି ତୁମ୍ଭର ବିରହ,
ତୁମ୍ଭଲଗି ହାହାକାର ଉଠେ ଅହରହ ।
ଆସ ବନ୍ଧୁ, ଆସ ପ୍ରିୟ ନ ହୁଅ ନିଷ୍ଠୁର,
ତୁମ୍ଭେ ପରା ଜଗତର ଜୀବନ୍ତ ଠାକୁର ।
ନଅଙ୍କରେ ଘଟିଥିଲା ଶସ୍ୟର ଦୁର୍ଭିକ୍ଷ,
ପଇସା ଦୁର୍ଭିକ୍ଷ ହେଲା ଏ କାଳେ ପ୍ରତ୍ୟକ୍ଷ ।
ଧାଇଁ ଆସ ପଇସାରେ ବାବୁ ସୁନାପୁଅ,
ଅର୍ଥସଙ୍କଟ-ଅନ୍ଧାରେ ଜାଳିଦେ ଆଲୁଅ ।
ରଜା ଉପରେ ତୁ ରଜା, ଗୁରୁଙ୍କର ଗୁରୁ,
ନତ ହେଲେ ତୋ ଚରଣେ ଦଣ୍ଡବତ କରୁ ।

—୦—

## ମୁମୂର୍ଷୁ ପ୍ରତି

ମୁମୂର୍ଷୁ ରେ, କାନ୍ଦ ଲାଗି ସନ୍ତୁଳ ମନକୁ,
ରାଜପୁତ୍ର ତୁହି ଯିବୁ ରାଜଦର୍ଶନକୁ ।
ପିତା ତୋର ନିଜଗତ ଚକ୍ରବର୍ତ୍ତୀ ରଜା,
ତାଙ୍କ ପୁଅ ହୋଇ କାନ୍ଦୁ, ମୁହେଁ ନାହିଁ ଲଜ୍ଜା ।
ଛି ଭୟ ତୋହର ଛାଡୁ, କାହାକୁ ରେ ଭୟ,
ମୂର୍ଖପଣେ ଅକାରଣେ ହେଉଛୁ ଅଥୟ ।
ଇନ୍ଦ୍ରଜାଲ, ଅଳଙ୍ଘ, ଅଛି ପୁଅକୁ ସୁନ୍ଦର,
ଜୀବ ନ ଜାଣି କାନ୍ଦେ ଯେ, ସେ ଅଜ୍ଞାନ ଇତର ।
ପୂଜିବୁ ତୁ ପିତାଙ୍କର ପାଦ ଅହର୍ନିଶ,
ଏହାଠାରୁ ସୌଭାଗ୍ୟ ବା ଅଛି ଆଉ କିସ ।
ବହୁ ପୁଣ୍ୟେ ସେ ସୁଭାଗ୍ୟ ମିଳେ ସିନା ମୂଢ଼,
ପରିହରି ଶୋକ ଭୟ ଚିତ୍ତ କର ଦୃଢ଼ ।
ପିତୃପୂଜା ରାଜପୂଜା ଦେବପୂଜା ତହିଁ,—
ଏକାଧାରେ କରିବୁ ରେ ପିତୃଗୃହେ ରହି ।
ହସି ହସି ଖୁସି ହୋଇ ଚାଲି ଯା ସତ୍ୱର,
ପାଇବୁ ସେଠାରେ ସ୍ନେହ, ଆଶିଷ, ଆଦର ।
ପୁତ୍ର ପାଇଁ ପିତୃହୃଦ କରୁଣାରେ ଭରା,
ତେଣୁ ସିନା ଆଗେ ତୋତେ ଡାକେ ସେ ତ୍ୱରା ।
ମହା ଭାଗ୍ୟଧର ତୁହି, କାନ୍ଦନା କାନ୍ଦନା,
ରାଜାଙ୍କର ଆମନ୍ତ୍ରଣା ନୋହୁ ତୁ ଗୁନ୍ଦନା ।
ଶୁଭକାର୍ଯ୍ୟେ କାନ୍ଦିଲେ ରେ ଫଳିବ ଅଶୁଭ,
ବାସୁକି ଶିରସୁ ଜନ୍ମି ହେବୁ କି ଡୁଣ୍ଡୁଭ ।
ମହାଯାତ୍ରା ଏ ତୋହର—ମହାଶୁଭ ଯାତ୍ରା,
ବଢ଼ାଉ କପାଇଁ କାନ୍ଦି ଅମଙ୍ଗଳ ମାତ୍ରା ।

—୦—

## ହର ପାର୍ବତୀ ସମ୍ବାଦ

କୈଳାସ ସିଂହାସନେ ବସେ ଶୂଳପାଣି,
ବାମଭାଗେ ବସିଛନ୍ତି ଦୁର୍ଗା ଠାକୁରାଣୀ ।
ଲାଗିଅଛି ଶ୍ରୀସିଦ୍ଧି ଭାଙ୍ଗ ଆଡ଼ମ୍ବରେ,
ହୁଂ ଦେଉଅଛନ୍ତି ନନ୍ଦି ବସି ସମ୍ମୁଖରେ ।

ପୁଚ୍ଛାକଲେ ହୈମବତୀ—"ହେ କୃପା-ଆଧାର୍,
ମର୍ତ୍ତ୍ୟପୁରୁ ଉଠେ କାହିଁ ଆର୍ତ୍ତ ହାହାକାର୍ ।"
ଭାଷିଲେ ମହେଶ, "ଦେବି, ଶୁଣ ମନ ଦେଇ,
ମର୍ତ୍ତ୍ୟରୁ ପଇସା ଟଙ୍କା ଯାଉଛନ୍ତି ଉଭେଇ ।
ସମସ୍ତଙ୍କୁ ଘାରିଅଛି ଅଭାବର ନିଶା,
ଭଜନ କରୁଛନ୍ତି ସର୍ବେ ପଇସା ପଇସା ।"
ପୁଚ୍ଛିଲେ ପାର୍ବତୀ—"ଏ ତ ଭୀଷମ ସଙ୍କଟ,
ମୁଦ୍ରାଦେବୀ ମର୍ତ୍ତ୍ୟେ କାହିଁ ହେଲେ ବସ୍ତୁଭଟ ।"
ଉତ୍ତରିଲେ ହର୍, "ପ୍ରିୟେ ଶୁଣ ସମାଚାର୍,
ମର୍ତ୍ତ୍ୟବାସୀ କଲେ ମୁଦ୍ରା ଅପବ୍ୟବହାର୍ ।
ସର୍ବଜ ସୁଲଭ ମୂର୍ତ୍ତି ମଦରଙ୍ଗୀ ଛାଡ଼ି,
ଖାଇଲେଣି ଫୁଲଦୋବ କଣି ପାଣ ହାଣ୍ଡି ।
ଅର୍ଥେ ବେଶାକର୍ କଲେ ଧନିଜନମାନେ,
ପଣ୍ଡିତ ସ୍ଥାନରେ ଖର୍ଚ୍ଚ କରନ୍ତି ତାହାଣେ ।
ଖେଳରେ କେ ଉଡ଼ାଉଛି କେ ଅବା ନିଶାରେ,
କିଏ ମାଲିମାମଲାରେ ମାଡ଼ଣ ହିଂସାରେ ।
କାହାକୁ ବା ରୁଚେ ନାହିଁ ଘରେ ରନ୍ଧା ଲୁଣ,
ଖାଏ ସେ ବିଦେଶୀ ଲୁଣ ବଣ୍ଟୁ ସୁନା ଭଣ ।
କେ ପଇସେ ଅର୍ଜି କରେ ଖରଚ ଟଙ୍କାଏ,
ନବାବଙ୍କ ନାଣ୍ଡ ପରି ବ୍ୟା ପରବାଏ ।
ପରମୁଖେ ଡାଲେ କିଏ ଟଙ୍କା ମୁଣି ମୁଣି,
ପାଇବ ବୋଲି ସେ ପଦ ସ୍ୱର୍ଗର ନିଶୁଣୀ ।
ଯାହାର ମୁଣ୍ଡର ଦାମ୍ ନୁହେଁ ଦଶାଦର୍,
ସୁଝିକେ ଦେଇ ସେ ଦେଖେ ଯାକୀ ଥିଏଟର୍ ।
ଚୂଆ ଚନ୍ଦନର୍ ଆଉ ନାହିଁ ସମାଦର୍,
ତା' ସ୍ଥଳେ ସ୍ନୋ ସ୍ନିଗ୍ଧ କରେ ଏସେନ୍‌ସ ଅତର୍ ।
ଦୁଇଅଣା ଅର୍ଜିବାକୁ ଯେତ୍କ ଅଶକତ,
ପିଉଛି ସେ ଛ ଅଣାର୍ ସୋଡ଼ା ସରବତ ।
ଖଦି ଛାଡ଼ି ପିନ୍ଧେ କେତେ ଫୁଲଧଡ଼ି ଭୋଏଲ୍,
କେ ସାବୁନ ଘଷିହୁଏ ହେବ ବୋଲି ଗୋରା ।
ଶତଛି ଚକୁଳି ପିଠା ତାହାକୁ ଗନ୍ଧାଏ,
ପାଉଁରୋଟି ବିସ୍କୁଟ୍ ସେ ନିତି କିଣି ଖାଏ ।

ସମସ୍ତଙ୍କୁ ଲୋଡ଼ା ଏବେ ସାଇକେଲ ଗାଡ଼ି,
ମୂଲ ଲଢ଼ିବାକୁ କୁଲି ଯାଏ ମୋଟର ଚଢ଼ି ।
ପଚ ମାଟି ହୋଇଯାଏ ବାଣ୍ଡରେ କରଞ୍ଜି
କେବେ ସିଗ୍ନଲ୍ ନ ଭାଷିଲେ ଭଲେ ନାହିଁ ସନ୍ତି ।
ହସିବ ନାହିଁ ତ ଶୁଣି ଆଉ ଗୋଟେ କଥା,
ଶୁଣ ତେବେ ମନଯୋଗ ଦେଇଣ ସର୍ବଥା ।
ନାସିଏ ମାଗନ୍ତି ଭସ୍ମ ସନ୍ନ୍ୟାସିନୀ ପରି,
ମୁଖେ ବୋଲି ପାଉଡ଼ର ହୁଅନ୍ତି ସୁନ୍ଦରୀ ।
ଆଉର କଥାଏ ପ୍ରିୟେ ଶୁଣ ଦେଇ ଧ୍ୟାସା,
କ୍ଷୁଧବାନ୍ତ ବାଳଙ୍କୁ ଧରୁଛି ଗୁଳଶା ।
ଚଷମା ନ ହେଲେ ତାଙ୍କୁ ଦିଶେ ନାହିଁ ବାଟ,
ଏ ରୋଗେ ପୀଡ଼ିତ ବେଶି ଇସ୍କୁଲିଆ ଗୁଟ ।
ନଈଁ ପାଣି ପବନ ବ କଷ୍ଟଜନ୍ତି କେବେ,
ମର୍ତ୍ତ୍ୟପୁରେ ଛାପିଅଛି ଦୁର୍ଗନ୍ଧ ଏସନେ ।
ଗୁଳିରିଆ ଲୋକଙ୍କର ଖାଲି ବାବୁଆନା,
ଛ ଟଙ୍କା ଘୋଡ଼ାକୁ ଲୋଡ଼ା ନ ଟଙ୍କାର୍ ଦାନା ।
ନିତି ଆଣି ଖାଏ ଯେତ୍କ ନବୁଡ଼ା ଉପାସ,
ଦେଖି ତାର୍ ଛର କିଏ ସମ୍ଭାଳିବ ହାସ ।
ଇତର ଉଦର ନାହିଁ ଭେଦାଭେଦ ଲେଶ,
ବାବୁଠାରୁ ବଳିଯାଏ ଗୁଜରର୍ ବେଶ ।
ପଇସାକୁ ନାହିଁ ଖାଲେ ତାହାର୍ ଖାତର୍,
ତା ଲାଗି ଲାଗିଛି ପୁଣି ହିଂସା ମନାନ୍ତର୍ ।
ଏହା ଏବେ ମର୍ତ୍ତ୍ୟପୁରେ ଭୀଷମ ସମସ୍ୟା
ଜଗତ ବସ୍ତ୍ରଧାସ ଶୁକ୍ଳ ଅମାବାସ୍ୟା ।
ବସ୍ତ୍ରଭାଡ଼ିରେ ଲୋକେ ବାଣ ବେଷନରେ,
ବହୁ ଅର୍ଥ ପୋଡ଼ୁଛନ୍ତି ଝଅର୍ଥେ ଅଗିରେ ।
ତାଳାସରେ ହେଉଅଛି କୋଟି କୋଟି ବ୍ୟୟ,
ନୁହେଁ କି ଅର୍ଥର୍ ଏହା ବ୍ୟର୍ଥ ଅପଚୟ ।
ଅର୍ଥର୍ ମହତ୍ତ୍ୱ ଜାଣି ହେଉଛନ୍ତି ନଇନ,
ବହୁ ଅନ୍ତି ଅର୍ଥାଭାବ ନମେ ବହୁଗୁଣ ।
ଅର୍ଥର୍ ଅବଜ୍ଞା ପାପେ ଲକ୍ଷ୍ମୀ ହୋଇ ନରେ
କରୁଛନ୍ତି ପ୍ରାୟଶ୍ଚିତ୍ତ ହାହାକାର ସ୍ୱରେ ।

ଆଜ ପାଇଁ ରଖିବନ୍ତୁ କାଲି ପାଇଁ ଅନ୍ନ—
ହେଲେ ଏହିପରି ସିନା ଘଟେ ଦଶା ମନ୍ଦ ।
ଅଳଙ୍କାର ଶାଧ ହମେ ବଢ଼ୁଛି ଖ୍ରୀଷଣେ,
ବହୁ ଅର୍ଥ କ୍ଷୟ ହୁଏ କେବଳ ଭୂଷଣେ ।
ପିତ୍ତଳ କଂସାକୁ କେହି ଛୁଇଁବାକୁ ନାହିଁ,
ପାଣବଧି ହେଉଅଛି ସୁନା ରୁପା ଛାଇ ।
ଗିଲିଟି ବାସନ ପୁଣି ଗିଲିଟି ଗହଣା,
ଝାଣି ନେଇଯାଉଅଛି ଅର୍ଥ ଅକଳନା ।
ଅତି ବୁଦ୍ଧିମାନ ଲୋକେ ମୋହେ ମାରୁ ହେଣ୍ଟି,
ସୁନା ଦେଇ ଆଣୁଛନ୍ତି କିଣି ଭୁଛା ଭେଣ୍ଟି ।
ବୁଇଦିନେ ତାହା ପୁଣି ଯାଏ ଖତ ଗାଡେ଼,
ଏହିପରି ଅର୍ଥ ଶ୍ରାଦ୍ଧ ହୁଏ ଗୃହିଆଡେ଼ ।
ଘୋର ଅତ୍ୟାଚାର ହୁଏ ମୁଦ୍ରାଦେବୀ ପ୍ରତି,
କେହି ବୁଝିବାକୁ ନାହିଁ ନିଜର ଦୁର୍ଗତି ।
ମୂଲିଆ ବାପୁଡ଼ା ନିତି ଅର୍ଜୁଅଛି ଯାହା,
ନିଆଁ ଧୂଆଁରେ ଉଡାଇ ଦେଉଅଛି ତାହା ।
ନ ହେଲେ ବଲିତ ଧୂଆଁ ଲଗେ ନାହିଁ ମିଠା,
ସ୍ୱଦେଶୀରେ ରସ ନାହିଁ ଖାଲି ଭୁଛା ସିଠା ।
ମୂଳମୂଲିକା ଉପରେ ସର୍ବେ ବୀତଶ୍ରଦ୍ଧ,
ଅଗ୍ନିମୂଲ୍ୟ କିଣୁଛନ୍ତି ବିଦେଶୀ ଔଷଧ ।
ସାମାନ୍ୟ ଟିକିଏ ହେଲେ ଦେହ ଖିଟ୍‌ମିଟ୍,
ଡାକ୍ତରଙ୍କୁ ଡାକିଆଣି ଗଣନ୍ତି ଭିଜିଟ୍ ।
କେତେ ଆଡେ଼ କେତେ ରସ ବହିଯାଏ ସୁଏ,
ତପୁଞ୍ଚିଲେ ନ ବାହାରେ ସଲ୍ୟାର୍ଥେ ବାନ୍ଦୁଏ ।
ଅବିଦ୍ୟାରେ ଅପବ୍ୟୟ ସର୍ବେ କରୁଛନ୍ତି,
ମୁଦ୍ରାଦେବୀଙ୍କର ଆଉ ନାହିଁ ଜାତିପତି ।
ଏହିପରି ଦେବୀ ବହୁ ଅପମାନ ପାଇ,
ଅଛିମାନେ ଲୁଚିଛନ୍ତି କେଉଁଠାରେ ଯାଇ ।"
ପତିମୁଖୁଁ ଶୁଣି ସତୀ ମର୍ତ୍ତ୍ୟର ଦୁର୍ଗତି,
ପୁଚ୍ଛିଲେ ବିସ୍ମୟ ଲଭି—"କହ ପଶୁପତି !
ମର୍ତ୍ତ୍ୟବାସୀ ଜନଙ୍କର କୁତକର୍ମ ଦୋଷେ,
ଲୁଚିଗଲେ ମୁଦ୍ରାଦେବୀ ଅଛିମାନେ ରୋଷେ ।
କେତେ କାଳେ ତାଙ୍କ ରାଗ ହୋଇବ ଶାନ୍ତ
ବାହୁଡି ଆସିବେ ଦେଖି ଲୋକଙ୍କ ଦୁଃଖ ।"
ଉତ୍ତରିଲେ ଗଙ୍ଗାଧର ମୃଦୁ ମୃଦୁ ହସି,
"ପୁଚ୍ଛା କଲ ଯେଉଁ ତଥ୍ୟ ଶୁଣ ତା ପ୍ରେୟସି !
ମୁଦ୍ରାଦେବୀ ସମସ୍ତଙ୍କ ଜୀବର ଜୀବନ,
ତାଙ୍କ ବିନା ମର୍ତ୍ତ୍ୟପୁରେ ବଞ୍ଚିବେ କି ଜନ ।
ଆସିବେ ବାହୁଡି ନିଶ୍ଚେ ଷକଲ୍ପେ ବା ଶରେ
ବେଦ୍ବସାକ୍ଷୀ ମର୍ତ୍ତ୍ୟଜନେ ଶିକ୍ଷା ଦେଲ ପରେ ।
ବୃଥା ଅପବ୍ୟୟର ସେ ନେବେ ପ୍ରତିଶୋଧ,
ତେବେ ଯାଇ ଦେବୀଙ୍କର ଶାନ୍ତ ହେବ କ୍ରୋଧ ।
ଅପବ୍ୟୟ ଅତିବ୍ୟୟ ଛାଡି ଲୋକମାନେ—
ମିତବ୍ୟୟୀ ହେଲେ,ଦେବୀ ଫେରିବେ ସ୍ୱସ୍ଥାନେ ।
ଯେ ଦିନ ବୁଝିବେ ଲୋକେ ନିଜର ହୀନସ୍ଥା
କରିବେ ଆୟକୁ ଚାହିଁ ବ୍ୟୟର ବ୍ୟବସ୍ଥା,
ଯେଉଁ ଦିନ ଜନେ ପୂର୍ବପୁରୁଷଙ୍କ ପରି,
ଅଳ୍ପରେ ସନ୍ତୁଷ୍ଟ ହେବେ ସହିଷ୍ଣୁତା ଧରି,
ଅଭାବକୁ ଘୃଣା କରି ପୂଜିବେ ତ୍ୟାଗକୁ,
ପ୍ରାଣପଣେ ଆଚରିବେ ସଂଯମ-ଯାଗକୁ,
ସେ ଦିନ ଆସିବେ ନିଶ୍ଚେ ମୁଦ୍ରାଦେବୀ ଫେରି,
ସୁଖୀ ହେବେ ସର୍ବେ ତାଙ୍କ ଶ୍ରୀମୁଖ ହେରି ।"
ଶୁଣି ହୈମବତୀ ହେଲେ ଅତୀବ ହରଷିତ,
ଏହିଠାରୁ ଗୀତ ଶେଷ, ଅଧ୍ୟା ସମାପତ ।
ଅର୍ଥନୀତି ସମସ୍ୟା ଏ, ଶୁଣିଲେ କେବଳ,
ମିଳେ ଧର୍ମ-ଅର୍ଥ-କାମ-ମୋକ୍ଷ-ମିଠାଫଳ ।

—୦—

## ପୁଣ୍ୟକାଳ

ପୁଣ୍ୟକାଳ ଆସେ ଦଣ୍ଡିକ ପାଇଁ,
ଆଉ ତାହା ଭେଟି ମିଳିବ ନାହିଁ ।
ଏ ବାରୁଣୀ ଯୋଗେ କଲେ ସିନାନ,
ମହାଫଳ ଲଭି ନିଶ୍ଚୟ ଜାଣ ।

ଜାଗ ହେ ତରୁଣ ଉଠ ହେ ମାତି,
ବନ୍ଧୁକୁ ସଦର୍ପେ ଦେଖାଅ ଛାତି ।

ଅଶ୍ରୁରେ ମିଶାଅ ରୁଧିର ଧାର,
କର ମାତୃମହୀ-ମାନ ଉଦ୍ଧାର ।

ତେଣା ନାହିଁ, ତେବେ ଆକାଶେ ଉଡ଼,
ଶକ୍ତି ଅଗ୍ନିକଣା ଦିଅ ବିଞ୍ଛୁଡ଼ି ।
ଦେଖାଅ ଜଗତେ ଓଡ଼ିଆ ତେଜ,
ପୂର୍ବପୁରୁଷଙ୍କ ପୌରୁଷ ହେଜ ।

ସନ୍ଦେହ ନ କର ନିଜ ଶରମେ,
ସିଂହ କି ଘରେ ଛୁଆ ଛେଳି ଜନମେ ?
ମହାଶକ୍ତି ପୁତ୍ର ଆମେ ସକଳେ,
ଗଙ୍ଗା ଗୋଦାବରୀ ଜିଣିଲେ ବଳେ ।

ଦେଖ ଆମ ନୃପ ଶ୍ରୀଗଙ୍ଗେଶ୍ୱରେ
ଦେବକୋଟ୍ଟ ଧରି ବୀର ବେଶରେ,
ଆକାଶରେ ଥାଇ ଉତ୍କଳ ସାର,
ଢାଳନ୍ତୁ ଶକ୍ତିର ଅନଳ ଧାର ।

ଦେଖ ପୁଣି ରାଜା ପୁରୁଷୋତ୍ତମ,
କାଞ୍ଚିରଣଜୟୀ ନୃପ-ସତ୍ତମ,
ଦେଖାଉଅଛନ୍ତି ଶୁଭ ଶକୁନ,
ଉଠ ଉଠ ମାତ୍ର ଉଠ ତରୁଣ !

ତାଙ୍କ ନିଜ ଶକ୍ତି ଆମ ବାହୁରେ,
ରଖିଯାଇଛନ୍ତି ସେ ବୀର ଶୂରେ,
ତାହାକୁ ଆମର ଆଶଙ୍କା ଭୟ,
ଶକ୍ତିରେ ସର୍ବଦା ମିଳେ ବିଜୟ !

ସ୍ୱଭାବେ ତ ଆମେ ଶକ୍ତି ସନ୍ତାନ,
ଶକ୍ତିରେ ଆମକୁ କିଏ ସମାନ,
ଦେଖାଇବା ସେହି ଶକ୍ତି ପ୍ରଭାବ,
ବାଛିନେବା ତର୍କେ ନିଜର ଠାବ ।

—0—

# ମୋର ମାତୃଭୂମି

ମାତୃଭୂମି ମୋର ଉତ୍କଳବର୍ଷ,
ଦିଏ ନିତ୍ୟ ମୋତେ ନୂତନ ହର୍ଷ ।
ମାତୃମହୀ ମୋର ଉତ୍କଳ ଦେଶ,
ମାଆଠାରୁ କରେ ଯତ୍ନ ବିଶେଷ ।
ମାତୃମହୀ ମୋର ଉତ୍କଳ ଧରା,
ସ୍ନେହ ଆଶୀର୍ବାଦେ ତା ହୃଦ ଭରା ।
ଜନ୍ମଭୂମି ମୋର ସ୍ନେହ-ସରିତ,
ପୋଷେ ମୋତେ ଦେଇ ଦେହୁ ଶୋଣିତ ।
ମାତୃମହୀ ମୋର ଉତ୍କଳଖଣ୍ଡ,
ଦୋଷ କ୍ଷମା କରେ ନ ଦିଏ ଦଣ୍ଡ ।
ସୁବର୍ଣ୍ଣ ଉତ୍କଳ ମୋ ମାତୃମହୀ,
ମହିମା ତାହାର ନ ହେବ କହି ।
ମାତୃଭୂମି ମୋର ଦେବୀ ଉତ୍କଳ,
ସଞ୍ଚାରେ ମୋ ଦେହେ ଶକତି ବଳ ।
ସାଧେ ସେ ସଦା ମୋ ମଙ୍ଗଳ ପୁଣି,
ଜନ୍ମେ ଜନ୍ମେ ମୁହିଁ ତା ପାଦେ ଋଣୀ ।
ମାତୃମହୀ ମୋର ଉତ୍କଳ ଦେବୀ,
ଜନେ ଧନ୍ୟ ତାହା ଚରଣ ସେବି ।
ତା ପାଦସେବାରେ ଉତ୍ସର୍ଗି ପ୍ରାଣ,
ହେବି ମୁଁ ତାହାର ଯୋଗ୍ୟ ସନ୍ତାନ ।
ସ୍ମରିବି ସତତ ତା ଦୟା ସ୍ନେହ,
ମିଶାଇବି ଶେଷେ ତା ଦେହେ ଦେହ ।
ସେହି ମୋର ତୀର୍ଥ ସେହି ମୋ ସ୍ୱର୍ଗ,
ସେହି ଏକା ପୂଜ୍ୟ ସେହି ଚୌବର୍ଗ ।

—0—

# ଆନନ୍ଦ ଗୀତି

(ସମ୍ରାଟ ପଞ୍ଚମଜର୍ଜଙ୍କ ରୌପ୍ୟ ଜୁବୁଲୀ ଉପଲକ୍ଷେ)

କି ଆନନ୍ଦମୟ ଶୁଭଦିନ ଆଜ
ବର୍ଷୁଛି ଆନନ୍ଦ-ମଧୁ,

ହସୁଛି ଗଗନ ହସୁଛି ପବନ
ହସୁଛନ୍ତି ଦିଗବଧୂ ।
ହିମାଳୟୁ ପାଦୁ କୁମାରିକା ଯାଏଁ
ସମସ୍ତ ଭାରତବର୍ଷେ,
ଖେଳି ଯାଉଅଛି ଆନନ୍ଦ-ଲହରୀ
ମତ୍ତ ସର୍ବେ ନବହର୍ଷେ ।
ଆନନ୍ଦ-ଦୁନ୍ଦୁଭି ବାଜୁଛି ସ୍ୱରରେ
ଶୁଭେ ଶଙ୍ଖ ହୁଳାହୁଳି
ଧ୍ୱନି ସଙ୍ଗେ ତାର ପ୍ରତିଧ୍ୱନି ମିଶି
ପଡ଼ୁଛି ବକ୍ଷେ ଉଚ୍ଛୁଳି ।
ଅମରୀ ସହିତେ ଅପ୍‌ସରୀଏ ମିଳି
ଧରାଧରି ହୋଇ ହାତ,
ଫିଙ୍ଗୁଛନ୍ତି ମୁଦେ ଧରଣୀ-ମସ୍ତକେ
ସ୍ୱର୍ଗ ସ୍ୱର୍ଣ୍ଣ ପାରିଜାତ ।
କହୁଛି ପତାକା ଧରି ଦେବଶିଶୁ
ଉଲ୍ଲାସେ ହୋଇ ଅଥୟ,
ଗାଉଛନ୍ତି ଜୟ ଶ୍ରୀପଞ୍ଚମ ଜର୍ଜ
ମହାରାଣୀ ମେରୀ ଜୟ ।
ସେ ଶବଦେ ଜାଗି ମର୍ତ୍ତ୍ୟ ଗିରିନଦୀ
ଦେଉଛି ହୃଦନଚୟ,
ଉଚାରନ୍ତି ଜୟ ଭାରତ-ସମ୍ରାଟ
ଶ୍ରୀପଞ୍ଚମ ଜର୍ଜ ଜୟ ।
ପଞ୍ଚବିଂଶ ବର୍ଷ ରାଜତ୍ୱ ତାଙ୍କର
ହୋଇଗଲା ଶୁଭେ ଗତ,
ସେହି ଉପଲକ୍ଷ୍ୟେ ଜୁବିଲି ଉତ୍ସବେ
ମାତିଛି ଆଜି ଭାରତ ।
ପ୍ରାଣର ଭାଷାରେ ବିଶ୍ୱପତି-ପଦେ
କରୁଛୁ ସେ ନିବେଦନ,
ଭାରତ-ସମ୍ରାଟ କରନ୍ତୁ ନିର୍ବିଘ୍ନେ
ଶତବର୍ଷ ରାଜପଣ ।
ହେ ପଞ୍ଚମ ଜର୍ଜ ରାଜଚକ୍ରବର୍ତ୍ତୀ
ମହାଯଶା ମହାମନା,
ଘେନ ଦେବ ତବ ପ୍ରେମ ଭାରତର
ଭକ୍ତି-ପ୍ରୀତି-ସମ୍ବର୍ଦ୍ଧନା ।
ଘେନନ୍ତୁ ମହିମା ଦୀନା ଉତ୍କଳର
ପ୍ରାଣର ଅଭିନନ୍ଦନ,
ଛିନ୍ନାଙ୍ଗ ସଂଯୋଗ— ହେଲେ ଦୁଃଖିନୀର
ଫେଡ଼ିବ ଘୋର ଦଂଶଣ ।

—o—

## ଉଦ୍‌ବୋଧନ

ନାହିଁ କି ରେ ଆମ ବାହୁରେ ଶକ୍ତି,
ନାହିଁ କି ଆମର ସ୍ୱଦେଶ-ଭକ୍ତି ।
ନାହିଁ କି ଆମର ଦେହରେ ହାଡ଼,
ନାହିଁ କି ରେ ଆମ ବୁକୁରେ ଦାଢ଼ ।
ଅଛୁ ଯେବେ ତେବେ ଉଠ ସତ୍ୱରେ,
ଲୁଚି ବସ ନାହିଁ ଘରକୋଣରେ ।
ଦୃପ୍ତ ସିଂହ ପରି ଉଠ ଗରଜି,
ଅଳସ ମଉଜ ଭୟ ବରଜି ।
ଉଚାର ଉତ୍କଳ-ମାତାର ଜୟ,
ବୀର ଜାତି ଆମେ କାହାକୁ ଭୟ ?
ଘଟୁ ପଛେ ଯେତେ ବାଧା ବିଷାଦ
ପଛାଇବା ନାହିଁ, ପଛକୁ ପାଦ ।
ଆମରି ଏ ଦେଶ ଆମ ପର୍ବତ,
ଆମରି ସାଗର ନଦୀ ପ୍ରଭୃତି ।
ଆମ ଦ୍ରବ୍ୟ ଆମେ କରିବା ଭୋଗ,
କାହିଁକି କରିବ କେ ଅଭିଯୋଗ ।
ସହିବା ପଛକେ ଗାଳି, ତର୍ଜଣ,
ତେବେ ନ ଛାଡ଼ିବା ଜାତୀୟ ଠାଣ ।
ଆମେ ତେଜାଇବା ଅମର ପିତା,
ତାହାକୁ ବାହିଁକି ତାନ୍ତ୍ର ନଫିତା ।
ପ୍ରଭୁ ଜଗନ୍ନାଥ ସାହା ଆମର,
ଜଗତରେ ଆଉ କାହାକୁ ଡର ।
ଗତ୍ନିତର ପ୍ରଭୁ ଯାହାର ବାପ,
ଯଶ ଦଶପାରେ ତାହାର ସାପ ।

ସହୁଥିବା ସବୁ ମାଡ଼ ଆଘାତ,
ନ ଛୁଇଁବା ତାହା ଦେହରେ ହାତ ।
ଗଲେ ପଛେ ଯାଉ ଜୀବନଟା ବ
ଛାଡ଼ିଦେବା ନାହିଁ ନିଜର ଦାବି ।
ବଜ୍ର ବା ଅଗ୍ନିକି ଡରିବା ନାହିଁ,
ହସି ହସି ଦେବା ଛାତି ପତାଇ ।
ନଷ୍ଟ ହେଲା ଦେଶ ନିଶା-ସୁଆଗେ,
ଦ୍ୱୀପାନ୍ତର ତାକୁ କରିବା ଆଗେ ।
ଅଫିମର ଅଛି ବହୁ ଦୁର୍ଗୁଣ,
ତାହା ଯୋଗୁଁ ରୋଗ, ତା ଯୋଗୁଁ ଋଣ ।
ସୁରା-ଅସୁରୀର ମୂର୍ତ୍ତି ତରଳ,
ପ୍ରତ୍ୟକ୍ଷରେ ତାହା ତୀବ୍ର ଗରଳ ।
ଧୂଆଁ-ରୂପୀ ବିଷ ଗଞ୍ଜା ମଦକ,
ଶୋଷେ ସ୍ୱାସ୍ଥ୍ୟ, ଧନ, ମାନ, ମହତ ।
ନିଶା ଥିବା ଯାଏଁ ନାହିଁ ମଙ୍ଗଳ,
ତାହା ଯୋଗୁଁ ଫଳେ ସବୁ କୁଫଳ ।
ଗାଇବା ଜାତୀୟ ଗୀତ, ଚୌପଦୀ,
ଚଳାଇବା ଦେଶେ ଜାତୀୟ ଗାଦି ।
ସୁଖଭୋଗ ପଛେ ଗାତକୁ ଯାଉ,
ବିଦେଶୀ ଚିଜ ନ ଛୁଇଁବା ଆଉ ।
ନିଜ ଘରୁ ନେଇ ଟଙ୍କା କଉଡ଼ି,
ବିଦେଶେ ତାହାଙ୍କ ଦେବା ବାହୁଡ଼ି ।
ବଢ଼ିବ ତହିଁରେ ବିଦେଶୀ ପେଟ,
ଆମ ମୁଣ୍ଡ ହେବ ତଳକୁ ହେଠ ।
ବୀରବାଳା ଦେବୀ ଭାରତ-କନ୍ୟା,
ନିଜ ଗୁଣେ ହେଲେ ଜଗତେ ଧନ୍ୟା ।
କୋଟି ଧନ୍ୟ ତୁମ୍ଭ ଶକ୍ତି ସାହସ,
ଦେଖାଇଲ କେତେ ଉଚ୍ଚ ଆଦର୍ଶ ।
ଧନ୍ଦା ଲଗାଇଣ ଜଗତ ନେତ୍ରେ,
ବାହାରି ପଶିଲ ସମର କ୍ଷେତ୍ରେ ।
ତେଜସ୍ୱିନୀ ତୁମ୍ଭେ ଚଣ୍ଡିକା ପରି,
କେଉଁ ପୁରୁଷ ଗୋ ତୁମ୍ଭଙ୍କୁ ସରି ।

ଛଡ଼ାଇ ପୁରୁଷ ମନୁ ଜଡ଼ତା,
ଶିଖାଇଲ ତାଙ୍କୁ ଦେଶ-ମମତା ।
ଜୟଶ୍ରୀ-ମଣ୍ଡିତ ହୋଇ ସମରେ,
ସ୍ଥାପିଲ ଅମର କୀର୍ତ୍ତି ମଞ୍ଚରେ ।
ଶକ୍ତିରୂପା ତୁମ୍ଭେ ପ୍ରତ୍ୟକ୍ଷେ ଶକ୍ତି,
ଘେନ ମା ପ୍ରାଣର ପବିତ୍ର ଭକ୍ତି ।
ଯେତେ ଦିନ ଥିବ ଓଡ଼ିଆ ଜାତି,
ଅକ୍ଷୟ ଥାଉ ତ ତୁମ୍ଭ ସୁଖ୍ୟାତି ।

—o—

## ଆଶୀର୍ବାଦ

ଦୀପ୍ତ, ଆଜି ଭଦ୍ରକର ସୌଭାଗ୍ୟ-ବର୍ତ୍ତିକା,
ଜନ୍ମିଛି ସାଳନ୍ଦୀ କୂଳେ "ସାଳନ୍ଦୀ" ପତ୍ରିକା ।
ସଦ୍ୟଜାତ ଶିଶୁଟିର ମଙ୍ଗଳ ମନାସି,
ଆଶୀର୍ବାଦ କରୁଛନ୍ତି ଦେବେ ସ୍ୱର୍ଗୁ ଆସି ।
ବୃଦ୍ଧି ଲଭୁ ଶିଶୁ ଶୁକ୍ଳ ଶଶିକଳାବତ,
ଦେଖାଉ ବୈଶିଷ୍ଟ୍ୟ, ପ୍ରଜ୍ଞା, ପ୍ରତିଭା ମହତ୍ତ୍ୱ ।
ଛାତ୍ରଙ୍କର ହେଉ ବନ୍ଧୁ, ଦକ୍ଷ ଶିକ୍ଷାଦାତ୍ରୀ,
ସଜ୍ଜନ କୁଳର ହେଉ ସ୍ନେହାଦର ପାତ୍ରୀ ।
ହେଉ ତାର ଧର୍ମ ନିତ୍ୟ ନବ ଶିକ୍ଷାଦାନ,
ଦର୍ଶାଇ ମଙ୍ଗଳାଦର୍ଶ ଅବଶ୍ୟ ସମ୍ମାନ ।
ସାଳନ୍ଦୀ ସଲିଳ ସ୍ୱଚ୍ଛ, ମଧୁର ପବିତ୍ର,
ହେଉ ତଥା ପ୍ରଶଂସିତ ଶିଶୁର ଚରିତ୍ର ।
ବ୍ରହ୍ମଚର୍ଯ୍ୟ ଦୀକ୍ଷାଦାନ ହେଉ ତାର ସ୍ୱାର୍ଥ,
ବାଳବ୍ରହ୍ମଚାରୀ ତହିଁ ହେଉନ୍ତୁ କୃତାର୍ଥ ।
ବିତରୁ ସଦୁପଦେଶ ଦିବ୍ୟ ଉପାଦେୟ,
ଶିକ୍ଷାର୍ଥୀର ହେଉ ତାହା ପୁଷ୍ଟିକର ପେୟ ।
ସାଳନ୍ଦୀ ପ୍ରାୟ ସେ କରୁ ଅବ୍ୟାହତ ଗତି,
କର୍ମକ୍ଷେତ୍ରେ କର୍ମୀ ଗଢ଼ୁ ହୋଇ କର୍ମଯତି ।
ବଡ଼ ଗଢ଼ି ବଡ଼ ହେଉ, ନିଜ ଶକ୍ତି ଦାନେ—
ବଢ଼ାଉ ସମାଜ ଶକ୍ତି, କିବା ଅବଧାନେ ।

ହେଉ ତାର ଲକ୍ଷ୍ୟ ଜାତି ଗୌରବ ବର୍ଦ୍ଧନ,
ସାଳନ୍ଦୀର ଲକ୍ଷ୍ୟ ଯଥା ସାଗର ମିଳନ।
ଗାଉଛନ୍ତି କୋବଦେ ତାର ବିଜୟ ଗୀତିକା
ଲଭୁ ଦୀର୍ଘ ପରମାୟୁ "ସାଳନ୍ଦୀ" ପତ୍ରିକା।

—o—

## କୁଆଁର ପୂନେଇ

[ଶିଶୁ-ଗୀତ]

କୁଆଁର ପୂନେଇ ଜହ୍ନ ତାରଥାଳୀ ପରି,
ରୁପା ଜରି ସ୍ରୋତେ ଜ୍ୟୋଷ୍ଣ ପଡେ ଭରୁଁ ଝରି।
ଜହ୍ନମାମୁ ପରି ଜଣେ ସୁନ୍ଦର ସୁତଳ,
ଶୁଭ୍ରହାସ୍ୟେ କରୁଛନ୍ତି ସେ ଚୌଦିଗ ଉଜ୍ଜ୍ୱଳ।
ଝରିପଡେ ସେ ହାସ୍ୟରୁ ମଣିମୁକ୍ତାମାନ,
ଶଶାଟିଏ କୋଳେ ବସି ଚେଇଁଅଛି ତାନ।
ବସିଛି ଲମ୍ବାଇ ଗୋଡ ବୁଢିଆଣୀ ବୁଢୀ,
ଅରଟରେ ସୂତା କାଟେ ତାକୁଡ ତାକୁଡ।
ନିଅ ମାମୁ ଖୁନ୍ଦ ମୋର ନିଅ ଜଇଁ ଫୁଲ,
ଖୁନ୍ଦ ଖାଇ ଆନନ୍ଦରେ ଝୁଲ ମାମୁ ଝୁଲ।
ଜୁହାର କରୁଛୁଁ ଆମେ କୁମାର କୁମାରୀ,
ଆଶୀର୍ବାଦ କର ମାମୁ ଗଗନ-ବିହାରୀ।
ତୁମ ଜ୍ୟୋଷ୍ଣ ପରି ସଫାକର ଆମ ମନ,
ଜ୍ଞାନ ଦିଅ, ବୁଦ୍ଧି ଦିଅ, ଦିଅ ଶିକ୍ଷାଧନ।
ତୁମ ପରି କର ହୃଦ ପବନ ମଧୁର,
ପ୍ରାଣରେ ଆନନ୍ଦ ଦିଅ ଭୟ କର ଦୂର।
ଶୁଭଗୁଣ ହେଉ ଆମ ଦେହର ଲାବଣ୍ୟ,
ଏହା ବିନା ଶିଶୁପ୍ରାଣେ କସ ଭୂଷା ଅନ୍ୟ।
ଜେତେ ଖୁସିଦିନ ଆଜି କୁଆଁରପୂନେଇ,
ମାଗୁଛୁଁ ମେଲିଣି ଅର୍ଘ୍ୟ ପୁଷ୍ପାଞ୍ଜଳି ଦେଇ।

—

## ବନ୍ଦୀ ଶୁକ

ସୁବର୍ଣ୍ଣ-ପିଞ୍ଜର-ଅଙ୍କ-ବିଳାସୀ ବିହଙ୍ଗ,
ବସିଛୁ ମଉନେ କିପାଁ ଭୁଲି ନୀଡାରଙ୍ଗ।
ଭୁଞ୍ଜୁ ଛୁ ଦୁଗ୍ଧାନ୍ନ, ସର ରଜତ ପାତ୍ରରେ,
ବିବିଧ ମଧୁର ଫଳ ତୋର ଚଞ୍ଚୁ ଦ୍ୱାରେ।
ନିର୍ମଳ ଶୀତଳ ଜଳ କରୁ ନିତି ପାନ,
ପାଉଅଛୁ କେତେ ସେବା କେତେ ସ୍ୱନମାନ।
ଏତେ ଭାଗ୍ୟ ଏତେ ସୁଖ, ତେବେ କାହିଁପାଇଁ,
ବସିଛୁ ଶୁଖାଇ ମୁଖ, ମନେ ସୁଖ ନାହିଁ।
ବୁଝିଲୁ କି ସୌଭାଗ୍ୟର ମୂଲ୍ୟ ବିହଙ୍ଗମ,
ଅତି ସୌଭାଗ୍ୟହିଁ ସିନା ତୋ ପକ୍ଷରେ ଯମ।
ଥିଲୁ ସ୍ୱାଧୀନ ତୁ, ମୁକ୍ତ ଗଗନ ବିହାରୀ,
ସଦାନନ୍ଦମୟ ଜୀବ, ସଦା ସ୍ୱେଚ୍ଛାଗୁରୀ।
ଅପହୃତ ତୋର ସେହି ସ୍ୱାଧୀନତା-ଧନ,
ସେଥିଯୋଗୁଁ ପକ୍ଷୀମଣି ବିଷଣ୍ଣ ତୋ ମନ।
ହରିଲା ଯେ ତୋ ସମ୍ପଦ, ଅର୍ଜିଲା ଜ ଯଶ,
ସ୍ୱଭାବ କଠୋର ତାର, ହୃଦୟ ନୀରସ।
ହରି ସ୍ୱାଧୀନତା, ତୋତେ ଅର୍ପିଲା କଷଣ,
ଗଢିଲା ତହିଁରେ ନିଜ ବିଳାସ ବ୍ୟସନ।
ପଶୁର ତାହାକୁ ପକ୍ଷି, ସ୍ୱର୍ଣ୍ଣବନ୍ଦିଶାଳେ
ରଖିଲେ ସେ ହେବ କରେ ଖୁସି ତେଉଁ କାଳେ
ଆତ୍ମ-ସ୍ୱାଧୀନତା ଦାନେ ଯେ ଚରକୃପଣ,
ଆନ ସ୍ୱାଧୀନତା କିପାଁ କରେ ସେ ହରଣ ?
ହେଲଣି ତ ଯା ହେବାର ନ ଭଜି ତୁ ଦୁଃଖେ,
"ନାରାୟଣ ହରି" ଶବ୍ଦ ଘୋଷୁଥା ରେ ମୁଖେ।
ଫେଡିବେ ତୋ କଷଣ ସେ କୃପା ଦାନ କରି,
ଡାକ ପକ୍ଷି ବାରମ୍ବାର—"ହରି ଦୁଃଖ ହରି"।

—o—

## ଚିଟଉ ପଡ଼ ଗୋ

କାହାର ଚଟଉବାହୀ ଏ କ୍ଷୁଦ୍ର ବିହଙ୍ଗ
"ହଳଦୀବସନ୍ତ", କହେ କାହାକୁ ଚୁହାଇ
"ଚଟଉ ପଡ ଗୋ" ବୋଲି, ଉଚ୍ଛାସ ଭାଷାରେ।
ପେଷିଛି କି ଋତୁରୂପେ ବସନ୍ତ ଏ ଖରେ
ଧରଣୀ ସମୀପେ, ଦେଇ ଆଗମନ ବାର୍ତ୍ତା,
ତାକି ତାକି ପକ୍ଷିରୂପ ପଢଲଣି ଥକି,

ତଥାପି ଚେତନା ନାହିଁ ମେଦିନୀ ଦେବୀର,
ହତାଶାର କଶାଘାତେ ଉଡ଼ୁଁ ବିହଙ୍ଗମ
ଉଡ଼ିବୁଲି ବାରମ୍ବାର ଶାଖୁଁ ଶାଖାନ୍ତରେ
କାନପାତେ ଦେଖେ ଦେଖେ ବସିଯାଇ ମୌନେ,
ମାତ୍ର ଶୁଣେ ନାହିଁ କିଛି, ବଢ଼ିଉଠେ ତହୁଁ
ହତାଶାର ବ୍ୟଥା ବହୁଗୁଣ, ହୋଇ ମୁଢା
ଆଶାବାଦ ପ୍ରଭାବିତ ପ୍ରତିଦିନ ପକ୍ଷୀ
ହେଉ ନାହିଁ କ୍ଷାନ୍ତ, ସଦା ଲାଗିଛି ଚେଷ୍ଟାରେ
ଅଖଣ୍ଡ ଅଧ୍ୟବସାୟ ମହାବ୍ରତ ଧରି ।
ସତ୍ୟ ଏ ଧାରଣା ତାର,-ଧରା ତପସ୍ୱିନୀ
ଅତ୍ୟନ୍ତ ସମାଧିମଗ୍ନ, ତାଙ୍କ ସର୍ବେନ୍ଦ୍ରିୟ
କେନ୍ଦ୍ରୀଭୂତ ଯୋଗଧ୍ୟାନେ, ଭାଙ୍ଗିଲେ ସେ ଧ୍ୟାନ
ଶୁଣିବେ ବିହଙ୍ଗ ଭାଷା, ପଢ଼ିବେ ଚିଠିଉ ।
ଅଥବା ଆଣିଛି ପକ୍ଷୀ ବିଶ୍ୱପିତାଙ୍କର
କେବଣ ସତର୍କ ଲେଖ, ଜଗତ ସମୀପେ,
ବିବେକ ଯେସନ, ଆଣି ଆସ୍ଥାଠାରୁ ସଦା
ଆଦେଶ ଚିଠାଉ ଶାସି ଦୃପ୍ତ କ୍ଷିପ୍ତ ମନେ
କରେ ତାକୁ ନିୟନ୍ତ୍ରିତ, ସୁପଥେ ଚାଳିତ ।
ଆଶା-ପ୍ରଭାବିତ ପକ୍ଷୀ ନ ଦେଖେ ଆଶାକୁ,
ଆଶା ମଧ୍ୟ ତାକୁ କେବେ ଛାଡ଼ୁ ନାହିଁ ଲବେ,
ରହିଛନ୍ତି ଦୁହେଁ ସଦା ହୋଇ ଜଡ଼ାଜଡ଼ି,
ସଂସାରୀ ସଂସାର ଯଥା, କମ୍ପା ଜୀବମାୟା ।
ନିରାଶାରେ ପକ୍ଷିମଣି, ଗଲଣି ତ ପଡ଼ି
ମୁହିଁ ତୋର ବଳା, କିନ୍ତୁ ସେ ନୈରାଶ୍ୟ ମଧ୍ୟେ
ଦେଖୁଛୁ ତୁ ଆଶାମୁଖ, ସହାସ୍ୟ ସୁନ୍ଦର,
ଅତି ସାହସ ଏ, ନୁହେଁ ଦୁଃସାହସ ତୋର,
ସ୍ମରୁତର କାର୍ଯ୍ୟେ ପିତା ଅତି ସାହସୀଏ
ଲଭନ୍ତି ସାଫଲ୍ୟ, ଦୃଢ଼ ଧୈର୍ଯ୍ୟ ସାଧନାରେ,
ସଫଳତା—ହତୋତ୍ସାହୀ କପାଳ ଲେଖନ ।
ଡାକ ପକ୍ଷି, ଯୋଗଭଙ୍ଗା ବହୁଳିତ ସ୍ୱରେ
ଫାଲ୍ଗୁନ ଆସିବା ଯାଏଁ, ତାହାର ପରଶେ
ଭାଙ୍ଗିଯିବ ଯୋଗଧ୍ୟାନ ମହୀ ତାପସୀର,
ପଢ଼ିବ ଆବର ସିଦ୍ଧ ତପୋଭଙ୍ଗମନ୍ତ୍ର
ଭଗାଟ ପଞ୍ଚମ ସ୍ୱରେ, ଚେତିବେ ମେଦିନୀ,
ସେତିକେ ଭେଟିବୁ ନେଇ ଛାମୁରେ ଚିଠିଉ
ପାଇବୁ ତୁ ପୁରସ୍କାର ବହୁ ପଦ୍ମ କୋଳ ।

—୦—

## ଦଶହରା

ଗିରିରାଜ-ଜେମା ହର-ପାଟରାଣୀ
ଦୁର୍ଗେ ଦୁଷ୍ଟନିବାରିଣୀ,
ଗୁରୁଦିନ ପାଇଁ ତରୁଥିଲ ତୁମ୍ଭେ
ଜ୍ୟୋତିର୍ମୟୀ ଏ ମେଦିନୀ । ୧ ।
ସ୍ୱର୍ଗର ଐଶ୍ୱର୍ଯ୍ୟ ମର୍ତ୍ତ୍ୟକୁ ଓହ୍ଲାଇ
ଆଣିଥିଲ ମାହେଶ୍ୱରୀ,
ଜୀବନ୍ତ ଦେବତ୍ୱ, ଶରୀରୀ ଆନନ୍ଦ
ଖେଳୁଥିଲେ ହାତ ଧରି । ୨ ।
ରୋଗ ଶୋକ ଦୁଃଖ ଦାରିଦ୍ର୍ୟ ବିଷାଦ
ସ୍ୱାର୍ଥ ଆଦି ଭୟେ ଲାଜେ,
ପୃଥ୍ୱୀରୁ ପଳାଇ ଲୁଚିଥିଲେ ଯାଇ
କେବଣ ଅଜଣା ରାଜ୍ୟେ । ୩ ।
ଆଜ ଦଶହରା ଶୁଭାୟୁ ଦିବସ
ବିଷାଦ ଆସୁଛି ମାଡ଼ି,
ମିଳନେ ଆନନ୍ଦ, ବିଦାୟେ ବିଷାଦ
କେଉଁ କାଳେ ନାହିଁ ଛାଡ଼ି । ୪ ।
କାନ୍ଦୁଛି ଧରଣୀ, କାନ୍ଦେ ତରଙ୍ଗିଣୀ—
ବିଷାଦ-ବାଦ୍ୟ ବଜାଇ,
ବନସ୍ପତି ଜେମା କୁସୁମ ସୁନ୍ଦରୀ
ଦେଉଛି ଲୁହ ଗଡ଼ାଇ । ୫ ।
କାନ୍ଦୁଛି ଆକାଶ ଦଣ୍ଡକେ ଘଣ୍ଟକେ
ଢାଳିଦେଇ ଅଶ୍ରୁଧାର,
ସାଇଁ ସାଇଁ ସ୍ୱରେ କାନ୍ଦେ ସମୀରଣ
କାନ୍ଦୁଛନ୍ତି ବିଶ୍ୱସାର । ୬ ।
ଯାଅ ତେବେ ଦେବି ! ଘେନି ଏ ବିଷାଦ-
ଅଶ୍ରୁଭାର ଉପହାର,

ଆଜି ଜପ କିଏ ଦେବାକୁ ସ୍ୱଜନ
ଜପ ବା ଅନ୍ତ ତାହାର । ୭ ।
ଯିବାବେଳେ କାନ୍ଥ ଦେଇଯାଅ ମାତଃ
ଏତକ ଶ୍ରୀପଦେ ଅଳି,
ପ୍ରାଚୀନ ଅତୃପ୍ତ ସ୍ୱର୍ଗ ଉଜ୍ଜ୍ୱଳର
ଗଢ଼ିଦିଅ ନବଭୂଲ । ୮ ।
କର୍ମୀ ତୁମେ ଦିଅ କର୍ମର ପ୍ରେରଣା
ଯୁବକ-ହୃଦୟେ ଶକ୍ତି,
ସାଧାରଣ ତୁମେ ନବପ୍ରାଣ ଦିଅ
ବୃଦ୍ଧ ମନେ ଦିଅ ଭକ୍ତି । ୯ ।
ସ୍ୱଗତ ମଧୁର— ଶିଶୁକଣ୍ଠେ ଦିଅ
ତୁମ୍ଭର ମହିମା-ଗୀତ,
ତୁମ୍ଭର କରୁଣା ଅମୃତ ଧାରରେ
ଅଭିଷିକ୍ତ ହେଉ କ୍ଷିତ । ୧୦ ।

—ঃ❋ঃ—

## ଜୀର୍ଣ୍ଣ କୁଟୀର

କେ କହେ ତୁ ଅସୁନ୍ଦର, ରେ ଜୀର୍ଣ୍ଣକୁଟୀର,
ମୋ ନୟନେ ତୁହି ନିତ୍ୟ ନୂତନ ସୁନ୍ଦର ।
ତୁହି ମୋର ସ୍ୱଚ୍ଛନ୍ଦ୍ୟ ଶୋଭାର ଉଦ୍ଭବ,
ଦୈନ୍ୟ-ରତ୍ନେ ମଣ୍ଡିତ ତୋ ନଗ୍ନ ଅବୟବ ।
ମୋ ଦିଆଖି ନେଇ ଯେବେ ତୋତେ ଦେଖନ୍ତା,
ବୁଝନ୍ତା ତେବେ ସେ ତୋର ବୈଚିତ୍ର୍ୟ ଶ୍ରେଷ୍ଠତା ।
ଶୂନ୍ୟତବଶେ ସ୍ୱଜନ୍ତୁ ଯେ ସୌନ୍ଦର୍ଯ୍ୟ ଉଦ୍ଭବ,
ତୋଠି ସ୍ୱଚ୍ଛନ୍ଦ୍ୟେ ତାହା ଏକାନ୍ତ ଦୁର୍ଲଭ ।
ନ ଥାଉ ପଟ୍ଟତେ ସୂକ୍ଷ୍ମ ଶିଳ୍ପ ଚମକର,
ମାତ୍ର ତା ବୈଚିତ୍ର୍ୟେ କିଏ ଭବେ ପଟାନ୍ତର ।
ଛଟେ ତୋର ବଂଶରନ୍ଧ୍ର ଗୀତ ଗୁଣୁଗୁଣୁ,
ଫୁଣ-ମାଣିକ୍ୟର ଶୋଭା ବାକେ ଝୁଣୁଝୁଣୁ ।
ଲୂତାଲେପା ଜୀର୍ଣ୍ଣଖୁଣ୍ଟ ଗଠିତ ହୀରକେ,
ବଡାଗଣ୍ଡି ଧୂଆ ଶ୍ରେଣୀ କୋଣରେ ଝଟକେ ।
ଦେଖି ବାତାୟନ ତୋର ସୁନ୍ଦର ନୟନ,
କବାଟ ତା ନେତ୍ରପତ୍ର ଶୁଷ୍କ ତଣ୍ଡାବନ ।
ଗବାକ୍ଷର ଗଜଦନ୍ତ ନେତ୍ର କୋଣରେଖା,
କଶାଳ ବଦନ ପ୍ରାୟ ଦ୍ୱାର ଯାଏ ଦେଖା ।
ଅଳନ୍ଦର ସ୍ଥୂଳ ତୋର ଉନ୍ନତ ନାସିକା,
ଓଷ୍ଠାଧର ସମତୁଲ ବେଣ୍ଟ ବେତ୍ରଲତା ।
ତୁହି ମୋର ଯୋଗାଶ୍ରମ ଅ-ଗିର ଗହ୍ୱର,
ଯେ କହେ ତୁ ଅସୁନ୍ଦର, ସେହି ଅସୁନ୍ଦର ।
ଯେ ପଟ୍ଟରେ ଯାହା କହୁ ମହାଗର୍ବେ ମାତି,
ମାତ୍ର ଜୀର୍ଣ୍ଣଗୃହ, ତୁ ମୋ ସ୍ୱର୍ଗପାଟହାତୀ ।
ସହି ଶରତ୍ ବର୍ଷା ଶୀତ ଲୁହୁଣ୍ଡ ଶିଶିର,
ରଖିଛୁ ବଞ୍ଚାଇ ମୋତେ ମୋ ଜୀର୍ଣ୍ଣକୁଟୀର ।
ଫାଟିଅଛୁ ଠାବେ ଠାବେ, ପଡ଼ିଅଛୁ ଝଡ଼ି,
ତୋ ଦେହେ ସେ ଅଳଙ୍କାର ଶୋଭେ ହୀରଘଣ୍ଡ ।
ମୁଁ ଦୀନ, ତୁ ଦୀନମାତା, ମୋ ଦାରିଦ୍ର୍ୟ ଦୁଃଖ,
ବହିଛୁ ଭୂଷଣ ରୂପେ ନ ହୋଇ ବିମୁଖ ।
ରହିଛି ମୋ ବକ୍ଷସ୍ପନ୍ଦ ତୋ ଅଙ୍କେ ଅଙ୍କିତ,
କେତେ ସତ୍ୟ ବର୍ତ୍ତମାନ, କେତେ ବା ଅତୀତ ।
କେତେ ମୋର ସତ୍ୟାଶାର ସାଫଲ୍ୟ-ସୁହାସ,
ବିଷାଦର ଅଗ୍ନିବୋଲା ଖର ତପ୍ତ ଶ୍ୱାସ ।
ଶୂନ୍ୟାସ୍ମିତ ଗର୍ଭେ ତୋର ଯାଇଛି ମିଳାଇ,
ଖେଳଧୂଳେ ଲୁଚକାଳି ସେ ସ୍ମୃତିର ଛାଇ ।
ମିଶିଯିବ ଦିନେ ତହିଁ ମୋ ଶେଷ ନିଃଶ୍ୱାସ,
ତୁ ମୋ ଦୀନ ଜୀବନର ଦୀନ ଇତିହାସ ।
ସେବା ତୋର ତପବ୍ରତ, ସେବା ତୋ ଐଶ୍ୱର୍ଯ୍ୟ,
ସେହି ସେବାଧର୍ମ ତୋର ଅନ୍ତର ସୌନ୍ଦର୍ଯ୍ୟ ।
ସେ ଶୋଭା ଯେ ନେତ୍ର ତୁଣ୍ଡେ ପାରୁ ନାହିଁ ଗୃହି,
ଆଖିବନ୍ତ ହେଲେ ସୁଦ୍ଧା ନାହିଁ ତାର ଆଖି ।

——

## ଗୋ-ପୂଜା

ପୁଣ୍ୟ ଗୋଷ୍ଠାଷ୍ଟମୀ ଆଜ, ମହୋତ୍ସବ ଦିନ,
ଲଭିଛି ଗୋମାତା ପୂଜା ଅପୂର୍ବ ଆଟୋପେ
ଷୋଡ଼ଶୋପଚାରେ, ଶୁଭ୍ର ଆନନ୍ଦ ସୁଦିନ ।

ହସୁଛନ୍ତି ଶସ୍ୟଲକ୍ଷ୍ମୀ କେଦାରେ କେଦାରେ
ପିନ୍ଧି ଶିରେ ସ୍ୱର୍ଣ୍ଣଚୂଡ଼ା ଦିବ୍ୟ ଜ୍ୟୋତିର୍ମୟ,
ଉଲ୍ଲାସର କୋଟି ସ୍ରୋତ ବହେ ପ୍ରାଣେ ପ୍ରାଣେ,
କରୁଛନ୍ତି ପୁଷ୍ପବୃଷ୍ଟି ପ୍ରକୃତି ମସ୍ତକେ
ଶ୍ୟାମାଙ୍ଗୀ ଶାରଦୀ ଲକ୍ଷ୍ମୀ, ମହିମା-ମଣ୍ଡିତା,
ମାତୃତ୍ୱର ଦେବୀତ୍ୱର କରୁଣା କଣିକା
ପଡ଼ୁଛି ଦୃଷ୍ଟିରୁ ଝରି ମଣି ମୁକ୍ତା ପ୍ରାୟ
ହିମବିନ୍ଦୁ ଛଳେ, ଯଥା ମାତୃ-ଆଶୀର୍ବାଦ ।
ଝରେ ଯେତେ ସାରସ୍ୱତ କବି କବିତାରୁ
ପ୍ରାଞ୍ଜଳ କବିଙ୍କ ଭାବ—ଉପମା-ସମ୍ପଦ,
ଗଣି ଗଣି ଅଳଙ୍କାର ରଚେ ଉଚ୍ଚ ସ୍ୱର ।
ଫୁଙ୍କୁଅଛି ଶୁଭ୍ର ପକ୍ଷୀ ଶଙ୍ଖଚିଲ ଶଙ୍ଖ,
ଦେଉଅଛି ହୁଳାହୁଳି ସାଳନ୍ଦୀ ତଟିନୀ
ମଧୁ ମକରନ୍ଦମୟୀ ଅମନ୍ଦଗାମିନୀ
ମେଘାସନ ଶୈଳ-ଜେମା, ଉତ୍କଳ-ଜାହ୍ନବୀ
କୁହୁକୁହୁ ସ୍ୱରେ, ପୁଣି ଉଚ୍ଚାରେ ଗମ୍ଭୀରେ—
ଜୟ ଦେବୀ ଶସ୍ୟଧନ୍ୟା ଗୋମାତାର ଜୟ ।
ମିଶି ସେ ପୃଥୁଳ ଶବ୍ଦ ଗଗନେ ପବନେ
ଯାଉଅଛି ଘରେ ଶୂନ୍ୟେ ମହାଶୂନ୍ୟେ ଉଠି
ମର୍ତ୍ତ୍ୟର ଉତ୍ସବବାର୍ତ୍ତା ଦେବାକୁ କହିବେ;
ଶୁଣି ତା ଦୁନ୍ଦୁଭି ନାଦ କରନ୍ତି ଅମରେ ।
ଥାଉନ୍ତୁ ଦେବତା ସ୍ୱର୍ଗେ, ଦେବଭାବ ଘେନି,
ଅଦୃଶ୍ୟ ସେ ଅପ୍ରତ୍ୟକ୍ଷ, ଅରୂପ, ଅଜ୍ଞାତ;
ମାତ୍ର ଯେ ପ୍ରତ୍ୟକ୍ଷେ ସାଧେ ବିଶ୍ୱ ଉପକାର,
ମାନବ ଯା ଦୟା ଭୁଞ୍ଜେ ପ୍ରତି ନିଃଶ୍ୱାସରେ,
ସେ ଏକା ଦେବତା ସିନା ଚିରଦୟାମୟୀ;
ସେଇଟି ଦେବତା ଏକା ବିଶ୍ୱ ଜଗତରେ
ଗୋଧନ ବ୍ୟତୀତ କିଏ, ସରୂପ ସଜୀବ,
କ୍ଷୀର ଯାର ପ୍ରାଣପୋଷୀ, ମର୍ତ୍ତ୍ୟରେ ଅମୃତ,
ଯାହାର ଗୋଟିଏ ରୋମ କୋଟିଏ ଦେବତା,
ନାନା ଭାବେ କରେ ଯେତୁ ବିଶ୍ୱ-ଉପକାର,
ସେ ଗୋମାତା ଜଗଦ୍ଧାତ୍ରୀ, ନରର ଦେବତା,
ପବିତ୍ର ତାହାର ମୂତ୍ର, ବିଷ୍ଠା ପାଦୋଦକ,
ତାହାରି ପୂଜକ ଏକା ମର୍ତ୍ତ୍ୟରେ ଅମର,
ବର୍ଣ୍ଣିତ ତା ପଦ ଧର୍ମ ଶାସ୍ତ୍ର ପୁରାଣର ।
ମଣ୍ଡିଛନ୍ତି ଆଜ ଏହି ଗବାର୍ଚ୍ଚନ ସଭା
ବହୁ ଜ୍ଞାନୀ ବ୍ୟକ୍ତି, ବହୁ ଧାର୍ମିକପ୍ରବର,
ଉପବିଷ୍ଟ ସଭାପତି ପବିତ୍ର ଆସନେ
ଭୂସ୍ୱାମୀ ଶ୍ରୀ ଭାସ୍କରଚନ୍ଦ୍ର ରାୟବାହାଦୁର
ଉତ୍କଳ-ତମିସ୍ର-ନଭ-ଜ୍ୟୋତିଷ୍କ-ଭାସ୍କର
ଦୁଃଖିନୀ ଉତ୍କଳମାତା ସୁଯୋଗ୍ୟ ନନ୍ଦନ ।
ଦାନେ ସେ ଶ୍ରାବଣ ଘନ, ସୌଜନ୍ୟେ ତାପସ;
କାନ୍ତି ଶିକ୍ଷାଗୁରେ ସେହୁ ତାଙ୍କର ଉପମା,
ଧନ୍ୟ ଏବେ ଏ ଉତ୍କଳ ତାଙ୍କରି ସକାଶେ,
ପୁଣି ବହୁଭାବେ ଋଣୀ ତାହାଙ୍କ ସମୀପେ ।
ହୁଅନ୍ତୁ ସେ ଦୀର୍ଘଜୀବୀ, ଚିର ନିରାମୟ,
ଉଡୁ ତାଙ୍କ କୀର୍ତ୍ତିଧ୍ୱଜା ସ୍ୱଦେଶେ ବିଦେଶେ;
ହେଉ ତାଙ୍କ ପୁଣ୍ୟାବାସ ଚିର ଉତ୍ସବିତ,
ଦୀନା ଉତ୍କଳର ଆଜ ଏହି ଆଶୀର୍ବାଦ ।

---

## ମହାପ୍ରୟାଣ

[ ସମ୍ରାଟ ପଞ୍ଚମଜର୍ଜଙ୍କ ସ୍ୱର୍ଗାରୋହଣ ଉପଲକ୍ଷେ ]

ଅସ୍ତଗତ ଆହା ବ୍ରିଟିଶ ରବି
ଅକାଳେ ସମ୍ପାତ ଭୀଷଣ ପବି,
ହାହାକାରେ ପୂର୍ଣ୍ଣ ପ୍ରତି ଭବନ
ହାହାକାର ରବେ ବହେ ପବନ,
ଝୁରୁଛି ସାରା ମେଦିନୀ ଯେ
ରବି ଅସ୍ତ ହେଲେ ଝୁରେ ଯଥା ଶୋକେ
ରବିପ୍ରାଣା କମଳିନୀ ଯେ ।
ମହାପ୍ରୟାଣର ଦାରୁଣ ଶୋକ
ଭାରତମାତାର ଭୁରୁ ଅଶୋକ

ନଶ୍ୱର ଦେଉଛନ୍ତି ବାତ୍ୟା ସମାନ
ଚରାଚର ଆଜ ଶୋକେ ଅଜ୍ଞାନ,
ହା ହା କେତେ ଦୁର୍ବିପାକ ଯେ
କାନ୍ଦୁଅଛନ୍ତି ବଙ୍ଗ   କାନ୍ଦୁଛନ୍ତି ତେଲିଙ୍ଗ
ଉତ୍କଳାଦି ଦେଶଯାକ ଯେ ।
କାନ୍ଦନ୍ତି ଦେଉଳେ ଦେବତାକୁଳ
କାନ୍ଦେ ମହୋଦଧି ଶୋକେ ଆକୁଳ,
କାନ୍ଦୁଛନ୍ତି ନଦନଦୀ ଭୂଧରେ
କାନ୍ଦୁଛନ୍ତି ଚଢ଼େଇ କରୁଣ ସ୍ୱରେ,
ବେଳାରେ ଶିର ପ୍ରହାରି ଯେ
ହା ପଞ୍ଚମ ବର୍ଗ   ଗୁଣ-ଚକ୍ରବର୍ତ୍ତୀ
ଲହରୀ-ମୁଖେ ଉଭାରି ଯେ ।
ବନେ ଶୁକ ସାରି ଶୋକେ ବିକଳ
ପିତା ଲାଗେ ତାଙ୍କୁ ମଧୁର ଫଳ,
ସ୍ୱଭାବେ ସୁଖଦ ବସନ୍ତ କାଳ
ଗ୍ରୀଷ୍ମେ ପରିଣତ ମହାକରାଳ,
ଧରା ପ୍ରତେ ହୁଏ ମରୁ ଯେ
ଗୋଲପ ପାଖୁଡ଼ା—   ଧାରେ ବାଧି ଆହା
ଛେଦିଦେଲା ମହାତନ୍ତୁ ଯେ ।
ଯାଙ୍କ ସ୍ମୃତି ରବି ନ ହୁଏ ଅସ୍ତ
ଯାହାଙ୍କ ପ୍ରଭାବେ ଦୁର୍ଜନେ ତ୍ରସ୍ତ,
ସେ ମହାପୁରୁଷ କଲେ ପ୍ରୟାଣ
ହାୟ କି ନିର୍ମମ ବିଧି ବିଧାନ,
ସ୍ମରି ଫାଟିଯାଏ ଛାତି ଯେ
କି ବର୍ଷରେ ବିଧି   ଦିବସେ ଭେଟାଇ
ପଶ୍ଚାତେ ଆଣନ୍ତି ରାତି ଯେ ।
ମହା କର୍ମଯୋଗୀ ପଞ୍ଚମ ବର୍ଗ
ଆଦର୍ଶ ତୁମ୍ଭର ସୁକର୍ମବ୍ରତ,
କର୍ମ ସାଧନାରେ ଜୀବନ କ୍ଷୟ
କଲ ତୁମ୍ଭେ ଧନ୍ୟ ହେ ମହାଶୟ,
ତୁମ୍ଭଙ୍କୁ ସେ କର୍ମତନ୍ମୟ ଯେ
ଚିର ଶାନ୍ତିମୟ   କର୍ମପିତା ଅଙ୍କେ
ବସାଇଥିବ ନିଶ୍ଚୟ ଯେ ।

ଆହିମଶିଖରୀ କୁମାରୀ ଜନ୍ୟା
ବହୁଛି ସର୍ବତ୍ର ବିଷାଦ-ବନ୍ୟା,
ଯାହା ପାଇଁ କାନ୍ଦେ କୃଷ୍ଣ ସଂସାର
ଅମର ସେ, କାହିଁ ମୃତ୍ୟୁ ତାହାର,
ମିଥ୍ୟା ନୁହେଁ ଏହି କଥା ଯେ
ମହାମୃତ୍ୟୁ ମଧ୍ୟେ   ଅମୃତ ଜୀବନ
ଲଭିଛ ତୁମ୍ଭେ ସର୍ବଥା ଯେ ।
କି ସାଧ୍ୟ ମୃତ୍ୟୁର ହେ ଧର୍ମବୀର
ଛୁଇଁବ ତୁମ୍ଭର ପୁଣ୍ୟ ଶରୀର,
ଶ୍ୱପଚ କି କେବେ ହୋଇ ସାହସୀ
ପୂତ ଯଜ୍ଞାନଳେ ପାରେ ପରଶି,
ଛୁଇଁଲେ ଦୁର୍ଭାଗ୍ୟବଶେ ଯେ
ଲହମାକ ମଧ୍ୟେ   ଅସ୍ତିତ୍ୱ ହରାଇ
ପରିଣତ ହେବ ଭସ୍ମେ ଯେ ।
ଯୋଗ-ସିଦ୍ଧ ଯୋଗୀ ଥିଲ ଆପଣେ
ଯୋଗବଳେ ଗଲ ସ୍ୱର୍ଗ ଭୁବନେ,
ଦେବ ମେଳେ ବସି ଭୁଞ୍ଜି ଅମୃତ
ହରିଛ ବିବିଧେ ସୁ-ଅଲଙ୍କୃତ,
ପ୍ରଭୁ କୃପା-ଅନୁପାର ଯେ
ବଳେ ବଳେ ଯାଗ   ଦେଉଛନ୍ତି ତବ
ସୁକର୍ମର ପୁରସ୍କାର ଯେ ।
ଉତ୍କଳକୁ ତୁମ୍ଭେ କଲ ଯା ଦାନ
ରହିଲା ତବ ସେ କୀର୍ତ୍ତି ମହାନ,
ହସ୍ତଶିର ତାର ତୁମ୍ଭ ଆଦେଶେ,
ଯୁକ୍ତ ହେଲା ତାର ଦେହେ ଖଣ୍ଡେଖଣ୍ଡେ,
ଯୁଗେ ଯୁଗେ ଏ ଉତ୍କଳ ଯେ
ବସାଇ ତୁମ୍ଭଙ୍କୁ   ସ୍ମୃତି-ସିଂହାସନେ
ପୂଜିବ ପଦକମଳ ଯେ ।

## ମଧ୍ୟାହ୍ନ ବର୍ଷା

( ମେଘ ମଲ୍ଲାର )

—୧—

ଘୋଟିଲା ଗଗନ ବାରିଗର୍ଭ ଘନ
ନାଚେ ବଜ୍ର ଘନଘନ,
ଦୁରନ୍ତ ଦାନବ ପ୍ରକାଶିଣ ଗର୍ବ
ଭଙ୍ଗି ସୃଷ୍ଟେ ଯେସନ,
ଘୋର ଗର୍ଜନ
ଛୁଟେ ଋଗଟେ ଦଶନ,
ସନସନ ସ୍ୱରେ ବହୁଛି ପ୍ରଶରେ
ଭୀଷଣ ଝଞ୍ଜା ପବନ ।

—୨—

ବର୍ଷେ ପ୍ରଥମରେ ଟପଟପ ସ୍ୱରେ
ଠୋପା ଠୋପା ହୋଇ ଜଳ,
ତଦନ୍ତେ ଧୂସରେ ମୂଷଳ ଧାରରେ
ବରଷିଲା ଅନର୍ଗଳ,
ଦିଗମଣ୍ଡଳ,
ଦିଶିଲେ ମ୍ଳାନ ଧୂମଳ,
ଜଳସ୍ରୋତ ଦାଣ୍ଡେ ବହିଯାଏ ସ୍ରୁଣ୍ଡେ
ଗୀତ ଗାଇ କଲକଲ ।

—୩—

ମୟୂର ସୃଜକ ବହୁଣ ସୁଲଭ
ଋଚିଲେ ମହୋତ୍ସବ,
ଶୁଭିଲା ଲଗାଟ ଡାହୁକ ଲୁହାଟ
ଭେକ ମକମକ ରବ,
ଝିଙ୍କ ଝଙ୍କାର,
ପ୍ରକଟେ ବନେ ଅପାର,
ବୃଷ୍ଟ ଜଳଧର ବର୍ଷେ ନିରନ୍ତର
ସୃଜି ନବ ପାରବାର ।

—୪—

ଘୋଟିଲା ଅନ୍ଧାର ଦିଗଙ୍ଗନା ବାର
ଟାଣିଲେ ମୁଖେ ଓଢଣା,
ଅହୋ କି ବିସ୍ମୟ ମଧ୍ୟାହ୍ନ ସମୟ
ସନ୍ଧ୍ୟା ପ୍ରାୟେ ଯାଏ ଜଣା,
ମହାଭୟରେ,
ତରୁଲତା ଅଙ୍ଗ ଥରେ,
ବଦ୍ଧ୍ୟଛଳେ ଶାଖୀ ଗୃହେଁ ଦେଇ ଅଖି
ବୁଜିଦିଏ ଥରେ ଥରେ ।

—୫—

ଝରେ ଜଳଧାର ଯେସନେ ସ୍ରଷ୍ଟାର
କରୁଣା ଅମୃତଧାର,
ପ୍ରକୃତି-ତାପସୀ ପିଏ ତାହା ବସି
ମହାପ୍ରେମେ ଆତ୍ମହାର,
ଲମ୍ବା ଏସନ,
ଶବଲେ ଖୁବ ମନ,
ସୁରଭିରୂପିଣୀ ଧନ୍ୟ କାଦମ୍ବିନୀ
କ୍ଷୀର କେ କରେ ଦୋହନ ।

—୬—

ଅଥବା ଅଗାଧ ଦେବ ଆଶୀର୍ବାଦ—
ଧାର ବର୍ଷେ ଧରାଶିରେ,
ସେହି ଆଶୀର୍ବାଦେ ଶୁଭେ ଅପ୍ରମାଦେ
ଉପୁଜେ ସୃଷ୍ଟି ମହୀରେ,
ହୁରେ ସେ ଅହା,
ଧରଣୀର ଅନ୍ତର୍ଦାହା,
ହୃଦୟ-ବେଦନା ହୃଦୟୀକୁ ଜଣା
ଆନ କେ ବୁଝିବ ତାହା ।

—୭—

ନିର୍ଜ୍ଜିବ ଦ୍ୱିରଦ ପରମଳମଦ
ବହିପଡ଼େ ମହୀତଳେ,
କୁସୁମ ନିଃଶ୍ୱାସ ଛୁଟେ ତା ସୁବାସ
ଶେଲବୁଲେ ଜଳେ ସ୍ଥଳେ,
ନଭ-ଯୋଗୀର,
ଝରେ କି ପ୍ରେମାଶ୍ରୁ ନୀର,
ପୂଜ ସେ ଲେଖକ ଯେତେକେ ଶାର୍ଦ୍ଦୂଳ
ଧରେ ଧର ପାଣ୍ଡ ଶିର ।

## ସହଯୋଗ ଶକ୍ତି

ବହୁଶକ୍ତି ମିଳି ହେଲେ ପୃଥୁଳ,
ସାଧିପାରେ ବହୁ କାର୍ଯ୍ୟ ଅତୁଳ ।
କ୍ଷୁଦ୍ର ଉଇକୀଟ ହୋଇ ଏକତ,
ଗଢ଼ି ପାରନ୍ତି ସେ ମାଟି ପର୍ବତ ।
ଦଳବଦ୍ଧ ହୋଇ ମଧୁମକ୍ଷିକା,
ପୁଷ୍ପଗର୍ଭୁ ଶୋଷି ମଧୁକଣିକା,
ରଚି ମଧୁକୋଷ କରନ୍ତି ଦାନ,
ସାଧନ୍ତି ବିଶ୍ୱର ମହା କଲ୍ୟାଣ ।
ସହଯୋଗର ଏ ଶୁଭ ଆଦର୍ଶ,
ମାନବକୁ କିପାଁ ନ କରେ ସ୍ପର୍ଶ ।
ଅଶକ୍ତ ତହୁଁକି ଯେବେ ମାନବ,
କେଉଁ ମୁଖେ ବାଢ଼େ ଜ୍ଞାନ ଗରବ ।
ସହଯୋଗେ ସଭ୍ୟ ଜାତି ସମାଜ,
ଚଳାଉଅଛନ୍ତି ରେଲ୍ ଜାହାଜ ।
ଏତେ କାମ ହୁଏ ସହଯୋଗରେ,
ଦେଖି ଆଖି ବୁଜି ନ ବସ ଘରେ ।
ସମବାୟ ନୀତି ଧର ସତତ,
ନିଜର ଅବସ୍ଥା କର ଉନ୍ନତ ।
ଉତ୍ସାହ ଉଦ୍ୟମେ କର ସମ୍ବଳ,
ଫଳିବ ଭାଗ୍ୟରେ ସୁବର୍ଣ୍ଣ ଫଳ ।

—:*:—

## ମାତୃପକ୍ଷ

ମାହେନ୍ଦ୍ର ମୁହୂର୍ତ୍ତେ ପାହିଥିଲା ପ୍ରଭ
ଶୁଭ ସୁପ୍ରଭାତ ଆଜି,
ପ୍ରାଣ-ବୀଣା ଯନ୍ତ୍ରେ ଆନନ୍ଦ-ଚନ୍ଦ୍ରିକା
ଉଠୁଛି ପଞ୍ଚମେ ବାଜି ।
ଯେ ଦିଗେ ଚାହିଁଲେ ସବୁ ମଧୁମୟ
ହାସ୍ୟମୟ ଦେଶସାରା,
ପ୍ରକୃତି-ଅଧରୁ ବହି ପଡ଼ୁଅଛି
ସୁହାସ୍ୟ ପୀୟୂଷଧାରା ।
ମାତୃଅଙ୍କେ ବସି ପ୍ରାଚୀପୂର୍ଣ୍ଣୀ-ସୁତା
ହସୁଥିଲା ଆଜି ଉଷା,
ଉପମା ସୃଷ୍ଟିର ଅତୁଳ ଉପମା
ନିଖିଳ-ଲାବଣ୍ୟ-ଭୂଷା ।
ହସି ହସି ରବି ଉଦେ ହେଉଛନ୍ତି
ହସୁଛି ମହାଆକାଶ,
ହସେ ମଧୁ ଋତୁ ମଳୟ ମାରୁତ
ହସୁଅଛି ମଧୁ ମାସ ।
ଫେନହସେ ହସେ ମହୋଦଧି, ଚିଲ୍‌କା
ପିତାପୁତ୍ରୀ ଦୁଇଜଣ,
ବୀର-ବାହୁ ଛନ୍ଦି ଉତ୍କଳ ଦେବୀଙ୍କୁ
କରୁଛନ୍ତି ଆଲିଙ୍ଗନ ।
ସ୍ୱତନ୍ତ୍ର ପ୍ରଦେଶ ହେଲା ଏ ଉତ୍କଳ
ବିଚିତ୍ର କଳା-ଆକର
ତେଣୁ ତା ହରଷେ ହରଷ ମିଶାଇ
ହସୁଅଛି ଚରାଚର ।
ନସ୍ୟାମ (୧) ଶିଖରୀ ଗୁହାମୁଖେ ଶଙ୍ଖ
ବଜାଏ ହରଷେ ଭରି,
ଦୁରୁ ଦୁରୁ ନାଦେ ଡୁଡୁମା ପ୍ରପାତ (୨)
ବଜାଏ ଜୟ-ଦୁନ୍ଦୁଭି ।
କାଦମ୍ବିନୀକୁଳ ହରଷେ ଉଚ୍ଛୁଳି
ଆରୋହି ସମୀର-ଯାନେ,
କହି ବୁଲୁଛନ୍ତି ଏ ଶୁଭ ସମ୍ବାଦ
ପ୍ରତି ଗିରି କାନେ କାନେ ।
ଏକାମ୍ରକାନନ ନୀଳାଦ୍ରି ମୁକୁଟ
ଉତ୍ତୁଙ୍ଗ ଦେଉଳଦ୍ୱୟ,
ମୌନେ ପରସ୍ପର ହର୍ଷ ସମ୍ଭାଷଣ
କରୁଛନ୍ତି ବିନମୟ ।
ମର୍ତ୍ତ୍ୟ-ମନ୍ଦାକିନୀ ସୁକାନ୍ତି-ନନ୍ଦିନୀ
ତାଙ୍କ ଲହଲହ ସ୍ୱନେ,
ଋଷିମାଲକାରୁ ଏ ମଙ୍ଗଳ ବାର୍ତ୍ତା
ଜଣାଉଛି କୃଷ୍ଣ ମନେ ।

୧—ନସ୍ୟାମଗିରି ପ୍ରାକୃତିକ ଉତ୍କଳର ସର୍ବୋଚ୍ଚ ପର୍ବତ । ୨—ଡୁଡୁମା ଜଳପ୍ରପାତ ଜୟପୁରର ପ୍ରଧାନ ଜଳ-ପ୍ରପାତ ଅଟେ ।

ନବ ଉତ୍କଳରେ ପ୍ରଣତେନ୍ଦ୍ରେ ତାର
ବରେଣ୍ୟ ସନ୍ତାନ ସର୍ବେ,
ମାଣ୍ଡଛନ୍ତି ହର୍ଷେ ଅପୂର୍ବ ଉତ୍ସାହେ
ମାତୃପୂଜା ମହୋତ୍ସବେ ।
ପ୍ରକୃତି ଭୁବନେ ଲାଗିଛି ସାଟୋପେ
ବସନ୍ତ ଉତ୍ସବ ଯାତ୍ରା
ବଢ଼ିଯାଇଅଛି ଶୋଭାଲକ୍ଷ୍ମୀଙ୍କର
ନବ ସୁଷମାର ମାତ୍ରା ।
ମିଶିଛି ତହିଁରେ ନବ ଉତ୍କଳର
ଉତ୍ସବ ମହାସମ୍ଭାର
ଏକ ହୋଇଅଛି ଦୁଇଟି ଅପୂର୍ବ
ସୁଷମାର ପାରାବାର ।
ଜ୍ୟୋତ୍ସ୍ନା ଫୁଲ ଅଙ୍କେ ନାଚୁଛି ଚନ୍ଦ୍ରିକା
ନିଖିଳ-ଲାବଣ୍ୟ-ଟିକା,
ତାରା ଆଲିଙ୍ଗିଛି କାନ୍ତିକୁ ମହତ୍
ଜ୍ୟୋତିକୁ ପ୍ରଦୀପ ଶିଖା ।
ଜୟ କୋଳାହଳ ଉଠୁଛି ସଘନେ
ମାତୃଯଜ୍ଞ ମନ୍ତ୍ର ଯଥା,
"ଜୟ ମା ଉତ୍କଳ" ସମସ୍ତଙ୍କ ତୁଣ୍ଡେ
ଖେଳୁଛି ଏହି କଥା ।
ଚିରସ୍ମରଣୀୟ ଗୌରବ ସୁଦିନ
ଆଜି ଏ ଉତ୍କଳ ଭାଗ୍ୟେ,
ଘେନ ମା ଉତ୍କଳ ଭକ୍ତି-ସମ୍ବର୍ଦ୍ଧନା
ମାତୃପୂଜା ମହାଯାଗେ ।
ତୋର ସ୍ୱର୍ଗଗତ କର୍ମିସୁତବୃନ୍ଦ
ଦେଖି ତୋର ଭାଗ୍ୟୋଦୟ,
ଦେବସମେଳେ ବସି ଆନନ୍ଦେ ତୋ ନାମେ
ଉଚ୍ଚାରନ୍ତି ଜୟ ଜୟ ।
ହେ ମଧୁସୂଦନ ତୋର ଗୋପବନ୍ଧୁ
ନୀଳମଣି ବିଦ୍ୟାରତ୍ନ,
ଦୁର୍ବାର ଜଗଣ ଫେଡ଼ିବାକୁ ତୋର
କଲେ ପ୍ରାଣପଣେ ଯତ୍ନ ।
ହରିହର ଶର୍ମା ନରସିଂହ ଦାସ
ରାଜସୁତ ଗୌରଚନ୍ଦ୍ର,
ହେ ରତ୍ନଶିରୋମଣି ଭଙ୍ଗରଣ୍ଡିଧନ
ହେ ଅନ୍ଧାର-ଘର-ଚନ୍ଦ୍ର,
ଏ ଆଦି ଯେତେକ ଦେବଲୋକବାସୀ
ହେ ଦେବପୁତମଣ୍ଡଳୀ,
ହେ ଚରଣେ ଆଜି ପାରିଜାତ ଫୁଲେ
ଢାଳୁଛନ୍ତି ପୁଷ୍ପାଞ୍ଜଳି ।

---

## ଭିକ୍ଷା

କ୍ୱେଟା ଭୂମିକମ୍ପ ଦୁଃଖ ଗାଇବାକୁ
ଖଣ୍ଡ ବାଜଯାଏ ପାଟି,
ଶୁଣି ସେ ଦୁର୍ଦ୍ଦଶା ଦାରୁଣ କାହାଣୀ
ପଥର ବି ଯିବ ଫାଟି ।
ରାତି ଅଧବେଳେ ଭୂମିକମ୍ପ ହେଲା
ଶୋଇଥିଲେ ଲୋକେ ଘରେ,
କିଏ ଜାଣିଥିଲା ସୁଖଶେଯ ତାଙ୍କ
ମୃତ୍ୟୁଶେଯ ହେବ ଖରେ ।
ଲହମାକ ମଧ୍ୟେ ଘରଦ୍ୱାର ଭାଙ୍ଗି
ପଡ଼ିଲା ଗୁଡ଼ାଇ ହୋଇ,
ଛାତ, କାନ୍ଥ ତଳେ ପୋତି ହୋଇ ମଲେ
ଥିଲେ ଯେତେ ଘରେ ଶୋଇ ।
ବଞ୍ଚି ରହିଲେ ଯେ ମଲାଠାରୁ ବଳି
ଭୁଞ୍ଜୁଛନ୍ତି ସେ ଯନ୍ତ୍ରଣା,
କେହି ବିକଳାଙ୍ଗ କେହି ଅକର୍ମଣ୍ୟ
କେତେ ଅନ୍ଧ ଛୋଟା କଣା ।
ଖାଇବାକୁ ଦାନା ପିନ୍ଧିବାକୁ କନା
ମୁଣ୍ଡ ଗୁଞ୍ଜିବାକୁ ଠାବ,
ନାହିଁ ତାହାଙ୍କର ଜାଣନ୍ତି ସକଳେ
କରି ହାହାକାର ରାବ ।
ଲୋକେ ଶୋକେ ପୁଣି ଖରା ବରଷାରେ
ହେଉଛନ୍ତି ଛଟପଟ,

ଶୁଦ୍ଧ ପରିବାର			ସମ୍ପଦ ହରାଇ
	ଭୁଞ୍ଜନ୍ତି ଘୋର ସଙ୍କଟ ।
ଦେଖିଲେ ସେ ଦୃଶ୍ୟ			ମହାନିଷ୍ଠୁରର
	ତରଳଯିବ ହୃଦୟ,
ଦୁଃଖୀ ବିପନ୍ନର			ଦୁଃଖ ହରିବାକୁ
	ହେବ ସେ ନିଷ୍ଠେ ସଦୟ ।
କ୍ଷୁଧାତୁର ତୁଣ୍ଡେ			ଅନ୍ନଦାନ ପୁଣି
	ତୃଷାର୍ତ୍ତ ମୁଖରେ ଜଳ,
ଦିଏ ଯେ ସେ ସିନା			ଲଭେ ଆୟୁ, ଯଶ
	କୋଟି ତପ ଯଜ୍ଞ ଫଳ ।
ତାଙ୍କର ସାହାଯ୍ୟ			ପାଣ୍ଠି ପାଇଁ ଆମ୍ଭେ
	ଦ୍ୱାରେ ଦ୍ୱାରେ ବୁଲି ବୁଲି,
ମାଗୁଅଛୁଁ ଭିକ୍ଷା			ଧନୀ ଦୀନ ପାଶେ
	ତାନ୍ତେ ଧରି ଭିକ୍ଷାଝୁଲି ।
ଶକ୍ତି ଅନୁସାରେ			ଯେ ବା ଯାହା ଦେବେ
	କରିବୁଁ ତାହା ଗ୍ରହଣ,
ଫେରିଯିବୁଁ ହର୍ଷେ			ଦାତାଙ୍କ ନାମରେ
	କରି ଜୟ ଉଚ୍ଚାରଣ ।

—o—

## ତପସ୍ୱିନୀ

ଅହୋ, କି ପ୍ରଚଣ୍ଡ ତାପ ମାର୍ତ୍ତଣ୍ଡ ରଶ୍ମିର,
ରକ୍ତ-ବାଷ୍ପ ନିଦାଘର ଦୃଷ୍ଟ ଚକ୍ଷୁ ପ୍ରାୟ
ଭାସ୍କର ମଣ୍ଡଳ, ବର୍ଷେ ଯେହ୍ନେ ବହ୍ନିଧାର
ବିଶ୍ୱ ଅସମ୍ଭାଳ, ଆଶୁ ମୃତ୍ୟୁଶଙ୍କାପ୍ରଦ ।
କି ଭୀଷଣ, କି ପ୍ରଖର ପ୍ରାଣ-ପରିଶୋଷୀ
ମଧ୍ୟାହ୍ନ ରୌଦ୍ରର ତେଜ, ପ୍ରତେ ହୁଏ ଯେହ୍ନେ
କୋଟି କୋଟି ସୁଶାଣିତ ତୀକ୍ଷ୍ଣ ଅଗ୍ନିଶର
ପଶିଯାଏ ଦେହେ ଆସି ଝେପ୍‌ଝାପ୍ ହୋଇ ।
ସେ ବିଶାକ୍ତ ବାଣ ଭେଦି ଶରୀରୀ ଶରୀର
ତାଡ଼ିଦିଏ ପ୍ରାଣେ, ପଶି ପ୍ରାଣ ଅନ୍ତସ୍ତଳେ ।
ଉଡ଼ିଯାଏ ସେ ଉତ୍ତାପେ ମସ୍ତିଷ୍କର ସାର
ବାଷ୍ପାକାରେ, ଲଭେ ପ୍ରାଣୀ ଜୀବନ୍ମୃତ ଦଶା ।
ସତେ କି ଆକାଶେ ଉଠି ପ୍ରଳୟ ଭାସ୍କର
ଦହିବାକୁ ସମୁଦ୍ୟତ ଅବନୀମଣ୍ଡଳ ।
କି ଉତ୍କଟ ଗ୍ରୀଷ୍ମଜ୍ୱାଳ, ହେଉଛି ଉଦ୍‌ବେଗ
ଦେହ ତଳୁଁ, କୁର୍ବିଷହ ତାହା, ଛିଡ଼ିଯିବ ବା
ଖଣ୍ଡ ଖଣ୍ଡ ହୋଇ ପିଣ୍ଡ ପଞ୍ଚବ ମିଳାଇ,
ପ୍ରଭୁଠାରୁ ବଳେ ସିନା ଭୃତ୍ୟର ପ୍ରତାପ ।
ନୀରବ ନିସ୍ତବ୍ଧ ପକ୍ଷୀ, ନିସ୍ତବ୍ଧ ପାଦପେ
ନିର୍ବାତ ତରଙ୍ଗକୁଳ, ସତେ ଯେହ୍ନେ ସୃଷ୍ଟି
ଗଲାଣି ପ୍ରଳୟ ହୋଇ, ଏ ଦୃଶ୍ୟ ପ୍ରକୃତ
ପ୍ରେତମୂର୍ତ୍ତି ପରି ତାର, ଆସେ ଏସନ ।
ସୁପ୍ରଖର ଯଜ୍ଞାନଳ ମଧ୍ୟେ ତପୋରତା
ଉତ୍କଳ ଜନନୀ, ଦେବୀ, ଚିର ତପସ୍ୱିନୀ
ଜ୍ୟୋତିର୍ମୟରୂପେ, ଜ୍ୟୋତି-କିରୀଟ-ଧାରିଣୀ ।
ମାତଃ, ଏହି ସୁକଠୋର ତପଫଳେ ତବ
ମିଶିବ ନିଶ୍ଚୟ ଆସି, ନିଶ୍ଚୟ ନିଶ୍ଚୟ
ଅବଶିଷ୍ଟ ଛିନ୍ନ ଅଂଶ ତୁମ୍ଭର ଶରୀରେ,
ହସିବ ପୂର୍ଣ୍ଣାଙ୍ଗ ଲଭି ତୁମ୍ଭେ ମହୋଲ୍ଲାସେ ।
ଫଳିବ ସୌଭାଗ୍ୟେ ତବ ଏହି ଶୁଭଫଳ
ଅଦୂର ଭବିଷ୍ୟେ, ଏକ ସ୍ମରଣୀୟ ଦିନେ,
ହୃତଶକ୍ତି ଲଭି ତୁମ୍ଭେ ହେବ ଦମ୍ଭେ ଠିଆ
ଜଗତ ସମକ୍ଷେ, ସତ୍ୟ, ସ୍ୱପ୍ନ ନୁହେଁ ଏହା,
ଯେଣୁ ନାହିଁ ବିଫଳତା ତପସ୍ୟାରେ ତବ ।

—o—

## ଅନୁଜ

କି ଭାଷାରେ ଅନୁଜ ରେ ଗାଇବି ତୋ ଗୁଣ
[ ମାନବ-ଦୁର୍ଲଭ ତାହା ଅମର-ବାଞ୍ଛିତ ]
କାହିଁ ତୋର ପ୍ରଶଂସାର ଉପଯୁକ୍ତ ଭାଷା ?
ଆତ୍ମସୁଖେ ଥାଇ ତୁହି ସତତ ଶଙ୍କିତ
ଉଦାସୀନ ପ୍ରାୟ, ଛାଡ଼ି ଆଲୋକିତ ପଥ

ସୁଣି ନ ଶୁଣୁଁ ଦେହକୁ, ଥାଉ ଅବିରତ
ରତ ମୋ ସୁଖ ବର୍ଜନେ, ଜାଗି ମୋ ସେବାରେ !
ଅଦ୍ଭୁତ ତ୍ୟାଗ ସ୍ୱୀକାର ଦେଖି ମୁଁ ତୋହର
ଲଭେ ବିସ୍ମୟ ଅପାର, ମଣେ କିବା ତୁହି
ବିଧାତାର ମୋହ ପ୍ରତି କୃପା ମହାଦାନ;
ଅଥବା ତୁ ପୂର୍ବକୃତ ତପ ଫଳ ମୋର
ଧରି ନରରୂପ, ଆସି ସାଧୁ ମୋ ମଙ୍ଗଳ ।
ନ କରି ତୁ ଘୃଣା ବସ୍ତ୍ର, ଅଦୃଷ୍ଟ-ପ୍ରେରିତ
ରୋଗେ ମୋର, ଲାଗିଥାଉ ଶୁଶ୍ରୂଷାରେ ସଦା,
ସମର୍ପିଣ ମନପ୍ରାଣ, ଖାଲି କି ଏତିକି,
ରୋଗଭଗ୍ନ ହୃଦୟର ଅଟୁ ଚିକିତ୍ସକ ।
ସ୍ୱର୍ଗ ଜୀର୍ଣ୍ଣ ଶୀର୍ଣ୍ଣ ଗୃହେ ସୁଦକ୍ଷ ବନ୍ଧାଣି
ଗଢ଼େ ଯଥା ନବହର୍ମ୍ୟ ନବ ଉପାଦାନେ,
ତଥା ତୁ ଅନୁଜ ମୋର ନୈରାଶ୍ୟ ଆଳୟେ
ଭାଙ୍ଗିଣ ସାନ୍ତ୍ୱନା ରୂପ ଅୟୋଘନ ଘାତେ
ନିର୍ମାଣୁଛୁ ନବ୍ୟ ଗୃହ ଉନ୍ନତ ମନ୍ଦିର
ଉତ୍ସାହ ଉପକରଣେ, ଅଦମ୍ୟ ଚେଷ୍ଟାରେ ।
ତୋହ ହସ୍ତେ ନ୍ୟସ୍ତ ମୋର ଜୀବନ-ତରିତା,
ରଖିଛୁ ତୁ ଯତ୍ନେ ତାହା ସତର୍କେ ସାଇତି,
ନତୁ ଏ ନଗଣ୍ୟ ହୀନ ଅଗ୍ରଜ ତୋହର,
[ ସ୍ୱାସ୍ଥ୍ୟଦୋଷେ ଅଭିଶପ୍ତ ଚିର ଜୀବନ୍ମୃତ ]
ଯାଆନ୍ତାଣି କେଉଁ କାଳୁ ମାଟିରେ ମିଳାଇ;
ନିର୍ଜୀବେ ଜୀବତ୍ୱ ବାରୁ ଆରୋପିଛୁ ତୁହି ।
ସାର୍ଥକ ସର୍ବଥା ତୋର ସୌମ୍ୟ ସୋମନାଥ,-
ନ କଲେ ସେ ସୋମ ଭଳି ବୃଷ୍ଟି ସୁଧାଧାର
ଦହିନ୍ତା ଫୁଟନ୍ତା କି ରେ ନିର୍ମାଣୀ ଭୈରବ,
ସୌରଭର ପରିତୃପ୍ତ କଣ୍ଠଗତ ପ୍ରାଣ ।
ମୋ ଯୋଗୁଁ ତୋ ଅବନତି, ମାତ୍ର ତୋହ ପାଇଁ
ଭୁଞ୍ଜୁଛି ସୁବିଧା ମୁହିଁ ବିବିଧ ବିଧାନେ,
ସ୍ୱଭାବେ କୁଠାର ଲାଗି ପାଦପ ଦୁର୍ବଳ,
ମାତ୍ର ସେ ପାଦପ କରି ନିଜ ତନୁ କ୍ଷୟ,
ବେଣ୍ଟରୂପେ କରେ ସିନା ପ୍ରବଳ ତାହାକୁ !

ତୋହ୍ରୋ ଯୋଗେ ଏକା ମୋର କବିତା ସ୍ଫୁରଣ,
କିବା ତୁ କବିତା ଦେବୀ, ଧରି ପୁଂସ୍ୱରୂପ
କରୁଛୁ ସାହାଯ୍ୟ ମୋତେ ଅଯାଚିତ ଭାବେ,
ଅବା ତୁ ମୋ ଇଷ୍ଟଦେବ, ଆସି ଛଦ୍ମବେଶେ
ଅର୍ପୁ ଅଛୁ ସ୍ନେହେ ମୋତେ ଅନାକାଙ୍କ୍ଷୀ ବର ।
ତୋ ଯୋଗୁଁ ମୁଁ ଭାଗ୍ୟବାନ, ମାତ୍ର ମୋହୋଲାଗି
ଦୁର୍ଭାଗ୍ୟ ତୁ; ହେବାକୁ ମୋ ସେବକ ଲେଖକ
ଏତେ ଯେ ଆଗ୍ରହ ତୋର କେଜାଣି କପାଇଁ ?
ମୋହୋ ତିରସ୍କାରେ ମଣୁ ପୁରସ୍କାର ପ୍ରାପ୍ୟ ।
ତୁହି ମୋର ଜୀବନର ସୁଖଦୁଃଖଭାଗୀ
କର୍ତ୍ତବ୍ୟ ମନ୍ତ୍ରଣାଦାତା, ରୋଗଶେଯେ ବସି
ପୁହାଇ ଦେଉଛୁ ରାତି ସେବା ସାନ୍ତ୍ୱନାରେ ।
କି ସଂଯମ କି ସାଧୁତା ତରୁଣ ବୟସେ,
ଗୃହସ୍ଥ୍ୟ ବଳରେ ତୁହି ଗୃହସ୍ଥ୍ୟ-ଦେବତ ।
ଉପେକ୍ଷି ପ୍ରାକୃତ ସୁଖ ବୟସ-ସୁଲଭ,
ମାତିଛୁ ସାହିତ୍ୟମଦେ; ଧନ୍ୟ ତୋ ଜୀବନ ;
ଦେଖି ନାହିଁ ତୋହୋ ସମ ବିପଦେ ଅଟଳ,
ଆକ୍ରମେ ବିପଦ ସିନା ପୌରୁଷହୀନକୁ ?
ନୈତିକ ସାହସେ ଧୈର୍ଯ୍ୟେ ତୁହି ତୋହ ପରି ।
କର୍ମ ତୀର୍ଥ, କର୍ମ ବ୍ରତ, କର୍ମହିଁ ଦେବତା,
ଜାଣି ଏହା ଅର୍ପିଅଛୁ କର୍ମପଦେ ପ୍ରାଣ ।
ସର୍ବେ ଏ ସଂସାରେ ସିନା କର୍ମର ପୂଜାରୀ
କି ସ୍ଥାବର କି ଜଙ୍ଗମ, କହି ନର ଦେହ
ନ ଜାଣେ ଏ ତଥ୍ୟ ଯେହୁ, କେଜାଣି ସେ କିସ ।
ଅନିତ୍ୟ ଏ ଭବ, ଯଦି ଥାଏ କିଛି ଏଥି
ନିତ୍ୟ, ମଙ୍ଗଳ, ମଧୁର, ବିଷଭାଣ୍ଡେ ସୁଧା
ପ୍ରାପ୍ୟ, ତେବେ ବୁଝେଁ ତାହା କର୍ମ୍ମ ବଳ ଆନ ।
ରେ ସୌଭ୍ରାତବର, ତୋର ଉପକାର-ଋଣ,
କେମନ୍ତେ ଶୁଝିବି ଅବା ଏ କ୍ଷୁଦ୍ର ଜୀବନେ,
ଶୋକ ହାହାକାରମୟ ବ୍ୟାଧି- ବିଜୃମ୍ଭିତ ।
ପଢ଼ିଛି ଆର୍ଯ୍ୟ ପୁରାଣେ ସୌଭ୍ରାତ୍ର ଆଖ୍ୟାନ
ସୁମାନୁଜ-ଧର୍ମାନୁଜ- ମହାତ୍ମା କୁଳର,

ମାତ୍ର ସେ ସେତିକ କଥା, ସେ ଶୁଭ ସମସ୍ତ,
ଗୌରବଗରିମାକାଂକ୍ଷୀ ସେ ସୌଭ୍ରାତ୍ର ସ୍ପୃହା
ବିଲୀନ ଅତୀତ ଗର୍ଭେ, ବହୁନ୍ତି ଏକାଳେ
ଭ୍ରାତୃବିଚ୍ଛେଦର ରୁଦ୍ର ବାତ୍ୟା ଏ ଭାରତେ ।
ସେ ମହାବାତ୍ୟାର ଘୋର ଭୀମ ସଂଘର୍ଷଣେ
ହେଉଅଛୁ କେତେ ବୃହତ୍ ଖଣ୍ଡ ଚୂର୍ଣ୍ଣୀଭୂତ,
କେ କହିବ ସଂଖ୍ୟା ତାର, ସଂଖ୍ୟାତୀତ ସେହୁ
ଦ୍ୱେଷବିଦ୍ୱେଷପ୍ରଧୂମିତ ଏ ଜଟିଳ ଯୁଗେ,—
ସ୍ୱାର୍ଥ-ହଳାହଳ-ଦିଗ୍ଧ ଏ ଦୁର୍ବ୍ବାର କାଳେ,
ତୋପରି ସୌଭ୍ରାତ୍ର-ରତ୍ନ ବିରଳ ହୃଦୟରେ ।
ଅଛୁ ବୋଲି ତୋ ସମାନ ତୋଟିକେ ଗୋଟିଏ,
ନ ଆସେ କଦାପି ମୋର ମନେ ଏ ପ୍ରତୀତି ।
ଘେନ ଆଶୀର୍ବାଦ ବତ୍ସ, ହୋଇ ଦୀର୍ଘଜୀବୀ,
ନିସ୍ୱମସ୍ତେ ବାଣୀତୀର୍ଥେ ନିତ୍ୟ ଅବଗାହି
ପାଳୁଥାଅ ସ୍ୱକର୍ତ୍ତବ୍ୟ ପୂତ ଈଶାଦେଶ,—
ନୋହି ସୁଖ୍ୟାତି ଆଶାୟୀ; ଖ୍ୟାତି କ୍ଷୁଦ୍ର ଅତି
ମାତ୍ର କର୍ତ୍ତବ୍ୟ ମହାନ, ଖ୍ୟାତି ତାର ଦାସୀ,
ବୁଲେ ବୁଲେ ଗୋଡ଼ାଏ ସେ ତାହା ପଛେ ପଛେ ।
ସ୍ୱଧର୍ମେ ସ୍ୱଦେଶ ପଦେ ଅଚଳା ଯା ମତି,
ସେହି ଏକା ଜୀବିତାଶ୍ୟ, ପ୍ରକୃତ ମାନବ,
କ୍ଷେପେ ଯେ ଦୁର୍ଲ୍ଲଭ ପୁଣ୍ୟ ମାନବ ଜୀବନ
ଅନର୍ଥକ ହସେ ଖେଳେ ଆଳସ୍ୟ ବିଳାସେ
ଘୂର୍ଣ୍ଣି ଅମିତ ଅକର୍ମେ, ସେ ଅସ୍ତିତ୍ୱହୀନ
ସଂସାରେ ଅଜାତ ବୋଲି ବୋଇଲେ ତାହାକୁ
ହେବ ନାହିଁ ଅସଙ୍ଗତ, କିମ୍ବା ଦୋଷାବହ ।
ଶେଷେ ଏ ଜଣାଣ ମୋର ବିଶ୍ୱପତି ପଦେ,
( ଅନନ୍ତ ମଙ୍ଗଳାଧାର ମଙ୍ଗଳ-ନିର୍ଝର )
ତୋପରି ସୌଭ୍ରାତ୍ରେ ହେଉ ସମୁଜ୍ଜ୍ୱଳ
ଉତ୍କଳର ପ୍ରତି ହର୍ମ୍ମ୍ୟ ଦରିଦ୍ର କୁଟୀର,
ନରପ୍ରାଣେ ସ୍ୱର୍ଗସୁଖ ଭୁଞ୍ଜନ୍ତୁ ସବଳେ,
ସୋଦର-ବିଚ୍ଛେଦ ପାପ ପଳାଉ ତଫାତ,
ବିଶ୍ୱକୁ ଉତ୍କଳେ ଐକ୍ୟ ମୈତ୍ରୀ ଶାନ୍ତି ଶିଖୁ ।

---

# ଯୁବକ

(୧)

ଯୁବାଅଭିଧାନ ଖୋଜ ଭୁହାଇ,
ହାରୁତା ଶବଦ ପାଇବ ନାହିଁ ।
ଯୁବା ହୃଦେ ନାହିଁ ଶୀତଳ ଜଳ,
ଜଳେ ତହିଁ ସଦା ରୁଦ୍ର ଅନଳ ।
ତରୁଣ ପକ୍ଷରେ ଅସାଧ୍ୟ ନାହିଁ,
ନାହିଁ ପଦ ତାହା କୋଷ୍ଠୀରେ ନାହିଁ ।
ଯୁବକ ଭିତ୍ତିର ଗୁରୁ ଗୋସାଇଁ,
ହସି ହସି ପଡ଼େ ନିଆଁକୁ ଡେଇଁ ।
ତରଳ ବିଜୁଳି ଯୁବକ ରକ୍ତ,
ହାତଗଣ୍ଡି ତାର ବଜ୍ରରୁ ଶକ୍ତ ।
ସବୁ ଧନ୍ଦା ସହେ ଯୁବକ ଛାତି,
ଯୁବକଟି ଏକା ବାଇଆ ହାତୀ ।
ଅଳ୍ପରେ ଯୁବକ ନୁହେଁ ସନ୍ତୁଷ୍ଟ,
ନିଜ ହାତେ ଗଢ଼େ ନିଜ ଅଦୃଷ୍ଟ ।
ମହାବଳ ବାଘ ଯୁବକ ଏକା,
ତାହା ଭ୍ରୂକୁଟିକୁ ନ ଡରେ ଲେଖା ।
ତରୁଣ ନ କରେ କାହାକୁ ଶଙ୍କା,
ଭାଙ୍ଗିଯିବ ପଛେ ନ ହୁଏ ବଙ୍କା ।
ଯୁବକ ଜାତିର ଦଧୀଚି ଋଷି;
ଜାତି ଲାଗି ମରେ ହୋଇ ସେ ଖୁସି ।

(୨)

ଉନ୍ନତି-ଉଷାର ଦୀପ୍ତ ଅରୁଣ,
ଆଖିପାରେ ଦେଖେ ଏକା ତରୁଣ ।
ଯୁବକ ଅସୀମ ସାହସୀ ତ୍ୟାଗୀ,
ଦେଶ ଲାଗି ପାରେ ହୋଇ ବୈରାଗୀ ।
ନ ଗଣେ ଯୁବକ ଶୋଷେ ବା ଭୋକେ,
ଦେଶଭାଇ ମନ୍ତ୍ରେ ନବ ଆଲୋକେ ।
ଯୁବକ ନିଷ୍ଟମ୍ଭ ଶକ୍ତିର ଶିଷ୍ୟ,
ଇଚ୍ଛା କଲେ କଷ୍ଟ ନ ପାରେ କସ ।

ବନାଇପାରେ ସେ ସୁନାର ଘର,
ଭରିପାରେ ନିଜ ଖାଲି ଖପର
ମରୁଭୂମେ ପାଏରେ ଭରି ଫସଲ,
ଗଢ଼ିପାରେ ଶତ ତାଜମହଲ ।
ବନସ୍ତରେ ଭରିପାରେ ସ୍ଥାପତ,
ରମ୍ୟ ମଣିମୟ ମସ୍ନୂସନ ।
ସ୍ୱାର୍ଥ କରେ ଯୁବା ନାମ ତାହାର,
ବିଷକୁ ଅମୃତ କରି ବାହାର ।
ନ ଡରେ ତରୁଣ ଦେଖି କୃତାନ୍ତ,
ବ୍ୟାଘ୍ରମୁଖଁ ଆଣେ ଉପାଡ଼ି ଦାନ୍ତ ।
ସଙ୍କଟେ ଅଟଳ ଯୁବକ ହିଆ,
ବୀର ତେଜେ ବନ୍ଧେ ହୁଏ ସେ ଠିଆ ।

(୩)

ଯୁବା ଧରେ ଗ୍ରୀଷ୍ମ-ମାର୍ତ୍ତଣ୍ଡ-ତେଜ,
ଝଞ୍ଜାବତେ ମଣେ କୁସୁମ ଶେଯ ।
ଯୁବକ ଦେଶର ଦୁର୍ଜୟ ଶକ୍ତି,
ଦେଶମାର୍ଗେ ତାର ନାହିଁ ବିରକ୍ତି ।
ଯୁବକ ହୋଇ ଯେ କୋଣରେ ପଶେ,
ନାରୀଠାରୁ ହୀନ ଷଣ୍ଢରୁ କ୍ଲୀବ ସେ ।
ତେଜ ସ୍ପର୍ଦ୍ଧା ନାହିଁ ଯେଉଁ ଯୁବାର,
ଶାଢ଼ୀ ପିନ୍ଧିବା ତ ଉଚିତ ତାର ।
ଦୈତ୍ୟଙ୍କ ବକ୍ଷ ଯେ ନ ପାରେ ଫାଡ଼ି,
ଯୁବା ନୁହେଁ ସେଟା ମାଇ ବିରାଡ଼ି ।
ନ ମାରେ ଯେ ଦୁଷ୍ଟ ଘାତକେ ଗୁପତ,
ଯୁବକ ନୁହେଁ ସେ ବନମାକଡ଼ ।
ଯୁବକଟି ଏକା ଜଗତଜିଣା,
ବୀର ହନୁମନ୍ତ ଯୁବକ ସିନା ।
ସବୁ ବାଧା ଜିଣେ ଯୁବା ହୃଦୟ,
ମରଣକୁ ତାର ନ ଥାଏ ଭୟ ।
ବନ୍ଧୁକର ଦଣ୍ଡ, କାମ୍ବ ତୋପାଳ,
ନ ପାରେ ଯୁବକେ ବାଟ ଓଗାଳି ।

ଖଣ୍ଡାଧାରେ ଯୁବା ଦେଖାଇ ବକ୍ଷ,
ସାଧିନଏ ନିଜ ଉଦ୍ଦେଶ୍ୟ, ଲକ୍ଷ୍ୟ ।
ଯୁବକ ଜୀବନେ ଖେଳେ ବିଜୁଳି,
ଯୁବକଟି ଏକା ଅଗ୍ନି-ପିତୁଳି ।

(୪)

ସହି ନ ପାରେ ଯେ ଆଘାତ ମାଡ଼,
ଯୁବକ ନୁହେଁ ସେ ବୃଦ୍ଧ ଅସାଡ଼ ।
ସ୍ୱାଭାବିକ ଶକ୍ତି ଯୁବକ ଡାକେ,
ଡେଇଁଯାଏ ସିନ୍ଧୁ ଏକା ହୁମାକେ ।
ଅସାଧ୍ୟ ପାଠକୁ ଯୁବକ ପଢ଼େ,
ସ୍ୱଦେଶର ଶୁଭ ଅଦୃଷ୍ଟ ଗଢ଼େ ।
ଯୁବକ ପ୍ରଭାବ ଯେ ଦେଶେ ନାହିଁ,
ସେ ଦେଶର ପୁଣି ଜୀବନ କାହିଁ ।
ଯୁବକ ନ ହୁଏ ବିଳାସୀ ଭୋଗୀ,
ଦେଶ ଲଗି ହୁଏ ଯୌବନେ ଯୋଗୀ ।
ତୀକ୍ଷ୍ଣ ଖଣ୍ଡାଧାର ସତ୍ୟର ପନ୍ଥା,
ପୁଷ୍ପାସ୍ତୃତ ମଣେ ଯୁବକ ତାହା ।
ସଦା ଊର୍ଦ୍ଧ୍ୱଗାମୀ ଯୁବକ ଗତି,
ବହେ ତା ଦେହରେ ସିଂହ ଶୋଣିତ ।
ଯୁବକ କାହିଁରେ ନ ହୁଏ ପଛ,
ଯୁବକ ଜାତିର ବଜ୍ରକବଚ ।
ଦେଶ ଯେତେବେଳେ ପଡ଼େ ବିପାକେ,
ଉଦ୍ଧାର ନିମନ୍ତେ ଯୁବକେ ଡାକେ ।
ତୁଚ୍ଛ ମଣେ ନାହିଁ ଯୁବା କୁଟାକୁ,
ସୁନା ମୁଠା କରେ ମାଟି ମୁଠାକୁ ।
ଅବନତ ନୁହେଁ ଯୁବକ ଶିର,
ଯୁବା ହୋଇପାରେ ଶିବାଜି ବୀର ।

## ଅଭିଷେକୋତ୍ସବ

—୧—

ଆଜ ସମ୍ରାଟଙ୍କ ରାଜ୍ୟାଭିଷେକ,
ହସୁଛନ୍ତି ଉଲ୍ଲାସେ ମହୀ ଅଭେଦ,
ପ୍ରତି ପୁର୍‌ପଲ୍ଲୀ ପ୍ରତି ନଗରେ,
ଲାଗିଛି ଉତ୍ସବ ସୁ-ଆଡମ୍ବରେ,
ଦେବେ ଦୁନ୍ଦୁଭି ବଜାନ୍ତି ଯେ,
ପ୍ରତି ହୃଦେ ପ୍ରାଣେ      ଖେଳି ବୁଲୁଅଛି
ଉତ୍ସାହ ଆନନ୍ଦ ଶାନ୍ତି ଯେ ।

—୨—

ବାସି ଫୁଲେ ତେଜି ସୁଷମା ଯଥା,
ଆଶ୍ରାବରେ ସତ ଫୁଲେ ସର୍ବଥା,
ରାଜଲକ୍ଷ୍ମୀ ତଥା ତେଜି ପ୍ରାଚୀନେ,
ଆଶ୍ରିଲେ ନବୀନେ ଏ ଶୁଭ ଦିନେ,
ପୂର୍ଣ୍ଣିମା ଦିନାନ୍ତ ଛଟା ଯେ,
ଧରୁଛି ଧରଣୀ      ଉଦେ ପୂର୍ଣ୍ଣଚନ୍ଦ୍ର
ଅସ୍ତ ହୋଇଗଲେ ରବି ଯେ ।

—୩—

ରାଜଭକ୍ତ ପ୍ରଜା ଉତ୍କଳବାସୀ,
ନବ ସମ୍ରାଟଙ୍କ ଶୁଭ ମନାସି,
ଇଷ୍ଟଦେବେ କରି ପୁଷ୍ପେ ମଣ୍ଡନ,
କରନ୍ତି ହରଷେ ପାଦ ପୂଜନ,
ହୋଇ ଏକପ୍ରାଣମନ ଯେ,
କରନ୍ତି ଜଣାଣ      ନବୀନ ସମ୍ରାଟ
ଲଭନ୍ତୁ ଦୀର୍ଘ ଜୀବନ ଯେ ।

—୪—

ପ୍ରତିଦ୍ୱାରେ ଥୁଆ ସଲିଳେ ମତ୍ସ୍ୟ,
ଶୋଭେ ରମ୍ଭାତରୁ ପୂର୍ଣ୍ଣ କଳସ,
ଦେହଳୀରେ ଝୁଲେ ଫୁଲତୋରଣା,
ଝୁଟିରେ ସୁନ୍ଦର ପୁର ଅଗଣା,
ହାତେ ମିଳି ଶିଶୁଚୟ ଯେ,
ଉଚ୍ଚାରନ୍ତି ଉଚ୍ଚେ      ଭାରତ ସମ୍ରାଟ
ଜୟ ଖଣ୍ଡ ଜର୍ଜ ଜୟ ଯେ ।

—୫—

ସୁହାସମୁଖେ ହର୍ଷେ ଶିଶୁକଳାପ,
କରୁଛନ୍ତି ଜୟଗୀତ ଆଳାପ,
ବିହଙ୍ଗ ଡାକିଣୀ ଛଳେ ବନାଳି,
ଧରୁଅଛି ସେହି ଗୀତର ପାଳି,
ଲତା-ମାତା କୋଳେ ବସି ଯେ
ଭ୍ରମର-ଗୁଞ୍ଜନ—      ବ୍ୟାଜେ ବାଇ ବୀଣା
ଗାଏ କୁସୁମ ରୂପସୀ ଯେ ।

—୬—

ଦୁଲାଦୁଲୀ ଦେଇ ସର୍ବ ତଟିନୀ,
ସିନ୍ଧୁ ରାଜରାଣୀ ଗିରି-ନନ୍ଦିନୀ,
ରଜତ ଶଫରୀ ରଶନା ଖୁଲି,
ବାଇ ଘନ ଘନ ଲହରୀ-ତାଳି,
ଆନନ୍ଦେ ହୋଇ ତନ୍ମୟ ଯେ,
ନୀରବ ଛନ୍ଦରେ      ଗାଉଛନ୍ତି ସର୍ବେ
ଜୟ ଖଣ୍ଡ ଜର୍ଜ ଜୟ ଯେ ।

—୭—

ଅଭିଷେକୋତ୍ସବେ ମହା ଉତ୍ସୁକେ,
ମାତିଛନ୍ତି ସର୍ବେ କ୍ରୀଡ଼ାକୌତୁକେ,
ବଜ୍ର ନିର୍ଘୋଷରେ ଫୁଟିଣ ବାଣ,
କରେ ସମ୍ରାଟଙ୍କ ଯଶଶ୍ରୀ ଗାନ,
ଗଗନେ ହେମ ହାବେଲି ଯେ,
ସ୍ୱର୍ଣ୍ଣ ମୀନ ପ୍ରାୟେ      ବିବିଧ ଭଙ୍ଗୀରେ
ବୁଲୁଛି ଚଞ୍ଚଳ ଖେଳି ଯେ ।

—୮—

ଅବସନ୍ତ କାଳେ ପୂର୍ଣ୍ଣବସନ୍ତ,
ବିଶ୍ୱେ ହୋଇଣ ଆବିର୍ଭବନ୍ତ,
ବହୁଛି ସୁଷମା ମଧୁର ମୂର୍ତ୍ତି,
ମର୍ତ୍ତ୍ୟେ ଅବତୀର୍ଣ୍ଣ ସ୍ୱର୍ଗ ବିଭୂତି,
ମଧୁମୟ ଚରାଚର ଯେ,
ହସୁଛି ଗଗନ      ହସୁଛି ପବନ
ହସୁଛି ମହାସାଗର ଯେ ।

—୯—

ହେ ନବସମ୍ରାଟ ବ୍ରିଟେନଶକ୍ତ,
ଘେନ ଉତ୍କଳର ନିର୍ମଳ ଭକ୍ତି,
ଭୋଟିସ୍ଥଳେ ତାର ଆନନ୍ଦେ ଅତି,
ଜଗନ୍ନାଥ ପଦେ କରି ପ୍ରଣତି,
ଜଣାଉଛନ୍ତି ନିବେଦନ ଯେ,
କରନ୍ତୁ ସମ୍ରାଟ ଷଷ୍ଠ ଜର୍ଜ ସୁଖେ
ବହୁବର୍ଷ ରାଜପଣ ଯେ ।

—୧୦—

ନଭେ ଘନରଥେ ଅମରୀଗଣ,
ଗାଉଛନ୍ତି ତୁମ୍ଭ ଅଭିନନ୍ଦନ,
ପାରିଜାତ ଫୁଲ ତୋଳି ଅପ୍ସରୀ,
ବର୍ଷୁଛନ୍ତି ତବ ମସ୍ତକୋପରି,
ଆନନ୍ଦେ ହୋଇ ଅଥିର ଯେ,
ଉଚାରୁଅଛନ୍ତି ଭାରତ-ସମ୍ରାଟ
ଜୟ ଷଷ୍ଠ ଜର୍ଜ ଜୟ ଯେ ।

—୧୧—

ପଡ଼ୁ ତବ ରାଜ୍ୟେ ସୁଗନ୍ଧ ବୃଷ୍ଟି,
କରନ୍ତୁ ବାରିଦେ ସୁବର୍ଣ୍ଣ ବୃଷ୍ଟି,
ବହୁ ଚିରକାଳ ମଳୟବାୟୁ,
ବଢ଼ୁ ତବ ଯଶ ପ୍ରତିଷ୍ଠା ଆୟୁ
ଶସ୍ୟଲକ୍ଷ୍ମୀ ନିରନ୍ତରେ ଯେ,
ବିସ୍ତାରୁ ସୁହାସ୍ୟ ପରିପୂର୍ଣ୍ଣ ହୋଇ
ପ୍ରତି କେଦାରେ ପ୍ରାନ୍ତରେ ଯେ ।

—୧୨—

ରାଜରାଜେଶ୍ୱରୀ ଏଲିଜାବେଥ,
ଉଚ୍ଚ ବଂଶେ ତବ ରାଜ୍ୟନେତ,
ଯୋଗ୍ୟ ପତିଙ୍କର ଯୋଗ୍ୟ ବନିତା,
ହେତାରେ ଯେସନ ଶ୍ରୀରାମ ସୀତା,
ସୁଖେ ପତିପତ୍ନୀ ବେନି ଯେ,
ଶତାଧିକ ବର୍ଷ ସାମ୍ରାଜ୍ୟ ପାଳନ
କରି ପୂରୁ ଯୌବ ଘେନି ଯେ ।

—୦—

# ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

ବହୁ ବର୍ଷେ ହେଲା ଲକ୍ଷ ଶବ୍ଦ ସୁସମ୍ପଦ
ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଶବ୍ଦ-ଯଶପତି,
ବାସନ୍ତୀ ପୂର୍ଣ୍ଣିମା ନିଶା ପୂର୍ଣ୍ଣଚନ୍ଦ୍ର ପ୍ରାୟ
ଉତ୍କଳ-ସାହିତ୍ୟ-ନଭ କରେ ଆଲୋକିତ ।
ଉତ୍କଳୀୟ ଶବ୍ଦ-ବୃନ୍ତେ ଫୁଟିଛି ବିବିଧ
ପୁଷ୍ପ, ବଙ୍ଗ ହିନ୍ଦୀ ପୁଣି ସଂସ୍କୃତ ଇଂରାଜୀ,
ଫୁଟେ ଯଥା କାବ୍ୟ-ବୃନ୍ତେ ରସ, ଭାବ, ଅର୍ଥ,
ଚହଟେ ସୌରଭ ତାର ଦିଗଦିଗନ୍ତରେ ।
ଆଘ୍ରାଣି ତା' ସ୍ତବ୍ଧ ମୁଗ୍ଧ ପାଶ୍ଚାତ୍ୟ ମଣ୍ଡଳ,
(ସମୁନ୍ନତ ଶୁଭ୍ରବର୍ଣ୍ଣେ ଶିକ୍ଷା ସଭ୍ୟତାରେ)
ସମାପ୍ତ ସେ ସପ୍ତଖଣ୍ଡେ, ସପ୍ତ ସିନ୍ଧୁ ସମ
ବିରାଟ ବିଶାଳକାୟ, ବହିଛି ଉଦରେ
ବିବିଧ ରତନ ମୁକ୍ତା, ମାଣିକ୍ୟ ପ୍ରବାଳ,
ମହାର୍ଘ ବିଭବ ତାହା ଦିବ୍ୟ ଜ୍ୟୋତିର୍ମୟ ।
ଦେବଭୂମି ଏ ଉତ୍କଳ, ସୁତୀର୍ଥମାଳିନୀ,—
ହେଉ ପଛେ ଦୀନା, ମାତ୍ର ଗୁଣେ ଗରୀୟସୀ,
ତାର ସାରସ୍ୱତ ଶକ୍ତି, ସୂକ୍ଷ୍ମ ପ୍ରତିଭାର
ମାନଦଣ୍ଡ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଗ୍ରନ୍ଥ ।
ଦେବୀ ବିଶ୍ୱ-ଭାରତୀଙ୍କ ମହାଦରବାରେ
ଲଭିଛି ଉତ୍କଳ ଭାଷା ଗୌରବ ଆସନ,
ନିରେଖି ଏ ଦୃଶ୍ୟ, ଗର୍ବେ ସ୍ଫୀତ ବକ୍ଷ ଆଜି
ଉତ୍କଳ କୋବିଦକୁଳ ଉଲ୍ଲାସେ ଅଧୀର ।
ଉଠୁଅଛି ଧନ୍ୟବାଦ ଭାଷାକୋଷ ନାମେ
ଜୟଧ୍ୱନି ସହ, ତାର ପୁଣ୍ୟ ପ୍ରତିଧ୍ୱନି
ମିଶି ସେ ଧ୍ୱନିରେ, କରେ ସ୍ତୁତି ତାହାଙ୍କୁ;
ଅମର ଦୁନ୍ଦୁଭି ବାଜେ ଦିବିରେ ତା ନାମେ ।

ପ୍ରହରାଜ ଉପାଧିକ ହେ ଗୋପାଳଚନ୍ଦ୍ର,
କର୍ମଯୋଗୀ ତୁମ୍ଭେ, ଶିବ କର୍ମ ଉପାସକ,
ପଞ୍ଚବିଂଶ ବର୍ଷବ୍ୟାପୀ ଶାସ୍ତ୍ର ଯୋଗବଳେ
ସୃଜିଲ ଯେ ସୁବିରାଟ ଶବ୍ଦ-ହିମାଳୟ,

ହେଉଛି ତାର ତୁଙ୍ଗ ଶୃଙ୍ଗ ବହୁଦୂରୁ ଜନେ
ନମିବେ ସମ୍ଭ୍ରମେ ଚାଲୁ ଯୋଡ଼ି ଦେଇ କର ।
ଉଚ୍ଚଗଲା ତୁମ୍ଭେ ନିଜେ ସ୍ୱ ସ୍ତମ୍ଭ ଭଳି,
ରହିଲା ତୁମ୍ଭର ମୂର୍ତ୍ତି ତୁମ୍ଭ କର୍ମ ମଧ୍ୟେ
ନେତ୍ରଧାରୀ ଉପମୂର୍ତ୍ତି ନେତ୍ର ମଧ୍ୟେ ଯଥା,
ତୁମ୍ଭର ଏ ଗ୍ରନ୍ଥପୁର ରଖିବ ତୁମ୍ଭଙ୍କୁ
ଯୁଗେ ଯୁଗେ କୃତଜ୍ଞତା, କରିଣ ଅମର ।
ଉତ୍କଳର ଭବିଷ୍ୟତ ବଂଶଧରଗଣ
ନିର୍ମାଣି ସୁବର୍ଣ୍ଣେ ତବ ସୌମ୍ୟ ଦେବମୂର୍ତ୍ତି,
ପୂଜିବେ ଭକ୍ତିରେ ସ୍ଥାପି ସୁବର୍ଣ୍ଣ ବେଦିରେ ।
ନ ଗୁଞ୍ଜି ଶରୀରେ, ପ୍ରାଣେ ଯାହାଙ୍କ ସଦାଶେ
ଚାଲି ତୁମ୍ଭେ ଆସୁଅଛ, ସେ କୃତଜ୍ଞ ଜନେ
ବୁଝିବେ ତୁମ୍ଭର ମୂଲ୍ୟ, ମହତ୍ତ୍ୱ ନିଶ୍ଚୟ ।
ତୁମ୍ଭର ଅଦ୍ଭୁତ ଧୈର୍ଯ୍ୟ, ଅସୀମ ସାହସ
ତ୍ୟାଗ, ଦାନ, ସହିଷ୍ଣୁତା, ସଙ୍କଳ୍ପ ଦୃଢ଼ତା,
ଏ ଆଦି ବିଶିଷ୍ଟ ଶୁଭ ସୁଗୁଣନିଚୟେ
କରିଣ ଆଦର୍ଶ, ଧରି ଉଚ୍ଚ ଲକ୍ଷ୍ୟ ତବ
ହେବେ ସର୍ବେ କର୍ମଯୋଗେ ନିରତ ସତତ ।
ଢାଳିବେ ପଦ୍ମରେ ତବ ଭକ୍ତିପୁଷ୍ପାଞ୍ଜଳି,
ବରେଣ୍ୟ ଅମର ଜ୍ଞାନେ, ଅର୍ପିବେ ଆରତି
ଢାଳି ଶ୍ରଦ୍ଧା ଦୀପାବଳୀ ପ୍ରୀତି ଜ୍ୟୋତିର୍ମୟ,
ଅମର ଯାହାର କୀର୍ତ୍ତି ସେହି ତ ଅମର ।

ମାହେନ୍ଦ୍ର ମୁହୂର୍ତ୍ତେ ଦେବୀ ଉତ୍କଳ ଭାରତୀ
ତୁମ୍ଭ ଭଳି ସୁନନ୍ଦନ ଲଭିଥିଲେ ଅଙ୍କେ,
ଉଜ୍ଜ୍ୱଳିଲ ମାତୃମୁଖ ତୁମ୍ଭେ ନିଜ ଗୁଣେ ।
ଧରିଥିଲ ଶୁଭକ୍ଷଣେ ହେ ଭାରତୀଶିଷ୍ୟ
ମାତୃପୂଜା ବ୍ରତ, ତାହା ନିର୍ବାହ ନିମନ୍ତେ
ବନ୍ଦୀ ହେଲ ଦାସତ୍ୱରେ, କି ଅଦ୍ଭୁତ ତ୍ୟାଗ,
ମାତୃପୂଜା ସହ କଲ ତ୍ୟାଗ ପୂଜା ଦେବ,
ଏହା ଥିଲା ବିଶେଷତ୍ୱ ଉଚ୍ଚ ଆଦର୍ଶର ।
ସାରସ୍ୱତ ଗ୍ରନ୍ଥଙ୍କରେ ମୁଗ୍ଧ ହୋଇ ତବ
ସ୍ୱଜାତିଭକ୍ତ -ମହାମହିମାଭୂଷଣ,
ଅର୍ପିଲେ ତୁମ୍ଭଙ୍କୁ ଉଚ୍ଚ ଗୌରବ ଉପାଧି—
ସ୍ୱୟଂବାହାଦୂର, ରହି ଜଗତ ଜାଣିବେ ।
ଅବର ପିନ୍ଧାଇ ଦେଲେ ମସ୍ତକେ ତୁମ୍ଭର
ଆନ୍ଧ୍ର ଭାରତୀତୀର୍ଥର ବରେଣ୍ୟ ପଣ୍ଡିତେ
ସାହିତ୍ୟ-ବିଶାରଦାଖ୍ୟ ଉପାଧି-ମୁକୁଟ,
ବୁଝନ୍ତି ଗୁଣିଏ ସିନା ଗୁଣର ଗୌରବ ।
ହେ ମହାସାଧକ, କୀର୍ତ୍ତି ଙ୍କ ବର୍ଣ୍ଣିବ ତବ,
ସ୍ମରି ତବ ସୁକଠୋର ଅଖଣ୍ଡ ତପସ୍ୟା
ନତ ହୁଏ ସ୍ୱତଃ ଶିର ପାଦମୂଳେ ତବ,
ଘେନ ମୋର କୃତଜ୍ଞତା, ଭକ୍ତ୍ୟଭିନନ୍ଦନ ।

# ବର୍ଷନିମନ୍ତ୍ରଣ

ଆସ ନବପ୍ରଭା ନବୀନ ପ୍ରବାସୀ
ନବବନ୍ଧୁ ନବବର୍ଷ
ବହି ଆଣ ଦେବ ନବବର୍ଷ ସହ
ନବୀନ ଶୁଭ ଆଦର୍ଶ ।
ମଣ୍ଡିଯାଇଅଛୁ ଋତୁ-ଅଧିପତି
ତବ ବିଶ୍ୱ-ସ୍ୱାଗତର୍ଥ,
ରଖିଯାଇଅଛୁ ପଲ୍ଲବେ କୁସୁମେ
ସ୍ୱର୍ଗୀୟ ସୁଷମା ପ୍ରଶସ୍ତ ।
ମାତୃକୋଳେ ବସି ଫୁଲୁଅଛୁ ବନେ
ବନଶ୍ରୀର ଜେମା ଫୁଲ,
ସୁନ୍ଦରୀ ସାମ୍ରାଜ୍ୟ— ଚକ୍ରବର୍ତ୍ତିନୀ ସେ
ସେହି ଏବା ତାହା ତୁଲ ।
ବସାଇଅଛନ୍ତି ବିହଙ୍ଗମେ ତବ
ଆଗମନୀ ନହବତ,
ଗୁଣ୍ ଗୁଣ୍ ସ୍ୱରେ ଗାଉଛୁ ଭ୍ରମର
ସ୍ୱାଗତ ଗୀତ ଶାଶ୍ୱତ ।
ବଢେ ହୁଅ ଦେବ, ଘେନ ଏ ବର୍ଷର
ପ୍ରଥମ ଶ୍ରଦ୍ଧା ସମ୍ମାନ,

ତବ ସ୍ୱାଗତମ ଦେଉ ଜଗତକୁ
ନବୀନ ସମ୍ପଦ ଦାନ ।
ହେ କାଳ-ଦାୟାଦ, ଖୋଲିଦିଅ ନବ—
ଭବିଷ୍ୟତ-ମଣି ମଞ୍ଜୁଷା,
କର ଆନୟନ ହେ ନବ ହାୟନ,
ମଙ୍ଗଳର ନବ ଉଷା ।
ପ୍ରାଣେ ନବ ଆଶା ମୁଖେ ନବ ଭାଷା
ଅର୍ପ ନବ ଭାଗ୍ୟବଧୂ,
ହୃଦୟରେ ଦିଅ ସଜୀବ ଉତ୍ସାହ
ସାଧନାରେ ଦିଅ ସିଦ୍ଧି ।
ଅତୀତର ବ୍ୟଥା ଅତୀତର କଥା
ନିଅ ମାନସରୁ ହରି,
ଅତୀତ ସାଗରେ ମିଶିଯାଉ ସବୁ
ଅତୀତ ଦୁଃଖ-ଲହରୀ ।
ରଖିଯାଅ ଖାଲି ଆଜୀବନ ରହି
ନିରତ ମଙ୍ଗଳୋତ୍ସବେ,
ଖାଲି ତୁହିଁ ଅମୃତ ଖାଲି ଦିଅନ୍ତୁ ଜନ
ଅମର ନିଶ୍ଚେ ଏ ଭବେ ।

—୫—

## ପ୍ରକୃତି ନହବତ

( ବର୍ଷା ରଜନୀରେ ଭେକ ପ୍ରଭୃତିଙ୍କର ଆନନ୍ଦ
କୋଳାହଳ ଉପଲକ୍ଷେ ଲିଖିତ )

ଲଗିଛି ପ୍ରକୃତି ଗୃହେ କି ଉତ୍ସବ ଆଜି,
ବସିଅଛି ନହବତ ଶତ ଶତ ଲକ୍ଷ,
ବାଉଛନ୍ତି ଶତଧ ବାଦ୍ୟ ବିଶୃଙ୍ଖଳ ତାଳେ,
ମାତ୍ର ସେହି ବିଶୃଙ୍ଖଳା, ବେତାଳ ମଧ୍ୟରେ
ମୂର୍ତ୍ତିମତୀ, ପ୍ରାଣବତୀ, ମୁଗ୍ଧ ମଧୁରିମା ।
ସମଧିକ ପ୍ରୀତିପ୍ରଦ, ଆବର ସୁନ୍ଦର
ପଙ୍କ୍ତିବଦ୍ଧ ଉପବନୁ ମୁକ୍ତ ଅରଣ୍ୟାନୀ,
ନୁହେଁ କି କୃତ୍ରିମ ବଳି ନିସର୍ଗ ସୁନ୍ଦର ।
ଭେକ ଶମ୍ଭୂକାଦି ସ୍ୱର, ଅହୋ କି ମଧୁର,
ତାହିଁ ସେ ମାଧୁର୍ଯ୍ୟ ମୋହ ପ୍ରାକୃତ ବାଦିନେ,
ପୁଷ୍ପର ସୁଷମା, ଗନ୍ଧ, ମଧୁ ମକରନ୍ଦ,
ମିଳିବ କାଳଭରତୀ ଫୁଲରେ ବା ଆଉ ।
ଉଦ୍ୱାହ ମଙ୍ଗଳ ଲଗ୍ନ ପଡ଼ି ଆଜି ଦିନେ—
ସୁକୁମାରୀ ଶେଫାଳିକା-ପ୍ରକୃତି କନ୍ୟାର,
ଦିବାରାତ୍ରି ନାରୀ ପ୍ରାୟ ପ୍ରାତେ କାଦମ୍ବିନୀ
ଦେଉଛନ୍ତି ତୋଇଲ ବୁନ୍ଦ ଗଳାଇ ତାହାକୁ,
ଶୁଭୁଅଛି ଘନ ଘନ ଭେକ ହୁଳାହୁଳି,
ବାଉଛନ୍ତି ମଙ୍ଗଳ ଶଙ୍ଖ ଉର୍ଦ୍ଧ୍ୱେ ଘଡ଼ଘଡ଼ି ।
ଶ୍ୟାମ ସୁଲଳିତ ତନୁ ଶରତ ସମ୍ଭବେ,
ରକ୍ତବୃନ୍ତ ଶେଫାଳୀର ଲଗିଛି ଉଦ୍ୱାହ,
ସ୍ୱର୍ଣ୍ଣକାନ୍ତି କନ୍ୟାଅଙ୍ଗ ଅଳଙ୍କାର ଥରେ,
ସଧବା ମଣ୍ଡଳୀ ତୁଲ୍ୟ ଦିଗ୍‌ବଧୂ ନିକର
ବନ୍ଦାନ୍ତି ସେ କନ୍ୟାବରେ ବିଦ୍ୟୁତ-ସ୍ୱର୍ଣ୍ଣଦୀପେ,
ଦେଉଛନ୍ତି କନ୍ୟାମାତା କାନନ ପ୍ରକୃତି,
ନବୀନ ଜାମାତା କରେ ସ୍ୱକନ୍ୟା ସମର୍ପି,
ବିହଙ୍ଗ କାକଳି ଛଳେ ନେଉଛନ୍ତି ମାଗି
ଅଲେଖ କନ୍ୟାର ଭାବୀ ଦଶଦୋଷ କ୍ଷମା ।
ଉତ୍ସବ-ମୁଖର ଆଜି ବର୍ଷା ତମସ୍ୱିନୀ,
ଜାଳୁଛନ୍ତି ଜ୍ୟୋତିରିଙ୍ଗେ ଲଣ୍ଠନ ଆଲୋକ,
ପ୍ରକୃତି ଉତ୍ସବେ ମତ୍ତ, ତେଜି କ୍ଷୁଧା ତୃଷା ।

—୫—

## ମହାପୂଜା

ଦେଖ ଦେଖ ଉର୍ଦ୍ଧ୍ୱେ ଜଗଦମ୍ବା ଦୁର୍ଗା
ହେଉଛନ୍ତି ଅବତୀର୍ଣ୍ଣ,
ବିଦାୟ ବାଜଣା ଶୁଭୁଛି ଦିବିରୁ
ଗଗନ କରି ବିଦୀର୍ଣ୍ଣ ।
ଭକ୍ତି ଆକର୍ଷିଣୀ ଦଶଭୁଜା ମୂର୍ତ୍ତି
ସୁବର୍ଣ୍ଣ ଦୁର୍ଯ୍ୟକ୍ଷେ ତଳେ,
ଉତ୍ଫୁଲ୍ଲ ଉଠୁଛି ମହିମା-ମୟୂଖ
ଫୁଟନ୍ତ ଆସ୍ୟ-ସରସିଜେ ।

ନବୋଦିଅ ଚନ୍ଦ୍ର ସାଡ଼ମ୍ବରେ ଝଟେ
ଶାରଦୀ * ସୁଷମା-ଟିକା,
ବାଟି ବାଟି ପଥେ ଅଞ୍ଜଳି ଅଞ୍ଜଳି
ରଙ୍ଗବୃନ୍ତ ଶେଫାଳିକା ।
ସିଞ୍ଚିଦେଇ ଘନ ଘନ ଘନ ପୁଣ୍ୟ
ଦେବ ତୀର୍ଥବାରି ଶିରେ,
କରେ ଅଭିଷିକ୍ତ ରାଜରାଜେଶ୍ୱରୀ
ଗୌରବଭ ପଦବୀରେ ।
ଗଗନ-ସୁନ୍ଦରୀ- ୧ କାଞ୍ଚନ ପ୍ରଦୀପେ
କରୁଛି ମଙ୍ଗଳାଳତି,
ବହୁତ ଜାହ୍ନବୀ— ଛଳେ ଢୁଳାଢୁଳୀ
ବହନ୍ତି ବିଶାଳ ସତୀ ।
ଅଗାଧ ସଲିଳ ମଧ୍ୟେ କମଳିନୀ
ଆଚରେ କଠୋର ତପ,
ବହ୍ନିବାଲୁ ଶିରେ ବର୍ଷଣି ପାଦ
ବାନ୍ଧିଛି ଦୃଢ ସଙ୍କଳ୍ପ ।
ଖଞ୍ଜଣୀ ଆଶାରେ ଗୁହିଁଛି ଆତୁରେ
ଶ୍ୟାମାଙ୍ଗୀ ଅପରାଜିତା,
ପିଠଉ ପାଣିରେ ଶ୍ୱେତ ଦୁର୍ବାରାଶି
ଲେଖୁଛି ମହୀରେ ଚିତା ।
ମାତୃ ଆଗମନେ ମଧୁର ମାତୃଭି
ଫୁଟି ଉଠିଅଛି ଭବେ,
ଭଟିନୀ ବକ୍ଷରେ ଉତ୍ଫୁଲ୍ଲତା ଦେହେ
କୁସୁମେ ନବପଲ୍ଲବେ ।
ଆସ ମା ଭାରତେ ଭାରତବତ୍ସଳା
ଗିରୀନ୍ଦ୍ର ପ୍ରାଣ ନନ୍ଦିନୀ,
ସଦୟେ ସସ୍ନେହେ କର ମା ଗ୍ରହଣ
ଭକ୍ତଜନ ପ୍ରୀତିପୂଜା ।
ଦାନବଦଳନୀ ଭାରତର ଦୈନ୍ୟ—
ଅଜ୍ଞାନ-ଦାନବ କୁଳେ,
ସଂହାର ସମୂଳେ ତାଳ ରୂପ ତବ—
ଦରଶୋତ୍ମୀ ମହାଶୂଳେ ।

—୪—

## ଯମୁନା ନଦୀ

ଏହି କି କଳିନ୍ଦ କନ୍ୟା ସେ କାଳିନ୍ଦୀ ନଦୀ,
ଯା ସ୍ମରଣେ ସ୍ମୃତି-ସିନ୍ଧୁ ହୋଇ ଉନ୍ମଥିତ
ଭାସିଉଠେ କୋଟି କୋଟି ଅତୀତ ଗରିମା ।
ଏହି କି ସେ ଯମୁନା, ଯା ତୀର କୁଞ୍ଜବନେ
ବିହରନ୍ତେ ରାସଲୀଳା ସଙ୍ଗିନୀ ଗହଣେ
ରାଈ ରାଜରାଜେଶ୍ୱରୀ, ନନ୍ଦରାଜ ସୁତ
ରସରାଜ କୃଷ୍ଣସହ, ପ୍ରେମରସେ ମାତି ।
ଯମୁନେ, ସେକାଳେ ତୀରେ ବସିଥିଲା ତୋର
ଅନନ୍ତ ଆନନ୍ଦମେଳା ମହାମହୋତ୍ସବ,
ବାଜି ଉଠୁଥିଲା ପ୍ରେମ ମୋହନ ମୁରଲୀ,
ଶୁଣି ସେହି ଚିତୋନ୍ମାଦୀ ଉଦାତ୍ତ ସୁସ୍ୱର
ବହୁଥିଲୁ ଉଜାଣି ତୁ ଆହ୍ଲାଦର ସ୍ରୋତେ ।
ଶୁକମୁଖଗଳିତ ୨ ପୁଣ୍ୟ ପ୍ରେମଶ୍ଳୋକେ
ହେଉଥିଲା ମୁଖରିତ ତୀରବନ ତୋର,
ସେ ଶ୍ଳୋକର ଭାବରସ ଗମ୍ଭୀର ମଧୁର,
କି ଉଦାର ଅପ୍ରାକୃତ ସେ ପ୍ରେମ ସଙ୍ଗୀତ ।
ସେକାଳେ ଯମୁନେ, ଧରା ହୋଇଥିଲା ସ୍ୱର୍ଗ,
ସ୍ୱର୍ଗ ହୋଇଥିଲା ଧରା, କିମ୍ବା ହୋଇଥିଲା
ଧରା ସ୍ୱର୍ଗ ମିଶି ଏକ, ପ୍ରେମର ମିଳନେ ।
କାଲିବେଳେ ଗୋପବାଳା ତୋ ନୀରେ ସିନାନ,
କରୁଥିଲା ସେ ସୁଷମା ଘନେ ବିକଶିତ
ସ୍ୱର୍ଣ୍ଣାଙ୍ଗୀ ଆଲୋକବର୍ଣ୍ଣୀ ବିଜୁଳି ଉପମା,
ତାଙ୍କ ଦେହ ସଂଲେପିତ କସ୍ତୁରିକା ପଙ୍କେ
ଅବଧି ସୌରଭମୟ କୃଷ୍ଣାଭ ତୋ ନୀର ।

*—ଶରତ୍ ଲକ୍ଷ୍ମୀ । ୧—ବିଜୁଳି ୨—କଥିତ ।

ତବୁ ଯେ ସମ୍ପଦେ, ଉଚ୍ଚ ତବୁ ସତୀ ତତ୍ତ୍ୱ,
ବାଜୁଛି ତ ତୋ ପୁଲିନେ ଅଦ୍ୟାପି ମୁରଲୀ
କରୁଛି ତୋ କଣ୍ଠେ ଅର୍ଦ୍ଧ, ମାତ୍ର ଉଷିତନେ୍ୟ,
ହେଉଛି କି ଦୂର ତୋର ଅନ୍ତର ଶୂନ୍ୟତା
କହିଁ ପୂର୍ବ ପର ? ଏବେ ଅଭାବ ତୋ ପ୍ରାଣେ
ସେ ସମ୍ପଦ, ସେ ଗୌରବ, ସେ ମହାସୌଭାଗ୍ୟ ।
ତାହିଁରେ ବା କଟେଶ୍ୱର, ନାହିଁ କି ଅଭାବ ?
ସ୍ୱପ୍ନର ସତ୍ୟତା ନାହିଁ—ସଙ୍ଗୀତର ରୂପ,
ସ୍ୱାଦ ନାହିଁ ସୁଗନ୍ଧର, ଅପୂର୍ଣ୍ଣ ଏ ବସ୍ତୁ,
ସୌଭାଗ୍ୟ-ଭାସ୍କର ତୋର ଅସ୍ତାଚଳେ ଏବେ ।
ନାହାନ୍ତି ତ ତାହାଙ୍କୁ ଆଉ, ହାୟ ହତଭାଗି,
କି ଗରୁଡ ତାହାର କି ଦେଖିବ ସେ ତୋତେ,
ତାଙ୍କ ଚିତା ଗୋପଶିଖା ଯାଇଅଛି ଲୁଚି,
କିନ୍ତୁ ତୋ ଅତୀତ ସ୍ମୃତି ଚିର ଅନଶ୍ୱର ।
ଜୀଇବୁ ତୁ ଯେତେ କାଳ, ତେତେ କାଳ ଯାଏଁ
ସେହି ସ୍ମୃତି ହେବ ତୋର ଆଶାର ସଙ୍ଗୀତ ।

---

## ସଫଳ ତରୁ

ତ ସୁନ୍ଦର ତରୁବର ଦିଶୁଛୁ ତୁ ଏବେ
ହୋଇ ଫଳେ ଆନମିତ ଶାନ୍ତଶୀଳ ଯଥା
ବହୁ ଶାସ୍ତ୍ରାଧ୍ୟୟନାନ୍ତ ଆଦିବାଶବଂଶୀ ।
କେତେ ଚନ୍ଦ୍ରା ପଶୁପକ୍ୱ, ପିଙ୍ଗଳ, ସୁସ୍ୱାଦ,
କେତେ ଦରପକ୍ୱ, ଅମ୍ଳ, ବର୍ଣ୍ଣେ ଆପିଙ୍ଗଳ,
କେତେ ଅବା ଶୁଷ୍କ ହୋଇ ଲାଗିଥାଏ ବୃନ୍ତେ,
ଖସିଗଲେ ତେତେ ଝଡ଼ ହୋଇଯାଏ ମାଟି ।
କରୁବା ତୁ ବହୁପୋଷୀ, ସ୍ୱୀୟ ରକ୍ତଦାନେ
ପୋଷିଅଛୁ ପୋଷ୍ୟବର୍ଗେ, ଉଦାର ଅନ୍ତରେ,
ସହି ଖରା, ବର୍ଷା, ଶୀତ, ଦବଧ ଜଷଣ ।
ବହୁ ସନ୍ତାନର ପିତା ତୁହି ତରୁବର,
ସନ୍ତାନେ ତୋହର ଚେଢ଼ି କୁଷ୍ଠ, ଅଙ୍କଶିଷ୍ଟ,
ତେହି ଚିର ଅକର୍ମଣ୍ୟ, ଆବର ତେହିବା
ମଗାଇ ମଙ୍ଗଳ ଜାତ ପ୍ରାୟ, ତୋହୋପର,
ଧରନ୍ତି ସେ ପରହିତେ ଜୀବନ, ଶରୀର,
ପୋଷନ୍ତି ସେ ପରପ୍ରାଣ ଆତ୍ମବଳ ଦାନେ ।
କି ଆନନ୍ଦ କି ସନ୍ତୋଷ ଖେଳେ ତୋ ହୃଦୟେ
ଜାଣୁ ତୁ ତା ଏବା ଯେଣୁ ସୁପୁତ୍ର ଜନକ,
ପୁତ୍ର ଯଶେ, ପୁତ୍ର ଜ୍ଞାନେ, ପୁତ୍ରର ଗୌରବେ
ନ ମଣେ ଆତ୍ମପ୍ରସାଦ କେବଣ ଜନକ ?
କଳ୍ପତରୁ ସମ ଦାତା ତୁହି ତରୁମଣି,
ନାହିଁ ଖେଦ ନାହିଁ ତୋର ଦାନ-ଅଭିଧାନେ,
କରୁ ତୁ ସନ୍ତାନ ଦାନ ନିର୍ବିଚାର ଚିତ୍ତେ
ଯାଚକ ଅତିଥି ପ୍ରତି, ଦାତାଶ୍ରେଷ୍ଠ ପ୍ରାୟ ।
ହୃଦୟୀ ତୁ, ଅଛି ତୋର ପୁଣ୍ୟ ଦେବ ହୃଦ,
ଆତ୍ମଦାନେ ଅକୁଣ୍ଠିତ ଦଧୀଚି ସକାଶ
ବସ୍ତୁହିତେ, ଦୟାକ୍ଷମା ପିଣ୍ଡ ପ୍ରାଣ ତୋର,
ବସ୍ତୁରେ ଆଦର୍ଶ ଗୃହୀ, ଆଦର୍ଶ ଯୋଗୀ ତୁ ।
ସ୍ୱାର୍ଥବିଶେଷ ଆସ୍ଥା ଯାର ନୁହେଁ ବିସର୍ପିତ,
ସେବା ଯାର ଏକମାତ୍ର ପ୍ରିୟତମ ବ୍ରତ
ପାତ୍ରାପାତ୍ର ନିର୍ବିଶେଷେ ସେ ସମଦର୍ଶୀର
ପବିତ୍ର ଜୀବନ ଧନ୍ୟ, ଶରୀର ସାର୍ଥକ ।
ପାଦପ, ତୁ ରୂପାନ୍ତର ଦେବତା କି ଉକ୍ତି,
ଅଥବା ଏ ବେନଙ୍କର ମହତ୍ତ୍ୱର ମୂର୍ତ୍ତି,
ପୁଚ୍ଛିବି ତାହାଙ୍କୁ ଏହା, କେ ଦେବ ଉତ୍ତର,
କିଏ ଅବା ଦେଖାଇବ ଅନ୍ଧାରେ ଆଲୋକ,
ଯାକୁ ନାହିଁ ଜାଣି ଶାନ୍ତ ଉପକାରୀ ଜ୍ଞାନେ
ପ୍ରକାଶୁଛି ହୃଦୟର କୋଟି କୃତଜ୍ଞତା,
ମୌନ ଯତ୍ନ, ଶିର ନୁଇଁ କଲେ ତା ଗ୍ରହଣ,
ହେବ ମୁଁ ସାଫଲ୍ୟସିକ୍ତ ଗୌରବେ ଗର୍ବିତ ।

---

## ଅର୍ଥ

ଭୂତଳେ ଅତୁଳ ଏତା ଅର୍ଥର କ୍ଷମତା,
ଅର୍ଥବଳେ ଲଭିହୁଏ ପ୍ରତିଷ୍ଠା ଯୋଗ୍ୟତା ।

କୁରୂପର ରୂପ ଅର୍ଥ, ନିର୍ଗୁଣର ଗୁଣ,
ଗଣାହୁଏ ଅର୍ଥ ହେତୁ ମହାଦ୍ରୁମେ ତୃଣ।
ଜନ୍ମକୁଣ୍ଡା ଶାସ୍ତ୍ରଜ୍ଞାନ ସର୍ବବର୍ଜିତ,
କରିଦିଏ ଅର୍ଥ ତାକୁ ଦିଗ୍‌ଗଜ ପଣ୍ଡିତ।
ଧନ୍ୟ ତୁ ରେ ଅର୍ଥ, ତୋର ଅଦ୍ଭୁତ କରଣୀ,
ଅଙ୍ଗାରକୁ ସୁନା କରୁ ଛୁଇଁ ଦେଇ ପଣ।
ତୋ କୃପାରେ ପରିଣତ ବ୍ରାହ୍ମଣେ ଶ୍ୱପଚ,
ଦୁର୍ଜନ ଶରୀରେ ତୁହି କୁଳିଶ କବଚ।
ତୋହର ଯେ କୃପାପାତ୍ର ନାହିଁ ତାର ଭୟ,
ମିଛେ, ପାପେ, ଦୁର୍ଗୁଣରେ ସର୍ବଦା ତା ଜୟ।
ଆନପଦଭ୍ରଷ୍ଟକ, ଅର୍ଥ ! କେ ନୁହେଁ ତୋ ବଶ,
ମାନ ଏବା ଚନ୍ଦ୍ରଗୁପ୍ତ ନ ଗଣେ ତୋ ଯଶ।
ବଡ ବୃଦ୍ଧ, ଜଳଉଠେ ଲକ୍ଷ ନାମ ଶୁଣି,
ଯାଚେ ଯେ ତା ପୁତ୍ରେ ହାତେ ନିର୍ଘାତ କହୁଣି।
ଶୁଣେ ନାହିଁ କାହାର ସେ ସ୍ତୁତି କାମ୍ୟ ତାକୁ,
ନ କରେ ସେ ଭୁଲି ପର ଆଦର କାହାକୁ।
ଅର୍ଥୀ କାମ୍ୟ ଅର୍ଥହୀନେ ଦଣ୍ଡେ ଦୋଷ ଜାଣି
ତାହାକୁ ସେ ନ ସଙ୍ଗୋଳେ ଦେଇ ପିଢ଼ାପାଣି।
ଚଢ଼ା ପଛେ ଯେବେ ପୁଚ୍ଛେ, ଅର୍ଥ ! ପାପି ଦେହେ,
ବାନ୍ଧିଦେବ ପାପୀ ବୋଲି ତାକୁ ସେ ତେବେହେଁ।
ତାର ସାଧ୍ୟ, ଦେବ ଭଲ ଧୂଳି ତାହା ନେନେ,
ଭାଙ୍ଗିଦେବ ବାଲିଙ୍ଗି ସେ ପିଛି ଲୌହ ବେନେ।
ନ ଚଳବ ତାହା କଣ୍ଟ କାହାର ସୁରୁଚି,
ସତ୍ତ୍ର ହେବ ଭଣ୍ଡପଣ, ବ୍ୟର୍ଥ ବାହାଦୁରି।
ସୃଷ୍ଟିକାର ଭୃତ୍ୟ ତହିଁ ଥିବେ ନାହିଁ ପାଖେ,
କହିବେ ମହିମା ଛାମୁ କଥାକେ କଥାକେ।
ଏବା ସେହି ଚନ୍ଦ୍ରଗୁପ୍ତ ଚକ୍ଷୁରେ ତୁ ଅର୍ଥ,
ପଦ୍ମଜାତ ନଳଶିର ଅବଜ୍ଞାତ ବ୍ୟର୍ଥ।

—o—

## ଯୋଗବିଦ୍ୟା

ଅସାଧ୍ୟ ସାଧନଦକ୍ଷା ଦେବୀ ଯୋଗବିଦ୍ୟେ,
ତୁମ୍ଭେ ଏବା ବିଶ୍ୱସ୍ତୁତା ଶକ୍ତି ଭାରତର।
ସାର ମହାବିଦ୍ୟା ତୁମ୍ଭେ, ଅମର-ନମସ୍ୟା,
ବିଧିଦତ୍ତ ଆଶାତୀତ କୃପା ମହାଦାନ
ଭାରତ ଭାଗ୍ୟରେ ତାର ସୌଭାଗ୍ୟ-ଦେଉଳ
ଜ୍ୟୋତିର୍ମୟୀ ତବ ହେମ ଅମୃତଜ୍ୟୋତିରେ।
ଥିଲ ଯେବେ ଦିନ, ତେବେ ଏ ପୁଣ୍ୟ ଭାରତେ
( ଯୋଗବିଦ୍ୟା, ଯୋଗପ୍ରାଣ-ଯୋଗି-ପ୍ରିୟବାସ )
ଲଗିଥିଲ ଅନ୍ତର୍ଯାମୀ ମହାପୂଜା ତବ
ନୀରବ ଉତ୍ସବେ, ବନେ, ପ୍ରାସାଦେ, କୁଟୀରେ।
ସେ ପୂଜାରୁ ଜନ୍ମ ଥିଲ ଯେଉଁ ମହାଶକ୍ତି
ଦେଖୁଥିଲ ବିଶ୍ୱ ତାକୁ ବିସ୍ମୟ ନୟନରେ,
ସେହି ଶକ୍ତି ଭାରତର ସବଳ ଜୀବନ,
ସେହି ଶକ୍ତି ଭାରତକୁ ଥିଲ ଭାରତର।
ଯୋଗବିଦ୍ୟେ, ଆଧ୍ୟାତ୍ମିକ ରାଜ୍ୟ ଏ ଭାରତ,
ମହିମିତ ଆଧ୍ୟାତ୍ମିକ ମହାଶକ୍ତି ବଳେ,
କରିଥିଲ ସେହି ଶକ୍ତି, ସେ ଅଦ୍ଭୁତ ଶକ୍ତି
ଦେବତାର୍ଥେ ପରିଣତ ଦେବପୂତ ତାକୁ।
କାହିଁ ହାୟ, ନାହିଁ ଦେବି, ସେ ଅଦୃଷ୍ଟ ଆଉ
ଭାରତର, ଏବେ ସେହୁ ହତଶ୍ରୀ ଅଶକ୍ତ।
ଦେଖି ତା ମହିମା ଆଉ ଚକିତ ନୟନେ
ହେଉ ନାହିଁ ସ୍ତବ୍ଧ ମୁଗ୍ଧ ଏବେ ଏ ଜଗତ,
ଗଲ ତୁମ୍ଭେ ଉପଯୁକ୍ତ ପୂଜକ ଅଭାବେ
ଛାଡ଼ି ଏ ଭାରତେ, ଦେବି, ତବ ସଙ୍ଗେ ସଙ୍ଗେ
ଗଲା ଚୁଲି ଭାରତର ଆଧ୍ୟାତ୍ମିକ ଶକ୍ତି,
ହୋଇଗଲା ରୁଦ୍ଧ ତାର ଉନ୍ନତି ପ୍ରବାହ।
ଆସିବ କି ଫେରି, ଦେବି, ଆସିବ କି ସତେ
ସେ ଅତୀତ ଆର୍ଯ୍ୟଯୁଗ ପରମ-ପାବନ,
ଆସିବ ସେ, ଫେରି ତୁମ୍ଭେ ଆସିଲେ ଜନନୀ,
ଆସ ତେବେ କୃପାମୟି, ଆସ ଆସ ହସି
ଘେନି ଭାରତର ପୁଣ୍ୟ ଅତୀତ ବିଭବ,
ଉନ୍ନତି-ଅମୃତଧାରା ବହୁ କୋଟିମୁଖେ।

—o—

## ଗଞ୍ଜାମ ଚିତ୍ର

[ ଭଦ୍ରକ ହାଇସ୍କୁଲର ୧୯୩୭ ସାଲ ପୁରସ୍କାର-ବିତରଣୀ-ସଭାରେ ଅଭିନୀତ ]

(ଆସନୋପରି ଗୁରୁ ଉପବିଷ୍ଟ, ଶିଷ୍ୟର ପ୍ରବେଶ)

ଶିଷ୍ୟ—

ଗୁରୁଦେବ, ଘେନ ହେଉ ସଭକ୍ତି ପ୍ରଣତି
ଅଧମ ଶିଷ୍ୟର, ପଦେ ଏତିକି ମାଗୁଣି ।

ଗୁରୁ—

ତୁଅ ବତ୍ସ ଦୀର୍ଘଜୀବୀ, ଅର୍ଜ ସୁପ୍ରତିଷ୍ଠା
ଧର୍ମେ ଥାଉ ମତି, ଏହି ଆଶୀର୍ବାଦ ମୋର ।

ଶିଷ୍ୟ—

କୃତାର୍ଥ ହେଲି ମୁଁ ଗୁରୋ, ତବ ଆଶୀର୍ବାଦେ,
ଦେବ ଆଶୀର୍ବାଦ ତାହାଠୁଁ ଅତି ମୂଲ୍ୟବାନ ।
କହିଲେ ଯେ ଆଶୀର୍ବାଦ ଅଳ୍ପ କଥାରେ,
ଅଛି ତହିଁ ସବୁଶୁଭ ମାନବ-ବାଞ୍ଛିତ,
କ୍ଷୁଦ୍ର ବଟ ବୀଜ ମଧ୍ୟେ ମହାତରୁ ଯଥା
ଥାଏ ଲୁକ୍କାୟିତ, ତଥା ଆଶୀର୍ବାଦ ତବ ।
ପଗ୍ରୁରିବି କିଛି ଆଜ, ଦୟା କରି ଦେବ
କହିବେ ଉତ୍ତର, ମୋର ଏତିକି ମାଗୁଣି ।

ଗୁରୁ—

କହ ବତ୍ସ ପ୍ରଶ୍ନ ତୋର, ଘେନରୁ କି ସନ୍ଦ,
ପୂର୍ଣ୍ଣ ହେବ ନିଶ୍ଚେ ତୋର ସାଧୁ ମନୋରଥ ।

ଶିଷ୍ୟ—

ବହୁବର୍ଷ ତପଫଳେ ମୋର ମାତୃମହୀ
ଏ ଉତ୍କଳ, ହୋଇଅଛି ସ୍ୱତନ୍ତ୍ର ପ୍ରଦେଶ,
ମିଶିଛି ଗଞ୍ଜାମ ତହିଁ ସୁକୃତି-ଜନନୀ,
ଦୟା କରି ବଖାଣନ୍ତୁ ଗଞ୍ଜାମ ବୃତ୍ତାନ୍ତ,
ବଳବତୀ ଇଚ୍ଛା ମୋର ଶୁଣିବାକୁ ତାହା ।

ଗୁରୁ—

ଗଞ୍ଜାମ ମାହାତ୍ମ୍ୟ ବତ୍ସ ଅସୀମ ଅପାର,
ବର୍ଣ୍ଣୁଥିଲେ ନ ସରିବ ସପ୍ତ ଦିବାନିଶି ।
ଘନବନକୁନ୍ତଳମା, ଗିରି-ଗର୍ବମୟୀ
ଗଞ୍ଜାମ ଧରଣୀ, ମହା ସାରସ୍ୱତ ତୀର୍ଥ,
ଦେଖିବାକୁ ଇଚ୍ଛୁ ଯେବେ ବୃତ୍ତ ତବ ତାର,
ଆଣ ତେବେ ମାନଚିତ୍ର, ଦେଖାଇବି ତୋତେ ।
ଉତ୍କଳ ସଂକ୍ଷିପ୍ତସାର ସେ ଗଞ୍ଜାମ ମହୀ,
ନାହିଁ ଯାହା ତହିଁ, ତାହା ନାହିଁ ଏ ଉତ୍କଳେ ।

( ଶିଷ୍ୟର ମାନଚିତ୍ର ଆନୟନ )

ଦେଖ ବତ୍ସ ଏହିଠାରେ ଛତ୍ରଗଡ଼ ଘାଟି,
ଅନ୍ୟ ଏକ ନାମ ତାର ନାରାୟଣୀ ଖୋଲ,
ନାରାୟଣୀ ଦେବୀଙ୍କର ଅଧିଷ୍ଠିତ ସ୍ଥଳୀ ।
ଅଛନ୍ତି ଏଠାରେ ବହୁ ଅଜଗର ସର୍ପ
ଭୀଷଣଦର୍ଶନ, ତାଙ୍କ ବିଷ ନିଃଶ୍ୱାସରେ
ବିଷମୟ ଏ ସ୍ଥାନର ସମୀରମଣ୍ଡଳ ।
ଏହିଠାରୁ ଯାମ୍ୟ ଦିଗେ ବିସ୍ତୃତ ଗଞ୍ଜାମ,
ଯାମ୍ୟେତରେ ପୁରୀ ଜିଲ୍ଲା, ଦେଖ ବତ୍ସ ଏହି
ଖଲ୍ଲିକୋଟ ରାଜ୍ୟ, ତହିଁ ରାଜର୍ଷିପ୍ରତିମ
ନାରାୟଣ ମର୍ଦ୍ଦରାଜ ନାମେ ଏକ ରାଜା
କରୁଥିଲେ ରାଜପଣ, ଧାର୍ମିକ, ପଣ୍ଡିତ,
ଏକାଦଶୀ ଦିନେ ରାଏ ନିଜ ଶରୀରରେ
ବସାଇ ଦ୍ୱାଦଶ ସ୍ଥାନେ ଦ୍ୱାଦଶ ପ୍ରଦୀପ,
ଜାଗରେ ଉପବାସେ କରୁଥିଲେ ଜପ ।
ସେ ରାଜ୍ୟକୁ ଲାଗି ଦେଖ ଅଷ୍ଟଗଡ଼ ରାଜ୍ୟ
ଗଞ୍ଜାମର ଅନ୍ୟତମ ସାରସ୍ୱତ ପୀଠ
ରହିଛି ବିସ୍ତୃତ, ତହିଁ ଲଭିଥିଲେ ଜନ୍ମ
ଚମ୍ପୂ କବି କବିସୂର୍ଯ୍ୟ ବଳଦେବ ରଥ ।
ତହିଁପରେ ଦେଖ ବତ୍ସ, ସୁପ୍ରସିଦ୍ଧ ରାଜ୍ୟ
ନିବିଡ଼ ନୀରନ୍ଧ୍ର ଶାଳବନ-ଶ୍ୟାମଯୁକ୍ତ
ଘୁମୁସର ରାଜ୍ୟ, ତାର ବିଶାଳ ବିସ୍ତୃତ
ଯୋଜନ ଯୋଜନ ବ୍ୟାପୀ, ଉତ୍କଳରେ ତାହା
ଉତ୍କଳୀୟମାନ କ୍ଷେତ୍ର, ମହା ସାରସ୍ୱତ ତୀର୍ଥ ।
ଜନ୍ମି ତହିଁ ମହାକବି ଶ୍ରୀ ଉପେନ୍ଦ୍ର ଭଞ୍ଜ
ଉତ୍କଳର କାଳିଦାସ, କଲେ ପ୍ରାଣଦାନ
ପୂରି ଶକ୍ତି ଦାନ ଆମ୍ଭ ଉତ୍କଳ ଭାଷାକୁ ।

ଦେଖାଇଲେ ସାହିତ୍ୟରେ ଯେ ଶିଳ୍ପଚାତୁରୀ,
ବୈଶିଷ୍ଟ୍ୟ, ବୈଚିତ୍ର୍ୟ ତାହା ଦୁର୍ଲଭରେ ବତ୍ସ
ଅନ୍ୟ ଦେଶ ପୁଣି ଅନ୍ୟ ଭାଷା ସାହିତ୍ୟରେ ।
ନମ ବତ୍ସ ଭକ୍ତିଭରେ ଯୁକ୍ତକରେ ତାଙ୍କୁ ।
ଶିଷ୍ୟ— (ନମସ୍କାରାନ୍ତେ)—
ଏ କଥା ବରେଣ୍ୟ ତବ ଅଟନ୍ତି ଆମ୍ଭର
ଶୁଣି ଗର୍ବେ ଛାତି ମୋର ଉଠୁଅଛି ଫୁଲି,
ଧନ୍ୟ ମୋର ମାତୃଭୂମି, ମୋର ମାତୃଭାଷା,
ଧନ୍ୟ ଏ ଗଞ୍ଜାମ ଭୂମି କବିମଣି ଖଣି ।
କହନ୍ତୁ କହନ୍ତୁ ଗୁରୋ ଗଞ୍ଜାମ ମହତ୍ତ୍ୱ,
ବହୁଛି ମୋ ଶରୀରରେ ମହାଉଲ୍ଲାସର
ବିଦ୍ୟୁତ ପ୍ରବାହ, ଦେବ, ଶୁଣିବାକୁ ତାହା ।
ଗୁରୁ—
କି ବର୍ଣ୍ଣିବି ଶିଷ୍ୟମଣି, ଗଞ୍ଜାମ ମହିମା
ବର୍ଣ୍ଣନେ ଅକ୍ଷମ ତାହା ମୋ କ୍ଷୁଦ୍ର ରସନା,
କହୁଛି ସଂକ୍ଷେପେ କିଛି, ଶୁଣ ଅବହିତେ ।
ଏହି ଭୂମୁଖରେ ଜନ୍ମି ସୂର୍ଯ୍ୟମଣି ଆଦି
ଲେଖିଛନ୍ତି ଆଧ୍ୟାତ୍ମିକ ରାମାୟଣ ଗ୍ରନ୍ଥ,
ବହୁ କବି-ଜନନୀ ଏ ଭୂମୁଖର ମହୀ,
କବିତା ଦେବୀଙ୍କ ଏହା ରତ୍ନ ଗନ୍ତାଘର ।
ତହିଁ ପରେ ଦେଖ ଏହି ଧରାକୋଟ ରାଜ୍ୟ
ନଳବଂଶୀ ନୃପତିଙ୍କ ପାଳିତ ଭୂଖଣ୍ଡ,
ରାଜକବି କୃଷ୍ଣସିଂହ ଜନ୍ମ ଲଭି ଏଥି
ରଚିଲେ ଅଠରପର୍ବ ଶ୍ରୀ ମହାଭାରତ
ନବଛନ୍ଦେ, ହୋଇ ସେହୁ ଲକ୍ଷ୍ମୀ ବରପୁତ୍ର
ପୂଜିଲେ ଭାରତୀ ପାଦ, ତନ୍ମୟ ମାନସେ
ତାଙ୍କ ପୁଣ୍ୟ ଚିତାନଳ ସ୍ଥାୟୀ ସ୍ମୃତିରୂପେ
ହୋଇଛି ରକ୍ଷିତ ଏଥି ଋଷିକୁଲ୍ୟା ତୀରେ ।
ଶିଷ୍ୟ —
ଧନ୍ୟ ହେଲି ଶୁଣି ଦେବ ! କୃଷ୍ଣସିଂହ କଥା,
କହନ୍ତୁ ହେ ଗୁରୋ ! ଏବେ, ଏହି ଯେ ଦିଶୁଛି
ନୀଳୋତ୍ପଳ ପତ୍ରସମ ଶ୍ୟାମଳ-ସୁନ୍ଦର
କି ନାମ ତାହାର ? ………

ଗୁରୁ – × × ବତ୍ସ, ଚିଲିକା ହ୍ରଦ ସେ,
ମହୋଦଧି ରାଜଜେମା, ଶୋଭେ ଯେହ୍ନେ ଆହା
ଉତ୍କଳ କମଳା ବକ୍ଷେ ମାରକତ ପଦକ,
କିମ୍ବା ଦିଗ ଦେବୀଙ୍କ ନୀଳ ବିଶାଳ ଦର୍ପଣ
ବିରାଟେ ଦୀର୍ଘିକା, ପାର୍ଶ୍ୱେ ଜଙ୍ଗଲାରଣ୍ୟ ତାର
ରହିଛି ବିସ୍ତୃତ ଦୂର ଚକ୍ରବାଳ ଯାଏ ।
କଟିଆ, ଚଢ଼େଇଗୁହା, କାଙ୍କଣଶିଖରୀ,
ଘଣ୍ଟଶିଳା ଆଦି କେତେ ଗିରିପୁଞ୍ଜ, ଶୋଭେ
ଚିଲିକାବକ୍ଷେ, ପ୍ରତେ ହୁଏ ଯେହ୍ନେ କରିଯୂଥ
ଅର୍ଦ୍ଧାଙ୍ଗ ନିମଜ୍ଜି ଜଳେ, ରତ ସିନ୍ଧୁ ସ୍ନାନେ ।
ଚିଲିକା ଦର୍ଶନେ ବତ୍ସ, ଉଦିତ ମାନସେ
କେତେ ପୁରାତନ ସ୍ମୃତି, କେତେ ଭାବ ଆଜ,
ଆକ୍ରମିଲ ଯେବେ ଅହୋ ଦୁରନ୍ତ ଦାନବ
ରକ୍ତବାହୁ, ଦେବଦେଶ ଏ ଉତ୍କଳେ, ଲୁଣ୍ଠି
ବହୁ ଧନରତ୍ନରାଜି ଅମୂଲ୍ୟ ଦୁର୍ଲଭ,
ପୂରାଇ ବୋଇତେ ତାହା ଦୁର୍ଦ୍ଦାନ୍ତ ମସ୍ତରୀ
ଫେରିଲା ଚିଲିକା ପଥେ, ସୈନ୍ୟବ୍ୟୂହ ସହ,
ଗର୍ଜିଲା ବିଜୟ ଦର୍ପେ, ମାତ୍ର କେତେ କ୍ଷଣ
ତିଷ୍ଠି ପାରେ ଡୁଣ୍ଡୁଭର ବ୍ୟର୍ଥ ଆସ୍ଫାଳନ,
ନାଗୁଣୀ ସମୀପେ, କିମ୍ବା କେତେ କ୍ଷଣ ଅବା
ସହିପାରେ ସିଂହୀ ଛାର ଫେରୁର ଗର୍ଜନ ?
ରୁଷିଲା ଚିଲିକା, ଦେଖି ସୁତୀର୍ଥମାଳିନୀ
ଉତ୍କଳର ଅପମାନ, ଉଠିଲା ତରଙ୍ଗ
ପ୍ରଚଣ୍ଡ ଭୈରବ ନାଦେ, ସେ ରୁଦ୍ର ଗର୍ଜନେ
ଥରିଲା ପୃଥିବୀ, ପୁଣି ଥରିଲା ଗଗନ,
ଛତ୍ରଭଙ୍ଗ ଲହରୀ-ସେନା ପେଷିଣ ଚିଲିକା
ଦେଲା ଦୈତ୍ୟଦର୍ପ ସହ ସେ ଦୁଷ୍ଟେ ବୁଡ଼ାଇ
ଅତଳ ସଲିଳ ଗର୍ଭେ, ଲଭିଲା ପାମର
ସମୁଚିତ ପ୍ରତିଫଳ ସ୍ୱୀୟ ଦୁଷ୍କର୍ମର ।
ପରରାଷ୍ଟ୍ର ଗ୍ରାସିବାକୁ ଆସିଥିଲା ଷଣ୍ଢ,
ମାତ୍ର ନିଜେ କାଳଗ୍ରାସେ ଭଜିଲା ବିଲୟ,
ନ ମେଣ୍ଟିଲା ପାଷଣ୍ଡର ଦୁର୍ବାର ପିପାସା,

ହେଲ ସେ କୁଣିଆ ଯାଇ ଶତ୍ରୁଗ୍ରସ୍ତ ପୁରେ ।
ଉତ୍କଳ ଲୁଣ୍ଠିତ ଧନ ରତ୍ନଙ୍କ ଉତ୍କଳେ,
ନେଇ ନ ପାରିଲ ତହୁଁ ତଡ଼ାଏ ପାପିଷ୍ଠ ।
ଶିଷ୍ୟ—
ବୁଝିଲି, ବୁଝିଲି ଦେବ ! ଶଲୁଡା ମାହାତ୍ମ୍ୟ
ପୂତ ହେଲା କର୍ଣ୍ଣ ମୋର, ଜାଣିଲି ନଦର
ସାପର ପ୍ରକୃତ ଶାସ୍ତି ଅଛୁ ମହୀତଳେ ।
ଗୁରୁ—
ଦେଖ ବତ୍ସ, ଗଞ୍ଜାମର ପୂର୍ବ ରାଜଧାନୀ
ଗଞ୍ଜା ନଗରୀର ଜୀର୍ଣ୍ଣଶୀର୍ଣ୍ଣ ଦୂରବସ୍ଥା,
ମହାମାରୀ କବଳରେ ପଡ଼ି ସେ ନଗରୀ
ହୋଇଗଲା ଛାରଖାର, ତହୁଁ ଛତ୍ରପୁରେ
ଉଠିଗଲା ରାଜଧାନୀ, ହେଲା ଅସ୍ତମିତ
ଗଞ୍ଜା ଗୌରବ ହାୟ, ନିଷ୍ଠୁର ଶାସନେ ।

ଏଇ ଯେ କୁଟିଳ ରେଖା ଦେଖୁଛୁରେ ବତ୍ସ
ମାନଚିତ୍ରେ, ଶିଥିଳିତ ଭୁଜଙ୍ଗୀ ପରାୟେ
ଋଷିକୁଲ୍ୟା ନଦୀ ତାହା ଋଷିମାନ-ସୁତା,
ପୌରାଣିକ ତୀର୍ଥ ଏହା, ସ୍ନାନ କଲେ ଯହିଁ
ଧୋଇଯାଏ ପାପ ତାପ କଳୁଷ ଶରୀରୁ ।
ସିନ୍ଧୁ ଉପକଣ୍ଠେ ରାଜେ ରମ୍ୟ ଛତ୍ରପୁର
ଗଞ୍ଜାମ ଜିଲ୍ଲାର ଏହା ନବ ରାଜଧାନୀ
ଝାଉଁ-ଝଙ୍କାରିତ ସ୍ଥଳୀ, ଗାଉଅଛି ସିନ୍ଧୁ
ଅଦୂରେ ଭୈରବ ସ୍ୱରେ ଅବୋଧ୍ୟ ସଙ୍ଗୀତ,
ବିସ୍ତାରିଛି ଝାଉଁ ଏଣେ ମଧୁର ରାଗିଣୀ,
ମିଶାମିଶି ଏଥି ବତ୍ସ କୋମଳ କଠୋର ।
ସିନ୍ଧୁବାୟୁ ସହ ଏଥି ପାର୍ବତୀୟ ବାୟୁ
ମିଶାମିଶି ହୋଇ ହୁଏ ସୁଖସ୍ୱାସ୍ଥ୍ୟପ୍ରଦ ।

ଦେଖ ଏବେ ବ୍ରହ୍ମପୁର, ଗଞ୍ଜାମ ଜିଲ୍ଲାର
ଉପ-ରାଜଧାନୀ, ଉଚେ ଟେକିଛି ସେ ଶିର
ଧନେ ମାନେ ଜ୍ଞାନେ ପୁଣି ଶିକ୍ଷା ସଭ୍ୟତାରେ ।

ନାଗରିକ ଉପାଦାନେ ପୂର୍ଣ୍ଣ ଏ ନଗରୀ
ରାଜକୀୟ ଛୋଟବଡ଼ ସର୍ବ କାର୍ଯ୍ୟାଳୟ
ସୁସଜ୍ଜିତ, ଅବସ୍ଥିତ ଏଥି ଏକାଧାରେ,
ଏହିଠାରେ ଖଲ୍ଲିକୋଟ କଲେଜ ସ୍ଥାପିତ ।
ଖଲ୍ଲିକୋଟ ପୂର୍ବରାଜା ସ୍ୱନାମପ୍ରସିଦ୍ଧ
ଯଶୋଧନ ହରିହର ମର୍ଦ୍ଦରାଜ ଦେବ
ସ୍ଥାପିଲେ ଏ ବିଦ୍ୟାଗାର ଲକ୍ଷମୁଦ୍ରା ଦାନେ
ତାହାଙ୍କ ଅମରସ୍ମୃତି ବହିଛି କଲେଜ,
ଏ ସ୍ଥାନର ପାଟହୁଗା ଜଗତ ବିଖ୍ୟାତ ।
ଦକ୍ଷିଣରେ ଇଚ୍ଛାପୁର, ଶୋଭେ ଯା ବକ୍ଷେ
ସ୍ୱଚ୍ଛୋଦକା ବାହୁଦା ନଦୀ ହୀରାହାର ପ୍ରାୟ ।
ମିଶି ନାହିଁ ଉତ୍କଳରେ ଏ ଓଡ଼ିଆ ରାଜ୍ୟ,
ନ ମିଶୁ ପଛକେ ଏବେ, ମିଶିବ ଭବିଷ୍ୟେ,
ନ ହେବ ବିଫଳ ବତ୍ସ, ଜାତୀୟ ଅଣୁର
ଆକର୍ଷଣୀ-ଶକ୍ତି, ତାହା ମିଶାଇବ ଦିନେ ।
ଶିଷ୍ୟ—
ସତ୍ୟ ହେଉ ବାଣୀ ତବ, ଅଦୂରେ ଭବିଷ୍ୟେ
ମିଶୁ ଏ ଭୂଖଣ୍ଡ ଆସି ଉତ୍କଳ ସହିତେ,
କରନ୍ତୁ ଏ ଆଶୀର୍ବାଦ ପ୍ରଭୁ ବିଶ୍ୱପତି ।
ଗୁରୁ—
ପୂର୍ବରେ ସୁମାଣ୍ଡି ଗ୍ରାମ ଲୁଣ କାରଖାନା,
ଗନ୍ତାଘର ତାହା ବତ୍ସ ସିନ୍ଧୁ ସମ୍ପଦର ।
ଦେଖ ଏ ଉଦ୍ୟାନଖଣ୍ଡ, ଗଞ୍ଜାମ ଜିଲ୍ଲାର
ସୁରମ୍ୟ ନନ୍ଦନ ବନ, ସୁଦୂର ବିସ୍ତୃତ ।
ସିନ୍ଧୁବାୟୁ-ବିଧୂନିତ ସଦା ଏ ଉଦ୍ୟାନ
ଅସମୟେ ଫୁଲେ ଫଳେ ହୁଏ ସୁଶୋଭିତ ।
କୋଶ କୋଶ ବ୍ୟାପି ରମ୍ଭା ନାରିକେଳ ବନ
ତୋଷେ ଫଳଦାନେ ସଦା ସମସ୍ତ ଋତୁରେ ।
ପଶ୍ଚିମେ ମହେନ୍ଦ୍ରଗିରି ମହେନ୍ଦ୍ର-ବାଞ୍ଛିତ,
ଉତ୍କଳର ହିମାଳୟ, ଲକ୍ଷିତ ଯା ଦେହେ
ବହୁ ଇତିହାସ, ତାର ଶିଳାଖଣ୍ଡ ତଳେ
ରହିଅଛି ଲୁଚି ବହୁ ଇତିହାସ ଅଧ୍ୟା ।

ପୁରାଣପ୍ରସିଦ୍ଧ ଗିରି, ତୁଙ୍ଗ ସପ୍ତଶୃଙ୍ଗ,
ରବିକୁଳରତ୍ନ ରଘୁ ଦିଗ୍‌ବିଜୟ କାଳେ
କରିଥିଲେ ଏ ପର୍ବତେ କିଛିଦିନ ବସତି ।
କଳିଙ୍ଗ ସହିତେ ଯୁଝି, ପରାଜୟି ତାଙ୍କୁ
ଲଭିଥିଲେ ନବଲକ୍ଷ ହସ୍ତୀ ଉପହାର ।
କୁନ୍ତୀ, ଯୁଧିଷ୍ଠିର, ଭୀମ, ପାର୍ଥଙ୍କ ଦେଉଳ
ବହିଅଛି ତାଙ୍କ ସ୍ମୃତି ଅତଳତ କାଳୁ ।
ବନବାସ କାଳେ ରାମ ଅଯୋଧ୍ୟା-ଭୂଷଣ,
କରିଥିଲେ ବାସ ଏଥି ପତ୍ନୀଭ୍ରାତାସହ ।
କ୍ଷତ୍ରହନ୍ତା ପରଶୁରାମ ଏ ଗିରି ଶିଖରେ
କରୁଥିଲେ ସୁକଠୋର ତପସ୍ୟା ସାଧନ,
ବହିଛି ତାଙ୍କର ସ୍ମୃତି ପରଶୁରାମ କୁଣ୍ଡ।
ମହାଯୋଗୀ ଗିରିବର, ସମାଧି ନିମଗ୍ନ,
ଝରେ ତାଙ୍କ ନେତ୍ରୁ ହୁଇ ପ୍ରେମାଶ୍ରୁ ପ୍ରବାହ,
ବହିଯାଏ ନଦୀରୂପେ ମହେନ୍ଦ୍ର-ତନୟା
ପୁଣି ସ୍ୱର୍ଣ୍ଣମୁଦ୍ରା ନାମେ, ଧରେ ଗିରି ବକ୍ଷେ
ନୀରନ୍ଧ୍ର କାନନଶ୍ରେଣୀ, ନିଶୀଥ ସମୟେ
ଗର୍ଜେ ତହିଁ ମହାବଳ—ପଶୁ-ଅଧିରାଜ,
ଶୁଣି ସେ ଗର୍ଜନ, ଭୟେ ଦିଗଙ୍ଗନାକୁଳ
ପ୍ରତିଧ୍ୱନି ଛଳେ ଉଠେ ଚିତ୍କାରି ଚହଳି,
କମ୍ପିଉଠେ ବନଭୂମି, କମ୍ପେ ଗିରିଚୂଡ଼ା ।
ମଞ୍ଜୁଷା ରାଜ୍ୟର ଶିରି ମାଗର-ମହେନ୍ଦ୍ର,
ପ୍ରତିଦିନ ହୁଏ ତହିଁ ଷଡ଼ ଋତୁ ଭୋଗ—
ଗ୍ରୀଷ୍ମ ବର୍ଷା ସହିତରେ ଶୀତ ଭୟଙ୍କର,
ବାର ମାସଯାକ ତହିଁ ହୁଏ ମାଘ ମାସ ।
ମଞ୍ଜୁଷା ଓଡ଼ିଆ ରାଜ୍ୟ, କିନ୍ତୁ ମିଶି ନାହିଁ
ସ୍ୱତନ୍ତ୍ର ପ୍ରଦେଶେ, ଅହୋ କି ଦାରୁଣ କ୍ଷୋଭ ।

ଦିଅ ଦୃଷ୍ଟି ଏଣେ ବତ୍ସ, ଏ ଟିକାଲି ରାଜ୍ୟ
ମହାମହିମାର ରମ୍ୟ ମର୍ତ୍ତ ଟିକାଲି ।
ଅଧିଷ୍ଠିତା ଏଥି ଦେବୀ ନୀଳ ସରସ୍ୱତୀ
କାନନ-ନିକୁଞ୍ଜେ, ଏହା ସାରସ୍ୱତ-ପୀଠ ।

ଅଦୂରେ ବସ୍ତୃତ ବୃତ୍ତ ସୁଦୀର୍ଘ ଦୀର୍ଘିକା
ପୂର୍ଣ୍ଣ ଶ୍ୱେତ-ଶତଦଳେ, ତହିଁର ସର ସେ
ଦେବୀଙ୍କର, ଯୋଗାଏ ସେ ସଜଫୁଲ ସଦା
ଗହଣୀ ସେବକା ପ୍ରାୟ ଦେବୀପୂଜା ଅର୍ଥେ ।
ନବସନ୍ତ ଶୂଳପାଣି ବୁଢ଼ା ଶିବ ନାମେ,
ତୁଙ୍ଗ ଗିରିଚୂଡ଼ା ସମ ଆକୃତି ତାଙ୍କର;
ନିଶୁଣୀ ସାହାଯ୍ୟେ ତାଙ୍କୁ ପୂଜନ୍ତ ବ୍ରାହ୍ମଣ
ପୂଜାକରେ ବିଲ୍ୱପତ୍ର ପୁଷ୍ପାକ୍ଷତ ଫିଙ୍ଗି ।
ଏ ଓଡ଼ିଆ ରାଜ୍ୟ ସୁଦ୍ଧା ନ ମିଶି ଉତ୍କଳେ
ଭୁଞ୍ଜୁଅଛି ଅସୁବିଧା ମାନ୍ଦ୍ରାଜ ଅଧୀନେ ।
ଶିଷ୍ୟ—
ହାୟ ରେ କପାଳ ! କାହିଁ ଦେବ ଦିଗମ୍ବର
ରହିଛନ୍ତି ଭୁଲି ଆଜି ଉତ୍କଳ ଭୂଖଣ୍ଡେ,
ନ ପାରେଁ ତା ବୁଝି, ଗୁରୋ ମନେହୁଏ ମୋର
ବେଶି ଦିନ ପାଇଁ ଆଉ ଦେବ ଭୋଳାନାଥ
ନ ରହିବେ ପାସୋରି ଏ ପବିତ୍ର ପ୍ରଦେଶେ ।
ଆସିବ ଟିକିଏ ଦିନେ, ଉତ୍କଳ ମାତାର
ଭାସ୍ୱର ଲଲାଟ ପଟେ କରିବ ମଣ୍ଡନ ।
କହନ୍ତୁ ହେ ଗୁରୋ ଏବେ, ଏ କେଉଁ ଭୂଖଣ୍ଡ,
କିଶୁଛି ଆକାଶ ଯାର ଏତେ ସମୁଜ୍ଜ୍ୱଳ,
ଶୁଣିବାକୁ ତା ମାହାତ୍ମ୍ୟ ବଳୁଛି ମାନସ ।
ଗୁରୁ—
ଏହି ଯେ ଦେଖୁଛୁ ବତ୍ସ, ଦର-ବିକସିତ
ପଦ୍ମପତ୍ର ପ୍ରାୟେ ଯାମ୍ୟେ ରହିଛି ବିସ୍ତୃତ,
ପାରଳାଖେମୁଣ୍ଡୀ ତାହା ଗଜପତି ରାଜ୍ୟ,
ସାହିତ୍ୟ, ସଙ୍ଗୀତ, ଶିଳ୍ପ, ଜ୍ୟୋତିଷ-କୁଶଳା,
କରନ୍ତି ରାଜତ୍ୱ ତହିଁ ରାଜର୍ଷି ପ୍ରତିମ
କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ,
ଧନେ,ମାନେ କୁଳେ ଶୀଳେ ଜ୍ଞାନେ ଦାନେ ଯଶେ
ଦୟା ଦାକ୍ଷିଣ୍ୟରେ ପୁଣି ରାଜନ୍ୟ-ବାଞ୍ଛିତ
ସକଳ ସଦ୍‌ଗୁଣେ ସେହୁ ଆଦର୍ଶ ନୃପତି
ସମସ୍ତ ଉତ୍କଳଖଣ୍ଡେ କି କହିବ ବତ୍ସ,

ତାଙ୍କର ଅଦମ୍ୟ ଚେଷ୍ଟା ବହୁ ଅର୍ଥବ୍ୟୟେ
ହୋଇଛି ଉତ୍କଳ ଏବେ ସ୍ୱତନ୍ତ୍ର ପ୍ରଦେଶ,
ମିଶିଛି ତା ସହ କେତେ ଛିନ୍ନ ଅଂଶ ତାର।
ପ୍ରଧାନ ସଚିବ ସେ ଏ ନବ ଉତ୍କଳର
କୋଟିଏ ଲୋକଙ୍କ ଭାଗ୍ୟ ନ୍ୟସ୍ତ ତାଙ୍କ ହସ୍ତେ।
କି ବର୍ଣ୍ଣିବ ବତ୍ସମଣି ତାହାଙ୍କ ପ୍ରତିଭା
ଉଡ଼ନ୍ତା ପକ୍ଷୀର ପକ୍ଷ ପାରନ୍ତି ସେ ଗଣି,
ତାଙ୍କ ଭଳି ମହାତ୍ମା ଉତ୍କଳଭାଗ୍ୟରେ
ବିଧାତାଙ୍କ ଅତିରିକ୍ତ ମହାଦାନ ନିଶ୍ଚେ।
ଆସୁଥିଲେ ପ୍ରଚ୍ଛନ୍ନରେ ଆଳସ୍ୟ, ବିଳାସ,
ଆକ୍ରମିବେ ବୋଲି ତାଙ୍କୁ, ମାତ୍ର ତାହାଙ୍କର
ଦୃଷ୍ଟିର ପ୍ରଖର ତେଜେ ଅନ୍ଧ ହୋଇ ଦୁଷ୍ଟେ
ପଳାଇଲେ ପଡ଼ିଉଠି ଅସମ୍ଭାଳ ଭୟେ।
ସ୍ଥାପିଛନ୍ତି ରାଜ୍ୟେ ସେ ଏ ପ୍ରଥମ ଶ୍ରେଣୀର
ଉଚ୍ଚ ଶିକ୍ଷାଳୟ ପ୍ରଜାପୁଞ୍ଜ ଶିକ୍ଷା ଅର୍ଥେ
ଲଭୁଛନ୍ତି ଶିକ୍ଷା ତହିଁ ସ୍ୱଦେଶୀ ବିଦେଶୀ
ବହୁ ଛାତ୍ର ଭୁଞ୍ଜି ନାନା ସୁଯୋଗ ସୁବିଧା।
ଆଉର ସଂସ୍ଥାପି ସେ ଏ ସଂସ୍କୃତ କଲେଜ
ପ୍ରଦର୍ଶିଲେ ସଂସ୍କୃତର ମହତ୍ତ୍ୱ ସହିତ
ସୁପ୍ରାଚୀନ ସୁସମୃଦ୍ଧ ଭାଷାର ମହତ୍ତ୍ୱ।
ବହୁ ଉଚ୍ଚଶିକ୍ଷିତଙ୍କ ନିବାସ ଏ ରାଜ୍ୟ।
ଜନ୍ମ ଲଭି ଏହି ରାଜ୍ୟେ ଶ୍ରୀଗୋପାଳକୃଷ୍ଣ
ଭକ୍ତବର ଭକ୍ତିରସେ ଗାଇଲେ ସଙ୍ଗୀତ
ବଂଶଧାର ନଦୀକୂଳେ ବାଇ କଣ୍ଠବଂଶୀ,
ଲଳିତ ମଧୁର କାନ୍ତ ପଦାବଳୀ ତାଙ୍କ
ଭକ୍ତପ୍ରାଣେ ଢାଳିଦିଏ ଅମୃତ ପ୍ରବାହ।
ଉତ୍କଳର ଅନ୍ୟତମ ପ୍ରବୀଣ ସଚିବ
କରଣ କୁଳର ଚନ୍ଦ୍ର ସ୍ୱଦେଶ-ବତ୍ସଳ,
ମାନଧାତା ଗୋରାଚାନ୍ଦ ଜନ୍ମ ଲଭି ଏଥି
ଉଜ୍ଜ୍ୱଳିଲେ ଉତ୍କଳର ଶ୍ରୀମୁଖ-କମଳ।
ଦେଶପାଇଁ ମାନଧାତା ଯୌବନରେ ଯୋଗୀ
ନ ଚାହିଁ ସ୍ୱସ୍ୱାର୍ଥେ ପୁଣି ନ ଚାହିଁ ଶରୀରେ
ଦେଶପାଇଁ ଦିବାନିଶି କର୍ମେ ରତ ସଦା।
ସାଧୁଛନ୍ତି ଦୁଇହସ୍ତେ ଶତହସ୍ତ କାର୍ଯ୍ୟ।
ଦେଶପାଇଁ ଉତ୍ସର୍ଗେ ଯେ ଦେହପ୍ରାଣ ମନ
ପୁଣି ଭୁଲେ କ୍ଷୁଧାତୃଷ୍ଣା ଦେଶମାତା ବିନା
ଚାହିଁ ଥାନ୍ତି ତାହା ମୁଖେ ଉତ୍ସୁକ ନୟନେ।
ଚିରଶସ୍ୟସୁଶ୍ୟାମଳା ଏ ପାରଳା ରାଜ୍ୟ
ସୁପ୍ରଶସ୍ତ ଜଳାଧାର ସ୍ଥାନେ ସ୍ଥାନେ ଏଥି
ରାଜେ ଯଥା ନଗରୀର ବହୁ ଦୀପ୍ତ ନେତ୍ର
ତାହାଯୋଗୁଁ ଘଟେ ନାହିଁ ଶସ୍ୟହାନି କେବେ,
ଅନାବୃଷ୍ଟି ହେଲେ ଫଳେ ସ୍ୱର୍ଣ୍ଣ ଶସ୍ୟକ୍ଷେତ୍ରେ।
ଅଛି ରାଜ୍ୟେ ପୁଣ୍ୟତୀର୍ଥ ମୁଖଲିଙ୍ଗ ନାମେ
ସର୍ବଧର୍ମ ସମନ୍ୱୟ ସ୍ଥଳୀ, ଯଜ୍ଞପୂତ,
ଅନେକ ପ୍ରାଚୀନ କୀର୍ତ୍ତି ବହିଛି ସେ ବକ୍ଷେ,
ହୋଇଥିଲା ସ୍ୱର୍ଣ୍ଣବୃଷ୍ଟି ତହିଁ ପୁରାକାଳେ,
ଅଦ୍ୟାପି ସୁବର୍ଣ୍ଣ ଖଣ୍ଡ ମିଳେ ସେ ସ୍ଥାନରୁ।
କି ବର୍ଣ୍ଣିବି ବାଳୁତ ରେ ପାରଳା ମହତ୍ତ୍ୱ
ବର୍ଣ୍ଣିଲେ ତା ହେବ ବହି, ସାତଖଣ୍ଡ ପୋଥି
ଗଞ୍ଜାମ ଜିଲ୍ଲାର ସୀମା ଶେଷ ଏହିଠାରୁ
ବିସ୍ତୃତ ତେଲିଙ୍ଗି ବସ୍ତି, ଭିଶାଖପାଟଣା।
ଏତିକିରେ ଥାଉ ଆଜି ବୁଡ଼ିଲଣି ବେଳ
ଦେଖାଇବି କାଲି ପୁଣି ଅବଶିଷ୍ଟ ଚନ।
ଶିଷ୍ୟ—
ଯେ ଆଜ୍ଞା, ଘେନନ୍ତୁ ଦେବ ଭୃତ୍ୟର ପ୍ରଣାମ,
କୃତାର୍ଥ ମୁଁ, ଲଭି ଭାଗ୍ୟେ ତବଭଳି ଗୁରୁ।

—:*:—

## ଆବାହନ

ଦୁର୍ଗେ—
ଆସ ମା ଆସ ମା ହୃଦୟ-ମନ୍ଦିରେ,
ସୁରେଶ-ମହେଶ-ସଙ୍ଗିନୀ,
କିଏ—
ଚରଣ-ତରଣୀ ଆଲୋକ-ବରଣୀ
ଆସ ଆସ ରଣରଙ୍ଗିଣୀ। ଘୋଷା।

ତୁମ୍ଭ ଲାଗି ଆଜି ଶାରଦ ନୀରଦ,
ବାନ୍ଧିଛି ରଜତ ପାଦଚ୍ଛ ବିଶଦ,
ସ୍ୱର୍ଣ୍ଣେ ଆଜଣ୍ଟ ଜଳରେ ତପ ଆଚରୁଛି
ସର-ସ୍ୱଜକ୍ଷେମା ପଦ୍ମିନୀ । ୧ ।
ମାଲତୀ ଝେଟର ଦିବସନିଶାରେ,
ଢଳି ଦେବ ତୁମ୍ଭ ଖଟଣୀ ଆଶାରେ,
ପୁଣି ଗହ୍ୱଣରେ ଜଗନ ପ୍ରିୟ ସହଚରୀ—
ଫୁଲଛୁଲଟଣୀ ରଙ୍ଗିଣୀ * । ୨ ।
ହରିଗଛର ଯେ ଅଳ୍ପିଲ ବାଳିକା,
ଢେଲି ହର୍ଷ ଭାର ହସେ ଶେଫାଳିକା,
ଆହା ତବ ଆଗମନେ ମଞ୍ଜୁଚନ୍ଦ୍ର ବେନି
ଲକ୍ଷ୍ମବର ଯୋଗ ବାରୁଣୀ । ୩ ।
ଦୟାବିର ଦ୍ୱାରେ ଅଧମ ସନ୍ତାନେ,
ବାଳି ଲୁଠୁ ତାହା ପ୍ରାଣେ ନବତାନେ,
ମାଗୋ ତୁମ୍ଭର ମହିମା— ସଙ୍ଗିତ ସ୍ୱଗିଣୀ
ମଧୁର ମୂର୍ଚ୍ଛନା, ଭାରୁଣି । ୪ ।
ଜହ୍ନେ ଚନ୍ଦ୍ରାମଣି ଚହେ ଭୟ ଗଣି,
ଲଙ୍ଘିଦିଅ ମାତଃ ଏ ମାୟା ବିପଣି;
ଦେବୀ ଦେଖାଅ ସମ୍ମୁଖେ ସତ୍ୟର ସରଣୀ
ସ୍ୱକ୍ଷସ ମହିଷମର୍ଦ୍ଦିନୀ । ୫ ।

—*—

## ପୁରୁଣା ପାଠ

ବିତିଯାଏ ଜୀବନଟା ଘୋଷି ଘୋଷି ନିତି
କେବଳ ପୁରୁଣା ପାଠ, ବିଶ୍ୱ-ପାଠଶାଳୀରେ,
ପାସୋରିଲେ ତାଲୁ, ସେତୁ ନ ଯାଏ ପାସୋରି,
ତଥାପି ଲାଗିଛି ଘୋଷା, ଅହୋ, କି ଆଶ୍ଚର୍ଯ୍ୟ !
ସେହି ଖିଆ, ପିଆ, ଶୁଆ, ସେହି ନିତ୍ୟକର୍ମ
ଘୂରୁଅଛି ଅବିରତ କାଳଚକ୍ର ସହ,
ସବୁ ତ ପୁରୁଣା ପାଠ, ଘୋଷି ଘୋଷି ତାହା
ସରିଯାଏ ଦିନ ସବୁ, କାହିଁଛି ବା ଆଉ
ଅବସର ଶିଖିବାକୁ ନୂଆ ନୂଆ ପାଠ ।
ପାରିବ ଏ ଘୋଷା ଛାଡ଼ି, କିଏ ଅଛି ଭଲ—
ସେ ଭଲ ଲକ୍ଷଣବନ୍ତ ସୌମିତ୍ରି ଲକ୍ଷ୍ମଣ,
ତେଜିଥିଲେ ଏ ଘୋଷା ସେ ଚଉଦ ବରଷ,
ଶିଖିଥିଲେ ନୂଆପାଠ ସେହି ଅବସରେ,
ଭ୍ରାତୃପ୍ରେମ ପାଠ ତାହା ନିଦ୍ରିତ-ଦୁର୍ଲଭ ।
ପାରନ୍ତି ଯୋଗୀଏ ପୁଣି ଛାଡ଼ି ଯୋଗବଳେ,
ଅର୍ଜନ୍ତି ସେ ମହାବିଦ୍ୟା ଅଧ୍ୟାତ୍ମ ସମ୍ପଦ ।
ରହିଥାଏ ପଞ୍ଚ ଭୌତିକ ପିଣ୍ଡ ଏ ମାଟିରେ,
ମାତ୍ର ଆତ୍ମା ଭୁଞ୍ଜିଥାଏ ପୁଣ୍ୟାମୃତ ଧାର
ଅଖଣ୍ଡ ଆନନ୍ଦ ସୁଖ ଶାନ୍ତିମୟ ସ୍ୱର୍ଗେ—
ଅନାମୟ ପ୍ରେମମୟ ବିଶ୍ୱାତ୍ମା ପଦରେ,
ଧୃତ ରାଜବର ଯଥା, ଥାଏ ବନ୍ଦିଶାଳେ
ମାତ୍ର ମନଆତ୍ମା ତାର ସନ୍ତରୁଣ ଥାଏ
ନିଜ ଶିର-ପିତା-ପଦ-ନିଃସୃତ ଝରର
ଶୀତଳ ସଲିଳେ, ପିଏ ଆକଣ୍ଠ ସେ ତାହା ।
ପାର୍ଥିବ ଆହାର, ପାନ, ବିଷ ମଣେ ସେତୁ,
ଖାଏ ଯାହା ଅଜ୍ଞାତରେ, ପ୍ରକୃତି ତାଡ଼ନେ,
ସେ ତାହାର ମୃତାବସ୍ଥା—ଅଭୂତ, ବିଚିତ୍ର,
ଚାଲିଥାଏ ଶ୍ୱାସ, ମାତ୍ର ଅଛି କି ନା ପ୍ରାଣ
ପିଣ୍ଡେ ତାର, ପାରେ ନାହିଁ ସେହି ତାହା ଜାଣି,
ସାଧାରଣ ନର ଭାଗ୍ୟେ ନାହିଁ ସେ ଅବସ୍ଥା ।
ମୃତ୍ୟୁ ସିନା ଜୀବନର ଚରମ ବିଶ୍ରାମ,
ଖଟି ଖଟି ଏ ଜୀବନ ଜୀବନ-ସ୍ୱାର୍ଥରେ
ଚାଲିଯାଏ ମୃତ୍ୟୁସ୍ୱର୍ଗେ, ବିଶ୍ରାମ ଆଶାରେ,
ହୋଇ ତହିଁ ଶ୍ରାନ୍ତ କ୍ଳାନ୍ତ କି ଅଜ୍ଞାତ ଦୁଃଖେ ।
ବିଶ୍ରାମାର୍ଥେ ଆସେ ପୁଣି ଜୀବନ ସ୍ୱର୍ଗକେ,
କାହିଁଛି ବିଶ୍ରାମ, ଖାଲି ଘୂରିବାହିଁ ସାର ।
ମାନବର ଦୁଇବନ୍ଧୁ—ଜୀବନ, ମରଣ,
ନାହିଁ ତାର ଘର, ଥାଏ ବନ୍ଧୁ ଘରେ ସେତୁ ।

* ରଙ୍ଗିଣୀ—ବଧୁଲି ଫୁଲ

କେବେ ବା ଜୀବନ ଘରେ, ମୃତ୍ୟୁ ଘରେ କେବେ
ଛିଣ୍ଡିବଡ଼ା ତନ୍ତ୍ରୀ ପ୍ରାୟ ଦେଉଥାଏ ଧାଡ଼ି ।
ଯେଉଁଠାରେ ଥାଉ, ମାତ୍ର ନ ଲଭେ ନିସ୍ତାର,
ସେ ପୁରୁଣା ଗୋଷ୍ଠୀ ପାଠ କେବେ, ଧ୍ରୁବ ଏହା,
ସତ୍ୟ ଏହା, ନିୟତିର ଅଲଙ୍ଘ୍ୟ ନିୟମ,
ସୁଖଦିନ, ଦୁଃଖଦିନ, ଦୁହେଁ ଯାନ୍ତି ମରି ।
ମାତ୍ର ସେ ପୁରୁଣା ପାଠ ନ ମରେ କଦାପି
ଚିର ଅମର ସେ, ରହିଥାଏ ତା ହୋଷ୍ଟିରେ ।

—❀—

## ଉତ୍କଳନାରୀ

ନାରୀ ସମାଜର କଳପଲତା,
ଯାହା ଯୋଗୁଁ ନର ହୁଏ ଦେବତା ।
ନାରୀ ମାତୃଜାତି ଦେବୀ ସମାନ,
ଜଗତେ ନିର୍ଦ୍ଦିଷ୍ଟ ନାରୀର ସ୍ଥାନ ।
ନାରୀ ଆଦ୍ୟାଶକ୍ତି ଦେବୀଙ୍କ କନ୍ୟା,
ବହେ ନାରୀଦେହେ ଶକ୍ତିର ବନ୍ୟା ।
ଯେଉଁ ଦେଶେ ନାରୀଶକ୍ତି ନିର୍ଜୀବ,
ପୁରୁଷ ପୌରୁଷ ସେ ଦେଶେ କ୍ଲୀବ ।
ନାରୀର ପ୍ରଭାବ ଦେବଦୁର୍ଲଭ,
ଅସମ୍ଭବ ତହିଁପାରେ ସମ୍ଭବ ।
ପ୍ରମାଣ ତାହାର ସାବିତ୍ରୀ ସତୀ,
ଜୀଆଇ ଆଣିଲା ମୃତ ସ୍ୱପତି ।
ଉତ୍କଳର ମହା ସୌଭାଗ୍ୟ ଆଜ,
ଜାଗ୍ରତ ଜାଗ୍ରତ ନାରୀସମାଜ ।
ମାତା, ଭଗ୍ନୀ, କନ୍ୟା ରୂପେ ସରବେ,
ଶକ୍ତିର ପ୍ରଭାବ ଦେଖାନ୍ତି ଭବେ ।
ବୀରବାଳା ଦେବୀ ଉତ୍କଳ-କନ୍ୟା,
ନିଜ ଗୁଣେ ହେଲେ ଜଗତେ ଧନ୍ୟା ।
କୋଟି ଧନ୍ୟ ତବ ଶକ୍ତି ସାହସ,
ଦେଖାଇଲ ତେଜେ ଉଚ୍ଚ ଆଦର୍ଶ ।
ଧନ୍ୟା ଲଭାଇଣ ଜଗତ ନେତେ,
ସ୍ୱହିଲ ଶକ୍ତିର ସମର କ୍ଷେତେ ।
ତେଜସ୍ୱିନୀ ତୁମ୍ଭେ ଚଣ୍ଡିକା ପରି,
କେଉଁ ପୁରୁଷ ମା ତୁମ୍ଭଙ୍କୁ ସରି ।
ଛଡ଼ାଇ ପୁରୁଷ ମନୁ ଜଡ଼ତା,
ଶିଖାଇଲ ତାକୁ ଦେଶ ମମତା ।
ଜୟଶ୍ରୀମଣ୍ଡିତ ହୋଇ ସମରେ,
ସ୍ଥାପିଲ ଅମର କୀର୍ତ୍ତି ମର୍ତ୍ତରେ ।
ଶକ୍ତିସୁତା ତୁମ୍ଭେ ପ୍ରତ୍ୟକ୍ଷେ ଶକ୍ତି,
ଘେନ ମା ପ୍ରାଣର ପବିତ୍ର ଭକ୍ତି ।
ଯାବତ ଥିବ ଏ ଓଡ଼ିଆ ଜାତି,
ତାବତ ଅକ୍ଷୟ ତୁମ୍ଭ ସୁଖ୍ୟାତି ।

—❀—

## ଆତ୍ମକଥା

ମାଟି, ଇଟା ଭେଦ ଜ୍ଞାନ କରୁଥିଲି ଦିନେ,
ଜାଣୁ ସେହି ଦିନ ମୋର ଗଲଣି ତ ମରି
ବହୁଦିନୁ, ସମାନ ସେ ଏବେ ମୋ ଚକ୍ଷୁରେ ।
ଥିଲା ଦିନ ଭକ୍ଷ୍ୟ ଦ୍ରବ୍ୟ କରୁଥିଲି ଲୋଭ,
ଏବେ ସେହି ଭକ୍ଷ୍ୟ ମୋତେ କରୁଛି ଭକ୍ଷଣ,
ମଣୁଥିଲି ଯା ଅମୃତ, ଏବେ ତାହା ବିଷ ।
ଖୋଜି ବୁଲୁଥିଲି ଯେଉଁ ସୁଖକୁ ସଂସାରେ,
ଆସିଲେ ସେ ସୁଖ ତାକୁ କିଏ ଏବେ ଡାକି
ବାଣ୍ଟ ଘେନି, କରେଁ ପୁଣି ଘୃଣାରେ ଭର୍ତ୍ସନା ।
ଜସ ବା ଖୋଜୁଛି ଆତ୍ମା, ଜସ ତାର ଲକ୍ଷ୍ୟ
ଜାଣେ ନାହିଁ ସେହି ତାହା, ବାଲୁକ ଯେସନ ।
ଥିଲା ଦିନେ ପ୍ରାଣପ୍ରିୟ ଯେଉଁ ଚନ୍ଦ୍ରା ମୋର
ଏବେ ତାହା ଚିତା ପରି ଦିଶୁ ଲାଗେ ମୋତେ ।
ମାଟିଗଢ଼ା ଦେହ, ଶେଷେ ମିଶିବ ମାଟିରେ
ସେ ମିଶିବା ଦିନ ଆସି ହେଲଣି ନିକଟ,
ତେଣୁ ମାଟି ମୋ ଦୃଷ୍ଟିରେ ମହା ମୂଲ୍ୟବାନ,
ସେହି ମୋର ଚିରପ୍ରିୟ, ଅନ୍ତିମ ସମ୍ବଳ,
ମାଟି ମୋର ବନ୍ଧୁ, ମୋର ରକ୍ତ ମାଂସ ଅସ୍ଥି ।
ଜୀର୍ଣ୍ଣ, ଭଗ୍ନ ଶତଛିଦ୍ର ଜର୍ଜର ଦେହରେ
କରୁଥିଲି ମାତୃପୂଜା, ନିର୍ବିକାର ମନେ,

ତାହା ବିନା ପ୍ରୀତିପ୍ରଦ ହେବ ନାହିଁ ମୋର
ସ୍ୱର୍ଣ୍ଣହର୍ମ୍ମ୍ୟ, ଜ୍ୟୋତିର୍ମୟ ମଣିରତ୍ନଖଚୀ ।
ହେଉ ପଛେ ଅସୁନ୍ଦର ତାହା, ମାତ୍ର ସେହି
ଅସୁନ୍ଦର ମଧ୍ୟେ ଅଛି ଯେ ଗୁପ୍ତ ସୌନ୍ଦର୍ଯ୍ୟ
ସ୍ୱପ୍ନ ସ୍ୱର୍ଗ ପ୍ରାୟ, କିମ୍ବା ଅଳକା ସଦୃଶ,
ମୋହିଛି ସେ ପ୍ରାଣେ ମୋର ମନ ଆତ୍ମା ସବୁ,
ତାର ସ୍ନେହ ଆକର୍ଷଣ ନ ପାରଇ ତୁଟି,
ନ ପାରଇ ମୁଛି ତାର ଅଣଛିଣ୍ଡା ମାୟା ।
କି ମୋହନ ବଶମନ୍ତ୍ର ଜାଣେ ସେ ନ ଜାଣି,
ଅକ୍ଷମ ମୁଁ ଏଡ଼ିବାକୁ ସେ ମନ୍ତ୍ର ପ୍ରଭାବ !
କି ଦିବ୍ୟ ସୁଷମାବୋଳା ମୋ ଦୀନ କୁଟୀର
କେ ବୁଝିବ ତାହା ଅବା ମୋହୋ ବିନା ଆନ,
ମୋର ଚକ୍ଷୁଦ୍ୱୟେ ରତ ପ୍ରତିଚକ୍ଷୁ ଯେହୁ
ଦେଖିବ ତାହାକୁ, ସେହି ହୃଦୟୀ କେବଳ
ବୁଝିବ ସେ ଅଗୋଚର ଗୋଚର ମହତ୍ୱ,
ଅପରେ ମଣିବେ ତୁଚ୍ଛ, ରଙ୍ଗ ଦିଆ କଥା,
ଦୀନର ସୌନ୍ଦର୍ଯ୍ୟ ସିନା ଦିଶେ ଦୀନନେତ୍ରେ ।
ବାସନା ଯେ ତାଳେ ବିଷ, କିଏ ବା ସେତାଳେ
ଇଚ୍ଛାକରେ ଖେଳିବାକୁ ବିଳାସ-ହୋଡ଼ରେ,
ଶ୍ମଶାନ ନିକଟବର୍ତ୍ତୀ ହେଲଣି ଯେ ଆସି,
ଭାଇଁବ କି ତା ମନରେ ଯାହାଦେଖା ସାଧ,
ଇଚ୍ଛିବ କି ବୃଦ୍ଧ, ମଧୁ ଯୌବନ ଉତ୍ସବ,
ସେ ତାହାର ବୟୋଧର୍ମ ପ୍ରକୃତି ନିର୍ବନ୍ଧ ।
ହୁଏ ନାହିଁ ଶାନ୍ତ କେବେ ଭୋଗତୃଷ୍ଣା ଭୋଗେ,
ଲଭେ ତାହା ଶାନ୍ତି ସିନା ତ୍ୟାଗ ଗଙ୍ଗାଜଳେ ।
ସୁଖକୁ ଯେ ନିଜେ ଭୁଞ୍ଜେ ସେହି ସ୍ୱାର୍ଥପର
ଜାଣେ ନାହିଁ ସୁଖ ଭୁଞ୍ଜି, ଭୁଞ୍ଜାଇ ଯେ ସୁଖ
ଆନେ, ସେହି ଏକା ଜାଣେ ସୁଖର ଆସ୍ୱାଦ,
ଭୁଞ୍ଜେ ସେ ଅମୃତମୟ ଅନାବିଳ ସୁଖ ।
ନୁହେଁ ସୁଖପଦବାଚ୍ୟ ଇନ୍ଦ୍ରିୟର ସୁଖ,
ଯେଉଁ ସୁଖ ଉପଭୋଗ କରାଯାଏ ପ୍ରାଣେ
ସେ ଏକା ପ୍ରକୃତ ସୁଖ ପ୍ରଦାନେ ଆନନ୍ଦ,
ସେ ସୁଖେ ଯେ ଭୁଞ୍ଜେ ସେହି ସୁଖୀ ଜଗାଧର
ଭୁଞ୍ଜାଇପାରେ ଯେ ସୁଖ ଜାଣି ପରିବାରେ,
ଅଥବା ଅସୁଖୀ ଜନେ, ସୁଖ ଭୁଞ୍ଜେ ସେହି,
ଅନ୍ୟଥା ଯେ ଭୁଞ୍ଜେ ସୁଖ, ସୁଖ ଭୁଞ୍ଜେ ତାକୁ ।
ଆଜୀବନ ଭକ୍ତ ମୁହିଁ ବାଳଗୋପାଳର
ତାଙ୍କ ସୁଖେ ସୁଖ ମୋର, ସନ୍ତୋଷେ ସନ୍ତୋଷ,
ଦେଖି ତାଙ୍କ ଲୀଳାଖେଳା, ଭୁଲେ ମୁଁ ନିଜକୁ
ସେହି ମୋର ସୁଖଭୋଗ ବାଞ୍ଛିତ ଆନନ୍ଦ ।

---

## ସ୍ୱର୍ଗୀୟ ପଣ୍ଡିତ
## ନୀଳମଣି ତର୍କାଳଙ୍କାର

ଅହୋ, କି ଦୁର୍ଦ୍ଦିନ ଆଜି ଉତ୍କଳଭାଗ୍ୟରେ,
ସୁପଣ୍ଡିତ ନୀଳମଣି ନୀରବ ତାପସ,
କରିଛନ୍ତି ହାୟ ମହାପ୍ରୟାଣ ବିଧିବେ
ହସି ହସି, କିନ୍ତୁ ଦେଶେ କନ୍ଦାଇ ଆକୁଳେ ।
ସେ ଭୀଷଣ ମୃତ୍ୟୁଛାୟା ଅନ୍ଧକାର ରୂପେ
ବ୍ୟାପିଛି ଉତ୍କଳେ, ଦିବା ପ୍ରତେ ସନ୍ଧ୍ୟା ପ୍ରାୟ ,
କାନ୍ଦୁଅଛି ଯାଜପୁର—ନାଭିଗୟା କ୍ଷେତ୍ର,
ମହାଶୋକେ, କାନ୍ଦୁଅଛି ସମସ୍ତ ଉତ୍କଳ,
କାନ୍ଦୁଛନ୍ତି ତରୁଲତା, ଶିଶିରାଶ୍ରୁଧାର
ବହାଇଣ ପତ୍ର-ନେତ୍ରୁ, ଅସମ୍ଭାଳ ବେଗେ ।
ନ ଫୁଟିଣ ଫୁଲ, ରହି ଅର୍ଦ୍ଧସ୍ଫୁଟ ଭାବେ
କାନ୍ଦୁଛି ନୀରବେ ବସି, ଗୁରୁଶୋକତାପେ
ଯାଉଅଛି ଶୁଖି ତାର ନେତ୍ରୁ ଅଶ୍ରୁନୀର ।
କାନ୍ଦନ୍ତି ବାଗ୍ଦେବୀ, ତାଙ୍କ ଚିରସାଧ୍ୟା ଦେବୀ
ଦେବଯଜ୍ଞ ସମ୍ଭୂତା, ଆଦ୍ୟା ସ୍ୱରୂପିଣୀ,
ବ୍ୟଥା ଲଭି ପ୍ରିୟ ଭକ୍ତ ଶୋକେ, ଦେବୀଙ୍କର
ପାଷାଣ ପ୍ରତିମା ନେତ୍ରୁ ବହୁଛି ଲୋତକ,
କାନ୍ଦନ୍ତି ବାସୁଦେବ, କାନ୍ଦେ ବୈତରଣୀ—
ଗାର୍ଥବ୍ରଣୀ, ଶୋକବୋଳା କୁହୁ କୁହୁ ସ୍ୱରେ,
ଉତ୍କଳେ ମଳିନ ଦେଖି ପଣ୍ଡିତ ପ୍ରତିଭା ।

ଧନ୍ୟ ନାହିଁ ତୁମ୍ଭେ କେବଳ, ହେ ଉତ୍କଳର
କୀର୍ତ୍ତିଭୂଷଣମଣି, ପଣ୍ଡିତ-ଗୌରବ,
ରାଷ୍ଟ୍ରପ୍ରେମୀ ସଜ୍ଜନର ନାହିଁ ତ ମରଣ,
ଛୁଇଁବ ସେ ପୁଣ୍ୟତନୁ କି ସ୍ପର୍ଶ ମୃତ୍ୟୁର,
ଭୀତ ସେ ତାହିଁକି, ତବ ଜୀବଘାତୀ ବ୍ୟାଘ୍ର
ଛୁଏଁ କି ଅନଳେ, ଦେହିବେ ଛୁଇଁଲେ ସେ ତୁମେ
ମୃତ୍ୟୁର୍ଦ୍ଧେ ଦଗ୍ଧ ହୋଇ ହୁଏ ଭସ୍ମୀଭୂତ ।
ଆସିଥିଲ ତୁମ୍ଭେ ଯେଉଁ ଅମର ନଗର
ଆସିବା ସମୟେ ସଙ୍ଗେ, ବାଣ୍ଟିଦେଇ ତାହା
ଚାଲିଗଲ ଯଥାକାଳେ, ଥିଲ ତୁମ୍ଭେ ଏକ,
ହେବ ହେ ଅନେକ ଏବେ, ତବ ଶୁଭ୍ରବର୍ଣ୍ଣ
କୋଟିଏ ପ୍ରାଣରେ ହେବ ସୁପ୍ରତିଫଳିତ,
ବହୁରୂପ ତୁମ୍ଭେ ଏବେ କୋଟି ମୂର୍ତ୍ତି ଧର ।
ତୁମ୍ଭର ମାନସୀ କନ୍ୟା—"ଚନ୍ଦ୍ରାତରଙ୍ଗିଣୀ,"
"ଭକ୍ତିଧାର," ଯୁଗେ ଯୁଗେ ରଖିବେ ବଞ୍ଚାଇ
ସ୍ମୃତି ସହ ମୂର୍ତ୍ତି ତବ, କି ବର୍ଣ୍ଣିବ ଦେବ
ଭକ୍ତିଧାରର ମାହାତ୍ମ୍ୟ, ପବିତ୍ର ନିର୍ମଳ
ସ୍ୱଚ୍ଛ ତାହା ଯଥା ତବ ସ୍ନାନ-ତରଙ୍ଗିଣୀ
ପୁଣ୍ୟ ବୈତରଣୀ ଧାର, କରୁଛି ସେ ଯଥା
ସମୁଦ୍ରର ଗର୍ଭବର୍ତ୍ତୀ ଶସ୍ୟକ୍ଷେତ୍ରେ ଭାର,
ତଥା 'ଭକ୍ତିଧାର', ତବ ହେ ଋଷିପ୍ରବର,
କରିବ ଉର୍ବର ସଦା ଜନ-ହୃଦକ୍ଷେତ୍ରେ,
ହେବ ଯେଉଁ କ୍ଷେତ୍ର ପୂର୍ଣ୍ଣ ପୁଣ୍ୟପ୍ରେମଶସ୍ୟେ ।
ମହତୀ ପ୍ରତିଭା ତବ ତୁଳୁଅଛି ଉଚ୍ଚ,
ଯୋଗାଶ୍ରମ ସମ ତବ ବାସଗୃହ ଉତ୍କର୍ଷେ,
ଅବତୀର୍ଣ୍ଣ ହେଲେ ତୁମ୍ଭେ ପୁଣି ଏ ଉତ୍କଳେ
ଅର୍ଚ୍ଚିବ ତୁମ୍ଭଙ୍କୁ ସେହୁ, ତୁମ୍ଭ ବ୍ୟତିରେକେ
ନାହିଁ କେହି ଯୋଗ୍ୟପାତ୍ର ସେହି ପ୍ରତିଭାର,
ତୁମ୍ଭ ଦେଶପ୍ରୀତି ନିଷ୍ଠେ ଆଣିବ ତୁମ୍ଭଙ୍କୁ
ଆକର୍ଷି ଉତ୍କଳେ—ତବ ପୂର୍ବ କର୍ମକ୍ଷେତ୍ରେ
ଧନ୍ୟ ସେ ତୁମ୍ଭଙ୍କୁ ଅଙ୍କେ ହେବ ଗୌରବିତ ।
ହେ ଆଦର୍ଶବନ୍ଧୁ, ତ୍ୟାଗୀ, ଆଦର୍ଶ ସାଧକ,
ଆଦର୍ଶ ପଣ୍ଡିତ, ଶୁଦ୍ଧ ଆଦର୍ଶ ମାନବ,
ଯାଅ ଦେବ ପୁଣ୍ୟାର୍ଜିତ ମହାଧାମେ ତବ,
ଭୁଞ୍ଜ ଦେବ ତେଣେ ବସି ଶାନ୍ତିସୁଖ-ସୁଧା
ଘେନ ମୋର ଶ୍ରଦ୍ଧାଭକ୍ତି ବିଦାୟ ପ୍ରଣାମ ।

---

## କବି

ଚିରଦୁଃଖୀ କବି ସଂସାରେ ସର୍ବଥା,
କବି ଏକା ବୁଝେ କବି ହୃଦବ୍ୟଥା ।
ପର ଦୁଃଖ ଚିତ୍ର ଅଙ୍କନ ସମୟେ,
ଦେଖି ତା ଯନ୍ତ୍ରଣା ଭୟ ଥରେ ଭୟେ ।
ସେ କାଳେ ତା ଦଶା ବର୍ଣ୍ଣି ନୁହେଁ ଆହା,
ଯାହା ଚିତ୍ରୁଥାଏ ଭୁଞ୍ଜୁଥାଏ ତାହା ।
ଦୁଃଖୀ ଦୁଃଖବ୍ୟଥା ଅଙ୍ଗେ ଅନୁଭବ,
ବ୍ୟକ୍ତ ହୁଏ ନାହିଁ କେ ଦୁଃଖୀ କେ କବି ।
ଉଡ଼ି ଆସି ତାହୁଁ ଦୁଃଖୀ ଦୁଃଖଭାର,
କରେ ତା ଉପରେ ପ୍ରଭାବ ବିସ୍ତାର ।
କିଏ ଚିତ୍ର ଅବା କିଏ ଚିତ୍ରକର,
ଦୁହେଁ ଏକ ମୂର୍ତ୍ତି ବାରିବା ଦୁଷ୍କର ।
ପର ମନୋଭାବ ଆଣେ ନିଜ ପ୍ରାଣେ,
ଚିତ୍ରଶିଳ୍ପୀ ସେହି, ଚିତ୍ର କରି ଜାଣେ ।
ମହାଚୋରର କବି ଚୌର୍ଯ୍ୟରେ ପଣ୍ଡିତ,
ଅଲକ୍ଷ୍ୟରେ ଚୋରି କରେ ପରଚିତ୍ତ ।
ଦୂରେ ଫୁଲଶୋଭା ନ ଛୁଇଁ ସେ ଫୁଲେ,
କେ ଅଛି ଅଦ୍ଭୁତ ଚୋର ତାହା ତୁଲେ ।
ବିରହୀ ଦମ୍ପତି ଗୁପ୍ତ ମନୋବୃତ୍ତି,
ଚୋରି କରିବାରେ କବି ଏକା କୃତୀ ।
ପ୍ରମାଣ ତାହାର ଲବ୍ଧ ଅନାୟାସ,
ମେଘଦୂତ କାବ୍ୟ, କବି କାଳିଦାସ ।
ମିଥ୍ୟାବାଦୀ ପଣେ କବି କଳ୍ପଦ୍ରୁମ,
କଳ୍ପନାରେ ତୋଳେ ଆକାଶ-କୁସୁମ ।
ଅତ୍ୟୁକ୍ତିରେ ଗଢ଼ା ତାହାର ଉପମା,
ମୁଖ ସହ ଯୋଗେ ବାସନ୍ତୀ ଚନ୍ଦ୍ରମା ।

ମିଥ୍ୟାଗୁରୁର ସେ ଗୁଣବନ୍ତ ଗୃହେ,
ଭୁଞ୍ଜା ହାତରେ ତ କରପାତରେ ହାଟ ।
କଳ୍ପନା-ପ୍ରସୂତ ଢଙ୍ଗବୋଲା ବାଣୀ,
ଗୁଣୀସଭ୍ୟଙ୍କୁ ସେ ଥୋଇଦିଏ ଆଣି ।
ପକ୍ଷାନ୍ତରେ କପଟ ଶରଭାଳ ଯୋଗୀ,
ଯୋଗଧ୍ୟାନେ ଥାଏ ମାନସେ ନିୟୋଗି ।
ବକ ପରି ଧ୍ୟାନେ ରତ ସେ ନିରତେ,
ସ୍ୱାର୍ଥରୂପୀ ମତ୍ସ୍ୟ ଭୁଞ୍ଜିବା ନିମନ୍ତେ ।
କବି ପରି ଭୋଗୀ ଦୁର୍ଲଭ ଭୁବନେ,
କଳ୍ପନାରେ ବସେ ଇନ୍ଦ୍ର-ସିଂହାସନେ ।
କଳ୍ପନା-ବିଳାସୀ, କଳ୍ପନା ତା ସୁଖ,
ଦେଖେ ନାହିଁ କେବେ ବାସ୍ତବର ମୁଖ ।
କଳ୍ପନାରେ ଶୁଏ, ବସେ, ହୁଏ ଛିଡ଼ା,
କଳ୍ପନାରେ ରଚେ ବନ୍ଧୁ ସଙ୍ଗେ କ୍ରୀଡ଼ା ।
ଭୁଲଇ କଳ୍ପନା ତାକୁ ତତ୍ତ୍ୱରେ,
ଅର୍ପେ ନବଭୋଗ ସ୍ୱାଦ ମୁହୂର୍ତ୍ତରେ ।
କବି ବହୁରୂପୀ ବିଦ୍ୟାରେ ପ୍ରବୀଣ,
କେବେ ସେ ପ୍ରାଚୀନ କେବେ ସେ ନବୀନ ।
କେବେ ବା ରସିକ କେବେ ବା ପ୍ରେମିକ,
କେତେବେଳେ ଭାବ, କେତେବେଳେ ପିକ ।
କେବେ ସେ ସାଧକ କେବେ କର୍ମସ୍ପୃହୀ,
କେବେ ଗୁରୁ କେବେ ଶିଷ୍ୟ-ସ୍ୱାବଧାନୀ ।
କବି ବୈଦ୍ୟ, ବନ୍ଧେ ଅଶେଷ ଉପାଧି,
ରସଦାନେ ହରେ ଚିର ଗୁପ୍ତ ବ୍ୟାଧି ।
ଅଦ୍ଭୁତ ଜୀବଟି କବି ଏ ମହୀରେ,
କବି ଗୁଣଗାଥା ବର୍ଣ୍ଣି ନ ହେବ ଗୀରେ ।

Printed by B. K. Kar, B. A., at the Saraswata Press, Cuttack—1937